'oaob.nitrkl.ac.in' images reprocessed

# ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରି ୨୧, ୧୮୭୮

ଭାରତବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରି ୨୧, ୧୯୭୮

'oaob.nitrkl.ac.in' images reprocessed



ଶ୍ରୀମା—ଏପ୍ରିଲ, ୧୯୫୦

'oaob.nitrkl.ac.in' images reprocessed



# ପ୍ରଶ୍ନ ଓ ଉତ୍ତର

୧୯୫୦-୫୧

'oaob.nitrkl.ac.in' images reprocessed

# ମାତୃ ରଚନାବଳି : ୪ର୍ଥ ଖଣ୍ଡ

ଶ୍ରୀମା'ଙ୍କର "Questions and Answers 1950-51" ଗ୍ରନ୍ଥର
ଓଡ଼ିଆ ଅନୁବାଦ ।

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ଅଗଷ୍ଟ ୧୫, ୧୯୮୧

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

Printed at Navajyoti Press,
Sri Aurobindo Ashram, Pondicherry-605002, India.

'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ଟିପ୍ପଣୀ

ଏହି ଖଣ୍ଡଟିରେ ୧୯୫୦ ମସିହା ଡିସେମ୍ବରଠାରୁ ୧୯୫୧ ମସିହା ମେ ମାସ ପର୍ଯ୍ୟନ୍ତ ମାଆଙ୍କ ଦ୍ୱାରା ପ୍ରଦତ୍ତ ପ୍ରବଚନମାନ ଅନ୍ତର୍ଭୁକ୍ତ ହୋଇ ରହିଅଛି । ଏହିସବୁ ପ୍ରବଚନ ଦେବା କିପରି ଆରମ୍ଭ ହେଲା, ତାହା ପ୍ରକୃତରେ ଉଲ୍ଲେଖନୀୟ । ୧୯୪୩ ମସିହାରେ ଆଶ୍ରମ ବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା । ଏବଂ ୧୯୫୦ ମସିହା ବେଳକୁ ବିଦ୍ୟାଳୟର ପ୍ରଥମ ଛାତ୍ରମାନେ ବେଶ୍ ଭଲଭାବରେ ଫରାସୀ ଭାଷା ଶିଖି ଯାଇଥିଲେ । ସେତେବେଳକୁ ଆହୁରି ଅନେକ ଛାତ୍ର ଆସି ସାରିଥିଲେ ଏବଂ ଫରାସୀ ଭାଷା ଶିକ୍ଷା ଦେବା ସକାଶେ ଯଥେଷ୍ଟ ସଂଖ୍ୟାରେ ଶିକ୍ଷକ ମହଜୁଦ ନଥିଲେ । ତେଣୁ, ଯେତେବେଳେ ୧୯୫୦ ମସିହା ଡିସେମ୍ବର ମାସରେ ନୂଆ ସ୍କୁଲ ବର୍ଷ ଆରମ୍ଭ ହେଲା, ସେତେବେଳେ ମାଆ ନିଜେ ସପ୍ତାହକୁ ତିନିଥର କରି ଫରାସୀ ଭାଷାର ଉଚ୍ଚତମ ଶ୍ରେଣୀଟିକୁ ନେବା ଲାଗି ନିଷ୍ପତ୍ତି କଲେ । ଏହିସବୁ ଗୋଷ୍ଠୀ ଏହିପରି ଭାବରେ ଆରମ୍ଭ ହେଲା ଏବଂ ତାହାକୁ କ୍ରମେ "ମାଆଙ୍କର କ୍ଲାସ୍" ବୋଲି କୁହାଗଲା ।

ସାଧାରଣତଃ ନିଜର ରଚନାବଳିରୁ ଅଥବା ଶ୍ରୀଅରବିନ୍ଦଙ୍କର ଲିଖିତ ରଚନାଗୁଡ଼ିକର ଫରାସୀ ଅନୁବାଦରୁ ଗୋଟିଏ ଲେଖାଏଁ ପରିଚ୍ଛେଦ ପଢ଼ି ମାଆ ତାଙ୍କର କ୍ଲାସ୍ ଆରମ୍ଭ କରୁଥିଲେ । ତା'ପରେ ସେ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିବାକୁ କହୁଥିଲେ, କ୍ଲାସ୍‌ରେ ଯୋଗ ଦେବାକୁ ଆସୁଥିବା କେତେକ ଶିକ୍ଷକଙ୍କୁ ମଧ୍ୟ ପ୍ରଶ୍ନ ପଚାରିବାକୁ କହୁଥିଲେ । କ୍ରମେ ସେହିସବୁ କ୍ଲାସ୍‌ରେ ଆଶ୍ରମର ଅନ୍ୟ ବହୁସଂଖ୍ୟକ ସାଧକ ମଧ୍ୟ ଯୋଗ ଦେଇଥିଲେ ଓ ପ୍ରଶ୍ନମାନ ପଚାରିଥିଲେ । ତେଣୁ, ଏଠାରେ ଯେଉଁସବୁ ପ୍ରଶ୍ନମାନ ପଚରା ଯାଇଛି, ତାହା ପ୍ରକୃତରେ ଭାରି ଭିନ୍ନ ଭିନ୍ନ ପ୍ରକାରର ଏବଂ ବୋଧଶକ୍ତିର ଭିନ୍ନ ଭିନ୍ନ ସ୍ତରରୁ ମଧ୍ୟ ସେଗୁଡ଼ିକୁ ପଚରା ଯାଇଛି ।

ପ୍ରଥମ ତିନୋଟିଯାକ ସପ୍ତାହରେ ମାଆ ଶିକ୍ଷା ଏବଂ ଆତ୍ମବିକାଶ ସମ୍ବନ୍ଧରେ ନିଜେ ଲେଖିଥିବା କେତୋଟି ପ୍ରବନ୍ଧରୁ ପରିଚ୍ଛେଦମାନ ପଢ଼ିଥିଲେ । ସେହି ପ୍ରବନ୍ଧଗୁଡ଼ିକ ପ୍ରାୟ ସେହି ସମୟରେ ତ୍ରୈମାସିକ "ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍"ର ଆଦ୍ୟତମ କେତୋଟି ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ଦଶ ସପ୍ତାହରେ ସେ ତାଙ୍କର ପ୍ରଥମକାଳୀନ କଥୋପକଥନ "ପ୍ରଶ୍ନ ଓ ଉତ୍ତର ୧୯୨୯"ରୁ ବିଭିନ୍ନ ଅଂଶ ପାଠ କରିଥିଲେ । ସର୍ବଶେଷ ତିନୋଟି ସପ୍ତାହରେ ମାଆ ଶ୍ରୀଅରବିନ୍ଦଙ୍କର କେତୋଟି ପତ୍ର ଓ କେତୋଟି କ୍ଷୁଦ୍ର ପ୍ରବନ୍ଧରୁ ଏବଂ ତାଙ୍କର ଲିଖିତ "ମାଆ" ବହିରୁ କେତୋଟି ଅଂଶ ପଢ଼ି କ୍ଲାସ୍ ଆରମ୍ଭ

'oaob.nitrkl.ac.in' images reprocessed

କରିଥିଲେ । ଏହିସବୁ ପଠିତାଂଶ ଉପରେ ମାଆ ଯେଉଁସବୁ ଟିପ୍ପଣୀ ଦେଇଥିଲେ, ସେହିଗୁଡ଼ିକହିଁ ତାଙ୍କ ପ୍ରବଚନଗୁଡ଼ିକର ଭିତ୍ତିରୂପେ କାର୍ଯ୍ୟ କରିଥିଲା ।

ସବୁ ପ୍ରଥମ ପର୍ଯ୍ୟାୟର କଥୋପକଥନଗୁଡ଼ିକୁ ହାତରେ ଟିପି ରଖା ଯାଇଥିଲା, ମାତ୍ର ଅଧିକାଂଶ ପ୍ରବଚନକୁ ଏକ ଶ୍ରୁତଲିଖନର ଯନ୍ତ୍ରରେ ରେକର୍ଡ଼ କରି ନିଆ ହୋଇଥିଲା । ସର୍ବପ୍ରଥମ ଥର ପାଇଁ ସେଗୁଡ଼ିକୁ ଅସମ୍ପୂର୍ଣ୍ଣ ଆକାରରେ ଫରାସୀ ଏବଂ ଇଂରାଜୀ ଭାଷାରେ "ବୁଲେଟିନ୍"ରେ ପ୍ରକାଶ କରାଗଲା : ଦଶଟି ପ୍ରବଚନର ଉଦ୍ଧୃତାଂଶମାନ ୧୯୫୭ ଏବଂ ୧୯୫୯ ମସିହା ମଧ୍ୟରେ ବୁଲେଟିନ୍‌ର ବିଭିନ୍ନ ସଂଖ୍ୟାରେ ବାହାରିଥିଲା; ବାକୀଗୁଡ଼ିକୁ (ଗୋଟିଏ ପୂର୍ଣ୍ଣ ପ୍ରବଚନକୁ ବାଦ୍ ଦେଇ) କାଳାନୁକ୍ରମ ସହିତ ୧୯୬୩ ନଭେମ୍ବରଠାରୁ ଆରମ୍ଭ କରି ୧୯୬୭ ଫେବୃଆରୀ ପର୍ଯ୍ୟନ୍ତ କ୍ରମାନ୍ୱୟରେ ପ୍ରକାଶ କରା ଯାଇଥିଲା । ଫରାସୀ ପାଣ୍ଡୁଲିପିର ସର୍ବପ୍ରଥମ ଫରାସୀ ସଂସ୍କରଣ ପୁସ୍ତକାକାରରେ ୧୯୬୭ ମସିହାରେ Entretiens 1950-51 ନାମରେ ବାହାର କରାଗଲା । Questions and Answers 1950-51 ନାମରେ ତାହାର ଏକ ସମ୍ପୂର୍ଣ୍ଣ ଇଂରାଜୀ ସଂସ୍କରଣ ୧୯୭୨ ମସିହାରେ ପ୍ରକାଶିତ ହେଲା ।

ମାତୃ ରଚନାବଳୀ (ଶତବାର୍ଷିକୀ ସଂସ୍କରଣ)ର ଚତୁର୍ଥ ଖଣ୍ଡରୂପେ ପ୍ରସ୍ତୁତ ପୁସ୍ତକଟି ହେଉଛି ସେହି ୧୯୭୨ ସଂସ୍କରଣର ଏକ ପୁନଃପ୍ରକାଶନ । ଏଥି ଲାଗି ଅଳ୍ପ କେତୋଟି କ୍ଷୁଦ୍ର ସଂଶୋଧନକୁ ମଧ୍ୟ ଗ୍ରହଣ କରାଯାଇଛି ଓ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଶ୍ରୀଅରବିନ୍ଦ ଓ ମାଆଙ୍କର ରଚନାଗୁଡ଼ିକରୁ ଉଦ୍ଧୃତ ଅଂଶମାନ ସେମାନଙ୍କ ଗ୍ରନ୍ଥାବଳୀର ଶତବାର୍ଷିକୀ (ଇଂରାଜୀ) ସଂସ୍କରଣଗୁଡ଼ିକରୁ ଗୃହୀତ ହୋଇଛି ।

'oaob.nitrkl.ac.in' images reprocessed

# ବିଷୟସୂଚୀ

## ୧୯୫୦

### ୨୧ ଡିସେମ୍ବର


"ସକଳ ସ୍ୱପ୍ନର ଜନନୀ" : ଅବିଚଳ ଚେତନା ୧
କୌଣସି ଅଗ୍ରରୁଚି ଓ ବାସନା ନଥାଇ ଚିନ୍ତା କରିବା ୨
ଦିବ୍ୟ ପରମ ଇଚ୍ଛାକୁ ଜାଣିବା ୩
ଶିକ୍ଷକର କର୍ତ୍ତବ୍ୟ ୫


### ୨୩ ଡିସେମ୍ବର


ଏକାଗ୍ରତା ଓ ଶକ୍ତି ୭


### ୨୫ ଡିସେମ୍ବର


ବଡ଼ଦିନ : ଆଲୋକର ଉତ୍ସବ ୯
ଶକ୍ତି ଓ ମାନସିକ ବିକାଶ ୯
ଧ୍ୟାନ ଏବଂ ଏକାଗ୍ରତା ୧୧
"ସକଳ ସ୍ୱପ୍ନର ଜନନୀ" ୧୫
ଭଲ ଖେଳ ଖେଳିବା ଓ ଶକ୍ତି ୧୫


### ୨୮ ଡିସେମ୍ବର


ସମୁଚିତ ବିଶ୍ରାମ ୧୭


### ୩୦ ଡିସେମ୍ବର


ପରିପୂର୍ଣ୍ଣତା ଓ ଅଗ୍ରଗତି ୨୦
ଗତିଶୀଳ ସମତାବସ୍ଥା ୨୨
ଯଥାର୍ଥ ଅବସ୍ଥା ... ୨୪


'oaob.nitrkl.ac.in' images reprocessed

## ୧୯୫୧

### ୪ ଜାନୁଆରୀ

ରୂପାନ୍ତର ଓ ଚେତନାର ଊର୍ଦ୍ଧ୍ୱଗମଣ ୨୭

### ୮ ଜାନୁଆରୀ

ପୃଥିବୀ ବିଷୟରେ ଯଥାର୍ଥ ଦୃଷ୍ଟି ଓ ଯଥାର୍ଥ ବୋଧ ୩୨
ଅଗ୍ରଗତି, ସମତାବସ୍ଥା ୩୪
ଅନ୍ତର୍ଗତ ସତ୍ତା; ଚୈତ୍ୟ ସତ୍ତା ୩୭
ପଶୁ ଏବଂ "ଚୈତ୍ୟ ସତ୍ତା" ୪୦

### ୧୧ ଜାନୁଆରୀ

ନମ୍ରତା ଓ ଔଦ୍ଧତ୍ୟ ୪୨
ଉଦାରତା ୪୪

### ୧୩ ଜାନୁଆରୀ

ଜୀବନର ଲକ୍ଷ୍ୟ; ଉଦ୍ୟମ ଓ ଆନନ୍ଦ ୪୫
ବଞ୍ଚିବାର ବିଜ୍ଞାନ; ସଚେତନ ହେବା ୫୦
ନାନାବିଧ ଶକ୍ତି ଓ ପ୍ରଭାବ ୫୩

### ୧୫ ଜାନୁଆରୀ

ଆନ୍ତରିକତା; ଅନ୍ତର୍ବିବେକ; ଅନ୍ତର୍ଗତ ଆଲୋକ ୫୭
ମନ ଏବଂ ଭାରସାମ୍ୟହୀନତା ୫୯
ଚେତନା ଏବଂ ସାଧନତତ୍ତ୍ୱ ୫୯

### ୨୦ ଜାନୁଆରୀ

ମନର ବିକାଶସାଧନ ... ୬୪

'oaob.nitrkl.ac.in' images reprocessed

ଦୁର୍ଭାଗ୍ୟ, ଦୁଃଖଭୋଗ; ସୁବିକଶିତ ବୁଦ୍ଧିଶକ୍ତି ୬୫
ଜ୍ଞାନ ଏବଂ ଶୁଦ୍ଧ ଧାରଣା ୭୦

୨୫ ଜାନୁଆରୀ

ଆବଶ୍ୟକତା ଓ ବାସନା ୭୩
ପ୍ରାଣର ସହଯୋଗ; ମନ, ଏକ ସହାୟପରାଧୀ ୭୪
ଅଗ୍ରଗତି ଏବଂ ଆନ୍ତରିକତା; ନିଜର ଦୋଷଗୁଡ଼ିକୁ ଜାଣିବା ୭୭
ଶରୀରକୁ ସଗଠିତ କରିବା; ଅସୁସ୍ଥତା;
ନୂତନ ସୌଷମ୍ୟ; ଦୈହିକ ସୌନ୍ଦର୍ଯ୍ୟ ୮୦

୨୭ ଜାନୁଆରୀ

ନିଦ୍ରା; ବାସନା; ଅବଦମନ; ଅବଚେତନ ୮୫
ସ୍ୱପ୍ନ; "ଅଧଚେତନ" : ସମସ୍ୟାଗୁଡ଼ିକର ସମାଧାନ କରିବା ୮୮
"ସତ୍ତାର ସୋପାନକ୍ରମ"; ସମାଧି ... ୯୦
ନିଦ୍ରାର ବିଭିନ୍ନ ପର୍ଯ୍ୟାୟ; ନୀରବତା, ଯଥାର୍ଥ ବିଶ୍ରାମ ... ୯୧
ପ୍ରାଣିକ ଶରୀର ଏବଂ ଅସୁସ୍ଥତା ୯୩

୩ ଫେବୃଆରୀ

ଯୋଗ କ'ଣ ? ଯୋଗ କେଉଁଥିପାଇଁ ? ୯୫
ଅଭୀପ୍ସା; ପରମ ଦିବ୍ୟସତ୍ତାଙ୍କୁ ଲୋଡ଼ିବା ୯୯
ଯୋଗର ପ୍ରକ୍ରିୟା; ଅହଂର ପରିବର୍ଜନ ୧୦୧

୫ ଫେବୃଆରୀ

ସମର୍ପଣ ଓ ତପସ୍ୟା ୧୦୬
ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବା; ଆନ୍ତରିକତା;
ଆଧ୍ୟାତ୍ମିକ ଶୃଙ୍ଖଳା ୧୦୭
ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରିବା ୧୧୧
ପ୍ରାଣିକ ଆବେଗ ଏବଂ ଅଗ୍ରଗତିର ଇଚ୍ଛା ... ୧୧୫


'oaob.nitrkl.ac.in' images reprocessed

## ୮ ଫେବୃଆରୀ


ସତ୍ତ୍ୱର ଏକତ୍ରୀକରଣ; ଭଲ ଓ ମନ୍ଦ ବିଷୟରେ ଧାରଣା ୧୧୯
ଅଲୌକିକ ଘଟଣା; ନିସ୍ତୃଣବାଦ, ସର୍ବୋଚ୍ଚ ପରମ ଇଚ୍ଛା ୧୨୩
ପରମ ଭଗବତ୍‌ସତ୍ତ୍ୱଙ୍କର ବାଣୀକୁ ଠଉରାଇ ପାରିବା ୧୩୧


## ୧୦ ଫେବୃଆରୀ


ସ୍ୱାଧୀନତା ଓ ସ୍ୱେଚ୍ଛାଚାରିତା; ସମର୍ପଣ ଯଥାର୍ଥ ମୁକ୍ତି ଆଣିଦିଏ ୧୩୪
ଦିବ୍ୟ ପରମସତ୍ୟର ପ୍ରତିନିଧିରୂପେ କର୍ତ୍ତୃତ୍ୱପ୍ରାପ୍ତ ବ୍ୟକ୍ତିମାନେ ... ୧୩୭
ନିବେଦନରୂପେ କର୍ମ; ସମ୍ପୂର୍ଣ୍ଣ ସମର୍ପଣ ଲାଗି ସମୟ ଲାଗେ ୧୩୯
ଉଦ୍ୟମ ଓ ପ୍ରେରଣା; ଇଚ୍ଛାଶକ୍ତି ଓ ଧୈର୍ଯ୍ୟଶକ୍ତି ୧୪୦


## ୧୨ ଫେବୃଆରୀ


ଦିବ୍ୟ ଶକ୍ତିକୁ ଗ୍ରହଣ କରିନେବା ୧୪୩
ପଥ ଲାଗି ପ୍ରସ୍ତୁତ ହୋଇଗଲଣି ବୋଲି ଜାଣିବାର ସଙ୍କେତ ୧୪୫
ମନ ଓ ପ୍ରାଣ-ସ୍ତରର ଦୁର୍ବଳତା ୧୪୭
ବାଧା ଭାଙ୍ଗି ଭିତରେ ପଶିବା ଲାଗି ପ୍ରଗାଢ଼ ଅଭିନିବେଶ ୧୫୦
ଦିବ୍ୟ ବୋଧ ଏବଂ ଭଲ ଓ ମନ୍ଦ ବିଷୟରେ ମନୁଷ୍ୟର ଧାରଣା ... ୧୫୧
ଦୀକ୍ଷାଗ୍ରହଣ ଏବଂ ଉତ୍ସର୍ଗ; ଅଗ୍ରଗତି ୧୫୩
ଆଧ୍ୟାତ୍ମିକ ମାର୍ଗରେ ପ୍ରବେଶ ଘଟିଲା ବୋଲି ଜାଣିବାର
ସଙ୍କେତ; ବିଭିନ୍ନ କିସମର ଧ୍ୟାନ ୧୫୪
ନମାରେଷ୍ଟା ଅଭୀପ୍ସା; ଖେଳପଡ଼ିଆରେ ଅଭିନିବେଶ ୧୫୮


## ୧୫ ଫେବୃଆରୀ


ସ୍ୱପ୍ନ, ପ୍ରତୀକାତ୍ମକ ସ୍ୱପ୍ନ; ପ୍ରକୃତ ବିଶ୍ରାମ ୧୬୦
"ଭ୍ରମ-ଦର୍ଶନ" ୧୬୨
"ପୃଥିବୀ-ସୃଷ୍ଟି" ଓ ଇତିହାସ ୧୬୫


## ୧୬ ଫେବୃଆରୀ


"ଭ୍ରମ-ଦର୍ଶନ" ୧୬୮


'oaob.nitrkl.ac.in' images reprocessed

ଆପଣାର ଇଚ୍ଛାକୁ ନିବେଦନ କରିଦେବା ୧୭୦
ସମତାବସ୍ଥା; ଅଗ୍ରଗତି; ପରିପକ୍ୱତା ୧୭୩
ଉତ୍ସାହପ୍ରେରିତ ଆତ୍ମଦାନ : ଯନ୍ତ୍ରଟିକୁ ସମ୍ପୂର୍ଣ୍ଣ ଭାବରେ
ଯୋଗ୍ୟ କରିବା ୧୭୫
ଅସୁବିଧାଚୟ, ସମଗ୍ର ଉପଲବ୍ଧିରେ ଏକ ସାହାଯ୍ୟ;
ପରସ୍ପର-ବିରୋଧ ୧୭୭
ଆନ୍ତରିକତା; ସ୍ୱତଃସ୍ଫୂର୍ତ୍ତି ଧ୍ୟାନ ୧୮୦
ଆଶ୍ରମ ଧ୍ୟାନ ଓ କ୍ରୀଡ଼ାପ୍ରାଙ୍ଗଣର ଧ୍ୟାନ ୧୮୩

## ୧୯ ଫେବ୍ରୁଆରୀ

ଆପଣାକୁ ବହିଃରୂପ ଦେବା : ଅତୀନ୍ଦ୍ରିୟ ଦୃଷ୍ଟି,
ମୂର୍ଚ୍ଛା ହୋଇଯିବା ଇତ୍ୟାଦି ୧୮୭
ନିଦ୍ରାରେ ଚାଲିବା; ଡାଇନି; ପିଲାଙ୍କ "ସ୍ୱପ୍ନ" ୧୯୦
ଦୁଃସ୍ୱପ୍ନ; ଗୁରୁଙ୍କର ରକ୍ଷା ୧୯୪
ମନ ଓ ପ୍ରାଣ ନିଦବେଳେ ଭ୍ରମଣ କରୁଥାନ୍ତି ୧୯୫

## ୨୨ ଫେବ୍ରୁଆରୀ

ସମର୍ପଣ, ନିବେଦନ, ଉତ୍ସର୍ଗ ୧୯୭
ଅଭିଜ୍ଞତା ଓ ଆନ୍ତରିକତା ୨୦୨
ଅଭୀପ୍ସା ଓ ବାସନା; ବୈଦିକ ସ୍ତୋତ୍ର ୨୦୩
ସକେନ୍ଦ୍ରଣ ଓ ସମନ୍ୱୟ ୨୦୭

## ୨୪ ଫେବ୍ରୁଆରୀ

ଚୈତ୍ୟ ସତ୍ତା ଏବଂ ସତ୍ତା; ତାହାର ନାନା ପୃଷ୍ଠ ୨୦୮
ଅଣୁ ମଧ୍ୟରେ ଚୈତ୍ୟ ସତ୍ତା ୨୧୧
ମୃତ୍ୟୁ; ଆପଣାକୁ ବହିଃରୂପ ଦେବା; ଅଚେତନା ୨୧୨
ଅତୀତର ନାନା ଜୀବନ; କେବଳ ପୃଥିବୀପୃଷ୍ଠରେହିଁ
ଚୈତ୍ୟର ବିକାଶ ସମ୍ଭବ ୨୧୫
ଜନ୍ମ ନେବା ବିଷୟରେ ଚୈତ୍ୟ ସତ୍ତାର ନିଷ୍ପତ୍ତି ଗ୍ରହଣ ୨୧୭


'oaob.nitrkl.ac.in' images reprocessed

ଦିବ୍ୟ ପରମ କର୍ମ ଲାଗି ଉତ୍ସର୍ଗ; ଚୈତ୍ୟ ସ୍ମୃତି ୧୧୦
ବ୍ୟକ୍ତିତ୍ୱାପନ୍ନତା; ଭଗବତ ଲାଗି ଚୈତ୍ୟ ସତ୍ତା ନିଜକୁ
ସଂଗଠିତ କରେ ୧୧୪

## ୧୭ ଫେବୃଆରୀ

ବହି ପଢ଼ିବା ବିଷୟରେ; ବାଜେ ଗପସପ ୧୧୭
ଶୃଙ୍ଖଳା ଓ ଉପଲବ୍ଧି ୧୧୯
କାଳ୍ପନିକ କାହାଣୀ; ତାହାର ମୂଲ୍ୟ ୧୩୦
"ବଡ଼" ମଣିଷଙ୍କର ବ୍ୟକ୍ତିଗତ ଜୀବନ; ଶ୍ଳଥନ ୧୩୩
ଅନ୍ୟମାନଙ୍କୁ ବୁଝିବା; "ବିଜ୍ଞାନମନସ୍କ" ଚେତନା ୧୩୫

## ୨ ମାର୍ଚ୍ଚ

ବିଶ୍ୱଜଗତ ଓ ପରମ ଦିବ୍ୟସତ୍ତା ୧୩୯
ସ୍ୱାତନ୍ତ୍ର୍ୟ ଓ ନିୟନ୍ତ୍ରଣବାଦ; କରୁଣା ୧୪୦
କାଳ ଓ ସୃଜନ : ଅନ୍ତମାନସ ମଧ୍ୟରେ ୧୪୦
କର୍ମ ଓ ତାହାର ପରିଣାମ ୧୪୩
ଚୈତ୍ୟ ସତ୍ତା; ସୌନ୍ଦର୍ଯ୍ୟ ଓ ପ୍ରେମ ୧୪୫
ଫୁଲ : ସେମାନଙ୍କର ସୌନ୍ଦର୍ଯ୍ୟ ଓ ତାତ୍ପର୍ଯ୍ୟ ୧୪୭
ଅବତାର ଗ୍ରହଣ କରୁଥିବା ଚୈତ୍ୟ ସତ୍ତାର ସ୍ଥାନନିର୍ବାଚନ ୧୫୦

## ୩ ମାର୍ଚ୍ଚ

ପ୍ରତିକୂଳ ଶକ୍ତି; ଅସୁବିଧା ୧୫୨
ବ୍ୟକ୍ତିତ୍ୱ ଏବଂ ଅହଙ୍କାର; ସୃଜନ ୧୫୭

## ୫ ମାର୍ଚ୍ଚ

ଦୁର୍ବିପାକ : ପ୍ରକୃତିର ନାନା ଶକ୍ତି ୧୬୦
"ଦାନାର୍ଥେ ବନ୍ଦସ୍ୱ"ର କାହାଣୀ ୧୬୧
"ମୁକ୍ତି" ଏବଂ ବନ୍ଧନ ୧୬୪
ମନ ଏବଂ ପ୍ରାଣର ସମ୍ମୁଖୀନ ହେବା : ତାହାର ପ୍ରଣାଳୀ ୧୬୫

'oaob.nitrkl.ac.in' images reprocessed

## ୮ ମାର୍ଚ୍ଚ

ମନକୁ ନୀରବ କରିଦେବା; ପ୍ରକୃତିକୁ ବଦଳାଇବା ୨୭୨
ପୁନର୍ଜନ୍ମ : ସ୍ଥାନନିର୍ବାଚନ ୨୭୪
ଚୈତ୍ୟ, ଉଚ୍ଚତର ସତ୍ତ୍ୱା, "ଦେବତା"ମାନଙ୍କର ଅବତାର ଗ୍ରହଣ ··· ୨୭୪
ପ୍ରାଣିକ ସତ୍ତ୍ୱାମାନଙ୍କର ଅବତାରଗ୍ରହଣ;
"ମିଥ୍ୟାର ଅଧୀଶ୍ୱର"; ହିଟ୍‌ଲର୍ ୨୭୭
ପ୍ରେତ ଲାଗିବା ଏବଂ ପାଗଳ ଅବସ୍ଥା ୨୭୮

## ୧୦ ମାର୍ଚ୍ଚ

ପସ୍ତ ଗପ : ଧନରତ୍ନକୁ ଜଗି ରହିଥିବା ସାପ ୨୮୨
ପ୍ରାଣିକ ସତ୍ତ୍ୱା : ସେଗୁଡ଼ିକର ଅବତାରଗ୍ରହଣ ୨୮୪
ମୃତ୍ୟୁ ପରେ ପ୍ରାଣିକ ସତ୍ତ୍ୱା ୨୮୫
ଦୁଃସ୍ୱପ୍ନ : ପ୍ରାଣିକ ଓ ମାନସିକ ୨୮୮
ମୃତ୍ୟୁ ପରେ ମାନସିକ ଓ ପ୍ରାଣିକ ସତ୍ତ୍ୱା ୨୯୧
"ରୂପ ମଧ୍ୟରେ ଥିବା ଆତ୍ମସ୍ୱଭବ" : ମିଶରର ମମି ୨୯୩

## ୧୨ ମାର୍ଚ୍ଚ

ମାନସିକ ରୂପ; କଠିନ ବିଷୟବସ୍ତୁ ଶିକ୍ଷା କରିବା ୨୯୫
ମାନସିକ ଦୁର୍ଗ; ଭାବନା ୨୯୭
ମନକୁ ପ୍ରଶିକ୍ଷିତ କରିବା ୩୦୩
ମୃତ୍ୟୁ ପରେ ପ୍ରାଣ ସତ୍ତ୍ୱାକୁ ସାହାଯ୍ୟ କରିବା; ପୂଜା ଓ ଉତ୍ସର୍ଗ ୩୦୪
ମାନବୀୟ ନିର୍ବୋଧତା ୩୦୭

## ୧୪ ମାର୍ଚ୍ଚ

ନମନୀୟତା ୩୦୮
ଦିବ୍ୟ ପରମଇଚ୍ଛାକୁ ଜାଣିବାର ସର୍ତ୍ତ ୩୦୯
ଅସୁସ୍ଥତା; ରୋଗବାହୀ କୀଟାଣୁ ୩୧୧
ଭୟ; ଶାରୀରିକ ସହଜବିଦ୍ୟା ୩୧୪


'oaob.nitrkl.ac.in' images reprocessed

"ସର୍ବୋତ୍ତମଟି ଘଟେ" ୩୧୬
ସୃଷ୍ଟି ବିଷୟରେ ନାନା ତତ୍ତ୍ୱ ୩୧୮
ଯଥାର୍ଥ ଜ୍ଞାନ; "ସମ୍ମୁଖରେ ରହିଥିବା ଏକ କାର୍ଯ୍ୟ"; ଆଶ୍ରମ ୩୨୦

## ୧୭ ମାର୍ଚ୍ଚ

ବିଶ୍ୱଜଗତ : ଶାଶ୍ୱତ ଭାବରେ ନୂତନ ଓ ତଥାପି ସେହି ଗୋଟିଏ··· ୩୨୧
ପ୍ରଳୟ ବିଷୟରେ ନାନା ପାରମ୍ପରିକ ବ୍ୟାଖ୍ୟା ··· ୩୨୩
ଆଲୋକ ଓ ଭାବନା; ନୂତନ ଚେତନା ଓ ଶକ୍ତିଚୟ ୩୨୫
ନିମପ୍ରସାରିତ ହେଉଥିବା ବିଶ୍ୱଜଗତ; ଅପ୍ରକାଶ୍ୟ ନାନା ଅନୁଭୂତି··· ୩୨୭
ପରମ ଆଲୋକର ସ୍ପନ୍ଦନରେ ଅନୁସ୍ପନ୍ଦିତ ଆଶ୍ରମ; ନୂତନ ଶକ୍ତି ୩୨୯
ବିଭିନ୍ନ ପ୍ରକାରରେ ଅନୁସ୍ପନ୍ଦିତ ହେଉଥିବା ନାନା ବାତାବରଣ ୩୩୧

## ୧୯ ମାର୍ଚ୍ଚ

ମାନସିକ ଜଗତ ଓ ସେଗୁଡ଼ିକରେ ବାସ କରୁଥିବା ସତ୍ତ୍ୱ ୩୩୪
ନୀରବ ହୋଇ ବୁଝିବା ୩୩୭
ଚୈତ୍ୟ ଜଗତ : ଏହାର ନାନା ଲକ୍ଷଣ ୩୩୯
ପ୍ରକୃତ ଅନୁଭୂତି ଏବଂ ମାନସିକ ବିରଚନା; ବାରଟି ଇନ୍ଦ୍ରିୟ ୩୪୦

## ୨୨ ମାର୍ଚ୍ଚ

ଆପେକ୍ଷିକତା : ସମସ୍ୟା ୩୪୩
ଚେତନା; ଚୈତ୍ୟ ସାକ୍ଷୀ ୩୪୫
ବାର ଇନ୍ଦ୍ରିୟ; ଭୂଗର୍ଭଜଳର ସ୍ଥାନ-ନିରୂପଣ ୩୪୭
ପଶୁମାନଙ୍କ ଭିତରେ ସହଜାତ ପ୍ରବୃତ୍ତି; ମାଆଙ୍କ ବିଲେଇଟିର କାହାଣୀ ୩୫୦

## ୨୪ ମାର୍ଚ୍ଚ

ଦିବ୍ୟ ପ୍ରେମର ଅବତରଣ, ଚେତନାର ଅବତରଣ ୩୫୪
ପୃଥିବୀ : ଏକ ପ୍ରତୀକାତ୍ମକ ରଚନା; ଦିବ୍ୟ ଉପସ୍ଥିତି ··· ୩୫୭


'oaob.nitrkl.ac.in' images reprocessed

| | |
|---|---|
| ଚୈତ୍ୟ ସତ୍ତା ଓ ଅନ୍ୟାନ୍ୟ ପୃଥିବୀ; ଦିବ୍ୟ ପ୍ରେମ ଓ କରୁଣା | ୩୫୯ |
| ଦିବ୍ୟ ପ୍ରେମ ବିଷୟରେ ସଚେତନ ହେବା | ୩୫୯ |
| ଆପଣାର ଚୈତ୍ୟ ସତ୍ତାକୁ ଆବିଷ୍କାର କରିବା | ୩୬୨ |
| ଦାୟିତ୍ୱବୋଧ ... | ୩୬୩ |


## ୨୭ ମାର୍ଚ୍ଚ


| | |
|---|---|
| "ସବୁ ପାଇବା ଲାଗି ସବୁ ହରାଇବା"; ଚୈତ୍ୟ ସତ୍ତା | ୩୬୪ |
| ପ୍ରାଣସତ୍ତାର ରୂପାନ୍ତର-ସାଧନ | ୩୬୫ |
| ଦୈହିକ ଅଭ୍ୟାସଗୁଡ଼ିକର ପରିବର୍ତ୍ତନ; ଅବଚେତନ | ୩୭୧ |
| ଅସୁବିଧାଗୁଡ଼ିକୁ ପାର ହୋଇଯିବା; ଦୁର୍ବଳତା ହେଉଛି ନିଷ୍ଠାର ଅଭାବ ... | ୩୭୩ |
| ପୃଥିବୀକୁ ବଦଳାଇବା ଲାଗି ଆପଣାକୁ ବଦଳାଇବା | ୩୭୫ |
| ଅନୁଭୂତିର ଚୈତ୍ୟ ଦୃଷ୍ଟି, ଅନୁଭୂତିର ଦୃଶ୍ୟ ଆଭାସ, ଯୋଗ ଲାଗି ପ୍ରସ୍ତୁତ ... | ୩୭୭ |


## ୨୯ ମାର୍ଚ୍ଚ


| | |
|---|---|
| "ମହାଯାନ" ଓ "ହୀନଯାନ" | ୩୮୧ |
| ନିଜର ପରିବାର ଓ ଦେଶକୁ ନିଜେ ବାଛିବା | ୩୮୩ |
| ବିକୃତ ପ୍ରାଣିକ ସତ୍ତା; କୁଳାଗତ ସଂସ୍କାର | ୩୮୫ |
| ଆନ୍ତରିକତା; ଆପଣାର ସ୍ୱଭାବକୁ ବଦଳାଇଦେବା | ୩୮୮ |


## ୩୧ ମାର୍ଚ୍ଚ


| | |
|---|---|
| ଶାରୀରିକ ଅସୁସ୍ଥତା ଓ ମାନସିକ ବିକୃତି | ୩୯୦ |
| ଆଧ୍ୟାତ୍ମିକ ଉପାୟରେ ଅସୁସ୍ଥତାକୁ ଭଲ କରିବା | ୩୯୨ |
| ଶରୀରର ଗ୍ରହଣଶୀଳତା | ୩୯୪ |
| ସୂକ୍ଷ୍ମଭୌତିକ : ଅସୁସ୍ଥତା, ଆକସ୍ମିକ ଦୁର୍ଘଟଣା | ୩୯୮ |
| ଖାଦ୍ୟ ପରିବା ଏବଂ ଅନ୍ୟାନ୍ୟ ଅସୁସ୍ଥତାକୁ ଭଲ କରିବା | ୪୦୧ |


'oaob.nitrkl.ac.in' images reprocessed

## ୨ ଏପ୍ରିଲ

ଆକସ୍ମିକ ଦୁର୍ଘଟଣାଗୁଡ଼ିକର କାରଣ ... ୪୦୪
ସାନ ସାନ ସତ୍ତ୍ୱ, ସତ୍ତ୍ୱାତ୍ମକ ଅଥବା କ୍ଷତିକାରକ : ଘଟଣାମାନ ... ୪୦୮

## ୫ ଏପ୍ରିଲ

ମାୟା ଓ କର୍ମରେ ଆଗ୍ରହ ୪୧୩
ଦିବ୍ୟ କରୁଣାର କ୍ରିୟା ଏବଂ ଅହଂ ୪୧୫
ସଂକେନ୍ଦ୍ରଣ, ଅଭୀପ୍ସା, ଇଚ୍ଛା, ଅନ୍ତରସ୍ଥ ନୀରବତା ୪୨୦
ଏକ କାହାଣୀ ବା ଏକ "ଗପା"ର ମୂଲ୍ୟ ୪୨୨
ସତ୍ୟ; ପୃଥିବୀରେ ବସ୍ତୁବଦ୍ଧତା ୪୨୪

## ୭ ଏପ୍ରିଲ

ମନ୍ଦର ଉତ୍ପତ୍ତି ୪୨୭
ଦୁଃଖ : ଏହାର କାରଣ ୪୩୦

## ୯ ଏପ୍ରିଲ

ଆଧୁନିକ କଳା ୪୪୦
ବିଂଶ ଶତାବ୍ଦୀରେ ଇଉରୋପୀୟ କଳାର ପ୍ରବୃତ୍ତି ୪୪୮
ଯୁଦ୍ଧଗୁଡ଼ିକରୁ ଉତ୍ପନ୍ନ ପରିଣାମ; ପ୍ରାଣିକ ଜଗତଗୁଡ଼ିକର ଅବତରଣ ୪୫୦
ଚରିତ୍ର ନିର୍ମାଣ ୪୫୨
ଯଦି ଆଉଥରେ ଯୁଦ୍ଧ ଲାଗେ ୪୫୩

## ୧୨ ଏପ୍ରିଲ

ଜାପାନ, ଜାପାନର କଳା, ପ୍ରାକୃତିକ ଦୃଶ୍ୟ, ଜୀବନ, ଇତ୍ୟାଦି ... ୪୫୩
ଜାପାନୀ ପଶ୍ଚଗପର ପରାମର୍ଶ ୪୫୮
ସୃଷ୍ଟି : ଏହାର କୁଣ୍ଡଳୀକୃତ ଗତି ୪୬୨

'oaob.nitrkl.ac.in' images reprocessed

ଖ୍ରୀଷ୍ଟୀୟ ଓ ଇଉରୋପୀୟ : ଆଧ୍ୟାତ୍ମିକ ଜୀବନ ୪୬୩
କଳା ଓ ସତ୍ୟ ୪୬୫

୧୪ ଏପ୍ରିଲ

ସମର୍ପଣ ଏବଂ ତ୍ୟାଗ ୪୬୭
ତ୍ୟାଗର ବିସ୍ତାର; ବାହାଇ ଧର୍ମ; ପରାର୍ଥେ ପ୍ରାଣପାତ ୪୭୦
ନିଦ୍ରା : ବିସ୍ମରଣ, ବହିଃରୂପଧାରଣ, ଇତ୍ୟାଦି ୪୭୩
ସ୍ୱପ୍ନ ଓ କଳ୍ପିତ ରୂପଗୁଡ଼ିକର ଦର୍ଶନ : ଏହାର
କେତୋଟି ବ୍ୟାଖ୍ୟା ୪୭୪
ବହିଃରୂପଧାରଣ : କେତୋଟି ବିଲେଇଙ୍କର ଘଟଣା ୪୭୮

୧୬ ଏପ୍ରିଲ

ଏକତା ଓ ବିବିଧତା ୪୮୧
ରକ୍ଷାତ୍ମକ ଆବରଣ; ବାସନା; ଚେତନା, ଯଥାର୍ଥ ରକ୍ଷା ୪୮୨
ଦେହ-ଯନ୍ତ୍ରଟିକୁ ପରିପୂର୍ଣ୍ଣ କରି ଗଢ଼ିବା; ସିନେମା ୪୮୫
ନିର୍ବାଚନ, ସତର୍କ ଏବଂ ସଚେତନ ୪୮୬
ଆପଣା ସତ୍ତାର ବିଧାନ; ପରମ ଏକ ଏବଂ ଅନନ୍ତ ଅନେକ ୪୮୭
ସଭ୍ୟତା : ଏକ ଯନ୍ତ୍ରକୁ ଯୋଗ୍ୟ କରି ଗଢ଼ିବା ୪୯୦

୧୯ ଏପ୍ରିଲ

ଭାବ ଓ ପ୍ରୟୋଜନ; "ମନୁଷ୍ୟତ୍ୱ ସ୍ୱଭାବ" ୪୯୪
ଅହଂଭାବର ବିଲୁପ୍ତିସାଧନ ୪୯୫
ଖାଦ୍ୟ : ତମଃ, ଉତ୍ସର୍ଗ ୪୯୬
ସ୍ୱଭାବକୁ ବଦଳାଇବା : ପ୍ରାଣିକ ଓ ମାନସିକ ସତ୍ତା ୪୯୮
"ଶରୀରର ଯୋଗ"; ଦେହକୋଷର ଚେତନା ୫୦୪

୨୧ ଏପ୍ରିଲ

ଯୋଗସ୍ଫୁରଣାର ସର୍ତ୍ତ ବିଷୟରେ ଶ୍ରୀଅରବିନ୍ଦଙ୍କ ପତ୍ର ୫୦୭
ଅଭୀପ୍ସା, ତପସ୍ୟା, ସମର୍ପଣ ୫୧୦

'oaob.nitrkl.ac.in' images reprocessed

ନିମ୍ନ ପ୍ରାଣ; ପୁରାତନ ଅଭ୍ୟାସ; "ଏକାଗ୍ରତା" ୫୧୬
ନିର୍ବାଚନ ଏବଂ ଦ୍ୱୈତ ଜୀବନ ସମ୍ପର୍କରେ ଶ୍ରୀଅରବିନ୍ଦ ୫୧୭
"ପୁରାତନ ଅସଫଳତା"; ଅନ୍ତର୍ଗତ ଉପଲବ୍ଧି ଓ
ବାହ୍ୟ ପରିବର୍ତ୍ତନ ... ୫୨୦

୨୩ ଏପ୍ରିଲ

ଅଭୀଷ୍ଟ ଏବଂ ମାର୍ଗ ୫୨୨
କିପରି ଶୋଇବାକୁ ହୁଏ ଶିଖିବା; ଶ୍ଳଥନ ୫୨୪
ପ୍ରତିକୂଳ ଶକ୍ତି : ଆନ୍ତରିକତାର ପରୀକ୍ଷା ୫୨୭
ଦୁଃଖ ଏବଂ ମୃତ୍ୟୁ ପ୍ରତି ଦୃଷ୍ଟିକୋଣ ୫୨୯

୨୭ ଏପ୍ରିଲ

"ଅନିବାର୍ଯ୍ୟ ରୂପାନ୍ତର" ୫୩୧
ଦିବ୍ୟ ଶକ୍ତି; "ପ୍ରସନ୍ନ ସମର୍ପଣ" ୫୩୩
ପ୍ରତ୍ୟାହାର, ସମ୍ପୂର୍ଣ୍ଣ ୫୩୪
ଉତ୍ସର୍ଗ; ସମ୍ପୂର୍ଣ୍ଣ ଆତ୍ମବିସ୍ମରଣ; କର୍ମ ୫୪୦

୨୮ ଏପ୍ରିଲ

ବ୍ୟକ୍ତିର ପ୍ରଚେଷ୍ଟା; ତମଃ, ଆଳସ୍ୟ ୫୪୪
ସ୍ଥିତିଶୀଳ ଓ ଗତିଶୀଳ ଶକ୍ତି ୫୪୭
ନିର୍ବୋଧତା; ଚୈତ୍ୟ ସତ୍ତା ଏବଂ ବୁଦ୍ଧି ୫୪୯
ନାନାବିଧ ଦର୍ଶନମତ : ଭିନ୍ନ ଭିନ୍ନ "ସ୍ୱପ୍ନ" ୫୫୧
ସୃଷ୍ଟି-ସର୍ଜନା ବିଷୟରେ ନାନା ବ୍ୟାଖ୍ୟା ୫୫୨
ଆପଣାର ସତ୍ତା ଓ ଆପଣାର କର୍ମର ସମର୍ପଣ ୫୫୪

୩ ମେ

ଅର୍ଥଶକ୍ତି ଓ ଦିବ୍ୟକର୍ମରେ ଏହାର ପ୍ରୟୋଜନ;
ନାନା ସମସ୍ୟା ୫୫୭


'oaob.nitrkl.ac.in' images reprocessed

| | |
|---|---|
| ବାସନା ଉପରେ ନିୟନ୍ତ୍ରଣ : ବ୍ୟକ୍ତିଗତ ଓ ସାମୂହିକ ପରିବର୍ତ୍ତନ | ୫୬୯ |

୫ ମେ

| | |
|---|---|
| ଆବଶ୍ୟକତା ଓ ବାସନା | ୫୭୨ |
| ବିବେକ; ଆନ୍ତରିକତା ଓ ଯଥାର୍ଥ ବୋଧ | ୫୭୫ |
| ମନ୍ତ୍ର ଓ ସେଥିରୁ ଲବ୍ଧ ଫଳ | ୫୮୧ |
| "କର୍ମରେ ଅଭିପ୍ରାୟ" : ସେବା କରିବା; କେବଳ ଭଗବାନଙ୍କ ଉପରେହିଁ ଆସ୍ଥା ରଖିବା ... | ୫୮୨ |

୭ ମେ

| | |
|---|---|
| ଏକ ସୋପାନକ୍ରମ | ୫୮୫ |
| ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟକ୍ତିଗତ ଦିବ୍ୟସତ୍ତ୍ୱ | ୫୮୬ |
| ସର୍ବୋଚ୍ଚ ପରମା ଶକ୍ତି ଓ ସୃଷ୍ଟି | ୫୮୭ |
| ଶବ୍ଦ ଏବଂ ଭାଷାର ଅସାମର୍ଥ୍ୟ | ୫୮୯ |

୧୧ ମେ

| | |
|---|---|
| ମହାକାଳୀ ଓ କାଳୀ | ୫୯୦ |
| ଅବତାର ଓ ବିଭୂତି ... | ୫୯୪ |
| ସତ୍ତ୍ୱର ଯାବତୀୟ ସ୍ଥିତି ପଛରେ ସଚ୍ଚିଦାନନ୍ଦ | ୫୯୫ |

୧୨ ମେ

| | |
|---|---|
| ମହାଲକ୍ଷ୍ମୀ ଓ ଜୀବନରେ ସୌନ୍ଦର୍ଯ୍ୟ | ୬୦୦ |
| ମହାସରସ୍ୱତୀ; "ସଚେତନ ହସ୍ତ" | ୬୦୧ |
| ଆର୍ଥିକ ଐଶ୍ୱର୍ଯ୍ୟ ଓ ଦାରିଦ୍ର୍ୟ | ୬୦୩ |

୧୪ ମେ

| | |
|---|---|
| ଦୈବଯୋଗ; ନାନା ଶକ୍ତିର ପାରସ୍ପରିକ କ୍ରିୟା | ୬୦୪ |
| ଶାନ୍ତ, ପ୍ରଚଣ୍ଡ ଏବଂ ଦ୍ରୁତ | ୬୦୯ |
| ଅହଂର ବଳିପ୍ରସାଧନ | ୬୧୨ |


'oaob.nitrkl.ac.in' images reprocessed

# ପ୍ରଶ୍ନ ଓ ଉତ୍ତର

୧୯୫୦-୫୧

'oaob.nitrkl.ac.in' images reprocessed

## ୨୧ ଡିସେମ୍ବର ୧୯୫୦

"ହେ ପରମ ଚେତନା, ହେ ଅବିଚଳ ଏବଂ ଉଦାର ଚେତନା, ଏକ ଶାଶ୍ୱତ ପ୍ରହେଳିକାରୂପେ ତୁମେ ଜଗତର ସୀମାଗୁଡ଼ିକ ଉପରେ ପ୍ରହରୀରୂପେ ଅବସ୍ଥିତ ରହିଛ । ଏବଂ ତଥାପି କେତେକ ବ୍ୟକ୍ତିଙ୍କ ଲାଗି ତୁମେ ଆପଣାର ରହସ୍ୟଟିକୁ ପ୍ରକଟ ବି କରି ଦେଉଛ । ଏହି ବ୍ୟକ୍ତିମାନେହିଁ ତୁମର ସେହି ସାର୍ବଭୌମ ଇଚ୍ଛାର ବିଗ୍ରହ ହୋଇ ପାରିବେ; ଯେଉଁ ଇଚ୍ଛା କୌଣସି ପ୍ରକାର ଅଗ୍ରରୁଚି ନରଖି ବାଛି ନେଉଛି ଓ କୌଣସି କାମନା ନରଖି କାର୍ଯ୍ୟସାଧନ କରିପାରୁଛି, ସେମାନେ ତାହାର ପ୍ରତିନିଧି ହୋଇ ପାରିବେ ।"

ଧ୍ୟାନ ଓ ପ୍ରାର୍ଥନା, ୧୦ ନଭେମ୍ବର ୧୯୧୪

ଏଠାରେ ଅବିଚଳ ଚେତନା ବୋଲି ଯାହାକୁ ବୁଝାଯାଇଛି, ତାହାହିଁ ହେଉଛି "ସକଳ ସ୍ୱପ୍ନର ଜନନୀ";* ତାହାହିଁ ହେଉଛି ସେହି ଚିରନ୍ତନ ପରମ ବସ୍ତୁସତ୍ତ୍ୱ, ଯିଏକି ଜଗତର ସୀମାଗୁଡ଼ିକ ଉପରେ ତଥାପି ସମାହିତ ହୋଇ ନଥିବା ଏକ ପ୍ରହେଳିକାରୂପେ ପ୍ରହରୀ ହୋଇ ଅବସ୍ଥିତ ରହିଛି । ଏହି ପ୍ରହେଳୀଟି ଆମ ଜୀବନର ସମସ୍ୟା, ଏହି ବିଶ୍ୱପୃଥିବୀର ପ୍ରକୃତ ଉଦ୍ଦେଶ୍ୟ, ପ୍ରକୃତ ସ୍ଥିତିକାରଣ । ପରମ ଦିବ୍ୟ ସତ୍ତାର ଉପଲବ୍ଧି କରିବା ହେଉଛି ଆମ ଜୀବନର ଅସଲ ସମସ୍ୟା; ଅର୍ଥାତ୍, ଅଧିକ ସ୍ପଷ୍ଟ ଭାବରେ କହିଲେ, ଯେଉଁ ପରମ ଦିବ୍ୟ ସତ୍ତା ବିଶ୍ୱରୂପେ ପ୍ରକଟ ହୋଇ ରହିଛନ୍ତି, ଜୀବନର ଅସଲ ହେତୁ, ଅସଲ କାରଣ ଏବଂ ଅସଲ ଧ୍ୟେୟରୂପେ ଅବସ୍ଥିତ ଅଛନ୍ତି, ପୁନର୍ବାର ତାଙ୍କର ବିଷୟରେ ସଚେତନ ହୋଇଉଠିବା ହେଉଛି ଜୀବନର ଅସଲ ସମସ୍ୟା ।

ଯେଉଁମାନେ ସେହି ଶାଶ୍ୱତ ପ୍ରହେଳିକାଟିର ରହସ୍ୟଟିକୁ ଆବିଷ୍କାର କରନ୍ତି, ସେମାନେ ଆପଣାକୁ ସେହି କ୍ରିୟାଶୀଳ ଓ ସୃଜନସମର୍ଥ ପରମଶକ୍ତିରେ ରୂପାନ୍ତରିତ କରିଦିଅନ୍ତି ।

---

* "ସକଳ ସ୍ୱପ୍ନର ଜନନୀ", ଶ୍ରୀଅରବିନ୍ଦଙ୍କର ରଚିତ ଗୋଟିଏ କବିତା : Collected Poems, ପୃଷ୍ଠା-୬୭

'oaob.nitrkl.ac.in' images reprocessed

ଆମର କୌଣସି ଅଗ୍ରରୁଚି ନଥିବ, ଅଥଚ ଆମେ ବାଛିନେଇ ପାରୁଥିବା; କୌଣସି ବାସନା ନଥିବ, ଅଥଚ ଆମେ କାର୍ଯ୍ୟ କରି ପାରୁଥିବା;—ଯଥାର୍ଥ ଚେତନା ଏବଂ ଯଥାର୍ଥ ଆତ୍ମ-ସଂଯମର ବିକାଶ ହୋଇପାରିବାର ମୂଳରେ ପ୍ରକୃତରେ ଏହି ବଡ଼ ଅସୁବିଧାଟି ନିହିତ ହୋଇ ରହିଛି । ଏହି କ୍ଷେତ୍ରରେ ବାଛିନେଇ ପାରିବାର ଅର୍ଥ ହେଉଛି, ଯାହା ସତ୍ୟ, କେବଳ ତାହାକୁହିଁ ଦେଖିବା ଲାଗି ସମର୍ଥ ହେବା ଏବଂ ତାହାକୁ ପ୍ରକଟ କରାଇ ଆଣିବା; ଏବଂ, ଖାସ୍ କୌଣସି ନିର୍ଦ୍ଦିଷ୍ଟ ବିଷୟ, ବ୍ୟକ୍ତି, କର୍ମ ଓ ପରିସ୍ଥିତି ପ୍ରତି ଏତେଟିକିଏ ମଧ୍ୟ ବ୍ୟକ୍ତିଗତ ଅଗ୍ରରୁଚି ବା ପକ୍ଷପାତ ନଥାଇ ତଥାପି ବାଛିନେଇ ପାରିବାର କାର୍ଯ୍ୟଟିକୁ ଆମେ ଜଣେ ସାଧାରଣ ମନୁଷ୍ୟ ପକ୍ଷରେ ସବୁଠାରୁ ଅଧିକ କଷ୍ଟକର ବ୍ୟାପାର ବୋଲି କହିପାରିବା । ମାତ୍ର, ଯେତେ କଷ୍ଟକର ହୋଇଥିଲେ ମଧ୍ୟ, କୌଣସି ଅଗ୍ରରୁଚି ନଥାଇ କ୍ରିୟାଶୀଳ ହୋଇ ପାରିବାର ପ୍ରଣାଳୀଟିକୁ ତଥାପି ଶିଖିବାକୁ ପଡ଼ିବ, ଯାବତୀୟ ପ୍ରକାରର ଆକର୍ଷଣ ଓ ମୋହରୁ ମୁକ୍ତ ରହି ଆମ ଜୀବନର ପରିଚାଳନା କରୁଥିବା କେବଳ ସେହି ଏକମାତ୍ର ପରମ ସତ୍ୟକୁହିଁ ଅବଲମ୍ବନ କରି କାର୍ଯ୍ୟ କରି ଶିଖିବାକୁ ହେବ । ଏବଂ, ସେହି ପରମ ସତ୍ୟଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ କର୍ମଟିକୁ ବାଛିନେଇ ପାରିବା ପରେ ଭିତରେ କୌଣସି ପ୍ରକାର ବାସନା ନରଖି ଆମକୁ ସେହି କର୍ମଟିକୁ ସାଧନ କରିବାକୁ ହେବ ।

ଯଥେଷ୍ଟ ମନୋଯୋଗ ସହିତ ଆପଣାକୁ ଅବଲୋକନ କରିପାରିଲେ ତୁମେ ଅବଶ୍ୟ ଏହି କଥାଟିକୁ ବେଶ୍ ଦେଖିପାରିବ ଯେ କୌଣସି କାର୍ଯ୍ୟର ସାଧନ କରିବା ପୂର୍ବରୁ ତୁମ ଭିତରୁ ସେଥିଲାଗି ଏକ ପ୍ରେରଣା ମିଳିବାର ପ୍ରୟୋଜନ ରହିଥିବ, ସେହି ପ୍ରେରଣାହିଁ ତୁମକୁ ଅଗ୍ରସର କରାଇନେଇ ପାରୁଥିବ । ଜଣେ ସାଧାରଣ ମଣିଷର କ୍ଷେତ୍ରରେ ତା'ର ବାସନାହିଁ ସଚରାଚର ଏହି ପ୍ରେରଣାଟିରୂପେ କାର୍ଯ୍ୟ କରୁଥାଏ । ଏହି ବାସନାର ସ୍ଥାନରେ ଆମକୁ ପରମ ସତ୍ୟର ଏକ ପରିଚ୍ଛନ୍ନ, ଯଥାର୍ଥ ଏବଂ ସତତ ଦୃଷ୍ଟିକୁ ଆଣି ଅବସ୍ଥାପିତ କରି ରଖିବାକୁ ହେବ ।

ଅନେକ ବ୍ୟକ୍ତି ଏହାକୁ ପରମେଶ୍ୱରଙ୍କର ନିର୍ଦ୍ଦେଶ ବୋଲି କହନ୍ତି, ଏହାକୁ ତାଙ୍କରି ଇଚ୍ଛା ବୋଲି କହିଥାନ୍ତି । ଏହିସବୁ ଶବ୍ଦର ଅସଲ ଅର୍ଥଟିକୁ କାଳକ୍ରମେ ବିକୃତ କରି ଦିଆଯାଇଛି, ତେଣୁ ମୁଁ "ପରମ ସତ୍ୟ" ବୋଲି କହିବାକୁହିଁ ଅଧିକ ପସନ୍ଦ କରିବି । ଅବଶ୍ୟ ଏକଥା ସତ ଯେ ଯେଉଁ ପରମ ତତ୍ତ୍ୱକୁ ଆମେ ଆଦୌ କୌଣସି ଏକ ନାମ ଦେଇ ବର୍ଣ୍ଣନା କରି ପାରିବା ନାହିଁ ମାତ୍ର ଯାହା ପ୍ରକୃତରେ ସମଗ୍ର ଜୀବନ ଓ ସମସ୍ତ ଜଗତର ପରମ ମୂଳ ତଥା ପରମ ଉଦ୍ଦେଶ୍ୟ ହୋଇ ରହିଛି, ଏହିପରି ଏକ ଶବ୍ଦ ଦେଇ ବର୍ଣ୍ଣନା କରିବାବେଳେ ଆମେ ତାହାର ପ୍ରକୃତରେ ଏକ ଅତ୍ୟନ୍ତ ସୀମିତ ଦିଗରହିଁ ଉଲ୍ଲେଖ କରିଥାଉ । ମୁଁ ଜାଣିଶୁଣି ବି ଏଠାରେ ଭଗବାନ ବା ପରମେଶ୍ୱର ବୋଲି କହିବାକୁ ଇଚ୍ଛା କରୁ ନାହିଁ, କାରଣ ପୃଥିବୀର

'oaob.nitrkl.ac.in' images reprocessed

ଧର୍ମଗୁଡ଼ିକ ଏପରି ଗୋଟିଏ ସର୍ବଶକ୍ତିମାନ୍ ସତ୍ତାଙ୍କୁ ଏହି ନାମଟି ଦେଇ ବର୍ଣ୍ଣନା କରିଛନ୍ତି, ଯିଏକି ତାଙ୍କର ସୃଷ୍ଟିଠାରୁ ଭିନ୍ନ ହୋଇ ରହିଛନ୍ତି, ସୃଷ୍ଟି ବାହାରେ ଆଉ କେଉଁଠି ରହିଛନ୍ତି । ଏହା ଆଦୌ ଠିକ୍ ନୁହେଁ ।

ସେ ଯାହାହେଉ, ପାର୍ଥିବ ଭୂମିରେ ବିଚାର କଲାବେଳେ ଏହି ପାର୍ଥକ୍ୟଟି ନିଶ୍ଚୟ ଖୁବ ସ୍ପଷ୍ଟ ହୋଇଯାଉଛି । କାରଣ, ଆମେସବୁ ଯାହା ହୋଇ ରହିବାକୁ ଆଉ ଆଦୌ ଇଚ୍ଛା କରୁ ନାହୁଁ, ଆମେ ତଥାପି ସେହିଗୁଡ଼ାକହିଁ ହୋଇ ରହିଛୁ; ଏବଂ ଯିଏ, ଆମେ ଯାହାକିଛି ହେବାକୁ ଇଚ୍ଛା କରୁଛୁ, ସିଏ କେବଳ ସେଇସବୁହିଁ ହୋଇ ରହିଛନ୍ତି ।

ଦିବ୍ୟ ପରମ ଇଚ୍ଛାଟି କ'ଣ, ଆମେ ସେହି କଥାଟି ଜାଣିପାରିବା କପରି ?

ଦିବ୍ୟ ଇଚ୍ଛାକୁ ଜାଣି ହୁଏ ନାହିଁ, ଅନୁଭବ କରିହୁଏ । ଏବଂ, ତାହାକୁ ଅନୁଭବ କରି ପାରିବାକୁ ହେଲେ ଆମକୁ ଏପରି ପ୍ରଗାଢ଼ତା ଏବଂ ନିଷ୍ଠା ସହିତ ସେଥିଲାଗି ଇଚ୍ଛା କରିବାକୁ ହୁଏ ଯେ ତଦ୍ଦ୍ୱାରା ସକଳ ପ୍ରତିବନ୍ଧକ କୁଆଡ଼େ ଅପସରି ଯାଏ । ତୁମ ଭିତରେ ଯେପର୍ଯ୍ୟନ୍ତ କୌଣସି ଅଗ୍ରରୁଚି ରହିଥାଏ, କୌଣସି ବାସନା, କୌଣସି ଆକର୍ଷଣ ବା କୌଣସି ବିଶେଷ ପସନ୍ଦ ରହିଥାଏ, ସେପର୍ଯ୍ୟନ୍ତ ସେସବୁ ପରମ ସତ୍ୟକୁ ତୁମଠାରୁ ଅନ୍ତରାଳ କରି ରଖିଦିଅନ୍ତି । ତେଣୁ, ତୁମକୁ ସର୍ବପ୍ରଥମେ ତୁମ ଚେତନାର ଯାବତୀୟ ଗତିଶୀଳତା ଉପରେ ଆପଣାର ପ୍ରଭୁତ୍ୱ ଆଣିବାକୁ ପଡ଼ିବ, ସେଗୁଡ଼ିକୁ ସ୍ୱଶାସନ ମଧ୍ୟରେ ରଖିବା ଲାଗି ଓ ସେଗୁଡ଼ିକରେ ଆବଶ୍ୟକ ସଂଶୋଧନ ସମ୍ଭବ କରିବା ଲାଗି ଚେଷ୍ଟା କରିବାକୁ ପଡ଼ିବ, ଏବଂ ସେଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକୁ ଆଦୌ ବଦଳାଇ ହେଉ ନାହିଁ, ସେଗୁଡ଼ିକୁ ଏକାବେଳେକେ ବିଲୁପ୍ତ କରିଦେବାକୁ ପଡ଼ିବ । ଏହିପରି ଭାବରେ ସବୁକିଛି ସେହି ପରମ ସତ୍ୟରହିଁ ଏକ ପରିପୂର୍ଣ୍ଣ ଏବଂ ସ୍ଥାୟୀ ଅଭିବ୍ୟକ୍ତିରେ ପରିଣତ ହୋଇଯିବ ।

ଏବଂ କେବଳ ଏଗୁଡ଼ିକ ଲାଗି ଇଚ୍ଛା କରିବା କଦାପି ଯଥେଷ୍ଟ ନୁହେଁ, କାରଣ ତାହା ଇଚ୍ଛା କରିବାଟା ମଧ୍ୟ ଅନେକ ସମୟରେ ଭୁଲିହୋଇ ଯାଇଥାଏ ।

ତେଣୁ, ଏହି କ୍ଷେତ୍ରରେ ଏପରି ଏକ ଅଭୀପ୍ସା ରହିଥିବା ଆବଶ୍ୟକ, ଯାହାକି ସତ୍ତା ମଧ୍ୟରେ ଏକ ଅନିର୍ବାଣ ଅଗ୍ନିଶିଖା ପରି ଜଳିବାରେ ଲାଗିଥିବ; ଏବଂ, ଯେତେବେଳେ ତୁମ ଭିତରେ କୌଣସି କାମନା, କୌଣସି ଅଗ୍ରରୁଚି, ଅଥବା ଆକର୍ଷଣର ଉଦୟ ହେବ, ସେତେବେଳେ ତାହାକୁ ଏହି ଅଗ୍ନି ଭିତରେହିଁ ନିକ୍ଷିପ୍ତ କରି ଦିଆଯାଇ ପାରିବ । ତୁମେ ଏହି କଥାଟିକୁ ଯଦି ଦୃଢ଼ ଓ ଅଟଳ ଭାବରେ କରିପାରିବ,

'oaob.nitrkl.ac.in' images reprocessed

ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ ତୁମର ସାଧାରଣ ଚେତନା ମଧ୍ୟରେ ଯଥାର୍ଥ ଚେତନାଟିର ଗୋଟିଏ କ୍ଷୁଦ୍ର ଝଲକ ଆବିର୍ଭୂତ ହୋଇ ଆସିବାକୁ ଆରମ୍ଭ କରିବ । ପ୍ରଥମ ଅବସ୍ଥାରେ ତାହା ଅତ୍ୟନ୍ତ କ୍ଷୀଣ ଅବସ୍ଥାରେ ରହିଥିବ, ଯାବତୀୟ ପ୍ରକାରର କାମନା, ଅଭିରୁଚି, ଆକର୍ଷଣ ଏବଂ ପସନ୍ଦ-ଅପସନ୍ଦର ସବୁଯାକ କୋଳାହଳର ଅନେକ ପଛରେ ପଡ଼ି ରହିଥିବ । ମାତ୍ର ତୁମକୁ କ୍ରମେ ଏସବୁର ପଛକୁ ଗ୍ଭଲିଯିବାକୁ ପଡ଼ିବ, ସେହି ଯଥାର୍ଥ ଚେତନାଟିକୁ ଲାଭ କରିବାକୁ ପଡ଼ିବ, ସେହି ପୂର୍ଣ୍ଣ ଶାନ୍ତ, କୋଳାହଳଶୂନ୍ୟ, ପ୍ରାୟ ନୀରବ ଚେତନାଟିକୁ ଲାଭ କରିବାକୁ ପଡ଼ିବ ।

ଯେଉଁମାନେ ସେହି ଯଥାର୍ଥ ଚେତନାଟି ସହିତ ଆପଣାକୁ ସଂଲଗ୍ନ କରି ରଖିଥାନ୍ତି, ସେମାନେ ସବୁଯାକ ସମ୍ଭାବନାକୁ ଏକାବେଳେକେ ଦେଖିପାରନ୍ତି ଏବଂ ଆପଣାର ଇଚ୍ଛା ଅନୁସାରେ ଆବଶ୍ୟକ ପଡ଼ିଲେ ସବୁଠାରୁ ଅଧିକ ପ୍ରତିକୂଳ ଚେତନାକୁ ମଧ୍ୟ ବାଛିନେଇ ପାରନ୍ତି । ମାତ୍ର ଏହି ଅବସ୍ଥାଟିରେ ଆସି ପହଞ୍ଚି ପାରିବା ପୂର୍ବରୁ ତୁମକୁ ଅନେକ ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ ।

ତେବେ ଅଭିରୁଚିଗୁଡ଼ିକୁ କ'ଣ ଏକାବେଳେକେ ନିଷ୍ପ୍ରଭାବ କରିଦେବାକୁ ହେବ ଅଥବା ସଂପୂର୍ଣ୍ଣ ଭାବରେ ଭୁଲିଯିବାକୁ ପଡ଼ିବ ?

ସେଗୁଡ଼ିକୁ ଆଦୌ ରଖିବାକୁହିଁ ପଡ଼ିବ ନାହିଁ !

ଯେତେବେଳେ ମନ ନୀରବ ହୋଇ ଆସିବ, ଯେତେବେଳେ ତାହା କୌଣସି ବିଷୟରେ ଆଉ କୌଣସି ବିଚାର କରିବାକୁ ବାହାରି ପଡ଼ିବ ନାହିଁ, ଆପଣାର ତଥାକଥିତ ଅଧିକ ଜ୍ଞାନ ଦ୍ୱାରା ବାହାରକୁ ବାହାରି ପଡ଼ିବା ଲାଗି କୌଣସି ଉତ୍ସାହ ଦେଖାଇବ ନାହିଁ, ସେତେବେଳେ ଯାଇ ଜୀବନର ସମସ୍ୟାଟିର ଅସଲ ସମାଧାନ କରିବା ଆରମ୍ଭ ହେବ । ସବୁପ୍ରକାର ବିଚାର କରିବାରୁ ନିବୃତ୍ତ ରହିବାକୁ ପଡ଼ିବ, କାରଣ ଆମର ମନ ହେଉଛି କେବଳ କାର୍ଯ୍ୟସାଧନ କରିବାର ଗୋଟିଏ ଯନ୍ତ୍ର,—ଯଥାର୍ଥ ଜ୍ଞାନର ଯନ୍ତ୍ରରୂପେ କାର୍ଯ୍ୟ କରିବା ଲାଗି ମନର ଆଦୌ କୌଣସି ସାମର୍ଥ୍ୟ ନାହିଁ;—ପ୍ରକୃତ ଜ୍ଞାନ ଏକ ଅନ୍ୟ ସ୍ଥାନରୁହିଁ ଆସିଥାଏ ।

ଯଦି କାହା ଉପରେ କୌଣସି ବିଚାର କରି ବସିବାରୁ ଆପଣାକୁ ନିବୃତ୍ତ ରଖାଯାଇ ପାରିବ, ତେବେ ତଦ୍ୱାରା ପରମ ସତ୍ୟର ଅଧିକରୁ ଅଧିକ ଯଥାର୍ଥ ଜ୍ଞାନରେ ଆସି ଉପନୀତ ହେବା ସମ୍ଭବ ହେବ ଏବଂ ତା'ପରେ ପୃଥିବୀର ଦୁଃଖଭାରର ଦଶଭାଗରୁ ନଅଭାଗ ଅଂଶ କ୍ଷୁଆଡ଼େ ଅନ୍ତର୍ହିତ ହୋଇଯିବ ।

'oaob.nitrkl.ac.in' images reprocessed

ପ୍ରକୃତ ଜ୍ଞାନ ଲାଗି ତା'ର ଆଦୌ କୌଣସି ସାମର୍ଥ୍ୟ ନାହିଁ ବୋଲି ଯଦି ମନ ସ୍ୱୀକାର କରିନେଇ ପାରନ୍ତା, ତେବେ ପୃଥିବୀରେ ଲାଗିଥିବା ଏହି ପ୍ରକାଣ୍ଡ ବିଶୃଙ୍ଖଳା ବେଶ୍ ଅନେକ ପରିମାଣରେ ନିଷ୍ପ୍ରଭାବ ହୋଇଯାଇ ପାରନ୍ତା ।

> "ଆମେ ଯେତେବେଳେ ଆନନ୍ଦ-ଉପଭୋଗ କରିବାର ସ୍ତରଟିକୁ ଅତିକ୍ରମ କରିଯିବା, ସେତେବେଳେ ଯାଇ ପରମ ଆନନ୍ଦର ଅଧିକାରୀ ହେବା । ଆମର ବାସନା ଆଗରୁ ଆମର ସହାୟକ ହୋଇ ରହିଥିଲା, ଏଥର ସେହି ବାସନା ଏକ ପ୍ରତିବନ୍ଧକ ହୋଇ ଠିଆହେବ ।"

ଶ୍ରୀଅରବିନ୍ଦ, ଈଶ୍ୱର ଓ ଚନ୍ଦ୍ରାକିଣୀ, ଜନ୍ମଶତବାର୍ଷିକୀ
ରଚନାବଳି, ୧୭ଶ ଖଣ୍ଡ, ପୃଷ୍ଠା-୩୭୭

...ତୁମେ ଯେଉଁ ସ୍ତରରେ ରହିଥିବ, ତାହା ଠିକ୍ ସେହିପରି ହେବ ।

ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ ଯେଉଁମାନେ ଆପଣାର ଯଥାର୍ଥ ସତ୍ୟଟି ବିଷୟରେ ସଚେତନ ହେବାକୁ ଚାହାନ୍ତି ଓ ଆପଣାର ଜୀବନରେ ସେହି ସତ୍ୟର ଅଭିବ୍ୟକ୍ତି ଘଟାଇବାକୁ ଇଚ୍ଛା କରନ୍ତି, ମୁଁ ସେହିମାନଙ୍କୁହିଁ ଯାହାକିଛି କହିବାର କହେ ।... ମୁଁ ଭାବୁଛି, ଏଠାରେ ଯେଉଁମାନେ ଅଛନ୍ତି, ସେମାନଙ୍କ ବିଷୟରେ ଏହି କଥାଟି ନିଶ୍ଚୟ କୁହାଯାଇ ପାରିବ ।

ମୁଁ ଶିକ୍ଷକମାନଙ୍କୁ ଏତିକି କହିବି ଯେ ପରମ ସତ୍ୟ ସହିତ ସମଚ୍ଛନ୍ଦତା ରଖିହିଁ ସେମାନେ ଆପଣାର ପଢ଼ାଉଥିବା ଯାବତୀୟ ବିଷୟକୁ ପଢ଼ାଇବା ଲାଗି ଚେଷ୍ଟା କରିବା ଉଚିତ । କାରଣ, ଏଠାରେ ଆମେ ଯେ ଗୋଟିଏ ବିଦ୍ୟାଳୟ ଚଳାଉଛୁ, ତାହା କେବଳ ଏଇଥି ସକାଶେ ଯେ ପୃଥିବୀରେ ରହିଥିବା ଲକ୍ଷ ଲକ୍ଷ ବିଦ୍ୟାଳୟଠାରୁ ଏହି ବିଦ୍ୟାଳୟଟି ଅଲଗା ପ୍ରକାରର ହେବ । ସାଧାରଣ ଜୀବନ ଏବଂ ଦିବ୍ୟ ଜୀବନ ଅର୍ଥାତ୍ ସତ୍ୟ ଲାଗି ଅଭିପ୍ରେତ ଜୀବନ,—ଏହି ଦୁଇଟି ମଧ୍ୟରେ ରହିଥିବା ପ୍ରଭେଦଟିକୁ ଜାଣି ପାରିବା ଲାଗି ଏବଂ ସବୁ କଥାକୁ ଏକ ଭିନ୍ନ ଦୃଷ୍ଟିରେ ଦେଖି ପାରିବା ଲାଗି ଏଠି ପିଲାମାନେ ଯେପରି ଏକ ସୁଯୋଗ ପାଇ ପାରିବେ, ସେଇଥିଲାଗିହିଁ ଏହି ବିଦ୍ୟାଳୟଟି ରହିଛି । ସାଧାରଣ ଜୀବନ ଭିତରେ ଯାହାସବୁ ରହିଛି, ଏଥିରେ କେବଳ ସେହିଗୁଡ଼ାକର ପୁନରାବୃତ୍ତି କରିବା ଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ । ପିଲାମାନେ ଯେଉଁ ସତ୍ୟଟିକୁ ଆଉ ଅନ୍ୟ କେଉଁଠାରେ ବି ଦେଖିବାକୁ ସମର୍ଥ ହେବେ ନାହିଁ, ସେହି ସତ୍ୟଟି ଲାଗି ସେମାନଙ୍କର ଆଖିକୁ ଖୋଲିଦେବା ହେଉଛି ଏଠି ରହିଥିବା ଶିକ୍ଷକର ପରମ କର୍ତ୍ତବ୍ୟ ।

'oaob.nitrkl.ac.in' images reprocessed

## ୨୩ ଡିସେମ୍ବର ୧୯୫୦

ମା' ତାଙ୍କ "ଶିକ୍ଷା" ବହିରୁ "ଏକାଗ୍ରତା ଏବଂ ଚିତ୍ତବିକ୍ଷେପ" ବିଷୟଟି ପଢ଼ିଲେ । ତାପରେ ତାହାର ଉପରେ ଆଲୋକପାତ କରି କହିଲେ :

କୌଣସି ଏକ ସମସ୍ୟାର ସମାଧାନ କରିବେଲେ ଏବଂ କୌଣସି ଏକ ଶିକ୍ଷାକୁ ଆୟତ୍ତ କରିବେଲେ ଅନେକ ଏକାଗ୍ରତା ଓ ମନୋଯୋଗିତା ଆବଶ୍ୟକ ହୋଇଥାଏ । ଏକଥା ସମସ୍ତେ ଜାଣନ୍ତି,—ବୁଦ୍ଧିର କ୍ଷେତ୍ରରେ ଅତ୍ୟନ୍ତ ମନୋଯୋଗୀ ଏବଂ ଏକାଗ୍ର ହେବାକୁ ହୁଏ । ମାତ୍ର ଏକାଗ୍ରତା କହିଲେ କଦାପି କେବଳ ବୁଦ୍ଧିର ଏକ ବ୍ୟାପାରକୁହିଁ ବୁଝାଇବ ନାହିଁ । ଆମ ଜୀବନର ଯାବତୀୟ କ୍ରିୟାଶୀଳତା ଏପରିକି ଶାରୀରିକ ସକ୍ରିୟତାର କ୍ଷେତ୍ରରେ ମଧ୍ୟ ଆମେ ଏକାଗ୍ରତାର ସମ୍ପର୍କରେ ଆସିପାରିବା । ଆମ ସ୍ନାୟୁଗୁଡ଼ିକ ଉପରେ ଆମର ଏପରି ନିୟନ୍ତ୍ରଣ ରହିଥିବା ଦରକାର, ଯେପରିକି ଆମେ ଯେଉଁ କାର୍ଯ୍ୟଟି କରୁଥିବା ସେହି କାର୍ଯ୍ୟଟି ବିଷୟରେ ଆମର ପୂର୍ଣ୍ଣ ଏକାଗ୍ରତା ରହି ପାରୁଥିବ । ଏବଂ, ତୁମ ଏକାଗ୍ରତାର ସେହି ପ୍ରଗାଢ଼ତାଟି ମଧ୍ୟଦେଇ ତୁମେ ବାହ୍ୟ ସ୍ପର୍ଶଗୁଡ଼ିକ ଉଦ୍ଦେଶ୍ୟରେ ଏକ ଅପରୋକ୍ଷ ଅନୁସ୍ପନ୍ଦନ ଜଣାଇବାର ସାମର୍ଥ୍ୟକୁ ମଧ୍ୟ ହାସଲ କରି ପାରିବ । ଏବଂ, ଏହି ଏକାଗ୍ରତାଟିକୁ ହାସଲ କରିବାକୁ ହେଲେ ତୁମ ଶକ୍ତିସମୂହ ଉପରେ ତୁମର ଏକ ସଚେତନ ନିୟନ୍ତ୍ରଣ ରହିଥିବା ମଧ୍ୟ ଆବଶ୍ୟକ ହେବ ।

ଯେଉଁସବୁ ଶକ୍ତି ତୁମ ଭିତରେ ପ୍ରବେଶ କରୁଛି ଓ ଯେଉଁସବୁ ଶକ୍ତିକୁ ତୁମେ କାମରେ ଲଗାଉଛ, ସେଗୁଡ଼ିକ ବିଷୟରେ ତୁମେ ସଚେତନ ରହିଛ କି ?

ଆମେ ଯେତେବେଳେ ଶକ୍ତିଗୁଡ଼ିକୁ କାମରେ ଲଗାଉ, ସେତେବେଳେ ସେଗୁଡ଼ିକ ବିଷୟରେ ନିଶ୍ଚୟ ଅଳ୍ପବହୁତ ସଚେତନ ରହିଥାଉ; ବିଶେଷ କରି, ଯେତେବେଳେ ଗୁଡ଼ାଏ ଶକ୍ତି ଖାଲି ଅପବ୍ୟୟ ହେବାରେ ଲାଗିଥାଏ, ସେତେବେଳେ କାମରେ ଲାଗୁଥିବା ଶକ୍ତି ବିଷୟରେ ଆମେ ସଚେତନ ରହିଥାଉ । ଶକ୍ତିକୁ ଗ୍ରହଣ କରିବା ଏବଂ ଶକ୍ତିକୁ ବ୍ୟୟ କରିବା ମଧ୍ୟରେ ଅନୁକ୍ଷଣ ଯେଉଁ ଆଦାନପ୍ରଦାନ ଲାଗି ରହିଥାଏ, ଏଠାରେ ସେହି ପ୍ରଶ୍ନଟିହିଁ ଉଠୁଛି । ହେତୁ ହେବାର ବୟସ ହେବା ପୂର୍ବରୁ ସାନ ପିଲାମାନେ ଅନେକ ପରିମାଣରେ ଶକ୍ତି ଗ୍ରହଣ କରନ୍ତି ଏବଂ ତାହାକୁ ବଡ଼ ଅମିତ ଭାବରେ ବ୍ୟୟ ମଧ୍ୟ କରନ୍ତି; ସେବିଷୟରେ ସେମାନେ କୌଣସି ଚିନ୍ତା ବି କରନ୍ତି ନାହିଁ । ଏବଂ, ଏହା ଫଳରେ, ସେମାନେ ଦୀର୍ଘ ଅନେକ ଘଣ୍ଟା ଧରି ଖେଳି ପାରନ୍ତି ଓ ତଥାପି କ୍ଲାନ୍ତ ହୁଅନ୍ତି ନାହିଁ । ମାତ୍ର କ୍ରମଶଃ, ଭାବନାଶକ୍ତିର ବିକାଶ

'oaob.nitrkl.ac.in' images reprocessed

ହେଉଥିବା ସଙ୍ଗେ ସଙ୍ଗେ ଖର୍ଚ୍ଚ ହୋଇ ଯାଉଥିବା ଶକ୍ତିଟିକୁ ମାପିବା ଲାଗି ଓ ତାହାର ହିସାବ ରଖିବା ଲାଗି ଏକ ଉଦ୍ୟମ ମଧ୍ୟ ଆରମ୍ଭ ହୋଇଯାଏ । ମାତ୍ର ସେଥିରୁ ସାଧାରଣତଃ କୌଣସି ଲାଭ ହୁଏ ନାହିଁ; କାରଣ ଶକ୍ତିଗୁଡ଼ିକୁ ଗ୍ରହଣ କରିବାର ପ୍ରକ୍ରିୟାଟି ବିଷୟରେ ପ୍ରକୃତ ଜ୍ଞାନ ହାସଲ ହୋଇ ପାରି ନଥିବା ପର୍ଯ୍ୟନ୍ତ, ତୁମେ ଯେତିକି ଶକ୍ତି ଗ୍ରହଣ କରୁଛ, ସେଗୁଡ଼ାକୁ ତୁମ ଭିତରେ ଆବଦ୍ଧ ଓ ଅନିୟୋଜିତ ହୋଇ ରହିବାକୁ ଦେବା ଅପେକ୍ଷା ତାହାକୁ ମୁକ୍ତ ଭାବରେ କାର୍ଯ୍ୟରେ ଲଗାଇ ପାରିବାହିଁ ସବୁବେଳେ ଅଧିକ ଭଲ ।

ତେଣୁ, ସର୍ବପ୍ରଥମେ ତୁମକୁ ଶକ୍ତିଚୟକୁ ଗ୍ରହଣ କରିବା ବିଷୟରେ ସଚେତନ ହେବାକୁ ପଡ଼ିବ; ସେମାନେ ତୁମ ଭିତରେ କିପରି ପ୍ରବେଶ କରୁଛନ୍ତି ଓ କିପରି ବ୍ୟୟିତ ହେଉଛନ୍ତି, ସେହି ବିଷୟରେ ସଚେତନ ହେବାକୁ ପଡ଼ିବ । ତା'ପରେ, ତୁମ ଭିତରେ ଏପରି ଏକ ଉଚ୍ଚତର ସହଜାତ ପ୍ରବୃତ୍ତିର ଉଦୟ ହୋଇ ଆସିବ, ଯାହାକି, ତୁମର ଅନୁକୂଳତମ ଶକ୍ତିଗୁଡ଼ିକ ପ୍ରକୃତରେ କେଉଁଠାରୁ ଆସୁଛି, ତୁମକୁ ସେହିକଥା କହିଦେଇ ପାରିବ । ତା'ପରେ ଆପଣାର ଭାବନା ମଧ୍ୟଦେଇ, ସମ୍ପୂର୍ଣ୍ଣ ନିଶ୍ଚଳତା ଅବଲମ୍ବନ କରି ଅଥବା ଆଉ ଯେକୌଣସି ଉପାୟରେ ହେଉ ପଛକେ, ତୁମକୁ ସେହିଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ । ଏପରି କରି ପାରିବାର ଅନେକ ଉପାୟ ରହିଛି । ତୁମର ଠିକ୍ କେଉଁ ଶକ୍ତିଟି ଦରକାର, ତୁମେ ତାହା ନିର୍ଭୁଲ ଭାବରେ ନିଶ୍ଚୟ ଜାଣିଥିବ; ସେହି ଶକ୍ତିଟି କେଉଁଠାରୁ ଆସେ ଏବଂ କେଉଁସବୁ ଉପାଦାନ ଦ୍ୱାରା ତାହା ଗଠିତ ହୋଇଥାଏ, ସେକଥା ସୁନିଶ୍ଚିତ ହୋଇ ଜାଣିଥିବ । ଯେଉଁ ଶକ୍ତିଟିକୁ ତୁମେ ଗ୍ରହଣ କରୁଛ, ସେଇଟିକୁ ନିଜର ନିୟନ୍ତ୍ରଣରେ ରଖିବା ହେଉଛି ପରବର୍ତ୍ତୀ ସୋପାନ । ଶହେରେ ନବେଜଣ ମଣିଷ ଯଥେଷ୍ଟ ପରିମାଣରେ ଶକ୍ତି ଗ୍ରହଣ କରିବା ପାଇଁ ସମର୍ଥ ହୋଇ ପାରନ୍ତି ନାହିଁ; ଅଥବା, ସେମାନେ ଅତିରିକ୍ତ ପରିମାଣରେ ଶକ୍ତି ଗ୍ରହଣ କରନ୍ତି, ମାତ୍ର ଯାହା ଗ୍ରହଣ କରନ୍ତି, ତାହାକୁ ହଜମ କରି ପାରନ୍ତି ନାହିଁ । ଏବଂ ଯଥେଷ୍ଟ ପରିମାଣର ଶକ୍ତି ଗ୍ରହଣ କରି ସାରିବା ପରେ ସେମାନେ ସଙ୍ଗେ ସଙ୍ଗେ ଅସ୍ଥିରତା ପ୍ରକାଶ କରି, କଥା କହି ଅଥବା ଗୁଡ଼ାଏ ପାଟି କରି ତାହାକୁ ବାହାରକୁ ବାହାର କରି ପକାନ୍ତି । ତୁମେ ଯେଉଁ ଶକ୍ତିକୁ ଗ୍ରହଣ କରୁଛ, ତୁମକୁ ସେଇଟିକୁ ନିଜ ଭିତରେ ଧାରଣ କରି ଶିଖିବାକୁ ହେବ; ଅନ୍ୟ କୌଣସି ବିଷୟ ଉପରେ ତାହାକୁ ଯାଡ଼େ ସାଡ଼େ ନକରି, ତୁମେ ଯେଉଁ କାର୍ଯ୍ୟଟିକୁ କରିବାକୁ ଇଚ୍ଛା କରୁଛ, ସେହି ଶକ୍ତିକୁ ତାହାର ଉପରେହିଁ ସଂକେନ୍ଦ୍ରିତ କରି ଶିଖିବାକୁ ହେବ । ଏହି କଥାଟି କରିପାରିଲେ ଆଉ ଆପଣାର ଇଚ୍ଛାଶକ୍ତିଟିକୁ ବିଶେଷ ଭାବରେ ମୋଟେ କାମରେ ଲଗାଇବାକୁ ପଡ଼ିବ ନାହିଁ । ତୁମକୁ କେବଳ ଲବ୍ଧ ସବୁଯାକ ଶକ୍ତିକୁ ଏକତ୍ରିତ କରି ଆଣିବାକୁ ହେବ, ସେଗୁଡ଼ିକୁ ସଚେତନ ଭାବରେ କାର୍ଯ୍ୟରେ

'oaob.nitrkl.ac.in' images reprocessed

ଲଗାଇବାକୁ ପଡ଼ିବ; ତୁମେ ଯାହାକିଛି କରିବାକୁ ଇଚ୍ଛା କରୁଛ, ସେହି ସବୁଯାକ କରି ପାରିବା ଲାଗି ଯଥାସମ୍ଭବ ଅଧିକ ମନୋଯୋଗ ସହିତ ଆପଣାକୁ ଏକାଗ୍ର କରି ଆଣିବାକୁ ପଡ଼ିବ ।

ଏବଂ, ତୁମେ ଯାହା କରିବାକୁ ଇଚ୍ଛା କରୁଛ, ତୁମକୁ ତାହା ଉପରେ ଏକ ଯଥାର୍ଥ ମୂଲ୍ୟ ଦେଇ ଜାଣିବାକୁ ହେବ । ତୁମ ସତ୍ତାର ଉଚ୍ଚତର ଅଂଶଟି ଯାହା କରିବାକୁ ଇଚ୍ଛା କରୁଛି, ତାହା ଉପରେ ଯଥାର୍ଥ ମୂଲ୍ୟ ଦେଇ ଜାଣିବାକୁ ହେବ । କାରଣ, ଆମେ ଯାହା ପ୍ରକୃତରେ କରିବାକୁ ଇଚ୍ଛା କରୁଛୁ, ତାହା କରିପାରିବା ଆମ ଲାଗି ଆଦୌ ଅସମ୍ଭବ ନୁହେଁ ।

### ଏକାଗ୍ରତା କହିଲେ କ'ଣ ବୁଝାଇବ ?

ଏକାଗ୍ର ହେବାର ଅର୍ଥ ହେଉଛି ବିକ୍ଷିପ୍ତ ହୋଇ ପଡ଼ିଥିବା ଚେତନାର ସୂତ୍ରଗୁଡ଼ିକୁ ପୁଣି ଗୋଟିଏ ସ୍ଥାନ ଭିତରକୁ ସାଉଁଟି ଆଣିବା, ସେଗୁଡ଼ିକୁ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ବା ନିର୍ଦ୍ଦିଷ୍ଟ ବିଷୟ ଆଡ଼କୁ ସଜାଡ଼ି ବଳାଇ ଆଣିବା । ଯେଉଁମାନେ ଏକାନ୍ତ ଓ ସମ୍ପୂର୍ଣ୍ଣ ଭାବରେ ମନୋଯୋଗୀ ହୋଇପାରନ୍ତି, ସେମାନେ ଯାହାକିଛି କରିବାକୁ ଯାଆନ୍ତି, ସେଥିରେ ସଫଳତା ହାସଲ କରନ୍ତି । ସେମାନେ ସର୍ବଦା ଅତ୍ୟନ୍ତ ସତ୍ୱରତା ସହିତ ଆଗକୁ ଯାଇପାରନ୍ତି । ଏବଂ, ଆମେ ଆମ ମାଂସପେଶୀଗୁଡ଼ିକର ଯେପରି ବିକାଶ କରିଥାଉ, ଏହିପରି ଏକାଗ୍ରତାର ମଧ୍ୟ ସେହିଭଳି ବିକାଶ ସାଧନ କରାଯାଇ ପାରିବ । ଏଥିଲାଗି ଆମେ ଇଚ୍ଛାକଲେ ଭିନ୍ନ ଭିନ୍ନ ପଦ୍ଧତିର ଅନୁସରଣ କରିପାରିବା, ବିଭିନ୍ନ ପ୍ରଣାଳୀରେ ନିଜକୁ ତାଲିମ ବି ଦେଇ ପାରିବା । ଅତ୍ୟନ୍ତ ଦୟାର ପାତ୍ର ହୋଇ ରହିଥିବା ଜଣେ ଅତ୍ୟନ୍ତ ଦୁର୍ବଳ ବ୍ୟକ୍ତି ଯେ ଶୃଙ୍ଖଳା ବଳରେ ଅନ୍ୟ ଯେକୌଣସି ବ୍ୟକ୍ତି ପରି ବଳବାନ୍ ହୋଇ ପାରିବ, ବର୍ତ୍ତମାନ ଆମେ ଭଲ କରି ସେହି କଥାଟିକୁ ଜାଣିଲୁଣି । ଆମର ଇଚ୍ଛାଶକ୍ତିଟି ଆଦୌ ଏପରି ହୋଇ ନଥିବା ଉଚିତ, ଯାହାକି ଗୋଟାଏ ମହମବତୀ ପରି ଖାଲି ଫକ୍ ଫକ୍ ହେବାରେ ଲାଗିଥିବ ।

ଏହି ଇଚ୍ଛାଶକ୍ତି, ଏହି ଏକାଗ୍ରତାର ଅନୁଶୀଳନ କରିବାକୁ ହେବ; ଏହା ହେଉଛି ଏକ ପଦ୍ଧତିର କଥା, ନିୟମିତ ସକ୍ରିୟ ହୋଇ ରହିବା କଥା । ତୁମେ ଯଦି ପ୍ରକୃତରେ ଇଚ୍ଛା କରୁଥିବ, ତେବେ ନିଶ୍ଚୟ ପାରିବ ।

ମାତ୍ର, "ଏସବୁ କରି ଲାଭ କ'ଣ ?" ବୋଲି କୌଣସି ଭାବନା ଯେପରି ତୁମ ଭିତରକୁ ପ୍ରବେଶ କରି ତୁମର ଇଚ୍ଛାଶକ୍ତିକୁ ଦୁର୍ବଳ କରି ନପକାଏ । ମଣିଷମାତ୍ରକେ ସମସ୍ତେ ଏକ ପୂର୍ବନିଶ୍ଚିତ ସ୍ୱଭାବ ନେଇ ସଂସାରରେ ଜନ୍ମ ହୋଇଛନ୍ତି ଏବଂ ଏବିଷୟରେ ଆଉ କିଛିହେଲେ କରାଯାଇ ପାରିବ ନାହିଁ, ଏପରି ଭାବନାକୁ କେବଳ ନିର୍ବୋଧତା ବୋଲିହିଁ କୁହାଯିବ ।

'oaob.nitrkl.ac.in' images reprocessed

ଶ୍ରୀ ଅରବିନ୍ଦ ଆଶ୍ରମ

# ୨୫ ଡିସେମ୍ବର ୧୯୫୦

ଜଣେ ସାଧକ ପିଲାମାନଙ୍କୁ ବୁଝାଇ କରି କହିଦେଲେ ଯେ, ସୂର୍ଯ୍ୟ ଯେତେବେଳେ ସବୁଠାରୁ ଅଧିକ ଦକ୍ଷିଣରେ ଅବସ୍ଥିତ ଥାଆନ୍ତି, ଅର୍ଥାତ୍ ଡିସେମ୍ବର ୨୧ ତାରିଖ ବେଳକୁ ବର୍ଷସାରାରେ ସବୁଠାରୁ ସାନ ଦିନଟି ପଡ଼ିଥାଏ । ତାପରେ ସୂର୍ଯ୍ୟ ପୁନର୍ବାର ଉତ୍ତରାୟଣ ହୁଅନ୍ତି ।
ସେହି କଥା ଉପରେ ଟୀକା କରି ମାଆ କହିଲେ :

ସେହି କାରଣରୁହିଁ, ଯୀଶୁଖ୍ରୀଷ୍ଟ ଜନ୍ମ ହେବାର ବହୁ ପୂର୍ବରୁ ଡିସେମ୍ବର ୨୧ ତାରିଖକୁ ଆଲୋକର ଏକ ପର୍ବରୂପେ ପାଳନ କରାଯାଉଥିଲା । ଖ୍ରୀଷ୍ଟିଆନ୍ ଧର୍ମ ପ୍ରବର୍ତ୍ତିତ ହେବାର ବହୁ ପୂର୍ବରୁ ଏହି ଉତ୍ସବଟି ପାଳିତ ହୋଇ ଆସୁଥିଲା; ପ୍ରଥମେ ମିଶର ଦେଶରେ ତାହା ଆରମ୍ଭ ହୋଇଥିଲା ଏବଂ ସମ୍ଭବତଃ ସେହି ଆଲୋକର ପ୍ରତ୍ୟାବର୍ତ୍ତନକୁ ସୂଚିତ କରି ଦେବା ଲାଗି ଠିକ୍ ସେହି ଦିନଟିକୁହିଁ ଯୀଶୁଖ୍ରୀଷ୍ଟଙ୍କର ଜନ୍ମୋତ୍ସବ ବୋଲି ନିର୍ଦ୍ଧାରିତ କରି ଦିଆଗଲା ।

ତାପରେ ମାଆ "ଶିକ୍ଷା" ପୁସ୍ତକର "ଅକ୍ଷୟ ଶକ୍ତି" ଅଧ୍ୟାୟଟିର ପ୍ରଥମ ଅଂଶଟିକୁ ପଢ଼ିଲେ ।

> ଏକଥା କିପରି ହୁଏ ଯେ ମାନସିକ କ୍ରିୟାଶୀଳତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ନିଜ ଶକ୍ତିକୁ ପୁନରୁଜ୍ଜୀବିତ କରିବାର ସାମର୍ଥ୍ୟଟି ଊଣା ହେବାକୁ ଲାଗେ ?

ବୟସ୍କମାନଙ୍କର ମାନସିକ କ୍ରିୟାଶୀଳତା ମଧ୍ୟରେ ଶକ୍ତିର ଆଦାନପ୍ରଦାନ କ୍ଷେତ୍ରରେ ରହିଥିବା ସ୍ୱତଃସ୍ଫୂର୍ତ୍ତ ଗତିଶୀଳତାକୁ ଏକାବେଳେକେ ସ୍ତିମିତ କରିଦେବା ଲାଗି ଏକ ପ୍ରବୃତ୍ତି ରହିଥାଏ । ଚଉଦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ପିଲା ସାନ ପ୍ରାଣୀଟିଏ ପରି ହୋଇ ରହିଥାଏ; ଏଥିରେ ଅଳ୍ପସଂଖ୍ୟକ ବ୍ୟତିକ୍ରମ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳିଥାଏ ସତ, ମାତ୍ର ସାଧାରଣତଃ ତାହାହିଁ ହୋଇଥାଏ । ଆପଣାର ସେହି ଏକାଭଳି କ୍ରିୟାକଳାପ ଏବଂ ଆଦାନପ୍ରଦାନଗୁଡ଼ିକର ସାହାଯ୍ୟରେ

'oaob.nitrkl.ac.in' images reprocessed

ଠିକ୍ ଗୋଟିଏ ଇତରପ୍ରାଣୀ ପରି ସେ ବଡ଼ ସ୍ୱତଃସ୍ଫୂର୍ତ୍ତି ଭାବରେ ଆପଣାର ଶକ୍ତିଚୟର ପୁନରୁଜ୍ଜୀବନ କରିବାରେ ଲାଗିଥାଏ । ମାତ୍ର ମନ ସତ୍ତା ଭିତରେ ଏକ ଅସମତାବସ୍ଥାର ସୃଷ୍ଟି କରେ; ଯେଉଁଠି ଆଗରୁ ସବୁ କାର୍ଯ୍ୟ ସ୍ୱତଃସ୍ଫୂର୍ତ୍ତି ଭାବରେ ଚାଲୁଥିଲା, ବର୍ତ୍ତମାନ ତାହାର ସ୍ଥାନାପନ୍ନ ଭାବରେ ଏପରି ଏକ ପ୍ରବୃତ୍ତି ଜନ୍ମଲାଭ କରେ ଯାହାକି ଜାଣିବାକୁ ଇଚ୍ଛା କରେ, ନିୟମ ଭିତରେ ରଖିବାକୁ ଚାହେଁ, ନିଷ୍ପତ୍ତି ଗ୍ରହଣ କରିବାକୁ ଚାହେଁ । ଏବଂ, ସେହି ଅବସ୍ଥାରେ ଆପଣାର ଶକ୍ତିକୁ ସ୍ୱତଃସ୍ଫୂର୍ତ୍ତି ଭାବରେ ପୁନରୁଜ୍ଜୀବିତ କରି ଆଣିବାର ସାମର୍ଥ୍ୟଟିକୁ ଫେରି ପାଇବାକୁ ହେଲେ ନିଜର ସହଜାତ ପ୍ରବୃତ୍ତିଗୁଡ଼ିକର ସ୍ତରରୁ ଆଉ ଗୋଟିଏ କାଠି ଉପରକୁ ଉଠି ପାରିବାକୁ ହୁଏ, ଅର୍ଥାତ୍, ନିତ୍ୟନୈମିତ୍ତିକ ଆମର ଏହି ମାନସିକ ସକ୍ରିୟତାଗୁଡ଼ିକର କ୍ଷେତ୍ରରୁ ସିଧା ସିଧା ସମ୍ବୋଧିର ସ୍ତରକୁ ଉଠିଯିବାକୁ ହୁଏ ।

"ଆମ ଶକ୍ତିର ତଥାପି ଏପରି ଗୋଟିଏ ଉତ୍ସ ରହିଛି, ଯାହାକୁ କି ଥରେ ଆବିଷ୍କାର କରି ପାରିଲେ ତାହା କଦାପି ନିଃଶେଷିତ ହୋଇଯାଏ ନାହିଁ; ଜୀବନରେ ଯେତେଯାହା ପରିସ୍ଥିତି ଆସି ପଡ଼ୁଥିଲେ ବା ବାହ୍ୟ ଅବସ୍ଥା ଯେପରି ରହିଥିଲେ ମଧ୍ୟ ତାହା କଦାପି ଶୁଷ୍କ ହୋଇ ଯାଏ ନାହିଁ । ଏହି ଶକ୍ତିକୁ ଆମେ ଏକ ଆଧ୍ୟାତ୍ମିକ ଶକ୍ତି ବୋଲି ବର୍ଣ୍ଣନା କରିପାରିବା । ଏହି ଶକ୍ତିଟିକୁ କେହି କଦାପି ନିମ୍ନଭାଗରୁ ଗ୍ରହଣ କରେ ନାହିଁ, ଅଚେତନାର ଗର୍ଭ ମଧ୍ୟରୁ ଗ୍ରହଣ କରେ ନାହିଁ । ତାହାକୁ ଊର୍ଦ୍ଧ୍ୱରୁ ଗ୍ରହଣ କରାଯାଏ, ସବୁ ମନୁଷ୍ୟ ଏବଂ ସମଗ୍ର ବିଶ୍ୱର ସେହି ପରମ ଉତ୍ସରୁହିଁ ତାକୁ ଗ୍ରହଣ କରିବାକୁ ହୁଏ, ଅତିଚେତନ କ୍ଷେତ୍ରରେ ସେହି ସର୍ବଶକ୍ତିମାନ୍ ଏବଂ ଶାଶ୍ୱତ ଐଶ୍ୱର୍ଯ୍ୟଗୁଡ଼ିକରୁ ତାହାକୁ ଗ୍ରହଣ କରାଯାଏ । ଏହି ଶକ୍ତି ସେହିଠାରେ ରହିଛି, ଆମର ଚତୁର୍ଦ୍ଦିଗରେ ସର୍ବଦା ରହିଛି, ସକଳ ବସ୍ତୁକୁ ଭେଦ କରି ରହିଛି; ଏବଂ ତାହାର ସମ୍ପର୍କ ମଧ୍ୟକୁ ପ୍ରବେଶ କରିବାକୁ ହେଲେ ଏବଂ ତାହାକୁ ଗ୍ରହଣ କରି ପାରିବାକୁ ହେଲେ, ତାହା ଲାଗି ପୂର୍ଣ୍ଣ ଆନ୍ତରିକତା ସହିତ ଏକ ଅଭୀପ୍ସା ରଖିବାହିଁ ଯଥେଷ୍ଟ ହୁଏ, ଆସ୍ଥା ଏବଂ ବିଶ୍ୱାସର ସହିତ କେବଳ ତାହାରି ଉଦ୍ଦେଶ୍ୟରେ ଆପଣାକୁ ଉନ୍ମୋଚିତ କରିଦେବାକୁ ହୁଏ, ଯେପରିକି ନିଜର

'oaob.nitrkl.ac.in' images reprocessed

ଚେତନାଟି ଅଧିକରୁ ଅଧିକ ପ୍ରସାରିତ ହୋଇ ବିଶ୍ୱମୟ ପରମ ଚେତନାଟି ସହିତ ଏକାତ୍ମକ ହୋଇଯାଏ ।”

"ଶିକ୍ଷା" ପୁସ୍ତକର "ଅକ୍ଷୟ ଶକ୍ତି"

ଏହି ଲେଖାଗୁଡ଼ିକରେ ମୁଁ ସମଗ୍ର ଯୋଗର ସଙ୍କଳ୍ପଗୁଡ଼ିକୁ ସାଧାରଣ ଭାଷାରେ କହିଦେଇ ପାରିବା ଲାଗି ଚେଷ୍ଟା କରୁଛି, କାରଣ ଏହି ବୁଲେଟିନ୍‌ଗୁଡ଼ିକ ଏପରି ବ୍ୟକ୍ତିମାନଙ୍କ ସକାଶେ ପ୍ରକାଶ ପାଉଛି, ଯେଉଁମାନେ କି ଏକ ସାଧାରଣ ଜୀବନ ଅତିବାହିତ କରୁଛନ୍ତି । ଅବଶ୍ୟ ଏକଥା ସତ ଯେ ତାହା ଯୋଗସାଧନା କରୁଥିବା ବ୍ୟକ୍ତିମାନଙ୍କ ଲାଗି ବି ଲେଖା ଯାଉଛି । ସାଧାରଣ ଜୀବନ ଅତିବାହିତ କରୁଛନ୍ତି ବୋଲି କହିବାର ଅର୍ଥ ହେଉଛି ଯେ ସେମାନେ ମୂଳତଃ ଗୋଟାପୁରା ଏକ ଭୌତିକ ସାଂସାରିକ ଜୀବନରେ ଆଗ୍ରହୀ ହୋଇ ରହିଛନ୍ତି, ତଥାପି ସାଧାରଣ ଅବସ୍ଥାରେ ଜୀବନରେ ସାଧାରଣତଃ ଯେତିକି ପରିପୂର୍ଣ୍ଣତା ହାସଲ କରି ହୁଏ, ସେମାନେ ତାଠାରୁ ଅଧିକ ପରିପୂର୍ଣ୍ଣତା ହାସଲ କରିବା ଲାଗି ଚେଷ୍ଟା କରୁଛନ୍ତି । ଏହି କାର୍ଯ୍ୟଟିକୁ ସାଧନ କରିବା ବଡ଼ କଷ୍ଟକର, ମାତ୍ର ଏହାକୁ ମଧ୍ୟ ଗୋଟିଏ ପ୍ରକାରର ଯୋଗ ବୋଲି କୁହାଯାଇ ପାରିବ । ଏହି ବ୍ୟକ୍ତିମାନେ ନିଜକୁ "ବସ୍ତୁବାଦୀ" ବୋଲି କହିଥାନ୍ତି ଏବଂ ସେମାନଙ୍କ କ୍ଷେତ୍ରରେ ଯୋଗର ଶବ୍ଦାବଳୀକୁ ବ୍ୟବହାର କରିବାକୁ ଗଲେ ସେମାନେ ସାଧାରଣତଃ ଭାରି ଉତ୍ତେଜିତ ଓ ବିରକ୍ତ ହୋଇ ପଡ଼ନ୍ତି । ତେଣୁ ସେମାନଙ୍କର ନିଜ ଭାଷାରେହିଁ ଯାହାକିଛି କହିବାକୁ ପଡ଼େ, ଏବଂ ସେମାନଙ୍କୁ ଗୁନିଆଁ କରି ଦେବା ଭଳି ଶବ୍ଦଗୁଡ଼ିକରୁ ଯଥାସମ୍ଭବ ମୁକ୍ତ ରହି ସବୁ କଥା କହିବାକୁ ପଡ଼େ । ମାତ୍ର ମୋ ଜୀବନରେ ମୁଁ ଏପରି ଅନେକ ବ୍ୟକ୍ତିଙ୍କୁ ବି ଜାଣେ ଯେଉଁମାନେ କି ନିଜକୁ "ବସ୍ତୁବାଦୀ" ବୋଲି କହୁଥିଲେ ସତ, ମାତ୍ର ତଥାପି ଯୋଗସାଧନା କରୁଛନ୍ତି ବୋଲି ଦାବି କରୁଥିବା ବ୍ୟକ୍ତିମାନଙ୍କ ତୁଳନାରେ ସେମାନେ ପ୍ରକୃତରେ ଅଧିକ କଠୋର ଶୃଙ୍ଖଳାର ଅନୁସରଣ କରୁଥିଲେ ।

ମନୁଷ୍ୟଜାତି ଆହୁରି ଆଗକୁ ଯାଉ, ଆମେ କେବଳ ଏତିକି ଇଚ୍ଛା କରୁଛୁ । ମନୁଷ୍ୟଜାତି ପ୍ରକୃତରେ ଏକ ଯୋଗମୟ ଜୀବନ ଯାପନ କରିବାକୁ ସଂକଳ୍ପ ଗ୍ରହଣ କରୁଛି କି ନାହିଁ, ସେଥିରେ କିଛି ଯାଏ ଆସେ ନାହିଁ । ଆପଣାର ଅଗ୍ରଗତି ଲାଗି ଯଦି ତାହା ଆବଶ୍ୟକ ଉଦ୍ୟମଟି କରିପାରେ, ତେବେ ତାହାହିଁ ସବୁଠାରୁ ବଡ଼ କଥା ।

## ଧ୍ୟାନ ଏବଂ ଏକାଗ୍ରତା ମଧ୍ୟରେ କ'ଣ ଫରକ ରହିଛି ?

'oaob.nitrkl.ac.in' images reprocessed

ଧ୍ୟାନ ହେଉଛି ଗୋଟାସୁଦ୍ଧା ଏକ ମାନସିକ କାର୍ଯ୍ୟ । କେବଳ ମାନସିକ ସତ୍ତା ଏଥିରେ ଆଗ୍ରହ ପ୍ରକାଶ କରିଥାଏ । ଅବଶ୍ୟ ଧ୍ୟାନ ସମୟରେ ମଧ୍ୟ ଜଣେ ଏକାଗ୍ର ରହିପାରେ, ମାତ୍ର ଏହାକୁ ଆମେ ଏକ ମାନସିକ ଏକାଗ୍ରତା ବୋଲି କହିବା । ଏଥିରେ ଏକ ନୀରବତା ଅବଶ୍ୟ ଆସି ପାରିବ, ମାତ୍ର ତାହା ହେଉଛି ଗୋଟାସୁଦ୍ଧା ଏକ ମାନସିକ ଏକାଗ୍ରତା । ସେତେବେଳେ ସତ୍ତାର ଅନ୍ୟ ଅଙ୍ଗଗୁଡ଼ିକୁ ଅଚଳ ଓ ଅକ୍ରିୟ କରି ରଖି ଦିଆଯାଇଥାଏ, ଯେପରିକି ତାହା ଧ୍ୟାନରେ କୌଣସି ବ୍ୟାଘାତ ଜନ୍ମାଇ ପାରିବ ନାହିଁ । ଏପରି ହୋଇପାରେ ଯେ ତୁମର ଧ୍ୟାନରେ ଗୋଟିଏ ଦିନର କୋଡ଼ିଏ ଘଣ୍ଟା ବି ବିତି ଯାଇପାରେ, ମାତ୍ର ଅବଶିଷ୍ଟ ଚାରୋଟି ଘଣ୍ଟା ତୁମେ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ଏକ ସାଧାରଣ ବ୍ୟକ୍ତି ହୋଇହିଁ ବେଶ୍ ରହିପାର; କାରଣ, ଏହି କ୍ଷେତ୍ରରେ କେବଳ ମନଟାହିଁ ଧ୍ୟାନରତ ଥାଏ ଏବଂ ସତ୍ତାର ଆଉସବୁ ଅଙ୍ଗ, ଆମର ପ୍ରାଣିକ ଏବଂ ଦୈହିକ ଅଙ୍ଗକୁ ଚାପ ପକାଇ ବଶ୍ୟ କରି ରଖା ଯାଇଥାଏ, ଯେପରିକି ତାହା କୌଣସି ପ୍ରକାରେ ବ୍ୟାଘାତ ସୃଷ୍ଟି ନକରେ । ଧ୍ୟାନ ସମୟରେ ସତ୍ତାର ସେହି ଅନ୍ୟ ଅଙ୍ଗଗୁଡ଼ିକ ଲାଗି ପ୍ରତ୍ୟକ୍ଷ ଭାବରେ କିଛି କରା ଯାଏ ନାହିଁ ।

ଏହି ପରୋକ୍ଷ କାର୍ଯ୍ୟଟି ଦ୍ୱାରା କିଛି ଫଳ ଅବଶ୍ୟ ମିଳିବ ସତ, ମାତ୍ର···ମୋ ଜୀବନରେ ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର କି ଧ୍ୟାନ ଲାଗି ଅଦ୍ଭୁତ ସାମର୍ଥ୍ୟ ରହିଥିଲା, ମାତ୍ର ଯେଉଁମାନେ କି ଧ୍ୟାନ ନକରୁଥିବା ସମୟରେ ବେଶ୍ ଜଣେ ଜଣେ ଅତି ସାଧାରଣ ମଣିଷ ହୋଇ ରହିଥିଲେ, ଏପରିକି ବେଳେ ବେଳେ ଭାରି ଖରାପ ସ୍ୱଭାବର ହୋଇ ରହୁଥିଲେ । ସେମାନଙ୍କର ଧ୍ୟାନରେ କୌଣସି ବ୍ୟାଘାତ ଆସି ପହଞ୍ଚିଲେ ସେମାନେ କ୍ରୁଦ୍ଧ ହୋଇ ପଡ଼ୁଥିଲେ । କାରଣ, ସେମାନେ ଆପଣାର ମନଟାକୁହିଁ ଆପଣାର ସ୍ୱାମିତ୍ୱ ଭିତରେ ରଖି ପାରିଥିଲେ, ମାତ୍ର ସତ୍ତାର ଅନ୍ୟ ଅଙ୍ଗଗୁଡ଼ିକ ଉପରେ ସେମାନଙ୍କର କୌଣସି କାବୁ ନଥିଲା ।

ଏକାଗ୍ରତାକୁ ଆମେ ଏକ ଅଧିକ ସକ୍ରିୟ ଅବସ୍ଥା ବୋଲି କହିବା । ତୁମେ ନିଜର ମାନସିକ କ୍ଷେତ୍ରରେ ଏକାଗ୍ର ହୋଇ ପାରିବ, ପ୍ରାଣଭୂମି, ଚୈତ୍ୟଭୂମି ଅଥବା ଶାରୀରିକ ଭୂମିରେ ମଧ୍ୟ ଏକାଗ୍ର ହୋଇ ପାରିବ ଏବଂ ତୁମେ ସମଗ୍ର କ୍ଷେତ୍ରଟିରେ ମଧ୍ୟ ଏକାଗ୍ରତା ଅର୍ଜନ କରି ପାରିବ । ଏକାଗ୍ରତା ହେଉଛି କୌଣସି ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ନିଜକୁ ଠୁଳ କରି ରଖିବା, ଏବଂ ଧ୍ୟାନ ଅପେକ୍ଷା ତାହା ଅଧିକ କଷ୍ଟସାଧ୍ୟ । ତୁମେ ଇଚ୍ଛା କଲେ ନିଜ ସତ୍ତାର ବା ଚେତନାର ଗୋଟିଏ ମାତ୍ର ଅଂଶକୁ ଏକାଗ୍ର କରି ରଖିପାର, ଅଥବା ଇଚ୍ଛା କଲେ ତୁମ ଚେତନାର ସମଗ୍ର କ୍ଷେତ୍ରଟିକୁ ବା ଏପରିକି ତାହାର କେତୋଟି ଖଣ୍ଡ ବା ଭାଗକୁ ମଧ୍ୟ ଏକାଗ୍ର କରି ରଖିପାର; ଅର୍ଥାତ୍, ତୁମର

'oaob.nitrkl.ac.in' images reprocessed

ଏକାଗ୍ରତା ଆଂଶିକ ହୋଇପାରେ, ସମ୍ପୂର୍ଣ୍ଣ ବା ସମଗ୍ର ମଧ୍ୟ ହୋଇପାରେ, ଏବଂ ଏହି ପ୍ରତ୍ୟେକ କ୍ଷେତ୍ରରେ ପରିଣାମ ଭିନ୍ନ ଭିନ୍ନ ପ୍ରକାରର ହୁଏ ।

ଯଦି ତୁମଠାରେ ଏକାଗ୍ରତାର ଶକ୍ତି ରହିଥାଏ, ତେବେ ତୁମର ଧ୍ୟାନ ଅଧିକ ଆଗ୍ରହୋଦ୍ଦୀପକ ହେବ, ଅଧିକ ସହଜ ମଧ୍ୟ ହୋଇଯିବ । ମାତ୍ର କୌଣସି ଏକାଗ୍ରତା ନଥାଇ ମଧ୍ୟ ବେଶ୍ ଧ୍ୟାନ କରି ହେବ । ଅନେକ ଲୋକ ଅଛନ୍ତି ଯେଉଁମାନେ କି ଧ୍ୟାନ କରିବା ସମୟରେ ଗୋଟିଏ ସୂତାପରି ହୋଇ ପରସ୍ପର ସହିତ ଲାଗିଥିବା କେତେ ଭାବନାର ଅନୁସରଣ କରିବାରେ ଲାଗିଥାନ୍ତି,—ଏଇଟା ଧ୍ୟାନ, ଏକାଗ୍ରତା ନୁହେଁ ।

> ଯେଉଁ ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଏକାଗ୍ରତା ହାସଲ ହୋଇଥାଏ, ଓ ଯେଉଁ ମୁହୂର୍ତ୍ତରେ ଏକାଗ୍ରତାରୁ ଆରମ୍ଭ କରି ବିଶ୍ୱମୟ ପରମ ଶକ୍ତିଟି ଆଡ଼କୁ ଉନ୍ମୋଚିତ ହୋଇଯିବା ସମ୍ଭବ ହୁଏ,—ଆମେ ଏହି ଦୁଇଟି ମୁହୂର୍ତ୍ତକୁ ଅଲଗା ଅଲଗା କରି ବାରିନେଇ ପାରିବା କି ?

ହଁ, ପାରିବା । ମନେକର ତୁମେ କୌଣସି ଏକ ବସ୍ତୁ ବିଷୟରେ ଏକାଗ୍ର ରହିଲ, ବା ତୁମେ ଆପଣାର ଚେତନାକୁ କେବଳ ଯଥାସମ୍ଭବ ଏକତ୍ରିତ କରି ଆଣିଲ; ଏବଂ ଏକାଗ୍ରତାରେ ଗୋଟାଏ ପ୍ରକାରର ସମ୍ପୂର୍ଣ୍ଣତା ଅର୍ଜନ କରିବା ପରେ, ଯଦି ଏହି ଏକାଗ୍ରତାଟିକୁ ତୁମେ ବେଶ୍ କିଛି ସମୟ ଲାଗି ଧାରଣ କରି ରଖିପାରିବ, ତେବେ ଗୋଟିଏ ଦ୍ୱାର ଖୋଲିଯିବାକୁ ଆରମ୍ଭ କରିବ, ଏବଂ ତୁମେ ସେହି ଦ୍ୱାର ବାଟେ ତୁମ ସାଧାରଣ ଚେତନାର ସୀମା ଡେଇଁ ଆହୁରି ସେପାଖକୁ ଅତିକ୍ରମ କରିଯିବ,—ତୁମେ ଏକ ଗଭୀରତର ଏବଂ ଉଚ୍ଚତର ଜ୍ଞାନ ଭିତରେ ଯାଇ ପ୍ରବେଶ କରିବ । ଅଥବା, ଆପଣା ଭିତର ଆଡ଼କୁ ଯାତ୍ରା କରିବାକୁ ଆରମ୍ଭ କରିବ । ସେତେବେଳେ ହୁଏତ ତୁମେ ଆଖିକୁ ଝଲସାଇ ଦେଉଥିବା ଏକ ଆଲୋକ ଅନୁଭବ କରିବାକୁ ଲାଗିବ, ଏକ ଅନ୍ତର୍ଗତ ସ୍ୱସ୍ଥାଭିଭୂତ, ଏକ ଉଲ୍ଲାସମୟତା, ଏକ ସମ୍ପୂର୍ଣ୍ଣ ଜ୍ଞାନୋଦ୍ଭାସ ଅଥବା ଏକ ନୀରବତା ଅନୁଭବ କରିବ । ଏହି କ୍ଷେତ୍ରରେ ଅବଶ୍ୟ ଅନେକ ପ୍ରକାରର ସମ୍ଭାବନା ରହିଛି, ମାତ୍ର ବ୍ୟାପାରଟିକୁ ଆମେ ସ୍ୱଭାବତଃ ସେହି ଗୋଟିଏ ବୋଲି କହିପାରିବା ।

ଏହି ଅନୁଭୂତିଟିକୁ ଲାଭ କରିବାକୁ ହେଲେ, ତୁମ ଏକାଗ୍ରତାର ଉଚ୍ଚତମ ସମ୍ପୂର୍ଣ୍ଣତାର ବିନ୍ଦୁଟିରେ ତୁମେ ତାହାକୁ ଯଥେଷ୍ଟ ଅଧିକ ସମୟ ପର୍ଯ୍ୟନ୍ତ ଧାରଣ କରି ରଖି ପାରୁଛ କି ନାହିଁ, ସବୁକିଛି ତାହାରି ଉପରେହିଁ ନିର୍ଭର କରେ ।

'oaob.nitrkl.ac.in' images reprocessed

ଏହି ଅନୁଭୂତିଟିକୁ ଲାଭ କରିବାକୁ ହେଲେ କ'ଣ ପ୍ରତ୍ୟେକ ଥର ଏକାଗ୍ରତା ରଖିପାରିବା ଆବଶ୍ୟକ ହେବ ?

ପ୍ରଥମ ଅବସ୍ଥାରେ ନିଶ୍ଚୟ ଆବଶ୍ୟକ ହେବ, କାରଣ, ତୁମେ ଯାହା ଅର୍ଜନ କରିଛ, ସେଇଟିକୁ ଧାରଣ କରି ରଖିବା ଲାଗି ସେତେବେଳେ ତୁମର ସାମର୍ଥ୍ୟ ହୋଇ ନଥିବ, ନିଜ ଏକାଗ୍ରତାକୁ ଏହି ସର୍ବୋଚ୍ଚ ସ୍ଥାନରେ ବଜାୟ ରଖିବାର ଶକ୍ତି ହୋଇ ନଥିବ—ତୁମେ ବାରବାର ପଛକୁ ଖସି ଆସୁଥିବ, ଏବଂ ଥରେ ଏକଦା ଲାଭ କରିଥିବା ଅନୁଭବଟିର ସ୍ମୃତିଟି ମଧ୍ୟ ବେଳେବେଳେ ହଜି ଯାଉଥିବ। ମାତ୍ର, ଯଦି ତୁମେ ଗୋଟିଏ ମାର୍ଗକୁ ଧରି ଆଗକୁ ଯାଉଛ, ତେବେ ଦ୍ୱିତୀୟ ଥର ଲାଗି ମଧ୍ୟ ସେହି ମାର୍ଗର ଅନୁସରଣ କରିବା ତୁମ ପକ୍ଷରେ ଅଧିକ ସହଜ ହୋଇଯିବ ଏବଂ ଏହିପରି ଭାବରେ ତାହା ଅଧିକରୁ ଅଧିକ ସହଜ ହୋଇ ଯାଉଥିବ। ଏଣୁ, ଦ୍ୱିତୀୟ ଏକାଗ୍ରତାଟି ପ୍ରଥମ ଏକାଗ୍ରତା ଅପେକ୍ଷା ଅଧିକ ସହଜ ହୋଇଯିବ। ଆପଣା ଏକାଗ୍ରତାରେ ଏହିପରି ଅଧ୍ୟବସାୟ ଅବଲମ୍ବନ କରି ତୁମେ ଏପରି ଏକ ସ୍ଥିତିକୁ ଆସିଯାଇ ପାରିବ, ଯେତେବେଳେ ଅନ୍ତର୍ଗତ ଯୋଗଟି ଆଉ କେବେହେଲେ ଛିନ୍ନ ହୋଇ ଯିବ ନାହିଁ।

ଏବଂ ସେହି ସମୟଠାରୁ ତୁମକୁ ଆଗକୁ ଆଗକୁ ଏହି ଅନ୍ତର୍ଗତ ଏବଂ ଉଚ୍ଚତର ଚେତନାର ସ୍ଥିତିରେ ଅବସ୍ଥାନ କରି ପାରିବାକୁ ହେବ ଏବଂ ସେହିଠାରେ ଅବସ୍ଥିତ ରହି ତୁମେ ସବୁକିଛି କରିପାରିବ। ତୁମେ ସେହିଠାରେ ରହି ଆପଣାର ଶରୀର ଆଡ଼କୁ ଅନାଇ ଦେଖିପାରିବ, ପାର୍ଥିବ ଜଗତଟି ଉପରେ ବି ଦୃଷ୍ଟିପାତ କରିପାରିବ; କ'ଣ କରିବାକୁ ହେବ ଓ ତାହା କିପରି କରିବାକୁ ହେବ, ଏହି ସବୁ କଥା ତୁମର ଜ୍ଞାତ ହୋଇଆସିବ।

ଏଇଟି ହେଉଛି ଏକାଗ୍ରତାର ପ୍ରଥମ ଲକ୍ଷ୍ୟ, ମାତ୍ର ସ୍ୱଭାବତଃ ତାହାକୁ ସର୍ବଶେଷ ଲକ୍ଷ୍ୟ ବୋଲି କଦାପି ବୁଝା ଯିବ ନାହିଁ।

ସେହି ଏକାଗ୍ରତାଟିକୁ ହାସଲ କରିବାକୁ ହେଲେ ଅନେକ ପ୍ରୟାସ ଆବଶ୍ୟକ ହେବ, ଏବଂ ଏଥିରେ ଯେ ସାଙ୍ଗେ ସାଙ୍ଗେ ବା ଏପରିକି ଅଳ୍ପ ସମୟ ଭିତରେ କୌଣସି ଫଳ ବି ମିଳିଯିବ, ତାହାର ଖୁବ୍ କମ୍ ସମ୍ଭାବନା ରହିଛି। ମାତ୍ର ଭିତରର ସେହି ଦ୍ୱାରଟି ଥରେ ଉନ୍ମୋଚିତ ହୋଇଗଲା ପରେ, ତୁମେ ଏହିବିଷୟରେ ବେଶ୍ ନିଶ୍ଚିତ ହୋଇଯାଇ ପାରିବ ଯେ, ଅଧ୍ୟବସାୟର ମାର୍ଗଟିକୁ ଆୟତ୍ତ କରିନେଇ ପାରିଲେ ସେହି ଦ୍ୱାରଟି ମଧ୍ୟ ପୁଣି ଥରେ ଖୋଲିଯାଇ ପାରିବ।

ମାତ୍ର ଦୁଆରଟି ଖୋଲିଯାଇ ନଥିବା ପର୍ଯ୍ୟନ୍ତ ଆପଣାର ସାମର୍ଥ୍ୟ ବିଷୟରେ ତୁମର କିଛିଏତ ସଂଶୟ ବି ରହିଥିବ। ମାତ୍ର ଥରେ ଦୁଆର ଖୋଲିଗଲେ ଆଉ

'oaob.nitrkl.ac.in' images reprocessed

ସନ୍ଦେହ ବା ସଂଶୟ ରଖିବା ସମ୍ଭବ ହେବ ନାହିଁ । କେବଳ ସେହି ଇଚ୍ଛାଟିକୁ କରିବାକୁ ହେବ ଓ ସେହି ଅଭୀପ୍ସାଟିକୁ ରଖିବାକୁ ହେବ ।

ଏହି ଅନୁଭବଟିକୁ ଏକ ମହାର୍ଘ ଅନୁଭବ ବୋଲି କୁହାଯିବ ।

"ସକଳ ସ୍ୱପ୍ନର ଜନନୀ"* କହିଲେ କ'ଣ ବୁଝାଇବ ?

"ନିଶ୍ଚଳ ଏବଂ ପ୍ରଶାନ୍ତ ପରମ ଚେତନା"ର କଥା କହିଲାବେଳେ ଶ୍ରୀଅରବିନ୍ଦ କାବ୍ୟିକ ଭାଷା ବ୍ୟବହାର କରିଛନ୍ତି ଏବଂ ସେହି ଭାଷାର ଅନେକ ବ୍ୟଞ୍ଜନାର୍ଥ ରହିଛି । ସିଏ "ସକଳ ସ୍ୱପ୍ନର ଜନନୀ" କଥାଟିକୁ ବ୍ୟବହାର କରିଛନ୍ତି, କାରଣ, ସିଏ ଆପଣାକୁ ଏପରି ଜଣେ ବ୍ୟକ୍ତିର ସ୍ଥାନରେ ଆଣି ଅବସ୍ଥାପିତ କରିଛନ୍ତି, ଯିଏକି ତଳେ ରହିଛି, ଯିଏ ଦେଖି ପାରୁଛି, ଯିଏକି ଏକ ସମ୍ପୂର୍ଣ୍ଣ ରହସ୍ୟମୟ, ବିସ୍ମୟକାରୀ, ଅପରିଜ୍ଞ ଓ ଏପରିକି ପ୍ରାୟ ବୋଧାତୀତ କୌଣସି ଏକ ସମ୍ପଦର ପ୍ରତ୍ୟକ୍ଷ କରି ପାରୁଛି । ମାତ୍ର ତୁମେ ଯଦି ଆଉ ଗୋଟିଏ ଦୃଷ୍ଟିବିନ୍ଦୁରେ ଅବସ୍ଥିତ ରହି ଦେଖିବାକୁ ସମର୍ଥ ହେବ, ତେବେ ତୁମେ ନିଶ୍ଚିତ କହିପାରିବ ଯେ ତୁମେ ଯାହାର ପ୍ରତ୍ୟକ୍ଷ କରୁଛ, ତାହାହିଁ ସେହି ସୃଜନଶୀଳ ପରମ ଚେତନା, ତାହାହିଁ ବିଶ୍ୱର ପରମ ସ୍ରଷ୍ଟା, ସେଇ ହେଉଛନ୍ତି ବିଶ୍ୱଜନନୀ, ସୃଜନକାରିଣୀ ପରମା ଶକ୍ତି, ଇତ୍ୟାଦି, ଇତ୍ୟାଦି ।

> ଆମେ ଯେତେବେଳେ ଭଲ କରି ଖେଳୁ ନାହିଁ, ସେତେବେଳେ ଆମ ଭିତରେ ମୋଟେ କୌଣସି ଶକ୍ତି ନଥିବା ପରି ମନେହୁଏ । ମାତ୍ର ଯଦି ଭଲ କରି ଖେଳୁ, ଅତ୍ୟନ୍ତ ଉତ୍ସାହର ସହିତ ଖେଳୁ, ତେବେ ପୁଣି ଶକ୍ତି ଆସିଥିବା ପରି ଲାଗେ । ଏପରି କାହିଁକି ହୁଏ ?

ଏହି କଥାଟି ଗୋଟାସୁଦ୍ଧା ଠିକ୍ । ପୃଥିବୀସ୍ଥ ଶକ୍ତିଟି ସହିତ ସୂତ୍ର ଲଗାଇ ପାରିବାକୁ ହେଲେ ଆପଣା ସହିତ ଗୋଟାଏ ନିର୍ଦ୍ଦିଷ୍ଟ ସମନ୍ତସତ୍ତା ରହିଥିବା ଏକାନ୍ତ ଆବଶ୍ୟକ । ଯଦି ତୁମେ ଖେଳଟିକୁ ଭଲ ଭାବରେ ଖେଳି ଜାଣିଥିବ, ଖେଳର ଭଲ୍‌ଗୁଡ଼ିକୁ ଭଲ ଭାବରେ ନେଇ ପାରିବା ଯଦି ତୁମକୁ ଜଣାଥିବ, ଏବଂ ଯଦି ଖେଳଟି ବିଷୟରେ ତୁମର ଆଗ୍ରହ ଓ ଉତ୍ସାହ ରହିଥିବ, ଯଦି ତୁମ ଭିତରେ ଗୋଟାଏ ପ୍ରକାରର

* ଶ୍ରୀଅରବିନ୍ଦ, "ସକଳ ସ୍ୱପ୍ନର ଜନନୀ", Collected Poems, ପୃଷ୍ଠା-୬୬

'oaob.nitrkl.ac.in' images reprocessed

ହତାଶା (ବୋଧହୁଏ ପିଲାଙ୍କ ଭିତରେ ଯେପରି ରହିଥାଏ) ଥିବ, ଜିତିବା ଲାଗି ମନ ଥିବ, ତେବେ ସଫଳତା ଲାଭ କରୁଥିବା ସଙ୍ଗେ ସଙ୍ଗେ ତୁମେ ନିଜ ଭିତରେ ଗୋଟିଏ ପ୍ରକାରର ଆନନ୍ଦ ଅନୁଭବ କରିବାରେ ଲାଗିଥିବ । ଏହି ଆନନ୍ଦ ଭିତରେ ହୁଏତ ସେତେବେଶୀ ଗମ୍ଭୀରତା ନଥିବ, ମାତ୍ର ଶକ୍ତିର ଆଦାନପ୍ରଦାନ ଲାଗି ଆବଶ୍ୟକ ହେଉଥିବା ଭଳି ଯଥେଷ୍ଟ ସମଞ୍ଜସତା ଆଣି ଦେବା ପାଇଁ ତାହା ନିଶ୍ଚୟ ସମର୍ଥ ହେବ । ମାତ୍ର ଅନ୍ୟପକ୍ଷରେ, ପରାଜୟକୁ କିପରି ଗ୍ରହଣ କରିବାକୁ ହୁଏ, ଯେଉଁମାନେ ସେକଥା ଜାଣି ନଥାନ୍ତି, ନିଜର ଇଚ୍ଛାମତେ ସବୁକିଛି ଘଟୁ ନଥିବା ସମୟରେ ଯେଉଁମାନେ ରାଗିଯାନ୍ତି ବା ପ୍ରକୃତିସ୍ଥ ହୋଇ ରହି ପାରନ୍ତି ନାହିଁ, ସେହିମାନେହିଁ ଆପଣାର ଶକ୍ତିକୁ ହରାଇ ପକାଉ ଥାଆନ୍ତି ।

ପୁନଶ୍ଚ, ଯଦି ତୁମେ ନିରାଶା ମଧ୍ୟକୁ ଗୋଡ଼ ଖସାଇଦେବ, ତେବେ ଶକ୍ତିର ସବୁଯାକ ଉତ୍ସକୁ କେବଳ କାଟି ପକାଇବାହିଁ ସାର ହେବ; ଊର୍ଦ୍ଧ୍ୱରୁ, ନିମ୍ନରୁ ଓ ସବୁଠାରୁ ଶକ୍ତିର ଉତ୍ସଟିକୁ କାଟି ପକାଇବାହିଁ ସାର ହେବ । ଜଡ଼ତା ଭିତରେ ପଡ଼ି ରହିବା ଲାଗି ଏହାଠାରୁ ଅଧିକ ଉତ୍ତମ ପଥ ଆଉ କେଉଁଠି ହେଲେ ମିଳିବ ନାହିଁ ।

ଯେଉଁଠି ନିରାଶା ଥାଏ, ସେଠାରେ ତାହା ଏକ ତୀବ୍ର ଅହଂକେନ୍ଦ୍ରିକତାରହିଁ ସୂଚନା ଦେଇ ଯାଉଥାଏ । ସେହି ନିରାଶା ତୁମର ନିକଟ ହୋଇ ଆସୁଥିବାର ଅନୁଭବ କଲାବେଳେ ତୁମେ ନିଜକୁ କହିବ : "ବର୍ତ୍ତମାନ ମୁଁ ଏକ ଅହଂକେନ୍ଦ୍ରିକ ଅସୁସ୍ଥତା ମଧ୍ୟରେ ରହିଛି । ମୋତେ ଯେକୌଣସି ପ୍ରକାରେ ସେହି ଅସୁସ୍ଥତା ମଧ୍ୟରୁ ବାହାରି ଆସିବାକୁ ପଡ଼ିବ ।"

## ୨୮ ଡିସେମ୍ବର ୧୯୫୦

ମାଆ ତାଙ୍କର "ଶିକ୍ଷା" ବହିରେ ଥିବା "ସମୁଚିତ ଦର୍ଶନ" ବିଷୟଟିକୁ ପଢ଼ିଲେ । ଆମ ଦର୍ଶନକୁ ବିଭ୍ରାନ୍ତ କରି ଦେଉଥିବା ବିଭିନ୍ନ ଉପାଦାନକୁ ପରୀକ୍ଷା କରି ଦେଖିବା ପରେ ମାଆ ପୁଣି ଏହିପରି ମନ୍ତବ୍ୟ ଦେଲେ :

ବ୍ୟକ୍ତିର ଇନ୍ଦ୍ରିୟଗୁଡ଼ିକ ତା'ର ମାନସିକ ଅବସ୍ଥା ଦ୍ୱାରାହିଁ ପ୍ରଭାବିତ ହେବାରେ ଲାଗିଥାନ୍ତି, କାରଣ ଆଖିର ଦେଖିବା ଏବଂ ମସ୍ତିଷ୍କର ଗ୍ରହଣ କରିବା

'oaob.nitrkl.ac.in' images reprocessed

ମଝିରେ ଆଉଗୋଟିଏ କଥା ବି ରହିଥାଏ । ସେଇଟି ହେଉଛି ଖୁବ ସୂକ୍ଷ୍ମ କଥା; ସ୍ନାୟୁଗୁଡ଼ିକର ମଧ୍ୟଦେଇ ମସ୍ତିଷ୍କ ଆଖିର ଦେଖିବା ବସ୍ତୁଗୁଡ଼ିକୁ ଗ୍ରହଣ କରେ; ଏହି ପ୍ରକ୍ରିୟାଟିରେ କୌଣସି ଭାବନା କାର୍ଯ୍ୟ କରେ ନାହିଁ, ସବୁତେଯେପରି ଗୋଟାଏ ମୁହୂର୍ତ୍ତ ଭିତରେ ତାହା ଘଟିଯାଏ; ମାତ୍ର ଆଖିର ଦେଖିବା ଏବଂ ଯେଉଁ କୋଷାଣୁଟି ସେହି କ୍ରିୟାଟି ପ୍ରତି ଆପଣାର ଅନୁସ୍ପନ୍ଦନ ଜଣାଏ ଏବଂ ମସ୍ତିଷ୍କ ଭିତରେ ତାହାର ମୂଲ୍ୟାୟନ କରେ, ସେହି ଦୁହିଁଙ୍କ ମଧ୍ୟରେ ତଥାପି ସାନ ବ୍ୟବଧାନଟିଏ ରହିଥାଏ । ଏବଂ ମସ୍ତିଷ୍କରେ ହେଉଥିବା ଏହି ମୂଲ୍ୟାୟନଟି ଆମ ଅନୁଭୂତି ବା ସଂବେଗଗୁଡ଼ିକ ଦ୍ୱାରା ପ୍ରଭାବିତ ହୁଏ । ଆଖିର ଦେଖିବା ଏବଂ ମସ୍ତିଷ୍କ ତାହାର ମୂଲ୍ୟାୟନ କରିବା ମଧ୍ୟରେ ଯେଉଁ ସାନ ସ୍ପନ୍ଦନଟି ହୁଏ, ତାହାହିଁ ଅନେକ ସମୟରେ ଅନୁସ୍ପନ୍ଦନଟିକୁ ବିଭ୍ରାନ୍ତ କରି ପକାଏ । ଏଠାରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଥିବାର କୌଣସି ପ୍ରଶ୍ନ ଆଦୌ ଉଠୁ ନାହିଁ, କାରଣ, ସବୁଠାରୁ ଅଧିକ ନିଷ୍ଠାପର ବ୍ୟକ୍ତିମାନେ ମଧ୍ୟ ଏହି କ୍ଷେତ୍ରରେ କ'ଣସବୁ ଘଟେ, ସେବିଷୟରେ କିଛିହେଲେ ଜାଣି ନଥାନ୍ତି । ଏପରିକି ଯେଉଁମାନେ ଅତ୍ୟନ୍ତ ସ୍ଥିର ହୋଇ ରହିଥାନ୍ତି, କେବେ କୌଣସି ତୀବ୍ର ସଂବେଗର ବଶବର୍ତ୍ତୀ ହୁଅନ୍ତି ନାହିଁ, ଯେଉଁମାନେ ଗୋଟାଏ ସଂବେଗକୁ ଅନୁଭବ ବି କରନ୍ତି ନାହିଁ, ସେମାନେ ବି ଏହିପରି ଭାବରେ ପ୍ରଭାବିତ ହୁଅନ୍ତି ଓ ତଥାପି ମଝିରେ ଆସି ହସ୍ତକ୍ଷେପ କରୁଥିବା ଏହି ବିଭ୍ରାନ୍ତିକ କ୍ଷୁଦ୍ର ସ୍ପନ୍ଦନଟି ବିଷୟରେ ସଜ୍ଞାନ ରହି ନଥାନ୍ତି ।

ଆମର ନୈତିକ ଧାରଣାଗୁଡ଼ିକ ମଧ୍ୟ ଅନେକ ସମୟରେ ପରସ୍ପର ସହିତ ଖୁବ ମିଶାମିଶି ହୋଇ ରହିଥାଏ ଏବଂ ଆମର ବିଚାରଟିକୁ ବିଭ୍ରାନ୍ତ କରି ଦେଉଥାଏ; ମାତ୍ର ଆମକୁ ଯାବତୀୟ ନୈତିକ ଧାରଣାକୁ ବାହାର କରି ଆଣିବାକୁ ହେବ ଓ ଆମଠାରୁ ଅନେକ ଦୂରରେ ନେଇ ଫିଙ୍ଗିଦେବାକୁ ହେବ; କାରଣ ନୈତିକତା ଓ ଯଥାର୍ଥ ସତ୍ୟ ପରସ୍ପରଠାରୁ ସର୍ବଦା ବହୁ ଦୂରବର୍ତ୍ତୀ ହୋଇ ରହିଥାନ୍ତି (ଏପରି କହିବା ଦ୍ୱାରା ଯଦି ମୁଁ କାହାର ଆତଙ୍କ ଜନ୍ମାଉଥାଏ, ତେବେ ସେଥିଲାଗି ମୁଁ ନିଶ୍ଚୟ ଦୁଃଖ ପ୍ରକାଶ କରିବି, ମାତ୍ର କଥାଟି ହେଉଛି ଠିକ୍ ସେହିପରି) । ଆମର ଯାବତୀୟ ଆକର୍ଷଣ ଓ ବିକର୍ଷଣ ଉପରେ ବିଜୟ ହାସଲ କରିପାରିଲେ ଯାଇ ଆମେ ବିଭ୍ରାନ୍ତିଶୂନ୍ୟ ବିଚାରର ସମର୍ଥ ହୋଇ ପାରିବା । ତୁମକୁ ଆକୃଷ୍ଟ କରି ଆଣିବା ଭଳି ଅଥବା ବିକୃଷ୍ଟ କରି ପକାଇବା ଭଳି ବସ୍ତୁଗୁଡ଼ିକ ଯେପର୍ଯ୍ୟନ୍ତ ବିଦ୍ୟମାନ ରହିଥିବେ, ସେତେବେଳ ପର୍ଯ୍ୟନ୍ତ ଇନ୍ଦ୍ରିୟଗୁଡ଼ିକ ସଂପୂର୍ଣ୍ଣ ନିଶ୍ଚିତ ଭାବରେ କାର୍ଯ୍ୟ କରିବା ମୋଟେ ସମ୍ଭବ ହେବ ନାହିଁ ।

ଉଦାହରଣସ୍ୱରୂପ, ସମସ୍ତେ ଜାଣନ୍ତି ଯେ ଯେତେବେଳେ କୌଣସି ଦୁର୍ଘଟଣା ଘଟେ, ସେତେବେଳେ ତା'ର ସାକ୍ଷୀ ହେବା ଲାଗି ଦୁଇ, ତିନି ବା ଦଶ ଜଣ ଲୋକ

'oaob.nitrkl.ac.in' images reprocessed

ହୁଏତ ଉପସ୍ଥିତ ରହିଥାନ୍ତି, ମାତ୍ର ସେମାନେ ଆଦୌ ଏକାଭଳି ଦେଖନ୍ତି ନାହିଁ; ଗୋଟିଏ କଥା ଘଟିଯାଏ, ମାତ୍ର ଦୁଇଜଣ ବ୍ୟକ୍ତି ମଧ୍ୟ ଘଟଣାଟିକୁ ଏକାପରି ଦେଖନ୍ତି ନାହିଁ । ସେମାନଙ୍କ ଭିତରେ ଯେଉଁ ଆତଙ୍କଟି ଘାରି ରହିଥାଏ, ତାହାଦ୍ୱାରା ପ୍ରଭାବିତ ହୋଇ ସେମାନେ ଘଟୁଥିବା ଘଟଣାଟିର କେବଳ ଏକ କ୍ଷୁଦ୍ର ଅଂଶକୁହିଁ ଦେଖି ପାରନ୍ତି ।

ମାତ୍ର ଧାରଣାଗୁଡ଼ିକ ମଧ୍ୟରେ ଏକ ସମଞ୍ଜସତା ସ୍ଥାପନ କରିବା ଲାଗି ମଧ୍ୟ ବାଟ ରହିଛି, ଗୋଟିଏ ଧାରଣା ଏବଂ ତା'ର ବିରୋଧୀ ଧାରଣା ମଧ୍ୟରେ ଏକ ସଙ୍ଗତି ପ୍ରତିଷ୍ଠା କରିବା ଲାଗି ବାଟ ରହିଛି । ସେଗୁଡ଼ିକୁ ସେଇ ଗୋଟିଏ ରେଖାର ଦୁଇ ପ୍ରାନ୍ତ ବୋଲି ବିଚାର କରି ଏହି ସମଞ୍ଜସତା ସମ୍ଭବ ହୋଇପାରିବ । ଏବଂ, ଏହି ଦୁଇ ପ୍ରାନ୍ତ ମଧ୍ୟରେ ପରସ୍ପରର ଅନୁଗମନ କରୁଥିବା ଅଗଣିତ ଅନ୍ୟ ଧାରଣାଗୁଡ଼ିକୁ ଅବସ୍ଥାପିତ କରାଇ ତୁମେ ସେମାନଙ୍କ ମଧ୍ୟରେ ଏକ ସଙ୍ଗତି ରହିଛି ବୋଲି ଆବିଷ୍କାର କରିପାରିବ । ଏପରି କରିବା ଯେ ଗୋଟିଏ ଭାରି ଆଗ୍ରହୋଦ୍ଦୀପକ କାର୍ଯ୍ୟ, ତୁମେ ସେକଥାଟିକୁ ମଧ୍ୟ ଜାଣିବାକୁ ପାଇବ ।

> "ଯିଏ ଭଲ ଲାଗିବା ଓ ଭଲ ନଲାଗିବାର ଉପରେ ରହିଥାଏ, ଯାହାର ବାସନା ଓ ଅଗ୍ରରୁଚିମାନ ତାକୁ କୌଣସି ପ୍ରକାରେ ପ୍ରଭାବିତ କରେ ନାହିଁ, କେବଳ ସେଇ ସଂପୂର୍ଣ୍ଣ ନିଷ୍ପକ୍ଷ ଏବଂ ନିରପେକ୍ଷ ଭାବରେ ପ୍ରତ୍ୟେକ ବସ୍ତୁର ବିଚାର କରିପାରିବ । ତାହାରି ଗୋଚରେନ୍ଦ୍ରିୟଗୁଡ଼ିକ ମୋହମୁକ୍ତ ରହି କାର୍ଯ୍ୟ କରି ପାରିବେ, ଠିକ୍ ଗୋଟିଏ ଅତ୍ୟନ୍ତ ସୂକ୍ଷ୍ମ ଏବଂ ନିର୍ଭୁଲ୍ ମେସିନ୍ ପରି କାର୍ଯ୍ୟ କରି ପାରିବେ । ଅବଶ୍ୟ ତା' ସହିତ ଏକ ଜୀବନ୍ତ ଚେତନାର ପରିଚ୍ଛନ୍ନ ଦୃଷ୍ଟି ମଧ୍ୟ ସମ୍ମିଳିତ ହୋଇ ରହିଥିବ ।"
>
> "ଶିକ୍ଷା" ବିଷୟର "ସମୁଚିତ ବିଚାର"

ମୁଁ ଏଠାରେ "ମୋହମୁକ୍ତ ଦୃଷ୍ଟି" କଥା କହୁଛି । ମୋହମୁକ୍ତ ହୋଇ ଦେଖିବାର ଅର୍ଥ ହେଉଛି ଏପରି ଭାବରେ ଦେଖିବା ଓ ବିଚାର କରିବା, ଯେଉଁଥିରେ କି ନିଜ ଆଡ଼ୁ କିଛି ବାହାର କରି ତାହା ସହିତ ମିଶାଇ ଦିଆଯାଇ ନଥିବ, ତାହା ଯାବତୀୟ ପ୍ରକାରର ବ୍ୟକ୍ତିଗତ ପ୍ରତିକ୍ରିୟାରୁ ମୁକ୍ତ ରହିଥିବ । କୌଣସି ବସ୍ତୁକୁ ଦେଖିବା ସମୟରେ ତା' ସହିତ କୌଣସି ପ୍ରକାର ବ୍ୟକ୍ତିଗତ ଅନୁଭବକୁ ମିଶାଇ ନପକାଇ ତାକୁ ଦେଖି ଶିଖିବା ଉଚିତ ।

'oaob.nitrkl.ac.in' images reprocessed

ଏବଂ, ମୁଁ ଏହା ସହିତ ଆଉରି ଗୋଟିଏ କଥା ଯୋଡ଼ିଦେବାକୁ ଚାହୁଁଛି ଯେ ଏହି "ନର୍ଭ୍ଲ୍ ମେସିନ୍"ଟି ଏକ ଜୀବନ୍ତ ଚେତନାର ପରିଚ୍ଛନ୍ନ ଦୃଷ୍ଟି ବ୍ୟତୀତ ଆଦୌ କିଛିହେଲେ କରିବାକୁ ସମର୍ଥ ହେବ ନାହିଁ । ଯେତେବେଳେ ଚେତନା ଗୋଟାଏ ହୋଇ ରହିଥିବ, ସେତେବେଳେ ତୁମେ ଏକାତ୍ମକତା ଦ୍ୱାରା ସବୁକିଛି ଜାଣିବ; ଅର୍ଥାତ୍, ଆପଣାର ଚେତନାକୁ ତୁମେ ନିରପେକ୍ଷ ଭାବରେ ଜାଣିବାକୁ ଅଥବା ବିଚାର କରିବାକୁ ଇଚ୍ଛା କରୁଥିବା ବସ୍ତୁ ଅଥବା ବ୍ୟକ୍ତି ସହିତ ସମ୍ମିଳିତ କରି ରଖିବା ଦ୍ୱାରା ତୁମେ ତାକୁ ଜାଣିବ । ଏହି ବସ୍ତୁ ଅଥବା ବ୍ୟକ୍ତିଟି ସହିତ ତୁମେ ଏକ ଅନ୍ତର୍ଗତ ସଂସ୍ପର୍ଶ ସମ୍ଭବ କରିନେବ, ଏବଂ ତା'ପରେ ସଂପୂର୍ଣ୍ଣ ନିଶ୍ଚିତତା ସହିତ ଜାଣିବା ତୁମ ପକ୍ଷରେ ସମ୍ଭବ ହୋଇଯିବ ।...

ପୁନଶ୍ଚ, ପରିଣାମ ବିଷୟରେ ଆମ ଭିତରେ ଯେଉଁ ବ୍ୟସ୍ତତା ବା ଦୁଶ୍ଚିନ୍ତା ରହିଥାଏ, ସେଇଟି ମଧ୍ୟ ଆମର ବିଚାରକୁ ବିକୃତ ଏବଂ ବିଭ୍ରାନ୍ତ କରି ଦେଇଥାଏ । ସଂପୂର୍ଣ୍ଣ ଭାବରେ ଏକ ସମୁଚିତ ବିଚାରର ସମର୍ଥ ହେବାକୁ ହେଲେ ବାସନାରହିତ ହୋଇ କାର୍ଯ୍ୟଟିକୁ ସମ୍ପନ୍ନ କରିବାର ପ୍ରଣାଳୀଟିକୁ ଶିଖିଥିବା ଏକାନ୍ତ ଆବଶ୍ୟକ,— କେବଳ ହଜାର ମଣିଷରେ ଜଣେ ତାହା କରିପାରିବ । ପ୍ରାୟ ସମସ୍ତଙ୍କର ପରିଣାମ ବିଷୟରେ ଏକ ଉଦ୍‌ବିଗ୍ନତା ରହିଥାଏ ବା ଏକ ନିର୍ଦ୍ଦିଷ୍ଟ ଫଳ ଲାଭ କରିବାର ଉଚ୍ଚାଶା ମଧ୍ୟ ରହିଥାଏ । ପରିଣାମ ସମ୍ବନ୍ଧରେ ଆଦୌ କୌଣସି ଉଦ୍‌ବେଗ ରହିବା ଉଚିତ ନୁହେଁ; ଗୋଟିଏ ବିଷୟ କରିବାକୁ ବାକି ରହିଛି ବୋଲି ତୁମେ ଅନୁଭବ କରୁଛ, କେବଳ ଏହାରି ଦ୍ୱାରାହିଁ ଅନୁପ୍ରେରିତ ହୋଇ ତୁମେ ସବୁକିଛି କରିବ । ଏହି କ୍ଷେତ୍ରରେ ତୁମେ ନିଜ ପାଖରେ କହିବ : "ଏହି କଥାଟି କରିବାକୁ ରହିଛି ଏବଂ ମୁଁ ସେଇଥିଲାଗି ଏହା କରୁଛି; ଏବଂ ପରେ କ'ଣ ଘଟିବ ବା ନଘଟିବ, ସେବିଷୟରେ କିଛିହେଲେ ଚିନ୍ତା କରିବା ମୋର କାର୍ଯ୍ୟ ନୁହେଁ ।"

ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରକୃଷ୍ଟ କ୍ଷେତ୍ରରେ ଏହିପରିହିଁ ହେବା ଉଚିତ, ଏବଂ ଏହି ସ୍ତରରେ ପହଞ୍ଚି ନଥିବା ପର୍ଯ୍ୟନ୍ତ ଆମର କର୍ମଗୁଡ଼ାକ ସର୍ବଦା ମିଶ୍ରିତ ହୋଇ ରହିଥିବ । ତେଣୁ, ପରମ ସତ୍ୟ ବିଷୟରେ ଏକ ଅତିସ୍ପଷ୍ଟ ସମ୍ମୁଖଦୃଷ୍ଟି ଦ୍ୱାରା ପରିଚାଳିତ ହୋଇ ନପାରିବା ପର୍ଯ୍ୟନ୍ତ, ତୁମର ଯାହା କର୍ତ୍ତବ୍ୟ, ସର୍ବଦା ଅବଶ୍ୟ ତାହାହିଁ କରିବାକୁ ତୁମେ ଏକ ନିୟମ ବୋଲି ଗ୍ରହଣ କରିବ; କାରଣ ସେଇଟିହିଁ କରାଯିବାକୁ ଅପେକ୍ଷା କରି ରହିଥିବ, ଆଉ ଅନ୍ୟକିଛି ନଥିବ ।

'oaob.nitrkl.ac.in' images reprocessed

## ୩୦ ଡିସେମ୍ବର ୧୯୫୦

"ଆମର ଲକ୍ଷ୍ୟ ସଫଳତା ନୁହେଁ,—ଆମ ଲକ୍ଷ୍ୟ ପରିପୂର୍ଣ୍ଣତା ।

"ଆମେ ଖ୍ୟାତି ଚାହୁଁ ନାହୁଁ, ଯଶ ଚାହୁଁ ନାହୁଁ; ଏକ ଦିବ୍ୟ ରୂପାୟନ ଲାଗି ଆପଣାକୁ ପ୍ରସ୍ତୁତ କରିବାକୁ ଚାହୁଁଛୁ ।"

"ଶିକ୍ଷା" ବହିର "କ୍ରୀଡ଼ାପ୍ରତିଯୋଗିତା"

ପରିପୂର୍ଣ୍ଣତା କହିଲେ ଆମେ କ'ଣ ବୁଝିବା ?

ଅନେକ ଲୋକ ପରିପୂର୍ଣ୍ଣତାକୁ ଶିଖର ସ୍ଥାନରେ ନେଇ ରଖିଥାନ୍ତି । ସବୁଠାରୁ ଅଧିକ ଭଲେ ମଣିଷ ଯାହା କରିପାରିବ, ତାହାକୁହିଁ ଅନେକ ସମୟରେ ପରିପୂର୍ଣ୍ଣତା ବୋଲି କଳ୍ପନା କରାଯାଇଥାଏ । ମାତ୍ର ମୁଁ କହୁଛି ଯେ ପରିପୂର୍ଣ୍ଣତା କହିଲେ ଶିଖର ସ୍ଥାନକୁ କଦାପି ବୁଝାଇବ ନାହିଁ, ଏହାକୁ ମୋଟେ ଏକ ପ୍ରାନ୍ତସୀମା ବୋଲି ବୁଝାଯିବ ନାହିଁ । ପ୍ରାନ୍ତସୀମା ବୋଲି ଆଦୌ କିଛି ନାହିଁ,—ତୁମେ ଯେତେ ବେଶୀ କରି ପଛକେ, ତାହାଠାରୁ ଆହୁରି ଅଧିକ ଓ ଅଧିକ ଭଲ କିଛି କରିବାର ସମ୍ଭାବନାଟି ସର୍ବଦା ଅବଶ୍ୟ ରହିଥିବ । ଏବଂ ଅଧିକ ଭଲ କରି କିଛି କରିପାରିବାର ଏହି ସମ୍ଭାବନାକୁହିଁ ଆମେ ଅଗ୍ରଗତିର ପ୍ରକୃତ ଅର୍ଥ ବୋଲି ଜାଣିବା ।

ତେଣୁ, ଯଦି ପ୍ରାନ୍ତସୀମା ବୋଲି କିଛି ନରହିଲା, ତେବେ ଆମେ ପରିପୂର୍ଣ୍ଣତା ହାସଲ କରିପାରିବା କିପରି ?

ଯଦି ଆମେ କେତେକ ମାତ୍ରାରେ ଅଗ୍ରଗତି କଲୁ, ତେବେ ଆମେ ତଦ୍ଦ୍ୱାରା ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେଲୁ ବୋଲି ପ୍ରକୃତରେ ବୁଝାଯାଇ ପାରିବ କି ?

ପରିପୂର୍ଣ୍ଣତା ଏବଂ ଅଗ୍ରଗତି ଦୁଇଟାଯାକ କଥାକୁ ତୁମେ ଏକାଠି ଗୋଳାଇ ମିଶାଇ ଦେଉଛ । ଅଗ୍ରଗତି କଲାବେଳେ ଯେ ଆମେ ସବୁବେଳେ ପରିପୂର୍ଣ୍ଣତା ଆଡ଼କୁ ଗତି କରୁ ସେକଥା ଆଦୌ ନୁହେଁ । ଅଗ୍ରଗତି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ପରିପୂର୍ଣ୍ଣତା ହୁଏତ ନିହିତ ହୋଇ ରହିଥାଏ, ମାତ୍ର ତଥାପି ଅଗ୍ରଗତିକୁହିଁ କଦାପି ପରିପୂର୍ଣ୍ଣତା ବୋଲି ବୁଝାଯାଇ ପାରିବ ନାହିଁ । ଅଗ୍ରଗତିକୁ ବରଂ ଏକ ଅନ୍ୱେଷଣ ବୋଲି ବୁଝାଯିବ ।

'oaob.nitrkl.ac.in' images reprocessed

ପରିପୂର୍ଣ୍ଣତା ହେଉଛି ଏକ ସମଞ୍ଜସତା ଲାଭ କରିବା, ଏହା ଏକ ସମତାବସ୍ଥା । କିନ୍ତୁ ଏକ ସମତାବସ୍ଥା କହିଲେ କ'ଣ ବୁଝାଇବ ? ଏଠାରେ ଯେଉଁମାନେ ଅଛ, ତୁମ ଭିତରୁ କେହି କିଛି ପଦାର୍ଥବିଜ୍ଞାନ ଅଧ୍ୟୟନ କରିଛ କି ?

> ଗୋଟିଏ ତରାଜୁରେ ଯେତେବେଳେ ଦୁଇ ପଟରେ ଓଜନ ସମାନ ରହିଥାଏ, ସେତିକିବେଳେ ତଦ୍ଵାରା ଏକ ସମତାବସ୍ଥାର ପ୍ରତିଷ୍ଠା ହେଲା ବୋଲି କୁହାଯାଏ ।

ଠିକ୍ କହୁଛ । ତେବେ, ପରିପୂର୍ଣ୍ଣତାକୁ ଏକ ସମତାବସ୍ଥା ବୋଲି କହିଲାବେଳେ ମୁଁ ପ୍ରକୃତରେ କେଉଁ ଅର୍ଥରେ ତାହା କହୁଛି କହିଲ ?

> ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ, ଯେତେବେଳେ, ଯାହା ଉପଲବ୍‌ଧିର ପ୍ରତିକୂଳ ହୋଇ ରହିଥାଏ, ଅର୍ଥାତ୍ ବିରୋଧୀ ହୋଇ ଠିଆ ହୋଇଥାଏ, ଏକ ସଚେତନ ଶକ୍ତି ଦ୍ଵାରା ଆମେ ଯେତେବେଳେ ସେଇଟିକୁ ଜୟ କରିପାରୁ, ସେତେବେଳେ ତାହାର ପରିଣାମ-ସ୍ଵରୂପ ଉପଲବ୍‌ଧିଟି ଉପସ୍ଥିତ ହୋଇ ଉଠିଥାଏ ।

ହଁ, ଅଳ୍ପବହୁତ ଠିକ୍ ସେହିପରି, ମାତ୍ର ମୁଁ କହିଲେ ତାହାକୁ ଭିନ୍ନ ପ୍ରକାରରେ କହନ୍ତି ।

> ପରିପୂର୍ଣ୍ଣତାର ଭାବନାଟି ପରମ ଦିବ୍ୟସତ୍ୟ ପାଖରୁ ଆମ ପାଖକୁ ଆସେ; ଏହା ସୋପାନ ସୋପାନ ହୋଇ ଅବତୀର୍ଣ୍ଣ ହୋଇଆସେ ଏବଂ ଆମେ ପାହାଚ ପାହାଚ ହୋଇ ସେହି ଆଡ଼କୁ ଆରୋହଣ କରୁ ।

ଏଇଟାକୁ ତଥାପି ଏକ ବିବର୍ତ୍ତନାର୍ଥକ ବିଚାର ବୋଲି କୁହାଯିବ । ସର୍ବଦା ଏପରି କୁହା ଯାଇଥାଏ ଯେ ଯେତେବେଳେ ଏକ ସୃଷ୍ଟି ତାହାର ସର୍ବୋଚ୍ଚ ସମ୍ଭାବନାରେ ଆସି ପହଞ୍ଚିଯାଏ, ସେତେବେଳେ ତାହାର ପରିପୂର୍ଣ୍ଣତା ହାସଲ ହୋଇଯାଏ । ମାତ୍ର ସେପରି କହିବା ଠିକ୍ ନୁହେଁ । ଏବଂ ଠିକ୍ ସେହି ଧାରଣାଟି

'oaob.nitrkl.ac.in' images reprocessed

ବିରୁଦ୍ଧରେହିଁ ମୁଁ ପ୍ରତିବାଦ ଜଣାଉଛି । ଏହି ସବୁକିଛିକୁ ଆମେ ଅଗ୍ରଗତିର ମାର୍ଗରେ ଗୋଟିଏ ସୋପାନ ବୋଲି କହିବା । ଅର୍ଥାତ୍, ପ୍ରକୃତି ଭିତରେ ଯାହାକିଛି ରହିଛି, ପ୍ରକୃତି ତାହାର ଚରମ ସୀମା ପର୍ଯ୍ୟନ୍ତ ଗତି କରେ, ଏବଂ ଆଉ ଆଗକୁ ଯାଇ ହେବ ନାହିଁ ବୋଲି ଯେତେବେଳେ ତାହା ଜାଣିବାକୁ ପାଏ, ଆଉ ଅଧିକ ଖୋଜ ପକାଇ ହେବ ନାହିଁ ବୋଲି ଆବିଷ୍କାର କରେ, ସେତେବେଳେ ତାହା ସବୁକିଛିକୁ ଭାଙ୍ଗିଦିଏ ଓ ପୁନର୍ବାର ଆରମ୍ଭ କରେ । ଏହାକୁ ଏକ ପରିପୂର୍ଣ୍ଣତା ବୋଲି କୁହାଯାଇ ପାରିବ ନାହିଁ, କାରଣ ଯାହା ପରିପୂର୍ଣ୍ଣତା ଲାଭ କରିଛି, ତାହାକୁ କଦାପି ବିଲୁପ୍ତ କରାଯାଇ ପାରିବ ନାହିଁ । ଯାହାକୁ ପ୍ରକୃତି ଥରେ ଆରମ୍ଭ କରିଛି, ଯେତେବେଳେ ସିଏ ତାକୁ କଦାପି ଧ୍ୱଂସ କରିଦେଇ ନପାରିବ, ସେତିକିବେଳେ ଯାଇ ପରିପୂର୍ଣ୍ଣତା ଆସିବ । ମାତ୍ର, ବର୍ତ୍ତମାନ ଆମ ଆଗରେ ଏପରି କୌଣସି ଦୃଷ୍ଟାନ୍ତ ନାହିଁ, ଯେଉଁଠି କି, ପ୍ରକୃତି ଯାହାକୁ ଥରେ ଆରମ୍ଭ କରିଥିଲା, ତାକୁ ସେ ପରେ ଅବଲୁପ୍ତ କରି ଦେଇ ନାହିଁ; ତାର ଆରମ୍ଭ କରିବା କଥାଟି ଯଥେଷ୍ଟ ହୋଇ ନାହିଁ ଅଥବା ସିଏ ଯାହା କରିବ ବୋଲି ଇଚ୍ଛା କରିଥିଲା, ସେଇଟି ଠିକ୍ ସେହିପରି ହୋଇ ପାରିଲା ନାହିଁ ବୋଲି ବିଶ୍ୱାସ କରି ସିଏ ପ୍ରାୟ ଯାବତୀୟ କଥାକୁ ଭାଙ୍ଗି ନଷ୍ଟ କରି ଦେଇଛି । ତେଣୁ ଏହି କଥାଟି କଦାପି କୁହାଯାଇ ପାରିବ ନାହିଁ ଯେ ଆପଣାର ସୃଜନ କ୍ଷେତ୍ରରେ ପ୍ରକୃତି ପ୍ରକୃତରେ କୌଣସି ପରିପୂର୍ଣ୍ଣତା ହାସଲ କରି ପାରିଛି । ପ୍ରକୃତି ଯାହା ତିଆରି କରିଛି, ଯଦି ସେ ତାକୁ ପୁନର୍ବାର ଭାଙ୍ଗି ନଷ୍ଟ କରି ନଦେଲା, ତେବେ ତାହାହିଁ ତାହା ପକ୍ଷରେ ସବୁଠାରୁ ବଡ଼ କଥା ହେବ ।

**ଆମେ ସଫଳତା କାମନା କରୁ ନାହୁଁ ବୋଲି ଆପଣ କହିଛନ୍ତି । ମାତ୍ର ସଫଳତା ବି କ'ଣ ଗୋଟାଏ ପ୍ରକାରର ପରିପୂର୍ଣ୍ଣତା ନୁହେଁ କି ?**

ସାଧାରଣ ମନୁଷ୍ୟମାନଙ୍କର ବୁଝିବା ପାଇଁ ସଫଳତାକୁ ହୁଏତ ଏକ ପରିପୂର୍ଣ୍ଣତା ବୋଲି କୁହାଯାଇ ପାରିବ । ମାତ୍ର ଆମ ପାଇଁ କଦାପି କୁହାଯିବ ନାହିଁ ।

କୌଣସି ପ୍ରକାର ସ୍ଥାୟୀ ଅବସ୍ଥାକୁ ପରିପୂର୍ଣ୍ଣତା କୁହାଯିବ ନାହିଁ, ପରିପୂର୍ଣ୍ଣତା ହେଉଛି ଗୋଟିଏ ସମତାବସ୍ଥା । ମାତ୍ର ଏହା ଏକ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ସମତାବସ୍ଥା, ଏକ ଗତିଶୀଳ ସମତାବସ୍ଥା । ଗୋଟିଏ ପରିପୂର୍ଣ୍ଣତାରୁ ଆଉଗୋଟିଏ ପରିପୂର୍ଣ୍ଣତାକୁ ଗତି କରିବା ସବୁବେଳେ ସମ୍ଭବ । ଏପରି ଗୋଟିଏ ସ୍ଥିତି ବି ହୁଏତ ସମ୍ଭବ ହୋଇପାରେ, ଯେଉଁଠାରୁ କି ଆହୁରି ଅଧିକ ଯାଇ ପାରିବା ଲାଗି ଜନ୍ମତିର

'oaob.nitrkl.ac.in' images reprocessed

ଗୋଟିଏ ସୋପାନକୁ ଖସି ଆସିବା ମୋଟେ ଦରକାର ହୁଏ ନାହିଁ । ବର୍ତ୍ତମାନ ପ୍ରକୃତିର ଗତି ସେହିପରି ହୋଇ ରହିଛି; ମାତ୍ର ଏହି ନୂତନ ସ୍ଥିତିରେ, ଆହୁଅରେ ଯାତ୍ରାରମ୍ଭ କରିବା ଲାଗି ପଛକୁ ଫେରିଯିବାକୁ ବାଧ୍ୟ ନହୋଇ, ଜଣେ କୌଣସି ଜାଗାରେ ନ ଅଟକି ସର୍ବଦା ବେଶ୍ ଆଗକୁ ଆଗକୁ ଯାଇ ପାରିବ । ବର୍ତ୍ତମାନ ବିଷୟମାନ ଯେପରି ଅବସ୍ଥାରେ ରହିଛି, ସେଥିରେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁକୁ ଆସିବାକୁ ପଡ଼ୁଛି ଏବଂ ମନୁଷ୍ୟମାନେ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛନ୍ତି, ସେଥିରେ ସେମାନେ ଅନିର୍ଦ୍ଦିଷ୍ଟ ଅନନ୍ତ ଭାବରେ ଅଗ୍ରଗତି କରିବା ଲାଗି ଅସମର୍ଥ ହୋଇ ରହିଥିବାରୁ, ଆଉ ଏକ ଉଚ୍ଚତର ଜୀବଜାତି ମଧ୍ୟକୁ ଅତିକ୍ରମ କରିଯିବାକୁ ପଡ଼ୁଛି ଅଥବା ବର୍ତ୍ତମାନର ଜୀବଜାତିର ଆକୃତିଟିକୁ ପରିତ୍ୟାଗ କରି ଆଉଗୋଟିକୁ ସୃଷ୍ଟି କରିବାକୁ ପଡ଼ୁଛି । ମନୁଷ୍ୟ ବର୍ତ୍ତମାନ ଯେଉଁ ସ୍ଥିତିଟିରେ ରହିଛି, ଆପଣା ମଧ୍ୟରୁ ବାହାରି ନଯାଇ ସିଏ କଦାପି ପରିପୂର୍ଣ୍ଣତା ହାସଲ କରି ପାରିବ ନାହିଁ । ମନୁଷ୍ୟକୁ ଆମେ ସେଥିଲାଗି କେବଳ ଏକ ମଧ୍ୟବର୍ତ୍ତିକାଳୀନ ସତ୍ତା ବୋଲିହିଁ କହିବା । ସାଧାରଣ ଭାଷାରେ ଆମେ ହୁଏତ "ଏହି ମନୁଷ୍ୟଟି ଜଣେ ପରିପୂର୍ଣ୍ଣତାପ୍ରାପ୍ତ ମନୁଷ୍ୟ" ବୋଲି କହିପାରିବା । ମାତ୍ର ତାହାକୁ ଏକ ସାହିତ୍ୟିକ ବର୍ଣ୍ଣନା ବୋଲିହିଁ କୁହାଯିବ । ବର୍ତ୍ତମାନ ସ୍ଥିତିରେ ମନୁଷ୍ୟ ଖୁବ୍ ବେଶୀ ହେଲେ କେବଳ ଏପରି ଏକ ସମତାବସ୍ଥା ସମ୍ଭବ କରି ପାରିବ, ଯାହାର କି କୌଣସି ଉତ୍ତରୋତ୍ତର ବୃଦ୍ଧି ସମ୍ଭବ ହେବ ନାହିଁ । ସିଏ ହୁଏତ ନିର୍ଦ୍ଦିଷ୍ଟ ଜାଗାରେ ସ୍ଥିର ହୋଇ ରହିଥିବା ଏକ ସମତାବସ୍ଥା ଉପଲବ୍ଧି କରି ପାରିବ; ମାତ୍ର ଏକ ନିର୍ଦ୍ଦିଷ୍ଟ ଜାଗାକୁ ଆସି ଯାହାକିଛି ସ୍ଥିର ହୋଇ ରହିଛି, ଅଗ୍ରଗତିର ଅଭାବରୁ ତାହାକୁ ଦିନେ ଭାଙ୍ଗି ଦିଆଯାଇ ପାରିବ ବୋଲି ମଧ୍ୟ ଆଶଙ୍କା ରହିଛି ।

ସତ୍ତାର ପ୍ରତ୍ୟେକ ଅଂଶରେ ପରମ ଦିବ୍ୟତାର ପରିପୂର୍ଣ୍ଣ ହେବାକୁ କ'ଣ ପରିପୂର୍ଣ୍ଣତା ବୋଲି କୁହାଯିବ ନାହିଁ କି ?

ନା, ତୁମେ ପୁଣି ଅଗ୍ରଗତି ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସୋପାନର କଥାହିଁ ମନରେ ଭାବୁଛ, ପରିପୂର୍ଣ୍ଣତାର କଥା ଭାବୁ ନାହଁ ।

ବର୍ତ୍ତମାନ ଆମେ ଏହାର ଏପରି ଗୋଟିଏ ସଂଜ୍ଞା ବାହାର କରିବାକୁ ଚେଷ୍ଟା କରିବା, ଯାହାକି ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ପାରିବ; ଅର୍ଥାତ୍, ବ୍ୟକ୍ତି, ସମୂହ, ପୃଥିବୀ ତଥା ବିଶ୍ୱବ୍ରହ୍ମାଣ୍ଡ ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ପାରିବ ।

ଆମେ ହୁଏତ କହି ପାରିବା ଯେ ବ୍ୟକ୍ତି, ସମୂହ, ପୃଥିବୀ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ସେତିକିବେଳେ ପରିପୂର୍ଣ୍ଣତା ହାସଲ ହୋଇ ପାରିବ, ଯେତେବେଳେ କି ପ୍ରତ୍ୟେକ ମୁହୂର୍ତ୍ତରେ, ଯେଉଁ ପରମ ଶକ୍ତି ଆପଣାକୁ ରୂପାୟିତ କରିବା ଲାଗି ଇଚ୍ଛା କରୁଛି,

'oaob.nitrkl.ac.in' images reprocessed

ଗୁଣାତ୍ମକ ଏବଂ ପରିମାଣାତ୍ମକ ଉଭୟ ଦୃଷ୍ଟିରୁ ସଂପୃକ୍ତ ଗ୍ରହଣଶୀଳତାଟି ତାହାର ସମାନ ହୋଇ ରହିଥିବ ।

ଏହାକୁ ଆମେ ସର୍ବୋଚ୍ଚ ସମତାବସ୍ଥାଟି ବୋଲି ଜାଣିବା ।

ତେଣୁ, ଯାହା ଊର୍ଦ୍ଧ୍ୱରୁ ତଳକୁ ଆସୁଛି ଓ ଯାହା ତଳେ ଥାଇ ଅନୁସନ୍ଧାନ କରାଉଛି, ଦୁହିଁଙ୍କ ମଧ୍ୟରେ ଏକ ପରିପୂର୍ଣ୍ଣ ସମତାବସ୍ଥା ଅବଶ୍ୟ ରହିଥିବ; ଏବଂ ଯେତେବେଳେ ଦୁଇଟିଯାକର ସମ୍ମିଳନ ଘଟିବ, ତାହାକୁହିଁ ପରିପୂର୍ଣ୍ଣ ସମତାବସ୍ଥା ବୋଲି କୁହାଯିବ;—ତାହାହିଁ ହେବ ପରମ ଉପଲବ୍ଧି—ସତତ ଅଭିବୃଦ୍ଧି ଲାଭ କରୁଥିବା ଏକ ଉପଲବ୍ଧି ।

"ସେହିପରି ମନେହେବା ଅପେକ୍ଷା ପ୍ରକୃତରେ ସେହିପରି ହେବା ଅନେକ ଅଧିକ ଭଲ । ଯଦି ଭିତରେ ପରିପୂର୍ଣ୍ଣ ନିଷ୍ଠା ରହିଥାଏ, ତେବେ ବାହାରେ ଭଲ ବୋଲି ଦେଖାସିବାର ଆଉ କୌଣସି ପ୍ରୟୋଜନ ନଥିବ । ଏବଂ, ପରିପୂର୍ଣ୍ଣ ନିଷ୍ଠାର ଅର୍ଥ ହେଉଛି, ଆମର ଯାବତୀୟ ଭାବନା, ଯାବତୀୟ ଅନୁଭବ, ଇନ୍ଦ୍ରିୟବୋଧ ଏବଂ କାର୍ଯ୍ୟ ଆମ ସତ୍ତାର କେବଳ ସେହି ପରମ ସତ୍ୟଟିକୁହିଁ ପ୍ରକଟ କରି ଦେଉଥିବ ।"

"ଶିକ୍ଷା" ପୁସ୍ତକର "କ୍ରୀଡ଼ାପ୍ରତିଯୋଗିତା"

ତୁମେ ଯେତେବେଳେ ଗୋଟାପୁରା ନିଷ୍ଠାପର ହୋଇପାରିବ, ସେତେବେଳେ ତୁମ ସତ୍ତାର ସର୍ବୋଚ୍ଚ ଆଦର୍ଶ ସହିତ, ତୁମ ସତ୍ତାର ସତ୍ୟଟି ସହିତ ସୌଷମ୍ୟଯୁକ୍ତ ହୋଇ ଜୀବନ ବଞ୍ଚିବାକୁ ତୁମେ ଅନୁକ୍ଷଣ ଉଦ୍ୟମ କରୁଥିବ । ପ୍ରତ୍ୟେକ ମୁହୂର୍ତ୍ତରେ, ତୁମେ ଯାହାକିଛି ଭାବିବ, ଯାହାକିଛି ଅନୁଭବରେ ଆଣିବ ଓ ଯାହାକିଛି କରିବ, ତୁମେ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଭାବରେ ଓ ଯଥାସମ୍ଭବ ଅଧିକ ସଂପୂର୍ଣ୍ଣ ଭାବରେ ତାହାର ମଧ୍ୟଦେଇ ଆପଣାକୁ ସର୍ବୋଚ୍ଚ ଆଦର୍ଶଟି ସହିତ ସୌଷମ୍ୟଯୁକ୍ତ କରି ରଖି ତାହାକୁ ସମ୍ପନ୍ନ କରିବାକୁ ଚେଷ୍ଟା କରୁଥିବ; ଅଥବା, ଯଦି ଏଇଟି ବିଷୟରେ ତୁମେ ସଚେତନ ଥିବ, ତେବେ ତୁମର ସତ୍ତାର ସତ୍ୟଟି ସହିତ ସୌଷମ୍ୟଯୁକ୍ତ ରହି ତୁମେ ତାହା କରିବାର ଚେଷ୍ଟା କରୁଥିବ । ତେବେ ତୁମେ ଯଥାର୍ଥ ନିଷ୍ଠା ଅର୍ଜନ କରି ପାରିଛ ବୋଲି କୁହାଯାଇ ପାରିବ । ଏବଂ, ଯଦି ତୁମେ ପ୍ରକୃତରେ ସେହିପରି ହୋଇଥିବ, ଯଦି ତୁମେ ପ୍ରକୃତରେ ଅହଂକେନ୍ଦ୍ରିତ କୌଣସି ଅଭିପ୍ରାୟ ଅଥବା ବ୍ୟକ୍ତିଗତ ସ୍ୱାର୍ଥବୁଦ୍ଧି ଦ୍ୱାରା ପରିଚାଳିତ ହୋଇ କିଛି କରୁ ନଥିବ, ଯଦି ତୁମେ

'oaob.nitrkl.ac.in' images reprocessed

ଆପଣାର ଅନ୍ତର୍ଗତ ସତ୍ୟଟି ଦ୍ୱାରା ପରିଚାଳିତ ହୋଇହିଁ ସବୁ କରୁଥିବ, ଅର୍ଥାତ୍, ଯଦି ତୁମେ ଅବିଚଳ ଭାବରେ ନିଷ୍ଠାପର ରହିଥିବ, ତେବେ ସମଗ୍ର ପୃଥିବୀ ଏପରି ଭାବରେ ଅଥବା ସେପରି ଭାବରେ ତୁମର ବିଚାର କରିବାକୁ ବାହାରିଲେ ମଧ୍ୟ ତୁମ ଲାଗି ତାହାର ଆଦୌ କୌଣସି ପାର୍ଥକ୍ୟ ନଥିବ । ପରିପୂର୍ଣ୍ଣ ନିଷ୍ଠାର ଏହି ସ୍ଥିତିଟିରେ ଆଉ ଭଲ ହୋଇ ଦେଖାଯିବାର କୌଣସି ପ୍ରୟୋଜନ ରହିବ ନାହିଁ, ଅନ୍ୟମାନଙ୍କର ସ୍ୱୀକୃତି ପାଇବାର ମଧ୍ୟ ପ୍ରୟୋଜନ ନଥିବ; କାରଣ ଆପଣାର ଯଥାର୍ଥ ଚେତନାଟି ସହିତ ସୌଷମ୍ୟଯୁକ୍ତ ହୋଇ ରହିଥିବା ସମ୍ପର୍କରେ ତୁମର ସର୍ବପ୍ରଥମେ ଏହି ଅନୁଭୂତିଟି ହେବ ଯେ ତୁମେ ବାହାରକୁ କିପରି ଦେଖାଯାଉଛ, ସେବିଷୟରେ ତୁମେ ଏତେଟିକିଏ ହେଲେ ଚିନ୍ତା କରୁ ନାହଁ । ତୁମେ ବାହାରକୁ ଏପରି ଦେଖାଯାଉଛ ଅଥବା ସେପରି ଦେଖାଯାଉଛ, ତୁମେ ଅନ୍ୟମାନଙ୍କ ଆଗରେ ଉଦାସୀନ ମନେ ହେଉଛ, ଆଦୌ କୌଣସି ଉଷ୍ମତା ନଥିବା ପରି ମନେ ହେଉଛ, ଅନ୍ୟମାନଙ୍କଠାରୁ ଦୂରରେ ରହିଥିବା ପରି ମନେ ହେଉଛ ବା ଗର୍ବୀ ପରି ମନେ ହେଉଛ,—ଏସବୁର ଆଦୌ କୌଣସି ମହତ୍ତ୍ୱ ନାହିଁ । ଅସଲ କଥା ହେଉଛି, ମୁଁ ଆଉଥରେ କହି ରଖୁଛି, ତୁମେ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ରହିଛ, ଅର୍ଥାତ୍, ତୁମେ କେବେହେଲେ ପାସୋରି ଦେଉ ନାହଁ ଯେ ନିଜର ଅନ୍ତର୍ଗତ କେନ୍ଦ୍ରସ୍ଥ ସତ୍ୟଟିର ଉପଲବ୍ଧି ସକାଶେହିଁ ତୁମେ ଜୀବନ ବଞ୍ଚୁଛ ।

ଅନ୍ୟ କାହାକୁ ନୁହେଁ, କେବଳ ପରମ ଦିବ୍ୟ ପୁରୁଷଙ୍କୁହିଁ ପ୍ରସନ୍ନ କରି ରଖିବା ପରିପୂର୍ଣ୍ଣତା ନୁହେଁ କି ?

ହଁ, ଯଦି ତୁମେ କଥାଟିକୁ ସେହିପରି କହିବାକୁ ଚାହୁଁଛ । ମାତ୍ର ଯେତେବେଳେ ସମ୍ପୂର୍ଣ୍ଣ ନିଷ୍ଠା ସମ୍ଭବ ହୋଇ ନଥାଏ, ସେତେବେଳେ ଭାରି ସହଜରେ ଆପଣାକୁ ଠକିଦେଇ ହୁଏ । ଏବଂ ଯଦି କୌଣସି କାରଣରୁ ପ୍ରସନ୍ନ ଥିଲାପରି ଅନୁଭବ ହୁଏ, ତେବେ କହିବାକୁ ଇଚ୍ଛା ହୁଏ : "ହଁ, ହଁ, ମୁଁ ଯେ ପରମ ଦିବ୍ୟ ପୁରୁଷଙ୍କର ପ୍ରସନ୍ନତାଭାଜନ ହୋଇଛି ସେଥିରେ କୌଣସି ସନ୍ଦେହ ନାହିଁ ।"

'oaob.nitrkl.ac.in' images reprocessed

## ୪ ଜାନୁଆରୀ ୧୯୫୧

ମାଅ ତାଙ୍କର "ଶିକ୍ଷା" ବହିରୁ "ରୂପାନ୍ତର" ଶୀର୍ଷକ ଲେଖାଟି ପଢ଼ିଲେ । ଏବଂ ତା'ପରେ ଆଲୋଚନା କରି କହିଲେ :

ଆମେ ଯେଉଁ ରୂପାନ୍ତରଟିକୁ ଇଚ୍ଛା କରୁଛୁ, ତାହା ହେଉଛି ଏକ ସମଗ୍ର ରୂପାନ୍ତର; ସେଥିରେ ଏହି ଶରୀର ଏବଂ ତାହାର ସକଳ କ୍ରିୟାଶୀଳତାରେ ମଧ୍ୟ ରୂପାନ୍ତର ଘଟିବ ।

ପୂର୍ବକାଳରେ ଯେତେବେଳେ କେହି ରୂପାନ୍ତର ବିଷୟରେ କହୁଥିଲେ ସେତେବେଳେ ସେ ତଦ୍ୱାରା ସମ୍ପୂର୍ଣ୍ଣ ଭାବରେ କେବଳ ଅନ୍ତର୍ଗତ ଚେତନାର ରୂପାନ୍ତରକୁହିଁ ବୁଝାଉଥିଲେ । ସିଏ ଆପଣା ଭିତରେ ଏହି ଗଭୀର ଚେତନାଟିକୁ ଆବିଷ୍କାର କରିବା ଲାଗି ଚେଷ୍ଟା କରୁଥିଲେ ଏବଂ ଶରୀର ଓ ଶରୀରର ଯାବତୀୟ ସକ୍ରିୟତାକୁ କେବଳ ଏକ ବୋଝ ଓ ଏକ ନିରର୍ଥକ ବସ୍ତୁ ବୋଲି ମଣି ତାହାକୁ ବର୍ଜନ କରି ଆସୁଥିଲେ । ତାହାରି ଦ୍ୱାରାହିଁ ସେ ନିର୍ବିଘ୍ନରେ ଅନ୍ତର୍ଗତ ସାଧନା ଓ ସଞ୍ଚରଣଟି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦେଇ ପାରିବେ ବୋଲି ବିଚାର କରୁଥିଲେ । ଏହି ସାଧନା ଆଦୌ ଯଥେଷ୍ଟ ନୁହେଁ ବୋଲି ଶ୍ରୀଅରବିନ୍ଦ ଘୋଷଣା କଲେ । ସିଏ କହିଲେ ଯେ ପରମ ସତ୍ୟର ସଙ୍କଳ୍ପଟି ଅନୁସାରେ ଏହି ପାର୍ଥିବ ଜଗତଟିକୁ ମଧ୍ୟ ରୂପାନ୍ତରର ପ୍ରକ୍ରିୟାଟି ମଧ୍ୟରେ ଅଂଶଗ୍ରହଣ କରିବାକୁ ହେବ ଏବଂ ନିଜକୁ ସେହି ଗଭୀରତର ପରମ ସତ୍ୟର ଏକ ଅଭିବ୍ୟକ୍ତିରେ ପରିଣତ ହେବାକୁ ପଡ଼ିବ । ମାତ୍ର, ଲୋକମାନେ ଯେତେବେଳେ ସେହି କଥା ଶୁଣିଲେ, ସେତେବେଳେ ଅନେକେ ଭାବିଲେ ଯେ, ଆମ ଭିତରେ ପ୍ରକୃତରେ କ'ଣ ପରିବର୍ତ୍ତନ ଘଟୁଛି ବା ନଘଟୁଛି, ତାହା ଲାଗି କୌଣସି ଅପେକ୍ଷା ନରଖି ମଧ୍ୟ ଉପରେ ଶରୀର ଓ ତା'ର ଯାବତୀୟ ସକ୍ରିୟତାର ରୂପାନ୍ତର ଘଟିବା ସମ୍ଭବ ହୋଇଯିବ । ଅତ୍ୟନ୍ତ ପରିଷ୍କାର କଥା ଯେ ତାହା ଆଦୌ ସତ ନୁହେଁ । ଶରୀରର ରୂପାନ୍ତର ଘଟାଇବା ହେଉଛି ସବୁଠାରୁ ଅଧିକ ଆୟାସସାଧ୍ୟ, ଏବଂ ସେହି କାର୍ଯ୍ୟଟିକୁ ହାତରେ ନେଇପାରିବା ପୂର୍ବରୁ, ଭୂମର ଅନ୍ତର୍ଗତ ଚେତନାଟି ତେଣେ ଦୃଢ଼ପ୍ରତିଷ୍ଠିତ ହୋଇ ରହିଥିବା ଦରକାର, ପରମ ସତ୍ୟରେ ପ୍ରତିଷ୍ଠିତ ହୋଇ ରହିଥିବା ଦରକାର, ଯେପରିକି ଏହି ରୂପାନ୍ତର ପରମ ସତ୍ୟର ଏକ ଚୂଡ଼ାନ୍ତ ଅଭିବ୍ୟକ୍ତିର ପରିଣତ ହୋଇପାରିବ,—ଅନ୍ତତଃ ସାମୟିକ ଭାବରେ ତାହାକୁ "ଚୂଡ଼ାନ୍ତ" ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ଏହି ରୂପାନ୍ତରର ସର୍ବପ୍ରଥମ ପାଦ ହେଉଛି ଗ୍ରହଣଶୀଳତା, ଏବଂ ଏବିଷୟରେ ଆମେ ଆଗରୁ ଆଲୋଚନା କରି ସାରିଛୁ । ରୂପାନ୍ତରର ଉପଲବ୍ଧି ନିମିତ୍ତ ଏଇଟି ହେଉଛି ଅପରିହାର୍ଯ୍ୟ ସର୍ତ୍ତ । ତା'ପରେ ଯାହା ଆସେ, ସେଇଟି ହେଉଛି ଚେତନାରେ ପରିବର୍ତ୍ତନ । ଚେତନାର ଏହି ପରିବର୍ତ୍ତନ ଏବଂ ସେଥିଲାଗି ଆବଶ୍ୟକ ପ୍ରସ୍ତୁତିକୁ ଅନେକ ସମୟରେ ଅଣ୍ଡା ଭିତରେ କୁକୁଡ଼ା ଛୁଆଟିର ତିଆରି ହୋଇ ଆସିବା ସହିତ ତୁଳନା କରାଯାଇଛି । ଏଥିରେ, ଏକାବେଳେକେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମଧ୍ୟ ଡିମ୍ବଟି ଠିକ୍ ସେହିଭଳି ଦିଶୁଥାଏ, ସେଥିରେ କୌଣସି ପରିବର୍ତ୍ତନ ଘଟେ ନାହିଁ; ଏବଂ ଭିତରେ କୁକୁଡ଼ାଛୁଆଟି ଆଗ ସମ୍ପୂର୍ଣ୍ଣ ଭାବରେ ଗଠିତ ହୋଇ ସାରିଲେ, ସମ୍ପୂର୍ଣ୍ଣ ଭାବରେ ଜୀବନ ପାଇ ସାରିଲେ, ସେଇ ନିଜେ ଅଣ୍ଡାର ଖୋଳଟି ଦେହରେ ଆଗ ଥୁମ୍ପି କରି କଣାଟିଏ କରିଦିଏ ଓ ତାହା ଭିତରୁ ବାହାରି ଆସେ । ଚେତନାରେ ପରିବର୍ତ୍ତନ ଘଟିବା ସମୟରେ ସେହିପରି ଏକ ଘଟଣା ଘଟିଥାଏ । ଅନେକ ସମୟ ଧରି ତୁମ ଭିତରେ ଏକ ଧାରଣା ରହିଥାଏ ଯେ ପ୍ରକୃତରେ କୋଉଠି କିଛି ଘଟୁ ନାହିଁ, ତୁମର ଚେତନା ସେହି ପୂର୍ବପରି ଯେମିତି ସେମିତି ରହିଛି; ଏବଂ ଯଦି ତୁମ ଭିତରେ ଏକ ପ୍ରଗାଢ଼ ଅଭୀପ୍ସା ରହିଥାଏ, ତେବେ ତୁମେ ଗୋଟାଏ ପ୍ରକାର ପ୍ରତିରୋଧ ବି ଅନୁଭବ କରିବାକୁ ଆରମ୍ଭ କର;—ଯେତେବେଳେ ଠିକ୍ ସତେଯେପରି ତୁମେ ଯାଇ କୌଣସି ପାଚେରି ଉପରେ ବାରଂବାର ଆଘାତ କରୁଛ, ମାତ୍ର ପାଚେରିଟି ଯେମିତି ସେମିତି ଠିଆହୋଇ ରହିଛି । ମାତ୍ର ଯେତେବେଳେ ତୁମେ ଭିତରେ ପ୍ରସ୍ତୁତ ହୋଇଯାଅ, ସେତେବେଳେ କେବଳ ସର୍ବଶେଷ ଏକ ପ୍ରୟାସ କରିବାକୁ ପଡ଼େ, ସତ୍ତାର ଖୋଳଟି ଉପରେ ଟିକିଏ ଥୁମ୍ପି ଦେବାକୁ ପଡ଼େ । ତା'ପରେ ସବୁ ଉନ୍ମୋଚିତ ହୋଇଯାଏ ଏବଂ ତୁମେ ଆସି ଏକ ଅନ୍ୟ ଚେତନାରେ ଅବସ୍ଥାପିତ ହୁଅ ।

ମୁଁ କହିଲି ଯେ ଏହି କ୍ଷେତ୍ରରେ ଆଧାରସ୍ଥ ସମତାବସ୍ଥାରେ ପ୍ରକୃତରେ ଏକ ବିପ୍ଳବ ସଂଘଟିତ ହୋଇଥାଏ, ଅର୍ଥାତ୍, ଚେତନାର ଏକ ସମ୍ପୂର୍ଣ୍ଣ ଓଲଟପାଲଟ ଘଟେ; ଗୋଟିଏ ପ୍ରିଜ୍‌ମ୍ ମଧ୍ୟଦେଇ ଅତିକ୍ରମ କରୁଥିବା ବେଳେ ଆଲୋକର ଯେଉଁ ଅବସ୍ଥା ଘଟେ; ଏଠାରେ ଆମେ ତାହାକୁ ସେହି ଅବସ୍ଥା ସହିତ ତୁଳନା କରି ପାରିବା । ଅଥବା, ସତେଯେପରି ତୁମେ ଗୋଟିଏ ବଲ୍‌ର ଭିତର ପଟଟାକୁ ବାହାର ପଟକୁ କରିଦେବାକୁ ଯାଉଛ, ଯାହାକି କେବଳ ଚତୁର୍ଥ ପ୍ରସ୍ଥର ଏକ ସ୍ଥିତିରେ ସମ୍ଭବ ହୋଇ ପାରିବ । ଉଚ୍ଚତର ବହୁପ୍ରସ୍ଥଯୁକ୍ତ ଚେତନା ମଧ୍ୟରେ ପ୍ରବେଶ କରିବା ପାଇଁ ସାଧାରଣ ତିନିପ୍ରସ୍ଥଯୁକ୍ତ ଚେତନାର ଆସ୍ଥିତନଟି ମଧ୍ୟରୁ ବାହାରି ଆସିବାକୁ ପଡ଼େ ଏବଂ ତା'ପରେ ଆହୁରି ଅସଂଖ୍ୟ ଅନେକ ପ୍ରସ୍ଥ ଭିତରେ ପ୍ରବେଶ କରିବାକୁ ପଡ଼େ । ଏହାକୁ ଆମେ ଯାହାର ସେହି ଅପରିହାର୍ଯ୍ୟ ପ୍ରଥମ ପାଦଟି ବୋଲି ଜାଣିବା । ତୁମର ଚେତନା ଆପଣାର ପ୍ରସ୍ଥଟିକୁ ବଦଳାଇ ପାରି ନଥିଲା ପର୍ଯ୍ୟନ୍ତ ତାହା ଠିକ୍ ସେହି

'oaob.nitrkl.ac.in' images reprocessed

ଆଗପରି ସେମିତ ସେମିତ ହୋଇ ରହିଥିବ; ବସ୍ତୁଗୁଡ଼ିକ ବିଷୟରେ କେବଳ ଉପରଠାଉରିଆ କେତେକ ଧାରଣା ରହିଥିବ ଏବଂ ଯାବତୀୟ ଗଭୀରତା ତୁମଠାରୁ କେବଳ ଦୂରବର୍ତ୍ତୀ ହୋଇ ରହିଥିବ ।

ତୁମ ଭିତରୁ ଏଠାରେ ଏପରି କେହି ଅଛନ୍ତି, ଯିଏକି ଚେତନାରେ ଏପରି ଏକ ଓଲଟପାଲଟ ହୋଇଥିବାର ଏକ ଅନୁଭୂତି ଲାଭ କରି ସାରିଛନ୍ତି ଏବଂ ଆପଣାର ଅନୁଭୂତିଟିକୁ ଏଠାରେ ବୁଝାଇ କହିଦେଇ ପାରିବେ ?

ଜନୈକ ବ୍ୟକ୍ତି : ସତେଯେପରି ତାହା ହୃଦ୍‌ଯନ୍ତ୍ର ଭିତରେ ଏକ ଯନ୍ତ୍ରଣା ପରି ଅନୁଭୂତ ହେଲା ଏବଂ ପ୍ରାୟ ଦିନେ ପର୍ଯ୍ୟନ୍ତ ସେହିପରି ରହିଲା । ତା'ପର ଦିନ ମୁଁ ଯେତେବେଳେ ନିଦରୁ ଉଠିଲି, ସେତେବେଳେ ମୁଁ ସତେଅବା ଏକ ଗଭୀର ଧ୍ୟାନାବସ୍ଥା ଭିତରୁ ବାହାରି ଆସିଲା ପରି ମନେହେଲା । ଏବଂ, ମୋର ଯାବତୀୟ ଭାବନା, ଯାବତୀୟ କର୍ମ ସତେଅବା ଆଉ କୌଣସି ଅନ୍ୟ ବସ୍ତୁ ବା ଏପରି ଅନ୍ୟଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିବା ପରି ଲାଗିଲା, ଯିଏକି ମୋର ମସ୍ତକ ପାଖରେ ରହି ମୋତେ ଅବଲୋକନ କରିବାରେ ଲାଗିଥିଲେ । ମୋ ମୁହଁ ଭିତରୁ ଯେତେଯାହା କଥା ବାହାରିଲା, ସେଥିରେ ଆଦୌ କୌଣସି ବିଭ୍ରାନ୍ତି ନଥିଲା ।

ଏହି ଯନ୍ତ୍ରଣା କିପରି ହେଉଥିଲା ? ଗୋଟାଏ ଘୃପ ଆସି ପଡ଼ିଲା ପରି ଲାଗୁଥିଲା ? ସତେ ଯେପରି କେଉଁଠି କ'ଣ ବିଦୀର୍ଣ୍ଣ ହୋଇ ଗଲା ପରି ଲାଗୁଥିଲା ? ଗୋଟାଏ ଆଘାତ ପରି ମନେ ହେଉଥିଲା ?

ସେହି ବ୍ୟକ୍ତି : ମନେ ହେଉଥିଲା, ମୋ ଭିତରେ ସତେଯେପରି କୌଣସି ଗୋଟିଏ କିଛୁ ମୋଟେ ପ୍ରସନ୍ନ ବୋଧ କରୁ ନଥିଲା । ମାତ୍ର ରାତିରେ ସେସବୁ ବଦଳିଗଲା । ତା' ଆରଦିନ ଅସ୍ୱସ୍ତି ମଧ୍ୟ କଟି ଯାଇଥିଲା ।

ଏହାକୁ ନିଃସନ୍ଦେହ ଭାବରେ ଉଚ୍ଚତର ଚେତନା ଲାଗି ଏକ ମାନସିକ ଉନ୍ମୋଚନ ବୋଲି କୁହାଯାଇ ପାରିବ, ଉଚ୍ଚତର ଚେତନାଟି ଉଦ୍ଦେଶ୍ୟରେ ମାନସିକ

'oaob.nitrkl.ac.in' images reprocessed

ଚେତନାର ଏକ ଆରୋହଣ ବୋଲି କୁହାଯାଇ ପାରେ । ଖୁବ୍ ସମ୍ଭବ ସଂବେଗମୟ ପ୍ରାଣିକ କ୍ଷେତ୍ରରେ କୌଣସି ପ୍ରତିରୋଧରୁହିଁ ଯନ୍ତ୍ରଣାଟି ଜନ୍ମଲାଭ କରିଥିଲା, ଏବଂ ଏକ ଉଚ୍ଚତର ରାଜ୍ୟରେ ଚେତନାର ବିମୋଚନ ଘଟିବା ଫଳରେ ଘାତରେ ସେହି ଅପ୍ରସନ୍ନତାବୋଧ ମଧ୍ୟ ଦୂର ହୋଇଗଲା ।

ଜଣେ ଦ୍ୱିତୀୟ ବ୍ୟକ୍ତି : ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଠିଆ ହୋଇଥିବା ସମୟରେ ମୁଁ ଗୋଟାଏ ପ୍ରକାରର ତୀବ୍ର ଯନ୍ତ୍ରଣା ଅନୁଭବ କଲି । ଶ୍ରୀଅରବିନ୍ଦଙ୍କ ପାଖରେ ପ୍ରାର୍ଥନା କରି ମୁଁ କିଛି ମାଗିବାକୁ ଆରମ୍ଭ କଲି । ଏବଂ ତା'ପରେ ସଙ୍ଗେ ସଙ୍ଗେ ସେହି ଯନ୍ତ୍ରଣା ଏକ ପ୍ରଗାଢ଼ ଆନନ୍ଦରେ ରୂପାନ୍ତରିତ ହୋଇଗଲା ।

ଅର୍ଥାତ୍ ତୁମର ଚୈତ୍ୟସତ୍ତା ସହିତ ଏକ ସଂଯୋଗସ୍ଥାପନ ହେଲା ।

ତୃତୀୟ ବ୍ୟକ୍ତି : ଅନେକ ସମୟରେ ଆମର ଚେତନା ଏହି ପୃଥିବୀ ଉପରକୁ କୁଆଡ଼େ ଉଠି ଯାଉଥିବା ପରି ଅନୁଭବ ହୁଏ । ଏପରି ଏକ ପ୍ରଦେଶରେ ଆସି ପହଞ୍ଚିବା ପରି ମନେହୁଏ, ଯେଉଁଠାରେ କି ଯାବତୀୟ ସମସ୍ୟା ଓ ଯାବତୀୟ ପ୍ରଶ୍ନ ଏକ ସମାଧାନକାରୀ ଉତ୍ତର ପାଇବା ଅପେକ୍ଷା ଅଧିକ ପରିମାଣରେ ସତେଅବା ଅନ୍ତର୍ହିତ ହେଉଥିବା ପରି ମନେହୁଅନ୍ତି । ସେଗୁଡ଼ାକର ଆଉ ପ୍ରକୃତରେ କୌଣସି ମହତ୍ତ୍ୱ ଥିଲା ପରି ଲାଗେ ନାହିଁ । ମାତ୍ର ତଥାପି ଏହାକୁ "ଜ୍ଞାନରୁ ଜ୍ଞାନକୁ ଅତିକ୍ରମ କରିଯିବା" ବୋଲି କଦାପି କହି ହେବ ନାହିଁ ।

ଆମେ ଏହାକୁ ଚୈତ୍ୟ କେନ୍ଦ୍ରରେ ଥିବା ଦିବ୍ୟ ପରମ ଉପସ୍ଥିତିଟି ଆଡ଼କୁ ଅନ୍ତର୍ଗତ ସତ୍ତାର ଏକ ଉନ୍ମୋଚନ ବୋଲି କହିବା; ଏବଂ ସେହି ଅବସ୍ଥାରେ, ତୁମକୁ କ'ଣ କରିବାକୁ ହେବ, ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ସେହି କଥାଟିକୁ ଯେ କେବଳ ଜାଣିବାରେ ସମର୍ଥ ହୋଇଯାଅ ତା' ନୁହେଁ, ମାତ୍ର କାହିଁକି ତାହା କରିବାକୁ ହେବ ଓ କିପରି କରିବାକୁ ହେବ, ତୁମେ ସେକଥାଟିକୁ ମଧ୍ୟ ଜାଣିବା ଲାଗି ସମର୍ଥ ହୁଅ । ବାହ୍ୟ ପ୍ରତିଭାସଗୁଡ଼ିକର ପଛରେ ରହିଥିବା ବସ୍ତୁଗୁଡ଼ିକର ଅସଲ ସତ୍ୟ ସହିତ ତୁମର

'oaob.nitrkl.ac.in' images reprocessed

ଦର୍ଶନ ଘଟେ । ସାଧାରଣ ସ୍ତରରେ, ଅର୍ଥାତ୍ ବାହାର ଆଡ଼ୁ ଆମେ ଯେତେବେଳେ ବସ୍ତୁଗୁଡ଼ିକୁ ଦେଖୁଥାଉ, ସେତେବେଳେ ସେଗୁଡ଼ିକୁ ଆମେ ଏତେବେଶୀ ବାହାରଆଡ଼ୁ ଦେଖୁଥାଉ ଯେ, କେବଳ କ୍ୱଚିତ୍ କେତୋଟି ଦୃଷ୍ଟାନ୍ତକୁ ଛାଡ଼ିଦେଲେ, ଆଉଜଣେ ବ୍ୟକ୍ତି ପ୍ରକୃତରେ କ'ଣ ଚିନ୍ତା କରୁଛି, ଆମେ ସେତକ କଥା ମଧ୍ୟ ଜାଣି ପାରୁ ନାହିଁ (ତେଣୁ ତୁମକୁ ଅନେକ ଚେଷ୍ଟା କରିବାକୁ ପଡ଼ିବ, କାରଣ ତୁମେ କେବଳ ଉପରଭାଗଟାକୁହିଁ ଦେଖୁଥାଅ, ଏବଂ ଭିତରେ କ'ଣ ସବୁ ଘଟିବାରେ ଲାଗିଛି, ତା' ବିଷୟରେ କିଛି ଜାଣି ପାର ନାହିଁ ।) । ହଁ, ଅନ୍ତର ଭିତରେ ସେହି ଉନ୍ମୋଚନଟି ଘଟି ଯାଇବା ପରେ ଏବଂ ଚୈତ୍ୟ କେନ୍ଦ୍ରଟିରେ ରହିଥିବା ପରମ ଉପସ୍ଥିତିଙ୍କ ସହିତ ଏହି ଏକାତ୍ମକତା ଘଟିଯାଇଲେ, ତୁମେ ପ୍ରତ୍ୟେକ ବସ୍ତୁକୁ ଭିତର ଆଡ଼ୁହିଁ ବାହାରକୁ ଦେଖିବା ଲାଗି ସମର୍ଥ ହୁଅ; ତୁମେ ଭିତରେ ଯାହା ଦେଖିବାକୁ ସମର୍ଥ ହୁଅ, ବାହ୍ୟ ରୂପାୟନଟି ଅଳ୍ପବହୁତ ପରିମାଣରେ ବିକୃତ ହୋଇ କେବଳ ତାହାର ଏକ ଅଭିବ୍ୟକ୍ତିରୂପେ ପରିଦୃଷ୍ଟ ହେବାକୁ ଲାଗେ । ସତ୍ତାଗୁଡ଼ିକର ଅନ୍ତର୍ଗତ ଅସ୍ତିତ୍ୱ ଏବଂ ଆକାର ବିଷୟରେ ତୁମେ ସଜ୍ଞାନ ହେବାକୁ ଆରମ୍ଭ କର, ସେଗୁଡ଼ିକର ବାହ୍ୟ ଅସ୍ତିତ୍ୱ ଏହି ଅନ୍ତର୍ଗତ ଅସ୍ତିତ୍ୱରହିଁ ଅଳ୍ପବହୁତ ବିକୃତ ହୋଇ ଯାଇଥିବା ଏକ ଅଭିବ୍ୟକ୍ତିରୂପେ ପ୍ରତୀତ ହେବାକୁ ଲାଗେ । ଏହି କାରଣରୁ ମୁଁ କହୁଛି ଯେ ଆଧାରସ୍ଥ ସମଗ୍ରାବସ୍ଥାରେ ସମ୍ପୂର୍ଣ୍ଣ ଭାବରେ ଏକ ପରିବର୍ତ୍ତନ ସଂଘଟିତ ହୁଏ । ଏହି ଜଗତର ବାହାରେହିଁ ଅବସ୍ଥାନ କରି ଓ ସତେଅବା ତୁମର ବାହାରେ ରହିଥିବା ଏକ ବସ୍ତୁ ପରି ତାହାର ଅବଲୋକନ ନକରି ତୁମେ ତାହାର ଅନ୍ତଃପ୍ରବେଶ କରିବାକୁ ସମର୍ଥ ହୋଇଯାଅ, ଏବଂ ବାହାରର ଆକୃତିଗୁଡ଼ିକ ଅଳ୍ପବହୁତ ଅକୁଶଳ ଭାବରେ ଯାହା ଭିତରେ ରହିଛି ତାହାକୁହିଁ ଅଭିବ୍ୟକ୍ତ କରି ଆସୁଛନ୍ତି ବୋଲି ଉପଲବ୍ଧି କରିବାକୁ ଲାଗ । ଏବଂ ଯାହା ଭିତରେ ରହିଛି, ତାହାହିଁ ତୁମ ଲାଗି ଅସଲ ସତ୍ୟରୂପେ ଉପଲବ୍ଧ ହୁଏ ।

'oaob.nitrkl.ac.in' images reprocessed

ଶ୍ରୀ [illegible] ସାଧନା
[illegible]

# ୮ ଜାନୁଆରୀ ୧୯୫୧

ତାଙ୍କର ''ଶିକ୍ଷା'' ପ୍ରବନ୍ଧରେ ଥିବା ''ଜଣେ ପିଲାର ସବୁବେଳେ କ'ଣ ମନେ ରଖିବା ଉଚିତ'' ବିଷୟଟିକୁ ମାଆ ପଢ଼ି ଶୁଣାଇଲେ ।

ଆପଣ କହୁଛନ୍ତି ଯେ ଆମ ଭିତରେ "ପରମ ସତ୍ୟର ଅନ୍ତିମ ବିଜୟ ବିଷୟରେ ପୂର୍ଣ୍ଣନିଶ୍ଚୟତା" ରହିବ । ମାତ୍ର, ଆମେ ସାଧାରଣ ଜୀବନରେ ଯାହାସବୁ ଶିକ୍ଷା ଦେଇଥାଉ, ଏହି ନିଶ୍ଚୟତା ତା'ଠାରୁ ଅତ୍ୟନ୍ତ ଅନ୍ୟପ୍ରକାର ବୋଲି ବୋଧ ହୁଏ ନାହିଁ କି ଓ ଅନେକ ସମୟରେ ତା'ର ଠିକ୍ ଓଲଟା ବୋଲି ଲାଗେ ନାହିଁ କି ?

ହଁ, ସାଧାରଣତଃ ବିଶ୍ୱାସ କରାଯାଏ ଯେ ପ୍ରକୃତି ମଧ୍ୟରେ ଯାବତୀୟ ବସ୍ତୁର ଶେଷ କେବଳ ଶୋଚନୀୟ ଭାବରେ ହୋଇଥାଏ । ଯେଉଁମାନେ ଆପଣା ଜୀବନରେ ପ୍ରଭୂତ ସଫଳତା ଲାଭ କରି ସାରିବା ପରେ ଶେଷ ଜୀବନରେ ଏକ ଦୟନୀୟ ପରିସମାପ୍ତିର ସମ୍ମୁଖୀନ ହୋଇଥାନ୍ତି, ସେମାନଙ୍କର କାହାଣୀ ଆମେ ସମସ୍ତେ ଜାଣିବାକୁ ପାଇଥିବା । ଯେଉଁମାନଙ୍କ ଭିତରେ କେତେକେତେ ଅସାଧାରଣ ସାମର୍ଥ୍ୟ ରହିଥିଲା ଏବଂ ଯେଉଁମାନେ ଶେଷକୁ ସେଗୁଡ଼ିକୁ ହରାଇ ବସିଲେ, ଆମେ ସେମାନଙ୍କର ଇତିବୃତ୍ତିଗୁଡ଼ିକୁ ମଧ୍ୟ ନିଶ୍ଚୟ ଜାଣିଥିବା । ଯେଉଁ ଜାତି ଏକ ଦୀର୍ଘ କାଳ ଧରି ଏକ ଅଦ୍‌ଭୁତ ଚମତ୍କାରିତାପୂର୍ଣ୍ଣ ସଭ୍ୟତାର ନିଦର୍ଶନ ହୋଇ ରହିଥିଲା, ତା'ପରେ ସେହି ସଭ୍ୟତାଟି ଅନ୍ତର୍ହିତ ହୋଇଗଲା ଓ ସେହି ଜାତିଟି ସ୍ଖଳିତ ହୋଇ ଏପରି ଏକ ଦୟନୀୟ ଅବସ୍ଥାରେ ଆସି ପହଞ୍ଚିଲା ଯେ ତାହା ଯେ ଦିନେ ପ୍ରକୃତରେ କିପରି ଥିଲା, ତାହାର ସ୍ମରଣ କରିବା ମଧ୍ୟ ସମ୍ଭବ ହେଲା ନାହିଁ,—ଆମେ ସେହି ଜାତିର କାହାଣୀଟିକୁ ମଧ୍ୟ ଜାଣିଥିବା । ଏସବୁ ଶୁଣି ମନେ ହୋଇଥାଏ ଯେ ପୃଥିବୀର ଇତିହାସଟି ହେଉଛି ଏପରି ଏକ କାହାଣୀ, ଯେଉଁଥିରେ କି ପ୍ରଥମେ ଅନେକ ବିଜୟ ହାସଲ କରାଯାଇଛି ଏବଂ ତା'ପରେ କେତେକେତେ ପରାଭବ ଆସି ପହଞ୍ଚିଛି । ଏହି କାହାଣୀରେ ପ୍ରଥମେ ପରାଜୟ ଘଟି ତା'ପରେ ବିଜୟ ଉପଲବ୍ଧ ହୋଇ ନାହିଁ ।

'oaob.nitrkl.ac.in' images reprocessed

ମାତ୍ର, ପ୍ରକୃତ କଥା କହିବାକୁ ଗଲେ, ଯେତେବେଳେ ଆମେ ବିଶ୍ୱଗତ ଏବଂ ଦ୍ରବ୍ୟ ବିଷୟଗୁଡ଼ିକର ସମସ୍ୟା ବିଷୟରେ କୌଣସି ଆଲୋଚନା କରୁଥିବା, ସେତେବେଳେ ଏହା ଏକାନ୍ତ ଆବଶ୍ୟକ ଯେ ଆମର ଦୃଷ୍ଟି ଏକ ବିଶ୍ୱଗତ ଦୃଷ୍ଟି ହୋଇ ରହିଥିବ ଓ ଆମେ ବସ୍ତୁଗୁଡ଼ିକର ଦ୍ରବ୍ୟ ଅର୍ଥଟିକୁ ପ୍ରକୃତରେ ବୁଝି ପାରୁଥିବା । ସତ୍ୟ ଆପଣାକୁ ଯେ କିପରି ଭାବରେ ଅଭିବ୍ୟକ୍ତ କରିବାରେ ଲାଗିଛି, ଆମେ ତେବେଯାଇ ତାହା ବୁଝି ପାରିବା । ସାଧାରଣତଃ ଏପରି ଏକ ନୈରାଶ୍ୟ-ବାଦକୁ ବ୍ୟକ୍ତ କରି କୁହା ଯାଇଥାଏ ଯେ ଯାବତୀୟ ବସ୍ତୁର ଆରମ୍ଭ ଭଲ ହୋଇଥିଲେ ମଧ୍ୟ ସେଗୁଡ଼ିକର ଶେଷ କଦାପି ଭଲ ନୁହେଁ, ଏବଂ ଏହି ସଂସାରରେ ଦୁର୍ବଳତା, କପଟତା, ମିଥ୍ୟା ଏବଂ ଦୁଷ୍କୃତାହିଁ ସବୁବେଳେ ବିଜୟୀ ହେବାରେ ଲାଗିଛି । ସେହି କାରଣରୁ, ଯେଉଁମାନେ ଆପଣାର ବ୍ୟକ୍ତିଗତ ପ୍ରକୃତି ଦେଇହିଁ ସଂସାରଟାକୁ ଦେଖନ୍ତି, ସେମାନେ ଏହି ପୃଥିବୀକୁ ଏକ ଖରାପ ପୃଥିବୀ ବୋଲି କହି ଯାଇଛନ୍ତି, ଏବଂ ଏହି ସଂସାରର କାର୍ଯ୍ୟ ଶେଷ କରି ଯଥାସମ୍ଭବ ଶୀଘ୍ର ଏଠାରୁ ବାହାରି ପଳାଇବାକୁହିଁ ଆମକୁ ପରାମର୍ଶ ଦେଇଛନ୍ତି । ଅନେକ ଗୁରୁ ମଧ୍ୟ ଏହି ଶିକ୍ଷା ଦେଇ ଯାଇଛନ୍ତି, ମାତ୍ର ସେମାନଙ୍କର ଶିକ୍ଷା ଏହି କଥାଟିକୁହିଁ ପ୍ରମାଣ କରିଦେଉଛି ଯେ ସେମାନେ ଏକ ସଂକୀର୍ଣ୍ଣ ଦୃଷ୍ଟି ମଧ୍ୟରେ ଓ ସେମାନଙ୍କର ଏହି ମନୁଷ୍ୟ-ଅଭିଜ୍ଞତାର ପ୍ରକୃତିଟା ଭିତରେ ଆବଦ୍ଧ ରହି ଏହିପରି କହିଛନ୍ତି ।

ସତ କଥା ହେଉଛି ଯେ ପ୍ରକୃତରେ ଯାବତୀୟ ଗତି ହେଉଛି ଠିକ୍ ଜୁଆରର ଗତି ପରି; ଜୁଆର ମାଡ଼ିଆସେ, ପୁଣି ଘୁଞ୍ଚିଯାଏ, ଆଗକୁ ମାଡ଼ିଆସେ ଓ ପଛକୁ ଫେରିଯାଏ । ବିଶ୍ୱରେ ଆତଯାତ ହେଉଥିବା ଜୀବନରେ ଓ ଏପରିକି ଏହି ପୃଥିବୀସ୍ଥ ଜୀବନରେ ଏହାକୁ ଆମେ ଉତ୍ତରୋତ୍ତର ଅଗ୍ରସର ହେଉଥିବା ଏକ ଗତି ବୋଲି ବୁଝିବା । ଏକଥା ଅବଶ୍ୟ ସତ ଯେ ବାହାରକୁ ଦେଖିବାକୁ ଏହି ଅଗ୍ରଗତି ନାନା ସମୟରେ କେତେକେତେ ପଶ୍ଚାଦ୍‌ଗମନ ଦ୍ୱାରା ଗ୍ରସ୍ତ ହୋଇ ପଡ଼ୁଥାଏ । ମାତ୍ର ଏହି ଯାବତୀୟ ପଶ୍ଚାଦ୍‌ଗମନ କେବଳ ଏକ ପ୍ରତିଭାସ ମାତ୍ର; ଆଗକୁ କୁଦି ଡେଇଁବା ପୂର୍ବରୁ ଯେପରି ଆଗ ଟିକିଏ ପଛକୁ ହଟି ଯିବାକୁ ପଡ଼େ, ଠିକ୍ ସେହିପରି । ତୁମେ ସତେଅବା ପଛକୁ ହଟିଯାଉଛ ବୋଲି ମନେ ହେଉଥାଏ ସତ, ମାତ୍ର କେବଳ ଆହୁରି ଆଗକୁ ଯାଇ ପାରିବା ଲାଗିହିଁ ତାହା କରିବା ଆବଶ୍ୟକ ହୋଇଥାଏ ।

ଏସବୁ ଖୁବ ଭଲ କଥା ବୋଲି ତୁମେ ନିଶ୍ଚୟ କହିବ ସତ, ମାତ୍ର, ସତ୍ୟରହିଁ ଯେ ବିଜୟ ଘଟିବ, ପିଲାର ମନରେ କିପରି ଭାବରେ ସେହି ବିଷୟରେ ଏକ ଦୃଢ଼ ନିଶ୍ଚୟତା ଅଣାଯାଇ ପାରିବ ବୋଲି ତୁମେ ମୋତେ ପଚାରିବ । କାରଣ, ଯେତେବେଳେ ସେ ଇତିହାସ ପଢ଼ୁଥିବ ବା ପ୍ରକୃତିକୁ ଅନାଇ ଦେଖୁଥିବ,

'oaob.nitrkl.ac.in' images reprocessed

ସେତେବେଳେ ସେ ଅବଶ୍ୟ ଦେଖିବ ଯେ ସବୁବେଳେ କଦାପି ଭଲ ଭାବରେ ଘଟଣାଗୁଡ଼ିକର ପରିସମାପ୍ତି ଘଟେ ନାହିଁ ।*

> ପିଲାମାନଙ୍କୁ ପୃଥିବୀରେ ସଂଘଟିତ ହେଉଥିବା ଦିବ୍ୟ ରୂପାୟନଟିକୁ ଦେଖି ପାରିବାର ବିଦ୍ୟାଟିକୁ ଶିଖାଇବାକୁ ପଡ଼ିବ; ପୃଥିବୀର ଯେଉଁ ପାଖଟି ମନ୍ଦରେ ପରିସମାପ୍ତ ହେଉଛି, ସେଇଟି ଦେଖିବା ଲାଗି ସେମାନଙ୍କୁ ଶିକ୍ଷା ଦିଆଯିବ ନାହିଁ ।

ନାହିଁ,—ପରମ ଦିବ୍ୟ ସତ୍ୟ ପୃଥିବୀଠାରୁ ଅଲଗା ବୋଲି ଯଦି ପିଲା ଭାବୁଥିବ, ତେବେ ସବୁ କଥା ଯେ ମନ୍ଦରେ ପରିସମାପ୍ତ ହୁଏ, ସେହି ବିଶ୍ୱାସଟିର ପ୍ରକୃତରେ ଏକ ଔଚିତ୍ୟ ରହିବ ।

> ପିଲାମାନଙ୍କୁ ଭଗବତ୍ ନ୍ୟାୟର ଧାରଣାଟିକୁ ଆଣି ଦେବାକୁ ପଡ଼ିବ ।

---

* ୧୯୬୩ ମସିହାରେ, ଯେତେବେଳେ ଏହି କଥୋପକଥନଟି ପ୍ରଥମ ଥର ପାଇଁ ଛପା ହୋଇ ବାହାରିଲା, ସେତେବେଳେ ମାଆ ଏହିପରି ମନ୍ତବ୍ୟ ଦେଇଥିଲେ :

"ଅବଶ୍ୟ କହିବାକୁ ହେବ ଯେ, ଯେତେବେଳ ପର୍ଯ୍ୟନ୍ତ ମୃତ୍ୟୁ ରହିଥିବ, ସେତେବେଳ ପର୍ଯ୍ୟନ୍ତ ସବୁକିଛିର ପରିସମାପ୍ତି କେବଳ ମନ୍ଦରେହିଁ ହେଉଥିବ । କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରି ପାରିଲେ ଯାଇ ବସ୍ତୁଗୁଡ଼ିକର ଏକ ଶୋଚନୀୟ ପରିସମାପ୍ତି ନଘଟିବା ସମ୍ଭବ ହେବ, ଅର୍ଥାତ୍, ଏକ ନୂତନ ଅଗ୍ରଗତିକୁ ବାଟ ଛାଡ଼ି ଦେବା ପାଇଁ ପରମ ନିଶ୍ଚେତନା ମଧ୍ୟକୁ ଲେଉଟି ଆସିବା ଲାଗି ଆଉ କୌଣସି ଆବଶ୍ୟକତା ରହିବ ନାହିଁ ।

"ବିକାଶ ଓ ବିବର୍ତ୍ତନର, ଅନ୍ତତଃ ପାର୍ଥିବ ବିକାଶ ଓ ବିବର୍ତ୍ତନର ସମୁଦାୟ ପ୍ରକ୍ରିୟାଟି ଠିକ୍ ସେହିପରି ହୋଇଥାଏ (ଅନ୍ୟ ଗ୍ରହଗୁଡ଼ିକରେ ଏହା କିପରି ହୁଏ, ମୁଁ ସେକଥା କହି ପାରିବ ନାହିଁ) । ପାରମ୍ପରିକ ଇତିବୃତ୍ତରୁ ଜଣାଯାଏ ଯେ ଥରେ ଗୋଟିଏ ବିଶ୍ୱର ସୃଷ୍ଟି ହୁଏ, ତାପରେ ପ୍ରଳୟ ଭିତରେ ତାହା ଆପଣାକୁ ପ୍ରତ୍ୟାହୃତ କରି ନିଏ, ତାପରେ ନୂଆ କରି ପୁଣି ସୃଷ୍ଟି ହୁଏ । ଏହିପରି ଲାଗି ରହିଥାଏ । ସେହି ବର୍ଣ୍ଣନା ଅନୁସାରେ ଆମେ ଆମର ଏହି ସୃଷ୍ଟିଟିକୁ ସପ୍ତମ ସୃଷ୍ଟି ବୋଲି କହିପାରିବା । କୁହାଯାଏ ଯେ, ସପ୍ତମ ସୃଷ୍ଟି ହୋଇଥିବାରୁ ଆମର ଏହି ସୃଷ୍ଟି ଆଉ ପ୍ରଳୟ ଭିତରକୁ ଲେଉଟି ଯିବ ନାହିଁ, ଲେଉଟି ନଯାଇ ତାହା ସତତ ଆଗକୁ ଆଗକୁ ଯାଉଥିବ । ପୁନଶ୍ଚ, ଏହି କାରଣରୁହିଁ ଚିରସ୍ଥାୟୀ ହୋଇ ରହିବା ଲାଗି ଓ ଅବ୍ୟାହତ ଭାବରେ ଅଗ୍ରଗତି କରି ଚାଲିବା ଲାଗି ବର୍ତ୍ତମାନର ମନୁଷ୍ୟ ଭିତରେ ଏହି ପ୍ରୟୋଜନଟି ରହିଛି । କାରଣ ଅସଲ ମୁହୂର୍ତ୍ତଟି ଆସି ପହଞ୍ଚି ଯାଇଛି ।"

'oaob.nitrkl.ac.in' images reprocessed

ମାତ୍ର ସେହିପର୍ଯ୍ୟନ୍ତରେ ଆମକୁ କିଛିହେଲେ ଜଣା ନାହିଁ; କାରଣ ଏହି ପୃଥିବୀ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ସେଠାରେ ଏହି ନ୍ୟାୟ କଦାପି ଆପଣାକୁ ପ୍ରକଟ କରୁ ନାହିଁ ।

ତଥାପି, ବସ୍ତୁଗୁଡ଼ିକୁ କିଞ୍ଚିତ୍ ଅଧିକ ଗଭୀର ଭାବରେ ନିରୀକ୍ଷଣ କରିବାକୁ ଆରମ୍ଭ କଲେ ଆମେ ନିଶ୍ଚୟ ଦେଖିବା ଯେ ଏହି ପୃଥିବୀରେ ଏକ ଅଗ୍ରଗତି ଅବଶ୍ୟ ରହିଛି, ସବୁ କଥା କ୍ରମଶଃ ଅଧିକରୁ ଅଧିକ ଭଲ ହେବାରେ ଲାଗିଛି; ଅବଶ୍ୟ ଏକଥା ସତ ଯେ ବାହାରେ ଆଦୌ କୌଣସି ଉନ୍ନତି ହେଉଥିବା ପରି ମନେ ହେଉ ନାହିଁ । ଏବଂ, ଯେଉଁ ଚେତନା ଆପଣାକୁ କିଞ୍ଚିତ୍ ଅଧିକ ଉଚ୍ଚରେ ଅବସ୍ଥାପିତ କରି ପାରିଛି, ତାହା ଆଗରେ ଏକଥାଟି ବେଶ୍ ସ୍ପଷ୍ଟ ହୋଇ ଯାଉଥିବ ଯେ ଯାବତୀୟ ମନ୍ଦ,—ଅନ୍ତତଃ ଆମେ ଯାହାକୁ ମନ୍ଦ ବୋଲି କହୁଥାଉ,—ଯାବତୀୟ ମିଥ୍ୟା, ପରମ ସତ୍ୟର ବିରୋଧୀ ହୋଇ ଏଠି ଯାହାକିଛି ରହିଛି, ଯାବତୀୟ ଦୁଃଖ ଓ ଯାବତୀୟ ପ୍ରତିରୋଧ, —ଏସବୁ ହେଉଛି କେବଳ ଏକ ଅସମତାବସ୍ଥାର ପରିଣାମ । ମୁଁ ବିଶ୍ୱାସ କରୁଛି ଯେ, ଏହି ଉଚ୍ଚତର ଭୂମିଟିରେ ଅବସ୍ଥିତ ରହି ଯିଏ ବସ୍ତୁଗୁଡ଼ିକ ଉପରେ ଦୃଷ୍ଟିପାତ କରିବାରେ ଅଭ୍ୟସ୍ତ ହୋଇପାରିଛି, ସିଏ ପ୍ରକୃତରେ ଏହି ପୃଥିବୀକୁ ଠିକ୍ ତାହାହିଁ ବୋଲି ତତ୍କ୍ଷଣାତ୍ ଦେଖିବାକୁ ସମର୍ଥ ହେବ । ତେଣୁ, ଏହି ପୃଥିବୀ ଏକ ଅସମତାବସ୍ଥା ଉପରେ ପ୍ରତିଷ୍ଠିତ ହୋଇ ରହିଛି ବୋଲି କଦାପି କୁହାଯିବ ନାହିଁ, କାରଣ ଏପରି ହୋଇଥିଲେ ପୃଥିବୀର କୋଉଦିନୁ ବିଲୟ ହୋଇ ସାରନ୍ତାଣି । ତେଣୁ ଏପରି ଏକ ଅନୁଭୂତି ହୋଇଥାଏ ଯେ ବିଶ୍ୱଜଗତର ସବାମୂଳରେ ନିଶ୍ଚୟ ଏକ ପରମ ସମତାବସ୍ଥା ବିଦ୍ୟମାନ ରହିଥିବ, ଓ ସମ୍ଭବତଃ, ଆମେ ସେଦିନ ଯେପରି କହୁଥିଲେ, ଏହି ସମତାବସ୍ଥା ଉତ୍ତରୋତ୍ତର ଅଗ୍ରଗତି ମଧ୍ୟ କରିଥିବ । ଆମକୁ ଯାହାସବୁ ଶିକ୍ଷା ଦିଆହୋଇ ଆସିଛି ଏବଂ ଆମେ ଯାହାସବୁ "ମନ୍ଦ" ବୋଲି କହିବାରେ ଅଭ୍ୟସ୍ତ ହୋଇ ଆସିଛୁ, ଏହି ସମତାବସ୍ଥା ହେଉଛି ତାହାର ଠିକ୍ ଓଲଟା । ଅପରିବର୍ତ୍ତନୀୟ ମନ୍ଦ ବୋଲି ପ୍ରକୃତରେ କିଛି ନାହିଁ, ମାତ୍ର ଏକ ମନ୍ଦ ନିଶ୍ଚୟ ରହିଛି, ଅଳ୍ପବହୁତ ପରିମାଣରେ ଏକ ଆଂଶିକ ଅସମତାବସ୍ଥା ରହିଛି ।

ଏକ ଅତ୍ୟନ୍ତ ସରଳ ଭାବରେ ପିଲାକୁ ଏହି କଥାଟି ବୁଝାଇ ଦିଆଯାଇ ପାରିବ; ଜଡ଼ ପଦାର୍ଥଗୁଡ଼ିକର ସାହାଯ୍ୟ ନେଇ ଏକଥା ଦେଖାଇ ବି ଦିଆଯାଇ ପାରିବ ଯେ, ଏକ ଭାରସାମ୍ୟର ଅବସ୍ଥାରେ ନଥିଲେ ଯେକୌଣସି ବସ୍ତୁ ତଳକୁ ପଡ଼ିଯିବ,—କେବଳ ସମତାବସ୍ଥାରେ ଥିଲେ ଯାଇ ସକଳ ବସ୍ତୁ ଆପଣା ଆପଣାର ସ୍ଥାନ ଏବଂ ସ୍ଥିତି-କାଳଟିକୁ ବଜାୟ ରଖିପାରିବେ ।

ଆଉଗୋଟିଏ ଗୁଣରେ ବି ପିଲାର ଅତି କମ୍ ବୟସରୁ ତା' ଭିତରେ ଅନୁଶୀଳନ କରାଯାଇ ପାରିବ : କେତୋଟି କଥା କରି ପକାଇବା ପରେ ପିଲା ଯେପରି

'oaob.nitrkl.ac.in' images reprocessed

ନିଶ୍ଚୟ ଏକ ଅସ୍ୱସ୍ତିଭାବ ଅନୁଭବ କରିବ, ନିଜ ଭିତରେ ଏକ ନୈତିକ ଭାରସାମ୍ୟ-ହୀନତା ଘଟିଗଲା ପରି ଅନୁଭବ କରିବ । ତାକୁ ସେଗୁଡ଼ିକ କରିବା ଲାଗି ବାରଣ କରା ଯାଇଥିଲା ବୋଲି ଯେ ସେ ସେପରି ଅନୁଭବ କରିବ, ସେକଥା ଆଦୌ ନୁହେଁ; ଶାସ୍ତିର ଭୟରେ ମଧ୍ୟ ସିଏ ସେପରି କରିବ ନାହିଁ, ମାତ୍ର ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ସେ ତାହା ଅନୁଭବ କରି ପାରୁଥିବ । ଉଦାହରଣସ୍ୱରୂପ, କୌଣସି ପ୍ରକାରର ଖଳତା ଆଚରଣ କରି ଯେତେବେଳେ ଜଣେ ପିଲା ତା'ର ସାଙ୍ଗ ଉପରେ କୌଣସି ଆଘାତ ପହଞ୍ଚାଇବ, ଏବଂ ଯଦି ସିଏ ଆପଣାର ସୁସ୍ଥ ଓ ସ୍ୱାଭାବିକ ସ୍ଥିତିରେ ଥିବ, ତେବେ ସେପରି କରି ତାକୁ ନିଶ୍ଚୟ ଅସ୍ୱସ୍ତିକର ଲାଗିବ, ଆପଣା ଭିତରେ ସେ ଏକ ଗଭୀର ଦୁଃଖ ଅନୁଭବ କରିବ, କାରଣ ଯାହା ସେ କରି ପକାଇଲା, ତଦ୍ୱାରା ସେ ତା'ର ଅନ୍ତର୍ଗତ ସତ୍ୟଟିରହିଁ ବିରୁଦ୍ଧାଚରଣ କରିଥିବ ।

କାରଣ, ଆମକୁ ଯେତେ ଯାହା ଶିକ୍ଷା ଦିଆଯାଉ ପଛକେ, ଆମର ଭାବନା ତାକୁ ଯାହାକିଛି ଅନ୍ୟପ୍ରକାରେ ଭାବିବାକୁ ପ୍ରବୃତ୍ତ କରୁ ପଛକେ, ଆମ ଭିତରେ ଆମ ଗଭୀର ପ୍ରଦେଶରେ ଏପରି ଏକ ବସ୍ତୁ ରହିଛି, ଯାହାର କି ପରିପୂର୍ଣ୍ଣତାର ଏକ ଅନୁଭୂତି ରହିଛି, ଏକ ମହତ୍ତ୍ୱ ଓ ଏକ ସତ୍ୟର ଅନୁଭୂତି ରହିଛି; ଏବଂ ସେହି ସତ୍ୟଟିର ବିରୁଦ୍ଧାଚରଣ କରି ଆମ ଜୀବନରେ ଯେତେଯାହା ଗତିବୃତ୍ତି ଘଟୁଛି, ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଭାବରେ ତଦ୍ୱାରା ସେହି ବସ୍ତୁଟିର ଖିଲାପହିଁ ହେବାରେ ଲାଗିଛି । ଆପଣାର ଚାରିପାଖରେ ଘଟୁଥିବା ଦୟନୀୟ ଦୃଷ୍ଟାନ୍ତଗୁଡ଼ିକ ଦ୍ୱାରା ଯଦି ପିଲା ଏକ ଅନନୁକୂଳ ପରିବେଶ ମଧ୍ୟରେ ଆଗରୁ ନଷ୍ଟ ଓ ବିଦୂଷିତ ହୋଇ ନଯାଇଥାଏ, ଯଦି ତାହା ଆପଣାର ସ୍ୱାଭାବିକ ସ୍ଥିତିରେ ରହିଥାଏ, ତେବେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ତାହାକୁ ସେବିଷୟରେ କିଛି କୁହା ନଗଲେ ମଧ୍ୟ, ଆପଣା ସତ୍ତାର ଅସଲ ସତ୍ୟର ଖିଲାପ କରି ଯେତେବେଳେ ସେ କିଛି କରିବସିବ, ସେତେବେଳେ ସେ ନିଶ୍ଚୟ ଏକ ଅସ୍ୱସ୍ତି ଅନୁଭବ କରିବ । ଏବଂ, ଠିକ୍ ଏହି ଭିତ୍ତିଟି ଉପରେହିଁ ପରବର୍ତ୍ତୀ କାଳରେ ଅଗ୍ରଗତି କରିବାର ତା'ର ଯାବତୀୟ ଉଦ୍ୟମ ପ୍ରତିଷ୍ଠିତ ହୋଇ ରହିବ ।

କାରଣ, ଯଦି ତୁମେ ଏପରି କୌଣସି ଗୋଟିଏ ଶିକ୍ଷା ବା ଗୋଟିଏ ନୀତିସୂତ୍ର ଖୋଜୁଥିବ, ଯାହା ଉପରେ କି ତୁମେ ଆପଣାର ଅଗ୍ରଗତିକୁ ଆଧାରିତ କରି ରଖିପାରିବ, ତେବେ ତୁମକୁ କିଛି ମିଳିବ ନାହିଁ;—ଅଥବା, ଆହୁରି ଅଧିକ ନିର୍ଭୁଲ ଭାବରେ କହିବାକୁ ଗଲେ, ତୁମକୁ ହୁଏତ ଅଢୁ କ'ଣ ଗୋଟାଏ ମିଳିଯିବ; କାରଣ, ଜଳବାୟୁ, ବୟସ ଏବଂ ସଭ୍ୟତାଟି ଅନୁସାରେ, ଯେଉଁ ଶିକ୍ଷାଟି ଦିଆ ଯାଉଥିବ, ସେଥିରେ ବେଶ୍ ଅନେକ ପରିମାଣରେ ଦ୍ୱନ୍ଦ୍ୱ ଆସି ପହଞ୍ଚିଯିବ । ଜଣେ ବ୍ୟକ୍ତି କହିବ, "ଏହି କଥାଟି ଭଲ" ଓ ଆଉଜଣେ କହିବ, "ଏହି କଥାଟି ଖରାପ" । ଏବଂ ଦୁହେଁଯାକ ସମାନ ନ୍ୟାୟଯୁକ୍ତି ସହିତ ଓ ହୃଦ୍‌ବୋଧ କରାଇବାର ସମକକ୍ଷ ସାମର୍ଥ୍ୟ ଦେଖାଇ

'oaob.nitrkl.ac.in' images reprocessed

ଦୁଇଟିଯାକ କଥା କହୁବେ । ତେଣୁ, ଏଇଟି ଉପରେ ଭିତ୍ତି କରି ଆଦୌ କିଛିହେଲେ ସ୍ଥାୟୀ ଭାବରେ ଗଠନ କରି ହେବ ନାହିଁ । ଧର୍ମ ସବୁଦିନ କୌଣସି ଏକ ନିୟମକୁ ସୁନିର୍ଦ୍ଦିଷ୍ଟ କରି ଚଳାଇବାକୁ ଚେଷ୍ଟା କରି ଆସିଛି; ଏବଂ ସେହି ଧର୍ମ ତୁମକୁ ବୁଝାଇ କହିଦେବାକୁ ଆସିବ ଯେ, ଯଦି ତୁମେ ସେହି ସୂତ୍ରଟି ଅନୁସାରେ ଚଳିବ, ତେବେ ତୁମେ ସତ୍ୟରେ ରହିଛ ବୋଲି ପ୍ରମାଣିତ ହେବ; ଏବଂ ଯଦି ନଚଳିବ, ତେବେ ତୁମେ ମିଥ୍ୟା ଭିତରେ ଅଛ ବୋଲି ପ୍ରମାଣିତ ହୋଇଯିବ । ମାତ୍ର ଏସବୁ ବାଟରେ କେବେହେଲେ କୌଣସି ସାର୍ଥକତା ମିଳି ନାହିଁ ଏବଂ ବରଂ କେବଳ ଗୁଡ଼ାଏ ଅଡୁଆରହିଁ ସୃଷ୍ଟି ହୋଇଛି ।

ମାର୍ଗଦର୍ଶକ ହେଲାଭଳି କେବଳ ଯଥାର୍ଥରେ ଗୋଟିଏ ମାର୍ଗଦର୍ଶକ ରହିଛି; ତାହା ହେଉଛି ତୁମ ଅନ୍ତର ଭିତରେ ଥିବା ମାର୍ଗଦର୍ଶକ । ସେହି ମାର୍ଗଦର୍ଶକକୁ କଦାପି ମାନସିକ ଚେତନାଟିର ବାଟ ଦେଇ ଯିବାକୁ ପଡ଼େ ନାହିଁ ।

ଏକଥାଟି ଅତ୍ୟନ୍ତ ସ୍ୱାଭାବିକ ଯେ, ଯଦି ପିଲା ଏକ ଧ୍ୱଂସକାରୀ ଶିକ୍ଷା ଲାଭ କରିବାକୁ ବାଧ୍ୟ ହୁଏ, ତେବେ ସେ ଆପଣା ଭିତରେ ରହିଥିବା ଏହି କ୍ଷୁଦ୍ର ଯଥାର୍ଥ ସମ୍ପଦଟିକୁ ନିର୍ବାପିତ କରି ପକାଇବା ଲାଗି ଅଧିକରୁ ଅଧିକ କଠୋର ଭାବରେ ଚେଷ୍ଟା କରିବାରେ ଲାଗିଥିବ; ଏବଂ ଅନେକ ସମୟରେ ଆପଣାର ଏହି କାର୍ଯ୍ୟଟିରେ ସେ ଏପରି ଉତ୍ତମ ଭାବରେ ସଫଳ ହୋଇଯିବ ଯେ ତାହା ସହିତ ଆପଣାର ଯାବତୀୟ ସଂଯୋଗକୁ ହରାଇ ବସିବ, ଏବଂ ତାହା ସଙ୍ଗେ ସଙ୍ଗେ ଭଲ ଓ ମନ୍ଦ ଭିତରେ ରହିଥିବା ପାର୍ଥକ୍ୟଟିକୁ ଅନୁଭବ କରିବାର ସାମର୍ଥ୍ୟଟିକୁ ବି ହରାଇ ବସିବ । ମୁଁ ସେହି କାରଣରୁହିଁ ବାରବାର ଏତେ ଅଧିକ ଜୋର୍ ଦେଇ ଏହି କଥାଟିକୁ କହୁଛି;—ମୁଁ କହୁଛି ଯେ ସେମାନଙ୍କର ଶୈଶବ ସମୟରୁ ମଧ୍ୟ ପିଲାଙ୍କୁ ଶିକ୍ଷା ଦେଇପାରିବା ଉଚିତ ଯେ ଅନ୍ତର ଭିତରେ ଏକ ସତ୍ୟ ବିଦ୍ୟମାନ ରହିଛି—ସେମାନଙ୍କର ଅନ୍ତର ଭିତରେ ରହିଛି, ଏହି ପୃଥିବୀର ଅନ୍ତର ଭିତରେ ରହିଛି, ଏହି ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ବିଦ୍ୟମାନ ରହିଛି;—ଏବଂ ସେମାନେ, ଏହି ପୃଥିବୀ ଓ ଏହି ବିଶ୍ୱବ୍ରହ୍ମାଣ୍ଡ କେବଳ ସେହି ସତ୍ୟର ଏକ କରଣି ହିସାବରେହିଁ ବିଦ୍ୟମାନ ରହିଛନ୍ତି । ଏବଂ, ଯଦି ତାହା ସେହିପରି ଭାବରେ ବିଦ୍ୟମାନ ନଥାନ୍ତା, ତେବେ ପିଲାଟିର ମଧ୍ୟ କୌଣସି ସ୍ଥାୟୀ ଅସ୍ତିତ୍ୱ ରହିନ୍ତା ନାହିଁ; ବର୍ତ୍ତମାନ ସେ ଯେତକ ଅଳ୍ପ କେତେବର୍ଷ ଲାଗି ରହୁଛି, ସେ ସେତକ ମଧ୍ୟ ରହି ପାରନ୍ତା ନାହିଁ; ଏବଂ ସବୁକିଛି ଯେମିତି ଜନ୍ମଲାଭ କରନ୍ତା, ସଙ୍ଗେ ସଙ୍ଗେ ସେମିତି ବିନଷ୍ଟ ହୋଇ ଯାଉଥାନ୍ତା । ଏବଂ, ଏହାହିଁ ବିଶ୍ୱବ୍ରହ୍ମାଣ୍ଡର ପ୍ରକୃତ ଭିତ୍ତି ହୋଇ ରହିଥିବାରୁ, ଏହା ଏକ ଅତ୍ୟନ୍ତ ସ୍ୱାଭାବିକ କଥା ଯେ ଏହାରହିଁ ବିଜୟ ଉଦ୍‌ଘୋଷିତ ହେବ; ଏବଂ ଯାହାକିଛି ତାହାର ବିରୋଧ କରିବାରେ ଲାଗିଛି, ତାହା କଦାପି ଏହି ଭିତ୍ତିଟି ପରି ସ୍ଥାୟୀ ହୋଇ ରହିପାରିବ ନାହିଁ । କାରଣ ସେହି

'oaob.nitrkl.ac.in' images reprocessed

ଭିତ୍ତିଟି ହେଉଛି ପରମ ତତ୍ତ୍ୱ, ସେହି ଶାଶ୍ୱତ ପରମ ସମ୍ପଦଟିହିଁ ବିଶ୍ୱବ୍ରହ୍ମାଣ୍ଡର ଭିତ୍ତିରୂପେ ପ୍ରତିଷ୍ଠିତ ହୋଇ ରହିଛି ।

ଅବଶ୍ୟ ଏକଥା ସତ ଯେ ଏଠାରେ କୌଣସି ପିଲା ଆଗରେ ଯାଇ ଦାର୍ଶନିକ ବ୍ୟାଖ୍ୟାମାନ ବଖାଣିବାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ । ମାତ୍ର ଏକଥା ମଧ୍ୟ ସତ ଯେ ତାକୁ ଏକପ୍ରକାର ଅନ୍ତର୍ଗତ ଭରସା, ଅନ୍ତର୍ଗତ ସନ୍ତୋଷ ଏବଂ ବେଳେ ବେଳେ ଅନ୍ତର୍ଗତ ଆନନ୍ଦର ଅନୁଭୂତି ବେଶ୍ ଦିଆଯାଇ ପାରିବ; ତା' ଭିତରେ ଏହି ଯେଉଁ ଅତ୍ୟନ୍ତ ନୀରବ ଶ୍ରେଷ୍ଠ ସମ୍ପଦଟି ବିରାଜିତ ରହିଛି, ତାହାରି ନିର୍ଦ୍ଦେଶଟିକୁ ମାନୁଥିବା ବେଳେ ସିଏ ଯେ ସେହି ନିର୍ଭର ସନ୍ତୋଷ ଏବଂ ଆନନ୍ଦ ଅବଶ୍ୟ ପାଇପାରିବ, ତାହାକୁ ସେହି କଥା ଅବଶ୍ୟ ବୁଝାଇ ଦିଆଯାଇ ପାରିବ । ଅନ୍ତରସ୍ଥ ସେହି ଶ୍ରେଷ୍ଠ ସମ୍ପଦଟିହିଁ ତାକୁ କୌଣସି ପ୍ରକାର ସତ୍ୟବିରୋଧୀ କାର୍ଯ୍ୟ କରିବାରୁ ନିବୃତ୍ତ କରି ରଖିପାରିବ । ଏହିପରି ଏକ ଅନୁଭୂତିର ଭିତ୍ତି ଉପରେହିଁ ସକଳ ଶିକ୍ଷାକୁ ଆଧାରିତ କରି ରଖାଯାଇ ପାରିବ । ପିଲାର ମନରେ ଏପରି ଏକ ଧାରଣା ଦେଇ ରଖିବାକୁ ହେବ ଯେ, ଯଦି ତା' ଭିତରୁହିଁ ସିଏ ସର୍ବଦା ଏହି ଯଥାର୍ଥ ସନ୍ତୋଷାନୁଭୂତିର ନିର୍ଭର ନପାଏ, ତେବେ ତା' ଜୀବନରେ ପ୍ରକୃତରେ କିଛି ସ୍ଥାୟୀ ହୋଇ ରହି ପାରିବ ନାହିଁ । କାରଣ କେବଳ ସେହି ସନ୍ତୋଷଟି ମଧ୍ୟରେହିଁ ଯାହାକିଛି ନିହିତ ହୋଇ ରହିଛି ।

ଜଣେ ବୟସ୍କ ମଣିଷ ପରି ଜଣେ ପିଲା ମଧ୍ୟ କ'ଣ ଏହି ଅନ୍ତର୍ଗତ ସତ୍ୟଟି ବିଷୟରେ ସଚେତନ ହୋଇ ପାରିବ ?

ଗୋଟିଏ ପିଲା ଲାଗି ଏଥିରେ ପ୍ରକୃତରେ ଆଦୌ କୌଣସି ଅସୁବିଧା ରହିବ ନାହିଁ; କାରଣ, ଏଇଟି ଏପରି ଏକ ବୋଧ, ଯାହା ଭିତରେ କି ଶବ୍ଦଗତ ଅଥବା ଭାବନାଗତ ଆଦୌ କୌଣସି ଜଟିଳତା ନାହିଁ । ତା' ଭିତରେ ରହିଥିବା ସେହି ପଦାର୍ଥଟିହିଁ ତାକୁ ସୁସ୍ଥିର ଭାବ ଦେଇଯାଏ, ଠିକ୍ ସେହି ପଦାର୍ଥଟି ମଧ୍ୟ ତାକୁ ଅସ୍ୱସ୍ତି ଭିତରେ ଆଣି ପକାଇଦିଏ (ସେହି ପଦାର୍ଥଟି ପ୍ରଗାଢ଼ ହୋଇ ରହିଥିବା ବେଳେ ତାହାର ଫଳସ୍ୱରୂପ କେବଳ ଯେ ଆନନ୍ଦ ଅଥବା ଦୁଃଖ ପ୍ରାପ୍ତ ହୁଏ, ସେକଥା ଆଦୌ ନୁହେଁ) । ଏବଂ, ଜଣେ ବୟସ୍କ ମଣିଷର ତୁଳନାରେ ଜଣେ ପିଲା ଆଗରେ ଏହିସବୁ କଥା ଅନେକ ଅଧିକ ସ୍ପଷ୍ଟ ହୋଇ ଅନୁଭୂତ ହୋଇଥାଏ; କାରଣ ଜଣେ ବୟସ୍କ ମଣିଷର ଗୋଟାଏ ମନ ରହିଥାଏ, ଯାହାକି ସବୁବେଳେ କାର୍ଯ୍ୟ କରିବାରେ ଲାଗିଥାଏ ଏବଂ ତାହାର ସତ୍ୟବୋଧକୁ ନାନା ପ୍ରକାରରେ ଆଚ୍ଛନ୍ନ କରି ରଖିଥାଏ ।

'oaob.nitrkl.ac.in' images reprocessed

ପିଲା ଆଗରେ ଗୁଡ଼ାଏ ସିଦ୍ଧାନ୍ତ ବା ତତ୍ତ୍ୱକଥା ଆଣି ବାଢ଼ିଦେବାରେ ଆଦୌ କୌଣସି ଫଳ ହୁଏ ନାହିଁ । କାରଣ ତଦ୍ଦ୍ୱାରା ତା'ର ମନ ଯେତେବେଳେ ଜାଗ୍ରତ ହୋଇଉଠେ, ସେତେବେଳେ ତୁମର ଯାବତୀୟ ସିଦ୍ଧାନ୍ତର ଖଣ୍ଡନ କରିଦେବା ଲାଗି ତାକୁ ହଜାର ଯୁକ୍ତି ଆସି ମିଳିଯାଏ, ଏବଂ ସିଏ ସେପରି କରି ପ୍ରକୃତରେ ଠିକ୍ହିଁ କରୁଥାଏ ।

ପିଲା ମଧ୍ୟରେ ରହିଥିବା ଏହି ଯଥାର୍ଥ କ୍ଷୁଦ୍ର ସମ୍ପଦଟି ହେଉଛି ଚୈତ୍ୟ କ୍ଷେତ୍ରରେ ବରାଜିତ ରହିଥିବା ଦିବ୍ୟ ପରମ ଉପସ୍ଥିତି—ସେହି ସମ୍ପଦଟି ଉଦ୍ଭିଦ ଓ ଇତରପ୍ରାଣୀମାନଙ୍କ ଭିତରେ ମଧ୍ୟ ରହିଛି । ଉଦ୍ଭିଦ ମଧ୍ୟରେ ତାହା ତଥାପି ସଚେତନ ହୋଇ ନାହିଁ, ଇତରପ୍ରାଣୀ ମଧ୍ୟରେ ତାହା ସଚେତନ ହେବା ଲାଗି ଆରମ୍ଭ କରୁଛି, ଏବଂ ପିଲାମାନଙ୍କ ମଧ୍ୟରେ ତାହା ଅତ୍ୟନ୍ତ ସଚେତନ ହୋଇ ରହିଛି । ମୁଁ ଏପରି ଅନେକ ପିଲାଙ୍କୁ ଜାଣିଛି, ଯେଉଁମାନେ କି ସେମାନଙ୍କର ଚଉଦ ବର୍ଷ ଅପେକ୍ଷା ପାଞ୍ଚ ବର୍ଷ ବୟସ ହୋଇଥିବା ସମୟରେ ଆପଣାର ଚୈତ୍ୟ ସତ୍ତାଟି ବିଷୟରେ ଅନେକ ଅଧିକ ସଚେତନ ହୋଇ ରହିଥିଲେ, ଏବଂ ପଚିଶି ବର୍ଷ ବୟସ ଅପେକ୍ଷା ଚଉଦ ବର୍ଷ ବୟସରେ ଅଧିକ ସଚେତନ ରହିଥିଲେ । ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ, ଯେତେବେଳେ ସେମାନେ ସ୍କୁଲକୁ ଯିବାକୁ ଆରମ୍ଭ କରନ୍ତି, ସେତେବେଳେ ସେଠାରେ ସେମାନଙ୍କୁ ଯେଉଁ ପ୍ରକାରେ ବିଶେଷ ମାନସିକ ତାଲିମ ଦିଆଯାଏ, ତାହା ଫଳରେ ସେମାନଙ୍କର ଧ୍ୟାନକୁ ସେମାନଙ୍କର ସତ୍ତାର ବୁଦ୍ଧିପ୍ରେରିତ ଅଂଶଟି ଆଡ଼କୁ ଆକୃଷ୍ଟ କରି ଅଣାଯାଏ ଏବଂ ସେମାନେ ପ୍ରାୟ ସର୍ବଦା ଓ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଆପଣାର ଚୈତ୍ୟସତ୍ତାଟି ସହିତ ରହି ଆସିଥିବା ସଂଯୋଗଟିକୁ ହରାଇ ବସନ୍ତି ।

ଯଦି ଜଣେ ପର୍ଯ୍ୟବେକ୍ଷଣକାରୀ ହିସାବରେ ତୁମର ଯଥେଷ୍ଟ ଅଭିଜ୍ଞତା ରହିଥାଏ, ଯଦି ଜଣେ ଲୋକର ଆଖିଦୁଇଟି ଭିତରକୁ ଅନାଇ ତୁମେ ତା' ଭିତରର ଯାବତୀୟ କଥା ଓ ଘଟଣା ବିଷୟରେ ସବୁ କହିଦେଇ ପାରୁଥାଅ !···ମଣିଷର ଆଖିଦୁଇଟିକୁ ତା' ଆତ୍ମାର ଦର୍ପଣ ବୋଲି କୁହାଯାଇଛି; ଏହି କଥାଟିକୁ ଏକ ଲୌକିକ ଢଙ୍ଗରେ କୁହାଯାଇଛି ସତ, ମାତ୍ର ଯଦି ଆଖିର ମଧ୍ୟଦେଇ କାହାର ଚୈତ୍ୟ ଅଂଶଟି ବାହାରକୁ ଅଭିବ୍ୟକ୍ତ ହୋଇ ନଆସି ପାରୁଛି, ତେବେ ଏପରି ହେଉଛି, କାରଣ ଚୈତ୍ୟ ସତ୍ତାଟି ସେହି କ୍ଷେତ୍ରରେ ଅନେକ ପଛ ହୋଇ ରହିଛି, ଆହୁରି ଅନେକ କେତେକେତେ ବସ୍ତୁ ଦ୍ୱାରା ତାହା ଆବୃତ ହୋଇ ରହିଛି । ତେଣୁ, ତୁମେ ସାନ ସାନ ପିଲାଙ୍କର ଆଖି ଭିତରକୁ ଭଲ କରି ଅନାଇ ଦେଖିବାର ଚେଷ୍ଟା କରିବ, ତା'ହେଲେ ତୁମେ ଏକ ପ୍ରକାରର ଆଲୋକ ଦେଖିବାକୁ ପାଇବ,—କେତେକ ଲୋକ ତାହାକୁ ଏକ ନିଷ୍କପଟ ଆଲୋକ ବୋଲି କହିଥାନ୍ତି,—ମାତ୍ର ତାହା ପ୍ରକୃତରେ ଏକ

'oaob.nitrkl.ac.in' images reprocessed

ଯଥାର୍ଥ ସଙ୍କେତକରୂପେ ପ୍ରତିଭାତ ହେଉଥାଏ, ଜଗତ ଉପରେ ଅପାର ବିସ୍ତୃତିର ସହିତ ଦୃଷ୍ଟିପାତ କରିବାରେ ଲାଗିଥାଏ । ହଁ, ଏହି ବିସ୍ତୃତିବୋଧ ହେଉଛି ପ୍ରକୃତରେ ଚୈତ୍ୟସତ୍ତାର ବିସ୍ତୃତିବୋଧ, ଯାହା ସତ୍ୟକୁ ପ୍ରତ୍ୟକ୍ଷ କରି ପାରୁଥାଏ, ମାତ୍ର ପୃଥିବୀ ବିଷୟରେ ଖୁବ୍‌ବେଶୀ ବୁଝି ପାରୁ ନଥାଏ, କାରଣ ତାହା ପୃଥିବୀଠାରୁ ଅନେକ ଦୂରରେ ରହିଥାଏ । ପିଲାମାନଙ୍କର ସେହି ସମ୍ପଦଟି ଥାଏ, ମାତ୍ର ସେମାନେ ଯେତେ ଯେତେ ଅଧିକ ଶିଖିବାକୁ ଆରମ୍ଭ କରନ୍ତି, ଅଧିକ ବୁଦ୍ଧିଆ ହୁଅନ୍ତି, ଅଧିକ ଶିକ୍ଷିତ ହୋଇଆସନ୍ତି, ସେଇଟି ମଧ୍ୟ ଅଧିକରୁ ଅଧିକ ପରିମାଣରେ ପୋଛିହୋଇ ଯାଉଥାଏ, ଏବଂ ତୁମେ ତା'ପରେ ସେମାନଙ୍କ ଆଖିରେ ଯାବତୀୟ ପ୍ରକାରର ଜିନିଷମାନ ଦେଖିବାକୁ ଆରମ୍ଭ କର : କେତେ ନା କେତେ ଭାବନା ଦେଖ, ବାସନା ଓ ଆବେଗ ଦେଖ, ଦୁଷ୍ଟାମି ବି ଦେଖ,—ମାତ୍ର ସେହି ସାନ ଶିଖାଟି, ସେହି ପବିତ୍ର ଶିଖାଟି ଆଉ ଦେଖିବାକୁ ମିଳେ ନାହିଁ । ଏବଂ, ତୁମେ ଏବିଷୟରେ ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ କହିଦେଇ ପାରିବ ଯେ ଏଥର ମନ ଆସି ସେମାନଙ୍କର ସେହି କ୍ଷେତ୍ରଟିରେ ପ୍ରବେଶ କରିଗଲାଣି, ଏବଂ ଚୈତ୍ୟ ଅନେକ ପଛକୁ ଅପସରି ଗଲାଣି ।

ଏପରିକି, ସବୁ କଥା ବୁଝିପାରିବା ଲାଗି ଯେଉଁ ପିଲାର ମସ୍ତିଷ୍କ ଯଥେଷ୍ଟ ଭାବରେ ବିକଶିତ ହୋଇ ନାହିଁ, ଯଦି ତୁମେ ତା' ଭିତରକୁ କେବଳ ଅଭୟ, ସ୍ନେହ, ନୀରବତା ବା ଆଶ୍ୱାସନାର ଏକ ସ୍ପନ୍ଦନ ସଞ୍ଚାରିତ କରିଦେଇ ପାରିବ, ତେବେ ଦେଖିବ ସିଏ କପରି ଭାବରେ ସେଗୁଡ଼ିକ ପ୍ରତି ଆପଣାର ଅନୁସ୍ପନ୍ଦନ ଜଣାଉଛି ! ମାତ୍ର, ଉଦାହରଣସ୍ୱରୂପ, ତୁମେ ଯଦି ଚଉଦ ବର୍ଷର ଗୋଟିଏ ସ୍କୁଲପଢ଼ୁଆ ପିଲାର ସମୀପବର୍ତ୍ତୀ ହେବାକୁ ଇଚ୍ଛା କରିବ, ଯାହାରିକି ବାପମାଆ ଅତି ସାଧାରଣ ଭାବରେ ବଢ଼ିଛନ୍ତି ଓ ପିଲାଟି ପ୍ରତି ଅନେକ କଠୋର ବ୍ୟବହାର କରିଛନ୍ତି, ତେବେ ତାହାର ମନଟା ସତେଅବା ଅତିରିକ୍ତ ଭାବରେ ସମ୍ମୁଖଭାଗରେ ରହିଥିବା ପରି ଅନୁଭବ କରିବ । ତା' ଭିତରେ ସତେଅବା କ'ଣ ଗୋଟାଏ ଭାରି କଠିନ ହୋଇ ଯାଇଥିବା ପରି ଲାଗିବ, ଚୈତ୍ୟ ଅଂଶଟି ସତେଅବା କୋଉ ପଛକୁ ଚାଲି ଯାଇଥିବ । ଏପରି ପିଲାଏ ସ୍ପନ୍ଦନଟି ପ୍ରତି କୌଣସି ଅନୁସ୍ପନ୍ଦନ ଜଣାଇବେ ନାହିଁ । ସେମାନେ ସତେଅବା କାଠ ବା ପ୍ଲାଷ୍ଟର୍‌ରେ ତିଆରି ହୋଇଛନ୍ତି ବୋଲି କହିବାକୁ ମନ ହେବ ।

ଯଦି ସାନ ପିଲାଟି ମଧ୍ୟରେ ଅନ୍ତର୍ଗତ ସତ୍ୟଟି, ଅର୍ଥାତ୍ ଚୈତ୍ୟ କ୍ଷେତ୍ରର ଦିବ୍ୟ ଉପସ୍ଥିତିଟି ଏତେବେଶୀ ସଚେତନ ହୋଇ ରହିଛି, ତେବେ ମନୁଷ୍ୟପିଲାକୁ ଏକ ସାନ ଜନ୍ତୁ ବୋଲି ଆଉ କୁହାଯାଇ ପାରିବ କି ?

'oaob.nitrkl.ac.in' images reprocessed

କାହିଁକି ବୁଝା ନଯାଇ ପାରିବ ? ଜନ୍ତୁ ବା ଇତରପ୍ରାଣୀମାନଙ୍କ ଭିତରେ ମଧ୍ୟ ଅନେକ ସମୟରେ ଏକ ଅତ୍ୟନ୍ତ ପ୍ରଗାଢ଼ ଚୈତ୍ୟ ସତ୍ୟ ନିହିତ ହୋଇ ରହିଥାଏ । ପ୍ରକୃତରେ ମୁଁ ବିଶ୍ୱାସ କରେ ଯେ କୌଣସି ଇତରପ୍ରାଣୀର ତୁଳନାରେ ଗୋଟିଏ ପିଲା ଭିତରେ ଚୈତ୍ୟ ସତ୍ତ୍ୱଟି କିଛିଟା ଅଧିକ ପରିମାଣରେ ଗଠିତ ହୋଇ ଯାଇଥାଏ, କିଛିଟା ଅଧିକ ସଚେତନ ହୋଇ ରହିଥାଏ । ମାତ୍ର ମୁଁ ଇତରପ୍ରାଣୀମାନଙ୍କ କ୍ଷେତ୍ରରେ ପରୀକ୍ଷା କରି ଦେଖିଛି, ଖାଲି ଜାଣିବାକୁହିଁ ପରୀକ୍ଷା କରି ଦେଖିଛି; ହଁ, ମୁଁ ତୁମକୁ ନିଶ୍ଚିତ ଭାବରେ କହିପାରିବି ଯେ ସେମାନଙ୍କ ଭିତରେ ମୁଁ ଏପରି କେତୋଟି ଗୁଣର ପରିଚୟ ପାଇଛି, ଯାହାକି ମନୁଷ୍ୟମାନଙ୍କ ଭିତରେ ଅତି କ୍ୱଚିତ୍ ଦେଖିଛି, ସେମାନଙ୍କ ଭିତରେ ମୁଁ ଅତ୍ୟନ୍ତ ସରଳ ଓ ଆଦୌ କୌଣସି ଛଳନା ନଥିବା କେତୋଟି ଗୁଣ ଦେଖିବାକୁ ପାଇଛି । ଉଦାହରଣସ୍ୱରୂପ, ବିଲେଇମାନଙ୍କ ଭିତରେ ଦେଖିଛି : ବିଲେଇମାନଙ୍କୁ ମୁଁ କେତେ ଅଧ୍ୟୟନ କରି ଦେଖିଛି; ସେମାନଙ୍କୁ ଯଦି ତୁମେ ଖୁବ୍ ଭଲ କରି ଜାଣିଥିବ, ତେବେ ସେମାନେ ଯେ କେଡ଼େ ଚମତ୍କାର ଜନ୍ତୁ, ସେକଥା ଅବଶ୍ୟ ଜାଣିବାକୁ ପାଇବ । ମୁଁ ଏପରି କେତୋଟି ମାଆ-ବିଲେଇଙ୍କୁ ଜାଣିଛି, ଯେଉଁମାନେ କି ସେମାନଙ୍କର ଛୁଆଙ୍କ ସକାଶେ ଆପଣାର ସବୁକିଛି ଉତ୍ସର୍ଗ କରି ଦେଇଥିଲେ । ଅନେକ ମଣିଷ କେତେ ଉଚ୍ଛ୍ୱସିତ ଭାବରେ ମାତୃସ୍ନେହର କଥା କହିଥାନ୍ତି, ସତେଯେପରି କେବଳ ମଣିଷମାନଙ୍କ ଜୀବନରେହିଁ ଏହି ମାତୃସ୍ନେହ ଏକଚାଟିଆ ହୋଇ ରହିଛି ! ମାତ୍ର ମାଆ-ବିଲେଇମାନଙ୍କ ଜୀବନରେ ମୁଁ ଏହି ମାତୃସ୍ନେହକୁ ଏପରି ଅଧିକ ପରିମାଣରେ ଅଭିବ୍ୟକ୍ତ ହେବାର ଦେଖିଛି, ଯାହାକି ସାଧାରଣ ମଣିଷମାନଙ୍କ ଭିତରେ ରହିଥିବା ସ୍ନେହକୁ ବୁଆଡ଼େ ଟପି ଚାଲିଯିବ । ମୁଁ ଏପରି ଗୋଟିଏ ମାଆ-ବିଲେଇକୁ ଜାଣିଛି, ସିଏକି ଛୁଆମାନେ ପେଟପୂରି ଖାଇ ନସାରିବା ପର୍ଯ୍ୟନ୍ତ ନିଜେ ଆପଣାର ଖାଇବାକୁ ସ୍ପର୍ଶ ବି କରିବାକୁ ଯିବ ନାହିଁ । ଆଉଗୋଟିଏ ବିଲେଇକୁ ମୁଁ ଦେଖିଛି, ସିଏକି ନିଜ ଛୁଆଙ୍କ ପାଖରେ ଆଠଦିନ ପଡ଼ିରହିଲା, ନିଜର ସକଳ ପ୍ରକାର ପ୍ରୟୋଜନକୁ ଭୁଲି ସେ ସେଇଠି ରହିଲା, କାରଣ ସିଏ ସେମାନଙ୍କୁ ଏକୁଟିଆ ଛାଡ଼ି ଯିବା ଲାଗି ଭୟ କରୁଥିଲା । ଏବଂ, ଗୋଟିଏ କାନ୍ଥ ଉପରୁ ଗୋଟିଏ ଝରକା ଉପରକୁ କିପରି ଡେଇଁବାକୁ ହୁଏ, ନିଜର ଶାବକମାନଙ୍କୁ ସେହି କଥା ଶିଖାଇବା ଲାଗି ଆଉଗୋଟିଏ ବିଲେଇକୁ ମୁଁ ଥର ଥର ହୋଇ ପଚିଶଥର ଡେଇଁ ଛୁଆମାନଙ୍କୁ ସେହି କଥା ଦେଖାଇ ଥିବାର ଦେଖିଛି । ଏବଂ, ଏକଥା ମଧ୍ୟ କହିବାକୁ ପଡ଼ିବ ଯେ, ସିଏ ଏପରି ଯତ୍ନଶୀଳତା, ବୁଦ୍ଧିମତ୍ତା ଏବଂ କୁଶଳତା ସହିତ ତାହା କରୁଥିଲା, ଯାହାକି ଜଣେ ଅଶିକ୍ଷିତା ସ୍ତ୍ରୀଲୋକଠାରେ ମୋଟେ ଦେଖିବାକୁ ମିଳିବ ନାହିଁ । ଏବଂ, ଏପରି କାହିଁକି ହୁଏ ? କାରଣ ଏହି କ୍ଷେତ୍ରରେ ମନ ଆଦୌ କୌଣସି ହସ୍ତକ୍ଷେପ ନଥିଲା । ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ସହଜାତ ପ୍ରବୃତ୍ତି ପରି ତାହା

'oaob.nitrkl.ac.in' images reprocessed

କାର୍ଯ୍ୟ କରୁଥିଲା । ମାତ୍ର, ସହଜାତ ପ୍ରବୃତ୍ତି କହିଲେ ଆମେ ପ୍ରକୃତରେ କ'ଣ ବୁଝିବା ? ସହଜାତ ପ୍ରବୃତ୍ତି କହିଲେ ଜୀବଜାତିର ବଂଶଟି ଭିତରେ ଭଗବତ୍ ପରମସତ୍ତାର ଉପସ୍ଥିତିକୁ ବୁଝାଇବ; ଏବଂ ତାହାକୁହିଁ ଇତରପ୍ରାଣୀମାନଙ୍କ ମଧ୍ୟରେ ଥିବା ଚୈତନ୍ୟ ଅଂଶ ବୋଲି କୁହାଯିବ । ଏହି କ୍ଷେତ୍ରରେ ଏହା ଏକ ବ୍ୟକ୍ତିଗତ ଚୈତନ୍ୟ ନୁହେଁ, ଏହା ହେଉଛି ଏକ ସାମୂହିକ ଚୈତନ୍ୟ ।

ମଣିଷମାନେ ସାଧାରଣତଃ ଯେଉଁସବୁ ସଂବେଦଗତ ଓ ଭାବଗତ ଯେତେଯାହା ପ୍ରତିକ୍ରିୟା ଏବଂ ଅନୁଭୂତି ବିଷୟରେ କେତେ ଗର୍ବ କରି କଥା କହିଥାନ୍ତି, ଇତରପ୍ରାଣୀମାନଙ୍କ ମଧ୍ୟରେ ମୁଁ ସେହି ସବୁଗୁଡ଼ିକୁ ଦେଖିଛି । ଦୁହିଁଙ୍କ ମଧ୍ୟରେ କେବଳ ଏତିକି ପାର୍ଥକ୍ୟ ରହିଛି ଯେ ଇତରପ୍ରାଣୀମାନେ ସେହିସବୁ ବିଷୟରେ କିଛି କହିପାରନ୍ତି ନାହିଁ, କିଛି ଲେଖି ବି ପାରନ୍ତି ନାହିଁ; ତେଣୁ ଆମେ ସେମାନଙ୍କୁ ଆମଠାରୁ ନିମ୍ନରେ ଥିବା ପ୍ରାଣୀ ବୋଲି ବିଚାର କରିଥାଉ, କାରଣ ଆପଣାର ଅନୁଭବଗୁଡ଼ିକ ବିଷୟରେ ସେମାନେ ଆମ ଆଗରେ ଗଦା ଗଦା ବହି ଲେଖି ଜମା କରିଦେଇ ପାରନ୍ତି ନାହିଁ ।

ମୁଁ ପିଲା ଥିବା ସମୟରେ, ଯେତେବେଳେ ମୁଁ କିଛି ଖରାପ କଥା କରି ପକାଉଥିଲି, ସଙ୍ଗେ ସଙ୍ଗେ ମୋତେ ଭାରି ଅସ୍ୱସ୍ତିକର ମନେ ହେଉଥିଲା ଏବଂ ସେପରି କାର୍ଯ୍ୟ ଆଉ କେବେହେଲେ ନକରିବା ପାଇଁ ମୁଁ ନିଷ୍ପତ୍ତି କରୁଥିଲି । ତା'ପରେ ମୋ ବାପାବୋଉ ମଧ୍ୟ ମୋତେ ସେହି କଥାଟି ଆଉ ନକରିବା ଲାଗି କହୁଥିଲେ । ଏପରି କାହିଁକି ହେଉଥିଲା ? ଏହି କଥାଟିକୁ ଆଉ କେବେହେଲେ ନକରିବା ପାଇଁ ମୁଁ ଯେ ଠିକ୍ କରି ସାରିଥିଲି, କ'ଣ ସେଇଥିଲାଗି ?

ପିଲାକୁ କେବେହେଲେ ଗାଳି ଦେବା ଉଚିତ ନୁହେଁ । ବାପମାଆଙ୍କ ବିରୁଦ୍ଧରେ ମୁଁ କହେ ବୋଲି ମୋତେ ଅନେକେ ଦୋଷ ଦେଇଥାନ୍ତି । ମାତ୍ର ମୁଁ ବାପମାଆମାନଙ୍କୁ ସେମାନଙ୍କର ଜୀବନରେ ଲକ୍ଷ୍ୟ କରି ଦେଖିଛି ଏବଂ ସେଇଥିରୁ ଜାଣିବାକୁ ପାଇଛି ଯେ, ଯେତେବେଳେ କୌଣସି ପିଲା ସ୍ୱତଃପ୍ରେରିତ ହୋଇ ଦୋଷ ମାନିନେବାକୁ ଆସେ, ସେତେବେଳେ ଶତକରେ ନବେଜଣ ବାପମାଆ ପିଲାକୁ ଅପମାନ କରି କହନ୍ତି । ସେମାନେ କହନ୍ତି : "ହଁ, ହଁ, ତୁ ଭାରି ଦୁଷ୍ଟ ହେଲୁଣି । ଯାଆ, ଯାଆ,—ମୋର କାମ ଅଛି !" ସେମାନେ ଧୈର୍ଯ୍ୟର ସହିତ ପିଲାର କଥାକୁ

'oaob.nitrkl.ac.in' images reprocessed

ଶୁଣିବା ଲାଗି ଇଚ୍ଛା କରନ୍ତି ନାହିଁ ବା ତା'ର ଦୋଷ କେଉଁଠି ତାକୁ ସେକଥା ବୁଝାଇ ଦିଅନ୍ତି ନାହିଁ, ତା'ର ଉପରେ ବ୍ୟବହାର କରିବା ଉଚିତ ଥିଲା, ସେବିଷୟରେ ମଧ୍ୟ କିଛି କହନ୍ତି ନାହିଁ । ଏବଂ, ସମସ୍ତ ଭଲ ଅଭିପ୍ରାୟ ନେଇ ଆସିଥିବା ପିଲାଟି ଅତ୍ୟନ୍ତ ଆହତ ହୋଇ ସେଠାରୁ ଚାଲିଯାଏ ଏବଂ "ମୋତେ କାହିଁକି ଏପରି ବ୍ୟବହାର ମିଳିଲା ?" ବୋଲି ଅନୁଭବ କରୁଥାଏ । ତା'ପରେ ପିଲା ବେଶ୍ ଅବସ୍ଥାର କରନଏ ଯେ ତା'ର ବାପମାଆ ମଧ୍ୟ ଆଦୌ ଦୋଷମୁକ୍ତ ନୁହନ୍ତି,—ବାପମାଆଙ୍କ ବିଷୟରେ ଅତି ନିଃସନ୍ଦେହ ଭାବରେ ସେକଥା କୁହାଯାଇ ପାରିବ,—ସେମାନେ ବି ଭୁଲ୍ କରୁଛନ୍ତି ବୋଲି ସେ ଦେଖିବାକୁ ପାଏ ଏବଂ ତା'ପରେ ମନେମନେ କହିବାକୁ ଲାଗେ : "ସିଏ ମତେ ଆସି କାହିଁକି ଗାଳି ଦେଉଛନ୍ତି, ସିଏ ବି ତ ମୋରି ପରି !"

## ୧୧ ଜାନୁଆରୀ ୧୯୫୧

"ଶିକ୍ଷା" ବହିରେ "ପ୍ରତ୍ୟେକ ପିଲାର କ'ଣ ମନେ ରଖିବା ଉଚିତ ?" ବିଷୟଟିରେ ଯେଉଁ ସବୁ ଗୁଣର କଥା କୁହାଯାଇଛି, ମା ସେଥିମଧ୍ୟରୁ କେତୋଟି ଗୁଣ ବିଷୟରେ ଆଲୋଚନା କଲେ ।

"ଆମେ ବିନୀତ ହେବା, ନିରହଙ୍କାର ହେବା ।"

ଅର୍ଥାତ୍, ଆପଣାର ପ୍ରକୃତ ଯୋଗ୍ୟତା ଯାହା, ଆପଣାକୁ ଠିକ୍ ସେହିପରି ଗ୍ରହଣ କରିବା ।

ସାଧାରଣତଃ ଲୋକମାନେ ଆପଣାକୁ ଜାହିର କରିବା ପାଇଁ ଯେତିକି ଉତ୍ସାହ ଦେଖାଇଥାନ୍ତି, ଆପଣାର ବ୍ୟକ୍ତିଗତ ଗୁଣଗୁଡ଼ିକୁ ପ୍ରଶଂସା କଲାବେଳେ ମଧ୍ୟ ପ୍ରାୟ ସେତିକି ପରିମାଣରେ ଅତିଶକ୍ତିତା ପ୍ରଦର୍ଶନ କରିଥାନ୍ତି । ଦିନେ "ମୁଁ କେଡ଼େ ବଡ଼ିଆ" ବୋଲି କହିଲେ ପରଦିନ "ମୁଁ କେଡ଼େ ଅଯୋଗ୍ୟ, ମୋ ଦ୍ୱାରା କିଛି ହୋଇ ପାରିବ ନାହିଁ" ବୋଲି କହନ୍ତି । ଏହାକୁ ଆମେ ଗୋଟିଏ ପେଣ୍ଡୁଲମ୍ ସହିତ ତୁଳନା କରିବା, ନୁହେଁ କି ? ଆମେ ନିଜେ ପ୍ରକୃତରେ କ'ଣ, ସେହି କଥାଟିକୁ ଠିକ୍ ଭାବରେ ଜାଣିବାଠାରୁ ଅଧିକ କଷ୍ଟସାଧ୍ୟ ଆଉ କିଛି ନାହିଁ । ଏହି କ୍ଷେତ୍ରରେ ଅତିରଞ୍ଜନ ଯେତିକି ପ୍ରମାଦପୂର୍ଣ୍ଣ, ଆପଣାକୁ ଜାଣିଜାଣି ତୁଚ୍ଛ କରି କହିବା ମଧ୍ୟ ସେତିକି ପ୍ରମାଦପୂର୍ଣ୍ଣ । ତେଣୁ ଅସଲ କଥା ହେଉଛି ଯେ ଆମେ ଆମର ସୀମାଗୁଡ଼ିକୁ

'oaob.nitrkl.ac.in' images reprocessed

ଠିକ୍ ଭାବରେ ଜାଣିବା ଏବଂ ଆପଣାର ସମ୍ମୁଖରେ ନିର୍ଦ୍ଧାରିତ ହୋଇ ରହିଥିବା ଆଦର୍ଶଟି ଆଡ଼କୁ ଆମେ କିପରି କ୍ରମଶଃ ଅଗ୍ରସର ହୋଇ ପାରିବା, ସେକଥାଟିକୁ ମଧ୍ୟ ଜାଣିବା । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସବୁ କଥାକୁ ଏଡ଼େ ଆଖିରେ ଦେଖୁଥାନ୍ତି ଏବଂ ସବୁକିଛି କରିଦେଇ ପାରିବେ ବୋଲି ତତ୍କ୍ଷଣାତ୍ କଳ୍ପନା କରି ବସନ୍ତି । ଉଦାହରଣସ୍ୱରୂପ, ଏପରି ସାନ ସେନାପତିମାନେ ଅଛନ୍ତି, ଯେଉଁମାନେ କି ଆପଣାକୁ ପୃଥିବୀର ସବୁଯାକ ଯୁଦ୍ଧରେ ଅବଶ୍ୟ ବିଜୟ ହାସଲ କରିବାକୁ ସମର୍ଥ ବୋଲି ଭାବୁଥାଆନ୍ତି; ଏବଂ ଏପରି କ୍ଷୁଦ୍ର ମଣିଷ ବି ଅଛନ୍ତି, ଯେଉଁମାନେ କି ପୃଥିବୀରେ କେହି କଦାପି ସେମାନଙ୍କ ସହିତ ସରି ହୋଇ ପାରିବ ନାହିଁ ବୋଲି ଭାବୁଥାନ୍ତି । ଅନ୍ୟ ପକ୍ଷରେ, ମୁଁ ଏପରି ଅନେକ ମଣିଷଙ୍କୁ ଜାଣିଛି, ଯେଉଁମାନଙ୍କ ଭିତରେ ଯଥାର୍ଥରେ ସାମର୍ଥ୍ୟ ରହିଥିଲା ସତ, ମାତ୍ର ସେମାନେ "ମୋ ଦ୍ୱାରା କେବେହେଲେ କିଛି ହୋଇ ପାରିବ ନାହିଁ" ବୋଲି ଭାବି ଭାବି ସମୟ ନଷ୍ଟ କରି ଦେଉଥିଲେ । ଏହି ଦୁଇଟିଯାକ ବିପରୀତ ଅତିଶଯ୍ୟତା ସାଧାରଣତଃ ଏକା ଲୋକ ଭିତରେ ଦେଖିବାକୁ ମିଳିଥାଏ । ମାତ୍ର ଜଣେ ମଣିଷର ପ୍ରକୃତ ସାମର୍ଥ୍ୟ ବା ଯୋଗ୍ୟତା କେତେ ଏବଂ ସେ ପ୍ରକୃତରେ କେଉଁସବୁ କ୍ଷେତ୍ରରେ ପ୍ରବେଶ କରି ପାରିବ, ଏହି କଥାଟିକୁ ନିର୍ଭୁଲ ଭାବରେ ଜାଣିଥିବା ଜଣେ ବ୍ୟକ୍ତିକୁ ଖୋଜି ବାହାର କରିବା ପ୍ରକୃତରେ ବଡ଼ କଷ୍ଟକର । ଆମେ ଏଠାରେ ଗର୍ବ ବା ଦମ୍ଭ ବିଷୟରେ କିଛି ଆଲୋଚନା କରିବାକୁ କୌଣସି ଇଚ୍ଛା ପ୍ରକାଶ କରି ନାହୁଁ, କାରଣ ଆମେ ଅବଶ୍ୟ ଆଶା କରୁଛୁ ଯେ ତୁମେ ଯେମିତି କୌଣସି ସଫଳତା ହାସଲ କରିବ, କଦାପି ସେହି ସଙ୍ଗେସଙ୍ଗେ କୌଣସି ପ୍ରକାର ଗର୍ବ ବା ଦମ୍ଭରେ ପୂର୍ଣ୍ଣ ହୋଇ ଉଠିବ ନାହିଁ ।

କଳ୍ପନା କରି ଦେଖିଲି, ଏପରି ଅନେକ ଉଦ୍‌ଭିଦ ଅଛନ୍ତି, ଯେଉଁମାନେ କି ଦମ୍ଭରେ ପୂରି ରହିଥାନ୍ତି । ଆମେ ନିଜେ ଯେଉଁସବୁ ଉଦ୍‌ଭିଦ ଲଗାଇଥାଉ, ମୁଁ ଏଠାରେ ସେହିସବୁ ଉଦ୍‌ଭିଦର କଥା କହୁଛି । ଯଦି କଥା ଦ୍ୱାରା ବା ଅନୁଭୂତି ଦ୍ୱାରା ସେମାନଙ୍କର ପ୍ରଶଂସା କରାଯାଏ, ଯଦି ସେମାନଙ୍କର ଗୁଣକୀର୍ତ୍ତନ କରାଯାଏ, ତେବେ ସେମାନେ ସତେଅବା ଭାରି ହୃଷ୍ଟ ହୋଇ ମୁଣ୍ଡ ସିଧା କରି ଠିଆ ହୋଇ ଯାଆନ୍ତି,— ହଁ, ଭାରି ଗର୍ବର ସହିତ ଏପରି କରନ୍ତି । ଇତର ଜନ୍ତୁମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ବର୍ତ୍ତମାନ ମୁଁ ତୁମମାନଙ୍କୁ ଗୋଟିଏ ଭାରି କହିବାକଥା ସାନ ଗପଟିଏ କହିବି ।

ପାରିସ୍ ସହରରେ ଗୋଟିଏ ଉଦ୍ୟାନ ଅଛି, ଉଦ୍ୟାନଟିର ନାମ ଉଦ୍‌ଭିଦ ଉଦ୍ୟାନ । ସେହି ଉଦ୍ୟାନରେ ପ୍ରାଣୀମାନେ ବି ଅଛନ୍ତି, ଉଦ୍‌ଭିଦମାନ ଅଛି । ଥରେ ସେମାନେ ଅଳ୍ପ ଦିନ ହେଲା ଉଦ୍ୟାନକୁ ଭାରି ସୁନ୍ଦର ସିଂହଟିଏ ଆଣିଥାନ୍ତି । ଅବଶ୍ୟ ସିଂହଟି ଗୋଟିଏ ପିଞ୍ଜରାରେ ବନ୍ଦ ହୋଇ ରହିଥାଏ । ସିଂହଟି ଭାରି ଭୟଙ୍କର

'oaob.nitrkl.ac.in' images reprocessed

ହୋଇଥାଏ । ପିଞ୍ଜରା ଭିତରେ ଗୋଟିଏ କବାଟ ଥାଏ, ଯାହା ପଛରେ କି ସିଏ ଲୁଚିକରି ରହିଥାଏ । ଏବଂ, ପରିଦର୍ଶକମାନେ ତାକୁ ଦେଖିବା ଲାଗି ଆସିଲେହିଁ ସେ କବାଟ ପଛପଟେ ଯାଇ ଲୁଚିଯାଏ । ମୁଁ ସେହି କଥା ଦେଖିଲି ଓ ଆହ୍ଲାଦରେ ପିଞ୍ଜରା ପାଖକୁ ଯାଇ ତା' ସହିତ କଥା କହିବାକୁ ଆରମ୍ଭ କଲି । (ଇତର ପ୍ରାଣୀମାନେ କଥିତ ଭାଷା ପ୍ରତି ଖୁବ୍ ଗ୍ରହଣଶୀଳ ହୋଇ ରହିଥାନ୍ତି, ସେମାନେ ପ୍ରକୃତରେ ଶୁଣନ୍ତି ।) ମୁଁ ମୋ ସିଂହଟିକୁ କଅଁଳିଆ ଭାଷାରେ କହିବାକୁ ଆରମ୍ଭ କଲି । ମୁଁ ତାକୁ କହିଲି, "ଆରେ ସିଂହ, ତୁ କେଡ଼େ ସୁନ୍ଦର ନନ୍ଦଶୁକ୍ତ କହିଲୁ ! କିନ୍ତୁ କେଡ଼େ ଦୁଃଖର କଥା ଯେ ତୁ ଏପରି ଭାବରେ ଆପଣାକୁ ଲୁଚାଇ ରଖିଛୁ ! ଆମେ ତୋତେ ଦେଖିଲେ କେଡ଼େ ଖୁସୀ ନହୁଅନ୍ତୁ କହିଲୁ !…" ମୋ କଥାକୁ ସିଏ ପ୍ରକୃତରେ ଶୁଣିଲା । ତା'ପରେ, ଅତି ଧୀରେ ଧୀରେ, ମୋ ଆଡ଼କୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ବଙ୍କେଇ କରି ଅନାଇଲା, ମୋତେ ଭଲ କରି ଦେଖି ପାରିବାକୁ ବେକଟାକୁ ଧୀରେ ଧୀରେ ଆଗକୁ ଲମ୍ବାଇଦେଲା; ପରେ ତା'ର ନଖ ଓ ପଞ୍ଝାଗୁଡ଼ିକୁ ବାହାରକୁ ନେଇ ଆସିଲା ଏବଂ ଶେଷରେ ଯନ୍ତ୍ରାର ଲୁହା ରେଲିଂ ଉପରେ ନାକକୁ ମାଡ଼ିଦେଇ ସତେଅବା କହିବାକୁ ଲାଗିଲା, "ଯାହାହେଉ, ଏତେଦିନେ ମୁଁ ମୋତେ ବୁଝି ପାରୁଥିବା ଜଣେ ମଣିଷକୁ ଭେଟିଲି !"

"ଆମେ ଉଦାର ହେବା ।"

ପାର୍ଥିବ ଅର୍ଥରେ ଯାହାକୁ ଉଦାରତା ବୋଲି କୁହାଯାଏ, ମୁଁ ଏଠାରେ ସେକଥା ମୋଟେ କହିବି ନାହିଁ । ଜଣକ ପାଖରେ ଯାହା ଅଛି, ସେ ତାହାକୁ ଦେଇଦେଲେ ପାର୍ଥିବ ଅର୍ଥରେ ତାହାକୁହିଁ ଉଦାରତା ବୋଲି କୁହାଯାଏ । ମାତ୍ର, ଏହି ଗୁଣଟି ମଧ୍ୟ ଆଦୌ ସଚରାଚର ଦେଖିବାକୁ ମିଳେ ନାହିଁ, କାରଣ ଆପଣାର ଧନ ବଢ଼ି ଜଣେ ଧନୀ ହୋଇଯିବା ସଙ୍ଗେ ସଙ୍ଗେ ସେ ସେହି ଧନକୁ ଦେଇଦେବା ଅପେକ୍ଷା ତାହାକୁ ଆପଣା ପାଖରେ ସାଇତି ରଖିବାକୁହିଁ ଅଧିକାଂଶ ସମୟରେ ଭାବୁଥାଏ । ମଣିଷଙ୍କ ପାଖରେ ଯେତିକି ଧନ ଥାଏ, ସେମାନେ ସେତିକି କମ୍ ଉଦାର ହୁଅନ୍ତି ।

ଏଠାରେ ମୁଁ ନୈତିକ ଉଦାରତା ବିଷୟରେ କହିବାକୁ ଇଚ୍ଛା କରୁଛି । ଉଦାହରଣସ୍ୱରୂପ, ଯେତେବେଳେ ଆମର ଜଣେ ସାଙ୍ଗ କୌଣସିଥିରେ ସଫଳତା ହାସଲ କଲା, ଆମେ ନିଜେ ସେଥିରେ ଖୁସୀ ହେବା । କୌଣସି ସାହସିକ କାର୍ଯ୍ୟ, ଅସ୍ୱାର୍ଥପର କୌଣସି କାର୍ଯ୍ୟ, ଏକ ପ୍ରଶଂସାଯୋଗ୍ୟ ତ୍ୟାଗ,—ଏଗୁଡ଼ିକ ଭିତରେ ମଧ୍ୟ

'oaob.nitrkl.ac.in' images reprocessed

ଏପରି ଏକ ସୌନ୍ଦର୍ଯ୍ୟ ନିହିତ ହୋଇ ରହିଛି, ଯାହା ଆମକୁ ଅଶେଷ ଆନନ୍ଦ ଆଣି ଦେଇଥାଏ । ଏପରି କୁହାଯାଇ ପାରିବ ଯେ, ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଯଥାର୍ଥ ଯୋଗ୍ୟତା ରହିଛି, ଯେଉଁ ଯଥାର୍ଥ ବଶିଷ୍ଟତାମାନ ରହିଛି, ତାହାକୁ ଚିହ୍ନିବାରେ ଓ ସ୍ୱୀକାର କରିବାରେ ସମର୍ଥ ହେବା ହେଉଛି ନୈତିକ ଉଦାରତା ।

## ୧୩ ଜାନୁଆରୀ ୧୯୫୧

"ଏକ ଲକ୍ଷ୍ୟହୀନ ଜୀବନ ହେଉଛି ସର୍ବଦା ଏକ ଦୁଃଖୀ ଜୀବନ ।"

"ଶିକ୍ଷା" ପୁସ୍ତକରେ "ବଞ୍ଚିବାର ବିଜ୍ଞାନ"

କାହିଁକି ?

ଯଦି ଜୀବନରେ କୌଣସି ଗୋଟିଏ ଲକ୍ଷ୍ୟ ରହିଥାଏ, ତେବେ ସେହି ଲକ୍ଷ୍ୟମୂଳକୁ ଯାଇଥିବା ମାର୍ଗଟିର ଅନୁସରଣ କରି ମନୁଷ୍ୟ ନୀରବରେ ଆପଣାର ବାଟଟିକୁ ଚାଲି ପାରିବ ।

ନୀରବରେ ଗୋଟିଏ ମାର୍ଗର ଅନୁସରଣ କରିବା ଲାଗି ଯେ ଆମ ଆଗରେ ଗୋଟିଏ ଲକ୍ଷ୍ୟ ରହିଥିବା ଉଚିତ, ସେକଥା ଆଦୌ ନୁହେଁ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କୌଣସି ଲକ୍ଷ୍ୟ ନାହିଁ, ଅଥଚ ଯେଉଁମାନେ ବେଶ୍ ନୀରବ ଭାବରେ ଓ ଆଦୌ କୌଣସି ଉଦ୍ୟମ ନକରି ନିଜ ଦୈନନ୍ଦିନ ଜୀବନମାର୍ଗଟିକୁ ଅନୁସରଣ କରି ପାରୁଛନ୍ତି !

ଲକ୍ଷ୍ୟ ଆମକୁ ଆନନ୍ଦ ଦିଏ ।

ଆପଣାର ଲକ୍ଷ୍ୟର ଉପଲବ୍ଧି କରିବା ଲାଗି ଅନେକ ସମୟରେ ଗୋଟାଏ ପୁରା ଜୀବନ ଲାଗିଯାଏ; ତେବେ, କେବଳ ଜୀବନର ଶେଷଭାଗରେ ଯାଇ ଆନନ୍ଦ ପାଇବା ସମ୍ଭବ ହୋଇ ପାରିବ ।

'oaob.nitrkl.ac.in' images reprocessed

ଲକ୍ଷ୍ୟ କହିଲେ ଏକ ଆଦର୍ଶକୁ ବୁଝାଏ ଓ ଏକ ଆଦର୍ଶ ଜୀବନକୁ ସମୃଦ୍ଧ କରିଥାଏ ।

ହଁ, ସତ କଥା, ମାତ୍ର ଆମେ ଇଚ୍ଛା କଲେ ଏକ ପାର୍ଥିବ ଆଦର୍ଶକୁ ମଧ୍ୟ ନିଜର ଆଦର୍ଶ ବୋଲି ଗ୍ରହଣ କରିପାରିବା । ତେଣୁ ଆଦର୍ଶ କଦାପି ଆନନ୍ଦ ଦିଏ ନାହିଁ ।

ଜୀବନରେ ଗୋଟିଏ ଲକ୍ଷ୍ୟ ରହିଥିଲେ ତାହା ଜୀବନକୁ ଏକ ଅର୍ଥ ଦେଇଯାଏ, ଜୀବନରେ ଏକ ଉଦ୍ଦେଶ୍ୟ ଦେଇଯାଏ, ଏବଂ ଉଦ୍ଦେଶ୍ୟ ରହିଥିଲେହିଁ ତାହାର ପ୍ରାପ୍ତି ଲାଗି ଉଦ୍ୟମ କରିବାକୁ ପଡ଼େ; ଏବଂ ଉଦ୍ୟମରେହିଁ ଆନନ୍ଦପ୍ରାପ୍ତି ହୁଏ ।

ଏକାବେଳେକେ ସତ । ଉଦ୍ୟମରେହିଁ ଆନନ୍ଦପ୍ରାପ୍ତି ହୁଏ; ଯେଉଁ ମଣିଷ ଉଦ୍ୟମ କରି ଜାଣେ ନାହିଁ, ସିଏ କେବେହେଲେ ଆନନ୍ଦ ପାଇ ପାରେ ନାହିଁ । ଯେଉଁମାନେ ସ୍ୱଭାବଗତ ଭାବରେ ଆଳସ୍ୟପରାୟଣ ହୋଇ ରହିଥାନ୍ତି, ସେମାନେ କଦାପି ଆନନ୍ଦ ପାଇ ପାରିବେ ନାହିଁ, ଆନନ୍ଦ ଅନୁଭବ କରି ପାରିବା ଲାଗି ସେମାନଙ୍କଠାରେ ଆବଶ୍ୟକ ଶକ୍ତିହିଁ ନଥାଏ । ହଁ, ଉଦ୍ୟମହିଁ ଆନନ୍ଦ ଆଣି ଦେଇଥାଏ । ଉଦ୍ୟମ ଦ୍ୱାରାହିଁ ଆମର ଜୀବନ ସଙ୍କୁଳିତ ହେବାର ଓ ଆନ୍ଦୋଳିତ ହେବାର ଏକ ନିର୍ଦ୍ଦିଷ୍ଟ ମାତ୍ରାରେ ସ୍ପନ୍ଦିତ ହେବାକୁ ଆରମ୍ଭ କରେ ଏବଂ ତାହାରି ଦ୍ୱାରାହିଁ ଆନନ୍ଦ ଅନୁଭବ କରିବା ସମ୍ଭବ ହୁଏ ।

ମାତ୍ର, ଯେଉଁ ଉଦ୍ୟମ ବା ପ୍ରୟାସ ଆମକୁ ଆନନ୍ଦ ଆଣିଦିଏ, ତାହାକୁ କ'ଣ ପରିସ୍ଥିତି ଦ୍ୱାରା ଆମ ଉପରେ ଲଦା ହୋଇଥିବା ଗୋଟିଏ ପ୍ରୟାସ ବୋଲି କୁହାଯାଇ ପାରିବ ନା ଉତ୍ତରୋତ୍ତର ଅଗ୍ରଗତି ଆଣି ଦେଉଥିବା ଏକ ପ୍ରୟାସ ବୋଲି କୁହାଯାଇ ପାରିବ ?

ତୁମେ ଏଠାରେ ଦୁଇଟା କଥାକୁ ଏକାଠି ଗୋଳାଇ ମିଶାଇ ଦେଉଛ । ଗୋଟିଏ ହେଉଛି ପାର୍ଥିବ ସ୍ତରର କଥା, ଆଉଟି ମାନସିକ ସ୍ତରର କଥା । ଏଥିରେ

'oaob.nitrkl.ac.in' images reprocessed

ଆଦୌ କୌଣସି ସନ୍ଦେହ ନାହିଁ ଯେ ଯେତେବେଳେ ଆମେ ଗୋଟିଏ କାମକୁ କରିବୁ ବୋଲି ନିଜେ ସ୍ଥିର କରିଛୁ ଓ ତେଣୁ ସେହି କାମଟିକୁ କରୁଛୁ, ଓ ଆଉ ଯେତେବେଳେ ଅଳ୍ପବହୁତ ଅନୁକୂଳ ହୋଇ ରହିଥିବା ଏକ ପରିସ୍ଥିତି ଆମ ଉପରେ ଆଣି ଲଦି ଦେଉଥିବାରୁ ଆଉଗୋଟିଏ କାମ କରୁଛୁ, ଦୁଇଟିଯାକରୁ ଆମକୁ କଦାପି ଏକା ଫଳ ମିଳିବ ନାହିଁ । ଉଦାହରଣସ୍ୱରୂପ, ଏକଥା ସତ ଯେ, ଯେଉଁମାନେ ଯୋଗସାଧନା କରନ୍ତି, ସେମାନଙ୍କୁ ଅନେକ ସମୟରେ ଆହାରତ୍ୟାଗ କରିବାକୁ ହୁଏ । ଅନେକ ଯୋଗମାର୍ଗରେ ବେଶ୍ ଦୀର୍ଘ ସମୟ ଧରି ଉପବାସ କରିବାର ପରାମର୍ଶ ଦିଆଯାଇଛି, ଏବଂ ଯେଉଁମାନେ ତାହାର ପାଳନ କରନ୍ତି, ସେମାନେ ସେପରି କରି ସାଧାରଣତଃ ଦୁଃଖୀ ହୁଅନ୍ତି, କାରଣ ସେମାନେ ସେହି ମାର୍ଗଟିକୁ ନିଜେ ଗ୍ରହଣ କରିଛନ୍ତି । ମାତ୍ର ଠିକ୍ ସେହି ବ୍ୟକ୍ତିଟିକୁ ନେଇ ଆମେ ଏପରି ଗୋଟିଏ ପରିସ୍ଥିତିରେ ରଖିବା, ଯେଉଁଠାରେ କି ଖାଦ୍ୟ ଦୁଷ୍ପ୍ରାପ୍ୟ ହୋଇ ରହିଛି, ହୁଏତ ଖାଦ୍ୟ ମିଳୁ ନାହିଁ ଅଥବା ଏହି ଲୋକଟିର ଅର୍ଥ ନାହିଁ ବୋଲି ଖାଦ୍ୟ ଦୁଷ୍ପ୍ରାପ୍ୟ ହୋଇ ରହିଛି,—ତେବେ ଏହି କ୍ଷେତ୍ରରେ ତୁମେ ସେହି ବ୍ୟକ୍ତିଟିକୁ ନିଶ୍ଚୟ ଏକ ଦୟନୀୟ ସ୍ଥିତିରେ ଦେଖିବାକୁ ପାଇବ । ପରିସ୍ଥିତିଟି ହୁଏତ ଆଦୌ ବଦଳି ନଥିଲେ ମଧ୍ୟ ସିଏ ହୁଏତ ପରିସ୍ଥିତିକୁ ଏକ ଭୟଙ୍କର ପରିସ୍ଥିତି ବୋଲି କହି ଅଭିଯୋଗ କରିବାକୁ ଆସିବ । ମାତ୍ର ସ୍ମରଣ ରଖିବାକୁ ହେବ ଯେ ପ୍ରଥମ ଦୃଷ୍ଟାନ୍ତଟିରେ ସିଏ ନିଜେ ଆହାରତ୍ୟାଗ କରିବାର ନିଷ୍ପତ୍ତି ଗ୍ରହଣ କରିଥିଲା, ଏବଂ ଅନ୍ୟ ଦୃଷ୍ଟାନ୍ତଟିରେ ବ୍ୟକ୍ତିଟି ବାଧ୍ୟ ହୋଇ ଅନନ୍ୟୋପାୟ ହୋଇ ଉପାସ ରହିଲା । ଏକଥା ବୁଝିବାକୁ ମୋଟେ କଷ୍ଟ ଲାଗିବ ନାହିଁ, ମାତ୍ର ଏହାକୁହିଁ ଆମେ କଦାପି ଏକମାତ୍ର କାରଣ ବୋଲି କହିବା ନାହିଁ ।

କେବଳ ଏକ ଉଦ୍ୟମ, ସେହି ଉଦ୍ୟମ ଯେଉଁ କ୍ଷେତ୍ରରେ ହେଉ ପଛକେ, ତାହା ଭୌତିକ ପ୍ରୟାସ, ନୈତିକ ପ୍ରୟାସ ବା ବୁଦ୍ଧିଗତ ପ୍ରୟାସ ଯାହା ହୋଇଥାଉ ପଛକେ,—ସେହି ଉଦ୍ୟମହିଁ ସତ୍ତା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ପନ୍ଦନ ସୃଷ୍ଟି କରିବାରେ ସମର୍ଥ ହୁଏ, ଯାହା ଦ୍ୱାରା କି ଆମେ ବିଶ୍ୱସ୍ପନ୍ଦନ ସହିତ ଆପଣାକୁ ସଂଯୁକ୍ତ କରି ରଖିବାରେ ସମର୍ଥ ହେଉ । ଏବଂ ଏହି ସଂଯୁକ୍ତ ହେବାରୁହିଁ ଆନନ୍ଦ ମିଳିଥାଏ । ଉଦ୍ୟମହିଁ ତୁମକୁ ଯାବତୀୟ ଜଡ଼ତା ମଧ୍ୟରୁ ଟାଣି ବାହାର କରି ନେଇଆସେ, ଉଦ୍ୟମ ବା ପ୍ରୟାସହିଁ ତୁମକୁ ବିଶ୍ୱଗତ ଯାବତୀୟ ଶକ୍ତି ଲାଗି ଗ୍ରହଣଶୀଳ କରି ରଖିଥାଏ । ଏବଂ, ଖାସ୍ ଯେଉଁ ପଦାର୍ଥଟି ଆମକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆନନ୍ଦ ଆଣି ଦେଇଥାଏ, ଏପରିକି, ଯେଉଁମାନେ ଯୋଗସାଧନା କରନ୍ତି ନାହିଁ, ସେମାନଙ୍କୁ ମଧ୍ୟ ଆଣି ଦେଇଥାଏ, ଯେଉଁମାନଙ୍କର ଆଦୌ କୌଣସି ଆଧ୍ୟାତ୍ମିକ ଅଭୀପ୍ସା ନାହିଁ, ଓ ଯେଉଁମାନେ ବେଶ୍ ଏକ ସାଧାରଣ ଜୀବନ ଯାପନ କରିବାରେ

'oaob.nitrkl.ac.in' images reprocessed

ରତ ହୋଇ ରହିଥାନ୍ତି, ସେମାନଙ୍କୁ ମଧ୍ୟ ଆନନ୍ଦ ଦେଇଥାଏ, ବିଶ୍ୱଗତ ଶକ୍ତିଗୁଡ଼ିକ ସହିତ ଶକ୍ତିଚୟର ଆଦାନପ୍ରଦାନକୁହିଁ ଆମେ ସେହି ଖାସ୍ ପଦାର୍ଥଟି ବୋଲି ଜାଣିବା । ଲୋକମାନେ ସେହି କଥାଟିକୁ ଜାଣି ନଥାନ୍ତି, ତେଣୁ ତାହାର ଦ୍ୱାରା ଆନନ୍ଦ ମିଳିଥାଏ ବୋଲି ସେମାନେ ତୁମକୁ କଦାପି କହି ପାରିବେ ନାହିଁ । ମାତ୍ର ପ୍ରକୃତରେ ସେଇଥିରୁହିଁ ଆନନ୍ଦ ମିଳିଥାଏ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ କି ଆମେ ଗୋଟିଏ ଗୋଟିଏ ସୁନ୍ଦର ପ୍ରାଣୀ ପରି ବୋଲି କହି ପାରିବା,—ସେମାନଙ୍କର ଯାବତୀୟ ଗତିରେ କେତେ ସୌଷମ୍ୟ ଭରି ରହିଥାଏ, ସେମାନଙ୍କର ଯାବତୀୟ ଶକ୍ତି କେଡ଼େ ସୌଷମ୍ୟର ସହିତ ବ୍ୟୟିତ ହେଉଥାଏ, କୌଣସି ପ୍ରକାର ହିସାବ ଅଥବା ଗଣନା କରି ବସୁ ନଥିବା ସେମାନଙ୍କର ଯାବତୀୟ ପ୍ରୟାସ ଅନୁକ୍ଷଣ କେତେ କେତେ ଶକ୍ତିକୁ ଆବାହନ କରି ଆଣିବାରେ ଲାଗିଥାନ୍ତି ଏବଂ ସେମାନେ ଅନୁକ୍ଷଣ କେଡ଼େ ଖୁସୀ ହୋଇ ରହିଥାନ୍ତି । ମାତ୍ର, ବେଳେବେଳେ ସେମାନଙ୍କର ମୁଣ୍ଡରେ ସତେଅବା ଆଦୌ କୌଣସି ଭାବନା ନଥାଏ, ସେମାନଙ୍କର ହୃଦୟ ଭିତରେ କୌଣସି ଅନୁଭବଶକ୍ତିହିଁ ନଥାଏ ଏବଂ ସେମାନେ ସମ୍ପୂର୍ଣ୍ଣ ଭାବରେ ଏକ ପଶୁର ଜୀବନ ଯାପନ କରୁଥାନ୍ତି । ଏହିପରି କାଠର କେତେ ଲୋକଙ୍କୁ ମୁଁ ଜାଣେ, ସେମାନେ ହେଉଛନ୍ତି ଗୋଟିଏ ଗୋଟିଏ ସୁନ୍ଦର ପ୍ରାଣୀ । ଦେଖିବାକୁ ସୁନ୍ଦର, ସେମାନଙ୍କର ଯାବତୀୟ ଭଙ୍ଗିରେ କେତେ ସୌଷମ୍ୟ ଭରି ରହିଛି, ଯାବତୀୟ ଶକ୍ତି ଭାରସାମ୍ୟଯୁକ୍ତ ହୋଇ ରହିଛି; କୌଣସି ପ୍ରକାର ହିସାବ ବା ଗଣନା ନକରି ସେମାନେ ସେହି ଶକ୍ତିର ବିନିଯୋଗ କରି ପାରୁଥିଲେ ଓ ଅମାପ କେତେ କ'ଣ ଗ୍ରହଣ ବି କରି ପାରୁଥିଲେ ! ଏହି ପାର୍ଥିବ ବିଶ୍ୱଜଗତର ଶକ୍ତିଗୁଡ଼ିକ ସହିତ ସେମାନେ ସମଚ୍ଛନ୍ଦ ହୋଇ ରହିଥିଲେ ଏବଂ ଆନନ୍ଦରେ ଜୀବନ ବଞ୍ଚୁଥିଲେ । ସେମାନେ ଯେ କେଡ଼େ ସୁଖୀ ଥିଲେ, ସେମାନେ ନିଜେ ହୁଏତ ସେକଥା ତୁମକୁ କଦାପି କହି ପାରି ନଥାନ୍ତେ; ସେମାନଙ୍କର ଆନନ୍ଦ ପ୍ରକୃତରେ ଏତେ ସ୍ୱତଃସ୍ଫୂର୍ତ୍ତ ଥିଲା ଯେ ତାହାକୁ କେବଳ ଏକ ସ୍ୱାଭାବିକ ଆନନ୍ଦ ବୋଲିହିଁ କୁହାଯାଇ ପାରିବ । ଏବଂ ସେମାନେ ହୁଏତ ଆହୁରି ଅଧିକ ଅସମର୍ଥ ଭାବରେ ତୁମକୁ ସେମାନଙ୍କର ସେହି ଆନନ୍ଦ ବିଷୟରେ କିଛି କହିପାରି ଥାଆନ୍ତେ, କାରଣ ସେମାନଙ୍କର ବୁଦ୍ଧି ପ୍ରକୃତରେ ଖୁବ୍ ବେଶୀ ବିକଶିତ ହୋଇ ନଥିଲା । ମୁଁ ଏପରି ଲୋକଙ୍କୁ ବି ଜାଣିଥିଲି, ଯେଉଁମାନେ କି ଆବଶ୍ୟକ ପ୍ରୟାସଟି କରିବା ଲାଗି ଅବଶ୍ୟ ସମର୍ଥ ଥିଲେ (ସାବଧାନ ହୋଇ ବା ହିସାବ କିତାବ କରି ନୁହେଁ, ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରୟାସ କରିବା ଲାଗି ସମର୍ଥ ଥିଲେ), ଯେକୌଣସି କ୍ଷେତ୍ରରେ ମଧ୍ୟ ସେମାନେ ସେହି ପ୍ରୟାସ କରିବାକୁ ସମର୍ଥ ଥିଲେ, ଭୌତିକ, ପ୍ରାଣିକ, ବୌଦ୍ଧିକ ପ୍ରଭୃତି ସବୁ କ୍ଷେତ୍ରରେ ସମର୍ଥ ଥିଲେ, ଏବଂ ଏହି

'oaob.nitrkl.ac.in' images reprocessed

ପ୍ରୟାସଟି ମଧ୍ୟରେ ସର୍ବଦାହିଁ ଆନନ୍ଦ ନିହିତ ହୋଇ ରହିଥିଲା । ଉଦାହରଣସ୍ୱରୂପ, ଜଣେ କୌଣସି ଗୋଟିଏ ବହି ଲେଖିବସିଲା, ଏଥିଲାଗି ସେ ଏକ ପ୍ରୟାସ ଆରମ୍ଭ କରିଦେଲା, ଯାହାକି ତାହାର ମସ୍ତିଷ୍କ ଭିତରେ ଏକ ସ୍ପନ୍ଦନ ଆରମ୍ଭ କଲା ଯାହାଦ୍ୱାରା କି ସିଏ କେତେକେତେ ବସ୍ତୁର ଆକର୍ଷିତ କରି ଆଣିଲା; ଏବଂ ସେହି ବ୍ୟକ୍ତି ସଙ୍ଗେସଙ୍ଗେ ଆନନ୍ଦ ଅନୁଭବ କରିବାକୁ ଆରମ୍ଭ କଲା । ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ତୁମେ ଯାହା କିଛି କରୁଥାଅ ପଛକେ, ଏପରିକି ଅତିଶକ୍ତ ପରିମାଣରେ ଏକ ଭୌତିକ କାର୍ଯ୍ୟ କରୁଥାଅ ପଛକେ, ଉଦାହରଣସ୍ୱରୂପ, କୌଣସି ଘରେ ଝାଡ଼ୁ ଦେଉଥାଅ ଅଥବା ଟ୍ରେଷେଇ କରୁଥାଅ ପଛକେ, ତୁମର ସର୍ବାଧିକ ସାମର୍ଥ୍ୟ ଖଟାଇ ସେହି କାର୍ଯ୍ୟଟିକୁ କରିବା ଲାଗି ଯଦି ତୁମେ ଆବଶ୍ୟକ ପ୍ରୟାସଟିକୁ କରିପାରିବ, ତେବେ ତୁମେ ସେଥିରୁ ନିଶ୍ଚୟ ଏକ ଆନନ୍ଦ ଅନୁଭବ କରିବାକୁ ଆରମ୍ଭ କରିବ, ଏପରିକି, ତୁମେ ଯାହା କରୁଛ, ତାହା ତୁମର ସ୍ୱଭାବର ବିରୁଦ୍ଧ ହୋଇଥିଲେ ମଧ୍ୟ ତୁମେ ସେଥିରୁ ଆନନ୍ଦ ପାଇପାରିବ । ଯେତେବେଳେ କୌଣସି କିଛି ଉପଲବ୍ଧି କରିବାକୁ ରହିଥିବ, ତେବେ ବେଶ୍ ସ୍ୱତଃସ୍ଫୂର୍ତ୍ତି ଭାବରେ ତୁମେ ଆବଶ୍ୟକ ପ୍ରୟାସଟିକୁ ଆରମ୍ଭ କରିଦିଅ;—ଏହାଦ୍ୱାରା ତୁମର ଶକ୍ତିଗୁଡ଼ିକ ତୁମେ ଉପଲବ୍ଧି କରିବାକୁ ଯାଉଥିବା ବସ୍ତୁଟି ଉପରକୁ ସଂକେନ୍ଦ୍ରିତ ହୋଇ ଆସିବ ଏବଂ ତାହାହିଁ ତୁମ ଜୀବନକୁ ଏକ ଅର୍ଥ ଓ ଏକ ତାତ୍ପର୍ଯ୍ୟ ଆଣି ଦେଇଯିବ । ଏହା ତୁମ ନିଜକୁ ଏକ ନିର୍ଦ୍ଦିଷ୍ଟ ଭାବରେ ସଂଗଠିତ କରି ଆଣିବା ଲାଗି ପ୍ରାୟ ବାଧ୍ୟ କରିବ, ତୁମର ଯାବତୀୟ ଶକ୍ତିକୁ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରେ ସଂକେନ୍ଦ୍ରିତ କରି ଆଣିବ; କାରଣ ତୁମେ ଠିକ୍ ଏହି କାର୍ଯ୍ୟଟିକୁହିଁ କରିବାକୁ ଇଚ୍ଛା କରୁଛ ଏବଂ ଏହାର ବିରୋଧ କରୁଥିବା ଆଉ ପରିଣତା ଅନ୍ୟ କାର୍ଯ୍ୟରେ ନଜ଼ ବଢ଼ ହେବାକୁ ଆଦୌ ଇଚ୍ଛା କରୁ ନାହିଁ । ଏବଂ, ଏହି ସଂକେନ୍ଦ୍ରଣର ପ୍ରକ୍ରିୟାଟି ମଧ୍ୟରେ, ନିଜର ଇଚ୍ଛାଶକ୍ତିଟିକୁ ଏହିପରି ପ୍ରଗାଢ଼ କରି ଆଣିବାରେହିଁ ଆନନ୍ଦର ମୂଳ ଉତ୍ସଟି ନିହିତ ହୋଇ ରହିଛି । ଯେଉଁ ଶକ୍ତିଗୁଡ଼ିକୁ ତୁମେ କାମରେ ଲଗାଉଛ, ତାହାର ବଦଳରେ ଆହୁରି ଶକ୍ତି ଆହରଣ କରି ପାରିବା ଲାଗି ଏହାହିଁ ତୁମକୁ ସାମର୍ଥ୍ୟ ଯୋଗାଇ ଦେଉଛି ।

"ଆପଣାର ପରିପୂର୍ଣ୍ଣତା ଲାଗି କାର୍ଯ୍ୟ କରିବାର ସର୍ବପ୍ରଥମ ପଦକ୍ଷେପ ହେଉଛି ନିଜ ବିଷୟରେ ସଚେତନ ହେବା ।"

"ଶିକ୍ଷା" ବହିର "ବସ୍ତୁବାଦ ବିଜ୍ଞାନ"

'oaob.nitrkl.ac.in' images reprocessed

**"ନିଜକୁ ଜାଣିବା ଏବଂ ନିଜ ଉପରେ ନିୟନ୍ତ୍ରଣ ରଖିବା," * ଏହି କଥାଟିର ଅର୍ଥ କ'ଣ ?**

ଏହାର ଅର୍ଥ ହେଉଛି ନିଜର ଅନ୍ତର୍ଗତ ସତ୍ୟଟି ବିଷୟରେ ସଚେତନ ରହିବା, ଆମର ସତ୍ତା ଭିତରେ ଯେଉଁସବୁ ବିଭିନ୍ନ ଅଂଶ ରହିଛନ୍ତି ଓ ସେଗୁଡ଼ିକ ପ୍ରତ୍ୟେକେ ଯେପରି ଭାବରେ କାର୍ଯ୍ୟ କରୁଛନ୍ତି, ତାହାର ବିଷୟରେ ସଚେତନ ରହିବା । ତୁମେ ଏହି କାର୍ଯ୍ୟଟି ଅଥବା ସେହି କାର୍ଯ୍ୟଟି କାହିଁକି କରୁଛ, ସେକଥା ତୁମକୁ ଅବଶ୍ୟ ଜାଣିବାକୁ ହେବ; ନିଜର ଭାବନାଗୁଡ଼ିକୁ ଜାଣିବାକୁ ହେବ, ନିଜର ଅନୁଭବ ଓ ଯାବତୀୟ କ୍ରିୟାଶୀଳତାଗୁଡ଼ିକୁ ବି ଜାଣିବାକୁ ହେବ । ତୁମର ଯାବତୀୟ ଗତିଶୀଳତା, ଯାହାକିଛି କରିବା ଲାଗି ତୁମେ ସମର୍ଥ ହେଉଛ, ସେକଥା ତୁମକୁ ଜାଣିବାକୁହିଁ ହେବ । ଏବଂ କେବଳ ନିଜକୁ ଜାଣିଲେହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ, ଏହି ଜ୍ଞାନ ନିଜ ଉପରେ ଏକ ସଚେତନ ନିୟନ୍ତ୍ରଣର ଶକ୍ତି ମଧ୍ୟ ଆଣି ଦେବା ଉଚିତ । ନିଜକୁ ପରିପୂର୍ଣ୍ଣ ଭାବରେ ଜାଣିବାର ଅର୍ଥ ହେଉଛି ନିଜ ଉପରେ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ ରଖିବାକୁ ସମର୍ଥ ହେବା ।

ମାତ୍ର ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଅଭୀପ୍ସା ବି ଅବଶ୍ୟ ରହିଥିବା ଉଚିତ ।

ଯଦି ଏହି ଦିଗରେ ଏକ ପଦକ୍ଷେପ ନେବାକୁ ହୁଏ, ତେବେ କେତେବେଳେ ହେଲେ ବି ଏଥିଲାଗି ସମୟ ଆସି ନାହିଁ ବୋଲି କଦାପି କହି ହେବ ନାହିଁ । ଏହି ପ୍ରୟାସଟିକୁ ଅବିଚ୍ଛିନ୍ନ ରଖିବା ଲାଗି ଢେର ଡେରି ହୋଇଗଲାଣି ବୋଲି କଦାପି କହି ହେବ ନାହିଁ । ଅର୍ଥାତ୍, ଯେତେବେଳେ ତୁମର ବୟସ ବେଶୀ ବି ହୋଇ ନଥିବ, ତୁମେ ସେତେବେଳେ ମଧ୍ୟ ନିଜକୁ ଜାଣିବାକୁ ଏବଂ ନିଜକୁ ଅଧ୍ୟୟନ କରିବାକୁ ନିଶ୍ଚୟ ଆରମ୍ଭ କରି ପାରିବ, ଧୀରେ ଧୀରେ ନିଜ ଉପରେ ଏକ ନିୟନ୍ତ୍ରଣ ରଖିବାକୁ ଆରମ୍ଭ କରି ପାରିବ । ଏବଂ, ଯାହାକୁ "ବୁଢ଼ା" ବୟସ ବୋଲି କୁହାଯାଏ, ଯେତେବେଳେ ତୁମର ବି ସେହି ବୟସ ହୋଇ ଯାଇଥିବ, ଯେତେବେଳେ ତୁମେ ବେଶ୍ ବୁଢ଼ା ହୋଇ ଆସିଥିବ, ସେତେବେଳେ ମଧ୍ୟ ଆପଣାକୁ ଅଧିକରୁ ଅଧିକ ଜାଣିବା ଲାଗି ଏବଂ ଆପଣା ଉପରେ ଅଧିକରୁ ଅଧିକ ନିୟନ୍ତ୍ରଣ ସମ୍ଭବ କରିବା ଲାଗି ବେଳ ଗଡ଼ିଯାଇ ସାରିଲାଣି ବୋଲି କଦାପି କୁହା ଯିବ ନାହିଁ । ବସ୍ତୁବାଦୀ ବିଜ୍ଞାନ କହିଲେ ତାହାକୁହିଁ ବୁଝାଇବ ।

ଆପଣାକୁ ପରିପୂର୍ଣ୍ଣ ଭାବରେ ଗଢ଼ିବାକୁ ହେଲେ ଆଗ ନିଜ ବିଷୟରେ ସଚେତନ ହେବାକୁ ପଡ଼ିବ । ଉଦାହରଣସ୍ୱରୂପ, ମୁଁ ବେଶ୍ ନିଶ୍ଚିତ ଭାବରେ

---

* "ଶିକ୍ଷା" ଲିଡ଼ିଭ "ବସ୍ତୁବାଦ ବିଜ୍ଞାନ" ।

'oaob.nitrkl.ac.in' images reprocessed

କହିପାରିବ ଯେ, ତୁମ ଜୀବନରେ ଏହିପରି ଏକ ପରିସ୍ଥିତି ଅନେକ ସମୟରେ ଆସି ଉପସ୍ଥିତ ହୋଇଥିବ : କେହି ହଠାତ୍ ଆସି ତୁମକୁ ପଚାରିଥିବ, "ତୁମେ ସେହି କାମକୁ କାହିଁକି କଲ, କହିଲ ?" ହଁ, ଏହି ପ୍ରଶ୍ନଟିର ସ୍ୱତଃସ୍ଫୂର୍ତ୍ତ ଉତ୍ତର ହେଉଛି, "ମୁଁ କହି ପାରିବି ନାହିଁ, ମୋତେ କିଛି ଜଣା ନାହିଁ ।" ଯଦି ତୁମକୁ କେହିଜଣେ ଆସି ପଚାରେ, "ତୁମେ କ'ଣ ସବୁ ଭାବୁଛ, କହିଲ ?", ତୁମେ "ମୁଁ ଜାଣି ନାହିଁ" ବୋଲି ଉତ୍ତର ଦିଅ । "ତୁମେ ଏପରି ଅଟକିଗଲ କାହିଁକି ?" "କେଜାଣି, ମୁଁ ସେକଥା ଜାଣି ନାହିଁ ।" "ତୁମେ କାହିଁକି ଖୁସୀ ହେଉଛ ?"—"ମୁଁ ଜାଣି ନାହିଁ"; ଏହିପରି ପରିସ୍ଥିତି ପରେ ପରିସ୍ଥିତି ଆସିଥାଏ । ମୁଁ ପ୍ରକୃତରେ ପଚିଶଜଣ ଲୋକଙ୍କୁ ଆଗରୁ କୌଣସି ପ୍ରକାରେ ସତର୍କ ନକରି ହଠାତ୍ ପଚାରି ପାରିବି, "ତୁମେ ସେକଥାଟି କାହିଁକି କଲ ?" ଏବଂ ଯଦି ସେମାନେ ଅନ୍ତର୍ଗତ ଭାବରେ "ଜାଗ୍ରତ" ହୋଇ ରହି ନଥିବେ, ତେବେ ସେମାନେ "ମୁଁ ଜାଣି ନାହିଁ" ବୋଲିହିଁ ଉତ୍ତର ଦେବେ । (ଅବଶ୍ୟ ଏକଥା ସତ ଯେ, ଏଠାରେ ଯେଉଁମାନେ ଆତ୍ମଜ୍ଞାନର ପଥରେ ଏକ ସାଧନାର ଅଭ୍ୟାସ କରିଛନ୍ତି ଓ ଆପଣାର ଗତିସ୍ପନ୍ଦନଗୁଡ଼ିକୁ ସେମାନଙ୍କର ଚରମ ସାମର୍ଥ୍ୟ ପର୍ଯ୍ୟନ୍ତ ଧାବିତ କରିନେଇ ପାରିଛନ୍ତି, ମୁଁ ସେମାନଙ୍କର କଥା ମୋଟେ କହୁ ନାହିଁ । ସେମାନେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣାକୁ ଅବଶ୍ୟ ଏକାଠି କରି ଆଣିପାରିବେ, ସକେନ୍ଦ୍ରିତ କରି ପାରିବେ ଏବଂ ଉଚିତ ଉତ୍ତରଟି ଦେଇପାରିବେ; ମାତ୍ର କେବଳ କେତେ ସମୟ ପରେ ଯାଇ ସେମାନେ ଉତ୍ତର ଦେଇ ପାରିବେ ।) ଆପଣାର ସମଗ୍ର ଦିନଟି ଉପରେ ମନୋଯୋଗ ସହିତ ଅବଲୋକନ କରି ପାରିଲେ ତୁମେ ଏହାକୁ ଠିକ୍ ଏହିପରି ବୋଲି ଦେଖିବାକୁ ପାଇବ । ତୁମେ ଗୋଟାଏ କଥା କହୁଥିବ, ଅଥଚ, ସେକଥାଟି କାହିଁକି କହିଲ, ସେବିଷୟରେ କିଛି ଜାଣି ନଥିବ;— ଶବ୍ଦଗୁଡ଼ିକ ତୁମର ପାଟିରୁ ବାହାରି ଯାଇ ସାରିବା ପରେ ଯାଇ ତୁମେ ବେଶ୍ ଦେଖିବାକୁ ପାଇବ ଯେ, ତୁମେ ପ୍ରକୃତରେ ଯାହା କହିବ ବୋଲି ଇଚ୍ଛା କରୁଥିଲ, ତୁମର କଥାଟି ମଧ୍ୟଦେଇ ତୁମେ ଠିକ ସେହି କଥାଟି ଆଦୌ କହି ପାରିଲ ନାହିଁ । ଉଦାହରଣସ୍ୱରୂପ, ତୁମେ ଜଣେ କାହାଙ୍କ ସହିତ ଦେଖା କରିବାକୁ ଯାଉଛ, ତୁମେ ସେଠାରେ ତାଙ୍କ ଆଗରେ କ'ଣସବୁ କହିବ, ସେକଥାଗୁଡ଼ାକୁ ଆଗରୁ ପଇଁଠାଇ କରି ଯାଉଛ, ମାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କର ସାମନାରେ ଯାଇ ପହଞ୍ଚିବା ମାତ୍ରକେ ତୁମେ ହୁଏତ ଆଦୌ କିଛି କହି ପାରୁ ନାହଁ ଅଥବା ତୁମ ପାଟିରୁ ଏକାବେଳେକେ ଅନ୍ୟ କଥାମାନ ବାହାରି ଆସୁଛି । ସେହି ଅନ୍ୟ ବ୍ୟକ୍ତିଙ୍କର ପରିବେଶଟି ମଧ୍ୟକୁ ଆସିବା ଦ୍ୱାରା ତୁମେ କେତେଦୂର ପ୍ରଭାବିତ ହୋଇପଡ଼ିଲ ଏବଂ ତୁମେ ପଇଁଠାଇ ଆସିଥିବା କଥାଗୁଡ଼ାକୁ କହିବାକୁ ଭୁଲିଗଲ, ସେକଥା ତୁମେ କହି ପାରିବ କି ? ଏକଥା କେତେ ଜଣ କହିପାରିବେ ? ଏପରିକି ସେମାନେ ଏତିକି ମଧ୍ୟ ଦେଖିବାକୁ ସମର୍ଥ

'oaob.nitrkl.ac.in' images reprocessed

ହୁଅନ୍ତି ନାହିଁ ଯେ ଯେତେବେଳେ ବ୍ୟକ୍ତିଜଣକ ଅମୁକ ବା ଅମୁକ ଅବସ୍ଥାରେ ରହି ଥିଲେ ଏବଂ ସେହି କାରଣରୁହିଁ ସେମାନେ ପ୍ରସ୍ତୁତ କରି ନେଇଥିବା କଥାଗୁଡ଼ିକୁ ତାଙ୍କ ଆଗରେ କହି ପାରିଲେ ନାହିଁ । ବସ୍ତୁତଃ, ଏପରି ଅତିସ୍ପଷ୍ଟ ଏକାଧିକ ଦୃଷ୍ଟାନ୍ତ ରହିଛି, ଯେତେବେଳେ କି ତୁମେ ଲୋକମାନଙ୍କୁ ଏପରି ଏକ ଖରାପ ମିଜାଜରେ ରହିଥିବାର ଦେଖିବାକୁ ପାଅ ଯେ ତୁମେ ସେମାନଙ୍କୁ ଆଉ କିଛିହେଲେ ପଚାରି ପାର ନାହିଁ । ମୁଁ ସେସବୁ ଦୃଷ୍ଟାନ୍ତ ବିଷୟରେ କିଛି କହୁ ନାହିଁ । ଦୁଇ ପକ୍ଷରୁ ପରସ୍ପର ଉପରେ ଯେଉଁ ପ୍ରଭାବ ପଡ଼ିଥାଏ, ସେହି ସ୍ପଷ୍ଟ ବୋଧଟିର କଥା ମୁଁ କହୁଛି । ତୁମର ପ୍ରକୃତି ଉପରେ ଯାହା କ୍ରିୟା ଓ ପ୍ରତିକ୍ରିୟା କରିବାରେ ଲାଗିଥାଏ, ମୁଁ ତାହାରି ବିଷୟରେ କହୁଛି । ଅନେକଙ୍କର ପ୍ରକୃତିରେ ଏହି ବୋଧଟିହିଁ ନଥାଏ । ଉଦାହରଣସ୍ୱରୂପ, ହଠାତ୍ ବଡ଼ ଅସ୍ୱସ୍ତି ଲାଗେ, ଅନ୍ଧାରରେ ପଡ଼ିଗଲା ପରି ମନେ ହୁଏ; କିନ୍ତୁ ସେହିସବୁ ଅବସ୍ଥାରେ କେତେଜଣ "ଏହି କାରଣରୁ ଏପରି ହେଲା" ବୋଲି କହି ପାରିବେ ? ଏବଂ ଏହା ଜାଣିପାରିବା ମଧ୍ୟ ଅତ୍ୟନ୍ତ କଷ୍ଟକର, ଆଦୌ ସହଜ ନୁହଁ । ଏଥିଲାଗି ଆମକୁ ବେଶ୍ "ଜାଗ୍ରତ" ରହିବାକୁ ପଡ଼େ; ଅବିଚ୍ଛିନ୍ନ ଭାବରେ ମନୋଯୋଗ ସହିତ ନିରୀକ୍ଷଣ କରିବାର ଅବସ୍ଥାରେ ରହିବାକୁ ହୋଇଥାଏ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଦିନକୁ ବାରଘଣ୍ଟା ଶୋଇ ରହିଥାନ୍ତି ଓ ଅବଶିଷ୍ଟ ସମୟରେ "ମୁଁ ଜାଗ୍ରତ ଅଛି" ବୋଲି କହୁଥାନ୍ତି । କେତେକ ଲୋକ ଅଛନ୍ତି, ଯେଉଁମାନେ ଦିନକୁ କୋଡ଼ିଏ ଘଣ୍ଟା ଶୋଇଥାନ୍ତି ଏବଂ ଅବଶିଷ୍ଟ ସମୟତକ କେବଳ ଅର୍ଦ୍ଧଜାଗ୍ରତ ଅବସ୍ଥାରେ ରହିଥାନ୍ତି !

ମନୋଯୋଗପୂର୍ବକ ଅବଲୋକନ କରି ପାରିବାର ଅବସ୍ଥାରେ ରହିବାକୁ ହେଲେ, ତୁମ ଚେତନାର ଅସଲ କେନ୍ଦ୍ରଟି ସହିତ ସତତ ସଂସ୍ପର୍ଶରେ ରହିଥିବା ଯାବତୀୟ ସ୍ଥାନରେ ତୁମକୁ ଆପଣାର ଗ୍ରହଣେନ୍ଦ୍ରିୟଗୁଡ଼ିକୁ ବିସ୍ତାରି ରଖିବାକୁ ପଡ଼ିବ । ତୁମେ ସବୁକିଛିକୁ ଲିପିବଦ୍ଧ କରି ପାରୁଥିବ, ସବୁକିଛିକୁ ସଂଗଠିତ କରି ରଖି ପାରୁଥିବ; ଏହିପରି ଭାବରେ ତୁମକୁ ଚକିତ କରି ହଠାତ୍ ତୁମ ଅଜାଣତରେ କଦାପି କିଛିହେଲେ ଘଟି ପାରିବ ନାହିଁ । ତୁମକୁ ଆଉ କେହି ଧୋକାରେ ପକାଇ ପାରିବ ନାହିଁ, ତୁମେ ଭୁଲ୍ କରି ପାରିବ ନାହିଁ, ଏବଂ, ତୁମେ ଯାହା କହିବାକୁ ଇଚ୍ଛା କରିଥିଲ, କେବଳ ତାହାରି ବ୍ୟତୀତ ଆଉ କିଛିହେଲେ କଦାପି କହି ପକାଇବ ନାହିଁ । ମାତ୍ର କେତେ ଜଣ ଲୋକ ସାଧାରଣତଃ ଏହିପରି ଏକ ଅବସ୍ଥାରେ ବଞ୍ଚି ପାରନ୍ତି ? ତେଣୁ, ଯେତେବେଳେ ମୁଁ "ସଚେତନ ହେବା" ବିଷୟରେ କହୁଛି, ସେତେବେଳେ ମୁଁ ତାହାକୁ ଠିକ୍ ଏହି ଅର୍ଥରେହିଁ କହୁଛି । ଆପଣାର ପରିସ୍ଥିତି ଏବଂ ପରିବେଶଟି ଦ୍ୱାରା ତୁମେ ଯଦି ସର୍ବୋତ୍ତମ ଭାବରେ ଉପକୃତ ହେବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ପୂର୍ଣ୍ଣ ଭାବରେ ଜାଗ୍ରତ ହୋଇ ରହିବାକୁ ପଡ଼ିବ । ଅଜାଣତରେ ହଠାତ୍ କିଛି ଆସି

'oaob.nitrkl.ac.in' images reprocessed

ତୁମକୁ ଚକିତ କରି ଦେବାଭଳି ସେତେବେଳେ କଦାପି କିଛୁ ଘଟିବ ନାହିଁ, କାରଣ ନଜାଣି ତୁମେ କେବେହେଲେ କିଛୁ କରି ପକାଇବ ନାହିଁ, କାରଣ ନଜାଣି କେବେହେଲେ କିଛୁ କହି ବି ପକାଇବ ନାହିଁ । ସତତ ଜାଗ୍ରତ ରହିବାକୁ ପଡ଼ିବ ।

ଏବଂ ଏକଥା ମଧ୍ୟ ବୁଝି ରଖିବାକୁ ହେବ ଯେ ଜଣେ ଜଣେ ବ୍ୟକ୍ତି ହିସାବରେ ତୁମେମାନେ ପରସ୍ପରଠାରୁ କଦାପି ବିଚ୍ଛିନ୍ନ ହୋଇ ରହି ନାହଁ; ତୁମକୁ ବୁଝିବାକୁ ହେବ ଯେ ଜୀବନ କହିଲେ ନାନା ଶକ୍ତି, ନାନା ଚେତନା, ସ୍ପନ୍ଦନ ଏବଂ ନାନାବିଧ ଅନେକ ଗତିଶୀଳତାର ଏବଂ ସତତ ପାରସ୍ପରିକ ଆଦାନପ୍ରଦାନକୁହିଁ ବୁଝାଇଥାଏ । ଠିକ୍ ସମସ୍ତଙ୍କ ସହିତ ଗୋଟିଏ ଭିଡ଼ ମଧ୍ୟରେ ରହିଥିଲେ ଯେଉଁପରି ହୁଏ, ସେହିପରି; ସମସ୍ତେ ଠେଲିବାରେ ଲାଗିଥାନ୍ତି ଓ ସମସ୍ତେ ଆଗକୁ ଯିବାରେ ଲାଗିଥାନ୍ତି ଏବଂ ସମସ୍ତେ ପଛକୁ ଘୁଞ୍ଚି ଆସିବା ସମୟରେ ପ୍ରତ୍ୟେକେ ପଛକୁ ଫେରି ଆସୁଥାନ୍ତି । ଅନ୍ତର୍ଗତ ଜଗତରେ, ତୁମର ଚେତନା ଭିତରେ ମଧ୍ୟ ଠିକ୍ ସେହି କଥା । ତୁମ ଭିତରେ ସତତ କେତେ କେତେ ଶକ୍ତି କ୍ରିୟା ଏବଂ ପ୍ରତିକ୍ରିୟା କରିବାରେ ଲାଗିଥାନ୍ତି, ଠିକ୍ ବାତାବରଣରେ ରହିଥିବା ଏକ ବାଷ୍ପ ପରି ତାହା କାର୍ଯ୍ୟ କରୁଥାଏ, ଏବଂ ତୁମେ ଯଥେଷ୍ଟ ପରିମାଣରେ ଜାଗ୍ରତ ହୋଇ ରହି ନଥିଲେ, ଏହିସବୁ ବସ୍ତୁ ତୁମ ଭିତରେ ପ୍ରବେଶ କରିବାରେ ଲାଗିଥାନ୍ତି, ଏବଂ ସେମାନେ ତୁମ ଭିତରେ ଆଗ ଭଲ କରି ପ୍ରବେଶ କରିସାରି ସତେଅବା ତୁମର ଭିତରୁ ଆସୁଥିବା ପରି ବାହାରକୁ ଆସିସାରିବା ପରେ ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରିଥାଅ । କେତେଥର ମଣିଷମାନଙ୍କର ଜୀବନରେ ଏପରି ନଘଟେ ଯେ ସେମାନେ ଭୟାକ୍ରାନ୍ତ ଅଥବା କୋପୀ, ବଦମିଜାଜୀ ଲୋକମାନଙ୍କର ସଂସ୍ପର୍ଶରେ ଆସନ୍ତି ଓ ସ୍ୱୟଂ ଭୟାକ୍ରାନ୍ତ, କୋପୀ ଏବଂ ବଦମିଜାଜୀ ହୋଇପଡନ୍ତି ! ଏପରି ହୋଇ ପଡ଼ିବାର କୌଣସି କାରଣ ନଜାଣି ସେମାନେ ତାହା ହୋଇ ପଡ଼ୁଥାନ୍ତି । ଏପରି କାହିଁକି ହୁଏ ଯେ କେତେକ ଲୋକଙ୍କ ସହିତ ବିପକ୍ଷ ହୋଇ ଖେଳିଲା ବେଳେ ତୁମେ ଭାରି ଭଲ ଖେଳିପାର, ମାତ୍ର ଅନ୍ୟମାନଙ୍କର ବିପକ୍ଷରେ ଖେଳିଲାବେଳେ ମୋଟେ ଭଲ ଖେଳି ପାର ନାହିଁ ? ଏବଂ ଅନେକ ଶାନ୍ତିପ୍ରିୟ ଲୋକ, ଯେଉଁମାନେ କି ଆଦୌ ଦୁଷ୍ଟ ନୁହନ୍ତି, ସେମାନେ କ୍ରୋଧର ପ୍ରଭାବ ଭିତରେ ପଡ଼ି ଯାଇଥିବା ଗୋଟିଏ ମେଳ ଭିତରେ ପଶୁପରି ସ୍ୱୟଂ କ୍ରୋଧରେ ଉନ୍ମତ୍ତ ହୋଇ ପଡ଼ନ୍ତି ? ଏବଂ ଏକଥାଟି ପ୍ରକୃତରେ କାହାଠାରୁ ଆରମ୍ଭ ହେଲା, ସେକଥା କେହି ଜାଣି ନଥାନ୍ତି; ସତେଯେପରି କ'ଣ ଗୋଟାଏ ଆମକୁ ଅତିକ୍ରମ କରି ବା ପାର୍ଶ୍ୱବର୍ତ୍ତୀ ହୋଇ ଚାଲିଯାଏ ଓ ଆମ ଚେତନାକୁ କୁଆଡ଼େ ଉଡ଼ାଇ ନେଇଯାଏ ! ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଏହିପରି ଗୁଡ଼ିଏ ସ୍ପନ୍ଦନକୁ ଆପଣା ଭିତରୁ ବାହାରକୁ ସଞ୍ଚାରିତ କରିଦେଇ ପାରନ୍ତି ଏବଂ ଆଉ କେତେକ ଲୋକ କୌଣସି କାରଣ ନଜାଣି ସେଗୁଡ଼ିକ ଲାଗି ଅନୁସ୍ପନ୍ଦନ

'oaob.nitrkl.ac.in' images reprocessed

ଜ୍ଞାପନ କରନ୍ତି ! କ୍ଷୁଦ୍ରତମଠାରୁ ଆରମ୍ଭ କରି ବୃହତ୍ତମ ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ଏହିପରି ଘଟଣାମାନ ଘଟିବାରେ ଲାଗିଥାଏ ।

କୌଣସି ସମୂହ ମଧ୍ୟରେ ତଥାପି ଜଣେ ବ୍ୟକ୍ତିରୂପେ ଅବସ୍ଥିତ ରହିବାକୁ ହେଲେ ନିଜ ବିଷୟରେ ସମ୍ପୂର୍ଣ୍ଣରୂପେ ସଚେତନ ହେବାକୁ ପଡ଼ିବ । ଏବଂ ଏଠାରେ କେଉଁ "ନିଜ"ଟି କଥା କୁହାଯାଉଛି ?—ଯେଉଁ ସ୍ଥିତିଟି ସକଳ ପ୍ରକାର ସମ୍ମିଶ୍ରଣର ଊର୍ଦ୍ଧ୍ୱରେ ରହିଛି, ସେହି "ନିଜ"ଟି କଥା; ଅର୍ଥାତ୍, ମୁଁ ଯାହାଙ୍କୁ ତୁମ ସତ୍ତାର ପରମସତ୍ୟ ବୋଲି କହିଥାଏ, ତାଙ୍କର କଥା । ଏବଂ, ନିଜ ସତ୍ତାର ସେହି ପରମସତ୍ୟଙ୍କ ବିଷୟରେ ସଚେତନ ହୋଇ ନପାରିଥିବା ପର୍ଯ୍ୟନ୍ତ, ତୁମେ ଯାବତୀୟ କେତେକେତେ ବସ୍ତୁ ଦ୍ୱାରା ଖାଲି ଇତସ୍ତତଃ ସଞ୍ଚାଳିତ ହେବାରେ ଲାଗିଥାଅ, ଏବଂ ସେବିଷୟରେ କିଛିହେଲେ ଦେଖିବା ଲାଗି ସମର୍ଥ ହୁଅ ନାହିଁ । ସମୂହ ଭାବନା ଓ ସମୂହ ପ୍ରବର୍ତ୍ତିନାକୁ ଗୋଟିଏ ଗୋଟିଏ ଅତି ଶକ୍ତିଶାଳୀ ପ୍ରଭାବ ବୋଲି କୁହାଯିବ, ଯେଉଁଗୁଡ଼ିକ କି ବ୍ୟକ୍ତିର ଭାବନା ଉପରେ ଅନୁକ୍ଷଣ କ୍ରିୟା କରିବାରେ ଲାଗିଥାନ୍ତି । ଏବଂ, ଏହି କ୍ଷେତ୍ରରେ ଯାହା ଅସାଧାରଣ, ସେହି କଥାଟି ହେଉଛି ଯେ ସେହି କ୍ରିୟାଗୁଡ଼ିକୁ କେହି ଦେଖି ପାରନ୍ତି ନାହିଁ । ବ୍ୟକ୍ତି ପ୍ରକୃତରେ ସ୍ୱୟଂ "ସେହିପରି" ଭାବୁଛି ବୋଲି ବିଶ୍ୱାସ କରି ନେଇଥାଏ, ମାତ୍ର ଯଥାର୍ଥରେ ବ୍ୟକ୍ତି ନୁହେଁ, ସମୂହହିଁ "ସେହିପରି" ଭାବୁଥାଏ । ମନୁଷ୍ୟମାନଙ୍କର ସମୂହକୁ ଆମେ ସର୍ବଦା ମନୁଷ୍ୟ ବ୍ୟକ୍ତିର ସ୍ତରଠାରୁ ନିମ୍ନରେ ରହିଥିବା ଏକ ବସ୍ତୁରୂପେ ଜାଣିବା । ଏକା ଗୁଣ ଥିବା ଓ ଏକା ବର୍ଗର କେତେକ ବ୍ୟକ୍ତିଙ୍କୁ ଯଦି ବିଚାର କରାଯାଏ, ତେବେ, ସେମାନେ ଏକାକୀ ରହିଥିବା ସମୟରେ, ସେହି କାଟର ଲୋକମାନେ ଗୋଟିଏ ଭିଡ଼ ଭିତରେ ଏକତ୍ର ହୋଇ ରହିଥିବା ବେଳେ ଯେପରି ହୁଅନ୍ତେ, ସେମାନେ ତା'ଠାରୁ ଅନ୍ତତଃ ଦୁଇ ମାତ୍ରା ଅଧିକ ଭଲ ଆଚରଣ କରିବେ । ଭିଡ଼ ଭିତରେ କେତେ କେତେ ଅସ୍ପଷ୍ଟତା ଏକତ୍ର ସମ୍ମିଶ୍ରିତ ହୋଇ ରହିଥାଏ, କେତେ ଅଚେତନା ଆସି ମିଶ୍ରିତ ହୋଇ ରହିଥାଏ ଏବଂ ତୁମକୁ ମଧ୍ୟ ନିଶ୍ଚିତ ଭାବରେହିଁ ସେହି ଅଚେତନା ମଧ୍ୟରେ ଯାଇ ପ୍ରବିଷ୍ଟ ହେବାକୁ ହୁଏ । ଏଥିରୁ ନିଷ୍କୃତି ପାଇବା ଲାଗି କେବଳ ଗୋଟିଏ ବାଟ ରହିଛି : ଆମେ ନିଜ ବିଷୟରେ ସଚେତନ ହେବା, ଅଧିକରୁ ଅଧିକ ସଚେତନ ହେବା, ଅଧିକରୁ ଅଧିକ ମନୋଯୋଗୀ ହୋଇ ରହି ପାରୁଥିବା ।

ଏହି ଅଭ୍ୟାସଟିକୁ ବି ଚେଷ୍ଟା କରି ଦେଖାଯାଇ ପାରିବ : ଦିନଟିକୁ ଆରମ୍ଭ କରିବାକୁ ଗଲାବେଳେ କହିବ : "ମୁଁ କ'ଣ କହିବାକୁ ଯାଉଛି, ସେକଥା ଭାବିବା ପୂର୍ବରୁ ଆଜି ମୋଟେ କିଛିହେଲେ କହିବ ନାହିଁ ।" ତୁମେ ତ ସବୁବେଳେ ବିଶ୍ୱାସ କରୁଥାଅ ଯେ, ନୁହେଁ କି ?—ତୁମେ ଯାହାକିଛି କହୁଛ, ତାହାକୁ ଭାବି କରି କହୁଛ । ଏକଥାଟି ମୋଟେ ଠିକ୍ ନୁହେଁ, ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ, ଯେଉଁ

'oaob.nitrkl.ac.in' images reprocessed

ଶବ୍ଦଟିକୁ ତୁମେ ମୋଟେ କହିବ ନାହିଁ ବୋଲି ଇଚ୍ଛା କରୁଛ, ଏକାଧିକ ସମୟରେ ସେହି ଶବ୍ଦଟି ତୁମ ପାଟି ଭିତରୁ ବାହାରି ଆସିବା ଲାଗି ସଜବାଜ ହୋଇ ବସିଛି; ଏବଂ ସେଇଟି ଯେପରି ପ୍ରକୃତରେ ବାହାରି ନଆସି ପାରିବ, ସେଥିଲାଗି ତୁମକୁ ଏକ ସଚେତନ ପ୍ରୟାସ କରିବାକୁହିଁ ବାଧ୍ୟ ହେବାକୁ ପଡ଼ୁଛି ।

ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି କେବେହେଲେ ମିଛ କଥା କହିବେ ନାହିଁ ବୋଲି ଭାରି ସତର୍କ ହୋଇ ରହୁଥିଲେ, ମାତ୍ର ଅନ୍ୟମାନଙ୍କ ସହିତ ଏକ ସମୂହ ଭିତରେ ରହିଥିବା ବେଳେ ସତ କଥାଟିକୁ କହିବା ପରିବର୍ତ୍ତରେ ସେମାନେ ହଠାତ୍ ସତେଅବା ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ଏକ ମିଛ କହି ପକାଉଥିଲେ । ମିଛ କହିବା ସକାଶେ ସେମାନଙ୍କର ପ୍ରକୃତରେ କୌଣସି ଅଭିପ୍ରାୟ ନଥିଲା, ମିଛ କହିବା ପୂର୍ବରୁ ଗୋଟିଏ ଦଣ୍ଡ ପାଇଁ ମଧ୍ୟ ସେମାନେ ମିଛ କହିବାକୁ ଭାବୁ ନଥିଲେ, ମାତ୍ର ତାହା "ସେହିପରି ଭାବରେ" ବାହାରି ଆସୁଥିଲା । କାହିଁକି ବାହାରି ଆସୁଥିଲା ?—କାରଣ ସେମାନେ ମିଥ୍ୟାବାଦୀମାନଙ୍କର ସଂସର୍ଗ ଭିତରେ ରହିଥିଲେ; ପରିବେଶଟି ଭିତରେ ମିଥ୍ୟା ରହିଥିଲା ଓ ଖୁବ୍ ସହଜ ଭାବରେ ବ୍ୟାଧିଟି ସେମାନଙ୍କ ମଧ୍ୟକୁ ସଂକ୍ରାମିତ ହୋଇ ଆସୁଥିଲା !

ତେଣୁ, ଏହିପରି ଭାବରେ, ଧୀରେ ଧୀରେ, ଅଧ୍ୟବସାୟର ସହିତ, ପ୍ରଥମ ଅବସ୍ଥାରେ ଅତ୍ୟନ୍ତ ସାବଧାନତା ଏବଂ ମନୋଯୋଗ ସହିତ, ଜଣେ ବ୍ୟକ୍ତିକୁ ସଚେତନ ହେବାକୁ ପଡ଼ିଥାଏ, ଆପଣାକୁ ଜାଣି ଶିଖିବାକୁ ପଡ଼ିଥାଏ ଏବଂ ଏହିପରି ଅଗ୍ରସର ହୋଇ ଶେଷରେ ସେ ଆପଣା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଅର୍ଜନ କରେ ।

## ୧୫ ଜାନୁଆରୀ ୧୯୫୧

"କେବଳ ଅତ୍ୟନ୍ତ ଯତ୍ନ ସହକାରେ (ଆମ ସତ୍ତାର) ଏହି ଗତିସ୍ପନ୍ଦନଗୁଡ଼ିକୁ ଲକ୍ଷ୍ୟ କରି ପାରିଲେ, ସେଗୁଡ଼ିକୁ ଆମର ଉଚ୍ଚତମ ଆଦର୍ଶଟିର ଜ୍ୟୋତିରବେଦୀ ଉପରେ ଆଣି ସତେଅବା ଠିଆ କରାଇ ପାରିଲେ ଏବଂ ଏକ ନିଷ୍ଠାପର ଇଚ୍ଛୁକତା ସହିତ ତାହାର ନିଷ୍ପତ୍ତିଟିକୁ ମାନିନେଇ ପାରିଲେ ଆମେ ଆପଣାକୁ କ୍ରମପ୍ରଶିକ୍ଷିତ କରି ଆମ ଭିତରେ ଏପରି ଏକ ଜ୍ୟୋତିରଶକ୍ତିର

'oaob.nitrkl.ac.in' images reprocessed

ପ୍ରକାଶ କରାଇ ଆଣିପାରିବା, ଯାହାକି କେବେହେଲେ କୌଣସି ଭୁଲ କରିବ ନାହିଁ ।”

“ଶିକ୍ଷା” ବହିର “ବଢ଼ିବାର ବିଜ୍ଞାନ”

ଆମ ଯାବତୀୟ ଗତିସ୍ପନ୍ଦନର ଅସଲ ଉତ୍ସସ୍ଥାନଟି ବିଷୟରେ ଆମକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସଜ୍ଞାନ ହେବାକୁ ପଡ଼ିବ, କାରଣ ଆମର ସତ୍ତା ମଧ୍ୟରେ ପ୍ରକୃତରେ କେତେ ପରସ୍ପରବିରୋଧୀ ଦୁର୍ବଳ ବାସନାମାନ ବିଦ୍ୟମାନ ରହିଥାଏ; ସେଗୁଡ଼ିକ ମଧ୍ୟରୁ କେତେକ ତୁମକୁ ଗୋଟିଏ ଦିଗକୁ ଟାଣିବାରେ ଲାଗିଥାନ୍ତି ଓ ଆଉକେତେକ ଗୋଟାଏ ଅନ୍ୟ ଆଡ଼କୁ ଟାଣିବାରେ ଲାଗିଥାନ୍ତି ଏବଂ ତାହାହିଁ ଅତ୍ୟନ୍ତ ନିଃସନ୍ଦେହ ଭାବରେ ତୁମ ଜୀବନକୁ ଏକ ଅରାଜକତାରେ ପରିଣତ କରି ରଖିଥାଏ । ଆପଣା ଆଡ଼କୁ ଦୃଷ୍ଟିପାତ କଲେ ତୁମେ ଅବଶ୍ୟ ଦେଖି ପାରିବ ଯେ ତୁମେ ଯେମିତି ଏପରି କିଛି କରିବସିବ ଯାହାକି ତୁମକୁ କିଞ୍ଚିତ୍ ପରିମାଣରେ ଅଶାନ୍ତ କରି ପକାଇଲା ପରି ଲାଗିବ, ସେମିତି ତୁମର ମନ ଗୋଟାଏ ଅନୁକୂଳ କାରଣ ବାଢ଼ିଦେଇ ତୁମେ ଯାହା କରିଛ ଠିକ୍ କରିଛ ବୋଲି ତୁମକୁ ଆଶ୍ୱାସନା ଦେବାକୁ ଆସିବ । ସବୁ ଜିନିଷରେ ସୁନା ରଙ୍ଗାଇ ଦେଇ ଚକଚକ କରାଇଦେବା ଲାଗି ମନର ବେଶ୍ ପାରଙ୍ଗମତା ରହିଛି । ଏପରି ପରିସ୍ଥିତିମାନଙ୍କରେ ଆପଣାକୁ ଜାଣିବା ପ୍ରକୃତରେ ଭାରି କଷ୍ଟକର ହୋଇପଡ଼େ । ତେଣୁ ତାହା କରି ପାରିବାକୁ ହେଲେ ବ୍ୟକ୍ତିକୁ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ହେବାକୁ ପଡ଼ିବ, ମାନସିକ ସତ୍ତାର ଯାବତୀୟ କ୍ଷୁଦ୍ର ମିଥ୍ୟା ଭିତରକୁ ଅବଲୋକନ କରି ପାରିବାକୁ ହେଲେ ସମ୍ପୂର୍ଣ୍ଣ ନିଷ୍ଠାପର ହେବାକୁ ପଡ଼ିବ ।

ଆପଣାର ମନ ଭିତରେ ଯଦି ତୁମେ ଦିନମାନର ଗତିସ୍ପନ୍ଦନ ଓ ପ୍ରତିକ୍ରିୟାଗୁଡ଼ିକ ଉପରେ ବିଚାରଣ କରିବାକୁ ଯାଇ ସେଗୁଡ଼ିକର କେବଳ ପୁନରାବୃତ୍ତି କରୁଥାଅ, ସେହି ଗୋଟିଏ କଥାକୁ ଦୋହରାଇବାରେ ଲାଗିଥାଅ, ତେବେ ତୁମେ କୌଣସି ଅଗ୍ରଗତି କରି ପାରିବ ନାହିଁ । ଏହି ବିଚାରଣ ଓ ପୁନରବଲୋକନ ଦ୍ୱାରା ତୁମର ଅଗ୍ରଗତି ସାଧନ କରିବାକୁ ହେଲେ, ତୁମକୁ ଆପଣା ମଧ୍ୟରେ ଏପରି ଗୋଟିଏ ବସ୍ତୁର ସନ୍ଧାନ କରି ପାରିବାକୁ ହେବ, ଯାହାର ଆଲୋକରେ କି ତୁମେ ନିଜେ ନିଜର ବିଚାର କରି ପାରିବ, ଏପରି ଏକ ବସ୍ତୁର ଠାବ କରିବାକୁ ହେବ, ଯାହାକି ତୁମ ଲାଗି ତୁମ ଭିତରେ ରହିଥିବା ସର୍ବୋତ୍ତମ ସମ୍ପଦଟିର ପ୍ରତିନିଧିତ୍ୱ କରି ପାରିବ, ଯାହା ମଧ୍ୟରେ କେତେକ ପରିମାଣରେ ଏକ ଆଲୋକ ରହିଥିବ, ଏକ ସଦିଚ୍ଛା ରହିଥିବ ଏବଂ ଯାହାକି ନିର୍ଭୁଲ ଭାବରେ ଅଗ୍ରଗତି କରିବା ବିଷୟରେ ଶ୍ରଦ୍ଧାଶୀଳ ହୋଇ ରହିଥିବ । ତୁମେ ଆପଣା ସମ୍ମୁଖରେ ତାହାକୁ ଆଣି ଉପସ୍ଥାପିତ କରି ରଖିବ, ସତେଅବା କୌଣସି ସିନେମା ପରି, ତୁମେ ଯାହାକିଛି କରିଛ, ଯାହାକିଛି

'oaob.nitrkl.ac.in' images reprocessed

ଅନୁଭବ କରନ୍ତ, ତୁମର ଯାବତୀୟ ଆବେଗ ଓ ଯାବତୀୟ ଭାବନା ପ୍ରଭୃତିକୁ ପ୍ରଥମେ ସେଇଟିର ଉପର ଦେଇ ଅତିକ୍ରମ କରାଇନେବ; ତା'ପରେ ସେଗୁଡ଼ିକୁ ପରସ୍ପର ସହିତ ସମନ୍ୱିତ କରାଇନେବ, ଅର୍ଥାତ୍, ଏଇଟି ପଛକୁ ସେଇଟି କାହିଁକି ଘଟିଲା, ସେଇଟିର ସୂତ୍ର ବାହାର କରିବାକୁ ପଡ଼ିବ। ଏବଂ, ତୁମ ଆଗରେ ଯେଉଁ ଆଲୋକମୟ ପର୍ଦ୍ଦାଟି ରହିଥିବ, ତୁମେ ତାହାରି ଆଡ଼କୁ ଅବଲୋକନ କରିବ; ସେଇଟି ଉପରେ କେତେକ ବସ୍ତୁ ବେଶ୍ ଭାସି ଚାଲି ଯାଉଥିବ ଏବଂ ତାହାର ଆଦୌ କୌଣସି ଛାଇ ପଡ଼ୁ ନଥିବ; ମାତ୍ର ଅପର ପକ୍ଷରେ ଆହୁରି ଅନେକ ଏପରି ବସ୍ତୁ ରହିଥିବ, ଯେଉଁଗୁଡ଼ିକରୁ କି କିଛିନା କିଛି ଛାଇ ଆସି ପଡ଼ୁଥିବ; ଏହା ବ୍ୟତୀତ ଆହୁରି ଅନେକ ବସ୍ତୁ ରହିଥିବ ଯାହାର ଛାଇ କି ଗୋଟାସୁଦ୍ଧା କଳା ଦେଖା ଯାଉଥିବ ଓ ମୋଟେ ସୁନ୍ଦର ଦେଖାଯାଉ ନଥିବ। ଏହି କାର୍ଯ୍ୟଟିକୁ ଅତ୍ୟନ୍ତ ନିଷ୍ଠା ସହକାରେ କରିବାକୁ ପଡ଼ିବ, ସତେକିଯେପରି ତୁମେ କୌଣସି ଏକ କ୍ରୀଡ଼ାରେ ରତ ହୋଇ ରହିଛ, ଠିକ୍ ସେହିପରି ଏକ ନିଷ୍ଠାରେ କରିବାକୁ ପଡ଼ିବ : ଏହିପରି ଏକ ପରିସ୍ଥିତିରେ ମୁଁ ଏହିପରି କାର୍ଯ୍ୟଟିଏ କଲି, ଏହିପରି ଅନୁଭବ କଲି ବା ଏହିପରି ଭାବିଲି; ମୋ ଆଗରେ ଜ୍ଞାନ ଏବଂ ଆତ୍ମ-ନିୟନ୍ତ୍ରଣ ବିଷୟରେ ମୋର ଯେଉଁ ଆଦର୍ଶଟି ରହିଛି, ଏହି କାର୍ଯ୍ୟଟି ସେହି ଦୃଷ୍ଟିରୁ ସଙ୍ଗତ ହୋଇଛି ନା ନାହିଁ ? ଯଦି ସଙ୍ଗତ ହୋଇଛି, ତେବେ ପରଦା ଉପରେ ତାହାର ଆଦୌ କୌଣସି ଛାଇ ପଡ଼ିବ ନାହିଁ, ପରଦାଟି ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ ହୋଇ ଦେଖାଯିବ, ଏବଂ ତା'ହେଲେ ସେବିଷୟରେ ଆଉ ଚିନ୍ତା କରିବାକୁ କିଛି ନଥିବ। ମାତ୍ର, ସଙ୍ଗତ ନଥିଲେ, ଗୋଟିଏ ଛାଇ ଅବଶ୍ୟ ପଡ଼ିବ। ଏହାର ଏପରି ଏକ ଛାଇ କାହିଁକି ପଡ଼ିଲା ? ଏହି କାର୍ଯ୍ୟଟି ଭିତରେ ଏପରି କ'ଣ ରହିଥିଲା, ଯାହାକି ଆତ୍ମଜ୍ଞାନ ଏବଂ ଆତ୍ମ-ନିୟନ୍ତ୍ରଣର ସେହି ଇଚ୍ଛାଟିର ବିରୋଧୀ ହୋଇ ରହିଥିଲା ? ଅଧିକାଂଶ ସମୟରେ ତୁମେ ଆବିଷ୍କାର କରିପାରିବ ଯେ ଅଚେତନତା ସହିତ ଏହାର କିଛିସୁ ଏକ ଚଉ୍ଳତା ରହିଥିଲା,—ତେବେ ସେଇଟିକୁ ତୁମେ ଅଚେତନ ବସ୍ତୁଗୁଡ଼ିକ ସହିତ ନେଇ ଏକାସାଙ୍ଗରେ ରଖିଦେବ ଏବଂ ସଙ୍କଳ୍ପବଦ୍ଧ ହୋଇଯିବ ଯେ ପରବର୍ତ୍ତୀ ଥର କୌଣସି କାର୍ଯ୍ୟ କରିବା ପୂର୍ବରୁ ତୁମେ ସଚେତନ ହେବାକୁ ଚେଷ୍ଟା କରିବ। ମାତ୍ର, ଅନ୍ୟ କ୍ଷେତ୍ରଗୁଡ଼ିକରେ ତୁମେ ଦେଖିବାକୁ ପାଇବ ଯେ ଏହା ଗୋଟିଏ ଅତ୍ୟନ୍ତ କୁତ୍ସିତ କ୍ଷୁଦ୍ର ଅହଂବାଦିତା ବ୍ୟତୀତ ଆଉ କିଛିହେଲେ ନଥିଲା, ବେଶ୍ କଳା ହୋଇ ଦିଶୁଥିଲା ଓ ତୁମର କ୍ରିୟା ବା ତୁମର ଭାବନାକୁ ବିକୃତ କରିଦେବାକୁହିଁ ଆସିଥିଲା। ସେହି କ୍ଷେତ୍ରରେ ତୁମେ ଆପଣାର ଏହି ଅହଂବାଦିତାକୁ ନେଇ ତୁମର "ଆଲୋକଟି"ର ସମ୍ମୁଖରେ ରଖିବ ଏବଂ ନିଜକୁ ପଚାରିବ : "ମୋତେ ଏପରି ଭାବରେ କାର୍ଯ୍ୟ କରିବା ଲାଗି ବା ଭାବିବା ଲାଗି ପ୍ରବୃତ୍ତ କରିବାକୁ ଏହାର ପ୍ରକୃତରେ କି ଅଧିକାର ରହିଛି···?" ଏବଂ ଏଥିଲାଗି

'oaob.nitrkl.ac.in' images reprocessed

ଏଣୁତେଣୁ କୌଣସି କୈଫିୟତ୍‌କୁ ଗ୍ରହଣ କରି ନନେଇ ତୁମେ କାରଣଟିକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବ ଏବଂ ତା'ପରେ ନିଜ ସତ୍ତାର ହୁଏତ କୌଣସି ଏକ କୋଣରେ ତୁମେ ଏପରି କିଛି ଉପାଦାନ ଦେଖିବାକୁ ପାଇବ ଯାହାକି ଝୁରୁଥିବ ଓ କହୁଥିବ, "ନାହିଁ, ନାହିଁ, ସେଇଟି ବ୍ୟତୀତ ମୁଁ ଆଉ ସବୁକିଛି ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି।" ତୁମେ ବେଶ୍ ଆବିଷ୍କାର କରି ପାରିବ ଯେ ଏହା ହେଉଛି ଏକ ଅତି କ୍ଷୁଦ୍ର ଦମ୍ଭ, ଆତ୍ମ-କାମନାରହିଁ ଏକ ଗତିସ୍ପନ୍ଦନ, କୌଣସି ନା କୌଣସି ସ୍ଥାନରେ ଲୁଚି ରହିଥିବା ଏକ ଅହଂକାମୀ ଅନୁଭୂତି ବା ସେହିପରି ଆଉ ଶହେଟା କିଛି ଜିନିଷ। ତା'ପରେ, ନିଜ ଆଦର୍ଶଟିର ଆଲୋକ-ପରିପ୍ରେକ୍ଷୀରେ ତୁମେ ଏହିସବୁ ବସ୍ତୁଗୁଡ଼ିକୁ ଅତି ଭଲ ଭାବରେ ଅନାଇ ଦେଖିବ : "ଏହି ଗତିସ୍ପନ୍ଦନଟି ଲାଗି ରୁଚି ରଖିଲେ ତାହା ମୋର ଆଦର୍ଶଟିକୁ ଲୋଡ଼ିବା ଏବଂ ତାହାର ଉପଲବ୍ଧି କରିବାରେ ପ୍ରକୃତରେ ସହାୟକ ହେବ ନା ନାହିଁ ? ତେବେ ମୁଁ ମୋ ଭିତରେ ଥିବା ଏହି ସାନ କଳା ଅଂଶଟିକୁ ଆଲୋକଟିର ସମ୍ମୁଖରେ ନେଇ ଧରି ରଖିବି, ଆଲୋକଟି ତା' ଭିତରେ ଯାଇ ପ୍ରବେଶ କରିବା ପର୍ଯ୍ୟନ୍ତ ଓ ସେଇଟି ଅନ୍ତର୍ହିତ ହୋଇଯିବା ପର୍ଯ୍ୟନ୍ତ ମୁଁ ତାକୁ ସେହିପରି ଧରି ରଖିବି।" ବାସ୍, ପ୍ରହସନଟି ସେତିକିରେହିଁ ଶେଷ ହୋଇଯିବ। ମାତ୍ର ତୁମେ ଭଲ କରି ଜାଣିଛ ଯେ, ତୁମ ସମଗ୍ର ଜୀବନଟିର ପ୍ରହସନ କଦାପି ଏତିକିରେ ଶେଷ ହୋଇ ଯିବ ନାହିଁ, କାରଣ, ଏହିପରି ଭାବରେ ଆଲୋକଟିର ସମ୍ମୁଖରେ ଗତି କରି ଯିବା ଲାଗି ଆତୁର ଅନେକ ଜିନିଷ ରହିଥିବ। ମାତ୍ର ତୁମେ ଯଦି ଏହି ଖେଳଟିକୁ ସତତ ଖେଳିବାରେ ଲାଗିଥିବ,—ନିଷ୍ଠାପରି ଭାବରେ କରୁଥିବା ପର୍ଯ୍ୟନ୍ତ ଏହାକୁ ପ୍ରକୃତରେ ଏକ ଖେଳ ବୋଲିହିଁ କୁହାଯିବ,—ତେବେ ମୁଁ ନିର୍ଭର ପ୍ରତିଶ୍ରୁତି ଦେଇ କହିପାରିବି ଯେ ଛଅମାସ ପରେ ତୁମେ ଆଉ ନିଜକୁ ଚିହ୍ନିହିଁ ପାରିବ ନାହିଁ; ତୁମେ ନିଜେ ନିଜକୁ କହିବାକୁ ଲାଗିବ, "ଆରେ ! ମୁଁ କ'ଣ ସତରେ ସେହିପରି ଥିଲି ? ଆଦୌ ସମ୍ଭବ ନୁହେଁ !"

ତୁମକୁ ପାଞ୍ଚ ବର୍ଷ ହୋଇପାରେ ଅଥବା କୋଡ଼ିଏ ବର୍ଷ ହୋଇପାରେ, ପଚିଶ କିଂବା ଷାଠିଏ ବର୍ଷ ବି ହୋଇପାରେ; ତଥାପି ଏହି ଅନ୍ତର୍ଗତ ଆଲୋକଟି ସାମନାରେ ସବୁକିଛିକୁ ଆଣି ରଖିବାର ପ୍ରକ୍ରିୟାଟି ଦ୍ୱାରା ତୁମେ ଆପଣାକୁ ନିଶ୍ଚୟ ବଦଳାଇ ଦେଇ ପାରିବ। ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ତୁମ ଭିତରର ଯେଉଁସବୁ ଉପାଦାନ ତୁମ ଆଦର୍ଶଟିର ଅନୁକୂଳ ହୋଇ ରହି ନାହାନ୍ତି, ସେଗୁଡ଼ିକୁ ଯେ ତୁମକୁ ଆପଣା ଭିତରୁ ବାହାର କରି ସମ୍ପୂର୍ଣ୍ଣ ଭାବରେ ବାହାରକୁ ଫିଙ୍ଗିଦେବାକୁ ପଡ଼ିବ, ସେକଥା ମୋଟେ ନୁହେଁ (ଏପରି ଉପାଦାନ ହୁଏତ ଅଳ୍ପ କେତୋଟିମାତ୍ର ରହିଥିବେ); ପ୍ରକୃତ କଥା ହେଉଛି ଯେ ସେଗୁଡ଼ିକ ସେଗୁଡ଼ିକର ଆପଣାର ଉଚିତ ସ୍ଥାନରେହିଁ ରହି ନଥିବେ। ଯଦି ତୁମେ ପ୍ରତ୍ୟେକ ଜିନିଷକୁ ଉଚିତରୂପେ ସଂଗଠିତ

'oaob.nitrkl.ac.in' images reprocessed

କରି ରଖିପାରିବ,—ତୁମର ଯାବତୀୟ ଅନୁଭବ, ଭାବନା ଓ ଆବେଗ ପ୍ରଭୃତି ସବୁକିଛିକୁ ସଂଗଠିତ କରି ରଖିପାରିବ, ତୁମ ଚୈତ୍ୟ କେନ୍ଦ୍ରଟିର ଚାରିପାଖରେ, ଯାହାକୁ କି ତୁମର ସେହି ଅନ୍ତର୍ଗତ ଆଲୋକ ବୋଲିବୁଝାଯାଇ ପାରିବ, ତାହାର ଚାରିପାଖରେ ସବୁକିଛିକୁ ଆଣି ସଂଗଠିତ କରି ରଖିପାରିବ, ତେବେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ତୁମ ଭିତରେ ଥିବା ଯାବତୀୟ ବିଶୃଙ୍ଖଳା ଓ ସଂଗଠନ-ହୀନତା ଏକ ପ୍ରସ୍ତବଦ୍ଧ ସଂଗଠିତତାରେ ପରିବର୍ତ୍ତିତ ହୋଇଯିବ ।

ଏହି କଥାଟି ବେଶ୍ ସ୍ପଷ୍ଟ ହୋଇଯିବା ଉଚିତ ଯେ ଯଦି କୌଣସି ଜାତି ବା ସମଗ୍ର ପୃଥିବୀ ଏହିପରି ଗୋଟିଏ ପଦ୍ଧତିକୁ ଗ୍ରହଣ କରିପାରନ୍ତା, ତେବେ ଯେଉଁସବୁ କଥା ମନୁଷ୍ୟମାନଙ୍କୁ ଆଜି ଏତେଦୂର ଦୁଃଖସନ୍ତପ୍ତ କରି ରଖିଛି, ସେଗୁଡ଼ିକରୁ ଅନେକ କିଛି ଅନ୍ତର୍ହିତ ହୋଇଯାଆନ୍ତା । କାରଣ, ପୃଥିବୀରେ ବର୍ତ୍ତମାନ ଯେତେଯେତେ କଷ୍ଟଭୋଗ ରହିଛି, ସେଥିରୁ ଅଧିକାଂଶ ଏହି କାରଣରୁ ରହିଛି ଯେ ବସ୍ତୁଗୁଡ଼ିକ ଯିଏ ଯେଉଁ ଜାଗାରେ ରହିଥାନ୍ତେ, ସେଗୁଡ଼ିକ ଆଦୌ ସେଠାରେ ନାହାନ୍ତି । ଯଦି ଜୀବନର ଏପରି ଏକ ସଂଗଠନ ହୋଇପାରନ୍ତା, ଯେପରିକି କିଛି ନଷ୍ଟ ବା ବରବାଦ ହୁଅନ୍ତା ନାହିଁ ଓ ପ୍ରତ୍ୟେକ ଜିନିଷ ତାହାର ଉଚିତ ସ୍ଥାନରେହିଁ ରହିଥାନ୍ତା, ତେବେ ଏହିସବୁ ଦୁଃଖରୁ ଅଧିକାଂଶକୁ ଆଉ କଦାପି ଭୋଗିବାକୁ ପଡ଼ନ୍ତା ନାହିଁ । ଜଣେ ପ୍ରାଚୀନ ମୁନି କହି ଯାଇଛନ୍ତି :

"ମନ୍ଦ ବୋଲି କେଉଁଠି କିଛି ନାହିଁ, କେବଳ ଭାରସାମ୍ୟରେହିଁ ଅଭାବ ରହିଛି ।

"ଖରାପ ବୋଲି କିଛି ନାହିଁ । ବସ୍ତୁଗୁଡ଼ିକ ସେଗୁଡ଼ିକର ଯଥାସ୍ଥାନରେ ନାହାନ୍ତି ବୋଲି କେବଳ ଯାହାକିଛି ଖରାପ ଘଟୁଛି ।"

ଜାତିମାନଙ୍କର ଜୀବନରେ, ଏହି ଭୌତିକ ଜଗତ ମଧ୍ୟରେ ଯଦି ପ୍ରତ୍ୟେକ ଜିନିଷ ତାର ଉଚିତ ସ୍ଥାନରେ ରହିଥାନ୍ତା, ବ୍ୟକ୍ତିମାନଙ୍କର ଯାବତୀୟ କ୍ରିୟା, ଭାବନା ତଥା ଅନୁଭୂତି ଭିତରେ ଯଦି ପ୍ରତ୍ୟେକ କଥା ତାହାର ଉଚିତ ସ୍ଥାନରେ ରହିଥାନ୍ତା, ତେବେ ମନୁଷ୍ୟ ଆଜି ଯେତେଯେତେ କଷ୍ଟ ଭୋଗ କରୁଛି, ତାହାର ଅଧିକାଂଶ ଭାଗ ଅନ୍ତର୍ହିତ ହୋଇ ଯାଆନ୍ତା ।

ଏଠାରେ ଦୁଇଟି କଥା ବିଚାର କରିବାକୁ ରହିଛି : ଚେତନା ଏବଂ ଯେଉଁସବୁ ସାଧନର ମଧ୍ୟଦେଇ ଚେତନା ଆପଣାକୁ ଅଭିବ୍ୟକ୍ତ କରିବାରେ ଲାଗିଛି । ଆଗ ସାଧନଗୁଡ଼ିକର କଥା ବିଚାର କରାଯାଉ : ଆମର ମାନସିକ ସତ୍ତା ରହିଛି, ଯାହାକି ଆମ ଭାବନାଗୁଡ଼ିକୁ ଉତ୍ପନ୍ନ କରୁଛି, ସଂବେଗାତ୍ମକ ସତ୍ତାଟି ରହିଛି, ଯେଉଁଥିରୁ ଆମର ସଂବେଗମାନ ଉତ୍ପନ୍ନ ହେଉଛି, ପ୍ରାଣିକ ସତ୍ତାଟି ରହିଛି, ଯାହା କର୍ମସାମର୍ଥ୍ୟର ସୃଷ୍ଟି କରୁଛି, ଏବଂ ଶାରୀରିକ ସତ୍ତାଟି ରହିଛି ଯାହା କାର୍ଯ୍ୟ କରୁଛି ।

'oaob.nitrkl.ac.in' images reprocessed

ପ୍ରତିଭାଶାଳୀ ମଣିଷ ଯାହା ମନ ତାହାକୁ ଉପାଦାନରୂପେ କାମରେ ଲଗାଇ କିଛି ନା କିଛି ସୁନ୍ଦର ଦ୍ରବ୍ୟ ଗଢ଼ି ଥୋଇଦେଇ ପାରିବ, କାରଣ ତା' ଭିତରେ ପ୍ରତିଭାର ଶକ୍ତି ରହିଛି; ମାତ୍ର ଯଦି ତୁମେ ତା' ହାତରେ ଏକ ପୂର୍ଣ୍ଣସମର୍ଥ ସାଧନକୁ ନେଇ ଧରାଇଦେଇ ପାରିବ, ତେବେ ସିଏ କୌଣସି ନା କୌଣସି ଅଦ୍ଭୁତ ଓ ଚମତ୍କାର ଜିନିଷ ସମ୍ଭବ କରି ଥୋଇଦେବ । ଜଣେ ସୁଦକ୍ଷ ସଙ୍ଗୀତକାରର କଥା ବିଚାର କରାଯାଉ; ହଁ, ଗୋଟାଏ ଦରଦରା ପିଆନୋ ଓ ଭୁଲଭାଲ ହୋଇ ଲେଖା ହୋଇଥିବା ସ୍ୱରଲିପି ହାତରେ ଧରି ମଧ୍ୟ ସିଏ ନିଶ୍ଚୟ ସୁନ୍ଦର କୌଣସି ସଙ୍ଗୀତ ନିଷ୍ପନ୍ନ କରି ଆଣିପାରିବ; ମାତ୍ର ତା' ହାତରେ ଆମେ ଯଦି ଉତ୍ତମରୂପେ 'କଷା ହୋଇଥିବା ଭଲ ପିଆନୋଟିଏ ଆଣି ଯୋଗାଇଦେଇ ପାରିବା, ତେବେ ସେଥିରୁ ସିଏ ଅଧିକ ସୁନ୍ଦର ସଙ୍ଗୀତର ସୃଷ୍ଟି କରି ପାରିବ । ଦୁଇଟିଯାକ କ୍ଷେତ୍ରରେ ଚେତନା ସେଇ ଏକା ରହିଥିବ ସତ, ମାତ୍ର ଅଭିବ୍ୟକ୍ତି ଲାଗି ଗୋଟାଏ ଉତ୍ତମ ଯନ୍ତ୍ରର ଆବଶ୍ୟକତା ଅବଶ୍ୟ ରହିଥିବ; ମାନସିକ, ପ୍ରାଣିକ, ଚୈତ୍ୟ ଏବଂ ଦୈହିକ ସାମର୍ଥ୍ୟମାନ ରହିଥିବା ଏକ ଶରୀରର ଆବଶ୍ୟକତା ରହିଥିବ ।

ଯଦି ତୁମର ଶରୀର ଅନନୁକୂଳ ହୋଇ ତିଆରି ହୋଇଥିବ, ମୋଟେ ସମୁଚିତ ଭାବରେ ଗଢ଼ାହୋଇ ନଥିବ, ତେବେ ଯେତେଯାହା ବଢ଼ିଆ ତାଲିମ ରହିଥିଲେ ମଧ୍ୟ ଏକ ସୁନ୍ଦର ସୁଗଠିତ ଶରୀର ଥିବା ଲୋକ ଭଳି ଜିମ୍ନାଷ୍ଟିକ୍ କରିବା ତୁମ ପକ୍ଷରେ କଷ୍ଟକର ହୋଇପଡ଼ିବ । ମନର କ୍ଷେତ୍ରରେ ମଧ୍ୟ ଠିକ୍ ସେଇ କଥା;— ଯାହା ପାଖରେ ଏକ ସୁସଙ୍ଗଠିତ ମନ ରହିଥିବ, ଯେଉଁ ମନ ଏକାବେଳେକେ ବହୁ ସମର୍ଥ ହୋଇ କାର୍ଯ୍ୟ କରିପାରୁଥିବ, ଯେଉଁ ମନ ସମ୍ପୂର୍ଣ୍ଣ ଓ ସୁବିଶୋଧିତ ହୋଇ ରହିଥିବ, ସେହି ବ୍ୟକ୍ତି ତୁଳନାତ୍ମକ ଭାବରେ ଦେଖିଲେ ଏକ ସାଧାରଣ ଓ କୁସଙ୍ଗଠିତ ମନ ଥିବା ଆଉ ଜଣେ ବ୍ୟକ୍ତି ଅପେକ୍ଷା ଅନେକ ଅଧିକ ସୁନ୍ଦରଭାବେ ଆପଣାକୁ ଅଭିବ୍ୟକ୍ତ କରିପାରିବ । ସର୍ବପ୍ରଥମେ ଆପଣାର ଚେତନାକୁ ପ୍ରଶିକ୍ଷିତ କରି ଆଣିବାକୁ ପଡ଼ିବ, ପ୍ରଥମେ ଆପଣା ବିଷୟରେ ସଚେତନ ହେବ, ନିଜର ଆଦର୍ଶଟି ଅନୁସାରେ ନିଜର ଚେତନାକୁ ସୁସଙ୍ଗଠିତ କରି ରଖିବ, ମାତ୍ର ତାହା ସଙ୍ଗେସଙ୍ଗେ ତୁମର ଦେହରେ ରହିଥିବା ସାଧନଗୁଡ଼ିକ ସହିତ ମଧ୍ୟ କୌଣସି ଅବହେଳା ପ୍ରଦର୍ଶନ କରା ଯିବ ନାହିଁ ।

ଗୋଟିଏ ଉଦାହରଣ ନିଆଯାଉ । ଆପଣାର ଗଭୀରତମ ଆଦର୍ଶଟି ସହିତ ତୁମେ ତୁମ ନିଜ ଶରୀର ଭିତରେ ରହିଛ ଓ ସେହି ସମୟରେ ତୁମକୁ ସ୍କୁଲର ଗୋଟିଏ କ୍ଲାସକୁ ଯାଇ ପିଲାମାନଙ୍କୁ କିଛି ପଢ଼ାଇବାକୁ ପଡ଼ୁଛି । ହଁ, ଏହି ଆଲୋକଟି ମଧ୍ୟ ସେହିଠାରେ ରହିଛି, ଏହି ଚେତନାଲୋକଟି ସେହିଠାରେ ରହିଛି, ମାତ୍ର ଯେଉଁ ବିଜ୍ଞାନର ଶିକ୍ଷା ଦେବାର କଥା, ତୁମେ ସେମିତି କ୍ଲାସ ଆଗରେ ସେଇଟିକୁ

'oaob.nitrkl.ac.in' images reprocessed

ବୁଝାଇବାକୁ ଯାଉଛ, ସେତେବେଳେ କ'ଣ ତୁମ ଭଣ୍ଡାରରେ ଯଥେଷ୍ଟ ଜ୍ଞାନ ରହିଥିବା ଅଧିକ ସୁବିଧାଜନକ ବା ତୁମର ପ୍ରେରଣାଟି ଏପରି ହୋଇଥିବା ଉଚିତ, ଯେପରିକି ଜ୍ଞାନର ଏହି ଭଣ୍ଡାରଟି ଆଦୌ ଆବଶ୍ୟକ ହେବ ନାହିଁ ? ତୁମର ବ୍ୟକ୍ତିଗତ ଅଭିଜ୍ଞତାରୁ ତୁମେ କେଉଁଟିକୁ ଅଧିକ ସୁବିଧାଜନକ ବୋଲି କହିବ ?···ତୁମେ ଦେଖିଥିବ,—ନୁହେଁ କି ? —ଯେ ଏପରି ଗୁଡ଼ିଏ ଦିନ ଥାଏ, ଯେଉଁଦିନ କି ସବୁକିଛି ସୁରୁଖୁରୁରେ ସମ୍ପନ୍ନ ହୋଇଯାଏ,—ତୁମର କୌଣସି କଥା ଆଦୌ ଅଟକି ଯାଉଥିବା ପରି ମନେ ହୁଏ ନାହିଁ, ତୁମର ପିଲମାନେ ମଧ୍ୟ ତୁମ କଥା ଶୁଣନ୍ତି ଓ ତୁମକୁ ସହଜରେ ବୁଝି ପାରନ୍ତି । ମାତ୍ର ଆହୁରି ଏପରି କେତେକ ଦିନ ବି ରହିଥାଏ, ଯେଉଁ ଦିନ କି ତୁମର ଯାହା ପଢ଼ାଇବାକୁ ଥାଏ, ସେଗୁଡ଼ିକ ମୋଟେ ମନେ ପଡ଼େ ନାହିଁ, ସେଦିନ ପିଲମାନେ ବି ତୁମ କଥା ଶୁଣନ୍ତି ନାହିଁ,—ଅର୍ଥାତ୍, ତୁମକୁ ସବୁକିଛି ନୀରସ ଲଗେ ଓ ତୁମେ ବି ସବୁକିଛି ନୀରସ କରି ପକାଉଥାଅ । ଏହାର ଅର୍ଥ ହେଉଛି ଯେ, ପ୍ରଥମ କ୍ଷେତ୍ରଟିରେ ତୁମର ଚେତନା ଜାଗ୍ରତ ହୋଇ ରହିଥାଏ; ତୁମେ ଯାହା କରୁଛ, ତୁମର ଚେତନା ତାହାରି ଉପରେ ସଂକେନ୍ଦ୍ରିତ ହୋଇ ରହିଥାଏ । ଅଥଚ, ଦ୍ୱିତୀୟ କ୍ଷେତ୍ରଟିରେ ତୁମର ସେହି ଚେତନା ଅଳ୍ପବହୁତ ସୁପ୍ତ ଅବସ୍ଥାରେ ରହିଥାଏ, ତୁମର ଅତ୍ୟନ୍ତ ବାହ୍ୟ ସାଧନଗୁଡ଼ିକ ବ୍ୟତୀତ ସେଦିନ ତୁମର ଆଉ କୌଣସି ସମ୍ବଳ ନଥାଏ । ମାତ୍ର, ଏହି ସ୍ଥିତିରେ ଯଦି ତୁମ ପାଖରେ ଗୁଡ଼ାଏ ଜ୍ଞାନ ରହିଥାଏ, ତେବେ ତୁମେ ପିଲମାନଙ୍କୁ ତଥାପି କିଛି କହିବାକୁ ବେଶ୍ ସମର୍ଥ ହୋଇପାର; ଯଦି ତୁମର ମନ ସୁପ୍ରଶିକ୍ଷିତ ହୋଇ ରହିଥାଏ, ପ୍ରସ୍ତୁତ ଥାଏ, ତୁମେ ତାହାକୁ କାମରେ ଲଗାଇବାକୁ ଗଲବେଳେ ତାହା ଏକ କୃତ୍ରିମ ଯନ୍ତ୍ର ପରି କାର୍ଯ୍ୟ କରି ଯାଇ ପାରେ ଏବଂ ଯଦି ତୁମେ ଆବଶ୍ୟକ ଯାବତୀୟ ଟିପ୍‌ପଣୀ ଓ ବିସ୍ତୃତିଗୁଡ଼ିକୁ ଏକାଠି ଯୋଗାଡ଼ କରି ରଖିଥାଅ, ତେବେ ସବୁକିଛି ଖୁବ ଭଲରେ ହୋଇଯାଏ । ମାତ୍ର, ଯଦି ମୁଣ୍ଡରେ କିଛି ନଥାଏ ଏବଂ ତା' ସଙ୍ଗେ ସଙ୍ଗେ, ତୁମ ଭିତରର ଚେତନାଟି ସହିତ ମଧ୍ୟ ଯଦି ତୁମର କୌଣସି ଯୋଗ ଲଗି ରହି ନଥାଏ, ତେବେ, ସାଙ୍ଗରେ ଖଣ୍ଡେ ବହି କ୍ଲାସକୁ ନେଇ ସେଇଥିରୁ ଆପଣାର ବିଷୟଟିକୁ ପଢ଼ି ଶୁଣାଇଦେବା ବ୍ୟତୀତ ଆଉ ତୁମ ପାଖରେ କୌଣସି ଉପାୟ ରହେ ନାହିଁ,—ଆଉ କାହାରି ମସ୍ତିଷ୍କକୁ କାମରେ ଲଗାଇବାକୁ ସେତେବେଳେ ବାଧ୍ୟ ହେବାକୁହିଁ ପଡ଼େ ।

ଖେଳର ଦୃଷ୍ଟାନ୍ତଟିକୁ ଗ୍ରହଣ କରାଯାଉ । ଖେଳ ପଡ଼ିଆରେ ମଧ୍ୟ ଏପରି ଗୋଟିଏ ଗୋଟିଏ ଦିନ ଆସେ, ଯେଉଁ ଦିନ କି ସବୁ ସୁରୁଖୁରୁରେ ହୋଇଯାଏ; ଆଗରୁ ଖୁବ୍ ବିଶେଷ ଭାବରେ କିଛି ପ୍ରସ୍ତୁତ କରିବାକୁ ପଡ଼େ ନାହିଁ, ତଥାପି ସବୁଥିରେ ସଫଳତା ମିଳିଯାଏ; ମାତ୍ର ଯଦି ପୂର୍ବରୁ ଭଲ କରି ପ୍ରସ୍ତୁତ ହୋଇଥାଏ, ତେବେ ତଦ୍ୱାରା ଆହୁରି ଅଧିକ ଚମତ୍କାର ଫଳ ମିଳେ । ଉଦାହରଣସ୍ୱରୂପ, ଯଦି

'oaob.nitrkl.ac.in' images reprocessed

ତୁମେ ନିଜ ସମ୍ମୁଖରେ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ପାଅ, ଯିଏକି ନିଖୁଣ ଓ ଗମ୍ଭୀର ଭାବରେ ଅତ୍ୟନ୍ତ ଧୈର୍ଯ୍ୟ ଏବଂ ଅଧ୍ୟବସାୟ ସହିତ ଆପଣାକୁ ଅଳ୍ପ ଅଳ୍ପ କରି ପ୍ରଶିକ୍ଷିତ କରି ରଖିଥାଏ ଏବଂ ଯିଏ ହଠାତ୍ ଆପଣା ଭିତରୁ ଏକ ଶକ୍ତିଶାଳୀ ଅଭୀପ୍ସା ମଧ୍ୟ ଅନୁଭବ କରିବାକୁ ଲାଗେ, ତେବେ, ତୁମ ଭିତରେ ଯେତେଯାହା ଅଭୀପ୍ସା ରହିଥିଲେ ମଧ୍ୟ ଯଦି ତୁମ ପ୍ରତିଦ୍ୱନ୍ଦ୍ୱୀର ଅଭୀପ୍ସାଠାରୁ ତାହା ଅତ୍ୟନ୍ତ ଉଚ୍ଚ କୋଟୀର ନହୋଇଥାଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହି ବ୍ୟକ୍ତିଜଣକେ ତୁମଠାରୁ ଅନେକ ଅଧିକ କୃତିତ୍ୱ ଅର୍ଜନ କରେ । ଯଦି ତୁମର ବିରୁଦ୍ଧ ପକ୍ଷରେ ଏପରି ଜଣେ ବ୍ୟକ୍ତି ରହିଛି, ଯାହାକୁ କି ଖେଳର କେବଳ କାଇଦାଗୁଡ଼ିକହିଁ ଜଣାଅଛି ମାତ୍ର ଯାହାର ସଚେତନ ଅଭୀପ୍ସା ବୋଲି ଆଦୌ କିଛି ନାହିଁ ଏବଂ ତୁମେ ପରିପୂର୍ଣ୍ଣ ଭାବରେ ଏକ ସଚେତନ ସ୍ଥିତିରେ ଅବସ୍ଥିତ ରହିଛ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତୁମେ ତାହାକୁ ପରାଜିତ କରିଦେଇ ପାରିବ, କାରଣ ଗୁଣାତ୍ମକ ସ୍ତରରୁ ବିଚାର କଲେ ଚେତନାକୁହିଁ କାଇଦାଠାରୁ ଉଚ୍ଚତର ବୋଲି କୁହାଯାଇ ପାରିବ । ଏଥିରେ ଅବଶ୍ୟ ସମ୍ମତି ଦେବାକୁ ହେବ ଯେ, ଯାହା ଗୁଣରେ ଅଧିକ ସମର୍ଥ, ତାହାହିଁ ଅଧିକ ମହତ୍ତ୍ୱପୂର୍ଣ୍ଣ; ମାତ୍ର ତଥାପି ତୁମର ତଦନୁରୂପ ସ୍ନାୟୁଗୁଡ଼ିକ ମଧ୍ୟ ରହିଥିବା ଆବଶ୍ୟକ, ଯେଉଁମାନେ କି ଶୀଘ୍ର ଓ ସ୍ୱତଃସ୍ଫୂର୍ତ୍ତ ଗତିସ୍ପନ୍ଦନ ଦ୍ୱାରା ଆପଣାର ଅନୁସ୍ପନ୍ଦନଟିକୁ ଜଣାଇ ପାରିବେ । ସର୍ବଶ୍ରେଷ୍ଠ ଓ ପ୍ରବୀଣ ଭାବରେ ଖେଳି ପାରିବାକୁ ହେଲେ ତୁମକୁ ଯେକୌଣସି ଖେଳର ଯାବତୀୟ ରହସ୍ୟ ଜଣାଥିବା ଦରକାର । ତୁମ ପାଖରେ ଦୁଇଟିଯାକ ଜିନିଷ ଅବଶ୍ୟ ରହିଥିବା ଦରକାର । ଦୁଇଟି ମଧ୍ୟରୁ ଆମେ ଚେତନାକୁହିଁ ଉଚ୍ଚତର ବୋଲି କହିବା, ଯାହାକି ଉଚିତ ମୁହୂର୍ତ୍ତରେ ଉଚିତ ଗତିସ୍ପନ୍ଦନଟିକୁ ସମ୍ଭବ କରିବାରେ ସମର୍ଥ ହୁଏ, ମାତ୍ର ସେହି ଚେତନାକୁହିଁ ସର୍ବଶେଷ ଓ ଏକମାତ୍ର ମୀମାଂସକ ବୋଲି କଦାପି କୁହାଯାଇ ପାରିବ ନାହିଁ । ଯେତେବେଳେ ପରିପୂର୍ଣ୍ଣତାହିଁ ତୁମର ଅଭୀଷ୍ଟ ହୋଇ ରହିବ, ସେତେବେଳେ ତୁମ ପାଖରେ ଗୋଟାଏ ମହଜୁଦ ରହିଛି ବୋଲି ତୁମେ ଆଉଟିକୁ କଦାପି ଅବହେଳା କରି ପାରିବ ନାହିଁ ।

## ଜୟଲାଭ କରିବାର ଅଭିପ୍ରାୟ ରଖି କ'ଣ ଖେଳିବା ଉଚିତ ?

ଯେତେବେଳେ ତୁମ ଭିତରେ ଜଣେ ତିନି ବା ଚାରି ବର୍ଷ ବୟସର ଶିଶୁର ଚେତନା ରହିଥିବ, ସେତେବେଳେ ଖେଳରେ ଜିତିବାର ଲକ୍ଷ୍ୟଟା ତୁମ ଲାଗି ନିଶ୍ଚୟ ଏକାନ୍ତ ଭାବରେ ଏକ ଆବଶ୍ୟକ ଉତ୍ତେଜକରୂପେ କାର୍ଯ୍ୟ କରି ପାରିବ ।

'oaob.nitrkl.ac.in' images reprocessed

ମାତ୍ର ତୁମକୁ ପନ୍ଦର ବର୍ଷ ବୟସ ହୋଇଥିବା ବେଳେ ମଧ୍ୟ ତୁମ ଭିତରେ ଜଣେ ସାତ ବର୍ଷ ବୟସ ହୋଇଥିବା ପିଲାର ଚେତନା ବେଶ୍ ଥାଇପାରେ,—ନୁହେଁ କି ? ନା—ଯେତେବେଳେ ତୁମର ଚେତନା ଏକ ପରିପକ୍ୱ ଚେତନା ହୋଇ ରହିଥିବ, ସେତେବେଳେ ଜିତିବାର ମତଲବ ରଖି ଖେଳିବା କଦାପି ଉଚିତ ହେବ ନାହିଁ, ସେତେବେଳେ ତୁମକୁ ଖେଳ ପାଇଁହିଁ ଖେଳିବାକୁ ହେବ, କିପରି ଖେଳିବାକୁ ହୁଏ, ସେକଥା ଶିଖିବାକୁ ଏବଂ ଆପଣାର ଖେଳସାମର୍ଥ୍ୟରେ ଉନ୍ନତିବିଧାନ କରିବାକୁ, ଏବଂ ବିକାଶର ସର୍ବୋଚ୍ଚ ସ୍ତରରେ ପହଞ୍ଚି ତୁମର ଖେଳ ଯେପରି ତୁମ ଅନ୍ତର୍ଗତ ଚେତନାରହିଁ ଏକ ଅଭିବ୍ୟକ୍ତିରେ ପରିଣତ ହୋଇ ପାରିବ, ତୁମକୁ ସେଇଥିଲାଗି ଖେଳିବାକୁ ହେବ । ଏହି ଶେଷ କଥାଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଉଦାହରଣସ୍ୱରୂପ, ଯେଉଁମାନେ ଭଲ ଖେଳିବାକୁ ଇଚ୍ଛା କରୁଥାନ୍ତି, ସେମାନେ କଦାପି ବାଛି ବାଛି ଖରାପ ଖେଳାଳିମାନଙ୍କ ସହିତ ଖେଳିବାକୁ ଯାଆନ୍ତି ନାହିଁ, ଖେଳରେ କେବଳ ଜୟଲାଭ କରିବାର ଆନନ୍ଦଟିକୁ ପାଇବା ଲାଗି ସେମାନେ କଦାପି ସେପରି କରନ୍ତି ନାହିଁ । ସେମାନେ ବାଛି ବାଛି ସବୁଠାରୁ ଭଲ ଖେଳାଳିମାନଙ୍କ ସହିତ ଖେଳନ୍ତି । ମୋର ମନେ ଅଛି, ମୋତେ ଆଠ ବର୍ଷ ହୋଇଥିବା ସମୟରେ ମୁଁ ଟେନିସ୍ ଖେଳ ଶିଖିଥିଲି । ସେତେବେଳେ ସେହି ଖେଳ ଖେଳିବା ଗୋଟାଏ ନିଶା ପରି ଥିଲା । ମୋଠାରୁ ବୟସରେ ସାନ ସାନ ଖେଳସାଥୀମାନଙ୍କ ସହିତ ଖେଳିଲେ ମୁଁ ପ୍ରକୃତରେ ଆଦୌ କିଛି ଶିଖି ପାରିବି ନାହିଁ, ସେଥିଲାଗି ତାହା କରିବାକୁ ମୋତେ ମୋଟେ ଭଲ ଲାଗୁ ନଥିଲା (କାରଣ ମୁଁ ସେମାନଙ୍କୁ ସାଧାରଣତଃ ପରାସ୍ତ କରି ଦେଉଥିଲି) । ମୁଁ ସବୁବେଳେ ସବୁଠାରୁ ଭଲ ଭଲ ଖେଳାଳିଙ୍କ ସହିତ ଖେଳିବାକୁ ଯାଉଥିଲି । ଅନେକ ସମୟରେ ସେମାନେ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ, ମାତ୍ର ଶେଷରେ ମୋ ସହିତ ଖେଳିବାକୁ ସମ୍ମତି ଦେଉଥିଲେ । ଏହାଦ୍ୱାରା ମୁଁ କେବେହେଲେ ଜିତୁ ନଥିଲି ସତ, ମାତ୍ର ବହୁତ କିଛି ଶିଖିବାର ସୁଯୋଗ ପାଉଥିଲି ।

'oaob.nitrkl.ac.in' images reprocessed

## ୨୦ ଜାନୁଆରୀ ୧୯୫୧

"ଅନ୍ତର୍ଗତ ଆବିଷ୍କାରର ଏହି ଗତିବିଧିଗୁଡ଼ିକୁ ସଂପୂର୍ଣ୍ଣ କରିବା ଲାଗି ଏହା ଏକାନ୍ତ ଆବଶ୍ୟକ ଯେ ଆମେ ଆମ ମାନସିକ ବିକାଶର କ୍ଷେତ୍ରରେ ଆଦୌ କୌଣସି ଅବହେଳା ପ୍ରଦର୍ଶନ କରିବା ନାହିଁ । କାରଣ ଆମର ମନରୂପୀ ଯନ୍ତ୍ରଟି ଆମେ ଇଚ୍ଛା କଲେ ଏକ ବଡ଼ ସହାୟକରୂପେ ବ୍ୟବହୃତ ହୋଇ ପାରିବ, ବା ଅନ୍ୟ ପକ୍ଷରେ ଏକ ବୃହତ୍ ପ୍ରତିବନ୍ଧକ ହୋଇ ମଧ୍ୟ ଠିଆ ହୋଇ ପାରିବ । ଆପଣାର ସ୍ୱାଭାବିକ ସ୍ଥିତିରେ ମନୁଷ୍ୟର ମନ ଆପଣାର ଦୃଷ୍ଟିକ୍ଷେତ୍ରରେ ସର୍ବଦା ବଡ଼ ସଂକୀର୍ଣ୍ଣ ହୋଇ ରହିଥାଏ, ଆପଣାର ବୁଝିବା ଶକ୍ତିରେ ଭାରି ଅପ୍ରଶସ୍ତ ହୋଇ ରହିଥାଏ, ନିଜର ପରିକଳ୍ପନାଗୁଡ଼ିକର ଭୂମିରେ ଭାରି ଅନମନୀୟ ହୋଇ ରହିଥାଏ । ସେହି ମନକୁ ପ୍ରଶସ୍ତ, ନମନୀୟ ଏବଂ ଗଭୀରତାଯୁକ୍ତ କରିବା ଲାଗି ଏକ ଉଦ୍ୟମ ଅବଶ୍ୟ ଆବଶ୍ୟକ ହୁଏ ।"

"ଶିକ୍ଷା" ବହିର "ବଞ୍ଚିବାର ବିଜ୍ଞାନ"

ଭାରି ଦୁର୍ଭାଗ୍ୟର କଥା ଯେ, ଅଧିକାଂଶ ମଣିଷ ଯେତିକି ଯେତିକି ଅଧିକ ଜ୍ଞାନବନ୍ତ, ସେତିକି ସେତିକି ଆପଣାକୁ ଅନ୍ୟମାନଙ୍କଠାରୁ ଅଧିକ ଯୋଗ୍ୟ ବୋଲି ବିଶ୍ୱାସ କରିବାରେ ଲାଗିଥାନ୍ତି । ମନ ଆପଣାକୁ ନେଇ ବେଶ୍ ପରିତୁଷ୍ଟ ହୋଇ ରହିଥାଏ ଏବଂ ଅଗ୍ରଗତି ଲାଗି ଖୁବ୍ ବେଶୀ ଆକାଙ୍କ୍ଷା ରଖି ନଥାଏ । ତାହାକୁ ସତେଅବା ସବୁକିଛି ଜଣାଅଛି ବୋଲି ଭାବୁଥାଏ । ଏବଂ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ଭାବିବାର ପ୍ରଣାଳୀଟିକୁ ପ୍ରକୃତରେ ସର୍ବଶ୍ରେଷ୍ଠ ପ୍ରଣାଳୀ ବୋଲି ବିଶ୍ୱାସ କରୁଥାନ୍ତି । ସେମାନେ କଦାପି ଏକଥା ବୁଝି ପାରନ୍ତି ନାହିଁ ଯେ ସେହି ଗୋଟିଏ ବିଷୟରେ ମଧ୍ୟ ସର୍ବଦା ଭାବିବାର ଏକାଧିକ ପ୍ରଣାଳୀ ସମ୍ଭବ ହୋଇ ପାରିବ । ଏବଂ, ସେମାନଙ୍କର ଭାବନା ଯେତିକି ଅଧିକ ପରିମାଣରେ ଦୃଢ଼ ଏବଂ ନିର୍ଦ୍ଦୋଷ ହେବାରେ ଲାଗିଥାଏ, ସେମାନେ ସେତିକି ପରିମାଣରେ ଅଧିକ

'oaob.nitrkl.ac.in' images reprocessed

ନିଃସନ୍ଦେହ ହୋଇ ରହି ଯାଉଥାନ୍ତି ଯେ ଭାବିବାର କେବଳ ଗୋଟିଏ ପ୍ରଣାଳୀହିଁ ରହିଛି । ସେହି କାରଣରୁହିଁ ମୁଁ ଏଠାରେ କହୁଛି ଯେ ଏପରି କେତେକ ଅଭ୍ୟାସ ରହିଛି, ଯାହା ଦ୍ୱାରା କି ତୁମର ଭାବନା ଅଧିକ ପ୍ରଶସ୍ତତା ଲାଭ କରିପାରିବ ଏବଂ ଯେକୌଣସି ବସ୍ତୁକୁ ଯୁଗପତ୍ ଭାବରେ ଏକାଧିକ ଦୃଷ୍ଟିରୁ ଅବଲୋକନ କରିବାର ଅଭ୍ୟାସଟିକୁ ଆଣି ଦେଇଯାଇ ପାରିବ ।

"ଏହା ଅତ୍ୟାବଶ୍ୟକ ଯେ ଆମେ ପ୍ରତ୍ୟେକ କଥାକୁ ଯଥାସମ୍ଭବ ଅଧିକ ଦୃଷ୍ଟିକୋଣରୁ ବିଚାର କରି ଶିଖିବା । ଏହି ସମ୍ବନ୍ଧରେ ଏପରି ଏକ ଅଭ୍ୟାସ ରହିଛି, ଯାହାକି ଆମର ଭାବନାକୁ ଅନେକ ନମନୀୟତା ଓ ଅନେକ ଉତ୍ତୋଳନ ଆଣି ଦେଇଯାଇ ପାରିବ । ସେହି ଅଭ୍ୟାସଟି ହେଉଛି : ପ୍ରଥମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏକ ବିଷୟର ପ୍ରତିଷ୍ଠା କରାଯିବ; ଏବଂ ତାହାର ବିପକ୍ଷରେ ଏକ ବିରୁଦ୍ଧ-ସତ୍ୟକୁ ମଧ୍ୟ ଠିଆ କରି ରଖାଯିବ, ସେଇଟିକୁ ମଧ୍ୟ ଠିକ୍ ସେହିପରି ନିର୍ଭୁଲ ଭାବରେ ତିଆରି କରାଯାଇଥିବ । ଏବଂ ତା'ପରେ, ସାବଧାନତାର ସହିତ ବିଚାର କରି, ସମସ୍ୟାଟିକୁ କ୍ରମଶଃ ପ୍ରଶସ୍ତ କରି ନିଆହେବ ଅର୍ଥାତ୍ ତାହାର ପ୍ରତିଷ୍ଠିତ ସୀମାଟି ଭିତରୁ ତାକୁ ଉଠାଇଁ ନିଆଯିବ । ଏହିପରି ଭାବରେ ଶେଷରେ ଆମେ ଏପରି ଏକ ସମନ୍ୱୟରେ ଯାଇ ପହଞ୍ଚି ପାରିବା, ଯାହାକି ଦୁଇଟିଯାକ ବିରୋଧୀ ଯୁକ୍ତିକୁ ଏକ ବୃହତ୍ତର, ଉଚ୍ଚତର ଏବଂ ଅଧିକ ବ୍ୟାପକ ଧାରଣା-ପରିସର ମଧ୍ୟରେ ସଂଯୁକ୍ତ କରିଦେଇ ପାରିବ ।"

ତତ୍ରୈବ

ମୋତେ ଗୋଟିଏ ବିଷୟର ଉଦାହରଣ ଦିଅ ।

ଜଣେ କହିଲେ : ପ୍ରଥମ ସତ୍ୟଟି ହେଲା, ଆମେ ପ୍ରତ୍ୟେକେ ଏହି ପୃଥିବୀରେ ଆପଣାର ବିପତ୍ତିକୁ ସ୍ୱୟଂ ବହନ କରି ବାଟ ଚାଲୁଥାଉ । ଏହାର ବିରୋଧ କରୁଥିବା ଦ୍ୱିତୀୟ ସତ୍ୟଟି ହେଲା :

'oaob.nitrkl.ac.in' images reprocessed

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ମାନବସୁଲଭ ଯାବତୀୟ ଦୁଃଖରୁ ଅନେକ ଊର୍ଦ୍ଧ୍ୱରେ ରହିଥାନ୍ତି ।

ଏ ଦୁଇଟିର ସମନ୍ୱୟ ?

ଆଉଜଣେ କହିଲେ : ପ୍ରତ୍ୟେକ ମନୁଷ୍ୟର ସତ୍ତା ମଧ୍ୟରେ ଏପରି ଏକ ଅଂଶ ରହିଛି ଯାହାକି ଯାବତୀୟ ଦୁଃଖଭୋଗର ଊର୍ଦ୍ଧ୍ୱରେ ରହିଥାଏ ।
ତୃତୀୟ ଜଣେ କହିଲେ : ଏହି ପୃଥିବୀରେ ବିଭିନ୍ନ ବର୍ଗର ମନୁଷ୍ୟ ରହିଛନ୍ତି ।
ଚତୁର୍ଥ ଆଉଜଣେ : ଦୁଃଖଭୋଗର ସୀମାକୁ ଅତିକ୍ରମ କରି ଚାଲିଯିବାକୁହିଁ ବିପଦକୁ ବରଣ କରିବାକୁ ପଡ଼ିଥାଏ ।

ତାହା ଆଦୌ ଏକ ସମନ୍ୱୟ ହେଲା ନାହିଁ ।

ପ୍ରଥମ ବ୍ୟକ୍ତି ପୁଣି କହିଲେ : ମୋର ପ୍ରଥମ ବାକ୍ୟରେ ମୁଁ ସାଧାରଣ ମଣିଷଙ୍କ କଥା କହିଥିଲି ଏବଂ ଦ୍ୱିତୀୟଟିରେ ଅସାଧାରଣ ମନୁଷ୍ୟମାନଙ୍କର କଥା କହୁଛି ।

ହଁ, ମାତ୍ର ତେବେ ତୁମେ କ'ଣ ବିଶ୍ୱାସ କରୁଛ ଯେ ଅସାଧାରଣ ମଣିଷଙ୍କୁ ଆଦୌ କୌଣସି ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼େ ନାହିଁ ? ଏପରିକି ଉଚ୍ଚତର ସତ୍ତାମାନଙ୍କୁ ମଧ୍ୟ ବିପତ୍ତିର ଭାର ବହନ କରିବାକୁ ପଡ଼ିଥାଏ ।

ତେଣୁ ଏଠାରେ ଚେତନାଗତ ପାର୍ଥକ୍ୟରହିଁ ପ୍ରଶ୍ନ ଉଠୁଛି । କେତେକଙ୍କ ମଧ୍ୟରେ ଚେତନାର ବାହ୍ୟ ସ୍ଥିତିଗୁଡ଼ିକହିଁ ସବୁଠାରୁ ଅଧିକ ପରିମାଣରେ ବିକଶିତ ହୋଇଥାଏ । ଏବଂ, ଅନ୍ୟ ପକ୍ଷରେ ଅନ୍ୟମାନେ ଏପରି ଅଛନ୍ତି, ଯେଉଁମାନେ କି ଭାରି ଯତ୍ନ ସହକାରେ ସେମାନଙ୍କର ଉଚ୍ଚତର ଚେତନାଟିର ବିକାଶସାଧନ କରିଥାନ୍ତି । ତେଣୁ, ଆମେ ଯେତେବେଳେ "ପ୍ରତ୍ୟେକ ମନୁଷ୍ୟ ତା'ର ବିପତ୍ତିଗୁଡ଼ିକୁ ସ୍ୱୟଂ ବହନ କରେ" ବୋଲି କହୁଛୁ; ସେତେବେଳେ ତାହା ବାହ୍ୟ ଚେତନାର କ୍ଷେତ୍ରରେହିଁ ସତ ବୋଲି ଆମର ଜାଣିବା ଉଚିତ (ବାହ୍ୟ ଭୌତିକ ଜଗତରେ

'oaob.nitrkl.ac.in' images reprocessed

ଯେଉଁସବୁ ଘଟଣା ଘଟେ, ଯେଉଁସବୁ ଘଟଣା ପ୍ରାଣିକ ସତ୍ତା, ସଂବେଗାତ୍ମକ ସତ୍ତା ଏବଂ ମାନସିକ ସତ୍ତାର ପରସ୍ତରଗୁଡ଼ିକୁ ଆସି ସ୍ପର୍ଶ କରୁଥାଏ); ଏହିଭଳି ଲୋକମାନଙ୍କ ଲାଗି ସର୍ବଦା ଅନେକ ସଂଖ୍ୟାରେ ବିପତ୍ତିମାନ ଅପେକ୍ଷା କରି ରହିଥାନ୍ତି; ଏହାର ଆଉରି ଏକ ଅଧିକ ନିଶ୍ଚିତ କାରଣ ହେଉଛି ଯେ ଯେଉଁ ବ୍ୟକ୍ତି ଭିତରେ ଯେଉଁ ପରିମାଣର ସାମର୍ଥ୍ୟ ରହିଛି, ବିପତ୍ତିଗୁଡ଼ିକ ଠିକ୍ ସେହି ଅନୁପାତରେ ଆସି ପଡ଼ିବା ପରି ମନେ ହୋଇଥାନ୍ତି; ଜଣେ ବ୍ୟକ୍ତି ଭିତରେ ସେଗୁଡ଼ିକୁ ସହ୍ୟ କରିବା ଲାଗି ଯେତିକି ଶକ୍ତି ରହିଥାଏ, ବିପତ୍ତିମାନ ସତେଅବା ସେହି ଅନୁସାରେ ବିତରିତ ହୋଇ ଆସିବା ପରି ମନେ ହୋଇଥାଏ। ହୁଏତ ଏହି କଥାଟି ମଧ୍ୟ ଠିକ୍ ହୋଇପାରେ ଯେ ଯେଉଁମାନଙ୍କର ବିପତ୍ତି ସହିବା ଲାଗି ଅଧିକ ଶକ୍ତି ରହିଥାଏ, ସେହିମାନଙ୍କୁହିଁ ଅତ୍ୟଧିକ ପରିମାଣରେ ଦୁଃଖ ଏବଂ ଦୁର୍ଭାଗ୍ୟର ସମ୍ମୁଖୀନ ହେବାକୁ ପଡ଼ିଥାଏ।

ମାତ୍ର, ଏପରି ଲୋକ ଅଛନ୍ତି, ଯେଉଁମାନେ କି ସକଳପ୍ରକାର ଦୁର୍ଭାଗ୍ୟର ଊର୍ଦ୍ଧ୍ୱରେ ରହିଥାନ୍ତି, ମାତ୍ର ତଥାପି ଯେଉଁମାନଙ୍କ ଲାଗି ନାନା ଦୁର୍ଭାଗ୍ୟ ବିଦ୍ୟମାନ ରହିଥାଏ। ଏପରି କାହିଁକି ହୁଏ? କାରଣ, ଅନ୍ୟ ଚେତନାଟିର ତୁଳନାରେ ସେମାନଙ୍କ ଭିତରେ ଅନ୍ତର୍ଗତ ଚେତନାଟିର ଅଧିକ ବିକାଶ ହୋଇଥାଏ (ମୁଁ ଏଠାରେ "ରୂପାନ୍ତର ଲାଭ କରିଥିବା" ସତ୍ତାମାନଙ୍କ ବିଷୟରେ ଏକଥା କହୁ ନାହିଁ, କାରଣ ସେମାନଙ୍କ କ୍ଷେତ୍ରରେ ଆମେ ଏପରି ଏକ ସ୍ଥିତିର ଅନୁମାନ କରି ପାରିବା, ଯେଉଁଥିରେ କି ସେମାନଙ୍କର ଦୈହିକ ସତ୍ତାଟି ମଧ୍ୟ ଦୁଃଖଭୋଗର ଊର୍ଦ୍ଧ୍ୱରେ ରହିଥିବ; ମନୁଷ୍ୟମାନେ ବର୍ତ୍ତମାନ ଯେଉଁପରି ସ୍ଥିତିରେ ଅଛନ୍ତି, ଆମେ ଏଠାରେ କେବଳ ତାହାରି ଆଲୋଚନା କରୁଛୁ)। ଯଦି ତୁମର ଚେତନା ଏପରି ଏକ ସ୍ଥିତିରେ ଅବସ୍ଥାନ କରୁଥାଏ, ଯେଉଁଠାରେ କି ଏହି ବାହ୍ୟ ବିଷୟଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ନାହିଁ, ତେବେଯାଇ ହୁଏତ ଏପରି କୁହାଯାଇ ପାରିବ ଯେ ତୁମେ ପ୍ରକୃତରେ ତୁମର ବିପତ୍ତିକୁ ସ୍ୱୟଂ କଦାପି ବହନ କରୁ ନାହଁ, କାରଣ ତୁମେ ତାହାର ଊର୍ଦ୍ଧ୍ୱରେହିଁ ରହିଛ। ଏହି କ୍ଷେତ୍ରରେ ତଥାପି ବ୍ୟତିକ୍ରମମାନ ରହିଛି, ଏପରି ମଣିଷ ଅଛନ୍ତି, ଯେଉଁମାନେ କି ଯାବତୀୟ ଦୁଃଖଭୋଗର ଊର୍ଦ୍ଧ୍ୱରେ ଅଛନ୍ତି, ମାତ୍ର ତଥାପି ଆପଣାର ବିପତ୍ତିଗୁଡ଼ିକୁ ସ୍ୱୟଂ ବହନ କରିବାରେ ଲାଗିଛନ୍ତି। ବାହାରକୁ ଏପରି ପରସ୍ପର ବିରୋଧୀ ପରି ଦେଖା ଯାଉଥିବା ଏହି ଦୁଇଟି ବିଷୟ ମଧ୍ୟରେ ଆମେ ଏକ ସମାଧାନ କିପରି ସମ୍ଭବ କରି ପାରିବା?

## ଦୁର୍ଭାଗ୍ୟଗୁଡ଼ିକରେ ବି ଅନେକ ପ୍ରକାର ରହିଛି।

ନା,—ସେପରି ନୁହେଁ; ମନୁଷ୍ୟର ଯାବତୀୟ ଦୁଃଖ ଏବଂ ଦୁର୍ଭାଗ୍ୟର ପ୍ରକୃତି ସର୍ବଦା ସେହି ଗୋଟିଏ ହୋଇ ରହିଥାଏ। ଏପରି ଅନେକ ଦୁଃଖଭୋଗ ଥାଏ,

'oaob.nitrkl.ac.in' images reprocessed

ଯାହାକି ତୁମ ନିଜ କାରଣରୁ ଆସିଥାଏ, ପରିସ୍ଥିତିଗୁଡ଼ିକର କାରଣରୁ ଆସିଥାଏ ଅଥବା ବସ୍ତୁଗୁଡ଼ିକର ସାଧାରଣ ସ୍ଥିତିରୁ ମଧ୍ୟ ଉତ୍ପନ୍ନ ହୋଇଥାଏ । ଅର୍ଥାତ୍, ଜନ୍ମରୁହିଁ ତୁମେ ସେହିସବୁ ଦୁଃଖଭୋଗର ଅଧୀନ ହୋଇ ରହିଥାଅ ଏବଂ ସେଗୁଡ଼ିକୁ ଏଡ଼ି ପାରିବା ଲାଗି ଆଉ କାହାର କୌଣସି ବାଟ ନଥାଏ । ସେଗୁଡ଼ିକର ଉତ୍କଟତା ସବୁବେଳେ କଦାପି ସମାନ ରହେ ନାହିଁ ସତ, ମାତ୍ର ସେଗୁଡ଼ିକ ତଥାପି ଉପସ୍ଥିତ ରହିଥାନ୍ତି । ଏହି କାରଣରୁହିଁ ଏହି କ୍ଷେତ୍ରରେ ଏକ ପରସ୍ପରବିରୋଧିତା ରହିଥିବା ପରି ମନେହୁଏ ସତ, ମାତ୍ର ପ୍ରକୃତରେ କୌଣସି ପରସ୍ପରବିରୋଧିତା ନଥାଏ । କାରଣ ଏପରି କେତେକ ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କ ଲାଗି ଏଇଟିର ସତେଅବା କୌଣସି ଅସ୍ତିତ୍ୱହିଁ ନଥାଏ, ଏଇଟି ରହିଥିବା ସମୟରେ ମଧ୍ୟ ସତେଅବା ଆଦୌ କୌଣସି ଅସ୍ତିତ୍ୱ ନଥିବା ପରି ଲାଗୁଥାଏ । ପରସ୍ପରବିରୋଧିତା ରହିଥିଲାବେଳେ ମଧ୍ୟ ସତେଅବା ଏହା ଯେପରି ଆଦୌ ନଥିଲା, ସେହିପରି ମନେ ହେଉଥାଏ । ପ୍ରକୃତ କଥା ହେଉଛି, ଏଇଟି ସମ୍ପୂର୍ଣ୍ଣ ଭାବରେ ସତ୍ୟ ନୁହେଁ ବା ସେଇଟି ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସତ୍ୟ ନୁହେଁ; ଏଇଟି ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ନୁହେଁ କିଂବା ସେଇଟି ବି ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ନୁହେଁ ।

ମନୁଷ୍ୟ-ଚେତନାର କ୍ଷେତ୍ରରେ ଏପରି ଏକ ସ୍ଥିତି ରହିଛି (ଏହାକୁ ତଥାପି ଅତିମାନସୀୟ ବୋଲି କୁହାଯିବ ନାହିଁ, ଏହା ଯଥାର୍ଥରେ ଏହି ମନୁଷ୍ୟ ସ୍ତରର), ଯେଉଁଥିରେ କି ଦୁଇଟିଯାକ ସ୍ଥିତିର ଏକ ସହାବସ୍ଥାନ ହୁଏତ ସମ୍ଭବ ବି ହୋଇପାରେ । ଜଣକ ଜୀବନରେ ଦୁଃଖଭୋଗ ଆଇପାରେ, ମାତ୍ର ସିଏ ହୁଏତ ତାକୁ ଅନୁଭବ କରି ନପାରେ, ସେଗୁଡ଼ାକ ସତେଯେପରି ମୋଟେ ନାହାନ୍ତି, ସେ ସେହିପରି ଜୀବନ ଅତିବାହିତ କରିପାରେ । ଅର୍ଥାତ୍, ଏକ ଦୁର୍ଭାଗ୍ୟ ବା "ବିପତ୍ତି" ଆସିଲେ ମଧ୍ୟ ତାହା ତାହାର କେବଳ ବାହ୍ୟ ଚେତନାଟିକୁ, ତା'ର ଦୈହିକ, ମାନସିକ ଓ ପ୍ରାଣିକ ଚେତନାକୁହିଁ ହୁଏତ ସ୍ପର୍ଶ କରିପାରେ, ମାତ୍ର ଚୈତ୍ୟ ସ୍ତରଟି ଯାବତୀୟ ଦୁଃଖଭୋଗର ଊର୍ଦ୍ଧ୍ୱରେ ରହିଥାଏ । ଚୈତ୍ୟ ସତ୍ତାଟି ସକଳ ଦୁଃଖଭୋଗର ପ୍ରକୃତରେ ଊର୍ଦ୍ଧ୍ୱରେ ରହିଥାଏ । ବର୍ତ୍ତମାନ ଦେହ ଖରାପ ହେବା ପରି ଏକ ଅତ୍ୟନ୍ତ ସରଳ ଉଦାହରଣ ନେଇ ଦେଖିବା । ଦେହରେ କୌଣସି ଅସୁସ୍ଥତା ଜାତ ହେଲେ ଦୁଃଖ ଭୋଗିବାକୁ ହୋଇଥାଏ, ଅନେକ ସମୟରେ ତୀବ୍ର ଯନ୍ତ୍ରଣା ଭୋଗ କରିବାକୁ ପଡ଼େ; ମାତ୍ର ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଏପରି ଏକ ଚେତନା ମଧ୍ୟରେ ରହିଥାନ୍ତି ଯେ ସେମାନଙ୍କ ଲାଗି ସେହି ଦୈହିକ କଷ୍ଟଭୋଗର ପ୍ରକୃତରେ କୌଣସି ଅସ୍ତିତ୍ୱ ନଥାଏ, ସେମାନଙ୍କ ଲାଗି ତାହା ଆଦୌ ବାସ୍ତବ ବୋଲି ଅନୁଭୂତ ହୁଏ ନାହିଁ । ବିରହ ବା ବିଚ୍ଛେଦର କ୍ଷେତ୍ରରେ ମଧ୍ୟ ସେହିପରି ଘଟିଥାଏ; ଯଦି ତୁମେ ଜଣକୁ ଭଲ ପାଉଥାଅ ଓ ତା'ଠାରୁ ବିଚ୍ଛିନ୍ନ ହୋଇପଡ଼, ତେବେ ତୁମକୁ ଦୁଃଖ

'oaob.nitrkl.ac.in' images reprocessed

ଭୋଗ କରିବାକୁ ପଡ଼େ । ଏହି ଦୁଃଖଭୋଗଟିକୁ ଏକ ଅତି ସାଧାରଣ ଦୁଃଖଭୋଗ ବୋଲି କୁହାଯାଇପାରେ, ଏଥିରେ ଅନେକ ବନ୍ଧନ ଏକାବେଳେକେ ତୁଟିଗଲା ପରି ଲାଗେ;—ମାତ୍ର, ଚେତନାର ଏକ ବିଶେଷ ସ୍ଥିତିରେ ଦୁଇଟି ସତ୍ତା ମଧ୍ୟରେ ରହିଥିବା ପ୍ରକୃତ ସଂଯୋଗଟି କଦାପି ଛିଣ୍ଡିଯାଇ ପାରେ ନାହିଁ; କାରଣ ସେହି ସଂଯୋଗ ଓ ବନ୍ଧନ ଆଦୌ ଏପରି କୌଣସି ସ୍ତରର ନଥାଏ, ଯେଉଁଠି କି କୌଣସି କଥା ପ୍ରକୃତରେ ତୁଟିଯାଇ ପାରିବ । ତେଣୁ ଯାହାକିଛି ଘଟିଲେ ଘଟୁ ପଛକେ, ଜଣେ ତାହାର ଊର୍ଦ୍ଧ୍ୱରେ ରହିଥାଏ ।

ମାତ୍ର ଏକ ଉଚ୍ଚତର ଚେତନାବସ୍ଥାକୁ ଆସିବା ପୂର୍ବରୁ ଆଉଗୋଟିଏ ଅବସ୍ଥା ରହିଥାଏ, ଯେଉଁଠାରେ କି ଜଣେ ଆପଣା ଭିତରେ ବିବେକଶକ୍ତିର ବିକାଶ କରାଇ ଆଣିପାରେ; ଏକ ନିର୍ମଳ, ନିର୍ଭୁଲ ଓ ନ୍ୟାୟବୁଦ୍ଧିସମ୍ମତ ବିବେକର ବିକାଶ କରାଇ ଆଣିପାରେ, ଯାହାକି ବସ୍ତୁଗୁଡ଼ିକୁ ଅବଲୋକନ କରିବାର କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ନିରପେକ୍ଷ ଓ ଅଲିପ୍ତ ହୋଇ ରହିଥାଏ । ଏବଂ ଜଣେ ବ୍ୟକ୍ତି ଭିତରେ ଏହି ବିବେକଶକ୍ତିର ସମୁଚିତ ବିକାଶ ସମ୍ଭବ ହୋଇଯିବା ପରେ ସେ ନିଜର ସକଳ ଆବେଗ, ଅନୁଭବ, ବାସନା ଓ ସକଳ ବିକ୍ଷୁବ୍ଧତାକୁ ଏହି ବିବେକର ସମ୍ମୁଖରେ ଆଣି ଅବସ୍ଥାପିତ କରିପାରେ ଓ ତାହାରି ଦ୍ୱାରା ବିବେକର ସହିତ ଆଚରଣ କରିବାକୁ ବି ସମର୍ଥ ହୋଇପାରେ । କୌଣସି ଅଡୁଆ ଭିତରେ ପଡ଼ିଥିଲା ବେଳେ ଅଧିକାଂଶ ଲୋକ ଭାରି ଅବିବେକୀ ପରି ଆଚରଣ କରିଥାନ୍ତି । ଉଦାହରଣସ୍ୱରୂପ, ଯେତେବେଳେ ସେମାନେ କୌଣସି ପ୍ରକାରେ ଅସୁସ୍ଥ ହୋଇ ପଡ଼ନ୍ତି, ସେମାନେ "ହେ ଭଗବାନ, ମୁଁ ପ୍ରକୃତରେ କେତେ ଅସୁସ୍ଥ ହୋଇ ପଡ଼ିଲି, ଏଇଟା କେଡ଼େ ଭୟଙ୍କର କଥା ହୋଇଗଲା,—ଏହିପରି ଅସୁସ୍ଥତା ସହିତେ କ'ଣ ସବୁଦିନ ପାଇଁ ଲାଗି ରହିବ କି ?" ବୋଲି ଅନୁକ୍ଷଣ ଗୁଣି ହେଉଥାନ୍ତି । ଏବଂ ତାହା ଫଳରେ ସେହି ଅସୁସ୍ଥତା ସ୍ୱଭାବତଃ ଅଧିକରୁ ଅଧିକ ଖରାପ ହେବାରେ ଲାଗିଥାଏ । ବା, ଯେତେବେଳେ କୌଣସି ଦୁର୍ଭାଗ୍ୟ ମଧ୍ୟଦେଇ ସେମାନଙ୍କୁ ଗତି କରିବାକୁ ପଡ଼େ, ସେମାନେ ବିକଳ ହୋଇ କହିବାକୁ ଲାଗନ୍ତି, "ଖାଲି ମୋର ଭାଗ୍ୟକୁ ଯିନା ଏହିସବୁ ମନ୍ଦ ଭୋଗ ରହିଛି । ମାତ୍ର ସବୁ କଥା ଭାରି ଭଲ ଭାବରେ ଚାଲିଛି ବୋଲି ମୁଁ ଆଗରୁ କେତେ ଭାବି ପକାଉ ନଥିଲି !" ଏହିପରି ବିହ୍ୱଳ ହୋଇ ସେମାନେ ରୋଦନ କରିବାକୁ ଲାଗନ୍ତି, କେତେ ପ୍ରକାରେ କାତର ହୋଇପଡ଼ନ୍ତି । ମାତ୍ର, ଏଠାରେ ମୁଁ ଅତିମାନବମାନଙ୍କର କଥା ଆଦୌ କହୁ ନାହିଁ, ଏହି ମନୁଷ୍ୟ ଭିତରେ ବି ବିବେକ ବୋଲି ଏକ ଉଚ୍ଚତର ସାମର୍ଥ୍ୟ ରହିଛି, ଯାହାକି ବଡ଼ ଶାନ୍ତ, ସ୍ଥିର ଏବଂ ବିବେକପୂର୍ଣ୍ଣ ଭାବରେ ଯାବତୀୟ ଘଟଣା ଉପରେ ଦୃଷ୍ଟିପାତ କରିବାକୁ ସମର୍ଥ ହୋଇଥାଏ । ଏବଂ ଏହି ବିବେକ ତୁମକୁ ଆସି କହେ, "ବ୍ୟସ୍ତ ହୋଇ ପଡ଼ିବା ଉଚିତ ନୁହେଁ, ତଦ୍ୱାରା କିଛି ଭଲ ହୋଇ ଯିବ

'oaob.nitrkl.ac.in' images reprocessed

ନାହିଁ । ଏପରି କାତର ହୋଇ ପଡ଼ିବା ମୋଟେ ଉଚିତ ନୁହେଁ, ଘଟଣାଟି ଯେତେବେଳେ ଘଟିଯାଇଛି, ସେତେବେଳେ ତାହାକୁ ସ୍ୱୀକାର କରିନେବାକୁହିଁ ପଡ଼ିବ ।" ଏହାପରେ ତୁମେ ସଙ୍ଗେ ସଙ୍ଗେ ସ୍ଥିର ହୋଇଯାଅ । ଏହାକୁ ମନର କ୍ଷେତ୍ରରେ ଏକ ଅତ୍ୟନ୍ତ ଉପାଦେୟ ତାଲିମ ବୋଲି କୁହାଯିବ, ଏହାଦ୍ୱାରା ବିଚାରଶକ୍ତିର ବିକାଶ ହୁଏ, ଦୃଷ୍ଟି ଅଧିକ ପ୍ରସାରିତ ହୁଏ, ଯେକୌଣସି ବିଷୟକୁ ଅକାତର ହୋଇ ଦେଖିହୁଏ ଏବଂ ତହିଁ ସଙ୍ଗେ ସଙ୍ଗେ ତୁମର ଚରିତ୍ର ଉପରେ ମଧ୍ୟ ଏହାର ଏକ ସୁସ୍ଥ କ୍ରିୟାଶୀଳତା ସମ୍ଭବ ହୋଇଥାଏ । ନିଜର ବିପଦଟାକୁ କେନ୍ଦ୍ର କରି ଅସ୍ଥିର ବିକଳ ହୋଇ ପଡ଼ିବାର ହାସ୍ୟାସ୍ପଦତାରୁ ରକ୍ଷା ପାଇବାରେ ତାହା ତୁମକୁ ସାହାଯ୍ୟ କରେ ଏବଂ ତୁମକୁ ଏକ ବିବେକୀ ବ୍ୟକ୍ତି ପରି ଆଚରଣ ଦେଖାଇବା ଲାଗି ଅବସର ଆଣିଦିଏ ।

ଆଉଗୋଟିଏ କଥା ରହିଛି, ଯାହାକି ମନ ଲାଗି ପ୍ରକୃତରେ ଖୁବ୍ କଷ୍ଟକର ହୋଇ ରହିଥାଏ, ମାତ୍ର ଯାହାକୁ କି ମୁଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲିହିଁ କହିବି : ସେହି କଥାଟି ହେଉଛି ଯେ କୌଣସି ବିଷୟ ଉପରେ ଅଥବା ଲୋକମାନଙ୍କ ବିଷୟରେ ବିଚାର କରି ବସିବାକୁ ତୁମେ ନିଜର ମନକୁ ଆଦୌ ପ୍ରଶ୍ରୟ ଦେବ ନାହିଁ । "ଏଇଟା ଭଲ, ସେଇଟା ଖରାପ, ଏଇଟା ଠିକ୍, ସେଇଟା ଭୁଲ, ଏଇଟାରେ ଏହି ଦୋଷଟି ରହିଛି ଓ ସେଇଟାରେ ସେହି ଖରାପ କଥାଟି ରହିଛି,"—ଏପରି କହିବାକୁ ପ୍ରକୃତରେ ଏକ ନିନ୍ଦାତ୍ମକ ବିଚାରଣା ବୋଲି କହିବାକୁ ହେବ ।

ଯେଉଁ ବ୍ୟକ୍ତିମାନେ ଆପଣାର ବୁଦ୍ଧିଶକ୍ତିକୁ କାମରେ ଲଗାଇ ଥାଆନ୍ତି, ବୁଦ୍ଧିର ଉନ୍ନତି ଘଟିବା ସଙ୍ଗେ ସଙ୍ଗେ ସେମାନେ ଏହି କଥାଟି ବିଷୟରେ ମଧ୍ୟ ଅଧିକ ସଜ୍ଞାନ ହେବାରେ ଲାଗିଥାନ୍ତି ଯେ ସେମାନେ ପ୍ରକୃତରେ କିଛିହେଲେ ଜାଣନ୍ତି ନାହିଁ ଏବଂ ମନ ଦେଇ ମଣିଷ ପ୍ରକୃତରେ କିଛି ଜାଣି ପାରିବ ନାହିଁ । ଜଣେ ଇଚ୍ଛା କଲେ ହୁଏତ ଏକ ନିର୍ଦ୍ଦିଷ୍ଟ ଧାରାରେ ଚିନ୍ତା କରିପାରିବ, ବିଚାର କରିପାରିବ ବା ଏକ ନିର୍ଦ୍ଦିଷ୍ଟ ପ୍ରକାରେ ଅବଲୋକନ କରି ବି ପାରିବ । ମାତ୍ର ସେ କଦାପି କୌଣସି ବିଷୟରେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ପାରିବ ନାହିଁ । ହଁ, "ଏଇଟା ବୋଧହୁଏ ଏହିପରି ବା ସେହିପରି ହୋଇଥିବ" ବୋଲି ଜଣେ ହୁଏତ କହିପାରିବ,—ଏହି ଧରଣର ସେ ହୁଏତ କେତେ କଥା କହିପାରିବ; କାରଣ ମନକୁ ଆମେ ଜ୍ଞାନର ଏକ ସାଧନ ବୋଲି କଦାପି କହି ପାରିବା ନାହିଁ ।

ଭାବନାଗୁଡ଼ିକ ଉପରେ ଶୁଦ୍ଧ ଧାରଣାଗୁଡ଼ିକର କ୍ଷେତ୍ର; ଆମର ଭାବନାଗୁଡ଼ିକ ଏହି ଶୁଦ୍ଧ ଧାରଣାଗୁଡ଼ିକୁ ପ୍ରକାଶ କରିବାର କାର୍ଯ୍ୟରେ ଲାଗିଥାନ୍ତି । ଏବଂ ଯଥାର୍ଥ ଜ୍ଞାନ ସେହି ଶୁଦ୍ଧ ଧାରଣାଗୁଡ଼ିକର ରାଜ୍ୟଠାରୁ ବେଶ୍ ଅନେକ ଊର୍ଦ୍ଧ୍ୱରେ ରହିଥାଏ; ଧାରଣାଗୁଡ଼ିକ ଯେପରି ଭାବନାର ବେଶ୍ ଅନେକ ଊର୍ଦ୍ଧ୍ୱରେ ରହିଥାନ୍ତି, ସେହିପରି ।

'oaob.nitrkl.ac.in' images reprocessed

ତେଣୁ, ଆମକୁ ଭାବନାର ସ୍ତରରୁ ଶୁଦ୍ଧ ଧାରଣାର ସ୍ତରକୁ ଆରୋହଣ କରିଯିବାର ବାଟଟିକୁ ଶିଖିବାକୁ ପଡ଼ିବ, ଏବଂ ଶୁଦ୍ଧ ଧାରଣାକୁ ପ୍ରକୃତରେ ଯଥାର୍ଥ ଜ୍ଞାନର ଏକ ଅନୁଲେଖନ ବ୍ୟତୀତ ଆଉ କିଛିହେଲେ ବୁଝି ହେବ ନାହିଁ । ଏବଂ, କେବଳ ସମ୍ପୂର୍ଣ୍ଣ ଏକାତ୍ମକତା ଦ୍ୱାରାହିଁ ଅସଲ ଯଥାର୍ଥ ଜ୍ଞାନ ସମ୍ଭବ ହେବ । ତେଣୁ, ତୁମେ ଯେତେବେଳେ ଆପଣାକୁ ତୁମର ଏହି ସାନ ମନୁଷ୍ୟମନଟିର ସ୍ତରରେ ନେଇ ଅବସ୍ଥାପିତ କରି ରଖିଥାଅ, ଦୈହିକ ଚେତନାର ଯେଉଁ ମନଟି ଅନୁକ୍ଷଣ କ୍ରିୟାଶୀଳ ହୋଇ ରହିଛି, ଯେଉଁ ମନ ଆପଣାର ଏକ ହାସ୍ୟକର ଉଗ୍ରମନ୍ୟତାର ଉଚ୍ଚସ୍ଥାନରେ ରହି ସବୁକିଛିକୁ ଦେଖୁଛି ଓ ସବୁକିଛିର ବିଚାର କରୁଛି, "ସେଇଟା ଭାରି ଖରାପ, ସେପରି ହେବା ଆଦୌ ଉଚିତ ନୁହେଁ" ବୋଲି ଯିଏ କହିବାରେ ଲାଗିଥାଏ, ଯେତେବେଳେ ଆପଣାକୁ ତୁମେ ସେହି ସ୍ତରରେହିଁ ଅବସ୍ଥାପିତ କରି ରଖ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତଦ୍ଦ୍ୱାରା ତୁମେ କେବଳ ଭ୍ରମହିଁ କରିବାରେ ଲାଗିଥିବ । ତେଣୁ ନୀରବ ରହିବାହିଁ ସବୁଠାରୁ ଭଲ କଥା ହେବ,—ତୁମେ ବିଷୟଗୁଡ଼ିକ ଉପରେ ଭଲ ଭାବରେ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବ, ଆପଣା ଭିତରେ ଅଳ୍ପ ଅଳ୍ପ କରି ସବୁକିଛି ଟିପି ରଖିବାରେ ଲାଗିଥିବ, ଏବଂ କୌଣସି ପ୍ରକାର ରାୟ ନଦେଇ ସେଗୁଡ଼ିକର ବିବରଣୀ ରଖୁଥିବ । ଯେତେବେଳେ ତୁମେ ସେହି ସବୁଗୁଡ଼ିକୁ ନିଜ ଭିତରେ ରଖିବାକୁ ସମର୍ଥ ହୋଇଯିବ, କୌଣସି ଗୋଳ ନକରି ଓ କୌଣସି ପ୍ରକାରେ ଉତ୍ତେଜିତ ନହୋଇ ତାହା କରିପାରିବ ଏବଂ, ଅତ୍ୟନ୍ତ ସ୍ଥିର ଭାବରେ ସେଗୁଡ଼ିକୁ ଆଣି ତୁମ ଚେତନାର ସର୍ବୋଚ୍ଚ ଅଂଶଟି ଆଗରେ ଉପସ୍ଥାପିତ କରିପାରିବ ଓ ଏକ ସୁମନୋଯୋଗପୂର୍ଣ୍ଣ ନୀରବତା ରକ୍ଷା କରିବାକୁ ଚେଷ୍ଟା କରି ଅପେକ୍ଷା କରିବ, ତେବେ ସମ୍ଭବତଃ, ଅତ୍ୟନ୍ତ ଧୀରେ ଧୀରେ, ସତେଅବା ଅନେକ ଦୂରରୁ ଏବଂ ଅନେକ ଉଚ୍ଚରୁ ଆସୁଥିବା ଏକ ଆଲୋକ ପରି କୌଣସି ବସ୍ତୁ ପ୍ରକଟ ହୋଇ ଆସିବାକୁ ଆରମ୍ଭ କରିବ, ଏବଂ ତଦ୍ଦ୍ୱାରା ତୁମେ ସତ୍ୟକୁ ଆଉଟିକିଏ ଅଧିକ ଭାବରେ ଜାଣିବାକୁ ସମର୍ଥ ହେବ ।

ମାତ୍ର ଆପଣାର ଭାବନାକୁ ତୁମେ ଯେପର୍ଯ୍ୟନ୍ତ ଉତ୍ତେଜିତ କରି ରଖିବାରେ ଲାଗିଥିବ ଓ ସେଗୁଡ଼ିକୁ କ୍ଷୁଦ୍ର କ୍ଷୁଦ୍ର ନାନା ଖଣ୍ଡରେ ବିଭକ୍ତ କରି ରଖିଥିବ, ସେପର୍ଯ୍ୟନ୍ତ ତୁମେ କିଛିହେଲେ ଜାଣି ପାରିବ ନାହିଁ । ଆବଶ୍ୟକ ହେଲେ ମୁଁ ଏହି କଥାଟିକୁ ତୁମକୁ ଶହେବାର ଦୋହରାଇ କହିବାକୁ ବି ପ୍ରସ୍ତୁତ ଅଛି । ମାତ୍ର ମୁଁ ସକଳ ନିର୍ଭର ଦେଇ ଅବଶ୍ୟ କହିବି ଯେ ଯେପର୍ଯ୍ୟନ୍ତ ତୁମର ଏହି ସତ୍ୟଟି ବିଷୟରେ ହୃଦ୍‌ବୋଧ ହୋଇ ନାହିଁ, ତୁମେ ସେପର୍ଯ୍ୟନ୍ତ ଆପଣାର ଅଜ୍ଞାନ ମଧ୍ୟରୁ କଦାପି ମୁକ୍ତ ହୋଇ ଆସି ପାରିବ ନାହିଁ ।

ଶୁଦ୍ଧ ଧାରଣାର ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ପ୍ରକୃତରେ ରହିଛି କି ?

'oaob.nitrkl.ac.in' images reprocessed

ସେହି କଥାଟିକୁ ଜାଣିବାକୁ ହେଲେ ତୁମକୁ ପରମେଶ୍ୱରଙ୍କ ପାଖକୁ ଯାଇ ତାଙ୍କ ସହିତ ଦେଖା କରିବାକୁ ହେବ ଓ ତାଙ୍କୁ ଏହି ପ୍ରଶ୍ନଟିକୁ ପଚାରିବାକୁ ପଡ଼ିବ !

ସଂଖ୍ୟା ନିର୍ଣ୍ଣୟ କରିବାରେ ମୋର ଆଦୌ କୌଣସି ଆଗ୍ରହ ନାହିଁ !

ବର୍ତ୍ତମାନ ଗୋଟିଏ ଗ୍ରେଟ ଗପ କହିବି । ମୋର ଜଣେ ବନ୍ଧୁ ଥରେ ଭାରତବର୍ଷ ବୁଲି ଆସିଥିଲେ ଓ ତାଙ୍କର ଭ୍ରମଣକାହାଣୀଟିକୁ ବର୍ଣ୍ଣନା କରି କହିବା ଲାଗି ତାଙ୍କୁ ଅନୁରୋଧ କରାଗଲା । ସେହି ବୈଠକରେ ଜଣେ ଅତ୍ୟନ୍ତ ବିଶ୍ୱାସପ୍ରବଣ ବୁଢ଼ୀ ଭଦ୍ରମହିଳା ରହିଥିଲେ ଏବଂ ସିଏ ମୋର ବନ୍ଧୁଙ୍କୁ ପଚାରିଲେ, "ଭାରତବର୍ଷରେ ଆତ୍ମାଗୁଡ଼ିକୁ କେବେ ସୁମାରି ବି କରାଯାଏ ?" ବନ୍ଧୁ ଉତ୍ତର ଦେଲେ, "ହଁ, କରାଯାଏ ।" ବୁଢ଼ୀ ଭଦ୍ରମହିଳା ପଚାରିଲେ, "ତେବେ ସେଗୁଡ଼ିକର ସଂଖ୍ୟା କେତେ ?" ମୋର ବନ୍ଧୁ ଉତ୍ତର ଦେଇ କହିଲେ, "ମୋଟେ ଗୋଟିଏ ।"

## ୨୫ ଜାନୁଆରୀ ୧୯୫୧

"ଆମ ଭିତରେ ଯେଉଁ ପ୍ରାଣିକ ସତ୍ତାଟି ରହିଛି, ସେଇଟି ହେଉଛି ଆମର ଯାବତୀୟ ଆବେଗ ଏବଂ ବାସନାଗୁଡ଼ିକର ସ୍ଥାନ । ଆମ ଉତ୍ସାହର ସ୍ଥାନ, ହିଂସା ଓ ଉଗ୍ରତାର ସ୍ଥାନ, ଗତିଶୀଳ ଶକ୍ତି ଏବଂ ଭୟଙ୍କର ନୈରାଶ୍ୟଗୁଡ଼ିକର ସ୍ଥାନ, ଆମର ଯାବତୀୟ ପ୍ରବଳ ଇଚ୍ଛା ଓ ବିଦ୍ରୋହର ସ୍ଥାନ । ଏହା ସବୁକିଛିକୁ ବେଗବନ୍ତ କରାଇ ଦେଇପାରେ, ସବୁ ଗଢ଼ିପାରେ, ସବୁକିଛିକୁ ବାସ୍ତବରେ ପରିଣତ କରିପାରେ; ତାହା ସବୁକିଛିକୁ ଧ୍ୱଂସ ବି କରି ଦେଇପାରେ, ନଷ୍ଟ କରି ଦେଇପାରେ । ପ୍ରଶିକ୍ଷିତ କରିପାରିବା ଦୃଷ୍ଟିରୁ ଏହାହିଁ ହେଉଛି ବୋଧହୁଏ ମନୁଷ୍ୟ ଭିତରେ ରହିଥିବା ସବୁଠାରୁ ଅଧିକ କଷ୍ଟକର ଅଂଶ । ଏହି ପ୍ରଶିକ୍ଷଣ ଲାଗି ଦୀର୍ଘକାଳ ପରିଶ୍ରମ କରିବାକୁ ପଡ଼େ, ସେଥିଲାଗି ଅନେକ ଧୈର୍ଯ୍ୟ ଦରକାର ପଡ଼େ, ଏବଂ ତାହା ଆମଠାରୁ ଏକ ପରିପୂର୍ଣ୍ଣ ନିଷ୍ଠା ମଧ୍ୟ ଦାବି କରିଥାଏ, କାରଣ, ନିଷ୍ଠାର ଅଭାବ ରହିଥିଲେ, ପ୍ରଥମ ପାଦଟି ପକାଇବାଠାରୁହିଁ କେବଳ ଆପଣାକୁ ପ୍ରବଞ୍ଚିତ କରି ରଖିବାହିଁ

'oaob.nitrkl.ac.in' images reprocessed

ସାର ହୁଏ ଏବଂ ତା’ପରେ ଅଗ୍ରଗତି କରିବାର ଯାବତୀୟ ପ୍ରଚେଷ୍ଟା କେବଳ ବ୍ୟର୍ଥହିଁ ହେବାରେ ଲାଗିଥାଏ ।”

“ଶିକ୍ଷା” ବନ୍ଧୁର “ବଞ୍ଚିବାର ବିଜ୍ଞାନ”

ଏକ ପ୍ରକୃତ ଆବଶ୍ୟକତା ଓ ଏକ ବାସନା ମଧ୍ୟରେ ରହିଥିବା ବିଭାଜକ ସୀମାରେଖାଟି ଯେ କେଉଁଠି, ତାହାର ସନ୍ଧାନ ପାଇବା ପ୍ରକୃତରେ ଖୁବ କଷ୍ଟକର (ଯୋଗର ଆଦର୍ଶ ଆମକୁ ଅବଶ୍ୟ କହିଥାଏ ଯେ ଆମର କେବେହେଲେ ଆଦୌ କୌଣସି ବାସନା ରହିବା ଉଚିତ ନୁହେଁ); ମାତ୍ର ଏହି ଲେଖାଟି ସଦିଚ୍ଛା ରହିଥିବା ଏବଂ ଆପଣାକୁ ଜାଣିବା ଲାଗି ଓ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ଚେଷ୍ଟା କରୁଥିବା ସବୁ ମଣିଷଙ୍କ ପାଇଁ ଲେଖାଯାଇଛି । ଏବଂ ସେହିଠାରେହିଁ ଆମକୁ ଏପରି ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି, ଯାହାକି ଆମକୁ ଏକ ପରିପୂର୍ଣ୍ଣ ନିଷ୍ଠା ରଖିବା ସକାଶେ ବାଧ୍ୟ କରୁଛି, କାରଣ ଖାସ୍ ଏହି ବାସନାର ପଥ ଦେଇହିଁ ପ୍ରାଣିକ ସତ୍ତ୍ୱଟିର ଆମ ଜୀବନ ସହିତ ସର୍ବପ୍ରଥମେ ସାକ୍ଷାତ ଘଟିଥାଏ,—ଏବଂ ତଥାପି, ଆବଶ୍ୟକତାମାନ ବି ଅବଶ୍ୟ ରହିଥାଏ । ମାତ୍ର ଗୋଟିଏ ଜିନିଷ ଲାଗି ଆମର ପ୍ରକୃତରେ ଆବଶ୍ୟକତା ରହିଛି ଓ ଆମେ ତାକୁ କୌଣସି ବାସନା ଦ୍ୱାରା ପ୍ରେରିତ ହୋଇ ଇଚ୍ଛା କରୁ ନାହୁଁ ବୋଲି ଆମେ କିପରି ଜାଣିପାରିବା ?···ସେଥିଲାଗି ଆପଣାକୁ ଅତ୍ୟନ୍ତ, ଅତ୍ୟନ୍ତ ମନୋଯୋଗ ସହକାରେ ନିରୀକ୍ଷଣ କରିବାକୁ ପଡ଼ିବ, ଏବଂ ଯଦି ତୁମ ଭିତରେ ଏପରି କିଛି ବସ୍ତୁ ଥାଏ ଯାହାକି ଏକ କ୍ଷୁଦ୍ର ପ୍ରବଳ ସ୍ପନ୍ଦନ ପରି କିଛି ଉତ୍ପନ୍ନ କରିବାରେ ଲାଗିଥାଏ, ତେବେ ସେହି କ୍ଷେତ୍ରରେ ନିଶ୍ଚୟ ଏକ ବାସନା ନିହିତ ହୋଇ ରହିଛି ବୋଲି ତୁମେ ପ୍ରାୟ ନିଶ୍ଚିତ ଭାବରେ ଧରି ନେଇପାର । ଉଦାହରଣ-ସ୍ୱରୂପ, ତୁମେ ହୁଏତ “ମୋ ଲାଗି ଏହି ଖାଦ୍ୟଟି ଆବଶ୍ୟକ” ବୋଲି କହୁଛ,—ତୁମେ ବିଶ୍ୱାସ କରୁଛ, କଳ୍ପନା କରୁଛ ଓ ଭାବୁଛ ଯେ ଅମୁକ ନା ଅମୁକ ଦ୍ରବ୍ୟଟି ଲାଗି ତୁମର ପ୍ରୟୋଜନ ରହିଛି ଏବଂ ସେହି ଦ୍ରବ୍ୟଟିକୁ ଲାଭ କରିବା ଲାଗି ତୁମେ ଆବଶ୍ୟକ ଉପାୟଗୁଡ଼ିକୁ ଖୋଜି ବାହାର କରିବାରେ ଲାଗିଯାଉଛ । ଏଇଟି ଲାଗି ତୁମର ପ୍ରକୃତରେ ଏକ ପ୍ରୟୋଜନ ରହିଛି ଅଥବା ତୁମେ ଏଥିଲାଗି କେବଳ ଏକ ବାସନା ଦ୍ୱାରାହିଁ ପ୍ରେରିତ ହେବାରେ ଲାଗିଛ, ସେହି କଥାଟିକୁ ଜାଣିବା ଲାଗି ତୁମକୁ ଅତ୍ୟନ୍ତ ସମୀପବର୍ତ୍ତୀ ହୋଇ ଆପଣା ଆଡ଼କୁ ଅନାଇବାକୁ ପଡ଼ିବ ଏବଂ “ଏହି କଥାଟି ନପାଇଲେ ମୋର ପ୍ରକୃତରେ କ’ଣ ହେବ ?” ବୋଲି ଆପଣାକୁ ପଚାରିବାକୁ ହେବ । “ଏହି କଥାଟି ନପାଇଲେ ଭାରି ଖରାପ ହେବ” ବୋଲି ଯଦି ପଚାରିବା ସଙ୍ଗେ ସଙ୍ଗେ ଉତ୍ତର ମିଳିଯାଏ, ତେବେ ତୁମେ ପ୍ରାୟ ନିଶ୍ଚିତରୂପେ ଧରିନେଇ ପାରିବ ଯେ ଏହା

'oaob.nitrkl.ac.in' images reprocessed

ହେଉଛି ଏକ ବାସନାର ବ୍ୟାପାର । ସବୁ କଥାର କ୍ଷେତ୍ରରେ ସେହି ଗୋଟିଏ କଥା । ତେଣୁ ପ୍ରତ୍ୟେକ ସମସ୍ୟାର କ୍ଷେତ୍ରରେ ତୁମେ ଟିକିଏ ପଛକୁ ହଟିଯିବ ଓ ଆପଣା ଆଡ଼କୁ ଅନାଇ ଦେଖିବ, ନିଜକୁ ପଚାରିବ, "ଏହି କଥାଟି ମୋତେ ପ୍ରକୃତରେ ମିଳୁଛି କି ନାହିଁ ସେକଥା ବର୍ତ୍ତମାନ ପରୀକ୍ଷା କରି ଦେଖାଯାଉ !" ଯଦି ସେହି ମୁହୂର୍ତ୍ତରେ ତୁମ ଭିତରେ କିଛି ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲାପରି ଲାଗିବ, ତେବେ ତୁମକୁ ପ୍ରାୟ ଧରିନେବାକୁ ହେବ ଯେ ଏକ ବାସନାହିଁ ତୁମକୁ ସେହି ଜିନିଷଟି ଲାଗି ପରିଚାଳିତ କରିବାରେ ଲାଗିଛି । ମାତ୍ର, ଯଦି ଅନ୍ୟପକ୍ଷରେ ତୁମ ଭିତରେ ଥାଇ କିଛି "ନା—ମୁଁ ଏଇଟିକୁ ମୋଟେ ପାଇବି ନାହିଁ" ବୋଲି ଜବାବ ଦିଏ, ଏବଂ ତଦ୍ଦ୍ୱାରା ତୁମ ଭିତରେ ନୈରାଶ୍ୟର ଅନୁଭୂତି ଆସେ, ତେବେ ସେହି କ୍ଷେତ୍ରରେ ମଧ୍ୟ ତାହା ନିଶ୍ଚୟ ଏକ ବାସନା ହୋଇଥିବ ।

ଯଦି ପ୍ରାଣ ତୁମକୁ କୌଣସି ପ୍ରବଞ୍ଚନାରେ ନପକାଉ ବୋଲି ତୁମେ ଇଚ୍ଛା କରୁଥାଅ, ତେବେ ତୁମକୁ ସେଥିଲାଗି କେବଳ ଯେ ଅତ୍ୟନ୍ତ ମନୋଯୋଗୀ ରହିବାକୁ ପଡ଼ିବ ତା' ନୁହେଁ, ତୁମର ନିଷ୍ଠାପରତା ମଧ୍ୟ ପ୍ରାୟ ଅସାଧାରଣ ଭାବରେ ସଚଳ ହୋଇ ରହିଥିବ ।—ତୁମକୁ କୌଣସି ପ୍ରକାରେ ନିରୁତ୍ସାହିତ କରି ପକାଇବାକୁ ମୁଁ ଏଠାରେ 'ଅସାଧାରଣ' ଶବ୍ଦଟି ବ୍ୟବହାର କରି ନାହିଁ । ବରଂ, ନିଷ୍ଠାପର ହେବା ଲାଗି ତୁମକୁ ଏକ ବୃହତ୍ତର ଅଭୀପ୍ସା ଆଣି ଦେବା ଲାଗିହିଁ ମୁଁ ତାହା କରିଛି ।

> "ପ୍ରାଣର ସହଯୋଗ ରହିଥିଲେ କୌଣସି ଉପଲବ୍ଧି ଅସମ୍ଭବ ବୋଲି ଲାଗିବ ନାହିଁ, କୌଣସି ରୂପାନ୍ତର ମଧ୍ୟ ଅସାଧ୍ୟ ମନେ ହେବ ନାହିଁ ।"

"ଶିକ୍ଷା" ବହିର "ବଞ୍ଚିବାର ବିଜ୍ଞାନ"

ଏହି କ୍ଷେତ୍ରରେ ଏହାହିଁ ହେଉଛି ଅତ୍ୟନ୍ତ ଚମତ୍କାର ଓ ବିସ୍ମୟକାରୀ କଥା । ମୁଁ ବିଶ୍ୱାସ କରେ ଯେ ଆମର ପ୍ରାଣିକ ସତ୍ତାଟି ଆପଣାର ସାମର୍ଥ୍ୟ ସମ୍ବନ୍ଧରେ ଅତ୍ୟନ୍ତ ସଚେତନ ହୋଇ ରହିଥାଏ ଏବଂ ସେହି କାରଣରୁ ତାହାର ଏତେବେଶୀ ମହତ୍ତ୍ୱ ରହିଛି । ପ୍ରାଣିକ ସତ୍ତା ମଧ୍ୟରେ ସେହି ଗତିଶୀଳ ଶକ୍ତିଟି ନିହିତ ହୋଇ ରହିଛି, ଯେଉଁଟି ସକାଶେ କି କୌଣସି ପ୍ରକାର ଆୟାସ ମଧ୍ୟ ତାକୁ ଆଦୌ ଏକ ଆୟାସ ବୋଲି ଲାଗେ ନାହିଁ । ମାତ୍ର ଅସଲ କଥା ହେଉଛି ଯେ ଏହି ପ୍ରାଣିକ ସତ୍ତା ପ୍ରକୃତରେ ଯଥାର୍ଥ ପକ୍ଷଟିରେ ରହି କାର୍ଯ୍ୟ କରୁଥିବା ଦରକାର । ପ୍ରାଣିକ ସତ୍ତାର ସହଯୋଗ ମିଳିବା ମାତ୍ରକେ ସବୁ ଚମତ୍କାର ଭାବରେ ସାଧ୍ୟ ହୋଇଯାଏ, ମାତ୍ର ତା'ଠାରୁ

'oaob.nitrkl.ac.in' images reprocessed

ସବୁବେଳେ ସେହି ସହଯୋଗଟି ପାଇ ପାରିବା ଆଦୌ ସହଜ ନୁହେଁ । ପ୍ରାଣକୁ ଆମେ ପ୍ରକୃତରେ ଏକ ଦକ୍ଷ କର୍ମୀ ବୋଲି କହିପାରିବା, ତାହା ଅତ୍ୟନ୍ତ ଦକ୍ଷତା ସହକାରେ କାର୍ଯ୍ୟ କରିଥାଏ, ମାତ୍ର ଆପଣାର କାର୍ଯ୍ୟରେ ତାହା ସର୍ବଦା କେବଳ ଆପଣାର ପରିତର୍ପଣହିଁ କାମନା କରୁଥାଏ, ଆପଣାର କାର୍ଯ୍ୟରୁ କିଛି ନା କିଛି ଅବଶ୍ୟ ପାଇବ ବୋଲି ଇଚ୍ଛା ରଖିଥାଏ, ସେହି କାର୍ଯ୍ୟଟିରୁ ଯେତେ ଆନନ୍ଦ ଓ ଯେତେ ସୁବିଧା ପାଇବା ସମ୍ଭବ, ତାହା ପାଇବ ବୋଲି ଇଚ୍ଛା କରୁଥାଏ । ଏବଂ ଯଦି କୌଣସି ନା କୌଣସି କାରଣରୁ ତାକୁ ସେହି ପରିତର୍ପଣ ଓ ଆନନ୍ଦଟି ଯୋଗାଇ ଦିଆ ନଯାଏ, (ଏହା ପଛରେ ସର୍ବଦା ଅନେକ କାରଣ ଥାଇପାରେ), ତେବେ ପ୍ରାଣ ସେଥିରେ ସୁଖୀ ହୁଏ ନାହିଁ, ଆଦୌ ସୁଖୀ ହୋଇ ପାରେ ନାହିଁ । "ଏକଥା ଆଦୌ ଠିକ୍ ହେଲା ନାହିଁ; ମୁଁ କାମ କଲି, ଅଥଚ ତା' ବଦଳରେ କିଛି ପାଇଲି ନାହିଁ" ବୋଲି ସିଏ ତା'ପରେ ଖୁବ କ୍ଷୁବ୍ଧ ହେବାରେ ଲାଗେ, ଆଉ ଆଗକୁ ଟିକିଏହେଲେ ଚଳେ ନାହିଁ, ଚୁପ୍ ହୋଇ ବସିଯାଏ । ବେଳେବେଳେ ଏକଥା ବି କହେ, "ତେବେ ଏଠାରେ ମୋର ଆଉ କୌଣସି ଅସ୍ତିତ୍ୱହିଁ ନାହିଁ ।" ତା'ପରେ ଶରୀରରୁ ସମସ୍ତ ଶକ୍ତି ନିଃଶେଷିତ ହୋଇଯାଏ, ତୁମକୁ କ୍ଲାନ୍ତି ଆସିଗଲା ପରି ଲାଗେ, ଆଉ କିଛି କରିବାର ଶକ୍ତି ନଥାଏ । ଏବଂ ହଠାତ୍ ଅବସ୍ଥା ଆହୁରି ଖରାପ ହେବାକୁ ବସେ, କାରଣ ତୁମକୁ ମୋର ଅବଶ୍ୟ କହିରଖିବା ଉଚିତ ଯେ ମନ ସବୁବେଳେ ପ୍ରାଣର ଜଣେ ବଡ଼ ବନ୍ଧୁ ପରି ହୋଇ ରହିଥାଏ । ଏଠାରେ ମୁଁ ବିବେକସମର୍ଥ ମନଟିର କଥା କହୁ ନାହିଁ, ମାତ୍ର ଦୈହିକ ମନଟି ପ୍ରାଣିକ ସତ୍ତାର ଜଣେ ଖୁବ, ଖୁବ ବଡ଼ ବନ୍ଧୁ ପରି ହୋଇ ରହିଥାଏ । ତେଣୁ, "ସେ ବିଷୟରେ ମୋର ଆଉ କିଛିହେଲେ କରିବାର ନାହିଁ । ମୋ ପ୍ରତି ଖୁବ ଅବିଚାର କରାଗଲା, ତେଣୁ ଏବିଷୟରେ ମୁଁ ଆଉ କିଛି କରିବାକୁ ଯିବି ନାହିଁ" ବୋଲି ପ୍ରାଣିକ ସତ୍ତା କହିବାକୁ ଆରମ୍ଭ କରିବା ମାତ୍ରକେ ମନ ସ୍ୱଭାବତଃ ତାକୁ ଉତ୍ସାହ ଦେବା ଲାଗି ଟାଣି ହୋଇ ଆସେ, ତାକୁ ସବୁକିଛି ବୁଝାଇ ଦେବାକୁ ଓ ଉତ୍ତମ କାରଣମାନ ଯୋଗାଇ ଦେବାକୁ ଆସି ପହଞ୍ଚିଯାଏ । ଏବଂ ତା'ପରେ, ସେହି ପୁରୁଣା କାହାଣୀଟିରହିଁ ପୁନରାବୃତ୍ତି ହୁଏ : "ଏହି ଜୀବନଟାକୁ ବଞ୍ଚିବାରେ ଆଉ କିଛି କାରଣ ନାହିଁ, ଲୋକଗୁଡ଼ାକ ପ୍ରକୃତରେ ଖୁବ ବିରକ୍ତିକର ଏବଂ ସବୁଯାକ ପରିସ୍ଥିତି କେବଳ ମୋର ପ୍ରତିକୂଳହିଁ ହୋଇ ରହିଛି । ତେଣୁ ଏଥର ଏସବୁଥିରୁ ଅଲଗା ହୋଇଯିବାହିଁ ଉଚିତ ।"— ଏହିପରି ସ୍ୱରରେ ଘଟିବାରେ ଲାଗିଥାଏ । ଏହା ଅନେକ ସମୟରେ ଘଟେ, ମାତ୍ର ବେଳେବେଳେ ତାହାର ଭିତରେ କେଉଁଠି ନା କେଉଁଠି ବିବେକର ଝଲକମାତ୍ର ଅବସ୍ଥିତ ରହିଥାଏ ଓ ତୁମକୁ କହୁଥାଏ : "ଓଃ, ଏହି ପ୍ରହସନ ଯଥେଷ୍ଟ ହୋଇ ଯାଉଛି । ଏଥର ଏଡ଼କରେ ବନ୍ଦ ରହୁ !"

ମାତ୍ର, ଯଦି ଏଇଟି ଅତ୍ୟନ୍ତ ଶକ୍ତିଶାଳୀ ହୋଇଉଠେ ଓ ତୁମେ କେବଳ ଆଉଁ ଆଉଁ ସେଥିପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ ନକର, ତେବେ ତୁମକୁ ଆସି ହତାଶା ଭିତରେ ପଡ଼ିବାକୁ ହୁଏ : "ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୋ ପରି ମଣିଷଙ୍କ ପାଇଁ ଏହି ଜୀବନ ମୋଟେ ତିଆରି ହୋଇ ନାହିଁ; ମୁଁ ହୁଏତ ଅନ୍ୟ କେଉଁଠି ଅଧିକ ସୁଖରେ ବାସ କରି ପାରନ୍ତି; ସ୍ୱର୍ଗରେ, ଯେଉଁଠି ସମସ୍ତେ ଭାରି ମିଷ୍ଟ ସ୍ୱଭାବର ଓ ଯେଉଁଠି ଜଣେ ଯାହା ଇଚ୍ଛା କରିବ ନିଶ୍ଚୟ କରିପାରିବ, ସେଠି ମୁଁ ବଡ଼ ସୁଖରେ ରହନ୍ତି !" —ଏହିପରି ଭାବନାମାନ ଆରମ୍ଭ ହୋଇଯାଏ । ଏହିଥିରୁହିଁ ସ୍ୱର୍ଗ ସମ୍ବନ୍ଧରେ ଯାବତୀୟ କଳ୍ପନା ଜନ୍ମଲାଭ କରିଛି । ମୁଁ ପ୍ରକୃତରେ ଭାବୁଛି ଯେ ମନ ଆଉ ପ୍ରାଣ,—ଏହି ଦୁଇଜଣଯାକ ମିଶି ଏକାଠି ସଲା କରି ସ୍ୱର୍ଗର ଉଦ୍ଭାବନ କରିଛନ୍ତି । କାରଣ, ଯଦି ଏହି ଜୀବନ ଓ ଅସ୍ତିତ୍ୱ ତୁମ ବାସନାଗୁଡ଼ିକର ଅନୁରୂପ ହୋଇ ନପାରୁଛି, ତୁମେ ସେତେବେଳେ ଅନୁଶୋଚନା କରି କହିବାକୁ ଆରମ୍ଭ କରୁଛ : "ଓଃ, ଏସବୁ ମୋ ଲାଗି ଯଥେଷ୍ଟ ହୋଇଗଲା,—ଏହି ପୃଥିବୀଟା ପ୍ରକୃତରେ କେଡ଼େ ଦୁଃଖପୂର୍ଣ୍ଣ, କେଡ଼େ ପ୍ରବଞ୍ଚନାମୟ । ମୁଁ ଏଠୁ ବିଦାୟ ନେଇ ଚାଲିଯିବାକୁ ଚାହୁଁଛି, ମୁଁ ମରିଯିବାକୁ ଚାହୁଁଛି !" ତା'ପରେ ଗୋଟାଏ ମୁହୂର୍ତ୍ତ ଆସେ, ଯେତେବେଳେ କି ଏହି ସ୍ଥିତିଟି ଭାରି ଗମ୍ଭୀର ହୋଇପଡ଼େ; ଯାବତୀୟ ହତୋତ୍ସାହିତା ବିଦ୍ରୋହର ରୂପ ଧାରଣ କରେ, ନୈରାଶ୍ୟ ଅସନ୍ତୋଷରେ ପରିଣତ ହୁଏ । ମୁଁ ଏଠାରେ ଏପରି ଲୋକଙ୍କର କଥା କହୁଛି, ଯେଉଁମାନଙ୍କର ସ୍ୱଭାବ ସତେଯେପରି କେମିତି କେମିତି ଅନ୍ୟପ୍ରକାର ହୋଇ ଯାଇଥାଏ । ଏପରି ମନ୍ଦସ୍ୱଭାବ ମନୁଷ୍ୟ ଏହି ପୃଥିବୀରେ ଅଛନ୍ତି (ଏପରି ହେବାରେ ସେମାନଙ୍କର କୌଣସି ଦୋଷ ନାହିଁ); ଏବଂ ଉତ୍ତମ ସ୍ୱଭାବର ମନୁଷ୍ୟ ବି ଅଛନ୍ତି (ଏଇଟା ମଧ୍ୟ ସେମାନଙ୍କର ଦୋଷ ନୁହେଁ) । ମାତ୍ର ଆମ ପୃଥିବୀରେ ସ୍ଥିତିଟି ଏହିପରି ହୋଇ ରହିଛି । ହଁ,—ଯେଉଁମାନଙ୍କର ସ୍ୱଭାବ ବିଗିଡ଼ି ହୋଇଯାଇଛି, ସେମାନେ ରାଗନ୍ତି, ବିଦ୍ରୋହ କରନ୍ତି, ସବୁକିଛି ଭାଙ୍ଗିଦେବାକୁ ଇଚ୍ଛା କରନ୍ତି, ଓଟାରି ତଳେ ପକାଇ ଦେବାକୁ ଚାହାନ୍ତି : "ଆଚ୍ଛା, ହଉ, ଦେଖିବ ! ମୁଁ ଯାହା ଚାହୁଁଛି, ସେମାନେ ସେପରି କରୁ ନାହାନ୍ତି, ସେମାନେ ନିଶ୍ଚୟ ଏହାର ଶାସ୍ତି ପାଇବେ !" ତା'ପରେ ଏହା ଆଉଟିକିଏ ଅଧିକ ଗମ୍ଭୀର ହେବାକୁ ଆରମ୍ଭ କରେ, କାରଣ କଥାରେ କଥା ଫୋଡ଼ି ସଲା ଦେବା ଲାଗି ମନ ସର୍ବଦା ପାଖେପାଖେ ରହିଥାଏ ଏବଂ ତା'ପରେ ପ୍ରତିଶୋଧ ନେବାର ଚମତ୍କାର ଧାରଣାମାନ ଆସି ଦୃଷ୍ଟିଗୋଚର ହେବାକୁ ଲାଗନ୍ତି । ହତୋତ୍ସାହିତ ହୋଇ ପଡ଼ିଲାବେଳେ ମଣିଷ ଗୋଟାଏ ପ୍ରକାରର ନିର୍ବୋଧତା ଦେଖାଏ, ଏବଂ ଦୁଷ୍ଟତା ଦ୍ୱାରା ପ୍ରେରିତ ହୋଇ ଆଉ ଗୋଟିଏ ପ୍ରକାରର ନିର୍ବୋଧତା ଦେଖାଇଥାଏ । ହତୋତ୍ସାହରୁ ଯେଉଁ ନିର୍ବୋଧ କାର୍ଯ୍ୟ କରାଯାଏ, ତାହା ନିଜକୁ ନେଇ କରାଯାଏ,

'oaob.nitrkl.ac.in' images reprocessed

ଦୃଷ୍ଟତାରୁ ଅନ୍ୟମାନଙ୍କ ଲାଗିହିଁ ନିର୍ବୋଧ କାର୍ଯ୍ୟଟି ଅଭିପ୍ରେତ ହୋଇ ରହିଥାଏ। ଏବଂ ଅନେକ ସମୟରେ ଏହି ଦ୍ୱିତୀୟ ପ୍ରକାରର ନିର୍ବୋଧତାଗୁଡ଼ିକ ଅତ୍ୟନ୍ତ ଅଧିକ ପରିମାଣରେ ଗମ୍ଭୀର ହୋଇଥାଏ। ଯଦି ତୁମ ଭିତରେ କଥଞ୍ଚିତ୍ ମାତ୍ରାରେ ଏକ ସଦିଚ୍ଛାଭାବ ରହିଥାଏ, ତେବେ ଏହିସବୁ ଉନ୍ମତ୍ତତା ତୁମକୁ ଆସି ଅଧିକାର କରିବାକୁ ବସିବାବେଳେ ଖୁବ ଭଲ କଥା ହେବ ଯେ ତୁମେ କୌଣସି ପ୍ରକାରେ ହଲ୍ ନ ଚଲ ନହେବାକୁ ସଂକଳ୍ପ କରିନେବ, ନିଜକୁ କହିବ : "ନାହିଁ, ମୁଁ କିଛି କରିବ ନାହିଁ, ଝଡ଼ଟା ଅତିକ୍ରାନ୍ତ ହୋଇଗଲା ପର୍ଯ୍ୟନ୍ତ ମୁଁ ବର୍ତ୍ତମାନ ଅପେକ୍ଷା କରିବ।" କାରଣ, ସେହି ଅବସ୍ଥାରେ ଗୋଟାଏ ମୁହୂର୍ତ୍ତରେ ମଧ୍ୟ ମାସ ମାସ ଧରି କରି ଯାଇଥିବା ନିୟମିତ ପ୍ରୟାସର ଫଳକୁ ବେଶ୍ ନଷ୍ଟବିନଷ୍ଟ କରି ଦିଆଯାଇ ପାରିବ।

ମାତ୍ର ଏଇଠି ମୁଁ ତୁମକୁ ଏକ ସାନ୍ତ୍ୱନା ମଧ୍ୟ ଦେବି :

> "ଏହିସବୁ ସଙ୍କଟସ୍ଥିତି ଆପଣାର ଚୈତ୍ୟସତ୍ତା ସହିତ ଏକ ଯୋଗସୂତ୍ର ସ୍ଥାପନ କରି ରଖିଥିବା ଓ ତାହା ଫଳରେ ଅଭୀପ୍ସାର ଅଗ୍ନିଟିକୁ ଏବଂ ଉପଲବ୍ଧ ହେବାକୁ ରହିଥିବା ଆଦର୍ଶଟିର ଚେତନାଟିକୁ ସେମାନଙ୍କ ଭିତରେ ଜୀବନ୍ତ ରଖିଥିବା ଲୋକମାନଙ୍କର କ୍ଷେତ୍ରରେ ଆଦୌ ବେଶୀ ସମୟ ସ୍ଥାୟୀ ହୋଇ ରହେ ନାହିଁ ଏବଂ ତେଣୁ ଅପେକ୍ଷାକୃତ କମ୍ ବିପଜ୍ଜନକ ହୋଇଥାଏ। ଏହି ଚେତନାଟିର ସାହାଯ୍ୟରେ ସେମାନେ ଅଝଟ ଧରି ବିଦ୍ରୋହ କରୁଥିବା ଏକ ପିଲାର ସମ୍ମୁଖୀନ ହେଲା ପରି ଆପଣାର ପ୍ରାଣିକ ସତ୍ତାର ସମ୍ମୁଖୀନ ହୋଇଥାନ୍ତି, ଅତ୍ୟନ୍ତ ଧୈର୍ଯ୍ୟ ଓ ଅଧ୍ୟବସାୟ ସହିତ ସେମାନେ ଏହା କରି ପାରନ୍ତି; ସେମାନେ ତାକୁ ଅସଲ ସତ୍ୟ ଓ ଅସଲ ଆଲୋକଟିକୁ ଦେଖାଇଦେଇ ପାରନ୍ତି, ତା'ର ହୃଦ୍‌ବୋଧ କରାଇବାକୁ ଚେଷ୍ଟା କରନ୍ତି ଏବଂ ତାହା ମଧ୍ୟରେ ସେହି ସମୟଟି ଲାଗି ଆବୃତ ହୋଇ ରହି ଯାଇଥିବା ସଦିଚ୍ଛାଟିକୁ ଜାଗ୍ରତ କରାଇ ଆଣନ୍ତି।"

"ଶିକ୍ଷା" ବହିର "ବଞ୍ଚିବାର ବିଜ୍ଞାନ"

ଏବଂ ବର୍ତ୍ତମାନ ସବଶେଷ ସାନ୍ତ୍ୱନାଟିର କଥା ଶୁଣ। ଯେଉଁମାନଙ୍କର ପ୍ରକୃତ ଆନ୍ତରିକତା ରହିଛି, ପ୍ରକୃତ ସଦିଚ୍ଛା ରହିଛି, ଏହିସବୁ ଉନ୍ମାଦନା ଓ

'oaob.nitrkl.ac.in' images reprocessed

ଉଦ୍ଧତତାକୁ ସେମାନଙ୍କ ଜୀବନରେ ଅଗ୍ରଗତିର ଏକ ସାଧନରୂପେ ପରିବର୍ତ୍ତିତ କରି ଦିଆଯାଇ ପାରିବ । ଯେତେବେଳେ ତୁମ ଉପରେ ଏହିପରି ଏକ ଆକ୍ରମଣ ହେବ, ଗୋଟାଏ ପ୍ରକାର ଝଡ଼ ବୋଧ ଯାଉଥିବ, ସେତେବେଳେ ସେହି ସଙ୍କଟଟିକୁ ତୁମେ ଏକ ନୂତନ ଅଗ୍ରଗତିରେ ପରିବର୍ତ୍ତିତ କରିଦେଇ ପାରିବ, ତୁମର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ବାଟରେ ଆଉଗୋଟିଏ ଅଧିକ ପଦକ୍ଷେପରେ ପରିଣତ କରିଦେଇ ପାରିବ । ନିଜ ଭିତରେ ସାମନାସାମନି ହୋଇ ସେହି ଉଦ୍ଧତତାର କାରଣଟିକୁ ଅବଲୋକନ କରି ପାରିବା ଲାଗି ତୁମଠାରେ ଯଦି ଯଥାର୍ଥରେ ଆବଶ୍ୟକ ଆନ୍ତରିକତାଟି ରହିଥାଏ, —ତୁମେ ଯେଉଁ ଭୁଲ୍ କଥାଟି କରି ପକାଇଛ, ଯେଉଁ କଥାଟିକୁ ଭାବିଛ, ଯେଉଁ ଭୁଲ୍ କଥାଟିକୁ ଅନୁଭବ କରିଛ,—ଯଦି ତୁମେ ସେହି ଦୁଷ୍ଟତାଟିକୁ ଦେଖିବା ଲାଗି ସମର୍ଥ ହୁଅ, ସେହି ପ୍ରବଳତା ଅଥବା ଦମ୍ଭଟିକୁ ଦେଖିବା ଲାଗି ସମର୍ଥ ହୁଅ (ହଁ, ମୁଁ ତୁମକୁ ଏହି କଥାଟି କହିବାକୁ ଭୁଲିଗଲି ଯେ ମନର ତୁଳନାରେ ପ୍ରାଣିକ ଅଂଶଟି ଭିତରେହିଁ ଅଧିକ ଦମ୍ଭ ପୂର୍ଣ୍ଣ ହୋଇ ରହିଥାଏ), ସେହିସବୁ ବିଷୟଗୁଡ଼ିକ ପ୍ରତି ଯଦି ତୁମେ ସମ୍ପୂର୍ଣ୍ଣ ଭାବରେ ମୁହାଁମୁହିଁ ହୋଇ ଦେଖିପାର ଏବଂ ଯଦି ତୁମେ ଯଥେଷ୍ଟ ସାଧୁତା ଏବଂ ନିଷ୍ଠାର ସହିତ ହୃଦୟଙ୍ଗମ କରିପାର ଯେ ଯାହାକିଛି ଘଟିଛି, ତାହା ତୁମର ନିଜ ଦୋଷରୁହିଁ ଘଟିଛି, ତେବେ ସେହି କ୍ଷତଗ୍ରସ୍ତ ସଂକ୍ରାମିତ ସ୍ଥାନଟିରେ ସତେଅବା ଖଣ୍ଡେ ତତଲା ପାଚଥିବା ଲୁହାକୁ ନେଇ ଚାପି ଧରି ମାଡ଼ିଦେଇ ପାରିବ । ତୁମେ ଦୁର୍ବଳତାଟିକୁ ବିଶୁଦ୍ଧ କରିଦେଇ ପାରିବ ଏବଂ ତାହାକୁ ଏକ ନୂତନ ଚେତନାରେ ପରିଣତ କରିଦେଇ ପାରିବ । ଏବଂ, ଝଡ଼ଟି ଅତିକ୍ରାନ୍ତ ହୋଇଗଲା ପରେ ତୁମେ ଦେଖିବାକୁ ପାଇବ ଯେ ତୁମ ଭିତରେ ପ୍ରକୃତରେ କିଛିଟା ଅଧିକ ଅଭିବୃଦ୍ଧି ହୋଇ ପାରିଛି, ତୁମେ ଯଥାର୍ଥରେ ଏକ ଅଗ୍ରଗତି ସମ୍ଭବ କରିପାରିଛ ।

> "ଅଗ୍ରଗତି ମନ୍ଥର ହୋଇପାରେ, ବାରବାର ପଛଘୁଞ୍ଚିବାକୁ ପଡ଼ିପାରେ, ମାତ୍ର ଯଦି ଭିତରେ ଏକ ସାହସୀ ଇଚ୍ଛାଶକ୍ତି ମହଜୁଦ ରହିଥାଏ, ତେବେ ତୁମେ ଦିନେ ନା ଦିନେ ଅବଶ୍ୟ ବିଜୟ ହାସଲ କରିପାରିବ । ସେତେବେଳେ ସକଳ ଅସୁବିଧା ଓ ବାଧା କୁଆଡ଼େ ଅପସରି ଯିବ ଓ ସତ୍ୟର ସେହି ଦୀପ୍ତିମନ୍ତ ଚେତନା ଆଗରେ କୁଆଡ଼େ ଅନ୍ତର୍ହିତ ହୋଇଯିବ ।"

ତତ୍ରୈବ

ଏଠାରେ ମୁଁ ଯାବତୀୟ ଦୋଷ ଏବଂ ଅସୁବିଧା ଉପରେ ଯେ ଏତେବେଶୀ ଜୋର୍ ଦେଇ କହୁଛି, ଆପଣାର ପ୍ରସ୍ତାବଟି କରିବାର ପଥରେ ତୁମକୁ କୌଣସି

ପ୍ରକାରେ ନିରୁତ୍ସାହିତ କରି ପକାଇବାକୁ ମୁଁ କଦାପି ଚାହାଁ କରୁ ନାହିଁ । ମୁଁ ତୁମକୁ ଏହି କଥାଟି କହି ଦେବା ଲାଗି ସେପରି କରୁଛି ଯେ ତୁମକୁ ଆବଶ୍ୟକ ସାହସଟି ସହିତ ପ୍ରତ୍ୟେକଟି କଥା କରିବାକୁ ହେବ ଏବଂ ହଠାତ୍ କୌଣସି ସଫଳତା ମିଳି ପାରିଲା ନାହିଁ ବୋଲି ତୁମେ କଦାପି ନିରୁତ୍ସାହିତ ହୋଇ ପଡ଼ିବ ନାହିଁ । ମାତ୍ର, ଯଦି ତୁମ ଭିତରେ ଅସଲ ଅଭୀପ୍ସାଟି ରହିଥିବ, ଯଦି ତୁମ ଭିତରେ ଅସଲ ଇଚ୍ଛାଶକ୍ତିଟି ରହିଥିବ, ତେବେ ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ ଅବଶ୍ୟ କୁହାଯାଇ ପାରିବ ଯେ, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ତୁମେ ନିଶ୍ଚୟ ସଫଳତା ଲାଭ କରିବ । ଏବଂ, ଯେଉଁ ଲୋକମାନେ ଅତ୍ୟନ୍ତ ସାଧାରଣ ପରିସ୍ଥିତି ମଧ୍ୟରେ ରହିଛନ୍ତି, ତୁମମାନଙ୍କ ତୁଳନାରେ ହୁଏତ କମ୍ ଅନୁକୂଳ ପରିସ୍ଥିତିରେ ରହିଛନ୍ତି, ମୁଁ ସେହିମାନଙ୍କ ବିଷୟରେହିଁ ଏସବୁ କଥା କହୁଛି । ସେମାନେ ମଧ୍ୟ ଏହିପରି ଭାବରେ ଆପଣାକୁ ଜାଣି ଶିଖିବେ, ଆପଣା ଉପରେ ବିଜୟ ହାସଲ କରି ଶିଖିବେ, ଆପଣାର ପ୍ରଭୁ ହୋଇ ପାରିବେ ଓ ଆପଣାକୁ ନିଜର ନିୟନ୍ତ୍ରଣ ମଧ୍ୟରେ ରଖିପାରିବେ । ତେଣୁ, ଯଦି ପରିସ୍ଥିତିମାନ ଅନୁକୂଳ ହୋଇଥାଏ, ତେବେ ସଫଳତା ଲାଭ କରିବା ଲାଗି ତୁମର ଅଧିକ ସମ୍ଭାବନା ରହିଥିବ । ମାତ୍ର ଗୋଟିଏ କଥା ଅବଶ୍ୟ ରହିଥିବ ଯେ ତୁମେ ପ୍ରୟାସଟିକୁ କଦାପି ଛାଡ଼ି ଦେବ ନାହିଁ । କାରଣ, ଏଇଟିକୁ ପ୍ରକୃତରେ ଗୋଟିଏ ପ୍ରୟାସ, ଗୋଟିଏ ଖେଳ ବୋଲିହିଁ କୁହାଯିବ ଏବଂ ଏଥିରୁ ପରେ ଯେଉଁ ଫଳଲାଭ ହେବ, ସେହି ଦୃଷ୍ଟିରୁ ସେଇଟିକୁ ଆରମ୍ଭରୁ ଶେଷଯାଏ ଖେଳିବାରେ ଅବଶ୍ୟ ଲାଭ ରହିଛି ବୋଲି କୁହାଯାଇ ପାରିବ ।

> "ପରିଶେଷରେ, ଏକ ବୁଦ୍ଧିସଂଯୁକ୍ତ ଏବଂ ସ୍ପଷ୍ଟଦୃଷ୍ଟିସମ୍ପନ୍ନ ଶାରୀରିକ ଶିକ୍ଷାର ସାହାଯ୍ୟରେ ଆମେ ଆମର ଶରୀରଟିକୁ ଏପରି ସବଳ ତଥା ନମନୀୟ କରି ତିଆରି କରିବା, ଯେପରିକି ଏହି ଭୌତିକ ଜଗତରେ ତାହା ଆମରି ମଧ୍ୟଦେଇ ପ୍ରକଟ ହେବା ଲାଗି ଅଭିଳାଷ ରଖିଥିବା ସତ୍ୟ-ଶକ୍ତି ଲାଗି ଏକ ଯୋଗ୍ୟ ଯନ୍ତ୍ରରୂପେ ଆପଣାକୁ ତିଆରି କରି ରଖିପାରିବ ।"
>
> ଡିକ୍ଲେଟିକ

ଉଦାହରଣସ୍ୱରୂପ, ମୁଁ କହିବି ଯେ ପ୍ରାଣିକ ଅଂଶଟି ଅପେକ୍ଷା ଆମର ଶରୀରକୁ ସଂଗଠିତ ଏବଂ ସୁପ୍ରସ୍ତୁତ କରି ରଖିବା ଅପେକ୍ଷାକୃତ ଅଧିକ ସହଜ । ମାତ୍ର ଆମର ମନ ଓ ପ୍ରାଣିକ ଅଂଶଟି ସାଧାରଣତଃ ଯେଉଁ ସ୍ୱଭାବ ଏବଂ ଯେଉଁ ପ୍ରକୃତିର

'oaob.nitrkl.ac.in' images reprocessed

ହୋଇ ରହିଥାନ୍ତି, ସେମାନେ ତଦ୍ଦ୍ୱାରା ଏହି ଶରୀରରୂପୀ ବିଚାରା ଜୀବଦାସଟିକୁ ନେଇ ପ୍ରକୃତରେ କ'ଣ ନକରନ୍ତି କହିଲ ! ସେମାନେ ତାହାକୁ କେତେପ୍ରକାର ଯନ୍ତ୍ରଣା ଦିଅନ୍ତି, ହୁଏତ ତାହାକୁ ଗୋଟାସୁଦ୍ଧା ଅକାମୀ କରି ପକାଇଥାନ୍ତି (ଶରୀର ଟିକିଏ ଟିକିଏ ଅବଶ୍ୟ ପ୍ରତିବାଦ କରିଥାଏ, ମଝିରେ ମଝିରେ ଅସୁସ୍ଥ ବି ହୋଇପଡ଼େ), ଏବଂ ତା'ପରେ ପରସ୍ପର ସହିତ ସଲ୍ଲ କରିଥିବା ଏହି ଦୁହେଁଯାକ ତାକୁ ଯାଇ କହନ୍ତି : "ଏହି ଶରୀରଟା ସତରେ ଗୋଟାଏ ଗଧ, ଆମର କଥା ଅନୁସାରେ ଆମ ପଛରେ ମୋଟେ ଆସି ପାରୁ ନାହିଁ !" ବଡ଼ ଦୁଃଖର ସହିତ ଶରୀର ତା'ର ଏହି ଦୁଇ ପ୍ରଭୁ ମନ ଓ ପ୍ରାଣର ଆଜ୍ଞାପାଳନ କରିଥାଏ, ଅନ୍ଧ ଭାବରେ ନିଜର କୌଣସି ପ୍ରକାର ବିବେକ ନଲଗାଇ ସେ ତାହା କରିଥାଏ । ମନ ଆପଣାର ସିଦ୍ଧାନ୍ତଗୁଡ଼ାକୁ ନେଇ ଆସି ହାଜର ହୋଇଯାଏ : "ତୁ ଅମୁକ ଜିନଷଟା କେବେହେଲେ ଖାଇବୁ ନାହିଁ, ସେଥିରେ ତୋର କ୍ଷତି ହେବ; ସେଇ କାମଟା ତୁ କଦାପି କରିବୁ ନାହିଁ, ସେଇଟା ଖରାପ କାମ";—ଏବଂ ଯଦି ଏପରି କହୁଥିବା ମନଟିର ଆଦୌ କୌଣସି ବୁଦ୍ଧିମତ୍ତା ନଥାଏ ବା ସ୍ୱଚ୍ଛଦୃଷ୍ଟି ମଧ୍ୟ ନଥାଏ, ତେବେ ବିଚରା ଶରୀରକୁହିଁ ମନ ଦେଉଥିବା ଆଦେଶଗୁଡ଼ିକର ଯାବତୀୟ ପରିଣାମକୁ ଭୋଗ କରିବାକୁ ପଡ଼ିଥାଏ । ପ୍ରାଣଠାରୁ ଶରୀରକୁ ଯେଉଁସବୁ ଆଦେଶ ଦିଆହୁଏ, ଏଠାରେ, ମୁଁ ସେସବୁ ବିଷୟରେ କିଛି କହୁ ନାହିଁ । ମନର ଯେଉଁ ଅନମନୀୟ ନୀତିନିୟମମାନ ରହିଥାଏ ଓ ପ୍ରାଣର ଯେଉଁ ଅତିଶଯ୍ୟତା, ପ୍ରକୋପ ଏବଂ ପ୍ରବେଗମୟ ଅଭିଳାଷଗୁଡ଼ାକ ରହିଥାଏ, ତାହାରି ବଳରେ ଦୁହେଁ ମିଶି ଶରୀରର ସମଞ୍ଜସତାଟିକୁ ଅଚିରେ ନଷ୍ଟ କରି ଦିଅନ୍ତି ଏବଂ ତାହା ଭିତରେ କ୍ଳାନ୍ତି, ଅବସନ୍ନତା ଏବଂ ଅସୁସ୍ଥତାର ଏକ ବାତାବରଣ ସୃଷ୍ଟି କରି ପକାନ୍ତି ।

> "ସେହି ଉତ୍ପୀଡ଼ନ ମଧ୍ୟରୁ ଶରୀରକୁ ଉଦ୍ଧାର କରି ଆଣିବାକୁ ପଡ଼ିବ; ସତ୍ତାର ଚୈତ୍ୟ କେନ୍ଦ୍ରଟି ସହିତ ସତତ ସମ୍ମିଳିତ ହୋଇ ରହିପାରିଲେ ଯାଇ ତାହା କରିବା ସମ୍ଭବ ହେବ ।"
>
> "ଶିକ୍ଷା" ବିଷୟର "ବଞ୍ଚିବାର ବିଜ୍ଞାନ"

ଏଥିରେ କୌଣସି ସନ୍ଦେହ ନାହିଁ ଯେ କେବଳ ଏହାହିଁ ହେଉଛି ଯାବତୀୟ ଭୋଗ ଓ ଅନର୍ଥର ଆରୋଗ୍ୟ କରିବା ଲାଗି ଏକମାତ୍ର ବାଟ ।

> "ଶରୀର ଭିତରେ ଅନୁକୂଳନ ଏବଂ ସହିଷ୍ଣୁତା ଲାଗି ଅଦ୍‌ଭୁତ କ୍ଷମତା ରହିଛି । ଶରୀର ଦ୍ୱାରା ଯେତିକି ହୋଇପାରିବ ବୋଲି

'oaob.nitrkl.ac.in' images reprocessed

ଆମେ ସାଧାରଣତଃ କଳ୍ପନା କରିଥାଉ, ଶରୀର ପ୍ରକୃତରେ ତା'ଠାରୁ ଅନେକ ଅଧିକ କାର୍ଯ୍ୟ କରିପାରିବ । ଯେଉଁ ମୂର୍ଖତାଗ୍ରସ୍ତ ଓ ନିରଙ୍କୁଶ ଦୁଇ ଶାସକ ବର୍ତ୍ତମାନ ଶରୀର ଉପରେ ଶାସନ କରିବାରେ ଲାଗିଛନ୍ତି, ଯଦି ସେମାନଙ୍କ ବଦଳରେ ଶରୀର ଆମ ସତ୍ତାର କେନ୍ଦ୍ରସ୍ଥ ଅସଲ ସତ୍ୟଟି ଦ୍ୱାରା ପରିଚାଳିତ ହେବାକୁ ଆରମ୍ଭ କରେ, ତେବେ ତାହା କେତେ ଯେ କ'ଣ କରିବା ଲାଗି ସେତେବେଳେ ସମର୍ଥ ହୋଇ ପାରିବ, ସେଥିରେ ଆମେ ପ୍ରକୃତରେ ବିସ୍ମିତ ହୋଇ ପଡ଼ିବା ।"

ତଦୈବ

ଗତ ଯୁଦ୍ଧ ସମୟରେ ଏହି କଥାଟି ପ୍ରମାଣ ହୋଇଗଲା ଯେ ଯେଉଁ ସବୁ ଯାତନା ସହ୍ୟ କରିବା ସାଧାରଣତଃ ଅସମ୍ଭବ ବୋଲି ପ୍ରତିପାଦିତ ହୋଇଥାଏ, ଶରୀର ସେତେବେଳେ ସେଗୁଡ଼ିକୁ ମଧ୍ୟ ସହ୍ୟ କରିବାକୁ ସମର୍ଥ ହେଲା । ତୁମେମାନେ ଯୁଦ୍ଧବେଳର ଏହିସବୁ ବିବରଣୀ ଅବଶ୍ୟ ପଢ଼ିଥିବ ବା ଶୁଣିଥିବ, ଯେତେବେଳେ କି ଶରୀରକୁ କେତେ କ'ଣ ଭୟଙ୍କର ଯାତନା ଭୋଗ କରିବାକୁ ଏବଂ ସହିବାକୁ ବାଧ୍ୟ କରାଯାଇଥିଲା ଏବଂ ଶରୀର ସେହି ସବୁକିଛି ସହି ପାରିଲା; ସହି ପ୍ରମାଣ କରିଦେଲା ଯେ ସହ୍ୟ କରିବା ଲାଗି ତା'ର ପ୍ରାୟ ଏକ ଅମିତ ସାମର୍ଥ୍ୟ ରହିଛି । ଅନେକ ଲୋକ ସେତେବେଳେ ଏପରି ନାନା ଅବସ୍ଥାର ସମ୍ମୁଖୀନ ହୋଇଥିଲେ, ଯାହାକି ସେମାନଙ୍କର ପ୍ରାଣ ନେଇ ଯାଇଥାନ୍ତା । ମାତ୍ର ସେହି ବ୍ୟକ୍ତିମାନେ ତଥାପି ବଞ୍ଚି ରହିଲେ, କାରଣ, ବଞ୍ଚି ରହିବା ଲାଗି ସେମାନଙ୍କ ଭିତରେ ଏକ ଅତ୍ୟନ୍ତ ବଳବତୀ ଇଚ୍ଛା ରହିଥିଲା ଏବଂ ଶରୀର ସେହି ଇଚ୍ଛାର ନିର୍ଦ୍ଦେଶକୁ ମାନିଲା ।

"ଏହି ସୁସ୍ଥ ଏବଂ ଭାରସାମ୍ୟଯୁକ୍ତ ଜୀବନରେ ଶରୀର ମଧ୍ୟରେ ଏକ ନୂତନ ସମଞ୍ଜସତା ରୂପାୟିତ ହୋଇ ଆସିବ, ତାହା ଉଚ୍ଚତର ଆୟତନଗୁଡ଼ିକର ସମଞ୍ଜସତାଗୁଡ଼ିକୁ ପ୍ରତିଫଳିତ କରିଦେଇ ପାରିବ । ତାହାହିଁ ଶରୀରକୁ ପରିପୂର୍ଣ୍ଣ ଆନୁପାତିକତା ଆଣିଦେବ, ରୂପଗତ ସେହି ଆଦର୍ଶ ସୌନ୍ଦର୍ଯ୍ୟଟିକୁ ଆଣିଦେବ ।"

ତଦୈବ

ସେହି ଅବସ୍ଥାଟି ସବା ଶେଷରେ ଆସିବ । ମନୁଷ୍ୟର ଶରୀର ବର୍ତ୍ତମାନ ଯେଉଁପରି ହୋଇ ରହିଛି, ତାହାକୁ ଯଦି ସୌନ୍ଦର୍ଯ୍ୟର କୌଣସି ଉଚ୍ଚତର ଆଦର୍ଶ



'oaob.nitrkl.ac.in' images reprocessed

ସହିତ ତୁଳନା କରାଯାଏ, ତେବେ ନିଃସନ୍ଦେହ ଭାବରେ କୁହାଯାଇ ପାରିବ ଯେ ସେହି ପରୀକ୍ଷାରେ ଅତ୍ୟନ୍ତ ମୁଷ୍ଟିମେୟ ମାତ୍ର କେତେଜଣହିଁ ଉତ୍ତୀର୍ଣ୍ଣ ହୋଇ ପାରିବେ । ପ୍ରାୟ ପ୍ରତ୍ୟେକ ମଣିଷଙ୍କ ଭିତରେ ଆନୁପାତିକତାର କ୍ଷେତ୍ରରେ କୌଣସି ନା କୌଣସି ପ୍ରକାରର ଭାରସାମ୍ୟହୀନତା ରହିଛି । ସେଥିରେ ଆମେ ଏତେବେଶୀ ଅଭ୍ୟସ୍ତ ହୋଇ ସାରିଲୁଣି ଯେ ତାହା ଆମର ଆଖିରେ ଆଉ ଧରା ବି ଦେଉ ନାହିଁ । ମାତ୍ର ଯଦି ଆମେ ଉଚ୍ଚତର ସୌନ୍ଦର୍ଯ୍ୟଟିର ମାନଦଣ୍ଡ ଉପରେ ଆମ ଶରୀରକୁ ପରୀକ୍ଷା କରି ଦେଖି ପାରିବା, ତେବେ ସେହି ଭାରସାମ୍ୟହୀନତାଟି ନିଶ୍ଚୟ ଦୃଶ୍ୟମାନ ହୋଇଯିବ । ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ସହିତ ପ୍ରକୃତିରେ ଖୁବ୍ କମ୍ ଶରୀରହିଁ କୌଣସି ସମକକ୍ଷ ତୁଳନା କରାଯାଇ ପାରିବ । ଏହି ଭାରସାମ୍ୟହୀନତାର ହଜାର କାରଣ ରହିଛି ସତ, ମାତ୍ର ଏହାର କେବଳ ଗୋଟିଏ ମାତ୍ର ପ୍ରତିକାର ରହିଛି । ସେହି ପ୍ରତିକାରଟି ହେଉଛି ଯେ ଆମେ ଶରୀର ଭିତରେ ଯଥାର୍ଥ ସୌନ୍ଦର୍ଯ୍ୟର ଏହି ସହଜାତ ପ୍ରବୃତ୍ତି ଅଥବା ସହଜାତ ବୋଧଟିର ସଞ୍ଚାର କରି ରଖିବା, ଏକ ପରମ ସୌନ୍ଦର୍ଯ୍ୟର ବୋଧକୁ ସଞ୍ଚାରିତ କରି ରଖିବା ଯାହାକି କ୍ରମେ ତାହାର କୋଷଗୁଡ଼ିକରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ ଏବଂ ଶରୀରକୁ ସୌନ୍ଦର୍ଯ୍ୟ-ଅଭିବ୍ୟକ୍ତିର ସମର୍ଥ କରିଦେବ । ଏହି ବିଦ୍ୟା ଏପର୍ଯ୍ୟନ୍ତ ଅଜ୍ଞାତ ହୋଇ ରହିଛି; ଏକଥାଟି ପ୍ରାୟ କେହି ଜାଣନ୍ତି ନାହିଁ, ଶରୀରକୁ ଆମେ ସାଧାରଣତଃ ଯେତେ ନମନଶୀଳ ବୋଲି ବିଶ୍ୱାସ କରିଥାଉ, ତାହା ତା'ଠାରୁ ଅନେକ ଅଧିକ ନମନଶୀଳ । ତୁମେ ଏହି କଥାଟି ନିଶ୍ଚୟ ଦେଖିବାକୁ ପାଇଥିବ (ଅବଶ୍ୟ ଅତ୍ୟନ୍ତ ଅସ୍ପଷ୍ଟ ଭାବରେ) ଯେ ଯେଉଁମାନେ ଏକ ଅନ୍ତର୍ଗତ ଶାନ୍ତିର ଅନୁଭୂତି ସହିତ ବାସ କରନ୍ତି, ଏକ ଅନ୍ତର୍ଗତ ସୌନ୍ଦର୍ଯ୍ୟ, ଏକ ଆଲୋକ ଏବଂ ପରିପୂର୍ଣ୍ଣ ସଦିଚ୍ଛା ସହିତ ଜୀବନଯାପନ କରନ୍ତି, ସେମାନଙ୍କର ଶରୀର ଉପରେ ଏପରି ଏକ ଅଭିବ୍ୟକ୍ତି ଦେଖିବାକୁ ମିଳେ, ଯାହାକି, ଯେଉଁ ବ୍ୟକ୍ତିମାନେ ନାନା ମନ୍ଦ ଭାବନା ଭିତରେ ରହିଥାନ୍ତି ଓ ଆପଣାର ନିମ୍ନ ପ୍ରକୃତିଟିର ଅନ୍ୟ ସମତଳଟିରେ ବାସ କରୁଥାନ୍ତି, ସେମାନଙ୍କ ଭିତରେ ଠିକ୍ ସେହିପରି ଅବିକଳ ଭାବରେ ଆଦୌ ଦେଖିବାକୁ ମିଳେ ନାହିଁ । ଯେତେବେଳେ ଜଣେ ମନୁଷ୍ୟ ତାର ସର୍ବୋତ୍ତମ ମହିମା ଓ ଗରିମାରେ ଆପଣାର ଜୀବନ ବଞ୍ଚିଥାଏ, ଆପଣାର ପଶୁ ପ୍ରକୃତିର ନିମ୍ନ ସମତଳଟିଠାରୁ ଊର୍ଦ୍ଧ୍ୱରେ ରହିଥାଏ, ସେତେବେଳେ ସେ ଏପରି ଏକ ସମ୍ପଦ ଓ ଐଶ୍ୱର୍ଯ୍ୟର ପ୍ରତିଫଳନ କରିଥାଏ, ଯାହାକି, ସେ ପଶୁ ସୁଲଭତାର ଏକ ସ୍ଥିତିରେ ରହିଥିବା ସମୟରେ ଆଦୌ ପ୍ରତିଫଳିତ ହୋଇ ପାରେ ନାହିଁ ।

ଏକଥାଟି ଏକାନ୍ତ ସତ୍ୟ ଯେ ଯଦି ଜଣେ କେବଳ ଏକ ଅହଂବାଦିତା ଦ୍ୱାରା ପରିଚାଳିତ ହୋଇ, ଅଥବା, ସେହି ସୁପ୍ରସିଦ୍ଧ ଚଳଟି, ଅର୍ଥାତ୍ ଆପଣାର ଦମ୍ଭବୁଦ୍ଧି ଦ୍ୱାରା ପ୍ରେରିତ ହୋଇ ଆପଣାର ରୂପଟିକୁ ବଦଳାଇବାକୁ ପ୍ରୟାସ କରେ, ତେବେ

'oaob.nitrkl.ac.in' images reprocessed

ସେ କଦାପି ସେଥିରେ ସଫଳ ହେବ ନାହିଁ, କାରଣ, ଏହି କ୍ଷେତ୍ରରେ ଯେଉଁ ଉପାଦାନଟିର ଯଥାର୍ଥ କାର୍ଯ୍ୟଟିକୁ କରିବାର ଶକ୍ତି ରହିଛି, ତାହା ହେଉଛି ଏକ ଗଭୀରତର ପଦାର୍ଥ । ମାତ୍ର, ସର୍ବଦା ଅସତ୍ ଇଚ୍ଛା ଓ ଦୁଷ୍ଟ ଭାବନା ମଧ୍ୟରେ ଛନ୍ଦିହୋଇ ରହିବାରୁ ଯଦି ଜଣେ ଆପଣାକୁ ନିବୃତ୍ତ କରି ରଖିପାରେ, ତେବେ ସେ ଆପଣା ଦେହର ରୂପ ଏବଂ ଆକୃତିଗୁଡ଼ିକ ଉପରେ କ୍ରମଶଃ ଏକ ପ୍ରକାର ସମନ୍ତ୍ରସତା ଆପଣାକୁ ଅଭିବ୍ୟକ୍ତ କରି ଆଣିବାକୁ ଆରମ୍ଭ କରୁଥିବା ପରି ନିଶ୍ଚୟ ଲକ୍ଷ୍ୟ କରି ପାରିବ, କାରଣ ଶରୀର ଯେ ଆମର ଅନ୍ତର୍ଗତ ସ୍ଥିତିଗୁଡ଼ିକୁହିଁ ପ୍ରକଟ କରି ଦେଇପାରେ, ଆମେ ତାହାକୁ ଏକ ଯଥାର୍ଥ ସତ୍ୟ ବୋଲି ଜାଣି ରଖିବା ।

ମାତ୍ର ଏହି କ୍ଷେତ୍ରରେ ଗୋଟିଏ କଥା ବିସ୍ମୃତ ହୋଇ ରହିଯାଏ । ଯଦି ଗୋଟିଏ ସମଗ୍ର ଦିନ ମଧ୍ୟରେ ତୁମେ ପାଞ୍ଚଘଣ୍ଟା ବା ଛଅଘଣ୍ଟା ପର୍ଯ୍ୟନ୍ତ ଉଚ୍ଚତର ଚେତନାରେ ବାସ କରି ପାରିଲ, ତେବେ ତୁମେ ତାହାହିଁ ଅନେକ ହୋଇଗଲା ବୋଲି ଅନୁଭବ କରିବାକୁ ଆରମ୍ଭ କରୁଛ; ଏବଂ ଦିବସର ଅବଶିଷ୍ଟ ସମୟଟି ତୁମେ ଅଳ୍ପ ବହୁତ ଏକ ଗ୍ରେଟିଆ ପଶୁଟି ପରି ଜୀବନଧାରଣ କରି ରହୁଛ, ଆପଣାକୁ ଗୋଟାସୁଦ୍ଧା ଛାଡ଼ି ଦେଉଛ, ପରିସ୍ଥିତି ଯେଉଁଆଡ଼କୁ ନେଇଯାଉଛି, ତୁମେ ସେଇଆଡ଼କୁ ଯାଉଛ । ଏବଂ, ଯେଉଁ ପରମବସ୍ତୁଟି ଊର୍ଦ୍ଧ୍ୱରେ ରହିଛି, ତୁମ ପ୍ରକୃତିର ନିମ୍ନତର ଆୟତନଗୁଡ଼ିକୁ ଖସି ପଡ଼ିବାରୁ ଯାହା ତୁମକୁ ନିବୃତ୍ତ କରି ରଖିପାରିବ, ତାହାର ସମୀପବର୍ତ୍ତୀ ହେବା ଲାଗି ତୁମେ ଗୋଟାସୁଦ୍ଧା ଭୁଲି ଯାଉଛ ।

ଉପଯୁକ୍ତ ପ୍ରୟାସଟିକୁ କରିପାରିଲେହିଁ ତୁମେ ତୁମର ଶରୀର ଦ୍ୱାରା ଅନେକ ଅଧିକ ପରିମାଣରେ ଲାଭବାନ୍ ହୋଇପାରିବ ।

ତୁମେ ନିଜର ଶରୀରକୁ ଘୃଣା କରିବ ନାହିଁ, ତାହାକୁ ଅତି ବେଶୀ ଭର୍ତ୍ସନା କରିବ ନାହିଁ; ଶରୀର କଦାପି ଅସଲ ଅପରାଧୀ ନୁହେଁ । ଆପଣା ଶରୀରକୁ ପ୍ରଶିକ୍ଷିତ ଏବଂ ଉପଯୁକ୍ତ କରିବାର ଏକ ଯଥାର୍ଥ ପଦ୍ଧତିର ଅନୁସରଣ କରିପାରିଲେ ତୁମେ ଶରୀରଠାରୁ ବର୍ତ୍ତମାନ ଯେତିକ ପାଉଛ, ତାହାଠାରୁ ଅନେକଗୁଣ ଅଧିକ ପାଇବାର ଅଧିକାରୀ ହୋଇପାରିବ । ମୋଟେ ଆମର ଏହି ସାମ୍ପ୍ରତିକ କାଳରେହିଁ ମଣିଷ ଶାରୀରିକ ବିକାଶକୁ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ବୋଲି କହିବାକୁ ଆରମ୍ଭ କରିଛି । ଯଦି ତୁମେ ଶହେ ବର୍ଷ ପୂର୍ବର କଥା ବିଗ୍ଚର କରିବ, ତେବେ ଜାଣିବାକୁ ପାଇବ ଯେ ସେତେବେଳେ ଶରୀରର ଚର୍ଚ୍ଚା କେବଳ ଅଳ୍ପ କେତେ ଜଣଙ୍କର ଏକ ବିଶେଷ ସୁବିଧା ହୋଇ ରହିଥିଲା, ଯେଉଁମାନଙ୍କର କି ଆଉ କିଛି ଧନ୍ଦା ନଥିଲା । ଶହେବର୍ଷ ପୂର୍ବେ ଏହା ଏକ ବିଳାସ ହୋଇ ରହିଥିଲା । କେହି ସେତେବେଳେ କହୁଥିଲା, "ମୁଁ ମୋ ପିଲାମାନଙ୍କୁ ସ୍କୁଲକୁ ପଠାଇବାକୁ ଗ୍ଚହେଁ ନାହିଁ, ସେମାନଙ୍କୁ ଆଗ ଆପଣାର ଜୀବିକାନିର୍ବାହ କରିବାକୁ ପଡ଼ିବ",

'oaob.nitrkl.ac.in' images reprocessed

ସେତେବେଳେ ଅନେକ ଲୋକ ହୁଏତ ତାହାର ଏହିଭଳି ଉତ୍ତର ଦେଉଥିଲେ, "ନାଇଁ, ନାଇଁ, ଏପରି କରି ଆପଣ ଗୋଟାଏ ମସ୍ତବଡ଼ ଭୁଲ କରିବାକୁ ଯାଉଛନ୍ତି; ପିଲାକୁ ତାର ପରବର୍ତ୍ତୀ ବୟସ୍କକାଳୀନ ଜୀବନ ଲାଗି ଯଦି ଆପଣ ପ୍ରସ୍ତୁତ ନକରିବେ, ତେବେ ତାର ସେହି ସମୟଟି ଆସି ପହଞ୍ଚିଲେ, ତାର ଯାହା କରିବା ଉଚିତ ସିଏ ସେସବୁ କଥା ମୋଟେ କରି ପାରିବ ନାହିଁ।" ମନ ବିଷୟରେ ଲୋକେ ଏକଥା କହୁଥିଲେ ସିନା, ମାତ୍ର ଶରୀର ବିଷୟରେ ଏପରି କଥା ଆଦୌ କୁହାଯାଉ ନଥିଲା। ଅନେକସଂଖ୍ୟକ ପିଲା ଅଳ୍ପ ବହୁତ ଭଲ ଅବସ୍ଥାରେ ବାସ କରୁଥିଲେ, ମାତ୍ର ସେମାନଙ୍କର ଶରୀର ପ୍ରକୃତିରେ ଏକ ବାଧା ହୋଇ ରହିଥିଲା। କିନ୍ତୁ ସେହି ବିଷୟରେ କୁହା ଯାଉଥିଲା, "ସେଇଟା ବଳେବଳେ ସୁଧୁରିଯିବ, କାଳକ୍ରମେ ଆପଣାଛାଏଁ ଠିକ୍ ହୋଇଯିବ।..." ଉଚିତ ତାଲିମ ଓ ଧୈର୍ଯ୍ୟ ଅବଲମ୍ବନ ଦ୍ୱାରା ତୁମେ ଏପରି ଏକ ଶରୀର ଅର୍ଜନ କରି ପାରିବ, ଯାହା ଉପରେ କି ତୁମେ ଜୀବନସାରା ଭରସା ରଖି ପାରିବ। ଏବେ ଲୋକମାନେ କ୍ରମେ ଏକ ସୁସ୍ଥ ଏବଂ ଭାରସାମ୍ୟଯୁକ୍ତ ଜୀବନର ଯଥାର୍ଥ ମୂଲ୍ୟକୁ ସ୍ୱୀକାର କରିବାକୁ ଆରମ୍ଭ କଲେଣି। ଏବଂ ଏହି ସମଞ୍ଜସତା ଯେ କ୍ରମୋତ୍ତର ଭାବରେ ଅଧିକରୁ ଅଧିକ ଅଭିବୃଦ୍ଧି ଲାଭ କରୁଥିବ, ମୁଁ ସେହି କଥା ମଧ୍ୟ କହୁଛି।

"ଏହି ସମଞ୍ଜସତା ଅଧିକରୁ ଅଧିକ ବୃଦ୍ଧି ଲାଭ କରୁଥିବ, କାରଣ ସତ୍ତାର ସତ୍ୟ କଦାପି ଗୋଟିଏ ଜାଗାରେ ସ୍ଥିର ହୋଇ ରହିବ ନାହିଁ, ଏକ ଉତ୍ତରୋତ୍ତର ବୃଦ୍ଧିଲାଭ କରୁଥିବା, ଅଧିକରୁ ଅଧିକ ସମଗ୍ର ଏବଂ ସମ୍ପୂର୍ଣ୍ଣ ହେବାରେ ଲାଗିଥିବା ପରିପୂର୍ଣ୍ଣତାର ଅବିରାମ ଅନାବରଣକୁହିଁ ଆମେ ସେହି ସତ୍ୟ ବୋଲି କହିପାରିବା। ଶରୀର ଯେମିତି ଏହି କ୍ରମବୃଦ୍ଧିଶୀଳ ସମଞ୍ଜସତାର ଗତିସ୍ପନ୍ଦନଟିର ଅନୁସରଣ କରିବାର ବିଦ୍ୟାଟିକୁ ଶିଖିଯିବ, ସେମିତି, ଆତ୍ମରୂପାନ୍ତରର ଏକ ଅବିଚ୍ଛିନ୍ନ ପ୍ରକ୍ରିୟା ଦ୍ୱାରା ଭଙ୍ଗୁରତା ଏବଂ ବିନାଶର ଅନିବାର୍ଯ୍ୟତାକୁ ଏଡ଼ି ପାରିବା ତା' ପକ୍ଷରେ ସମ୍ଭବ ହୋଇଯିବ। ଏହିପରି ଭାବରେ ମୃତ୍ୟୁର ଅକାଟ୍ୟ ନିୟମଟି ମଧ୍ୟ ବର୍ତ୍ତି ରହିବା ଲାଗି ଆଉ କୌଣସି କାରଣ ରହିବ ନାହିଁ।

"...ପରମସତ୍ୟର ଏହି ଗୃଢ଼ଗୋଟିଯାକ ବଭୂତି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମର ସତ୍ତା ମଧ୍ୟରେ ଆପଣାକୁ ଅଭିବ୍ୟକ୍ତ

'oaob.nitrkl.ac.in' images reprocessed

କରି ଆଣିବେ । ଆମର ଚୈତ୍ୟ ସତ୍ତାଟି ଯଥାର୍ଥ ଓ ଶୁଦ୍ଧ ପ୍ରେମର ବାହନରେ ପରିଣତ ହୋଇଯିବ, ଆମର ମନ ଭ୍ରାନ୍ତିମୁକ୍ତ ଜ୍ଞାନର ବାହନ ହେବ, ପ୍ରାଣିକ ସତ୍ତା ଏକ ଅଜେୟ ଶକ୍ତି ଏବଂ ବୀର୍ଯ୍ୟକୁ ପ୍ରକଟ କରିବାକୁ ଲାଗିବ ଏବଂ ଶରୀର ଏକ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ଏବଂ ଏକ ପରିପୂର୍ଣ୍ଣ ସମଞ୍ଜସତାର ଅଭିବ୍ୟକ୍ତିରେ ପରିଣତ ହୋଇପାରିବ ।"

"ଶିକ୍ଷା" ବିଷୟର "ବର୍ତ୍ତୁଳାକାର ବିଜ୍ଞାନ"

ତତ୍ତ୍ୱସାଧକ ଏବଂ ଧର୍ମିଷ୍ଠ ବ୍ୟକ୍ତିମାନେ ସାଧାରଣତଃ ଏହି ସତ୍ୟଟିର ଖୁବ୍ କମ୍ ପରିଚୟ ପାଇଛନ୍ତି : ପରମ ଦିବ୍ୟସତ୍ତା ଆମ ସତ୍ତାର ବିଭିନ୍ନ ଭୂମିରେ ଭିନ୍ନଭିନ୍ନ ପ୍ରକାରେ ରୂପାୟିତ ହୋଇଥାଏ । ହୃଦତର ଅଂଶଗୁଡ଼ିକରେ ତାହା ପରମ ଶକ୍ତି ଓ ପରମ ପ୍ରେମରୂପେ ଆପଣାକୁ ରୂପାୟିତ କରେ, ମାତ୍ର ଶରୀରଭୂମିର ସତ୍ତାଟି ମଧ୍ୟରେ ତାହା ସମଞ୍ଜସତା ଓ ସୌନ୍ଦର୍ଯ୍ୟରୂପେ ପ୍ରକଟିତ ହୋଇଥାଏ ।

ତେଣୁ, ଶାରୀରିକ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ବିଷୟକ ସମସ୍ୟାଟି ହେଉଛି ପ୍ରକୃତରେ ଏକ ଆଧ୍ୟାତ୍ମିକ ସମସ୍ୟା ।

## ୨୭ ଜାନୁଆରୀ ୧୯୫୧

"ଆମ ଜୀବନର ଏକତୃତୀୟାଂଶରୁ ଅଧିକ ଶୋଇବାରେ କଟେ..."

"ସ୍ୱପ୍ନ", "ଅନେକ ଦିନ ତଳର କଥା"

ତେଣୁ, ଆମ ଶରୀର ପାଇଁ ଯେଉଁ ନିଦ୍ରାର ଆବଶ୍ୟକତା ରହିଛି, ସେବିଷୟରେ ଉଚିତ ଧ୍ୟାନ ଦିଆଯିବା ଉଚିତ । ମୁଁ ଏଠାରେ "ଶରୀର ପାଇଁ ଆବଶ୍ୟକ ହେଉଥିବା ନିଦ୍ରା"ର କଥା କହିଲି, କାରଣ ଆମେ ସାଧାରଣତଃ ଭାବି ପକାଇଥାଉ ଯେ ଆମର ଶରୀର ଶୋଇଥିବା ସମୟରେ ଆମର ସମଗ୍ର ସତ୍ତାଟି ସୁପ୍ତି ମଧ୍ୟରେ ପ୍ରବେଶ କରେ ।

'oaob.nitrkl.ac.in' images reprocessed

"ଅନେକ ସମୟରେ ଦେଖା ଯାଇଥାଏ ଯେ ନିଦ୍ରାମଗ୍ନ ରହିଥିବା ବେଳେହିଁ ମନୁଷ୍ୟର ଅସଲ ପ୍ରକୃତିଟି ଧରା ପଡ଼ିଯାଏ ।"

ଡଫେିବ

ମଣିଷର ପ୍ରକୃତି କହିଲେ ଏଠାରେ ତା'ର ଗଭୀରତର ପ୍ରକୃତିଟିକୁ ବୁଝାଇବ ନାହିଁ, ମାତ୍ର ତା'ର ସ୍ୱତଃସ୍ଫୂର୍ତ୍ତି ପ୍ରକୃତିଟିକୁ ବୁଝାଇବ, ଯେଉଁଟି କି ଆଦୌ ତା'ର ନିୟନ୍ତ୍ରଣରେ ନଥାଏ, କାରଣ ନିଦ୍ରାବସ୍ଥାରେ ଇଚ୍ଛାଶକ୍ତିର ମଧ୍ୟ କୌଣସି ନିୟନ୍ତ୍ରଣ ରହେ ନାହିଁ । ଏବଂ ଆପଣାର ଜାଗ୍ରତ ଅବସ୍ଥାରେ ସିଏ ଯାହାକିଛି ନକରେ, ଶୋଇବା ଅବସ୍ଥାରେ ସେହିଗୁଡ଼ିକୁହିଁ କରେ, କାରଣ ସେହି ସମୟରେ ଇଚ୍ଛାଶକ୍ତିର ନିୟନ୍ତ୍ରଣଟି ଅପସାରିତ ହୋଇ ରହିଥାଏ ।

"ଯେଉଁସବୁ ବାସନା ନଷ୍ଟ ହୋଇ ନଥାନ୍ତି, ମାତ୍ର ଯେଉଁଗୁଡ଼ିକୁ କେବଳ ଦବାଇ କରି ରଖି ଦିଆ ଯାଇଥାଏ, ଆମର ଇଚ୍ଛାଶକ୍ତିଟି ସୁପ୍ତ ରହିଥିବା ସମୟରେ ସେଗୁଡ଼ିକ ଆପଣାକୁ ଚରିତାର୍ଥ କରିବା ଲାଗି ବାଟ ଖୋଜନ୍ତି ।

"ଏବଂ ଏହି ବାସନାଗୁଡ଼ିକ ଆପଣାର ଗଠନରେ ଯଥାର୍ଥତଃ ଗୋଟିଏ ଗୋଟିଏ ଗତିଶୀଳ କେନ୍ଦ୍ର ହୋଇ ରହିଥିବାରୁ ସେମାନେ ଆମର ଚତୁର୍ଦ୍ଦିଗରେ ଓ ଆମ ଭିତରେ ସେମାନଙ୍କର ପରିତର୍ପଣ ଲାଗି ସବୁଠାରୁ ଅଧିକ ଅନୁକୂଳ ହୋଇ ପାରୁଥିବା ବାତାବରଣଗୁଡ଼ିଏ ଏକାଠି କରି ରଖିବାକୁ ଇଚ୍ଛା କରୁଥାନ୍ତି ।"

ଡଫେିବ

ଆଉଗୋଟିଏ ପ୍ରକରଣରେ ଆମେ ମାନସିକ ଗଠନ ସମ୍ବନ୍ଧରେ ଚର୍ଚ୍ଚା କରିଥିଲୁ । ଆମର ମନ ଏପରିଗୁଡ଼ିଏ ବସ୍ତୁକୁ ଆକାର ଦେଇ ତିଆରି କରେ, ଯେଉଁମାନଙ୍କର କି ଅଳ୍ପବହୁତ ଏକ ସ୍ୱତନ୍ତ୍ର ଜୀବନ ରହିଥାଏ ଓ ସେମାନେ ଆପଣାକୁ ପ୍ରକଟ କରି ଆଣିବା ଲାଗି ଚେଷ୍ଟା କରୁଥାନ୍ତି । ବର୍ତ୍ତମାନ ଏଠାରେ ମୁଁ ଭାବନାଗୁଡ଼ିକର କଥା କହୁ ନାହିଁ, ମୁଁ ବାସନାଗୁଡ଼ିକର କଥା କହୁଛି । ବାସନା ହେଉଛି ପ୍ରାଣିକ ରାଜ୍ୟର ବସ୍ତୁ, ମାତ୍ର ଏହି ବାସନାର ଅନ୍ତଃସ୍ଥଳରେ ସର୍ବଦା ଏକ ଭାବନାହିଁ ଅବସ୍ଥିତ ରହିଥାଏ; ଏବଂ ଆପଣା ଭିତରେ ମାନସିକ ବିରଚନାର ଏହି ଶକ୍ତିଟିକୁ ଓ ପ୍ରାଣିକ ଚରିତାର୍ଥତାର ଏହି ଶକ୍ତିଟିକୁ ଧାରଣ କରି ରଖିବା ଦ୍ୱାରା

'oaob.nitrkl.ac.in' images reprocessed

ସ୍ୱବନା ସେତେବେଳେ ଆହୁରି ଅଧିକ ସକ୍ରିୟ ଏବଂ ଗତିଯୁକ୍ତ ହୋଇଯାଏ । ଆମ ପ୍ରାଣିକ ଅଂଶଟିହିଁ ସତ୍ତାର ଯାବତୀୟ ଗତିଶୀଳତାର କେନ୍ଦ୍ର ହୋଇ ରହିଥାଏ, ସକ୍ରିୟ ଶକ୍ତିସଞ୍ଚାରଣର କେନ୍ଦ୍ର ହୋଇ ରହିଥାଏ ଏବଂ ଦୁର୍ଦ୍ଦମନୀୟ ଏକକ ହୋଇ ଅତ୍ୟନ୍ତ ବଳଯୁକ୍ତ ଏପରି ଗୋଟିଏ ବସ୍ତୁର ନିର୍ମାଣ କରନ୍ତି, ଆପଣାକୁ ଚରିତାର୍ଥ କରିବା ଲାଗି ଯାହାର କି ଅତ୍ୟଧିକ ପ୍ରବୃତ୍ତି ରହିଥାଏ । ପୁନଶ୍ଚ, ବିଶ୍ୱଜଗତର ପ୍ରତ୍ୟେକ ବସ୍ତୁ ମଧ୍ୟରେ ଆପଣାକୁ ପ୍ରକଟ କରି ଆଣିବା ଲାଗି ଏକ ପ୍ରବୃତ୍ତି କାର୍ଯ୍ୟ କରୁଥାଏ, ଏବଂ ଆପଣାକୁ ପ୍ରକଟ କରି ପାରିବାରୁ ଯେଉଁ ବସ୍ତୁଗୁଡ଼ିକୁ ନିବୃତ୍ତ କରି ରଖାଯାଏ, ଠିକ୍ ସେଇଟିର କାରଣରୁହିଁ ସେମାନେ ଆପଣାର ବଳ ଓ ସାମର୍ଥ୍ୟକୁ ହରାଇ ବସନ୍ତି । ନିଜକୁ ନିଜର ନିୟନ୍ତ୍ରଣରେ ରଖିବା ପାଇଁ ଲକ୍ଷ୍ୟ ରଖି ଯେତେଯେତେ ଉପାୟର ଉଦ୍ଭବ ହୋଇଛି, ସେଗୁଡ଼ିକରୁ ଅଧିକାଂଶ ଦବାଇ ରଖିବାର ଏହି ପଦ୍ଧତିଟିକୁହିଁ କାର୍ଯ୍ୟରେ ଲଗାଇଛନ୍ତି । ସେମାନେ ଗତିସ୍ପନ୍ଦନଗୁଡ଼ିକୁ ଦବାଇ ରଖିଛନ୍ତି ଏବଂ ଏହିପରି ଅନୁମାନ କରି ନେଇଛନ୍ତି ଯେ, ଯଦି ଯଥେଷ୍ଟ ଦୀର୍ଘକାଳ ପର୍ଯ୍ୟନ୍ତ ଦବାଇ ରଖିବାର ଏହି ପଦ୍ଧତିଟିର ଅନୁଧାବନ କରାଯାଏ, ତେବେ ଆମ ଭିତରେ ଯେଉଁ ଉପାଦାନଟି ରହୁ ବୋଲି ଆମେ ମୋଟେ ଇଚ୍ଛା କରୁ ନାହୁଁ, ଆମେ ସେହି ଉପାଦାନଟିକୁ ପ୍ରକୃତରେ ନିର୍ମୂଳ କରି ମାରିଦେଇ ପାରିବା । ଯଦି ଏହା କେବଳ ଭୌତିକ ଜଗତରହିଁ ଏକ ବ୍ୟାପାର ହୋଇଥାନ୍ତା, ତେବେ ଏହି କଥାଟି ବେଶ୍ ସତ ହୋଇପାରନ୍ତା; ମାତ୍ର ଭୌତିକ ଜଗତ ପଛରେ ଏକ ଅବଚେତନ ଜଗତ ବିଦ୍ୟମାନ ରହିଛି ଏବଂ ଅବଚେତନର ପଛରେ ପରମ ନିଶ୍ଚେତନାର ବିପୁଳ ବିସ୍ତାରଟି ମଧ୍ୟ ବିଦ୍ୟମାନ ରହିଛି । ଏବଂ ଯେଉଁ କଥାଟିକୁ ତୁମେମାନେ ମୋଟେ ଜାଣି ନାହିଁ, ସେଇଟି ହେଉଛି ଯେ ତୁମେ ଯେପର୍ଯ୍ୟନ୍ତ ବାସନାଟିକୁ ଆପଣା ଭିତରେହିଁ ମାରିଦେଇ ନପାରିଛ, ଅର୍ଥାତ୍, ଯେପର୍ଯ୍ୟନ୍ତ ତୁମେ ଯାବତୀୟ ଗଠନର ଅସଲ ବୀଜଟିକୁ ମାରି ନଦେଇଛ, ସେପର୍ଯ୍ୟନ୍ତ, ଯେଉଁ ଗଠନଟିକୁ ତୁମେ ଉପସ୍ଥିତ ହେବାରୁ ନିବୃତ୍ତ କରି ରଖୁଛ, ସେଇଟି ପ୍ରକୃତରେ ତୁମ ଅବଚେତନ ମଧ୍ୟରେହିଁ ଦବିକରି ରହିଯାଉଛି, ଉପରୁ ତାଡ଼ିତ ହୋଇ ସେଇଟି ତଳକୁ ଚାଲିଯାଉଛି ଏବଂ ଏକାବେଳେକେ ସେଇ ତଳେ ଯାଇ ଦବିକରି ରହୁଛି । ଏବଂ ଯଦି ତୁମେ ଆପଣାର ଅବଚେତନ ମଧ୍ୟକୁ ଯାଇ ତଲ୍ଲାସ କରିପାରିବ, ତେବେ ନିଶ୍ଚୟ ଦେଖିବାକୁ ପାଇବ ଯେ ଆପଣାର କାର୍ଯ୍ୟଟିକୁ ସାଧନ କରିବା ଲାଗି ସେହି ବାସନାଟି ସେହିଠାରେହିଁ ଅପେକ୍ଷା କରି ରହିଛି । ସେଥିଲାଗି, ଅନେକ ଲୋକ, ଯେଉଁମାନେ କି ବର୍ଷ ବର୍ଷ ଧରି ଏକ ଅସୁନ୍ଦର ଉପାଦାନକୁ ନିଜ ନିୟନ୍ତ୍ରଣାଧୀନ କରି ରଖିବାରେ ବେଶ୍ ସମର୍ଥ ହୋଇଥାନ୍ତି, ଆପଣାର ସକଳ ଶକ୍ତିକୁ ବନ୍ଧନ କରି ଅବଦମିତ ହେଇ ଗତିସ୍ପନ୍ଦନଟି ହଠାତ୍ ତଳଦେଶରୁ ଉପରକୁ ଧାବିତ ହୋଇ ଆସି ସେମାନଙ୍କୁ ଅନେକ

'oaob.nitrkl.ac.in' images reprocessed

ସମୟରେ ହଡ଼ଚକଡ଼ କରି ଦେଇଥାଏ । ସେଇଟି ଯେତିକ ଅଧିକ କାଳ ଦବିକରି ରହିଥାଏ, ତାହା ସେତିକ ଅଧିକ ଶକ୍ତିରେ ଉପରକୁ ବାହାରି ଆସେ । ତେଣୁ, ଆମ ସ୍ୱପ୍ନଗୁଡ଼ିକ ପ୍ରକୃତରେ ଆମର ଅନେକ ଉପକାର କରନ୍ତି, କାରଣ ଆମେ ସ୍ୱପ୍ନ ଦେଖୁଥିବା ସମୟରେ ଦବାଇ ରଖିବାର କୌଣସି ସାଧନ କାର୍ଯ୍ୟ କରୁ ନଥାଏ ଏବଂ ସଚେତନ ଇଚ୍ଛାଶକ୍ତି ମଧ୍ୟ ସେକ୍ଷେତ୍ରରେ ଉପସ୍ଥିତ ନଥାଏ (କାରଣ ସେଇଟି ବି ଶୋଇ ପଡ଼ିଥାଏ ଅଥବା ଆଉ କୁଆଡ଼କୁ ଚାଲି ଯାଇଥାଏ); ଏବଂ ତଳେ ଦବି କରି ରହିଥିବା ବାସନାଟି ହୁଁ କରି ଉପରକୁ ତେଲିପଡ଼େ ଏବଂ ସ୍ୱପ୍ନରୂପେ ନିଜକୁ ପ୍ରତିଷ୍ଠିତ ଓ ପ୍ରକଟ କରାଇବାକୁ ଲାଗେ । ଏହା ଏତେ ସ୍ପଷ୍ଟ ଭାବରେ ହୁଏ ଯେ ତୁମେ ସେଥିରୁ ତୁମ ନିଜର ସ୍ୱଭାବଟି ବିଷୟରେ ଅନେକ କିଛି ଜାଣିବାକୁ ପାଅ । ସେହି କାରଣରୁହିଁ କୁହାଯାଇଥାଏ ଯେ ଆପଣାର ନିଦ୍ରାବସ୍ଥା ଏବଂ ଆପଣାର ସ୍ୱପ୍ନରୁ ମନୁଷ୍ୟ ତା'ର ପ୍ରକୃତ ସ୍ୱଭାବଟିକୁ ଆବିଷ୍କାର କରିପାରେ । ଏକଥା ସତ ଯେ ଏହି ସ୍ୱଭାବଟି ପ୍ରକୃତରେ ତା'ର ଅସଲ ସ୍ୱଭାବ ଆଦୌ ନୁହେଁ, ତା'ର ଗଭୀରତର ସ୍ୱଭାବଟି ମଧ୍ୟ ନୁହେଁ । ଅସଲ ସ୍ୱଭାବ ବା ପ୍ରକୃତିଟି ହେଉଛି ତା'ର ଚୈତ୍ୟ ପ୍ରକୃତି । ଏଠାରେ ଯେଉଁ ପ୍ରକୃତିଟିର ଆଲୋଚନା ହେଉଛି, ସେଇଟି ହେଉଛି ତା'ର ସ୍ୱତଃସ୍ଫୂର୍ତ୍ତି ପ୍ରକୃତି; ଯାହା ଉପରେ ତା'ର କୌଣସି ନିୟନ୍ତ୍ରଣ ନାହିଁ, ସେହି ପ୍ରକୃତି ।

> "ଏହିପରି ଭାବରେ ରାତିପ୍ରହରର ସେହି ମାତ୍ର କେତୋଟି ଘଣ୍ଟା ମଧ୍ୟରେ ଦିନମାନ ଆମର ସଚେତନ ଭାବନା ଦ୍ୱାରା କରା ଯାଇଥିବା ଅନେକ ପ୍ରୟାସର ଫଳ କୁଆଡ଼େ ଛାରଖାର ଓ ନଷ୍ଟ ହୋଇଯାଏ...
>
> "ତେଣୁ ଆମର ସ୍ୱପ୍ନଗୁଡ଼ିକୁ ବୁଝିପାରିବା ଲାଗି ଆମର ଆବଶ୍ୟକ ଶିକ୍ଷା ରହିଥିବା ଉଚିତ, ଏବଂ ସର୍ବୋପରି ସେଗୁଡ଼ିକର ତୁଳନାତ୍ମକ ମୂଲ୍ୟାଙ୍କନ କରିବାର ସାମର୍ଥ୍ୟ ମଧ୍ୟ ରହିଥିବା ଉଚିତ । କାରଣ ସ୍ୱପ୍ନ ସ୍ୱପ୍ନ ମଧ୍ୟରେ ପ୍ରକୃତିଗତ ଏବଂ ଗୁଣାତ୍ମକ ଅନେକ ପାର୍ଥକ୍ୟ ସବୁବେଳେ ରହିଥାଏ । ଅନେକ ସମୟରେ ସେହି ଗୋଟିଏ ରାତିରେ ବି ଆମେ ଏକାଧିକ ସ୍ୱପ୍ନ ଦେଖିପାରୁ, ଯେଉଁଗୁଡ଼ିକୁ କି ଭିନ୍ନ ଭିନ୍ନ ଶ୍ରେଣୀର ଅନ୍ତର୍ଭୁକ୍ତ କରାଯିବ । ଏବଂ ଆମର ନିଦ୍ରାର ଗଭୀରତା ଉପରେହିଁ ତାହା ନିର୍ଭରଶୀଳ ହୋଇ ରହିଥାଏ ।"
>
> "ସ୍ୱପ୍ନ", "ଅନେକ ଦିନ ତଳର କଥା"

'oaob.nitrkl.ac.in' images reprocessed

ଏଠାରେ ଉପସ୍ଥିତ କୌଣସି ବ୍ୟକ୍ତିର ଏହି ଅନୁଭବ ହୋଇଛି କି ନାହିଁ, ମୁଁ ସେକଥା କହି ପାରିବି ନାହିଁ; ମାତ୍ର ରାତିର କେଉଁ ପ୍ରହରରେ ତୁମେ ସ୍ୱପ୍ନ ଦେଖିଲ ଓ ତୁମେ କେତେ ଘଣ୍ଟା ପାଇଁ ଶୋଇଥିଲ, ସେହି ଅନୁସାରେ ତୁମ ନିଦ୍ରାର ଗୁଣାତ୍ମକତା ମଧ୍ୟ ଭିନ୍ନ ପ୍ରକାର ହୋଇଥାଏ । ଯଦି ତୁମେ ଚେଷ୍ଟା କରି ସେହି ବିଷୟଟିକୁ ଲକ୍ଷ୍ୟ କରି ପାରିବ (ଖୁବ୍ କମ୍ ଲୋକ ଏହି ଚେଷ୍ଟାଟିକୁ କରନ୍ତି), ତେବେ ହୁଏତ ଏପରି ଘଟିଥିବ ଯେ, ଏକ ଅସ୍ୱାଭାବିକ ସମୟରେ ଯଦି ତୁମର ନିଦ ଭାଙ୍ଗି ଯାଇଥିବ, ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇଥିବ ଯେ ତୁମେ ଦୁଇଥର ସକାଶେ ମଧ୍ୟ ଗୋଟିଏ ପ୍ରକାରର ନିଦ୍ରାବସ୍ଥାରେ କଦାପି ରହି ନଥିଲ । ଏପରି ବି ହୋଇଥିବ ଯେ ରାତିର ବିଭିନ୍ନ ସମୟରେ ତୁମେ ଭିନ୍ନ ଭିନ୍ନ ପ୍ରକାରର ସ୍ୱପ୍ନ ଦେଖିଥିବ; ଯଥେଷ୍ଟ ଯତ୍ନଶୀଳ ହୋଇ ପାରିଲେ ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ତାହା ଦେଖିବାକୁ ପାଇବ । ରାତିର ଏପରି କେତେକ ସମୟ ରହିଛି, ଯେତେବେଳେ କି ଆଦୌ ସହଜରେ ନିଦ ଭାଙ୍ଗେ ନାହିଁ, କାରଣ ତୁମେ ଗଭୀର ଭାବରେ ନିଦ୍ରାମଗ୍ନ ହୋଇ ରହିଥାଅ, ବାହାରର ବସ୍ତୁଗୁଡ଼ିକ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅସଚେତନ ହୋଇ ରହିଥାଅ । ମାତ୍ର, ଆଉ କେତୋଟି ସମୟରେ, ଯେତେ ହାଲୁକା ଭାବରେ ହେଲେ ମଧ୍ୟ, ଏତେଟିକିଏ ଶବ୍ଦରେ ତୁମର ନିଦ ଭାଙ୍ଗିଯାଏ ଓ ତୁମେ ଧଡ଼ପଡ଼ ହୋଇ ଉଠିବସ ।

> ଏପରି କେତୋଟି ଜିନିଷ ଅଛି, ଯେଉଁଗୁଡ଼ିକ ବିଷୟରେ କି ମୋତେ ରାତିରେ କୌଣସି ଡର ଲାଗେ ନାହିଁ, ଅଥଚ ଦିନରେ ଲାଗେ;—ଏପରି କାହିଁକି ହୁଏ ?

ତାହାର ଅର୍ଥ ହେଉଛି ଯେ ତୁମର ପ୍ରାଣିକ ସତ୍ତା ତୁମର ଭୌତିକ ସତ୍ତାଠାରୁ ଅଧିକ ସୁଚେତନ ।

> "ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଅନେକ ଦୃଷ୍ଟିରୁ ବିଚାର କରି ଦେଖିଲେ, ଆମର ଅଭ୍ୟସ୍ତ ଚେତନାଟି ଅପେକ୍ଷା ଆମ ଅବଚେତନାଟି ମଧ୍ୟରେ ଅଧିକ ଜ୍ଞାନ ରହିଥାଏ ।"
>
> ଭଟ୍ଟେୟାର

ଏଠାରେ ମୁଁ ଗୋଟିଏ ଶବ୍ଦକୁ ସଂଶୋଧନ କରିବାକୁ ଇଚ୍ଛା କରୁଛି : ପ୍ରକୃତରେ ଆମ "ଅବଚେତନ"ର ଆମର ସାଧାରଣ ଚେତନାଟି ତୁଳନାରେ ଅଧିକ

'oaob.nitrkl.ac.in' images reprocessed

ଜ୍ଞାନ ନଥାଏ, ମାତ୍ର ଆମ "ଅନ୍ତଶ୍ଚେତନ"ରହିଁ ଅଧିକ ଜ୍ଞାନ ରହିଥାଏ । ଅନ୍ତଶ୍ଚେତନ ଆମ ଚେତନାର ସୀମାଗୁଡ଼ିକୁ ଅତିକ୍ରମ କରି ରହିଥାଏ; ଆମ ଚେତନାଠାରୁ ତଳକୁ ରହିଥାଏ ବୋଲି ନୁହେଁ, ମାତ୍ର ଆନ୍ତର ଊର୍ଦ୍ଧ୍ୱକୁ ରହିଥିବାରୁହିଁ ସେପରି ଘଟିଥାଏ । ଯେତେବେଳେ ଗୁଢରେ ଆମେ ଆପଣାକୁ ଏକ ସମସ୍ୟାର ସମାଧାନ କରିବାକୁ ଦେଉ, ସେତେବେଳେ ସେହି ସମସ୍ୟାଟି ଆମ ସତ୍ତାର ଉଚ୍ଚତର ଆୟତନଗୁଡ଼ିକୁ ଚାଲିଯାଏ ଏବଂ ସକାଳକୁ ଆମକୁ ତାହାର ଉତ୍ତରଟି ମିଳି ଯାଇଥାଏ, ଅର୍ଥାତ୍ ସମାଧାନଟି ମିଳିଯାଏ, କାରଣ ସେଠାରେ ଆମ ଚେତନାର ସେହି ଗଭୀର ବିସ୍ତାର ମଧ୍ୟରେ ଆମେ ଏପରି ସବୁ ବିଷୟ ଜାଣିଥାଉ, ଆମର ବାହ୍ୟ ଚେତନାର କ୍ଷେତ୍ରରେ ଯେଉଁସବୁ ବିଷୟରେ କି ଆମର ଆଦୌ କୌଣସି ଜ୍ଞାନ ନଥାଏ ।

ନିଦ୍ରାବସ୍ଥାରେ ଅନେକ ସମୟରେ ମନେହୁଏ, ଯେପରି ଆମେ ଏକ ଆଲୋକର ମଣ୍ଡଳ ଭିତରେ ପ୍ରବେଶ କରୁଛୁ, ଏକ ଉଚ୍ଚତର ଜ୍ଞାନର ମଣ୍ଡଳ ଭିତରେ ପ୍ରବେଶ କରୁଛୁ । ମାତ୍ର ନିଦ ଭାଙ୍ଗିଗଲା ପରେ ସେସବୁ କୁଆଡ଼େ ଚାଲିଯାଏ, କେବଳ ତାହାର ଏକ ଆଭାସ ବା ସ୍ମୃତିହିଁ ବାକି ରହିଯାଏ । ଏପରି କାହିଁକି ହୁଏ ?

ଏପରି ହୁଏ, କାରଣ ସମ୍ପୂର୍ଣ୍ଣ ଭାବରେ ବହିରଙ୍ଗ ସ୍ତରରୁ ଉଚ୍ଚତମ ଚେତନା ପର୍ଯ୍ୟନ୍ତ ଆରୋହଣ କରୁଥିବା ସତ୍ତାର ସୋପାନକ୍ରମଟିରେ ଅନେକ ଫାଙ୍କ ବା ଖାଲି ଜାଗା ରହି ଯାଇଥାଏ, ଗୋଟିଏ ଗୋଟିଏ ଜାଗାରେ ଅବିଚ୍ଛିନ୍ନତାଟି ଭାଙ୍ଗି ଯାଇଥାଏ; ଏବଂ ଯେତେବେଳେ ଚେତନା ଉଠି ଉଠି ଯାଉଥାଏ, ଅବତରଣ କରୁଥାଏ ଓ ପୁନର୍ବାର ଉଠିବାରେ ଲାଗିଥାଏ, ସେତେବେଳେ ତାହାକୁ ଗୋଟାଏ ପ୍ରକାରର ନାନା ଅନ୍ଧକାରମୟ ଗର୍ତ୍ତ ମଧ୍ୟଦେଇ ଅତିକ୍ରମ କରିବାକୁ ପଡ଼େ, ଯେଉଁଠି କି କିଛିହେଲେ ନଥାଏ । ତା'ପରେ ତାହା ଏକ ନିଦ୍ରା ଭିତରେ ପ୍ରବେଶ କରେ, ଗୋଟାଏ ପ୍ରକାରର ଅଚେତନତା ମଧ୍ୟରେ ପ୍ରବେଶ କରେ ଏବଂ ତା'ପରେ ଯଥାସମ୍ଭବ ପ୍ରୟାସ କରି ଅନ୍ୟ ପାଖଟିରେ ଯାଇ ଜାଗ୍ରତ ହୁଏ ଓ ଊର୍ଦ୍ଧ୍ୱରୁ ସିଏ ସାଙ୍ଗରେ ଯାହାକିଛି ଧରି ଆସିଥିଲା, ସେବିଷୟରେ ତାହାର କ୍ୱଚିତ୍ କିଛିହେଲେ ମନେଥାଏ । ଯେଉଁ ଅବସ୍ଥାଟିକୁ ସମାଧି ବୋଲି କୁହାଯାଏ, ସେହି ଅବସ୍ଥାରେ ଏହି କଥା ଅଧିକାଂଶ ସମୟରେ ଘଟିଥାଏ, ବିଶେଷ ଭାବରେ ଘଟିଥାଏ । ଯେଉଁ ବ୍ୟକ୍ତିମାନେ ସମାଧିରେ ପ୍ରବିଷ୍ଟ ହୁଅନ୍ତି, ସେମାନେ ଦେଖିବାକୁ ପାଆନ୍ତି ଯେ ସେମାନଙ୍କର ସକ୍ରିୟ ବହିରଙ୍ଗ ଚେତନା ଏବଂ ଧ୍ୟାନମଗ୍ନ ହୋଇ ରହିଥିବା ଚେତନା

'oaob.nitrkl.ac.in' images reprocessed

ମଧ୍ୟରେ ମଝିରେ କେଉଁଠି ଏକ ଶୂନ୍ୟସ୍ଥାନ ରହିଯାଇଥାଏ । ଊର୍ଦ୍ଧ୍ୱରେ ଥିବାବେଳେ ସେମାନେ ଅବଶ୍ୟ ପୂର୍ଣ୍ଣଚେତନ ରହିଥାନ୍ତି,—ସେମାନେ ଯେଉଁ ଅବସ୍ଥାଟିରେ ରହିଥାନ୍ତି, ସେଇଟି ବିଷୟରେ ସେମାନଙ୍କର ଚେତନା ରହିଥାଏ,—ମାତ୍ର ସେମାନେ ଯେତେବେଳେ ସେଠାରୁ ଓହ୍ଲାଇ ପୁନର୍ବାର ଆପଣାର ଶରୀର ଆଡ଼କୁ ବାହୁଡ଼ି ଆସନ୍ତି, ବାଟରେ ସେମାନେ ଆସି ଗୋଟାଏ ପ୍ରକାରର ଗର୍ତ୍ତ ମଧ୍ୟରେ ପ୍ରବେଶ କରନ୍ତି, ଯେଉଁଠାରେ କି ସେମାନେ ସବୁକିଛି ହରାଇ ପକାନ୍ତି,—ନିଜ ସହିତ ନିଜର ଅନୁଭବଟିକୁ ନେଇ ଫେରି ଆସିବା ସେମାନଙ୍କ ପକ୍ଷରେ ଆଉ ସମ୍ଭବ ହୁଏ ନାହିଁ । ଆମର ଚେତନା ଊର୍ଦ୍ଧ୍ୱଦେଶରେ ରହିଥିବା ବେଳେ ଯାହାକିଛି ଅନୁଭୂତି ଲାଭ କରିଛି, ସିଏ ଯେପରି ସେଗୁଡ଼ିକୁ ଆଦୌ ଭୁଲି ନଯିବ, ତାହାକୁ ସେଥିଲାଗି ସମର୍ଥ କରିବା ପାଇଁ ଆବଶ୍ୟକ ଅନେକ ସୋପାନକୁ ଆପଣା ଭିତରେ ସମ୍ଭବ କରିବାକୁ ହେଲେ ବେଶ୍ ଏକ ସାଧନା ଦରକାର ହୋଇଥାଏ । ଏହି ସାଧନାକୁ କଦାପି ଏକ ଅସମ୍ଭବ ସାଧନା ବୋଲି କୁହାଯିବ ନାହିଁ, ମାତ୍ର ଏହା ଏକ ଅତ୍ୟନ୍ତ ଦୀର୍ଘକାଳବ୍ୟାପୀ ସାଧନା ଏବଂ ଏଥିଲାଗି ଆମ ଭିତରେ ଅବିଚଳିତ ଧୈର୍ଯ୍ୟଶକ୍ତି ରହିଥିବା ଆବଶ୍ୟକ; କାରଣ ଏହି ସାଧନାର ଅର୍ଥ ହେବ, ସତେଯେପରି ତୁମେ ଆପଣା ଭିତରେ ଏକ ସତ୍ତା ଅର୍ଥାତ୍ ଏକ ଶରୀରର ନିର୍ମାଣ କରିବାକୁ ଇଚ୍ଛା କରୁଛ, ଏବଂ ସେଥିଲାଗି ସର୍ବପ୍ରଥମେ ଆବଶ୍ୟକ ଜ୍ଞାନର ପ୍ରୟୋଜନ ରହିଛି ସତ, ମାତ୍ର ଏପରି ଏକ ଦୀର୍ଘକାଳବ୍ୟାପୀ ଦୃଢ଼ ଅଭିନିବେଶ ଏବଂ ଅଧ୍ୟବସାୟର ମଧ୍ୟ ପ୍ରୟୋଜନ ରହିଛି, ଯାହା ପାଖରୁ କି ଅନେକ ବ୍ୟକ୍ତି ହଟି ଆସିବାକୁହିଁ ଉଚିତ ମନେ କରିବେ । ମାତ୍ର ଆପଣାର ଉଚ୍ଚତର ସତ୍ତାର ଜ୍ଞାନରେ ଯଦି ତୁମେ ପ୍ରକୃତରେ ଏକ ଅଂଶ ଗ୍ରହଣ କରିବାକୁ ଇଚ୍ଛା କରୁଥାଅ, ତେବେ ତାହାକୁ ତୁମ ଲାଗି ନିଶ୍ଚୟ ଅପରିହାର୍ଯ୍ୟ ବୋଲି କହିବାକୁ ପଡ଼ିବ ।

## ନିଜର ଦେଖୁଥିବା ସ୍ୱପ୍ନଗୁଡ଼ାକୁ ଟିପି ରଖିବା ଉଚିତ କି ?

ହଁ, ପ୍ରାୟ ବର୍ଷକରୁ ଅଧିକ ସମୟ ମୁଁ ଏହିପରି ଏକ ଆତ୍ମ-ନିୟମ ଭିତରେ ନିଜକୁ ଆଣି ପକାଇଥିଲି । ମୁଁ ସବୁ ଟିପି ରଖୁଥିଲି,—କେତୋଟି ଶବ୍ଦ ଟିପି ରଖୁଥିଲି, ବେଳେବେଳେ କେବଳ ଏକ ସାନ କଥାଟିଏ ବା ଏକ ଅସ୍ପଷ୍ଟ ଆଭାସକୁ ଟିପି ରଖୁଥିଲି,—ଏବଂ ଗୋଟିଏ ସ୍ମରଣରୁ ଆଉଗୋଟିଏ ସ୍ମରଣ ଭିତରକୁ ଯାଇ ପାରିବା ଲାଗି ମଧ୍ୟ ଚେଷ୍ଟା କରୁଥିଲି । ପ୍ରଥମେ ପ୍ରଥମେ ଏଥିରୁ ଖୁବ୍ ବେଶୀ ଫଳ ମିଳୁଛି ବୋଲି ମନେ ହେଲା ନାହିଁ, ମାତ୍ର ପ୍ରାୟ ଚଉଦ ମାସ ଚାଲିଯିବା ପରେ ମୁଁ ଶେଷରୁ ଆରମ୍ଭ କରି ଏକାବେଳେକେ ପ୍ରଥମ ରାତିର ସ୍ୱପ୍ନଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ

'oaob.nitrkl.ac.in' images reprocessed

ସ୍ମରଣ କରି ପାରିଲି । ସେପରି କରିବା ଦ୍ୱାରା ତୁମେ ଏପରି ଏକ ସଚେତନ ସ୍ଥିତିରେ, ଏପରି ଏକ ଅବିଚ୍ଛିନ୍ନ ଭାବରେ ସଚେତନ ହୋଇ ରହିଥିବା ସ୍ଥିତିରେ ଅବସ୍ଥାନ କରିପାରିବ ଯେ ଶେଷକୁ ମୁଁ ପ୍ରକୃତରେ ଆଉ ଶୋଇ ବି ପାରୁ ନଥିଲି । ମୋର ଶରୀର ବିଛଣା ଉପରେ ଲମ୍ବ ହୋଇ ପଡ଼ିଥିଲା, ଗଭୀର ଭାବରେ ନିଦ୍ରାମଗ୍ନ ହୋଇ ରହିଥିଲା, ମାତ୍ର ଚେତନାର କ୍ଷେତ୍ରରେ ଆଦୌ କୌଣସି ବିଶ୍ରାମ ନଥିଲା । ଏହାଦ୍ୱାରା ପ୍ରକୃତରେ ବଡ଼ ଅଦ୍‌ଭୁତ ଫଳମାନ ଫଳିଲା; ନିଦ୍ରାର ବିଭିନ୍ନ ପର୍ଯ୍ୟାୟ ବିଷୟରେ ମଧ୍ୟ ମୁଁ ସଚେତନ ହୋଇ ପାରିଲି; ସେତେବେଳେ ଯାହାସବୁ ଘଟୁଛି, ସେହି ବିଷୟରେ ସମ୍ପୂର୍ଣ୍ଣ ସଚେତ ହୋଇ ପାରିଲି । ଏପରିକି ସାନସାନ ଟିକିନିଖି କଥାଗୁଡ଼ିକ ମଧ୍ୟ ମୋର ମନେ ରହିବାକୁ ଲାଗିଲା ଏବଂ ତା'ପରେ କୌଣସି ଗୋଟିଏ କଥା ମଧ୍ୟ ନିଜର ନିୟନ୍ତ୍ରଣ ଓ ସ୍ମରଣ ମଧ୍ୟରୁ ବାହାରି ଯାଇ ପାରିଲା ନାହିଁ । ମାତ୍ର ଯଦି ଦିନରେ ତୁମର ଅନେକ କିଛି କାର୍ଯ୍ୟ କରିବାକୁ ଥାଏ ଓ ସେଥିଲାଗି ରାତିରେ ଶୋଇବା ପ୍ରକୃତରେ ଦରକାର ହୁଏ, ତେବେ ତୁମେ ଆଦୌ ଏହି ଚେଷ୍ଟାଟିକୁ କରିବ ନାହିଁ ବୋଲି ମୁଁ ପରାମର୍ଶ ଦେବି ।

ସେକଥା ଯାହା ହେଉ ପଛକେ, ଗୋଟିଏ କଥାକୁ ଆମେ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ବୋଲି ଜାଣିବା; ନିଦ ଭାଙ୍ଗି ଉଠୁଥିବା ବେଳେ ଯେପରି ତୁମେ ପ୍ରକୃତରେ ଆଦୌ କୌଣସି ପ୍ରକାରେ ହଲ୍ କି ଚଲ୍ ହେବ ନାହିଁ; ସମ୍ପୂର୍ଣ୍ଣ ଅସଚଳତାର ଅବସ୍ଥାରେ କିପରି ଉଠିବାକୁ ହୁଏ, ସେକଥା ତୁମକୁ ଶିଖିବାକୁ ପଡ଼ିବ,—ତା' ନହେଲେ ସବୁକିଛି ବୁଆଡ଼େ ମିଳାଇଯିବ ।

ଆମର ଏହି ଭୌତିକ ଶରୀର ଓ ଭୌତିକ ମସ୍ତିଷ୍କଟିକୁ ଛାଡ଼ି-ଦେଲେ ମନର ବିଶ୍ରାମ ନେବା ଲାଗି ପ୍ରକୃତରେ କୌଣସି ଆବଶ୍ୟକତା ରହିଛି କି ?

ହଁ, ଏକାନ୍ତ ଆବଶ୍ୟକତା ରହିଛି । ଏବଂ କେବଳ ଏକ ନୀରବତା ମଧ୍ୟରେହିଁ ମନ ଊର୍ଦ୍ଧ୍ୱଦେଶରୁ ସେହି ଆଲୋକଟିକୁ ଗ୍ରହଣ କରି ପାରିବ । ମାନସିକ ସତ୍ତା କେବେ କ୍ଳାନ୍ତ ହୋଇ ପଡ଼େ ବୋଲି ମୁଁ ଆଦୌ ଭାବୁ ନାହିଁ; ହଁ, ଯଦି କେତେବେଳେ ତାକୁ ହାଲିଆ ଲାଗେ ବା ଥକି ଗଲା ପରି ମନେହୁଏ, ତାହାକୁ ଅଧିକ ଯଥାର୍ଥ ଭାବରେ ବରଂ ମସ୍ତିଷ୍କରହିଁ ଏକ ପ୍ରତିକ୍ରିୟା ବୋଲି କୁହାଯିବ । କେବଳ ଏକ ନୀରବତା ଭିତରେହିଁ ମନ ଆପଣାର ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ । ମାତ୍ର ଯେଉଁ ନିଦ୍ରାବସ୍ଥା ଏବଂ ସ୍ୱପ୍ନ ପ୍ରଭୃତି ବିଷୟରେ ଆମେ ବର୍ତ୍ତମାନ ଆଲୋଚନା କରୁଥିଲେ, ସେହି ଦୃଷ୍ଟିରୁ ବିଚାର କରି ଦେଖିଲେ ସେଥିରେ ଏକ ଭାରି

'oaob.nitrkl.ac.in' images reprocessed

ଉଲ୍ଲେଖଯୋଗ୍ୟ ବ୍ୟାପାର ରହିଛି । ମୁଁ ସେହି ବ୍ୟାପାରଟିକୁ ପରୀକ୍ଷା କରି ଦେଖିଛି । କେବଳ ଆପଣାର ମୁଣ୍ଡଟାକୁ ନୀରବ କରି ଆଣିବା ନୁହେଁ, ମାତ୍ର ଯଦି ପ୍ରାଣିକ ଭୂମିଟିକୁ ମଧ୍ୟ ତୁମେ ନିଶ୍ଚଳ ଓ ନୀରବ ବିଶ୍ରାନ୍ତି ମଧ୍ୟକୁ ନେଇ ଆସି ପାରିବ, ତୁମ ସତ୍ତାର ଯାବତୀୟ ଗତିସଞ୍ଚଳତାକୁ ଯଦି ତୁମେ ନିଷ୍ପନ୍ଦ କରି ରଖିପାରିବ, ଏବଂ, ତା'ପରେ ଖଣ୍ଡରୂପର ରାଜ୍ୟରୁ ବାହାରି ତୁମେ, ଯାହାକୁ ସଚ୍ଚିଦାନନ୍ଦ ବା ସର୍ବୋଚ୍ଚ ଚେତନା ବୋଲି କୁହାଯାଏ, ସେହି ଭୂମିରେ ପ୍ରବେଶ କରି ପାରିବ, ତେବେ ସେହି ଅବସ୍ଥା ମଧ୍ୟରେ ମାତ୍ର ତିନୋଟି ମିନିଟ୍ ରହିବା ଦ୍ୱାରା ହିଁ ତୁମେ ଆଠଘଣ୍ଟା କାଳ ଶୋଇବାଠାରୁ ଅଧିକ ବିଶ୍ରାମ ଲାଭ କରି ପାରିବ । ଏକଥା କରିବା ମୋଟେ ସହଜ ନୁହେଁ, ନା—ମୋଟେ ସହଜ ନୁହେଁ ।···ଏହି ଅବସ୍ଥାରେ ତୁମର ଚେତନା ସେହି ପୂର୍ଣ୍ଣ ଉର୍ଦ୍ଧ୍ୱଭୂମିସ୍ଥ ପରମ ଆଲୋକ ମଧ୍ୟରେ ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିବ, ମାତ୍ର ପୂର୍ଣ୍ଣ ଭାବରେ ନିଶ୍ଚଳ ହୋଇ ରହିବ । ଯଦି ତୁମେ ସେଇ ଅବସ୍ଥାଟିକୁ ଲାଭ କରି ପାରିବ, ଯଦି ତୁମେ ଆପଣା ଭିତରେ ଥିବା ସବୁକିଛିକୁ ସମ୍ପୂର୍ଣ୍ଣ ଭାବରେ ନିଷ୍ପନ୍ଦ କରିଦେଇ ପାରିବ, ତେବେ ତୁମର ସମଗ୍ର ସତ୍ତାଟି ଏହି ସର୍ବୋଚ୍ଚ ଚେତନାଟିରେ ଅଂଶଗ୍ରହଣ କରିପାରିବ । ଏବଂ ମୁଁ ଉତ୍ତମରୂପେ ଲକ୍ଷ୍ୟ କରି ଦେଖିଛି ଯେ, ଦେହକୁ ବିଶ୍ରାମ ଦେବା ବିଷୟରେ କହିବାକୁ ଗଲେ, (ବିଶ୍ରାମ କଥା କହିବାକୁ ଗଲେ ମୁଁ ଏଠାରେ ଦେହର ବିଶ୍ରାମ କଥା କହୁଛି, ଆମର ମାଂସପେଶୀଗୁଡ଼ିକୁ ବିଶ୍ରାମ ଦେବା ବିଷୟରେହିଁ କହୁଛି) ସେହି ଅବସ୍ଥାରେ ମାତ୍ର ତିନୋଟି ମିନିଟ୍ ରହିପାରିଲେହିଁ ତାହା ସାଧାରଣ ଶୋଇବାର ଆଠଘଣ୍ଟା ସହିତ ସମାନ ହେବ ।

## ଆମ ପ୍ରାଣିକ ଶରୀରର ବି କ'ଣ ବିଶ୍ରାମ ଦରକାର ?

ହଁ । ଆମର ପ୍ରାଣିକ ଶରୀର ଭୌତିକ ଶରୀରର ଚତୁର୍ଦ୍ଦିଗରେ ଏପରି ଏକ ଆବରଣ ପରି ବେଷ୍ଟିତ ହୋଇ ରହିଥାଏ, ଯାହାର କି ଘନରେ ଖୁବ୍ ଗରମ ପଡ଼ୁଥିବା ସମୟରେ ଉତ୍ତାପର ସ୍ପନ୍ଦନଗୁଡ଼ିକ ମଧ୍ୟରେ ଯେତିକି ସାନ୍ଦ୍ରତା ଦେଖିବାକୁ ମିଳେ, ପ୍ରାୟ ସେତିକି ସାନ୍ଦ୍ରତା ରହିଥାଏ । ଏବଂ ଏହାକୁହିଁ ସୂକ୍ଷ୍ମ ଶରୀର ଏବଂ ସବୁଠାରୁ ଅଧିକ ଭୌତିକ ହୋଇ ରହିଥିବା ପ୍ରାଣମୟ ଶରୀରର ମଧ୍ୟବର୍ତ୍ତୀ ପରସ୍ତଟି ବୋଲି କୁହାଯାଇ ପାରିବ । ଏହି ସ୍ତରଟିହିଁ ଶରୀରକୁ ସକଳ ପ୍ରକାର ସଂକ୍ରମଣ, କ୍ଲାନ୍ତି ଓ ଅବସନ୍ନତାରୁ ରକ୍ଷା କରୁଥାଏ, ଏପରିକି ଆକସ୍ମିକ ଦୁର୍ଘଟଣାଗୁଡ଼ିକରୁ ମଧ୍ୟ ବଞ୍ଚାଇ ରଖେ । ତେଣୁ, ଯଦି ଏହି ଆବରଣଟି ଅଚ୍ଛିଦ୍ର ଓ ଦୃଢ଼ ହୋଇ ରହିଥାଏ, ତାହା ତୁମକୁ ସବୁକିଛିରୁ ରକ୍ଷା କରିବାରେ ଲାଗିଥାଏ; ମାତ୍ର ଯେତେବେଳେ କୌଣସି ସଂବେଗ ଏତେଟିକିଏ ଅଧିକ ତୀବ୍ର ହୋଇପଡ଼େ, ଟିକିଏ ପରିଶ୍ରାନ୍ତି ଅନୁଭୂତ ହୁଏ,

'oaob.nitrkl.ac.in' images reprocessed

କୌଣସି ପ୍ରକାର ଅସନ୍ତୋଷ ଜାତ ହୁଏ ବା କୌଣସି ପ୍ରକାର ଅସ୍ୱନକ ଧକ୍କା ଆସି ବାଜେ, ସେତେବେଳେ ତାହାହିଁ ଉକ୍ତ ରକ୍ଷାବରଣଟିକୁ ସତେଯେପରି ବିଦୀର୍ଣ୍ଣ କରି ପକାଇବା ଲାଗି ଯଥେଷ୍ଟ ହୁଏ, ଏବଂ କେଉଁଠି ଟିକିଏ ବାଟ ହୋଇଯିବା ମାତ୍ରକେ ଯେକୌଣସି ଅନୁପ୍ରବେଶ ମଧ୍ୟ ସମ୍ଭବ ହୋଇଯାଏ । ଚିକିତ୍ସା ବିଜ୍ଞାନ ମଧ୍ୟ ଏବେ ସ୍ୱୀକାର କରୁଛି ଯେ ଯଦି ତୁମର ପ୍ରାଣିକ ସ୍ତରରେ ଏକ ପୂର୍ଣ୍ଣ ସମତାବସ୍ଥା ପ୍ରତିଷ୍ଠିତ ହୋଇ ରହିପାରେ ତେବେ ତୁମ ଭିତରେ ଆଉ କୌଣସି ରୋଗ ପଶି ପାରେ ନାହିଁ, ବା ଅନ୍ତତଃ, ଯେକୌଣସି ପ୍ରକାରର ରୋଗସଂକ୍ରମଣ ଲାଗି ତୁମ ପାଖରେ ଏକ ରକ୍ଷାକବଚ ରହିଥାଏ । ଯଦି ତୁମ ଭିତରେ ଏହି ସମତାବସ୍ଥାଟି ରହିଛି, ଆବରଣଟିକୁ ଅଚ୍ଛିଦ୍ର ରଖିବା ଲାଗି ଏହି ଅନ୍ତର୍ଗତ ସମଞ୍ଜସତାଟି ତୁମ ଭିତରେ ବିଦ୍ୟମାନ ରହିଛି, ତେବେ ତାହା ତୁମକୁ ସବୁକିଛିରୁ ନିରାପଦ ରଖିପାରିବ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଏକ ଅତ୍ୟନ୍ତ ସାଧାରଣ ଜୀବନ ଯାପନ କରୁଥାନ୍ତି, ଯେପରି ଶୋଇବା ଓ ଖାଇବା ଉଚିତ, ସେମାନେ ତାହା ଭଲ କରି ଜାଣିଥାନ୍ତି, ଏବଂ ସେମାନଙ୍କର ସ୍ନାୟୁଗତ ଆଚ୍ଛାଦନଟି ଏପରି ଅଚ୍ଛିଦ୍ର ଓ ଅତୁଟ ହୋଇ ରହିଥାଏ ଯେ, ସତେଅବା ଅତ୍ୟନ୍ତ ଉପେକ୍ଷାର ସହିତ ସେମାନେ ଯାବତୀୟ ବିପଦକୁ ଅତିକ୍ରମ କରି ଯାଉଥାନ୍ତି । ଜଣେ ଇଚ୍ଛା କଲେ ଆପଣା ଭିତରେ ଏହି ସାମର୍ଥ୍ୟଟିର ବିକାଶ କରାଇ ଆଣିପାରିବ । ନିଜର ସେହି ଆବରଣଟି ମଧ୍ୟରେ ସେହି ଦୁର୍ବଳ ସ୍ଥାନଟି ପ୍ରକୃତରେ କେଉଁଠାରେ ରହିଛି, ସେହି ବିଷୟରେ ସଜ୍ଞାନ ହୋଇ ପାରିଲେ, ମାତ୍ର ଅଳ୍ପ କେତୋଟି ମିନିଟ୍‌ର ସ୍ଥିର ଅଭିନିବେଶ, ଶକ୍ତିର ଆବାହନ ଏବଂ ଏକ ଅନ୍ତର୍ଗତ ଶାନ୍ତ ଅବସ୍ଥା ତାହାକୁ ପୁନର୍ବାର ଦୃଢ଼ କରିଦେବାରେ ନିଶ୍ଚୟ ଯଥେଷ୍ଟ ହେବ, ତାହାର ଆରୋଗ୍ୟ ବିଧାନ କରିପାରିବ ଏବଂ ଅକାମ୍ୟ ବୋଲି ଭିତରେ ଯାହାକିଛି ରହିଛି, ତାହା କୁଆଡ଼େ ଅନ୍ତର୍ହିତ ହୋଇଯିବ ।

'oaob.nitrkl.ac.in' images reprocessed

## ୩ ଫେବୃଆରୀ ୧୯୫୧

"ତୁମେ କ'ଣ ପାଇଁ ଯୋଗସାଧନା କରିବାକୁ ଇଚ୍ଛା କରୁଛ ? କ୍ଷମତା ପାଇବା ପାଇଁ ? ଶାନ୍ତି ଏବଂ ସ୍ଥିରତା ଲାଭ କରିବା ପାଇଁ ? ମନୁଷ୍ୟସମାଜର ସେବା କରିବା ପାଇଁ ?

"ଏଥିମଧ୍ୟରୁ କୌଣସି ଗୋଟିଏ ହେଲେ ଅଭିପ୍ରାୟ ବି ଯଥେଷ୍ଟ ଭାବରେ ପ୍ରମାଣ କରିଦେଇ ପାରିବ ନାହିଁ ଯେ ତୁମେ ସେହି ପଥଟି ଲାଗି ପ୍ରକୃତରେ ଅଭିପ୍ରେତ ହୋଇ ରହିଛ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୭ ଏପ୍ରିଲ)

ଅସଲ ଅସୁବିଧାଟି ହେଉଛି ଯେ ତୁମେ କେବଳ କେତୋଟି ଶବ୍ଦ ଦେଇହିଁ ଯାହାକିଛି ଭାବିବାକୁ ସମର୍ଥ ହେଉଛ, ମାତ୍ର ସେହିସବୁ ଶବ୍ଦରେ ପ୍ରକୃତ ତାତ୍ପର୍ଯ୍ୟ ବୋଲି କିଛିହେଲେ ନାହିଁ । ଅଧିକାଂଶ ସମୟରେ ସେଗୁଡ଼ାକ କେବଳ କେତେଟା ଶବ୍ଦ ହୋଇ ରହିଛନ୍ତି । ତୁମେ ପରମ ଦିବ୍ୟ ସତ୍ୟ ବିଷୟରେ କହୁଛ, ସର୍ବୋଚ୍ଚ ପରମେଶ୍ୱରଙ୍କ ବିଷୟରେ କହୁଛ, ଯୋଗ ବିଷୟରେ ବି କହୁଛ,—ତୁମେ କେତେ କେତେ ବିଷୟରେ କେତେ କ'ଣ କହିବାରେ ଲାଗିଛ; ମାତ୍ର ତୁମେ ଏସବୁ ଯାହାକିଛି କହୁଛ, ତାହାର ଅନୁରୂପ କୌଣସି ନିର୍ଦ୍ଦିଷ୍ଟ ଓ ମୂର୍ତ୍ତି କଥା ତୁମର ମୁଣ୍ଡ ଭିତରେ ପ୍ରକୃତରେ ରହିଛି କି ? କୌଣସି ଅନୁରୂପ ଭାବନା ରହିଛି ? ଅନୁରୂପ ଅନୁଭୂତି ରହିଛି, କୌଣସି ସ୍ପଷ୍ଟ ଧାରଣା ବା ଅଭିଜ୍ଞତା ବି ରହିଛି ? ବା ସେଗୁଡ଼ାକ ଖାଲି ଶବ୍ଦହିଁ ହୋଇ ରହିଛି ?

ଯୋଗକୁ "ଜୀବନର ଅନ୍ତିମ ଉଦ୍ଦେଶ୍ୟ" ବୋଲି କୁହାଯାଇଥାଏ; ମାତ୍ର ଏହି ଅନ୍ତିମ ଉଦ୍ଦେଶ୍ୟଟିରୁ ତୁମେ ପ୍ରକୃତରେ କ'ଣ ପ୍ରତ୍ୟାଶା କରୁଛ ? ଅନେକ କହନ୍ତି ଯେ ଏହି ଅନ୍ତିମ ଉଦ୍ଦେଶ୍ୟ ହେଉଛି ଆପଣାକୁ ଜାଣିବା । ଏଇଟି ହେଉଛି ଏହି ଉଦ୍ଦେଶ୍ୟଟିର ବ୍ୟକ୍ତିଗତ ଓ କେବଳ ବ୍ୟକ୍ତିର ଜୀବନ ସହିତ ସମ୍ବନ୍ଧ ରଖିଥିବା ଏକ ଦିଗ । ଯଦି ଏହି ଦିଗଟିକୁ ଆହୁରି ଟିକିଏ ଆଗକୁ ପ୍ରସାରିତ କରି ନିଆଯାଏ, ତେବେ ଏହା ଦ୍ୱାରା ଆମ ସତ୍ତାର ସତ୍ୟ ବିଷୟରେ ସଚେତନ ହେବାକୁହିଁ ବୁଝାଇବ : ତୁମେ କାହିଁକି ଏହି ସଂସାରକୁ ଆସିଛ ଓ ଏଠାରେ ତୁମର କ'ଣ କରିବା ଉଚିତ,—ସେହି କଥାକୁହିଁ ବୁଝାଇବ । ଏବଂ କଥାଟିକୁ ତଥାପି ଆହୁରି ଆଗକୁ ପ୍ରସାରିତ କରି

'oaob.nitrkl.ac.in' images reprocessed

ନେଇପାରିଲେ, ତୁମେ ଅନ୍ୟ ମନୁଷ୍ୟମାନଙ୍କ ସହିତ ରହିଥିବା ତୁମର ନାନା ସମ୍ପର୍କ ବିଷୟରେ ମଧ୍ୟ ସଚେତନ ହୋଇ ପାରିବ; ଏବଂ, ଆହୁରି ଟିକିଏ ଆଗକୁ ଯାଇ, ଏହି ସଂସାରରେ ମନୁଷ୍ୟସମାଜର ପ୍ରକୃତ ଭୂମିକା ତଥା ପ୍ରକୃତ ଲକ୍ଷ୍ୟ କ'ଣ ବୋଲି ତୁମେ ହୁଏତ ପଚାରି ପାରିବ । ଏବଂ, ପୁନଶ୍ଚ, ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଆମେ ପୃଥିବୀର ବର୍ତ୍ତମାନ ଅବସ୍ଥାଟି କିପରି ହୋଇ ରହିଛି ବୋଲି ମଧ୍ୟ ପ୍ରଶ୍ନ କରି ପାରିବା । ଏହି ବିଶ୍ୱଜଗତ କ'ଣ, ଏହାର ଲକ୍ଷ୍ୟ କ'ଣ, ଭୂମିକା ବା କ'ଣ ? ଏହିପରି ଭାବରେ ତୁମେ ଗୋଟିଏ ଭୂମିରୁ ଆଉଗୋଟିଏ ଭୂମିକୁ ଅତିକ୍ରମ କରି ଯାଉଥିବ ଏବଂ ସର୍ବଶେଷରେ ସମଗ୍ର ସମସ୍ୟାଟିକୁ ହିଁ ଅବଲୋକନ କରିପାରିବ । ତୁମକୁ ଅସଲ ବସ୍ତୁଟିକୁ ଦେଖିବାକୁ ପଡ଼ିବ, ସକଳ ଶବ୍ଦର ପଶ୍ଚାତରେ ରହିଥିବା ଅନୁଭବରେ ଯାଇ ପହଞ୍ଚିବାକୁ ହେବ । ଏଠାରେ ଆମେ "ଯୋଗ" ବିଷୟରେ କଥା ପକାଇଛୁ, ଆଉ କେଉଁଠି କୌଣସି ଅନ୍ୟ ବିଷୟରେ ମଧ୍ୟ କଥା ପଡ଼ିପାରିବ, ଆଲୋଚନା ହୋଇପାରିବ । କେହି କେହି ହୁଏତ କହିବେ, "ମୁଁ ମୋ ଜୀବନର ଉଦ୍ଦେଶ୍ୟଟିକୁ ଖୋଜୁଛି ।" ଏହିପରି କିଏ କେତେପ୍ରକାର କହିବେ । ଯେଉଁମାନଙ୍କ ଭିତରେ ଏକ ଧାର୍ମିକ ପ୍ରବୃତ୍ତି ରହିଛି, ସେମାନେ କହିବେ, "ମୁଁ ଭଗବାନଙ୍କର ରୂପଟିକୁ ପ୍ରତ୍ୟକ୍ଷ କରିବାକୁ ଇଚ୍ଛା କରୁଛି ।" ବସ୍ତୁଟିକୁ ବର୍ଣ୍ଣନା କରି କହିବାର ପଚାଶବାଟ ରହିଛି, ମାତ୍ର ପ୍ରକୃତରେ ସେହି ବସ୍ତୁଟିରହିଁ ଯାହାକିଛି ଅସଲ ମହତ୍ତ୍ୱ ରହିଛି । ସେହି ବସ୍ତୁଟିକୁ ତୁମେ ନିଜ ମୁଣ୍ଡ ଭିତରେ ଅବଶ୍ୟ ଅନୁଭବ କରି ପାରୁଥିବ, ନିଜର ହୃଦୟରେ ଓ ସବୁଠାରେ ଅନୁଭବ କରି ପାରୁଥିବ । ଏହା ତୁମ ଲାଗି ମୂର୍ତ୍ତି ହୋଇ ରହିଥିବ, ଜୀବନ୍ତ ହୋଇ ରହିଥିବ; ନଚେତ୍ ତୁମେ ମୋଟେ ଆଗକୁ ଯାଇ ପାରିବ ନାହିଁ । ତୁମକୁ ଶବ୍ଦର ଜାଲ ଭିତରୁ ବାହାରି ଆସିବାକୁ ପଡ଼ିବ, କ୍ରିୟାଶୀଳତାରେ ପ୍ରବେଶ କରିବାକୁ ହେବ,—ଅନୁଭବ ଭିତରେ ପ୍ରବେଶ କରିବାକୁ ହେବ, ଜୀବନ ଭିତରେ ପ୍ରବେଶ କରିବାକୁ ହେବ । (ମାଆ ଗୋଟିଏ ପିଲା ଆଡ଼କୁ ଅନାଇ ପଚାରିଲେ) ତୁମେ ବି ଯୋଗ କରିବାକୁ ଇଚ୍ଛା କରୁଛ ?

ହଁ, ମାଆ । କରୁଛି ।

କାହିଁକି ଯୋଗ କରିବାକୁ ଇଚ୍ଛା କରୁଛ ?

ଭଗବାନଙ୍କର ସାନ୍ନିଧ୍ୟକୁ ଅନୁଭବ କରିବା ଲାଗି ।

ତୁମେ ?

'oaob.nitrkl.ac.in' images reprocessed

ଭଗବାନଙ୍କୁ ପାଇବା ଲାଗି,—ଏବଂ ଭଗବାନଙ୍କୁ ପାଇବାକୁ ହେଲେ ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବାକୁ ପଡ଼ିବ ।

ଆଉ ତୁମେ ? ତୁମର କାହିଁକି ଯୋଗ ଆଡ଼କୁ ମନ ହେଉଛି ?

କାରଣ, ଯୋଗ ଦ୍ୱାରା ମୁଁ ନିଜକୁ ନିଜେ ଜାଣିପାରିବି ।

ତୁମେ ?

ଯାହାକୁ ଅନ୍ତର୍ଗତ ସତ୍ୟ ବୋଲି ଅନୁଭବ କରାଯାଏ, ତାହାକୁ କ୍ରିୟାନ୍ୱିତ କରିବାକୁ ।

ଆଉ ତୁମେ ? ତୁମେ ବି ଯୋଗ ଅଭ୍ୟାସ କରୁଛ ?

ବେଳେବେଳେ ।

ହଁ, ସାଧୁ, ସାଧୁ;—କିନ୍ତୁ ବେଳେବେଳେ କ'ଣ ପାଇଁ ?

(ଆଉଗୋଟିଏ ପିଲାକୁ ସମ୍ବୋଧନ କରି) ଯୋଗ କହିଲେ ଯେ କ'ଣ ବୁଝାଏ, ତୁମର ସେବିଷୟରେ ଆଦୌ କୌଣସି ଧାରଣା ଅଛି କି ?

ମୁଁ ଭାବୁଛି, ଯୋଗ ଗୋଟିଏ ପଥ, ଯାହାକି···

ସେହି ପଥଟିର ଶେଷରେ କ'ଣ ରହିଛି ?

ଭଗବାନଙ୍କର ସତତ ସାନ୍ନିଧ୍ୟ ।

(ଆଉଗୋଟିଏ ପିଲାକୁ ଲକ୍ଷ୍ୟ କରି) ଯୋଗରେ ତୁମକୁ କେଉଁ କଥାଟି ସବୁଠାରୁ ଅଧିକ ଆକର୍ଷକ ବୋଲି ମନେହୁଏ ?

ଯୋଗ ପ୍ରକୃତରେ କ'ଣ, ମୁଁ ସେହି କଥାଟିକୁ ବୁଝି ନାହିଁ । ଆପଣଙ୍କୁ ଧ୍ୟାନ କଲେ ଯୋଗ ସମ୍ଭବ ହୁଏ କି ?

'oaob.nitrkl.ac.in' images reprocessed

ଏହା ନିଶ୍ଚିତ୍ ଏକ ଉତ୍ତମ ପ୍ରସ୍ତାବ ।

ସେ ଯାହା ହେଉ, ଆନନ୍ଦର କଥା ଯେ କେହି କହି ନାହାନ୍ତି ଯେ ସେ ଅଧିକ କ୍ଷମତା ପାଇଁ ଯୋଗ ସାଧନା କରିବାକୁ ଇଚ୍ଛା କରୁଛି । ଏପରି ଅନେକ ଦେଶ ଅଛି ଓ ଲୋକମାନେ ଅଛନ୍ତି, ଯେଉଁମାନେ କି ଯୋଗ ବୋଲି ଏକ ପଦାର୍ଥ ଅଛି ବୋଲି ଜାଣିଛନ୍ତି ଏବଂ ସେମାନେ ଏହିପରି ଏକ ଧାରଣା ନେଇ ଯୋଗ ଆରମ୍ଭ କରିଥାନ୍ତି ଯେ ଯୋଗ ଦ୍ୱାରା ସେମାନେ ଅନ୍ୟମାନଙ୍କଠାରୁ ଅଧିକ ହୋଇପାରିବେ, ଅନ୍ୟମାନଙ୍କ ଅପେକ୍ଷା ଅଧିକ କ୍ଷମତା ଓ ସାମର୍ଥ୍ୟର ଅଧିକାରୀ ହୋଇପାରିବେ ଏବଂ ଫଳତଃ ଅନ୍ୟମାନଙ୍କ ଉପରେ ପ୍ରଭୁ ହୋଇ ବସିପାରିବେ । ଯୋଗସାଧନା କରିବା ଲାଗି ଏଇଟା ହେଉଛି ସବୁଠାରୁ ଖରାପ କାରଣ, ସବୁଠାରୁ ଅଧିକ ସ୍ୱାର୍ଥପର ଏକ କାରଣ ଏବଂ ଏଥିରୁ ସବୁଠାରୁ ଅଧିକ କ୍ଷତିକାରୀ ପରିଣାମମାନ ଭୋଗ କରିବାକୁ ପଡ଼ିଥାଏ । ଆହୁରି ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ଅତିମାତ୍ରାରେ ସନ୍ତପ୍ତ ହୋଇ ପଡ଼ିଥାନ୍ତି, ବଡ଼ କଷ୍ଟ ଓ ବିପନ୍ନଗ୍ରସ୍ତ ହୋଇ ଜୀବନ ବଞ୍ଚିଥାନ୍ତି, ଯେଉଁମାନଙ୍କର କେତେ ନା କେତେ ଚିନ୍ତା ରହିଥାଏ, ଦୁଃଖ ରହିଥାଏ, —ଅନୁଶୋଚନା ରହିଥାଏ । ସେମାନେ କହିଥାନ୍ତି, "ମୋତେ ଏପରି ଗୋଟିଏ ଜିନିଷ ପାଇବାକୁ ହେବ, ଯାହାକି ମୋତେ ଶାନ୍ତି ଦେଇ ପାରିବ, ମୋର ଦହନଗୁଡ଼ାକରେ ଉପଶମ ଆଣିଦେବ ଏବଂ ତା'ହେଲେ ମୁଁ ଟିକିଏ ବିଶ୍ରାମ ବି ପାଇପାରିବି ।" ଏବଂ ସେମାନେ ଦଉଡ଼ିଯାଇ ଯୋଗକୁ ଏକ ଉପାୟରୂପେ ଗ୍ରହଣ କରନ୍ତି, ଯୋଗାଭ୍ୟାସ ଦ୍ୱାରା ସେମାନେ ବେଶ୍ ସୁଖୀ ହୋଇପାରିବେ ଓ ଅସନ୍ତୋଷଗୁଡ଼ାକୁ ଦୂର କରିପାରିବେ ବୋଲି ଭାବି ଥାଆନ୍ତି । ବଡ଼ ଦୁର୍ଭାଗ୍ୟର କଥା ଯେ ଏପରି ଆଦୌ ହୋଇ ପାରେ ନାହିଁ । ଏହିପରି ଗୋଟାଏ କାରଣରୁ ତୁମେ ଯେତେବେଳେ ଯୋଗାଭ୍ୟାସ ଆରମ୍ଭ କର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତଦ୍ଦ୍ୱାରା ତୁମକୁ ଅନେକ ବଡ଼ ବଡ଼ ବାଧାର ସମ୍ମୁଖୀନ ହେବାକୁ ପଡ଼େ । ଏବଂ ତା'ପରେ, ମନୁଷ୍ୟମାନଙ୍କର ଆଖିକୁ "ଲୋକହିତୈଷିତା" ଓ "ମନୁଷ୍ୟଜାତିକୁ ପ୍ରେମ କରିବା" ପ୍ରଭୃତି ଗୁଣଗୁଡ଼ିକ ଏଡ଼େ ଏଡ଼େ ବଡ଼ ହୋଇ ଦେଖା ଯାଇଥାଏ । କେତେ କେତେ ଲୋକ କହିଥାନ୍ତି, "ମନୁଷ୍ୟସମାଜର ସେବା କରିବା ସକାଶେ, ଦୁଃଖୀର ଜୀବନରେ ସୁଖ ଆଣିଦେବା ସକାଶେ, ପୃଥିବୀରେ ସମସ୍ତେ ଯେପରି ସବୁଠାରୁ ଅଧିକ ସୁଖରେ ବାସ କରିପାରିବେ, ପୃଥିବୀଟିକୁ ସେହିପରି ଭାବରେ ତିଆରି କରିବା ସକାଶେ ମୁଁ ଯୋଗସାଧନା କରିବାକୁ ଯାଉଛି ।" ମୁଁ କହିବି ଯେ ଏହା ଆଦୌ ଯଥେଷ୍ଟ ନୁହେଁ,—ଏହା ଯେ ସ୍ୱତଃ ଏକ ଖରାପ କଥା, ମୁଁ ସେକଥା ଆଦୌ କହୁ ନାହିଁ । ଅବଶ୍ୟ ଏକଥା ସତ ଯେ ମୁଁ ଜଣେ ଗୂଢ଼ବିଦ୍ୟାବାଦୀ ଥରେ ଖୁବ ଚତୁରତାର ସହିତ ଏହିଭଳି କହୁଥିବାର ଶୁଣିଛି : "ପୃଥିବୀରେ ଆଦୌ

'oaob.nitrkl.ac.in' images reprocessed

କୌଣସି ଦୁଃଖ ରହିବ ନାହିଁ, ଏପରି ଏକ ଅବସ୍ଥା ଆମର ଏଠି କଦାପି ଏତେ ଶୀଘ୍ର ଆସିବାକୁ ଯାଉ ନାହିଁ; କାରଣ ଏହିସବୁ ଦୁଃଖଙ୍କୁ ଦୂର କରିବାର ବ୍ରତ ନେଇ ଜୀବନ ବଞ୍ଚିବା ଲାଗି ଏହି ପୃଥିବୀରେ ପ୍ରକୃତରେ ଅନେକ ଅଧିକ ସଂଖ୍ୟାରେ ମନୁଷ୍ୟ ରହିଛନ୍ତି ।" ଏକଥା ସତ ଯେ ଏକ ଚତୁର ବ୍ୟଙ୍ଗ ପ୍ରୟୋଗ କରି ଏହି କଥାଟି କୁହାଯାଇଛି, ମାତ୍ର କଥାଟିକୁ ତଥାପି ଏକାବେଳେକେ ଭୁଲ୍ ବୋଲି କଦାପି କହି ହେବ ନାହିଁ । ଯଦି ଦୁଃଖର ଅପନୋଦନ ସକାଶେ ସଂସାରରେ ଆଦୌ କୌଣସି ଦୁଃଖ ରହିବ ନାହିଁ, ତେବେ ଲୋକହିତୈଷଣାକୁ ବ୍ରତ କରି ବାହାରିଥିବା ଜଣେ ବ୍ୟକ୍ତି ଲାଗି ସେଭଳି ଅବସ୍ଥାରେ ବଞ୍ଚି ରହିବା ପାଇଁ ଦୁଏକ ଆଉ କୌଣସି କାରଣହିଁ ରହିବ ନାହିଁ । ସିଏ ଯେ ମୋଟେ ସ୍ୱାର୍ଥପର ନୁହେଁ, ସେବିଷୟରେ ସେ ପ୍ରକୃତରେ କେତେ ଆତ୍ମସନ୍ତୁଷ୍ଟ ହୋଇ ରହି ନଥାଏ, ତା' ମନରେ ସେହି ବିଷୟରେ ପ୍ରକୃତରେ କେତେ ବେଶୀ ଆସ୍ଥା ନଥାଏ ! ମୁଁ ଏପରି ଲୋକଙ୍କୁ ଜାଣେ, ଯେଉଁମାନେ କି ପୃଥିବୀରେ ଆଉ ମୋଟେ କୌଣସି ଦୁଃଖ ନରହିଲେ ପ୍ରକୃତରେ ବଡ଼ ଅସୁଖୀ ହୋଇ ପଡ଼ିବେ ! ଅପନୋଦନ କରିବା ଲାଗି ଆଉ ଆଦୌ କୌଣସି ଦୁଃଖ ପୃଥିବୀରେ ନରହିଲେ ସେମାନେ ଏଠି ବଞ୍ଚିରହି ପୁଣି ଆଉ କ'ଣ କରିପାରିବେ ? ଏହି ସଂସାରରେ ସେମାନଙ୍କର କାର୍ଯ୍ୟ ବା କ'ଣ ହୋଇ ରହିବ ଓ ତା'ପରେ ସେମାନଙ୍କର ଯଶଃ ଓ ଗୌରବ ବୋଲି ବା ଆଉ କ'ଣ ରହିବ ? "ମୁଁ ମୋଟେ ସ୍ୱାର୍ଥପର ନୁହେଁ" ବୋଲି ସେମାନେ ଲୋକମାନଙ୍କୁ ଆଉ କପରି ଦେଖାଇଦେଇ ପାରିବେ ? ସେମାନେ ଯେ କେଡ଼େ ଉଦାର ଓ କେଡ଼େ ଦୟାଳୁ, ଲୋକମାନଙ୍କୁ ତା'ର ପ୍ରମାଣ ଦେଇ ପାରିବେ କପରି ?

"ପରମେଶ୍ୱର ଭଗବାନଙ୍କ ନିମନ୍ତେହିଁ ତୁମେ ଯୋଗସାଧନା କରିବାକୁ ଇଚ୍ଛା କରୁଛ କି ?···ଯଦି ଇଚ୍ଛା କରୁଥାଅ, ତେବେଯାଇ କୁହାଯାଇ ପାରିବ ଯେ ତୁମେ ଅସଲ ପଥଟି ଲାଗି ଅଭିପ୍ରେତ ହୋଇ ରହିଛ ।

"ଏହି କଥାଟି ପ୍ରଥମେ ଆବଶ୍ୟକ—ପରମେଶ୍ୱରଙ୍କ ଲାଗି ଅଭୀପ୍‌ସା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୭ ଏପ୍ରିଲ)

ସେହି ଅଭୀପ୍‌ସାର ଅଭିମୁଖରେ ପ୍ରଥମ ଗତିସ୍ପନ୍ଦନଟି ହେଉଛି : ତୁମେ ଅସ୍ପଷ୍ଟ ଭାବରେ ଅନୁଭବ କରୁଛ ଯେ ଏହି ବିଶ୍ୱଜଗତର ପଶ୍ଚାତରେ ଏପରି ଗୋଟିଏ

'oaob.nitrkl.ac.in' images reprocessed

ବସ୍ତୁ ରହିଛି, ଯାହାକୁ କି ଆମକୁ ଜାଣିବାକୁ ପଡ଼ିବ, ସମ୍ଭବତଃ କେବଳ ଯାହା ଲାଗି (କାରଣ ତୁମେ ଏପର୍ଯ୍ୟନ୍ତ ସେହି ବସ୍ତୁଟିକୁ ଜାଣି ନାହିଁ) ଏହି ଜୀବନକୁ ସାର୍ଥକ ଭାବରେ ବଞ୍ଚିହେବ, ଯାହାକି ପରମ ସତ୍ୟ ସହିତ ତୁମର ଯୋଗ ଲଗାଇ ରଖିପାରିବ; ଏହି ବସ୍ତୁଟି, ଯାହା ଉପରେ କି ବିଶ୍ୱବ୍ରହ୍ମାଣ୍ଡ ନିର୍ଭରଶୀଳ ହୋଇ ରହିଛି, ମାତ୍ର ଯିଏ ବିଶ୍ୱବ୍ରହ୍ମାଣ୍ଡ ଉପରେ ଆଦୌ ନିର୍ଭରଶୀଳ ହୋଇ ରହି ନାହିଁ; ଏହି ବସ୍ତୁଟି, ଯାହାକି ତୁମ ବୋଧର ଅଗୋଚର ହୋଇ ରହିଛି, ମାତ୍ର ଏହି ସବୁକିଛି ବସ୍ତୁର ପଶ୍ଚାତରେ ଅବସ୍ଥିତ ରହିଥିବା ପରି ମନେ ହେଉଛି।...ସେହି ବସ୍ତୁଟି ବିଷୟରେ ଅଧିକାଂଶ ଲୋକ ଯେତିକି ଅନୁଭବ କରନ୍ତି, ଏଠାରେ ମୁଁ ତା'ଠାରୁ ଅନେକ ଅଧିକହିଁ କହିଛି,—ମାତ୍ର ଏହାକୁ ପ୍ରଥମ ଅଭୀପ୍ସାଟିର କେବଳ ଆରମ୍ଭ ବୋଲିହିଁ ବୁଝାଯିବ। ସେହି ବସ୍ତୁଟିକୁ ଜାଣିବା, ଯାବତୀୟ ବସ୍ତୁକୁ ଏପରି ବିକୃତ ଓ କୃତ୍ରିମ କରି ରଖିଥିବା ଏହି ଚିରନ୍ତନ ମିଥ୍ୟାଟି ମଧ୍ୟରେ ପଡ଼ି ନରହିବା,— ଏହାକୁ ନିଶ୍ଚୟ ଏକ ଆନନ୍ଦଦାୟକ କାର୍ଯ୍ୟ ବୋଲି ବୁଝାଯିବ; ଯାହା ଲାଗି ପ୍ରକୃତରେ ଏହି ଜୀବନକୁ ବଞ୍ଚିହେବ, ଏପରି ଗୋଟିଏ ବସ୍ତୁର ସନ୍ଧାନ ପାଇବାକୁ ପ୍ରକୃତରେ ସୁଖଦାୟକ ବୋଲି ବୁଝାଯିବ।

"ଏହାର ପରବର୍ତ୍ତୀ କାର୍ଯ୍ୟ ହିସାବରେ ତୁମେ ଏହି ଅଭୀପ୍ସାଟିକୁ ବିକଶିତ କରାଇ ଆଣିବ, ତାହାକୁ ଅନୁକ୍ଷଣ ଜୀବନ୍ତ କରି ରଖିଥିବ, ଜାଗ୍ରତ ଏବଂ ସଚଳ କରି ରଖିଥିବ।"

ତଦୈବ

"ହଁ, ହଁ, ମୁଁ ଭଗବାନଙ୍କୁ ଖୋଜି ପାଇବା ଲାଗି ଚିନ୍ତା କରୁଛି" ବୋଲି ବେଳେବେଳେ ଆପଣାକୁ ବୋଧ ଦେବାକୁ ଚେଷ୍ଟା ନକରି, ଯେତେବେଳେ କୌଣସି ଅସୁଖକର ଘଟଣା ଘଟୁଛି, ତୁମେ ଅବସନ୍ନ ଅନୁଭବ କରୁଛ ବୋଲି ଯେତେବେଳେ ତୁମକୁ ଭାରି ବିରକ୍ତି ଲାଗୁଛି,—ହଁ, ହଁ, ଏପରି ଅନେକ ବାହାନା ବା କାରଣ କେତେକେତେ ରହିଛି, କେବଳ ସେତେବେଳେହିଁ ତାଙ୍କୁ ପାଇବାର କଥା ମନେ ନପକାଇ, ତୁମେ ହଠାତ୍ ସ୍ମରଣ କରିବାକୁ ଆରମ୍ଭ କରିବ ଯେ ଯୋଗ ବୋଲି ପ୍ରକୃତରେ ଗୋଟିଏ ବସ୍ତୁ ରହିଛି, ପରମେଶ୍ୱର ବୋଲି ଜ୍ଞାତବ୍ୟ ଏକ ସମ୍ପଦ ରହିଛନ୍ତି, ଯିଏକି ତୁମକୁ ଜୀବନର ଏହି ନୀରସତା ଓ ବର୍ଣ୍ଣହୀନତା ମଧ୍ୟରୁ ବାହାର କରି ନେଇଯାଇ ପାରିବେ।

"ଏବଂ ସେଥିଲାଗି ଯାହା ସର୍ବାଦୌ ଆବଶ୍ୟକ, ତାହା ହେଉଛି ଅଭିନିବେଶିତ ହେବାର ଶକ୍ତି,—କେବଳ ତାଙ୍କର ପରମ ଇଚ୍ଛା

'oaob.nitrkl.ac.in' images reprocessed

ଏବଂ ପରମ ଉଦ୍ଦେଶ୍ୟ ଲାଗିହିଁ ଆପଣାକୁ ସମଗ୍ର ଏବଂ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇ ପାରିବା ସକାଶେ ତାଙ୍କରିଠାରେ ଆପଣାକୁ ଅଭିନିବେଶିତ କରି ରଖି ପାରିବାର ଶକ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୭ ଏପ୍ରିଲ)

ଏଇଟି ହେଉଛି ଦ୍ୱିତୀୟ ସୋପାନ । ଅର୍ଥାତ୍, ପରମେଶ୍ୱର ଭଗବାନଙ୍କର ସନ୍ଧାନ ପାଇବା ଲାଗି ଓ ତାଙ୍କୁ ଜାଣିବା ଲାଗି ଓ ତାଙ୍କରି ମଧ୍ୟରେହିଁ ଆପଣାର ଜୀବନ ବଞ୍ଚିବା ଲାଗି ଇଚ୍ଛା କରି ତୁମେ ଏହି ସୋପାନଟିକୁ ଆରମ୍ଭ କରିବ । ତହିଁ ସଙ୍ଗେ ସଙ୍ଗେ ତୁମେ ଅନୁଭବ ବି କରୁଥିବ ଯେ ସେହି ବସ୍ତୁଟି ପ୍ରକୃତରେ ଏତେ ମୂଲ୍ୟବାନ୍ ଓ ଏତେ ମହତ୍ତ୍ୱପୂର୍ଣ୍ଣ ଯେ ତାଙ୍କୁ ଅର୍ଜନ କରିବା ଲାଗି ତୁମର ସମ୍ପୂର୍ଣ୍ଣ ଜୀବନଟି ମଧ୍ୟ କଦାପି ଯଥେଷ୍ଟ ହେବ ନାହିଁ । ତା'ପରେ ଆପଣାକୁ ସମର୍ପଣ କରିଦେବା ହେଉଛି ପ୍ରଥମ କାର୍ଯ୍ୟ; ତୁମେ ଆପେ ଆପଣାକୁ ଯାଇ କହିବ, "ଆଉ ମୁଁ ମୋର ହୋଇ ରହିବାକୁ ଇଚ୍ଛା କରୁ ନାହିଁ, ମୋର ଏହି କ୍ଷୁଦ୍ର ବ୍ୟକ୍ତିଗତ ସନ୍ତୋଷଲାଭ ପାଇଁ ମୁଁ ବଞ୍ଚିବାକୁ ଚାହୁଁ ନାହିଁ । ମୁଁ ଏହି ଅପୂର୍ବ ଓ ଚମତ୍କାର ସମ୍ପଦଟିରହିଁ ଅଧୀନ ହୋଇ ରହିବାକୁ ଇଚ୍ଛା କରୁଛି । ମନୁଷ୍ୟ ସେହି ବସ୍ତୁଟିରହିଁ ସନ୍ଧାନ ପାଇବ, ତାହାକୁହିଁ ଜାଣିବ, ତାହାରି ଲାଗିହିଁ ବଞ୍ଚିବ । ମୁଁ ଠିକ୍ ସେହି ବସ୍ତୁଟିରହିଁ ଅଭୀପ୍ସା ରଖିଛି ।"

"ହୃତ୍‌ସ୍ଥାନରେ ଆପଣାକୁ ଅଭିନିବେଶିତ କରି ରଖ । ସେହି ହୃଦୟ ଭିତରେ ପ୍ରବିଷ୍ଟ ହୁଅ । ଭିତରକୁ ଯାଅ, ଅନେକ ଗଭୀରକୁ ଓ ଅନେକ ଦୂରକୁ ଯାଅ, ଯେତେ ଦୂରକୁ ଯାଇପାରୁଛ ଯାଅ । ଚାରିଆଡ଼କୁ ଖେଳାଇ ହୋଇ ପଡ଼ିଥିବା ଚେତନାର ସବୁଯାକ ସୂତାକୁ ଏକତ୍ର କରିଆଣ । ସିଅଗୁଡ଼ିକ ଏକାଠି କରି ବାନ୍ଧିଦିଅ, ଲକ୍ଷ୍ୟପ୍ରଦାନ କର ଓ ନିମଗ୍ନ ହୋଇଯାଅ ।"

ତତ୍ରୈବ

ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ଯେତେବେଳେ ହୃଦୟ ବୋଲି କହୁଛି, ସେତେବେଳେ ମୁଁ ଦେହ ଭିତରେ ଥିବା ହୃଦ୍‌ଯନ୍ତ୍ର ବା ଅନ୍ତ୍ରଗୁଡ଼ାକ କଥା ଆଦୌ କହୁ ନାହିଁ । ମୁଁ ସତ୍ତାର ମନୋଭୂମିଗତ ବା ଚୈତ୍ୟ କେନ୍ଦ୍ରଟିର କଥାହିଁ କହୁଛି ।

'oaob.nitrkl.ac.in' images reprocessed

ମାଅ ତା'ପରେ ଗୋଟିଏ ପ୍ରଶ୍ନ ପାଠ କଲେ, ଯାହାକି ୧୯୬୧ ମସିହାରେ ତାଙ୍କର ପ୍ରବଚନ ସମୟରେ ତାଙ୍କୁ ପଚରା ଯାଇଥିଲା :

"ଯୋଗ ଲାଗି ନିଜକୁ ପ୍ରସ୍ତୁତ କରିବାକୁ ହେଲେ କ'ଣସବୁ କରିବାକୁ ହୋଇଥାଏ ?"

ଉତ୍ତର

ଯିଏ ମୋତେ ସେହି ପ୍ରଶ୍ନଟି ପଚାରିଥିଲେ, ତାଙ୍କୁ ମୁଁ ଏହିପରି ଭାବରେ ଉତ୍ତର ଦେଇଥିଲି : "ସର୍ବପ୍ରଥମେ ସଚେତନ ହୁଅ ।" ତେଣୁ ସେ ସଚେତନ ହେବାକୁ ଚେଷ୍ଟା କଲେ ଓ କେତେ ମାସ ପରେ ମୋ ପାଖକୁ ଆସି କହିଲେ, "ହାୟ, ଆପଣ କେଡ଼େ କୁତ୍ସିତ କଥାଟିଏ ମୋ ହାତରେ ଆଣି ଧରାଇ ନଦେଲେ ! ଆଗେ, ଲୋକମାନଙ୍କ ସହିତ ମୋର ସମ୍ବନ୍ଧର କ୍ଷେତ୍ରରେ, ସେମାନେ ସମସ୍ତେ କେଡ଼େ ଭଲ ବୋଲି ଲାଗୁଥିଲେ । ମୋ ଭିତରେ ସେମାନଙ୍କ ଲାଗି ସଦିଚ୍ଛା ଥିଲା ଓ ସେମାନେ ମୋ ସହିତ କେଡ଼େ ମିଷ୍ଟ ଭାବରେ ଆଚରଣ କରୁଥିଲେ । ଏବଂ ବର୍ତ୍ତମାନ, ଆପଣଙ୍କର କଥା ଅନୁସାରେ ସଚେତନ ହେବା ପରେ, ମୁଁ ମୋ ନିଜ ଭିତରେ ଏପରି ଅନେକ କଥା ଦେଖି ପାରିବାକୁ ଆରମ୍ଭ କଲିଣି ଯେଉଁଗୁଡ଼ାକ କି ମୋଟେ ପ୍ରୀତିକର ନୁହେଁ, ଏବଂ ତାହିଁ ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ଭିତରେ ବି ମୁଁ ଏପରି ଅନେକ କଥା ଦେଖିପାରୁଛି, ଯେଉଁଗୁଡ଼ାକୁ କି ମୋଟେ ସୁନ୍ଦର ବୋଲି କହି ହେବ ନାହିଁ !" ମୁଁ ସେହି ଭଦ୍ରମହିଳାଙ୍କୁ ଉତ୍ତର ଦେଇ କହିଲି, "ଏପରି ହେବା ଆଦୌ ଅସମ୍ଭବ ନୁହେଁ ! ଯଦି ତୁମେ କୌଣସି ପ୍ରକାର ଅନ୍ଧୁଆ ଭିତରକୁ ଆସିବାକୁ ଚାହୁଁ ନାହଁ, ତେବେ ତୁମ ଅଜ୍ଞାନ ଭିତରୁ ବାହାରକୁ ବାହାରି ନଆସିବାହିଁ ତୁମ ପକ୍ଷରେ ଅଧିକ ଭଲ ହେବ ।"

ତେଣୁ, ଆମେ ପ୍ରକୃତରେ ସତ୍ୟକୁ ଦେଖିବାକୁ ଓ ସତ୍ୟକୁ ଜାଣିବାକୁ ଇଚ୍ଛା କରୁଛୁ, ଅଥବା ବେଶ୍ ନିଶ୍ଚିନ୍ତ ହୋଇ ନିଜର ଅଜ୍ଞାନ ମଧ୍ୟରେ ବାସ କରିବାକୁ ଚାହୁଁଛୁ, ସର୍ବପ୍ରଥମେ ଆମକୁ ସେହି କଥାଟିକୁ ଉତ୍ତମରୂପେ ଜାଣିବାକୁ ପଡ଼ିବ ।

"ବର୍ତ୍ତମାନ ଜଣେ ସାଧାରଣ ମନୁଷ୍ୟର ମନୋଭାବ କ'ଣ କହିଲ ? ···ଯଥାର୍ଥରେ ହିଁ ଦ୍ରବ୍ୟ କୌଣସି ପ୍ରସଙ୍ଗ ମଧ୍ୟରେ ଅଂଶଗ୍ରହଣ କରୁଥିବା କୌଣସି କଷ୍ଟର ସମ୍ମୁଖୀନ ହେବା ମାତ୍ରକେ ସେ ସଙ୍ଗେ ସଙ୍ଗେ କ୍ରୋଧ ଏବଂ ବିଦ୍ରୋହରେ ଜଳି ଉଠେ,

ନାହିଁ କି ? ଦିବ୍ୟ ପରମସତ୍ୟ କହିଲେ ତା'ର ପ୍ରିୟ ସମ୍ପତ୍ତିଗୁଡ଼ିକର ବିନଷ୍ଟ ହୋଇଯିବାକୁ ବୁଝାଏ ବୋଲି ସିଏ ପ୍ରକୃତରେ ଅନୁଭବ କରେ ନାହିଁ କି ?"

ଛନ୍ଦୈବ

ଏଥିରୁ ଏହି କଥାଟି ସ୍ପଷ୍ଟ ବୁଝିହେଉଛି ଯେ ତୁମେ ଯେପର୍ଯ୍ୟନ୍ତ ଆପଣାର କ୍ଷୁଦ୍ର ଅହଂରୂପୀ ଆସ୍ତରଣଟି ମଧ୍ୟରେ ବାନ୍ଧିହୋଇ ରହିଥିବ, ସେପର୍ଯ୍ୟନ୍ତ ତୁମେ ସେହିବଗରେ କୌଣସି ଅଭିଳାଷ ଦେଖାଇ ପାରିବ ନାହିଁ, କୌଣସି ପ୍ରକାର ଲମ୍ପ୍ରଦାନ କରି ପାରିବ ନାହିଁ,—ତୁମେ ଏପରି କିଛି କରିବ ନାହିଁ, ଯାହାକି ତୁମକୁ ପରମ ଦିବ୍ୟସତ୍ୟ ସହିତ ଏକାତ୍ମକତା ଅର୍ଜନ କରିବାରେ ସମର୍ଥ କରିପାରିବ ।

ଏହି ପର୍ଯ୍ୟାନ୍ତରେ ମୁଁ ତୁମକୁ ଆଉକିଛି ବି କହିପାରିବି : ଆଗେ ଏଠାକୁ କେତେକ ଲୋକ ଆସୁଥିଲେ, କାରଣ ସେମାନେ ଭାବୁଥିଲେ ଯେ ଆଶ୍ରମରେ ଯୋଗ ଦେଲେ ସେମାନେ ତାହାରି ଦ୍ୱାରାହିଁ ଅମୃତତ୍ତ୍ୱ ହାସଲ କରିପାରିବେ । ଏବଂ ସେମାନେ ଅମୃତତ୍ତ୍ୱ ଲଭ କରିବା ପାଇଁ ପ୍ରକୃତରେ ଅନେକ ଅଭିଳାଷ ରଖିଥିଲେ । କହିବା ବାହୁଲ୍ୟ ଯେ ସେମାନେ ସାଧାରଣତଃ ବାର୍ଦ୍ଧକ୍ୟରେ ଆସି ଗୋଡ଼ ଦେଉଥିବା ବ୍ୟକ୍ତି ଥିଲେ, ଯେଉଁମାନେ କି ଆପଣା ସମ୍ମୁଖରେ ଜୀବନରେ ଖୁବ୍ ବେଶୀ ଲମ୍ବା ଲମ୍ବା ରାସ୍ତା ପଡ଼ିଛି ବୋଲି ଆଦୌ ଦେଖି ପାରୁ ନଥିଲେ ଏବଂ ସେମାନେ ସେହି ରାସ୍ତାକୁ ଅନନ୍ତକାଳ ଲାଗି ଲମ୍ବାଇ ରଖିବାକୁହିଁ ଇଚ୍ଛା କରୁଥିଲେ,—କାରଣ ଲୋକେ "ଅମୃତତ୍ତ୍ୱ" କହିଲେ ସାଧାରଣତଃ ତାହାହିଁ ତ ବୁଝିଥାନ୍ତି ! ସେମାନେ ଯେଉଁ ସ୍ଥିତିରେ ଅଛନ୍ତି ତାହାକୁହିଁ ଅନନ୍ତକାଳ ଲାଗି ପ୍ରଲମ୍ବିତ କରି ରଖିବାକୁ ବୁଝିଥାନ୍ତି । ତେଣୁ, ଏପରି ଏକ ମତ ବ୍ୟକ୍ତ କରୁଥିବା ପ୍ରଥମ ବ୍ୟକ୍ତିକୁ ମୁଁ ଉତ୍ତର ଦେଇ କହିଲି, "ପ୍ରତ୍ୟେକ ମଣିଷ ଅମୃତତ୍ତ୍ୱ ଲଭ କରି ପାରିବ କି ନାହିଁ, ମୁଁ ସେକଥା କହି ପାରିବି ନାହିଁ,—ସମ୍ଭବତଃ ପାରିବ ନାହିଁ,—ମାତ୍ର ତଥାପି ଯେଉଁମାନଙ୍କ ଭିତରେ ସେହି ଅମୃତତ୍ତ୍ୱ ହାସଲ କରିବାର ସାମର୍ଥ୍ୟ ବି ରହିଛି, ସେମାନଙ୍କ ମଧ୍ୟରୁ କେତେଜଣ ତାହାର ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛନ୍ତି ?" କାରଣ, ଅମୃତତ୍ତ୍ୱର ଅଭିଳାଷୀ ହେଲେ ଏତେ ଅଧିକସଂଖ୍ୟକ ବସ୍ତୁକୁ ପଛରେ ଛାଡ଼ି ଆସିବାକୁ ପଡ଼ିବ ଯେ, ସମ୍ଭବତଃ ମୋଟେ ଅଧବାଟ ନହେଉଣୁ ସେମାନେ କହିବାକୁ ଆରମ୍ଭ କରିବେ, "ନାଇଁ, ନାଇଁ, ମୋ ଦ୍ୱାରା ହୋଇ ପାରିବ ନାହିଁ । ମୁଁ କଦାପି ଏଥିଲାଗି ଏତେବେଶୀ ମୂଲ୍ୟ ଦେଇ ପାରିବି ନାହିଁ ।" ମୋର ଜଣେ ଶିଳ୍ପୀଙ୍କ କଥା ମନେ ପଡ଼ୁଛି, ଯାହାଙ୍କ ସହିତ ଅମୃତତ୍ତ୍ୱ ଲଭ କରିବାର ସମ୍ଭାବନା ବିଷୟରେ ମୋର ଥରେ କଥାବାର୍ତ୍ତା ହୋଇଥିଲା

'oaob.nitrkl.ac.in' images reprocessed

ଏବଂ ଏକ ନୂତନ ଜଗତ ପ୍ରକୃତରେ କେଉଁଭଳି ହେବ ବୋଲି ଯିଏ ମୋତେ ପ୍ରଶ୍ନ କରିଥିଲେ । ମୁଁ ତାଙ୍କୁ କହିଲି ଯେ, ଉଦାହରଣସ୍ୱରୂପ, ସେହି ନୂତନ ଜଗତର ବସ୍ତୁଗୁଡ଼ିକ ସ୍ୱଭାବତଃ ଜ୍ୟୋତିର୍ମୟ ହେବ ଏବଂ ସେତେବେଳେ ବର୍ତ୍ତମାନର ଏହି ପ୍ରତିଫଳିତ ଆଲୋକର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ, ବର୍ତ୍ତମାନ ଯେଉଁ ଆଲୋକ ସୂର୍ଯ୍ୟରୁ ଆସି ଏଠାରେ ପ୍ରତିଫଳିତ ହେଉଛି, ତାହା ଆଉ ସେପରି ହେବ ନାହିଁ । ଏବଂ ମୁଁ ଏହିସବୁ କଥା କହୁଥିଲି ବେଳେ ତାଙ୍କର ମୁହଁ କ୍ରମେ ଅଧିକ ଲମ୍ବା ହୋଇ ଯାଉଥିବାର ବେଶ୍ ଲକ୍ଷ୍ୟ କରି ପାରୁଥିଲି, ଅଧିକରୁ ଅଧିକ ଗମ୍ଭୀର ହୋଇ ଯାଉଥିବାର ଦେଖି ପାରୁଥିଲି । ସର୍ବଶେଷରେ ସେ କହିଲେ, "ମାତ୍ର, ଯେଉଁ ସ୍ଥଳ ପ୍ରକୃତରେ ବସ୍ତୁଗୁଡ଼ିକର ଆଲୋକଟିକୁ ପ୍ରକଟ କରିଦିଏ, ସେହି ସ୍ଥଳଟି ନହେଲେ ପୁଣି ଛବି ଅଙ୍କାଯାଇ ପାରିବ କିପରି ?..." ମୁଁ ତାଙ୍କୁ କହିଥିଲି, "ଆପଣ ଏତେବେଳେକେ କଥାଟିର ଅସଲ୍ ମର୍ମଟିକୁ ବ୍ୟକ୍ତ କରି ପାରିଛନ୍ତି ।"

ଏପରି ଅନେକ ଲୋକ ଥିଲେ, ପ୍ରକୃତରେ ଅନେକ, ଅନେକ ଲୋକ ଥିଲେ, ଯେଉଁମାନେ କି ମୋତେ ନୂତନ ଜୀବନଟି ପ୍ରକୃତରେ କିଭଳି ହେବ ବୋଲି ପଚାରୁଥିଲେ । ମୁଁ ସେମାନଙ୍କୁ ଉତ୍ତର ଦେଇ କହୁଥିଲି, "ଶକ୍ତିଗୁଡ଼ିକ ମଧ୍ୟରେ ଏକ ପାରସ୍ପରିକ ଆଦାନପ୍ରଦାନ ହେବ, ଏହି ଶକ୍ତିର ଏକ ପରିସଞ୍ଚାରଣ ଘଟିବ । ଆମ ଶରୀରର ଗଠନଟି ଅନ୍ୟପ୍ରକାର ହେବ, ଏହିସବୁ ସ୍ଥୂଳ ଦେହାଙ୍ଗମାନ ଅନ୍ତର୍ହିତ ହୋଇଯିବ ଏବଂ ସେଗୁଡ଼ିକର ସ୍ଥାନାପନ୍ନ ଭାବରେ ମନୋଭୂମିଗତ କେତୋଟି କ୍ରିୟାର ପ୍ରବର୍ତ୍ତନ ହେବ, ଏବଂ ଖାଦ୍ୟ ଖାଇବାର, ଅହରହ ଖାଦ୍ୟ ଗ୍ରହଣ କରିବାର ଆଉ କୌଣସି ଆବଶ୍ୟକତା ରହିବ ନାହିଁ ।" ମୁଁ ପୁନର୍ବାର ଦେଖିଲି ଯେ ଶୁଣୁଥିବା ଲୋକମାନଙ୍କର ମୁହଁ ଅଧିକରୁ ଅଧିକ ଲମ୍ବ ହୋଇଯାଉଛି । ଲୋକମାନେ କହିଲେ, "ଆରେ, ବର୍ତ୍ତମାନ ଆମେ ସବୁ ଯେତେଯେତେ ଭଲ ଜିନିଷ ଖାଇପାରୁଛୁ, ସେଗୁଡ଼ିକ ତା'ହେଲେ ଆଉ ମୋଟେ ରହିବ ନାହିଁ ?"

ଏଗୁଡ଼ିକ ସାନ ସାନ କେତୋଟି ଦୃଷ୍ଟାନ୍ତ । ଆହୁରି ଅନେକ ଦୃଷ୍ଟାନ୍ତ ରହିଛି, ଅଧିକ ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟାନ୍ତମାନ ରହିଛି । ଆପଣାର ଅହଂଟିକୁ ତ୍ୟାଗ କରି ଆସିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା, ସବୁଠାରୁ ଅଧିକ କଷ୍ଟକର କଥା । କାରଣ, ଯିଏ ପ୍ରକୃତରେ ପ୍ରସ୍ତୁତ ହୋଇ ନାହିଁ, ତା' ଲାଗି ଆପଣାର ଅହଂଟିକୁ ଛାଡ଼ିବା ପ୍ରକୃତରେ ମରିଯିବା ପରିହିଁ ହେବ, ଏହି ମରିଯିବା ତା'ର ଦୈହିକ ମରଣଠାରୁ ମଧ୍ୟ ଅନେକ ଅଧିକ ଯନ୍ତ୍ରଣାଦାୟକ ହେବ, କାରଣ ଅହଂର ବିନାଶ-ସାଧନ ତା' ଲାଗି ପ୍ରକୃତରେ ତା'ର ସମସ୍ତ ସତ୍ତାରହିଁ ବିନାଶସାଧନ ହୋଇଯିବା ପରି ହେବ । ଏକଥା ଅବଶ୍ୟ ଆକ୍ଷରିକ ଭାବରେ ମୋଟେ ସତ୍ୟ ହୁଏ ନାହିଁ, ମାତ୍ର ଏହିପରି ଏକ ଭାବର ଅନୁଭୂତି ଦେଇ ସେହି ପ୍ରକ୍ରିୟାଟିର ଆରମ୍ଭ ହୋଇଥାଏ ।

'oaob.nitrkl.ac.in' images reprocessed

ଅମୃତତ୍ୱ ଲାଭ କରିବାକୁ ହେଲେ ଆମକୁ ଆମର ଯାବତୀୟ ସୀମାବଦ୍ଧତାକୁ ଛାଡ଼ି ଆସିବାକୁ ପଡ଼ିବ, ଏବଂ ଆମର ଏହି ଅହଂଟାକୁହିଁ ଆମର ସବୁଠାରୁ ବଡ଼ ସୀମାବଦ୍ଧତା ବୋଲି କୁହାଯିବ; ତେଣୁ, ଯଦି "ମୁଁ" ଅମର ହୋଇ ନପାରିଲା, ତେବେ ଅମୃତତ୍ୱ ଲାଭ କରିବାରେ ଆଉ କାରଣ କ'ଣ ରହିଲା ?

ସେହି କଥୋପକଥନଟି ମଧ୍ୟରେ କେହି ମାଆଙ୍କୁ ସେତେବେଳେ ସେଠାରେ ଉପସ୍ଥିତ ଥିବା ସମସ୍ତେ କିପରି ଆସି ପରସ୍ପରକୁ ଭେଟିଲେ ବୋଲି ଗୋଟିଏ ପ୍ରଶ୍ନ ପଚାରିଥିଲେ ଏବଂ ମାଆ ତାହାର ଏହିପରି ଉତ୍ତର ଦେଇଥିଲେ :

> "ଆମେ ସମସ୍ତେ ପୂର୍ବରୁ କୌଣସି ନା-କୌଣସି ଜନ୍ମରେ ପରସ୍ପରକୁ ଭେଟିଛୁ । ତା' ନହୋଇଥିଲେ ଆମେ କଦାପି ଏଠାରେ ଆସି ଏକତ୍ର ହୋଇ ନଥାନ୍ତୁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୭ ଏପ୍ରିଲ)

ଏହାକୁ ଏକ ଆକସ୍ମିକ ଘଟଣା ବୋଲି କହି ହେବ ଅଥବା ଆମେ ସବୁକାଳରେ ଏକାଠି ହୋଇ ରହିଥିଲୁ ବୋଲି ମଧ୍ୟ କହି ହେବ, ଏବଂ ଉଭୟ କଥାହିଁ ସମାନ ଭାବରେ ସତ । ସେହି ଭଦ୍ରମହିଳା ଗୂଢ଼ବିଦ୍ୟାରେ ଶ୍ରଦ୍ଧା ରଖୁଥିବାରୁ ମୁଁ ତାଙ୍କୁ ଏକଥା ମଧ୍ୟ କହିଥିଲି, "ଆମେ କୌଣସି ପୂର୍ବ ଜୀବନରେ ନିଶ୍ଚୟ ପରସ୍ପରକୁ ଭେଟିଛୁ," ଏବଂ ତାହା ସତ, ନୁହେଁ କି ? ମାତ୍ର ଏଇଟି ହେଉଛି କଥାଟିକୁ କହିବାର ଗୋଟିଏ ପ୍ରଣାଳୀ । ପୁନଶ୍ଚ, "ଆମେ ସମସ୍ତେ ଗୋଟିଏ ପରିବାରର ଅନ୍ତର୍ଭୁକ୍ତ",—ଏକଥାଟି ମଧ୍ୟ ସତ, ମାତ୍ର ମନୁଷ୍ୟମାନେ ସାଧାରଣତଃ ଯେପରି ଭାବରେ କଥାଟିର ଅର୍ଥ କରନ୍ତି, ତାହା ଆଦୌ ସେପରି ନୁହେଁ ।

ମୁଁ ଏକଥା ମଧ୍ୟ କହିଥିଲି, "ପୃଥିବୀ ଉପରେ ପରମ ଦିବ୍ୟପୁରୁଷଙ୍କର ବିକାଶ ଏବଂ ଅଭିବ୍ୟକ୍ତି ନିମିତ୍ତ ଆମେ ଯୁଗ ଯୁଗ ଯାବତ୍ ଏକତ୍ର କାର୍ଯ୍ୟ କରି ଆସିଛୁ ।" ଏକଥାଟିର ମର୍ମଟି ବେଶ୍ ସ୍ପଷ୍ଟ ହୋଇ ଯାଉଥିବ, କାରଣ ଖାସ୍ ସେହି ଅଭିପ୍ରାୟରେହିଁ ବିଶ୍ୱଜଗତର ସୃଷ୍ଟି ହୋଇଛି ଏବଂ ତେଣୁ, ଏହି ବିଶ୍ୱଜଗତର ପ୍ରତ୍ୟେକ ଅଂଶ, ତାହା ଯାହାକିଛି ହୋଇଥାଉ ପଛକେ, ଏହାରି ଲାଗିହିଁ କାର୍ଯ୍ୟ କରୁଛି । ହୁଏତ ଜ୍ଞାତସାରରେ କରୁଛି ଅଥବା ଅଜ୍ଞାତସାରରେ କରୁଛି, ତଥାପି ଖାସ୍ ଏହାରି ଲାଗିହିଁ କାର୍ଯ୍ୟ କରୁଛି ।

'oaob.nitrkl.ac.in' images reprocessed

# ୫ ଫେବୃଆରୀ ୧୯୫୧

୧୪ ଏପ୍ରିଲରେ ଦେଇଥିବା ପ୍ରବଚନରୁ ମାଅ ମୂଳରୁ କିଛି ପଢ଼ିଲେ । ଯୋଗମାର୍ଗରେ ରହିଥିବା ବିପଦ ବିଷୟରେ ("ଯଦି ମହତ୍ତ୍ୱ-ଆକାଂକ୍ଷାରୁ ମୁକ୍ତ ହୋଇ ନପାରୁଛ, ତେବେ ଏଥିରେ ତୁମେ ମୋଟେ ହାତ ଦେବ ନାହିଁ । ଏହା ହେଉଛି ନିଆଁ, ତୁମକୁ ଜାଳି ପୋଡ଼ିଦେବ ।") କହିସାରିବା ପରେ ମାଅ ଯୋଗର ଦୁଇ ପଦ୍ଧତି ବିଷୟରେ କହିଲେ :

"ଯୋଗର ପଦ୍ଧତି ଦୁଇଟି,—ଗୋଟିଏ ହେଉଛି ତପସ୍ୟାର, ଏବଂ ଆଉଗୋଟିଏ ହେଉଛି ସମର୍ପଣର ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

ସମର୍ପଣ କହିଲେ କ'ଣ ବୁଝାଇବ ?

ଏହାର ଅର୍ଥ ହେଉଛି ଯେ ଦିବ୍ୟ ପରମପୁରୁଷଙ୍କ ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରିଦେବା ।

ହଁ, କିନ୍ତୁ ତା'ପରେ କ'ଣସବୁ ଘଟେ ? ଯଦି ତୁମେ ପରମେଶ୍ୱରଙ୍କ ପାଖରେ ନିଜକୁ ସଂପୂର୍ଣ୍ଣଭାବେ ସମର୍ପଣ କରିଦିଅ, ତେବେ ତା'ପରେ ସେଇ ଆସି ଯୋଗର ସାଧନା କରନ୍ତି, ତୁମେ ଆଉ କିଛି କର ନାହିଁ; ଏବଂ ତେଣୁ ଆଉ ଅସୁବିଧା ବୋଲି ଆଦୌ କିଛି ରହେ ନାହିଁ । ଅନ୍ୟ ପକ୍ଷରେ, ତୁମେ ନିଜେ ଯଦି ତପସ୍ୟା କରୁଥାଅ, ତେବେ ଯୋଗର ସାଧନାଟିକୁ ତୁମକୁ ନିଜକୁ ମଧ୍ୟ କରିବାକୁ ପଡ଼େ ଏବଂ ତାହାର ଯାବତୀୟ ଦାୟିତ୍ୱ ତୁମକୁହିଁ ବହନ କରିବାକୁ ହୋଇଥାଏ । ଏବଂ ସେଇଠାରେହିଁ ବିପଦଟି ନିହିତ ହୋଇ ରହିଛି । ମାତ୍ର ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସମସ୍ତ ଦାୟିତ୍ୱଟିକୁ ନିଜ ଉପରେ ରଖିବାକୁ ଅଧିକ ପସନ୍ଦ କରିଥାନ୍ତି, ସମସ୍ତ ବିପଦ ସତ୍ତ୍ୱେ ସେମାନେ ତାହା କରିଥାନ୍ତି,—କାରଣ ସେମାନଙ୍କର ସ୍ୱଭାବ ସଂପୂର୍ଣ୍ଣ ସ୍ୱାଧୀନ ହୋଇ ରହିବାକୁ ଇଚ୍ଛା କରୁଥାଏ । ସେମାନେ ସମ୍ଭବତଃ ଏହି ଦିଗରେ ଆଦୌ ତରବର ବି ହେଉ ନଥାନ୍ତି,—ସଫଳତା ଲାଭ କରିବା ପାଇଁ

'oaob.nitrkl.ac.in' images reprocessed

ଯଦି ଏକାଧିକ ଜନ୍ମର ପ୍ରୟୋଜନ ହୁଏ, ତେବେ ମଧ୍ୟ ସେମାନେ କିଛି ଚିନ୍ତା କରନ୍ତି ନାହିଁ । ମାତ୍ର ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ଅଧିକ ତ୍ୱରାର ସହିତ ଯିବାକୁ ଚାହାନ୍ତି ଏବଂ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ବିଷୟରେ ଅଧିକ ନିଶ୍ଚିତ ହୋଇ ରହିବାକୁ ଚାହାନ୍ତି । ଏବଂ, ସେମାନେ ସମସ୍ତ ଦାୟିତ୍ୱଟିକୁ ସେହି ପରମେଶ୍ୱରଙ୍କ ପାଖରେ ନେଇ ସମର୍ପଣ କରିଦିଅନ୍ତି ।

> "ଯୋଗର ପ୍ରଥମ ପରିଣାମସ୍ୱରୂପ, ମନଃସ୍ତରରେ ହେଉଥିବା ଯାବତୀୟ ନିୟନ୍ତ୍ରଣ ଅପସାରିତ ହୋଇଯାଏ, ଏବଂ ଯେଉଁସବୁ କ୍ଷୁଧା ସୁପ୍ତପ୍ରାୟ ହୋଇ ରହିଥିଲେ, ସେଗୁଡ଼ିକ ହଠାତ୍ ମୁକ୍ତିଲାଭ କରନ୍ତି; ସେମାନେ ଦୌଡ଼ିଯାଇ ସତ୍ତା ଉପରେ ଆକ୍ରମଣ ଆରମ୍ଭ କରନ୍ତି···ତୁମର କର୍ତ୍ତବ୍ୟ ହେଉଛି ଯେ ତୁମେ ସମୁଦାୟ ବସ୍ତୁଟିକୁ ତୁମଠାରୁ ଦୂରରେ ରଖିବ (ତୁମର ଯାବତୀୟ ଆବେଗ ଓ ପ୍ରବଳ କାମନାଗୁଡ଼ିକୁ, ବିଶେଷ କରି ଯୌନକାମନାଗୁଡ଼ିକୁ), ସେଇଟିଠାରୁ ଆପଣାର ସବୁଯାକ ଖିଅ ଛଡ଼ାଇ ରଖିବ, ସେଇଟି ପ୍ରତି ଯେତେ ସମ୍ଭବ ସେତେ କମ୍ ମହତ୍ତ୍ୱ ଦେବ; ଏବଂ ଯଦି ତାହା ତୁମର ଭାବନା ଭିତରେ ଆସି ଦେଖାଯାଏ, ତେବେ ତାହା ପ୍ରତି ଉଦାସ ରହିବ, ଅନୁଦ୍‌ବିଗ୍ନ ରହିବ ।"
>
> ତଦେବ

ଗୋଟିଏ ଅସୁବିଧାକୁ ନେଇ ଜୀବନ ବଞ୍ଚିବା ଅପେକ୍ଷା ଏଇଟି ହେଉଛି ଅନେକ ଅଧିକ କଷ୍ଟକର ! ଅସୁବିଧାଟିରୁ ଆପଣାକୁ ପ୍ରତ୍ୟାହୃତ କରି ରଖିବା, ସେଇଟି ସତେଯେପରି ତୁମକୁ କୌଣସି ପ୍ରକାରେ ଆଦୌ ବିଚଳିତ କରୁ ନାହିଁ, ତାହାକୁ ଠିକ୍ ସେହି ଆଖିରେ ଦେଖିବା, ସତେଯେପରି ସେଇଟି ବିଷୟରେ କୌଣସି ପ୍ରକାର ଆଗ୍ରହ ନାହିଁ, ସେଇଟିକୁ ତୁମର ବୋଲି ମୋଟେ କୁହାଯାଇ ପାରିବ ନାହିଁ, ପୃଥିବୀର ଏକ ବସ୍ତୁ ବୋଲି କୁହାଯିବ ସିନା, ମାତ୍ର ତୁମର ବୋଲି ମୋଟେ କୁହାଯିବ ନାହିଁ, ସେହି ସମ୍ବନ୍ଧରେ ତୁମର ଏହିଭଳି ଏକ ଦୃଷ୍ଟିକୋଣ ରହିବା,—ଏହା ଅନେକ ଅଧିକ କଷ୍ଟକର । ମାତ୍ର କେବଳ ଏହିପରି କରିପାରିଲେ ଯାଇ ତୁମକୁ କୌଣସି ସଫଳତା ମିଳି ପାରିବ । ଏଥିଲାଗି ଆପଣାର ଅନ୍ତର୍ହୃଦୟକୁ ସମ୍ପୂର୍ଣ୍ଣ ମୁକ୍ତ କରି ଦେବାକୁ ପଡ଼େ, ଏବଂ ତୁମର ଅନ୍ତର୍ଗତ ସତ୍ତାଟି ଉପରେ ଏକ ବିଶ୍ୱାସ ରଖିବାକୁ ହୁଏ । ତୁମକୁ ଏହି ବିଶ୍ୱାସଟି ରଖିବାକୁ ପଡ଼େ ଯେ ଯଦି ତୁମର

'oaob.nitrkl.ac.in' images reprocessed

ଦୃଷ୍ଟିକୋଣଟି ଯଥାର୍ଥ ହୋଇଥାଏ, ତେବେ ତୁମର ଜୀବନରେ ଯାହା ଘଟିବ, ତାହା ସର୍ବୋତ୍ତମହିଁ ହେବ; ମାତ୍ର କିଛି ନା କିଛି ଅପ୍ରୀତିକର ଘଟିବା ମାତ୍ରକେ ଯଦି ତୁମେ ତଦ୍ୱାରା ଭୟଭୀତ ହୋଇ ପଡ଼ୁଥାଅ, ତେବେ ତୁମେ ପ୍ରକୃତରେ କିଛିହେଲେ କରି ପାରିବ ନାହିଁ । ତେଣୁ ଯେତେ ଯାହା ବିଘ୍ନ ଆସି ପଡ଼ୁ ପଛକେ, ଯେତେ ଯାହା ବାଧା ଆସି ପହଞ୍ଚୁ ପଛକେ, ତୁମ ଭିତରେ ଏହି ବିଶ୍ୱାସଟି ଅବଶ୍ୟ ରହିଥିବା ଆବଶ୍ୟକ । ଯେତେବେଳେ କୌଣସି ନା କୌଣସି ଅପ୍ରୀତିକର ଘଟଣା ଘଟେ, ସେତେବେଳେ ତୁମେ ଅଧିକାଂଶ ସମୟରେ ଏହିପରି କହୁଥାଅ : "ଏଇଟା କ'ଣ ଆହୁରି ବେଶୀ ହେବ କି, ଏଇଟି ପରେ ଆଉ ପୁଣି କେଉଁ ଦୁର୍ଘଟଣାଟି ଘଟିବ କେଜାଣି ?" ଏହିପରି ଭାବରେ କହିବାରେ ଲାଗିଥାଅ । ମାତ୍ର ତୁମକୁ ଏହିପରି କହିବାକୁ ପଡ଼ିବ : "ଏଗୁଡ଼ାକ ଆଦୌ ମୋର ନୁହେଁ । ଏଗୁଡ଼ାକ ହେଉଛି ଅବଚେତନ ପୃଥିବୀର ବସ୍ତୁ; ପ୍ରକୃତରେ କହିବାକୁ ଗଲେ ମୋର ସେଗୁଡ଼ାକ ସହିତ ଆଦୌ କିଛି କରିବାକୁ ନାହିଁ, ଏବଂ ଏଥର ଯଦି ସେମାନେ ଆଉଥରେ ଆସି ମୋତେ ଧରିବାକୁ ଚେଷ୍ଟା କରିବେ, ତେବେ ମୁଁ ନିଶ୍ଚୟ ସେମାନଙ୍କ ସହିତ ଲଢ଼ିବି, ମୁଁ ନିଶ୍ଚୟ ତାହାର ପ୍ରତିରୋଧ କରିବି ।" ହଁ, ତୁମ୍ଭେମାନେ କହିବ ଯେ ଏକଥାଟି କହିଦେବା ଖୁବ ସହଜ, ମାତ୍ର କରିବା ବଡ଼ କଷ୍ଟକର । ମାତ୍ର ଯଦି ତୁମେ ଯଥାର୍ଥରେ ଏହିପରି ଏକ ବିଶ୍ୱାସରହିଁ ଦୃଷ୍ଟିଭଙ୍ଗୀ ଗ୍ରହଣ କରିପାରି, ତେବେ ତୁମେ ଅତିକ୍ରମ କରି ନପାରିଲା ଭଳି ଆଉ କୌଣସି ଅସୁବିଧା ବା ବାଧା କଦାପି ରହିବ ନାହିଁ । ଭିତରେ ବ୍ୟସ୍ତ ଓ ଉଦ୍‌ବିଗ୍ନ ହୋଇ ପଡ଼ିଲେ ଅସୁବିଧାର ତୀବ୍ରତା ଆହୁରି ବଢ଼ିଯାଏ ।

ନିଃସନ୍ଦେହ ଭାବରେ ଏହି ପଥରେ ଗୋଟିଏ ବାଧା ଅବଶ୍ୟ ରହିଛି : ତୁମର ଚେତନ ସତ୍ତାରେ ଏପରି ଏକ ଉପାଦାନ ରହିଥାଏ, ଯାହାକି ଅସୁବିଧା ବା ବାଧାଟିକୁ ମୋଟେ ଗ୍ରହଣ ନଥାଏ, ସେଇଟିକୁ ଅତିକ୍ରମ କରି ଯିବା ଲାଗି ପ୍ରକୃତରେ ଇଚ୍ଛା କରୁଥାଏ, ମାତ୍ର ତୁମ ଚେତନାର ଅନ୍ୟ ଅଂଶଗୁଡ଼ିକରେ ଏପରି ନାନା ଗତିସ୍ପନ୍ଦନ ରହିଥାଏ, ଯେଉଁଗୁଡ଼ିକ ବିଷୟରେ ତୁମେ ଆଦୌ ସଚେତନ ନଥାଅ । "ମୁଁ ସେଥିରୁ ମୁକ୍ତ ହେବାକୁ ଇଚ୍ଛା କରୁଛି" ବୋଲି ତୁମେ କୁହ, ମାତ୍ର ଦୁର୍ଭାଗ୍ୟ-ବଶତଃ, କେବଳ "ମୁଁ ଇଚ୍ଛା କରୁଛି" ବୋଲି କହିଲେ ତାହା ଆଦୌ ଯଥେଷ୍ଟ ହୁଏ ନାହିଁ । ତୁମର ଚେତନାରେ ଏପରି ଆହୁରି ଅନେକ ଉପାଦାନ ରହିଥାନ୍ତି, ଯେଉଁମାନେ କି ଏକାବେଳେକେ ଲୁଚିକରି ରହିଥାନ୍ତି, ଯେପରିକି ତୁମେ ସେଗୁଡ଼ିକ ବିଷୟରେ କିଛି ପ୍ରତିକାର କରି ପାରି ନାହିଁ; ଏବଂ ତୁମେ ଅନ୍ୟଆଡ଼େ ମନ ଦେଇଥିବା ସମୟରେ ଏହି ଅଂଶଗୁଡ଼ିକ ଆପଣାକୁ ପ୍ରତିଷ୍ଠିତ କରିବା ଲାଗି ଖୁବ ଚେଷ୍ଟା କରନ୍ତି । ମୁଁ ସେଇଥି ଲାଗି ସବୁବେଳେ କହେ ଓ ବର୍ତ୍ତମାନ ମଧ୍ୟ ଆଉଥରେ

'oaob.nitrkl.ac.in' images reprocessed

କହୁଛ, ସମ୍ପୂର୍ଣ୍ଣ ଭାବରେ ନିଷ୍କପଟ ହୁଅ; ଆପଣାକୁ ଠକିବା ଲାଗି କୌଣସି ଚେଷ୍ଟା କର ନାହିଁ; "ମୋର ଯାହା କରି ପାରିବାର କଥା, ମୁଁ ସବୁ କଲି" ବୋଲି କେବେହେଲେ କୁହ ନାହିଁ । ତୁମେ ଯେ ସଫଳ ହୋଇ ପାରୁ ନାହଁ, ତାହାର ଅର୍ଥ ହେଉଛି ଯେ ତୁମେ ଯାହାସବୁ କରି ପାରନ୍ତ, ସେଇଟିକୁ ମୋଟେ କର ନାହଁ । କାରଣ, ତୁମେ ଯାହାକିଛି କରି ପାରନ୍ତ, ଯେତେବେଳେ ସେଗୁଡ଼ିକୁ "ସବୁ" କରିପାରୁଛ, ତେବେ ତୁମେ ନିଶ୍ଚୟ ସଫଳ ହୋଇ ପାରିବ । ମନେକର ତୁମ ଭିତରେ କୌଣସି ଗୋଟିଏ ଦୋଷ ରହିଛି, ତୁମେ ସେଇଟି ଦୂର ହୋଇଯାଉ ବୋଲି ଇଚ୍ଛା କରୁଛ, ମାତ୍ର ସେଇଟି ତଥାପି ଯାଉ ନାହିଁ । ତୁମେ କହୁଛ, "ମୁଁ ଯାହା କରି ପାରିବାର ସବୁ କଲି", ତୁମର ଯାହାକିଛି କରିବା ଉଚିତ, ତୁମେ ସବୁ କଲ ବୋଲି ତୁମେ ମନେମନେ ହୁଏତ ନିଶ୍ଚିତ ହୋଇ ଯାଇପାର । ଯଦି ପ୍ରକୃତରେ ସବୁ କରିଥାନ୍ତ, ତେବେ ନିଶ୍ଚୟ ବିଜୟ ହାସଲ କରିଥାନ୍ତ । କାରଣ, ତୁମ ଭିତରେ ଯେତିକି ବଳ ରହିଛି, ଠିକ୍ ସେହି ଅନୁପାତରେହିଁ ତୁମ ସମ୍ମୁଖରେ ବାଧା ଓ ପ୍ରତିକୂଳତାମାନ ଆସି ପହଞ୍ଚିଥାଏ । ତୁମର ଚେତନାରେ କେଉଁଠିହେଲେ ନାହିଁ, ଏପରି କୌଣସି କଥା ତୁମ ଜୀବନରେ କେବେହେଲେ ଘଟେ ନାହିଁ; ଏବଂ ଯାହାକିଛି ତୁମ ଚେତନା ଭିତରେ ରହିଛି, ସେଗୁଡ଼ିକ ଉପରେ ତୁମେ ନିଶ୍ଚୟ ପ୍ରଭୁତ୍ୱ ଅର୍ଜନ କରିପାରିବ । ଏପରିକି, ଯେଉଁସବୁ ବସ୍ତୁ ଅଥବା ପ୍ରବର୍ତ୍ତନା ବାହାରୁ ତୁମ ଭିତରକୁ ଆସୁଛି, ସେସବୁ କେବଳ ତୁମ ଚେତନାର ସମାନୁପାତିକ ହୋଇହିଁ ତୁମକୁ ସ୍ପର୍ଶ କରିପାରିବେ ଏବଂ ଆପଣାର ଚେତନା ଉପରେ ନିଜର ପୂର୍ଣ୍ଣ ନିୟନ୍ତ୍ରଣ ସ୍ଥାପନ କରିବାର ସାମର୍ଥ୍ୟଟି ସହିତହିଁ ତୁମକୁ ନିର୍ମାଣ କରାଯାଇଛି । "ମୁଁ ଯାହା କରି ପାରିଥାନ୍ତ, ତାହା କଲି, ମାତ୍ର ସବୁକିଛି କଲେ ମଧ୍ୟ ସେହି ପଦାର୍ଥଟି ତଥାପି ଗଲା ନାହିଁ, ଏବଂ ତେଣୁ ମୁଁ ଏଇଠୁ ସେଇଟିକୁ ଛାଡ଼ି ଦେଉଛି," ବୋଲି ଯଦି ତୁମେ କୁହ, ତେବେ ତୁମର ଧରିନେବା ଉଚିତ ଯେ, ତୁମେ ଯାହାକିଛି କରି ପାରିଥାନ୍ତ, ତାହା ପ୍ରକୃତରେ କରି ପାରି ନାହଁ । "ସବୁକିଛି କରିବା ସତ୍ତ୍ୱେ" ଯେତେବେଳେ ତଥାପି ଏକ ଭୁଲ ରହିଯାଏ, ସେତେବେଳେ ତାହାର ଅର୍ଥ ହେଉଛି ଯେ ତୁମର ସତ୍ତା ଭିତରେ ଗୁପ୍ତ ହୋଇ ରହିଥିବା କୌଣସି ଏକ ବସ୍ତୁ ସିନ୍ଦୁକରେ ବନ୍ଦ ହୋଇ ରହିଥିବା ସାପଟି ପରି ହଠାତ୍ ଲମ୍ଫ ଦେଇ ବାହାରକୁ ବାହାରି ଆସୁଛି ଏବଂ ତୁମ ଜୀବନର କାଣ୍ଡାରିଟିକୁ ନିଜର ଅକ୍ତିଆର କରିନେଉଛି । ତେଣୁ, ଏହି କ୍ଷେତ୍ରରେ କେବଳ ଗୋଟିଏ କଥାହିଁ କରିବାକୁ ରହିଛି, କେବଳ ଏତିକି କରିବାକୁ ରହିଛି ତୁମେ ନିଜ ଭିତରେ ନାନା ସ୍ଥାନରେ ପ୍ରଚ୍ଛନ୍ନ ହୋଇ ରହିଥିବା ସାନ ଅନ୍ଧାର ଥାନଗୁଡ଼ିକୁ ଖୋଜି ବାହାର କରିବାକୁ ପ୍ରୟାସ କରିବ ଏବଂ ସେହି ଅନ୍ଧାରଟି ଉପରେ ଯଦି ତୁମେ ସଦିଚ୍ଛାର କେବଳ ଗୋଟିଏ ମାତ୍ର କ୍ଷୁଦ୍ର ସ୍ଫୁଲିଙ୍ଗ

'oaob.nitrkl.ac.in' images reprocessed

ନେଇ ଲଗାଇ ଦେଇ ପାରିବ, ତେବେ ତାହା ନିଶ୍ଚୟ ପରିଭବ ସ୍ୱୀକାର କରିବ, ଅନ୍ତର୍ହିତ ହୋଇଯିବ ଏବଂ ଯାହା ତୁମକୁ ଆଗରୁ ଅସମ୍ଭବ ବୋଲି ଦେଖା ଯାଉଥିଲା, ତାହା ଯେ କେବଳ ସମ୍ଭବ ଓ ସାଧ୍ୟ ହୋଇଯିବ ତା' ନୁହେଁ; ମାତ୍ର ସେଇଟି ପ୍ରକୃତରେ ସାଧିତହିଁ ହୋଇଯିବ । ଏହିପରି ଭାବରେ ଗୋଟିଏ ମିନିଟ୍‌ରେ ମଧ୍ୟ ତୁମେ ଏପରି ଏକ ବାଧାରୁ ଆପଣାକୁ ମୁକ୍ତ କରି ଆଣିପାରିବ, ଯାହାକି ତୁମକୁ ହୁଏତ ବର୍ଷ ବର୍ଷ ଧରି ଖୁବ୍ ବ୍ୟସ୍ତ ଏବଂ ଦହଗଞ୍ଜ କରି ଆସିଥିଲା । ଏବିଷୟରେ ମୁଁ ତୁମକୁ ନିଶ୍ଚିତ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇ କହିପାରିବି । ତାହା କେବଳ ଗୋଟିଏ କଥା ଉପରେହିଁ ନିର୍ଭର କରିବ : ସେହି କଥାଟି ହେଉଛି ଯେ ତୁମେ ପ୍ରକୃତରେ ଏବଂ ନିଷ୍ଠାପର ଭାବରେ ସେଥିରୁ ମୁକ୍ତ ହେବା ଲାଗି ଇଚ୍ଛା କରୁଥିବ । ଏବଂ, ସାଧାରଣ ଶାରୀରିକ ଅସୁସ୍ଥତାଠାରୁ ଆରମ୍ଭ କରି କଠିନରୁ କଠିନ ମାନସିକ ଅସୁବିଧା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେହିଁ ସେହି ଗୋଟିଏ କଥା । ଚେତନାର ଗୋଟିଏ ଅଂଶ କହୁଥିବ, "ମୁଁ ଏହି କଥାଟିକୁ ଇଚ୍ଛା କରୁ ନାହିଁ," ମାତ୍ର ସେଇଟି ପଛରେ ଆହୁରି ଗଦାଏ ଏପରି ବସ୍ତୁ ଲୁଚିକରି ରହିଥିବେ, ଯେଉଁମାନେ କି କିଛିହେଲେ କହୁ ନଥିବେ, ଆପଣାକୁ ଆଦୌ ଛାୟା ପକାଉ ନଥିବେ, ମାତ୍ର ତଥାପି ଗୋଟାସୁଦ୍ଧା ଇଚ୍ଛା କରୁଥିବେ ଯେ ସବୁ କଥା ଯେପରି ଚାଲିଛି, କେବଳ ସେହିପରି ଭାବରେହିଁ ଚାଲିଥାଉ,—ସାଧାରଣତଃ ଏହିପରି ଅଜ୍ଞାନରୁହିଁ ସବୁକିଛି ପ୍ରେରିତ ହେବାରେ ଲାଗିଥାଏ । ଆରୋଗ୍ୟଲାଭ କରିବାର ଯେ ଏକ ଆବଶ୍ୟକତା ରହିଛି, ସେମାନେ ସେକଥା କେବେହେଲେ ବିଶ୍ୱାସ କରନ୍ତି ନାହିଁ, ସେମାନେ ବିଶ୍ୱାସ କରନ୍ତି ଯେ ସର୍ବୋତ୍ତମ ଜାଗତିକ ପରିବେଶଗୁଡ଼ିକ ମଧ୍ୟରେ ସବୁକିଛି କେବଳ ସର୍ବୋତ୍ତମ ଉଦ୍ଦେଶ୍ୟସାଧନ ଲାଗିହିଁ ବିହିତ ହୋଇ ରହିଛି । ଯେଉଁ ଭଦ୍ରମହିଳାଙ୍କ ସହିତ ମୋର ସେହିସବୁ କଥୋପକଥନ ହୋଇଥିଲା ବୋଲି ମୁଁ କହୁଥିଲି, ସିଏ ଯେପରି କହୁଥିଲେ, "ବଦଳିବାକୁ ମନ କଲା ମାତ୍ରକେହିଁ ଯେତେଯାହା ଅଡୁଆ ଆରମ୍ଭ ହୋଇ ଯାଉଛି ।" ଜଣେ ପ୍ରସିଦ୍ଧ ଫରାସୀ ଲେଖକ ତାହାର ପୁନରାବୃତ୍ତି କରିଛନ୍ତି ଓ ସେଇଥିରୁହିଁ ତାଙ୍କର ପ୍ରିୟ ସିଦ୍ଧାନ୍ତଟିକୁ ମଧ୍ୟ ଉଦ୍ଧାର କରିଛନ୍ତି : "ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ମନ କଲା ମାତ୍ରକେହିଁ ଯାବତୀୟ ଦୁଃଖ ଆରମ୍ଭ ହୋଇଯାଏ; ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ଯଦି ତୁମର କେବେହେଲେ ମନ ନବଳିବ, ତେବେ ତୁମର କେବେହେଲେ କୌଣସି ଦୁଃଖ ହେବ ନାହିଁ ।" ମୁଁ ତୁମମାନଙ୍କୁ କହିରଖୁଛି ଯେ ଏହି କଥାଟି ସମ୍ପୂର୍ଣ୍ଣ ଭାବରେ ଏକ ଭୁଲ କଥା; ମାତ୍ର ତଥାପି ତୁମ ଭିତରେ ଏପରି ବସ୍ତୁ ଓ ଉପାଦାନମାନ ରହିଛନ୍ତି, ଯେଉଁମାନେ କି ଯେଉଁଭଳି ଅଛନ୍ତି, ସର୍ବଦା ସମ୍ପୂର୍ଣ୍ଣ ଭାବରେ ସେହିଭଳି ରହିବାକୁହିଁ ଇଚ୍ଛା କରୁଥାନ୍ତି, କୌଣସି ପ୍ରକାରେ ସେମାନଙ୍କ ଉପରେ କେହି ହସ୍ତକ୍ଷେପ କରୁ ବା ସେମାନଙ୍କର ଶାନ୍ତିଭଙ୍ଗ

'oaob.nitrkl.ac.in' images reprocessed

କରୁ ବୋଲି ଗୃହୁ ନଥାନ୍ତି : "ଓଃ, ତୁମେ ପ୍ରକୃତରେ କେଡ଼େ ଦୌରାତ୍ମ୍ୟ କରୁଛ, ଆମକୁ ଶାନ୍ତିରେ ରହିବାକୁ ଦେଉନା କାହିଁକି !"

"ସେହି ବାଷରେ (ସନ୍ଦେହ, କୁଣ୍ଠା, ନୈରାଶ୍ୟ) ସମସ୍ତ ସଂସାର ପୂର୍ଣ୍ଣ ହୋଇ ରହିଛି । ଆମର ପ୍ରତ୍ୟେକ ନିଶ୍ୱାସପ୍ରଶ୍ୱାସରେହିଁ ଆମେ ସେଗୁଡ଼ାକୁ ଗ୍ରହଣ କରିବାରେ ଲାଗିଛୁ । ଯଦି ଜଣେ ଅବାଞ୍ଛନୀୟ ବ୍ୟକ୍ତି ସହିତ ତୁମେ ମାତ୍ର କେତେପଦ କଥାବାର୍ତ୍ତା ହେଉଛ, ବା ଏପରିକି ଯଦି ସେହିପରି ଜଣେ ବ୍ୟକ୍ତି କେବଳ ତୁମ ବାଟ ଦେଇ ଗୃଲି ଯାଉଛି, ତେବେ ତା'ଠାରୁ ତୁମ ଭିତରକୁ ସଂକ୍ରମଣ ଆସି ପ୍ରବେଶ କରିବାର ଆଶଙ୍କା ରହିଛି··· ତୁମେ ଯେପର୍ଯ୍ୟନ୍ତ ସାଧାରଣ ମନୁଷ୍ୟସମୂହଟି ମଧ୍ୟରେ ସାମିଲ ହୋଇ ରହିଛ ଓ ଯେପର୍ଯ୍ୟନ୍ତ ସେହି ସାଧାରଣ ଜୀବନଟିକୁହିଁ ଯାପନ କରିବାରେ ଲାଗିଛ, ତେବେ ସାଧାରଣ ପୃଥିବୀଟିର ମନୁଷ୍ୟମାନଙ୍କ ସହିତ ଏକ ସଂସର୍ଗରେ ରହିଲେ ତଦ୍ୱାରା ଆଦୌ କିଛି ଯିବ ନାହିଁ ବା ଆସିବ ନାହିଁ । ମାତ୍ର, ଯଦି ତୁମେ ଦିବ୍ୟ ଜୀବନର ଆକାଙ୍କ୍ଷା ରଖିଥାଅ, ତେବେ ତୁମର ସଂସର୍ଗ ବିଷୟରେ ତୁମକୁ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ, ନିଜର ପରିବେଶଟି ବିଷୟରେ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

ଏହି ସମସ୍ୟାଟିର ଏକ ସମାଧାନ ଚେଷ୍ଟା କରି ଯତି ଓ ବୈରାଗୀମାନେ ଅରଣ୍ୟ ମଧ୍ୟକୁ ଗୃଲି ଯାଉଥିଲେ ଏବଂ ଗୋଟିଏ ଗଛ ମୂଳରେ ଯାଇ ବସୁଥିଲେ; ଅବଶ୍ୟ ସେଠାରେ ଅନ୍ୟ ମଣିଷଙ୍କଠାରୁ ସଂକ୍ରମଣ ଲାଗିବାର ଆଉ କୌଣସି ଭୟ ଲାଗୁ ନଥିଲା । ମାତ୍ର ଏହିପରି ଏକ ସଂକଳ୍ପ ବା ନିଷ୍ପତ୍ତିର ସର୍ବଶେଷ ପ୍ରାନ୍ତଟିକୁ ଯାଇପାରିବା ପ୍ରକୃତରେ ବଡ଼ କଷ୍ଟକର; କାରଣ, ଏହି କଥାଟି ପ୍ରଘଟ ହୋଇଯିବାକୁ ଆଦୌ ଡେରି ଲାଗେ ନାହିଁ ଯେ ଅମୁକ ସ୍ଥାନରେ ଗୋଟିଏ ଗଛମୂଳେ ଜଣେ ସନ୍ନ୍ୟାସୀ ତପଃ କରି ବସିଛନ୍ତି, ଏବଂ ସଙ୍ଗେସଙ୍ଗେ ସମସ୍ତେ ସେହିଠାକୁ ଦଉଡ଼ିବାରେ ଲାଗନ୍ତି ! ତେଣୁ, ତାଙ୍କୁ ଯେ ଅସୁବିଧାଟିର କବଳରୁ ଆଦୌ କୌଣସି ନିସ୍ତାର ମିଳେ ନାହିଁ ତା' ନୁହେଁ, ମାତ୍ର ଏପରି କରି ସିଏ ଅସୁବିଧାଟିକୁ ବରଂ ଆହୁରି ବଢ଼ାଇ

'oaob.nitrkl.ac.in' images reprocessed

ଦେଇଥାଏ, କାରଣ ଅନ୍ୟକୁ ଶିକ୍ଷା ଦେବାଠାରୁ ବଳି ଅଧିକ ବିପଜ୍ଜନକ କଥା ପ୍ରକୃତରେ ଆଉ କିଛିହେଲେ ନାହିଁ । ତୁମକୁ ହୁଏତ କେବଳ ଜାଣିଛଏ ମାତ୍ର ଜଣାଥାଏ ଏବଂ ତୁମେ ଅନ୍ୟମାନଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କରିଦିଅ; ଏବଂ ଏପରି ଏକ ସମୟ ଆସିବାକୁ ଆଦୌ ବିଳମ୍ବ ଲାଗେ ନାହିଁ ଯେ ତୁମେ ଯେତିକ ଜାଣିଥାଅ, ତା'ଠାରୁ ଅଧିକ କହିବା ଲାଗି ବାଧ୍ୟ ହୁଅ, କାରଣ ଲୋକେ ତୁମକୁ ଏପରି ପ୍ରଶ୍ନମାନ ଆସି ପଚାରନ୍ତି, ତୁମେ ଯେଉଁଗୁଡ଼ିକର କୌଣସି ଉତ୍ତର ଦେଇ ପାର ନାହିଁ । ଅବଶ୍ୟ ଯଦି ତୁମେ ସଂପୂର୍ଣ୍ଣ ଦକ୍ଷତାର ସହିତ ନୀରବତା ଅବଲମ୍ବନ କରି ଜାଣିଥାଅ, ତେବେ ଅବଶ୍ୟ ତାହା ଅନ୍ୟ କଥା ହେବ । ଏହି ପୃଥିବୀରେ ଯେଉଁମାନେ ଆପଣାକୁ ଗୋଟିଏ ଗୋଟିଏ ଆଧ୍ୟାତ୍ମିକ ଗୁରୁ ବୋଲି ଚଳାଇ ନେବାକୁ ଇଚ୍ଛା କରୁଥାନ୍ତି,— ଯେତେବେଳେ ଲୋକେ ସେମାନଙ୍କୁ ଏଭଳି ପ୍ରଶ୍ନମାନ ପଚାରନ୍ତି, ଯାହାର ଉତ୍ତର କି ସେମାନଙ୍କୁ ଜଣା ନଥାଏ, ସେତେବେଳେ ସେମାନେ ଉତ୍ତରଗୁଡ଼ିକୁ ଉଦ୍ଭାବନ କରିନିଅନ୍ତି । ତେଣୁ, ଆପଣାର ଅନ୍ତର୍ଗତ ସାଧନାର କ୍ଷେତ୍ରରେ ଯଦି ତୁମେ ଛଳନା କରିବାକୁ ଆରମ୍ଭ କରିଦିଅ, ତେବେ ଏକଥା ହୁଏତ ଧରିନେବାକୁ ହେବ ଯେ ତୁମେ ଶେଷରେ ଯାଇ ସବୁଠାରୁ ଅଧିକ ଭୟଙ୍କର ଗାତ ଭିତରେହିଁ ପଡ଼ିବ । ପୃଥିବୀରେ ଯେତେଯାହା ରହିଛି, ଛଳନା କରିବାକୁହିଁ ଆମେ ସେଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ବିନାଶକାରୀ ବୋଲି ଜାଣିବା । ଏହି ପୃଥିବୀରେ ଲୋକେ ତୁମେ ପ୍ରକୃତରେ ଯାହା ନୁହଁ, ତୁମକୁ ହୁଏତ ତାହାହିଁ ବୋଲି ଭାବିପାରନ୍ତି, କାରଣ ଲୋକମାନେ ତ ଅନ୍ୟ ଦ୍ୱାରା ପ୍ରବଞ୍ଚିତ ହେବା ଲାଗି କେଡ଼େ ସହଜରେ ବାଟ ଛାଡ଼ିଦିଅନ୍ତି, ଏବଂ ତଦ୍ୱାରା ହୁଏତ ତୁମକୁ ଆଦୌ କୌଣସି ଦୁର୍ବିପାକରେ ପଡ଼ିବାକୁ ପଡ଼ିବ ନାହିଁ (ଅବଶ୍ୟ ଏକଥା ମଧ୍ୟ ସତ ଯେ, ଯଦି ତୁମେ ଅତିବେଶୀ ଛଳନା କରିବାକୁ ବାହାରିବ, ତେବେ ଅନିବାର୍ଯ୍ୟ ଭାବରେ ଦୁର୍ବିପାକ ଭିତରେ ଯାଇ ପଡ଼ିବ); ମାତ୍ର ଆଧ୍ୟାତ୍ମିକ ଜଗତର କ୍ଷେତ୍ରରେ ତୁମକୁ ତ ମଣିଷମାନଙ୍କ ସହିତ କାରବାର କରିବାକୁ ହେବ ନାହିଁ, ସେଠି ତୁମକୁ ପରମେଶ୍ୱର ଓ ପରମ ଦିବ୍ୟସତ୍ୟର ସମ୍ମୁଖୀନ ହେବାକୁ ପଡ଼ିବ । ସେହି କ୍ଷେତ୍ରରେ ନିଜକୁ ଏସା ଅଥବା ତେସା ବୋଲି ଛଳନା କରିବା ମୋଟେ ସମ୍ଭବ ହେବ ନାହିଁ, କାରଣ ତୁମେ ଯେତିକ ଜାଣିଥିବ, ପରମେଶ୍ୱର ତା'ଠାରୁ ଆହୁରି ଅଧିକ ଜାଣିଥିବେ, ନୁହେଁ କି ? ତୁମେ ପ୍ରକୃତରେ ଯାହା, ତାଙ୍କୁ ତାହା ଭଲ କରି ଜଣାଥିବ, ଏବଂ ତେଣୁ ତୁମେ ଯାହାସବୁ କହୁଥିବ, ତାହା ତାଙ୍କୁ ଆଦୌ କୌଣସି ପ୍ରକାରେ ପ୍ରଭାବିତ କରିବ ନାହିଁ ।

ଯାବତୀୟ ଆଧ୍ୟାତ୍ମିକ ସାଧନାରେ ତୁମକୁ ସର୍ବପ୍ରଥମେ ଏହାହିଁ ଶିକ୍ଷା ଦିଆଯାଏ ଯେ ତୁମେ ଆପଣାର ଅଭିଜ୍ଞତାଗୁଡ଼ିକ କଦାପି କାହା ଆଗରେ ବର୍ଣ୍ଣନା କରି କହିବାକୁ ଯିବ ନାହିଁ । ଯଦି ଆପଣା ମନର କୌଣସି ସଂଶୟ ଫେଡ଼ିବାର

ପ୍ରୟୋଜନ ରହିଥିବ, ତେବେ ତୁମେ ଆପଣାର ଗୁରୁଙ୍କ ପାଖରେ ଯାଇ ନିଜ ଅଭିଜ୍ଞତାଗୁଡ଼ିକୁ କହିବ, ଆଉ ଅନ୍ୟ କାହାରି ପାଖରେ କଦାପି କହିବ ନାହିଁ; ଏବଂ ଆପଣାର ଗୁରୁଙ୍କ ପାଖରେ ମଧ୍ୟ ତୁମକୁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ । ତୁମ ଜୀବନରେ କ'ଣସବୁ ଘଟିଛି, ଯେତେବେଳେ ତୁମେ ଗୁରୁଙ୍କ ଆଗରେ ସେଗୁଡ଼ିକୁ ନେଇ ଉପସ୍ଥାପିତ କରିବ ଅଥବା ବୁଝାଇ କହିବାକୁ ଯିବ, ସେତେବେଳେ, ତୁମେ ଯଦି ଯଥାର୍ଥରେ ଘନିଷ୍ଠ ଭାବରେ ଆପଣା ଉପରକୁ ଅବଲୋକନ କରିପାରିବ, ସେତେବେଳେ ତୁମେ ଅବଶ୍ୟ ଦେଖି ପାରିବ ଯେ, ଏପରି ଅନେକ ବିଷୟ ରହିଛି, ଯେଉଁଗୁଡ଼ିକୁ କି ତୁମେ ନିଜେ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଜାଣି ନାହଁ । ତୁମର ଅଭିଜ୍ଞତାଗୁଡ଼ିକରେ ଅନେକ ରିକ୍ତସ୍ଥାନ ରହିଥିବ, ଅବିଚ୍ଛିନ୍ନତାଟି ଅନେକ ଜାଗାରେ ପୂରି ଭାଙ୍ଗି ଯାଇଥିବ (ଚେତନାର କ୍ଷେତ୍ରରେ ଏକ ଅବିଚ୍ଛିନ୍ନତାକୁ ସାଧି କରିପାରିବା ପ୍ରକୃତରେ ଅତ୍ୟନ୍ତ କଷ୍ଟକର, ସେହି ଧାରାଟିକୁ ଶେଷ ପର୍ଯ୍ୟନ୍ତ ଅନୁସରଣ କରି ଯାଇପାରିବା ମଧ୍ୟ ଅତ୍ୟନ୍ତ କଷ୍ଟକର); ଏବଂ, ଯଦି, ଆଦୌ କୌଣସି ବିମିଶ୍ରଣ ନରଖି ତୁମେ ଆପଣାର ଅଭିଜ୍ଞତାମାନ ବର୍ଣ୍ଣନା କରି କହିବାକୁ ଯାଅ, ଆପଣାର ନିଷ୍ଠାରେ କୌଣସି ତ୍ରୁଟି ନରଖି ଯଦି ତୁମେ ତାହା କରିବାକୁ ଯାଅ, ତେବେ ମଧ୍ୟ ତୁମେ ପ୍ରକୃତରେ ଯାହା ଅନୁଭବ କରି ନଥିବ, ସେଥିରୁ ବି କେତେ କ'ଣ କହି ହୋଇଯିବ । ଯେତେବେଳେ ଲୋକମାନେ ମୋ ପାଖକୁ ଆସି କିଛି କହନ୍ତି, ସେମାନଙ୍କର ଅନ୍ତର୍ଗତ ଜୀବନରେ ଘଟିଥିବା କୌଣସି ଘଟଣାକୁ ମୋ ଆଗରେ କହିବାକୁ ବସନ୍ତି, ସେତେବେଳେ ମୋତେ ଅନେକ ସମୟରେ ଟିକିଏ ଅନ୍ୟମନସ୍କ ପରି ହୋଇ ଯାଉଥିବାର ସେମାନେ ଅବଶ୍ୟ ଲକ୍ଷ୍ୟ କରିଥିବେ, ମୋତେ ଯାହାସବୁ ବର୍ଣ୍ଣନା କରି କୁହାଯାଉଛି, ମୁଁ ସେଗୁଡ଼ିକ ଉପରେ ଖୁବ୍‌ବେଶୀ ଗୁରୁତ୍ୱ ନଦେଇ ଥିବାର ଲକ୍ଷ୍ୟ କରିଥିବେ । ମୁଁ ଯେ ଅନ୍ୟମନସ୍କ ଥାଏ ବା କଥାଗୁଡ଼ିକ ଉପରେ ମହତ୍ତ୍ୱ ଦିଏ ନାହିଁ, ସେକଥା ମୋଟେ ନୁହେଁ; ଅସଲ କଥା ହେଉଛି ଯେ ଯାହା ପ୍ରକୃତରେ ଭିତରେ ଥାଏ, ମୁଁ କେବଳ ସେତକ ଶୁଣେ, ଯାହା ସମ୍ପୂର୍ଣ୍ଣ ଭାବରେ ଜୀବର୍ଲ, ମୁଁ ସେଗୁଡ଼ାକୁ ଦେଖିପାରେ, ଏବଂ ଯେଉଁସବୁ ସାନସାନ କଥାକୁ ଆଣି ତାହା ସହିତ ଗୁନ୍ଥି ଦିଆ ଯାଇଥାଏ, ମୁଁ ସେଗୁଡ଼ିକୁ ମଧ୍ୟ ଦେଖିପାରେ । ଏବଂ, ଏହି କାରଣରୁହିଁ ମୁଁ ସାଧାରଣତଃ ଏହିସବୁ ବ୍ୟାପାରକୁ ମୋଟେ ଉତ୍ସାହିତ କରେ ନାହିଁ ।

ମୁଁ ଭଲ କରି ଜାଣେ ଯେ, ଯେତେବେଳେ ଲୋକମାନେ ଯାହାସବୁ ଘଟିଛି, ସେଗୁଡ଼ିକ ଯଦି ମୋ ଆଗରେ ଆସି କହିଦେଇ ପାରିବେ, ସେତେବେଳେ ସେମାନଙ୍କୁ ଭାରି ଉଶ୍ୱାସ ଲାଗିବ, ତଦ୍ୱାରା ସେମାନେ ଭାରି ବଳ ଏବଂ ଆଶ୍ୱାସନା ପାଇବେ; ମାତ୍ର ସେମାନଙ୍କୁ ସେହି କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଏକ ବୈଜ୍ଞାନିକ ମନୋଭାବ ନେଇ ମୋ ପାଖକୁ ଆସିବାକୁ ପଡ଼ିବ । ଜଣେ ବୈଜ୍ଞାନିକ ତୁମକୁ ଯାହାକିଛି କହିବାକୁ

'oaob.nitrkl.ac.in' images reprocessed

ଯାଉଛୁ, ତାହାର ସ୍ପଷ୍ଟ ପ୍ରମାଣ ପାଇବା ଲାଗି ଯଥାସମ୍ଭବ ଯାବତୀୟ ପ୍ରୟୋଗ ନକରିଥିବା ପର୍ଯ୍ୟନ୍ତ ସେ କଦାପି ତୁମ ଆଗରେ "ଏଇଟା ଏପରି" ବା "ଏଇଟା ସେପରି" ବୋଲି କହିବାକୁ ଯିବ ନାହିଁ । ଏବଂ ଆଧ୍ୟାତ୍ମିକ ବ୍ୟାପାରଗୁଡ଼ିକର କ୍ଷେତ୍ରରେ ମଧ୍ୟ ତୁମକୁ ଠିକ୍ ସେହି ପଦ୍ଧତିର ଅନୁସରଣ କରିବାକୁ ପଡ଼ିବ । "ମୁଁ ସେପରି କଲି ଏବଂ ବ୍ୟାପାରଗୁଡ଼ିକ ଏହିପରି ଭାବରେ ଘଟିଲା" ବୋଲି ନକହି ତୁମକୁ କହିବାକୁ ପଡ଼ିବ, "ମୋତେ ଲାଗିଲା ଯେ···ଘଟଣାଗୁଡ଼ିକ ମୋତେ ଏହିପରି ବୋଧ ହେଲା" ଓ "ଏଇଟି ଏବଂ ସେଇଟି ଭିତରେ ଘଟିଥିବା ଏକ ସଂଯୋଗ ରହିଥିଲା ପରି ମନେହେଲା ।" ଏବଂ ଏଗୁଡ଼ାକୁ କେବଳ କଥୋପକଥନକାଳୀନ କେତେଟା ବାକ୍ୟ ବା କଥାରୂପେ ନୁହେଁ, ମାତ୍ର ଏକ ମାନସିକ ସ୍ଥିତିକୁ ଯଥାର୍ଥ ଭାବରେ ଅଭିବ୍ୟକ୍ତ କରି ଦେଉଥିବା କଥାରୂପେ ତୁମକୁ ସେଗୁଡ଼ାକୁ କହିବାକୁ ପଡ଼ିବ । ଯଦି କୌଣସି ସଂଶୟ ଦୂର କରିବାର ପ୍ରୟୋଜନ ଥିବ, ତେବେ ତୁମେ ନିଜେହିଁ ଆଗରୁ କଥାଟିକୁ ବୁଝାଇ କହିଦେବା ପାଇଁ ଆଦୌ ଚେଷ୍ଟା କରିବ ନାହିଁ, କାରଣ ଥରେ ମୋ ଆଗରେ କଥାଟିର ବ୍ୟାଖ୍ୟା କରି ଦିଆଯିବା ପରେ ମୋର ଆଉ ତୁମକୁ ପ୍ରକୃତରେ ଆଦୌ କୌଣସି ବ୍ୟାଖ୍ୟା ଦେବାକୁ ନଥିବ ! ଉଦାହରଣସ୍ୱରୂପ, ତୁମେମାନେ ମୋ ପାଖକୁ ଫୁଲ ନେଇ ଆସ, ଯାବତୀୟ କିସମର ଫୁଲ ନେଇଆସ, ମାତ୍ର ସେଗୁଡ଼ିକୁ ତୁମେ ସଜାଇ କରି ଆଣ ନାହିଁ ଏବଂ ମୋତେ ଆସି କୁହ, "ହେଇ ଦେଖନ୍ତୁ, ମୁଁ କେତେଗୁଡ଼ିଏ ଫୁଲ ଆଣି ଆସିଛି, ଆପଣ ଏଗୁଡ଼ିକରୁ ତୋଡ଼ାଟିଏ ତିଆରି କରିଦେବେ ।" ଏପରି କରିବା ଦ୍ୱାରା ମୋ ପକ୍ଷରେ ତାହା ଅନେକ ସହଜ ହୋଇଯାଏ, ନୁହେଁ କି ? ତା'ହେଲେ, ମୋର ଯେଉଁ ଫୁଲଗୁଡ଼ିକ ଦରକାର ଥାଏ, ମୁଁ ସେଗୁଡ଼ିକୁ ଗ୍ରହଣ କରିପାରେ ଓ ଯାହା ଘଟିଲା, ତୁମକୁ ତାହାର ଏକ ବ୍ୟାଖ୍ୟା କରି ଦେଇପାରେ ! ମାତ୍ର ଯଦି ତୁମେ ଆଗରୁ ତୋଡ଼ାଟିଏ ତିଆରି କରି ମୋତେ ଆଣି ଦିଅ, ଯେଉଁଥିରେ କି ଏପରି ଅନେକ ଫୁଲ ରହିଥିବାର ମୁଁ ଦେଖିବାକୁ ପାଏ, ଯେଉଁଗୁଡ଼ିକ କି ପ୍ରକୃତରେ ଫୁଲ ନୁହେଁ, ମାତ୍ର ଯେଉଁଗୁଡ଼ିକୁ କେବଳ କେତୋଟି ଅନୁକରଣ ବୋଲିହିଁ କୁହାଯାଇ ପାରିବ, ତେବେ ମୋର ଆଉ କିଛିହିଁ କହିବାକୁ ନଥିବ । କାରଣ ମୁଁ କେବଳ ସେଇଗୁଡ଼ିକୁ ଦରକାର କରେ, ଯାହା ସମ୍ପୂର୍ଣ୍ଣ ଭାବରେ "ବିଶୁଦ୍ଧ" ହୋଇଥିବ । ତେଣୁ ମୋର ଏହି କଥାଟିକୁ ମନେ ରଖିଥିବ : ତୁମର ସବୁ କଥା ଶୁଣିବା ଲାଗି ମୁଁ ସର୍ବଦା ପ୍ରସ୍ତୁତ ରହିଛି, ମାତ୍ର ତୁମେମାନେ କେବେହେଲେ ଆଗରୁ ଗୋଟାଏ ନିର୍ଦ୍ଦିଷ୍ଟ ଆକାରରେ ଗଢ଼ାହୋଇ ସାରିଥିବା କୌଣସି କଥା ନେଇ ମୋ ପାଖକୁ ଆସିବ ନାହିଁ । ଯାହାକିଛି ଘଟିଛି, ତୁମେମାନେ ମୋତେ ତାହାର ଏକ ନିର୍ଭୁଲ ବିବରଣୀ ଦେବ, ଏବଂ ସେସବୁ ସ୍ଥଳରେ ମଧ୍ୟ ପ୍ରାୟ ନିଶ୍ଚିତ ଭାବରେ ଜାଣି ରଖିଥିବ ଯେ ମନର ସାହାଯ୍ୟରେ ଏକ ଅନୁଲିଖନ କରିଦେବା

'oaob.nitrkl.ac.in' images reprocessed

ମାନବକେ ସେଥିରେ ରହିଥିବା ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରିଦେବାର ବିଦ୍ୟା ମନକୁ କଦାପି ଅମାଲୁମ ହୋଇ ରହି ନଥିବ । ମନ ସବୁବେଳେ କଥାଗୁଡ଼ିକୁ ନ୍ୟାୟସଙ୍ଗତ ଏବଂ ସଂଲଗ୍ନ କରି ଉପସ୍ଥାପିତ କରିବାକୁ ଇଚ୍ଛା କରୁଥିବ; ଏବଂ ତୁମର ସମ୍ପୂର୍ଣ୍ଣ ଅଜାଣତରେ ମଧ୍ୟ, ବେଶ୍ ସ୍ୱତଃସ୍ଫୂର୍ତ୍ତ ଭାବରେ ତାହା ସେଥିରେ ଏପରି ନାନା ଉପାଦାନ ଆଣି ଭରଣା କରିଦେବ, ଯାହାକି ତୁମର ଅନୁଭବଟି ମଧ୍ୟରେ ଆଦୌ ପ୍ରକୃତରେ ନଥିଲା । ଏପରି କହି ମୁଁ କାହାରିକୁ କୌଣସି ଦୋଷ ଦେବାକୁ ଚାହୁଁ ନାହିଁ, କାରଣ ଏସବୁ ଯେ ଭାରି ସ୍ୱତଃସ୍ଫୂର୍ତ୍ତ ଭାବରେ ଘଟିଥାଏ, ମୁଁ ସେକଥା ଭଲ କରି ଜାଣେ । ତେଣୁ ଯଥାସମ୍ଭବ ଅଧିକ ନିର୍ଭୁଲ ଏବଂ ଯଥାର୍ଥ ହୋଇ ପାରିବା ଲାଗି ସର୍ବଦା ଅତ୍ୟନ୍ତ ଯତ୍ନଶୀଳ ହେବାକୁ ପଡ଼ିବ ।

"ମୋର ଗତିସ୍ପନ୍ଦନଗୁଡ଼ିକ ପ୍ରକୃତରେ ମୋର ନୁହେଁ, ତେଣୁ ସେଗୁଡ଼ିକ ବିଷୟରେ ମୁଁ କିଛି ଭାବିବି ନାହିଁ",—ଏପରି କହିବା ବିପଜ୍ଜନକ ନୁହେଁ କି ?

ହଁ, ପ୍ରକୃତରେ ବିପଜ୍ଜନକ । ଯଦି ତୁମେ, "ମୁଁ କିଛିହେଲେ କରି ପାରିବି ନାହିଁ, ସେଇଟା ହେଉଛି ପ୍ରକୃତି ହାତର କଥା; ତେଣୁ ଯାହାକିଛି ଘଟିବ, ତାକୁ ତାହାର ପ୍ରାକୃତିକ ଗତିପଥଟିକୁ ଅନୁସରଣ କରିବାକୁହିଁ ପଡ଼ିବ" ବୋଲି କୁହ, ତେବେ ତୁମେ ଯାହା କରିବ ନାହିଁ ବୋଲି ମୁଁ ତୁମକୁ କହୁଛି, ସେତେବେଳେ ତୁମେ ଠିକ୍ ତାହାହିଁ କରିବସିବ । ଅର୍ଥାତ୍, ତୁମେ ଚରିତାର୍ଥ କରିବାକୁ ଯାଉଥିବା ଆପଣାର ବାସନାଗୁଡ଼ିକୁ ଢାଙ୍କି ରଖିବା ପାଇଁ ପରମ ଦିବ୍ୟସତ୍ୟକୁ ବେଶ୍ ଗୋଟିଏ ଚମତ୍କାର ପରିଚ୍ଛଦ ପରିହିଁ ବ୍ୟବହାର କରିବ । ମାତ୍ର, ଏହାର ସେହି ବିପରୀତ କଥାଟି, "ମୁଁ ପ୍ରକୃତରେ ଆଦୌ କୌଣସି ମୂଲ୍ୟର ନୁହେଁ, କାରଣ ଏପରି ଗୋଟାଏ ଖରାପ କଥା ବି ମୋର ମନ ଭିତରଦେଇ ଅତିକ୍ରମ କରିଯାଇ ପାରିଲା",—ଏଇଟା ମଧ୍ୟ ସମାନ ଭାବରେ ଭୁଲ, ନୁହେଁ କି ?

ସ୍ୱଭାବତଃ, ଯଦି ତୁମ ଭିତରେ ଏପରି ଗୋଟିଏ ଆବେଗ ଆସିବ, ଯାହା ଆସୁ ବୋଲି ତୁମେ ମୋଟେ ଇଚ୍ଛା କରୁ ନଥିବ, ତେବେ, ସେହି ଆବେଗଟି ଯେପରି ଆଦୌ ତୁମ ଭିତରକୁ ନଆସିବ, ସର୍ବପ୍ରଥମେ ତୁମେ ତାହାହିଁ ଇଚ୍ଛା କରିବ । ମାତ୍ର ଯଦି, ସେଇଟି ପ୍ରକୃତରେ ନଆସି ଅନ୍ତର୍ହିତ ହୋଇଯାଉ ବୋଲି ପ୍ରକୃତରେ ଇଚ୍ଛା କରୁ ନଥିବ, ତେବେ ସେଇଟିକୁ ତୁମେ ବେଶ୍ ସାଇତି ରଖିପାର, ମାତ୍ର ତା'ହେଲେ ଯୋଗସାଧନା କରିବାକୁ ମୋଟେ ଚେଷ୍ଟା କରିବ ନାହିଁ । ଯାବତୀୟ

'oaob.nitrkl.ac.in' images reprocessed

ଅସୁବିଧା ଓ ବାଧାକୁ ଅତିକ୍ରମ କରିବା ଲାଗି ଆଗରୁ ସଂକଳ୍ପ ନକରିଥିବା ପର୍ଯ୍ୟନ୍ତ ତୁମେ କଦାପି ଯୋଗର ମାର୍ଗଟିକୁ ଗ୍ରହଣ କରିବାକୁ ଯିବ ନାହିଁ । ଏହି ବିଷୟରେ ତୁମର ନିଷ୍ପତ୍ତିଟି ଆନ୍ତରିକ ହୋଇଥିବା ଦରକାର, ସଂପୂର୍ଣ୍ଣ ହୋଇଥିବା ଦରକାର । ପୁନଶ୍ଚ, କ୍ରମଶଃ ଅଗ୍ରସର ହୋଇ ଯାଉଥିବା ବେଳେ ତୁମେ ଏକଥା ମଧ୍ୟ ଦେଖିବାକୁ ପାଇବ ଯେ ତୁମେ ଆଗରୁ ଯାହାକୁ ସଂପୂର୍ଣ୍ଣ ବୋଲି ବିଶ୍ୱାସ କରୁଥିଲ, ତାହା ପ୍ରକୃତରେ ତାହା ନୁହେଁ, ତୁମେ ଯାହାକୁ ନିଷ୍କପଟ ବୋଲି ଭାବୁଥିଲ, ତାହା ପ୍ରକୃତରେ ସେପରି ନୁହେଁ । ଏବଂ ତା'ପରେ ତୁମେ ଧୀରେ ଧୀରେ ଆଗକୁ ଯିବାକୁ ଲାଗିବ, ମାତ୍ର, ସଫଳତା ଲାଭ କରିବାକୁ ହେଲେ, ତୁମ ଭିତରେ ଅଗ୍ରଗତି କରିବା ଲାଗି ଯଥାସମ୍ଭବ ଏକ ସମଗ୍ର ଇଚ୍ଛା ରହିଥିବା ଦରକାର ହେବ । ଯଦି ତୁମ ଭିତରେ ଏହି ଇଚ୍ଛାଟି ପ୍ରକୃତରେ ରହିଥିବ ଏବଂ ସେପରି କ୍ଷେତ୍ରରେ ଯଦି ତଥାପି କୌଣସି ଆବେଗ ଆସି ତୀବ୍ର ଭାବରେ ତୁମକୁ କାମୁଡ଼ି ଧରିବାକୁ ବସିବ, ତେବେ ତୁମେ ଇଚ୍ଛାଶକ୍ତିଟିକୁ ଦୃଢ଼ ରଖିବ, ତୁମର ସତ୍ତା କୌଣସି ପ୍ରକାରେ ବିଚଳିତ ହୋଇ ଯିବ ନାହିଁ, କୌଣସି ପ୍ରକାରେ ଏପାଖ ସେପାଖ ହେବ ନାହିଁ । ଏହିସବୁ ବିଷୟ ଆସିବ ବୋଲି ତୁମେ ଅବଶ୍ୟ ପ୍ରସ୍ତୁତ ହୋଇ ରହିଥିବ, ମାତ୍ର ଯେତେବେଳେ ସେଗୁଡ଼ିକ ଆସି ପହଞ୍ଚି ଯାଉଥିବେ, ସେତେବେଳେ ତୁମେ ନିଜେ ନିଜକୁ କହିବାକୁ ଲାଗିବ, "ହଁ, ମୁଁ ଭଲ କରି ଜାଣିଛି, ସେମାନେ ସେହି ତଳସ୍ତରରୁ ଆସୁଛନ୍ତି; ସେଗୁଡ଼ିକ ଆଉଥରେ ଆସି ଆବିର୍ଭୂତ ହୁଅନ୍ତୁ ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ, ସେଗୁଡ଼ିକ ଆଦୌ ମୋର ନୁହଁନ୍ତି ।" "ହଉ, ଆସିଲାଣି ଯଦି ଆସୁ, କାରଣ ଏଇଟା ତ ପ୍ରକୃତି, ମୁଁ ଆଉ କ'ଣ କରିବ ?"—ଏପରି କହିବା କଦାପି ସେହି ଏକା କଥା ନୁହେଁ ।

ଯେଉଁସବୁ ଆବେଗ ପ୍ରାଣିକ କ୍ଷେତ୍ରରେ ଆସି ପ୍ରବେଶ କରୁଛନ୍ତି, ସେଗୁଡ଼ିକ ବିରୁଦ୍ଧରେ ବିଦ୍ରୋହ କରିବା ଲାଗି ପ୍ରାଣ ମଧ୍ୟରେ ଏକ ହୃଦ୍‌ବୋଧ ଓ ଏକ ପ୍ରତ୍ୟୟର ମଧ୍ୟ ଉଦୟ ହୋଇ ଆସିବା ଉଚିତ । ଯେମିତି କୌଣସି ଏକ ଆବେଗ ଆସି ପହଞ୍ଚିଯାଏ, ଅଧିକାଂଶ ମନୁଷ୍ୟ ଏବଂ ଏପରିକି ଯୋଗସାଧନା କରିବାର ବାସନା ରଖିଥିବା ବ୍ୟକ୍ତିମାନେ "ଆଉ କ'ଣ କରାଯିବ, ଏବିଷୟରେ ଆଉ କିଛି କରିବାର ନାହିଁ, ଯାହା ହୋଇଯାଉଛି ହୋଇଯାଉଛି" ବୋଲି କହିବାକୁ ଆରମ୍ଭ କରନ୍ତି । ପୁଣି, ତୁମ ଭିତରୁ କିଛି ବିଦ୍ରୋହ କରଉଠେ, "ଏଇଟି ଆସୁ ବୋଲି ମୁଁ କଦାପି ଇଚ୍ଛା କରୁ ନାହିଁ" ବୋଲି ଯଦି ତାହା କହିବାକୁ ଲାଗେ, ତେବେ ସେଇଟି ହେଉଛି ତୁମ ସତ୍ତାର ଉଚ୍ଚତର ଅଂଶ । ତୁମ ଭିତରେ ଯାହା ଯୋଗସାଧନା କରିବାର ସଂକଳ୍ପ ଗ୍ରହଣ କରିଛି, ସେଇଟି ତୁମର ଦେହ ନୁହେଁ, ତୁମର ପ୍ରାଣ ନୁହେଁ, ଏପରିକି ତୁମର ମନ ବି ନୁହେଁ, ଏଇଟି ହେଉଛି ତୁମ ମନର ଉଚ୍ଚତର ଅଂଶ, ଅର୍ଥାତ୍, ଏଇଟି ହେଉଛି ତୁମର ଚୈତ୍ୟ ସତ୍ତା । କେବଳ ସେହି ଚୈତ୍ୟ ସତ୍ତାହିଁ ଯୋଗସାଧନାର ସଙ୍କଳ୍ପ ନେଇ ପାରିବ । ଏହି

'oaob.nitrkl.ac.in' images reprocessed

ସଂକଳ୍ପ କାହା ଲାଗି କାହିଁକି ନିଆଯାଏ, ତୁମର ଦେହ ସେଇଟିକୁ ଭଲ କରି ଆଦୌ ଜାଣି ନଥାଏ, ତୁମର ପ୍ରାଣ କିଞ୍ଚିତ୍ ଉଦ୍‌ବିଗ୍ନ ଓ ଚମତ୍କୃତ ଭାବରେ ରୂପାନ୍ତରର ଆରମ୍ଭ ପର୍ବଟିକୁ ଲକ୍ଷ୍ୟ କରିବାରେ ଲାଗିଥାଏ; ଏବଂ ଆପଣାର ସବୁକିଛି ଧାରଣା ଓ ଭାବନାକୁ ବହନ କରି ମନ ଘୋଷଣା କରେ, "ଏକଥାଟିକୁ ସେହିପ୍ରକାରେ କରିଯାଇ ପାରିବ, ଏପରି ଭାବରେ ବ୍ୟାଖ୍ୟା କରିଯାଇ ପାରିବ ।" ଏହିପରି ଭାବରେ କେତେକ'ଣ କହିବାରେ ଲାଗିଥାଏ । ତେଣୁ, ଯଦି ତୁମେ ପ୍ରକୃତରେ ଏକ ସଂକଳ୍ପ କରିଥାଅ, ତେବେ ତାହା ନିଶ୍ଚୟ ତୁମ ସତ୍ତାର ଉଚ୍ଚତର ଅଂଶଟିରୁହିଁ ଆସିଥାଏ, ଏବଂ ଆଉ ଅନ୍ୟ କୌଣସି ଅଂଶଟି ଉପରେ ନୁହେଁ, ଏହି ଅଂଶଟି ଉପରେହିଁ ତୁମକୁ ନିର୍ଭର କରିବାକୁ ପଡ଼ିବ, ସେହି ଅଂଶଟି ହେଉଛି ପ୍ରକୃତ "ମୁଁ" । ଏବଂ ଏହାକୁ ସର୍ବଶେଷରେ ଏହି କଥାଟିକୁ ବି ବୁଝିବାକୁ ହେବ ଯେ ଏହି "ମୁଁ" କଦାପି ଏକ ବ୍ୟକ୍ତିଗତ "ମୁଁ" ନୁହେଁ, ଏହା ହେଉଛି ଏକ ବିଶ୍ୱଗତ "ମୁଁ", ଏକ ଦିବ୍ୟ "ମୁଁ" ।

ମାତ୍ର ଏହି ପ୍ରାଣିକ ଅଂଶଟିକୁହିଁ ଆଖର ପରିବର୍ତ୍ତନ ଲାଗି ଆବଶ୍ୟକ ନିଷ୍ପତ୍ତିଟିକୁ ନେବାକୁ ପଡ଼ି ନଥାଏ କି ?

ମୁଁ ତୁମକୁ ନିଶ୍ଚିତ ଭାବରେ କହି ପାରିବ ଯେ ପ୍ରାଣିକ ଅଂଶଟିକୁ ଯଦି ତା'ର ଆପଣା ସ୍ୱାଧୀନତାରେ ଛାଡ଼ି ଦିଆଯାଏ, ତେବେ ରୂପାନ୍ତରିତ ହେବା ଲାଗି ତାହା କେବେହେଲେ କୌଣସି ନିଷ୍ପତ୍ତି ଗ୍ରହଣ କରିବ ନାହିଁ । ପ୍ରାଣ ଆପଣାକୁ ନେଇ ବେଶ୍ ସନ୍ତୁଷ୍ଟ ହୋଇ ରହିଥାଏ ଏବଂ ଆହୁରି ସ୍ମରଣ ରଖିବା ଉଚିତ ଯେ ତାହା ମନର ଏକ କାରପଟଦାର ହୋଇଥିବାରୁ, ପ୍ରାଣ ଯାହାକିଛି କରୁଥିବ, ମନ ସେଥିଲାଗି ସମ୍ଭବ ଯାବତୀୟ ପ୍ରକାରର ବ୍ୟାଖ୍ୟା ଆଣି ଯୋଗାଇ ମଧ୍ୟ ଦେଉଥିବ । ଯେଉଁ ବ୍ୟକ୍ତିମାନେ ସେମାନଙ୍କର ପ୍ରାଣିକ ଚେତନା ମଧ୍ୟରେ ଅବସ୍ଥିତ ରହି ଜୀବନ ବଞ୍ଚୁଥାନ୍ତି, ସେମାନେ ଏକଥାଟିକୁ ହୁଏତ ନ କହୁଥିଲେ ମଧ୍ୟ ତଥାପି ଆପଣାକୁ ନେଇ ଭାରି ସନ୍ତୁଷ୍ଟ ହୋଇ ରହିଥାନ୍ତି । ସେମାନଙ୍କ ଜୀବନରେ ଯାହାସବୁ ଘଟୁଥାଏ, ସେମାନେ ସେଗୁଡ଼ାକ ବିଷୟରେ ମଧ୍ୟ ଭାରି ସନ୍ତୁଷ୍ଟ ଥାଆନ୍ତି ଏବଂ ଆପଣାର ଆବେଗଗୁଡ଼ିକ ବିଷୟରେ ନିରନ୍ତର କହିବାରେ ଲାଗିଥାନ୍ତି "ଏଇଟି ପ୍ରକୃତରେ କେଡ଼େ ଆଗ୍ରହୋଦ୍ଦୀପକ, କେଡ଼େ ଆଗ୍ରହୋଦ୍ଦୀପକ !" ତେଣୁ, ତୁମର ପ୍ରାଣିକ ପ୍ରକୃତି ନିଷ୍ପତ୍ତି ଗ୍ରହଣ କରିବ ବୋଲି ଯଦି ତୁମେ ଅପେକ୍ଷା କରି ବସିଥିବ, ତେବେ ତୁମକୁ ହୁଏତ ଦୀର୍ଘ ସମୟ ଲାଗି ଅପେକ୍ଷା କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ତୁମକୁ ଆପଣାର ପ୍ରାଣିକ ସତ୍ତାଟିକୁ ଏହି ଶିକ୍ଷାଟି ଦେଇ ରଖିବାକୁ ହେବ ଯେ ତାହାକୁ ଅବଶ୍ୟ ଆଦେଶ ପାଳନ କରିବାକୁ ପଡ଼ିବ । କୌଣସି ପ୍ରକାର ସନ୍ତୋଷ ଅନୁଭବ କରିବା ପୂର୍ବରୁ ତାହାକୁ ବୁଝି ରଖିବାକୁ ହେବ ଯେ କେବଳ ଆଦେଶ ପାଳନ କରିବା ବ୍ୟତୀତ ଆଉ ପ୍ରକୃତରେ କିଛି ହେଲେ କରିବାକୁ ନାହିଁ । ମୁଁ ସେଇଥିଲାଗି କହୁଛି ଯେ ଯୋଗଗ୍ରହଣା ଆରମ୍ଭ କରିବା ଆଦୌ ଏକ ସହଜ କଥା ନୁହେଁ; ଯଦି ତୁମ ଭିତରେ ନିଷ୍ଠା ନାହିଁ, ତେବେ ଯୋଗ କଦାପି ଆରମ୍ଭ କର ନାହିଁ ।

ଦେହ ଅତ୍ୟନ୍ତ ଅନୁଗତ; ଏହା ପ୍ରକୃତରେ ଯଥାସାଧ୍ୟ ଆପଣାର କାର୍ଯ୍ୟଟିକୁ ସମ୍ପନ୍ନ କରିଥାଏ, ମାତ୍ର ତାକୁ କାହାର ଆଦେଶ ଯେ ପାଳନ କରିବାକୁ ହେବ, ସେକଥା ତାକୁ ଜଣା ନଥାଏ, କାରଣ ତାହା ସାଧାରଣତଃ ଉଚ୍ଚତର ସତ୍ତା ବା ଚୈତ୍ୟ ସତ୍ତାଟି ସହିତ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ହୋଇ ରହି ନଥାଏ । ଆବେଗଗୁଡ଼ିକ ସିଧା ମନଃସ୍ତରରୁ ଆସି ଦେହ ପାଖରେ ପହଞ୍ଚିଥାନ୍ତି, ଅଥବା ପ୍ରାଣର ପରିଚ୍ଛଦରେ ଆସି ପହଞ୍ଚିଥାନ୍ତି, ଏବଂ ସେମାନେ ଯାହା ଇଚ୍ଛା କରୁଥାନ୍ତି, ଦେହ ଆଜ୍ଞାପାଳନ କରି ତାହାହିଁ କରୁଥାଏ । ପ୍ରାଣିକ ସତ୍ତାଟି କୌଣସି ନିଷ୍ପତ୍ତି ଗ୍ରହଣ କରିବା ପୂର୍ବରୁ (ଏବଂ ମୁଁ ତୁମମାନଙ୍କୁ କହୁଛି ଯେ କୌଣସି ନିଷ୍ପତ୍ତି ଗ୍ରହଣ କରିବା ତା' ପକ୍ଷରେ ଆଦୌ ଖୁବ୍ ବେଶୀ ସହଜ ନୁହେଁ), ମନର ଉଚ୍ଚତର ଅଂଶଟିରେ ଏକ ଆଲୋକ ଉଦିତ ହୋଇ ପାରିବା ଅନିବାର୍ଯ୍ୟ ହୋଇଥାଏ; ସେହି ଆଲୋକହିଁ ଏକ ଉଚ୍ଚତର ଚେତନା ସହିତ ତୁମର ଖିଅ ଲଗାଇ ଦେଇଯାଏ ବା ତୁମର ଚୈତ୍ୟ ସତ୍ତାଟି ସହିତ ଖିଅ ଯୋଡ଼ିଦିଏ ଏବଂ ସେହି ଆଲୋକଟି ଉପରେ ଆଶ୍ରୟ କରିହିଁ ତୁମକୁ ଆପଣାର ମନ ଆଗରେ ଯାବତୀୟ ବିଷୟର ଉପସ୍ଥାପନା କରିବାକୁ ପଡ଼ିବ, ପ୍ରାଣ ଆଗରେ ଉପସ୍ଥାପିତ କରିବାକୁ ପଡ଼ିବ ଏବଂ ଶେଷରେ ଶରୀର ଆଗରେ ମଧ୍ୟ ଉପସ୍ଥାପିତ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ୮ ଫେବୃଆରୀ ୧୯୫୧

"ଆମର ବାହ୍ୟ ସତ୍ତା ଗୋଟିଏ ଉପରର ପରସ୍ତ ପରି । ସାଧାରଣ ମନୁଷ୍ୟମାନଙ୍କ କ୍ଷେତ୍ରରେ ଏହି ପରସ୍ତଟି ଏପରି କଠିନ ହୋଇ ରହିଥାଏ ଓ ଏତେ ମୋଟା ହୋଇ ରହିଥାଏ ଯେ ସେମାନେ ସେମାନଙ୍କ ଭିତରେ ରହିଥିବା ପରମ ଦିବ୍ୟସତ୍ତାଟି ସମ୍ବନ୍ଧରେ ଆଦୌ ସଚେତନ ହୋଇ ପାରନ୍ତି ନାହିଁ । ଯଦି କେବେ, ଏପରିକି ମାତ୍ର କେତୋଟି ମୁହୂର୍ତ୍ତ ଲାଗି ହେଲେ ମଧ୍ୟ, ଅନ୍ତର୍ଗତ ସତ୍ତାଟି "ମୁଁ ଏଇଠି ଅଛି, ମୁଁ ତୁମର" ବୋଲି କହିଦିଏ, ତେବେ ତଦ୍ଦ୍ୱାରା ସତେଅବା ଗୋଟିଏ ସେତୁ ନିର୍ମିତ ହୋଇଯାଏ ଏବଂ ଧୀରେ ଧୀରେ ଉପରର ସେହି ପରସ୍ତଟି ପତଳା ହୋଇଆସେ; ଶେଷକୁ ଦୁଇଟିଯାକ ଅଂଶ ସମ୍ପୂର୍ଣ୍ଣ ଭାବରେ ଏକାଠି ଯୋଡ଼ିହୋଇ ଯାଆନ୍ତି ଏବଂ ବାହ୍ୟ ଏବଂ ଅନ୍ତର୍ଗତ ସତ୍ତା ପ୍ରକୃତରେ ଗୋଟିଏ ସତ୍ତାରେ ପରିଣତ ହୁଅନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

ନିଜର ସତ୍ତାଟିକୁ ଏକତ୍ର ଯୋଡ଼ିକରି ରଖିବା ବିଷୟରେ ତୁମେ କେବେ ଚିନ୍ତା କରିଛ କି ? ବର୍ତ୍ତମାନ ତୁମେ ଗୋଟିଏ ପ୍ରକାର ମଣିଷ ହୋଇ ରହିଛ, ଆଉ ଏକ ସମୟରେ ଅନ୍ୟଜଣେ ମଣିଷ ହୋଇ ରହିଛ, ଗୋଟିଏ ସମୟରେ ଏଇଟି କରି ପାରୁଛ, ମାତ୍ର ଅନ୍ୟ ଏକ ସମୟରେ ସେଇଟିକୁ କରି ପାରୁ ନାହଁ, ତୁମେ ଏପରି ଗୋଟିଏ ବ୍ୟକ୍ତିତ୍ୱ ସମ୍ମୁଖରେ ଅବସ୍ଥିତ ରହିଛ, ଯାହାକୁ କି ତୁମେ ନିଜେ ବୋଲି କହିପାରୁଛ ଏବଂ ତଥାପି ଯୁଗପତ୍ ଭାବରେ ତୁମ ଭିତରେ ଏହି ବ୍ୟକ୍ତିତ୍ୱଟିର ଅନେକ ଅଂଶ ରହିଛି, ଯେଉଁଗୁଡ଼ିକ କି ତୁମ ଆଗରେ ମୋଟେ ଧରା ଦେଉ ନାହାନ୍ତି, ବେଳେବେଳେ ଏପରି ଏକ ସ୍ଥିତି ପ୍ରତ୍ୟକ୍ଷ କରି ତୁମେ କେବେ ବିଚଳିତ ଓ ବ୍ୟସ୍ତ ହୋଇ ପଡ଼ିଛ କି ?

ମୋ ଭିତରେ ଯୁଏତ ଯେଉଁ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ ରହିଛନ୍ତି, ସେଗୁଡ଼ିକୁ ମୁଁ ଏକାଠି ଗୋଟିଏ କରି ଗୁନ୍ଥି ରଖିବାକୁ କେବେ-

'oaob.nitrkl.ac.in' images reprocessed

ହେଲେ ଚେଷ୍ଟା କରି ନାହିଁ, ମାତ୍ର ମୁଁ ସେଗୁଡ଼ିକୁ ପରସ୍ପର ସମ୍ମୁଖୀନ କରି ରଖିବାକୁ ଅବଶ୍ୟ ଚେଷ୍ଟା କରିଛି, ଭଲଗୁଡ଼ିକୁ ଖରାପଗୁଡ଼ିକର ସମ୍ମୁଖୀନ କରି ରଖିବାକୁ ଚେଷ୍ଟା କରିଛି ଏବଂ ଖରାପଗୁଡ଼ିକ ବିରୁଦ୍ଧରେ ଯୁଦ୍ଧ କରି ପାରିବା ଲାଗି ମୁଁ ଭଲଗୁଡ଼ିକ ମଧ୍ୟରେ ଯଥେଷ୍ଟ ପରିମାଣରେ ଏକ ଗତିଶୀଳତା ରହିଛି ବୋଲି କେବେହେଲେ ଦେଖି ନାହିଁ ।

ତୁମେ କ'ଣ କେବେହେଲେ ଭାବି ନାହଁ ଯେ କ'ଣ ପ୍ରକୃତରେ "ଭଲ" ଓ କ'ଣ ପ୍ରକୃତରେ "ମନ୍ଦ" ଏବିଷୟରେ ତୁମର ଯେଉଁ ବିଚାରଟି ରହିଛି, ତାହା ହେଉଛି ଆମର ଏହି ସାଧାରଣ ମଣିଷମନର ଏକ ମତ ? ତୁମ ଭିତରେ ଯେଉଁ ଦିବ୍ୟ ପରମ ସାନ୍ନିଧ୍ୟଟି ଅନୁକ୍ଷଣ ବିଦ୍ୟମାନ ରହିଛି, ତାହାର ବିଚାରଟି ସହିତ ତୁମ ବିଚାରର ଯେ ହୁଏତ ସ୍ୱତଃ କୌଣସି ମେଳ ରହି ନପାରେ, ସେକଥା ବି କ'ଣ ତୁମେ ଚିନ୍ତା କରି ଦେଖିଛ ? ଯେଉଁ "ମନ୍ଦ" ବସ୍ତୁଗୁଡ଼ିକ ହାତରୁ ତୁମେ ଆପଣାକୁ ମୁକ୍ତ କରି ପାରି ନଥିଲ, ହୁଏତ ସେଗୁଡ଼ିକ ବସ୍ତୁତଃ ଆପଣା ଆପଣାର ଉପଯୁକ୍ତ ସ୍ଥାନରେହିଁ ରହି ନଥିଲେ, ଯଥାର୍ଥ ଭାବରେ ହୁଏତ ଭାରସାମ୍ୟଯୁକ୍ତ ହୋଇ ବି ରହି ନଥିଲେ, ଏବଂ ସେଗୁଡ଼ିକୁ ଏକାବେଳେକେ ଅପସାରିତ ଅଥବା ବିନଷ୍ଟ କରିଦେବା ପ୍ରକୃତରେ ଏକ ଦୁଃଖର କଥାହିଁ ହେବ, କାରଣ, ସେପରି କରିବାକୁ ଗଲେ ସମ୍ଭବତଃ ତୁମକୁ ତା' ସହିତ ତୁମର ଶକ୍ତିର କିୟଦଂଶ ଓ ତୁମ ଭିତରେ ଥିବା ସେହି ଦିବ୍ୟ ପରମ ସାନ୍ନିଧ୍ୟଟିରୁ ମଧ୍ୟ କିୟଦଂଶ ହରାଇବାକୁ ପଡ଼ିବ । ଯେଉଁ ବ୍ୟକ୍ତିମାନେ ଜଣେ ଗୁରୁଙ୍କର ମାର୍ଗଦର୍ଶନରେ ଯୋଗାଭ୍ୟାସ କରନ୍ତି ନାହିଁ, ସେମାନେ ସାଧାରଣ ନୈତିକ ଧାରଣାଗୁଡ଼ିକୁହିଁ ଅନୁସରଣ କରିବାରେ ଲାଗିଥାନ୍ତି ଏବଂ ବେଳେବେଳେ ସେମାନେ ଭାରି ଅଡ଼ୁଆରେ ପଡ଼ି ଯାଉଥିଲା ପରି ଅନୁଭବ କରନ୍ତି, କାରଣ ଆପଣାର ଯାବତୀୟ ସଦିଚ୍ଛା ସତ୍ତ୍ୱେ ସେମାନେ ତଥାପି ପ୍ରତ୍ୟାଶିତ ଫଳଟିକୁ ପାଇ ପାରନ୍ତି ନାହିଁ । ଏଭଳି ଘଟେ, କାରଣ ସାଧାରଣତଃ ଆପଣାର ସତ୍ତାଟିରେ ଏକ ରୂପାନ୍ତର ଘଟାଇବା ପରିବର୍ତ୍ତେ ସେମାନେ ସେଇଟିକୁ ସମର୍ଥନ ଦେଇ ରଖିବାକୁହିଁ ଇଚ୍ଛା କରୁଥାନ୍ତି, ଏବଂ କାରଣ ନୈତିକ ଧାରଣାଗୁଡ଼ିକ ପ୍ରକୃତରେ କୌଣସି ସୁଫଳ ଦେଇ ପାରନ୍ତି ନାହିଁ । ସତ୍ତାର ଏକକେନ୍ଦ୍ରୀକରଣର କ୍ଷେତ୍ରରେ ତୁମର ଏତିକି କଳ୍ପନାଶକ୍ତି ଅବଶ୍ୟ ରହିଥିବା ଉଚିତ, ଯାହା ଦ୍ୱାରା କି, ତୁମେ ଯାହାକୁ ଦିବ୍ୟ ପରମ ସାନ୍ନିଧ୍ୟ ସହିତ ସବୁଠାରୁ ଅଧିକ ତୁଲ୍ୟ ବୋଲି ଭାବି ପାରୁଛ, ତାହାରି ସମ୍ମୁଖରେ ତୁମର ରହିଥିବା ସକଳ ଗତିସ୍ପନ୍ଦନକୁ, ତୁମେ ରଖିବାକୁ ଇଚ୍ଛା କରୁଥିବା

'oaob.nitrkl.ac.in' images reprocessed

ଯାବତୀୟ ଗତିସ୍ପନ୍ଦନକୁ ଆଣି ଉପସ୍ଥାପିତ କରିଦେଇ ପାରିବ। ଅବଶ୍ୟ ପ୍ରଥମ ଅବସ୍ଥାରେ ଏହି କଳ୍ପନାଟି ପ୍ରକୃତ ସତ୍ୟଠାରୁ ବେଶ୍ ଦୂରବର୍ତ୍ତୀ ହୋଇ ରହିଥିବ; ମାତ୍ର ତାହା ଅଳ୍ପ ଅଳ୍ପ କରି ତୁମକୁ ନୈତିକ ସଂକୀର୍ଣ୍ଣତା ମଧ୍ୟରୁ ବାହାରି ଯିବାରେ ସାହାଯ୍ୟ କରୁଥିବ, ତୁମ ଚେତନାର ନାନା ସୀମାବଦ୍ଧତା ମଧ୍ୟରୁ ବି ବାହାରି ଯିବାରେ ସାହାଯ୍ୟ କରୁଥିବ। ଉଦାହରଣସ୍ୱରୂପ, ତୁମେ ପ୍ରକୃତରେ ଯାହା ଓ ଯାହାକିଛି କରୁଛ, ତାହାକୁ ନେଇ ତୁମେ ଏକାଧାରରେ ଅନନ୍ତ ଏବଂ ଶାଶ୍ୱତ ହୋଇ ରହିଥିବା ଚେତନା ସମ୍ମୁଖରେ ଉପସ୍ଥାପିତ କରି ରଖିବାକୁ ଇଚ୍ଛା କରୁଛ। ସମ୍ଭବତଃ ପ୍ରଥମ ଅବସ୍ଥାରେ ଏହି ଦୁଇଟି ଶବ୍ଦର ତୁମ ପାଖରେ ଆଦୌ ଖୁବ୍ ବେଶୀ ଅର୍ଥ ନଥିବ, ମାତ୍ର ସେମାନେ ସୀମାବଦ୍ଧତାଗୁଡ଼ିକୁ ଭାଙ୍ଗି ଦେବା ଲାଗି ତୁମକୁ ପ୍ରାୟ ବାଧ୍ୟ କରିବାରେ ଲାଗିଥିବେ ଏବଂ ତୁମକୁ ଏପରି ଗୋଟିଏ ବସ୍ତୁର ସମ୍ମୁଖରେ ନେଇ ରଖିବାକୁ ବାଧ୍ୟ କରୁଥିବେ, ଯାହାକି ସବୁ ଦୃଷ୍ଟିରୁ ତୁମଠାରୁ ଏତେ ବେଶୀ ଅଧିକ ହୋଇ ରହିଥିବ ଯେ ତାହାର ବିଗ୍ରହ ସାଧାରଣ ମନୁଷ୍ୟମନର ବିଗ୍ରହଟିର କଦାପି ସମତୁଲ ହେବ ନାହିଁ। ଆମକୁ ସମ୍ପୂର୍ଣ୍ଣ ଭାବରେ ଠିକ୍ ସେହିପରିହିଁ ଆରମ୍ଭ କରିବାକୁ ପଡ଼ିବ। ଯଦି ନୈତିକ ସିଦ୍ଧାନ୍ତଗୁଡ଼ିକ ଅନୁସାରେ ତୁମେ ନିଜର ବିଶ୍ଳେଷଣ କରିବାରେ ଲାଗିଥିବ, ତେବେ ତୁମେ ଯେ ହୁଏତ ଦିବ୍ୟ ଅଭିପ୍ରାୟର ବିରୋଧୀ ହୋଇ ରହିଥିବା ଆଉ କୌଣସି ଦିଗକୁ ଗତି କରିବ, ଏହା ଏକ ନିଶ୍ଚିତ କଥା। ପରମ ଦିବ୍ୟ ପୁରୁଷଙ୍କର ଯେ ନୈତିକତା ସହିତ କୌଣସି ସମ୍ବନ୍ଧ ନାହିଁ, ସେକଥା ଆଦୌ ନୁହେଁ, ଏକଥା ଉତ୍ତମରୂପେ ଜାଣି ରଖିବା ଉଚିତ, ମାତ୍ର ନୈତିକତା କହିଲେ ମନୁଷ୍ୟସମ୍ବନ୍ଧୀ ଯାହା ବୁଝେ, ଏହି ନୈତିକତା ଆଦୌ ସେହି ପ୍ରକାରର ନୈତିକତା ନୁହେଁ, ଏହା ଆଦୌ ତାହା ଭଳି ନୁହେଁ।

"ମହତ୍ତ୍ୱର ଆକାଙ୍‌କ୍ଷାହିଁ କେତେ କେତେ ଯୋଗୀଙ୍କୁ ଯୋଗଚ୍ୟୁତ କରାଇ ପକାଇଛି...

"ଅନେକ ଚମତ୍କାରୀ ଶକ୍ତି ହାସଲ କରିଥିବା ଜଣେ ଯୋଗୀଙ୍କ ବିଷୟରେ ଏପରି ଏକ କାହାଣୀ ରହିଛି ଯେ ଥରେ ତାଙ୍କର ଶିଷ୍ୟମାନେ ତାଙ୍କୁ ଏକ ଭୋଜକୁ ନିମନ୍ତ୍ରଣ କଲେ। ଏକ ଅଲ୍ଲୋଚ ମେଜ ଉପରେ ତାଙ୍କ ଲାଗି ଆହାର ପରିବେଷଣ କରାଗଲା। କୌଣସି ନା କୌଣସି ପ୍ରକାରେ ତାଙ୍କ ଅଲୌକିକ ଶକ୍ତିର ଏକ ପ୍ରମାଣ ଦେବା ଲାଗି ତାଙ୍କର ଶିଷ୍ୟମାନେ ତାଙ୍କୁ ଅନୁରୋଧ କଲେ। ସେପରି କିଛି କରିବା ଉଚିତ ହେବ ନାହିଁ

'oaob.nitrkl.ac.in' images reprocessed

ବୋଲି ସେ ଭଲ କରି ଜାଣିଥିଲେ, ମାତ୍ର ତାଙ୍କ ଭିତରେ ମହତ୍ତ୍ୱ-ଆକାଙ୍‌କ୍ଷାର ବୀଜଟି ନିଶ୍ଚିତ ଭାବରେ ରହିଥିଲା ଓ ସିଏ ଭାବିଲେ, 'ସିଏ ଯାହାହେଉ, ଏଥିରେ ପ୍ରକୃତରେ ଆଦୌ କୌଣସି ଦୋଷ ହେବ ନାହିଁ ଏବଂ ଏପରି କରିବା ସମ୍ଭବ ବୋଲି ସେମାନଙ୍କୁ ଏହା ଏକ ଶିକ୍ଷା ବି ଦେଇପାରିବ । ଏହା ସେମାନଙ୍କୁ ଭଗବତ୍ ମହିମା ବିଷୟରେ ଶିକ୍ଷା ଦେବ ।' ତେଣୁ ସେ କହିଲେ, 'ମେଜଟିକୁ ଏଠାରୁ ଉଠାଇ ନେଇଯାଅ; ହଁ, କେବଳ ମେଜଟିକୁହିଁ ନେଇଯାଅ, ମାତ୍ର ଟେବୁଲକନାଟି ଯେପରି ଅଛି ସେହିପରି ଥାଉ, ତାହା ଉପରେ ଖାଦ୍ୟଦ୍ରବ୍ୟଗୁଡ଼ିକ ଯେପରି ଥୁଆହୋଇ ରହିଛି, ସେହିପରି ଥୁଆ ହୋଇଥାଉ ।' ଶିଷ୍ୟମାନେ ଏତେ ପାଟିରେ କହିଲେ, 'ଆଜ୍ଞା, ସେପରି କିପରି ସମ୍ଭବ ହେବ ? ସେପରି ହେଲେ ତ ଖାଦ୍ୟଦ୍ରବ୍ୟମାନ ତଳେ ପଡ଼ିଯିବ ।' ମାତ୍ର ଗୁରୁ ସେହି କଥାଟିରେ ଅଟୁଟ ରହିଲେ ଏବଂ ଶିଷ୍ୟମାନେ କନାଟି ତଳୁ ଟେବୁଲଟିକୁ କାଢ଼ିନେଲେ । ତା'ପରେ ଯେଉଁ ଅଲୌକିକ କଥା ଘଟିବାର ଥିଲା ଘଟିଲା । ଟେବୁଲଟି ରହିଥିବା ବେଳେ ସବୁ କଥା ଯେପରି ଥିଲା, ଟେବୁଲ କାଢ଼ିନେବା ପରେ ମଧ୍ୟ କନା ଓ କନା ଉପରେ ସଜା ହୋଇଥିବା ଖାଦ୍ୟଦ୍ରବ୍ୟ ସେହିପରି ରହିଲା । ଶିଷ୍ୟମାନେ ଚକିତ ହୋଇଗଲେ । ମାତ୍ର ଗୁରୁ ତତ୍‌କ୍ଷଣାତ୍ ସଚେତବା ଲମ୍ଫପ୍ରଦାନ କଲାପରି ଉଠି ଠିଆ ହୋଇଗଲେ ଏବଂ ଏତେ ବଡ଼ ପାଟିରେ କହି କହି ଦଉଡ଼ି ବାହାରକୁ ବାହାରିଗଲେ, 'ମୁଁ ଆଉ କଦାପି କୌଣସି ଶିଷ୍ୟ କରିବି ନାହିଁ, କଦାପି କରିବି ନାହିଁ । ମୋତେ ବାରବାର ଧିକ୍ ! ମୁଁ ମୋର ପରମେଶ୍ୱରଙ୍କ ସହିତ ଶଠତା କରିଛି ।'"

ପ୍ରଶ୍ନ ଓ ଉତ୍ତର୍ ୧୯୨୯ (୧୪ ଏପ୍ରିଲ)

ଏହା ଏପରି ଗୋଟିଏ ପ୍ରଲୋଭନ, ପ୍ରତ୍ୟେକ ଗୁରୁଙ୍କୁ ଯାହାର କି ପଦେ ପଦେ ସମ୍ମୁଖୀନ ହେବାକୁ ପଡ଼ିଥାଏ । ଏପରି ହେବାର ଅତି ସରଳ କାରଣ ହେଉଛି ଯେ ସାଧାରଣ ମନୁଷ୍ୟଗୋଷ୍ଠୀ ଅଧିକାଂଶ ସ୍ଥଳରେ ଦିବ୍ୟ ସାମର୍ଥ୍ୟଗୁଡ଼ିକ ସହିତ

'oaob.nitrkl.ac.in' images reprocessed

ଆଦୌ କୌଣସି ବ୍ୟକ୍ତିଗତ ସଂସ୍ପର୍ଶ ରଖି ନଥାଏ ଓ ଏକ ଉଚ୍ଚତର ଚେତନା ପ୍ରକୃତରେ ଯେ କ'ଣ ହୋଇଥିବ, ସେ ବିଷୟରେ କିଛିହେଲେ ଜାଣି ନଥିବାରୁ ଭୌତିକ ପ୍ରମାଣ ଖୋଜି ବୁଲୁଥାଏ । ଏହି ଦାବିଟିକୁ ଆଧାର କରିହିଁ ଅଧିକାଂଶ ଧର୍ମ ଆପଣାକୁ ପ୍ରତିଷ୍ଠିତ କରି ରଖିଥାନ୍ତି; ଯେଉଁସବୁ କାରଣରୁ ଏଗୁଡ଼ିକ ପ୍ରତିଷ୍ଠିତ ହୋଇଥାନ୍ତି, ଏଗୁଡ଼ିକୁ ମୁଁ ସ୍ପଷ୍ଟତଃ "ରାଜନୀତିକ" କାରଣ ବୋଲି କହିଥାଏ । ଧର୍ମଗୁଡ଼ିକ ଆପଣାର ମୂଳରେ ବେଶ୍ ଅନେକ ସଂଖ୍ୟାରେ କେତେକ ଅଲୌକିକ ଘଟଣାକୁ ଯୋଡ଼ି କରି ରଖିଥାନ୍ତି, ଧର୍ମର ପ୍ରତିଷ୍ଠାତାମାନେ ସେହିସବୁ ଅଲୌକିକ ଘଟଣାଗୁଡ଼ିକୁ ଘଟାଇଛନ୍ତି ବୋଲି କୁହା ଯାଇଥାଏ । ଏହିପରି ଭାବରେ ସେହି ପ୍ରତିଷ୍ଠାତାମାନେହିଁ ବଡ଼ ଅଶୋଧିତ ଭାବରେ ଅଜ୍ଞାନ ଲୋକମାନଙ୍କ ମଧ୍ୟରେ ସେମାନେ ଯାହାକୁ ଅଲୌକିକ ସାଧନ ବୋଲି କହନ୍ତି, ସେଇଥିରୁ କେତେଗୁଡ଼ିଏ ଦେଖିବା ଲାଗି ଏକ ବିଶେଷ ରୁଚି, ଏବଂ ବିଶେଷ ଆବଶ୍ୟକତାକୁ ପ୍ରଶ୍ରୟ ଓ ପ୍ରୋତ୍ସାହନ ଦେଇ ରଖିଥାନ୍ତି । ସେହି ଅଲୌକିକ ସାଧନଗୁଡ଼ିକୁ ଦେଖିଲେ ଯାଇ ସେମାନେ ଜଣେ ବ୍ୟକ୍ତିର ଦିବ୍ୟ ସାମର୍ଥ୍ୟଟି ଉପରେ ବିଶ୍ୱାସ ସ୍ଥାପନ କରି ପାରନ୍ତି । ଏହାକୁ ଏକ ଅସାଧାରଣ ଅଜ୍ଞାନତା ବୋଲି କୁହାଯାଇ ପାରିବ, କାରଣ, ଅଲୌକିକ ଘଟଣାମାନ ଘଟାଇ ପାରିବା ଲାଗି କୌଣସି ଦିବ୍ୟ ସାମର୍ଥ୍ୟ ବା ଚେତନା ରହିଥିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ପ୍ରାଣିକ ଜଗତ ମଧ୍ୟରେ ଏପରି କ୍ଷୁଦ୍ର କ୍ଷୁଦ୍ର କେତେକ ସତ୍ତା ରହିଛନ୍ତି ଯେଉଁମାନେ କି ଭୌତିକ ଜଗତର ସଂସ୍ପର୍ଶରେ ରହିବାକୁ ଏବଂ ତାହାକୁ ପ୍ରଭାବିତ କରି ପାରିବାକୁ ସ୍ୱୟଂ ଯଥେଷ୍ଟ ପରିମାଣରେ ଭୌତିକ ପ୍ରକୃତିର ହୋଇ ରହିଛନ୍ତି, ଏବଂ ସେହିମାନଙ୍କ ସାହାଯ୍ୟରେ ଭାରି ସହଜରେ ନାନା ଅଲୌକିକ ଘଟଣାକୁ ଘଟାଇ ହେବ । ଉଚ୍ଚତର ଭୂମିଗୁଡ଼ିକର ଚେତନାରେ ବାସ କରି ଅନ୍ୟ ଭୂମିଗୁଡ଼ିକର କେବଳ ମଧ୍ୟବର୍ତ୍ତୀ ଉପାଦାନଟି ଜରିଆରେ ପ୍ରକୃତି ଉପରେ କାର୍ଯ୍ୟ କରିବା ଅପେକ୍ଷା ପ୍ରାଣିକ ସତ୍ତାଗୁଡ଼ିକ ଜରିଆରେ ତାହା ଅଧିକ ସହଜରେ କରିହେବ । ମନୁଷ୍ୟର ବୁଦ୍ଧିସ୍ତରଗୁଡ଼ିକୁ କେତେ କେତେ ବାର ପୁନରାବୃତ୍ତି କରି କୁହାଯାଇଛି ଯେ ଜଣେ ବ୍ୟକ୍ତି ଯଦି ମଲା ମଣିଷକୁ ବଞ୍ଚାଇ ପାରିଲା, ରୋଗମାନ ଭଲ କରିଦେଇ ପାରିଲା ବା ସେହି କିସମର ଆହୁରି ଅନେକ କଥା (ନିର୍ବୋଧକୁ ପ୍ରଜ୍ଞାସମ୍ପନ୍ନ କରିପାରିବା ବ୍ୟତୀତ)* ବି କରିଦେଇ ପାରିଲା, ତେବେ ତାହାକୁ

---

* ମାଆ ପରେ ଏହି ବିଷୟରେ ପୁଣି କହିଥିଲେ : ମୁଁ ଭାବୁଛି, ଏଇଟି ଗୋଟିଏ ମୁସଲମାନ ଗପ । ଯିଶୁଖ୍ରୀଷ୍ଟ ମଲାମଣିଷକୁ ବଞ୍ଚାଇ ଦେଉଛନ୍ତି, ରୋଗୀକୁ ଭଲ କରି ଦେଉଛନ୍ତି, ମୂକର ପାଟି ଫିଟାଇ ଦେଉଛନ୍ତି, ଅନ୍ଧର ଆଖି ଖୋଲି ଦେଉଛନ୍ତି ବୋଲି ସମସ୍ତେ କହିବାରୁ ଦିନେ ତାଙ୍କ ପାଖକୁ ଜଣେ ନିର୍ବୋଧ ବ୍ୟକ୍ତିଙ୍କୁ ଅଣା ଯାଇଥିଲା । ତାକୁ ବୁଦ୍ଧିଆ କରିଦେବାକୁ

'oaob.nitrkl.ac.in' images reprocessed

ସେହି ବ୍ୟକ୍ତି ମଧ୍ୟରେ ଏକ ଦିବ୍ୟ ସାମର୍ଥ୍ୟ ରହିଥିବାର ପ୍ରମାଣ ବୋଲି ଗ୍ରହଣ କରାଯାଇ ପାରିବ । ହଁ, ମୁଁ କିନ୍ତୁ ନିର୍ଭର ଜବାବ ଦେଇ କହିପାରିବି ଯେ ଏହା ପ୍ରକୃତରେ କୌଣସି ପ୍ରମାଣ ନୁହେଁ । ଏହା କେବଳ ଗୋଟିଏ କଥାକୁ ପ୍ରମାଣ କରି ଦେଉଛି; ଏହା ପ୍ରମାଣ କରି ଦେଉଛି ଯେ ଏହି "ପାରଙ୍ଗମ ଗୁରୁମାନେ" ପ୍ରକୃତରେ ପ୍ରାଣିକ ଜଗତର ସାମର୍ଥ୍ୟଗୁଡ଼ିକ ସହିତ ସମ୍ପର୍କରେ ରହିଛନ୍ତି, ଏବଂ ସେଠାରେ ବିଦ୍ୟମାନ ଥିବା ସତ୍ତ୍ଵମାନଙ୍କ ସାହାଯ୍ୟରେ ଏହିସବୁ ଅଲୌକିକ ଘଟଣା ଘଟାଇ ପାରୁଛନ୍ତି । ଏହି ବିଷୟରେ ଏତିକିକୁହିଁ ଆମେ ସତ ବୋଲି ମାନିବା । ଯଦି ଜଣେ ବ୍ୟକ୍ତିର ବିଶିଷ୍ଟତାର ପରିଚୟ ପାଇବାକୁ ଆମେ ସେହି ସାମର୍ଥ୍ୟ ଉପରେ ଆସ୍ଥା ସ୍ଥାପନ କରି ରହିବା, ତେବେ ତଦ୍ଵାରା ଆମେ ଏକ ବୃହତ୍ତ ଭୁଲ କରି ପକାଇବା । ସ୍ଵଭାବତଃ, ଅନ୍ୟାନ୍ୟ ଅନେକ ଧର୍ମ ବି ରହିଛି, ଯେଉଁଗୁଡ଼ିକକ ସେମାନଙ୍କର ପ୍ରତିଷ୍ଠାତାମାନଙ୍କ ଆଗରେ ଦୃଶ୍ୟ ହୋଇଥିବା ଅଲୌକିକତାଗୁଡ଼ିକର ଆଧାର ଉପରେ ପ୍ରତିଷ୍ଠିତ ହୋଇ ରହିଛନ୍ତି । ସେହି ଅଲୌକିକ ସତ୍ୟୋଦ୍ଭାସଗୁଡ଼ିକୁ ସେହି ପ୍ରତିଷ୍ଠାତାମାନେ ଲାଭ କରିଥିବା ଜ୍ଞାନଗୁଡ଼ିକର ଅଳ୍ପବହୁତ ପରିମାଣରେ ଅନୁକୂଳ ମାନସିକ ଅନୁଲିଖନ ବୋଲି କୁହାଯାଇ ପାରିବ । ଏହାକୁ ଉଚ୍ଚତର ସ୍ତରରହିଁ ଏକ ବ୍ୟାପାର ବୋଲି କୁହାଯିବ ସତ, ମାତ୍ର ତଥାପି ଏକ ପ୍ରମାଣ ବୋଲି କଦାପି କୁହାଯିବ ନାହିଁ । ଏବଂ ମୁଁ ଏହିସବୁ ବିଷୟରେ ସର୍ବଶେଷରେ ଏତିକି କହି ରଖିବି ଯେ ମଣିଷମାନେ ସାଧାରଣତଃ ପ୍ରମାଣ ଲାଗି ଯେଉଁସବୁ ଦାବି କରିଥାନ୍ତି, ତାହା ଜଣେ ସାଧକର ବିକାଶ ଲାଗି ଆଦୌ ଅନୁକୂଳ ନୁହେଁ । କାରଣ ପ୍ରକୃତ ଦିବ୍ୟ ସାମର୍ଥ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଯୋଜନା ଅନୁସାରେ ଏହି ଜଗତକୁ ସଂଗଠିତ କରି ରଖିଛି ଏବଂ ଏହି ଯୋଜନାଟି ମଧ୍ୟରେ କୌଣସି କଥା ଅଯୌକ୍ତିକ ଭାବରେ କେବେ ଘଟିବ ବୋଲି ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ତା' ନହୋଇଥିଲେ, ଏକାବେଳେକେ ଆରମ୍ଭରୁ ମଧ୍ୟ ଜଗତ ପ୍ରକୃତରେ ଅଯୌକ୍ତିକ ହୋଇ ରହିଥାନ୍ତା । ମାତ୍ର ତାହା ବସ୍ତୁତଃ ସେପରି ହୋଇ ରହି ନାହିଁ । ଅଧିକାଂଶ ସ୍ଥଳରେ ମନୁଷ୍ୟମାନେ ଏହି ଦୁଇଟି କଥାରୁ କୌଣସି ଗୋଟିକୁ କଳ୍ପନା କରିଥାନ୍ତି : ପ୍ରଥମତଃ, ହୁଏତ ଏକ ଭୌତିକ ଜଗତ ରହିଛି, ଯାହା ମଧ୍ୟରେ କି ସେମାନେ ବାସ କରୁଛନ୍ତି, ସବୁକିଛି ସେହି ଜଗତରୁହିଁ ନିଷ୍ପନ୍ନ ହେଉଛି ଏବଂ ସବୁ ତାହାରି ମଧ୍ୟକୁ ଫେରି ଯାଉଛି, ସେଇଠି ପରିସମାପ୍ତ ହେଉଛି । ଏମାନଙ୍କୁ ଆମେ ଅବିଶ୍ଵାସୀ ବା ନାସ୍ତିକ ବୋଲି କହିବା ।

---

ଯିଶୁଖ୍ରୀଷ୍ଟଙ୍କୁ କୁହାଗଲା । ଯିଶୁଖ୍ରୀଷ୍ଟ ପଳାଇ ଯିବାକୁ ଲାଗିଲେ । ତାଙ୍କୁ ପଚାରାଗଲା, "ଆପଣ ପଳାଇଗଲେ କାହିଁକି ?" ଯିଶୁଖ୍ରୀଷ୍ଟ ଉତ୍ତର ଦେଇ କହିଲେ, "ଜଣେ ନିର୍ବୋଧ ମଣିଷ ଭିତରେ ବୁଦ୍ଧି ଆଣି ଦେଇ ପାରିବାଟିକୁ ଛାଡ଼ିଦେଲେ ମୁଁ ଆଉ ସବୁକିଛି କରିପାରିବି ।"

'oaob.nitrkl.ac.in' images reprocessed

ଦ୍ୱିତୀୟତଃ, ଏଠି ଈଶ୍ୱରୀ ବା ଆସ୍ତିକମାନେ ବି ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରୁଛନ୍ତି ଯେ "ଭଗବାନ" ବୋଲି ଏକ ସତ୍ତା ଅବଶ୍ୟ ରହିଛି ଏବଂ ତା' ସହିତ ଏହି ଭୌତିକ ଜଗତଟି ବି ରହିଛି । ସେହି ଭଗବାନ ଏହି ଭୌତିକ ଜଗତକୁ ତିଆରି କରିଛନ୍ତି, ସିଏ ଯାହାକିଛି କରୁଛନ୍ତି, ସେକଥା ସବୁକିଛି ଜାଣିଛନ୍ତି ବା ଯାହାକିଛି ଇଚ୍ଛା କରୁଛନ୍ତି, ତାହା କରୁଛନ୍ତି । ଏହି ସ୍ଥଳରେ ଏକ ଗୋଳମାଳିଆ କଥା ତଥାପି ରହି ଦିଆଯାଉଛି ଯେ ସଚେତଅବା ଗୋଟିଏ ସ୍ୱେଚ୍ଛାଚାରିତା ବା ଖିଆଲ ଦ୍ୱାରା,—ତାହା ପ୍ରାକୃତିକ ହୋଇଥାଉ ବା ଅତିପ୍ରାକୃତିକ ହୋଇଥାଉ,—ତାହା କରାଯାଉଛି । ଖୁବ୍ କମ୍‌ସଂଖ୍ୟକ ମନୁଷ୍ୟ ଏହି କଥାଟିକୁ ଜାଣିଛନ୍ତି ଯେ ଏହି ବିଶ୍ୱଜଗତରେ ଅନନ୍ତ ସଂଖ୍ୟାର ଏକ ସ୍ତରବିଭାଗ ରହିଛି ଏବଂ ଏହି ପ୍ରତ୍ୟେକଟି ସ୍ତରର ଏକ ସ୍ୱକୀୟ ବସ୍ତୁସତ୍ୟ ରହିଛି, ସ୍ୱକୀୟ ଜୀବନ ରହିଛି, ସ୍ୱକୀୟ ବିଧାନ ମଧ୍ୟ ରହିଛି; ତାହାର ସ୍ୱକୀୟ ଏକ ନିୟନ୍ତ୍ରଣବାଦ ମଧ୍ୟ ସେଠାରେ କାର୍ଯ୍ୟକାରୀ ହେଉଛି । ଅତି କମ୍‌ସଂଖ୍ୟକ ମଣିଷ ଜାଣିଛନ୍ତି ଯେ ଏହି ସୃଷ୍ଟି କେବେ-ହେଲେ କେବଳ "ସେମିତି" ନିଷ୍ପନ୍ନ ହୋଇ ଆସି ନାହିଁ, ଅର୍ଥାତ୍ ଯାଦୃଚ୍ଛିକ ଭାବରେ ନିଷ୍ପନ୍ନ ହୋଇ ନାହିଁ ବା ଯାଦୃଚ୍ଛିକ ଇଚ୍ଛା ଦ୍ୱାରା ମଧ୍ୟ ତିଆରି ହୋଇ ନାହିଁ; ମାତ୍ର ଚେତନାକୁ କାର୍ଯ୍ୟକାରୀ କରାଇବା ଦ୍ୱାରା ଏହା ସମ୍ଭବ ହେଉଛି ଏବଂ ଏଠାରେ ପ୍ରତ୍ୟେକ ବସ୍ତୁ ତାହାର ପୂର୍ବଗାମୀ ବସ୍ତୁଟିର ଏକ ନ୍ୟାୟସିଦ୍ଧ ପରିଣାମରୂପେହିଁ ବିବର୍ତ୍ତିତ ହୋଇଆସିଛି । ଏହିସବୁ କଥାକୁ ମୁଁ ତୁମ୍ଭମାନଙ୍କୁ ଯେତେଦୂର ସମ୍ଭବ ଅଧିକ ସରଳ କରି କହୁଛି ବୋଲି ତୁମେ ନିଶ୍ଚୟ ଜାଣୁଥିବ, ମାତ୍ର ତଥାପି ଏହା ହେଉଛି କେବଳ ଏକ ଅସମ୍ପୂର୍ଣ୍ଣ ଅଭିବ୍ୟକ୍ତି । ମାତ୍ର ଯଦି ମୁଁ ତୁମକୁ ସମସ୍ତ କାହାଣୀଟିକୁ ଠିକ୍ ସେହିପରି ଭାବରେହିଁ କହିବାକୁ ଇଚ୍ଛା କରିଥାନ୍ତି, ତେବେ ତୁମକୁ ତାହା ବୁଝାଇ କହିବା ଟିକିଏ କଷ୍ଟକର ହୋଇଥାନ୍ତା । ମୋର ଉପସଂହାରଟିକୁହିଁ ତୁମେମାନେ ଜାଣିରଖ ବୋଲି ମୁଁ ଇଚ୍ଛା କରୁଛି (ଏହି ବିଷୟରେ ମୁଁ ଆଗରୁ ଏକାଧିକ ବାର କହିଛି, ଅଳ୍ପବହୁତ ବିସ୍ତର ଭାବରେ ମଧ୍ୟ କହିଛି) । ମୋର ଉପସଂହାରଟି ହେଉଛି : ଏହିସବୁ ଅଗଣିତ ଭୂମିରେ ପ୍ରତ୍ୟେକଟିର ଏକ ସ୍ୱନ୍ୟାୟସିଦ୍ଧ ନିୟନ୍ତ୍ରଣବାଦ ରହିଛି, ଏଥିରେ ସବୁକିଛି ଏକ କାରଣରୁହିଁ ତା'ର ପରିଣାମ ଆଡ଼କୁ ଅଗ୍ରସର ହେବାରେ ଲାଗିଛି । ମାତ୍ର ସ୍ତରଭେଦରେ ଯେତେ ଭିନ୍ନ ପ୍ରକାରର ହୋଇଥିଲେ ମଧ୍ୟ ଏହିସବୁ ଜଗତ ଆଦୌ ପରସ୍ପରଠାରୁ ଅସଂଲଗ୍ନ ହୋଇ ରହି ନାହାନ୍ତି, ଏବଂ ଆମେ ଇଚ୍ଛା କଲେ ଯେଉଁଗୁଡ଼ିକର ଅଧ୍ୟୟନ କରିପାରିବା ସେହିପରି ଅଗଣିତ ନାନା ପ୍ରକ୍ରିୟା ଦ୍ୱାରା ଅନ୍ତର୍ଗତ ଅର୍ଥାତ୍ ଉଚ୍ଚତର ପୃଥିବୀଗୁଡ଼ିକ ନିମ୍ନତର ଅର୍ଥାତ୍ ବାହ୍ୟ ପୃଥିବୀଗୁଡ଼ିକ ସହିତ ନିରନ୍ତର ଗଣ୍ଠି ହୋଇ ରହିଛନ୍ତି ଓ ଏଗୁଡ଼ିକ ଉପରେ କ୍ରିୟା ମଧ୍ୟ କରୁଛନ୍ତି, ଯାହାଫଳରେ କି ଗୋଟିକର ନିୟନ୍ତ୍ରଣବାଦ

'oaob.nitrkl.ac.in' images reprocessed

ଆଉ ଗୋଟିକର ନିୟନ୍ତ୍ରଣବାଦକୁ ମଧ୍ୟ ବଦଳାଇ ଦେଇ ପାରୁଛି । ଉଦାହରଣସ୍ୱରୂପ, ଯଦି ତୁମେ କେବଳ ସେହି ଗୋଟିଏ ଭୌତିକ ଭୂମିଟି ବିଷୟରେ ବିଚାର କରିବାକୁ ଯାଅ, ଯଦି ତୁମେ ଏହି କଥାଟି ଦେଖିବାକୁ ପାଅ ଯେ ଭୌତିକ ବିଧାନଗୁଡ଼ିକ, କେବଳ ଭୌତିକ ବିଧାନଗୁଡ଼ିକ ହିଁଠାତ୍ କୌଣସି ଏକ କାରଣ ଦ୍ୱାରା ବଦଳିଯାଇ ପାରୁଛି, ତେବେ ତୁମେ ହୁଏତ କହିବାକୁ ବାହାରିବ ଯେ ଏକ "ଅଲୌକିକ ଘଟଣା" ଘଟିବା ଫଳରେହିଁ ଏପରି ହୋଇଗଲା, କାରଣ ଗୋଟିଏ ଭୂମିର ନିୟନ୍ତ୍ରଣବାଦର ପ୍ରଭାବ ପଡ଼ିବା ଫଳରେ ଆଉଗୋଟିଏ ଭୂମିର ନିୟନ୍ତ୍ରଣବାଦର କ୍ଷେତ୍ରରେ ଏକ ବିଘଟଣ ଘଟିଲା; ମାତ୍ର ଆମେ ଏହି କଥାଟିକୁ ସାଧାରଣତଃ ଆଦୌ ଏକ ଅଲୌକିକ ଘଟଣା ବୋଲି କହୁ ନାହିଁ । ଉଦାହରଣସ୍ୱରୂପ, ଯେତେବେଳେ ମନୁଷ୍ୟର ଇଚ୍ଛାଶକ୍ତି ପ୍ରଭାବ ପକାଇ କୌଣସି କଥାକୁ ବଦଳାଇ ଦେଉଛି, ତାହା ତୁମକୁ ବେଶ୍ ସ୍ୱାଭାବିକ ବୋଲି ଲାଗୁଛି, କାରଣ ତୁମ ପିଲାଟି ଦିନରୁହିଁ ତୁମେ ଏସବୁ ଘଟଣା ସହିତ ପରିଚିତ ହୋଇ ରହିଆସିଛ । ସେଦିନ ତୁମମାନଙ୍କୁ ମୁଁ ଯେଉଁ ଦୃଷ୍ଟାନ୍ତଟି ଦେଇଥିଲି, ସେଇଟିକୁ ତୁମେ ନିଶ୍ଚୟ ମନେ ରଖିଛ, ନୁହେଁ କି ? ଆପଣା ନିୟନ୍ତ୍ରଣବାଦର ବିଧାନଟି ଅନୁସାରେ କେଉଁଠି ଖଣ୍ଡେ ପଥର ପଡ଼ିଯାଉଛି, ମାତ୍ର ତୁମେ ସେହି ପତନରେ ହସ୍ତକ୍ଷେପ କରିବାକୁ ଇଚ୍ଛା କରୁଛ ଓ ହାତ ବଢ଼ାଇ ପଥରଟିକୁ ମଝିରୁ ଧରିନେଉଛ । ଏଇଟାକୁ ମଧ୍ୟ ତୁମେ ଗୋଟିଏ "ଅଲୌକିକ ଘଟଣା" ବୋଲି କହନ୍ତ, ମାତ୍ର ତୁମେ ପ୍ରକୃତରେ ସେପରି କହୁ ନାହଁ, କାରଣ ଏହି ଘଟଣାଟି ସହିତ ତୁମେ ସୁପରିଚିତ ରହିଛ (ମାତ୍ର ଗୋଟିଏ ମୂଷାର ବା ଗୋଟିଏ ବେଙ୍ଗର ଯଦି କଥା କହିବାର ଶକ୍ତି ଥାଆନ୍ତା, ତେବେ ସେମାନେ ଏହାକୁ ଏକ ଅଲୌକିକ ଘଟଣା ବୋଲି କହନ୍ତେ) । ସେହିପରି ମନେରଖିବା ଉଚିତ ଯେ ଲୋକମାନେ ସାଧାରଣତଃ ଯାହାକୁ ଏକ "ଅଲୌକିକ ଓ ଆଚମ୍ବିତ ଘଟଣା" ବୋଲି କହିଥାନ୍ତି, ଏହା ମଧ୍ୟ ଠିକ୍ ସେହିପରି ଗୋଟିଏ ଘଟଣା । ସେମାନେ ଗୋଟିଏ ଘଟଣାକୁ "ଅଲୌକିକ ଘଟଣା" ବୋଲି କହନ୍ତି, କାରଣ ସେମାନେ ସେଇଟିର ଘଟିବା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞାନ ଥାଆନ୍ତି, ଯେଉଁ ଇଚ୍ଛାଟି ଆପଣାକୁ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରୁଛି ଏବଂ ଯେଉଁ ଭୂମିଟିରେ ତାହା ଆପଣାକୁ ଅଭିବ୍ୟକ୍ତ କରୁଛି, ତାହାର ମଧ୍ୟରେ ରହିଥିବା ସୋପାନକ୍ରମଟି ବିଷୟରେ ସେମାନେ ଆଦୌ କିଛି ଜାଣି ନଥାନ୍ତି । ଯେତେବେଳେ ସେମାନଙ୍କର ଏକ ମାନସିକ ଅଥବା ପ୍ରାଣିକ ଇଚ୍ଛାଶକ୍ତି ରହିଥାଏ, ସେତେବେଳେ ବିଷୟଟି ସେମାନଙ୍କୁ ଅତ୍ୟନ୍ତ ସ୍ୱାଭାବିକ ବୋଲି ମନେ ହୋଇଥାଏ; ମାତ୍ର ଯେତେବେଳେ ତାହା ଏକ ଉଚ୍ଚତର ଜଗତର ଇଚ୍ଛାଶକ୍ତିର ଏକ ସମସ୍ୟା ହୋଇ ରହିଥାଏ—ଦେବତାମାନଙ୍କର ଜଗତ ଅଥବା ଉଚ୍ଚତର ଆଉ କୌଣସି ସତ୍ତାର ଜଗତ, ଯାହାକି ହଠାତ୍ ଆସି ସଂଘଟିତ ହେଉଥିବା ତୁମର ଯାବତୀୟ

'oaob.nitrkl.ac.in' images reprocessed

ସଂଗଠନକୁ ନଷ୍ଟ କରିଦେଇ ଯାଏ, ତେବେ ସେଇଟା ତୁମକୁ ଏକ ଅଲୌକିକ ଘଟଣା ପରି ମନେ ହୋଇଥାଏ । ମାତ୍ର, ତୁମେ ଏହାକୁ ଗୋଟିଏ ଅଲୌକିକ ଘଟଣା ବୋଲି କୁହ, କାରଣ ଯେଉଁ ସୋପାନକ୍ରମର ବିଧାନ ଅନୁସାରେ ଘଟଣାଟି ଘଟିଲା, ତୁମେ ସେଗୁଡ଼ିକୁ ବୁଝିପାରିବା ଲାଗି ମୋଟେ ସମର୍ଥ ହୁଅ ନାହିଁ । ତେଣୁ, ଯେଉଁ ସର୍ବୋଚ୍ଚ ପରମ ଇଚ୍ଛା ଉଚ୍ଚତମ ଭୂମିରୁହିଁ ବହିର୍ଗତ ହୋଇ ଆସୁଥାଏ, ଯଦି ତୁମେ ତାହାକୁ ତାହାର ନ୍ୟାୟସଙ୍ଗ କ୍ରିୟାଶୀଳତାର ଭୂମିଟି ଉପରେ ଅଧିଗମି ପାରୁଥାନ୍ତ, ଯଦି ଅବିଚ୍ଛିନ୍ନ ଭାବରେ ତାହା ବିଷୟରେ ସଜ୍ଞାନ ରହି ପାରୁଥାନ୍ତ, ତେବେ ତାହା ତୁମକୁ ସମ୍ପୂର୍ଣ୍ଣ ସ୍ୱାଭାବିକ ବୋଲି ନିଶ୍ଚୟ ଲାଗନ୍ତା । ଏହି ବ୍ୟାପାରଟିକୁ ତୁମେ ଦୁଇପ୍ରକାରେ ଅଭିବ୍ୟକ୍ତ କରି ପାରିବ : ହୁଏତ କହିବ, "ଏହି ଘଟଣାଟି ଅତ୍ୟନ୍ତ ସ୍ୱାଭାବିକ, ଠିକ୍ ଏହିପରି ଭାବରେହିଁ ଯାବତୀୟ ଘଟଣା ଅବଶ୍ୟ ଘଟିବ, ଏହାକୁ କେବଳ ସେହି ଦିବ୍ୟ ପରମ ଇଚ୍ଛାର ଏକ ଅଭିବ୍ୟକ୍ତି ବୋଲି କୁହାଯିବ;" ଅଥବା ଆଉ ଗୋଟିଏ ଭୂମିରୁ ପ୍ରଭାବ ପଡ଼ି ଯେତେଥର ଭୌତିକ ଭୂମିରେ କୌଣସି ଘଟଣା ଘଟୁଥିବାର ତୁମେ ଦେଖୁଥିବ, ସେତେବେଳେ ତୁମେ କହିବ, "ଏଇଟା ପ୍ରକୃତରେ ଏକ ଅଲୌକିକ ଘଟଣା !" ତେଣୁ, ମୁଁ ହୁଏତ ନିଶ୍ଚିତ ଭାବରେ କହି ପାରିବି ଯେ ଯେଉଁମାନେ ଅଲୌକିକ ଘଟଣାମାନ ଦେଖିବେ ବୋଲି ଇଚ୍ଛା କରୁଥାନ୍ତି, ସେମାନେ ପ୍ରକୃତରେ ଆପଣାର ଅଜ୍ଞାନକୁହିଁ ସମ୍ପଦ କରି ଧରିଥାନ୍ତି । ତୁମ୍ଭେମାନେ ମୋର ଯୁକ୍ତିଟିକୁ ବୁଝି ପାରୁଛ ତ ? ଏହି ବ୍ୟକ୍ତିମାନେ ଆପଣାର ଅଜ୍ଞାନତାକୁ ଭଲ ପାଉଥାନ୍ତି, ସେମାନେ ଅଧିକରୁ ଅଧିକ ଅଲୌକିକ ଘଟଣା ଦେଖିବେ ଏବଂ ସେଗୁଡ଼ିକ ଦ୍ୱାରା ଚକିତ ହେବେ ବୋଲି ଉତ୍କଣ୍ଠିତ ହୋଇ ରହିଥାନ୍ତି । ସେହି କାରଣରୁହିଁ, ଯେଉଁମାନେ ଯୋଗସାଧନା କରିଛନ୍ତି, ସେମାନେ ଏଇ ପ୍ରବୃତ୍ତିଟିକୁ ଆଦୌ କୌଣସି ଉତ୍ସାହ ଦେବାକୁ ସମ୍ପୂର୍ଣ୍ଣ ପ୍ରାଣଘାତକ ବୋଲି ବିଚାରନ୍ତି; ତେଣୁ ସେମାନଙ୍କ ଲାଗି ଏହା ନିଷିଦ୍ଧ ।

ତୁମେ ଯେଉଁଭଳି ଧାରାରେ ଗୋଟିଏ କାର୍ଯ୍ୟ କର, ସେଇଟିକୁ ଦେଖିବା ଲାଗି ତୁମେ ଲୋକମାନଙ୍କୁ କୌଣସି ସମୟ ଦିଅ ନାହିଁ ଓ ସେମାନଙ୍କୁ ସେହି କାର୍ଯ୍ୟଟିକୁ କରିବାର ବିଭିନ୍ନ ପର୍ଯ୍ୟାୟକୁ ଦେଖାଇ ଦିଅ ନାହିଁ ବୋଲି ଏକ "ଅଲୌକିକ ଘଟଣା" ସଂଘଟିତ ହୁଏ । ଏହିପରି ଭାବରେ, କେତେକ ଲୋକ ଉଚ୍ଚତର ନାନା ମାନସିକ କ୍ଷେତ୍ରରେ ଯାଇ ପହଞ୍ଚି ପାରିଥାନ୍ତି ଓ ତେଣୁ ଭାବନାର ସବୁଯାକ ସୋପାନକୁ ଗୋଟି ଗୋଟି କରି ଅନୁସରଣ କରି ଯିବା ଲାଗି ସେମାନଙ୍କର କୌଣସି ପ୍ରୟୋଜନ ନଥାଏ । ମଧ୍ୟବର୍ତ୍ତୀ ସେତୁ ଓ ସଂଯୋଜକଗୁଡ଼ିକ ନଥାଇ ମଧ୍ୟ ସେମାନେ ଗୋଟିଏ ଧାରଣାରୁ ଏକ ଅନେକ ଦୂରବର୍ତ୍ତୀ ଅନୁମାନ ମଧ୍ୟକୁ ଡେଇଁଯାଇ ପାରନ୍ତି; ଏହାକୁହିଁ ସାଧାରଣତଃ ସଂବୋଧ (ଏହାକୁ ସମ୍ପୂର୍ଣ୍ଣ ଭାବରେ "ସଂବୋଧ"

'oaob.nitrkl.ac.in' images reprocessed

ବୋଲି ବୁଝାଯିବା ଉଚିତ ନୁହେଁ; ଅସଲ କଥା ହେଉଛି ଯେ ପ୍ରାଥମିକ ପର୍ଯ୍ୟାୟରେ ଧାରଣାଟି ଅନେକ ଉଚ୍ଚରେ ରହିଥାଏ, ଏବଂ ସାଧାରଣ ମନୁଷ୍ୟ-ଭାବନା ଯେପରି କରିବାକୁ ବାଧ୍ୟହିଁ ହୋଇଥାଏ, ସମଗ୍ର ସୋପାନକ୍ରମଟିକୁ ଗୋଟିକ ପରେ ଗୋଟିଏ କରି ଅତିକ୍ରମ ନକରି ଏହି ବ୍ୟକ୍ତିମାନେ ଅବତରଣ କରିବା ସମୟରେ ବସ୍ତୁଗୁଡ଼ିକର ସମ୍ପୂର୍ଣ୍ଣ ସମଗ୍ରତାଟିକୁ ଦେଖିବା ଲାଗି ସମର୍ଥ ହୋଇଥାନ୍ତି) ବୋଲି ବୁଝାଯାଏ । ମୋର ଠିକ୍ ଏହିପରି ଗୋଟିଏ ଅଭିଜ୍ଞତା ହୋଇଛି; ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କ ସହିତ କଥାବାର୍ତ୍ତା କରୁଥିଲି, ସେତେବେଳେ ଆମକୁ ମୋଟେ ମଧ୍ୟବର୍ତ୍ତୀ ଧାରଣା-ଗୁଡ଼ିକର ମଧ୍ୟଦେଇ ଯିବାକୁ ପଡ଼ୁ ନଥିଲା; ସିଏ ଗୋଟିଏ କଥା କହୁଥିଲେ ଏବଂ ମୁଁ ବହୁଦୂରବର୍ତ୍ତୀ ଧାରଣାମଟିକୁ ଦେଖି ପାରୁଥିଲି; ଆମେ ସର୍ବଦାହିଁ ସେହିପରି କଥାବାର୍ତ୍ତା ହେଉଥିଲୁ ଏବଂ ଆମର ସେହି କଥୋପକଥନ ସମୟରେ ଯଦି ଆଉ କେହି ସେଠାରେ ଉପସ୍ଥିତ ଥାଆନ୍ତେ, ତେବେ ସେ "ସେମାନେ କ'ଣସବୁ କାହା ବିଷୟରେ କଥାବାର୍ତ୍ତା କରୁଛନ୍ତି ?" ବୋଲି ନିଶ୍ଚୟ କହିଥାନ୍ତେ । ମାତ୍ର, ବିଶ୍ୱାସ କର, ଆମ ଲାଗି ତାହା ଏକ ଅବିଚ୍ଛିନ୍ନ ବାକ୍ୟ ପରି ବଡ଼ ସ୍ପଷ୍ଟ ହୋଇ ରହିଥିଲା । ଏହି ବ୍ୟାପାରଟିକୁ ତୁମେ ବେଶ୍ ଏକ ମାନସିକ ଆଚମ୍ବିତ ଘଟଣା ବୋଲି କହିପାରିବ,—ମାତ୍ର ତାହା ପ୍ରକୃତରେ ଆଦୌ କୌଣସି ଅଲୌକିକ ବା ଆଚମ୍ବିତ କଥା ନଥିଲା, ଏହା କେବଳ ଏତିକମାତ୍ର ଥିଲା ଯେ ଶ୍ରୀଅରବିନ୍ଦ ମନଃକ୍ଷେତ୍ରର ବିଷୟଗୁଡ଼ିକୁ ଏକାବେଳେକେ ସମଗ୍ର ଭାବରେ ଦେଖି ପାରୁଥିଲେ ଏବଂ ତେଣୁ ଗୋଟି ଗୋଟି କରି ସବୁ ସୋପାନ-ଗୁଡ଼ିକୁ ଅତିକ୍ରମ କରିବାରେ ଗୁଡ଼ାଏ ସମୟ ନଷ୍ଟ କରିବା ଲାଗି ଆମର ଆଉ କୌଣସି ପ୍ରୟୋଜନ ନଥିଲା । ଯେକୌଣସି ବ୍ୟକ୍ତି ଏହି ଧାରାଟିକୁ ଅନୁସରଣ କରିବାକୁ ସମର୍ଥ ହେବ, ତା' ପାଇଁ ଏହି କଥାଟି ବେଶ୍ ସ୍ୱାଭାବିକ ଏବଂ ନ୍ୟାୟସିଦ୍ଧ ବୋଲି ନିଶ୍ଚୟ ମନେ ହୋଇଥାନ୍ତା; ମାତ୍ର ଅଜ୍ଞାନ ବ୍ୟକ୍ତିମାନଙ୍କ ଲାଗି ତାହା ଏକ "ଅଲୌକିକ କଥା" ହୋଇ ରହିଥିଲା ।

> "ସେହି କ୍ଷମତାଗୁଡ଼ିକ ଯେଉଁପରି ଭାବରେ ଆସିଥିବେ, ସେଗୁଡ଼ିକୁ ଠିକ୍ ସେହିପରି ଭାବରେ କାମରେ ଲଗାଇବାକୁ ହେବ । ପରମ ଦିବ୍ୟସତ୍ତାଙ୍କ ସହିତ ଏକାତ୍ମକତା ଦ୍ୱାରାହିଁ ସେଗୁଡ଼ିକ ସମ୍ଭବ ହୁଏ । ତେଣୁ, ସେହି ପରମ ଦିବ୍ୟପୁରୁଷଙ୍କର ଇଚ୍ଛାହିଁ ସେଗୁଡ଼ିକୁ କାମରେ ଲଗାଇବା ଉଚିତ, ଏବଂ କେବଳ ପ୍ରଦର୍ଶନ କରିବା ଲାଗି ସେଗୁଡ଼ିକ ଯେପରି କଦାପି ବ୍ୟବହୃତ ନହୁଅନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ୍)

'oaob.nitrkl.ac.in' images reprocessed

ତୁମ ପାଖରେ ଗୋଟାଏ ସାମର୍ଥ୍ୟ ଯେ ରହିଛି, ଯଦି କେବଳ ତାହାହିଁ ଦେଖାଇବା ପାଇଁ ତୁମେ ସେହି ସାମର୍ଥ୍ୟଟିକୁ ବ୍ୟବହାର କର, ତେବେ ତାହା ଏପରି ଭାବରେ ମିଥ୍ୟା ଏବଂ ଅସତ୍ୟ ଦ୍ୱାରା ଭରପୂର ହୋଇଯିବାକୁ ଆରମ୍ଭ କରେ ଯେ ସର୍ବଶେଷରେ ତାହା ତୁମଠାରୁ ଅନ୍ତର୍ହିତ ହୋଇଯାଏ । ମାତ୍ର ସବୁବେଳେ ଅବଶ୍ୟ ଏପରି ଘଟେ ନାହିଁ, କାରଣ, ମୁଁ ଯେପରି ଆରମ୍ଭରେ କହିଛି, ଯେତେବେଳେ ତାହା ରୋଗକୁ ଆରୋଗ୍ୟ କରିଦେବାର ବା ସମ୍ପୂର୍ଣ୍ଣ ଭାବରେ ବାହ୍ୟ ହୋଇ ରହିଥିବା କୌଣସି ବସ୍ତୁକୁ ବଦଳାଇ ଦେବାର ସାମର୍ଥ୍ୟ ଭଳି ଏକ ସାମର୍ଥ୍ୟ ହୋଇ ରହିଥାଏ,—ଏକ ଅନନୁକୂଳ ପରିସ୍ଥିତିକୁ ଅନୁକୂଳ ପରିସ୍ଥିତିରେ ପରିଣତ କରିବାର, ହଜିବା ଜିନଷକୁ ମିଳାଇ ଦେବାର ଓ ସବୁ ଧର୍ମରେ ଆମେ ସାଧାରଣତଃ ଯେପରି ଦେଖିଥାଉ, ଏହିସବୁ ଅଗଣିତ "ଅଲୌକିକ ଘଟଣା"ରୁ ଗୋଟିଏ ହୋଇ ରହିଥାଏ, ସେତେବେଳେ ପ୍ରାଣିକ ଜଗତର ସତ୍ତ୍ୱମାନଙ୍କର ସହାୟତା ଦ୍ୱାରା ଏହିସବୁ "ଅଲୌକିକ ଘଟଣା"କୁ ସମ୍ଭବ କରିବା ଅନେକ ସହଜ ହୁଏ, ଏପରିକି ଅଧିକ ଫଳପ୍ରଦ ବି ହୋଇଥାଏ । ମାତ୍ର ସବୁବେଳେ ଏପରି କରିବା ଲାଗି କଦାପି ପରାମର୍ଶ ଦିଆଯାଇ ପାରିବ ନାହିଁ, ବରଂ ପରାମର୍ଶ ନଦେବାହିଁ ଅଧିକ ଠିକ୍ ହେବ; ଏବଂ ଯେଉଁ ସତ୍ତ୍ୱଗୁଡ଼ିକର ସହାୟତା ଗ୍ରହଣ କରା ଯାଉଥିବ, ସେମାନେ ମଧ୍ୟ ଆମକୁ ନେଇ ଖେଳିବାକୁ ଆରମ୍ଭ କରିବେ । ଏହିସବୁ କଥା ଆରମ୍ଭ ବେଳେ ଭାରି ଚମତ୍କାର କାମ ଦିଏ, ଭାରି ଅଦ୍ଭୁତ ଚମତ୍କାର କାମ ଦିଏ ଏବଂ ସାଧାରଣତଃ ଭାରି ଖରାପ ଭାବରେହିଁ ଏହାର ପରିସମାପ୍ତି ଘଟେ ।

ମୁଁ ଏପରି ଜଣେ ବ୍ୟକ୍ତିଙ୍କର କଥା ଜାଣିଛି, ଯାହାଙ୍କଠାରେ କି ଏହିପରି କେତୋଟି କ୍ଷୁଦ୍ର ସାମର୍ଥ୍ୟ ରହିଥିଲା ଓ ସିଏ କି ଯାବତୀୟ ପ୍ରକାରର ତଥାକଥିତ "ଆଧ୍ୟାତ୍ମିକ ଆଚରଣା"ରେ ହାତ ନଡ଼ାଚଡ଼ା କରିବାରେ ତତ୍ପର ରହିଥିଲେ ଏବଂ ପୁନଃ ପୁନଃ ଅଭ୍ୟାସ କରିବା ଫଳରେ ସେ ଏପରି ଏକ ସମର୍ଥ ଶକ୍ତିର ସଚେତନ ସଂସ୍ପର୍ଶରେ ଆସିବାରେ ସଫଳତା ଲାଭ କରୁଥିଲେ, ଯାହାକୁ କି ସେ ଏକ "ବେତାଳ" ବୋଲି କହୁଥିଲେ । ଏହି ବ୍ୟକ୍ତିଜଣକ ଜଣେ ବ୍ୟବସାୟୀ ଥିଲେ; ସିଏ କରଜ ଦେଉଥିଲେ ଓ ଏପରିକି କିଛି ଦଲାଲି ମଧ୍ୟ କରୁଥିଲେ । "ବେତାଳ" ସହିତ ରହିଥିବା ତାଙ୍କର ସମ୍ବନ୍ଧଟି ଏକ ଭାରି ବ୍ୟାବହାରିକ କିସମର ହୋଇ ରହିଥିଲା । ବଜାରର ମହଜୁଦ ମାଲ ଏବଂ ଅଂଶୀଦାରମାନଙ୍କର ଅଂଶଗୁଡ଼ିକ କେତେବେଳେ ଚଢ଼ା ହୋଇଯିବ ଓ ପୁଣି କେତେବେଳେ ତଳକୁ ଖସି ଆସିବ, ବେତାଳ ତାଙ୍କୁ ସେହି କଥାଟି କହିଦେଇ ପାରୁଥିଲା । "ଏଇଟାକୁ ବିକି କରିଦିଅ", "ସେଇଟାକୁ କିଣ" ବୋଲି ସିଏ ତାଙ୍କୁ କହିଦେଇ ପାରୁଥିଲା, ଆର୍ଥିକ କାରବାରର ଟିକିନିଖି ଯାବତୀୟ ବିଷୟରେ ସିଏ ଅତ୍ୟନ୍ତ ନିର୍ଭୁଲ ଭାବରେ ସବୁ କହି ଦେଉଥିଲା । ସିଏ ଦୀର୍ଘ

'oaob.nitrkl.ac.in' images reprocessed

ଅନେକ ବର୍ଷ ଧରି "ବେତାଳ"ର କଥା ଶୁଣି ଆସିଥିଲେ ଓ ତାହାର କଥା ଅନୁସାରେ କାମ କରି ଆସିଥିଲେ ଏବଂ ଅକଳ୍ପନୀୟ ସଫଳତା ହାସଲ କରି ପାରିଥିଲେ। ତାହା ତାଙ୍କୁ ଅତୁଳ ଧନସମ୍ପତ୍ତିର ଅଧିକାରୀ କରାଇଦେଲା ଓ ସିଏ ତାଙ୍କୁ "ବାଟ ଦେଖାଉଥିବା" ଏହି ବେତାଳଟି ବିଷୟରେ କେତେ କ'ଣ ପ୍ରଶଂସା କରୁଥିଲେ। ପ୍ରାୟ ସମସ୍ତଙ୍କ ପାଖରେ କହି ବୁଲୁଥିଲେ, "ଦେଖୁଛ ତ, ଏହିସବୁ ବେତାଳଙ୍କ ସହିତ ସମ୍ପର୍କ ରଖି ଶିଖିବାରେ ପ୍ରକୃତରେ କେତେ ଲାଭ ହୋଇପାରୁଛି!" ମାତ୍ର ଦିନେ ସେ ଆଉଜଣେ ବ୍ୟକ୍ତିଙ୍କୁ ଭେଟିଲେ ଯିଏ ତାଙ୍କଠାରୁ ଅଧିକ ବିଚକ୍ଷଣଶୀଳ ଥିଲେ। ସେହି ଦ୍ୱିତୀୟ ବ୍ୟକ୍ତିଜଣକ ତାଙ୍କୁ ସାବଧାନ ହେବାକୁ କହିଲେ। ସିଏ ତାଙ୍କ କଥା ଶୁଣିଲେ ନାହିଁ, ସିଏ ତ ଆପଣାର ସାମର୍ଥ୍ୟ ଏବଂ ମହତ୍ତ୍ୱ-ଆକାଙ୍କ୍ଷାରେ ଗୋଟାପୁରା ଫୁଲି କରି ରହିଥିଲେ। ଏବଂ ତା'ପରେ ଯାଇ ତାଙ୍କର ସେହି ବେତାଳ ତାଙ୍କୁ ସର୍ବଶେଷ ପରାମର୍ଶଟି ଦେଲା ଓ କହିଲା, "ବର୍ତ୍ତମାନ ତୁମେ ପୃଥିବୀଯାକରେ ସବୁଠାରୁ ଅଧିକ ଧନୀ ହୋଇ ପାରିବ। ତୁମର ମହତ୍ତ୍ୱ-ଆକାଙ୍କ୍ଷାର ସ୍ୱପ୍ନ ସଫଳ ହେବ। କେବଳ ମୋର ବୋଲ ମାନିଲେ ହେଲା! ବର୍ତ୍ତମାନ ତୁମେ ଏହିପରି କରିବ: ତୁମର ସବୁଯାକ ଗଚ୍ଛିତ ଧନକୁ ତୁମେ ଏଇଥିରେ ଆଣି ଲଗାଅ ଏବଂ ତୁମେ ପୃଥିବୀଯାକରେ ସବୁଠାରୁ ଅଧିକ ଧନୀ ହୋଇପାରିବ।" ନିର୍ବୋଧ ବ୍ୟକ୍ତିଟି ତାଙ୍କ ପାଇଁ ସଜଡ଼ା ହୋଇଥିବା ଜାଲଟି ବିଷୟରେ ଆଦୌ କିଛି ବୁଝି ପାରିଲେ ନାହିଁ: ସେ ବର୍ଷ ବର୍ଷ ଧରି ତାଙ୍କ "ପଥପ୍ରଦର୍ଶକ"ର କଥା ମାନିଥିଲେ ଓ ସଫଳତା ଲାଭ କରିଥିଲେ, ତେଣୁ ତାହାର ଶେଷ ବୋଲଟିକୁ ମଧ୍ୟ ମାନିଲେ। ଏବଂ ସେ ସର୍ବସ୍ୱ ହରାଇଲେ, କପର୍ଦ୍ଦକଶୂନ୍ୟ ହୋଇଗଲେ।

ଭ ଦେଖ୍ ବୁଝି ପାରୁଥିବ, ଏମାନେ ହେଉଛନ୍ତି ଗୋଟିଏ ଗୋଟିଏ କ୍ଷୁଦ୍ର ସତ୍ତା ଏବଂ ସେମାନେ ତୁମକୁ ନେଇ ବ୍ୟଙ୍ଗ ଖେଳିବାରେ ଲାଗିଥାନ୍ତି ଏବଂ ତୁମେ ଯେପରି ନିଶ୍ଚିତ ଭାବରେ ସେମାନଙ୍କର ବୋଲ ମାନି ପାରିବ, ସେଥିଲାଗି ତୁମକୁ ଉତ୍ସାହିତ କରି ରଖିବାକୁ ସେମାନେ ଏହିସବୁ ସାନ ସାନ ଅଲୌକିକ ବ୍ୟାପାର ଘଟାଇବାରେ ଲାଗିଥାନ୍ତି ଏବଂ ତୁମେ ଇଚ୍ଛା କରି ଜାଲ ଭିତରେ ପଡ଼ିଗଲଣି ବୋଲି ଯେତେବେଳେ ସେମାନଙ୍କର ହୃଦ୍‌ବୋଧ ହୋଇଯାଏ, ସେତେବେଳେ ତୁମକୁ ନେଇ ସେମାନେ କୌଣସି ଏକ ଚମତ୍କାର କୌଶଳ ଖେଳି ବସନ୍ତି ଓ ତା'ପରେ ତୁମର ସବୁକିଛି ଭାଙ୍ଗିଯାଏ, ସବୁ ସରିଯାଏ।

ଆମେ କହୁଛୁ ଯେ, ଏହି କ୍ଷେତ୍ରରେ କେବଳ ଗୋଟିଏ ମାତ୍ର ନିରାପତ୍ତା ରହିଛି; ସେଇଟି ହେଉଛି ଯେ, ଦିବ୍ୟ ପରମ ଇଚ୍ଛାଟି ସହିତ ସମଞ୍ଜସତା ନରଖି ଆମେ କଦାପି କିଛିହେଲେ କରିବା ନାହିଁ। ଏଠାରେ ଗୋଟିଏ ପ୍ରଶ୍ନ ଉଠୁଛି: ତୁମକୁ କାର୍ଯ୍ୟରେ ଲଗାଇବା ପଛରେ ଯେ ସେହି ଦିବ୍ୟ ପରମଇଚ୍ଛାଟିହିଁ ବିଦ୍ୟମାନ

'oaob.nitrkl.ac.in' images reprocessed

ରହିଛି, ସେକଥା ଆମେ କିପରି ଜାଣିପାରିବା ? ଯିଏ ମୋତେ ଏହି ପ୍ରଶ୍ନଟି ପଚାରିଥିଲେ, ମୁଁ ତାଙ୍କୁ ତାହାର ଏହି ଉତ୍ତର ଦେଇଥିଲି (ଅବଶ୍ୟ ସିଏ ମୋ ସହିତ ଏକମତ ହୋଇ ପାରିଲେ ନାହିଁ) ଯେ ପରମେଶ୍ୱରଙ୍କର ଇଚ୍ଛା ଓ ନିର୍ଦ୍ଦେଶଟିକୁ ବାରିନେଇ ପାରିବା ଆଦୌ କଷ୍ଟକର ନୁହେଁ : ଏଥିରେ କୌଣସି ଭୁଲ ହେବାର ଆଦୌ କୌଣସି ସମ୍ଭାବନା ନାହିଁ । ଏହି କଥାଟିକୁ ଜାଣିବା ଲାଗି ତୁମକୁ ଯେ ବହୁଦୂର ପଥ ଯିବାକୁ ପଡ଼ିଥିବ, ସେକଥା ମଧ୍ୟ ଆବଶ୍ୟକ ନୁହେଁ; ତୁମ ହୃଦୟର ନୀରବତା ମଧ୍ୟରେ ଯେଉଁ ସ୍ଥିର ଓ ପ୍ରଶାନ୍ତ ବାଣୀଟି କଥା କହିବାରେ ଲାଗିଥିବ, ତୁମକୁ ତାହାର କଥାଟିକୁ ଶୁଣିବାକୁ ପଡ଼ିବ ।

ହଁ, ମୁଁ ଗୋଟାଏ କଥା କହିବାକୁ ଭୁଲିଯାଇଛି : ସେହି ବାଣୀଟିକୁ ଶୁଣିବା ଲାଗି ତୁମକୁ ଏକାବେଳେକେ ନିଷ୍ଠାପର ହେବାକୁ ପଡ଼ିବ; କାରଣ, ଯଦି ତୁମ ଭିତରେ ଯଥେଷ୍ଟ ନିଷ୍ଠା ନଥାଏ, ତେବେ ତୁମେ ନିଜକୁହିଁ ଠକିବାକୁ ଆରମ୍ଭ କରିଦେବ ଏବଂ କେବଳ ଆପଣା ଅହଂଟିର କଥାଗୁଡ଼ାକ ଶୁଣିବା ବ୍ୟତୀତ ତୁମେ ଆଉ କିଛିହେଲେ ଶୁଣିବାକୁ ସମର୍ଥ ହେବ ନାହିଁ । ଏବଂ ସେତେବେଳେ ପୂର୍ଣ୍ଣନିଶ୍ଚିତ ଭାବରେ (ତାହାକୁ ପ୍ରକୃତରେ ସେହି ସାନ କଣ୍ଠସ୍ୱରଟି ବୋଲି ମନେ କରି) ତୁମେ ଭୟଙ୍କରତମ ନିର୍ବୋଧତାଗୁଡ଼ିକୁ ମଧ୍ୟ କରିବସିବ । ମାତ୍ର ଯଦି ତୁମ ଭିତରେ ପୂର୍ଣ୍ଣ ନିଷ୍ଠା ରହିଥାଏ, ତେବେ ତୁମର ପଥ ମଧ୍ୟ ସୁନିଶ୍ଚିତ ହୋଇ ରହିବ । ଏହାକୁ ପ୍ରକୃତରେ ଏକ କଣ୍ଠସ୍ୱର ବୋଲି ବି କୁହାଯିବ ନାହିଁ, କୌଣସି ବୋଧ ବା ସ୍ପନ୍ଦନ ବୋଲି କୁହାଯିବ ନାହିଁ;—ଏହା ଏପରି ଏକ ବସ୍ତୁ, ଯାହା ଅତ୍ୟନ୍ତ ସୂକ୍ଷ୍ମ ଭାବରେ କେବଳ ଏକ ସଙ୍କେତହିଁ ଦେଇଯିବ । ଯେତେବେଳେ ସବୁକିଛି ଠିକ୍ ଭାବରେ ଗତି କରୁଥିବ, ଅର୍ଥାତ୍, ଯେତେବେଳେ ତୁମେ ଭଗବତ୍ ପରମ ଇଚ୍ଛାର ବିରୋଧୀ ହେଲି ଭଳି ଆଦୌ କିଛିହେଲେ କରିବ ନାହିଁ, ସେତେବେଳେ ତୁମକୁ ହୁଏତ ଆଦୌ କୌଣସି ଆଭାସ ବା ସଙ୍କେତ ବି ମିଳୁ ନଥିବ, ସବୁକିଛି ଅତ୍ୟନ୍ତ ସ୍ୱାଭାବିକ ବୋଲିହିଁ ମନେ ହେଉଥିବ । ଅବଶ୍ୟ ଏକଥା ସତ ଯେ, ତୁମେ ପ୍ରକୃତରେ ସେହି ପରମଇଚ୍ଛାଟି ଅନୁସାରେ କାର୍ଯ୍ୟ କରୁଛ କି ନାହିଁ, ଏହି କଥାଟି ଜାଣିବା ଲାଗି ତୁମର ନିଷ୍ଠାଯୁକ୍ତ ଉତ୍ସୁକତା ରହିଥିବ । ଏଇଟି ହେଉଛି ସ୍ୱଭାବତଃ ସର୍ବପ୍ରଥମ କଥା ଏବଂ ଏଇଟି ବ୍ୟତୀତ ତୁମେ ଆଦୌ କିଛିହେଲେ ଜାଣି ପାରିବ ନାହିଁ । ମାତ୍ର ଥରେ ଉତ୍ସୁକ ହୋଇ ପାରିଲେ ଓ ଧ୍ୟାନ ଦେଇ ପାରିଲେ ତୁମ ଲାଗି ସବୁକିଛି ସ୍ୱାଭାବିକ ଓ ସାଧାରଣ ମନେହେବ; ଏବଂ ତା'ପରେ, ତୁମେ ହଠାତ୍ ଦିନେ ତୁମର ମୁଣ୍ଡ ଭିତରେ କେଉଁଠି ଏକ ଅସ୍ୱସ୍ତତା ଅନୁଭବ କରିବ । ଏହି ଅସ୍ୱସ୍ତତା ହୃଦ୍‌ଯନ୍ତ୍ରରେ ବୋଧ ହୋଇପାରେ ଏପରିକି ପାକସ୍ଥଳୀରେ ବି ହୋଇପାରେ । ସାଧାରଣତଃ କେହି ଏବିଷୟରେ କିଛି ଭାବନ୍ତି ନାହିଁ; ତୁମେ ଗୋଟିଏ ଦିନରେ ହୁଏତ ଏକାଧିକ ବାର ଏପରି ଅସ୍ୱସ୍ତି

'oaob.nitrkl.ac.in' images reprocessed

ଅନୁଭବ କରିବ, ମାତ୍ର ତୁମେ ଏଥିପ୍ରତି କୌଣସି ଧ୍ୟାନ ଦେବ ନାହିଁ, ଏହାର ପ୍ରତ୍ୟାଖ୍ୟାନ କରିବ । ମାତ୍ର ତଥାପି ତାହା ଅପରିବର୍ତ୍ତିତ ହୋଇ ଠିକ୍ ସେହିପରି କଦାପି ରହି ନଥିବ; ତା'ପରେ, ସେହି ମୁହୂର୍ତ୍ତରେ, ତୁମକୁ ସଙ୍ଗେ ସଙ୍ଗେ ଅଟକି ଯିବାକୁ ହେବ, ଯାହାକିଛି କରୁଥିଲେ ମଧ୍ୟ ଅଟକି ଯିବାକୁ ହେବ ଏବଂ ଦୃଷ୍ଟିପାତ କରିବାକୁ ପଡ଼ିବ; ଏବଂ, ଯଦି ତୁମେ ନିଷ୍ଠାପର ରହିଥିବ, ତୁମେ ଗୋଟିଏ କଳା ଚିହ୍ନଟିଏ ଦେଖିବାକୁ ପାଇବ (ଗୋଟିଏ ଅତି ସାନ ଦୁଷ୍ଟ ଭାବନା, ଅତି ସାନ ମିଥ୍ୟା ସ୍ପନ୍ଦନଟିଏ, ଗୋଟିଏ ଅତି ସାନ ଯଦୃଚ୍ଛାକୃତ ନିଷ୍ପତ୍ତି) ଏବଂ ତାହାହିଁ ତୁମ ଅସ୍ୱସ୍ତିର ମୂଳ ହୋଇ ରହିଥିବ । ତା'ପରେ ତୁମେ ବେଶ୍ ଦେଖିପାରିବ ଯେ ସେହି ସାନ କଳା ଦାଗଟି ତୁମର ଅହଂବୁଦ୍ଧି ନିଷ୍ପନ୍ନ ହୋଇ ଆସିଛି ଏବଂ ତୁମର ଅହଂ ଭିତରେ କେତେ ନା କେତେ ପ୍ରକାରର ଅଗ୍ରରୁଚି ଭରପୂର ହୋଇ ରହିଛି । ଅହଂକୁ ଯାହା ଭଲ ଲାଗୁଛି, ସାଧାରଣତଃ ତୁମର ଅହଂ ତାହାହିଁ କରୁଛି; ତାକୁ ଯାହାକିଛି ଭଲ ଲାଗୁଛି, ତାହାକୁ ଭଲ ବୋଲି କୁହାଯାଉଛି ଓ ଯାହା ଭଲ ଲାଗୁ ନାହିଁ, ତାହାକୁ ଖରାପ ବୋଲି କୁହାଯାଉଛି । ଏବଂ ତାହାହିଁ ତୁମର ଯାବତୀୟ ବିଚାରକୁ ମେଘାଚ୍ଛନ୍ନ କରି ରଖିଛି । ଏହିପରି ପରିସ୍ଥିତିରେ କୌଣସି ବିଚାର କରି ଏକ ନିର୍ଣ୍ଣୟରେ ପହଞ୍ଚିବା ପ୍ରକୃତରେ ଭାରି କଷ୍ଟକର । ଯଦି ତୁମେ ଯଥାର୍ଥ ଭାବରେ ଜାଣିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ପାଦେ ପଛକୁ ଘୁଞ୍ଚିଯିବାକୁ ପଡ଼ିବ ଓ ଅନାଇବାକୁ ପଡ଼ିବ, ଏବଂ ସେତେବେଳେ ତୁମେ ଜାଣିବାକୁ ପାଇଯିବ ଯେ ଅହଂର ଏହି କ୍ଷୁଦ୍ର ଗତିସ୍ପନ୍ଦନଟିହିଁ ତୁମର ଅସ୍ୱସ୍ତିର କାରଣରୂପେ କାର୍ଯ୍ୟ କରୁଛି । ତୁମେ ବେଶ୍ ଦେଖି ପାରିବ ଯେ ତାହା ଗୋଟିଏ ଅତି ସାନ ପଦାର୍ଥଟିଏ ହୋଇ ନିଜର ଗୁରିପାଖରେ ଛନ୍ଦି ହୋଇ ରହିଛି; ତୁମେ ଏପରି କୌଣସି କଠିନ ପଦାର୍ଥର ସମ୍ମୁଖରେ ଆସି ବାଡ଼ି ଯାଇଥିବା ପରି ଅନୁଭବ କରିବ, ଯାହାକି ତୁମର ପ୍ରତିରୋଧ କରୁଥିବ ଓ କଳା ଦିଶୁଥିବ । ତା'ପରେ, ଅତ୍ୟନ୍ତ ଧୈର୍ଯ୍ୟ ସହକାରେ ତୁମକୁ ଆପଣା ଚେତନାର ଶିଖରରେ ଦଣ୍ଡାୟମାନ ରହି ଏହି ବସ୍ତୁଟିକୁ ତାହାର ଭୁଲଟିକୁ ବୁଝାଇ ଦେବାକୁ ପଡ଼ିବ, ଏବଂ ଏହିପରି ଭାବରେ ଏହା ପରିଶେଷରେ ଅନ୍ତର୍ହିତ ହୋଇ-ଯିବ । ସେହି ପ୍ରଥମ ଦିନଠାରୁହିଁ ତୁମକୁ ସଙ୍ଗେ ସଙ୍ଗେ ସଫଳତା ମିଳିଯିବ ବୋଲି ମୁଁ ମୋଟେ କହୁ ନାହିଁ, ମାତ୍ର ଯଦି ନିଷ୍ଠାର ସହିତ ଚେଷ୍ଟା କରୁଥିବ, ତେବେ ଶେଷରେ ନିଶ୍ଚୟ ସଫଳତା ଲାଭ କରିବ । ଏବଂ ଯଦି ଅଧ୍ୟବସାୟ ରହିଥିବ, ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ, ଆଲୋକ ମଧ୍ୟରେ ପ୍ରସ୍ଫୁଟିତ ହୋଇଉଠିବା ବାଟରେ ନୀଚତା, କୁତ୍ସିତତା ଓ ଅସ୍ପଷ୍ଟତାର ଯେଉଁ ପିଣ୍ଡଟା ତୁମର ବାଟ ଓଗାଳି ରହିଥିଲା, ସେଥିରୁ ତୁମେ ହଠାତ୍ ନିଷ୍କୃତି ଲାଭ କରି ବାହାରି ଆସିବ । ସେହିସବୁ ବସ୍ତୁହିଁ ତୁମକୁ ବନ୍ଦୀ କରି ରଖିଥାନ୍ତି, ଆପଣାକୁ ପ୍ରଶସ୍ତ କରି ପାରିବାକୁ ତୁମକୁ

'oaob.nitrkl.ac.in' images reprocessed

ବାଧା ଦେଇ ରଖନ୍ତି, ଯେଉଁ ଆଲୋକ ମଧ୍ୟକୁ ଆସିଲେ ତୁମେ ଅତ୍ୟନ୍ତ କ୍ଳାନ୍ତିହୀନ ଏବଂ ସମୃଦ୍ଧ ଅନୁଭବ କରନ୍ତ, ସେହି ଆଲୋକରେ ଆପଣାକୁ ଉନ୍ମୋଚିତ କରିଦେଇ ପାରିବାକୁ ସେମାନେ ତୁମକୁ ବଞ୍ଚିତ କରି ରଖିଥାନ୍ତି । ମାତ୍ର ଯଦି ତୁମେ ଏହି ପ୍ରତ୍ୟାସଟିକୁ କରି ପାରିବ, ତେବେ ତୁମେ, ପରିଶେଷରେ ଏକଥା ନିଶ୍ଚୟ ଦେଖିବାକୁ ପାଇବ ଯେ ଯେଉଁଠାରୁ ତୁମେ ଯାତ୍ରାଟିକୁ ଆରମ୍ଭ କରିଥିଲ, ବର୍ତ୍ତମାନ ସେହି ସ୍ଥାନଟିଠାରୁ ବେଶ୍ ଅନେକ ଦୂରକୁ ଚାଲି ଆସି ପାରିଛ; ଯେଉଁସବୁ ବିଷୟକୁ ତୁମେ ଅନୁଭବ କରୁ ନଥିଲ, ବୁଝି ପାରୁ ନଥିଲ, ସେଗୁଡ଼ିକ ବେଶ୍ ପରିଷ୍କାର ହୋଇଯାଇଛି । ଯଦି ତୁମ ଭିତରେ ଦୃଢ଼ ସଂକଳ୍ପ ରହିଥାଏ, ତେବେ ତୁମେ ନିଶ୍ଚିତ ଭାବରେ ସଫଳତା ଲାଭ କରିବ ।

ଆପଣାକୁ ଏକତ୍ର ଓ ଠୁଳ କରି ଆଣିବା ଲାଗି ଏହା ହେଉଛି ପ୍ରଥମ ପାଦ; —ଅର୍ଥାତ୍, ତୁମେ ନିଜକୁ ଏକ ସଚେତନ ସତ୍ତାରେ ପରିଣତ କରି ଆଣିବ, ଯାହାର କେନ୍ଦ୍ରରେ ଏକ ଇଚ୍ଛାଶକ୍ତି କାର୍ଯ୍ୟ କରୁଛି ଏବଂ ଯିଏ କି ଏହି ଇଚ୍ଛାଟିର ନିର୍ଦ୍ଦେଶ ଅନୁସାରେହିଁ ଯାହାକିଛି କରୁଛି । ସେହି ଇଚ୍ଛାଟି ଭଗବାନ୍ଙ୍କ ପରମଇଚ୍ଛାରହିଁ ଏକ ସତତ ଅଭିବ୍ୟକ୍ତି ହୋଇ ପାରିଥିବ । ଏହାକୁ ଚେଷ୍ଟା କରି ଦେଖିବା ଉଚିତ ।

ମୋ ବ୍ୟକ୍ତିଗତ ଅନୁଭବରୁ ତୁମମାନଙ୍କୁ ମୁଁ କେବଳ ଏତିକି କହି ପାରିବି ଯେ ଏହି ପୃଥିବୀରେ ଏହାଠାରୁ ବଳି ଆଗ୍ରହୋଦ୍ଦୀପକ ଆଉ କିଛି ନାହିଁ । ଯଦି ତୁମେ ଏହି ପ୍ରଚେଷ୍ଟାଟିକୁ ଆରମ୍ଭ କରି ଦେଇପାର, ତେବେ ତୁମେ ଆପଣାର ଜୀବନଟିକୁ ମଧ୍ୟ କେତେ ନା କେତେ ଆଗ୍ରହରେ ଭରପୂର ହୋଇ ଉଠିବାର ଦେଖିବାକୁ ପାଇବ । ତୁମେ ଜାଣିଛ ଯେ ଲୋକମାନଙ୍କ ଦ୍ୱାରା ଅତିବାହିତ ହେଉଥିବା ସାଧାରଣ ଜୀବନଟିର ଅନ୍ତତଃ ଏକ ତୃତୀୟାଂଶ ପ୍ରାୟ ଗୋଟାଏ ପ୍ରକାରର ଶୁଷ୍କ ନୀରସତାରେହିଁ ପୂର୍ଣ୍ଣ ହୋଇ ରହିଥାଏ (ମୁଁ ଏକତୃତୀୟାଂଶ ବୋଲି ସିନା କହିଲି, ମାତ୍ର କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଦିନମାନର ଦୁଇତୃତୀୟାଂଶହିଁ ଶୁଷ୍କ ନୀରସତାରେ ଭରି ରହିଥାଏ) । ଏବଂ ସବୁଯାକ ସତେଅବା ଏକ ସରଳତାରେ ପରିଣତ ହୋଇଯାଏ ! ସବୁକିଛି କେଡ଼େ ଆଗ୍ରହପୂର୍ଣ୍ଣ ହୋଇଉଠେ, ଅତିସାନ ଟିକିଟିକି ବିଷୟ, ଅତି ଆକସ୍ମିକ ସାମାନ୍ୟ କୌଣସି ସାକ୍ଷାତ୍କାର, ଆଦାନପ୍ରଦାନ ହେଉଥିବା ମାତ୍ର କେତେ ପଦ କଥା, ସ୍ଥାନାନ୍ତରିତ ହେଉଥିବା ଏଡ଼େ ସାନ ଜିନିଷଟିଏ,—ସବୁକିଛି ଜୀବନପୂର୍ଣ୍ଣ ହୋଇ ଉଠିବ, ଆଗ୍ରହରେ ସ୍ପନ୍ଦିତ ହୋଇ ଉଠିବ ।

'oaob.nitrkl.ac.in' images reprocessed

## ୧୦ ଫେବୃଆରୀ ୧୯୫୧

"ପରମ ଦିବ୍ୟ ପୁରୁଷଙ୍କର ନିର୍ଦ୍ଦେଶ ମାନିବାକୁ ଯଦି ତୁମେ ପ୍ରସ୍ତୁତ ହୋଇ ସାରିଥାଅ, ତେବେ ତୁମକୁ ଯେଉଁ କାମ ଦିଆଯାଉ ପଛକେ, ତାହା ତୁମକୁ କରିବାକୁହିଁ ପଡ଼ିବ । ଯେତେ କଠିନ ଓ ବଡ଼ କାମ ଦିଆଗଲେ ମଧ୍ୟ କରିବାକୁ ପଡ଼ିବ; ଏବଂ ଦରକାର ପଡ଼ିଲେ, ଯେଉଁ ସ୍ଥିରତାର ସହିତ ତୁମେ କାର୍ଯ୍ୟଟିର ଦାୟିତ୍ୱ ଗ୍ରହଣ କରିଥିଲ, ଠିକ୍ ସେହି ସ୍ଥିରତାର ସହିତ ତା' ପରଦିନ ମଧ୍ୟ ସେଇଟିକୁ ଛାଡ଼ିଦେଇ ପାରିବାକୁ ହେବ । ସେହି କାର୍ଯ୍ୟଟି ସମ୍ପନ୍ନ କରିବାର ଭାର ଯେ ତୁମର, ସେକଥା ମୋଟେ ଅନୁଭବ କରିବ ନାହିଁ । ତେଣୁ, କୌଣସି ପ୍ରକାର କର୍ମାସକ୍ତ ରହିବା ଉଚିତ ନୁହେଁ,—କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ପ୍ରତି ବା ଜୀବନର କୌଣସି ନିର୍ଦ୍ଦିଷ୍ଟ ଗତି ପ୍ରତି ମଧ୍ୟ ଆସକ୍ତ ରହିବା ଉଚିତ ନୁହେଁ । ତୁମକୁ ସର୍ବଦା ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ରହିବାକୁ ପଡ଼ିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

"ସର୍ବଦା ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ ରହିବାକୁ ପଡ଼ିବ,"—ଏହି କଥାଟି ଦ୍ୱାରା ତୁମେ ପ୍ରକୃତରେ କ'ଣ ବୁଝୁଛ, ତୁମ ଭିତରୁ କେହି ଉତ୍ତର ଦେବେ କି ? କାରଣ, ସେଇଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । କାହିଁକି ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ, ମୁଁ ତୁମକୁ ବର୍ତ୍ତମାନ କହୁଛି ।

ଅନେକ ଲୋକ ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତା ସହିତ ଗୋଳିଆମିଶା କରିଦେଇ ଥାଆନ୍ତି । ସାଧାରଣ ଯେକୌଣସି ମନ ସ୍ୱାଧୀନ ହେବା କହିଲେ ନିଜର ଇଚ୍ଛା ଅନୁସାରେ ଯେକୌଣସି ପ୍ରକାରର ନିର୍ବୋଧ ଆଚରଣ କରିବାର ନିରଙ୍କୁଶ ସୁଯୋଗ ଲାଭ କରିବାକୁ ଏବଂ ସେଥିରେ କାହାର କୌଣସି ହସ୍ତକ୍ଷେପ ନକରିବାକୁହିଁ ବୁଝିଥାଏ । ମୁଁ କହୁଛି ଯେ ଜଣେ "ସମ୍ପୂର୍ଣ୍ଣ ଭାବରେ ସ୍ୱାଧୀନ" ହେବା ଉଚିତ; ମାତ୍ର ଶବ୍ଦଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟଟିକୁ ନବୁଝିଥିବା ପର୍ଯ୍ୟନ୍ତ ଏହାକୁ ପ୍ରକୃତରେ ଏକ ଅତ୍ୟନ୍ତ ବିପଜ୍ଜନକ ପରାମର୍ଶ ବୋଲି କହିବାକୁ ହେବ । ଆମେ କାହାଠାରୁ

'oaob.nitrkl.ac.in' images reprocessed

ସ୍ୱାଧୀନ ହେବା ? ଏକଥା ସମ୍ପୂର୍ଣ୍ଣ ନିଶ୍ଚିତ ଯେ ଆମେ ଯାବତୀୟ ଆସକ୍ତିରୁ ସ୍ୱାଧୀନ ବା ମୁକ୍ତ ହୋଇ ରହିବା । ଏହାର ତାତ୍ପର୍ଯ୍ୟ କହିଲେ ଠିକ୍ ସେହି କଥାଟିକୁହିଁ ବୁଝାଇବ । ବୁଦ୍ଧଙ୍କର ସେହି କାହାଣୀରେ* ବୁଦ୍ଧ ଯାବତୀୟ ବିଦ୍ୟାରେ କୁଶଳତା ଅର୍ଜନ କରିଥିବା ଯୁବକଟିକୁ ଏହି ଉତ୍ତର ଦେଇଛନ୍ତି, "ଆତ୍ମ-ଦମନର ବିଦ୍ୟାରେ ମୁଁ କୁଶଳତା ଅର୍ଜନ କରିଛି । ଯଦି ଲୋକମାନେ ଅଭିନନ୍ଦନ ଜଣାଉଛନ୍ତି ବା ମୋର ପ୍ରଶଂସା କରୁଛନ୍ତି, ମୁଁ ତଥାପି ସ୍ଥିର ଓ ଉଦାସୀନ ହୋଇ ରହିପାରୁଛି । ସେମାନେ ମୋତେ ଗାଳି ଦେଉଥିବା ସମୟରେ ମଧ୍ୟ ମୁଁ ଠିକ୍ ସେହିପରି ଭାବରେ ସ୍ଥିର, ଶାନ୍ତ ଓ ଉଦାସୀନ ହୋଇ ରହୁଛି ।"

ତୁମେ ଯାବତୀୟ ନିନ୍ଦା ଓ ପ୍ରଶଂସାରୁ ପ୍ରକୃତରେ କେତେ ଊର୍ଦ୍ଧ୍ୱରେ ରହିଛ, ସେହି କଥାଟି ଦେଖି ପାରିବା ଲାଗି ନିଜକୁ ପ୍ରଶ୍ନ କରିବାକୁ ଚେଷ୍ଟା କର । ଅନ୍ୟମାନେ ଯାହା କହୁଛନ୍ତି, ସେଥିରେ ଆଦୌ କୌଣସି ତାତ୍ପର୍ଯ୍ୟ ନାହିଁ ବୋଲି ତୁମକୁ ବୋଧ ହେଉଥିବାରୁ ତୁମେ ଯେ ଆପଣାକୁ ଅନ୍ୟମାନଙ୍କଠାରୁ କୌଣସି ପ୍ରକାରେ ବରିଷ୍ଠ ଅନୁଭବ କରିବ, ସେକଥା ଆଦୌ ନୁହେଁ । ମୁଁ ସେପରି କିଛି ମୋଟେ କହୁ ନାହିଁ । ଅସଲ କଥାଟି ହେଉଛି, ସାଧାରଣତଃ ମନୁଷ୍ୟମାନଙ୍କ ଭିତରେ ଯେଉଁ ଅଜ୍ଞାନତା ରହିଛି, ତୁମେ ସେବିଷୟରେ ସଜ୍ଞାନ ହୋଇ ପାରିଛ, ତୁମେ ନିଜ ଅଜ୍ଞାନତା ବିଷୟରେ ମଧ୍ୟ ସଜ୍ଞାନ ହୋଇ ଜାଣିଛ, ଏବଂ ଯେତେବେଳେ ଅନ୍ୟମାନେ କୌଣସି କଥାକୁ ଭଲ ବୋଲି ବିଶ୍ୱାସ କରୁଛନ୍ତି, "ସେଇଟି ପ୍ରକୃତରେ ଆଦୌ ସେତେ ଭଲ ନୁହେଁ" ବୋଲି ତୁମେ ଭଲ କରି ଜାଣିଛ; ଏବଂ ଏଇଟା ଖରାପ ବୋଲି ଯେତେବେଳେ ସେମାନେ ବିଶ୍ୱାସ କରୁଛନ୍ତି, ସେତେବେଳେ "ଏହା ଆଦୌ ସେତେଦୂର ମନ୍ଦ ନୁହେଁ" ବୋଲି ବି କହିପାରୁଛ । ସବୁ କଥା ପରସ୍ପର ସହିତ ଗୋଳାଆମିଶା ହୋଇ ରହିଛି ଏବଂ ଆଖର କୌଣସି ବ୍ୟକ୍ତି ଆଉଜଣେ ବ୍ୟକ୍ତି ବିଷୟରେ କଦାପି ବିଗ୍ରହପତି ହୋଇ ବସିଯାଇ ପାରିବେ ନାହିଁ । ତେଣୁ ତୁମେ ସବୁପ୍ରକାର ପ୍ରଶଂସା ଓ ନିନ୍ଦା ପ୍ରତି ଉଦାସୀନ ହୋଇ ରହିଛ । ଏବଂ ଏହି କ୍ଷେତ୍ରରେ ଆମେ ଏହି ସିଦ୍ଧାନ୍ତଟି କରି ପାରିବା : ମୋ ଭିତରେ ଅଥବା ମୁଁ ଯାହାଙ୍କୁ ଗୁରୁ ବୋଲି ବାଛିଛି, ତାଙ୍କ ଭିତରେ ରହିଥିବା ଦିବ୍ୟ ଚେତନା ଯେପର୍ଯ୍ୟନ୍ତ "ଏହି କାର୍ଯ୍ୟଟିକୁ କରିବାକୁ ହେବ" ବୋଲି ମୋତେ ନିର୍ଦ୍ଦେଶ ଦେଇ ନାହିଁ, ଅଥବା "ଏଇଟିକୁ କଦାପି କର ନାହିଁ" ବୋଲି ମଧ୍ୟ ନିର୍ଦ୍ଦେଶ ଦେଇ ନାହିଁ, ସେପର୍ଯ୍ୟନ୍ତ, ମୋତେ ଅନ୍ୟମାନେ ଯାହା କିଛି କହିବେ, ମୁଁ ସେଗୁଡ଼ିକ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହିବି । କାରଣ ମୁଁ ଭାବୁଛି ଯେ, ମୁଁ ଯାହାଙ୍କଠାରେ ମୋର ଆସ୍ଥାସ୍ଥାପନ କରିଛି, ତାଙ୍କର

* "ଧମ୍ମ-ପଦ", 'ବନ୍ଧୁ ପୂର୍ବର କଥା' ।

'oaob.nitrkl.ac.in' images reprocessed

ମଧ୍ୟରେ ବିଦ୍ୟମାନ ରହିଥିବା ଦ୍ରବ୍ୟ ସାନ୍ନିଧ୍ୟଟିହିଁ କ'ଣ ଭଲ ଓ କ'ଣ ମନ୍ଦ ସେକଥା ଜାଣିବାକୁ ସମର୍ଥ ହେବ, କ'ଣ କର୍ତ୍ତବ୍ୟ ଓ କ'ଣ କର୍ତ୍ତବ୍ୟ ନୁହେଁ, ସେହି କଥାଟିକୁ ଜାଣି ପାରିବ ।

ଏବଂ ସ୍ୱାଧୀନ ହେବା ଲାଗି ତାହାହିଁ ହେଉଛି ସବୁଠାରୁ ଭଲ ଉପାୟ । ପରମେଶ୍ୱରଙ୍କ ପ୍ରତି ତୁମର ସମର୍ପଣ ସମଗ୍ର ହେଉ, ତେବେ ତୁମେ ମଧ୍ୟ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇଯାଇ ପାରିବ ।

ଯଥାର୍ଥ ଭାବରେ ସ୍ୱାଧୀନ ହେବାର ପ୍ରକୃଷ୍ଟ ବାଟ ହେଉଛି ଯେ ପରମେଶ୍ୱରଙ୍କ ପାଖରେ ତୁମେ ନିଜକୁ ସମଗ୍ର ଭାବରେ ସମର୍ପଣ କରିଦେବ, ସେହି ସମର୍ପଣରେ କୌଣସି କୁଣ୍ଠା ନଥିବ,—କାରଣ ସେତିକବେଳେ ଯାଇ, ଯାହାକିଛି ତୁମକୁ ବାନ୍ଧି ରଖିଛି, ତୁମ ଗୋଡ଼ରେ ବେଡ଼ି ପକାଇ ରଖିଛି, ତାହା ଅତ୍ୟନ୍ତ ସ୍ୱାଭାବିକ ଭାବରେ ତଳକୁ ଖସିପଡ଼ିବ ଏବଂ ତା'ପରେ ତା'ର ଆଉ ଆଦୌ କୌଣସି ମହତ୍ତ୍ୱ ରହିବ ନାହିଁ । ଯଦି କେହି ଆସି ତୁମକୁ କୌଣସି ଦୋଷ ଦେବାକୁ ବସିବ, ତେବେ ତୁମେ ହୁଏତ କହିବ, "ଆରେ, କେଉଁ କର୍ତ୍ତୃତ୍ୱବଳରେ ସିଏ ମୋତେ ଦୋଷ ଦେବାକୁ ଆସୁଛି,—ସର୍ବୋଚ୍ଚ ଇଚ୍ଛାଟି କ'ଣ, ସିଏ କ'ଣ ପ୍ରକୃତରେ ଜାଣିଛି ?" ତୁମକୁ କେହି ଅଭିନନ୍ଦନ ଜଣାଇବାକୁ ଆସିବାବେଳେ ମଧ୍ୟ ଠିକ୍ ସେହିପରି ହେବ । ଏହାର ଅର୍ଥ ନୁହେଁ ଯେ, ଅନ୍ୟମାନଙ୍କଠାରୁ ତୁମକୁ ଯାହାକିଛି ପ୍ରାପ୍ତ ହେବ, ସେଥିରୁ ଆଦୌ କୌଣସି ପ୍ରକାରେ ଲାଭବାନ୍ ନହେବାକୁହିଁ ତୁମକୁ ପରାମର୍ଶ ଦିଆଯାଉଛି;—ମୋର ଜୀବନସାରା ମୁଁ ଏଇ କଥା ଶିକ୍ଷା କରିଛି ଯେ ଗୋଟିଏ ଶ୍ରେଷ୍ଠ ପିଲା ମଧ୍ୟ ଆମକୁ ଶିକ୍ଷା ଦେଇ ପାରିବ । ସିଏ ଯେ ତୁମଠାରୁ ଅପେକ୍ଷାକୃତ କମ୍ ଅଜ୍ଞାନଗ୍ରସ୍ତ ବୋଲି ତାହା କରିପାରିବ, ସେକଥା ଆଦୌ ନୁହେଁ; ମାତ୍ର ସିଏ ତୁମ ଲାଗି ଏପରି ଏକ ଦର୍ପଣ ପରି ହୋଇ ରହିଥିବ, ଯାହାକି ତୁମେ ପ୍ରକୃତରେ ଯାହା, ସେହି ବସ୍ତୁଟିକୁ ଆଣି ପ୍ରତିବିମ୍ବିତ କରି ଦେଉଥିବ । ହୁଏତ ସିଏ ତୁମକୁ ଏପରି କିଛି କହିବ ଯାହାକି ପ୍ରକୃତରେ ସତ ନୁହେଁ, ମାତ୍ର ସିଏ ତୁମକୁ ଏପରି କିଛି ହୁଏତ ଦେଖାଇ ଦେଇ ପାରିବ, ଯାହାକି ତୁମେ ଆଗରୁ ଜାଣି ନଥିଲ । ତେଣୁ କୌଣସି ପ୍ରକାର ଅସୁସ୍ଥ ପ୍ରତିକ୍ରିୟା ନଦେଖାଇ ଯଦି ତୁମେ ସେହି ଶିକ୍ଷାଟିକୁ ଗ୍ରହଣ କରି ପାରିବ, ତେବେ ସେଥିରୁ ତୁମେ ପ୍ରଭୂତ ପରିମାଣରେ ଲାଭବାନ୍ ହୋଇପାରିବ ।

ମୋ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ଏହି କଥାଟି ଶିକ୍ଷା କରି ଆସିଛି ଯେ ମଣିଷ ଇଚ୍ଛା କଲେ କିଛି ନା କିଛି ଅବଶ୍ୟ ଶିଖି ପାରିବ; ମାତ୍ର ମୁଁ କେବେ ହେଲେ ଅନ୍ୟମାନଙ୍କ ମତ ଦ୍ୱାରା ବାନ୍ଧିହୋଇ ପଡ଼ିବାର ବି ଅନୁଭବ କରି ନାହିଁ, କାରଣ ମୁଁ ଭାବୁଛି ଯେ ସଂସାରରେ କେବଳ ଗୋଟିଏ ମାତ୍ର ସତ୍ୟ ରହିଛି, ଯାହାକି ପ୍ରକୃତରେ କିଛି ଜାଣିପାରିବ, ଏବଂ ତାହା ହେଉଛି ସର୍ବୋଚ୍ଚ ପରମସତ୍ୟ ।

'oaob.nitrkl.ac.in' images reprocessed

ସେତେବେଳେ ଯାଇ ଜଣେ ବେଶ୍ ସ୍ୱାଧୀନ ବା ମୁକ୍ତ ହୋଇ ପାରିବ । ଏବଂ ତୁମମାନଙ୍କଠାରୁ ମୁଁ ଠିକ୍ ଏହି ସ୍ୱାଧୀନତାଟିରହିଁ ଅପେକ୍ଷା ରଖୁଛି,—ଯେଉଁ ସ୍ୱାଧୀନତା କି ସକଳ ଆସକ୍ତି, ସକଳ ଅଜ୍ଞାନ ଏବଂ ସକଳ ପ୍ରତିକ୍ରିୟାରୁ ମୁକ୍ତ ହୋଇ ରହିଥିବ; ପରମେଶ୍ୱରଙ୍କ ପାଖରେ ଆପଣାକୁ ସମର୍ପଣ କରିଦେବା ବ୍ୟତୀତ ଆଉ ସବୁକିଛିଠାରୁ ତାହା ମୁକ୍ତ ହୋଇ ରହିଥିବ । ସଂସାର ପ୍ରତି ରହିଥିବା ଯାବତୀୟ ଦାୟିତ୍ୱଜଞ୍ଜାଳରୁ ନିଷ୍କୃତି ପାଇବା ଲାଗି ଏହାହିଁ ଉପାୟ । ପରମେଶ୍ୱରହିଁ ଦାୟୀ; ସବୁଯାକ ଦାୟିତ୍ୱ କେବଳ ତାଙ୍କରି ।

> ଆରମ୍ଭରୁହିଁ ଆମର ସମର୍ପଣ ସମଗ୍ର ହୋଇପାରିବା ସମ୍ଭବ ହେବ ନାହିଁ,—ହୋଇ ପାରିବ କି ?

ସାଧାରଣ ଭାବରେ କହିଲେ, ହୋଇ ପାରିବ ନାହିଁ । ସେଥିଲାଗି ସମୟ ଦରକାର ହେବ । ମାତ୍ର ଏପରି ପରିବର୍ତ୍ତନମାନ ରହିଛି, ଯାହାକି ସଙ୍ଗେ ସଙ୍ଗେ ସମ୍ଭବ ହୋଇଥାଏ । ସେଗୁଡ଼ିକୁ ତୁମମାନଙ୍କୁ ବିସ୍ତୃତ ଭାବରେ ବୁଝାଇ କହିବାକୁ ହେଲେ ସେଥିଲାଗି ଅନେକ ସମୟ ଲାଗିବ । ତୁମେ ବୋଧହୁଏ ଜାଣିଛ ଯେ ଦୀକ୍ଷାଗ୍ରହଣର ପ୍ରତ୍ୟେକ ସମ୍ପ୍ରଦାୟରେ ଏପରି କୁହାଯାଉଥିଲା ଯେ ଆପଣାର ଚରିତ୍ରଟିକୁ ବଦଳାଇବା ସକାଶେ ପଇଁତିରିଶ ବର୍ଷ ସମୟ ଆବଶ୍ୟକ ହେବ । ତେଣୁ, ଗୋଟିଏ ମିନିଟରେ ସବୁ ହୋଇଯିବ ବୋଲି ତୁମେ କଦାପି ଆଶା କରିବ ନାହିଁ ।

> ଯଦି ସବୁକିଛି ଲାଗି ଉଦାସୀନ ରହିବା ଉଚିତ, ତେବେ ପିଲାମାନଙ୍କୁ କାହିଁକି ପୁରସ୍କାର ଦିଆଯାଉଛି ?

ତୁମେ କ'ଣ ଭାବୁଛ ଯେ ଜଣେ ସ୍କୁଲ ପିଲା ବି ଠିକ୍ ଜଣେ ଯୋଗୀ ପରି ହୋଇଥିବ ? ମୁଁ ତ ବର୍ତ୍ତମାନ କହିଲି ଯେ ସେହି ସାଧନାଟି ପୂର୍ଣ୍ଣ କରିବାକୁ ଏବଂ ନିଜର ସ୍ୱଭାବରେ ପରିବର୍ତ୍ତନ ଆଣିବାକୁ ପଇଁତିରିଶ ବର୍ଷ ସମୟ ଦରକାର ହୋଇଥାଏ ।

ତୁମକୁ ବୁଝିରଖିବା ଉଚିତ ଯେ କୌଣସି ବ୍ୟକ୍ତିର ବା ମନୁଷ୍ୟର କର୍ତ୍ତୃତ୍ୱ,—ପରିବାରରେ ଜଣେ ପିତାର କର୍ତ୍ତୃତ୍ୱ, ଶିକ୍ଷକର କର୍ତ୍ତୃତ୍ୱ ବା କୌଣସି ରାଷ୍ଟ୍ରର ଜଣେ ସର୍ବୋଚ୍ଚ ଅଧିକାରୀର କର୍ତ୍ତୃତ୍ୱ,—ଏଗୁଡ଼ିକ ଗୋଟିଏ ଗୋଟିଏ ପ୍ରଥାକାମୂଳକ କଥା । ସେମାନଙ୍କର ନିଜର କୌଣସି କର୍ତ୍ତୃତ୍ୱ ନଥାଏ, ମାତ୍ର, ସାମାଜିକ ଜୀବନ କହିଲେ

'oaob.nitrkl.ac.in' images reprocessed

ବର୍ତ୍ତମାନ ଯାହାକିଛି ବୁଝାଉଛି, ଅର୍ଥାତ୍ ଯେଉଁ ସାମାଜିକ ଜୀବନ ମିଥ୍ୟା ଉପରେ ଆଧାରିତ ହୋଇ ରହିଛି ଓ ଆଦୌ ସତ୍ୟକୁ ଆଶ୍ରୟ କରି ରହି ନାହିଁ,—କାରଣ ସତ୍ୟ କହିଲେ ଏକତାକୁ ବୁଝାଇବ ଓ ଏହି ସମାଜ ବିଭକ୍ତତାକୁ ଆଶ୍ରୟ କରି ରହିଛି,—ସେହି ସାମାଜିକ ଜୀବନରେ ସେମାନେ ଯେପରି ଏକ ନିର୍ଦ୍ଦିଷ୍ଟ ଭୂମିକା ଗ୍ରହଣ କରି ପାରିବେ, ସେଥିଲାଗିହିଁ ସେମାନଙ୍କୁ କୌଣସି ନା କୌଣସି କର୍ତ୍ତବ୍ୟ ଦିଆଯାଇଛି । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଅଳ୍ପବହୁତ ସମୁଚିତ ଭାବରେ ଆପଣାର ଭୂମିକାଟିକୁ, କର୍ତ୍ତବ୍ୟ ଓ ପ୍ରତିକଟିକୁ କାର୍ଯ୍ୟକାରୀ କରାଇ ପାରନ୍ତି,—ମାତ୍ର ସେମାନେ ଯେ ଆଦୌ ଦୋଷ ନକରନ୍ତି, ସେକଥା ମୋଟେ ନୁହେଁ; ଏହି ସଂସାରରେ ସବୁକିଛି ବିମିଶ୍ରିତ ହୋଇ ରହିଥାଏ । ମାତ୍ର ଯିଏ ଗମ୍ଭୀରତାର ସହିତ ନିଜର ଭୂମିକାଟିକୁ ଗ୍ରହଣ କରିଥାଏ, ଯିଏ ଯଥାସମ୍ଭବ ଅଧିକ ନିଷ୍ଠା ସହିତ ସେଇଟିକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରୁଥାଏ । ସିଏ ହୁଏତ ଏଥିଲାଗି ନାନା ପ୍ରେରଣା ବି ପାଇପାରେ, ଯାହାକି, ତାକୁ ଏକ ସାଧାରଣ ମନୁଷ୍ୟ ଅପେକ୍ଷା ଟିକିଏ ଅଧିକ ଯଥାର୍ଥ ଭାବରେ ଆପଣାର ଅଂଶଟିକୁ ସଂପାଦନ କରିବାରେ ସହାୟତା କରିଥାଏ । ପିଲାମାନଙ୍କର ଖାତାରେ ନମ୍ବର ଦେଉଥିବା ଜଣେ ଶିକ୍ଷକ ଯଦି ସିଏ କେବଳ ଦିବ୍ୟ ସତ୍ୟର ଜଣେ ପ୍ରତିନିଧିରୂପେହିଁ କାର୍ଯ୍ୟ କରୁଛି ବୋଲି ମନେ ରଖିଥାଏ, ତା' ଲାଗି ଯେତିକି ଅଧିକ ସମ୍ଭବ, ଦିବ୍ୟ ପରମଇଚ୍ଛା ସହିତ ସତତ ସମଞ୍ଜସ ହୋଇ ରହିବା ଲାଗି ଯଦି ସେ ଯଥେଷ୍ଟ ପ୍ରୟାସ କରୁଥାଏ, ତେବେ ତାହା ଦ୍ୱାରା ନିଶ୍ଚୟ ଅନେକ ଲାଭ ହେବ; କାରଣ ଜଣେ ସାଧାରଣ ଶିକ୍ଷକ ତା'ର ବ୍ୟକ୍ତିଗତ ରୁଚି ଓ ଅରୁଚିଗୁଡ଼ିକ ଅନୁସାରେହିଁ ପ୍ରେରିତ ହୋଇଥାଏ,—ତାକୁ ଯାହା ଭଲ ନଲାଗେ ଓ ଯାହା ଭଲ ଲାଗେ, ସିଏ ତାହାରି ଦ୍ୱାରାହିଁ ପ୍ରେରିତ ହୋଇଥାଏ । ଏବଂ ଏହିପରି ଭାବରେ ସେ ସାଧାରଣ ମିଥ୍ୟାଟି ମଧ୍ୟରେ ଆପଣାକୁ ଜଡ଼ିତ କରି ରଖିଥାଏ । ମାତ୍ର, ପିଲାଙ୍କ ଖାତାରେ ନମ୍ବର ଦେଲାବେଳେ ଯଦି ସେ ଆପଣାକୁ ତା'ର କ୍ଷୁଦ୍ର ସଂକୀର୍ଣ୍ଣ ଚେତନାଟି ଅପେକ୍ଷା ଅଧିକ ଗଭୀର ଏକ ସତ୍ୟଟିର ନିର୍ଦ୍ଦେଶାଧୀନ କରି ରଖିବା ପାଇଁ ନିଷ୍ଠାପର ଭାବରେ ସଚେଷ୍ଟ ରହେ, ତେବେ ସେ ଏହି ସତ୍ୟ ଲାଗି ଜଣେ ମଧ୍ୟବର୍ତ୍ତୀ ପରିବାହକରୂପେ ଅବଶ୍ୟ କାର୍ଯ୍ୟ କରିପାରେ, ଏବଂ, ତାହାରି କରିଆରେ, ସିଏ ତା'ର ଛାତ୍ରମାନଙ୍କୁ ମଧ୍ୟ ସେମାନଙ୍କ ଭିତରେ ରହିଥିବା ଏହି ସତ୍ୟଟି ସମ୍ବନ୍ଧରେ ସଚେତନ ହେବା ଲାଗି ସାହାଯ୍ୟ କରିପାରେ ।

ମୁଁ ଠିକ୍ ଏହିପରି ଗୋଟିଏ କଥାକୁହିଁ ତୁମ୍ଭମାନଙ୍କ ଆଗରେ କହିବାକୁ ଇଚ୍ଛା କରିଥିଲି । ଶିକ୍ଷା ହେଉଛି ଏକ ଯାନ୍ତ୍ରିକ ବ୍ୟାପାର, ପାଠ ପଢ଼ାଇବା ହେଉଛି ଏକ ଯାନ୍ତ୍ରିକ ବ୍ୟାପାର, କୌଣସି ରାଷ୍ଟ୍ରର ସର୍ବୋଚ୍ଚ ଅଧିକାର ସ୍ଥାନରେ ରହିବା ମଧ୍ୟ ଗୋଟିଏ ଯାନ୍ତ୍ରିକ ବ୍ୟାପାର । ତେଣୁ ଏହି ଭୂମିକାଟିକୁ ସମ୍ପନ୍ନ କରୁଥିବା

'oaob.nitrkl.ac.in' images reprocessed

ବ୍ୟକ୍ତି ଯଦି ସେଇଟିକୁ ସର୍ବୋଚ୍ଚ ଓ ସତ୍ୟତମ ଭାବରେ ସମ୍ପନ୍ନ କରିବାର ଆକାଂକ୍ଷା ରଖିପାରେ ତେବେ ଆମ ପୃଥିବୀର ସାଧାରଣ ସ୍ଥିତିଟି ତଦ୍ୱାରା ଅନେକ ଭଲ ହୋଇଯାଇ ପାରିବ । ଭାରି ଦୁର୍ଭାଗ୍ୟର କଥା ଯେ, ଅଧିକାଂଶ ଲୋକ ଏବିଷୟରେ ଆଦୌ କିଛିହେଲେ ଚିନ୍ତା କରନ୍ତି ନାହିଁ, ସେମାନେ ଯେକୌଣସି ପ୍ରକାରେ ନିଜର ଭୂମିକାଟିକୁ ପୂରଣ କରିଦେବାରେ ଲାଗିଥାନ୍ତି; ଏବଂ ଯେଉଁ ଅଗଣିତ ନରନାରୀ କେବଳ ଅର୍ଥୋପାର୍ଜନ କରିବାକୁହିଁ କାର୍ଯ୍ୟ କରନ୍ତି, ସେମାନଙ୍କ ବିଷୟରେ ବା କ'ଣ କୁହାଯିବ ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ସେମାନଙ୍କର ଯାବତୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ନିକୃଷ୍ଟ ଓ ଦୁର୍ଗନ୍ଧମୟ ହୋଇ ରହିଥାଏ । ଆଶ୍ରମକୁ ଗଠନ କରିବାରେ ଏହାକୁହିଁ ମୁଁ ପ୍ରଥମ ଭିତ୍ତିରୂପେ ଗ୍ରହଣ କରିଥିଲି : ଏଠାରେ ଯେତେ ଯାହା କାର୍ଯ୍ୟ ହେଉଛି, ତାହା ଯେ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଅର୍ଘ୍ୟ ପରି ହୋଇ ରହିବ, ମୁଁ ତାହାହିଁ ଇଚ୍ଛା କରିଥିଲି ।

ଆପଣା ପ୍ରକୃତିର, ମୁହୂର୍ତ୍ତି ମୁହୂର୍ତ୍ତିକେ ତୁମକୁ ଅଧିକାର କରି ନେଉଥିବା ଆପଣା ଇଚ୍ଛାର ସ୍ରୋତ ମଧ୍ୟରେ ନିଜକୁ ଭସାଇ ନଦେଇ ତୁମକୁ ମନରେ ସତତ ଏହିପରି ଏକ ଅନୁଭବକୁ ସଂରକ୍ଷିତ କରି ରଖିବାକୁ ହେବ ଯେ ତୁମେ ହେଉଛ ସର୍ବୋଚ୍ଚ ପରମଜ୍ଞାନରହିଁ ଏକ ପ୍ରତିନିଧି, ସେହି ସର୍ବୋଚ୍ଚ ପରମସତ୍ୟ ଏବଂ ପରମବିଧାନରହିଁ ଜଣେ ପ୍ରତିନିଧି, ଏବଂ ଏଇଟିକୁ ତୁମକୁ ଯଥାସମ୍ଭବ ଅଧିକ ସାଧୁତା ଏବଂ ନିଷ୍ଠାର ସହିତ ପ୍ରୟୋଗ କରି ପାରିବାକୁ ପଡ଼ିବ । ତେବେଯାଇ ତୁମେ ନିଜେ ଅନେକ ଅଗ୍ରଗତି କରିପାରିବ ଏବଂ ଅନ୍ୟମାନଙ୍କର ଅଗ୍ରସର ହେବାରେ ମଧ୍ୟ ସହାୟକ ହୋଇ ପାରିବ । ଏବଂ, ତଦ୍‌ବ୍ୟତୀତ, ତୁମକୁ ସମସ୍ତେ ସମ୍ମାନର ଦୃଷ୍ଟିରେ ଦେଖିବେ, କ୍ଲାସରେ ଆଉ କୌଣସି ବିଶୃଙ୍ଖଳା ରହିବ ନାହିଁ; କାରଣ, ପ୍ରତ୍ୟେକ ମନୁଷ୍ୟ ଭିତରେ ଏପରି ଏକ ବସ୍ତୁ ରହିଛି, ଯାହାକି ଯଥାର୍ଥ ମହାନତାକୁ ଚିହ୍ନି ନେଇପାରେ ଓ ତାହା ଆଗରେ ନତମସ୍ତକ ହୋଇ ଯାଇଥାଏ । ଆମେ ଯେଉଁମାନଙ୍କୁ ସବୁଠାରୁ ବଡ଼ ଅପରାଧୀ ବୋଲି କହିଥାଉ, ସେମାନଙ୍କ ଭିତରେ ମଧ୍ୟ ଏକ ବିଶୁଦ୍ଧ ଏବଂ ନିଃସ୍ୱାର୍ଥପର କାର୍ଯ୍ୟକୁ ପ୍ରଶଂସା କରିବାର ସାମର୍ଥ୍ୟ ରହିଥାଏ । ତେଣୁ, ଯେତେବେଳେ ପିଲାମାନେ ଜଣେ ଗୁରୁଙ୍କ ମଧ୍ୟରେ, ସ୍କୁଲର ଜଣେ ଶିକ୍ଷକଙ୍କ ମଧ୍ୟରେ ସତ୍ୟ ଦ୍ୱାରା ଅନୁପ୍ରେରିତ ହୋଇ କାର୍ଯ୍ୟ କରିବାର ଏହି ଗଭୀର ଆକାଂକ୍ଷାଟିକୁ ଅନୁଭବ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନେ ପ୍ରକୃତ ଆନୁଗତ୍ୟ ସହିତ ତୁମର କଥାକୁ ବି ଶୁଣନ୍ତି । ମାତ୍ର ଯଦି ତୁମେ ଆଜି ଭଲ ମିଜାଜରେ ରହିଲ ତ କାଲି ତୁମର ମିଜାଜ ଖରାପ ହୋଇଯାଉ ଥିବାର ଏକ ଧାରା ଅନୁସରଣ କରୁଥାଅ, ତେବେ ସେହି ଆନୁଗତ୍ୟ ତୁମେ କେବେହେଲେ ପାଇ ପାରିବ ନାହିଁ । ଏବଂ ତୁମର ସେହି ଆଚରଣ ସମସ୍ତଙ୍କ ଲାଗିହିଁ ଧ୍ୱଂସକାରୀ ବୋଲି ପ୍ରତିପାଦିତ ହେବ ।

'oaob.nitrkl.ac.in' images reprocessed

ନିଜର ଚରିତ୍ରଟିକୁ ବଦଳାଇବା ଲାଗି ଯଦି ପଇଁତିରିଶ ବର୍ଷ ସମୟ ଲାଗେ, ତେବେ ବର୍ତ୍ତମାନଠାରୁହିଁ ପରମେଶ୍ୱରଙ୍କ ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବା କିପରି ସମ୍ଭବ ହୋଇ ପାରିବ ?

ହଁ, ଏହି ପରିବର୍ତ୍ତନ ଅଧିକ ଶୀଘ୍ର ବି ହୋଇପାରେ । ତୁମେ କେଉଁ ବାଟରେ ଯାଉଛ, ସବୁ ତାହାର ଉପରେହିଁ ନିର୍ଭର କରିବ ।

ତୁମର ମନେଥିବ, ଥରେ ଆମେ ବାନରଛୁଆ ଏବଂ ବିରାଡ଼ିଛୁଆର ମନୋବୃତ୍ତି ବିଷୟରେ ଆଲୋଚନା କରିଥିଲେ ।* ଯଦି ତୁମେ ଶାନ୍ତିପ୍ରିୟ ଗୋଟିଏ ବିଲେଇଛୁଆ ପରି ହେବା ଲାଗି ସମ୍ମତ ହୋଇପାରିବ (ଏପରି ବିଲେଇଛୁଆ ଅବଶ୍ୟ ଅଛନ୍ତି, ଯେଉଁମାନେ କି ଆଦୌ ଶାନ୍ତିପ୍ରିୟ ଓ ଶୃଙ୍ଖଳାଯୁକ୍ତ ନୁହନ୍ତି, ମୁଁ ସେମାନଙ୍କୁ ନିଜେ ଲକ୍ଷ୍ୟ କରିଛି), ଗୋଟିଏ ଶାନ୍ତିପ୍ରିୟ ସାନ ପିଲାଟି ପରି ହେବାକୁ ରାଜି ହୋଇପାରିବ, ତେବେ ଏହି ପ୍ରକ୍ରିୟାଟି ଅନେକ ପରିମାଣରେ ତ୍ୱରାନ୍ୱିତ ହୋଇ ପାରିବ । ସ୍ମରଣ ରଖିବା ଉଚିତ ଯେ, "ତୁମେ ବିରାଡ଼ିଛୁଆର ମନୋବୃତ୍ତିଟିକୁହିଁ ବାଛିନିଅ" ବୋଲି କହିବା ସବୁବେଳେ ଭାରି ସହଜ, ମାତ୍ର ସେଇଟିକୁ ଆଚରଣ କରିପାରିବା ଆଦୌ ଏଡ଼େ ସହଜ ନୁହେଁ । ତୁମର ଏପରି ବିଶ୍ୱାସ କରିବା ଆଦୌ ଉଚିତ ହେବ ନାହିଁ ଯେ ବିରାଡ଼ିଛୁଆର ମନୋବୃତ୍ତିଟିକୁ ଗ୍ରହଣ କରି ପାରିଲେହିଁ ତୁମକୁ ଯାବତୀୟ ବ୍ୟକ୍ତିଗତ ପ୍ରଚେଷ୍ଟାରୁ ପୂର୍ଣ୍ଣ ନିଷ୍କୃତି ମିଳିଯିବ । କାରଣ ତୁମେ କଦାପି ଗୋଟିଏ ବିରାଡ଼ିଛୁଆ ନୁହଁ, ମଣିଷମାନେ କଦାପି ବିରାଡ଼ିଛୁଆ ନୁହନ୍ତି ! ତୁମ ଭିତରେ ଅଗଣିତ ଏପରି ନାନା ଉପାଦାନ ରହିଛି, ଯେଉଁଗୁଡ଼ିକ କି କେବଳ ଆପଣା ଉପରେହିଁ ଆସ୍ଥା ରଖିବାରେ ଅଭ୍ୟସ୍ତ ହୋଇ ରହିଛନ୍ତି, ଯେଉଁଗୁଡ଼ିକ କି ନିଜର କାର୍ଯ୍ୟଟିକୁ କେବଳ ନିଜେ କରିବାକୁ ଚାହାନ୍ତି, ଏବଂ ଯାବତୀୟ ପରିସ୍ଥିତିରେ ଆପଣାକୁ ସଂପୂର୍ଣ୍ଣ ଭାବରେ ଛାଡ଼ିଦେବା ଅପେକ୍ଷା ଏହିସବୁ ଉପାଦାନକୁ ନିୟନ୍ତ୍ରଣରେ ରଖିବା ଅନେକ ଅଧିକ କଷ୍ଟକର । ଏହା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ।

---

* ଶ୍ରୀରାମକୃଷ୍ଣ ଅନେକ ସମୟରେ କହୁଥିଲେ ଯେ ଜଣେ ଏହି ଦୁଇଟି ମନୋବୃତ୍ତିରୁ ଗୋଟିକୁ ବାଛିନେଇ ପାରିବ : ଗୋଟିଏ ହେଉଛି ବିରାଡ଼ିଛୁଆର ନିଜ ବଳ ଉପରେ ନିର୍ଭର ନକରିବାର ମନୋବୃତ୍ତି । ବିଲେଇଛୁଆ ତା'ର ମାଆ ତାକୁ ବୋହିନେବ ବୋଲି ସ୍ୱୟଂକୁ ଛାଡ଼ି ଦେଇଥାଏ (ଏଇଟି ହେଉଛି ସମର୍ପଣର ବାଟ, ନିଷ୍କ୍ରିୟତମ ବାଟ) । ଅପରଟି ହେଉଛି ନିଜ ବଳ ଉପରେ ନିର୍ଭର ରଖୁଥିବା ବାନରଛୁଆର ମନୋବୃତ୍ତି, ଯିଏକି ନିଜ ହାତରେ ତା' ମାଆକୁ ଜାବୁଡ଼ି କରି ଧରିଥାଏ (ବ୍ୟକ୍ତିଗତ ଚେଷ୍ଟାର ବାଟ) ।

'oaob.nitrkl.ac.in' images reprocessed

ସର୍ବପ୍ରଥମେ, ଏହି କ୍ଷେତ୍ରରେ ସର୍ବଦା ମନର ସେହି ଚମତ୍କାର କାର୍ଯ୍ୟଟି ରହିଛି, ଯାହାର ପର୍ଯ୍ୟବେକ୍ଷଣ କରିବାକୁ, ସମୀକ୍ଷା କରିବାକୁ, ବିଶ୍ଳେଷଣ କରିବାକୁ, ନିଶ୍ଚୟ ପ୍ରକାଶ କରିବାକୁ ଓ ସମସ୍ୟାଟିର ସମାଧାନ କରିବାକୁ ଖୁବ ଭଲ ପାଏ । "ଏପରି ହେଲେ ଭଲ ହେବ କି ?", "ସେପରି କଲେ ଆହୁରି ଅଧିକ ଭଲ ହେବ ନାହିଁ କି ?"—ତାହା ଏହିପରି ନାନା ପ୍ରଶ୍ନ ପଚାରିବାରେ ଲାଗିଥାଏ । ତେଣୁ ସେହି ପ୍ରକ୍ରିୟାଟି ଅନବରତ ଲାଗି ରହିଥାଏ ଏବଂ ବିଶୃଙ୍ଖଳାଟି ପୁଣି ଜୁଆଡ଼େ ଥାଏ ?...କାରଣ ବିଶୃଙ୍ଖଳା କେବେହେଲେ ନିଜେ କିଛି ଭାବେ ନାହିଁ । ସିଏ ଏସବୁଥିରୁ ମୁକ୍ତ ହୋଇ ରହିଥାଏ ଏବଂ ତେଣୁ ଏପରି କରିବା ତା' ଲାଗି ଅନେକ ସହଜ ହୋଇଯାଏ !

ତୁମେ ଯେକୌଣସି ବାଟରେ ଯାଅନା କାହିଁକି, ଏକାତ୍ମକତାର ମୁହୂର୍ତ୍ତଟି ଆସିବା ପର୍ଯ୍ୟନ୍ତ ବ୍ୟକ୍ତିଗତ ପ୍ରଚେଷ୍ଟାର ଅନେକ ଆବଶ୍ୟକତା ରହିଥାଏ । ଏକାତ୍ମକତାର କ୍ଷଣଟି ଆସି ପହଞ୍ଚି ଗଲେ, ଶରୀର ଉପରୁ ପୁରାତନ ବସ୍ତ୍ରମାନ ଖସି ପଡ଼ିବା ପରି ତୁମର ଯାବତୀୟ ଚେଷ୍ଟା ଅନାବଶ୍ୟକ ହୋଇ ଖସିପଡ଼େ, ତୁମେ ସତେଅବା ଆଉଗୋଟିଏ ବ୍ୟକ୍ତିରେ ପରିଣତ ହୋଇଯାଅ : ଆଗରୁ ତୁମ ଲାଗି ଯାହା ଅସମ୍ଭବ ହୋଇ ରହିଥିଲା, ବର୍ତ୍ତମାନ ତାହା ଯେ କେବଳ ସମ୍ଭବ ହୁଏ ତା' ନୁହେଁ, ମାତ୍ର ତାହା ଅପରିହାର୍ଯ୍ୟ ହୋଇଉଠେ, ଆଉ ଅନ୍ୟ କୌଣସି ପ୍ରକାରେ କିଛି କରିବା ଲାଗି ବାଟହିଁ ନଥାଏ ।

ତୁମେ ସ୍ଥିର ହୋଇସିବ, ମନୋଯୋଗୀ ହେବ, ଅନ୍ତର୍ଗତ ପ୍ରେରଣାଟିକୁ ଅପେକ୍ଷା କରି ରହିବ, ବାହ୍ୟ ପ୍ରତିକ୍ରିୟାଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ଆଦୌ କିଛିହେଲେ କରିବ ନାହିଁ, ଊର୍ଦ୍ଧ୍ୱରୁ ସତତ ଏବଂ ନିୟମିତ ଭାବରେ ଯେଉଁ ଆଲୋକଟି ଆସୁଛି, ତୁମେ ତାହାର ଦ୍ୱାରାହିଁ ପରିଚାଳିତ ହେବ, କେବଳ ସେହି ଆଲୋକର ପ୍ରେରଣା ଦ୍ୱାରା ଅନୁପ୍ରେରିତ ହୋଇ ଯାହାକିଛି କରିବ । କେବେହେଲେ କିଛି ଭାବିବ ନାହିଁ, କୌଣସି ନିଶ୍ଚୟ ପ୍ରକାଶ କରିବ ନାହିଁ, "ମୁଁ ଏଇଟି କରିବି ନା ସେଇଟି କରିବି ?" ବୋଲି କେବେହେଲେ ପଚାରିବ ନାହିଁ । ମାତ୍ର କେବଳ ଜାଣିବ, କେବଳ ଦେଖିବ, କେବଳ ଶୁଣିବ । କୌଣସି ପ୍ରକାର ନିଶ୍ଚୟ ନରଖି ଓ ସନ୍ଦେହ ନକରି ତୁମେ କେବଳ ଏକ ଅନ୍ତର୍ଗତ ନିଶ୍ଚିତତା ସହିତ କାର୍ଯ୍ୟ କରିସିବ, କାରଣ ଅସଲ ନିଷ୍ପତ୍ତିଟି କେବେହେଲେ ତୁମଠାରୁ ଆସେ ନାହିଁ, ତାହା ଊର୍ଦ୍ଧ୍ୱରୁହିଁ ଆସିଥାଏ । ହଁ, ଏହା ହୁଏତ ଖୁବ୍ ଶୀଘ୍ର ଆସିପାରେ ଅଥବା ସେଥିଲାଗି ତୁମକୁ ଏକ ଦୀର୍ଘ କାଳ ଅପେକ୍ଷା କରିବାକୁ ବି ପଡ଼ିପାରେ । ସେକଥା ତୁମର ପୂର୍ବପ୍ରସ୍ତୁତି ଉପରେ ନିର୍ଭର କରିବ, ଆହୁରି ଅନେକ କଥା ଉପରେ ନିର୍ଭର କରିବ । ସେପର୍ଯ୍ୟନ୍ତ ତୁମକୁ ସେଥିଲାଗି କେବଳ ଇଚ୍ଛା କରିବାକୁ ହେବ, ଅଦମ୍ୟ ଭାବରେ ଇଚ୍ଛାହିଁ

'oaob.nitrkl.ac.in' images reprocessed

କରିବାକୁ ହେବ, ଏବଂ ସର୍ବୋପରି, ତୁମେ କଦାପି ଧୈର୍ଯ୍ୟ ବା ସାହସ ହରାଇ ବସିବ ନାହିଁ । ଆବଶ୍ୟକ ହେଲେ ସେହି ଗୋଟିଏ କଥାକୁ ହଜାର ଥର କରିବ,—ସହସ୍ରତମ ଥରଟିରେ ହୁଏତ ତୁମେ ଯଥାର୍ଥ ଫଳଟିକୁ ଲାଭ କରିପାରିବ ବୋଲି ଜାଣି ତୁମେ ସେହିପରି କରୁଥିବ ।

ତୁମେ ଯେ ଆଗରୁ ସମ୍ପୂର୍ଣ୍ଣ ଗୋଟିଏ ଖଣ୍ଡ ହୋଇ ଗଢ଼ା ହୋଇଛ, ସେକଥା ଆଦୌ ନୁହେଁ । ତୁମର ଦେହଟିକୁ ଅନେକ ସମୟରେ ଏକ ଆକସ୍ମିକତା ବୋଲି ବୁଝାଯିବ । ଯଦି ତୁମ ଭିତରେ ରହିଥିବା ଗୋଟିଏ ସଚେତନ ଆତ୍ମାହିଁ ତୁମ ଶରୀରଗଠନଟିକୁ ପ୍ରଭାବିତ କରିଥାଏ, ତେବେ ତୁମେ ହୁଏତ ଆଉଜଣେ ବ୍ୟକ୍ତି ଅର୍ଥାତ୍ ଆଉଗୋଟିଏ ଆତ୍ମା ତୁଳନାରେ ଅନନ୍ତ ଗୁଣ ଅଧିକ ଭଲ ଭାବରେ ତିଆରି ହୋଇଛ ଯିଏକି ଉପରୁ ସିଧା ଆସି ଗୋଟିଏ ଶରୀର ମଧ୍ୟକୁ ପ୍ରପତିତ ହୋଇଛି ଓ କୁଆଡ଼କୁ ଯାଉଛି, ସେବିଷୟରେ କିଛିହେଲେ ଜାଣି ନାହିଁ । ଏହି ଦ୍ୱିତୀୟ କ୍ଷେତ୍ରଟିରେ ଅନେକ କଠିନ କାର୍ଯ୍ୟର ଆବଶ୍ୟକତା ରହିଛି, ଯେଉଁ ଚେତନାଟି ଏହିପରି ଭାବରେ ଅନ୍ଧାର ଭିତରକୁ ଖସିପଡ଼ିଛି, ତାହାକୁ ଉଠାଇବା ଲାଗି ପ୍ରକୃତରେ ଅନେକ ପ୍ରୟାସର ପ୍ରୟୋଜନ ରହିଛି । ଅନ୍ତର୍ଗତ ପ୍ରସ୍ତୁତିଟି ମଧ୍ୟ ତୁମର ପୂର୍ବ ଜନ୍ମଗୁଡ଼ିକରୁ ଆସିପାରେ ଅଥବା ତୁମର ଏହି ଜନ୍ମଟିରୁ ମଧ୍ୟ ଆସିପାରେ; ବା ଏପରି ବି ହୋଇପାରେ ଯେ ତୁମ ଅନ୍ତର୍ଗତ ବିକାଶନର ପ୍ରକ୍ରିୟାରେ ତୁମେ ଏକ ଯୁଗପରିବର୍ତ୍ତନକାରୀ ମୋଡ଼ ଉପରେ ଆସି ଉପନୀତ ହୋଇଛ ଏବଂ ଶେଷ ପଦକ୍ଷେପଟି ଗ୍ରହଣ କରିବା ଲାଗି ଆବଶ୍ୟକ ହେଉଥିବା ଯାବତୀୟ ପରିସ୍ଥିତି ସହିତ ତୁମେ ସମୁଚିତ ସମ୍ବନ୍ଧଟିକୁ ସ୍ଥାପନ କରି ପାରିଛ । ମାତ୍ର ଏଥିରୁ ଏପରି ବୁଝିବା ମୋଟେ ଉଚିତ ନୁହେଁ ଯେ, ଏହି ମୋଡ଼ଟି ଉପରେ ଆସି ପହଞ୍ଚିବା ପୂର୍ବରୁ ତୁମକୁ ହଜାର ଥର ଜନ୍ମଗ୍ରହଣ କରିବାକୁ ପଡ଼ି ନାହିଁ ।

ଗ୍ରା -
ଭା -
, ଓଡ଼ିଶା
ବହି ନଂ -

'oaob.nitrkl.ac.in' images reprocessed

## ୧୨ ଫେବୃଆରୀ ୧୯୫୧

"ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ପଚାରନ୍ତି : 'ପରମ ଦିବ୍ୟପୁରୁଷ ଏବେସୁଦ୍ଧା ଆସି ପହଞ୍ଚିଲେ ନାହିଁ କାହିଁକି ?' ସେ ଆସିଲେ ନାହିଁ, କାରଣ ତୁମେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ । ଯଦି ତାଙ୍କ ପ୍ରସାଦର ଗୋଟାଏ ବୋଲି ସାନ ବିନ୍ଦୁ ଆସୁ ଆସୁ ତୁମେ ଏପରି ନାଚିବାକୁ, ଗାଇବାକୁ ଓ ଚିତ୍କାର କରିବାକୁ ଆରମ୍ଭ କରିଦେଉଛ, ତେବେ ଯଦି ସେ ଗୋଟାସୁଦ୍ଧା ଓହ୍ଲାଇ ଆସି ପହଞ୍ଚିଯିବେ, ତେବେ ପୁଣି କ'ଣ ନା କ'ଣ ନଘଟିବ ?

"ତେଣୁ ଯେଉଁମାନଙ୍କର ଶରୀରରେ, ପ୍ରାଣିକ ସ୍ତରରେ ଓ ମନରେ ଏପର୍ଯ୍ୟନ୍ତ ଏକ ଦୃଢ଼, ଅଟଳ ଏବଂ ସଚେତନ ଭିତ୍ତି ତିଆରି ହୋଇ ପାରି ନାହିଁ, ଆମେ ସେମାନଙ୍କୁ କହିଥାଉ, 'ସେପରି ଟାଣି ଆଣିବାକୁ ଚେଷ୍ଟା କର ନାହିଁ ।' ଏହା ଏହି ଅର୍ଥରେ କୁହା ଯାଇଥାଏ : 'ପରମ ଦିବ୍ୟପୁରୁଷଙ୍କର ଶକ୍ତିଗୁଡ଼ିକୁ ଟାଣି ନିଜ ପାଖକୁ ନେଇ ଆସିବାକୁ ମୋଟେ ଚେଷ୍ଟା କର ନାହିଁ, ମାତ୍ର ଶାନ୍ତ ଏବଂ ସ୍ଥିର ଭାବରେ ଅପେକ୍ଷା କରି ରହ ।' କାରଣ ଅବତରଣଟିକୁ ସହ୍ୟ କରିବା ଲାଗି ସେମାନେ ମୋଟେ ସମର୍ଥ ହେବେ ନାହିଁ । ମାତ୍ର, ଯେଉଁମାନଙ୍କ ମଧ୍ୟରେ ସେହି ଆବଶ୍ୟକ ଭିତ୍ତି ଏବଂ ଆଧାରଟି ରହିଛି, ସେମାନଙ୍କୁ ଆମେ ଅନ୍ୟ ପକ୍ଷରେ କହିଥାଉ, 'ଅଭୀପ୍ସା ରଖ ଏବଂ ଆକର୍ଷିତ କରି ଆଣ ।' କାରଣ ସେମାନେ ଗ୍ରହଣ କରିବାକୁ ନିଶ୍ଚୟ ସମର୍ଥ ହେବେ ଏବଂ ଦିବ୍ୟ ପୁରୁଷଙ୍କଠାରୁ ଯେଉଁ ଶକ୍ତିଚୟ ଅବତରଣ କରିବ ତଦ୍ଦ୍ୱାରା ସେମାନେ ଆଦୌ ବିଚଳିତ ହୋଇ ପଡ଼ିବେ ନାହିଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୪ ଏପ୍ରିଲ)

ଦିବ୍ୟ ଶକ୍ତି ଲୋକମାନଙ୍କୁ ବିଚଳିତ କରିପକାଏ କିପରି ?

'oaob.nitrkl.ac.in' images reprocessed

କାରଣ ସେମାନଙ୍କ ଲାଗି ସେହି ଶକ୍ତି ଅତିଶକ୍ତ ଶକ୍ତିଶାଳୀ ହୋଇ ରହିଥାଏ। ସତେ ଯେପରି ତୁମେ ଗୋଟାଏ ପ୍ରବଳ ବାତ୍ୟାର ମଝିରେ ଆସି ପଡ଼ିଯାଇଛ, ଠିକ୍ ସେହିପରି ଘଟେ। ବେଳେବେଳେ ଏପରି ଘଟିଥାଏ ଯେ ପବନ ଏପରି ପ୍ରବଳ ବେଗରେ ବହୁଥାଏ ଯେ ତୁମେ ଠିଆ ହେବାକୁ ବି ସମର୍ଥ ହୁଅ ନାହିଁ। —ତୁମକୁ ତଳେ ଚିତ୍ତ ହୋଇ ଶୋଇ ରହିବାକୁ ପଡ଼େ ଓ ପବନଟି ବୋହିଗଲା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼େ। ଏବଂ, ଭଗବତ୍ ଶକ୍ତିଗୁଡ଼ିକୁ ତ ଯେକୌଣସି ବାତ୍ୟାଠାରୁ ହଜାରଗୁଣ ଅଧିକ ଶକ୍ତିଶାଳୀ ବୋଲି କୁହାଯାଇ ପାରିବ। ଯଦି ତୁମ ଭିତରେ ଏକ ଅତ୍ୟନ୍ତ ପ୍ରଶସ୍ତ ଗ୍ରହଣଶୀଳତା ନଥାଏ, ଆତ୍ମାର ସ୍ଥିରତା ତଥା ସମତା ଏବଂ ଅନ୍ତର୍ଗତ ଶାନ୍ତ ଅବସ୍ଥାର ଏକ ଅତ୍ୟନ୍ତ ଦୃଢ଼ ଭିତ୍ତି ମଧ୍ୟ ନଥାଏ, ତେବେ ସେହିସବୁ ଶକ୍ତି ତୁମ ପାଖକୁ ଆସନ୍ତି ଓ ତୁମକୁ ସତେଅବା ଏକ ପ୍ରବଳ ଝଡ଼ପରି କୁଆଡ଼େ ମନ କୁଆଡ଼େ ଉଡ଼ାଇ ନେଇଯାନ୍ତି ଏବଂ ତୁମେ ଆଉ କୌଣସି ପ୍ରତିରୋଧ କରି ପାର ନାହିଁ। ଆଲୋକର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା; ସୂର୍ଯ୍ୟ ଆଡ଼କୁ ଅନାଇ ଦେଖିଲେ ଅନେକ ଲୋକ ଆଖିରେ ଯନ୍ତ୍ରଣା ଅନୁଭବ କରନ୍ତି ଏବଂ ସେମାନେ ଆଖିରେ କଳା ଚଷମା ପିନ୍ଧିବାକୁ ବାଧ୍ୟ ହୁଅନ୍ତି, କାରଣ ସୂର୍ଯ୍ୟର କିରଣ ସେମାନଙ୍କ ଆଖି ଲାଗି ଏତେ ଟାଣ ଲାଗେ ଯେ ସେମାନେ ତାହାକୁ ସହ୍ୟ କରି ପାରନ୍ତି ନାହିଁ। ମାତ୍ର ଏଇଟା ତ କେବଳ ସୂର୍ଯ୍ୟକିରଣର କଥା। ଯେତେବେଳେ ତୁମେ ଅତିମାନସ ଆଲୋକ ଆଡ଼କୁ ଚାହିଁ ପାରିବା ଲାଗି ସମର୍ଥ ହୁଅ, ସେତେବେଳେ ତାହା ଏତେବେଶୀ ପ୍ରଭାସ୍ୱର ବୋଧ ହୋଇଥାଏ ଯେ ତା' ତୁଳନାରେ ସୂର୍ଯ୍ୟଙ୍କ କିରଣ କେବଳ ଗୋଟାଏ କଳା ଦାଗ ପରି ମନେ ହୋଇଥାଏ। ତାହାକୁ ସହ୍ୟ କରି ପାରିବା ଲାଗି ଶକ୍ତିଶାଳୀ ଆଖି ଓ ଯଥାର୍ଥ ମସ୍ତିଷ୍କ ରହିଥିବା ଦରକାର, ଉତ୍ତମ ପ୍ରସ୍ତୁତି ରହିଥିବା ଦରକାର, ଅତ୍ୟନ୍ତ ସ୍ଥିର ଏବଂ ପରିବ୍ୟାପ୍ତ କୌଣସି ଏକ ବସ୍ତୁ ମଧ୍ୟରେ ପ୍ରତିଷ୍ଠିତ ହୋଇ ରହିଥିବା ଦରକାର;—ଏହା ଏପରି ଏକ କଥା କହିବା ପରି ହେବ ଯେ ଜଣକ ମଧ୍ୟରେ ପ୍ରଶାନ୍ତିର ଏପରି ଏକ ଦୃଢ଼ ଭିତ୍ତି ରହିଥିବା ଉଚିତ ଯେ ଯେତେବେଳେ ଝଡ଼ଟି ବୋହି ଯାଉଥିବ, ଯେତେବେଳେ ଅତ୍ୟନ୍ତ ସଘନ ଭାବରେ ଆଲୋକ ସଞ୍ଚାରି ଆସୁଥିବ, ସେତେବେଳେ ମଧ୍ୟ ଜଣେ ଅବିଚଳିତ ହୋଇ ରହିପାରିବ ଏବଂ ଆଘାତ ପାଇ ଆଦୌ ପଡ଼ି ନଯାଇ ଯାହା ପାରିବ ତାହାକୁ ଗ୍ରହଣ କରି ପାରିବ। ମାତ୍ର ଲକ୍ଷେ ମଣିଷଙ୍କ ଭିତରେ ହୁଏତ ଏପରି ଜଣେ ବି ନଥିବ, ଯିଏକି ଏକଥା କରିପାରିବ। କେବଳ ଯେଉଁମାନଙ୍କର ଅନ୍ତର୍ଗତ ଅନୁଭବର ଏକ ପୂର୍ବ ଅଭିଜ୍ଞତା ରହିଥିବ, ସେହିମାନେହିଁ ଏହାର ପ୍ରକୃତ ଅର୍ଥଟିକୁ ହୃଦୟଙ୍ଗମ କରିପାରିବେ। ମାତ୍ର, ସଚେତନ ଭାବରେ ହେଲେ ମଧ୍ୟ ଚୈତ୍ୟ ଆସ୍ପୃହାଟି ମଧ୍ୟକୁ ପ୍ରବେଶ କରିବା ମାତ୍ରକେ ସତେଅବା ଆଖି ଝଲସି ଯାଉଥିବା ପରି ଲାଗିବ; ଏବଂ

'oaob.nitrkl.ac.in' images reprocessed

ତାହା ତୁମ ହାତପାଆନ୍ତାରେ ରହିଥିବ, କାରଣ ତାହା ହେଉଛି ତୁମ ନିଜର ଚୈତ୍ୟ ସତ୍ତା । ମାତ୍ର ତୁମର ବାହ୍ୟ ଚେତନାଠାରୁ ତାହା ଏତେବେଶୀ ଅଲଗା ପ୍ରକାରର ଯେ ତୁମେ ଯେତେବେଳେ ପ୍ରଥମଥର ପାଇଁ ତାହା ଭିତରେ ପ୍ରବେଶ କରିବ, ତୁମର ଆଖି ସେତେବେଳେ ପ୍ରକୃତରେ ଝଲସି ଯାଉଥିବା ପରି ମନେହେବ, ଉଜ୍ଜ୍ୱଳତମ ସୂର୍ଯ୍ୟକିରଣଠାରୁ ମଧ୍ୟ ତାହା ଅନନ୍ତ ଗୁଣରେ ଅଧିକ ଉଜ୍ଜ୍ୱଳ ବୋଧ ହେବ ।

ଆମର ଚୈତ୍ୟ ସତ୍ତାକୁ ଆମେ "ମନୁଷ୍ୟର ପଦ୍ମହୃଦୟ ମଧ୍ୟରେ ରହିଥିବା ପରମ ଦିବ୍ୟପୁରୁଷ" ବୋଲି କହିପାରିବା ।

ଏପରି କୌଣସି ସଙ୍କେତ ରହିଛି, ଯାହା ଆମକୁ ସୂଚାଇ ଦେଇ ପାରିବ ଯେ ଜଣେ ମାର୍ଗଟି ଲାଗି ପ୍ରକୃତରେ ପ୍ରସ୍ତୁତ ହୋଇ ଗଲାଣି ? ବିଶେଷ କରି, ଆଧ୍ୟାତ୍ମିକ ଯାହାରେ ଯିଏ କୌଣସି ଗୁରୁ କରି ନଥିବେ, ତାଙ୍କୁ ଏପରି କୌଣସି ସୂଚନା ମିଳି ପାରିବ କି ?

ହଁ, ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସଙ୍କେତରୂପେ ଯାବତୀୟ ପରିସ୍ଥିତିରେ ଆତ୍ମାରେ ଏକ ପରିପୂର୍ଣ୍ଣ ସମତା ଅନୁଭୂତ ହେବ । ଏହି ଭିତ୍ତିଟି ଏକାନ୍ତ ଅପରିହାର୍ଯ୍ୟ; ଆମେ ଅତ୍ୟନ୍ତ ସ୍ଥିର, ନିଶ୍ଚଳ ଓ ପ୍ରଶାନ୍ତ କିଛି ଅନୁଭବ କରୁଥିବା, ଏକ ମହାନ୍ ଶକ୍ତିକୁ ଅନୁଭବ କରି ପାରୁଥିବା । ଜଡ଼ତା ମଧ୍ୟରୁ ଯେଉଁ ନିଶ୍ଚଳ ଅବସ୍ଥାଟି ଉତ୍ପନ୍ନ ହୁଏ, ସେହି ଅବସ୍ଥାଟି ନୁହେଁ, ମାତ୍ର ସକେନ୍ଦ୍ରିତ ହୋଇ ରହିଥିବା ଶକ୍ତିର ଏପରି ଏକ ବୋଧ ଅନୁଭୂତ ହୁଏ, ଯାହାକି ତୁମକୁ ନିରନ୍ତର ଅବିଚଳ କରି ରଖିଥିବ; ଯାହାକିଛି ଘଟୁ ପଛକେ, ଏପରିକି ତୁମ ଜୀବନର ସବୁଠାରୁ ଅଧିକ ଭୟଙ୍କର ବୋଲି ମନେ ହେଉଥିବା ଏକ ପରିସ୍ଥିତିରେ ମଧ୍ୟ ତୁମକୁ ଅବିଚଳ କରି ରଖିଥିବ । ଏଇଟି ହେଉଛି ପ୍ରଥମ ସଙ୍କେତ ।

ଆଉ ଦ୍ୱିତୀୟ ସଙ୍କେତଟି ହେଉଛି : ଆପଣାର ନିତ୍ୟନୈମିତ୍ତିକ ସାଧାରଣ ଚେତନାଟି ମଧ୍ୟରେ ତୁମେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସଢେଥିବା ଏକ ବନ୍ଦୀ ପରି ଅନୁଭବ କରୁଥିବ, ସଢେଥିବା ଅତ୍ୟନ୍ତ କଠିନ, ଅତ୍ୟନ୍ତ ଶ୍ୱାସରୁଦ୍ଧକାରୀ ଓ ଅସହ୍ୟ କୌଣସି ଏକ ବସ୍ତୁ ଭିତରେ ଆସି ପଶି ଯାଇଥିବା ପରି ତୁମର ଅନୁଭବ ହେଉଥିବ, ଏକ ପିତ୍ତଳ କାନ୍ଥରେ ତୁମେ ସଢେଥିବା ଗୋଟିଏ ଛିଦ୍ର କରିବାକୁ ଯାଉଛ ବୋଲି ମନେ ହେଉଥିବ । ଏବଂ ସେହି ଯନ୍ତ୍ରଣା ପ୍ରାୟ ଅସହ୍ୟ ପରି ମନେହେବ, ତୁମର ଶ୍ୱାସ ରୁନ୍ଧି ହୋଇ ଯାଉଥିବା ପରି ଲାଗିବ; କାରାଗାରର କାନ୍ଥଗୁଡ଼ାକୁ ଫୁଟାଇ

'oaob.nitrkl.ac.in' images reprocessed

ବାହାର ଆସିବା ଲାଗି ଭିତରେ ଏକ ପ୍ରୟାସ ହେଉଥିବ ସତ, ମାତ୍ର ତଥାପି ତୁମେ ତାହା କରି ପାରୁ ନଥିବ । ଏଇଟି ମଧ୍ୟ ସେହି ପ୍ରଥମ ପର୍ଯ୍ୟାୟର ସଙ୍କେତଗୁଡ଼ିକ ମଧ୍ୟରୁ ଗୋଟିଏ । ଏହାର ଅର୍ଥ ହେଉଛି, ତୁମର ଅନ୍ତର୍ଗତ ଚେତନାଟି ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚି ଗଲାଣି, ଯେଉଁଠାରେ କି ତାହାର ବାହ୍ୟ ପୃଥିବୀଟି ତା' ଲାଗି ଖରି ସାନ ବୋଲି ମନେ ହେଉଛି;—ସାଧାରଣ ଜୀବନଚର୍ଯ୍ୟା, ସାଧାରଣ ଯାବତୀୟ କାର୍ଯ୍ୟକଳାପ, ସାଧାରଣ ନାନା ସମ୍ବନ୍ଧ,—ଏସବୁ ତୁମ ଆଖିରେ ଅତ୍ୟନ୍ତ କ୍ଷୁଦ୍ର ବୋଲି ମନେହେବ, ଅତ୍ୟନ୍ତ ତାତ୍ପର୍ଯ୍ୟହୀନ ମନେହେବ, ଏହି ସବୁକିଛିକୁ ଭାଙ୍ଗି ପକାଇବା ଲାଗି ତୁମେ ନିଜ ଭିତରେ ଏକ ବଳିଷ୍ଠ ଶକ୍ତିକୁ ଅନୁଭବ କରିବାକୁ ଲାଗିବ ।

ଏହାଛଡ଼ା ଆଉଗୋଟିଏ ସଙ୍କେତ ମଧ୍ୟ ରହିଛି : ଯେତେବେଳେ ତୁମେ ସଂକେନ୍ଦ୍ରିତ ହୋଇ ରହିଥିବ ଏବଂ ଏକ ଅଭୀପ୍ସା ବି ରଖିଥିବ, ସେତେବେଳେ ତୁମେ ତୁମ ଭିତରକୁ ସତେଯେପରି କିଛି ପ୍ରବିଷ୍ଟ ହୋଇ ଆସୁଥିବା ପରି ଅନୁଭବ କରିବ । ତୁମେ ସତେଯେପରି ଏକ ଉତ୍ତର ପାଇଯିବ, ଏକ ଆଲୋକକୁ ଅନୁଭବ କରି ପାରିବ, ଏକ ପ୍ରଶାନ୍ତି ଓ ଅବତରଣ କରି ଆସୁଥିବା ଏକ ଶକ୍ତି ଅନୁଭବ କରିବ । ଏବଂ ପ୍ରାୟ ଯୁଗପତ୍ ଭାବରେ, ଏଥିଲାଗି ତୁମକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ କିଂବା ଗୁଡ଼ାଏ ସମୟ ଦେବାକୁ ହେବ ନାହିଁ,—ଏକ ଅନ୍ତର୍ଗତ ଅଭୀପ୍ସା ଜାଗ୍ରତ ହୋଇ ଆସିବ, ସତେଅବା ଏକ ଡାକରା ଆସିବ । କେବଳ ଏକ ଡାକରାହିଁ ଆସୁଥିବ, ଏବଂ ତୁମେ ଉତ୍ତର ପାଇଯିବ । ଏଥିରୁ ମଧ୍ୟ ବୁଝିବାକୁ ହେବ ଯେ ଯଥାର୍ଥ ସମ୍ବନ୍ଧଟି ପ୍ରତିଷ୍ଠିତ ହୋଇ ସାରଲାଣି ।

> ଶକ୍ତିର ଅବତରଣ ସମୟରେ ଯଦି ପ୍ରକୃତିରେ ସବୁ ହଲଚଲ ହୋଇ ଯାଉଥାଏ, ତେବେ ତାହାର କ'ଣ ଏପରି ଏକ ଅର୍ଥ ହେବ ନାହିଁ ଯେ ପ୍ରାଣିକ ପ୍ରକୃତି ଏବେସୁଦ୍ଧା ପ୍ରସ୍ତୁତ ହୋଇ ନାହିଁ ? ସେହି ସ୍ଥିତିରେ, ପ୍ରସ୍ତୁତ ହେବା ଲାଗି ତାହାକୁ ବାଧ୍ୟ କରିବା ଉଚିତ ହେବ ନାହିଁ କି ?

କିନ୍ତୁ ତୁମେ ତାକୁ ବାଧ୍ୟ କରିପାରିବ କିପରି ? ଗୋଟାଏ କଥାର ସାହାଯ୍ୟ ନେଇ କହିଲେ, ତାହା ତ ତୁମର ଆଙ୍ଗୁଠି ଭିତର ଦେଇ କୁଆଡ଼େ ଖସି ଚାଲିଯିବ । ତୁମର ଇଚ୍ଛାଟି ତାହାକୁ ଧରି ରଖିଥିଲା ପରି ଭାବୁଥିବ, ମାତ୍ର ତାହା ତୁମ ପାଖରୁ ଖସି ଚାଲି ଯାଉଥିବ । ଏଇଟିକୁ ନିୟନ୍ତ୍ରଣରେ ରଖିପାରିବା ପ୍ରକୃତରେ ଭାରି କଷ୍ଟକର ।

'oaob.nitrkl.ac.in' images reprocessed

ଏବଂ ତୁମେ ତାକୁ କେଉଁ ଜାଗାଟି ଲାଗି ବାଧ୍ୟ କରିବ ? ପ୍ରସ୍ତୁତ ହେବାକୁ ବାଧ୍ୟ କରିବ ? …ତୁମେ ତା'ଠାରୁ କେବଳ ଏତିକିମାତ୍ର ପାଇ ପାରିବ ଯେ, ତାହା ତୁମର ଆକଟମାନ ନିଷ୍କ୍ରିୟ ହୋଇଯିବ, ଜୀବନହୀନ ହୋଇ ରହିବ, ଅର୍ଥାତ୍, କେଉଁଠାରେ ଗୋଟିଏ କ'ଣ ଦେଖି ସେହିଠାରେ ଲୁଚ ରହିଯିବ, ଆଉ ମୋଟେ ହଲଚଲ ହେବ ନାହିଁ ଏବଂ ଝଡ଼ଟିକୁ ବୋହିଯିବାକୁ ଦେବ । କାରଣ ତା' ଲାଗି ଦିବ୍ୟ ଶକ୍ତିର ସହିତ ଯାବତୀୟ ସଂସ୍ପର୍ଶ ସତେଅବା ଗୋଟାଏ ଝଡ଼ ପରି ଅନୁଭୂତ ହେଉଥିବ । ଏବଂ ସଙ୍କଟଟି ଅତିକ୍ରାନ୍ତ ହୋଇଗଲାଣି ବୋଲି ଯେତେବେଳେ ସେ ଦେଖିବାକୁ ପାଇବ, ସେତେବେଳେ ତାହା ପ୍ରତିକ୍ରିୟା କରିବାକୁ ଲାଗିବ : "ବାପ୍ ବାପ୍, ଏଥର ମୋ ପାଳି ପଡ଼ିଲା !"

ଯଦି ତୁମେ ପ୍ରକୃତରେ ବିଚଳିତ ହୋଇପଡ଼ୁଛ, ତେବେ ତାହାର ଅର୍ଥ ହେଉଛି ଯେ ତୁମର ପ୍ରାଣ ସତ୍ତାଟି ପ୍ରସ୍ତୁତ ହୋଇପାରିବା ପୂର୍ବରୁ ତୁମର ବାହାର କ୍ଷେତ୍ରଟିରେ ଅନେକ କିଛି କରିବାକୁ ତଥାପି ବାକି ରହିଛି, ଅର୍ଥାତ୍ କେଉଁଠି ନା କେଉଁଠି ଏକ ଦୁର୍ବଳତା ରହି ଯାଇଛି । ଅନେକ ଲୋକଙ୍କ କ୍ଷେତ୍ରରେ ଏହି ଦୁର୍ବଳତାଟି ମନରେ ରହି ଯାଇଥାଏ । ଫ୍ରାନ୍ସରେ ମୁଁ ଏପରି ଗୋଟିଏ ପିଲାକୁ ଜାଣିଥିଲି, ଯାହାର କି ସଙ୍ଗୀତବିଦ୍ୟାରେ ଅତ୍ୟନ୍ତ ଦଖଲ ରହିଥିଲା, ସିଏ ଅତ୍ୟନ୍ତ ପ୍ରଶଂସନୀୟ ଭାବରେ ବେହେଲା ବଜାଇ ପାରୁଥିଲା । ମାତ୍ର ତା'ର ମସ୍ତିଷ୍କଟି ସେପରି କିଛି ବଡ଼ ନଥିଲା, ସଙ୍ଗୀତରେ ତାକୁ ସାହାଯ୍ୟ କରିବା ଲାଗି ଯେତିକି ଦରକାର, ତା'ର ମସ୍ତିଷ୍କ ଠିକ୍ ସେତିକି ବଡ଼ ଥିଲା । ସିଏ ଆମ ଆଧ୍ୟାତ୍ମିକ ବୈଠକଗୁଡ଼ିକୁ ବି ଆସୁଥିଲା, ଏବଂ ହଠାତ୍ ସାନ୍ତ ଭିତରେ ଅନନ୍ତଙ୍କୁ ଅନୁଭବ କରିବାର ଉପଲବ୍ଧିଟି ତା'ର ହୋଇ ଯାଇଥିଲା । ତା'ର ଏହି ଅନୁଭବଟି ଏକାନ୍ତ ସତ୍ୟ ଥିଲା, ସାନ୍ତ ବ୍ୟକ୍ତି ଭିତରେ ସିଏ ଅନନ୍ତଙ୍କୁ ଅନୁଭବ କରି ପାରୁଥିଲା । ମାତ୍ର ଏହି ଅନୁଭବଟି ତାକୁ ଏପରି ବିଚଳିତ କରି ଦେଇଥିଲା ଯେ ସିଏ ସେଥିରୁ କିଛିହେଲେ ଠଉରାଇ ପାରିଲା ନାହିଁ ! ସିଏ ଆପଣାର ସଙ୍ଗୀତଟିକୁ ମଧ୍ୟ ଆଉ ବଜାଇ ପାରିଲା ନାହିଁ । ତେଣୁ, ଅନୁଭବଟିକୁ ଅଟକାଇ ରଖିବାକୁ ପଡ଼ିଲା, କାରଣ ତା' ଲାଗି ସେଇଟି ଅତିମାତ୍ରାରେ ଶକ୍ତିଶାଳୀ ଥିଲା । ଏହି ଦୃଷ୍ଟାନ୍ତଟିରେ ମନ ଅତ୍ୟନ୍ତ ଦୁର୍ବଳ ରହିଥିଲା ବୋଲି ବୁଝାଯିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ତା'ର ଅନୁଭବଟି ରହିଥିଲା, ମାତ୍ର ଅନୁଭବର ଧାରଣାଟି ନଥିଲା (ସାଧାରଣତଃ ଧାରଣାଗୁଡ଼ିକହିଁ ସବୁ ଲୋକଙ୍କ ପାଖରେ ଅପରିଜ୍ଞାତ ହୋଇ ରହିଥାଏ) । ଧାରଣାଟି ହେବା ପୂର୍ବରୁ ଆଗ ଅନୁଭବଟି ହେବା ଆବଶ୍ୟକ; କାରଣ ଅଧିକାଂଶ ମଣିଷ କେବଳ ଗୁଡ଼ାଏ ଶବ୍ଦ ଦେଇହିଁ ଯାହାକିଛି ଭାବିଥାନ୍ତି; ସେମାନଙ୍କ ଆଗରେ ଯଦି ଦୁଇଟି ପରସ୍ପରବିରୋଧୀ ଧାରଣାକୁ ଏକାଠି

'oaob.nitrkl.ac.in' images reprocessed

ନେଇ ଉପସ୍ଥାପିତ କରିଦେବ, ସେମାନେ ଆଉ ସେଇଟିକୁ ବୁଝି ପାରିବେ ନାହିଁ, ହୁଏତ ସେଇଟିକୁ ଅନୁଭବ କରି ପାରୁଥିବେ । ତେଣୁ, ତେଣେ ମନଟି ମଧ୍ୟ କିଞ୍ଚିତ୍ ପ୍ରଶସ୍ତ ହୋଇଥିବା ଆବଶ୍ୟକ, କିଞ୍ଚିତ୍ ନମନୀୟ, ସୂକ୍ଷ୍ମ ଗ୍ରହଣସମର୍ଥ ଓ ସ୍ଥିର ହୋଇ ପାରୁଥିବା ଆବଶ୍ୟକ । ଏବଂ, ତୁମେ ଯାହାକିଛି ଚିନ୍ତା କରୁଛ, ସେସବୁ ତୁମଠାରୁ ଖସି ଚାଲିଯିବାରେ ଲାଗିଛନ୍ତି ବୋଲି ସଙ୍ଗେସଙ୍ଗେ ଅନୁଭବ କରିବା ପରିବର୍ତ୍ତେ, ତୁମେ ଅତ୍ୟନ୍ତ ସ୍ଥିର ଭାବରେ କିଛି ସମୟ ଅପେକ୍ଷା କରି ରହିବ; ଅନୁଭୂତିର ମର୍ମଟିକୁ ତୁମ ମସ୍ତିଷ୍କ ମଧ୍ୟରେ ରହିଥିବା କୌଣସି ଉପାଦାନ ବୁଝିବା ଲାଗି ସମର୍ଥ ହୋଇଆସିବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ।

ଏପରି ଲୋକ ଅଛନ୍ତି, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ପ୍ରାଣିକ ସ୍ତରରେ ଖୁବ ଦୁର୍ବଳ ହୋଇ ରହିଥାନ୍ତି । ଯେତେବେଳେ ସେମାନେ ଏହି ଅନନ୍ତତା, କାଳାତୀତତାର ଅନୁଭୂତିଟିକୁ ଆପଣାର ଅତ୍ୟନ୍ତ କ୍ଷୁଦ୍ର ବ୍ୟକ୍ତିଆକାଶ ମଧ୍ୟରେ ଲାଭ କରିବାକୁ ଆରମ୍ଭ କରନ୍ତି, ସେମାନଙ୍କର କ୍ଷୁଦ୍ର ଶକ୍ତି-ଆୟତନଟି ମଧ୍ୟରେ ତାହାକୁ ଲାଭ କରନ୍ତି, ସେମାନେ ହଠାତ ଲାଭ କରୁଥିବା ଅନୁଭୂତିଟିଠାରୁ ସେଇଟି ଏତେବେଶୀ ଅନ୍ୟପ୍ରକାର ହୋଇଥାଏ ଯେ ସେମାନେ ସେଥିରୁ ବିନ୍ଦୁବିସର୍ଗ କିଛି ବୁଝି ପାରନ୍ତି ନାହିଁ । ତା'ପରେ ସେମାନେ ଅସୁସ୍ଥ ହୋଇ ପଡ଼ନ୍ତି, ଅଥବା ପ୍ରଳାପ କରୁଥିବା ପରି ଏଣୁତେଣୁ କହିବାକୁ ଆରମ୍ଭ କରନ୍ତି, ବା ଗୁଡ଼ାଏ ଚିତ୍କାର କରନ୍ତି ଓ ନାଚିବାକୁ ଆରମ୍ଭ କରନ୍ତି ।

ମାତ୍ର ଯଦି ତୁମେ ସମ୍ପୂର୍ଣ୍ଣ ନିଷ୍ଠାବାନ୍ ହୋଇଥିବ ଏବଂ ନିର୍ମଳ ଦୃଷ୍ଟିରେ ଆପଣା ଆଡ଼କୁ ଅବଲୋକନ କରିପାରିବ, ତେବେ ତୁମ ଜୀବନରେ ଏପରି ଆଦୌ ଘଟିବ ନାହିଁ, କାରଣ ଯେଉଁ ଅନୁଭବଟି ଏପରି ଅନନୁକୂଳ ଭାବରେ ଓ ଅସମୟରେ ତୁମ ପାଖରେ ଆସି ପହଞ୍ଚୁଥିବ, ତାହାକୁ ତୁମେ ସର୍ବଦା ତୁମ ଭିତରେ ରହିଥିବା କୌଣସି ଗର୍ବ, ମହତ୍ତ୍ୱର ଆକାଙ୍କ୍ଷା ଅଥବା ଭାରସାମ୍ୟହୀନତାର ପରିଣାମ ବୋଲିହିଁ ଜାଣିବ, ତୁମ ସତ୍ତାର ଗୋଟିଏ ଅଂଶର ଲାଭ ସକାଶେ ଆଉ ଗୋଟିଏ ଅଂଶକୁ ଅବହେଳା ପ୍ରଦର୍ଶନ କରିବାର ଫଳ ବୋଲି ଜାଣିବ ।

ଆପଣାର ଶରୀରକୁ ସମ୍ପୂର୍ଣ୍ଣ ଭାବରେ ଅକ୍ରିୟ କରି ରଖି, ଆପଣାର ପ୍ରାଣିକ ସତ୍ତାଟିକୁ ଶୁଆଇ ପକାଇ ଓ ମନଟାକୁ ଗୋଟାଏ ପ୍ରକାର ଜଡ଼ତା ଓ ସମ୍ମୋହନ ମଧ୍ୟରେ ଅବଶ କରି ରଖି (କାରଣ, ସେମାନେ ଯାହାକୁ "ନୀରବତା" ବୋଲି କହନ୍ତି, ଅଧିକାଂଶ ସମୟରେ ତାହା ପ୍ରକୃତରେ ଏହିପରି ଏକ ଜଡ଼ତା ଓ ସମ୍ମୋହନର ଅବସ୍ଥା ହୋଇ ରହିଥାଏ), ଯେଉଁମାନେ ଯୋଗମାର୍ଗରେ ଅଗ୍ରସର ହୋଇଯାଇ ପାରିବେ ବୋଲି ଚିନ୍ତା କରନ୍ତି, କୌଣସି ଏକ ଅନୁଭୂତି ସେମାନଙ୍କୁ ଆସି ସ୍ପର୍ଶ କରିବା ମାତ୍ରକେ ସେହିମାନେହିଁ ଗୋଟାପୁଣା ହଲଚଲ ହୋଇପଡ଼ନ୍ତି ।

'oaob.nitrkl.ac.in' images reprocessed

ତୁମେମାନେ ଏହାକୁ ଏକ ନିଶ୍ଚିତ କଥା ବୋଲି ଜାଣିରଖିଥାଅ । ସେମାନଙ୍କର ମତିଭ୍ରମ ହୋଇଯାଏ, ସେମାନେ ସ୍ଥାଣୁପ୍ରାଣୁ କେତେ କ'ଣ କରିବସନ୍ତି ଏବଂ ସେମାନଙ୍କ ଜୀବନରେ ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କିଛି ଘଟିବାକୁ ଆରମ୍ଭ କରେ··· । ତେଣୁ ଆମର ଶରୀର ଶକ୍ତ ହୋଇଥିବା ଉଚିତ, ସୁଷ୍ଠୁସାମଂଜସ୍ୟଯୁକ୍ତ ହୋଇଥିବା ଉଚିତ, ଆମର ପ୍ରାଣିକ ଅଂଶଟି ଆମର ପକ୍‌କା ନିୟନ୍ତ୍ରଣରେ ରହିଥିବା ଉଚିତ ଏବଂ ଆମର ମନ ସୁସଂଗଠିତ, ନମନୀୟ ଏବଂ ନ୍ୟାୟବୁଦ୍ଧିଯୁକ୍ତ ହୋଇ ରହିଥିବା ଉଚିତ । ତାହା ହୋଇ ପାରିଥିଲେ, ଯଦି ତୁମେ ଅଭୀପ୍‌ସାର ଏକ ସ୍ଥିତିରେ ରହିଥାଅ ଓ ସେତେବେଳେ ଏକ ଉର୍ଦ୍ଧ୍ୱର ଆସି ତୁମ ପାଖରେ ପହଞ୍ଚେ, ତେବେ ତୁମର ସମଗ୍ର ସତ୍ତାଟି ଯେତେଅବା କେତେ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ହୋଇ ଯାଉଥିବା ପରି ମନେହେବ, ତାହା ବିସ୍ତାରିତ ଏବଂ ବୈଭବଶାଳୀ ହୋଇ ଯାଉଥିଲା ପରି ମନେହେବ, ତୁମେ ଆପଣା ମଧ୍ୟରେ ଏକ ପରିପୂର୍ଣ୍ଣ ହର୍ଷମୟତା ଅନୁଭବ କରିବାକୁ ଲାଗିବ, ତୁମର ପାତ୍ରଟି ଅତିରିକ୍ତ ଭାବରେ ପୂର୍ଣ୍ଣ ହୋଇଗଲା ବୋଲି ତୁମେ କଦାପି ସେଥିରୁ କିଛି ଛାଡ଼ିଦେବାକୁ ମନ କରିବ ନାହିଁ; ଯେଉଁ ଅକୁଶଳ ମନୁଷ୍ୟ ପୂର୍ଣ୍ଣ ପାତ୍ରଟିକୁ କିପରି ଧରି ରଖିବାକୁ ହୁଏ, ସେବିଷୟରେ ମୋଟେ କିଛିହେଲେ ଜାଣେ ନାହିଁ, ତୁମେ ତା'ପରି କଦାପି ଆଚରଣ କରିବ ନାହିଁ । ଏହା ପ୍ରକୃତରେ ସେହିପରି ହେବ; ଯଦି ଯେପରି ତୁମର ସତ୍ତା ମଧ୍ୟରେ ସାନ ପାତ୍ରଟିଏ ରହିଥିଲା, ଅତି ସାନ ପାତ୍ରଟିଏ ରହିଥିଲା ଏବଂ ସେଇଟିକୁ ଆହୁରି ବଡ଼ ଏକ ପାତ୍ରରେ ପରିଣତ କରିବା ଲାଗି ଚେଷ୍ଟା ନକଲେ ସେଇଟି ପ୍ରକୃତରେ ସେହିପରି ସାନ ହୋଇ ରହିଯିବ; ଏବଂ ସେହି ସ୍ଥିତିରେ, ଯଦି ଅତ୍ୟନ୍ତ ଶକ୍ତିଶାଳୀ କୌଣସି ଏକ ଦ୍ରବ୍ୟରେ ତାହା ହଠାତ୍ ପୂର୍ଣ୍ଣ ହୋଇ ଯିବାକୁ ଆରମ୍ଭ କରେ, ତେବେ ପାତ୍ରଟି ତାକୁ ଆଉ ଧରି ରଖି ପାରିବ ନାହିଁ ଏବଂ ସବୁକିଛି ବାହାରକୁ ବାହାରିଯିବ ।

ଯେତେବେଳେ ଚେତନା ଆପଣାର ଅତ୍ୟନ୍ତ କ୍ଷୁଦ୍ରାୟତନ ବାହ୍ୟ ଗ୍ରନ୍ଥିଟି ମଧ୍ୟରେ ରହି ଆପଣାକୁ ବନ୍ଦୀ ହୋଇ ରହିଥିବା ପରି ଅନୁଭବ କରୁଥାଏ, ସେତେବେଳେ କ'ଣ କରାଯିବ ?

ସେତେବେଳେ ତୁମେ ଆଦୌ କୌଣସି ପ୍ରକାର ତୀବ୍ରତା ଅଥବା ଉତ୍କଣ୍ଠା ପ୍ରକଟ କରିବ ନାହିଁ । କାରଣ, ଯଦି କୌଣସି ତୀବ୍ରତା ପ୍ରକଟ କରିବ, ତେବେ ସେଇଟି ଭିତରୁ ବାହାରିଲା ବେଳକୁ ତୁମେ ଭାରି କ୍ଳାନ୍ତ ଓ ପରିଶ୍ରାନ୍ତ ଅନୁଭବ କରୁଥିବ ଓ ଏସବୁ ଦ୍ୱାରା ଆଦୌ କୌଣସି ଫଳ ହେଲା ନାହିଁ ବୋଲି ବି ଅନୁଭବ

'oaob.nitrkl.ac.in' images reprocessed

କରୁଥିବ । ତୁମକୁ ଆପଣାର ସମୁଦାୟ ଅଭୀପ୍ସାଶକ୍ତିକୁ ସଂକେନ୍ଦ୍ରିତ କରି ରଖିବାକୁ ହେବ । ଯଦି ଅନ୍ତର ଭିତରେ ଜଳୁଥିବା ଶିଖାଟି ବିଷୟରେ ସଚେତନ ରହି ପାରିଥିବ, ତେବେ, ଅଭୀପ୍ସାରୂପେ ଓ ଏକ ଆହ୍ୱାନରୂପେ ତୁମେ ଆପଣା ଭିତରର ସବଲତମ ସବୁକିଛିକୁ ଆଣି ସେହି ଶିଖାଟି ମଧ୍ୟରେ ରଖିଦେବ ଏବଂ ଆପଣାକୁ ଯଥାଶକ୍ତି ସ୍ଥିର ଓ ଅବିଚଳିତ କରି ଧରି, ଉତ୍ତରଟି ଯେ ଅବଶ୍ୟ ଆସିବ, ଏହିପରି ଏକ ଗଭୀର ବିଶ୍ୱାସରେ ଡାକିବାକୁ ଆରମ୍ଭ କରିବ । ଏବଂ, ଯେତେବେଳେ, ତୁମର ଅଭୀପ୍ସା ତଥା ସଂକେନ୍ଦ୍ରିତ ଶକ୍ତି ସହିତ ତୁମେ ଏହି ସ୍ଥିତିଟି ମଧ୍ୟରେ ଆସି ରହିପାରିବ, ତୁମର ଅନ୍ତର୍ଗତ ଶିଖାଟି ସହିତ ତୁମେ ଏହି ଅବସ୍ଥାରେ ଆସି ରହିପାରିବ, ସେତିକିବେଳେ ତୁମେ ଅତ୍ୟନ୍ତ ଧୀର ଭାବରେ ବାହାରର ସେହି ପରିସ୍ଥିତି ଉପରେ ହାତକୁ ଆଣି ଦାବିବାକୁ ଲାଗିବ,—ହଁ, ସେଇଥିରେ କୌଣସି ପ୍ରକାର ତୀବ୍ରତା ଅଥବା ପ୍ରଚଣ୍ଡତା କଦାପି ଦେଖାଇବ ନାହିଁ, ମାତ୍ର ଅବିରତ ଭାବରେ ହାତକୁ ନେଇ ଦାବିବାରେ ଲାଗିଥିବ, ଯେତେ ସମୟ ପାରିବ, ଦାବିବାରେ ଲାଗିଥିବ ଏବଂ ତାହା କରିବା ସମୟରେ ତୁମେ କୌଣସି ପ୍ରକାରେ ଉତ୍ତେଜିତ ହୋଇ ପଡ଼ିବ ନାହିଁ । ତୁମକୁ ସଂପୂର୍ଣ୍ଣ ଭାବରେ ସ୍ଥିର ଓ ଶାନ୍ତ ରହିବାକୁ ପଡ଼ିବ, ଡାକିବାକୁ ପଡ଼ିବ ଏବଂ ଠେଲିବାକୁ ପଡ଼ିବ ।

ପ୍ରଥମ ଥର ତୁମେ ଏଥିରେ ସଫଳ ହୋଇ ପାରିବ ନାହିଁ । ଯେତେ ଥର ଆବଶ୍ୟକ ହେବ, ତୁମକୁ ପୁନର୍ବାର ଆରମ୍ଭ କରିବାକୁ ପଡ଼ୁଥିବ; ମାତ୍ର ହଠାତ୍ ଦିନଟିଏ ଆସି ପହଞ୍ଚିବ, ଯେତେବେଳେ···ତୁମେ ସେପାଖକୁ ଚାଲି ଯାଇଥିବ ! ଏବଂ ତା'ପରେ ଆଲୋକର ଏକ ମହାସମୁଦ୍ର ମଧ୍ୟରେ ପ୍ରବିଷ୍ଟ ହେବ ।

ଯଦି ଯୁଦ୍ଧ କରିବ, ଅସ୍ଥିର ହୋଇ ପଡ଼ିବ, ବୁଝିବାକୁ ଚେଷ୍ଟା କରିବ, ତେବେ ଆଦୌ କୌଣସି ଫଳଲାଭ ହେବ ନାହିଁ; ଏବଂ ଯଦି ବିରକ୍ତ ହୋଇ ପଡ଼ିବ, ତେବେ କେବଳ ମୁଣ୍ଡ ବ୍ୟଥାହିଁ ସାର ହେବ । ଆଉ କିଛିହେଲେ ମିଳିବ ନାହିଁ ।

ହଁ, ଏସବୁ ଠିକ୍ ଏହିପରି ଘଟିଥାଏ । ତୁମେ ଆପଣାର ଅଭୀପ୍ସା-ଶକ୍ତିକୁ ଏକତ୍ର ଠୁଳ କରି ଆଣିବ, ପରିପୂର୍ଣ୍ଣ ଭାବରେ ଶାନ୍ତ ରହି ସେଥିରୁ ଅତ୍ୟନ୍ତ ପ୍ରଗାଢ଼ ଭାବରେ ସଂକେନ୍ଦ୍ରିତ ହୋଇ ରହିଥିବା ଏକ ବସ୍ତୁକୁ ଉତ୍ପନ୍ନ କରି ଆଣିବ, ତୁମ ଭିତରେ ଜଳୁଥିବା ଶିଖାଟି ବିଷୟରେ ସଚେତନ ହେବ ଏବଂ ଯାହାକିଛି ପାରିବ, ତାହାକୁ ଏହି ଶିଖାଟି ମଧ୍ୟରେ ନିକ୍ଷେପ କରିଦେବ ଯେପରିକି ତାହା ଫଳରେ ଶିଖାଟି ଅଧିକରୁ ଅଧିକ ଉଚ୍ଚ ହୋଇ ଜଳି ପାରିବ । ଏବଂ ତା'ପରେ ଆପଣାର ଚେତନାଟି ଦ୍ୱାରା ଡାକିବାକୁ ଲାଗିବ ଏବଂ ଧୀରେ ଧୀରେ ଠେଲିବାକୁ ଆରମ୍ଭ କରିବ । ଏହିପରି ଭାବରେ ତୁମେ ଦିନେ ନା ଦିନେ ସଫଳ ହୋଇଯିବ ।

'oaob.nitrkl.ac.in' images reprocessed

୧୯୬୧ ମସିହାର ତାଙ୍କର ପ୍ରବଚନ ସମୟରେ ଆଉ କେହିଜଣେ କରିଥିବା ଗୋଟିଏ ମନ୍ତବ୍ୟକୁ ମାଆ ପଢ଼ିବାକୁ ଆରମ୍ଭ କଲେ :

"ପରମେଶ୍ୱରଙ୍କ ଲାଗି ମନ କରିଥିବା ଅନେକ ବ୍ୟକ୍ତିଙ୍କର ଜୀବନରେ ଏପରି ଘଟିଥାଏ ଯେ ଭୌତିକ ଯାବତୀୟ ଅବଲମ୍ବନ ବା ଯାହାକିଛି ବସ୍ତୁ ସେମାନଙ୍କର ପ୍ରିୟ ଥିଲା, ତାହାସବୁ ସେମାନଙ୍କର ଜୀବନରୁ ବହିଷ୍କୃତ ହୋଇ ରହେ । ଏବଂ, ଯଦି ସେମାନେ କୌଣସି ବ୍ୟକ୍ତିକୁ ଭଲ ପାଉଥାନ୍ତି, ତାକୁ ମଧ୍ୟ କାଢ଼ି ଦିଆଯାଏ ।"

ପ୍ରଶ୍ନ ଓ ଉତ୍ତର ୧୯୬୧ (୧୪ ଏପ୍ରିଲ)

ଏଠାରେ ଆମେ ଏକ ବୃହତ୍ତ୍ ସମସ୍ୟାର ଆଲୋଚନା କରିବାକୁ ଯାଉଛେ । …ସତ୍ତା ଲାଗି କ'ଣ ଭଲ ଓ କ'ଣ ଭଲ ନୁହେଁ, ତାହାର ଧାରଣାଟି ସେହି ବ୍ୟକ୍ତିର ବିବର୍ତ୍ତିତ ଚେତନା ଏବଂ ଦିବ୍ୟ ଚେତନାର ଦୃଷ୍ଟିରେ ଆଦୌ ସମାନ ହୋଇ ରହି ପାରିବ ନାହିଁ । ତୁମକୁ ଯାହା ଭଲ ବା ଅନୁକୂଳ ବୋଲି ମନେହେଉଛି, ଆଧ୍ୟାତ୍ମିକ ଦୃଷ୍ଟିରୁ ମଧ୍ୟ ତାହାହିଁ ଯେ ତୁମ ଲାଗି ସର୍ବୋତ୍ତମ ହେବ, ସବୁବେଳେ ତାହା ଆଦୌ ଠିକ୍ ନୁହେଁ । ଆରମ୍ଭରୁ ଏହି କଥାଟିକୁ ଶିଖି ରଖିବାକୁ ହେବ, ଅର୍ଥାତ୍ ସବୁଠାରୁ ଅଧିକ ସତ୍ୱର ଗତିରେ ଯାହା ତୁମକୁ ତୁମର ଲକ୍ଷ୍ୟସ୍ଥଳକୁ ଧାବିତ କରି ନେବ, ଏବିଷୟରେ ରହିଥିବା ଦିବ୍ୟ ବୋଧ ଓ ତୁମ ନିଜର ବୋଧ ମଧ୍ୟରେ ଏକ ସମ୍ପୂର୍ଣ୍ଣ ପାର୍ଥକ୍ୟ ନିଶ୍ଚୟ ରହିଥିବ ଏବଂ ସେହି ଦିବ୍ୟ ଯୋଜନାଟିକୁ ତୁମେ ଆଦୌ ବୁଝି ପାରିବ ନାହିଁ । ସେହି କାରଣରୁ ତୁମକୁ ଆରମ୍ଭରୁହିଁ ଆପଣା ପାଖରେ କହିବାକୁ ହେବ : "ବେଶ୍ ଭଲ କଥା । ମୁଁ ଆଗ ସବୁକିଛିକୁ ସ୍ୱୀକାର କରିନେବି ଓ ତା'ପରେ ଯାଇ ବୁଝିବି ।"

ତେଣୁ ଅନେକ ସମୟରେ ତୁମେ ଏପରି ବ୍ୟକ୍ତିଙ୍କର ସମ୍ପର୍କରେ ଆସ, ଯେଉଁମାନେ କି ଯୋଗର ସାଧନା ଆରମ୍ଭ କରିବା ପୂର୍ବରୁ ଅପେକ୍ଷାକୃତ ଦୃଷ୍ଟିରୁ ଏକ ବଡ଼ ସହଜ ଓ ଆରାମଦାୟକ ଜୀବନଯାପନ କରୁଥିଲେ, ଏବଂ ସେମାନେ ଯେମିତି ଏହି ମାର୍ଗଟିରେ ଆସି ପ୍ରବେଶ କଲେ, ଯେଉଁସବୁ ପରିବେଶ ଓ ପରିସ୍ଥିତି ସହିତ ସେମାନଙ୍କର ଏକ ବିଶେଷ ଆସକ୍ତି ରହିଥିଲା, ଅଳ୍ପବହୁତ ନିର୍ମମ ଭାବରେ ସେଗୁଡ଼ିକୁ ବାଦ୍ ଦେବାକୁ ପଡ଼ିଲା । ଏବଂ ସେତେବେଳେ ସେମାନେ ଭାରି ଅସୁବିଧାରେ ପଡ଼ିଗଲେ, ଆପଣା ପାଖରେ ସେମାନେ ଖୋଲାଖୋଲି ଭାବରେ ସେହି

'oaob.nitrkl.ac.in' images reprocessed

କଥାଟିକୁ ସମ୍ଭବତଃ ସ୍ୱୀକାର କରି ପାରିଲେ ନାହିଁ, ହୁଏତ ଅନ୍ୟ ଭାବନା ଓ ଅନ୍ୟ କଥାଗୁଡ଼ିକର ଆଶ୍ରୟ ନେଲେ। ମାତ୍ର ଏହି ସବୁକିଛୁର ମର୍ମ ହେଉଛି ଏଇଆ : "ଇଏ ପୁଣି କ'ଣ ? ମୁଁ ଏଡ଼େ ଭଲ ଓ ତଥାପି ମୋ ପ୍ରତି ଏପରି ନିର୍ଦ୍ଦୟ ବ୍ୟବହାର କରାଯାଉଛି !"

ନ୍ୟାୟବିଚାର ସମ୍ବନ୍ଧରେ ସାଧାରଣ ମନୁଷ୍ୟର ଯେଉଁ ଧାରଣା ରହିଛି, ତାହା ହେଉଛି ଠିକ୍ ସେହିପରି। "ତୁମେ ଥରେ ଭଲ ହେବାକୁ ଚେଷ୍ଟା କଲେ ତୁମ ଉପରେ କେତେ କେତେ ଘୋର ଦୁର୍ଯୋଗମାନ ଆସି ନପଡ଼େ ! ଯେଉଁସବୁ ବସ୍ତୁକୁ ତୁମେ ଭଲ ପାଇ ଆସିଥିଲ, ସେସବୁକୁ ତୁମ ପାଖରୁ କାଢ଼ି ନିଆଯାଏ; ତୁମ ଜୀବନରେ ଯେତେ ଯାହା ସୁଖ ଓ ଭୋଗ ରହିଥିଲା, ସେଗୁଡ଼ିକୁ କାଢ଼ି ନିଆଯାଏ। ତୁମେ ଯେଉଁ ଲୋକମାନଙ୍କୁ ଏତେ ଭଲ ପାଉଥିଲ, ସେମାନେ ତୁମକୁ ଛାଡ଼ିକରି ଚାଲିଯାଆନ୍ତି। ତେଣୁ, ଭଲ ହେବାରେ ଏବଂ ଭଲ ହେବା ଲାଗି ଚେଷ୍ଟା କରିବାରେ ପୁଣି ଏତେ କଷ୍ଟ କରି କି ଲାଭ ରହିଲା ?" ଏବଂ ଯଦି ତୁମେ ଆପଣାର ଏହିଭଳି ଏକ ଯୁକ୍ତିରେ ଆଗକୁ ଆଗକୁ ଯିବାକୁ ଲାଗ, ତେବେ ହଠାତ୍ ତୁମେ ସେହି ବ୍ୟାଧିଟିରେ ହିଁ ଆସି ଗ୍ରସ୍ତ ହୋଇଯାଅ;—ତେବେ ଆପଣାର ସ୍ୱାର୍ଥଟି ଦ୍ୱାରା ପ୍ରେରିତ ହୋଇହିଁ ତୁମେ ଯୋଗସାଧନା କରିବାକୁ ଇଚ୍ଛା କରିଥିଲ, କେବଳ ଆପଣାର ସ୍ୱାର୍ଥଟି ଦ୍ୱାରା ପ୍ରେରିତ ହୋଇହିଁ ତୁମେ ଭଲ ହେବାକୁ ମନ କରିଥିଲ; ତୁମେ ଭାବିଥିଲ ଯେ ଏହା ଦ୍ୱାରା ତୁମର ଅବସ୍ଥାଟି ଅନେକ ଭଲ ହୋଇଯିବ ଏବଂ ତୁମର ସୁବୁଦ୍ଧି ସକାଶେ ତୁମକୁ ମିଠେଇ ବି ମିଳିବ। ମାତ୍ର ସେପରି ମୋଟେ ଘଟେ ନାହିଁ !···ହିଁ, ତୁମକୁ ଏହିପରି ବଞ୍ଚିତ କରି ରଖିବା ଦ୍ୱାରା ହୁଏତ ତୁମକୁ ତୁମର ସର୍ବୋତ୍ତମ ଶିକ୍ଷାଟି ପ୍ରାପ୍ତ ହୋଇ ଯାଇଥାଏ। କାରଣ, ତୁମର ଅନ୍ତଃପ୍ରକୃତି ମଧ୍ୟରେ ଯେପର୍ଯ୍ୟନ୍ତ ଏକ ବାସନା ଲୁକ୍କାୟିତ ହୋଇ ରହିଥାଏ ଏବଂ ଯେପର୍ଯ୍ୟନ୍ତ ତୁମର ହୃଦୟ ଭିତରେ ଭଗବାନଙ୍କ ସହିତ ସଉଦା ଚଲାଇବାର ଏକ ମନୋଭାବ ରହିଥାଏ, ସେପର୍ଯ୍ୟନ୍ତ ଯାହାକିଛି ଘଟିବ, ତାହା କେବଳ ତୁମକୁ ଆଘାତ ଦେବାରେ ଲାଗିଥିବ, ଯେପର୍ଯ୍ୟନ୍ତ କି ତୁମେ ଆପଣା ଭିତରେ ରହିଥିବା ଯଥେଷ୍ଟ ଚେତନାଟି ମଧ୍ୟରେ ଜାଗ୍ରତ ହୋଇ ନଉଠିଥିବ ! ସେହି ଚେତନା କୌଣସି ପ୍ରକାର ସର୍ତ୍ତ ମାନିବ ନାହିଁ, କୌଣସି ସଉଦାବାଜିରେ ସମ୍ମତ ହେବ ନାହିଁ। ବାସ୍, ସେତିକି କଥା।

ମୁଁ ଯେଉଁ ଦିନଠାରୁ ଯୋଗର ଅଭ୍ୟାସ କରିବା ଆରମ୍ଭ କଲିଣି, ସେହି ଦିନଠାରୁ ମୁଁ ମୋର ସବୁ କଥା ଆଗ ଅପେକ୍ଷା ଅଧିକ ଭଲ ହେବାରେ ଲାଗିଛି ବୋଲି ଦେଖିପାରୁଛି। ତେଣୁ ମୁଁ ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛି ଯେ···

'oaob.nitrkl.ac.in' images reprocessed

ତାହାର ଅର୍ଥ ହେଉଛି ଯେ ତୁମର ଅଭୀପ୍ସାରେ ଯଥାର୍ଥ ନିଷ୍ଠା ରହିଥିଲା ଏବଂ ତାହା ମଧ୍ୟରେ ଆଦୌ କୌଣସି ସ୍ୱାର୍ଥଭାବନା ନାହିଁ । ସେପରି କ୍ଷେତ୍ରରେ ସବୁ କଥା ଠିକ୍ ସେହିପରିହିଁ ଘଟିବ ।

ଯଦି, ପୂର୍ବରୁ ଅତ୍ୟନ୍ତ ମନ୍ଦ ଓ ଦୁଷ୍ଟ ହୋଇ ରହିଥିବା ଜଣେ ବ୍ୟକ୍ତି ହଠାତ୍ ବଦଳିଯିବ ବୋଲି ସ୍ଥିର କରେ, ତେବେ ସିଏ ମଧ୍ୟ ସଙ୍ଗେ ସଙ୍ଗେ କୌଣସି ଖରାପ କାର୍ଯ୍ୟ କରିବାକୁ ବାହାରିବା ମାତ୍ରକେ ଭିତରୁ ସତର୍କ କରି ଦେଉଥିବା ସେହି ସାନ ଅନ୍ତର୍ବାଣୀଟିକୁ ଶୁଣିବା ଲାଗି ସମର୍ଥ ହୁଏ କି ?

ପରିବର୍ତ୍ତନ ଏବଂ ଅନ୍ତରର ଦୀକ୍ଷାଟି ପ୍ରକୃତରେ କି ଆକାରରେ ଘଟିଛି ସବୁକିଛି ତାହାରି ଉପରେ ନିର୍ଭର କରିବ । ଯଦି ପରିବର୍ତ୍ତନଟି ହଠାତ୍ ଘଟିଥାଏ, ତେବେ ଜଣେ ସେହି ସାନ ଅନ୍ତର୍ବାଣୀଟି ସମ୍ବନ୍ଧରେ ନିଶ୍ଚୟ ତତ୍‌କ୍ଷଣାତ୍ ସଚେତନ ହୋଇ ପାରିବ; ମାତ୍ର ଯଦି ପରିବର୍ତ୍ତନଟି ଧୀରେ ଧୀରେ ଘଟିଥାଏ, ତେବେ ସର୍ବୋତ୍ତମ ପ୍ରୟାସ କରି ଯାଉଥିଲେ ମଧ୍ୟ ଫଳପ୍ରଦତା ମଧ୍ୟ ଧୀରେ ଧୀରେ ହେଉଥିବ । ପ୍ରତ୍ୟେକ ବ୍ୟକ୍ତିଗତ କ୍ଷେତ୍ର ଉପରେହିଁ ସବୁକିଛି ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିବ,—ଆଗରୁ କିଛି ସ୍ଥିର ଭାବରେ କହି ହେବ ନାହିଁ । ଯଦି କେଉଁଠି ଏକ ଆବରଣକୁ ଚିରି ଦିଆଯାଏ ବା ହଠାତ୍ ସବୁକିଛି ଉଦ୍ଭାସିତ ହୋଇ ଉଠିଲା ପରି ଘଟଣା ଘଟେ, ତେବେ ହିଁ, ଭିତରର ସଙ୍କେତଟି ମଧ୍ୟ ସଙ୍ଗେ ସଙ୍ଗେ ଅବଶ୍ୟ ମିଳିଯିବ । ଏପରିକି, ଏହି କ୍ଷେତ୍ରରେ ଏକ ପୂର୍ବବ୍ୟାପ୍ତି ମଧ୍ୟ ସମ୍ଭବ ହୋଇ ପାରିବ । ଅର୍ଥାତ୍, ପୂର୍ବକୃତ କେତୋଟି କାର୍ଯ୍ୟ ବିଷୟରେ ଚିନ୍ତା କଲାବେଳେ, ଜଣେ ବର୍ତ୍ତମାନ ଯେପରି ଅଛି, ତାହା ସହିତ, ସେ ଆଗରୁ ଯାହା ଥିଲା, ତାହାର ଏକ ତୁଳନା ମଧ୍ୟ କରିପାରିବ । ପୁନଶ୍ଚ, ସତ୍ତାର କ୍ଷେତ୍ରରେ ଯେତେଥର ଏକ ଯଥାର୍ଥ ପରିବର୍ତ୍ତନ ସଂଘଟିତ ହେଉଥିବ, ଯେତେ ଥର କୌଣସି ନା କୌଣସି ଦୋଷ ଉପରେ ବିଜୟ ହାସଲ ହୋଇ ଯାଉଥିବ, ସେତେବେଳେ, ଆଗରୁ ଯାହା ବେଶ୍ ସ୍ୱାଭାବିକ ବୋଲି ମନେ ହେଉଥିଲା ଏବଂ ଯାହା ବର୍ତ୍ତମାନ ଏକ କଳା ଦାଗ ପରି ପରଦାଟି ଉପରେ ଛାପି ଚାଲିଯାଉଛି, ସେହି ବସ୍ତୁଗୁଡ଼ିକର ଏକ ସମୂହ ଚିତ୍ର ଆଖି ଆଗରେ ସ୍ପଷ୍ଟ ହୋଇଯିବାରେ ଲାଗିବ । ତୁମେ ସେଗୁଡ଼ିକର ମୂଳଟିକୁ ଦେଖି ପାରିବ, କାରଣଗୁଡ଼ିକୁ ଦେଖି ପାରିବ, ପରିଣାମଗୁଡ଼ିକୁ ବି ଦେଖିପାରିବ । ଯଦି ତୁମ ପାଖରେ ଏକ ଯଥାର୍ଥ ଓ ନିର୍ଭୁଲ୍ ସ୍ମରଣଶକ୍ତି ରହିଥିବ, ଏବଂ ଯଦି ବେଶ୍ କେତେ ସମୟ ହେଲା, ମନେ କରିଯାଉ ଦଶ ବର୍ଷ ହେଲା ଆପଣାକୁ

'oaob.nitrkl.ac.in' images reprocessed

ରୂପାନ୍ତରିତ କରି ଦେବା ଲାଗି ଓ ଅଧିକରୁ ଅଧିକ ପରିମାଣରେ ଆପଣାକୁ ଉତ୍ସର୍ଗ କରି ଦେବା ଲାଗି ତୁମେ ନିଷ୍ଠାପର ଭାବରେ ନାନା ପ୍ରୟାସ କରିଥିବ, ଏବଂ, ତୁମେ ଯେ ଆଗରୁ କିପରି ଥିଲ, ସେହି କଥାଟିକୁ ମନେ ପକାଇ ପାରିବ, ତେବେ ତୁମେ କହିବାକୁ ଆରମ୍ଭ କରିବ, "ନା—କଦାପି ସମ୍ଭବ ନୁହେଁ । ମୁଁ ଆଗରୁ କେବେହେଲେ ଏପରି ନଥିଲି" ଏବଂ ତଥାପି ଏକଥା ସତ ଯେ ତୁମେ ଆଗରୁ ଠିକ୍ ସେହିପରିହିଁ ଥିଲ । ତୁମେ ଆଗରୁ ଯେଉଁପରି ଥିଲ, ଯାହାସବୁ ସେତେବେଳେ ତୁମକୁ ଅତ୍ୟନ୍ତ ସ୍ୱାଭାବିକ ମନେ ହେଉଥିଲା ଏବଂ ବର୍ତ୍ତମାନ ଯାହାସବୁ ତୁମକୁ ସ୍ୱାଭାବିକ ବୋଲି ମନେ ହେଉଛି, ଦୁଇ ଅବସ୍ଥା ମଧ୍ୟରେ ପ୍ରକୃତରେ ଏତେବେଶୀ ଦୂରତା ରହିଥିବ ଯେ ତୁମେ ନିଜକୁ ସେହି ଜଣେ ବ୍ୟକ୍ତି ବୋଲି ଆଦୌ ବିଶ୍ୱାସ କରି ପାରିବ ନାହିଁ । ତୁମେ ଯେ ପ୍ରକୃତରେ ଅଗ୍ରଗତି କରିଛ, ଏହିଥିରୁହିଁ ତାହାର ନିଶ୍ଚିତତମ ନିଦର୍ଶନ ମିଳିଯିବ ।

**ଆମେ ଯଥାର୍ଥରେ ଆଧ୍ୟାତ୍ମିକ ମାର୍ଗରେ ଆସି ପ୍ରବେଶ କଲୁ ବୋଲି କେତେବେଳେ କୁହାଯାଇ ପାରିବ ?**

ମୁଁ ଭାବୁଛି, ଯଦି ସମସ୍ତ ଦୃଷ୍ଟିରୁ ଏକ ପୂର୍ବାପର ସମ୍ବନ୍ଧରେ ବିଚାର କରାଯାଏ, ତେବେ ଏହାର ପ୍ରଥମ ସଙ୍କେତ (ପ୍ରତ୍ୟେକ ସାଧକର କ୍ଷେତ୍ରରେ ତାହା କଦାପି ଏକା ପ୍ରକାରର ହେବ ନାହିଁ) ଏପରି ହେବ ଯେ ଆଉ ସବୁକିଛି ବସ୍ତୁ ତୁମକୁ ସଚେଅବା ଆଦୌ କୌଣସି ମହତ୍ତ୍ୱ ନଥିଲା ପରି ବୋଧ ହେବ । ତୁମର ସମୁଦାୟ ଜୀବନ, ଯାବତୀୟ କାର୍ଯ୍ୟକଳାପ ଓ ସକଳ ଗତିସ୍ପନ୍ଦନ ଆଗରୁ ଯେପରି ଥିଲା, ସେହିପରି ଅବ୍ୟାହତ ଭାବରେ ଚାଲିବ ସତ, ଯଦି ପରିବେଶଟି ବସ୍ତୁଗୁଡ଼ିକୁ ସେହିପରି ଅନୁକୂଳ ଭାବରେ ସଂଯୋଜିତ କରି ରଖେ, ତେବେ ସେଗୁଡ଼ିକ ସେହିପରି ଅବ୍ୟାହତ ରହିଥିବ ସତ, ମାତ୍ର ସେଗୁଡ଼ାକ ତୁମକୁ ଅତ୍ୟନ୍ତ ପରିମାଣରେ ମହତ୍ତ୍ୱହୀନ ବୋଲି ବୋଧ ହେବାକୁ ଲାଗିବ, ଏଗୁଡ଼ାକ ଯେପରି ତୁମ ଜୀବନର ଅର୍ଥଟିକୁ ମୋଟେ ବହନ କରୁ ନାହାନ୍ତି, ସେହିପରିହିଁ ମନେହେବ । ମୁଁ ଭାବୁଛି, ଏଇଟା ହେଉଛି ପ୍ରଥମ ସଙ୍କେତ ।

ଆଉଗୋଟିଏ ସଙ୍କେତ ବି ଦେଖା ଦେଇପାରେ : ଉଦାହରଣସ୍ୱରୂପ, ସବୁକିଛି ଅଲଗା ପ୍ରକାରର ହୋଇଗଲା ପରି ଲାଗିବ; ତୁମେ ସଚେଅବା ଏବେ ଅଲଗା ପ୍ରକାରେ ଜୀବନ ବଞ୍ଚୁଛ ବୋଲି ମନେହେବ; ତୁମର ମନ ଭିତରେ ଏପରି ଗୋଟିଏ ଆଲୋକ ଆସି ବିଦ୍ୟମାନ ରହିଥିବା ପରି ଲାଗିବ, ଯାହାକି ସେଠାରେ ପୂର୍ବରୁ ନଥିଲା । ତାହା ଦ୍ୱାରା ଏକ ପରିବର୍ତ୍ତନ ଆସିଛି ବୋଲି ନିଶ୍ଚୟ ପ୍ରମାଣିତ ହୋଇଯିବ, ମାତ୍ର ଅସଲ ଭାବାତ୍ମକ ପରିବର୍ତ୍ତନଟି ସାଧାରଣତଃ ପରେ ଯାଇ ଆସିବ ।

'oaob.nitrkl.ac.in' images reprocessed

ନିଜ ପାଇଁ ଆଧ୍ୟାତ୍ମିକ ଜୀବନର ମାର୍ଗଟିକୁ ବାଛି ନେଇଥିବେଲେ, ସେହି ନବଦୀକ୍ଷା-ଗ୍ରହଣର ହଠାତ୍-ଦୀପ୍ତିରୁ ଯେଉଁ ପରିବର୍ତ୍ତନଟି ସମ୍ଭବ ହୁଏ, ସେଇଟିକୁ ଛାଡ଼ିଦେଲେ ଏହି ପରିବର୍ତ୍ତନ ପ୍ରଥମ ପର୍ଯ୍ୟାୟରେ ପ୍ରକୃତରେ ଖୁବ୍ କ୍ୱଚିତ୍ ଆସିଥାଏ। ବେଳେବେଳେ, ଏକ ବିରାଟ ପ୍ରଶାନ୍ତିମୟତାରେହିଁ ଏହା ଆରମ୍ଭ ହୁଏ, ତୁମ ଭିତରେ ଏକ ଗଭୀର ଆନନ୍ଦର ପ୍ରବେଶ ଘଟେ; ମାତ୍ର ସେହି ଆନନ୍ଦଟି ପରବର୍ତ୍ତୀ କାଳରେ ସଚରାଚର ପଶ୍ଚାଦ୍‌ଭାଗକୁ ଚାଲିଯାଏ, କାରଣ ତୁମ ଭିତରେ କେତେ ନା କେତେ ଅପୂର୍ଣ୍ଣତା ତଥାପି ରହି ରହିଥାନ୍ତି···। ଏଠାରେ ବିରକ୍ତି ନଥାଏ, ବାଦ ବା ବିଦ୍ୱେଷ କିଛି ନଥାଏ, ମାତ୍ର ସବୁକିଛି ତୁମକୁ ଏପରି ଭାବରେ ଶୁଷ୍କ ଏବଂ ନୀରସ ବୋଧ ହେବାକୁ ଲାଗେ ଯେ ସେଗୁଡ଼ିକ ପ୍ରତି କୌଣସି ମନୋନିବେଶ କରିବା ମୋଟେ ସମୀଚୀନ ବୋଲି ମନେ ହୁଏ ନାହିଁ। ଉଦାହରଣସ୍ୱରୂପ, ତୁମେ ଯେତେବେଳେ କେତେକ ନିର୍ଦ୍ଦିଷ୍ଟ ଭୌତିକ ପରିବେଶ ମଧ୍ୟରେ ରହିଥାଅ,—ସେହି ପରିବେଶଗୁଡ଼ିକ ସୁଖକର ହୋଇପାରେ, ଅସୁଖକର ବି ହୋଇପାରେ (ଦୁଇଟିଯାକ ପ୍ରାୟ ପରସ୍ପର ସଂଲଗ୍ନ ହୋଇ ରହିଥାନ୍ତି), ସେତେବେଳେ ତୁମେ ମନେମନେ ଭାବୁଥାଅ, "ସେଗୁଡ଼ାକ ମୋ ଲାଗି ସତରେ ଏତେବେଶୀ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିଲା ? ମାତ୍ର ଏଥିରେ ତ ମହତ୍ତ୍ୱ ବୋଲି ପ୍ରକୃତରେ କିଛିହେଲେ ନାହିଁ !" ତୁମର ଏପରି ଏକ ଅନୁଭବ ହୁଏ ଯେ ତୁମେ ଇତିମଧ୍ୟରେ ପ୍ରକୃତରେ ଏଇଟିରୁ ଅନ୍ୟ ପାଖଟିକୁ ଚାଲିଯାଇଛ।

କୌଣସି ଏକ ନିଭୃତ କୋଣରେ ଏକାନ୍ତ ଭାବରେ ବସି ଧ୍ୟାନ କରିବାର ସାମର୍ଥ୍ୟକୁହିଁ ଅନେକ ଆଧ୍ୟାତ୍ମିକ ଜୀବନର ଗୋଟିଏ ଚିହ୍ନ ବୋଲି କଳ୍ପନା କରିଥାନ୍ତି। ଏଇଟା ହେଉଛି ଏକ ଅତି, ଅତି ସାଧାରଣ ଧାରଣା। ମୁଁ ଏଠାରେ ଆଦୌ କଠୋର ହେବାକୁ ଇଚ୍ଛା କରୁ ନାହିଁ, ମାତ୍ର ଧ୍ୟାନରେ ବସିବାର ଆପଣାର ସାମର୍ଥ୍ୟଟିକୁ ଏତେ ବଡ଼ କରି ଦେଖାଉଥିବା ଅଧିକାଂଶ ବ୍ୟକ୍ତି,—ସେମାନେ ଗୋଟିଏ ଘଣ୍ଟା ଭିତରୁ ଗୋଟାଏ ମିନିଟ୍ ପାଇଁ ମଧ୍ୟ ପ୍ରକୃତରେ ଧ୍ୟାନ କରି ପାରନ୍ତି ବୋଲି ମୁଁ ମୋଟେ ଭାବି ପାରୁ ନାହିଁ। ଯେଉଁମାନେ ଯଥାର୍ଥରେ ଧ୍ୟାନସ୍ଥ ହୋଇ ପାରନ୍ତି, ସେମାନେ କଦାପି ସେବିଷୟରେ କିଛି କହନ୍ତି ନାହିଁ। ସେମାନଙ୍କ ଲାଗି ତ ଏହା ବେଶ୍ ଏକ ସ୍ୱାଭାବିକ କଥା ହୋଇ ରହିଥାଏ। ଯେତେବେଳେ ଏହା ଏକ ସ୍ୱାଭାବିକ କଥାରେ ପରିଣତ ହୋଇଯାଏ, ଯେତେବେଳେ ତାହାର ଗୁଣପାଖରେ କୌଣସି ଗୌରବ ଅଥବା ଗରିମା ବୋଲି ଦେବା ଲାଗି ପ୍ରୟାସ ହୁଏ ନାହିଁ, ସେତେବେଳେ ତୁମେ ଯେ ପ୍ରକୃତରେ ଅଗ୍ରଗତି କରୁଛ, ଆପଣା ପାଖରେ ତୁମେ ଏହି କଥାଟିକୁ କହିବା ଲାଗି ବେଶ୍ ଆରମ୍ଭ କରିପାର। ଯେଉଁମାନେ ଏହି ବିଷୟରେ କଥାବାର୍ତ୍ତା କରନ୍ତି ଓ ଏହା ଦ୍ୱାରା ଅନ୍ୟ ମନୁଷ୍ୟମାନଙ୍କ ତୁଳନାରେ ସେମାନଙ୍କର ବରିଷ୍ଠତା ପ୍ରତିପାଦିତ

'oaob.nitrkl.ac.in' images reprocessed

ହୋଇଗଲା ବୋଲି ଭାବୁଥାନ୍ତି, ତୁମେ ଏହି କଥାଟିକୁ ପ୍ରାୟ ନିଶ୍ଚିତ ଭାବରେ ଜାଣି ରଖିଥିବ ଯେ ସେମାନେ ପ୍ରକୃତରେ ଧ୍ୟାନସ୍ଥ ନଥାନ୍ତି, ଅଧିକାଂଶ ସମୟରେ ସମ୍ପୂର୍ଣ୍ଣ ଏକ ଜଡ଼ତାବସ୍ଥାରେହିଁ ରହିଥାନ୍ତି ।

ଧ୍ୟାନ କରିବା ଭାରି କଷ୍ଟସାପେକ୍ଷ । ଧ୍ୟାନ ତ କେତେ କେତେ ପ୍ରକାରର ରହିଛି···ତୁମେ କୌଣସି ଏକ ଧାରଣାକୁ କେନ୍ଦ୍ର କରି ଧରି ଏକ ନିର୍ଦ୍ଦିଷ୍ଟ ପରିଣାମରେ ଉପନୀତ ହେବା ଲାଗି ସେଇଟିର ଅନୁସରଣ କରିପାର । ଏଇଟି ହେଉଛି ସକ୍ରିୟ ଧ୍ୟାନ; ଯେଉଁ ଲୋକମାନେ କୌଣସି ସମସ୍ୟାର ସମାଧାନ କରିବାକୁ ଚାହୁଁଥାନ୍ତି, ଯେଉଁମାନେ ଲେଖିବାକୁ ଚାହୁଁଥାନ୍ତି, ସେହିମାନେ ଏହି ଭାବରେ ଧ୍ୟାନସ୍ଥ ହୁଅନ୍ତି ଓ ଧ୍ୟାନସ୍ଥ ହେବାକୁ ଯାଉଛନ୍ତି ବୋଲି ମୋଟେ ଜାଣି ପାରନ୍ତି ନାହିଁ । ଅନ୍ୟମାନେ ଗୋଟିଏ ଜାଗାରେ ବସି କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଆପଣାକୁ ସକେନ୍ଦ୍ରିତ କରି ରଖନ୍ତି, ଏଥିରେ ସେମାନେ ଆଦୌ କୌଣସି ଧାରଣା ବା ଭାବନାର ଅନୁସରଣ କରନ୍ତି ନାହିଁ;—ଆପଣାର ସକେନ୍ଦ୍ରଣ-ସାମର୍ଥ୍ୟକୁ ଅଧିକ ପ୍ରଗାଢ଼ କରିବା ଲାଗି ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ନିଜକୁ ସକେନ୍ଦ୍ରିତ କରି ରଖନ୍ତି । ଏବଂ, ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଆପଣାକୁ ସକେନ୍ଦ୍ରିତ କରି ରଖିଲେ ସାଧାରଣତଃ ଯାହା ଘଟିଥାଏ, ଏଥିରେ ମଧ୍ୟ ସେହି ଫଳ ମିଳେ । ମାନସିକ, ପ୍ରାଣିକ ଅଥବା ଶାରୀରିକ ଯାହା ହୋଇଥାଉ ପଛକେ, ଯଦି ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ତୁମେ ଆପଣାର ସକେନ୍ଦ୍ରଣ-ସାମର୍ଥ୍ୟକୁ ଯଥେଷ୍ଟ ପରିମାଣରେ ଏକତ୍ର ଠୁଳ କରି ଆଣି ପାରିଲ, ତେବେ ଏପରି ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ତୁମେ ନିଜର କ୍ଷେତ୍ରଟିକୁ ଅତିକ୍ରମ କରିଯିବ ଓ ଆଉ ଏକ ଚେତନା ମଧ୍ୟରେ ପ୍ରବେଶ କରିବ । ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଆପଣାର ମୁଣ୍ଡ ଭିତରୁ ଯାବତୀୟ ଗତିକ୍ରିୟା, ଧାରଣା, ଅଭିବ୍ୟକ୍ତି ଓ ପ୍ରତିକ୍ରିୟାକୁ ବାହାରକୁ ନିକାଳି ଦେବାକୁ ଚେଷ୍ଟା କରୁଥାନ୍ତି ଏବଂ ଯଥାର୍ଥ ଭାବରେ ଏକ ଶାନ୍ତ ନିଶ୍ଚଳତା ପ୍ରାପ୍ତ କରିବାକୁ ପ୍ରୟାସ କରନ୍ତି । ଏହି କଥାଟିକୁ କରିବା ଭାରି କଷ୍ଟକର; ଅନେକ ବ୍ୟକ୍ତି ହୁଏତ ପଚିଶ ବର୍ଷ କାଳ ଏହି ଚେଷ୍ଟାଟିକୁ କରିଛନ୍ତି ଓ ତଥାପି ସଫଳ ହୋଇ ପାରି ନାହାନ୍ତି, କାରଣ ଏହାକୁ ଏକ ଅସାଧ୍ୟ ସାଧନ କରିବା ବୋଲି ବେଶ୍ କୁହାଯାଇ ପାରିବ ।

ଆଉ ଗୋଟିଏ ପ୍ରକାରର ଧ୍ୟାନ ରହିଛି, ଯେଉଁଥିରେ କି ଯଥାସାଧ୍ୟ ନୀରବ ହୋଇଯିବାକୁ ପଡ଼େ, ମାତ୍ର ଆପଣାର ଭାବନାଗୁଡ଼ିକୁ ନିରୁଦ୍ଧ କରି ରଖିବା ଲାଗି ଯେଉଁଥିରେ କୌଣସି ଚେଷ୍ଟା କରିବାକୁ ହୋଇ ନଥାଏ । କାରଣ, ଏପରି ଅନେକ ଭାବନା ରହିଛନ୍ତି, ଯେଉଁଗୁଡ଼ିକୁ କି ବିଶୁଦ୍ଧ ଭାବରେ ଯାନ୍ତ୍ରିକ ବୋଲି କୁହାଯାଇ ପାରିବ ଏବଂ ସେଗୁଡ଼ିକୁ ଅଟକାଇ ରଖିବାକୁ ଚେଷ୍ଟା କଲେ ବର୍ଷ ବର୍ଷ ସମୟ

'oaob.nitrkl.ac.in' images reprocessed

ଦରକାର ହେବ । ଏବଂ ଏତେବେଶୀ ଶ୍ରମ କରିବା ପରେ ମଧ୍ୟ ତୁମେ ତଥାପି ଫଳ ବିଷୟରେ ନିଶ୍ଚିତ ହୋଇ ପାରିବ ନାହିଁ । ତେଣୁ ସେହି କଥାଟିକୁ ନକରି ତୁମେ ତୁମର ସମୁଦାୟ ଚେତନାକୁ ଏକତ୍ର କରି ଆଣିବ ଏବଂ ଯଥାସମ୍ଭବ ସ୍ଥିର ଓ ଶାନ୍ତ ହୋଇ ରହିବ; ବାହ୍ୟ ବସ୍ତୁଗୁଡ଼ିକ ତୁମ ଭିତରେ ଯଦି ଯେପରି ଆଦୌ କୌଣସି ଆଗ୍ରହର ଉଦ୍ରେକ କରୁ ନାହାନ୍ତି, ତୁମେ ସେଗୁଡ଼ିକଠାରୁ ଆପଣାକୁ ଅସଂଲଗ୍ନ କରି ରଖିବ । ଏବଂ, ହଠାତ୍, ତୁମେ ଅଭୀପ୍ସାର ଅଗ୍ନିଶିଖାଟିକୁ ଅନ୍ତର ଦୀପ୍ତ କରି ଆଣିବ ଏବଂ ତୁମର ଚେତନା ମଧ୍ୟକୁ ଯାହାକିଛି ଆସିବ, ସବୁକିଛି ନେଇ ସେହି ଅଗ୍ନି ମଧ୍ୟରେ ନିକ୍ଷେପ କରିଦେବ, ଯେପରିକି ଶିଖାଟି ଅଧିକରୁ ଅଧିକ, ଅଧିକରୁ ଅଧିକ ଉଚ୍ଚ ହୋଇ ଜଳିଉଠି ପାରିବ । ତୁମେ ସେହି ଶିଖାଟି ସହିତ ନିଜକୁ ଏକାତ୍ମକ କରି ରଖିବ, ଆପଣା ଚେତନା ତଥା ଅଭୀପ୍ସାର ସର୍ବୋଚ୍ଚ ବିନ୍ଦୁଟି ପର୍ଯ୍ୟନ୍ତ ଉତ୍ଥିତ ହୋଇଯିବ । ସେତେବେଳେ ଆଉ କିଛି ଭାବୁ ନଥିବ;—କେବଳ ଏକ ଅଭୀପ୍ସାହିଁ ଉପରକୁ ଉଠି ଉଠି ଯାଉଥିବ,—ଏସବୁର ପରିଣାମ କ'ଣ ହେବ, କ'ଣ ଘଟିବ ବା ବିଶେଷତଃ କ'ଣ ହୁଏତ ନଘଟିବ, ସେବିଷୟରେ କୌଣସି ଭାବନା ତୁମକୁ ବିଚଳିତ କରିବାକୁ ଆସୁ ନଥିବ । ତୁମକୁ କ'ଣ ଗୋଟାଏ ଫଳ ହୁଏତ ପ୍ରାପ୍ତ ହୋଇଯିବ, ସର୍ବୋପରି ଏପରି କୌଣସି ବାସନା ତୁମ ଭିତରେ ନଥିବ;—କେବଳ, ଉପରକୁ ଉଠି ଉଠି ଯାଉଥିବା ଏକ ଅଭୀପ୍ସାର ଆନନ୍ଦହିଁ ଭରି ଓ ସବୁକିଛିକୁ ଭରାଇ ରହିଥିବ, ଏକ ସତତ ସଂକେନ୍ଦ୍ରଣ ଦ୍ୱାରା ଆପଣାକୁ ଅଧିକରୁ ଅଧିକ ପ୍ରଗାଢ଼ କରିବାରେ ଲାଗିଥିବ । ଏବଂ, ସେହି କ୍ଷେତ୍ରରେ, ତୁମମାନଙ୍କୁ ମୁଁ ନିର୍ଭର ଜବାବ ଦେଇ କହି ପାରିବି ଯେ ସେତେବେଳେ ଯାହା ଘଟିବ, ସର୍ବୋତ୍କୃଷ୍ଟ ସ୍ଥିତିରେ ତାହାହିଁ ଘଟି ପାରିଥାନ୍ତା । ଅର୍ଥାତ୍, ତୁମେ ଏହି ମାର୍ଗଟିରେ ଗତି କରି ପାରିଲେ ତୁମର ଯାବତୀୟ ସମ୍ଭାବନାର ସର୍ବାଧିକ ପରିଣତିମାନ ଏହିଠାରେହିଁ ଉପଲବ୍ଧ ହେବ । ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏହି ସମ୍ଭାବନାଗୁଡ଼ିକ ବେଶ୍ ଭିନ୍ନ ଭିନ୍ନ ହୋଇପାରେ । ମାତ୍ର, ଏଣେ, ମୀରବ ହେବାକୁ ଚେଷ୍ଟା କରିବାର, ପ୍ରାତିଭାସିକ ରୂପଗୁଡ଼ିକର ପଶ୍ଚାତକୁ ଯିବାର, ଉତ୍ତର ଦେଇ ପାରିବା ଭଳି ଏକ ଶକ୍ତିକୁ ଆବାହନ କରି ଆଣିବାର, ନିଜ ପ୍ରଶ୍ନଗୁଡ଼ିକ ଲାଗି ଗୋଟିଏ ଗୋଟିଏ ଉତ୍ତର ପାଇଁ ଅପେକ୍ଷା କରି ରହିବାର ଯାବତୀୟ ବ୍ୟଗ୍ରତା ଓ ଚିନ୍ତା ସତେଅବା ଏକ ଅବାସ୍ତବ ବାଷ୍ପୀୟତା ପରି କୁଆଡ଼େ ଅନ୍ତର୍ହିତ ହୋଇଯିବ । ଏବଂ, ଯଦି ତୁମେ ଏହି ଶିଖାଟି ମଧ୍ୟରେ ସଚେତନ ଭାବରେ ଜୀବନ ବଞ୍ଚିବାରେ ସଫଳ ହୋଇ ପାରିବ, ଆରୋହଣମାର୍ଗୀ ଅଭୀପ୍ସାର ଏହି ସ୍ତମ୍ଭଟି ମଧ୍ୟରେ ଜୀବନଟିକୁ ବଞ୍ଚି ପାରିବ, ତେବେ ଅବଶ୍ୟ ଦେଖିବାକୁ ପାଇବ ଯେ, ହଠାତ୍ କୌଣସି ଫଳଲାଭ ହୋଇ ନପାରୁଥିଲେ ମଧ୍ୟ, କିଛି ସମୟ ପରେ ଅବଶ୍ୟ କିଛି ଘଟିବହିଁ ଘଟିବ ।

'oaob.nitrkl.ac.in' images reprocessed

ଆମେ ଏଠାରେ* ଏକାଠି ବସି ଯେଉଁ ଅଭିନିବେଶର ଅଭ୍ୟାସ କରୁଛୁ, ସେଥିରେ ଆମର କେଉଁ ବସ୍ତୁଟି ଉପରେ ଅଭିନିବିଷ୍ଟ ହୋଇ ରହିବା ଉଚିତ ?

**ମୋତେ କେହିଜଣେ କହି ପାରିବ, ଏହି ଅଭିନିବେଶ ବା ସଂକେନ୍ଦ୍ରଣ କହିଲେ ପ୍ରକୃତରେ କ'ଣ ବୁଝାଇବା ଉଚିତ ଏବଂ ଆମେ ଏଠାରେ କାହିଁକି ତା'ର ଅଭ୍ୟାସ କରୁଛୁ ? ଏଇଟି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ଗୋଟିଏ ପ୍ରଶ୍ନ, ଏହି ପ୍ରଶ୍ନଟି ସହିତ ସମସ୍ତଙ୍କର ସମ୍ବନ୍ଧ ରହିଛି । ଏହି ଅଭିନିବେଶ ଏବଂ ଏକ ତଥାକଥିତ "ସାଧାରଣ" ଧ୍ୟାନ ଭିତରେ କ'ଣ ପାର୍ଥକ୍ୟ ରହିଛି ମୋତେ ସେକଥା କେହି କହି ପାରିବେ କି ? ଆମେ ଏଇଟିକୁ କାହିଁକି କରୁଛୁ ଏବଂ ସେହି କ୍ଷେତ୍ରରେ ପ୍ରକୃତରେ କ'ଣ ସବୁ ଘଟୁଛି ?**

ସେତେବେଳେ ଆମେ ଆମ ଦିନମାନର ସବୁଯାକ କାର୍ଯ୍ୟକୁ ଉତ୍ସର୍ଗ କରିଦେଉଛୁ ।

**ହଁ, ଏଇଟା ହେଉଛି ବ୍ୟକ୍ତିଗତ ଢଙ୍ଗ । ଏବଂ ସାମୂହିକ ଭାବରେ ଏହି ଅଭିନିବେଶ ଦ୍ୱାରା ଆମର କ'ଣ ହେଉଛି ? (ସିଏ ଯାହା କହିଛନ୍ତି, ସେହି ଢଙ୍ଗରୁ ମଧ୍ୟ ଉଚିତ କଥା କହିଛନ୍ତି; ଜାଣି ରଖିଥାଅ, ସିଏ ପ୍ରଥମ ପଦକ୍ଷେପଟିର ଅର୍ଦ୍ଧାଂଶଟିକୁ କହିଛନ୍ତି ।)**

ଆମେ ଆମର ଦୁର୍ବଳତାଗୁଡ଼ିକ ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖୁ ଏବଂ ସେଗୁଡ଼ିକ ଅନ୍ତର୍ହିତ ହୋଇଯିବା ଲାଗି ଅଭୀପ୍ସା କରୁ ।

**ସେଇଟା ମଧ୍ୟ ସେଇ ବ୍ୟକ୍ତିଗତ ଢଙ୍ଗ ।**

---

* ଆଶ୍ରମ-ଅଙ୍ଗନରେ ଅନେକ ଦିନ ପର୍ଯ୍ୟନ୍ତ ଧ୍ୟାନର ଅଭ୍ୟାସ କରା ହେଉଥିଲା । ତା'ପରେ, ସାଧକମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରୁ ଓ କ୍ରୀଡ଼ାକସରତ ଉପରେ କ୍ରମେ ଅଧିକ ଗୁରୁତ୍ୱ ଦିଆଯିବାରୁ, ଏହିସବୁ ଧ୍ୟାନ ସ୍ଥାନରେ ସାମୂହିକ "ଅଭିନିବେଶ"ର ପ୍ରବର୍ତ୍ତନ କରାଗଲା । ଆଶ୍ରମ କ୍ରୀଡ଼ାଙ୍ଗନରେ ଏଗୁଡ଼ିକ ଅନୁଷ୍ଠିତ ହେଉଥିଲା ।

'oaob.nitrkl.ac.in' images reprocessed

ଆମେ ଆଗେ ଆଶ୍ରମରେ ଯେଉଁ ଧ୍ୟାନ କରୁଥିଲୁ, ଯେତେବେଳେ ସକାଳ ଓ ସନ୍ଧ୍ୟା ଦୁଇଥର ଧ୍ୟାନ ହେଉଥିଲା, ସେତେବେଳେ ପ୍ରତ୍ୟେକଙ୍କର ଚେତନାକୁ ଏକତ୍ର ସଂଯୁକ୍ତ କରାଇ ତାହାକୁ ପରମ ଦିବ୍ୟ ସତ୍ୟଟି ଆଡ଼କୁ ଯଥାସମ୍ଭବ ଉତ୍ତୋଳିତ କରି-ନେବାହିଁ ମୋର କାର୍ଯ୍ୟ ହୋଇ ରହିଥିଲା । ଯେଉଁମାନେ ଏହି ଗତିକ୍ରିୟାଟିକୁ ଅନୁଭବ କରୁଥିଲେ, ସେମାନେ ତାହାକୁ ବୁଝି ପାରୁଥିଲେ । ଏହାକୁ ଏକ ସାଧାରଣ ଧ୍ୟାନ ବୋଲି ବୁଝାଯିବ; ଏଥିରେ ଏକ ଅଭୀପ୍ସା ସଂଗ୍ରଥିତ ହୋଇ ରହିଥିଲା, ଦିବ୍ୟ ପରମ ସତ୍ତାଙ୍କ ଅଭିମୁଖରେ ଏକ ଆରୋହଣ ସନ୍ନିବିଷ୍ଟ ହୋଇ ରହିଥିଲା । ଏଠାରେ, କ୍ରୀଡ଼ାଙ୍ଗନରେ ଯାହା ହେଉଛି, ଏଠାରେ ଯେଉଁମାନେ ରହିଛନ୍ତି, ସେମାନଙ୍କୁ ଏକତ୍ର ସମ୍ମିଳିତ କରାଇ ଆଣିବା ଲାଗି ସେଥିରେ କାର୍ଯ୍ୟ କରାଯାଉଛି, ସେମାନଙ୍କୁ ଉନ୍ମୋଚିତ କରିଦେବାକୁ ଓ ସେମାନଙ୍କ ମଧ୍ୟକୁ ଦିବ୍ୟ ଶକ୍ତିର ଅବତରଣ କରାଇ ଆଣିବାକୁ କାର୍ଯ୍ୟ କରାଯାଉଛି । ଏହାକୁ ପୂର୍ବଟିର ତୁଳନାରେ ଏକ ବିପରୀତ ଗତିକ୍ରିୟା ବୋଲି ବୁଝାଯାଇ ପାରିବ, ଏବଂ ସେହି କାରଣରୁ ଏଇଟିକୁ ଅନ୍ୟଟିର ସ୍ଥାନାପନ୍ନ ବୋଲି ଆଦୌ ବୁଝାଯାଇ ପାରିବ ନାହିଁ; ଅନ୍ୟଟି ଯେପରି ଏଇଟିର ବିକଳ୍ପ ହୋଇ ପାରିବ ନାହିଁ, ଠିକ୍ ସେହିପରି । ଏଠାରେ ଏକ ଅନନ୍ୟ କଥା ଘଟୁଛି; ଆଶ୍ରମରେ ହେଉଥିବା ସେହି ଅନ୍ୟ କାର୍ଯ୍ୟକ୍ରମଟିରେ ମୁଁ ଉପସ୍ଥିତ ସମସ୍ତଙ୍କର ଚେତନାକୁ ଏକତ୍ର ସଂଗୃହୀତ କରି ଆଣୁଥିଲି ଏବଂ ଅଭୀପ୍ସାର ଶକ୍ତି ଦ୍ୱାରା ତାହାକୁ ପରମ ଦିବ୍ୟ ସତ୍ତାଙ୍କ ଆଡ଼କୁ ଉତ୍ତୋଳିତ କରି ନେଉଥିଲି; ଅର୍ଥାତ୍ ମୁଁ ତଦ୍ଦ୍ୱାରା ତୁମମାନଙ୍କ ଭିତରୁ ପ୍ରତ୍ୟେକଙ୍କୁ କିଞ୍ଚିତ୍ ପରିମାଣରେ ଅଗ୍ରସର କରାଇ ନେଉଥିଲି । ମାତ୍ର, ଏଠାରେ ଅନ୍ୟ ପକ୍ଷରେ, ତୁମେମାନେ ଯିଏ ଯେଉଁଭଳି ରହିଛ, ମୁଁ ତୁମକୁ ଠିକ୍ ସେହିଭଳି ଗ୍ରହଣ କରି ନେଉଛି, ତୁମେ ପ୍ରତ୍ୟେକେ ଏହି କଥା କହି ମୋ ପାଖକୁ ଆସୁଛ, "ଆମ ସମସ୍ତ ଦିନମାନଟିର କାର୍ଯ୍ୟସବୁକୁ ନେଇ ଆମେ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ହୋଇଛୁ, ଦିନମାନ ଆମେ ଆମ ଶରୀରଟିକୁ ନେଇ ବ୍ୟସ୍ତ ହୋଇ ରହିଥିଲୁ, ସେହି ଶରୀରଟିକୁ ମଧ୍ୟ ଆମେ ସାଙ୍ଗରେ ନେଇ ଆସିଛୁ; ଆମର ଯାବତୀୟ ଗତିକ୍ରିୟା ଯେଉଁଭଳି ହୋଇ ରହିଥିଲା, ଆମେ ସମସ୍ତେ ଠିକ୍ ଯେପରି ହୋଇ ରହିଛୁ, ସବୁଗୁଡ଼ିକୁ ଆମେ ସେହିପରି ଭାବରେହିଁ ଆପଣଙ୍କ ପାଖରେ ନିବେଦନ କରି ଦେଉଛୁ ।" ଏବଂ, ସେହି ସବୁଗୁଡ଼ିକୁ ଏକତ୍ରିତ କରିବା ହେଉଛି ମୋର କାର୍ଯ୍ୟ, ସେଥିରୁ ଗୋଟିଏ ସଜାତୀୟ ପିଣ୍ଡ ତିଆରି କରିବା ହେଉଛି ମୋର କାର୍ଯ୍ୟ । ଏବଂ ଏହି ନିବେଦନର ପ୍ରତ୍ୟୁତ୍ତରସ୍ୱରୂପ (ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ପଦ୍ଧତିରେହିଁ ଏହି ନିବେଦନଟିକୁ କରିପାରିବ) ମୋତେ ପ୍ରତ୍ୟେକଟି ଚେତନାକୁ ଉନ୍ମୋଚିତ କରିଦେବାକୁ ହୁଏ, ତାହାର ଗ୍ରହଣଶୀଳତାକୁ ଆହୁରି ପ୍ରଶସ୍ତ କରିଦେବାକୁ ହୁଏ, ଏହି ଗ୍ରହଣଶୀଳତାକୁ ଏକ ଏକୀଭୂତ ପାତ୍ରରେ ପରିଣତ କରିବାକୁ ହୁଏ ଏବଂ ସେହି ଦିବ୍ୟ ଶକ୍ତିକୁ ଅବତରଣ କରାଇ ଆଣିବାକୁ ହୁଏ । ତେଣୁ, ଏହିସବୁ

'oaob.nitrkl.ac.in' images reprocessed

କଥା ଘଟୁଥିବା ସେହି ମୁହୂର୍ତ୍ତରେ ଯଦି ତୁମେ ଯଥାର୍ଥରେ ସ୍ଥିର ଏବଂ ଅଭିନିବେଶିତ ହୋଇ ରହିଥାଅ, ତେବେ ତୁମ ଭିତରୁ ପ୍ରତ୍ୟେକେ ଏଥିରୁ ଅବଶ୍ୟ କିଛି ନା କିଛି ଲାଭ କରି ପାରିବେ । ତୁମେ ଯେ ଏବିଷୟରେ ସର୍ବଦା ସଜ୍ଞାନ ରହିଥିବ, ସେକଥା ଆଦୌ ନୁହେଁ, ମାତ୍ର ତୁମେ ନିଶ୍ଚୟ କିଛି ନା କିଛି ଗ୍ରହଣ କରିପାରିବ ।

୧୯୬୪ ମସିହା ମାର୍ଚ୍ଚ ମାସରେ ମାଆଙ୍କୁ ଏହି ପ୍ରଶ୍ନଟି ପଚରା ଯାଇଥିଲା :

> ଆଜକାଲି ତ ଆପଣ ଆଉ ସଶରୀର କ୍ରୀଡ଼ାଙ୍ଗନର ସଂକେନ୍ଦ୍ରଣ-କାର୍ଯ୍ୟକ୍ରମଗୁଡ଼ିକରେ ଉପସ୍ଥିତ ରହି ପାରୁ ନାହାନ୍ତି; ତେବେ ବର୍ତ୍ତମାନ କ'ଣସବୁ ଘଟୁଛି ?

ଲୋକେ ନିଶ୍ଚୟ କିଛି ଅଗ୍ରଗତି କରିଛନ୍ତି ଏବଂ ସେହି ପରମ ସତ୍ତାୟତା ଏବଂ ପରମ ଶକ୍ତିଟିକୁ ଅନୁଭବ କରି ପାରିବା ଲାଗି ଆଉ ମୋର ସଶରୀର ଉପସ୍ଥିତି ଆବଶ୍ୟକ କରୁ ନାହାନ୍ତି ବୋଲି ଆଶା କରୁଛି ।

## ୧୫ ଫେବୃଆରୀ ୧୯୫୧

୨୧ ଏପ୍ରିଲ ୧୯୬୧ରେ ସ୍ୱପ୍ନ ଏବଂ ଦିବ୍ୟ ଦର୍ଶନ ବିଷୟରେ ଦେଇଥିବା ତାଙ୍କର ପ୍ରବଚନଟିର ଆରମ୍ଭରୁ ମାଆ କିଛି ପଢ଼ିଲେ ।

> ଅଧିକାଂଶ ସମୟରେ ମୁଁ ରେଲଗାଡ଼ି ସ୍ୱପ୍ନ ଦେଖେ । ମୁଁ ଅଧିକାଂଶ ସମୟରେ ଗାଡ଼ି ଧରି ପାରେ ନାହିଁ ···

ଏଇଟି ବେଶ୍ ଏକ ପ୍ରତୀକାତ୍ମକ ସ୍ୱପ୍ନ !

> ···କାରଣ ମୋ ସାଙ୍ଗରେ ଗୁଡ଼ାଏ ଜିନିଷପତ୍ର ଥାଏ । ଅନେକ ସମୟରେ ମୁଁ ରେଲଗାଡ଼ି ପଛେ ପଛେ ଦଉଡ଼େ ଓ କେବେ କେବେ ଶେଷ ଡବାଟି ଭିତରକୁ ଡେଇଁ ପଡ଼ି ଗାଡ଼ି ଧରି ବି ପାରେ ।

'oaob.nitrkl.ac.in' images reprocessed

ଯେଉଁମାନେ ଯୋଗର ଅଭ୍ୟାସ କରନ୍ତି, ରେଲଗାଡ଼ି, ଜାହାଜ ଏବଂ ମୋର ମନେ ହେଉଛି ବ୍ୟୋମଯାନ ମଧ୍ୟ ମାର୍ଗ ଏବଂ ତୁମକୁ ପରିଚାଳିତ କରି ନେଉଥିବା ବଳବତୀ ଶକ୍ତିଟିର ପ୍ରତୀକରୂପେ କାର୍ଯ୍ୟ କରିଥାନ୍ତି ।—ଯଦି ତୁମେ ସମସ୍ତ ନଷ୍ଟ କରିଦିଅ, ଯଦି ତୁମ ସାଙ୍ଗରେ ଗୁଡ଼ାଏ ଜିନିଷପତ୍ର ଥାଏ ବା ଯଦି ଅନେକ ବିଳମ୍ବରେ ଯାଇ ତୁମେ ଯିବା ବିଷୟରେ ଭାବ, ତେବେ ତୁମେ ବାଟଟିକୁ ହରାଇବସ, ଏବଂ ଗାଡ଼ିଟିକୁ ଧରିବା ଲାଗି ତୁମକୁ ପ୍ରାଣପଣେ ଧାଇଁବାକୁ ପଡ଼ିଥାଏ ।

ଏପରି ଧରଣର କେତେ କେତେ ସ୍ୱପ୍ନ ରହିଛି, ଯେଉଁଗୁଡ଼ିକରୁ କି, ତୁମେ ଠିକ୍ ଯେଉଁ ସ୍ଥିତିରେ ରହିଛ, ତାହାର ଏକ ନିର୍ଭୁଲ ସୂଚନା ମିଳି ଯାଇଥାଏ ।

ଯେତେବେଳେ ମୁଁ କଲିକତାରେ ରହୁଥିଲି, ସେତେବେଳେ ଥରେ ସ୍ୱପ୍ନ ଦେଖିଲି ଯେ ଶ୍ୱେତ ବସନ ପିନ୍ଧିଥିବା ଜଣେ କେହି ମୋର ବିଛଣା ପାଖକୁ ଆସିଲେ ଏବଂ ସେ ରଜନୀଗନ୍ଧା (ଯାହାକୁ ଆପଣ "ନବସର୍ଜନ" ବୋଲି କହିଛନ୍ତି)ରୁ କେଣ୍ଡାଏ ହାତରେ ଧରିଥିଲେ । ସେତେବେଳେ ମୁଁ ସେହି ଫୁଲର ବ୍ୟଞ୍ଜନାର୍ଥଟି ବିଷୟରେ କିଛି ଜାଣି ନଥିଲି । ଆଶ୍ରମକୁ ଆସିବା ପରେ ଯାଇ ଜାଣିପାରିଲି । ମୁଁ ଯେଉଁ ରୂପଟିକୁ ଦେଖିଥିଲି, ଆପଣଙ୍କ ସହିତ ତାହାର ସାଦୃଶ୍ୟ ଥିଲା ।

ଯାବତୀୟ ସ୍ୱପ୍ନ ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ; ବିଶେଷତଃ ସେଗୁଡ଼ିକୁ କାମରେ ଲଗାଇବାର ଉପାୟଟି ଜଣାଥିଲେ ସେଗୁଡ଼ିକ ଭାରି ଆକର୍ଷକ ହୋଇଥାଏ ।

ସ୍ୱପ୍ନହୀନ ନିଦ୍ରା ପୁଣି କିପରି ହୋଇଥିବ ?

ଯଦି ଆମେ ଆମର ମନ ଓ ପ୍ରାଣିକ କ୍ଷେତ୍ରଟିକୁ ସଫଳ ଭାବରେ ନୀରବ କରିଦେଇ ପାରିବା ଏବଂ ଶରୀରକୁ ଏକ ସୁଷୁପ୍ତି ଅବସ୍ଥାରେ ରଖିପାରିବା, ତେବେ ଆମର ନିଦ୍ରା ଅତ୍ୟନ୍ତ ସ୍ଥିର ଓ ଶାନ୍ତ ହୋଇ ପାରିବ, ଏବଂ ତା'ପରେ, ଯଦି ଆମେ ଏହିସବୁ ରୂପର ବାଡ଼ଗୁଡ଼ିକ ମଧ୍ୟରୁ ବାହାରକୁ ବାହାରିଯାଇ ପାରିବା ଓ ଉଚ୍ଚତର ଜଗତଗୁଡ଼ିକରେ ପ୍ରବେଶ କରି ପାରିବା, ତେବେ ଆମେ ପରମ ସଚ୍ଚିଦାନନ୍ଦଙ୍କର ସେହି ଯଥାର୍ଥ ପ୍ରଶାନ୍ତିମୟ ଅନୁଭୂତିଟିକୁ ମଧ୍ୟ ଲାଭ କରି ପାରିବା ।

'oaob.nitrkl.ac.in' images reprocessed

ଏପରି କପରି ହୋଇଥାଏ ଯେ ଆମେ ସ୍ୱପ୍ନାବସ୍ଥାରେ ଏପରି ବ୍ୟକ୍ତିମାନଙ୍କୁ ଭେଟିଥାଉ ଓ ସେମାନଙ୍କୁ ଚିହ୍ନି ନ ଥାଉ, ଯାହାଙ୍କ ସହିତ କି ପରେ ସାଧାରଣ ଜୀବନରେ ମଧ୍ୟ ଭେଟ ହେବାକୁ ଓ ଚିହ୍ନା ହେବାକୁ ରହିଥାଏ ?

ସମ୍ଭାବନା ଅନେକ ପ୍ରକାରର ରହିଛି । ମାତ୍ର, ଅଧିକାଂଶ ସମୟରେ ଏହିପରି ହୋଇଥାଏ ଯେ ମାନସିକ ଅଥବା ପ୍ରାଣିକ ଭୂମିରେ ବା ଏପରିକି ସୂକ୍ଷ୍ମ ଭୌତିକ ଭୂମିଟିରେ ଏକ ଯୋଗାଯୋଗ ଓ ସଞ୍ଚାରଣ ପ୍ରତିଷ୍ଠିତ ହୋଇ ଯାଇଥାଏ ଏବଂ ସେହି ଯୋଗାଯୋଗ ଫଳରେହିଁ ପରେ ଠିକ୍ ସେହି ବ୍ୟକ୍ତିଙ୍କ ସହିତ ଭେଟ ହୁଏ । ତୁମର ସ୍ୱପ୍ନକୁ କେବଳ ଯେ ଏକ ପୂର୍ବସୂଚନା ବୋଲି ବୁଝାଯିବ ତା' ନୁହେଁ, ତାହାକୁ ଏକ ଅବସ୍ଥା ବୋଲି ମଧ୍ୟ ବୁଝାଯାଇ ପାରିବ; ଏହି କ୍ଷେତ୍ରରେ ଏକ ଘନିଷ୍ଠ ଅନ୍ତଃସମ୍ବନ୍ଧ ରହିଥାଏ ଯାହା ଫଳରେ କି ତୁମେ ସ୍ୱପ୍ନାବସ୍ଥାରେ ମଧ୍ୟ ବ୍ୟକ୍ତିମାନଙ୍କ ସହିତ ସଂସ୍ପର୍ଶରେ ଆସିପାର, ଏବଂ ପରିସ୍ଥିତିଗୁଡ଼ିକ ଆପଣାକୁ ଏପରି ଭାବରେ ସଂଯୋଜିତ କରି ଆଣନ୍ତି ଯେ ସେହି ବ୍ୟକ୍ତିମାନଙ୍କୁ ସଶରୀର ଦେଖିବାର ସୁଯୋଗ ମଧ୍ୟ ପରେ ମିଳିଯାଏ । ବେଳେବେଳେ ତାହା କେବଳ ଏକ ପୂର୍ବସୂଚନା ହୋଇହିଁ ରହିଥାଏ, ମାତ୍ର ସେଠାରେ ମଧ୍ୟ ସଂପୃକ୍ତ ସ୍ୱପ୍ନଟିର ଏକ ବିଶେଷ ଗୁଣଲକ୍ଷଣ ରହିଥାଏ,—ତୁମେ ସ୍ୱପ୍ନରେ ଜଣେ ବ୍ୟକ୍ତିଙ୍କୁ ଆସିବାର ଦେଖ ଏବଂ କିଛିଦିନ ପରେ ସିଏ ସଶରୀର ଆସି ମଧ୍ୟ ଉପସ୍ଥିତ ହୁଅନ୍ତି ।

ସାଧାରଣତଃ, ତାହାକୁ ପୂର୍ବରୁ ପ୍ରତିଷ୍ଠିତ ହୋଇ ରହିଥିବା ଏକ ସମ୍ବନ୍ଧ ବୋଲି ବୁଝାଯିବ; ଜଣେ ବ୍ୟକ୍ତିଙ୍କ ସହିତ ତୁମର ଭେଟ ହୁଏ, ଅନେକ ସମୟରେ ତୁମେ ତାଙ୍କ ପାଖକୁ ଯାଅ, ତାଙ୍କ ସହିତ କଥାବାର୍ତ୍ତା ହୁଅ ଏବଂ ରାତିର ବେଶ୍ କେତୋଟି ଘଣ୍ଟା ଲାଗି ତୁମେ ତାଙ୍କ ସହିତ ରହିଥାଅ । ତା'ପରେ ପରେ ଯେତେବେଳେ ତୁମ ଦୁହିଁଙ୍କର ସାକ୍ଷାତ ହୁଏ, ସେତେବେଳେ ତୁମର ଧାରଣା ହେବାକୁ ଲାଗେ ଯେ ତୁମେ ଦୁହେଁ ପରସ୍ପରକୁ ଖୁବ ଭଲ କରି ଜାଣିଛ । ଏହି କଥାଟି ପ୍ରକୃତରେ ଘଟେ, ତୁମେ ଦୁହେଁ ପରସ୍ପରକୁ ଆଗରୁ ଜାଣିଥାଅ, ସଶରୀର ପରସ୍ପର ସହିତ ଭେଟ ହେବା ପୂର୍ବରୁ ପରସ୍ପରକୁ ଜାଣିଥାଅ ।

ଅନେକ ସମୟରେ ଭ୍ରମଦର୍ଶନ ହୁଏ ନାହିଁ କି ?

ଯାହା ତୁମେ ପ୍ରକୃତରେ ଦେଖି ନାହଁ, ଯଦି ତୁମେ ସେହିପରି କିଛି ବର୍ଣ୍ଣନା କରି ଚାଲ, ତେବେ ତାହାକୁ ନିଶ୍ଚିତ ଭାବରେ ଏକ ଭ୍ରମଦର୍ଶନ ବୋଲି ବୁଝାଯିବ ।

'oaob.nitrkl.ac.in' images reprocessed

ଯଦି ତୁମେ କଥାକୁ ବାଗେଇ ସାଗେଇ ସୁନ୍ଦର କରି କୁହ, ସେଗୁଡ଼ିକୁ ପୁନର୍ଗଠିତ କରି କୁହ, ତାହା ଆଗରେ ବର୍ଣ୍ଣନା କରି କହୁଥିବା ବେଳେ ତୁମେ ଯାହା ଦେଖିଥିଲ, ସେଇଟିକୁ ବଦଳାଇ ଦିଅ, ତେବେ ସେଇଟା ମଧ୍ୟ ଏକ ଭ୍ରମଦର୍ଶନରେ ପରିଣତ ହୋଇଯାଏ । ମାତ୍ର ତୁମେ ପ୍ରକୃତରେ ଯାହା ଦେଖିଛ, ସରଳ ଭାବରେ ଯଦି ସେତିକ କୁହ, ତେବେ ତା' ଭିତରକୁ ଆଉ ମିଥ୍ୟା ଆସିବ କୁଆଡ଼ୁ ? ହଁ, ତୁମର ବ୍ୟାଖ୍ୟାଟି ହୁଏତ ଭୁଲ୍ ହୋଇପାରେ;—ତୁମେ ହୁଏତ କହିପାର, "ଏହାର ଅର୍ଥ ହେଉଛି ଏହିପରି," ଏବଂ ତଦ୍ଦ୍ୱାରା ତୁମେ ଭାରି ଭୁଲ୍ କରିବସ । ମାତ୍ର ତୁମେ ଯାହା ଦେଖିଛ, ପ୍ରକୃତରେ ସେତିକହିଁ ଦେଖିଛ; ଯାହା ଦେଖି ନାହିଁ, ତାହା ପ୍ରକୃତରେ ଦେଖି ନାହିଁ ! ଅନେକ ସମୟରେ ଏହି କଥା ଦେଖି ମୁଁ ଭାରି ବିସ୍ମିତ ହୋଇଯାଏ ! ···ତୁମେ ପ୍ରକୃତରେ ଦେଖିଛ ? ଯଦି ପ୍ରକୃତରେ ଦେଖିଛ, ତେବେ ନିଶ୍ଚୟ ଦେଖିଛ ! ଦେଖିଥିବା କଥାଟିର ତୁମେ କିପରି ବ୍ୟାଖ୍ୟା ଦେଲ, ତାହା ହେଉଛି ଏକ ଭିନ୍ନ କଥା; ମାତ୍ର ଯଦି ତୁମେ କିଛି ପ୍ରକୃତରେ ଦେଖିଛ, ତୁମେ ତାହାକୁ ଅବଶ୍ୟ ଦେଖିଛ !

ଆପଣାର ଦେଖିଥିବା କଥାକୁ ଟିକିଏ ସଜାଇ ଗଚ୍ଛାଇ କହିବା ଲାଗି ଯେଉଁମାନଙ୍କର ଅଭ୍ୟାସ ରହିଛି, ସାଧାରଣତଃ ଏହି ପ୍ରଶ୍ନଟି ସେହିମାନଙ୍କଠାରୁ ଆସିଥାଏ । ସେମାନେ ହୁଏତ ଗୋଟିଏ ଝଲକରେ ଅତି କ୍ଷୁଦ୍ର କ'ଣ ଗୋଟାଏ ଦେଖନ୍ତି, ଏବଂ ତା'ପରେ ଇଚ୍ଛାକୃତ ଅଥବା ଅନିଚ୍ଛାକୃତ ଭାବରେ, ସଚେତନ ଅଥବା ଅସଚେତନ ଭାବରେ ସେମାନେ ଦେଖିଥିବା ବିଷୟଟିରେ ଏକ ପୁନର୍ଗଠନ କରିନିଅନ୍ତି,—ସେଥିରେ ଟିକିଏ ଆଉକିଛି ମିଶାଇ ଦିଅନ୍ତି, ପୁଣି ଆଉକିଛି ଟିକିଏ ଆଣି ମିଶାନ୍ତି, ସାନ ବ୍ୟାଖ୍ୟାଟିଏ ଦିଅନ୍ତି, ବିଷୟଟିକୁ ବେଶ୍ ସଙ୍ଗତିଯୁକ୍ତ କରିନିଅନ୍ତି, ଏବଂ ଯେତେବେଳେ ସେହି କଥାଟି ଆପଣା ଗୋଡ଼ରେ ଠିଆ ହେବାଭଳି ହୋଇଯାଏ, ସେତେବେଳେ ସେମାନେ କହିବସନ୍ତି : "ମୁଁ ଏହିପରି ଦେଖିଥିଲି",—ମାତ୍ର ସେମାନେ ପ୍ରକୃତରେ ଯାହା ଦେଖିଥିଲେ, ଏଇଟି ସେକଥା ମୋଟେ ନୁହେଁ ।··· ଏହାକୁ ଏକ ପ୍ରକାରର ମାନସିକ ଅସାଧୁତା ବୋଲି କୁହାଯାଇ ପାରିବ । ଏକଥାଟି ଭାରି ସ୍ୱତଃସ୍ଫୁର୍ତ୍ତ ଭାବରେ ଘଟିଥାଏ,—ଯେତେବେଳେ ମନ ଏଠି ଗୋଟାଏ କଥା ଦେଖେ, ସେଠି ଆଉ ଗୋଟାଏ କଥା ଦେଖେ, ପୁଣି ଏକ ତୃତୀୟ ଜାଗାରେ ଗୋଟିଏ ତୃତୀୟ କଥା ଦେଖେ,—ସେଇଟା ତାକୁ ଭାରି ଅପ୍ରୀତିକର ଲାଗେ । ତା'ପରେ ସେ ମଝିରେ ମଝିରେ ରହିଯାଇଥିବା ଖାଲଗୁଡ଼ିକୁ ଭରାଇ ଦେବାକୁ ଚେଷ୍ଟା କରେ; କହେ, "ଏଇଟାରୁ ସେଇଟା ହେଲା", "ସେଇଟା ହେଉଛି ଏଇଟାର କାରଣ",—ଏହିପରି ଭାବରେ କହିବାରେ ଲାଗିଥାଏ । ଏଥିରେ ମନ ଭାରି ପ୍ରସନ୍ନତା ଅନୁଭବ କରିଥାଏ, କାରଣ ଏଇଟାକୁ ସେ ନ୍ୟାୟସଙ୍ଗିକ ଭାବରେ କରିବାରେ ଲାଗିଥାଏ । ଆପଣା ଦେଖିବା

'oaob.nitrkl.ac.in' images reprocessed

କଥାର ମଝିରେ ମନ ଯାହାସବୁ ମିଶାଇ ଦେବା ଲାଗି ଚେଷ୍ଟା କରୁଥାଏ, ସେଗୁଡ଼ିକ ବି ହୁଏତ ଦୈବାତ୍ ପ୍ରକୃତରେ ଘଟେ, ମାତ୍ର ତାହା ମିଥ୍ୟା ବୋଲି ବି ପ୍ରମାଣିତ ହୋଇପାରେ ।

ତୁମର ବରଂ ଏପରି ପଚାରିବା ଉଚିତ : ତୁମର ପ୍ରକୃତରେ ଏଭଳି ଗୋଟିଏ ମନ ଅଛି କି, ଯିଏକି ଚୁପ୍ ରହିପାରୁଛି, ଯିଏକି ନିଷ୍କାର ସହିତ ଯାବତୀୟ ଆଚରଣ କରୁଛି ଓ କେବଳ ନିଷ୍ପକ୍ଷ ହୋଇ ଯାହାକିଛି ଦେଖୁଛି ? ଯାହା ପ୍ରକୃତରେ ଦେଖିଛି, କେବଳ ତାହାହିଁ କହୁଛି ? ନା ତୁମ ପାଖରେ ସେହିଭଳି ଗୋଟିଏ ମନ ରହିଛି ଯାହା ମଧ୍ୟରେ କି ଫୋଟକା ଫୁଟିଲା ପରି ଭରଭର ହୋଇ କେତେ କ'ଣ କ୍ରିୟାବ୍ୟସ୍ତତା ଲାଗି ରହିଛି, ଯିଏ କି, କୌଣସି କଥା ଦେଖିବା ପରେ ଖାଲି ସ୍ୱତଃପ୍ରବୃତ୍ତ ଭାବରେ ନିଜର କେତେ କଥା ନେଇ ତା' ସହିତ ମିଶାଇ ଦେଉଛି ଏବଂ ତାହାକୁ ଏକ ବୃହତ୍ କାହାଣୀରେ ପରିଣତ କରିଦେଉଛି; ଏବଂ ତୁମେ ତା'ପରେ ଗୋଟାପୁରା ନିଶ୍ଚିତ ହୋଇଯାଇ ପାରୁଛ ଯେ ତୁମେ ପ୍ରକୃତରେ ସେହି ସବୁଯାକ କଥା ନିଜେ ଦେଖିଛ; ମାତ୍ର ପ୍ରକୃତ କଥା ହେଉଛି ଯେ ତୁମେ ସେସବୁ କଥା ମୋଟେ ଦେଖି ନାହିଁ । ଏହି କ୍ଷେତ୍ରରେହିଁ ଆମେ ଆମର ଦେଖିଥିବା କଥାଗୁଡ଼ିକୁ ପ୍ରକୃତରେ ଭ୍ରମଯୁକ୍ତ ଓ ନିଷ୍ପ୍ରାଣ ବୋଲି କହିପାରିବା । ମାତ୍ର ତା' ବୋଲି ସେଥିରେ ଦେଖିବାଟାର ଆଦୌ କୌଣସି ଭୁଲ୍ ନାହିଁ । ତୁମେ ଯାହାକିଛି ଦେଖିଛ, ତାହାକୁ ପ୍ରକୃତରେହିଁ ଦେଖିଛ; ଭୁଲ୍ଟି ହେଉଛି ବ୍ୟାଖ୍ୟାର, ବା କେବଳ ତୁମ ବର୍ଣ୍ଣନାର, ଯାହାକି ସବୁ କଥାକୁ ଗଢ଼ାଇ ସୁନ୍ଦର କରି କହିବାକୁ ଚେଷ୍ଟା କରିଛି । ଏହି ବିଷୟରେ ମୋ ପାଖରେ କେତେ ବଡ଼ିଆ ବଡ଼ିଆ ଦୃଷ୍ଟାନ୍ତ ରହିଛି ! ଏପରି ଅନେକ ଲୋକଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ କି ପ୍ରକୃତରେ ଉଦ୍ଭାସକାରୀ କେତେ କ'ଣ ଦେଖିଛନ୍ତି, ମାତ୍ର ସେଗୁଡ଼ିକ ବିଷୟରେ କିଛିହେଲେ ବୁଝି ପାରି ନାହାନ୍ତି । ସେହି ମୁହୂର୍ତ୍ତିର ଉତ୍ସାହରେ ସେମାନେ ଖାଲି ସ୍ୱତଃସ୍ଫୂର୍ତ୍ତି ଭାବରେ ଆପଣାର ଦେଖିଥିବା କଥାଟିକୁ ବର୍ଣ୍ଣନା କରି କହିଛନ୍ତି,—ଅଧଘଣ୍ଟାକ ମଧ୍ୟରେ ବି କଥାଟି ଟିକିଏ ଭିନ୍ନ ହେବାକୁ ଆରମ୍ଭ କରିଛି, କଥାଟି ମଧ୍ୟରେ ଆଗରୁ ରହିଥିବା "ରନ୍ଧ୍ରଗୁଡ଼ିକୁ" ବୁଜି ଦିଆଯାଇଛି ଏବଂ ଶେଷରେ କାହାଣୀଟି ଆପଣା ଗୋଡ଼ରେ ଠିଆ ହୋଇ ପାରିଛି । ଏହିପରି ଭାବରେ ଏହା ଏକ ନିର୍ବୋଧ କାହାଣୀରେ ପରିଣତ ହୋଇ ଯାଇଛି, ତାହାର ଆଉ କୌଣସି ଅର୍ଥ ରହି ନାହିଁ; ମାତ୍ର ଯେଉଁ ଅଳ୍ପ କେତୋଟି କଥାକୁ ସେମାନେ ଆଗରୁ ଦେଖିଥିଲେ, ସେଥିରେ ପ୍ରକୃତରେ କେତେ କେତେ ଭବ୍ୟ ସତ୍ୟ ଉଦ୍ଭାସିତ ହୋଇ ରହିଥିଲା !

(ମାଆ ନୀରବ ରହିଲେ)

'oaob.nitrkl.ac.in' images reprocessed

କଳ୍ପନାର ଆଖିରେ ଏହିସବୁ ଦେଖିବାର ଶକ୍ତି ଯେତେବେଳେ ଅନ୍ତର ଭିତରୁ ସ୍ୱତଃସ୍ଫୂର୍ତ୍ତି ଭାବରେ କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ତାହା ତୁମକୁ ଏପରି ଅନେକ ଘଟଣାର ସଂସ୍ପର୍ଶ ମଧ୍ୟକୁ ନେଇ ଆସିପାରେ, ଯାହାକୁ ଜାଣିବାକୁ କି ତୁମେ ତୁମର ବାହ୍ୟ ଚେତନାରେ ଜାଣିବା ଲାଗି ଆଦୌ ସମର୍ଥ ହୋଇ ରହି ନଥାଅ । ଗୋଟିଏ ଖୁବ ଆଗ୍ରହୋଦ୍ଦୀପକ ସତ୍ୟକଥା ରହିଛି; ସେହି କଥାଟି ହେଉଛି ଯେ ପାର୍ଥିବ ମନର କୌଣସି ଅଂଶରେ, ପାର୍ଥିବ ପ୍ରାଣର କୌଣସି ଅଂଶରେ, ସୂକ୍ଷ୍ମ ଭୌତିକର କୌଣସି ଅଂଶରେ ଆମେ ଘଟୁଥିବା ଯାବତୀୟ ଘଟଣାର ଏକ ନିଖୁଣ, ନିର୍ଭୁଲ ଏବଂ ସ୍ୱତଃକୃତ ଅନୁଲିଖନ ହୋଇ ଯାଉଥିବାର ଦେଖିବାକୁ ପାଇବା । ଆମେ ସବୁଠାରୁ ଅଧିକ ଶକ୍ତିଶାଳୀ ଯେଉଁ ସ୍ମରଣଶକ୍ତିର କଳ୍ପନା କରି ପାରିବା, ତାହା ସବୁଟିକୁ ଅନୁଲିଖିତ କରିବାକୁ ସମର୍ଥ ହୁଏ, କିଛି ଛାଡ଼େ ନାହିଁ, କିଛିହେଲେ ଭୁଲି ଯାଏ ନାହିଁ । ଏବଂ ଯଦି ତୁମେ ସେଇଟି ମଧ୍ୟକୁ ପ୍ରବେଶ କରି ପାରିବ, ତେବେ ସେଠାରେ ପଛକୁ, ଆଗକୁ ଓ ଯାବତୀୟ ଦିଗକୁ ମଧ୍ୟ ନିଶ୍ଚୟ ଯାଇ ପାରିବ ଏବଂ ସବୁଯାକ କଥାକୁ "ସ୍ମରଣ" କରି ପାରିବ । କେବଳ ଯେ ଅତୀତର କଥାଗୁଡ଼ିକର ସ୍ମରଣ କରି ପାରିବ ତାହା ନୁହେଁ, ଅନାଗତ ଭବିଷ୍ୟ କଥାଗୁଡ଼ିକର ସ୍ମରଣ ବି କରି ପାରିବ । କାରଣ ସେଠାରେ ସବୁକିଛି ଲିପିବଦ୍ଧ ହୋଇ ରହିଥିବ ।

ଉଦାହରଣସ୍ୱରୂପ, ଆମ ମାନସିକ ଜଗତ ମଧ୍ୟରେ ଭୌତିକ ମନର ଏପରି ଗୋଟିଏ ଆୟତନ ରହିଛି, ଯାହାକି ଭୌତିକ ପଦାର୍ଥଗୁଡ଼ିକ ସହିତ ସମ୍ବନ୍ଧିତ ହୋଇ ରହିଛି ଏବଂ ପୃଥିବୀପୃଷ୍ଠରେ ଘଟୁଥିବା ଘଟଣାଗୁଡ଼ିକର ସ୍ମୃତିକୁ ସାଇତି କରି ରଖିପାରୁଛି । ଏହି କ୍ଷେତ୍ରରେ ଏପରି ହେଉଛି, ସତେ ଯେପରି ତୁମେ ଅଗଣିତ ତୋରଣଦ୍ୱାର ଦେଇ ଭିତରକୁ ପଶି ପଶି ଯାଉଛ, ଗୋଟିଏ ପରେ ଗୋଟିଏ ହୋଇ ସେହି ତୋରଣମାନ ଅନନ୍ତ ସଂଖ୍ୟାରେ ଲାଗି ରହିଛି,—ଏହି ତୋରଣଦ୍ୱାରଗୁଡ଼ିକରେ ସାନ ସାନ ଖୋପ ରହିଛି, ଗୋଟିଏ ପରେ ଗୋଟିଏ ହୋଇ ରହିଛି ଏବଂ ପ୍ରତ୍ୟେକଟିରେ ସାନ ସାନ କବାଟ ଲଗା ହୋଇଛି । ଏବଂ, ଯଦି ତୁମେ କୌଣସି ବିଷୟ ଜାଣିବାକୁ ଇଚ୍ଛା କରୁଛ ଏବଂ ଯଦି ତୁମେ ସଚେତନ ହୋଇ ରହିଛ, ତେବେ ତୁମେ ଅନାଇଦେବା ମାତ୍ରକେ ଏକ ସାନ ବନ୍ଦୁଟିଏ ଦେଖିବାକୁ ପାଉଛ,— ସେହି ବନ୍ଦୁଟି ସତେଅବା ଚକ୍‌ଚକ୍ କରିବାରେ ଲାଗିଛି । ତୁମେ ଆବିଷ୍କାର କରି ପାରୁଛ ଯେ ତୁମେ ପ୍ରକୃତରେ ଠିକ୍ ଏହି କଥାଟିକୁହିଁ ଜାଣିବା ଲାଗି ଇଚ୍ଛା କରୁଥିଲ । ତୁମେ ଯଦି ସେଠାରେ ଆପଣାକୁ ସଂକେନ୍ଦ୍ରିତ କରି ରଖି ପାରିବ, ତେବେ ତୁମ ଲାଗି ସେହି କବାଟଟି ଖୋଲିଯାଇ ପାରିବ । ତା'ପରେ ଅତ୍ୟନ୍ତ ସୂକ୍ଷ୍ମ ପାଣ୍ଡୁଲିପି ପରି କ'ଣ ଗୋଟାଏ ତୁମ ଆଗରେ ଖୋଲିଯିବାକୁ ଲାଗିବ, ମାତ୍ର ଯଦି ତୁମର ସଂକେନ୍ଦ୍ରଣ

'oaob.nitrkl.ac.in' images reprocessed

ଯଥେଷ୍ଟ ଭାବରେ ଶକ୍ତଶାଳୀ ହୋଇଥିବ, ତେବେ, ସତେଅବା କୌଣସି ବହିରୁ ପଢ଼ୁଥିବା ପରି ତୁମେ ସେଗୁଡ଼ିକୁ ପଢ଼ିବାକୁ ଆରମ୍ଭ କରିବ । ଏବଂ ଏହିପରି ଭାବରେ ସବିସ୍ତର ସମୁଦାୟ କଥାଟି ତୁମର ଉପଲବ୍ଧ ହୋଇଯିବ । ତୁମେ ତ ଜାଣିଛ, ଏହିପରି ହଜାର ହଜାର ଖୋପ ରହିଛି; ଯଦି ସେଆଡ଼େ କେବେ ବିଚରଣ କରି ବାହାରିବ, ସତେଅବା ଏକ ଅନନ୍ତତା ମଧ୍ୟରେହିଁ ବିଚରଣ କରୁଥିବା ପରି ମନେ ହେଉଥିବ । ଏବଂ ଏହିପରି ଭାବରେ, ତୁମେ ଯାହାକିଛି ଜାଣିବାକୁ ଚାହୁଁଥିବ, ସେହି ବିଷୟରେ ତୁମକୁ ନିର୍ଭୁଲ ତଥ୍ୟଗୁଡ଼ିକ ମିଳିଯାଇ ପାରିବ । ମାତ୍ର ମୁଁ ତୁମକୁ ଅବଶ୍ୟ କହିରଖିବି ଯେ, ତୁମେ ଏହିପରି ଭାବରେ ଯାହାକିଛି ଦେଖିବାକୁ ପାଇବ, ତାହା ଇତିହାସରେ କେଉଁଠି ହେଲେ ଲିପିବଦ୍ଧ ହୋଇ ନାହିଁ । ଇତିହାସଗୁଡ଼ାକୁ ତ ସର୍ବଦା ଯୋଜନା କରିହିଁ ଲେଖା ହୋଇଥାଏ । "ଇତିହାସରେ ଅତ୍ୟନ୍ତ ମହତ୍ତ୍ୱ ରଖିଥିବା" ଏପରି କୌଣସି ସତ୍ୟ ମୁଁ ଏପର୍ଯ୍ୟନ୍ତ ଜାଣେ ନାହିଁ, ଯାହାକି ଇତିହାସ ପରି ଲେଖାହୋଇ ରହିଛି । ତା' ବୋଲି ଯେ ତୁମମାନଙ୍କୁ ମୁଁ ଇତିହାସ ପଢ଼ିବା ବିଷୟରେ କୌଣସି ପ୍ରକାରେ ନିରୁତ୍ସାହିତ କରୁଛି, ତାହା ନୁହେଁ, ମାତ୍ର ପ୍ରକୃତ ଅବସ୍ଥାଟି ଏହିପରି ହୋଇ ରହିଛି । ଘଟଣାଗୁଡ଼ିକ ଯେପରି ଭାବରେ ଲେଖାହୋଇ ରହିଛି, ସେଗୁଡ଼ିକ ତା'ଠାରୁ ବେଶ୍ ଅଲଗା ପ୍ରକାରେ ଘଟିଛି ଏବଂ ଏକ ଅତ୍ୟନ୍ତ ସହଜ କାରଣରୁହିଁ ଏପରି ହୋଇଛି : ପ୍ରତ୍ୟେକ କଥାକୁ ନିର୍ଭୁଲ ଭାବରେ ଲିପିବଦ୍ଧ କରି ରଖିବା ଲାଗି ମଣିଷର ମସ୍ତିଷ୍କରେ ଉପଯୁକ୍ତ ସାମର୍ଥ୍ୟର ଅଭାବ ରହିଛି । ଆମର ସ୍ମରଣଗୁଡ଼ିକୁ ଆଧାର କରିହିଁ ଇତିହାସ ଲେଖା ହୋଇଛି ଏବଂ ଏହି ସ୍ମରଣଗୁଡ଼ିକ ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଛି । ଉଦାହରଣସ୍ୱରୂପ, ଲିଖିତ ସ୍ମୃତିକଥାଗୁଡ଼ିକୁ ବିଚାର କରିବାକୁ ଯାଇ ଆମେ ଦେଖିପାରିବା ଯେ, ଯେଉଁ ଘଟଣାଗୁଡ଼ିକ ଲାଗି ତା'ର ଆଗ୍ରହ ରହିଥାଏ, ଲେଖକ ସେହିଗୁଡ଼ିକୁହିଁ ଲେଖିବା ଲାଗି ବାଛେ; ସିଏ ଯାହା ଦେଖିଛି, ଲକ୍ଷ୍ୟ କରିଛି ବା ଜାଣିଛି, କେବଳ ସେହିଗୁଡ଼ିକୁହିଁ ବାଛିଥାଏ ଏବଂ ତାହା ସବୁବେଳେ ସମସ୍ତ କଥାଟିର କେବଳ ଏକ କ୍ଷୁଦ୍ର ଅଂଶମାତ୍ର ହୋଇ ରହିଥାଏ । ଇତିହାସକାର ଯେତେବେଳେ କିଛି ବର୍ଣ୍ଣନା କରିବାକୁ ଯାଏ, ସେତେବେଳେ, ସ୍ୱପ୍ନ ସମୟରେ ଯାହା ଘଟେ, ଏଠାରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ସେହି କ୍ଷେତ୍ରରେ ତୁମେ ପ୍ରଥମେ ଗୋଟିଏ ବିନ୍ଦୁକୁ ଦେଖ, ତା'ପରେ ଆଉ ଗୋଟିଏକୁ ଦେଖ, ତା'ପରେ ପୁଣି ଆଉ ଗୋଟିଏକୁ ଦେଖ, ଏବଂ ଏହିପରି ଭାବରେ, ଯାହା ଘଟିଯାଇଛି, ପରିଶେଷରେ ତାହାର ଏକ ପ୍ରାୟ ନିର୍ଭୁଲ ରୂପ ତୁମ ପାଖରେ ଉପଲବ୍ଧ ହୋଇ ରହେ ଏବଂ ଆପଣାର ଟିକିଏ କଳ୍ପନାଶକ୍ତି ଲଗାଇ ତୁମେ ଶୂନ୍ୟସ୍ଥାନଗୁଡ଼ିକର ପୂରଣ କରିଦିଅ । ମାତ୍ର ଇତିହାସକାରମାନେ ଗୋଟିଏ କାହାଣୀକୁ ଅବିଚ୍ଛିନ୍ନ ଭାବରେ ବର୍ଣ୍ଣନା କରନ୍ତି; ଘଟଣା ଏବଂ ମୁହୂର୍ତ୍ତଗୁଡ଼ିକ ମଧ୍ୟରେ

'oaob.nitrkl.ac.in' images reprocessed

ଯେଉଁ ରିକ୍ତସ୍ଥାନମାନ ରହିଥାଏ, ସେଗୁଡ଼ିକୁ ସେମାନେ ଆପଣାର ଶକ୍ତି ଅନୁସାରେ, ବା ଅଧିକ ଯଥାର୍ଥ ଭାବରେ କହିଲେ ଆପଣାର ଇଚ୍ଛା ଅନୁସାରେ ଭରଣା କରିଦିଅନ୍ତି; ମାନସିକ, ପ୍ରାଣିକ ଅଥବା ଅନ୍ୟ ଅଗ୍ରରୁଚିଗୁଡ଼ିକ ଅନୁସାରେ ସେଗୁଡ଼ିକର ପୂରଣ କରନ୍ତି । ଏବଂ, ତୁମେ ଇତିହାସ ବୋଲି ଯାହା ପଢ଼ୁଛ, ତାହା ଏହିପରି ଭାବରେ ତିଆରି ହୋଇଥାଏ । ସେହି ଗୋଟିଏ କାହାଣୀକୁ ଯେତେବେଳେ ଗୋଟିଏ ବା ଆଉଗୋଟିଏ ଭାଷାରେ, ଗୋଟିଏ ବା ଆଉଗୋଟିଏ ଦେଶରେ ବର୍ଣ୍ଣନା କରି ଲେଖାଯାଏ, ସେତେବେଳେ ତାହା କେତେବେଶୀ ହାସ୍ୟକର ଯେ ହେବାକୁ ଲାଗେ, ତୁମେମାନେ ତାହା କଳ୍ପନା କରି ପାରିବ ନାହିଁ ! ବିଶେଷ କରି, କୌଣସି ଏକ ଦେଶ ଯେତେବେଳେ ଆପଣାର ଦାମ୍ଭିକତା ଓ ମିଥ୍ୟା ସମ୍ମାନବୋଧ ଦ୍ୱାରା ପ୍ରେରିତ ହୋଇ ଇତିହାସରେ ଆଗ୍ରହୀ ହୁଏ, ତେବେ ତାହାର ଇତିହାସଲେଖା ଖାସ୍ ହାସ୍ୟକର ଏକ ବ୍ୟାପାରରେ ପରିଣତ ହୁଏ । ଏବଂ ପରିଶେଷରେ, ଏହିପରି ଭାବରେ ଯେଉଁ ଦୁଇଟି ଚିତ୍ର ତୁମ ଆଗରେ ଆଣି ଉପସ୍ଥାପିତ କରାଯାଏ, ତାହା ପରସ୍ପରଠାରୁ ଏତେ ବେଶୀ ପରିମାଣରେ ଭିନ୍ନ ହୋଇ ରହିଥାଏ ଯେ ତୁମେ ସତେଅବା ଦୁଇଟା ଭିନ୍ନ ଭିନ୍ନ ବିଷୟର କଥା ପଢ଼ୁଛ ବୋଲି ବିଶ୍ୱାସ କରିବାକୁ ଆରମ୍ଭ କର । ଏହି କଥାଟାକୁ ପ୍ରକୃତରେ ବିଶ୍ୱାସ କରି ହୁଏ ନାହିଁ । ମାତ୍ର ମୁଁ ପ୍ରକୃତରେ ଲକ୍ଷ୍ୟ କରି ଦେଖିଛି ଯେ, ସମ୍ପୂର୍ଣ୍ଣ ଭାବରେ ବାହ୍ୟ ଓ ମୂର୍ତ୍ତି ଘଟଣାଗୁଡ଼ିକର କ୍ଷେତ୍ରରେ ମଧ୍ୟ, ଯେଉଁଥିରେ କି କୌଣସି ପ୍ରକାର ମୂଲ୍ୟାୟନର ଅବକାଶହିଁ ନଥାଏ, ସେଠାରେ ମଧ୍ୟ ସେହିପରି ଘଟିଥାଏ । କୌଣସି ମନୁଷ୍ୟର ମସ୍ତିଷ୍କ ଗୋଟିଏ ବିଷୟକୁ ପରିପୂର୍ଣ୍ଣ ଓ ସମଗ୍ର ଭାବରେ କଦାପି ବୁଝି ପାରିବ ନାହିଁ । ଏପରିକି ପ୍ରବୀଣରୁ ପ୍ରବୀଣତର ପଣ୍ଡିତ, ଧୀମାନ୍, ଏପରିକି ନିଷ୍ଠାପର ବ୍ୟକ୍ତିମାନେ ମଧ୍ୟ କୌଣସି ବିଷୟକୁ, ଏବଂ ବିଶେଷ କରି ଅନେକଗୁଡ଼ିଏ ବିଷୟକୁ ସମଗ୍ର ଭାବରେ ଆଦୌ ଦେଖି ପାରନ୍ତି ନାହିଁ । ସେମାନେ କେବଳ ଯେତିକିମାତ୍ର ଜାଣନ୍ତି, ଯେତିକି ବୁଝନ୍ତି, କେବଳ ସେତିକି କହିପାରନ୍ତି । ଏବଂ ସେମାନେ ଯାହାକିଛି ଜାଣି ନଥାନ୍ତି, ଯାହାକିଛି ବୁଝି ନଥାନ୍ତି, ସେଗୁଡ଼ିକ ସେମାନଙ୍କର ବର୍ଣ୍ଣନାରୁ ବାଦ୍ ପଡ଼ି ଯାଇଥାଏ ଏବଂ ଏହାହିଁ ସବୁକିଛିକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦିଏ ।

ମାତ୍ର ପାର୍ଥିବ ସ୍ମୃତିରାଜ୍ୟ ଭିତରକୁ ପ୍ରବେଶ କରି ପାରିବାର ଏହି ସାମର୍ଥ୍ୟଟିକୁ ତୁମେ ଅର୍ଜନ କରି ପାରିଲେ ମୁଁ ନିଶ୍ଚିତ ଭାବରେ କହିପାରିବି ଯେ ତୁମେ ଏହା ଦ୍ୱାରା ପ୍ରଭୂତ ଲାଭବାନ୍ ହେବ । ଏହା ହେଉଛି ଯୋଗଠାରୁ ଗୋଟିଏ ଭିନ୍ନ କଥା; ଏହି କଥାଟିକୁ କରି ପାରିବା ଲାଗି ଏକ ଆଧ୍ୟାତ୍ମିକ ଜୀବନାଚରଣର ଆଦୌ କୌଣସି ଆବଶ୍ୟକତା ନାହିଁ । କେବଳ ସେଥିଲାଗି ଏକ ବିଶେଷ ଯୋଗ୍ୟତା ରହିଥିଲେ ହେଲା ।

'oaob.nitrkl.ac.in' images reprocessed

ପ୍ରତ୍ୟେକ କ୍ଷେତ୍ରରେ,—ମୋର ସମସ୍ତ ଥିଲେ ମୁଁ ତୁମ ଆଗରେ ଅନନ୍ତ କାଳ ପାଇଁ ଏହି କଥାଟିକୁ ବାରବାର କହୁଥାନ୍ତି,—ପ୍ରତ୍ୟେକ କ୍ଷେତ୍ରରେ ଆମକୁ ଏକ ସମ୍ପୂର୍ଣ୍ଣ ନିଷ୍ଠାହିଁ ରଖିବାକୁ ପଡ଼ିବ । ଯଦି ସେହି ନିଷ୍ଠାଟି ତୁମ ଭିତରେ ନଥାଏ, ତେବେ ତୁମେ ସର୍ବପ୍ରଥମେ ନିଜକୁ ଠକିବାକୁ ଆରମ୍ଭ କରିବ ଏବଂ ତୁମର ଯାବତୀୟ ଅନୁଭବର ଆଦୌ କୌଣସି ମୂଲ୍ୟହିଁ ରହିବ ନାହିଁ । ମାତ୍ର ଯଦି ସେହି ନିଷ୍ଠାଟି ପ୍ରକୃତରେ ରହିଥାଏ, ଏବଂ ସାଧନା ଓ ଶୃଙ୍ଖଳା ଦ୍ୱାରା (ତାହା ଆଦୌ ସହଜ ନୁହେଁ) ଯଦି ତୁମେ ପାର୍ଥିବ ଜଗତର ଏହି ମାନସସ୍ପୃଷ୍ଟର ରାଜ୍ୟଟି ମଧ୍ୟରେ ପ୍ରବେଶ କରିବାକୁ ସମର୍ଥ ହୁଅ, ତେବେ ତୁମେ ବହୁମୂଲ୍ୟ ନାନା ସତ୍ୟର ଆବିଷ୍କାର କରିପାରିବ ଏବଂ ତୁମର ଶ୍ରମ ଅବଶ୍ୟ ସାର୍ଥକ ହେବ ।

## ୧୬ ଫେବୃଆରୀ ୧୯୫୧

ମା ପ୍ରଥମେ "ଭ୍ରମଦର୍ଶନ"ରୁ ଗୋଟିଏ ଅଂଶ ପଢ଼ିଲେ ।
(ପ୍ରଶ୍ନ ଓ ଉତ୍ତର ୧୯୨୯, ୨୧ ଏପ୍ରିଲ)

> କୌଣସି ଦେଖିବାକୁ କ'ଣ ପ୍ରକୃତରେ ଏକ ଭ୍ରମଦର୍ଶନ ବୋଲି କୁହାଯିବ, ଯଦି ସେଇଟି ଭିତରେ ଆବିର୍ଭୂତ ହେଉଥିବା ସତ୍ତା ସିଏ ପ୍ରକୃତରେ ଯାହା ନୁହେଁ, ଆପଣାକୁ ତାହାହିଁ ବୋଲି ଛଳନା କରୁଥିବ ?

ମୁଁ ଆଦୌ ବୁଝୁ ନାହିଁ ଯେ "ଭ୍ରମଦର୍ଶନ" ବିଷୟରେ କହିବା ସମୟରେ ଲୋକମାନେ ଠିକ୍ ଏହିପରି ବୁଝିଥାନ୍ତି । ଯେତେବେଳେ ସେମାନେ ଏପରି କିଛି ଦେଖନ୍ତି, ଯାହାର କୌଣସି ଅସ୍ତିତ୍ୱ ନାହିଁ ବୋଲି ସେମାନେ ବିଶ୍ୱାସ କରୁଥାନ୍ତି, ସେମାନେ ସେତେବେଳେ ତାକୁ "ଭ୍ରମଦର୍ଶନ" ବୋଲି କହନ୍ତି । ମୁଁ ସେମାନଙ୍କୁ ସବୁବେଳେ ଏହିପରି ଭାବରେ ଉତ୍ତର ଦେଇଥାଏ, "ତୁମେ ଯାହା ଦେଖିଲ, ସେହି ବିଷୟରେ ଆଗରୁ କିଛି ଭାବିଥିଲ କି ? ଏଇଟିକୁ ଦେଖିବା ଲାଗି ତୁମେ କୌଣସି ଚେଷ୍ଟା କରିଥିଲ କି ? ତାହା ତୁମର କଳ୍ପନା ଭିତରେ ଥିଲା ନା ତୁମେ ତାହାକୁ ଦେଖିବା ଲାଗି ଏକ ଇଚ୍ଛା କରିଥିଲ ? ଯଦି ସେହିପରି ହୋଇଥାଏ, ତା'ହେଲେ ତୁମେ ଭୁଲ ଦେଖିଲ ବୋଲି କହିବାକୁ ହେବ ।" ମାତ୍ର ବର୍ତ୍ତମାନ ତୁମେ ଆଜି

'oaob.nitrkl.ac.in' images reprocessed

ଗୋଟିଏ ଭିନ୍ନ କଥା ମୋତେ ପଡ଼ୁଛି : ଏହିସବୁ ଗୁପ୍ତାରୂପ, ଯେଉଁମାନେ କି, ସେମାନେ ପ୍ରକୃତରେ ଯାହା ନୁହଁନ୍ତି, ତାହାହିଁ ବୋଲି ଛଳନା କରିଥାନ୍ତି, ଯଦି ତୁମେ ସେମାନଙ୍କୁ ବିଶ୍ୱାସ କର, ତେବେ ତାହାର ଅର୍ଥ ହେବ ନାହିଁ ଯେ ତୁମେ କିଛି ଭୁଲ ଦେଖିଲ, ମାତ୍ର ପ୍ରକୃତ କଥା ହେଉଛି ଯେ ଆପଣାର ଦେଖିବା ବସ୍ତୁଟିରୁ ତୁମେ ଏକ ଭୁଲ ଅର୍ଥ କଲ । ପ୍ରବଞ୍ଚନାଟିକୁ ଠଉରାଇ ନେଇ ପାରିବା ଲାଗି ତୁମର ଯେ ଆବଶ୍ୟକ ବିଚାର ଶକ୍ତି ନାହିଁ, ଏଥିରୁ ତାହାର ସୂଚନାହିଁ ମିଳିବ । ମୋ ପାଖରେ ଦୀର୍ଘ ଦିନ ଧରି ଏପରି ଲୋକମାନେ ଥିଲେ ଯେଉଁମାନେ କି ମୋତେ ଆଗରୁ ଦେଖିଥିଲେ ବୋଲି କହୁଥିଲେ (ନାନା ନିତାନ୍ତ ଅସମ୍ଭବ ପରିଣାମଗୁଡ଼ିକ ସହିତ ସଂଲଗ୍ନ ଭାବରେ ମୋତେ ସେମାନେ ଦେଖିଥିଲେ; ସେମାନଙ୍କ ଜୀବନରେ ଯାବତୀୟ ଭୟଙ୍କର ଘଟଣା ଘଟିବାରେ ଲାଗିଥିଲା); ପ୍ରକୃତ କଥା ହେଉଛି ଯେ କେତେଗୁଡ଼ିଏ ଶକ୍ତି ସେମାନଙ୍କୁ ସେମାନେ ତାହାକୁ ମୁଁ ବୋଲି ବିଶ୍ୱାସ କରନ୍ତୁ ବୋଲି ପ୍ରବର୍ତ୍ତାଇବାକୁ ଚେଷ୍ଟା କରୁଥିଲେ । ଏହି ହାସ୍ୟକର ବ୍ୟାପାରଟିରେ ଏକ ପୂର୍ଣ୍ଣଚ୍ଛେଦ ପକାଇବା ଉଦ୍ଦେଶ୍ୟରେ ମୁଁ ସେମାନଙ୍କୁ ଏକ ଅତି ସରଳ ଉପାୟ ବତାଇ ଦେଇଥିଲି ।

ଏହି କ୍ଷେତ୍ରରେ ଅନ୍ୟ ଗୋଟିଏ କଥା ବି ରହିଛି : ସେମାନେ ମୋତେ ଡାକନ୍ତି ଓ ମୁଁ ଉତ୍ତର ଦିଏ; ମାତ୍ର ପରେ ଲୋକମାନେ ଦେଖିବାକୁ ଆରମ୍ଭ କରନ୍ତି ଯେ ପରିଣାମଟି ପ୍ରାୟ ସବୁ ସମୟରେହିଁ ସେମାନଙ୍କର ନିଜ ମାନସିକ ବିରଚନଗୁଡ଼ିକ ଅନୁସାରେ ଘଟିଥାଏ । ମୁଁ ଗୋଟିଏ କାର୍ଯ୍ୟ କରିଦିଏ ବୋଲି ସେମାନେ ଆଶା ରଖିଥାନ୍ତି ଏବଂ ତାହାହିଁ ପ୍ରକୃତରେ ଘଟେ । ଏବଂ ଯେତେବେଳେ ସେମାନେ ମୋ ପାଖକୁ ଆସି "ଆଜି ଆପଣ ଆସିଥିଲେ" ବୋଲି କହନ୍ତି, ସେତେବେଳେ ମୁଁ ସେଇଟିକୁ ପ୍ରକୃତ ଘଟଣା ସହିତ ମିଳାଇ କରି ଦେଖେ; ସେମାନେ ବସ୍ତୁତଃ ମୋତେ ଡାକିଥିଲେ ଓ ମୁଁ ମଧ୍ୟ ସେଠାକୁ ଯାଇଥିଲି, ମାତ୍ର ସେମାନେ ଯାହା ଦେଖିଲେ ଓ ଯାହା ପ୍ରକୃତରେ ଘଟିଥିଲା, ମୁଁ ଦୁଇଟିଯାକକୁ ତୁଳନା କରି ଦେଖେ ଏବଂ ଅଧିକାଂଶ ସମୟରେ ଏହି କ୍ଷେତ୍ରରେ ଏକ ବିରାଟ ପ୍ରଭେଦ ରହି ଯାଇଥାଏ; ଆପଣାର ବୋଧଟି ସହିତ ସେମାନେ ଯେଉଁ ବାସନାଟିକୁ ଏକାଠି ମିଶାଇ ଦେଇଥାନ୍ତି, ଏହା ସେଇଥି ସକାଶେହିଁ ଘଟେ । ସେତେବେଳେ ମୁଁ କହି ପାରୁଥାନ୍ତି, "ତୁମେ ଯାହା ଦେଖିଲ, ସେଇଟି ହେଉଛି ଆଂଶିକ ଭାବରେ ଭୁଲ । ମୁଁ ଯେ ଆସିଥିଲି, ତାହା ଅବଶ୍ୟ ସତ, ମାତ୍ର ତୁମେ ମୋ ଦ୍ୱାରା ଯେଉଁ କାର୍ଯ୍ୟଟିକୁ କଲ, ସେଇଟିକୁ ତୁମେହିଁ ମୋ ଦ୍ୱାରା କଲ ।"

"ତୁମଠାରୁ କେବଳ ଏକ ନିଷ୍କ୍ରିୟ ସ୍ୱୀକୃତି ବା ବଶ୍ୟତା ଆଦୌ ପ୍ରତ୍ୟାଶା କରାଯାଉ ନାହିଁ, ଯେଉଁଥିରେ କି ତୁମେ କେବଳ

'oaob.nitrkl.ac.in' images reprocessed

> ଗୋଟିଏ ପଥର ପରି ହୋଇ ରହିଥିବ; ମାତ୍ର ତୁମଠାରୁ ପ୍ରତ୍ୟାଶା କରାଯାଉଛି ଯେ ତୁମ ନିଜର ଇଚ୍ଛାଟିକୁ ନେଇ ଭଗବତ୍ ପରମଇଚ୍ଛାର ଅଧୀନରେ ଉପସ୍ଥାପିତ କରିଦେବ ।"
>
> ପ୍ରଶ୍ନ ଓ ଉତ୍ତର ୧୯୬୯ (୨୧ ଏପ୍ରିଲ)

ଆପଣାର ଇଚ୍ଛାଟିକୁ ନେଇ ଜଣେ କପରି ସମର୍ପଣ କରିଦେଇ ପାରିବ ?... ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ଇଚ୍ଛାଟିକୁ ସମର୍ପଣ କରିଦେବାକୁ ଯାଇ କୌଣସି ପ୍ରକାର ଇଚ୍ଛା କରିବାରୁହିଁ ଆପଣାକୁ କ୍ଷାନ୍ତ କରି ରଖନ୍ତି । ଏଇଟା କରିବା ଅପେକ୍ଷାକୃତ ଅଧିକ ସହଜ, ମାତ୍ର ଏହା ଯେ ଆଦୌ ଯଥାର୍ଥ ନୁହେଁ, ସେଥିରେ କୌଣସି ସନ୍ଦେହ ନାହିଁ ।

ଭଗବତ୍ ପରମଇଚ୍ଛାଟି ପ୍ରକୃତରେ ଯେ କ'ଣ, ତାହା ଜାଣି ନଥିବା ପର୍ଯ୍ୟନ୍ତ ଆମେ ଆମର ଇଚ୍ଛାଟିକୁ ନେଇ ଭଗବାନଙ୍କ ପାଖରେ ସମର୍ପି ଦେଇ ପାରିବା କପରି ? ଏଇଟି ହେଉଛି ଏକ ଖୁବ୍ ଆଗ୍ରହୋଦ୍ଦୀପକ ପ୍ରଶ୍ନ ।

> ଅନେକ ଲୋକ ଭାବନ୍ତି ଯେ ବାହାରୁ ସେମାନଙ୍କ ପାଖକୁ ଯାହାକିଛି ଆସେ, ତାହାହିଁ ହେଉଛି ଭଗବାନଙ୍କ ଇଚ୍ଛା । ଏବଂ ସେମାନେ ତାହାକୁ ସେହିପରି ମନେକରିହିଁ ଗ୍ରହଣ କରିଥାନ୍ତି ।

ହଁ, କରନ୍ତି । ତାହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା । ମାତ୍ର ସେମାନେ ଯଥାର୍ଥରେ କେବଳ ସାମୂହିକ ଇଚ୍ଛାଟିକୁହିଁ ଗ୍ରହଣ କରି ନେଉଥାନ୍ତି, ସବୁଠାରୁ ବଳବାନ୍‌ମାନଙ୍କର ଇଚ୍ଛାକୁ ଗ୍ରହଣ କରି ନେଉଥାନ୍ତି ।

> ଆପଣା ଇଚ୍ଛା ଦ୍ୱାରା କୃତ ଯାବତୀୟ କର୍ମକୁ ଆମର ଭଗବାନଙ୍କ ପାଖରେ ସମର୍ପଣ କରିଦେବା ଉଚିତ ନୁହେଁ କି ? ଅର୍ଥାତ୍, ଆମେ ଯେଉଁ କାର୍ଯ୍ୟଟିକୁ କରିବା ପାଇଁ ଇଚ୍ଛା କରିବା, ଆଗ ସେଇଟିକୁ କରିବା ଏବଂ ତା'ପରେ ସେଗୁଡ଼ିକୁ ସମର୍ପଣ କରି ଦେବା ନାହିଁ କି ?

ସମ୍ଭବତଃ ଆହୁରି ଭଲ ହେବ, ଯଦି ତୁମେ ଆପଣାର ଇଚ୍ଛାଶକ୍ତିକୁ ନୀରବ କରିଆଣିବ ଓ କୌଣସି ପ୍ରକାର କାର୍ଯ୍ୟ କରିବା ପୂର୍ବରୁ ଅନ୍ତର୍ବାଣୀର ନିର୍ଦ୍ଦେଶ ଲାଗି ଅପେକ୍ଷା କରିବ । ତାହା ଅଧିକ ବଳିଷ୍ଠତାର କାର୍ଯ୍ୟ ହେବ ।

'oaob.nitrkl.ac.in' images reprocessed

ଏଥିରୁ ତୁମେ ଜାଣି ପାରିବ ଯେ ଆମ ଇଚ୍ଛାଶକ୍ତିକୁ ଭଗବାନଙ୍କ ପାଖରେ ନେଇ ସମର୍ପଣ କରିବାର ଅନେକ ମାର୍ଗ ଆମେ ଆବିଷ୍କାର କରିପାରିବୁ : ପ୍ରଥମ ମାର୍ଗଟି ହେଉଛି, ଆଉ ଆମେ କୌଣସି ପ୍ରକାର ଇଚ୍ଛା କରିବା ନାହିଁ ! ଦ୍ୱିତୀୟ ମାର୍ଗଟି ହେଉଛି, ନିଜେ କିଛି ଇଚ୍ଛା ନକରି ଅନ୍ୟମାନେ ଯାହା ଚାହୁଁଛନ୍ତି, କେବଳ ସେହିସବୁ କରିବା ! ଏବଂ ତୃତୀୟ ମାର୍ଗଟି ହେଉଛି, ଯାହାକିଛି ମନ ହେଉଛି, ତାହା ଇଚ୍ଛା କରିବା, ଯାହାକିଛି ମନ ହେଉଛି, ତାହା କରିବା, ଏବଂ ତା'ପରେ, ଆମେ ଯାହା କରୁଛୁ, ତାହାକୁ ନେଇ ଭଗବାନଙ୍କ ପାଖରେ ସମର୍ପଣ କରିଦେବା !

ମାତ୍ର, ଆମେ ଇଚ୍ଛା କଲେ ନିଜର ଇଚ୍ଛାଟିକୁ ନିଜ ସମ୍ମୁଖରେ ସୃଙ୍ଖଳବଦ୍ଧ କରି ରଖିପାରିବା ଏବଂ ନିଜର ଉଚ୍ଚତର ଆଦର୍ଶର ପରଦାଟି ଆଗରେ ତାକୁ ନେଇ ଉପସ୍ଥାପିତ କରିଦେବାର ଚେଷ୍ଟା କରିବା । ସେହି ଇଚ୍ଛାଟି ଏହି ଆଦର୍ଶଟିର ସମ୍ମୁଖରେ ପ୍ରକୃତରେ କିପରି ଦିଶୁଛି, ତାହା ସେଠାରେ ଆପଣାର ପ୍ରତିଷ୍ଠା ବଜାୟ ରଖି ପାରୁଛି କି ନାହିଁ, ତାହାର ସମୀକ୍ଷଣ କରିବା । ଯଦି ତାହା ଟଳମଳ ହେବାକୁ ଆରମ୍ଭ କରେ, ତୁମେ ସେଥିରୁ ନିଶ୍ଚିତ ଭାବରେ ଜାଣିବ ଯେ ସେଥିରେ ସଂଶୋଧନ କରିବା ଲାଗି ଅବଶ୍ୟ କିଛି ରହିଛି । ମାତ୍ର, ଅନ୍ୟ ପକ୍ଷରେ, ଯଦି ତାହା ସ୍ଥିର ହୋଇ ପ୍ରବିଷ୍ଟ ହୋଇ ଯାଇପାରେ ଏବଂ ସେଥିରେ କୌଣସି ପ୍ରତିବାଦ ନଥିବ, ତେବେ ତୁମେ ନିଶ୍ଚୟ ସାହସ ସଂଗ୍ରହ କରି ଯାହା କରିବାକୁ ଇଚ୍ଛା କରୁଥିଲ, ସେଇଟିକୁ କରିପାରିବ ଏବଂ ପରିଣାମଟିକୁ ନିରୀକ୍ଷଣ କରିବ । ମାତ୍ର ଏଠାରେ ମଧ୍ୟ ଆମକୁ ଏକ ଅତ୍ୟନ୍ତ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ।···ଯେଉଁମାନେ ଏକ ଅନ୍ତର୍ଗତ ଶାନ୍ତସ୍ଥିତି ମଧ୍ୟରେ ଅବସ୍ଥାନ କରିବାକୁ ଇଚ୍ଛା କରୁଥାନ୍ତି, ସେମାନେ କହନ୍ତି ଯେ ଯାହାକିଛି ଯେତେବେଳେ ଘଟୁଛି, ତାହା ଭଗବାନଙ୍କର ଇଚ୍ଛାରୁହିଁ ଘଟୁଛି,—ଶାନ୍ତ ହେବା ଲାଗି ଏପରି ଏକ ଯୁକ୍ତି ପ୍ରକୃତରେ ଭାରି ସୁବିଧାଜନକ । ଏଇଟି ହେଉଛି ପ୍ରକୃଷ୍ଟତମ ପନ୍ଥା, ଏହାଠାରୁ ଅଧିକ ଭଲ ପନ୍ଥା ଆଉ କେଉଁଠି ମିଳିବ ନାହିଁ । ଯଦି ଅଧିକ ଭଲ କୌଣସି ମାର୍ଗ ରହିଥିବ, ତେବେ ତାହା ଅନେକ ଅଧିକ କଷ୍ଟକର ହେବ । ତେଣୁ, ଯଦି ତୁମର ଇଚ୍ଛାଟି ଅନୁସାରେ ପରିଣାମ ନଘଟୁଛି, ତେବେ ତୁମେ କହୁଛ ଯେ ଭଗବାନଙ୍କ ଇଚ୍ଛାରେହିଁ ସେପରି ଘଟିଲା; ତୁମେ ଚୁପ୍ ହୋଇ ରହୁଛ, ତୁମେ ଯାହା କରି ପାରିଥାନ୍ତ କରିଛ ଏବଂ ତୁମେ ଯାହା ପ୍ରତ୍ୟାଶା କରି ନଥିଲ, ପରିଣାମ ସେହିପରି ଘଟୁଛି, ଏବଂ ତୁମେ ତଥାପି ଶାନ୍ତ ହୋଇ ରହିଯାଉଛ (ଉଲ୍ଲେଖ କରି ରଖିବା ଉଚିତ ଯେ ଏପରି କରିବା ଆଦୌ ଖୁବ୍ ବେଶୀ ସହଜ ନୁହେଁ; ଏପର୍ଯ୍ୟନ୍ତ ବିଗ୍ଭର କରି ଦେଖିଲେ ଏହାକୁ ବେଶ୍ ଭଲ ବୋଲି କୁହାଯାଇ ପାରିବ, ମାତ୍ର ଏହା କଦାପି ସବୁକିଛି ନୁହେଁ) । ମାତ୍ର ଏପରି ମଧ୍ୟ ବେଶ୍ ସମ୍ଭବ ହୋଇପାରେ ଯେ ତୁମର ଇଚ୍ଛାଟିରେ

'oaob.nitrkl.ac.in' images reprocessed

ଆଦୌ କୌଣସି ଭୁଲ୍ ନଥିଲା ଏବଂ ପରିସ୍ଥିତିଗୁଡ଼ିକ ସକାଶେହିଁ ସେଥିରୁ ଯାହା ଫଳିବାର କଥା ତାହା ଫଳି ପାରିଲା ନାହିଁ । ଏପରି ସ୍ଥିତିରେ ସମାଧାନଟି ଆହୁରି ଅଧିକ ଜଟିଳ ହୋଇ ପଡ଼ିବ । ପ୍ରଥମତଃ, ଇଚ୍ଛାଟିରେ କୌଣସି ଭୁଲ୍ ନଥିଲା ବୋଲି ଜାଣିବ କିପରି ?···ଯଦି ତୁମେ ଯଥେଷ୍ଟ ପରିମାଣରେ ନିରପେକ୍ଷ, ସ୍ଥିର ଓ ଶାନ୍ତ ହୋଇଥିବ, ଯଦି ଯଥାସମ୍ଭବ କମ୍ ପରିମାଣରେ ନିଜର ଅହଂବାଦିତା ଦ୍ୱାରା ପ୍ରେରିତ ହେଉଥିବ, ଯାହା ଘଟିଲା, ଯଦି ସେଇଟି ଉପରେ ସିଧା ଦୃଷ୍ଟିପାତ କରି ପାରୁଥିବ ଏବଂ ସେହି କ୍ଷେତ୍ରରେ ଏକ ପ୍ରକାର ବିରୋଧ ପ୍ରତ୍ୟକ୍ଷ କରିବ, ଯଦି, ଏକ ଆଲୋକ ନିଭିଯାଇଛି ଏବଂ ତୁମେ ଏକ ମିଥ୍ୟାର ହାବୁଡ଼ରେ ପଡ଼ିଯାଇଛ ବୋଲି ତୁମର ଏକ ଧାରଣା ହେବ, ତେବେ ତୁମେ ଆପଣାକୁ ଯଥାସମ୍ଭବ ଶାନ୍ତ କରି ଆଣିବ, ମାତ୍ର ତୁମେ ଏହି କଥାଟିକୁ ନିଶ୍ଚିତ ଭାବରେ ଦେଖି ପାରୁଥିବ ଓ ବୁଝି ପାରୁଥିବ ଯେ ତୁମର ଇଚ୍ଛାଟି ସ୍ୱୟଂ କୌଣସି ପ୍ରକାର ଭୁଲ୍ ଦ୍ୱାରା ପ୍ରେରିତ ହୋଇ ନଥିଲେ ମଧ୍ୟ ତୁମର ଅଜ୍ଞାତ କୌଣସି କାରଣ ଦ୍ୱାରା ତାହା ପ୍ରକୃତରେ ଖଣ୍ଡିତ ହୋଇ ଯାଇଛି; ତୁମେ ଯାହା ଦେଖିଛ, ତାହା ଯେ ସତ୍ୟ ଏଥିରେ କୌଣସି ସନ୍ଦେହ ନାହିଁ, ମାତ୍ର କୌଣସି ନା କୌଣସି କାରଣରୁ ସେହି ସତ୍ୟ ଆପଣାକୁ ଅଭିବ୍ୟକ୍ତ କରି ପାରି ନାହିଁ । ତେଣୁ, ତୁମର ସତ୍ୟଟି ଯେ ଆପଣାକୁ କାହିଁକି ଅଭିବ୍ୟକ୍ତ କରି ନପାରିଲା, ବର୍ତ୍ତମାନ ତୁମେ ସେହି କାରଣଟିକୁ ଆବିଷ୍କାର କରିବା ଲାଗି ଏକ ଦୁଃସାହସ ଯାତ୍ରା ଆରମ୍ଭ କରିବ । ଏହି ସମସ୍ୟାଟି ନିଶ୍ଚୟ ଟିକିଏ ଅଧିକ କଷ୍ଟକର ହେବ···ମାତ୍ର ଆପଣାର ଦୃଷ୍ଟିଟିକୁ ଯଦି ତୁମେ ଯଥେଷ୍ଟ ପରିମାଣରେ ପ୍ରସାରିତ କରିଦେଇ ପାରୁଥିବ, ଉଚ୍ଚତା ଏବଂ ବିସ୍ତାର ଉଭୟ ଦିଗରେ ପ୍ରସାରିତ କରିଦେଇ ପାରୁଥିବ, ତେବେ, ତୁମର ଇଚ୍ଛାଟି ଆପଣାକୁ ଉପଲବ୍ଧ କରି ପାରିଥିଲେ ତଦ୍ୱାରା ତାହାର କେଉଁସବୁ ପରିଣାମ ହୋଇ ପାରିଥାନ୍ତା, ତୁମେ ସେହିସବୁ କଥାକୁ ସଙ୍ଗେ ସଙ୍ଗେ ଦେଖିବାକୁ ସମର୍ଥ ହେବ, ଏବଂ ଯାହାସବୁ ଘଟିଥାନ୍ତା, ତାହାର ପରିଣାମଗୁଡ଼ିକୁ ମଧ୍ୟ ଦେଖିବାକୁ ପାଇବ । ଏବଂ, ଯଦି ଆପଣାର ଦୃଷ୍ଟିକୁ ତୁମେ ଯଥେଷ୍ଟ ଦୂରକୁ ପ୍ରସାରିତ କରି ପାରୁଥିବ, ତେବେ ତୁମେ ଏକଥା ନିଶ୍ଚୟ ଦେଖି ପାରିବ ଯେ, ତୁମର ଇଚ୍ଛାଟି ଯେତେବେଶୀ ପରିମାଣରେ ଏକ ନିର୍ଭୁଲ ଇଚ୍ଛା ହୋଇଥିଲେ ମଧ୍ୟ ପ୍ରକୃତରେ କେବଳ ଏକ ଆଂଶିକ ସତ୍ୟ ହୋଇହିଁ ରହିଥିଲା—ତାହାକୁ ଏକ ସାମୂହିକ ବା ସାଧାରଣ ସତ୍ୟ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ, ଏକ ବିଶ୍ୱ-ସତ୍ୟ ବୋଲି ତ ଆହୁରି କମ୍ କୁହାଯାଇ ପାରିବ;—ଏବଂ, ପରିଣାମତଃ, ଯଦି ସେହି ମୁହୂର୍ତ୍ତରେ ସେହି ସତ୍ୟଟି ଉପଲବ୍ଧ ହୋଇଥାନ୍ତା, ତେବେ ତାହା ଏକ ନିର୍ଦ୍ଦିଷ୍ଟ ସମଷ୍ଟିରେ ବିଘଟନ ସୃଷ୍ଟି କରାଇଥାନ୍ତା ଏବଂ ଦିବ୍ୟ ପରମକାର୍ଯ୍ୟର ଅଂଶସ୍ୱରୂପ ହୋଇ ରହିଥିବା ଆହୁରି ଅନେକ ଜିନିଷକୁ ମଧ୍ୟ ବିଘଟିତ କରି

'oaob.nitrkl.ac.in' images reprocessed

ଦେଇଥାନ୍ତି (କାରଣ, ବସ୍ତୁତଃ, ପ୍ରତ୍ୟେକ ଜନପଦକୁହିଁ ଆମେ ଦ୍ରବ୍ୟ ପରମକାର୍ଯ୍ୟର ଏକ ଅଂଶ ବୋଲି କହିପାରିବା, ସମଗ୍ର ସୃଷ୍ଟିର ଅର୍ଥାତ୍ ସମଗ୍ର ବିଶ୍ୱର ଗୋଟିଏ ଅଂଶ ବୋଲି କହିପାରିବା) : ଅର୍ଥାତ୍ କହିବାକୁ ହେବ ଯେ ସମଗ୍ରଟି ମଧ୍ୟରୁ ଗୋଟିଏ ଅଂଶ ପଛରେ ରହି ଯାଇଥାନ୍ତି ।

ଲୋକମାନେ ସବୁବେଳେ ପଚାରନ୍ତି, "ମାତ୍ର ଯଦି ଭଗବାନହିଁ ସର୍ବଶକ୍ତିମାନ୍ ହେଲେ, ତେବେ ପୃଥିବୀର ବସ୍ତୁଗୁଡ଼ିକ ଏପର୍ଯ୍ୟନ୍ତ ବଦଳି ନଯାଇ ସେହିପରି ରହିଛି କିପରି ?" ଏହାହିଁ ହେଉଛି ତାହାର କାରଣ ।

ଏବଂ ଗୋଟିଏ କଥା ଲକ୍ଷ୍ୟ କରି ରଖିବାକୁ ହେବ ଯେ ଯାହା ହେବା ଉଚିତ, ସେବିଷୟରେ ତୁମର ଯେଉଁ ଧାରଣାଟି ଅଛି, ଯାହା ହେବ, ତାହାଠାରୁ ସେଇଟି ଏତେ ଅତ୍ୟଧିକ ପରିମାଣରେ ଭିନ୍ନ ହୋଇ ରହିଛି ଯେ, ଖାସ୍ ଏହି କାରଣଟି ସକାଶେ ତୁମେ ଯଥାସମ୍ଭବ ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ଭାବରେ ସବୁକିଛିକୁ ଦେଖିବାର ଚେଷ୍ଟା କରୁଥିଲେ ମଧ୍ୟ ତୁମେ ତଥାପି ବିଶ୍ୱର ଏପରି ଏକ ବୃହତ୍ ଅଂଶକୁ ପଛରେ ପକାଇ ଦେଇଥିବ ଯେ ତାହା ପ୍ରାୟ କେବଳ ଏକ ଅନୁରେଖ ଉପଲବ୍ଧି ହୋଇ ରହିବ, ଏବଂ ଯାବତୀୟ ସ୍ଥିତିରେ ଏପରି ଏକ କ୍ଷୁଦ୍ର ଓ ସଙ୍କୀର୍ଣ୍ଣ ଉପଲବ୍ଧି ହୋଇ ରହିବ ଯେ ବିଶ୍ୱର ବୃହତ୍ତର ଅଂଶଟି ତଦ୍ଦ୍ୱାରା କେବଳ ଅପରିବର୍ତ୍ତିତ ହୋଇ ରହିଯିବ । ଏବଂ ସମଗ୍ରଟି ବିଷୟରେ ତୁମର ଧାରଣାଟି ଯେତେ ଅଧିକ ସୁପରିବ୍ୟାପ୍ତ ହୋଇଥିଲେ ମଧ୍ୟ, ଏପରିକି ଯଦି ତୁମେ ଅଧିକ ସମଗ୍ର ଏକ ବସ୍ତୁର କଳ୍ପନା କରି ପାରିବ ଏବଂ ପ୍ରସ୍ତୁତ ହୋଇ ରହିଥିବା ମାର୍ଗଟିରେ ଅଗ୍ରସର ହେବାକୁ ଆରମ୍ଭ କରିବ, —କାରଣ, ସତ୍ତ୍ୱମାନଙ୍କ କ୍ଷେତ୍ରରେ ଯେପରି, ମାର୍ଗଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେଇପରି, କେତେକ ମାର୍ଗ ନିରନ୍ତର ପ୍ରସ୍ତୁତ ହୋଇ ରହିଥାଏ,—ଯଦି ଅନ୍ୟ ମାର୍ଗଗୁଡ଼ିକ ଲାଗି ଅପେକ୍ଷା କରିବା ଲାଗି ତୁମର ଧୈର୍ଯ୍ୟ ନଥିବ, ଅର୍ଥାତ୍, ଯଦି ପୃଥିବୀର ବର୍ତ୍ତମାନ ସ୍ଥିତିଟିର ତୁଳନାରେ ପରମ ସତ୍ୟର ଅତ୍ୟନ୍ତ ଘନିଷ୍ଠ ହୋଇ ରହିଥିବା କୌଣସି ଗୋଟିଏ ବସ୍ତୁର ଉପଲବ୍ଧି କରିବାକୁ ଇଚ୍ଛା କରିବ, ତେବେ ତଦ୍ଦ୍ୱାରା ପ୍ରକୃତରେ କ'ଣ ଘଟିବ ?—ଏକ ନିର୍ଦ୍ଦିଷ୍ଟ ଏକତାରେ ବିଘଟଣ ସୃଷ୍ଟି ହେବ, କେବଳ ଏକ ସୌଷମ୍ୟ ଯେ ଫାଟି ନଷ୍ଟ ହୋଇଯିବ ତା' ନୁହେଁ, ମାତ୍ର ସମତାବସ୍ଥାଟି ମଧ୍ୟ ଫାଟି ଭାଙ୍ଗିଯିବ, କାରଣ, ସୃଷ୍ଟିର ଏପରି ଏକ ସମ୍ପୂର୍ଣ୍ଣ ଅଂଶ ତଥାପି ରହିଥିବ, ଯାହାକି ଏହାର ଅନୁଗମନ କରିବା ଲାଗି ସମର୍ଥ ହେବ ନାହିଁ । ଏବଂ, ପରମ ଦ୍ରବ୍ୟ ସତ୍ୟର ଏକ ସମ୍ପୂର୍ଣ୍ଣ ଉପଲବ୍ଧି ପରିବର୍ତ୍ତିରେ ତୁମେ କେବଳ ଏକ ସ୍ଥାନୀୟ କ୍ଷୁଦ୍ର ଉପଲବ୍ଧିହିଁ ସମ୍ଭବ କରିପାରିବ, ଏକ ଅତ୍ୟନ୍ତ ଟିକିଏ ଉପଲବ୍ଧି ସମ୍ଭବ କରିବ, ଏବଂ ପରିଶେଷରେ ଯାହା ଅବଶ୍ୟ କରାଯିବା ଉଚିତ, ସେଥିରୁ ପ୍ରକୃତରେ କିଛିହେଲେ ସମ୍ପନ୍ନ ହୋଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ତେଣୁ, ତୁମେ ଅଧୈର୍ଯ୍ୟ ହୋଇ ପଡ଼ିବ ନାହିଁ, ନିରାଶ ହେବ ନାହିଁ, ଦୁଃଖିତ ବା ନିରୁତ୍ସାହିତ ହୋଇ ପଡ଼ିବ ନାହିଁ; ତୁମେ ଯେଉଁ ସତ୍ୟଟିକୁ ଦେଖିଛ, ତାହା ସଙ୍ଗେ ସଙ୍ଗେ ଉପଲବ୍ଧ ନହେଲେ ତୁମେ ଏସବୁ କିଛି ହୋଇ ପଡ଼ିବ ନାହିଁ । ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଦି ତୁମେ ଗୋଟିଏ ଭୁଲ କରି ପକାଇଲ, ତେବେ ସେହି କ୍ଷେତ୍ରରେ ଦୁଃଖୀ, ନିରୁତ୍ସାହିତ ଅଥବା ନିରାଶ ହୋଇ ପଡ଼ିବାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ, କାରଣ ପ୍ରତ୍ୟେକ ଭୁଲକୁ ସଂଶୋଧନ କରାଯାଇ ପାରିବ; ଯେଉଁ ମୁହୂର୍ତ୍ତିରୁହିଁ ତୁମେ କୌଣସି ଭୁଲକୁ ଭୁଲ ବୋଲି ହୃଦୟଙ୍ଗମ କରିଛ, ସେହି ମୁହୂର୍ତ୍ତିରୁ ତୁମ ଭିତରେ କାର୍ଯ୍ୟ କରିବା ଲାଗି ଏକ ସୁଯୋଗ ଆସି ପହଞ୍ଚିଛି, ଅଗ୍ରଗତି ସାଧନ କରିବା ଲାଗି ଏବଂ ତଜ୍ଜନିତ ଅଶେଷ ସୁଖଟିକୁ ଅନୁଭବ କରିବା ଲାଗି ଏକ ସୁଯୋଗ ଆସି ପହଞ୍ଚିଛି । ମାତ୍ର, ଯେତେବେଳେ, ତୁମେ ସତ୍ୟ, ଅର୍ଥାତ୍ ଏକାନ୍ତ ଏବଂ ଯଥାର୍ଥ ଭାବରେ ସତ୍ୟ ହୋଇ ରହିଥିବା ଏକ ସମ୍ପଦକୁ ଆବିଷ୍କାର କରିଛ ଏବଂ ବିଶ୍ୱଜଗତର ସ୍ଥିତିଟି ଏପରି ହୋଇ ରହିଛି ଯେ ଏହି ସତ୍ୟଟି ତଥାପି ଉପଲବ୍ଧ ହୋଇ ପାରିବା ଭଳି ପରିପକ୍ୱ ହୋଇ ପାରି ନାହିଁ, ସେତେବେଳେ ସ୍ଥିତିଟି ପ୍ରକୃତରେ ଅନେକ ଅଧିକ ଗମ୍ଭୀର ହୋଇପଡ଼ିଛି ଏବଂ ସେହି ସ୍ଥିତିଟିକୁ ଅତିକ୍ରମ କରିବା ମଧ୍ୟ ଅନେକ ଅଧିକ କଷ୍ଟକର ହୋଇପଡ଼ିଛି । ଅନେକ ସଂଖ୍ୟକ ଲୋକଙ୍କୁ ଏହିପରି ଗୋଟିଏ ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ ବୋଲି ମୁଁ ଆଦୌ କହୁ ନାହିଁ, ମାତ୍ର, ଏକଥା ତଥାପି ହୁଏତ ସମ୍ଭବ ଯେ ତୁମ ନିଜ ଜୀବନରେ ସେପରି ଘଟିବ, ଏବଂ ସେହି ପରିସ୍ଥିତିରେ ତୁମକୁ ଅଶେଷ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ, ତୁମ ଭିତରେ ଅନେକ ତୃଟିବାଶକ୍ତି ରହିଥିବା ଦରକାର ହେବ ଏବଂ ଆପଣାକୁ କହି ପାରିବାକୁ ହେବ, "ହଁ, ତାହା ସତ ଥିଲା ସତ, ମାତ୍ର ତଥାପି ସମ୍ପୂର୍ଣ୍ଣ ଭାବରେ ସତ ନଥିଲା," ଅର୍ଥାତ୍, ତାହା ଏପରି ଏକ ସତ୍ୟ ଥିଲା, ଅନ୍ୟ ସକଳ ସତ୍ୟଗୁଡ଼ିକ ସହିତ ଯାହାର ହୁଏତ ସଙ୍ଗତି ନଥିଲା, ଏବଂ, ସର୍ବୋପରି ତାହା ଆଧୁନିକ ସମ୍ଭାବନାଗୁଡ଼ିକ ସହିତ ଆଦୌ ଅନୁରୂପ ହୋଇ ରହି ନଥିଲା । ତେଣୁ ଆମେ ସେଇଟାକୁ ଟିକିଏ ତରତର ହୋଇ ଉପଲବ୍ଧି କରିବା ସକାଶେ ଚେଷ୍ଟା କଲୁ ଏବଂ ଆମେ ଅତି ତରତର ହୋଇ ଚେଷ୍ଟା କଲୁ ବୋଲି ତାହା ଏକ ମିଥ୍ୟାରେ ପରିଣତ ହେଲା । ମାତ୍ର ତାହା ମିଥ୍ୟାରେ ପରିଣତ ହୋଇଗଲା ବୋଲି ତାହା ଯେ ସତ ନଥିଲା, ସେକଥା ତୁମେ କଦାପି କହିବ ନାହିଁ; କହିବାକୁ ହେବ ଯେ ତାହାର ପ୍ରକୃତ ସମୟଟି ଆସି ପହଞ୍ଚି ନଥିଲା । ତେଣୁ, ତୁମେ କେବଳ ସେତିକିମାତ୍ର କହିପାରିବ,—ତୁମେ ଯାହା ଦେଖିଲ, ତାହା ଅବଶ୍ୟ ସତ୍ୟ, ମାତ୍ର ସେହି ସତ୍ୟଟିର ପ୍ରକୃତ ସମୟ ହୋଇ ନଥିଲା, ଏବଂ, ତେଣୁ ତୁମକୁ ଅତ୍ୟନ୍ତ ଧୈର୍ଯ୍ୟ ଏବଂ ଅଧ୍ୟବସାୟ ସହକାରେ ତୁମର ସତ୍ୟଟିକୁ ସେହି ମୁହୂର୍ତ୍ତିଟି ପର୍ଯ୍ୟନ୍ତ ଅଖଣ୍ଡ କରି ରଖିବାକୁ ପଡ଼ିବ, ଯେତେବେଳେ କି ତାହାର ଉପଲବ୍ଧି ସମ୍ଭବ ହୋଇଯିବ ।

'oaob.nitrkl.ac.in' images reprocessed

ଯେଉଁମାନଙ୍କ ଭିତରେ ସବୁଠାରୁ ଅଧିକ ଧୈର୍ଯ୍ୟ ରହିଛି, ସେହିମାନେହିଁ ସର୍ବଶେଷରେ ବିଜୟୀ ହେବେ ।

"ତୁମେ କହୁଛ, 'ମୁଁ ମୋର ଇଚ୍ଛାଟିକୁ ଭଗବାନଙ୍କ ହାତରେ ସମର୍ପଣ କରି ଦେଉଛି···ବର୍ତ୍ତମାନ ତାଙ୍କର ଇଚ୍ଛାହିଁ ମୋ ଲାଗି କାର୍ଯ୍ୟଟିର ସାଧନ କରିଦେବ ।' ତୁମର ଇଚ୍ଛାଟିକୁ ତଥାପି ଅବିଚଳ ଭାବରେ କାର୍ଯ୍ୟ କରିବାକୁ ହେବ; କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାର୍ଯ୍ୟଟିକୁ ବାଛିବାରେ ନୁହେଁ ଅଥବା କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଲାଗି ଦାବି କରିବାରେ ନୁହେଁ, ମାତ୍ର ଉପଲବ୍ଧ ହେବାକୁ ଯାଉଥିବା ଲକ୍ଷ୍ୟଟି ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖିଥିବା ଏକ ଅବିଚଳିତ ଅଭୀପ୍ସା ହିସାବରେହିଁ ତୁମ ଇଚ୍ଛାଟିକୁ ତଥାପି ସକ୍ରିୟ ରହିବାକୁ ପଡ଼ିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୧ ଏପ୍ରିଲ)

ଏବଂ ସେହିଠାରେହିଁ ସମସ୍ୟାଟିର ସମାଧାନ ନିହିତ ହୋଇ ରହିଛି । ତୁମେ ପ୍ରତ୍ୟେକ ମୁହୂର୍ତ୍ତରେହିଁ ତୁମର ଇଚ୍ଛାଟିକୁ ଏକ ଅଭୀପ୍ସାରୂପେ ନିବେଦନ କରିଦେଇ ପାରୁଥିବ,—ଏକ ଅଭୀପ୍ସାରୂପେ, ଯାହାକି ଆପଣାକୁ ଅତ୍ୟନ୍ତ ସରଳ ଓ ସହଜ ଭାବରେ ଅଭିବ୍ୟକ୍ତ କରି ପାରୁଥିବ, "ହେ ଈଶ୍ୱର, ତୁମରି ଇଚ୍ଛାହିଁ ପୂରଣ ହେବ," —କେବଳ ଏତିକି କହି ନଥିବ, ମାତ୍ର, "ମୁଁ ସର୍ବୋତ୍ତମ ଭାବରେ ସର୍ବୋତ୍ତମ କର୍ତ୍ତବ୍ୟଟିକୁ ଯେପରି ସମ୍ପନ୍ନ କରିପାରିବି, ମୋତେ ତୁମେ ସେହି ଶକ୍ତି ଦିଅ" ବୋଲି କହି ପାରୁଥିବ ।

ସର୍ବୋତ୍ତମ କର୍ତ୍ତବ୍ୟଟି ପ୍ରକୃତରେ କ'ଣ ଏବଂ ସେଇଟିକୁ କିପରି ଭାବରେ କରିବାକୁ ହେବ, ହୁଏତ ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ସେହି କଥାଟିକୁ ଜାଣିବା ଲାଗି ସମର୍ଥ ହେବ ନାହିଁ; ମାତ୍ର ତୁମେ ଯେପରି 'ସର୍ବୋତ୍ତମ ଭାବରେ ସର୍ବୋତ୍ତମ କାର୍ଯ୍ୟଟିକୁ କରିପାରିବ, ସେଥିଲାଗି ପରମେଶ୍ୱରଙ୍କ ପାଖରେ ନିଜର ଇଚ୍ଛାଟିକୁ ନେଇ ନିବେଦିତ କରିଦେଇ ପାରିବ । ତୁମେ ଦେଖିବ ଯେ ଏଥିରୁ କେତେ ଅଦ୍ଭୁତ ଫଳମାନ ଫଳିବ । ଏହି କାର୍ଯ୍ୟଟିକୁ ତୁମେ ଚେତନାର ସହିତ କରିବ, ନିଷ୍ଠା ତଥା ଅଧ୍ୟବସାୟ ସହିତ କରି ପାରୁଥିବ ଏବଂ ତା'ହେଲେ ତୁମେ ଏଡ଼େ ବଡ଼ ବଡ଼ ପାଦ ପକାଇ ଆଗକୁ ଚାଲିଯାଇ ପାରିବ । ଏହା ପ୍ରକୃତରେ ସେହିପରି ହୁଏ, ନୁହେଁ କି ? ନିଜ

'oaob.nitrkl.ac.in' images reprocessed

ଆତ୍ମାର ସକଳ ଉତ୍ସାହ ନେଇ ଓ ନିଜ ଇଚ୍ଛାର ସମସ୍ତ ଶକ୍ତି ପ୍ରୟୋଗ କରି ତୁମକୁ ଯାବତୀୟ କାର୍ଯ୍ୟ କରିବାକୁ ହେବ. ପ୍ରତ୍ୟେକ ମୁହୂର୍ତ୍ତରେ ସର୍ବୋତ୍ତମ କାର୍ଯ୍ୟଟିକୁ ସର୍ବୋତ୍ତମ ଭାବରେ କରିବାକୁ ପଡ଼ିବ । ଅନ୍ୟମାନେ କ'ଣ କରୁଛନ୍ତି, ତାହା ଦେଖିବା ତୁମର କାର୍ଯ୍ୟ ନୁହେଁ,—ଏହି କଥାଟିକୁ ମୁଁ ତୁମମାନଙ୍କ ଆଗରେ କଦାପି ଯଥେଷ୍ଟ ଭାବରେ ପୁନରାବୃତ୍ତି କରି କହି ପାରିବି ନାହିଁ ।

"ଅମୁକ ଲୋକ ଏହି କଥାଟିକୁ କରୁ ନାହିଁ", "ଅମୁକ ଲୋକ ଆଉଗୋଟାଏ କ'ଣ କରୁଛି", "ତା'ର ଯାହା କରିବା ଉଚିତ ନୁହେଁ, ସିଏ ସେହି କଥାଟି କରୁଛି", —ଏପରି କେବେହେଲେ କୁହ ନାହିଁ । ସେସବୁ ଆଡ଼କୁ ମନ ଦେବା ତୁମର ଆଦୌ କାମ ନୁହେଁ । ତୁମେ ଏକ ଭୌତିକ ଶରୀର ଧରି ଏହି ଜଗତକୁ ପ୍ରେରିତ ହୋଇଛ, ଏବଂ ତୁମର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଛି; ସେହି ଲକ୍ଷ୍ୟଟି ହେଉଛି ଯେ ତୁମେ ଏହି ଶରୀରଟିକୁ ଯଥାସମ୍ଭବ ଅଧିକ ସଚେତନ କରିବ, ତାହାକୁ ଭଗବାନଙ୍କର ସମ୍ପୂର୍ଣ୍ଣ ଅଧିକ ସାମର୍ଥ୍ୟଯୁକ୍ତ ଏବଂ ସବୁଠାରୁ ଅଧିକ ସଚେତନ ଏକ ଯନ୍ତ୍ରରେ ପରିଣତ କରିବ । ସିଏ ତୁମକୁ ପ୍ରତ୍ୟେକ କ୍ଷେତ୍ରରେହିଁ କିଞ୍ଚିତ୍ ପରିମାଣରେ ସତ୍ତ୍ୟୋପାଦାନ ଦେଇଛନ୍ତି, ବସ୍ତୁ-ଉପାଦାନ ମଧ୍ୟ ଦେଇଛନ୍ତି; ମାନସିକ, ପ୍ରାଣିକ ଏବଂ ଦୈହିକ ଢନୋଟିଯାକ କ୍ଷେତ୍ରରେ ଦେଇଛନ୍ତି; ତୁମଠାରୁ ସେ ଯାହାକିଛି ଆଶା କରୁଛନ୍ତି, ତାହାରି ଅନୁପାତରେହିଁ ତୁମକୁ ଯାବତୀୟ ପଦାର୍ଥ ଦେଇଛନ୍ତି, ଏବଂ ତୁମଠାରୁ ସେ ଯାହା ଆଶା କରୁଛନ୍ତି, ତାହାରି ଅନୁପାତରେ ତୁମ ଚତୁର୍ଦ୍ଦିଗସ୍ଥ ପରିବେଶଟି ମଧ୍ୟ ଗଠିତ ହୋଇ ରହିଛି, ଏବଂ ଯେଉଁମାନେ ତୁମକୁ ଆସି "ମୋ ଜୀବନଟା ପ୍ରକୃତରେ ଏକ ଭୟଙ୍କର ଜୀବନ, ଏହି ସଂସାରରେ ମୁଁ ସବୁଠାରୁ ଶୋଚନୀୟ ଜୀବନଟିକୁହିଁ ଯାପନ କରୁଛି" ବୋଲି କହନ୍ତି, ସେମାନେ ହେଉଛନ୍ତି ଗଧ । ପ୍ରତ୍ୟେକର ସମଗ୍ର ବିକାଶଟି ଅନୁସାରେ ସମସ୍ତଙ୍କର ଏକ ଜୀବନ ରହିଛି, ତା' ଜୀବନରେ ଏପରି ଅଭିଜ୍ଞତାମାନ ରହିଛି ଯାହାକି ତାକୁ ତା'ର ସମଗ୍ର ବିକାଶ ଦିଗରେ ସହାୟତା କରୁଛି, ଏବଂ ପ୍ରତ୍ୟେକର ଜୀବନରେ ନାନା ଅସୁବିଧା ଓ ପ୍ରତିକୂଳତା ମଧ୍ୟ ରହିଛି, ଯାହାକି ତା'ର ସମଗ୍ର ଉପଲବ୍ଧିର ସହାୟକ ହୋଇ ପାରୁଛି ।

ସାବଧାନତା ସହିତ ନିଜ ଆଡ଼କୁ ନିରୀକ୍ଷଣ କଲେ ତୁମେ ଦେଖିବାକୁ ପାଇବ ଯେ, ତୁମକୁ ଯେଉଁ ଗୁଣଟିର ଉପଲବ୍ଧି କରିବାକୁ ହେବ ("ଗୁଣ" ଶବ୍ଦଟିକୁ ମୁଁ ଏଠାରେ ତାହାର ପ୍ରଶସ୍ତତମ ଓ ଉଚ୍ଚତମ ଅର୍ଥରେ ବ୍ୟବହାର କରିଛି), ତୁମେ ନିଜ ଭିତରେ ତା'ର ବିପରୀତ ଗୁଣଟିକୁ ମଧ୍ୟ ବହନ କରିବାରେ ଲାଗିଛ । ତୁମର ଏକ ବିଶେଷ ଜୀବନଲକ୍ଷ୍ୟ ରହିଛି, ଏକ ବିଶେଷ ସଙ୍କଳ୍ପ ବା ବ୍ରତ ରହିଛି, ଏକ ବିଶେଷ ଉପଲବ୍ଧି ରହିଛି, ଯାହାକୁ କି ତୁମର ଏକାନ୍ତ ନିଜର ବୋଲି କୁହାଯାଇ

'oaob.nitrkl.ac.in' images reprocessed

ପାରିବ, ପ୍ରତ୍ୟେକ ମନୁଷ୍ୟର ଉପଲବ୍ଧିକୁ ଏହିପରି ଭାବରେ ତା'ର ବ୍ୟକ୍ତିଗତ ବୋଲି ବୁଝାଯିବ; ଏବଂ ନିଜର ସେହି ଉପଲବ୍ଧିଟିକୁ ସଂପୂର୍ଣ୍ଣ ନିଖୁଣ କରି ପାରିବା ଲାଗି ଆବଶ୍ୟକ ହେଉଥିବା ଯାବତୀୟ ବାଧା ଓ ପ୍ରତିକୂଳତାଗୁଡ଼ିକୁ ମଧ୍ୟ ତୁମେ ଆପଣା ଭିତରେ ବହନ କରିବାରେ ଲାଗିଛ । ତୁମ ଭିତରେ ଛାୟାଟି ଏବଂ ଆଲୋକଟି ଯେ ସମାନ ପରିମାଣରେ ରହିଛନ୍ତି, ତୁମେ ସର୍ବଦାହିଁ ସେକଥାଟିକୁ ଦେଖିବାକୁ ପାଇବ : ତୁମର ଏକ ସାମର୍ଥ୍ୟ ରହିଛି, ତୁମ ଭିତରେ ସେହି ସାମର୍ଥ୍ୟଟିକୁ ନାକଚ କରିଦେବା ଲାଗି ଏକ ବିପରୀତ ସାମର୍ଥ୍ୟ ମଧ୍ୟ ରହିଛି । ମାତ୍ର ଯଦି ତୁମେ ଆପଣା ଭିତରେ ଏକ ଅତ୍ୟନ୍ତ କୃଷ୍ଣବର୍ଣ୍ଣ ଗଭୀର ଆବିଷ୍କାର କର, ଏକ ଘନ ଛାୟା କେଉଁଠି ରହିଥିବାର ଆବିଷ୍କାର କର, ତେବେ ତୁମେ ନିଶ୍ଚିତ ଭାବରେ ଜାଣିବ ଯେ ତୁମ ଭିତରେ କୌଣସି ନା କୌଣସି ସ୍ଥାନରେ ଏକ ବୃହତ୍ ଆଲୋକ ମଧ୍ୟ ରହିଛି । ଆରଟିକୁ ଉପଲବ୍ଧି କରିବାକୁ ହେଲେ ଗୋଟିକୁ କିପରି କାମରେ ଲଗାଇବାକୁ ହେବ, ତାହା ତୁମ ଉପରେହିଁ ନିର୍ଭର କରିବ ।

ଏହି କଥାଟି ବିଷୟରେ ପ୍ରାୟ କେହି କିଛିହେଲେ କହନ୍ତି ନାହିଁ, ମାତ୍ର ଏହି କଥାଟିର କେତେ ନା କେତେ ମହତ୍ତ୍ୱ ରହିଛି । ଏବଂ, ସାବଧାନ ଭାବରେ ନିରୀକ୍ଷଣ କରି ଦେଖିଲେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ପ୍ରତ୍ୟେକ ମନୁଷ୍ୟର ଜୀବନରେ ସର୍ବଦା ସ୍ଥିତିଟି ଏହିପରି ହୋଇ ରହିଛି । ଏଥିରୁ ଏପରି ଅନେକ କଥା ବାହାରିବ, ଯାହାକି ପ୍ରକୃତରେ ଭାରି ପରସ୍ପରବିରୋଧୀ ମାତ୍ର ତଥାପି ସଂପୂର୍ଣ୍ଣ ଭାବରେ ସତ । ଉଦାହରଣସ୍ୱରୂପ, ଏପରି ଗୋଟିଏ କଥା ବୁଝାଯାଇ ପାରିବ ଯେ ସବୁଠାରୁ ବଡ଼ ଚୋର ହୁଏତ ସବୁଠାରୁ ଅଧିକ ସାଧୁ ହୋଇ ପାରିବ (ଅବଶ୍ୟ ଏକଥା ସତ ଯେ ଏହା ଦ୍ୱାରା ତୁମକୁ ଚୋର ହେବା ଲାଗି ଆଦୌ କୌଣସି ଉତ୍ସାହ ଦିଆଯାଉ ନାହିଁ), ଏବଂ ସବୁଠାରୁ ବଡ଼ ମିଥ୍ୟାବାଦୀ ଜଣେ ବ୍ୟକ୍ତି ହୁଏତ ଦିନେ ସବୁଠାରୁ ଅଧିକ ସତ୍ୟଶୀଳ ବ୍ୟକ୍ତି ହୋଇପାରିବ । ତେଣୁ, ତୁମ ଭିତରେ ସବୁଠାରୁ ବଡ଼ ଦୁର୍ବଳତାଟା ରହିଛି ବୋଲି ଦେଖି ତୁମେ କଦାପି ନିରାଶ ହୋଇ ପଡ଼ିବ ନାହିଁ, କାରଣ ସେଇଟି ହୁଏତ ସବୁଠାରୁ ବଡ଼ ଦିବ୍ୟ ବଳର ସଙ୍କେତରୂପେହିଁ ତୁମ ଭିତରେ ରହିଛି । "ମୁଁ ଠିକ୍ ସେହିପରି, ମୁଁ ଆଉ ଅନ୍ୟ କୌଣସି ପ୍ରକାର ହୋଇ ପାରିବି ନାହିଁ" ବୋଲି କେବେହେଲେ କୁହ ନାହିଁ । କାରଣ ତାହା ଆଦୌ ସତ ନୁହେଁ । ତୁମେ "ସେହିପରି" ହୋଇ ରହିଛ, କାରଣ ତୁମେ ଠିକ୍ ତାର ଓଲଟାଟିହିଁ ହୋଇ ପାରିବ । ଏବଂ, ତୁମ ଭିତରେ ଏତେଗୁଡ଼ିଏ ବାଧା ଓ ପ୍ରତିକୂଳତା ଆସି ରହିଛନ୍ତି, ଯେପରିକି ତୁମେ ସେଗୁଡ଼ିକୁ ସେମାନେ ଲୁକ୍କାୟିତ କରି ରଖିଥିବା ସତ୍ୟରୂପେ ରୂପାନ୍ତରିତ କରିବାର ବିଦ୍ୟାଟିକୁ ଶିଖିପାରିବ ।

'oaob.nitrkl.ac.in' images reprocessed

ଏହି କଥାଟିକୁ ଥରେ ବୁଝିଯାଇ ପାରିଲେ, ତୁମର ଅନେକ ଚିନ୍ତାର ଅବସାନ ଘଟିବ ଏବଂ ତୁମେ ନିଜକୁ ଭାରି ସୁଖୀ, ଅତ୍ୟନ୍ତ ସୁଖୀ ଅନୁଭବ କରି ପାରିବ । କେହି ଯଦି ତା' ଭିତରେ ଅତ୍ୟନ୍ତ କଳା ଗୁଡ଼ାଏ ଗର୍ତ୍ତ ରହିଥିବାର ଦେଖି ପାରିବ, ତେବେ ସେ କହିବ, "ଏଥିରୁ ସୂଚନା ମିଳୁଛି ଯେ ମୁଁ ଅନେକ ଉଚ୍ଚକୁ ଉଠିପାରିବି !"; ଯଦି ଗର୍ତ୍ତଟି ଅନେକ ଗଭୀର ହୋଇଥିବ, ତେବେ ସେ କହିବ, "ମୁଁ ଅନେକ ଉଚ୍ଚ ପର୍ଯ୍ୟନ୍ତ ଆରୋହଣ କରିପାରିବି ।" ବିଶ୍ୱାତ୍ମଚେତନାର ଦୃଷ୍ଟିକ୍ଷେତ୍ରରେ ମଧ୍ୟ ଠିକ୍ ସେଇ ଏକା କଥା; ତୁମର ଅତି ପରିଚିତ ହିନ୍ଦୁଶାସ୍ତ୍ରର ସେହି ଶବ୍ଦଟିକୁ ବ୍ୟବହାର କରି କହିଲେ, ସବୁଠାରୁ ବଡ଼ ଅସୁର ହେଉଛନ୍ତି ସେହି ପରମ ଆଲୋକରହିଁ ଗୋଟିଏ ଗୋଟିଏ ବୃହତ୍ତ୍ର ସତ୍ତା । ଏବଂ ଯେଉଁ ଦିନ ଏହି ଅସୁରମାନଙ୍କୁ ଦୀକ୍ଷିତ କରି ନେଇ ହେବ, ସେଦିନ ସେହିମାନେହିଁ ସୃଷ୍ଟିର ସର୍ବୋତ୍ତମ ସତ୍ତାରୂପେ ଉତ୍ତୀର୍ଣ୍ଣ ହୋଇ ଆସିବେ । ତୁମେମାନେ ଭଲ କରି ଜାଣିଛ ଯେ ଅସୁର ପରି ହେବା ଲାଗି ତୁମକୁ କୌଣସି ଉତ୍ସାହ ଦେଇ ମୁଁ ଆଦୌ ଏପରି କହୁ ନାହିଁ, ମାତ୍ର କଥାଟି ପ୍ରକୃତରେ ଠିକ୍ ସେହିପରି । ଏହି କଥାଗୁଡ଼ିକ ତୁମମାନଙ୍କର ମନକୁ ନିଶ୍ଚୟ କିଞ୍ଚିତ୍ ପରିମାଣରେ ଅଧିକ ପ୍ରଶସ୍ତ କରିଦେବ ଏବଂ ଭଲ ଓ ମନ୍ଦକୁ ପରସ୍ପରର ବିପରୀତ କରି ଓଜନ କରୁଥିବା ସେହି ଧାରଣାଗୁଡ଼ିକରୁ ତୁମକୁ ମୁକ୍ତ କରି ଆଣିବାରେ ତାହା ତୁମମାନଙ୍କୁ ନିଶ୍ଚୟ ସାହାଯ୍ୟ କରିବ; କାରଣ ଯଦି ତୁମେ ସେହି ବିରୋଧିତାଟି ମଧ୍ୟରେ ପଡ଼ି ରହିଥିବ, ତେବେ ଆଉ କୌଣସି ଆଶା କରାଯାଇ ପାରିବ ନାହିଁ ।

ପୃଥିବୀ ବର୍ତ୍ତମାନ ଯେପରି ହୋଇ ପଡ଼ିଛି, ଯଦି ମର୍ମତଃ ତାହା ତାହାର ଠିକ୍ ବିପରୀତ ହୋଇ ରହି ନଥାନ୍ତା, ତେବେ ପ୍ରକୃତରେ ଆଶା କରିବା ଲାଗି ଆଉ କିଛି ରହନ୍ତା ନାହିଁ । କାରଣ ଗର୍ତ୍ତଟି ଏତେ କଳା ଏବଂ ଏତେ ଗଭୀର ହୋଇ ରହିଛି ଏବଂ ଅଚେତନା ମଧ୍ୟ ଏପରି ସଂପୂର୍ଣ୍ଣ ଭାବରେ ଆସନ ମାଡ଼ି ରହିଛି ଯେ, ଯଦି ଏହା ସମଗ୍ର ଚେତନାର ଏକ ସଙ୍କେତ ହୋଇ ନଥାନ୍ତା, ତେବେ ପୃଷ୍ଠାପଟ୍ଟ ବାନ୍ଧି ପ୍ରସ୍ଥାନ କରିବା ବ୍ୟତୀତ ପ୍ରକୃତରେ ଆଉ କିଛିହେଲେ କରିବାକୁ ରହି ନଥାନ୍ତା ! ଶଙ୍କରାଚାର୍ଯ୍ୟଙ୍କ ପରି ଯେଉଁ ବ୍ୟକ୍ତିମାନେ, ଯେଉଁମାନେ କି ସେମାନଙ୍କ ନାକଅଗରୁ ଅଧିକ ଦେଖିବାକୁ ସମର୍ଥ ହୋଇ ନଥିଲେ, ସେମାନେ କହିଥିଲେ ଯେ ଏହି ସଂସାରରେ ବଞ୍ଚି ରହିବାର କଷ୍ଟ ଉଠାଇବା ଲାଗି ପ୍ରକୃତରେ ଆଦୌ କୌଣସି ପ୍ରୟୋଜନ ନାହିଁ, କାରଣ ଏଠାରେ ବଞ୍ଚିବା ସଂପୂର୍ଣ୍ଣ ଅସମ୍ଭବ ଏବଂ ତେଣୁ ତାହାକୁ ଏକ ମାୟା ବୋଲି ଗ୍ରହଣ କରି ଏଠାରୁ ଛାଡ଼ି ଚାଲିଯିବା ଉଚିତ । ଏହା ବ୍ୟତୀତ ଏହି ସଂସାର ବିଷୟରେ ଆଉ କିଛି କରାଯାଇ ପାରିବ ନାହିଁ । ମାତ୍ର ମୁଁ ତୁମମାନଙ୍କୁ ଠିକ୍ ଅନ୍ୟ କଥାଟିକୁ କହୁଛି ଯେ ଏହି ପୃଥିବୀ ଅତ୍ୟନ୍ତ ଖରାପ, ଅତ୍ୟନ୍ତ ଅନ୍ଧକାରମୟ, ଅତ୍ୟନ୍ତ କୁତ୍ସିତ ଓ ଅତ୍ୟନ୍ତ ଅଚେତନ ହୋଇଥିବାରୁ ଏବଂ ଦୁଃଖ ଏବଂ କଷ୍ଟ

'oaob.nitrkl.ac.in' images reprocessed

କ୍ଷେତ୍ରରେ ଏପରି ପରିପୂର୍ଣ୍ଣ ହୋଇଥିବାରୁହିଁ ତାହା ତେବେ ସର୍ବୋଚ୍ଚ ସୌନ୍ଦର୍ଯ୍ୟ, ସର୍ବୋଚ୍ଚ ଆଲୋକ, ସର୍ବୋଚ୍ଚ ଚେତନା ଏବଂ ସର୍ବୋଚ୍ଚ ଆନନ୍ଦରେ ପରିଣତ ହୋଇ ପାରିବ ।

"ଯଦି ତୁମେ ଜାଗରୂକ ରହିଥିବ, ତୁମର ଧ୍ୟାନ ଯଦି ଜାଗରୂକ ରହିଥିବ, ତେବେ ତୁମକୁ ପ୍ରକୃତରେ କ'ଣ କରିବାକୁ ହେବ ଏବଂ ସଙ୍ଗେସଙ୍ଗେ ତୁମକୁ କେଉଁ କାର୍ଯ୍ୟଟିକୁ ଆରମ୍ଭ କରିବାକୁ ହେବ, ସେହି ବିଷୟରେ ତୁମେ ଏକ ପ୍ରେରଣା ଅବଶ୍ୟ ଲାଭ କରି ପାରିବ ।"

ଶ୍ରୀଅରବିନ୍ଦ ଓ ଭବିଷ୍ୟତ ୧୯୬୧ (୨୧ ଏପ୍ରିଲ)

ଯଥାସମ୍ଭବ ସବୁଠାରୁ ଭଲ କାର୍ଯ୍ୟଟିକୁ କରିବା ଲାଗି, ପ୍ରତ୍ୟେକ ମୁହୂର୍ତ୍ତରେ ସବୁଠାରୁ ଭଲ କଥାଟିକୁ କରିବା ଲାଗିହିଁ ତୁମେ ପରମ ଉତ୍ସାହର ସହିତ ଅଭୀପ୍ସା ରଖିଥିବ ବୋଲି ମୁଁ ଅଳ୍ପ ସମୟ ପୂର୍ବରୁ ଯେତେବେଳେ ତୁମକୁ କହିଲି, ତୁମେ ସେତିକବେଳେ ମୋତେ ପଚାରି ପାରିଥାନ୍ତ, "ହଁ, ସେସବୁ ବେଶ୍ ଭଲ କଥା । ମାତ୍ର ତାହାକୁ ଜାଣିହେବ କିପରି ?" ହଁ, ମୁଁ କହିବି ଯେ ଜାଣିବା ଲାଗି କୌଣସି ଆବଶ୍ୟକତା ନାହିଁ ! ନିଷ୍ଠାର ସହିତ ତୁମେ ଯଦି ଏହି ଦୃଷ୍ଟିକୋଣଟିକୁ ନିଜ ଭିତରେ ରଖିଥିବ, ତେବେ ତୁମକୁ ପ୍ରକୃତରେ କ'ଣ କରିବାକୁ ହେବ, ତାହାକୁ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିବାକୁ ପାଇବ, ଏବଂ ଏହି କ୍ଷେତ୍ରରେ ତାହାହିଁ ସବୁଠାରୁ ଉତ୍ତମ ଓ ଆନନ୍ଦଦାୟକ କଥା । ତୁମର ନିଷ୍ଠାଟି ଅନୁସାରେହିଁ ତୁମର ଅନୁପ୍ରେରଣା ଅଧିକରୁ ଅଧିକ ଯଥାର୍ଥ ହୋଇ ପାରିବ, ଅଧିକରୁ ଅଧିକ ନିର୍ଭୁଲ ହୋଇ ପାରିବ ।

"ତୁମକୁ କେବଳ ଏହି କଥାଟିକୁ ମନେରଖିବାକୁ ହେବ ଯେ ନିଜକୁ ସମର୍ପିତ କରି ରଖିବାର ଅର୍ଥ ହେଉଛି, ତୁମ କାର୍ଯ୍ୟଟିର ପରିଣାମ ଯାହା ହେଉନା କାହିଁକି, ତୁମେ ତାହାକୁ ସ୍ୱୀକାର କରିନେବ; ତୁମେ ଯେଉଁ ପରିଣାମ ଘଟିବ ବୋଲି ଆଶା କରିଥିଲ, ପ୍ରକୃତ କ୍ଷେତ୍ରରେ ତାହା ସେଇଟିଠାରୁ ବେଶ୍ ଅନ୍ୟ ପ୍ରକାରର ହେଲେ ମଧ୍ୟ ତୁମେ ତାହାକୁ ଗ୍ରହଣ କରିନେବ । ମାତ୍ର ଅନ୍ୟ ପକ୍ଷରେ, ତୁମର ସମର୍ପଣ ଯଦି ଅକ୍ରିୟ ହୋଇଥିବ, ତେବେ

'oaob.nitrkl.ac.in' images reprocessed

ତୁମେ କିଛିହେଲେ କରିବ ନାହିଁ ଓ କିଛିହେଲେ ଚେଷ୍ଟା କରିବ ନାହିଁ । ତା'ହେଲେ ତୁମେ କେବଳ ଶୋଇବାକୁ ଚାଲିଯିବ ଏବଂ ଗୋଟିଏ ଅଲୌକିକ ହୋଇ କିଛି ଘଟିବ ବୋଲି ଅପେକ୍ଷା କରି ରହିବ ।

"ଯାହା ତୁମେ ଇଚ୍ଛା କରୁଛ ଅଥବା ଯାହା ଲାଗି ବାସନା ରଖିଛ, ଭଗବତ୍ ପରମ ଇଚ୍ଛା ସହିତ ତାହାର ସହମତି ରହିଛି କି ନାହିଁ, ସେହି କଥାଟିକୁ ଜାଣିବା ନିମନ୍ତେ, ତୁମ ପାଖରେ ପ୍ରକୃତରେ ଗୋଟିଏ ଉତ୍ତର ଅଛି କି ନାହିଁ, ତୁମକୁ ନିରୀକ୍ଷଣ କରି ତାହା ଜାଣିବାକୁ ପଡ଼ିବ । ତୁମର ଇଚ୍ଛାଟିକୁ ସମର୍ଥନ ମିଳୁଛି ଅଥବା ସେଇଟିର ବିରୋଧ ହେଉଛି, ମନ ଦ୍ୱାରା ନୁହେଁ, ପ୍ରାଣ ଦ୍ୱାରା ନୁହେଁ ବା ଶରୀର ଦ୍ୱାରା ନୁହେଁ, ମାତ୍ର ତୁମର ହୃଦୟ ଭିତରେ ତୁମ ଅନ୍ତର୍ଗତ ସତ୍ତାର ଗଭୀର କ୍ଷେତ୍ରରେ ଯେଉଁ ସମ୍ପଦଟି ଅନୁକ୍ଷଣ ବିଦ୍ୟମାନ ରହିଛି, ସେଇ ତୁମର ଇଚ୍ଛାଟିକୁ ସମର୍ଥନ କରୁଛି ଅଥବା ବିରୋଧ କରୁଛି, ତୁମକୁ ସେହି କଥାଟିକୁ ଦେଖିବାକୁ ପଡ଼ିବ ।"

ପ୍ରଶ୍ନ ଓ ଉତ୍ତର ୧୯୬୯ (୨୧ ଏପ୍ରିଲ)

ସବୁ କ୍ଷେତ୍ରରେ ସବୁବେଳେ ସେହି ଗୋଟିଏ କଥା; ଆମର ସେହି ପରଦାଟିର ସମ୍ମୁଖରେହିଁ ଆମେ ସବୁକିଛିକୁ ଉତ୍ତୀର୍ଣ୍ଣ କରାଇ ଦେଖିବା ଏବଂ ତାହାକୁ ପ୍ରକୃତରେ ଗ୍ରହଣ କରାଯାଇ ପାରିବ ଅଥବା ସେଇଟିକୁ ଗ୍ରହଣ ନକରିବାକୁହିଁ ନିର୍ଦ୍ଦେଶ ମିଳୁଛି, ଆମେ ସେହି କଥାଟିକୁ ଜାଣିବା ।

"ଧ୍ୟାନ କରି ତୁମର କେତେ ଘଣ୍ଟା ଅତିବାହିତ ହେଉଛି ଆଧ୍ୟାତ୍ମିକ ଅଗ୍ରଗତି ବିଷୟରେ ସେଥିରୁ କୌଣସି ପ୍ରତିଶ୍ରୁତି ମିଳିବ ନାହିଁ । ଯେତେବେଳେ ଧ୍ୟାନସ୍ଥ ହେବା ଲାଗି ଆଦୌ କୌଣସି ଚେଷ୍ଟା କରିବାକୁ ନପଡ଼ିବ, ସେତିକିବେଳେ ତାହାହିଁ ତୁମ ଅଗ୍ରଗତିର ପ୍ରମାଣ ଦେଇଯିବ ।"

ତଦୈବ

'oaob.nitrkl.ac.in' images reprocessed

ଅର୍ଥାତ୍, ଭିତରେ ଇତସ୍ତତଃ ଟାଣି ହୋଇଥିବାର ଏକ ସ୍ଥିତିରେ ନରହି, ଭିତରର ଯନ୍ତ୍ରଟିକୁ ନୀରବ କରି ରଖିବା ପାଇଁ କୌଣସି ତୁମୁଳ ପ୍ରଚେଷ୍ଟା ନକରି, ତୁମେ ଯାହା ଉପରେ ସଂକେନ୍ଦ୍ରିତ ରହିବାକୁ ଇଚ୍ଛା କରୁଛ, ଆପଣାର ଭାବନାକୁ ତୁମେ ସଂକେନ୍ଦ୍ରିତ କରି ରଖିପାରିବା ଲାଗି ମଧ୍ୟ ଚେଷ୍ଟା ନକରି ଯେତେବେଳେ ତୁମେ ଅତ୍ୟନ୍ତ ସହଜ ଭାବରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, କୌଣସି ପ୍ରଚେଷ୍ଟା ନକରି, ସ୍ୱତଃପ୍ରେରିତ ହୋଇ ତାହା କରିପାରିବ, ଯେତେବେଳେ କୌଣସି ଏକ କାରଣରୁ ତୁମେ ଧ୍ୟାନସ୍ଥ ହେବାକୁ ଇଚ୍ଛା କରିବ, ତୁମେ ଯେଉଁଟିକୁ ଦେଖିବା ଲାଗି, ଶିଖିବା ଲାଗି ବା ଜାଣିବା ଲାଗି ମନ କରୁଛ, ଯେତେବେଳେ ତାହା ତୁମର ଚେତନା ମଧ୍ୟରେ ଆସି ଅବସ୍ଥାନ କରିବ ଏବଂ ସେତେଅବା କୌଣସି କୁହୁକ ଘଟିଲା ପରି ଆଉ ସବୁକିଛୁ ଅନ୍ତର୍ହିତ ହୋଇଯିବ, ତୁମ ଭିତରେ ସବୁକିଛୁ ଶାନ୍ତ ହୋଇ ପଡ଼ିରହିବ, ତୁମର ସମୁଦାୟ ସତ୍ତା ନୀରବ ହୋଇଯିବ, ତୁମର ସ୍ନାୟୁଗୁଡ଼ିକ ସମ୍ପୂର୍ଣ୍ଣ ଜ୍ୱରମୁକ୍ତ ଓ ଶାନ୍ତ ହୋଇଯିବେ, ଏବଂ ତୁମର ଚେତନା ସମ୍ପୂର୍ଣ୍ଣ ଭାବରେ ସଂକେନ୍ଦ୍ରିତ ହୋଇ ରହିପାରିବ, ଅତ୍ୟନ୍ତ ସ୍ୱାଭାବିକ ଏବଂ ସ୍ୱତଃପ୍ରେରିତ ଭାବରେ ସେହିପରି ରହିପାରିବ, —ଏବଂ ଯେତେବେଳେ ତୁମେ ଏକ ପ୍ରଗାଢ଼ ଆନନ୍ଦ ଦ୍ୱାରା ପ୍ରେରିତ ହୋଇ ତଥାପି ଆହୁରି ଅଧିକ ପ୍ରଗାଢ଼ ଏକ ମନନାବସ୍ଥା ମଧ୍ୟରେ ପ୍ରବେଶ କରି ପାରିବ, ସେତେବେଳେ ଯାଇ ହେବ ।

ତୁମେ ଯେ ସଫଳତା ଲାଭ କରିଛ, ଏହାହିଁ ତା'ର ସଙ୍କେତ । ତା' ନହେଲେ ସଫଳ ହୋଇଛ ବୋଲି କୁହାଯାଇ ପାରିବ ନାହିଁ ।

> "ତେଣୁ, ବରଂ ଧ୍ୟାନ ଯେପରି ନକରିବ, ତୁମକୁ ସେଥିଲାଗି ଏକ ଚେଷ୍ଟା କରିବାକୁ ହେବ । ଧ୍ୟାନ ବନ୍ଦ କରିଦେବା ପ୍ରକୃତରେ ଭାରି କଷ୍ଟକର, ପରମେଶ୍ୱରଙ୍କ ବିଷୟରେ ଭାବିବା ବନ୍ଦ କରିଦେବା କଷ୍ଟକର, ସାଧାରଣ ଚେତନାର ସ୍ତରକୁ ଖସି ଆସିବାହିଁ କଷ୍ଟକର ।"

ତନ୍ନୈବ

ସମସ୍ତଙ୍କ ଜୀବନରେ ଏପରି ପ୍ରକୃତରେ ହୋଇ ପାରୁଥିଲେ କେଡ଼େ ବଡ଼ କଥା ନହୁଅନ୍ତା !

ତୁମେ ହୁଏତ ଏକ ଅତ୍ୟନ୍ତ ସକ୍ରିୟ କୌଣସି କାର୍ଯ୍ୟରେ ରତ ହୋଇ ରହିଛ; ଉଦାହରଣସ୍ୱରୂପ, ମନେକର ତୁମେ ବାସ୍କେଟ୍ ବଲ୍ ଖେଳୁଛ, ଯେଉଁଥିରେ

'oaob.nitrkl.ac.in' images reprocessed

କି ଅଙ୍ଗପ୍ରତ୍ୟଙ୍ଗର ଅନେକ ସଞ୍ଚାଳନା ଆବଶ୍ୟକ;—ମାତ୍ର ସେତେବେଳେ ମଧ୍ୟ ତୁମେ ଅନ୍ତର୍ଗତ ଧ୍ୟାନର ଦୃଷ୍ଟିଟିକୁ କଦାପି ହରାଇ ପକାଇବ ନାହିଁ, ପରମ ଦିବ୍ୟସତ୍ତାଙ୍କ ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖିବାର ଦୃଷ୍ଟିଟିକୁ ହରାଇ ବସିବ ନାହିଁ । ଏବଂ ଯେତେବେଳେ ତୁମେ ସେକଥା କରିପାରିବ, ସେତେବେଳେ ତୁମେ ଦେଖି ପାରିବ ଯେ, ତୁମେ ଯାହାକିଛି କରୁଛ, ଗୁଣାତ୍ମକ କ୍ଷେତ୍ରରେ ମଧ୍ୟ ତାହାର ମର୍ଯ୍ୟାଦା ଏକାବେଳେକେ ବଦଳି ଯାଉଛି : ତୁମେ ଯେ ତୁମର କାର୍ଯ୍ୟଟିକୁ ଅଧିକ ଭଲ ଭାବରେ କରିବ ତା' ନୁହେଁ, ମାତ୍ର ସଂପୂର୍ଣ୍ଣ ଭାବରେ ଅପ୍ରତ୍ୟାଶିତ ଏକ ବଳ ଦ୍ୱାରା ତୁମେ ତାହା କରିପାରିବ, ଏବଂ ଯୁଗପତ୍ ଭାବରେ ଆପଣାର ଚେତନାକୁ ମଧ୍ୟ ତୁମେ ଏତେ ଉଚ୍ଚ ଏବଂ ଏତେ ଶୁଦ୍ଧ କରି ରଖିପାରିବ ଯେ ତୁମକୁ ଆଉ କୌଣସି କଥା ମଧ୍ୟ ଆଦୌ ସ୍ପର୍ଶ କରି ପାରିବ ନାହିଁ । ଏବଂ ସ୍ମରଣ ରଖିବା ଉଚିତ ଯେ ତୁମର ଏହି ପ୍ରତିସ୍ଥିତି ଏତେଦୂର ଅଗ୍ରସର ହୋଇଯାଇ ପାରିବ ଯେ, ଏପରିକି ଏକ ଆକସ୍ମିକ ଦୁର୍ଘଟଣା ଘଟିଲେ ମଧ୍ୟ, ତାହା ତୁମର ଆଦୌ କୌଣସି କ୍ଷତି କରିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଠାରେ ମୁଁ ସବାଉପରର ଶିଖରଟି କଥା କହୁଛି, ମାତ୍ର ସେହି ଶିଖରରେ ଯାଇ ପହଞ୍ଚିବାକୁ ମଧ୍ୟ ଆମେ ଅଭୀପ୍ସା ରଖିପାରିବା ।

ତୁମେ ଏପରି ଏକ ସଂପୂର୍ଣ୍ଣ ନିକାଞ୍ଚନ କୋଣକୁ ବାଛିନେବ, ଯେଉଁଠାରେ କି କେହି ଯା'ଆସ କରୁ ନଥିବେ, ସେଠାରେ ତୁମେ ଦୃଢ଼ ହୋଇ ଗୋଟିଏ ଆସନରେ ବସିବ, ନିଜକୁ ଗୋଟାପୁରା ଅଚଳ କରିଦେବ,—ଯେପରିକି ତୁମେ ଧ୍ୟାନରେ ବସିବାକୁ ସମର୍ଥ ହେବ;—ଏହିପରି ଭାବ ସାଧାରଣତଃ ଯେଉଁ ସଚରାଚର ଭୁଲ କରା ଯାଇଥାଏ, ତୁମେ କଦାପି ସେଇଟି ମଧ୍ୟରେ ଯାଇ ପଡ଼ିଯିବ ନାହିଁ । କାରଣ, ତାହା ଆଦୌ ସତ ନୁହେଁ । ଅସଲ ଆବଶ୍ୟକତାଟି ହେଉଛି ଯେ ତୁମେ ଯାବତୀୟ ପରିସ୍ଥିତିରେ ମଧ୍ୟ ଧ୍ୟାନସ୍ଥ ହେବାରେ ସଫଳତା ଅର୍ଜନ କରିବ । ମୁଁ ଯାହାକୁ "ଧ୍ୟାନ କରିବା" ବୋଲି କହିଥାଏ, ତଦ୍ୱାରା ମୁଁ କଦାପି ମୁଣ୍ଡ ଭିତରଟାକୁ ଖାଲି କରିଦେବା ବୋଲି ବୁଝେ ନାହିଁ, ଧ୍ୟାନ କରିବା କହିଲେ ପରମ ଦିବ୍ୟସତ୍ତାଙ୍କର ଏକ ଗଭୀର ମନନ ଭିତରେ ସଂକେନ୍ଦ୍ରିତ ହୋଇ ରହିବାକୁହିଁ ବୁଝିଥାଏ । ଏବଂ, ଯଦି ତୁମେ ଏହି ଧ୍ୟାନ ଓ ଚିନ୍ତନକୁ ନିଜ ଭିତରେହିଁ ଧାରଣ କରି ରଖିପାରିବ, ତେବେ ତା'ପରେ ତୁମେ ଯାହାକିଛି କରିବ, ତାହାର ଗୁଣାତ୍ମକତା ଏକାବେଳେକେ ବଦଳିଯିବ । ବାହାରେ କୁଏତ କିଛିହେଲେ ବଦଳିବ ନାହିଁ, କାରଣ, ବାହାରେ ଦେଖିବାକୁ ତୁମେ ସେହି ଏକା କାର୍ଯ୍ୟକୁହିଁ କରୁଥିବ, ମାତ୍ର ତାହାର ଗୁଣାତ୍ମକତା ବଦଳିଯିବ । ଏବଂ ଜୀବନର ଗୁଣାତ୍ମକତାରେ ମଧ୍ୟ ପରିବର୍ତ୍ତନ ଆସିବ, ଏବଂ ତୁମେ, ତୁମେ ଯାହା ଥିଲ, ଏଥର ସେଥିରେ ମଧ୍ୟ କିଞ୍ଚିତ୍ ପାର୍ଥକ୍ୟ ଘଟୁଛି ବୋଲି ତୁମେ

'oaob.nitrkl.ac.in' images reprocessed

ଅନୁଭବ କରିବାକୁ ଆରମ୍ଭ କରିବ; ତୁମେ ଏକ ଶାନ୍ତି ଅନୁଭବ କରିବ, ଏକ ନିଶ୍ଚିତତା ଅନୁଭବ କରିବ, ଏକ ଅନ୍ତର୍ଗତ ସ୍ଥିରତା, କଦାପି ସ୍ଖଳିତ ହୋଇଯାଉ ନଥିବା ଏକ ଶକ୍ତି ଅନୁଭବ କରିବ; ଯାହାକି କଦାପି ନତମସ୍ତକ ହେବ ନାହିଁ, ସେହିପରି ଏକ ଶକ୍ତି ଅନୁଭବ କରିବ ।

ତୁମର ସେହି ସ୍ଥିତିଟି ରହିଥିବା ସମୟରେ କାହାରି ପକ୍ଷରେ ତୁମର କୌଣସି ଅନିଷ୍ଟ କରିବା ପ୍ରକୃତରେ କଷ୍ଟକର ହୋଇ ପଡ଼ିବ;—ଅନିଷ୍ଟ କରିବାକୁ ଚେଷ୍ଟା କରୁଥିବା ଶକ୍ତିମାନେ ସବୁବେଳେହିଁ ଅନିଷ୍ଟ କରିବା ଲାଗି ଚେଷ୍ଟା କରୁଥିବେ ସତ,— ଏହି ପୃଥିବୀ ପ୍ରତିକୂଳ ଏପରି ନାନା ଶକ୍ତି ଦ୍ୱାରା ପୂର୍ଣ୍ଣ ହୋଇ ରହିଛି, ଯେଉଁମାନେ କି ସବୁକିଛି ବିଗାଡ଼ି ଦେବା ଲାଗି ସତତ ଲାଗିଥାନ୍ତି···ମାତ୍ର ସେମାନେ ପ୍ରକୃତରେ ଖୁବ୍ ବେଶୀ ସଫଳ ହୋଇ ପାରନ୍ତି ନାହିଁ; ଏକ ନୂତନ ଅଗ୍ରଗତି ହାସଲ କରିବା ଲାଗି ତୁମକୁ ବାଧ୍ୟ କରିବା ସକାଶେ କେବଳ ଯେତିକି ପ୍ରୟୋଜନ ରହିଥାଏ, ସେମାନେ ସେତିକି ବିଗାଡ଼ି ପାରନ୍ତି ।

ତୁମକୁ ଜୀବନଠାରୁ ଯେତେଥର କୌଣସି ଆଘାତ ମିଳେ, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ନିଜକୁ କହିବ, "ବୁଝିଲି, ବର୍ତ୍ତମାନ ମୋତେ ଗୋଟିଏ ପାଦ ଆଗକୁ ଯିବାକୁ ହେବ,"—ଏବଂ ତା'ପରେ ସେହି ଆଘାତ ଗୋଟିଏ ଆଶୀର୍ବାଦରେ ପରିଣତ ହୋଇଯିବ । ଦୁଇ କାନ୍ଧ ମଧ୍ୟରେ ମୁଣ୍ଡଟିକୁ ଝୁଲାଇ ନରଖି ତୁମେ ତାହାକୁ ଆନନ୍ଦରେ ଉତ୍ତୋଳିତ କରି ରଖିବ ଏବଂ କହିବ, "ମୋତେ ବର୍ତ୍ତମାନ କ'ଣ ଶିକ୍ଷା କରିବାକୁ ହେବ ? ମୁଁ ସେହି କଥାଟି ଜାଣିବାକୁ ଇଚ୍ଛା କରୁଛି । ମୋତେ ବର୍ତ୍ତମାନ କେଉଁଟିକୁ ବଦଳାଇ ଦେବାକୁ ପଡ଼ିବ ? ମୁଁ ସେହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛି ।" ତୁମକୁ ଏହିପରି କରିବାକୁ ହେବ ।

ବର୍ତ୍ତମାନ ଏଠାରେ ଆମେ ଯେଉଁ ଫକେନ୍ଦ୍ରଣର ଅଭ୍ୟାସ କରୁଛୁ ଓ ପୂର୍ବେ ଆମର ଧ୍ୟାନର ଯେଉଁ କାର୍ଯ୍ୟକ୍ରମଟି ରହିଥିଲା, ଦୁଇଟିଯାକ କ'ଣ ଗୋଟିଏ ଜିନିଷ ?*

ନା, ଦୁଇଟିଯାକ ଗୋଟିଏ ଜିନିଷ ନୁହନ୍ତି । ମୁଁ ସେଦିନ ତୁମମାନଙ୍କୁ ଏହି କଥାଟିକୁ କହିଥିଲି । ବର୍ତ୍ତମାନ ଆମର ଯେଉଁ ଫକେନ୍ଦ୍ରଣଟି ହେଉଛି, ତାହା ହେଉଛି ଧ୍ୟାନର ଠିକ୍ ବିପରୀତ । ଆଗରୁ ଆମର ଯେଉଁ ସାଧାରଣ ଧ୍ୟାନ ହେଉଥିଲା,

---

* ଆଶ୍ରମରେ ହେଉଥିବା "ଧ୍ୟାନ" ବଦଳରେ ପରେ କ୍ରୀଡ଼ାଙ୍ଗନରେ "ଫକେନ୍ଦ୍ରଣ"ର ପ୍ରଚଳନ କରିଥିଲେ ।

'oaob.nitrkl.ac.in' images reprocessed

ସେତେବେଳେ ମୁଁ ଉପସ୍ଥିତ ସମସ୍ତଙ୍କର ଧ୍ୟାନକୁ ଏକତ୍ରିତ କରି ଆଣିବାକୁ ଏବଂ ତାହାକୁ ଏକ ଅଭୀପ୍ସା ମଧ୍ୟରେ ଉଚ୍ଚତର ଭୂମିଗୁଡ଼ିକର ଅଭିମୁଖରେ ଉତ୍ତୋଳିତ କରି ନେବାକୁ ଚେଷ୍ଟା କରୁଥିଲି । ଏହାକୁ ଏକ ଆରୋହଣର କ୍ରିୟା, ଅଭୀପ୍ସାର କ୍ରିୟା ବୋଲି କୁହାଯିବ । ମାତ୍ର ବର୍ତ୍ତମାନ ସମ୍ମେଳନ ଦ୍ୱାରା ଆମେ ଯାହା କରୁଛୁ, ତାହା ହେଉଛି ଅବତରଣର କ୍ରିୟା । ଆପଣାକୁ ଉତ୍ତୋଳିତ କରି ନେଉଥିବା ଏକ ଅଭୀପ୍ସା ପରିବର୍ତ୍ତେ ବର୍ତ୍ତମାନ ଏକ ଗ୍ରହଣଶୀଳତା ଦରକାର, ଯାହାକି ଆପଣାକୁ ଉନ୍ମୋଚିତ କରିଦେଇ ପାରିବ, ଯେପରିକି ପରମ ଶକ୍ତିଟି ତୁମ ମଧ୍ୟକୁ ପ୍ରବେଶ କରି ପାରିବ । ଏକଥାଟି କରିବା ଲାଗି ଅନେକ ଉପାୟ ରହିଛି; ପ୍ରତ୍ୟେକ ବ୍ୟକ୍ତି ଆପଣାର ବ୍ୟକ୍ତିଗତ ସ୍ୱଭାବଟି ଅନୁସାରେ ତା' ନିଜ ଲାଗି ସର୍ବୋତ୍କୃଷ୍ଟ ଉପାୟଟିକୁ ଖୋଜି ବାହାର କରିବ । ଏଠାରେ ଯାହା ଆଶା କରାଯାଉଛି, ତାହା ହେଉଛି ଏକ ଗ୍ରହଣଶୀଳ ନିବେଦନ, କେବଳ ଶରୀରର ନିବେଦନ ନୁହେଁ, ଖାଲି ମନ ବା ଖାଲି ପ୍ରାଣର ନିବେଦନ ନୁହେଁ, ତୁମ ସତ୍ତାର କୌଣସି ଗୋଟିଏ ଖଣ୍ଡର ନିବେଦନ ନୁହେଁ, ମାତ୍ର ତୁମର ସମୁଦାୟ ସତ୍ତାଟିର ଏକ ନିବେଦନ । ଏଠାରେ ତୁମଠାରୁ ଆଉ କିଛି ହେଲେ ମଗା ଯାଉ ନାହିଁ, କେବଳ ନିଜକୁ ଉନ୍ମୋଚିତ କରିଦେବାକୁହିଁ କୁହାଯାଉଛି; ଏବଂ ଅବଶିଷ୍ଟ ଯାବତୀୟ କାର୍ଯ୍ୟ ମୁଁ ନିଜ ଉପରେ ନ୍ୟସ୍ତ କରି ରଖିଛି ।

ସେଠାରେ ଯେଉଁ ଧ୍ୟାନ* କରା ହେଉଥିଲା, ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ଆପଣା ଭିତରେ ଅଭୀପ୍ସାର ଏକ ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ରଖୁ ଏବଂ ଯଥାସମ୍ଭବ ଅଧିକ ଉଚ୍ଚକୁ ଉତ୍ତୋଳିତ ହୋଇଯାଉ ବୋଲି ମୁଁ ଇଚ୍ଛା କରୁଥିଲି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଦୁଇଟିଯାକରହିଁ ଅତ୍ୟନ୍ତ ଆବଶ୍ୟକତା ରହିଛି । ମାତ୍ର, ସକାଳେ କରାଯାଉଥିବା ଧ୍ୟାନରେ ସଦିଚ୍ଛା ରହିଥିବା ସମସ୍ତେ ଆସି ଯୋଗଦାନ କରୁଥିଲେ; ସେମାନଙ୍କର ବିକାଶ ସ୍ତରଟି ଯେଉଁଠାରେ ରହିଥାଉ ପଛକେ ସେମାନେ ସେଥିରେ ଯୋଗ ଦେଇ ପାରୁଥିଲେ । ମାତ୍ର ବର୍ତ୍ତମାନ ନିୟମଟି ଏପରି ହୋଇ ରହିଛି ଯେ ଯେଉଁମାନେ ଯଥାର୍ଥରେ ନିଜର ଶରୀରସତ୍ତାଟିର ପରିପୂର୍ଣ୍ଣତା ଇଚ୍ଛା କରୁଥିବେ, କେବଳ ସେହିମାନେହିଁ ଆସି ପାରିବେ; ଯେଉଁମାନେ ଜୀବନରୁ ମୁକ୍ତିଲାଭ କରିବାକୁ, ନିଜଠାରୁ ପଳାଇ ଯିବାକୁ ଓ ଉଚ୍ଚତର ସୋପାନଗୁଡ଼ିକ ମଧ୍ୟରେ ପ୍ରବେଶ କରିବା ଲାଗି ଆପଣାର ଶରୀରଟି ମଧ୍ୟରୁ ପଳାଇ ଯିବାକୁ ଇଚ୍ଛା କରୁଛନ୍ତି, ସେମାନେ ଏଠାକୁ ଆଦୌ ଆସିବେ ନାହିଁ । ତେଣୁ ପ୍ରଥମେ ବ୍ୟକ୍ତି-ନିର୍ବାଚନ ବିଷୟରେ ଖୁବ୍ କଠୋରତା ଅବଲମ୍ବନ କରା ଯାଇଥିଲା;—ସେହି ନିୟମଗୁଡ଼ିକୁ ଏବେ ଅଳ୍ପ ଅଳ୍ପ କରି ଶିଥିଳ କରି ଦିଆଯାଉଛି, ତଦ୍ୱାରା ଅଧିକ ଲୋକ ଆସି ପାରୁଛନ୍ତି ଏବଂ ମୁଁ

---

* ୧୮୩ ପୃଷ୍ଠାର ଟିପ୍ପଣୀ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

ଘାବୃଚ୍ଛ, ସେଥିରେ ଲାଭ ମଧ୍ଯ ହେଉଛ । ପ୍ରଥମେ ଆମେ କେବଳ ସେହମାନେ ଆସନ୍ତୁ ବୋଲି ଇଚ୍ଛା କରିଥିଲୁ, ଯେଉଁମାନେ କ ଆପଣାର ଶରୀରଟିକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ସେମାନଙ୍କର ଇଚ୍ଛା ବିଷୟରେ ସଚେତନ ଥିଲେ, ଶରୀରର ଏକ ନଜସ୍ୱ ମୂଲ୍ଯ ରହିଛ ବୋଲି ଯେଉଁମାନେ ନିଶ୍ଚିତ ଭାବରେ ବୁଝୁଥିଲେ, ଯେଉଁମାନେ ସେହି ଶରୀରକୁ ପୂର୍ଣ୍ଣସମର୍ଥ କରି ତିଆରି କରିବାକୁ ଚାହୁଥିଲେ, ତାହାକୁ ଯେଉଁମାନେ ଏକ ଉଚ୍ଚତର ସତ୍ୟ ଲାଗି ଗୋଟିଏ ଗ୍ରହଣପାତ୍ରରୂପେ ଗଢ଼ିବା ପାଇଁ ଇଚ୍ଛା କରୁଥିଲେ । "ମୋତେ ଆଉ ଉ ବ୍ୟସ୍ତ କରନା" ବୋଲି କହି ଯେଉଁମାନେ ଶରୀରକୁ ଏକ ପୁରୁଣା ଛୁଣ୍ଡାକନ୍ଥା ପରି ଫିଙ୍ଗିଦେବାକୁ ଚାହୁଥିଲେ, ସେମାନେ ନୁହନ୍ତି । ସେମାନେ ଅନ୍ୟପକ୍ଷରେ ଏହି ଶରୀରକୁ ହାତକୁ ନେଇ ତାହାକୁ ଯଥାସମ୍ଭବ ଏକ ସର୍ବୋତ୍ତମ ଯନ୍ତ୍ରରୂପେ ତିଆରି କରିବାକୁ ଚାହୁଥିଲେ; ସେମାନେ ଶରୀରର ଉତ୍ତରୋତ୍ତର ବିକାଶ ଚାହୁଥିଲେ; ତାହା ଯେପରି ପରିପୂର୍ଣ୍ଣତା ଲାଭ କରି ପାରିବ, ସେଥିଲାଗି ତାହାକୁ ଉଚିତ ପ୍ରକିଯ୍ଯାଟି ମଧରେ ପ୍ରବିଷ୍ଟ କରାଇ ରଖିବାକୁ ଚାହୁଥିଲେ ।

ଆପଣ ଯେଉଁ ଅଭୀପ୍ସା ଓ ଚିନ୍ତନର କଥା କହୁଛନ୍ତି, ବାହ୍ୟ କାର୍ଯ୍ୟକଳାପ ସହିତ ସେଗୁଡ଼ିକର କେବଳ ଅସଙ୍ଗତି ରହିଛି ବୋଲି କୁହା ଯିବ ନାହିଁ କି ?

ନା,—ଯଦି ଏପରି କୌଣସି ଅସଙ୍ଗତି ବା ବିରୋଧ ରହେ, ସେଇଟି ହେଉଛି ଯେ ସେହି ଫକେନ୍ଦ୍ରଣକୁ ଆମେ ଆଦୌ ଉଚିତ ମାର୍ଗରେ କରୁ ନାହୁଁ । ବସ୍ତୁତଃ, ପୃଥିବୀ ବର୍ତ୍ତମାନ ଏପରି ଏକ ମିଥ୍ୟାମୟ ସ୍ଥିତିରେ ରହିଛି, ଯେଉଁଥିରେ କ ବାହ୍ୟ ସତ୍ତା ସହିତ କୌଣସି ସଂସ୍ପର୍ଶ ନହରାଇ ଆପଣା ଭିତରେ ଭଗବାନ୍‌ଙ୍କ ପରମ ସାନ୍ନିଧ ଉପରେ ଆପଣାକୁ ଫକେନ୍ଦ୍ରିତ କରି ରଖିବା ସାଧାରଣତଃ ମୋଟେ ସମ୍ଭବ ହେବ ନାହିଁ । ଏକଥାଟି କରିପାରିବା ଭାରି ସହଜ ବୋଲି ମୁଁ ଆଦୌ କହୁ ନାହିଁ, ଏହି କଥାଟିକୁ ପ୍ରକୃତରେ ବହୁଦୂରସ୍ଥ ଏକ ଆଦର୍ଶରୂପେହିଁ ମୁଁ ତୁମମାନଙ୍କ ଆଗରେ ଉପସ୍ଥାପିତ କରୁଛି । ମାତ୍ର ଏହା କରିବା ନିଶ୍ଚୟ ସମ୍ଭବ ଏବଂ ଏହା କରା ବି ଯାଇସାରିଛି । ମୁଁ ଏ ବିଷୟରେ ତୁମମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇପାରିବି । ଏବଂ, ଆମେ ଦଉଡ଼ିବା ସମୟରେ ଆମ ବେଳକଟି ଯେପରି କେଉଁଠି ଭାଙ୍ଗି ନଯାଏ, ଆମର ସେହି ସାମର୍ଥ୍ୟଟିକୁ ତାହା ଆମଠାରୁ ଆଦୌ ଅପହରଣ କରି ନଏ ନାହିଁ !

'oaob.nitrkl.ac.in' images reprocessed

## ୧୯ ଫେବୃଆରୀ ୧୯୫୧

ସଚେତନ ଭାବରେ "ପୃଥିବୀ-ସୃଷ୍ଟି" ମଧ୍ୟରେ ପ୍ରବେଶ କରି ପାରିବା ପାଇଁ ଏକ ସାଧନା ଆବଶ୍ୟକ ହୁଏ ।* ସେହି ସାଧନାଟି କିପରି ସାଧନା ?

**ଯୋଗର ସାଧନାଠାରୁ ଏହି ସାଧନାଟି ଅନେକ ଅଧିକ ଆୟାସସାଧ୍ୟ ! ଏହା ହେଉଛି ଏକ ନିଗୂଢ଼ ସାଧନା ।**

ପ୍ରଥମତଃ, ସଚେତନ ଭାବରେ ଆପଣାର ଶରୀର ମଧ୍ୟରୁ ବାହାରି ଯାଇ ଆଉଗୋଟିଏ ଅଧିକ ସୂକ୍ଷ୍ମ ଶରୀର ମଧ୍ୟରେ ପ୍ରବେଶ କରିବାର ବିଦ୍ୟାଟିକୁ ଶିଖିବାକୁ ପଡ଼ିବ; ତୁମେ ଯେଉଁଠାକୁ ଯିବା ଲାଗି ଇଚ୍ଛା କରୁଛ, ସେଠାକୁ ଯିବା ଲାଗି ଆପଣାର ଶରୀରଟିକୁ କାମରେ ଲଗାଇ ଶିଖିବ । ଏପରି କରିବା ସମୟରେ ଆଦୌ କୌଣସି ଭୟ କରିବାକୁ ପଡ଼ିବ ନାହିଁ ଓ ଅନେକ ସମୟରେ ଅନେକ ଅପ୍ରତ୍ୟାଶିତ ଘଟଣାର ବି ସମ୍ମୁଖୀନ ହେବାକୁ ପଡ଼ିବ, ଏପରିକି ନାନା ଭୟଙ୍କର କଥାର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିବ । ଶାନ୍ତ ସୁସ୍ଥିର ହୋଇ ରହିବାକୁ ହେବ, ମନର ପ୍ରାଣିକ ବୋଧଟିକୁ ବିକଶିତ କରି ଆଣିବାକୁ ହେବ, ନିଜର ମନ ଯେପରି ସମ୍ପୂର୍ଣ୍ଣ ଭାବରେ ଶାନ୍ତ ଏବଂ ସ୍ଥିର ରହିବ, ସେଥିଲାଗି ତାହାକୁ ଅନୁରୂପ ଭାବରେ ଅଭ୍ୟସ୍ତ କରାଇ ନେବାକୁ ପଡ଼ିବ ।···ହୁଁ, ତୁମେ ବେଶ୍ ବୁଝିପାରୁଥିବ ଯେ ଏଥିଲାଗି ଅନେକ କିଛୁ କରିବାକୁ ପଡ଼ିବ ଏବଂ ମୁଁ ଇଚ୍ଛା କଲେ ଘଣ୍ଟା ଘଣ୍ଟା ଧରି ଏହିପରି କହିଯାଇ ପାରିବି ।

ତୁମମାନଙ୍କ ମଧ୍ୟରୁ ଆପଣାର ଶରୀର ମଧ୍ୟରୁ ବାହାରିଯିବାର କୌଣସି ଅଭିଜ୍ଞତା କାହାର ରହିଛି ?—ଶରୀର ମଧ୍ୟରୁ ବାହାରି ଚାଲିଯିବାର ଓ ବାହାରି ଚାଲିଗଲି ବୋଲି ଜାଣି ପାରୁଥିବାର ? ମୁଁ ଏଠାରେ ଏପରିକି ତାହାକୁ ଅଭ୍ୟାସ କରିବାର କଥା ବି ମୋଟେ କହୁ ନାହିଁ, କାରଣ ତାହା ହେଉଛି ଆଉଗୋଟିଏ ପର୍ଯ୍ୟାୟ ।

ମୁଁ ଥରେମାତ୍ର ଆପଣାର ଶରୀର ମଧ୍ୟରୁ ବାହାରି ବାହାରକୁ ଯାଇଥିଲି, ମାତ୍ର ପୁଣି ସଙ୍ଗେ ସଙ୍ଗେ ଫେରି ଆସିଲି !

---

* ୧୬ ଫେବୃଆରି ୧୯୫୧ର ପ୍ରବଚନ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

ତୁମେ ନିଜ ଭିତରୁ ଟିକିଏ ବାହାରିଯାଇ କାଶ୍ମିର୍ ବିଚରଣ କରି ଆସିବାର ସୁଯୋଗଟି ଗ୍ରହଣ କରିଥିଲ, ନୁହେଁ ? ବୁଝିଲି, ତୁମର ସେହି ବିଷୟରେ କୌଣସି ଜିଜ୍ଞାସା ନଥିଲା !

ସିଏ ପ୍ରକୃତରେ ନିଜ ଶରୀର ଭିତରୁ ବାହାରକୁ ଯାଇଛି ବୋଲି ଜଣେ ଜାଣିପାରିବ କିପରି ?

ନିଜ ବିଛଣାଟି ଉପରେ ଅଚଳ ହୋଇ ରହି ତୁମେ ସେକଥା ଜାଣି ପାରିବ । ଏହି କଥାଟିକୁ ଜାଣିବାର ଅନ୍ୟାନ୍ୟ ଉପାୟ ମଧ୍ୟ ରହିଛି ।

କ୍ଲୋରୋଫର୍ମର ପ୍ରଭାବ ଦ୍ୱାରା ମୁଁ ଥରେ ମୋ ଶରୀର ମଧ୍ୟରୁ ବାହାରି ବାହାରକୁ ଯାଇଥିଲି । ନିଜ ଶରୀରଟିକୁ ଟେବୁଲ ଉପରେ ରହିଥିବାର ଦେଖିଲି ଏବଂ ଅପରେଶନ୍‌ଟିକୁ ମଧ୍ୟ ଦେଖିପାରିଲି ।

ମୁଁ ମଧ୍ୟ ଏକଦା ଜଣେ ବେଶ୍ ସମର୍ଥ ଅତୀନ୍ଦ୍ରିୟଦର୍ଶୀଙ୍କୁ ଜାଣିଥିଲି । ଥରେ ତାଙ୍କର ଏକ ଅପରେଶନ୍ ହେବାର ଥାଏ ଏବଂ ତାଙ୍କୁ ସେଥିଲାଗି କ୍ଲୋରୋଫର୍ମ ଦିଆଗଲା । ସିଏ ତାଙ୍କର ଶରୀର ମଧ୍ୟରୁ ବାହାରିଗଲେ । ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମନର ଭାବନାକୁ ସେ ତତ୍‌କ୍ଷଣାତ୍ ଜାଣି ପାରିଲେ । ନିଦରେ ଶୋଇଥିବା ବେଳେ ମଧ୍ୟ ତାଙ୍କର କଥାବାର୍ତ୍ତା କରିବାର ଅଭ୍ୟାସ ଥିଲା; ଏବଂ ସେ ବେଶ୍ ବଡ଼ ପାଟି କରି କଥା କହିବାକୁ ଆରମ୍ଭ କଲେ : ସିଏ କହିଲେ ଯେ ଅମୁକ ବ୍ୟକ୍ତିଙ୍କର ମନରେ କେତେକ ଚିନ୍ତା ତାଙ୍କୁ ଉଦ୍‌ବିଗ୍ନ କରି ରଖିଥିଲା, ଆଉଜଣଙ୍କର ଏକ ସମସ୍ୟା ସମାଧାନ କରିବାକୁ ରହିଥିଲା । ସିଏ ନିଜେ ସେହି ସମାଧାନଟିକୁ ମଧ୍ୟ ବତାଇଦେଇ ପାରିଥିଲେ ।

ଏହାକୁ ଏକ ବ୍ୟତିକ୍ରମ ବୋଲିହିଁ କହିବାକୁ ହେବ,—କେବଳ କେତେକ ବିଶେଷ ସାମର୍ଥ୍ୟ ରହିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏସବୁ ଘଟିଥାଏ ଏବଂ ଏପରି ବ୍ୟକ୍ତି ସଚରାଚର ଅଧିକ ସଂଖ୍ୟାରେ ଆଦୌ ଦେଖିବାକୁ ମିଳନ୍ତି ନାହିଁ । ମାତ୍ର କ୍ଲୋରୋଫର୍ମ ଦିଆ ହୋଇଥିବା ସମୟରେ ଯେତେ ବ୍ୟକ୍ତି ତଥାପି ସଚେତନ ରହନ୍ତି ବୋଲି ଆମେ ସାଧାରଣତଃ ଭାବିଥାଉ, ସେମାନଙ୍କର ସଂଖ୍ୟା ତା'ଠାରୁ ଅନେକ ଅଧିକ । ମାତ୍ର ସାଧାରଣତଃ ଏକଥା ମଧ୍ୟ ଘଟିଥାଏ ଯେ ଯେତେବେଳେ କ୍ଲୋରୋଫର୍ମର

'oaob.nitrkl.ac.in' images reprocessed

ପ୍ରଭାବ ଦୂର ହୋଇଗଲେ ମଣିଷର ଚେତା ଆସେ, ସେତେବେଳେ ଖୁବ୍ ଅସ୍ପଷ୍ଟ ଅନୁଭୂତ ହୁଏ ଏବଂ ଶରୀରରୁ ବାହାରି ଯାଇଥିବା ସମୟର ଅଭିଜ୍ଞତାଟିକୁ କେବଳ ଖୁବ୍ ଅସ୍ପଷ୍ଟ ଭାବରେହିଁ ମନେ ପକାଇ ହୁଏ । ଏଠାରେ ଏପରି କେହି ଅଛନ୍ତି, ଯିଏକି ହଠାତ୍ କେବେ ମୂର୍ଚ୍ଛା ହୋଇ ଯାଇଥିଲେ, ଅଥବା ଏକ ଦୁର୍ଘଟଣା ଘଟିଥିବା ପରେ ମୂର୍ଚ୍ଛା ହୋଇ ଯାଇଥିଲେ ? ସେତେବେଳେ ତୁମେ ନିଜର ଶରୀରକୁ ନିଶ୍ଚୟ ଦେଖିଥିବ, ନୁହେଁ କି ? ଏବଂ ସେତେବେଳେ ତୁମେ ମନେ ମନେ ପଚାରିଥିବ, "ମାତ୍ର ସେଠାରେ ପୁଣି ତାହା ସେହି ହାସ୍ୟାସ୍ପଦ ସ୍ଥିତିଟିରେ ପଡ଼ିରହି କ'ଣ କରିବାରେ ଲାଗିଛି ?" ଏବଂ ତା'ପରେ ତୁମେ ଦଉଡ଼ି କରି ପୁଣି ସେଇଟି ଭିତରକୁ ଲେଉଟି ଆସ । ଥରେ ପାରିସ୍‌ରେ ମୋର ମଧ୍ୟ ଏହିପରି ଘଟିଥିଲା । ମୋତେ ଖୁବ୍ ଚମତ୍କାର ଭୋଜନଟିରେ ଆପ୍ୟାୟିତ କରାଗଲା ଏବଂ ମୋର ଯେତେଦୂର ମନେ ହେଉଛି, ମୁଁ ତା'ପରେ ଗୋଟିଏ ସଭାକକ୍ଷ ମଧ୍ୟକୁ ଗଲି । ସେଠାରେ ଅନେକ ଲୋକ ଉପସ୍ଥିତ ଥିଲେ, ଖୁବ୍ ଗରମ ବୋଧ ହେଉଥିଲା ଏବଂ ପାକସ୍ଥଳୀ ଭିତରେ ସେହି ଚମତ୍କାର ଭୋଜନଦ୍ରବ୍ୟଗୁଡ଼ିକୁ ବହନ କରି ମୁଁ ସେଠାରେ ଠିଆ ହୋଇଥିଲି । ଏବଂ, ଥିଲା ଥିଲା ମୋତେ ହଠାତ୍ ଖୁବ୍ ଖରାପ ଲାଗିଲା । ମୋ ସହିତ ଥିବା ବ୍ୟକ୍ତିଜଣଙ୍କୁ ମୁଁ କହିଲି, "ମୋତେ ସଙ୍ଗେ ସଙ୍ଗେ ବାହାରକୁ ଯିବାକୁ ହେବ ।" ବାହାରକୁ ଆସି (ଫୋବାଦେଗ୍ରେ ସ୍କୋୟାର୍‌ରେ) ମୁଁ ଏକାବେଳେକେ ମୂର୍ଚ୍ଛା ହୋଇଗଲି । ସେଠାରେ ମୁଁ ନିଜର ଶରୀରଟିକୁ ବେଶ୍ ଦେଖି ପାରୁଥିଲି, ତାହା ଲମ୍ବ ହୋଇ ପଡ଼ିଥାଏ, ଏବଂ ତାହାକୁ ମୁଁ ପ୍ରକୃତରେ ଏପରି ଏକ ହାସ୍ୟାସ୍ପଦ ସ୍ଥିତିରେ ଦେଖିଲି ଯେ ମୁଁ ସଙ୍ଗେ ସଙ୍ଗେ ପୁନର୍ବାର ତାହାରି ମଧ୍ୟକୁ ଧାଇଁ ପଳାଇ ଆସିଲି ଏବଂ ଆଚ୍ଛା କରି ଗାଳି ଶୁଣାଇଦେଇ ତାକୁ କହିଲି, "ତୁ ଆଉ କୌଣସି ପ୍ରକାରେ ଏପରି ବାହାନା ମୋଟେ ଖେଳି ପାରିବୁ ନାହିଁ !"

ଅନେକ ଲୋକ ଏହିପରି ମୂର୍ଚ୍ଛା ଯାଆନ୍ତି ଓ ଆପଣାକୁ ଦେଖିପାରନ୍ତି । ଏଥିଲାଗି କେବଳ ଗୋଟିଏ ସର୍ତ୍ତ ରହିଛି : ସୂକ୍ଷ୍ମଭୌତିକ ଶରୀର ମଧ୍ୟରେ ବା ଭୌତିକତମ ପ୍ରାଣଟି ମଧ୍ୟରେ ରହିଥିବା ଦର୍ଶନେନ୍ଦ୍ରିୟଟିକୁ ଅବଶ୍ୟ ବିକଶିତ କରି ଆଣିବାକୁ ପଡ଼ିବ ।

ମୋତେ ତୁମମାନଙ୍କୁ ଏକଥାଟି ମଧ୍ୟ କହି ରଖିବାକୁ ହେବ ଯେ ବେଶ୍ ସ୍ୱତଃସ୍ଫୂର୍ତ୍ତ ଭାବରେ, ଆଦୌ କୌଣସି ପ୍ରକାର ଚେଷ୍ଟା ନକରି ମଧ୍ୟ ଜଣେ ଏହି ପ୍ରକାରର ସାମର୍ଥ୍ୟଟିକୁ ଲାଭ କରିପାରିବ । ଜଣେ ଜନ୍ମରୁ ମଧ୍ୟ ଅତୀନ୍ଦ୍ରିୟଦର୍ଶୀ ହୋଇପାରିବ । ସେମାନେ ଯେ ସାଧାରଣଙ୍କଠାରୁ ଅନେକ ଅଧିକ ବୁଦ୍ଧିମାନ୍, ସେକଥା ଆଦୌ ନୁହେଁ, ସେମାନଙ୍କର ପ୍ରାଣିକ ଚେତନାଟି ହୁଏତ ବଡ଼ ମଧ୍ୟମସ୍ତରର ହୋଇପାରେ, ମାତ୍ର ସେମାନେ ଅତୀନ୍ଦ୍ରିୟଦର୍ଶୀରୂପେହିଁ ଜନ୍ମଗ୍ରହଣ

'oaob.nitrkl.ac.in' images reprocessed

କରିଥାନ୍ତି । ଏହାକୁ ଖୁବ୍ ବେଶୀ ବିକଶିତ ହୋଇଥିବାର ଏକ ସଙ୍କେତ ବୋଲି ଆଦୌ କୁହା ଯିବ ନାହିଁ, ଏହାର ଉଦ୍‌ଗମ ଆଉ ଏକ ସ୍ଥାନରୁ ହୋଇଥାଏ; ଏହା ପିତାମାତାଙ୍କ ସାମର୍ଥ୍ୟରୁ ଆସେ, ପୂର୍ବ ଜନ୍ମଗୁଡ଼ିକର ସଂସ୍କାରରୁ ଆସେ, ଇତ୍ୟାଦି, ଇତ୍ୟାଦି । ମାତ୍ର ଯଦି ଜଣେ ଅତୀନ୍ଦ୍ରିୟଦର୍ଶୀ ହୋଇ ଜନ୍ମ ହୋଇ ନଥିବ, ଏବଂ ଯଦି ନିଜ ଭିତରେ ତ୍ରାନ୍ତୀୟ ଅନ୍ୟ ସାମର୍ଥ୍ୟଟିକୁ ମଧ୍ୟ ବର୍ଦ୍ଧନ କରୁ ନଥିବ,—ଏଠାରେ ମୁଁ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିବା ଏକ ଚୈତ୍ୟସତ୍ତା ବିଷୟରେ କହୁଛି, ଯାହାର କି ପୂର୍ଣ୍ଣ ବିକାଶ ମଧ୍ୟ ହୋଇସାରିଛି ଏବଂ ଯାହା ଶରୀର ମଧ୍ୟରେ ଆପଣାର ସ୍ୱକୀୟ ସ୍ୱତନ୍ତ୍ର ଜୀବନଟିକୁ ବଞ୍ଚିବାରେ ସମର୍ଥ ହେଉଛି,—ଏବଂ ଯଦି ସେହି ଅବସ୍ଥାରେ ମଧ୍ୟ ତୁମେ ଏହିସବୁ ଦୃଷ୍ଟି ଲାଭ କରିବାର ଉପାୟଗୁଡ଼ିକୁ ଶିଖିବା ଲାଗି ଇଚ୍ଛା କରିବ, ତେବେ ତୁମର ସାଧନାଟି ଅତ୍ୟନ୍ତ ଦୀର୍ଘକାଳବ୍ୟାପୀ ହେବ, ଅତ୍ୟନ୍ତ ମନ୍ଥର ବି ହେବ, ଏବଂ ଏପରି ଲୋକ ଅତ୍ୟନ୍ତ କମ୍ ସଂଖ୍ୟାରେ ଥିବେ, ଅଭ୍ୟାସଟିର ଶେଷଯାଏ ଯାଇ ପାରିବା ଲାଗି ଯେଉଁମାନଙ୍କର କି ଆବଶ୍ୟକ ଧୈର୍ଯ୍ୟ ଏବଂ ସହିଷ୍ଣୁତା ମହଜୁଦ ରହିଥିବ ।

ଏଇଟା ଭାରି ଆଗ୍ରହୋଦ୍ଦୀପକ, ମାତ୍ର ଆଦୌ ଅତ୍ୟାବଶ୍ୟକ ନୁହେଁ । ଏହି ଶକ୍ତି ଆମ ଭିତରେ ନଥିଲେ ମଧ୍ୟ ଚଳିବ । ସ୍ୱପ୍ନଗୁଡ଼ିକର କ୍ଷେତ୍ରରେ ଯେଉଁ କଥା, ଏଥିରେ ମଧ୍ୟ ସେହି କଥା । ମାତ୍ର ଯଦି ତୁମେ ନିଜ ଭିତରେ ଏହି ସାମର୍ଥ୍ୟଟିର ବିକାଶ ଘଟାଇ ପାରିବ, ତେବେ ତାହା ତୁମର ଜୀବନକୁ ଅଧିକ ସମୃଦ୍ଧିମନ୍ତ କରିପାରିବ, ତୁମର ଚେତନା ଅଧିକ ବେଗରେ ସହିତ ଅଗ୍ରଗତି କରିବାରେ ତାହା ନିଶ୍ଚୟ ସହାୟକ ହୋଇପାରିବ ।

ଆପଣ କହିଲେ ଯେ ଦୁଇପ୍ରକାରର ମଣିଷ ଅଛନ୍ତି : ଗୋଟିଏ ପ୍ରକାର ମଣିଷଙ୍କୁ ଧ୍ୟାନ କରିବାକୁ କୁହାଯାଏ ଓ ଅନ୍ୟ ପ୍ରକାରର ମଣିଷଙ୍କୁ ଧ୍ୟାନ କରିବାକୁ କୁହା ଯାଇ ନଥାଏ । ମୁଁ ନିଜେ କେଉଁ ପ୍ରକାରର ମଣିଷ, ସେକଥାଟି ଜାଣିହେବ କପରି ?*

---

* "କୌଣସି ଏକ ସାଧନା ଲାଗିହିଁ ଆମେ ସେହି ସାଧନାଟିକୁ ଆଦୌ କରିବାକୁ ଯିବା ନାହିଁ । ଆମେ ଯାହା କିଛି କରୁଛୁ, ସର୍ବଦା ଆମର ଯାବତୀୟ କାର୍ଯ୍ୟରେ ଏବଂ ସକଳ ମୁହୂର୍ତ୍ତରେ ଆମେ ଯେପରି ପରମ ଦିବ୍ୟପୁରୁଷଙ୍କ ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖି ପାରିବା, ଆମେ ପ୍ରକୃତରେ ତାହାହିଁ ଇଚ୍ଛା କରୁଛୁ । ଏଠାରେ ଏପରି କେତେକ ଅଛନ୍ତି, ଯେଉଁମାନଙ୍କୁ ଧ୍ୟାନ କରିବା ଲାଗି କୁହାଯାଉଛି, ମାତ୍ର ଏପରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନଙ୍କୁ କି ଆଦୌ କୌଣସି ଧ୍ୟାନ କରିବା ପାଇଁ କୁହା ଯାଇ ନାହିଁ । ମାତ୍ର, ସେଥିଲାଗି

'oaob.nitrkl.ac.in' images reprocessed

ତୁମକୁ କହି ଦିଆଯିବ ।

ତେବେ, ଆମେ ଆପଣଙ୍କୁ ସେକଥା ପଚାରି ପାରିବୁ ?

ନିଶ୍ଚୟ ପଚାରି ପାରିବ । ସେଥିପାଇଁ ତ ମୁଁ ଏଠାରେ ରହିଛି !

ବେଳେବେଳେ, ଯେତେବେଳେ ଆମେ ଶରୀର ମଧ୍ୟରୁ ବାହାରକୁ ବାହାରିଯାଉ, ତେବେ ଶରୀର ମଧ୍ୟ ଆମର ଭିତରୁ ବାହାରି ଯାଇଥିବା ଅଂଶଟିର ଅନୁଧାବନ କରୁଥାଏ ।

ତୁମେ ଜଣେ ନିଦ୍ରାଚାରୀ ବିଷୟରେ କହୁଛ କି ? ମାତ୍ର ସେଇଟା ହେଉଛି ଏକ ସମ୍ପୂର୍ଣ୍ଣ ଭିନ୍ନ କଥା । ଏହାର ଅର୍ଥ ହେଉଛି ଯେ ଯେଉଁ ଅଂଶଟି ବାହାରକୁ ଯାଇଥାଏ (ତାହା ମନର ଏକ ଅଂଶ ହେଉ ଅଥବା ପ୍ରାଣର ଏକ ଅଂଶ ହେଉ), ତାହା ଏତେ ଶକ୍ତିଶାଳୀ ଭାବରେ ଶରୀର ସହିତ ଆସକ୍ତ ହୋଇ ରହିଥାଏ, ଅଥବା, ବରଂ ଏପରି କୁହାଯାଇ ପାରେ, ଶରୀର ଏହି ଅଂଶଟି ସହିତ ଏପରି ଆସକ୍ତ ହୋଇ ରହିଥାଏ ଯେ, ଏହି ଅଂଶଟି ଯେତେବେଳେ କିଛିହେଲେ କରିବା ଲାଗି ଇଚ୍ଛା କରେ, ସେତେବେଳେ ସତେଅବା ସ୍ୱୟଂଚାଳିତ ହେଲପରି ଶରୀର ମଧ୍ୟ ତାହାର ପଛେପଛେ ଯାଉଥାଏ । ନିଜର ଅନ୍ତର୍ଗତ ସତ୍ତାରେ ତୁମେ ଗୋଟାଏ କିଛି କରିବ ବୋଲି ନିଷ୍ପତ୍ତିଟିଏ ଗ୍ରହଣ କର, ଏବଂ ତୁମର ଶରୀର ତୁମ ଅନ୍ତର୍ଗତ ସତ୍ତାଟି ସହିତ ଏପରି କଷି କରି ବାନ୍ଧିହୋଇ ରହିଥାଏ ଯେ, ସେବିଷୟରେ ଆଦୌ କିଛି ଭାବିବା ପୂର୍ବରୁ, ସେପରି କିଛି କରିବ ବୋଲି ଆଦୌ କୌଣସି ଇଚ୍ଛା ନକରି ଏବଂ କୌଣସି ପ୍ରକାର ପ୍ରୟାସ ନକରି ମଧ୍ୟ ତାହା ପଛେପଛେ ଯିବାରେ ଲାଗେ ଏବଂ ସେହି କଥାଟିକୁହିଁ କରେ । ଉଲ୍ଲେଖ କରି ରଖିବା ଉଚିତ ଯେ, ଏହି ବିଷୟଟିର କ୍ଷେତ୍ରରେ, ଭୌତିକ ଶରୀରଟିର ଏପରି ସବୁ ନାନା ସାମର୍ଥ୍ୟ ରହିଥାଏ, ଯାହାକି ସାଧାରଣ ଜାଗ୍ରତ ଅବସ୍ଥାରେ ତା' ପାଖରେ ଆଦୌ ରହି ନଥାନ୍ତି ।

---

ସେମାନଙ୍କର କୌଣସି ଅଗ୍ରଗତି ହେଉ ନାହିଁ ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଆମେ ସେପରି କଦାପି ଭାବିବା ନାହିଁ । ସେମାନଙ୍କର ବି ସାଧନାର ଏକ ମାର୍ଗ ରହିଛି, ମାତ୍ର ସେହି ସାଧନା ଭିନ୍ନ ପ୍ରକୃତିର । କର୍ମ କରିବା, ଶ୍ରଦ୍ଧାର ସହିତ କର୍ମ କରିବା ଏବଂ ଭିତରେ ଆତ୍ମନିବେଦିତ ହୋଇ ରହିବା,—ଏଇଟି ମଧ୍ୟ ଏକ ଆଧ୍ୟାତ୍ମିକ ସାଧନା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୧ ଏପ୍ରିଲ)

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଏକଥା ସମସ୍ତେ ଭଲ କରି ଜାଣିଛନ୍ତି ଯେ ଜଣେ ଏପରି ନାନା ବିପଜ୍ଜନକ ସ୍ଥାନମାନଙ୍କରେ ବୁଲିବାକୁ ଇଚ୍ଛା କରେ, ଜାଗ୍ରତ ଅବସ୍ଥାରେ ଯେଉଁଠାରେ ବୁଲିବା ଲାଗି ସେତେବେଳେ କି ତାକୁ ନିଶ୍ଚୟ ଅତ୍ୟନ୍ତ କଷ୍ଟକର ମନେ ହୋଇଥାନ୍ତା । ଶରୀର ଅନ୍ତର୍ଗତ ସତ୍ତାଟିର ଚେତନାଟିକୁହିଁ ଅନୁସରଣ କରୁଥାଏ ଏବଂ ତାହାର ନିଜ ଚେତନାଟି ନିଦ୍ରିତ ଅବସ୍ଥାରେ ରହିଥାଏ । କାରଣ, ଶରୀରର ମଧ୍ୟ ତ ଏକ ନିଜସ୍ୱ ଚେତନା ରହିଛି । ସତ୍ତାର ସକଳ ଅଂଶଗୁଡ଼ିକ,—ସବୁଠାରୁ ଅଧିକ ପରିମାଣରେ ଭୌତିକ ହୋଇ ରହିଥିବା ଅଂଶଗୁଡ଼ିକୁ ମଧ୍ୟ ଏହାରି ଭିତରେ ସାମିଲ କରିବାକୁ ହେବ,—ସେଗୁଡ଼ିକର ପ୍ରତ୍ୟେକର ଗୋଟିଏ ଗୋଟିଏ ନିଜସ୍ୱ ଚେତନା ରହିଛି । ତେଣୁ, ଯେତେବେଳେ ତୁମେ ଅତ୍ୟନ୍ତ କ୍ଳାନ୍ତ ହୋଇପଡ଼ି ଶୋଇବାକୁ ଯାଅ, ଯେତେବେଳେ ତୁମର ଦେହଶରୀରଟି ବିଶ୍ରାମ ଅତ୍ୟାବଶ୍ୟକ କରୁଥାଏ, ସେତେବେଳେ ତୁମ ଭୌତିକ ଚେତନାଟି ଶୋଇପଡ଼େ, ମାତ୍ର ତୁମର ସୂକ୍ଷ୍ମଭୌତିକ ଶରୀର, ତୁମର ପ୍ରାଣ ବା ତୁମର ମନର ଚେତନାଟି ଆଦୌ ଶୋଇ ପଡ଼େ ନାହିଁ । ତାହା ସକ୍ରିୟ ହୋଇ ରହିଥାଏ; ମାତ୍ର ତୁମର ଭୌତିକ ଚେତନାଟି ଶରୀରରୁ ଅଲଗା ହୋଇଯାଏ, ଏକ ଅଚେତନାର ଅବସ୍ଥାରେ ତାହା ନିଦ୍ରାମଗ୍ନ ହୋଇ ରହିଥାଏ; ଏବଂ ସେତିକବେଳେ, ତୁମର ଯେଉଁ ଅଂଶଟି ଶୋଇ ନଥାଏ, ଯେଉଁଟି ସକ୍ରିୟ ହୋଇ ରହିଥାଏ, ଭୌତିକ ଚେତନାରୁ ଅସଂଲଗ୍ନ ହୋଇ ରହିଥିବା ଶରୀରଟିକୁ ତାହା ଏକ ମଧ୍ୟବର୍ତ୍ତୀ ସାଧନରୂପେ ବ୍ୟବହାର କରେ ଏବଂ ତା' ଦ୍ୱାରା ସିଧା ସିଧା ଅନେକ କାର୍ଯ୍ୟ କରାଇ ନେବାକୁ ଲାଗେ । ଏହିପରି ଭାବରେହିଁ ଜଣେ ନିଦ୍ରାଚାରୀ ହୋଇଯାଏ । ମୋ ନିଜର ଅଭିଜ୍ଞତାରୁ ମୁଁ କହିବି ଯେ, ଜାଗ୍ରତ ଅବସ୍ଥାର ଚେତନାଟି ଶୋଇବାକୁ ଚାଲିଯାଏ, କୌଣସି ନା କୌଣସି କାରଣରୁ (ତାହା ସାଧାରଣତଃ କ୍ଳାନ୍ତ ହୋଇ ପଡ଼ିଥାଏ ବୋଲି) ଶୋଇବାକୁ ଚାଲିଯାଏ, ମାତ୍ର ଅନ୍ତର୍ଗତ ସତ୍ତା ଚେତି ରହିଥାଏ ଏବଂ ଶରୀର ସେଇଟି ସହିତ ଏପରି ବାନ୍ଧି ହୋଇ ରହିଥାଏ ଯେ ତାହା ଅନ୍ୟଟିର ଅନୁଗମନ କରେ, ସଚେଅବା ସ୍ୱୟଂଚାଳିତ ହେବା ପରି ପଛେ ପଛେ ଯାଏ । ସେଥିଲାଗି ତୁମେ ସେତେବେଳେ କେତେକେତେ ଅଦ୍ଭୁତ କଥା ସାଧି କରିପାର, କାରଣ ତୁମେ ସେଗୁଡ଼ିକୁ ଭୌତିକ ଭୂମିରେ ଆଦୌ ଦେଖି ପାର ନାହିଁ, ତୁମେ ସେଗୁଡ଼ିକୁ ଏକ ଭିନ୍ନ ଭାବରେ ଦେଖୁଥାଅ ।

> ଗମ୍ଭୀର ଭାବରେ କୌଣସି ଏକ ଚିନ୍ତାରେ ବା କାର୍ଯ୍ୟରେ ବୁଡ଼ିଇ ରୁଡ଼ିଇ ହୋଇ ରହିଲେ ଜଣେ ବ୍ୟକ୍ତି ନିଦ୍ରାଚାରୀ ହୋଇଯାଏ ବୋଲି କୁହା ଯାଇଥାଏ, ଏହା ସତ କି ? ଫରାସୀଙ୍କ ଭାଷାରେ ଏହିପରି ଗୋଟିଏ ଘଟଣାରେ ଗୋଟିଏ

ସୋନାଟା ରଚନା କରିଥିଲେ; ଏବଂ ଯେତେବେଳେ ସେ ସକାଳେ ନିଦରୁ ଉଠିଲେ, ସେ ତତ୍‌କ୍ଷଣାତ୍ ସମସ୍ତ ରଚନାଟିକୁ ଲିପିବଦ୍ଧ କରି ରଖିଲେ ।

କେବଳ କୌଣସି କାର୍ଯ୍ୟ ବା ଚିନ୍ତାରେ ବୁଡ଼ି ରହିଲେ ଯେ ଜଣେ ନିଦ୍ରାଚ୍ଛନ୍ନ ହୁଏ, ତା' ନୁହେଁ । ହଁ, ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ନିଦ୍ରାଭିଭୂତାର ଅବସ୍ଥାରେ ଅଦ୍ଭୁତ କଥାମାନ ରଚନା କରିପାରନ୍ତି । ମାତ୍ର ତାର୍ତିନି ନିଦ୍ରାଚ୍ଛନ୍ନ ନଥିଲେ, ସିଏ ସ୍ୱପ୍ନାବସ୍ଥାରେ ଅନେକ ସୋନାଟା ରଚନା କରିଥିଲେ ।

ଅନ୍ୟ ସ୍ଥିତିଟି ସବୁବେଳେ ଟିକିଏ ଅଧିକ ବିପଜ୍ଜନକ ହୋଇ ରହିଥାଏ, ହଁ, ସବୁବେଳେ । ସେତେବେଳେ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ କଥାମାନ ମଧ୍ୟ ଘଟିପାରେ, ଉଦାହରଣସ୍ୱରୂପ ପ୍ରାଣିକ କ୍ଷେତ୍ରରେ ଏକ ଦୁର୍ଘଟଣା ବି ଘଟିପାରେ ।

## ନିଦ୍ରାଚ୍ଛନ୍ନତାରୁ ଆରୋଗ୍ୟ ଲାଭ କରିବାର ଉପାୟ ?

ଏକ ବେଶ୍ ସହଜ ଉପାୟ ହେଉଛି ଶୋଇବାକୁ ଯିବା ପୂର୍ବରୁ ଶରୀର ଉପରେ ଏକ ଇଚ୍ଛାକୁ ଅବସ୍ଥାପିତ କରି ରଖିବା । ଅନ୍ତର୍ଗତ ବନ୍ଧନଗୁଡ଼ାକୁ ଛିଣ୍ଡାଇ ଦେବା ଲାଗି ମନର ଯଥେଷ୍ଟ ବିକାଶ ହୋଇ ନଥାଏ ବୋଲି ଜଣକୁ ନିଦ୍ରାଚ୍ଛନ୍ନ ହେବାକୁ ପଡ଼େ । କାରଣ ମନ ନିରନ୍ତର ବାହ୍ୟ ସତ୍ତାଟିକୁ ଗଭୀରତର ଅନ୍ତଶ୍ଚେତନାଠାରୁ ଛିଣ୍ଡାଇ ପକାଉଥାଏ । ସାନ ପିଲାମାନେ ଏହି କ୍ଷେତ୍ରରେ ବେଶ୍ ବାନ୍ଧିହୋଇ ରହିଥାନ୍ତି । ମୁଁ ଏପରି ପିଲାଙ୍କୁ ଜାଣିଥିଲି, ଯେଉଁମାନଙ୍କର କି ଯଥେଷ୍ଟ ନିଷ୍ଠା ରହିଥିଲା ସତ, ମାତ୍ର କୌଣସି କଥା କେବଳ ସେମାନଙ୍କର କଳ୍ପନାରେ ରହିଛି ବା ସତକୁ ସତ ଘଟୁଛି, ସେମାନେ ସେହି କଥାଟିକୁ ବାରିଦେଇ କହି ପାରୁ ନଥିଲେ । ସେମାନଙ୍କ ଲାଗି ଅନ୍ତରସ୍ଥ ଜୀବନଟି ଠିକ୍ ବାହ୍ୟ ଜୀବନ ପରି ବାସ୍ତବ ହୋଇ ରହିଥିଲା । ସେମାନେ ମନରୁ ଫାନ୍ଦି ଆଦୌ କୌଣସି ଗପ କହୁ ନଥିଲେ, ସେମାନେ ମୋଟେ ମିଥ୍ୟାବାଦୀ ନଥିଲେ । ସେମାନଙ୍କର ଅନ୍ତରସ୍ଥ ଜୀବନଟିହିଁ ବାହ୍ୟ ଜୀବନ ପରି ବାସ୍ତବ ହୋଇ ରହିଥିଲା । ଅନେକ ପିଲା ଏପରି ଅଛନ୍ତି, ଯେଉଁମାନେ କି ଗୋଟିଏ ସ୍ୱପ୍ନକୁ ଯେଉଁଠାରୁ ଆରମ୍ଭ କରିଥାନ୍ତି, ସ୍ୱପ୍ନଟିକୁ ଅବ୍ୟାହତ କରି ରଖି ପାରିବେ ବୋଲି ରାତି ରାତି ଧରି ଠିକ୍ ସେହି ସ୍ଥାନକୁହିଁ ଯାଉଥିଲେ । ନିଜ ଶରୀର ଭିତରୁ ବାହାରି ଯିବାର କ୍ଷେତ୍ରରେ ସେମାନଙ୍କୁ ଜଣେଜଣେ ବିଶେଷଜ୍ଞ ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ଶୋଇଥିବା ଅବସ୍ଥାରେ ଶରୀରକୁ ଛାଡ଼ି ଭ୍ରମିବୁଲିବା ପ୍ରକୃତରେ ଭଲ କି ? ଇଚ୍ଛା କରିବା ମାତ୍ରକେ ଶରୀର ମଧ୍ୟକୁ ପୁଣି ଫେରିଯିବା ସମ୍ଭବ କି ?

ତୁମର କ'ଣ ଗୋଟାଏ ଘଟିଲା ବୋଲି ବିଶ୍ବାସ କରି ହୁଏତ ତୁମ ପାଖକୁ ଦଉଡ଼ି ଆସି ତୁମକୁ ହଲାଇ ହଲାଇ ଉଠାଇ ପକାଇବା ଭଳି ଲୋକମାନଙ୍କ ଦ୍ବାରା ପରିବେଷ୍ଟିତ ହୋଇ ଶୋଇବା ପ୍ରକୃତରେ ବିପଜ୍ଜନକ । ମାତ୍ର ଯଦି ତୁମେ ଏକୁଟିଆ ଥିବ ଓ ସ୍ଥିର ହୋଇ ଶୋଇଥିବ, ତେବେ କୌଣସି ଭୟ ନାହିଁ ।

ଯେକୌଣସି ସମୟରେ ମଧ୍ୟ ଆମେ ଶରୀର ମଧ୍ୟକୁ ଲେଉଟି ଆସି ପାରିବା, ଏବଂ ସାଧାରଣତଃ, ଲେଉଟି ଆସିବା ଅପେକ୍ଷା ବାହାରେ ରହିବାକୁହିଁ ଅନେକ ଅଧିକ କଷ୍ଟକର ବୋଲି କୁହାଯାଇ ପାରିବ । ତେଣୁ, ଏତେଟିକିଏ କ'ଣ ଘଟିବା ମାତ୍ରକେହିଁ ଜଣେ ସଙ୍ଗେ ସଙ୍ଗେ ଶରୀର ଭିତରକୁ ଧାଇଁ ପଳାଇ ଆସିଥାଏ ।

ବିଛଣା ଉପରେ ଶରୀରଟିକୁ ଛାଡ଼ିଦେଇ ଯଦି ଜଣେ ବାହାରକୁ ବାହାରି ଯାଇଥାଏ, ତେବେ ଆଉ ଜଣେ ସେହି ଶରୀର ମଧ୍ୟରେ ପ୍ରବେଶ କରି ପାରିବ କି ?

ହଁ, ପାରିବ; ମାତ୍ର ଏପରି ଅତି କ୍ବଚିତ୍ ଘଟିଥାଏ, ଲକ୍ଷକରେ ଗୋଟିଏ କ୍ଷେତ୍ରରେ ହୁଏତ ଘଟିଥାଏ ।

"ଆଉ ଜଣେ" କଦାପି ପ୍ରବେଶ କରି ପାରିବ ନାହିଁ । ଏକ ବିଚକ୍ଷଣ ଓ ଅସାଧାରଣ ଗୂଢ଼ବିଦ୍ୟାର ଜ୍ଞାନ ନଥିଲେ ଜଣେ ମଣିଷ କେବେହେଲେ ଆଉ ଜଣେ ମଣିଷର ଶରୀର ଭିତରେ ପ୍ରବେଶ କରି ପାରିବ ନାହିଁ, ଏବଂ ଯାହାକୁ ଗୂଢ଼ବିଦ୍ୟା ଜଣାଥିବ, ସିଏ କଦାପି ଏପରି କାର୍ଯ୍ୟ କରିବାକୁ ଯିବ ନାହିଁ ।

ମାତ୍ର, କୌଣସି ମନୁଷ୍ୟ ପ୍ରବେଶ କରୁ ନଥିଲେ ମଧ୍ୟ, ବେଳେବେଳେ ପ୍ରାଣିକ ଜଗତରେ ଏପରି ଅନେକ ସତ୍ତା ରହିଥାନ୍ତି, ଯେଉଁମାନଙ୍କର ନିଜର କୌଣସି ଶରୀର ନଥାଏ ଏବଂ କେବଳ ଏକ ନୂତନ ଅନୁଭବର କୌତୁକ ସକାଶେହିଁ ସେମାନେ ଗୋଟିଏ ଶରୀର ଲାଭ କରିବାକୁ ଚାହୁଁଥାନ୍ତି । ଏବଂ, କେହିଜଣେ ତା'ର ଶରୀରଟି ଛାଡ଼ି ବାହାରକୁ ବାହାରି ଚାଲିଯାଇଛି ବୋଲି ଯେତେବେଳେ ସେମାନେ ଦେଖିବାକୁ ପାଆନ୍ତି (ମାତ୍ର ସିଏ அତ୍ୟନ୍ତ ଭୌତିକ ଭାବରେ ଶରୀରଟିକୁ ଛାଡ଼ି ଅବଶ୍ୟ ଯାଇଥିବ), ଏବଂ ଯେତେବେଳେ ସେହି ଶରୀରଟି ଯଥେଷ୍ଟ ପରିମାଣରେ ସୁରକ୍ଷିତ



'oaob.nitrkl.ac.in' images reprocessed

ହୋଇ ନଥାଏ, ସେତେବେଳେ ସେମାନେ ହୁଏତ ଦଉଡ଼ିଆସି ସେଇଟି ମଧ୍ୟରେ ପଶିଯାଇ ପାରନ୍ତି । ମାତ୍ର ଏହି କଥାଟି ଏପରି କ୍ୱଚିତ୍ ଘଟିଥାଏ ଯେ, ଯଦି ତୁମେ ମୋତେ ଏହି ପ୍ରଶ୍ନଟିକୁ ପଚାରି ନଥାନ୍ତ, ତେବେ ମୁଁ ସେହି ବିଷୟରେ ଆଦୌ କିଛି କହି ନଥାନ୍ତି । ତଥାପି ଏହାକୁ ଆଦୌ ଅସମ୍ଭବ ବୋଲି କହି ହେବ ନାହିଁ ।

ଯେଉଁ ଲୋକମାନଙ୍କର ଏହି ପ୍ରକାରର ଦୁଃସ୍ୱପ୍ନର ଅଭିଜ୍ଞତା ହୋଇଥାଏ, ଶରୀର ମଧ୍ୟରୁ ବାହାରକୁ ବାହାରି ଚାଲିଯିବା ପୂର୍ବରୁ ଗୁପ୍ତବିଦ୍ୟାର ନାନା ପ୍ରଣାଳୀ ଦେଇ ସେମାନଙ୍କର ନିଜ ଶରୀରଟିକୁ ସୁରକ୍ଷିତ କରି ରଖିବା ଉଚିତ । ଏକାଧିକ ଉପାୟରେ ସେହି କଥାଟି କରିଯାଇ ପାରିବ । ସବୁଠାରୁ ସହଜ ଉପାୟଟି ହେଉଛି, —ଏବଂ ସେଥିରେ କୌଣସି ବିଶେଷ ଜ୍ଞାନ ଅର୍ଜନ କରିଥିବା ଆଦୌ ଆବଶ୍ୟକ ହୁଏ ନାହିଁ, ଯେ ଆମେ ସେତେବେଳେ ଆମ ଗୁରୁଙ୍କୁ ସ୍ମରଣ କରିବା, ଅଥବା, ଯଦି ସେହି ଜ୍ଞାନ ରହିଥିବା ଆଉ ଜଣକର ନାମ ଜଣାଥାଏ, ଆପଣାର ଭାବନାରେ ବା ଅନ୍ତର୍ଭାବରେ ଆମେ ତାହାଙ୍କୁ ଆବାହନ କରି ଆଣିବା । ବା ଆମ ଚାରିପାଖରେ କୌଣସି ପ୍ରକାରର ଏକ ରକ୍ଷାପ୍ରାଚୀର ନିର୍ମାଣ କରିନେବା (ଜଣେ ତ ଅନେକ କିଛି କାର୍ଯ୍ୟ କରି ପାରିବ, ନୁହେଁ କି ?), ସେହି ପ୍ରାଚୀର ଡେଇଁ ଉକ୍ତ ସତ୍ତ୍ୱଗୁଡ଼ିକ ମୋଟେ ଭିତରକୁ ପ୍ରବେଶ କରି ପାରିବେ ନାହିଁ ।

ଆପଣାକୁ ବାହାର କରି ଆଣିବାର କ୍ଷେତ୍ରରେ ତୁମର ଯଦି ଏକ ଅନୁକୂଳ ପ୍ରବୃତ୍ତି ରହିଥାଏ, ଏବଂ ଯଦି ତୁମେ କୌଣସି ଏକ ମାର୍ଗରେ ଯୋଗର ଚର୍ଚ୍ଚା କରୁଥାଅ, ସେତେବେଳେ ତୁମେ ନିଜର ନିଦ୍ରାକୁ ସୁରକ୍ଷିତ କରି ରଖିବ ବୋଲି ମୁଁ ତୁମକୁ ସର୍ବଦା ପରାମର୍ଶ ଦେବି : କୌଣସି ପ୍ରକାର ମନନ ଦ୍ୱାରା, ଏକ ମାନସିକ ଅଥବା ଯେକୌଣସି ଗଠିତ ସ୍ପନ୍ଦନ ଦ୍ୱାରା ତୁମେ ନିଜର ରକ୍ଷା କରିବ ବୋଲି ମୁଁ ସବୁବେଳେ କହିବି । ଆପଣାର ରକ୍ଷା କରିବା ଲାଗି ଅନେକ ମାର୍ଗ ରହିଛି । ମାତ୍ର ମୁଁ ଭାବୁଛି, ତୁମମାନଙ୍କ ଲାଗି ଏପରି କୌଣସି ବିପଦର ଆଦୌ ଆଶଙ୍କା ନାହିଁ । ସମ୍ଭବତଃ ସମସ୍ତଙ୍କ ଲାଗି ଏପରି କୌଣସି ଆଶଙ୍କା ନାହିଁ; ମାତ୍ର ତଥାପି, ଏହିଭଳି ଗୋଟିଏ ବ୍ୟାପାର ଘଟିପାରିବା ଲାଗି ଜଣେ ମଣିଷକୁ ଅତ୍ୟନ୍ତ ପ୍ରବଳ ଭାବରେ ମହତ୍ତ୍ୱ-ଆକାଙ୍କ୍ଷୀ ହେବାକୁ ପଡ଼ିବ, ଅତ୍ୟନ୍ତ ପ୍ରବଳ ଭାବରେ ନିଷ୍ଠାହୀନ ହେବାକୁ ପଡ଼ିବ; ପ୍ରକୃତରେ କେତେକ ଖଳ ସତ୍ତ୍ୱମାନଙ୍କ ସହିତ ସମ୍ବନ୍ଧସ୍ଥାପନ କରିବାକୁ ପଡ଼ିବ, କାରଣ, ଯେଉଁ ଜୀବ ଶୃଙ୍ଖଳା ସହିତ ସତ୍ୟସ୍ଥ ହୋଇ ବାସ କରିପାରୁଛି, ସିଏ କେବେହେଲେ ଅନ୍ୟ କାହାରି ଶରୀର ଭିତରକୁ ଧାଇଁଯିବାକୁ ମନ କରିବ ନାହିଁ । ସେ ତାହାକୁ ବିଶୃଙ୍ଖଳାରହିଁ ଏକ କାର୍ଯ୍ୟ ବୋଲି ଜାଣିବ ଓ ଅକର୍ତ୍ତବ୍ୟ ମଣି ସେଥିରୁ କ୍ଷାନ୍ତ ରହିବ ।

'oaob.nitrkl.ac.in' images reprocessed

ଚୈତ୍ୟ ସତ୍ତା କେବେ ବାହାରକୁ ଯାଏ କି ? ଅଥବା, ସତ୍ତାର ଅନ୍ୟ କୌଣସି ଅଂଶ ବାହାରକୁ ଯାଏ କି ?

ଯଦି ଚୈତ୍ୟ ସତ୍ତାହିଁ ବାହାରକୁ ଯାଉଥାଏ, ତେବେ ଜଣେ ସେଇଟି ବିଷୟରେ ଆଦୌ ସଜ୍ଞାନ ହୋଇ ପାରନ୍ତା ନାହିଁ । ହୁଏତ ଅଧିକ ପରିମାଣରେ ସେହିପରି ହୁଅନ୍ତା, କାରଣ ଅଧିକାଂଶ ସମୟରେହିଁ ତାହା ତୁମ ଭିତରେ ନଥାଏ ! ଅନେକ ଅଳ୍ପସଂଖ୍ୟକ ଲୋକହିଁ ଆପଣାର ଚୈତ୍ୟ ସତ୍ତାଟିକୁ ଆପଣା ଭିତରେ ବହନ କରି ରହିଥାନ୍ତି, କାରଣ ଆସ୍ଥାନଟି ଆଦୌ ପ୍ରସ୍ତୁତ ହୋଇ ନଥାଏ । ତେଣୁ ବେଳେ ବେଳେ ସୂକ୍ଷ୍ମଭୌତିକ ସତ୍ତାଟିହିଁ ବାହାରକୁ ଯାଇଥାଏ; ଯେତେବେଳେ ଆମେ ଆମ ଶରୀରକୁ ଲମ୍ବିକରି ପଡ଼ିଥିବାର ଦେଖିବାକୁ ପାଉ, ସେତିକବେଳେ ତାହା ଘଟେ,— ଇନ୍ଦ୍ରିୟଦୃଷ୍ଟିଟିକୁ ସଚେତନ ହୋଇ ରହିବାକୁ ହେଲେ, ସତ୍ତାର ଅତ୍ୟନ୍ତ ଭୌତିକ କୌଣସି ଅଂଶରହିଁ ବାହାରି ଚାଲିଯିବା ଆବଶ୍ୟକ ହୋଇଥାଏ । ଅତ୍ୟନ୍ତ ଭୌତିକ ଭାବରେହିଁ ଆପଣାର ସୂକ୍ଷ୍ମଭୌତିକ ଶରୀରରେ ବାହାରି ହୋଇ ଯିବାକୁ ପଡ଼େ ଅଥବା ଅତ୍ୟନ୍ତ ପରିମାଣରେ ଭୌତିକ ହୋଇ ରହିଥିବା ପ୍ରାଣକୁହିଁ ବାହାରି ଯିବାକୁ ପଡ଼େ । ମାତ୍ର ସାଧାରଣତଃ ପ୍ରାଣିକ ଅଂଶଟିହିଁ ସେହିପରି ଭାବରେ ବହିର୍ବିଚରଣ କରିଥାଏ ଏବଂ ଆହୁରି ଅଧିକ ସାଧାରଣ ଭାବରେ ମାନସିକ ସତ୍ତାଟିହିଁ ବାହାରକୁ ଯାଉଥାଏ । ମାତ୍ର ଯେତେବେଳେ ମନ ବାହାରକୁ ଯାଏ, ସେତେବେଳେ ମନୁଷ୍ୟ ସେବିଷୟରେ ଆଦୌ କିଛି ଜାଣି ପାରେ ନାହିଁ, କାରଣ ମନକୁ ଆମେ ଚୈତ୍ୟ ସତ୍ତାର ଠିକ୍ ଅନୁରୂପ ବୋଲି କହିପାରିବା, ତାହା ଖୁବ୍ କ୍ୱଚିତ୍‌ହିଁ ତୁମ ଭିତରେ ରହିଥାଏ । ଯଦି ତୁମେ କୌଣସି ବସ୍ତୁ ଅଥବା ମନୁଷ୍ୟ ବିଷୟରେ ଚିନ୍ତା କରୁଥାଅ, ତୁମ ମନର ଗୋଟିଏ ଅଂଶ ତତ୍‌କ୍ଷଣାତ୍ ସେଠାକୁ ଛୁଟିଯାଏ ଓ ସେଠାରେ ଯାଇ ହାଜର ହୋଇଯାଏ;—ମନ ହେଉଛି ଗୋଟାଏ ବାରବୁଲା, ତାହା ବୁଲିବାରେହିଁ ଲାଗିଥାଏ, ଆସୁଥାଏ ଓ ଯାଉଥାଏ, ପ୍ରବେଶ କରୁଥାଏ, ପୁଣି ବାହାରି ଯାଉଥାଏ । ଏପରି ଲୋକ ଖୁବ୍ କମ୍ ଅଛନ୍ତି, ଯେଉଁମାନଙ୍କର ମନ କି ସେମାନଙ୍କର ଭିତରେ ରହିଥାଏ ଓ ସେଥିଲାଗି ସେମାନେ ଆପଣାର ମନକୁ ଯଥେଷ୍ଟ ପରିମାଣରେ ସଂଗଠିତ କରି ପାରିଥାନ୍ତି । ଖୁବ୍ କମ୍ ଲୋକ ମନକୁ ବାନ୍ଧିବାନ୍ଧି ରଖିଥାନ୍ତି, ତାହାକୁ ଏଣେ ତେଣେ ଘୂରି ବୁଲିବାରୁ ନିବୃତ୍ତ କରି ରଖିଥାନ୍ତି ।

ବେଳେବେଳେ ମୁଁ ମୋ ଶରୀର ମଧ୍ୟରୁ ବାହାରକୁ ଚାଲି ଯାଇଥାଏ ଓ ତାହାର ଆଉ ଜୀବନ ନାହିଁ ବୋଲି ଦେଖିବାକୁ ପାଏ ।

'oaob.nitrkl.ac.in' images reprocessed

ମାତ୍ର ସେଇଟା ହେଉଛି କେବଳ ଏକ ସ୍ୱପ୍ନ; ସମ୍ଭବତଃ ତୁମେ ତୁମ ଶରୀର ଭିତରୁ ମୋଟେ ବାହାରକୁ ଯାଇ ନଥିଲ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାକୁ ମରିଗଲେଣି ବୋଲି ସ୍ୱପ୍ନ ଦେଖନ୍ତି । ମାତ୍ର ସେସବୁର କୌଣସି ଗୁରୁତ୍ୱ ନଥାଏ ।

> ଯେତେବେଳେ କେହି ଶରୀର ଭିତରୁ ବାହାରକୁ ବାହାରି ଯାଉଛି ସେତେବେଳେ ତା'ର ତୁମର ଆଡ଼କୁହିଁ ଦଉଡ଼ି ଚାଲିଆସିବାକୁ ଚେଷ୍ଟା କରିବା ଉଚିତ;—ମୁଁ ଭାବୁଛି ପ୍ରତ୍ୟେକେ ସେହିପରି କରନ୍ତି । ନୁହେଁ କି ?

ଶହେରେ ଜଣେ ମଧ୍ୟ କରନ୍ତି ନାହିଁ !

ଯଦି ତୁମେ ସେକଥା କରୁଥାଅ, ତେବେ ତୁମ ଜୀବନରେ ଅନେକ ଆଗ୍ରହୋଦ୍ଦୀପକ କଥା ଘଟୁଥିବ । ଫ୍ରାନ୍ସରେ ମୁଁ ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ସିଏ କି ପ୍ରତିଦିନ ସନ୍ଧ୍ୟାବେଳେ ମୋ ପାଖକୁ ଆସୁଥିଲେ; ମୁଁ ଯେପରି ତାଙ୍କୁ ତାଙ୍କ ଭିତରେ ରହିଥିବା କୌଣସି ଅନାବିଷ୍କୃତ ଅଞ୍ଚଳକୁ ଆବିଷ୍କୃତ କରି ଦେଖାଇଦେଇ ପାରିବି ଏବଂ ତାଙ୍କୁ ସାଙ୍ଗରେ ଧରି ତାଙ୍କ ପ୍ରାଣିକ ଅଥବା ମାନସିକ ଜଗତଟି ମଧ୍ୟକୁ ବିଚରଣ କରି ଯାଇପାରିବି, ସିଏ ସେଇଥି ଲାଗି ମୋ ପାଖକୁ ଆସୁଥିଲେ ଏବଂ ମୁଁ ପ୍ରକୃତରେ ବି ତାଙ୍କୁ ସେହିସବୁ ସ୍ଥାନକୁ ସାଙ୍ଗରେ ନେଇ ଯାଉଥିଲି । ବେଳେବେଳେ ଆମ ସାଙ୍ଗରେ ଅନ୍ୟମାନେ ମଧ୍ୟ ରହୁଥିଲେ, ବେଳେବେଳେ କେବଳ ସେଇ ଏକୁଟିଆ ରହୁଥିଲେ । ଶରୀରକୁ ଛାଡ଼ି କିପରି ବାହାରକୁ ଚାଲିଯିବାକୁ ହୁଏ, ପୁଣି ଶରୀର ଭିତରକୁ କିପରି ଫେରି ଆସିବାକୁ ହୁଏ, ଚେତନାଟିକୁ କିପରି ଜାଗ୍ରତ କରି ରଖିବାକୁ ହୁଏ, ମୁଁ ତାଙ୍କୁ ସବୁ କଥା ଦେଖାଇ ଦେଉଥିଲି । ମୁଁ ତାଙ୍କୁ ଅନେକ ଜାଗା ଦେଖାଉଥିଲି ଓ କହୁଥିଲି, "ଏଠାରେ ତୁମକୁ ଏହି ସାବଧାନତାଟିକୁ ଅବଲମ୍ବନ କରିବାକୁ ହେବ, ଏଠାରେ ତୁମକୁ ଏପରି ବା ଏପରି କରିବାକୁ ପଡ଼ିବ ।" ଏବଂ ବେଶ୍ ଅନେକ ଦିନ ପାଇଁ ଏହିପରି ଚାଲିଥିଲା ।

ଏଥିରୁ କେହି ଯେପରି ନଭାବନ୍ତି ଯେ ତୁମମାନଙ୍କ ମଧ୍ୟରୁ ମୋ ପାଖକୁ ରାତିରେ କେହିହେଲେ ଆସନ୍ତି ନାହିଁ, ମାତ୍ର ଅତି ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ସଚେତନ ଭାବରେ ଆସିଥାଆନ୍ତି । ସାଧାରଣତଃ, (ଯଦି ମୁଁ କିଛି ଭୁଲ କହିବି, ତେବେ ତୁମେମାନେ ମୋତେ ନିଶ୍ଚୟ କହିଦେବ, ମାତ୍ର ମୋ ମନରେ ଯେଉଁ ଧାରଣା ହୋଇଛି, ମୁଁ ତାହାହିଁ କହୁଛି) ଯେତେବେଳେ ତୁମେ ଶୋଇବାକୁ ଯାଅ ଏବଂ ଶୋଇବାକୁ

'oaob.nitrkl.ac.in' images reprocessed

ଯିବା ପୂର୍ବରୁ ମୋତେ ମନେ ପକାଇବ ବୋଲି ସ୍ଥିର କରିଥାଅ, ସେତେବେଳେ ତାହାକୁ ମୋ ପାଖକୁ "ଧାଇଁ ଆସିବା" ଲାଗି ଏକ ଇଚ୍ଛା ଅପେକ୍ଷା ଏକ ଡାକରା ବୋଲିହିଁ କହିବାକୁ ହେବ । ତୁମେମାନେ ତାହାକୁ ଧାଇଁ ଆସିବା ବୋଲି କହୁଥାଅ ନା ? ତୁମେ ତୁମର ବିଛଣା ଉପରେ ଥାଅ, ବିଶ୍ରାମ ନେବାକୁ ଚାହୁଁଥାଅ, ଭଲ ଶୋଇବାକୁ ଇଚ୍ଛା କରୁଥାଅ ଓ ଏକ ଭଲ ଚେତନା ଭିତରେ ରହିବାକୁ ଚାହୁଁଥାଅ । ସେଠିକବେଳେ ତୁମେ ମୋତେ ଡାକିବାକୁ ଆରମ୍ଭ କର; ନିଜ ଶରୀରଟି ଭିତରୁ ବାହାରକୁ ବାହାରି ମୋତେ ଦେଖିବା ପାଇଁ ଆସିବା ଅପେକ୍ଷା ତୁମେ ମୋତେ ଡାକି ଥାଅ ।

## ୨୨ ଫେବୃଆରୀ ୧୯୫୧

> "ଭଗବତ୍ ପରମସତ୍ତାଙ୍କ ସହିତ ସଂଯୁକ୍ତ ହେବା ହେଉଛି ଯୋଗ, ଏବଂ ଆତ୍ମ-ନିବେଦନର ମାଧ୍ୟମରେହିଁ ଏହି ସଂଯୁକ୍ତ ହେବା ସମ୍ଭବ ହୋଇଥାଏ—ନିଜକୁ ସେହି ପରମସତ୍ତାଙ୍କ ପାଖରେ ନିବେଦିତ କରି ରଖିବା ହେଉଛି ଯୋଗର ଭିତ୍ତି ।"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ସମର୍ପଣ ଏବଂ ନିବେଦନ ମଧ୍ୟରେ ପୁଣି କି ପାର୍ଥକ୍ୟ ରହିଛି ?

ଦୁଇଟିଯାକ ଶବ୍ଦର ପ୍ରାୟ ସେହି ଗୋଟିଏ ଅର୍ଥ ରହିଛି : "ମୁଁ ଆପଣାକୁ ନିବେଦନ କରି ଦେଉଛି ଓ ମୁଁ ନିଜକୁ ସମର୍ପଣ କରୁଛି", ମାତ୍ର ନିବେଦନ କରିବାର କାର୍ଯ୍ୟଟିରେ ସମର୍ପଣ କରି ଦେବାର କାର୍ଯ୍ୟଟି ଅପେକ୍ଷା ଅଧିକ ସକ୍ରିୟ କିଛି ଉପାଦାନ ରହିଛି । ଦୁର୍ଭାଗ୍ୟବଶତଃ, ଫରାସୀ ଭାଷାରେ ଯେଉଁ soumission ଶବ୍ଦଟି ବ୍ୟବହାର କରାଯାଏ, ସେଇଟି ଆଦୌ ଯଥାର୍ଥ ନୁହେଁ; ଇଂରାଜୀ ଭାଷାରେ ଆମେ surrender ଶବ୍ଦଟି ବ୍ୟବହାର କରିଥାଉ; ସମର୍ପଣ ଏବଂ ନିବେଦନ ଏହି ଦୁଇଟି ଶବ୍ଦ ମଧ୍ୟରେ କ୍ୱଚିତ୍ କୌଣସି ପାର୍ଥକ୍ୟ ରହିଛି । ମାତ୍ର ଫରାସୀ ଭାଷାରେ ବ୍ୟବହୃତ ହେଉଥିବା ଶବ୍ଦଟିରୁ ସବୁଠାରୁ ଅଧିକ ନିଷ୍କ୍ରିୟ କୌଣସି ଏକ ଉପାଦାନର ସୂଚନା ମିଳିଥାଏ : ସେଠାରେ ତୁମକୁ ଗ୍ରହଣ କରିନେବାକୁ ପଡ଼େ,

'oaob.nitrkl.ac.in' images reprocessed

ମାତ୍ର ନିବେଦନ ହେଉଛି ଏକ ଦେବାର କାର୍ଯ୍ୟ,—ସ୍ୱେଚ୍ଛାକୃତ ଭାବରେ ଦେବାର କାର୍ଯ୍ୟ ।

ପୁଣି consecration ଶବ୍ଦଟିର ଅର୍ଥ କ'ଣ ?

ଏହି ଶବ୍ଦଟିରେ ଅଧିକ ପରିମାଣରେ ଏକ ଆଧ୍ୟାତ୍ମିକ ଓ ରହସ୍ୟବାଦୀ ବ୍ୟଞ୍ଜନା ରହିଛି । ମାତ୍ର ଏହି ଶବ୍ଦଟିକୁ କଦାପି କେବଳ ଏହି ଅର୍ଥରେ ଗ୍ରହଣ କରାଯାଇ ପାରିବ ନାହିଁ । ଏକ ସମଗ୍ର ଆତ୍ମ-ନିବେଦନ କହିଲେ ଆପଣାକୁ ସମଗ୍ର ଭାବରେହିଁ ଦେଇଦେବାକୁ ବୁଝାଇବ, ତେଣୁ ଆମେ ତାହାକୁ "ସମର୍ପଣ" ଶବ୍ଦଟିର ସମବାଚୀରୂପେ ବୁଝିବା, ତାହାକୁ soumission ଶବ୍ଦଟିର ଅର୍ଥରେ ବୁଝିବା ନାହିଁ, ଯାହାକି ସର୍ବଦା କେବଳ ନିଷ୍କ୍ରିୟ ଭାବରେ "ଗ୍ରହଣ କରିନେବା"ରହିଁ ସୂଚନା ଦେଇଥାଏ । ମାତ୍ର "consecration" ଶବ୍ଦଟି ମଧ୍ୟରେ ସତେଅବା ଏକ ବହ୍ନିଶିଖା ପ୍ରଚ୍ଛନ୍ନ ହୋଇ ରହିଥିଲା ପରି ଅନୁଭୂତ ହୁଏ, ଏପରିକି "offering" ଶବ୍ଦଟି ତୁଳନାରେ ଏଥିରେ ଅଧିକ ପରିମାଣରେ ସେହି ବହ୍ନିଶିଖା ଅନୁଭୂତ ହୁଏ । ଆପଣାକୁ ନିବେଦନ କରିବାର ଅର୍ଥ ହେଉଛି "ଏକ କାର୍ଯ୍ୟରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇଦେବା"; ତେଣୁ, ଯୋଗର ଅର୍ଥରେ ଏହି ଶବ୍ଦଟି କହିଲେ ଭଗବାନଙ୍କର କୌଣସି କାର୍ଯ୍ୟ ଲାଗି ସେହି କାର୍ଯ୍ୟଟିକୁ ସମ୍ପନ୍ନ କରିବାର ବ୍ରତଟିକୁ ହୃଦୟରେ ପୋଷଣ କରି ଆପଣାକୁ ଦେଇଦେବାକୁହିଁ ବୁଝାଇବ ।

> "ଯେତେବେଳେ ସଂକଳ୍ପଟି ନିଆଯାଇ ସାରିଛି, ତୁମର ସମସ୍ତ ଜୀବନକୁ ତୁମେ ଭଗବାନଙ୍କ ଲାଗି ଉତ୍ସର୍ଗ କରି ରଖିବ ବୋଲି ଯେତେବେଳେ ତୁମେ ନିଷ୍ପତ୍ତି ଗ୍ରହଣ କରି ସାରିଛ, ତୁମକୁ ତଥାପି ପ୍ରତ୍ୟେକ ମୁହୂର୍ତ୍ତରେହିଁ ସେହି କଥାଟିର ସ୍ମରଣ କରିବାକୁ ହେବ ଏବଂ ନିଜ ଜୀବନର ସାନ ବଡ଼, ଯାବତୀୟ କ୍ଷେତ୍ରରେ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ପଡ଼ିବ । ପ୍ରତ୍ୟେକ ପଦରେହିଁ ଅନୁଭବ କରିବାକୁ ହେବ ଯେ ତୁମେ ହେଉଛ ଭଗବାନଙ୍କର, ତୁମର ଏହି ସତତ ଅନୁଭବଟି ହେବାରେ ଲାଗିଥିବ ଯେ ତୁମେ ଯାହାକିଛି ଭାବୁଛ କିଂବା କରୁଛ, ସେଥି ମଧ୍ୟରେ ସର୍ବଦା ତୁମକୁ ନିମିତ୍ତ କରି ସେହି ପରମ ଭଗବତ୍ ଚେତନାହିଁ ସବୁକିଛି କରୁଛି । ତୁମର ଆଜ ଏପରି କିଛି ନାହିଁ,

'oaob.nitrkl.ac.in' images reprocessed

ଯାହାକୁ କି ତୁମେ ପୃଥକ୍ ଭାବରେ ନିଜର ବୋଲି କହିପାରିବ, ତୁମେ ଅନୁଭବ କରୁଥିବ ଯେ ସବୁକିଛୁ କେବଳ ସେହି ଦିବ୍ୟ ପରମକର୍ତ୍ତାଙ୍କ ପାଖରୁ ଆସୁଛି ଏବଂ ତୁମକୁ ତାହାକୁ ତାହାର ଅସଲ ଉତ୍ପତ୍ତି ଲାଗିହିଁ ପୁନର୍ନିବେଦିତ କରି ଦେବାକୁ ହେବ। ତୁମେ ଯେତେବେଳେ ସେହି କଥାଟିର ଉପଲବ୍ଧି କରିପାରିବ, ସେତେବେଳେ, ଏପରିକି ଯେଉଁ କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁଟିକୁ ତୁମେ ସାଧାରଣତଃ ଖୁବ୍‌ବେଶୀ ଦୃଷ୍ଟି ଦେଉ ନାହିଁ ବା ଯାହା ବିଷୟରେ କି ତୁମେ କିଛି ଚିନ୍ତା କରୁ ନାହିଁ, ସେଇଟି ମଧ୍ୟ ଆଉ କଦାପି ତୁଚ୍ଛ ଓ ତାତ୍ପର୍ଯ୍ୟଶୂନ୍ୟ ହୋଇ ରହିବ ନାହିଁ। ସେତେବେଳେ ତାହା ତାତ୍ପର୍ଯ୍ୟଗମ୍ଭୀର ହୋଇଉଠିବ ଏବଂ ତୁମ ପଛଆଡ଼ର ଅନେକ ଦୂରପ୍ରସାର ମଧ୍ୟକୁ ଏକ ପ୍ରଶସ୍ତ ଦିଗ୍‌ବଳୟକୁ ଉନ୍ମୋଚିତ କରିଦେବ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

"ଏହି ଭାବନାଟିକୁ ମୁଁ ପରମେଶ୍ୱରଙ୍କ ପ୍ରତି ଏକ ନିବେଦନରୂପେ ଭାବିଲି କି, ଏହି ଅନୁଭୂତିଟିକୁ ମୁଁ ପରମେଶ୍ୱରଙ୍କ ପ୍ରତି ଏକ ନିବେଦନରୂପେ ଅନୁଭବ କଲି କି?"—ଯେଉଁ ମୁହୂର୍ତ୍ତରେ ଆମେ ଆପଣାକୁ ଏହିଭଳି ପ୍ରଶ୍ନମାନ ପଚାରି ଆମର ଭାବନା, କାର୍ଯ୍ୟ ଏବଂ ଅନୁଭବଗୁଡ଼ିକୁ ଦେଖିବାକୁ ଆରମ୍ଭ କରିବା, ସେହି ମୁହୂର୍ତ୍ତରେହିଁ ଆମ ଜୀବନ ଏବଂ କର୍ମର ଯାବତୀୟ ଛିଟିକିନିଖି କଥା, ଆମର ଯାବତୀୟ ଭାବନା ଏବଂ ଏପରିକି ଯାବତୀୟ ଅନୁଭବ ଓ ବୋଧ, ସାଧାରଣତଃ ସେଗୁଡ଼ିକର ମହତ୍ତ୍ୱ ଯେତେ କମ୍ ହୋଇଥାଉ ପଛକେ, ସେଗୁଡ଼ିକ ଆମ ଲାଗି ଅନ୍ୟ ପ୍ରକାରର ହୋଇଯିବ। ଜୀବନର ଏହି ମୁହୂର୍ତ୍ତଟିକୁ ପୁନଃସ୍ମରଣ କରିବାକୁ ଆରମ୍ଭ କଲା ମାତ୍ରକେ, ତୁମର ମନୋଦୃଷ୍ଟିଟି ଆଗରୁ ଯେପରି ଥିଲା, ତାହା ତାହାଠାରୁ ବେଶ୍ ଅନ୍ୟ ପ୍ରକାରର ହୋଇଯିବ। ଏହା ଅତ୍ୟନ୍ତ ପ୍ରଶସ୍ତ ହୋଇଯିବ, ଅଗଣିତ ନାନା କ୍ଷୁଦ୍ର କ୍ଷୁଦ୍ର ବସ୍ତୁର ଏକ ପରସ୍ପରସଂଲଗ୍ନ ସମୂହରେ ଏହା ପରିଣତ ହୋଇଯିବ ଯେଉଁଥିରେ କି ପ୍ରତ୍ୟେକଟି ଆପଣାର ସ୍ୱକୀୟ ସ୍ଥାନଟିରେ ଅବସ୍ଥାନ କରୁଥିବେ; ମାତ୍ର ଆଗରୁ ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ବି ହୋଇ ପାରୁ ନଥିଲ ଓ ସେଗୁଡ଼ିକୁ ସେହିପରି ଭାବରେ ଅତିକ୍ରାନ୍ତ ହୋଇଯିବାକୁ ଦେଉଥିଲ। ତାହା ଚେତନାର କ୍ଷେତ୍ରଟିକୁ ଅଧିକ ପ୍ରଶସ୍ତ କରିଦିଏ। ନିଜ ଜୀବନର ଅଧଘଣ୍ଟାଏ ସମୟକୁ ଆଗରେ ଧରି ତୁମେ

'oaob.nitrkl.ac.in' images reprocessed

ଯଦି ସେଇଟି ବିଷୟରେ ଭାବିବାକୁ ଆରମ୍ଭ କର ଏବଂ "ଏହି ସମସ୍ତଟି ପରମେଶ୍ୱରଙ୍କ ଲାଗି ନିବେଦିତ ହୋଇ ରହିଛି କି ?" ବୋଲି ପଚାରିବାକୁ ଆରମ୍ଭ କର, ତେବେ ତୁମେ ନିଶ୍ଚୟ ଦେଖିବାକୁ ପାଇବ ଯେ ଆଗରୁ ସ୍ଥାନ ହୋଇ ରହିଥିବା ବିଷୟଗୁଡ଼ିକ ବଡ଼ ହୋଇଯିବାକୁ ଆରମ୍ଭ କରିବେ ଏବଂ ତୁମର ଜୀବନ ଐଶ୍ୱର୍ଯ୍ୟମୟ ଏବଂ ପ୍ରାଚୁର୍ଯ୍ୟପୂର୍ଣ୍ଣ ହୋଇ ଆସୁଥିବା ପରି ତୁମେ ଅନୁଭବ କରିପାରିବ ।

> ଏକାତ୍ମକତା ଲାଭ କରିବା ହେଉଛି ଯୋଗର ଲକ୍ଷ୍ୟ । ସମର୍ପଣକୁ ଏହି ଦିଗରେ ପ୍ରଥମ ପଦକ୍ଷେପ ଏବଂ ଆତ୍ମ-ନିବେଦନକୁ ଦ୍ୱିତୀୟ ପଦକ୍ଷେପ ବୋଲି କୁହାଯାଇ ପାରିବ କି ?

ନା—ଅନେକେ ଏପରି ଲୋକ ଅଛନ୍ତି, ଯେଉଁମାନେ କି ଆତ୍ମ-ନିବେଦନରୁ ଆରମ୍ଭ କରନ୍ତି ଓ ସମର୍ପଣରେ ଶେଷ କରନ୍ତି । ଏହି କଥାଟି ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଉପରେ ନିର୍ଭର କରିବ । ଏପରି ହୋଇପାରେ ଯେ ତୁମେ ନିଜକୁ ହୁଏତ ଅତକ୍ଷୁଦ୍ର ମଣିହି ଏହି ପ୍ରକ୍ରିୟାଟିକୁ ଆରମ୍ଭ କରିପାରିବ,—ଭଗବାନଙ୍କର ବିପୁଳ ଐଶ୍ୱର୍ଯ୍ୟ ସମକ୍ଷରେ ତୁମେ ହୁଏତ ଆପଣାକୁ ସତେଅବା କିଛିନ୍ତ ଚୂର୍ଣ୍ଣ ହୋଇ ଗଲାପରି ଅନୁଭବ କରୁଥିବ, ଏବଂ ତା'ପରେ ଆପଣାକୁ ଟିକିଏ ଅଧିକ ମୁକ୍ତ ହୋଇଆସିଲା ପରି ଅନୁଭବ କରିବ ଓ ଆନନ୍ଦର ସହିତ ତୁମେ କହିଲେ ଯାହାକିଛିକୁ ବୁଝାଏ, ତୁମେ ତାହାକୁ ନିବେଦନ କରିଦେବ । ସବୁବେଳେ ଯେ କେବଳ ଏହିପରି ଘଟିବ, ସେକଥା ଆଦୌ ନୁହେଁ । ଅନେକେ ଆତ୍ମ-ନିବେଦନରୁ ଆରମ୍ଭ କରନ୍ତି; ଆପଣାକୁ ନିବେଦିତ କରିଦେବାକୁହିଁ ସେମାନେ ସବୁଠାରୁ ସହଜ କାର୍ଯ୍ୟ ବୋଲି ମନେ କରନ୍ତି । ପ୍ରଥମେ ପ୍ରଥମେ ଏହି ନିବେଦନ କିଛିନ୍ତ ପରିମାଣରେ ଅନିର୍ଦ୍ଦିଷ୍ଟ ହୋଇ ରହିଥାଏ, ଏବଂ ତା'ପରେ ଆପଣାର ସମସ୍ତ କ୍ଷେତ୍ରରେ ଏକ ସମର୍ପଣ ସମ୍ଭବ କରିବା ଲାଗି ଅନେକ ସମୟରେ ଏକ ଉଦ୍ୟମ ବି କରିବାକୁ ପଡ଼ିଥାଏ; ତୁମେ ପରମ ଉତ୍ସାହରେ ଆପଣାକୁ ଦେଇ ଦେଇପାର ସତ, ମାତ୍ର ଯେତେବେଳେ ସେହି ଉଚ୍ଚତର ପରମ ଇଚ୍ଛାଟି ପାଖରେ ନିଜକୁ ପ୍ରତ୍ୟେକ ପଦକ୍ଷେପରେହିଁ ସମର୍ପିତ କରି ରଖିବାକୁ ପଡ଼େ, ସେତେବେଳେ ତାହା ପ୍ରକୃତରେ ଅଧିକ କଷ୍ଟକର ହୁଏ ।

> ଆତ୍ମ-ନିବେଦନ କି କ'ଣ ସମର୍ପଣକୁ ବୁଝାଏ ନାହିଁ କି ?

ନା—ମୋଟେ ନୁହେଁ । ସମର୍ପଣର ଆଦୌ କୌଣସି ଭାବନା ନରଖି ବି ତୁମେ କେବଳ ଦେବାର ଆନନ୍ଦ ପାଇଁହିଁ ଆପଣାକୁ ଦେଇ ଦେଇପାର । ଅନେକ

'oaob.nitrkl.ac.in' images reprocessed

ସମୟରେ, ଉତ୍ସାହବଶ ହୋଇ, ଯେତେବେଳେ ତୁମେ ଆପଣାଠାରୁ ଅନନ୍ତ ଗୁଣରେ ଉଚ୍ଚତର କୌଣସି ବସ୍ତୁର ଏକ ଝଲକ ପାଇଥାଅ, ସେତେବେଳେ ଏକ ଉତ୍ସାହିତ ଉଚ୍ଛଳଭାବ ସହିତ ତୁମେ ହୁଏତ ଆପଣାକୁ ଦେଇ ଦେଇପାର; ମାତ୍ର ଠିକ୍ ସେହି ସମୟରେ ଆପଣାର ଜୀବନଟିକୁ ମଧ୍ୟ ସେହି ଅନୁସାରେ ବଞ୍ଚିବାର ପ୍ରଶ୍ନ ଆସି ପହଞ୍ଚେ, ପ୍ରତ୍ୟେକ ମୁହୂର୍ତ୍ତରେ ଉଚ୍ଚତର ପରମଇଚ୍ଛାଟି ପାଖରେ ଆପଣାକୁ ସମର୍ପିତ କରି ରଖିବାର ପ୍ରଶ୍ନ ଉଠେ ଏବଂ ଯେତେବେଳେ ପ୍ରତ୍ୟେକ ମୁହୂର୍ତ୍ତହିଁ ସେହି ସମର୍ପଣର ଦାବି କରି ବାହାରେ, ସେତେବେଳେ ତାହା ଅଧିକ କଷ୍ଟକର ହେବାକୁ ଲାଗେ । ମାତ୍ର ଯଦି "ଆତ୍ମ-ନିବେଦନ" କହିଲେ ତୁମେ ନିଜର ଯାବତୀୟ ଗତିବିଧି, ଯାବତୀୟ କାର୍ଯ୍ୟର ଏକ ସମଗ୍ର ନିବେଦନକୁହିଁ ବୁଝିଥାଅ, ତେବେ ତାହା ଯାବତୀୟ ପରିସ୍ଥିତିରେ ସମର୍ପଣକୁ ନବୁଝାଇଲେ ମଧ୍ୟ ତାହା ସମର୍ପଣର ସମଭାଗୀ ହୋଇ ରହିଥାଏ । ମାତ୍ର ସେତେବେଳେ ତାହା ଆଉ କେବଳ ଉତ୍ସାହର ବଶବର୍ତ୍ତୀ ହୋଇ କରାଯାଇଥିବା ଏକ ଗତିବିଧିକୁ ମୋଟେ ବୁଝାଏ ନାହିଁ, ସେତେବେଳେ ତାହାକୁ ଆମ ଜୀବନର ଯାବତୀୟ ପରସ୍ତରେ ଉପଲବ୍ଧି କରିବାକୁ ପଡ଼ିଥାଏ । ଆମେ ହୁଏତ ଏପରି ମଧ୍ୟ କହିପାରିବା ଯେ ଏକ ଉତ୍ସାହର ପ୍ରେରଣା ଦ୍ୱାରା ପ୍ରେରିତ ହୋଇ ଯାହା କରାଯାଏ, ତାହା ଅପେକ୍ଷାକୃତ ଅଧିକ ସହଜ ଲାଗେ (ତାହା ତୁମ ଭିତରେ ସଂଘଟିତ ହେଉଥିବା ଗତିବିଧିଟିର ପ୍ରଗାଢ଼ତା ଉପରେ ନିର୍ଭର କରୁଥାଏ); ମାତ୍ର ଯେତେବେଳେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଏବଂ ଟିକିନିଖି ପ୍ରତ୍ୟେକ କ୍ଷେତ୍ରରେ ନିଜ ଅଭୀପ୍ସାଟିକୁ ଉପଲବ୍ଧି କରିବାର ପ୍ରଶ୍ନ ଆସି ପହଞ୍ଚେ, ସେତେବେଳେ ଉତ୍ସାହର ସ୍ରୋତରେ ଟିକିଏ ଭଟ୍ଟା ପଡ଼ିଯାଏ ଏବଂ ତା'ପରେ ସବୁ କଷ୍ଟକର ମନେହୁଏ ।

ଏପରି କୌଣସି ଅନୁଭୂତି ରହିଛି, ଯାହାକି, ଆମେ ଯେ ପରମେଶ୍ୱରଙ୍କର ସାନ୍ନିଧ୍ୟରେ ରହି ନିଜର ଜୀବନକୁ ବଞ୍ଚୁଛୁ, ତାହାକୁ ପ୍ରତିପାଦିତ କରିଦେଇ ପାରିବ ?

ଦିବ୍ୟ ପରମସତ୍ତାଙ୍କର ସାନ୍ନିଧ୍ୟରେ ଜୀବନ ବଞ୍ଚିବାକୁ ଆରମ୍ଭ କଲାପରେ ଆଉ କୌଣସି ପ୍ରଶ୍ନ ପଚରା ଯାଏ ନାହିଁ । ଏହି ସ୍ଥିତିରେ ତା'ର ସୁନିଶ୍ଚିତତାଟି ମଧ୍ୟ ନିହିତ ହୋଇ ରହିଥାଏ—ଜଣେ ସବୁ ଅନୁଭବ କରିପାରେ, ଜାଣିପାରେ; ତେଣୁ ଆଉ ପ୍ରଶ୍ନ କରିବା ବଡ଼ କଷ୍ଟକର ହୋଇଉଠେ । ବ୍ୟକ୍ତି ଭଗବାନଙ୍କର ସାନ୍ନିଧ୍ୟରେ ରହି ନିଜ ଜୀବନଟିକୁ ବଞ୍ଚିଥାଏ, ଏବଂ ତାହା ତୁମ ଲାଗି ଏକ ଅତିନିଶ୍ଚିତ ଅକାଟ୍ୟ କଥା ହୋଇ ରହିଥାଏ । ସେପର୍ଯ୍ୟନ୍ତ ତୁମେ ନାନା ପ୍ରଶ୍ନ ପଚାରିବାରେ ଲାଗିଥାଅ,

'oaob.nitrkl.ac.in' images reprocessed

କାରଣ ସେପର୍ଯ୍ୟନ୍ତ ଅଭିଜ୍ଞତାଟି ହୋଇ ନଥାଏ; ମାତ୍ର ଥରେ ସେହି ଅଭିଜ୍ଞତା ହୋଇଯିବା ପରେ ତାହା ଏତେ ଅଧିକ ପରାକ୍ରମ ଲାଭ କରେ ଯେ ତାହା ପ୍ରକୃତିରେ ଅକାଟ୍ୟ ଓ ଅବିବାଦ୍ୟ ହୋଇଉଠେ । "ମୁଁ ଜାଣିଛି ମୁଁ ପରମେଶ୍ୱରଙ୍କର ସାନ୍ନିଧ୍ୟରେ ରହି ମୋ ଜୀବନଟିକୁ ବଞ୍ଚୁଛି, ମାତ୍ର ସୁନିଶ୍ଚିତ କରି କିଛି କହି ପାରୁ ନାହିଁ" ବୋଲି କହୁଥିବା ମନୁଷ୍ୟର ଏପର୍ଯ୍ୟନ୍ତ ବି ଅସଲ ଅନୁଭୂତିଟି ହୋଇ ନାହିଁ, କାରଣ ଏହି ଅନୁଭୂତିଟି ଆସି ଆମ ଭିତରେ ଆପଣାର ଆଘାତଟିକୁ ଦେଇଯିବା ମାତ୍ରକେହିଁ ଆଉ ତା'ପରେ କୌଣସି ପ୍ରଶ୍ନ ପଚାରିବା କଦାପି ସମ୍ଭବ ହୁଏ ନାହିଁ । "ଦିବ୍ୟ ପରମଇଚ୍ଛା କହିଲେ କ'ଣ ବୁଝାଏ ?" ବୋଲି ଯେଉଁମାନେ ପଚାରନ୍ତି, ଏହା ଠିକ୍ ସେହିମାନଙ୍କ କଥା ପରି । ଏହି ପରମଇଚ୍ଛାର ଝଲକଟିକୁ ପ୍ରତ୍ୟକ୍ଷ ନକରିଥିବା ପର୍ଯ୍ୟନ୍ତ ତୁମେ ପ୍ରକୃତରେ କିଛିହେଲେ ଜାଣି ନଥାଅ । କୌଣସି କାରୁକ୍ତି ଅଥବା ଅନୁମାନ ଦ୍ୱାରା ତୁମର ହୁଏତ ସେହି ବିଷୟରେ ଏକ ଧାରଣା ହୋଇପାରେ, ମାତ୍ର ଦିବ୍ୟ ପରମଇଚ୍ଛାଟି ସହିତ ଥରେ ଏକ ଯଥାର୍ଥ ସଂଯୋଗ ଅନୁଭୂତ ହୋଇଯିବା ପରେ, ତୁମେ ଭଲ କରି ଜାଣିଛ ଯେ ଏଇଟି ବିଷୟରେ ମଧ୍ୟ ଆଉ କୌଣସି ବିବାଦ ରହେ ନାହିଁ ।

ଏହି କ୍ଷେତ୍ରରେ ଯେପରି କାହାର କିଛି ଭୁଲ ବୁଝିବା ନରହେ, ମୁଁ ସେଥିଲାଗି ପୁନର୍ବାର କହୁଛି : ଯାହାର ସେହି ଅନୁଭୂତିଟି ଲାଭ ହୋଇଛି, ତାହାର ଆନ୍ତରିକତାର ଅନୁପାତରେହିଁ ଆମେ ସେହି ଅନୁଭୂତିଟିର ଯଥାର୍ଥ ମୂଲ୍ୟଟିକୁ ନିର୍ଦ୍ଧାରଣ କରି ପାରିବା । ଅନେକ ଲୋକଙ୍କର ପ୍ରକୃତରେ କୌଣସି ଆନ୍ତରିକତା ନଥାଏ, ଏବଂ ସେମାନେ ବନାଇ ଚୂନାଇ କେତେ ବଢ଼ିଆ ବଢ଼ିଆ ଅଭିଜ୍ଞତାର କାହାଣୀମାନ ତିଆରି କରନ୍ତି ଏବଂ ସେହି ଅନୁଭୂତିଗୁଡ଼ିକ ସେମାନଙ୍କର ପ୍ରକୃତରେ ହୋଇଛି ବୋଲି କଳ୍ପନା କରୁଥାନ୍ତି । ଏଗୁଡ଼ାକୁ ମୁଁ ଆଦୌ ବିଚାରକୁ ନିଏ ନାହିଁ, ସେଗୁଡ଼ାକ ଭିତରେ ଆଗରହି ସୃଷ୍ଟି କଲାଭଳି ଆଦୌ କିଛି ନଥାଏ । ମାତ୍ର ଯେଉଁ ନିଷ୍ଠାବାନ୍ ବ୍ୟକ୍ତିମାନଙ୍କର ପ୍ରକୃତରେ ଏକ ଆନ୍ତରିକ ଅନୁଭୂତି ରହିଥାଏ, ଭଗବତ୍ ସାନ୍ନିଧ୍ୟ ବିଷୟରେ ତୁମର ଥରେ ଏକ ଅନୁଭୂତି ହୋଇଗଲା ପରେ, ସେଇଟା ମୋଟେ ସତ ନୁହେଁ ବୋଲି ସମସ୍ତ ପୃଥିବୀ ତୁମକୁ ଆସି କହିଲେ ମଧ୍ୟ, ତୁମେ ଆପଣାର ଅନୁଭୂତିଟିରେ କୌଣସି ପ୍ରକାର ଅନ୍ୟ ପ୍ରତ୍ୟୟ ଆଣି କଦାପି ଭର୍ତ୍ତି କରି ଦିଅ ନାହିଁ ।

ମାତ୍ର, ଯଦି ତୁମଠାରେ ଆନ୍ତରିକତା ନଥାଏ, ତେବେ ତୁମର ବି ହୁଏତ ବଢ଼ିଆ ବଢ଼ିଆ କେତେ ଅଭିଜ୍ଞତା ହୋଇପାରେ, ମାତ୍ର ତୁମ ପାଇଁ ଅଥବା ଆଉ କାହାରି ପାଇଁ ସେହି ଅଭିଜ୍ଞତାର ଆଦୌ କୌଣସି ମୂଲ୍ୟ ନଥାଏ । ଆପଣାର ଭାବନାକୁ ତୁମେ ବେଶ୍ ଅନେକ ପରିମାଣରେ ଅବିଶ୍ୱାସ ବି କରୁଥିବ, କାରଣ ମନ ନିଜର ସ୍ୱଭାବ ଅନୁସାରେ କେତେ କ'ଣ ବଢ଼ିଆ ବିଷୟ ରଚନା କରି ଥୋଇଦିଏ

'oaob.nitrkl.ac.in' images reprocessed

ଏବଂ ଆପଣାର କେବଳ ସେହି ବିରଚନାର ଶକ୍ତି ଦ୍ୱାରାହିଁ ତାହା ତୁମ ଲାଗି କେତେକେତେ ବଢ଼ିଆ ଅଭିଜ୍ଞତାମାନ ଆଣି ବାଢ଼ି ଦେଇପାରେ । ମାତ୍ର ଏହିସବୁ ଅଭିଜ୍ଞତାର ଆଦୌ କୌଣସି ମୂଲ୍ୟ ନଥାଏ । ତେଣୁ, ପ୍ରକୃତରେ କ'ଣ ଘଟିବାକୁ ଯାଉଛି, ଆଗରୁ ସେ ବିଷୟରେ କିଛିହେଲେ ନଜାଣିଥିବାହିଁ ସବୁବେଳେ ଅଧିକ ଶ୍ରେୟସ୍କର । କାରଣ, ତୁମ ଭିତରେ ନିଷ୍ଠାବାନ୍ ହେବା ଲାଗି ବେଶ୍ ଅନେକ ଇଚ୍ଛା ରହିଥିଲେ ମଧ୍ୟ, ତୁମର ମନ ମନରୁ ଏତେବେଶୀ ଗଢ଼ି ଥୋଇ ଦେବାରେ ତତ୍ପର ହୋଇ ରହିଥାଏ ଓ ତାହାକୁ ଏପରି ସୁଗଠିତରୂପେ ଗଢ଼ି ଦେଇପାରେ ଯେ ତାହା ତୁମ ସମ୍ମୁଖରେ ଏକ ଅଦ୍ଭୁତ ଘଟଣାଟିଏ ଆଣି ଉପସ୍ଥାପିତ କରି ରଖିପାରେ ଏବଂ ତୁମେ ସେବିଷୟରେ କୌଣସିପ୍ରକାରେ ସଜ୍ଞାନ ନଥିଲେ ମଧ୍ୟ ତୁମ ଲାଗି ଏକ ଚମତ୍କାର ଖୁସି ନାଟକଟିଏ ଅଭିନୀତ କରାଇ ଦେଇପାରେ । ମନର କେବଳ ଯେଉଁ ବିରଚନା-ଶକ୍ତି ରହିଛି, ତାହାର ଦ୍ୱାରାହିଁ ମନ ଏସବୁ କରିପାରେ ଏବଂ ତାହାର ରହସ୍ୟଟିକୁ ବାହାର କରିବା ପ୍ରକୃତରେ କଷ୍ଟକର ହୋଇପାରେ । ତେଣୁ, ଯଥାର୍ଥ ଅଭିଜ୍ଞତା ଲାଭ କରିବାର ଗୋଟିଏ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି : ତୁମେ ଏହି ଯନ୍ତ୍ରଟିକୁ ସ୍ଥିର ହୋଇ ରହିବାକୁ ଛାଡ଼ିଦେବ; ତାହା ଯେତେ କମ୍ କାର୍ଯ୍ୟ କରିବ, ତଦ୍ଦ୍ୱାରା ସେତେ ଅଧିକ ଲାଭ ହେବ; ଏବଂ ତାହା ତୁମ ଲାଗି ଯେତେଯାହା ବିଷୟର କଳ୍ପନା କରିବାରେ ଲାଗିଥିବ, ତୁମେ ସେଗୁଡ଼ିକ ବିଷୟରେ ସାବଧାନ ରହିଥିବ ।

ଏକ ଅଭୀପ୍ସା ଏବଂ ଏକ ଦାବି ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?

ଦୁଇଟିଯାକର ଅଭିଜ୍ଞତା ଲାଭ କରିଥିଲେ ତୁମେ ଅତି ସହଜରେ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ମଧ୍ୟ ବୁଝିପାରିବ । ଅଭୀପ୍ସା ମଧ୍ୟରେ ଏପରି ଏକ ବସ୍ତୁ ରହିଥାଏ, ଯାହାକୁ କି ମୁଁ ହୁଏତ ଏକ ସ୍ୱାର୍ଥରହିତ ଶିଖା ବୋଲି କହିପାରିବି ଓ ଯାହାକି ବାସନା ମଧ୍ୟରେ ଆଦୌ ଉପସ୍ଥିତ ନଥାଏ । ତୁମର ଅଭୀପ୍ସା କଦାପି ତୁମର ଅହଂଟା ଉପରେହିଁ ଛନ୍ଦିହୋଇ ରହି ନଥାଏ,—ମାତ୍ର ବାସନା ସର୍ବଦାହିଁ ଅହଂ ଉପରେ ଆପଣାକୁ କେନ୍ଦ୍ରିତ କରି ରଖିଥାଏ । କେବଳ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଅଭୀପ୍ସାକୁ ସର୍ବଦାହିଁ ଏକ ଆତ୍ମ-ନିବେଦନ ବୋଲି କୁହାଯାଇ ପାରିବ, ମାତ୍ର ବାସନା ଏପରି ଗୋଟିଏ ଜିନିଷ ଯାହାକି ସବୁବେଳେ ସବୁ କିଛିକୁ ଖାଲି ଆପଣା ଉପରକୁ ଟାଣିଟାଣି ଆଣିବାରେ ଲାଗିଥାଏ । ଅଭୀପ୍ସା ଆପଣାକୁ ଉତ୍ସର୍ଗୀକୃତ କରେ; କେବଳ ଯେ ଭାବନାର କ୍ଷେତ୍ରରେ ତାହା

'oaob.nitrkl.ac.in' images reprocessed

ସେପରି ନାହିଁ, ସେକଥା ଆଦୌ ନୁହେଁ, ମାତ୍ର ଗଭୀରସ୍ତରର କ୍ଷେତ୍ରରେ, ସ୍ପନ୍ଦନଟିର କ୍ଷେତ୍ରରେ, ପ୍ରାଣସ୍ତରୀୟ ଆବେଗର କ୍ଷେତ୍ରରେ ମଧ୍ୟ ଆପଣାକୁ ଉତ୍ସର୍ଗ କରି ରହିଥାଏ ।

ଯଥାର୍ଥ ଅଭୀପ୍ସା ମସ୍ତିଷ୍କ ମଧ୍ୟରୁ ଆସେ ନାହିଁ; ଭାବନା ଦ୍ୱାରା ସୂତ୍ରରୂପେ ପ୍ରକାଶିତ ହେଲେ ମଧ୍ୟ ତାହା ମସ୍ତିଷ୍କରୁ ଆସେ ନାହିଁ, ତାହା ସତେଅବା ଏକ ଅଗ୍ନିଶିଖା ପରି ହୃଦୟରୁ ଧାବିତ ହୋଇ ଆସେ । ବେଦ ବିଷୟରେ ଶ୍ରୀଅରବିନ୍ଦ ଯେଉଁସବୁ ପ୍ରବନ୍ଧ ଲେଖିଛନ୍ତି, ତୁମେସବୁ ସେଗୁଡ଼ିକ ପଢ଼ିଛ କି ନାହିଁ ମୁଁ ଜାଣେ ନାହିଁ । କୌଣସି ଏକ ସ୍ଥାନରେ ସିଏ ବ୍ୟାଖ୍ୟା କରି କହିଛନ୍ତି ଯେ ବେଦର ସ୍ତୋତ୍ରଗୁଡ଼ିକ ମନ ଦ୍ୱାରା କଦାପି ଲେଖାଯାଇ ନଥିଲା । ଅନେକ ସମୟରେ ଯେପରି ଅନୁମାନ କରାଯାଏ, ସେଗୁଡ଼ିକୁ ପ୍ରାର୍ଥନା ବୋଲି କୁହାଯାଇ ପାରିବ ନାହିଁ । ସେଗୁଡ଼ିକୁ ଏପରି ଏକ ଅଭୀପ୍ସାର ଅଭିବ୍ୟକ୍ତି ବୋଲି କୁହାଯିବ, ଯାହାକି ଏକ ଅଗ୍ନିଶିଖା ସଦୃଶ ହୃତ୍ସ୍ଥାନରୁ ଏକ ଆବେଗ ରୂପରେ ନିର୍ଗତ ହୋଇ ଆସିଥିଲା (ଅବଶ୍ୟ ଏହାକୁ ହୃତ୍ସ୍ଥାନ ବୋଲି ନକହି ଯଥାର୍ଥ ଭାବରେ ସତ୍ତାର ମନଃକ୍ଷେତ୍ରୀୟ କେନ୍ଦ୍ର ବୋଲି କୁହାଯିବ) । ସେହି ସ୍ତୋତ୍ରଗୁଡ଼ିକୁ କେହି "ଭାବି କରି ଲେଖି ନଥିଲେ", ଅଭିଜ୍ଞତାଗୁଡ଼ାକୁ ପ୍ରକାଶ କରିବା ଲାଗି କଦାପି ଶବ୍ଦର ସାହାଯ୍ୟ ନିଆଯାଇ ନଥିଲା, ମାତ୍ର ଯଥାର୍ଥ, ନିର୍ଭୁଲ ଏବଂ ଅନପସାରଣୀୟ ଶବ୍ଦର ପରିଚ୍ଛଦରେ ଅଭିଜ୍ଞତାଟି ସମ୍ପୂର୍ଣ୍ଣ ଭାବରେ ସୂତ୍ରବଦ୍ଧ ହୋଇ ବାହାରି ଆସିଥିଲା,—ସେଗୁଡ଼ିକୁ ବଦଳାଇ ଅନ୍ୟ ପ୍ରକାରେ ଲେଖିବାର କୌଣସି ପ୍ରଶ୍ନହିଁ ନଥିଲା । ଏହାହିଁ ହେଉଛି ଅଭୀପ୍ସାର ଅସଲ ପ୍ରକୃତ : ତାହାକୁ ସୂତ୍ରବଦ୍ଧ କରି ରଖିବା ଲାଗି ଆଦୌ କୌଣସି ପ୍ରୟାସ କରିବାକୁ ପଡ଼େ ନାହିଁ, ପ୍ରସ୍ତୁତ ହୋଇ ରହିଥିବା ଗୋଟିଏ ଅଗ୍ନିଶିଖା ପରି ଭୂମି ଭିତରୁ ତାହା ସତେଅବା ଲମ୍ଫପ୍ରଦାନ କରି ବାହାରକୁ ବାହାରିଆସେ । ଏବଂ ସେହି କ୍ଷେତ୍ରରେ ଯଦି କେତେଗୁଡ଼ିଏ ଶବ୍ଦକୁ କାର୍ଯ୍ୟରେ ଲଗାଯାଏ (ବେଳେବେଳେ ଏଥିଲାଗି କୌଣସି ଶବ୍ଦ ଦରକାର ହୁଏ ନାହିଁ), ତେବେ ସେଗୁଡ଼ିକୁ ମଧ୍ୟ ଆଉ ବଦଳାଇ ହୁଏ ନାହିଁ । ଗୋଟିଏ ଶବ୍ଦର ସ୍ଥାନରେ ଆଉଗୋଟିଏ ଶବ୍ଦ ଆଣି ବସାଇବା ମୋଟେ ସମ୍ଭବ ହୁଏ ନାହିଁ । ପ୍ରତ୍ୟେକଟି ଶବ୍ଦ ସତେଅବା ଠିକ୍ ଯଥାର୍ଥ ଶବ୍ଦ ହୋଇ ରହିଥାଏ । ଅଭୀପ୍ସାଟିକୁ ସୂତ୍ରବଦ୍ଧ କରିବାକୁ ଗଲାବେଳେ ତାହାକୁ ଏକାବେଳକେ ଅପରିବର୍ତ୍ତନୀୟ ଭାବରେହିଁ କରାଯାଏ ଏବଂ ପରିବର୍ତ୍ତନ ଲାଗି ସେଥିରେ ଆଉ କୌଣସି ଅବକାଶ ନଥାଏ । ଏବଂ ତାହା ସର୍ବଦା ସେହିପରି ଲମ୍ଫପ୍ରଦାନ କରି ବାହାରିଆସେ, ଆପଣାକୁ ଉତ୍ସର୍ଗୀକୃତ କରି ରଖିଥାଏ; ମାତ୍ର ଅନ୍ୟ ପକ୍ଷରେ ବାସନା ସବୁକିଛିକୁ ଆପଣା ଆଡ଼କୁହିଁ ଟାଣି ଭିଡ଼ି ନେବାରେ ଲାଗିଥାଏ ।

ଅଭୀପ୍ସା ମଧ୍ୟରେ ଅଭିବ୍ୟକ୍ତ କରାଯାଉଥିବା ପ୍ରେମ ଏବଂ ବାସନା ଦ୍ୱାରା ଅଭିବ୍ୟକ୍ତ ହେଉଥିବା ପ୍ରେମ ମଧ୍ୟରେ ଏହି ମୂଳ ପାର୍ଥକ୍ୟଟି ରହିଛି ଯେ, ପ୍ରଥମଟି

'oaob.nitrkl.ac.in' images reprocessed

ଆପଣାକୁ ସମ୍ପୂର୍ଣ୍ଣରୂପେ ଦେଇଦିଏ ଏବଂ ତାହାର ପ୍ରତିବଦଳରେ କିଛି ମାଗେ ନାହିଁ,—ତାହା କୌଣସି ଦାବି କରି ବସେ ନାହିଁ । ମାତ୍ର ବାସନା ମଧ୍ୟରେ ଯେଉଁ ପ୍ରେମ ରହିଥାଏ, ତାହା ଆପଣାକୁ ଯଥାସମ୍ଭବ କମ୍ ଦେବା ଲାଗି ପ୍ରସ୍ତୁତ ଥାଏ, ଯଥାସମ୍ଭବ ଅଧିକ ମାଗେ, ସବୁକିଛିକୁ ଖାଲି ଆପଣା ଉପରକୁହିଁ ଟାଣି ନେଇଥାଏ ଏବଂ ସର୍ବଦା କେତେ ନା କ'ଣ ଦାବି କରିବାରେ ଲାଗିଥାଏ ।

ଅଭୀପ୍ସା ସର୍ବଦା ଆନନ୍ଦ ଆଣିଦିଏ, ନୁହେଁ କି ?

ତାହାକୁ ବରଂ ବିପୁଳତାରହିଁ ଏକ ଅନୁଭୂତି ବୋଲି କହିବାକୁ ହେବ—"ଆନନ୍ଦ" ଆମକୁ ଏକ ଭୁଲ୍ ଅର୍ଥ ମଧ୍ୟରେ ନେଇ ପୂରାଇଦିଏ; ତେଣୁ କହିବାକୁ ହେବ ଯେ ତୁମେ ବୈପୁଲ୍ୟର ଏକ ଅନୁଭୂତି, ଶକ୍ତି ତଥା ଏକ ଅନ୍ତର୍ଗତ ଶିଖାର ଅନୁଭୂତି ଦ୍ୱାରା ପୂର୍ଣ୍ଣ ହୋଇଉଠ । ଅଭୀପ୍ସା ଆନନ୍ଦ ଆଣି ଦେଇପାରେ ସତ, ମାତ୍ର ତାହା ହେଉଛି ଏକ ବିଶେଷ ପ୍ରକାରର ଆନନ୍ଦ,—ସେହି ଆନନ୍ଦ ମଧ୍ୟରେ କୌଣସି ଉତ୍ତେଜନା ନଥାଏ ।

ଆତ୍ମା ଏବଂ ଚୈତ୍ୟ ସତ୍ତା,—ଦୁଇଟିଯାକ କ'ଣ ପ୍ରକୃତରେ ସେହି ଗୋଟିଏ ଜିନିଷ ?

ଏହି ଶବ୍ଦଗୁଡ଼ିକୁ ତୁମେ କିପରି ସଂଜ୍ଞା ଦେବ, ଉତ୍ତରଟି ତାହାରି ଉପରେ ନିର୍ଭର କରିବ । ଅଧିକାଂଶ ଧର୍ମରେ ଏବଂ ସମ୍ଭବତଃ ଅଧିକାଂଶ ଦର୍ଶନରେ ମଧ୍ୟ ପ୍ରାଣିକ ସତ୍ତାଟିକୁହିଁ "ଆତ୍ମା" ବୋଲି କୁହାଯାଇଥାଏ, କାରଣ, ସେସବୁଥିରେ କୁହା ଯାଇଥାଏ ଯେ "ଆତ୍ମା ଶରୀର ଛାଡ଼ି ବାହାରିଯାଏ"; ଏବଂ କେବଳ ପ୍ରାଣିକ ସତ୍ତାହିଁ ଶରୀର ଭିତରୁ ବାହାରକୁ ବାହାରିଯାଏ । ଅନେକ ଲୋକ "ଆତ୍ମାକୁ ରକ୍ଷା କରିବା", "ଦୁଷ୍ଟ ଆତ୍ମା", "ଆତ୍ମାକୁ ମୁକ୍ତି ଦେବା" ପ୍ରଭୃତି କଥା କହିଥାନ୍ତି, ମାତ୍ର ସେଗୁଡ଼ିକ ସବୁକିଛି କେବଳ ପ୍ରାଣିକ ସତ୍ତାର କ୍ଷେତ୍ରରେହିଁ ପ୍ରଯୁଜ୍ୟ । କାରଣ ରକ୍ଷା ପାଇବା ଲାଗି ଚୈତ୍ୟ ସତ୍ତାର ଆଦୌ କୌଣସି ପ୍ରୟୋଜନ ନଥାଏ । ବାହ୍ୟ ମନୁଷ୍ୟର ଦୋଷଗୁଡ଼ିକରେ ତାହାର ଆଦୌ କୌଣସି ଭାଗ ନଥାଏ, ତାହା ଯାବତୀୟ ପ୍ରତିକ୍ରିୟାରୁ ମୁକ୍ତ ହୋଇ ରହିଥାଏ ।

ଯେତେବେଳେ, କୌଣସି କାର୍ଯ୍ୟଟିକୁ କରୁଥିବା ବେଳେ, କେହି ସେହି କାର୍ଯ୍ୟଟିକୁ ସର୍ବୋତ୍ତମ ଭାବରେହିଁ କରିବାକୁ ଚାହେଁ,

'oaob.nitrkl.ac.in' images reprocessed

ସେତେବେଳେ ସେଥିଲାଗି ଅନେକ ସମୟ ଦରକାର ହୁଏ । ମାତ୍ର ସାଧାରଣତଃ ଆମ ପାଖରେ ଆଦୌ ସେତେ ବେଶୀ ସମୟ ନଥାଏ, ଆମେ ସର୍ବଦାହିଁ ତରତର ହେବାରେ ଲାଗିଥାଉ । ତରତର ହେଉଥିବା ବେଳେ ପୁଣି କୌଣସି କାର୍ଯ୍ୟକୁ ସର୍ବୋତ୍ତମ ଭାବରେ କିପରି କରାଯାଇ ପାରିବ ?

ଏଇଟି ଗୋଟିଏ ଭାରି ଆଗ୍ରହୋଦ୍ଦୀପକ ବିଷୟ ଏବଂ ମୁଁ ତୁମମାନଙ୍କୁ କୌଣସି ଦିନ ଏହି ବିଷୟରେ ବିସ୍ତାରିତ ଭାବରେ କହିବି ବୋଲି ଇଚ୍ଛା କରିଥିଲି । ସାଧାରଣତଃ, ତରତର ହେଉଥିବା ସମୟରେ, ସେମାନଙ୍କର ଯେଉଁ କାର୍ଯ୍ୟଟିକୁ କରିବାର ଥାଏ, ସେମାନେ ସେହି କାର୍ଯ୍ୟକୁ କଦାପି ପୂର୍ଣ୍ଣ ଭାବରେ କରନ୍ତି ନାହିଁ ବା ସେମାନେ ଯାହା କରନ୍ତି, ଅତ୍ୟନ୍ତ ଅକୁଶଳ ଭାବରେହିଁ କରନ୍ତି । ମାତ୍ର ଗୋଟିଏ ତୃତୀୟ ରୀତି ମଧ୍ୟ ରହିଛି, ନିଜର ସଂକେନ୍ଦ୍ରଣ-ଶକ୍ତିକୁ ପ୍ରଗାଢ଼ କରି ଆମେ କାର୍ଯ୍ୟଟିକୁ କରିପାରିବା । ସେପରି କରିପାରିଲେ ତୁମେ ଅଧା ସମୟ ବଞ୍ଚାଇ ପାରିବ, ଅଳ୍ପ ସମୟ ମଧ୍ୟରୁ ବି ତୁମର ଅଧା ସମୟ ବଞ୍ଚିଯିବ । ଏଠାରେ ଏକ ସାଧାରଣ ଉଦାହରଣ ନିଆଯାଉ : ଗାଧୋଇବା ଏବଂ ଲୁଗା ପିନ୍ଧିବାର ଉଦାହରଣଟି ନିଆଯାଉ; ଏଥିଲାଗି ବିଭିନ୍ନ ଲୋକେ ବିଭିନ୍ନ ପରିମାଣର ସମୟ ଦରକାର କରନ୍ତି, ନୁହେଁ କି ? ମାତ୍ର ଧରାଯାଉ, ସମୟ ନଷ୍ଟ ନକରି ବା ତରତର ନହୋଇ ଏହି ଦୁଇଟିଯାକ କାର୍ଯ୍ୟ କରିବା ଲାଗି ଅଧ ଘଣ୍ଟାଏ ସମୟ ଦରକାର । ଏବଂ, ତୁମେ ଯଦି ତରତର ହେଉଥାଅ, ତେବେ ନିମ୍ନ ଦୁଇଟି କଥାରୁ ଗୋଟିଏ କଥାହିଁ ଘଟେ : ତୁମେ ଆଦୌ ଭଲ କରି ଗାଧୋଇ ପାର ନାହିଁ ବା ଭଲ କରି ଲୁଗା ପିନ୍ଧି ପାର ନାହିଁ । ମାତ୍ର ଆଉ ଗୋଟିଏ ବାଟ ବି ରହିଛି,—ଆମେ ନିଜର ମନୋଯୋଗ ଏବଂ ଶକ୍ତିକୁ ସଂକେନ୍ଦ୍ରିତ କରି ଆଣିବା, ଆମେ ଯେଉଁ କାର୍ଯ୍ୟଟି କରୁଥିବା, କେବଳ ତାହାରି କଥା ଭାବିବା, ଆଉ ଅନ୍ୟକିଛି ଭାବିବା ନାହିଁ । ଗୁଡ଼ାଏ ଏପାଖ ସେପାଖ ଦଉଡ଼ିବା ନାହିଁ, ଯଥାର୍ଥ ଭାବରେ ଯଥାର୍ଥ ଗତିବିଧିଗୁଡ଼ିକୁହିଁ କରୁଥିବା, ଏବଂ (ପ୍ରକୃତ ଅନୁଭୂତିରୁ ମୁଁ ଏକଥା କହିବି, ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ ଏକଥା କହିପାରିବି) ଏପରି କରିପାରିଲେ, ଆଗରୁ ଯେଉଁ କାର୍ଯ୍ୟଟିକୁ ତୁମେ ଅଧ ଘଣ୍ଟାରେ କରୁଥିଲ, ବର୍ତ୍ତମାନ ସେହି କାର୍ଯ୍ୟଟିକୁ ମୋଟେ ପନ୍ଦର ମିନିଟରେ କରିପାରିବ; ଯେମିତି ଭଲ ଭାବରେ କରୁଥିଲ, ସେମିତି ଭଲ ଭାବରେ କରିପାରିବ, ଅନେକ ସମୟରେ ଅଧିକ ଭଲ ଭାବରେ କରିପାରିବ । କିଛି ଭୁଲିବ ନାହିଁ, କିଛି ଛୁଟି ଯିବ ନାହିଁ, କେବଳ ସଂକେନ୍ଦ୍ରଣ-ଶକ୍ତିର ପ୍ରଗାଢ଼ତା ଦ୍ୱାରାହିଁ ତୁମେ ତାହା କରିପାରିବ ।

'oaob.nitrkl.ac.in' images reprocessed

ହଁ, ଭଲ କରି କୌଣସି ଏକ କାର୍ଯ୍ୟ କରିବାକୁ ହେଲେ ସେଥିଲାଗି ସମୟ ଥିବା ଆବଶ୍ୟକ ବୋଲି ଯେଉଁମାନେ କହନ୍ତି, ସେମାନଙ୍କ ଲାଗି ଏହାହିଁ ହେଉଛି ସର୍ବୋତ୍ତମ ଜବାବ । ସମୟ ଯେ ନଥାଏ, ତାହା ଆଦୌ ସତ ନୁହେଁ । କାରଣ, ତୁମେ ଯାହାକିଛି କାର୍ଯ୍ୟ କରୁଛ,—ପଢ଼ୁଛ, ଖେଳୁଛ ଅଥବା କିଛି କରୁଛ,—ସବୁ କ୍ଷେତ୍ରରେ କେବଳ ସେହି ଗୋଟିଏ ସମାଧାନ ରହିଛି : ସେହି ସମାଧାନଟି ହେଉଛି ଯେ ଆମେ ଆମ ସଂକେନ୍ଦ୍ରଣ-ଶକ୍ତିରେ ବୃଦ୍ଧିସାଧନ କରିବା । ଏବଂ ଯେତେବେଳେ ଏହି ଶକ୍ତିଟିକୁ ତୁମେ ଅର୍ଜନ କରିପାରିବ, ତା'ପରେ ଆଉ ମୋଟେ କ୍ଳାନ୍ତ ବା ବିରକ୍ତ ଲାଗିବ ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ପ୍ରଥମେ ପ୍ରଥମେ ଏହା ଏକ ବିଶୃଙ୍ଖଳ ଓ ସଂଘାତର ଅବସ୍ଥା ସୃଷ୍ଟି କରିବ, ମାତ୍ର ସେଇଟି ସହିତ ଅଧିକରୁ ଅଧିକ ଅଭ୍ୟସ୍ତ ହୋଇଗଲେ ସଂଘାତଭାବଟି କ୍ରମଶଃ ହ୍ରାସ ହୋଇଯିବ; ଏବଂ ଶେଷରେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ଏହିପରି ସଂକେନ୍ଦ୍ରିତ ହୋଇ ନରହିଥିଲେ, ଆପଣାକୁ ବିକ୍ଷିପ୍ତ କରି ପକାଇଲେ, ଯାବତୀୟ ପ୍ରକାରର ଏଣୁତେଣୁ ଦ୍ୱାରା ଗ୍ରସ୍ତ ହୋଇ ରହିବା ଲାଗି ନିଜକୁ ଛାଡ଼ିଦେଲେ ଏବଂ ତୁମେ ଯାହା କରୁଛ, ନିଜକୁ ତାହାରି ଉପରେ ସଂକେନ୍ଦ୍ରିତ କରି ନରଖିଲେହିଁ ତୁମକୁ କ୍ଳାନ୍ତ ଲାଗିବାକୁ ଆରମ୍ଭ କରିବ । ଏହି ସଂକେନ୍ଦ୍ରଣ-ଶକ୍ତିଟି ଦ୍ୱାରା ଆମେ ଅଧିକ ଭଲ ଭାବରେ ଓ ଅଧିକ ଶୀଘ୍ର ଯେକୌଣସି କାର୍ଯ୍ୟ କରିବାରେ ସଫଳ ହୋଇ ପାରିବା । ଏବଂ ଏହିପରି ଭାବରେ ତୁମେ କାର୍ଯ୍ୟକୁ ବିକାଶର ଏକ ମାଧ୍ୟମରୂପେ ବ୍ୟବହାର କରିପାରିବ; ତା' ନହେଲେ ତୁମ ଭିତରେ ଏହି ନିରର୍ଥକ ଧାରଣାଟି ରହିଥିବ ଯେ ଯେକୌଣସି କାର୍ଯ୍ୟକୁ "ନିସ୍ପୃହ ଏବଂ ତଟସ୍ଥ ଭାବରେ"ହିଁ କରିବାକୁ ହେବ । ମାତ୍ର ସେହି କ୍ଷେତ୍ରରେ ସବୁବେଳେ ଏକ ବଡ଼ ବିପଦ ନିହିତ ହୋଇ ରହିଛି, କାରଣ ଆମେ ଖୁବ୍ ଶୀଘ୍ର ଏହି ନିସ୍ପୃହ ରହିବାକୁ ଉଦାସୀନ ହୋଇ ପଡ଼ିବା ସହିତ ଗୋଳେଇ ମିଶାଇ ଦେବାର ମଧ୍ୟ ସର୍ବଦା ଆଶଙ୍କା ରହିଛି ।

ଶ୍ରୀ
ଗ୍ରା -
ଭା -
ଓଡ଼ିଶା

'oaob.nitrkl.ac.in' images reprocessed

## ୨୪ ଫେବୃଆରୀ ୧୯୫୧

ଆଉଦିନେ ମୁଁ କହୁଥିଲି ଯେ ଲୋକମାନେ ଅଧିକାଂଶ ସମୟରେ ଆପଣା ଭିତରେ ରହିଥିବା ଚୈତ୍ୟ ସତ୍ତାଟିକୁ ଆଦୌ ଅନୁଭବ କରି ପାରନ୍ତି ନାହିଁ । ଆଜି ସେହି କଥାଟିକୁ ଟିକିଏ ଅଧିକ ବିସ୍ତୃତ ଭାବରେ କହିବି···ତୁମକୁ ସ୍ମରଣ ରଖିବାକୁ ହେବ ଯେ ଅନ୍ତର୍ଗତ ସତ୍ତାଗୁଡ଼ିକୁ ଆମେ ତୃତୀୟ ପ୍ରସ୍ଥଟି ମଧ୍ୟରେ କଦାପି ପାଇ ପାରିବା ନାହିଁ । ନିଜ ଶରୀରକୁ କାଟି ଦେଖିପାରିଲେ ତୁମେ ଅବଶ୍ୟ ଦେଖିବ ଯେ ଏଇଟି ଭିତରେ କେବଳ ଅଙ୍ଗଗୁଡ଼ାକହିଁ ତୃତୀୟ ପ୍ରସ୍ଥରେ ଅବସ୍ଥିତ ରହିଛି । ଅନ୍ତର୍ଗତ ସତ୍ତାଗୁଡ଼ିକ ଅନ୍ୟ ଏକ ପ୍ରସ୍ଥରେ ରହିଛନ୍ତି, ଏବଂ ମୁଁ ଯେତେବେଳେ ଅନେକ ଲୋକଙ୍କର ଚୈତ୍ୟ ସତ୍ତା ସେମାନଙ୍କ ଭିତରେ ନଥାଏ ବୋଲି କହୁଛି, ସେଥିରୁ ମୁଁ ଏପରି ବୁଝୁ ନାହିଁ ଯେ ଚୈତ୍ୟ ସତ୍ତା ସେମାନଙ୍କର ସତ୍ତାକେନ୍ଦ୍ରରେ ପ୍ରକୃତରେ ଅବସ୍ଥିତ ହୋଇ ରହି ନାହିଁ, ମାତ୍ର ମୁଁ କେବଳ ଏତିକି କହିବାକୁ ଚାହୁଁଛି ଯେ, ସେମାନଙ୍କର ବାହ୍ୟ ଚେତନା ଏତେ କ୍ଷୁଦ୍ର, ଏତେ ସୀମାବଦ୍ଧ ଓ ଏତେ ଅସ୍ପଷ୍ଟ ହୋଇ ରହିଛି ଯେ ତାହା ଯାବତୀୟ ଦୃଷ୍ଟିରୁ ତାହାର ଆୟତନଟିକୁ ଅତିକ୍ରମ କରି ରହିଥିବା ଚୈତ୍ୟ ସତ୍ତାଟି ସହିତ କେବଳ ସଚେତନ ଭାବରେ ନୁହେଁ, ମାତ୍ର ଅନ୍ତରଙ୍ଗ ଭାବରେ ମଧ୍ୟ ଆଦୌ ସଂଯୁକ୍ତ ହୋଇ ରହି ପାରୁ ନାହିଁ । ଅନ୍ୟ ବାହ୍ୟ ଚେତନାଟିର ତୁଳନାରେ ଚୈତ୍ୟ ସତ୍ତା ଏତେବେଶୀ ଅଧିକ ଉଚ୍ଚ ଏବଂ ଅଧିକ ଗଭୀର ହୋଇ ରହିଛି ଯେ ଗୁଣ ତଥା ସ୍ୱଭାବର ଦୃଷ୍ଟିରେ ସେମାନଙ୍କ ମଧ୍ୟରେ ଆଦୌ କୌଣସି ସମ୍ବନ୍ଧ ରହି ପାରୁ ନାହିଁ । ତୁମ ଭିତରେ ଏକ ଦିବ୍ୟ ସ୍ଫୁଲିଙ୍ଗ ରହିଛି ବୋଲି କେତେ ଧର୍ମ କହିଥାନ୍ତି,—ଏହାକୁ ଏକ "ସ୍ଫୁଲିଙ୍ଗ" ବୋଲି କହି ସେମାନେ ଭଲ କରନ୍ତି, କାରଣ ସେଇଟି ପ୍ରକୃତରେ ଏତେ ଶ୍ରେଷ୍ଠ ଯେ ତାହାକୁ ଶରୀର ମଧ୍ୟରେ ଯେକୌଣସି ଜାଗାରେ ଅବସ୍ଥାପିତ କରି ରଖିବାକୁ ଗଲେ ମଧ୍ୟ ତାହା ଭାରି କଷ୍ଟକର ହେବ । ମାତ୍ର ଏହାର ଅର୍ଥ ନୁହେଁ ଯେ ସେହି ସ୍ଫୁଲିଙ୍ଗଟି ଶରୀର ଭିତରେ ରହିଛି : ଏହା ଅନ୍ୟ ଏକ ପ୍ରସ୍ଥରେ ଆମ ଚେତନା ଭିତରେହିଁ ରହିଛି; କେତେକ ସତ୍ତା ଅଛନ୍ତି, ଯେଉଁମାନେ କି ଏଇଟି ସହିତ ସଂଯୋଗ ରଖିଥାଆନ୍ତି, ଆଉ କେତେକ ଅଛନ୍ତି, ଯେଉଁମାନେ ସଂଯୋଗ ରଖି ନଥାନ୍ତି । ମାତ୍ର ଯଦି ତୁମେ ପରମାଣୁ ମଧ୍ୟରେ ରହିଥିବା ଦିବ୍ୟ ଉପସ୍ଥିତିର ବିଚାର କରିବାକୁ ବସିବ, ତେବେ ସେହି ପ୍ରତିରୂପଟିକୁ ଅପେକ୍ଷାକୃତ ଅଧିକ ସହଜ ଭାବରେ ବୁଝିହେବ, କାରଣ ତୁମେ ସେହି କ୍ଷେତ୍ରରେ ଏତେବେଶୀ କ୍ଷୁଦ୍ର ଆୟତନଟିର ବିଚାର କରୁଥିବ ଯେ ତୁମେ ପ୍ରାୟ ଏକ ସୀମା ଉପରେହିଁ

'oaob.nitrkl.ac.in' images reprocessed

ରହିଥିବ ଏବଂ ସେତେବେଳେ ଆଉ ଦୁଇଟି, ତିନୋଟି, ଚାରୋଟି ଅଥବା ପାଞ୍ଚୋଟି ପୃଷ୍ଠ ଭିତରେ ମଧ୍ୟ ଆଦୌ କୌଣସି ତାରତମ୍ୟ ବାହାର କରି ପାରିବ ନାହିଁ । ଯଦି ତୁମେ ଆଧୁନିକ ପଦାର୍ଥବିଜ୍ଞାନ ଅଧ୍ୟୟନ କରିବ, ତେବେ ମୁଁ ଯାହା କହୁଛି, ତାହା ନିଶ୍ଚୟ ବୁଝିପାରିବ । ଗୋଟିଏ ପରମାଣୁ ମଧ୍ୟରେ ଯେତେଗୁଡ଼ିଏ ଗତିସ୍ପନ୍ଦନ ସଞ୍ଚାଳିତ ହୋଇ ରହିଥାଏ, ପିଣ୍ଡଟିର ଆକାର ଦୃଷ୍ଟିରୁ ବିଚାର କରି ଦେଖିଲେ ସେଗୁଡ଼ିକ ପ୍ରାୟ ଏପରି ବୋଧାତୀତ ହୋଇ ରହିଥାନ୍ତି ଯେ ଆମର ଏହି ତିନିପୃଷ୍ଠ-ସୀମିତ ବୋଧଶକ୍ତି ମଧ୍ୟରେ ସେମାନେ ଆଦୌ ଧରା ଦେଇ ପାରନ୍ତି ନାହିଁ, ଏବଂ ଏହି ତିନିପୃଷ୍ଠ-ସୀମାବଦ୍ଧ ବସ୍ତୁରଚିକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରି ଚାଲି ଯାଉଥିବା ବିଧାନଗୁଡ଼ିକର ଅନୁସରଣ କରୁଥିବାରୁ ସେମାନେ ଆହୁରି ବୋଧାତୀତ ହୋଇ ରହନ୍ତି । ତେବେ, ଯଦି ତୁମେ ସେହି ବସ୍ତୁରଚିର ଆଶ୍ରୟ ନେବ, ତୁମେ ହୁଏତ କହିବ ଯେ ଦିବ୍ୟ ସ୍ଫୁଲିଙ୍ଗଟି ପ୍ରତ୍ୟେକ ପରମାଣୁର କେନ୍ଦ୍ରରେ ଅବସ୍ଥିତ ରହିଛି ଏବଂ ତା'ହେଲେ ତୁମେ ପ୍ରକୃତ ସତ୍ୟଠାରୁ ଖୁବ୍‌ବେଶୀ ଦୂରରେ ରହିଛ ବୋଲି ମୋଟେ କୁହାଯିବ ନାହିଁ । ମାତ୍ର ମୁଁ ବର୍ତ୍ତମାନ ସେହି ଦିବ୍ୟ ସ୍ଫୁଲିଙ୍ଗଟି ବିଷୟରେ କହିବାକୁ ଯାଉ ନଥିଲି; ମୁଁ ସତ୍ତ୍ୱା ବିଷୟରେ କହୁଥିଲି, ଚୈତ୍ୟ ଚେତନା ବିଷୟରେ କହୁଥିଲି ଏବଂ ତାହା ହେଉଛି ଆଉଗୋଟିଏ ଜିନିଷ । ଚୈତ୍ୟ ସତ୍ତ୍ୱାର ଏକ ଆକାର ରହିଛି, ତାହା ଆପଣାକୁ ଏକ କେନ୍ଦ୍ରସ୍ଥ ଚେତନାର ଚାରିପାଖରେ ସଂଗଠିତ କରି ରଖିଛି । ଆକାର ଥିବାରୁ ଏହାର ଏକ ପୃଷ୍ଠ ମଧ୍ୟ ରହିଛି; ମାତ୍ର ବାହ୍ୟ ଚେତନାର ତୃତୀୟ ପୃଷ୍ଠଠାରୁ ଏହି ପୃଷ୍ଠଟି ଏକ ଅଲଗା ପ୍ରକାରର ।

**ଅନେକ ସମୟରେ କୁହା ଯାଇଥାଏ ଯେ ପ୍ରାୟ ସାତ ବର୍ଷ ସମୟରେ ପିଲାମାନେ ନିଜ ଚୈତ୍ୟ ସତ୍ତ୍ୱାର ଅଧିକାର ଲାଭ କରନ୍ତି । ଏହାକୁ ପ୍ରକୃତରେ କିପରି ଅର୍ଥରେ ବୁଝିବାକୁ ହେବ ?**

ଏହି କଥାଟି ମୋଟେ ଠିକ୍ ନୁହେଁ । ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଜନ୍ମ ପୂର୍ବରୁହିଁ, ଅର୍ଥାତ୍ ସେମାନେ ମାତୃ ଗର୍ଭକୁ ଆସିବା ପୂର୍ବରୁହିଁ ସେମାନଙ୍କର ଚୈତ୍ୟ ସତ୍ତ୍ୱା ସେମାନଙ୍କର ଯାବତୀୟ ଗଠନର ତତ୍ତ୍ୱାବଧାନ କରୁଥାନ୍ତି । ଏପରି ଅନେକ ପିଲା ଅଛନ୍ତି, ଯେଉଁମାନେ କି ଜନ୍ମ ହେବା ପରେ କୁଆଁ କୁଆଁ କାନ୍ଦିବା ବେଳରୁହିଁ ସେମାନଙ୍କର ଚୈତ୍ୟ ସତ୍ତ୍ୱା ସେମାନଙ୍କ ସହିତ ସଂଯୋଗ ସ୍ଥାପନ କରିଥାଏ । ଅନେକ ଲୋକଙ୍କର ଚୈତ୍ୟ ସତ୍ତ୍ୱା ସେମାନେ ଜନ୍ମ ହେବାର ଅଳ୍ପ କେତେ ଘଣ୍ଟା ପରେ ଆସେ, ବା କେତେଦିନ ପରେ ଆସେ, କେତେ ସପ୍ତାହ, କେତେ ମାସ ବା କେତେ ବର୍ଷ ପରେ ଆସେ, ବା, ହୁଏତ ମୋଟେ ଆସେ ନାହିଁ ।

'oaob.nitrkl.ac.in' images reprocessed

ମୋତେ ଆପଣ ଥରେ କହିଥିଲେ ଯେ ପିଲାକୁ ସାତ ବର୍ଷ ନହେବା ପର୍ଯ୍ୟନ୍ତ ତାକୁ କୌଣସି ମାନସିକ ପରିଶ୍ରମ କରିବା ଲାଗି ଆଦୌ କୁହାଯିବା ଉଚିତ ନୁହେଁ ।

ସେଇଟି ଏକ ଭିନ୍ନ କଥା । ଆମ ଦେହସ୍ଥ ମସ୍ତିଷ୍କଟିର ଗଠନ ବିଷୟରେ ଏହା ଏକ କଥା । ସେଇ ଗଠନଟି ଅତ୍ୟନ୍ତ ଧୀର ଭାବରେ ସମ୍ଭବ ହୋଇଥାଏ, ଅଳ୍ପ ଅଳ୍ପ କରି ଏହାର ବିକାଶ ହୁଏ । ତିଆରି ହେଉଥିବାର ଏହି ଅବସ୍ଥାରେ ଯଦି ତୁମେ ମସ୍ତିଷ୍କକୁ ତା' ଶକ୍ତିର ବାହାରେ ଥିବା ଏକ ପରିଶ୍ରମ କରିବା ଲାଗି କହିବ, ତେବେ ତୁମେ ତାକୁ କ୍ଳାନ୍ତ କରି ପକାଇବ, ତା'ଠାରୁ ଅଧିକ କାମ ନେବାକୁ ତାକୁ ବାଧ୍ୟ କରିବ ବା ତୁମେ ତାକୁ ଅସୁସ୍ଥ କରି ପକାଇବ ।

ତେବେ ଆପଣ କହୁଛନ୍ତି ଯେ ଚୈତ୍ୟ ସତ୍ତା ଯାହା, ଏହି ଦିବ୍ୟ ସ୍ଫୁଲିଙ୍ଗଟି ମଧ୍ୟ ସେଇଆ ।

ନା—ମୁଁ ମୋଟେ ସେକଥା କହି ନାହିଁ । ଏପରି କହିବା ପ୍ରକୃତରେ ଏକ ଅବୋଧ କଥା ହେବ । ଦିବ୍ୟ ସ୍ଫୁଲିଙ୍ଗଟିର ଚତୁର୍ଦ୍ଦିଗରେହିଁ ଚୈତ୍ୟସତ୍ତା ସଂଗଠିତ ହୋଇ ରହିଥାଏ । ଦିବ୍ୟ ସ୍ଫୁଲିଙ୍ଗ ହେଉଛି ଗୋଟିଏ, ତାହା ବିଶ୍ୱମୟ, ସବୁଠାରେ ଓ ସବୁରି ଭିତରେ ତାହା ସେହି ଗୋଟିଏ ବସ୍ତୁ ହୋଇ ରହିଥାଏ, ସେହି ଏକ ଓ ଅନନ୍ତ ହୋଇ ରହିଥାଏ, ସବୁଙ୍କ ଭିତରେ ସେହି ଗୋଟିଏ ପ୍ରକାରର ହୋଇ ରହିଥାଏ । ତାହାକୁ ତୁମେ ଗୋଟିଏ ସତ୍ତା ବୋଲି କହି ପାରିବ ନାହିଁ; ତୁମେ ତାହାକୁ ଏକମାତ୍ର ସତ୍ତା ବୋଲି କହିପାରି, ମାତ୍ର ଗୋଟିଏ ସତ୍ତା ବୋଲି କହି ପାରିବ ନାହିଁ । ତେଣୁ, ଯଦି ତୁମେ ମୂଳ ଉତ୍ସଟିକୁ ଫେରିଯିବ, ତେବେ ତୁମେ ହୁଏତ କହି ପାରିବ ଯେ ଆତ୍ମା କହିଲେ ମଧ୍ୟ ପ୍ରକୃତରେ ସେହି ଗୋଟିଏ ଆତ୍ମା ରହିଛି, କାରଣ ସବୁ ଆତ୍ମାର କେବଳ ସେହି ଗୋଟିଏ ଉତ୍ସହିଁ ରହିଛି; ସମଗ୍ର ବିଶ୍ୱଜଗତର ମୂଳ ଯେପରି ସେହି ଗୋଟିଏ ହୋଇ ରହିଛି, ଏହି ସମଗ୍ର ସୃଷ୍ଟି ଯେପରି ସେହି ଗୋଟିଏ ଉତ୍ସରୁହିଁ ନିଷ୍ପନ୍ନ ହୋଇ ଆସିଛି, ଠିକ୍ ସେହିପରି । ମାତ୍ର ଚୈତ୍ୟ ସତ୍ତା କହିଲେ ଜଣେ ବ୍ୟକ୍ତିକୁହିଁ ବୁଝାଇବ, ଆପଣାର ସ୍ୱକୀୟ ଅନୁଭୂତି ରହିଥିବା ଜଣେ ବ୍ୟକ୍ତିସତ୍ତାକୁ ବୁଝାଇବ,—ଯାହାର କି ଏକ ସ୍ୱକୀୟ ବିକାଶକ୍ରମ ଓ ଅଭିବୃଦ୍ଧିକ୍ରମ ରହିଥିବ, ଏକ ସ୍ୱକୀୟ ସଂଗଠନ ରହିଥିବ; କେବଳ ଏତିକି ଜାଣି ରଖିବାକୁ ହେବ ଯେ ଏହି ସଂଗଠନ ହେଉଛି ଏକ କେନ୍ଦ୍ରସ୍ଥ ଦିବ୍ୟ ସ୍ଫୁଲିଙ୍ଗର କାର୍ଯ୍ୟରୁ ନିଷ୍ପନ୍ନ ହେଉଥିବା ଏକ ପରିଣାମ ।

'oaob.nitrkl.ac.in' images reprocessed

ମାତ୍ର ଯେଉଁଦିନ ଏକ ବାହ୍ୟ ସତ୍ତା (ଭୌତିକ, ମାନସିକ, ପ୍ରାଣିକ) ଏହି ଚୈତ୍ୟ ସତ୍ତା ସହିତ ଏକ ପ୍ରତ୍ୟକ୍ଷ ଏବଂ ସତତ ସଂପର୍କ ମଧ୍ୟରେ ପ୍ରବିଷ୍ଟ ହୁଏ, ଠିକ୍ ସେହିପରି ଭାବରେ ଜଣେ ହୁଏତ କହିପାରିବ ଯେ ସେହି ବ୍ୟକ୍ତିର ବାହ୍ୟ ସତ୍ତାଟି କେନ୍ଦ୍ରସ୍ଥ ଦିବ୍ୟ ଚେତନାଟି ଦ୍ୱାରା ସଂଗଠିତ ହେବାକୁ ଆରମ୍ଭ କରେ । ଏବଂ ଯେଉଁ ମୁହୂର୍ତ୍ତରେ ତୁମେ ତାହା ସହିତ ସଂଯୋଗ ସ୍ଥାପନ କରିବାକୁ ସମର୍ଥ ହୁଅ, ତାହାର ନିର୍ଦ୍ଦେଶ ପାଖରେ ସମ୍ମତ ହୋଇଯାଅ, ସେତେବେଳେ ତୁମେ ତାହାରି ଦ୍ୱାରାହିଁ ସଂଗଠିତ ହେବାକୁ ଆରମ୍ଭ କର, କେନ୍ଦ୍ରସ୍ଥ ସେହି ଦିବ୍ୟ ଚେତନାଟି ଦ୍ୱାରା ସଂଗଠିତ ହେବାକୁ ଆରମ୍ଭ କର; ଆମେ ହୁଏତ କହିପାରିବା ଯେ ଶରୀରଟି ଏହାରି ଦ୍ୱାରାହିଁ ଗଠିତ ହୋଇଥାଏ, ମାତ୍ର ଏହା ଆତ୍ମା ନୁହେଁ, ଏକ ଶରୀର । ଏହାର ସଂଗଠନ ଏହି ଦିବ୍ୟ ସ୍ଫୁଲିଙ୍ଗଟି ଦ୍ୱାରା କରାହୋଇଛି ସତ, ମାତ୍ର ସେହି କାରଣରୁ ତାହା କଦାପି ଏକ ଆତ୍ମାରେ ପରିଣତ ହୋଇ ଯାଉ ନାହିଁ ।

## ପରମାଣୁ ଭିତରେ ଏକ ଚୈତ୍ୟ ସତ୍ତା ରହିଛି କି ?

ନା, ପରମାଣୁ ଭିତରେ ଚୈତ୍ୟ ସତ୍ତା ନଥାଏ । ଏପରି କୁହାଯାଇ ପାରିବ ଯେ ଜଡ଼ ଭିତରେ ମଧ୍ୟ ଚୈତ୍ୟ ଚେତନାର ଏକ ସମ୍ଭାବନା ରହିଛି,—ଦିବ୍ୟ ପରମ ଚେତନା ଆପଣାକୁ ବିସ୍ତାରିତ କରିଦେବା ପଛରେ କେବଳ ଗୋଟିଏ ଲକ୍ଷ୍ୟ ରହିଥିଲା : ଏହା ଏପରି ଏକ ସଂଗଠନକୁ ସମ୍ଭବ କରିବା ଲାଗି ଆପଣାକୁ ବିସ୍ତାର କରିଥିଲା, ଯାହାକି ଦିବ୍ୟ ପରମ ସତ୍ତା ଦ୍ୱାରା ପ୍ରତ୍ୟକ୍ଷରୂପେ ପ୍ରଭାବିତ ହୋଇ ପାରିବ । ଏବଂ ସେଇଥି ଲାଗି ତାହାକୁ ବିଶୃଙ୍ଖଳାର ଯାବତୀୟ ଜଗତକୁ ଅତିକ୍ରମ କରିବାକୁ ପଡ଼ିଥାଏ ।* ତେଣୁ କୁହାଯାଇ ପାରିବ ଯେ ଆତ୍ମାର ସେହି ପରମ ଉତ୍ସଟି ପରମାଣୁ

---

* ଏହି ପ୍ରବଚନଟି ପ୍ରକାଶିତ ହେବା ବେଳକୁ ଆହୁରି ଅଧିକ ଯଥାର୍ଥତା ସମ୍ଭବ କରିବା ଲାଗି ମାଆ ସେଥିରେ ଏହି କଥାଟିକୁ ଯୋଡ଼ି ଦେଇଥିଲେ : "ପ୍ରାଣର କେତେକ ଅଂଶକୁ ଆମେ ବିଶୃଙ୍ଖଳାର ଗୋଟିଏ ଗୋଟିଏ ଜଗତ ବୋଲି କହିପାରିବା, ଏବଂ ପ୍ରାଣ ମଧ୍ୟରେ ଯେଉଁ ସତ୍ତାମାନେ ବାସ କରୁଥାନ୍ତି, ସେମାନଙ୍କର ଆଦୌ କୌଣସି ଚୈତ୍ୟ ସତ୍ତା ନଥାଏ । ଚୈତ୍ୟ ସତ୍ତା କେବଳ ଧରଣୀପୃଷ୍ଠରେହିଁ ରହିଥାଏ, ଏହି ଭୌତିକ ଜଗତ ମଧ୍ୟରେ ରହିଥାଏ । ସେହି କାରଣରୁହିଁ ମୁଁ ସଂକ୍ଷେପରେ କହିଥିଲି ଯେ ଚୈତ୍ୟ ସତ୍ତାଟିକୁ ସଂଗଠିତ କରୁଥିବା ଦିବ୍ୟ ସ୍ଫୁଲିଙ୍ଗଟିକୁ ପ୍ରକୃତରେ ବିଶୃଙ୍ଖଳାର କେତେ କେତେ ଜଗତ ଉପରେ ଅତିକ୍ରମ କରି ଯିବାକୁ ପଡ଼ିଛି ଏବଂ ଆପଣାକୁ ପ୍ରତ୍ୟକ୍ଷ ଭାବରେ ଭୌତିକ ଜଗତରେହିଁ ପ୍ରକଟ କରିବାକୁ ପଡ଼ିଛି । ଦିବ୍ୟ ସ୍ଫୁଲିଙ୍ଗଟିର ଚତୁର୍ଦ୍ଦିଗରେ ସଂଗଠନର ଏହି ସମ୍ଭାବନାଟିକୁ ସମ୍ଭବ କରିବା ଲାଗି ତାହା ଆପଣାକୁ ସେଠାରେ ଯାଇ ରୂପାୟିତ କରିଛି ।"

'oaob.nitrkl.ac.in' images reprocessed

ଭିତରେ ମଧ୍ୟ ରହିଛି, ପରମାଣୁକୁ ତିଆରି କରିଥିବା ପ୍ରତ୍ୟେକ ଉପାଦାନ ମଧ୍ୟରେ ତାହା ରହିଛି, ମାତ୍ର କେବଳ ଉଦ୍ଭିଦ ବିଷୟରେ ଆମେ ସେକଥା କହିପାରିବା···ମୁଁ ଏକଥାଟି ମଧ୍ୟ ଅବଶ୍ୟ କହିବି ଯେ ସଂପୂର୍ଣ୍ଣ ସଂଗଠିତ ହୋଇଯିବା ପରେ ଚୈତ୍ୟ ସତ୍ତାର ଏକ ସ୍ୱତନ୍ତ୍ର ଆକାର ସମ୍ଭବ ହୋଇ ଯାଉଛି ଯାହାକି ଆମର ଭୌତିକ ଆକାରଟିର ଅନୁରୂପ ହୋଇ ରହିଛି । ଏହାକୁ ସଂପୂର୍ଣ୍ଣ ଭାବରେ ସେହି ଏକାଭଳି କୁହାଯାଇ ପାରିବ ନାହିଁ ସତ, ମାତ୍ର ତାହାର ଏକ ନିର୍ଦ୍ଦିଷ୍ଟ ଆକାର ଅବଶ୍ୟ ରହିଛି । ପ୍ରତ୍ୟେକ ଚୈତ୍ୟ ସତ୍ତା ପ୍ରତ୍ୟେକ ଅନ୍ୟ ଚୈତ୍ୟ ସତ୍ତାଠାରୁ ପୃଥକ୍,—ସେଗୁଡ଼ିକ କଦାପି ଗୋଟିଏ ନମୁନା ବା ଛାଞ୍ଚ ଅନୁସାରେ କଟା ହୋଇ ତିଆରି ହୋଇ ନାହାନ୍ତି, କୌଣସି ଗୋଟିଏ ମଡ଼େଲରେ ଗଢ଼ା ହୋଇ ନାହାନ୍ତି । ସେମାନେ ପୃଥକ୍, ସେମାନଙ୍କର ପ୍ରତ୍ୟେକଙ୍କର ଏକ ସ୍ୱତନ୍ତ୍ରତା ରହିଛି, ଏକ ବ୍ୟକ୍ତିତ୍ୱ ରହିଛି ।

୧୯୨୯ ମସିହାରେ ତାଙ୍କ ପ୍ରବଚନ ସମୟରେ ପଚରା ଯାଇଥିବା ଗୋଟିଏ ପ୍ରଶ୍ନକୁ ମାଆ ପଢ଼ିଲେ :

> "ସେମାନେ ଯେ (ଅନ୍ୟ ପାଖଟିକୁ) ଅତିକ୍ରମ କରି ଯାଇଛନ୍ତି ଏବଂ ତା'ପରେ ପୁଣି ଫେରି ଆସିଛନ୍ତି, ଅନେକଙ୍କର ସେକଥା ମନେଥାଏ କି ?"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

> ଥରେ ମୋର ଦେହ ଭାରି ଖରାପ ହୋଇଥିଲା, ମୁଁ ଦୁଇ ଘଣ୍ଟା କାଳ ଅଚେତ ରହିଥିଲି ଏବଂ ମୋତେ ବୋଧ ହେଉଥିଲା ସତେଯେପରି ମୁଁ ଆରପାଖଟିକୁ ଚାଲିଯାଇଛି, ସତେଯେପରି ମୁଁ ଆଉଗୋଟିଏ ପୃଥିବୀରେ ଯାଇ ପହଞ୍ଚିଛି ! ଯେତେବେଳେ ପୁନର୍ବାର ଚେତା ଫେରିଆସିଲା, ସେତେବେଳେ ମୁଁ ଅନୁଭବ କରୁଥିଲି ଯେ ମୁଁ ଏତେବେଳଯାଏ ଆଉଗୋଟିଏ ପୃଥିବୀକୁହିଁ ଏକ ଅର୍ଦ୍ଧ ଯାତ୍ରାରେ ଯାଇଥିଲି । ଯେଉଁ ପୃଥିବୀରେ ମୁଁ ନିତ୍ୟନୈମିତ୍ତିକ ଭାବରେ ରହୁଛି, ଆର ପୃଥିବୀଟି ତା'ଠାରୁ ବେଶ୍ ଅଲଗା ପ୍ରକାରର ।

ଏହାକୁ ଏକ ଆଂଶିକ ମୂର୍ତ୍ତୀକରଣ ବା ବାହ୍ୟରୂପାୟନ ବୋଲି କହିବାକୁ ହେବ; ଏହାକୁ କଦାପି ସଂପୂର୍ଣ୍ଣ ଭାବରେ ଏକ ମୂର୍ତ୍ତୀକରଣ ବୋଲି କୁହାଯିବ ନାହିଁ,

'oaob.nitrkl.ac.in' images reprocessed

କାରଣ ତାହାର ପରିଣାମ କେବଳ ମୃତ୍ୟୁହିଁ ହେବ । ଯଦି ଜଣେ ସମ୍ପୂର୍ଣ୍ଣ ଭାବରେ ବାହାରକୁ ବାହାରି ଚାଲିଯାଏ, ଅର୍ଥାତ୍, ଯଦି ସେ ଆପଣାର ଶରୀରଠାରୁ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇଯାଏ ଏବଂ ପ୍ରକୃତରେ ମରିଯାଏ ଏବଂ ତା'ପରେ ପୁଣି ଫେରିଆସେ, ତଦ୍ଦ୍ୱାରା ଏପରି ଏକ ତୀବ୍ର ଯନ୍ତ୍ରଣାଭୋଗ ଭୋଗିବାକୁ ହୁଏ ଯେ ତାହା ଆଉ କଦାପି ପାସୋରି ଯାଏ ନାହିଁ । କୁହା ଯାଇଥାଏ ଯେ ପୃଥିବୀରେ ଜନ୍ମଗ୍ରହଣ କଲାବେଳେ ନବଜାତ ଶିଶୁମାନେ କ୍ରନ୍ଦନ କରନ୍ତି, କାରଣ ପବନ ସହିତ ପ୍ରଥମ ସଂସ୍ପର୍ଶହିଁ ସେମାନଙ୍କୁ କ୍ରନ୍ଦନ କରିବାକୁ ପ୍ରବୃତ୍ତ କରେ; ମାତ୍ର ମୁଁ ଭାବୁଛି, ତାହା ଅନ୍ୟ କୌଣସି କାରଣରୁ ଘଟିଥାଏ । ଶରୀର ମଧ୍ୟରେ ପୁନର୍ବାର ପ୍ରବେଶ ଏକପ୍ରକାର ଘର୍ଷଣ ସୃଷ୍ଟି କରିଥାଏ, କାରଣ ଯାହା ବାହାରକୁ ବାହାରିଯାଏ, ଯଦି ତାହାକୁ ମୃତ୍ୟୁର ପରିଣାମଟିକୁ ଆଣିବାକୁ ହୁଏ, ତେବେ ତାହାକୁ ଅତ୍ୟନ୍ତ ଭୌତିକ ଏକ ପଦାର୍ଥ ହେବାକୁ ହୁଏ, ଏପରିକି ସୂକ୍ଷ୍ମଭୌତିକଠାରୁ ମଧ୍ୟ ଅଧିକ ଭୌତିକ ହେବାକୁ ପଡ଼େ; ଏବଂ ଏହି ଘର୍ଷଣ ଅତିବେଶୀ ଯନ୍ତ୍ରଣାଦାୟକ ହୋଇଥାଏ । ତା' ନହେଲେ ଜଣେ ହୁଏତ ବାହ୍ୟତଃ ଅଚେତନ ହୋଇଯାଇ ପାରୁଥାନ୍ତା ସତ, ମାତ୍ର ତଥାପି ତାକୁ ସେଥିଲାଗି ମରିବାକୁ ହେଉ ନଥାନ୍ତା । କେବଳ ଯେତେବେଳେ ଅତିବେଶୀ ପରିମାଣରେ ଭୌତିକ ହୋଇ ରହିଥିବା କୌଣସି ଉପାଦାନ ଶରୀର ଭିତରୁ ବାହାରି ଚାଲିଯାଏ, ଏବଂ ସକଳ ବନ୍ଧନ ପ୍ରକୃତରେ ଛିଣ୍ଡିଯାଏ, ସେତିକବେଳେହିଁ ଯଥାର୍ଥ "ମୃତ୍ୟୁ" ଘଟେ । ଏବଂ ସେହି କାରଣରୁହିଁ (ଏହି ସତ୍ୟଟିକୁ ଆମେ ଆବିଷ୍କାର କରିବାକୁ ଆରମ୍ଭ କରୁଛୁ ବୋଲି ମୋର ବିଶ୍ୱାସ) ମୃତ୍ୟୁ ଘଟିବାର ଛଅ ବା ସାତ ଦିନ ଯାଏ ମଧ୍ୟ ଲୋକମାନେ ପ୍ରକୃତରେ ମରି ନଥାନ୍ତି । ଅର୍ଥାତ୍, ଶରୀରଟି ଯେମିତି ସେମିତି ରହିଥିବା ପର୍ଯ୍ୟନ୍ତ ସେମାନଙ୍କର "ମୃତ୍ୟୁ" ହୁଏ ନାହିଁ, ମାତ୍ର ଯେତେବେଳେ ଦେହର କୌଣସି ଅଂଶ ପଚିବାକୁ ଆରମ୍ଭ କରେ, ସେମାନେ ସେତିକବେଳେ ଯାଇ ମରନ୍ତି । ତେଣୁ, ଏହି ସମୟଟି ମଧ୍ୟରେ, ଯେଉଁ ବ୍ୟକ୍ତିର ଆବଶ୍ୟକ ଜ୍ଞାନ, କ୍ଷମତା ଓ ସାମର୍ଥ୍ୟ ରହିଥିବ, ସିଏ ହୁଏତ ଏପରି ଅବସ୍ଥାରେ ରହିଥିବା ଜଣେ ବ୍ୟକ୍ତିକୁ ପୁଣି ଉଠାଇ ଆଣି ପାରିବ । ତେଣୁ, "ଅଲୌକିକ" ଭାବରେ ଯେଉଁଠାରେ ମୃତମାନେ ଜୀବନ ପାଇ ଉଠନ୍ତି, ମୋର ବିଶ୍ୱାସ ଏହି କାରଣରୁହିଁ ତାହା ସମ୍ଭବ ହୁଏ ।

ଜଣେ ବ୍ୟକ୍ତି ମରି ଯାଇଥିଲା । ଡାକ୍ତରମାନେ ତା'ର ଛାତି ଉପରେ କ'ଣ ମାଲିସ୍ କଲେ ଓ କିଛି ସମୟ ପରେ ଲୋକଟି ପୁଣି ବଞ୍ଚିଲା ।

'oaob.nitrkl.ac.in' images reprocessed

ହଁ, ସେମାନେ ସେହି କ୍ଷେତ୍ରରେ ପ୍ରକୃତରେ "ଅଲୌକିକ" ଘଟଣାମାନ ଘଟାଇବାକୁ ଆରମ୍ଭ କରୁଛନ୍ତି !

"ଏକ ନିର୍ଦ୍ଦିଷ୍ଟ ଚେତନାସ୍ଥିତିରେ ପହଞ୍ଚି ତୁମେ ମନେ ପକାଅ (ଅନ୍ୟ ପାଖଟିକୁ ଅତିକ୍ରମ କରିଯିବାର ଘଟଣାଟିକୁ) । ଆଂଶିକ ଭାବରେ ଅଳ୍ପ ସମୟ ପର୍ଯ୍ୟନ୍ତ ଏହି ସ୍ଥିତିର ସଂସ୍ପର୍ଶରେ ଆସିବା ଆଦୌ କଷ୍ଟକର ନୁହେଁ । ଗଭୀର ଧ୍ୟାନମଗ୍ନ ରହିଥିବା ସମୟରେ, ସ୍ୱପ୍ନ ଦେଖୁଥିବା ବେଳେ ବା କୌଣସି ଦୃଷ୍ଟି ମଧ୍ୟରେ ନିମଜ୍ଜିତ ରହିଥିବା ବେଳେ ଜଣେ ବ୍ୟକ୍ତିର ଏପରି ଏକ ଅନୁଭବ ବା ବୋଧ ହୋଇପାରେ ଯେ ସିଏ ଏଇ ଜୀବନଟିକୁ ଆଗରୁ କେବେ ବଞ୍ଚିଛି, ଏହି ଉପଲବ୍ଧିଟି ତା'ର ଆଗରୁ ହୋଇଛି, ଏହି ସତ୍ୟଗୁଡ଼ିକୁ ସେ ଆଗରୁ ଜାଣିଛି । ମାତ୍ର ଏହାକୁ ଏକ ସମ୍ପୂର୍ଣ୍ଣ ଉପଲବ୍ଧି ବୋଲି କୁହାଯିବ ନାହିଁ; ସେପରି ଏକ ଉପଲବ୍ଧିରେ ଉପନୀତ ହେବାକୁ ହେଲେ ଜଣେ ବ୍ୟକ୍ତିର ଆମ ଭିତରେ ରହିଥିବା ଏକ ସ୍ଥାୟୀ ଚେତନାର ବି ଉପଲବ୍ଧି କରିଥିବା ଅତ୍ୟାବଶ୍ୟକ, ଯାହାକି ସ୍ଥାୟୀ ହୋଇ ରହିଛି ଏବଂ ଯାହାକି ଆମର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ମଧ୍ୟରେ ଆମର ଯାବଜ୍ଜୀବ ଅତୀତକୁ ଏକତ୍ର କରି ଧରିଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ଯେଉଁ ବ୍ୟକ୍ତିମାନେ ଏହିପରି ଭାବରେ କୌଣସି ନା କୌଣସି ପ୍ରକାରର ମାନସିକ ଅଥବା ପ୍ରାଣିକ ରାଜ୍ୟରେ ଘୂରି ବୁଲୁଥାନ୍ତି, ଏବଂ ତା'ପରେ, ସେମାନେ ସେମାନଙ୍କର ପୂର୍ବ ଜୀବନଗୁଡ଼ିକର ସ୍ମରଣ କରି ପାରୁଛନ୍ତି ବୋଲି କଳ୍ପନା କରି ତୁମ ଆଗରେ ଗପସବୁ କହି ବସନ୍ତି, ସେମାନଙ୍କୁ ତୁମେ ସର୍ବଦା ଅବିଶ୍ୱାସହିଁ କରିବ । ସେହି ସୁପରିଚିତା ଭଦ୍ରମହିଳାଙ୍କର ସେହି ପ୍ରତିଷ୍ଠିତ ଦୃଷ୍ଟାନ୍ତଟିକୁ ତୁମେମାନେ ନିଶ୍ଚୟ ଜାଣିଥିବ, ସିଏକି ତାଙ୍କର ମାଙ୍କଡ଼ ଜନ୍ମଠାରୁ ଆରମ୍ଭ କରି ସବୁଯାକ ଜନ୍ମର କାହାଣୀ ବର୍ଣ୍ଣନା କରି କହି ପାରୁଥିଲେ । ମୁଁ ତୁମମାନଙ୍କୁ ନିଶ୍ଚିତ ଭାବରେ କହି ପାରିବି ଯେ ଏଗୁଡ଼ାକ ହେଉଛି କେବଳ କଳ୍ପନା, କାରଣ ସେପରି ଭାବରେ ମନେ କରିବା ମୋଟେ ସମ୍ଭବ ନୁହେଁ ।

'oaob.nitrkl.ac.in' images reprocessed

ପ୍ରକୃତ କ୍ଷେତ୍ରରେ ଯାହା ଘଟେ, ତାହା ହେଉଛି ଏହିପରି । ଏଠାରେ ଆମେ ଏକ ଦିବ୍ୟ ସ୍ଫୁଲିଙ୍ଗର ଦୃଷ୍ଟାନ୍ତ ନେବା ଯାହାକି ଆକର୍ଷଣ, ଘନିଷ୍ଠ ସମ୍ବନ୍ଧ ଏବଂ ନିର୍ବାଚନ ଦ୍ୱାରା ଆପଣାର ଚତୁର୍ଦ୍ଦିଗରେ ଏକ ପ୍ରାରମ୍ଭକାଳୀନ ଚୈତ୍ୟ ଚେତନାକୁ ସଂଗୃହୀତ କରିଆଣେ (ଇତରପ୍ରାଣୀମାନଙ୍କ କ୍ଷେତ୍ରରେ ମଧ୍ୟ ଏହି କ୍ରିୟାଟି ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ,—କେବେହେଲେ ଭାବିବ ନାହିଁ ଯେ ମନୁଷ୍ୟ ହୋଇଛ ବୋଲି ତୁମେମାନେ ଗୋଟାଏ ଗୋଟାଏ ଅସାଧାରଣ ସତ୍ତା, ଭାବିବ ନାହିଁ ଯେ କେବଳ ତୁମର ଗୋଟାଏ ଚୈତ୍ୟ ସତ୍ତା ରହିଛି ଏବଂ ସୃଷ୍ଟି ଭିତରେ ଆଉ କାହାରି ହେଲେ ଚୈତ୍ୟ ସତ୍ତା ନାହିଁ । ଖଣିଜ ଜଗତରେ ଏହାର ପ୍ରଥମ ସଂଗ୍ରହ ହୋଇଥାଏ, ଉଦ୍ଭିଦ ସ୍ତରରେ ତାହା କିଞ୍ଚିତ୍ ବିକଶିତ ହୋଇ ଆସିଥାଏ ଏବଂ ଇତରପ୍ରାଣୀ ମଧ୍ୟରେ ଏକ ଚୈତ୍ୟ ଉପସ୍ଥିତିର ପ୍ରଥମ ଝଲକଟି ବେଶ୍ ଅନୁଭୂତ ହୋଇଥାଏ) । ତା'ପରେ ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ଏହି ଚୈତ୍ୟ ସତ୍ତା ଯଥେଷ୍ଟ ପରିମାଣରେ ବିକାଶ ଲାଭ କରେ ଏବଂ ଏକ ସ୍ୱତନ୍ତ୍ର ଚେତନା ଏବଂ ଏକ ବ୍ୟକ୍ତିଗତ ଇଚ୍ଛାର ଅଧିକାରୀ ହୁଏ । ଏବଂ ତା'ପରେ, ଅଗଣିତ ଜନ୍ମ ଅତିକ୍ରମ କରିଯିବା ପରେ, ଏହିସବୁ ସ୍ତରରେ ସିଏ ଅଳ୍ପ ବହୁତ ପରିମାଣରେ ଏକ ବ୍ୟକ୍ତିସଚେତନ ସତ୍ତା ହୋଇ ରହିଥାଏ,—ତାହା ଆତ୍ମସଚେତନ ହେବାକୁ ଆରମ୍ଭ କରେ, ଆପଣାର ଯାବତୀୟ ଗଠନକ୍ରିୟା ବିଷୟରେ ସଚେତନ ହୁଏ, ଏବଂ ଆପଣାର ବୃଦ୍ଧି ଲାଗି ତାହା ଯେଉଁ ପରିବେଶଟିକୁ ବାଛି ନେଇଛି, ସେଇଟି ବିଷୟରେ ମଧ୍ୟ ସଚେତନ ହୁଏ । ବୋଧଜ୍ଞାନର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଉପନୀତ ହୋଇ, ତାହା,—ପୃଥିବୀ ଉପରେ ତାହା ଠିକ୍ ଯେଉଁ ଜୀବନଟିକୁ ବଞ୍ଚିବା ଶେଷ କରିଛି, ସାଧାରଣତଃ ତାହାର ଶେଷ ମୁହୂର୍ତ୍ତଟିରେ,—ତାହାର ପରବର୍ତ୍ତୀ ଜୀବନଟି ଯେଉଁସବୁ ପରିବେଶ ମଧ୍ୟଦେଇ ଅତିକ୍ରମ କରିବ, ସେହି ବିଷୟରେ ଏକ ନିଷ୍ପତ୍ତି ଗ୍ରହଣ କରେ । ମୁଁ ଏଠାରେ ତୁମକୁ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା କହିରଖୁଛି : କେବଳ ଭୌତିକ ଜୀବନର ଭୂମି ଉପରେ ଓ ପୃଥିବୀ ଉପରେହିଁ ଚୈତ୍ୟ ସତ୍ତା କୌଣସି ଅଗ୍ରଗତି କରିପାରିବ ଓ ଆପଣାକୁ କୌଣସି ଆକାର ବି ଦେଇପାରିବ । ଗୋଟିଏ ଶରୀରକୁ ଛାଡ଼ି ବାହାରି ଆସିବା ମାତ୍ରକେ ତାହା ଏକ ବିଶ୍ରାମାବସ୍ଥା ମଧ୍ୟରେ ପ୍ରବେଶ କରେ, ଯାହାକି, ତା'ର ଆପଣାର ଇଚ୍ଛା ଅନୁସାରେ ଓ ବିକଶିତ ହୋଇଥିବାର ମାତ୍ରା ଅନୁସାରେ ଅଧିକ ଅଥବା କମ୍ ଦୀର୍ଘ ହୋଇଥାଏ । ଏହି ବିଶ୍ରାମାବସ୍ଥାଟି ସ୍ୱାଙ୍ଗୀକରଣ ଲାଗି ଆବଶ୍ୟକ ହୋଇଥାଏ, କୁହାଯାଇ ପାରିବ ଯେ ଏକ କ୍ରିୟାରହିତ ଅଗ୍ରଗତି ଲାଗି ଆବଶ୍ୟକ ହୁଏ; ଯେଉଁ କ୍ରିୟାରହିତ ଅଭିବୃଦ୍ଧି ସେହି ଚୈତ୍ୟ ସତ୍ତାକୁ ନୂତନ ନାନା ଅଭିଜ୍ଞତା ମଧ୍ୟକୁ ଅତିକ୍ରମ କରି ଯିବାକୁ ଏବଂ ଅଧିକ ପରିମାଣରେ ଏକ ସକ୍ରିୟ ଅଗ୍ରଗତି ସମ୍ଭବ କରିବାକୁ ପରିସର ଯୋଗାଇ ଦେଇ ପାରିବ, ସେହି ଅଭିବୃଦ୍ଧି ଲାଗିହିଁ

'oaob.nitrkl.ac.in' images reprocessed

ବିଶ୍ରାମ ଆବଶ୍ୟକ ହୋଇଥାଏ । ମାତ୍ର, ଗୋଟିଏ ଜୀବନକୁ ଶେଷ କରି ଆସିଥିବାରୁ (ସେହି ଜୀବନ ଆପଣାର ଅବଧି ମଧ୍ୟରେ ଯାହା କରିବାକୁ ଇଚ୍ଛା କରିଥିଲି, ସେସବୁ କରିସାରିବା ପରେ ଯାଇ ସାଧାରଣତଃ ତାହାର ସମାପ୍ତି ଘଟିଥାଏ), ତାହା ଯେଉଁ ପରିବେଶଟି ମଧ୍ୟରେ ଜନ୍ମଗ୍ରହଣ କରିବାକୁ ଯାଉଛି, ତାହାକୁ ସେଇଟିକୁ ବାଛିନେବାକୁ ପଡ଼େ; ସେ ମୋଟାମୋଟି ଯେଉଁ ସ୍ଥାନରେ ଜନ୍ମନେବ, ଜୀବନର ଯେଉଁ ପ୍ରକାର ଏବଂ ପରିବେଶରେ ତାହା ସମ୍ଭୂତ ହେବ, ସେଇଟିକୁ ବାଛିନେବାକୁ ପଡ଼େ; ଏବଂ, ଆପଣାର ଅଭିଳଷିତ ଅଗ୍ରଗତିଟିକୁ ସମ୍ଭବ କରି ପାରିବାକୁ ହେଲେ ଯେଉଁସବୁ ଅଭିଜ୍ଞତା ମଧ୍ୟଦେଇ ତାକୁ ଅତିକ୍ରମ କରିଯିବାକୁ ହେବ, ତାହାର ବି ଏକ ନିର୍ଭୁଲ କାର୍ଯ୍ୟକ୍ରମ ଠିଆରି କରିନେବାକୁ ପଡ଼େ ।

ବର୍ତ୍ତମାନ ତୁମମାନଙ୍କୁ ମୁଁ ଗୋଟିଏ ମୂର୍ତ୍ତ ଦୃଷ୍ଟାନ୍ତ ଦେବାକୁ ଯାଉଛି । ଆମେ ଏପରି ଏକ ଚୈତ୍ୟ ସତ୍ତ୍ୱାର ଦୃଷ୍ଟାନ୍ତ ଗ୍ରହଣ କରିବା, ଯିଏକି କୌଣସି ନା କୌଣସି କାରଣରୁ ରାଜା ହେବା ଲାଗି ଅଭିପ୍ରେତ ହୋଇ ରହିଥିବା ଗୋଟିଏ ସତ୍ତ୍ୱାର ଶରୀର ମଧ୍ୟରେ ପ୍ରବେଶ କରିବାକୁ ସ୍ଥିର କରିଛି, କାରଣ କେବଳ ସେହି ପରିବେଶଗୁଡ଼ିକ ମଧ୍ୟରେହିଁ ସିଏ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଅଭିଜ୍ଞତା ଲାଭ କରିବାର ସୁଯୋଗ ପାଇପାରିବ । ଜଣେ ରାଜାର ଏହିସବୁ ଅଭିଜ୍ଞତା ମଧ୍ୟଦେଇ ଅତିକ୍ରମ କରିଯିବା ପରେ, ତାହା ଆବିଷ୍କାର କରିପାରୁଛି ଯେ ବର୍ତ୍ତମାନର ଏହି ପରିବେଶ-ଗୁଡ଼ିକ ସକାଶେହିଁ ସିଏ ଯେଉଁ କ୍ଷେତ୍ରରେ ଆଦୌ କୌଣସି ଅଗ୍ରଗତି କରି ନପାରିବ, ସେପରି ଏକ ସମଗ୍ର କ୍ଷେତ୍ର ମଧ୍ୟ ବାକୀ ରହିଯାଇଛି । ତେଣୁ, ପୃଥିବୀପୃଷ୍ଠରେ ଆପଣାର ଅବଧିଟିକୁ ଶେଷ କରିସାରିବା ପରେ ଯେତେବେଳେ ତାହା ଚାଲିଯିବ ବୋଲି ସ୍ଥିର କରୁଛି, ସେତେବେଳେ ସିଏ ନିଷ୍ପତ୍ତି କରୁଛି ଯେ ଆପଣାର ପରବର୍ତ୍ତୀ ଜନ୍ମରେ ସେ ଏକ ସାଧାରଣ ପରିବେଶରେହିଁ ଯାଇ ଜନ୍ମଗ୍ରହଣ କରିବ, ଖୁବ୍‌ବେଶୀ ଉଚ୍ଚକୁ ଯିବ ନାହିଁ କି ଖୁବ୍‌ବେଶୀ ନିମ୍ନକୁ ଯିବ ନାହିଁ, ମାତ୍ର ଏପରି ଏକ ପରିବେଶରେ ରହିବ, ଯେଉଁଠାରେ କି ସିଏ ଗ୍ରହଣ କରିବାକୁ ଯାଉଥିବା ଶରୀରଟି ଆପଣାର ଯାହା ଇଚ୍ଛା ତାହା କରିବା ଲାଗି ସ୍ୱାଧୀନ ହୋଇ ରହିଥିବ । ଜଣେ ରାଜାର ଜୀବନ ହେଉଛି ଜଣେ ଦାସର ଜୀବନ,—ଏକଥା କହିଲାବେଳେ ମୁଁ ତୁମମାନଙ୍କୁ ଆଦୌ କୌଣସି ନୂଆ କଥା କହୁ ନାହିଁ; ଜଣେ ରାଜା କେତେ ନା କେତେ ବିଧିପାଳନର ଏକ ବୃହତ୍ ସମଷ୍ଟି ପାଖରେ ନତମସ୍ତକ ହୋଇ ରହିବାକୁ ବାଧ୍ୟ ହୋଇଥାଏ, ନିଜ ସମ୍ମାନକୁ ବଜାୟ ରଖିବା ଲାଗି ତାକୁ କେତେ କେତେ ପ୍ରକାରର ଆନୁଷ୍ଠାନିକତା ମଧ୍ୟରେ ବାନ୍ଧି ହୋଇ ରହିବାକୁ ପଡ଼ିଥାଏ (ଦମ୍ଭୀମାନଙ୍କ ପାଇଁ ତାହା ହୁଏତ ଭାରି ସୁଖକର ହୋଇପାରେ, ମାତ୍ର ଏକ ଚୈତ୍ୟ ସତ୍ତ୍ୱା ଲାଗି ତାହା ଆଦୌ ସୁଖକର ହୁଏ ନାହିଁ, କାରଣ ଏହା ଦ୍ୱାରା ସେ ବହୁସଂଖ୍ୟକ

'oaob.nitrkl.ac.in' images reprocessed

କେତେକେତେ ଅଭିଜ୍ଞତାରୁ ବଞ୍ଚିତ ହୋଇ ରହିଯାଏ) । ତେଣୁ, ଏହି ନିଷ୍ପତ୍ତିଟିକୁ ଗ୍ରହଣ କରି ସତ୍ତାଟି ଏକ ରାଜକୀୟ ଜୀବନ ତାହାକୁ ଯେଉଁସବୁ ସ୍ମୃତି ଆଣି ଦେଇ ପାରିବ, ସେହି ସବୁଗୁଡ଼ିକୁ ଆପଣା ମଧ୍ୟରେ ବହନ କରିବାକୁ ଲାଗେ ଏବଂ ତାହା ଯେତିକି ସମୟ ବିଶ୍ରାମ ନେବା ଦରକାର ବୋଲି ଭାବୁଥାଏ, ସେତିକି ସମୟ ବିଶ୍ରାମ ନିଏ (ମୋତେ କହି ରଖିବାକୁ ହେବ ଯେ ଏଠାରେ ମୁଁ ଏପରି ଏକ ଚୈତ୍ୟ ସତ୍ତା ବିଷୟରେ ଏସବୁ କହୁଛି, ଯିଏକି ଆପଣାକୁ ନେଇହିଁ ଐକାନ୍ତିକ ଭାବରେ ସବୁକିଛି କରୁଥାଏ, ସେହି ସତ୍ତା କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଲାଗି ନିଜକୁ ଉତ୍ସର୍ଗ କରି ଦେଇ ନଥାଏ, କାରଣ, ସେହି କ୍ଷେତ୍ରରେ ସେହି କାର୍ଯ୍ୟହିଁ ଭବିଷ୍ୟତର ସବୁଯାକ ଜନ୍ମ ଓ ସେଗୁଡ଼ିକର ଯାବତୀୟ ପରିବେଶ ସମ୍ବନ୍ଧରେ ସବୁ ନିଷ୍ପତ୍ତି ଗ୍ରହଣ କରିଥାଏ; ମୁଁ ଏପରି ଏକ ଚୈତ୍ୟ ସତ୍ତା ବିଷୟରେ କହୁଛି, ଯିଏକି ଆପଣାର ବିକାଶଟିକୁ ସମ୍ପୂର୍ଣ୍ଣ କରିବାର ଅଭିପ୍ରାୟରେ କାର୍ଯ୍ୟରତ ହୋଇ ରହିଥାଏ) । ତେଣୁ, ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଏକ ଶରୀର ଗ୍ରହଣ କରିବା ଲାଗି ତାହା ନିଷ୍ପତ୍ତି ଗ୍ରହଣ କରେ । ଆଗରୁ ତାହାର କେତେ କେତେ ଅଭିଜ୍ଞତା ହୋଇ ସାରିଥାଏ, ତେଣୁ ସିଏ ଭଲ କରି ଜାଣିଥାଏ ଯେ ଗୋଟାଏ ନିର୍ଦ୍ଦିଷ୍ଟ ଦେଶରେ ଏକ ନିର୍ଦ୍ଦିଷ୍ଟ ଅଂଶ ବିକାଶ ଲାଭ କରିଛି; ଆଉଗୋଟିଏ ଦେଶରେ ଆଉ ଏକ ଅଂଶ ବିକାଶ ଲାଭ କରିଛି;—ତେଣୁ ଆପଣାର ବିକାଶଟିକୁ ସହଜ କରିଦେବା ଲାଗି ଯେଉଁଠି ଅନୁକୂଳ ସମ୍ଭାବନାମାନ ରହିଥାଏ, ତାହା ସେହିପରି ଏକ ସ୍ଥାନକୁ ନିର୍ବାଚିତ କରିଥାଏ; ଆପଣାର ଆବଶ୍ୟକ ଅଭିଜ୍ଞତାଗୁଡ଼ିକ ଲାଗି ତାହା ଯେଉଁ ଦେଶ, ଯେଉଁ ଭୌତିକ ପରିବେଶ, ମୋଟାମୋଟି ଯେଉଁଭଳି ସ୍ୱଭାବର ପିତାମାତା, ଏବଂ ଏପରିକି ଖାସ୍ ଶରୀର ସକାଶେ ଦରକାର ହେଉଥିବା ପରିବେଶ ଓ ଭୌତିକ ପ୍ରକୃତିଟିକୁ ଆବଶ୍ୟକ ମନେ କରୁଥାଏ, ସେ ସେଗୁଡ଼ିକୁହିଁ ନିର୍ବାଚନ କରିନିଏ । ସିଏ ବିଶ୍ରାମ ନିଏ, ଏବଂ ଆବଶ୍ୟକ ମୁହୂର୍ତ୍ତଟି ଆସି ଉପସ୍ଥିତ ହେଲେ ବିଶ୍ରାମତ୍ୟାଗ କରି ପୃଥିବୀ ଉପରେ ନିଜର ଚେତନାଟିକୁ ପ୍ରକ୍ଷେପିତ କରି ରଖେ ଏବଂ ନିର୍ବାଚିତ ରାଜ୍ୟ ତଥା ନିର୍ବାଚିତ ପରିବେଶଗୁଡ଼ିକରେହିଁ ତାହାକୁ କେନ୍ଦ୍ରୀଭୂତ କରାଏ । ବା,—ପ୍ରାୟ ସେହିପରି କରାଇଥାଏ । ଏହି କ୍ଷେତ୍ରରେ ଏକ କ୍ଷୁଦ୍ର ବ୍ୟବଧାନ ରହିଥାଏ, କାରଣ, ଆପଣାର ଚୈତ୍ୟ ଚେତନାରେ ଜଣେ ନିଜଗତ ଭୌତିକ ଚେତନାଠାରୁ ଏତେବେଶୀ ଦୂରବର୍ତ୍ତୀ ହୋଇ ରହିଥାଏ ଯେ ସେ ସ୍ପଷ୍ଟ ଭାବରେ ଆଦୌ କିଛି ଦେଖି ପାରେ ନାହିଁ । ଯାହା କିଛି ଦେଖେ, ଏକ ପ୍ରାୟାନୁମାନ ପରିହିଁ ଦେଖିଥାଏ । ଦେଶ ଏବଂ ପରିବେଶଟି ବିଷୟରେ ତାହା ଆଦୌ କୌଣସି ଭୁଲ କରେ ନାହିଁ, ଏବଂ ନିର୍ବାଚିତ ବ୍ୟକ୍ତିମାନଙ୍କର ଅନ୍ତର୍ଗତ ସ୍ପନ୍ଦନଟିକୁ ମଧ୍ୟ ତାହା ସ୍ପଷ୍ଟ ଭାବରେ ଜାଣିଥାଏ; ମାତ୍ର ଏହିସବୁ କ୍ଷେତ୍ରରେ ହୁଏତ ତଥାପି କିଞ୍ଚିତ୍ ସଂଶୟ ଅବଶ୍ୟ ରହିଯାଇ ପାରେ । ମାତ୍ର ଯଦି, ଠିକ୍ ସେହି

'oaob.nitrkl.ac.in' images reprocessed

ମୁହୂର୍ତ୍ତରେ, ପୃଥିବୀରେ ଏପରି ଏକ ଦମ୍ପତି ବାସ କରୁଥାନ୍ତି ବା ହୁଏତ ଏପରି ଜଣେ ନାରୀ ବାସ କରୁଥାନ୍ତି, ଯାହାଙ୍କ ନିଜ ମଧ୍ୟରେ କି ଏକ ଚୈତ୍ୟ ଅଭୀପ୍ସା ରହିଥାଏ ଓ ଯିଏକି କୌଣସି ନା କୌଣସି କାରଣରୁ, କାହିଁକି ଅଥବା କିପରି ଏସବୁ ବିଷୟରେ ଆଦୌ କିଛି ନଜାଣିଥିଲେ ମଧ୍ୟ ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ ଶିଶୁର ଜନନୀ ହେବାକୁ ଇଚ୍ଛା କରୁଥାନ୍ତି, କେତେକ ନିର୍ଦ୍ଦିଷ୍ଟ ସ୍ପନ୍ଦନ ପ୍ରତି ଅନୁସ୍ପନ୍ଦନ ଜଣାଇ ପାରୁଥିବା ଏକ ସନ୍ତାନର ଇଚ୍ଛା ରଖିଥାନ୍ତି, ଯଦି ସେହି ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ ଏହି ଅଭୀପ୍ସାଟି ଉପସ୍ଥିତ ରହିଥାଏ, ତେବେ ତାହା ଏକ ସ୍ପନ୍ଦନର ସୃଷ୍ଟି କରେ, ଚୈତ୍ୟ ସତ୍ତାଟି ତତ୍‌କ୍ଷଣାତ୍ ଏକ ଚୈତ୍ୟ ଆଲୋକ ଦେଖିବାକୁ ପାଏ ଏବଂ କୌଣସି ପ୍ରକାର କୁଣ୍ଠା ନରଖି ତାହା ସେଇଟି ଅଭିମୁଖରେ ଧାବମାନ ହୋଇଆସେ । ତା'ପରେ, ଠିକ୍ ସେହି ମୁହୂର୍ତ୍ତରୁ (ତାହାହିଁ ହେଉଛି ଗର୍ଭାଧାନର ସମୟ), ତାହା ଶିଶୁଟିର ଗଠନ ଉପରେ ସତତ ଦୃଷ୍ଟି ରଖିବାକୁ ଆରମ୍ଭ କରେ, ଯେପରିକି ସେହି ଗଠନଟି ତା'ର ନିଜ ଯୋଜନାଟିର ଯଥାସମ୍ଭବ ଅଧିକ ଅନୁକୂଳ ହୋଇ ଉଠିପାରି ହୋଇ ପାରିବ; ଏବଂ ତାହାରି ଫଳରେ, ଶିଶୁଟି ପ୍ରକୃତରେ ଭୂମିଷ୍ଠ ହେବା ପୂର୍ବରୁ ମଧ୍ୟ ସେହି ଶିଶୁଟି ଉପରେ ତାହାର ପ୍ରଭାବ ଯାଇ ପଡ଼ିଥାଏ ।

ଯଦି ସବୁକିଛି ସମୁଚିତ ଭାବରେ ହୋଇପାରେ, ଯଦି କୌଣସି ଦୁର୍ଘଟଣା ନଘଟେ (ଦୁର୍ଘଟଣା ଯେକୌଣସି ସମୟରେ ଘଟିପାରେ), ଶିଶୁଟି ଭୂମିଷ୍ଠ ହେବାକୁ ଯାଉଥିବା ସମୟରେ ଯଦି ସବୁକିଛି ସମୁଚିତ ଭାବରେ ନିର୍ବାହିତ ହୁଏ, ତେବେ ଚୈତ୍ୟ ଶକ୍ତିଟି (ସମ୍ଭବତଃ ତା'ର ସମଗ୍ର ଶକ୍ତିଟି ଆଦୌ ନୁହେଁ, ମାତ୍ର ଚୈତ୍ୟ ଚେତନାର ଗୋଟିଏ ଅଂଶ) ସେହି ସତ୍ତାଟି ମଧ୍ୟକୁ ଧାବିତ ହୁଏ ଏବଂ ଶିଶୁଟିର ପ୍ରଥମ ବେଦନର ସେହି ସମୟରୁହିଁ, ପିଲାଟି ଯେଉଁସବୁ ଅଭିଜ୍ଞତା ଅର୍ଜନ କରୁ ବୋଲି ସିଏ ଇଚ୍ଛା କରୁଥାଏ, ସେହି ଅଭିଜ୍ଞତାଗୁଡ଼ିକ ଆଡ଼କୁ ଯିବା ଲାଗି ପିଲାଟିକୁ ସତେଅବା ଏକ ଧକ୍‌କା ଦେଇଯାଏ । ଏହାରି ପରିଣାମସ୍ୱରୂପ, ବାପମାଆ ସଚେତନ ନଥାଇ ମଧ୍ୟ, ଏପରିକି ଖୋଦ୍ ପିଲାଟି ମଧ୍ୟ ତା'ର ବାହ୍ୟ ଚେତନାରେ ସେସବୁ ବିଷୟରେ ସମ୍ପୂର୍ଣ୍ଣ ସଚେତନ ନଥାଇ ମଧ୍ୟ (ଯେକୌଣସି ସାନ ପିଲାର ଏସବୁ ଲାଗି ଆବଶ୍ୟକ ମସ୍ତିଷ୍କ ଆଦୌ ନଥାଏ, ତାହାର ମସ୍ତିଷ୍କଟି ଅଳ୍ପ ଅଳ୍ପ କରି ଅତ୍ୟନ୍ତ ଧୀର ଭାବରେ ଗଠିତ ହୁଏ), ଏସବୁ କିଛି ନଥିଲେ ମଧ୍ୟ, ଏହି ପିଲାଟିର ଜୀବନର ଯାବତୀୟ ଘଟଣା ଏବଂ ଯାବତୀୟ ପରିବେଶକୁ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ କରିଦେଇ ପାରିବା ସେହି ଚୈତ୍ୟ ପ୍ରଭାବଟି ପକ୍ଷରେ ସମ୍ଭବ ହୋଇଥାଏ; ପିଲାଟି ତା'ର ଆପଣାର ଚୈତ୍ୟ ସତ୍ତାଟି ସହିତ ସମ୍ପର୍କରେ ଆସିବା ପର୍ଯ୍ୟନ୍ତ ଏହିପରି ହୋଇ ଚାଲେ (ଆମେ ଶାରୀରିକ ଦୃଷ୍ଟିରୁ ଏହାକୁ ସାଧାରଣତଃ ଚାରିରୁ ସାତ ବର୍ଷ ମଧ୍ୟରେ ନିର୍ଦ୍ଧାରିତ କରିଦେଇ ପାରିବା; ବେଳେବେଳେ ତାହା ଆହୁରି ଶୀଘ୍ର ଆସେ, ଆଉ ବେଳେବେଳେ

'oaob.nitrkl.ac.in' images reprocessed

ପ୍ରାପ୍ତ ସଙ୍ଗେ ସଙ୍ଗେ ଆସେ; ମାତ୍ର ଏସବୁ କ୍ଷେତ୍ରରେ ଆମେ ସେହି ପିଲାମାନଙ୍କୁ ପ୍ରକୃତରେ ପିଲା ବୋଲି କହି ପାରିବା ନାହିଁ, ସାଧାରଣ ଭାଷାରେ କହିଲେ ଏମାନଙ୍କର "ଅସାଧାରଣ" ସାମର୍ଥ୍ୟମାନ ରହିଛି ବୋଲି କୁହାଯାଇ ପାରିବ;—ସେହି ସାମର୍ଥ୍ୟଗୁଡ଼ିକ ଆଦୌ ଅସାଧାରଣ ବା "ଅତିପ୍ରାକୃତିକ" ନୁହେଁ, ଏହାକୁ କେବଳ ଚୈତ୍ୟ ସତ୍ତାର ଅବସ୍ଥିତି ବୋଲିହିଁ କୁହାଯାଇ ପାରିବ)। ମାତ୍ର, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ପ୍ରକୃତରେ ଏପରି କାହାକୁ ଭେଟି ନଥାନ୍ତି, ବା କୁହାଯାଇ ପାରିବ ଯେ ସେମାନଙ୍କର କେବେହେଲେ ଏହି ସୌଭାଗ୍ୟଟି ହୋଇ ନଥାଏ, ଯେଉଁମାନେ ସେମାନଙ୍କୁ ଆବଶ୍ୟକ ଶିକ୍ଷା ଦେଇପାରିବେ। ଏବଂ ତଥାପି, ସେମାନେ ମଧ୍ୟ ଏହିପରି ଅନୁଭବ କରୁଥାନ୍ତି ଯେ ସେମାନଙ୍କ ଅସ୍ତିତ୍ୱର ପ୍ରତିଟି ପଦକ୍ଷେପ ଓ ସେମାନଙ୍କ ଜୀବନର ପ୍ରତ୍ୟେକଟି ଅବସର ଏପରି ଜଣେ ସଚେତନ ବ୍ୟକ୍ତିଙ୍କର ଇଙ୍ଗିତ ଦ୍ୱାରା ସଂଗଠିତ ହେବାରେ ଲାଗିଥାଏ, ଯେପରିକି ସେମାନେ ଜୀବନରେ ସର୍ବାଧିକ ସମ୍ଭବ ଅଗ୍ରଗତି ସମ୍ଭବ କରିପାରିବେ। ସେମାନେ ଏକ ନିର୍ଦ୍ଦିଷ୍ଟ ପରିବେଶ ଲୋଡ଼ିଲାବେଳେ ତାହା ଆସି ପହଞ୍ଚିଯାଏ। ସେମାନେ କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ପରିଚୟ ଓ ସମ୍ପର୍କ ଲୋଡ଼ିଲାବେଳେ ସେହି ବ୍ୟକ୍ତିମାନେ ଆସି ପହଞ୍ଚି ଯାଆନ୍ତି। କେତେକ ନିର୍ଦ୍ଦିଷ୍ଟ ପୁସ୍ତକର ଅଧ୍ୟୟନ ଆବଶ୍ୟକ କରିବା ମାତ୍ରକେ ସେମାନେ ହାତପାଆନ୍ତାରେ ସେହି ପୁସ୍ତକଗୁଡ଼ିକୁ ପାଇଯାଆନ୍ତି। ସେମାନଙ୍କ ଲାଗି ସବୁକିଛି ସେହିପରି ଭାବରେ ସୁଆୟୋଜିତ ହୋଇ ରହିଥାଏ, ମନେହୁଏ, ସତେ ଯେପରି ସେମାନଙ୍କ ଉପରେ ରହି କେହି ସେମାନଙ୍କର ତତ୍ତ୍ୱାବଧାନ କରିବାରେ ଲାଗିଛି, ଯେପରିକି ସେମାନଙ୍କର ଜୀବନରେ ବିକଶିତ ହେବାର ସର୍ବାଧିକ ସକଳ ସମ୍ଭାବନା ଉପଲବ୍ଧ ହୋଇଯାଇ ପାରିବ। ଏହି ଲୋକମାନେ ହୁଏତ ବେଶ୍ ଏପରି ବି କହିପାରନ୍ତି, "ଏ ଚୈତ୍ୟ ସତ୍ତା ପୁଣି ଗୋଟାଏ କ'ଣ ?", କାରଣ, ସେମାନଙ୍କ ସହିତ କଥାବାର୍ତ୍ତା ହେବା ସମୟରେ କେହି ଏସବୁ ଶବ୍ଦର ବ୍ୟବହାର କରି ନାହାନ୍ତି ବା ସେମାନେ ଏପରି କୌଣସି ବ୍ୟକ୍ତିକୁ କେବେହେଲେ ଭେଟି ନାହାନ୍ତି, ଯିଏକି ସେମାନଙ୍କୁ ସେହି କଥା ବୁଝାଇ କହିଦେଇ ପାରିବ। ମାତ୍ର, ଏହି ଲୋକମାନଙ୍କ ଲାଗି କେବଳ ଥରେ ଭେଟିବାହିଁ ଯଥେଷ୍ଟ ହୁଏ, ସେମାନେ ଜାଗ୍ରତ ହୋଇ ଉଠିବା ଲାଗି ଗୋଟିଏ ଥର ଛୁଇଁଦେବାହିଁ ଯଥେଷ୍ଟ ହୁଏ। ପଦେ କଥା କହିଲେ ସେମାନେ ସ୍ମରଣ କରିବାକୁ ଆରମ୍ଭ କରନ୍ତି ଓ କହନ୍ତି, "ଆରେ, ମୁଁ ତ ସେହି ସବୁଯାକ କଥା ଜାଣିଥିଲି !"

ଆପଣା ବିକାଶର ସର୍ବଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଥିବା ଗୋଟିଏ ଚୈତ୍ୟ ସତ୍ତାର କ୍ଷେତ୍ରରେ ଠିକ୍ ଏହାହିଁ ଘଟିଥାଏ। ତାହାପରେ ଆଉ ତାକୁ ପୃଥିବୀପୃଷ୍ଠକୁ ଆସିବାର ଆବଶ୍ୟକତାଟି ଦ୍ୱାରା ବାଧ୍ୟ ହୋଇ ରହିବାକୁ ପଡ଼େ ନାହିଁ, ଆପଣାର

'oaob.nitrkl.ac.in' images reprocessed

ବିକାଶପଥଟିକୁ ସମ୍ପୂର୍ଣ୍ଣ କରିଦେଇ ଥିବାରୁ ତାହା ଅତ୍ୟନ୍ତ ସ୍ୱାଧୀନ ଭାବରେ ଏହି ଦୁଇଟି ପଥରୁ ଗୋଟିଏ ବାଛି ନେଇଥାଏ : ତାହା ଦିବ୍ୟ କାର୍ଯ୍ୟରେ ଆପଣାକୁ ଉତ୍ସର୍ଗୀକୃତ କରି ରଖେ ଅଥବା ଅନ୍ୟତ୍ର ଚାଲିଯାଏ ଅର୍ଥାତ୍ ଉଚ୍ଚତର ଆଉ କୌଣସି ଜଗତକୁ ପ୍ରସ୍ଥାନ କରେ । ମାତ୍ର ସାଧାରଣତଃ ଏହାହିଁ ହୋଇଥାଏ ଯେ ଏହି ପର୍ଯ୍ୟାୟରେ ଆସି ଉପନୀତ ହେବା ପରେ ତାହା ଆପଣାର ଜୀବନରେ ସଂଘଟିତ ହୋଇଥିବା ସବୁକିଛି କଥାକୁ ସ୍ମରଣ କରିପାରେ, ଏବଂ ଯେଉଁମାନେ ତଥାପି ନାନା ଅସୁବିଧା ଭିତରେ ପଡ଼ି ସଂଘର୍ଷ କରୁଥାନ୍ତି, ସେମାନଙ୍କର ସହାୟ କରିବାର ମହାନ୍ ଆବଶ୍ୟକତାଟିକୁ ସେ ହୃଦୟଙ୍ଗମ କରିପାରେ । ଏହି ଚୈତ୍ୟ ସତ୍ତ୍ୱମାନେ ଆପଣାର ସମସ୍ତ ଅସ୍ତିତ୍ୱକୁ ଦିବ୍ୟ କାର୍ଯ୍ୟର ଉଦ୍ଦେଶ୍ୟରେ ଅର୍ପଣ କରି ଦିଅନ୍ତି,— ଏଥିରେ କୌଣସି ବାଧ୍ୟବାଧକତା ଅଥବା ଅବଶ୍ୟମ୍ଭାବିତା ଆଦୌ ନଥାଏ, ସେମାନେ ସ୍ୱାଧୀନ ଭାବରେ ଏହି ମାର୍ଗଟିକୁ ବାଛି ନିଅନ୍ତି, ମାତ୍ର ଶହେରେ ନବେଟି କ୍ଷେତ୍ରରେ ସେମାନେ ଠିକ୍ ଏହାହିଁ କରିଥାନ୍ତି ।

ମାତ୍ର, ସାଧାରଣ ଜୀବନଗୁଡ଼ିକର କ୍ଷେତ୍ରରେ,—ଏବଂ ଏପରି କହୁଥିବାବେଳେ ମୁଁ ଯଥେଷ୍ଟ ପରିମାଣରେ ବିକାଶଲାଭ କରିଥିବା ଏକ ନିର୍ଦ୍ଦିଷ୍ଟ ବିଶିଷ୍ଟ ବର୍ଗର ଜୀବନର କଥା କହୁଛି;—ସେମାନଙ୍କ କ୍ଷେତ୍ରରେ ବାହ୍ୟ ସତ୍ତ୍ୱ ଏବଂ ଚୈତ୍ୟ ସତ୍ତ୍ୱ ମଧ୍ୟରେ କେବଳ ବେଳେବେଳେହିଁ ସମ୍ପର୍କସ୍ଥାପନ ଘଟିଥାଏ । କେତେକ ବିଶେଷ ଅନୁଭୂତି ଏବଂ କେତେକ ଅନ୍ତର୍ଗତ ଆବଶ୍ୟକତାର ପରିଣାମସ୍ୱରୂପ ଏହା ଘଟିଥାଏ । ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ସେହି ମୁହୂର୍ତ୍ତରେ ଚୈତ୍ୟ ସତ୍ତ୍ୱ "ସମ୍ମୁଖ ଭାଗରେ" ରହିଥାଏ, ଅର୍ଥାତ୍ ତାହା ଚେତନାର ଉପରିଭାଗକୁ ଆସି ଯାଇଥାଏ, ଭୌତିକ ପରିସ୍ଥିତିଗୁଡ଼ିକ ସହିତ ତାହାର ସିଧା ସମ୍ପର୍କ ରହିଥାଏ, ଖୁବ୍ ଅଳ୍ପ ସମୟ ଲାଗି ରୂପ, ଶବ୍ଦ ଓ ଧ୍ୱନି ପ୍ରଭୃତି ସହିତ ତା'ର ସିଧା ସମ୍ପର୍କ ପ୍ରତିଷ୍ଠିତ ହୋଇ ରହିଥାଏ; ତେଣୁ ସତେଅବା ଗୋଟାଏ ଫଟୋ ବା ଏକ ସିନେମା ପରି ତାହା ସେଗୁଡ଼ିକୁ ଅନୁଲିଖିତ କରି ରଖେ; ମାତ୍ର କେବଳ ଗୋଟିଏ ମିନିଟ୍ ପାଇଁ ତାହା ହୁଏ, ସମୁଦାୟ ଜୀବନକାଳରେ ହୁଏତ ମାତ୍ର କେତୋଟି ମୁହୂର୍ତ୍ତ ସକାଶେ ହୋଇଥାଏ । ଏହି ମୁହୂର୍ତ୍ତଗୁଡ଼ିକର ବେଶ୍ କେତେଥର ଲାଗି ପୁନରାବୃତ୍ତି ମଧ୍ୟ ହୋଇପାରେ, ମାତ୍ର ସେଗୁଡ଼ିକ କଦାପି ସ୍ଥାୟୀ ହୋଇ ରହେ ନାହିଁ । ଏବଂ ଚୈତ୍ୟ ସତ୍ତ୍ୱହିଁ ଏହାକୁ ସ୍ମରଣ ରଖେ, ଓ ଯେତେବେଳେ ତୁମେ ପ୍ରକୃତ ଚୈତ୍ୟ ସ୍ମୃତିଗୁଡ଼ିକର ଅଧିକାରୀ ହୋଇପାର, ଯେତେବେଳେ ତୁମର ଏହି ସ୍ମୃତିଗୁଡ଼ିକ ଅତ୍ୟନ୍ତ ନିଷ୍ପାପର ହୁଏ, ସ୍ୱତଃସ୍ଫୂର୍ତ୍ତ ହୋଇ ରହେ, ମନ ଅଥବା ପ୍ରାଣ ଦ୍ୱାରା କୌଣସି ପ୍ରକାରେ ବିକୃତଦୁଷ୍ଟ ହୋଇ ନଥାଏ, ଅର୍ଥାତ୍ ଶୁଦ୍ଧ ଭାବରେ ଚୈତ୍ୟ ଓ ନିର୍ଭୁଲ ହୋଇ ରହିଥାଏ, ସେତେବେଳେ ତୁମର ସ୍ମୃତି ସର୍ବସମ ହୋଇ ରହିଥାଏ । ଏବଂ

'oaob.nitrkl.ac.in' images reprocessed

ଅନେକ ସମୟରେ ଆପଣାର ଅତୀତ ଜୀବନଗୁଡ଼ିକୁ ଠାବ କରିପାରିବା ଭାରି କଷ୍ଟକର ହୋଇପଡ଼େ, "ମୁଁ ଅମୁକ ବା ସମୁକ ଥିଲି" ବୋଲି କହିବା ମୋଟେ ସହଜ ହୁଏ ନାହିଁ । କେବଳ ଯେତେବେଳେ ତୁମ ଜୀବନର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କ୍ଷଣରେ ଚୈତ୍ୟ ଅନୁଭୂତିଟି ଘଟିଥାଏ ଏବଂ ସତେ ଅବା ଘଟଣାଗୁଡ଼ିକର ଏକ ସମଗ୍ର ପୁଞ୍ଜ ତୁମ ଲାଗି କାହାଣୀଟିର ସୂତ୍ରଗୁଡ଼ିକୁ ଆଣି ଯୋଗାଇ ଦେଇଯାଏ (ପୋଷାକ, କୁହା ଯାଇଥିବା କଥା, ଘରଢାଞ୍ଚ ଏବଂ ସୂତ୍ର ଦେଇ ଯାଉଥିବା ଏକ ପରିବେଶ), ତୁମେ ସେତିକବେଳେ ଯାଇ "ହଁ, ମୁଁ ପ୍ରକୃତରେ ସେହି ଜୀବନଟିକୁ ବଞ୍ଚିଛି" ବୋଲି କହିବାକୁ ସମର୍ଥ ହୁଅ । ମାତ୍ର ଯଦି କେହି ତୁମ ପାଖକୁ ଆସି ସବିଶେଷ ବର୍ଣ୍ଣନା ଦେଇ ମାଙ୍କଡ଼ର ସ୍ତରଠାରୁ ଆରମ୍ଭ କରି ତାଙ୍କର ପୂର୍ବ ଜୀବନଗୁଡ଼ିକର କଥା ତୁମ ଆଗରେ କହି ବସନ୍ତି, ତେବେ ସିଏ କେବଳ ବନାଇ କରି ଏସବୁ କହୁଛନ୍ତି ବୋଲି ତୁମେ ନିଶ୍ଚିତ ଭାବରେ ଧରି ନେଇପାର ।

> ଗୋଟିଏ ଚୈତ୍ୟ ସତ୍ତା, ତାହାର ଭୌତିକ ସନ୍ତତି ଯାହା ହେବାକୁ ଯାଉଛି, ତାହାକୁ ଭେଟିବାର "ସମ୍ଭାବନା" ବିଷୟରେ ଆପଣ କହୁଥିଲେ ।

ନାହିଁ-ନାହିଁ,—ମୁଁ "ଆକସ୍ମିକ ଘଟଣା" ବୋଲି କହୁଛି । ଆକସ୍ମିକ ଘଟଣା ଓ ସମ୍ଭାବନା ସମାନ କଥା ନୁହେଁ ।

ଜୀବନରେ ପରସ୍ପରବିରୋଧୀ ଶକ୍ତିମାନଙ୍କ ମଧ୍ୟରେ ସର୍ବଦା ସଂଘର୍ଷ ଓ ଦ୍ୱନ୍ଦ୍ୱ ଲାଗି ରହିଥାଏ ଏବଂ ସେହି ସଂଘର୍ଷର ପରିଣାମ କ'ଣ ହେବ, ସେକଥା ଆଗରୁ ସର୍ବଦା ଆଦୌ କହି ହୁଏ ନାହିଁ । ଜଣେ ବ୍ୟକ୍ତି ସର୍ବୋଚ୍ଚ ଚେତନାର ଭୂମିରେ ସଚେତନ ହୋଇ ରହିଥିଲେ ହୁଏତ ତାହା ସମ୍ଭବ ହୁଏ । ମନୁଷ୍ୟ-ଚେତନାର ସୀମାଗୁଡ଼ିକ ମଧ୍ୟରେ ଆବଦ୍ଧ ହୋଇ ରହିଥିବା ଏକ ଚେତନା ପକ୍ଷରେ କୌଣସି ଦ୍ୱନ୍ଦ୍ୱ ବା ସଂଘର୍ଷର ପରିଣାମଟିକୁ ଆଗରୁ କହିଦେବା ମୋଟେ ସମ୍ଭବ ହୁଏ ନାହିଁ, ତେଣୁ ତାହାକୁ ଏକ "ଆକସ୍ମିକ ଘଟଣା" ବୋଲି କୁହା ଯାଇଥାଏ । ଏହାକୁ ଦୈବାତ୍ ଘଟିଲା ବୋଲି କୁହା ଯିବ ନାହିଁ, ଏପରିକି କାରଣ ନଥିବା ଏକ ଆକସ୍ମିକ ଘଟଣା ବୋଲି ବି କୁହା ଯିବ ନାହିଁ । ଏହାକୁ କାରଣ ରହିଥିବା ଏପରି ଏକ ଆକସ୍ମିକ ଘଟଣା ବୋଲି କୁହାଯିବ, ଯାହାକୁ ଆଗରୁ ଜାଣି ପାରିବା ଲାଗି ଆମର କୌଣସି ସାମର୍ଥ୍ୟହିଁ ନଥାଏ ।

'oaob.nitrkl.ac.in' images reprocessed

> ମୋର ଅନୁମାନ, ଗୋଟିଏ ସ୍ୱପ୍ନରେ ମୁଁ ପୂର୍ବତନ ଏକ ବୈରାଗୀ ଜୀବନର କେତେକ ଚିତ୍ର ଦେଖିଥିଲି ।

ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ହେଲେ ଅବଶ୍ୟ ଜଣେ ସନ୍ନ୍ୟାସୀର ଜୀବନକୁହିଁ ଆଦର୍ଶ ନେବାକୁ ପଡ଼ିବ ବୋଲି ଏଠାରେ (ଭାରତରେ) ଏପରି ଏକ ଦୃଢ଼ ସଙ୍କେତ ବା ବିଶ୍ୱାସ ରହିଆସିଛି ଯେ ସମ୍ଭବତଃ ତାହାହିଁ ତୁମେ ଦେଖିଥିବା ଚିତ୍ରଗୁଡ଼ିକର କାରଣ ହୋଇପାରେ । ମାତ୍ର ସେକଥା ଯାହା ହେଉ ପଛକେ, ଯଦି ତାହା ପ୍ରକୃତରେ ଏକ ବିଗତ ଜୀବନର ଚିତ୍ର ବୋଲି ଧରି ନିଆଯାଏ, ତେବେ ତାହା କଦାପି ଏହି ଜୀବନର ଠିକ୍ ପୂର୍ବ ଜୀବନର କଥା ହୋଇ ନଥିବ । ତୁମେ ମଝିରେ ବି ନିଶ୍ଚୟ ଆଉ କେତୋଟି ଜୀବନ ଅତିକ୍ରମ କରିଥିବ, କାରଣ ଏପରି ଖୁବ୍ କ୍ୱଚିତ୍ ହୁଏ ଯେ ଗୋଟିଏ ସତ୍ତା ଲଗ୍ ଲଗ୍ କେତେଥର ପାଇଁ ସେହି ଗୋଟିଏ ଦେଶରେ ଜନ୍ମଗ୍ରହଣ କରିଥାଏ । କାରଣ, ଏହା ହେଉଥିଲେ ତାହା କଦାପି ଖୁବ୍ ଲାଭଜନକ ବି ହେଉ ନଥାନ୍ତା । ଉଦାହରଣସ୍ୱରୂପ, ଯଦି ଏହା ଆଦି ଖ୍ରୀଷ୍ଟିଆନ୍‌ମାନଙ୍କ ସମୟର ଏକ ବୈରାଗ୍ୟମୟ ଜୀବନର କଥା ହୋଇଥିବ, ତେବେ ସେଥିରେ ତୁମେ କେତୋଟି ବିଶେଷ କଥା ମଧ୍ୟ ଦେଖିଥିବ : ନିଜ ଦେହର ଚମ ଅଲଗା ରଙ୍ଗ ହୋଇଥିବ, ପୋଷାକ ଇତ୍ୟାଦି ମଧ୍ୟ ଅଲଗା ହୋଇଥିବ; ମାତ୍ର ମନେ ହେଉଛି ତୁମେ ଭାରତୀୟ ଜୀବନର ସାଧାରଣ ଚିତ୍ରଗୁଡ଼ିକୁହିଁ ଦେଖିବାକୁ ପାଇଛ ।…ଅବଶ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସବୁକିଛି ସମ୍ଭବ ହୋଇପାରେ । ଏହି ବିଶ୍ୱଜଗତ ଏପରି ଭାବରେ ତିଆରି ହୋଇଛି ଯେ ସମ୍ଭବ ସବୁକିଛିକୁ ସେଠାରେ ବାସ୍ତବରୂପେ ଉପଲବ୍ଧି କରାଯାଇ ପାରିବ; ମାତ୍ର, ମୁଁ ଯେପରି କହିଲି, କୌଣସି ବିଶେଷ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟର ସାଧନ କରିବାକୁ ନଥିଲେ ବା ସମ୍ମୁଖରେ ସେପରି କୌଣସି ବିଶେଷ ଲକ୍ଷ୍ୟ ରହି ନଥିଲେ, ଗୋଟିଏ ଦେଶରେ ଲଗାଏତ ଏକାଧିକ ଥର ଜନ୍ମଲାଭ କରିବା ପ୍ରକୃତରେ ବଡ଼ ବିରଳ; ଏବଂ ସେବିଷୟରେ ଆପେ ଅବହିତ ହୋଇ ନପାରିବା ମଧ୍ୟ ଅତ୍ୟନ୍ତ ବିରଳ, କାରଣ ଗୋଟିଏ ଦେଶରେ ଏକାଧିକ ବାର ଜନ୍ମଗ୍ରହଣ କରିବାର ଅର୍ଥ ହେଉଛି ଯେ ତୁମର ଚୈତ୍ୟ ସତ୍ତା ସମ୍ପୂର୍ଣ୍ଣ ଭାବରେ ଆପଣାକୁ ଗଠିତ କରି ଆଣି ପାରିଛି ଏବଂ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ଲାଗି ଅଥବା ଆଗରୁ ଆରମ୍ଭ କରିଥିବା କାର୍ଯ୍ୟଟିକୁ ଅବିଚ୍ଛିନ୍ନ ହୋଇ କରିବ ବୋଲି ସିଏ ସ୍ୱଇଚ୍ଛାରେ ପୁନର୍ବାର ସେହି ଦେଶଟିକୁ ଫେରି ଆସିଛି ।

ଏହି ବିଷୟରେ ସାମୂହିକ ବିଶ୍ୱାସଟି ଏତେ ପ୍ରବଳ ହୋଇ ରହିଛି ଯେ ଏଠାରେ ଅନେକେ ପୂର୍ବ ଜୀବନରେ ଏକ ବୈରାଗୀର ଜୀବନ ଅତିବାହିତ କରିଛନ୍ତି । ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ଏବଂ ଏକ ଆଧ୍ୟାତ୍ମିକ ଜୀବନ ଅତିବାହିତ

'oaob.nitrkl.ac.in' images reprocessed

କରିବା ଲାଗି ଏକ ଅବଶ୍ୟ ସର୍ତ୍ତ ହିସାବରେ ସଂସାରକୁ ପରିତ୍ୟାଗ କରିବାକୁ ପଡ଼ିବ, ଏପରି ନଷ୍ଟବୁଝିଥିବା ବ୍ୟକ୍ତି ଏଠାରେ ଅତ୍ୟନ୍ତ ବିରଳ ।

କେତେକ ସ୍ୱପ୍ନ ପ୍ରତୀକାତ୍ମକ ହୋଇଥାଏ, ଅନେକ ସ୍ୱପ୍ନରେ ଏକ ପୂର୍ବସୂଚନା ବି ଖୁବ ସ୍ପଷ୍ଟ ହୋଇ ରହିଥାଏ, ମାତ୍ର ଆମର ସ୍ୱପ୍ନଗୁଡ଼ିକ ଖୁବ୍ କ୍ୱଚିତ୍ ପୂର୍ବରେ ବଞ୍ଚିଥିବା ଜୀବନଟିର ପ୍ରକୃତ ସ୍ମୃତିଗୁଡ଼ିକୁ ବହନ କରୁଥାନ୍ତି, କାରଣ ସେଥିଲାଗି ଆପଣାର ଚୈତ୍ୟ ଚେତନା ମଧ୍ୟରେ ଅବସ୍ଥିତ ରହିହିଁ ସ୍ୱପ୍ନ ଦେଖିବା ଦରକାର ପଡ଼େ ଏବଂ ଅନେକ ଲୋକଙ୍କର ଏହି ସାମର୍ଥ୍ୟଟିହିଁ ନଥାଏ । ସାଧାରଣତଃ ମାନସିକ ଅଥବା ପ୍ରାଣିକ ଚେତନାସ୍ତରରେ ଅବସ୍ଥିତ ରହି ସମସ୍ତେ ସ୍ୱପ୍ନ ଦେଖନ୍ତି, ମାତ୍ର ଖୁବ୍ କ୍ୱଚିତ୍ ଚୈତ୍ୟ ଚେତନାରେ ରହି ସେମାନଙ୍କର ସ୍ୱପ୍ନ ଦେଖିବା ଘଟିଥାଏ । ଏପରି ଅବଶ୍ୟ ଘଟିପାରେ, ମାତ୍ର ଏହା ଘଟିବା ଅତ୍ୟନ୍ତ ବିରଳ ।

ଅନେକ ସମୟରେ ଆପଣାର ଦେଖୁଥିବା ସ୍ୱପ୍ନକୁ କେହି ସତେଅବା କେତେକ ସ୍ମୃତି ବୋଲି ଗ୍ରହଣ କରିନଅନ୍ତି, ମାତ୍ର ସେଗୁଡ଼ିକ ହେଉଛନ୍ତି କେବଳ ଗୋଟିଏ ଗୋଟିଏ ପ୍ରତୀକ : ଜଣେ ସ୍ୱପ୍ନରେ ଯାହାସବୁ ଦେଖେ, ତାହା ପ୍ରକୃତରେ ଏକ ମାନସିକ ବିରଚନାରୁ ସଂଘଟିତ ହୋଇ ଆସିଥାଏ ଯାହାକି ଅନ୍ତର୍ଗତ ଏକ ପରଦା ଉପରେ ମୂର୍ତ୍ତିରୂପ ଧାରଣ କରିଥାଏ ଏବଂ ଯାହା ସତେଅବା ଏକ ଦୃଶ୍ୟର ଅଭିନୟ କରି ଚାଲିଥାଏ । ସେହି ଦୃଶ୍ୟରେ ତୁମେ ନିଜେ ବି ଜଣେ ଅଭିନେତା ହୋଇ ରହିଥାଅ ।

ଏଠି ଭାରତବର୍ଷରେ ଏପରି ଅନେକ ସ୍ଥାନରେ ଘଟିଥାଏ ଯେ ସାନସାନ ପିଲାମାନେ ହୁଏତ କୌଣସି ନା କୌଣସି ଗାଆଁରେ ଜନ୍ମ ହୁଅନ୍ତି ଏବଂ ଅତି ପିଲାବେଳେ ମଧ୍ୟ ସେମାନେ ଆଗରୁ ଯେଉଁ ଗାଆଁରେ ବାସ କରିଥିଲେ, ଯେଉଁ ପିତାମାତାଙ୍କଠାରୁ ଜନ୍ମ ହୋଇଥିଲେ, ଏପରି ନାନା ନିର୍ଭୁଲ କଥାମାନ କହିଥାନ୍ତି । ଏସବୁ କ'ଣ ସତ ?

ହଁ, ସତ; ମାତ୍ର ଏହି ପିଲାମାନେ ସାଧାରଣତଃ ପିଲା ଅବସ୍ଥାରୁହିଁ ମରିଥାନ୍ତି ବା ଅକାଳରେ ଅଳ୍ପ ବୟସରେ ସଂସାରରୁ ଚାଲି ଯାଇଥାନ୍ତି ଓ ଯେଉଁମାନେ ସେମାନଙ୍କର ସେହି ଜୀବନର ସମ୍ପୂର୍ଣ୍ଣ ଅବଧିଟିକୁ ଆଦୌ ଅତିବାହିତ କରି ନଥାନ୍ତି । ଏପରି କଥା ଘଟିପାରେ ।

ଏକ ଚୈତ୍ୟ ସତ୍ତାର ଅଗ୍ରଗତି କିପରି ହୁଏ ?

'oaob.nitrkl.ac.in' images reprocessed

ଆପଣାକୁ ଏକ ବ୍ୟକ୍ତିକେନ୍ଦ୍ରରେ ପରିଣତ କରିବା ଦ୍ୱାରା, ନିଜର ଯାବତୀୟ ଅନୁଭବକୁ ଗ୍ରହଣ କରି ସେଗୁଡ଼ିକୁ ଉକ୍ତ କେନ୍ଦ୍ରର ଚତୁର୍ଦ୍ଦିଗରେ ସଂଗଠିତ କରି ରଖିବା ଦ୍ୱାରା ।

ଏକ ବ୍ୟକ୍ତିଗତ ସତ୍ତାକୁ ସଂଗଠିତ କରି ଆଣିବାହିଁ ଚୈତ୍ୟ ସତ୍ତାର ଲକ୍ଷ୍ୟ ହୋଇ ରହିଥାଏ, ସେହି ସତ୍ତାକୁ ଗୋଟିଏ "ଏକକ" ହିସାବରେ, ଗୋଟିଏ "ବ୍ୟକ୍ତି" ହିସାବରେ ଉକ୍ତ କେନ୍ଦ୍ରର ଚତୁର୍ଦ୍ଦିଗରେ ସର୍ଜନା କରି ଆଣିବାହିଁ ତାହାର ଲକ୍ଷ୍ୟ ହୋଇ ରହିଥାଏ । ସାଧାରଣତଃ, ବାହ୍ୟ ଜୀବନର ସକଳ ଅନୁଭବ (ଯିଏ ଯୋଗ ସାଧନା କରୁଛି ଓ ସଚେତନ ରହିଛି, ତାହା କଥା ଭିନ୍ନ) ଅନ୍ତର୍ଗତ ସତ୍ତାଟିକୁ ସଂଗଠିତ ନକରିହିଁ ଅନ୍ତର୍ହିତ ହୋଇ ଯାଆନ୍ତି, ମାତ୍ର ଚୈତ୍ୟ ସତ୍ତାହିଁ ଏମିତି ଭାବରେ ଏହି ଅନୁଭବଗୁଡ଼ିକୁ ସଂଗଠିତ କରି ରଖେ । ପରମ ଦିବ୍ୟ ସତ୍ୟ ପ୍ରତି ଏକ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଅର୍ଜନ କରିବା ଲାଗି ତାହାର ଇଚ୍ଛା ରହିଥାଏ । ତେଣୁ, ପରମ ଦିବ୍ୟ ସତ୍ତାଟି ପ୍ରତି ଏହି ଦୃଷ୍ଟିକୋଣଟିକୁ ଉପଲବ୍ଧି କରିବା ଲାଗି ଯେଉଁସବୁ ସୁଯୋଗ ଏବଂ ଅବସର ଅନୁକୂଳ ହେବ, ତାହା ସମ୍ପୂର୍ଣ୍ଣ ଭାବରେ ସେଗୁଡ଼ିକୁ ଅର୍ଜନ କରିବା ଲାଗି ତଦନୁକୂଳ ସକଳ ଅନୁଭୂତିର ଅନ୍ୱେଷଣ କରୁଥାଏ । ଉଦାହରଣସ୍ୱରୂପ, ଏପରି ଜଣେ ବ୍ୟକ୍ତିର କଥା ବିଚାର କରାଯାଉ, ଯିଏକି ସମ୍ଭ୍ରାନ୍ତତାର ଅନୁଭବ କରିବାର ଅଭିଳାଷ ପୋଷଣ କରିଛି,—ଯେଉଁ ସମ୍ଭ୍ରାନ୍ତତା ରହିଥିଲେ ଜଣେ ସାଧାରଣ ମାମୁଲି ମଣିଷ ପରି କୌଣସି କାର୍ଯ୍ୟ କରିବା କଦାପି ସମ୍ଭବ ହେବ ନାହିଁ, ସିଏ ତାହାରି ଅନୁଭବ ଲାଭ କରିବାକୁ ଇଚ୍ଛା କରୁଛି । ଏପରି ଏକ ସମ୍ଭ୍ରାନ୍ତତା ଲାଗି ଇଚ୍ଛା କରୁଛି, ଯାହା ତୁମ ଭିତରେ ଏକ ସାହସକୁ ଉଦ୍‌ବୁଦ୍ଧ କରି ଆଣିବ, ଏକ ନିର୍ଭୀକତାକୁ ଉଦ୍‌ଭୂତ କରି ଆଣିବ, ଯାହାକୁ କି ଅନେକେ ହୁଏତ ଏକ ଦୁଃସାହସୀ ଅବିବେକିତା ବୋଲିହିଁ ଭାବିବେ, କାରଣ ତୁମର ଅନୁଭୂତି ତୁମଠାରୁ ସର୍ବଦା ଦାବି କରୁଥିବ ଯେ ତୁମେ ଏତେଟିକିଏ ଭୟ ନକରି ମଧ୍ୟ ବିପଦର ସମ୍ମୁଖୀନ ହୁଅ । ଅଳ୍ପ ସମୟ ପୂର୍ବରୁ ତୁମମାନଙ୍କୁ ମୁଁ କହୁଥିଲି ଯେ, ଜଣେ ରାଜାଙ୍କର ଶରୀରରେ ପ୍ରବେଶ କରି ଜଣେ ବ୍ୟକ୍ତି କ'ଣସବୁ ଅର୍ଜନ କରିପାରିବ, ମୁଁ ତୁମମାନଙ୍କୁ ସେହି କଥା ବୁଝାଇ କହିଦେବି । ଜଣେ ରାଜା ଜଣେ ସାଧାରଣ ଲୋକ, ନୁହେଁ କି ? ଅନ୍ୟମାନେ ସମସ୍ତେ ଯେପରି, ଜଣେ ରାଜା ମଧ୍ୟ ସେହିପରି, ତା'ର କୌଣସି ବିଶେଷ ଚେତନା ବୋଲି ଆଦୌ କିଛି ନଥାଏ, ମାତ୍ର ତା' ଜୀବନର ଆବଶ୍ୟକତାଗୁଡ଼ିକର ମଧ୍ୟଦେଇ, ତାକୁ ତା'ର ପ୍ରଜାମାନଙ୍କ ଲାଗି ଗୋଟିଏ ପ୍ରକାରର ପ୍ରତୀକ ପରି ହୋଇ ରହିବାକୁ ପଡ଼ୁଥିବାରୁ ସିଏ ଏପରି ଅନେକ ସବୁ କଥା କରିବାକୁ ବାଧ୍ୟ ହୁଏ, ଯାହାକି, ଜଣେ ସାଧାରଣ ମନୁଷ୍ୟ ହୋଇଥିଲେ ସିଏ କେବେହେଲେ କରି ପାରୁ ନଥାନ୍ତା । ଏହି କଥାଟିକୁ ମୁଁ ଅନୁଭୂତିରୁ ଜାଣିଛି, ମାତ୍ର ଜଣେ ରାଜାର ତା'ର ପ୍ରକୃତ

'oaob.nitrkl.ac.in' images reprocessed

ଜୀବନଚର୍ଯ୍ୟାରେ ଏକ ପରିଚୟ ଦେବାକୁ ସମର୍ଥ ହେଉଥିବା କେତେକ ଫଟୋକୁ ଦେଖିଲାବେଳେ ମଧ୍ୟ ମୁଁ ସେହି କଥାଟିକୁ ବେଶ୍ ଦେଖିଥିଲି : ଗୋଟିଏ କିଛି ଘଟି ଯାଇଥିଲା, ତାହାକୁ ହୁଏତ ତାଙ୍କ ଜୀବନ ନେବା ଲାଗି ଏକ ଉଦ୍ୟମ ବୋଲି କୁହାଯାଇ ପାରନ୍ତା, ମାତ୍ର ସେହି ବିପଦରୁ ସେ ରକ୍ଷା ପାଇଗଲେ । ଫଟୋଗ୍ରାଫ୍‌ଗୁଡ଼ିକରେ ରାଜା ତାଙ୍କର ଏକ ସୈନ୍ୟବାହିନୀ ପରିଦର୍ଶନ କରି ଦେଖୁଥିଲେ; ହଠାତ୍ କେହିଜଣେ ଆଗକୁ ଦଉଡ଼ି ଆସିଲା । ବୋଧହୁଏ ତା' ଭିତରେ କୌଣସି କୁଅଭିପ୍ରାୟ ରହିଥିଲା, ବୋଧହୁଏ ସେପରି କିଛି ନଥିଲା, କାରଣ ପ୍ରକୃତରେ ସେପରି କିଛି ଘଟି ନଥିଲା । ସେ ଯାହାହେଉ ପଛକେ ରାଜା କୌଣସି ପ୍ରକାରେ ଚଞ୍ଚଳ ହୋଇ ପଡ଼ିଲେ ନାହିଁ, ସମ୍ପୂର୍ଣ୍ଣ ସ୍ଥିର ହୋଇ ରହିଲେ, ତାଙ୍କ ଅଧର ଉପରେ ସେହି ସ୍ମିତହାସ୍ୟ ପୂର୍ବପରି ରହିଥିଲା, ସିଏ ଯେଉଁଠି ଠିଆ ହୋଇଥିଲେ, ସେଠାରୁ ସେବେହେଲେ ଘୁଞ୍ଚି ନଥିଲେ । ଏବଂ, ସିଏ ତାଙ୍କୁ ଆଘାତ କରିବା ଲାଗି ଆଗକୁ ଦଉଡ଼ି ଆସୁଥିଲା, ସିଏ ତା' ଆଗରେ ଏକ ସହଜ ଶରବ୍ୟରୂପେ ଠିଆ ହୋଇ ରହିଥିଲେ । ମୁଁ ଯେତେଦୂର ଜାଣିଛି, ଏହି ରାଜାଙ୍କୁ ଜଣେ ବୀର ବୋଲି ଆଦୌ କୁହାଯିବ ନାହିଁ, ମାତ୍ର ସେ ଜଣେ ରାଜା ଥିଲେ, ତେଣୁ ଦଉଡ଼ି ପଳାଇ ଯାଇ ପାରି ନଥିଲେ । ଦଉଡ଼ି ପଳାଇ ଯାଇଥିଲେ ତାହା ଏକ ଅତ୍ୟନ୍ତ ଅପମାନଜନକ ବିଷୟ ହୋଇଥାନ୍ତା । ତେଣୁ ସେ ସ୍ଥିର ହୋଇ ରହିଲେ, ହାଲିଲେ ବି ନାହିଁ, ବାହାରକୁ କୌଣସି ପ୍ରକାର ଭୟ ଦେଖାଇଲେ ନାହିଁ । ଜଣେ ରାଜାର ଜୀବନ ଯାପନ କଲେ ଜଣେ କ'ଣ ଶିଖିପାରିବ, ଇଏ ହେଉଛି ତା'ର ଗୋଟିଏ ଉଦାହରଣ ।

ରାଣୀ ଏଲିଜାବେଥ୍‌ଙ୍କ ବିଷୟରେ ମଧ୍ୟ ଏକ ସତ କାହାଣୀ ରହିଛି । ସେତେବେଳକୁ ସେ ତାଙ୍କ ଜୀବନର ଅନ୍ତିମ ଚରଣରେ ଆସି ପଦାର୍ପଣ କରିଥିଲେ ଏବଂ ଖୁବ୍ ଅସୁସ୍ଥ ଥିଲେ । ମାତ୍ର ତେଣେ ରାଜ୍ୟରେ ଗଣ୍ଡଗୋଳ ହେଲା ଏବଂ ଟିକସ୍ ଦେବାର ସମସ୍ୟାଟିକୁ କେନ୍ଦ୍ର କରି ଦଳେ ଲୋକ (ମୋର ମନେ ହେଉଛି, ବଣିକମାନେ) ଏକ ପ୍ରତିନିଧିମଣ୍ଡଳ ତିଆରି କରି ଜନତାର ଏକ ଦଳ ନାମରେ ତାଙ୍କ ପାଖରେ ଏକ ଅଭିଯୋଗ ପେସ୍ କରିବାକୁ ଆସିଥିଲେ । ରାଣୀ ତାଙ୍କ ପ୍ରକୋଷ୍ଠରେ ଖୁବ ବେମାର ହୋଇ ପଡ଼ିଥାନ୍ତି, ଏତେ ବେମାର ଯେ ଠିଆ ହେବାକୁ ମଧ୍ୟ ଶକ୍ତି ନଥାଏ । ମାତ୍ର ସିଏ ତଥାପି ବିଛଣାରୁ ଉଠିଲେ ଓ ସେହି ଲୋକମାନଙ୍କୁ ଭେଟିବା ଲାଗି ଲୁଗାପଟା ପିନ୍ଧିଲେ । ତାଙ୍କର ପରିଚର୍ଯ୍ୟା କରୁଥିବା ଦାସୀ ଚିତ୍କାର କରି ଉଠିଲା ଓ କହିଲା, "ମାତ୍ର ଏହା ଏକାବେଳେକେ ଅସମ୍ଭବ, ଆପଣ ଏପରି କଲେ ଆଉ କଦାପି ବଞ୍ଚିବେ ନାହିଁ !" ରାଣୀ ଥିରସ୍ୱରରେ ଉତ୍ତର ଦେଲେ, "ଆମେ ପରେ ବି ତ ମରିବା"…ଜଣେ ରାଜା ହେଲେ କ'ଣ ସବୁ ଅନୁଭବ ଅର୍ଜନ କରିବାକୁ ହୁଏ, ଏହା ହେଉଛି ତାହାର ଗୋଟିଏ ଦୃଷ୍ଟାନ୍ତ । ଏବଂ ଏହିପରି କାରଣରୁହିଁ ଚୈତ୍ୟ ସତ୍ତା



'oaob.nitrkl.ac.in' images reprocessed

ଅନେକ ସମୟରେ ଏହି କିସମର ଜୀବନଯାପନ କରିବା ଲାଗି ଜନ୍ମ ଗ୍ରହଣ କରିବାକୁ ଅଭିଳାଷ କରିଥାଏ ।

ଏହି ଭଳି ନାନା ସ୍ମୃତି ଆମ ଆଗରେ ଅନୁଭୂତିର ପ୍ରାମାଣିକତାକୁ ପ୍ରମାଣ କରି ଦେଇଥାନ୍ତି । କାରଣ, ଲୋକମାନେ ଯେତେବେଳେ ତୁମକୁ ସେମାନଙ୍କର ପୂର୍ବତନ ଜୀବନଗୁଡ଼ିକର କଥା ଆସି କହିଥାନ୍ତି, ସେତେବେଳେ ସାଧାରଣତଃ ଏହିପରି ଘଟିଥାଏ : ଏହିସବୁ ଜୀବନରେ ନିଶ୍ଚୟ ଏକ ପ୍ରଗତି ଯେ ହୋଇଥାଏ, ଏକଥା ଅତି ସ୍ୱାଭାବିକ; ତେଣୁ ଅଧିକରୁ ଅଧିକ ଚମତ୍କାର ପରିସ୍ଥିତିରେ ସେମାନେ ଅଧିକରୁ ଅଧିକ ଚମତ୍କାର ମଣିଷ ହୋଇ ଗଢ଼ି ହୋଇଯିବାରେ ବି ଲାଗିଥାନ୍ତି ! ମାତ୍ର ତାହା ଭୁଲ କଥା, ଏପରି କଦାପି ଘଟେ ନାହିଁ । ଚୈତ୍ୟ ସତ୍ତାକୁ ଅଭିବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ ଧାରା ଅନୁସରଣ କରିବାକୁ ହୋଇଥାଏ, ସେହି ଅଭିବ୍ୟକ୍ତି ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଗୁଣ ଓ ନିର୍ଦ୍ଦିଷ୍ଟ ସାମର୍ଥ୍ୟ ପ୍ରଭୃତିର ବିକାଶ ହୋଇଥାଏ । ମାତ୍ର ତାହା ମଧ୍ୟରେ ତଥାପି ଯେଉଁସବୁ କଥାର ଅଭାବ ରହିଥାଏ, ଚୈତ୍ୟ ସତ୍ତା ସର୍ବଦା ତାହା ଦେଖିବାରେ ସମର୍ଥ ହୁଏ ଏବଂ ଏକ ଭବିଷ୍ୟତ ଜୀବନଗ୍ରହଣ ଲାଗି ତାହା ହୁଏତ ଏକ ବିପରୀତ ଜୀବନକୁ ବରି ନେଇପାରେ, ତାହା ଉପସ୍ଥିତ ଅନୁଭୂତିର ଏକ ଅସ୍ୱୀକାରକୁ ମାତ୍ର ନେଇପାରେ ବୋଲି ହୁଏତ ଆମେ କହିପାରିବା, —କେତେକ ଅନୁପୂରକ ଅଭିଜ୍ଞତା ଲାଭ କରିବା ଲାଗି ସେ ହୁଏତ ଏପରି କରିବାକୁ ଇଚ୍ଛା ପ୍ରକାଶ କରିପାରେ ।

## ୨୭ ଫେବୃଆରୀ ୧୯୫୧

୧୯୨୯ ମସିହାରେ ତାଙ୍କ ପ୍ରବଚନବେଳେ ଥରେ ତାଙ୍କ ପଚରା ହୋଇଥିବା ଗୋଟିଏ ପ୍ରଶ୍ନକୁ ମାଆ ପଢ଼ିଲେ :

> "ଯୋଗର ପ୍ରଥମ ଅବସ୍ଥାଗୁଡ଼ିକରେ ସାଧକ ପକ୍ଷରେ ସାଧାରଣ ବହିସବୁ ପଢ଼ିବା ଉଚିତ କି ?"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ଏଭଳି ପ୍ରଶ୍ନ ମୋତେ ଅନେକ ଥର ପଚରା ଯାଇଛି । ସାଧାରଣ ବହି ପଢ଼ି କାହା ଉପରେ ପ୍ରକୃତରେ କିଭଳି ପ୍ରଭାବ ପଡ଼ୁଛି, ମୋତେ କେହି ସେକଥା କହିଲେ ଖୁବ ଭଲ ହୁଅନ୍ତା ।

'oaob.nitrkl.ac.in' images reprocessed

ସାଧାରଣ ବହିଗୁଡ଼ାକ ପଢ଼ିଲେ କ୍ଳାନ୍ତ ଲାଗେ ।

ଏହା ହେଉଛି ଏକ ସୁସ୍ଥ ଲକ୍ଷଣ ।

ସେହିସବୁ ବହି ମନକୁ ପୂରା ବିଶ୍ରାମ ଦିଏ ଏବଂ ସେସବୁର କୌଣସି ପ୍ରଭାବ ମୋ ଉପରେ ପଡ଼େ ନାହିଁ ।

ନାହିଁ, ନାହିଁ—ସେପରି ମୋଟେ ହୁଏ ନାହିଁ । ଅବଚେତନ ସବୁକିଛିକୁ ଲିପିବଦ୍ଧ କରିନିଏ । ଏବଂ, ଗୋଟାଏ ସାଧାରଣ ବହି ପଢ଼ି ତାହାର ତୁମ ଉପରେ ଆଦୌ କୌଣସି ପ୍ରଭାବ ପଡ଼ିଲା ନାହିଁ ବୋଲି ଯଦି ତୁମର ଏକ ଧାରଣା ଥାଏ, ତେବେ ସେଥିରୁ ବୁଝିବାକୁ ହେବ ଯେ ତୁମ ଭିତରେ କ'ଣସବୁ ଘଟୁଛି, ତୁମେ ସେବିଷୟରେ ଆଦୌ ସଚେତନ ନୁହଁ । ଯେତେଥର ତୁମେ ନିମ୍ନ ଚେତନାର କୌଣସି ବହି ପଢ଼, ତଦ୍ୱାରା ତୁମର ଅବଚେତନ ଏବଂ ଅଚେତନ ଆହୁରି ଅଧିକ ଶକ୍ତିଶାଳୀ ହୋଇଯାଏ,—ତୁମର ଚେତନାର ଉନ୍ମୀଳନ ଲାଗି ତାହା ପ୍ରତିବନ୍ଧକ ପରି କାର୍ଯ୍ୟ କରେ । ଆପଣାର ଅବଚେତନକୁ ଶୁଦ୍ଧ କରି ରଖିବା ଲାଗି ତୁମେ ଆଗରୁ ଯେଉଁସବୁ ଉଦ୍ୟମ କରିଥିଲ, ଏପରି କରି ତୁମେ ସତେଯେପରି ସେସବୁ ଉପରେ କେତେ ବାଲ୍ଟି ମଇଳା ପାଣି ନେଇ ଅଜାଡ଼ି ଦିଅ ।

ଏସବୁ ଅନିବାର୍ଯ୍ୟ ଭାବରେ ଘଟେ, ମାତ୍ର ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସେମାନଙ୍କର ଅବଚେତନ ପ୍ରକୃତରେ ଏତେ ତଳକୁ ଖସି ଆସିଛି ବୋଲି ଜାଣି ବି ନଥାନ୍ତି ।

ଏପରି ଏକ ଅବସ୍ଥା ରହିଛି, ଯେଉଁଥିରେ କି ତୁମକୁ ସାଧାରଣ ଜୀବନର ଏକ ସ୍ତରରେ ରହିବା ଲାଗି ବାଧ୍ୟ କରୁଥିବା କୌଣସି କଥାବାର୍ତ୍ତା ମଧ୍ୟ ତୁମର ଶିରଃପୀଡ଼ା ସୃଷ୍ଟି କରିପାରେ, ତୁମର ପେଟକୁ ଲେଉଟାଇ ଦେଇପାରେ ଏବଂ ଯଦି ସେହି କଥାବାର୍ତ୍ତା ଅଧିକ ସମୟ ପର୍ଯ୍ୟନ୍ତ ଚାଲେ, ତେବେ ତୁମର ଜ୍ୱର ହୋଇଯାଏ । ଯେଉଁସବୁ କଥାବାର୍ତ୍ତାରେ ଏଣୁତେଣୁ ଗୁଡ଼ାଏ ବାଜେ ଗପ ପଡ଼େ, ଏଠାରେ ମୁଁ ଅବଶ୍ୟ ସେହିଗୁଡ଼ିକର କଥା କହୁଛି । ମୁଁ ଭାବୁଛି ଯେ ଅଳ୍ପସଂଖ୍ୟକ ମାତ୍ର କେତେଜଣଙ୍କୁ ଛାଡ଼ିଦେଲେ ପ୍ରତ୍ୟେକ ମଣିଷ ଏହି କସରତଟି ଲାଗି ସମୟ ଦିଏ ଏବଂ ଯେଉଁସବୁ ବିଷୟରେ ତା'ର ଚୁପ୍ ହୋଇ ରହିବା ଉଚିତ, ସେହିସବୁ ବିଷୟରେ କଥା ଗପିବାରେ ଲାଗିଥାଏ ବା ଅନ୍ୟାନ୍ୟ ଅନେକ ବିଷୟରେ ବି ବକର ବକର ହେଉଥାଏ । ଏହା କ୍ରମଶଃ ଏପରି ଏକ ସ୍ୱାଭାବିକ ଗତରେ

'oaob.nitrkl.ac.in' images reprocessed

ପଡ଼ଯାଏ ଯେ ତୁମକୁ ଆଉ ସେବିଷୟରେ କୌଣସି ଅଡ଼ୁଆ ଲାଗେ ନାହିଁ । ମାତ୍ର ଏହିପରି ହେବାରେ ଲାଗିଥିଲେ, ତୁମର ଚେତନାକୁ ଉନ୍ନୋଳିତ ହେବାରୁ ତୁମେ ପ୍ରାୟ ସଂପୂର୍ଣ୍ଣଭାବେ ରାସ୍ତା ବନ୍ଦ କରି ରଖ, ଲୁହା ଶିକୁଳି ଦେଇ ତୁମେ ନିଜକୁ ସାଧାରଣ ଚେତନାଟି ସହିତ ବାନ୍ଧି ରଖ ଏବଂ ଅବଚେତନ ସ୍ତରରେ ଯେଉଁ କାର୍ଯ୍ୟଟି ହେବାର କଥା, ସେଇଟି ଆଉ ହୋଇ ପାରେ ନାହିଁ ବା ହୁଏତ ଆରମ୍ଭ ବି ହୋଇ ନଥାଏ । ଯେଉଁମାନେ ପ୍ରକୃତରେ ଉପରକୁ ଯିବା ଲାଗି ଇଚ୍ଛା କରନ୍ତି, ସେମାନଙ୍କୁ କେତେ ନା କେତେ ବାଧାର ସମ୍ମୁଖୀନ ହେବାକୁ ପଡ଼ୁଥାଏ ଏବଂ ତାହାରୁ ମଧ୍ୟ ସେମାନେ କୌଣସି ପ୍ରୋତ୍ସାହନ ପାଇ ପାରୁ ନଥାନ୍ତି ।

ଆପଣାର ଚେତନାକୁ ଏକ ଉଚ୍ଚ ସ୍ତରରେ ରଖିବାର ଏହି ପ୍ରୟାସଟି ପ୍ରଥମ ଅବସ୍ଥାରେ ସ୍ୱଭାବତଃ ଭାରି କ୍ଳାନ୍ତିକର ହୋଇଥାଏ । ମାଂସପେଶୀର ବିକାଶ ଲାଗି କରାଯାଉଥିବା ବ୍ୟାୟାମବେଳେ ଯେପରି ଘଟିଥାଏ, ଏହି କ୍ଷେତ୍ରରେ ମଧ୍ୟ ସେହିପରି । କିନ୍ତୁ ସେଥିଲାଗି କ'ଣ ତୁମେ ଜିମ୍‌ନାଷ୍ଟିକ୍ କରିବା ଛାଡ଼ିଦିଅ ? ତେଣୁ, ମାନସିକ କ୍ଷେତ୍ରରେ ମଧ୍ୟ ତୁମକୁ ସେହି କଥା କରିବାକୁ ହେବ । ତୁମେ ଆପଣାର ମନକୁ ଏତେ ତଳକୁ ଆସିବା ଲାଗି କଦାପି ଛାଡ଼ି ଦେବ ନାହିଁ । ଏଣ୍ଟେଣ୍ଟେ କଥାବାର୍ତ୍ତା ତୁମକୁ ପ୍ରକୃତରେ ତଳକୁ ଖସାଇ ଆଣେ । ଯଦି ତୁମେ ଯୋଗ ଅଭ୍ୟାସ କରୁଥାଅ, ତେବେ ତୁମେ ଆପଣାକୁ ଏସବୁଥିରୁ ନିବୃତ୍ତ କରି ରଖିବ । ବାସ୍, ଏତିକି କଥା ମନେ ରଖିବ ।

"ତୁମେ କେତେ କେତେ ପବିତ୍ର ଗ୍ରନ୍ଥ ପାଠ କରିପାର ଏବଂ ତଥାପି ଭଗବାନଙ୍କଠାରୁ ବହୁଦୂରବର୍ତ୍ତୀ ହୋଇ ରହିପାର; ଏବଂ ତୁମେ ହୁଏତ ନିର୍ବୋଧତମ ଯାଉଁଯାଉଁ କେତେ କ'ଣ ବହି ପଢ଼ିପାର ଏବଂ ତଥାପି ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ରହିପାର ।···ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ରହିଥିବା ଚେତନାର ଏପରି ଏକ ଗତି ରହିଛି, ଯାହା ଦ୍ୱାରା କି ତୁମେ ହୁଏତ ଯାହାକିଛି ପଢ଼ିବ, ତାହାକୁ ଉପଭୋଗ କରିପାରିବ, ଯାହାକିଛି ଦେଖିବ, ତାହାକୁ ମଧ୍ୟ ଉପଭୋଗ କରିପାରିବ;··· କାରଣ ପୃଥିବୀରେ ଏପରି କୌଣସି ବସ୍ତୁ ନାହିଁ ଯାହାର ଅସଲ ସତ୍ତାଟି ଅନ୍ତିମତଃ ସେହି ପରମ ଦିବ୍ୟସତ୍ତାଙ୍କ ମଧ୍ୟରେ ବିଧୃତ ଏବଂ ଆଶ୍ରିତ ହୋଇ ରହି ନାହିଁ । ଏବଂ ଯଦି ତୁମେ ଭୌତିକ,

'oaob.nitrkl.ac.in' images reprocessed

ନୈତିକ ଅଥବା ସୌନ୍ଦର୍ଯ୍ୟବୋଧଗତ କୌଣସି ପ୍ରକାର ପ୍ରତିଭାସ ଦ୍ଵାରା ଅଟକି ନଯିବାକୁ ସମର୍ଥ ହୋଇ ପାରିବ,... ତେବେ, ଯାହାକିଛି ସାଧାରଣ ବୋଧର କ୍ଷେତ୍ରରେ କେବଳ କୁତ୍ସିତ, ଐଶ୍ଵର୍ଯ୍ୟହୀନ, ଦୁଃଖମୟ ବା ଦ୍ଵନ୍ଦ୍ଵପୂର୍ଣ୍ଣ ବୋଲି ମନେ ହୋଇଥାଏ, ସେହି ସବୁକିଛିର ମଧ୍ୟଦେଇ ବି ତୁମେ ସୌନ୍ଦର୍ଯ୍ୟ ଏବଂ ଆନନ୍ଦର ଉପଲବ୍ଧି କରିପାରିବ ।"

**ତନ୍ତ୍ରୈବ**

ଏଠାରେ ମୁଁ ଚେତନାର ଯେଉଁ ସ୍ତରଟି କଥା କହୁଛି, ତାହାକୁ ଉପଲବ୍ଧି କରିବା ଅତ୍ୟନ୍ତ କଷ୍ଟସାଧ୍ୟ; ଏହି ସାଧନାଟି ସକାଶେ ବର୍ଷ ବର୍ଷ ସମୟ ଦରକାର ଏବଂ ଏହି ଉପଲବ୍ଧି ସମସ୍ତଙ୍କ ଦ୍ଵାରା କଦାପି ସମ୍ଭବ ଓ ସାଧ୍ୟ ହୋଇ ପାରିବ ନାହିଁ । ଅବଶ୍ୟ, ଏହି କ୍ଷେତ୍ରରେ ଏକ ମଧ୍ୟବର୍ତ୍ତୀ ଅବସ୍ଥା ବି ରହିଛି, ଯାହାର ମଧ୍ୟଦେଇ ଯିବାକୁ ହୋଇଥାଏ : ଏହି ଅବସ୍ଥାଟିରେ, ଜଣେ ଯାହାକିଛି ଶୁଣିବାକୁ ଅଥବା ଦେଖିବାକୁ ଇଚ୍ଛା ନକରୁଛି, ସେଗୁଡ଼ିକ ସହିତ ଆପଣାର ଯାବତୀୟ ସମ୍ପର୍କକୁ ଛିନ୍ନ କରିଦେବାକୁ ପଡ଼ିଥାଏ ।

"ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯାହା ଘଟିଛି, ତାହା ଘଟିବାରହିଁ ଥିଲା; ଯଦି ତାହାହିଁ ଘଟିବ ବୋଲି ଅଭିପ୍ରେତ ନଥାନ୍ତା, ତେବେ ତାହା କଦାପି ଘଟି ନଥାନ୍ତା । ଏପରିକି, ଆମେ ଯେଉଁ ଭୁଲଗୁଡ଼ିକୁ କରିଛୁ ଏବଂ ଆମ ଉପରେ ଯେଉଁ ବିପଦଗୁଡ଼ିକ ଆସି ପଡ଼ିଛି, ସେଗୁଡ଼ିକ ନିଶ୍ଚୟ ହେବାର ଥିଲା, କାରଣ ସେଗୁଡ଼ିକ ମଧ୍ୟରେ କିଛି ନା କିଛି ପ୍ରୟୋଜନ ଅବଶ୍ୟ ରହିଥିଲା, ଆମ ଜୀବନରେ ସେଗୁଡ଼ିକ ଲାଗି ଏକ ଆବଶ୍ୟକତା ରହିଥିଲା । ମାତ୍ର, ପ୍ରକୃତ କଥା ହେଉଛି ଯେ ଏହି ସତ୍ୟଗୁଡ଼ିକୁ ଆମେ କଦାପି ମାନସିକ କ୍ଷେତ୍ରରେ ରହି ବ୍ୟାଖ୍ୟା କରି ପାରିବା ନାହିଁ ବା ସେପରି କିଛି କରିବା ଉଚିତ ମଧ୍ୟ ହେବ ନାହିଁ । କାରଣ, ଯାହାକିଛି ଘଟିଲା, ତାହାର ଏକ ପ୍ରୟୋଜନ ରହିଥିଲା; କୌଣସି ମାନସିକ କାରଣ ସକାଶେ ଯେ ଏପରି ପ୍ରୟୋଜନ ଥିଲା, ସେକଥା ଆଦୌ ନୁହେଁ; ମାତ୍ର ଆମର ମନ ଯାହାର

'oaob.nitrkl.ac.in' images reprocessed

କୌଣସି କଳ୍ପନା ବି କରି ପାରିବ ନାହିଁ, ଆମକୁ ସେହିପରି କୌଣସି ଭୂମିକୁ ବା ସମ୍ପଦ ମଧ୍ୟକୁ ପରିଚାଳିତ କରିନେବା ଲାଗିହିଁ ତାହା ଘଟିଲା । ମାତ୍ର ଏସବୁର ଏକ ବ୍ୟାଖ୍ୟା ପାଇବା ଲାଗି ପ୍ରକୃତରେ ଏକ ଆବଶ୍ୟକତା ରହିଛି କି ? ସମଗ୍ର ବିଶ୍ୱଜଗତ ଆମ ଲାଗି ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ବସ୍ତୁର ବ୍ୟାଖ୍ୟା କରି ଦେଉଛି, ଏବଂ ବିଶ୍ୱଜଗତଟି ଯାହା, ତାହାହିଁ ହୋଇ ରହିଛି ବୋଲି କୌଣସି ନିର୍ଦ୍ଦିଷ୍ଟ କଥା ଏହି ବିଶ୍ୱଜଗତରେ ଘଟୁଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

**ସମଗ୍ର ବିଶ୍ୱଜଗତ ପ୍ରତ୍ୟେକ ମୁହୂର୍ତ୍ତରେହିଁ ପ୍ରତ୍ୟେକ କଥାର ବ୍ୟାଖ୍ୟା କରି ଦେଉଛି । ସେଇଟି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।**

ଯଦି କାହାର ଏକ ଭାଷା ଶିଖିବାକୁ ଇଚ୍ଛା ହେଲା, ତେବେ, ଉଦାହରଣସ୍ୱରୂପ, ଆଲେକ୍‌ଜାଣ୍ଡ୍ରର୍ ଡୁମାଙ୍କ ଲିଖିତ ବହିଗୁଡ଼ିକ ପରି ସାଧାରଣ ପୁସ୍ତକମାନ ପଢ଼ିବା ଦରକାର ହେବ ନାହିଁ କି ?

**ହଁ, ଯଦି ଭାଷାଟିକୁ ଶିଖିବା ଲାଗି କେହି ପଢ଼େ, ଜଣେ ଲେଖକ କପରି ଭାବରେ ଆପଣାର ଭାବଗୁଡ଼ିକୁ ବ୍ୟକ୍ତ କରିଛନ୍ତି, ତେବେ ସେଥିରେ ଆଦୌ କୌଣସି କ୍ଷତି ନାହିଁ । ମାତ୍ର ଯାହା ମିଳିଲା ତାହା ପଢ଼ିବା ସକାଶେ ଏଇଟା ଯେପରି ଏକ ଆଳରୂପେ ବ୍ୟବହୃତ ନହୁଏ !**

କପୋଳକଳ୍ପିତ କାହାଣୀଗୁଡ଼ିକର କ'ଣ ଆଦୌ କୌଣସି ମୂଲ୍ୟ ନାହିଁ ?

**ତାହା ସେହି କଳ୍ପନାଟିର ଗୁଣାତ୍ମକତା ଉପରେ ନିର୍ଭର କରିବ । ଆପଣାର କଳ୍ପନାଶକ୍ତିର ବିକାଶ କରିବା ଭଲ ବୋଲି ଯଦି ତୁମେ କୁହ, ତେବେ ନିଶ୍ଚୟ ଏକ ସତ କଥା କହିବ; ମାତ୍ର କେବଳ ଏତିକି ବିଷୟରେ ସାବଧାନ ହୋଇ ରହିଥିବ ଯେ ଏହା ଦ୍ୱାରା ଯେପରି କୌଣସି ଅସତ୍ୟମୟ କଳ୍ପନାର ବିକାଶ ନହୁଏ !**

'oaob.nitrkl.ac.in' images reprocessed

କଳ୍ପନାରୁ ଯେଉଁସବୁ ଗଳ୍ପ ଲେଖା ହୋଇଥାଏ, ତାହା ଆମକୁ ଜୀବନ ଏବଂ ସତ୍ୟ ସହିତ ସମ୍ପର୍କରେ ଆସିବାକୁ ସାହାଯ୍ୟ କରେ ନାହିଁ କି ?

ସବୁ କ୍ଷେତ୍ରରେ କଦାପି କରେ ନାହିଁ ! ଏବଂ "ସତ୍ୟ ସହିତ ସମ୍ପର୍କ" କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ ?—ଗୋଟିଏ ଧୂଳିକଣା ଭିତରେ ମଧ୍ୟ ସତ୍ୟ ରହିଛି । ତେଣୁ ସେହି କଥାଟିର କୌଣସି ଅର୍ଥ ନାହିଁ ।

ତୁମେ କ'ଣ ଭାବି ପାରୁ ନାହିଁ ଯେ ବହିଗୁଡ଼ିକରେ ଆମେ ସେଗୁଡ଼ିକର ଏକ ଚିହ୍ନ ନଦେଲେ ମଧ୍ୟ ଏହି ଜଗତରେ ତଥାପି କେତେ କେତେ କୁତ୍ସିତ କଥା ଭର୍ତ୍ତି ହୋଇ ରହିଛି ? ମୁଁ ଶ୍ରେଷ୍ଠ ଥିଲାବେଳେ ମଧ୍ୟ ଏହି କଥାଟି ମୋତେ ଭାରି ବିସ୍ମିତ କରି ପକାଉଥିଲା,—ଜୀବନଟା ପ୍ରକୃତରେ ଏତେ କୁତ୍ସିତ, ଏତେ ଏପରି ନୀଚ, ଦସ୍ତୁମୀସ୍ତ ଓ ଅନେକ ସମୟରେ ଏପରିକି ଘୃଣ୍ୟ କେତେକେତେ ବସ୍ତୁ ଦ୍ୱାରା ଭରପୁର ହୋଇ ରହିଛି; ତେଣୁ, ଯାହା ଏହି ଜଗତରେ ରହିଛି, ତାହାଠାରୁ ଆହୁରି ଅଧିକ କୁତ୍ସିତ ଓ ଅଧିକ ମନ୍ଦ ବସ୍ତୁଗୁଡ଼ିକର କଳ୍ପନା କରି ଆମର ପୁଣି କେଉଁ ଲାଭ ହେବ ? ଯଦି ତୁମେ କିଛି ଅଧିକ ସୁନ୍ଦରର କଳ୍ପନା କରିପାରିବ, ଏକ ଅଧିକ ସୁନ୍ଦର ଜୀବନର କଳ୍ପନା କରି ପାରିବ, ତେବେ ତଦ୍ୱାରା ହୁଏତ କିଛି ନା କିଛି ଉପକାର ହେବ ! ଯେଉଁମାନେ ଭାରି ଆଗ୍ରହର ସହିତ ଓ ଭାରି ହୃଷ୍ଟ ହୋଇ କେବଳ କୁତ୍ସିତ ବସ୍ତୁଗୁଡ଼ିକର କଥାହିଁ ଲେଖୁଥାନ୍ତି, ସେମାନେ ତଦ୍ୱାରା ଏକ ଦାରୁଣ ମନୋଦାରିଦ୍ର୍ୟର ପରିଚୟହିଁ ଦିଅନ୍ତି । ତାହା ସର୍ବଦା ଏକ ମନୋଦାରିଦ୍ର୍ୟରହିଁ ସୂଚକ ହୋଇ ରହିଥାଏ । ଏକ ଉତ୍ତେଜନାକାରୀ ଘଟଣା ଅଥବା ରୋମହର୍ଷଣକାରୀ ବିପର୍ଯ୍ୟୟରେ ଶେଷ ହୋଇ ପାରୁଥିବା ଗୋଟିଏ ଗଳ୍ପ ଅପେକ୍ଷା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସୁନ୍ଦର ହୋଇ ରହିଥିବା ଗଳ୍ପଟିଏ ଲେଖିବା ଅନେକ ଗୁଣ ଅଧିକ କଷ୍ଟକର । ଯଦି ସୁଖକର ଭାବରେ, ସୁନ୍ଦର ଭାବରେ ଶେଷ ହୋଇ ଯାଉଥିବା ଗୋଟିଏ ଗଳ୍ପ ଲେଖିବାକୁ ପଡ଼ୁଥାନ୍ତା, ତେବେ ଅନେକ ଲେଖକ ତାହାକୁ ମୋଟେ ଲେଖି ପାରନ୍ତେ ନାହିଁ,—ସେମାନଙ୍କ ଭିତରେ ସେଥିଲାଗି ଯଥେଷ୍ଟ କଳ୍ପନାଶକ୍ତିର ଅଭାବ ରହିଯାଆନ୍ତା । ଖୁବ୍ କମ୍ ଗଳ୍ପ ରହିଛି, ଯାହାକୁ ପାଠ କରି ସାରିଲେ ପ୍ରକୃତରେ ନିଜ ଭିତରେ ଉନ୍ମୋଳିତ ହୋଇଯିବାର ଅନୁଭୂତି ମିଳିଥାଏ,—ପ୍ରାୟ ସବୁ ଗଳ୍ପ ଏହି ଦୃଷ୍ଟିରୁ ଆପଣାର ବିଫଳତାହିଁ ଘୋଷଣା କରିଥାନ୍ତି । ଏପରି ହେବାର ସହଜ କାରଣଟି ହେଉଛି ଯେ, ଉପରକୁ ଉଠିପାରିବା ଅପେକ୍ଷା ତଳକୁ ଖସିପଡ଼ିବା ହେଉଛି ସବୁବେଳେ ଅଧିକ ସହଜ ।

'oaob.nitrkl.ac.in' images reprocessed

ଏକ ମହାନତା ଏବଂ ଐଶ୍ୱର୍ଯ୍ୟର ସମାଗ୍ରୀର ବହନ କରି, ଆପଣାର ନାୟକଙ୍କୁ ଆପଣାର ସୀମାଲଙ୍ଘନ କରିଯିବା ଲାଗି ଚେଷ୍ଟା କରୁଥିବା ଏକ ପ୍ରତିଭାଶାଳୀ ପାତ୍ରରେ ପରିଣତ କରି ଗଳ୍ପଟିଏ ସମାପ୍ତ କରିବା ହେଉଛି ଅନେକ ଅଧିକ କଷ୍ଟକର, କାରଣ ସେଥିଲାଗି ଲେଖକ ସ୍ୱୟଂ ପ୍ରତିଭାବାନ୍ ହୋଇଥିବା ଆବଶ୍ୟକ, ଏବଂ ସମସ୍ତଙ୍କ ମଧ୍ୟରେ ସେହି ପ୍ରକାର ପ୍ରତିଭାଟି ଆଦୌ ନଥାଏ ।

> ସାଧାରଣ ବହିସବୁ ପଢ଼ୁଥିବା ସମୟରେ ସତେଅବା ଲେଖକର ମନ ଭିତରେ ପ୍ରବେଶ କଲା ପରି ମନେ ହେଉଥାଏ ଏବଂ ତାହା ସବୁବେଳେ ମୋଟେ ସୁଖଦାୟକ ହୁଏ ନାହିଁ । ମୁଁ ଏକଥା ମଧ୍ୟ ଲକ୍ଷ୍ୟ କରି ଦେଖିଛି ଯେ ଯେତେବେଳେ କେହି ବାହାରର ଆଉଜଣେ ବ୍ୟକ୍ତି ସହିତ ବ୍ୟବସାୟ କିଂବା କାମ ବିଷୟରେ କଥାବାର୍ତ୍ତା ହେଉଥାଏ, ସେତେବେଳେ ସେହି କଥୋପକଥନ ବେଶ୍ ଚମତ୍କାର ଓ ଆନନ୍ଦଦାୟକ ହୋଇପାରେ; ମାତ୍ର ଯେମିତି ଠିକ୍ ସେହି ବ୍ୟକ୍ତିଙ୍କ ସହିତ ତାଙ୍କର ବ୍ୟକ୍ତିଗତ ଜୀବନ ବିଷୟରେ କୌଣସି କଥାବାର୍ତ୍ତା ଆରମ୍ଭ କରାଯାଏ, ତେବେ କଥୋପକଥନଟି ତତ୍‌କ୍ଷଣାତ୍ ଭାରି ଯନ୍ତ୍ରଣାଦାୟକ ଓ ଅସୁଖକର ହେବାକୁ ଲାଗେ ।

ହଁ, ସେହିପରି ହୁଏ; କାରଣ କୌଣସି କାର୍ଯ୍ୟ ଓ ବିଶେଷ କରି ଏକ ଟେକ୍‌ନିକାଲ୍ ଅର୍ଥାତ୍ ବିଶେଷକୌଶଳଯୁକ୍ତ କୌଣସି କାର୍ଯ୍ୟ କରୁଥିବା ସମୟରେ ତାହା ମନୁଷ୍ୟ ମଧ୍ୟରେ ରହିଥିବା ସର୍ବୋତ୍ତମ ସାମର୍ଥ୍ୟଗୁଡ଼ିକୁ ପ୍ରକାଶିତ କରି ଆଣିଥାଏ, ମାତ୍ର ଆପଣାର ବ୍ୟକ୍ତିଗତ ଜୀବନରେ ସେହି ବ୍ୟକ୍ତି ଏକ ନିମ୍ନତର ସ୍ତରକୁ ଖସିଆସେ । ଖୁବ୍ କମ୍ ବ୍ୟକ୍ତିଙ୍କ ଜୀବନରେ ଏହାର ବ୍ୟତିକ୍ରମ ଘଟେ । ପ୍ରଖ୍ୟାତ ଓ ବିଚକ୍ଷଣ କେତେ କେତେ ପଣ୍ଡିତ ବ୍ୟକ୍ତି, ଲେଖକ ଓ କଳାକାରମାନେ, ଯେଉଁମାନେ କି କେତେ କ'ଣ ଚମତ୍କାର ଓ ବିଚକ୍ଷଣ ବସ୍ତୁ ସୃଷ୍ଟି କରିଦେଇ ପାରୁଥାନ୍ତି, ସେମାନେ ଥରେ ଯେମିତି ନିଜ ଘର ଭିତରକୁ ପଶନ୍ତି, ସେମାନେ ଯେପରି ସଙ୍ଗେ ସଙ୍ଗେ ଜଣେ ଘୃଣ୍ୟ ସ୍ୱାମୀ, ସୁଖଙ୍ଗହାରକାରୀ ପିତା ଏବଂ ଅସହନୀୟ ଗୋଟିଏ ଗୋଟିଏ ମନୁଷ୍ୟରେ ପରିଣତ ହୋଇଯାନ୍ତି; ସେମାନଙ୍କ ଚତୁର୍ଦ୍ଦିଗରେ ସେଠାରେ ଯେଉଁମାନେ ବାସ କରୁଥାନ୍ତି, ସେମାନଙ୍କ ଲାଗି ସେମାନେ ଏପରି ହୋଇଥାନ୍ତି । ଏବଂ ମୁଁ ଏଠାରେ ସନ୍ତ୍ରାନ୍ତମାନଙ୍କର କଥା କହୁଛି, ଯେଉଁମାନେ ବିଶେଷ ଅଧ୍ୟୟନମାନ

'oaob.nitrkl.ac.in' images reprocessed

କରନ୍ତି, ଖାସ୍ କେତେ କ'ଣ ଆବିଷ୍କାର କରନ୍ତି, ଯେଉଁମାନେ କି ବଡ଼ ବଡ଼ ଅନୁଷ୍ଠାନମାନ ଚଳାଉଥାନ୍ତି । ବାହାରେ ଥିଲାବେଳେ ସେମାନେ ଅସାଧାରଣ ହୋଇ ରହୁଥାନ୍ତି, କେତେ କ'ଣ କରିବାର ବୃହତ୍ ସାମର୍ଥ୍ୟମାନ ରଖିଥାନ୍ତି । ଘରକୁ ଆସିଲେ ସେମାନେ ଅତି ସାଧାରଣ ହୋଇପଡ଼ନ୍ତି ଏବଂ ଅନେକ ସମୟରେ ଅସହ୍ୟ ହୋଇପଡ଼ନ୍ତି ।—ସେମାନେ ବେଶ୍ ମଜାରେ ସମୟ କଟାଇ ଦିଅନ୍ତି, ବିଶ୍ରାମ ନିଅନ୍ତି, ଥକା ମାରନ୍ତି । ଏବଂ, ଯଦି ସେମାନେ ଚିତ୍ତବିନୋଦନ କରିବାକୁ ମନ କରନ୍ତି, ତେବେ ତା'ପରେ ଆଉ କୌଣସି ସୀମାହିଁ ରହେ ନାହିଁ ! ମୁଁ ଏପରି ଅତ୍ୟନ୍ତ ବୁଦ୍ଧିମାନ୍ ଓ ପ୍ରଶଂସାଯୋଗ୍ୟ କେତେକ କଳାକାରଙ୍କୁ ଜାଣିଥିଲି, ଯେଉଁମାନେ କି "ଥକା ମେଣ୍ଟାଇବା ଓ ଟିକିଏ ଖୁସୀ ହେବା" ଲାଗି ଆରମ୍ଭ କରିବା ମାତ୍ରକେ ଗୋଟାସୁଦ୍ଧା ନିର୍ବୋଧ ହୋଇ ବସୁଥିଲେ । ଅତ୍ୟନ୍ତ ଅଶିଷ୍ଟ କେତେ କେତେ କାର୍ଯ୍ୟ କରୁଥିଲେ, ଖରାପ ଘରର ସାନପିଲାମାନଙ୍କ ପରି ବ୍ୟବହାର କରୁଥିଲେ,—ସେମାନେ ଟିକିଏ ହାଲୁକା ହେବା ଲାଗି ଏହି ସବୁକିଛି କରୁଥିଲେ । ଏହି ହାଲୁକା ହେବାର ଓ ଟିକିଏ ଆମୋଦ କରିବାର "ଆବଶ୍ୟକତା"ଟିରୁହିଁ ସବୁକିଛିର ଉଦ୍ଭବ ହୁଏ; ଏବଂ ଏହି କଥାଟି ଦ୍ୱାରା ଅଧିକାଂଶ ଲୋକ ପ୍ରକୃତରେ କ'ଣ ବୁଝିଥାନ୍ତି ? ଏକ ନିମ୍ନତର ସ୍ତରକୁ ଖସିଆସିବାକୁହିଁ ସର୍ବଦା ବୁଝିଥାନ୍ତି । ସେମାନେ ଏକଥାଟି ମୋଟେ ଜାଣି ନଥାନ୍ତି ଯେ ପ୍ରକୃତ ଅର୍ଥରେ ହାଲୁକା ହେବା ଲାଗି ବସ୍ତୁତଃ ଗୋଟିଏ ମାତ୍ରା ଉପରକୁ ଉଠିବାକୁହିଁ ପଡ଼ିଥାଏ, ଆପଣାର ଉପରକୁ ଉଠିଯିବାକୁ ପଡ଼ିଥାଏ । ମାତ୍ର ତା' ନକରି ତଳକୁ ଖସି ଆସିଲେ ତଦ୍ୱାରା ପରିଶ୍ରାନ୍ତି ବଢ଼ିଯିବାହିଁ ସାର ହୁଏ ଏବଂ ଏକ ମୋହଗ୍ରସ୍ତ ଜଡ଼ଅବସ୍ଥାହିଁ ଭୋଗିବାକୁ ପଡ଼େ । ପୁନଶ୍ଚ, ଆମେ ଯେତେଥର ଏହିପରି ଭାବରେ ତଳକୁ ଖସିଆସୁ, ଆମେ ପ୍ରତ୍ୟେକ ଥର ଆମ ଅବଚେତନର ବୋଝଟିକୁହିଁ ବଢ଼ାଇ ଦେଇଥାଉ;—ମାତ୍ର, ଉପରକୁ ଉଠିପାରିବାକୁ ହେଲେ ଅବଚେତନର ଏହି ବୋଝଟିକୁ ଅଧିକରୁ ଅଧିକ ପରିମାଣରେ ପରିଷ୍କାର କରିବାହିଁ ଅତ୍ୟାବଶ୍ୟକ ହୋଇ ରହିଥାଏ; ସେହି ବୋଝ ଆମ ପାଦରେ ଶିକୁଳି ପରି ହୋଇ ରହିଥାଏ । ମାତ୍ର ସେହି ବିପତ୍ତିଟିକୁ ଅନ୍ୟକୁ ଶିଖାଇ ପାରିବା ପ୍ରକୃତରେ କଷ୍ଟକର, କାରଣ ଅନ୍ୟ କାହାକୁ ଶିଖାଇବା ପୂର୍ବରୁ ଆଗ ନିଜକୁହିଁ ତାହା ଆୟତ୍ତ କରିବାକୁ ହୁଏ ।

ଏହି କଥାଟିକୁ ପିଲାମାନଙ୍କୁ କେବେହେଲେ କୁହା ଯାଏ ନାହିଁ । ସେମାନଙ୍କର କ୍ଳାନ୍ତି ମେଣ୍ଟାଇବାର ଏକ ଆବଶ୍ୟକତା ରହିଥିବାର ଆଳ ଛଳରେ ସେମାନଙ୍କୁ ସଂସାରରେ ରହିଥିବା ଯାବତ ନିର୍ବୋଧତାମାନ କରିବା ଲାଗି ଛାଡ଼ି ଦିଆ ହୋଇଥାଏ ।

ଆପଣାର ସ୍ତରଟିରୁ ଆହୁରି ତଳକୁ ଖସିଯାଇ ଆମେ କଦାପି କ୍ଳାନ୍ତି ମେଣ୍ଟାଇ ପାରିବା ନାହିଁ । ଆମକୁ ଶିଢ଼ିରେ ଉପରକୁ ଉଠିଯିବାକୁ ପଡ଼ିବ ଏବଂ ସେଠାରେ

'oaob.nitrkl.ac.in' images reprocessed

ଯାଇ ଆମକୁ ପ୍ରକୃତ ବିଶ୍ରାମ ମିଳିବ, କାରଣ ସେତେବେଳେ ଯାଇ ଅନ୍ତର୍ଗତ ଶାନ୍ତି ମିଳିପାରିବ, ଆଲୋକ ଉପଲବ୍ଧ ହୋଇପାରିବ, ବିଶ୍ୱଗତ ଶକ୍ତି ସହିତ ସମ୍ପର୍କ ସ୍ଥାପିତ ହେବ । ଏବଂ, ଯେଉଁ ସତ୍ୟ ଆମର ଅସ୍ତିତ୍ୱଟିର ଅସଲ କାରଣ ହୋଇ ରହିଛି, ଧୀରେ ଧୀରେ ସେହି ସତ୍ୟଟି ସହିତ ଖିଅ ଲଗିଯାଇ ପାରିବ ।

ତୁମେ ଯଦି ସୁନିର୍ଦ୍ଦିଷ୍ଟ ଭାବରେ ତାହାର ସହିତ ଖିଅ ଲଗାଇ ପାରିବ, ତେବେ ତଦ୍ୱାରା ତୁମର ସବୁଯାକ କ୍ଳାନ୍ତି ସଂପୂର୍ଣ୍ଣ ଭାବରେ ଅପସାରିତ ହୋଇଯିବ ।

**ଥରେ ନିଜର ଭୁଲଗୁଡ଼ିକୁ ହୃଦୟଙ୍ଗମ କରିପାରିଲେ, ପୁନରାୟ ସେହି ଭୁଲଗୁଡ଼ିକ କଦାପି ହେବ ନାହିଁ, ନୁହେଁ କି ?**

ଯଦି ନିଷ୍ଠା ଥାଏ, ତେବେ ହେବ ନାହିଁ । ଯଦି ତୁମେ ଏକାଧିକ ବାର ସେହି ଭୁଲଗୁଡ଼ିକୁହିଁ କରିବାରେ ଲାଗିଥିବ, ତେବେ ତୁମକୁ ନିଶ୍ଚିତ ଭାବରେ ଧରି ନେବାକୁ ହେବ ଯେ ତୁମ ନିଷ୍ଠାରେ କୌଣସି ନା କୌଣସି ସ୍ଥାନରେ ନିଶ୍ଚୟ ଏକ ଅଭାବ ରହିଛି । ଯେତେବେଳେ ତୁମେ ଭୁଲଟିକୁ ଜାଣି ପାରୁଥିବ ଏବଂ ତଥାପି ସେଇଟିକୁହିଁ କରିବାରେ ଲାଗିଥିବ, ସେତେବେଳେ ତାହାର ଅର୍ଥ ହେବ ଯେ ତୁମ ଚେତନାର କେବଳ ଏକ ଉପରିଭାଗୀୟ ଅଂଶହିଁ ଭୁଲଟିକୁ ଭୁଲ ବୋଲି ଜାଣିଛି ଏବଂ ଅବଶିଷ୍ଟ ଅଂଶଗୁଡ଼ିକ ସେଇଟି ବିଷୟରେ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ ହୋଇ ରହିଛି ଏବଂ ସାଧାରଣତଃ ତାହାକୁ ଉଚିତ ବୋଲି ଅନୁଭବ ବି କରୁଛି । "ଯଦି ମୁଁ ବାରବାର ସେହି ଭୁଲଟିକୁ କରୁଛି, ତେବେ ମୋ ଭିତରେ ନିଶ୍ଚୟ ନିଷ୍ଠାର ଅଭାବ ରହିଛି",— ଆପଣା ପାଖରେ ଏହିପରି କହି ତୁମେ ଆଦୌ କୌଣସି ଭୁଲ କରିବ ନାହିଁ । ତେଣୁ, ନିଷ୍ଠାପର ହେବାକୁ ଚେଷ୍ଟା କର ।

**ଯେତେବେଳେ ଅନ୍ୟମାନଙ୍କ ସହିତ କୌଣସି କଥାବାର୍ତ୍ତା ହେଉଥାଏ, ସେତେବେଳେ ଖୁବ୍ କ୍ୱଚିତ୍ କୌଣସି ମତସାମଞ୍ଜସ୍ୟ ଘଟିଥାଏ । କାରଣ ଲୋକମାନେ କଥାଗୁଡ଼ିକୁ କଦାପି ଗୋଟିଏ ଢଙ୍ଗରେ ଦେଖନ୍ତି ନାହିଁ । ବା, ମୁଁ ଅନ୍ୟର ଦୃଷ୍ଟିକୋଣଟିକୁ ଦେଖିବାକୁ ସମର୍ଥ ହେଉଥିଲେ ମଧ୍ୟ ସେଇଟିକୁ ତଥାପି ଗ୍ରହଣ କରି ପାରେ ନାହିଁ ।**

ତାହାର ଅର୍ଥ ହେଉଛି ଯେ ତୁମେ ନିଜକୁ ଯଥେଷ୍ଟ ପରିମାଣରେ ନମନୀୟ ଓ ଗ୍ରହଣୀୟ କରି ତିଆରି କରି ପାରି ନାହିଁ । ତୁମେ ଏହି କଥାଟିକୁ ପ୍ରାୟ ନିଶ୍ଚିତ

'oaob.nitrkl.ac.in' images reprocessed

ଭାବରେ ଜାଣି ରଖିପାର ଯେ ଯଦି ତୁମକୁ ଜଣେ ବ୍ୟକ୍ତି ଖୁବ ନୀରସ ଓ ବିରକ୍ତିକର ମନେହେଉଛି, ତେବେ ତୁମେ ମଧ୍ୟ ତାକୁ ଅତ୍ୟନ୍ତ ବିରକ୍ତିକର ମନେ ହେଉଥିବ । ଯଦି ତୁମେ ନିଜକୁ ଅନ୍ୟର ସ୍ଥାନରେ ରଖି ପାରିବାର ଦୃଷ୍ଟିକୋଣଟିକୁ ଗ୍ରହଣ କରି ନପାର, ତେବେ ତୁମେ କେବେହେଲେ କିଛି ଉପଲବ୍ଧି କରି ପାରିବ ନାହିଁ; ଏହା ହେଉଛି ଏକାନ୍ତ ଅପରିହାର୍ଯ୍ୟ । ଯେତେବେଳେ କେହି ତୁମକୁ ଏପରି କଥାଟିଏ କହୁଛି, ଯାହାକୁ କି ତୁମେ ମୋଟେ ବୁଝି ପାରୁ ନାହଁ, ସେତେବେଳେ "ଏଇ ଲୋକଟା କିଛି ଜାଣି ନାହିଁ" ବୋଲି କଦାପି କହିବ ନାହିଁ, ମାତ୍ର ବୁଝିବା ଲାଗି ଚେଷ୍ଟା କରିବ । ଯଦି ତୁମେ ସମ୍ପୂର୍ଣ୍ଣ ନିଷ୍ଠାପର ହେବାକୁ ପ୍ରକୃତରେ ଇଚ୍ଛା କରୁଥିବ, ତେବେ ଗୋଟାଏ ସାନପିଲା ମଧ୍ୟ ଆସି ତୁମକୁ କିଛି କହିଲେ ଓ ତୁମେ ସେକଥା ବୁଝି ନପାରୁଥିବା ସମୟରେ ବି ତୁମେ ସେତେବେଳେ "ଏହି ପିଲାଟା କିଛି ଜାଣି ନାହିଁ" ବୋଲି କଦାପି କହିବ ନାହିଁ, ମାତ୍ର, "ପ୍ରକୃତରେ ମୁଁ କିଛି ଜାଣି ନାହିଁ, କାରଣ ମୁଁ ବୁଝି ପାରୁ ନାହିଁ," ବୋଲି କହିବ ।

ଗୋଟିଏ ସମସ୍ୟା ଉପରେ ଦୃଷ୍ଟିପାତ କରିବାର ଶହେ ରୀତି ରହିଛି । ଯଦି ତୁମେ ସମସ୍ୟାଟିର ଏକ ସମାଧାନ ଇଚ୍ଛା କରୁଥାଅ, ତେବେ ତୁମକୁ ସମସ୍ୟାର ବିଭିନ୍ନ ଉପାଦାନକୁ ଗୋଟିକ ପରେ ଗୋଟିଏ କରି ହାତକୁ ନେଇ ବିଚାର କରିବାକୁ ହେବ, ସେଗୁଡ଼ିକରୁ ଉପରକୁ ଉଠିଯିବାକୁ ଚେଷ୍ଟା କରିବ ଏବଂ ସେଗୁଡ଼ିକ କିପରି ପରସ୍ପର ସହିତ ସାମଞ୍ଜସ୍ୟଯୁକ୍ତ ହୋଇ ରହିଛନ୍ତି, ତୁମେ ତାହା ଦେଖିବାକୁ ପାଇବ ।

ଚେତନାର ଏପରି ଗୋଟିଏ ଅବସ୍ଥା ରହିଛି, ଯାହାକୁ କି ଆମେ "ବିଜ୍ଞାନମୟ" ଅବସ୍ଥା ବୋଲି କହିପାରିବା, ଯେଉଁ ଚେତନାରେ ଅବସ୍ଥିତ ରହି ପାରିଲେ ତୁମେ ଏକାବେଳେକେ ସକଳ ସିଦ୍ଧାନ୍ତ, ସକଳ ବିଶ୍ୱାସ ଓ ମନୁଷ୍ୟମାନେ ସେମାନଙ୍କର ଉଚ୍ଚତମ ଚେତନାସ୍ତରରୁ ଅଭିବ୍ୟକ୍ତ କରିଥିବା ସକଳ ବିଚାରକୁ ଦେଖିବା ଲାଗି ସମର୍ଥ ହୋଇଯିବ;—ପରସ୍ପରର ଅତ୍ୟନ୍ତ ବିରୋଧୀ ହୋଇ ରହିଥିବା ବିଚାରଗୁଡ଼ିକୁ, ଉଦାହରଣସ୍ୱରୂପ ବୌଦ୍ଧ, ବୈଦାନ୍ତିକ ଏବଂ ଖ୍ରୀଷ୍ଟମାର୍ଗୀୟ ସିଦ୍ଧାନ୍ତଗୁଡ଼ିକୁ ଗୋଟିଏ ସମଗ୍ରତା ଭିତରେ ଦେଖି ପାରିବ; ଦର୍ଶନଶାସ୍ତ୍ରର ଯେତେ ସିଦ୍ଧାନ୍ତ ଏବଂ ମନୁଷ୍ୟମନର ଯେତେଯେତେ ଅଭିବ୍ୟକ୍ତ ପରମସତ୍ୟର ଏତେଟିକିଏ କୋଣକୁ ମଧ୍ୟ ସ୍ପର୍ଶ କରିବାକୁ ସମର୍ଥ ହୋଇଥିବ, ତୁମେ ସେହି ସବୁଗୁଡ଼ିକୁ ଦେଖିବାକୁ ପାଇବ;—ଏବଂ ସେହି ଅବସ୍ଥାରେ ତୁମେ ଯେ କେବଳ ପ୍ରତ୍ୟେକ ବସ୍ତୁକୁ ତା'ର ଯଥାର୍ଥ ସ୍ଥାନରେ ରଖିବାରେ ସମର୍ଥ ହୋଇଯିବ ତା' ନୁହେଁ, ମାତ୍ର ପ୍ରତ୍ୟେକଟି ବସ୍ତୁ ତୁମକୁ ପ୍ରକୃତରେ ବଡ଼ ଅଦ୍‌ଭୁତ ଭାବରେ ସତ୍ୟ ବୋଲି ଲାଗିବ ଏବଂ ଯେକୌଣସି ବିଷୟରେ ହେଉ ନା କାହିଁକି, ଆଦୌ କୌଣସି କଥାକୁ ବୁଝି ପାରିବା ଲାଗି ପ୍ରତ୍ୟେକଟି ବସ୍ତୁ ତୁମକୁ ଅପରିହାର୍ଯ୍ୟ ବୋଲି ମନେହେବ । ଚେତନାର ଏପରି ଏକ

'oaob.nitrkl.ac.in' images reprocessed

ଅବସ୍ଥା ରହିଛି···, ଆରେ, ମୁଁ ତୁମମାନଙ୍କୁ ଏପରି କଥାମାନ କହିବାକୁ ଯାଉଥିଲି, ଯାହାକୁ କି ତୁମେମାନେ ଏବେ କଦାପି ବୁଝିପାରି ନଥାନ୍ତ । ତୁମକୁ ମୁଁ ବର୍ତ୍ତମାନ ଗୋଟିଏ ଅଧିକ ସହଜ ଦୃଷ୍ଟାନ୍ତ ଦେଉଛି । ଆନାତୋଲ୍ ଫ୍ରାଁସ୍ ତାଙ୍କର କୌଣସି ଗୋଟିଏ ବହିରେ କହିଛନ୍ତି : "ଯେପର୍ଯ୍ୟନ୍ତ ପୃଥିବୀର ଲୋକମାନେ ପୃଥିବୀକୁ ଅଗ୍ରଗତ କରାଇ ନେବା ଲାଗି ଚେଷ୍ଟା କରି ନଥିଲେ, ସେପର୍ଯ୍ୟନ୍ତ ଏଠାରେ ସବୁ ସୁରୁଖୁରୁରେ ହୋଇ ଯାଉଥିଲା ଓ ସମସ୍ତେ ସନ୍ତୁଷ୍ଟ ହୋଇ ରହୁଥିଲେ;—ନିଜକୁ ସମ୍ପୂର୍ଣ୍ଣ କରି ଗଢ଼ିବାକୁ ବା ପୃଥିବୀକୁ ସମ୍ପୂର୍ଣ୍ଣ କରି ଗଢ଼ିବାକୁ କାହାରି ମୁଣ୍ଡ ବଥାଉ ନଥିଲା ଏବଂ ତେଣୁ ସବୁକିଛି ସୁରୁଖୁରୁରେ ଚାଲୁଥିଲା । ତେଣୁ ଅନ୍ୟମାନଙ୍କର ଅଗ୍ରଗତି କରାଇବାର ଚେଷ୍ଟା କରିବା ହେଉଛି ସବୁଠାରୁ ଖରାପ କଥା; ସେମାନେ ଯାହା ଇଚ୍ଛା ତାହାହିଁ କରୁଥାନ୍ତୁ ଏବଂ ତୁମେ ସେବିଷୟରେ ମୋଟେ ଚିନ୍ତା କର ନାହିଁ । ତାହା ଅପେକ୍ଷାକୃତ ଅଧିକ ବିଜ୍ଞତାର କଥା ହେବ ।" ଅନ୍ୟ ପକ୍ଷରେ, ଅନ୍ୟମାନେ କହିଥାନ୍ତି : "ଏକ ମହାନ୍ ସତ୍ୟକୁ ଉପଲବ୍ଧି କରିବାକୁ ହେବ । ପୃଥିବୀ ବର୍ତ୍ତମାନ ଏକ ଅଜ୍ଞାନମୟ ଅବସ୍ଥାରେ ରହିଛି, ଏବଂ, ବାଟରେ ଯେତେ ପ୍ରତିବନ୍ଧକ ଆସି ପହଞ୍ଚୁ ପଛକେ, ଆମକୁ ଯେକୌଣସି ପ୍ରକାରେ ମନୁଷ୍ୟର ଚେତନାକୁ ଦୀପ୍ତିମନ୍ତ କରିଦେବାକୁ ହେବ ଏବଂ ତାହାକୁ ତା' ଅଜ୍ଞାନ ମଧ୍ୟରୁ ଟାଣି ବାହାର କରି ଆଣିବାକୁ ହେବ ।" ମାତ୍ର ମୁଁ ମଧ୍ୟ ତୁମମାନଙ୍କୁ କହିବି ଯେ ଚେତନାର ଏପରି ଗୋଟିଏ ସ୍ଥିତି ରହିଛି, ଯେଉଁଥିରେ କି ଦୁଇଟିଯାକ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ସମାନ ଭାବରେହିଁ ସତ୍ୟ ବୋଲି ପରିଦୃଷ୍ଟ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେ ଯଦି କେବଳ ଦୁଇଟିମାତ୍ର ଦିଗର ବିଚାର କରୁଥିବ, ତେବେ ସ୍ପଷ୍ଟରୂପେ ଦେଖିପାରିବା ଅବଶ୍ୟ କଷ୍ଟକର ହେବ; ତେଣୁ, ମନୁଷ୍ୟର ବୁଦ୍ଧି ସତ୍ୟର ଯେତେଗୁଡ଼ିଏ ଦିଗ ବା ବିଭବକୁ ଦେଖିବା ଲାଗି ସମର୍ଥ ହେଉଥିବ, ତୁମେ ସେଗୁଡ଼ିକୁ ସବୁଗୁଡ଼ିକୁ ଦେଖିପାରିବା ସକାଶେ ସମର୍ଥ ହେବ··· ଏବଂ, ଆହୁରି ଅଧିକ କିଛି ବି ଦେଖି ପାରୁଥିବ । ଏବଂ, ତା'ହେଲେ, ସେହି ଅବସ୍ଥାରେ ଆଉ କିଛିହେଲେ ଗୋଟାସୁଦ୍ଧା ମିଥ୍ୟା ବୋଲି ପରିଦୃଷ୍ଟ ହେବ ନାହିଁ, ଆଉ କିଛିହେଲେ ମନ୍ଦ ବୋଲି ପରିଦୃଷ୍ଟ ହେବ ନାହିଁ । ସେହି ଅବସ୍ଥାରେ ତୁମେ ସକଳ ସମସ୍ୟାରୁ, ସକଳ ବାଧା ଏବଂ ସକଳ ଦ୍ୱନ୍ଦ୍ୱ ଓ ଯୁଦ୍ଧରୁ ମୁକ୍ତ ହୋଇ ରହିପାରିବ ଏବଂ ତୁମକୁ ପ୍ରତ୍ୟେକଟି କଥା ବଡ଼ ଚମତ୍କାର ଭାବରେ ପରସ୍ପର ସହିତ ସମଞ୍ଜସତାଯୁକ୍ତ ହୋଇ ରହିଥିବାର ଦେଖାଯିବ ।

ମାତ୍ର ତୁମେ ଯଦି କେବଳ ମନର ସାହାଯ୍ୟରେ ଏହି ଅବସ୍ଥାଟିକୁ ଅନୁକରଣ କରିବାକୁ ଚେଷ୍ଟା କରିବ,—ମୋ କଥା ବୁଝି ପାରୁଛ ତ ? ଯଦି ତୁମେ ତାହାର ଏକ ମାନସିକ ଅନୁକରଣ କରିବସିବ,—ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ତଦ୍ଦ୍ୱାରା କେତେ କ'ଣ ନିର୍ବୋଧ ବ୍ୟାପାର ବି କରି ପକାଇବ ।

'oaob.nitrkl.ac.in' images reprocessed

ଯେଉଁମାନଙ୍କ ମୁଣ୍ଡ ଭିତରେ ଅଗ୍ରାଜକତା ଭର୍ତ୍ତି ହୋଇ ରହିଛି ଓ ଆପେ ତାହାର ଆଦୌ କୌଣସି ଗନ୍ଧ ନପାଇ ମଧ୍ୟ ଯେଉଁମାନେ ଏକାବେଳେକେ ପରସ୍ପରର ଅତ୍ୟନ୍ତ ବିରୋଧୀ କଥାମାନ କହିପାରନ୍ତି, ତୁମେ ସେହିମାନଙ୍କ ପରି ଗୋଟିଏ ମଣିଷ ହୋଇଯିବ ।

ମାତ୍ର, ସେହି ଅବସ୍ଥାଟିରେ, ପରସ୍ପରବିରୋଧିତା ଲାଗି ଆଦୌ କୌଣସି ଅବକାଶ ନଥାଏ;—ତାହା ହେଉଛି ଏକ ସମଗ୍ରତା, ଏବଂ ସେହି ସମଗ୍ରତାଟି ମଧ୍ୟରେ ଆମେ ଅଭିବ୍ୟକ୍ତ ସକଳ ସତ୍ୟର ଯାବତୀୟ ଜ୍ଞାନର ଅଧିକାରୀ ହୋଇ ରହିଥାଉ (ସେହି ଅଭିବ୍ୟକ୍ତ ସତ୍ୟଗୁଡ଼ିକ ମଧ୍ୟ ସମଗ୍ର ସତ୍ୟଟିକୁ ଅଭିବ୍ୟକ୍ତ କରିବା ଲାଗି କଦାପି ଯଥେଷ୍ଟ ହୁଅନ୍ତି ନାହିଁ), ସେହି ସମଗ୍ରତାଟି ମଧ୍ୟରେ ଆମେ ଯାବତୀୟ ବସ୍ତୁର ଯଥାନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକୁ ଭଲ ଭାବରେ ଜାଣିଥାଉ, ଏହି ବିଶ୍ୱଜଗତ କାହିଁକି ଓ କିପରି ଭାବରେ ତିଆରି ହୋଇଛି, ସେକଥାଟିକୁ ମଧ୍ୟ ଜାଣିଥାଉ । କେବଳ,— ମୋତେ ଏହି କଥାଟିକୁ ମଧ୍ୟ କହି ରଖିବାକୁ ହେବ,—ଏକ ବ୍ୟକ୍ତିଗତ ପ୍ରଚେଷ୍ଟା ଦ୍ୱାରା କେହି କଦାପି ଏହି ଅବସ୍ଥାଟିରେ ଆସି ପହଞ୍ଚି ପାରେ ନାହିଁ, ଏହାକୁ ପ୍ରାପ୍ତ ହେବା ଲାଗି ଚେଷ୍ଟା କରେ ବୋଲି କେହି ଏହାକୁ ପ୍ରାପ୍ତ ହୁଏ ନାହିଁ । ସ୍ୱତଃସ୍ଫୂର୍ତ୍ତ ଭାବରେହିଁ ଆପଣାକୁ ସେହି ଅବସ୍ଥାରେ ପରିଣତ କରିବାକୁ ହୁଏ । ତୁମେ ଇଚ୍ଛା କଲେ ଏହାକୁ ଏକ ସମ୍ପୂର୍ଣ୍ଣ ମାନସିକ ନିଷ୍କ୍ରିୟତାର ସର୍ବଶୀର୍ଷ ସ୍ଥାନ ବୋଲି ମଧ୍ୟ କହିପାରିବ, ଯେତେବେଳେ କି ତୁମ ଭିତରେ ଆଉ କୌଣସି ପକ୍ଷପାତିତା ନଥିବ, କୌଣସି ଅଗ୍ରରୁଚି ନଥିବ, କୌଣସି ଏକ ନିର୍ଦ୍ଦିଷ୍ଟ ଧାରଣା ବିଷୟରେ କୌଣସି ପ୍ରକାର ଅତ୍ୟାଗ୍ରହ ବି ନଥିବ, ଯେତେବେଳେ କି ତୁମେ ସତ୍ୟକୁ ଜାଣିବା ଲାଗି ମଧ୍ୟ ଆଉ କୌଣସି ଚେଷ୍ଟା କରିବ ନାହିଁ ।

ତୁମେ କେବଳ ପରମ ଆଲୋକଟି ମଧ୍ୟରେ ଉନ୍ମୋଚିତ ହୋଇ ରହିଥିବ । ବାସ୍ ସେତିକି ।

ଆଜି ସନ୍ଧ୍ୟାରେ ମୁଁ ତୁମମାନଙ୍କୁ ଏହି କଥାଟି କହୁଛି, କାରଣ ଯାହାକୁ ଜଣେ କରିଛି, ଯାହା ଜଣକ ଦ୍ୱାରା ଉପଲବ୍ଧ ହୋଇପାରିଛି, ତାହାକୁ ଅନ୍ୟମାନେ ବି କରି ପାରିବେ, ଅନ୍ୟମାନେ ବି ତାହାର ଉପଲବ୍ଧି କରିପାରିବେ । ଏହା ଅବଶ୍ୟ ଯଥେଷ୍ଟ ଯେ କେବଳ ଗୋଟିଏ ଶରୀର ତାହାକୁ ଉପଲବ୍ଧି କରି ପାରିଛି, ଗୋଟିଏ ମନୁଷ୍ୟଶରୀର ତାହା କରିପାରିଛି;—ଏହି କଥାଟି ଯେ ହୋଇ ପାରିବ, ତାହାରି ନିର୍ଭର ପ୍ରତିଶ୍ରୁତିଟିକୁ ଲାଭ କରିବା ପାଇଁ ସେ ତାହା କରିଛି । ତୁମେ ଏହି ଉପଲବ୍ଧିଟିକୁ ହୁଏତ ବହୁଦୂରବର୍ତ୍ତୀ ବୋଲି ବିଚାର କରିପାର, ମାତ୍ର, "ହଁ, ବିଜ୍ଞାନମୟ ଜୀବନ ଅବଶ୍ୟ ସମ୍ଭବ, କାରଣ ଏହା ଉପଲବ୍ଧ ହେବାକୁ ଆରମ୍ଭ କଲାଣି" ବୋଲି ମଧ୍ୟ ତୁମେ ଅବଶ୍ୟ କହିପାରିବ ।

'oaob.nitrkl.ac.in' images reprocessed

## ୧ ମାର୍ଚ୍ଚ ୧୯୫୧

"ଦ୍ରବ୍ୟ ଚେତନାର ଏପରି ଗୋଟିଏ ଭୂମି ରହିଛି, ଯେଉଁଠାରେ ପହଞ୍ଚିଲେ ସବୁକିଛି ସଂପୂର୍ଣ୍ଣ ଭାବରେ ଜ୍ଞାତ ହୋଇଥାଏ ଏବଂ ଯେଉଁଠାରେ ବସ୍ତୁଗୁଡ଼ିକର ସମଗ୍ର ଯୋଜନାଟି ପୂର୍ବଦୃଷ୍ଟ ଏବଂ ପୂର୍ବନିର୍ଦ୍ଧାରିତ ହୋଇ ରହିଥାଏ । ଦେଖିବାର ସେହି ଶକ୍ତିଟି ଅତିମାନସର ଉଚ୍ଚତମ ଆସ୍ପୃହନଗୁଡ଼ିକରେ ବିଦ୍ୟମାନ ରହିଥାଏ, ଏହାକୁ ଆମେ ସ୍ୱୟଂ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଦେଖିବା ବୋଲିହିଁ କହିପାରିବା । ମାତ୍ର ଯେତେବେଳେ ଆମେ ସେହି ଦୃଷ୍ଟିର ଅଧିକାରୀ ହୋଇ ନଥାଉ, ସେତେବେଳେ, କେବଳ ସେହି ଆସ୍ପୃହନଟିରେହିଁ ଯାହା କାର୍ଯ୍ୟକାରୀ ହେଉଛି ଓ ଯାହା ଏପର୍ଯ୍ୟନ୍ତ ଆମର ଅନୁଭୂତିର ବର୍ତ୍ତମାନ କାର୍ଯ୍ୟକାରୀ ପଦ୍ଧତିଟିରେ ପରିଣତ ହୋଇ ନାହିଁ, ସେଗୁଡ଼ିକର ଭାଷାରେ କଥା କହିବାରେ ପ୍ରକୃତରେ କୌଣସି ଅର୍ଥ ନାହିଁ । କାରଣ, ଚେତନାର ଏକ ନିମ୍ନତର ସ୍ତରରେ ଆଦୌ କିଛିହେଲେ ପୂର୍ବରୁ ଉପଲବ୍ଧ ଅଥବା ସ୍ଥିରୀକୃତ ହୋଇ ନଥାଏ । ସବୁକିଛି ଗଠନ ଏବଂ ପୁନର୍ଗଠନର ଏକ ପ୍ରକ୍ରିୟା ମଧ୍ୟଦେଇ ଗତି କରୁଥାଏ । ଏଠାରେ କୌଣସି ସ୍ଥାୟୀ ସତ୍ୟ ନଥାଏ, କେବଳ ନାନା ସମ୍ଭାବନାର କ୍ରୀଡ଼ାଟି ଲାଗି ରହିଥାଏ; ସମ୍ଭାବନାଗୁଡ଼ିକର ସଂଘର୍ଷ ମଧ୍ୟରୁ ଯାହା ଘଟିବାକୁ ଯାଉଛି, ସେଇଟି ଉଦ୍‌ଭୂତ ହୋଇ ଆସିଥାଏ । ଏହି ଭୂମିରେ ଆମେ ଏଇଟାକୁ ଛାଡ଼ି ଆରଟାକୁ ପସନ୍ଦ କରିପାରୁ, ଗୋଟାକୁ ଛାଡ଼ି ଆଉଗୋଟାଏ ବାଛି ବି ନେଇପାରୁ, ଗୋଟିଏ ସମ୍ଭାବନାକୁ ଅସ୍ୱୀକାର କରି ଅନ୍ୟଟିକୁ ଗ୍ରହଣ କରିପାରୁ; ଗୋଟିକର ଅନୁସରଣ କରିପାରୁ, ଆଉଗୋଟିକୁ ଛାଡ଼ି ଚାଲି ଯାଇପାରୁ । ଏବଂ, ଯାହାକିଛି ପ୍ରକୃତରେ ଘଟୁଛି, ଏକ ଉଚ୍ଚତର ଭୂମିରେ ତାହା ଆଗରୁ ଦୃଷ୍ଟ ହୋଇ ରହିଥିଲେ ଓ ପୂର୍ବନିର୍ଦ୍ଧାରିତ ହୋଇ

'oaob.nitrkl.ac.in' images reprocessed

ପାରିଥିଲେ ମଧ୍ୟ ଆମେ ସେପରି କରିବା ଲାଗି ବେଶ୍ ସମର୍ଥ ହେଉ ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

“ପୂର୍ବନିର୍ଦ୍ଧାରିତ” ଶବ୍ଦଟି ବାସ୍ତବ ସତ୍ୟଟି ଦୃଷ୍ଟିରୁ ଠିକ୍ ଉପଯୁକ୍ତ ହୋଇ ନାହିଁ, “ପୂର୍ବ-ଅବସ୍ଥିତ” ଶବ୍ଦଟି ଅଧିକ ଉପଯୁକ୍ତ ହୋଇଥାନ୍ତା । ଏକ ଉନ୍ମୋଚନର ଚେତନାରେ ମଧ୍ୟ ଏକ ସତ୍ୟ ନିହିତ ରହିଥାଏ, ତେଣୁ ତାହାକୁ କେବଳ ଏକ ପ୍ରତିଭାସ ବୋଲି ମୋଟେ କୁହାଯାଇ ପାରିବ ନାହିଁ ।

ବିଶ୍ୱଜଗତକୁ ତୁମେ ଗୋଟିଏ ଏକକ ସମଗ୍ରରୂପେ କଳ୍ପନା କର, ତାହାକୁ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ଅନ୍ତବିଶିଷ୍ଟ, ସୀମାବଦ୍ଧ ବୋଲି କଳ୍ପନା କର, ଯେଉଁଥିରେ ଅଗଣିତ ସମ୍ଭାବନା ଅନ୍ତର୍ନିହିତ ହୋଇ ରହିଛି,—ଏହି ସମ୍ଭାବନାଗୁଡ଼ିକ ମଧ୍ୟରେ ଯୁକ୍ତ-ସଂଗଠନଗୁଡ଼ିକ ଏତେ ଅଗଣିତ ହୋଇ ରହିଛି ଯେ ତାହାକୁ ଏକ ଅନନ୍ତରହିଁ ସମତୁଲ ବୋଲି କୁହାଯାଇ ପାରିବ (ଅବଶ୍ୟ ଏକଥା ମନେ ରଖିବା ଉଚିତ ଯେ ଶବ୍ଦଗୁଡ଼ିକୁ ବ୍ୟବହାର କରିବା କ୍ଷେତ୍ରରେ ତୁମକୁ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ; ଏହି ଶବ୍ଦଗୁଡ଼ିକ ଦ୍ୱାରା ମୁଁ ଅନେକ ସମୟରେ ବଡ଼ ଚାପି ହୋଇ ଗଲି ପରି ଅନୁଭବ କରିଥାଏ, ମୁଁ ଯାହା କହିବାକୁ ଇଚ୍ଛା କରୁଥାଏ, ସେଗୁଡ଼ିକ ଆଦୌ ସେଇଟିକୁ ବ୍ୟକ୍ତ କରି ପାରନ୍ତି ନାହିଁ) । ତେବେ, ଆମେ ଏତିକି ବୁଝିଲେ ଯେ ଦିବ୍ୟ ପରମ ଚେତନା ଅର୍ଥାତ୍ ସର୍ବୋଚ୍ଚ ପରମସତ୍ତାଙ୍କ ଦ୍ୱାରା ଏହି ବିଶ୍ୱଜଗତ ଏକ ମୂର୍ତ୍ତି ରୂପ ଧାରଣ କରିଛି, ପୂର୍ବନିର୍ଦ୍ଧାରିତ କେତେକ ନିର୍ଦ୍ଦିଷ୍ଟ ବିଧାନ ଅନୁସାରେ ତାହା ହୋଇଛି, ଯାହା ବିଷୟରେ କି ପରେ ତୁମମାନଙ୍କୁ କହିବି । ଏହି ବିଶ୍ୱଜଗତ ହେଉଛି ଗୋଟିଏ ସମଗ୍ର ଏକକ, ଏହି ଅର୍ଥରେ ଆମେ ଏହାକୁହିଁ ପରମ ଦିବ୍ୟସତ୍ତା ବୋଲି କହି ପାରିବା । ତାହା ପରମ ଦିବ୍ୟସତ୍ତାର ସମୁଦାୟ ଭୂମିଟିକୁ ଆପଣା ମଧ୍ୟରେ ଅନ୍ତର୍ଗତ କରି ରଖି ନାହିଁ ସତ, ମାତ୍ର ଏହି କ୍ଷେତ୍ରରେ ଏପରି ହୋଇଛି ଯେ ସତେ ଯେପରି ପରମ ଦିବ୍ୟସତ୍ତା ନିଜକୁ ଏକ ମୂର୍ତ୍ତି ରୂପ ଦେବାର ଅଭିପ୍ରାୟରେ ଆପଣାକୁହିଁ ଆପଣାର ସୃଷ୍ଟିରୂପେ ଉନ୍ମୋଚିତ କରି ଦେଇଛନ୍ତି ! ବିଶ୍ୱବ୍ରହ୍ମାଣ୍ଡର ରୂପାୟନ ପଛରେ ଆମେ ଏହାକୁହିଁ ନିହିତ ଉଦ୍ଦେଶ୍ୟ ବୋଲି ଜାଣିବା । ସତେଯେପରି ଏପରି ହୋଇଛି ଯେ ଦିବ୍ୟ ପରମଚେତନା ସ୍ୱନିର୍ବାଚିତ ଗୋଟିଏ ମାର୍ଗରେ ଆପଣାକୁ ଯାବତୀୟ ଦିବ୍ୟ ସମ୍ଭାବନା ମଧ୍ୟକୁ ବିଚରିତ କରାଇ ଆଣିଛନ୍ତି । ତା’ପରେ ସମ୍ଭାବ୍ୟ ବସ୍ତୁଗୁଡ଼ିକର ଏପରି ଏକ ସମଷ୍ଟିର କଳ୍ପନା କର, ଯେଉଁଥିରେ କି ଯାବତୀୟ ସମ୍ଭାବ୍ୟ ଯୁକ୍ତ-ସଂଗଠନ ଏକ ଅନନ୍ତରହିଁ ସମବାଚୀ ହୋଇ ରହିଛି । ଦିବ୍ୟ ପରମ ଚେତନା ମର୍ମତଃ ମୁକ୍ତ ହୋଇ ରହିଛି,—ତାହା ତାହାରି ମଧ୍ୟକୁ ଆପଣାକୁ ବିଚରିତ କରାଇ ଆଣିଛି ଏବଂ

'oaob.nitrkl.ac.in' images reprocessed

ଆପଣାକୁ ମୂର୍ତ୍ତି କରିଦେଉଛି । ତାହାର ସଞ୍ଚରଣ ପଥଟି ସର୍ବଦା ମୁକ୍ତ ହୋଇ ରହିଛି; ଯୁଗପତ୍ ଭାବରେ ପୂର୍ବ-ଅବସ୍ଥିତ ହୋଇ ରହିଥିବା ଏବଂ ମୁକ୍ତ ଦିବ୍ୟ ପରମଇଚ୍ଛାର କ୍ରିୟା ଅନୁସାରେ ସମ୍ପୂର୍ଣ୍ଣ ଅନିର୍ଦ୍ଧାରିତ ହୋଇ ରହିଥିବା ଏକ ଅନନ୍ତ ବହୁବିଧତା ମଧ୍ୟରେହିଁ ତାହା ମୁକ୍ତ ହୋଇ ରହିଛି । ଆମେ ହୁଏତ ଏକଥା ମଧ୍ୟ କଳ୍ପନା କରି ପାରିବା ଯେ, ମୁକ୍ତ ହୋଇ ରହିଥିବାରୁହିଁ ଏହି ପରମଇଚ୍ଛା ଆପଣାକୁ ବ୍ୟାପ୍ତ କରିଦେବାର ଗତିପଥଟିକୁ ମଧ୍ୟ ବଦଳାଇ ଦେଇ ପାରୁଛି, ମାର୍ଗଟିକୁ ପରିବର୍ତ୍ତନ କରିପାରୁଛି, ଏବଂ, ସବୁକିଛି ପୂର୍ବ-ଅବସ୍ଥିତ ଓ ତେଣୁ ଅବଶ୍ୟମ୍ଭାବୀ ହୋଇ ରହିଥିଲେ ମଧ୍ୟ ସେହି ମାର୍ଗ ବା ପଥଟି ମୁକ୍ତ ହୋଇ ରହିଛି ଏବଂ ପୂର୍ଣ୍ଣ ମାତ୍ରାରେ ଅପ୍ରତ୍ୟାଶିତ ହୋଇ ରହିଛି । ତେଣୁ, ମାର୍ଗରେ ଏହିସବୁ ପରିବର୍ତ୍ତନ, ଯଦି ପ୍ରକୃତରେ ଏହିପରି କୁହାଯାଇ ପାରିବ, ବସ୍ତୁ ଏବଂ ପରିବେଶ ମଧ୍ୟରେ ରହିଥିବା ସମ୍ବନ୍ଧଗୁଡ଼ିକୁ ମଧ୍ୟ ବଦଳାଇ ଦେଇପାରୁଛି, ଏବଂ ତାହାର ପରିଣାମସ୍ୱରୂପ, ନିୟତିଟି ମଧ୍ୟ ବଦଳି ଯାଉଛି । ଗତିପଥର ଏହି ପରିବର୍ତ୍ତନକୁ "ପରମ କରୁଣାରହିଁ ପ୍ରଭାବ" ବୋଲି କୁହାଯାଇଥାଏ; ହଁ, ଏବଂ ସେହି ପରମ କରୁଣାର ସହାୟତା ଦ୍ୱାରାହିଁ, ଯଦି ପରମ କରୁଣା ସେହିଭଳି ଏକ ନିଷ୍ପତ୍ତି ଗ୍ରହଣ କରେ,—ବସ୍ତୁଗୁଡ଼ିକ ମଧ୍ୟ ବଦଳି ଯାଇପାରେ, ଗତିପଥଟି ମଧ୍ୟ ଭିନ୍ନ ହୋଇପାରେ । ବସ୍ତୁଗୁଡ଼ିକ ସେମାନଙ୍କର ସ୍ଥାନ ବଦଳାଇ ଦେଇପାରନ୍ତି ଓ ଏକ ନିର୍ଦ୍ଦିଷ୍ଟ ଗତିପଥକୁ ଅନୁସରଣ କରିବା ପରିବର୍ତ୍ତେ ଆଉଗୋଟିକୁ ମଧ୍ୟ ଅନୁସରଣ କରିପାରନ୍ତି । ତେଣୁ, ଏକ ନିର୍ଦ୍ଦିଷ୍ଟ ପୂର୍ବନିର୍ଦ୍ଧାରିତତା ଅନୁସାରେ ଯେଉଁ ପରିସ୍ଥିତିଟିର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଆଗରୁ ଘଟିବାର ଥିଲା, ସେଇଟି ହୁଏତ ପଛରେ ବି ଘଟିଥାଏ । ବସ୍ତୁ ବସ୍ତୁ ମଧ୍ୟରେ ରହିଥିବା ସମ୍ବନ୍ଧ ସତତ ବଦଳି ବଦଳି ଯାଏ ।*

କାଳ ପ୍ରକୃତରେ କେଉଁ ମୁହୂର୍ତ୍ତରୁ ଆରମ୍ଭ ହୁଏ ? ଯେଉଁ ପରମ ଚେତନା ନିର୍ବାଚନ କରିଥାଏ,—ଉନ୍ମୋଚନଟି ଆରମ୍ଭ ହେବା

---

* "ପୂର୍ବ-ଅବସ୍ଥିତ" ଶବ୍ଦଟିର ସ୍ପଷ୍ଟ କରିବାକୁ ଯାଇ ମାଆ ଏହି ପ୍ରବଚନଟି ପ୍ରକାଶିତ ହେବା ବେଳକୁ ପୁଣି ନିମ୍ନ ମନ୍ତବ୍ୟଟିକୁ ସେଥିରେ ଯୋଡ଼ି ଦେଇଥିଲେ : ପରମ ସତ୍ ବୋଲି ଆମେ ଯାହାଙ୍କୁ ଜାଣୁ, ସିଏ ପରମ ରୂପାୟନଟି ମଧ୍ୟରେ ନଥାନ୍ତି, ରୂପାନ୍ୱିତ ନହୋଇ ମଧ୍ୟ ସିଏ ଅବସ୍ଥିତ ରହିଥାନ୍ତି, ସେ ଅସ୍ଥିର ଅରୂପାନ୍ୱିତ ଅବସ୍ଥାଟି ମଧ୍ୟରେ ରହିଥାନ୍ତି । ପରମ ଚିତ୍ ହେଉଛି ଅନସ୍ଥିର ଅବସ୍ଥା ଏବଂ ସତ୍ ହେଉଛି ଅସ୍ଥିର ଅବସ୍ଥା; ଚିତ୍ ସ୍ୱଭାବତଃ ଅରୂପାନ୍ୱିତ ହୋଇ ରହିଥାଏ, ମାତ୍ର ସତ୍ ମଧ୍ୟ ଅରୂପାନ୍ୱିତ ହୋଇ ରହିଥାଏ । କେବଳ ଚିତ୍-ତପଃ, ଅର୍ଥାତ୍ ଚେତନା-ପରମଶକ୍ତିର ଅବିର୍ଭାବ ଘଟିବା ଦ୍ୱାରାହିଁ, ଯେଉଁ ପରମ ଚେତନା ଆପଣାକୁ ସାକାର ଓ କାର୍ଯ୍ୟକାରୀ କରେ, ତାହାର ଅବିର୍ଭାବ ଘଟିଲେ ଯାଇ ସତ୍ ଆପଣାକୁ ରୂପାନ୍ୱିତ କରିଦିଏ ।"

'oaob.nitrkl.ac.in' images reprocessed

ମାନବକେ କ'ଣ କାଳର ଆପୂରଣ ମଧ୍ୟରେହିଁ ତାହା ସେପରି କରିଥାଏ ?

ନା,—କାଳ ହେଉଛି ଏକ ଅନୁକ୍ରମଣର ପ୍ରକ୍ରିୟା । ତୁମକୁ କଳ୍ପନା କରି ପାରିବାକୁ ହେବ ଯେ ଆପଣାକୁ ଏକ ମୂର୍ତ୍ତି ରୂପ ଦେବା ପୂର୍ବରୁ ସର୍ବୋଚ୍ଚ ପରମ ଚେତନା ଆପଣା ମଧ୍ୟରେହିଁ ଆପଣା ବିଷୟରେ ସଚେତନ ହୋଇଉଠେ । ସେହି କ୍ଷେତ୍ରରେ ଏକ ଭୂମଣ୍ଡଳୀୟ, ସମଗ୍ର ଏବଂ ଯୁଗପତ୍ ବୋଧ ବିଦ୍ୟମାନ ରହିଥାଏ ଓ ସେଠାରେ କାଳ ବୋଲି କିଛି ନଥାଏ । ସେହିପରି, ଏବଂ ଠିକ୍ ସେହି କାରଣରୁହିଁ ଆମେ ଏଠାରେ "ଦେଶ" ବିଷୟରେ ମଧ୍ୟ ଆଦୌ କିଛି କହି ପାରିବା ନାହିଁ, କାରଣ ସେଠାରେ ସବୁକିଛି ଯୁଗପତ୍ ହୋଇ ରହିଥାଏ । ଏହାକୁ ଆମେ ତା'ଠାରୁ ଆହୁରି କିଛି ଅଧିକ ବୋଲି ମଧ୍ୟ ଜାଣିବା; ଏହା ଏପରି ଏକ ଚେତନାମୟ ସ୍ଥିତିର ସମବାଚୀ ହୋଇ ରହିଥାଏ, ଯାହାକୁକି ବିଷୟନିଷ୍ଠ ବୋଲି କହିବା ଅପେକ୍ଷା ଅଧିକ ପରିମାଣରେ ବରଂ ଆଶୟନିଷ୍ଠ ବୋଲି କୁହାଯାଇ ପାରିବ, କାରଣ ମୂର୍ତ୍ତୀକରଣ ଅଥବା ବିଷୟୀଭୂତ ହେବାହିଁ ହେଉଛି ସୃଷ୍ଟିର ଲକ୍ଷ୍ୟ ବା ଉଦ୍ଦେଶ୍ୟ । ମାତ୍ର ଏହି ବିଷୟୀଭୂତ ହେବାରେ ଗୋଟିଏ ପ୍ରଥମ ପଦକ୍ଷେପ ରହିଛି, . ଯେତେବେଳେକି ଏକ ପରିପୂର୍ଣ୍ଣ, ସମଗ୍ର ଏବଂ ଯୁଗପତ୍ ଚେତନା ବିଦ୍ୟମାନ ରହିଥାଏ, ତାହା କାଳାତୀତ ଏବଂ ଦେଶାତୀତ ହୋଇ ରହିଥାଏ,—କାଳ ଓ ଦେଶ ବିଶ୍ୱସୃଷ୍ଟିର ଏକ ଅଙ୍ଗରୂପେହିଁ ଆସନ୍ତି; ଏବଂ, ସେଠାରେ, ବିଶ୍ୱର ଏକ ପୂର୍ବ-ଅବସ୍ଥିତି ରହିଥାଏ ସତ, ମାତ୍ର ତାହା ରୂପାୟିତ ହୋଇ ନଥାଏ । ଏବଂ ମୂର୍ତ୍ତୀକରଣର ପ୍ରକ୍ରିୟା ଆରମ୍ଭ ହେବା ସଙ୍ଗେ ସଙ୍ଗେ କାଳ ଜନ୍ମଲାଭ କରେ ।

କାଳ ଅଧିମାନସ ଭୂମିରୁହିଁ ଆରମ୍ଭ ହୁଏ ବୋଲି କୁହାଯାଇ ପାରିବ କି ?

ସେହି କାଳକୁ ଆମେ ବୁଝୁଥିବା କାଳର ସମବାଚୀ ବୋଲି କୁହାଯାଇ ପାରିବ ନାହିଁ । ସେହି କ୍ଷେତ୍ରରେ କାଳର କେବଳ ଆରମ୍ଭମାତ୍ର ହେଉଥାଏ, ରୂପ ଗଠନର ବି ଏକ ଆରମ୍ଭମାତ୍ର ହେଉଥାଏ । ସେଠାରେ ଯେଉଁ କାଳ ଅବସ୍ଥିତ ରହିଥାଏ, ତାହା ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ଅନେକ ଭିନ୍ନ ପ୍ରକାରର ହୋଇ ରହିଥାଏ । ଅଧିମାନସ ସ୍ତରରେ ଆସି ପହଞ୍ଚିବା ପୂର୍ବରୁ ଚେତନା ଏକ ପରିପୂର୍ଣ୍ଣ ଓ ସ୍ଥିର ଚେତନା ହୋଇ ରହିଥାଏ, ସେଠାରେ ସବୁକିଛିର ଯୁଗପତ୍ ଆବିର୍ଭାବ ହୋଇ



'oaob.nitrkl.ac.in' images reprocessed

ପାରୁଥାଏ । ସମଗ୍ରଟିର ସଂଗଠନରେ ଏକ ଅନୁକ୍ରମଣ ରହିଛି ବୋଲି ତାହାର ପରିଣାମସ୍ୱରୂପହିଁ କାଳର ବୋଧ ସମ୍ଭବ ହୁଏ । ଅତିମାନସ ସ୍ତରରେ ଏକାବେଳେକେ ଯେଉଁ ସମଗ୍ରତାର ବୋଧ ହୋଇଥାଏ, ତାହାକୁ ଏକ ସ୍ଥିତିଶୀଳ ସମଗ୍ରତା ବୋଲି ମୋଟେ କୁହାଯିବ ନାହିଁ,—ପ୍ରଥମ ଅବସ୍ଥାର ସେହି ସ୍ଥିତିଶୀଳ ସମଗ୍ରତା ଆଉ ଏକ ସମଗ୍ରତା ଲାଗି ବାଟ ଛାଡ଼ିଦିଏ, ଯେଉଁଟିରୁ କି କାଳର ବୋଧ ଜାତ ହୋଇଥାଏ । ଏଗୁଡ଼ିକ ଅତିମାନସର ମଧ୍ୟରେହିଁ ଅନ୍ତର୍ଗତ ନାନା ସମ୍ବନ୍ଧ ହୋଇ ରହିଥାନ୍ତି, ଏହାକୁ ଆମେ ଏହି ଅର୍ଥରେ ବୁଝିବା ଯେ ଏହି କ୍ଷେତ୍ରରେ ଆମେ ଆମର ବାହାରେ କିଛିହେଲେ ଘଟୁଥିବା ବିଷୟରେ ଆଦୌ ସଜ୍ଞାନ ହୋଇ ପାରୁ ନାହିଁ । କେବଳ ନିଜ ଭିତରେ ରହିଥିବା କିଛି ବିଷୟରେ ସଚେତନ ହୋଇ ହୁଏ, ଅନ୍ତର୍ଗତ ଭାବରେ ସଚେତନ ହୋଇ ହୁଏ; ମାତ୍ର ଅନ୍ତର୍ଗତ ସମ୍ବନ୍ଧଗୁଡ଼ିକ ମଧ୍ୟ ପରସ୍ପରଠାରୁ ଭିନ୍ନ ପ୍ରକାରର ହୋଇ ରହିଥାନ୍ତି । ସେଇଥିରୁହିଁ କାଳର ଏକ ପ୍ରଥମ ବୋଧ ସମ୍ଭବ ହୁଏ ।

ଚେତନାର ଏହି ସ୍ଥିତିଟିରେ କୌଣସି ବସ୍ତୁ ଜନ୍ମଲାଭ କରୁଛି, ଅନ୍ତର୍ହିତ ହେଉଛି ବା ଅନ୍ତର୍ହିତ ହୋଇଯାଉଛି ବୋଲି ବୋଧ ହୋଇ ପାରେ ନାହିଁ, ହୁଏ କି ?

ନାହିଁ, ନାହିଁ,—ସେସବୁ କିଛି ହୁଏ ନାହିଁ ।

"ସର୍ବୋଚ୍ଚ ପରମ ଚେତନାକୁ ପୂର୍ବରୁହିଁ ସବୁକିଛି ଜ୍ଞାତ ହୋଇ ରହିଥାଏ । କାରଣ ସେହି ଚେତନାର ଶାଶ୍ୱତତା ମଧ୍ୟରେହିଁ ସବୁକିଛିର ଉପଲବ୍ଧି ହେଉଥାଏ । ମାତ୍ର, ଆପଣାର ଲୀଳା ଉଦ୍ଦେଶ୍ୟରେ ଏବଂ ତା'ର ନିଜର ସର୍ବୋଚ୍ଚ ଇଚ୍ଛାଟି ମଧ୍ୟ ଯାହାକିଛି ପୂର୍ବ-ଆଦିଷ୍ଟ ହୋଇ ରହିଛି, ଭୌତିକ ଭୂମିରେ ତାହାକୁ ପ୍ରକୃତରେ କାର୍ଯ୍ୟାନ୍ୱିତ କରିବା ଲାଗି ସେହି ଚେତନା ଏହି ପୃଥିବୀ ଉପରେ ଆପଣାକୁ ସଞ୍ଚାଳିତ କରିବାକୁ ଲାଗେ, ସତେଯେପରି ସମ୍ପୂର୍ଣ୍ଣ କାହାଣୀଟି ତାକୁ ଆଦୌ ଜଣା ନଥାଏ; ସତେଯେପରି ଏକ ନୂତନ ଏବଂ ଅପରୀକ୍ଷିତ ସୂତାଟିକୁ ନେଇ ସେ କିଛି ବୁଣିବାକୁ ଯାଉଛି, ସେ ସେହିପରି ଭାବରେ କାର୍ଯ୍ୟ କରୁଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୬୧ (୨୮ ଏପ୍ରିଲ)

'oaob.nitrkl.ac.in' images reprocessed

ଯଦି ତୁମେ କୌଣସି ଏକ କାର୍ଯ୍ୟ ହାତକୁ ନିଅନ୍ତ ଓ ସବୁକିଛୁ କେବଳ ବୃଥା ହୋଇଯିବ ଏବଂ ତୁମେ ଯାହାକିଛି କରିବା ଲାଗି ଇଚ୍ଛା କରୁଛ, ତାହା କରିବା ଲାଗି ଆଦୌ ସମର୍ଥ ହେବ ନାହିଁ ବୋଲି ତୁମକୁ ଯଦି ଆଗରୁ କହି ଦିଆଯାଏ, ତେବେ ଆଉ ସେହି କାର୍ଯ୍ୟଟିକୁ କରିବାକୁ ଯିବ କି ? ନା,—କଦାପି କରିବ ନାହିଁ । ମାତ୍ର, ଠିକ୍ ଏହିପରି କଥାହିଁ ସଚରାଚର ଘଟିଥାଏ । ଶହେରେ ନବେଟି କ୍ଷେତ୍ରରେ ଏପରି ଘଟିଥାଏ ଯେ ତୁମେ ଯାହାକିଛି କର, ସେଥିରୁ ତୁମର ପ୍ରତ୍ୟାଶିତ ପରିଣାମଟି ଉପଲବ୍ଧ ହୋଇ ପାରେ ନାହିଁ । "ତୁମେ ଏହି କାର୍ଯ୍ୟଟିକୁ କର, ମାତ୍ର ଜାଣିରଖ ଯେ ପରିଣାମଟି ଯାହା ହେବ ବୋଲି ତୁମେ ଆଶା କରୁଛ, ତାହା କଦାପି ସେପରି ହେବ ନାହିଁ" ବୋଲି ଯଦି ଆଗରୁ କହି ଦିଆଯାଏ, ତେବେ ନିଶ୍ଚିତରେ ଜଣେ ମଣିଷ ବି ଆପଣାର କାର୍ଯ୍ୟଟିକୁ କରିବାକୁ ଯିବ ନାହିଁ । ମାତ୍ର, ଶକ୍ତିଗୁଡ଼ିକର ସମଗ୍ର ଲୀଳାଟି ମଧ୍ୟରେ ଅନେକଙ୍କୁ ଶକ୍ତିଗୁଡ଼ିକର ସମୂହଟି ଲାଗିହିଁ କାର୍ଯ୍ୟ କରିବାକୁ ପଡ଼ିଥାଏ, ଶକ୍ତିଗୁଡ଼ିକର ସମଗ୍ରତା ଲାଗି କାର୍ଯ୍ୟ କରିବାକୁ ପଡ଼ିଥାଏ; ଏବଂ ଯିଏ ଏହି କାର୍ଯ୍ୟଟି କରୁଥାଏ, ଏହି କାର୍ଯ୍ୟଟିର ତା' ଲାଗି ଆଦୌ କୌଣସି ବ୍ୟକ୍ତିଗତ ଉପଯୋଗିତା ନଥାଏ । ତେଣୁ, ଯଦି ବ୍ୟକ୍ତି ଏହି କଥାଟି ଆଗରୁ ଜାଣି ଯାଉଥାନ୍ତା ଯେ ସମଗ୍ରଟି ମଧ୍ୟରେ ସିଏ ଯେଉଁ ଭୂମିକାଟି ଗ୍ରହଣ କରୁଛି, ତାହାର ପ୍ରକୃତରେ ଉଲ୍ଲେଖଯୋଗ୍ୟ ଆଦୌ କୌଣସି ମୂଲ୍ୟ ନାହିଁ, ତେବେ ସିଏ ସେହି ଭୂମିକାଟିକୁ ଆଦୌ ଗ୍ରହଣ କରିବାକୁ ଯିବ ନାହିଁ । ମାତ୍ର ଯେଉଁ ମୁହୂର୍ତ୍ତରେ ତୁମେ ତାହାର ଉପରକୁ ଉଠିଯାଇ ପାରିବ, ଯେତେବେଳେ, ଆଖି ଆଗରେ କୌଣସି ନିର୍ଦ୍ଦିଷ୍ଟ ଫଳକାମନା ରଖି ନୁହେଁ, ମାତ୍ର ଏହିଟିକୁହିଁ କରିବା ଉଚିତ ବୋଲି ତୁମେ ନିଜ ଭିତରେ ଜାଣୁଥିବାରୁହିଁ ଯେତେବେଳେ ତୁମେ କାର୍ଯ୍ୟଟିକୁ କରିବ, ତାହାର ଫଳ କ'ଣ ହେବ ନା ନହେବ, ସେହି ବିଷୟରେ ତୁମର ଆଦୌ କୌଣସି ଚିନ୍ତାହିଁ ନଥିବ, ତେବେ, ଏହିଭଳି ଏକ ନିର୍ଲିପ୍ତ ସ୍ଥିତିରେ ଉଚ୍ଚତର ଚେତନାଟିର ଭୂମିରେ ତୁମେ ଅବଶ୍ୟ ଦେଖିପାରିବ ଓ ଜାଣିପାରିବ ଯେ, ପରିଣାମ କ'ଣ ହେବ, ସେଥିଲାଗି କୌଣସି ଅପେକ୍ଷା ନରଖି, ସମ୍ପୂର୍ଣ୍ଣତଃ ତାହା ଏକ କର୍ତ୍ତବ୍ୟ ବୋଲିହିଁ ଯଥାର୍ଥତଃ ଯାବତୀୟ କାର୍ଯ୍ୟକୁ ସମ୍ପନ୍ନ କରାଯାଇଥାଏ । ମାତ୍ର ସାଧାରଣତଃ, ଅନ୍ତତଃ ତାପସ୍ୟା ସ୍ତରରେ ମଧ୍ୟ ତୁମେ ଏହି କଥାଟି ଜାଣିବା ଲାଗି ଯଥେଷ୍ଟ ପରିମାଣରେ ଅବଶ୍ୟ ସ୍ପଷ୍ଟଦ୍ରଷ୍ଟା ହୋଇ ରହିଥାଅ ଯେ ଅମୁକ କାର୍ଯ୍ୟଟିରୁ ଖୁବ୍ ସମ୍ଭବ ଅମୁକ ପରିଣାମଟି ପ୍ରାପ୍ତ ହେବ । କାରଣ ସେହି କଥାଟି ଜାଣିଥିଲେ ମଧ୍ୟ ତାହା ତୁମର ସେହି କାର୍ଯ୍ୟଟିକୁ କରିବାର ରୀତିକୁ ଏତେ ଟିକିଏ ହେଲେ ମଧ୍ୟ କଦାପି ବଦଳାଇ ଦେବ ନାହିଁ ।

ତଳଆଡ଼ୁ ଉପରକୁ ଯାଉଥିବା କୌଣସି ପ୍ରକାର ବ୍ୟାଖ୍ୟା ପରିବର୍ତ୍ତରେ ହୁଏତ ଏପରି ଏକ ବ୍ୟାଖ୍ୟାର ଅନ୍ୱେଷଣ କରିବା ଅଧିକ ବିଜ୍ଞତାର କାର୍ଯ୍ୟ ହେବ

'oaob.nitrkl.ac.in' images reprocessed

ଯାହା ଉପରଆଡ଼ୁ ତଳକୁ ଗତି କରି ଆସୁଥିବ; ସେହି ପରମ ଚେତନା ଯେ ଅଳ୍ପ ଅଳ୍ପ କରି ଅବତରଣ କରି ଆସୁଛି ଏବଂ ତଳକୁ ଆସିବାର ମାର୍ଗରେହିଁ ଅସ୍ପଷ୍ଟ ହୋଇ ପଡ଼ୁଛି ଏବଂ କେଉଁ ପ୍ରକ୍ରିୟାଟି ଦ୍ୱାରା ବିଷୟଗୁଡ଼ିକ ସମ୍ପାଦିତ ହେବାରେ ଲାଗିଛି, ତାହା ବୁଝିପାରିବା ଆଉ ସମ୍ଭବ ହେଉ ନାହିଁ, ବରଂ ଏହିପରି କଳ୍ପନା କରିବାହିଁ ଅଧିକ ବିଜ୍ଞୋଚିତ ହେବ। ଏହି ଯେଉଁ ସ୍ଥିତିଟିକୁ ଅଜ୍ଞାନତା ବୋଲି କୁହାଯାଇଥାଏ, ତାହାକୁ ହୃଦୟଙ୍ଗମ କରିବାହିଁ ଅଧିକ ବିଜ୍ଞୋଚିତ ହେବ।

> "ଯେକୌଣସି ଛବିଟିଏ ତିଆରି କଲାବେଳେ ସେଇଟିକୁ କିପରି ଏକ ଏକକ ରୂପ ଦେବାକୁ ହେବ ଓ ସେଥିରେ କି କି ରଙ୍ଗ ଦିଆଯିବ, ସେସବୁ ବିଷୟରେ ଏକ ନିର୍ଦ୍ଦିଷ୍ଟ ଯୋଜନା ତିଆରି କରିବାର ପ୍ରୟୋଜନ ରହିଥାଏ। ସେଥିଲାଗି ଏକ ସୀମାରେଖା ବାନ୍ଧିଦେବାକୁ ହୁଏ, ଏକ ନିର୍ଦ୍ଦିଷ୍ଟ ଗଠନାୟତନ ମଧ୍ୟରେ ସମସ୍ତ ଜିନିଷଟିକୁ ଆଣି ଥାପି ପାରିବାକୁ ହୁଏ। ମାତ୍ର ସେହି ସୀମାଟି ପ୍ରକୃତରେ ଭ୍ରମାତ୍ମକ ହୋଇ ରହିଥାଏ, ଗଠନାୟତନଟି ମଧ୍ୟ ପ୍ରାୟ ମାମୁଲି ବା ପାରମ୍ପରିକ ହୋଇ ରହିଥାଏ। ଛବିଟି ମଧ୍ୟରେ ଏପରି ଏକ ସତତ ଅବିଚ୍ଛିନ୍ନତା ରହିଥାଏ ଯାହାକି ଯେକୌଣସି ନିର୍ଦ୍ଦିଷ୍ଟ ଗଠନାୟତନର ସୀମାକୁ ଅତିକ୍ରମ କରିଯାଏ ଏବଂ ଗଠନାୟତନର ଅଗଣିତ କେତେ କେତେ କ୍ରମରେ ପ୍ରତ୍ୟେକ ଅବସ୍ଥାରେହିଁ ପ୍ରତ୍ୟେକ ଅବିଚ୍ଛିନ୍ନତାକୁ ଅଙ୍କନ କରିଦେବା ମଧ୍ୟ ସମ୍ଭବ ହୋଇଥାଏ। ଆମର ଲକ୍ଷ୍ୟକୁ ଆମେ ଅମୁକ ଅଥବା ସମୁକ ବୋଲି କହୁଥାଉ ସିନା, ମାତ୍ର ଆମେ ଭଲ କରି ଜାଣିଥାଉ ଯେ ଏହି ଲକ୍ଷ୍ୟଟି ହେଉଛି ଏହାକୁ ଅତିକ୍ରମ କରି ଅବସ୍ଥିତ ରହିଥିବା ଆଉଗୋଟିଏ ଲକ୍ଷ୍ୟର କେବଳ ଏକ ଆରମ୍ଭ ମାତ୍ର, ଏବଂ ସେହି ଦ୍ୱିତୀୟ ଲକ୍ଷ୍ୟଟି ମଧ୍ୟ ଆମକୁ ତଥାପି ଏକ ତୃତୀୟ ଲକ୍ଷ୍ୟ ଲାଗି ପରିଚାଳିତ କରି ନେଇଯିବ।"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୨୮ ଏପ୍ରିଲ)

ସବୁ କଥା ଗୋଟାଏ ନିର୍ଦ୍ଦିଷ୍ଟ ବିନ୍ଦୁ ପର୍ଯ୍ୟନ୍ତ ଆସି ତା'ପରେ ସେଇଠୁ ବନ୍ଦ ହୋଇଯିବ ବୋଲି ଯଦି ମୋତେ କୁହାଯାଏ, ତେବେ ତାହା ଶୁଣି ମୋତେ

'oaob.nitrkl.ac.in' images reprocessed

ପ୍ରକୃତରେ ଏତେ ବିରକ୍ତ, ଏତେ ବିରକ୍ତ ଲାଗିବ ଯେ, ମୁଁ ସେଥିରେ ଏତେଟିକିଏ ବୁଲିବାକୁ ଇଚ୍ଛା କରିବ ନାହିଁ ।

ସବୁକିଛୁ ଅବିଚ୍ଛିନ୍ନ ଭାବରେ ଲାଗି ରହିଛି, ଅନନ୍ତ ଭାବରେ ଲାଗି ରହିଛି, ସର୍ବଦା କିଛି ନା କିଛି ନୂତନ କାର୍ଯ୍ୟ କରିବାକୁ ରହିଛି, ମୋତେ ଏହି କଥାଟିହିଁ ସାନ୍ତ୍ୱନା ଦେଇ ଯାଇଥାଏ ।

ଉପଲବ୍ଧି, ଲକ୍ଷ୍ୟଟି ଯାହା ହୋଇଥାଉ ନା କାହିଁକି, ଏହା ହେଉଛି କେବଳ ଏକ ଆରମ୍ଭ ମାତ୍ର ।

## "ଆଧ୍ୟାତ୍ମିକ" ଏବଂ "ଚୈତ୍ୟ" ମଧ୍ୟରେ କି ପ୍ରଭେଦ ରହିଛି ?

ଦୁଇଟିଯାକ ସେହି ଗୋଟିଏ କଥା । ଚୈତ୍ୟ ଅଂଶଟି ହେଉଛି ଦିବ୍ୟ ପରମ ସାନ୍ନିଧ୍ୟ ଦ୍ୱାରା ସଂଗଠିତ ହୋଇଥିବା ଏକ ସତ୍ତା ଏବଂ ଏହା ହେଉଛି ଏହି ପୃଥିବୀର ଗୋଟିଏ ସମ୍ପଦ । ଏଠାରେ ମୁଁ ବିଶ୍ୱବ୍ରହ୍ମାଣ୍ଡ କଥା କହୁ ନାହିଁ, କେବଳ ପୃଥିବୀର କଥାହିଁ କହୁଛି । କେବଳ ପୃଥିବୀପୃଷ୍ଠରେହିଁ ଆମକୁ ଚୈତ୍ୟ ସତ୍ତା ଦେଖିବାକୁ ମିଳିବ । ବିଶ୍ୱବ୍ରହ୍ମାଣ୍ଡର ଅବଶିଷ୍ଟ ଅଂଶଟି ବେଶ୍ ଏକ ଭିନ୍ନ ଭାବରେହିଁ ଗଠିତ ହୋଇଥାଏ ।

ଭୌତିକ ଭୂମିଠାରୁ ଉଚ୍ଚତର ହୋଇ ଯେତେଯାହା ରହିଛି, ତାହା ବିଶ୍ୱବ୍ରହ୍ମାଣ୍ଡରେ ରହିଛି : ଏକ ପରିପୂର୍ଣ୍ଣ ଭୌତିକ ରହିଛି, ଯାହା ମଧ୍ୟରେ କି ମାନସିକ ଓ ପ୍ରାଣିକ ପ୍ରଭୃତି ଅନ୍ତର୍ଗତ ହୋଇ ରହିଛନ୍ତି; ଏବଂ ମାନସିକର ଊର୍ଦ୍ଧ୍ୱରେ ଆଉ ଯେତେଯାହା ରାଜ୍ୟ ରହିଛି, ସେଗୁଡ଼ିକ ହେଉଛନ୍ତି ଏକ ଆଧ୍ୟାତ୍ମିକ ବ୍ୟବସ୍ଥାରହିଁ ଅଂଶ, ଏହିସବୁ ରାଜ୍ୟ ଆମ ଲାଗି ଆତ୍ମାର ରାଜ୍ୟ ହୋଇ ରହିଛି, ଏବଂ, ଏହି "ଆତ୍ମା"ହିଁ ଅଳ୍ପ ଅଳ୍ପ କରି, ଉତ୍ତରୋତ୍ତର ଭାବରେ ଆମେ ଯାହାକୁ ଜଡ଼ ବୋଲି ଜାଣୁ, ତାହାର ଭୂମିଟିରେ ଆସି ଉପଗତ ହେବା ଲାଗି ଆପଣାକୁ ମୂର୍ତ୍ତିମନ୍ତ କରିବାରେ ଲାଗିଛି । ଉଦାହରଣସ୍ୱରୂପ, ଅଧିମାନସର ସତ୍ତାଗୁଡ଼ିକର ଓ ଆହୁରି ଊର୍ଦ୍ଧ୍ୱରେ ରହିଥିବା ରାଜ୍ୟଗୁଡ଼ିକର ସତ୍ତାଗୁଡ଼ିକର କୌଣସି ଚୈତ୍ୟ ସତ୍ତା ନାହିଁ,— "ଦେବଦୂତ"ମାନଙ୍କର କୌଣସି ଚୈତ୍ୟ ସତ୍ତା ନାହିଁ । କେବଳ ପୃଥିବୀପୃଷ୍ଠରେହିଁ ଚୈତ୍ୟ ସତ୍ତାର ଆରମ୍ଭ ହେଉଛି ଏବଂ ଠିକ୍ ଏହି ପ୍ରକ୍ରିୟାଟି ଦ୍ୱାରାହିଁ ପରମ ଦିବ୍ୟସତ୍ତା ଭୌତିକ ଜୀବନର ଭୂମିଟିକୁ ଆପଣାର ଦିବ୍ୟ ଉତ୍ସଟି ସହିତ ପୁନଃସଂଯୁକ୍ତ ହେବା ଲାଗି ଜାଗ୍ରତ କରି ଆଣିଛନ୍ତି । ଚୈତ୍ୟ ଭୂମିଟିର ବ୍ୟତିରେକେ, ଜଡ଼ କଦାପି ଆପଣାର ନିଶ୍ଚେତନା ମଧ୍ୟରୁ ଜାଗ୍ରତ ହୋଇ ପାରି ନଥାନ୍ତା, ଆପଣାର ସର୍ବମୂଳ

'oaob.nitrkl.ac.in' images reprocessed

ଭୂମି ଅର୍ଥାତ୍ ଆଧ୍ୟାତ୍ମିକ ଜୀବନର ଭୂମି ଲାଗି ଜଡ଼ର ଆଦୌ କୌଣସି ଅଭୀପ୍ସା ସମ୍ଭବ ହୋଇ ନଥାନ୍ତା । ତେଣୁ ମନୁଷ୍ୟ ମଧ୍ୟରେ ଅବସ୍ଥିତ ଏହି ଚୈତ୍ୟ ସତ୍ତାକୁ ଆମେ ଆଧ୍ୟାତ୍ମିକ ଅଭୀପ୍‌ସାରହିଁ ରୂପାୟନ ବୋଲି କହିପାରିବା; ମାତ୍ର ଚୈତ୍ୟ ଭୂମିଠାରୁ ସଂପୂର୍ଣ୍ଣ ସ୍ୱାଧୀନ ହୋଇ ରହି ମଧ୍ୟ ଏକ ଆଧ୍ୟାତ୍ମିକ ଜୀବନ ରହିଛି ।

ଚୈତ୍ୟ ଜଗତ ଏବଂ ପୃଥିବୀ ମଧ୍ୟରେ କୌଣସି ସଦୃଶତା ଅଛି କି ?

ମାତ୍ର ମୁଁ ତ ତୁମମାନଙ୍କୁ ପୂର୍ବରୁ କହିଛି ଯେ କେବଳ ପୃଥିବୀପୃଷ୍ଠରେହିଁ ଚୈତ୍ୟ ସତ୍ତା ଆପଣାର ଯାହାକିଛି ଅନୁଭୂତି ଲାଭ କରିଥାଏ ଏବଂ ତାହାର ଦ୍ୱାରା ଆପଣାକୁ ଏକ ବ୍ୟକ୍ତିସତ୍ତାରେ ପରିଣତ କରି ଆଣିଥାଏ । ତେଣୁ କହିବାକୁ ହେବ ଯେ ଚୈତ୍ୟ ଜଗତ ଏବଂ ପୃଥିବୀ ମଧ୍ୟରେ ପ୍ରାୟ ସଂପୂର୍ଣ୍ଣ ପରିମାଣରେ ଏକ ପରସ୍ପରନିର୍ଭରଶୀଳତା ବିଦ୍ୟମାନ ରହିଛି ।

ଚୈତ୍ୟ ସତ୍ତାକୁ ଜାଗ୍ରତ କରିବା ଲାଗି ସବୁଠାରୁ ଅଧିକ ଫଳପ୍ରଦ ଉପାୟଟି କ'ଣ ?

ମାତ୍ର ଚୈତ୍ୟ ସତ୍ତା ତ ଗୋଟାସୁଦ୍ଧା ଜାଗ୍ରତ ହୋଇ ରହିଛି ! ଏହା ଯେ କେବଳ ଜାଗ୍ରତ ହୋଇ ରହିଛି, କେବଳ ସେତିକ ନୁହେଁ, ମାତ୍ର ଏହା କର୍ମ ବି କରୁଛି, କେବଳ ତୁମେ ତାହା ବିଷୟରେ ସଜ୍ଞାନ ହୋଇ ପାରୁ ନାହଁ । ତୁମେ ତାହାକୁ ସୁପ୍ତ ବୋଲି ଭ୍ରମ କରୁଛ, କାରଣ ତୁମେ ତାହାର କୌଣସି ବୋଧ ଲାଭ କରୁ ନାହଁ ।

ମୂଳତଃ, ଚୈତ୍ୟ ସତ୍ତାର ଏହି ପ୍ରକାରର ଏକ ଅନ୍ତର୍ଗତ ପ୍ରେରଣାଶକ୍ତି ବ୍ୟତୀତ, ମୁଁ ଭାବୁଛି ଯେ ମନୁଷ୍ୟମାନେ ଘୋର ନିରାନନ୍ଦମୟ ଓ ଆଗ୍ରହନିଃଶେଷିତ ହୋଇ ରହିଆନ୍ତେ, ସେମାନେ ସଂପୂର୍ଣ୍ଣ ଭାବରେ ଏକ ପଶୁର ଜୀବନହିଁ ଅତିବାହିତ କରୁଥାନ୍ତେ । ଅଭୀପ୍‌ସାର ପ୍ରତ୍ୟେକଟି ଝଲକକୁ ସର୍ବଦା ସେହି ଚୈତ୍ୟ ପ୍ରଭାବରହିଁ ଏକ ଅଭିବ୍ୟକ୍ତି ବୋଲି କହିବାକୁ ହେବ । ଚୈତ୍ୟ ସତ୍ତା ବିଦ୍ୟମାନ ନଥିଲେ, ଚୈତ୍ୟର କୌଣସି ପ୍ରଭାବ ପଡ଼ୁ ନଥିଲେ ଏଠାରେ ଅଗ୍ରଗତିର ଆଦୌ କୌଣସି ବୋଧ ସମ୍ଭବ ହୁଅନ୍ତା ନାହିଁ କିଂବା ଅଗ୍ରଗତି ଲାଗି ଆଦୌ କୌଣସି ଇଚ୍ଛା ବି ଆସନ୍ତା ନାହିଁ ।

ସୌନ୍ଦର୍ଯ୍ୟର କୌଣସି ବୋଧ ରହନ୍ତା କି ?

'oaob.nitrkl.ac.in' images reprocessed

ହଁ । ସୌନ୍ଦର୍ଯ୍ୟର ସେହି ଉଚ୍ଚତମ ବୋଧଟି ହୁଏତ ନଥାନ୍ତା, ମାତ୍ର ପ୍ରାଣର ଭୂମିରେ ସୌନ୍ଦର୍ଯ୍ୟ ଓ ସମଞ୍ଜସତାର ଏକ ପରିପୂର୍ଣ୍ଣ ବୋଧ ରହିଥିବାର ନିଶ୍ଚୟ ଅନୁମିତ ହେଉଥାନ୍ତା । ମାତ୍ର ଯେଉଁ ସୌନ୍ଦର୍ଯ୍ୟ ମୌଳିକ, ଗଭୀର, ବିଶ୍ୱଜନୀନ ଓ ସର୍ବକାଳୀନ, ତାହା ହେଉଛି କେବଳ ଚୈତ୍ୟ ଭୂମିରହିଁ ସମ୍ପଦ । ଏବଂ, ଗଠନର ସୌନ୍ଦର୍ଯ୍ୟ, ବାହ୍ୟ ରୂପଗତ ସୌନ୍ଦର୍ଯ୍ୟ ଏବଂ ରଙ୍ଗର ସୌନ୍ଦର୍ଯ୍ୟ,—ଆମ ପ୍ରଶିକ୍ଷିତ ଓ ସୁରୁଚିସମ୍ପନ୍ନ ପ୍ରାଣିକ ଅଂଶଟିର ଏସବୁ ଭୋଗ କରିବା ଲାଗି ସମ୍ପୂର୍ଣ୍ଣ ସାମର୍ଥ୍ୟ ରହିଥାଏ ।

## ଆଉ ପ୍ରେମ ନଥାଏ କି ?

"ପ୍ରେମ" କହିଲେ ତୁମେ କ'ଣ ବୁଝୁଛ, ସେଇଥିଟି ତାହାରି ଉପରେ ନିର୍ଭର କରିଥାଏ । ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେହି କ୍ଷେତ୍ରରେ ଦିବ୍ୟପ୍ରେମ କଦାପି ସମ୍ଭବ ହେବ ନାହିଁ; ମାତ୍ର ଯାବତୀୟ ପ୍ରକାରର ପ୍ରବଳ ହୃଦୟ ବାସନା, ଆକର୍ଷଣ ଏବଂ ଅଭିଳାଷଗୁଡ଼ିକ ସେଠାରେ ସେହି ପ୍ରାଣିକ ଭୂମିରେ ନିଶ୍ଚୟ ରହିଛି । କେବଳ, ଦିବ୍ୟ ପରମ ଚେତନା ପରମ ଜଡ଼ଟି ମଧ୍ୟରେ ଆପଣାକୁ ଅବତୀର୍ଣ୍ଣ କରାଇ ଥିବାରୁ ଓ ବିଚ୍ଛୁରିତ କରି ରଖିଥିବାରୁ ଏହିସବୁ ଗତିସ୍ପନ୍ଦନର ଗୁଣାତ୍ମକତା ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇ ଯାଇଅଛି । ଯଥାର୍ଥ ପ୍ରେମର ସମ୍ଭାବନାଟିକୁ ତାହା ଜାଗ୍ରତ କରି ଦେଇଛି ସତ, ମାତ୍ର, ଯେତେ ଯାହାକୁ ଆମେ ପ୍ରେମ ବୋଲି ଭ୍ରମ କରିବାରେ ଲାଗିଥାଉ, ଯାବତୀୟ ଆବେଗପ୍ରାବଲ୍ୟ, ଆକର୍ଷଣ ଏବଂ ଅଭିଳାଷ,—ଗିଳି ପକାଇବାର ଏହି ଯାବତୀୟ ଆବଶ୍ୟକତା,—ସେସବୁ ପ୍ରାଣିକ କ୍ଷେତ୍ରଟିରେହିଁ ଅତ୍ୟନ୍ତ ଚମତ୍କାର ଭାବରେ ଅବସ୍ଥାନ କରୁଥାଏ । ଗିଳି ପକାଇବାର ପ୍ରୟୋଜନକୁ ଆମେ ଜଡ଼ର ଭୂମିରେ ପ୍ରେମର ପ୍ରଥମ ପରିପ୍ରକାଶ ବୋଲି ଜାଣିବା; ସେହି ଅବସ୍ଥାରେ ଜଣେ ଖାଲି ଅଧିକାର କରିବାକୁ ଇଚ୍ଛା କରେ, ଆତ୍ମସାତ୍ କରିନେବାକୁ ତତ୍ପର ହୁଏ; ଏବଂ ଗିଳି ପକାଇ ହଜମ କରିଦେବା ଦ୍ୱାରାହିଁ ସେହି ଉଦ୍ଦେଶ୍ୟଟି ସର୍ବୋତ୍କୃଷ୍ଟ ଭାବରେ ଚରିତାର୍ଥ ହୁଏ । ଏପରି ବେଶ୍ କୁହାଯାଇ ପାରିବ ଯେ, ଯେତେବେଳେ ବିଲେଇ ତା'ର ଛୁଆମାନଙ୍କୁ ଖାଇଯାଏ ଓ ବାଘ ଯେତେବେଳେ ମେଣ୍ଢାଛୁଆକୁ ଖାଇଯାଏ, ସେତେବେଳେ ବିଲେଇ ଛୁଆମାନଙ୍କ ପ୍ରତି ପ୍ରେମରେ ପୂର୍ଣ୍ଣ ରହିଥାଏ, ବାଘ ଭିତରେ ମଧ୍ୟ ମେଣ୍ଢାଛୁଆ ପ୍ରତି ପ୍ରେମ ପୂର୍ଣ୍ଣ ହୋଇ ରହିଥାଏ ।

## ଫୁଲମାନଙ୍କର କୌଣସି ସୌନ୍ଦର୍ଯ୍ୟ ବୋଧ ଅଛି କି ?

'oaob.nitrkl.ac.in' images reprocessed

ଯେଉଁଠି କିଛି ଜୀବନ୍ତ ରହିଥାଏ, ପ୍ରାଣିକ ଉପାଦାନ ସିଧା ତା' ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇପାରେ ଏବଂ ଏହି ପ୍ରାଣିକ ଉପାଦାନହିଁ ଫୁଲମାନଙ୍କ ଭିତରେ ଏକ ସୌନ୍ଦର୍ଯ୍ୟବୋଧ ଆଣିଦିଏ । ଏସବୁ କଥାରୁ ଆମେ ଯେପରି ବୁଝିଥାଉ, ଏହି କ୍ଷେତ୍ରରେ ସେହି ବୋଧଟି ସେହି ଅର୍ଥରେ ସମ୍ଭବତଃ ବ୍ୟକ୍ତିତ୍ୱସମ୍ପନ୍ନ ହୋଇ ନଥାଏ ସତ, ମାତ୍ର ତାହା ଫୁଲଜାତିର ବୋଧଟି ମଧ୍ୟରେ ରହିଥାଏ ଓ ସେଇଟିକୁ ଉପଲବ୍ଧି କରିବା ଲାଗି ତାହା ସର୍ବଦା ଚେଷ୍ଟା କରୁଥାଏ । ଉଦ୍ଭିଜ୍ଜ ଜୀବନ ମଧ୍ୟରେ ମୁଁ ଚୈତ୍ୟ ଉପସ୍ଥିତି ଓ ଚୈତ୍ୟ ସ୍ପନ୍ଦନର ପ୍ରାଥମିକ ଉନ୍ମେଷଗୁଡ଼ିକୁ ବେଶ୍ ଲକ୍ଷ୍ୟ କରି ଦେଖିଛି; ଏବଂ ପ୍ରସ୍ଫୁଟିତ ହୋଇ ଉଠିବାର ଯେଉଁ ପ୍ରକ୍ରିୟାଟିକୁ ଫୁଲ ବୋଲି କୁହାଯାଏ, ତାହାକୁ ଆମେ ଯଥାର୍ଥ ଭାବରେ ଚୈତ୍ୟ ଉପସ୍ଥିତିର ପ୍ରଥମ ରୂପାୟନ ବୋଲି କହି ପାରିବା । ମନୁଷ୍ୟର ସ୍ତରକୁ ଆସିହିଁ ଚୈତ୍ୟ ବ୍ୟକ୍ତିତ୍ୱସମ୍ପନ୍ନ ହୁଏ, ମାତ୍ର ମନୁଷ୍ୟର ସ୍ତରକୁ ଆସିବା ପୂର୍ବରୁ ମଧ୍ୟ ତାହା ଅବଶ୍ୟ ବିଦ୍ୟମାନ ରହିଥିଲା; ମାତ୍ର ମଣିଷସ୍ତରର ବ୍ୟକ୍ତିତ୍ୱସମ୍ପନ୍ନତାଠାରୁ ଏହା ଏକାନ୍ତ ଭିନ୍ନ ପ୍ରକାରର, ଏହା ଅପେକ୍ଷାକୃତ ଅଧିକ ତରଳ । ବ୍ୟକ୍ତିତ୍ୱସମ୍ପନ୍ନତା ଅପେକ୍ଷା ତାହା ଶକ୍ତି ରୂପରେ ଓ ଚେତନା ରୂପରେ ଅପେକ୍ଷାକୃତ ଅଧିକ ପରିମାଣରେ ନିଜକୁ ପ୍ରକାଶିତ କରିଥାଏ । ଉଦାହରଣସ୍ୱରୂପ, ଗୋଲାପଫୁଲର କଥା ବିଚାରକୁ ନିଆଯାଉ; ଗୋଲାପ ଫୁଲରେ ଆକୃତି, ରଙ୍ଗ ଓ ବାସର ଯେଉଁ ପ୍ରଭୂତ ପରିପୂର୍ଣ୍ଣତା ରହିଥାଏ, ତାହା ଏକ ଅଭୀପ୍ସାକୁ ଅଭିବ୍ୟକ୍ତ କରି ଦେଉଥାଏ, ଏକ ଚୈତ୍ୟ ନିବେଦନକୁ ଅଭିବ୍ୟକ୍ତ କରି ଦେଉଥାଏ । ସୂର୍ଯ୍ୟର ପ୍ରଥମ କିରଣସ୍ପର୍ଶରେ ପ୍ରଭାତ ସମୟରେ ଉନ୍ମୋଚିତ ହୋଇ ଆସୁଥିବା ଗୋଟିଏ ଗୋଲାପ ଫୁଲକୁ ନିରୀକ୍ଷଣ କରି ଦେଖ, ତାହାକୁ ଅଭୀପ୍ସା ଦ୍ୱାରା ପ୍ରେରିତ କେବଳ ଏକ ମହିମମୟ ଆତ୍ମନିବେଦନ ବୋଲିହିଁ କୁହାଯାଇ ପାରିବ ।

ପ୍ରତ୍ୟେକ ଫୁଲର ଏକ ସ୍ୱକୀୟ ତାତ୍ପର୍ଯ୍ୟ ରହିଛି, ନୁହେଁ କି ?

ମନର ବୁଦ୍ଧିଦେଇ ଆମେ ତାହାକୁ ଯେପରି ବୁଝୁ, ଆଦୌ ସେପରି ନୁହେଁ । କୌଣସି ଫୁଲରେ ଗୋଟିଏ ନିର୍ଦ୍ଦିଷ୍ଟ ତାତ୍ପର୍ଯ୍ୟକୁ ଆଣି ଯୋଡ଼ିବା ସମୟରେ ସାଧାରଣତଃ ଏକ ମାନସିକ ପ୍ରକ୍ଷେପଣ ସଂଘଟିତ ହୋଇଥାଏ । ସେହି ପ୍ରକ୍ଷେପଣର ସ୍ପର୍ଶ ଲାଗି ଫୁଲ ମଧ୍ୟ ଏକ ଉତ୍ତର ଦେଇପାରେ, ଏକ ଅନୁସ୍ପନ୍ଦନ ଜଣାଇପାରେ । ଆମର ତାତ୍ପର୍ଯ୍ୟଟିକୁ ମଧ୍ୟ ତାହା ଗ୍ରହଣ କରିନେଇ ପାରେ । ମାତ୍ର, ଫୁଲ ଭିତରେ ମାନସିକ ଚେତନାର ତୁଳ୍ୟ ବା ଅନୁରୂପ ହୋଇ ଆଦୌ କିଛି ନଥାଏ । ଉଦ୍ଭିଦ-ରାଜ୍ୟରେ ଚୈତ୍ୟର ଏକ ପ୍ରଥମ ଉନ୍ମେଷ ଘଟିଥାଏ, ମାତ୍ର ମାନସଚେତନାର ଆବିର୍ଭାବ ହୋଇ ନଥାଏ । ଇତରପ୍ରାଣୀମାନଙ୍କର କ୍ଷେତ୍ରରେ ଭିନ୍ନ ପ୍ରକାରର

'oaob.nitrkl.ac.in' images reprocessed

ହୋଇଥାଏ; ସେତେବେଳେ ମାନସିକ ଜୀବନ ଆପଣାକୁ ଗଠିତ କରି ଆଣୁଥାଏ ଏବଂ ସେମାନଙ୍କ ଲାଗି ବସ୍ତୁଗୁଡ଼ିକର ଏକ ଅର୍ଥ ରହିଥାଏ । ମାତ୍ର, ସାନ ଶିଶୁଟିର ଗତିସ୍ପନ୍ଦନଗତ ଜୀବନରେ ଯାହା ଘଟିଥାଏ, ଫୁଲଗୁଡ଼ିକର କ୍ଷେତ୍ରରେ ପ୍ରାୟ ସେହି ଧର୍ମର ଏକ ଘଟଣା ଘଟେ । ଏହି କ୍ଷେତ୍ରରେ ସମ୍ପୂର୍ଣ୍ଣ ବୋଧ ନଥାଏ କି ସମ୍ପୂର୍ଣ୍ଣ ଅନୁଭୂତ ନଥାଏ, ମାତ୍ର ଦୁଇଟିଯାକରୁ ତଥାପି କିଛି କିଛି ରହିଥାଏ । ଗତିସ୍ପନ୍ଦନଟି ସମ୍ପୂର୍ଣ୍ଣ ଭାବରେ ସ୍ୱତଃସ୍ଫୂର୍ତ୍ତ ହୋଇ ରହିଥାଏ, ଏକ ଅତ୍ୟନ୍ତ ବିଶେଷ ସ୍ପନ୍ଦନ ଅନୁଭୂତ ହୁଏ । ତେଣୁ, ଯଦି କେହି ଏଇଟିର ସଂସ୍ପର୍ଶରେ ଆସେ, ଯଦି କେହି ସେଇଟିକୁ ଯାଇ ଅନୁଭବ କରେ, ସେତେବେଳେ ଏପରି ଏକ ବୋଧ ଉପଲବ୍ଧ ହୁଏ, ଯାହାକୁ କି ଏକ ଭାବନା ଦେଇ ତର୍ଜମା କରିଦେଇ ହୁଏ । ମୁଁ ସେହିପରି ଭାବରେହିଁ ଫୁଲ ଓ ଗଛଗୁଡ଼ିକୁ ଗୋଟିଏ ଗୋଟିଏ ଅର୍ଥ ଦେଇଛି;—ଏହି କ୍ଷେତ୍ରରେ ସ୍ପନ୍ଦନଟି ସହିତ ଗୋଟିଏ ପ୍ରକାରର ଏକାତ୍ମକତା ରହିଛି, ଫୁଲ ବା ଗଛଟି ଯେଉଁ ଗୁଣଟିର ପ୍ରତିନିଧିତ୍ୱ କରୁଛି, ତାହାରି ଏକ ବୋଧ ରହିଛି, ଏବଂ, ତାପରେ, ଅଳ୍ପ ଅଳ୍ପ କରି ଏକପ୍ରକାର ନୈକଟ୍ୟର ମାଧ୍ୟମରେ (ଅନେକ ସମୟରେ ତତ୍‌କ୍ଷଣାତ୍ ଏହି ନୈକଟ୍ୟ ସମ୍ଭବ ହୋଇଯାଏ, ଏବଂ ବେଳେ ବେଳେ ସେଥିଲାଗି କିଛି ସମୟ ବି ଲାଗେ), ଏହିସବୁ ସ୍ପନ୍ଦନ ତଥା ମାନସିକ ଭାବନାଟିର ସ୍ପନ୍ଦନ ପରସ୍ପର ସହିତ ଏକତ୍ର ହୋଇଆସନ୍ତି (ଏହି ସ୍ପନ୍ଦନଗୁଡ଼ିକୁ ପ୍ରାଣିକ-ସଂବେଗଗତ ପ୍ରକୃତିର ବୋଲି ବୁଝାଯିବ), ଏବଂ, ଯଦି ସେହି କ୍ଷେତ୍ରରେ ଯଥେଷ୍ଟ ପରିମାଣରେ ଏକ ସମନ୍ତସ୍ୱରତା ବିଦ୍ୟମାନ ରହିଥାଏ, ତେବେ ଗଛଟିର ବ୍ୟଞ୍ଜନା ଓ ତାତ୍ପର୍ଯ୍ୟଟି ବିଷୟରେ ଏକ ପ୍ରତ୍ୟକ୍ଷ ବୋଧ ସମ୍ଭବ ହୋଇଯାଏ ।

କେତେକ ଦେଶରେ (ବିଶେଷତଃ ଏହି ଦେଶରେ) ଏପରି କେତୋଟି ଉଦ୍ଭିଦ ଅଛି, ଯେଉଁଗୁଡ଼ିକୁ କି ପୂଜା, ନୈବେଦ୍ୟ ଏବଂ ଉପାସନାରେ ମାଧ୍ୟମରୂପେ କାର୍ଯ୍ୟରେ ଲଗାଯାଏ । ବିଶେଷ ବିଶେଷ ଅବସରରେ ନିର୍ଦ୍ଦିଷ୍ଟ ଉଦ୍ଭିଦଗୁଡ଼ିକର ବ୍ୟବହାର କରାଯାଏ । ଏବଂ, ମୁଁ ଅଧିକାଂଶ ସମୟରେ ଲକ୍ଷ୍ୟ କରି ଦେଖିଛି ଯେ ଏହି ଏକାତ୍ମକତାର ଉଦ୍ଭିଦଟିର ପ୍ରକୃତି ସହିତ ବେଶ୍ ଏକ ସଙ୍ଗତି ରହିଛି, କାରଣ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ଆଦୌ କୌଣସି କଥା ନଜାଣି, ମୁଁ ସେଗୁଡ଼ିକୁ ଠିକ୍ ସେହିସବୁ ଅର୍ଥ ଓ ତାତ୍ପର୍ଯ୍ୟ ଦେଇଛି, ଧର୍ମାନୁଷ୍ଠାନମାନଙ୍କରେ ମଧ୍ୟ ଯେଉଁ ଅର୍ଥ ଓ ତାତ୍ପର୍ଯ୍ୟ ଦିଆ ହୋଇଥିଲା । ଅର୍ଥାତ୍, ସ୍ପନ୍ଦନଟି ଖାସ୍ ସେଇ ଫୁଲଟି ଭିତରେ ରହିଥିଲା···ଫୁଲଟିକୁ ବା ଗଛଟିକୁ ଯେଉଁଭଳି ବ୍ୟବହାର କରା ହୋଇଥିଲା, ତାତ୍ପର୍ଯ୍ୟଟି ତାହାରି ମଧ୍ୟରେ ରହିଥିଲା, ଅଥବା ତାହା ପ୍ରକୃତିରେ ଅନେକ ଦୂରରୁ ଆସିଥିଲା, ଅତ୍ୟନ୍ତ ଗଭୀର କୌଣସି ବସ୍ତୁରୁ ଅର୍ଥାତ୍ ଚୈତ୍ୟ ଜୀବନର ଏକ ପ୍ରଥମୋନ୍ମେଷ ମଧ୍ୟରୁହିଁ ତାହା ଆସିଥିଲା ? ସେକଥା କହିବା ଆଦୌ ସହଜ ନୁହେଁ ।

'oaob.nitrkl.ac.in' images reprocessed

କେବେ ଏପରି ଘଟିପାରେ ଯେ, ଚୈତ୍ୟ ସତ୍ତ୍ୱ ଯେଉଁଠାରେ ଜନ୍ମଗ୍ରହଣ କରିବାକୁ ଇଚ୍ଛା କରୁଥିଲା, ତାହା ଠିକ୍ ସେହି ସ୍ଥାନରେ ପ୍ରକଟିତ ହୋଇ ପାରେ ନାହିଁ ?

ଯଦି ଚୈତ୍ୟ ସତ୍ତ୍ୱ ଆପଣାର ଚୈତ୍ୟ ଜଗତରୁ ପୃଥିବୀ ଉପରେ ଏକ ଆଲୋକ ପ୍ରକଟିତ ହୋଇଥିବାର ଦେଖିବାକୁ ପାଏ, ସେହି ସ୍ଥାନଟି ଠିକ୍ କେଉଁଠାରେ ଅବସ୍ଥିତ ତାହା ନଜାଣି ମଧ୍ୟ ସିଏ ସେହି ସ୍ଥାନଟିର ଅଭିମୁଖରେ ଆପଣାକୁ ଧାବିତ କରି ଆଣିପାରେ । ଏହି କ୍ଷେତ୍ରରେ ସବୁକିଛି ସମ୍ଭବ ହୋଇପାରେ । ମାତ୍ର ଚୈତ୍ୟ ସତ୍ତ୍ୱଟି ଯଦି ଅତି ସଚେତନ ଥାଏ, ଅର୍ଥାତ୍ ଯଥେଷ୍ଟ ପରିମାଣରେ ସଚେତନ ରହିଥାଏ, ତେବେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେହିଁ ତାହା ଅଗ୍ନିପ୍ରସାରି ଆଲୋକଟିକୁ ଅନ୍ୱେଷଣ କରିବାକୁ ଯାଏ; ସେହି ସ୍ଥାନରେ ଯେଉଁ ଶିକ୍ଷା ଓ ଯେଉଁ ସଂସ୍କୃତି ସହିତ ତାହାର ସାକ୍ଷାତ୍କାର ଘଟିବ, ସେହି କାରଣରୁହିଁ ସେ ସେଠାକୁ ଯାଏ । ଆମେ ସାଧାରଣତଃ ଯେତିକି ବିଶ୍ୱାସ କରିଥାଉ, ତାହାଠାରୁ ଅଧିକ କ୍ଷେତ୍ରରେ ଏହା ଘଟିଥାଏ, ବିଶେଷ କରି ଅଳ୍ପବହୁତ ପ୍ରଶିକ୍ଷିତ କ୍ଷେତ୍ରଗୁଡ଼ିକରେ ଘଟିଥାଏ । ମନେକର ଜଣେ ବୁଦ୍ଧିସମ୍ପନ୍ନା ମହିଳା, ଯାହାଙ୍କଠାରେ କେତେକ ପରିମାଣରେ ଏକ କଳାତ୍ମକ ଅଥବା ଦର୍ଶନଧାରଣାବିଶିଷ୍ଟ ସଂସ୍କୃତି ରହିଛି, ଯାହାଙ୍କ ମଧ୍ୟରେ ଏକ ସଚେତନ ବ୍ୟକ୍ତିଭାବାପନ୍ନତାର ଉନ୍ମେଷ ଘଟି ଆସୁଛି, ସିଏ ହୁଏତ ଏପରି ଏକ ଆକାଙ୍କ୍ଷା କରି ପାରନ୍ତି ଯେ ସିଏ ଯେଉଁ ଶିଶୁସନ୍ତାନଟିକୁ ଜନ୍ମ ଦେବାକୁ ଯାଉଛନ୍ତି, ସିଏ ଜଣେ ସର୍ବୋତ୍ତମ ମନୁଷ୍ୟ ହେବ;—ଏକଥା ସତ ଯେ, ଏହି ବିଷୟରେ ତାଙ୍କର ଯେଉଁ ଧାରଣାଟି ରହିଛି ଅଥବା ସିଏ ଯାହା ପଢ଼ିଛନ୍ତି, ସର୍ବୋତ୍ତମ ବିଷୟରେ ତାଙ୍କର କେବଳ ତଦନୁରୂପ ଧାରଣାଟିଏହିଁ ରହିଥିବ । ତେଣୁ ଗୋଟିଏ ସ୍ଥାନ ଖୋଜି ପାଇବା ଆଦୌ ଖୁବ୍ ବେଶୀ କଷ୍ଟକର ହେବ ନାହିଁ । ସତତ ଜନ୍ମଗ୍ରହଣ କରୁଥିବା ଚୈତ୍ୟ ସତ୍ତ୍ୱଗୁଡ଼ିକର ସଂଖ୍ୟା ଅତିବେଶୀ ହୋଇଥିବାରୁ, ଯଦି ପ୍ରତ୍ୟେକ ଥର ଏକ ଅସାଧାରଣ ଭାବରେ ଉତ୍ତମ ପରିବେଶ ଖୋଜି ବାହାର କରିବାକୁ ପଡ଼ୁଥିବ, ତେବେ ତାହା ଅବଶ୍ୟ କଷ୍ଟକର ହେବ । ନିଶ୍ଚିତ ଭାବରେ ଏପରି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠାରେ କି ଚୈତ୍ୟ ସତ୍ତ୍ୱ ସତେଅବା ମୁଣ୍ଡ ପିଟିହୋଇ ଆସି ପଡ଼ିଥିବା ପରି ମନେ ହୋଇଛି ଏବଂ ସତେଅବା ସଂଜ୍ଞାହୀନ ହୋଇଯାଇଛି । ମାତ୍ର ଏହାକୁ କେବଳ ଦୁର୍ଭାଗ୍ୟ ବୋଲିହିଁ କୁହାଯିବ । ଏହିପରି ଏକ କ୍ଷେତ୍ରରେ ସଂଜ୍ଞା ଫେରି ଆସିବାକୁ ସାଧାରଣତଃ ଦୀର୍ଘ ସମୟ ଲାଗିଥାଏ । ଏହାକୁ ଏହି ଅର୍ଥରେ ଦୁର୍ଭାଗ୍ୟ ବୋଲି କୁହାଯିବ ଯେ ସଂପୃକ୍ତ ଚୈତ୍ୟ ସତ୍ତ୍ୱଟି ମଧ୍ୟରେ ସମ୍ଭବତଃ ଏକ ଭେଦନରୂପଣର ସାମର୍ଥ୍ୟର ଅଭାବ ରହିଥିଲା, ଅଥବା, ସମ୍ଭବତଃ ତାହାକୁ ଏପରି କେତେଗୁଡ଼ିଏ ଶକ୍ତିର

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣାଧୀନ ହେବାକୁ ପଡ଼ିଲା, ଯେଉଁମାନେ କି ତାହାର ନିଷ୍ପତ୍ତିଟିକୁ ନିଷ୍ଫଳ କରିଦେଲେ ଏବଂ ତାହା ଉପରେ ଏକ ସାମୟିକ ବିଜୟ ହାସଲ କରିନେଇ ପାରିଲେ । ଏହିସବୁ କ୍ଷେତ୍ରରେ ସ୍ପଷ୍ଟତଃ ହଜାର ପ୍ରକାରର ସମ୍ଭାବନା ରହିଛି । ସବୁ କଥା ଯେ କେବଳ ଯୋଜନାଟି ଅନୁସାରେ ସମ୍ପନ୍ନ ହୋଇ ଯାଉଛି, ସେକଥା କେବେହେଲେ କହି ହେବ ନାହିଁ । ପ୍ରତ୍ୟେକ ଚୈତ୍ୟ ସତ୍ତା ପରସ୍ପରଠାରୁ ଭିନ୍ନ ହୋଇ ରହିଛନ୍ତି ।

## ୩ ମାର୍ଚ୍ଚ ୧୯୫୧

"ପ୍ରତିକୂଳ ଶକ୍ତି ରହିବାର ଏକ ଆବଶ୍ୟକତା ମଧ୍ୟ ରହିଛି । ସେଗୁଡ଼ିକ ତୁମର ସଂକଳ୍ପକୁ ଅଧିକ ଦୃଢ଼ କରନ୍ତି, ତୁମର ଅଭୀପ୍ସାକୁ ସ୍ୱଚ୍ଛତର କରନ୍ତି ।

"ଅବଶ୍ୟ ଏକଥା ମଧ୍ୟ ସତ ଯେ ସେମାନେ ଥାଆନ୍ତି ବୋଲି ତୁମେ କାରଣ ଯୋଗାଇ ଦେଇଥିବାରୁହିଁ ସେମାନେ ରହିଛନ୍ତି । ଯେପର୍ଯ୍ୟନ୍ତ ସେମାନଙ୍କ ପ୍ରତି ଏକ ଅନୁକୂଳ ଅନୁମୋଦନ ଜଣାଉ ଥିବା ପରି ତୁମ ଭିତରେ କୌଣସି ନା କୌଣସି ଉପାଦାନ ରହିଛି, ସେପର୍ଯ୍ୟନ୍ତ ସେମାନଙ୍କର ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ଭାବରେ ବୈଧ ବୋଲି କୁହାଯାଇ ପାରିବ । ଯଦି ତୁମ ଭିତରୁ କିଛିହେଲେ ସେମାନଙ୍କ ପ୍ରତି କୌଣସି ଅନୁମୋଦନ ଜଣାଉ ନଥାନ୍ତା, ତୁମ ପ୍ରକୃତିର କୌଣସି ଅଂଶ ଉପରେ ସେମାନଙ୍କର ଯଦି ଆଦୌ କୌଣସି ବଶ ରହି ନଥାନ୍ତା, ତେବେ ସେମାନେ ନିରସ୍ତ ହୁଅନ୍ତେ ଓ ତୁମକୁ ଛାଡ଼ି ଚାଲିଯାଆନ୍ତେ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

ଏହି ପ୍ରତିକୂଳ ଶକ୍ତିଗୁଡ଼ିକର ସମ୍ପୂର୍ଣ୍ଣାଧୀନ ହୋଇ ପାରିବାର ସର୍ବୋତ୍ତମ ବାଟ ହେଉଛି ସର୍ବଦା ଅଭୀପ୍ସା ରଖିଥିବା, ସର୍ବଦା ପରମ ଦିବ୍ୟସତ୍ତାଙ୍କର ସ୍ମରଣ କରି ପାରିବା । ଏବଂ କେତେବେଳେ ହେଲେ ବି ଆଦୌ କୌଣସି ଭୟ ନକରିବା ।

୧୯୨୯ ମସିହାର ଏକ ପ୍ରବଚନ ବେଳେ ତାଙ୍କୁ ପଚରା ଯାଇଥିବା ଗୋଟିଏ ପ୍ରଶ୍ନକୁ ମାଆ ପଢ଼ିଲେ :

'oaob.nitrkl.ac.in' images reprocessed

"ପ୍ରତିକୂଳ ଶକ୍ତିମାନେ ସାଧାରଣତଃ ବାହାରୁ ଆସନ୍ତି ନା ଭିତରୁ ଆସନ୍ତି ?"

ତଦୈବ

ସେମାନେ ଚେତନାର ବାହାରୁ ଆସନ୍ତି ନା ସତ୍ତାର ଭିତରୁହିଁ ଆସିଥାନ୍ତି ?

ସତ୍ତା କେଉଁଠାରୁ ଆରମ୍ଭ ହୁଏ ଏବଂ କେଉଁଠାରେ ଶେଷ ହୁଏ କହିଲ !...ଏହି ବାହାର ଆଉ ଭିତର ମଧ୍ୟରେ ପ୍ରକୃତରେ ପ୍ରଭେଦ କ'ଣ ?—ଯଦି ଚେତନା ସବୁ ଜାଗାରେ ରହିଲା, ତେବେ ଏହି ପ୍ରଭେଦର ଅର୍ଥ କ'ଣ ?

ସାଧକମାନଙ୍କୁ ସର୍ବଦା କୁହାଯାଏ, "ଯଦି ତୁମକୁ କୌଣସି ବିଷୟବସ୍ତୁର କବଳରୁ ମୁକ୍ତିଲାଭ କରିବାକୁ ହୁଏ, ତେବେ କୁହ ଯେ ତାହା ତୁମ ବାହାରେ ରହିଛି।" ଏହାକୁ କେବଳ ଗୋଟିଏ ଭାବନା ବୋଲିହିଁ କୁହାଯିବ, ମାତ୍ର, ଅସୁବିଧାଟି ତୁମର ବାହାରେ ରହିଛି ବୋଲି ଯଦି ତୁମ ଭିତରେ ଏକ ଭାବନା ଜନ୍ମଲାଭ କରିପାରେ, ତେବେ ସେହି ଅସୁବିଧାଟିରୁ ନିଷ୍କୃତି ପାଇବା ପ୍ରକୃତରେ ଅଧିକ ସହଜ ହୋଇ ଯାଇଥାଏ। ଅବଶ୍ୟ ଏକଥା ସତ ଯେ ମୁଁ ବର୍ତ୍ତମାନ ତୁମମାନଙ୍କୁ ଠିକ୍ ଏହାର ବିପରୀତ କଥାଟିହିଁ କହିଲି; ମୁଁ କହିଲି ଯେ ଯଦି "ତୁମ ଭିତରେ ରହିଥିବା" କୌଣସି ଉପାଦାନ ପ୍ରତିକୂଳ ଶକ୍ତିଗୁଡ଼ିକୁ ଅନୁସ୍ପନ୍ଦନ ନକରାଏ, ତେବେ ସେମାନେ ତୁମକୁ କଦାପି ଆକ୍ରମଣ କରି ପାରିବେ ନାହିଁ। ତେଣୁ, ଯାହା ଭିତରେ ରହିଛି, ତାହା ବାହାରେ ମଧ୍ୟ ରହିଛି ଏବଂ ଯାହା ବାହାରେ ଅଛି, ତାହା ଭିତରେ ମଧ୍ୟ ରହିଛି। ଅସଲ କଥା ହେଉଛି, ସଙ୍ଗେ ସଙ୍ଗେ କୌଣସି ପ୍ରତିବିଧାନ କରି ପାରିବା ଲାଗି ଯେଉଁଠାରେ ସେମାନଙ୍କୁ ଠାବ କରିବା ସବୁଠାରୁ ଅଧିକ ସୁବିଧାଜନକ ହେବ, ଆମେ ସେମାନଙ୍କୁ ଠିକ୍ ସେହିଠାରେ ଠାବ କରିବାର ସୂକ୍ଷ୍ମ ଟେକ୍ନିକ୍ଟି ଜାଣିପାରିବା।

ତୁମର ସ୍ୱଭାବ ମଧ୍ୟରେ ଯଦି ବାସ୍ତବିକ କୌଣସି ଅସୁବିଧା ରହିଥାଏ, ଉଦାହରଣସ୍ୱରୂପ, ଯଦି କ୍ରୋଧାନ୍ୱିତ ହୋଇ ପଡ଼ିବାର ଅଭ୍ୟାସଟି ରହିଥାଏ, ଏବଂ ଯଦି ସେହି ଅବସ୍ଥାରେ ତୁମେ "ମୁଁ ଆଉ କଦାପି କ୍ରୋଧାନ୍ୱିତ ହୋଇ ପଡ଼ିବି ନାହିଁ" ବୋଲି ନିଷ୍ପତ୍ତି କର, ତେବେ ତାହା ବଡ଼ କଷ୍ଟକର ହୋଇପଡ଼େ। ମାତ୍ର ଯଦି, ଅନ୍ୟ ପକ୍ଷରେ, ତୁମେ ମନେ ମନେ ଏହିପରି କହ, "କ୍ରୋଧ ତ ଏପରି ଗୋଟାଏ କଥା ଯାହାକି ପୃଥିବୀଯାକ ଚରି ବୁଲୁଛି, ସବୁଠାରେ ବ୍ୟାପ୍ତ ହୋଇ ରହିଛି। ତେଣୁ ସେଇଟା ଖାଲି ମୋ ଭିତରେ ଅଛି ବୋଲି କାହିଁକି କୁହାଯିବ, ତାହା ପ୍ରକୃତରେ ସମସ୍ତଙ୍କ ଭିତରେ ରହିଛି; କ୍ରୋଧ ଏଠି ସେଠି ସବୁଠି ବୁଲିବାରେ ଲାଗିଛି, ଏବଂ

'oaob.nitrkl.ac.in' images reprocessed

ଯଦି ମୁଁ ମୋର ଦୁଆରଟାକୁ ବନ୍ଦ କରିଦିଏ, ତେବେ ତାହା ଆଉ ମୋ ଭିତରେ ମୋଟେ ପ୍ରବେଶ କରି ପାରିବ ନାହିଁ,” ତେବେ ତାହା ଅପେକ୍ଷାକୃତ ଅଧିକ ସହଜ ହୋଇ ପାରିବ । “ଏଇଟା ତ ମୋର ସ୍ୱଭାବ, ମୁଁ ଠିକ୍ ସେହିପରିହିଁ ଜନ୍ମଗ୍ରହଣ କରିଛି” ବୋଲି ତୁମେ ଯଦି ଭାବିବାକୁ ଆରମ୍ଭ କର, ତେବେ ତାହା ପ୍ରାୟ ଅସମ୍ଭବ ହୋଇପଡ଼ିବ । ଏକଥା ସତ ଯେ ତୁମ ସ୍ୱଭାବରେ ଏପରି କିଛି ନିଶ୍ଚୟ ରହିଛି ଯାହାକି ଏହି ବୋଧଶକ୍ତି ଲାଗି ଅନୁସ୍ପନ୍ଦନ କରୁଅଛି । ଯାବତୀୟ ଗତିକ୍ରିୟା ଓ ଯାବତୀୟ ସ୍ପନ୍ଦନକୁ ଗୋଟିଏ ଗୋଟିଏ ସାଧାରଣ ବ୍ୟାପାର ବୋଲି କୁହାଯାଇ ପାରିବ ସତ,—ସେଗୁଡ଼ିକ ପ୍ରବେଶ କରୁଥାନ୍ତି, ବାହାରି ଯାଉଥାନ୍ତି ଓ ଏଣେ ତେଣେ ଘୂରି ବୁଲୁଥାନ୍ତି,—ମାତ୍ର ତୁମେ କେବଳ ଯେତିକି ପରିମାଣରେ ତୁମ ଭିତରର କବାଟଟିକୁ ଖୋଲି ରଖିଥାଅ, ସେହି ପରିମାଣରେହିଁ ସେମାନେ ତୁମ ଭିତରକୁ ପ୍ରବେଶ କରି ପାରନ୍ତି । ଏବଂ ତଦୁପରି, ଯଦି ତୁମର ଏହି ଶକ୍ତିଗୁଡ଼ିକ ସହିତ କେତେକ ପରିମାଣରେ ଏକ ସଦୃଶତା ରହିଥାଏ, ତେବେ ତୁମେ କାହିଁକି ରାଗୁଛ, ସେହି କଥାଟି ଜାଣିବା ପୂର୍ବରୁ ମଧ୍ୟ ତୁମର ରାଗିଯିବାର ବେଶ୍ ଆଶଙ୍କା ରହିଛି । ସବୁକିଛି ସର୍ବତ୍ର ବ୍ୟାପ୍ତ ହୋଇ ରହିଛି ଓ ସେପରି ଗାର ଟାଣିଦେବାରେ ଆଦୌ କୌଣସି ନ୍ୟାୟ ନାହିଁ ।

ଜଣେ ପକ୍‌କା ବସ୍ତୁବାଦୀ ଲେଖିଥିବା ଗୋଟିଏ ବହିରେ କୌଣସି ସ୍ଥାନରେ ମୁଁ ଥରେ ପଢ଼ିଥିଲି ଯେ ମଣିଷମାନେ ସତେଅବା ଗୋଟାଏ ଚମଡ଼ା ମୁଣି ଭିତରେ ବନ୍ଦ ହୋଇ ରହିଛନ୍ତି ଏବଂ ଅନ୍ୟ ବସ୍ତୁଗୁଡ଼ିକ ସହିତ ସେମାନଙ୍କର ଆଦୌ କୌଣସି ସମ୍ପର୍କ ନାହିଁ । ଏହା ଯେ ଏକ ନିର୍ବୋଧତା, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ; ମାତ୍ର ଏପରି ଲୋକ ଅଛନ୍ତି, ଯେଉଁମାନେ ସେଥିରୁ ବେଶ୍ ଉପକୃତ ବି ହୋଇଥାନ୍ତି । ସେମାନେ ଗୋଟିଏ ଖୋଳ ଭିତରେ ବନ୍ଦ ହୋଇ ରହିଛନ୍ତି ଏବଂ ସେହି ଖୋଳଟି ମଧ୍ୟଦେଇ ବାହାରର ସମ୍ପର୍କରେ ଆସିବା ବ୍ୟତୀତ ବାହାର ସହିତ ସମ୍ବନ୍ଧସ୍ଥାପନ କରିବା ଲାଗି ସେମାନଙ୍କର ଆଉ ଆଦୌ କୌଣସି ସମ୍ଭାବନା ନାହିଁ, ଏହି ବିଶ୍ୱାସଟି ସେମାନଙ୍କୁ ବେଶ୍ ସୁରକ୍ଷିତ କରି ରଖେ ଏବଂ ବାହାରୁ କେବେ କିଛିହେଲେ ବି ଗ୍ରହଣ କରିବାରୁ ସେମାନଙ୍କୁ ବଞ୍ଚିତ କରି ରଖିଥାଏ । ଏହା ଯେ ଏକ ନିର୍ବୋଧତା, ଏଥିରେ କୌଣସି ସନ୍ଦେହ ନାହିଁ, ମାତ୍ର କେତେକ ନିର୍ବୋଧତା ବେଳେବେଳେ କେତେକ କାମରେ ମଧ୍ୟ ଆସିଥାନ୍ତି । ଆମର ସେଦିନ କଥା ପଡ଼ିଥିଲା ଯେ ମନକୁ ଜ୍ଞାନର ଏକ ସାଧନ ବୋଲି କୁହାଯାଇ ପାରିବ ନାହିଁ ଏବଂ ବିଶ୍ୱର ବା ଧାରଣାର କ୍ଷେତ୍ରରେ ସବୁକିଛି ପରସ୍ପରର ଆପେକ୍ଷିକ ହୋଇ ରହିଥାଏ, ଅବଲୋକନର ଏକ ପ୍ରଣାଳୀ ହୋଇ ରହିଥାଏ, ଜୀବନ ବଞ୍ଚିବାର ଏକ ବିଶେଷ ବାଟ ହୋଇ ରହିଥାଏ । ପ୍ରତ୍ୟେକ ବିଜ୍ଞାନର ଏକ ସ୍ୱକୀୟ ଭାଷା ରହିଛି, ପ୍ରତ୍ୟେକ ଧର୍ମର ବି

'oaob.nitrkl.ac.in' images reprocessed

ସ୍ୱକୀୟ ଭାଷା ରହିଛି, ପ୍ରତ୍ୟେକ ଦର୍ଶନର ସ୍ୱକୀୟ ଭାଷା ରହିଛି, ପ୍ରତ୍ୟେକ ବିଦ୍ୟାର ମଧ୍ୟ ଏକ ସ୍ୱକୀୟ ଭାଷା ରହିଛି । ଏବଂ ଏହିସବୁ ଭାଷାକୁ ତୁମେ ଯେତିକି ଯେତିକି ଅଧିକ ପରିମାଣରେ ଆୟତ୍ତ କରିପାରିବ, ତୁମେ ଅନେକ କଥା ଜାଣିଛ ବୋଲି ତୁମ ଭିତରେ ଅଧିକରୁ ଅଧିକ ପରିମାଣରେ ଏକ ଧାରଣା ମଧ୍ୟ ଜନ୍ମିବାକୁ ଲାଗିବ । ଅସଲ କଥା ହେଉଛି ଯେ ତୁମର ସବୁଯାକ ଭାଷାକୁ ଜାଣିଥିବା ଆବଶ୍ୟକ । ତୁମକୁ ଏପରି ଏକ ସ୍ଥାନରେ ଆସି ଉପନୀତ ହେବାକୁ ପଡ଼ିବ, ଯେଉଁଠାରେ କି ମନର ଏହି ଯାବତୀୟ ଗଢ଼ଣସ୍ପନ୍ଦନ ତୁମକୁ ସମ୍ପୂର୍ଣ୍ଣ ଆପେକ୍ଷିକ ହୋଇ ରହିଥିବା ଏକ କ୍ରୀଡ଼ାରୂପେ ପ୍ରତୀତ ହେବ; ଏହି କ୍ରୀଡ଼ାକୁ ତୁମେ ହୁଏତ ନିପୁଣ ଭାବରେ ଖେଳି ପାରିବ ବା ହୁଏତ ଅନିପୁଣ ବା ଅକୁଶଳ ଭାବରେ ଖେଳୁଥିବ, ମାତ୍ର ତଥାପି ସବୁକିଛି ଏକ କ୍ରୀଡ଼ା ପରିହିଁ ଲାଗୁଥିବ । ଅନେକ ଲୋକ ଏହାକୁ ଭଲଭାବରେ କାର୍ଯ୍ୟରେ ଲଗାଇ ଜାଣନ୍ତି, ଏହିମାନଙ୍କୁହିଁ ତଥାକଥିତ "ବୁଦ୍ଧିମାନ୍" ବୋଲି କୁହାଯାଏ । ଆଉରି ଅନେକେ ସେଇଟିକୁ କାମରେ ଲଗାଇ ଜାଣନ୍ତି ନାହିଁ ଏବଂ ଏହିମାନଙ୍କୁ ତଥାକଥିତ "ବୋକା ଲୋକ" ବୋଲି କୁହାଯାଏ ।

> ବିଭିନ୍ନ ବସ୍ତୁ ସହିତ ଆମେ ଯେଉଁ ପରିମାଣରେ ଏକାତ୍ମକ ହୋଇ ରହିଥାଉ, ସେମାନେ ସେତିକି ପରିମାଣରେହିଁ ଆମ "ଭିତରେ" ରହିଥାନ୍ତି; ସେହି ଏକାତ୍ମକତାଟିକୁ ଠେଲି ବାହାର କରିଦେଇ ପାରିଲେ ସେଗୁଡ଼ିକ କ'ଣ ପ୍ରକୃତରେ ବାହାରକୁ ଚାଲି ଆସନ୍ତି ?

ଏଇଟି ହେଉଛି ସମ୍ପୂର୍ଣ୍ଣ ଭାବରେ କହିବାର ଏକ ବ୍ୟକ୍ତିକେନ୍ଦ୍ରିତ ମାର୍ଗ । କାର୍ଯ୍ୟ କରିବାକୁ ହେଲେ ତୁମକୁ କୌଣସି ଏକ ପ୍ରକାରର ଶ୍ରେଣୀବିଭାଜନ କରିବାକୁହିଁ ପଡ଼ିବ ଏବଂ ଠିକ୍ ଏହି କାର୍ଯ୍ୟଟି କରିବା ସମୟରେହିଁ ମନ ଆମର କାର୍ଯ୍ୟରେ ଆସିଥାଏ । ମନ ସଂଗଠିତ କରିଦିଏ, ପ୍ରତ୍ୟେକ ବିଷୟକୁ ତା'ର ନିଜ ସ୍ଥାନରେ ନେଇ ରଖି ଦେଉଥାଏ, ମନ ଖେଳଟିକୁ ଖେଳେ; ସେହି ବିଦ୍ୟାଟିହିଁ ଖେଳର ନିୟମଗୁଡ଼ିକୁ ତିଆରି କରିଦିଏ ଏବଂ ସେହି ନିୟମଗୁଡ଼ିକୁ ମାନି ତାହା ଖେଳରେ ଜିତେ । ମାତ୍ର ଅସଲ ଜ୍ଞାନ ଅନ୍ୟ ଏକ ସ୍ଥାନରୁ ଉଦ୍‌ଭୂତ ହୋଇ ଆସିଥାଏ ।

> "ମନଃସ୍ତରର ବିଶ୍ୱାସ ଆଦୌ ଯଥେଷ୍ଟ ନୁହେଁ; ଏକ ପ୍ରାଣିକ ଓ ଏପରିକି ଏକ ଭୌତିକ ବା ଦୈହିକ ବିଶ୍ୱାସ ଦ୍ୱାରା ମାନସିକ ବିଶ୍ୱାସକୁ ପରିପୂର୍ଣ୍ଣ ଏବଂ ପୁଷ୍ଟ କରିବାକୁ ପଡ଼ିବ । ଆପଣାର

'oaob.nitrkl.ac.in' images reprocessed

ସମୁଦାୟ ସତ୍ତ୍ୱରେ ଯଦି ଏହି ପ୍ରକାରର ଏକ ସମଗ୍ର ଶକ୍ତିର ସୃଷ୍ଟି କରିପାରିବ, ତେବେ କେହି ତାହାର ପ୍ରତିରୋଧ କରି ପାରିବେ ନାହିଁ; ମାତ୍ର···ଶରୀରର କୋଷଗୁଡ଼ିକରେ ମଧ୍ୟ ତୁମକୁ ସେହି ବିଶ୍ୱାସଟିକୁ ନିବଦ୍ଧ କରି ରଖିବାକୁ ହେବ । ଉଦାହରଣସ୍ୱରୂପ, ଏବେ ବିଦେଶରେ ବୈଜ୍ଞାନିକମାନେ ଜାଣିବାକୁ ଆରମ୍ଭ କଲେଣି ଯେ ମୃତ୍ୟୁ ଆଦୌ ଅବଶ୍ୟମ୍ଭାବୀ ନୁହେଁ । ମାତ୍ର ସମଗ୍ର ମନୁଷ୍ୟଜାତି ଆଜି ଏତେ ଦୃଢ଼ ଭାବରେ ମୃତ୍ୟୁ ଉପରେ ବିଶ୍ୱାସ କରୁଛି···ଯଦି ସର୍ବପ୍ରଥମେ ସଚେତନ ମନରୁ ଏହି ବିଶ୍ୱାସଟିକୁ କାଢ଼ି ଫିଙ୍ଗି ଦିଆଯାଇ ପାରିବ, ଏବଂ ତା'ପରେ ପ୍ରାଣିକ ପ୍ରକୃତି ଏବଂ ଅବଚେତନ ଭୌତିକ ସ୍ତରଗୁଡ଼ିକରୁ ମଧ୍ୟ କାଢ଼ି ଫିଙ୍ଗି ଦିଆଯାଇ ପାରିବ, ତେବେ ମୃତ୍ୟୁ ଆଉ କଦାପି ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

ଏଇଟି ହେଉଛି ସମସ୍ୟାଟି ଉପରେ ଦୃଷ୍ଟିପାତ କରିବାର ଏକ ନକାରାତ୍ମକ ପ୍ରଣାଳୀ । ଅମରତ୍ୱ ଲାଭ କରିବାକୁ ଯଦି କେହି ସମ୍ଭବ ବୋଲି ବିଶ୍ୱାସ କରିପାରନ୍ତି, ତେବେ ତାହାକୁ ଦୃଷ୍ଟିପାତର ଏକ ଅଧିକ ସକ୍ରିୟ ମାର୍ଗ ବୋଲି କୁହାଯାଆନ୍ତା । ତାହା ଯେ ସମ୍ଭବ, କେବଳ ସେତିକି ନୁହେଁ, ମାତ୍ର ତାହାକୁ ଯେ ପରବର୍ତ୍ତୀ ଯୁଗରେ ପ୍ରକୃତରେ ଉପଲବ୍ଧି କରାଯାଇ ପାରିବ, ଯଦି ଆମେ ଏହିପରି ବିଶ୍ୱାସ ରଖିପାରିବା, ତେବେ ମୃତ୍ୟୁର ପ୍ରତିରୋଧ କରିବା ଲାଗି ଆମେ ଯଥେଷ୍ଟ ପରିମାଣରେ ଶକ୍ତି ଅର୍ଜନ କରି ପାରିବା ।

"ସଂଗଠିତ ବ୍ୟକ୍ତି-ଚେତନାକୁ ଯେପରି ଏକ ଦୃଢ଼ ଆଧାର ମିଳିପାରିବ, ସେଥିଲାଗି ଏକ ନିର୍ଦ୍ଦିଷ୍ଟ ରୂପ ଓ ଆକାରର ଆବଶ୍ୟକତା ରହିଥିଲା । ମାତ୍ର ତଥାପି ସେହି ରୂପ ଏବଂ ଆକାରର ଏହି ନିର୍ଦ୍ଦିଷ୍ଟ ହୋଇଯିବା ଦ୍ୱାରହିଁ ମୃତ୍ୟୁ ମଧ୍ୟ ଅବଶ୍ୟମ୍ଭାବୀ ହୋଇ ପଡ଼ିଲା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତି କେଉଁସବୁ ଉପାଦାନରେ ତିଆରି ହୋଇଛୁ, ତୁମ ଭିତରୁ କିଏ ମୋତେ କହିଦେଇ ପାରିବ ? ତୁମ ଭିତରେ ଏପରି କ'ଣ ରହିଛି, ଯାହାକି ତୁମକୁ ଏହି ଧାରଣାଟି ଆଣି ଦେଇପାରୁଛି ଯେ ତୁମେ ହେଉଛ ଜଣେ ବ୍ୟକ୍ତି ଏବଂ ଜଣେ ବ୍ୟକ୍ତିରୂପେ ଆପଣା ମଧ୍ୟରେ ଅବସ୍ଥାନ କରୁଛ ?

> "ମୁଁ ଭାବିପାରୁଛି, ତେଣୁ ମୁଁ ଅଛି"—ଦେକାର୍ତ୍ତଙ୍କ ସହିତ ଆମେ ଏହି କଥାଟି କହି ପାରିବା କି ?

ନା—ନା—ଆଦୌ ନୁହେଁ; ତୁମେ ଯେ ଏକ ବ୍ୟକ୍ତିସତ୍ତା, ସେଥିରୁ ତାହା ମୋଟେ ପ୍ରମାଣିତ ହୋଇ ପାରିବ ନାହିଁ ।

ତୁମ ଭିତରେ ଏପରି କ'ଣ ରହିଛି, ଯାହାକି ତୁମେ ନିଜେ ଜଣେ ବ୍ୟକ୍ତି ବୋଲି ତୁମକୁ ଏକ ଧାରଣା ଦେଇ ପାରୁଛି ?···ତୁମକୁ ଯେତେବେଳେ ଦଶ ବର୍ଷ ବୟସ ହୋଇଥିଲା, ସେତେବେଳେ, ତୁମେ ଜନ୍ମଗ୍ରହଣ କଲାବେଳେ ଯେଉଁଭଳି ଥିଲ, ତା'ଠାରୁ ଅନେକ ଅଲଗା ପ୍ରକାରର ଥିଲ; ଏବଂ ତୁମକୁ ଦଶ ବର୍ଷ ହୋଇଥିବା ସମୟରେ ତୁମେ ଯେଉଁପରି ଥିଲ, ବର୍ତ୍ତମାନ ତା'ଠାରୁ ଅନେକ ଅଲଗା ପ୍ରକାରର ହୋଇ ରହିଛ, ନୁହେଁ କି ? କେତୋଟି ନିର୍ଦ୍ଦିଷ୍ଟ ସୀମା ଭିତରେହିଁ ଆକୃତି ବଦଳିବାରେ ଲାଗିଥାଏ ଏବଂ ଏକ ସଦୃଶତା ମଧ୍ୟ ରହିଥାଏ; ମାତ୍ର ତଥାପି, ତୁମେ ଜନ୍ମ ହେଲାବେଳେ ତାହା ଯେପରି ଥିଲା, ବର୍ତ୍ତମାନ ତା'ଠାରୁ ଅନେକ ଅନ୍ୟ ପ୍ରକାରର ହୋଇ ରହିଛି । ତୁମେ ତ ସମ୍ଭବତଃ "ମୁଁ ଆଦୌ ଏପରି ନଥିଲି" ବୋଲି କହିବାକୁ ଉଚିତ ମନେ କରିବ । ଇଏ ଗଲା ତୁମ ଦେହର କଥା । ତୁମେ ଯେତେବେଳେ ପାଞ୍ଚ ବର୍ଷର ଥିଲ, ସେତେବେଳର ଅନ୍ତର୍ଗତ ଚେତନା ଓ ତୁମର ବର୍ତ୍ତମାନ ଅନ୍ତର୍ଗତ ଚେତନାଟିର କଥା ବିଚାର କରାଯାଉ । ଦୁଇଟିଯାକକୁ ସେହି ଗୋଟିଏ ବ୍ୟକ୍ତି ବୋଲି କେହି କଦାପି କହିବେ ନାହିଁ । ଏବଂ ତୁମର ଯାବତୀୟ ଭାବନା,—ତୁମକୁ ପାଞ୍ଚ ବର୍ଷ ହୋଇଥିବା ସମୟରେ ସେଗୁଡ଼ିକ କପରି ଥିଲା ଓ ବର୍ତ୍ତମାନ କପରି ଅଛି ? ସବୁକିଛି ଏହିପରି ଅଲଗା ହୋଇଯାଏ । ମାତ୍ର ତଥାପି, ଏସବୁ ସତ୍ତ୍ୱେ, ତୁମ ଭିତରେ ଏପରି କ'ଣ ରହିଥାଏ, ଯାହାକି, ତୁମେ ଠିକ୍ ସେହି ବ୍ୟକ୍ତିଟି ହୋଇ ରହିଛ ଓ ଜଣେ ବ୍ୟକ୍ତି ହିସାବରେହିଁ ଯାହାକିଛି ଭାବୁଛ ବୋଲି ତୁମକୁ ଏକ ଧାରଣା ଆଣିଦିଏ ?

ଆପଣାର ଗତିପଥରେ ବହିଯାଉଥିବା ଗୋଟିଏ ନଦୀର ଉଦାହରଣ ନିଆଯାଉ : କୌଣସି ସମୟରେ ସେଥିରେ ସେହି ଏକା ଜଳଧାରା ବହି ଯାଇ ନଥାଏ । ତେବେ ନଦୀ କହିଲେ ଆମେ ପ୍ରକୃତରେ କାହାକୁ ବୁଝିବା ? ସେହି ନଦୀର

'oaob.nitrkl.ac.in' images reprocessed

ଗୋଟିଏ ବୁନ୍ଦ ପାଣି ମଧ୍ୟ ସେହି ଏକା ବୁନ୍ଦ ହୋଇ ରହେ ନାହିଁ, ସେହି କ୍ଷେତ୍ରରେ ଆଦୌ କୌଣସି ସ୍ଥାୟିତ୍ୱ ନଥାଏ; ତେବେ ନଦୀଟି ପୁଣି କେଉଁଠାରେ ଥାଏ ? (ଏହି ଉଦାହରଣଟି ଦେଇ ଅନେକେ ବ୍ୟକ୍ତିତ୍ୱ ବୋଲି ଆଦୌ କିଛି ନାହିଁ ବୋଲି ପ୍ରମାଣ କରିବାକୁ ଯାଆନ୍ତି—କେଉଁଠି ହେଲେ ଆଦୌ କୌଣସି ବ୍ୟକ୍ତିତ୍ୱ ନାହିଁ ବୋଲି ପ୍ରମାଣ କରିବାକୁ ସେମାନେ ପ୍ରକୃତରେ ଖୁବ ବ୍ୟସ୍ତ ହୋଇ ପଡ଼ନ୍ତି ।) ସତ୍ତାଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଚେତନା ବଦଳିଯାଏ, ବସ୍ତୁ ବଦଳିଯାଏ, ବୋଧଗୁଡ଼ାକ ବଦଳି ଯାଉଥାଏ, ତେବେ ସତ୍ତା ବୋଲି ଆମେ ଆଉ କାହାକୁ କହିବା ? କେତେକ କହନ୍ତି ଯେ ବ୍ୟକ୍ତିତ୍ୱ ସ୍ମୃତି ଉପରେ ଆଧାରିତ ହୋଇ ରହିଥାଏ, ମନେ କରି ପାରିବାର ସାମର୍ଥ୍ୟଟି ଉପରେ ଆଧାରିତ ରହିଥାଏ : ତୁମେ ଯେ ଗୋଟିଏ ବ୍ୟକ୍ତିସତ୍ତା ହୋଇ ରହିଛ, ତୁମେ ତାହା ସ୍ମରଣ କରିପାର । ଏପରି କହିବା ସମ୍ପୂର୍ଣ୍ଣ ଭୁଲ, କାରଣ ତୁମର ଆଦୌ କୌଣସି ସ୍ମରଣଶକ୍ତି ନଥିଲେ ମଧ୍ୟ ତୁମେ ତଥାପି ଏକ ବ୍ୟକ୍ତିସତ୍ତା ହୋଇ ରହିଥାନ୍ତ ।

ନଦୀର ଶଯ୍ୟା ହେଉଛି ନଦୀ ।

ନଦୀର ଶଯ୍ୟା ନଦୀ ଲାଗି ସ୍ଥାନ ନିରୂପଣ କରିଦିଏ, ମାତ୍ର ସେହି ଶଯ୍ୟାଟି ମଧ୍ୟ ଅନେକ ପରିମାଣରେ ବଦଳି ଯାଉଥାଏ । ସେଥିରୁ ଏହି କଥାଟି ପ୍ରମାଣିତ ହୋଇଥାଏ ଯେ ସବୁକିଛି ଅସ୍ଥାୟୀ, ସବୁକିଛି ଅନିତ୍ୟ; ଏବଂ ଏହା ପ୍ରକୃତରେ ସତ୍ୟ । ମାତ୍ର ଏହା ହେଉଛି ସତ୍ୟର କେବଳ ଗୋଟିଏ ପାର୍ଶ୍ୱ, ସବୁଯାକ ପାର୍ଶ୍ୱ କଦାପି ନୁହେଁ । ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି କଥାଟିକୁ ଅନୁଭବ କରୁଥାଅ ଯେ ତୁମ ଭିତରେ "ସ୍ଥାୟୀ" ବୋଲି କୌଣସି ଏକ ଜିନିଷ ଅବଶ୍ୟ ରହିଛି,—ନୁହେଁ କି ?—ମାତ୍ର ଏହି ସ୍ଥାୟିତ୍ୱର ବୋଧଟି ପ୍ରକୃତରେ କେଉଁଠାରୁ ଆସିଥାଏ ?

ଯଦି ଭୌତିକ ଅର୍ଥରେ ଏହାର ଏକ ସ୍ଥାନନିରୂପଣ କରିଦେବାକୁ ହୁଏ, ତେବେ ମୁଁ ହୁଏତ କହିବି ଯେ ତାହା ମୋ ଗ୍ରୀବା ଭିତରେ କୌଣସି ଏକ ସ୍ଥାନରେ ରହିଛି । ମୁଁ ଯେତେବେଳେ "ମୁଁ କୌଣସି ଏକ କାମ କରିବାକୁ ଯାଉଛି" ବୋଲି କହିଥାଏ, ସେତେବେଳେ ତାହା କହୁଥିବା ସେହି "ମୁଁ" ପ୍ରକୃତ "ମୁଁ" କଦାପି ନୁହେଁ । ମୁଁ ଯେତେବେଳେ "ମୁଁ ଭାବୁଛି" ବୋଲି କହେ, ସେତେବେଳେ ଭାବୁଥିବା ସେହି "ମୁଁ"ଟି ପ୍ରକୃତ ମୁଁ

'oaob.nitrkl.ac.in' images reprocessed

ନୁହେଁ । ଅସଲ "ମୁଁ" ଭାବନାଟି ଉପରେ ଦୃଷ୍ଟିପାତ କରିବାରେ ଲାଗିଥାଏ, ଭାବନାଟି ଉତ୍ଥାପିତ ହୋଇ ଆସୁଥିବାର ତାହା ଲକ୍ଷ୍ୟ କରି ଦେଖୁଥାଏ । ଅବଶ୍ୟ ନିଃସନ୍ଦେହ ଭାବରେ ଏହାକୁ ମଧ୍ୟ କହିବାର ଏକ ପ୍ରଣାଳୀ ବୋଲି କୁହାଯିବ ।

ଅଧିକାଂଶ ସଂଖ୍ୟକ ଲୋକ ଯେତେବେଳେ "ମୁଁ" ବୋଲି କହନ୍ତି, ସେତେବେଳେ ସେମାନେ ସେମାନଙ୍କର ଏକ ନିର୍ଦ୍ଦିଷ୍ଟ ଅଂଶ ବିଷୟରେହିଁ କହୁଥାନ୍ତି, ସେତେବେଳେ ସେମାନଙ୍କର ଅନୁଭବ, ସେମାନଙ୍କର ଶରୀର ଓ ସେମାନଙ୍କର ଭାବନାର ଗୋଟିଏ ଅଂଶହିଁ ଭାରି ଉଦାସୀନ ହୋଇ ସେକଥା କହୁଥାଏ । ସେହି ଯେଉଁ ଅଂଶଟି ସବୁବେଳେ ବଦଳି ଯାଉଥାଏ, ସେହି ଅଂଶଟି କହୁଥାଏ । ତେଣୁ ସେମାନଙ୍କର ସେହି "ମୁଁ" ପ୍ରକୃତରେ ଅଗଣିତ ହୋଇ ରହିଥାଏ, ଅର୍ଥାତ୍ ସେମାନଙ୍କର "ମୁଁ" ସତତ ବଦଳି ଯିବାରେ ଲାଗିଥାଏ । ତେବେ ତା' ଭିତରେ ସ୍ଥାୟୀ ଓ ଅପରିବର୍ତ୍ତିତ ହୋଇ ପ୍ରକୃତରେ କ'ଣ ରହିଥାଏ ?···ନିଃସନ୍ଦେହ ଭାବରେ ସେଇଟି ହେଉଛି ଚୈତ୍ୟ ସତ୍ତା । କାରଣ, ସ୍ଥାୟୀ ଓ ଅପରିବର୍ତ୍ତିତ ହୋଇ ପାରିବାକୁ ହେଲେ କୌଣସି ଜିନିଷକୁ ସର୍ବପ୍ରଥମେ ନିତ୍ୟ ଓ ଅମର ହେବାକୁ ପଡ଼ିବ । ନହେଲେ ତାହା କଦାପି ନିତ୍ୟ ହୋଇ ରହି ପାରିବ ନାହିଁ । ତା'ଛଡ଼ା, ଯେଉଁସବୁ ଅନୁଭବର ମଧ୍ୟଦେଇ ତାହା ଗଢ଼ି କରୁଛି, ସେସବୁଥିରୁ ମଧ୍ୟ ତାହାକୁ ସ୍ୱତନ୍ତ୍ର ହୋଇ ରହିବାକୁ ପଡ଼ିବ । ସ୍ୱୟଂ ସେହି ଅନୁଭବଗୁଡ଼ିକରେ ପରିଣତ ହୋଇଗଲେ ଆଦୌ ଚଳିବ ନାହିଁ । ତେଣୁ ନଦୀର ଶଯ୍ୟାଟିକୁହିଁ ଆମେ ନିଶ୍ଚିତ ଭାବରେ କଦାପି ସେହି ନଦୀ ବୋଲି କହି ପାରିବା ନାହିଁ । ନଦୀର ଶଯ୍ୟା ତ ନଦୀ ଲାଗି କେବଳ ଏକ ପରିବେଶ ହୋଇ ରହିଥାଏ । ତୁଳନାଟିକୁ ଯଦି ଆମେ ଆଉ ଟିକିଏ ଆଗକୁ ବଢ଼ାଇ ନେଇଯିବା (ଅବଶ୍ୟ ଏକଥା ମଧ୍ୟ ସତ ଯେ ଏହି ତୁଳନାଗୁଡ଼ିକ ପ୍ରକୃତରେ ନିରର୍ଥକ; ଲୋକମାନେ ଯେତେବେଳେ ଯାହା ଇଚ୍ଛା କରନ୍ତି, ସେହି ତୁଳନାଗୁଡ଼ିକରୁ ସେତେବେଳେ ତାହା ବାହାର କରି ନିଅନ୍ତି), ତେବେ ଏପରି କୁହାଯାଇ ପାରିବ ଯେ ନଦୀ ହେଉଛି ଜୀବନକୁ ବୁଝିବା ଲାଗି ଗୋଟିଏ ଉତ୍ତମ ପ୍ରତୀକ,—ଯେଉଁ ଦ୍ରବ୍ୟଟି ନଦୀରେ ପ୍ରକୃତରେ ଅନୁକ୍ଷଣ ରହିଥାଏ, ତାହା ହେଉଛି "ଜଳ" । ସବୁବେଳେ ଯେ ଜଳର ସେହି ଏକା ବିନ୍ଦୁଟି ରହିଥାଏ, ସେକଥା ଆଦୌ ନୁହେଁ, ମାତ୍ର ତଥାପି ଜଳହିଁ ସବୁବେଳେ ରହିଥାଏ । ଜଳ ନଥିଲେ କୌଣସି ନଦୀ ସମ୍ଭବ ହୁଅନ୍ତା ନାହିଁ । ଏବଂ ଯେଉଁ ଦ୍ରବ୍ୟଟି ମନୁଷ୍ୟ ଭିତରେ ଅନୁକ୍ଷଣ ରହିଥାଏ, ସେଇଟି ହେଉଛି "ଚେତନା" । ମନୁଷ୍ୟ ଭିତରେ ଚେତନା ରହିଛି ବୋଲି ମନୁଷ୍ୟ ସ୍ଥାୟୀ ହୋଇ ରହିଛି । ବାହ୍ୟ ରୂପଗୁଡ଼ିକ କଦାପି ସ୍ଥାୟୀ ହୋଇ ରହନ୍ତି ନାହିଁ, ଚେତନାହିଁ ସ୍ଥାୟୀ ହୋଇ ରହେ;

'oaob.nitrkl.ac.in' images reprocessed

ଯେଉଁ ସାମର୍ଥ୍ୟଟି ଏହିସବୁ ଯାବତୀୟ ରୂପକୁ ଏକତ୍ର ବାନ୍ଧିରଖେ, ଯେଉଁ ସାମର୍ଥ୍ୟଟି ଏହି ସକଳ ବସ୍ତୁର ମଧ୍ୟଦେଇ ଗତି କରି ଯାଉଥାଏ, ସେଗୁଡ଼ିକର କେବଳ ଏକ ସ୍ଥିତିକୁ ସଂରକ୍ଷିତ କରି ରଖେ ନାହିଁ (ସ୍ଥିତିକୁ ଆମେ ଅତ୍ୟନ୍ତ ବାହ୍ୟ ହୋଇ ରହିଥିବା ଗୋଟିଏ ବସ୍ତୁ ବୋଲି କହିବା), ମାତ୍ର ଚେତନାର ସେହି ସ୍ପନ୍ଦନଟିକୁ ଅପରିବର୍ତ୍ତିତ କରି ରଖେ, ତାହାହିଁ ସ୍ଥାୟୀ ।

ଏବଂ ସୃଷ୍ଟି ମଧ୍ୟରେ ତାହାହିଁ ହେଉଛି ସେହି ମହାନ୍ ରହସ୍ୟ, କାରଣ ସବୁଠାରେ ସେହି ଗୋଟିଏ ଚେତନା ବର୍ତ୍ତମାନ ରହିଥାଏ, ସେହି ଏକ ପରମ ଚେତନା ବର୍ତ୍ତମାନ ରହିଥାଏ । ମାତ୍ର ଯେଉଁ ମୁହୂର୍ତ୍ତରେ ସେହି ଏକ ଓ ଅଖଣ୍ଡ ଚେତନା ଆପଣାକୁ ପରିପ୍ରକାଶିତ କରେ, ଆପଣାକୁ ବାହ୍ୟରୂପରେ ପ୍ରକଟ କରି ଆଣେ, ନିଜକୁ ବ୍ୟାପ୍ତ କରିଦିଏ, ସେତେବେଳେ ତାହା ସଂପ୍ରସାରଣର ଆବଶ୍ୟକତା ଦ୍ୱାରା ପରିଚାଳିତ ହୋଇ ଆପଣାକୁ ଅଗଣିତ ଅନେକ ଖଣ୍ଡରେ ବିଭାଜିତ କରିଦିଏ; ଏବଂ ସେହି ଖଣ୍ଡିତାଂଶର ପ୍ରତ୍ୟେକଟିହିଁ ଏକ ବ୍ୟକ୍ତି-ସତ୍ତାର ପ୍ରାରମ୍ଭରୂପେ ପ୍ରତିଷ୍ଠିତ ହୋଇ ଆସିଛି । ଯାବତୀୟ ବ୍ୟକ୍ତିରୂପର ମୂଳ ହେଉଛି ଏହି ରୂପଟିର ବିଧାନ, ବା ଏହି ରୂପଟିରହିଁ ସତ୍ୟ । ପ୍ରତ୍ୟେକ ରୂପର ଯଦି କୌଣସି ବିଧାନ ନଥାନ୍ତା, କୌଣସି ସତ୍ୟ ନଥାନ୍ତା, ତେବେ ବ୍ୟକ୍ତିଭାବାପନ୍ନ ହୋଇ ପ୍ରକଟ ହେବା ଲାଗି ମଧ୍ୟ ଆଉ କୌଣସି ସମ୍ଭାବନା ନଥାନ୍ତା । ସେହି କ୍ଷେତ୍ରରେ ତାହା ଅନନ୍ତ ଭାବରେ ପ୍ରସାରିତ ହୋଇ ରହିଥିବା ଏକ ବସ୍ତୁ ହୋଇ ରହିଥାନ୍ତା, ହୁଏତ ସଂକେନ୍ଦ୍ରଣର କେତେଗୁଡ଼ିଏ ବିନ୍ଦୁ ମଧ୍ୟ ରହିଥାନ୍ତା, କେତେକ ସମଷ୍ଟି ରହିଥାନ୍ତା, ମାତ୍ର ବ୍ୟକ୍ତିଗତ ଚେତନା ବୋଲି କିଛି ନଥାନ୍ତା । ପରମ ଏକ ଅନୁକ୍ଷଣ ଯେଉଁ ପ୍ରକ୍ରିୟାଟି ମଧ୍ୟଦେଇ ଅନେକ ରୂପରେ ପରିବର୍ତ୍ତିତ ହୋଇ ଚାଲିଛି, ପ୍ରତ୍ୟେକଟି ରୂପ ତା'ହେଲେ ସେହି ପ୍ରକ୍ରିୟାରେ କୌଣସି ଗୋଟିଏ ଉପାଦାନର ପ୍ରତିନିଧିତ୍ୱହିଁ କରୁଛି । ରୂପଗୁଡ଼ିକ ଯେ ଏପରି ଅନେକ ସଂଖ୍ୟାରେ ରହିଛନ୍ତି, ତାହାହିଁ ଆମକୁ ବିଧାନ, ଚେତନାଗତ ଉପାଦାନ, ବିଶ୍ୱବ୍ରହ୍ମାଣ୍ଡରେ ବ୍ୟାପ୍ତ ହୋଇ ଯାଇଥିବା ଏବଂ ସର୍ବଶେଷରେ ସ୍ୱତନ୍ତ୍ର ଗୋଟିଏ ଗୋଟିଏ ବ୍ୟକ୍ତିରୂପରେ ପରିଣତ ହୋଇଥିବା ସତ୍ୟଗୁଡ଼ିକର ଅଗଣିତ ପରିମାଣ ବିଷୟରେ ଏକ ସୂଚନା ଦେଇ ଯାଉଛି । ତେଣୁ, ବ୍ୟକ୍ତିଭାବ ଗ୍ରହଣ କରି ସେଇଥିରେ ପ୍ରତିଷ୍ଠିତ ହୋଇ ରହିବାର ପ୍ରୟୋଜନଟି ଦ୍ୱାରା ପ୍ରେରିତ ହୋଇ ବ୍ୟକ୍ତିସତ୍ତାଟି ମଧ୍ୟ ସତେଅବା ଆପଣାର ଉତ୍ପତ୍ତି ପାଖରୁ କ୍ରମଶଃ ଅଧିକରୁ ଅଧିକ ଦୂରକୁ ଚାଲି ଯାଉଥିବା ପରି ପ୍ରତୀତ ହେଉଛି । ମାତ୍ର ବ୍ୟକ୍ତି-ଭାବ ଓ ବ୍ୟକ୍ତି-ପ୍ରତିଷ୍ଠାର, ଅର୍ଥାତ୍ ଅନ୍ତର୍ଗତ ସତ୍ୟଟି ସମ୍ବନ୍ଧରେ ଏହି ସଜ୍ଞାନତାଟି ସମ୍ପୂର୍ଣ୍ଣ ହୋଇଯିବା ପରେ, ଏକ ଅନ୍ତର୍ଗତ ଏକାତ୍ମତା ଦ୍ୱାରା ପରିଚାଳିତ ହୋଇ ଅନେକତ୍ୱ ମଧ୍ୟରେ ମୂଳ ଏକତାଟିର ପୁନଃ ପ୍ରତିଷ୍ଠା ମଧ୍ୟ ସମ୍ଭବ ହୋଇ ପାରୁଛି । ଆମେ ବିଶ୍ୱଜଗତକୁ ଯେପରି ଭାବରେ ଦେଖୁଛୁ,

'oaob.nitrkl.ac.in' images reprocessed

ଏହାହିଁ ହେଉଛି ତାହାର ଅସଲ ଉଦ୍ଦେଶ୍ୟ । ଏହି ବ୍ୟାପାରଟି ଯେପରି ପ୍ରକୃତରେ ସଂଘଟିତ ହୋଇ ପାରିବ, ସେଇଥି ସକାଶେହିଁ ବିଶ୍ୱଜଗତ ଏହିଭଳି ଭାବରେ ତିଆରି ହୋଇଛି । ଆପଣା ସମ୍ବନ୍ଧରେ ସଜ୍ଞାନ ହୋଇ ପାରିବା ଲାଗିହିଁ ସର୍ବୋଚ୍ଚ ପରମସତ୍ତା ଆପଣା ସମ୍ମୁଖରେ ଆପଣାକୁ ପ୍ରକଟ କରି ଦେଇଛନ୍ତି ।

ସେକଥା ଯାହାହେଉ ପଛକେ, ଏହାହିଁ ହେଉଛି ଏହି ସୃଷ୍ଟିଟିର ସର୍ବମୂଳ ଆଧାର । ଆମେ ଆମର ଏହି ଜଗତଟି ବିଷୟରେ ସଚେତନ ହୋଇ ରହିବା, ଏହି ସଂସାରରେ ଆମର ଜୀବନଟିକୁ ଆମେ ସର୍ବୋତ୍ତମ ଭାବରେ କାର୍ଯ୍ୟରେ ଲଗାଇ ଶିଖିବା, ଏବଂ ଏହା ବ୍ୟତୀତ ଆଉ ଯାହା ଯାହା ରହିଲା, ତାହା ଯଥୋଚିତ ସମୟରେ ଅବଶ୍ୟ ଉପଗତ ହୋଇଯିବ ।

ସ୍ମରଣ ରଖିଥାଅ ଯେ ଏଠାରେ ମୁଁ ଜାଣିଶୁଣି ଅହଂକୁ ବ୍ୟକ୍ତିତ୍ୱବୋଧର ଗୋଟିଏ କାରଣରୂପେ ଉଲ୍ଲେଖ କରି ନାହିଁ । କାରଣ ଅହଂ ହେଉଛି ଏକ ମିଥ୍ୟା, ଏକ ପ୍ରତିଭାସ ମାତ୍ର, ତେଣୁ ବ୍ୟକ୍ତିତ୍ୱବୋଧକୁ ତାହାର ଦ୍ୱାରା ବ୍ୟାଖ୍ୟା କରିବାକୁ ବାହାରିଲେ ସ୍ୱୟଂ ସେହି ବ୍ୟକ୍ତିତ୍ୱବୋଧଟି ମଧ୍ୟ ମିଥ୍ୟା ଏବଂ ପ୍ରତିଭାସମୟ ଏକ ବସ୍ତୁରେ ଆସି ପର୍ଯ୍ୟବସିତ ହୋଇ ରହିବ (ବୁଦ୍ଧ ଏବଂ ଶଙ୍କର ସେହିପରି ଏକ ପ୍ରତିଷ୍ଠା କରି ଯାଇଛନ୍ତି) । ବ୍ୟକ୍ତିତ୍ୱବୋଧର ଅସଲ ମୂଳଟି ସ୍ୱୟଂ ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ ପ୍ରତିଷ୍ଠିତ ରହିଥିବାରୁ, ଅହଂକୁ ଆମେ ଏକ ଅସ୍ଥାୟୀ ବିକୃତି ବୋଲିହିଁ କହିବା; ହୁଏତ ଏହି ମୁହୂର୍ତ୍ତଟି ଲାଗି ଏହାର କୌଣସି ଆବଶ୍ୟକତା ରହିଛି ଏବଂ ଆବଶ୍ୟକତାଟି ଅତିକ୍ରାନ୍ତ ହୋଇଗଲେ ସେହି ଅହଂଟି ମଧ୍ୟ ଅତିକ୍ରାନ୍ତ ହୋଇଯିବ ଏବଂ ପରମ ଋତଚିତ୍ ପ୍ରତିଷ୍ଠିତ ହୋଇଯିବା ପରେ ସେହି ଆବଶ୍ୟକତା ଲାଗି ଆଉ କୌଣସି ଅବକାଶ ରହିବ ନାହିଁ ।

## ୫ ମାର୍ଚ୍ଚ ୧୯୫୧

ମା'ଆ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଲେଖିଥିବା (ପ୍ରଶ୍ନ ଓ ଉତ୍ତର ୧୯୨୯, ୫ ମେ) ଲେଖାଟିରୁ ଗୋଟିଏ ଅଂଶ ପଢ଼ିଲେ ।

ଏସବୁ ବିପର୍ଯ୍ୟୟ କାହିଁକି ଘଟେ ?

କାରଣ, ଏକ ଉଚ୍ଚତର ଚେତନା ଭୂପୃଷ୍ଠରେ ଆପଣାକୁ ପ୍ରକଟ କରିବାକୁ ଇଚ୍ଛା କରୁଥାଏ, ଏବଂ ମନୁଷ୍ୟ ତଥା ପ୍ରକୃତି ତାହାର ପ୍ରତିରୋଧ କରୁଥାନ୍ତି ।

'oaob.nitrkl.ac.in' images reprocessed

ହଁ, ଏହା ଅଂଶତଃ ସତ୍ୟ । ମାତ୍ର ପ୍ରକୃତି ମଧ୍ୟରେ ପ୍ରକୃତରେ ଏପରି କୌଣସି ମନୋଭାବ କାର୍ଯ୍ୟ କରୁଥାଏ ବୋଲି ମୁଁ ଆଦୌ ଭାବୁ ନାହିଁ । ଉଦାହରଣ ସ୍ୱରୂପ, ଯେତେବେଳେ ଏକ ଭୂମିକମ୍ପ ହୁଏ ବା କୌଣସି ଆଗ୍ନେୟଗିରିରୁ ଅଗ୍ନ୍ୟୁତ୍ପାତ ଘଟେ, ଯଦି ଲୋକମାନେ ତାହାର ସମୀପବର୍ତ୍ତୀ ହୋଇ ରହିଥାନ୍ତି ଏବଂ ଏହିସବୁ ବିପର୍ଯ୍ୟୟ ଦ୍ୱାରା ସେମାନଙ୍କର ମୃତ୍ୟୁ ଘଟେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ଲୋକମାନଙ୍କ ଲାଗି ତାହା ଏକ ବିପର୍ଯ୍ୟୟର କାର୍ଯ୍ୟ କରିଥାଏ, ମାତ୍ର ଆମେ ଏପରି ବେଶ୍ କଳ୍ପନା କରି ପାରିବା ଯେ ପ୍ରକୃତି ଲାଗି ତାହା ଏକ ଚମତ୍କାର କୌତୁକ ପରିହିଁ ମନେ ହୋଇଥାଏ । ଆମେ କହୁ, "ବାବାରେ,—କି ଭୟଙ୍କର ତୋଫାନ !" କୌଣସି ସନ୍ଦେହ ନାହିଁ ଯେ ମନୁଷ୍ୟମାନଙ୍କ ପାଇଁ ଏହା ପ୍ରକୃତରେ "ଭୟଙ୍କର", ମାତ୍ର ପ୍ରକୃତି ଲାଗି ଭୟଙ୍କର ନୁହେଁ । ଏଠାରେ ଅନୁପାତରହିଁ ଏକ ପ୍ରଶ୍ନ ଉଠୁଛି, ନୁହେଁ ? ଏହି କ୍ଷେତ୍ରରେ, ଆପଣାକୁ ରୂପାୟିତ କରିବା ଲାଗି ଇଚ୍ଛା କରୁଥିବା ଏକ ଉଚ୍ଚତର ଶକ୍ତି ଏବଂ ପ୍ରକୃତି ପକ୍ଷରୁ ତା' ବିରୁଦ୍ଧରେ ହେଉଥିବା ପ୍ରତିରୋଧର ପ୍ରସଙ୍ଗଗୁଡ଼ିକୁ ଏହା ଭିତରକୁ ଟାଣି ଆଣିବା କେତେଦୂର ଆବଶ୍ୟକ, ମୁଁ ସେକଥା ଜାଣେ ନାହିଁ । ହଁ, ଏପରି ହୁଏତ ସମ୍ଭବ ହୋଇପାରେ, ମାତ୍ର କଦାପି ଅପରିହାର୍ଯ୍ୟ ନୁହେଁ । ଏହି କଥାଟିକୁ ବେଶ୍ ସହଜ ଭାବରେ ବୁଝିହେବ ଯେ ଅତୁଳ ଓ ପ୍ରବଳ ଶକ୍ତିସମ୍ପନ୍ନ ପ୍ରକୃତି ପକ୍ଷରେ ଏହା ହେଉଛି ଗୋଟାଏ ଖେଳ ଏବଂ ପ୍ରକୃତି ଲାଗି ଏହା ହେଉଛି କେବଳ ଏକ ଦକ୍ ପରିବର୍ତ୍ତନ । ଏବଂ କୌଣସି କ୍ଷେତ୍ରରେ ମଧ୍ୟ ଏକ ବିପର୍ଯ୍ୟୟ ନୁହେଁ । ପ୍ରକୃତିର ଚେତନା ଅଥବା ଭୌତିକ ଚେତନାଟି ଲାଗି ଜଡ଼ସ୍ଥ ରୂପ ଏବଂ ଏହି ପୃଥିବୀରେ ବାସ କରୁଥିବା ମନୁଷ୍ୟସମୂହ ପ୍ରକୃତରେ ଗୋଟିଏ ଗୋଟିଏ ପିମ୍ପୁଡ଼ି ପରି । ତୁମେ ନଜେ ବି, ଯେତେବେଳେ ତୁମେ ବାଟରେ ଚାଲି ଯାଉଥାଅ, ସେତେବେଳେ ତୁମ ପାଦତଳେ ଦଳି ହୋଇ କେତେ ପିମ୍ପୁଡ଼ିମାନେ ମରିଯିବେ ବୋଲି ବାଟ ଭାଙ୍ଗି ଯିବା ଲାଗି ତୁମେ କଦାପି ଆବଶ୍ୟକ ବୋଲି ମନେ କର ନାହିଁ । ଯଦି ତୁମେ ଜଣେ କଡ଼ା "ଅହିଂସାବାଦୀ" ହୋଇଥାଅ, ତେବେ ତାହା ଅବଶ୍ୟ ଏକ ଅନ୍ୟ କଥା । ତୁମେ ତୁମର ବାଟ ଚାଲି ଯାଉଥାଅ, ଏବଂ ଯଦି ତୁମର ପାଦତଳେ ଶହେଟା ପିମ୍ପୁଡ଼ି ଚକଟି ହୋଇଯାନ୍ତି, ତେବେ ସେଥିରେ ଆଉ କାନ୍ଦୁକ୍ଳେ କରିବାର ନଥାଏ । ଏବଂ ପ୍ରକୃତିର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ପ୍ରକୃତି ତା'ର ଆପଣା ବାଟରେ ଚାଲି ଯାଉଥାଏ, ଏବଂ ତା'ର ଗତିପଥରେ ଯଦି ସିଏ କେତେ ହଜାର ମଣିଷଙ୍କର ବିନାଶ କରିଦିଏ, ତେବେ ତାହାକୁ ସିଏ ଆଦୌ ମହତ୍ତ୍ୱପୂର୍ଣ୍ଣ ବୋଲି ଗଣେ ନାହିଁ, ସିଏ ତ ପୁଣି ଆଉ କେତେ ନୂତନ ମଣିଷ ତିଆରି କରି ଥୋଇଦେଇ ପାରିବ ! ଏହା ଆଦୌ ଏକ କଷ୍ଟକର କାର୍ଯ୍ୟ ନୁହେଁ ।

'oaob.nitrkl.ac.in' images reprocessed

ମୋତେ ସତର ଅଠର ବର୍ଷ ହୋଇଥିବା ବେଳେ ଥରେ ପାରିସ୍‌ରେ ଯାହା ଘଟିଥିଲା, ମୋର ସେହି କଥା ମନେ ପଡ଼ୁଛି । ସେଠି ଏକ "ଦାନାର୍ଥେ ବଜାର" ଅନୁଷ୍ଠିତ ହେଉଥିଲା । ସେଠାକୁ ପୃଥିବୀଯାକରୁ ଲୋକମାନେ ଯାବତୀୟ ପ୍ରକାରର ସାମଗ୍ରୀ କିଣାକଣା କରିବାକୁ ଆସିଥିଲେ ଏବଂ ବଜାରଲବ୍ଧ ଧନ ଦାନାର୍ଥେ ବ୍ୟବହୃତ ହେଉଥିଲା (ପ୍ରକୃତରେ କାହାର ହିତ କରିବା ଅପେକ୍ଷା ଟିକିଏ ଚିତ୍ତବିନୋଦନ କରିନେବା ଉଦ୍ଦେଶ୍ୟରେହିଁ ଏହି ବଜାର ବସୁଥିଲା, ମାତ୍ର ତଥାପି ଦାତବ୍ୟ ଅନୁଷ୍ଠାନମାନ ଏହା ଦ୍ୱାରା ପ୍ରକୃତରେ ଲାଭବାନ୍ ହେଉଥିଲେ ।) ଉଚ୍ଚମର୍ଯ୍ୟାଦା ସମାଜର ସବୁଯାକ ଚାକଚକ୍ୟ ଏବଂ ଶାଳୀନତା ସତେଅବା ସେଇଠି ଆସି ରୁଣ୍ଡ ହୋଇଥିବା ପରି ମନେ ହେଉଥିଲା । ବଜାରଟି ଦେଖିବାକୁ ଭାରି ସୁନ୍ଦର ଥିଲା ସତ, ମାତ୍ର ଯଥେଷ୍ଟ ମଜବୁତ ହୋଇ ତିଆରି ହୋଇ ନଥିଲା, କାରଣ ମୋଟେ ତିନି ଚାରି ଦିନ ଲାଗି ବଜାରଟି ଚାଲୁ ରହିବାର କଥା ଥିଲା । ଉପରୁ ଝୁଲୁଥିବା କେନଭାସ୍ ଉପରେ ରଙ୍ଗ ଦେଇ ଛାତ ତିଆରି ହୋଇଥିଲା । ଚାରିଆଡ଼ ବିଜୁଳି ଆଲୁଅ ଦ୍ୱାରା ଆଲୋକିତ କରି ଯାଇଥିଲା, ସମସ୍ତ କାର୍ଯ୍ୟଟି ବେଶ୍ ସୁନ୍ଦର ଭାବରେ କରି ହୋଇଥିଲା । ମାତ୍ର, ଏକଥା ମଧ୍ୟ ସ୍ୱାଭାବିକ ଯେ ସମସ୍ତ ଜିନିଷଟି ମାତ୍ର କେତେଦିନ ଲାଗି କରି ହେଉଛି ବୋଲି ଖିଆଲ ରଖି ସବୁ କରି ହୋଇଥିଲା । ବିଜୁଳି ସରବରାହରେ ହଠାତ୍ କେଉଁଠି ଏକ ବ୍ୟତିକ୍ରମ ଘଟିଲା ଏବଂ ସବୁକିଛି ସଙ୍ଗେ ସଙ୍ଗେ ଜଳିବାକୁ ଆରମ୍ଭ କଲା । ଛାତରେ ନିଆଁ ଲାଗିଗଲା ଏବଂ ଛାତଟା ଲୋକଙ୍କ ଉପରେ ଖସିଯାଇ ପଡ଼ିଲା । ମୁଁ ଆଗରୁ ଯାହା କହୁଥିଲି, ସମାଜର ସବୁ ସମ୍ଭ୍ରାନ୍ତ ଲୋକ ସେହିଠାରେ ରୁଣ୍ଡ ହୋଇଥିଲେ,—ମାନବିକତା ଦୃଷ୍ଟିରୁ ବିଚାର କଲେ, ସେମାନଙ୍କ ସକାଶେ ଏହି ଘଟଣାଟି ପ୍ରକୃତରେ ଏକ ଭୟପ୍ରଦ ବିପର୍ଯ୍ୟୟ ପରି ଥିଲା । ପ୍ରବେଶ ଦ୍ୱାର ପାଖରେ ଯେଉଁ ଲୋକମାନେ ଥିଲେ, ସେମାନେ ପଳାଇ ଯିବା ଲାଗି ଚେଷ୍ଟା କଲେ; ଅନ୍ୟମାନେ, ହତବୁଦ୍ଧି ହୋଇ ଜଳୁଥିବା ସେହି ଅଗଣାଟି ମଧ୍ୟରେ, ସେମାନେ ମଧ୍ୟ ଦୁଆର ପାଖକୁ ଆସି ପଳାଇବାକୁ ଚେଷ୍ଟା କରୁଥାନ୍ତି । ଏହିପରି ଭାବରେ ଗୋଟାଏ ଭୟଙ୍କର ଧସ୍ତାଧସ୍ତି ଚାଲିଲା ! ଏହିସବୁ ଚାକଚକ୍ୟ ଭିତରେ ବଢ଼ିଥିବା ସୁଦୃଶ୍ୟ ମନୁଷ୍ୟମାନେ, ଯେଉଁମାନେ କି ସାଧାରଣତଃ ଏତେ ଭଦ୍ର ହୋଇ ରହିଥିଲେ ଓ ଅତ୍ୟନ୍ତ ଭଦ୍ର ବ୍ୟବହାର କରି ଆସିଥିଲେ, ସେମାନେ ସତେଅବା ରାସ୍ତା ଉପରର ଦଙ୍ଗାକାରୀମାନଙ୍କ ପରି ପରସ୍ପର ସହିତ ସଂଘର୍ଷ କରିବାକୁ ଲାଗିଲେ । ତାଙ୍କ ଭିତରେ କେହି ଜଣେ ସାମନ୍ତବଂଶୀୟ ବି ଥିଲେ, ତାଙ୍କୁ ସମସ୍ତେ ଖୁବ ଭଲ ଭାବରେ ଜାଣିଥିଲେ, ସିଏ ଜଣେ କବି ଥିଲେ, ଅତ୍ୟନ୍ତ ନିଖୁଣରୂପେ ସୁରୁଚିସମ୍ପନ୍ନ ଥିଲେ, ସିଏ ରୁପା ମୁଠିଆଣି କରି ହୋଇଥିବା ବାଡ଼ିଟିଏ ହାତରେ ଧରିଥିଲେ; ଏବଂ ସିଏ ମଧ୍ୟ ଆପଣାର ବାଡ଼ିରେ ସ୍ତ୍ରୀଲୋକମାନଙ୍କ ମୁଣ୍ଡ ଉପରେ ପ୍ରହାର କରି ବାଟ

'oaob.nitrkl.ac.in' images reprocessed

ବାହାର କରି ଆଗକୁ ଯିବା ଲାଗି ଚେଷ୍ଟା କରୁଥିଲେ ! ଏହାକୁ ପ୍ରକୃତରେ ଏକ ଅତ୍ୟନ୍ତ ଚମତ୍କାର ଦୃଶ୍ୟ ବୋଲି କୁହାଯିବ, ଏକ ଅତ୍ୟନ୍ତ ସୁଦୃଶ୍ୟ ବ୍ୟାପାର ବୋଲି କୁହାଯିବ । ପରେ, ସାମାଜିକ ସ୍ତରରେ କେତେ ରୋଦନ ଓ ଦୁଃଖପ୍ରକାଶ ହେଲା, କେତେ ବଡ଼ ବଡ଼ ଶବଯାତ୍ରା ବାହାରିଲା ଏବଂ କେତେ କେତେ ଗପ ଶୁଣିବାକୁ ମିଳିଲା···ସେତିକିବେଳେ ଜଣେ ସୁପରିଚିତ ବକ୍ତା ଡୋମିନିକାନ୍ ସମ୍ପ୍ରଦାୟର ଜଣେ ପାଦ୍ରୀଙ୍କୁ ଦୁର୍ଭାଗ୍ୟ ଓ ମୃତମାନଙ୍କର ସମାଧି ଉପରେ ଏକ ବକ୍ତୃତା ଦେବାକୁ ମଧ୍ୟ ଅନୁରୋଧ କରାଗଲା,—ସେହି ବ୍ୟକ୍ତିମାନେ ଉକ୍ତ ଅଗ୍ନିକାଣ୍ଡଟି ହେତୁ ପ୍ରାଣ ହରାଇଥିଲେ । ମୋର ମନେ ପଡ଼ୁଛି, ସିଏ ଏହିପରି ଗୋଟାଏ କିଛି କହିଥିଲେ : "ଯାହା ହେଲା, ଭଲ ହେଲା । ଭଗବାନଙ୍କର ବିଧାନଗୁଡ଼ିକୁ ମାନି ତୁମେମାନେ ମୋଟେ ଜୀବନ କଟାଉ ନଥିଲ ଏବଂ ସିଏ ସେଇଥିଲାଗି ଏହି ଅଗ୍ନିକାଣ୍ଡ ଘଟାଇ ତୁମମାନଙ୍କୁ ଶାସ୍ତି ଦେଲେ ।"

ଏବଂ, ଯେତେଥର ଏହିପରି କୌଣସି ବିପର୍ଯ୍ୟୟ ଘଟୁଥିଲା, ସେତେଥର ସେହି ଏକା କାହାଣୀର ପୁନରାବୃତ୍ତି ହେଉଥିଲା । ଅତ୍ୟନ୍ତ ସ୍ୱାଭାବିକ ଯେ ଅନେକ ଲୋକ ଏଥିରେ ପ୍ରତିବାଦ କଲେ ଏବଂ କହିଲେ, "ଆମର ଏମିତିଆ ଭଗବାନ ମୋଟେ ଦରକାର ନାହାନ୍ତି !" ମାତ୍ର ସାଧାରଣ ମନୁଷ୍ୟସମୂହର ଆଚରଣରେ ଏହି ବିଷୟଗୁଡ଼ାକ ସର୍ବଦା ଦେଖିବାକୁ ମିଳିଥାଏ ।

"ପାପଲିପ୍ତ" ମନୁଷ୍ୟସମୂହର ଧାରଣାଟି ଏକ ଖ୍ରୀଷ୍ଟିଆନ୍ ଧାରଣା । ପରମ ଦିବ୍ୟ ସତ୍ତାଙ୍କ ସମ୍ବନ୍ଧରେ ରହିଥିବା ଆମର ବିଚାରଟିକୁ ତାହା ମିଥ୍ୟାରେ ପରିଣତ କରିଦେଇଛି । ଯେଉଁ ଈଶ୍ୱର ବା ଦିବ୍ୟ ପରମସତ୍ତା, "ପାପଲିପ୍ତ" ହୋଇ ଜନ୍ମ ହୋଇଥିବାର ଦୁର୍ଭାଗ୍ୟବଶତଃ ଯିଏ ନିରୀହ ଲୋକମାନଙ୍କୁ ଶାସ୍ତି ଦେଇ ବାହାରନ୍ତି, ସିଏ କଦାପି ଖୁବ୍ବେଶୀ ଉଦାର ହୋଇ ନଥିବେ ! ଅବଶ୍ୟ, ଏକଥା ସତ ଯେ···

"ବସ୍ତୁଗୁଡ଼ିକର ରହସ୍ୟୋଦ୍‌ଘାଟନ କରିବାରେ ଦର୍ଶନ ସବୁବେଳେ ବିଫଳ ହୋଇ ଆସିଛି; କାରଣ ତାହା ଏହି ବିଶ୍ୱଜଗତକୁ ମନୁଷ୍ୟ-ମନର ଆୟତନଟି ସହିତ ଖାପ ଖୁଆଇ ରଖିବାକୁ ଚେଷ୍ଟା କରି ଆସିଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

"ମନୁଷ୍ୟ-ମନର ଆୟତନଟି ସହିତ ଖାପ ଖୁଆଇ ରଖିବା,"—ପ୍ରତ୍ୟେକ ମନୁଷ୍ୟ ଠିକ୍ ଏହାହିଁ କରିଥାନ୍ତି । ଏପରି କରିବାର ମଧ୍ୟଦେଇ ସେମାନେ ଯେ

'oaob.nitrkl.ac.in' images reprocessed

କେବଳ ବିଶ୍ୱଜଗତର ବାହାର କରି ବସନ୍ତି ତା’ ନୁହେଁ, ମାତ୍ର, ଯେଉଁ ଉଚ୍ଚ ବିଧାନମାନ ଏହି ବିଶ୍ୱଜଗତକୁ ତିଆରି କରିଛନ୍ତି, ସେମାନେ ସେଗୁଡ଼ିକର ମଧ୍ୟ ବାହାର କରି ବସନ୍ତି ଏବଂ ଏହିପରି କରି ସେମାନେ ପ୍ରକୃତରେ କିଛି ଜାଣିବାକୁ ସମର୍ଥ ହେଲେ ବୋଲି କଳ୍ପନା କରିବାରେ ଲାଗିଥାନ୍ତି ।

> "ମୁକ୍ତି" କହିଲେ କ’ଣ ସକଳ ଆସକ୍ତିରୁ ମୁକ୍ତ ହୋଇ ରହିବାକୁ ବୁଝାଇବ ?

ଏହା ଯେ କେବଳ ସକଳ ଆସକ୍ତିରୁ ମୁକ୍ତ ହୋଇ ରହିବାକୁ ବୁଝାଇବ ତା’ ନୁହେଁ, ମାତ୍ର ପରିଣାମ-ସମ୍ପର୍କୀୟ ଯାବତୀୟ ବିଧାନର ବନ୍ଧନରୁ ମଧ୍ୟ ମୁକ୍ତ ହୋଇ ଆସିବାକୁ ବୁଝାଇବ । ଜଡ଼ର କ୍ଷେତ୍ରରେ ଏପରି ଏକ ନିୟନ୍ତ୍ରଣବାଦ କାର୍ଯ୍ୟ କରୁଥାଏ ଯାହାକି ପରିଣାମ-ସମ୍ପର୍କୀୟ ବିଧାନଟିରୁ ନିଷ୍ପନ୍ନ ହୋଇଥାଏ, କାର୍ଯ୍ୟକାରଣବାଦରୁ ନିଷ୍ପନ୍ନ ହୋଇଥାଏ; ତେଣୁ ଅନ୍ତର୍ଗତ ମୁକ୍ତି ତୁମକୁ ଯେ କେବଳ ସକଳ ଆସକ୍ତି ମଧ୍ୟରୁ ମୁକ୍ତ କରିଆଣେ ତା’ ନୁହେଁ, ତୁମକୁ ଯାବତୀୟ ପରିଣାମ ମଧ୍ୟରୁ ବି ମୁକ୍ତ କରି ଆଣିଥାଏ । ମୁଁ ଯେପରି ଅନେକ ଥର ତୁମମାନଙ୍କୁ କହି ଆସିଛି, ତୁମର ଅନ୍ତର୍ଗତ ମୁକ୍ତି ଫଳରେ ତୁମର ଚେତନା ଏହି ଜଡ଼ ଜଗତର ନିୟନ୍ତ୍ରଣ କରୁଥିବା ସ୍ତରଟିରୁ ଅନେକ ଉପରକୁ ଉଠିଯାଏ, ଏବଂ, ସେହି ଉଚ୍ଚତର ସ୍ତରରୁହିଁ ଆପଣାକୁ ଅବତୀର୍ଣ୍ଣ କରାଇ ପରମ ଶକ୍ତି ଜଡ଼ପ୍ରତୀୟ ଯାବତୀୟ ପରିଣାମର ଖଣ୍ଡନ କରିଦିଏ ।

> ଉଚ୍ଚତର ଚେତନାରେ ଯଦି କେହି ଏକ ନିର୍ଦ୍ଦିଷ୍ଟ ସତ୍ୟର ଉପଲବ୍ଧି କରେ ମାତ୍ର ଯଦି ମନ ତାହାର ପ୍ରତିରୋଧ କରୁଥାଏ, ସେତେବେଳେ ମନକୁ ଏହି ସତ୍ୟଟିକୁ ଗ୍ରହଣ କରି ନେବା ଲାଗି ବାଧ୍ୟ କରାଯାଇ ପାରିବ କି ?

ଯଦି ସେପରି ବାଧ୍ୟ କରି ପାରିବ, ତେବେ ଭଲ କଥା । ମାତ୍ର ତାହା କରିବା ଆଦୌ ଏପରି ସହଜ ନୁହେଁ । ଏହି କଥାଟି ଘଟିବ ବୋଲି ମନକୁ ବାଧ୍ୟ କରାଯାଉ ବୋଲି ଏକ ନିଷ୍ପତ୍ତି ଗ୍ରହଣ କରିନେବାହିଁ ଏହି କ୍ଷେତ୍ରରେ ଆଦୌ ଯଥେଷ୍ଟ ନୁହେଁ । ସେପରି କଲେ ମନ ବି ତା’ ବିରୁଦ୍ଧରେ ବିଦ୍ରୋହ କରେ । ଏବଂ କେବଳ ମନ ଏକୁଟିଆ ଯେ ବିଦ୍ରୋହ କରେ, ସେକଥା ମଧ୍ୟ ନୁହେଁ । ଏବଂ ମନ ବିଦ୍ରୋହ

'oaob.nitrkl.ac.in' images reprocessed

କରିବାକୁ ଆରମ୍ଭ କଲେ ତୁମେ ତା'ପରେ କ'ଣ କରିବ ? ସେ ଯାହା କରିବାକୁ ଇଚ୍ଛା କରୁଛି, ତାକୁ ତାହାହିଁ କରିବାକୁ ଛାଡ଼ିଦେବ ? ତା'ର ଇଚ୍ଛାପୂରଣର ସକଳ ଭଣ୍ଡାରକୁ ନିଃଶେଷିତ କରି ଦେବ ? ଏଇଟାକୁ ଆଦୌ ଏକ ଭଲ ଉପାୟ ବୋଲି କହି ହେବ ନାହିଁ !

ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସେହି ଗୋଟିଏ ପ୍ରକାରେ କଦାପି କାର୍ଯ୍ୟ ଚାଲି ନଥାଏ । ଏପରି ଲୋକ ଅଛନ୍ତି, ଯେଉଁମାନଙ୍କ ମୁଣ୍ଡରେ କି ଏଡ଼େବଡ଼ ଗୋଟାଏ ଆଲୋକ ରହିଥାଏ (ବା, ଏପରି ଗୋଟାଏ ଆଲୋକ ରହିଥାଏ ବୋଲି ସେମାନେ ଭାବୁଥାନ୍ତି), ସେମାନେ ଅନେକ କଥା ଜାଣିଥାନ୍ତି, ଏହି ସଂସାର ଓ ସଂସାରସ୍ଥ ଅନ୍ୟମାନଙ୍କର କିପରି ଆଚରଣ କରିବା ଉଚିତ, ସେମାନେ ସେକଥା ଜାଣିଥାନ୍ତି, ଏବଂ ତା'ପରେ, ସେମାନେ ନିଶ୍ଚିତ ହୋଇ ରହିଥାନ୍ତି ଯେ ସେମାନେ ମାର୍ଗଟି ଉପରେ ମଧ୍ୟ ଅନେକ ଦୂର ଅଗ୍ରସର ହୋଇଯାଇ ପାରିଛନ୍ତି; ମାତ୍ର ସେମାନେ ଯେତେବେଳେ କାର୍ଯ୍ୟ କରିବାକୁ ଆରମ୍ଭ କରନ୍ତି, ସେମାନେ ରାସ୍ତାରେ ଏଇଟା ସେଇଟା କରି ବୁଲୁଥିବା କୌଣସି ସାନ ପିଲା ଅପେକ୍ଷା ମଧ୍ୟ ଅଧିକ ନିର୍ବୋଧତାର ପ୍ରମାଣ ଦିଅନ୍ତି । ଏପରି କାହିଁକି ହୁଏ ? କାରଣ, ମନ ପ୍ରକୃତରେ କୌଣସି ନିଷ୍ପତ୍ତି ଗ୍ରହଣ କରି ନଥାଏ, ଏବଂ ଯଦିବା ଗ୍ରହଣ କରିଥାଏ, ମନ ପ୍ରକୃତରେ ତାହାକୁ କୌଣସି ପ୍ରକାରେ କାର୍ଯ୍ୟକାରୀ କରି ନଥାଏ । ଯିଏ ସେଇଟିକୁ କାର୍ଯ୍ୟକାରୀ କରିଥାଏ, ସିଏ ମନର କର୍ତ୍ତୃତ୍ୱକୁ ମୋଟେ ସ୍ୱୀକାର କରେ ନାହିଁ, ମାତ୍ର ମନକୁ କହୁଥାଏ : "ତୁ ମତେ ଏକୁଟିଆ ଛାଡ଼ିଦେ, ମତେ ଆଉ ଏପରି ବିରକ୍ତ କର ନା ! ମୁଁ ମୋର ନିଜ ପ୍ରେରଣାଗୁଡ଼ିକର ଅନୁସାରେହିଁ କାର୍ଯ୍ୟ କରି ଯାଉଛି !" ଏପରି କ୍ଷେତ୍ରରେ ତୁମେ ପ୍ରକୃତରେ କ'ଣ କରିବ ? ତୁମ ମନକୁ ଗୋଟାଏ ପାଠ ପଢ଼ାଇବାକୁ ଯିବ ? ତୁମେ ସର୍ବଦାହିଁ ସେପରି ଚେଷ୍ଟା କରିପାର, ମାତ୍ର ତୁମେ ସେଥିରେ ସଫଳତା ଲାଭ କରିବ ବୋଲି ଆଦୌ କୌଣସି ନିଶ୍ଚୟତା ନାହିଁ । ଏହା ଆଦୌ ଏକ ସହଜ ସମସ୍ୟା ନୁହେଁ,...ମନୁଷ୍ୟ ପ୍ରକୃତି ଆଦୌ ଦୃଢ଼ ନୁହେଁ । ଗୋଟିଏ ପ୍ରକାରେ ଚିନ୍ତା କରିସାରିବା ପରେ ତାହା ପୁଣି ଆଉଗୋଟିଏ ପ୍ରକାରେ ମଧ୍ୟ ଚିନ୍ତା କରିବାକୁ ଆରମ୍ଭ କରେ; ଗୋଟିଏ ପ୍ରକାରେ ଅନୁଭବ କରିସାରିବା ପରେ ଆଉଗୋଟାଏ ପ୍ରକାରେ ବି ଅନୁଭବ କରିବାକୁ ଆରମ୍ଭ କରେ ! ଏହିପରି ଭାବରେ ସବୁକିଛି ଚାଲିଥାଏ, କିଛି ସ୍ଥାୟୀ ହୋଇ ରହେ ନାହିଁ । ଭଲ ମନ୍ଦ ଅପେକ୍ଷା ଆଦୌ ଅଧିକ ସ୍ଥାୟୀ ହୋଇ ରହେ ନାହିଁ, ଭଲ ଅପେକ୍ଷା ମନ୍ଦ ହୁଏତ ଟିକିଏ ଅଧିକ ସ୍ଥାୟୀ ହୋଇ ରହି ଯାଉଥାଏ । ମାତ୍ର, ଯେତେ ଯାହା ହେଉ ପଛକେ, ଏହା ଆଦୌ ଦୀର୍ଘସମୟ ସ୍ଥାୟୀ ହୁଏ ନାହିଁ । ତେଣୁ ଅପେକ୍ଷା କରିବା ଲାଗି ଯଦି ପ୍ରକୃତରେ ତୁମ ଭିତରେ ଯଥେଷ୍ଟ

'oaob.nitrkl.ac.in' images reprocessed

ଧୈର୍ଯ୍ୟ ଥାଏ, ତେବେ ତାହା ଯେ ଦିନେ ନା ଦିନେ ବଦଳିଯିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

ମାତ୍ର ପୁଣି ତ ସବୁକିଛି ଫେରି ବି ଆସିବ !

ହଁ, ଅବଶ୍ୟ ଫେରି ଆସିବ । କାରଣ, ଏହିପରି ସ୍ଥିତିରେ ପ୍ରକୃତିରେ କିଛିହେଲେ ବଦଳେ ନାହିଁ । କେବଳ ତାହାର ଛନ୍ଦଟାହିଁ ବଦଳିଯିବ । ଏହା ଠିକ୍ ସେହିପରି ରଙ୍ଗଚକର ପରି; ବର୍ତ୍ତମାନ ଗୋଟିଏ ରଙ୍ଗ ଦିଶିବ, ଆଉବେଳେ ଆଉ ଗୋଟାଏ ଦିଶିବ, ଏବଂ ଯଦି ଜଣେ ଅନେକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିପାରିବ, ତେବେ ସେ ନାଲି, ନୀଳ, ଧଳା, ନାଲି, ନୀଳ, ଧଳା···ଏହିପରି ଦେଖିବାରେ ଲାଗିଥିବ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ଏବିଷୟରେ ଗୋଟିଏ ସାନ ସୁନ୍ଦର ସିଦ୍ଧାନ୍ତ ମଧ୍ୟ ରହିଛି, ମୁଁ ଅନେକ ସମୟରେ ତାହା ଶୁଣିବାକୁ ପାଇଛି । ସେମାନେ କହନ୍ତି ଯେ ପ୍ରାଣଟାକୁ କେବେହେଲେ ଦବାଇ ରଖିବା ଉଚିତ ନୁହେଁ । ପ୍ରାଣ ଯାହାକିଛି କରିବାକୁ ଇଚ୍ଛା କରୁଛି, ତାକୁ ସେସବୁ କରିବା ଲାଗି ବାଟ ଛାଡ଼ିଦେବା ଉଚିତ । ଏହିପରି ସ୍ଥିତିରେ ପ୍ରାଣ କ୍ରମେ କ୍ଲାନ୍ତ ହୋଇ ପଡ଼ିବ ଏବଂ ଆରୋଗ୍ୟ ଲାଭ କରିବ ! ଏହାକୁ ଏକ ଚରମ ନିର୍ବୋଧତା ବୋଲିହିଁ କୁହାଯିବ ! ଏହାର ପ୍ରଥମ କାରଣଟି ହେଉଛି ଯେ, ପ୍ରାଣିକ ସ୍ତରର ପ୍ରକୃତିଟି ଯେପରି, ସେଥିରେ ତାହାର କେବେହେଲେ ପୂର୍ଣ୍ଣ ତର୍ପଣ ଆସେ ନାହିଁ; ଏବଂ ଯେତେବେଳେ କୌଣସି ଏକ କାର୍ଯ୍ୟ ସ୍ୱାଦହୀନ ହୋଇ ପଡ଼ିବା ପରି ବୋଧ ହେବ, ସେତେବେଳେ ତାହା ମାତ୍ରାଟିକୁ ଦ୍ୱିଗୁଣିତ କରି ପକାଇବ । ଆପଣାର ନିର୍ବୋଧତା-ଗୁଡ଼ାକ ଦ୍ୱାରା କେବେ ବିରକ୍ତ ହୋଇ ପଡ଼ିଲେ, ତାହା ସେହି ନିର୍ବୋଧତା ଏବଂ ସେହି ଅତିରକ୍ତତାଗୁଡ଼ାକୁ ଆହୁରି ଅଧିକ ପରିମାଣରେ ବଢ଼ାଇ ଦେବ, ଏବଂ ଯଦି ସେପରି କରି ତାହା କୌଣସି କ୍ଲାନ୍ତି ଅନୁଭବ କରେ, ତେବେ ଟିକିଏ ବିଶ୍ରାମ ଗ୍ରହଣ କରି ସାରିବା ପରେହିଁ ତାହା ପୁଣି ସେହି କାର୍ଯ୍ୟଟିକୁ ଆରମ୍ଭ କରିଦେବ । କାରଣ ତାହା କଦାପି ବଦଳିବ ନାହିଁ । ଆହୁରି ଅନ୍ୟମାନେ କହନ୍ତି ଯେ ଯଦି ତୁମେ ନିଜର ପ୍ରାଣ ଉପରେ ଚକାଟିଏ ମାଡ଼ି ବସିଯାଅ, ତେବେ ତାହା ବେଶ୍ ଦବି କରି ରହିବ, ମାତ୍ର ପୁନର୍ବାର ଦିନେ ହାବେଲୀବାଣ ପରି ଫସ୍ କରି ବାହାରି ଆସିବ···ଏବଂ ଏହି କଥାଟି ପ୍ରକୃତିରେ ସତ । ତେଣୁ, ପ୍ରାଣକୁ ଦବାଇ ରଖିଲେ ସମାଧାନ ମିଳିବ ନାହିଁ । ପ୍ରାଣ ଯାହା କରିବାକୁ ଇଚ୍ଛା କରୁଛି, ତାକୁ ତାହାହିଁ କରିବା ଲାଗି ବାଟ ଛାଡ଼ିଦେଲେ ମଧ୍ୟ ସମାଧାନ ମିଳିବ ନାହିଁ, ଏବଂ ତଦ୍ଦ୍ୱାରା ସାଧାରଣତଃ ଅନେକ ଅତିଗମ୍ଭୀର ବିଶୃଙ୍ଖଳାମୟ ପରିଣାମ ଆସି ପହଞ୍ଚିବାହିଁ ସାର ହେବ । ତେଣୁ ଏକ ତୃତୀୟ ସମାଧାନ ମିଳିପାଇବା ଉଚିତ ।

'oaob.nitrkl.ac.in' images reprocessed

ଊର୍ଦ୍ଧ୍ୱରୁ ଆଲୋକ ଆସିବ ଓ ତାହାକୁ ଶୁଦ୍ଧ କରିଦେଇ ପାରିବ ବୋଲି କ'ଣ ତା'ହେଲେ ଏକ ଅଭୀପ୍ସା ରଖିବାକୁ ହେବ ?

ହଁ, ନିଶ୍ଚୟ ରଖିବାକୁ ହେବ । ମାତ୍ର ସମସ୍ୟାଟି ତଥାପି ରହିଥିବ । ତୁମେ ଏକ ପରିବର୍ତ୍ତନ ଲାଗି ଅଭୀପ୍ସା କରୁଛ, ହୁଏତ ଏକ ବିଶେଷ କୌଣସି କ୍ଷେତ୍ରରେ ପରିବର୍ତ୍ତନ ଲାଗି ଅଭୀପ୍ସା ରଖିଛ; ମାତ୍ର ତୁମର ଅଭୀପ୍ସାର ଉତ୍ତରଟି କଦାପି ସଙ୍ଗେ ସଙ୍ଗେ ଆସି ପହଞ୍ଚି ଯିବ ନାହିଁ ଏବଂ ଇତିମଧ୍ୟରେ ତୁମର ପ୍ରକୃତି ମଧ୍ୟ ବେଶ୍ ପ୍ରତିରୋଧ କରିଦେବାକୁ ଆରମ୍ଭ କରିଦେବ । ଘଟଣାଗୁଡ଼ିକ ଠିକ୍ ଏହିପରି ଘଟିଥାଏ : ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରକୃତି ସତେଅବା ବଶ୍ୟତା ସ୍ୱୀକାର କରିନେବା ପରି ବୋଧ ହୁଏ, ଏବଂ ତୁମକୁ ତୁମର ଇପ୍ସିତ ଫଳଟି ମିଳିଗଲା ବୋଲି ତୁମେ ଭାବିବାକୁ ଆରମ୍ଭ କର । ମାତ୍ର, ସେହି ଅନ୍ୟଜଣକ, ଯିଏ କି ଭାରି ଚତୁର ଏବଂ ଭାରି ନୀରବ ହୋଇ ଆପଣାର କୋଣଟିରେ ଅପେକ୍ଷା କରି ରହିଥାଏ, ଯେତେବେଳେ ତୁମେ ଟିକିଏ ଅସାବଧାନ ହୋଇ ରହିଥାଅ, ସିଏ ବାକ୍ସ ଭିତରେ ବନ୍ଦ ହୋଇ ରହିଥିବା ରାକ୍ଷସଟି ପରି ବାକ୍ସ ଭିତରୁ ଲମ୍ଫପ୍ରଦାନ କରି ବାହାରିଆସେ, ଏବଂ ତା'ପରେ ତୁମକୁ ସବୁକିଛି ପୁଣି ମୂଳରୁହିଁ ଆରମ୍ଭ କରିବାକୁ ପଡ଼େ ।

ମାତ୍ର, ବିଷୟଟିର ଚେରଗୁଡ଼ାକୁ ଯଦି ସମ୍ପୂର୍ଣ୍ଣ ଭାବରେ ଉପାଡ଼ି କରି ଦିଆଯାଏ ?

ନାହିଁ, ନାହିଁ,—ସେବିଷୟରେ ନିଶ୍ଚିତ ଭାବରେ କିଛି କହି ହେବ ନାହିଁ । ମୁଁ ଏପରି ଲୋକଙ୍କୁ ଜାଣିଥିଲି, ଯେଉଁମାନେ କି ପୃଥିବୀଟିକୁ ଏତେବେଶୀ ପରିମାଣରେ ସଙ୍କୁଚିତ କରିଆଣି ପୃଥିବୀର ପରିତ୍ରାଣବିଧାନ କରିବାକୁ ଇଚ୍ଛା କରୁଥିଲେ ଯେ ତା'ପରେ ଆଉ ପୃଥିବୀ ବୋଲି ଆଦୌ କିଛିହେଲେ ରହୁ ନଥିଲା ! ଏଇଟା ହେଉଛି ବୈରାଗୀର ମାର୍ଗ,—ସମସ୍ୟାର ସମ୍ଭାବନାଟିକୁହିଁ ମାରି ଦିଆହୋଇ ଏଥିରେ ସମସ୍ୟାଟିର ସମାଧାନ କରିବା ଲାଗି ଚେଷ୍ଟା କରାଯାଏ । ମାତ୍ର ତଦ୍ଦ୍ୱାରା ଆଦୌ କୌଣସି ପରିବର୍ତ୍ତନ ହୁଏ ନାହିଁ ।

ନାହିଁ,—ଏକ ମାର୍ଗ, ଏକ ନିଶ୍ଚିତ ମାର୍ଗ ଅବଶ୍ୟ ରହିଛି । ମାତ୍ର ତୁମର ମାର୍ଗଟି ଅତ୍ୟନ୍ତ ସ୍ୱଚ୍ଛଦୃଷ୍ଟି ହୋଇ ରହିଥିବା ଆବଶ୍ୟକ, ଏବଂ ତୁମ ନିଜ ବିଷୟରେ, ତୁମ ନିଜ ଭିତରେ ଯାହାକିଛି ଘଟୁଛି ଓ ଯେଉଁ ସ୍ତରରେ ଯାବତୀୟ ବ୍ୟାପାର ଘଟୁଛି, ସେହି ବିଷୟରେ ତୁମର ଚେତନା ପୂର୍ଣ୍ଣଜାଗ୍ରତ ହୋଇ ରହିଥିବା ଆବଶ୍ୟକ ।

'oaob.nitrkl.ac.in' images reprocessed

ବର୍ତ୍ତମାନ ଆମେ ଏପରି ଜଣେ ବ୍ୟକ୍ତିର ଉଦାହରଣ ନେବା, ଯିଏକି ଅତ୍ୟନ୍ତ କ୍ରୋଧ ଏବଂ ହିଂସ୍ରକତାର ବଶବର୍ତ୍ତୀ ହୋଇପଡ଼ୁଛି । ଗୋଟିଏ ମାର୍ଗର ବିଧି ଅନୁସାରେ ତାକୁ କୁହାଯିବ : "ତୁମର ଯେତେ ଇଚ୍ଛା ସେତେ କ୍ରୋଧ କରୁଥାଅ, ତାହାର ପରିଣାମଗୁଡ଼ିକୁ ତୁମେ ଭୋଗ କରୁଥିବ ଏବଂ ଏହିପରି ଭାବରେ ତୁମେ କ୍ରୋଧର କବଳରୁ ମୁକ୍ତିଲାଭ କରିବ ।" ଏହି ସମାଧାନଟି ବିଷୟରେ ବେଶ୍ ଆଲୋଚନା କରାଯାଇ ପାରିବ । ଆଉଗୋଟିଏ ଉପାୟର ବିଧି ଅନୁସାରେ ତାକୁ କୁହାଯିବ : "ଆପଣାର କ୍ରୋଧକୁ ମାଡ଼ିମକୁଡ଼ି ଧରି ତୁମେ ତା' ଉପରେ ବସିଯାଅ ଏବଂ ତୁମର କ୍ରୋଧ ଅନ୍ତର୍ହିତ ହୋଇଯିବ ।" ଏହି ସମାଧାନଟି ବିଷୟରେ ବି ଆଲୋଚନା କରାଯାଇ ପାରିବ । ସେକଥା ଯାହା ହେଉ ପଛକେ, ତୁମକୁ ନିରନ୍ତରହିଁ ଆପଣାର କ୍ରୋଧକୁ ଆୟତ୍ତ କରି ରଖିବାକୁ ପଡ଼ିବ, କାରଣ, ଯଦି ଗୋଟିଏ ମିନିଟ ପାଇଁ ମଧ୍ୟ ତୁମେ ଟିକିଏ ଠିଆ ହୋଇ ପଡ଼ିବ, ତେବେ ତାହାର ପରିଣାମକୁ ତୁମେ ସଙ୍ଗେସଙ୍ଗେ ଦେଖିବାକୁ ପାଇବ । ତେବେ, ଏହି କ୍ଷେତ୍ରରେ ଆମକୁ କ'ଣ କରିବାକୁ ହେବ ?

ତୁମକୁ ଅଧିକରୁ ଅଧିକ ପରିମାଣରେ ସଚେତନ ହେବାକୁ ପଡ଼ିବ । ବିଷୟଟି ପ୍ରକୃତରେ କିପରି ଘଟୁଛି, କେଉଁ ବାଟଟି ଧରି କ୍ରୋଧଟି ତୁମ ପାଖକୁ ଆସୁଛି, ତୁମକୁ ତାହା ଗଭୀର ଭାବରେ ନିରୀକ୍ଷଣ କରିବାକୁ ପଡ଼ିବ ଏବଂ ତାହା ତୁମକୁ ଆପଣାର ବଶ କରିନେବା ପୂର୍ବରୁ ତାହାର ବାଟ ଓଗାଳି ରଖିବାକୁ ପଡ଼ିବ । ଆପଣାକୁ କୌଣସି ଦୋଷ ଅଥବା ଅସୁବିଧାରୁ ମୁକୁଳାଇ ଆଣି ପାରିବା ଲାଗି କେବଳ ଗୋଟିଏ ଉପାୟହିଁ ରହିଛି : ତୁମକୁ ପରିପୂର୍ଣ୍ଣ ଭାବରେ ସତର୍କ ରହିବାକୁ ପଡ଼ିବ, ଆପଣାର ଚେତନାକୁ ଅତ୍ୟନ୍ତ ସତର୍କ ଏବଂ ସଜାଗ କରି ରଖିବାକୁ ହେବ । ତୁମେ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଛ, ସର୍ବପ୍ରଥମେ ସେହି କଥାଟିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରିବାକୁ ହେବ । ତୁମେ ଏଥିରେ କୌଣସି ପ୍ରକାରେ କୁଣ୍ଠିତ ହେବ ନାହିଁ, ସଂଶୟପୂର୍ଣ୍ଣ ଭାବରେ ଆପଣାକୁ କହିବ, "ଏଇଟା କଲେ ଭଲ ହେବ ନା ମନ୍ଦ ହେବ,—ଏଇଟି ପ୍ରକୃତରେ ସମନ୍ୱୟଟି ମଧ୍ୟକୁ ଆସିପାରୁଛି ନା ତାହାର ଏଇଟି ଭିତରକୁ ଆସିବା ଆଦୌ ଉଚିତ ହେବ ନାହିଁ ?" ତୁମେ ଏକଥା ନିଶ୍ଚୟ ଦେଖିବାକୁ ପାଇବ ଯେ, ଯଦି ତୁମ ମନ ଉପରେ ତୁମର ପ୍ରକୃତରେ ଆସ୍ଥା ରହିଥାଏ, ତେବେ ତାହା ଆଗକୁ ପଛକୁ ହୋଇ ଆନ୍ଦୋଳିତ ହେବାକୁ ଲାଗିବ, ସବୁବେଳେ ଖାଲି ଏପାଖ ସେପାଖ ଡେଇଁବାରେ ଲାଗିଥିବ । ଯଦି ତୁମେ କୌଣସି ନିଷ୍ପତ୍ତି ଗ୍ରହଣ କର, ତେବେ ତୁମର ନିଷ୍ପତ୍ତିଟି ଯେ ମୋଟେ ଉତ୍ତମ ନୁହେଁ, ତୁମକୁ ତାହା ଦେଖାଇଦେବା ମତଲବରେ ତାହା ତୁମ ଆଗରେ ଯାବତୀୟ ପ୍ରକାରର ଯୁକ୍ତି ଆଣି ଉପସ୍ଥାପିତ କରୁଥିବ ଏବଂ ତୁମେ "ହଁ" ଏବଂ "ନାହିଁ" ମଧ୍ୟରେ ବେଶ୍ ଆନ୍ଦୋଳିତ ହେବାରେ ଲାଗିଥିବ । ଧଳା ଆଉ କଳା ଭିତରେ ଏପାଖ ସେପାଖ

'oaob.nitrkl.ac.in' images reprocessed

ହୋଇଥିବ ଏବଂ କୌଣସି ସମାଧାନରେ ପହଞ୍ଚି ପାରୁ ନଥିବ । ତେଣୁ, ତୁମେ ପ୍ରକୃତରେ କ'ଣ ଚାହୁଁଛ, ସର୍ବପ୍ରଥମେ ତୁମକୁ ତାହାହିଁ ଜାଣିବାକୁ ପଡ଼ିବ; ଖାଲି ମନ ଦେଇ ସେକଥା ଜାଣିବ ନାହିଁ, ମାତ୍ର ସଂକେନ୍ଦ୍ରଣ ଦେଇ ଜାଣିବ, ଅଭୀପ୍ସା ଦେଇ ଜାଣିବ, ଏବଂ ଏକ ଅତ୍ୟନ୍ତ ସଚେତନ ଇଚ୍ଛାଶକ୍ତି ଦ୍ୱାରା ମଧ୍ୟ ଜାଣିବ । ଏଇଟି ହେଉଛି ଅସଲ କଥା । ପରେ, କ୍ରମଶଃ, ଅବଲୋକନ ଦ୍ୱାରା, ଅବିଚ୍ଛିନ୍ନ ସତର୍କତା ଦ୍ୱାରା, ତୁମକୁ ଏପରି ଏକ ଉପାୟର ଉପଲବ୍ଧି କରିବାକୁ ପଡ଼ିବ, ଯାହାକି ତୁମ ଲାଗି ଏକାନ୍ତ ବ୍ୟକ୍ତିଗତ ଏକ ଉପାୟରୂପେ ପ୍ରଯୁଜ୍ୟ ହୋଇ ପାରିବ,—ଅନ୍ୟମାନେ ବି ତୁମର ଉପାୟଟିକୁ ଅବଲମ୍ବନ କରନ୍ତୁ ବୋଲି ସେମାନଙ୍କର ହୃଦ୍‌ବୋଧ କରାଇବାର ଚେଷ୍ଟାରେ ଆଦୌ କୌଣସି ଫଳ ଫଳିବ ନାହିଁ, କାରଣ ତଦ୍ଦ୍ୱାରା କୌଣସି ସାଫଲ୍ୟ ମିଳିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ଉପାୟଟି ଖୋଜି ବାହାର କରିବାକୁ ହେବ, ପ୍ରତ୍ୟେକ ବ୍ୟକ୍ତି ତା'ର ନିଜ ଉପାୟଟିକୁହିଁ ଅନୁସରଣ କରିବ; ଏବଂ ତୁମେ ଯେତିକି ପରିମାଣରେ ନିଜର ଉପାୟଟିକୁ ପ୍ରକୃତରେ କାର୍ଯ୍ୟକାରୀ କରି ପାରିବ, ତାହା ସେତିକି ସେତିକି ଅଧିକ ସ୍ପଷ୍ଟ ହୋଇଯିବାରେ ଲାଗିଥିବ, ଅଧିକ ନିର୍ଦ୍ଦିଷ୍ଟ ବି ହୋଇ ଯାଉଥିବ । ତୁମେ ସେଥିରେ କୌଣସି ଏକ ନିର୍ଦ୍ଦିଷ୍ଟ ଜାଗାରେ ସଂଶୋଧନ କରି ପାରୁଥିବ, ଆଉଗୋଟିକୁ ପରିଷ୍କାର କରିଦେଇ ପାରୁଥିବ । ତୁମେ ଏହିପରି ଭାବରେ କାର୍ଯ୍ୟ ଆରମ୍ଭ କରିଦିଅ···। କିଛି ସମୟ ଯାଏଁ ସବୁ ସୁରୁଖୁରୁରେ ଚାଲିବ । ତା'ପରେ ଦିନେ ତୁମେ ଏକ ଅଲଙ୍ଘନୀୟ ବାଧାର ସମ୍ମୁଖୀନ ହୋଇ ରହିଥିବାର ଦେଖିବାକୁ ପାଇବ ଏବଂ ଆପଣାକୁ କହିବାକୁ ଲାଗିବ, "ମୁଁ ତ ଯାହା କରିବାର ସବୁ କଲି, ମାତ୍ର ପୁଣି ସବୁକିଛି ଠିକ୍ ଆଗପରି ଖରାପ ହୋଇଚାଲି !" ଏହିପରି ଏକ ଅବସ୍ଥାରେ, ତୁମେ ତଥାପି ଆହୁରି ଅଧିକ ସଂକେନ୍ଦ୍ରଣ ଦ୍ୱାରା ଆପଣା ମଧ୍ୟରେ ଗୋଟିଏ ଅନ୍ତର୍ଗତ ଦ୍ୱାରକୁ ଆସି ଖୋଲିଦେବ ଏବଂ ଏହି ଗତିସ୍ପନ୍ଦନଟି ମଧ୍ୟରେ ଏପରି ଏକ ଶକ୍ତିର ଆନୟନ ଘଟାଇବ, ଯାହାକି ସେଠାରେ ପୂର୍ବରୁ ନଥିଲା, ଏପରି ଏକ ଚେତନାସ୍ଥିତି ଆଣି ସମ୍ଭବ କରିବ, ଯାହାକି ପୂର୍ବରୁ ନଥିଲା । ଏବଂ, ଯେତେବେଳେ ତୁମର ନିଜର ବ୍ୟକ୍ତିଗତ ଶକ୍ତିଟି ନିଃଶେଷିତ ହୋଇ ଯାଉଥିବ ଏବଂ ଆଉ କୌଣସି କାମ ଦେଇ ପାରୁ ନଥିବ, ସେତେବେଳେ ଆଉଗୋଟିଏ ଶକ୍ତି ବି ଆସି ମହଜୁଦ ହୋଇ ରହିବ । ବ୍ୟକ୍ତିଗତ ଶକ୍ତିଟି ନିଃଶେଷିତ ହୋଇଗଲେ ସାଧାରଣ ଲୋକମାନେ କହନ୍ତି, "ଯାହା ହେବାର ହୋଇଗଲା, ଆଉ ମୁଁ କିଛି କରି ପାରିବି ନାହିଁ । ଏଥର ସବୁ ସରିଲା ।" ମାତ୍ର, ମୁଁ ତୁମମାନଙ୍କୁ କହିରଖିବି ଯେ ଯେତେବେଳେ ତୁମେ ସତେଅବା ଏହି କାନ୍ଥଟି ପାଖରେ ଆସି ହାବୁଡ଼ି ଗଲାପରି ଅନୁଭବ କରୁଥାଅ, ସେହିଠାରୁହିଁ ପ୍ରକୃତରେ ଏକ ନୂତନ ବଳର ଅଭ୍ୟୁମାରମ୍ଭ ହୋଇଥାଏ । ଅବିଚଳ ସଂକେନ୍ଦ୍ରଣ ଦ୍ୱାରା ତୁମକୁ କାନ୍ଥଟିକୁ ଅତିକ୍ରମ କରି ଆଉ

'oaob.nitrkl.ac.in' images reprocessed

ପାଖକୁ ଚାଲିଯିବାକୁ ପଡ଼ିବ ଏବଂ ସେଠାରେ ପହଞ୍ଚି ତୁମେ ଏକ ନୂତନ ଜ୍ଞାନ ଖୋଜି ପାଇବ,—ତୁମକୁ ଏକ ନୂତନ ବଳ ମିଳିଯିବ, ନୂତନ ସାମର୍ଥ୍ୟ ଓ ନୂତନ ସହାୟ ମିଳିବ ଏବଂ ତୁମେ ଏକ ନୂତନ ବିଧାନକୁ କାର୍ଯ୍ୟକାରୀ କରିବାର ସମର୍ଥତା ଅର୍ଜନ କରିବ, ଏପରି ଏକ ନୂତନ ପଦ୍ଧତିକୁ କାର୍ଯ୍ୟକାରୀ କରିପାରିବ, ଯାହାକି ସୁନିଶ୍ଚିତ ଭାବରେ ତୁମକୁ ଅନେକ ଦୂରକୁ ନେଇଯାଇ ପାରିବ ।

ତୁମକୁ ନିରୁତ୍ସାହିତ କରିବା ଲାଗି ମୁଁ ଏସବୁ କଥା ମୋଟେ କହୁ ନାହିଁ; ମୁଁ କେବଳ ଏତିକି କହୁଛି ଯେ ଘଟଣାଗୁଡ଼ିକ ଏହିପରି ଭାବରେ ଘଟେ । ଏବଂ ଯେତେବେଳେ ତାହା ଘଟେ, ସେତେବେଳେ ନିରୁତ୍ସାହିତ ହୋଇ ପଡ଼ିବା ହେଉଛି ସବୁଠାରୁ ବଳି ଶୋଚନୀୟ କଥା । ସେତେବେଳେ ତୁମେ ନିଜକୁ ଅବଶ୍ୟ ଏହିପରି କହିବ, "ମୋ ପାଖରେ ଯାଇ ପାରିବାର ଯେତିକି ସାଧନ ଥିଲା, ତାହା ସାହାଯ୍ୟରେ ମୁଁ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଆସି ପହଞ୍ଚି ପାରିଲି, ମାତ୍ର ଏହି ସାଧନ ମୋତେ ଅଧିକ ଆଗକୁ ଯିବା ଲାଗି ଆଦୌ କୌଣସି ସାହାଯ୍ୟ କରି ପାରୁ ନାହିଁ । ବର୍ତ୍ତମାନ ମୁଁ କ'ଣ କରିବି ?···ସେହିପରି ବସି ରହିବି ଓ କୌଣସି ପ୍ରକାରେ ହଲଚଲ ହେବି ନାହିଁ ? —ମୋଟେ ନୁହେଁ । ମୋତେ ଆଗକୁ ଯାଇ ପାରିବାର ଅନ୍ୟ କୌଣସି ସାଧନ ଖୋଜି ବାହାର କରିବାକୁ ପଡ଼ିବ ।" ଏପରି ଘଟଣା ଅନେକ ସମୟରେ ଘଟିବ, ମାତ୍ର କିଛି ସମୟ ପରେ ତୁମେ ଏଥିରେ ବେଶ୍ ଅଭ୍ୟସ୍ତ ହୋଇଯାଇ ପାରିବ । ତୁମକୁ ମୁହୂର୍ତ୍ତକ ଲାଗି ନୀରବ ହୋଇ ବସିବାକୁ ପଡ଼ିବ, ଏକାଗ୍ର ହେବାକୁ ପଡ଼ିବ ଏବଂ ତା'ପରେ ଅନ୍ୟାନ୍ୟ ସାଧନ ବାହାର କରିବାକୁ ପଡ଼ିବ । ଆପଣାର ସଂକେନ୍ଦ୍ରଣ-ଶକ୍ତିକୁ ବଢ଼ାଇବାକୁ ହେବ, ଆପଣାର ଅଭୀପ୍ସା ଏବଂ ଆପଣାର ଆସ୍ଥାଟିକୁ ବଢ଼ାଇବାକୁ ହେବ, ଏବଂ ତୁମ ଲାଗି ଆସୁଥିବା ନୂତନ ସାହାଯ୍ୟଟି ବଳରେ ଏକ ନୂତନ କାର୍ଯ୍ୟକ୍ରମ ତିଆରି କରିବାକୁ ପଡ଼ିବ । ତୁମେ ପଛରେ ଛାଡ଼ି ଆସିଥିବା ସାଧନଗୁଡ଼ିକର ସ୍ଥାନରେ ଅନ୍ୟାନ୍ୟ ସାଧନ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଠିକ୍ ଏହି ରୀତିରେହିଁ ପଦ ପଦ ହୋଇ ଅଗ୍ରସର ହେବାକୁ ପଡ଼ିଥାଏ ।

ମାତ୍ର ତୁମେ ଯାହାକିଛି ପାଇସାରିଛ ଅଥବା ଶିକ୍ଷା କରିଛ, ଅତ୍ୟନ୍ତ ଯତ୍ନ ସହକାରେ ତୁମର ପ୍ରତ୍ୟେକ ପଦରେ ତାହାକୁ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଭାବରେ କାମରେ ଲଗାଇବାକୁ ହେବ । ଯଦି ତୁମେ ଚେତନାର ଏକ ଅନ୍ତଃପ୍ରତ୍ୟାହୃତ ସ୍ଥିତିରେ ପଡ଼ିରହିବ ଏବଂ ଅନ୍ତର୍ଗତ ଅଗ୍ରଗତିକୁ ବାହ୍ୟ କ୍ଷେତ୍ରରେ ପ୍ରୟୋଗ ନକରିବ, ତେବେ ଏପରି ଗୋଟିଏ ସମୟ ନିଶ୍ଚିତ ଭାବରେ ଆସି ପହଞ୍ଚିବ, ଯେତେବେଳେ କି ତୁମେ ଏକାବେଳକେ ସ୍ଥାଣୁ ହୋଇ ପଡ଼ିବ, କାରଣ ତୁମର ଅପରିବର୍ତ୍ତିତ ବାହ୍ୟ ପ୍ରକୃତି ସତେଅବା ଏକ ଜଞ୍ଜିର ପରି କାମ କରିବ, ତୁମକୁ ଟାଣି ନେବାରେ ଲାଗିଥିବ ଏବଂ ତୁମକୁ ଅଗ୍ରଗତି କରିବାରୁ ବାଧା ଦେଇ ରଖୁଥିବ । ତେଣୁ, ସବୁଠାରୁ ଅଧିକ

'oaob.nitrkl.ac.in' images reprocessed

ମହତ୍ତ୍ୱପୂର୍ଣ୍ଣ (ପ୍ରାୟ ସମସ୍ତେ ଯାହା କହିଥାନ୍ତି, ମାତ୍ର ଖୁବ୍ ଅଳ୍ପସଂଖ୍ୟକ ଲୋକ କରନ୍ତି) କଥା ହେଉଛି ଯେ ତୁମେ ଯାହା ଜାଣିଛ, ତାକୁ ଜୀବନର ଅଭ୍ୟାସରେ ମଧ୍ୟ ପରିଣତ କରାଇବ । ସେପରି କଲେ ସଫଳତା ଲାଭ କରିବାର ଏକ ଉତ୍ତମ ସମ୍ଭାବନା ରହିଥିବ ଏବଂ ଅଧ୍ୟବସାୟ ଥିଲେ ତୁମେ ନିଶ୍ଚିତ ଭାବରେ ସେଠାରେ ଯାଇ ପହଞ୍ଚି ମଧ୍ୟ ପାରିବ ।

ଗୋଟିଏ କାନ୍ଥ ପାଖରେ ଯାଇ ହାବୁଡ଼ି ଗଲାବେଳେ ତୁମେ କଦାପି ନିରୁତ୍ସାହିତ ହୋଇ ପଡ଼ିବ ନାହିଁ । "ମୁଁ ବର୍ତ୍ତମାନ କ'ଣ କରିବି ? ଏଇଟା ତଥାପି ଠିଆହୋଇ ରହିଛି ।" ବୋଲି କେବେହେଲେ କହିବ ନାହିଁ । ଏପରି କରୁଥିବା ପର୍ଯ୍ୟନ୍ତ ବାଧାଟି ମଧ୍ୟ ସେଠାରେ ଠିକ୍ ସେହିପରି ଭାବରେ ରହିଥିବ, ତଥାପି ରହିଥିବ ଓ ତଥାପି ରହିଥିବ, ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିବ । କେବଳ ଲକ୍ଷ୍ୟ ସ୍ଥାନରେ ଯାଇ ପହଞ୍ଚିବା ପରେ ଯାଇ ସବୁକିଛି ସଙ୍ଗେସଙ୍ଗେ ଭୁସୁଡ଼ି ପଡ଼ିବ ।

## ୮ ମାର୍ଚ୍ଚ ୧୯୫୧

"ଅତୀତ ଜନ୍ମଗୁଡ଼ିକର ଯଥାର୍ଥ ସ୍ମରଣକୁ ହୁଏତ ପ୍ରକୃତରେ ଏକ ସମଗ୍ର ଜ୍ଞାନର ଅଂଶ ବୋଲି କୁହାଯାଇ ପାରିବ; ମାତ୍ର କେବଳ କଳ୍ପନାପ୍ରବଣ ସେହି ଖିଆଲଗୁଡ଼ାକ ଦ୍ୱାରା ତାହା କଦାପି ଉପଲବ୍ଧ ହେବ ନାହିଁ । ଏକ ପକ୍ଷରେ ଏହାକୁ ଯଦି ଏକ ବସ୍ତୁଆଧାରିତ ଜ୍ଞାନ ବୋଲି କୁହାଯାଏ, ଅନ୍ୟ ପକ୍ଷରେ ତାହା ଅଧିକାଂଶତଃ ବ୍ୟକ୍ତିଗତ ଏବଂ ଆଶୟଆଧାରିତ ଜ୍ଞାନ ଉପରେ ମଧ୍ୟ ନିର୍ଭରଶୀଳ ହୋଇ ରହିଥିବ, ଏବଂ ଏହିଠାରେହିଁ ଏଥିରେ ଉଦ୍ଭାବନ, ମିଥ୍ୟାବର୍ଣ୍ଣନ ଏବଂ ଅସତ୍ୟରଚନା ଲାଗି ଅନେକ ସମ୍ଭାବନା ରହି ଯାଉଥିବ । ଏହିସବୁ ବସ୍ତୁର ସତ୍ୟକୁ ଅଧିଗମି ପାରିବାକୁ ହେଲେ, ତୁମର ଅଭିଜ୍ଞତା ଲାଭ କରୁଥିବା ଚେତନାଟି ସ୍ୱଚ୍ଛ ଏବଂ ନିର୍ମଳ ହୋଇଥିବା ଏକାନ୍ତ ଆବଶ୍ୟକ, ମନ ବା ପ୍ରାଣିକ ସ୍ତରର ଯାବତୀୟ ହସ୍ତକ୍ଷେପରୁ ମୁକ୍ତ ହୋଇ ରହିଥିବା ଆବଶ୍ୟକ, ତାହା ମଧ୍ୟରେ ତୁମର ବ୍ୟକ୍ତିଗତ ଧାରଣା ଏବଂ

'oaob.nitrkl.ac.in' images reprocessed

ଅନୁଭବଗୁଡ଼ାକ ଲାଗି ଆଦୌ କୌଣସି ସ୍ଥାନ ନରହିଥିବା ଆବଶ୍ୟକ ଏବଂ କୌଣସି କଥାର ଅର୍ଥ ଅଥବା ବ୍ୟାଖ୍ୟା କରିବାର ମନର ଯେଉଁ ସ୍ୱଭାବ ପଦ୍ଧତିଟି ଅଛି, ତାହା ସେଥିରୁ ମୁକ୍ତ ହୋଇ ରହିଥିବା ଉଚିତ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୫ ମେ)

ମନ ଆଉ ଯାବତୀୟ ହସ୍ତକ୍ଷେପକୁ ବନ୍ଦ କରିବାକୁ ହେଲେ କ'ଣ କରାଯିବା ଉଚିତ ?

ସେଥିଲାଗି ମନକୁ ନୀରବ ରହି ଶିଖିବାକୁ ହେବ,—ସ୍ଥିର, ଶାନ୍ତ, ମନୋଯୋଗୀ ହୋଇ ଶିଖିବାକୁ ହେବ, କୋଳାହଳ ନକରି ଶିଖିବାକୁ ହେବ । ନିଜ ମନକୁ ସିଧା ଚୁପ୍ କରି ରଖିବାକୁ ଚେଷ୍ଟା କରୁଥିଲେ, ତାହା ଭାରି କଠିନ କାର୍ଯ୍ୟ ହେବ, ପ୍ରାୟ ଅସମ୍ଭବ ସାବ୍ୟସ୍ତ ହେବ; କାରଣ ମନର ଯେଉଁ ଅଂଶଟି ସବୁଠାରୁ ଅଧିକ ପରିମାଣରେ ଜଡ଼ଗତ ହୋଇ ରହିଥାଏ, ତାହାର ସକ୍ରିୟତା କେବେହେଲେ ବନ୍ଦ ହୋଇ ପାରେ ନାହିଁ । କେବେହେଲେ ବନ୍ଦ ନହୋଇ କେବଳ ଲିପିବଦ୍ଧ କରି ଲାଗିଥିବା ଗୋଟାଏ ମେସିନ୍ ପରିହିଁ ତାହା କାର୍ଯ୍ୟ କରିବାରେ ଲାଗିଥାଏ । ମନ ଯାହାସବୁ ଲିପିବଦ୍ଧ କରି ରଖୁଥିବ, ତାହା ସେହିଗୁଡ଼ାକରହିଁ ପୁନରାବୃତ୍ତି କରିବାରେ ଲାଗିଥିବ, ଏବଂ ତାହାକୁ ବନ୍ଦ କରିବା ଲାଗି ଯଦି କେଉଁଠିହେଲେ ଏକ ସୁଇଚ୍ ନଥାଏ, ତେବେ ତାହା ଅନିର୍ଦ୍ଦିଷ୍ଟ କାଳ ପାଇଁ ସେହିପରି କାର୍ଯ୍ୟ କରୁଥିବ । ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମେ ନିଜ ଚେତନାକୁ ଏକ ଉଚ୍ଚତର ରାଜ୍ୟକୁ ନେଇଯାଇ ପାରିବ, ସାଧାରଣ ମନର ଊର୍ଦ୍ଧ୍ୱରେ ରହିଥିବା ଏକ ସ୍ତରକୁ ଉନ୍ମୋଚିତ କରିନେବ, ଆଲୋକ ଲାଗି ଏହି ଉନ୍ମୋଚନଟିହିଁ ତୁମର ମନକୁ ନୀରବ କରି ଆଣିବ, ତାହା ଆଉ ଏଣେତେଣେ ହୋଇ ସଚଳ ରହିବ ନାହିଁ ଏବଂ ଏହିପରି ଭାବରେ ଉପଲବ୍ଧ ମାନସିକ ନୀରବତା ପ୍ରକୃତରେ ସ୍ଥାୟୀ ମଧ୍ୟ ହୋଇପାରିବ । ଥରେ ଏହି ରାଜ୍ୟଟିରେ ଉପନୀତ ହୋଇ ପାରିଲେ, ତୁମେ ହୁଏତ କେବେହେଲେ ସେଥିମଧ୍ୟରୁ ବାହାର ହୋଇ ଆସିବ ନାହିଁ, —ବାହ୍ୟ ମନଟି ମଧ୍ୟ ସବୁବେଳେ ଶାନ୍ତ ହୋଇ ରହିଥିବ ।

ତେଣୁ ଉଚ୍ଚତର ଆଲୋକଟି ଲାଗି ଅଭୀପ୍ସିତ ହୋଇ ରହିବା, ତାହାହିଁ ଏକମାତ୍ର ଯଥାର୍ଥ ସମାଧାନ ।

ଆମ ପ୍ରକୃତିର ଅବାଧ୍ୟ ଅଂଶଗୁଡ଼ିକୁ ଆମେ କିପରି ସମର୍ପଣ ଲାଗି ପ୍ରବର୍ତ୍ତାଇ ପାରିବା ?

'oaob.nitrkl.ac.in' images reprocessed

ଯେମିତି ଅବୁଝା ପିଲାକୁ ବୁଝାଇବାକୁ ହୁଏ, ଠିକ୍ ସେହିପରି ସବୁପ୍ରକାର ବାଟରେ ତୁମେ ତୁମ ପ୍ରକୃତିର ସେହି ଅଂଶଗୁଡ଼ିକୁ ବୁଝାଇବା ଲାଗି ଚେଷ୍ଟା କରିବ;— ଛବି ଦେଖାଇ, ବ୍ୟାଖ୍ୟା କରିଦେଇ ଏବଂ ପ୍ରତୀକ ଦେଇ ପିଲାକୁ ଯେପରି ବୁଝାଇବାକୁ ହୁଏ, ସେହିପରି ବୁଝାଇବା ପାଇଁ ଚେଷ୍ଟା କରିବ । ସତ୍ତାର ଅନ୍ୟ ଅଂଶଗୁଡ଼ିକ ସହିତ ସମ୍ମିଳିତ ହେବାର ଓ ସୌଷମ୍ୟ ରକ୍ଷିବାର ଯେଉଁ ଆବଶ୍ୟକତା ରହିଛି, ସେହି ଅଂଶଗୁଡ଼ିକୁ ତୁମେ ତାହାର କଥା ବୁଝାଇବ । ସେଗୁଡ଼ିକ ସହିତ ଯୁକ୍ତି କରି ସେମାନଙ୍କୁ ବୁଝାଇବ, ସେଗୁଡ଼ିକର କାର୍ଯ୍ୟ ଏବଂ ସେହି କାର୍ଯ୍ୟଗୁଡ଼ିକର ପରିଣାମ ବିଷୟରେ ସେମାନଙ୍କୁ ସଚେତନ କରାଇ ଦେବାର ଚେଷ୍ଟା କରିବ । ମାତ୍ର ସର୍ବୋପରି, ଅତ୍ୟନ୍ତ ଧୈର୍ଯ୍ୟଶୀଳ ହୋଇ ରହିବ, ସେହି ଏକା କଥାଗୁଡ଼ିକର ପୁନରାବୃତ୍ତି କରିବାରେ ଆଦୌ କ୍ଳାନ୍ତ ହୋଇ ପଡ଼ିବ ନାହିଁ ।

ଏଥିରେ କାର୍ଯ୍ୟରେ ମନ ଆମର କୌଣସି ସହାୟତା କରି ପାରିବ କି ?

ହଁ, ଯଦି ମନର ଗୋଟିଏ ଅଂଶ ସମ୍ପୂର୍ଣ୍ଣରୂପେ ଆଲୋକିତ ହୋଇ ପାରିଥିବ, ତେବେ ନିଶ୍ଚୟ ପାରିବ । ଯଦି ସେହି ଅଂଶଟି ଚୈତ୍ୟ ଆଲୋକ ନିକଟରେ ଆପଣାକୁ ସମର୍ପଣ କରି ସାରିଥିବ ଏବଂ ସତ୍ୟର ଏକ ବୋଧ ରଖି ପାରିଥିବ, ତେବେ ମନ ଅନେକ ସହାୟତା କରିପାରିବ, ତାହା ଯଥାର୍ଥ ପ୍ରଣାଳୀରେ ସବୁକିଛି ବୁଝାଇ ଦେବାକୁ ସମର୍ଥ ହେବ ।

ଅଭୀତର ଜୀବନଗୁଡ଼ିକର କ୍ଷେତ୍ରରେ କୌଣସି ସାଧାରଣ ନିୟମ ବା ମୋଟାମୋଟି କେତୋଟି ରୂପରେଖ ରହିଛି ନା ସେଠି କ୍ଷେତ୍ରରେ ସବୁକିଛି ସମ୍ଭବ ବୋଲି ଧରିନେବାକୁ ପଡ଼ିବ ?

ତୁମେ ଯେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇ ରହିଥିବ, ଏବଂ ତୁମର ଚୈତ୍ୟ ସତ୍ତା ଯେତିକି ପରିମାଣରେ ବିକାଶଲାଭ କରିଥିବ, ସବୁ ତାହାରି ଉପରେହିଁ ନିର୍ଭର କରିବ । ଚୈତ୍ୟ ସତ୍ତା ଯଦି ଅନେକ ଅଗ୍ରସର ହୋଇ ଯାଇଥିବା ଏକ ଅବସ୍ଥାକୁ ଆସି ଯାଇଥିବ, ପ୍ରାୟ ପରିପକ୍ୱତାର ନିକଟବର୍ତ୍ତୀ ହୋଇ ଯାଇଥିବ, ତେବେ, ମୃତ୍ୟୁ ପୂର୍ବରୁ ଯେଉଁ ନିର୍ବାଚନ କରିବା ବିଷୟରେ ମୁଁ ତୁମକୁ ସେଦିନ କହୁଥିଲି, ତାହା ନିଶ୍ଚୟ ଏକ ସତ୍ୟ ଘଟଣାରେ ପରିଣତ ହୋଇ ପାରିବ ଏବଂ ଏହି ନିର୍ବାଚନର ଅର୍ଥ



'oaob.nitrkl.ac.in' images reprocessed

ହେଉଛି ଯେ ପ୍ରକୃତରେ ସବୁକିଛି ସମ୍ଭବ । ମାତ୍ର, ଅନ୍ୟମାନଙ୍କ କ୍ଷେତ୍ରରେ, ପ୍ରାୟ ସ୍ୱୟଂକ୍ରିୟ ଭାବରେହିଁ ପୁନର୍ଜନ୍ମ ଘଟିବ । ଚୈତ୍ୟ ସତ୍ତାର ଇଚ୍ଛାଟି ବିକାଶଲାଭ କରି ନଥିବ ଓ ସେହି କାରଣରୁ ତାହା କୌଣସି ନିର୍ବାଚନ କରିବ ନାହିଁ । ତେଣୁ, ସେହି କ୍ଷେତ୍ରରେ ଆଦୌ କୌଣସି ନିୟମ ରହିବ ନାହିଁ । ତାହା ଅଧିକ ପରିମାଣରେ ପରିସ୍ଥିତିଗୁଡ଼ିକ ଉପରେହିଁ ନିର୍ଭର କରିବ ଏବଂ ବିଶେଷ ଭାବରେ ଚୈତ୍ୟ ସତ୍ତା ଅନୁସରଣ କରିବାକୁ ଯାଉଥିବା ଗଠନଧାରାଟି ଉପରେ ନିର୍ଭର କରିବ । ଏବଂ ସିଏ କେଉଁ ଧାରାଟିର ଅନୁସରଣ କରିବ, ସେକଥାଟି ତା'ର ମୂଳ ଉତ୍ପତ୍ତି ଉପରେ ନିର୍ଭର କରିବ । ସେବିଷୟରେ କିଛି କହିବା ପ୍ରକୃତରେ କଷ୍ଟକର । ଏବଂ ତାହା ପୁରୁଷରୂପେ ଜନ୍ମ ନେବ ବା ସ୍ତ୍ରୀରୂପେ ଜନ୍ମ ନେବ, ତାହା ହୁଏତ ଅନେକ ସମୟ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହେବ । ଚେତନାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ତାହା ଯେତିକି କର୍ମ ତଥା ଚେତନାଗତ ଏକତ୍ୱ ଅର୍ଜନ କରି ପାରୁଥିବ, ଗୋଟିଏ ଧାରାକୁ ଛାଡ଼ି ଆଉଗୋଟିଏ ଧାରାକୁ ଅର୍ଜନ କରିବା ଲାଗି ତାହାର ସେତିକି ସାମର୍ଥ୍ୟ ହେଉଥିବ; ମାତ୍ର ଏହି ନିର୍ବାଚନଟି ସମ୍ଭବ ହେବା ପୂର୍ବରୁ, ଅଗଣିତ ଅନେକ ସୃଷ୍ଟି ମଧ୍ୟଦେଇ ତୁମେ ଯେ କେତେବେଳେ ପୁରୁଷ ଓ ପୁଣି କେତେବେଳେ ନାରୀରୂପେ ଜନ୍ମ ଗ୍ରହଣ କରିଛ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ହୁଏତ ସେହି କାରଣରୁ ଅନେକ ସ୍ତ୍ରୀଙ୍କଠାରେ ପୁରୁଷତୁଲ୍ୟ ସ୍ୱଭାବ ପରିଲକ୍ଷିତ ହୋଇଥାଏ ଏବଂ ଅନେକ ପୁରୁଷଙ୍କଠାରେ ସ୍ତ୍ରୀସ୍ୱଭାବ ମଧ୍ୟ ପରିଲକ୍ଷିତ ହୋଇଥାଏ ଏବଂ ସେମାନଙ୍କ ଭିତରେ ବିପରୀତ ନାନା ପ୍ରବୃତ୍ତି ମଧ୍ୟ ରହିଥାଏ । ମାତ୍ର ଯେତେବେଳେ "ନିର୍ବାଚନ" କରିବାର ସୋପାନଟି ଆସି ପହଞ୍ଚିଯାଏ, ସେତେବେଳେ ତାହା ଜଣେ ସୃଷ୍ଟିକାରିଣୀ ଚେତନାର ଅନ୍ତର୍ଭୁକ୍ତ ହୋଇପାରେ ଅଥବା ନିଶ୍ଚଳ ହୋଇ ରହିଥିବା ସାକ୍ଷିଚୈତନ୍ୟର ମଧ୍ୟ ଅଙ୍ଗଭୁକ୍ତ ହୋଇପାରେ । ସେକଥା ଉତ୍ସମୂଳଟି ଉପରେ ନିର୍ଭରଶୀଳ ହୋଇ ରହିଥାଏ ।

### ସବୁ ଚୈତ୍ୟ ସତ୍ତାଙ୍କର ଉତ୍ସ ସମାନ କି ?

ଯାହା ଘଟେ ତାହା ଏହିପରି ଭାବରେହିଁ ଘଟିଥାଏ । ଚୈତ୍ୟ ଜୀବନର ଉତ୍ସ, ଅର୍ଥାତ୍ ଜଡ଼ର ଆୟତନଟି ମଧ୍ୟରେ ଦିବ୍ୟ ପରମ ଉପସ୍ଥିତ ସେହି ଏକ ଓ ସମାନ ହୋଇ ରହିଥାଏ,—ଏକଥାଟି ନିଶ୍ଚୟ ସହଜରେ ବୁଝି ହୋଇଯିବ; ମାତ୍ର ଉଚ୍ଚତର ଜଗତମାନଙ୍କରେ ଏପରି ଅନେକ ସତ୍ତା ଅଛନ୍ତି, ଯେଉଁମାନେ କି ଭୂପୃଷ୍ଠରେ ଥରେହେଲେ ଦେହ ଗ୍ରହଣ କରି ନାହାନ୍ତି ଏବଂ ଯେଉଁମାନେ ସେହିଠାରେ କିଛି କାର୍ଯ୍ୟ କରିବା ପାଇଁ ଘୁରୁଛନ୍ତି, କୌଣସି ପାର୍ଥିବ କାର୍ଯ୍ୟ କରିବାକୁ ଚାହୁଁଛନ୍ତି । ତେଣୁ, କେତେକ ଚୈତ୍ୟ ସତ୍ତା ସମ୍ପୂର୍ଣ୍ଣ ଭାବରେ ବିକାଶଲାଭ କରିବା ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥାଏ ଏବଂ ତା'ପରେ ଆପଣାର ସ୍ୱଭାବ ଅନୁସାରେ କିଛି କାର୍ଯ୍ୟ କରିବା ଲାଗି ସେମାନଙ୍କ ସହିତ ଯାଇ ସମ୍ମିଳିତ ହେବାକୁ ପଡ଼ିଥାଏ । ସେମାନଙ୍କର ଚେତନା ପୃଥିବୀସ୍ଥ ଚୈତ୍ୟ ଚେତନା ସହିତ ଯୁକ୍ତ ହୁଏ । ଏହି ସତ୍ତାମାନେ ଆଗରୁ ଏଠାରେ କେବେହେଲେ ଜନ୍ମ ନେଇ ନଥାନ୍ତି, ସୃଷ୍ଟି ଅଗ୍ରସର ହେଉଥିବା ସଙ୍ଗେସଙ୍ଗେ ଏମାନେ ଆପଣାକୁ ସାକାର କରି ନେଇଥାନ୍ତି । ଆମେ ଏମାନଙ୍କୁ ସମ୍ଭବତଃ ସର୍ବପ୍ରଥମ ନିଃସୃତ ପଦାର୍ଥ ବୋଲି କହିପାରିବା, ବିଶେଷ ବିଶେଷ କେତୋଟି କାରଣରୁ ଏମାନେ ବିଶ୍ୱଜଗତ ମଧ୍ୟକୁ ପ୍ରେରିତ ହୋଇ ଆସିଥାନ୍ତି । ମନୁଷ୍ୟମାନେ ସେମାନଙ୍କୁ "ଦେବତା" ବୋଲି କହନ୍ତି, ଅଥବା "ଅର୍ଦ୍ଧଦେବତା" ବୋଲି କହନ୍ତି । ତେଣୁ, କୌଣସି ବିଶେଷ କାରଣରୁ ସେହିଗୁଡ଼ିକ ମଧ୍ୟରୁ କୌଣସି ଏକ ସତ୍ତା ହୁଏତ ଆପଣା ଲାଗି ଗୋଟିଏ ସାକାର ଚୈତ୍ୟ ସତ୍ତାକୁ ଆସି କବାଚିତ କରିପାରେ;—ସିଏ ତାହାକୁ ସାହାଯ୍ୟ କରେ, ତା'ର ବିକାଶଧାରାଟିକୁ ଅନୁସରଣ କରେ ଏବଂ ଯେତେବେଳେ ସେହି ଚୈତ୍ୟ ସତ୍ତା ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇଯାଏ ଏବଂ ଏକାତ୍ମତାଟିର ଅବଲମ୍ବନ ହୋଇ ରହିବାକୁ ଯଥେଷ୍ଟ ଶକ୍ତିଶାଳୀ ମଧ୍ୟ ହୋଇଯାଏ, ସେତେବେଳେ ସେ ତାହାର ସହିତ ଆସି ସମ୍ମିଳିତ ହୁଏ, ପୃଥିବୀପୃଷ୍ଠରେ କେତେକ କାର୍ଯ୍ୟ କରିବା ଲାଗି ତାହାର ସହିତ ଏକାତ୍ମକ ହୋଇ ରହେ । ଏକଥା ଯେ ଅନେକ ସମୟରେ ହୁଏ, ତାହା ଆଦୌ ନୁହେଁ; ମାତ୍ର ଏହା ଅତୀତରେ ଘଟିଛି ଏବଂ ଏବେ ମଧ୍ୟ ଘଟୁଛି । ପ୍ରାଚୀନ ପରମ୍ପରାରେ ତୁମେ ଦେବତାମାନଙ୍କ ବିଷୟରେ କେତେ ଗପ ଦେଖିବାକୁ ପାଇବ, ଯେଉଁମାନେ କି ପୃଥିବୀ ଉପରେ ଅବତାର ଗ୍ରହଣ କରନ୍ତି । ସେହିସବୁ କଥା କେତେକ ପୁରାଣରେ ବର୍ଣ୍ଣିତ ହୋଇ ରହିଛି । ସେଥିରେ ସତ୍ୟର କେତେକ ସାଦୃଶ୍ୟ ଅବଶ୍ୟ ରହିଛି । ମାତ୍ର ଏକଥା ଆଦୌ ସତ୍ୟ ନୁହେଁ ଯେ ସବୁ ଚୈତ୍ୟ ସତ୍ତା ଯେମିତି ହେଲେ ଉଚ୍ଚତର କୌଣସି ଭୂମିର ଏକ ସତ୍ତା ସହିତ ସମ୍ମିଳିତ ହୋଇ ରହିଥାନ୍ତି ।

ତା'ପରେ ମାଆ ଆଉଗୋଟିଏ ପ୍ରଶ୍ନର ଚର୍ଚ୍ଚା କରିବାକୁ ଆରମ୍ଭ କଲେ;—"ଭୂତ ଲାଗିବା" ବା ପ୍ରାଣିକ ଜଗତର ସତ୍ତାଗୁଡ଼ିକ ପୃଥିବୀରେ ଦେହଧାରଣ କରିବା ବିଷୟରେ ଚର୍ଚ୍ଚା କଲେ । (ଦେଖନ୍ତୁ : ପ୍ରଶ୍ନ ଓ ଉତ୍ତର ୧୯୨୯, ୧୨ ମେ) ।

ଏହିସବୁ ପ୍ରାଣିକ ସତ୍ତାଙ୍କର କୌଣସି ଚୈତ୍ୟ ସତ୍ତା ରହିଛି କି ?

ନାହିଁ । ମୁଁ କହିଥିଲି ଯେ ଦେହଧାରଣ କରିବାର ସର୍ବପ୍ରଥମ ଆବଶ୍ୟକ କାର୍ଯ୍ୟରୂପେ ସେମାନେ ଯାହାକୁ ଅଧିକାର କରି ରହିବାକୁ ଯାଉଥାନ୍ତି, ତା'ର

'oaob.nitrkl.ac.in' images reprocessed

ଚୈତ୍ୟ ସତ୍ତାଟିକୁ ଘଉଡ଼ି ନିକାଲି ଦିଅନ୍ତି । ଏହି କଥାଟି ଜନ୍ମ ହେବା ସମୟରୁ ମଧ୍ୟ ଘଟିପାରେ । ଏପରି ଅନେକ ପିଲା ଅଛନ୍ତି, ଯେଉଁମାନେ କି ପ୍ରାୟ ମଲାଛୁଆଙ୍କ ପରି ଜନ୍ମ ହୁଅନ୍ତି; ସେମାନଙ୍କୁ ସେମାନେ ମରି ଯାଇଥିବା ପରି ଭାବନ୍ତି ଏବଂ ହଠାତ୍ ସେମାନେ ବଞ୍ଚି ଉଠିବା ପରି ଉଠି ବସନ୍ତି,—ଏହାର ଅର୍ଥ ହେଉଛି ଯେ ସେମାନଙ୍କ ମଧ୍ୟରେ ଏକ ପ୍ରାଣିକ ସତ୍ତାର ଅବତରଣ ଘଟିଥାଏ । ମୁଁ ଏପରି କେତୋଟି ଦୃଷ୍ଟାନ୍ତ ଜାଣିଛି । ଏକ ଅସୁସ୍ଥତା ସମୟରେ ମଧ୍ୟ ଏପରି ଘଟଣା ଘଟିପାରେ : କେହି ହୁଏତ ଭାରି ଅସୁସ୍ଥ ହୋଇ ପଡ଼ିଥାଏ ଓ ସେ କ୍ରମେ ଚୈତ୍ୟ ସତ୍ତାଟି ସହିତ ଆପଣାର ସମସ୍ତ ସଂଯୋଗ ହରାଇବସେ; ଏବଂ ତା'ପରେ ଏକ ମୂର୍ଚ୍ଛିତ ଅବସ୍ଥା ବା ସେହିପରି ଅନ୍ୟ କୌଣସି ଅବସ୍ଥାରେ, ସିଏ ସେହି ସଂଯୋଗଟିକୁ ସଂପୂର୍ଣ୍ଣଭାବେ କାଟି ପକାଏ ଏବଂ ପ୍ରାଣିକ ସତ୍ତାଟି ସତେଅବା ଧାଇଁଆସିବା ପରି ଆସି ତାହା ଭିତରେ ପ୍ରବେଶ କରେ । ଏପରି ଏକାଧିକ ଦୃଷ୍ଟାନ୍ତ ମଧ୍ୟ ମୋତେ ଜଣାଅଛି । ବା, ଏହି କ୍ରିୟାଟି ବେଶ୍ ଧୀର ଭାବରେ ବି ସଂଘଟିତ ହୋଇପାରେ : ପ୍ରାଣିକ ସତ୍ତାଟି ଆଗ ସଂପୃକ୍ତ ବ୍ୟକ୍ତିଟିର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରେ, ତାହାକୁ ଆପଣାର ପ୍ରଭାବ ଦ୍ୱାରା ପ୍ରଭାବିତ କରିବାକୁ ଆରମ୍ଭ କରେ ଏବଂ ତା'ପରେ କୌଣସି ଏକ ଅସୁସ୍ଥତାକୁ ବହନ କରି ନେଇଆସେ, ତାକୁ ଆକ୍ରମଣ କରେ, ବିଶେଷ ଭାବରେ ଏକ ମାନସିକ ଅସୁସ୍ଥତାକୁ ବହନ କରି ଆଣେ । ତା'ପରେ ଏପରି ଏକ ସମୟ ଆସି ପହଞ୍ଚେ, ଯେତେବେଳେ କି ଚୈତ୍ୟ ସତ୍ତା ସହିତ ରହିଥିବା ସଂଯୋଗଟି ସଂପୂର୍ଣ୍ଣ ଭାବରେ ଛିନ୍ନ ହୋଇଯାଏ ଏବଂ ପ୍ରାଣିକ ସତ୍ତାହିଁ ଶରୀରଟାକୁ ଅଧିକାର କରିନିଏ । ଏପରି ଅନେକ ଲୋକଙ୍କର ଦୃଷ୍ଟାନ୍ତ ରହିଛି, ଯେଉଁମାନେ କି ଭାରି ଅସୁସ୍ଥ ହୋଇ ପଡ଼ନ୍ତି ଏବଂ ଅସୁସ୍ଥତାଟିରୁ ଆରୋଗ୍ୟ ହୋଇ ଆସିବା ବେଳକୁ ପୂର୍ବ ତୁଳନାରେ ସଂପୂର୍ଣ୍ଣ ଭାବରେ ଏକ ଭିନ୍ନ ମଣିଷ ହୋଇ ଯାଇଥାନ୍ତି । ଅଧିକାଂଶ ସମୟରେ ଏହି କଥାଟିହିଁ ଘଟିଥାଏ ।

ଆପଣ କହୁଛନ୍ତି ଯେ ପ୍ରାଣିକ ଜଗତର ଏହି ସତ୍ତାଗୁଡ଼ିକ ଆଧ୍ୟାତ୍ମିକ ଜୀବନ ଦ୍ୱାରା ଆକୃଷ୍ଟ ହୋଇଥାନ୍ତି । ଏପରି କାହିଁକି ହୁଏ ?

ସେମାନେ ଆକୃଷ୍ଟ ହୁଅନ୍ତି ସତ, ମାତ୍ର ତାହାର ଅର୍ଥ ନୁହେଁ ଯେ ସେମାନେ ଆଧ୍ୟାତ୍ମିକ ଜୀବନର ଅନୁସରଣ କରିବା ଲାଗି ଆନ୍ତରିକତା ସହିତ କୌଣସି ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ମିଥ୍ୟାହିଁ ଏହି ସତ୍ତାଗୁଡ଼ିକର ସର୍ବପ୍ରଧାନ ଜୀବନଲକ୍ଷଣ ହୋଇ ରହିଥାଏ । ସେମାନଙ୍କର ସ୍ୱଭାବଟି ପ୍ରବଞ୍ଚନା ଦ୍ୱାରା ତିଆରି ହୋଇଥାଏ । ଭ୍ରମ ସୃଷ୍ଟି କରିବା ଲାଗି ସେମାନଙ୍କର ଏକ ସାମର୍ଥ୍ୟ ରହିଥାଏ; ସେମାନେ ଦିବ୍ୟ ସତ୍ତା ବା

'oaob.nitrkl.ac.in' images reprocessed

ହଜରର ନାନା ସତ୍ତ୍ୱର ରୂପ ଧାରଣ କରି ପାରନ୍ତି, ସେମାନେ ଆଖି ଝଲସି ଗଲା ପରି ଏକ ଆଲୋକ ମଧ୍ୟରେ ଆସି ଦେଖା ଦେଇଥାନ୍ତି; ମାତ୍ର ପ୍ରକୃତରେ ନିଷ୍ଠାପର ବ୍ୟକ୍ତିମାନେ ଏମାନଙ୍କ ଦ୍ୱାରା କୌଣସି ଧୋକାରେ ପଡ଼ନ୍ତି ନାହିଁ, ସେମାନେ ସଙ୍ଗେ ସଙ୍ଗେ ଏପରି କିଛି ଅନୁଭବ କରନ୍ତି, ଯାହାକି ସେମାନଙ୍କୁ ସତର୍କ କରି ଦେଇଯାଏ । ମାତ୍ର ଯଦି ଜଣେ ବିସ୍ମୟକାରୀ ଓ ଅପ୍ରତ୍ୟାଶିତ କଥାଗୁଡ଼ିକରେ ଶ୍ରଦ୍ଧା ରଖିଥାଏ, ଅଦ୍ଭୁତ ବ୍ୟାପାରମାନ ଦେଖିବାକୁ ଭଲ ପାଉଥାଏ, ସର୍ବଦା ଏକ ରୋମାଞ୍ଚମୟ ଜୀବନ ବଞ୍ଚିବାକୁ ରୁଚି ରଖିଥାଏ, ତେବେ ସିଏ ଅତି ସହଜରେ ଧୋକାରେ ପଡ଼ିଯିବ ବୋଲି ସର୍ବଦା ଭୟ ରହିଥାଏ ।

ଅଳ୍ପଦିନ ପୂର୍ବେ ଇତିହାସରେ ଆମେ ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ପାଇଲେ, ସେଇଟି ହେଉଛି ହିଟଲରର ଦୃଷ୍ଟାନ୍ତ । ସିଏ ଏପରି ଏକ ସତ୍ତ୍ୱ ସହିତ ସମ୍ପର୍କସ୍ଥାପନ କରି ରହିଥିଲା, ଯାହାକୁ କି ସେ ପରାତ୍ପର ପରମେଶ୍ୱର ବୋଲି ଭାବୁଥିଲା । ଏହି ସତ୍ତ୍ୱଟି ତା' ପାଖକୁ ଆସୁଥିଲା, ତାକୁ ପରାମର୍ଶ ଦେଉଥିଲା, ତାକୁ ଯାହା ଯାହା କରିବାକୁ ହେବ, ସେକଥା ବତାଇଦେଇ ଯାଉଥିଲା । ହିଟଲର ଅନେକ ସମୟରେ ଏକାକୀ ହୋଇ ରହିବାକୁ ଚାଲି ଯାଉଥିଲା ଏବଂ ତା'ର ଏହି "ପଥପ୍ରଦର୍ଶକ" ସହିତ ସମ୍ପର୍କରେ ଆସିବା ଲାଗି ଯେତିକି ସମୟ ଲାଗୁଥିଲା, ସେତିକି ସମୟ ସେହିପରି ଏକୁଟିଆ ହୋଇ ରହୁଥିଲା; ତା'ପରେ ସିଏ ତାହାରିଠାରୁ ଯାବତୀୟ ପ୍ରେରଣା ଓ ନିର୍ଦ୍ଦେଶ ପାଉଥିଲା, ଯେଉଁଗୁଡ଼ିକୁ କି ସେ ପରେ ଅତ୍ୟନ୍ତ ବିଶ୍ୱସ୍ତ ଭାବରେ କାର୍ଯ୍ୟରେ ପରିଣତ କରୁଥିଲା । ଏହି ଯେଉଁ ସତ୍ତ୍ୱଟିକୁ ହିଟଲର ପରମେଶ୍ୱର ବୋଲି ଭ୍ରମ କରୁଥିଲା, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ, ସିଏ ପ୍ରକୃତରେ ଏକ ଅସୁର ସତ୍ତ୍ୱହିଁ ଥିଲା, ଗୁପ୍ତବିଦ୍ୟାରେ ତାହାକୁ "ମିଥ୍ୟାର ମାଲିକ" ବୋଲିହିଁ କୁହାଯାଇଛି । ମାତ୍ର ସିଏ ନିଜକୁ "ସକଳ ଜାତିର ଈଶ୍ୱର" ବୋଲି ଘୋଷଣା କରିଥିଲା । ସିଏ ଦେଖିବାକୁ ଖୁବ ଉଜ୍ଜ୍ୱଳ ଓ ଚକଚକ ଦିଶୁଥିଲା; ଯେଉଁମାନଙ୍କର ଗୁପ୍ତବିଦ୍ୟାଗତ କୌଣସି ଜ୍ଞାନ ରହିଛି ଏବଂ ବାହାରର ଏହିସବୁ ବିଷୟ ପଛରେ କ'ଣସବୁ ପ୍ରଚ୍ଛନ୍ନ ହୋଇ ରହିଛି, ଯେଉଁମାନେ ସେଇଟିକୁ ଦେଖି ପାରନ୍ତି, କେବଳ ସେହିମାନଙ୍କ ବ୍ୟତୀତ ସିଏ ଆଉ ସମସ୍ତଙ୍କୁ ବିପଥଗାମୀ କରି ପାରୁଥିଲା । ସିଏ ପ୍ରକୃତରେ ସମସ୍ତଙ୍କୁ ବି ଧୋକା ଦେବାକୁ ମନ କରୁଥିଲା, ସିଏ ଏତେ ବଢ଼ିଆ ହୋଇ ତିଆରି ହୋଇଥିଲା । ସାଧାରଣତଃ ଏକ ରୁପା କବଚ ଓ ଶିରସ୍ତ୍ରାଣ ପିନ୍ଧି ସେ ହିଟଲର ଆଗରେ ଆସି ଦେଖା ଦେଉଥିଲା; ତା' ମୁଣ୍ଡରୁ ଗୋଟାଏ ପ୍ରକାର ଶିଖା ବାହାରୁଥିଲା ଏବଂ ତା' ଚାରିପାଖରୁ ମଣ୍ଡଳ ପରି ଘେରି ରହିଥିବା ଆଲୁଅଟିରେ ଚକ୍ଷୁ ଝଲସି ଯାଉଥିଲା । ଏତେ ବେଶୀ ଝଲସି ଯାଉଥିଲା ଯେ ହିଟଲର ତା' ଆଡ଼କୁ ଭଲ କରି ଅନାଇ ବି ପାରୁ ନଥିଲା । ଯାହାସବୁ କରାଯିବାର କଥା, ହିଟଲରକୁ ସିଏ ଗୋଟିଗୋଟି

'oaob.nitrkl.ac.in' images reprocessed

କରି କରୁଥିଲା,—ସତେ ଯେପରି ଲୋକ ଗୋଟାଏ ମାଙ୍କଡ଼ ବା ମୂଷା ସହିତ ଖେଳନ୍ତି, ସିଏ ହିଟଲରକୁ ନେଇ ଠିକ୍ ସେହିପରି ଖେଳିବାରେ ଲାଗିଥିଲା । ସିଏ ଅତ୍ୟନ୍ତ ସ୍ପଷ୍ଟଭାବେ ନିଷ୍ପତ୍ତି କରି ନେଇଥିଲା ଯେ ହିଟଲର ସ୍ୱୟଂ ଖତମ ହେବା ପର୍ଯ୍ୟନ୍ତ ସିଏ ତା' ଦ୍ୱାରା ଯାବତୀୟ ଅତିରକ୍ତାଗ୍ରହକୁ ନିଷ୍ଟସ୍ତ କରାଇ ନେଉଥିବ । ଏପରି ଏକ ଦିନ ପ୍ରକୃତରେ ଆସିଲା, ଯେତେବେଳେ ହିଟଲର ଖତମ ବି ହୋଇଗଲା । ମାତ୍ର ଏପରି ଦୃଷ୍ଟାନ୍ତ ଅନେକ ଦେଖିବାକୁ ମିଳିଥାଏ, ଅବଶ୍ୟ ଏକଥା ସତ ଯେ ଏକ କ୍ଷୁଦ୍ରତର ମାତ୍ରାରେ ଦେଖିବାକୁ ମିଳିଥାଏ ।

ଏକ ମାଧ୍ୟମ ହିସାବରେ ହିଟଲର ଏକ ଚମତ୍କାର ମାଧ୍ୟମ ଥିଲା, ଏକ ମାଧ୍ୟମ ହେବା ଲାଗି ତା' ଭିତରେ ବୃହତ୍ ସାମର୍ଥ୍ୟମାନ ରହିଥିଲା, ମାତ୍ର ତା' ଭିତରେ ବୁଦ୍ଧିର ଅଭାବ ଥିଲା, ବିଗ୍ରହଶକ୍ତିର ଅଭାବ ଥିଲା । ଏହି ସତ୍ତାଟି ତାକୁ ଯାହା ଇଚ୍ଛା ତାହା କହି ପାରୁଥିଲା ଏବଂ ହିଟଲର ସବୁକିଛିକୁ ଗର୍ଭସ୍ଥ କରୁଥିଲା । ସେ ହିଟଲରକୁ ଧୀରେ ଧୀରେ ଠେଲି ନେଇଯିବାକୁ ଲାଗିଲା ଏବଂ ସେହି ସତ୍ତା ସତେଅବା ଆତ୍ମ-ବିନୋଦନ ପାଇଁ ଏସବୁ କରୁଥିଲା, ଏବଂ ଜୀବନକୁ କେବେହେଲେ ଗମ୍ଭୀର ଭାବରେ ଗ୍ରହଣ କରୁ ନଥିଲା । ଏହି ସତ୍ତାଗୁଡ଼ିକ ଲାଗି ମଣିଷମାନେ ସତେଅବା ଗୋଟିଏ ଗୋଟିଏ ଅତିକ୍ଷୁଦ୍ର ଜୀବ ପରି ମନେହୁଅନ୍ତି ଏବଂ ସେହି କ୍ଷୁଦ୍ର ଜୀବଗୁଡ଼ିକ ସହିତ ସେମାନେ ଖେଳ ଖେଳୁଥାନ୍ତି । ବିଲେଇ ମୂଷା ସହିତ ଯେମିତି ଖେଳେ, ସେମିତି । ଏବଂ ଏହିପରି ଖେଳଖେଳି ଶେଷରେ ତାକୁ ପାଟିରେ ପକାଇ ଦିଅନ୍ତି ।

**ଯେଉଁମାନଙ୍କର ମସ୍ତିଷ୍କବିକୃତି ଘଟିଥାଏ, ସେମାନେ ବି କ'ଣ ଏହିପରି ଅଧିକୃତ ହୋଇ ରହିଥାନ୍ତି ?**

ହଁ, ଯଦି ସେହି କ୍ଷେତ୍ରରେ କୌଣସି ଶାରୀରିକ ହାନି କେଉଁଠି ରହିଥାଏ, ତେବେ ତାହା ଅନ୍ୟ କଥା ହୋଇଥାଏ । ତା'ର ଶାରୀରିକ ଗଠନରେ ଯଦି କୌଣସି ଦୋଷ ଥାଏ, ଯଦି ଏକ ଦୁର୍ଘଟଣା ଘଟିଥାଏ ବା ରକ୍ତ ଅବରୁଦ୍ଧ ହୋଇ ରହିଥାଏ, ତେବେ ତାହା ଭିନ୍ନ କଥା ହୁଏ । ଅନ୍ୟ ସବୁଯାକ କ୍ଷେତ୍ରରେ ସର୍ବଦା ଏକ ଅଧିକୃତହିଁ ଘଟିଥାଏ । ଏହାର ପ୍ରମାଣ ହେଉଛି ଯେ, ସମ୍ପୂର୍ଣ୍ଣ ଭାବରେ ମସ୍ତିଷ୍କବିକୃତି ଘଟିଥିବା କୌଣସି ବ୍ୟକ୍ତିକୁ ଯଦି ତୁମ ପାଖକୁ ଅଣାଯାଏ, ଯଦି ତା'ର ଶରୀରରେ କୌଣସି ହାନି ଘଟିଥାଏ, ତେବେ ତାକୁ ଆଉ ଆରୋଗ୍ୟ କରାଯାଇ ପାରିବ ନାହିଁ; ମାତ୍ର ଯଦି ଶରୀରସ୍ଥ କୌଣସି ହାନି ଘଟି ନଥାଏ, ଯଦି ଆଉଗୋଟିଏ ସତ୍ତା ତାକୁ ଅଧିକାର କରି ନେଇଥାଏ, ତେବେ ତାକୁ ଆରୋଗ୍ୟ କରାଯାଇ ପାରିବ ।

'oaob.nitrkl.ac.in' images reprocessed

ମାତ୍ର ଦୁର୍ଭାଗ୍ୟର କଥା ହେଉଛି ଯେ ଯେଉଁମାନଙ୍କୁ ଏସବୁ ଭଲ ଲାଗେ, କେବଳ ସେହିମାନଙ୍କ ଜୀବନରେହିଁ ଏସବୁ ଘଟଣା ଘଟିଥାଏ; ଉପ୍ୟୁକ୍ତ ସତ୍ତ୍ୱଟି ମଧ୍ୟରେ ଅନ୍ତତଃ ମହତ୍ତ୍ୱାକାଙ୍‌କ୍ଷା ରହିଥିବା ଦରକାର ହୁଏ, ବୃଥା ଦମ୍ଭ ରହିଥିବା ଦରକାର ହୁଏ, ତା' ସହିତ ଅତ୍ୟନ୍ତ ପରିମାଣରେ ନିର୍ବୋଧତା ମିଶି ରହିଥାଏ ଓ ଏକ ଭୟଙ୍କର ଗର୍ବ ମଧ୍ୟ ରହିଥାଏ । ଏହିପରି ବସ୍ତୁଗୁଡ଼ିକୁ ପାଇଲେହିଁ ସେହି ସତ୍ତ୍ୱମାନେ ଖେଳ ଖେଳିବାର କ୍ଷେତ୍ର ପାଇଯାନ୍ତି । ମୁଁ ସେପରି କେତେକ ଦୃଷ୍ଟାନ୍ତ ଜାଣିଛି, ଏପରି ନାନା ବ୍ୟକ୍ତିଙ୍କର ଦୃଷ୍ଟାନ୍ତ ଜାଣିଛି, ଯେଉଁମାନେ କି ଆଂଶିକ ଭାବରେ ଅଧିକୃତ ହୋଇ ରହିଥିଲେ ଏବଂ ଯେଉଁ ସତ୍ତ୍ୱଗୁଡ଼ିକ ସେମାନଙ୍କୁ ଅଧିକାର କରିଥିଲା, ମୁଁ ସେମାନଙ୍କଠାରୁ ସେମାନଙ୍କୁ ମୁକ୍ତ କରି ଆଣି ପାରିଥିଲି । ସେମାନେ ସ୍ପଷ୍ଟତଃ ତଦ୍ଦ୍ୱାରା କେତେକ ପରିମାଣରେ ଆରାମ ଅନୁଭବ କଲେ, ସାମୟିକ ଭାବରେ ଟିକିଏ ସ୍ୱସ୍ତି ଅନୁଭବ କଲେ; ମାତ୍ର ତାହା ଆଦୌ ବେଶୀ ଦିନ ସ୍ଥାୟୀ ହେଲା ନାହିଁ । ପ୍ରାୟ ସଙ୍ଗେ ସଙ୍ଗେ ତାହା ଅପସରି ଯାଇଥିଲା ଏବଂ ସେମାନେ ଭାବିଲେ : "ବର୍ତ୍ତମାନ ମୁଁ ତ ଏକ ସାଧାରଣ ଜୀବରେ ପରିଣତ ହୋଇଗଲି, କିନ୍ତୁ ଆଗରୁ ଏକ ଅସାଧାରଣ ସତ୍ତ୍ୱା ହୋଇ ରହିଥିଲି ।" ସେମାନେ ଆପଣା ଭିତରେ ଏକ ଅସାଧାରଣ ଶକ୍ତି ଅନୁଭବ କରୁଥିଲେ; ଅନର୍ଥ ସୃଷ୍ଟି କରିବାକୁହିଁ ସେହି ଶକ୍ତି ଉଦ୍ଦିଷ୍ଟ ହୋଇ ରହିଥିଲେହେଁ ସେମାନେ ତାହାକୁ ଏକ ଅସାଧାରଣ ଶକ୍ତିରୂପେ ଅନୁଭବ କରୁଥିଲେ । ଏବଂ ସେଇଟିକୁ ନେଇ ସେମାନେ ବେଶ୍ ସନ୍ତୁଷ୍ଟ ହୋଇ ରହିଥିଲେ । ତେବେ, ସେମାନେ ବର୍ତ୍ତମାନ ପୁଣି କ'ଣ କଲେ ? ଆପଣାର ସବୁଯାକ ସାମର୍ଥ୍ୟ ପ୍ରୟୋଗ କରି ସେମାନେ ଆପଣାର ଏହି ଦୂତ ଶକ୍ତିଟିକୁ ଫେରାଇ ଆଣିଲେ । ଅବଶ୍ୟ ଏକଥା ସତ ଯେ ଯେଉଁ ସତ୍ତ୍ୱଟିକୁ ନଷ୍ଟ କରି ଦିଆ ଯାଇଥିଲା, ସେଇଟି ଆଉ କଦାପି ଆସି ନଥାନ୍ତା, ମାତ୍ର ଏହି ପ୍ରକାରର ସତ୍ତ୍ୱା ସହସ୍ର ସଂଖ୍ୟାରେ ରହିଥିବାରୁ ସେଇଟି ଜାଗାରେ ଆଉଗୋଟିଏ ଆସି ପହଞ୍ଚିଗଲା । ଗୋଟିଏ କ୍ଷେତ୍ରରେ ମୁଁ ଲଗାଲଗ୍ ତିନିଥର ଏପରି ହେବାର ଦେଖିଛି, ଏହି ପୁନରାବୃତ୍ତି ଏପରି ହେଲା ଯେ ମୁଁ ଶେଷକୁ ସେହି ବ୍ୟକ୍ତିଟିକୁ ଯାଇ କହିଲି, "ମୁଁ ଆଉ ପାରିବ ନାହିଁ, ତୁମେ ଏଥର ନିଜେ ଏଇଟିକୁ ବାହାର କର, ଏଥିରେ ମୋର ଆଉ ଏତେଟିକିଏ ଆଗ୍ରହ ନାହିଁ ।"

## ଏହିସବୁ ଦୃଷ୍ଟାନ୍ତରେ ଚୈତ୍ୟ ସତ୍ତ୍ୱର ପୁଣି କ'ଣ ହୁଏ ?

ସାଧାରଣତଃ, ଚୈତ୍ୟ ସତ୍ତ୍ୱା ବିଦାୟ ନେଇ ଚାଲିଯାଏ ।

ମୋର ଏକଥାଟି ବି କହି ରଖିବା ଉଚିତ ଯେ ପ୍ରାଣିକ ଜଗତର ସତ୍ତ୍ୱମାନେ ହେଉଛନ୍ତି ଅମର । ସେମାନେ ମରି ପାରିବେ ନାହିଁ । ସେମାନଙ୍କୁ ନଷ୍ଟ କରିଦେଇ

'oaob.nitrkl.ac.in' images reprocessed

ହେବ, ମାତ୍ର କେବଳ ଶୁଦ୍ଧ ଆଧ୍ୟାତ୍ମିକ ଶକ୍ତିହିଁ ସେମାନଙ୍କୁ ନଷ୍ଟ କରିଦେଇ ପାରିବ । ଉଦାହରଣସ୍ୱରୂପ, ଏକ ପ୍ରାଣିକ ସମରରେ (ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କଠାରେ ଏକ ପ୍ରାଣସ୍ତରୀୟ ସମରଶକ୍ତି ରହିଥାଏ), ସବୁବେଳେ ସେହି ସମାନ ଅନୁଭୂତିହିଁ ଉପଲବ୍ଧ ହୋଇଥାଏ : ଯଦି ତୁମେ ପ୍ରାଣିକ ଜଗତରେ ଗୋଟିଏ ପ୍ରାଣିକ ସତ୍ତା ସହିତ ଯୁଦ୍ଧ କରିବାକୁ ଯାଅ, ତୁମେ ତାକୁ ହୁଏତ ଦଳିଦେଇ ପାରିବ, ତାହାକୁ ହତ୍ୟା କରି ପାରିବ, ମାତ୍ର ତାହା ସର୍ବଦା ପୃଥିବୀରେ ଜନ୍ମ ହେବାରେ ଲାଗିଥିବ,—ସେହି ସତ୍ତାଗୁଡ଼ିକ ଆପଣାକୁ ପୁନର୍ବାର ଗଠନ କରିନେଇ ପାରନ୍ତି । ମୁଁ ଭାବୁଛି, ଏଇଥିପାଇଁ ଗାଥାମାନଙ୍କରେ ବହୁମସ୍ତକବିଶିଷ୍ଟ ସର୍ପ ଏବଂ ରାକ୍ଷସଙ୍କର ସନ୍ଦର୍ଭ ରହିଛି ।

ପୃଥିବୀରେ କେବଳ ଗୋଟିଏ ଶକ୍ତି ରହିଛି, ଯାହାକି ସେମାନଙ୍କୁ ସମୂଳେ ବିନଷ୍ଟ କରିଦେଇ ପାରିବ, ଅର୍ଥାତ୍, ସେମାନଙ୍କୁ ଏପରି ବିନଷ୍ଟ କରିଦେବ, ଯାହାଫଳରେ କି ସେମାନେ ଫେରି ଆସିବାର ଆଉ କୌଣସି ସମ୍ଭାବନା ନଥିବ । ଏହି ଶକ୍ତିଟି ହେଉଛି ସର୍ବୋଚ୍ଚ ଓ ସୃଜନଶୀଳ ପରମା ଶକ୍ତିରହିଁ ଏକ ସମ୍ପଦ । ଏହି ଶକ୍ତି ଅତିମାନସ ଜଗତର ଆହୁରି ସେପାଖରୁ ଆସିଥାଏ—ଏବଂ ସେଇଟି କଦାପି ସମସ୍ତଙ୍କର ବଶ ହୋଇ ରହି ନଥାଏ । ଏହା ହେଉଛି ଏକ ତେଜୋଦୀପ୍ତ ଶକ୍ତି, ଚକ୍ଷୁକୁ ଝଲସାଇ ଦେଉଥିବା ଏକ ଶୁଭ୍ରତା,—ଏହାର ଦୀପ୍ତି ଏତେ ଅଧିକ ଯେ ଯଦି ସାଧାରଣ ଆଖିରେ କେହି ତା' ଆଡ଼କୁ ଅନାଇବାକୁ ଯିବ, ତେବେ ତାହାର ଆଖି ଅନ୍ଧହିଁ ହୋଇଯିବ । ପ୍ରାଣିକ ଜଗତର କୌଣସି ସତ୍ତା ଉପରେ ଏହି ଆଲୋକଟି ଆସି ବାଜିବା ମାତ୍ରକେହିଁ ତାହା ତତ୍‌କ୍ଷଣାତ୍ କୁଆଡ଼େ ମିଳାଇ ନଷ୍ଟ ହୋଇଯିବ; ପାଣିରେ ଟିକିଏ ଲୁଣ ପକାଇଦେଲେ କେତେକ ଶାମୁକା ଯେପରି ନଷ୍ଟ ହୋଇ ଯାଆନ୍ତି ଓ ମିଳାଇ ଯାଆନ୍ତି, ତାହା ଠିକ୍ ସେହିପରି ମିଳାଇଯିବ ।

ରାସ୍‌ପୁଟିନ୍ ଏକ ପ୍ରାଣିକ ସତ୍ତା ଥିଲେ ବୋଲି କହି ହେବ କି ?

ରାସ୍‌ପୁଟିନ୍‌ଙ୍କ ବିଷୟରେ ମୁଁ ତ ଅଦ୍ଭୁତ ପରସ୍ପରବିରୋଧୀ କଥାମାନ ଶୁଣିଛି —ଅନେକେ ତ ତାଙ୍କୁ ଦେବତାଙ୍କର ଅବତାର ପରି ଦେଖୁଥିଲେ, ଆଉ ଅନ୍ୟମାନେ ସଇତାନର ଅବତାର ପରି ଦେଖୁଥିଲେ । ତାଙ୍କ ସହିତ ମୋର କୌଣସି ସଂଯୋଗ ହୋଇ ନଥିଲା ।

ହିଟଲରର ମୃତ୍ୟୁ ପରେ ମିଥ୍ୟାର ଈଶ୍ୱର ଷ୍ଟାଲିନ୍‌ଙ୍କ ଭିତରେ ଯାଇ ପ୍ରବିଷ୍ଟ ହେଲେ କି ?

'oaob.nitrkl.ac.in' images reprocessed

କୌଣସି ଘଟଣା ଆଦୌ ସଂପୂର୍ଣ୍ଣ ଭାବରେ ସେପରି ଘଟେ ନାହିଁ । ମାତ୍ର ତଥାପି ତାହାର ସଦୃଶ କିଛି ନା କିଛି ଘଟେ । ଏହି ସତ୍ତ୍ୱଟି ହିଟଲରର ମୃତ୍ୟୁ ଲାଗି ଆଦୌ ଅପେକ୍ଷା କରି ରହି ନଥିଲା । ତୁମେ ସେଇଠାରେହିଁ ଏକ ଭୁଲ କରି ପକାଉଛ । ଏହିସବୁ ସତ୍ତ୍ୱ ଆଦୌ କୌଣସି ଗୋଟିଏ ଶାରୀରିକ ସତ୍ତ୍ୱ ସହିତ ବାନ୍ଧିହୋଇ ରହି ନଥାନ୍ତି । ଏଠାରେ ଯେଉଁ ସତ୍ତ୍ୱଟିର ଉଲ୍ଲେଖ କରାଯାଉଛି, ତାହା ହିଟଲରକୁ ଅଧିକାର କରି ମଧ୍ୟ ଏକାଧାରରେ ଆହୁରି ଅନେକଙ୍କୁ ପ୍ରଭାବିତ କରି ପାରିଥାନ୍ତା । ହିଟଲରକୁ ଅପସରାଇ ନିଆଗଲା, କାରଣ ତା' ପଛରେ ଏକ ସଂପୂର୍ଣ୍ଣ ଜାତି ରହିଥିଲା ଏବଂ ଏକ ଭୌତିକ ଶକ୍ତି ମଧ୍ୟ ଥିଲା; ଏବଂ ଯଦି ସିଏ ଜୟଶ୍ରୀ ହୋଇଥାନ୍ତା, ତେବେ ମନୁଷ୍ୟଜାତି ଲାଗି ତାହା ଘୋର ବିପର୍ଯ୍ୟୟର କାରଣ ହୋଇଥାନ୍ତା । ମାତ୍ର ଏବିଷୟରେ ଆପଣାକୁ ପ୍ରବଞ୍ଚିତ କରି ରଖିବାର କୌଣସି ଅବକାଶହିଁ ନଥିଲା । ତା' ପଛରେ ରହିଥିବା ଶକ୍ତିଟିକୁ ଅପସାରିତ କରି ରଖିବା ଲାଗି କେବଳ ତାକୁହିଁ ଅପସାରିତ କରିଦେବା ମୋଟେ ଯଥେଷ୍ଟ ନଥିଲା,—ତାହା ଆଦୌ ସେତେ ସହଜ ହୋଇ ନଥାନ୍ତା । ମୋତେ ଗୋଟିଏ କଥା ଅବଶ୍ୟ କହି ରଖିବାକୁ ହେବ ଯେ ଦେବତାମାନେ ଉଦ୍ଭୂତ ହେବା ପୂର୍ବରୁହିଁ ଏହିସବୁ ବିଷୟର ଉଦ୍ଭବ ଘଟିଥିଲା । ସେହିମାନେ ହେଉଛନ୍ତି ସର୍ବପ୍ରଥମ ନିଃସୃତ ସତ୍ତ୍ୱ, ବିଶ୍ୱଜଗତରେ ସର୍ବପ୍ରଥମ ବ୍ୟକ୍ତସତ୍ତ୍ୱ । ତେଣୁ ସେମାନଙ୍କୁ ଏତେ ସହଜରେ ମୋଟେ ଅପସରାଇ ଦେଇ ହେବ ନାହିଁ, କେବଳ ଗୋଟାଏ ଯୁଦ୍ଧରେ ଜୟଲାଭ କରି ସେମାନଙ୍କଠାରୁ କଦାପି ନିଷ୍କୃତି ଲାଭ କରି ହେବ ନାହିଁ ।

ବିଶ୍ୱଜାଗତିକ ବିବର୍ତ୍ତନ ଲାଗି ଯେପର୍ଯ୍ୟନ୍ତ ସେମାନଙ୍କର ପ୍ରୟୋଜନ ରହିଛି, ସେମାନେ ସେପର୍ଯ୍ୟନ୍ତ ଅବଶ୍ୟ ରହିବେ । ଯେଉଁଦିନ ଆପଣାର ପ୍ରୟୋଜନଟିକୁ ହରାଇ ବସିବେ, ସେଦିନ ସେମାନଙ୍କୁ ବଦଳାଇ ଦେଇ ହେବ ଅଥବା ସେମାନେ ଅନ୍ତର୍ହିତ ହୋଇଯିବେ ।

ପୁନଶ୍ଚ, ସେମାନେ ଭଲ କରି ଜାଣିଛନ୍ତି ଯେ ସେମାନେ ଆପଣାର ଅନ୍ତିମ ସମୟଟିର ନିକଟବର୍ତ୍ତୀ ହେବାରେ ଲାଗିଛନ୍ତି, ଏବଂ ତେଣୁ ଯଥାସମ୍ଭବ ଅଧିକ କ୍ଷତି ଘଟାଇବାରେ ଲାଗିଛନ୍ତି ।

ସେମାନେ ଚାରି ଜଣ ଥିଲେ । ପ୍ରଥମଟିକୁ ନୂତନ ଦୀକ୍ଷା ଦେଇ ବଦଳାଇ ଦିଆଯାଇଛି, ଆଉ ଜଣକୁ ତା'ର ମୂଳଟି ମଧ୍ୟରୁହିଁ ଅନ୍ତର୍ହିତ କରାଇ ଦିଆଯାଇଛି । ଦୁଇ ଜଣ ଏବେ ମଧ୍ୟ ବଞ୍ଚିଛନ୍ତି ଏବଂ ଏହି ଦୁଇ ଜଣ ଅନ୍ୟ ଦୁଇ ଜଣଙ୍କ ତୁଳନାରେ ଅଧିକ ଭୟଙ୍କର । ଗୂଢ଼ବିଦ୍ୟାରେ ଜଣକୁ "ମିଥ୍ୟାର ଈଶ୍ୱର" ବୋଲି କୁହାଯାଏ, ଏକଥା ମୁଁ ତୁମ୍ଭମାନଙ୍କୁ କହିସାରିଛି । ଅନ୍ୟଟି ହେଉଛି "ମୃତ୍ୟୁର ଈଶ୍ୱର" । ଏବଂ ଯେପର୍ଯ୍ୟନ୍ତ ଏହି ଦୁଇଟିଯାକ ସତ୍ତ୍ୱ ଧରି ରହିଛନ୍ତି, ସେପର୍ଯ୍ୟନ୍ତ ବିଘ୍ନ ଓ ବାଧା ଲାଗି ରହିଥିବ ।

'oaob.nitrkl.ac.in' images reprocessed

## ୧୦ ମାର୍ଚ୍ଚ ୧୯୫୧

"ଅର୍ଥଶକ୍ତି ବର୍ତ୍ତମାନ ପ୍ରାଣିକ ଜଗତର ଶକ୍ତି ଏବଂ ସତ୍ତାମାନଙ୍କ ହାତରେ ରହିଛି । ଏହି ପ୍ରଭାବର କାରଣରୁହିଁ ପରମ ସତ୍ୟର ଉଦ୍ଦେଶ୍ୟରେ ପ୍ରଭୂତ ପରିମାଣରେ ଅର୍ଥର ବିନିଯୋଗ ହେଉ ଥିବାର ତୁମେ ଆଦୌ ଦେଖି ପାରୁ ନାହିଁ । ଏହା ସର୍ବଦା କେବଳ ଯାଉଡ଼େସାଉଡ଼େ ନଷ୍ଟ ହୋଇ ଯିବାରେ ଲାଗିଛି, କାରଣ ତାହା ପ୍ରତିକୂଳ ଶକ୍ତିଗୁଡ଼ିକର କବଳରେ ରହିଛି ଏବଂ ଏହାକୁ ଏକ ଅନ୍ୟତମ ପ୍ରଧାନ ସାଧନରୂପେ ବ୍ୟବହାର କରିହିଁ ସେମାନେ ପୃଥିବୀରେ ଆପଣାର ଅଧିକାରକୁ ସାବ୍ୟସ୍ତ କରି ରଖିଛନ୍ତି । ଅର୍ଥଶକ୍ତି ଉପରେ ପ୍ରତିକୂଳ ଶକ୍ତିଗୁଡ଼ିକର ଏହି ଅଧିକାର ଭାରି ଶକ୍ତିଶାଳୀ, ଭାରି ସମ୍ପୂର୍ଣ୍ଣ ଏବଂ ଚଉକଷ ଭାବରେ ସଂଗଠିତ ହୋଇ ରହିଛି ଏବଂ ଏହି ନକୁଜ ସଂଗଠନଟି ମଧ୍ୟରୁ କିଛି ବାହାର କରି ଆଣି ପାରିବା ପ୍ରକୃତରେ ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇ ରହିଛି । ଏହାର ବର୍ତ୍ତମାନ ମାଲିକମାନଙ୍କଠାରୁ ତୁମେ ଏହି ଅର୍ଥର ହୁଏତ ଏକ ଅତିକଷ୍ଟିତ ଅଂଶକୁ ବାହାର କରି ଆଣିବାକୁ ଚେଷ୍ଟା କରିବା ମାତ୍ରକେ ତୁମକୁ ପ୍ରତ୍ୟେକ ଥର ଏକ ଭୟଙ୍କର ଯୁଦ୍ଧରେହିଁ ଅବତୀର୍ଣ୍ଣ ହେବାକୁ ପଡ଼ୁଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୨ ମେ)

ପଣ୍ଡରପମାନଙ୍କରେ ଅନେକ ସମୟରେ କୁହାଯାଇଥାଏ ଯେ କୌଣସି ଧନସମ୍ପତ୍ତିକୁ ସାପମାନେ ଜଗି କରି ରହିଥାନ୍ତି । ଏକଥା କ'ଣ ସତ୍ୟ ?

ହଁ, ମାତ୍ର ଏହି ସାପ ପ୍ରକୃତରେ ଏକ ଦେହଧାରୀ ସାପ ନୁହେଁ । ଏହା ଏକ ପ୍ରାଣିକ ସାପ । ପ୍ରାଣିକ ଜଗତରେହିଁ ସେହି ସମ୍ପତ୍ତିର ଅସଲ ସ୍ୱତ୍ୱକାଠିଟି ରହିଛି ଏବଂ ତାହାକୁ ଏଡ଼େବଡ଼ ଗୋଟାଏ କଳା ସାପ ଜଗିକରି ରହିଛି—ଏହା ଏକ ବୃହତ୍କାୟ

'oaob.nitrkl.ac.in' images reprocessed

ସାପ, ସାଧାରଣ ଯେକୌଣସି ସାପଠାରୁ ଦଶ ଗୁଣ ବା ପନ୍ଦର ଗୁଣ ଅଧିକ ବଡ଼ । ତାହା ସେହି ସମୁଦ୍ରର ଫାଟକକୁ ଜଗି ରହିଛି । ତାହା ଖୁବ ପ୍ରତାପରେ, କଳା ମଚ ମଚ ହୋଇ ସିଧା ଠିଆ ହୋଇ ରହିଛି, ସଦାସତର୍କ ହୋଇ ରହିଛି । ମୁଁ ଥରେ ତା' ସମ୍ମୁଖରେ ଠିଆ ହେବାର ସୁଯୋଗ ପାଇଛି (ସେମାନଙ୍କୁ ମୁଁ କୌଣସି ଆଦେଶ ଦେଲେ, ଏହି ସତ୍ତ୍ୱମାନେ ସେହି ଆଦେଶକୁ ପାଳନ କରିଥାନ୍ତି) । ମୁଁ ଏହି ସାପକୁ କହିଲି, "ମୁଁ ଯିବି, ବାଟ ଛାଡ଼ !" ସିଏ ଉତ୍ତର ଦେଲା, "ତୁମକୁ ବାଟ ଛାଡ଼ିଦେବାକୁ ମୋର ଆଦୌ କୌଣସି ଆପତ୍ତି ନାହିଁ, ମାତ୍ର ମୁଁ ଯଦି ବାଟ ଛାଡ଼ିଦେବି, ତେବେ ସେମାନେ ମୋତେ ମାରି ପକାଇବେ । ତେଣୁ ମୁଁ ତୁମକୁ ବାଟ ଛାଡ଼ି ପାରିବି ନାହିଁ ।" ମୁଁ ପଚାରିଲି, "ତେବେ ପ୍ରବେଶ କରିବାର ଅନୁମତି ପାଇବାକୁ ହେଲେ ମୁଁ ତୋ ଲାଗି କ'ଣ ଆଣିଦେବି ?" ସାପ କହିଲା, "କେବଳ ଗୋଟିଏ କଥା ହେଲେ ମୁଁ ତୁମକୁ ବାଟ ଛାଡ଼ିଦେବାକୁ ବାଧ୍ୟ ହେବି; ମଣିଷ ଭିତରେ ଯେଉଁ ଯୌନସମ୍ଭୋଗର ପ୍ରବୃତ୍ତି ରହିଛି, ଯଦି ତୁମେ ତାହାର ନିୟନ୍ତ୍ରଣକାରୀ କର୍ତ୍ତ୍ରୀ ହୋଇପାରିବ, ଯଦି ମନୁଷ୍ୟଜାତି ମଧ୍ୟରେ ସେହି ପ୍ରବୃତ୍ତିଟିକୁ ତୁମେ ଜୟ କରି ନେଇ ପାରିବ, ତେବେ ତା'ପରେ ମୁଁ ଆଉ ପ୍ରତିରୋଧ କରି ପାରିବି ନାହିଁ, ତୁମକୁ ବାଟ ଛାଡ଼ିଦେବି ।"

ସିଏ ଏପର୍ଯ୍ୟନ୍ତ ବି ମୋତେ ବାଟ ଛାଡ଼ି ଦେଇ ନାହିଁ । ମୋତେ ସ୍ୱୀକାର କରିବାକୁ ହେବ ଯେ ମୁଁ ମଧ୍ୟ ତା'ର ସର୍ତ୍ତଟିକୁ ପୂରଣ କରି ପାରି ନାହିଁ । ମୁଁ ସେହି କ୍ଷେତ୍ରଟିରେ ଏପରି ଏକ ନିୟନ୍ତ୍ରଣ ଅର୍ଜନ କରିବା ଲାଗି ସମର୍ଥ ହୋଇ ନାହିଁ, ଯାହାକି ମୋତେ ସବୁ ମଣିଷଙ୍କ ଭିତରେ ମଧ୍ୟ ସେହି ବିଜୟଟିକୁ ହାସଲ କରାଇଦେଇ ପାରିବ ।

ତାହା ବେଶ୍ କଷ୍ଟକର ।

ଏକ ପ୍ରାଣିକ ଜୀବ ସହିତ ସଂଯୁକ୍ତ ହୋଇ ରହିଥିବା ସତ୍ତ୍ୱଗୁଡ଼ିକ ସହିତ ସମ୍ବନ୍ଧ ଛିନ୍ନ କରିଦେବା ପୂର୍ବରୁ ସେମାନଙ୍କ ସହିତ ରହିଥିବା ସମ୍ବନ୍ଧଟି ବିଷୟରେ ନିଶ୍ଚିତ ହେବାକୁ ପଡ଼ିବ । ଏପରି ନିଶ୍ଚିତ କିପରି ହୋଇ ହେବ ?

ସିଧା ପ୍ରାଣିକ ବ୍ୟାପାରଗୁଡ଼ିକୁ ଦେଖିବାକୁ ସମର୍ଥ ହେଉ ନଥିଲେ ଏକଥାଟି ଜାଣିବା ଆଖର ବଡ଼ କଷ୍ଟକର, ଅର୍ଥାତ୍, ପ୍ରାଣିକ ଜଗତଟି ମଧ୍ୟକୁ ସିଧା ଦୃଷ୍ଟିପାତ କରିବା ଲାଗି ସମର୍ଥ ନହେଉଥିଲେ ତାହା ଜାଣିବା ପ୍ରକୃତରେ କଷ୍ଟକର । ମୁଁ ଏପରି ଅନେକ, ଅନେକ ଥର ଦେଖିଛି···ଯେ ଦୁଇଟିଯାକ କଥା ଘଟିପାରିବେ ଏବଂ

'oaob.nitrkl.ac.in' images reprocessed

ସାଧାରଣତଃ ଦୁଇଟିଯାକ କଥାହିଁ ଘଟିଛନ୍ତି । ଯେତେବେଳେ, କୌଣସି ନା କୌଣସି କାରଣବଶତଃ, ତୁମେ ଆଉଜଣକ ସହିତ ଏକମତ ହୋଇ ପାରୁ ନଥିବ—ଯଦି ସ୍ୱାର୍ଥକ୍ଷେତ୍ରରେ କୌଣସି ସଂଘାତ ରହିଥିବ, ଯଦି କୌଣସି କଳହ ହୋଇ ଯାଇଥିବ, ତେବେ ସେହି କ୍ଷେତ୍ରରେ "ସେଇଟା ଗୋଟାଏ ପ୍ରାଣିକ ଜୀବ ।" ବୋଲି କହିବା ଲାଗି ଏକ ପ୍ରବୃତ୍ତି ରହିଥିବ । ଏହି ପରିସ୍ଥିତିରେ ସର୍ବପ୍ରଥମେ ଆପଣାକୁ ଅବିଶ୍ୱାସ କରିବାକୁ ହେବ, ଏବଂ ଆଉଜଣକ କ'ଣସବୁ କହୁଛି, ତା'ପରେ ଯାଇ ସେସବୁର ପ୍ରଶ୍ନ ଉଠିବ । ଆଉଗୋଟିଏ ତଥାପି ଅଧିକ ଆଗ୍ରହୋଦ୍ଦୀପକ ଦୃଷ୍ଟାନ୍ତ ରହିଛି : ମୁଁ ଏପରି ଅନ୍ତତଃ ଦୁଇଜଣ ଲୋକଙ୍କୁ ଜାଣିଥିଲି ଯେଉଁମାନେ କି କେବଳ ଯେ ପ୍ରାଣିକ ପ୍ରଭାବର ବଶବର୍ତ୍ତୀ ହୋଇ ରହିଥିଲେ ତା' ନୁହେଁ, ମାତ୍ର ସେମାନେ ପ୍ରାଣିକ ଜଗତର ସତ୍ତ୍ୱଗୁଡ଼ିକର ଗୋଟିଏ ଗୋଟିଏ ଅବତାର ହୋଇ ରହିଥିଲେ । ଏବଂ, ଖାସ୍ ଏହି ଦୁଇଜଣ ବ୍ୟକ୍ତିହିଁ ଅନ୍ୟମାନେ ପ୍ରାଣିକ ଜଗତର ସତ୍ତ୍ୱଗୁଡ଼ିକ ଦ୍ୱାରା ଅଧିକୃତ ହୋଇ ରହିଛନ୍ତି ବୋଲି ଅନ୍ୟମାନଙ୍କୁ ସର୍ବଦା ଧିକ୍କାର ଦେବାରେ ଲାଗିଥିଲେ । ତେଣୁ, ଏହି ଦୃଷ୍ଟିରୁ ତରତର କରି ଗୋଟାଏ ସିଦ୍ଧାନ୍ତ ମଧ୍ୟକୁ ଡେଇଁ ନପଡ଼ିବାହିଁ ଅଧିକ ଭଲ ହେବ । ଏପରି ଅନେକ ଉଦାହରଣ ରହିଛି, ଯେଉଁଠାରେ କି ଅଜ୍ଞାନହିଁ ଅର୍ଦ୍ଧଜ୍ଞାନ ଅପେକ୍ଷା ଅଧିକ ଲାଭଦାୟକ ହୋଇଥାଏ; କାରଣ ତୁମେ ପ୍ରାଣିକ ଜଗତର କୌଣସି ସତ୍ତ୍ୱର ସମ୍ମୁଖୀନ ହୋଇଛ ବୋଲି ଯଦି ଜାଣି ନଥିବ, ତେବେ ଜଣେ ସାଧାରଣ ବ୍ୟକ୍ତି ସହିତ ବ୍ୟବହାର କଲା ପରି ତୁମେ ତା' ସହିତ ମଧ୍ୟ ବ୍ୟବହାର କରି ପାରିବ, ଅର୍ଥାତ୍, ଆପଣାକୁ ଯଥେଷ୍ଟ ପରିମାଣରେ ସୁରକ୍ଷିତ କରି ରଖିବ, ଯଦି ସିଏ ଗୋଟାଏ ଶତ୍ରୁ ହୋଇଥାଏ, ତେବେ ଆପଣାକୁ କଦାପି ନିଶ୍ଚିନ୍ତ ହୋଇ ଛାଡ଼ି ଦେବ ନାହିଁ, ସବୁବେଳେ ସତର୍କ ରହିପାରିବ ଏବଂ ଅନେକ ପରିମାଣରେ ଧୈର୍ଯ୍ୟ ରଖିଥିବ । ଏବଂ ତା'ପରେ, ସେହି ଲୋକଟି ତୁମର ପ୍ରକୃତରେ କ'ଣ କଲା ବା ନକଲା, ସେବିଷୟରେ ଆଦୌ କୌଣସି ଦୃଷ୍ଟି ଦେବ ନାହିଁ । ଯେଉଁମାନେ ଏକ ପୂର୍ଣ୍ଣତାପ୍ରାପ୍ତ ପ୍ରାଣିକ ସତ୍ତ୍ୱର ଅଧିକାରୀ ହୋଇଛନ୍ତି ଓ ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ନିର୍ମୋହ ହୋଇ ରହି ପାରିଛନ୍ତି, କେବଳ ସେହିମାନେହିଁ ତୁମକୁ "ଅମୁକ ବ୍ୟକ୍ତି ବା ସମୁକ ବ୍ୟକ୍ତି ହେଉଛନ୍ତି ଭାରି ବିପଜ୍ଜନକ" ବୋଲି କହିଦେଇ ପାରିବେ ।

> "ମନୁଷ୍ୟସତ୍ତ୍ୱ ଭୌତିକ ଶରୀରଟି ଭିତରେ କେତେଡ଼େ ନିଦକ ଓ ନିରାପଦ ହୋଇ ରହିଥାଏ; ଶରୀରହିଁ ତା'ର ରକ୍ଷାକବଚ ହୋଇ ରହିଥାଏ । ଅନେକ ଲୋକ ଅଛନ୍ତି, ଯେଉଁମାନେ କି ନିଜ ଶରୀର ପ୍ରତି ନାନା ଅଶ୍ରଦ୍ଧା ଓ ଅବଜ୍ଞାରେ ପୂର୍ଣ୍ଣ ହୋଇ ରହିଥାନ୍ତି ଏବଂ

'oaob.nitrkl.ac.in' images reprocessed

ଭାବୁଥାନ୍ତି ଯେ ମୃତ୍ୟୁ ପରେ ଯେତେବେଳେ ଏହି ଶରୀରଗୁଡ଼ାକ ଆଉ ନରହିବ, ସେତେବେଳେ ଯାବତୀୟ କଥା ଅଧିକ ଭଲ ଓ ଅଧିକ ସହଜ ହୋଇଯାଇ ପାରିବ । ମାତ୍ର ବସ୍ତୁତଃ ଏହି ଶରୀର ତୁମ ଲାଗି ଏକ ଦୁର୍ଗର କାର୍ଯ୍ୟ କରୁଥାଏ, ତୁମକୁ ଆଶ୍ରୟ ଦେଇ ରଖିଥାଏ । ତୁମେ ଯେତେବେଳେ ଆପଣାର ଶରୀର ଭିତରେ ରହିଥାଅ, ସେତେବେଳେ ପ୍ରତିକୂଳ ଜଗତର ଶକ୍ତିମାନେ ତୁମ ଉପରେ ଏକ ପ୍ରତ୍ୟକ୍ଷ ଅଧିକାର ହାସଲ କରିନେବାରେ ଏକ ଅସୁବିଧାହିଁ ଅନୁଭବ କରୁଥାନ୍ତି । ଦୁଃସ୍ୱପ୍ନ କହିଲେ କ'ଣ ବୁଝାଏ ତୁମେ ଜାଣିଛ ? ଏହାର ଅର୍ଥ ହେଉଛି, ତୁମେ ପ୍ରାଣିକ ଜଗତଗୁଡ଼ିକ ମଧ୍ୟକୁ ପରିଭ୍ରମଣରେ ଯାଇଥିଲ । ଏବଂ ଯେତେ-ବେଳେ ତୁମେ ଏକ ଦୁଃସ୍ୱପ୍ନର କବଳ ଭିତରେ ପଡ଼ିଯାଇଛ, ସେତେବେଳେ ସର୍ବପ୍ରଥମେ କ'ଣ କରିବାକୁ ହେବ କହିଲ ? ସେତେବେଳେ ତୁମେ ଧାଇଁକରି ପୁନର୍ବାର ନିଜ ଶରୀରଟି ଭିତରକୁ ଲେଉଟି ଆସିବ ଏବଂ ଆପଣାକୁ ଦୋହଲାଇ ପକାଇ ତୁମର ସାଧାରଣ ଭୌତିକ ଚେତନାଟି ମଧ୍ୟରେ ଆସି ପ୍ରବିଷ୍ଟ ହେବ ।”

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୨ ମେ)

### ମୃତ୍ୟୁ ପରେ ପ୍ରାଣିକ ସତ୍ତାର କ'ଣ ହୁଏ ?

ପ୍ରାଣିକ ସତ୍ତାଟି ନଷ୍ଟ ହୋଇଯାଏ । ଅନ୍ୟପ୍ରକାର ପ୍ରାୟ ଅତି କ୍ୱଚିତ୍ ହୋଇଥାଏ । ମାତ୍ର ଯଦି ତୁମ ଭିତରେ କୌଣସି ଅତିପ୍ରବଳ ବାସନା ରହି ଆସିଥିଲା, ଯଦି ତୁମେ ଅନମନୀୟ ନାନା ଆବେଗ ଦ୍ୱାରା ଆପଣା ଭିତରେ ବିଭକ୍ତ ହୋଇ ରହିଥିଲ, ତେବେ ତୁମର ପ୍ରାଣିକ ସତ୍ତା ସାନ ସାନ ଖଣ୍ଡରେ ଭାଙ୍ଗି ହୋଇଯିବ । ଏକ ବାଷ୍ପ ଅଥବା ତରଳ ପଦାର୍ଥ ପରି ଗ୍ଳନିଯିବା ପରିବର୍ତ୍ତରେ ତାହା ଖଣ୍ଡ ଖଣ୍ଡ କରି ଯିବାରେ ଲାଗିଥିବ । ପ୍ରାଣିକ ଉପାଦାନର ଏହି ପ୍ରତ୍ୟେକଟି ଖଣ୍ଡ ସେହି ଖଣ୍ଡଟିର କେନ୍ଦ୍ରସ୍ଥ ଆବେଗ ବା କେନ୍ଦ୍ରସ୍ଥ ବାସନା ବା କେନ୍ଦ୍ରସ୍ଥ ପ୍ରବଳ ଅଭିଳାଷଟିର ଚତୁଃପାଖରେ ଆସି ଜମା ହୋଇଥିବ ଏବଂ ଏହିପରି ଭାବରେ ସାନସାନ ଅସ୍ତିତ୍ୱର ସୃଷ୍ଟି କରି ଦେଉଥିବ, ଯେଉଁମାନଙ୍କର କୌଣସି ମନୁଷ୍ୟାକାର

'oaob.nitrkl.ac.in' images reprocessed

ନଥିବ ସତ, ମାତ୍ର ସେଉଁମାନେ କି ବେଳେବେଳେ ଏକ ଅନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରି ପାରୁଥିବେ । ସେହି ଖଣ୍ଡଗୁଡ଼ିକ ଯେଉଁ ଶରୀର ଭିତରେ ରହିଥିଲେ, ବେଳେ ବେଳେ ସେଗୁଡ଼ିକ ସେହି ଶରୀର ପରି ଦେଖା ଯାଉଥିବେ, ଆଉ ବେଳେବେଳେ ସେମାନେ ହୁଏତ ଏପରି ଗୋଟିଏ ରୂପ ଗ୍ରହଣ କରିବେ, ଯାହାକି ସେମାନେ ପ୍ରତିନିଧିତ୍ୱ କରୁଥିବା ବାସନାଟିକୁ ଅଭିବ୍ୟକ୍ତ କରି ଦେଉଥିବ । ଏବଂ, ଆପଣାର ବାସନା ଅଥବା ଅଭିଳାଷଟିକୁ ଚରିତାର୍ଥ କରିବାହିଁ ସେମାନଙ୍କର ଏକମାତ୍ର ଧନ୍ଦା ହୋଇ ରହିଥିବ ଏବଂ ସେମାନେ ଏହି ଆତ୍ମତର୍ପଣର ସାଧନଗୁଡ଼ିକୁ ପାଇବା ଲାଗି ସର୍ବତ୍ର ଅନ୍ୱେଷଣ କରି ବୁଲୁଥିବେ ।

ଉଦାହରଣସ୍ୱରୂପ, ଜଣେ କୃପଣ ବ୍ୟକ୍ତିର ତା'ର ଧନଟି ପ୍ରତି ଯେଉଁ ମୋହ ରହିଛି, ତାହାରି କଥା ବିଚାର କରାଯାଉ । ସିଏ ମରିଯାଉଛି । ତା'ର ପ୍ରାଣିକ ସତ୍ତ୍ୱାଟି ଖଣ୍ଡ ଖଣ୍ଡ ହୋଇଯାଉଛି ସତ, ମାତ୍ର ତା' ଟଙ୍କା ପ୍ରତି ରହିଥିବା ତା'ର ମୋହଟି ଜୀବନ୍ତ ହୋଇ ରହିଯାଉଛି । ଆପଣାର ଚତୁର୍ଦ୍ଦିଗରେ ତାହା ବେଶ୍ କେତେଗୋଟି ଉପାଦାନକୁ ଏକତ୍ର କରି ନେଉଛି ଏବଂ ତାହାରି ଦ୍ୱାରା ପ୍ରାଣିକ ଜଗତରେ ଆପଣାକୁ ଏକ ଜୀବନ୍ତ ଓ ସଚେତନ ଏକକରୂପେ ଗଢ଼ିନେଇ ପାରୁଛି । ଏହି ବ୍ୟକ୍ତିଟି ଯଦି ଆପଣାର ଜୀବଦ୍ଦଶାରେ କେଉଁଠି ଗୋଟାଏ ସମ୍ପତ୍ତି ଲୁଚାଇ ରଖିଥିଲା, ତେବେ ସେହି ଏକକଟି ବର୍ତ୍ତମାନ ସେଇଠାକୁ ଯାଇ ସମ୍ପତ୍ତିଟି ରହିଥିବା ସ୍ଥାନଟିର ଠିକ୍ ଉପରେ ଆପଣାକୁ ଅଧିଷ୍ଠିତ କରି ରଖିଦେଉଛି; ସତେଯେପରି ସେହି ସମ୍ପତ୍ତିଟିକୁ ଜଗି ରହିବାକୁ ଓ ସେଇଟି ପାଖକୁ ଆସିବାରୁ ଲୋକମାନଙ୍କୁ ନିବୃତ୍ତ କରି ରଖିବାକୁ ସେ ଏହିପରି କରୁଛି । ମାତ୍ର ଅତିସଂବେଦନଶୀଳ ଏପରି ଲୋକ ଅଛନ୍ତି, ଗୋଟାଏ ସମ୍ପତ୍ତି କେଉଁଠି ଲୁଚିହୋଇ ରହିଛି ବୋଲି ଜାଣିବାକୁ ପାଇଲା ମାତ୍ରକେ ଯେଉଁମାନେ କି ତାହାର ଉପସ୍ଥିତିଟିକୁ ଅନୁଭବ କରିନେଇ ପାରନ୍ତି ଏବଂ "ସମ୍ପତ୍ତିଟି ସେଇଠାରେ ଅଛି" ବୋଲି କହିଦିଅନ୍ତି । ସେଇଟା ହେଉଛି ପ୍ରଥମ ପରିଣାମ । ଅନ୍ୟ ପରିଣାମଟି ହେଉଛି ଯେ, ସେହି ସମ୍ପତ୍ତିଟିକୁ କେହି ଛୁଅଁନ୍ତୁ ବୋଲି କଦାପି ଇଚ୍ଛା କରୁ ନଥିବା ସେହି ଏକକ ଆପଣାର ସମ୍ପତ୍ତି ଉପରେ ପହରା ଦେବା ଲାଗି ସର୍ବଦା କୌଣସି ନା କୌଣସି ବିପର୍ଯ୍ୟୟ ଘଟାଇବାକୁ ବି ଚେଷ୍ଟା କରିଥାଏ । ଯେଉଁମାନେ ସେହି ସମ୍ପତ୍ତିଟି ପାଖକୁ ଆସନ୍ତି, ସେମାନଙ୍କୁ ସେ ଅସୁସ୍ଥତାରେ ପକାଏ ବା କୌଣସି ଆକସ୍ମିକ ଦୁର୍ଘଟଣାରେ ସେମାନଙ୍କୁ ଜଡ଼ିତ କରିଦିଏ, ଏପରିକି ଏକ ହତ୍ୟାକାଣ୍ଡ ବି ଘଟାଇପାରେ । କୌଣସି ପ୍ରକାର ମାର୍ଗକୁ ତାହା ଖରାପ ବୋଲି ମନେ କରେ ନାହିଁ । ଅଥବା, ଯଦି ବ୍ୟକ୍ତିଜଣକ ଅତିସଂବେଦନଶୀଳ ହୋଇଥାଏ, ତେବେ ତାହା ତାକୁ ଏପରି ଉତ୍ୟକ୍ତ କରିପକାଏ ଯେ ସିଏ ପାଗଳ ବି ହୋଇଯାଏ ।

'oaob.nitrkl.ac.in' images reprocessed

ଆହୁରି ଏପରି ଅନେକସଂଖ୍ୟକ ଘୃଣାସ୍ପଦ ଅସ୍ତିତ୍ୱମାନ ରହିଥାନ୍ତି, ସେହି ବସ୍ତୁମାନ ଯୌନଲାଲସାରୁ ଯେଉଁମାନଙ୍କର ଉତ୍ପତ୍ତି ହୋଇଥାଏ । ମୃତ୍ୟୁ ସମୟକୁ ଯଦି ଏହି ଅଭିଳାଷଟି (ଆପଣାର ଯାବତୀୟ ତଦନୁରୂପ ଏକକଗୁଡ଼ିକ ସହିତ) ନଷ୍ଟ ହୋଇ ନଯାଏ, ତେବେ ଏହି ଏକକଗୁଡ଼ିକ ନମରି ବଞ୍ଚି ରହନ୍ତି ଏବଂ ସେମାନେ ଆସି ଅତିସଂବେଦନଶୀଳ ବ୍ୟକ୍ତିମାନଙ୍କର ଜୀବନମଣ୍ଡଳଟି ମଧ୍ୟରେ ବାସ କରୁଥାନ୍ତି; ସେମାନଙ୍କୁ ଅଙ୍କୁଶ ମାରିବାକୁ ଲାଗିଥାନ୍ତି ଓ ଉତ୍ତେଜିତ କରିବାରେ ଲାଗିଥାନ୍ତି । ଏହି ଏକକମାନେ ସେମାନଙ୍କର କାର୍ଯ୍ୟଟିରୁହିଁ ସେତେବେଳେ ନିଃସୃତ ହେଉଥିବା ପ୍ରାଣିକ ଶକ୍ତିଟିକୁହିଁ ଖାଇକରି ବଞ୍ଚିଥାନ୍ତି ଏବଂ ଆପଣା ଲାଗି ଯଥାସମ୍ଭବ ଅଧିକ ଖାଦ୍ୟ ଓ ରସଦ ଯୋଗାଡ଼ କରି ନେବାହିଁ ସେମାନଙ୍କର ଏକମାତ୍ର ଅଭିଳାଷ ହୋଇ ରହିଥାଏ । ଏହିସବୁ ସତ୍ତା ଦ୍ୱାରା ଘେରି ଭିତରେ ପଡ଼ି ରହିଥିବା ଲୋକମାନଙ୍କୁ ମୁଁ ଅନେକ ଥର ଦେଖିଛି । ଏଇଟା ପ୍ରକୃତରେ ଏକ ବାସ୍ତବ ବ୍ୟାପାର···ତୁମେସବୁ ମରିସ୍ ମାଗ୍ରିଙ୍କ କଥା ଶୁଣିଛ କି ନାହିଁ ମୁଁ ଜାଣି ନାହିଁ । ସିଏ ହେଉଛନ୍ତି ଜଣେ ଲେଖକ, ସିଏ ଏଠାକୁ ବି ଆସିଥିଲେ । ନିଜର ଗୋଟିଏ ବହିରେ ସେ କହୁଛନ୍ତି ଯେ, ଯେଉଁ ଲୋକମାନଙ୍କ ଭିତରେ ଏକ ପ୍ରବଳ ଯୌନବାସନା ରହିଥାଏ, ସେମାନେ ସବୁବେଳେ ଏହି କ୍ଷୁଦ୍ରସତ୍ତାମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହିଥାନ୍ତି । ଏହି ସତ୍ତାଗୁଡ଼ିକ ଆପଣାର ପରିତର୍ପଣ ଲାଗି ସେମାନଙ୍କୁ ନିର୍ଯ୍ୟାତିତ କରିବାରେ ଲାଗିଥାନ୍ତି । ପ୍ରାଣିକ ଶକ୍ତିର ଆହାର କରି ପାରିବା ଲାଗି ସେମାନେ ସେସବୁ କରୁଥାନ୍ତି । ଶ୍ରୀଯୁକ୍ତ ମାଗ୍ରି ଏହି କଥାଟିକୁ ବେଶ୍ ଭଲ ଭାବରେ ଜାଣିଥିଲେ, ସିଏ ନିଜେ ଏକଥା ନିରୀକ୍ଷଣ କରି ଦେଖିଥିଲେ । ଯେଉଁମାନେ ସର୍ବଦା କମ୍ ସଂବେଦନଶୀଳ ହୋଇ ରହିଥାନ୍ତି, ସେମାନେ ବେଶ୍ ସ୍ପଷ୍ଟ ଭାବରେ ତାହା ଅନୁଭବ କରି ପାରନ୍ତି । ଏପରିକି, ଯେଉଁ ଲୋକମାନେ ନିର୍ଯ୍ୟାତିତ ହେଉଥାନ୍ତି, ସେମାନେ ମଧ୍ୟ ଅନେକ ସମୟରେ ଏପରି ଅନୁଭବ କରିଥାନ୍ତି ଯେ ଏହି ଅଭିଳାଷଟି ବାହାରୁହିଁ ଆସିଥାଏ,—ତାହା ସେମାନଙ୍କ ଭିତରେ ମଧ୍ୟ ନିଶ୍ଚୟ କୌଣସି ନା କୌଣସି ଉପାଦାନକୁ ଜାଗ୍ରତ କରି ଦେଇଯାଏ, ମାତ୍ର ସେମାନେ ଅନୁଭବ କରୁଥାନ୍ତି ଯେ ଉତ୍ତେଜନାଟି ପ୍ରକୃତରେ ବାହାରୁହିଁ ଆସିଥାଏ । ଏବଂ, ସେମାନେ ଶହ ଓ ହଜାର ସଂଖ୍ୟାରେ ଆସିଥାନ୍ତି; କାରଣ, ଅତି ଦୁର୍ଭାଗ୍ୟବଶତଃ ଏହା ମନୁଷ୍ୟଜାତିର ଗୋଟିଏ ଅତ୍ୟନ୍ତ ବଡ଼ ବାଧା ପରି ହୋଇ ରହିଥାଏ, ଏହା ମନୁଷ୍ୟଜାତିକୁ ଏକ ଭୟଙ୍କର ଦାସତ୍ୱର ବନ୍ଧନ ଭିତରେ ପକାଇ ରଖିଥାଏ ।

ପ୍ରାଣିକ ଦୁଃସ୍ୱପ୍ନ ଘଟୁଥିବା ସମୟରେ ସତ୍ତାର ଠିକ୍ କେଉଁ ଅଂଶଟି ବାହାରକୁ ବାହାରିଯାଏ ?

'oaob.nitrkl.ac.in' images reprocessed

ତୁମର ପ୍ରାଣିକ ଅଂଶଟି,—ଏହାର ସମୁଦାୟ ଅଂଶଟି କଦାପି ନୁହେଁ, କାରଣ ତା' ହେଲେ ତାହା ଏକ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାହିଁ ସୃଷ୍ଟି କରି ପକାଇବ; ତୁମ ପ୍ରାଣିକ କ୍ଷେତ୍ରର କେବଳ ଗୋଟିଏ ଅଂଶହିଁ ବାହାରକୁ ବୁଲିବା ଲାଗି ଚାଲିଯାଏ । କେତେକ ଏକାବେଳେକେ କୁତ୍ସିତ ସ୍ଥାନଗୁଡ଼ିକୁ ଚାଲିଯାଆନ୍ତି ଓ ତାହା ଫଳରେ ରାତିଗୁଡ଼ାକ ସେମାନଙ୍କର ଖୁବ କଦର୍ଯ୍ୟ ସ୍ୱପ୍ନରେ କଟୁଥାଏ । ରାତ୍ରିକାଳୀନ ଏହିସବୁ ଗସ୍ତ ପ୍ରକୃତରେ ଅଗଣିତ ସମ୍ଭାବନାମୟ ହୋଇ ରହିଥାଏ । ଏହା ହୁଏତ ଗୋଟିଏ ଖୁବ ସାନ କଥା ହୋଇ ରହିପାରେ, ତୁମ ସତ୍ତାର ଏକ ଅତି କ୍ଷୁଦ୍ର ଅଂଶ ହୋଇ ରହିପାରେ; ମାତ୍ର ଯଦି ସେଇଟି ସଚେତନ ହୋଇ ରହିଥାଏ, ତେବେ ତୁମ ଲାଗି ଏକ ଚମତ୍କାର ସାନ ଦୁଃସ୍ୱପ୍ନଟିଏ ଆଣି ଜୁଟାଇ ଦେବା ଲାଗି ତାହାହିଁ ଯଥେଷ୍ଟ ହୋଇଥାଏ ।

ତୁମେମାନେ ଜାଣିଥିବ ଯେ, ଯେତେବେଳେ ତୁମେମାନେ ନିଦରେ ଶୋଇଥାଅ, ଅନ୍ତର୍ଗତ ସତ୍ତାଗୁଡ଼ିକ ସେତେବେଳେ ଶରୀର ଉପରେ ଆଦୌ ସଂକେନ୍ଦ୍ରିତ ହୋଇ ରହି ନଥାନ୍ତି; ସେଗୁଡ଼ିକ ବାହାରକୁ ବାହାରି ଯାଆନ୍ତି ଓ ଅଳ୍ପ ବହୁତ ସ୍ୱାଧୀନ ହୋଇ ବିଚରଣ କରନ୍ତି । ଏହାକୁ ଏକ ସୀମାବଦ୍ଧ ସ୍ୱାଧୀନତା ବୋଲି କୁହାଗଲେ ମଧ୍ୟ ଏହା ତଥାପି ସ୍ୱାଧୀନତା । ଏବଂ ସେମାନେ ଯାଇ ନିଜ ନିଜ ରାଜ୍ୟଗୁଡ଼ିକରେ ବାସ କରୁଥାନ୍ତି । ମନ ଏହି କାର୍ଯ୍ୟଟିକୁ ଅଧିକ ପରିମାଣରେ କରୁଥାଏ, କାରଣ ତାହାକୁ ଶରୀରଟି ଭିତରେ କ୍ୱଚିତ୍ ଧରି ରଖିହୁଏ; ମନ ଶରୀର ଭିତରେ ସଂକେନ୍ଦ୍ରିତ ହୋଇ ରହିଥାଏ ସିନା, ମାତ୍ର ଶରୀର ତାକୁ କଦାପି ଧରି ରଖି ପାରେ ନାହିଁ । ପ୍ରାଣଟା ମଧ୍ୟ ଶରୀରର ସୀମା ଡେଇଁ ଚାଲିଯାଏ, ମାତ୍ର ଶରୀର ଉପରେ ତାହା ଅଧିକ ପରିମାଣରେ ସଂକେନ୍ଦ୍ରିତ ହୋଇ ରହିଥାଏ । ମାତ୍ର, ମନ ଏପରି ଏକ ନମନୀୟ ପଦାର୍ଥ ହୋଇ ରହିଥାଏ ଯେ କୌଣସି ବ୍ୟକ୍ତି ସହିତ ରହିବାକୁ ମନ କଲେ ତା' ବିଷୟରେ ଭାବିବାହିଁ ଯଥେଷ୍ଟ ହୋଇଯାଏ, ଅନ୍ତତଃ ଆଂଶିକ ଭାବରେ, ମନୋଗତ ଭାବରେ ତା' ସହିତ ରହିବାକୁ ହେଲେ ତା' ବିଷୟରେ ଭାବିବାହିଁ ଯଥେଷ୍ଟ ହୋଇଥାଏ । ଯଦି ତୁମେ କୌଣସି ସ୍ଥାନ ବିଷୟରେ ଅତ୍ୟନ୍ତ ତୀବ୍ର ଭାବରେ ଭାବିବାକୁ ଆରମ୍ଭ କର, ତେବେ ତୁମ ମନର ଏକ ଅଂଶ ସଙ୍ଗେସଙ୍ଗେ ସେଠାରେ ଯାଇ ହାଜର ହୋଇଯାଏ । ସେତେବେଳେ ଦୂରତା ବୋଲି ଆଉ କିଛି ରହେ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶରୀରର ଚତୁର୍ଦ୍ଦିଗରେ କେନ୍ଦ୍ରିତ ହୋଇ ରହି ପାରୁଥିବା ଏକ ମନର ଅଧିକାରୀ ହୋଇ ରହି ପାରିବାକୁ ହେଲେ ସେଥିଲାଗି ଏକ ଉତ୍ତମ ପ୍ରଶିକ୍ଷଣର ପ୍ରୟୋଜନ ରହିଛି । ଅତି କମ୍‌ସଂଖ୍ୟକ ବ୍ୟକ୍ତିଙ୍କର ସୁସଙ୍ଗତିଯୁକ୍ତ ଆକାର ବିଶିଷ୍ଟ କୌଣସି ମନ ରହିଥାଏ । ମନ ମେଘମାଳା ପରି ଲେଟି ଯାଉଥାଏ, ଆସୁଥାଏ, ଯାଉଥାଏ । ଏପରିକି, ତୁମ

'oaob.nitrkl.ac.in' images reprocessed

ଭୌତିକ ଶରୀରର ଅନୁରୂପ ଗୋଟିଏ ପ୍ରାଣର ଅଧିକାରୀ ହୋଇ ପାରିବାକୁ ହେଲେ, ତାହାକୁ ଏକ ସ୍ଥୂଳ ରୂପ ଦେଇ ପାରିବାକୁ ହେଲେ, ତାହାକୁ ଅତ୍ୟନ୍ତ ବ୍ୟକ୍ତିତ୍ୱାପନ୍ନ ହୋଇ ରହିବାକୁ ପଡ଼ିବ, ଅତ୍ୟନ୍ତ ପରିମାଣରେ କେନ୍ଦ୍ରିତ ହୋଇ ରହିବାକୁ ପଡ଼ିବ । ମାନସିକ ସତ୍ତାକୁ ତ ଆହୁରି ଅଧିକ ପରିମାଣରେ ସେହିପରି ହୋଇ ରହିବାକୁ ପଡ଼ିବ; ଏହାକୁ ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତିତ୍ୱାପନ୍ନ, କେନ୍ଦ୍ରିତ ଏବଂ ଚୈତ୍ୟ ସତ୍ତାର ଚାରିପାଖରେ ସଂଗଠିତ ହୋଇ ରହିବାକୁ ହେବ, ତେବେଯାଇ ତାହାର ଏକ ନିର୍ଦ୍ଦିଷ୍ଟ ଆକାର ସମ୍ଭବ ହେବ ।

ଏପରି ଅନେକ ଲୋକ ଅଛନ୍ତି, ମାନସିକ ସତ୍ତାଟିକୁ ସଂଗଠିତ କରୁ କରୁ ଯେଉଁମାନଙ୍କର ସାରା ଜୀବନଟି କଟିଯାଏ । ମୁଁ ଏପରି କେତେଜଣ ଲୋକଙ୍କୁ ଜାଣିଛି, ଯେଉଁମାନେ କି ନିଜର ମନକୁ ଗୋଟାଏ ଦୁର୍ଗ ପରି ତିଆରି କରି ରଖିଛନ୍ତି, ଏକ ପ୍ରକାଣ୍ଡ ଗଠନଟିଏ କରି ରଖିଛନ୍ତି (ମୁଁ ଏପରି ଲୋକମାନଙ୍କର କଥା କହୁଛି, ଯେଉଁମାନଙ୍କର କି ଅସାଧାରଣ ମାନସିକ ସାମର୍ଥ୍ୟମାନ ରହିଥିଲା) । ସେମାନେ ଆପଣାର ମନକୁ ଏକ ବୃହତ୍ ଅଟ୍ଟାଳିକା ପରି କରି ରଖିଥିଲେ, ତାହାକୁ ଖୁବ୍ ଶକ୍ତିଶାଳୀ କରି ରଖିଥିଲେ, ଏପରି ଏକ ଅତିଦୃଢ଼ ଅବିଚଳ ଗଠନଟିଏ କରି ରଖିଥିଲେ,—ସେଥିରେ ଏପରି ନିଦା କାନ୍ଥମାନ ତିଆରି ହୋଇ ରହିଥିଲା ଯେ ବାହାରର ମାନସିକ ଜଗତ ସହିତ ଏଇଟିର ଆଉ ଆଦୌ କୌଣସି ସମ୍ପର୍କ ନଥିଲା । ଆପଣାର ପ୍ରାଣସତ୍ତା ଓ ଆପଣାର ଶରୀର ସହିତ ସେମାନେ ଏକ ପ୍ରକାରର ସମ୍ପର୍କ ଅକ୍ଷୁଣ୍ଣ ରଖିଥିଲେ, ମାତ୍ର ସେମାନଙ୍କ ଚେତନାର ସବୁଯାକ ବ୍ୟାପାର ସେମାନଙ୍କ ମାନସିକ ବିରଚନାଟିର ମଧ୍ୟରେହିଁ ଆବଦ୍ଧ ହୋଇ ରହିଥିଲା, —ସେମାନେ ଆଉ ଏଇଟି ଭିତରୁ ଜମା ବାହାରି ପାରୁ ନଥିଲେ । ଭୌତିକ ଚେତନାର ପରିବର୍ଜନ କରି, ଆପଣାର ଅନ୍ତଃସତ୍ତାଟି ଉପରେହିଁ ଆପଣାକୁ ସକେନ୍ଦ୍ରିତ କରି ରଖି ଓ କେବଳ ତାହାରି ସହିତ ଏକାତ୍ମକ ହୋଇ ରହିବାର ପାରମ୍ପରିକ ପଦ୍ଧତିଗୁଡ଼ିକର ମାଧ୍ୟମରେହିଁ ଯେଉଁ ବ୍ୟକ୍ତିମାନେ ଏକ ଆଧ୍ୟାତ୍ମିକ ଜୀବନର ଆକାଙ୍କ୍ଷା ରଖିଥାନ୍ତି, ସେହିମାନଙ୍କ ଜୀବନକ୍ଷେତ୍ରରେହିଁ ଏହି କଥାଟି ଅତ୍ୟନ୍ତ ତୀବ୍ର ଭାବରେ ଘଟିଥାଏ । ମୁଁ ତୁମମାନଙ୍କୁ ସେହିପରି କେତେଜଣଙ୍କର ନାମ କହିଦେବା ମାତ୍ରକେ ତୁମେମାନେ ବେଶ୍ ବିସ୍ମିତ ହୋଇ ପଡ଼ିବ । ସେମାନେ ଆପଣା ଲାଗି ଏପରି ଏକ କଳ୍ପନାର ରଚନା କରି ରଖିଥାନ୍ତି, ଯେଉଁଥିରେ କି ମନର ଯାବତୀୟ ସୋପାନ ଦେଖିବାକୁ ମିଳିଥାଏ; ତାହା ଏପରି ଏକ ନିଦା ଏବଂ ଅପରିବର୍ତ୍ତନୀୟ ରଚନା ହୋଇ ରହିଥାଏ ଯେ ସେମାନେ ଠିକ୍ ସେଇଟି ଭିତରେହିଁ ବନ୍ଦୀ ହୋଇ ରହିଯାଆନ୍ତି ଏବଂ ସର୍ବୋଚ୍ଚ ପରମ ସତ୍ୟର ଉପଲବ୍ଧି କଲେଣି ବୋଲି ଯେତେ-ବେଳେ ବିଶ୍ୱାସ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନେ ପ୍ରକୃତରେ

'oaob.nitrkl.ac.in' images reprocessed

ସେମାନଙ୍କର ନିଜ ରଚିତ ସେହି ମନୋଗଠନର କେନ୍ଦ୍ର ପର୍ଯ୍ୟନ୍ତହିଁ ଆସି ପାରିଥାନ୍ତି ।

ଏବଂ ସେମାନେ ଯେତେଯେତେ ଅନୁଭୂତିର ପୂର୍ବାନୁମାନ କରିଥିଲେ, ଏହିପରି ଭାବରେ ସେମାନଙ୍କର ସବୁଗୁଡ଼ିକହିଁ ଉପଲବ୍ଧ ହୋଇଯାଏ । ବନ୍ଧନ ଛିଣ୍ଡିଯିବାର ଅନୁଭୂତି ମିଳେ, ଶରୀର ଭିତରୁ ବାହାରି ବାହାରକୁ ଚାଲିଯିବାର ଅନୁଭୂତି ମିଳେ, ପରମେଶ୍ୱରଙ୍କ ସହିତ ଏକାତ୍ମକତା ଲାଭ କରିବାର ଅନୁଭୂତି ମିଳେ । ସବୁକିଛିର ଅନୁଭୂତି ମିଳେ ସତ, ମାତ୍ର ସବୁଯାକ ସେମାନଙ୍କର କେବଳ ନିଜ ରଚିତ ହୋଇ ରହିଥାଏ । ବିଶ୍ୱସତ୍ୟ ସହିତ ଏସବୁର ଆଦୌ କୌଣସି ସଂଯୋଗ ନଥାଏ । ଏବଂ, ତା'ପରେ, ଯଦି କେହି ତାହାକୁ ଆସି ସ୍ପର୍ଶ କରେ, କୌଣସି ନା କୌଣସି କାରଣବଶତଃ ତାହାକୁ ସ୍ପର୍ଶ କରି ପାରିବା ଲାଗି ବା ସେହି କାନ୍ଥଗୁଡ଼ିକ ମଧ୍ୟରୁ କୌଣସି ଗୋଟିକରେ କେବଳ ଏକ ଛିଦ୍ର କରିଦେଇ ପାରିବା ଲାଗି କାହାର ଶକ୍ତି ରହିଥାଏ, ତାହା ଫଳରେ ସେମାନେ ପ୍ରଥମତଃ ସମ୍ପୂର୍ଣ୍ଣ ଭାବରେ ବିଚଳିତ ହୋଇ ପଡ଼ନ୍ତି ଏବଂ ତା'ପରେ, ଯେଉଁ ଶକ୍ତିଟି ଏପରି ଏକ କଥା ଘଟାଇ ପାରିଲା, ସେମାନେ ତାକୁ ଏକ ଭୟଙ୍କର ବିନାଶକାରିତାର ଶକ୍ତିରୂପେ ବିଚାର କରିବାକୁ ଆରମ୍ଭ କରନ୍ତି, ଚରମ ଅନଷ୍ଟକାରୀ ଏକ ପ୍ରତିକୂଳ ଶକ୍ତିର ଆବିର୍ଭାବରୂପେ ତାହାକୁ ପ୍ରତ୍ୟକ୍ଷ କରିଥାନ୍ତି ।

## "ମାନସିକ ଦୁଃସ୍ୱପ୍ନ" କହିଲେ କାହାକୁ ବୁଝାଏ ?

ଯେତେବେଳେ ମସ୍ତିଷ୍କ ମଧ୍ୟରେ ଏକ ଅସ୍ୱାଭାବିକତା ଆସି ପହଞ୍ଚେ, ଯେତେବେଳେ ଏକ ସ୍ନାୟବିକ ଜ୍ୱରରେ ଆକ୍ରାନ୍ତ ହେବାକୁ ପଡ଼େ, ଅର୍ଥାତ୍ ମସ୍ତିଷ୍କରେ କୌଣସି ଏକ ନିର୍ଦ୍ଦିଷ୍ଟ ଅଶାନ୍ତି ଆସି ଉପୁଜେ, ମସ୍ତିଷ୍କ ପରିଶ୍ରାନ୍ତ ହୋଇପଡ଼େ,—ଅଥବା ଯେତେବେଳେ ନିୟନ୍ତ୍ରଣର ଅଭାବ ଘଟେ, ସେତେବେଳେ ତୁମେ ମାନସିକ ନାନା ବିରଚନା ଦ୍ୱାରା ଅଧିକୃତ ହୋଇ ରହିବା ଲାଗି ବାଟ ଛାଡ଼ିଦିଅ । ଅଧିକାଂଶ ସମୟରେ ପ୍ରାୟ ଏହାହିଁ ଘଟିଥାଏ—ଅଧିକାଂଶ ସମୟରେ ଏଗୁଡ଼ିକ ତୁମେ ନିଜେହିଁ ତିଆରି କରିଥାଅ । ଏବଂ ବୁଦ୍ଧି ଦ୍ୱାରା ପରିଚାଳିତ ଜାଗ୍ରତ ଚେତନାଟି ଉପସ୍ଥିତ ନଥିବାରୁ ଏହି ସବୁଯାକ ମିଶି ମୁଣ୍ଡଟା ଭିତରେ ଥରଥର ହୋଇ ନାଚିବାକୁ ଆରମ୍ଭ କରନ୍ତି—ଏକ କୃଷ୍ଣ ଉନ୍ମତ୍ତତା ସହିତ ନାଚିବାରେ ଲାଗିଯାନ୍ତି । ଧାରଣାଗୁଡ଼ାକ ପରସ୍ପର ସହିତ ଗୁରାଇ ଭୁରାଇ ହୋଇଯାନ୍ତି, ପରସ୍ପର ସହିତ ଧକ୍କା ବାଜନ୍ତି, ଯୁଦ୍ଧ କରନ୍ତି, ପ୍ରକୃତରେ ଏକ ମତିଭ୍ରମରେ ପକାଇଦେଇ ଯାଆନ୍ତି । ତା'ପରେ,

'oaob.nitrkl.ac.in' images reprocessed

ଆପଣାର ମୁଣ୍ଡଟିକୁ ଶାନ୍ତ କରିବା ଲାଗି ତୁମ ଭିତରେ ଯଥେଷ୍ଟ କ୍ଷମତା ନଥାଏ, ଯଦି ଏକ ବୃହତ୍ତର ଶାନ୍ତ ଅବସ୍ଥା, ଏକ ଅତ୍ୟନ୍ତ ଶକ୍ତିଶାଳୀ ଓ ଶୁଦ୍ଧ ଆଲୋକକୁ ସମ୍ଭବ କରିବାର ସାମର୍ଥ୍ୟ ନଥାଏ, ତେବେ ତାହା ଏକ ପ୍ରାଣସ୍ତରୀୟ ଦୁଃସ୍ୱପ୍ନଠାରୁ ଦଶଗୁଣ ଅଧିକ ଖରାପ ହୋଇପଡ଼େ । ଜଣେ ଶତ୍ରୁ ତୁମକୁ ହତ୍ୟା କରିବାକୁ ଚାହୁଁଛି, ତୁମେ ତା'ର ସହିତ ଯୁଦ୍ଧ କରିବାକୁ ଚାହାଁଉଛ; ତୁମେ ତାକୁ କଷି କଷି ବିଧା ଗୋଇଠା ମାରୁଛ, ମାତ୍ର ସେଗୁଡ଼ାକ ହୁଏତ ମୋଟେ କୌଣସି ଆଘାତ କରି ପାରୁ ନାହିଁ; ତୁମେ ନିଜର ସବୁଯାକ ବଳ ଓ ଶକ୍ତିକୁ ନେଇ ଖଟାଉଛ ଏବଂ ତଥାପି ତୁମ ଶତ୍ରୁକୁ ସ୍ପର୍ଶ କରିବାକୁ ବି ସମର୍ଥ ହେଉନ ନାହିଁ,—ସାଧାରଣତଃ ସବୁଠାରୁ ଖରାପ ପ୍ରାଣିକ ଦୁଃସ୍ୱପ୍ନ ଏହିପରି ଗୋଟିଏ ବ୍ୟାପାର ହୋଇଥାଏ । ତୁମର ଶତ୍ରୁ ତୁମ ସାମନାରେ ଠିଆ ହୋଇଥାଏ, ତୁମକୁ ଭୟ ଦେଖାଉଥାଏ, ତୁମ ତଣ୍ଟି ଚିପିଦେବାକୁ ବସିଥାଏ; ତୁମେ ତାହାର ପ୍ରତିରୋଧ କରିବା ଲାଗି ଆପଣାର ସକଳ ଶକ୍ତି ସଂଗ୍ରହ କର, ତାକୁ ମାରିବା ଲାଗି ଚେଷ୍ଟା କର, ମାତ୍ର ତାକୁ ପ୍ରକୃତରେ କିଛିହେଲେ ଲାଗେ ନାହିଁ । ଯେତେବେଳେ ସଂଘର୍ଷଟି ହାତାହାତି ହୋଇ ଲାଗିଥାଏ, ଯେତେବେଳେ ଅପର ପକ୍ଷ ତୁମକୁ ଆକ୍ରମଣ କରିବାକୁ ଦଉଡ଼ି ଆସୁଥାଏ, ସେତେବେଳେ ତାହା ବିଶେଷ ଭାବରେ ଯନ୍ତ୍ରଣାପ୍ରଦ ହୋଇଥାଏ । ସେଇଥିଲାଗି, ତୁମ ପାଖରେ ଆବଶ୍ୟକ ସାମର୍ଥ୍ୟ ବା ଶୁଦ୍ଧତା ମହଜୁଦ ନଥିଲେ, ତୁମେ ଆଦୌ ଶରୀର ଭିତରୁ ବାହାରକୁ ଯିବ ନାହିଁ ବୋଲି ପରାମର୍ଶ ଦିଆ ଯାଇଥାଏ । ତୁମେ ଦେଖି ପାରୁଥିବ, ଏହିଭଳି ଦୁଃସ୍ୱପ୍ନ ସମୟରେ ତୁମେ ଯେଉଁ ଶକ୍ତିଟିକୁ କାମରେ ଲଗାଇବାକୁ ଇଚ୍ଛା କରୁଥାଅ, ସେଇଟି ହେଉଛି ଏକ ଭୌତିକ ଶକ୍ତିର "ସ୍ମୃତି" ମାତ୍ର । ମାତ୍ର ଜଣେ ହୁଏତ ପ୍ରଭୂତ ଦୈହିକ ଶକ୍ତିର ଅଧିକାରୀ ହୋଇଥାଇ ପାରେ, ଏକ ପ୍ରଥମ ଶ୍ରେଣୀର ବକ୍ସର ବି ହୋଇପାରେ, ମାତ୍ର ତଥାପି ପ୍ରାଣିକ ଜଗତରେ ସିଏ ହୁଏତ ଆପଣାକୁ ବଡ଼ ଅସହାୟ ହୋଇ ପଡ଼ିଥିବାର ଦେଖିପାରେ, କାରଣ ତା' ଭିତରେ ଆବଶ୍ୟକ ପ୍ରାଣିକ ଶକ୍ତିଟି ମୋଟେ ନଥାଏ । ଏବଂ, ମାନସିକ ଦୁଃସ୍ୱପ୍ନଗୁଡ଼ିକ ବିଷୟରେ, ଅର୍ଥାତ୍ ମୁଣ୍ଡ ଭିତରେ ଚାଲୁଥିବା ସେହି ଭୟଙ୍କର ନୃତ୍ୟଟି ବିଷୟରେ କହିବାକୁ ଗଲେ, ସମ୍ପୂର୍ଣ୍ଣ ଭାବରେ ପାଗଳ ହୋଇ ଯାଉଥିବା ପରିହିଁ ବୋଧ ହୋଇଥାଏ ।

ମୃତ୍ୟୁ ସମୟରେ ଚୈତ୍ୟ ସତ୍ତା ବିଶ୍ରାମ ନେବାକୁ ଯାଏ, ନୁହେଁ କି ? ମାତ୍ର ପ୍ରାଣିକ ସତ୍ତା ପ୍ରାଣିକ ଜଗତରେହିଁ ଅଟକି ରହିଯାଏ; ଏହା ଫଳରେ ଚୈତ୍ୟ ସତ୍ତା ବିଶ୍ରାମ ନେବାକୁ ଯିବାରେ କୌଣସି ବାଧା ଉପସ୍ଥିତ ହୁଏ କି ?

'oaob.nitrkl.ac.in' images reprocessed

ମାତ୍ର ପ୍ରାଣିକ ସତ୍ତା ବିଶ୍ରାମ ନେବାକୁ ଯାଇ ନଥାଏ, ମାନସିକ ସତ୍ତା ବି ବିଶ୍ରାମ ନେଇ ନଥାଏ । ସାଧାରଣତଃ ସେଗୁଡ଼ିକ ଭାଙ୍ଗି ଯାଆନ୍ତି, ବିଲୁପ୍ତ ହୋଇ ଯାଆନ୍ତି । ହଁ, ଯଦି କେହି ତାଙ୍କର ଜୀବନସାରା ଯୋଗାଭ୍ୟାସ କରିଥାନ୍ତି, ଯଦି ବ୍ୟକ୍ତିତ୍ୱବାପନ୍ନ ହୋଇ ରହିବାକୁ ସେ ଅନେକ ଯତ୍ନଶୀଳ ହୋଇଥାନ୍ତି, ଚୈତ୍ୟ ସତ୍ତାଟିର ଚତୁର୍ଦ୍ଦିଗରେ ପ୍ରାଣିକ ଓ ମାନସିକ ସତ୍ତାକୁ କେନ୍ଦ୍ରୀଭୂତ କରି ରଖିବାକୁ ଚେଷ୍ଟା କରିଥାନ୍ତି, ତେବେଯାଇ ସେଗୁଡ଼ିକ ତିଷ୍ଠି ରହନ୍ତି । ମାତ୍ର ତାହା ବଡ଼ କ୍ୱଚିତ୍ ଘଟେ, କୋଟିକରେ ଗୋଟିଏ କ୍ଷେତ୍ରରେ ଘଟିଥାଏ । ଜଣେ ଦାର୍ଶନିକ ବା ଜଣେ ଲେଖକଙ୍କର ଉଦାହରଣ ନିଆଯାଉ, ଯିଏକି ଆପଣାର ମସ୍ତିଷ୍କ ଦେଇ ଅନେକ କାର୍ଯ୍ୟ କରିଛନ୍ତି, ତାହାକୁ ସଂଗଠିତ କରି ରଖିବାର ଚେଷ୍ଟା କରିଛନ୍ତି, ତେବେ ସେଇଟି ବିଲୁପ୍ତ ନହୋଇ ରହିଯାଏ; ମାତ୍ର କେବଳ ଭାବଧାରା ଏକ ସାମର୍ଥ୍ୟରୂପେ ରହିଯାଏ, ଆଉ କୌଣସି ରୂପରେ ନୁହେଁ । ଭାବନାର ଏହି ସାମର୍ଥ୍ୟଗୁଡ଼ିକ ମଲା ପରେ ମଧ୍ୟ ରହିଥାଏ ଏବଂ ପ୍ରକଟ ହେବା ଲାଗି ସେମାନେ ଆଉ ଗୋଟିଏ ଭୌତିକ ମସ୍ତିଷ୍କର ଚାଳଣ କରିବାରେ ଲାଗିଥାନ୍ତି । ଏହିପରି ଉପାୟରେହିଁ ଜଣେ ବୃହତ୍ ଚିନ୍ତାଶୀଳ ବ୍ୟକ୍ତିଙ୍କର ମସ୍ତିଷ୍କ ହୁଏତ ଆଉ ଏକ ମନ ସହିତ ଏକାତ୍ମକ ହେବାକୁ ଯାଏ ଏବଂ ଆପଣାକୁ ଅଭିବ୍ୟକ୍ତ କରିବାକୁ ସମର୍ଥ ହୁଏ ।

ପ୍ରାଣିକ ଦୃଷ୍ଟିକୋଣରୁ ବିଚାର କରିବାକୁ ଗଲେ, ତୁମେ ଜଣେ ବିଖ୍ୟାତ ସଙ୍ଗୀତକାରଙ୍କର ଉଦାହରଣ ନେବ, ଯିଏକି ଆପଣାର ବାହ୍ୟ ସତ୍ତାଟିକୁ ସଙ୍ଗୀତ ଲାଗି ଏକ ଉତ୍ତମ ଯନ୍ତ୍ରରୂପେ ପ୍ରସ୍ତୁତ କରି ରଖିବାକୁ ସମସ୍ତ ଜୀବନ କାର୍ଯ୍ୟ କରି ଆସିଛନ୍ତି । ନିଜର ପ୍ରାଣିକ ସାମର୍ଥ୍ୟକୁ ସେ ଆପଣାର ଶରୀର ଭିତରେ ସଙ୍ଗୀତ ବାଦନ ଲାଗି ସଂଗଠିତ କରି ରଖିଛନ୍ତି । ହଁ, ଏବଂ, ତାହା ଫଳରେ, ଉଦାହରଣସ୍ୱରୂପ ତାଙ୍କର ହାତଦୁଇଟି ସଙ୍ଗୀତବାଦନର ସାମର୍ଥ୍ୟରେ ଏତେଦୂର ବ୍ୟକ୍ତିଗୁଣାତ୍ମକ ହୋଇ ଯାଇଛନ୍ତି ଯେ ମୃତ୍ୟୁ ପରେ ମଧ୍ୟ ସେମାନେ ବିଲୁପ୍ତ ନହୋଇ ତଥାପି ସୂକ୍ଷ୍ମ ଭାବରେ ରହିପିବାର ସାମର୍ଥ୍ୟ ଅର୍ଜନ କରିଛନ୍ତି । ସେଗୁଡ଼ିକ ସ୍ୱକୀୟ ଆକୃତିରେ ରହି ଯାଉଛନ୍ତି, ଯାହାକୁ କି ପୁରାତନ ଦୈହିକ ଆକୃତିର ଅନୁରୂପ ବୋଲି କୁହାଯାଇ ପାରିବ । ସେଗୁଡ଼ିକ ପ୍ରାଣିକ ଜଗତରେ ଭାସିବାରେ ଲାଗିଥାନ୍ତି ଏବଂ ତଦନୁରୂପ ସାମର୍ଥ୍ୟ ରହିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଆକୃଷ୍ଟ ହୁଅନ୍ତି । ସେମାନେ ସେଗୁଡ଼ିକ ସହିତ ଏକାତ୍ମକ ହେବା ଲାଗି ଚେଷ୍ଟା କରନ୍ତି । ଯଦି ଜଣେ ବ୍ୟକ୍ତି ଯଥେଷ୍ଟ ଭାବରେ ସମ୍ବେଦନଶୀଳ ଓ ଗ୍ରହଣଶୀଳ ହୋଇ ରହିଥାଏ, ସିଏ ଏହି ହାତଗୁଡ଼ିକ ସହିତ ନିଜକୁ ଏକାତ୍ମକ କରି ରଖିପାରେ ଏବଂ ଅଦ୍‌ଭୁତ କରାମତି ପ୍ରଦର୍ଶନ କରିପାରେ, ଏହି ହାତଦ୍ୱୟଙ୍କର ପୂର୍ବଜୀବନ ସମୟର ଅର୍ଜିତ ଯାବତୀୟ ବ୍ୟକ୍ତିତ୍ୱବାପନ୍ନତା ଦ୍ୱାରା ଉପକୃତ ହୋଇପାରେ ।

'oaob.nitrkl.ac.in' images reprocessed

> ଯେତେବେଳେ କେତେକ ବୈଜ୍ଞାନିକଙ୍କର କାର୍ଯ୍ୟର ପରିଣାମଗୁଡ଼ିକ ସେମାନଙ୍କ ମୃତ୍ୟୁର କିଛିକାଳ ପରେ ଉପଲବ୍ଧ ହୋଇଥାଏ, ସେତେବେଳେ ବି କ'ଣ ଏହି କଥାଟି ଘଟିଥାଏ କି ?

ହଁ, ଘଟିଥାଏ । ଉଦାହରଣସ୍ୱରୂପ, ପିଏର୍ ଏବଂ ମାରି କ୍ୟୁରିଙ୍କର କ୍ଷେତ୍ରରେ ଏହା ଏକାନ୍ତ ନିଶ୍ଚିତ ଯେ ପିଏର୍ କ୍ୟୁରିଙ୍କର କର୍ମସାମର୍ଥ୍ୟଟି ତାଙ୍କର ମୃତ୍ୟୁ ପରେ ତାଙ୍କ ସ୍ତ୍ରୀଙ୍କ ମଧ୍ୟକୁ ସଞ୍ଚାରିତ ହୋଇ ଆସିଥିଲା ।

> ଯେଉଁ ବ୍ୟକ୍ତିମାନେ ମିଶରର ସମାଧି-ସୌଧଗୁଡ଼ିକରେ ଖନନକାର୍ଯ୍ୟ କରନ୍ତି, ସେମାନଙ୍କୁ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥାଏ,—କାହିଁକି ?

ସେଇଟା ସେମାନଙ୍କର ପ୍ରାପ୍ୟ ହୋଇ ରହିଥାଏ ! ଯେତେବେଳେ ସେମାନେ ସମାଧିଗୁଡ଼ିକର ଶୃଙ୍ଖଳା ନଷ୍ଟ କରନ୍ତି···ଏପରି କାହାଣୀମାନ ଅଗଣିତ ସଂଖ୍ୟାରେ ରହିଛି । ମାତ୍ର ସେଇଟା ଅଲଗୋଟାଏ ବ୍ୟାପାର ।

ମୁଁ ବୁଝାଇ କହିଦେଉଛି । ଭୌତିକ ଆକାରଟି ମଧ୍ୟରେ "ଆକାରଟିର ଆତ୍ମଭାବ"ଟି ଅନ୍ତର୍ଗତ ହୋଇ ରହିଥାଏ, ଏବଂ ବାହ୍ୟ ଭାବରେ କୌଣସି ବ୍ୟକ୍ତି ମୃତ ବୋଲି ଘୋଷିତ ହୋଇ ସାରିବା ପରେ ମଧ୍ୟ ଆକାରର ସେହି ଆତ୍ମଭାବ ବେଶ୍ କେତେକ ସମୟ ଲାଗି ବିଲୁପ୍ତ ହୋଇ ଯାଇ ନଥାଏ । ଏବଂ ଆକାରର ଆତ୍ମାଟି ବିଲୁପ୍ତ ହୋଇ ଯାଇ ନଥିବା ପର୍ଯ୍ୟନ୍ତ ଶରୀରଟି ମଧ୍ୟ ନଷ୍ଟ ହୋଇ ଯାଇ ନଥାଏ । ପୁରାତନ ମିଶରଦେଶରେ ସେମାନେ ଏହି କଥାଟିକୁ ଜାଣିଥିଲେ; ସେମାନେ ଜାଣିଥିଲେ ଯେ ଯଦି ସେମାନେ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଶରୀରଟିକୁ ତିଆରି କରିଦେଇ ପାରିବେ, ତେବେ ଆକାରର ଆତ୍ମା ଆଉ ସେହି ଶରୀରକୁ ଛାଡ଼ି ମୋଟେ ବାହାରି ଯିବ ନାହିଁ ଏବଂ ଶରୀରଟି କେବେହେଲେ ପଚିଶଡ଼ି ଯିବ ନାହିଁ । କେତେକ ସ୍ଥଳରେ ସେମାନେ ଅଦ୍ଭୁତ ଭାବରେ ସଫଳତା ଲାଭ କରିଛନ୍ତି; ଏବଂ ଯଦି, ହଜାର ହଜାର ବର୍ଷ ଧରି ଏହିପରି ଭାବରେ ରହି ଆସିଥିବା ସତ୍ତାଗୁଡ଼ିକର ବିଶ୍ରାମରେ କେହି ବ୍ୟାଘାତ ସୃଷ୍ଟି କରିବାକୁ ଯାଏ, ତେବେ ଏହି କଥାଟି ବେଶ୍ ବୁଝିହେବ ଯେ ସେମାନେ ତଦ୍ଦ୍ୱାରା ଆଦୌ ଖୁବ୍‌ବେଶୀ ପ୍ରସନ୍ନ ହେବେ ନାହିଁ । ବିଶେଷ କରି, ଯେତେବେଳେ ଏକ ଅସ୍ୱାସ୍ଥ୍ୟକର ଉତ୍ସୁକତା ନେଇ ସେମାନଙ୍କ ବିଶ୍ରାମର ଶାନ୍ତିଭଙ୍ଗ କରାଯିବ, ଯେତେବେଳେ "ବିଜ୍ଞାନର ହିତଦୃଷ୍ଟି"ରୁ ସେହି ଶାନ୍ତିଭଙ୍ଗକୁ ଏକ ବୈଧତା ଦିଆଯିବାର ପ୍ରୟାସ ହେଉଥିବ, ସେମାନେ ତଦ୍ଦ୍ୱାରା କଦାପି ଖୁସୀ ହେବେ ନାହିଁ ।

'oaob.nitrkl.ac.in' images reprocessed

ପାରିସ୍‌ ସହରର ଗିମେ ସଂଗ୍ରହାଳୟରେ ଦୁଇଟି ମମି ସଂରକ୍ଷିତ ହୋଇ ରହିଛନ୍ତି । ଗୋଟିକର ଆଉ ପ୍ରାୟ କିଛିହେଲେ ଅବଶେଷ ନାହିଁ, ମାତ୍ର ଅନ୍ୟଟିରେ ଆକାରର ଆତ୍ମାଟି ଅତ୍ୟନ୍ତ ସଚେତନ ହୋଇ ରହିଛି, ଏତେ ବେଶୀ ସଚେତନ ହୋଇ ରହିଛି ଯେ ସେହି ଚେତନାଟି ସହିତ ସଂଯୋଗ ସ୍ଥାପନ କରିବା ମଧ୍ୟ ସମ୍ଭବ ହେଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ପଲେ ନିର୍ବୋଧ ମଣିଷ ଆସି ଆଦୌ କିଛିହେଲେ ବୁଝି ନଥିବା ଅର୍ଥଶୂନ୍ୟ ଏଡ଼େ ଏଡ଼େ ଆଖିରେ ତୁମ ଆଡ଼କୁ କଟମଟ କରି ଅନାଇବାକୁ ଆରମ୍ଭ କରିବେ ଓ "ଏଇଟା ଅମୁକ, ସେଇଟା ସମୁକ" ବୋଲି କହୁଥିବେ, ସେତେବେଳେ ତାହା ଆଦୌ ଖୁବ୍‌ବେଶୀ ପ୍ରୀତିକରତାର ସୃଷ୍ଟି କରିବ ନାହିଁ ।

ତୁମେ ନିଶ୍ଚୟ ଜାଣିଥିବ ସେମାନେ ଏକ ଅତ୍ୟାଶ୍ଚର୍ଯ୍ୟରୁହିଁ ଆପଣାର କାର୍ଯ୍ୟଟିକୁ ଆରମ୍ଭ କରିଥାଆନ୍ତି : ବ୍ୟକ୍ତିଟିର ଆକାର ଅନୁସାରେ ଏକ ନିର୍ଦ୍ଦିଷ୍ଟ ଆକାରର ବାକ୍‌ସରେ ଏହି ମମିଗୁଡ଼ିକୁ ବନ୍ଦ କରି ରଖାଯାଇଛି, ସେଗୁଡ଼ିକୁ ସଂରକ୍ଷିତ କରି ରଖିବାକୁ ଯାହାକିଛି ଆବଶ୍ୟକ, ସେସବୁ ବିଧିମତେ କରାଯାଇଛି; ତା'ପରେ ବାକ୍‌ସଟିକୁ ଖୋଲି ଦିଆଯାଏ, ଭଲ କରି ଦେଖାଯିବ ବୋଲି ପ୍ରାୟ ବଳ ପ୍ରୟୋଗ କରି ଏଠୁ ସେଠୁ ଆଚ୍ଛାଦନଗୁଡ଼ିକୁ ଛଡ଼ାଇ ବି ଦିଆଯାଏ··· । ଏବଂ କଦାପି କୌଣସି ସାଧାରଣ ବ୍ୟକ୍ତିମାନଙ୍କୁ ଏଠାରେ ଯେ ମମି କରି ରଖା ଯାଇ ନାହିଁ, ଏକଥାଟିକୁ ବିଚାର କରି ଦେଖିଲେ ସ୍ପଷ୍ଟ ହୋଇଯାଏ ଯେ ଏହି ସତ୍ତାଗୁଡ଼ିକ ବେଶ୍ ଉଲ୍ଲେଖଯୋଗ୍ୟ ଏକ ଅନ୍ତର୍ଗତ ଶକ୍ତିର ଅଧିକାରୀ ହୋଇ ପାରିଥିଲେ, ବା ସେମାନଙ୍କ ଭିତରୁ କେହି ରାଜବଂଶରେ ଜନ୍ମ ହୋଇଥିଲେ ଓ ସେମାନଙ୍କର ଅଳ୍ପବହୁତ ଦୀକ୍ଷା ମଧ୍ୟ ହୋଇ ଯାଇଥିଲା ।

ଗୋଟିଏ ମମି ରହିଛି, ଯିଏ କି ବହୁସଂଖ୍ୟକ ବିପର୍ଯ୍ୟୟର କାରଣ ହୋଇଛି । ସିଏ ପ୍ରକୃତରେ ଜଣେ ରାଜକୁମାରୀ ଥିଲେ, ମିଶରର ଜଣେ ସମ୍ରାଟଙ୍କର କନ୍ୟା ଥିଲେ ଏବଂ ଗୁପ୍ତ ଭାବରେ ଥେବେସ୍‌ଠାରେ ଏକ ଦୀକ୍ଷାନୁଷ୍ଠାନର ସର୍ବୋଚ୍ଚ କର୍ତ୍ତ୍ରୀ ହୋଇ ରହିଥିଲେ ।

ମାତ୍ର,—ମଣିଷମାନେ ତଥାପି ସେହିପରି ବ୍ୟବହାର କରନ୍ତି !

ଶ୍ରୀ [illegible] ବେହେରା
ଗ୍ରା - [illegible] ପୋ - [illegible]
ଭା - [illegible]

'oaob.nitrkl.ac.in' images reprocessed

## ୧୨ ମାର୍ଚ୍ଚ ୧୯୫୧

ପ୍ରାଣିକ ଜଗତରେ ନାନାପ୍ରକାର ଶକ୍ତି ବାସ କରୁଥାନ୍ତି; ମାତ୍ର ମାନସିକ ଜଗତରେ କି କ'ଣ ସେହିପରି ମାନସିକ ନାନା ରୂପ ବାସ କରୁଥାନ୍ତି ?

ହଁ, କରୁଥାନ୍ତି; ଏକ ମୂର୍ତ୍ତ ମାନସିକ ଜଗତ ରହିଛି ଏବଂ ସେଠାରେ ମାନସିକ ରୂପାକୃତିମାନେ ମଧ୍ୟ ରହିଛନ୍ତି । ସେମାନେ ଦେଖିବାକୁ ପ୍ରାଣିକ ଶକ୍ତିଗୁଡ଼ିକ ପରି ନୁହନ୍ତି, ମାତ୍ର ସେମାନଙ୍କର ଆପଣା ବିଧାନମାନ ଅବଶ୍ୟ ରହିଛି । ମାନସିକ ରୂପ ଅନେକ ଅଛନ୍ତି, ଅଗଣିତ ରହିଛନ୍ତି । ସେମାନଙ୍କୁ ପ୍ରାୟ ଅବିନାଶୀ ବୋଲି କୁହାଯାଇ ପାରିବ; ଆମେ କେବଳ ଏତିକି କହି ପାରିବା ଯେ ସେମାନେ ଆକାର ବଦଳାଇବାରେ ଲାଗିଥାନ୍ତି, ସମ୍ବନ୍ଧଗୁଡ଼ିକରେ ବି ପରିବର୍ତ୍ତନ କରୁଥାନ୍ତି; ଏହି ପ୍ରକ୍ରିୟାଟି ଏକ ତରଳ ପ୍ରକ୍ରିୟା ତୁଲ୍ୟ ହୋଇ ରହିଥାଏ, ସର୍ବଦା ସଚଳ ଅବସ୍ଥାରେ ରହିଥାଏ ।

"...ଆପଣାର ଅନ୍ତର୍ଗତ ଆତ୍ମାଟିର କ୍ଷେତ୍ରରେ ତୁମେ ଯାହା ଆଗରୁ ଜାଣି ସାରିଛ, ତୁମେ କେବଳ ସେତିକି ଜାଣିପାରିବ । କୌଣସି କଥା ବହିରେ ପଢ଼ି ତୁମର ମନରେ ଗାରଟିଏ ପଡ଼ିଗଲା ବୋଲି ଲାଗେ, କାରଣ ତୁମେ ସେଇଟିକୁ ତୁମ ଭିତରେ ଅନେକ ଗଭୀରରେ ଆଗରୁ ଅନୁଭବ କରି ସାରିଥାଅ,...ଯେଉଁ ଜ୍ଞାନ ତୁମ ପାଖକୁ ବାହାରୁ ଆସୁଥିବା ପରି ମନେ ହେଉଛି, ତାହାକୁ ଆମେ କେବଳ ଏକ ଅବସର ବୋଲି କହିପାରିବା, ଯାହାକି, ତୁମ ଭିତରେହିଁ ଯେଉଁ ଜ୍ଞାନ ନିହିତ ହୋଇ ରହିଛି, ତାହାକୁହିଁ ବହିଃପ୍ରକାଶିତ କରିଆଣୁଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

କେତେଗୁଡ଼ିଏ ବିଷୟ ଏପରି କଷ୍ଟକର ମନେହୁଏ କାହିଁକି ?

'oaob.nitrkl.ac.in' images reprocessed

ତାହାର ଅନେକ ଅନେକ କାରଣ ରହିଛି;—ତୁମର ମସ୍ତିଷ୍କ ଯେଉଁପରି ଭାବରେ ଗଠିତ ହୋଇଛି, ତୁମ ଭିତରେ ଯେଉଁ କୁଳାଗତ ସଂସ୍କାର ରହିଛି, ପିଲାଦିନେ ତୁମେ ଯେଉଁପରି ଶିକ୍ଷା ଲାଭ କରିଛ,—ବିଶେଷ ଭାବରେ ପୂର୍ବଜମାନଙ୍କ ଠାରୁ ତୁମେ ଯେଉଁ ସଂସ୍କାରଗୁଡ଼ିକୁ ବହନ କରି ଆଣିଛ, ଏହା ସେହି କାରଣରୁ ଘଟୁଛି । ମାତ୍ର ଏଠାରେ ଆଉଗୋଟିଏ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବ୍ୟାପାର ଉଲ୍ଲେଖ କରି ରଖିବା ଉଚିତ : ଯାବତୀୟ ନୂତନ ଧାରଣା ମସ୍ତିଷ୍କ ଭିତରେ ଗୋଟିଏ ପ୍ରକାରର କ୍ଷୁଦ୍ର ଆନ୍ଦୋଳନର ସୃଷ୍ଟି କରେ ଏବଂ ତାହା ବେଶ୍ ସମୟ ନିଏ । ବୁଝିଲ,—ତୁମକୁ ଏପରି ଗୋଟିଏ କଥା କୁହାଯାଏ, ଯାହାକି ତୁମେ ଆଗରୁ କେବେହେଲେ ଶୁଣି ନଥିଲ; ତୁମେ ସେହି କଥାଟିକୁ ଶୁଣୁଥାଅ, ମାତ୍ର ତାହା ବୁଝି ହୁଏ ନାହିଁ, ତାହା ଆଦୌ ତୁମର ମୁଣ୍ଡ ଭିତରେ ପ୍ରବେଶ କରି ପାରେ ନାହିଁ । ମାତ୍ର ଯଦି ଦ୍ୱିତୀୟ ଥର ଲାଗି ତୁମେ ସେହି କଥାଟିକୁ ଶୁଣ, କିଛି ସମୟ ପରେ ଶୁଣ, ତେବେ ତୁମେ ତାହାର ଅର୍ଥଟିକୁ ବୁଝିପାର । ଏପରି ହୁଏ, କାରଣ ନୂତନ ବସ୍ତୁରଟିର୍ ଆଘାତଟି ତୁମ ମସ୍ତିଷ୍କ ଭିତରେ ଇତିମଧ୍ୟରେ କିଞ୍ଚିତ୍ କାର୍ଯ୍ୟ କରି ସାରିଥାଏ ଏବଂ ବୁଝିବା ଲାଗି ଯାହା ଆବଶ୍ୟକ ରହିଥିଲା, ସେଇଟିକୁ ପ୍ରସ୍ତୁତ କରି ଦେଇଥାଏ । ସେଇଟି ଯେ ଆପଣାକୁ ଏହିପରି ଭାବରେ ଗଠନ କରିଆଣେ, କେବଳ ସେତିକି ନୁହେଁ, ତାହା ଆପଣାକୁ ପକ୍କା କରି ତିଆରି କରିନିଏ । ତେଣୁ, ଯଦି ତୁମେ କୌଣସି କଷ୍ଟକର ବହିଟିଏ ପଢ଼ୁଥାଅ, ତାହାକୁ ପ୍ରଥମ ଥର ପଢ଼ିବା ସମୟରେ ତୁମେ ବିଷୟଗୁଡ଼ିକୁ ଯେତିକି ବୁଝି ପାରିଥିଲ, ଛଅ ମାସ କିଂବା ବରଷକ ପରେ ସେଗୁଡ଼ିକୁ ଅନେକ ଗୁଣ ଅଧିକ ଭଲ କରି ବୁଝିବାକୁ ସମର୍ଥ ହୁଅ । ଏବଂ, ଅନେକ ସମୟରେ ଏପରି ବି ହୁଏ ଯେ, ତୁମେ ଏକ ଭିନ୍ନ ପ୍ରକାରରେହିଁ ତାହାକୁ ବୁଝିଥାଅ । ତୁମ ମସ୍ତିଷ୍କରେ ଏହି ଯେଉଁ କାର୍ଯ୍ୟଟି ହୁଏ, ସେଥିରେ ତୁମ ଚେତନା କୌଣସି ସକ୍ରିୟ ଅଂଶଗ୍ରହଣ କରୁ ନଥାଏ । ମାନବସତ୍ତା ବର୍ତ୍ତମାନ ଯେଉଁପରି ଭାବରେ ତିଆରି ହୋଇଛି, ସେଥିରେ ସମୟର ମାନଦଣ୍ଡଟିକୁ ଅବଶ୍ୟ ବିସ୍ତାରକୁ ଆଣିବାକୁ ପଡ଼ିବ ।

ମସ୍ତିଷ୍କ ଏହି ଆଘାତଟିକୁ ଉତ୍ପନ୍ନ କରେ ନା ଭାବନାଟିର ଉପସ୍ଥିତି ଦ୍ୱାରା ତାହା ଉତ୍ପନ୍ନ ହୋଇଥାଏ ?

ନା—ଚେତନା ତାହା କରେ । ଅନେକ ଲୋକ ସେବିଷୟରେ ସଜ୍ଞାନ ନଥାନ୍ତି ସତ, ମାତ୍ର ସେଇଟି ସମସ୍ତଙ୍କ ଭିତରେ ଅନୁକ୍ଷଣ କାର୍ଯ୍ୟ କରୁଥାଏ ।

"ଆମେ ହୁଏତ ଖୁବ ସ୍ପଷ୍ଟ କୌଣସି କଥା କହୁଥାଉ; ମାତ୍ର ଯେଉଁପରି ଭାବରେ ସେଇଟିକୁ ଅନ୍ୟମାନେ ବୁଝନ୍ତି, ସେଥିରେ

'oaob.nitrkl.ac.in' images reprocessed

ପ୍ରକୃତରେ ଭାବ ସ୍ପନ୍ଦିତ ହେବାକୁ ହୁଏ । କଥାଟି ଦ୍ୱାରା ଯାହା ଅଭିପ୍ରେତ ହୋଇଥିଲା, ପ୍ରତ୍ୟେକ ବ୍ୟକ୍ତି ତା' ଭିତରକୁ ତା' ସହିତ ଆଉ ଅନ୍ୟକରୁ ଆଣି ପୂରାଇଦିଏ ବା ଏପରିକି ତା'ର ପ୍ରକୃତ ଅର୍ଥଟିର ଠିକ୍ ଓଲଟା ଆଉକରୁ ଆଣି ଭର୍ତ୍ତି କରିଦିଏ । ଯଦି ତୁମେ ଯଥାର୍ଥ ଭାବରେ ବୁଝିବାକୁ ଇଚ୍ଛା କରୁଥାଅ ଓ ଏହି ଭୁଲ ପ୍ରମାଦରୁ ରକ୍ଷା ପାଇବାକୁ ଚାହୁଁଥାଅ, ତେବେ ତୁମକୁ ଶବ୍ଦଗୁଡ଼ିକର ଧ୍ୱନି ଏବଂ ଗଢଣିର ପଛକୁ ଚାଲିଯିବାକୁ ପଡ଼ିବ ଏବଂ ନୀରବ ରବ ଶୁଣିବାକୁ ପଡ଼ିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

ନୀରବ ରବ ଶୁଣିହେବ କିପରି ?

ଏହା ହେଉଛି ମନୋଯୋଗର ବ୍ୟାପାର । ଯାହା କୁହାଯାଉଛି, ଯଦି ତୁମେ ଆପଣାର ମନୋଯୋଗକୁ ତାହାରି ଉପରେ ସକେନ୍ଦ୍ରିତ କରି ରଖ ଏବଂ ତାହାକୁ ନିର୍ଭୁଲ ଭାବରେ ବୁଝିବା ଲାଗି ଯଦି ତୁମର ପ୍ରକୃତ ଇଚ୍ଛା ରହିଥାଏ, ତେବେ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେହିଁ ସେହି ନୀରବତାଟି ଉତ୍ପନ୍ନ ହୋଇ ଆସିଥାଏ । ମନୋଯୋଗହିଁ ସେହି ନୀରବତାକୁ ଜନ୍ମ ଦିଏ ।

"ମନର ଦୁର୍ଗ"*ଟି ମଧ୍ୟରୁ ବାହାରି ଆସିବା ପ୍ରକୃତରେ ସମ୍ଭବ କି ?

ମାତ୍ର ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଏହି ଦୁର୍ଗଟି ମଧ୍ୟରୁ ପ୍ରକୃତରେ ବାହାରି ଆସିଥାନ୍ତି । ଏପରିକି ଜଣେ ଇଚ୍ଛା କଲେ ସେହି ଦୁର୍ଗ ଭିତରୁ ଗୋଟିଏ ସୈନ୍ୟବାହିନୀକୁ ମଧ୍ୟ ବାହାରକୁ ପଠାଇଦେଇ ପାରିବ !

ନା—ଦୁର୍ଗର ପ୍ରଧାନ କଦାପି ବାହାରକୁ ଯାଏ ନାହିଁ, ସିଏ ତା'ର ଦୁର୍ଗଟିକୁ କାମୁଡ଼ି ପଡ଼ିରହିଥାଏ । ସିଏ ଆଉ ସୈନ୍ୟମାନଙ୍କୁ ବାହାରକୁ ଯିବା ଲାଗି ହୁକୁମ ଦିଏ । ସିଏ ତା'ର ଦୁର୍ଗଟିକୁ କେତେ ନା କେତେ ମୂଲ୍ୟ ଦେଉଥାଏ, କାରଣ ତାହାହିଁ ତାକୁ ଅସ୍ତିତ୍ୱର ବୋଧଟିକୁ ଆଣି ଦେଇ ଯାଉଥାଏ, ସିଏ ଯେ ଜଣେ ବ୍ୟକ୍ତି, ତାକୁ ସେହି ବୋଧଟି ଦେଇ ଯାଉଥାଏ ।

---

* ୧୦ ମାର୍ଚ୍ଚ ୧୯୫୧ରେ ପ୍ରବଚନ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

**ସେହି ଦୁର୍ଗଟି ଭିତରୁ ନିଷ୍କୃତି ପାଇ ବାହାରି ଆସିଲେ ତା'ପରେ କ'ଣ ହୁଏ ?**

ହଁ, ମାତ୍ର ତୁମକୁ ଭାରି ସାବଧାନ ରହିବାକୁ ପଡ଼ିବ । ଦୁର୍ଗଟିଏ ବ୍ୟତୀତ ବଞ୍ଚି ପାରିବା ଲାଗି ସମର୍ଥ ନହେବା ପର୍ଯ୍ୟନ୍ତ ଦୁର୍ଗଟି ମଧ୍ୟରୁ ନିଷ୍କୃତି ଲାଭ କରିବା ଆଦୌ ଠିକ୍ ନୁହେଁ । ଏବଂ ଦୁର୍ଗ ବ୍ୟତୀତ ଜୀବନ ବଞ୍ଚିବା ଅନନ୍ତ ଗୁଣରେ ଅଧିକ କଷ୍ଟକର । ଅନେକ ପ୍ରୟାସ ଦ୍ୱାରା ଏବଂ ଅନେକ କଷ୍ଟ ସହ୍ୟ କରି ଲୋକମାନେ ସାଧାରଣତଃ ଏତିକି କରିଥାନ୍ତି ଯେ,—ଏବଂ ଏତିକି କରି ସେମାନେ ଆପଣାକୁ ଗୋଟାଏ ଗୋଟାଏ ବୀର ବୋଲି ଅନୁଭବ କରୁଥାନ୍ତି,—ସେମାନେ ଆପଣାର ଦୁର୍ଗଟିକୁ ଭାଙ୍ଗି ଦିଅନ୍ତି ଓ ତା'ର ଠିକ୍ ପରେ ଆଉଗୋଟିଏ ଦୁର୍ଗ ଭିତରେ ଯାଇ ପଶିଯାଆନ୍ତି । ପରମସତ୍ୟର ଦୃଷ୍ଟିକୋଣରୁ ବିଚାର କଲେ ତଦ୍ୱାରା ଖୁବ୍ ବେଶୀ ପାର୍ଥକ୍ୟ ଘଟେ ନାହିଁ ସତ, ଏତିକି କରି ସେମାନେ ଅନେକ ବାଟ ଆଗେଇଯାଇ ପାରିଲେ ବୋଲି ସେମାନଙ୍କୁ ଗୋଟାଏ ମିଥ୍ୟା ବୋଧ ମିଳିଥାଏ । କାରଣ, ପୁରାତନ ଦୁର୍ଗଟି ଧୂଳିସାତ୍ ହୋଇ ଯାଇଥାଏ ଓ ସେମାନେ ତା' ଜାଗାରେ ଆଉଗୋଟିଏ ନୂତନ ଦୁର୍ଗ ତିଆରି କରି ନେଇଥାନ୍ତି ।

କୌଣସି ଦୁର୍ଗ ନଥାଇ ଜୀବନଟିକୁ ବଞ୍ଚିବା ପ୍ରକୃତରେ ଭାରି କଷ୍ଟକର;—ଦୁର୍ଗଟିଏ ନଥିଲେ ଲୋକମାନେ ଭାବୁଥାନ୍ତି ଯେ ସେମାନେ ପ୍ରକୃତରେ ଆଦୌ କୌଣସି ଜୀବନ ବଞ୍ଚୁ ନାହାନ୍ତି, ସେମାନେ ଜଣେ ବ୍ୟକ୍ତି ହୋଇ ପାରୁ ନାହାନ୍ତି ଓ କେବଳ ଏଣେତେଣେ ଭାସିବାରେ ଲାଗିଛନ୍ତି । ଏପରି ଏକ ପରିବେଶ ମଧ୍ୟରେ ବାସ କରିବା ପ୍ରକୃତରେ ଭାରି କଷ୍ଟକର, ଯାହାକି ଅନନ୍ତ ଭାବରେ ବ୍ୟାପ୍ତ ହୋଇ ରହିଥିବ, ଯାହା ସଚଳ ହୋଇ ରହିଥିବ, ସତତ ବଦଳି ଯାଉଥିବ, ସତତ ଅଗ୍ରଗତି କରୁଥିବ; "ମୁଁ ହେଉଛି ଏଇଟି, ଏଇଟି ହେଉଛି ମୋ ଭାବନାର ମାର୍ଗ" ବୋଲି କହି କୌଣସି ଏକ ନିର୍ଦ୍ଦିଷ୍ଟ ବସ୍ତୁ ଉପରେ ଆଉଜି ନପଡ଼ିବା ବା ତାହାକୁ କାମୁଡ଼ି ଧରି ନରହିବା ହେଉଛି ଭାରି କଷ୍ଟକର । ତାହା ପ୍ରକୃତରେ ଭାରି କଷ୍ଟକର, ତେଣୁ ତରତର ହୋଇ ସେହିପରି କୌଣସି ଉଦ୍ୟମ କରିବା ଆଦୌ ଉଚିତ ନୁହେଁ । ଏପରି ଉଦ୍ୟମ କରି ଅନେକଙ୍କର ମୁଣ୍ଡ ପ୍ରାୟ ଏକାବେଳେକେ ବିଗିଡ଼ି ଯାଇଥାଏ ।

ମନର ଏହି ବିରଚନାଗୁଡ଼ିକୁ ପ୍ରକୃତରେ କିଏ ତିଆରି କରୁଥାଏ ?

ମନଃକ୍ଷେତ୍ରର ଅହଂଟିହିଁ ଏହିସବୁ ବିରଚନା କରିବାରେ ଲାଗିଥାଏ ଏବଂ ଦୁର୍ଦ୍ଦାନ୍ତ ଭାବରେ ସେଗୁଡ଼ିକୁ ଜାବୁଡ଼ି ଧରିଥାଏ ।

'oaob.nitrkl.ac.in' images reprocessed

"ମୁଁ" ଆଉ ଅହଂ,—ଦୁଇଟିଯାକ ଗୋଟିଏ କଥା କି ?

ସାଧାରଣତଃ ଗୋଟିଏ କଥା ।

ଏପରି କପରି ହୋଇଥାଏ ଯେ ଅନେକ ଲୋକ ଗୋଟିଏ କଥା ଭାବୁଥାନ୍ତି ମାତ୍ର ଆଉଗୋଟିଏ କଥା କହିବାରେ ଲାଗିଥାନ୍ତି ?

ହଁ, ଅନେକ ସମୟରେ ସେହିପରି ଘଟିଥାଏ । ସେମାନେ ଗୋଟିଏ କଥା ଭାବନ୍ତି, ଏବଂ ଯେତେବେଳେ କହିବାକୁ ଆରମ୍ଭ କରନ୍ତି, ସେତେବେଳେ ସମ୍ପୂର୍ଣ୍ଣ ବିପରୀତ କଥାଟିହିଁ କହନ୍ତି । ଆମର ଭାବନା ଯଦି ଆମ ଜିହ୍ୱାଟିକୁ ସଂଯତ କରି ରଖି ପାରୁଥାନ୍ତା, ତେବେ ଆମେ ଅନେକ ନିର୍ବୋଧତାରୁ ଆପଣାକୁ ବଞ୍ଚାଇ ରଖି ପାରନ୍ତେ । ମାତ୍ର, ତୁମର ସେହି ନିୟନ୍ତ୍ରଣଟି ରହି ପାରେ ନାହିଁ ଏବଂ ତୁମେ ସତେଅବା ଆବେଗ ଦ୍ୱାରା ପ୍ରେରିତ ହୋଇ ଯେକୌଣସି ନିରର୍ଥକ କଥା ବି କହିବାରେ ଲାଗିଯାଅ । ସେତେବେଳେ ସତେଅବା ଗୋଟାଏ ମେସିନ୍ କାମ କରୁଥାଏ, କେବଳ କଥା କହିବାର ଆନନ୍ଦ ପାଇବା ସକାଶେହିଁ କଥା କହିବାରେ ଲାଗିଥାଏ । ଏହି କଥାଟା ଅସମ୍ଭବ ପରି ମନେହୁଏ ସିନା, ମାତ୍ର ତାହା ସର୍ବଦାହିଁ ଘଟିବାରେ ଲାଗିଥାଏ । ଖୁବ୍ କମ୍ ଲୋକ ଆପଣାକୁ ଏଥିରୁ ରକ୍ଷା କରି ପାରନ୍ତି । ସେମାନେ ଯାବତ ପ୍ରକାରର କଥା କହିବାରେ ଲାଗିଥାନ୍ତି ଓ ତା'ପରେ ପଚାରି ହୁଅନ୍ତି, "ଆରେ, ମୁଁ ଏସବୁ କଥା କାହିଁକି କହି ପକାଇଲି ?" କାହିଁକି କହି ପକାଇଲେ, ସେମାନେ ତା'ର କାରଣ ମଧ୍ୟ ଜାଣନ୍ତି ନାହିଁ । ମୁଁ ଏପରି କେତେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି, ଅନ୍ୟମାନେ ଯାହା ଶୁଣିବା ଲାଗି ଇଚ୍ଛା କରୁଥାନ୍ତି, ସର୍ବଦା କେବଳ ସେତିକି କଥା କହନ୍ତି । ସେମାନେ ଯେଉଁ ବ୍ୟକ୍ତି ସହିତ କଥା କହୁଥା'ନ୍ତି, ସେ ମନେମନେ ଭାବୁଥାଏ, "ସିଏ ମୋତେ ଏଇଟି ବା ସେଇଟି କହିବାକୁ ଯାଉଛି", କିଂବା ସିଏ ହୁଏତ ଆଶଙ୍କା କରୁଥାଏ, "ମୁଁ ଆଶା କରୁଛି ସିଏ ମୋତେ ସେକଥାଟି ମୋଟେ କହିବ ନାହିଁ ।" ଏବଂ ଅନ୍ୟ ବ୍ୟକ୍ତି ଜଣକ ସତେଅବା ଗୋଟିଏ ସ୍ଥାନ କଣ୍ଢେଇଟି ପରି ସେହି କଥାଟିକୁ କହିବାରେ ଲାଗେ, ଖାଲି ଥିର ଭାବରେ ତା' କଥାଟିକୁ ଆରମ୍ଭ କରିଦିଏ; ତା'ର କାରଣଟି ବିଷୟରେ ସେ କିଛି ଜାଣି ନଥାଏ ।

ଇଚ୍ଛାଶକ୍ତିର ଅଭାବରୁ କ'ଣ ଏପରି ହୁଏ କି ?

'oaob.nitrkl.ac.in' images reprocessed

ନା—ଏହାକୁ ଏକ ମାନସିକ ବିକୃତି ବୋଲି କୁହାଯାଇ ପାରିବ । ଏଥିରେ ଖୁବ୍ ବେଶୀ ଇଚ୍ଛାଶକ୍ତି ବି ନଥାଏ । ଯଦି ଇଚ୍ଛାଶକ୍ତି କାର୍ଯ୍ୟନ୍ତି ହସ୍ତକ୍ଷେପ କରି ପାରୁଥାନ୍ତା, ତେବେ ସବୁକିଛି ଅନେକ କମ୍ ନିରର୍ଥକ ହୋଇ ପାରନ୍ତା, ସମ୍ଭବତଃ ହୋଇ ପାରନ୍ତା ।

ନା—ମନଃକ୍ଷେତ୍ରରେ ଆମେ ସେଗୁଡ଼ିକୁ ଏପରି ଗୋଟିଏ ଗୋଟିଏ ଗତିସ୍ପନ୍ଦନ ବୋଲି କହିବା, ମନ ବା ମାନସିକ ଶକ୍ତିର ବିରଚନା ବୋଲି କହିବା, ଯାହାକି ସବୁବେଳେ ଗତି କରିବାରେ ଲାଗିଥାଏ, ଆସୁଥାଏ ଯାଉଥାଏ; ଯେତେଅବା ପଞ୍ଜୁରିଟି ଭିତରେ ବନ୍ଦ ହୋଇ ରହିଥିବା ଗୋଟିଏ ଗୁଣ୍ଡୁଚିମୂଷା ପରି ଏପାଖ ସେପାଖ ଦଉଡ଼ିବାରେ ଲାଗିଥାଏ ଓ କାହିଁକି ଏସବୁ କରୁଥାଏ, ସେବିଷୟରେ ଆଦୌ କିଛି ଜାଣି ନଥାଏ ।

ତେବେ, ଏହାକୁ ଏକ ଜାଗତିକ ଲୀଳା ବୋଲି କୁହାଯିବ କି ?

ନାହିଁ—ଏହା ମୋଟେ ଖୁବ୍ ବେଶୀ ଜାଗତିକ ନୁହେଁ । ଏହା ମଣିଷ ଭିତରେ ରହିଥାଏ, ତେଣୁ ଅତ୍ୟନ୍ତ ପରିମାଣରେ ମନୁଷ୍ୟସୁଲଭ ବୋଲି କୁହାଯାଇ ପାରିବ । ସଂସାରରେ କେତେଜଣ ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କର କି ନିଜର ବୋଲି କୌଣସି ଭାବନା ରହିଛି ? ମୋର ପ୍ରାୟ କୌଣସି ସନ୍ଦେହ ନାହିଁ ଯେ ସାଧାରଣ ମନୋଗଠନବିଶିଷ୍ଟ ସାଧାରଣ ମନୁଷ୍ୟଙ୍କ ଭିତରେ ସେପରି ଜଣେ କେହିହେଲେ ନାହାନ୍ତି । କେତେଜଣ ଲୋକଙ୍କର ନିଜର ଏକ ଭାବନା ରହିଛି, ଯାହାକୁ କି ସେମାନେ ନିଜେ ଚିନ୍ତା କରି ଲାଭ କରିଛନ୍ତି ? ଅତି ଅଳ୍ପସଂଖ୍ୟାରେ ଅଛନ୍ତି; ଏବଂ ଯଦି ସେମାନଙ୍କର ସେପରି ନିଜସ୍ୱ ବୋଲି କିଛି ଭାବନା ରହିଥାଏ, ତେବେ ସେମାନଙ୍କୁ ହୁଏତ ଅତି ଭୟଙ୍କର ଭାବରେ କଠିନ ବୋଲି ବିଚାର କରାଯାଏ, ଅତ୍ୟନ୍ତ ବୁଦ୍ଧିମାନ୍ ବୋଲି ବିଚାର କରାଯାଏ, ଅଥବା ସ୍ୱେଚ୍ଛାଚାରୀ ବା କର୍ତ୍ତୃତ୍ୱ ଦେଖାଇବାକୁ ଇଚ୍ଛା କରୁଥିବା ଜଣେ ଜଣେ ମଣିଷ ବୋଲି ବିଚାର କରାଯାଏ । ସେମାନଙ୍କ ପଛରେ ଯାବତୀୟ ପ୍ରକାରର ବିଶେଷଣ ଆଣି ଯୋଡ଼ି ଦିଆଯାଏ । ଏସବୁ କରାଯାଏ, କାରଣ ବ୍ୟବହାର କ୍ଷେତ୍ରରେ ସେମାନଙ୍କର ନିଜସ୍ୱ ଏକ ସ୍ପଷ୍ଟ ଶୈଳୀ ରହିଥାଏ ।

ଯେକୌଣସି ସାଧାରଣ ବିଚାରର କଥା,—ଉଦାହରଣସ୍ୱରୂପ, "ଏହି ପୃଥିବୀ କ'ଣ ସବୁଦିନ ଲାଗି ଏହିପରି ରହିଥିବ ?" ବା, "ଏହାର ଏକ ଆରମ୍ଭ ରହିଛି ଓ ଏକ ଶେଷ ରହିଛି କି ?"—ଏହି କଥାଟି ଉପରେ ବିଚାର କରାଯାଉ । ଏହି ବିଷୟରେ କାହାର ଏକ ନିର୍ଦ୍ଦିଷ୍ଟ ଭାବନା ରହିଛି ? ବା, ପୁନଶ୍ଚ, "ଏହି ପୃଥିବୀର

'oaob.nitrkl.ac.in' images reprocessed

ଆରମ୍ଭ କପରି ହୋଇଥିଲା ଏବଂ ଏଠାରେ ମନୁଷ୍ୟର ଆବିର୍ଭାବ ହେଲା କପରି ? ମନ ଏହି ସମସ୍ୟାଟିର ସମାଧାନ କରିବାକୁ ଆଦୌ ସମର୍ଥ ହେବ ନାହିଁ; ଆପଣା ଆଗରେ ତାହା ଅନନ୍ତ ସଂଖ୍ୟାର ଅନେକ ସମ୍ଭାବନା ଦେଖିବାକୁ ପାଇବ ଏବଂ ସେଥିମଧ୍ୟରୁ ସିଏ କେଉଁଟିକୁ ବାଛିନେଇ ପାରିବ, ସେ ବିଷୟରେ ମନ ଆଦୌ କିଛି ଠିକ୍ କରି ପାରୁ ନଥିବ । ସେପରି କ୍ଷେତ୍ରରେ ମନ କ'ଣ କରିବ, ଗୋଟିକୁ କପରି ବାଛିବ ?—ବ୍ୟକ୍ତିଗତ ରୁଚି ଓ ଅଭିରୁଚି ଅନୁସାରେ ବାଛିବ; ଯେଉଁ ଭାବନାଟି ତାକୁ ଏକ ସୁଖକର ଓ ଆରାମଦାୟକ ଅନୁଭୂତି ଆଣି ଦେଉଥିବ, ସିଏ ସେଇଟିକୁ ବାଛିବ । ମନ କହୁଥିବ, "ହଁ, ସମାଧାନଟି ନିଶ୍ଚୟ ଏଇଟିହିଁ ହେବ ।" ମାତ୍ର ଯଦି ତୁମେ ସାଧୁତା ଅବଲମ୍ବନ କରୁଥିବ ଓ ବିଚାରର ସାହାଯ୍ୟ ନେଇ ପାରୁଥିବ, ଯଦି ତୁମେ ଆପଣାର ଅଗ୍ରରୁଚିଗୁଡ଼ାକୁ ଆଦୌ କୌଣସି ହସ୍ତକ୍ଷେପ କରିବାକୁ ଦେଉ ନଥିବ, ତେବେ ତୁମେ ଏହି କ୍ଷେତ୍ରରେ କପରି ଏକ ନିଷ୍ପତ୍ତି କରିବ ? ଏହି ବିଷୟଟି ମନୁଷ୍ୟଜୀବନର ଏତେ ନିକଟବର୍ତ୍ତୀ ହୋଇ ରହିଛି ଯେ ମନୁଷ୍ୟକୁ ସେଥିରେ ନିଶ୍ଚୟ ଏକ ଆଗ୍ରହ ରଖିବାକୁ ପଡ଼ିବ, ନୁହେଁ କି ? କାରଣ, ଏହି ପୃଥିବୀହିଁ ହେଉଛି ତା'ର ଘର, ତା'ର ରାଜ୍ୟ । ଯଦି ତୁମେ ଏହି ବିଷୟରେ ଗୋଟିଏ ବହି ପଢ଼ିବ, ତେବେ ତୁମକୁ ତାହା ଗୋଟିଏ କଥା କହୁଥିବ; ଆଉଗୋଟିଏ ବହି ପଢ଼ିଲେ ତାହା ଆଉ ଗୋଟିଏ କଥା କହିବ । ତା'ପରେ ଆପଣାର ସକଳ ସିଦ୍ଧାନ୍ତକୁ ସାଙ୍ଗରେ ଧରି ଧର୍ମମାନେ ଏହି ବିଷୟରେ ଆପଣାର ମତ ଦେବାକୁ ଆସିବେ ଏବଂ ସେମାନେ ବି ଆସି କହିବେ ଯେ କେବଳ ଅମୁକ ବା ଅମୁକ ବିଚାରଟି ହେଉଛି "ପ୍ରକୃତ ସତ୍ୟ" ଏବଂ ତୁମକୁ ଅବଶ୍ୟ ତାହାରି ଉପରେ ବିଶ୍ୱାସ କରିବାକୁ ପଡ଼ିବ, ତା' ନହେଲେ ତୁମେ ନରକକୁ ଯିବ ! ତୁମେ ବୈଜ୍ଞାନିକମାନଙ୍କର ବକ୍ତବ୍ୟଗୁଡ଼ିକୁ ପଢ଼ିବ—ସେମାନେ ତୁମ ଆଗରେ ବୈଜ୍ଞାନିକ କେତେ କ'ଣ ତଥ୍ୟ ଆଣି ବାଢ଼ିଦେବେ । ଦାର୍ଶନିକମାନେ ଲେଖିଥିବା ବହି ପଢ଼ିବ,—ସେମାନେ ବି ଦାର୍ଶନିକ ତଥ୍ୟ ଶୁଣାଇବେ । ତା'ପରେ ତୁମେ ପ୍ରେତାତ୍ମବାଦୀମାନଙ୍କର କଥା ପଢ଼ିବ, ସେମାନେ ପ୍ରେତାତ୍ମବାଦର କେତେକେତେ କଥା ଆଣି ତୁମ ଆଗରେ ବାଢ଼ି ଥୋଇଦେବେ । ଏବଂ ଏସବୁ କରିସାରିବା ପରେ ମଧ୍ୟ ତୁମେ ପ୍ରଥମେ ଯେଉଁଠାରେ ଥିବ, ଠିକ୍ ସେହିଠାରେହିଁ ରହିଥିବ । ମାତ୍ର ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଆପଣାର ମନଃକ୍ଷେତ୍ରରେ ଏକପ୍ରକାରର ସ୍ଥିରତା ଓ ସ୍ଥାୟିତ୍ୱ କାମନା କରୁଥାନ୍ତି (ଯେଉଁମାନେ "ଦୁର୍ଗମାନ" ତିଆରି କରି ରଖନ୍ତି, ଏଠାରେ ଠିକ୍ ସେହିମାନଙ୍କ କଥା କୁହାଯାଉଛି; ସେମାନେ ଦୁର୍ଗ ଭିତରେ ରହିବାକୁହିଁ ଭାରି ଆଗ୍ରହ ପ୍ରକାଶ କରୁଥାନ୍ତି, ଦୁର୍ଗ ଭିତରେ ରହିବାଟାହିଁ ସେମାନଙ୍କୁ ଭାରି ଆରାମଦାୟକ ବୋଧ ହୋଇଥାଏ), ତେଣୁ ସେମାନେ କିଛି ବାଛିନେବାକୁ ବାହାରନ୍ତି; ଏବଂ ଯଦି ସେମାନଙ୍କଠାରେ

'oaob.nitrkl.ac.in' images reprocessed

ଯଥେଷ୍ଟ ମାନସିକ ବଳ ରହିଥାଏ, ତେବେ ସେମାନେ ବେଶ୍ ଅନେକସଂଖ୍ୟକ ଧାରଣା ମଧ୍ୟରୁ ଗୋଟିକୁ ନିଜର ବୋଲି ବାଛିନିଅନ୍ତି । ତା'ପରେ ସେମାନେ ତୁମ ଆଗରେ ବନେଇ ଚୁନେଇ ଦେଖାଇଦେଇ ପାରିବେ ବୋଲି ସେଇଟିକୁ ବାଗେଇ ନିଅନ୍ତି, ଗୋଟିଏ ଚମତ୍କାର ଯାଚେଞ୍ଚ ଠିଆ କରି ସବୁ ଜିନିଷକୁ ସେମାନଙ୍କ ରୁଚିରୁଚି ଅନୁସାରେ ତାହାର ଯଥୋଚିତ ସ୍ଥାନରେ ନେଇ ରଖିଦିଅନ୍ତି (ଅର୍ଥାତ୍, ସେମାନେ ଦେଖନ୍ତି, ଯେପରି ଅନେକଗୁଡ଼ିଏ ପରସ୍ପରବିରୋଧୀ ବିଷୟ ପରସ୍ପରର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ଆଦୌ ରହି ନଥିବେ,—କାରଣ ସେପରି ହେଲେ ସେମାନଙ୍କ ମଧ୍ୟରେ ଧକ୍କା ହୋଇଯିବ, ସଂଘର୍ଷ ଲାଗିଯିବ । ତେଣୁ, ଯାହା ହେବ, ତାହା ଅବଶ୍ୟ ସୁସଂଗଠିତ ହୋଇ ରହିଥିବ) । ଏବଂ ସେମାନେ ତା'ପରେ ତୁମକୁ ଆସି କହନ୍ତି, "ବର୍ତ୍ତମାନ ମୁଁ ଠିକ୍ ଭାବରେ ଜାଣିଲି !" ସେମାନେ ଆଦୌ କିଛିହେଲେ ଜାଣି ନଥାନ୍ତି ।

ଏକଥାଟି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ; କାରଣ ଜଣକର ମନ ଯେତେ ଅଧିକ ପରିମାଣରେ କାର୍ଯ୍ୟକାରୀ ହୋଇ ରହିଥିବ, ସିଏ ସେତିକି ଅଧିକ ପରିମାଣରେ ଏହି ଗ୍ରେଟିଆ ଖେଳଟି ମଧ୍ୟରେ ତତ୍ପର ହୋଇ ରହିଥିବ । ଏବଂ, ଏପରି ଅନେକ ଧାରଣା ରହିଛି, ଯେଉଁଥି ମଧ୍ୟରେ କି ମଣିଷ ଲାଖି ରହିଯାଇ ପାରିବ, ସତେଅବା କଣ୍ଟା ମରିହୋଇ ସେଇଠି ଅଟକି ରହିଥିବ, ସତେଯେପରି ସମଗ୍ର ଜୀବନ କେବଳ ସେଇଟି ଉପରେହିଁ ନିର୍ଭର କରି ରହିଛି ! ମୁଁ ଏଭଳି ଲୋକଙ୍କୁ ଜାଣିଛି ଯେଉଁମାନେ କି ଆପଣାର ସମଗ୍ର ଗଠନଟିର କ୍ଷେତ୍ରରେ ଗୋଟିଏ ଧାରଣାକୁ ଗଣ୍ଠିକରି ତାହାରି ସହିତହିଁ ବନ୍ଧାହୋଇ ରହିଥିଲେ ଏବଂ କହୁଥିଲେ, "ଆଉ ଯାହାକିଛି ରହିଲା, ସେସବୁ ଚୁଲିକୁ ଯାଉ, ସେଥିରେ ମୋର କିଛିହେଲେ ଯାଏଆସେ ନାହିଁ, ମାତ୍ର ଏହି ଧାରଣାଟି ଅବଶ୍ୟ ବଳବତ୍ତର ରହିବ : ଏଇଟିହିଁ ସତ୍ୟ !" ଏବଂ ଏହିଭଳି ଲୋକମାନେ ଯେତେବେଳେ ଯୋଗସାଧନା ମଧ୍ୟକୁ ଆସନ୍ତି, ଭାରି ମଜାର କଥା ଯେ ସେତେବେଳେ ସେମାନେ ଏହି ଧାରଣାଟିକୁ ନେଇହିଁ ସର୍ବଦା ତାଉ ତାଉ ହୋଇ ବଜାଇ-ବାରେ ଲାଗିଥାନ୍ତି । ସବୁବେଳେ ସେହି ଧାରଣାଟିକୁ ତିଆର ତିଆର କରୁଥାନ୍ତି । ସେହି ଧାରଣାଟି ଉପରେହିଁ ଯାବତୀୟ ଘଟଣା ଏବଂ ଯାବତୀୟ ପରିସ୍ଥିତି ଆସି ଧକ୍କା ଖାଇବାରେ ଲାଗିଥାଏ; ଶେଷରେ ସେହି ଧାରଣାଟି କ୍ରମଶଃ ଦୋହଲି ଯିବାକୁ ଆରମ୍ଭ କରେ ଏବଂ ଆଖିର ଏପରି ଗୋଟିଏ ଦିନ ଆସି ପହଞ୍ଚେ, ଯେତେବେଳେ ସେମାନେ ଭାରି ନୈରାଶ୍ୟର ସହିତ, "ଆ-ହା-! ମୋ ଧାରଣାଟି କୁଆଡ଼େ ଗଲା !" ବୋଲି କହିଥାନ୍ତି ।

ବେଶ୍ ବିବୃଦ୍ଧ କରି କେହିଜଣେ କହି ଯାଇଛନ୍ତି, "ସବୁକିଛି ଲାଭ କରିବାକୁ ହେଲେ ଆଗ ସବୁକିଛିକୁ ହରାଇ ଶିଖିବାକୁ ପଡ଼ିବ ।" ଏବଂ ଏହି କଥାଟି

'oaob.nitrkl.ac.in' images reprocessed

ପ୍ରକୃତରେ ସତ, ମନର କ୍ଷେତ୍ରରେ ବିଶେଷ ଭାବରେ ସତ; କାରଣ ଯଦି ତୁମକୁ ସବୁ ହଜାଇବାର କୌଶଳଟି ଜଣା ନଥାଏ, ତେବେ ତୁମେ କେବେ କିଛିହେଲେ ଲାଭ କରି ପାରିବ ନାହିଁ ।

ଏହି ସଂସାରର ଆରମ୍ଭ କିପରି ହେଲା ?

ବୈଜ୍ଞାନିକମାନଙ୍କୁ ପଚାର, ସେମାନେ ତୁମକୁ କହିଦେଇ ପାରିବେ !

ଆମେ ଯାହାକିଛି ଶିଖିଛୁ, ସେସବୁଯାକକୁ ଭୁଲିଯିବା ଯଦି ଆଖିର ଅଗ୍ରଗତି କରିବାର ଉପାୟ ହୁଏ, ତେବେ ଏତେ କଥା ଶିଖିବାରେ ଆଉ ଲାଭ କ'ଣ ରହିଲା ?

ଜିମ୍‌ନାଷ୍ଟିକ୍ ବେଲକୁ ଯାହା, ଏହି କ୍ଷେତ୍ରରେ ମଧ୍ୟ ସେଇଆ । ନିଜ ଶରୀରଟିକୁ ଗଠନ କରିବା ଲାଗି ଓ ତାହାକୁ ମଜବୁତ୍ ବନାଇବା ଲାଗି ତୁମେ ଯାବତୀୟ ପ୍ରକାରର ଅଙ୍ଗସଞ୍ଚାଳନ କର, ମାତ୍ର ତା'ର ଅର୍ଥ ନୁହେଁ ଯେ ତୁମେ ଓଜନ ଉଠାଇ ଏବଂ ପାରାଲେଲ୍ ବାର୍ ଉପରେ କସରତ୍ କରି ତୁମର ସାରା ଜୀବନ କଟାଇ ଦେବାକୁ ଯାଉଛ । ତାକୁ ତୁମେ ଏକ କ୍ରୀଡ଼ାରୂପେ ବା ଏକ ବେଉସାରୂପେ ଅବିଚ୍ଛିନ୍ନ ଭାବରେ ଅଭ୍ୟାସ କରିପାର; ମାତ୍ର ଏକଥାଟି ଏକାନ୍ତ ନିଶ୍ଚିତ ଯେ ତାହାହିଁ କଦାପି ତୁମ ଜୀବନର ସର୍ବୋଚ୍ଚ ପରମଲକ୍ଷ୍ୟ ନୁହେଁ । ମନର କ୍ଷେତ୍ରରେ ମଧ୍ୟ ସେହିପରି । ମନକୁ ଅଗ୍ରଗତି ଲାଗି ସମର୍ଥ କରିବା ଲାଗି, ଏକ ନୂତନ ଜୀବନ ଲାଗି ତାହାକୁ ଅନୁକୂଳିତ କରି ରଖିବା ଲାଗି ଏବଂ ଉଚ୍ଚତର୍ ଶକ୍ତିଗୁଡ଼ିକ ପାଇଁ ତାହାକୁ ଉନ୍ମୋଚିତ କରି ଦେବା ଲାଗି ମନକୁ ଯାବତୀୟ ପ୍ରକାରର ଅଭ୍ୟାସ ଓ କସରତରେ ତାଲିମ କରିବାକୁ ହୋଇଥାଏ । ସେଇଥିପାଇଁହିଁ ପିଲାମାନଙ୍କୁ ସ୍କୁଲ୍‌କୁ ପଠାଯାଏ; ପିଲାମାନେ ଯାହାକିଛି ଶିଖିବେ, ସେସବୁଯାକକୁ ଯେ ମନେ ରଖିବେ, ସେଥିସକାଶେ ସେମାନଙ୍କୁ ମୋଟେ ସେଠାକୁ ପଠା ଯାଏ ନାହିଁ,—ଏବଂ ଆପଣାର ପଢ଼ିଥିବା ପାଠକୁ କିଏ ଗୋଟି ଗୋଟି କରି ମନେ ରଖିଥାଏ ? ପରବର୍ତ୍ତୀ କାଳରେ, ଯେତେବେଳେ ସେମାନଙ୍କୁ ଅନ୍ୟମାନଙ୍କୁ ପଢ଼ାଇବାକୁ ପଡ଼େ, ସେତେବେଳେ ସେମାନଙ୍କୁ ପୁନର୍ବାର ସବୁକିଛି ଶିକ୍ଷା କରିବାକୁ ହୋଇଥାଏ, କାରଣ ସେମାନେ ସବୁକିଛି ଭୁଲି ଯାଇଥାନ୍ତି । ସବୁକିଛି ସେମାନଙ୍କ ପାଖକୁ ଖୁବ୍ ଚଞ୍ଚଳ ଫେରିଆସେ ସତ, ମାତ୍ର ସେମାନେ ତାକୁ ପ୍ରକୃତରେ ଭୁଲି ଯାଇଥାନ୍ତି । ମାତ୍ର, ଯଦି ସେମାନେ ଆଦୌ ସ୍କୁଲ୍‌କୁ ଯାଇ ନଥାନ୍ତେ,

'oaob.nitrkl.ac.in' images reprocessed

ଯଦି କିଛି ଶିକ୍ଷା କରି ନଥାନ୍ତେ ଏବଂ ଯଦି ସେମାନଙ୍କୁ ସବୁକିଛି ମୂଳରୁ ଆରମ୍ଭ କରିବାକୁ ପଡ଼ନ୍ତା···ପଇଁତିରିଶି ବର୍ଷ ବୟସରେ ଯଦି ତୁମେ ପ୍ରଥମ କରି ପାରାଲେଲ୍ ବାର୍‌ରେ ବ୍ୟାୟାମ କରିବାକୁ ଯାଅ, ତେବେ ଭାରି କଷ୍ଟ ହୁଏ, ନୁହେଁ ? ମସ୍ତିଷ୍କ ବେଳକୁ ମଧ୍ୟ ଠିକ୍ ସେହି କଥା,—ସେଥିରେ ମଧ୍ୟ ନମନୀୟତାର ଅଭାବ ରହିଯାଏ । ସବୁଠାରୁ ଭଲ ଜିମ୍‌ନାଷ୍ଟିକ୍ ଖେଳାଳିର କ'ଣ କରିବା ଉଚିତ, ତୁମେ କହିପାରିବ ? ତାକୁ ସବୁଦିନେ ଜଣେ ତତ୍ତ୍ୱବିତ୍ ସହିତ କଥାବାର୍ତ୍ତା କରିବାକୁ ହେବ, କାରଣ ତତ୍ତ୍ୱଶାସ୍ତ୍ରରେ ସବୁକିଛି ଅମୂର୍ତ୍ତ ହୋଇ ରହିଥିବ, ସେଠାରେ ତୁମକୁ ଏକ ନିର୍ଦ୍ଦିଷ୍ଟ ଆକାର ବା ବାସ୍ତବ ଅସ୍ତିତ୍ୱ ରହିଥିବା କୌଣସି ବସ୍ତୁ ଉପରେ ଆପଣାକୁ ଆଦୌ ଅଭିନିବିଷ୍ଟ କରି ରଖିବାକୁ ପଡ଼ିବ ନାହିଁ । ବସ୍ତୁତଃ, ଅମୂର୍ତ୍ତୀକରଣର ଯେକୌଣସି କ୍ଷେତ୍ରରେ ସବୁକିଛିକୁ କେବଳ ଶବ୍ଦ ଦ୍ୱାରାହିଁ କରିବାକୁ ପଡ଼େ, ତାହାକୁ ଆମେ ଶୁଦ୍ଧ ମାନସିକ କ୍ଷେତ୍ରରେ ଏକ ଜିମ୍‌ନାଷ୍ଟିକ୍ ବୋଲି କହିପାରିବା । ଏବଂ ଜଣେ ତତ୍ତ୍ୱସିଦ୍ଧାନ୍ତ-ବିତ୍ତର ମନୋଗଠନଟି ମଧ୍ୟରେ ପ୍ରବେଶ କରି ପାରିଲେ, ତାକୁ ବୁଝି ପାରିଲେ ଓ ତା' ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିଲେ ତୁମେ ଜିମ୍‌ନାଷ୍ଟିକ୍ ଜାଣିବାରେ ପକ୍କା ହୋଇଗଲ ବୋଲି ବୁଝାଯାଇ ପାରିବ ।

(ଗଣିତ ଜାଣିଥିବା ଜଣେ ସାଧକ :) ମୁଁ ଭାବୁଛି ଗଣିତର କ୍ଷେତ୍ରରେ ମଧ୍ୟ ଠିକ୍ ଏହି କଥାଟି ପ୍ରଯୁଜ୍ୟ ହୋଇପାରିବ ?

ହଁ ।

ମୃତ୍ୟୁ ସମୟରେ ପ୍ରାଣିକ ଜଗତଟି ମଧ୍ୟରେ ଯଦି ପ୍ରତିକୂଳ ଶକ୍ତି ଅଥବା ସତ୍ତାମାନେ ଆସି ପ୍ରାଣିକ ସତ୍ତାକୁ ଆକ୍ରମଣ କରନ୍ତି, ତେବେ ତାହା ଆଶ୍ରୟ ନେବା ଲାଗି କୌଣସି ଏକ ସ୍ଥାନରେ ଶରଣ ପଶିବାକୁ ଇଚ୍ଛା କରେ ନାହିଁ କି ?

ହଁ, ଠିକ୍ ଏହି କାରଣଟି ସକାଶେହିଁ ସବୁ ଦେଶରେ ଏବଂ ସବୁ ଧର୍ମରେ ଏପରି ପରାମର୍ଶ ଦିଆଯାଇଥାଏ ଯେ କୌଣସି ବ୍ୟକ୍ତି ଦେହତ୍ୟାଗ କରିବାର ଅନ୍ତତଃ ସାତ ଦିନ ପର୍ଯ୍ୟନ୍ତ ଲୋକମାନେ ଏକାଠି ବସି ମୃତ ବ୍ୟକ୍ତିଟିକୁ ସ୍ମରଣ କରିବା ଉଚିତ । କାରଣ, ଯେତେବେଳେ ତୁମେମାନେ ସ୍ନେହ ଓ ସହାନୁଭୂତି ସହିତ ତା'ର ସବୁ କଥା ସ୍ମରଣ କର, (ସେତେବେଳେ ଭିତରେ କୌଣସି ଅଶାନ୍ତତା ରହିବା

'oaob.nitrkl.ac.in' images reprocessed

ଉଚିତ ନୁହେଁ, କାନ୍ଦିବା ଉଚିତ ନୁହେଁ, କୌଣସି ପ୍ରକାର ତୀବ୍ର ବା ପ୍ରବଳ ଚିତ୍ତୋଦ୍‌ବେଗ ବି ରହିବା ଉଚିତ ନୁହେଁ), ଯଦି ତୁମେ ସ୍ଥିର ହୋଇ ବସିପାର, ତେବେ ତୁମର ସେହି ପରିବେଶଟି ତା' ଲାଗି ଗୋଟିଏ ଦୀପସ୍ତମ୍ଭ ପରି କାର୍ଯ୍ୟ କରେ, ଏବଂ ଯେତେବେଳେ ପ୍ରତିକୂଳ ଶକ୍ତିମାନେ ଆସି ତାକୁ ଆକ୍ରମଣ କରନ୍ତି (ଏଠାରେ ମୁଁ ଅବଶ୍ୟ ପ୍ରାଣିକ ସତ୍ତାଟିର କଥା କହୁଛି, ଚୈତ୍ୟ ସତ୍ତାଟି କଥା କହୁ ନାହିଁ; ଚୈତ୍ୟ ସତ୍ତା ତ ବିଶ୍ରାମ ନେବାକୁ ଚାଲି ଯାଇଥାଏ), ସେତେବେଳେ ସିଏ ଆପଣାକୁ ହୁଏତ ସମ୍ପୂର୍ଣ୍ଣ ଅସହାୟ ବୋଲି ମନେ କରିପାରେ। କ'ଣ କରିବାକୁ ହେବ ସେବିଷୟରେ ତାକୁ ଆଦୌ କୌଣସି ବାଟ ଦିଶି ନପାରେ ଏବଂ ସେ ଘୋର ଦୁର୍ଦ୍ଦଶା ମଧ୍ୟରେ ଆସି ପଡ଼ିଯିବା ପରି ଅନୁଭବ କରିପାରେ; ସେତିକବେଳେ ତା'ର ଘନିଷ୍ଠ ସମ୍ବନ୍ଧଟି ରହିଥିବା ହେତୁ, ଯେଉଁମାନେ ତା' ବିଷୟରେ ଏତେ ଅନୁରାଗ ଦେଇ ଭାବୁଛନ୍ତି, ସେ ସେହିମାନଙ୍କର ଆଲୋକଟିକୁ ଦେଖିବାକୁ ପାଏ ଏବଂ ସେହିଠାକୁ ଧାଇଁଯାଏ। ଏହି କଥାଟି ପ୍ରାୟ ସବୁବେଳେ ଘଟିଥାଏ ଯେ ଏକ ପ୍ରାଣିକ ଗଠନ, ଅର୍ଥାତ୍ ମୃତ ବ୍ୟକ୍ତିର ପ୍ରାଣିକ ସତ୍ତାର ଗୋଟିଏ ଅଂଶ (ବା, ବେଳେବେଳେ, ଯଦି ତାହା ସୁସଂଗଠିତ ହୋଇ ରହିଥାଏ, ତେବେ ସମଗ୍ର ପ୍ରାଣିକ ସତ୍ତାଟି) ତାକୁ ଯେଉଁମାନେ ବା ଯେଉଁ ବ୍ୟକ୍ତିଟି ଭଲ ପାଉଥିଲେ, ସେହିମାନଙ୍କର ଅଥବା ତାହାର ମଣ୍ଡଳ ବା ପରିବେଶଟି ମଧ୍ୟରେ ଆଶ୍ରୟ ନେଇ ରହେ। ଏପରି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ମରିଯାଇଥିବା ବ୍ୟକ୍ତିଟିର ପ୍ରାଣିକ ସତ୍ତାରୁ ଗୋଟିଏ ଅଂଶକୁ ସର୍ବଦା ଆପଣା ସହିତ ବନ୍ଧନ କରି ରହିଥାନ୍ତି। ଜଣେ ବ୍ୟକ୍ତି ମରିଗଲେ ତା' ଲାଗି ଯେଉଁ ସବୁ ତଥାକଥିତ ବିଧି ଓ ଅନୁଷ୍ଠାନର ପାଳନ କରାଯାଏ, ଏହିଠାରେହିଁ ସେଗୁଡ଼ିକର ପ୍ରକୃତ ପ୍ରୟୋଜନ ରହିଛି, ନଚେତ୍ ସେଗୁଡ଼ିକର ଆଉ କୌଣସି ଅର୍ଥହିଁ ନାହିଁ।

କୌଣସି ପ୍ରକାର ଉତ୍ସବ ବା ଅନୁଷ୍ଠାନ ନକରି ତାହା କଲେ ତାହାକୁ ଆହୁରି ଭଲ ବୋଲି କୁହାଯିବ। ଉତ୍ସବ ଓ ଅନୁଷ୍ଠାନମାନ ବରଂ ଅଧିକ ପରିମାଣରେ କ୍ଷତିକାରକହିଁ ହୋଇଥାନ୍ତି। ଏହାର କାରଣ ଅତ୍ୟନ୍ତ ସରଳ। ଯେତେବେଳେ କେହି କୌଣସି ଉତ୍ସବାଦି ଅନୁଷ୍ଠାନ ନେଇ ବ୍ୟସ୍ତ ରହିଥାଏ, ସେତେବେଳେ ସେ ମରିଯାଇଥିବା ବ୍ୟକ୍ତିଜଣକ ଅପେକ୍ଷା ଉତ୍ସବଟି ବିଷୟରେହିଁ ବେଶୀ ଚିନ୍ତା କରୁଥାଏ। ଯେତେବେଳେ ତୁମେ କେତେକ'ଣ ଅଙ୍ଗଭଙ୍ଗୀ କରୁଥାଅ, ଏଣେତେଣେ ଦଉଡ଼ିବାରେ ଲାଗିଥାଅ ଏବଂ ବିଧି ଅନୁସାରେ ଅନୁଷ୍ଠାନଗୁଡ଼ିକୁ ସମ୍ପନ୍ନ କରୁଥାଅ, ସେତେବେଳେ ତୁମେ ପ୍ରକୃତରେ ମୃତ ବ୍ୟକ୍ତିଟି ଅପେକ୍ଷା ସେହିଗୁଡ଼ିକ ବିଷୟରେହିଁ ଅଧିକ ଚିନ୍ତା କରୁଥାଅ। ପୁଣି, ଠିକ୍ ସେହି ଅଭିପ୍ରାୟରେହିଁ ଲୋକେ ଅଧିକାଂଶତଃ ଏହିସବୁ ବିଧି ଓ ଅନୁଷ୍ଠାନର ଆୟୋଜନ କରିଥାନ୍ତି। ସେମାନେ ପ୍ରାୟ ସର୍ବଦା ଭୁଲିଯିବା ଲାଗି ଚେଷ୍ଟା କରିବାରେହିଁ ଅଭ୍ୟସ୍ତ ହୋଇ ରହିଥାନ୍ତି। ପ୍ରକୃତ



'oaob.nitrkl.ac.in' images reprocessed

କଥା ହେଉଛି ମଣିଷ ଲାଗି ଯାହା ଦୁଃଖକର ବୋଲି ମନେ ହେଉଥାଏ, ସେ ତାକୁ ସାଧାରଣତଃ ଭୁଲିଯିବାକୁ ଚେଷ୍ଟା କରୁଥାଏ । ମନୁଷ୍ୟର ଦୁଇଟି ପ୍ରଧାନ ଧନ୍ଦା ଭିତରୁ ଏଇଟି ଗୋଟିଏ । ଦ୍ୱିତୀୟ ଧନ୍ଦାଟି ହେଉଛି, ନୀରସତାରୁ ରକ୍ଷା ପାଇବା ଲାଗି ମନୋରଞ୍ଜନ କରିପାରିବା ଭଳି କୌଣସି କିଛିର ଚଳଣ କରିବା । ମନୁଷ୍ୟସମୂହର ଏଇ ଦୁଇଟି ହେଉଛି ପ୍ରଧାନ ଧନ୍ଦା; ଅର୍ଥାତ୍, ଅଯଥାର୍ଥ ଏବଂ ଅକାରଣ କାର୍ଯ୍ୟରେହିଁ ମନୁଷ୍ୟଜାତିର ଅଧେ ସମୟ ବ୍ୟୟିତ ହୋଇଯାଏ ।

ଏବଂ, ଯେତେବେଳେ ଲୋକମାନେ ଖୁବ୍ ନୀରସ ଅନୁଭବ କରନ୍ତି (ଅନେକଙ୍କର ବ୍ୟସ୍ତ ହୋଇ ରହିବା ଲାଗି ଆଦୌ କୌଣସି ପ୍ରୟୋଜନ ନଥାଏ, ନଚେତ୍ ସେମାନଙ୍କୁ ଧନୀ ହୋଇଯିବାର ଦୁର୍ଭାଗ୍ୟଟି ଭୋଗ କରିବାକୁ ପଡ଼ିଥାଏ), ସେତେବେଳେ ସେମାନେ କେତେ କେତେ ନିର୍ବୋଧ କାର୍ଯ୍ୟ କରି ବସନ୍ତି । ଏହି ନୀରସ ଲାଗିବା ହେଉଛି ଯାବତୀୟ ଅତିଶକ୍ତତା ଓ ମାନବୀୟ ନିର୍ବୋଧତାର ମୂଳ । ଏହି ଅବସ୍ଥାଟିକୁ ଏକ "ଶୁଷ୍କତା" ବୋଲି କୁହାଯାଏ, ଯେତେବେଳେ ତୁମେ ସତେଅବା ଗଣ୍ଡେ ଓଦା କମ୍ବଳ ପରି ପଡ଼ି ରହିଥାଅ : ତୁମେ କୌଣସି କିଛି ଲାଗି ଆଦୌ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରି ନାହିଁ ଏବଂ ଆପଣାକୁ ଗୁଞ୍ଚ ମାରିବାକୁ (ପ୍ରତୀକାତ୍ମକ ଅର୍ଥରେ)ହିଁ ବାଧ୍ୟ ହେଉଥାଅ । ନିଜକୁ ସଞ୍ଚାଳିତ କରି ରଖିବା ଲାଗି ଏବଂ ଘୋଷାରି ହୋଇ ଆଗକୁ ଯିବା ଲାଗି କେବଳ ଗୁଞ୍ଚ ମାରିବାରେ ଲାଗିଥାଅ ।

ପ୍ରକୃତିର ବିଧି ଓ ଯୋଜନା ମଧ୍ୟରେ ମଣିଷମାନଙ୍କୁ ଫୁରସତ ସମୟ ଦିଆଯାଇଥାଏ, ଯେପରିକି ସେମାନେ ଆପଣାର ପୁନର୍ଗଠନ କରିପାରିବେ, ମାତ୍ର ସେମାନେ ସେଗୁଡ଼ିକୁ ଆଦୌ କାମରେ ଲଗାଇ ଜାଣି ନଥାନ୍ତି ।

ଏହି ପ୍ରବଚନଟିର ଶେଷ ଅଂଶଟିକୁ ପଢ଼ିବା ସମୟରେ ମାଆ ଏହି ମନ୍ତବ୍ୟଟି ଦେଇଥିଲେ (୧୦ ମାର୍ଚ୍ଚ ୧୯୬୪) :

ଏବିଷୟରେ ମୁଁ ବର୍ତ୍ତମାନ ଅନେକ କଥା କହିପାରିବି ।

ଉଦାହରଣସ୍ୱରୂପ, ମନୁଷ୍ୟମାନଙ୍କ ସହିତ ଏକ ଚେତନ ସମ୍ପର୍କ ପ୍ରତିଷ୍ଠା କରିବା ଲାଗି ଯେତେବେଳେ ପରମେଶ୍ୱର ମନୁଷ୍ୟର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ଆସନ୍ତି, ଠିକ୍ ସେତିକିବେଳେହିଁ ସେମାନେ ଆପଣା ନିର୍ବୋଧତା ଦ୍ୱାରା ପରିଚାଳିତ ହୋଇ ସବୁଠାରୁ ଅଧିକ ନିର୍ବୋଧ କାର୍ଯ୍ୟମାନ କରିବସନ୍ତି ।

ଏହା ପ୍ରକୃତରେ ସତ, ସମ୍ପୂର୍ଣ୍ଣ ଭାବରେ ସତ । ଆପଣାର ପ୍ରକୃତ ଉତ୍ପତ୍ତି ବିଷୟରେ ମଣିଷ ଯେପରି ସଚେତନ ହୋଇପାରିବ, ସେଥିଲାଗି ଯେତେବେଳେ ସବୁକିଛି ନୀରବ ହୋଇଆସେ, ଠିକ୍ ସେହି ମୁହୂର୍ତ୍ତରେହିଁ ଆପଣାର ନିର୍ବୋଧତା

'oaob.nitrkl.ac.in' images reprocessed

ହେତୁ ସିଏ ଆପଣାକୁ ଆଉ କୁଆଡ଼େ ଲଗାଇ ରଖିବାକୁ ଇଚ୍ଛା କରେ ଓ ଉପଚେତନ ଅବୋଧତାଗୁଡ଼ାକରହିଁ ଆଚରଣ କରିବାରେ ଲାଗିଥାଏ ।

ମଣିଷ ପରମ ଆଲୋକଟିର ସମ୍ମୁଖୀନ ହେବା ଲାଗି ସମର୍ଥ ହୋଇ ପାରୁ ନଥାଏ ବୋଲି କ'ଣ ସିଏ ନିଜକୁ ଆଉ କୁଆଡ଼େ ଲଗାଇ ରଖିବାକୁ ଚେଷ୍ଟା କରୁଥାଏ ?

ହଁ ।

ଆଲୋକର ଗୃପଟି କ'ଣ ଅତି ପ୍ରବଳ ହୋଇ ରହିଥାଏ ?

ହଁ,—ଅନେକ ଲୋକ ଭୀତ ହୋଇ ପଡ଼ନ୍ତି, ସେମାନେ ଆତଙ୍କଗ୍ରସ୍ତ ହୋଇ ରହିଥାନ୍ତି । ସେମାନେ ସେଇଟିକୁ ସହ୍ୟ କରି ପାରନ୍ତି ନାହିଁ, ତେଣୁ ଏହିଟିରୁ ପଳାଇଯିବା ପାଇଁ ସେମାନେ ଆଉ ଯେକୌଣସି ଉପୃରତାକୁ ଆଦରି ନେବାକୁ ଧାଆଁନ୍ତି ।

## ୧୪ ମାର୍ଚ୍ଚ ୧୯୫୧

"ପରମେଶ୍ୱରଙ୍କ ପାଖକୁ ଆସୁଥିବା ସମୟରେ ତୁମକୁ ତୁମର ଯାବତୀୟ ମାନସିକ କଳ୍ପନାକୁ ବର୍ଜନ କରି ଆସିବାକୁ ପଡ଼ିବ । ମାତ୍ର ତାହା କରିବା ପରିବର୍ତ୍ତରେ ତୁମେ ଆପଣାର ସେହି କଳ୍ପନାଗୁଡ଼ିକୁ ପରମେଶ୍ୱରଙ୍କ ଉପରକୁହିଁ ଫିଙ୍ଗି ଦେଇଥାଅ ଏବଂ ପରମେଶ୍ୱର ସେହିଗୁଡ଼ିକୁ ମାନିନିଅନ୍ତୁ ବୋଲି ଆଶା କରୁଥାଅ । ଆପଣାକୁ ନମନୀୟ କରି ରଖିବା ଓ ପରମେଶ୍ୱରଙ୍କର ଆଦେଶ ଯାହା ହୋଇଥାଉ ନା କାହିଁକି, ତାହାକୁ ପାଳନ କରିବା, ଏହାକୁ ଆମେ ଜଣେ ଯୋଗୀର ଏକମାତ୍ର ଯଥାର୍ଥ ଦୃଷ୍ଟିକୋଣ ବୋଲି ଜାଣିବା ।"...

ପ୍ରଶ୍ନ ଓ ଉତ୍ତର ୧୯୬୯ (୧୯ ମେ)

'oaob.nitrkl.ac.in' images reprocessed

### ନମନୀୟତା କହିଲେ କ'ଣ ବୁଝାଏ ?

ଯାହା ଆପଣାର ବାହ୍ୟରୂପଟିକୁ ସହଜରେ ବଦଳାଇ ଦେଇ ପାରେ ତାହାହିଁ ନମନୀୟ । ପ୍ରତୀକାତ୍ମକ ଅର୍ଥରେ ଆମେ ଏହାକୁ ସହଜ ଗ୍ରହଣଶୀଳତା ବୋଲି କହିବା, ପରିସ୍ଥିତି ଓ ଆବଶ୍ୟକତାଗୁଡ଼ିକ ଅନୁସାରେ ଆପଣାକୁ ଅନୁକୂଳିତ କରି ପାରିବାର ସାମର୍ଥ୍ୟ ବୋଲି କହିବା । ପରମେଶ୍ୱରଙ୍କ ସହିତ ସମ୍ବନ୍ଧର କ୍ଷେତ୍ରରେ ମୁଁ ଯେତେବେଳେ ତୁମମାନଙ୍କୁ ନମନୀୟ ହେବା ପାଇଁ କହୁଛି, ସେତେବେଳେ ମୁଁ ତାହାକୁ ଏହି ଅର୍ଥରେ କହୁଛି ଯେ ଆପଣାର ପୂର୍ବକଳ୍ପିତ ନାନା ଧାରଣା ଏବଂ କଠିନ ମତଗୁଡ଼ାକ ଦ୍ୱାରା ତୁମେ ଅନମନୀୟ ଭାବରେ କଦାପି ପରମେଶ୍ୱରଙ୍କର କୌଣସି ପ୍ରତିରୋଧ କରିବ ନାହିଁ । ମୁଁ ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏ କି କହୁଥିଲେ : "ପରମେଶ୍ୱରଙ୍କ ଲାଗି ମୁଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିବେଦିତ କରି ରଖିଛି, ସିଏ ମୋତେ ଯାହା କହିବେ, ମୁଁ ତାହା କରିବାକୁ ପ୍ରସ୍ତୁତ ଅଛି; ମାତ୍ର ସେଥିଲାଗି ମୁଁ ଆଦୌ ଏତେ ଟିକିଏ ହେଲେ ଚିନ୍ତିତ ନୁହେଁ, କାରଣ ମୁଁ ଭଲ କରି ଜାଣିଛି ଯେ କାହାକୁ ଯାଇ ହତ୍ୟା କରିବା ପାଇଁ ସେ ମୋତେ କେବେହେଲେ କହିବେ ନାହିଁ ।" ମୁଁ କହିଲି, "ତୁମେ ସେକଥାଟି କିପରି ଜାଣିଲ ?" ଏବଂ ମୋ କଥା ଶୁଣି ସେ ବିରକ୍ତ ହୋଇପଡ଼ିଲେ । ଏହାକୁହିଁ ନମନୀୟତାର ଅଭାବ ବୋଲି ବୁଝାଯିବ ।

### ସକଳ ପରିସ୍ଥିତିରେ ମଧ୍ୟ ନମନୀୟ ହୋଇ ରହିବାକୁ ଏକ ଦୁର୍ବଳତା ବୋଲି ବୁଝାଯିବ ନାହିଁ ?

ମାତ୍ର ଅନ୍ୟମାନଙ୍କ ଇଚ୍ଛା ପାଖରେ ତୁମକୁ ନଇଁ ପଡ଼ିବା ଲାଗି ମୋଟେ କୁହା ଯାଉ ନାହିଁ ! ଅନ୍ୟମାନଙ୍କ ସହିତ ଆପଣାର ସମ୍ବନ୍ଧରେ କେହି ତୁମକୁ ନୁଆଁଣିଆ ହେବାକୁ କହି ନାହିଁ । ଭଗବତ୍ ପରମଇଚ୍ଛାଟି ପାଖରେ ନମନୀୟ ହେବା ଲାଗିହିଁ ତୁମକୁ କୁହାଯାଉଛି ।—ଭଗବାନଙ୍କ ଇଚ୍ଛା ଓ ଆଉ ଅନ୍ୟଜଣକର ଇଚ୍ଛା, ଦୁଇଟିଯାକ ଆଦୌ ଗୋଟିଏ କଥା ନୁହଁନ୍ତି । ଏବଂ, ସେଥିଲାଗି ପ୍ରକୃତରେ ଅନେକ ଶକ୍ତିର ପ୍ରୟୋଜନ ରହିଥାଏ, କାରଣ ସେହି କ୍ଷେତ୍ରରେ ସର୍ବପ୍ରଥମେ ଏହି କଥାଟି ଘଟେ ଯେ ତୁମେ ତୁମ ଚତୁର୍ଦ୍ଦିଗରେ ରହିଥିବା ପ୍ରାୟ ପ୍ରତ୍ୟେକ ବ୍ୟକ୍ତିର ଇଚ୍ଛାଟିର ଅଧୀନ ହୋଇ ରୁହ । ଯଦି ତୁମର ଏକ ପରିବାର ଥାଏ, ତେବେ ତୁମ ପ୍ରତି ସେହି ପରିବାରର ରହିଥିବା ଦୃଷ୍ଟିଟିକୁ ତୁମେ ପରୀକ୍ଷା କରି ଦେଖିବ ! ଭଗବତ୍ ପରମଇଚ୍ଛା ପ୍ରତି ତୁମେ ଯେତିକି ଅଧିକ ପରିମାଣରେ ନମନୀୟ ହୋଇ ଯାଉଥିବ, ଅନ୍ୟମାନଙ୍କର

'oaob.nitrkl.ac.in' images reprocessed

ଇଚ୍ଛା କ୍ଷେତ୍ରରୁ ତୁମକୁ ସେତିକି ଅଧିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ୁଥିବ, କାରଣ ସେମାନେ ସେହି ପରମଇଚ୍ଛାର ସଂସ୍ପର୍ଶରେ ଆସିବା ବିଷୟରେ କୌଣସି ପ୍ରକାରେ ଅଭ୍ୟସ୍ତ ନଥାନ୍ତି ।

ଯଦି ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ପରମଇଚ୍ଛାଟିକୁହିଁ ଅଭିବ୍ୟକ୍ତ କରି ପାରୁଥାନ୍ତେ, ତେବେ କୌଣସିଠାରେ ଆଉ ଦ୍ୱନ୍ଦ୍ୱ ରହନ୍ତା ନାହିଁ, ସବୁକିଛି ସୌଷମ୍ୟଯୁକ୍ତ ହୋଇ ରହନ୍ତା । ମନୁଷ୍ୟ ତାହାହିଁ କରିବାକୁ ଚେଷ୍ଟା କରୁଥାଏ, ମାତ୍ର ତାହା ଆଦୌ ଏତେଦୂର ସହଜ ନୁହେଁ ।

ମାତ୍ର, ଭଗବତ୍ ପରମଇଚ୍ଛା ଯେ ପ୍ରକୃତରେ କ'ଣ, ସେକଥାଟି ଜାଣିବା କଷ୍ଟକର, ନୁହେଁ କି ?

ଆମେ ସେହି ବିଷୟଟିକୁ ବିସ୍ତୃତ ଭାବରେ ଅଧ୍ୟୟନ କରିଛେ । ଆମେ ସେତେବେଳେ କ'ଣ କହିଥିଲୁ ତୁମର ମନେ ନାହିଁ ? ଭଗବତ୍ ପରମଇଚ୍ଛାକୁ ଜାଣିବା ଲାଗି ଚାରୋଟି ଆବଶ୍ୟକତା ରହିଛି :

ପ୍ରଥମ ଅସଲ ଆବଶ୍ୟକତା ହେଉଛି : ଏକ ଅଚଳ ନିଷ୍ଠା ।
ଦ୍ୱିତୀୟ : ଆମର ବାସନା ଓ ଅଗ୍ରରୁଚିଗୁଡ଼ିକୁ ଜୟ କରିବା ।
ତୃତୀୟ : ମନକୁ ନୀରବ କରିଆଣିବା ଓ କାନଡେରି ରହିବା ।
ଚତୁର୍ଥ : ଆଦେଶ ପାଇବା ମାତ୍ରକେ ତତ୍‌କ୍ଷଣାତ୍ ତାହାର ପାଳନ କରିବା ।

ଏହି ମାର୍ଗରେ ଅବିଚଳିତ ଭାବରେ ପ୍ରୟାସ କରୁଥିଲେ ତୁମେ ଅଧିକରୁ ଅଧିକ ସ୍ପଷ୍ଟ ଭାବରେ ଭଗବତ୍ ପରମଇଚ୍ଛାକୁ ଜାଣିବାରେ ସମର୍ଥ ହେଉଥିବ । ମାତ୍ର, ସେହି ଇଚ୍ଛାଟି ଯେ କ'ଣ, ତାହା ଜାଣିବା ପୂର୍ବରୁ ମଧ୍ୟ ତୁମେ ଆପଣାର ଇଚ୍ଛାଟିକୁ ନେଇ ନିବେଦନ କରିଦେଇ ପାରିବ ଏବଂ ତା'ହେଲେ ତୁମେ ଦେଖିବାକୁ ପାଇବ ଯେ ଯାବତୀୟ ପରିସ୍ଥିତି ପ୍ରକୃତରେ ଏପରି ଭାବରେ ସଂଗଠିତ ହୋଇ ରହିବ, ଯେପରିକି ତୁମେ କେବଳ ଉଚିତ କଥାଟିକୁ କରିବା ଲାଗି ପ୍ରବୃତ୍ତ ହୋଇ ରହିଥିବ । ମାତ୍ର ତୁମେମାନେ ମୁଁ ଜାଣିଥିବା ସେହି ବ୍ୟକ୍ତିଙ୍କ ପରି କଦାପି ହେବ ନାହିଁ, ଯିଏକି ଅନେକ ସମୟରେ କହୁଥିଲେ, "ମୁଁ ଅନ୍ୟମାନଙ୍କ ମଧ୍ୟରେ ସର୍ବଦା ଭଗବତ୍ ପରମଇଚ୍ଛାକୁହିଁ ପ୍ରତ୍ୟକ୍ଷ କରେ ।" ଏପରି କଲେ ତୁମେ ହୁଏତ କେଉଁଠି ମନ କେଉଁଠି ଯାଇ ପହଞ୍ଚିଯିବ । ଏହାଠାରୁ ଅଧିକ ବିପଜ୍ଜନକ ଆଉ କିଛି ନାହିଁ, କାରଣ ଅନ୍ୟମାନଙ୍କ ମଧ୍ୟରେ ଭଗବତ୍ ପରମଇଚ୍ଛାଟିକୁ ପ୍ରତ୍ୟକ୍ଷ କରୁଛ ବୋଲି ଯଦି ତୁମେ ଭାବୁଥାଅ, ତେବେ ତୁମେ ନିଶ୍ଚିତ ଭାବରେ ସେହିମାନଙ୍କର ଇଚ୍ଛାନୁସାରେହିଁ କାର୍ଯ୍ୟ କରିବାକୁ ଆରମ୍ଭ କରିଦେବ, ଭଗବତ୍ ପରମଇଚ୍ଛା ଅନୁସାରେ ଆଉ କିଛି କରିବ

'oaob.nitrkl.ac.in' images reprocessed

ନାହିଁ । ସେହି କ୍ଷେତ୍ରରେ ଆମେ ଏକଥା ମଧ୍ୟ କହିପାରିବା ଯେ ଅନେକ, ଅନେକ ମଣିଷଙ୍କ ଭିତରେ ହୁଏତ ଜଣେ ମଣିଷ ମଧ୍ୟ ଭଗବତ୍ ପରମଇଚ୍ଛା ଅନୁସାରେ କାର୍ଯ୍ୟ କରି ପାରେ ନାହିଁ ।

ତୁମେମାନେ ସେହି ମଥାବିଗିଡ଼ା ହାତୀ, ତା'ର ମାହୁନ୍ତ ଓ ସେହି ଅନ୍ୟ ମଣିଷଟି କଥା ଶୁଣିଥିବ ଯିଏ କି ହାତୀକୁ ବାଟ ଛାଡ଼ିଦେବାକୁ ମୋଟେ ସମ୍ମତ ହେଉ ନଥିଲା । ରାସ୍ତା ମଝିରେ ଠିଆ ହୋଇ ମଣିଷଟି ମାହୁନ୍ତକୁ କହିଲା, "ମୋ ଭିତରେ ଭଗବତ୍ ପରମ ଇଚ୍ଛା ବିଦ୍ୟମାନ ରହିଛି ଏବଂ ସେହି ଇଚ୍ଛା ମୋତେ ଏଠୁ ଆଦୌ ହଲଚଲ ନହେବା ଲାଗି ନିର୍ଦ୍ଦେଶ ଦେଉଛି ।" ମାହୁନ୍ତର କିଛି ବୁଦ୍ଧି ଅବଶ୍ୟ ଥିଲା ଓ ସିଏ ଉତ୍ତର ଦେଲା, "ମାତ୍ର, ହାତୀ ଭିତରେ ଯେଉଁ ଭଗବତ୍ ପରମ ଇଚ୍ଛାଟି ରହିଛି, ତାହା ତୁମକୁ ରାସ୍ତା ଉପରୁ ହଟିଯିବାକୁ ନିର୍ଦ୍ଦେଶ ଦେଉଛି !"

ମା'ଅ ଏଥର ଆଉଗୋଟିଏ ସମସ୍ୟାର ଆଲୋଚନା ଆରମ୍ଭ କଲେ : ଅସୁସ୍ଥତା ବିଷୟରେ କହିଲେ । "ପ୍ରତିକୂଳ ଶକ୍ତିଗୁଡ଼ିକ ଅପେକ୍ଷା ବା ଯୋଗମାର୍ଗରେ ସ୍ଖଳନ ଘଟିବା ଅପେକ୍ଷା ଜୀବାଣୁମାନଙ୍କ କାରଣରୁହିଁ ଅସୁସ୍ଥତା ଅଧିକ ପରିମାଣରେ ଘଟିଥାଏ କି ?"— ବୋଲି ୧୯୨୯ ମସିହାର ପ୍ରବଚନ ସମୟରେ ମାଆଙ୍କୁ କେହି ପ୍ରଶ୍ନ କରିଥିଲେ । ମାଆ ଉତ୍ତର ଦେଇଥିଲେ :

"ଯୋଗ ପ୍ରକୃତରେ କେଉଁଠି ଆରମ୍ଭ ହୁଏ ଓ କେଉଁଠାରେ ଶେଷ ହୁଏ ? ତୁମର ସମଗ୍ର ଜୀବନକୁହିଁ ଯୋଗ ବୋଲି କୁହାଯିବ ନାହିଁ କି ? ତୁମ ଶରୀର ଭିତରେ ଓ ତୁମ ଚତୁର୍ଦ୍ଦିଗରେ ଅସୁସ୍ଥତାର ସମ୍ଭାବନାଗୁଡ଼ିକ ସବୁବେଳେ ରହିଛନ୍ତି । ତୁମେ ନିଜ ଭିତରେ ପ୍ରତ୍ୟେକ ରୋଗର ଜୀବାଣୁ ବହନ କରୁଛ ଅଥବା ସେମାନେ ପଲପଲ ହୋଇ ତୁମକୁ ବେଷ୍ଟନ କରି ରହିଛନ୍ତି । ତେଣୁ, ଏପରି କିପରି ହେଉଛି ଯେ ତୁମେ ବର୍ଷ ବର୍ଷ ଧରି ଯେଉଁ ରୋଗରେ କେବେ ପଡ଼ି ନଥିଲ, ହଠାତ୍ ତୁମେ ସେହି ରୋଗରେ ଆକ୍ରାନ୍ତ ହୋଇ ପଡ଼ୁଛ ? ତୁମେ କହିବ, 'ପ୍ରାଣଶକ୍ତିର କ୍ଷେତ୍ରରେ ଏକ ଗୃପ ପଡ଼ିବା ଫଳରେ ବା ଏକ ଅବନମନ ଘଟିବା ଫଳରେ' ଏପରି ହେଲା । ମାତ୍ର, ଏହି ଅବନମନ ପୁଣି କୁଆଡ଼ୁ ଆସିଲା ? ତୁମ ସତ୍ତା ମଧ୍ୟରେ କୌଣସି ଅସମତା ଘଟିବାରୁହିଁ ତାହାର

'oaob.nitrkl.ac.in' images reprocessed

ଉଦ୍‌ଗମ ହେଲା, ଦିବ୍ୟ ଶକ୍ତିଗୁଡ଼ିକ ଲାଗି ଗ୍ରହଣଶୀଳତାରେ କୌଣସି ଅଭାବ ଘଟିବାରୁ ସେପରି ହେଲା । ଯେତେବେଳେ ତୁମେ ତୁମକୁ ବଞ୍ଚାଇ ରଖିଥିବା ସେହି ଶକ୍ତି ଓ ସେହି ଆଲୋକଠାରୁ ସମ୍ପର୍କଚ୍ଛିନ୍ନ ହୋଇ ରହୁଛ, ସେତିକବେଳେହିଁ ଏହି ଅବନମନ ଘଟୁଛି । ଚିକିତ୍ସା ବିଜ୍ଞାନରେ ଯାହାକୁ ଏକ 'ଅନୁକୂଳ କ୍ଷେତ୍ର' ବୋଲି କୁହା ହୋଇଥାଏ, ସେତେବେଳେ ତାହାରହିଁ ସୃଷ୍ଟି ହୁଏ ଓ ଆଉ କିଛି ତାହାର ଫାଇଦା ଉଠାଇବାକୁ ଆସେ । ସନ୍ଦେହ, ଆଚ୍ଛନ୍ନ ହୋଇ ରହିଥିବାର ଏକ ଅବସ୍ଥା, ବିଶ୍ୱାସର ଅଭାବ, ସ୍ୱାର୍ଥଧାବିତ ଭାବରେ ଆପଣାକୁ ଆବୋରି କରି ରହିବା,— ଏହିସବୁହିଁ ତୁମକୁ ସେହି ଆଲୋକ ଏବଂ ଦିବ୍ୟ ଶକ୍ତିଟିଠାରୁ ଛିନ୍ନ କରିପକାନ୍ତି ଏବଂ ଅସୁସ୍ଥତାଟିକୁ ସେହି ସୁଯୋଗଟି ଆଣି ଯୋଗାଇ ଦିଅନ୍ତି । ତେଣୁ, ଜୀବାଣୁମାନଙ୍କ କାରଣରୁ ନୁହେଁ, ଏହିଗୁଡ଼ିକ କାରଣରୁହିଁ ତୁମେ ଅସୁସ୍ଥ ହୋଇପଡ଼ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୯ ମେ)

ସମ୍ପ୍ରତି, ଏପରିକି ଚିକିତ୍ସାବିଜ୍ଞାନ-କ୍ଷେତ୍ରର ବ୍ୟକ୍ତିମାନେ ଏବେ ଏହି କଥାଟିକୁ କ୍ରମେ ସ୍ୱୀକାର କରିବାକୁ ଆରମ୍ଭ କରୁଛନ୍ତି ଯେ, ଉଦାହରଣସ୍ୱରୂପ, ସ୍ୱାସ୍ଥ୍ୟରକ୍ଷାର ନାନା ବିଧିଗୁଡ଼ିକ ଉପରେ ଆମର ଯେତିକି ବିଶ୍ୱାସ ରହିଥିବ, କେବଳ ସେତିକି ପରିମାଣରେହିଁ ସେମାନେ ଫଳଦାୟକ ସାଧନରୂପେ ବ୍ୟବହୃତ ହୋଇ ପାରିବେ । ଗୋଟିଏ ସଂକ୍ରାମକ ରୋଗର କଥା ବିଚାର କରାଯାଉ । ଅନେକ ବର୍ଷ ତଳେ ଏଠି ଭାରି ହଇଜା ଲାଗିଥିଲା—ଭାରି ସାଙ୍ଘାତିକ ଭାବରେ ଲାଗିଥିଲା—ମାତ୍ର ଡାକ୍ତରଖାନାର ସର୍ବପ୍ରଧାନ ମେଡ଼ିକାଲ୍ ଅଫିସର୍ ସହଜରେ ହଟିବାର ଲୋକ ନଥିଲେ । ସିଏ ସମସ୍ତଙ୍କୁ ହଇଜାର ଇଞ୍ଜେକ୍‌ସନ୍ ଦେବେ ବୋଲି ନିଷ୍ପତ୍ତି କଲେ । ଇଞ୍ଜେକ୍‌ସନ୍ ନେଉଥିବା ଲୋକମାନଙ୍କୁ ସେମାନେ ଇଞ୍ଜେକ୍‌ସନ୍ ନେଇସାରିବା ପରେ ସିଏ ସେମାନଙ୍କୁ କହୁଥିଲେ : "ବର୍ତ୍ତମାନ ତୁମକୁ ଇଞ୍ଜେକ୍‌ସନ୍ ଦିଆଯାଇଛି ଓ ଆଉ ତୁମକୁ ଆଦୌ ରୋଗ ଆକ୍ରମଣ କରିବ ନାହିଁ । ମାତ୍ର ଯଦି ଇଞ୍ଜେକ୍‌ସନ୍ ନନେଇ ଥାନ୍ତ, ତେବେ ମରିବାହିଁ ଏକମାତ୍ର ଗତି ହୋଇଥାନ୍ତା !" ସତେଅବା ସବୁ ଜାଣିଥିବା ପରି ସେ ସମସ୍ତଙ୍କୁ ଏହି କଥା କହୁଥିଲେ । ସାଧାରଣତଃ ଏହିସବୁ ପ୍ରକାରର ସଂକ୍ରାମକ ରୋଗ ଅନେକ ଦିନ ପର୍ଯ୍ୟନ୍ତ ଲାଗିରହେ ଏବଂ ତାହାର ଗତିରୋଧ କରିବା

'oaob.nitrkl.ac.in' images reprocessed

ଖୁବ୍ କଷ୍ଟକର ହୋଇପଡ଼େ, ମାତ୍ର, ମୋର ମନେ ପଡ଼ୁଛି, ପ୍ରାୟ ପନ୍ଦରଟି ଦିନ ଭିତରେ ଏହି ଡାକ୍ତରଜଣକ ରୋଗଟିକୁ ଆୟତ୍ତକୁ ଆଣିପାରିଲେ । ଯାହା ହେଉ ପଛକେ, ପ୍ରାୟ ଏକ କମିକ୍ ଆ କାର୍ଯ୍ୟ କଲା ପରି ଏହି କାର୍ଯ୍ୟଟି ଅତି ଶୀଘ୍ର ସାଧିତ ହୋଇଗଲା । ମାତ୍ର ସିଏ ଭଲକରି ଜାଣିଥିଲେ ଯେ, ଲୋକମାନଙ୍କ ମନରେ ସେ ଯେଉଁ ବିଶ୍ୱାସ ଆଣି ଦେଇଥିଲେ, ତାହାକୁହିଁ ଇଞ୍ଜେକ୍‌ସନ୍ ଦେବାର ସବୁଠାରୁ ବଡ଼ ଫଳ ବୋଲି କୁହାଯିବ ।

ବର୍ତ୍ତମାନ, ବେଶ୍ ଅଳ୍ପ ଦିନ ପୂର୍ବେ, ସେମାନେ ଆଉକିଛି ବାହାର କରି ପାରିଛନ୍ତି ଓ ମୁଁ ତାହାକୁ ଅଦ୍ଭୁତ ବୋଲି ବିଚାର କରୁଛି । ସେମାନେ ଆବିଷ୍କାର କରିଛନ୍ତି ଯେ ପ୍ରତ୍ୟେକ ରୋଗ ସହିତ ସେହି ରୋଗଟିକୁ ଭଲ କରି ଦେଉଥିବା ଏକ ଜୀବାଣୁ ମଧ୍ୟ ରହିଛି (ତୁମେ ଇଚ୍ଛାକଲେ ତାହାକୁ ଜୀବାଣୁ ବୋଲି କହିପାର, ଅଥବା ଏକ କୀଟାଣୁ ବୋଲି ବି କହିପାର) । ମାତ୍ର ଏହି ସମ୍ପର୍କରେ ଏକ ଅସାଧାରଣ କଥା ହେଉଛି ଯେ ଏହି "ଜୀବାଣୁ"ଟି ହେଉଛି ଅତିମାତ୍ରାରେ ଏକ ସଂକ୍ରାମକ ଜୀବାଣୁ; ଏପରିକି ରୋଗର ଜୀବାଣୁ ଅପେକ୍ଷା ମଧ୍ୟ ତାହା ଆହୁରି ଅଧିକ ସଂକ୍ରାମକ । ଏବଂ ଦୁଇପ୍ରକାରର ଅବସ୍ଥାରେ ସେହି ଜୀବାଣୁଟି ବିକାଶ ଲାଭ କରିଥାଏ : ଯେଉଁ ଲୋକମାନଙ୍କଠାରେ ଏକ ସ୍ୱାଭାବିକ ଉତ୍ତମ ମିଜାଜ ବା ବିନୋଦନଶୀଳତା ରହିଛି ଓ ଶକ୍ତି ରହିଛି, ଏବଂ ନିଶ୍ଚୟ ଆରୋଗ୍ୟ ଲାଭ କରିବେ ବୋଲି ଯେଉଁମାନଙ୍କ ମଧ୍ୟରେ ଏକ ଦୃଢ଼ ଇଚ୍ଛାଶକ୍ତି ରହିଛି ! ଏହିପରି ଲୋକମାନେହିଁ ହିଁଠାତ୍ ଏହି "ଜୀବାଣୁ"-ଗୁଡ଼ିକର ସଞ୍ଚାର କରାଇ ପାରନ୍ତି ଓ ରୋଗମୁକ୍ତ ହୋଇଯାଆନ୍ତି । ଆଶ୍ଚର୍ଯ୍ୟର ବିଷୟ ଯେ, ଯଦି କୌଣସି ସଂକ୍ରାମକ ରୋଗ ଲାଗିଥିବା ସମୟରେ ଜଣେ ଚିକିତ୍ସା ଦ୍ୱାରା ରୋଗମୁକ୍ତ ହୁଏ, ସେହି ସ୍ଥଳରେ ଆହୁରି ତିନିଜଣ ସଙ୍ଗେସଙ୍ଗେ ରୋଗମୁକ୍ତ ହୋଇ ଆସନ୍ତି । ଯେଉଁମାନେ ରୋଗମୁକ୍ତ ହୁଅନ୍ତି, ସେମାନଙ୍କ ସମସ୍ତଙ୍କ ଭିତରେହିଁ ସେହି "ଜୀବାଣୁ" ରହିଥିବାର ଦେଖିବାକୁ ମିଳେ ।

ମାତ୍ର ବର୍ତ୍ତମାନ ମୁଁ ତୁମମାନଙ୍କୁ ଆହୁରି କିଛି କହିବାକୁ ଯାଉଛି : ଯାହାକୁ ଲୋକେ ଏକ ଜୀବାଣୁ ବୋଲି କହୁଥାନ୍ତି, ଆଉ ଏକ ଜଗତରୁ ଆସୁଥିବା ଏକ ସ୍ପନ୍ଦନ ବା ଏକ ଇଚ୍ଛାର ମୂର୍ତ୍ତି ହୋଇ ଉଠିବା ଅବସ୍ଥା ବ୍ୟତୀତ ତାହା ଆଉ କିଛି ନୁହେଁ । ଏହିସବୁ ଆବିଷ୍କାର ବିଷୟରେ ମୁଁ ଯେତେବେଳେ ଜାଣିବାକୁ ପାଇଲି, ସେତେ-ବେଳେ ମୁଁ ମନେମନେ କହିବାକୁ ଲାଗିଲି, "ହଁ, ହଁ, ବିଜ୍ଞାନ ପ୍ରକୃତରେ ଅଗ୍ରସର ହେବାରେ ଲାଗିଛି ।" ଅଧିକ ଯୌକ୍ତିକତା ସହିତ ଜଣେ ହୁଏତ ଏପରି ବି କହିପାରିବ, "ଜଡ଼ ପ୍ରକୃତିରେ ଅଗ୍ରଗତି କରି ଚାଲିଛି;" ଏକ ଉଚ୍ଚତର ଇଚ୍ଛା ଲାଗି ଏହା କ୍ରମଶଃ ଅଧିକରୁ ଅଧିକ ଗ୍ରହଣଶୀଳ ହେବାରେ ଲାଗିଛି । ଏବଂ ସେମାନଙ୍କର ବିଜ୍ଞାନରେ ଯାହାକୁ "ଜୀବାଣୁ" ତର୍ଜମା କରି ରଖାଯାଉଛି, ବିଷୟଗୁଡ଼ିକର ପ୍ରକୃତି

'oaob.nitrkl.ac.in' images reprocessed

ମୂଳଯାଏ ଯାଇପାରିଲେ ତାହା କେବଳ ଏକ ସ୍ପନ୍ଦନଶ୍ରେଣୀସ୍ଥ ଗତି ବୋଲିହିଁ ବୋଧ ହେବାକୁ ଲାଗିବ; ଏବଂ ଏହି ସ୍ପନ୍ଦନଶ୍ରେଣୀସ୍ଥ ଗତିଟି ହେଉଛି ଏକ ଉଚ୍ଚତର ଇଚ୍ଛାଶକ୍ତିର ଜଡ଼ପ୍ରସାରସ୍ଥ ଅନୁଲେଖନ ମାତ୍ର । ଯଦି ତୁମେ ଏହି ଶକ୍ତି ବା ଇଚ୍ଛାଶକ୍ତିକୁ, ଏହି ସାମର୍ଥ୍ୟ ବା ସ୍ପନ୍ଦନକୁ (ଏହାକୁ ତୁମେ ଯାହା ବି କହିପାର) ଏକ ନିର୍ଦ୍ଦିଷ୍ଟ ଓ ଦୃଢ଼ ପରିସ୍ଥିତି ମଧ୍ୟକୁ ଅବତୀର୍ଣ୍ଣ କରାଇ ଆଣିପାରିବ, ତେବେ ତାହା ଯେ ତୁମ ଭିତରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ, କେବଳ ତାହା ନୁହେଁ, ତୁମ ଚତୁର୍ଦ୍ଦିଗରେ ରହିଥିବା ପରିମଣ୍ଡଳ ମଧ୍ୟରେ ମଧ୍ୟ ତାହା ନିଶ୍ଚୟ କାର୍ଯ୍ୟ କରିବ ।

୧୯୨୯ ମସିହାର କଥୋପକଥନ ବେଳେ, ଅଶ୍ରମରେ ଅମେ ଜୀବାଣୁଙ୍କ ଉପରେ ବିଶ୍ୱାସ କରୁ ନଥିଲେ ମଧ୍ୟ ତଥାପି କାହିଁକି ଫିଲ୍‌ଟର କରି ଯାଇଥିବା ପାଣି ପିଉଛୁ, ଜଣେ ସାଧକ ସେହି ପ୍ରଶ୍ନଟି ପଚାରିଥିଲେ । ମାଆ ଉତ୍ତର ଦେଇଥିଲେ :

> "ତୁମମାନଙ୍କ ଭିତରୁ କେହି ଏପରି ଯଥେଷ୍ଟ ଭାବରେ ଶୁଦ୍ଧ ଓ ଶକ୍ତିମନ୍ତ ହୋଇପାରିଛ, ଯିଏ କି ଆଦୌ କୌଣସି ପ୍ରବର୍ତ୍ତନାର ପ୍ରଭାବରେ ପଡ଼ିବ ନାହିଁ ? ଯଦି ତୁମେ ଫିଲ୍‌ଟର କରା ନହୋଇଥିବା ପାଣି ପିଇବ ଓ ଭାବିବ, 'ବର୍ତ୍ତମାନ ମୁଁ ଖରାପ ପାଣି ପିଉଛି', ତେବେ ତୁମେ ଅସୁସ୍ଥ ହୋଇ ପଡ଼ିବାର ଯାବତୀୟ ସମ୍ଭାବନା ରହିଥିବ । ଏବଂ ଏହିସବୁ ପ୍ରବର୍ତ୍ତନା ତୁମର ସଚେତନ ମନ ଭିତର ଦେଇ ତୁମଠି ହୁଏତ ପ୍ରବେଶ କରି ନପାରୁଥିଲେ ମଧ୍ୟ, ତୁମ ଅବଚେତନର ସମଗ୍ର କ୍ଷେତ୍ରଟି ମଧ୍ୟ ମହଜୁଦ ରହିଥିବ, ଯେକୌଣସି ପ୍ରକାର ପ୍ରବର୍ତ୍ତନା ଏବଂ ପଲେଭନ ଲାଗି ଭାରି ଅସହାୟ ଭାବରେ ଉନ୍ମୁକ୍ତ ହୋଇ ରହିଥିବ ।···ଯାହାକୁ ଆମେ ମଣିଷର ସ୍ୱାଭାବିକ ଅବସ୍ଥା ବୋଲି ମନେ କରିଥାଉ, ସେଥିରେ କେତେକେତେ ଭୟ ଓ କେତେକେତେ ଆଶଙ୍କା ଭର୍ତ୍ତି ହୋଇ ରହିଥାଏ; ମାତ୍ର ଦଶ ମିନିଟ ଲାଗି ନିଜର ମନଟିକୁ ଗଭୀର ଭାବରେ ନିରୀକ୍ଷଣ କରି ଦେଖିଲେ, ତୁମେ ନିଶ୍ଚୟ ଜାଣିବାକୁ ପାଇବ ଯେ ଏହାର ଦଶଭାଗରୁ ନଅଭାଗ ପ୍ରକୃତରେ ଗୁଡ଼ାଏ ଭୟ ଦ୍ୱାରାହିଁ ପରିପୂର୍ଣ୍ଣ ହୋଇ ରହିଛି ।···

'oaob.nitrkl.ac.in' images reprocessed

ଏବଂ ଶୃଙ୍ଖଳା ଓ ଚେଷ୍ଟା ଦ୍ୱାରା ତୁମେ ନିଜର ମନକୁ ଓ ପ୍ରାଣସ୍ତରଟିକୁ ସକଳ ଆଶଙ୍କା ଏବଂ ସକଳ ଭୟର କବଳରୁ ମୁକ୍ତ କରି ଆଣିଥିଲେ ମଧ୍ୟ ଶରୀରକୁ ମଧ୍ୟ ସେହି ପ୍ରତ୍ୟୟ ଟିରେ ମଣ କରାଇ ରଖିବା ଆହୁରି ଅଧିକ କଷ୍ଟକର ।"

ପ୍ରଶ୍ନ ଓ ଉତ୍ତର ୧୯୬୯ (୧୯ ମେ)

ଶରୀରକୁ ମନାଇବା ଏତେ କଷ୍ଟକର କାହିଁକି;—ନିଜକୁ ସଫଳତାର ସହିତ ମନ ଓ ପ୍ରାଣ ସ୍ତରର ପାଶରୁ ମୁକ୍ତ କରି ଆଣିବା ପରେ ତାହା ଆଜ କାହିଁକି ଏତେ କଷ୍ଟକର ହୋଇଥାଏ ?

କାରଣ, ଅଧିକାଂଶ ଲୋକଙ୍କର କ୍ଷେତ୍ରରେ, ଶରୀର ଆପଣାର ଯାବତୀୟ ପ୍ରେରଣା ଅବଚେତନାଠାରୁହିଁ ଲାଭ କରୁଥାଏ, ତାହା ଅବଚେତନର ପ୍ରଭାବାଧୀନ ହୋଇ ରହିଥାଏ । ସଚିତ୍ତ ଚେତନ ସ୍ତରରୁ ବହିଷ୍କୃତ ହୋଇଥିବା ସକଳ ଭୟ ସେଇଠାକୁ ଚାଲିଯାଆନ୍ତି ଓ ସେଇଠାରେହିଁ ଆଶ୍ରୟ ଗ୍ରହଣ କରନ୍ତି, ଏବଂ ତା'ପରେ ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେମାନଙ୍କୁ ଅବଚେତନା ମଧ୍ୟରୁ ବି ନିକାଲି ବାହାର କରିଦେବାକୁ ପଡ଼ିଥାଏ ଏବଂ ସେଠାରେ ସେଗୁଡ଼ିକୁ ଉତ୍ପାଟିତ କରିଦେବାକୁ ହୋଇଥାଏ ।

ଆମକୁ ଭୟ କାହିଁକି ଲାଗେ ?

ଭୟ ଲାଗେ, କାରଣ ମୁଁ ଭାବୁଛି ଯେ ଆମେ ଅହଂ ଦ୍ୱାରା ପରିଚାଳିତ ହେଉଥାଉ ।

କାରଣ ତିନୋଟି ରହିଛି । ପ୍ରଥମ କାରଣଟି ହେଉଛି, ଆପଣାର ନିଜପାଇଁ ବିଷୟରେ ଅତିଶୟ ଭାବରେ ବ୍ୟସ୍ତ ହୋଇ ରହିବା । ପରବର୍ତ୍ତୀ କାରଣଟି ହେଉଛି, ଆମକୁ ଯେଉଁ କଥାଟି ଜଣା ନଥାଏ, ଆମେ ସବୁବେଳେ ସେଥିଲାଗି ଏକପ୍ରକାର ଅସ୍ୱସ୍ତି ଅନୁଭବ କରୁ ଏବଂ ଚେତନାର ଭୂମିରେ ସେଇଟିହିଁ ଭୟର ରୂପ ଧାରଣ କରେ । ଏବଂ ସର୍ବୋପରି, ସ୍ୱତଃସ୍ଫୂର୍ତ୍ତ ଭାବରେ ଭଗବତ୍ ପରମସତ୍ତାଙ୍କ ଉପରେ ନିର୍ଭର କରି ରହିବାର ଗୁଣଟି ଆଦୌ ଆମ ଅଭ୍ୟାସରେ ପଡ଼ି ନଥାଏ । ଯଦି ଯଥେଷ୍ଟ ଗଭୀର ଭାବରେ ତୁମେ ବିଷୟଗୁଡ଼ିକର ଅବଲୋକନ କରି ପାରିବ, ତେବେ ଏହାକୁହିଁ ଯଥାର୍ଥ କାରଣ ବୋଲି ଜାଣିବାକୁ ପାଇବ । ଅନେକ ଲୋକ ଅଛନ୍ତି,

'oaob.nitrkl.ac.in' images reprocessed

ଯେଉଁମାନେ କି ସେହି ପରମସତ୍ତା ରହିଛନ୍ତି ବୋଲି ବି ଜାଣି ନଥାନ୍ତି; ମାତ୍ର ଆମେ ଅନ୍ୟ ଭାଷାରେ ମଧ୍ୟ ସେମାନଙ୍କୁ ଯାଇ କହିପାରିବା, "ନିଜର ନିୟତି ଉପରେ ତୁମର କୌଣସି ବିଶ୍ୱାସ ନାହିଁ" ଅଥବା "ତୁମେ ପରମ କୃପା ବିଷୟରେ ଆଦୌ କିଛି ଜାଣି ନାହଁ"—ତୁମେ ସେମାନଙ୍କୁ ଯାହା ଇଚ୍ଛା ସେପରି ଭାବରେ କହିପାର, ଯେକୌଣସି ଭାଷା ବ୍ୟବହାର କରି କହିପାର, ମାତ୍ର ବିଷୟଟିର ମୂଳରେ ବିଶ୍ୱାସର ଏକ ଅଭାବହିଁ ନିହିତ ହୋଇ ରହିଛି । ଯାବତୀୟ ପରିସ୍ଥିତିରେ, ଯାହା ସର୍ବୋତ୍ତମ, କେବଳ ତାହାହିଁ ଘଟୁଛି ବୋଲି ଯଦି ସତତ ଏକ ଅନୁଭବ ସମ୍ଭବ ହୋଇପାରିବ, ତେବେ ଭୟ ଲାଗିବାର ଆଉ କୌଣସି କାରଣ ରହିବ ନାହିଁ ।

ଭୟର ପ୍ରଥମ ଗତିସଞ୍ଚାରଟି ପ୍ରାୟ ସ୍ୱୟଂକ୍ରିୟ ଭାବରେ ଆସିଥାଏ । ଜଣେ ବଡ଼ ବୈଜ୍ଞାନିକ ଥିଲେ, ସିଏ ଜଣେ ବଡ଼ ମନୋବୈଜ୍ଞାନିକ ବି ଥିଲେ (ବର୍ତ୍ତମାନ ମୁଁ ତାଙ୍କର ନାମଟିକୁ ମନେ ପକାଇ ପାରୁ ନାହିଁ); ସିଏ ତାଙ୍କର ଅନ୍ତର୍ଗତ ଚେତନାଟିର ବିକାଶସାଧନ କରାଇ ପାରିଥିଲେ, ମାତ୍ର ଏହାକୁ ପରୀକ୍ଷା କରିବାକୁ ଇଚ୍ଛା କରୁଥିଲେ । ତେଣୁ ଗୋଟିଏ ପ୍ରୟୋଗ କରିବାକୁ ବସିଲେ । ଆପଣାର ଚେତନା ବଳରେ ଜଣେ ଆପଣା ଶରୀରର ସହଜକ୍ରିୟାଗୁଡ଼ିକୁ ନିୟନ୍ତ୍ରଣାଧୀନ କରି ରଖି ପାରିବ କି ନାହିଁ, ସିଏ ସେହି କଥାଟିକୁ ଜାଣିବା ପାଇଁ ଚାହୁଁଥିଲେ (ଏହି କଥାଟି କରି ପାରିବା ଲାଗି ସେ ହୁଏତ ଯଥେଷ୍ଟ ପରିମାଣରେ ଅଗ୍ରସର ହୋଇ ପାରି ନଥିଲେ, କାରଣ ଏହି କଥାଟିକୁ କରିବା ଆଦୌ ଅସମ୍ଭବ ନୁହେଁ; ମାତ୍ର ସେକଥା ଯାହାହେଉ, ତାହା କରିପାରିବା ତାଙ୍କ ଲାଗି ଅସାଧ୍ୟ ହୋଇ ରହିଥିଲା) । ହଁ, ତା'ପରେ ସେ ଚିଡ଼ିଆଖାନାକୁ ଗଲେ, ଯେଉଁଠି ଗୋଟିଏ କାଚ ଯନ୍ତ୍ରା ଭିତରେ ସାପସବୁ ରଖା ହୋଇଥିଲେ, ସେଇଠିକି ଗଲେ । ତାହାର ଭିତରେ ଗୋଟାଏ ବିଶେଷ ଭାବରେ ଦୁଷ୍ଟ ନାଗସାପ ବି ଥିଲା; ଯେତେବେଳେ ସେ ସୁପ୍ତ ଅବସ୍ଥାରେ ନଥିଲା, ସେତେବେଳେ ସିଏ ପ୍ରାୟ ସର୍ବଦା ଏକ କ୍ରୁଦ୍ଧ ଅବସ୍ଥାରେ ରହିଥିଲା । କାରଣ, କାଚ ସେପାଖରୁ ସେ ଲୋକମାନଙ୍କୁ ଦେଖି ପାରୁଥିଲା ଏବଂ ସେହି ଦୃଶ୍ୟଗୁଡ଼ାକ ତାକୁ ଭାରି ଅସହ୍ୟ ବୋଧ ହେଉଥିଲା । ଆମ ବୈଜ୍ଞାନିକ ଜଣକ ସେଠାକୁ ଯାଇ ଯନ୍ତ୍ରାଟି ଆଗରେ ଠିଆ ହେଲେ । ସିଏ ଭାରି ଭଲ କରି ଜାଣିଥିଲେ ଯେ ଯନ୍ତ୍ରାଟି ଏପରି ଭାବରେ ତିଆରି ହୋଇଛି ଯେ ସାପଟି କଦାପି ତାହାର କାଚକୁ ଭାଙ୍ଗିଦେଇ ପାରିବ ନାହିଁ ଏବଂ ତେଣୁ ସିଏ ଆସି ତାଙ୍କୁ ଯେ କଦାପି ଆକ୍ରମଣ କରିପାରିବ, ତାହାର ଆଦୌ କୌଣସି ଆଶଙ୍କା ନଥିଲା । ତେଣୁ, ଯନ୍ତ୍ରା ବାହାରେ ଛିଡ଼ା ହୋଇ ବଡ଼ ପାଟି କରି ଓ ନାନା ଅଙ୍ଗଭଙ୍ଗୀ କରି ସେ ସାପକୁ ଉତ୍ତେଜିତ କରାଇବାକୁ ଲାଗିଲେ । ସାପଟିର ଆଉ କ୍ରୋଧର ସୀମା ରହିଲା ନାହିଁ, ସିଏ କାଚ ଉପରେ ସୁଁ ସୁଁ କରି ଫଣା ବାଡ଼େଇବାକୁ ଲାଗିଲା; ଏବଂ ସାପ ଯେତେଥର ଏପରି

'oaob.nitrkl.ac.in' images reprocessed

କରୁଥିଲା, ବୈଜ୍ଞାନିକଙ୍କର ଆଖି ସେତେଥର ବନ୍ଦ ହୋଇ ଯାଉଥିଲା ! ଆମ ମନୋବୈଜ୍ଞାନିକ ଜଣକ ମନେମନେ କହିବାକୁ ଲାଗିଲେ, "କିନ୍ତୁ ଇଏ ପୁଣି କିପରି ହେଉଛି ? ସାପଟି କାଚ ସେପାଖରୁ କଦାପି ବାହାରକୁ ଆସି ପାରିବ ନାହିଁ ବୋଲି ଜାଣିଥିଲେ ତଥାପି ମୋ ଆଖି କାହିଁକି ବୁଜିହୋଇ ଯାଉଛି ?" ହଁ, ଏହି କ୍ଷେତ୍ରରେ ସ୍ୱୀକାର କରିବାକୁ ହେବ ଯେ ଏହି ପ୍ରତିକ୍ରିୟାଟି ଉପରେ ନିୟନ୍ତ୍ରଣ ଲାଭ କରିବା ପ୍ରକୃତରେ ଖୁବ କଷ୍ଟକର । ଏହି ପ୍ରତିକ୍ରିୟାଟି ହେଉଛି ନିଜକୁ ରକ୍ଷା କରିବାର ପ୍ରବୃତ୍ତିଟିର ପ୍ରତିକ୍ରିୟା, ଏବଂ ମୁଁ ଆପଣାକୁ ରକ୍ଷା କରି ପାରିବ ନାହିଁ ବୋଲି ଯେତେବେଳେ ଅନୁଭବ କରିବାକୁ ଆରମ୍ଭ କରିବ, ସେତେବେଳେ ମୋ ଭିତରେ ନିଶ୍ଚୟ ଭୟ ଉପସ୍ଥିତ ହେବ । ମାତ୍ର ଆଖି ବନ୍ଦ ହୋଇଯିବା ଦ୍ୱାରା ଭୟର ଯେଉଁ ଗତିସ୍ପନ୍ଦନଟି ହୋଇଥାଏ, ତାହା ମାନସିକ ଭୟ ନୁହେଁ, ପ୍ରାଣିକ ଭୟ ବି ନୁହେଁ । ତାହା ହେଉଛି ଶରୀରର କୋଷଗୁଡ଼ିକରେ ଜାତ ହେଉଥିବା ଏକ ଭୟ । କାରଣ, ଭୟ କରିବାର କୌଣସି କାରଣ ଯେ ନାହିଁ, ସେହି କୋଷଗୁଡ଼ିକୁ ସେହି ବୋଧଟି ଆଦୌ ଦିଆ ଯାଇ ନାହିଁ ଏବଂ ଆଶଙ୍କିତ ବିପଦଟିର ପ୍ରତିରୋଧ କରିବାର ଉପାୟଟି ମଧ୍ୟ ସେମାନଙ୍କୁ ମାଲୁମ ନାହିଁ । ତୁମେମାନେ ନିଶ୍ଚୟ ବୁଝି ପାରୁଥିବ, ଯୋଗର ସାଧନା ନକରିଥିବାରୁ ଏପରି ଘଟୁଛି । ଯୋଗ ଅଭ୍ୟାସ କରିଥିଲେ ଆଖି ଖୋଲା ରଖି ନିଶ୍ଚୟ ସାପଟିକୁ ଦେଖି ହୋଇଥାନ୍ତା, ଆଦୌ ବନ୍ଦ କରିବାକୁ ପଡ଼ି ନଥାନ୍ତା । ମାତ୍ର, ଅସଲ କଥା ହେଉଛି ଯେ, ଆଖି ବନ୍ଦ ହୋଇଯିବା ଆଦୌ ଆବଶ୍ୟକ ହୁଅନ୍ତା ନାହିଁ, କାରଣ ସେହି କ୍ଷେତ୍ରରେ ଆଉ ଏକ ଅନ୍ୟ ବସ୍ତୁ ଉପରେ ନିର୍ଭର ରହିଥାନ୍ତା ଏବଂ ସେହି "ଅନ୍ୟ ବସ୍ତୁ"ଟି ହେଉଛି ଆପଣା ଭିତରେ ଭଗବତ୍ ସତ୍ତା ସଦାବିଦ୍ୟମାନ ରହିଥିବାର ବୋଧ, ସିଏ ଯେ ସବୁଠାରୁ ଅଧିକ ଶକ୍ତିଶାଳୀ, ତାହାରି ବୋଧ ।

କେବଳ ଏହାରି ଦ୍ୱାରାହିଁ ତୁମର ଭୟ ଛାଡ଼ିଯାଇ ପାରିବ ।

ଅନେକ ବର୍ଷ ପରେ ଏହି ପ୍ରବଚନଟି ବିଷୟରେ ଜଣେ ସାଧକ ଗୋଟିଏ ପ୍ରଶ୍ନ କରିଥିଲେ (୧୧ ମେ ୧୯୬୫) :

> ଆପଣ କହୁଛନ୍ତି, "ଯେକୌଣସି ପରିସ୍ଥିତିରେ କେବଳ ସର୍ବୋତ୍ତମହିଁ ଘଟିବ ବୋଲି ଯଦି ସର୍ବଦା ଏକ ଅନୁଭୂତି ରହିଥିବ, ତେବେ ଜଣେ କଦାପି ଭୟ କରିବ ନାହିଁ ।" ଯାବତୀୟ ପରିସ୍ଥିତିରେ କ'ଣ ପ୍ରକୃତରେ ସର୍ବୋତ୍ତମହିଁ ଘଟିଥାଏ ?

ପୃଥିବୀର ସ୍ଥିତି ଯେପରି ବର୍ତ୍ତମାନ ରହିଛି, ତାହାରି ପରିପ୍ରେକ୍ଷୀରେ ସର୍ବୋତ୍ତମ,—ଏହାକୁ ଅନାପେକ୍ଷିକ ଭାବରେ ସର୍ବୋତ୍ତମ ବୋଲି କହି ହେବ ନାହିଁ ।

'oaob.nitrkl.ac.in' images reprocessed

ଦୁଇଟି କଥା ରହିଛି : ଏକ ସମଗ୍ର ଏବଂ ସମ୍ପୂର୍ଣ୍ଣ ଦୃଷ୍ଟିରୁ ବିଚାର କଲେ, ପ୍ରତ୍ୟେକ ମୁହୂର୍ତ୍ତରେ, ସମଗ୍ରଟିର ଦିବ୍ୟ ପରମଲକ୍ଷ୍ୟଟି ଲାଗି ଏହା ହେଉଛି ଯଥାସମ୍ଭବ ସର୍ବୋତ୍ତମ; ଏବଂ ଯେଉଁ ବ୍ୟକ୍ତି ଭଗବାନ୍‌ଙ୍କ ପରମଇଚ୍ଛାଟି ସହିତ ସଚେତନ ଭାବରେ ସଂଯୁକ୍ତ ହୋଇ ରହିଛି, ତା' ନିଜର ଦିବ୍ୟ ଉପଲବ୍ଧି ଲାଗି ଏଇଟି ହେଉଛି ସବୁଠାରୁ ଅଧିକ ଅନୁକୂଳ ।

ମୋର ବିଶ୍ୱାସ, ଏଇଟି ହେଉଛି ପ୍ରକୃତ ବିଶ୍ଳେଷଣ ।

ସମଗ୍ର ଦୃଷ୍ଟିରୁ ବିଚାର କରି ଦେଖିଲେ, ନିରନ୍ତର, ପ୍ରତ୍ୟେକ ମୁହୂର୍ତ୍ତରେ, ଯାହାକିଛି ଘଟୁଛି, ଦିବ୍ୟ ବିବର୍ତ୍ତନ ଲାଗି ତାହା ସର୍ବାଧିକ ଅନୁକୂଳ ହୋଇ ଘଟୁଛି । ଏବଂ, ଯେଉଁ ଉପାଦାନମାନେ ସେହି ପରମ ଦିବ୍ୟସତ୍ତାଙ୍କ ସହିତ ସଚେତନ ଭାବରେ ସଂଯୁକ୍ତ ହୋଇ ରହିଛନ୍ତି, ସେହି ସମ୍ମିଳନଟି ଲାଗି ଅର୍ଥାତ୍ ସେହି ସମ୍ମିଳନକୁ ପରିପୂର୍ଣ୍ଣ କରିବା ଲାଗି, ଏହାହିଁ ହେଉଛି ସର୍ବୋତ୍ତମ ।

ତୁମକୁ କେବଳ ଏତିକି ଅବଶ୍ୟ ସ୍ମରଣ ରଖିବାକୁ ପଡ଼ିବ ଯେ ତାହା ସତତ ପରିବର୍ତ୍ତିତ ହୋଇଯିବାରେ ଲାଗିଛି, ଏହି ସର୍ବୋତ୍ତମଟି କଦାପି ଏକ ସ୍ଥାଣୁ ସର୍ବୋତ୍ତମ ହୋଇ ରହି ନାହିଁ । ଏହି ସର୍ବୋତ୍ତମଟିକୁ ଯଦି ସଂରକ୍ଷିତ କରି ରଖି ଦିଆଯାଆନ୍ତା, ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ମଧ୍ୟ ତାହା କଦାପି ସର୍ବୋତ୍ତମ ହୋଇ ରହନ୍ତା ନାହିଁ । ଏବଂ ଏପରି ହୋଇଥାଏ, କାରଣ ମନୁଷ୍ୟର ଚେତନା ଯାହାକୁ ଭଲ ବୋଲି ଦେଖେ ବା ଭଲ ବୋଲି ବିଚାର କରେ, ତାହାକୁହିଁ ଅପରିବର୍ତ୍ତନୀୟ ଭାବରେ ସାଇତି ରଖିବାକୁ ତା'ର ସର୍ବଦା ଏକ ପ୍ରବୃତ୍ତି ରହିଥାଏ; ଆଉ କଦାପି ମିଳିବ ନାହିଁ ବୋଲି ଉପଲବ୍ଧି କରୁଥିବାରୁ ସିଏ ତାହାକୁ ଜାବୁଡ଼ି ରଖିବାକୁ ମନ କରୁଥାଏ । ଅଣ୍ଟିରେ ସାଇତି ରଖିବାର ଏହି ଉଦ୍ୟମଟି ଫଳରେହିଁ ବସ୍ତୁଗୁଡ଼ିକରେ ମିଥ୍ୟା ଆସି ପଶିଯାଏ ।

(ମାଆ ନୀରବ ରହିଲେ)

ବୁଦ୍ଧଦେବ ଯେ କାହିଁକି ଜଗତକୁ ତାହାର ଅସ୍ଥାୟିତ୍ୱ ସକାଶେ ଦୋଷ ଦେଉଥିଲେ, ସେହି ବିଷୟଟିକୁ ବୁଝିବା ଲାଗି ଚେଷ୍ଟା କରି ମୁଁ ଏହି କଥାଟିକୁ ଉପଲବ୍ଧି କରିଥିଲି । ବୁଦ୍ଧଦେବ ପରିପୂର୍ଣ୍ଣତା ଏବଂ ନିତ୍ୟତାକୁ ଗୋଟିଏ ବୋଲି ବୁଝୁଥିଲେ । ରୂପାୟିତ ଜଗତଟି ସହିତ ସମ୍ପର୍କରେ ଆସି ସେ ଏକ ନିତ୍ୟ ପରିବର୍ତ୍ତନଶୀଳତା ପ୍ରତ୍ୟକ୍ଷ କରିଥିଲେ, ତେଣୁ ସେ ଏହି ସିଦ୍ଧାନ୍ତଟି କରିନେଲେ ଯେ ଜଗତ ହେଉଛି ଏକାନ୍ତ ଅପରିପୂର୍ଣ୍ଣ ଏବଂ ଏହା ଅବଶ୍ୟ ଅନ୍ତର୍ହିତ ହୋଇଯିବ । ଏବଂ ପରମ ଅବ୍ୟକ୍ତଙ୍କ ମଧ୍ୟରେ ପରିବର୍ତ୍ତନର ଆଦୌ କୌଣସି ସ୍ଥାନ ନାହିଁ, ତେଣୁ ସେହି ପରମ ଅବ୍ୟକ୍ତ ହେଉଛନ୍ତି ଅସଲ ଦିବ୍ୟସତ୍ତା । ଏହି କଥାଟିର ବିଚାର କରି

'oaob.nitrkl.ac.in' images reprocessed

ଓ ଏହାର ଉପରେ ନିଜକୁ ଅଭିନିବିଷ୍ଟ କରି ରଖିହିଁ ମୁଁ ଦେଖି ପାରିଥିଲି ଯେ ବୁଦ୍ଧ ଯାହା ଉପଲବ୍ଧି କରିଥିଲେ, ତାହା ହେଉଛି ସତ୍ୟ । ବ୍ୟକ୍ତ ଜଗତଟି ପ୍ରକୃତରେ ଓ ସମ୍ପୂର୍ଣ୍ଣ ଭାବରେ ଏକ ଅନିତ୍ୟ ଜଗତ, ଏହା ନିରନ୍ତର କେବଳ ରୂପାନ୍ତରିତ ହେବାରେ ଲାଗିଛି ।

ମାତ୍ର, ବ୍ୟକ୍ତ ଜଗତର ଏହି ପ୍ରକ୍ରିୟାଟି ମଧ୍ୟରେ, ରୂପାନ୍ତରିତ ହେଉଥିବାର ଏକ ଗତିସ୍ପନ୍ଦନକୁ, ଅର୍ଥାତ୍‌, ଦିବ୍ୟ ପରମ ଗତିସ୍ପନ୍ଦନଟି ସହିତ ବା ଅସଲ ଗତିସ୍ପନ୍ଦନଟି ସହିତ ସାଦୃଶ୍ୟ ରଖି ଉନ୍ମୋଚିତ ହୋଇଯିବାକୁହିଁ ପରିପୂର୍ଣ୍ଣତା ବୋଲି କୁହାଯାଇ ପାରିବ । ମାତ୍ର, ଅନ୍ୟ ପକ୍ଷରେ, ଯାହାକିଛି ଅଚେତନ ବା ତାମସିକ ସୃଷ୍ଟିର ଅନ୍ତର୍ଗତ ହୋଇ ରହିଛି, ତାହା ପ୍ରକୃତରେ ତାହାର ଯେଉଁ ଅସ୍ତିତ୍ୱଟି ରହିଛି, ସେଇଟିକୁହିଁ ସଂରକ୍ଷିତ କରି ରଖିବାର ପ୍ରୟାସ କରିବାରେ ଲାଗିଛି, ନିରନ୍ତର ରୂପାନ୍ତରିତ ହେବାର ଏକ ପ୍ରକ୍ରିୟା ଦ୍ୱାରା ତାହା ନିତ୍ୟ ହୋଇ ରହିବା ଲାଗି କୌଣସି ଚେଷ୍ଟା କରୁ ନାହିଁ ।

ସେହି କାରଣରୁହିଁ କେତେଜଣ ଚିନ୍ତାଶୀଳ ବ୍ୟକ୍ତି ଏହି କଥାଟିକୁ ଗ୍ରହଣ କରି ନେଇଛନ୍ତି ଯେ ଏକ ଭୁଲର ପରିଣାମସ୍ୱରୂପହିଁ ଏହି ସୃଷ୍ଟିର ସର୍ଜନା ହୋଇଛି । ମାତ୍ର ଏହି କ୍ଷେତ୍ରରେ ଆମକୁ ସମ୍ଭାବ୍ୟ ଯାବତୀୟ "କଳ୍ପନା" ଦେଖିବାକୁ ମିଳିବ : ପ୍ରଥମେ ପରିପୂର୍ଣ୍ଣ ଦୋଷହୀନ ଏକ ସୃଷ୍ଟିର କଳ୍ପନା, ତା'ପରେ ଏକ "ଦୋଷ"ର କଳ୍ପନା, ଯାହାକି ଭୁଲଟିକୁ ପ୍ରବିଷ୍ଟ କରାଇ ଆଣିଛି; ଏହି ସୃଷ୍ଟିକୁ ନିମ୍ନତର ସ୍ତରର ଏକ ଗତିସ୍ପନ୍ଦନରୂପେ କଳ୍ପନା କରାଯାଇଛି, ଯାହାର ଏକ ଆରମ୍ଭ ଥିବାରୁ ଏକ ଅନ୍ତ ଅବଶ୍ୟ ରହିଛି । ତା'ପରେ, ଶ୍ରୀଅରବିନ୍ଦ ଯେପରି ବ୍ୟାଖ୍ୟା କରି ଦେଇଛନ୍ତି, ବେଦରେ ବର୍ଣ୍ଣିତ ସେହି ଉନ୍ମୋଚିତ ହୋଇଯିବାର ଅର୍ଥାତ୍‌ ଏକ କ୍ରମୋତ୍ତର ଏବଂ ଅନନ୍ତ ଆବିଷ୍କାରର କଳ୍ପନା—ସେହି ପରମ ସମସ୍ତ ସ୍ୱୟଂ କରିଥିବା ସେହି ଅନିର୍ଦ୍ଦିଷ୍ଟ ଓ ଅନନ୍ତ କଳ୍ପନା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସବୁ ହେଉଛି ମନୁଷ୍ୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ନାନାବିଧ ବ୍ୟାଖ୍ୟା । ବର୍ତ୍ତମାନ ଲାଗି, ଅର୍ଥାତ୍‌ ଆମେ ଯେପର୍ଯ୍ୟନ୍ତ ମଣିଷର ଏହି ଭାଷାଟି ଦ୍ୱାରା ଆମର ଭାବ ପ୍ରକାଶ କରୁଛୁ, ଏହାକୁ ଆମେ ଏକ ମନୁଷ୍ୟସୁଲଭ ତର୍ଜମା ବୋଲି କହିବା । ମାତ୍ର, ମନୁଷ୍ୟ-ତର୍ଜମାକାରୀର ସର୍ବପ୍ରଥମ ସିଦ୍ଧାନ୍ତ ବା ମତଟି ଅନୁସାରେ (ଅର୍ଥାତ୍‌, ସେହି ମତଟି ସୃଷ୍ଟି ଭିତରେ ଏକ "ମୂଳଭୂତ ପାପ" ବା ଏକ "ଆକସ୍ମିକତା"ର କଳ୍ପନା କରିଥାଏ ଅଥବା ଆରମ୍ଭରୁହିଁ ଏକ ସର୍ବୋଚ୍ଚ ସଚେତନ ପରମ ଇଚ୍ଛା ଆପଣାକୁ କ୍ରମୋତ୍ତର ଭାବରେ ଉନ୍ମୋଚିତ କରି ଆଣିବାରେ ଲାଗିଛି ବୋଲି କଳ୍ପନା କରିଥାଏ ପଛକେ), ଯୋଗର ଦୃଷ୍ଟିକୋଣଟି ଅନୁସାରେ ଏହି ବିଷୟରେ ଭିନ୍ନ ସିଦ୍ଧାନ୍ତ ବା "ଉପପତ୍ତି"ମାନ ରହିଛି··· । ଏହି କ୍ଷେତ୍ରରେ ଶୂନ୍ୟବାଦୀ ଅଛନ୍ତି, ନିର୍ବାଣବାଦୀ ଅଛନ୍ତି, ମାୟାବାଦୀମାନେ ବି

'oaob.nitrkl.ac.in' images reprocessed

ରହିଛନ୍ତି; ଭିନ୍ନ ଭିନ୍ନ ଧର୍ମଗୁଡ଼ିକ ବି ରହିଛନ୍ତି, ଯେଉଁମାନେ କି କୌଣସି ନା କୌଣସି ଆକାରରେ ଶଇତାନ ବି ଏହି ସୃଷ୍ଟିରେ ହସ୍ତକ୍ଷେପ କରୁଛି ବୋଲି ସ୍ୱୀକାର କରି ନେଇଛନ୍ତି । ତା'ପରେ ବିଶୁଦ୍ଧ ବେଦମତଟି ରହିଛି, ଯେଉଁଥିରେ କି ପରମ ସର୍ବୋଚ୍ଚ ସତ୍ତା ଏକ କ୍ରମୋତ୍ତର ରୂପାୟନର ପ୍ରକ୍ରିୟାରେ ଆପଣାକୁ ଉନ୍ମୋଚିତ କରିଦେଉଛନ୍ତି ବୋଲି କୁହାଯାଇଛି । ଏବଂ, ଆପଣାର ରୁଚି ଅନୁସାରେ, ଜଣେ ଆପଣାକୁ ଏଇଟି ସହିତ ନେଇ ବାନ୍ଧି ଦେଉଛି ତ ଆଉଜଣେ ଆରଟି ସହିତ ବା ଆଉକେଉଁଟି ସହିତ ନେଇ ବାନ୍ଧି ଦେଉଛି । ଏବଂ ସେମାନଙ୍କର ମଧ୍ୟବର୍ତ୍ତୀ ହୋଇ ଯାବତୀୟ ସୂକ୍ଷ୍ମଭେଦଗୁଡ଼ିକ ଅବସ୍ଥିତ ରହିଛି । ମାତ୍ର ଶ୍ରୀଅରବିନ୍ଦ ଯେଉଁଟିକୁ କେନ୍ଦ୍ରସ୍ଥ ଅସଲ ସତ୍ୟ ବୋଲି ଅନୁଭବ କରିଛନ୍ତି, କ୍ରମୋତ୍ତର ଭାବରେ ବିବର୍ତ୍ତିତ ହୋଇ ଯାଉଥିବା ଏକ ବିଶ୍ୱଜଗତର ଏହି କଳ୍ପନାଟି ଅନୁସାରେ, ଆମେ ଏହି କଥାଟି କହିପାରିବା ଯେ ପ୍ରତ୍ୟେକ ମୁହୂର୍ତ୍ତରେ ଏହି ସୃଷ୍ଟିରେ ଯାହାକିଛି ଘଟୁଛି, ସମଗ୍ରଟିର ଉନ୍ମୋଚନ ଲାଗି ତାହାକୁହିଁ ସର୍ବୋତ୍ତମ ବୋଲି କୁହାଯାଇ ପାରିବ । ଏହି ଯୁକ୍ତିଟି ସମ୍ପୂର୍ଣ୍ଣ ଭାବରେ ଏକ ନ୍ୟାୟସଙ୍ଗତ ଯୁକ୍ତି । ଏବଂ ମୋର ବିଶ୍ୱାସ ଯେ, ଯେତେବେଳେ ଏଇଟା ପ୍ରତି ବା ସେଇଟା ପ୍ରତି, ଏହି ମତ ପ୍ରତି ବା ଆଉଗୋଟିଏ ମତ ପ୍ରତି ଏକ ଅଳ୍ପବହୁତ ପ୍ରକାଶ୍ୟ ପ୍ରବୃତ୍ତି ଆସି ଦେଖାଦେଉଛି, ସେତିକବେଳେ ଯାଇ ଯାବତୀୟ ବିରୋଧ ଜନ୍ମଲାଭ କରୁଛି । ଯେଉଁମାନେ ଏକ "ପାପ" ଅଥବା "ଭୁଲ"ର ପ୍ରବେଶକୁ ସ୍ୱୀକାର କରୁଛନ୍ତି ଏବଂ ଏହାର ପରିଣାମସ୍ୱରୂପ ପଛକୁ ଟାଣୁଥିବା ଏବଂ ଆଗକୁ ଠେଲି ନେଉଥିବା ଶକ୍ତିଗୁଡ଼ିକ ମଧ୍ୟରେ ଏକ ଦ୍ୱନ୍ଦ୍ୱ ଉପସ୍ଥିତ ହେଉଛି ବୋଲି କହୁଛନ୍ତି, ସେମାନେ ନିଶ୍ଚିତ ସ୍ୱଭାବତଃ ଏହି ସମ୍ଭାବନାଟିର ବିରୋଧ କରିପାରନ୍ତି । ମାତ୍ର, ଏକଥା ମଧ୍ୟ କୁହାଯାଇ ପାରିବ ଯେ, ଆପଣାକୁ ଯିଏ ଏକ ଆଧ୍ୟାତ୍ମିକ ଭୂମିରେ ସର୍ବୋଚ୍ଚ ପରମଇଚ୍ଛା ବା ସର୍ବୋଚ୍ଚ ପରମସତ୍ୟଟି ସହିତ ଗଇଁଠାଇ କରି ରଖିଛି, ତା' ପାଇଁ ସ୍ପଷ୍ଟତଃ ଏବଂ ନ୍ୟାୟତଃ ପ୍ରତ୍ୟେକ ମୁହୂର୍ତ୍ତରେ, ତା'ର ବ୍ୟକ୍ତିଗତ ଉପଲବ୍ଧି ପାଇଁ ଯାହା ସର୍ବୋତ୍ତମ କେବଳ ତାହାହିଁ ଘଟିଘଟି ଯାଉଛି । ପ୍ରତ୍ୟେକ ଦୃଷ୍ଟାନ୍ତର କ୍ଷେତ୍ରରେ ଠିକ୍ ସେହି କଥାହିଁ କୁହାଯାଇ ପାରିବ । ଯିଏ ବିଶ୍ୱଜଗତକୁ ଏକ ଉନ୍ମୋଚନରୂପେ ପ୍ରତ୍ୟକ୍ଷ କରୁଛି, ପରମ ସର୍ବୋଚ୍ଚ ସତ୍ତା ଆପଣା ବିଷୟରେ ସଜ୍ଞାନ ହେଉଥିବାର ଏକ ପ୍ରକ୍ରିୟାରୂପେ ଅନୁଭବ କରୁଛି, କେବଳ ସେଇ ଅବିମିଶ୍ରିତ ସର୍ବୋତ୍ତମର ଏହି ସିଦ୍ଧାନ୍ତଟିକୁ ସ୍ୱୀକାର କରିନେଇ ପାରିବ ।

(ମାଆ ନୀରବ ରହିଲେ)

ତୁମକୁ ପ୍ରକୃତ କଥା କହିବାକୁ ଗଲେ, ଏହିସବୁ ବିଷୟର ଆଦୌ କୌଣସି ମହତ୍ତ୍ୱ ନାହିଁ । କାରଣ ଯାହା ପ୍ରକୃତରେ ରହିଛି, ତାହା ପ୍ରତ୍ୟେକ ଦୃଷ୍ଟିରୁ ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଓ ଅନାପେକ୍ଷିକ ଭାବରେ ମନୁଷ୍ୟର ଚେତନା ତାହା ବିଷୟରେ ଯାହାକିଛି ଭାବିବାକୁ ସମର୍ଥ ହୋଇପାରିବ, ତାହାକୁ ଅତିକ୍ରମ କରି ଗତି କରିବାରେ ଓ ଘଟିବାରେ ଲାଗିଛି । ତୁମେ ଯେତେବେଳେ ମନୁଷ୍ୟଙ୍କାତ ଏହି ସୀମାଟିକୁ ଅତିକ୍ରମ କରିଯାଇ ପାରିବ, ତୁମେ ସେତିକିବେଳେ ଯାଇ ଜାଣିବ । ମାତ୍ର ଯେଉଁ ମୁହୂର୍ତ୍ତିରେ ସେହି ଜ୍ଞାନକୁ ଭାଷାରେ ପ୍ରକାଶ କରିବାର ଚେଷ୍ଟା କରିଯିବ, ସେତେବେଳେ ସେଥିରେ ନାନା ମନୁଷ୍ୟସୁଲଭ ସୀମିତତା ଆସି ଆବୋରି ହୋଇଯିବ ଏବଂ ତା'ପରେ ତୁମେ ଆଉକିଛି ଜାଣି ପାରିବ ନାହିଁ ।

ଏହା ଏକ ଅକାଟ୍ୟ କଥା ।

ଏବଂ, ଏହି ଅସମର୍ଥତା ହେତୁହିଁ, ଆମେ ଯେତେବେଳେ ମଣିଷର ବୁଦ୍ଧି ଓ ଯୁକ୍ତିର ଅଧିଗମ୍ୟ ହେଲ ଭଳି ଏକ ଭୂମିକୁ ସମସ୍ୟାଟିକୁ ଖସାଇ ନେଇଆସିବାର ଇଚ୍ଛା କରୁଥାଉ, ସେତେବେଳେ ସେଥିରେ ଆମକୁ ଗୋଟାଏ ପ୍ରକାରର ନିରର୍ଥକତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେହି ପରିସ୍ଥିତିରେ ମୁଁ ଏକଦା ଜାଣିଥିବା ଜଣେ ବ୍ୟକ୍ତିଙ୍କ ପରି କହିବାହିଁ ଅତ୍ୟନ୍ତ ବିଜ୍ଞତାର ବିଷୟ ହେବ : "ଆମେ ସମସ୍ତେ ଏହି ଜଗତରେ ରହିଛୁ, ଏଠାରେ ଆମର ଏକ କାର୍ଯ୍ୟ କରିବାକୁ ରହିଛି, ଏବଂ ଏହାକୁ ଆମର ଯଥାଶକ୍ତି ଉତ୍ତମରୂପେ କରିବାହିଁ ସବୁଠାରୁ ଆଗ ଦରକାର, କାହିଁକି ଓ କିପରି ପ୍ରଭୃତି ବିଷୟରେ ମୁଣ୍ଡ ନଖେଳାଇ ଆମର ଆଗ ତାହାହିଁ କରିବା ଦରକାର ।" ପୃଥିବୀ ବର୍ତ୍ତମାନ ଯେପରି ଅଛି, ତାହା କାହିଁକି ଅଛି ?··· ଯେତେବେଳେ ଆମେ ବୁଝିବାକୁ ସମର୍ଥ ହେବା, ସେତେବେଳେ ନିଶ୍ଚୟ ବୁଝିପାରିବା ।

ବ୍ୟାବହାରିକ ଦୃଷ୍ଟିକୋଣରୁ ଏହାହିଁ ଅତି ନିରାଟ କଥା ।

ସତ କଥା କେବଳ ଏତିକି ଯେ, ପ୍ରତ୍ୟେକ ବ୍ୟକ୍ତି ଆପଣା ଲାଗି ଗୋଟିଏ ଗୋଟିଏ ମତ ପୋଷଣ କରୁଥାନ୍ତି ।···ଏଠାରେ ମୋ ପାଖରେ ଯାବତୀୟ ଦୃଷ୍ଟାନ୍ତ ରହିଛି । ଯାବତୀୟ ଦୃଷ୍ଟିକୋଣରୁ ମୁଁ ନମୁନାମାନ ସଂଗ୍ରହ କରି ରଖିଛି ଏବଂ ସେଗୁଡ଼ିକର ପ୍ରତିକ୍ରିୟାଚୟକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖିପାରୁଛି । ଏହି ନମୁନା-ସଂଗ୍ରହଟିର ସମ୍ପୂର୍ଣ୍ଣ ଆୟତନଟି ମଧ୍ୟରେ ମୁଁ ସେହି ଗୋଟିଏ ପରମଶକ୍ତିକୁ, ଏକମାତ୍ର ପରମଶକ୍ତିକୁ ଦେଖିପାରୁଛି ଏବଂ ସ୍ୱଭାବତଃ ତାହାହିଁ ଭିନ୍ନ ଭିନ୍ନ ପରିଣାମ ନିଷ୍ପନ୍ନ କରିବାରେ ଲାଗିଛି । ମାତ୍ର ଏକ ଗଭୀରତର ଦୃଷ୍ଟିରେ ଅବଲୋକନ କଲେ, ଏହିସବୁ "ବିବିଧ" ପରିଣାମଗୁଡ଼ିକ କେବଳ ଉପରିଭାଗରୁ ଦେଖିବାକୁହିଁ ବିବିଧ ହୋଇ ରହିଛି । ଅସଲ କଥା କେବଳ ଏତିକି : "ଏହିପରି ଭାବରେ ଚିନ୍ତା କରିବାକୁ ସେମାନଙ୍କୁ ଭଲ ଲାଗୁଛି; ବାସ୍ ସେତିକି, ଏହିପରି ଭାବିବାକୁହିଁ ସେମାନଙ୍କୁ ଭଲ ଲାଗୁଛି ।" ମାତ୍ର, ଅନ୍ତର୍ଗତ ଯାଥାଟି, ଅନ୍ତର୍ଗତ ବିକାଶଟି ଏବଂ ଅସଲ ସ୍ପନ୍ଦନଟି ତଦ୍ଦ୍ୱାରା ବସ୍ତୁତଃ ଆଦୌ ବ୍ୟାହତ ହୋଇ ଯାଉ ନାହିଁ, ଆଦୌ ବ୍ୟାହତ ହୋଇ ଯାଉ ନାହିଁ । ଜଣେ

'oaob.nitrkl.ac.in' images reprocessed

ସମସ୍ତ ହୃଦୟ ଦେଇ ନିର୍ବାଣର ଆକାଂକ୍ଷା କରୁଛୁ, ନିଜର ସମସ୍ତ ଇଚ୍ଛାଶକ୍ତିକୁ ଲଗାଇ ଅନ୍ତିମ ମାନସ ରୂପାନ୍ତର ଲାଗି ଅପେକ୍ଷା ରଖୁଛୁ, ଏବଂ ଦୁଇଜଣଙ୍କ ଭିତରେ ସ୍ପନ୍ଦନଗତ ପରିଣାମଟି ପ୍ରାୟ ଗୋଟିଏ ପ୍ରକାରର ହୋଇ ରହିଛି । ଏବଂ ଏହିସବୁ ଯାବତୀୟ ସ୍ପନ୍ଦନର ସମଗ୍ର ପିଣ୍ଡଟି ଅଧିକରୁ ଅଧିକ ଭାବରେ ପ୍ରସ୍ତୁତ ହେବାରେ ଲାଗିଛି···ଯାହା ଅବଶ୍ୟମ୍ଭାବୀ, ତାହାକୁହିଁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହେବାରେ ଲାଗିଛି ।

ଏପରି ଗୋଟିଏ ଅବସ୍ଥା ରହିଛି, ମୂଳତଃ ପ୍ରୟୋଜନସିଦ୍ଧ, ଆଧ୍ୟାତ୍ମିକ ଦୃଷ୍ଟିରୁ ପ୍ରୟୋଜନସିଦ୍ଧ ଏପରି ଗୋଟିଏ ଅବସ୍ଥା ରହିଛି, ଯେଉଁଠାରେ ଆସି ପହଞ୍ଚିଲେ, ମାନବୀୟ ଯାବତୀୟ ସାମର୍ଥ୍ୟ ମଧ୍ୟରୁ ତତ୍ତ୍ୱସିଦ୍ଧାନ୍ତରୂପୀ ସାମର୍ଥ୍ୟଟିହିଁ ସବୁଠାରୁ ଅଧିକ ବ୍ୟର୍ଥ ଓ ନିରର୍ଥକ ବୋଲି ଅନୁଭୂତ ହୋଇଥାଏ ।

## ୧୭ ମାର୍ଚ୍ଚ ୧୯୫୧

"ବିଶ୍ୱଜାଗତିକ ବିସ୍ତାର କ୍ଷେତ୍ରରେ ଯାହାକିଛି ଘଟିଯାଉଛି, ଆଗରୁ ଘଟି ଯାଇଥିବା ଯାବତୀୟ ବିଷୟର ପରିଣାମସ୍ୱରୂପହିଁ ତାହା ଘଟୁଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

ଏହା ଦ୍ୱାରା ଆପଣ କ'ଣ କହିବାକୁ ଚାହୁଁଛନ୍ତି ?

ବିଶ୍ୱଜଗତ ନିରନ୍ତର ଗତିସ୍ପନ୍ଦିତ ହୋଇ ଚାଲିଛି ଏବଂ ସେହି ଗତିସ୍ପନ୍ଦନଟି ମଧ୍ୟଦେଇ ସର୍ବୋଚ୍ଚ ପରମ ଚେତନା ଆପଣାକୁ ରୂପାୟିତ ଓ ଉଦ୍‌ଘାଟିତ କରିବାରେ ଲାଗିଛନ୍ତି । ତେଣୁ ଯେତେବେଳେ ଯାହାକିଛି ଘଟୁଛି, ତାହା, ପୂର୍ବରୁ ଯାହା ଘଟି ଯାଇଛି, ତାହାର ଦ୍ୱାରା ନିରୂପିତ ହେବାରେ ଲାଗିଛି । ବିଶ୍ୱଜଗତ ଯାହା, ଅବିଚ୍ଛିନ୍ନ ଭାବରେ ତାହାହିଁ ହୋଇ ରହିଛି, କାରଣ ପୂର୍ବରୁ ତାହା ଯେପରି ଥିଲା, ଏଇଟି ତାହାରି ଦ୍ୱାରା ନିରୂପିତ ହୋଇ ରହିଛି । ପୂର୍ବରୁ ତାହା ଯେପରି ଥିଲା, ତାହାର ଆହୁରି ଆଗରୁ ବିଶ୍ୱଜଗତ ଯେପରି ଥିଲା, ତାହା ହେଉଛି ତାହାରି ପରିଣାମ । ଏବଂ, ବିଶ୍ୱଜଗତ ଯାହା ହେବାକୁ ଯାଉଛି,···ବର୍ତ୍ତମାନ ବିଶ୍ୱଜଗତ ଯେପରି ହୋଇ ରହିଛି, ତାହା କେବଳ ତାହାରି ପରିଣାମସ୍ୱରୂପହିଁ ସଂଘଟିତ ହେବ ।

'oaob.nitrkl.ac.in' images reprocessed

ଏହି ବିଶ୍ୱଜଗତ କ'ଣ ଅବିରାମ ଭାବରେ ଏପରି ଉନ୍ମୋଚିତ ହୋଇଯାଉଛି ନା ଏପରି କୌଣସି ସ୍ଥାନ ରହିଛି, ଯେଉଁଠି ପହଞ୍ଚି ତାହା ବନ୍ଦ ହୋଇ ଯାଉଛି ? ଯାହା ଆମ ମନରେ କିଛି ଆରମ୍ଭ ହେବାର ବୋଧ ଆଣି ଦେଉଛି, ଆରମ୍ଭ ହେବାର ଏକ ନିଷ୍ପତ୍ତି ଗ୍ରହଣ କରାଯାଇଥିବାର ଏକ ବୋଧ ଆଣିଦେଉଛି, ସେଇଟି ପ୍ରକୃତରେ କ'ଣ ?

ଆରମ୍ଭ ହେଉ ବୋଲି ନିଷ୍ପତ୍ତିଟି ପ୍ରକୃତରେ କେଉଁଠାରୁ ଆସୁଛି ? ··· (ମାଆ ହସିଲେ) ବୋଧହୁଏ ସର୍ବୋଚ୍ଚ ପରମସତ୍ତାଙ୍କ ପାଖରୁ ଆସୁଛି, କେଜାଣି ? ଏପରି ହୁଏତ ହୋଇଥିବ ଯେ ବର୍ତ୍ତମାନ ଆମର ବିଶ୍ୱଟି ଯେଉଁ ଧରଣର ହୋଇ ରହିଛି, ସେ ସେହି ଧରଣର ଗୋଟିଏ ବିଶ୍ୱଜଗତ ତିଆରି କରିବାକୁ ସ୍ଥିର କଲେ ଏବଂ ଏକ ବିଶ୍ୱଜଗତ ସମ୍ଭବ କରିବା ଉଦ୍ଦେଶ୍ୟରେ ଆପଣାକୁ ରୂପାୟିତ କରିବାକୁ ଆରମ୍ଭ କଲେ ।

ଏହି ବିଶ୍ୱଜଗତର ପ୍ରତ୍ୟେକ ଉପାଦାନକୁ ଶାଶ୍ୱତ ବୋଲି କୁହାଯିବ, କାରଣ ପରମ ଶାଶ୍ୱତସତ୍ତାହିଁ ବିଶ୍ୱଜଗତରୂପେ ପ୍ରକଟିତ ହୋଇଛନ୍ତି । ଏବଂ ପରମ ଶାଶ୍ୱତର କ୍ଷେତ୍ରରେ କେଉଁଠି ଏକ "ଆରମ୍ଭ" ରହିଛି ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହା ଚିରକାଳ ଧରି ରହି ଆସିଛି ଓ ଚିରକାଳ ନିମନ୍ତେ ରହିଥିବ । କେବଳ, ଉଦାହରଣସ୍ୱରୂପ, (ତୁମକୁ ମନେ ରଖିବାକୁ ହେବ ଯେ ଏହା କେବଳ ଗୋଟିଏ ପ୍ରତିରୂପ; ମୁଁ ପ୍ରକୃତରେ ଯାହା କହୁ ନାହିଁ, ମୋ ମୁହଁରୁ କଦାପି ସେକଥା କୁହାଇବ ନାହିଁ), ଏପରି ଗୋଟିଏ ଗୋଲକର କଳ୍ପନା କରାଯାଉ, ଯେଉଁଟି ମଧ୍ୟରେ କି ଅଗଣିତ ସଂଖ୍ୟାରେ ଅତ୍ୟନ୍ତ କ୍ଷୁଦ୍ର ଅନେକ ବସ୍ତୁ ପୂର୍ଣ୍ଣ ହୋଇ ରହିଛନ୍ତି । ଯଦି ତୁମେ ଏହି ସକଳ ଉପାଦାନର ସମ୍ବନ୍ଧଟିକୁ ବଦଳାଇ ଦେବ, ହଁ, ଏମାନଙ୍କର ସଂଖ୍ୟା ଏତେ ଅଧିକ ଏବଂ ସମ୍ବନ୍ଧଗୁଡ଼ିକର ସମ୍ଭାବନା ମଧ୍ୟ ଏତେ ଅଧିକ ଯେ ତୁମେ ଏଠାରେ ଏହାକୁ ହୁଏତ ଅନନ୍ତ ବୋଲି କହିପାରିବ; ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହା ଏକ ଅନନ୍ତ ବସ୍ତୁ ନହୋଇଥିଲେ ମଧ୍ୟ ବର୍ଣ୍ଣନା କରି କହିବାର ଦୃଷ୍ଟିକୋଣରୁ ଜଣେ ହୁଏତ ଏହାକୁ ଅନନ୍ତ ବୋଲି ବି କହିପାରିବ । ପ୍ରତ୍ୟେକ ଉପାଦାନ ହେଉଛି ଏକ ଶାଶ୍ୱତ ଉପାଦାନ । ସଂଯୋଜନଗୁଡ଼ିକ ମଧ୍ୟ ଅନନ୍ତ, ମାତ୍ର ତଥାପି ସେହି ଗୋଟିଏ ସଂଯୋଜନର କେବେହେଲେ ଆଦୌ କୌଣସି ପୁନରାବୃତ୍ତି ହେଉ ନାହିଁ । ଏହିପରି ଭାବେ ବିଶ୍ୱଜଗତ ଶାଶ୍ୱତ ଭାବରେ ନୂତନ ହେବାରେ ଲାଗିଛି ଓ ତେଣେ, ତାହା ତଥାପି ସେହି ଗୋଟିଏ ହୋଇ ରହିଛି ।

'oaob.nitrkl.ac.in' images reprocessed

ପରମ୍ପରା ଅନୁସାରେ କୁହାଯାଇଥାଏ ଯେ…

ହଁ, ହଁ, ମାତ୍ର ଏଠାରେ ଆଦୌ ପରମ୍ପରାର କଥା ପଡ଼ି ନାହିଁ । କେତେକ ଲୋକ ପ୍ରଳୟର କଥା କହୁଥାନ୍ତି । ମୁଁ ସେକଥା ଭଲ କରି ଜାଣିଛି, ମାତ୍ର, ତାହାର କେବଳ ଏତିକିମାତ୍ର ଅର୍ଥ ହେଉଛି ଯେ (ମୋତେ ତୁମେମାନେ କ୍ଷମା କରିବ, ମାତ୍ର ଏଠାରେ କିଛିଟା ହାଲୁକା ଭାବରେହିଁ କଥାଟିକୁ କହିବାକୁ ପଡ଼ିବ, ନଚେତ୍ ଏହି କଥାଟି ପ୍ରକୃତରେ ଅସହନୀୟ ହୋଇଯିବ) ଦିନେ ହୁଏତ ସର୍ବଶକ୍ତିମାନ୍ ପରମେଶ୍ୱର ଆପେ ସୃଷ୍ଟି କରିଥିବା ଏହି ପ୍ରକାରର ବିଶ୍ୱଜଗତଟି ବିଷୟରେ ଟିକିଏ କ୍ଳାନ୍ତ ବୋଧ କରିବେ ବା ଅସନ୍ତୁଷ୍ଟ ହେବାକୁ ଆରମ୍ଭ କରିବେ ଏବଂ ହୁଏତ ଆଉଗୋଟାଏ ବିଶ୍ୱଜଗତର ନିର୍ମାଣ କରିବା ଲାଗି ଇଚ୍ଛା କରିବେ । ଏବଂ, ତା'ପରେ, ସିଏ ନିଜେ ନିଜକୁହିଁ ସୃଷ୍ଟିରୂପେ ପ୍ରକଟ କରିଥିବାରୁ, ସିଏ ସବୁକିଛିକୁ ଆପଣା ମଧ୍ୟକୁ ଅପସାରି ନେଇଯିବେ ଏବଂ ଆପଣା ଭିତରୁ ପୁଣି ଗୋଟାଏ ନୂତନ ଜଗତ ବାହାର କରି ଆଣିବେ ! ପ୍ରଳୟ କହିଲେ ଅନେକ ଲୋକ ସେହି କଥା ବୁଝିଥାନ୍ତି । ମାତ୍ର ସେହି ପ୍ରଳୟ ଦ୍ୱାରା କୌଣସି ପରିବର୍ତ୍ତନ ହୁଏ ନାହିଁ । ବିଶ୍ୱଜଗତର ଯାବତୀୟ ଉପାଦାନ ଚିରନ୍ତନ ହୋଇ ରହିଥାଏ ଏବଂ ସଂଯୋଜନଗୁଡ଼ିକ ମଧ୍ୟ ନିରବଧି କାଳ ସକାଶେ ବର୍ତ୍ତମାନ ପରି ଅଭିନ୍ନ ହୋଇ ରହିଥିବ ।

> ବିଜ୍ଞାନର ମତରେ, ତିନିପ୍ରସ୍ଥଯୁକ୍ତ ଆମର ଏହି ବିଶ୍ୱଜଗତଟି ମୋଟେ ଅନନ୍ତ ନୁହେଁ : ତ୍ରୟୋଧିକପ୍ରସ୍ଥଯୁକ୍ତ ଏକ ବ୍ୟାପ୍ତି ମଧ୍ୟରେ ତାହା ଆପଣା ଉପରକୁ ବଙ୍କାଇ ଓଲଟା ହୋଇ ଆସିଛି । ତିନିପ୍ରସ୍ଥଯୁକ୍ତ ଏହି ସୀମାବଦ୍ଧ ବିଶ୍ୱଟି ଅନବରତ ସଂପ୍ରସାରିତ ହେବାରେ ଲାଗିଛି ଏବଂ ଏଥିରେ ରହିଥିବା ଯାବତୀୟ ବସ୍ତୁ ଏପରି ଏକ ବେଗରେ ପରସ୍ପରଠାରୁ ଧାବମାନ ହୋଇଯିବାରେ ଲାଗିଛନ୍ତି, ଯାହାକି ସେମାନଙ୍କର ପାରସ୍ପରିକ ଦୂରତ୍ୱ ସହିତ ସମାନୁପାତ ହୋଇ ବୃଦ୍ଧି ପାଇବାରେ ଲାଗିଛି । ଅତୀତ ମଧ୍ୟକୁ ଫେରିଗଲେ ଆମେ ଏପରି ଏକ କାଳଭୂମିରେ ଯାଇ ପହଞ୍ଚିବା, ଯେତେବେଳେ କି ଏହି ବିଶ୍ୱଜଗତ ସଂହତ ବା ଗୋଟିଏ ବିନ୍ଦୁରେହିଁ ଜମାଟ ବାନ୍ଧି ରହିଥିଲା ଏବଂ ସେଇଥିରୁହିଁ ଆମେ ଜଡ଼ର ଗଠନ ବିଷୟରେ ରହିଥିବା ରହସ୍ୟଟିକୁ ଭେଦ କରିବା ପାଇଁ ନିଶ୍ଚୟ ଏକ ବାଟ ପାଇଯିବା । ବର୍ତ୍ତମାନ ପର୍ଯ୍ୟନ୍ତ

'oaob.nitrkl.ac.in' images reprocessed

ଜଡ଼ର ୯୨ଟି ଯାକ ଉପାଦାନ ଏହି ବିଷୟରେ କିଛି ବ୍ୟାଖ୍ୟା ଦେଇ ପାରି ନାହାନ୍ତି । ଏହି "ସଘନ ବିନ୍ଦୁ" ବା "ଆଦିମ ଅଣୁ"ଟିର କାହାଣୀ ଅଜ୍ଞାତ ମଧ୍ୟକୁ ତିନିଶହ କି ଚାରିଶହ କୋଟି ବର୍ଷ ପର୍ଯ୍ୟନ୍ତ ଲମ୍ବି କରି ରହିଛି । ଏହାକୁ ଭାରତୀୟ ପରମ୍ପରାରେ "ସ୍ୱର୍ଣ୍ଣ-ଅଣ୍ଡ" ବୋଲି କୁହାଯାଇଛି । ମାତ୍ର ତା' ପୂର୍ବରୁ ପୁଣି କ'ଣ ଥିଲା ? ସେବିଷୟରେ ସବୁ ଅଜ୍ଞାତ ରହିଛି । ଏବେ ଆମେରିକାର ଜଣେ ବୈଜ୍ଞାନିକ ଏପରି ଏକ ସିଦ୍ଧାନ୍ତର ଘୋଷଣା କରିଛନ୍ତି ଯେ ଅନନ୍ତ ସଂପ୍ରସାରଣର ଏହି ଗତିକ୍ରିୟାଟି ଆଦୌ ସବୁ ଦିନ ଲାଗି ଚାଲିବ ନାହିଁ, ଏକ ବିରୁଦ୍ଧ ଗତିକ୍ରିୟା ଆରମ୍ଭ ହେବ ଏବଂ ସବୁକିଛିକୁ ପୁନର୍ବାର ଏକତ୍ର କରି ନଆସିବ ।

ବିଶ୍ୱସ୍ତରରେ ପ୍ରଶ୍ୱାସ ଏବଂ ନିଶ୍ୱାସର ଏକ କ୍ରିୟା ।

ସୂର୍ଯ୍ୟ ଦେହରୁ ପୃଥିବୀ ଅଭିମୁଖରେ ଆସୁଥିବା ଏକ ଆଲୋକରଶ୍ମି, ସହିତ ଯଦି ଆମେ ସମବେଗ ହୋଇ ଗତି କରିପାରିବା, ତେବେ ଆମର ପ୍ରସ୍ଥାନ କରିବା ଓ ପହଞ୍ଚିବା ଯୁଗପତ୍ ଭାବରେ ସମ୍ଭବ ହୋଇ ପାରିବ, କାରଣ ସଂପୃକ୍ତ ଯାତ୍ରୀଙ୍କର "ଠିକ୍ ସଂମୟ"ଟି ପ୍ରକୃତରେ ଅଟକି ରହିଯିବ ।

ଯୁଗପତ୍ ଭାବରେ ଗତି କରିବାର ଏହି ଚେତନାଟି ଲାଗି ଆଲୋକ ପ୍ରକୃତରେ ଅତିବେଗୀ ଜଡ଼ଧର୍ମୀ ବୋଲି ପ୍ରତିପାଦିତ ହେବ ବୋଲି ମୋର ମନେହେଉଛି ।

ନିଃସନ୍ଦେହ ଭାବରେ, ଯେତେବେଳେ କେନ୍ଦ୍ର ରୂପରେ ଆସୃତନଟି ମଧ୍ୟରୁ ବାହାରି ରୂପ ଓ ରୂପାନ୍ତରର ମଧ୍ୟବର୍ତ୍ତୀ ସୀମା-ଅଞ୍ଚଳଟି ମଧ୍ୟରେ ପ୍ରବେଶ କରିବ, ସେତେବେଳେ ସବୁକିଛି ଯୁଗପତ୍ ହୋଇ ରହିଥିବା ପରି ବୋଧ ହେବ, ମାତ୍ର ଆଲୋକର ସଘନତାଠାରୁ ଏହାକୁ ଅତ୍ୟନ୍ତ ଦୂରବର୍ତ୍ତୀ ବୋଲି କୁହାଯିବ ।

ମୋତେ ଆଶ୍ଚର୍ଯ୍ୟ ଲାଗୁଛି (ଏହା ହୁଏତ ସମ୍ଭବ, କିନ୍ତୁ ପରୀକ୍ଷା କରି ଦେଖିବାକୁ ହେବ), ମାତ୍ର, ଭୌତିକ ଜଗତର କୌଣସି ବିଷୟ ବା ସାଧନ ଆମକୁ ବିଶ୍ୱଜଗତ ବିଷୟରେ ଏହି ଯୁଗପତ୍ ଚେତନାଟିକୁ ଆଣି ଦେବାରେ କେତେଦୂର ସମର୍ଥ ହେବ, ସେଥିରେ ମୋର ସନ୍ଦେହ ରହିଛି ।

'oaob.nitrkl.ac.in' images reprocessed

ଅବଶ୍ୟ, ଏକଥା ସତ ଯେ ଭୌତିକ କୌଣସି ପଦାର୍ଥ ଅଥବା ସତ୍ତା ଆଲୋକର ବେଗରେ ଗତି କରି ପାରିବ ନାହିଁ; ମାତ୍ର ଏହା ସମ୍ଭବ ବୋଲି ଯଦି ତଥାପି ଅନୁମାନ କରାଯାଏ, ଆଲୋକରଶ୍ମି-ଗୁଡ଼ିକର ସଂଖ୍ୟା ବସ୍ତୁତଃ ଅନନ୍ତ ହୋଇଥିବାରୁ ଏବଂ ସମସ୍ତ ଭୌତିକ ବିଶ୍ୱକୁ ଆଚ୍ଛାଦିତ କରି ରଖିଥିବାରୁ, ସେତେବେଳେ ଜଣେ ସବୁକିଛି ଜାଣି ପାରିବ, ସବୁକିଛି ଅନୁମାନ କରିବାକୁ ସମର୍ଥ ହେବ ।

ମାତ୍ର ତାହାକୁ ବିଶ୍ୱଜଗତ ବିଷୟରେ ଏକ ଯୁଗପତ୍ ସମଗ୍ର ଜ୍ଞାନ ବୋଲି କୁହା ଯିବ ନାହିଁ, ଆମର ଏହି ପୃଥିବୀ ବିଷୟରେ ଯୁଗପତ୍ ସମଗ୍ର ଜ୍ଞାନ ବୋଲି ବି କୁହାଯିବ ନାହିଁ । କାରଣ ଯେଉଁ ବ୍ୟକ୍ତି ପୃଥିବୀ ବାହାରେ ରହିଥିବା ଆଲୋକକୁ ସ୍ମରଣ କରିବ, ସିଏ କେବଳ ସେହି ଉଚ୍ଚତର ଆଲୋକଟିର ଗତିସ୍ପନ୍ଦନଗୁଡ଼ିକୁ ସ୍ମରଣ କରି ପାରିବ;—ପୃଥିବୀର ଆଲୋକଟିର ଗତି ଧୀର, କାରଣ ତାହା କ୍ଷୀଣ । ମାତ୍ର ତାହା ନିଶ୍ଚୟ ଉଚ୍ଚତର ଆଉକିଛୁକୁ ଅଭିବ୍ୟକ୍ତ କରି ଦେଉଥିବ ।···ମୁଁ କିଛି କହି ପାରୁ ନାହିଁ ।

ଆଲୋକ ଏକ ଖଣ୍ଡ ଯଥାର୍ଥ ପ୍ରତୀକ, ମାତ୍ର ଏହା ଏକ ସମଗ୍ର ପ୍ରତୀକ ହୋଇ କାର୍ଯ୍ୟ କରି ପାରିବ ବୋଲି ମୁଁ ଭାବି ପାରୁ ନାହିଁ ।

ଆଲୋକର ଗତି ଭାବନାର ଗତିଠାରୁ ଅଧିକ କି ?···ଭାବନାକୁ ନେଇ କେହି କୌଣସି ଠୋସ୍ ପ୍ରୟୋଗ କରି ପାରିବ ନାହିଁ । ଶବ୍ଦ ହେଉଛି ଏକ ଅତ୍ୟନ୍ତ, ଅତ୍ୟନ୍ତ ଧୀରଗତି ବସ୍ତୁ, ମାତ୍ର ଭାବନାର ଗତି ଆଲୋକର ଗତିଠାରୁ ମଧ୍ୟ ଅଧିକ ପ୍ରଖର ।···ବା, ହୁଏତ ପ୍ରଖର ନୁହେଁ । ଭାବନା ତ ଆମକୁ ତାତ୍କ୍ଷଣିକତାର ଏକ ବୋଧ ଆଣି ଦେଇଥାଏ । ଉଦାହରଣସ୍ୱରୂପ ତୁମେ କୌଣସି ଭୌତିକ ପିଣ୍ଡରେ ଭାବନାକୁ ଅନୁଭବ କରି ପାର କି ? କୌଣସି ଭୌତିକ ଗୁଣଠାରୁ ଅଲଗା କରି ତୁମେ ଭାବନାକୁ ଅନୁଭବ କରି ପାର କି ? ଏକଥାଟି ପରୀକ୍ଷା କରି ଜାଣିବାକୁ ହେବ, ନୁହେଁ ? ମୁଁ ଟିକିଏ ବୁଝାଇ କହିବାକୁ ଚେଷ୍ଟା କରୁଛି : ଯଦି ତୁମେ ନିଜ ଶରୀର ଭିତରୁ ବାହାରକୁ ଚାଲିଯାଇ ପାରିବ, ଯଦି ପ୍ରାଣିକ ଜଗତ ମଧ୍ୟରୁ ବାହାରିଯାଇ ତୁମେ ମାନସିକ ଜଗତରେ ପ୍ରବେଶ କରିବ, ତେବେ, ଶରୀର ମଧ୍ୟରେ ରହିଥିବା ବେଳେ ଭାବନା ଲାଗି ସମ୍ବନ୍ଧଗୁଡ଼ିକ ଯେପରି ହୋଇଥାଏ, ଯାବତୀୟ ସମ୍ବନ୍ଧ ଏହି ସ୍ଥିତିରେ ତାହାଠାରୁ ନିଶ୍ଚୟ ଭିନ୍ନ ହେବ । ଶରୀର ସହିତ ତୁଳନା କରି ଦେଖିବା ସମ୍ପର୍କରେ, ଭାବନା ସବୁତଅବା ଏକ ଅପରୋକ୍ଷ ବସ୍ତୁ ପରି, ଉଦାହରଣ-

'oaob.nitrkl.ac.in' images reprocessed

ସ୍ୱରୂପ, ଆଲୋକ ସଦୃଶ ଏକ ଅପରୋକ୍ଷ ବସ୍ତୁ ପରି ବୋଧ ହୋଇଥାଏ, ଏପରିକି, ଆଲୋକଠାରୁ ବି ଅଧିକ ଅପରୋକ୍ଷ ମନେ ହୋଇଥାଏ । ମାତ୍ର ଯେତେବେଳେ ତୁମର ଭୌତିକ ଭୂମିକୁ ନେଇ ଆଉ କିଛି କରିବାର ନଥାଏ, ଏବଂ ଯେତେବେଳେ ତୁମେ ଖାସ୍ ମନ ଭିତରେ ଯାଇ ପ୍ରବେଶ କର, ତେବେ, ଭୌତିକ ଚେତନା ଲାଗି ଯେଉଁ ଦେଶ ଓ କାଳର ଆଦୌ କୌଣସି ଅସ୍ତିତ୍ୱ ନଥାଏ, ମାତ୍ର ମାନସିକ ଚେତନା ଲାଗି ଯାହାର ଏକ ଅସ୍ତିତ୍ୱ ଅବଶ୍ୟ ରହିଥାଏ, ସେହି ଦେଶ ଓ ସେହି କାଳ କେତେଗୁଡ଼ିଏ ସମ୍ବନ୍ଧକୁ ନିଷ୍ପନ୍ନ କରି ଆଣିବା ପରି ଅନୁଭୂତ ହୁଏ । ତେବେ, ତୁମେ ଯାହା କହୁଥିଲ, ସମସ୍ତ ବଦଳି ଯାଉଥାଏ ବୋଲି ଯାହା କହୁଥିଲ, ତାହାକୁହିଁ ହୁଏତ ତାହାର ଏକ ବ୍ୟାଖ୍ୟାରୂପେ ଉପସ୍ଥାପିତ କରାଯାଇ ପାରିବ । କାରଣ ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ବିଶ୍ୱ-ବିରଚନା ମଧ୍ୟରେ କ୍ରମୋଚ୍ଚତର ଚେତନାର ଏକ ଅନୁପ୍ରେରଣ ସଂଘଟିତ ହେବାରେ ଲାଗିଛି ଏବଂ ନୂତନ ନାନା ଜଗତ୍ ଏବଂ ନୂତନ ନାନା "ପ୍ରସ୍ଥ" ସହିତ ସମ୍ବନ୍ଧଯୁକ୍ତ ହେବା ଦ୍ୱାରା ମନୋଗତ ଦୃଷ୍ଟିରୁ ତାହାର ଏକ ତର୍ଜମା ହୋଇଯାଉଛି ।

ଉଦାହରଣସ୍ୱରୂପ, ଏପରି କୁହା ଯାଇଥାଏ ଯେ ଏକ ନିର୍ଦ୍ଦିଷ୍ଟ ଅବଧି ସକାଶେ ପାର୍ଥିବ ଜଗତ "ଅଧିମାନସ" ଶକ୍ତିଗୁଡ଼ିକ ଦ୍ୱାରା ଶାସିତ ହେଉଥିଲା, ଏବଂ ବର୍ତ୍ତମାନ ଏହି ଶାସନ ଆଉଗୋଟିଏ ଶାସନ ଦ୍ୱାରା ଅତିକ୍ରାନ୍ତ ହେବାକୁ ଯାଉଛି ଏବଂ ଏହାପରେ ପୃଥିବୀ ଅତିମାନସ ଶକ୍ତିମାନଙ୍କ ଦ୍ୱାରା ଶାସିତ ହେବ; ହଁ, ଯେତେ ଥର ଏହି ପୃଥିବୀ ଉପରେ ନୂତନ ଶକ୍ତିସବୁର ଅବତରଣ ହୁଏ, ସେତେବେଳେ ପ୍ରତ୍ୟେକ ଥର ତଦ୍ୱାରା ଏକ ପରିବର୍ତ୍ତନ ନିଷ୍ପନ୍ନ ହୋଇଥାଏ ଏବଂ ଚେତନାରେ ପରିବର୍ତ୍ତନ ସହିତ ଗତିସ୍ପନ୍ଦନର ଭୂମିରେ ମଧ୍ୟ ତଦନୁରୂପ ଏକ ପରିବର୍ତ୍ତନ ଅବଶ୍ୟ ହୁଏ । ତୁମେ କହୁଛ ଯେ ସମ୍ପ୍ରସାରଣର ଗତିସ୍ପନ୍ଦନଟି ଅଧିକରୁ ଅଧିକ ସତ୍ୱର ଭାବରେ ହେବାକୁ ଲାଗେ; ତାହାର ଅର୍ଥ ହେଉଛି ଯେ ଏହି ପୃଥିବୀ ଏପରି ଏକ ଚେତନା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି ଯାହାକି ପୃଥିବୀର ଗତିସ୍ପନ୍ଦନଗୁଡ଼ିକୁ ଅଧିକରୁ ଅଧିକ ସତ୍ୱର କରିଦେବାରେ ଲାଗିଛି । ଆମେ ଏହାକୁହିଁ ସମ୍ପୂର୍ଣ୍ଣ ଭାବରେ ଆଧ୍ୟାତ୍ମିକ ବ୍ୟାପାରଟିର ଭୌତିକସ୍ତରସ୍ଥ ଅନୁଲିଖନ ବୋଲି କହିପାରିବା । (ଆମ ଚେତନା ଲାଗି) ଅଧିକରୁ ଅଧିକ ଉଚ୍ଚ ହୋଇ ରହିଥିବା ଭୂମିଗୁଡ଼ିକରୁ ଯେଉଁସବୁ ଶକ୍ତି ନିର୍ଗତ ହୋଇ ଆସୁଛି, ପୃଥିବୀ ଅଧିକରୁ ଅଧିକ ପରିମାଣରେ ତାହାରି ଦ୍ୱାରାହିଁ ଆବେଶିତ ହେବାରେ ଲାଗିଛି; ଅର୍ଥାତ୍, ସେହି ଶକ୍ତିଗୁଡ଼ିକ ଅଧିକରୁ ଅଧିକ ସତ୍ୱର ଭାବରେ ଆସିବାରେ ଲାଗିଛନ୍ତି ଏବଂ ଅଧିକରୁ ଅଧିକ ପରିମାଣରେ ତାତ୍କ୍ଷଣିକତାର ବୋଧଟିକୁ ଆଣି ଦେଇ ଯାଉଛନ୍ତି । ଏହି କ୍ଷେତ୍ରରେ ଏହି ବ୍ୟାପାରଟିର ଏକ ଭୌତିକସ୍ତରସ୍ଥ ପ୍ରତୀକାତ୍ମକତା ଆବିଷ୍କୃତ ହୋଇପାରିଛି, ଯାହାକି, ବିଶ୍ୱଜଗତ ଅଗ୍ରସର ହେବାରେ

'oaob.nitrkl.ac.in' images reprocessed

ଲାଗିଛି ବୋଲି ବୈଜ୍ଞାନିକ ଭାବରେ ପ୍ରମାଣ କରିଦେବାରେ ଏକ ପ୍ରବୃତ୍ତି ରଖିଥିବାର ପରିଚୟ ଦେଉଛି ।

ଦ୍ୱିତୀୟ ସମ୍ଭାବନାଟି ହେଉଛି ଯେ ଏହି କ୍ଷେତ୍ରରେ ଭିତରକୁ ନିଶ୍ୱାସ ନେବା ଓ ବାହାରକୁ ନିଶ୍ୱାସ ଛାଡ଼ିବାର ଏକ ସ୍ପନ୍ଦନାତ୍ମକ ଗତିକ୍ରିୟା ଲାଗି ରହିଛି;—ଏହି କଥାଟି ବେଶ୍ ସମ୍ଭବ ହୋଇପାରେ । ମାତ୍ର, ଅଭିନିବେଶର ବିଷୟଟିକୁ କଦାପି ଏକ ପଶ୍ଚାଦ୍‌ଗମନର୍ ବ୍ୟାପାର ବୋଲି କୁହାଯାଇ ପାରିବ ନାହିଁ; ଏହାକୁ ଆମେ କେବଳ ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଗତି କରିବା ବୋଲି କହିପାରିବା ।

> ତାରାସବୁ ପରସ୍ପରଠାରୁ ଦୂରକୁ ଚାଲି ଯାଉଛନ୍ତି ଓ ସେମାନଙ୍କର ଦୂରତା ଅନୁସାରେ ଏହି ହଟି ଚାଲିଯିବାର ବେଗଟି ମଧ୍ୟ ବଢ଼ିବାରେ ଲାଗିଛି ।···ଏହାର ଅର୍ଥ ପୁଣି କ'ଣ ହୋଇପାରେ ?

ଏସବୁ ହେଉଛନ୍ତି ଗୋଟିଏ ଗୋଟିଏ ପ୍ରତିରୂପ, ନୁହେଁ କି ? ତୁମେ ଏପରି ଏକ ବିଶ୍ୱଜଗତର କଳ୍ପନା କରିପାରିବ, ଯାହାକି କ୍ରମଶଃ ଅଧିକରୁ ଅଧିକ ବଡ଼ ହେବାରେ ଲାଗିଛି, ମାତ୍ର ଏହି ବିଶ୍ୱଜଗତକୁ ପୁଣି କିଏ ଆପଣା ମଧ୍ୟରେ ଧରି ରଖି ପାରିବ ? ଏହି ବିଶ୍ୱଜଗତ ବାହାରେ ପୁଣି କ'ଣ ରହିଥିବ ?···ଆମର କ୍ଷୁଦ୍ର ମନୁଷ୍ୟମନ ସଙ୍ଗେ ସଙ୍ଗେ ବେଶ୍ ଶୂନ୍ୟ ହୋଇ ରହିଥିବା ଗୋଟିଏ ଆୟତନର କଳ୍ପନା କରି ବସିବ ଏବଂ ସେହି ଆୟତନ ମଧ୍ୟରେ ବିଶ୍ୱଜଗତ କ୍ରମେ ଅଧିକରୁ ଅଧିକ ସ୍ଥାନ ଅଧିକାର କରିନେଉଛି ବୋଲି କହିବ; ତେବେ ତାହାର ଅର୍ଥ ହେବ ଯେ ଏହି ଶୂନ୍ୟାୟତନ ମଧ୍ୟରେ ଦେଶ ବୋଲି ଏକ ବସ୍ତୁ ରହିଥିବ, ଯାହାକି ଏକାବେଳକେ ଅସମ୍ଭବ । ବସ୍ତୁତଃ, ଜଣେ ଏହି କ୍ଷେତ୍ରରେ କେବଳ "ସତେ ଯେପରି ଏହିପରି ଘଟୁଛି" ବୋଲି କହିପାରିବ, କାରଣ ପ୍ରକୃତରେ ସେକଥାଟି ଆଦୌ ଘଟୁ ନାହିଁ, ଅସଲ ସତ୍ୟଟିକୁ ବ୍ୟକ୍ତ କରିବାକୁ ଯାଇ କେବଳ ଏହିପରି ଏକ ରୀତିରେ ତାହା କୁହାଯାଇ ପାରୁଛି । ସର୍ବଦା ଏତେ କମ୍ ସ୍ପଷ୍ଟ ହୋଇ ରହିଥିବା ଏପରି ଗୋଟିଏ ଧାରଣାକୁ ଅନ୍ଦାଜ କରି ପାରିବା ଲାଗି ଆମକୁ ଭୌତିକ ବ୍ୟାଖ୍ୟାର ଭୂମିଟିକୁ ଛାଡ଼ି ମନୋଭୂମିଗତ ବ୍ୟାଖ୍ୟା ମଧ୍ୟକୁ ଚାଲିଯିବାକୁ ହେବ, ଏବଂ ତଥାପି, ମନୋଭୂମିଗତ ବ୍ୟାଖ୍ୟାରେ ଯାଇ ଉପନୀତ ହେଲେ ମଧ୍ୟ, ଆମେ ସତ୍ୟଠାରୁ ତଥାପି ଅନେକ ଦୂରବର୍ତ୍ତୀ ହୋଇ ରହିଥିବା । ଅସଲ ସତ୍ୟଟି ଆଦୌ ମନୋ-ଭୂମିଗତ କ୍ଷେତ୍ରର ନୁହେଁ, ଦେଶଗତ କ୍ଷେତ୍ରର ମଧ୍ୟ ନୁହେଁ, ଏହା ଏକ ଅନ୍ୟ ପଦାର୍ଥ, ଯାହାକି ସ୍ପଷ୍ଟତଃ ଆମ ଭାଷାରେ ଆପଣାକୁ ଅଭିବ୍ୟକ୍ତ କରି ପାରିବା ଲାଗି ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ । ଏହି ଅନୁଭୂତିଟି ସମ୍ବନ୍ଧରେ ବେଶ୍

'oaob.nitrkl.ac.in' images reprocessed

ଭଲ ଭାବରେ ଜାଣିଥିବ : ଆମର ଏହି ଚେତନାଟିକୁ (ଏହାକୁ ମୁଁ ଦେଶଗତ ଚେତନା ବୋଲି କହିବାକୁ ଇଚ୍ଛା କରୁ ନାହିଁ) ଅତିକ୍ରମ କରି, ଅର୍ଥାତ୍ ଆମର ଏହି ପାର୍ଥିବ ଚେତନାଟିକୁ (ଏହାକୁ ଏପରିକି ନିଶ୍ଚିତ ଭାବରେ ଏକ ପୃଥିବୀଗତ ଚେତନା ବୋଲି କୁହା ଯିବ ନାହିଁ, ଏକ ବ୍ୟକ୍ତିଗତ ଚେତନା ବୋଲି କୁହାଯିବ) ଅତିକ୍ରମ କରି ଆମେ ଯେତେବେଳେ ଆଉ ଗୋଟିଏ ଚେତନା ମଧ୍ୟକୁ ଚାଲିଯାଉ, ସେତେବେଳେ ପ୍ରତ୍ୟେକ ଥର ଆମର ଏପରି ଏକ ଅନୁଭୂତି ହୋଇଥାଏ, ଯାହାକି ବ୍ୟକ୍ତିଗତ ଚେତନାର ଆୟତନଟିର ଅନେକ ଊର୍ଦ୍ଧ୍ୱରେ ରହିଥାଏ, ଅର୍ଥାତ୍ ଅଂଶର ଚେତନାଟିର ଭୂମିକୁ ଅତିକ୍ରମ କରି ତାହା ଏକ ପରମ ସମଗ୍ରର ଭୂମିରେ ପ୍ରବିଷ୍ଟ ହେବାକୁ ଯାଏ; ଏବଂ ଏହି ଅନୁଭୂତିଟିକୁ ବ୍ୟକ୍ତ କରିବାକୁ ଇଚ୍ଛା କରିବା ମାତ୍ରକେ ସତେଅବା କୌଣସି ଶବ୍ଦରେ ହିଁ ଯଥାର୍ଥ ସାମର୍ଥ୍ୟ ଓ ତାତ୍ପର୍ଯ୍ୟଟି ନଥିବା ପରି ମନେ ହୁଏ; କାରଣ ଏହି ମନୁଷ୍ୟଯନ୍ତ୍ରସ୍ଥ ମନଟି ପାଇଁହିଁ ମଣିଷଯନ୍ତ୍ରର ଯାବତୀୟ ଅନୁଭୂତିକୁ ବ୍ୟକ୍ତ କରିବା ଲାଗି ଭାଷାର ରଚନା କରାଯାଇଛି । ଆମ ପାଖରେ ଢେର ଆବଶ୍ୟକ ଯାବତୀୟ ଶବ୍ଦ ରହିଛି, ଏପରିକି, ସେଗୁଡ଼ିକ ଭିତରେ କେତେଭଳି ବ୍ୟଞ୍ଜନା ଏବଂ ସୁଷମା ଭରି ରହିଛି; ମାତ୍ର ଏହି ମନୁଷ୍ୟଯନ୍ତ୍ରସ୍ଥ ଅନୁଭୂତିଗୁଡ଼ିକୁ ବ୍ୟକ୍ତ କରିବା ଲାଗିହିଁ ତାହା କାମରେ ଲାଗିପାରୁଛି, କାରଣ ଖାସ୍ ସେଇଥିପାଇଁହିଁ ଭାଷାର ଉତ୍ଥାଣ ହୋଇଛି । ମାତ୍ର ଯାହା ଯାବତୀୟ ଭାଷାର ବାହାରେ ରହିଛି, ତାହାର ବ୍ୟାଖ୍ୟା କରି ପାରିବା ଲାଗି ପୁଣି ତୁମେ କେଉଁ ଭାଷାର ବ୍ୟବହାର କରିବ ? ଏହା ପ୍ରକୃତରେ ଭାରି କଷ୍ଟକର ବ୍ୟାପାର । ତେଣୁ ତୁମେ କହୁଛ : "ଏଇଟି ହେଉଛି ଏପରି, ଏଇଟି ହେଉଛି ସେପରି", ଏବଂ ଏହି କଥାଗୁଡ଼ିକୁ କହୁଥିବା ସମୟରେ ତୁମେ ଭଲ କରି ହୃଦୟଙ୍ଗମ କରିପାରୁଛ ଯେ ତୁମର ଅନୁଭୂତିଟିକୁ ଏହିପରି କରି ଏକାବେଳେକେ ବିକୃତ କରି ଦିଆଯାଉଛି, ଏପରି ଭାବରେ ବିକୃତ କରି ଦିଆଯାଉଛି ଯେ ଅନେକ ସମୟରେ ତୁମେ ପ୍ରକୃତରେ ତାହାର ବିପରୀତ କଥାଟିହିଁ ବ୍ୟକ୍ତ କରିବାକୁ ଇଚ୍ଛା କରୁଥିଲ ବୋଲି ବୁଝିବାକୁ ଆରମ୍ଭ କରୁଛ ।

ଏହି କାରଣରୁହିଁ ବିଜ୍ଞାନ ଭିତରେ ଅନେକ ପରସ୍ପରବିରୋଧୀ କଥା ଭର୍ତ୍ତି ହୋଇ ରହିଛି ।

ହଁ; ଏବଂ ଆଧ୍ୟାତ୍ମିକ ଯେତେଯେତେ ଗ୍ରନ୍ଥରେ ଆଉ ଏକ ଜଗତର ଅନୁଭୂତି-ଗୁଡ଼ିକୁ ବର୍ଣ୍ଣନା କରି କୁହାଯାଇଛି, ସେଗୁଡ଼ିକ ମଧ୍ୟ ସର୍ବଦା ନାନା ପରସ୍ପରବିରୋଧୀ କଥାରେ ପୂରି କରି ରହିଥାଏ । ସେମାନେ ସର୍ବଦା "ଏଇଟି ହେଉଛି ଏପରି, ଏଇଟି ହେଉଛି ସେପରି" ବୋଲି କହିଥାନ୍ତି, ସେମାନେ ଭାବୁଥାନ୍ତି ଯେ ଏହିପରି କରି

'oaob.nitrkl.ac.in' images reprocessed

ସେମାନେ ତୁମ ଭିତରେ ଏପରି ଏକ ସ୍ୱଚ୍ଛତା ଆଣିଦେବେ, ଯାହା ଫଳରେ କି ତୁମେ ସବୁକିଛି ବୁଝିପାରିବ,—ମାତ୍ର ଏତେସବୁ କରିବା ପରେ ମଧ୍ୟ ତୁମେ ଆଦୌ କିଛିହେଲେ ବୁଝି ନାହିଁ ।

ଅସଲ କଥା ହେଉଛି ଯେ ଏହିସବୁ ଅନୁଭୂତିକୁ କେବଳ ନୀରବତା ମଧ୍ୟରେହିଁ ବ୍ୟକ୍ତ ଓ ସଞ୍ଚାରିତ କରାଯାଇ ପାରିବ ।

ଏବଂ ତଥାପି ଏପରି କୁହାଯାଇଛି (ଏବଂ ଏହା ହେଉଛି ଏକ ସତ୍ୟ କଥା) ଯେ ଏହିସବୁ ଜଗତ ଅଧିମାନସ ଜଗତଟି ପରି ଦିନେ ନା ଦିନେ ଆପଣାକୁ ମୂର୍ତ୍ତିରୂପରେ ପ୍ରକଟ କରିଦେବାକୁ ଯାଉଛନ୍ତି । ଏବଂ, ତା'ପରେ ପୁଣି କ'ଣ ଘଟିବାକୁ ଯାଉଛି ? ସେମାନେ କ'ଣ ଏଥିଲାଗି ନୂଆ ନୂଆ ଶବ୍ଦର ଉଦ୍‌ଭାବନ କରିବେ ? ସେମାନଙ୍କ ସକାଶେ ନୂଆ ନୂଆ ଶବ୍ଦ ଅବଶ୍ୟ ବାହାର କରିବାକୁ ହେବ··· ଏଇଟି ମଧ୍ୟ ଏକ କଷ୍ଟକର ବ୍ୟାପାର; କାରଣ ଯଦି ନୂଆ ନୂଆ ଶବ୍ଦ ବାହାର କରାଯାଏ, ତେବେ ସେଗୁଡ଼ିକୁ ମଧ୍ୟ ବ୍ୟାଖ୍ୟା କରି କହିଦେବାକୁ ପଡ଼ିବ !

ଏହି ଦୃଷ୍ଟିରୁ, ଗୋଟାଏ ଅର୍ଥରେ, ପ୍ରାଚୀନ କାଳରେ ଦୀକ୍ଷା ଦେବାର ଯେଉଁ ପଦ୍ଧତିମାନ ରହିଥିଲା, ସେଗୁଡ଼ିକୁ ଆମେ ବେଶ୍ ଯଥାର୍ଥ ବୋଲି କହିପାରିବା । ସେଗୁଡ଼ିକୁ ଏହି ଅର୍ଥରେ ଭଲ ଓ ଯଥାର୍ଥ ବୋଲି କୁହାଯିବ ଯେ, ଏକ ନିର୍ଦ୍ଦିଷ୍ଟ ସ୍ତରରେ ଆସି ପହଞ୍ଚିଥିବା ବ୍ୟକ୍ତିମାନଙ୍କୁହିଁ ସେଗୁଡ଼ିକ ଜ୍ଞାନର କଥା କହୁଥିଲେ, ସେମାନେ ଏପରି ଏକ ସ୍ତରରେ ଆସି ପହଞ୍ଚିଥିଲେ, ଯେଉଁଠାରେ କି ସେମାନେ ଶବ୍ଦର କୌଣସି ସାହାଯ୍ୟ ନନେଇ ମଧ୍ୟ ସେହି ଜ୍ଞାନକୁ ଗ୍ରହଣ କରିବାର ସାମର୍ଥ୍ୟ ଅର୍ଜନ କରିଥିଲେ । ଏବଂ, ମୋର ଆଶଙ୍କା ହେଉଛି, ବର୍ତ୍ତମାନ ମଧ୍ୟ ଆମକୁ ପ୍ରାୟ ତାହାହିଁ କରିବାକୁ ପଡ଼ିବ,—ସମ୍ଭବତଃ, ଯିଏ ଏହି ଅଧିମାନସ ଜ୍ଞାନର ଅଧିକାରୀ ହୋଇ ପାରିଛି, ସିଏ ମଧ୍ୟ ଆପଣାକୁ ସାଧାରଣ ମଣିଷଙ୍କ ପାଖରେ ବୋଧଗମ୍ୟ କରାଇ ପାରିବ ନାହିଁ; ସେହି ମନୁଷ୍ୟମାନେ ନିଜେ ଏହି ଜ୍ଞାନ ମଧ୍ୟକୁ ପ୍ରବେଶ କରିବା ଲାଗି ସମର୍ଥ ନହେବା ପର୍ଯ୍ୟନ୍ତ ତାହା କଦାପି ସମ୍ଭବ ହେବ ନାହିଁ । ଏବଂ, ଏଥିରୁ ନ୍ୟାୟତଃ ଏହି ପରିଣାମଟି ହେବ ଯେ, ଲୋକମାନେ, ମୁଁ ଏପରି କୁହାଯିବାର ଅନେକ ଥର ଶୁଣିଛି,—"ସାଧାରଣ ଜୀବନରେ ଯାହା, ଏଥିରେ ମଧ୍ୟ ସେଇଆ" ବୋଲି କହିବାକୁ ଲାଗିବେ । ମାତ୍ର, ବସ୍ତୁତଃ, ସେଗୁଡ଼ିକ ସାଧାରଣ ଜୀବନର ବ୍ୟାପାର ନହୋଇ ଥିବାରୁହିଁ ତାହା ଆମର ବୋଧଟି ମଧ୍ୟରେ ଆଦୌ ଧରାଦେଇ ପାରେ ନାହିଁ, ଏସବୁକୁ ଶବ୍ଦ ଦ୍ୱାରା ଆଉଜଣକର ବୋଧଗମ୍ୟ କରାଇ ହୁଏ ନାହିଁ ।

ଏହିପରି ଗୋଟିଏ ସ୍ଥାନର ଉଦାହରଣ ନିଆଯାଉ; କେତେକ ନିର୍ଦ୍ଦିଷ୍ଟ ଶକ୍ତି ଏବଂ ନିର୍ଦ୍ଦିଷ୍ଟ ସ୍ପନ୍ଦନ ଏହି ସ୍ଥାନଟିରେ ସଞ୍ଚାରିତ ହୋଇ ରହିଛି । ଏହି ସ୍ପନ୍ଦନଗୁଡ଼ିକ କଦାପି କୌଣସି ପ୍ରକାର ଦୃଶ୍ୟମାନ ଅଥବା ସାକାର ବସ୍ତୁ ମଧ୍ୟରେ ଆପଣାକୁ ପ୍ରକଟ

'oaob.nitrkl.ac.in' images reprocessed

କରି ରଖି ନାହାନ୍ତି;—ସେମାନେ ଅନେକ ପରିବର୍ତ୍ତନ ସଂଘଟିତ କରାଇ ପାରୁଛନ୍ତି ସତ, ମାତ୍ର ଏହିସବୁ ପରିବର୍ତ୍ତନ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସାରେ ସଂଘଟିତ ହୋଇଥିବାରୁ(ଭୌତିକ ବସ୍ତୁଗୁଡ଼ିକ ଯେପରି ସେମାନଙ୍କର ଏକ ପଦ୍ଧତି ଅନୁସାରେ ସଂଘଟିତ ହୋଇଥାନ୍ତି)ହିଁ, ତୁମେମାନେ ପ୍ରାୟ ନ୍ୟାୟତଃ ଗୋଟିଏ ସୋପାନରୁ ଆଉଗୋଟିଏ ସୋପାନକୁ ଗତି କରି ଯାଇପାରୁଛ, ଏବଂ ସେହି ନ୍ୟାୟଟି ତୁମମାନଙ୍କୁ ଏହି କଥାଟି ବିଷୟରେ ସଜ୍ଞାନ ହେବାରୁ କ୍ଷାନ୍ତ କରି ରଖିଛି ଯେ ଏଠାରେ ଏପରି ଏକ ବସ୍ତୁ ରହିଛି, ଯାହାକୁକି କଦାପି ସାଧାରଣ ଜୀବନର ଅନ୍ତର୍ଗତ କରି ବିଗ୍ଭର କରାଯାଇ ପାରିବ ନାହିଁ । ହଁ, ସାଧାରଣ ମାନସର ବୋଧଟିକୁ ଛାଡ଼ିଦେଲେ ଯେଉଁମାନଙ୍କର ଆଉ କୌଣସି ହେଲେ ବୋଧ ନାହିଁ, ସାଧାରଣ ଜୀବନରେ ସବୁକିଛି ଅତ୍ୟନ୍ତ ଭାବରେ ଘଟୁଥିବା ପରି ଅଥବା ଘଟୁଥିବାର ମନେ ହେଉଥିବା ପରି ଏଠାରେ ମଧ୍ୟ ସବୁକିଛି ସମ୍ପାଦିତ ହୋଇଯାଉଛି ବୋଲି ଯେଉଁମାନେ ଅନୁଭବ କରୁଛନ୍ତି, ସେମାନେ ତୁମକୁ ନିଶ୍ଚୟ ଏହିପରି କହିବେ, "ହଁ, ହଁ, ସେଇଟା ତ ଭାରି ସ୍ୱାଭାବିକ କଥା !" ଶୁଣ୍କ ଭୌତିକ ବୋଧଟି ବ୍ୟତୀତ ଯଦି ସେମାନଙ୍କର ଆଉ କୌଣସି ହେଲେ ଅନ୍ୟ ବୋଧ ନଥାଏ, ଯଦି ଏକ ସ୍ପନ୍ଦନର ଗୁଣାତ୍ମକ ମର୍ମଟିକୁ ଅନୁଭବ କରିବା ଲାଗି ସେମାନଙ୍କର କୌଣସି ସାମର୍ଥ୍ୟ ନଥାଏ (ଅନେକେ ଭାରି ଅସ୍ପଷ୍ଟ ଭାବରେ ସେହି ବୋଧଟିକୁ ଅନୁଭବ କରିଥାନ୍ତି ସତ, ମାତ୍ର ଯେଉଁମାନେ ସେତିକି ମଧ୍ୟ ଅନୁଭବ କରିବାକୁ ସମର୍ଥ ହୁଅନ୍ତି ନାହିଁ, ଯେଉଁମାନଙ୍କ ଭିତରେ ତଦନୁରୂପ ଆଦୌ କିଛିହେଲେ ନଥାଏ, ବା, ଯଦିବା କିଛି ରହିଥାଏ, ତାହା ଆଦୌ ଜାଗ୍ରତ ହୋଇ ନଥାଏ), ସେମାନେ ଏହି ସ୍ଥାନର ଜୀବନ ପ୍ରତି ଅବଲୋକନ କରିବେ ଏବଂ ତୁମକୁ କହିବାକୁ ବାହାରିବେ, "ଭୌତିକ ଜୀବନରେ ଯାହା, ଏଠି ମଧ୍ୟ ସେଇଆ; ତୁମର ନିଜର ବୋଲି କହିବାକୁ ହୁଏତ କେତୋଟି ବିଗ୍ଭର ମଧ୍ୟ ଥାଇପାରେ, ମାତ୍ର ସଂସାରରେ ତ କେତେକେତେ ମଣିଷ ଅଛନ୍ତି, ଯେଉଁମାନଙ୍କର ନିଜର ବୋଲି କହିବାକୁ ଧାରଣା ଓ ବିଗ୍ଭରମାନ ରହିଛି; ସମ୍ଭବତଃ ତୁମେ ସବୁକିଛି କଥାକୁ ଏକ ବିଶେଷ ପ୍ରକାରେ କରୁଛ, ମାତ୍ର ଏପରି ଅନେକ ଲୋକ ସବୁଠି ରହିଛନ୍ତି, ଯେଉଁମାନେ କି ଏକ ବିଶେଷ ପ୍ରକାରେ ଯାବତୀୟ କାର୍ଯ୍ୟ କରନ୍ତି । ସିଏ ଯାହାହେଉ ପଛକେ, ମୁଁ ଯେପରି ପ୍ରକାରର ଜୀବନ ବ୍ୟତୀତ କରୁଛି, ଏହା ହେଉଛି ସେହିପରି ଏକ ଜୀବନ ।"···ଏବଂ ଏହିପରି ଭାବରେ ହୁଏତ ଏପରି ଘଟିପାରେ ଯେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଅତିମାନସ ଶକ୍ତି ପ୍ରକୃତିରେ ଆପଣାକୁ ଆଣି ପ୍ରକଟ କରିଦେବ, ଅର୍ଥାତ୍ ତାହା ଏଠାରେ ସଚେତନ ହୋଇ ଉଠିବ ଓ ଜଡ଼ ଉପରେ କାର୍ଯ୍ୟ କରିବାକୁ ଲାଗିବ, ମାତ୍ର ଯେଉଁମାନେ ସଚେତନ ଭାବରେ ତାହାର ସ୍ପନ୍ଦନ-ଗୁଡ଼ିକରେ ଅଂଶଗ୍ରହଣ ନକରିବେ, ସେମାନେ ତାକୁ ଅନୁଭବ କରିବାକୁ ମଧ୍ୟ ଆଦୌ

'oaob.nitrkl.ac.in' images reprocessed

ସମର୍ଥ ହେବେ ନାହିଁ । ଲୋକମାନେ କହୁଛନ୍ତି, "ଯେତେବେଳେ ଅତିମାନସ ଶକ୍ତିର ଆବିର୍ଭାବ ଘଟିବ, ସେତେବେଳେ ଆମେ ସେହି ବିଷୟରେ ନିଶ୍ଚୟ ଭଲ ଭାବରେ ଜାଣିବାକୁ ପାଇବା । ଏହା ଆମ ଲାଗି ଅବଶ୍ୟ ଦୃଶ୍ୟ ହେବ ।"—ସେକଥା ଯେ ଅବଶ୍ୟ ହେବ, ତାହା ଆଦୌ ନୁହେଁ । ଅତି ଅଳ୍ପ ଗ୍ରହଣଶୀଳତା ରହିଥିବା ଯେଉଁ ଲୋକମାନେ ହୁଏତ ଏହି ସ୍ଥାନଟି ଦେଇ ଚାଲିଯାଆନ୍ତି, ଏପରିକି ଏଠାରେ କିଛିଦିନ ଲାଗି ରହନ୍ତି, ମାତ୍ର ଏହି ସ୍ଥାନଟିର ବାୟୁମଣ୍ଡଳ ଅନ୍ୟ ସ୍ଥାନଗୁଡ଼ିକର ବାୟୁମଣ୍ଡଳ ଅପେକ୍ଷା ଯେ ଭିନ୍ନ, ସେକଥା ମୋଟେ ଅନୁଭବ କରି ପାରନ୍ତି ନାହିଁ, ସେମାନେ ହୁଏତ ଏହିମାନଙ୍କ ପରିହିଁ ଅନୁଭବ କରିବେ । ତୁମ ଭିତରୁ ଏହି ପାର୍ଥକ୍ୟଟିକୁ କେହି ଏପରି ନିର୍ଭୁଲ ଭାବରେ ଅନୁଭବ କରିପାରୁଛ ଯେ ତୁମେ ତାହା ନିଶ୍ଚିତ ଭାବରେ ବାରିକରି କହିଦେଇ ପାରିବ ?...ହଁ, ନିଜ ହୃଦୟ ଭିତରେ ତୁମେ ସେକଥା ଅନୁଭବ କରିପାର, ଭାବନା ଦ୍ୱାରା ବି ତାହା ସେହି ଏକା କଥା ନୁହେଁ ବୋଲି ଅନୁଭବ କରିପାର, ମାତ୍ର ଏହି ଅନୁଭୂତିଟି ପ୍ରକୃତରେ ଭାରି ଅସ୍ପଷ୍ଟ, ନୁହେଁ କି ? ମାତ୍ର ନିର୍ଭୁଲ ଭାବରେ ଏହି ବୋଧଟିକୁ ଲାଭ କରିବାକୁ ହେଲେ...ଶୁଣ, ଜାପାନରୁ ଆସୁଥିବା ସମୟରେ ମୁଁ ଯେପରି ଅନୁଭବ କରିଥିଲି : ମୁଁ ଜାହାଜରେ ବସି ସମୁଦ୍ରରେ ଆସୁଥିଲି, ମୁଁ କ'ଣ ଦେଖିବି, ସେବିଷୟରେ ମୋ ଭିତରେ କୌଣସି ପ୍ରତ୍ୟାଶା ନଥିଲା (ସେତେବେଳେ ମୁଁ ଅବଶ୍ୟ ଅନ୍ତର୍ଗତ ଜୀବନଟିକୁ ନେଇ ବ୍ୟସ୍ତ ରହିଥିଲି, ମାତ୍ର ଶରୀରସ୍ଥ ଜୀବନରେ ଜାହାଜରେ ଥିଲି), ଯେତେବେଳେ କି ଏକାବେଳେକେ ହଠାତ୍, କିଛି କୌଣସି ସୂଚନା ନଦେଇ, ପଣ୍ଡିଚେରୀ ପ୍ରାୟ ଦୁଇ ସମୁଦ୍ର-ମାଇଲ ବାଟ ବାକି ଅଛି, ବାୟୁମଣ୍ଡଳର ସ୍ୱଭାବ, ଏପରିକି ଭୌତିକ ସ୍ୱଭାବଟି ମଧ୍ୟ ଯେପରି ସଂପୂର୍ଣ୍ଣ ଭାବରେ ବଦଳିଗଲା, ପବନର ସ୍ୱଭାବଟି ବଦଳିଗଲା; ଏସବୁ ଏପରି ଭାବରେ ବଦଳିଗଲା ଯେ ଶ୍ରୀଅରବିନ୍ଦଙ୍କର ଜ୍ୟୋତିର୍ମଣ୍ଡଳଟି ମଧ୍ୟରେ ଆମେ ପ୍ରବେଶ କରିବାକୁ ଯାଉଛୁ ବୋଲି ମୁଁ ଭଲ ଭାବରେ ଜାଣି ପାରିଲି । ଏହାକୁ ମୁଁ ପ୍ରକୃତରେ ଗୋଟିଏ ମୂର୍ତ୍ତ ଅନୁଭୂତି ବୋଲି କହିବି ଏବଂ ମୁଁ ନିର୍ଭର ଭାବରେ କହିପାରିବି ଯେ, ଯାହାର ଚେତନାଟି ଯଥେଷ୍ଟ ଭାବରେ ଜାଗ୍ରତ ହୋଇ ପାରିଛି, ସିଏ ମଧ୍ୟ ଠିକ୍ ସେହି କଥାଟିକୁ ଅନୁଭବ କରି ପାରିବ ।

ମୋର ଏହାର ଠିକ୍ ବିପରୀତ ଅନୁଭୂତିଟି ମଧ୍ୟ ହୋଇଥିଲା । ଏଠାରେ ଅନେକ, ଅନେକ ବର୍ଷ ରହିବା ପରେ ମୁଁ ଯେତେବେଳେ ମଟରରେ ଥରେ ବାହାରକୁ ଯାଇଥିଲି, ସେତିକିବେଳେ । ଯେତେବେଳେ ମୁଁ ହ୍ରଦଠାରୁ ଆଉ ଥୋଡ଼ାଏ ବାଟ ଅତିକ୍ରମ କରିଗଲି, ସେତେବେଳେ ମୁଁ ହଠାତ୍ ଅନୁଭବ କରିବାକୁ ଲାଗିଲି, ସତେ ଯେପରି ବାତାବରଣଟି ବଦଳି ବଦଳି ଯାଉଛି । ଆଗରୁ ଯେଉଁଠାରେ ପୂର୍ଣ୍ଣତା, ଶକ୍ତି, ଆଲୋକ ଏବଂ ସାମର୍ଥ୍ୟ ଭରି ରହିଥିଲା, ବର୍ତ୍ତମାନ ସେଗୁଡ଼ାକ କୁଆଡ଼େ

'oaob.nitrkl.ac.in' images reprocessed

ହ୍ରାସ ହୋଇ ଯାଉଥିବା ପରି ମନେହେଲା···ଏବଂ ତା'ପରେ,—ତା'ପରେ ସେସବୁ ଯେପରି ଆଉ କିଛିହେଲେ ରହିଲା ନାହିଁ । ସେତେବେଳେ ମୁଁ ମାନସିକ ଅଥବା ପ୍ରାଣିକ କୌଣସି ଚେତନାରେ ନଥିଲି, ସମ୍ପୂର୍ଣ୍ଣ ଭାବରେ ଏକ ଭୌତିକ ଚେତନାରେ ରହିଥିଲି । ଏବଂ, ଯେଉଁମାନେ ସେମାନଙ୍କର ଭୌତିକ ଚେତନାରେ ଗ୍ରହଣଶୀଳ ହୋଇ ରହିଆନ୍ତି, ସେମାନଙ୍କର ସେଇଟିକୁ ବେଶ୍ ମୂର୍ତ୍ତ ଭାବରେ ଅନୁଭବ କରିପାରିବା ଉଚିତ । ଏବଂ, ମୁଁ ତୁମମାନଙ୍କୁ ଅତ୍ୟନ୍ତ ନିଶ୍ଚିତ ଭାବରେ କହିପାରିବି ଯେ, ଯେଉଁ ଅଞ୍ଚଳଟିକୁ "ଆଶ୍ରମ" ବୋଲି କହୁ, ସେଥିରେ ଶକ୍ତିର ଏପରି ଏକ ପ୍ରଗାଢ଼ତା ରହିଛି, ଯାହାକୁ କି ସହରର ମଧ୍ୟରେ ଥିବା ସେହି ବସ୍ତୁଟି ସହିତ କଦାପି ସମତୁଲ୍ କରିଦେଇ ହେବ ନାହିଁ । ଏବଂ ସହରର ବାହାରେ ଯେଉଁସବୁ ଜାଗା ରହିଛି, ତାହା ସହିତ ତ ଏହାର ଆହୁରି କମ୍ ତୁଳନା ହୋଇ ପାରିବ ।

ତେଣୁ ମୁଁ ତୁମମାନଙ୍କୁ ପଚାରୁଛି : ତୁମମାନଙ୍କ ଭିତରେ ଏପରି କିଏ ଅଛି, ଯିଏକି, ଶକ୍ତିର ଏହିପରି ଏକ ପ୍ରଗାଢ଼ତା (ଯାହାକି ତୁମ ଭିତରେ ଚେତନାର ଏକ ବିଶେଷ ସ୍ପନ୍ଦନକୁ ଆଣି ଅନୁଭବ କରାଇଥାଏ) ବିଷୟରେ ପ୍ରକୃତରେ ସଚେତନ ହୋଇ ରହି ପାରିଛି ?···ତୁମମାନଙ୍କ ମଧ୍ୟରୁ ଅନେକେ ବଡ଼ ଅସ୍ପଷ୍ଟ ଭାବରେ ତାହା ଅନୁଭବ କରୁଛନ୍ତି, ସେକଥା ମୋତେ ଜଣାଅଛି; ଏପରିକି ବାହାରୁ ଆସୁଥିବା ଲୋକମାନେ ମଧ୍ୟ ଅସ୍ପଷ୍ଟ ଭାବରେ ତାହା ଅନୁଭବ କରିଥାନ୍ତି । ସେମାନଙ୍କ ମନ ଭିତରେ ଏହାର ଏକ ଛାପ ପଡ଼ିଥାଏ, ସେମାନେ ସେହି ବିଷୟରେ କଥାବାର୍ତ୍ତା ହୋଇଥାନ୍ତି, ମାତ୍ର ସେହି ନିର୍ଭୁଲ ସଚେତନତାଟି, ସେହି ବୈଜ୍ଞାନିକ ସଚେତନତାଟି, ଯାହାକି ତୁମକୁ ନିର୍ଭୁଲ ଭାବରେ କଳନେଇ ତାହାର ପରିଣାମଟିକୁ କହିଦେଇ ପାରନ୍ତା, ସେଇଟି ପ୍ରକୃତରେ କାହା ପାଖରେ ରହିଛି ? ଏପରି କହି ମୁଁ ନିର୍ଦ୍ଦିଷ୍ଟ ଭାବରେ କାହାରିକୁ ଚିହ୍ନାଇ ଦେବାକୁ ଚାହୁଁ ନାହିଁ,—ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରକୁ ଦୃଷ୍ଟିପାତ କରି କହିଦେଉ । ଏବଂ, ଏଠାରେ ଯେଉଁ ପ୍ରଗାଢ଼ତାଟି ରହିଛି, ତାହାକୁ ଅତିମାନସ ଶକ୍ତିର କେବଳ ବହୁ ଦୂରରୁ ଆସି ପଡ଼ୁଥିବା ଏକ ପ୍ରତିବିମ୍ବ ବୋଲି କୁହାଯାଇ ପାରିବ । ତେଣୁ, ଯେତେବେଳେ ଏହି ଅତିମାନସ ଶକ୍ତି ଏଠାରେ ସୁନିର୍ଦ୍ଦିଷ୍ଟ ଭାବରେ ଆସି ପ୍ରତିଷ୍ଠିତ ହୋଇ ପାରିବ, ସେତେବେଳେ, ସେହି ଶକ୍ତି ପ୍ରକୃତରେ ଏହିଠାରେ ରହିଛି ବୋଲି ଅନୁଭବ କରିବା ଲାଗି ଲୋକମାନଙ୍କୁ କେତେ ଦିନ ଲାଗିବ ?···ସେହି ଶକ୍ତି ଯେ ସବୁକିଛିକୁ ବଦଳାଇ ଦେଇ ପାରେ, ତାହା ଅନୁଭବ କରିବା ଲାଗି ପ୍ରକୃତରେ କେତେ ଦିନ ଲାଗିବ ? ତୁମେମାନେ ବୁଝି ପାରୁଛ ତ ? ଏବଂ, ମନ ଏହାର ବିଚାର କରି ପାରିବ ନାହିଁ ବୋଲି ଯେତେବେଳେ ମୁଁ କହୁଛି, ସେତେବେଳେ ଏହିପରି କେତୋଟି ପ୍ରକୃତ ତଥ୍ୟ ଉପରେହିଁ ମୁଁ ନିଜକୁ ଆଧାରିତ କରି ରଖୁଛି,—ମନ କଦାପି ଯଥାର୍ଥ ଜ୍ଞାନର ଯନ୍ତ୍ର ହୋଇ ପାରିବ

'oaob.nitrkl.ac.in' images reprocessed

ନାହିଁ, ମନ ଆଦୌ ଜାଣି ପାରିବ ନାହିଁ । କୌଣସି ନିର୍ଦ୍ଦିଷ୍ଟ ବାତାବରଣ ଭିତରେ କେଉଁ କେଉଁ ଉପାଦାନ କେଉଁ କେଉଁ ଅନୁପାତରେ ରହିଛି, ଜଣେ ବୈଜ୍ଞାନିକ ତୁମକୁ ସେକଥା କହିଦେଇ ପାରିବ,—କାରଣ ସେ ସେହି କଥାଗୁଡ଼ିକରହିଁ ବିଶ୍ଳେଷଣ କରୁଛି । ମାତ୍ର, ଏଠାରେ ବର୍ତ୍ତମାନ ଯେଉଁ ଅନୁପାତଟିର କଥା ପଡ଼ିଛି, ସେହି ଅନୁପାତଟିକୁ କିଏ ବତାଇଦେଇ ପାରିବ ? କିଏ କହି ପାରିବ : ଏହି କ୍ଷେତ୍ରରେ ଏହିଭଳି ଗୋଟିଏ ସ୍ପନ୍ଦନ ରହିଛି, ଏହି ସ୍ପନ୍ଦନଟି ଏହି ଅନୁପାତରେ ରହିଛି, ସେହି ସ୍ପନ୍ଦନଟି ସେହି ଅନୁପାତରେ ରହିଛି, ଅତିମାନସ ଏହି ଅନୁପାତରେ ରହିଛି ?···ପ୍ରଶ୍ନଟିକୁ ମୁଁ ତୁମମାନଙ୍କୁ ପଚାରୁଛି, ଯେପରିକି ତୁମେମାନେ ଏଇଟି ଉପରେ ଚିନ୍ତା କରି ପାରିବ ।

## ୧୯ ମାର୍ଚ୍ଚ ୧୯୫୧

> "ମନ ସମଗ୍ରତଃ ଗୋଟିଏ ଗତିସ୍ପନ୍ଦନ ସତ, ମାତ୍ର ଏହି ଗତି-ସ୍ପନ୍ଦନଟିର ଅନେକ ବିଚିତ୍ର ରୂପ ରହିଛି, ଅନେକ ସ୍ତର ରହିଛି; ଏଗୁଡ଼ିକ ପରସ୍ପରକୁ ସ୍ପର୍ଶ କରିଛନ୍ତି ଏବଂ ଏପରିକି ପରସ୍ପରକୁ ଚାପିଦେଇ ପରସ୍ପର ମଧ୍ୟରେ ପ୍ରବେଶ ବି କରିଛନ୍ତି । ଯେଉଁ ଗତିସ୍ପନ୍ଦନଟିକୁ ଆମେ ମନ ବୋଲି କହୁଛୁ, ତାହା ଯୁଗପତ୍ ଭାବରେ ଅନ୍ୟ ନାନା ଭୂମି ମଧ୍ୟରେ ପ୍ରବେଶ କରି ରହିଛି··· ପୁଣି, ଏପରି କେତେକ ମନୋଭୂମି ରହିଛି, ଯେଉଁଗୁଡ଼ିକ କି ପ୍ରାଣିକ ଜଗତଠାରୁ ଅନେକ ଉଚ୍ଚରେ ଅବସ୍ଥିତ ରହିଛନ୍ତି ଓ ତାହାର ପ୍ରଭାବଟିରୁ ମୁକ୍ତ ହୋଇ ରହିଛନ୍ତି; ସେଠାରେ କୌଣସି ପ୍ରକାର ପ୍ରତିକୂଳ ଶକ୍ତି ଅଥବା ପ୍ରତିକୂଳ ସତ୍ତା ନାହାନ୍ତି । ମାତ୍ର ଏହା ବ୍ୟକ୍ତିଗତ ମନର ଆହୁରି ଅନେକ ଭୂମି ରହିଛି, ଅନେକ ସଂଖ୍ୟାରେ ରହିଛି—ଯାହାକୁ କି ପ୍ରାଣିକ ସ୍ତରର ଶକ୍ତିଗୁଡ଼ିକ ସ୍ପର୍ଶ କରି ପାରୁଛନ୍ତି, ଯେଉଁଗୁଡ଼ିକ ଭିତରେ ସେଗୁଡ଼ିକ ପ୍ରବେଶ କରି ପାରୁଛନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

'oaob.nitrkl.ac.in' images reprocessed

## ଏଠାରେ ଆପଣ କେଉଁ ମନୋଭୂମିଟିର କଥା କହୁଛନ୍ତି ?

ମୁଁ ଭୌତିକ ସ୍ତରର ମନଟି କଥା କହୁଛି । ଏକଥା ସତ ଯେ ମୁଁ ଉଚ୍ଚତର ମନର କଥା ଆଦୌ କହୁ ନାହିଁ, କାରଣ ସେହି ସ୍ତରରେ ଆଦୌ କୌଣସି ପ୍ରତିକୂଳ ଶକ୍ତି ନାହାନ୍ତି । ଯେଉଁ ମନଟି ଭୌତିକ ପଦାର୍ଥ ନେଇ କାରବାର କରିଥାଏ, ଏଠାରେ ତାହାରି କଥା କୁହାଯାଉଛି ।

## ମାନସିକ ଜଗତରେ କ'ଣ ସତ୍ତ୍ୱମାନେ ବି ଅଛନ୍ତି ?

ହଁ, ହଁ, ଅନେକ ସତ୍ତ୍ୱ ଅଛନ୍ତି । ସେମାନେ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇ ରହିଛନ୍ତି; ସେମାନଙ୍କର ନିଜସ୍ୱ ଗୋଟିଏ ଜୀବନ ରହିଛି, ପରସ୍ପର ଭିତରେ ନିଜସ୍ୱ ସମ୍ବନ୍ଧମାନ ରହିଛି; ଅନ୍ୟାନ୍ୟ ଜଗତଗୁଡ଼ିକରେ ଯେପରି ରହିଛି, ଏଇଟିରେ ମଧ୍ୟ ଠିକ୍ ସେହିପରି ରହିଛି । କେବଳ, ଏକ ଭୌତିକ ଚେତନା ଲାଗି, ଭୌତିକ ଜଗତରେ କାଳ ଏବଂ ଦେଶ ଯେଉଁପରି ହୋଇ ରହିଛନ୍ତି, ପ୍ରାଣିକ ଏବଂ ମାନସିକ ଜଗତରେ ସେମାନେ ଆଦୌ ସେପରି ହୋଇ ରହି ନାହାନ୍ତି । ଉଦାହରଣସ୍ୱରୂପ, ଯେଉଁମାନେ ଭୌତିକ ଚେତନାର ସ୍ତରରେ ଅବସ୍ଥିତ ଅଛନ୍ତି, ସେମାନଙ୍କର ଏପରି ଗୋଟିଏ ବୋଧ ରହିଛି ଯେ, ମନର ଗତିଗୁଡ଼ିକ ପ୍ରକୃତରେ ଅତିଶୟ ପରିମାଣରେ ତାତ୍କ୍ଷଣିକ ହୋଇ ରହିଛି । ଉଚ୍ଚତର ଚେତନାଟି ସହିତ ତୁଳନା କରି ଦେଖିଲେ ଏହି ଗତିଗୁଡ଼ିକ ଆଦୌ ତାତ୍କ୍ଷଣିକ ନୁହନ୍ତି, ମାତ୍ର ଭୌତିକ ଚେତନା ସହିତ ତୁଳନା କରି ଦେଖିଲେ ସେମାନେ ପ୍ରକୃତରେ ତାତ୍କ୍ଷଣିକ ହୋଇ ରହିଛନ୍ତି, ସେମାନଙ୍କର ବେଗ ଅତିଶୟ ପରିମାଣରେ ପ୍ରଖର ହୋଇ ରହିଛି ।

ମନୋମୟ ଜଗତର ସତ୍ତ୍ୱଗୁଡ଼ିକର ଏକ ସ୍ୱକୀୟ ବ୍ୟକ୍ତିସତ୍ତ୍ୱା ମଧ୍ୟ ରହିଛି, ଏପରିକି ଏକ ଆକାର ରହିଛି, ଯାହାକି, ଯଦି ସେମାନେ ସେପରି ଇଚ୍ଛା କରିବେ, ପ୍ରକୃତରେ ସ୍ଥାୟୀ ହୋଇ ରହି ପାରିବ । ସେମାନଙ୍କର ଆକାର ସେମାନଙ୍କ ଭାବନାଟିକୁହିଁ ଅଭିବ୍ୟକ୍ତ କରି ଦେଉଛି ଏବଂ ସେମାନଙ୍କର ଭାବନା ଅନୁସାରେ ବଦଳିଯାଇ ପାରିବାକୁ ତାହା ଯଥେଷ୍ଟ ପରିମାଣରେ ସ୍ଥିତିସ୍ଥାପକ ମଧ୍ୟ ହୋଇ ରହିଛି । ତଥାପି ତାହାର ଯଥେଷ୍ଟ ପରିମାଣରେ ଏକ ଅବିଚ୍ଛିନ୍ନତା ରହିଛି, ଯାହାଫଳରେ କି ଜଣେ ନିଶ୍ଚିତ ଭାବରେ ଚିହ୍ନିନେଇ ପାରୁଛି । ଯଦି ତୁମେ କେବେ ଆପଣାର ଶରୀର ମଧ୍ୟରୁ ବାହାରିଯାଇ ପାରିବ ଏବଂ ମାନସିକ ଜଗତରେ ପ୍ରବେଶ କରିବ, ତେବେ ଏହିସବୁ ସତ୍ତ୍ୱଙ୍କୁ ତୁମେ ନିଶ୍ଚୟ ଭେଟି ପାରିବ, ସେମାନଙ୍କ ସହିତ କଥାବାର୍ତ୍ତା କରି ପାରିବ, ଓ ଏପରିକି ପରବର୍ତ୍ତୀ କାଳରେ ପୁନର୍ବାର ଭେଟିବା ଯକାଶେ ସେମାନଙ୍କ ସହିତ ଏକ ସମୟ ବି ଧାର୍ଯ୍ୟ କରିନେଇ ପାରିବ !

'oaob.nitrkl.ac.in' images reprocessed

ପ୍ରାଣିକ ଜଗତର ସତ୍ତାମାନେ ଯେପରି କରିଥାନ୍ତି, ସେମାନେ ବି କ'ଣ ଜଣେ ମନୁଷ୍ୟ ଉପରେ କୌଣସି ପ୍ରଭାବ ପକାନ୍ତି ?

ମାନସିକ ଏକାଧିକ ବିରଚନା ପୃଥିବୀ ଉପରେ ଆପଣାକୁ ଉପଲବ୍ଧି କରିବା ଲାଗି ଚେଷ୍ଟା କରୁଥାନ୍ତି, ମାତ୍ର ଏଗୁଡ଼ିକ ସାଧାରଣତଃ ମନୁଷ୍ୟମାନଙ୍କ ଦ୍ୱାରାହିଁ ସୃଷ୍ଟ ହୋଇଥାନ୍ତି; ମନୁଷ୍ୟମାନଙ୍କର ମନକୁ ପ୍ରଭାବିତ କରିବାର ଅଭିପ୍ରାୟରେ ସେମାନେ ତା'ପରେ ମାନସିକ ଜଗତରେ କାର୍ଯ୍ୟ କରିବାରେ ଲାଗନ୍ତି । ମାତ୍ର ଖାସ୍ ମାନସିକ ଭୂମିର ସତ୍ତାମାନେ ସାଧାରଣତଃ ସ୍ରଷ୍ଟା ପରି ହୋଇ ରହିଥାନ୍ତି, ଏବଂ ସେମାନେ ରୂପଗୁଡ଼ିକର ସୃଷ୍ଟି କରି ପାରୁଥିବାରୁ, ସେମାନେ ଅନ୍ୟ ରୂପଗୁଡ଼ିକ ଉପରେ ପ୍ରଭାବ ପକାଇବା ବିଷୟରେ ସେତେବେଶୀ ମନୋଯୋଗୀ ହୁଅନ୍ତି ନାହିଁ; —ଆପେ ତିଆରି କରିଥିବା ରୂପଗୁଡ଼ିକର ମାଧ୍ୟମରେ ଆପଣାକୁ ଅଭିବ୍ୟକ୍ତ କରିବାରେହିଁ ସେମାନେ ସନ୍ତୁଷ୍ଟ ହୋଇ ରହନ୍ତି ।

"ଆଧ୍ୟାତ୍ମିକ" ଏବଂ "ଚୈତ୍ୟ" ମଧ୍ୟରେ କୌଣସି ପାର୍ଥକ୍ୟ ରହିଛି କି ? ଦୁଇଟିକୁ କ'ଣ ଆମେ ଦୁଇଟି ଭିନ୍ନ ଭିନ୍ନ ଭୂମି ବୋଲି କହିପାରିବା ?

ମାନବୀୟ ଭାବନାରେ ଏହି ବିଷୟରୁ ଅନେକ ସଂଶୟର ସୃଷ୍ଟି କରାଯାଇଛି । ମୋର ବିଶ୍ୱାସ, ଦାର୍ଶନିକ ମତବାଦ, ଯୋଗମାର୍ଗ ଏବଂ ଅନ୍ୟାନ୍ୟ ନାନା ଧାରାରେ "ଆଧ୍ୟାତ୍ମିକ" ଶବ୍ଦଟିକୁ ଭାରି ଅସ୍ପଷ୍ଟ ଏବଂ ଅସଂହତ ଭାବରେ ବ୍ୟବହାର କରାଯାଇଛି । ଯାହାକିଛି ଭୌତିକ ନୁହେଁ, ତାହା ହେଉଛି ଆଧ୍ୟାତ୍ମିକ ! ଯାବତୀୟ ଭାବନା ଓ ଯାବତୀୟ ପ୍ରୟାସ, ଯାହା ଭୌତିକ ଜୀବନ ଆଡ଼କୁ ଉଦ୍ଦିଷ୍ଟ ନୁହେଁ, ତାହା ହେଉଛି ଏକ ଆଧ୍ୟାତ୍ମିକ ପ୍ରୟାସ । ଭୌତିକ ଜଗତଟିର ତୁଳନାରେ ଅନ୍ୟ ଯାବତୀୟ ଜଗତ ହେଉଛି ଗୋଟିଏ ଗୋଟିଏ ଆଧ୍ୟାତ୍ମିକ ଜଗତ । ଯେଉଁସବୁ ପ୍ରବୃତ୍ତିକୁ ଆମେ ଖାସ୍ ମାନବିକ ଏବଂ ଅହଂ ଦ୍ୱାରା ପରିଚାଳିତ ବୋଲି କହି ନପାରିବା, ତାହା ହେଉଛି ଗୋଟିଏ ଗୋଟିଏ ଆଧ୍ୟାତ୍ମିକ ପ୍ରବୃତ୍ତି । ଏହି ଶବ୍ଦଟିକୁ ଏପରି ଭାବରେ ପ୍ରସ୍ତୁତ କରି ରଖାଯାଇଛି, ଯାହାକି ଯେକୌଣସି ଡିଅଣରୂପେ ବାଡ଼ି ଦିଆଯାଇ ପାରିବ ।

Illustration ପତ୍ରିକାରେ ଏବେ ମୁଁ ଏହିପରି ପଢ଼ିଲି : "ପଢ଼ିବା ଏବଂ ଲେଖିବା ହେଉଛି ସବୁଠାରୁ ବଡ଼ ଆଧ୍ୟାତ୍ମିକ କାର୍ଯ୍ୟ । National Library ହେଉଛି ଆଧ୍ୟାତ୍ମିକ ଜୀବନର କେନ୍ଦ୍ର ।"

'oaob.nitrkl.ac.in' images reprocessed

ତାହା ହେଉଛି ଶସ୍ତା ଆଧ୍ୟାତ୍ମିକତା !

"ଚୈତ୍ୟ" ଏବଂ "ଆଧ୍ୟାତ୍ମିକ" ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଯେଉଁଠାରେ ବର୍ଣ୍ଣନା କରି ଯାଇଥିଲି, ମାଆ ଅଗ ସେହି ପରିଚ୍ଛେଦଟିକୁ ପାଠ କଲେ ଓ ତା'ପରେ କହିଲେ :

"ଶାବ୍ଦିକ ଗଠନଗୁଡ଼ିକ ଉପରେହିଁ ଆପଣାର ଯାହାକିଛି ବୁଝିବା ବିଷୟରେ ନିର୍ଭରଶୀଳ ହୋଇ ରହିଥିବା ପର୍ଯ୍ୟନ୍ତ, ଅସଲ ଅର୍ଥଟି ବିଷୟରେ ତୁମେ ନାନା ସଂଶୟ ଭିତରେ ଯାଇ ପଡ଼ିଯିବା ଲାଗି ଅନେକ ଆଶଙ୍କା ରହିଥିବ । ମାତ୍ର ଯଦି ତୁମ ମନର ଏକ ନୀରବ ତଳରେ ତୁମେ, ଭାବନାଗୁଡ଼ିକ ଆକାର ଗ୍ରହଣ କରିବା ଲାଗି ଯେଉଁଠାରୁ ଅବତୀର୍ଣ୍ଣ ହୋଇ ଆସୁଥାନ୍ତି, ସେହି ଜଗତଟି ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇ ଯାଇପାର, ତେବେ ତୁମ ଲାଗି ଯଥାର୍ଥ ବୁଝିବାର ମାର୍ଗଟି ଉନ୍ମୋଚିତ ହୋଇ ଆସିଥାଏ ।...

ମାତ୍ର ଏଠାରେ, ଅନଭିବ୍ୟକ୍ତ ମନ ଏବଂ ତାହାର ଶୁଦ୍ଧତର ଉଚ୍ଚତାଗୁଡ଼ିକର କ୍ଷେତ୍ରରେ ତୁମେ ପ୍ରକୃତରେ ସ୍ୱାଧୀନ ଓ ମୁକ୍ତ ହୋଇ ରହିଥାଅ; ତା' ଭିତରକୁ ପ୍ରବେଶ କଲାବେଳେ ତୁମେ ଆପଣା ଭିତରୁ ବାହାର ହୋଇ ଯାଇଥାଅ ଏବଂ ଏକ ବିଶ୍ୱଗତ ମାନସଭୂମିରେ ଯାଇ ପ୍ରବିଷ୍ଟ ହୁଅ, ଯେଉଁଠାରେ କି ବ୍ୟକ୍ତିଗତ ପ୍ରତ୍ୟେକ ମାନସିକ ଜଗତ ସତେଅବା ଏକ ବିରାଟ ସମୁଦ୍ର ମଧ୍ୟରେ ନିମଗ୍ନ ହେବା ଲାଗି ଗତି କରୁଥାଏ । ସେଠାରେ ଉପନୀତ ହୋଇ ତୁମେ ଆଉଜଣକର ମଧ୍ୟରେ ଯାହାକିଛି ଘଟିବାରେ ଲାଗିଛି, ତାହାକୁ ସମ୍ପୂର୍ଣ୍ଣ ଭାବରେ ବୁଝି ପାରିବା ଲାଗି ସମର୍ଥ ହୁଅ ଏବଂ ସତେଅବା ଆପଣାର ମନ ପରି ସେହି ଅନ୍ୟଟିକୁ ମଧ୍ୟ ପଢ଼ି ପାର । କାରଣ, ସେହି କ୍ଷେତ୍ରରେ କୌଣସି ପ୍ରକାର ବ୍ୟବଧାନ ଗୋଟିଏ ମନକୁ ଆଉ ଗୋଟିଏ ମନଠାରୁ ଆଉ ଅଲଗା କରି ରଖି ନଥାଏ । ସେହି ଆୟତନଟି ମଧ୍ୟରେ ଅନ୍ୟମାନଙ୍କ ସହିତ ସମ୍ମିଳିତ ହୋଇଥିବା ବେଳେହିଁ ତୁମେ ସେମାନଙ୍କୁ ବୁଝିବାରେ ସମର୍ଥ ହୁଅ; ତା' ନହେଲେ ତୁମେ

'oaob.nitrkl.ac.in' images reprocessed

ସେଇଟି ସନ୍ଧିତ ଆଦୌ ମେଳ ଖାଇ ପାରୁ ନାହିଁ, ତୁମେ ତାକୁ ସ୍ପର୍ଶହିଁ କରି ପାରୁ ନାହିଁ ।···"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୬ ମେ)

କେବଳ ନୀରବତା ମଧ୍ୟରେହିଁ ଆମେ ଯାହାକିଛୁ ବୁଝିବାକୁ ସମର୍ଥ ହେବା । ଅନେକ ସମୟରେ ଏପରି ଘଟିଥାଏ ଯେ ଦୁଇଜଣ ବ୍ୟକ୍ତି କୌଣସି ବିଷୟରେ ଆପଣା ମଧ୍ୟରେ କଥାବାର୍ତ୍ତା ହେଉଥାନ୍ତି ଏବଂ ହଠାତ୍, କୌଣସି ଏକ କାରଣରୁ, ଦୁହେଁଯାକ କିଛି ସମୟ ପର୍ଯ୍ୟନ୍ତ ଚୁପ୍ ହୋଇଯାନ୍ତି; ତା'ପରେ ଜଣେ ହଠାତ୍ ପଦେ କି ଦୁଇପଦ କ'ଣ କହିଦିଏ ଯାହାକି ଅନ୍ୟ ଜଣକ ଭାବୁଥିବା କଥାଟିର ସମ୍ପୂର୍ଣ୍ଣ ଭାବରେ ଅନୁରୂପ ହୋଇ ରହିଥାଏ । ଏହିମାନେହିଁ ପରସ୍ପରକୁ ନୀରବତା ମଧ୍ୟରେ ବୁଝିବା ଲାଗି ସମର୍ଥ ହୁଅନ୍ତି । ସେମାନେ ସମାନ ବାଟ ଦେଇ ଗତି କରିଥାନ୍ତି, ସମାନ ପରିଣାମରେ ଯାଇ ଉପନୀତ ହୋଇଥାନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଆଉଜଣକର ଭାବନାଟିର ପରିପୂରଣ କରି ଦେଉଥାଏ । ଏକଥା ଅନେକ ସମୟରେ ସେହିମାନଙ୍କ ଜୀବନରେ ଘଟେ, ଯେଉଁମାନେ ଅନେକ କାଳ ଧରି ଏକତ୍ର ବାସ କରିଥାନ୍ତି ଏବଂ ଏପରି ଗୋଟିଏ ପ୍ରକାରର ମାନସିକ ସାଦୃଶ୍ୟର ବିକାଶ କରି ଆଣିଥାନ୍ତି, ଯାହାକି ଶବ୍ଦଗୁଡ଼ିକର ଅନ୍ତରାଳକୁ ଯାଇ ପରସ୍ପରକୁ ଯଥାର୍ଥ ଭାବରେ ବୁଝି ପାରିବା ଲାଗି ସେମାନଙ୍କୁ ଏକ ସମର୍ଥତା ଆଣି ଯୋଗାଇଦିଏ । ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର ଘର ବିଭିନ୍ନ ଦେଶରେ ଥିଲା,—ତୁମେ ତ ଜାଣିଛ, ଦେଶ ଦେଶ ଅନୁସାରେ ବ୍ୟବହାର ପ୍ରଣାଳୀ କିପରି ଅତ୍ୟନ୍ତ ଭିନ୍ନ ଭିନ୍ନ ହୋଇଯାଏ, ଭାବନା-ଗୁଡ଼ିକର ପୂର୍ବାପର ସମ୍ବନ୍ଧଟିକୁ ନିର୍ଣ୍ଣୟ କରିବାର ଢଙ୍ଗଟି ମଧ୍ୟ କିପରି ଭିନ୍ନ ଭିନ୍ନ ହୋଇଥାଏ,—ଗୋଟିଏ ଦେଶର ପ୍ରଣାଳୀ ଆଉଗୋଟିଏ ଦେଶର ପ୍ରଣାଳୀଠାରୁ ଅନେକ ସମୟରେ କିପରି ଏକାବେଳେକେ ଓଲଟା ବି ହୋଇଥାଏ । ମାତ୍ର ଏପରି ଲୋକମାନଙ୍କ ବିଷୟରେ ମୋର ଏକାଧିକ ଅନୁଭୂତି ହୋଇଛି, ଯେଉଁମାନେ ଆପଣାର ଜାତି ଓ ପ୍ରଜାତିଗତ ଦୃଷ୍ଟିରୁ ପରସ୍ପରଠାରୁ ଅନେକ ଭିନ୍ନ ପ୍ରକାରର ହୋଇ ରହିଥିଲେ, ମାତ୍ର ମନର ଭୂମିରେ ସେମାନେ ପରସ୍ପର ସହିତ ସୌଷମ୍ୟଯୁକ୍ତ ହୋଇ ରହି ପାରିବାରେ ଏତେଦୂର ସଫଳ ହେଉଥିଲେ ଯେ କୌଣସି ଶବ୍ଦର ଆଦାନପ୍ରଦାନ ନହୋଇ ମଧ୍ୟ ସେମାନେ ପରସ୍ପରକୁ ଏହିପରି ଭାବରେ ବୁଝିନେଇ ପାରୁଥିଲେ ।

ଯଦି ଜଣେ ନୀରବ ହୋଇ ପାରିଥିବେ, ମାତ୍ର ଅନ୍ୟଜଣକ ତାହା ହୋଇ ପାରି ନଥିବେ, ତେବେ ସେମାନେ ପରସ୍ପରକୁ ବୁଝି ପାରିବେ କି ?

'oaob.nitrkl.ac.in' images reprocessed

ହଁ, ପାରିବେ । ସମ୍ଭବତଃ ଏହିପରି ହେବ ଯେ ସିଏ ନୀରବ ହୋଇ ପାରିଛନ୍ତି, ସିଏ ନୀରବ ହୋଇ ପାରି ନଥିବା ଅପର ଜଣଙ୍କୁ ବୁଝି ନେଇ ପାରିବେ ! ...ମାତ୍ର ଯେତେବେଳେ ଏହି ସଂଗତିଟି ପୂର୍ଣ୍ଣ ମାତ୍ରାରେ ରହିଥିବ,—ସେହି ସଂଗତି ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହୋଇ ପାରି ନଥିଲେ ମଧ୍ୟ, ତେବେ, ଯେତେବେଳେ ତୁମେ ଆଉଜଣଙ୍କ ସହିତ ଏକାଠି ହେବ ଏବଂ ବାହ୍ୟ ଉତ୍ତେଜିତାବସ୍ଥା ମଧ୍ୟରୁ ବାହାରି ଆସିପାରିବା ଭଳି ଯଦି ତୁମେ ଯଥେଷ୍ଟ ଦୂର ପର୍ଯ୍ୟନ୍ତ କୌଣସି ଏକ ଭାବନାର ଅନୁଧାବନ କରିଥିବ, ଏବଂ ଅନ୍ୟ ଜଣକ ମଧ୍ୟ ଯଦି ଠିକ୍ ସେହି ଭାବନାଟିର ଅନୁଧାବନ କରିଥିବେ, ତେବେ ତୁମେ ହୁଏତ ହଠାତ୍ ଆବିଷ୍କାର କରିନେବ ଯେ ପଦେହେଲେ କଥା କୁହାଯିବା ପୂର୍ବରୁ ଓ ଏପରିକି ସେଦିଗରେ କୌଣସି ପ୍ରୟାସ କରାଯିବା ପୂର୍ବରୁ ମଧ୍ୟ ତୁମେ ପରସ୍ପର ସହିତ ସହମତ ହୋଇଯାଇ ପାରିବ । ଏହି ନୀରବତା ସାଧାରଣତଃ ଏକା ସମୟରେହିଁ ଦୁଇଜଣଙ୍କ ମଧ୍ୟରେ ଅବତରଣ କରିଥାଏ ବା ପ୍ରାୟ ଏକା ସମୟରେ ଅବତରଣ କରିଥାଏ, ଯତେଯେପରି ତୁମେ ଦୁହେଁଯାକ ଥିରି କରି ଖସିଯାଇ ଏକ ନୀରବତାର ରାଜ୍ୟରେ ପ୍ରବିଷ୍ଟ ହୋଇଯାଅ । ଅବଶ୍ୟ, ହୁଏତ ଏପରି ମଧ୍ୟ ଘଟିପାରେ ଯେ ଜଣେ ତଥାପି ଆପଣାର ମୁଣ୍ଡ ଭିତରେ ଭର୍ ଭର୍ ହେବାରେ ଲାଗିଥାଏ, ମାତ୍ର ଅନ୍ୟଜଣଙ୍କର ସେହି ଯାବତୀୟ କୋଳାହଳ ବନ୍ଦ ହୋଇ ଯାଇଥାଏ; ମାତ୍ର ଯେଉଁ ଜଣଙ୍କର କୋଳାହଳ ଶୂନ ପଡ଼ି ଆସିଥାଏ, ଅନ୍ୟଜଣଙ୍କ ଭିତରେ କ'ଣ ସବୁ ଘଟୁଛି, ସେକଥା ବୁଝିନେଇ ପାରିବା ଲାଗି ତାଙ୍କର ପକ୍ଷରେହିଁ ଅଧିକତର ସମ୍ଭାବନା ରହିଥାଏ !

> ଏହି କ୍ଲାସ (ଏହିସବୁ ପ୍ରବଚନ ଓ କଥୋପକଥନର କଥା କହିଲା ବେଳେ ପିଲାମାନେ ଏହାକୁ "ମାଆଙ୍କ କ୍ଲାସ" ବୋଲି କହୁଥିଲେ) ସରିଯିବା ପରେ, ଆପଣ ଏଠି କ'ଣସବୁ କହିଲେ, ସେବିଷୟରେ ଆମକୁ ପଚରାଯାଏ । ଆମେ ତା'ର ଉତ୍ତର ଦେବୁ କି ?

ହଁ, ତୁମେ କହିପାରିବ, "ହଁ, ମୁଁ ମୋର ଯଥାଶକ୍ତି ଚେଷ୍ଟା କଲି, ମାତ୍ର ମୁଁ ପ୍ରକୃତରେ ବୁଝିଛି କି ନାହିଁ, ସେବିଷୟରେ ନିଶ୍ଚିତ ଭାବରେ ମୋଟେ କିଛି କହି ପାରିବି ନାହିଁ; ଏବଂ, ଯଦି ସେ କ'ଣ କହିଲେ, ମୋତେ ତାହାର ଏକ ବିବରଣୀ ଦେବାକୁ ହୁଏ, ତେବେ ମୁଁ ପ୍ରାୟ ନିଶ୍ଚିତ ଭାବରେ କହିପାରିବି ଯେ ମୋର କହିବା ମଧ୍ୟରେ ତାଙ୍କ କହିଥିବା କଥାଗୁଡ଼ିକ ବେଶ୍ ଅନ୍ୟପ୍ରକାର ହୋଇଯିବ ।" ଏପରି କହିଲେ, ତୁମେ ନିରାପଦ ହୋଇ ରହିପାରିବ, ଆଉ କୌଣସି ଅସ୍ୱସ୍ତି ଅନୁଭବ କରିବାକୁ ପଡ଼ିବ ନାହିଁ ।

'oaob.nitrkl.ac.in' images reprocessed

## ଚୈତ୍ୟ ଜଗତର ଉପାଦାନଟିର ସ୍ୱକୀୟ ଲକ୍ଷଣମାନ କ'ଣ ?

ଚୈତ୍ୟ ଜଗତର ଉପାଦାନଟି ସେହି ଜଗତରହିଁ ଯୋଗ୍ୟ ଓ ଯଥାନୁରୂପ ଗୋଟିଏ ଉପାଦାନ,—ଏବଂ ତା'ର ସ୍ୱକୀୟ ଚୈତ୍ୟ ଲକ୍ଷଣମାନ ମଧ୍ୟ ରହିଛି । ସେଗୁଡ଼ିକ ହେଉଛି : ଅବିନାଶିତାର ଏକ ଭାବ, ଦିବ୍ୟ ପ୍ରଭାବ ଲାଗି ଏକ ପରିପୂର୍ଣ୍ଣ ଗ୍ରହଣଶୀଳତା, ଯେଉଁ ପ୍ରଭାବଟି ଦ୍ୱାରା ତାହା ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଛି, ସେହି ପ୍ରଭାବଟି ପାଖରେ ଆପଣାକୁ ପୂର୍ଣ୍ଣରୂପେ ଏକ ଯନ୍ତ୍ର କରି ରଖିବା । ଠିକ୍ ଏହି କଥାଟିହିଁ ଚୈତ୍ୟକୁ ଆମ ସତ୍ତାର ଅନ୍ୟାନ୍ୟ ଭାଗଗୁଡ଼ିକଠାରୁ ଅଲଗା ପ୍ରକାରର କରି ରଖିଥାଏ । ଉଦାହରଣସ୍ୱରୂପ, ମୁଁ ଯେତେବେଳେ ଚୈତ୍ୟକେନ୍ଦ୍ରଟିର ଚାରିପାଖରେ ମନ ଏବଂ ପ୍ରାଣକୁ ସଂଗଠିତ କରି ରଖିବା ବିଷୟରେ କହୁଛି, ସେତେବେଳେ ମୁଁ କଦାପି ଏକଥା କହୁ ନାହିଁ ଯେ ତଦ୍ୱାରା ସେଗୁଡ଼ିକ ମଧ୍ୟ ଚୈତ୍ୟ ହୋଇଯିବେ; ନା—ସେମାନେ ସେହି ମନ ଓ ପ୍ରାଣ ହୋଇ ରହିଥିବେ; ମାତ୍ର ଏକ ସେନାବାହିନୀ ଯେପରି ଜଣେ ନେତାଙ୍କୁ କେନ୍ଦ୍ର କରି ସଂଗଠିତ ହୋଇ ରହିଥାଏ, ଠିକ୍ ସେହିପରି ମନ ଓ ପ୍ରାଣ ଚୈତ୍ୟକୁ କେନ୍ଦ୍ର କରି ସଂଗଠିତ ହୋଇ ରହିପାରନ୍ତି । ସେନାବାହିନୀ ସ୍ୱୟଂ ନେତା ବନି ଯାଏ ନାହିଁ, ସେନାବାହିନୀ ନେତାର ଆଦେଶ ପାଳନ କରେ, ନୁହେଁ କି ? ଏବଂ, ଏହି କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା; ମନ ଏବଂ ପ୍ରାଣ ମଧ୍ୟ ସେହିପରି ଚୈତ୍ୟକେନ୍ଦ୍ରଟିର ଚାରିପାଖରେ ସଂଗଠିତ ହୋଇ ରହନ୍ତି, ସେମାନେ ଚୈତ୍ୟଠାରୁହିଁ ଆବଶ୍ୟକ ନିର୍ଦ୍ଦେଶ ପାଉଥାନ୍ତି ଏବଂ ଯଥାଶକ୍ତି ସେଗୁଡ଼ିକର ପାଳନ କରୁଥାନ୍ତି । ମାତ୍ର ତା' ବୋଲି ସେଗୁଡ଼ିକର ଉପାଦାନଟି କଦାପି ଚୈତ୍ୟ ଉପାଦାନରେ ପରିଣତ ହୋଇ ଯାଏ ନାହିଁ । ସେଗୁଡ଼ିକ ଚୈତ୍ୟ ପ୍ରଭାବର ପରିସର ମଧ୍ୟକୁ ଆସି ପ୍ରଭାବିତ ହୋଇ ପାରନ୍ତି ଏବଂ ଅଳ୍ପ ବହୁତ ତା'ର ସ୍ୱଭାବଟିକୁ ମଧ୍ୟ ଗ୍ରହଣ କରିପାରନ୍ତି ସତ, ମାତ୍ର ତା'ର ଉପାଦାନଟିକୁ ଗ୍ରହଣ କରି ପାରନ୍ତି ନାହିଁ ।

ଆପଣ କହିଥିଲେ ଯେ, କେତେକ ନିର୍ଦ୍ଦିଷ୍ଟ ସ୍ଥାନ ଓ ନିର୍ଦ୍ଦିଷ୍ଟ ଦେଶରେ ସଂକେନ୍ଦ୍ରିତ ହୋଇ ରହିଥିବା ଶକ୍ତିଗୁଡ଼ିକ ଲାଗି ଆମର ଶରୀରକୁ ଗ୍ରହଣଶୀଳ କରି ତିଆରି କରାଯାଇ ପାରେ । ମାତ୍ର ଚେତନାର ଭୂମିରେ ଏକ ପୂର୍ବପ୍ରସ୍ତୁତି ବ୍ୟତୀତ ଆମେ ଏହି ଭୌତିକ ବୋଧଟିର ଅଧିକାରୀ ହୋଇ ପାରିବା କି ? ଅଥବା, ଏଇଟିକୁ, ଉଦାହରଣସ୍ୱରୂପ, ଉତ୍ତାପ, ଶୀତ, ବା ଦେହ କୁଣ୍ଡାଇ

ହେବା ପରେ ପ୍ରକୃତରେ ଏକ ସ୍ୱତଃସ୍ଫୂର୍ତ୍ତ ବୋଧ ବୋଲି କୁହାଯାଇ ପାରିବ କି ?*

ଯଦି କୌଣସି ଏକ ଭାବନା ଅଥବା ଇଚ୍ଛାର ପରିଣାମସ୍ୱରୂପ ଏପରି ହେଉଥାଏ, ତେବେ ଏହାକୁ ଆଦୌ ଏକ ଅନୁଭୂତି ବୋଲି କୁହା ଯିବ ନାହିଁ ଏବଂ ତାହାର ଆଉ କୌଣସି ମୂଲ୍ୟ ବି ରହିବ ନାହିଁ । ତୁମେ ବୁଝିରଖ, ମୁଁ ଏହି କଥାଟିକୁ ଅତ୍ୟନ୍ତ ଦୃଢ଼ଭାବରେ କହୁଛି ଯେ କୌଣସି ଏକ ଭାବନା ଏବଂ ପୂର୍ବକଳ୍ପିତ ଇଚ୍ଛା ଫଳରେ ତୁମର ଯେଉଁ ଅନୁଭୂତି ହେବ, ଆଧ୍ୟାତ୍ମିକ ଦୃଷ୍ଟିରୁ ତାହାର ଆଦୌ କୌଣସି ମୂଲ୍ୟ ରହିବ ନାହିଁ ।

ମାତ୍ର, ଆପଣ ଏହି ବୋଧଟି ଲାଗି ଏକପ୍ରକାର "ଅନୁକୂଳ" ହୋଇ ରହିଥିଲେ ବୋଲି କୁହାଯାଇ ପାରିବ ନାହିଁ କି ?

ଅନେକ ଲୋକ ଅଛନ୍ତି, ଯେଉଁମାନେ କି ସର୍ବଦା ଏକ ଉଚ୍ଚତର ଚେତନା ମଧ୍ୟରେ ବାସ କରୁଥାନ୍ତି । ମାତ୍ର ତା' ଭିତରେ ପ୍ରବେଶ କରିବାକୁ ମଧ୍ୟ ଅନ୍ୟମାନଙ୍କୁ ବେଶ୍ ଏକ ଉଦ୍ୟମ କରିବାକୁ ପଡ଼ିଥାଏ । ମାତ୍ର, ଏଠାରେ ଏକ ସମ୍ପୂର୍ଣ୍ଣ ଅନ୍ୟ କଥା ପଡ଼ୁଛି । ମୁଁ ଯେଉଁ ଅନୁଭୂତିଟିର କଥା କହୁଥିଲି, ସେହିଟି ବିଷୟରେ ମନେ ରଖିବାକୁ ହେବ ଯେ ମୁଁ ସେହି ଅନୁଭୂତିଟି ଲାଗି କୌଣସି ପ୍ରତ୍ୟାଶା ରଖି ନଥିଲି, ଆଦୌ କୌଣସି ପ୍ରତ୍ୟାଶା ରଖି ନଥିଲି, ଏବଂ ତାହାହିଁ ସେହି ଅନୁଭୂତିଟିକୁ ତାହାର ଯାବତୀୟ ମହତ୍ତ୍ୱ ଆଣି ପ୍ରଦାନ କଲା । ମୁଁ ଭଲ କରି ଜାଣିଥିଲି ଯେ ଦୀର୍ଘ ଅନେକ ସମୟ ଧରି ମୁଁ ଅବଚ୍ଛିନ୍ନ ଭାବରେ, ଯଦି ମୋତେ ଏପରି କହିବା ଲାଗି ଅନୁମତି ଦିଆଯାଏ, ଶ୍ରୀଅରବିନ୍ଦଙ୍କ ପରିବେଶଟି ସହିତ "ଆଧ୍ୟାତ୍ମିକ" ସଂସ୍ପର୍ଶ ମଧ୍ୟରେ ରହିଥିଲି, ମାତ୍ର ତା' ବୋଲି ଭୌତିକ ବାୟୁମଣ୍ଡଳରେ ମଧ୍ୟ ତଦନୁରୂପ ଏକ ପରିବର୍ତ୍ତନ ପରିଲକ୍ଷିତ ହେବ ବୋଲି କେବେହେଲେ ଚିନ୍ତା କରି ନଥିଲି ଏବଂ ଏହି ସମ୍ଭାବନାଟି ବିଷୟରେ ମୋର ଏତେଟିକିଏ ପ୍ରତ୍ୟାଶା ନଥିଲା; ଏବଂ ତାହାହିଁ ଏହି ଅନୁଭୂତିଟିକୁ ଏତେ ମହତ୍ତ୍ୱ ଆଣିଦେଲା; ତାହା ସେହିପରି ହଠାତ୍ ଅପ୍ରତ୍ୟାଶିତ ଭାବରେ ଆସି ପହଞ୍ଚିଲା; ଏକ ଅନ୍ୟ ଉତ୍ତାପ ଏବଂ ଅନ୍ୟ ଉଚ୍ଚତାବିଶିଷ୍ଟ ସ୍ଥାନରେ ଆସି ପ୍ରବେଶ

---

* ପୂର୍ବତନ କଥୋପକଥନଟିରେ ମାଆ ବର୍ଣ୍ଣନା କରିଥିଲେ ଯେ ଜାପାନରୁ ଭାରତବର୍ଷକୁ ଫେରି ଆସିବାବେଳେ ପଣ୍ଡିଚେରୀରେ ପହଞ୍ଚିବାର ଦୁଇ ସମୁଦ୍ର-ମାଇଲ୍ ଦୂର ପୂର୍ବରୁ ମଧ୍ୟ ସେ ନିଜର ଶାରୀରିକ ବୋଧରେ ଶ୍ରୀଅରବିନ୍ଦଙ୍କର ପରିବେଶଟିକୁ ଅନୁଭବ କରି ପାରିଥିଲେ ।

'oaob.nitrkl.ac.in' images reprocessed

କଲେ ଯେପରି ଅନୁଭୂତ ହୁଏ, ଏହି କଥାଟି ଠିକ୍ ସେହିପରି ଘଟିଲା।... ତୁମେ ଯେଉଁ ବାୟୁକୁ ନିଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କର, ତାହା ଯେ ସବୁବେଳେ ସେହି ଗୋଟିଏ ବାୟୁ ହୋଇ ଆଦୌ ନଥାଏ, ସେକଥା ତୁମେମାନେ ଲକ୍ଷ୍ୟ କରି ଦେଖିଛ କି ନାହିଁ ମୋତେ ଜଣା ନାହିଁ, ଗୋଟିଏ ଦେଶର ବାୟୁରେ ଗୋଟିଏ ପ୍ରକାରର ସ୍ପନ୍ଦନ ରହିଥାଏ ଓ ଆଉଗୋଟିଏ ଦେଶର ବାୟୁରେ ଆଉଗୋଟିଏ ସ୍ପନ୍ଦନ ରହିଥାଏ; ଗୋଟିଏ ସ୍ଥାନର ବାୟୁରେ ଗୋଟିଏ ପ୍ରକାରର ସ୍ପନ୍ଦନ ରହିଥାଏ ତ ଆଉଗୋଟିଏ ସ୍ଥାନର ବାୟୁରେ ଆଉପ୍ରକାରର ସ୍ପନ୍ଦନ ରହିଥାଏ। ଯଦି ସୂକ୍ଷ୍ମଭୌତିକର ଏହି ଅନୁଭୂତିଟି ସହିତ ତୁମର ଯଥେଷ୍ଟ ପରିଚୟ ରହିଥାଏ, ତେବେ ତୁମେ ସଙ୍ଗେସଙ୍ଗେ କହିଦେଇ ପାରିବ, "ଆରେ, ଏଠିକା ପବନ ତ ଠିକ୍ ଫ୍ରାନ୍ସର ପବନ ପରି ଲାଗୁଛି !" ବା "ଏଠିକା ପବନ ଠିକ୍ ଜାପାନ ଦେଶର ପବନ ପରି ଲାଗୁଛି !" ସ୍ୱାଦ ଅଥବା ଗନ୍ଧ ପରି ଏଇଟିକୁ ମଧ୍ୟ କୌଣସି ସଂଜ୍ଞା କରି କହି ହେବ ନାହିଁ। ମାତ୍ର ଏହି କ୍ଷେତ୍ରରେ ଏହା ଆଦୌ ସେପରି ନୁହେଁ, ଏହା ହେଉଛି ଏକ ଅନ୍ୟ ବୋଧର ଅନୁଭୂତି। ଏହା ହେଉଛି ଏକ ଶାରୀରିକ ବୋଧ, ପ୍ରାଣିକ ନୁହେଁ ଅଥବା ମାନସିକ ବି ନୁହେଁ। ଏହା ଭୌତିକ ଜଗତର ଏକ ବୋଧ; ମାତ୍ର ଆମେ ସାଧାରଣତଃ ଯେଉଁ ପାଞ୍ଚୋଟି ଦ୍ୱାର ଦ୍ୱାରା ଯାବତୀୟ ବୋଧ ଗ୍ରହଣ କରିଥାଉ, ତାହା ବ୍ୟତୀତ ବି ଗ୍ରହଣର ଅନ୍ୟାନ୍ୟ ଦ୍ୱାର ରହିଛି,—ତାହା ବ୍ୟତୀତ ଆହୁରି ଅନେକ ଅନ୍ୟ ଦ୍ୱାର ରହିଛି।

ବସ୍ତୁତଃ, ପୂର୍ଣ୍ଣ ଭାବରେ ବିକାଶଲାଭ କରିବାକୁ ହେଲେ, ଏହି ଭୌତିକ ସତ୍ତାଟି ପାଖରେ,—ମନେ ରଖିଥାଅ ଯେ ଏଠାରେ ମୁଁ ଭୌତିକ ସତ୍ତା ବୋଲି କହୁଛି,—ବାରଗୋଟି ଇନ୍ଦ୍ରିୟ ବା ଦ୍ୱାର ରହିଥିବା ଆବଶ୍ୟକ। ବର୍ତ୍ତମାନ ମୁଁ ଯେଉଁ ଅନୁଭବଟି ବିଷୟରେ କହୁଥିଲି, ଏହି ଇନ୍ଦ୍ରିୟଗୁଡ଼ିକ ଭିତରୁହିଁ ଗୋଟିଏ ଦ୍ୱାର ତୁମମାନଙ୍କୁ ସେହି ବୋଧଟିକୁ ଆଣି ଦେଇଥାଏ। ତୁମେମାନେ ଏହାକୁ ସ୍ୱାଦ, ଗନ୍ଧ ବା ଶବ୍ଦ କିଛିହେଲେ କହି ପାରିବ ନାହିଁ। ତଥାପି, ଏହା ଏପରି ଗୋଟିଏ ଜିନିଷ, ଯାହାକି ତୁମମାନଙ୍କୁ ଏକ ଗୁଣାତ୍ମକ ପାର୍ଥକ୍ୟ ବିଷୟରେ ଅତ୍ୟନ୍ତ ନିର୍ଭୁଲ ଭାବରେ ଏକ ଅନୁଭୂତି ଆଣି ଦେଇଯାଇଥାଏ। ଏହା ପ୍ରକୃତରେ ଏକ ଅତ୍ୟନ୍ତ ନିର୍ଭୁଲ ଅନୁଭୂତି, କଳା ଓ ଧଳାକୁ ପରସ୍ପରଠାରୁ ପୃଥକ୍ ବୋଲି ଦେଖିବା ପରି ଏକ ଅନୁଭୂତି, ଏବଂ ଏହାକୁ ଯଥାର୍ଥରେ ଏକ ଇନ୍ଦ୍ରିୟଜ୍ଞାନ ବୋଲି କୁହାଯାଇ ପାରିବ।

ଯଦି ତୁମେ ଗୁଢ଼ବିଦ୍ୟା ଅଧ୍ୟୟନ କରିବାକୁ ଇଚ୍ଛା କରୁଥାଅ, ତେବେ ଆପଣାର ସର୍ବପ୍ରଥମ କର୍ତ୍ତବ୍ୟରୂପେ ତୁମର ଗୁରୁ ଏହି ବିଷୟରେ ତୁମକୁ ଆଦୌ କିଛିହେଲେ କହିବେ ନାହିଁ। ତୁମକୁ ତାହାର ତଥ୍ୟଗୁଡ଼ିକ ବିଷୟରେ ଆଦୌ କୌଣସି ବ୍ୟାଖ୍ୟା ଦେବେ ନାହିଁ। ଏହାର ଏକମାତ୍ର କାରଣ ହେଉଛି ଯେ ତୁମ

'oaob.nitrkl.ac.in' images reprocessed

ପାଖରେ ମନ ବୋଲି ଯେଉଁ ହାସ୍ୟାସ୍ପଦ ସାମର୍ଥ୍ୟଟି ରହିଛି, ତାହା ଏସବୁ ବିଷୟରେ "ଭାବିବାକୁ" ଆରମ୍ଭ କରିବ ଏବଂ ତୁମ ଲାଗି ଏପରି ନାନା "ଅନୁଭୂତି" ବହନ କରି ଆଣିବ, ଯାହାର କି ଆଦୌ କୌଣସି ମୂଲ୍ୟ ନାହିଁ । ସେଗୁଡ଼ିକ ବସ୍ତୁତଃ ଗୋଟିଏ ଗୋଟିଏ ମାନସିକ ବିରଚନ ମାତ୍ର, ସେମାନେ ତୁମକୁ କେବଳ ଗୋଟିଏ କ୍ରୀଡ଼ନକ ପରି ବ୍ୟବହାର କରିବେ । ବାସ୍, ସେତିକି ଲାଭ ହେବ । ସେଗୁଡ଼ିକର ଆଦୌ କୌଣସି ବାସ୍ତବିକତା ନାହିଁ ।

ଅନୁଭୂତିର ଯଥାର୍ଥ ଜଗତରେ ପ୍ରବେଶଲାଭ କରିବାକୁ ହେଲେ ତୁମକୁ ଏହି ମନଟିକୁ ସମ୍ପୂର୍ଣ୍ଣ ଭାବରେ ଅବିଶ୍ୱାସ କରିବାକୁ ପଡ଼ିବ । ମନ କେବଳ ଯଥେଷ୍ଟ ପରିମାଣରେ କିଞ୍ଚିତ୍ ଜାଗ୍ରତ ହୋଇ ରହିଥିବ ଏବଂ "ଆରେ, ଏସବୁ କ'ଣ ହେଉଛି ?" ବୋଲି କହି ପାରୁଥିବ,—ବାସ୍ ସେତିକି । ···ତା'ହେଲେ ଏପରି ହୁଏତ ହେବ ଯେ ଘଟଣାମାନ ଘଟି ଯାଉଥିବ, ମାତ୍ର ତାହାକୁ ଆଉ ପ୍ରକୃତ ବିଷୟଟି ବୋଲି କୁହାଯିବ ନାହିଁ, ତାହାକୁ କେବଳ ଏକ ବିରଚନା ବୋଲି କୁହାଯିବ ।

ପ୍ରଥମ ସର୍ତ୍ତଟି ହେଉଛି, ଉପରି ନୀରବ ହୋଇ ରହିବାକୁ ହୁଏ, ତୁମକୁ ସେହି କଥାଟି ଶିଖିବାକୁ ପଡ଼ିବ । ତା'ର ଅର୍ଥ ନୁହେଁ ଯେ ତୁମେ କେବଳ ନିଜର ଜିଭଟାକୁହିଁ ବାନ୍ଧି କରି ରଖିଥିବ, ମାତ୍ର ମନଟାକୁ ମଧ୍ୟ ନୀରବ କରି ରଖିଥିବ, ମୁଣ୍ଡଟାକୁ ନୀରବ କରି ଦେଇଥିବ । ତୁମେ ଯଦି ଏପରି ଏକ ଯଥାର୍ଥ ଓ ନିବିଡ଼ ଅନୁଭୂତି ଲାଭ କରିବାକୁ ଇଚ୍ଛା କରୁଥିବ, ଯାହା ଉପରେ କି ତୁମେ ସ୍ଥାୟୀ ଓ ଯଥାର୍ଥ କରି କିଛି ଗଢ଼ିପାରିବ, ତେବେ ତୁମକୁ ନୀରବ ହୋଇ ଶିଖିବାକୁ ହେବ; ତା' ନହେଲେ କେବଳ ନିଜର ବିରଚିତ କେତୋଟିମାତ୍ର କଳ୍ପନା ବ୍ୟତୀତ ତୁମ ପାଖରେ ଆଉ କିଛିହେଲେ ରହିବ ନାହିଁ, ଯାହାକୁ କି କେବଳ କିଛି ନାହିଁର ସମତୁଲ୍ ବୋଲି କୁହାଯିବ । ସେତେବେଳେ ତୁମେ କେବଳ ଏତିକି କହିପାରିବ, "ହେ ଭଗବାନ୍, ମୋର ମନ ପ୍ରକୃତରେ କେତେ କ'ଣ ଗଢ଼ି ଯୋଇଦେଇ ପାରୁଛି !"

'oaob.nitrkl.ac.in' images reprocessed

୨୨ ମାର୍ଚ୍ଚ ୧୯୫୧

ଗ୍ରା - ସିରିଡିଆ ପୋ - ଦେବିପୁର
ଥା - ଗଡ଼ଦଣ୍ଡୁର ଜି - କେନ୍ଦ୍ରାପଡା
, ଓଡ଼ିଶା
ବହି ନଂ - ୩୭୨

"ସମୟ ଆପେକ୍ଷିକ"-ବୋଲି ଆପଣ କହିଛନ୍ତି । ତାହାର ଅର୍ଥ କ'ଣ ?

କାଳାବଧିର ଜ୍ଞାନ ତୁମର ଚେତନାଟି ଉପରେ ନିର୍ଭର କରୁଛି । ଯଦି ତୁମେ ସାଧାରଣ ମାନବ-ଚେତନାର ସ୍ତରରେ ଅବସ୍ଥିତ ରହିଥାଅ, ତେବେ ତୁମେ ଯେତିକି ବର୍ଷ ବଞ୍ଚିବ ବୋଲି ଅନୁମାନ କରୁଛ, ତୁମେ ତାହାରି ଅନୁସାରେହିଁ ସମୟର ଗଣନା କରିବାରେ ଲାଗିଥିବ । ତେଣୁ, କୁହାଯାଇପାରେ, ଯେଉଁ କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗି ପଚିଶ ବର୍ଷ ସମୟ ଲାଗିବ, ତୁମକୁ ସେହି କାର୍ଯ୍ୟର ଅବଧି ଅତିରିକ୍ତ ଦୀର୍ଘ ବୋଧ ହେବ; କାରଣ, ତୁମେ ଭାବୁଥିବ, "ପଚିଶ ବର୍ଷ…କିଏ କହିପାରିବ ପଚିଶ ବର୍ଷ ପରେ ମୁଁ କେଉଁଠାରେ ଥିବି ?" ଏପରିକି, ଏହି ବିଷୟରେ ତୁମେ ସ୍ପଷ୍ଟ ଭାବରେ ଆଦୌ ସଜ୍ଞାନ ହୋଇ ରହି ନଥିଲେହେଁ, ଏହି କଥାଟି ତୁମ ଚେତନା ମଧ୍ୟରେ ଘର କରି ରହିଥିବ । ମାତ୍ର, ଯଦି ତୁମେ କେବଳ ଏକ ମନୋମୟ ଚେତନାର ଦୃଷ୍ଟିକୋଣରୁ କଥାଟିର ବିଚାର କରିବାକୁ ଯିବ, ଉଦାହରଣସ୍ୱରୂପ, କୌଣସି ଲିଖିତ ଗ୍ରନ୍ଥ ପରି ଅନେକ କାଳ ସ୍ଥାୟୀ ହେଉଥିବା କୌଣସି ବସ୍ତୁର ବିଚାର କରିବ,—ଯଥାର୍ଥରେ ଉଚ୍ଚଗୁଣାତ୍ମକ ଏକ ଗ୍ରନ୍ଥ ହୁଏତ ଶହ ଶହ ଓ ଏପରିକି ହଜାର ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହି ପାରିବ,—ଅର୍ଥାତ୍, "ତୁମର ବିଚାରଗୁଡ଼ିକ ପ୍ରଚାରିତ ଓ ବ୍ୟାପ୍ତ ହେବା ଲାଗି ଶହେ ବର୍ଷ ଲାଗିବ" ବୋଲି ଯଦି ତୁମକୁ କୁହାଯିବ, ତେଣୁ ତାହା ତୁମକୁ ଅତିରିକ୍ତ ପରିମାଣରେ ଦୀର୍ଘ ଏକ ଅବଧି ବୋଲି ମୋଟେ ଲାଗିବ ନାହିଁ । ଏବଂ ନିଜର ଚେତନାକୁ ଯଦି ତୁମେ ଚୈତ୍ୟ ଚେତନା ସହିତ ଏକତ୍ର ଗୁନ୍ଥି ରଖିପାର, ତେବେ ଗୋଟିଏ ଜୀବନ ପୂର୍ବରୁ ଅତିବାହିତ ହୋଇ ଯାଇଥିବା ଆହୁରି ଅନେକ ସମତୁଲ୍ୟ ମୁହୂର୍ତ୍ତ ପରି ତୁମକୁ କେବଳ ଗୋଟିଏ ମୁହୂର୍ତ୍ତ ବୋଲିହିଁ ମନେହେବ । ଏବଂ, ଆହୁରି ଆଗକୁ ଯାଇ, ଯଦି ତୁମେ ଶାଶ୍ୱତକାଳର ଚେତନା ସହିତ ସଂଯୁକ୍ତ ହୋଇ ରହିପାରିବ, ତେବେ ତୁମ ଲାଗି ସମୟର ଆଉ ଆଦୌ କୌଣସି ବାସ୍ତବ ମୂଲ୍ୟ ରହିବ ନାହିଁ ।

ତେଣୁ ସବୁକିଛି ଆପେକ୍ଷିକ ।

'oaob.nitrkl.ac.in' images reprocessed

ଯେତେବେଳେ ଆମେ ସତ୍ତାର ବିଭିନ୍ନ ଭାଗଗୁଡ଼ିକ ବିଷୟରେ ସଚେତନ ହେଉ, ସେତେବେଳେ ଆମର ଠିକ୍ କେଉଁ ଭାଗଟି ସେଭଳି ସଚେତନ ହୋଇ ରହିଥାଏ ?

ସମ୍ଭବତଃ କୌଣସି ଗୋଟିଏ ଭାଗ ସେହିଭଳି ସଚେତନ ହୋଇ ରହି ନଥାଏ । ସଜ୍ଞାନ ରହିବାର କାର୍ଯ୍ୟଟି ସାଧାରଣତଃ ଚୈତ୍ୟ ଅଂଶଟି ଦ୍ୱାରା ସାଧିତ ହେବା କଥା, ମାତ୍ର ଖୁବ୍ କ୍ୱଚିତ୍ ଚୈତ୍ୟ ଅଂଶଟି ତାହା କରିଥାଏ । ଅଧିକତର ସମୟରେ ମନର ଗୋଟିଏ ଅଂଶହିଁ ସେହି କାର୍ଯ୍ୟଟିକୁ କରିଥାଏ, ସେହି ଅଂଶଟି ଅଳ୍ପବହୁତ ପରିମାଣରେ ଆଲୋକିତ ହୋଇ ରହିଥାଏ, ଯିଏକି କଣ୍ଟିଡ୍ ଅନ୍ତରାଳକୁ ଅପସରି ଯାଇ ଠିଆ ହେବାର ସାମର୍ଥ୍ୟ ରଖିଥାଏ ଏବଂ ଅବଶିଷ୍ଟଟି ଉପରେ ଦୃଷ୍ଟିପାତ କରି ପାରୁଥାଏ । ମାତ୍ର ତୁମେମାନେ ତ ଏହି କଥାଟିକୁ ବେଶ୍ ଭଲ୍ କରି ଜାଣିଛ : ଯଦି ତୁମେ ଆପଣାର ମନୋଭୂମିରେ ସଚେତନ ହୋଇ ରହିଥାଅ, ତେବେ ମନର ଗୋଟିଏ ଭାଗ ଗୋଟିଏ କଥା କରୁଥାଏ ତ ଆଉଗୋଟିଏ ଭାଗ ତା'ର ଉତ୍ତର ଦେଉଥାଏ; ଦୁଇଟିଯାକ ଭାଗ ମଧ୍ୟରେ ସତେଅବା ଅଛଣ୍ଡା ଭାବରେ ଚର୍ଚ୍ଚାଲୋଚନା ଲାଗି ରହିଥାଏ । ଅନେକ ଲୋକଙ୍କର ଏହିପରି ଏକ କଥୋପକଥନ ଅବାରିତ ଭାବରେ ଚାଲିଥାଏ ।

ଆମ ଭିତରେ କେଉଁ ଭାଗଟି କେତେବେଳେ ସଚେତନ ରହିଥାଏ, ସେକଥା ଥିର କରି କହିବା ଆଦୌ ସହଜ ନୁହେଁ; ମାତ୍ର ସ୍ୱଭାବତଃ, ଯଦି ଗୋଟିଏ ପାଖ ଅବଲୋକନ କରେ, ତେବେ ଏହି ଭାଗଟିରେ ରହିଥିବା "ସାକ୍ଷୀ" ଉପାଦାନଟିହିଁ,— ସତ୍ତାର ଯାବତୀୟ ଭାଗରେ ଏପରି ଏକ ଉପାଦାନ ରହିଥାଏ ଯାହାକି ଏକ "ସାକ୍ଷୀ" ହୋଇ ସବୁ ଦେଖୁଥାଏ,—ଅବଲୋକନ କରିବାରେ ଲାଗିଥାଏ, ଏପରିକି, ଭୌତିକ ସ୍ତରରେ ମଧ୍ୟ ଗୋଟିଏ ସାକ୍ଷୀ ରହିଛି, ଯାହାକି ଅବଲୋକନ କରିବାର ଏହି ମାର୍ଗରେ ବେଶ୍ ଅନେକ ଦୂର ଅଗ୍ରସର ହୋଇପାରେ; ଉଦାହରଣସ୍ୱରୂପ, ଯଦି ତାହା ତୁମକୁ ଖେଳୁଥିବାର ଦେଖେ, ତେବେ ତାହା ତୁମକୁ ପ୍ରଭୂତ ପରିମାଣରେ ଚଳତ୍‌ଶକ୍ତିପ୍ରଦାନ କରି ଦେଇପାରିବ । ଏକ ପ୍ରାଣିକ ସାକ୍ଷୀ ମଧ୍ୟ ରହିଛି ଯିଏକି ତୁମ ଆଡ଼କୁ ଅବଲୋକନ କରିବାରେ ଲାଗିଛି, ତୁମର ବାସନାଗୁଡ଼ିକୁ ଲକ୍ଷ୍ୟ କରି ଦେଖୁଛି ଏବଂ ଯାହାକିଛି ଘଟୁଛି, ସେଗୁଡ଼ିକୁ ଭାରି ବଢ଼ିଆ ଭାବରେ ଉପଭୋଗ କରିବାରେ ଲାଗିଛି । ଏହା ଏକ ବ୍ରେକ୍ ପରି ମଧ୍ୟ କାର୍ଯ୍ୟ କରୁଛି । ଏକ ମାନସିକ ସାକ୍ଷୀ ରହିଛି, ଯାହାକି ଧାରଣାଗୁଡ଼ିକର ବିଚାର କରୁଛି, "ଏହି ଧାରଣାଟି ସେହି ଧାରଣାଟିର ବିରୁଦ୍ଧାଚରଣ କରୁଛି" ବୋଲି କହିବାରେ ଲାଗିଛି, ଏବଂ ଯାହା ସବୁକିଛିକୁ ଗଚ୍ଛାଇ

'oaob.nitrkl.ac.in' images reprocessed

ସଜାଇ ରଖିଛି । ଏବଂ, ସେହି ମହାନ୍ ଚୈତ୍ୟ ପରମସାକ୍ଷୀ ମଧ୍ୟ ରହିଛନ୍ତି, ଯିଏକି ଅନ୍ତର୍ଗତ ଦିବ୍ୟସତ୍ତାରୂପେ ପ୍ରତିଷ୍ଠିତ ରହିଛନ୍ତି ।

ବେଳେବେଳେ ଏହି ବିଭିନ୍ନ ସାକ୍ଷୀମାନଙ୍କ ମଧ୍ୟରେ ଆଦୌ କୌଣସି ସମ୍ବନ୍ଧ ରହୁ ନାହିଁ । ସମ୍ବନ୍ଧ ରହିବା ଉଚିତ, ଅଥଚ, ସେଇଟି ସବୁବେଳେ ଆଦୌ ରହି ପାରୁ ନାହିଁ । ମାତ୍ର ଯଦି ସତ୍ତା ଭିତରେ ପରିପୂର୍ଣ୍ଣତା ହାସଲ କରିବା ଲାଗି ଏକ ଶକ୍ତିଶାଳୀ ଆଗ୍ରହ ରହିଥାଏ, ତେବେ ଖୁବ୍ ଶୀଘ୍ର ସମ୍ବନ୍ଧଟି ପ୍ରତିଷ୍ଠିତ ହୋଇଯାଏ; ଗୋଟିଏ ସାକ୍ଷୀ ଆଉଗୋଟିକ ସହିତ ଆଣି ସୂତ୍ର ଯୋଡ଼ିଦେଇଯାଏ ଏବଂ ପରିଶେଷରେ, ଯଦି ଯଥେଷ୍ଟ ପରିମାଣରେ ନିଷ୍ଠା ରହିଥାଏ, ଯଥେଷ୍ଟ ପରିମାଣରେ ଫକେନ୍ଦ୍ରଣ ରହିଥାଏ, ତେବେ ତୁମେ ସେହି ସର୍ବୋଚ୍ଚ ଅନ୍ତରସ୍ଥ ପରମସାକ୍ଷୀଙ୍କ ପାଖରେ ଆସି ପହଞ୍ଚିଯାଅ, ଯିଏକି ସବୁକିଛିର ବିଚାର କରିପାରନ୍ତି । ମାତ୍ର ସାଧାରଣତଃ ହୁଏତ ଏହି କଥାଟି କୁହାଯାଇ ପାରିବ ଯେ, ସର୍ବଦା ସେହି ମନରହିଁ ଗୋଟିଏ ଅଂଶ, ଅଳ୍ପବହୁତ ଆଲୋକିତ ହୋଇ ରହିଥିବା ଏକ ଅଂଶ, ଯାହାକି ଅପେକ୍ଷାକୃତ ଅଧିକ ନିକଟବର୍ତ୍ତୀ ଭାବରେ ଅନ୍ତର୍ଗତ ସତ୍ତାଟି ସହିତ ସଂସ୍ପର୍ଶଯୁକ୍ତ ହୋଇ ରହିଥାଏ, ତାହାହିଁ ସବୁକିଛିକୁ ଅବଲୋକନ କରୁଥାଏ ଏବଂ ସବୁକିଛିର ବିଚାର କରୁଥାଏ ।

ଚେତନା କହିଲେ କ'ଣ ବୁଝାଏ ?

(ମାଆ କିଛିକ୍ଷଣ ନୀରବ ରହିଲେ ଓ ତା'ପରେ କହିଲେ) ଏହାର ଅନେକ ବ୍ୟାଖ୍ୟା ରହିଛି ଓ ସେଗୁଡ଼ିକ ମଧ୍ୟରୁ ମୁଁ କେଉଁଟିକୁ ଦେବି, ସେହି ବିଷୟରେ ବିଚାର କରୁଛି । ଗୋଟିଏ ହେଉଛି,—ପ୍ରାୟ ପରିହାସ କରି ଏପରି କୁହା ଯାଇଥାଏ,—ଚେତନା ହେଉଛି ଅଚେତନାର ବିପରୀତ । ଆଉଗୋଟିଏ···ଏଇଟି ହେଉଛି ବିଶ୍ୱବ୍ରହ୍ମାଣ୍ଡର ସୃଜନ ମୂଳ ସାରତତ୍ତ୍ୱ,—ଯଦି ଚେତନା ନରହିବ, ତେବେ କୌଣସି ବିଶ୍ୱବ୍ରହ୍ମାଣ୍ଡ ହିଁ ରହିବ ନାହିଁ; କାରଣ ଅମୂର୍ତ୍ତକୁ ମୂର୍ତ୍ତ କରି ଆଣିବା ହେଉଛି ଚେତନା । ମୁଁ ହୁଏତ ଏପରି ମଧ୍ୟ କହିପାରିବି ଯେ, ଯାହାକିଛି "ଅସ୍ତିତ୍ୱରେ ରହିଛି", ତାହାହିଁ ଚେତନା, କାରଣ ଚେତନା ନଥିଲେ ଆଦୌ କୌଣସି ଅସ୍ତିତ୍ୱ ସମ୍ଭବ ହେବ ନାହିଁ । ଏହାହିଁ ସବୁଠାରୁ ଅଧିକ ବଳିଷ୍ଠ କାରଣ । ଚେତନା ବ୍ୟତୀତ କୌଣସି ଜୀବନ ସମ୍ଭବ ହେବ ନାହିଁ, କୌଣସି ଆଲୋକ ସମ୍ଭବ ହେବ ନାହିଁ, କୌଣସି ମୂର୍ତ୍ତୀକରଣ ସମ୍ଭବ ହେବ ନାହିଁ,—କୌଣସି ସୃଷ୍ଟି ଓ ବିଶ୍ୱବ୍ରହ୍ମାଣ୍ଡ ବି ସମ୍ଭବ ହେବ ନାହିଁ ।

'oaob.nitrkl.ac.in' images reprocessed

ଅବ୍ୟକ୍ତ ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେ ସମ୍ଭବତଃ ଏକ ଚେତନା ରହିଛି (ମାତ୍ର ଏହିସବୁ ପ୍ରଶ୍ନର ଆଲୋଚନା କରିବାକୁ ଆରମ୍ଭ କରିବା ମାତ୍ରକେ ଅସମ୍ଭବ କଥାମାନ କହିବା ଆରମ୍ଭ କରିବାକୁହିଁ ହୋଇଥାଏ); ଏପରି କୁହାଯାଏ ଯେ, ସର୍ବପ୍ରଥମେ ସର୍ବୋଚ୍ଚ ପରମସତ୍ତା ଆପଣା ବିଷୟରେ ସଚେତନ ହେଲେ (ଏଥିରୁ ମନେହେବ, ସତେଯେପରି ସେ ପୂର୍ବରୁ ନିଜ ବିଷୟରେ ମୋଟେ ସଚେତନ ନଥିଲେ ! —ଅର୍ଥାତ୍ ସିଏ ଏପରି ଏକ ସ୍ଥିତିରେ ଥିଲେ ଯାହାକୁ ଆମେ "ସଚେତନ" ବୋଲି କହି ପାରିବା ନାହିଁ), ଅର୍ଥାତ୍, ଆପଣା ବିଷୟରେ ସଚେତନ ହେବାକୁ ଯାଇହିଁ ତାଙ୍କର ସର୍ବପ୍ରଥମ ଗତିସ୍ପନ୍ଦନଟି ହୋଇଥିଲା ଏବଂ ଏହିପରି ଭାବରେ ଆତ୍ମସଚେତନ ହେବା ପରେ ସିଏ ଆପଣା ଚେତନାର ଏକ ପ୍ରକ୍ଷେପଣ ଘଟାଇଲେ ଓ ସେଇଥିରୁହିଁ ସୃଷ୍ଟି ଜାତ ହେଲା । ପ୍ରାଚୀନ ପରମ୍ପରାଗୁଡ଼ିକ ଅନ୍ତତଃ ଏହି ବ୍ୟାଖ୍ୟାଟି ଦେଇଥାଏ । ଧରିନିଆଯାଉ ଯେ ଏପରି କୌଣସି ଆରମ୍ଭ କେବେହେଲେ ହୋଇ ନଥିଲା, କାରଣ ମନୁଷ୍ୟହିଁ ଆପଣା ଭାଷାରେ ଏହାକୁ ଏହିପରି ଭାବରେ କହିବାକୁ ଚେଷ୍ଟା କରିଛି : ପ୍ରକୃତ "ଆରମ୍ଭ" ହେଉଛନ୍ତି ସେହି ସର୍ବୋଚ୍ଚ ପରମସତ୍ତା,—ଅବ୍ୟକ୍ତ ସର୍ବୋଚ୍ଚ ସତ୍ତା ଆପଣା ବିଷୟରେ ସଚେତନ ହେବାରୁହିଁ ଏହି ଆରମ୍ଭଟି ସଂଘଟିତ ହେଉଛି । ସମ୍ଭବତଃ ସିଏ ଆବିଷ୍କାର କରିବାକୁ ଲାଗିଲେ ଯେ ଏହି ଚେତନାଟି ଆଦୌ ସମ୍ପୂର୍ଣ୍ଣରୂପେ ସନ୍ତୋଷଜନକ ନଥିଲା (!) ଏବଂ ତେଣୁ ସେ ସେଇଟିର ପ୍ରକ୍ଷେପଣ କଲେ; ଆପଣାର ବାହାରକୁ ପ୍ରକ୍ଷେପଣ କଲେ ନାହିଁ, କାରଣ ତାଙ୍କ ବାହାରେ ପୁଣି ଆଉ କ'ଣ ଅଛି ?—ମାତ୍ର ସିଏ ତାହାକୁ ଏକ କ୍ରିୟାଶୀଳ ଚେତନାରେ ପରିବର୍ତ୍ତିତ କରିଦେଲେ, ଯେପରିକି ତାହା ତାଙ୍କର ଏକ ମୂର୍ତ୍ତୀକରଣରୂପେ ପ୍ରତିଭାତ ହୋଇ ଉଠିପାରିବ । ଫଳରେ, ନିଶ୍ଚିତ ଭାବରେ ଏକଥା କୁହାଯାଇ ପାରିବ ଯେ ସେହି ପରମ ଚେତନାରୁହିଁ ସକଳ ସୃଷ୍ଟିର ଉନ୍ମେଷ ହେଲା; ବାସ୍, ଶବ୍ଦଗୁଡ଼ିକ ସାହାଯ୍ୟରେ ତୁମେ ନିର୍ଭୁଲ ଭାବରେ ଏତିକି ବାଟଯାଏ ଆସିପାରିବ । ଚେତନା ହେଉଛି ସକଳ ସୃଷ୍ଟିର ଉତ୍ସ,—ଚେତନା ବ୍ୟତୀତ କୌଣସି ସୃଷ୍ଟି ଆଦୌ ସମ୍ଭବ ନୁହେଁ । ଏବଂ ଯାହାକୁ ଆମେ "ଚେତନା" ବୋଲି କହୁଥାଉ, ସେଇଟି ହେଉଛି ବହୁଦୂରସ୍ଥ ଏକ ସମ୍ପର୍କ, ଯେଉଁଥିରେ କି ଆଦୌ କୌଣସି ସ୍ପଷ୍ଟତା ଅଥବା ନିର୍ଦ୍ଦିଷ୍ଟତା ନାହିଁ,—ତାହା ହେଉଛି ସର୍ବୋଚ୍ଚ ପରମ ଚେତନା ସହିତ ସେହିପରି ଏକ ସମ୍ପର୍କ । ଅଥବା, ତୁମେ ଇଚ୍ଛା କଲେ ତାହାକୁ ମୂଳ ପରମ ଚେତନାର ଏକ ପ୍ରତିଫଳନ ବୋଲି ମଧ୍ୟ କହିପାରିବ,—ଯେଉଁ ଦର୍ପଣଟି ଉପରେ ତାହା ପ୍ରତିଫଳିତ ହେଉଛି, ସେଇଟି ଆଦୌ ନିର୍ଭୁଲ ନୁହେଁ, ସ୍ୱଚ୍ଛ ମଧ୍ୟ ନୁହେଁ । ଯାହାକୁ ଆମେ ଆମର ଚେତନା ବୋଲି କହୁଥାଉ, ତାହା ହେଉଛି ବେଶ୍ ଏକ ଅସ୍ପଷ୍ଟ ଦର୍ପଣ ଉପରେ (ବେଳେବେଳେ ଭାରି ଅସ୍ପଷ୍ଟ ଓ ଭାରି ବିକୃତ ହୋଇ ପଡ଼ିଥିବା ଏକ ଦର୍ପଣ ଉପରେ),

'oaob.nitrkl.ac.in' images reprocessed

ବ୍ୟକ୍ତିର ଚେତନାଟି ଉପରେ ପ୍ରତିଫଳିତ ହେଉଥିବା ସେହି ମୂଳ ପରମ ଚେତନା । ଏବଂ, ଯଦି ଏହି ପ୍ରତିଫଳନଟିର ମଧ୍ୟଦେଇ ଆମେ ଧୀରେ ଧୀରେ ପ୍ରତିଫଳିତ ହେଉଥିବା ସେହି ଅସଲ୍ ବସ୍ତୁଟି ପାଖକୁ ଫେରିଯାଇ ପାରିବା, ତେବେ ଆମେ ପରମ ଚେତନାର ସଂସ୍ପର୍ଶ ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବା, ସେହି ପ୍ରକୃତ ଚେତନାଟି ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବା । ଏବଂ ସେହି ପ୍ରକୃତ ପରମ ଚେତନାଟି ସହିତ ଥରେ ସଂପର୍କରେ ଆସି ପାରିଲେ, ସେହି ଚେତନାଟି ଯେ ସର୍ବଦା ସେହି ଗୋଟିଏ ଚେତନା ହୋଇ ରହିଛି, ଆମେ ସେହି ବିଷୟରେ ସଜ୍ଞାନ ହୋଇଯାଇ ପାରିବା; କେବଳ ଏକ ବିକୃତିହିଁ ତାହାକୁ ଏପରି ଭାବରେ ବିଭକ୍ତ କରି ରଖିଛି ବୋଲି ଆବିଷ୍କାର କରି ପାରିବା । ସେହି ବିକୃତିଟି ଆସି ନପହଞ୍ଚିବା ପର୍ଯ୍ୟନ୍ତ ସବୁକିଛି କେବଳ ସେହି ଏକ ଏବଂ ଅନନ୍ୟରୂପ ଚେତନାଟି ମଧ୍ୟରେ ଅନ୍ତର୍ଗତ ହୋଇ ରହିଛି । ଅର୍ଥାତ୍, କେବଳ ବିକୃତି, ବିକୃତ କରି ଦେଉଥିବା ଏକ ଦର୍ପଣ ଉପରେ ସବୁକିଛି ପ୍ରତିଫଳିତ ହେଉଥିବା ଫଳରେହିଁ ପାର୍ଥକ୍ୟ ଉପସ୍ଥିତ ହେଉଛି, ପରମ ଚେତନାଟି ମଧ୍ୟରେ ବିଭାଜନ ଦେଖା ଦେଉଛି; ନଚେତ୍ ତାହା ମୂଳତଃ ସେହି ଏକ ପରମ ଚେତନାରୂପେ ଅବସ୍ଥିତ ରହିଛି । ମାତ୍ର କେବଳ ଅନୁଭବ ଦ୍ୱାରାହିଁ ଆମେ ଏସବୁ ବିଷୟ ବୁଝିବାକୁ ସମର୍ଥ ହେବା ।

## ବାର ଇନ୍ଦ୍ରିୟ* କହିଲେ ଆପଣ କ'ଣ ବୁଝୁଛନ୍ତି ?

ଆମର ପାଞ୍ଚୋଟି ଇନ୍ଦ୍ରିୟ ରହିଛି, ନୁହେଁ କି ? ସେ ଯାହାହେଉ ପଛକେ, ଏଗୁଡ଼ିକ ବ୍ୟତୀତ ଆଉଗୋଟିଏ ରହିଛି, ଯାହାରିକ ପ୍ରକୃତିରେ ଚେତନା ସହିତ ଏକ ସମ୍ବନ୍ଧ ରହିଛି । ଏହି ବିଷୟରେ ତୁମମାନଙ୍କୁ ଆଗରୁ କୁହାଯାଇଛି କି ନାହିଁ, ମୁଁ ଜାଣି ନାହିଁ, ମାତ୍ର, ଉଦାହରଣସ୍ୱରୂପ, ଜଣେ ମନୁଷ୍ୟ ଯଦି ତା'ର ଆଖି ଦ୍ୱାରା ଦେଖି ପାରୁ ନାହିଁ, ତେବେ ସିଏ ଆଉଗୋଟିଏ ପ୍ରକାରର ବୋଧ ଦ୍ୱାରା ବେଶ୍ କେତେକ ଦୂରତାରୁ କୌଣସି ଏକ ବସ୍ତୁ ବିଷୟରେ ସଜ୍ଞାନ ହୋଇପାରୁଛି । ସ୍ପର୍ଶଶକ୍ତି ଦ୍ୱାରା ସେ ତାହା କରିପାରୁଛି ବୋଲି କୁହାଯାଇ ପାରୁ ନାହିଁ, କାରଣ ବସ୍ତୁଟିକୁ ସିଏ ସ୍ପର୍ଶ ଦ୍ୱାରା ଆଦୌ ଅନୁଭବ କରୁ ନାହିଁ । ଏଇଟି ତା'ର ଦୃଷ୍ଟିଶକ୍ତି ବି ନୁହେଁ, କାରଣ ସେ ବସ୍ତୁଟିକୁ ଦେଖି ବି ପାରୁ ନାହିଁ । ମାତ୍ର, ଏହା ହେଉଛି ଗୋଟିଏ ସଂସ୍ପର୍ଶ,—ଏହା ଏପରି ଏକ ସାମର୍ଥ୍ୟ, ଯାହାକି ଶୁଣିବା, ଦେଖିବା ଏବଂ ଛୁଇଁବାର କୌଣସି ସାହାଯ୍ୟ ନନେଇ ତାକୁ ଏକ ସଂଯୋଗସ୍ଥାପନ ଲାଗି ସମର୍ଥ କରିପାରୁଛି । ଆମେ ସାଧାରଣତଃ ଯେଉଁ ଇନ୍ଦ୍ରିୟଗୁଡ଼ିକୁ କାର୍ଯ୍ୟରେ ଲଗାଇଥାଉ,

* ପୂର୍ବ କଥୋପକଥନରେ ମାଆ ବାରଟି ଇନ୍ଦ୍ରିୟର କଥା କହିଥିଲେ ।

'oaob.nitrkl.ac.in' images reprocessed

ଏଇଟି ହେଉଛି ସେସବୁର ବାହାରେ ଥିବା ଅତ୍ୟନ୍ତ ପରିମାଣରେ ବିକଶିତ ଇନ୍ଦ୍ରିୟଗୁଡ଼ିକ ମଧ୍ୟରୁ ଗୋଟିଏ । ଏହାଛଡ଼ା ଆଉରି ଏକ ବୋଧ ରହିଛି, ଆମେ ତାହାକୁ ନୈକଟ୍ୟର ବୋଧ ବୋଲି କହିପାରିବା : ଯେତେବେଳେ ଜଣେ ବ୍ୟକ୍ତି କୌଣସି ଏକ ବସ୍ତୁର ନିକଟକୁ ଆସୁଛି, ସତେ ଯେପରି ସେହି ବସ୍ତୁଟିର ସଂସ୍ପର୍ଶରେ ଆସିଗଲା ପରି ସେ ଅନୁଭବ କରିପାରୁଛି । ଆଉଗୋଟିଏ ଇନ୍ଦ୍ରିୟ,—ଏଇଟି ମଧ୍ୟ ଗୋଟିଏ ଭୌତିକ ଇନ୍ଦ୍ରିୟ, ତୁମକୁ ଅନେକ ଦୂରରେ ଘଟୁଥିବା ଘଟଣାଗୁଡ଼ିକ ସହିତ ସଂସ୍ପର୍ଶ ଆଣି ଦେଉଛି; ଏହାକୁ ଏକ ଭୌତିକ ଇନ୍ଦ୍ରିୟ ବୋଲି କୁହାଯିବ, କାରଣ ଏଇଟି ହେଉଛି ଭୌତିକ ଜଗତରହିଁ ଅନ୍ତର୍ଗତ, ତାହାକୁ କଦାପି ଶୁଦ୍ଧ ଭାବରେ ମାନସିକ ବୋଲି କୁହା ଯିବ ନାହିଁ : କାରଣ ଏଥିରେ ନିଶ୍ଚିତ ଭାବରେ ଏକ ଇନ୍ଦ୍ରିୟାନୁଭୂତି ହେଉଛି । କେତେକ ଲୋକ ଏପରି ଅଛନ୍ତି, ଯେଉଁମାନେ କି ଅନେକ ଦୂରରେ ଘଟୁଥିବା କୌଣସି ଘଟଣା ସହିତ ସଂସ୍ପର୍ଶ ଘଟିଲା ପରି ଅନୁଭବ କରି ନେଉଛନ୍ତି । ତୁମେ କଦାପି ଭୁଲି ଯିବ ନାହିଁ ଯେ ଭୌତିକ ଚେତନାରେ ମଧ୍ୟ ଏକାଧିକ ସ୍ତର ରହିଛି; ଏକ ଭୌତିକ-ପ୍ରାଣ ରହିଛି ଓ ଏକ ଭୌତିକ-ମନ ମଧ୍ୟ ରହିଛି । ଏଗୁଡ଼ିକୁ ଅବଶ୍ୟ ସଂପୂର୍ଣ୍ଣ ଭାବରେ ଦେହଧାରୀ ବୋଲି କହି ହେବ ନାହିଁ । ଭୌତିକ ଭୂମିରେ ପରିଦୃଷ୍ଟ ଦୂରଦୃଷ୍ଟିକୁ ମଧ୍ୟ ଆମେ ଭୌତିକ ଇନ୍ଦ୍ରିୟରୁ ଗୋଟିଏ ବୋଲି କହିପାରିବା ।...ଏହିପରି ଭାବରେ, ଆମ ଭିତରେ ଏପରି ଏକ ସାମର୍ଥ୍ୟ ରହିଛି, ଯାହାକି ଅତ୍ୟନ୍ତ ଅଳ୍ପ ଦୂରରୁ ଦେଖି ପାରୁଛି; ଆଉଗୋଟିଏ ସାମର୍ଥ୍ୟ ରହିଛି ଯାହାକି ଅନେକ ଦୂରରୁ ଦେଖିପାରୁଛି ଏବଂ ଆଉରି ଏକ ସାମର୍ଥ୍ୟ ରହିଛି, ଯାହାକି ଦୂରଦୃଷ୍ଟି ସାହାଯ୍ୟରେ ଆଗରୁ ବି ଦେଖିପାରୁଛି । ଏହାର ଅର୍ଥ, ଏହିପରି ତିନୋଟି ସାମର୍ଥ୍ୟ ରହିଛି । ଆମର ଯେଉଁସବୁ ଇନ୍ଦ୍ରିୟ ରହିଛି, ଏଗୁଡ଼ିକୁ ସେଗୁଡ଼ିକର ଗୋଟିଏ ପ୍ରକାରର ପ୍ରକୃଷ୍ଟୀକରଣ ବୋଲି କୁହାଯାଇ ପାରିବ; ଯେପରି, ଉଦାହରଣସ୍ୱରୂପ, ବହୁଦୂରରୁ କୌଣସି କଥାକୁ ଶୁଣି ପାରିବା,—ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ବହୁଦୂରରେ ଥାଇ ମଧ୍ୟ କୌଣସି ଏକ କୋଳାହଳକୁ ବେଶ୍ ଶୁଣିପାରନ୍ତି । ଆଉ କେତେକ ଅଛନ୍ତି ଯେଉଁମାନେ କି ବହୁଦୂରରୁ ଗନ୍ଧ ବାରି କହିଦେଇ ପାରନ୍ତି । ଏହାକୁ ଆମର ଇନ୍ଦ୍ରିୟଗୁଡ଼ିକର ଅଧିକ ପରିପୂର୍ଣ୍ଣତାପ୍ରାପ୍ତ ଗୋଟିଏ ଗୋଟିଏ ସଂସ୍କରଣ ବୋଲି କୁହାଯାଇ ପାରିବ ।

**ମାଟି ତଳେ କେଉଁଠି ନିକଟରେ ପାଣି ଅଛି, କେଉଁ ଇନ୍ଦ୍ରିୟଟି ସାହାଯ୍ୟରେ ସେକଥା ଜାଣିହୁଏ ?**

ବିଭିନ୍ନ ବ୍ୟକ୍ତି ଏହାକୁ ଭିନ୍ନ ଭିନ୍ନ ଭାବରେ ବୋଧ କରିଥାନ୍ତି । କେତେକ ଲୋକ ସତେଅବା ପାଣି ଅଛି ବୋଲି ଦେଖିପାରନ୍ତି । ଆଉ କେତେକ ଲୋକ

'oaob.nitrkl.ac.in' images reprocessed

ଗନ୍ଧରୁହିଁ ପାଣି ଅଛି ବୋଲି ଜାଣିପାରନ୍ତି; ଏବଂ ତଥାପି ଆହୁରି କେତେକଙ୍କ କ୍ଷେତ୍ରରେ, ସେମାନେ ମନଃକ୍ଷେତ୍ରରୁ ସଞ୍ଚେଥିବା ଏକ ପ୍ରକାରର ଅପରୋକ୍ଷ ଜ୍ଞାନ ଦ୍ୱାରା ତାହା ଜାଣିବାକୁ ପାଇଥାନ୍ତି । ମାତ୍ର ସେହି କ୍ଷେତ୍ରରେ ତାହାକୁ ଆମେ ଏକ ଇନ୍ଦ୍ରିୟବୋଧ ବୋଲି କହି ପାରିବା ନାହିଁ, ତାହାକୁ ଗୋଟାଏ ପ୍ରକାରର ପ୍ରତ୍ୟକ୍ଷ ଜ୍ଞାନ ବୋଲି କହିପାରିବା । ଏଠାରେ ଜଣେ ବ୍ୟକ୍ତି ଥିଲା, ଯିଏକ ପାଣିର ଗନ୍ଧ ପାଉଥିଲା ବୋଲି କହୁଥିଲା । ସିଏ ଏକ ଯନ୍ତ୍ରର ବ୍ୟବହାର କରୁଥିଲା ସତ, ମାତ୍ର ସେଇଟା କେବଳ ଏକ ବାହାନା ପରି ଥିଲା,···ତୁମେ ଜାଣିଛ, ଏହା ଗୋଟିଏ ଛଡ଼ିପରି ଏକ ଜିନିଷ, ଯାହାକୁ କି ବଙ୍କା କରାଯାଇ ପାରୁଥିଲା । ତୁମେ ଯେତେବେଶୀ ନିଷ୍କ୍ରିୟ ହେବାକୁ ଚେଷ୍ଟା କଲେ ମଧ୍ୟ, କେଉଁଠାରେ କିଛି ରହିଛି ବୋଲି ଅନୁଭବ କରିବା ମାତ୍ରକେ ତୁମେ ସର୍ବଦା ଏକ କ୍ଷୁଦ୍ର ଗତିସ୍ପନ୍ଦନ ଘଟାଇ ପାରୁଥିବ । ମୁଁ ଏହି ପ୍ରୟୋଗଟିକୁ ଏକାଧିକ ବାର ଚେଷ୍ଟା କରି ଦେଖିଛି : ଛଡ଼ିଟିକୁ ତୁମେ ଆଉ ଜଣକ ହାତକୁ ଦେବ, ତାକୁ ଆଗକୁ ଯିବାକୁ କହିବ, ତୁମେ ଚୁପ୍ ରହିଥିବ, ସିଏ ମଧ୍ୟ ଚୁପ୍ ରହିଥିବ,—ବେଶ୍ ସକେନ୍ଦ୍ରିତ ହୋଇ ରହିଥିବ । ତା'ପରେ, ହଠାତ୍ ତୁମେ ଭାବିବାକୁ ଆରମ୍ଭ କରିବ, ଖୁବ୍ ଶକ୍ତିଶାଳୀ ଭାବରେ ଭାବିବାକୁ ଆରମ୍ଭ କରିବ : "ଏଇଠାରେ ନିଶ୍ଚୟ ପାଣି ରହିଛି !" ତା'ପରେ ସେହି ଛଡ଼ିଟି ନିଶ୍ଚୟ ଟିକିଏହେଲେ ହଲିଯିବ,—ତୁମର ସଙ୍କେତଟି ଦ୍ୱାରା ଯେ ଏହା ଘଟିଲା, ସେକଥା ବେଶ୍ ସ୍ପଷ୍ଟ ହୋଇଯାଉଛି । ମୁଁ ବି ଏହିପରି ଭାବିଥିଲି, ତଳେ ପ୍ରକୃତରେ ପାଣି ପଡ଼ିବ କି ନାହିଁ, ସେବିଷୟରେ ମୋର ଏତେ ଟିକିଏହେଲେ ଧାରଣା ନଥିଲା, କେବଳ ଏକ ପ୍ରୟୋଗ କରିବା ଲାଗିହିଁ ମୁଁ ତାହା କରୁଥିଲି । ଏବଂ ଅନ୍ୟଲୋକଟିର ହାତରୁ ଛଡ଼ିଟି ତଳକୁ ଖସିପଡ଼ିଲା, ସେ ତା'ର ଅବଚେତନ ମଧ୍ୟରେ ସଙ୍କେତଟିକୁ ପାଇ ଯାଇଥିଲା ।

ତେବେ, ଯଥେଷ୍ଟ ଭାବରେ ନିଷ୍ଟଳ ହୋଇ ରହି ପାରିଲେ କ'ଣ ଆମର ସ୍ନାୟୁଗୁଡ଼ିକ ପାଣିର ସ୍ପନ୍ଦନଟିକୁ ଲାଭ କରିପାରିବେ ?

କିନ୍ତୁ ପାଣି ପୁଣି କୋଉଠି ଥିଲା ? ପାଣି ଅଛି ବୋଲି ମୁଁ ହିଁ କେବଳ ଭାବିଥିଲି (ହୁଏତ ସେଠାରେ ପାଣି ଥାଇପାରେ, କିନ୍ତୁ ମୁଁ ଜାଣି ନାହିଁ, ମୁଁ ସେହି ଜାଗାକୁ ଖୋଳି ଦେଖିବା ଲାଗି ସେମାନଙ୍କୁ ମୋଟେ କହି ନଥିଲି) । ମାତ୍ର ପ୍ରୟୋଗଟିରୁ ଏହି ପ୍ରମାଣଟି ମିଳିଲା ଯେ କେବଳ ମୋର ଭାବନାଟିହିଁ ଛଡ଼ିଟିକୁ ଧରିଥିବା ଆଙ୍ଗୁଠିଗୁଡ଼ିକ ଉପରେ ପ୍ରତିକ୍ରିୟା ବ୍ୟକ୍ତ କଲା ଓ ତାହା ଫଳରେ ଛଡ଼ିଟି

'oaob.nitrkl.ac.in' images reprocessed

ତଳକୁ ପଡ଼ିଗଲି ।···ତୁମେମାନେ ମୋତେ ବି ହୁଏତ କହିପାରିବ ଯେ ସେଠାରେ ପାଣି ରହିଥିଲା ବୋଲିହିଁ ମୁଁ ବି ପାଣି କଥା ଭାବିଥିଲି !

> ଏପରି ଅନେକ ଇତରପ୍ରାଣୀ ଅଛନ୍ତି, ଯେଉଁମାନଙ୍କର ଇନ୍ଦ୍ରିୟଶକ୍ତି ଅନେକ ପରିମାଣରେ ବିକଶିତ ହୋଇପାରିଛି, ନୁହେଁ କି ?

ହଁ, ଏପରି ଇତରପ୍ରାଣୀ ଅନେକ ସଂଖ୍ୟାରେ ଅଛନ୍ତି, ଯେଉଁମାନେ କି ଆମ ଅପେକ୍ଷା ଅନେକ ଦୂର ଅଧିକ ଅଗ୍ରସର ହୋଇଛନ୍ତି ।

> ମୁଁ ଗୋଟିଏ ହାତୀ କଥା ଜାଣିଛି, ଯିଏକି ଆମେ ବାଦଶାହୀକାରକୁ ଯାଇଥିବା ସମୟରେ ଆମକୁ ସିଧା ପାଣିଥିବା ଜାଗାକୁ ନେଇଯାଇ ପାରୁଥିଲା ।

ମଣିଷମାନଙ୍କ ଇନ୍ଦ୍ରିୟ ତୁଳନାରେ ଇତରପ୍ରାଣୀମାନଙ୍କର ଅଧିକ ପରିପୂର୍ଣ୍ଣତା-ପ୍ରାପ୍ତ ଇନ୍ଦ୍ରିୟମାନ ରହିଛି । ଉଦାହରଣସ୍ୱରୂପ, ଗୋଟାଏ କୁକୁର ଯେପରି କୌଣସି ମନୁଷ୍ୟକୁ ଖୋଜି ବାହାର କରେ, ତୁମେ କେହି କଦାପି ସେପରି କରି ପାରିବ ନାହିଁ !

ଏହାର ଅର୍ଥ ହେଉଛି ଯେ ବିବର୍ତ୍ତନର ବନ୍ଧ ବା ଆହୁରି ଅଧିକ ଯଥାର୍ଥ ଭାବରେ କହିଲେ, ବିବର୍ତ୍ତନର କୁଣ୍ଡଳପଥରେ, ଇତରପ୍ରାଣୀମାନେ (ଆମେ ଯେଉଁ-ମାନଙ୍କୁ "ଉଚ୍ଚତର ସ୍ତରର" ଇତରପ୍ରାଣୀ ବୋଲି କହିଥାଉ, ସେମାନଙ୍କ କ୍ଷେତ୍ରରେ ଏହା ଅଧିକ ପରିମାଣରେ ପରିଲକ୍ଷିତ ହୋଇଥାଏ, କାରଣ ସେମାନେ ଆମର ଅପେକ୍ଷାକୃତ ଅଧିକ ସଦୃଶ ହୋଇ ରହିଥାନ୍ତି) ସେମାନଙ୍କର ଜୀବଜାତିଟିର ଅନ୍ତର୍ଭାବିଟି ଦ୍ୱାରାହିଁ ପରିଚାଳିତ ହୋଇଥାନ୍ତି, ଯାହାକୁ କି ଆମେ ଅଳ୍ପମାତ୍ରାରେ ସଚେତନ ହୋଇ ରହିଥିବା ଏକ ଚେତନା ବୋଲି କହିପାରିବା । ମହୁମାଛି ତଥା ପିମ୍ପୁଡ଼ି ନିଜ ଜୀବଜାତିର ଅନ୍ତର୍ଭାବିଟି ଅନୁସାରେ ଆଚରଣ କରିଥାନ୍ତି ଏବଂ ତାହାକୁ ଆମେ ବେଶ୍ ଏକ ବିଶେଷ ଗୁଣ ବା ସାମର୍ଥ୍ୟ ବୋଲି କହିପାରିବା । ଏବଂ, ଇତର ପ୍ରାଣୀମାନଙ୍କ କ୍ଷେତ୍ରରେ ଆମେ ଯାହାକୁ "ସହଜାତ ପ୍ରବୃତ୍ତି" ବୋଲି କହିଥାଉ, ତାହାକୁ ଆମେ ପ୍ରକୃତରେ ଜୀବଜାତିଟି ମଧ୍ୟରେ ରହିଥିବା ସେହି ଅନ୍ତର୍ଭାବିଟି ବୋଲି କହିବା; କ'ଣ କରିଯିବା ଉଚିତ ଓ କ'ଣ କରିଯିବା ଉଚିତ ନୁହେଁ, ସେହି ଅନ୍ତର୍ଭାବିଟି ସର୍ବଦା ସେକଥାଟି ଜାଣିଥାଏ । ତୁମେ ଜାଣିଛ, ଏହାର ପ୍ରମାଣସ୍ୱରୂପ

'oaob.nitrkl.ac.in' images reprocessed

କେତେକେତେ ଉଦାହରଣ ରହିଛି । ତୁମେ ଗୋଟିଏ ଗାଈକୁ ପଡ଼ିଆରେ ଛାଡ଼ିଦିଅ; ଗାଈଟି ପଡ଼ିଆଯାକ ବୁଲୁଛି, ଶୁଙ୍ଘିବାରେ ଲାଗିଛି ଓ ତା'ପରେ ହଠାତ୍ ଜିଭଟାକୁ ବାହାର କରି ଘାସପତ୍ରଟାଏ ଟାଣିଆଣି ପାଟିରେ ପୂରାଇ ଦେଉଛି । ତା'ପରେ ପୁଣି ବୁଲୁଛି, ଶୁଙ୍ଘି ଶୁଙ୍ଘି ଯାଉଛି ଏବଂ ପୁଣି କେରାଏ ଘାସ ଟାଣିଆଣି ଖାଇବାରେ ଲାଗୁଛି । ଏହିପରି ଅନବରତ ଚାଲିଛି । ଏହି ଅବସ୍ଥାରେ କୌଣସି ଗାଈ କୌଣସି ବିଷାକ୍ତ ଘାସ ଖାଇ ପକାଉଛି ବୋଲି ପ୍ରକୃତରେ କେହି ଜାଣିଛ କି ? ମାତ୍ର, ସେହି ଗାଈଟିକୁ ନେଇ ଗୋଟିଏ ଗୁହାଳ ଭିତରେ ଅଡ଼ା ଦେଇ ରଖ, ତାହାକୁ ଘାସ କାଟିଆଣି ତା' ଆଗରେ ନେଇ ପକାଇଦିଅ, ଏବଂ ସେହି ଗାଈଟି ଆପଣାର ସହଜାତ ପ୍ରବୃତ୍ତିଟିକୁ ହରାଇ ବସିଛି, କାରଣ ବର୍ତ୍ତମାନ ସେ ମଣିଷର ବୋଲି ମାନୁଛି (ମୁଁ ଏପରି କହୁଛି ବୋଲି ମୋତେ କ୍ଷମା କରିବ), ସିଏ ଭଲ ଘାସ ସହିତ ବିଷାକ୍ତ ଘାସକୁ ମଧ୍ୟ ଖାଇଦେଉଛି । ଏଠାରେ ଆମର ଏହିପରି ତିନୋଟି ଘଟଣା ଘଟିଲାଣି, ବିଷାକ୍ତ ଘାସ ଖାଇ ଆମର ଏଠାରେ ତିନୋଟି ଗାଈ ପ୍ରାଣ ହରାଇଛନ୍ତି । ଏବଂ ଏହି ଅଭାଗା ପ୍ରାଣୀଗୁଡ଼ିକର, ଅନ୍ୟ ସମସ୍ତ ପ୍ରାଣୀଙ୍କ ପରି, ମନୁଷ୍ୟର ଉଚ୍ଚତରତା ବିଷୟରେ ଗୋଟାଏ ପ୍ରକାରର ସମ୍ମାନଭାବ ରହିଛି (ମୁଁ ଏହାର କୌଣସି ଉଚିତ କାରଣ ଅଛି ବୋଲି ଭାବି ପାରୁ ନାହିଁ); ଯଦି ମଣିଷ ତା' ଆଗରେ ବିଷାକ୍ତ ଘାସ ନେଇ ରଖି ଦେଉଛି ଏବଂ ତାକୁ ଖାଇବାକୁ କହୁଛି, ତେବେ ସିଏ ତାକୁ ଖାଇ ଦେଉଛି ! ମାତ୍ର ଯେତେବେଳେ ସିଏ ସ୍ୱାଧୀନ ବୁଦ୍ଧିରେ ସବୁକିଛି କରୁଛି, ଅର୍ଥାତ୍, ତା'ର ଜୀବକାଣ୍ଡ ଓ ତା' ଭିତରେ ଯେତେବେଳେ ଆଉ କିଛିହେଲେ ହସ୍ତକ୍ଷେପ କରି ଯାଉ ନାହିଁ, ସେତେବେଳେ ସିଏ କଦାପି ତାହା କରିବାକୁ ଯିବ ନାହିଁ । ଯେଉଁସବୁ ଇତରପ୍ରାଣୀ ମଣିଷ ସହିତ ନିକଟବର୍ତ୍ତୀ ହୋଇ ବାସ କରନ୍ତି, ସେମାନେ ସେମାନଙ୍କର ସହଜାତ ପ୍ରବୃତ୍ତିଟିକୁ ହରାଇ ବସନ୍ତି, କାରଣ ମନୁଷ୍ୟ ଲାଗି ସେମାନଙ୍କ ଭିତରେ ଗୋଟାଏ ପ୍ରକାରର ଭକ୍ତିଭରା ସମ୍ଭ୍ରମଭାବ ରହିଛି । ମଣିଷ ସେମାନଙ୍କୁ ଖାଦ୍ୟ ଦେଉଛି, ଆଶ୍ରୟ ଦେଉଛି, କୌଣସି କଷ୍ଟ ନକରି ସେମାନେ ମଣିଷଠାରୁ ତାହା ପାଇଯାଉଛନ୍ତି । ହଁ, ମଣିଷ ଲାଗି ସେମାନଙ୍କର କିଞ୍ଚିତ୍ ଭୟ ବି ରହିଛି, କାରଣ ସେମାନେ ଜାଣିଛନ୍ତି ଯେ, ମଣିଷ ଯାହା ଇଚ୍ଛା କରୁଛି, ଯଦି ସେମାନେ ତାହା ନକରିବେ, ତେବେ ସେମାନଙ୍କୁ ମଣିଷଠାରୁ ମାଡ଼ ଖାଇବାକୁ ପଡ଼ିବ !

ଏହା ପ୍ରକୃତରେ ଭାରି ବିଚିତ୍ର ଯେ ସେମାନେ ସେମାନଙ୍କର ସାମର୍ଥ୍ୟଟିକୁ ହରାଇ ବସନ୍ତି । ଉଦାହରଣସ୍ୱରୂପ, କୁକୁରମାନେ; ମେଷଜଗୁଆଳି ଯେଉଁ କୁକୁର ମଣିଷଠାରୁ ଅନେକ ଦୂରରେ ମେଣ୍ଢାପଲ ସହିତ ରହିଥାନ୍ତି, ସେମାନେ ଖୁବ ସ୍ୱାଧୀନ ସ୍ୱଭାବର ହୋଇ ରହିଥାନ୍ତି (ସେମାନେ ମଝିରେ ମଝିରେ ଘରକୁ ଫେରନ୍ତି ଏବଂ ମୁନିବକୁ ଭଲକରି ଜାଣନ୍ତି ସତ, ମାତ୍ର ଅଧିକାଂଶ ସମୟରେ ତାକୁ ଦେଖିବାର

'oaob.nitrkl.ac.in' images reprocessed

ସୁଯୋଗ ପାଆନ୍ତି ନାହିଁ) । ସେମାନଙ୍କୁ ଯଦି କେବେ କୌଣସି ସାପ କାମୁଡ଼େ, ତେବେ ସେମାନେ ଯାଇ ଗୋଟିଏ କଣରେ ପଡ଼ିରହନ୍ତି, ଆପଣାକୁ ଘୃଷିବାରେ ଲାଗନ୍ତି ଏବଂ ସାପ ବିଷରୁ ମୁକ୍ତ ହେବା ପର୍ଯ୍ୟନ୍ତ ଯାହା ଆବଶ୍ୟକ, ସବୁକିଛି କରନ୍ତି । ମାତ୍ର ସେହି କୁକୁର ଯେତେବେଳେ ତୁମ ପାଖରେ ଆସି ରହେ, ଯଦି ତାକୁ କେବେ ସାପ କାମୁଡ଼େ, ତେବେ ଠିକ୍ ମଣିଷ ପରି ଚୁପ୍ ହୋଇ ତାକୁ ମୃତ୍ୟୁର ସମ୍ମୁଖୀନ ହେବାକୁ ହୁଏ ।

ମୋ ପାଖରେ ଗୋଟିଏ ଖୁବ ବଢ଼ିଆ ଲୁନ ବିଲେଇଟିଏ ଥିଲା, ସିଏ ପୂର୍ଣ୍ଣ ଭାବରେ ସଭ୍ୟ ହୋଇ ସାରିଥିଲା,—ପ୍ରକୃତରେ ଖୁବ ବଢ଼ିଆ ବିଲେଇଟିଏ ଥିଲା । ଘରେ ତା'ର ଜନ୍ମ ହୋଇଥିଲା ଓ ସବୁ ବିଲେଇଙ୍କର ଯେଉଁ ଅଭ୍ୟାସ ଥାଏ, ତା'ର ମଧ୍ୟ ସେହି ଅଭ୍ୟାସଟି ହୋଇ ଯାଇଥିଲା । ଅର୍ଥାତ୍, ଯଦି ତା' ଆଗରେ କୌଣସି ବସ୍ତୁ ହଲଚଲ ହେଉଥିଲା, ତେବେ ସେ ତା' ସହିତ ଖେଳିବାକୁ ଆରମ୍ଭ କରି ଦେଉଥିଲା । ସେତେବେଳେ ସେହି ଘର ଭିତରେ ଗୋଟାଏ ବଡ଼ କଙ୍କଡ଼ାବିଛା ମଧ୍ୟ ରହୁଥିଲା । ଆପଣାର ଅଭ୍ୟାସ ଅନୁସାରେ ବିଲେଇ କଙ୍କଡ଼ାବିଛା ସହିତ ବି ଖେଳିବା ଆରମ୍ଭ କରିଦେଲା । ଏବଂ କଙ୍କଡ଼ାବିଛା ତାକୁ ନାହୁଡ଼ ମାରିଦେଲା । ମାତ୍ର ବିଲେଇଟି ପ୍ରକୃତରେ ଏକ ଅସାଧାରଣ ବିଲେଇ ଥିଲା; ସିଏ ମୋ ପାଖକୁ ଆସିଲା; ସେତେବେଳକୁ ତା'ର ମରିବା ସମୟ ପ୍ରାୟ ଉପସ୍ଥିତ ହୋଇ ଆସିଥିଲା; ମାତ୍ର ତା'ର ଗୋଡ଼ ପଞ୍ଝାରେ, ଯେଉଁଠି କଙ୍କଡ଼ାବିଛା ତା'ର ନାହୁଡ଼ ମାରିଥିଲା, ସିଏ ସେଇଟିକୁ ମୋତେ ଦେଖାଇବାକୁ ଲାଗିଲା । ଜାଗାଟା ଫୁଲି ଯାଇଥାଏ ଓ ଖୁବ ଭୟଙ୍କର ହୋଇ ରହିଥାଏ । ମୋ ଲୁନ ବିଲେଇଟିକୁ—ତାହା ପ୍ରକୃତରେ ଖୁବ ଭଲ ବିଲେଇଟିଏ ଥିଲା,—ନେଇ ମୁଁ ଗୋଟିଏ ଟେବୁଲ ଉପରେ ରଖିଲି ଓ ଶ୍ରୀଅରବିନ୍ଦଙ୍କୁ ଯାଇ ଡାକି ଆଣିଲି । କହିଲି, "କିକିକୁ କଙ୍କଡ଼ାବିଛା କାମୁଡ଼ିଛି, ତାକୁ ଯେକୌଣସି ମତେ ଭଲ କରିବାକୁ ପଡ଼ିବ ।" ବିଲେଇ ବେକଟାକୁ ଲମ୍ବାଇ ଦେଇ ଶ୍ରୀଅରବିନ୍ଦଙ୍କ ଆଡ଼କୁ ଚାହିଁଲା । ତା'ର ଆଖିଦୁଇଟା ସେତେବେଳକୁ ବେଶ୍ ଟିକିଏ ତଳ ପଡ଼ିଆସିଥାଏ । ଶ୍ରୀଅରବିନ୍ଦ ତା' ଆଗରେ ଯାଇ ବସିଲେ, ସିଏ ମଧ୍ୟ ତାକୁ ଅନାଇ ରହିଲେ । ତା'ପରେ ଆମେ ସମସ୍ତେ ଲକ୍ଷ୍ୟ କରି ଦେଖିଲୁ ଯେ ବିଲେଇଟି କ୍ରମଶଃ ଆରୋଗ୍ୟଲାଭ କରି ଆସୁଛି, କ୍ରମେ ଭଲ ହୋଇ ଆସୁଛି; ପ୍ରାୟ ଘଣ୍ଟାକ ପରେ ସିଏ ଡେଇଁପଡ଼ି ଗୋଡ଼ ଭରାଦେଇ ଠିଆହେଲା ଓ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ଦଉଡ଼ି ପଳାଇଲା । ସେତେବେଳେ ମୁଁ ଶ୍ରୀଅରବିନ୍ଦଙ୍କ ଶୋଇବା ଘରେ (ବର୍ତ୍ତମାନ କ ସେହି ଘରେ ରହୁଛି) ପ୍ରାୟ ଅଭ୍ୟସ୍ତ ଭାବରେ ଏକ ସମବେତ ଧ୍ୟାନର କାର୍ଯ୍ୟକ୍ରମ ରଖୁଥିଲି ଏବଂ ସବୁଥର ସେହି ଏକା ଲୋକେ ସେଥିରେ ଯୋଗଦେବା ଲାଗି ଆସୁଥିଲେ । ସବୁକିଛି ବ୍ୟବସ୍ଥା ଅନୁସାରେ ହେଉଥିଲା । ମାତ୍ର, ସେହି ଘରେ ଗୋଟିଏ ଆରାମ ଚଉକି ଥିଲା,

'oaob.nitrkl.ac.in' images reprocessed

ଯାହା ଉପରେ କି ସେହି ବିଲେଇଟି ସବୁବେଳେ ଧ୍ୟାନ ଆରମ୍ଭ ହେବା ଆଗରୁ ଯାଇ ବସି ଯାଉଥିଲା । ଆଉ କେହି ଚଉକିଟି ଉପରେ ବସିବ ବୋଲି ସିଏ ମୋଟେ ଅପେକ୍ଷା କରୁ ନଥିଲା, ପ୍ରଥମେ ଯାଇ ବସି ଯାଉଥିଲା । ଏବଂ ନିସ୍ତିମିତ ଭାବରେ ପ୍ରାୟ ଏକ ସମାଧିସ୍ଥ ଅବସ୍ଥା ମଧ୍ୟରେ ନିମଗ୍ନ ହୋଇ ରହୁଥିଲା । ତାକୁ ଯେ ନିଦ ଲାଗି ଯାଉଥିଲା, ସେ କଥା ଆଦୌ ନୁହେଁ, ଶୋଇଲାବେଳେ ବିଲେଇମାନେ ଯେପରି ଶୁଅନ୍ତି, ସିଏ ସେଠାରେ ମୋଟେ ସେପରି ଶୋଉ ନଥିଲା । ସିଏ ସମାଧିସ୍ଥ ଏକମଗ୍ନ ଅବସ୍ଥାରେ ରହୁଥିଲା; ଚମକି ଚମକି ପଡ଼ୁଥିଲା, ନିଶ୍ଚୟ କ'ଣ ସବୁ ଦେଖିବାକୁ ଆରମ୍ଭ କରୁଥିଲା, ଅଳ୍ପ ଅଳ୍ପ ଶବ୍ଦ ବି କରୁଥିଲା । ଗଭୀର ଏକମଗ୍ନତା ଭିତରେ ଅବସ୍ଥିତ ହୋଇ ରହୁଥିଲା । ଏହିପରି ଭାବରେ ଘଣ୍ଟା ଘଣ୍ଟା ଧରି ରହି ପାରୁଥିଲା । ଏବଂ ସେହି ଅବସ୍ଥାଟି ଭିତରୁ ବାହାରି ଆସିବା ପରେ ସିଏ କିଛିହେଲେ ଖାଉ ନଥିଲା । ତାହାକୁ ଉଠାଇ ଖାଇବାକୁ ଦିଆ ଯାଉଥିଲା, ମାତ୍ର ସିଏ ଖାଇବାକୁ ମୋଟେ ରାଜି ହେଉ ନଥିଲା । ଚଉକି ଉପରକୁ ଫେରିଯାଇ ସିଏ ପୁଣି ସେହିପରି ଏକମଗ୍ନ ହୋଇ ରହୁଥିଲା । ଗୋଟାଏ ସାନ ବିଲେଇ ପାଇଁ ଏହି ବ୍ୟାପାରଟି ଭାରି ବିପଜ୍ଜନକ ହୋଇ ଆସୁଥିଲା । ...ମାତ୍ର ତାହା ପ୍ରକୃତରେ ଗୋଟିଏ ସାଧାରଣ ବିଲେଇ ନଥିଲା ।

ମୋ କାହାଣୀଟିକୁ ଶେଷ କରିବା ଲାଗି ମୁଁ ଏତିକି କହିବି ଯେ, ଯଦି ତୁମେ କୌଣସି ଇତରପ୍ରାଣୀକୁ ତା'ର ସ୍ୱାଭାବିକ ଅବସ୍ଥାରେ ରହିବାକୁ ଛାଡ଼ିଦେବ, ତୁମେ ଯଦି ତାକୁ ମଣିଷଠାରୁ ଦୂରରେ ରହିବାକୁ ଦେବ, ତେବେ ସିଏ ତା'ର ଜୀବଜାତିଟିର ଅନ୍ତର୍ଭାବଟିରହିଁ ବୋଲି ମାନୁଥିବ, ତା'ର ସହଜାତ ପ୍ରବୃତ୍ତିଟି ତା' ଭିତରେ ନିଶ୍ଚିତ ଭାବରେ କାର୍ଯ୍ୟ କରୁଥିବ ଏବଂ ସିଏ କଦାପି କୌଣସି ନିର୍ବୋଧତା କରି ବସିବ ନାହିଁ । ମାତ୍ର, ଯଦି ତୁମେ ତାକୁ ନେଇ ନିଜ ପାଖରେ ରଖିବ, ତେବେ ସିଏ ତା'ର ସେହି ସହଜାତ ପ୍ରବୃତ୍ତିଟିକୁ ହରାଇ ବସିବ, ଏବଂ ତା'ପରେ ତୁମକୁହିଁ ତାହାର ରକ୍ଷଣାବେକ୍ଷଣ କରିବାକୁ ପଡ଼ିବ, କାରଣ, କ'ଣ କରିବା ଉଚିତ ବା କରିବା ଉଚିତ ନୁହେଁ, ତା'ପରେ ତା'ର ସେବିଷୟରେ ଆଉ କୌଣସି ଜ୍ଞାନ ନଥିବ । ଗୋଟିଏ ପ୍ରୟୋଗ କରି ଦେଖିବା ଲାଗି ମୁଁ ବିଲେଇମାନଙ୍କ ବିଷୟରେ ଭାରି ଆଗ୍ରହ ରଖିଥିଲି, ଏହାକୁ ହୁଏତ ଓଲଟା ପୁନର୍ଜନ୍ମ ବିଷୟରେ ଏକ ପ୍ରୟୋଗ ବୋଲି କୁହାଯାଇ ପାରିବ । ଅର୍ଥାତ୍, ଇତରପ୍ରାଣୀ ହିସାବରେ ଏଇଟି ସେମାନଙ୍କର ପ୍ରକୃତରେ ସର୍ବଶେଷ ଜନ୍ମ ଥିଲା କି ନାହିଁ ଏବଂ ପରବର୍ତ୍ତୀ ଜନ୍ମରେ ଏକ ମନୁଷ୍ୟ-ଶରୀର ମଧ୍ୟରେ ପ୍ରବେଶ କରିବା ଲାଗି ସେମାନେ ପ୍ରସ୍ତୁତ ରହିଥିଲେ କି ନାହିଁ, ତୁମେ ତାହାକୁ ଏହି ବିଷୟରେ ଏକ ପ୍ରୟୋଗ ବୋଲି କହିପାରିବ । ମୋର ଏହି ପ୍ରୟୋଗଟି ସମ୍ପୂର୍ଣ୍ଣ ଭାବରେ ସଫଳ ହୋଇଥିଲା; ମୁଁ ତିନୋଟି ଅତ୍ୟନ୍ତ ସୁସ୍ପଷ୍ଟ ଉଦାହରଣ ଦେଖିବାକୁ

'oaob.nitrkl.ac.in' images reprocessed

ପାଇଥିଲା; ସେମାନେ ଏପରି ଏକ ଚୈତ୍ୟ ସତ୍ତା ବହନ କରି ଏଠାକୁ ବିଦାୟ ନେଇ ଯାଇଥିଲେ, ଯାହାକି ଏକ ମନୁଷ୍ୟ-ଶରୀରରେ ପ୍ରବେଶ କରିବା ଲାଗି ଯଥେଷ୍ଟ ପରିମାଣରେ ସଚେତନତା ହାସଲ କରି ସାରିଥିଲା । ମାତ୍ର ମନୁଷ୍ୟମାନେ ସାଧାରଣତଃ ଆଦୌ ଏପରି କରି ନଥାନ୍ତି; ସେମାନେ ସାଧାରଣତଃ ଇତରପ୍ରାଣୀମାନଙ୍କର ଚେତନା ବା ଅଧିକ ଯଥାର୍ଥ ଭାବରେ କହିଲେ ସେମାନଙ୍କର ସହଜାତ ପ୍ରବୃତ୍ତିଟିକୁ ନଷ୍ଟ କରିଦେବାରେହିଁ ଅଧିକ ସହାୟକ ହୋଇଥାନ୍ତି ।

## ୨୪ ମାର୍ଚ୍ଚ ୧୯୫୧

> ଆପଣ କହିଛନ୍ତି, "ପ୍ରେମ ସବୁଠାରେ ରହିଛି । ଉଦ୍ଭିଦ ଓ ସମ୍ଭବତଃ ପଥରଗୁଡ଼ାକ ଭିତରେ ମଧ୍ୟ ପ୍ରେମର ଗତିସ୍ପନ୍ଦନ ମହଜୁଦ ରହିଛି···"* ଯଦି ପଥର ଭିତରେ ବି ପ୍ରେମ ରହିଥାଏ, ତେବେ ତାହାକୁ ଦେଖି ହେବ କିପରି ?

ଯେଉଁ ବିଭିନ୍ନ ଉପାଦାନକୁ ନେଇ କୌଣସି ପଥରର ଗଠନ ହୋଇଛି, ସମ୍ଭବତଃ ପ୍ରେମର ସ୍ଫୁଲିଙ୍ଗଟି ଦ୍ୱାରାହିଁ ସେଗୁଡ଼ିକ ପରସ୍ପର ସହିତ ସମ୍ବନ୍ଧୀକୃତ ହୋଇ ରହିଛନ୍ତି । ଏଥିରେ ମୋର ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯେତେବେଳେ ଦିବ୍ୟ ପରମ ପ୍ରେମ ଜଡ଼ ମଧ୍ୟକୁ ଅବତରଣ କରି ଆସିଲା, ସେତେବେଳେ ଜଡ଼ ହେଉଛି ଚେତନାହୀନ ହୋଇ ରହିଥିଲା, ତାହାର ଆଦୌ କୌଣସି ଆକାର ନଥିଲା । ଏପରିକି, ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ଜଡ଼ ମଧ୍ୟରେ ଚେତନାର ସଞ୍ଚାର କରାଇବା ଲାଗି ପରମପ୍ରେମକୁ ଯେଉଁ ପ୍ରୟାସ କରିବାକୁ ହୋଇଛି, ତାହାରି ପରିଣାମସ୍ୱରୂପହିଁ ସାଧାରଣତଃ ଜଡ଼ର ଭିନ୍ନ ଭିନ୍ନ ରୂପ ସମ୍ଭବ ହୋଇଛି । ଯଦି ତୁମମାନଙ୍କ ମଧ୍ୟରୁ କେହି ଜଣେ ପରମ ଅଚେତନା ମଧ୍ୟକୁ ଓହ୍ଲାଇ ଯାଇ ପାରିବ, ଯଦି ସେ ଯାହାକୁ ଶୁଦ୍ଧ ଅଚେତନା ବୋଲି କୁହାଯାଏ, ତାହାରି ମଧ୍ୟକୁ ପ୍ରବେଶ କରି ପାରିବ (କେହି ତାହା ପ୍ରକୃତରେ କରି ପାରିବ କି ନାହିଁ, ସେବିଷୟରେ ମୋର ସନ୍ଦେହ ରହିଛି, ତଥାପି), ତେବେ ତୁମେ ଏହାର ସତ୍ୟତାଟିକୁ ହୃଦୟଙ୍ଗମ କରିପାରିବ । ତୁଳନାତ୍ମକ ଭାବରେ ଦେଖିଲେ ଖଣ୍ଡେ ପଥର ତୁମକୁ ଭାରି ଚମତ୍କାର ଭାବରେ ଏକ

---

* ପ୍ରଶ୍ନ ଓ ଉତ୍ତର ୧୯୨୯ (୨ ଜୁନ୍)

'oaob.nitrkl.ac.in' images reprocessed

ସଚେତନ ବସ୍ତୁରୂପେ ବୋଧ ହେବାକୁ ଲାଗିବ। ତୁମେ ସହେଅବା ଘୃଣା କଲପରି ପଥରକୁ କେତେ ତୁଚ୍ଛ ଭାବରେ କେତେ କ'ଣ କହୁଥାଅ, କାରଣ ତୁମ ଭିତରେ ପଥର ତୁଳନାରେ ହୁଏତ ଏତେଟିକିଏ ଅଧିକ ଚେତନା ରହିଛି। ମାତ୍ର, ତୁମର ଚେତନା ଏବଂ ପଥରର ଚେତନା ମଧ୍ୟରେ ଯେଉଁ ପ୍ରଭେଦ ରହିଛି, ତାହାଠାରୁ ପଥରର ଚେତନା ଏବଂ ସମଗ୍ର ନିଶ୍ଚେତନା ମଧ୍ୟରେ ରହିଥିବା ପ୍ରଭେଦ ସମ୍ଭବତଃ ପ୍ରକୃତରେ ଅନେକ ଅଧିକ। ଏବଂ ସେହି ପରମ ନିଶ୍ଚେତନା ମଧ୍ୟରୁ ବାହାରି ଆସିବାଟିହିଁ ପରମ ଦିବ୍ୟସତ୍ତାଙ୍କର ଏକ ତ୍ୟାଗଫଳରେହିଁ ସମ୍ଭବ ହୋଇଛି, ପରମ ଦିବ୍ୟ ପ୍ରେମ ନିଶ୍ଚେତନା ମଧ୍ୟକୁ ଅବତରଣ କରି ଆସିବା ଫଳରେହିଁ ତାହା ସମ୍ଭବ ହୋଇଛି। ତେଣୁ, ମୁଁ ଯେତେବେଳେ "ସମ୍ଭବତଃ ପଥର ଭିତରେ" ବୋଲି କହିଲି, ସେତେବେଳେ ମୁଁ ସେଥିରୁ "ସମ୍ଭବତଃ" ଶବ୍ଦଟି ହଟାଇନେଇ ପାରିଥାନ୍ତି —ମୁଁ ଦୃଢ଼ତାର ସହିତ କହିପାରିବି ଯେ ପଥର ଭିତରେ ମଧ୍ୟ ତାହା ବିଦ୍ୟମାନ ହୋଇ ରହିଛି। ଏହି ଦିବ୍ୟ ପରମ ପ୍ରେମ ବିଦ୍ୟମାନ ରହି ନଥିଲେ ପ୍ରକୃତରେ କିଛି ନଥାନ୍ତା, ପଥର ନଥାନ୍ତା ବା ଧାତୁ ନଥାନ୍ତା, ଅଣୁଗୁଡ଼ିକ ମଧ୍ୟରେ ଆଦୌ କୌଣସି ସଂଗଠନ ସମ୍ଭବ ହୋଇ ନଥାନ୍ତା।

ଅନେକ ଲୋକ କହନ୍ତି ଯେ, ସେମାନେ କିଛି ଭାବିବାକୁ ଆରମ୍ଭ କରିବା ମାତ୍ରକେ "ଚେତନା"ର ସ୍ପର୍ଶପାଆନ୍ତି ହୋଇଥାଏ। ଅର୍ଥାତ୍, ଯେତେବେଳେ କିଛି ଚିନ୍ତା ହେଉ ନଥାଏ, ସେତେବେଳେ ଚେତନା ମଧ୍ୟ ନଥାଏ। ମାତ୍ର ଉଦ୍ଭିଦମାନେ ତ ପରିପୂର୍ଣ୍ଣ ଭାବରେ ଚେତନାଯୁକ୍ତ ହୋଇ ରହିଥାନ୍ତି, କିନ୍ତୁ ତଥାପି ସେମାନେ ଆଦୌ ଚିନ୍ତା କରୁ ନଥାନ୍ତି। ସେମାନଙ୍କର ଅତ୍ୟନ୍ତ ନିର୍ଭୁଲ ଭାବରେ ନାନା ବୋଧ ହେଉଥାଏ ଏବଂ ସେଗୁଡ଼ିକ ଏକ ଚେତନା ମଧ୍ୟରୁହିଁ ଅଭିବ୍ୟକ୍ତ ହୋଇ ଆସୁଥାଏ, ମାତ୍ର ସେମାନେ କେବେହେଲେ କିଛି ଭାବନ୍ତି ନାହିଁ। ଇତରପ୍ରାଣୀମାନେ ଭାବିବାକୁ ଆରମ୍ଭ କରନ୍ତି ଓ ସେମାନଙ୍କର ପ୍ରତିକ୍ରିୟାଗୁଡ଼ିକ ଅନେକ ଅଧିକ ପରିମାଣରେ ଜଟିଳ ହୋଇ ରହିଥାଏ। ମାତ୍ର ଉଭୟେ ଉଦ୍ଭିଦ ଏବଂ ଇତରପ୍ରାଣୀଙ୍କୁ ସଚେତନ ବୋଲି କୁହାଯାଇ ପାରିବ। ଭାବନା ବୋଲି ଏତେଟିକିଏ କିଛି ନଥାଇ ମଧ୍ୟ ଜଣେ ଏକ ଇନ୍ଦ୍ରିୟବୋଧ ବିଷୟରେ ନିଶ୍ଚୟ ସଚେତନ ହୋଇପାରିବ।

ଦିବ୍ୟ ପରମ ପ୍ରେମର ଅବତରଣ ପୂର୍ବରୁ କି କ'ଣ ଜଡ଼ ଉପାଦାନର ଅସ୍ତିତ୍ୱ ରହିଥିଲା ?

ମୁଁ ଭାବୁଛି ସେତେବେଳେ ଆଦୌ କୌଣସି ଜଡ଼ମୟ ଉପାଦାନ ରହିଥିଲା ବୋଲି ମୋତେ କୁହାଯାଇ ପାରିବ ନାହିଁ। କେବଳ ନିଶ୍ଚେତନ ଥିଲି, ନିଶ୍ଚେତନହିଁ

'oaob.nitrkl.ac.in' images reprocessed

ରହିଥିଲା । ତୁମକୁ ମୁଁ ଏହି କଥାଟିକୁ କିପରି ବୁଝାଇ କହିପାରିବି, ମୋତେ ସେଥିଲାଗି ବାଟ ମିଳୁ ନାହିଁ । ଯଦି ଏହା କୌଣସି ପଦାର୍ଥର ଅଭାବକୁହିଁ ବୁଝାଇବ, ତେବେ ତାହା ପ୍ରକୃତରେ ସେହି ପରମ ନିଶ୍ଚେତନାକୁ ବୁଝାଇବ, ପ୍ରତ୍ୟେକ ପଦାର୍ଥର ଅଭାବକୁହିଁ ବୁଝାଇବ । ଏହା ଭିତରେ ଶୂନ୍ୟ ହୋଇ ରହିବାର ସାମର୍ଥ୍ୟଟି ମଧ୍ୟ ନଥିବ । ତାହାକୁ ଜାଣିବାକୁ ଏବଂ ବ୍ୟାଖ୍ୟା କରି ପାରିବାକୁ ହେଲେ ତା' ମଧ୍ୟକୁ ଅବତରଣ କରିବାରହିଁ ପ୍ରୟୋଜନ ରହିବ । ଶବ୍ଦ ଦ୍ୱାରା ତାହାର ବର୍ଣ୍ଣନା କରି ହେବ ନାହିଁ । ଏହାକୁ ଯାବତୀୟ ପଦାର୍ଥର ସେହି ଅଭାବସ୍ଥିତି ବୋଲି କୁହାଯିବ, କାରଣ କେବଳ ଚେତନାରୁହିଁ ସକଳ ପଦାର୍ଥର ଆରମ୍ଭ ଘଟିଥାଏ । ଚେତନା ବ୍ୟତୀତ ପ୍ରକୃତରେ କେଉଁଠି କିଛିହେଲେ ନଥାଏ ।

ପରମ ପ୍ରେମର ଏହି ଅବତରଣ ପୂର୍ବରୁ କୌଣସି ସତ୍ତା ରହିଥିଲେ କି ? ସେମାନେ ସଚେତନ ଥିଲେ କି ?

ସେତେବେଳେ ପାର୍ଥିବ ସତ୍ତା କେହି ନଥିଲେ । ନିଶ୍ଚେତନା ମଧ୍ୟକୁ ଚେତନାର ଅବତରଣ ଘଟିବା ପୂର୍ବରୁ ନୁହେଁ, ମାତ୍ର ପରେ ଯାଇ ଏହି ପାର୍ଥିବ ଜଗତ, ଏହି ପୃଥିବୀ ସମ୍ଭବ ହେଲା ।

ସତ୍ତାର ବିଭିନ୍ନ ପର୍ଯ୍ୟାୟରେ ଯେଉଁ କ୍ରମିକ ପରିଣତି ଓ ରୂପାୟନ ହୋଇ ଆସିଛି, ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଆରମ୍ଭ କରି ଜଡ଼ତମ କ୍ଷେତ୍ରଟି ପର୍ଯ୍ୟନ୍ତ ଯେତେ ଯାହା ହୋଇଆସିଛି, ଏସବୁ ନିଶ୍ଚେତନର ପରବର୍ତ୍ତୀ ପର୍ଯ୍ୟାୟରେ ହୋଇଛି । ଠିକ୍ ଯେତେବେଳେ ପରମ ଚେତନା ଆପଣାର ସୃଷ୍ଟିଟିକୁ "ଆରମ୍ଭ" କଲେ (ତୁମେ ଏଥିରୁ କଦାପି ବୁଝିବ ନାହିଁ ଯେ ମୁଁ ସମ୍ପୂର୍ଣ୍ଣ ଆକ୍ଷରିକ ଭାବରେ ଏହି କଥା କହୁଛି, ଯତେଯେପରି ଆଉ ଗୋଟିଏ ଦେଶର ଇତିହାସକୁ ବର୍ଣ୍ଣନା କରି କହିଲା ପରି ମୁଁ ଏହି କଥା କହୁଛି; କାରଣ ଏସବୁ ଆଦୌ ସେପରି ଭାବରେ ଘଟି ନାହିଁ; ମୁଁ ତୁମମାନଙ୍କୁ କଥାଟିକୁ ବୁଝାଇ ଦେବା ଲାଗି ଚେଷ୍ଟା କରୁଛି, ବାସ୍ ସେତିକି), ସେତେବେଳେ ସୃଜନଶୀଳ ପରମ ଚେତନାଙ୍କର ପ୍ରଥମ ରୂପାୟନରୂପେ କେବଳ ଚେତନାର ଏକ ନିଃସରଣହିଁ ଘଟିଥିଲା—ଚେତନ ଆଲୋକର ଏକ ନିଃସରଣ ଘଟିଥିଲା; ଏବଂ ଏହି ନିଃସରଣ ଯେତେବେଳେ ଆପଣାକୁ ଆପଣାର ଉତ୍ପତ୍ତିଠାରୁ ବିଚ୍ଛିନ୍ନ କରି ଆଣିଲା, ସେତେବେଳେ ସେହି ବିରୋଧରୁହିଁ ନିଶ୍ଚେତନା ଜନ୍ମ ଲାଭ କଲା; ମୁଁ ଏହି କଥାଟି ପ୍ରକୃତରେ କି ଶବ୍ଦ ଦେଇ ବର୍ଣ୍ଣନା କରି କହିପାରିବି ?···ହଁ, ପ୍ରକୃତରେ ବିରୋଧରୁହିଁ ଏପରି ଘଟିଲା । ତେଣୁ, ନିଶ୍ଚେତନାର ଜନ୍ମକୁ ଆମେ ଜଗତ୍-ରୂପାୟନର ପୂର୍ବବର୍ତ୍ତୀ ବୋଲି ଜାଣିବା, ଏବଂ ଯେତେବେଳେ ଏହିପରି ଏକ ବୋଧ

'oaob.nitrkl.ac.in' images reprocessed

ନାତ ହୋଇଥିଲା ଯେ ସମଗ୍ର ବିଶ୍ୱଜଗତ ନିରର୍ଥକ ଭାବରେ ସୃଷ୍ଟ ହେବାକୁ ଯାଉଛି, କେବଳ ସେତିକି ବେଳେ ଯାଇ ଏକ ଆବାହନ ପହଞ୍ଚିଲା ଏବଂ ପରମ ଦିବ୍ୟ ସତ୍ତା ନିଶ୍ଚେତନା ମଧ୍ୟରେ ପ୍ରବେଶ କରି ତାହାକୁ ପରମ ଚେତନାରୂପେ ପରିବର୍ତ୍ତିତ କରିଦେଲେ । ତେଣୁ, ଏକଥା ଟି କୁହାଯାଇ ପାରିବ ଯେ ଆମର ଜ୍ଞାତ ଏହି ଜଡ଼ମୟ ଜଗତଗୁଡ଼ିକର ରୂପାୟନ ସର୍ବୋଚ୍ଚ ପରମ ଚେତନା ନିଶ୍ଚେତନା ମଧ୍ୟକୁ ଅବତରଣ କରି ଆସିବା ଦ୍ୱାରାହିଁ ସମ୍ଭବ ହୋଇଛି । ତାହା ପୂର୍ବରୁ ଆଉକିଛି ରହିଥିଲା ବୋଲି ଏହି କ୍ଷେତ୍ରରେ ଆଦୌ କୁହାଯାଇ ପାରିବ ନାହିଁ, ଜଡ଼ ଜଗତ ଭିତରେ ପଦାର୍ଥ-ଗୁଡ଼ିକୁ ଆମେ ଯେପରି ଭାବରେ ଦେଖୁଛୁ, ସେପରି କୌଣସି ପଦାର୍ଥ ଥିଲା ବୋଲି ମୋଟେ କୁହାଯାଇ ପାରିବ ନାହିଁ (ମୋ ଶବ୍ଦଗୁଡ଼ିକର ଅସ୍ପଷ୍ଟତା ଲାଗି ତୁମେମାନେ କିଛି ମନେ କରିବ ନାହିଁ, ମାତ୍ର ତୁମେମାନେ ତ ଭଲ କରି ବୁଝି ପାରୁଥିବ ଯେ ଆମର ନିତ୍ୟନୈମିତ୍ତିକ ଶବ୍ଦଗୁଡ଼ିକର ସାହାଯ୍ୟରେ ଏସବୁ ବିଷୟକୁ କଦାପି ବ୍ୟକ୍ତ କରିଯାଇ ପାରିବ ନାହିଁ) ।

ଆମେ ଏହି ପୃଥିବୀକୁ ଯେପରି ଜାଣିଆସିଛୁ, ବିପୁଳ ଓ ପାରହୀନ ବିଶ୍ୱବ୍ରହ୍ମାଣ୍ଡ ଭିତରେ ଏହି ଅତିକ୍ଷୁଦ୍ର ବିନ୍ଦୁଟିର ରଚନା ରୂପାନ୍ତରର ପ୍ରୟାସକୁ ଗୋଟିଏ ବିନ୍ଦୁରେ ଆଣି ସକେନ୍ଦ୍ରିତ କରି ରଖିବାର ଉଦ୍ଦେଶ୍ୟରେହିଁ କରାଯାଇଥିଲା । ଏହାକୁ ଆମେ ଏକ ପ୍ରତୀକାତ୍ମକ ବିନ୍ଦୁ ହୋଇ ରହିଥିବା ଗୋଟିଏ ବିନ୍ଦୁ ବୋଲି ଜାଣିବା, ଯାହାକୁ କି, କେବଳ ଗୋଟିଏ ବିନ୍ଦୁରେ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ କରିବା ସଙ୍ଗେସଙ୍ଗେ ତାହାକୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଉପରେ ବିକୀର୍ଣ୍ଣ କରି ରଖିବା ଲାଗି ତିଆରି କରାଯାଇଥିଲା ।

ଏହି ସମସ୍ୟାଟିକୁ ଆଉରି ଟିକିଏ ଅଧିକ ବୋଧଗମ୍ୟ କରି ଆଣିବାକୁ ଇଚ୍ଛା କରୁଥିଲେ, ଆମେ କେବଳ ପୃଥିବୀର ସୃଷ୍ଟି ଏବଂ ଇତିହାସ ମଧ୍ୟରେହିଁ ଆପଣାର ଆଲୋଚନାକୁ ସୀମାବଦ୍ଧ କରି ରଖିଲେ ତାହା ଯଥେଷ୍ଟ ହେବ, କାରଣ ଏହି ପୃଥିବୀ ବିଶ୍ୱବ୍ରହ୍ମାଣ୍ଡର ଇତିହାସର ଏକ ଅତ୍ୟୁତ୍ତମ ପ୍ରତୀକ ହୋଇ ରହିଆସିଛି ।

ଜ୍ୟୋତିଷ ବିଜ୍ଞାନର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହି ପୃଥିବୀ ପ୍ରକୃତରେ କିଛି ନୁହେଁ, ଏହା ହେଉଛି ଏକ ଅତିକ୍ଷୁଦ୍ର ଆକସ୍ମିକ ଘଟଣା । ମାତ୍ର ଆଧ୍ୟାତ୍ମିକ ଦୃଷ୍ଟିରୁ ବିଚାର କରି ଦେଖିଲେ ଏହା ହେଉଛି ଏକ ପ୍ରତୀକାତ୍ମକ ସୃଷ୍ଟି, ଏକ ଇଚ୍ଛାକୃତ ସୃଷ୍ଟି । ଏବଂ, ମୁଁ ଆଗରୁ ଯେପରି କହିଛି, କେବଳ ଏହି ପୃଥିବୀ ଉପରେହିଁ ଆମେ ଏହି ପରମ ଉପସ୍ଥିତିଟିକୁ ଦେଖିବାକୁ ପାଇବା, ସର୍ବୋଚ୍ଚ ପରମମୂଳ ସହିତ ରହିଥିବା ଏହି ପ୍ରତ୍ୟକ୍ଷ ସମ୍ପର୍କ ଏବଂ ସକଳ ବସ୍ତୁ ମଧ୍ୟରେ ଲୁକ୍କାୟିତ ହୋଇ ରହିଥିବା ସେହି ଦିବ୍ୟ ପରମ ଚେତନାର ଏହି ସାନ୍ନିଧ୍ୟଟିକୁ ଦେଖିବାକୁ ପାଇବା ।

'oaob.nitrkl.ac.in' images reprocessed

ପ୍ରାୟ ଏକ ସୋପାନକ୍ରମରେହିଁ ଅନ୍ୟ ଭୁବନଗୁଡ଼ିକର ସର୍ଜନା କରା ଯାଇଛି ବୋଲି ଆମେ ତୁଏତ ଇଚ୍ଛାକଲେ କହିପାରିବା, ମାତ୍ର ପୃଥିବୀର କ୍ଷେତ୍ରରେ ଯେଉଁ ପ୍ରତ୍ୟକ୍ଷ ହସ୍ତକ୍ଷେପଟି ଘଟିଛି, ତାହା ଫଳରେ ତାହା ଏକ ବିଶେଷ ଗଠନର ଅଧିକାରୀ ହୋଇ ପାରିଛି; ଏହି କ୍ଷେତ୍ରରେ ଅନ୍ତର୍ବର୍ତ୍ତୀ ବା ମଧ୍ୟବର୍ତ୍ତୀ ବୋଲି କିଛି ନାହିଁ ଏବଂ ଜଡ଼ଶକ୍ତିରେ ମଧ୍ୟରେ ରହିଥିବା ସର୍ବୋଚ୍ଚ ପରମ ଚେତନାଟିର ହସ୍ତକ୍ଷେପ ସକାଶେହିଁ ଏହା ତିଆରି ହୋଇଛି ।

ସୂର୍ଯ୍ୟର ଅନ୍ୟ ଖଣ୍ଡିତାଂଶଗୁଡ଼ିକ ପୃଥିବୀ ପରି ଏକା ପ୍ରକାରର ଜଡ଼ୋପାଦାନ ଦ୍ୱାରା ଗଢ଼ା ହୋଇଛନ୍ତି କି ?

ମୁଁ ଅତ୍ୟନ୍ତ ସାବଧାନତା ସହିତ ତୁମମାନଙ୍କୁ କହୁଛି ଯେ ଏହି ବିକିରଣ ହେଉଛି ଏକ ପ୍ରଗତିଶୀଳ ସୃଜନ, ଏବଂ ଏହି ବିଶେଷ ବିନ୍ଦୁଟି ଉପରେ ସଂଘଟିତ ହୋଇଥିବା ଯାବତୀୟ କ୍ରିୟାଟିହିଁ ଆପଣାର ବିକିରଣ କରିଦେଇ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ବ୍ୟାପ୍ତ ହୋଇ ଯାଇଥିଲା । ତେଣୁ ତୁମେମାନେ ଏହି କଥାଟିକୁ ଅବଶ୍ୟ ସ୍ମରଣ ରଖିବ, ସୂର୍ଯ୍ୟର ଶରୀରରୁ ପ୍ରକ୍ଷେପିତ ହୋଇଥିବା ଏକ ପିଣ୍ଡରୁହିଁ ପୃଥିବୀର ରଚନା ସମ୍ଭବ ହୋଇଛି ଅଥବା, ସୂର୍ଯ୍ୟ ଏବଂ ତା'ର ସମସ୍ତ ଗ୍ରହଉପଗ୍ରହଙ୍କୁ ଜନ୍ମ ଦେବା ଲାଗି ଏକ ଜ୍ୟୋତିପଥ ନିଶ୍ଚୟ ଆପଣାକୁ ବିକ୍ଷିପ୍ତ କରି ଦେଇଛି ବୋଲି କହିବା ପରିବର୍ତ୍ତେ ତୁମେମାନେ ସେହି କଥାଟିକୁ ଅବଶ୍ୟ ମନେ ରଖିଥିବ ।

ମାତ୍ର, ସୂର୍ଯ୍ୟର ବସ୍ତୁ-ଉପାଦାନ ଏବଂ ପୃଥିବୀର ବସ୍ତୁ-ଉପାଦାନ ମଧ୍ୟରେ ଆଦୌ କୌଣସି ପ୍ରଭେଦ ନାହିଁ ବୋଲି ଯାହା କୁହା ଯାଇଥାଏ, ସେଇଟା କ'ଣ ସତ ? ସୂର୍ଯ୍ୟ ଓ ସୂର୍ଯ୍ୟମଣ୍ଡଳର ଅନ୍ୟ ଭୁବନଗୁଡ଼ିକ କ'ଣ ପୃଥିବୀର ସମସାମୟିକ ଭାବରେ ତିଆରି ହୋଇଥିଲେ ?

ନିଶ୍ଚୟ ତିଆରି ହୋଇଥିଲେ । ସବୁକିଛି ସେହି ଗୋଟିଏ ସମୟରେ ତିଆରି ହୋଇଥିଲା, ଏହି ସୃଷ୍ଟି ହେଉଛି ଏକ ଯୁଗପତ୍ ସୃଷ୍ଟି, ଏବଂ ଏଥିମଧ୍ୟରୁ ପୃଥିବୀ ଉପରେହିଁ ପରମ ଚେତନା ବିଶେଷ ଭାବରେ ଆପଣାକୁ ସଂକେନ୍ଦ୍ରିତ କରି ରଖିଛି ।

ଅନ୍ୟାନ୍ୟ ଗ୍ରହ ଓ ଅନ୍ୟାନ୍ୟ ପୃଥିବୀରେ ଯେଉଁ ସତ୍ତ୍ୱଗୁଡ଼ିକ ଅଛନ୍ତି, ସେମାନଙ୍କର ବି କ'ଣ ଗୋଟିଏ ଗୋଟିଏ ଚୈତ୍ୟ ସତ୍ତ୍ୱା ରହିଛି ?

'oaob.nitrkl.ac.in' images reprocessed

ନାହିଁ, ଚୈତ୍ୟ ସତ୍ତା ହେଉଛି ସମ୍ପୂର୍ଣ୍ଣ ଭାବରେ ଏହି ପୃଥିବୀର ଏକ ବ୍ୟାପାର । କେବଳ, ଆମେ ଏହି ଅନୁମାନଟିକୁ କୌଣସି ପ୍ରକାରେ କାଟିଦେଇ ପାରିବା ନାହିଁ ଯେ ଇଚ୍ଛା କଲେ ଚୈତ୍ୟ ସତ୍ତାମାନେ ଏଠାରୁ ଅନ୍ୟାନ୍ୟ ଗ୍ରହକୁ ମଧ୍ୟ ଯାଇପାରନ୍ତି । ଏପରି ଭାବିବା ଲାଗି ମଧ୍ୟ କୌଣସି କାରଣ ନାହିଁ ଯେ ଅନ୍ୟ କୌଣସି ଗ୍ରହକୁ ଗଲେ ଆମେ ଆଦୌ କୌଣସି ଚୈତ୍ୟ ସତ୍ତାକୁ ଭେଟିବା ନାହିଁ; ଏହା ମୋଟେ ଅସମ୍ଭବ ନୁହେଁ; ମାତ୍ର ଏହିସବୁ ଚୈତ୍ୟ ସତ୍ତାଙ୍କର ବିରଚନା ଏହି ପୃଥିବୀରେହିଁ ହୋଇଥିବ, ଯେଉଁମାନେ କି ଆପଣାର ବିଚରଣ-ପଥରେ ମୁକ୍ତ ଭାବରେ ଓ ଇଚ୍ଛା ଅନୁସାରେ କୌଣସି ନା କୌଣସି କାରଣରୁ ଏଠାକୁ ବା ସେଠାକୁ ପ୍ରସ୍ଥାନ କରିଛନ୍ତି । ଆମ ପୃଥିବୀର ବିଭିନ୍ନ ଅଞ୍ଚଳରେ ଯେତେଯାହା ପରମ୍ପରା ରହିଛି, ସେଗୁଡ଼ିକ ବିଷୟରେ ଉପଲବ୍ଧ ଯାବତୀୟ ଜ୍ଞାନ ଆମକୁ ଏହାହିଁ କହିଦେଉଛି ଯେ ଚୈତ୍ୟ ସତ୍ତାଗୁଡ଼ିକ କେବଳ ଏହି ପୃଥିବୀ ଉପରେହିଁ ଗଠିତ ହୋଇଛନ୍ତି ଏବଂ କେବଳ ଏହି ପୃଥିବୀ ଉପରେହିଁ ଚୈତ୍ୟ ସତ୍ତା ବିକାଶ ଲାଭ କରିଛି । ମାତ୍ର ଥରେ ଗଠିତ ହେବା ପରେ ଏବଂ ଆପଣାର ବିଚରଣ-ପଥରେ ଏକ ସ୍ୱାଧୀନତା ଅର୍ଜନ କରିସାରିବା ପରେ ସେମାନେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଯେକୌଣସି ସ୍ଥାନକୁ ମଧ୍ୟ ଚାଲିଯାଇ ପାରନ୍ତି, ସେମାନଙ୍କର ବିଚରଣ-ଆୟତନଟି ଆଉ ମୋଟେ ସୀମାବଦ୍ଧ ହୋଇ ରହେ ନାହିଁ । ମାତ୍ର, ସେମାନଙ୍କର ଗଠନ ଏବଂ ସେମାନଙ୍କର ବିକାଶ କେବଳ ଏହି ପୃଥିବୀପୃଷ୍ଠରେହିଁ ଘଟିଥାଏ, ସଂକେନ୍ଦ୍ରଣର କାରଣରୁହିଁ ତାହା ଘଟିଥାଏ ।

ଦିବ୍ୟ ପ୍ରେମ ଓ ଦିବ୍ୟ କରୁଣା ଗୋଟିଏ କଥା କି ?

ମୂଳତଃ, ସବୁକିଛି ସେହି ଗୋଟିଏ କଥା ! ଏହି ମୌଳିକ ମର୍ମକ୍ଷେତ୍ରରେ ଯାବତୀୟ କଥା ହେଉଛି ସେହି ଗୋଟିଏ କଥା, ସବୁକିଛି ହେଉଛି ସେହି ଚେତନାରହିଁ ଏକ ବ୍ୟାପାର । ମାତ୍ର କରୁଣା ନଥିଲେ ମଧ୍ୟ ପ୍ରେମ ସମ୍ଭବ ହୋଇପାରେ ଏବଂ ପ୍ରେମ ନଥିଲେ ମଧ୍ୟ କରୁଣା ସମ୍ଭବ ହୋଇପାରେ । ମାତ୍ର ମନୁଷ୍ୟର ଚେତନା ଲାଗି କରୁଣାର ଯାବତୀୟ ପ୍ରକାଶ ହେଉଛି ଅନିବାର୍ଯ୍ୟତଃ ସେହି ସର୍ବୋଚ୍ଚ ପ୍ରେମର ମଧ୍ୟ ଏକ ପ୍ରକାଶ । କେବଳ ଏତିକି ମନେ ରଖିଥିବା ଉଚିତ ଯେ କରୁଣା ମନୁଷ୍ୟ-ଚେତନାର ବାହାରକୁ ମଧ୍ୟ ଯାଇପାରେ ।

ଆମେ କିପରି ଭାବରେ ଦିବ୍ୟ ପରମପ୍ରେମ ବିଷୟରେ ସଚେତନ ହୋଇପାରିବା ଏବଂ ତାହାର ଅଭିବ୍ୟକ୍ତିରେ ଏକ ନିମିତ୍ତରୂପେ ବ୍ୟବହୃତ ମଧ୍ୟ ହୋଇପାରିବା ?

'oaob.nitrkl.ac.in' images reprocessed

ପ୍ରଥମ କଥା ହେଉଛି, ଯେକୌଣସି ବିଷୟରେ ସଚେତନ ହେବାକୁ ହେଲେ, ସେଥିଲାଗି ଏକ ଇଚ୍ଛା ହେବା ଅତ୍ୟାବଶ୍ୟକ । ଏବଂ, ମୁଁ ଯେତେବେଳେ "ସେଥିଲାଗି ଏକ ଇଚ୍ଛା ହେବା" ଆବଶ୍ୟକ ବୋଲି କହୁଛି, ମୁଁ ତଦ୍ଦ୍ୱାରା ଆଦୌ ଏପରି ଅର୍ଥରେ ତାକୁ ବୁଝୁନାହିଁ ଯେ ତୁମେ ଦିନେ "ଆଃ, ଏଇଟି ମୋତେ ଖୁବ୍ ଭଲ ଲାଗୁଛି" ବୋଲି କହିବ ଏବଂ ତା'ପରେ ଦୁଇଦିନ ପରେ ସେହି ବିଷୟଟିକୁ ସମ୍ପୂର୍ଣ୍ଣ ଭାବରେ ପାସୋରି ପକାଇବ ।

ସେଥିଲାଗି ଇଚ୍ଛା କରିବା ହେଉଛି ତାହାର ଲାଗି ଏକ ସତତ, ସଦାପୁଷ୍ଟ ଏବଂ ସକେନ୍ଦ୍ରିତ ଅଭୀପ୍ସା ରଖିବା, ଆପଣାର ଚେତନାରେ ତାହାକୁହିଁ ପ୍ରାପ୍ତ ଏକ ଐକାନ୍ତିକ ପ୍ରଚେଷ୍ଟାରେ ପରିଣତ କରି ରଖିବା । ଏଇଟି ହେଉଛି ପ୍ରଥମ ସୋପାନ, ଏବଂ ଏହାପରେ ବି ଆହୁରି ଅନେକ ସୋପାନ ରହିଛି : ତୁମେ ଅତ୍ୟନ୍ତ ମନୋଯୋଗ ସହକାରେ ସେଇଟି ଉପରେ ଦୃଷ୍ଟିପାତ କରୁଥିବ, ବାରବାର ତାକୁ ବିଶ୍ଳେଷଣ କରି ଦେଖୁଥିବ, ତୁମର ଯାବତୀୟ ଗତିଚର୍ଯ୍ୟାରେ କ'ଣ ଶୁଦ୍ଧ ଓ କ'ଣ ଶୁଦ୍ଧ ନୁହେଁ, ତୁମେ ଅତ୍ୟନ୍ତ ଯତ୍ନଶୀଳ ହୋଇ ତାହାର ବିଚାର କରି ପାରୁଥିବ । ଯଦି ତୁମ ଭିତରେ କଳ୍ପନା କରିବାର ଏକ ବିଶେଷ ପ୍ରବୃତ୍ତି ରହିଥାଏ, ତେବେ ତୁମେ କଳ୍ପନା କରିବାକୁ ଚେଷ୍ଟା କରିବ ଓ ବାସ୍ତବ ସତ୍ୟଟି ସହିତ ସେହି କଳ୍ପନା ଖାପ ଖାଉଛି କି ନାହିଁ, ସେହି କଥାଟିକୁ ପରୀକ୍ଷା କରି ଦେଖିବ । କେତେକ ଲୋକ ଅଛନ୍ତି, ଯେଉଁମାନେ କି କୌଣସି ଦିନ ପ୍ରଭାତରେ ହଠାତ୍ ନିଦ ଭାଙ୍ଗି ଉଠନ୍ତି ଓ "ଓଃ, ଦିବ୍ୟ ପ୍ରେମ ବିଷୟରେ ସଚେତନ ହେବା ଲାଗି ମୁଁ ପ୍ରକୃତରେ କେତେ ଚିନ୍ତା ନକରୁଛି, ଦିବ୍ୟ ପ୍ରେମର ଅଭିବ୍ୟକ୍ତି ସକାଶେ ମୁଁ ପ୍ରକୃତରେ କେତେ ଇଚ୍ଛା ନକରୁଛି !" ବୋଲି କହନ୍ତି । ଏବଂ ସେମାନେ ସେତିକି କରିଦେଲେ ଯଥେଷ୍ଟ ହୋଇଗଲା ବୋଲି ଭାବନ୍ତି । ମନେ ରଖିବା ଉଚିତ ଯେ ଆମେ କେଜାଣି କେତେ ନା କେତେ ଥର, ହୁଏତ କେତେ ଲକ୍ଷ ଲକ୍ଷ ଥର ଆପଣା ଭିତରେ ମାନବୀୟ ସହଜାତ ପ୍ରବୃତ୍ତିର ଏକ କମ୍ପନକୁ ଅନୁଭବ କରିଥାଉ ଏବଂ କଳ୍ପନା କରିବାରେ ଲାଗିଯାଉ ଯେ ଯଦି ଆମ ପାଖରେ ସେହି ଦିବ୍ୟ ପ୍ରେମଟି ମହଜୁଦ ହୋଇ ରହିଥାନ୍ତା, ତେବେ ଆମେ କେଡ଼େ ବଡ଼ ବଡ଼ କଥାକୁ ନିଶ୍ଚୟ ସାଧ୍ୟ କରିଦେଇ ପାରନ୍ତୁ ! ଏବଂ ଆମେ ତା'ପରେ କହିବାକୁ ଆରମ୍ଭ କରୁ, "ହଁ, ମୁଁ ବର୍ତ୍ତମାନ ନିଶ୍ଚୟ ସେଥିଲାଗି ଚେଷ୍ଟା ଆରମ୍ଭ କରିଦେବି, ସେହି ଦିବ୍ୟ ପ୍ରେମର ସନ୍ଧାନ ପାଇବି ଏବଂ ତା'ପରେ ତାହାର ପରିଣାମସ୍ୱରୂପ ମୋତେ କ'ଣସବୁ ମିଳିବ ଦେଖିବି ।" ଏଇଟି ହେଉଛି ସବୁଠାରୁ ନିକୃଷ୍ଟ ପ୍ରଣାଳୀ । କାରଣ, ଉପଲବ୍ଧିର ସର୍ବପ୍ରଥମ ଉନ୍ମେଷଟିକୁହିଁ ସ୍ପର୍ଶ କରିପାରିବା ପୂର୍ବରୁ ତୁମେ ଏହା ଦ୍ୱାରା ପରିଣାମଟିକୁ ପ୍ରକୃତରେ ନଷ୍ଟ କରି ଦେଇଥାଅ । ତୁମକୁ ଏକ ଶୁଦ୍ଧ ଅଭୀପ୍ସା ସହିତ ଆପଣାର ଏହି ସନ୍ଧାନରେ

'oaob.nitrkl.ac.in' images reprocessed

ବାହାରିବାକୁ ପଡ଼ିବ, ଏକ ସମର୍ପଣଭାବ ରଖିବାକୁ ପଡ଼ିବ; ଏବଂ ଏଗୁଡ଼ିକୁ ଅର୍ଜନ କରିପାରିବାକୁ ଆଦୌ ସହଜ ବୋଲି କୁହାଯାଇ ପାରିବ ନାହିଁ । ଏହି ପ୍ରେମର ଅଭୀପ୍ସା ଲାଗି ପ୍ରସ୍ତୁତ ହୋଇ ପାରିବାକୁହିଁ ତୁମକୁ ପୂର୍ବରୁ ଆପଣାକୁ ନେଇ ଅନେକ କିଛି ସାଧନ କରିବାକୁ ପଡ଼ିଥିବ । ଯଦି ତୁମେ ଆପଣା ଆଡ଼କୁ ଅତ୍ୟନ୍ତ ନିଷ୍ଠା ସହକାରେ ଓ ପ୍ରତ୍ୟକ୍ଷ ଭାବରେ ଅନାଇ ଦେଖିପାରିବ, ତେବେ ତୁମେ ଏହି କଥାଟି ନିଶ୍ଚୟ ଦେଖିବାକୁ ପାଇବ ଯେ, ତୁମେ ପରମ ପ୍ରେମ ବିଷୟରେ ଯେମିତି କିଛି ନା କିଛି ଭାବିବାକୁ ଆରମ୍ଭ କରୁଛ, ସେତେବେଳେ ସର୍ବଦା ତୁମ ଭିତରେ ରହିଥିବା କ୍ଷୁଦ୍ର ଗୁଞ୍ଜନଟି ସେମିତି ଘର୍ ଘର୍ ହୋଇ ବୁଲିବାକୁ ଆରମ୍ଭ କରିଦେଉଛି । ତୁମ ଭିତରେ ଯାହାକିଛି ଅଭୀପ୍ସା ରହିଛି, ତାହା କେତୋଟି ନିର୍ଦ୍ଦିଷ୍ଟ ସ୍ପନ୍ଦନ ଆବଶ୍ୟକ କରୁଛି । ଯୋଗର ପଥରେ ଅନେକ ଦୂରକୁ ଅଗ୍ରସର ହୋଇଯାଇ ନଥିଲେ ତୁମ ପକ୍ଷରେ ଦିବ୍ୟ ପ୍ରେମ ବିଷୟରେ ତୁମର କଳ୍ପନାଟି ମଧ୍ୟରୁ ପ୍ରାଣିକ ମୂଳୋପାଦାନ ଓ ପ୍ରାଣିକ ସ୍ପନ୍ଦନଟିକୁ ଅଲଗା କରିଦେଇ ପାରିବା ପ୍ରାୟ ଅସମ୍ଭବ ହୋଇ ରହିଥିବ । ମନୁଷ୍ୟମାନଙ୍କ ବିଷୟରେ ମୋର ଯେଉଁ ଅନେକ ବାର ଉପଲବ୍ଧ ଅଭିଜ୍ଞତାଟି ରହିଛି, ମୋର ଏହି ଯାବତୀୟ କଥା ତାହାରି ଉପରେହିଁ ଆଧାରିତ ହୋଇ ରହିଛି । ହଁ, ତୁମ ବିଷୟରେ କହିବାକୁ ଗଲେ, ତୁମେ ଯେଉଁ ସ୍ଥିତିରେ ରହିଛ ଓ ଯେପରି ସ୍ୱଭାବର ହୋଇ ରହିଛ, ଯଦି ତୁମର ଶୁଦ୍ଧ ଦିବ୍ୟ ପ୍ରେମ ସହିତ ପ୍ରକୃତରେ କୌଣସି ସଂସ୍ପର୍ଶ ଘଟେ, ତେବେ ତୁମକୁ ତାହା ବରଫଠାରୁ ମଧ୍ୟ ଆହୁରି ଅଧିକ ଶୀତଳ ଲାଗିବ, ତୁମଠାରୁ ସତେଅବା ଯୋଜନ ଯୋଜନ ଦୂରରେ ରହିଥିବା ପରି ମନେହେବ, ତାହା ତୁମଠାରୁ ଏତେ ଉଚ୍ଚରେ ରହିଥିବା ପରି ଲାଗିବ ଯେ ତୁମେ ନିଶ୍ୱାସ ନେବାକୁ ବି ସମର୍ଥ ହେବ ନାହିଁ । ସତେଅବା ତୁମେ ଏପରି ଏକ ପାହାଡ଼ର ଶିଖର ଉପରେ ଆସି ପହଞ୍ଚି ଯାଇଥିବା ପରି ଅନୁଭବ କରିବ, ଯେଉଁଠାରେ କି ତୁମର ଦେହଟା ଅତେଅବା କୋଲ୍ ମାରି ଯାଉଥିବ ଓ ତୁମେ ସହଜରେ ନିଶ୍ୱାସ ନେଇ ପାରୁ ନଥିବ । ତୁମେ ସାଧାରଣ ଜୀବନରେ ଯାହା ଓ ଯେପରି ଅନୁଭବ କରୁଛ, ସେଇଟି ତାହାଠାରୁ ଅନେକ ଦୂରବର୍ତ୍ତୀ ହୋଇ ରହିଥିବ । ଯଦି ଦିବ୍ୟ ପ୍ରେମକୁ ଆମେ କୌଣସି ପ୍ରକାର ଚୈତ୍ୟ ଅଥବା ପ୍ରାଣିକ ସ୍ପନ୍ଦନର ପରିଚ୍ଛଦ ଦ୍ୱାରା ଆବୃତ କରି ନରଖିଥିବା, ତେବେ ଏକ ମନୁଷ୍ୟସତ୍ତା ଲାଗି ତାହାର କୌଣସି ଧାରଣା କରି ପାରିବା ମଧ୍ୟ ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇ ରହିଥିବ । ହଁ, କରୁଣା ବିଷୟରେ ହୁଏତ ଏକ ଅନୁଭବ ସମ୍ଭବ ହୋଇପାରେ, ଆପଣାଠାରୁ ଅନେକ ଦୂର, ଅନେକ ଉଚ୍ଚ, ଅନେକ ଶୁଦ୍ଧ ଓ ଅନେକ ନୈର୍ବ୍ୟକ୍ତିକ ହୋଇ ରହିଥିବା କରୁଣା ବିଷୟରେ ହୁଏତ ଏକ ଅନୁଭବ ସମ୍ଭବ ହୋଇପାରେ;—ମାତ୍ର କେବଳ ଅନେକ ଆୟାସ ଦ୍ୱାରାହିଁ ପ୍ରେମର କୌଣସି ଅନୁଭୂତି ସମ୍ଭବ ହୋଇ ପାରିବ ।

'oaob.nitrkl.ac.in' images reprocessed

ମାତ୍ର, ତେବେ ଏପରି ବି କ'ଣ କୁହାଯାଇ ପାରିବ ଯେ ଚୈତ୍ୟ ସ୍ପନ୍ଦନ ପ୍ରକୃତରେ ସେହି ଦିବ୍ୟ ପରମ ପ୍ରେମର ସ୍ପନ୍ଦନ ବ୍ୟତୀତ ଆଉ କିଛି ନୁହେଁ ?

ତୁମକୁ ପ୍ରତ୍ୟେକଙ୍କୁହିଁ ଆପଣା ଚୈତ୍ୟ ସତ୍ତାର ସମ୍ପର୍କରେ ଆସିବାକୁ ପଡ଼ିବ । ଏହା ଯେ ଏକାବେଳେକେ ଅସମ୍ଭବ, ସେକଥା କେହି କଦାପି କହିବ ନାହିଁ । ଦିବ୍ୟ ଯାବତୀୟ ଶକ୍ତି ସହିତ ତୁମର ସମ୍ପର୍କ ଘଟାଇବା ସକାଶେହିଁ ତୁମ ଭିତରେ ତୁମର ଚୈତ୍ୟ ସତ୍ତା ବିଦ୍ୟମାନ ରହିଛି । ଏବଂ, ଯଦି ନିଜର ଚୈତ୍ୟ ସତ୍ତାଟି ସହିତ ତୁମର ଯଥାର୍ଥ ସଂସ୍ପର୍ଶ ରହିଥାଏ, ତେବେ ଦିବ୍ୟ ପରମ ପ୍ରେମ ପ୍ରକୃତରେ କିପରି ହୋଇଥିବ, ସେହି ବିଷୟରେ ମଧ୍ୟ ତୁମେ ଏକ ପ୍ରକାରର ବୋଧ ଲାଭ କରିବାକୁ ଆରମ୍ଭ କରିବ । ମୁଁ ବର୍ତ୍ତମାନ ଯେପରି କହୁଥିଲି, "ହଁ, ହଁ, ଦିବ୍ୟ ପରମ ପ୍ରେମ ସହିତ ସଂସ୍ପର୍ଶ ସ୍ଥାପନ କରି ରହିବା ଲାଗି ମୁଁ ପ୍ରକୃତରେ କେତେ ଇଚ୍ଛା ନ କରୁଛି !" ବୋଲି ହଠାତ୍ ଦିନେ ସକାଳେ ନିଦ ଭାଙ୍ଗି ଉଠିପଡ଼ି କହିଦେବା ମୋଟେ ଯଥେଷ୍ଟ ନୁହେଁ । ନା— ତାହା କଦାପି ସେପରି ନୁହେଁ । ଯଦି, ଏକ ଅବିରାମ ପ୍ରୟାସ ଦ୍ୱାରା, ଗଭୀର ସଂକେନ୍ଦ୍ରଣ ଦ୍ୱାରା ଓ ଏକ ମହାନ୍ ଆତ୍ମବିସ୍ମରଣ ଦ୍ୱାରା ତୁମେ ନିଜର ଚୈତ୍ୟ ସତ୍ତାଟି ସହିତ ସମ୍ପର୍କ ସ୍ଥାପନ କରିବାକୁ ସମର୍ଥ ହୁଅ, ତେବେ ତୁମେ "ହଁ, ହଁ, ଦିବ୍ୟ ପରମ ପ୍ରେମର ସଂସ୍ପର୍ଶରେ ଆସିବାକୁ ମୋତେ ନିଶ୍ଚୟ ଖୁବ୍ ଭଲ ଲାଗିବ" ବୋଲି କହିବାକୁ କେବେ ହେଲେ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିବ ନାହିଁ; ସେତେବେଳେ ତୁମେ ଏପରି ଏକ ସ୍ଥିତିରେ ରହିଥିବ, ଯେତେବେଳେ କି ତୁମକୁ ଯାବତୀୟ ପଦାର୍ଥ କେବଳ ଏହି ଦିବ୍ୟ ପରମ ପ୍ରେମ ପରି ପରିଦୃଷ୍ଟ ହେଉଥିବ । ଏବଂ, ତାହାକୁ ତଥାପି ଏକ ଆବରଣ ବୋଲି କୁହାଯିବ, ମାତ୍ର ଏପରି ଏକ ଆବରଣ ବୋଲି କୁହାଯିବ, ଯାହାକି କେତେ ସୁନ୍ଦର ଏକ ସୂତାରେ ବୁଣାହୋଇ ରହିଥିବ ।

ତେବେ ଚୈତ୍ୟ ସତ୍ତାକୁ ଛାଡ଼ି ଦିବ୍ୟ ପରମ ପ୍ରେମକୁ ସ୍ୱତନ୍ତ୍ର ଭାବରେ ଖୋଜିବା ଲାଗି ତଥା ଜାଣିବା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ ?

ନା—,ଆଗ ଆପଣାର ଚୈତ୍ୟ ସତ୍ତାର ଆବିଷ୍କାର କର ଏବଂ ଦିବ୍ୟ ପରମ ପ୍ରେମ ପ୍ରକୃତରେ କ'ଣ, ତୁମେ ତାହା ବୁଝିବା ଲାଗି ସମର୍ଥ ହୋଇଯିବ । ଦିବ୍ୟ ପରମ ପ୍ରେମ ସହିତ ସିଧା କୌଣସି ପ୍ରକାର ସମ୍ପର୍କରେ ଆସିବାକୁ ଆଦୌ କୌଣସି

'oaob.nitrkl.ac.in' images reprocessed

ଚେଷ୍ଟା କର ନାହିଁ, କାରଣ ତାହା ସେହି କ୍ଷେତ୍ରରେ ପୁନର୍ବାର ଏକ ପ୍ରାଣିକ ପ୍ରେମରେ ପରିଣତ ହୋଇଯିବ ଓ ତୁମକୁ ଠେଲିନେଇ ଯିବାରେ ଲାଗିବ। ତୁମେ ସମ୍ଭବତଃ ଏବିଷୟରେ କିଛି ଜାଣି ପାରିବ ନାହିଁ, ମାତ୍ର ତାହା ତଥାପି ଏକ ପ୍ରାଣପ୍ରକୃତିସ୍ଥ ବାସନା ହୋଇହିଁ ରହିଥିବ।

ତେଣୁ, ଆପଣାର ଚୈତ୍ୟ ସତ୍ତାର ସମ୍ପର୍କରେ ଆସିବା ପାଇଁ, ଆପଣା ଚୈତ୍ୟ ସତ୍ତାର ଚେତନାରେ ସଜ୍ଞାନ ଏବଂ ମୁକ୍ତ ହୋଇ ରହିବା ପାଇଁ ତୁମକୁ ଏକ ପ୍ରୟାସ କରିବାକୁ ହେବ, ଏବଂ ତା'ପରେ, ବେଶ୍ ସ୍ୱାଭାବିକ ଭାବରେ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ, ତୁମେ ସେହି ଦିବ୍ୟ ପରମ ପ୍ରେମର ପରିଚୟ ଲାଭ କରି ପାରିବ।

ଆମେ ସମସ୍ତେ ଗୋଟିଏ ଗୋଟିଏ ଚୈତ୍ୟ ସତ୍ତା ନେଇ ଜନ୍ମଗ୍ରହଣ କରିଛୁ, ଏକ ଆଧ୍ୟାତ୍ମିକ ପ୍ରତୀକ ହୋଇ ରହିଥିବା ଏହି ପୃଥିବୀରେ ଆମେ ଜନ୍ମଲାଭ କରିଛୁ,—ଆମ ପ୍ରତ୍ୟେକଙ୍କର ଏକ ମହାନ୍ ଦାୟିତ୍ୱ ରହିଛି ବୋଲି ଏହି ସତ୍ୟଟି ପ୍ରତିପାଦିତ କରି ଦେଉ ନାହିଁ କି ?

ଅବଶ୍ୟ କରିଦେଉଛି। ପ୍ରତ୍ୟେକର ଜୀବନରେ ଏକ ମହାନ୍ ଦାୟିତ୍ୱ ରହିଛି; ଏକ ବିଶେଷ ଉଦ୍ଦେଶ୍ୟର ପରିପୂରଣ ଲାଗିହିଁ ପ୍ରତ୍ୟେକ ମନୁଷ୍ୟ ଏହି ପୃଥିବୀରେ ଜନ୍ମଗ୍ରହଣ କରିଛି। ସ୍ୱଭାବତଃ, କେବଳ ଏତିକି ମନେ ରଖିଥିବା ଦରକାର ଯେ ସେଥିଲାଗି ଚୈତ୍ୟ ସତ୍ତାକୁ ବିକାଶର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଯାଇ ଉପନୀତ ହେବାକୁ ପଡ଼ିବ; ତା' ନହେଲେ ହୁଏତ ଏପରି କୁହାଯାଇ ପାରିବ ଯେ ଏହି ଦାୟିତ୍ୱଟି ସମଗ୍ର ପୃଥିବୀ ଉପରେ ନ୍ୟସ୍ତ ହୋଇ ରହିଛି। ପ୍ରତ୍ୟେକ ମନୁଷ୍ୟ ଯେତିକି ଅଧିକ ପରିମାଣରେ ସଚେତନ ହେଉଥିବ ଓ ଜଣେ ବ୍ୟକ୍ତିରୂପେ ଆପଣାକୁ 'ଆବିଷ୍କାର' କରି ପାରୁଥିବ, ତାହା ମଧ୍ୟରେ ସେହି ଦାୟିତ୍ୱର ବୋଧଟି ସେତିକି ଅଧିକ ପରିମାଣରେ ଉକୁଟି ଉଠୁଥିବ। ମାତ୍ର କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଠିକ୍ ଏହିପରିହିଁ ଘଟିଥାଏ : ଜଣେ ଭାବିବାକୁ ଆରମ୍ଭ କରେ ଯେ ସିଏ ଯେ ଏଠାରେ ଏହି ପୃଥିବୀରେ ରହିଛି, ତାହାର ଅବଶ୍ୟ ଏକ କାରଣ ରହିଛି, ଅବଶ୍ୟ ଏକ ଉଦ୍ଦେଶ୍ୟ ଅଛି। ସିଏ ହଠାତ୍ ଉପଲବ୍ଧି କରିବାକୁ ଆରମ୍ଭ କରିବ ଯେ ମଣିଷ ଏହି ପୃଥିବୀରେ ରହିଛି, କାରଣ ଏକ କାର୍ଯ୍ୟ ସାଧନ କରିବା ଲାଗି ରହିଛି ଏବଂ ଏହି କାର୍ଯ୍ୟଟି ମଧ୍ୟରେ ଅହଂ ଦ୍ୱାରା ପ୍ରେରିତ ହେଉଥିବା ଆଦୌ କୌଣସି ବସ୍ତୁ ଲାଗି କୌଣସି ସ୍ଥାନ ନାହିଁ। ପୃଥିବୀର ଏହି କ୍ଷେତ୍ରରେ ପ୍ରବିଷ୍ଟ ହେବା ଲାଗି ମୁଁ ଏହାକୁହିଁ ସବୁଠାରୁ ଅଧିକ ନ୍ୟାୟାନୁମୋଦିତ

'oaob.nitrkl.ac.in' images reprocessed

ପନ୍ଥା ବୋଲି ଧରୁଛୁ—ଆମେ ହଠାତ୍ ଉପଲବ୍ଧି କରିବାକୁ ଆରମ୍ଭ କରିବା ଯେ “ମୁଁ ଯେତେବେଳେ ଏହି ପୃଥିବୀରେ ରହିଛି, ତାହାର ଅର୍ଥ ହେଉଛି ଯେ ମୋର ଏଠାରେ ଏକ ଉଦ୍ଦେଶ୍ୟର ପୂରଣ କରିବାକୁ ରହିଛି । ଏବଂ, ଯେତେବେଳେ ଗୋଟିଏ ଚେତନା ସହିତ ମୁଁ ଏଠାରେ ଜନ୍ମଗ୍ରହଣ କରିଛି, ସେତେବେଳେ ଏକଥାଟି ମଧ୍ୟ ପ୍ରମାଣିତ ହୋଇଯାଉଛି ଯେ ସେହି ଚେତନାଟିକୁ ନେଇ ମୋର କିଛି କରିବାକୁ ମଧ୍ୟ ରହିଛି ।—ତେବେ ସେହି କାର୍ଯ୍ୟଟି ପ୍ରକୃତରେ କ'ଣ ?”

ସାଧାରଣତଃ, ମୋର ଏହିପରି ମନେ ହୋଇଥାଏ ଯେ ପ୍ରତ୍ୟେକ ମନୁଷ୍ୟ ସର୍ବପ୍ରଥମେ ଆପଣାକୁ ଏହି ପ୍ରଶ୍ନଟିହିଁ ପଚାରିବ : “ଏହି ପୃଥିବୀରେ ମୁଁ ପ୍ରକୃତରେ କାହିଁକି ଅଛି ?”

ସାନ ପିଲାମାନଙ୍କ ପାଖରେ, ଏପରିକି ପାଞ୍ଚ ଛଅ ବର୍ଷର ଅତି ସାନ ପିଲାଙ୍କ ଭିତରେ ମୁଁ ଏହି ପ୍ରଶ୍ନଟି ପଚାରି ହେଉଥିବାର ଦେଖିଛି : “ମୁଁ ଏହି ପୃଥିବୀରେ କାହିଁକି ଅଛି, ମୁଁ ଏଠାରେ କାହିଁକି ଜୀବନଧାରଣ କରିଛି ?” ତେଣୁ, ଅସଲ କଥାଟି ହେଉଛି, “ମୁଁ ଏହି ପୃଥିବୀରେ କାହିଁକି ଅଛି, କେଉଁ କାରଣ ସକାଶେ ରହିଛି ?”—ଆମେ ପ୍ରତ୍ୟେକେ ଏହି ପ୍ରଶ୍ନଟିର ଉତ୍ତରଟିକୁ ସନ୍ଧାନ କରିବା; ଆମ ପାଖରେ ଯାହାକିଛି ଚେତନା ରହିଛି, ଯେତିକି ଅଳପ ଚେତନା ଆମ ଭିତରେ କାର୍ଯ୍ୟ କରୁଛି, ତାହାକୁ କାର୍ଯ୍ୟରେ ଲଗାଇ ଆମେ ସେହି ପ୍ରଶ୍ନଟିର ଉତ୍ତର ସନ୍ଧାନ କରିବା ।

ମୁଁ ଏହାକୁହିଁ ସ୍ୱାଭାବିକ ଆରମ୍ଭବିନ୍ଦୁ ବୋଲି ବିଚାର କରୁଛି ।

## ୨୭ ମାର୍ଚ ୧୯୫୧

“କପଟ ସବୁ ଦେଇ ସବୁ ଲାଭ କରିବାକୁ ହୁଏ, ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେ ସେହି କଥାଟିକୁ ଜାଣି ରଖିବାକୁ ହେବ ।” ଏହି କଥାଟିର ଅର୍ଥ କ'ଣ ?

ଆମେ ଆଗରୁ ଏବିଷୟରେ ଆଲୋଚନା କରି ସାରିଛୁ । ଆମେ ଯେତେବେଳେ ଯୋଗର ମାର୍ଗରେ ବିଚରଣ ଆରମ୍ଭ କରୁ, ସେତେବେଳେ ଆମର ପ୍ରିୟ ପରିଜନବର୍ଗ ଆମକୁ ଛାଡ଼ିକରି ଚାଲିଯାଆନ୍ତି କାହିଁକି ? ସେତେବେଳେ ଆମେ ସବୁଯାକ ପାର୍ଥିବ ସମ୍ପତ୍ତି ହରାଇବସୁ, ଆମର ସବୁଯାକ ବନ୍ଧନକୁ ମଧ୍ୟ ହରାଇଆସୁ । ଏପରିକି ଅନେକ ସମୟରେ ଆପଣାର ପଦ ଓ ପ୍ରତିଷ୍ଠାକୁ ମଧ୍ୟ ହରାଇବାକୁ ପଡ଼େ,—ଏବଂ କ'ଣ ଲାଭ

'oaob.nitrkl.ac.in' images reprocessed

କରିବାକୁ ଆମେ ଏସବୁ କରୁ ?—ସବୁଠାରୁ ଅଧିକ ମୂଲ୍ୟବାନ୍ ସମ୍ପଦଟିକୁ ପାଇବା ଲାଗି, ସଂସାରରେ ଯାହାକୁ ଏକମାତ୍ର ମୂଲ୍ୟବାନ୍ ବସ୍ତୁ ବୋଲି ବୁଝାଯିବ, ସେଇଟିକୁ ପାଇବା ଲାଗିହିଁ ଆମେ ତାହା କରିଆଉ, ଅର୍ଥାତ୍ ଦିବ୍ୟ ପରମ ଚେତନାଟିକୁ ଲାଭ କରିବା ଲାଗି ସବୁ କରିଥାଉ । ଏବଂ ଏହି ଚେତନାଟିକୁ ଲାଭ କରିବା ଲାଗି, ଏହି ପୃଥିବୀର ଯାବତୀୟ ଧନକୁ କିପରି ହରାଇ ଆସିବାକୁ ହୁଏ, କିପରି ସବୁ ସମ୍ପତ୍ତି, ସକଳ ବାସନା, ସକଳ ବନ୍ଧନ ଓ ସକଳ ପରିତର୍ପଣକୁ ହାତରୁ ଛାଡ଼ିଦେବାକୁ ହୁଏ, ଆମକୁ ସେହି କଥାଟିକୁହିଁ ଶିଖିବାକୁ ପଡ଼େ; ଦିବ୍ୟ ପରମ ଚେତନା ଲାଭ କରିବା ପାଇଁ କିପରି ଏହି ସବୁଯାକ କଥାକୁ ହରାଇବାକୁ ପଡ଼େ, ସେହି କଥାଟିକୁ ଶିଖିବାକୁ ପଡ଼ିଥାଏ ।

ମନର ବୁଝିବା ପାଇଁ ଏହି କଥାଟି ଟିକିଏ ପରସ୍ପରବିରୋଧୀ ପରି ମନେ ହୋଇଥାଏ ।

ଆପଣ କହିଛନ୍ତି ଯେ ନିଜ ବିକାଶର ପ୍ରକ୍ରିୟାଟିକୁ ସଂପୂର୍ଣ୍ଣ କରି ସାରିବା ପରେ ଚୈତ୍ୟ ସତ୍ତାମାନେ ଇଚ୍ଛା କଲେ ଅନ୍ୟାନ୍ୟ ଜଗତକୁ ମଧ୍ୟ ଚାଲିପାଇ ପାରିବେ; ମାତ୍ର, ଚୈତ୍ୟ ସତ୍ତା ହେଉଛି କେବଳ ଏହି ପୃଥିବୀର ଏକ ସମ୍ପଦ, ନୁହେଁ କି ?

ମାତ୍ର ଚୈତ୍ୟ ସତ୍ତା ଏକ ଜଡ଼ଗତ ସତ୍ତା ନୁହେଁ, ଏହା ଚୈତ୍ୟ ସତ୍ତା । ଏହା ଭୌତିକ ପୃଥିବୀଟି ସହିତ କୌଣସି ପ୍ରକାରେ ବାନ୍ଧି ହୋଇ ରହି ନଥାଏ । ଏକ ଶରୀର ମଧ୍ୟରେ ଜୀବନଧାରଣ କରିବାର ପ୍ରକ୍ରିୟାଟି ସଂପୂର୍ଣ୍ଣ ହୋଇଗଲେ ପରେ ତାହା ଚୈତ୍ୟ ଜଗତ ମଧ୍ୟକୁ ପ୍ରସ୍ଥାନ କରେ; ଚୈତ୍ୟ ଜଗତ ଓ ଏକ ଭୌତିକ ଜଗତ ମଧ୍ୟରେ ଦୀର୍ଘ ଅନେକ ବ୍ୟବଧାନ ରହିଛି ।

ପ୍ରାଣର ରୂପାନ୍ତର ସମ୍ଭବ ହେବ କିପରି ?

ପ୍ରଥମ ପଦକ୍ଷେପ : ସେଥିଲାଗି ଇଚ୍ଛା କରିବା । ଦ୍ୱିତୀୟତଃ, ନିଷ୍ଠା ଏବଂ ଅଭୀପ୍ସା । ମାତ୍ର ଇଚ୍ଛା ଏବଂ ଅଭୀପ୍ସା ପ୍ରାୟ ସେହି ଗୋଟିଏ କଥା, ଗୋଟିଏ ଆସିଲେ ତାହା ପଛେ ପଛେ ଆରଟି ଆସିବାରେ ଲାଗିଥାଏ । ତା'ପରେ, ଅଧ୍ୟବସାୟ । ହଁ, ଯେକୌଣସି ପ୍ରକ୍ରିୟାରେ ଅଧ୍ୟବସାୟ ଅବଶ୍ୟ ଦରକାର । ଏବଂ ଏହି ପ୍ରକ୍ରିୟାଟି କହିଲେ ଆମେ କ'ଣ ବୁଝିବା ?···ପ୍ରଥମତଃ, ଆମ ଭିତରେ ଅବଲୋକନ କରିବାର

'oaob.nitrkl.ac.in' images reprocessed

ସାମର୍ଥ୍ୟ ରହିଥିବ, ଭଲ ଓ ଭେଲକୁ ବାଛିବାର ବିବେକ ରହିଥିବ; ଆପଣା ଭିତରେ ପ୍ରାଣକୁ ଆବିଷ୍କାର କରିବାର ଦକ୍ଷତାଟି ରହିଥିବ, ତା' ନହେଲେ ତୁମକୁ ଏପରି ଏକ ଅବସ୍ଥାରେ ଆସି ପଡ଼ିବାକୁ ହେବ, ଯେତେବେଳେ କି ତୁମେ "ଏଇଟା ପ୍ରାଣସ୍ତରରୁ ଆସିଛି, ଏଇଟା ମନରୁ ଓ ଏଇଟା ଦେହସ୍ତରରୁ ଆସିଛି" ବୋଲି ମନେ କରୁଥିବ । ତୁମକୁ ସବୁ କଥା ସତେଅବା ଭାରି ଗୋଳିଆଘଣ୍ଟା ଓ ଝାପ୍‌ସା ହୋଇ ପଡ଼ୁଥିବା ପରି ମନେ ହେବ ।

ଅବିରତ ଭାବରେ ଅନେକ କାଳ ଅବଲୋକନ କରିସାରିବା ପରେ ତୁମେ ପ୍ରାଣର ବିଭିନ୍ନ ଭାଗକୁ ପରସ୍ପରଠାରୁ ଅଲଗା କରି ବାରିନେଇ ପାରିବ ଏବଂ ଯେକୌଣସି ଗଠନକ୍ରିୟାର ବୃତ୍ତିଟିକୁ ମଧ୍ୟ ଚିହ୍ନିନେଇ ପାରିବ । ଏଥିଲାଗି ବେଶ୍ ଏକ ଦୀର୍ଘ ସମୟର ଆବଶ୍ୟକତା ରହିଛି । ମାତ୍ର ଜଣେ ଇଚ୍ଛାକଲେ ବେଶ୍ ବେଗର ସହିତ ବି ଗତି କରି ପାରିବ; ଏହା ବ୍ୟକ୍ତି ବ୍ୟକ୍ତିର କ୍ଷେତ୍ରରେ ନିଶ୍ଚୟ ଭିନ୍ନ ହେବ । ମାତ୍ର ବିଭିନ୍ନ ଭାଗକୁ ଖୋଜି ଜାଣିସାରିବା ପରେ ତୁମେ ନିଜକୁ ପଚାରିବ, "ଏଥିରେ ପ୍ରାଣର କେଉଁ ଉପାଦାନଟି ଅନ୍ତର୍ଗତ ହୋଇ ରହିଛି ? ତୋର ଚେତନା ମଧ୍ୟକୁ ସେହି ପ୍ରାଣ ପ୍ରକୃତରେ କ'ଣ ବହନ କରି ଆଣୁଛି ? ତୋର ଗଠନକ୍ରିୟାଗୁଡ଼ିକରେ ତାହା କେଉଁଭଳି ପରିବର୍ତ୍ତନମାନ ଘଟାଉଛି; ସେଗୁଡ଼ିକରେ ଅଧିକା କ'ଣସବୁ ଆଣି ପହଞ୍ଚାଇ ଦେଉଛି ଓ ସେଥି ଭିତରୁ କ'ଣସବୁ କାଢ଼ିନେଇ ଯାଉଛି ? ପ୍ରାଣର ଏହି ହସ୍ତକ୍ଷେପଟି ଫଳରେ ତୋ ଚେତନାର କ୍ଷେତ୍ରରେ କ'ଣସବୁ ଘଟୁଛି ?" ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଅବଗତ ହୋଇଯିବା ପରେ ତୁମେ ପୁଣି କ'ଣ କରିବ ?··· ତା'ପରେ ତୁମେ ଏହି ହସ୍ତକ୍ଷେପଟି ଉପରେ ଦୃଷ୍ଟିପାତ କରି ଶିଖିବ, ତାହାକୁ ନିରୀକ୍ଷଣ କରି ଦେଖିବ, ସେଇଟି କିପରି କାର୍ଯ୍ୟ କରୁଛି, ତୁମେ ତାହା ଖୋଜି ବାହାର କରିବ । ଉଦାହରଣସ୍ୱରୂପ, ମନେ କରାଯାଉ ଯେ ତୁମେ ନିଜର ପ୍ରାଣରେ ଏକ ରୂପାନ୍ତର ଘଟାଇବାକୁ ଇଚ୍ଛା କରୁଛ । ତୁମର ଅଭୀପ୍‌ସା ମଧ୍ୟରେ ବିପୁଳ ନିଷ୍ଠା ରହିଛି ଏବଂ ଶେଷଯାଏ ଯିବା ଲାଗି ସଙ୍କଳ୍ପ ମଧ୍ୟ ରହିଛି । ତୁମ ପାଖରେ ଏହି ସବୁକିଛି ରହିଛି । ତୁମେ ଦୃଷ୍ଟିପାତ କରିବାକୁ ଆରମ୍ଭ କର, ଏବଂ ତା'ହେଲେ ତୁମେ ଦେଖିବାକୁ ପାଇବ ଯେ ଏହି କ୍ଷେତ୍ରରେ ଦୁଇଟି ଘଟଣା ଘଟିବାର ସମ୍ଭାବନା ରହିଛି (ଅନେକ କଥା ବି ଘଟିପାରେ), ମାତ୍ର ମୁଖ୍ୟତଃ ଦୁଇଟି କଥା ଘଟିବାର ସମ୍ଭାବନା ରହିଛି ।

ପ୍ରଥମଟି ହେଉଛି, ଗୋଟାଏ ପ୍ରକାରର ଉତ୍ସାହ ଆସି ତୁମକୁ ଅଧିକାର କରି ନେବ । ତୁମେ ପୂର୍ଣ୍ଣ ନିଷ୍ଠାର ସହିତ କାର୍ଯ୍ୟ ଆରମ୍ଭ କରିଦେବ । ଏବଂ ଏହି ଉତ୍ସାହର ବଶବର୍ତ୍ତୀ ହୋଇ ଭାବିବାକୁ ଲାଗିବ, "ବର୍ତ୍ତମାନ ମୁଁ ଏଇଟା କରିବି, ସେଇଟା କରିବି, ମୁଁ ସଙ୍ଗେସଙ୍ଗେ ମୋର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିଯାଇ ପାରିବି, ସବୁକିଛିର

'oaob.nitrkl.ac.in' images reprocessed

ଭାରି ଚମତ୍କାର ପରିଣାମ ଘଟିବାକୁ ଯାଉଛି ! ଯଦି ପ୍ରାଣିକ ଅଂଶଟା ମୋର ବୋଲି ନମାନେ ତେବେ ମୁଁ ତାହା ସହିତ ବର୍ତ୍ତମାନ କପରି ଯେ ବ୍ୟବହାର କରିବି, ପ୍ରାଣକୁ ସେକଥାଟି ଏବେ ବେଶ୍ ଦେଖିବାକୁ ମିଳିଯିବ !" ଏବଂ ଟିକିଏ ଅଧିକ ଯତ୍ନଶୀଳ ହୋଇ ଅବଲୋକନ କଲେ ତୁମେ ପ୍ରାଣକୁ ମଧ୍ୟ ମନେମନେ ଏହିପରି କହୁଥିବାର ଦେଖିବାକୁ ପାଇବ, "ଓହୋ ! ଏତେବେଳେକେ ଯାଇ ଗୋଟାଏ ମଉକା ମିଳିଲା !" ସିଏ ସବୁ ଗ୍ରହଣ କରିନେବ, ଆପଣାର ସବୁଯାକ ଉତ୍ସାହ ନେଇ କାର୍ଯ୍ୟ ଆରମ୍ଭ କରିଦେବ···ଆପଣାର ସମସ୍ତ ଆଗ୍ରହ···ଏବଂ ଅଧୈର୍ଯ୍ୟକୁ ନେଇ କାର୍ଯ୍ୟ ଆରମ୍ଭ କରିଦେବ ।

ଦ୍ୱିତୀୟ ସମ୍ଭାବନାଟି ପ୍ରଥମଟିର ହୁଏତ ଠିକ୍ ବିପରୀତ ହୋଇ ଘଟିବ । ତୁମେ ଗୋଟିଏ ପ୍ରକାରର ଅସ୍ୱସ୍ତି ଅନୁଭବ କରିବାକୁ ଲାଗିବ : "ମୋତେ ମୋଟେ ଭଲ ଲାଗୁ ନାହିଁ, ଜୀବନଟା ଭାରି ବିରକ୍ତିକର ମନେ ହେଉଛି, ସବୁଗୁଡ଼ାକ ଭାରି ଅବସାଦଗ୍ରସ୍ତ ମନେ ହେଉଛି । ବର୍ତ୍ତମାନ ମୁଁ ଏସବୁ କଥା ପୁଣି କପରି କରିବି ? ମୁଁ ପ୍ରକୃତରେ କେବେହେଲେ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ପାରିବି କି ? ତେବେ ଆରମ୍ଭ କରିବାରେ ମଧ୍ୟ ପ୍ରକୃତରେ କିଛି ଲାଭ ରହିଛି କି ? ଏହା କ'ଣ ଆଦୌ ସମ୍ଭବ ହେବ ? ଏହାକୁ ପ୍ରକୃତରେ ଅସମ୍ଭବ ବୋଲି ବୁଝାଯିବ ନାହିଁ କି ?" ପ୍ରାଣ କ୍ଷେତ୍ରରେ ତୁମେ ଯାହା କରିବ ବୋଲି ବାହାରିଛ, ଏହି କ୍ଷେତ୍ରରେ ସେହି ପ୍ରାଣ ସେକଥାସବୁରେ ମୋଟେ ସୁଖ ଅନୁଭବ କରୁ ନଥିବ । ତା'ର କ୍ଷେତ୍ରଟିରେ ଆଉକେହି କୌଣସି ହସ୍ତକ୍ଷେପ କରୁ ବୋଲି ପ୍ରାଣ ମୋଟେ ଇଚ୍ଛା କରୁ ନଥିବ, ସେସବୁ କଥାରେ ସେ ଆଦୌ ଖୁବ୍ ବେଶୀ ପ୍ରସନ୍ନ ଅନୁଭବ କରୁ ନଥିବ । ତେଣୁ ତାହା ନୈରାଶ୍ୟରେ ବୁଡ଼ି ରହିବାର ପ୍ରସ୍ତାବ ଦେବ, ନିରୁତ୍ସାହ ହୋଇପଡ଼ିବା ଲାଗି ପ୍ରବର୍ତ୍ତାଇବ, ଅବିଶ୍ୱାସ ଏବଂ ସଂଶୟ ଭିତରେ ଯାଇ ପଡ଼ିଯିବାକୁ ଫୁସୁଲାଇବ । ଏସବୁ କରିବାରେ ପ୍ରକୃତରେ କିଛି ଲାଭ ଅଛି କି ?—ବୋଲି କହି ନିରସ୍ତ କରି ରଖିବାକୁ ଚେଷ୍ଟା କରୁଥିବ ।

ଏଇ ଦୁଇଟିଯାକ ହେଉଛନ୍ତି ଦୁଇଟି ପାଖ, ଗୋଟିଏ ଏପାଖ ଓ ଆଉ ଗୋଟିଏ ସେପାଖ । ଏବଂ ଦୁଇଟିଯାକରେ ତାହାର ସ୍ୱକୀୟ ଅସୁବିଧାମାନ ରହିଛି, ପ୍ରତିବନ୍ଧକମାନ ବି ରହିଛି ।

ଯଦି ମନୁଷ୍ୟର ଏକ ବଳବତୀ ଇଚ୍ଛାଶକ୍ତି ନଥାଏ, ତେବେ ଉଦାସୀନତା ତା' କାନରେ ସଙ୍କେତ ଦେଲପରି କହିବାକୁ ଆସେ, "ଏହି କାର୍ଯ୍ୟଟିକୁ କଲେ ତୋର କିଛି ଲାଭ ହେବ ନାହିଁ, ତୋତେ ହୁଏତ ଜୀବନଯାକ ଅପେକ୍ଷା କରି ରହିବାକୁ ପଡ଼ିବ ।" ଏବଂ ଉତ୍ସାହ ସହିତେଥିବା ଗତିକ ଭିତରେ ପ୍ରାଣଟା ରୂପାନ୍ତରିତ ହୋଇଯିବ ବୋଲି ଦେଖିବାକୁ ଆଶାକରି ବସିଥାଏ : "ଏଥର ମୋତେ ଆଉ କୌଣସି

'oaob.nitrkl.ac.in' images reprocessed

ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ, ଏଥର ମୁଁ ପ୍ରଖର ବେଗରେ ଯୋଗମାର୍ଗରେ ଅଗ୍ରସର ହୋଇଯାଇ ପାରିବି, କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୋଇ ମୁଁ ଏଥର ଦିବ୍ୟ ଚେତନା ହାସଲ କରି ପାରିବି ।" ଏହି କ୍ଷେତ୍ରରେ କେତେକ ଅସୁବିଧା ନିଶ୍ଚୟ ରହିଥାଏ···ଏଥିରେ କିଛି ସମୟର ପ୍ରୟୋଜନ ହୁଏ, ଅନେକ ଅଧ୍ୟବସାୟ ଦରକାର ପଡ଼େ । ତେଣୁ, କେତେ ଘଣ୍ଟା ପରେ,—ହୁଏତ କେତେକ ଦିନ ବା କେତେକ ମାସ ପରେ ପ୍ରାଣ ମନେମନେ କହିବାକୁ ଲଗେ : "ଆମ ଉତ୍ସାହିତ ସତ୍ତ୍ୱେ ଆମେ ତଥାପି ଖୁବ୍ ବେଶୀଦୂର ଅଗ୍ରସର ହୋଇ ପାରି ନାହୁଁ, ପ୍ରକୃତରେ କିଛିହେଲେ ସାଧିତ ହୋଇ ପାରିଛି କି ? ଏହି ନିଷ୍ପତ୍ତି ସତ୍ତ୍ୱେ ଆମେ ଯେଉଁଠାରେ ଥିଲୁ, ଠିକ୍ ସେହିଠାରେ ରହି ନାହୁଁ କି ?—ହୁଏତ ଯେଉଁ ଅବସ୍ଥାରେ ଥିଲୁ, ତା'ଠାରୁ ଆହୁରି ଖରାପ ଅବସ୍ଥାରେ ଆସି ରହିଛୁ, ଟିକିଏ କ୍ଷୁବ୍ଧ ଓ ବ୍ୟାହତ ଅବସ୍ଥାରେ ଆସି ରହିଛୁ । ସବୁ କଥା ଆଗରୁ ଯେପରି ଥିଲା, ବର୍ତ୍ତମାନ ଆଦୌ ସେପରି ଅବସ୍ଥାରେ ନାହିଁ, ସେଗୁଡ଼ିକ ଯେଉଁପରି ହୋଇ ରହିବା ଉଚିତ, ବର୍ତ୍ତମାନ ମଧ୍ୟ ସେପରି ହେବାକୁ ଆରମ୍ଭ କରି ନାହାନ୍ତି । ମୁଁ ଯାହାକିଛି କରୁଛି, ତାହା ମୋତେ ପ୍ରକୃତରେ ଭାରି ପରିଶ୍ରାନ୍ତ କରି ପକାଉଛି ।" ଏବଂ ତା'ପରେ,—ଯଦି କେହି ଆଉଟିକିଏ ଅଗ୍ରସର ହୋଇଯିବାକୁ ଇଚ୍ଛା କରୁଥାଏ, ତେବେ ପ୍ରାଣରୂପୀ ଭଦ୍ରଲୋକ ଠିକ୍ ଏହିପରି କହିବାକୁ ଆରମ୍ଭ କରନ୍ତି, "ନାଇଁ-ନାଇଁ, ଆଉ ହୋଇ ପାରିବ ନାହିଁ । ବାସ୍, ଯଥେଷ୍ଟ ହୋଇଗଲା । ଏଥର ମୋତେ ଏକୁଟିଆ ଛାଡ଼ି ଦିଆଯାଉ, ମୁଁ ଆଉ ମୋଟେ ହଲ୍ କି ଚଲ୍ ହେବାକୁ ଚାହୁଁ ନାହିଁ । ମୁଁ ଏଥର ମୋରି କଣଟିରେ ପଡ଼ି ରହିଥିବି, ତୋର କୌଣସି ଅସୁବିଧା କରିବି ନାହିଁ । କିନ୍ତୁ ତୁ ବି ମୋତେ କୌଣସି ପ୍ରକାରେ ବିରକ୍ତ କରିବୁ ନାହିଁ ।" ଏହିପରି ଭାବରେ ପ୍ରମାଣ ହୋଇଯାଏ ଯେ ଆମେ ଆଗ ଅପେକ୍ଷା ଆଦୌ ବେଶୀ ବାଟ ଅଗ୍ରସର ହୋଇ ନଥାଉ ।

ଏଇଟି ହେଉଛି ଏକ ବୃହତ୍ ପ୍ରତିବନ୍ଧକ ଏବଂ ଏଇଟିକୁ ଯେକୌଣସି ପ୍ରକାରେ ଏଡ଼ାଇବାକୁ ପଡ଼ିବ । ଅସନ୍ତୋଷ ବା ବିରକ୍ତିର ଏତେ ଟିକିଏ ସଙ୍କେତ ଆସି ଦେଖା ଦେଲା ମାତ୍ରକେ ପ୍ରାଣକୁ ଡାକ ଠିକ୍ ଏହିପରି ଭାବରେ କହିଦେବାକୁ ପଡ଼ିବ, "ବାବୁ, ଏଥର ତୋତେ ଚୁପ୍ ହୋଇଯିବାକୁ ପଡ଼ିବ, ତୋତେ ଯାହା କରିବାକୁ କୁହାଯିବ, ଏଥର ତୁ କେବଳ ତାହାହିଁ କରିବୁ, ତା'ନହେଲେ ତୋତେ ମୋର ସମ୍ମୁଖୀନ ହେବାକୁ ପଡ଼ିବ ।" ଏବଂ, ଯେଉଁ ଉତ୍ସାହୀ ତୁମକୁ "ବର୍ତ୍ତମାନ ସାଙ୍ଗେ ସାଙ୍ଗେ ସବୁକିଛି କରି ପକାଇବାକୁ ପଡ଼ିବ" ବୋଲି କହୁଥାଏ, ତାକୁ ତୁମର ଉତ୍ତର ହେବ, "ଆପଣାକୁ ତୁ ଟିକିଏ ଅସ୍ଥ କରି ରଖ,—ତୋ ପାଖରେ ଚମତ୍କାର ଶକ୍ତି ରହିଛି ସତ, ମାତ୍ର ତାହାକୁ ପାଞ୍ଚ ମିନିଟ ଭିତରେ ଖର୍ଚ୍ଚ କରିଦେଲେ ପୁଣି

'oaob.nitrkl.ac.in' images reprocessed

ଚଳିବ କିପରି ? ଦୀର୍ଘ ଅନେକ ସମୟ ଲାଗି ଆମର ସେହି ଶକ୍ତି ଲୋଡ଼ା ହେଉଥିବ । ତେଣୁ ତୁ ସେହି ଶକ୍ତିକୁ ଯତ୍ନର ସହିତ ସାଇତି ରଖିଥା', ଏବଂ ଯେତେବେଳେ ତାହା ଆବଶ୍ୟକ ହେଉଥିବ, ସେତେବେଳେ ମୁଁ ନିଶ୍ଚୟ ତୋର ସଦିଚ୍ଛାର ସାହାଯ୍ୟ ନେବାକୁ ଯିବି । ତୋ ଭିତରେ ଯେ ସଦିଚ୍ଛା ପୂର୍ଣ୍ଣ ହୋଇ ରହିଛି, ସେତେବେଳେ ତୋତେ ତାହା ଦେଖାଇବାକୁ ପଡ଼ିବ, ତୋତେ ଆଦେଶପାଳନ କରିବାକୁ ପଡ଼ିବ, ଅନିଚ୍ଛୁକ ହେଲେ କିଂବା ପ୍ରତିବାଦ କଲେ ମୋଟେ ଚଳିବ ନାହିଁ, ବିଦ୍ରୋହ କଲେ ବି ଚଳିବ ନାହିଁ; ତୋତେ 'ହଁ, ହଁ' ବୋଲି କହିବାକୁ ପଡ଼ିବ, ଦରକାର ପଡ଼ିଲେ କିଛିଟା ତ୍ୟାଗ ବି କରିବାକୁ ପଡ଼ିବ, ତୋତେ ପୂର୍ଣ୍ଣ ହାର୍ଦ୍ଦିକତା ସହିତ 'ହଁ, ହଁ' ବୋଲି କହିବାକୁ ପଡ଼ିବ ।"

ଏହିପରି ଭାବରେ ମାର୍ଗଟି ଉପରେ ଆମର ଯାତ୍ରା ଆରମ୍ଭ ହୋଇଯିବ । ମାତ୍ର ମାର୍ଗଟି ଅନେକ ଦୀର୍ଘ । ବାଟରେ ଅନେକ କିଛି ଘଟଣା ଘଟିବ । ହଠାତ୍ ଭାବିବାକୁ ମନ ହେବ ଯେ ପ୍ରତିବନ୍ଧକଟିଏ ଅତିକ୍ରାନ୍ତ ହୋଇଗଲା; ମୁଁ ଏଠାରେ "ଭାବିବାକୁ ମନ ହେବ" ବୋଲି କହୁଛି, କାରଣ ଆମେ ତାହାକୁ ଅତିକ୍ରମ କରି ଆସିଥିଲେ ମଧ୍ୟ ତାହା ତଥାପି ସମ୍ପୂର୍ଣ୍ଣ ଭାବରେ ଅତିକ୍ରାନ୍ତ ହୋଇ ନଥିବ । ଏଠାରେ ମୁଁ ଗୋଟିଏ ଅତି ସ୍ପଷ୍ଟ ଉଦାହରଣ ଦେବାକୁ ଯାଉଛି, ମୁଁ ଅବଲୋକନ କରିଥିବା ଗୋଟିଏ ଅତି ସରଳ ଉଦାହରଣ ଦେବାକୁ ଯାଉଛି । ଜଣେ ଜାଣିବାକୁ ପାଇଲା ଯେ ତା'ର ପ୍ରାଣକୁ କଦାପି ନିୟନ୍ତ୍ରଣ ମଧ୍ୟରେ ରଖି ହେବ ନାହିଁ ଓ ତାହା ନିୟନ୍ତ୍ରଣ ମଧ୍ୟରେ ରହି ବି ପାରି ନାହିଁ, ଏବଂ ମିଛଟାରେ ଓ କୌଣସି ଅବସର ନଥାଇ ମଧ୍ୟ ତାହା ଅନେକ ସମୟରେ କ୍ରୋଧୋନ୍ମତ୍ତ ହୋଇ ଉଠୁଛି । ତାହାର ଏପରି ଉନ୍ମତ୍ତ ଓ କ୍ରୁଦ୍ଧ ହୋଇ ଉଠିବା ଆଦୌ ଉଚିତ ନୁହେଁ ବୋଲି ତାକୁ ଶିଖାଇବା ଲାଗି ସେ କାର୍ଯ୍ୟ ଆରମ୍ଭ କରିଦେଉଛି; ସିଏ ଯେପରି ସ୍ଥିର ହୋଇ ରହି ପାରିବ ଏବଂ କୌଣସି ପ୍ରକାର ତୀବ୍ର ପ୍ରତିକ୍ରିୟା ପ୍ରକଟ ନକରି ଯାବତୀୟ ଧକ୍କାକୁ ସହ୍ୟ କରିନେଇ ପାରିବ, ତାକୁ ସେହି କଥା ଶିଖାଇବା ଲାଗି ସିଏ ପ୍ରୟାସ କରୁଛି । ଯଦି ପ୍ରସନ୍ନ ଭାବରେ କେହି ଏକଥାଟିକୁ କରିପାରିବ, ତେବେ କାର୍ଯ୍ୟଟି ବେଶ୍ ବେଗର ସହିତ ଗତି କରିପାରିବ (ଏହି କଥାଟିକୁ ଭଲ କରି ମନେରଖ, ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ : ଯେତେବେଳେ ଆପଣାର ପ୍ରାଣ ବିଷୟରେ ତୁମେ କିଛି କରିବାକୁ ଯାଉଛ, ତେବେ ଆପଣାର ସ୍ୱାଭାବିକ ବିନୋଦଶକ୍ତିଟିକୁ କେବେହେଲେ ହରାଇ ନପକାଇବାକୁ ସାବଧାନ ହୋଇ ରହିଥିବ, ତା' ନହେଲେ ପ୍ରମାଦ ଭିତରେ ପଶିଯିବା ହିଁ ସାର ହେବ) । ତୁମେ ନିଜର ସ୍ୱାଭାବିକ ବିନୋଦଟିକୁ ଉତ୍ତମରୂପେ ସକ୍ରିୟ କରି ରଖିଥିବ, ଅର୍ଥାତ୍, ଯେତେବେଳେ କ୍ରୋଧ କୁଣ୍ଡଳୀ କରି ଉଠୁଥିବାର ଦେଖୁଥିବ, ସେତେବେଳେ ତୁମେ ହସିବାକୁ ଆରମ୍ଭ କରିବ । ଅବସାଦଗ୍ରସ୍ତ ହୋଇ "ହାୟ ! ମୋର ସକଳ ଉଦ୍ୟମ ସତ୍ତ୍ୱେ ଏହାକୁ

'oaob.nitrkl.ac.in' images reprocessed

ପୁନର୍ବାର ମୂଳରୁହିଁ ଆରମ୍ଭ କରିବାକୁ ପଡ଼ୁଛି" ବୋଲି ନିଜକୁ ତୁମେ କୁହିବାକୁ ଆରମ୍ଭ କରିବ ଏବଂ କହିବ, "ହଁ, ହଁ, ଏବା ଶେଷରେ କ'ଣ ହେବ ସେକଥା କ'ଣ ଜଣା ପଡ଼ିଲାଣି ? ତୁ ଠିକଏ ଗୁହିଁ ଦେଖିଲୁ, ତୁ ନିଜକୁ ପ୍ରକୃତରେ ଭାରି ହାସ୍ୟାସ୍ପଦ କରି ପକାଉ ନାହୁଁ କି ? ତୁ ଯେ କ୍ରମଶଃ ହାସ୍ୟାସ୍ପଦ ହୋଇପଡ଼ୁଛୁ, ସେକଥା ତୁ ଭଲ କରି ଜାଣିଛୁ । ବର୍ତ୍ତମାନ ଏପରି କ୍ରୁଦ୍ଧ ହୋଇ ପଡ଼ିଲେ ତୋର ପ୍ରକୃତରେ କୌଣସି ଲାଭ ହେବ କି ?" ଆପଣାର ସ୍ୱାଭାବିକ ବିନୋଦଟିକୁ ରକ୍ଷା କରି ଆମେ ତାହାକୁ ଏହି ଶିକ୍ଷାଟି ଦେବା । ଏବଂ ପ୍ରକୃତରେ ଏହିପରି ଘଟିବ ଯେ କିଛି ସମୟ ପରେ ସିଏ ଆଉ କଦାପି କ୍ରୁଦ୍ଧ ହେବ ନାହିଁ । ଏକାବେଳେକେ ସ୍ଥିର ହୋଇଯିବ ଏବଂ ତା'ପରେ ହୁଏତ ଆପଣାର ଦୃଷ୍ଟିଟିକୁ ଶିଥିଳ କରିଦେବାକୁ ମନ ହେବ । ଅସୁବିଧାଟି ଅତିକ୍ରାନ୍ତ ହୋଇଯାଇଛି ବୋଲି ଆମେ ହୁଏତ ଭାବିବାକୁ ଆରମ୍ଭ କରିଦେବା, ଅନ୍ତତଃ ଗୋଟାଏ ଫଳ ମିଳିଛି ବୋଲି ଭାବିବାକୁ ଲାଗିବା : "ମୋର ପ୍ରାଣ ମୋତେ ଆଉ କୌଣସି ଅସୁବିଧାରେ ପକାଉ ନାହିଁ, ବର୍ତ୍ତମାନ ସିଏ ଆଉ ମୋଟେ ରାଗି ଉଠୁ ନାହିଁ, ବର୍ତ୍ତମାନ ସବୁକିଛି ଭାରି ଚମତ୍କାର ଭାବରେ ଚାଲିଛି ।" ଏବଂ, ତା'ର ଠିକ୍ ଆର ଦିନ, ତୁମେ ପୁଣି ନିଜର ମିଜାଜକୁ ଗରମ କରି ପକାଇବ । ସେତେବେଳେ ପ୍ରକୃତରେ ଭାରି ସାବଧାନ ହେବାକୁ ପଡ଼ିବ, ସେତେବେଳେ ଯେପରି ଆଦୌ ଏପରି କହିବ ନାହିଁ, "ଦେଖିଲି ତ ? ଏସବୁଥିରେ କିଛି ଲାଭ ନାହିଁ । ମୋ ଦ୍ୱାରା କେବେହେଲେ କିଛି ହାସଲ ହୋଇ ପାରିବ ନାହିଁ । ମୋର ସବୁଯାକ ଉଦ୍ୟମ କେବଳ ବୃଥାହିଁ ହେଲା । ଏଗୁଡ଼ାକ ତୁଚ୍ଛା ଭ୍ରମ, ତୁଚ୍ଛା ମାୟା, ତୁଚ୍ଛା ଅସମ୍ଭବ ।" ମାତ୍ର, ସେହି କ୍ଷେତ୍ରରେ ଠିକ୍ ଓଲଟା କଥାଟିହିଁ କହିବାକୁ ପଡ଼ିବ, "ମୁଁ ନିଶ୍ଚୟ ଯଥେଷ୍ଟ ପରିମାଣରେ ସାବଧାନ ନଥିଲି ।" ଏହି କ୍ଷେତ୍ରରେ ଦୀର୍ଘ କାଳ ଅପେକ୍ଷା କରିବାକୁ ପଡ଼ିବ, ଅନେକ ଦୀର୍ଘ କାଳ ଅପେକ୍ଷା କରିବାକୁ ହେବ, ଏବଂ ହୁଏତ ତା'ପରେ ଯାଇ କୁହାଯାଇ ପାରିବ, "ହେଲା,—ଯାହା ହେଉ ଏଇଟି ସାଧିତ ହେଲା, ପ୍ରକୃତରେ ସମ୍ପନ୍ନ ହେଲା ।" ଅନେକ ସମୟରେ ବର୍ଷ ବର୍ଷ, ଅନେକ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ।

ତୁମମାନଙ୍କୁ କୌଣସି ପ୍ରକାରେ ନିରୁତ୍ସାହିତ କରିବା ଲାଗି ମୁଁ ଆଦୌ ଏସବୁ କଥା କହୁ ନାହିଁ, ମାତ୍ର ତୁମକୁ ଅଧିକ ଧୈର୍ଯ୍ୟ ଏବଂ ଅଧ୍ୟବସାୟର ଶକ୍ତି ଆଣି ଦେବାକୁହିଁ ମୁଁ ଏସବୁ କହୁଛି;—କାରଣ ଏପରି ଗୋଟିଏ ମୁହୂର୍ତ୍ତ ଅବଶ୍ୟ ଆସିବ, ଯେତେବେଳେ କି ତୁମେ ଠିକଣା ସ୍ଥାନରେ ଯାଇ ପହଞ୍ଚିଯାଇ ପାରିବ । ଏବଂ ମନେରଖ ଯେ ପ୍ରାଣ ହେଉଛି ତୁମ ଜୀବନସତ୍ତାର କେବଳ ଏକ କ୍ଷୁଦ୍ର ଭାଗ,—ଏହା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭାଗ । ଏହାକୁ ଆମେ ଜୀବନର ଗତିଶୀଳ ଅଂଶଟି ବୋଲି କହୁଛୁ, ତର୍ପଣ ଲାଗି ଧାବମାନ ହେଉଥିବା ଶକ୍ତିର ଅଂଶ ବୋଲି କହୁଛୁ । ଏହା

'oaob.nitrkl.ac.in' images reprocessed

ପ୍ରକୃତରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭାଗ, ମାତ୍ର ଏହା ହେଉଛି କେବଳ ଏକ ଅତି କ୍ଷୁଦ୍ର ଭାଗ । ଏବଂ, ତା' ତୁଳନାରେ ମନର ବିସ୍ତାର କରି ଦେଖିଲ !···ମନ ଭ୍ରମି ବୁଲିବାରେହିଁ ଲାଗିଥାଏ, ତାକୁ ଅଟକ କରିବାକୁ ହେଲେ ସବୁଆଡ଼େ ଦଉଡ଼ା ପକାଇ ତାକୁ ବାନ୍ଧି ପଛକୁ ଟାଣିବାକୁ ପଡ଼େ ! ତୁମେ ଭାବୁଛ, ଏହା ଗୋଟିଏ ରାତିରେ ସମ୍ଭବ ହୋଇଯିବ ? ଏବଂ ତୁମର ଶରୀର ?···ମନେକର ତୁମର ଏକ ଦୁର୍ବଳତା ରହିଛି, ବେଳେବେଳେ ତାହା ହୁଏତ ଗୋଟିଏ ପୁରୁଣା ରୋଗ ପରି ହୋଇ ରହିଯାଇଛି, ଖୁବ୍ ବେଶୀ କିଛି ନୁହେଁ, ମାତ୍ର ତଥାପି ଏକ ଉପଦ୍ରବକାରୀ ବ୍ୟାପାର ହୋଇ ରହିଯାଇଛି, ନୁହେଁ କି ? ଏବଂ ତୁମେ ତା' ହାତରୁ ନିଷ୍କୃତି ପାଇବାକୁ ଇଚ୍ଛା କରୁଛ ? ତୁମେ ନାନା ଉଦ୍ୟମ କରୁଛ, ଆପଣାକୁ ସେଇଥିଲାଗି ଏକନିବିଷ୍ଟ କରି ରଖୁଛ; ତୁମେ ସେଇଟି ବିଷୟରେ କିଛି ନା କିଛି ପ୍ରତିକାର କରୁଛ, ଏକ ସୌଷମ୍ୟର ପ୍ରତିଷ୍ଠା କରୁଛ ଏବଂ ଭାବୁଛ, ତାହା ଠିକ୍ ହୋଇଗଲା । ଏବଂ ତା'ପରେ···ଉଦାହରଣସ୍ୱରୂପ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର କି ଖୁଁ ଖୁଁ ହୋଇ କାଶିବାର ଅଭ୍ୟାସ ରହିଛି । ସେମାନେ ନିଜକୁ ଆଦୌ ଆୟତ୍ତରେ ରଖି ପାରୁ ନାହାନ୍ତି ବା ଏଥିଲାଗି ପ୍ରାୟ ଅସମର୍ଥ ହୋଇ ରହିଛନ୍ତି । ଏହା ସେପରି କିଛି ଗମ୍ଭୀର ବିଷୟ ନୁହେଁ ସତ, ମାତ୍ର ତଥାପି ଏକ ବିରକ୍ତିକର କଥା; ଏବଂ ଏଇଟା କାହିଁକି ଯେ ବନ୍ଦ ହେବ, ତାହାର ଆଦୌ କୌଣସି କାରଣ ଥିଲାପରି ମନେ ହେଉ ନାହିଁ । ଏପରି ଅବସ୍ଥାରେ ଜଣେ ମନେମନେ କହୁଛି, "ଏଥର ମୁଁ ଏଇଟାକୁ ବନ୍ଦ କରିଦେବି ।" ତା'ପରେ ସେ ଉଦ୍ୟମ ଆରମ୍ଭ କରୁଛି,—ସାଧାରଣ ଭୌତିକ ଉଦ୍ୟମ ନୁହେଁ, ଯୋଗଧାରାରେ ଏକ ଉଦ୍ୟମ ଆରମ୍ଭ କରି ଦେଉଛି । ଚେତନାକୁ ଆବାହନ କରି ଆଣୁଛି, ଶକ୍ତିକୁ ଆବାହନ କରି ଆଣୁଛି, ଏବଂ କାଶକୁ ବନ୍ଦ କରିଦେଇ ପାରୁଛି, ଏବଂ ତା'ପରେ ଭାବୁଛି, "ମୋ ଶରୀର ଏଥର କାଶିବାକୁହିଁ ଭୁଲି ଗଲାଣି ।" ଶରୀର ଯଦି ପ୍ରକୃତରେ ଭୁଲି ଯାଇଥାଏ, ତେବେ ତାହା ପ୍ରକୃତରେ ଏକ ଭାରି ବଡ଼ କଥା, ଏବଂ ସେତେବେଳେ "ମୁଁ ପ୍ରକୃତରେ ଭଲ ହୋଇ ଗଲିଣି" ବୋଲି ଜଣେ ନିଶ୍ଚୟ କହିପାରିବ । ମାତ୍ର ଭାରି ଦୁର୍ଭାଗ୍ୟର ବିଷୟ ଯେ ତାହା ସବୁ ସମୟରେ ମୋଟେ ସତ ହୁଏ ନାହିଁ, କାରଣ ଅଭ୍ୟାସଟି ଅବଚେତନ ମଧ୍ୟକୁ ଖସି ଚାଲିଯାଏ, ଏବଂ ଆଉଦିନେ, ଯେତେବେଳେ ପୂର୍ବର ସେହି ବଳ ସେହିପରି ଅତୁଟ ନଥାଏ, ଯେତେବେଳେ ଶକ୍ତିଚୟର ଭାରସାମ୍ୟ ଯଥେଷ୍ଟ ଭାବରେ ସୁପ୍ରତିଷ୍ଠିତ ହୋଇ ରହି ନଥାଏ, ସେତେବେଳେ ଏହା ପୁଣି ଆରମ୍ଭ ହୋଇଯାଏ । ଏବଂ ସେତେବେଳେ ବେଦନା କରି ପୁଣି କୁହାଯାଏ, "ମୁଁ ଭାବିଥିଲି ଏହା ଏକାବେଳେକେ ଖତମ ହୋଇ ଯାଇଥିଲା ! ମୁଁ ତ ସଫଳ ହୋଇ ସାରିଥିଲି ଓ ଆପଣାକୁ କହିଥିଲି, 'ଆଧ୍ୟାତ୍ମିକ ଶକ୍ତିର ଯେ ଶରୀର ଉପରେ ଏକ କ୍ରିୟା ଅବଶ୍ୟ ହୁଏ, ସେକଥା ସତ; ଏହି କ୍ଷେତ୍ରରେ

'oaob.nitrkl.ac.in' images reprocessed

ଯେ କିଛୁ ଅବଶ୍ୟ କରାଯାଇ ପାରିବ, ତାହା ଏକାନ୍ତ ସତ୍ୟ !' ମାତ୍ର ଏହା ଆଦୌ ସତ୍ୟ ନୁହେଁ । ପୁନଶ୍ଚ, ଏହା ତ ଗୋଟିଏ ଅତି କ୍ଷୁଦ୍ର କଥାଟିଏହିଁ ଥିଲା, ଏବଂ ମୁଁ —ଯିଏ କି ଅମରତ୍ୱ ହାସଲ କରିବାକୁ ଇଚ୍ଛା କରୁଛି, ମୁଁ ପୁଣି କିପରି ସଫଳତା ଲାଭ କରି ପାରିବି ?···ବର୍ଷ ବର୍ଷ ଧରି ଏହି ସାନ ଜିନିଷଟିର କବଳରୁ ମୁଁ କେଡ଼େ ସୁନ୍ଦର ନିଷ୍କୃତି ପାଇ ଆସିଥିଲି ଏବଂ ବର୍ତ୍ତମାନ ସେଇଟି ନୂତନ କରି ପୁଣି ଆରମ୍ଭ ହେବାକୁ ଯାଉଛି !" ଏବଂ, ଠିକ୍ ସେତିକିବେଳେହିଁ ତୁମକୁ ଖୁବ ସାବଧାନ ହେବାକୁ ପଡ଼ିବ ।

ସେତେବେଳେ ତୁମ ପାଖରେ ଅସୀମ ଧୈର୍ଯ୍ୟ ରହିଥିବା ଦରକାର, ଅସୀମ ସହନଶୀଳତା ରହିଥିବା ଦରକାର । ତୁମେ ଗୋଟିଏ କଥାକୁ ଥରେ କରୁଛ, ଦଶ ଥର କରୁଛ, ଦରକାର ପଡ଼ିଲେ ଶହେ ଥର କରୁଛ, ହଜାର ଥର ବି କରୁଛ,— ମାତ୍ର ସେଇଟି ସାଧ୍ୟ ହୋଇସାରିବା ପର୍ଯ୍ୟନ୍ତହିଁ ତୁମକୁ ତାହା କରିବାକୁ ପଡ଼ିବ । ଏବଂ କେବଳ ଏଠି ବା ସେଠି ସେଇଟିକୁ କରିଦେଲେ ମୋଟେ ଚଳିବ ନାହିଁ, ମାତ୍ର ସବୁଠାରେ କରିବାକୁ ହେବ, ସବୁଠାରେ ଯୁଗପତ୍ ଭାବରେହିଁ କରିବାକୁ ହେବ । ଏହାହିଁ ଏକ ବଡ଼ ସମସ୍ୟା ହୋଇ ଆମ ଆଗରେ ଆସି ଉପସ୍ଥିତ ହୋଇଥାଏ । ଏବଂ ସେହି କାରଣରୁ, ଯେଉଁମାନେ ମୋ ପାଖକୁ ଆସନ୍ତି ଏବଂ ଖୁବ ଖାମଖିଆଲି ଭାବରେ "ମୁଁ ଯୋଗସାଧନା କରିବା ଲାଗି ଇଚ୍ଛା କରୁଛି" ବୋଲି କହନ୍ତି, ମୁଁ ସେମାନଙ୍କୁ ଉତ୍ତର ଦେଇ କହିଥାଏ, "ତୁମେ ଭଲ କରି ଚିନ୍ତା କରି ଦେଖ; ଜଣକୁ ହୁଏତ ଅନେକ ବର୍ଷ ଧରି ଯୋଗ କରିବାକୁ ପଡ଼ିବ ଏବଂ ତଥାପି ଆଦୌ କୌଣସି ଫଳ ଦୃଶ୍ୟ ହେବ ନାହିଁ । ମାତ୍ର ତୁମେ ଯଦି ପ୍ରକୃତରେ ଏହି ମାର୍ଗରେ ଯିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ଅବିଚଳ ଭାବରେହିଁ ତାହା କରିବାକୁ ପଡ଼ିବ, ଏପରି ଏକ ଦୃଢ଼ ଇଚ୍ଛାଶକ୍ତି ସହିତ ଅବିଚଳ ରହି ତାହା କରିବାକୁ ହେବ ଯେ ଆବଶ୍ୟକ ପଡ଼ିଲେ ଦଶ ଦଶ ଜନ୍ମ ପର୍ଯ୍ୟନ୍ତ ତାହା କରିବା ଲାଗି ତୁମକୁ ପ୍ରସ୍ତୁତ ହୋଇଯିବାକୁ ପଡ଼ିବ, ଶହେ ଜନ୍ମ ଲାଗି ତାହା କରିବାକୁ ପ୍ରସ୍ତୁତ ରହିବାକୁ ପଡ଼ିବ; ହୁଏତ ତେବେଯାଇ ସଫଳତା ମିଳିବ ।" ଏହି ବିଷୟଟି ପ୍ରକୃତରେ ସେହିଭଳି ହେବ ବୋଲି ମୁଁ ମୋଟେ କହୁ ନାହିଁ, ମାତ୍ର ଦୃଷ୍ଟିକୋଣଟି ଠିକ୍ ସେହିପରି ହୋଇ ରହିଥିବା ଏକାନ୍ତ ଆବଶ୍ୟକ । ତୁମେ କୌଣସି କାରଣରୁ ବି କଦାପି ନିରୁତ୍ସାହିତ ହୋଇପଡ଼ିବ ନାହିଁ; କାରଣ ସତ୍ତାର ବିଭିନ୍ନ ସ୍ଥିତିରେ ରହିଥିବା ଅଜ୍ଞାନରୁ ଜାତ ହେଉଥିବା ଅସୁବିଧାଗୁଡ଼ିକ ତ ସର୍ବଦା ମହଜୁଦ ରହିଛନ୍ତି, ଏବଂ ତା' ସହିତ ପୃଥିବୀଯାକର ପ୍ରତିକୂଳ ଶକ୍ତିଗୁଡ଼ିକ ଆପଣାର ଅନ୍ତହୀନ ବିଦ୍ୱେଷ ଏବଂ ଅସୀମ ଧୂର୍ତ୍ତତା ସହିତ ବି ଏକାଠି ହୋଇ ଠିଆ ହୋଇଛନ୍ତି···ସେମାନେ ଅଛନ୍ତି, ମାତ୍ର କାହିଁକି ଅଛନ୍ତି ଜାଣିଛ ? ସେମାନଙ୍କର ଉପଦ୍ରବକୁ ସହ୍ୟ କରିବାକୁ ହୋଇଛି, ମାତ୍ର କାହିଁକି

'oaob.nitrkl.ac.in' images reprocessed

ଜାଣିଛ ?—ଜଣେ ପ୍ରକୃତରେ କେତେ କାଳ ପର୍ଯ୍ୟନ୍ତ ତା'ର ମାର୍ଗରେ ଅଗ୍ରସର ହୋଇପାରୁଛି ଏବଂ ତା'ର କାର୍ଯ୍ୟଟି ମଧ୍ୟରେ ପ୍ରକୃତରେ କେତେବେଶୀ ଆନ୍ତରିକତା ରହିଛି, ସେହି କଥାଟିକୁ ପରୀକ୍ଷା କରି ଦେଖିବା ଲାଗି ଏପରି ହୋଇଛି । କାରଣ, ସବୁକିଛି କେବଳ ତୁମର ଆନ୍ତରିକତା ଉପରେହିଁ ନିର୍ଭର କରିବ । ନିଜର ଇଚ୍ଛାଶକ୍ତିରେ ଯଦି ତୁମେ ପ୍ରକୃତରେ ନିଷ୍ଠାପର ହୋଇଥିବ, ତେବେ ତୁମକୁ ଆଉ କୌଣସି ଶକ୍ତି ଅଟକାଇ ରଖି ପାରିବ ନାହିଁ, ତୁମେ ନିଶ୍ଚୟ ଶେଷ ମୁଣ୍ଡ ଯାଏ ଚାଲିଯାଇ ପାରିବ, ଏବଂ ଏଇଟିକୁ ସାଧନ କରିବା ଲାଗି ଯଦି ହଜାର ବର୍ଷ ବଞ୍ଚିବାକୁ ପଡ଼େ, ତେବେ ସେଥିଲାଗି ତୁମେ ହଜାର ବର୍ଷ କାଳ ନିଶ୍ଚୟ ଜୀଇ ରହିବ ।

> ପ୍ରାଣିକ ପ୍ରକୃତି କ'ଣ କେବେ ନିଜର ରୂପାନ୍ତର ଇଚ୍ଛା କରୁନଥାଏ କି ? ପ୍ରାଣର ମଧ୍ୟ ଅଭୀପ୍ସା ରହିଥାଏ, ମାତ୍ର ତାକୁ ସର୍ବଦା ବାହାରର ଅନେକ ବିଷୟର ଓ ଅନେକ ଆବେଗର ଶିକାର ହେବାକୁ ପଡ଼ିଥାଏ ।

ଯଦି ପ୍ରାଣ ଆପଣାର ରୂପାନ୍ତର ସାଧନ କରିବାକୁ ବାଟ ଖୋଜୁଥାଏ, ତେବେ ତାହା ପ୍ରକୃତରେ ଏକ କେଡ଼େ ଅଦ୍‌ଭୁତ କଥା ! ଏବଂ ଯଦି ପ୍ରାଣ ରୂପାନ୍ତର ଲାଗି ଅଭୀପ୍ସା ରଖିଥାଏ, ତେବେ ନିଜକୁ ମୁକ୍ତ କରି ଆଣିବା ଲାଗି ତାହା ନିଶ୍ଚୟ ପ୍ରୟାସ କରିବ । ଯଦି ପ୍ରାଣ ଅଳ୍ପବଳ ହୋଇ ରହିଥିବ, ତେବେ ତାହାର ଅଭୀପ୍ସା ମଧ୍ୟ ଅଳ୍ପବଳ ହେବ । ଏବଂ ଉଲ୍ଲେଖ କରି ରଖିବା ଉଚିତ ଯେ ଅଳ୍ପବଳ ହେବାର ଅର୍ଥ ହେଉଛି ନିଷ୍ଠା ଏବଂ ଆନ୍ତରିକତାର ଅଭାବ ଭିତରେ ହିଁ—ଆପଣାକୁ ଗୋଟାଏ ପ୍ରକାର ବାଟ ଗୁଡ଼ିଦେବା, ଯାହା ମନ ତାହା କରିବାକୁ ଦେବା । ଖୁବ୍ ସଚେତନ ଭାବରେ ଆମେ ଯେ ତାହା କରିଥାଉ, ସମ୍ଭବତଃ ସେକଥା ଆଦୌ ନୁହେଁ; ମାତ୍ର ତୁମକୁ ଏହି କଥାଟି ଅବଶ୍ୟ କହି ରଖିବାକୁ ହେବ ଯେ ତୁମ ଭିତରେ ଅବଚେତନ ବୋଲି ଯେଉଁ କ୍ଷେତ୍ରଟି ରହିଛି, ତାହା ଅନିଷ୍ଠା ଦ୍ୱାରା ପୂର୍ଣ୍ଣ ହୋଇ ରହିଛି । ଏବଂ, ଯେଉଁ ଅଳ୍ପବଳତା "ଏହି କଥାଟିକୁ କରିବା ଲାଗି ମୋର ପ୍ରକୃତରେ କେତେ ଇଚ୍ଛା ରହିଛି, ମାତ୍ର ସେଇଟିକୁ କରିବାକୁ ମୋର ବଳ ପାଉ ନାହିଁ" ବୋଲି କହେ, ତାହାକୁ କେବଳ ଅନିଷ୍ଠା ବୋଲିହିଁ କୁହାଯାଇ ପାରିବ । କାରଣ, ଯଦି ଭିତରେ ପୂର୍ଣ୍ଣ ନିଷ୍ଠା ରହିଥାଏ, ତେବେ ଜଣେ ଯାହାକୁ ଆଜି ନକରି ପାରୁଛି, ତାକୁ ସେ କାଲି କରିପାରିବ; ଏବଂ ଯାହା ସେ କାଲି କରି ନପାରିବ, ତାକୁ ପ'ରଦିନ କରିପାରିବ । ଏବଂ, ଏହିପରି ଭାବରେ, କାର୍ଯ୍ୟଟିକୁ କରିପାରିବା ପର୍ଯ୍ୟନ୍ତ ସେ କାର୍ଯ୍ୟଟିକୁ କରି ଯାଉଥିବ । ଯଦି ତୁମେ ଥରେ ଯଥାର୍ଥ ଭାବରେ ବୁଝିପାରିବ ଯେ

'oaob.nitrkl.ac.in' images reprocessed

ଏହି ସମୁଦାୟ ବିଶ୍ୱବ୍ରହ୍ମାଣ୍ଡ (ବା, ଯଦି ତୁମେ ସେହିପରି ଇଚ୍ଛା କରୁଛ, ତେବେ ସମସ୍ୟାଟିକୁ ଆହୁରି ସଂକେନ୍ଦ୍ରିତ କରି ଆଣିବା ଲାଗି ଆମେ ଆମର ଏହି ପୃଥିବୀ ବୋଲି କହିପାରିବା) ଆପଣାକୁ ବିସ୍ତୃତ କରି ରଖିଥିବା କେବଳ ସେହି ଦିବ୍ୟ ପରମ ସତ୍ତାଙ୍କ ବ୍ୟତୀତ ଆଉ କିଛି ନୁହେଁ, ତେବେ ଦୁର୍ବଳତା ଲାଗି ତା' ଭିତରେ ଆଉ ସ୍ଥାନ ରହିବ ବା କେଉଁଠି ? ପରମ ଦିବ୍ୟସତ୍ତା ମଧ୍ୟରେ ଆମକୁ କଦାପି ସେହି ସ୍ଥାନଟି ମିଳିବ ନାହିଁ ! ତା'ହେଲେ, ବିସ୍ମରଣ ମଧ୍ୟରେହିଁ ହୁଏତ ସେହି ସ୍ଥାନଟି ମିଳିପାରିବ । ଏବଂ ଯଦି ତୁମେ ସେହି ବିସ୍ମରଣ ବିରୁଦ୍ଧରେ ସଂଗ୍ରାମ କରୁଥିବ, ତେବେ ତୁମେ ଆପଣାର ଦୁର୍ବଳତା ବିରୁଦ୍ଧରେହିଁ ସଂଗ୍ରାମ କରୁଛ ବୋଲି କୁହାଯାଇ ପାରିବ । ଏବଂ ସେହି ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ତୁମେ ଯେତିକି ନିକଟବର୍ତ୍ତୀ ହୋଇ ଆସୁଥିବ, ତୁମର ଦୁର୍ବଳତା ସେତିକି ଅଧିକ ପରିମାଣରେ ଅନ୍ତର୍ହିତ ହୋଇ ଯାଉଥିବ ।

ଏବଂ, କେବଳ ମନର କ୍ଷେତ୍ରରେ ଯେ ଏପରି ହୁଏ ତାହା ନୁହେଁ, ପ୍ରାଣ କ୍ଷେତ୍ରରେ ମଧ୍ୟ ସେକଥା ବେଶ୍ ସମ୍ଭବ ହୋଇ ପାରିବ, ଏବଂ ଏପରିକି ଦେହର କ୍ଷେତ୍ରରେ ମଧ୍ୟ ସମ୍ଭବ ହୋଇ ପାରିବ । ଯାବତୀୟ ଦୁଃଖଭୋଗ, ଯାବତୀୟ ଦୁର୍ବଳତା ଏବଂ ଯାବତୀୟ ଅସମର୍ଥତା,—ସର୍ବଶେଷ ବିଶ୍ଳେଷଣରେ ଆମେ ଏଗୁଡ଼ିକୁ କେବଳ ଅନିଷ୍ଠା ବୋଲିହିଁ କହିପାରିବା ।

ଏହି ଅନିଷ୍ଠା ଅବସ୍ଥାନ କରି ପାରିବା ଲାଗି ଅନେକ ସ୍ଥାନ ରହିଛି, ଏବଂ ତେଣୁ, ଲୋକେ ଅନେକ ସମୟରେ ମୋ ପାଖକୁ ଆସି ଯେପରି "ମୁଁ ସଂପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇ ରହିଛି" ବୋଲି କହିଥାନ୍ତି, ସେହିପରି କଦାପି କହିବା ଉଚିତ ନୁହେଁ । "ମୁଁ କେବେହେଲେ କୌଣସି ମିଥ୍ୟା କଥା କହି ନାହିଁ" ବୋଲି ଯେଉଁମାନେ କହନ୍ତି, ଏହା ଠିକ୍ ସେହିମାନଙ୍କ ପରି । ଯଦି ତୁମେ ପ୍ରକୃତରେ ସଂପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇଥାନ୍ତ, ତେବେ ତୁମେ ତ ପରମ ଦିବ୍ୟତାର ମୂର୍ତ୍ତିରୂପ ହୋଇ ରହିଥାନ୍ତ; ଯଦି କେବେହେଲେ କୌଣସି ମିଛ କହି ନଥାନ୍ତ, ଅର୍ଥାତ୍ ସତ୍ୟ ବ୍ୟତୀତ ଆଉ କିଛିହେଲେ କହି ନଥାନ୍ତ, ତେବେ ତୁମେ ତ ସ୍ୱୟଂ ପରମ ସତ୍ୟରହିଁ ପ୍ରତିମୂର୍ତ୍ତି ହୋଇ ରହିଥାନ୍ତ ! ମାତ୍ର ଯେହେତୁ ତୁମେ ପରମ ଦିବ୍ୟତା ଅଥବା ପରମ ସତ୍ୟ କିଛିହେଲେ ନୁହଁ, ତେବେ ବସ୍ତୁତଃ ଏହାହିଁ କହିବାକୁ ପଡ଼ିବ ଯେ (ତୁମେ ଅନ୍ତଃସାରର କ୍ଷେତ୍ରରେ ନିଶ୍ଚୟ ପରମ ଦିବ୍ୟତା ଓ ପରମ ସତ୍ୟ, ମାତ୍ର ବାସ୍ତବ କ୍ଷେତ୍ରରେ ତାହା ନୁହଁ) ପରମସତ୍ୟ ଏବଂ ନିଷ୍ଠାପରତାର କ୍ଷେତ୍ରରେ ଯାଇ ପହଞ୍ଚିବା ଲାଗି ତୁମର ଏକ ଦୀର୍ଘ ପଥ ଅତିକ୍ରମ କରିବାକୁ ସର୍ବଦା ବାକି ରହିଛି ।

ପ୍ରକୃତ କଥାଟି ସେହିପରି ବୋଲି ତୁମର ଆଦୌ ଦୁଃଖୀ ହୋଇ ପଡ଼ିବା ଉଚିତ ନୁହେଁ ।

'oaob.nitrkl.ac.in' images reprocessed

ଯେଉଁମାନେ ନିରାଶାରେ ପଡ଼ି "ଏ ପୃଥିବୀ କାହିଁକି ଏପରି ଭୟଙ୍କର ହୋଇ ରହିଛି" ବୋଲି ତୁମକୁ ଆସି କହନ୍ତି, ଏହା ଠିକ୍ ସେଇମାନଙ୍କ କଥା ପରି । ପୃଥିବୀ ଏପରି ହୋଇ ରହିଛି ବୋଲି ଖେଦ କଲେ କ'ଣ ବା ହେବ ? ତୁମେ ଏହାକୁ ବଦଳାଇ ଦେବା ଲାଗି କାର୍ଯ୍ୟ କରିବା ବ୍ୟତୀତ ଏହି କ୍ଷେତ୍ରରେ ଆଉ କ'ଣ କରି ପାରିବ ? ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ଏକ ସୈଦ୍ଧାନ୍ତିକ ଦୃଷ୍ଟିକୋଣରୁ କେହି ହୁଏତ ସବୁ କଥା ଆଗ ବୁଝିବା ଲାଗି ଚେଷ୍ଟା କରି ପାରିବ, ମାତ୍ର ଏହିସବୁ ବ୍ୟାପାରକୁ ଯଥାର୍ଥରେ ବୁଝିପାରିବା ଲାଗି ମନୁଷ୍ୟମନର ଆଦୌ ଯଥେଷ୍ଟ ସାମର୍ଥ୍ୟ ନାହିଁ । ଅନ୍ତତଃ ବର୍ତ୍ତମାନ ଅବସ୍ଥାରେ ତାହା ସେହି ଦିଗରେ କେବଳ ଅକାମୀହିଁ ହୋଇ ରହିଛି । ତାହାକୁ ବଦଳାଇ ଦେଇ ପାରିଲେ ହୁଏତ ଯାଇ କୌଣସି କାର୍ଯ୍ୟ ହୋଇପାରିବ । ଏହି ପୃଥିବୀ ଯେ ଆଦୌ ଏକ ସ୍ପୃହଣୀୟ ସ୍ଥାନ ହୋଇ ରହି ନାହିଁ, ଆମେ ସମସ୍ତେ ଏହିବିଷୟରେ ଏକମତ । ଆମେ ଏକମତ ଯେ ଏହି ପୃଥିବୀ ଯେପରି ହେବା ଉଚିତ ଥିଲା, ବର୍ତ୍ତମାନ ତାହା ସେପରି ହୋଇ ମୋଟେ ରହି ନାହିଁ । ତେଣୁ, ଏହା ଯେପରି ଟିକିଏ ଅନ୍ୟପ୍ରକାର ହୋଇ ପାରିବ, ସେଥିଲାଗି କାମ କରିବା ହେଉଛି ଆମ ସମ୍ମୁଖରେ ରହିଥିବା ଏକମାତ୍ର କର୍ତ୍ତବ୍ୟ । ତେଣୁ, ଏହି ପୃଥିବୀ ଯେପରି ଅନ୍ୟପ୍ରକାର ହୋଇ ପାରିବ, ସେଥିଲାଗି ସର୍ବୋତ୍ତମ ଉପାୟଗୁଡ଼ିକୁ ଖୋଜି ବାହାର କରିବାହିଁ ଆମର ସମଗ୍ର ପ୍ରୟାସ ଓ ପ୍ରଚେଷ୍ଟା ହୋଇ ରହିବା ଉଚିତ । ଏବଂ, ଆମେ ଗୋଟିଏ କଥା ନିଶ୍ଚୟ ବୁଝି ପାରିବା, ସେହି କଥାଟି ହେଉଛି ଯେ ଆମେ ନିଜେ ହେଉଛୁ ଏହାର ସର୍ବୋତ୍ତମ ଉପାୟ (ଏକଥା ସତ ଯେ ଆମେ ଏପର୍ଯ୍ୟନ୍ତ ଏହି କଥାଟିକୁ ଯଥାର୍ଥ ଭାବରେ ଜାଣି ନାହୁଁ), ବୁଝିଲ କି ? ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ତୁମର ପ୍ରତିବେଶୀକୁ ଯେପରି ଭାବରେ ଜାଣିଛ, ନିଜକୁ ତା'ଠାରୁ ନିଶ୍ଚୟ ଅଧିକ ଭଲ ଭାବରେ ଜାଣିଛ । ଉଦାହରଣସ୍ୱରୂପ, ତାରପୁଞ୍ଜ ମଧ୍ୟରେ ଯେଉଁ ଚେତନାଟି ରୂପାୟିତ ହୋଇଛି, ତାହା ଅପେକ୍ଷା, ଜଣେ ମନୁଷ୍ୟ ମଧ୍ୟରେ ରୂପାୟିତ ହୋଇ ଉଠିଥିବା ଚେତନାଟିକୁ ତୁମେ ନିଶ୍ଚୟ ଅଧିକ ଭଲ ଭାବରେ ବୁଝି ପାରିବ । ତେଣୁ, ଅଳ୍ପ କିଛି ସମୟ ପର୍ଯ୍ୟନ୍ତ କାହିଁକି କୁଣ୍ଠା ପ୍ରକାଶ କରି ତା'ପରେ ତୁମେ ଅବଶ୍ୟ କହିପାରିବ, "ଅସଲ କଥା ହେଉଛି, ମୁଁ ନିଜେ ହେଉଛି ସର୍ବୋତ୍ତମ ଉପାୟ । ମୁଁ ନିଜେ ପ୍ରକୃତରେ କ'ଣ, ସେହି କଥାଟିକୁ ମୁଁ ଭଲ କରି ଜାଣି ନାହିଁ ସତ, ମାତ୍ର ମୁଁ ବୋଇଲେ ଯେଉଁସବୁ ବିଷୟ ଏହିପରି ଭାବରେ ଏକାଠି ଠୁଳ ହୋଇ ରହିଛି, ସମ୍ଭବତଃ ତାହାହିଁ ମୋର କାର୍ଯ୍ୟ । କାର୍ଯ୍ୟଟିର ଏହି ଭାଗଟିକୁ ସମ୍ଭବତଃ ମୋତେ କରିବାକୁ ପଡ଼ିବ; ଏବଂ ଯଦି ମୁଁ ଯଥାସମ୍ଭବ ଅଧିକ ଭଲ ଭାବରେ ଏହି କାର୍ଯ୍ୟଟିକୁ କରିପାରିବି, ତେବେ ତାହାର ଦ୍ୱାରାହିଁ ମୁଁ ସମ୍ଭବତଃ ସର୍ବୋତ୍ତମ କାର୍ଯ୍ୟଟିକୁ କଲି ବୋଲି ବୁଝାଯାଇ ପାରିବ ।" ଏହାହିଁ

'oaob.nitrkl.ac.in' images reprocessed

ହେଉଛି ଏକ ବୃହତ୍ତ୍ର ଆରମ୍ଭ, ପ୍ରକୃତରେ ଏକ ବୃହତ୍ତ୍ର ଆରମ୍ଭ । ମାତ୍ର ଏହା ଆଦୌ ଅତ୍ୟଧିକ ନୁହେଁ, ତୁମ ସମ୍ଭାବନାଗୁଡ଼ିକର ସୀମା ବାହାରେ କଦାପି ନୁହେଁ । ତୁମର କାର୍ଯ୍ୟଟି ତୁମର ପହଞ୍ଚ ଭିତରେ ରହିଛି, କହିବାକୁ ହେବ ଯେ ତୁମର ହାତରେ ରହିଛି, ତୁମେ ସେଇଟିକୁ କରିବ ବୋଲି ତାହା ତୁମରି ସମ୍ମୁଖରେ ସର୍ବଦା ଅପେକ୍ଷା କରି ରହିଛି ।—ତୁମର ଶକ୍ତିଟି ସହିତ ସମାନୁପାତିକ ହୋଇ ଏକ କାର୍ଯ୍ୟକ୍ଷେତ୍ର ପଡ଼ିରହିଛି, ମାତ୍ର ତାହା ଏତେ ଅଧିକ ପରିମାଣରେ ବିଚିତ୍ର, ବହୁମୁଖୀ, ବ୍ୟାପ୍ତ ଓ ଗଭୀର ହୋଇ ରହିଛି ଯେ ଏହା ନିଶ୍ଚୟ ତୁମକୁ ଆଗ୍ରହୋଦ୍ଦୀପକ ଲାଗିବ । ଏବଂ ତୁମକୁ ନିଜେ ଆଗଭର ହୋଇ ଏହି ଅଜ୍ଞାତ ପୃଥିବୀଟିର ଆବିଷ୍କାର କରିବାକୁ ପଡ଼ିବ ।

"ଏଇଟା ତୁମର ଅହଂବାଦିତା ଛଡ଼ା ଆଉ କିଛି ନୁହେଁ"—ବୋଲି ଅନେକ ଲୋକ ତୁମକୁ କହିବାକୁ ଆସନ୍ତି ।···ଯଦି ତୁମେ ଅହଂ ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟଟିକୁ କରୁଥିବ, ତେବେ ତାହା ନିଶ୍ଚୟ ତୁମର ଅହଂବାଦିତାହିଁ ହେବ । ଯଦି ନିଜର ବ୍ୟକ୍ତିଗତ ଲାଭ ପାଇଁ କରୁଥିବ, ଯଦି ତୁମେ ନାନାପ୍ରକାର କ୍ଷମତା ହାସଲ କରିବାକୁ ଇଚ୍ଛା କରୁଥିବ, ଯଦି ଅନ୍ୟମାନଙ୍କୁ ପ୍ରଭାବିତ କରିବା ଲାଗି କ୍ଷମତା ଅର୍ଜନ କରିବାକୁ ଚାହୁଁଥିବ ଅଥବା ନିଜ ଲାଗି ଏକ ଆରାମଦାୟକ ଜୀବନର ବ୍ୟବସ୍ଥା କରିନେବା ପାଇଁ ତୁମେ ଉପାୟ ଖୋଜି ବାହାରିଥିବ, ତେବେ ତୁମର କାର୍ଯ୍ୟ ପଛରେ ରହିଥିବା ଭାବଟିକୁ ଅହଂବାଦିତା ବୋଲି କୁହାଯିବ । ଯଦି କାର୍ଯ୍ୟଟିକୁ ଏହିପରି ଏକ ମନୋଭାବ ରଖି କର, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାହାକୁ ନିଶ୍ଚୟ ଅହଂପ୍ରେରିତ ବୋଲି କୁହାଯିବ । ମାତ୍ର ସେଥିରେ ସବୁଠାରୁ ବଡ଼ ମଜାର କଥା ହେଉଛି ଯେ ତଦ୍ୱାରା ତୁମେ ଆଦୌ କେଉଁଠିହେଲେ ପହଞ୍ଚି ପାରିବ ନାହିଁ । ତୁମେ ମୂଳରୁହିଁ ନିଜକୁ କେବଳ ଧୋକା ଦେବାରେ ଲାଗିଯିବ, ଅଧିକରୁ ଅଧିକ ଭ୍ରାନ୍ତି ମଧ୍ୟରେ ଜୀବନ କଟାଇବାକୁ ବାଧ୍ୟ ହେଉଥିବ ଏବଂ ଅଧିକରୁ ଅଧିକ ଅନ୍ଧକାରାଚ୍ଛନ୍ନତା ମଧ୍ୟରେ ଆସି ପଡ଼ିଯିବାରେ ଲାଗିଥିବ । ତେଣୁ, ଆମେ ଯେତେଦୂର ଭାବିଥାଉ, ବିଷୟଗୁଡ଼ିକ ତାହାଠାରୁ ଅଧିକ ଭଲ ଭାବରେହିଁ ସଂଗଠିତ ହୋଇ ରହିଥାଏ । ଅର୍ଥାତ୍, ଯଦି ଅହଂ ଦ୍ୱାରା ପ୍ରେରିତ ହୋଇ ତୁମେ ଆପଣାର କାର୍ଯ୍ୟଟିକୁ କରୁଥିବ (ଆମେ କହିଛୁ ଯେ ଆମର କାର୍ଯ୍ୟକ୍ଷେତ୍ରଟି ସର୍ବଦା ଆମର ପହଞ୍ଚ ଭିତରେ ରହିଥାଏ), ତେବେ ତଦ୍ୱାରା ଆଦୌ କୌଣସି ଫଳ ମିଳିବ ନାହିଁ । ତେଣୁ ଏହି ବିଷୟରେ ଆବଶ୍ୟକ ସର୍ତ୍ତଟି ହେଉଛି ଯେ ଦିବ୍ୟ କର୍ମର ସମ୍ପାଦନ ଲାଗି ରହିଥିବା ତୁମ ଅଳ୍ପପରିସର କ୍ଷେତ୍ରରେ ତୁମେ କାର୍ଯ୍ୟଟିକୁ ଏକାନ୍ତ ନିଷ୍ଠା ଏବଂ ଆନ୍ତରିକତା ସହିତହିଁ କରିବ । ତେଣୁ, ତୁମର କାର୍ଯ୍ୟଟି ଯଦି ସେହିପରି ଭାବରେ ଆରମ୍ଭ ହୋଇ ପାରିବ, ତେବେ ମୁଁ ନିର୍ଭର ଭାବରେ କହୁଛି, ତୁମର ଯାତ୍ରାଟି ପ୍ରକୃତରେ ଏତେ ଅଧିକ ପରିମାଣରେ ଆଗ୍ରହୋଦ୍ଦୀପକ ହୋଇପାରିବ ଯେ ତାହା

'oaob.nitrkl.ac.in' images reprocessed

ଅନେକ ଅଧିକ ସମସ୍ତ ଦାବି କରୁଥିଲେହେଁ ତୁମେ ତଥାପି ସେଥିଲାଗି ଆଦୌ କ୍ଳାନ୍ତ ହୋଇ ପଡ଼ିବ ନାହିଁ । ମାତ୍ର ପ୍ରଗାଢ଼ ଇଚ୍ଛା ସହିତ ତୁମକୁ ସେହିପରି ଭାବରେ କାର୍ଯ୍ୟଟିକୁ କରିବାକୁ ପଡ଼ିବ, ଅଧ୍ୟବସାୟ ସହକାରେ କରିବାକୁ ପଡ଼ିବ, ଏବଂ ଏକାନ୍ତ ଅପରିହାର୍ଯ୍ୟ ସେହି ସ୍ୱାଭାବିକ ମନୋଦଶାଟି ସହିତ କରିବାକୁ ପଡ଼ିବ, ଯାହାକି ଅସୁବିଧାଗୁଡ଼ିକର ସମ୍ମୁଖରେ ହସିଦେଇ ପାରୁଥିବ, ଭୁଲ୍ କରି ପକାଇଲେ ମଧ୍ୟ ହସିଦେଇ ପାରୁଥିବ । ତା'ହେଲେ ସବୁକିଛୁ ସୁସ୍ଥିରୁ ଭାବରେ ଗଢ଼ି କରି ପାରିବ ।

ପରମ ସର୍ବୋଚ୍ଚ ସତ୍ତ୍ୱଙ୍କୁ ଯେଉଁ ଦର୍ପଣଟି ପ୍ରତିଫଳିତ କରିଦେବ, ସେଇଟି ପ୍ରକୃତରେ କେଉଁ ଦର୍ପଣ ?

ସେହି ଦର୍ପଣଟି ହେଉଛି ସ୍ୱୟଂ ଚେତନା । ସେହି ଚେତନାଟି ଉପସ୍ଥିତ ରହିଛି ବୋଲି ସେଇଟିକୁ ଛାଡ଼ିଦେଇ ଆମେ କେଉଁଠି ବି ଉପନୀତ ହୋଇ ପାରିବା ନାହିଁ । ସେହି ସର୍ବୋଚ୍ଚ ପରମ ଚେତନା ଯଦି ଯାବତୀୟ ସୃଜନର କେନ୍ଦ୍ରସ୍ଥଳରେ ଅବସ୍ଥିତ ନଥାନ୍ତା, ତେବେ ଏହି ସୃଷ୍ଟି ସେହି ପରମ ଚେତନା ବିଷୟରେ ଆଦୌ କୌଣସି ପ୍ରକାରେ ସଜ୍ଞାନ ହୋଇ ପାରୁ ନଥାନ୍ତା ।

ପ୍ରାଣର ରୂପାନ୍ତର ସାଧନ କରିବାକୁ ହେଲେ ଆମ ପାଖରେ ଇଚ୍ଛାଶକ୍ତି ରହିଥିବା ଦରକାର, ଅଧ୍ୟବସାୟ ଓ ନିଷ୍ଠା ଆଦି ରହିଥିବା ଦରକାର । ମାତ୍ର ସତ୍ତ୍ୱର କେଉଁ ଭାଗଟିରେ ଆମେ ଏଗୁଡ଼ିକର ସନ୍ଧାନ ପାଇପାରିବା ?

ଆନ୍ତରିକତା, ଇଚ୍ଛାଶକ୍ତି ଓ ଅଧ୍ୟବସାୟର ସେହି ଉତ୍ସଟି ଚୈତ୍ୟ ସତ୍ତ୍ୱ ଭିତରେ ରହିଥାଏ, ମାତ୍ର ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ ତାହା ନିଜକୁ ବିଭିନ୍ନ ପ୍ରକାରେହିଁ ଅଭିବ୍ୟକ୍ତ କରାଇଆଣେ । ସାଧାରଣତଃ, ମନର ଉଚ୍ଚତର ଭାଗଗୁଡ଼ିକରେହିଁ ତାହା ଏକ ନିର୍ଦ୍ଦିଷ୍ଟ ଆକାର ଗ୍ରହଣ କରିବାକୁ ଆରମ୍ଭ କରେ, ମାତ୍ର ତାହା ଯଥାର୍ଥରେ ପ୍ରଭାବସମର୍ଥ ହୋଇ ପାରିବାକୁ ହେଲେ ପ୍ରାଣର ଅନ୍ତତଃ କୌଣସି ଗୋଟିଏ ଭାଗକୁହିଁ ଅନୁମୋଦନ ଜଣାଇବାକୁ ପଡ଼େ, କାରଣ ତୁମ ଇଚ୍ଛାଶକ୍ତିର ପ୍ରଗାଢ଼ତା ଠିକ୍ ସେହି ସ୍ଥାନରୁହିଁ ଉଦ୍‌ଗତ ହୋଇ ଆସିଥାଏ; ଇଚ୍ଛାଶକ୍ତିର ସେହି ଉପଲବ୍ଧିକାରୀ ସାମର୍ଥ୍ୟଟି ପ୍ରାଣ ସହିତ ରହିଥିବା ତା'ର ସଂସ୍ପର୍ଶ ମଧ୍ୟରୁହିଁ ଉଦ୍‌ଗତ ହୋଇଥାଏ । ମାତ୍ର, ଯଦି ପ୍ରାଣ ମଧ୍ୟରେ କେବଳ ଦୁର୍ନମ୍ୟ ଉପାଦାନଗୁଡ଼ିକହିଁ ରହିଥାନ୍ତି, ତେବେ ତୁମେ

'oaob.nitrkl.ac.in' images reprocessed

କିଛି ହେଲେ କରି ପାରିବାକୁ କୌଣସି ପ୍ରକାରେ ସମର୍ଥ ହୁଅ ନାହିଁ । ମାତ୍ର, ତଥାପି, ଏପରି କିଛି ଉପାଦାନ ସର୍ବଦା କୌଣସି ନା କୌଣସିଠାରେ ରହିଥାଏ, ଯାହାକି ଇଚ୍ଛୁକ ଥାଏ,—ହୁଏତ ତାହା ଅତ୍ୟନ୍ତ ତାତ୍ପର୍ଯ୍ୟହୀନ ଏକ ଉପାଦାନ ହୋଇ ରହିଥାଏ, ମାତ୍ର ତଥାପି କିଛି ରହିଥାଏ, ଯାହାକି ଇଚ୍ଛୁକ ଥାଏ । ପରମ ଦିବ୍ୟସତ୍ତାଙ୍କ ସମ୍ବନ୍ଧରେ ସଚେତନ ହେବା ଲାଗି, ପରମ ଦିବ୍ୟସତ୍ତାଙ୍କୁ ଉପଲବ୍ଧି କରିବା ଲାଗି ହୁଏତ ଅତ୍ରେମାତ୍ର ବି ଗୋଟିଏ ମିନଟ୍ ପାଇଁ ଏକ ଅଭୀପ୍ସା ରଖି ପାରିଲେ ଏବଂ ତାହା ଅତ୍ୟନ୍ତ ଅଳ୍ପକ୍ଷଣସ୍ଥାୟୀ ହୋଇଥିଲେ ମଧ୍ୟ ତଥାପି ଏକ ଇଚ୍ଛାକୁ ସନ୍ନିହିତ କରି ପାରିଲେ ହୁଏତ ତାହାହିଁ ଯଥେଷ୍ଟ ହୁଏ, କାରଣ ସେତିକ ଦ୍ୱାରାହିଁ ଦିବ୍ୟ ପରମସତ୍ତା ସମସ୍ତ ସତ୍ତାଟି ମଧ୍ୟରେ ସତେଅବା ବିଦ୍ୟୁତ୍ ପରି ସବୁକିଛିକୁ ଉଦ୍ଭାସିତ କରିଦେଇ ଚାଲିଯାଏ । ଏପରିକି ଶରୀର ଭିତରେ ରହିଥିବା କୋଷଗୁଡ଼ିକ ମଧ୍ୟ ଅନୁସ୍ପନ୍ଦନ ଜଣାଇ ପାରନ୍ତି । ଏଗୁଡ଼ିକ ସଙ୍ଗେସଙ୍ଗେ ଦୃଶ୍ୟମାନ ହୋଇ ଯାଏ ନାହିଁ ସତ, ମାତ୍ର ଏହା ଦ୍ୱାରା ସର୍ବତ୍ର ଏକ ଅନୁସ୍ପନ୍ଦନ ସଞ୍ଚାରିତ ହୋଇଯାଏ । ଏବଂ, ଅନୁସ୍ପନ୍ଦନ ଜଣାଇଥିବା ଏହି ଯାବତୀୟ ଅଂଶଗୁଡ଼ିକୁ ଅତ୍ୟନ୍ତ ଧୀର ଏବଂ ଯତ୍ନଶୀଳ ଭାବରେ ଏକତ୍ର କରିଆଣିବା ଦ୍ୱାରାହିଁ,—ଏହା ହୁଏତ ମାତ୍ର ଗୋଟିଏ ଥର ପାଇଁ ବି ହୋଇପାରେ,—ଆମେ ଏପରି କିଛି ନିର୍ମାଣ କରିବାରେ ସମର୍ଥ ହୋଇଯାଉ, ଯାହାରିକି ଏକ ସଙ୍ଗଠନ ରହିଥାଏ, ଯାହା ସୁସଙ୍ଗଠିତ ହୋଇ ରହିଥାଏ, ଏବଂ ଯାହାକି ଆମର କାର୍ଯ୍ୟଟିକୁ ଆବଶ୍ୟକ ଇଚ୍ଛାଶକ୍ତି, ଆନ୍ତରିକତା ଏବଂ ଅଧ୍ୟବସାୟ ସହିତ ଅବିଚ୍ଛିନ୍ନ ଏବଂ ଅବାରିତ ହୋଇ ରହିବା ଲାଗି ଅବସର ଆଣି ଯୋଗାଇଦିଏ ।

ଏପରିକି କୌଣସି ପିଲା ଭିତରେ ରହିଥିବା ଏକ କ୍ଷଣିକ ଭାବନା, ତା'ର ଚୈତ୍ୟ ସତ୍ତାଟି ସବୁଠାରୁ ଅଧିକ ସମ୍ମୁଖସ୍ଥ ହୋଇ ରହିଥିବା ସେହି ବାଲ୍ୟ କାଳର କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଆସିଥିବା ଗୋଟିଏ ଭାବନା, ଯଦି ତାହା ବହିଶ୍ଚେତନାର ପରସ୍ତଟିକୁ ଭେଦ କରିବାକୁ ସମର୍ଥ ହୁଏ ଏବଂ ଅବଶ୍ୟ ଉପଲବ୍ଧି କରିବାକୁ ରହିଥିବା କୌଣସି ଏକ ସୁନ୍ଦର ବସ୍ତୁର ପ୍ରଭାବ ଆଣି ପିଲାଟିକୁ ଦେବାରେ ସଫଳ ହୋଇପାରେ, ତେବେ ତଦ୍ଦ୍ୱାରା ତାହା ଏକ କ୍ଷୁଦ୍ର କେନ୍ଦ୍ରବିନ୍ଦୁ ସୃଷ୍ଟି କରେ ଏବଂ ତାହାକୁହିଁ ଭିତ୍ତି କରି ତୁମେ ତୁମର କାର୍ଯ୍ୟଟିକୁ ଗଠନ କରିବାକୁ ସମର୍ଥ ହୁଅ । ଏପରି ଅନେକସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନଙ୍କୁ କି ତୁମେ "ତୁମକୁ ଭଗବତ୍ ପରମସତ୍ତାର ଉପଲବ୍ଧି କରିବାକୁହିଁ ହେବ" ଅଥବା "ଯୋଗର ଅଭ୍ୟାସ କର ଏବଂ ଭଗବାନଙ୍କୁ ଲାଭ କର" ବୋଲି କଦାପି କହିବ ନାହିଁ । ଖୁବ୍ ମନୋଯୋଗ ସହକାରେ ଦୃଷ୍ଟିପାତ କଲେ ତୁମେ ନିଶ୍ଚୟ ଜାଣି ପାରିବ ଯେ ଅତ୍ୟନ୍ତ ଅଳ୍ପସଂଖ୍ୟକ ଲୋକଙ୍କୁହିଁ ଏହି କଥାଟି କୁହାଯାଇ ପାରିବ । ଏହାର ଅର୍ଥ ହେଉଛି ଯେ ଏହି ଅଳ୍ପସଂଖ୍ୟକ କେତେଜଣହିଁ ଯୋଗର ସ୍ଫୁରଣା ଲାଗି "ପ୍ରସ୍ତୁତ" ହୋଇ ପାରିଛନ୍ତି ।

'oaob.nitrkl.ac.in' images reprocessed

କଥାଟି ପ୍ରକୃତରେ ଠିକ୍ ସେହିପରି । ପ୍ରକୃତ କଥାଟି ହେଉଛି ଯେ ସେହିସବୁ କ୍ଷେତ୍ରରେ ଉପଲବ୍ଧିର ଏକ ପ୍ରାରମ୍ଭ ହୋଇସାରିଛି,—ଏକ ପ୍ରାରମ୍ଭ ହୋଇ ସାରିବାହିଁ ଯଥେଷ୍ଟ । ଅନ୍ୟ ଆଉକେତେକଙ୍କ କ୍ଷେତ୍ରରେ ଏଇଟା ହେଉଛି ହୁଏତ ଏକ ପୁରୁଣା କଥା, ଏହି ଜାଗରଣଟି ସେମାନଙ୍କ ମଧ୍ୟକୁ ସମ୍ଭବତଃ ପୂର୍ବତନ ଜନ୍ମଗୁଡ଼ିକରୁ ଉପଲବ୍ଧ ହୋଇ ଆସିଛି । ମାତ୍ର ଯେଉଁମାନେ ଏତେଦୂର ପ୍ରସ୍ତୁତ ହୋଇ ପାରି ନାହାନ୍ତି, ଆମେ ଏଠାରେ ସେହିମାନଙ୍କର କଥା ପକାଇଛୁ; ସେମାନଙ୍କର କେତେକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ହୁଏତ କୌଣସି ହଠାତ୍ ଦର୍ଶନ ବା ହଠାତ୍ ଉଦ୍‌ଭାସ ଉପଲବ୍ଧ ହୋଇଛି, ଯାହାକି ସେମାନଙ୍କର ସମଗ୍ର ସତ୍ତାଟିର ମଧ୍ୟଦେଇ ଅତିକ୍ରମ କରି ଚାଲିଯାଇଛି ଏବଂ ଏକ ଅନୁସ୍ପନ୍ଦନର ସୃଷ୍ଟି କରାଇ ପାରିଛି; ମାତ୍ର ସେତିକି ହୋଇଥିଲେ ମଧ୍ୟ ତାହା ଯଥେଷ୍ଟ । ଏତିକି ମଧ୍ୟ ଅନେକଙ୍କର ଜୀବନରେ ଘଟି ନଥାଏ । ଯେଉଁମାନେ ଯୋଗସାଧନା ଲାଗି ପ୍ରସ୍ତୁତ ଅଛନ୍ତି, ଅଚେତନ ଅନେକ ମନୁଷ୍ୟଙ୍କର ସମୂହଟି ସହିତ ତୁଳନା କଲେ ସେମାନେ କଦାପି ଖୁବ୍‌ବେଶୀ ସଂଖ୍ୟାର ହେବେ ନାହିଁ । ମାତ୍ର ଗୋଟିଏ କଥାକୁ ନିଶ୍ଚିତ ବୋଲି ମାନିନେବାକୁ ହେବ; ତୁମେମାନେ ଯେ ସମସ୍ତେ ଏଠାରେ ରହିଛ, ତାହାହିଁ ପ୍ରମାଣ କରି ଦେଉଛି ଯେ ତୁମର ଅନ୍ତତଃ ସେତିକି ଉପଲବ୍ଧି ଅବଶ୍ୟ ହୋଇଛି;—ହଁ, ଏଥି ଭିତରେ ସେମାନେ ବି ରହିଛନ୍ତି, ଯେଉଁମାନେ କି ଏହି ମାର୍ଗରେ ଅନେକ ଦୂର ଅଗ୍ରସର ହୋଇ ଯାଇଛନ୍ତି (ବେଳେବେଳେ ସେମାନଙ୍କର ଏବିଷୟରେ ହୁଏତ କୌଣସି ଧାରଣାହିଁ ନଥାଏ), ମାତ୍ର ସମସ୍ତଙ୍କର ଅନ୍ତତଃ ସେହି ପ୍ରାରମ୍ଭିକ ଉପଲବ୍ଧିଟି ନିଶ୍ଚୟ ରହିଛି, ସେହିଭଳି ଏକ ସ୍ୱତଃସ୍ଫୂର୍ତ୍ତି ଓ ସମଗ୍ର ସଂସ୍ପର୍ଶଟି ରହିଛି ଯାହାକୁ କି ଆମେ ଏକ ତଡ଼ିତ୍-ଆଘାତ ସହିତ ତୁଳନା କରି ପାରିବା । ତାକୁ ଏକ ବିଜୁଳି-ଆଘାତ ସହିତ ସଦୃଶ ବୋଲି ଭାବିପାରିବା, ଯାହାକି ତୁମ ମଧ୍ୟଦେଇ ଚମକି ଯାଉଛି ଏବଂ କୌଣସି କିଛିର ଉଦ୍ଦେଶ୍ୟରେ ତୁମକୁ ଜାଗ୍ରତ କରିଦେଉଛି । ତୁମର ଗୋଟାଏ କିଛି ଉପଲବ୍ଧି କରିବାକୁ ରହିଛି ବୋଲି ତୁମେ ହୃଦୟଙ୍ଗମ କରିପାରୁଛ । ଏକଥା ବେଶ୍ ସମ୍ଭବ ହୋଇପାରେ ଯେ ଏହି ଅନୁଭୂତିଟି ଶବ୍ଦରେ ଅଭିବ୍ୟକ୍ତ ହୋଇ ପାରୁ ନାହିଁ, କେବଳ ଏକ ଅଗ୍ନିଶିଖା ପରି ଝଲକି ଉଠୁଛି । ସେତିକି ବି ଯଥେଷ୍ଟ । ଏବଂ ତାହାକୁହିଁ କେନ୍ଦ୍ରବିନ୍ଦୁ କରି ଥାପି ଆମେ ନିଜକୁ ସଂଗଠିତ କରିବା, ଧୀରେ ଧୀରେ, ଉତ୍ତରୋତ୍ତର ଅଧିକ ପରିମାଣରେ ଆପଣାକୁ ସଂଗଠିତ କରି ଆଣିବା,। ଏବଂ ଥରେ ପ୍ରକଟ ହୋଇ ସାରିବା ପରେ ତାହା କଦାପି ଅନ୍ତର୍ହିତ ହୋଇ ଯାଉ ନାହିଁ । ହଁ, ଯଦି ତୁମେ ତେଣେ ପ୍ରତିକୂଳ ଶକ୍ତିଗୁଡ଼ିକ ସହିତ ହୁଏତ ଗୋଟାଏ ଚୁକ୍ତି କରିଦେଇ ସାରିଛ ଏବଂ ସେହି ସମ୍ପର୍କଟିକୁ ତୁଟାଇଦେଇ ତାହାର ଅସ୍ତିତ୍ୱଟିକୁ ଆଦୌ ଦେଖିବ ନାହିଁ ବୋଲି ପ୍ରଭୃତି ଚେଷ୍ଟା ମଧ୍ୟ କରିବାରେ ଲାଗିଛ, ହୁଏତ କେବଳ ତେବେଯାଇ

'oaob.nitrkl.ac.in' images reprocessed

ତାହା ଅନ୍ତର୍ହିତ ହୋଇଗଲା ବୋଲି ତୁମେ ବିଶ୍ୱାସ କରିପାରିବ । ମାତ୍ର ତଥାପି, ତାହା ପୁଣିଥରେ ଲେଉଟି ଆସିବା ପାଇଁ ଗୋଟିଏ ଉଦ୍‌ଘାଟନହିଁ ଯଥେଷ୍ଟ ।

ଯଦି ତୁମ ଜୀବନରେ କେବଳ ଥରେ ମାତ୍ର ଏହି ଉଦ୍‌ଘାଟନଟି ସମ୍ଭବ ହୋଇଛି, ତେବେ ତୁମେ ଆପଣାକୁ ହୁଏତ ଏକଥା ମଧ୍ୟ ବେଶ୍ କହିପାରିବ ଯେ ତୁମର ଏହି ଜୀବନରେ ଅଥବା ଆଉଗୋଟିଏ ଜୀବନରେ ତୁମେ ନିଶ୍ଚିତ ଭାବରେ ଆବଶ୍ୟକ ଉପଲବ୍ଧିଟିର ଅଧିକାରୀ ହୋଇପାରିବ ।

## ୨୯ ମାର୍ଚ୍ଚ ୧୯୫୮

"ଧର୍ମରେ ଯେଉଁସବୁ ସୂତ୍ର ଏବଂ ବିଶ୍ୱାସବାକ୍ୟମାନ ରହିଥାଏ, ସେଗୁଡ଼ିକ ମନ ଦ୍ୱାରାହିଁ ତିଆରି ହୋଇଥାଏ; ଏବଂ ଯଦି ତୁମେ ସେହିଗୁଡ଼ାକୁ ନେଇକରି ପଢ଼ିରହ ଏବଂ ତୁମ ଲାଗି ଆଗରୁ ତିଆରି କରି ରଖାଯାଇଥିବା ଜୀବନ ବଞ୍ଚିବାର ଏକ ସୂତ୍ରାବଳୀ ମଧ୍ୟରେ ଆପଣାକୁ କାଳିରଖ, ତେବେ, ଯେଉଁ ଅସଲ ଆତ୍ମସତ୍ୟଟି ଯାବତୀୟ ସୂତ୍ରଗ୍ରନ୍ଥ ଓ ବିଶ୍ୱାସବାକ୍ୟର ଅନ୍ତରାଳରେ ରହିଛି, ତୁମେ ସେଇଟିକୁ ଆଦୌ ଜାଣ ନାହିଁ ଏବଂ ତାହାକୁ ଜାଣିବାର ସମ୍ଭାବନାଟିକୁ ମଧ୍ୟ ହରାଇ ବସ । ସେହି ପ୍ରଶସ୍ତ, ବୃହତ୍ ଏବଂ ମୁକ୍ତ ସତ୍ୟଟିକୁ ତୁମେ ଆଦୌ ଉପଲବ୍ଧି କରି ପାର ନାହିଁ ।···

"ପ୍ରତ୍ୟେକ ଧର୍ମରେ ଏପରି କେତେଜଣ ରହିଛନ୍ତି, ଯେଉଁମାନେ କି ପ୍ରକୃତରେ ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନର ବିକାଶ କରାଇ ପାରିଥାନ୍ତି । ମାତ୍ର ସେମାନଙ୍କର ଧର୍ମ ଯେ ସେମାନଙ୍କୁ ସେହି ଆଧ୍ୟାତ୍ମିକତାଟିକୁ ପ୍ରଦାନ କରିଥାଏ, ସେକଥା ମୋଟେ ନୁହେଁ; ପ୍ରକୃତ କଥା କହିବାକୁ ଗଲେ ସେହିମାନେହିଁ ସେମାନଙ୍କର ଧର୍ମ ମଧ୍ୟକୁ ଆଧ୍ୟାତ୍ମିକତାକୁ ସଞ୍ଚାରିତ କରି ଆଣିଥାନ୍ତି । ଯଦି ସେମାନେ ଆଉ କୌଣସିଠାରେ ଥାଆନ୍ତେ, ଯେକୌଣସି ଅନ୍ୟ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥାନ୍ତେ, ସେମାନେ ସେଠାରେ ମଧ୍ୟ ସେହି ଆଧ୍ୟାତ୍ମିକ ଜୀବନଟିକୁ ସନ୍ଧାନ

'oaob.nitrkl.ac.in' images reprocessed

କରି ପାରିଥାନ୍ତେ ଓ ତାହାର ଉପଲବ୍ଧି କରି ପାରିଥାନ୍ତେ । ସେମାନଙ୍କର ସ୍ୱକୀୟ ସାମର୍ଥ୍ୟ ବଳରେ, ଅନ୍ତର୍ଗତ ସତ୍ତାର କୌଣସି ଏକ ଶକ୍ତି ବଳରେହିଁ ସେମାନେ ଯାହା ହୋଇଛନ୍ତି, ତାହା ହୋଇ ପାରିଛନ୍ତି; ସେମାନେ ଯେଉଁ ଧର୍ମର ଅବଲମ୍ବନ କରିଥିଲେ, ତାହା ଦ୍ୱାରା କଦାପି ହୋଇ ପାରି ନାହାନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୬୯ (୯ ଜୁନ୍)

ସବୁ ଧର୍ମକୁ କ'ଣ ଆମେ ମନରୁହିଁ ଗୋଟିଏ ଗୋଟିଏ ବିରଚନା ବୋଲି କହି ପାରିବା କି ?

ସମ୍ଭବତଃ ଆରମ୍ଭ ହେବା ସମୟରେ ସବୁ ଧର୍ମ ସେପରି ନଥିଲେ, ମାତ୍ର କାଳକ୍ରମେ ଯେ ସେହିପରି ହୋଇ ଯାଇଛନ୍ତି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ।

"ହୀନଯାନ" କ'ଣ, "ମହାଯାନ" ବା କ'ଣ ?

ଏଗୁଡ଼ିକ ବୌଦ୍ଧଧର୍ମର ଶବ୍ଦ । ମୋର ବିଶ୍ୱାସ ଏହି ଶବ୍ଦଗୁଡ଼ିକ ପାଲିରୁ ଅନୂଦିତ ହୋଇ ଆସିଛି । ଏପରି କୁହାଯାଏ ଯେ ଉତ୍ତରର ଧର୍ମ ହେଉଛି "ମହାଯାନ" ଏବଂ ଦକ୍ଷିଣର ଧର୍ମ ହେଉଛି "ହୀନଯାନ" । ଧର୍ମର ଯେଉଁସବୁ ବଚନ ଓ ଶିକ୍ଷା ସଂରକ୍ଷିତ ହୋଇ ରହିଛି ଏବଂ ସ୍ୱୟଂ ବୁଦ୍ଧଦେବଙ୍କର କଥିତ ଶବ୍ଦଗୁଡ଼ିକରୁହିଁ ଯାହା ସଂରକ୍ଷିତ ହୋଇଛି ବୋଲି ବିଶ୍ୱାସ କରାଯାଉଛି, ସେହି କଠୋର ବଚନ ଓ ଶିକ୍ଷାଗୁଡ଼ିକ ଦ୍ୱାରା ହୀନଯାନ ଆପଣାକୁ ପରିଚାଳିତ କରିଥାଏ ।

ତୁମେ ଜାଣିଛ, ବୁଦ୍ଧଦେବ କହୁଥିଲେ ଯେ ଈଶ୍ୱରଙ୍କର କୌଣସି ଅସ୍ତିତ୍ୱ ନାହିଁ, ଅହଂ ବା ଅସ୍ମିତାଭାବର କୌଣସି ଅବିଚ୍ଛିନ୍ନ ଅସ୍ତିତ୍ୱ ବି ନାହିଁ; ଉଚ୍ଚତର ଜଗତଗୁଡ଼ିକରେ ବାସ କରୁଥିବା କୌଣସି ସତ୍ତା ନାହାନ୍ତି ଯେଉଁମାନେ କି ଏହି ପୃଥିବୀରେ ଅବତୀର୍ଣ୍ଣ ହୋଇ ପାରିବେ; ଏବଂ··· । ବୁଦ୍ଧଦେବ ପ୍ରାୟ ସବୁପ୍ରକାର ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି । ଦକ୍ଷିଣର ବୌଦ୍ଧଧର୍ମଟି ତାହାର ଅନୁରୂପ, ଏହା ଅତ୍ୟନ୍ତ ଅଧିକ ପରିମାଣରେ ନାସ୍ତିବାଦୀ, ପ୍ରତ୍ୟେକ ବିଷୟରେ ତାହା କେବଳ ନାହିଁ, ନାହିଁ ଓ ନାହିଁ ବୋଲି ଘୋଷଣା କରିଛି । ମାତ୍ର ଅନ୍ୟ ପକ୍ଷରେ ଉତ୍ତରର

'oaob.nitrkl.ac.in' images reprocessed

ବୌଦ୍ଧଧର୍ମରେ, ଯାହାକି ଭାରତରେ ଆରମ୍ଭ ହୋଇଛି, ଭାରତରୁ ଚୀନକୁ ଯାଇଛି ଓ ଚୀନରୁ ଜାପାନକୁ ଯାଇଛି, ସେଥିରେ ଆମେ ବୋଧିସତ୍ତ୍ୱମାନଙ୍କର ଚର୍ଚ୍ଚା ହୋଇଥିବାର ଦେଖିବାକୁ ପାଇବା (ଅନ୍ୟ ଧର୍ମମାନଙ୍କରେ ଯେଉଁମାନଙ୍କୁ ସନ୍ଥ, ମହାପୁରୁଷ ବୋଲି କୁହାଯାଇଛି, ବୋଧିସତ୍ତ୍ୱମାନେ ତାହାର ସମବାଚୀ) । ଏମାନେ ହେଉଛନ୍ତି ପୂର୍ବତନ ଯାବତୀୟ ବୁଦ୍ଧ, ଯେଉଁମାନଙ୍କୁ କି ଏକପ୍ରକାର ଦେବତା ଓ ଅର୍ଦ୍ଧ-ଦେବତାର ନଜରରେ ଦେଖାଯାଏ । ଉତ୍ତର ଅଞ୍ଚଳରେ ଥିବା କୌଣସି ବୌଦ୍ଧ ମନ୍ଦିର ଦେଖିବାର ସୁଯୋଗ ତୁମମାନଙ୍କ ମଧ୍ୟରୁ ହୋଇଛି କି ନାହିଁ ମୋତେ ଜଣା ନାହିଁ (ମୁଁ ଚୀନ ଓ ଜାପାନରେ ସେଗୁଡ଼ିକୁ ଦେଖିଥିଲି), କାରଣ, ଏସବୁ ମନ୍ଦିରରେ ପ୍ରବେଶ କରି ତୁମେ ଆଗ ବଡ଼ କକ୍ଷ ଦେଖିବ, ଯେଉଁଠାରେ ଅଗଣିତ କେତେ ନା କେତେ କ୍ଷୁଦ୍ର କ୍ଷୁଦ୍ର ମୂର୍ତ୍ତି ରଖା ହୋଇଥିବେ । ସେସବୁ ହେଉଛି ଗୋଟି ଗୋଟି ହୋଇ ସବୁ ବୋଧିସତ୍ତ୍ୱଙ୍କର ମୂର୍ତ୍ତି, ବୋଧିସତ୍ତ୍ୱମାନଙ୍କର ଶିଷ୍ୟମାନଙ୍କର ମୂର୍ତ୍ତି; ସେଠାରେ ପ୍ରକୃତିର ଯାବତୀୟ ଶକ୍ତିକୁ ଗୋଟିଏ ଗୋଟିଏ ଦେବତାର କଳ୍ପନାରେ ପ୍ରତିମା କରି ଗଢ଼ାଯାଇଛି । ସେହି ଦେବତାମାନଙ୍କର ଏତେ ସଂଖ୍ୟା ତୁମକୁ ଅଭିଭୂତ କରି ପକାଇବ । ମାତ୍ର, ତେଣେ ଯଦି ତୁମେ ଦକ୍ଷିଣକୁ ଯିବ, ତେବେ କିଛି ଦେଖିବାକୁ ପାଇବ ନାହିଁ, ଗୋଟିଏ ହେଲେ ମୂର୍ତ୍ତି ଦେଖିବାକୁ ପାଇବ ନାହିଁ । ମୁଁ ଭାବୁଛି ଉତ୍ତରରେ ସେମାନେ "ମହାଯାନ" ବୋଲି କହୁଛନ୍ତି, କାରଣ ତା' ଭିତରେ ଅନେକ କଥା ରହିଛି; ଦକ୍ଷିଣରେ "ହୀନଯାନ" ବୋଲି କହୁଛନ୍ତି, କାରଣ ତା' ଭିତରେ ଅଳ୍ପ କେତୋଟିମାତ୍ର କଥା ରହିଛି । ଦୁଇଟି ଶବ୍ଦ ପ୍ରକୃତରେ କେଉଁଠାରୁ ଆସିଛି, ମୁଁ ସେହି ମୂଳକଥାଟିକୁ ଠିକ୍ ଠିକ୍ ଜାଣି ନାହିଁ ।

> "ଯେତେବେଳେ ତୁମେ ଆପଣାର ମୁକ୍ତ ନିର୍ବାଚନ ଦ୍ୱାରା ବସ୍ତୁ-ଗୁଡ଼ିକର ଅଧିକାରୀ ହୁଅ, କେବଳ ସେତିକିବେଳେହିଁ ତୁମ ଲାଗି ସେଗୁଡ଼ିକର କିଛି ଅନ୍ତର୍ଗତ ମୂଲ୍ୟ ଓ ବାସ୍ତବତା ରହିଥାଏ । ଯେତେବେଳେ ସେଗୁଡ଼ିକୁ ଆଣି ତୁମ ଉପରେ ଲଦି ଦିଆଯାଇଥାଏ, ସେତେବେଳେ ଏସବୁ କିଛି ନଥାଏ । ଯଦି ତୁମେ ଆପଣାର ଧର୍ମ ବିଷୟରେ ନିଶ୍ଚିତ ରହିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ସେହି ଧର୍ମକୁ ସ୍ୱୟଂ ବାଛିବାକୁ ପଡ଼ିବ । ଯଦି ନିଜର ଦେଶ ବିଷୟରେ ନିଶ୍ଚିତ ହେବାକୁ ଇଚ୍ଛା କରୁଥାଅ, ତେବେ ସେହି ଦେଶକୁ ମଧ୍ୟ ସ୍ୱୟଂ ନିର୍ବାଚନ କରି ନେବାକୁ ପଡ଼ିବ । ଆପଣାର ପରିବାର ବିଷୟରେ ନିଶ୍ଚିତ ରହିବାକୁ

'oaob.nitrkl.ac.in' images reprocessed

ଚାହୁଁଥିଲେ, ସେଇଟିକୁ ମଧ୍ୟ ତୁମକୁ ସ୍ୱୟଂ ବାଛି ଗ୍ରହଣ କରିବାକୁ ପଡ଼ିବ ।"

ପ୍ରଶ୍ନ ଓ ଉତ୍ତର ୧୯୬୨ (୯ ଜୁନ୍)

## "ନିଜର ପରିବାରକୁ ନିଜେ ବାଛିନେବା"ର ଅର୍ଥ କ'ଣ ?

ଏକ ନିର୍ଦ୍ଦିଷ୍ଟ ସମୂହ ମଧ୍ୟରେ, କେତେକ ନିର୍ଦ୍ଦିଷ୍ଟ ଲୋକଙ୍କର ଗୋଷ୍ଠୀ ଭିତରେ ଜଣେ ବ୍ୟକ୍ତି ଭାବରେ ତୁମେ ଏହି ପୃଥିବୀକୁ ଆସିଛ । ଯେତେବେଳେ ତୁମେ ଖୁବ ସାନ ହୋଇ ରହିଥାଅ, କେବଳ ଅଳ୍ପ କ୍ୱଚିତ୍ କେତେଗୋଟି ବ୍ୟତିକ୍ରମକୁ ଛାଡ଼ିଦେଲେ, ତୁମର ପରିବେଷ୍ଟନୀଟି ତୁମକୁ ସେତେବେଳେ ସମ୍ପୂର୍ଣ୍ଣ ସ୍ୱାଭାବିକ ବୋଲି ମନେହୁଏ, କାରଣ ତୁମେ ତାହାରି ଭିତରେହିଁ ଜନ୍ମଗ୍ରହଣ କରିଥାଅ ଏବଂ ସେଇଟି ସହିତ ବେଶ୍ ଅଭ୍ୟସ୍ତ ହୋଇ ରହିଥାଅ । ମାତ୍ର, ଯେତେବେଳେ, କେତେବର୍ଷ ପରେ, ତୁମ ଭିତରେ ଏକ ଆଧ୍ୟାତ୍ମିକ ଅଭୀପ୍ସା ଜାଗ୍ରତ ହୋଇଉଠେ, ସେତେବେଳେ ହୁଏତ ଏପରି ହୋଇପାରେ ଯେ ତୁମେ ଏତେଦିନ ରହି ଆସିଥିବା ପରିବେଷ୍ଟନୀଟି ମଧ୍ୟରେ ତୁମକୁ ଗୋଟାପୁଣି ଅସ୍ୱସ୍ତି ଲାଗିବାକୁ ଆରମ୍ଭ କରେ; ଉଦାହରଣସ୍ୱରୂପ, ଯଦି ତୁମର ଲାଳନପାଳନ କରି ଆସିଥିବା ବ୍ୟକ୍ତିମାନେ ସେମାନଙ୍କ ଭିତରେ ଠିକ୍ ସେହି ଅଭୀପ୍ସା ରହିଥିବାର ପରିଚୟ ଦିଅନ୍ତି ନାହିଁ ବା ସେମାନଙ୍କର ଭାବନାଗୁଡ଼ିକ ତୁମ ଭିତରେ ବିକଶିତ ହୋଇ ଆସୁଥିବା ଭାବନାଗୁଡ଼ିକର ଠିକ୍ ବିପରୀତ ହୋଇ ରହିଥିବା ପରି ଲାଗେ, ତେବେ ତୁମକୁ ନିଜର ସେହି ପରିବେଷ୍ଟନୀ ନିଶ୍ଚୟ ଅସ୍ୱସ୍ତିକର ମନେହେବ । "ବୁଝିଲ ଦେଖି, ମୁଁ ତ ଏହି ଘରେ ଜନ୍ମ ହୋଇଛି, ମୁଁ ଆଉ କ'ଣ କରିବ ? ମୋର ମାଆ ଅଛନ୍ତି, ବାପା ଅଛନ୍ତି, ଭାଇଭଉଣୀ ବି ଅଛନ୍ତି…", ଏପରି କହିବା ପରିବର୍ତ୍ତେ ତୁମେ ଅନ୍ୱେଷଣ କରି ବାହାରି ଯାଇପାରି (ଏହାର ଅର୍ଥ ନୁହେଁ ଯେ ତୁମେ ଆଉଗୋଟିଏ ଜାଗାକୁ ଯାତ୍ରା କରି ବାହାରିଯିବ), ତୁମେ ଏପରି ଭାବନା ଥିବା ଲୋକମାନଙ୍କର ଅନ୍ୱେଷଣରେ ବାହାରିଯିବ, ଯେଉଁମାନଙ୍କର ତୁମ ଆଗ୍ରହଗୁଡ଼ିକ ସହିତ ସାଦୃଶ୍ୟ ରହିଛି, ଯେଉଁମାନଙ୍କର ଏକ ସମାନ ଅଭୀପ୍ସା ରହିଛି; ଏବଂ, ତୁମରି ଭଳି ଆଉ ଯେଉଁମାନେ କୌଣସି ଏକ ସମ୍ପଦର ଅନ୍ୱେଷଣରେ ବାହାରିଛନ୍ତି, ସେମାନଙ୍କୁ ଖୋଜି ବାହାର କରିବା ଲାଗି ଯଦି ତୁମ ଭିତରେ ଯଥେଷ୍ଟ ନିଷ୍ଠାପର ଅଭୀପ୍ସା ରହିଥାଏ, ତେବେ, ଯେମିତି ମନ ସେମିତି ଭାବରେ ହେଉ ପଛକେ, ତୁମକୁ ସେମାନଙ୍କୁ ଭେଟିବାର ଅବସରଟି ସବୁବେଳେ ନିଶ୍ଚୟ ମିଳି ଯାଉଥିବ, ଅତ୍ୟନ୍ତ ଅପ୍ରତ୍ୟାଶିତ ପରିସ୍ଥିତିଗୁଡ଼ିକର ମଧ୍ୟଦେଇ ସେହି ସୁଯୋଗ ଆସି ପହଞ୍ଚି ଯାଉଥିବ । ଏବଂ ଯେତେବେଳେ ତୁମେ

'oaob.nitrkl.ac.in' images reprocessed

ଏପରି ଜଣେ ବା ଅନେକଜଣଙ୍କର ସନ୍ଧାନ ପାଇଯିବ, ଯେଉଁମାନଙ୍କ ମନ ଠିକ୍ ତୁମର ମନ ପରି ହୋଇ ରହିଥିବ ଓ ଯେଉଁମାନଙ୍କର ଠିକ୍ ତୁମରି ଭଳି ଅଭୀପ୍‌ସା ରହିଥିବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏକ ନିକଟତାର ସମ୍ବନ୍ଧ ଗଢ଼ି ଉଠିବ, ଅନ୍ତରଙ୍ଗତା ଓ ବନ୍ଧୁତାର ସମ୍ପର୍କ ସ୍ଥାପିତ ହୋଇଯିବ ଏବଂ ତୁମେମାନେ ନିଜ ଭିତରେ ଗୋଟାଏ ପ୍ରକାର ଭାତୃସଂଘର ସ୍ଥାପନା କରିନେବ, ଅର୍ଥାତ୍ ଏକ ଯଥାର୍ଥ ପରିବାରର ସ୍ଥାପନା କରିପାରିବ । ତୁମେମାନେ ଏକଜ ରହିଥିବ, କାରଣ ତୁମେ ପରସ୍ପରର ଅତ୍ୟନ୍ତ ସନ୍ନିକଟ ହୋଇ ରହିଥିବ; ତୁମେମାନେ ଏକାଠି ରହିଥିବ, କାରଣ ତୁମମାନଙ୍କର ସେହି ଗୋଟିଏ ଅଭୀପ୍‌ସା ଥିବ; ତୁମେମାନେ ଏକାଠି ରହିଥିବ, କାରଣ ତୁମେମାନେ ଜୀବନରେ ସେହି ଗୋଟିଏ ଲକ୍ଷ୍ୟକୁ ସମ୍ଭବ କରିବାକୁ ଇଚ୍ଛା କରୁଥିବ । କଥା କହିଲାବେଳେ ତୁମେମାନେ ପରସ୍ପରକୁ ବୁଝି ପାରୁଥିବ, ଉକ୍ତ ହେଉଥିବା କୌଣସି ବିଷୟରେ ଆଲୋଚନା କରିବାର ଆଉ କୌଣସି ପ୍ରୟୋଜନ ନଥିବ ଏବଂ ତୁମେମାନେ ସମସ୍ତେ ଏକ ଅନ୍ତର୍ଗତ ସୌଷମ୍ୟ ମଧ୍ୟରେ ଜୀବନଯାପନ କରୁଥିବ । ଏହାହିଁ ହେଉଛି ଯଥାର୍ଥ ପରିବାର, ଏହା ହେଉଛି ଅଭୀପ୍‌ସାର ପରିବାର, ଆଧ୍ୟାତ୍ମିକ ଅଭିବୃଦ୍ଧିଗୁଡ଼ିକୁ ନେଇ ଗଢ଼ା ହୋଇଥିବା ପରିବାର ।

ବର୍ତ୍ତମାନ, ଦେଶ ବିଷୟରେ । ଏକଥାଟି ମଧ୍ୟ ଯାବତୀୟ ଅନେକ କଥା ଉପରେ ନିର୍ଭର କରୁଥିବ, ତାହା ହୁଏତ ଅନ୍ତର୍ଗତ ଏକ ସାଦୃଶ୍ୟ ଉପରେ ନିର୍ଭର କରୁଥିବ । ଉଦାହରଣସ୍ୱରୂପ, ଯଦି ତୁମେ କୌଣସି ଏକ ଦେଶକୁ ଆସିଲ ଏବଂ ସେଠାରେ ତୁମର ଅନ୍ତର୍ଗତ ଅଭୀପ୍‌ସାଟି ଲାଗି ଗୋଟାଏ ପ୍ରକାରର ଅନୁସ୍ପନ୍ଦନ, ଏକ ଅନ୍ତର୍ଗତ ଅନୁସ୍ପନ୍ଦନ ରହିଥିବାର ଅନୁଭବ କଲ, ସେଠାରେ ରହିଥିବା ପରିବେଷ୍ଟନୀ-ଗୁଡ଼ିକୁ ତୁମେ ଆପଣା ପ୍ରବୃତ୍ତି ଓ ରୁଚିଗୁଡ଼ିକର ଅଧିକ ଅନୁକୂଳ ବୋଲି ଅନୁଭବ କଲ, ତେବେ ତୁମେ ହୁଏତ ଖୁବ ସହଜ ଭାବରେ ସେହି ଦେଶରେ ବାସ କରିବାକୁ ଏକ ନିଷ୍ପତ୍ତି ଗ୍ରହଣ କରିନେଉଛ । ସେହି ଦେଶଟିରେ ତୁମେ ଜନ୍ମ ହୋଇଛ, ସେକଥା ଆଦୌ ନୁହେଁ, ଏବଂ ଯେହେତୁ ତୁମେ ସେହି ଦେଶରେହିଁ ବାସ କରିବା ଲାଗି ଏକ ନିଷ୍ପତ୍ତି ଗ୍ରହଣ କଲ, ସେହି କାରଣରୁ ତୁମେ ହୁଏତ "ଏହି ଦେଶ ମୋ ନିଜ ଦେଶ" ବୋଲି ନିଶ୍ଚୟ କହିପାରିବ । ଏପରି ଲୋକ ଅଛନ୍ତି, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଅନେକ ସମୟରେ ତୁଚ୍ଛା ବସ୍ତୁବାଦୀ ଓ ଆଦୌ କୌଣସି ମହତ୍ତ୍ୱ ନଥିବା ନାନା କାରଣରୁ ନିଜ ଦେଶଟିକୁ ଛାଡ଼ି ଆଉ କୌଣସି ଦେଶରେ ବାସ କରିବାକୁ ଚାଲିଯାଆନ୍ତି । ମାତ୍ର, ଏମାନଙ୍କ ବ୍ୟତୀତ ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ଏପରି ଏକ ପରିବେଶର ଅନୁସନ୍ଧାନ କରୁଥାନ୍ତି, ଯାହାକି ସେମାନଙ୍କର ରୁଚି ଓ ସେମାନଙ୍କର ଅଭୀପ୍‌ସାର ଅନୁକୂଳ ହୋଇଥିବ, ଅଥବା ଯେଉଁମାନେ ଆପଣାର ଗଭୀରତର ପ୍ରକୃତି ସହିତ ଅଧିକ ସଙ୍ଗତି ରଖୁଥିବା ଅନ୍ୟ

'oaob.nitrkl.ac.in' images reprocessed

ଦେଶ ଓ ନାନାବିଧ ଅନ୍ୟ ଜୀବନଯାପନପ୍ରଣାଳୀର ଅନ୍ୱେଷଣ କରୁଥାନ୍ତି । ତା'ପରେ ସେମାନେ ସେହିପରି ଗୋଟିଏ ଜାଗାକୁ ଯାଇ ବସତି ସ୍ଥାପନ କରନ୍ତି ଓ ସେଠାରୁ ଆଉ କୁଆଡ଼କୁ କେବେ ଯାଆନ୍ତି ନାହିଁ । ଏବଂ ଯେତେବେଳେ ସେମାନେ ବେଶ୍ ଅନେକ ବର୍ଷ ଧରି ସେଠାରେ ରହିଯାନ୍ତି, ସେତେବେଳେ ସେମାନେ ସେହି ଦେଶଟିକୁ ପ୍ରକୃତରେ ଆପଣାର ଦେଶ ବୋଲିହିଁ ଅନୁଭବ କରନ୍ତି; ସେମାନେ ଯେଉଁ ଗୃହରେ, ଯେଉଁ ଗ୍ରାମରେ ଅଥବା ଯେଉଁ ସହରରେ ଏକଦା ଜନ୍ମଗ୍ରହଣ କରିଥିଲେ, ତାହା ତୁଳନାରେ ଏଇଟିକୁ ଅଧିକ ଆପଣାର ବୋଲି ଅନୁଭବ କରୁଥାନ୍ତି ।

### ଆମର ପ୍ରାଣିକ ଅଂଶଟି କ'ଣ ଜନ୍ମରୁହିଁ ବିକୃତ ହୋଇ ରହିଥାଏ ?

ଯଦି କୌଣସି ପ୍ରକାର ଆକସ୍ମିକତା ସହିତ ତୁମେ ଭୂମିଷ୍ଠ ହୋଇ ନଥାଅ, ତେବେ ତୁମେ ନିଏତ ବେଶ୍ ଭାବି ପାରିବ ଯେ ସେହି କ୍ଷେତ୍ରରେ ପ୍ରକୃତରେ ଆଦୌ କୌଣସି ବିକୃତି ରହି ନଥିବ; ମାତ୍ର ତୁମେ ଜନ୍ମଗ୍ରହଣ କରିବା ସମୟରେ କ'ଣ ଓ କିପରି ହୋଇ ରହିଥାଅ, ତୁମର ପିତାମାତା ତୁମକୁ କ'ଣ ଓ କିପରି ଭାବରେ ତିଆରି କରିଛନ୍ତି, ଅଧିକାଂଶ ସମୟରେ ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ସେହି କଥାଟି ଅନୁସାରେ ନିରୂପିତ ହୋଇ ଯାଇଥାଏ । ପୁଣି, ପିତାମାତାଙ୍କ ମଧ୍ୟଦେଇ ସେମାନଙ୍କର ପିତାମାତା ମଧ୍ୟ ତୁମକୁ କିପରି ଭାବରେ ତିଆରି କରିଛନ୍ତି, ତାହା ତାହାରି ଉପରେ ନିର୍ଭର କରୁଥାଏ । ପରିବାରମାନଙ୍କରେ କେତେକ ନିର୍ଦ୍ଦିଷ୍ଟ ପ୍ରାଣକ୍ଷେତ୍ରୀୟ ପରମ୍ପରା ଗଢ଼ି ଉଠି ଆସୁଥାଏ, ଏବଂ ତା' ସହିତ, ଚେତନାର ଯେଉଁ ସ୍ଥିତିରେ ତୁମର ଗଠନ ହୋଇଥିଲା ଓ ତୁମେ ମାତୃଗର୍ଭରେ ଆସି ରହିଥିଲ, ଠିକ୍ ଯେଉଁ ମୁହୂର୍ତ୍ତିଟିରେ ତୁମର ଗର୍ଭାଧାନ ହୋଇଥିଲା,—ସେଇଟି ମଧ୍ୟ ସବୁବେଳେ ପ୍ରଭାବକାରୀ ହୋଇ ରହିଥାଏ । ଏବଂ ତାହା, ଲକ୍ଷେ କ୍ଷେତ୍ର ମଧ୍ୟରୁ ଗୋଟିଏ କ୍ଷେତ୍ରରେ ମଧ୍ୟ ଯଥାର୍ଥ ଅଭୀପ୍ସାର ଅନୁକୂଳ ହୋଇ ରହି ନଥାଏ ଏବଂ କେବଳ ଏକ ଯଥାର୍ଥ ଅଭୀପ୍ସାହିଁ ତୁମର ପ୍ରାଣିକ ସ୍ତରଟିକୁ ଯାବତୀୟ ବିମିଶ୍ରଣରୁ ଶୁଦ୍ଧ କରି ରଖିବା ଲାଗି ସମର୍ଥ ହୋଇପାରେ, ପ୍ରାଣିକ ସ୍ତରଟିକୁ ସକଳ କୁସଂକ୍ରମଣରୁ ମୁକ୍ତ କରି ରଖି ସତ୍ତାର ଗଠନ ଲାଗି ଆକର୍ଷିତ ହୋଇ ଆସିଥିବା ଏକ ଶୁଦ୍ଧ ଉପାଦାନରୂପେ ତିଆରି କରି ଦେଇପାରେ । ମୋ କହିବାର ଅର୍ଥ ହେଉଛି ଯେ, ଯଦି ସେହି କ୍ଷେତ୍ରରେ ଏକ ଚୈତ୍ୟ ସତ୍ତାର ପ୍ରବେଶ ଘଟିପାରେ, ତେବେ ତାହା ଆପଣାର ଅଭିବୃଦ୍ଧି ଲାଗି ଅନୁକୂଳ ଯାବତୀୟ ଉପାଦାନକୁ ତା' ମଧ୍ୟରୁ ସଂଗୃହୀତ କରି ନେଇପାରେ । ବର୍ତ୍ତମାନ ପୃଥିବୀ ଯେଉଁପରି ଅବସ୍ଥାରେ ରହିଛି, ସେଥିରେ ଯାବତୀୟ ବିଷୟ ଏପରି ଗୋଳାଆମିଶା ହୋଇ ରହିଛି ଯେ,



'oaob.nitrkl.ac.in' images reprocessed

ପ୍ରତ୍ୟେକ ଦୃଷ୍ଟିରୁ ଦେଖିଲେ ସେଗୁଡ଼ାକ ଏପରି ଭାବରେ ମିଶ୍ରିତ ହୋଇ ପଡ଼ିଛି ଯେ ସେଠାରେ ଯଥେଷ୍ଟ ଶୁଦ୍ଧତା ରକ୍ଷା କରି ପାରୁଥିବା ଏପରି ଉପାଦାନଗୁଡ଼ିକୁ ପାଇପାରିବା ପ୍ରାୟ ଅସମ୍ଭବ ହୋଇପଡ଼ୁଛି, ଯାହାକି ଅନ୍ୟ ଯାବତୀୟ କୁସଂମିଶ୍ରିତ ସତ୍ତ୍ୱର ସଂକ୍ରମଣରୁ ଆପଣାକୁ ମୁକ୍ତ କରି ରଖିପାରିବ ।

ମୁଁ ଭାବୁଛି ମୁଁ ଆଗରୁ ବି ତୁମମାନଙ୍କୁ ସେବିଷୟରେ କହିଛି; ପିଲାଟିଏ ଜନ୍ମ ହେବା ପୂର୍ବରୁ ପିତାମାତାଙ୍କ ମଧ୍ୟରେ କିପରି ପ୍ରକାରର ଅଭୀପ୍ସା ରହିବା ଉଚିତ, ମୁଁ ସେକଥା ତୁମମାନଙ୍କୁ କହିଛି । ମାତ୍ର, ମୁଁ ସେତେବେଳେ ଯେପରି କହିଥିଲି, ଏପରିକି ଲକ୍ଷେ କ୍ଷେତ୍ର ଭିତରୁ ଗୋଟିଏ କ୍ଷେତ୍ରରେ ମଧ୍ୟ ସେକଥା ଘଟେ ନାହିଁ । ଇଚ୍ଛାକୃତ ଭାବରେ ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା,—ଏହି କଥାଟି ପ୍ରକୃତରେ ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ, ଅଧିକାଂଶ ସ୍ଥଳରେ ଏହାକୁ ଏକ ଆକସ୍ମିକତା ବୋଲିହିଁ କୁହାଯାଇ ପାରିବ । ଅଗଣିତ ପିତାମାତାଙ୍କ ଭିତରେ ଅଳ୍ପସଂଖ୍ୟକ ମାତ୍ର କେତେଜଣହିଁ ଏପରି ରହିଥିବେ, ଯେଉଁମାନେ କି, ସେମାନଙ୍କର ପିଲାଟି ପ୍ରକୃତରେ କିପରି ହେବ ବା ନହେବ, ସେହି ବିଷୟରେ ଆଦୌ କୌଣସି ଚିନ୍ତାହିଁ କରିଥାନ୍ତି । ସେମାନେ ଏପରିକି ଏତିକି ମଧ୍ୟ ଜାଣି ନଥାନ୍ତି ଯେ ସେମାନେ ପ୍ରକୃତରେ ଯାହା, ପିଲାଟି କ'ଣ ହେବାକୁ ଯାଉଛି, ସେକଥାଟି ମଧ୍ୟ ତାହାରି ଉପରେ ନିର୍ଭର କରିଥାଏ । କେବଳ ଅତ୍ୟନ୍ତ ଅଳ୍ପସଂଖ୍ୟକ ଏକ ବିଶିଷ୍ଟ ବର୍ଗହିଁ ଏକଥା ଜାଣିଥାଏ । ଅଧିକାଂଶ ସମୟରେ ଘଟଣାମାନ ଯେପରି ମନ ସେପରି ଘଟିବାରେ ଲାଗିଥାଏ, ଏହିସବୁ ବ୍ୟାପାର ଯାହା ମନ ତାହା ହେବାରେ ଲାଗିଥାଏ,-ଏବଂ କ'ଣ ଯେ କେତେବେଳେ ଘଟୁଛି, ଲୋକମାନେ ସେକଥା ହୃଦୟଙ୍ଗମହିଁ କରି ପାରନ୍ତି ନାହିଁ । ତେଣୁ, ଅବସ୍ଥା-ଗୁଡ଼ିକ ଏହିପରି ହୋଇ ରହିଥିବାବେଳେ, ଆପଣାର ସହାୟକ ହୋଇ ପାରିବା ଭଳି ଯଥେଷ୍ଟ ପରିମାଣରେ ଶୁଦ୍ଧ ହୋଇ ରହିଥିବା ଏକ ପ୍ରାଣିକ ସତ୍ତ୍ୱକୁ ବହନ କରି ଜନ୍ମଗ୍ରହଣ କରିବ ବୋଲି ତୁମେ ଆଶା କରିପାରିବ କିପରି ? ତେଣୁ, ଅନେକ କ୍ଷେତ୍ରରେ ଏପରି ଗୋଟିଏ ପଙ୍କପୋଖରୀ ଭିତରେ ଜନ୍ମଗ୍ରହଣ କରିବାକୁ ହୁଏ, ବଞ୍ଚିବାକୁ ଆରମ୍ଭ କରିବା ପୂର୍ବରୁ ଯାହାକୁ କି ପରିଷ୍କାର କରିବା ଆଗ ଆବଶ୍ୟକ ହୋଇଥାଏ । ଏବଂ ପରେ ଉପଯୁକ୍ତ ଭାବରେ ଯାତ୍ରାଟିକୁ ଆରମ୍ଭ କରିଦେବା ପରେ ଏବଂ ଅଭୀପ୍ସିତ ସେହି ଅନ୍ତର୍ଗତ ରୂପାନ୍ତରଟି ଆଡ଼କୁ ଅଗ୍ରସର ହେବାକୁ ଆରମ୍ଭ କରିବା ପରେ, ଯେତେବେଳେ ତୁମେ ଆପଣା ଶରୀରକୁ ଭେଦ କରି ସତ୍ତ୍ୱର ଅବଚେତନ ମୂଳଟି ପାଖରେ ଯାଇ ପହଞ୍ଚ,—ଏବଂ ସେହି ବସ୍ତୁଟିହିଁ ତୁମ ପିତାମାତାଙ୍କ ପାଖରୁ ଆସିଥାଏ, କୁଳଗତ ସଂସ୍କାରରୁ ଆସିଥାଏ,—ସେତିକିବେଳେ ଯାଇ ତୁମେ ପ୍ରକୃତ ଅବସ୍ଥାଟିକୁ ଜାଣିବାକୁ ପାଅ । ଏବଂ ସବୁଯାକ ଅସୁବିଧା ଠିକ୍ ସେଇଠି ଯାଇ ରହିଥାଏ । ଜୀବନର ପ୍ରଥମ କେତୋଟି ବର୍ଷ ମଧ୍ୟରେ ଯେଉଁ ଅଳ୍ପ କେତୋଟି

'oaob.nitrkl.ac.in' images reprocessed

କଥା ଅସ୍ତିତ୍ୱର ଆଭ୍ୟନ୍ତର ମଧ୍ୟରେ ପ୍ରବେଶ କରିଥାଏ, ସେଠାକୁ ଯାହା ଅଧିକା ଥାଏ । ସେଇଟା ମଧ୍ୟ ଯେମିତି ମନ ସେମିତି ମୁହୂର୍ତ୍ତଗୁଡ଼ାକରେ ଘଟିଥାଏ; ଯଦି ତୁମେ କୁସଂସର୍ଗ କରୁଥାଅ, ଖରାପ ପୁସ୍ତକ ପଢ଼ୁଥାଅ, ତେବେ ସେହିସବୁର ବାଷ୍ପ ତୁମ ଭିତରେ ମଧ୍ୟ ଆସି ପ୍ରବେଶ କରିପାରେ । ମାତ୍ର ଯାବତୀୟ ଅସଲ ସ୍ତୂପଗୁଡ଼ାକ ଅବଚେତନର ସ୍ତରରେ ଯାଇ ଗଭୀର ଭାବରେ ରୋପିତ ହୋଇ ରହିଥାଏ । ତୁମର ଯେଉଁ ବଦଭ୍ୟାସଗୁଡ଼ିକ ବିରୁଦ୍ଧରେ ତୁମକୁ ସଂଗ୍ରାମ କରିବାକୁ ପଡ଼ୁଥାଏ, ସେସବୁ ସେହି ଅବଚେତନ ମଧ୍ୟରେହିଁ ରହିଥାନ୍ତି । ଉଦାହରଣସ୍ୱରୂପ, କେତେକ ଲୋକ ଅଛନ୍ତି, ଯେଉଁମାନେ କି ମିଛ ନକହିଲେ ମୁହଁଟାକୁ ବି ଖୋଲି ପାରନ୍ତି ନାହିଁ ଏବଂ ସେମାନେ ଇଚ୍ଛାକୃତ ଭାବରେ କଦାପି ସବୁ ସମୟରେ ସେକଥା କରୁ ନଥାନ୍ତି (ଏଇଟା ହେଉଛି ସବୁଠାରୁ ଅଧିକ ଖରାପ କଥା); ଏପରି ଲୋକ ଅଛନ୍ତି, ଯେଉଁମାନେ କି କଳିଆ ନକରି କଦାପି ଅନ୍ୟମାନଙ୍କର କୌଣସି ସମ୍ପର୍କରେ ବି ଆସି ପାରନ୍ତି ନାହିଁ । ଯାବତୀୟ ପ୍ରକାର ନିର୍ବୋଧତା କରିବାରେ ଲାଗିଥାନ୍ତି;—ସେମାନେ ସେହି ଅବଚେତନରେହିଁ ବାସ କରୁଥାନ୍ତି, ସେଇଠି ଗଭୀର ଚେର ଲଗାଇ ରହିଥାନ୍ତି । ଏବଂ, ଯେତେବେଳେ ତୁମ ଭିତରେ ଏକ ସଦିଚ୍ଛା ରହିଥାଏ, ସେସବୁକୁ ଏଡ଼ି ରହିବା ଲାଗି ବାହ୍ୟତଃ ତୁମେ ଯଥାସାଧ୍ୟ ଚେଷ୍ଟା କରିବାରେ ଲାଗିଥାଅ, ସମ୍ଭବ ହେଲେ ସେଗୁଡ଼ିକରେ ସଂଶୋଧନ ଆଣିବାକୁ ମଧ୍ୟ ଚେଷ୍ଟା କରୁଥାଅ; ସେଥିଲାଗି କାର୍ଯ୍ୟ କରୁଥାଅ, ଯୁଝିବାରେ ଲାଗିଥାଅ; ତା'ପରେ ତୁମେ ସଜ୍ଞାନ ହେବାକୁ ଆରମ୍ଭ କର, ଯେ ଏହି ବସ୍ତୁଟି ତୁମ ଭିତରେ ସବୁବେଳେ ମୁଣ୍ଡ ଟେକି ବାହାରି ଆସିବାରେ ଲାଗିଛି, ତାହା ଏପରି ଗୋଟିଏ ଅଂଶରୁ ବାହାରି ଆସୁଛି, ଯାହାକୁ କି ତୁମେ ଆଦୌ ନିୟନ୍ତ୍ରଣରେ ରଖି ପାରୁ ନାହଁ । ମାତ୍ର ଯଦି ତୁମେ ଏହି ଅବଚେତନ ମଧ୍ୟକୁ ପ୍ରବେଶ କରିପାର, ତୁମର ଚେତନାକୁ ତା' ଭିତରକୁ ଯିବା ଲାଗି ଏକ ଅବସର ଦିଅ ଏବଂ ସାବଧାନ ହୋଇ ଦୃଷ୍ଟିପାତ କରିବାକୁ ଆରମ୍ଭ କର, ତେବେ ଧୀରେ ଧୀରେ ତୁମେ ମଧ୍ୟ ନିଜେ ଉତ୍ସଗୁଡ଼ିକୁ ଆବିଷ୍କାର କରି ପାରିବ, ତୁମର ଯାବତୀୟ ଅସୁବିଧାର ଉତ୍ପତ୍ତିସ୍ଥଳଗୁଡ଼ିକୁ ଆବିଷ୍କାର କରି ପାରିବ । ତୁମର ପିତାମାତାମାନେ ଓ ସେମାନଙ୍କର ପିତାମାତାମାନେ ପ୍ରକୃତରେ କ'ଣ ଥିଲେ, ତୁମେ କ୍ରମେ ସେହି କଥାଟିକୁ ବୁଝିବାକୁ ଆରମ୍ଭ କରିବ; ଏବଂ, କୌଣସି ଏକ ମୁହୂର୍ତ୍ତରେ ଆପଣାକୁ ସଂଯତ କରି ରଖିବାକୁ ଅସମର୍ଥ ହୋଇ ପଡ଼ିଲେ, ତୁମେ କାରଣଟିକୁ ବୁଝିଥିଲ ପରି ମନେମନେ କହିବ, "ସେମାନେ ସେହିପରି ଥିଲେ ବୋଲି ମୁଁ ବି ଏପରି ହେଲି ।"

ଯଦି ତୁମ ଭିତରେ ଏପରି ଏକ ଚୈତ୍ୟ ସତ୍ତା ରହିଥିବ, ଯାହାକି ତୁମ ଉପରେ ଦୃଷ୍ଟି ରଖି ପାରିବା ଭଳି ଯଥେଷ୍ଟ ପରିମାଣରେ ବିକାଶଲାଭ କରିଥିବ, ତୁମର ମାର୍ଗଟିକୁ ପ୍ରସ୍ତୁତ କରି ପାରିବା ଭଳି ବିକଶିତ ହୋଇଥିବ, ତେବେ ତାହା

'oaob.nitrkl.ac.in' images reprocessed

ତୁମ ଆଡ଼କୁ ଏପରି ଅନେକ ବସ୍ତୁକୁ ଆକର୍ଷିତ କରି ଆଣିବ, ଯାହାକି ତୁମକୁ ସାହାଯ୍ୟ କରି ପାରିବେ; ଲୋକମାନଙ୍କୁ ଆକର୍ଷିତ କରି ଆଣିବ, କେତେକ ପୁସ୍ତକକୁ ଓ କେତେକ ପରିସ୍ଥିତିକୁ ମଧ୍ୟ ଆକର୍ଷିତ କରି ଆଣିବ; ଏପରି କେତେକ କ୍ଷୁଦ୍ର ସଂଯୋଗକୁ ଆକୃଷ୍ଟ କରି ଆଣିବ, ଯେଉଁଗୁଡ଼ିକ କି ସତେଅବା କୌଣସି ଶୁଭାକାଙ୍କ୍ଷୀ ଇଚ୍ଛା ଦ୍ୱାରାହିଁ ଆନୀତ ହେଉଥିବେ, ତୁମକୁ ହୁଏତ ଏକ ସଙ୍କେତ ଦେଉଥିବେ, ତୁମର ସହାୟତା କରୁଥିବେ, ନିଷ୍ପତ୍ତି ଗ୍ରହଣ କରିବା ଦିଗରେ ତୁମ ଲାଗି ନିର୍ଭରସ୍ଥାନରୂପେ କାର୍ଯ୍ୟ କରୁଥିବେ ଏବଂ ତୁମକୁ ଯଥାର୍ଥ ଦିଗରେ ପରିଚାଳିତ କରି ନେଉଥିବେ । ମାତ୍ର ତୁମେ ଥରେ ଏହି ନିଷ୍ପତ୍ତିଟି ଗ୍ରହଣ କରି ସାରିବା ପରେ, ଆପଣା ସତ୍ତାର ସତ୍ୟଟିକୁ ଖୋଜି ବାହାର କରିବାର ଏହି ନିଷ୍ପତ୍ତିଟି ଗ୍ରହଣ କରିବା ପରେ, ନିଷ୍ଠାପର ଭାବରେ ମାର୍ଗରେ ଯାତ୍ରା ଆରମ୍ଭ କରି ସାରିବା ପରେ, ତୁମକୁ ଅଗ୍ରସର ହେବାରେ ସାହାଯ୍ୟ କରିବାକୁହିଁ ସତେଅବା ସମସ୍ତେ ଏକଜୁଟ ହୋଇଥିବା ପରି ମନେହେବ; ଏବଂ ସାବଧାନତା ସହିତ ଦୃଷ୍ଟିପାତ କଲେ ତୁମେ ଧୀରେ ଧୀରେ ତୁମ ଅସୁବିଧାଗୁଡ଼ିକର ଅସଲ ମୂଳଟିକୁ ଦେଖିବା ଲାଗି ସମର୍ଥ ହେବ । ତୁମେ କହିବାକୁ ଆରମ୍ଭ କରିବ : "ହଁ, ଦେଖ, ଦେଖ, ଏହି ଅଭ୍ୟାସଟି ମୋ ବାପାଙ୍କ ଭିତରେ ରହିଥିଲା; ହଁ, ଏଇଟି ମୋ ମାଆଙ୍କର ଅଭ୍ୟାସ ଥିଲା, ମୋର ମାତାମହୀ ଏପରି ଥିଲେ, ମୋ ପିତାମହ ଏପରି ଥିଲେ ।" ଅଥବା, ତୁମେ ସାନ ପିଲାଟିଏ ହୋଇଥିବା ସମୟରେ ଯେଉଁ ଧାତ୍ରୀ ତୁମର ଲାଳନପାଳନ କରିଥିଲେ, ଯେଉଁ ଭାଇ ଓ ଭଉଣୀମାନଙ୍କ ସହିତ ତୁମେ ଖେଳ ଖେଳିଥିଲ, ଯେଉଁ ସାନସାନ ବନ୍ଧୁମାନେ ତୁମକୁ ଆସି ଭେଟିଥିଲେ, ସେମାନେ ବି ଏହାର କାରଣ ହୋଇ ପାରନ୍ତି । ତୁମେ ବେଶ୍ ଦେଖିବାକୁ ପାଇବ ଯେ ଏହି ସବୁକିଛି ସେଠାରେ ରହିଥିଲା, ଏହି ବ୍ୟକ୍ତିଟି ଭିତରେ ଥିଲା, ସେହି ବ୍ୟକ୍ତିଟି ଭିତରେ ଥିଲା ବା ଅନ୍ୟ କେଉଁ ବ୍ୟକ୍ତି ଭିତରେ ରହିଥିଲା । ମାତ୍ର ଯଦି ତୁମେ ଅବିଚଳ ଭାବରେ ନିଷ୍ଠାପର ହୋଇ ରହ, ତେବେ ତୁମେ ଏକଥାଟି ମଧ୍ୟ ନିଶ୍ଚୟ ଜାଣି ପାରିବ ଯେ ତୁମେ ଏହି ସବୁକିଛିକୁ ଥର ହୋଇ ବେଶ୍ ପାରି ହୋଇଯାଇ ପାରିବ । ଯେଉଁସବୁ ଦଉଡ଼ି ସହିତ ବନ୍ଧାହୋଇ ତୁମେ ସଂସାରରେ ଭୂମିଷ୍ଠ ହୋଇଥିଲ, କିଛିକାଳ ପରେ ତୁମେ ସେଗୁଡ଼ିକୁ କାଟି ବି ଦେଇ ପାରିବ, ଜଞ୍ଜିରଗୁଡ଼ିକୁ ଭାଙ୍ଗିଦେଇ ପାରିବ ଏବଂ ମୁକ୍ତ ହୋଇ ମାର୍ଗରେ ବାହାରିଯାଇ ପାରିବ ।

ଆପଣାର ଚରିତ୍ରରେ ଯଦି ତୁମେ ପ୍ରକୃତରେ ଏକ ରୂପାନ୍ତର ଘଟାଇବାକୁ ଇଚ୍ଛା କରୁଥାଅ, ତୁମକୁ ତାହାହିଁ କରିବାକୁ ପଡ଼ିବ । ନିଜର ପ୍ରକୃତିଟାକୁ ବଦଳାଇ ପାରିବା ମୋଟେ ସମ୍ଭବ ନୁହେଁ ବୋଲି ସବୁବେଳେ କୁହାହୋଇ ଆସିଛି; ଦର୍ଶନର ଯାବତୀୟ ଗ୍ରନ୍ଥରେ, ଏପରିକି ଯୋଗର ଶାସ୍ତ୍ରମାନଙ୍କରେ ବି ତୁମକୁ ସେହି କାହାଣୀଟିକୁ ଶୁଣାଇ ଦିଆଯାଇଛି : "ନିଜର ପ୍ରକୃତିଟିକୁ ତୁମେ କଦାପି ବଦଳାଇ ପାରିବ ନାହିଁ,

'oaob.nitrkl.ac.in' images reprocessed

ତୁମେ ସେହି ପ୍ରକୃତି ସହିତହିଁ ଜନ୍ମ ହୋଇଛ, ତୁମେ ଠିକ୍ ସେହିପରି ଗଢ଼ାହୋଇଛ !" ଏହି କଥାଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ମିଥ୍ୟା କଥା, ମୁଁ ଜବାବ ଦେଇ କହୁଛି ଏହା ମିଥ୍ୟା କଥା। ମାତ୍ର ଆପଣାର ଚରିତ୍ରକୁ ବଦଳାଇବାକୁ ହେଲେ ତୁମକୁ ଏକ ଅତ୍ୟନ୍ତ କଠିନ କଥା କରିବାକୁ ପଡ଼ିବ । କାରଣ ଯାହାକୁ ବଦଳାଇବାକୁ ହେବ, ତାହା ପ୍ରକୃତରେ ତୁମର ଚରିତ୍ର ନୁହେଁ; ତୁମ ପୂର୍ବ ସଂସ୍କାରଗୁଡ଼ିକର ଚରିତ୍ରକୁହିଁ ବଦଳାଇବାକୁ ପଡ଼ିବ । ସେମାନଙ୍କ ଭିତରେ ତୁମେ ଏଇଟିକୁ ବଦଳାଇ ପାରିବ ନାହିଁ (କାରଣ ସେମାନେ ନିଜେ ଏପରି କୌଣସି ଅଭିପ୍ରାୟ ରଖି ନାହାନ୍ତି), ମାତ୍ର ତୁମର ଭିତରେହିଁ ସେହି ଚରିତ୍ରକୁ ବଦଳାଇବାକୁ ପଡ଼ିବ । ସେମାନେ ତୁମକୁ ଯାହାସବୁ ଦେଇଛନ୍ତି, ତୁମର ଜନ୍ମଦିନରେ ଯେଉଁସବୁ ସାନସାନ ଉପହାରମାନ ତୁମକୁ ଦେଇଛନ୍ତି, କେତେ ବଢ଼ିଆ ଉପହାରମାନ ଆଣି ଦେଇଛନ୍ତି,—ଏହିଗୁଡ଼ିକୁହିଁ ବଦଳାଇବାକୁ ପଡ଼ିବ । ମାତ୍ର ଯଦି ତୁମେ ଏସବୁ ବସ୍ତୁର ସୂତ୍ରଟିକୁ ହାତକୁ ଆଣିବାରେ ସଫଳ ହୋଇପାରିବ, ଯଦି ତୁମେ ଅସଲ ସୂତ୍ରଟିକୁ ଧରି ପାରିବ,— କାରଣ ଏଇଟିକୁ ପାଇବା ଲାଗିହିଁ ତ ତୁମେ ଧୈର୍ଯ୍ୟ ଏବଂ ନିଷ୍ଠାର ସହିତ ସବୁକିଛି କରିଥିବ,—ତେବେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି ତୁମେ ମୁକ୍ତ ହୋଇଯିବ। ଏହି ସବୁକିଛି ପୂର୍ବ-ଅର୍ଜନ ତୁମ ଦେହରୁ ତଳକୁ ଖସିପଡ଼ିବ ଏବଂ ତୁମେ ଯାବତୀୟ ବୋଝରୁ ମୁକ୍ତ ହୋଇ ନିଜର ଜୀବନଟିକୁ ଆରମ୍ଭ କରିବାକୁ ସମର୍ଥ ହେବ । ତେବେ ତୁମେ ଏକ ନୂଆ ମଣିଷରେ ପରିଣତ ହେବ, ଏକ ନୂତନ ଜୀବନ ବଞ୍ଚି ପାରିବ, ପ୍ରାୟ ଏକ ନୂତନ ପ୍ରକୃତି ସହିତ ସେହି ଜୀବନଟିକୁ ବଞ୍ଚି ପାରିବ । ଏବଂ, ସେତିକିବେଳେ, ପଛକୁ ଅନାଇ ତୁମେ କହିବାକୁ ଆରମ୍ଭ କରିବ, "ଏହା କେବେ ସମ୍ଭବ ନୁହେଁ, ଏପରି କେବେହେଲେ ଆଗରୁ ନଥିଲି !"

ଶ୍ରୀ
ଗ୍ରା -
ଜି -
ଓଡ଼ିଶା

'oaob.nitrkl.ac.in' images reprocessed

## ୩୧ ମାର୍ଚ୍ଚ ୧୯୫୧

୧୯୨୧ ମସିହାରେ ତାଙ୍କୁ ପଚରା ଯାଇଥିବା ଗୋଟିଏ ପ୍ରଶ୍ନ ମାଆ ପଢ଼ିଲେ :

"ଶରୀରର ଯାବତୀୟ ରୋଗର କାରଣକୁ କ'ଣ ମନଃକ୍ଷେତ୍ରରେ ଘଟୁଥିବା କୌଣସି ନା କୌଣସି ବିକାର ବା ବିଶୃଙ୍ଖଳା ମଧ୍ୟରେ ସୂଚିତ କରାଯାଇ ପାରିବ କି ?"

ପ୍ରଶ୍ନ ଓ ଉତ୍ତର ୧୯୨୧ (୧୭ ଜୁନ୍)

ଯାବତୀୟ ରୋଗର କାରଣ ହୋଇ ପାରିଲା ଭଳି ଯଦି ପ୍ରକୃତିରେ କୌଣସି ମାନସିକ ବିକାର ରହିଥାଏ, ତେବେ ତାହା ହେଉଛି ଭୟ ।

ମାତ୍ର ପ୍ରତ୍ୟେକ ବ୍ୟକ୍ତି ସ୍ୱୟଂ ତା'ର ପ୍ରତ୍ୟୋଗଟିକୁ କରି ଦେଖିପାରିବ । ଯଦି କାହାର ତଣ୍ଟିରେ ପୀଡ଼ା ହୋଇଥାଏ, ତେବେ ନିଦାନ ବାହାର କରି କୁହାଯାଇ ପାରିବ ଯେ ତା' ପୂର୍ବଦିନ ସିଏ ଏକ ଅତ୍ୟନ୍ତ ବିଷାଦମୟ ଅବସ୍ଥାରେ ରହିଥିଲା । ଅଥବା, ଜଣେ ହୁଏତ ଖୁବ ଅସୁଖ ଓ ଅସନ୍ତୋଷ ଅନୁଭବ କରୁଛି, ସବୁ କଥା ତାକୁ ଖୁବ ଖରାପ ଲାଗୁଛି, ଏବଂ ତହିଁ ଆରଦିନ ମୁଣ୍ଡ ଭିତରଟାରେ ସର୍ଦ୍ଦି ଭର୍ତ୍ତି ହୋଇଯାଉଛି । ···ପ୍ରତ୍ୟେକ ଲୋକ ନିଜେ ନିରୀକ୍ଷଣ କରି ଏସବୁ ଜାଣିବ ।

"ଶରୀରର ପ୍ରତ୍ୟେକ ଅଂଶ ଏକ ଅନ୍ତର୍ଗତ ଗତିବିଧିମାନଙ୍କର ପ୍ରତୀକ ହୋଇ ରହିଛି; ସେଠି କ୍ଷେତ୍ରରେ ନାନାବିଧ ସୂକ୍ଷ୍ମ ଅନୁରୂପତାର ଏକ ଜଗତ ବିଦ୍ୟମାନ ରହିଛି··· । ଶରୀରର କୌଣସି ଗୋଟିଏ ସ୍ଥାନ ଯଦି ଏକ ଅସୁସ୍ଥତା ଦ୍ୱାରା ପୀଡ଼ିତ ହୋଇଯାଉଛି, ତେବେ ସେଇଥିରୁହିଁ ଆମକୁ ଭିତରେ ଘଟିଥିବା ଏକ ସୌଷମ୍ୟହୀନତାର ପ୍ରକୃତିଟି ବିଷୟରେ ନିଶ୍ଚୟ କେତେକ ସଙ୍କେତ ମିଳିଯାଇ ପାରିବ । ତାହା ଅସଲ ମୂଳଟି ଆଡ଼କୁ ଅଙ୍ଗୁଳିନିର୍ଦ୍ଦେଶ କରିଦେବ, ରୋଗଟି ଯେ କାହିଁକି ହେଲା, ତାହାରି ବିଷୟରେ ଏକ ସଙ୍କେତ ଦେବ । ଭିତରେ ଯେଉଁ ପ୍ରତିରୋଧଟି

ରହିଥିବାରୁ ଆମର ସମଗ୍ର ସତ୍ତାଟି ସମାନ ସତ୍ୱରତା ସହିତ ଅଗ୍ରସର ହୋଇ ପାରୁ ନାହିଁ, ତାହା ସେହି ପ୍ରତିରୋଧର ପ୍ରକୃତିଟିକୁ ମଧ୍ୟ ପ୍ରକଟ କରିଦେବ । ତାହା ଚିକିତ୍ସା ଏବଂ ଆରୋଗ୍ୟକୁ ମଧ୍ୟ ସୂଚିତ କରାଇ ଦେଉଥିବ । ପ୍ରକୃତ ଭୁଲ୍‌ଟି କେଉଁଠାରେ ରହିଛି, ସେହି କଥାଟିକୁ ସଂପୂର୍ଣ୍ଣ ଭାବରେ ବୁଝିବାକୁ ସମର୍ଥ ହେଲେ, ଆମ ଭିତରେ ଯେ କେଉଁ ବସ୍ତୁଟି ଗ୍ରହଣଶୀଳ ହୋଇ ପାରି ନଥିଲା, ଆମେ ସେହି କଥାଟିକୁ ଖୋଜି ବାହାର କରି ପାରିବା, ସେହି ଅଂଶଟିକୁ ଖୋଲିଦେବା ଓ ସେଠାରେ ଶକ୍ତି ଏବଂ ଆଲୋକର ଭରଣା କରିଦେଇ ପାରିବା । ତା'ପରେ, ଯେଉଁ ସୌଷମ୍ୟଟି ବ୍ୟାହତ ହୋଇଥିବା ହେତୁ ଏସବୁ ହୋଇଛି, ସେତେବେଳେ ତାହାର ପୁନଃପ୍ରତିଷ୍ଠା ସମ୍ଭବ ହୋଇଯିବ ଏବଂ ଅସୁସ୍ଥତାଟି ସଙ୍ଗେ ସଙ୍ଗେ ଦୂର ହୋଇଯିବ ।"

(ତତ୍ରୈବ)

ଶରୀରର ପ୍ରତ୍ୟେକ ଅଂଶ କିପରି କୌଣସି ନା କୌଣସି ଅନ୍ତର୍ଗତ ଗତିସ୍ପନ୍ଦନରହିଁ ପ୍ରତୀକ ହୋଇ ରହିଥାଏ, ଆପଣ ଟିକିଏ ବୁଝାଇ କହିବେ କି ?

ଦୀକ୍ଷାର ପ୍ରାଚୀନ ସମ୍ପ୍ରଦାୟଗୁଡ଼ିକରେ, ଯେଉଁମାନେ ଏହିସବୁ ବିଷୟରେ ଜ୍ଞାନର ଉପଲବ୍ଧି କରି ସାରିଥିଲେ, ସେମାନଙ୍କର କେବଳ "ଏହା ସତ୍ୟ" ଓ "ଏହା ସତ୍ୟ ନୁହେଁ" ବୋଲି କହିଦେବାରହିଁ ପରମ୍ପରା ରହିଥିଲା ।

ଏହି ବିଷୟରେ କେହି ଆପଣାର ଅଭିଜ୍ଞତାଟିକୁ ମୋ ଆଗରେ ବର୍ଣ୍ଣନା କରି କହିପାରିବ କି ? ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ ତୁମକୁ ଏକ ନିର୍ଦ୍ଦିଷ୍ଟ ମନୋବୈଜ୍ଞାନିକ ସ୍ଥିତି ଏବଂ ଶରୀରର କୌଣସି ଏକ ନିର୍ଦ୍ଦିଷ୍ଟ ଅଂଶ ମଧ୍ୟରେ ରହିଥିବା ପାରସ୍ପରିକ ସମ୍ବନ୍ଧଟିକୁ ବର୍ଣ୍ଣନା କରି କହିବା ଲାଗି ସମର୍ଥ ହେବାକୁ ପଡ଼ିବ ।

ଥରେ ମୋର ଗୋଟାଏ ପ୍ରକାରର ପୀଡ଼ା ହେଉଛି ବୋଲି ମୁଁ ଆପଣଙ୍କ ଆଗରେ ଅଭିଯୋଗ କରି କହିଥିଲି ଏବଂ ଶରୀରର ଠିକ୍ କେଉଁ ଅଂଶଟିରେ ପୀଡ଼ା ହେଉଛି ବୋଲି ଆପଣ ମୋତେ

'oaob.nitrkl.ac.in' images reprocessed

ପକାଇଲେ । ମୁଁ ଯେତେବେଳେ କେଉଁ ଅଂଶଟିରେ ପୀଡ଼ା ହେଉଛି କହିଦେଇ ପାରିଲି, ସେତେବେଳେ ପ୍ରାଣ ଏବଂ ମନ ପ୍ରକୃତି ସହିତ ତାହାର ରହିଥିବା ସମ୍ବନ୍ଧ ବିଷୟରେ ମୁଁ କିଛି ଜାଣି ନଥିଲି । ତଥାପି ପୀଡ଼ାଟି କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥିଲା ।

ଏଠାରେ ମୁଁ କୌଣସି ବିରୋଧ ରହିଥିବାର ଆଦୌ ଦେଖି ପାରୁ ନାହିଁ !··· ଆଧ୍ୟାତ୍ମିକ କ୍ଷେତ୍ରରେ କୌଣସି ଅସୁସ୍ଥତାକୁ ଦୂର କରିବାର ଦୁଇଟି ଉପାୟ ରହିଛି । ଶରୀରର ଯେଉଁ ସ୍ଥାନଟି ଅସୁସ୍ଥ ହୋଇଛି, ସେହି ସ୍ଥାନରେ ଚେତନା ଏବଂ ସଙ୍କଳ୍ପର ଏକ ଶକ୍ତିକୁ ନେଇ ସଂକେନ୍ଦ୍ରିତ କରି ରଖିବା ହେଉଛି ପ୍ରଥମ ଉପାୟ । ଏହି କ୍ଷେତ୍ରରେ ଉତ୍ପନ୍ନ ପ୍ରଭାବ ଓ ଫଳଟି ସ୍ୱଭାବତଃ ସଂପୃକ୍ତ ବ୍ୟକ୍ତିର ଗ୍ରହଣଶୀଳତା ଉପରେହିଁ ନିର୍ଭର କରୁଥାଏ । ମନେ କରାଯାଉ ଯେ ସେହି ବ୍ୟକ୍ତି ଅତ୍ୟନ୍ତ ଗ୍ରହଣଶୀଳ ହୋଇ ରହିଛି; ଚେତନାର ଶକ୍ତିକୁ ନେଇ ଅସୁସ୍ଥ ଅଂଶଟି ଉପରେ ସଂକେନ୍ଦ୍ରିତ କରି ରଖାଯାଏ ଏବଂ ତାହାର ଚାପ ଅସୁସ୍ଥତାଟିକୁ ଦୂର କରିଦିଏ । ଶ୍ରୀଅରବିନ୍ଦ କିପରି ସେଗୁଡ଼ିକୁ ଭଲ କରୁଥିଲେ, ତୁମମାନଙ୍କ ମଧ୍ୟରେ ଅନେକ ସେକଥା କହି ପାରିବେ । ଏହି ଆରୋଗ୍ୟଟି ସତେଅବା ଗୋଟିଏ ହାତ ପରି ଆସି ପହଞ୍ଚି ଯାଉଥିଲା ଏବଂ ଯନ୍ତ୍ରଣାଟିକୁ ହରଣ କରି ନେଉଥିଲା । ତାହା ପ୍ରକୃତରେ ସେହିପରି ସ୍ପଷ୍ଟ ଭାବରେହିଁ ଆପଣାର କାର୍ଯ୍ୟ କରୁଥିଲା ।

ଅନ୍ୟାନ୍ୟ କ୍ଷେତ୍ରରେ, ଯଦି ଶରୀର ମଧ୍ୟରେ ଆଦୌ କୌଣସି ଗ୍ରହଣଶୀଳତା ନଥାଏ ବା ତାହାର ଗ୍ରହଣଶୀଳତା ଯଦି ମୋଟେ ଯଥେଷ୍ଟ ହୋଇ ନଥାଏ, ତେବେ ଅସୁସ୍ଥତାଟିକୁ ସଂଘଟିତ କରାଇଥିବା ମନୋଭୂମିଗତ ସ୍ଥିତିର ଅନ୍ତର୍ଗତ ଅନୁରୂପତାକୁ ଆଗ ଠାବ କରିନେବାକୁ ହୋଇଥାଏ ଏବଂ ତାହାରି ଉପରେହିଁ କ୍ରିୟା କରିବାକୁ ପଡ଼େ । ମାତ୍ର ଅସୁସ୍ଥତାଟି ପଛରେ ଯଦି କୌଣସି ଦୁର୍ଦ୍ଦମ୍ୟ କାରଣ ରହିଥାଏ, ତେବେ ସେହି କ୍ଷେତ୍ରରେ ଆଦୌ ଖୁବ୍‌ବେଶୀ କରାଯାଇ ପାରେ ନାହିଁ । ମନେ କରାଯାଉ ଯେ ଏକ ପ୍ରାଣିକ ମୂଳକାରଣରୁ ଅସୁସ୍ଥତାଟି ଜନ୍ମଲାଭ କରିଛି । ପ୍ରାଣ କୌଣସି ପ୍ରକାରେ ବଦଳିବାକୁ ସମ୍ପୂର୍ଣ୍ଣ ନାସ୍ତି କରିଦିଏ, ସିଏ ଯେଉଁ ଅବସ୍ଥାରେ ଥାଏ, ଅତ୍ୟନ୍ତ ଭୟାନକ ଓ ଦୁର୍ଦ୍ଦାନ୍ତ ଭାବରେ ସେଇଟିକୁ କାମୁଡ଼ି ପଡ଼ି ରହିଥାଏ; ଏବଂ ସେହି ପରିସ୍ଥିତିରେ ଆରୋଗ୍ୟର ଆଉ କୌଣସି ଆଶା ନଥାଏ । ତୁମେ ଶକ୍ତିଟିକୁ ନେଇ ସଂକେନ୍ଦ୍ରିତ କରି, ଏବଂ ତାହା ଅସୁସ୍ଥତାଟିକୁ ଆହୁରି ବଢ଼ାଇ ଦେବାରେହିଁ ସାହାଯ୍ୟ କରେ; କୌଣସି କଥାକୁ ଗ୍ରହଣ କରିବାକୁ ଇଚ୍ଛା କରି ନଥିବା ପ୍ରାଣର

'oaob.nitrkl.ac.in' images reprocessed

ପ୍ରତିରୋଧ ହେଉନ୍ତି ଏପରି ଘଟିଥାଏ । ଏଠାରେ ମୁଁ ପ୍ରାଣିକ କ୍ଷେତ୍ରର କଥାହିଁ କହୁଛି, ମାତ୍ର ମନ ବା ଅନ୍ୟ କାହାରି କ୍ଷେତ୍ରରେ ମଧ୍ୟ ଠିକ୍ ଏହିପରି ଘଟିପାରେ ।

ଯେତେବେଳେ ଶରୀର ଉପରେ ସିଧା କ୍ରିୟା କରି ଯାଉଥାଏ, ଅର୍ଥାତ୍, ଶରୀର ରୋଗଗ୍ରସ୍ତ ହୋଇ ପଡ଼ିଥିବା ସେହି ଅଂଶଟି ଉପରେ କ୍ରିୟା ହେଉଥାଏ, ସେତେବେଳେ ରୋଗରୁ ଆରୋଗ୍ୟ ଲାଭ କରିବାର ସମ୍ଭାବନା ରହୁଥାଏ; ମାତ୍ର ତା'ପରେ, ଅଳ୍ପ କେତେ ଘଣ୍ଟା ଅଥବା କେତେଦିନ ପରେ ସେହି ରୋଗଟି ପୁଣି ଲେଉଟି ଆସେ । ଏହାର ଅର୍ଥ ହେଉଛି ଯେ ଅସଲ କାରଣଟି ଆଦୌ ବଦଳି ନାହିଁ, ଅସଲ କାରଣଟି ପ୍ରାଣିକ ସ୍ତରରେ ରହିଛି ଓ ଏବେ ମଧ୍ୟ ସେହିପରି ଅପରିବର୍ତ୍ତିତ ହୋଇ ରହିଛି । କେବଳ ତା'ର ବାହ୍ୟ ପରିଣାମଟିକୁ ଆରୋଗ୍ୟ କରି ଦିଆଯାଇଛି । ମାତ୍ର ଯଦି ଯୁଗପତ୍ ଭାବରେ କାରଣ ଏବଂ ପରିଣାମ ଉଭୟ ଉପରେ କ୍ରିୟା କରାଯାଇ ପାରେ ଏବଂ ପରିବର୍ତ୍ତନ ଲାଗି ସମ୍ମତି ଦେବା ପାଇଁ ଯଦି କାରଣଟି ମଧ୍ୟରେ ଯଥେଷ୍ଟ ଗ୍ରହଣଶୀଳତା ରହୁଥାଏ, ତେବେ ଅସୁସ୍ଥତାଟି ସମ୍ପୂର୍ଣ୍ଣ ଭାବରେ ଏକାଥରକେ ଭଲ ହୋଇଯାଏ ।

ଥରେ ମୁଁ ଏକ ଅସୁସ୍ଥତା ଭୋଗିଲି, ଯାହାକୁ କି ପ୍ରାୟ ଏକ ଅନୁଭୂତି ବୋଲିହିଁ କୁହାଯାଇ ପାରିବ । ମୁଁ ମୋ ଈର୍ଷାଭାବଟିକୁ ଛାଡ଼ିବା ଲାଗି ଇଚ୍ଛା କରୁଥିଲି । ରାତିଯାକ ମୁଁ ଅତ୍ୟନ୍ତ ତୀବ୍ର ଭାବରେ ଏକ ଚାପ ଅନୁଭବ କଲି, ମୋ ଶରୀରପାକ ଗୁରିଆଡ଼େ ଖାଲି ବଥା ହୋଇ ଯାଇଥାଏ, ସେହି ବଥା ହାଡ଼ଗୁଡ଼ିକୁ ବି ଟାଣିକରି ଧରିଥାଏ । ତହିଁ ଆରଦିନ ସକାଳେ ମୋର ପେଟ ବି କ'ଣ ହେବାକୁ ଲାଗିଲା ଏବଂ ମୋ ଭାଇ ହାତରେ ମୁଁ ଆପଣଙ୍କ ପାଖକୁ ଖବର ପଠାଇଲି । ଆପଣ ତାକୁ କହିଲେ ଯେ ଯଦି ମୁଁ ଅଳ୍ପ କେତେଘଣ୍ଟା ମଧ୍ୟରେ ଆରୋଗ୍ୟ ଲାଭ ନକରେ, ତେବେ ଆପଣ ଡାକ୍ତରଙ୍କୁ ମୋ ପାଖକୁ ପଠାଇବେ । ମୋ ଭାଇ ଯେ ଆପଣଙ୍କୁ ଯାଇ ଭେଟିଥିଲା ଏବଂ ଆପଣ ତାକୁ ଯାହାସବୁ କହିଥିଲେ, ସିଏ ସେକଥା ମୋତେ କହିବାକୁ ଏକାବେଳେକେ ଭୁଲିଗଲା । ମାତ୍ର ମୁଁ ପରେ ଜାଣିବାକୁ ପାଇଲି ଯେ ଆପଣ ଯେତେବେଳେ ତା' ସହିତ କଥାବାର୍ତ୍ତା ହୋଇଥିଲେ, ଠିକ୍ ସେତିକବେଳେ, ସେହି ମୁହୂର୍ତ୍ତରେହିଁ ମୋର ସବୁ ଅସୁସ୍ଥତା ଦୂର ହୋଇ ଯାଇଥିଲା ।

'oaob.nitrkl.ac.in' images reprocessed

ହଁ, ମୁଁ ସବୁ କଥା ଜାଣିଥିଲି !

## ଶରୀରର ଗ୍ରହଣଶୀଳତାକୁ ବଢ଼ାଇବାର ଉପାୟ କ'ଣ ?

ଶରୀରର କେଉଁ ଅଂଶରେ ଅସୁସ୍ଥତା ହୋଇଛି, ସେକଥାଟି ତାହାର ଉପରେ ନିର୍ଭର କରିବ । ସତ୍ତାର ସକଳ ଅଂଶର କ୍ଷେତ୍ରରେ ପ୍ରାୟ ସେହି ଗୋଟିଏ ପ୍ରକାରର ପ୍ରଣାଳୀ ଅବଲମ୍ବନ କରାଯାଇଥାଏ । ପ୍ରଥମରୁହିଁ ପ୍ରଥମ ସର୍ତ୍ତଟି ହେଉଛି ଯେ ଯଥାସମ୍ଭବ ନିଶ୍ଚଳ ହୋଇ ରହିବାକୁ ପଡ଼ିବ । ତୁମେ ଲକ୍ଷ୍ୟ କରି ଦେଖିଥିବ ଯେ, ତୁମ ସତ୍ତାର ବିଭିନ୍ନ ଅଂଶରେ, ଯେତେବେଳେ ତୁମ ଲାଗି ଉଦ୍ଦିଷ୍ଟ ହୋଇ କିଛି ଆସୁଥାଏ ଓ ତୁମେ ତାକୁ ଗ୍ରହଣ କରି ପାରୁ ନଥାଅ, ତାହା ଫଳରେ ଏକ ପ୍ରକାରର ସଙ୍କୁଚନ ଘଟିଥାଏ—ପ୍ରାଣିକ ସ୍ତରରେ କିଛି ନା କିଛି ସତେଯେପରି କଠିନ ହୋଇଯାଏ, ଅଥବା ମନରେ ବା ଶରୀରରେ କେଉଁଠି ଏକ କାଠିନ୍ୟ ସଂଘଟିତ ହୁଏ । କୌଣସି ସ୍ଥାନରେ ଏକ କାଠିନ୍ୟ ଘଟେ ଏବଂ ତାହା ପୀଡ଼ା ଦେବାକୁ ଲାଗେ; ମନର ସ୍ତରରେ, ପ୍ରାଣର ସ୍ତରରେ ଅଥବା ଶରୀରରେ ପୀଡ଼ା ଜାତ ହୁଏ । ତେଣୁ ପ୍ରଥମ କଥାଟି ହେଉଛି ଯେ ଆପଣାର ଇଚ୍ଛାଶକ୍ତିକୁ ସଂକେନ୍ଦ୍ରିତ କରି ଏହି ସଙ୍କୁଚନଟିରେ ଏକ ଶ୍ଳଥନ ଘଟାଇବାକୁ ପଡ଼ିବ; କୌଣସି ଶିରା ମୋଡ଼ି ହୋଇଗଲେ ଅଥବା ମାଂସପେଶୀ ଟାଣି ହୋଇ ରହିଥିଲେ ସାଧାରଣତଃ ଯେପରି କରାଯାଏ, ଠିକ୍ ସେହିପରି । ଶ୍ଳଥନର ଉପାୟଟି ଅବଶ୍ୟ ଜାଣିଥିବା ଦରକାର, ସତ୍ତାର ଯେଉଁ ଅଂଶଟିରେ ଏହି ସଂଘାତଟି ଘଟିଥାଏ ନା କାହିଁକି, ତାହାର ଉପଶମ କରାଇବାର ଉପାୟଟିକୁ ନିଶ୍ଚୟ ଜାଣିଥିବା ଦରକାର ।

ମନ, ପ୍ରାଣ ବା ଶରୀରର ଭିନ୍ନ ଭିନ୍ନ କ୍ଷେତ୍ରରେ ଏହି ସଙ୍କୁଚନଟିରେ ଶ୍ଳଥନ ଘଟାଇବାର ଉପାୟ ହୁଏତ ଭିନ୍ନ ଭିନ୍ନ ବି ହୋଇପାରେ । ମାତ୍ର ନ୍ୟାୟତଃ ତାହାକୁ ସେହି ଗୋଟିଏ ଉପାୟ ବୋଲି କୁହାଯାଇ ପାରିବ । ଥରେ ସେହି ସଂଘାତ ବା ଉତ୍ତେଜନାଟିରେ ଶ୍ଳଥନ ଆଣାଯାଇ ପାରିଲେ, ତଦ୍ଦ୍ୱାରା ଅପ୍ରୀତିକର ପରିଣାମଟି ଦୂରୀଭୂତ ହୋଇଗଲା କି ନାହିଁ, ତୁମକୁ ପ୍ରଥମେ ସେହି କଥାଟିକୁ ଦେଖିବାକୁ ପଡ଼ିବ । ଯଦି ଦୂର ହୋଇ ଯାଇଥାଏ, ତେବେ ତଦ୍ଦ୍ୱାରା ପ୍ରମାଣିତ ହୋଇଯିବ ଯେ ପ୍ରତିରୋଧଟି କେବଳ ସାମୟିକ ଭାବରେହିଁ ହୋଇଥିଲା । ମାତ୍ର ତଥାପି ଯଦି ଯନ୍ତ୍ରଣା ବନ୍ଦ ନହୋଇଥିବ, ଏବଂ ଯାହା ପ୍ରକୃତରେ ଉପଶମ ଆଣି ଦେବ, ତାହାକୁ ଗ୍ରହଣ କରି ପାରିବା ଲାଗି ଗ୍ରହଣଶୀଳତାରେ ବୃଦ୍ଧି କରିବା ଯଦି ପ୍ରକୃତରେ ଆବଶ୍ୟକ ହେଉଥାଏ, ତେବେ, ସଙ୍କୁଚନଟିରେ ଆବଶ୍ୟକ ଶ୍ଳଥନ ଘଟାଇ ସାରିବା ପରେ ଆପଣାକୁ ଯଥାସମ୍ଭବ ଅଧିକ ପ୍ରଶସ୍ତ କରିଦେବା ଲାଗି ଏକ ପ୍ରୟାସ ଆରମ୍ଭ କରିବାକୁ

'oaob.nitrkl.ac.in' images reprocessed

ହେବ,—ଯେତେଯେପରି ତୁମେ ନିଜକୁ ପ୍ରଶସ୍ତ କରିଦେଉଛ, ସେହିପରି ଅନୁଭବ କରିବାକୁ ହେବ । ଏହା କରିବା ଲାଗି ଅନେକ ପଦ୍ଧତି ଅଛି । ଅନେକେ ଏପରି ଏକ କଳ୍ପନା କରି ବେଶ୍ ଉପକାର ପାଆନ୍ତି ଯେ ସେମାନେ ପିଠିତଳେ ଖଣ୍ଡେ ପଟା ଦେଇ ପାଣି ଉପରେ ଭାସିବାରେ ଲାଗିଛନ୍ତି । ତା'ପରେ ସେମାନେ ନିଜକୁ ପ୍ରଶସ୍ତ କରିଦେବାକୁ ଆରମ୍ଭ କରନ୍ତି, ଅଧିକରୁ ଅଧିକ ପ୍ରଶସ୍ତ କରିବାରେ ଲାଗିଆନ୍ତି ଏବଂ ଶେଷରେ ସତେଅବା ଏକ ତରଳ ବସ୍ତୁରେହିଁ ପରିଣତ ହୋଇଯାନ୍ତି । ଆଉରି ଅନେକେ ଅଛନ୍ତି, ଯେଉଁମାନେ କି ଆପଣାକୁ ଆକାଶ ଅଥବା ତାରାମାନଙ୍କ ସହିତ ଏକାତ୍ମକ ହୋଇ ରହିବାକୁ ଚେଷ୍ଟା କରନ୍ତି, ତେଣୁ ଏହିପରି ଭାବରେ ଆପଣାକୁ ଅଧିକରୁ ଅଧିକ ପ୍ରଶସ୍ତ କରିବାରେ ଲାଗିଆନ୍ତି । ଆକାଶ ସହିତ ଆପଣାକୁ ଅଧିକରୁ ଅଧିକ ପରିମାଣରେ ଏକାତ୍ମକ କରି ରଖିବାକୁ ଚେଷ୍ଟା କରି ସେମାନେ ଏହା କରୁଥାନ୍ତି । ଆଉ ଅନ୍ୟମାନେ ଅଛନ୍ତି, ଯେଉଁମାନଙ୍କର କି ଏସବୁ ଛବିର କୌଣସି ଆବଶ୍ୟକତା ନଥାଏ; ସେମାନେ ଆପଣାର ଚେତନା ବିଷୟରେ ସଚେତନ ହୋଇ ପାରନ୍ତି, ଆପଣାର ଚେତନାକୁ ଅଧିକରୁ ଅଧିକ ସମ୍ପ୍ରସାରିତ କରିଦେବାରେ ଲାଗିଆନ୍ତି ଓ ଚେତନା ପ୍ରାୟ ଏକ ଅସୀମ ଚେତନାରେ ପରିଣତ ହେବାଯାଏ ତାହା କରୁଥାନ୍ତି । ଚେତନାକୁ ଏହିପରି ଭାବରେ ବଢ଼ାଇବାକୁ ପଡ଼େ, ଯେପରିକି ତାହା କ୍ରମେ ପୃଥିବୀ ପରି ଓ ଏପରିକି ଏହି ବିଶ୍ୱବ୍ରହ୍ମାଣ୍ଡ ପରି ମଧ୍ୟ ବ୍ୟାପ୍ତ ହେବାକୁ ଲାଗେ । ଏପରି କଲାବେଳେ ଜଣେ ପ୍ରକୃତରେ ଗ୍ରହଣଶୀଳ ହୋଇଯାଏ । ମୁଁ ଆଗରୁ ଯେପରି କହିଛି, ଏହା ହେଉଛି ଏକ ତାଲିମର ବିଷୟ, ଅଭ୍ୟାସର ବିଷୟ । ସେକଥା ଯାହା ହୋଇଥାଉ ପଛକେ, ଏକ ତାତ୍କାଳିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଯେତେବେଳେ କେଉଁଠାରୁ କିଛି ଆସି ପହଞ୍ଚିଯାଏ ଏବଂ ତାହା ଅତ୍ୟନ୍ତ ତୀବ୍ର ଓ ବଳଶାଳୀ ପରି ଅନୁଭୂତ ହୁଏ, ସେତେବେଳେ ଶିରଃପୀଡ଼ା ଜାତ ହୁଏ, ଅସହ୍ୟ ଶିରଃପୀଡ଼ା ଜାତ ହୁଏ । ସେତେବେଳେ ମଧ୍ୟ ସେହି ଏକା ଉପାୟଟିକୁ କରିବାକୁ ପଡ଼େ, ଘଟିଥିବା ସଙ୍କୁଚନଟି ଉପରେହିଁ କ୍ରିୟା କରିବାକୁ ପଡ଼େ । ଭାବନାର ମଧ୍ୟଦେଇ ଏହି କ୍ରିୟା କରାଯାଇପାରେ, ଏହିପରି ଭାବରେ ଶାନ୍ତି ଓ ନିଶ୍ଚଳତାର ଆବାହନ କରାଯାଇ ପାରେ (ଶାନ୍ତିର ଅନୁଭୂତିହିଁ ଅନେକ ଅସ୍ୱସ୍ତି ଓ ଅସୁବିଧାକୁ ଦୂର କରି ନେଇଯାଏ) : "ଶାନ୍ତି, ଶାନ୍ତି, ଶାନ୍ତି,...ନିଶ୍ଚଳତା...ସ୍ଥିରତା ।" ଏହିପରି ଭାବରେ ଅନେକ ପ୍ରକାରର ବେଦନା ଅନ୍ତର୍ହିତ ହୋଇ ଯାଇପାରେ; ତାଳୁରେ ଏହିସବୁ ସଙ୍କୁଚନ ଘଟିବାଭଳି ଅନେକ ବେଦନା, ଯାହାକି ଭୟଙ୍କର ଅପ୍ରୀତିକର ଲାଗେ, ବେଳେବେଳେ ବାନ୍ତି ମାଡ଼େ, ନିଃଶ୍ୱାସ ବନ୍ଦ ହେଲା ପରି ବୋଧ ହୁଏ, ଆଉ ନିଃଶ୍ୱାସ ମାରି ହେବ ନାହିଁ ବୋଲି ଲାଗୁଥାଏ—ଏହି ସବୁକିଛି ଅନ୍ତର୍ହିତ ହୋଇ ଯାଇପାରେ । ଏହି କ୍ଷେତ୍ରରେ ସ୍ନାୟୁମଣ୍ଡଳଟିହିଁ ଆକ୍ରାନ୍ତ ହୋଇ ପଡ଼ିଥାଏ, ସ୍ନାୟୁମଣ୍ଡଳ ଭାରି

'oaob.nitrkl.ac.in' images reprocessed

ସହଜରେ ଆକ୍ରାନ୍ତ ହୋଇପଡ଼େ । ଯେତେବେଳେ ଏପରି କିଛି ଘଟେ, ଯାହାକି ତାକୁ ଧରିନେଇଥିଲା ପରି ମନେ ହୁଏ, ସେତେବେଳେ ତୁମକୁ "ଶାନ୍ତ···ସ୍ଥିର··· ସ୍ଥିର" ବୋଲି କହିବାକୁ ପଡ଼ିବ, ଉତ୍ତେଜନାଟି ଦୂରୀଭୂତ ହୋଇଯିବା ପର୍ଯ୍ୟନ୍ତ ଅଧିକରୁ ଅଧିକ ପରିମାଣରେ ସ୍ଥିର ହୋଇ ଆସିବାକୁ ଚେଷ୍ଟା କରୁଥିବ ।

ଭାବନାର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଉଦାହରଣସ୍ୱରୂପ, ତୁମେ ହୁଏତ କିଛି ପଢ଼ୁଛ ଓ ଏପରି ଗୋଟାଏ କ'ଣ ପଢ଼ିବାକୁ ଆରମ୍ଭ କରୁଛ, ଯାହାର ଅର୍ଥ ତୁମେ ମୋଟେ ବୁଝି ପାରୁ ନାହିଁ । ଏହା ତୁମ ବୋଧଶକ୍ତିର ବାହାରେ ଥିବା ପରି ଲାଗୁଛି, ତୁମେ କିଛି ବୁଝି ପାରୁ ନାହିଁ ଓ ସେଇଟି ତୁମର ମୁଣ୍ଡ ଭିତରେ ସତେଅବା ଖଣ୍ଡେ ଇଟା ପରି ଭାରି ହୋଇ ରହିଲା ପରି ମନେହେଉଛି । ଏବଂ ତୁମେ ତାହାକୁ ବୁଝିବା ଲାଗି ଯେତିକି ଅଧିକ ଚେଷ୍ଟା କରୁଛ, ତୁମକୁ ତାହା ସେତିକି ଅଧିକ ପରିମାଣରେ ଇଟା ଖଣ୍ଡେ ପରି ମନେହେଉଛି । ସତେଅବା କେଉଁଠି କ'ଣ କଠିନ ହୋଇ ଯାଇଥିବା ପରି ମନେହେଉଛି । ଏବଂ ଯଦି ତୁମେ ତଥାପି ବୁଝିବା ଲାଗି ଚେଷ୍ଟା କରୁଛ, ତେବେ ତୁମର ମୁଣ୍ଡ ବଥାଇଗଲା ପରି ମନେହେଉଛି । ଏହି ଅବସ୍ଥାରେ ତୁମର କେବଳ ଗୋଟିଏ କର୍ତ୍ତବ୍ୟ ରହିଛି : ଶବ୍ଦଗୁଡ଼ାକ ସହିତ ତୁମେ ଆଦୌ କୌଣସି ଲଢ଼େଇ କରିବାକୁ ଯିବ ନାହିଁ, ଠିକ୍ ଏହିପରି (ମାଆ ନିଜେ ସେହି ଭଙ୍ଗୀ କରି ଦେଖାଇଦେଲେ : ଲମ୍ବ ହୋଇଯିବ, ସ୍ଥିର ହୋଇଯିବ) ହୋଇ ରହିଥିବ, ଏକ ଶ୍ଲଥନର ସୃଷ୍ଟି କରି ଆଣିବ, ତା'ପରେ କେବଳ ପ୍ରଶସ୍ତ ହେବ, ପ୍ରଶସ୍ତ ହୋଇ ଯାଉଥିବ, ଆହୁରି ଅଧିକ ପ୍ରଶସ୍ତ ହେଉଥିବ । ଏବଂ, ବୁଝିବା ଲାଗି କୌଣସି ଚେଷ୍ଟା କରୁ ନଥିବ, ସେଥିଲାଗି ଆଦୌ କୌଣସି ଚେଷ୍ଟା କରିବ ନାହିଁ, ସେଇଟି ହେଉଛି ସବୁଠାରୁ ବଡ଼ କଥା । ତୁମେ ସେଇଟିକୁ ସେହିପରି ଭାବରେହିଁ ପ୍ରବେଶ କରିବାକୁ ବାଟ ଛାଡ଼ିଦେବ, ଭାରି ଧୀରେ ଧୀରେ ବାଟ ଛାଡ଼ିଦେବ,—ଏକ ଶ୍ଲଥନ ଘଟାଇବ, ଆହୁରି ଶ୍ଲଥନ ଘଟାଇବ ଏବଂ ଏହି ଶ୍ଲଥନର ପ୍ରକ୍ରିୟାରେହିଁ ତୁମର ମୁଣ୍ଡବଥା କୁଆଡ଼େ ଦୂର ହୋଇଯିବ । ତୁମେ ଆଉ କିଛିହେଲେ ଭାବୁ ନଥିବ; ତୁମେ ଅଳ୍ପ କେତେ ଦିନ ଅପେକ୍ଷା କରିବ ଏବଂ କିଛିଦିନ ଗତ ହୋଇଗଲା ପରେ ତୁମେ ଭିତରକୁ ଅନାଇ ଦେଖିବ : "ଆରେ, ଏଇଟା ପ୍ରକୃତରେ କେଡ଼େ ପରିଷ୍କାର ହୋଇ ସେଠି ରହିଥିଲା ! ଯାହା ମୁଁ ସେତେବେଳେ ବୁଝି ନଥିଲି, ବର୍ତ୍ତମାନ ଯାଇ ବୁଝିଲି ।" ଏଇଟି ପ୍ରକୃତରେ ଠିକ୍ ଏହିପରି ସହଜ । ଯେତେବେଳେ ତୁମେ ଏପରି ଗୋଟିଏ ବହି ପଢ଼ୁଛ, ଯାହାକି ତୁମ ବୋଧର ସୀମା ବାହାରେ ରହିଛି, ଯେତେବେଳେ ଏପରି ବାକ୍ୟମାନ ଆସି ପହଞ୍ଚି ଯାଉଛି, ଯାହାକୁକି ତୁମେ ମୋଟେ ବୁଝି ପାରୁ ନାହିଁ,—ମୁଣ୍ଡ ଭିତରେ ସତେଅବା ତାହାର ଆଦୌ କୌଣସି ଅନୁସଙ୍ଗତି ରହୁଛି ବୋଲି ମୋଟେ ମନେ ହୁଏ ନାହିଁ,—ସେତେବେଳେ ତୁମକୁ ଏହିପରି

'oaob.nitrkl.ac.in' images reprocessed

କରିବାକୁ ପଡ଼ିବ : ସେହି ବିଷୟଟିକୁ ତୁମେ ଥରେ, ଦୁଇଥର, ତିନିଥର ପଢ଼ିବ, ତା'ପରେ ସ୍ଥିର ହୋଇ ରହିବ ଏବଂ ମନକୁ ନୀରବ କରି ଆଣିବ । ପ୍ରାୟ ପନ୍ଦର ଦିନ ପରେ, ତୁମେ ସେହି ପାଠାଂଶଟିକୁ ଆଉଥରେ ପଢ଼ି ବସିବ, ଏବଂ ସେତେବେଳେ ତାହା ତୁମ ଲାଗି ଦିବାଲୋକ ପରି ସ୍ପଷ୍ଟ ହୋଇଯିବ । ସେତେବେଳକୁ ମୁଣ୍ଡ ଭିତରେ ସବୁକିଛି ସୁସଂଗଠିତ ହୋଇ ଯାଇଥିବ, ବାକ୍ୟଟିକୁ ବୁଝିବା ଲାଗି ଆବଶ୍ୟକ ମସ୍ତିଷ୍କଗତ ଯେଉଁସବୁ ଉପାଦାନର ଅଭାବ ରହିଛି ବୋଲି ଆଗରୁ ମନେ ହେଉଥିଲା, ସେଗୁଡ଼ିକ ଗଠିତ ହୋଇ ଆସିଥିବା ପରି ଲାଗିବ, ସବୁକିଛି ଧୀରେ ଧୀରେ ସମ୍ପନ୍ନ ହୋଇ ଯାଇଥିବ ଏବଂ ସବୁ ବୋଧଗମ୍ୟ ହୋଇଯିବ । ଏପରି ଅନେକ ବ୍ୟକ୍ତିଙ୍କୁ ମୁଁ ଜାଣେ, ଯେଉଁମାନେକି, ମୁଁ ସେମାନଙ୍କୁ କୌଣସି କଥା କହିବା ସମୟରେ, ଖାଲି ଯୁକ୍ତିତର୍କ କରୁଥିଲେ—ସେମାନେ ପ୍ରକୃତରେ କିଛିହେଲେ ବୁଝି ପାରୁ ନଥିଲେ । ସେମାନେ ନିଜର ମନଟା ଭିତରେ ବନ୍ଦୀହୋଇ ରହିଥିଲେ, ଏବଂ ମନ ସେହି ଭାବନାଟିକୁ ଆଦୌ ଧରି ପାରୁ ନଥିଲା,—ଭାବନାଟିକୁ ବାହାରକୁ ଫୋପାଡ଼ି ଦେଉଥିଲା, ଅତ୍ୟନ୍ତ ତୀବ୍ର ଭାବରେ ସେଇଟିକୁ ଅସ୍ୱୀକାର କରିବାରେ ଲାଗିଥିଲା । ତୁମେ ତାହାକୁ କୌଣସି କଥା କହୁଛ, ସେବିଷୟରେ ଆଉ ଅଧିକ କିଛିହେଲେ ଜିଦ୍ କରିବ ନାହିଁ । ତୁମେ ଥରେ କଥାଟିକୁ କହିସାରିଛ, ତାହାହିଁ ଯଥେଷ୍ଟ । ଦରକାର ପଡ଼ିଲେ ଦ୍ୱିତୀୟ ଥର ପାଇଁ ବି ସେହି କଥାଟିକୁ କହିପାର, ମାତ୍ର ସେବିଷୟରେ କଦାପି କୌଣସି ଜିଦ୍ ଦେଖାଇବ ନାହିଁ । ସପ୍ତାହକ ପରେ, ମାସକ ପରେ ଠିକ୍ ସେହି ଲୋକମାନେହିଁ ତୁମ ପାଖକୁ ଆସିବେ, ଏବଂ ଅତ୍ୟନ୍ତ ହୃଦ୍‌ବୋଧର ସହିତ ତୁମକୁ କହିବେ, "ମାତ୍ର, ବିଷୟଗୁଡ଼ିକ ପ୍ରକୃତରେ ସେହିପରି; ତୁମେ ସିନା ବୁଝି ପାରୁ ନାହଁ, ମାତ୍ର ବସ୍ତୁଗୁଡ଼ିକ ପ୍ରକୃତରେ ସେହିପରି ।" ତୁମେ ଜାଣିବ ଯେ ଠିକ୍ ଏହି କଥାହିଁ ତୁମେ ସେମାନଙ୍କୁ କହିଥିଲ । ମାତ୍ର ସେମାନେ ତୁମକୁ କହୁଥିବେ, "ଏବିଷୟରେ ମୁଁ ଭାବିଲି, ବର୍ତ୍ତମାନ ଯାଇ ଜାଣିଲି, କଥାଟି ହେଉଛି ଏହିପରି, ପ୍ରକୃତରେ ଏହିପରି ।" "କିନ୍ତୁ ଆପଣମାନଙ୍କୁ ତ ମୁଁ ଠିକ୍ ଏହି କଥା କହିଥିଲି" ଯଦି ତୁମେ ଦୁର୍ଭାଗ୍ୟବଶତଃ ସେମାନଙ୍କୁ କହି ପକାଇବ, ତେବେ ସେମାନେ ଏଡ଼େବଡ଼ ମୁହଁ କରିବାକୁ ଲାଗିବେ । ଏବଂ ତା'ପରେ ଆଉ କଦାପି କିଛିହେଲେ ବୁଝିବେ ନାହିଁ ।

ସୂକ୍ଷ୍ମ ଦେହଟିର ମଧ୍ୟଦେଇ ଅସୁସ୍ଥତାମାନେ ଭିତରକୁ ପ୍ରବେଶ କରନ୍ତି, ନୁହେଁ କି ? ସେମାନଙ୍କୁ ଅଟକାଇବା ସମ୍ଭବ ହେବ କିପରି ?

'oaob.nitrkl.ac.in' images reprocessed

ହଁ, ହଁ,—ଠିକଣା ପ୍ରଶ୍ନଟିଏ ପଚରା ଯାଇଛି । ଯଦି ଆମେ ଗ୍ରହଣଶୀଳ ହୋଇଥିବା, ଖୁବ୍ ଗ୍ରହଣଶୀଳ ହୋଇଥିବା—ତେବେ, ସେମାନେ ଯେଉଁ ମୁହୂର୍ତ୍ତରେ ସୂକ୍ଷ୍ମ ଶରୀରଟିକୁ ଆସି ସ୍ପର୍ଶ କରିବେ ଓ ତା' ଭିତରଦେଇ ଯିବା ଲାଗି ଚେଷ୍ଟା କରିବେ, ଆମେ ସେହି କଥାଟିକୁ ଅନୁଭବ କରିପାରିବା । ଏଥିରେ କୌଣସି ବସ୍ତୁ ଆସି ଶରୀରକୁ ସ୍ପର୍ଶ କଲା ପରି ଲାଗିବ ନାହିଁ, କେବଳ ଗୋଟାଏ ପ୍ରକାରର ଅନୁଭବ କଲା ପରି ମନେ ହେବ । ଯଦି ସେହି ମୁହୂର୍ତ୍ତରେ ସେଇ ବିଷୟଟି ତୁମର ଗୋଚର ହୋଇ ପାରିବ, ତେବେ ତୁମ ଭିତରେ "ନାହିଁ" ବୋଲି କହିବାକୁ ତଥାପି ଶକ୍ତି ରହିଥିବ ଏବଂ ତା'ପରେ ସେଇଟି ବୁଲି ମଧ୍ୟ ଯାଇପାରିବ । ମାତ୍ର ସେଥିଲାଗି ପ୍ରକୃତରେ ଅତ୍ୟନ୍ତ ଗ୍ରହଣଶୀଳ ହେବା ଦରକାର ପଡ଼ିବ । ଅବଶ୍ୟ ଏକଥା ସତ ଯେ ଏହି କଥାଟି କ୍ରମବିକଶିତ ହୋଇ ଆସିଥାଏ । ଇଚ୍ଛାଶକ୍ତି ଦ୍ୱାରା ଏଗୁଡ଼ିକର ଧାରାବାହିକ ବିକାଶସାଧନ କରାଯାଇ ପାରିବ । ଏହି ଆବରଣଟି ବିଷୟରେ ତୁମେ ବେଶ୍ ସଚେତନ ହୋଇ ପାରିବ, ଏବଂ ସେହି ଶକ୍ତିଟିକୁ ଯଥେଷ୍ଟ ପରିମାଣରେ ବିକଶିତ କରି ଆଣି ପାରିଲେ, ତୁମକୁ ହୁଏତ ଅନାଇବାକୁ କିଂବା ନିରୀକ୍ଷଣ କରିବାକୁ ବି ପଡ଼ିବ ନାହିଁ, କୌଣସି ଗୋଟିଏ ପଦାର୍ଥ ତୁମକୁ ଆସି ସ୍ପର୍ଶ କଲା ବୋଲି ତୁମେ ବେଶ୍ ଅନୁଭବ କରି ପାରିବ । ମୁଁ ଏହି ବିଷୟରେ ତୁମମାନଙ୍କୁ ଗୋଟିଏ ଉଦାହରଣ ଦେବି, ଏପରି ଉଦାହରଣ ଅନେକ ସଂଖ୍ୟାରେ ରହିଛି ।

ଜନୈକ ବ୍ୟକ୍ତି ଅନ୍ତରସ୍ଥ ପରମ ଭଗବତ୍ ସତ୍ତା ସହିତ ଏକ ସତତ ଏବଂ ସଚେତନ ସମ୍ପର୍କର ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରୁଥିଲେ । ସମ୍ପୂର୍ଣ୍ଣ ଭାବରେ ସତତ ଏବଂ ସଚେତନ ଏକ ସମ୍ପର୍କ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରୁଥିଲେ; କେବଳ ଚୈତ୍ୟ ସତ୍ତା ସହିତ ନୁହେଁ, ମାତ୍ର ଚୈତ୍ୟ ସତ୍ତା ମଧ୍ୟରେ ରହିଥିବା ଦିବ୍ୟ ପରମ ସାନ୍ନିଧ୍ୟଟି ସହିତ ଏକ ସତତ ଓ ସଚେତନ ସମ୍ପର୍କ ପ୍ରତିଷ୍ଠିତ କରି ରଖିବା ଲାଗି ଚେଷ୍ଟା କରୁଥିଲେ । ଏବଂ, ସିଏ କେବଳ ଏହିପରି ହେବେ ବୋଲି ନିଷ୍ପତ୍ତି କରି ନେଇଥିଲେ, ଆଉ କୌଣସି କିଛିର ସହିତ ମଧ୍ୟ ନିଜକୁ ବ୍ୟାପୃତ କରି ରଖିବେ ନାହିଁ, ଅର୍ଥାତ୍, ସେ ଯାହାକିଛି କରିବେ, ତାଙ୍କର ସଂକେନ୍ଦ୍ରଣ ଏହାରି ଉପରେ ରହିବ ବୋଲି ନିଷ୍ପତ୍ତି କରି ନେଇଥିଲେ । ଏପରିକି ସେ ଯେତେବେଳେ ରାସ୍ତା ଉପରେ ବୁଲି ବି ବାହାରିଥିବେ, ସେତେବେଳେ ମଧ୍ୟ ତାଙ୍କର ସଂକେନ୍ଦ୍ରଣ କେବଳ ତାହାରି ଉପରେ ରହିବ ବୋଲି ନିଷ୍ପତ୍ତି କରି ନେଇଥିଲେ । ସିଏ ଯେଉଁ ବୃହତ୍ ସହରଟିରେ ବାସ କରୁଥିଲେ, ସେଥିରେ ରାସ୍ତା ଉପରେ ସର୍ବଦା ବହୁସଂଖ୍ୟକ ଲୋକଙ୍କର ଯାତାୟାତ ଲାଗି ରହିଥିଲା । ବସ୍ ଓ ଟ୍ରାମ୍ ପ୍ରଭୃତି କେତେ କଅଣ ଯା'ଆସ କରୁଥିଲେ ଏବଂ ରାସ୍ତା ସେପାଖକୁ ପାରିହୋଇ ଯିବା ଲାଗି ମଧ୍ୟ ଖୁବ୍ ସାବଧାନ ରହିବାକୁ ପଡ଼ୁଥିଲା, ଖୁବ୍ ସତର୍କ ଓ ମନୋଯୋଗୀ ହୋଇ ରହିବାକୁ

'oaob.nitrkl.ac.in' images reprocessed

ପଡ଼ୁଥିଲା, ନହେଲେ କେତେବେଳେ କ'ଣ ଆସି ମାଡ଼ିଦେଇ ଯିବାର ଆଶଙ୍କା ରହିଥିଲା । ମାତ୍ର ଆପଣାର ସଂକେନ୍ଦ୍ରଣ ମଧ୍ୟରୁ କଦାପି ବାହାରି ନଆସିବାକୁ ସେହି ଭଦ୍ରମହିଳା ସଂକଳ୍ପ କରି ନେଇଥିଲେ । ଦିନେ ସେ ସହରର ଗୋଟିଏ ଖୁବ୍ ବଡ଼ ରାସ୍ତାକୁ ପାର ହେଉଥିଲେ; ରାସ୍ତାରେ କେତେ ବସ୍ ଓ ଟ୍ରାମ୍ ଯିବାଆସିବା କରିବା ସତ୍ତ୍ୱେ ବି ସେ ଗଭୀର ଭାବରେ ଆପଣା ସଂକେନ୍ଦ୍ରଣ ମଧ୍ୟରେ ନିମଗ୍ନ ହୋଇ ରହିଥିଲେ, ତାଙ୍କର ଅନ୍ତର୍ଗତ ଅନ୍ୱେଷଣଟି ତଥାପି ଅବିଚ୍ଛିନ୍ନ ହୋଇ ରହିଥିଲା । ହଠାତ୍ ସିଏ ପ୍ରାୟ ହାତେ ଦୂରରେ ଗୋଟିଏ ଧକ୍କାଟିଏ ବାଜିଲା ପରି ଅନୁଭବ କଲେ; ସିଏ ପଛକୁ ଡେଇଁ ପଡ଼ିଲେ ଏବଂ ଗୋଟିଏ କାର୍ ଠିକ୍ ତାଙ୍କର ପାଖଦେଇ ଆଗକୁ ଚାଲିଗଲା । ଯଦି ସେ ପଛକୁ ଡେଇଁପଡ଼ି ନଥାନ୍ତେ, ତେବେ କାର୍‌ଟି ତାଙ୍କୁ ନିଶ୍ଚୟ ମାଡ଼ିଦେଇ ଚାଲି ଯାଇଥାନ୍ତା… । ଏଇଟା ଗୋଟାଏ ଅତିଶୟତାପୂର୍ଣ୍ଣ ଦୃଷ୍ଟାନ୍ତ ପରି ନିଶ୍ଚୟ ଲାଗୁଥିବ, ମାତ୍ର ଏତେଦୂର ପର୍ଯ୍ୟନ୍ତ ନଯାଇ ମଧ୍ୟ ଆମେ ଖୁବ୍ ସହଜରେ ଗୋଟିଏ ପ୍ରକାରର କମ୍ପିତ ଅସ୍ୱସ୍ତି ବେଶ୍ ଅନୁଭବ କରି ପାରିବା (ଏଇଟି କେବେହେଲେ ଏକ ଉଗ୍ର ଶକ୍ତିମତ୍ତା ସହିତ ଆଦୌ ଘଟେ ନାହିଁ), କୌଣସି ଆଡ଼ୁ ଏକ କ୍ଷୁଦ୍ର ଅସ୍ୱସ୍ତିଭାବ ଆମର ସନ୍ନିକଟ ହୋଇ ଆସୁଥିବାର ଅନୁଭବ କରି ପାରିବା; ସମ୍ମୁଖରୁ, ପଛରୁ, ଉପରୁ ଅଥବା ତଳୁ ଆସୁଥିବାର ଅନୁଭବ କରି ପାରିବା । ଯଦି ସେହି ମୁହୂର୍ତ୍ତରେ ତୁମେ ଯଥେଷ୍ଟ ପରିମାଣରେ ଜାଗ୍ରତ ହୋଇ ରହିଥିବ, ତେବେ, ସଚେତଅବା ଯପୃଗେନାସ୍ତି ବଳ ପ୍ରୟୋଗ କଲା ପରି ତୁମେ ସଂସ୍ପର୍ଶଟିକୁ ଛେଦନ କରି ଦେଉଥିବା ପରି "ନାହିଁ" ବୋଲି କହିଦେବ, ଏବଂ ସେଇଟି ସେତିକିରେହିଁ ଶେଷ ହୋଇଯିବ । ସେହି ମୁହୂର୍ତ୍ତରେ ଯଦି ତୁମେ ଜାଗ୍ରତ ନଥିବ, ତେବେ ତା'ର ପରବର୍ତ୍ତୀ ମୁହୂର୍ତ୍ତରେ ବା କେତୋଟି ମୁହୂର୍ତ୍ତ ପରେ ତୁମେ ନିଜ ଭିତରେ ଏକ ଅଦ୍ଭୁତ ଅସ୍ୱସ୍ଥ ଅନୁଭୂତି ଅନୁଭବ କରିବାକୁ ଲାଗିବ, ଯିଠି ଭିତରେ ହଠାତ୍ କ'ଣ ଗୋଟାଏ ଶୀତଳ ହୋଇଗଲା ପରି ବୋଧ ହେବ, ଏକ କ୍ଷୁଦ୍ର ଅସ୍ୱସ୍ତି ଅନୁଭୂତ ହେବ, କୌଣସି ଏକ ସୌଷମ୍ୟହୀନତା ଆରମ୍ଭ ହେଲା ପରି ମନେହେବ । କୌଣସି ନା କୌଣସି ସ୍ଥାନରେ ଏକ ଅବ୍ୟବସ୍ଥା ଅନୁଭୂତ ହେବ, ସାଧାରଣ ସୌଷମ୍ୟାବସ୍ଥାଟି ବ୍ୟାହତ ହୋଇ ପଡ଼ିଥିବା ପରି ଅନୁଭୂତ ହେବ । ସେତେବେଳେ ତୁମକୁ ଆହୁରି ଅଧିକ ଅଭିନିବିଷ୍ଟ ହୋଇ ରହିବାକୁ ପଡ଼ିବ, ଏବଂ ତୁମର ଯେ କେହି କୌଣସି ଅନିଷ୍ଟ କରି ପାରିବେ ନାହିଁ, ସେଥିଲାଗି ଇଚ୍ଛାଶକ୍ତିର ସକଳ ଦୃଢ଼ତାକୁ ଖଟାଇ ସେହି ବିଶ୍ୱାସଟିକୁ ରଖିବାକୁ ପଡ଼ିବ, ତୁମକୁ କେହି କେବେ ସ୍ପର୍ଶ କରି ପାରିବ ନାହିଁ ବୋଲି ବିଶ୍ୱାସ ରଖିବାକୁ ପଡ଼ିବ । ଏତିକି କରିବାହିଁ ଯଥେଷ୍ଟ ହେବ, ଠିକ୍ ସେହି ମୁହୂର୍ତ୍ତରେ ତୁମେ ଅସୁସ୍ଥତାଟିକୁ ଫିଙ୍ଗି ବାହାର କରିଦେଇ ପାରିବ । ମାତ୍ର ବୁଝିରଖ, ତୁମକୁ ସଙ୍ଗେସଙ୍ଗେ ତାହା କରିବାକୁ ହେବ,—ପାଞ୍ଚ ମିନିଟ୍ ବି ଅପେକ୍ଷା କରିବ

'oaob.nitrkl.ac.in' images reprocessed

ନାହିଁ, ସଙ୍ଗେସଙ୍ଗେ କରିବାକୁ ହେବ । ମାତ୍ର ଯଦି ଅତିବେଶୀ ଅପେକ୍ଷା କରି ପକାଇବ ଏବଂ କୌଣସି ଏକ ସ୍ଥାନରେ ପ୍ରକୃତରେ ଏକ ଅସ୍ୱସ୍ତିଭାବ ଅନୁଭବ କରିବାକୁ ଆରମ୍ଭ କରିବ, ଏବଂ ଯଦି ତୁମ ଭିତରେ କେଉଁଠି କିଛି ପ୍ରକୃତରେ ବ୍ୟାହତ ହୋଇ ପଡ଼ୁଥିବା ପରି ଅନୁଭବ କରିବ, ତେବେ ତୁମେ ଟିକିଏ ବସି ପଡ଼ିବ, ଅଭିନିବିଷ୍ଟ ହେବ ଏବଂ ପରମ ଶକ୍ତିଟିକୁ ଆବାହନ କରି ଆଣିବ, ବ୍ୟାହତ ହୋଇ ପଡ଼ୁଥିବା ସ୍ଥାନଟି ଉପରେ ସେହି ଶକ୍ତିକୁ ସଂକେନ୍ଦ୍ରିତ କରି ରଖିବ, ଅର୍ଥାତ୍, ଯେଉଁ ଅଂଶଟି ଅସୁସ୍ଥ ହେବାକୁ ଆରମ୍ଭ କରୁଥିବ, ସେହି ସ୍ଥାନରେ ସଂକେନ୍ଦ୍ରିତ କରି ରଖିବ । ମାତ୍ର ଯଦି ତୁମେ ଆଦୌ କିଛିହେଲେ କରିବ ନାହିଁ, ତେବେ ଏକ ଅସୁସ୍ଥତା ପ୍ରକୃତରେ କୌଣସି ନା କୌଣସି ସ୍ଥାନରେ ରୋପିତ ହୋଇ ରହିଯିବ, ଏବଂ ତୁମେ ଯଥେଷ୍ଟ ପରିମାଣରେ ଜାଗ୍ରତ ହୋଇ ରହି ପାରିଲ ନାହିଁ ବୋଲିହିଁ ଏସବୁ ଘଟିବ । ଏବଂ ପୁନର୍ବାର ଅନୁକୂଳ ମୁହୂର୍ତ୍ତଟିକୁ ଲାଭ କରି ସମସ୍ତ ବ୍ୟାପାରଟି ହାତରୁ ଉଦ୍ଧାର ପାଇବାକୁ ହେଲେ ଅନେକ ସମୟରେ ସମଗ୍ର ବକ୍ରଟିକୁହିଁ ଅନୁସରଣ କରି ଯିବା ଲାଗି ବାଧ୍ୟ ହେବାକୁ ପଡ଼ିବ । ଆଉ କୌଣସି ସ୍ଥାନରେ ମୁଁ କହିସାରିଛି ଯେ ଭୌତିକର ରାଜ୍ୟରେ ସବୁକିଛି ପଦ୍ଧତିରହିଁ ଏକ ସମସ୍ୟା ହୋଇ ରହିଥାଏ,—ଯାହାକିଛି ଉପଲବ୍ଧି କରିବାକୁ ହେଲେ ମଧ୍ୟ ଏକ ପଦ୍ଧତି ଆବଶ୍ୟକ ହୁଏ । ଏବଂ ଯଦି ଅସୁସ୍ଥତାଟି ଭୌତିକ ଶରୀରର ସ୍ତରଟିକୁ ଛୁଇଁବା ଲାଗି ସଫଳ ହୋଇଯାଏ, ତେବେ ସେଥିରୁ ନିଷ୍କୃତି ପାଇବାକୁ ହେଲେ ତୁମର ଯେଉଁ ପଦ୍ଧତିଟିର ଅନୁସରଣ କରିବା କଥା, ତୁମକୁ ସେହି ପଦ୍ଧତିଟିରହିଁ ଅନୁସରଣ କରିବାକୁ ପଡ଼ିବ । ଚିକିତ୍ସାବିଜ୍ଞାନ ଏହାକୁହିଁ "ରୋଗର ଗତିପଥ" ବୋଲି କହିଥାଏ । ଆଧ୍ୟାତ୍ମିକ ଶକ୍ତିଗୁଡ଼ିକର ସହାୟତା ଦ୍ୱାରା ସେହି ଗତିପଥକୁ ଅଧିକ ତ୍ୱରାନ୍ୱିତ କରାଯାଇ ପାରେ, ମାତ୍ର ତଥାପି ଆବଶ୍ୟକ ପଦ୍ଧତିଟିକୁ ନିଶ୍ଚୟ ଅନୁସରଣ କରିବାକୁ ହୋଇଥାଏ । ଏହି କ୍ଷେତ୍ରରେ ପ୍ରାୟ ଚାରୋଟି ପର୍ଯ୍ୟାୟ ରହିଛି । ପ୍ରଥମଟି ସଙ୍ଗେସଙ୍ଗେ ଆସି ଉପସ୍ଥିତ ହୋଇଥାଏ । ଦ୍ୱିତୀୟଟିକୁ କେତୋଟି ମିନିଟ୍ ମଧ୍ୟରେ କରିବାକୁ ପଡ଼େ, ତୃତୀୟଟି ଲାଗି କେତେ ଘଣ୍ଟା ଦରକାର ହୁଏ, ଓ ଚତୁର୍ଥଟି ପାଇଁ ହୁଏତ କେତେ ଦିନ ବି ଦରକାର ହୁଏ । ଏବଂ ତା'ପରେ, ବସ୍ତୁଟି ସେଠାରେ ଆସି ରହିସାରିବା ପରେ, କେବଳ ଶରୀରର ଗ୍ରହଣଶୀଳତା ଉପରେହିଁ ସବୁକିଛି ନିର୍ଭର କରେ ନାହିଁ, ମାତ୍ର ବିଶୃଙ୍ଖଳାଟିର କାରଣ ହୋଇଥିବା ଅଂଶଟିର ସମ୍ମତି ଓ ଇଚ୍ଛୁକତା ଉପରେହିଁ ଅଧିକ ପରିମାଣରେ ନିର୍ଭର କରିବାକୁ ପଡ଼େ । ତୁମେମାନେ ତ ଜାଣିଛ, ଯେତେବେଳେ କୌଣସି କଥା ବାହାରୁ ଆସି ପ୍ରବେଶ କରେ, ସେତେବେଳେ ଭିତରେ ମଧ୍ୟ କୌଣସି ବସ୍ତୁ ସହିତ ତାହାର ଏକ ସାଦୃଶ୍ୟ ରହିଥାଏ ବୋଲିହିଁ ତାହା ଭିତରକୁ ଆସିଥାଏ । ଯଦି ତାହା ଭିତରକୁ ପଶିଆସି ପାରେ, ଯଦି ଆମର ଅଜାଣତରେ ତାହା ପ୍ରବେଶ କରେ, ତେବେ ତାହାର

'oaob.nitrkl.ac.in' images reprocessed

ଅର୍ଥ ହେଉଛି ଯେ ଆମ ଭିତରେ ମଧ୍ୟ ସେଥିଲାଗି କୌଣସି ସ୍ଥାନରେ ଅଦୃଶ୍ୟ ଏକ ସାଦୃଶ୍ୟ ରହିଛି; ଏବଂ ତେଣୁ, ସତ୍ତାର ଯେଉଁ ଭାଗଟି ସେଥିପ୍ରତି ଅନୁସ୍ପନ୍ଦନ ଜଣାଇଛି, ତାକୁ ମଧ୍ୟ ରାଜି କରାଇବାକୁହିଁ ପଡ଼ିବ ।

ଏହି ସମ୍ବନ୍ଧରେ ପ୍ରକୃତରେ କେତେକ ଅସାଧାରଣ ଦୃଷ୍ଟାନ୍ତ ବି ମୋ ପାଖରେ ରହିଛି । ଯଦି ବର୍ତ୍ତମାନ ତୁମେମାନେ··· ନାହିଁ, ରହିଥା, ଗୋଟିଏ ଛୋଟ୍ ଉଦାହରଣ ଦେଇ ବିଚାର କରାଯାଉ । ଆମେ ମୁଣ୍ଡରେ ଖରା ପଶି ଅସୁସ୍ଥ ହେବାର ଉଦାହରଣଟି ଉପରେ ବିଚାର କରିବା । ଏହି ଅସୁସ୍ଥତା ତୁମର ସବୁକିଛିକୁ ଏକାବେଳେକେ ବିଗାଡ଼ି ଦେଇଯାଏ, ଏଇଥିରୁହିଁ ତୁମେ ସବୁଠାରୁ ଅଧିକ ଅସୁସ୍ଥ ହୁଅ—ଖରା ମୁଣ୍ଡରେ ପଶିବାରୁ ସ୍ୱାସ୍ଥ୍ୟର ସବୁକିଛି ବିଗିଡ଼ିଯାଏ । ଦେହ ଭିତରର କାର୍ଯ୍ୟଗୁଡ଼ିକ ଅବ୍ୟବସ୍ଥିତ ହୋଇଯାଏ, ସାଧାରଣତଃ ମୁଣ୍ଡ ଭିତରେ ସର୍ଦ୍ଦି ଜମା ହୋଇ ରହେ ଏବଂ ଦେହରେ ଖୁବ୍ ଉତ୍ତାପ ବି ହୁଏ । ତେଣୁ, ଏହି କଥାଟି ଯଦି ଘଟିଲା, ଯଦି ତୁମର ରକ୍ଷାପ୍ରାଚୀର ଭେଦ କରିବାରେ ତାହା ସଫଳ ହୋଇଛି ଓ ତୁମ ଭିତରେ ଆସି ପ୍ରବେଶ କରିଛି,—ସେହି ଅବସ୍ଥାରେ ଯଦି ତୁମେ କୌଣସି ଏକ ନିଶ୍ଚଳ ସ୍ଥାନକୁ ଯାଇ ଚିତ୍‌କରି ଦେହକୁ ଲମ୍ବାଇଦେବ, ନିଜର ଶରୀର ମଧ୍ୟରୁ ବାହାରି ବାହାରକୁ ଚାଲିଯିବ (ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତୁମକୁ ଏହି କଥାଟି ଶିଖିବାକୁ ପଡ଼ିବ; ଅନେକ ଲୋକ ଅଛନ୍ତି, ଯେଉଁମାନେ କି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକଥା କରିପାରନ୍ତି, ମାତ୍ର ଅନ୍ୟମାନଙ୍କ ଲାଗି ଏଥିପାଇଁ ଏକ ଦୀର୍ଘ ଅଭ୍ୟାସ ଦରକାର ହୋଇଥାଏ), ହଁ, ନିଜ ଶରୀର ମଧ୍ୟରୁ ବାହାରକୁ ଚାଲିଯିବ, ଏପରି ଭାବରେ ଊର୍ଦ୍ଧ୍ୱସ୍ଥ ହୋଇ ରହିଥିବ, ଯେପରିକି ନିଜର ଶରୀରଟିକୁ ତୁମେ ବେଶ୍ ଦେଖି ପାରୁଥିବ (ତୁମେ ଏହି ବ୍ୟାପାରଟି ସହିତ ନିଶ୍ଚୟ ପରିଚିତ ଥିବ, ନିଜେ ଶରୀରରୁ ବାହାର ହୋଇ ରହିଥିବା ବେଳେ ଶରୀରଟିକୁ କିପରି ଦେଖିହୁଏ, ତୁମେ ସେହି ବ୍ୟାପାରଟି ସହିତ ନିଶ୍ଚୟ ପରିଚିତ ଥିବ, ନୁହେଁ କି ? ନିଜ ଶରୀର ମଧ୍ୟରୁ ବାହାରିଯାଇ ଠିକ୍ ତାହାରି ଉପରେ ଅବସ୍ଥାନ କରିପାରିବ,—ଏଇଟି ଇଚ୍ଛା ଅନୁସାରେ ସବୁବେଳେ କରାଯାଇ ପାରିବ); ଶରୀରଟି ଗୋଟିଏ ବିଛଣା ଉପରେ, ବେଞ୍ଚ୍ ଉପରେ, ଭୂଇଁରେ ବା ଯେକୌଣସି ସ୍ଥାନରେ ଲମ୍ବ ହୋଇ ପଡ଼ିଥିବ; ତୁମେ ଠିକ୍ ତାହାରି ଊର୍ଦ୍ଧ୍ୱରେ ଆପଣାକୁ ପ୍ରସାରି ରଖିଥିବ ଏବଂ ସେହିଠାରୁ ଆଇ ଅତି ସଚେତନ ଭାବରେ ତୁମେ ପରମା ଶକ୍ତିକୁ ଉପରୁ ଆକର୍ଷଣ କରି ଆଣିବ, ଏବଂ ଯଦି ଏପରି କରିବାରେ ତୁମେ ଅଭ୍ୟସ୍ତ ହୋଇ ସାରିଥିବ, ଯଦି ତୁମର ଉଖାପ୍‌ସା ଶକ୍ତିଶାଳୀ ହୋଇ ରହିଥିବ, ତେବେ ତୁମକୁ ନିଶ୍ଚୟ ଜବାବ ମିଳିଯିବ । ଏବଂ ତା'ପରେ, ସେହିଠାରୁ ଆଉ, ଯେପରି ତୁମେ ଶରୀର ଭିତରେ ଆଉଥରେ ପ୍ରବେଶ ନକର, ସେହି ବିଷୟରେ ସାବଧାନ ରହି ତୁମେ ଏହି କ୍ରିୟାଗୁଡ଼ିକୁ ତୁମ ଶରୀର ମଧ୍ୟକୁ

'oaob.nitrkl.ac.in' images reprocessed

ଠେଲି ଭର୍ତ୍ତି କରିବାକୁ ଚେଷ୍ଟା କରିବ, ସେହିପରି ଭାବରେ ନିୟମିତ ଚେଷ୍ଟା କରୁଥିବ ଏବଂ ଶରୀର ଯେ ସେଗୁଡ଼ିକୁ ଗ୍ରହଣ କରିପାରୁଛି, ତୁମେ ପରିଶେଷରେ ତାହା ଦେଖିବାକୁ ପାଇବ (କାରଣ, ପ୍ରଥମ କେତୋଟି ମୁହୂର୍ତ୍ତରେ ସେଗୁଡ଼ିକ ଶରୀର ମଧ୍ୟରେ ପ୍ରବେଶ କରୁ ନଥିବେ, କାରଣ ଶରୀର ଅସୁସ୍ଥତା ହେତୁ ଏକାବେଳେକେ ବିକଳ ହୋଇ ରହିଥିବ, ମୋଟେ ଗ୍ରହଣଶୀଳ ହୋଇ ରହି ନଥିବ, ଗୁଡ଼େଇ ଗାଡ଼େଇ ହୋଇ ପଡ଼ିଥିବ); ସେହି ଶକ୍ତିଗୁଡ଼ିକୁ ତୁମେ ଧୀରେ, ଧୀରେ, ଅତ୍ୟନ୍ତ ସ୍ଥିର ଭାବରେ, ଅତ୍ୟନ୍ତ ଅପ୍ରମତ୍ତ ଓ ଶାନ୍ତିପୂର୍ଣ୍ଣ ଭାବରେ ଶରୀର ଭିତରକୁ ଭର୍ତ୍ତି କରାଇବାକୁ ଚେଷ୍ଟା କରିବ । ମାତ୍ର ସେତେବେଳେ କୌଣସି ବ୍ୟକ୍ତି ଦ୍ୱାରା ତୁମେ କୌଣସି ପ୍ରକାରେ କଦାପି ବ୍ୟାହତ ହେବ ନାହିଁ । ଯଦି ସେତେବେଳେ କେହି ଆସି ସେଠାରେ ପହଞ୍ଚିଯାଏ, ତୁମକୁ ଏପରି ଲମ୍ବା ହୋଇ ପଡ଼ିଥିବାର ଦେଖେ ଏବଂ ତୁମକୁ ଯାଇ ହଲାଇଦିଏ, ତେବେ ତାହା ହୁଏତ ବଡ଼ ଅନିଷ୍ଟକାରୀ ହୋଇ ପଡ଼ିବାର ଆଶଙ୍କା ରହିଥିବ । ତେଣୁ ଏସବୁ କଥାକୁ କେବଳ ଏକ ସ୍ଥିର ପରିବେଶରେ କରିବାକୁ ହେବ, ତୁମକୁ କୌଣସି ପ୍ରକାରେ ବିଚଳିତ ନକରିବା ଲାଗି ଲୋକମାନଙ୍କୁ କହିଦେଇଥିବ, ଅଥବା, ଏପରି ଗୋଟିଏ ନିଭୃତ ସ୍ଥାନରେ ନିଜକୁ କଳି ରଖିବ, ଯେଉଁଠାରେ କି ସେମାନେ ତୁମକୁ ବିଚଳିତ କରିବା ଲାଗି ଆଦୌ ଆସିବେ ନାହିଁ । ମାତ୍ର ତୁମେ ଧୀରେ ଧୀରେ ଆପଣାକୁ ସଂକେନ୍ଦ୍ରିତ କରି ଆଣିପାରିବ (ଏଥିଲାଗି ଅଳ୍ପବହୁତ କିଛି ସମୟ ଦରକାର ହୋଇଥାଏ—ଦଶମିନିଟ, ଅଧଘଣ୍ଟାଏ, ଘଣ୍ଟାଏ ବା ଦୁଇ ଘଣ୍ଟା ଦରକାର ହୋଇଥାଏ—ତୁମ ଭିତରେ ହୋଇଥିବା ବିଶୃଙ୍ଖଳାଟିର ଗମ୍ଭୀରତା ଉପରେହିଁ ତାହା ନିର୍ଭର କରିବ), ସେହି ଉପରେ ଆଉ ତୁମେ ଧୀରେ ଧୀରେ ସେହି ପରମ ଶକ୍ତିଟିକୁ ସଂକେନ୍ଦ୍ରିତ କରି ଆଣିବ, ଶରୀର ଯେ ସେହି ଶକ୍ତିଟିକୁ ଗ୍ରହଣ କରିବାକୁ ଆରମ୍ଭ କଲାଣି, ସେହି ଶକ୍ତି ଯେ ତୁମ ଶରୀର ଭିତରେ ପ୍ରବେଶ କରୁଛି, ଅବ୍ୟବସ୍ଥାଟି ସୁଧୁରିଯିବାରେ ଲାଗିଛି ଏବଂ ସ୍ୱୟଂ ଶରୀରରେ ମଧ୍ୟ ଗୋଟିଏ ପ୍ରକାରର ଶ୍ଲଥନ ଅନୁଭୂତ ହେଲାଣି, ଏସବୁ ଦେଖିବାଯାଏ ତୁମେ ଶକ୍ତିଟିକୁ ସଂକେନ୍ଦ୍ରିତ କରି ଆଣୁଥିବ । ସେହି କଥାଟି ଥରେ ଆରମ୍ଭ ହୋଇଗଲେ ତୁମେ ଫେରି ଆସି ପାରିବ ଓ ଆରୋଗ୍ୟ ବି ଲାଭ କରିବ । ମୁଣ୍ଡରେ ଖରା ପଶି ଅସୁସ୍ଥ ହେବାର କ୍ଷେତ୍ରରେ ଏହି ପ୍ରୟୋଗଟିକୁ କରାଯାଇଛି,—ଏହି ଅସୁସ୍ଥତାଟି ପ୍ରକୃତରେ ଏକ ତୀବ୍ର ଅସୁସ୍ଥତା,—ଏବଂ ଟାଇଫଏଡ଼ ଜ୍ୱର ଏବଂ ଆହୁରି ଅନେକ କ୍ଷେତ୍ରରେ କରାଯାଇଛି; ଉଦାହରଣ ସ୍ୱରୂପ, ଏକ ଯକୃତ୍‌କୁ ଆରୋଗ୍ୟ କରିବାର କ୍ଷେତ୍ରରେ କରାଯାଇଛି, ଯାହାକି ହଠାତ୍ କୌଣସି କାରଣରୁ ବିଗିଡ଼ି ଯାଇଥିଲା (ବଦହଜମି ହେତୁ ନୁହେଁ ମାତ୍ର ଯକୃତ୍‌ଟି ସେତେବେଳେ ମୋଟେ ଉଚିତ ପ୍ରକାରେ କାର୍ଯ୍ୟ କରୁ ନଥିଲା); ଏହାକୁ ମଧ୍ୟ ଆମେ ଠିକ୍ ସେହି ଉପାୟରେହିଁ ଆରୋଗ୍ୟ କରିଦେଇ ପାରିବା । ଥରେ ଜଣେ ହଇଜା

'oaob.nitrkl.ac.in' images reprocessed

ରୋଗୀକୁ ମଧ୍ୟ ସେହିପରି ଭାବରେ ଭଲ କରାଯାଇ ପାରିଲା । ଠିକ୍ ସେହି ସମୟରେହିଁ ରୋଗୀ ହଇଜା ଦ୍ୱାରା ଆକ୍ରାନ୍ତ ହୋଇଥିଲା, ରୋଗଟି ପ୍ରବେଶ କରିଥିଲା ସତ ମାତ୍ର ତଥାପି ଭଲ କରି ଆକ୍ରାନ୍ତ କରି ନଥିଲା । ତାହାକୁ ସମ୍ପୂର୍ଣ୍ଣ ଭାବରେ ଭଲ କରି ଦିଆଯାଇ ପାରିଲା । ତେଣୁ, ଆଧ୍ୟାତ୍ମିକ ଶକ୍ତି ଉପରେ ସାମର୍ଥ୍ୟ ହାସଲ କରିପାରିଲେ ଓ ତାହାକୁ କାର୍ଯ୍ୟରେ ଲଗାଇବାର ବାଟଟିକୁ ଜାଣି ପାରିଲେ, ଏପରି କୌଣସି ରୋଗ ନାହିଁ, ଯାହାକୁ କି ଭଲ କରି ନହେବ ବୋଲି ମୁଁ ଯେତେବେଳେ କହୁଛି, ସେତେବେଳେ ପବନକୁ ଫୋପାଡ଼ିଦେଲା ଭଳି ମୁଁ ଆଦୌ କୌଣସି କଥା କହୁ ନାହିଁ । ସେହି କ୍ଷେତ୍ରରେ ଉପଲବ୍ଧ ହୋଇଥିବା ଅନୁଭବକୁ ଭିତ୍ତି କରିହିଁ ତାହା କୁହାଯାଉଛି । ହଁ, ତୁମେ ଅବଶ୍ୟ କହିବ ଯେ ତୁମକୁ ଶରୀରରୁ ବାହାରିଯାଇ ପାରିବାର ବିଦ୍ୟାଟି ଜଣା ନାହିଁ, ପରମ ଶକ୍ତିକୁ ଆକର୍ଷିତ କରି ଆଣିବା, ତାହାକୁ ସଂକେନ୍ଦ୍ରିତ କରି ଆଣିବା ପ୍ରଭୃତି କୌଣସି ବିଦ୍ୟାରେ ତୁମର ଦଖଲ ନାହିଁ···ଏହାକୁ ଲୋକେ ଅଧିକାଂଶ ସମୟରେ ଯେ ସାଧ କରିଥାନ୍ତି, ସେକଥା ଆଦୌ ନୁହେଁ; ମାତ୍ର ଏହା କଦାପି ଅସମ୍ଭବ ନୁହେଁ । ଏବଂ ଜଣେ ଏବିଷୟରେ ନିଶ୍ଚିତ ହୋଇ ରହିପାରେ ଯେ ଯଦି ଏଥିରେ ତୁମକୁ ସହାୟତା ମିଳେ···ବସ୍ତୁତଃ ଅପେକ୍ଷାକୃତ ଅନେକ ସହଜ ପ୍ରଣାଳୀଟିଏ ରହିଛି; ଏଇଟି ହେଉଛି ସାହାଯ୍ୟ ଲାଗି ଆବାହନ କରିବା ।

ମାତ୍ର ପ୍ରତ୍ୟେକ କ୍ଷେତ୍ରରେ—ଜଣେ ନିଜେ ଏହି କଥାଟିକୁ କରୁ, କେବଳ ନିଜ ଉପରେହିଁ ନିର୍ଭର କରି ତାହା କରୁ ବା ନିଜ ପାଇଁ ସେହି କାର୍ଯ୍ୟଟିକୁ କରି ଦେବା ଲାଗି ପ୍ରାର୍ଥନା କରି ସେ ତାହା କରୁ, ପ୍ରତ୍ୟେକ କ୍ଷେତ୍ରରେ ସର୍ବପ୍ରଥମ ସର୍ତ୍ତଟି ହେଉଛି ଯେ ତୁମେ ଆଦୌ କୌଣସି ଭୟ କରିବ ନାହିଁ ଓ ସ୍ଥିର ହୋଇ ରହିଥିବ । ଯଦି ତୁମେ ଟକଟକ ହୋଇ ଫୁଟିବାକୁ ଆରମ୍ଭ କରିବ ଅଥବା ଶରୀର ମଧ୍ୟରେ ଗୋଟାସୁଦ୍ଧା ଅଧୀର ହୋଇ ରହିଥିବ, ତେବେ ସବୁ କଥା ସେଇଠି ସରିଯିବ, ତୁମେ ଆଉ କିଛିହେଲେ କରି ପାରିବ ନାହିଁ ।

ଯାବତୀୟ କଥା ପାଇଁ—ଆଧ୍ୟାତ୍ମିକ ଜୀବନକୁ ବଞ୍ଚିବାଠାରୁ ଆରମ୍ଭ କରି ଆପଣାର ଦେହଗତ ଅସୁସ୍ଥତାକୁ ଭଲ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ, ତୁମକୁ ସ୍ଥିର ଓ ନିଶ୍ଚଳ ହୋଇ ରହିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

## ୨ ଏପ୍ରିଲ ୧୯୫୧

ଆପଣ କହିଛନ୍ତି, "ଯେଉଁ ଅନ୍ତର୍ଗତ ରୂପାନ୍ତରର ପ୍ରକ୍ରିୟାଟି ସୃଷ୍ଟି ଭିତରେ ଏକ ମନ୍ଥର ଅଥଚ ସତତ ପ୍ରକ୍ରିୟାରୂପେ ଅବସ୍ଥିତ ରହିଛି, ଯୋଗ ଦ୍ୱାରା ତାହାକୁହିଁ ଅଧିକ ପ୍ରଗାଢ଼ ଏବଂ ତ୍ୱରାନ୍ୱିତ କରି ଦିଆଯାଏ, ମାତ୍ର ବାହ୍ୟ ରୂପାନ୍ତରର ବେଗଟି ତଥାପି ଠିକ୍ ସାଧାରଣ ଜୀବନରେ ଯେମିତି, ପ୍ରାୟ ସେହିପରି ହୋଇ ରହିଥାଏ । ତାହା ଫଳରେ ଯୋଗର ଅଭ୍ୟାସ କରୁଥିବା ବ୍ୟକ୍ତିଟିର ଅନ୍ତଃସତ୍ତା ଏବଂ ବହିଃସତ୍ତା ମଧ୍ୟରେ ବୈଷମ୍ୟର ଯେଉଁ ଅଭାବ ରହିଯାଏ, ଯଥେଷ୍ଟ ସାବଧାନତା ଅବଲମ୍ବନ ନକଲେ ସେହି ଅଭାବ ତଥାପି ଆହୁରି ଅଧିକ ହେବା ଦିଗରେ ଏକ ପ୍ରବୃତ୍ତି ଦେଖାଇଥାଏ ।"...

ପ୍ରଶ୍ନ ଓ ଉତ୍ତର ୧୯୨୯ (୧୬ ଜୁନ୍)

ଏହି କ୍ଷେତ୍ରରେ କି କି ସାବଧାନତା ଅବଲମ୍ବନ କରାଯାଇ ପାରିବ ?

**ତାହା ସେହି ଲୋକମାନଙ୍କ ଉପରେହିଁ ନିର୍ଭର କରିବ । ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ତାହା ଅଲଗା ଅଲଗା ହେବ । ବ୍ୟକ୍ତି ବ୍ୟକ୍ତିର କ୍ଷେତ୍ରରେ ଯେଉଁସବୁ ଭିନ୍ନ ଭିନ୍ନ ପ୍ରତିକ୍ରିୟା, ଅସୁବିଧା ଓ ପ୍ରତିରୋଧମାନ ରହିଛି, ଅବଲମ୍ବନ କରୁଥିବା ସାବଧାନତାମାନ ମଧ୍ୟ ସେହି ଅନୁସାରେ ଭିନ୍ନ ହେବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଅନୁସରଣ କରିବା ଭଳି ଏକ କାର୍ଯ୍ୟକ୍ରମ ଅବଶ୍ୟ ରହିବ, ଯାହାକି କେବଳ ତାହାରି ଲାଗିହିଁ ଶୁଭକାରକ ହେବ । ତେଣୁ ସାଧାରଣ ନିୟମ ବୋଲି କିଛି ନାହିଁ । ମିଠାଇ ବାଣ୍ଟିଲା ପରି ଏହି ବ୍ୟାପାରଗୁଡ଼ିକୁ କଦାପି ବଣ୍ଟାଯାଇ ପାରିବ ନାହିଁ । "ମୁଁ ଏଥିପାଇଁ କ'ଣସବୁ ସାବଧାନତା ଅବଲମ୍ବନ କରିବି ?" ବୋଲି ଯଦି ତୁମେ ପଚାରିବ, ତେବେ ସେଇଟିହିଁ ଉପଯୁକ୍ତ ପ୍ରଶ୍ନ ହେବ ।**

ଆକସ୍ମିକ ଦୁର୍ଘଟଣା କାହିଁକି ଘଟେ ? କୌଣସି ଅସମତାବସ୍ଥାର ସୃଷ୍ଟି ହେବା ଦ୍ୱାରା ସେସବୁ ଘଟିଥାଏ କି ?

'oaob.nitrkl.ac.in' images reprocessed

ଯଦି ଗମ୍ଭୀର ଭାବରେ ଏହି ପ୍ରଶ୍ନଟିର ଉତ୍ତର ଦେବାକୁ ହୁଏ,...ବାହାରେ ଦେଖିବାକୁ ତ ଅନେକ କାରଣ ରହିଥାଏ, ମାତ୍ର ଏକ ଅଧିକ କାରଣ ମଧ୍ୟ ଥାଏ, ଯାହାକି ସର୍ବଦା ବିଦ୍ୟମାନ ରହିଥାଏ । ସେଦିନ ମୁଁ କହୁଥିଲି ଯେ ଯଦି ସ୍ନାୟୁଗତ ଆବରଣଟି ଅତୁଟ ହୋଇ ରହିଥାଏ, ତେବେ ଆମେ ଆକସ୍ମିକ ଦୁର୍ଘଟଣାଗୁଡ଼ିକୁ ନିଶ୍ଚୟ ଏଡ଼ିଦେଇ ପାରିବା, ଏବଂ ଏକ ଆକସ୍ମିକ ଦୁର୍ଘଟଣା ପ୍ରକୃତରେ ଘଟିଲେ ମଧ୍ୟ ହୁଏତ ତାହାର କୌଣସି ପରିଣାମ ଭୋଗିବାକୁ ପଡ଼ିବ ନାହିଁ । ସମସ୍ତ ସ୍ନାୟୁଗତ ଆବରଣଟି ମଧ୍ୟରେ କେଉଁଠି ଟିକିଏ ଆଘାତ ହୋଇଯିବା ସଙ୍ଗେ ସଙ୍ଗେ ଓ କୌଣସି ଦୋଷ ପଶିଯିବା ସଙ୍ଗେ ସଙ୍ଗେ ଖୁବ୍ ସମ୍ଭବ ଏକ ଆକସ୍ମିକ ଦୁର୍ଘଟଣା ଘଟିବ, ଯାହାର କି ଆବରଣର ପ୍ରତିରୋଧ ଶକ୍ତିରେ ଘଟିଥିବା କ୍ଷୟଟି ସହିତ ନିଶ୍ଚୟ ଏକ ସମାନୁପାତିକତା ରହିଥିବ; ସେହି ଆଘାତ ହୋଇ ଯାଇଥିବାର ପ୍ରକୃତି, କେଉଁଠି ଆଘାତ ହୋଇଗଲା ଓ କିପରି ଆଘାତ ହୋଇଗଲା, ଆକସ୍ମିକ ଦୁର୍ଘଟଣା ସେଗୁଡ଼ିକ ଦ୍ୱାରା ମଧ୍ୟ ନିର୍ଦ୍ଧାରିତ ହେବ ବୋଲି କୁହାଯାଇ ପାରିବ । ମୋର ବିଶ୍ୱାସ, ଆପଣାର ମନୋଭୂମିଗତ କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ କଥା ନିଶ୍ଚୟ ଜାଣିଛି : ସେହି କଥାଟି ହେଉଛି ଯେ, ଯେତେବେଳେ ଭିତରୁ ଏକ ଅସ୍ୱସ୍ତିଜନକ ଅନୁଭବ ଅନୁଭୂତ ହେଉଛି, ଯେତେବେଳେ ଜଣେ ସମ୍ପୂର୍ଣ୍ଣ ଭାବରେ ସଚେତନ ଏବଂ ଆତ୍ମସ୍ଥ ହୋଇ ରହି ପାରୁ ନାହିଁ, ଯେତେବେଳେ ଭାରି ଅଶାନ୍ତ ଓ ଆଶଙ୍କିତ ବୋଧ ହେଉଛି, ଆକସ୍ମିକ ଦୁର୍ଘଟଣାଗୁଡ଼ାକ ପ୍ରାୟ ସେତିକବେଳେ ଘଟୁଛି । ଏକଥାଟି ଏକାନ୍ତ ନିଶ୍ଚିତ ଯେ, ପ୍ରାୟ ସାଧାରଣତଃ ଯେତେବେଳେ ଲୋକମାନେ ସମ୍ପୂର୍ଣ୍ଣ ଭାବରେ ଆତ୍ମସ୍ଥ ଓ ଆତ୍ମସ୍ୱଭାବସ୍ଥ ହୋଇ ନାହାନ୍ତି ବୋଲି ଏକ ଅନୁଭୂତି ହେଉଛି, ସେମାନେ ଯାହାସବୁ କରୁଛନ୍ତି, ଯେତେବେଳେ ସେଗୁଡ଼ିକ ବିଷୟରେ ପୂର୍ଣ୍ଣ ସଜ୍ଞାନତା ରହୁ ନାହିଁ, ଦୁର୍ଘଟଣାମାନ ପ୍ରାୟ ସେତିକବେଳେ ଘଟୁଛି । ଯଦି ଜଣେ ସମ୍ପୂର୍ଣ୍ଣ ସଚେତନ ରହି ପାରୁଥାନ୍ତା, ଚେତନାଟି ଯଦି ସମ୍ପୂର୍ଣ୍ଣ ଜାଗ୍ରତ ହୋଇ ରହୁଥାନ୍ତା, ତେବେ ଆକସ୍ମିକ ଦୁର୍ଘଟଣା ମୋଟେ ଘଟନ୍ତା ନାହିଁ; ଦୁର୍ଘଟଣାଟିକୁ ଏଡ଼ାଇ ପାରିବା ଲାଗି ଯଥାର୍ଥ ଏବଂ ଆବଶ୍ୟକ ଗତିସ୍ପନ୍ଦନଟି ଆମ ଦ୍ୱାରା ନିଶ୍ଚୟ ସମ୍ଭବ ହୁଅନ୍ତା । ତେଣୁ, ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଏକଥା କୁହାଯାଇ ପାରିବ ଯେ ଚେତନାଟି ଟଳିଯିବା ଦ୍ୱାରା ଅର୍ଥାତ୍ ବିଚଳିତ ହୋଇଯିବା ଦ୍ୱାରାହିଁ ଆକସ୍ମିକ ଦୁର୍ଘଟଣା ଘଟିଥାଏ । ଅଥବା, ଏକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରେ ଯେ ଆମର ଚେତନା ଏକ ଉଚ୍ଚତର ରାଜ୍ୟ ମଧ୍ୟରେ ବାନ୍ଧି ହୋଇ ରହି ଯାଇଥାଏ ବୋଲି ଅନେକ ସମୟରେ ଆକସ୍ମିକ ଦୁର୍ଘଟଣା ଘଟେ । ଉଦାହରଣସ୍ୱରୂପ, ଆଧ୍ୟାତ୍ମିକ ବ୍ୟାପାର ବିଷୟରେ କିଛି କହିବା ଆଦୌ ଆବଶ୍ୟକ ନାହିଁ,—ଯଦି କୌଣସି ବ୍ୟକ୍ତି କୌଣସି ମାନସିକ ସମସ୍ୟାର ସମାଧାନ କରିବାରେ ଅତିଶୟ ବ୍ୟସ୍ତ ହୋଇ ରହିଥାଏ

'oaob.nitrkl.ac.in' images reprocessed

ଏବଂ ଆପଣାର ସେହି ମାନସିକ ସମସ୍ୟାଟି ଉପରେ ଆପଣାକୁ ଅତିରିକ୍ତ ଭାବରେ ସଂକେନ୍ଦ୍ରିତ କରି ରଖିଥାଏ, ସିଏ ଭୌତିକ ପଦାର୍ଥଗୁଡ଼ିକ ବିଷୟରେ ହୁଏତ ଅମନୋଯୋଗୀ ହୋଇପଡ଼େ; ଏବଂ ସେତେବେଳେ ଯଦି ସେ ରାସ୍ତା ଉପରେ ଯାଉଥାଏ ବା ମଣିଷଙ୍କ ଭିଡ଼ ଭିତରେ ଥାଏ ଏବଂ ତାହାର ସବୁଯାକ ମନୋଯୋଗ ସମସ୍ୟାଟି ଭିତରେହିଁ ବାନ୍ଧିହୋଇ ରହିଥାଏ, ତେବେ ଆକସ୍ମିକ ଦୁର୍ଘଟଣାଟିକୁ ଏଡ଼ି ପାରିବାକୁ ହେଲେ ଯାହାସବୁ କରିବା କଥା, ସିଏ ସେକଥା ଆଦୌ କରି ପାରେ ନାହିଁ ଏବଂ ତେଣୁ ଦୁର୍ଘଟଣାଟି ପ୍ରକୃତରେ ଘଟେ । କ୍ରୀଡ଼ା ଓ ଖେଳକସରତ ସମୟରେ ମଧ୍ୟ ଠିକ୍ ସେହି କଥା; ତୁମେମାନେ ଏହି କଥାଟିକୁ ବେଶ୍ ସହଜରେ ଲକ୍ଷ୍ୟ କରି ପାରିବ, ଆକସ୍ମିକ ଦୁର୍ଘଟଣାମାନ ଘଟିଲାବେଳେ ଚେତନା ଈଷତ୍ ବିଚଳିତ ହୋଇ ଯାଇଥାଏ; ଅଥବା ଯଥେଷ୍ଟ ମନୋଯୋଗ ରହି ପାରେ ନାହିଁ, ଆମେ ଟିକିଏ ଅନ୍ୟମନସ୍କ ହୋଇଯାଉ; ହଠାତ୍ ମୁଣ୍ଡ ଭିତରେ ଆଉଗୋଟାଏ କଥାର ଭାବନା ଆସି ପଶିଯାଏ, ମନଟା ଅନ୍ୟମନସ୍କ ହୋଇ ଆଉ କୁଆଡ଼େ ଚାଲିଯାଏ,—ଆମେ କ'ଣ କରୁଛୁ ସେବିଷୟରେ ଆମେ ଆଉ ପୂର୍ଣ୍ଣ ସଚେତନ ହୋଇ ରହି ପାରୁ ନାହିଁ, ଏବଂ ସେତିକିବେଳେ ଦୁର୍ଘଟଣାଟି ଘଟିଥାଏ ।

ମୁଁ କଥାଟିର ଆରମ୍ଭରେ ତୁମମାନଙ୍କୁ ଯେପରି କହୁଥିଲି, ଯଦି କୌଣସି ଏକ କାରଣରୁ, ଉଦାହରଣସ୍ୱରୂପ, ନିଦ୍ରା ବା ବିଶ୍ରାମର ଅଭାବରୁ ବା କୌଣସି ଗୋଟିଏ କଥା ଉପରେ ଅତିରିକ୍ତ ଭାବରେ ମନୋନିବିଷ୍ଟ ହୋଇ ରହିବାରୁ ବା ତୁମକୁ କ୍ଳାନ୍ତ କରି ପକାଉଥିବା ଆଉ ଯେକୌଣସି ପ୍ରକାର କାରଣ ହେତୁ, ଅର୍ଥାତ୍, ଯେତେବେଳେ ତୁମେ ସେଗୁଡ଼ିକର ଊର୍ଦ୍ଧ୍ୱରେ ରହି ପାରି ନାହିଁ,—ପ୍ରାଣିକ ଆବରଣଟିରେ ଯଦି କେଉଁଠି ଏତେଟିକିଏ ଖୁଣ ରହି ଯାଇଥାଏ, ଯେତେବେଳେ ତାହା ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟ କରି ପାରୁ ନଥାଏ ଏବଂ ତା' ଭିତର ଦେଇ ଚାଲି ଯାଉଥିବା ଯେକୌଣସି ଶକ୍ତିର ପ୍ରବାହ ତାକୁ ଆନ୍ଦୋଳିତ କରି ପକାଏ, ସେତିକି ବେଳେ ଆକସ୍ମିକ ଦୁର୍ଘଟଣାମାନ ଘଟିଥାଏ । ସର୍ବଶେଷ ବିଶ୍ଲେଷଣରେ ଏହାହିଁ କୁହାଯାଇ ପାରିବ ଯେ, ଦୁର୍ଘଟଣାଗୁଡ଼ିକ ସେହିସବୁ କଥାରୁ ଉତ୍ପନ୍ନ ହୋଇଆସେ; ଆମେ ଯାହାକୁ ଅନ୍ୟମନସ୍କତା ବା ଚେତନାର ଶିଥିଳତା ବୋଲି କହୁଥାଉ, ଦୁର୍ଘଟଣା ସେଇଥିରୁହିଁ ନିଷ୍ପନ୍ନ ହୁଏ । ଦିନେ ଦିନେ ବେଶ୍, ପୁରାପୂରି ନୁହେଁ, ବେଶ୍ ଅସ୍ୱସ୍ତି ବୋଧ ହୁଏ, ମାତ୍ର, ଆମେ ଧରିବାକୁ ଇଚ୍ଛା କରୁଥିବା କୌଣସି ଏକ ବସ୍ତୁ ସତେଅବା ଆମଠାରୁ ହାତଛଡ଼ା ହୋଇ ଚାଲି ଯାଉଥିବା ପରି, ଆପଣାକୁ ପୂର୍ଣ୍ଣସମାହିତ କରି ରଖି ହୁଏ ନାହିଁ, ସତେଯେପରି ଭିତରେ ଅଧାମିଶା ହୋଇ ରହିଥିବା ପରି ମନେ ହେଉଥାଏ; ହଁ, ଏହିସବୁ ଦିନମାନଙ୍କରେ ଯାବତ ଦୁର୍ଘଟଣା ଘଟେ । ତେଣୁ, ତୁମକୁ ମନୋଯୋଗୀ ହୋଇ ରହିବାକୁ ପଡ଼ିବ । ଅବଶ୍ୟ

'oaob.nitrkl.ac.in' images reprocessed

ତା' ବୋଲି ତୁମକୁ କେହି କଦାପି ଏକଥା କହୁ ନାହିଁ ଯେ ତୁମେ ଆପଣାର କୋଠରିଟି ମଧ୍ୟରେ ଆପଣାକୁ ବନ୍ଦ ରଖିଦେବ ଏବଂ ବାହାରକୁ ଯିବା ଲାଗି ମନ କଲାବେଳେ ତଥାପି ଭୁଲ କ ଚାଲି ହେବ ନାହିଁ । ମୁଁ ଏପରି ଅର୍ଥରେ ଆଦୌ କିଛି କହୁ ନାହିଁ । ବରଂ ମୁଁ ଏକଥାଟି କହୁଛି ଯେ ତୁମେ ଆହୁରି ଅଧିକ ମନୋଯୋଗ ସହକାରେ ସବୁ ଦେଖି ପାରୁଥିବ, ଆହୁରି ସତର୍କ ହୋଇ ରହିବ, ଏହି ଅନ୍ୟମନସ୍କତା ଏବଂ ଚେତନାଗତ ଶିଥିଳତା ତୁମ ଭିତରକୁ ପ୍ରବେଶ କରିବା ଲାଗି ତୁମେ ମୋଟେ ବାଟ ଛାଡ଼ି ଦେବ ନାହିଁ ।

> ଏପରି କ'ଣ କୌଣସି ଦୁର୍ଘଟଣା ନାହିଁ, ଯାହାକୁ କି ପ୍ରାୟ ଅନିବାର୍ଯ୍ୟ ବୋଲି କୁହାଯାଇ ପାରିବ ? ମୁଁ ଏବେ ଗୋଟିଏ ଘଟଣା ବିଷୟରେ ପଢ଼ୁଥିଲି; ଜଣେ ଆମେରିକାନ୍ ସେହି ଘଟଣାଟିକୁ ବର୍ଣ୍ଣନା କରି କହିଛନ୍ତି । ଭଦ୍ରଲୋକଙ୍କଠାରେ ଅତୀନ୍ଦ୍ରିୟ ଦର୍ଶନର ଶକ୍ତି ରହିଥିଲା । ଥରେ ଗୋଟିଏ ପିଲା ରେଲଲାଇନ୍ ଉପରେ ଖେଳୁଥିଲା, ତା'ର ଜୀବନ ବିପନ୍ନ ହୋଇ ରହିଥିଲା । ଭଦ୍ରଲୋକ ହଠାତ୍ ପିଲାଟି ପାଖରେ ଏକ ଛାୟାମୂର୍ତ୍ତି ଦେଖିବାକୁ ପାଇଲେ ଏବଂ ଏକଥା ଭାବି ସ୍ୱସ୍ତିର ନିଶ୍ୱାସ ପକାଇଲେ, "ଏଥର ପିଲାଟିର ପ୍ରାଣରକ୍ଷା ହୋଇଯିବ ।" ମାତ୍ର ତାଙ୍କୁ ଆଶ୍ଚର୍ଯ୍ୟ କରିଦେଇ ଛାୟାମୂର୍ତ୍ତିଟି ତା'ର ହାତକୁ ପିଲାଟିର ଆଖି ଉପରେ ନେଇ ରଖିଲା ଏବଂ କୌଣସି ନା କୌଣସି ପ୍ରକାରେ ତାକୁ ନେଇ ରେଲଗାଡ଼ି ତଳେ ପକାଇ ଦେଲା । ଏକଥା ଦେଖି ଭଦ୍ରଲୋକ ଭାରି ବିଚଳିତ ହୋଇ ପଡ଼ିଲେ; ସିଏ ଆଦୌ ବୁଝି ପାରିଲେ ନାହିଁ ଯେ, ଯାହାକୁ ସିଏ ଏକ ଉଚ୍ଚତର ସତ୍ତା ବୋଲି ଭାବୁଥିଲେ, ସିଏ କାହିଁକି ଗୋଟିଏ ପିଲାକୁ ଏପରି ମୃତ୍ୟୁମୁଖକୁ ଠେଲିଦେବାକୁ ମନ କରିବ ।

ଏକଥା ମଧ୍ୟ ନିଶ୍ଚୟ ସତ ହୋଇପାରେ, ମାତ୍ର ନିଜ ଭିତରେ ସେହି ଦୃଷ୍ଟିସାମର୍ଥ୍ୟଟି ରହି ନଥିଲେ ଜଣେ କଦାପି ଏହାର ବ୍ୟାଖ୍ୟା କରି ପାରିବ ନାହିଁ ।

ଏହା ଦୁଇଟି ସମ୍ପୂର୍ଣ୍ଣ ଅଲଗା ଅଲଗା ବିଷୟର ବି ସମସ୍ୟା ହୋଇପାରେ । ହୁଏତ ବସ୍ତୁତଃ ତାହାହିଁ ପିଲାଟିର ନିସ୍ତାର ହୋଇ ରହିଥିଲା, ଅର୍ଥାତ୍ ତା'ର

'oaob.nitrkl.ac.in' images reprocessed

ଜୀବନଟିର ଏହିପରି ସ୍ତରରେ ଅବସାନ ଘଟିବାହିଁ ତା'ର ଚୈତ୍ୟ ସତ୍ତା ଲାଗି ଏକ ଆବଶ୍ୟକତା ହୋଇ ରହିଥିଲା । କୌଣସି ନା କୌଣସି କାରଣ ଲାଗି ଏହି ମୃତ୍ୟୁଟି ପୂର୍ବନିର୍ଦ୍ଧାରିତ ହୋଇ ରହିଥିଲା, କାରଣ ଏପରି ଘଟିବା ଆଦୌ ଅସମ୍ଭବ ନୁହେଁ । ଅଥବା, ଏପରି ହୋଇପାରେ ଯେ ଏକ ପ୍ରତିକୂଳ ଶକ୍ତିହିଁ ସେହି ଭଦ୍ରଲୋକ ଆଲୋକର ଏକ ଦୂତ ବୋଲି ଭ୍ରମ କରି ପକାଇଥିଲେ, କାରଣ ସାଧାରଣତଃ ଲୋକମାନେ ଠିକ୍ ସେହି ଭୁଲଟିହିଁ କରିଥାନ୍ତି;—ଯେତେବେଳେ ସେମାନେ ଏକ ଜ୍ୟୋତିର୍ମୂର୍ତ୍ତି ଦେଖନ୍ତି, ସେତେବେଳେ ତାହାକୁ ସତଅର୍ଥରେ ସ୍ୱର୍ଗରୁ ଆଗତ କୌଣସି ବସ୍ତୁ ବୋଲି ଧରିପକାନ୍ତି । ଯଦି ତୁମେ କହିବାକୁ ଇଚ୍ଛା କରିବ, ତେବେ ତାକୁ ସ୍ୱର୍ଗରୁ ଆଗତ ଏକ କଥା ବୋଲି ଅବଶ୍ୟ କୁହା ଯାଇପାରେ; ମାତ୍ର ସେଇଟି କେଉଁ ସ୍ୱର୍ଗରୁ ଆସିଥାଏ, ସବୁକିଛୁ କେବଳ ତାହାରି ଉପରେ ନିର୍ଭର କରିବ ।

ଏହା ଏକ ବିଚିତ୍ର ବ୍ୟାପାର, କାରଣ···ହିଁ, ଅଚେତନାର ଏହି ମୁହୂର୍ତ୍ତଟିକୁ, ଚେତନାର ଏହି ଶିଥିଳ ହୋଇଯିବାକୁ ହାତ ଦେଇ ଆଖିକୁ ଘୋଡ଼ାଇ ପକାଉଥିବା ଏକ ଜ୍ୟୋତିର୍ମୂର୍ତ୍ତି ହିଁ ଏତେ ସ୍ପଷ୍ଟ କରି ଦେଉଥିଲା ।

ଏହିସବୁ ଦୁଃସହନୀୟ ସାନ ସାନ ମୂର୍ତ୍ତିମାନ ମନୁଷ୍ୟର ଭୌତିକ ପରିବେଶଟି ମଧ୍ୟରେ ରହିଥାନ୍ତି ଏବଂ ମନୁଷ୍ୟମାନଙ୍କର କ୍ଷତି ଘଟାଇ ମଧ୍ୟ ତଦ୍ୱାରା ବେଶ୍ ଆମୋଦିତ ଅନୁଭବ କରୁଥାନ୍ତି; ସେମାନଙ୍କର ଏକ ଅତ୍ୟନ୍ତ ସାଧାରଣ କ୍ରିୟା ହିସାବରେ ସେମାନେ ତୁମକୁ ପ୍ରକୃତରେ ଏତେ ବେଶୀ ଆସି ବାନ୍ଧିପକାନ୍ତି ଯେ, ଯେତେବେଳେ ତୁମେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପଦାର୍ଥର ସନ୍ଧାନ କରୁଥାଅ ଏବଂ ସେହି ବସ୍ତୁଟି ତୁମ ଆଗରେ ରହି ତୁମକୁ ଜଳ ଜଳ ହୋଇ ଚାହିଁଥିଲେ ମଧ୍ୟ ତୁମେ ସେଇଟିକୁ ଆଦୌ ଦେଖି ପାର ନାହିଁ । ଏପରି କଥା ଅଧିକାଂଶ ସମୟରେ ଘଟିଥାଏ । ତୁମେ ବୃଥା ସନ୍ଧାନରେ ମାତିଥାଅ, ସବୁକିଛିକୁ ଲେଉଟାଇ ଦେଖୁଥାଅ, ସବୁ ସମ୍ଭାବ୍ୟ ଅସମ୍ଭବ ହୋଇ ଖୋଜିବାରେ ଲାଗିଥାଅ, ମାତ୍ର ତଥାପି ଜିନିଷଟିକୁ ପାଇ ପାର ନାହିଁ । ତା'ପରେ ତୁମେ ସେହି ସମସ୍ୟାଟିକୁ ପରିହାର କରି ବାହାରିଆସ, ଏବଂ ତାହାର ଅଳ୍ପ କିଛି ସମୟ ପରେ (ଯେତେବେଳେ "ଆଖି ଉପରେ ରହିଥିବା ହାତଟି" ଅପସରି ଯାଏ, ଠିକ୍ ସେତିକିବେଳେ) ଏବଂ ତୁମେ ଯେତେବେଳେ ପୁନର୍ବାର ସେହି ସ୍ଥାନଟିକୁ ଫେରିଆସ, ସେତେବେଳେ ଜିନିଷଟି ପ୍ରକୃତରେ ସେହିଠାରେହିଁ ରହିଥାଏ; ତାକୁ ତୁମେ ଯେଉଁଠାରେ ଖୋଜୁଥିଲ, ଠିକ୍ ସେହିଠାରେ ଥାଏ, କୁଆଡ଼େ ଏତେଟିକିଏ ବି ଏପାଖ ସେପାଖ ହୋଇ ନଥାଏ । ସତ କଥା କେବଳ ଏତିକି ଯେ ତୁମେ ଅଚେତନ ହୋଇ ରହିଥିଲ ଏବଂ ତେଣୁ ଦେଖି ପାରି ନଥିଲ । ଏହିସବୁ କ୍ଷୁଦ୍ର ମୂର୍ତ୍ତିଗୁଡ଼ିକ ଅଧିକାଂଶ ସମୟରେ ଏହିସବୁ ଭିଆଇହିଁ ଭାରି ଆମୋଦ ଲାଭ କରୁଥାନ୍ତି । ଏହିପରି ଏକ ଆନନ୍ଦ ଲାଭ କରିବା ସକାଶେହିଁ

'oaob.nitrkl.ac.in' images reprocessed

ସେମାନେ ଗୋଟିଏ ଜିନିଷକୁ ଏଠୁ ସେଠିକି ନେଇଯାନ୍ତି, ପୁଣି ଆଣି ସେହିଠାରେ ରଖି ଦେଉଥାନ୍ତି, ମାତ୍ର ବେଳେବେଳେ ପୁନର୍ବାର ରଖନ୍ତି ବି ନାହିଁ । ସେମାନେ ତାକୁ ଆଉ କୌଣସି ଜାଗାରେ ନେଇ ରଖିଆସନ୍ତି, ଏହି କ୍ଷେତ୍ରରେ ସେମାନଙ୍କର ପ୍ରକୃତିରେ କେତେ ପ୍ରକାରର କ୍ଷୁଦ୍ର ହେରଫେର ଲଗି ରହିଥାଏ । ସେମାନଙ୍କର ଉତ୍ପାତକୁ ସହ୍ୟ କରିବା ପ୍ରକୃତିରେ ଖୁବ କଷ୍ଟକର । ମାଦାମ୍ ବ୍ଲାଭାଟ୍‌ସ୍କି ଏସବୁର ଅନେକ ଉପଯୋଗ କରିଥିଲେ, ମାତ୍ର ସେମାନଙ୍କୁ ସେ କପରି ଏତେ ବୈଶ୍ୟ ଓ ଭଦ୍ର କରି ରଖିଥିଲେ, ସେକଥା ମୁଁ କହି ପାରୁ ନାହିଁ; କାରଣ ସେଗୁଡ଼ିକ ଅଧିକ ସମୟରେହିଁ ବଡ଼ ଅପ୍ରୀତିକର ହୋଇ ରହିଥାନ୍ତି ।

ମୋର ଥରେ ଏକ ଅଭିଜ୍ଞତା ହୋଇଥିଲା,—ଏହି ଶ୍ରେଣୀୟ ଅଗଣିତ ଦୃଷ୍ଟାନ୍ତ ମଧ୍ୟରୁ ମୁଁ ଏଠାରେ ଦୁଇଟି ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଘଟଣାର ବିଷୟ କହିବି । ଏହି ଦୁଇଟି ହେଉଛି ଦୁଇଟି ବିପରୀତ କଥା,—କେବଳ ଏତିକି ମନେରଖିବା କଥା ଦୁଇଟିଯାକ ଆଦୌ ଗୋଟିଏ ବସ୍ତୁ ନଥିଲେ···ସାନସାନ ସତ୍ତ୍ୱମାନେ ରହିଛନ୍ତି ଯେଉଁମାନଙ୍କୁ କି ପରୀ ବୋଲି କୁହାଯାଏ, ସେମାନେ ଖୁବ ମଧୁର ସ୍ୱଭାବର, ଏବଂ ଆମ ଲାଗି କେତେ ନା କେତେ କଥା କରି ଦେଇଥାନ୍ତି । ମାତ୍ର ସେମାନେ ଆଦୌ ସବୁବେଳେ ମହଜୁଦ ହୋଇ ରହି ନଥାନ୍ତି, ଆପଣାର ଖୁସି ଅନୁସାରେ ସେମାନେ କେତେବେଳେ ଆସୁଥାନ୍ତି, ପୁଣି କେତେବେଳେ ଚାଲି ଯାଉଥାନ୍ତି । ମୋର ସେହି ସମୟର କଥା ମନେପଡ଼ୁଛି, ଯେତେବେଳେ କି ମୁଁ ଶ୍ରୀଅରବିନ୍ଦଙ୍କର ଖାଇବା ପ୍ରସ୍ତୁତ କରି ଦେଉଥିଲି । ସେତେବେଳେ ମୁଁ ଆହୁରି ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରୁଥିଲି; ତେଣୁ ଅନେକ ସମୟରେ ମୁଁ କ୍ଷୀରକୁ ଚୂଲିରେ ବସାଇଦେଇ ଯାଉଥିଲି, ଅଉ କୌଣସି କାର୍ଯ୍ୟ କରିବାକୁ ବା ତାଙ୍କର ଆଉ କୌଣସି ଅନ୍ୟ ଖବର ବୁଝିବାକୁ ଚାଲି ଯାଉଥିଲି; କାହା ସହିତ କ'ଣ ଆଲୋଚନା କରିବା ଲାଗି ବି ମୋତେ ଚାଲିଯିବାକୁ ପଡ଼ୁଥିଲା । ଏକଥା ବି ସତ ଯେ ସବୁ ସମୟରେ ମୋର ସମୟର ଖିଆଲ ରହୁ ନଥିଲା ଏବଂ ମୁଁ ଚୂଲିରେ କ୍ଷୀର ବସାଇଦେଇ ଆସିଥିବା କଥାଟି ପାସୋରି ପକାଉଥିଲି । ଏବଂ ଯେତେଥର ମୁଁ ସେଇ କଥାଟିକୁ ଭୁଲି ଯାଉଥିଲି, ସେତେଥର ମୁଁ ଅନୁଭବ କରି ପାରୁଥିଲି ଯେ ହଠାତ୍ (ମୁଁ ସେତେବେଳେ ଶାଢ଼ୀ ପିନ୍ଧୁଥିଲି) ଗୋଟିଏ ସାନ ହାତ ମୋ ଶାଢ଼ୀର କାନିକୁ ଧରି ଟାଣିଦେବାରେ ଲାଗୁଥିଲା,—ହଁ, ଏହିପରି ଜୋରରେ ଟାଣି ଦେଉଥିଲା । ସେଇଠୁ ମୁଁ ତରତର ହୋଇ ଦଉଡ଼ି ଆସୁଥିଲି ଏବଂ କ୍ଷୀର ଠିକ୍ ଉଛୁଳି ପଡ଼ିବାକୁ ଯାଉଥିବା ସମୟରେହିଁ ସେଠାରେ ଆସି ପହଞ୍ଚି ଯାଉଥିଲି । ଏକଥା ଯେ କେବଳ ଥରେ ଘଟିଥିଲା ତା' ନୁହେଁ, ଏହା ଏକାଧିକ ବାର ଘଟିଥିଲା ଏବଂ ସବୁଥର ଅତ୍ୟନ୍ତ ସ୍ପଷ୍ଟ

'oaob.nitrkl.ac.in' images reprocessed

ସ୍ୱବରେ ଗୋଟିଏ ସାନପିଲ୍‌ର ହାତ ମୋ ଶାଢ଼ୀର କାନିକୁ ଧରି ଟାଣିଟାଣି ନେଉଥିଲା ।

ଆଉ କାହାଣୀଟି ହେଉଛି ସେଇ ସମୟର, ଯେତେବେଳେ ଶ୍ରୀଅରବିନ୍ଦ ନିଜର କୋଠରିଟି ମଧ୍ୟରେ ଉପର ତଳ ହୋଇ ନିୟମିତ ପଦଚାରଣା କରୁଥିଲେ । ସେ ସେହିପରି ସ୍ୱବରେ ଏକାଧିକ ଘଣ୍ଟା ପଦଚାରଣା କରୁଥିଲେ, ସେହିପରି ଭାବରେହିଁ ସେ ଧ୍ୟାନସ୍ଥ ହୋଇ ରହୁଥିଲେ । କେବଳ, ସିଏ ସମୟ କେତେ ହେଲା ବୋଲି ଜାଣିବାକୁ ଚାହୁଁଥିଲେ; ତେଣୁ ପ୍ରତ୍ୟେକ ପ୍ରକୋଷ୍ଠରେ ଗୋଟିଏ କରି ଘଣ୍ଟା ରଖି ଦିଆଯାଇ ଥିଲା, ଯେପରିକି ସେ ଯେତେବେଳେ ଚାହିଁବେ, ସମୟ ଦେଖିନେଇ ପାରିବେ । ଏହିପରି ତିନୋଟି ଘଣ୍ଟା ରଖା ଯାଇଥିଲା । ଗୋଟିଏ ଥିଲା, ଯେଉଁ କୋଠରିରେ ମୁଁ କାମ କରୁଥିଲି; କୁହାଯାଇ ପାରେ ଯେ ଏଇଠାରୁହିଁ ସେ ଆପଣାର ପଦଚାରଣା ଆରମ୍ଭ କରୁଥିଲେ । ଦିନେ ସିଏ ଆସି ପଚାରିଲେ, "ବର୍ତ୍ତମାନ କେତେଟା ବାଜିଛି ?" ଘଣ୍ଟାକୁ ଅନାଇ ଦେଖିଲେ ଯେ ସେଇଟି ବନ୍ଦ ହୋଇ ଯାଇଛି । "ଆଚ୍ଛା, ମୁଁ ଆରଘରୁ ସମୟ ଦେଖିନେବି" ବୋଲି କହି ସିଏ ପାର୍ଶ୍ୱବର୍ତ୍ତୀ କୋଠରିଟିକୁ ଗଲେ,—ସେଠାରେ ବି ଘଡ଼ି ବନ୍ଦ ହୋଇ ଯାଇଥିଲା । ଏବଂ, ପ୍ରଥମଟି ଠିକ୍ ଯେତିକବେଳେ ବନ୍ଦ ହୋଇଥିଲା, ଏଇଟି ମଧ୍ୟ ଠିକ୍ ସେତିକବେଳେ ବନ୍ଦ ହୋଇ ଯାଇଥିଲା । ହଁ, ମୋଟେ କେତୋଟି ସେକେଣ୍ଡର ଫରକହିଁ ରହିଥିଲା । ତା'ପରେ ସେ ତୃତୀୟ କୋଠରିକୁ ଯାଇଥିଲେ,—ସେଠାରେ ମଧ୍ୟ ଘଡ଼ିଟି ବନ୍ଦ ହୋଇ ଯାଇଥିବାର ଦେଖିଥିଲେ । ସେ ଏହିପରି ସ୍ୱବରେ ତିନି ଥର ଯିବା ଆସିବା କରିଥିଲେ,—ଏବଂ ତିନୋଟି ଯାକ ଘଡ଼ି ବନ୍ଦ ହୋଇ ଯାଇଥିଲା । ତା'ପରେ ସିଏ ମୋ କୋଠରିଟିକୁ ଫେରିଆସି କହିଥିଲେ, "ମାନି ଏକଥା କିପରି ସମ୍ଭବ ହେବ ! ଏହି ପରିହାସଟି ମୋଟେ ଭଲ ପରିହାସ ନୁହେଁ !" ଏବଂ ତା'ପରେ, ଗୋଟିକ ପରେ ଗୋଟିଏ ହୋଇ ତିନୋଟିଯାକ ଚାଲିବାକୁ ଆରମ୍ଭ କରି ଦେଇଥିଲେ । ବୁଝିଲ, ମୁଁ ଏକଥା ନିଜେ ଦେଖିଛି । ଏହି ଘଟଣାଟି ପ୍ରକୃତରେ ଖୁବ ଚମତ୍କାରିକ ବୋଧ ହୋଇଥିଲା । ସିଏ ବେଶ୍ ରୁଷ୍ଟ ହୋଇ ଯାଇଥିଲେ ଓ କହିଥିଲେ, "ଏଇଟା ଆଦୌ ଭଲ ପରିହାସ ନୁହେଁ !" ଏବଂ ତା'ପରେ ତିନୋଟିଯାକ ଘଡ଼ି ଚାଲିବାକୁ ଆରମ୍ଭ କରିଥିଲେ !

ଏପରି କୁହା ଯାଇଥାଏ ଯେ ଆପଣାର ଅଚେତନତାର ବଶବର୍ତ୍ତୀ ହୋଇ ଜଡ଼ ଜଗତ ପରମ ଦିବ୍ୟ ସତ୍ତାଙ୍କ ବିଷୟରେ ବିସ୍ମୃତ ହୋଇ ରହିଛି । ଜଡ଼ ଜଗତ କ'ଣ ମୂଳରୁହିଁ ସେହି ଦିବ୍ୟ ସତ୍ତାଙ୍କୁ ପାସୋରି କରି ରହିଛି ?

'oaob.nitrkl.ac.in' images reprocessed

ଦୁଇଟିଯାକ ସହବର୍ତ୍ତୀ ହୋଇ ରହିଛି । ଆମେ କଦାପି କହି ପାରିବା ନାହିଁ ଯେ ଅନ୍ଧକାର ଏବଂ ଅଜ୍ଞାନତାର ପରିଣାମସ୍ୱରୂପହିଁ ଏହି ଜଡ଼ଜଗତ ଜନ୍ମଲାଭ କରିଛି; ଆମେ ଏକଥା ମଧ୍ୟ କହି ପାରିବା ନାହିଁ ଯେ ଜଡ଼ଜଗତର ପରିଣାମସ୍ୱରୂପହିଁ ଅନ୍ଧକାର ଏବଂ ଅଜ୍ଞତା ଜନ୍ମଲାଭ କରିଛନ୍ତି । ମାତ୍ର ଦୁହେଁ ସହବର୍ତ୍ତୀ ହୋଇ ରହିଛନ୍ତି, ଅର୍ଥାତ୍ ସେହି ଗୋଟିଏ କାରଣରୁହିଁ ଦୁହେଁଯାକ ଜନ୍ମଲାଭ କରିଛନ୍ତି । ଯାହାକୁ ଆମେ ଜଡ଼ଜଗତ ବୋଲି କହୁଛୁ, ତାହା ଅନ୍ଧକାର ଏବଂ ଅଜ୍ଞାନତାର ସମସାମୟିକ ଭାବରେହିଁ ଆବିର୍ଭୂତ ହୋଇଛି, ଦୁହେଁ ପରସ୍ପର ସହିତ ଘନିଷ୍ଠ ଭାବରେ ସମ୍ବନ୍ଧିତ ହୋଇ ରହିଛନ୍ତି, ମାତ୍ର ସମୟଗତ ଏକ ପୂର୍ବାପର-ସମ୍ବନ୍ଧର ବିଚାର କଲେ ଏହି କ୍ଷେତ୍ରରେ କୌଣସି କାରଣ ନାହିଁ, କୌଣସି ପରିଣାମ ବି ନାହିଁ । କେବଳ ସହବର୍ତ୍ତିତାହିଁ ରହିଛି, ଦୁଇଟିଯାକ ଆଉଗୋଟିଏ କାରଣର ସହବର୍ତ୍ତୀ ପରିଣାମରୂପେ ବିଦ୍ୟମାନ ରହିଛନ୍ତି । ଯାହାକିଛି ଏହି ଅନ୍ଧକାର ଓ ଅଜ୍ଞାନତାକୁ ସୃଷ୍ଟି କରିଛି, ତାହା ଯୁଗପତ୍ ଭାବରେ ସେହି ଗୋଟିଏ ପର୍ଯ୍ୟାୟରେହିଁ ଆମର ପରିଚିତ ଏହି ଜଡ଼ଜଗତର ମଧ୍ୟ ସୃଷ୍ଟି କରିଛି ।

## ୫ ଏପ୍ରିଲ ୧୯୫୧

"ଏଠାରେ ଯାହାକିଛି ରହିଛି, ସବୁକିଛି ସେହି ଅତିମାନସ ଦ୍ୱାରା ଅନୁସୃତ ହେବାରେ ଲାଗିଛି । ମନ ତଥା ପ୍ରାଣର ଯାବତୀୟ ଗତିସ୍ପନ୍ଦନ ଏବଂ ଜଡ଼ସ୍ତରର ଯାବତୀୟ ଗତିଶୀଳତା,—ବିଶ୍ୱ-ଜଗତର ଏହି ଯାବତୀୟ ଲୀଳା ପଛରେ ଏକ ଗଭୀରତର ଅଭିପ୍ରାୟ ନିହିତ ହୋଇ ରହିଛି, ମାତ୍ର ସେହି ଅଭିପ୍ରାୟ ହେଉଛି ଭିନ୍ନ ଆଉଗୋଟିଏ ପ୍ରକାରର । ଏଠାରେ ଯେଉଁ ପାର୍ଥକ୍ୟର ପ୍ରସଙ୍ଗ ଉଠୁଛି, ସେଇଟି ହେଉଛି ଗୋଟିଏ ପାଖରେ, ଯିଏ ସୂତାଗୁଡ଼ିକୁ ନିଜ ହାତରେ ଧରିଛି, କଣ୍ଢେଇଗୁଡ଼ିକ ଯାହାକିଛି କରିବେ ତାହାକୁ ଭଲଭାବରେ ଜାଣିଛି, ଯାହାର ଇଚ୍ଛାହିଁ ସେଗୁଡ଼ିକୁ ସଞ୍ଚାଳିତ କରୁଛି ଏବଂ ଯିଏ କେବଳ କଣ୍ଢେଇଗୁଡ଼ିକୁ ଯେପରି ଚଳାଇବ, ସେମାନେ ଅବିକଳ ସେହିପରି ଚଳିବେ ବୋଲି ଭଲ କରି ଜାଣିଛି, ତାହାର ଆଗ୍ରହ, ଏବଂ ଅନ୍ୟ ପକ୍ଷରେ,

'oaob.nitrkl.ac.in' images reprocessed

ଆଉଜଣେ ମନୁଷ୍ୟର ଆଗ୍ରହ ଯିଏ କି ଖେଳାଟିକୁ ଦେଖିପାରୁଛି ସତ, ମାତ୍ର କେବଳ ମୁହୂର୍ତ୍ତକୁ ମୁହୂର୍ତ୍ତ ଯାହାକିଛି ଘଟି ଯାଉଛି, ତାହାକୁହିଁ ଦେଖୁଛି ଏବଂ ତଦ୍‌ବ୍ୟତୀତ ଆଉ କିଛିହେଲେ ଜାଣି ନାହିଁ, ତାହାର ଆଗ୍ରହ ମଧ୍ୟରେ ରହିଥିବା ପାର୍ଥକ୍ୟର ଏକ ପ୍ରସଙ୍ଗ । ଯିଏ କ୍ରୀଡ଼ାଟିକୁ ଦେଖିବାରେ ଲାଗିଛି ଏବଂ ତା'ର ଅସଲ ରହସ୍ୟଟିର ବାହାରେ ରହିଛି, ଯାହାକିଛି ଘଟିବାକୁ ଯାଉଛି, ସେବିଷୟରେ ତା'ର ନିଶ୍ଚିତ ଭାବରେ ଏକ ଅଧିକ ଶକ୍ତିଶାଳୀ, ଉତ୍ସୁକତାମୟ ଏବଂ ପ୍ରବଳ ଆବେଗପୂର୍ଣ୍ଣ ଆଗ୍ରହ ରହିଛି ଏବଂ ତାହାର ଅଦୃଷ୍ଟପୂର୍ବ ଏବଂ ନାଟକୀୟ ଘଟଣାଗୁଡ଼ିକୁ ସେ ଭାରି ଉତ୍ତେଜିତ ମନୋନିବେଶ ସହକାରେ ଦେଖିବାରେ ଲାଗିଛି । ମାତ୍ର ଅନ୍ୟଜଣକ, ଯିଏ ରଜ୍ଜୁଗୁଡ଼ିକୁ ଧରିଛି ଏବଂ ସମସ୍ତ ଅଭିନୟଟିର ସଂଚାଳନା କରୁଛି, ସିଏ ଅବିଚଳିତ ହୋଇ ରହିଛି, ଶାନ୍ତ ହୋଇ ରହିଛି । ଅଜ୍ଞାନତାରୁ ଏପରି ଏକ ଆଗ୍ରହଗତ ପ୍ରଗାଢ଼ତା ଉତ୍ପନ୍ନ ହୋଇ ଆସିଥାଏ, ଯାହାକି ଭ୍ରାନ୍ତି ସହିତ ବନ୍ଧା ହୋଇ ରହିଥାଏ ଏବଂ ତୁମେ ଭ୍ରାନ୍ତି ମଧ୍ୟରୁ ବାହାରି ଆସିବା ସଙ୍ଗେ ସଙ୍ଗେ ଯାହାକୁ ଅନ୍ତର୍ହିତ ହୋଇଯିବାକୁ ପଡ଼େ । ବସ୍ତୁଗୁଡ଼ିକ ସମ୍ବନ୍ଧରେ ମନୁଷ୍ୟମାନେ ଯେଉଁ ଆଗ୍ରହ ପ୍ରକାଶ କରିଥାନ୍ତି, ତାହା ଏହି ଭ୍ରାନ୍ତି ଉପରେହିଁ ଆଧାରିତ ହୋଇ ରହିଥାଏ । ଯଦି ସେହି ଭ୍ରାନ୍ତିଟିକୁ ଅପସାରିତ କରି ନିଆଯାଇ ପାରନ୍ତା, ତେବେ ନାଟକଟିରେ ସେମାନଙ୍କର ଆଦୌ କୌଣସି ଆଗ୍ରହ ରହନ୍ତା ନାହିଁ; ନାଟକଟି ସେମାନଙ୍କୁ ଭାରି ଶୁଷ୍କ ଓ ନୀରସ ବୋଧ ହୁଅନ୍ତା । ଏବଂ ସେହି କାରଣରୁହିଁ ଏହି ଯାବତୀୟ ଅଜ୍ଞାନତା ଓ ଯାବତୀୟ ଭ୍ରାନ୍ତି ଏତେ ଦୀର୍ଘସ୍ଥାୟୀ ହୋଇ ରହିପାରିଛି; ଏସବୁ ରହିଛି, କାରଣ ମନୁଷ୍ୟମାନେ ଏଗୁଡ଼ିକୁ ଭଲ ପାଉଛନ୍ତି, ସେମାନେ ତାହାରି ଭିତରେ ଲାଖି ରହିଛନ୍ତି; ସେମାନଙ୍କ ପ୍ରତି ସେଗୁଡ଼ିକର ଯେଉଁ ବିଶେଷ ଆବେଦନଟି ରହିଛି, ହେଇଥିଲାଗି ସେଗୁଡ଼ାକ ନଯାଇ ରହିଛି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

'oaob.nitrkl.ac.in' images reprocessed

## ଭ୍ରାନ୍ତି ଉପରେ କାହାର ଆଗ୍ରହ ଜନ୍ମିପାରିବ କିପରି ?

ତୁମେ ତେବେ ଭ୍ରାନ୍ତି ଭିତରେ ରହି ନାହିଁ ବୋଲି ଭାବୁଛ ? ତୁମେ କଳ୍ପନା କରୁଛ ଯେ ତୁମେ ଭ୍ରାନ୍ତିର ବାହାରେ ରହିଛ ? ବର୍ତ୍ତମାନ ପୃଥିବୀ ଯେପରି ହୋଇ ରହିଛି, ସେଥିରେ ସବୁକିଛି କେବଳ ଭ୍ରାନ୍ତିମୟ ହୋଇ ରହିଛି । ଏଥିରୁ ସମ୍ଭବତଃ କେତେକ ସୁବିଧା ମିଳିଛି ସତ, ମାତ୍ର ତୁମେ ସେଥିଲାଗି ବସ୍ତୁଗୁଡ଼ିକର କେବଳ ଉପରଭାଗଟିକୁହିଁ ଦେଖିବାକୁ ପାଉଛ, ବା ଖୁବ୍ ବେଶୀ ହେଲେ ଏକ କ୍ଷୁଦ୍ର ଅଂଶକୁହିଁ ଦେଖିପାରୁଛ । ବସ୍ତୁଗୁଡ଼ିକର ଭିତରର ମର୍ମଟିକୁ ତୁମେ ଆଦୌ ଦେଖି ପାରୁ ନାହିଁ । ଅସଲ ହୃଦୟଟିକୁ ଦେଖି ପାରୁ ନାହିଁ, ତୁମେ ବସ୍ତୁଗୁଡ଼ିକର କାରଣଶରୀରଟିକୁ ଦେଖି ପାରୁ ନାହିଁ । କାଲି ବି କ'ଣ ଘଟିବାକୁ ଯାଉଛି, ସେବିଷୟରେ ତୁମେ କିଛିହେଲେ ଜାଣିଛ କି ?···ହଁ, ତୁମେ ଏବିଷୟରେ ହୁଏତ କିଷ୍ଟିଏ କିଛି ଅନୁମାନ କରିପାରିବ, କହିବ ଯେ ଆଜି ଯାହା ଘଟିଛି, କାଲି ହୁଏତ ତାହାର ପରିହିଁ କିଛି ଘଟିବ; ମାତ୍ର ସେବିଷୟରେ ତୁମେ ପ୍ରକୃତରେ କିଛିହେଲେ ଜାଣି ନାହିଁ । କାଲି କ'ଣ ଘଟିବ, ସେବିଷୟରେ ତୁମେ କିଛି ଜାଣି ନାହିଁ । ଏବଂ ମାସକ ପରେ ବା ବର୍ଷକ ପରେ କ'ଣସବୁ ଘଟିବ, ସେବିଷୟରେ ଆହୁରି କମ୍ ବି ଜାଣିଛ । ଏବଂ, ଜନ୍ମଗ୍ରହଣ କରିବା ପୂର୍ବରୁ ତୁମେ କେଉଁଠି ଥିଲ, ସେବିଷୟରେ ତୁମକୁ ଆଦୌ କିଛିହେଲେ ଜଣା ଅଛି କି ? ତୁମର ମୃତ୍ୟୁ ପରେ ତୁମର କ'ଣସବୁ ଦଶା ହେବ, ସେବିଷୟରେ ବି କିଛିହେଲେ ଜଣାଅଛି କି ?···ତୁମେ ଯାହାକିଛି କରୁଛ, ସେଥିରେ କିଛିତ ଆଗ୍ରହ ପ୍ରକାଶ କରୁଛ, କାରଣ ଏହାପରେ କ'ଣସବୁ ଘଟିବାକୁ ଯାଉଛି, ସେବିଷୟରେ ତୁମକୁ କିଛିହେଲେ ଜଣା ନାହିଁ । କ'ଣସବୁ ଘଟିବାକୁ ଯାଉଛି, ସେବିଷୟରେ ଯଦି ତୁମେ ସବୁକଥା ଜାଣିଥାନ୍ତ, ତେବେ ମୋର ଆଦୌ କୌଣସି ସନ୍ଦେହ ନାହିଁ ଯେ ୧୦୦୦ରୁ ୯୯୯ ଜଣ ମଣିଷ ଚୁପ୍ ହୋଇ ବସି ପଡ଼ନ୍ତେ ଓ ସେହି କଥାଟି ଘଟିବ ବୋଲି ଅପେକ୍ଷା କରି ରହନ୍ତେ । ଯାହା ଘଟିବାକୁ ଯାଉଛି, ଯଦି ତାହା ନିର୍ଭୁଲ ଭାବରେ ଜଣାଥାଆନ୍ତା, ତେବେ ତୁମର ସବୁଯାକ ଉତ୍ସାହ କୁଆଡ଼େ ବାଷ୍ପ ହୋଇ ଉଡ଼ିଯାଆନ୍ତା ଏବଂ ଅଧିକାଂଶ ସ୍ଥଳରେ ତୁମେ "ସେଠି ଯାଇ ପହଞ୍ଚିବାକୁ ହେଲେ ମୋତେ କ'ଣ ପ୍ରକୃତରେ ଏତେଗୁଡ଼ାଏ କଥା କରିବାକୁ ପଡ଼ିବ ? ନାହିଁରେ ବାପା, ମୁଁ ଏତେସବୁ କଥା ମୋଟେ କରି ପାରିବି ନାହିଁ" ବୋଲି କହିବସନ୍ତ ।

## ତେବେ ଭ୍ରାନ୍ତିର ପ୍ରୟୋଜନ କି ରହିଛି ?

'oaob.nitrkl.ac.in' images reprocessed

ପ୍ରୟୋଜନ ରହିଛି ବୋଲି ମୁଁ କଦାପି କହୁ ନାହିଁ । ମୁଁ କହୁଛି, ନିଶ୍ଚିତ ଭାବରେ କେବଳ ତାହାହିଁ ହୁଅନ୍ତା । ଦୁଇଟିଯାକ ଭିନ୍ନ ଭିନ୍ନ କଥା । ବଦଳିଯିବା ହେଉଛି ଅସଲ ପ୍ରୟୋଜନ ।

ପରିଣାମ ପ୍ରକୃତରେ କ'ଣ ଫଳିବାକୁ ଯାଉଛି, ତାହାକୁ ପୂର୍ଣ୍ଣ ଭାବରେ ଜାଣିକରି ମଧ୍ୟ ସମାନ ଆଗ୍ରହ, ସମାନ ପ୍ରଗାଢ଼ତା ଓ ସମାନ ଶକ୍ତିମତ୍ତା ସହିତ କୌଣସି କାର୍ଯ୍ୟକୁ କରିପାରିବା, ତାହାହିଁ ହେଉଛି ସବୁଠାରୁ ବଡ଼ କଥା ଭିତରୁ ଗୋଟିଏ । ଏବଂ ପରିଣାମଟି ଯଦି ତୁମ ପ୍ରତ୍ୟାଶାର ବିପରୀତ ହେବାକୁ ଯାଉଥାଏ, ତଥାପି ସମାନ ଆଗ୍ରହ ଇତ୍ୟାଦିର ସହିତ ସେହି କାର୍ଯ୍ୟଟିକୁ କରିପାରିବା ହେଉଛି ସବୁଠାରୁ ବଡ଼ କଥା । ଏପରି କରିବା ମୋଟେ ସହଜ ନୁହେଁ, ମାତ୍ର ତଥାପି ତାହାହିଁ ଅପରିହାର୍ଯ୍ୟ ।

କାହିଁକି ଅପରିହାର୍ଯ୍ୟ, ମୁଁ ସେକଥା ଆଦୌ ବୁଝି ପାରୁ ନାହିଁ ।

ମୁଁ କହିବାକୁ ଚାହୁଁଛି ଯେ, ପରିଣାମ ଯେ କ'ଣ ହେବାକୁ ଯାଉଛି, ସେହି କଥାଟିକୁ ସମ୍ପୂର୍ଣ୍ଣ ଭାବରେ ଜାଣି ଏବଂ ଏପରିକି ଏହି ପରିଣାମ ତୁମ ଆଶାର ସମ୍ପୂର୍ଣ୍ଣ ବିପରୀତ ହୋଇଥିଲେ ମଧ୍ୟ ତଥାପି ତୁମେ ସେହି କାର୍ଯ୍ୟଟିକୁ କରି ପାରିବ, ସେହି କାର୍ଯ୍ୟରେ ତୁମେ ଅବିଚ୍ଛିନ୍ନ ହୋଇ ରହି ପାରିବ, 'ଏହିପରି ଏକ ସ୍ଥିତିରେ ଯାଇ ପହଞ୍ଚି ପାରିବା ହେଉଛି ଅପରିହାର୍ଯ୍ୟ । ଲିପ୍ତ ହୋଇ ନପଡ଼ିବାର ଏହି ଅବସ୍ଥାଟି ହେଉଛି ଅପରିହାର୍ଯ୍ୟ,—ଭ୍ରମ ଭିତରେ ପଡ଼ିରହିବା କଦାପି ଅପରିହାର୍ଯ୍ୟ ନୁହେଁ ।

୧୯୬୧ ମସିହାରେ ମାଆଙ୍କ ପ୍ରବଚନ ସମୟରେ, ଗୋଟିଏ ରୋଗକୁ ଆରୋଗ୍ୟ କରିବା ଲାଗି କ'ଣ କରିବାକୁ ହେବ, ଆପଣା ଇଚ୍ଛାଶକ୍ତିକୁ କାମରେ ଲଗାଇବାକୁ ହେବ ଅଥବା ଆରୋଗ୍ୟଟି ସମ୍ଭବ ହୋଇଯିବ ବୋଲି ଏକ ବିଶ୍ୱାସ ପୋଷଣ କରି ରହିବାକୁ ହେବ ବା ସମ୍ପୂର୍ଣ୍ଣ ଭାବରେ ଭଗବତ୍ ପରମ ଶକ୍ତି ଉପରେ ଆସ୍ଥା ସ୍ଥାପନ କରି ରହିବାକୁ ପଡ଼ିବ, ଜଣେ ଏହିପରି ପ୍ରଶ୍ନଟିଏ ପଚାରିବାରୁ ମାଆ ଉତ୍ତରରେ କହିଲେ :

"ସେହି ଗୋଟିଏ କଥାକୁ ସାଧିତ କରିବା ଲାଗି ଏହି ସବୁଯାକ ହେଉଛି ଗୋଟିଏ ଗୋଟିଏ ବାଟ ।...

'oaob.nitrkl.ac.in' images reprocessed

ମାତ୍ର ତୁମେ ଯାହା ପାଇବ ବୋଲି ଆଶା କରିଥାଅ ଅଥବା ତୁମର ପ୍ରଚେଷ୍ଟା ଯାହା ହୋଇଥାଉ ପଛକେ, ତୁମକୁ ସତତ ଅନୁଭବ କରିବାକୁ ପଡ଼ିବ ଯେ ସକଳ ପରିଣାମ କେବଳ ସେହି ଦିବ୍ୟ ସତ୍ତାଙ୍କର କରୁଣା ଉପରେହିଁ ନିର୍ଭର କରୁଛି । ତୁମେ ତୁମର ଯଥାସାଧ୍ୟ ଚେଷ୍ଟା କରୁଥାଅ, ଆପଣା ଜ୍ଞାନକୁ କାମରେ ଲଗାଉଥାଅ ଅଥବା ଶକ୍ତିର ବିନିଯୋଗ କରୁଥାଅ ପଛକେ, ସେହି ଅନୁଭବଟି ସବୁବେଳେ ତୁମ ଭିତରେ ରହିଥିବ ।"

ପ୍ରଶ୍ନ ଓ ଉତ୍ତର ୧୯୫୯ (୧୩ ଜୁନ୍)

ମାତ୍ର ସର୍ବପ୍ରଥମେ ସେଇଟି ଲାଗି ଇଚ୍ଛା କରିବାକୁ ହେବ । ମୁଁ ଭାବୁଛି, ତାହାହିଁ ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ! ବାଟ ବୋଲି ଅନୁସରଣ କରିବାକୁ କେବଳ ଗୋଟିଏ ବାଟହିଁ ନାହିଁ··· । ମୁଁ ଏହି ଅଂଶତକ ପଢ଼ୁଛି ଓ ଏହି କଥା ଶୁଣିବାରେ କେତେଜଣଙ୍କର ପ୍ରକୃତରେ ସନ୍ତୋଷ ଆସିବ, ମୁଁ ସେହି କଥାଟିକୁହିଁ ଭାବୁଛି । ଏହି ପୃଥିବୀରେ ଯେତେ ଯାହା ବସ୍ତୁବାଦ ଓ ପ୍ରତ୍ୟକ୍ଷବାଦର ବିରଚନା ହୋଇଛି, ସେସବୁ ଖାସ୍ ଏଇଥି ସକାଶେ ସମ୍ଭବ ହୋଇଛି ଯେ ଦିବ୍ୟ ପରମ କରୁଣା ଆଦୌ ଏହି ପୃଥିବୀକୁ ଆସୁ ବୋଲି ଲୋକମାନେ ମୋଟେ ଇଚ୍ଛା କରୁ ନାହାନ୍ତି । ରୋଗରୁ ଆରୋଗ୍ୟ ଲାଭ କରି ସେମାନେ "ମୁଁ ଇ ମୋର ଆରୋଗ୍ୟ କରାଇଲି" ବୋଲି କହୁଛନ୍ତି । ସେମାନେ କେଉଁଠି କିଛିଟା ଅଗ୍ରଗତି କଲେ "ପ୍ରକୃତରେ ମୁଁ ଇ ଅଗ୍ରଗତି କଲି" ବୋଲି ଭାବିବାକୁ ଇଚ୍ଛା କରୁଛନ୍ତି । ସେମାନେ କିଛି ସଂଗଠନ କଲେ "ଏସବୁ ସଂଗଠନ କେବଳ ମୋରି ଦ୍ୱାରା ହେଉଛି" ବୋଲି ଘୋଷଣା କରିବାକୁ ମନ କରୁଛନ୍ତି । ଏବଂ, ଯେଉଁମାନେ ଅନ୍ୟପ୍ରକାର କରିବା ଲାଗି ଚେଷ୍ଟା କରୁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ, ଅନେକ ମନୁଷ୍ୟ ଯଦି ଆପଣାର ଭିତରକୁ ଅନାଇକରି ଦେଖିପାରନ୍ତେ, ତେବେ ସେମାନେ ଯେ ପ୍ରକୃତରେ କିଛି କରି ନାହାନ୍ତି ଓ ଦିବ୍ୟ ପରମଶକ୍ତି ଯେ ସବୁକିଛି କରୁଛି, ସେମାନେ ଯେ କେତେ କ୍ୱଚିତ୍ ସ୍ୱତଃସ୍ଫୂର୍ତ୍ତି ତଥା ନିଷ୍ଠାପର ଭାବରେ (ଗୋଟାଏ କଥା କହିବା ଉଚିତ ବୋଲି ଜାଣି ଯେତେବେଳେ ଜଣେ କିଛି କହୁଛି ବା ସେପରି ଭାବିବାଟା ଫେଶନ ହୋଇଛି ବୋଲି ଯେ ଜଣେ ନିଜେ କିଛି ଭାବୁଛି,—ଏଭଳି ଭାବରେ ଆଦୌ ନୁହେଁ, ମାତ୍ର ସ୍ୱତଃସ୍ଫୂର୍ତ୍ତି ଓ ନିଷ୍ଠାପର ଭାବରେ, ସେମାନଙ୍କର ସମସ୍ତ ହୃଦୟ ସହିତ) ସେହି କଥାଟିକୁ ଜାଣୁଛନ୍ତି, ସେମାନେ ନିଶ୍ଚୟ ସେହି କଥାଟିକୁ ଦେଖିବାକୁ ପାଇ ପାରନ୍ତେ । ଯେତେବେଳେ ସେମାନେ କୌଣସି ଅଗ୍ରଗତି କରୁଛନ୍ତି, ନିଜ ଭିତରେ

'oaob.nitrkl.ac.in' images reprocessed

ଯେତେବେଳେ ସେମାନେ କିଛି ବଦଳାଇ ଦେଇ ପାରୁଛନ୍ତି, ଯେତେବେଳେ କିଛି ଶିଖୁଛନ୍ତି, ସେତେବେଳେ ପ୍ରକୃତରେ କେତେଥର ଏପରି ଘଟୁଛି ଯେ, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ, ଆପଣା ଇଚ୍ଛାର କ୍ଷେତ୍ରରେ ଆଦୌ କୌଣସି ପ୍ରୟାସ ନକରି, ଆଦୌ କିଛି ନଭାବି, "ପ୍ରତ୍ୟେକଙ୍କର ଠିକ୍ ଏହିପରି ଭାବିବା ଉଚିତ" ବୋଲି ଆପଣାକୁ ପରାମର୍ଶ ଦେବାର ପ୍ରୟୋଜନ ଅନୁଭବ ନକରି, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଜଣେ ଜାଣୁଛି ଯେ ପ୍ରକୃତରେ ସେହି ଦିବ୍ୟଶକ୍ତିଙ୍କର ସହାୟତା ବିନା ଆଦୌ କିଛିହେଲେ ସାଧିତ ହୋଇ ପାରି ନଥାନ୍ତା ? ତୁମେ ନିଜ ଭିତରକୁ ଦୃଷ୍ଟିପାତ କରି ଦେଖିବ, ଏହା ପ୍ରକୃତରେ ଗୋଟିଏ ଭାରି, ଭାରି ଆଗ୍ରହୋଦ୍ଦୀପକ ବିଷୟ ଏବଂ "ଏକଥାଟି ମୁଁ କରିଛି", "ମୁଁ ସେକଥାଟି କରିବାକୁ ସମର୍ଥ ହୋଇଛି", "ଏ କାର୍ଯ୍ୟଟିରେ ମୋତେ ସଫଳତା ମିଳିଛି", "ସେହି କାର୍ଯ୍ୟଟିରେ ମୁଁ ବିଫଳ ହୋଇଛି" ବୋଲି ଦିନମାନ ପ୍ରକୃତରେ କେତେଥର ଭାବିଛ (ଏପରିକି ନିଜକୁ ସେହି ବିଷୟରେ ଆଦୌ କିଛି ନକହି ମଧ୍ୟ), ଏବଂ ଯେତେବେଳେ ଉତ୍ତମରୂପେ ପ୍ରୟାସଟିକୁ କରି ସାରିଛ, ଯେତେବେଳେ ସେଥିରୁ ଏକ ପରିଣାମ ଲାଭ କରିଛ, ସେତେବେଳେ ନିଜ ପାଖରେ "ଯଦି ଭଗବତ୍ ଶକ୍ତି ମୋର ସହାୟକ ହୋଇ ନଥାନ୍ତା, ତେବେ ମୁଁ ସମ୍ଭବତଃ ଏହି କାର୍ଯ୍ୟଟି କରିବା ଲାଗି କଦାପି ସମର୍ଥ ହୋଇ ନଥାନ୍ତି" ବୋଲି କହିବା ଲାଗି ହୁଏତ ତୁମ ପାଇଁ ଭାବନାର ଏକ କ୍ଷୁଦ୍ର ମୁହୂର୍ତ୍ତର ପ୍ରୟୋଜନ ରହିଛି । "ଦେଖିଲ, ମୁଁ ଶେଷରେ ସଫଳତା ଲାଭ କରି ପାରିଲି", ବୋଲି କହିବା ହେଉଛି ପ୍ରକୃତରେ ଏକ ସ୍ୱତଃସ୍ଫୂର୍ତ୍ତି କଥା, ନୁହେଁ କି ? ବସ୍ତୁତଃ ତୁମ ମନର ଏପରି ଗୋଟିଏ ଭାଗ ରହିଛି, ଯାହାକୁ କି ଉଚିତ ପ୍ରଶିକ୍ଷଣ ମିଳିଛି, ଯାହାକି ଯଥାର୍ଥ କଥାଟିକୁ ଶିକ୍ଷା କରି ପାରିଛି, ଚିନ୍ତା କରିଛି, ବୁଝିଛି, ଯଥାର୍ଥ ଭାବରେ ଉନ୍ମୁଖ ହୋଇ ରହିପାରିଛି ଏବଂ ପ୍ରକୃତରେ ଅନୁଭବ କରୁଛି ଯେ ଏହା ହେଉଛି ବାସ୍ତବିକ ସେହିପରି; ମାତ୍ର ଏଇଟି ହେଉଛି ତୁମ ମନର କେବଳ ଗୋଟିଏ ମାତ୍ର ଅଂଶ, ଏବଂ ଏହି ଅଂଶଟି ସର୍ବଦା ଆଦୌ ସକ୍ରିୟ ହୋଇ ରହି ନଥାଏ, ବେଳେବେଳେ ତାହାର ଆବାହନ କରି ଆଣିବାକୁ ହୋଇଥାଏ ଏବଂ ତାହାର ପରାମର୍ଶ ମଗା ଯାଇଥାଏ, "ତେବେ ସର୍ବୋତ୍ତମ କିପରି ଦୃଷ୍ଟିକୋଣ ରଖିବାକୁ ହେବ ?", "ମୋର କ'ଣ ଭାବିବା ଉଚିତ ?" ମୁଁ ବିଶ୍ୱାସ କରୁଛି ଯେ ଯେଉଁମାନେ ଯୋଗର ମାର୍ଗକୁ ଗ୍ରହଣ କରିଛନ୍ତି, ଯଦି ସେମାନେ ନିଷ୍ଠାପର ହୋଇଥାନ୍ତି, ଯଦି ସେମାନେ ମୁହୂର୍ତ୍ତିକ ଲାଗି ଚିନ୍ତା କରନ୍ତି, ତେବେ ସେମାନେ ନିଜକୁ ଆସି କହନ୍ତି, "ମୁଁ ଏହି ବିଷୟରେ ଆଦୌ ସଜ୍ଞାନ ନଥିଲି; ମାତ୍ର ମୁଁ ଯଦି ପ୍ରକୃତରେ ସଫଳ ହୋଇଥାଏ, ତେବେ ତାହା ସମ୍ଭବ ହେଲା, କାରଣ ମୋତେ ସାହାଯ୍ୟ କରିବା ଲାଗି ଦିବ୍ୟ ଶକ୍ତିମାନେହିଁ ମୋ ପାଖେପାଖେ ସନ୍ନଦ୍ଧ ହୋଇ ରହିଥିଲେ; ତା'

'oaob.nitrkl.ac.in' images reprocessed

ନହୋଇଥିଲେ ମୁଁ କଦାପି ସଫଳ ହୋଇ ପାରି ନଥାନ୍ତି ।” ଏହି କଥାଟି ବେଶ୍ ଭଲ ଭାବରେ ବୁଝି ହେଉଛି । ମାତ୍ର ଏହାପରେ ଯାହା ଯାଉ ଏପରି ଗୋଟିଏ ମୁହୂର୍ତ୍ତି ଆସି ପହଞ୍ଚେ, ଯେତେବେଳେ ଜଣେ ହୃଦୟଙ୍ଗମ କରିପାରେ ଯେ ଏହିସବୁ ଶକ୍ତି ଦ୍ରବ୍ୟମାନ ରହି ନଥିଲେ ସେ ହୁଏତ ଗୋଟିଏ ଆଙ୍ଗୁଠି ଉଠାଇବାକୁ ବି ସମର୍ଥ ହୋଇ ନଥାନ୍ତା । ଏହି ଉପଲବ୍ଧିଟି ପରେ ଅ-ସେ…ମାତ୍ର ଆରମ୍ଭ ହେଲେ, ଜଣେ ପ୍ରକୃତରେ ଭାବି ବସିଲେ ଏବଂ କେବଳ ସହଜ ଭାବରେ ଆପଣାକୁ ଅବଲୋକନ କରି ବସିଲେ, ସିଏ କେତେଥର “ଏକଥା ମୁଁ କରିଛି” ବୋଲି କହୁଥିବାର ଦେଖିବାକୁ ନପାଏ ! ଏବଂ, ତା’ପରେ ବେଳେବେଳେ ସେ ସେଥିଲାଗି ନିଜକୁ ବଧାଇ ବି ଦେବାକୁ ଇଚ୍ଛା କରେ, “ଯାହାହେଉ ନା କାହିଁକି, ମୁଁ ନିଶ୍ଚୟ କିଛି କରି ପାରୁଛି, ମୋର ନିଶ୍ଚୟ ସାମର୍ଥ୍ୟ ରହିଛି” ବୋଲି ନିଜ ପାଖରେ ଆସି କହୁଥାଏ । ମୁଁ ଆଉଟିକିଏ ଆଗକୁ ଯିବାକୁ ଇଚ୍ଛା କରୁଛି : “ମୁଁ ଏହି କଥାଟିକୁ କରିଛି, ମୁଁ ସେହି କଥାଟିର ଉପଲବ୍ଧି କରିଛି, ମୁଁ ଏହି ଅଗ୍ରଗତିଟିକୁ ସମ୍ଭବ କରିଛି, କେଉଁ ଯୋଗ୍ୟ ଭାବରେ ମୁଁ ପ୍ରକୃତରେ ଖେଳଟିକୁ ଖେଳି ନପାରିଛି !”—ଆପଣାକୁ ଏହିସବୁ କହିବାର ସୁଖରୁ ବଞ୍ଚିତ କରି ରଖିଲେ ପ୍ରକୃତରେ କେତେଜଣ ଲୋକ ଆଦୌ କୌଣସି କାର୍ଯ୍ୟ କରିବା ଲାଗି ସମର୍ଥ ହେବେ ? ଏହି ସୁଖଟିକୁ କାଢ଼ି ନିଆଗଲେ କେତେଜଣ ଲୋକ ନିସ୍ତାର ସହିତ ଆଦୌ କିଛିହେଲେ କରି ପାରିବେ ? ମୁଁ ଏପରି ଅନେକ ବ୍ୟକ୍ତିଙ୍କୁ ଜାଣିଛି, ଯେଉଁମାନଙ୍କର ମନଟା ସେମାନଙ୍କର ଅବଶିଷ୍ଟ ସତ୍ତାର ତୁଳନାରେ ଅପେକ୍ଷାକୃତ ଅଧିକ ବିକାଶଲାଭ କରିଥିଲା, ସେମାନେ ସବୁ କଥା ଭଲ ଭାବରେ (ପ୍ରାୟ ଅତିରିକ୍ତ ଭଲ ଭାବରେ) ବୁଝି ପାରୁଥିଲେ; ସେମାନେ ଧ୍ୟାନସ୍ଥ ହୋଇ ବସିବା ମାତ୍ରକେ ସେମାନଙ୍କର ସମସ୍ତ ଶକ୍ତି ସତେଅବା କୁଆଡ଼େ ଚାଲି ଯାଉଥିଲା, ସକଳ ପ୍ରାଣିକ ଶକ୍ତି ଗୋଟାଏ ପ୍ରକାର ଶାନ୍ତି ମଧ୍ୟକୁ ବାଷ୍ପ ହୋଇ ମିଳାଇ ଯାଉଥିଲା; ସେହି ଶାନ୍ତିରେ କୌଣସି ଅପ୍ରୀତିକରତା ନଥିଲା, ମାତ୍ର ନିଶ୍ଚଳତା ପୂର୍ଣ୍ଣ ହୋଇ ରହିଥିଲା । ତା’ପରେ ଅଉ କିଛିହେଲେ କରିବାକୁ ନାହିଁ, କୌଣସି ଗତିସ୍ପନ୍ଦନରହିଁ ଆବଶ୍ୟକତା ନାହିଁ ବୋଲି ସ୍ୱପ୍ନ ଦେଖିବାକୁ ଭଲ ଲାଗୁଥିଲା…ହଁ, ଗୋଟିଏ ଗଛ ତଳକୁ ଚାଲିଯିବ, ହାତକୁ ଛନ୍ଦି କରି ବସିବ ଏବଂ ପରମ ଦ୍ରବ୍ୟ ସତ୍ତାଙ୍କୁ ସବୁ କିଛି କରିବା ଲାଗି ଛାଡ଼ିଦେବ, ଏପରିକି ଦରକାର ପଡ଼ିଲେ ତୁମକୁ ଖୁଆଇ ଦେବାର କାର୍ଯ୍ୟଟିକୁ ମଧ୍ୟ ତାଙ୍କରି ହାତରେ ଛାଡ଼ିଦେବ । ଏପରି କରିବା ହୁଏତ ଖୁବ୍ ଭଲ, ମାତ୍ର ଏଥିରୁ ପ୍ରମାଣିତ ହୋଇଯାଉଛି ଯେ ଯନ୍ତ୍ରଟି ଏପର୍ଯ୍ୟନ୍ତ ବି ପ୍ରସ୍ତୁତ ହୋଇ ପାରି ନାହିଁ; ଏପର୍ଯ୍ୟନ୍ତ ମଧ୍ୟ ତାହା ପରମ ଦ୍ରବ୍ୟ ସତ୍ତାଙ୍କର ସେବକ ହୋଇ ପାରି ନାହିଁ,—ତାହା ଅହଂର ସେବା କରୁଛି; ଏବଂ ଯେତେବେଳେ ଅହଂକୁ କାଢ଼ି ନିଆଯାଉଛି, ତା’ପରେ ସିଏ ଆଉ କିଛିହେଲେ କରୁ ନାହିଁ । ତେଣୁ, ଯେତେବେଳେ-

'oaob.nitrkl.ac.in' images reprocessed

ଯାଏ ତୁମେ ଅହଂଟି ମଧ୍ୟରେ ରହି ଜୀବନ ବଞ୍ଚିବାରେ ଲଗିଛ, ସେତେବେଳ ପର୍ଯ୍ୟନ୍ତ ତୁମକୁ କର୍ମରତ କରି ରଖିବାକୁ ହେଲେ ଏହି ଭ୍ରାନ୍ତିର ଆବଶ୍ୟକତା ରହିଛି; ସମ୍ପୂର୍ଣ୍ଣ ରୂପାନ୍ତର ନଘଟିଥିବା ପର୍ଯ୍ୟନ୍ତ କର୍ମକୁ ବଜାୟ ରଖିବା ଲଗି ଏହା ଏକାନ୍ତ ଆବଶ୍ୟକ; ବା, ଅନ୍ତତଃ, ଯଥାର୍ଥ ଚେତନାଟି ପ୍ରତିଷ୍ଠିତ ହୋଇ ନଥିବା ପର୍ଯ୍ୟନ୍ତ ଭ୍ରାନ୍ତିର ଆବଶ୍ୟକତା ନିଶ୍ଚୟ ରହିଛି ।

ମୁଁ ଏହି କଥାଟିକୁ ଆଗରୁ କହିଛି ଓ ବର୍ତ୍ତମାନ ପୁଣିଥରେ କହୁଛି (ମାଆ ତାଙ୍କ ବହିଟିକୁ ହାତକୁ ନେଲେ) :

> "ତୁମେ ଯାହାକିଛି କରୁଥାଅ ଓ ଯେଉଁ ପ୍ରକ୍ରିୟାଟିକୁ କାମରେ ଲଗାଉଥାଅ ପଛକେ, ଏବଂ ଏପରିକି ସେହି ପ୍ରକ୍ରିୟାଟିରେ ତୁମେ ପ୍ରଭୂତ କୌଶଳ ଏବଂ ଶକ୍ତିମତ୍ତା ଅର୍ଜନ କରି ପାରିଥିଲେ ମଧ୍ୟ, ତୁମକୁ ପରିଣାମଟିକୁ ସର୍ବଦା ଭଗବାନଙ୍କ ହାତରେହିଁ ଛାଡ଼ି ଦେବାକୁ ହେବ । ହଁ, ତୁମେ ହୁଏତ ସତତ ଚେଷ୍ଟା କରୁଥିବ ସତ, ମାତ୍ର କେବଳ ପରମେଶ୍ୱରହିଁ ତୁମକୁ ତୁମ ପ୍ରୟାସର ଯାହାକିଛି ଫଳ ପ୍ରଦାନ କରି ପାରିବେ ବା ହୁଏତ ଆଦୌ କୌଣସି ଫଳ ଦେବେ ନାହିଁ । ତୁମର ସବୁଯାକ ବ୍ୟକ୍ତିଗତ ସାମର୍ଥ୍ୟ ସେଇଠାକୁ ଆସିହିଁ ଅଟକି ରହିଯିବ; ଏବଂ ଯଦି ଫଳଟି ଉପଲବ୍ଧ ହେବ, ତେବେ ତାହା ତୁମର ଶକ୍ତି ଦ୍ୱାରା କଦାପି ଆସିବ ନାହିଁ, କେବଳ ପରମେଶ୍ୱରଙ୍କର ଶକ୍ତି ଦ୍ୱାରାହିଁ ଆସିବ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

ତୁମେ ସମସ୍ତେ ଜାଣିଛ, ପ୍ରାୟ ପ୍ରତ୍ୟେକ ଧର୍ମରେ ଠିକ୍ ଏହି ବସ୍ତୁଟିର ଶିକ୍ଷା ଦିଆଯାଇଛି, ଏହି ବସ୍ତୁଟିହିଁ କେତେ ମଣିଷଙ୍କୁ ନାସ୍ତିକ ହେବା ଲଗି ପ୍ରରୋଚନା ଦେଇଛି, କାରଣ ତାହା ସେମାନଙ୍କ ମଧ୍ୟରେ ଅନେକ କ୍ରୋଧର ସଞ୍ଚାର କରିଛି ।—ଏହି କ୍ରୋଧ ହେଉଛି ବିଦ୍ରୋହ ଘୋଷଣା କରିବାର କ୍ରୋଧ : "କ'ଣ ହେଲା ! ଏସବୁ କାର୍ଯ୍ୟ ମୁଁ କରୁ ନାହିଁ !"

ଏବଂ ଏହି "ମୁଁ", ଏହାର ଆତ୍ମଗ୍ରତନ ଓ ବିପ୍ଳୁତି ଯେ ପ୍ରକୃତରେ କେଡ଼େ ବିଶାଳ, ଯଦି ତୁମେମାନେ ସେକଥା ଜାଣିଥାନ୍ତ ! ତାହା ଉପରେ ସମସ୍ତ ସ୍ଥାନଟିକୁ

'oaob.nitrkl.ac.in' images reprocessed

ଗୋଟାପୁଣି ମାତ୍ରବସେ, ଯଦି ତୁମେମାନେ ଜାଣିଥାନ୍ତ !···ଏହାହିଁ ହେଉଛି ଯାବତୀୟ ବସ୍ତୁବାଦର ଅସଲ ଭିତ୍ତି ।

> ନୀରବ ଧ୍ୟାନ କରୁଥିବା ସମୟରେ କ'ଣ ନିଜକୁ ଗୋଟାପୁଣି ଶୂନ୍ୟ କରିଦେବା ଉଚିତ ନୁହେଁ କି ? ମାତ୍ର, ସେହି କ୍ଷେତ୍ରରେ, ତାହା ଧ୍ୟାନ କରୁଥିବା ବ୍ୟକ୍ତି ଉପରେ କିପରି ନିର୍ଭର କରି ପାରିବ ?

ମୁଁ ଭାବୁଛି, ଏଠାରେ ମନର ନୀରବତା ଏବଂ ସତ୍ତାକୁ ସଂପୂର୍ଣ୍ଣ ଭାବରେ ଶୂନ୍ୟ କରିଦେବା ମଧ୍ୟରେ ଏକ ଗୋଳମିଶା କରି ଦିଆ ଯାଉଛି । ଦୁଇଟି ଯାକ ହେଉଛନ୍ତି ଦୁଇଟି ଭିନ୍ନ ଭିନ୍ନ କଥା । ଏବଂ, ଜଣେ ଆପଣାକୁ କିପରି ସଂପୂର୍ଣ୍ଣ ଭାବରେ ଶୂନ୍ୟ କରିଦେଇ ପାରିବ, ମୁଁ ସେକଥାଟି ବିଷୟରେ ଆଦୌ ସ୍ପଷ୍ଟ ହୋଇ ପାରୁ ନାହିଁ ।—ସେପରି ହେଲେ ଜଣକର ଆଉ କୌଣସି ସତ୍ତାହିଁ ରହିବ ନାହିଁ ।

> "ଧ୍ୟାନାବସ୍ଥାରେ ଆପଣାକୁ ଶୂନ୍ୟ କରି ରଖିବା ଦ୍ୱାରା ଏକ ଅନ୍ତର୍ଗତ ଶାନ୍ତିର ସୃଷ୍ଟି ହୋଇଥାଏ; ତାହାର ଅର୍ଥ ନୁହେଁ ଯେ ତୁମେ ସେତେବେଳେ ଏକ "କିଛି ନୁହେଁ"ରେ ପରିଣତ ହୋଇ ଯାଇଛ ଅଥବା ଏକ ମୃତ ଏବଂ ଜୀବନହୀନ ପିଣ୍ଡରେ ହିଁ ପରିଣତ ହୋଇଯାଇଛ । ଆପଣାକୁ ଏକ ଶୂନ୍ୟ ପାତ୍ରରେ ପରିଣତ କରିଦେବା ଦ୍ୱାରା ତୁମେ ନିଜ ଭିତରକୁ ତାହାର ଆମନ୍ତ୍ରଣ କରିଆଣ, ଯାହାକି ତୁମକୁ ପରିପୂର୍ଣ୍ଣ କରିଦେଇ ପାରିବ । ଏହାର ଅର୍ଥ ହେଉଛି ଯେ ନିଜ ଅନ୍ତଶ୍ଚେତନାର ଦ୍ୱାରଟିକୁ ତୁମେ ଉପଲବ୍ଧି ନିମିତ୍ତ ଉନ୍ମୋଚିତ କରିଦିଅ । ସେହି ଚେତନାର ପ୍ରକୃତି ଏବଂ ସେହି ଦ୍ୱାରର ପରିମାଣହିଁ ତୁମେ କାର୍ଯ୍ୟକାରୀ କରାଇ ପାରୁଥିବା ଶକ୍ତିଟିକୁ ନିର୍ଦ୍ଧାରିତ କରି ଦେଇଥାଏ; ସେଗୁଡ଼ିକ ତୁମକୁ ପରିପୂର୍ଣ୍ଣ ହେବାରେ ସହାୟକ ହେବେ ବା ତୁମକୁ ବିଫଳ କରି ପକାଇବେ ବା ଏପରିକି ତୁମର କ୍ଷତି କରିବେ ଓ ତୁମର ବାଟ ବନ୍ଦ କରି ରଖିବେ, ସେକଥାଟିକୁ ମଧ୍ୟ ନିର୍ଦ୍ଧାରିତ କରି ଦେଇଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୨୩ ଜୁନ୍)

'oaob.nitrkl.ac.in' images reprocessed

## "ଘରର ପରିମାଣ" କହିଲେ ଏଠାରେ କ'ଣ ବୁଝାଇବ ?

ଅଭୀପ୍ସା ଏବଂ ଇଚ୍ଛାଶକ୍ତି ଦ୍ୱାରା ସତ୍ତା ଭିତରେ ଏକ ଗ୍ରୁପ ବା ଖାଲର ସୃଷ୍ଟି ହୁଏ । ମାତ୍ର ଏଠାରେ ମୁଁ ମାତ୍ରା ବୋଲି କହୁଛି, କାରଣ, ଏପରି ଗୋଟିଏ ବିନ୍ଦୁ ବି ରହିଛି ଯାହା ଉପରେ କି ସେହି ଗ୍ରୁପ କାର୍ଯ୍ୟ କରିଥାଏ । ମୁଁ କହୁଛି ଯେ "ଆପଣାକୁ ଶୂନ୍ୟ କରି ଆଣିବା ଦ୍ୱାରା" ତୁମେ ନିଜ ଚେତନାର ଗ୍ରୁପଟିକୁ ଉପଲବ୍ଧି ଆଡ଼କୁ ଉନ୍ମୋଚିତ କରି ଦେଇଥାଅ, ତୁମେ ଯେଉଁ ଲକ୍ଷ୍ୟଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଛ, ତାହାରି ଆଡ଼କୁ ଉନ୍ମୋଚିତ କରି ଦେଇଥାଅ । ଏହି "ଖାଲ" ବା "ଗ୍ରୁପ" କହିଲେ ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ପଡ଼ୁଥିବା ଗ୍ରୁପକୁ ବୁଝାଏ, ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଯାହା ସକେନ୍ଦ୍ରିତ ହୋଇ ରହିଛି ଏବଂ ଏଇଟିକୁ କାର୍ଯ୍ୟକାରୀ କରାଯାଉ ବୋଲି ବାରବାର ଆଗ୍ରହ ପ୍ରକାଶ କରୁଛି, ତାହାକୁହିଁ ବୁଝାଏ । ଚେତନା,—ସତ୍ତାର ଚେତନା, ବ୍ୟକ୍ତିଚେତନା—ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଗ୍ରୁପ ପକାଇବାରେ ଲାଗିଥାଏ । ବର୍ତ୍ତମାନ ଯେଉଁଟି ବିଷୟରେ କଥା ପଡ଼ିଥିଲା, ଆମେ ଏଠାରେ ସେହି ଉଦାହରଣଟି ଗ୍ରହଣ କରି ପାରିବା । ମନେକର ତୁମର ଅନେକ ଦିନରୁ ଏକ ଅସୁସ୍ଥତା ରହିଛି, ଶରୀରର ଗଠନରେ କେଉଁଠି ଏକ ବିକୃତି ଘଟିଛି, ଶାରୀରିକ ସ୍ତରର କୌଣସି ଗୋଟିଏ ଦୋଷ ରହିଯାଇଛି । ତା'ହେଲେ ତୁମର ଚେତନା ଆପଣାର ଅଭୀପ୍ସା ଏବଂ ଇଚ୍ଛାଶକ୍ତି ସହିତ ତାହା ଯେଉଁ ବସ୍ତୁଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଥିବ, ତାହାରି ଉପରେ ଅଳ୍ପବହୁତ ସତତ ଭାବରେ ଏକ ଗ୍ରୁପ ଆଣି ପକାଇବାକୁ ଆରମ୍ଭ କରିବ । ତୁମେ ଯାହାର ଆରୋଗ୍ୟ କାମନା କରୁଥିବ, ତାହାରି ଉପରେ ଗ୍ରୁପ ପକାଇବ । ଏବଂ, ଯେତେବେଳେ ଧ୍ୟାନର ଅବସ୍ଥା ସମୟରେ ତୁମେ ଆପଣାକୁ ଭିତରେ ଶୂନ୍ୟ କରିଦିଅ (ତୁମେ ଏହାକୁ ଗୋଟିଏ ପ୍ରକାରର ଧ୍ୟାନ ବୋଲି କହିପାର), ତାହାର ଅର୍ଥ ହେଉଛି ତୁମେ ଇଚ୍ଛାଶକ୍ତିର ଏହି ସକେନ୍ଦ୍ରଣଟିକୁ ଏହା ଦ୍ୱାରା ବନ୍ଦ କରିଦିଅ : ତୁମର ଚେତନା ସେହି ମୁହୂର୍ତ୍ତରେ ଏକ ନିରପେକ୍ଷ ବସ୍ତୁରେ ପରିଣତ ହୋଇ ରହେ । ତାହା ଏହି ବିନ୍ଦୁଟିରେହିଁ ଗ୍ରୁପ ଦେବାରେ ଲାଗିଥାଏ (ଅନ୍ୟ ବିନ୍ଦୁଗୁଡ଼ିକ ଉପରେ ମଧ୍ୟ ତାହା ଗ୍ରୁପ ଦେଇପାରେ, ଅଳ୍ପବହୁତ ମୂର୍ତ୍ତ ବା ଅମୂର୍ତ୍ତ ଅନେକ ବସ୍ତୁ ଉପରେ ଗ୍ରୁପ ଦେଇପାରେ, ମାତ୍ର ସେହି ଗ୍ରୁପଟି କେବଳ ଗୋଟିଏ ବିନ୍ଦୁରେହିଁ ଆସି ପଡ଼ୁଥାଏ), ଏବଂ ଯେତେବେଳେ ତୁମେ ନିଜକୁ ଶୂନ୍ୟରେ ପରିଣତ କରିଦିଅ, ତୁମେ ଏହି ଗ୍ରୁପ ବା ଏହି ଖାଲକୁ ପ୍ରତ୍ୟାହାର କରିଆଣ, ଏବଂ ଆପଣାକୁ ଏପରି ଗୋଟିଏ ଖାଲି ପୃଷ୍ଠାରେ ପରିଣତ କରିଦିଅ, ଯାହା ଉପରେ କି ଆଦୌ କିଛିହେଲେ ଲେଖାହୋଇ ନଥାଏ । ମୁଁ ତାହାକୁହିଁ "ଆପଣାକୁ ଶୂନ୍ୟ କରିଦେବା" ବୋଲି କହୁଛି, କୌଣସି

ସକ୍ରିୟ ଇଚ୍ଛାକୁ କୌଣସି ଗୋଟିଏ ଅଥବା ଅନ୍ୟ ବିନ୍ଦୁ ଉପରେ ସକେନ୍ଦ୍ରିତ କରି ରଖି ନଥିବାର ଏକ ଅବସ୍ଥାକୁ କହୁଛି । ତେଣୁ ମୁଁ କହୁଛି ଯେ ଯେଉଁ ମୁହୂର୍ତ୍ତରେ ତୁମେ ଆପଣାକୁ ଶୂନ୍ୟରେ ପରିଣତ କରିଦିଅ, ସେତେବେଳେ ତଦ୍ଦ୍ୱାରା ପରିଣାମତଃ ଗତିଟି ବନ୍ଦ ହୋଇଯାଏ ଏବଂ ତଥାପି ଆପଣାର ନୀରବ ଅଭୀପ୍ସାରେ ତୁମେ ଏପରି ଶକ୍ତିଗୁଡ଼ିକ ସହିତ ସଂଯୁକ୍ତ ହୋଇ ରହିଥାଅ ଯାହାକୁ କି ତୁମେ ସାଧାରଣତଃ ବହନ କରି ରହିଥିବା ଗତିଟି ଦ୍ୱାରା ଆକର୍ଷିତ କରି ଆଣିଥାଅ । ମୁଁ ସେଇଥି ଲାଗି ଏହି କଥାଟି ଉପରେ ଖୁବ୍ ଜୋର୍ ଦେଇଛି ଯେ ସବୁକିଛି ସଂପୃକ୍ତ ବ୍ୟକ୍ତିଟି ଉପରେହିଁ ନିର୍ଭର କରୁଥାଏ, କାରଣ ସବୁକିଛି ସିଏ ଅଭ୍ୟସ୍ତ ହୋଇ ରହିଥିବା ଅଭୀପ୍ସା ଉପରେ ନିର୍ଭର କରୁଥାଏ; ସିଏ ଯାହା ଉପଲବ୍ଧି କରିବାକୁ ଇଚ୍ଛା କରୁଥାଏ, ତାହାରି ଉପରେହିଁ ନିର୍ଭର କରେ, କାରଣ, ଯେଉଁ ଶକ୍ତିଗୁଡ଼ିକ ତାହାର ସେହି ଅଭୀପ୍ସା ଦ୍ୱାରା ଆକର୍ଷିତ ହୋଇ ଆସିବେ, ସିଏ ସ୍ୱଭାବତଃ ସେହି ଶକ୍ତିଗୁଡ଼ିକ ଦ୍ୱାରା ସଂଯୁକ୍ତ ହୋଇ ରହିଥାଏ । ତେଣୁ, ଯଦି ଏକ ନିର୍ଦ୍ଦିଷ୍ଟ ସମୟ ଲାଗି ଜଣେ ଅଭୀପ୍ସାର ଏହି କାର୍ଯ୍ୟକଳାପଟିକୁ ବନ୍ଦ କରିଦିଏ ଏବଂ ନୀରବ ହୋଇ ଗ୍ରହଣଶୀଳ ଏବଂ ଅକ୍ରିୟ ହୋଇ ରହେ, ତେବେ ଅଭ୍ୟସ୍ତ ଅଭୀପ୍ସାର ପ୍ରଭାବଟି ତଥାପି ଅବଚ୍ଛିନ୍ନ ହୋଇ ରହିଥାଏ ଏବଂ, କେବଳ ଯେଉଁସବୁ ଶକ୍ତି ସେହି ଅଭୀପ୍ସାଟିକୁ ପୂର୍ଣ୍ଣ କରିପାରିବେ, ସେହିଗୁଡ଼ିକୁହିଁ ଆକର୍ଷିତ କରି ଆଣିବାକୁ ଯାଉଥାଏ ।

> ଆପଣ କହିଛନ୍ତି ଯେ ଏହି ପୃଥିବୀ ଓ ଅନ୍ଧକାର ହେଉଛନ୍ତି ପରସ୍ପରର ସହବର୍ତ୍ତୀ । ଏହି ସହବର୍ତ୍ତିତା ପଛରେ ପ୍ରକୃତରେ କି କାରଣ ରହିଛି ?

କ'ଣ କାରଣ ରହିଛି ?...ଯେଉଁ ଆଲୋକଟି ଅନ୍ଧକାରରେ ପରିଣତ ହୋଇଛି, ଓ ଯେଉଁ ଚେତନା ନିଶ୍ଚେତନାରେ ପରିଣତ ହୋଇଛି, ତାହାହିଁ କାରଣ ! ଏସବୁ ବିଷୟରେ କଥାରେ କିପରି କ'ଣ ପ୍ରକାଶ କରିହେବ କହିଲ ? ତୁମେ ଯଦି ଇଚ୍ଛା କରୁଛ ଓ ଯଦି ତାହା ତୁମ ମନର ସନ୍ତୋଷବିଧାନ କରୁଛି ତେବେ ତୁମେ ତାହାକୁ ଏକ ଆକସ୍ମିକ ଘଟଣା ବୋଲି କହିପାର । ସେକଥା ଯାହାହେଉ ପଛକେ, ଏହାହିଁ ସମ୍ଭବତଃ ସର୍ବୋତ୍ତମ ଭାବରେ ଘଟି ପାରିଥାନ୍ତା, କିନ୍ତୁ ସେକଥା କିଏ କହି ପାରିବ ? ସବୁକିଛି ଆମେ ଗ୍ରହଣ କରୁଥିବା ଦୃଷ୍ଟିକୋଣଟି ଉପରେ ନିର୍ଭର କରିବ । ଏପରି ଏକ ଚେତନା ଅବଶ୍ୟ ବିଦ୍ୟମାନ ରହିଥିବ, ଯେଉଁଥିରେ କି ତାହା ପୂର୍ବରୁହିଁ ଦୃଷ୍ଟ ହୋଇଥିଲା, ଏବଂ, ଏହାକୁ ଯେ ଏଡ଼ି ଦିଆ ଗଲା ନାହିଁ, ତାହାର ଅର୍ଥ ହେଉଛି

'oaob.nitrkl.ac.in' images reprocessed

ଯେ ତାହା ସମଗ୍ର କାର୍ଯ୍ୟକ୍ରମଟି ମଧ୍ୟରେ ଏକ ଅଂଶରୂପେ ଗୁମ୍ଫିତ ହୋଇଛୁ !... ମଣିଷର ଦୃଷ୍ଟିକୋଣରୁ ଆମେ ସମସ୍ୟାଟିକୁ ଏହିପରି ଭାବରେ ଦେଖି ପାରିବା, କାରଣ ସେହିସବୁ ବସ୍ତୁର ମଧ୍ୟରେ ଘଟଣାଗୁଡ଼ିକ କଦାପି ଠିକ୍ ସେହିପରି ଭାବରେ ଘଟେ ନାହିଁ । ଜଣେ ଇଚ୍ଛା କଲେ ଗୋଟିଏ କାହାଣୀ ରଚନା କରି ଥୋଇ ଦେଇ ପାରିବ, ଯେଉଁଥିରୁ କି ଏକ ବିଷୟ ବି ବେଶ୍ ପ୍ରତିପନ୍ନ ହୋଇପାରିବ, ଏକ ଚମତ୍କାର ନାଟକ ଗଢ଼ିଉଠି ପାରିବ । ମାତ୍ର ତାହାକୁ ତଥାପି ଏକ କାହାଣୀ ବୋଲିହିଁ କହିବାକୁ ହେବ, ବର୍ଣ୍ଣନା କରିବାର ଏକ ରୀତି ବୋଲି କହିବାକୁ ହେବ ।

ପ୍ରକୃତ ବିଷୟଗୁଡ଼ିକୁ ବୁଝିବା ଲାଗି ଗୋଟିଏ କାହାଣୀ ଆମକୁ ଯେତିକି ସାହାଯ୍ୟ କରେ, ଠିକ୍ ସେତିକି ଦୂର ପର୍ଯ୍ୟନ୍ତହିଁ ସେହି କାହାଣୀଟିର କୌଣସି ମୂଲ୍ୟ ରହିଛି । ହଁ, ଏଇଟି ପ୍ରକୃତରେ ଭାରି ଆଗ୍ରହୋଦ୍ଦୀପକ ବିଷୟ...ଗୋଟିଏ କାହାଣୀ, ଅର୍ଥାତ୍ ବିଷୟଗୁଡ଼ିକୁ ପ୍ରକାଶ କରିବାର ଏକ ରୀତି,—ବିଷୟଗୁଡ଼ିକୁ ବୁଝିବା ଲାଗି ତାହା ତୁମକୁ ଯେତିକି ସାହାଯ୍ୟ କରିବ, କେବଳ ସେତିକି ପରିମାଣରେହିଁ ତାହାର କିଛି ମୂଲ୍ୟ ରହିଛି ବୋଲି କୁହାଯିବ । କୌଣସି ଭାଷା (ଇଏ ବି ଗୋଟିଏ ପ୍ରକାରର କାହାଣୀ) ବି ଯେତିକି ପରିମାଣରେ ତୁମକୁ ଅସଲ ସତ୍ୟ ସହିତ ଯୁକ୍ତ କରିଦେଇ ପାରୁଥିବ, ତାହାର ପ୍ରକୃତରେ ସେତିକି ମୂଲ୍ୟ ରହିଛି ବୋଲି କୁହାଯିବ । ବିଜ୍ଞାନ ଗୋଟିଏ ଭାଷା, କଳା ଗୋଟିଏ ଭାଷା,—ଯାବତୀୟ କାର୍ଯ୍ୟକଳାପକୁ ଆମେ ଗୋଟିଏ ଗୋଟିଏ ଭାଷା ବୋଲି କହିପାରିବା, ଅର୍ଥାତ୍ ଅଭିବ୍ୟକ୍ତିର ଏକ ରୀତି ବୋଲି କହି ପାରିବା । ଏବଂ, ଅଭିବ୍ୟକ୍ତିର ଏହି ରୀତିଟି ଆମକୁ ଯେତିକି ପରିମାଣରେ ତାହା ଅଭିବ୍ୟକ୍ତ କରିଦେବାକୁ ଯାଉଥିବା ବିଷୟଟି ସହିତ ସମ୍ପର୍କଯୁକ୍ତ କରିଦେଇ ପାରିବ, କେବଳ ସେତିକି ପରିମାଣରେହିଁ ତାହାର ମୂଲ୍ୟ ରହିଛି ବୋଲି କୁହାଯିବ । ଏଇଟିକୁ ଆମେ ପ୍ରକୃତରେ ଏକ ଚମତ୍କାର ସାଧାରଣ ନିୟମ ବୋଲି କହିପାରିବା, କାରଣ ଆମେ ଯେଉଁ ବିଷୟଟିକୁ ଇଚ୍ଛା କରିବା, ତାହାକୁ ଏଇଟି ମଧ୍ୟକୁ ଆଣି ବିଚାର କରି ପାରିବା ଏବଂ ତାହା ସତ୍ୟ ବୋଲି ଆବିଷ୍କାର ବି କରି ପାରିବା ।

ପ୍ରତ୍ୟେକ ବିଷୟର କ୍ଷେତ୍ରରେ ସେଇ ଏକା କଥା । ଆମେ ଯେଉଁ ରୀତିରେ ବିଶ୍ୱବ୍ରହ୍ମାଣ୍ଡ ଏବଂ ବିଶ୍ୱଗତ ସତ୍ୟଟିର ନିକଟବର୍ତ୍ତୀ ହୋଇଥାଉ, ସେଇଟି ମଧ୍ୟ ଗୋଟିଏ ଭାଷା, ଏବଂ ଯେଉଁ ବ୍ୟକ୍ତି ସେହି ଭାଷାଟିକୁ ବ୍ୟବହାର କରୁଛି, ସବୁକିଛି କେବଳ ତାହାରି ଉପରେହିଁ ନିର୍ଭର କରିବ, ଯେଉଁ ବ୍ୟକ୍ତିଟି ପାଖକୁ ଆମେ ଅର୍ଥବୋଧଟିକୁ ବହନ କରିନେବା, ତାହା ଉପରେ ମଧ୍ୟ ନିର୍ଭର କରିବ । କହିବାର ଶୈଳୀ ବା ରୀତି ଯାହା ହୋଇଥାଉ ପଛକେ, ଯଦି ତୁମେ ତଦ୍ୱାରା ବିଷୟଟିକୁ ବୁଝି ପାରିଲ, ତେବେ ତାହାହିଁ ଯଥେଷ୍ଟ । ଯଦି ତୁମେ ବୁଝି ନପାରିଲ, ତେବେ ସେହି କଥାଟି ଅଦଭୁତ ଭିତରେ ଅଦ୍‌ଭୁତ ହୋଇଥାଉ ଅଥବା ଯାବତୀୟ ସତ୍ୟ ଉପରେ ରହିଥିବା

ପରମ ସତ୍ୟ ବି ହୋଇଥାଉ ପଛକେ, ତୁମ ଲଗି ତାହାର ଆଉ ଆଦୌ କୌଣସି ମୂଲ୍ୟ ରହିବ ନାହିଁ । ଏଇଟି ହେଉଛି ବିଶ୍ୱଜଗତ ବିଷୟରେ ମୂଳତଃ ଏକ ବ୍ୟାବହାରିକ ଦୃଷ୍ଟିକୋଣ । ବସ୍ତୁଗୁଡ଼ିକ ଯେଉଁ ଉଦ୍ଦେଶ୍ୟରେ ତିଆରି ହୋଇଛନ୍ତି, ସେହି ଉଦ୍ଦେଶ୍ୟଟିକୁ ଉପଲବ୍ଧି କରୁଥିବା ପର୍ଯ୍ୟନ୍ତହିଁ ସେଗୁଡ଼ିକର ଆଦୌ କୌଣସି ମୂଲ୍ୟ ରହିଛି । ଏବଂ, ଯେଉଁମାନେ ସେଗୁଡ଼ିକୁ ବୁଝି ପାରୁ ନାହାନ୍ତି, ସେମାନଙ୍କ ଲଗି ପୃଥିବୀର ବଢ଼ିଆ ଓ ତହୁଁ ବଢ଼ିଆ ଦର୍ଶନଗୁଡ଼ିକର ମଧ୍ୟ ଆଦୌ କୌଣସି ମୂଲ୍ୟ ନାହିଁ । ଏହି ପୃଥିବୀରେ ରହିଥିବା ସୁନ୍ଦରତମ କଳାତ୍ମକ କୃତିଗୁଡ଼ିକ ଯେଉଁମାନଙ୍କୁ ସତ୍ୟର ପଥରେ ପ୍ରବିଷ୍ଟ କରାଇବାରେ ସମର୍ଥ ହେଉ ନାହାନ୍ତି, ସେମାନଙ୍କ ଲଗି ସେଗୁଡ଼ିକର ମଧ୍ୟ ଆଦୌ କୌଣସି ମୂଲ୍ୟ ନାହିଁ । ଏବଂ ପୃଥିବୀରେ ରହିଥିବା ନିଖୁଣତମ ଯୋଗମାର୍ଗ ଯେଉଁମାନଙ୍କୁ ଉପଲବ୍ଧିର ପଥରେ ଅଗ୍ରସର କରାଇନେଇ ପାରୁ ନାହିଁ, ସେମାନଙ୍କ ଲଗି ସେହି ମାର୍ଗଗୁଡ଼ିକର କୌଣସି ମୂଲ୍ୟ ନାହିଁ । ଏବଂ ତୁମଠାରେ ଯଦି ପ୍ରକୃତରେ ଏହି ଆପେକ୍ଷିକତାର ବୋଧଟି ରହିଥାଏ, ତେବେ କୁହାଯାଇ ପାରିବ ଯେ ତୁମେ ଯାବତୀୟ ମତାନ୍ଧତା ଏବଂ ସମ୍ପ୍ରଦାୟବାଦ ମଧ୍ୟରୁ ମୁକ୍ତ ହୋଇ ବାହାରିଆସି ପାରିଛ, ତୁମେ ସେହିସବୁ ଉଗ୍ର ଏକାନ୍ତବାଦ ମଧ୍ୟରୁ ମୁକ୍ତ ହୋଇ ବାହାରିଆସି ପାରିଛ, ଯାହାକି ଆମକୁ ଏହିପରି ଭାବିବା ଲଗି ପ୍ରବୃତ୍ତ କରାଇବାରେ ଲାଗିଥାଏ ଯେ ଯାହାକିଛି ଆମର ଉପକାର କରିଛି, ତାହାହିଁ ହେଉଛି "ସତ୍ୟ" ।—ଏହା ହେଉଛି ଆମ ଲଗି ସତ୍ୟ, ତାହା ଯେ ଆମ ପ୍ରତିବେଶୀ ଲଗି ମଧ୍ୟ ଅବଶ୍ୟ ସତ୍ୟ ହେବ, ତାହାର ଆଦୌ କୌଣସି କାରଣ ନାହିଁ । ଏବଂ, ଆମ ପ୍ରତିବେଶୀ ଯାହା ଭାବୁଛି, ସେଇଟି ହେଉଛି ତା' ଲଗି ସତ୍ୟ । "ଏଇଟା ଏକାବେଳେକେ ନିର୍ବୋଧ କଥା, ହଁ, ଏକ ନିରର୍ଥକ କଥା" ବୋଲି ତୁମେ ଯେତେବେଳେ କହୁଛ, ଯଦି ତାହା ତାକୁ ସତ୍ୟର ଉପଲବ୍ଧି କରିବାରେ ସହାୟତା କରୁଥିବ, ତେବେ ତାହା ପ୍ରକୃତରେ ବଢ଼ିଆ, ସେଇଟି ହେଉଛି ତା' ଲଗି ସମ୍ଭାବ୍ୟ ସର୍ବୋତ୍ତମ କଥା । ଏବଂ ଏହି ପୃଥିବୀରେ ପ୍ରତ୍ୟେକ ବିଷୟ ହେଉଛି ଠିକ୍ ଏହିପରି । ଏବଂ, ଯଦି ତୁମେ ଗୋଟାସୁଦ୍ଧା ସଙ୍କୀର୍ଣ୍ଣ ହୋଇ ପଡ଼ିବାକୁ ଇଚ୍ଛା କରୁ ନଥିବ, କୌଣସି ମୁଖାବରଣ ଲଗାଇ ତୁମ ନାକ ଅଗରୁ ଆଉ ସେପାଖକୁ ମଧ୍ୟ ନଦେଖିବାକୁ ଇଚ୍ଛା କରୁ ନଥିବ, ତେବେ ତାକୁ ସର୍ବପ୍ରଥମେ ଏହି କଥାଟିକୁହିଁ ବୁଝିବାକୁ ପଡ଼ିବ । ତୁମକୁ ଅବଶ୍ୟ ବୁଝିବାକୁ ପଡ଼ିବ ଯେ ଏହି ବିଶ୍ୱ-ଜଗତରେ ପ୍ରତ୍ୟେକ ବସ୍ତୁ ଏକ ଆଦର୍ଶର ଅଭିମୁଖରେ ଗତି କରିବାରେ ଲାଗିଛନ୍ତି, ଏବଂ, ଯେଉଁ ପରିମାଣରେ ସେଗୁଡ଼ିକ ସେହି ଆଦର୍ଶଟିକୁ ଉପଲବ୍ଧି କରିବାରେ ସାହାଯ୍ୟ କରୁଛନ୍ତି, କେବଳ ସେତିକି ପରିମାଣରେହିଁ ସେମାନଙ୍କର ଏକ ମୂଲ୍ୟ ଅଛି; ଏବଂ ଏହି ମୂଲ୍ୟ ହେଉଛି ବେଶ୍ ଏକ ଆପେକ୍ଷିକ ମୂଲ୍ୟ, ଏବଂ, ଯାହା ଜଣକ ଲଗି ଉପଯୋଗୀ, ତାହା ହୁଏତ ଆଉ ଜଣକ ଲଗି ଆଦୌ ଉପଯୋଗୀ ହୋଇ ନପାରେ ।

'oaob.nitrkl.ac.in' images reprocessed

ଏହି ମୁହୂର୍ତ୍ତରେ ଯାହା ଉପଯୋଗୀ, ତାହା ଅନ୍ୟ ମୁହୂର୍ତ୍ତରେ ହୁଏତ ଆଦୌ ଉପଯୋଗୀ ହୋଇ ନପାରେ, ଏବଂ, ତେଣୁ, ପ୍ରତ୍ୟେକ ପ୍ରକାରର ମତାନ୍ଧତାକୁ କେବଳ ଏକ ନିରର୍ଥକତା ବୋଲିହିଁ କହିବାକୁ ହେବ ।

"ସେଇଟି, ସେଇଟି ହେଉଛି ସତ୍ୟ; ବର୍ତ୍ତମାନ ମୁଁ ସେଇଟିକୁ ସତ୍ୟ ବୋଲି ଜାଣୁଛି ଏବଂ ମୁଁ ଆଉ ଆଦୌ ଅନ୍ୟକୌଣସି ପ୍ରକାରେ କଦାପି ଭାବିବି ନାହିଁ" ବୋଲି କହିବା ପ୍ରକୃତରେ ଖୁବ ସହଜ । ଏହା ଖୁବ ସହଜ, ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ କୌଣସି ଏକ ବସ୍ତୁ ତୁମକୁ ଏକ ଆଲୋକର ସ୍ପର୍ଶ ଆଣି ଦେଇଛି, ତୁମର ଗୋଟିଏ ଅନୁଭୂତି ହୋଇଛି, ତୁମେ ନିଜ ବିଷୟରେ ସଚେତନ ହୋଇପାରିଛ, ଏପରି ଏକ ବସ୍ତୁ ବିଷୟରେ ସଚେତନ ହୋଇ ରହିଛ, ଯାହାକି ତୁମକୁ ଅତିକ୍ରମ କରି ଅବସ୍ଥିତ ରହିଛି ଏବଂ ଯାହାକୁ କି ତୁମ ସତ୍ତାର ସତ୍ୟ ବୋଲି କୁହାଯାଇ ପାରିବ । ତେଣୁ, ତୁମ ଲାଗି ତାହାକୁହିଁ ସବୁକିଛି ବୋଲି କୁହାଯାଇ ପାରିବ । ମାତ୍ର ତା' ବୋଲି ତୁମେ ଆଦୌ ଏପରି କଳ୍ପନା କରି ବସିବ ନାହିଁ ଯେ ତୁମକୁ ଏଥର ଦ୍ୱାର ଦ୍ୱାର, ନଗର ନଗର ଓ ଗ୍ରାମ ଗ୍ରାମ ହୋଇ ବାହାରିବାକୁ ପଡ଼ିବ ଓ "ମୁଁ ଯାହା ଘୋଷଣା କରୁଛି, ତାହାହିଁ ସତ୍ୟ" ବୋଲି ଲୋକମାନଙ୍କୁ କହି ବୁଲିବାକୁ ପଡ଼ିବ; କାରଣ, ଯାହା ତୁମ ଲାଗି ସତ୍ୟ, ତାହା ଆଉଜଣକ ଲାଗି ହୁଏତ ମୋଟେ ଉପଯୋଗୀ ନହୋଇପାରେ । ତୁମେ ଯାହାର ଦର୍ଶନ ଲାଭ କରିଛ, ତାହାର ନିଶ୍ଚୟ ଏକ ଅନ୍ତଃସତ୍ୟ ରହିଛି,—ପ୍ରତ୍ୟେକ ବସ୍ତୁର ଏକ ଅନ୍ତଃସତ୍ୟ ଅବଶ୍ୟ ରହିଛି,—ମାତ୍ର ଏହି ସତ୍ୟଟିର ଯଥାର୍ଥ ଔଚିତ୍ୟ ହେଉଛି ଯେ ତାହା ତୁମକୁ ଆତ୍ମ-ଆବିଷ୍କାର ଦିଗରେ ସାହାଯ୍ୟ କରିଛି, ତୁମ ସତ୍ତାର ସତ୍ୟଟିକୁ ଖୋଜି ବାହାର କରିବାରେ ତୁମକୁ ସାହାଯ୍ୟ କରିଛି; ଏବଂ ଏକଥା ସମ୍ପୂର୍ଣ୍ଣ ସମ୍ଭବ ଯେ ତାହା ତୁମର ପ୍ରତିବେଶୀର ହୁଏତ ଆଦୌ କୌଣସି ସହାୟତା କରିବ ନାହିଁ । ଅବଶ୍ୟ, ନିଜର ପ୍ରତିବେଶୀକୁ ପ୍ରବର୍ତ୍ତାଇ ଏବଂ ତୁମେ ଯେପରି ଭାବରେ ବିଷୟଗୁଡ଼ିକୁ ଦେଖିଛ, ତାକୁ ମଧ୍ୟ ସେଗୁଡ଼ିକୁ ସେହିପରି ଦେଖିବା ଲାଗି ବାଧ୍ୟ କରିବା ପାଇଁ ଯଦି ତୁମ ପାଖରେ ପ୍ରଭୂତ କ୍ଷମତା ରହିଥାଏ, ତେବେ ତାହା ଅନ୍ୟ କଥା ହେବ । ମାତ୍ର ସେଇଟାକୁ କଦାପି ଏକ ତୁମୁଳ ବଡ଼, ଓ ମୂଲ୍ୟବାନ୍ କଥା ବୋଲି କୁହାଯିବ ନାହିଁ ।

ଏହି କଥାଟିକୁ ବୁଝି ସାରିବା ପରେ ତୁମେ ଆଉ କଦାପି "ଏହି ସଂସାରରେ ଏତେ ବିଭିନ୍ନତା କାହିଁକି ରହିଛି, ଏପରି ଅନେକବିଧତା ବା କାହିଁକି ରହିଛି, ଏତେ ପ୍ରକାର ସତ୍ୟର ଏ ଗହନ ବା କାହିଁକି, କାହିଁକି ରହିଛି" ବୋଲି କହିବାକୁ ମନ କରିବ ନାହିଁ । ହଁ, ଏହା ତୁମକୁ ଏକ ଗହନ ବୋଲି ଲାଗୁଛି, କାରଣ ତୁମେ ନିଜେହିଁ ଏହି କଥାଟିକୁ ବୁଝି ପାରୁ ନାହଁ ଏବଂ ବସ୍ତୁଗୁଡ଼ିକ ଯେଉଁ ସ୍ଥାନରେ ରହିବା ଉଚିତ, ସେଗୁଡ଼ିକ ଆଦୌ ସେସବୁ ସ୍ଥାନରେ ନାହାନ୍ତି । ବସ୍ତୁଗୁଡ଼ିକ ଯଦି ଆପଣା ଆପଣା

'oaob.nitrkl.ac.in' images reprocessed

ସ୍ଥାନରେ ରହିଥାନ୍ତେ, ତେବେ ଆଉ କିଛିହେଲେ ଗୋଳମାଳିଆ ମନେ ହେଉ ନଥାନ୍ତା । ଏବଂ, ଆମେ ବର୍ତ୍ତମାନ ଏହି ସିଦ୍ଧାନ୍ତଟିରେ ଆସି ପହଞ୍ଚିବା ଯେ ସମସ୍ତ ବିଶ୍ୱରେ ବିଶୃଙ୍ଖଳା ସୃଷ୍ଟି କରି ନଦେଇ ତୁମେ କଦାପି ଏଠାରୁ ଗୋଟିଏ ପରମାଣୁକୁ ମଧ୍ୟ ଆଉ କୁଆଡ଼େ ନେଇଯାଇ ପାରିବ ନାହିଁ । ଏଠାରେ ଯାହାକିଛି ରହିଛି, ତାହାର ଏକ ଆବଶ୍ୟକତା ରହିଥିଲା ବୋଲି ରହିଛି; ଯଦି ତାହାର ପ୍ରକୃତରେ କୌଣସି ଆବଶ୍ୟକତା ନଥାନ୍ତା, ତେବେ ତାହା କଦାପି ଏଠାରେ ରହି ନଥାନ୍ତା । ଦିବ୍ୟ ପରମସତ୍ୟଙ୍କ ଉପଲବ୍ଧି କରିବା ଲାଗି ବସ୍ତୁଗୁଡ଼ିକର ଏହି ସମ୍ପୂର୍ଣ୍ଣ ସମଗ୍ରତାଟି ପ୍ରକୃତରେ ଅପରିହାର୍ଯ୍ୟ । ଯଦି ତୁମେ ଏହି ବସ୍ତୁଗୁଡ଼ିକ ମଧ୍ୟରୁ ଗୋଟିଏ ବସ୍ତୁକୁ ଆଉକୁଆଡ଼େ ନେଇଯିବ, ତେବେ ତଦ୍ଦ୍ୱାରା ଉପଲବ୍ଧି ମଧ୍ୟରେ ଏକ ଛିଦ୍ରର ସୃଷ୍ଟି ହେବ । ଏବଂ ଏଠାରେ ମୁଁ କେବଳ ଜଡ଼ପଦାର୍ଥଗୁଡ଼ିକ ବିଷୟରେ ଆଦୌ କହୁ ନାହିଁ, କେବଳ ଭୌତିକ ବିନ୍ଦୁଗୁଡ଼ିକର କଥା କହୁ ନାହିଁ, ମୁଁ ଯାବତୀୟ ଗଭୀରତାଗୁଡ଼ିକ ବିଷୟରେ ବି କହୁଛି । ତେଣୁ, ଯେତେବେଳେ ଅନେକ ଲୋକଙ୍କ ପରି ତୁମେ "ସେଇ କଥାଟି ସଂସାରରେ ନଥିଲେ ସଂସାର ପ୍ରକୃତରେ କେଡ଼େ ବଢ଼ିଆ ହୋଇଥାନ୍ତା !" ବୋଲି କହୁଛ, ସେତେବେଳେ ତୁମେ କେବଳ ନିଜର ଅଜ୍ଞାନତାହିଁ ପ୍ରଦର୍ଶନ କରିବାରେ ଲାଗିଛ ।

ଜାପାନରେ ଥିଲାବେଳେ ମୋର ଟଲ୍‌ଷ୍ଟୟଙ୍କର ଜଣେ ପୁଅଙ୍କ ସହିତ ସାକ୍ଷାତ ହୋଇଥିଲା । ସିଏ ମାନବ-ଐକ୍ୟର ପ୍ରଚାର କରି ବିଶ୍ୱଭ୍ରମଣ କରୁଥିଲେ । ସେ ଏହି ପ୍ରେରଣାଟିକୁ ତାଙ୍କ ବାପାଙ୍କଠାରୁ ପାଇଥିଲେ ଏବଂ ପୃଥିବୀର ସବୁ ଜାଗାକୁ ଯାଇ ମାନବ-ଐକ୍ୟର ପ୍ରଚାର କରିବେ ବୋଲି ବାହାରିଥିଲେ । କେତେକ ବନ୍ଧୁଙ୍କ ଗୃହରେ ତାଙ୍କ ସହିତ ମୋର ଭେଟ ହୋଇଥିଲା ଏବଂ ମୁଁ ତାଙ୍କୁ ପଚାରିଲି, "ଏହି ମାନବ-ଐକ୍ୟକୁ ଉପଲବ୍ଧି କରିବା ଲାଗି ଆପଣଙ୍କର ପଥ କ'ଣ ?" ସିଏ ମୋତେ ଏହି ପ୍ରଶ୍ନଟିର କି ଉତ୍ତର ଦେଲେ ଜାଣିଛ ? ସିଏ କହିଥିଲେ, "ଏଥିପାଇଁ ଗୋଟିଏ ଖୁବ ସରଳ ଉପାୟ ରହିଛି;—ସଂସାରରେ ଯଦି ସମସ୍ତେ ଗୋଟିଏ ଭାଷାରେ କଥା କହିବେ, ଯଦି ସମସ୍ତେ ଗୋଟିଏ ପ୍ରକାରର ପରିଚ୍ଛଦ ପିନ୍ଧିବେ, ଏକା ଖାଡରେ ଜୀବନଯାପନ କରିବେ, ତେବେ ସମଗ୍ର ସଂସାର ତାହାରି ଦ୍ୱାରାହିଁ ଐକ୍ୟବଦ୍ଧ ହୋଇଯିବ !" ତା'ପରେ ତାଙ୍କୁ ମୁଁ କହିଲି, "ସେହି ସଂସାର ସେତେବେଳେ ପ୍ରକୃତରେ ବଡ଼ ଦରିଦ୍ର ହୋଇ ରହିବ ଏବଂ ଆଉ କଦାପି ବଞ୍ଚିବାଯୋଗ୍ୟ ଏକ ସ୍ଥାନ ହୋଇ ରହିବ ନାହିଁ ।" ସିଏ ମୋ କଥାକୁ ଆଦୌ ବୁଝି ପାରିଲେ ନାହିଁ ।

'oaob.nitrkl.ac.in' images reprocessed

## ୭ ଏପ୍ରିଲ୍ ୧୯୫୧

୧୯୨୯ ମସିହାରେ ଜଣେ ଇଂରେଜ ସାଧିକା ମାଆଙ୍କୁ ପଚାରିଥିବା ଗୋଟିଏ ପ୍ରଶ୍ନ ମାଆ ପଢ଼ିଲେ :

> "ସକଳ ପ୍ରେମର ସ୍ୱରୂପ ପରମ ଦିବ୍ୟ ସତ୍ତା ଯଦି ଏହି ସୃଷ୍ଟିର ଆଦିମୂଳ ହୋଇଥାନ୍ତି, ତେବେ ଏହି ପୃଥିବୀରେ ଯେଉଁସବୁ ମନ୍ଦ ଭରି ହୋଇ ରହିଛି, ସେଗୁଡ଼ାକ ପୁଣି କୁଆଡ଼ୁ ଆସିଲା ?"
>
> ପ୍ରଶ୍ନ ଓ ଉତ୍ତର ୧୯୨୯ (୩୦ ଜୁନ୍)

ସେହି ମନ୍ଦଗୁଡ଼ାକ କୁଆଡ଼ୁ ଆସିଲା ? …କିଏ ଏହି ପ୍ରଶ୍ନର ଉତ୍ତରଟି ଦେଇପାରିବ ? ଏକ ଦାର୍ଶନିକ ଉତ୍ତର, ଏକ ବୈଜ୍ଞାନିକ ଉତ୍ତର, ଏକ ମନୋବୈଜ୍ଞାନିକ ଉତ୍ତର ଏବଂ ଏକ କବିତାମୟ ଉତ୍ତର !

> ଅଜ୍ଞାନତା ଏବଂ ଅନ୍ଧକାର ଯେଉଁଠାରୁ ଆସନ୍ତି, ଏଗୁଡ଼ିକ ମଧ୍ୟ ସେହିଠାରୁ ଆସିଥାନ୍ତି ।

ଏଇଟି ଏକ ତତ୍ତ୍ୱଦୃଷ୍ଟିମୂଳକ ଉତ୍ତର, ଧର୍ମ-ଅନୁପ୍ରେରିତ ଏକ ଉତ୍ତର । ଆରେ, ତୁମର କ'ଣ କୌଣସି କଳ୍ପନାଶକ୍ତି ନାହିଁ !

> ପୃଥିବୀରେ ଏଠାରେ ଅଭିପ୍ରେତ କାର୍ଯ୍ୟଟି ଯେପରି ପରିପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇପାରିବ, ମନ୍ଦ ଶକ୍ତିଗୁଡ଼ିକ ସେଇଥିଲାଗି ପ୍ରେରିତ ହୋଇ ଏଠାକୁ ଆସିଥାନ୍ତି ।

ମନ୍ଦ ଏଠାକୁ ପ୍ରେରିତ ହୋଇ ଆସିଥାଏ ଯେପରି ଜଣେ ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିପାରିବ ? ତୁମେ ଯାହା କହିଲ, ତାହା ପକ୍ଷରେ ଯୁକ୍ତି ରହିଛି ସତ, ମାତ୍ର ଯେଉଁ ଭଦ୍ରମହିଳା ମୋତେ ଏହି ପ୍ରଶ୍ନଟିକୁ ପଚାରିଥିଲେ ଏଥିରେ ସେ ଭୟଙ୍କର ଭାବରେ ଆତଙ୍କିତ ହୋଇ ଉଠିଥାନ୍ତେ । ସିଏ କହିଥାନ୍ତେ, "ସ୍ୱୟଂ ଭଗବାନ

'oaob.nitrkl.ac.in' images reprocessed

ସେକଥା କିପରି କରିପାରିଲେ ? ସମଗ୍ର ପ୍ରେମର ସ୍ୱରୂପ ଭଗବାନ ଏସବୁ କିପରି କରି ପାରିଲେ ?···ତେବେ କହିବାକୁ ହେବ ଯେ ତାଙ୍କର ସଂସାରଟା ଆଦୌ ଭଲଭାବେ ତିଆରି ହୋଇ ନାହିଁ !"

ବାଇବେଲ୍‌ରେ ଥିବା 'ସୃଷ୍ଟି ପ୍ରକରଣ' ବିଷୟଟି ପଢ଼ିବା ପରେ ମତେ କେହିଜଣେ ଆସି କହିଥିଲେ, "ଭଗବାନ ସାତ ଦିନ କାଳ ଏସବୁ ତିଆରି କଲେ ଏବଂ ତା'ପରେ ଏହା ଏତେ ଭଲ୍ ହୋଇଛି ବୋଲି କହିଲେ !" ତାଙ୍କର ମତଟା ପ୍ରକୃତରେ ଏକ ବିଚିତ୍ର ମତ !

> ଏକଦା ମହୀୟସୀ ଥେରେସାଙ୍କୁ ଅନେକ ଦୁର୍ବିପାକର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସିଏ ଏହିପରି କହି ଭଗବାନଙ୍କ ପାଖରେ ଅଭିଯୋଗ କରିଥିଲେ, "ମୋ ଭିତରେ ତ ଏତେ ସଦିଚ୍ଛା ପୂର୍ଣ୍ଣ ହୋଇ ରହିଛି, ତେବେ ମୋ ଜୀବନରେ ଏହି ଘଟଣାଗୁଡ଼ିକ କାହିଁକି ଘଟୁଛି ?"
>
> ତା'ପରେ ସମ୍ଭବତଃ ଭଗବାନ ଉତ୍ତର ଦେଇ କହିଥିବେ, "ମୋର ସହଚରମାନଙ୍କ ପ୍ରତି ମୁଁ ଠିକ୍ ଏହିପରି ଆଚରଣ କରିଥାଏ । ଏବଂ ଏହି କାରଣରୁହିଁ ଆମ ପାଖରେ ସର୍ବଦା ଏତେ କମ୍ ମହଜୁଦ ରହିଥାଏ !"

ବର୍ତ୍ତମାନ ଆମେ ଅସୁବିଧାଟିର ମୂଳକୁହିଁ ସ୍ପର୍ଶ କରିବାକୁ ଯାଉଛୁ । ତୁମେ ଏକଥାଟି ବୁଝିଛ କି ନାହିଁ ମୋତେ ତାହା ଜଣା ନାହିଁ; ମାତ୍ର ସେହି ଭଦ୍ରମହିଳା ମୋତେ ଯାହା ପଚାରିଥିଲେ ସେଥିରେ ଏକ କେନ୍ଦ୍ରୀସ୍ଥ ଭୁଲ ରହି ଯାଇଥିଲା; ସିଏ ଭଗବାନଙ୍କୁ ଆଣି ଜଣେ ବ୍ୟକ୍ତିରେ ପରିଣତ କରି ଦେଇଛନ୍ତି, ଯିଏକି ତାଙ୍କ ସୃଷ୍ଟିଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଛନ୍ତି । ତାଙ୍କର କହିବା ଉଚିତ ଥିଲା, "ସୃଷ୍ଟି କରିବାର କ୍ଷମତା ଥିବା କେହିଜଣେ ଯଦି ଏହିପରି ଏକ ପୃଥିବୀର ସୃଷ୍ଟି କରିଛନ୍ତି,—ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅନ୍ୟକୁ କଷ୍ଟଦେଇ ତାଙ୍କୁ ପ୍ରକୃତରେ ଖୁବ ଭଲ ଲାଗୁଥିବ ।" ଏପରି କହିଥିଲେ ସିଏ ଠିକ୍ କହିଥାନ୍ତେ, ନୁହଁ ? ପ୍ରଶ୍ନଟିକୁ ବଡ଼ ଅଯଥାର୍ଥ ଭାବରେ ପଚରାଯାଇଛି, କାରଣ, ଏଠାରେ ଯେଉଁ ଭଗବାନ ବା ଦିବ୍ୟ ପରମସତ୍ତାଙ୍କ ବିଷୟରେ କୁହାଯାଇଛି, ସିଏ ପ୍ରକୃତରେ ପରମସତ୍ତା ନୁହନ୍ତି, ପ୍ରକୃତ ଭଗବାନ ସିଏ ନୁହନ୍ତି, ସିଏ ହେଉଛନ୍ତି ଧର୍ମର ଭଗବାନ ଏବଂ ଏକ ନିର୍ଦ୍ଦିଷ୍ଟ ପ୍ରକାର ଧର୍ମର ଭଗବାନ । ମାତ୍ର ଭଗବାନ ପ୍ରକୃତରେ ଯେପରି, ଇଏ ଆଦୌ ସେପରି ନୁହନ୍ତି ।

'oaob.nitrkl.ac.in' images reprocessed

"ସବୁକିଛି ସେହି ପରମ ଦିବ୍ୟ ସତ୍ତାଙ୍କଠାରୁ ଆସିଛି ସତ, ମାତ୍ର ସେହି ଅଦ୍ୱିତୀୟ ପରମ ଚେତନା ଓ ସର୍ବୋଚ୍ଚ ପରମ ପୁରୁଷ ଏହି ପୃଥିବୀକୁ ପ୍ରତ୍ୟକ୍ଷ ଭାବରେ ନିଜ ଭିତରୁ କଦାପି ସୃଷ୍ଟି କରି ନାହାନ୍ତି । ତାଙ୍କଠାରୁ ଏକ ଶକ୍ତି ନିର୍ଗତ ହୋଇ ଯାଇଛି ଏବଂ ଆପଣା କ୍ରିୟାଶୀଳତାର ଅନେକ ସୋପାନ ଦେଇ ଅବତରଣ କରି ଆସିଛି, କେତେକେତେ ନିମିତ୍ତର ମଧ୍ୟଦେଇ ଅତିକ୍ରମ କରିଛି । ଏହି କ୍ଷେତ୍ରରେ ଏକାଧିକ ସ୍ରଷ୍ଟା ରହିଛନ୍ତି ବା 'ରଚୟିତା' ବା ଆକାର-ନିର୍ମାତା ରହିଛନ୍ତି, ଯେଉଁମାନେ କି ସୃଷ୍ଟିର ନିର୍ମାଣରେ ଅଧିଷ୍ଠାତାରୂପେ କାର୍ଯ୍ୟ କରିଛନ୍ତି । ସେମାନଙ୍କୁ ଆମେ ମଧ୍ୟବର୍ତ୍ତୀ କେତେକ କର୍ତ୍ତାରୂପେ ଜାଣିବା ଏବଂ ମୁଁ ସେମାନଙ୍କୁ 'ସ୍ରଷ୍ଟା' ବୋଲି ନକହି 'ରଚୟିତା' ବୋଲି କହିବାକୁ ଅଧିକ ପସନ୍ଦ କରୁଛି । କାରଣ ସେମାନେ ଜଡ଼କୁ ପ୍ରକୃତରେ ଏକ ଉଚିତ ରୂପ ଦେଇଛନ୍ତି, ଏକ ନିର୍ଦ୍ଦିଷ୍ଟ ମୋଡ଼ ଓ ନିର୍ଦ୍ଦିଷ୍ଟ ପ୍ରକୃତି ଆଣି ଦେଇଛନ୍ତି । ଏପରି ରଚୟିତା ଅନେକ ଅଛନ୍ତି; ସେମାନଙ୍କ ମଧ୍ୟରୁ କେତେକ ସୌଷମ୍ୟଯୁକ୍ତ ଓ ଶୁଭକର ବସ୍ତୁଗୁଡ଼ିକର ନିର୍ମାଣ କରିଛନ୍ତି, ଏବଂ ଆଉକେତେକ ବସ୍ତୁଗୁଡ଼ିକୁ ଖଳତାପୂର୍ଣ୍ଣ ଓ ମନ୍ଦ କରି ତିଆରି କରିଛନ୍ତି । କେତେକ ଏପରି ରହି ଆସିଛନ୍ତି, ଯେଉଁମାନେ କି ଗଢ଼ିବା ଅପେକ୍ଷା ଅଧିକ ପରିମାଣରେ ବିକୃତ କରି ଦେଇଛନ୍ତି, କାରଣ, ଅନ୍ୟମାନେ ଯେଉଁଗୁଡ଼ିକୁ ଉଚିତ ପ୍ରକାରରେ ଆରମ୍ଭ କରିଥିଲେ, ସେମାନେ ସେଗୁଡ଼ିକରେ ଆସି ହସ୍ତକ୍ଷେପ କରିଛନ୍ତି ଓ ସେଗୁଡ଼ିକୁ ନଷ୍ଟ କରି ଦେଇଛନ୍ତି ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୩୦ ଜୁନ୍)

ବର୍ତ୍ତମାନ ମୁଁ କଦାପି ଏପରି ଭାବରେ ଉତ୍ତର ଦେବାକୁ ଇଚ୍ଛା କରିବି ନାହିଁ, କାରଣ ଏଇଟା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ 'ପ୍ରଶାସନସୁଲଭ' ଉତ୍ତର ! ସରକାରମାନେହିଁ ସର୍ବଦା ଏହିଭଳି ଉତ୍ତର ଦେଇଥାନ୍ତି; ସେମାନେ କହନ୍ତି, "ଏଥିଲାଗି ମୁଁ ଦାୟୀ ନୁହେଁ, ଏଥିଲାଗି ମୋର କର୍ମଚାରୀମାନେ ଦାୟୀ ।" ଏଇଟା ଆଦୌ ସୁନ୍ଦର କଥା ନୁହେଁ, ନିଜ ଉପରେହିଁ ଦାୟିତ୍ୱଟିକୁ ନେଇପାରିବା ଅଧିକ ଭଲ ।

'oaob.nitrkl.ac.in' images reprocessed

ମାଅ ପୁଣି ପଢ଼ିବାକୁ ଆରମ୍ଭ କଲେ । ପୂର୍ବର ସେହି ଶ୍ରୋତାଙ୍କର ଏକ ପ୍ରଶ୍ନରୁ ତାହା ଆରମ୍ଭ ହୋଇଥିଲା :

"ସମଗ୍ର ସୃଷ୍ଟିରେ ଯେତେ ଯେତେ ଜଗତ ରହିଛି, ଆମର ଏହି ଜଡ଼ ଜଗତଟି ତାହାର ବ୍ୟବସ୍ଥାଟି ମଧ୍ୟରେ ପ୍ରକୃତରେ କୋଉ ତଳେ ଯାଇ ରହିଛି ନାହିଁ କି ?"

"ଆମର ଏହି ଜଗତ ହେଉଛି ପ୍ରକୃତରେ ସବୁଠାରୁ ଅଧିକ ପରିମାଣରେ ଜଡ଼ସ୍ୱଭାବ ଲାଭ କରିଥିବା ଏକ ଜଗତ । ମାତ୍ର ତାହା ଯେ 'ଅନେକ ତଳରେ' ଯାଇ ରହିଛି, ସେପରି କଦାପି ନୁହେଁ; ଅନ୍ତତଃ, ସେହି କାରଣରୁ ଯେ ତାହା ବ୍ୟବସ୍ଥାଟିର କୋଉ ତଳେ ଯାଇ ରହିଛି, ତାହା ମୋଟେ ନୁହେଁ । ଯଦି ତାହା ପ୍ରକୃତରେ ଅନେକ ତଳେ ରହିଥାଏ, ତେବେ ତାହା ଅନ୍ଧକାର ଓ ଅଜ୍ଞାନତା ଭିତରେ ରହିଥିବାରୁହିଁ ତଳେ ଯାଇ ରହିଛି । ଜଡ଼ସ୍ୱଭାବର ହୋଇ ରହିଛି ବୋଲି କଦାପି କୋଉ ତଳେ ଯାଇ ରହି ନାହିଁ । 'ଜଡ଼'କୁ ଅନ୍ଧକାର ଏବଂ ଅଜ୍ଞାନତାର ସମବାଚୀରୂପେ ଗ୍ରହଣ କରିବା ହେଉଛି ଏକ ଭୁଲ କଥା । ଏବଂ, ଆମେ ଯେ କେବଳ ଏହି ଜଡ଼ ଜଗତଟି ମଧ୍ୟରେ ବାସ କରୁଛୁ, ସେକଥା ମଧ୍ୟ ଆଦୌ ନୁହେଁ । ଆମେ ଯୁଗପତ୍ ଭାବରେ ଯେତେ ଜଗତରେ ବାସ କରୁଛୁ, ଜଡ଼ଜଗତ ହେଉଛି ତାହା ମଧ୍ୟରୁ ଗୋଟିଏ; ଏବଂ ଗୋଟିଏ ଦୃଷ୍ଟିରୁ ବିଚାର କଲେ ଏଇଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଜଗତ । କାରଣ ଜଡ଼ନିର୍ମିତ ଏହି ଜଗତଟି ହେଉଛି ଯାବତୀୟ ଜଗତସକଳର ସଂକେନ୍ଦ୍ରଣ-ବିନ୍ଦୁ; ଏଇଟି ହେଉଛି ସେହି କ୍ଷେତ୍ର, ଯେଉଁଠାରେ କି ଯାବତୀୟ ଜଗତସକଳର ଏକ ମୂର୍ତ୍ତୀକରଣ ସଂଘଟିତ ହୋଇଛି । ଏହି ସ୍ଥାନରେହିଁ ଯାବତୀୟ ଜଗତକୁ ରୂପାୟିତ ହେବାକୁ ପଡ଼ିବ । ବର୍ତ୍ତମାନ ଏହା ଘୋର ସୌନ୍ଦର୍ଯ୍ୟହୀନ ଏବଂ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି ସତ, ମାତ୍ର ତାହାକୁ କେବଳ ଏକ ଆକସ୍ମିକତା ବୋଲି ବୁଝାଯିବ, ଏକ ଦୋଷଯୁକ୍ତ ଆରମ୍ଭ ବୋଲି ବୁଝାଯିବ । ଦିନେ

'oaob.nitrkl.ac.in' images reprocessed

ଏହା ସୁନ୍ଦର ହୋଇ ଉଠିବ, ଛନ୍ଦୋମୟ ହୋଇ ଉଠିବ, ଆଲୋକମୟ ହେବ । କାରଣ ଏହି ପରିପୂର୍ଣ୍ଣ ଅବସ୍ଥାରେ ଉପନୀତ ହେବା ଲାଗିହିଁ ତାହାର ନିର୍ମାଣ ହୋଇଥିଲା ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୩୦ ଜୁନ୍)

ପ୍ରାଚୀନ ଖାଲ୍‌ଦେଆରେ ଭଗବାନଙ୍କର ଯେପରି କଳ୍ପନା କରାଯାଇଥିଲା, ଏହି ଭଦ୍ରମହିଳା ତାଙ୍କ ବାଲ୍ୟରେ ପ୍ରାୟ ସେହିପରି ଏକ କଳ୍ପନା ପୋଷଣ କରିଥିଲେ । ସେହି କଳ୍ପନା ଅନୁସାରେ ଭଗବାନ 'କିଛି ନାହିଁ'ରୁହିଁ ଏକ ଜଗତ ଗଢ଼ି ଥୋଇଦେଲେ (ମୁଁ ସ୍ୱୀକାର କରୁଛି ଯେ ଏହାକୁ ପ୍ରକୃତରେ ବଡ଼ ନିପୁଣତାହୀନ ଭାବରେ ତିଆରି କରି ଯାଇଥିଲା) । ମାତ୍ର ତଥାପି ଭଗବାନ ସେହି ପୃଥିବୀଟି ଆଡ଼କୁ ଦୃଷ୍ଟିପାତ କରି କହିଲେ, "ଏହି ଜଗତଟିକୁ ମୁଁ ଜାଣିଶୁଣି ତିଆରି କରିଛି !" ଏବଂ ତାହାହିଁ ସେହି ଭଦ୍ରମହିଳାଙ୍କ ଲାଗି ଯାବତୀୟ ଭୟର କାରଣ ହୋଇଛି !

ଏହି ପୃଥିବୀରେ ଏତେବେଶୀ ଦୁଃଖ କାହିଁକି ରହିଛି ? ମୁଁ ଏହି ପ୍ରଶ୍ନଟିର ଏକ ବୈଜ୍ଞାନିକ, ଦାର୍ଶନିକ, ତତ୍ତ୍ୱରହସ୍ୟମୟ, ଧର୍ମସମ୍ମତ ଓ କାବ୍ୟିକ ଉତ୍ତର ପାଇବି ବୋଲି ଆଶା କରୁଛି;—ତୁମେମାନେ ଉତ୍ତର ଦିଅ !…

ଭଗବାନ ଏହି ପୃଥିବୀରେ କିଛିଟା ବୈଚିତ୍ର୍ୟ ରଖିବାକୁ ଚାହିଁଥିଲେ, ନହେଲେ ତାହା ଭାରି ନୀରସ ମନେ ହେଉଥାନ୍ତା !

ଏଇଟା ଆଦୌ ଏକ କାବ୍ୟିକ ଉତ୍ତର ହେଲା ନାହିଁ ।—ସେଥିଲାଗି ତୁମକୁ ଅନେକ ଚିତ୍ରକଳ୍ପ ଏବଂ ପ୍ରତୀକର ବ୍ୟବହାର କରିବାକୁ ହେବ ! ତୁମେ ତ ସେହିପରି ଜଣେ ବ୍ୟକ୍ତି ପରି ଉତ୍ତରଟିକୁ ଦେଲ, ଯିଏ କହୁଥାଏ ଯେ ଯଦି ଦୁଃଖ କ'ଣ ଜାଣି ନହୁଏ, ତେବେ ସୁଖ ମଧ୍ୟ ଜାଣି ହୁଏ ନାହିଁ ! ଦୁଃଖ ନପାଇଲେ ସୁଖ କ'ଣ ବି ଜାଣି ହୁଏ ନାହିଁ ! ଅନ୍ୟମାନେ ଯେପରି କହିଥାନ୍ତି, "ଯଦି ଛାଇ ବୋଲି କିଛି ନଥାନ୍ତା, ତେବେ ଆଲୁଅ ବୋଲି ବି ଆଦୌ କିଛି ନଥାନ୍ତା । ଯଦି ସବୁକିଛି ଆଲୋକମୟ ହୋଇ ରହିଥାନ୍ତା, ତେବେ ଆଲୋକ କ'ଣ, ସେକଥା ମୋଟେ ଜାଣି ହୁଅନ୍ତା ନାହିଁ ।"…ଏହିପରି ଭାବରେ ଯୁକ୍ତି କରି କୁହାଯାଏ । ତେବେ ତୁମେ କହୁଛ ଯେ ଦୁଃଖ ନଥିଲେ ପୃଥିବୀରେ ବୈଚିତ୍ର୍ୟ ବୋଲି କିଛି ନଥାନ୍ତା ? ଆମର ଏହି ପୃଥିବୀଟା ପ୍ରକୃତରେ ଭାରି ବିଷାଦମୟ ଭାବରେ ବୈଚିତ୍ର୍ୟଯୁକ୍ତ ହୋଇ ରହିଛି, ନୁହେଁ କି ?

'oaob.nitrkl.ac.in' images reprocessed

> ଯଦି ପ୍ରତ୍ୟେକେ ସୁଖରେ ରହିଥାନ୍ତେ, ତେବେ ପୃଥିବୀ ମଧ୍ୟ ସୁଖରେ ଥାନ୍ତା ।

ଯଦି ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ଉପଲବ୍ଧିର ପରମାନନ୍ଦ ଭିତରେ ପ୍ରବେଶ କରି ପାରୁଥାନ୍ତେ, ତେବେ ପୃଥିବୀ ମଧ୍ୟ ସେହି ଆନନ୍ଦଟି ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥାନ୍ତା । ଏକ ଯୁକ୍ତି ହିସାବରେ ଏହି କଥାଟି ବେଶ୍ ଭଲ କଥା । ମାତ୍ର ଏଇଟି ହେଉଛି ଏକ ପ୍ରତିକାର, ଏକ କାରଣ ନୁହେଁ । ଏଠାରେ ତୁମକୁ କାରଣଟି ବିଷୟରେହିଁ ପଚାରି ଯାଉଛି । ଯଦି ଏହି ଦୁଃଖ ଭଗବାନଙ୍କଠାରୁ ନଆସିଛି, ତେବେ ଆଉ କେଉଁଠାରୁ ଆସିଛି ? ଭଗବାନ ତ ହେଉଛନ୍ତି ସର୍ବମଙ୍ଗଳକାମୀ, ସିଏ କଦାପି ଏପରି ଏକ ଭୟାନକ ବସ୍ତୁର ସୃଷ୍ଟି କରି ନଥାନ୍ତେ !

> ଜଗତର ଯଥାର୍ଥରେ କୌଣସି ଅସ୍ତିତ୍ୱ ନାହିଁ । ଜଗତ ହେଉଛି ଏକ ମାୟା, ଆମର ଭ୍ରାନ୍ତିଯୁକ୍ତ ଚେତନାର ଏକ ମାୟା ।

ଆରେ, ତୁମେ ଯଦି ଯକୃତ୍‌ପୀଡ଼ାରୁ କଷ୍ଟ ପାଉଥିବା କୌଣସି ଲୋକକୁ ଯାଇ ଏହି କଥାଟିକୁ କହନ୍ତ !

> କେହିଜଣେ କହିଛନ୍ତି, ଦରିଦ୍ରମାନେ ଯେପରି ଦୁଃଖ ଭୋଗି ଶିଖିବେ ଏବଂ ଧନୀମାନେ ଯେପରି ଦାନ କରି ଶିଖିବେ, ଏହି ପୃଥିବୀ ସେଇଥି ସକାଶେହିଁ ତିଆରି ହୋଇଛି ।

ମୁଁ ତ ଠିକ୍ ସେହି କଥାଟି କହୁଥିଲି, ନୁହେଁ କି (ମାଆ ହସିଲେ), ମୁଁ କହୁଥିଲି ଯେ, ଯଦି ଆମର ଏହି ପୃଥିବୀରେ ଦୁଃଖ ବା କଷ୍ଟ ବୋଲି କିଛି ନଥାନ୍ତା, ତେବେ ଲୋକହିତୈଷିତା ସମ୍ଭବ ହୁଅନ୍ତା କିପରି ?···ଆମେ ଯଦି ଏହିପରି ପ୍ରତ୍ୟେକ କ୍ଷେତ୍ରର ଅନୁସନ୍ଧାନ କରିପାରନ୍ତେ, ତେବେ ସମ୍ଭବତଃ ଆମେ ସବାଶେଷକୁ ଏହିପରି ବୁଝନ୍ତେ ଯେ ଏସବୁର ନିଶ୍ଚୟ ଏକ ଆବଶ୍ୟକତା ରହିଥିଲା, ତା' ନହେଲେ ଏହି ପୃଥିବୀ ମୋଟେ ସମ୍ଭବ ହୋଇ ନଥାନ୍ତା । ଏଇଟିକୁ ସମ୍ଭବତଃ ଗୋଟିଏ ସିଦ୍ଧାନ୍ତ ବୋଲି କୁହାଯାଇ ପାରିବ । ନା—ଏହା ଆଦୌ କୌଣସି ସିଦ୍ଧାନ୍ତ ନୁହେଁ; କାରଣ ବର୍ତ୍ତମାନ ପୃଥିବୀରେ ଯାହା ଯେଉଁଭଳି ରହିଛି, ତାହା ଅନିର୍ଦ୍ଦିଷ୍ଟ କାଳ ପାଇଁ ଠିକ୍ ସେହିପରି ହୋଇ ରହିବା ଉଚିତ ବୋଲି ଏହା ଦାବି କରି ବସିବ ।

'oaob.nitrkl.ac.in' images reprocessed

ପୃଥିବୀ ଯେଉଁପରି ହେବା ଉଚିତ, ତାହା ଠିକ୍ ସେହିପରି ହୋଇ ରହିଛି ବୋଲି ଯଦି ସ୍ୱୀକାର କରାଯାଏ, ତେବେ ପୃଥିବୀରେ ଅପୂର୍ଣ୍ଣତା ରହିଛି କାହିଁକି ?

ସେପରି କଥା କେହି କହି ନାହାନ୍ତି । କାରଣ ଯଦି ସେହିପରି ହେବ, ତେବେ ଏଠି କେବଳ ବସି ରହିବା ବ୍ୟତୀତ ଆଉ କିଛିହେଲେ କରିବାକୁ ନଥିବ, ଆଦୌ ହଲଚଲ ହେବାକୁ ବି ପଡ଼ିବ ନାହିଁ ।

ଆମେ ଆଗରୁ ଏହି କଥାଟିକୁ ସ୍ୱୀକାର କରି ସାରିଛୁ ଯେ ପୃଥିବୀ ଯେପରି ହେବା ଉଚିତ ଥିଲା, ତାହା ବର୍ତ୍ତମାନ କଦାପି ସେପରି ହୋଇ ରହି ନାହିଁ । ଆମେ ସ୍ୱୀକାର କରି ସାରିଛୁ ଯେ ଆମେ କାର୍ଯ୍ୟ କରିବାକୁହିଁ ଏହି ପୃଥିବୀ ମଧ୍ୟରେ ରହିଛୁ, ଯେପରିକି ପୃଥିବୀ ଯେଉଁପରି ହୋଇ ରହିବା ଉଚିତ, ତାହା ଠିକ୍ ସେହିପରି ଭାବରେ ଗଢ଼ିହୋଇ ପାରିବ । ମାତ୍ର ଏହା ଜାଣିବାକୁ ହେଲେ, ପୃଥିବୀ ପ୍ରକୃତରେ କିପରି ହେବା ଉଚିତ, ସେହି କଥାଟି ଆଗ ଜାଣିବାକୁ ପଡ଼ିବ, ନୁହେଁ କି ? ତାହାହିଁ ସମସ୍ୟା । ପୃଥିବୀ କିପରି ହେବା ଉଚିତ ?

ଜଣେ : ଦିବ୍ୟ ଚେତନା ବିଷୟରେ ପୃଥିବୀ ସଜ୍ଞାନ ହୋଇ ରହିବା ଉଚିତ ।

ଆଉଜଣେ : ଏହି ପୃଥିବୀରେ ଆଦୌ କୌଣସି ଦୁଃଖଭୋଗ ରହିବା ଉଚିତ ନୁହେଁ ।

ଯେତେବେଳେ ତୁମେ କିଛି ସ୍ୱୀକାରାତ୍ମକ ଭାବରେ କହିବାକୁ ଯାଉଛ, ସେତେବେଳେ "ମୁଁ ଏପରି ଚାହେଁ ନାହିଁ, ମୁଁ ସେପରି ଚାହେଁ ନାହିଁ" ବୋଲି କହି କଦାପି ଆରମ୍ଭ କରିବ ନାହିଁ । ତା' ନହେଲେ ତୁମେ ପ୍ରକୃତରେ କୌଣସି ଉତ୍ତର ପ୍ରତିଷ୍ଠା କରି ପାରିବ ନାହିଁ । ପୃଥିବୀ କ'ଣ ହେବା ଉଚିତ, ତୁମକୁ ତାହାରି ବିଷୟରେ କହିବାକୁ ପଡ଼ିବ; ପୃଥିବୀ କ'ଣ ହେବା ଉଚିତ ନୁହେଁ, ସେବିଷୟରେ ତୁମେ କିଛିହେଲେ କହିବ ନାହିଁ । ପ୍ରକୃତ କଥାଟିକୁ କହିବାକୁ ଗଲେ, ପୃଥିବୀ କିପରି ହେବା ଉଚିତ ନୁହେଁ, ସେକଥା ଆମେ ସମସ୍ତେ ଜାଣିଛୁ : ପୃଥିବୀ ବର୍ତ୍ତମାନ ତ ଠିକ୍ ସେହିପରି ହୋଇ ରହିଛି ! ଏହି ମାର୍ଗରେ ଆମକୁ ଆଦୌ ଖୁବ୍ ବେଶୀ ବାଟ ଖୋଜି ଯିବାକୁ ପଡ଼ିବ ନାହିଁ,—ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ଆମେ ତାହା ସେହିପରି ହୋଇ ରହୁ ବୋଲି ମୋଟେ ଚାହୁଁ ନାହୁଁ । ତେବେ ଏହି ପୃଥିବୀ ପ୍ରକୃତରେ କେଉଁଭଳି ହେବା ଉଚିତ ?

'oaob.nitrkl.ac.in' images reprocessed

ଏକ ଉଦ୍ୟାନ ଗଢ଼ି, ଯେଉଁଠାରେ କି ଆମେ ପରମ ଦିବ୍ୟସତ୍ତାଙ୍କ ସହିତ ଏକ ଶାଶ୍ୱତ କ୍ରୀଡ଼ାରେ ଅବତୀର୍ଣ୍ଣ ହୋଇ ପାରିବା ।

ଏହି କଥାଟି ଖୁବ ଚମତ୍କାର ଶୁଭୁଛି, ଖୁବ ଭଲ ଲାଗୁଛି । ଶ୍ରୀଅରବିନ୍ଦ କହିଛନ୍ତି, "ଭଗବାନ ହେଉଛନ୍ତି ଜଣେ କ୍ରୀଡ଼ାରତ ଶିଶୁ",* ମୋର ମନେ ହେଉଛି, ଏହି ବାକ୍ୟଟି ଅନେକଙ୍କୁ ଆତଙ୍କିତ କରି ପକାଇଛି । ଯେତେବେଳେ ଆମେ ଏହାର ଫରାସୀ ଅନୁବାଦ କରି ଇଉରୋପକୁ ପଠାଇଲୁ, ସେଠାରେ ଅନେକ ବ୍ୟକ୍ତି ତାହାକୁ ଶୁଣି ଖୁବ ଆତଙ୍କିତ ହୋଇ ଉଠିଲେ ଓ କହିଥିଲେ, "ହଁ, ଆମକୁ ଉଚ୍ଛନ୍ନ କରି ସେ ପ୍ରକୃତରେ ଖେଳିବାରେ ଲାଗିଛନ୍ତି !"

ଏହି ଜଗତ ପ୍ରେମ ଓ ଆଲୋକରେ ପୂର୍ଣ୍ଣ ହୋଇ ରହିବା ଉଚିତ ।

କେଉଁ ଆଲୋକ ? କେଉଁ ପ୍ରେମ ?

ଦିବ୍ୟ ଆଲୋକ ।

ଯେତେବେଳେ ତୁମେ "ଦିବ୍ୟ ଆଲୋକ" ବୋଲି କହୁଛ, ସେତେବେଳେ ତଦ୍ୱାରା ତୁମେ କ'ଣ ବୁଝୁଛ ?

ଏହି ଜଗତ ଗ୍ରହଣଶୀଳ ହୋଇ ରହିବା ଉଚିତ ।

କେଉଁଥିପାଇଁ ଗ୍ରହଣଶୀଳ ?

ଯେଉଁ ଦିବ୍ୟ ପରମ ଇଚ୍ଛାରୁ ଏହି ଜଗତ ବିଚ୍ଛିନ୍ନ ହୋଇ ଆସିଛି, ତାହା ସେହି ଇଚ୍ଛାକୁହିଁ ସତତ ଅଭିବ୍ୟକ୍ତ କରିଦେଇ ପାରିବା ଉଚିତ ।

* "ଭଗବାନ ଶେଷରେ ପ୍ରକୃତରେ କ'ଣ ? ଜଣେ ଶାଶ୍ୱତ ଶିଶୁ, ଯିଏକି ଏକ ଶାଶ୍ୱତ ଉଦ୍ୟାନରେ ଶାଶ୍ୱତ ଭାବରେ କ୍ରୀଡ଼ାରତ ହୋଇ ରହିଛନ୍ତି ।"

ଚିନ୍ତନ ଏବଂ ଆଭାସ, ଜନ୍ମଶତବାର୍ଷିକୀ ରଚନାବଳୀ, ଖଣ୍ଡ-୧୬, ପୃଷ୍ଠା-୩୮୧

'oaob.nitrkl.ac.in' images reprocessed

ତା'ହେଲେ ଏହି ଜଗତ ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇ ଆସିଛି । ତେବେ ଆମେ ବର୍ତ୍ତମାନ ଏହିପରି ଜାଣିବା : ପୃଥିବୀ ଦୁଃଖ ଭୋଗ କରୁଛି, କାରଣ ତାହା ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି । ଏହି ଉତ୍ତରଟି ଦାର୍ଶନିକ ନୁହେଁ, କାବ୍ୟିକ ନୁହେଁ କିଂବା···ଏହାକୁ ଆମେ ଏକ ବ୍ୟାବହାରିକ ଉତ୍ତର ବୋଲି କହିବା । ଏବଂ ଏହା ଭଗବାନଙ୍କଠାରୁ କିପରି ବିଚ୍ଛିନ୍ନ ହୋଇ ଆସିପାରିଛି, କହିଲ ? କାରଣ ଏହି ଜଗତ ହେଉଛି ଭଗବାନ ।···ବର୍ତ୍ତମାନ କଥାଟି ଭାରି ଜଟିଳ ହୋଇ ପଡ଼ୁଛି । ଆମେ କହୁଛୁ,—ନୁହେଁ କି ?—ଏହି ଜଗତ ପ୍ରକୃତରେ ଏକ ଦିବ୍ୟ ଜଗତ, ଏହା ଦୁଃଖ ଭୋଗ କରୁଛି, କାରଣ ତାହା ଭଗବାନଙ୍କଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛି । କିପରି ବିଚ୍ଛିନ୍ନ ହୋଇ ପଡ଼ିଛି କହିଲ ?

ଆପଣାର ଅଜ୍ଞାନତା ହେତୁ ।

ହେ ଭଗବାନ ! ତେବେ ଅଜ୍ଞାନତା ପୁଣି ଆସେ କେଉଁଠୁ ? କେଉଁ ବିଷୟରେ ଅଜ୍ଞାନତା ? କ'ଣ ଆପଣା ବିଷୟରେ ଅଜ୍ଞାନତା ?

ଆପଣାର ଅସଲ ଉତ୍ପତ୍ତିସ୍ଥଳଟି ବିଷୟରେ ଅଜ୍ଞାନତା ।

ହଁ, ତାହାର ଅର୍ଥ ହେଉଛି ଆପଣା ବିଷୟରେ ଅଜ୍ଞାନତା । ସେଇଥିଲାଗି ପ୍ରତ୍ୟେକ ମନୁଷ୍ୟକୁ "ନିଜକୁ ଜାଣ" ବୋଲି କୁହାଯାଏ ।—ତେବେ ଏହା ଠିକ୍ ସେଇଆ ହେବା ଉଚିତ !

କ'ଣ ଏହି ଜଗତ ଅଜ୍ଞାନତା ଦ୍ୱାରା ଆକ୍ରାନ୍ତ ହୋଇ ରହିଛି ନା ଆମେ ?

ଅଚ୍ଛା ? ତେବେ ମୁଁ ତୁମକୁ ପଚାରିବି, "ଜଗତ କହିଲେ ତୁମେ କ'ଣ ବୁଝ ? ଏହି ପୃଥିବୀଟିକୁ ବୁଝ ନା ବିଶ୍ୱବ୍ରହ୍ମାଣ୍ଡକୁ ?"

ବିଶ୍ୱବ୍ରହ୍ମାଣ୍ଡକୁ ।

ତା'ହେଲେ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଆମେ କଦାପି ଅଜ୍ଞାନତାବଶ ବୋଲି କହି ପାରିବା ନାହିଁ । ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ଏପରି ଅନେକ ଅଂଶ ରହିଛି,

'oaob.nitrkl.ac.in' images reprocessed

ଯେଉଁଠାରେ କି ଆଦୌ କୌଣସି ଅଜ୍ଞାନତା ନାହିଁ । ଯେତେବେଳେ ତୁମେ "ଆମେ" ବୋଲି କହୁଛ, ସେତେବେଳେ ତୁମେ ପ୍ରକୃତରେ କାହା କଥା ଭାବୁଛ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡର କଥା ନା ମନୁଷ୍ୟଜାତି କଥା ? କାରଣ, ସେକଥା ହେଉଛି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆମେ କହୁଛୁ ଯେ ପୃଥିବୀ ବଡ଼ ଦୁଃଖମୟ ହୋଇ ରହିଛି, କାରଣ ତାହା ଆପଣାର ଅସଲ ଉତ୍ପତ୍ତିସ୍ଥଳଟିକୁ ଭୁଲି ଯାଇଛି, ଅର୍ଥାତ୍ ସେ ତାହାର ଦିବ୍ୟ ଉତ୍ସଟିକୁ ଭୁଲିଯାଇଛି । ଆଉ ତୁମେମାନେ କହୁଛ ଯେ ଆମେ ଦୁଃଖରେ ଜର୍ଜ୍ଜରିତ ହୋଇ ରହିଛୁ, କାରଣ "ଆମେ" ଅଜ୍ଞାନତା ମଧ୍ୟରେ ବୁଡ଼ି ରହିଛୁ । ଏଠାରେ "ଆମେ" କହିଲେ ମନୁଷ୍ୟସମୂହକୁ ବୁଝାଉଛି । ଅର୍ଥାତ୍, କହିବାକୁ ପଡ଼ିବ ଯେ ମଣିଷମାନଙ୍କ ସହିତ ଏହି ପୃଥିବୀକୁ ଦୁଃଖ ଆସିଛି । ଏଠାରେ ଏକ ଅତ୍ୟନ୍ତ ଗମ୍ଭୀର କଥା କୁହା ଯାଉଛି ! ଅର୍ଥାତ୍, ମଣିଷମାନଙ୍କ ସହିତ ପୃଥିବୀରେ ମନର ଆବିର୍ଭାବ ହୋଇଛି, କାରଣ ମନୁଷ୍ୟ ହେଉଛି ଏକ ମାନସିକ ଜୀବ; ଏବଂ ମନ ସହିତହିଁ ଦୁଃଖବୋଧ ଆସି ପହଞ୍ଚିଛି । ମନ ସବୁକିଛିକୁ ମୂର୍ତ୍ତି କରି ଥୋଇଦିଏ ଏବଂ ତେଣୁ ତାହା ଜାଣିପାରୁଛି ଅମୁକ ବା ଅମୁକ ଜିନିଷ ଭାରି ଦୁଃଖମୟ ହୋଇ ରହିଛି । ମନ ନଥିଲେ ଏପରି ଆବିଷ୍କାର ସମ୍ଭବ ହୁଅନ୍ତା ନାହିଁ ଅଥବା ଦୁଃଖବୋଧ ବି ସମ୍ଭବ ହୁଅନ୍ତା ନାହିଁ । ତେଣୁ, ଇତର ପ୍ରାଣୀମାନଙ୍କ ଲାଗି ଆଦୌ କୌଣସି ଦୁଃଖ ନାହିଁ, ବୃକ୍ଷଲତାମାନଙ୍କର ମଧ୍ୟ କୌଣସି ଦୁଃଖ ନାହିଁ, ପଥରମାନଙ୍କ କ୍ଷେତ୍ରରେ ତ ଏଥିଲାଗି ଆହୁରି କମ୍ ସମ୍ଭାବନା ରହିଛି ! ଆମେ କ'ଣ ସମସ୍ତେ ଏଥିରେ ଏକମତ ହେଲେ ଯେ : ଇତର ପ୍ରାଣୀମାନଙ୍କ ଲାଗି, ଉଦ୍ଭିଦ ଲାଗି ଓ ପଥର ଲାଗି ଆଦୌ କୌଣସି ଦୁଃଖ ନାହିଁ ? ଆମେ କହୁଛୁ ଯେ ମନ ସହିତହିଁ ଦୁଃଖ ପୃଥିବୀକୁ ଆସିଛି ଓ ମନ ଦୁଃଖ ବିଷୟରେ ସଚେତନ ବି ହୋଇ ପାରୁଛି । ତୁମେମାନେ ଲକ୍ଷ୍ୟ କରିବ, ବର୍ତ୍ତମାନ ତୁମମାନଙ୍କର ବିଚାରକୁ ମୁଁ ଏପରି ଗୋଟିଏ ସିଦ୍ଧାନ୍ତ ଆଡ଼କୁ ପରିଚାଳିତ କରି ନେଉଛି, ଯାହାକୁ କି ଆଦୌ ସେତେବେଶୀ ନିର୍ବୋଧ ବୋଲି କୁହାଯାଇ ପାରିବ ନାହିଁ । କାରଣ ପ୍ରାଚୀନ ଧର୍ମଶାସ୍ତ୍ରମାନଙ୍କରେ କୁହାଯାଇଥିଲା, "ତୁମେ ତୁମର ଚେତନାଟିକୁ ବଦଳାଇ ଦିଅ; ତା'ହେଲେ ଦେଖିବ ଯେ ତୁମକୁ ଯାହା ବର୍ତ୍ତମାନ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ମନେହେଉଛି, ତାହା ଆଉ ତୁମକୁ ଆଦୌ ସେପରି ମନେ ହେବ ନାହିଁ ।" ବୁଦ୍ଧଦେବ କହୁଥିଲେ ଯେ ଯଦି ତୁମେ ତୃଷ୍ଣାରୁ ମୁକ୍ତ ହୋଇ ପାରିବ, ତେବେ ଯେଉଁ ବସ୍ତୁଗୁଡ଼ିକ ତୁମକୁ ଆଗରୁ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ମନେ ହେଉଥିଲେ, ସେଗୁଡ଼ିକ ଆଉ ଏଣିକି କଦାପି ସେପରି ମନେ ହେବେ ନାହିଁ । ତେଣୁ, ଆମେ ବର୍ତ୍ତମାନ ଏହିପରି ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିଲେ : କୌଣସି ବସ୍ତୁ ବିଷୟରେ ତୁମ ମନରେ ଯେଉଁ ଧାରଣା ରହିଛି, ତାହାର ଦ୍ୱାରା ଚାଳିତ ହୋଇହିଁ ତୁମେ ଏଇଟାକୁ କିମ୍ବା ସେଇଟାକୁ ଦୁର୍ଭାଗ୍ୟପୂର୍ଣ୍ଣ

'oaob.nitrkl.ac.in' images reprocessed

ବୋଲି କହୁଛ । କୌଣସି ଘଟଣାକୁ ଯଦି ତୁମେ ସୁଖକର ବୋଲି ଭାବୁଛ, ତେବେ ତାହା ତୁମକୁ ନିଶ୍ଚୟ ସୁଖକର ଲାଗିବ; ଏବଂ ବସ୍ତୁତଃ ଏଠି ସବୁକଥା ଠିକ୍ ଏହିପରିହିଁ ଘଟୁଛି । ଅଧିକାଂଶ କ୍ଷେତ୍ରରେ, କୌଣସି ବସ୍ତୁ କୌଣସି କାରଣରୁ ଏହିପରି ହେବା ଉଚିତ ବୋଲି ଯେତେବେଳେ ତୁମର ଭାବନା ଗ୍ରହଣ କରିନେଉଛି, ତା'ପରେ ସିଏ ଆଉ ସେଥିରୁ ଦୁଃଖ ପାଉ ନାହିଁ । ଯେତେବେଳେ ଭାବନା ସେହି କଥାଟିକୁ ଗ୍ରହଣ କରି ନାହିଁ, ସେତେବେଳେ ତାକୁ ସେଇଟି ଦୁଃଖପୂର୍ଣ୍ଣ ବୋଲି ମନେ ହେଉଛି । ତେଣୁ, ତୁମେ ଯେପର୍ଯ୍ୟନ୍ତ ସଂବେଗର କ୍ଷେତ୍ର ମଧ୍ୟରେ ରହିଛ, ଭାବ ଓ ଭାବନା-ଗୁଡ଼ିକର କ୍ଷେତ୍ରରେ ରହିଛ, ସେତେବେଳ ପର୍ଯ୍ୟନ୍ତ ଏହି ସବୁଯାକ କଥା ସତ ହୋଇ ରହିଛି । ଅର୍ଥାତ୍, ଏପରି କୁହାଯାଇ ପାରିବ ଯେ, ବସ୍ତୁଗୁଡ଼ିକୁ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବିଚାର କରି ପାରିବାର ସାମର୍ଥ୍ୟଟି ସହିତହିଁ "ଦୁଃଖ"ର ଧାରଣା ସଂସାର ଭିତରେ ପ୍ରବେଶ କରିଛି । ତୁମେମାନେ ଏହି ଯୁକ୍ତିଟିକୁ ବୁଝି ପାରୁଛ ତ ? ତେଣୁ, ବୃକ୍ଷଲତା-ମାନେ କୌଣସି ଦୁଃଖ ଭୋଗ କରୁ ନାହାନ୍ତି କାରଣ ସେମାନେ ଦୁଃଖ ଭୋଗ କରୁଛନ୍ତି ବୋଲି ଜାଣି ପାରୁ ନାହାନ୍ତି, ଏବଂ ଇତର ଜୀବଜନ୍ତୁମାନେ ବି କୌଣସି ଦୁଃଖ ଭୋଗ କରୁ ନାହାନ୍ତି, କାରଣ ସେମାନେ ମଧ୍ୟ ଦୁଃଖ ଭୋଗ କରୁଛନ୍ତି ବୋଲି ଜାଣି ପାରୁ ନାହାନ୍ତି । ଏବିଷୟରେ ତୁମେ ନିଶ୍ଚିତ ଭାବରେ ବୁଝିଗଲ ତ ? ନୁହେଁ କି ?

ମାତ୍ର, ସେମାନଙ୍କର ଆଖିରେ ଦୁଃଖର ଏକ ଅଭିବ୍ୟକ୍ତି ନିଶ୍ଚୟ ଦେଖିବାକୁ ମିଳିଥାଏ ।

**ଏପରି କୁହା ଯାଇଥାଏ ଯେ, ତୁମ ନିଜ ଭିତରେ ଯାହାସବୁ ଥାଏ, ତୁମେ ଅନ୍ୟମାନଙ୍କ ଭିତରେ ମଧ୍ୟ ସେହିସବୁ କଥା ଦେଖିଥାଅ !**

ଦେକାର୍ତ୍ ଗୋଟିଏ ସ୍ଥାନରେ ବର୍ଣ୍ଣନା କରି କହିଛନ୍ତି ଯେ ଥରେ ଜଣେ ଭଦ୍ରମହିଳା ତାଙ୍କ କୁକୁରକୁ ବାଡ଼େଉଥିଲେ ଓ କହୁଥିଲେ, "ତାକୁ କୌଣସି କଷ୍ଟ ହେଉ ନଥିବ । କାରଣ ତା'ର ତ କୌଣସି ଆତ୍ମା ନାହିଁ । କୁକୁରର ଯାହା ହେଉଥିବ, ତାହା କେବଳ ଏକ ପ୍ରତିକ୍ରିୟା !" ଦେକାର୍ତ୍ଙ୍କ ମତ ଅନୁସାରେ କେବଳ ମନୁଷ୍ୟହିଁ କଷ୍ଟ ଅନୁଭବ କରିପାରିବ !

**ମୁଁ ତ ସବୁବେଳେ ଶୁଣି ଆସିଛି ଯେ ସେ ଜଣେ ଖୁବ ବୁଦ୍ଧିମାନ୍ ବ୍ୟକ୍ତି ଥିଲେ !**

'oaob.nitrkl.ac.in' images reprocessed

ଯଦି ଭାବନା ସହିତ ଦୁଃଖ ସଂସାର ମଧ୍ୟକୁ ପ୍ରବେଶ କରିଛି, ତେବେ ତା' ସହିତ ସୁଖ ମଧ୍ୟ ପ୍ରବେଶ କରିଛି, ନୁହେଁ କି ?

ହଁ, ଏଠାରେ ତୁମେ ପ୍ରକୃତରେ ନ୍ୟାୟଶାସ୍ତ୍ର କଥା କହିଲ ! ଯେଉଁଠି ଦୁଃଖ ଅଛି, ସେଠାରେ ସୁଖ ବି ଅଛି···ଦୁଃଖ ନଥିଲେ ସୁଖ ବି ନାହିଁ । ଏ ଦର୍ଶନଶାସ୍ତ୍ର ପ୍ରକୃତରେ କେଡ଼େ କଷ୍ଟ କଥା କହିଲ !—ହଁ, ମଣିଷର ଆତ୍ମା କେଉଁଠାରୁ ଆସିଥାଏ, ତୁମ ଶ୍ରୀମାନ୍ ଦେକାର୍ତ୍ ସେହି ବିଷୟରେ କିଛି କହୁଛନ୍ତି କି ?

ସିଏ କହିଛନ୍ତି ଯେ ଆତ୍ମାକୁ ଭଗବାନ ସୃଷ୍ଟି କରିଛନ୍ତି ।

ଆଉ ପୃଥିବୀରେ ବାକୀ ଯାହାସବୁ ରହିଛି, ତାକୁ ଭଗବାନ ସୃଷ୍ଟି କରି ନାହାନ୍ତି ?

ହଁ, ହଁ, ତାକୁ ମଧ୍ୟ ।

ତେବେ, ସିଏ ବୋଧହୁଏ ହଠାତ୍ ଭାବିବାକୁ ଆରମ୍ଭ କରିଛନ୍ତି ଯେ, ସିଏ ଯାହାକୁ "ଆତ୍ମା" ବୋଲି କହୁଛନ୍ତି, ସେହିପରି ଗୋଟାଏ ବସ୍ତୁକୁ ତାଙ୍କ ସୃଷ୍ଟି ଭିତରେ ଆଣି ରଖିବା ପାଇଁ ମଧ୍ୟ ଏକ ଆବଶ୍ୟକତା ରହିଛି ଏବଂ ସେହି ଆତ୍ମାଟିର ଆପଣା ଲାଗି ସିଏ ଏହି ମଣିଷରୂପୀ ପ୍ରାଣୀଟିକୁ ବାଛିଛନ୍ତି । ଏବଂ ତା'ପରେ ଏସବୁ ଭିତରୁ ବାହାରିବା ପ୍ରକୃତରେ ଭାରି ମୁସ୍କିଲ ହୋଇପଡ଼ିବ ।···ମାତ୍ର, ଏହି ପୃଥିବୀ ପ୍ରକୃତରେ କିପରି ହେବା ଉଚିତ, ଆମେ ସେହି କଥା ଜାଣିବାକୁ ଚେଷ୍ଟା କରୁଥିଲେ ନା ? ଆମକୁ ଏହି କଥାଟିକୁହିଁ ଖୋଜି ବାହାର କରିବାକୁ ପଡ଼ିବ; କାରଣ, ପୃଥିବୀ କିପରି ହେବା ଉଚିତ, ତାହା ଜାଣିବା ମାତ୍ରକେ ଆମେ ସଙ୍ଗେ ସଙ୍ଗେ ତାହାକୁ କାର୍ଯ୍ୟକାରୀ କରିବାର ପ୍ରୟାସରେ ଲାଗିଯାଇ ପାରିବା ।

ଯେଉଁ ପରମ ଶକ୍ତି ଆପଣାକୁ ଅଭିବ୍ୟକ୍ତ କରିବା ଲାଗି ଇଚ୍ଛା କରୁଛନ୍ତି, ପୃଥିବୀ ସେହି ଶକ୍ତିଟି ଲାଗି ଉନ୍ମୋଚିତ ହୋଇ ରହିଥିବ ।

ମାତ୍ର ଏହି କ୍ଷେତ୍ରରେ ଦୁର୍ଭାଗ୍ୟର କଥା ହେଉଛି ଯେ ପୃଥିବୀ ପ୍ରକୃତରେ କେତେକ ନିର୍ଦ୍ଦିଷ୍ଟ ଶକ୍ତି ଲାଗି ଉନ୍ମୋଚିତ ହୋଇ ରହିଛି ଏବଂ ସେହିଗୁଡ଼ିକୁହିଁ

'oaob.nitrkl.ac.in' images reprocessed

ଅଭିବ୍ୟକ୍ତ କରିଦେଉଛୁ । ତେଣୁ ଶକ୍ତିଟି ଗୁଣାତ୍ମକ ଦୃଷ୍ଟିରୁ କେଉଁ ପ୍ରକାର ହେବ, ସେଇଟି ହେଉଛି ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ କଥା । ବର୍ତ୍ତମାନ ପୃଥିବୀ ଯେଉଁପରି ଅବସ୍ଥାରେ ରହିଛି, ସେଥିରେ ମଧ୍ୟ ତାହା କେତେକ ଶକ୍ତିକୁ ଅଭିବ୍ୟକ୍ତ କରିବାରେ ଲାଗିଛି । ଏହିପରି ଅଭିବ୍ୟକ୍ତି ବ୍ୟତୀତ ସିଏ ଅସ୍ତିତ୍ୱରେ ବି ରହି ପାରିବ ନାହିଁ । ମାତ୍ର ପୃଥିବୀ କେଉଁ ପ୍ରକାରର ଶକ୍ତିଗୁଡ଼ିକୁ ଅଭିବ୍ୟକ୍ତ କରୁଛି ? ବର୍ତ୍ତମାନ ଏହି ପୃଥିବୀ ଅନ୍ଧକାର, ଅଜ୍ଞାନତା, ସୌଷମ୍ୟହୀନତା, ଦୁଃଖ ଏବଂ ସେହିପରି ଆହୁରି ସବୁଯାକ ଶକ୍ତିକୁ ଅଭିବ୍ୟକ୍ତ କରିବାରେ ଲାଗିଥିବା ପରି ମନେହେଉଛି ।

ମାତ୍ର ଏଥିରେ କୌଣସି ବିବେକ ତ ନିଶ୍ଚୟ କାର୍ଯ୍ୟ କରୁଥିବ ।

ତୁମେ କହିବାକୁ ଚାହୁଁଛ ଯେ, ଯେଉଁ ଶକ୍ତିଟିର ଆବଶ୍ୟକତା ରହିଛି ପୃଥିବୀ କେବଳ ସେହି ଶକ୍ତିକୁହିଁ ବାଛୁଛି ? ହଁ, ମାତ୍ର ପୃଥିବୀର ରୂପାନ୍ତର ଏହି କ୍ଷେତ୍ରରେ ଆବଶ୍ୟକ ବୋଲି ଧରି ଯାଇ ନାହିଁ, ଏହି ଆବଶ୍ୟକତା ଆମମାନଙ୍କର ଆବଶ୍ୟକତା । ଆମେ କେଉଁ ଶକ୍ତିଟିକୁ ଅଭିବ୍ୟକ୍ତ କରିବାକୁ ଇଚ୍ଛା କରିବା, ସେହି ବିବେକ ପ୍ରକୃତରେ ଆମରିହିଁ ଯେ ଅବଶ୍ୟ ରହିଥିବା ଉଚିତ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର, ଆମର ଆଲୋଚ୍ୟ ବିଷୟଟିକୁ ଫେରି ଆସିବାକୁ ହେଲେ, ତୁମେ ସମସ୍ତେ କ'ଣ ଏଥିରେ ଏକମତ ଯେ ଆମେ ଯେଉଁ ପୃଥିବୀଟିକୁ ଗଢ଼ିବାକୁ ଇଚ୍ଛା କରୁଛୁ, ସେଥିରେ ଆଦୌ କୌଣସି ଦୁଃଖ ରହିବା ଉଚିତ ନୁହେଁ ? ତୁମେମାନେ ଏକମତ ତ ?···ବା, ଏଥିରେ ତୁମର ଆଉକୌଣସି ସନ୍ଦେହ ରହିଛି କି ?··· ତେବେ ତୁମେମାନେ କ'ଣ ଦୁଃଖକୁ ନେଇ ବେଶ୍ ସନ୍ତୁଷ୍ଟ ହୋଇ ରହିଛ ? ମୁଁ ଏବିଷୟରେ କିଛି କହି ପାରୁ ନାହିଁ, ହୁଏତ ଦୁଃଖର ମଧ୍ୟ କୌଣସି ଉଦ୍ଦେଶ୍ୟ ରହିଛି । ମାତ୍ର, ତୁମେମାନେ ଅବଶ୍ୟ ଜାଣିଛ, ଯେତେବେଳଯାଏ ଜଣେ କୌଣସି ଏକ କଥାରେ ସନ୍ତୁଷ୍ଟ ହୋଇ ରହିଛି, ସେତେବେଳଯାଏ ସେହି କଥାଟି ନଯାଇ ରହିବାରହିଁ ଅନେକ ସମ୍ଭାବନା ରହିଛି । ଅଲ୍ପବହୁତ ପବିତ୍ର ବୋଲି ବିଚାର କରି ଯାଉଥିବା ଶାସ୍ତ୍ରମାନଙ୍କରେ ଆମକୁ କୁହାଯାଇଛି ଯେ ଅଜ୍ଞାନତାରୁହିଁ ଦୁଃଖର ଉଦ୍ଭବ ହୋଇଥାଏ; ତେଣୁ, ଯଦି ତୁମେ ଦୁଃଖରୁ ନିସ୍ତାର ପାଇବା ଲାଗି ପ୍ରକୃତରେ ଚାହୁଁ ନଥାଅ, ତାହାର ଅର୍ଥ ହେଉଛି ଯେ ତୁମେ ତାହାର କାରଣ ଅଜ୍ଞାନତାକୁ ମଧ୍ୟ ସ୍ଥାୟୀ କରି ରଖିବାକୁ ଇଚ୍ଛା କରୁଛ ? ଏହିପରି ଭାବରେ କଥାଟି ଘୋର ଜଟିଳ ହୋଇ ଯାଉଛି । ଏଇଟି ହେଉଛି ଠିକ୍ ସେହି କଳାକାରଙ୍କ କଥା ପରି, ଯାହାଙ୍କୁ କେହିଜଣେ ଆସି କହିଲା ଯେ ଭବିଷ୍ୟତର ପୃଥିବୀ କେବଳ ଆଲୋକ ଦ୍ୱାରାହିଁ ନିର୍ମିତ ହେବ । ସେକଥା ଶୁଣି କଳାକାର କହିଲେ, "ତେବେ ମୁଁ ଆଉ କୌଣସି ଛବି ଆଙ୍କି ପାରିବି

'oaob.nitrkl.ac.in' images reprocessed

ନାହିଁ ।" ଏବଂ ଏପରି ଭାବ ସେ ଭାରି ଦୁଃଖୀ ହୋଇ ପଡ଼ିଲେ । ସମ୍ଭବତଃ, ଏପରି ଅନେକ ଲୋକ ପ୍ରକୃତରେ ଅଛନ୍ତି, ଯେଉଁମାନେ କି ସେମାନଙ୍କର ଅଜ୍ଞାନତାକୁ ଜାବୁଡ଼ି କରି ଧରିଥାନ୍ତି ?···

ଦୁଃଖହିଁ ଆମକୁ ଏକ ଉଚ୍ଚତର ଶକ୍ତି ବିଷୟରେ ସଚେତନ କରାଇଦିଏ ।

ହଁ, ସେକଥା ସତ । ଅନେକ କ୍ଷେତ୍ରରେ ସେହିପରି ଘଟିଥାଏ ଏବଂ ଆପାତତଃ ତାହାକୁ ଦୁଃଖ ଲାଗି ଏକ ସପକ୍ଷଯୁକ୍ତି ବୋଲି ଭାବିବାକୁ ପଡ଼ିବ । ଯଦି ମନୁଷ୍ୟମାନେ ଦୁଃଖ ଭୋଗ କରୁ ନଥାନ୍ତେ, ତେବେ ସେମାନେ ଖୁବ୍ ସମ୍ଭବ ଆଦୌ କୌଣସି ଅଗ୍ରଗତି କରି ପାରନ୍ତେ ନାହିଁ । ଜଣେ ଗୋଟାସୁଦ୍ଧା ସନ୍ତୁଷ୍ଟ ହୋଇ ରହିଥିଲା ବେଳେ ଅଗ୍ରେପସାର ପ୍ରକୃତରେ ଆଉ କୌଣସି ଶକ୍ତି ରହେ ନାହିଁ ।

ତା'ହେଲେ, ଆମେ ବର୍ତ୍ତମାନ ଅଡ଼ୁଆ ଭିତରେ ବେଶ୍ ଛନ୍ଦିଗୁନ୍ଦି ହୋଇଗଲୁ । ମନୁଷ୍ୟର ମନ ଯେ କପରି କାର୍ଯ୍ୟ କରିଥାଏ, ଏହା ହେଉଛି ତା'ର ଗୋଟିଏ ପ୍ରକୃତ ଉଦାହରଣ । ଏବଂ ତା'ପରେ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି କୌଣସି ଏକ ବିଷୟର ଲାଙ୍ଗୁଡ଼ିଟାକୁ ଧରି ବସିଥାନ୍ତି ଓ ସେହି ଲାଙ୍ଗୁଡ଼ିଟାରୁହିଁ ଏତେବେଶୀ ସନ୍ତୋଷ ଲାଭ କରୁଥାନ୍ତି ଯେ, ସେମାନେ କହିବାରେ ଲାଗିଥାନ୍ତି, "ମୁଁ ସତ୍ୟକୁ ଲାଭ କରି ସାରିଛି । ମୁଁ ତୋତେ ଯାହା କହୁଛି, ତୋର ମଧ୍ୟ ସେହି କଥାକୁ ଗ୍ରହଣ କରିନେବା ଉଚିତ, ତା' ନହେଲେ ତୁ ଏହା ଭିତରୁ କେବେହେଲେ ମୁକ୍ତି ପାଇବୁ ନାହିଁ ।" ଅସଲ କଥା ହେଉଛି ଯେ, ସେହି ମୁହୂର୍ତ୍ତରେ ତୁମର ଭାବନା ଯେଉଁ ଅବସ୍ଥାରେ ରହିଥିବ, ସେତେବେଳେ ହୁଏତ ଯେକୌଣସି ବ୍ୟକ୍ତି ବି ତୁମ ପାଖକୁ ଆସି କହିପାରିବ, "ହଁ, ହଁ, ମୁଁ ସତ୍ୟକୁ ଲାଭ କରିଛି", ଏବଂ ତୁମେ ବି ଜାଲଟା ଭିତରୁ ବାହାରି ଆସିପାରିବା ଲାଗି ସେହି ଲାଙ୍ଗୁଡ଼ିଟାକୁହିଁ ଧରି ପକାଇବାରେ ବେଶ୍ ଖୁସୀ ହୋଇଯିବ···ବର୍ତ୍ତମାନ,—ଆମ ପାଖରେ ଆଉ ଦୁଇ ମିନିଟ ସମୟ ଅଛି, ଏବଂ ଏହି ଦୁଇ ମିନିଟ ସମୟ ଭିତରେ ଆମେ ଆଉ କୌଣସି କଥାବାର୍ତ୍ତା କରିବା ନାହିଁ । ତା'ହେଲେ ଆମର ସବୁଯାକ ଗୋଲମାଲ ଓ ଫଶସ୍ତ କୁଆଡ଼େ ଅନ୍ତର୍ହିତ ହୋଇଯିବ । ତା'ପରେ ଆମେ ଏଠାରୁ ଚାଲିଯିବା । ତେଣୁ, ଆଉ କଥାବାର୍ତ୍ତା କର ନାହିଁ, ଦୁଇ ମିନିଟ ସକାଶେ ଯଥାସମ୍ଭବ ନୀରବ ହୋଇଯିବାକୁ ଚେଷ୍ଟା କର ।

(ସମସ୍ତେ ଧ୍ୟାନମଗ୍ନ ହୋଇ ରହିଲେ)

'oaob.nitrkl.ac.in' images reprocessed

# ୪ ଏପ୍ରିଲ ୧୯୫୧

କଳାସାଧନା ସହିତ ଯୋଗର ସମ୍ବନ୍ଧ ବିଷୟରେ (ପ୍ରଶ୍ନ ଓ ଉତ୍ତର ୧୯୨୯, ୨୮ ଜୁଲାଇ) ମାଆ ଗୋଟିଏ ଅନୁଚ୍ଛେଦ ପାଠ କଲେ ଓ ତା'ପରେ ପଚାରିଲେ :

କଳାସାଧନା ଓ ଯୋଗ ମଧ୍ୟରେ କ'ଣ ସମ୍ବନ୍ଧ ରହିଛି ? କଳାକାର ଏବଂ ଯୋଗୀ ପ୍ରକୃତରେ ସେହି ଗୋଟିଏ ଉତ୍ସରୁ ପ୍ରେରଣା ଲାଭ କରି ପାରିବେ କି ? (ଜଣେ ସାଧକଙ୍କୁ ଲକ୍ଷ୍ୟ କରି) ଅମୃତ, କଳାସାଧନା ଏବଂ ଯୋଗ ଭିତରେ କିଭଳି ସମ୍ବନ୍ଧ ରହିଛି, ଆମକୁ ତୁମେ ସେବିଷୟରେ କିଛି କହିବ କି ?

> ଏକ ଭାରି ସୁନ୍ଦର ସମ୍ବନ୍ଧ ରହିଛି···କଳା ଏକ ଯୋଗରେ ବି ପରିଣତ ହୋଇପାରିବ, ଏବଂ ଯୋଗସାଧନାକୁ ଏକ କଳା ବୋଲିହିଁ କହିବାକୁ ହେବ ।

ଭାରି ଚମତ୍କାର ଉତ୍ତର ! ମୁଁ ଆମେରିକାର ଜଣେ ଭଦ୍ରମହିଳାଙ୍କୁ ଜାଣିଛି, ଯିଏ ଥରେ କହିଥିଲେ ଯେ ଆଧ୍ୟାତ୍ମିକତା ହେଉଛି ଯାବତୀୟ ଉତ୍ତମ ରୁଚି ଭିତରେ ସର୍ବୋଚ୍ଚସ୍ଥାନୀୟ, ତାହା ହେଉଛି ଯାବତୀୟ ଉତ୍ତମ ରୁଚି ଭିତରେ ସର୍ବୋତ୍ତମ । ଏକଥାଟି ବି ଠିକ୍ ସେହିପରି ।

କବିତାରେ ଏବଂ ସ୍ୱପ୍ନରେ ସାପମାନଙ୍କର କି ତାତ୍ପର୍ଯ୍ୟ ରହିଛି ?

ଏକଥାଟି ସେହି କବିତାଗୁଡ଼ିକ ଉପରେହିଁ ନିର୍ଭର କରୁଛି । ସେହି ସ୍ୱପ୍ନଗୁଡ଼ିକ ଉପରେ ମଧ୍ୟ ନିର୍ଭର କରୁଛି । ଯଦି ତୁମେ କୌଣସି ସ୍ୱପ୍ନରୁ ମୋତେ ଗୋଟିଏ ଉଦାହରଣ ଦେଇପାରିବ, ତେବେ ତୁମର ସାପଟିର ପ୍ରକୃତ ରୂପର ଥିଲା, ମୁଁ ସେକଥା ତୁମକୁ କହିଦେଇ ପାରିବି । ମାତ୍ର, ସେପରି ସାଧାରଣ ଭାବରେ "ସାପମାନଙ୍କର" ବୋଲି କହିଲେ ତାହା ଭାରି ଅସ୍ପଷ୍ଟ ହୋଇ ରହିଯାଉଛି ।

ଆଧୁନିକ କଳା ଏତେ ଅବଢିଆ କାହିଁକି ହୋଇପଡ଼ୁଛି ?

'oaob.nitrkl.ac.in' images reprocessed

ମୋର ବିଶ୍ୱାସ, ତାହାର ମୁଖ୍ୟ କାରଣ ହେଉଛି ଯେ ମନୁଷ୍ୟମାନେ ବି ଅଧିକରୁ ଅଧିକ ପରିମାଣରେ ଅଳସୁଆ ହୋଇ ପଡ଼ିଛନ୍ତି ଏବଂ ଆଉ ଖଟିବା ଲାଗି ଇଚ୍ଛା କରୁ ନାହାନ୍ତି । ପ୍ରକୃତରେ କିଛି କାର୍ଯ୍ୟ କରିପାରିବା ପୂର୍ବରୁହିଁ ସେମାନେ ଗୋଟାଏ କିଛି ତିଆରି କରି ଥୋଇଦେବାକୁ ଅସ୍ଥିର ହୋଇ ପଡ଼ୁଛନ୍ତି, କିଛି ଅଧ୍ୟୟନ କରିବା ପୂର୍ବରୁହିଁ ସେମାନେ ସବୁକିଛି ଜାଣିବାକୁ ଇଚ୍ଛା କରୁଛନ୍ତି ଏବଂ ଉଲ୍ଲେଖଯୋଗ୍ୟ କିଛି କରିବା ପୂର୍ବରୁହିଁ ସେମାନେ ଗୋଟାଏ ନାମ କରିନେବାକୁ ଚାହୁଁଛନ୍ତି । ତେଣୁ, ଏହା ଫଳରେ ସବୁପ୍ରକାର ପଦାର୍ଥ ପଶି ଆସିବାକୁ ଦୁଆର ଯେ ଖୋଲାହୋଇ ରହିଛି, ଆମେ ତାହାର ପ୍ରମାଣ ପାଇବାରେ ଲାଗିଛୁ । ଅବଶ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି ପ୍ରକ୍ରିୟାରେ ବ୍ୟତିକ୍ରମମାନ ରହିଛି ।

ମୁଁ ଏପରି କଳାକାରଙ୍କୁ ଜାଣିଛି, ଯେଉଁମାନେ ମହାନ୍ କଳାର ସୃଷ୍ଟି କରିଛନ୍ତି, କଠିନ ସାଧନା ଦ୍ୱାରା ଉଲ୍ଲେଖଯୋଗ୍ୟ ଅନେକ କିଛି ସମ୍ଭବ କରିଛନ୍ତି,—କ୍ଲାସିକାଲ୍ କଳାର କ୍ଷେତ୍ରରେ ଅନେକ କିଛି ସୃଷ୍ଟି କରିଛନ୍ତି, ଅର୍ଥାତ୍, ଅତ୍ୟାଧୁନିକ ସେପରି କିଛି ସୃଷ୍ଟି କରି ନାହାନ୍ତି । ମାତ୍ର ସେ ଯାହାକିଛି ସୃଷ୍ଟି କରିଛନ୍ତି, ସେସବୁ ପ୍ରଚଳିତ ଫେସନ ଅନୁସାରେ ମୋଟେ ହୋଇ ନାହିଁ, କାରଣ, ପ୍ରକୃତ କଥା କହିବାକୁ ଗଲେ କ୍ଲାସିକାଲ୍ କଳାକୁ ଏବେ ପ୍ରକୃତ କଳା ବୋଲି ସ୍ୱୀକାର କରା ଯାଉ ନାହିଁ । ପିଏ କେବେହେଲେ ତୁଳି ଧରି ନାହିଁ, ଯେତେବେଳେ ସେଭଳି ଜଣେ ବ୍ୟକ୍ତିର ହାତରେ ତୁଳିଟିଏ ଆଣି ଧରାଇ ଦିଆଯାଏ, କେବେହେଲେ ରଙ୍ଗଗିନା ଛୁଇଁ ନଥିବା ଜଣେ ବ୍ୟକ୍ତି ଆଗରେ ଯଦି ଗୋଟିଏ ରଙ୍ଗଗିନା ମଧ୍ୟରେ ତୁଳିଟିଏ ଆଣି ରଖି ଦିଆଯାଏ, ଏବଂ ଯଦି ଏହି ବ୍ୟକ୍ତିଟି ସମ୍ମୁଖରେ ଗୋଟିଏ ଚିତ୍ରାଧାର ଉପରେ କାନ୍‌ଭସ୍‌ଟିଏ ଆଣି ଟଙ୍ଗାଇ ଦିଆଯାଏ ଏବଂ ଯଦି ସିଏ ପୂର୍ବରୁ ଆଦୌ କୌଣସି ଚିତ୍ର ବି ଆଙ୍କି ନଥାଏ, ତେବେ ଏ କଥା ଅତ୍ୟନ୍ତ ସ୍ୱାଭାବିକ ଯେ ସିଏ ତାର ଯେପରି ମନ ହେବ, ରଙ୍ଗଗୁଡ଼ାକୁ ନେଇ ସେପରି ବୋଳିଦେଇ ପାରିବ । ରଙ୍ଗଗୁଡ଼ାକୁ ନେଇ ସେ ଯେଉଁଠି ପାରିବ ସେଠି ନେଇ ଲଗାଇ ଦେବ ଏବଂ ତା'ପରେ ଦେଖଣାହାରୀ ସମସ୍ତେ "ଚମତ୍କାର", "ଭାରି ଚମତ୍କାର", "ଏଇ ଛବିଟି ତୁମର ଅନ୍ତରାତ୍ମାଟିକୁ ପ୍ରକଟ କରି ଦେଉଛି", "ବସ୍ତୁର ଅସଲ ସତ୍ୟଟିକୁ ଏହା ପ୍ରକୃତରେ କେଡ଼େ ଯଥାର୍ଥ ଭାବରେ ଅଭିବ୍ୟକ୍ତ ନକରୁଛି !" ବୋଲି କେତେ କ'ଣ କହି ଚିତ୍କାର କରି ଉଠିବେ ! ଏହାହିଁ ଫେସନ ହୋଇଗଲା, ଓ ଯେଉଁମାନେ କିଛି ଜାଣି ନଥିଲେ, ସେମାନେ କେତେ କ'ଣ ସାଫଲ୍ୟ ହାସଲ କରି ପାରିଲେ । ମାତ୍ର ଶିଳ୍ପୀ ଯେଉଁମାନେ କାର୍ଯ୍ୟ କରିଥିଲେ, ଖଟିଥିଲେ, ସେମାନଙ୍କର କଳାଟିକୁ ଉତ୍ତମରୂପେ ଜାଣିଥିଲେ, ସେମାନଙ୍କ ପାଖକୁ ଆଉ କେହି ଛବି ମାଗି ଗଲେ ନାହିଁ । ସେମାନଙ୍କ ବିଷୟରେ ଲୋକେ କହିଲେ, "ହଁ, ଭଲ ବି ଛବି, କିନ୍ତୁ ଏଗୁଡ଼ାକ ପୁରୁଣାକାଳିଆ

'oaob.nitrkl.ac.in' images reprocessed

ଛବି, ଏସବୁ ଛବି ଲାଗି ତୁମକୁ ଆଉ ମୋଟେ ଗରାଖ ମିଳିବେ ନାହିଁ । ଏସବୁ ଛବି ଆଉ କେହି କିଣିବେ ନାହିଁ ।" ମାତ୍ର, ସେମାନଙ୍କର ପେଟକୁ ତ ପୁଣି ଦାନା ଦରକାର,-ସେମାନଙ୍କର ଘରଭଡ଼ା ପାଇଁ ବି ପଇସା ଦରକାର, ରଙ୍ଗ ପ୍ରଭୃତି କିଣିବା ଲାଗି ମଧ୍ୟ ପଇସା ଦରକାର । ଏସବୁ ଭାରି ମହଙ୍ଗା ଜିନିଷ । ତେବେ ସେମାନେ ପୁଣି କ'ଣ କରିବେ ? ଛବିବିକାଳି ସମସ୍ତେ ସେମାନଙ୍କୁ ଏହିପରି ଭର୍ତ୍ସନା କଲେ ଓ ସେହି ଏକା କଥା ଆସି ଶୁଣାଇଲେ, "ଏଥର ଆଧୁନିକ ହେବାକୁ ଚେଷ୍ଟା କର, ବାବୁ ! ତୁମେ ସମୟର ଅନେକ ପଛରେ ପଡ଼ିଯାଇଛ ବୋଲି କ'ଣ ପ୍ରକୃତରେ ବୁଝି ପାରୁ ନାହଁ ?" ସେମାନେ ତ ଉପାସ ରହୁଥିଲେ, ତେବେ ସେମାନେ କ'ଣ କରିଥାନ୍ତେ ? ମୁଁ ଜଣେ ଚିତ୍ରକାରଙ୍କୁ ଜାଣିଥିଲି, ସିଏ ଗୁସ୍ତାଫ୍ ମୋରେଙ୍କର ଜଣେ ଛାତ୍ର ଥିଲେ । ତାଙ୍କୁ ପ୍ରକୃତରେ ଜଣେ ଭାରି ଭଲ ଚିତ୍ରକାର ବୋଲି କୁହାଯାଇ ପାରିବ, ତାଙ୍କର କାର୍ଯ୍ୟଟିକୁ ସେ ଉତ୍ତମରୂପେ ଜାଣିଥିଲେ, ଏବଂ ତା'ପରେ···ତାଙ୍କୁ ଉପବାସ ରହିବାକୁ ପଡ଼ିଲା; ଦୈନନ୍ଦିନ ଗୁଜରାଣ କିପରି ଯେ ମେଣ୍ଟାଇବେ, ସେକଥା ସେ କିଛି ଜାଣି ପାରିଲେ ନାହିଁ ଏବଂ ମନେମନେ ସନ୍ତ୍ରସ୍ତ ହେବାକୁ ଲାଗିଲେ । ଦିନେ, ତାଙ୍କୁ କୌଣସି ପ୍ରକାରେ ସାହାଯ୍ୟ କରିବା ଲାଗି ଇଚ୍ଛା କରୁଥିବା ଜଣେ ବନ୍ଧୁ ଜଣେ ଛବି-ଦୋକାନୀଙ୍କୁ ତାଙ୍କ ପାଖକୁ ପଠାଇଲେ । ଛବି-ବେପାରୀ ଯେତେବେଳେ ତାଙ୍କର ଷ୍ଟୁଡ଼ିଓ ଭିତରକୁ ପ୍ରବେଶ କଲେ, ଏହି ଦରିଦ୍ର କଳାକାର ମନେମନେ କହିଲେ, "ଶେଷକୁ ଆଜି ମୋର କପାଳ ଖୋଲିଲା ।", ଏବଂ ସିଏ ଯେତେ ଭଲ ଭଲ ଚିତ୍ର ଆଙ୍କିଥିଲେ, ତାଙ୍କୁ କାଢ଼ି କରି ସବୁ ଦେଖାଇଲେ । କଳା ବେପାରୀ ମୁହଁଟାକୁ କେମିତି କରିଦେଲେ, ଘରଆଡ଼କୁ ଅନାଇଲେ, ଏଇଟାକୁ ସେଇଟାକୁ ଏପଟ ସେପଟ କରି ଦେଖିଲେ ଏବଂ ଏକଣ ସେକଣ ତଲାସ କରିବାକୁ ଲାଗିଲେ; ଏବଂ ତା'ପରେ ହଠାତ୍ କ'ଣ ଗୋଟିଏ ଆବିଷ୍କାର କଲେ ।···ହଁ, ଏଠାରେ ଭଲ କରି ବୁଝାଇ ନକହିଲେ ତମେ ହୁଏତ ବୁଝି ପାରିବ ନାହିଁ, କାରଣ ତୁମେ ଏସବୁ ସହିତ ହୁଏତ ପରିଚିତ ନଥିବ : ଦିନମାନର ଛବିଆଙ୍କିବା ସରିବା ପରେ ଜଣେ ଚିତ୍ରକାରର ବେଳେ ବେଳେ କିଛି ରଙ୍ଗ ଏକାଠି ତା'ର ରଙ୍ଗଫଳକଟି ଉପରେ ଲାଗି କରି ରହି ଯାଇଥାଏ । ସେଗୁଡ଼ିକୁ ସେ ସାଇତି କରି ରଖିପାରେ ନାହିଁ, ସେଗୁଡ଼ିକ ଦିନକ ଭିତରେ ଶୁଖି ବି ଯାଏ । ତେଣୁ ତା' ପାଖରେ ସବୁବେଳେ କେତେଖଣ୍ଡ କାନଭାସ୍ ରହିଥାଏ, ଯେଉଁଗୁଡ଼ିକ କି ଛବିଟିଏ ପାଇଁ ଉପଯୁକ୍ତ ଭାବରେ ତିଆରି ହୋଇ ନଥାଏ । ରଙ୍ଗଫଳକର "ପୋଛାପୋଛି ରଙ୍ଗ"ଗୁଡ଼ାକୁ ସେ ସେହି କାନ୍‌ଭାସ୍‌ଗୁଡ଼ିକ ଉପରେ ବୋଲି ସଫା କରିନିଏ (ସାନ ତୀକ୍ଷ୍ଣ ଛୁରୀଟିଏ ଧରି ସେ ଫଳକ ଉପରେ ବସି ଯାଇଥିବା ରଙ୍ଗଗୁଡ଼ିକୁ ଖୁଣ୍ଟି ଖୁଣ୍ଟି ଦିଏ ଏବଂ ସେହି ରଙ୍ଗ କାନ୍‌ଭାସ୍ ଉପରେ ନେଇ ବୋଳିଦିଏ), ଏବଂ ସେଥିରେ ଏକାବେଳକେ ଅନେକ

'oaob.nitrkl.ac.in' images reprocessed

ରଙ୍ଗ ମିଶାମିଶି ହୋଇ ଲାଗିଥିବାରୁ ଏହାଫଳରେ କାନ୍‌ଭାସ୍ ଉପରେ ବି ଅପ୍ରତ୍ୟାଶିତ ଡିଜାଇନ୍‌ଟିଏ ଆଙ୍କିହୋଇଗଲା ପରି ରହିଯାଏ । ତାଙ୍କ ଷ୍ଟୁଡ଼ିଓର କଣରେ ସେହିପରି ଖଣ୍ଡେ କାନ୍‌ଭାସ୍ ପଡ଼ିଥିଲା, ଯେଉଁଥିରେ କି ସିଏ ତାଙ୍କ ରଙ୍ଗଫଳକର ପୋଛାପୋଛି ରଙ୍ଗଗୁଡ଼ାକୁ ଆଣି ବୋଳି ଦେଉଥିଲେ । ବଣିକ ତାହାର ଉପରେ ଆଖି ପଡ଼ିବା ମାତ୍ରକେ ତାକୁ ସାଉଁଟି ଆଣିଲେ ଏବଂ ଖୁବ ଉଲ୍ଲସିତ ସ୍ୱରରେ କହିଲେ, "ବାସ୍ ବାସ୍, ଆପଣ ପ୍ରକୃତରେ ଜଣେ ଅଦ୍ଭୁତ ପ୍ରତିଭାସମ୍ପନ୍ନ କଳାକାର । ଏହି ଚିତ୍ରଟିରେ ଆପଣ ଅଦ୍ଭୁତ ସାଧନା କରି ପାରିଛନ୍ତି । ଏଇଟିକୁହିଁ ଆପଣ ଆଗ ଦେଖାଇଥାନ୍ତେ ! ଥରେ ଦେଖିଲେ, ଏଇଟିରେ ରଙ୍ଗକ୍ଷେତ୍ରରେ କେତେ ଐଶ୍ୱର୍ଯ୍ୟ ରହିଛି, ଆକୃତିଗୁଡ଼ିକରେ କେତେ ବୈଚିତ୍ର୍ୟ ଫୁଟି ଉଠି ପାରିଛି, ଏବଂ କି ଅଦ୍ଭୁତ କଳ୍ପନାଶକ୍ତି ଦେଇ ଆପଣ ଏଇଟିକୁ ତିଆରି କରିଛନ୍ତି !" ଏବଂ ଉପବାସରେ ରହୁଥିବା ସେହି ଦରିଦ୍ର ବ୍ୟକ୍ତି ସଲଜ୍ଜ ସ୍ୱରରେ ଉତ୍ତର ଦେଲେ, "ମାତ୍ର ଆଜ୍ଞା, ସେଇଟାରେ ତ ମୋର ପୋଛାପୋଛି ରଙ୍ଗଗୁଡ଼ାକ ବୋଳା ହୋଇଛି ।" ଏକଥା ଶୁଣି କଳା-ବେପାରୀ ତାଙ୍କୁ ସତର୍କ କରିଦେଇ କହିଲେ, "କେଡ଼େ ବୋକା ଆପଣ ! ଏଗୁଡ଼ାକୁ କେହି କେବେ କାହାରିକୁ କହନ୍ତି ନାହିଁ ।" ତା'ପରେ କହିଲେ, "ଆପଣ ମତେ ଏଇଟିକୁ ଦିଅନ୍ତୁ, ମୁଁ ଏଇଟି ବିକି କରିଦେବି ବୋଲି ପ୍ରତିଶ୍ରୁତି ଦେଉଛି । ଏହିପରି ଛବି ଆପଣ ମୋତେ ଯେତେ ବେଶୀ ସଂଖ୍ୟାରେ ପାରିବେ, ଦିଅନ୍ତୁ ! ଆପଣଙ୍କ ସକାଶେ ମୁଁ ସେଗୁଡ଼ିକୁ ବିକି କରିଦେବି ଏବଂ ଆପଣଙ୍କୁ ପ୍ରଖ୍ୟାତ କରିଦେବି ।" ତା'ପରେ, ମୁଁ ତୁମକୁ ଯେପରି କହୁଥିଲି, ତାଙ୍କର ପେଟ ସେତେ-ବେଳକୁ ବିଦ୍ରୋହ କରି ଉଠୁଥିଲା; ବଣିକଙ୍କର କଥାଗୁଡ଼ାକ ତାଙ୍କୁ ମୋଟେ ଭଲ ଲାଗିଲା ନାହିଁ ସତ, ମାତ୍ର ସେ କହିଲେ, "ଆଚ୍ଛା ହେଉ, ଆପଣ ସେଇଟିକୁ ନେଇ ଯାଆନ୍ତୁ, ମୁଁ ଅନ୍ୟଗୁଡ଼ିକୁ ଦେଖିବି ।" ତା'ପରେ ଘରର ମାଲିକ ଘରଭଡ଼ା ମାଗିବାକୁ ଆସିଲେ; ରଙ୍ଗବାଲା ତା'ର ଦେଇଥିବା ରଙ୍ଗର ବାକି ପଇସା ମାଗିବାକୁ ଆସିଲା । ତାଙ୍କ ପାଖରେ କଣା ପଇସାଏ ବି ନଥିଲା, ସେଇ ଅବସ୍ଥାରେ ସେ ପୁଣି କ'ଣ କରିଥାନ୍ତେ ? ତେଣୁ, ରଙ୍ଗଫଳକର ପୋଛାପୋଛି ରଙ୍ଗରେ ସେ କୌଣସି ଛବି ତିଆରି କଲେ ନାହିଁ ସତ, ସିଏ ଏପରି କିଛି ଛବି ତିଆରି କଲେ, ଯେଉଁଥିରେ କି କଳ୍ପନାଗୁଡ଼ାକୁ ଲଗାମ ଛଡ଼ା କରି ମେଲିଦେଲେ । ଏଥର ଯେଉଁସବୁ ଛବି ଆଙ୍କିଲେ, ସେଥିରେ ଆକୃତିଗୁଡ଼ାକ ଠିକ୍ କାହାରି ପରି ହୋଇ ନଥିଲା, ରଙ୍ଗସବୁ କେତେପ୍ରକାରେ ମିଶାମିଶି ହୋଇ ଚକ୍‌ଚକ୍ କରିବାରେ ଲାଗିଥିଲେ, ଏବଂ ଲୋକେ ସେଗୁଡ଼ାକୁ ଦେଖି ପ୍ରକୃତରେ ଯେ କ'ଣ ଦେଖୁଥିଲେ, ସେବିଷୟରେ ଆଦୌ ଖୁବ୍‌ବେଶୀ ଜାଣୁ ନଥିଲେ । ଏବଂ ଲୋକେ ସାଧାରଣତଃ ଯାହା ଦେଖନ୍ତି, ତାହାର ଖୁବ୍‌ବେଶୀ ଅର୍ଥ ବୁଝି ପାରୁ ନଥିବାରୁ ଯେଉଁମାନେ ଛବି ବିଷୟରେ ମୋଟେ କିଛି

'oaob.nitrkl.ac.in' images reprocessed

ବୁଝି ପାରିଲେ ନାହିଁ, ସେମାନେ ଉତ୍ଫୁଲ୍ଲ ହୋଇ ଏତେ ପାଟିରେ କହି ଉଠିଲେ, "ଏହି ଛବିଗୁଡ଼ାକ ପ୍ରକୃତରେ କେତେ ସୁନ୍ଦର ହୋଇଛି !" ଏବଂ ଏହି ଛବିଗୁଡ଼ିକୁ ସେ ତାଙ୍କ ଛବି-ବେପାରୀକୁ ଦେଲେ । ତାଙ୍କର ପ୍ରକୃତ ଛବିଗୁଡ଼ିକ ଦ୍ୱାରା ସେ ନିଜ ଲାଗି କୌଣସି ଖ୍ୟାତି ଅର୍ଜି ନଥିଲେ । ସେଗୁଡ଼ିକ କିନ୍ତୁ ପ୍ରକୃତରେ ଖୁବ ସୁନ୍ଦର ଥିଲା (ପ୍ରକୃତରେ ସୁନ୍ଦର ଥିଲା, ସିଏ ଜଣେ ଖୁବ ଭଲ ଚିତ୍ରକାର ଥିଲେ), ମାତ୍ର ଏହିସବୁ ଉପୁଙ୍କର ଅନ୍ୟଗୁଡ଼ିକ ଦ୍ୱାରା ସେ ପୃଥିବୀବିଖ୍ୟାତ ହୋଇଗଲେ । ଏବଂ, ଆଧୁନିକ ଚିତ୍ରଗୁଡ଼ିକ ଗ୍ରାହ୍ୟ ହେବାର ଆରମ୍ଭ କାଳରେହିଁ ଏକଥା ଘଟିଥିଲା । ଏଠାରେ ମୁଁ ୧୯୦୦ ମସିହାରେ ହୋଇଥିବା ବିଶ୍ୱ-ଚିତ୍ରପ୍ରଦର୍ଶନୀ ବେଳର କଥା କହୁଛି । ଯଦି ମୁଁ ତୁମମାନଙ୍କୁ କଳାକାରଙ୍କର ନାଆଁଟା କହି ଦିଅନ୍ତି, ତେବେ ତୁମେ ତାଙ୍କୁ ନିଶ୍ଚୟ ଚିହ୍ନି ନେଇ ପାରନ୍ତ !···ବର୍ତ୍ତମାନ ତ ସେମାନେ ଆହୁରି କେତେ ଆଗକୁ ଚାଲିଗଲେଣି, ସେମାନେ ଏହି ଦିଗରେ ପ୍ରଭୂତ ଉନ୍ନତି କଲେଣି । ଏସବୁ କଥା ଯାହାହେଉ ପଛକେ, ତାଙ୍କ ଭିତରେ ତ ସୌଷମ୍ୟ ଏବଂ ସୌନ୍ଦର୍ଯ୍ୟର ଏକ ଯଥାର୍ଥ ବୋଧ ରହିଥିଲା ଏବଂ ରଙ୍ଗ ବ୍ୟବହାର କରିବାର କ୍ଷେତ୍ରରେ ତାଙ୍କର ସୁନ୍ଦର ପାରଦର୍ଶିତା ରହିଥିଲା । ମାତ୍ର ବର୍ତ୍ତମାନ ତ ଏପରି ହେଲାଣି ଯେ, ଯଦି ସୌନ୍ଦର୍ଯ୍ୟ ବୋଲି ଏତେ ଟିକିଏ ବି ରହି ଯାଉଛି, ତେବେ ତାହାକୁ ଆଉ କେହିହେଲେ ପସନ୍ଦ କରୁ ନାହାନ୍ତି; ପସନ୍ଦ ହୋଇ ପାରିବା ଲାଗି ଛବିକୁ ଯଥାସମ୍ଭବ ଅଧିକ ନିର୍ଲଜ୍ଜ ଭାବରେ କୁତ୍ସିତ ହେବାକୁ ପଡ଼ୁଛି, ତେବେ ଯାଇ ହେଉଛି, ତେବେଯାଇ ତାହା ଆଧୁନିକ ହୋଇ ପାରୁଛି ।

କାହାଣୀଟି ଆରମ୍ଭ ହୋଇଥିଲା···ଏପରି ଜଣେ କଳାକାର, ଯିଏକି ସ୍ଥିରଚିତ୍ରମାନ ଆଙ୍କୁଥିଲେ ଓ ଥାଳିଆଗୁଡ଼ିକୁ କେବେହେଲେ ଗୋଲ କରି ତିଆରି କରୁ ନ ଥିଲେ । ସିଏ ହେଉଛନ୍ତି ସେଜାନ୍ ! ଏସବୁ ତାଙ୍କଠାରୁ ଆରମ୍ଭ ହେଲା । ସିଏ କହୁଥିଲେ, ଯଦି ଚିତ୍ରରେ ଥାଳିଆଗୁଡ଼ିକ ଗୋଲ ହୋଇ ଅଙ୍କାଯାଏ, ତେବେ ତାହାକୁ ଆଉ ଜୀବନ୍ତ ବୋଲି କୁହାଯିବ ନାହିଁ । ଅର୍ଥାତ୍, ଜଣେ ଯେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ଥାଳିଆଗୁଡ଼ିକୁ ଅନାଇ ଦେଖିଥାଏ, ସେଗୁଡ଼ିକୁ ସେ କଦାପି ଗୋଲ ଗୋଲ ଦେଖେ ନାହିଁ : ମାତ୍ର ସେଗୁଡ଼ିକୁ ସେ ଏହିପରି ବଙ୍କାବଙ୍କା ଦେଖେ (ମାଆ ହାତରେ ଦେଖାଇଦେଲେ) । କାରଣ କ'ଣ ମୁଁ ଜାଣେ ନାହିଁ, ମାତ୍ର ସେଜାନ୍ କହିଲେ ଯେ କେବଳ ଆମର ମନ ଦ୍ୱାରା ପରିଚାଳିତ ହୋଇହିଁ ଆମେ ଥାଳିଆଗୁଡ଼ିକୁ ଗୋଲ ବୋଲି ଦେଖୁ, କାରଣ ସେଗୁଡ଼ିକ ଗୋଲ ବୋଲି ଆମକୁ ଜଣାଥାଏ, ତା'ନହେଲେ, ସେଗୁଡ଼ିକୁ କେହି ଗୋଲ ବୋଲି କଦାପି ଦେଖେ ନାହିଁ । ଏସବୁ ତାଙ୍କଠାରୁ ଆରମ୍ଭ ହୋଇଥିଲା···ସିଏ ଗୋଟିଏ ସ୍ଥିରଜୀବନର ଚିତ୍ର ଆଙ୍କିଲେ, ଯାହାକୁ କି ଯଥାର୍ଥରେ ଏକ ସୁନ୍ଦର ଚିତ୍ର ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ତାହାକୁ ପ୍ରକୃତରେ ଏକ ଖୁବ ସୁନ୍ଦର ଚିତ୍ର ବୋଲି କୁହାଯିବ । ସେଥିରେ ରଙ୍ଗ ଓ ଆକୃତିର ଏପରି ଆବେଗ ରହିଥିଲା, ଯାହା ଯଥାର୍ଥରେ ଆଶ୍ଚର୍ଯ୍ୟଜନକ । (ଦିନେ ତୁମମାନଙ୍କୁ ମୁଁ ସେଗୁଡ଼ିକର ନକଲ ଦେଖାଇବି । ମୋ ପାଖରେ ସେଗୁଡ଼ିକ ନିଶ୍ଚୟ ଥିବ । ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ସେଗୁଡ଼ିକ ରଙ୍ଗିନ୍ ନକଲ ନୁହନ୍ତି । ଏବଂ ଛବିଗୁଡ଼ିକର ସୌନ୍ଦର୍ଯ୍ୟ ପ୍ରକୃତରେ ସେଗୁଡ଼ିକର ରଙ୍ଗରେ ରହିଛି) । ମାତ୍ର, ତାଙ୍କର ଆଳୁଅ ମୋଟେ ଗୋଲ ନଥିଲା । ତାଙ୍କର ବନ୍ଧୁମାନେ ତାଙ୍କୁ ଥରେ କେବଳ ଏତିକି କହିଥିଲେ, "ତୁମେ ତୁମ ଆଳୁଅକୁ ଗୋଲ କରି ତିଆରି କରୁ ନାହଁ କାହିଁକି ?" ସେଜାନ୍ ଉତ୍ତର ଦେଲେ, "ବନ୍ଧୁଗଣ, ତୁମେମାନେ ଗୋଟାସୁଦ୍ଧା ମନର ଜାଲ ଭିତରେ ରହିଛ । ତୁମେମାନେ କେହି କଳାକାର ନୁହଁ, ତୁମେମାନେ ଆଗ ସେହିପରି ଭାବୁଛ ବୋଲି ତୁମେ ଆଳୁଅଗୁଡ଼ିକୁ ଗୋଲାକାର କରିଦେଉଛ । ଥରେ ଯଥାର୍ଥରେ ଦେଖି ଜାଣିଲେ ତୁମେମାନେ ମଧ୍ୟ ସେଗୁଡ଼ିକୁ ଏହିପରି (ମାଆ ଅଙ୍ଗଭଙ୍ଗୀ କରି ଦେଖାଇଦେଲେ) ତିଆରି କରିବ ।" ଆଳୁଅଟିକୁ ଯେ ଆମକୁ ଚିତ୍ର ଦ୍ୱାରା ସୃଷ୍ଟି କରିବାକୁ ହେବ, ସେହିପରି ଏକ ଭାବ ଦ୍ୱାରା ପ୍ରେରିତ ହୋଇହିଁ ତାହା ଏପରି ହୋଇଛି । ଆଳୁଅ ତୁମ ଉପରେ ଏକ ନିର୍ଦ୍ଦିଷ୍ଟ ଆବେଗ ବା ରୂପର ସୃଷ୍ଟି କରୁଛି, ତୁମେ ସେହି ରୂପଟିକୁ ଚିତ୍ର ମଧ୍ୟରେ ବ୍ୟକ୍ତ କରିଦେଉଛ; ଏବଂ ଏଇଟି ହେଉଛି ଏହାର ଯଥାର୍ଥ କଳାତ୍ମକ ଦିଗ । ଏହିପରି ଭାବରେହିଁ ଆଧୁନିକ କଳାର ଜନ୍ମ ହେଲା । ଏବଂ ଅବଶ୍ୟ ମନେରଖିବା ଉଚିତ ଯେ, ସେଜାନ୍ ଯାହା କହିଥିଲେ, ପ୍ରକୃତରେ ଠିକ୍ କହିଥିଲେ । ତାଙ୍କର ଆଳୁଅଗୁଡ଼ିକ ଗୋଲାକାର ନଥିଲେ ସତ, ମାତ୍ର ସିଦ୍ଧାନ୍ତତଃ ସେ ଠିକ୍ କଥାହିଁ କହିଥିଲେ ।

ବର୍ତ୍ତମାନର କଳା ତାହାର ଏହି ଅବସ୍ଥାକୁ କିପରି ଆସିଛି ?—ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ମୁଁ ଏହାର ବିସ୍ତର କରି ତୁମମାନଙ୍କୁ କହିବି ବୋଲି କ'ଣ ତୁମେମାନେ ଇଚ୍ଛା କରୁଛ କି ? ଏହି କଳା ହେଉଛି ଫୋଟୋଗ୍ରାଫି । ଫୋଟୋଗ୍ରାଫରମାନେ ସେମାନଙ୍କର ଅସଲ ଧନ୍ଦାଟିକୁ ଜାଣି ନଥିଲେ ଓ ତୁମ ଆଗରେ କେତେ ବୀଭତ୍ସ ବସ୍ତୁମାନ ଆଣି ଥୋଇ ଦେଉଥିଲେ, ସେଗୁଡ଼ିକ ଖୁବ ଭୟଙ୍କର ଭାବରେ କଦାକାର ହୋଇ ରହିଥିଲା । ସତେଅବା ଖୁବ ଯାନ୍ତ୍ରିକ ଭାବରେ ତିଆରି ହୋଇଥିଲା, ସେଥିରେ ଆତ୍ମା ବୋଲି କିଛି ନଥିଲା, ସେଥିରେ କଳା ବୋଲି କିଛି ନଥିଲା,—କେବଳ ବୀଭତ୍ସତାହିଁ ରହିଥିଲା । ଅତି ଅଳ୍ପଦିନ ପୂର୍ବ ପର୍ଯ୍ୟନ୍ତ ଫୋଟୋଗ୍ରାଫିର କ୍ଷେତ୍ରରେ ଯାବତୀୟ ଉଦ୍ୟମ ଏହିପରି ହୋଇ ରହିଥିଲା । ପ୍ରାୟ ପଚିଶ ବର୍ଷ ପୂର୍ବେ ତାହା ଆଖିକୁ ସହନୀୟ ହୋଇ ଦିଶିବାକୁ ଆରମ୍ଭ କଲା, ଏବଂ ଏବେ, କ୍ରମବିକଶିତ ହୋଇ ଏହା ଏକ ଉତ୍ତମ ସ୍ଥିତିରେ ଆସି ପହଞ୍ଚି ପାରିଛି । ମାତ୍ର ଏହି କଥାଟି ଅବଶ୍ୟ କହିରଖିବା ଉଚିତ ଯେ ଏହି ପ୍ରତିଯୁକ୍ତିଟି ହେଉଛି ଏକାବେଳକେ ଅନ୍ୟ ପ୍ରକାରର ।

'oaob.nitrkl.ac.in' images reprocessed

ଆଗେ, ସେସବୁ କାଳରେ, ଯେତେବେଳେ ତୁମର ଫୋଟୋଟିଏ ନିଆ ଯାଉଥିଲା, ସେତେବେଳେ ତୁମେ ନିଶ୍ଚିନ୍ତ ହୋଇ ଗୋଟିଏ ଚଉକି ଉପରେ ବସୁଥିଲ'। ତୁମକୁ ଖୁବ ସୁନ୍ଦର ଭାବରେ ଟିକିଏ ଆଉଜି ବସିବାକୁ ପଡୁଥିଲା । ତୁମ ଆଗରେ କଳାକନାରେ ଗୁଡ଼ାହୋଇ ଗୋଟାଏ ବଗ୍ଧଟ ଜିନିଷ ଥୁଆ ହେଉଥିଲା, ଯାହାକି ଏହିପରି ଭାବରେ ତୁମ ଆଡ଼କୁ ଉନ୍ମୋଚିତ ହୋଇ ଯାଉଥିଲା । ଏବଂ ଫୋଟୋ ନେଉଥିବା ଲୋକ ଆଦେଶ ଦେଉଥିଲା, "ମୋଟେ ହଲଚଲ ହୁଅ ନାହିଁ, ସାବଧାନ !" ପ୍ରକୃତରେ ଏହିଠାରୁହିଁ ପୁରାତନ ଯୁଗର ଚିତ୍ରକଳାର ଜଗତଟି ବିଦାୟ ହୋଇଗଲା । ଯେତେବେଳେ କୌଣସି ଚିତ୍ରକାର ଜୀବନର ଅନୁକୃତି ଭଳି କିଛି ତିଆରି କଲା, ଜୀବନର ଅନୁକୃତି କରି କାହାର ଛବିଟିଏ ଆଙ୍କିଲା, ସେତେବେଳେ ତା'ର ବନ୍ଧୁମାନେ କହିଲେ, "ଆରେ ଦେଖିଲ, ଇଏ ତ ଠିକ୍ ଗୋଟାଏ ଫୋଟୋଗ୍ରାଫ୍ ପରି ହୋଇଛି !"

ଏକଥାଟି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଗତ ଶତାବ୍ଦୀର ଶେଷଭାଗର କଳା, ଅର୍ଥାତ୍ ଦ୍ୱିତୀୟ ସାମ୍ରାଜ୍ୟର କଳା ପ୍ରକୃତରେ ଏକ ନିକୃଷ୍ଟ କଳା ଥିଲା । ସେହି ଯୁଗଟିକୁ ଆମେ ଯଥାର୍ଥରେ ବ୍ୟବସାୟୀମାନଙ୍କର ଯୁଗ ବୋଲି କହିବା, ତାହା ସର୍ବୋପରି ବ୍ୟାଙ୍କ୍‌ମାଲିକ, ପୁଞ୍ଜିପତିମାନଙ୍କର ଯୁଗ ଥିଲା ଓ ମୁଁ ନିଶ୍ଚିତ ଭାବରେ କହିବି ଯେ ସେତେବେଳେ ରୁଚିରେ ଘୋର ଅଧୋଗତି ଘଟିଥିଲା । ବ୍ୟବସାୟୀମାନେ କଳାକ୍ଷେତ୍ରରେ ମଧ୍ୟ ନିଶ୍ଚୟ ଖୁବ ଯୋଗ୍ୟ ଏବଂ ବିଚକ୍ଷଣ ହେବେ ବୋଲି ମୁଁ ମୋଟେ ବିଶ୍ୱାସ କରୁ ନାହିଁ, ମାତ୍ର ସେମାନେ ଯେତେବେଳେ ସେମାନଙ୍କ ନିଜର ଏକ ପ୍ରତିକୃତି ଦରକାର କରୁଥିଲେ, ସେତେବେଳେ ସେମାନେ ସର୍ବାପେକ୍ଷା ଏକ ସାଦୃଶ୍ୟକୁହିଁ ଅଧିକ ପସନ୍ଦ କରୁଥିଲେ ! ଏପରିକି କୌଣସି ସ୍ଥାନରେ ଏତେ ଟିକିଏ ବାଦ୍ ପଡ଼ିଗଲେ ବି ଆଦୌ ଚଳୁ ନଥିଲା, ସମସ୍ତ ବ୍ୟାପାରଟି ପ୍ରାୟ ଏହିପରି ହାସ୍ୟାସ୍ପଦ ହୋଇ ରହିଥିଲା : "କିନ୍ତୁ, ଆପଣ ତ ଜାଣିଛନ୍ତି, ମୋର ଏହି ଜାଗାରେ ଚମଡ଼ାରେ ଟିକିଏ ରେଖା ପଡ଼ିଯାଇଛି, ସେଇଟାକୁ ଛବିରେ ମଧ୍ୟ ରଖିବାକୁ ଯେପରି ଭୁଲି ନଯାନ୍ତୁ !" ଏବଂ, ଆଉଜଣେ ଭଦ୍ରମହିଳା ବି ହୁଏତ ଥିଲେ, ଯିଏକି କହିଥିଲେ, "ଆପଣ ତ ଜାଣନ୍ତି,—ମୋର ଡାହିଗୁଡ଼ାକୁ ଆପଣ ଟିକିଏ ଟିକିଏ ଗୋଲ ଗୋଲ କରିବେ,"—ଇତ୍ୟାଦି, ଇତ୍ୟାଦି । ତେଣୁ କଳାକାରମାନେ ସେତେବେଳେ ଯେଉଁସବୁ ଛବି କରି ଦେଉଥିଲେ, ସେଗୁଡ଼ାକ ପ୍ରକୃତରେ ଫୋଟୋ ହୋଇ ଯାଉଥିଲା । ସେଗୁଡ଼ିକରୁ କୌଣସି ଭାବର ପ୍ରକାଶ ହେଉ ନଥିଲା, ସେଗୁଡ଼ିକରେ କୌଣସି ଉଷ୍ମତା ନଥିଲା, କୌଣସି ଆତ୍ମା ନଥିଲା ଓ କୌଣସି ଦୃଷ୍ଟି ବି ନଥିଲା । ମୁଁ ସେହି ଯୁଗର କେତେ କେତେ କଳାକାରଙ୍କର ନାମୋଲ୍ଲେଖ କରିପାରିବି; ସେହି ଯୁଗକୁ କଳା ଦୃଷ୍ଟିରୁ ପ୍ରକୃତରେ ଏକ

'oaob.nitrkl.ac.in' images reprocessed

ଲଜ୍ଜାକର ଯୁଗ ବୋଲି କହିବାକୁ ହେବ । ଏହି ଯୁଗଟି ଗତ ଶତାବ୍ଦୀର ପ୍ରାୟ ଶେଷ ପର୍ଯ୍ୟନ୍ତ ରହିଥିଲା, ପ୍ରାୟ ୧୮୭୫ ମସିହା ଯାଏ ରହିଥିଲା । ତା'ପରେ ଏକ ପ୍ରତିକ୍ରିୟା ଆରମ୍ଭ ହେଲା । ତା'ପରେ ସମ୍ପୂର୍ଣ୍ଣ ଭାବରେ ଏକ ସୁନ୍ଦର ଯୁଗ ଆସି ପହଞ୍ଚିଲା (ଏହି ଯୁଗରେ ମୁଁ ନିଜେ ଛବି ଆଙ୍କୁଥିଲି ବୋଲି ଯେ ମୁଁ ଏପରି କହୁଛି, ସେକଥା ଆଦୌ ନୁହେଁ), ମାତ୍ର ସେତେବେଳେ ମୁଁ ଯେତେଜଣ କଳାକାରଙ୍କୁ ଜାଣିଥିଲି, ସେମାନେ ସମସ୍ତେ ଜଣେ ଜଣେ ପ୍ରକୃତ କଳାକାର ଥିଲେ । ନିଜର ଧର୍ମଟି ବିଷୟରେ ସେମାନେ ଖୁବ ଗମ୍ଭୀର ଭାବରେ ସଚେତନ ଥିଲେ ଏବଂ ଯେଉଁ ପ୍ରଶଂସନୀୟ ଛବିସବୁ ଆଙ୍କିଥିଲେ, ତାହା ପ୍ରକୃତରେ ଅତ୍ୟନ୍ତ ପ୍ରଶଂସନୀୟ ହୋଇ ରହିଗଲା । ସେହି ଯୁଗଟି ହେଉଛି ଇମ୍ପ୍ରେସନିଷ୍ଟ୍‌ମାନଙ୍କର ଯୁଗ, ତାହା ସେମାନଙ୍କର ଯୁଗ ଥିଲା, ପ୍ରକୃତରେ ଏକ ସୁନ୍ଦର ଯୁଗ ଥିଲା ଏବଂ ସେହି ଯୁଗର କଳାକାରମାନେ ଖୁବ ସୁନ୍ଦର ସୁନ୍ଦର ଛବି ସୃଷ୍ଟି କରିଥିଲେ । ମାତ୍ର ଲୋକମାନଙ୍କୁ ଅସୁନ୍ଦର ଜିନିଷ ଯେପରି ବିରକ୍ତିକର ଲାଗେ, ଏପରି ଏକ ସମୟ ଆସେ, ଯେତେବେଳେ ସୁନ୍ଦର ଜିନିଷ ମଧ୍ୟ ସେହିପରି ବିରକ୍ତିକର ଲାଗେ । ତେଣୁ ତା'ପରେ ଏପରି କଳାକାରମାନେ ବାହାରିଲେ ଯେଉଁମାନେ କି "ସାଲୋଁ ଦୋତନ୍" (ଶରତ୍‌-ଶାଳା) ନାମରେ ଏକ ନୂତନ ଆନ୍ଦୋଳନ ଆରମ୍ଭ କରିବାକୁ ଇଚ୍ଛା କଲେ । ସେମାନେ ଅନ୍ୟମାନଙ୍କୁ ଟପିଯିବାକୁ ଇଚ୍ଛା କରିଥିଲେ, ନୂତନ ଦିଗରେ ଅଧିକ ଅଗ୍ରସର ହେବାକୁ ଅର୍ଥାତ୍ ଯଥାର୍ଥ ଭାବରେ ଅ-ଫୋଟୋଗ୍ରାଫିକ୍ ଏକ ଦିଗକୁ ଅଗ୍ରସର ହୋଇ ଯିବାକୁ ଇଚ୍ଛା କରୁଥିଲେ । ଏବଂ ହେ ଭଗବାନ !—ଏହିପରି କରୁ କରୁ ସେମାନେ ଟିକିଏ ଅତିରିକ୍ତ ଆଗକୁ ଚାଲିଗଲେ (ମୋ ରୁଚି ଅନୁସାରେ ତାହାକୁ ମୁଁ ଏହିପରି ଭାବୁଛି) । ସେମାନେ ରେମ୍‌ବ୍ରାନ୍ତ୍‌ଙ୍କୁ ବି ତୁଚ୍ଛ ବୋଲି ପ୍ରମାଣିତ କରିଦେବାକୁ ବାହାରିଲେ । ସେମାନେ ରେମ୍‌ବ୍ରାନ୍ତ୍‌ଙ୍କୁ ନିକୃଷ୍ଟ କଳାକାର ବୋଲି କହିଲେ, ଟିସିଆନ୍‌ଙ୍କୁ ନିକୃଷ୍ଟ କଳାକାର ବୋଲି କହିଲେ । ଇଟାଲୀୟ ରେନେସାଁର ସବୁ ଖ୍ୟାତନାମା ବଡ଼ କଳାକାରଙ୍କୁ ନିକୃଷ୍ଟ କଳାକାର ବୋଲି କହିଲେ । ରାଫାଏଲ୍‌ଙ୍କ ନାମୋଚ୍ଚାରଣ କରିବା ମଧ୍ୟ ସେତେବେଳେ ମନା ହୋଇଗଲା, ତାଙ୍କ ନାମୋଚ୍ଚାରଣ କରିବାକୁ ଲଜ୍ଜା ବୋଲି ବୁଝାଗଲା । ଏବଂ ଇଟାଲୀୟ ରେନେସାଁର ସମୁଦାୟ ଯୁଗଟିକୁ "ଆଦୌ ସେତେବେଶୀ ବଡ଼ ବା ମହତ୍ତ୍ୱପୂର୍ଣ୍ଣ ନୁହେଁ" ବୋଲି ବୁଝାଗଲା । ଏପରିକି ଲିଓନାର୍ଦୋ ଦ ଭିଁଚିଙ୍କର ଚିତ୍ରଗୁଡ଼ିକୁ ମଧ୍ୟ ସେହି ପର୍ଯ୍ୟାୟଭୁକ୍ତ କରି ଦିଆଗଲା । ବୁଝାଗଲା ଯେ "ସେସବୁ ଛବିକୁ ତୁମେ ହୁଏତ ଥରେ ଦେଖିବ ଓ ତା'ପରେ ଛାଡ଼ିଦେଇ ଚାଲିଯିବ ।" ତା'ପରେ ସେମାନେ ଟିକିଏ ଆହୁରି ଆଗକୁ ଗଲେ, ସେମାନେ ଏପରି କିଛି କରିବାକୁ ଚାହିଁଲେ, ଯାହାକି ସମ୍ପୂର୍ଣ୍ଣ ଭାବରେ ନୂତନ ହୋଇଥିବ,—ଏବଂ ସେଇଥିରୁ ଖୁବ ଅମିତାଭୃଷ୍ଟ ହେବାକୁ ଉତ୍ସାହ ପାଇଗଲେ ।

'oaob.nitrkl.ac.in' images reprocessed

ଏବଂ ତା'ପରେ, ରଙ୍ଗଫଳକର ପୋଛାପୋଛି ରଙ୍ଗକୁ ନେଇ କନାରେ ବୋଳିବାକୁ ମୋଟେ ଗୋଟାଏ ପାଦ ବାକି ରହିଲା ଓ ତା'ପରେ ସବୁ ସରିଗଲା ।

ମୁଁ ଯେପରି ଜାଣିଛି, କଳାର ଏକ ଏହିପରି ଇତିହାସ ରହିଛି ।

ସତ କଥା କହିବାକୁ ଗଲେ, ଏହି ବକ୍ରରେ ଆମେ ପୁନର୍ବାର ଉପରକୁ ଉଠିବାକୁ ଆରମ୍ଭ କଲୁଣି । ଏକଥାରେ କୌଣସି ସନ୍ଦେହ ନାହିଁ ଯେ ପୂର୍ବତନ ଯୁଗଟିରେ ଆମେ ଅସଙ୍ଗତ, ଅସମ୍ବଦ୍ଧତା ଏବଂ ଅସୁନ୍ଦରତାର ରସାତଳକୁହିଁ ଖସି ଚାଲି ଯାଇଥିଲୁ,—ସେତେବେଳେ ଅର୍କିଆ ଆଉ ଅସୁନ୍ଦର ଲାଗି ଗୋଟାଏ ରୁଚି ପ୍ରକାଶ ପାଇଥିଲା, ମଇଳା ଏବଂ ଘୃଣାକର ଲାଗି ଗୋଟାଏ ରୁଚି ସୃଷ୍ଟି ହୋଇଥିଲା । ମୁଁ ବିଶ୍ୱାସ କରୁଛି ଯେ ସେତେବେଳେ ଆମେ ସର୍ବନିମ୍ନ ତଳକୁ ଚାଲି ଯାଇଥିଲୁ ।

## ଆମେ କ'ଣ ସତରେ ପୁଣି ଉପରକୁ ଯିବାକୁ ଆରମ୍ଭ କରୁଛୁ ?

ମୁଁ ସେହିପରି ଭାବୁଛି । ମୁଁ ଏପରି କେତୋଟି ଛବି ଦେଖିବାକୁ ପାଇଲି, ଯେଉଁଥିରେ କି କୁତ୍ସିତତା ଏବଂ ଅସୁନ୍ଦରତା ପରିବର୍ତ୍ତିରେ ଆଉ କିଛି ରହିଥିଲା । ଏହାକୁ ତଥାପି କଳା ବୋଲି କୁହାଯିବ ନାହିଁ, ଯଥାର୍ଥ କଳାର ସୌନ୍ଦର୍ଯ୍ୟଠାରୁ ଏହା ଏବେ ମଧ୍ୟ ବହୁଦୂରରେ ରହିଛି, ମାତ୍ର ଆମେ ଯେ ପୁଣି ଉପରକୁ ଯାଉଛୁ, ତାହାର ସଙ୍କେତମାନ ମିଳିଲାଣି । ତୁମେମାନେ ଦେଖିବ ଯେ ପଚିଶ ବର୍ଷ ପରେ ହୁଏତ ଆମେ ସୁନ୍ଦର କଳାସୃଷ୍ଟିମାନ ନିଶ୍ଚୟ ଦେଖିବାକୁ ପାଇବା । ମୁଁ ଏହି କେତେକ ଦିନ ପୂର୍ବରୁହିଁ ଏକଥା ଅନୁଭବ କରିବାକୁ ଆରମ୍ଭ କରୁଛି ଯେ ଆମେ ପ୍ରକୃତରେ ନିମ୍ନଗାମୀ ସେହି ବକ୍ରଟିର ସବାତଳକୁ ଆସି ସାରିଲୁଣି; ବର୍ତ୍ତମାନ ମଧ୍ୟ ଅନେକ ତଳେ ଯାଇ ରହିଛୁ ସତ, ମାତ୍ର ଉପର ଦିଗକୁ ଉଠିବାକୁ ଆରମ୍ଭ କଲୁଣି । ଅବଶ୍ୟ ଏବେ ମଧ୍ୟ ଏକ ବେଦନାଭାବ ରହିଛି, ସୌନ୍ଦର୍ଯ୍ୟ ପ୍ରକୃତରେ କ'ଣ ହୋଇ ପାରିବ ଓ କ'ଣ ହେବା ଉଚିତ, ସେବିଷୟରେ ଏକ ଯଥାର୍ଥ ବୋଧର ସମ୍ପୂର୍ଣ୍ଣ ଅଭାବ ରହିଛି; ମାତ୍ର ତଥାପି ଏପରି ଏକ ବସ୍ତୁ ଲାଗି ଏକ ଅଭୀପ୍ସା ଜାଗ୍ରତ ହେବାକୁ ଲାଗିଲାଣି, ଯାହାକି କଦାପି ଅତ୍ୟନ୍ତ ହୀନ ଭାବରେ କେବଳ ବସ୍ତୁବାଦୀ ହୋଇ ରହିବ ନାହିଁ । ମଝିରେ ବେଶ୍ ଗୋଟିଏ ଅବଧି ପାଇଁ କଳା ପଙ୍କ ଭିତରକୁ ଯାଇ ଘାଣ୍ଟି ହେବାକୁ ଭାରି ମନ କରିଥିଲା, ଯାହାକୁ ସେମାନେ "ବାସ୍ତବବାଦୀ" ବୋଲି କହୁଥିଲେ, ତାହାହିଁ ହେବାକୁ ମନ କରୁଥିଲା । ସଂସାରରେ ଯାହାକୁ ହୁଏତ ସବୁଠାରୁ ଅଧିକ ଅରୁଚିକର ବୋଲି କୁହାଯିବ, ସେମାନେ ତାହାକୁହିଁ "ବାସ୍ତବ" ବୋଲି କହିବାକୁ ପସନ୍ଦ କଲେ । ସବୁଠାରୁ ଯାହା ଅଧିକ କୁତ୍ସିତ, ତାହାକୁହିଁ ବାସ୍ତବ ବୋଲି କହିଲେ; ସବୁଯାକ ବିକୃତି, ଆବର୍ଜନା, ଅସୁନ୍ଦରତା, ସବୁଯାକ ଭୟଙ୍କରତା, ଋଙ୍କ

'oaob.nitrkl.ac.in' images reprocessed

ଏବଂ ଆକୃତିକ୍ଷେତ୍ରର ଯାବତୀୟ ଅସଂଗତତା,—ଏହିଗୁଡ଼ାକୁହିଁ ବାସ୍ତବ ବୋଲି ବୁଝାଗଲା । ମୁଁ ଭାବୁଛି, ବର୍ତ୍ତମାନ ଆମେ ଏସବୁକୁ ପଛରେ ପକାଇଦେଇ ଆସିଲୁଣି । ଏହି ଗତ କେତେଦିନ ହେଲା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ମୋର ଏହିପରି ଏକ ଅନୁଭୂତି ହେବାକୁ ଆରମ୍ଭ କଲା (ଛବିଗୁଡ଼ାକୁ ଦେଖି ଯେ ଏପରି ଅନୁଭୂତି ହେଲା, ଆଦୌ ସେକଥା ନୁହେଁ, କାରଣ ଏଠାରେ ଆମର ସେତେବେଶୀ ଛବି ଦେଖିବାର ସୁଯୋଗ ବା କାହୁଁ ମିଳିବ ?—ମାତ୍ର "ବାତାବରଣଟିକୁ ସ୍ପର୍ଶି" ମୋର ସେହି ଅନୁଭୂତିଟି ହେଲା) । ଏବଂ, ବର୍ତ୍ତମାନ ଆମକୁ ନକଲ ବା ଅନୁକୃତିଗୁଡ଼ିକ ବି ଦେଖିବାକୁ ମିଳୁଛି, ସେଥିରେ ମଧ୍ୟ ଏପରି କିଛିର ଉଦ୍ଦେଶ୍ୟରେ ଏକ ଅଭୀପ୍ସା ରହିଛି, ଯାହାକୁ କି ନିଶ୍ଚୟ କିଞ୍ଚିତ୍ ଉଚ୍ଚତର ବୋଲି ବୁଝାଯିବ । ଏହା ଆହୁରି ପଚିଶ ବର୍ଷ ସମୟ ନେବ; ଏବଂ ତା'ପରେ···ଯଦି ଆଉଗୋଟାଏ ଯୁଦ୍ଧ ନଲାଗେ, ଆଉ-ଗୋଟାଏ ସର୍ବଧ୍ୱଂସକାରୀ ବିପର୍ଯ୍ୟୟ ଭୋଗିବାକୁ ନପଡ଼େ, ତେବେଯାଇ ତାହା ହେବ । କାରଣ, ଏହି କଥାଟିକୁ ଅନେକ ପରିମାଣରେ ଯଥାର୍ଥ ବୋଲି ବୁଝାଯାଇ ପାରିବ ଯେ ଯୁଦ୍ଧ ଏବଂ ଯୁଦ୍ଧଜନିତ ଭୟଙ୍କରତାଗୁଡ଼ାକହିଁ ହୀନତର ଲାଗି ଏକ ରୁଚିକୁ ତିଆରି କରିବାରେ ପ୍ରଧାନତଃ ଦାୟୀ ହୋଇ ରହିଥାନ୍ତି । ସେତେବେଳେ ଲୋକମାନେ ସତେଅବା ବାଧ୍ୟ ହୋଇ ଯାବତୀୟ ମାର୍ଜିତ ଭାବଗ୍ରହଣ କ୍ଷମତାକୁ ଆଉ କୁଆଡ଼କୁ ଠେଲି ଦିଅନ୍ତି, ସୌଷମ୍ୟ ପ୍ରତି ଅନୁରକ୍ତି, ସୌନ୍ଦର୍ଯ୍ୟ ଲାଗି ପ୍ରୟୋଜନବୋଧ, —ସେହିସବୁ ଭୟଙ୍କରତାକୁ ଅଙ୍ଗେ ନିଭାଇ ପାରିବାକୁ ସେମାନେ ସତେଅବା ସବୁ ପାସୋରି ଦିଅନ୍ତି; ମୁଁ ଭାବୁଛି, ତା' ନହେଲେ ସେମାନେ ପ୍ରକୃତରେ ସେହି ଭୟଙ୍କରତା ଦ୍ୱାରା ହୁଏତ ମରିହିଁ ଯାଇଥାନ୍ତେ । ତାହା ଏତେ ଅକଥନୀୟ ଭାବରେ ସ୍ଥୂଳବର୍ବରୁଚି ହୋଇ ରହିଥିଲା ଯେ ତାହାକୁ କଦାପି ସହ୍ୟ କରି ହୋଇ ନଥାନ୍ତା; ତେଣୁ ତାହା ସର୍ବତ୍ର ମଣିଷମାନଙ୍କର ରୁଚିଟାକୁହିଁ ଏକାବେଳେକେ ବିକୃତ କରି ଦେଇଗଲା, ଏବଂ ଯେତେବେଳେ ଯୁଦ୍ଧ ବନ୍ଦ ହେଲା (ଏହା ଯେ ପ୍ରକୃତରେ ସରିଲା ନାହିଁ, ସେକଥା ମୁଁ ସ୍ୱୀକାର କରୁଛି), ସେମାନେ ସେତେବେଳେ କେବଳ ଗୋଟିଏ କଥାହିଁ ଚାହୁଁଥିଲେ; ସେମାନେ ଖାଲି ଭୁଲିଯିବାକୁ, ଭୁଲିଯିବାକୁ ଚାହୁଁଥିଲେ, ଖାଲି ଭୁଲିଯିବାକୁହିଁ ଚାହୁଁଥିଲେ । ସେମାନେ ଆଉ କୁଆଡ଼େ ମନ ଦେଇ ଏଗୁଡ଼ାକୁ ଭୁଲି ଯିବାକୁ ଇଚ୍ଛା କରୁଥିଲେ, ଅଙ୍ଗେ ନିଭାଇଥିବା ଯାବତୀୟ ଭୟାବହତାକୁ ସେମାନେ ଏଥିରେ ମୋଟେ ମନେ ପକାଇବାକୁ ବି ଚାହୁଁ ନଥିଲେ । ଏବଂ ସେହି କ୍ଷେତ୍ରରେ, ସବୁ କଥା ଭାରି ତଳୁଆ ହୋଇ ରହିବାକୁ ବାଧ୍ୟହିଁ ହୋଇଥାଏ । ସମୁଦାୟ ପ୍ରାଣିକ ବାୟୁମଣ୍ଡଳଟି ସମ୍ପୂର୍ଣ୍ଣ ଭାବରେ ଦୂଷିତ ଓ ବିଷାକ୍ତ ହୋଇ ପଡ଼ିଥାଏ ଏବଂ ଭୌତିକ ବାୟୁମଣ୍ଡଳଟି ଭୀଷଣ ଭାବରେ ଅନିଶ୍ଚିତ ଓ ଅନ୍ଧକାରାଚ୍ଛନ୍ନ ହୋଇ ରହିଥାଏ ।



'oaob.nitrkl.ac.in' images reprocessed

ତେଣୁ ଯଦି ଆମକୁ ଆଉଗୋଟିଏ ଯୁଦ୍ଧ ଖେଳିବାକୁ ନପଡ଼ିବ,···କାରଣ ଯୁଦ୍ଧ କ'ଣ ସରିଛି, ଯୁଦ୍ଧ ଆଦୌ ବନ୍ଦ ହୋଇ ନାହିଁ । ପ୍ରାୟ ଏହି ଶତାବ୍ଦୀର ଆରମ୍ଭରୁହିଁ ଯୁଦ୍ଧ ଚାଲିଛି; ତାହା ଚୀନ, ତୁରସ୍କ, ଟ୍ରିପୋଲିଟାନିଆ ଓ ମରକ୍କୋରୁ ଆରମ୍ଭ ହେଲା,—ତୁମେମାନେ ମୋ କଥା ବୁଝିପାରୁଛ ? ହଁ, ବଲ୍‌କାନ୍ ଅଞ୍ଚଳରୁ ଆରମ୍ଭ ହେଲା ଓ ସେଇଦିନୁ ତାହା ଲାଗି ରହିଛି, ମୋଟେ ବନ୍ଦ ହୋଇ ନାହିଁ । ଅବସ୍ଥା ଅଧିକ ଖରାପ ହୋଇ ଯାଇଛି, ମାତ୍ର ତାହା ଯେତେଥର ଏକ ପୃଥିବୀଯୁଦ୍ଧର ଆକାର ଧାରଣ କରିଛି, ତାହାର ରୂପଟା ପ୍ରକୃତରେ ଗୋଟାସୁଦ୍ଧା ଦୂଷିତ ନାନା ଅଭଦ୍ରତା ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଛି । ଏବଂ ତୁମେ,—ମୋ ପିଲାମାନେ,—ତୁମେ ସମସ୍ତେ ଯୁଦ୍ଧ ପରେ ଜନ୍ମ ହୋଇଛ (ମୁଁ ଏଠାରେ ପ୍ରଥମ ମହାଯୁଦ୍ଧଟି କଥା କହୁଛି), ତେଣୁ ତୁମେମାନେ ଏବିଷୟରେ ଆଦୌ ବେଶୀକିଛି ଜାଣି ନାହଁ । ଏବଂ ତୁମେମାନେ ଏଠାରେ ବି ଜନ୍ମ ହୋଇଛ, ଏପରି ଏକ ଦେଶରେ ଜନ୍ମଗ୍ରହଣ କରିଛ, ଯାହାକି ଏହି ଦୃଷ୍ଟିରୁ ପ୍ରକୃତରେ ଏକ ବିଶେଷ ସୁବିଧାଜନକ ଅବସ୍ଥାରେ ରହିଆସିଛି । ମାତ୍ର, ଯେଉଁ ପିଲାମାନେ ଇଉରୋପରେ ଜନ୍ମଗ୍ରହଣ କରିଛନ୍ତି, ଏହି ସାନ ସାନ ପିଲାମାନେ, ଯେଉଁମାନେ ଯୁଦ୍ଧର ପରିବେଶରେହିଁ ଜନ୍ମ ହୋଇଛନ୍ତି, ସେମାନେ ବର୍ତ୍ତମାନ ଆପଣା ଭିତରେ ଏପରି କିଛି ବହନ କରୁଛନ୍ତି, ଯାହାକୁ ପୋଛିଦେଇ ପାରିବା ପ୍ରକୃତରେ ଭାରି କଷ୍ଟକର ହେବ; ସେମାନେ ଆପଣା ଭିତରେ ଏକ ଭୟାକ୍ରାନ୍ତତାକୁ ବହନ କରୁଛନ୍ତି, ଏକ ତ୍ରାସ ଦ୍ୱାରା ଗ୍ରସ୍ତ ହୋଇ ରହିଛନ୍ତି । ଏହି ଭୟ ପ୍ରକୃତରେ କ'ଣ, ତାହା ନଜାଣି କଦାପି ତାହା ସହିତ ସମ୍ମିଳିତ ହୋଇଯିବା ସମ୍ଭବ ହୋଇ ନଥାନ୍ତା । ପ୍ରଥମ ମହାଯୁଦ୍ଧଟିକୁ ହୁଏତ ଦ୍ୱିତୀୟ ମହାଯୁଦ୍ଧ ତୁଳନାରେ ଅଧିକ ଖରାପ ବୋଲି ବୁଝାଯାଇ ପାରିବ । ଦ୍ୱିତୀୟଟିରେ ଯେଉଁସବୁ ପ୍ରଭୃତି ନୃଶଂସତାର ଅବଲମ୍ବନ କରି ଯାଇଥିଲା, ସେଥିରେ ସବୁକିଛି ନଷ୍ଟ ହୋଇଗଲା···ମାତ୍ର ପ୍ରଥମ ଯୁଦ୍ଧଟି,···ଓଃ, ସେକଥା ବର୍ଣ୍ଣନା କରି କହି ପାରିବି ନାହିଁ ···ଯେଉଁ ଶେଷ କେତୋଟି ମାସ ମୁଁ ସେତେବେଳେ ପାରିସ୍ ସହରରେ କଟାଇଥିଲି, ତାହାକୁ ପ୍ରକୃତରେ ଅକଳ୍ପନୀୟ ବୋଲି କହିବାକୁ ହେବ । ଏବଂ ସେସବୁ କଥାକୁ ମୋଟେ ବର୍ଣ୍ଣନା କରି କହି ହେବ ନାହିଁ । ଉଦାହରଣସ୍ୱରୂପ, ଟ୍ରେଞ୍ଚ୍ ଭିତରର ଜୀବନକୁ ପ୍ରକୃତରେ ବର୍ଣ୍ଣନା କରି କହି ହେବ ନାହିଁ । ପରବର୍ତ୍ତୀ ପୁରୁଷଗୁଡ଼ିକ ଏସବୁ ବିଷୟରେ କିଛି ଜାଣନ୍ତି ନାହିଁ ।···ମାତ୍ର, ତୁମମାନଙ୍କର ବୁଝିବା ଉଚିତ, ଯେଉଁ ପିଲାମାନେ ଏବେ ଜନ୍ମ ହୋଇଛନ୍ତି, ସେମାନେ ଏସବୁ ପ୍ରକୃତରେ ଘଟିଥିଲା ବୋଲି ମଧ୍ୟ ଜାଣିବେ ନାହିଁ, ଏହିସବୁ ଭୀଷଣ ଘଟଣା ସେମାନଙ୍କ ଆଗରେ କୁହାଗଲେ ସେମାନେ ତାହାକୁ ଆଦୌ ସତ ବୋଲି ବିଶ୍ୱାସ କରିବେ ନାହିଁ । ବିଜିତ ଦେଶ,—ଚେକୋସ୍ଲୋଭାକିଆ, ପୋଲଣ୍ଡ ଓ ଫ୍ରାନସ୍ ପ୍ରଭୃତି ଦେଶରେ ଯାହାସବୁ ଘଟିଲା,

'oaob.nitrkl.ac.in' images reprocessed

ଯେଉଁସବୁ ଭୟଙ୍କର ଘଟଣାମାନ ଘଟିଲା, ସେଗୁଡ଼ାକୁ ପ୍ରକୃତରେ ବିଶ୍ୱାସ କରି ହେବ ନାହିଁ, ଭାବି ମଧ୍ୟ ହେବ ନାହିଁ । ଯେଉଁମାନେ ଏହିସବୁ ଘଟଣାର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଛନ୍ତି, ଏଗୁଡ଼ିକୁ ଦେଖିଛନ୍ତି, ସେମାନଙ୍କ ବ୍ୟତୀତ ଆଉ କେହିହେଲେ ବିଶ୍ୱାସ କରି ପାରିବେ ନାହିଁ । ଏହା···ସେହିଦିନ ମୁଁ କହୁଥିଲି ଯେ ପ୍ରାଣିକ ଜଗତ ହେଉଛି ପ୍ରକୃତରେ ନାନା ନାଶକାରୀ ଘଟଣା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଜଗତ । ଏବଂ, ଏହି ପ୍ରାଣିକ ଜଗତର ଯାବତୀୟ ଭୟଙ୍କରତା ସେତେବେଳେ ପୃଥିବୀ ଉପରକୁ ଅବତୀର୍ଣ୍ଣ ହୋଇ ଆସିଥିଲେ । ଏବଂ, ସେଗୁଡ଼ିକ ପ୍ରାଣିକ ଜଗତରେ ରହିଥିବାବେଳେ ଯେତେ ଭୟାନକ ହୋଇ ରହିଥାଆନ୍ତି, ଏହି ପୃଥିବୀକୁ ଅବତୀର୍ଣ୍ଣ ହୋଇ ଆସିବା ପରେ ତା'ଠାରୁ ପ୍ରକୃତରେ ଅନେକ ଅଧିକ ଭୟାନକ ହୋଇ ପଡ଼ନ୍ତି । କାରଣ, ପ୍ରାଣିକ ଜଗତରେ, ଯଦି ତୁମର ଏକ ଅନ୍ତର୍ଗତ ସାମର୍ଥ୍ୟ ରହିଥାଏ, ଜ୍ଞାନ ଓ ବଳ ରହିଥାଏ, ତେବେ ତୁମେ ସେଗୁଡ଼ିକ ଉପରେ କ୍ରିୟା କରିପାର, କ୍ରିୟା କରି ସେମାନଙ୍କୁ ଦମନ କରି ରଖିପାର, ସେମାନଙ୍କ ତୁଳନାରେ ନିଜକୁ ଅଧିକ ବଳବାନ୍ ବୋଲି ପ୍ରମାଣିତ କରିପାର । ମାତ୍ର, ଯେତେବେଳେ ଏହି ଭୌତିକ ଜଗତରେ ତୁମକୁ ଏକ ଯୁଦ୍ଧଜନିତ ବାଧ୍ୟବାଧିକାର ଅଧୀନ ହୋଇ ରହିବାକୁ ପଡ଼େ, ସେତେବେଳେ ତୁମର ଯାବତୀୟ ଜ୍ଞାନ, ଯାବତୀୟ ଶକ୍ତି ଓ ଯାବତୀୟ ବଳ ଆଦୌ କୌଣସି କାମରେ ଆସେ ନାହିଁ । ଏବଂ, ପୃଥିବୀର ପରିବେଶ ମଧ୍ୟରେ ଏହା ଏପରି ଏକ ପଦ୍ଧତିରେ କାର୍ଯ୍ୟ କରୁଥାଏ ଯେ ତାହାର ନିରାକରଣ କରିବା ଭାରି କଷ୍ଟକର ହୋଇ ପଡ଼େ ।

ଅତ୍ୟନ୍ତ ସ୍ୱାଭାବିକ କଥା ଯେ ମନୁଷ୍ୟମାନେ ଭୁଲିଯିବା ପାଇଁ ସବୁବେଳେ ଭାରି ବ୍ୟଗ୍ର ହୋଇ ପଡ଼ନ୍ତି । ବର୍ତ୍ତମାନ ମଧ୍ୟ ପୃଥିବୀରେ ଏପରି ଅନେକ ଲୋକ ଦେଖିବାକୁ ମିଳିଲେଣି, ଯେଉଁମାନେ କି "ଏସବୁ ପ୍ରକୃତରେ ସେହିପରି ଭୟାବହ ହୋଇଥିଲା ବୋଲି କ'ଣ ତୁମେ ସତକୁ ସତ ଜାଣିଛ ?" ବୋଲି ପଚାରିବାକୁ ଆରମ୍ଭ କଲେଣି । ମାତ୍ର ଯେଉଁମାନେ ସେସବୁକୁ ଅଙ୍ଗେ ନିଭାଇଛନ୍ତି, ଏକଥାକୁ କେହି ଭୁଲିଯାଆନ୍ତୁ ବୋଲି ସେମାନେ କଦାପି ଇଚ୍ଛା କରିବେ ନାହିଁ । ତେଣୁ, ଉତ୍ପୀଡ଼ନ ଏବଂ ହତ୍ୟାର ଏହିସବୁ ସ୍ଥାନ, ମନୁଷ୍ୟର କଳ୍ପନା ସବୁଠାରୁ ଅଧିକ ଖରାପ ଯାହାସବୁର ଧାରଣା କରିପାରିବ, ତାହାକୁ ଅତିକ୍ରମ କରି ଯାଇଥିବା ଏହିସବୁ ଅତିହୀନ ସ୍ଥାନ,—ଅନ୍ତତଃ ଏଥିରୁ କେତେଗୁଡ଼ିକୁ ସଂରକ୍ଷିତ କରି ରଖାଯାଇଛି । ଜର୍ମାନ୍‌ମାନେ ପୋଲାଣ୍ଡରେ ଯେଉଁ ପୀଡ଼ନଗୃହମାନ ନିର୍ମାଣ କରିଥିଲେ, ତୁମେ ବର୍ତ୍ତମାନ ମଧ୍ୟ ସେଠାକୁ ଯାଇ ସେଗୁଡ଼ିକୁ ବେଶ୍ ଦେଖିପାରିବ । ମୋର ଆଶା, ସେଗୁଡ଼ିକୁ କେବେହେଲେ ଧ୍ୱଂସ କରି ଦିଆଯିବ ନାହିଁ, ଯେପରିକି ଯେଉଁମାନେ "ତୁମେ ଜାଣିଛ, ଏଗୁଡ଼ାକୁ ଭାରି ଅତିରଞ୍ଜିତ କରି ଦିଆଯାଇଛି" ବୋଲି ଆସି କହନ୍ତି

'oaob.nitrkl.ac.in' images reprocessed

(କାରଣ ଏପରି ଭୟଙ୍କର କାଣ୍ଡମାନ ପ୍ରକୃତରେ ଘଟିଥିଲା ବୋଲି ସେମାନେ ଜାଣିବାକୁ ମୋଟେ ସୁଖ ପାଆନ୍ତି ନାହିଁ), ସେମାନଙ୍କର ହାତ ଧରିନେଇ ନିଆଯାଇ ପାରିବ ଏବଂ "ଦେଖିବେ ଆସନ୍ତୁ, ଏବଂ ଆପଣ ଖୁସି ହେବେ କି ନାହିଁ ପରୀକ୍ଷା କରି ଦେଖନ୍ତୁ" ବୋଲି ସେମାନଙ୍କୁ କୁହାଯାଇ ପାରିବ ।

ଏହା ଦ୍ୱାରା ଚରିତ୍ରର ଗଠନ ହୁଏ । ଯଦି ଉଚିତ ପ୍ରଣାଳୀରେ ଏହାକୁ ଗ୍ରହଣ କରାଯାଏ (ଏବଂ ମୁଁ ଭାବୁଛି ଯେ ଅନେକ ଲୋକ ଏହାକୁ ପ୍ରକୃତରେ ଉଚିତ ପ୍ରଣାଳୀରେ ଗ୍ରହଣ କରିଛନ୍ତି), ଏହା ତୁମକୁ ସିଧା ଯୋଗର ମାର୍ଗକୁ ପରିଚାଳିତ କରି ନେଇପାରେ । ଅର୍ଥାତ୍, ଏହି ପୃଥିବୀରେ ରହିଥିବା ଯାବତୀୟ ବସ୍ତୁ ଲାଗି ଏପରି ଏକ ଗଭୀର ଅନାସକ୍ତି ଭାବ ଜାଗ୍ରତ ହୁଏ, ଏହା ବ୍ୟତୀତ ଆଉକିଛି ପାଇବା ଲାଗି ଏପରି ଏକ ଆବଶ୍ୟକତା ଅନୁଭବ କରାଯାଏ, ପ୍ରକୃତରେ ସୁନ୍ଦର, ପ୍ରକୃତରେ ସତେଜ ଓ ପ୍ରକୃତରେ ଭଲ ଏପରି ଏକ ବସ୍ତୁ ଲାଗି ଏପରି ଏକ ଅପରିହାର୍ଯ୍ୟ ପ୍ରୟୋଜନ ଅନୁଭୂତ ହୁଏ ଯେ ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତାହାରି ଦ୍ୱାରା ତୁମ ଭିତରେ ଏକ ଆଧ୍ୟାତ୍ମିକ ଅଭୀପ୍ସାର ଉନ୍ମେଷ ହେବାକୁ ଲାଗେ । ଏବଂ, ଏହି ଭୟଙ୍କର ଘଟଣାଗୁଡ଼ିକ ମନୁଷ୍ୟମାନଙ୍କୁ ସତେଅବା ଭାଗ ବିଭକ୍ତ କରି ରଖିଛି : ଗୋଟାଏ ପାଖରେ ଅଳ୍ପସଂଖ୍ୟକ କେତେଜଣ ରହିଛନ୍ତି, ଯେଉଁମାନେ କି ପ୍ରସ୍ତୁତ ହୋଇ ପାରିଛନ୍ତି ଓ ଅନେକ ଉଚ୍ଚକୁ ଉଠିଯାଇ ପାରିଛନ୍ତି; ଓ ଅପର ପକ୍ଷରେ ସଂଖ୍ୟାଗରିଷ୍ଠ ଆହୁରି ଅନେକ ରହିଛନ୍ତି, ଯେଉଁମାନେ କି ମୋଟେ ପ୍ରସ୍ତୁତ ହୋଇ ରହି ନାହାନ୍ତି ଓ ଅନେକ ତଳକୁ ଖସି ଚାଲି ଯାଇଛନ୍ତି । ଏମାନେ ବର୍ତ୍ତମାନ କାଦୁଅ ଭିତରେ ଘାଣ୍ଟି ହେବାରେ ଲାଗିଛନ୍ତି ଏବଂ ତେଣୁ ବର୍ତ୍ତମାନ ପାଇଁ ଏମାନେ ସେଥିରୁ ବାହାରିବାକୁ ବି ଇଚ୍ଛା କରୁ ନାହାନ୍ତି । ଏବଂ, ଯଦି ଏହି କଥାଟିହିଁ ଅବାରିତ ଭାବରେ ଚାଲେ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଆମେ କମେ ଆଉଗୋଟିଏ ଯୁଦ୍ଧ ଆଡ଼କୁ ଗଡ଼ି କରିବାରେ ଲାଗିବା ଏବଂ ଏଥର ତାହା ଫଳରେ ସକଳ ସଭ୍ୟତାର ପରିସମାପ୍ତିହିଁ ଘଟିବ । ସମସ୍ତ ପୃଥିବୀର ପରିସମାପ୍ତି ଘଟିବ ବୋଲି ମୁଁ ଆଦୌ କହୁ ନାହିଁ, କାରଣ, ଯାହାକିଛି ହେଉ ପଛକେ, ତାହା କଦାପି ଏହି ପୃଥିବୀର ପରିସମାପ୍ତି ଘଟାଇ ପାରିବ ନାହିଁ, ମାତ୍ର ଏହା ଦ୍ୱାରା ଏହି ସଭ୍ୟତାରହିଁ ପରିସମାପ୍ତି ଘଟିବ, ଅର୍ଥାତ୍, ଆଉଗୋଟିଏ ସଭ୍ୟତା ତିଆରି କରିବାକୁ ପଡ଼ିବ । ତୁମେମାନେ ହୁଏତ କହିବ ଯେ ଏହା ହେବା ଦ୍ୱାରା ଭାରି ଭଲହିଁ ହେବ, କାରଣ ଏହି ସଭ୍ୟତାର ତ କ୍ଷୟ ଘଟି ଘଟି ଯାଉଛି, ଏହା ଧ୍ୱଂସ ମୁଖରେ ଯିବାକୁ ଆରମ୍ଭ କଲାଣି; ମାତ୍ର, ସେକଥା ଯାହା ହେଉ ପଛକେ, ଏହି ସଭ୍ୟତାରେ ଭାରି ସୁନ୍ଦର କେତେକେତେ ଜିନିଷ ବି ରହିଛି ଏବଂ ଏଗୁଡ଼ିକୁ ସଂରକ୍ଷିତ କରି ରଖିବା ଉଚିତ; ମାତ୍ର ଯଦି ଏସବୁକୁ ଅନ୍ତର୍ହିତ ହୋଇଯିବାକୁ ପଡ଼େ, ତେବେ ତାହା

'oaob.nitrkl.ac.in' images reprocessed

ପ୍ରକୃତରେ ଏକ ଅତ୍ୟନ୍ତ ଦୟନୀୟ କଥା ହେବ । ମାତ୍ର, ଯଦି ଆଜିଏଠାରେ ଯୁଦ୍ଧ ଲାଗେ, ତେବେ ମୁଁ ଅଲବତ୍ କହିବ ଯେ ଏସବୁ ଆଉ କିଛି ରହିବ ନାହିଁ । କାରଣ କୌଣସି ପ୍ରାଣୀ ବି ବୁଦ୍ଧିରେ ମଣିଷଙ୍କର ସମକକ୍ଷ ହେବ ନାହିଁ ଏବଂ ସବୁକିଛିକୁ ବିନଷ୍ଟ କରିଦେବାର ସାଧନଟିକୁ ମଧ୍ୟ ସେମାନେ ବାହାର କରି ସାରିଲେଣି । ସେମାନେ ତ ପୁଣି ସେହି ସାଧନକୁ କାର୍ଯ୍ୟରେ ବି ଲଗାଇବେ;—କାରଣ ଯଦି ସେଗୁଡ଼ିକୁ ବ୍ୟବହାର କରିଯାଇ ନପାରିବ, ତେବେ ଖଙ୍କ ଖଙ୍କ ଖର୍ଚ୍ଚ କରି କେତେକ ବିଶେଷ ବୋମା ବାହାର କରିବାରେ ଆଉ କ'ଣ ଲାଭ ହେବ ? ଯଦି ପ୍ରକୃତରେ କୌଣସି ସହରକୁ ଧ୍ୱଂସ କରି ନଯାଏ, ତେବେ, ଅଳ୍ପ କେତେ ମିନିଟ ମଧ୍ୟରେ ଗୋଟାଏ ସହରକୁ ଧ୍ୱଂସ କରିଦେଇ ପାରୁଥିବା ଅସ୍ତ୍ରଟାଏ ଆବିଷ୍କାର କରିବା ଦ୍ୱାରା ବି କି ଲାଭ ହେବ ? ପ୍ରତ୍ୟେକ ବ୍ୟକ୍ତି ତା' ପ୍ରୟାସର ଫଳକୁ ଦେଖିବା ଲାଗି ସର୍ବଦାହିଁ ଇଚ୍ଛା କରୁଥାଏ । ତେଣୁ ଯଦି ଯୁଦ୍ଧ ଲାଗେ, ତେବେ ତଦ୍ଦ୍ୱାରା ଏହିସବୁହିଁ ଘଟିବ ।

ହଁ, ମୁଁ ତୁମମାନଙ୍କୁ ଏଗୁଡ଼ାକ ଯାହାସବୁ କହିଲି, ସେସବୁ ଶୁଣିଲେ କଦାପି ପ୍ରସନ୍ନ ଲାଗିବ ନାହିଁ; ମାତ୍ର ମଝିରେ ମଝିରେ ମୁଣ୍ଡ ଭିତରେ ତଥାପି କିଛି ପୁରିକ ଓଜନଥିଆ ଜିନିଷ ନେଇ ରଖିଦେବା ଉଚିତ, ଯାହା ଫଳରେ କି ଆମର ମୁଣ୍ଡ ଭାବିବାକୁ ଆରମ୍ଭ କରିବ ।

## ୧୨ ଏପ୍ରିଲ ୧୯୫୧

ଜାପାନର କଳା ଏବଂ ଅନ୍ୟ ଦେଶଗୁଡ଼ିକର କଳା ଭିତରେ ଫରକ କ'ଣ ? ଉଦାହରଣସ୍ୱରୂପ, ଜାପାନର କଳା ଓ ଇଉରୋପୀୟ ଦେଶଗୁଡ଼ିକର କଳା ମଧ୍ୟରେ କେଉଁସବୁ ପ୍ରଧାନ ପାର୍ଥକ୍ୟ ରହିଛି ?

ଜାପାନର କଳାରେ ବାହ୍ୟ ଜୀବନରେ ଗୋଟାଏ ପ୍ରକାରର ସିଧା ମାନସିକ ଅଭିବ୍ୟକ୍ତିକୁ ସମ୍ପନ୍ନ କରି ଯାଇଥାଏ । ଜାପାନୀମାନେ ଖୁବ୍ କମ୍ ପରିମାଣରେ ପ୍ରାଣିକ ଜଗତର ବ୍ୟବହାର କରିଥାନ୍ତି । ସେମାନଙ୍କର କଳା ହେଉଛି ଅତ୍ୟନ୍ତ ଅଧିକ ମାତ୍ରାରେ ମନୋଗତ କ୍ଷେତ୍ରରୁ ପ୍ରସୂତ ହୋଇଥିବା କଳା, ସେମାନଙ୍କର ଜୀବନ ମଧ୍ୟ ଠିକ୍ ସେହିପରି ଅତ୍ୟନ୍ତ ଅଧିକ ମାତ୍ରାରେ ମନୋଗତ କ୍ଷେତ୍ରରୁ ପ୍ରେରିତ

'oaob.nitrkl.ac.in' images reprocessed

ହୋଇ ଆସୁଥିବା ଏକ ଜୀବନ । ସମ୍ପୂର୍ଣ୍ଣ ଭାବରେ କେବଳ ମାନସିକ ହୋଇ ରହିଥିବା ବିରଚନାଗୁଡ଼ିକୁ ତାହା ଭିନ୍ନ ଭିନ୍ନ ଭାବରେ ଅଭିବ୍ୟକ୍ତ କରି ଆଣିବାକୁ ଚେଷ୍ଟା କରିଥାଏ । କେବଳ ବାହ୍ୟ ଜୀବନର କ୍ଷେତ୍ରଟିରେହିଁ ସେମାନଙ୍କର ସ୍ୱତଃସ୍ଫୂର୍ତ୍ତି ଭାବରେ ସୌନ୍ଦର୍ଯ୍ୟ ଲାଗି ଏକ ସମ୍ବେଦନଶୀଳ ବୋଧ ରହିଥାଏ । ଉଦାହରଣସ୍ୱରୂପ, ଗୋଟିଏ କଥା ଆମକୁ ଇଉରୋପରେ ଅତି କ୍ୱଚିତ୍ ଦେଖିବାକୁ ମିଳେ, ମାତ୍ର ଜାପାନରେ ସବୁବେଳେ, ପ୍ରାୟ ପ୍ରତିଦିନ ଦେଖିବାକୁ ମିଳିଥାଏ : ଅତି ସାଧାରଣ ଲୋକମାନେ, ଶ୍ରମିକଶ୍ରେଣୀର ଓ ଏପରିକି କୃଷକଶ୍ରେଣୀର ଲୋକମାନେ ମଧ୍ୟ ଯେଉଁଠାରେ ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବାକୁ ପାଆନ୍ତି, ସେଇଠାକୁ ବିଶ୍ରାମ ନେବାକୁ ଯାଆନ୍ତି ବା ଅବସରବିନୋଦନ ପାଇଁ ଯାଇଥାନ୍ତି । ଇଉରୋପୀୟ ଦେଶର ଲୋକମାନେ ଯେପରି ସମୟ ପାଇଲେ ତାସ ଖେଳି ଅଥବା ମନ ବହଲାଇବାର ଆଉଗୋଟାଏ କିଛି କରି ସମୟ କଟାନ୍ତି, ଜାପାନୀମାନେ ତାହା ଅପେକ୍ଷା ଏହିଥିରୁହିଁ ପ୍ରକୃତରେ ଅନେକ ଅଧିକ ଆନନ୍ଦ ପାଇଥାନ୍ତି । ବେଳେବେଳେ ସେମାନଙ୍କୁ ଦଳ ଦଳ ହୋଇ ରାସ୍ତାରେ ଯାଉଥିବାର ଦେଖିବାକୁ ମିଳେ, ବା ଆଉ ବେଳେବେଳେ ଟ୍ରେନ୍ ବା ଟ୍ରାମ୍ ଚଢ଼ି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଉଥିବାର ବି ଦେଖିବାକୁ ମିଳେ;— ତା'ପରେ ସେଠାରୁ ଚାଲିଚାଲି ଏପରି ଗୋଟିଏ ଜାଗାକୁ ଯାଆନ୍ତି, ଯେଉଁଠାରୁ ଖୁବ୍ ଭଲ ଭାବରେ ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିହୁଏ । ତା'ପରେ, ଏହି ସ୍ଥାନରେ ଗୋଟିଏ ଶ୍ରେଷ୍ଠ ଘର ବି ରହିଥାଏ, ଯେଉଁଟିକି ଏହିପରି ଗୋଟିଏ ପ୍ରାକୃତିକ ବାତାବରଣରେ ଚମତ୍କାର ଖାପ ଖାଇ ଯାଉଥାଏ; ସ୍ନାନ ପ୍ଲାଟ୍‌ଫର୍ମ ପରି ଗୋଟିଏ କିଛି ଥାଏ, ଯେଉଁଠାରେ ଯାଇ ବସି ହୁଏ । ବାସ୍, ତା'ପରେ ହାତରେ କପେ ଚାହା ନେଇ ପ୍ରାକୃତିକ ଦୃଶ୍ୟଟିକୁ ଦେଖିବାକୁ ହୁଏ । ଜାପାନୀମାନଙ୍କ ପାଇଁ ଏଇଟି ହେଉଛି ଉପଭୋଗର ସର୍ବଶ୍ରେଷ୍ଠ ଉପାୟ, ସେମାନେ ଏହାଠାରୁ ରମଣୀୟ ଆଉ କିଛିହେଲେ ଜାଣି ନଥାନ୍ତି । କଳାକାରଙ୍କ ମଧ୍ୟରେ, ଶିକ୍ଷିତ ଓ ମାର୍ଜିତ ଲୋକମାନଙ୍କ ଭିତରେ ଏହି ପ୍ରବୃତ୍ତିଟି ରହିଥିଲେ ସେକଥା ବେଶ୍ ବୁଝିହୁଏ; ମାତ୍ର ମୁଁ ଏଠାରେ ଅତ୍ୟନ୍ତ ସାଧାରଣଶ୍ରେଣୀୟ ଲୋକମାନଙ୍କ କଥା କହୁଛି, ଦରିଦ୍ର ଲୋକମାନଙ୍କ କଥା କହୁଛି, ଯେଉଁମାନେ କି ବିଶ୍ରାମ ନେବା ଅଥବା ଘରେ ଚିତ୍ତବିନୋଦନ କରିବା ଅପେକ୍ଷା ଏପରି କରିବାକୁ ଅଧିକ ଭଲ ପାଆନ୍ତି । ସେମାନଙ୍କ ପାଇଁ ଏହାହିଁ ସବୁଠାରୁ ଅଧିକ ଆନନ୍ଦଦାୟକ ହୋଇ ରହିଥାଏ ।

ଏବଂ, ସେହି ଦେଶରେ, ପ୍ରତ୍ୟେକ ଋତୁ ଲାଗି, ନିର୍ଦ୍ଦିଷ୍ଟ ଜଣାଶୁଣା ଜାଗାମାନ ନିର୍ଦ୍ଧାରିତ ହୋଇ ରହିଥାଏ । ଉଦାହରଣସ୍ୱରୂପ, ଶରତ ଋତୁରେ ପତର ଲାଲ ପଡ଼ିଯାଏ; ଜାପାନରେ ମ୍ୟାପ୍‌ଲ୍ ଗଛ ବହୁ ସଂଖ୍ୟାରେ ରହିଛି (ଶରତ ଋତୁରେ ଏଗୁଡ଼ିକର ପତ୍ର କେତେପ୍ରକାର ଉଜ୍ଜ୍ୱଳ ଲାଲବର୍ଣ୍ଣର ଶୋଭା ଧାରଣ କରେ, ତାହା

'oaob.nitrkl.ac.in' images reprocessed

ପ୍ରକୃତରେ ଏକ ଅତ୍ୟନ୍ତ ଚମତ୍କାର କଥା), ତେଣୁ ସେମାନେ ଉଦାହରଣସ୍ୱରୂପ କୌଣସି ମନ୍ଦିର ପାଖରେ ଗୋଟିଏ ସ୍ଥାନ ଠିକ୍ କରି ନଥନ୍ତି, ସେହି ମନ୍ଦିରଟି ହୁଏତ କୌଣସି ପର୍ବତ ଉପରେ ଥାଏ ଏବଂ ସମସ୍ତ ପର୍ବତ ମ୍ୟାପଲ୍ ଗଛରେ ଭର୍ତ୍ତି ହୋଇ ରହିଥାଏ । ଗୋଟିଏ ପାହାଚବାଟ ଥାଏ, ଯାହାକି ସିଧା ଉପରକୁ ଉଠି ଯାଇଥାଏ, ଠିକ୍ ଗୋଟିଏ ଶିଡ଼ି ପରି ଦେଖା ଯାଉଥାଏ । ତାହା ଏପରି ଠିଆ ହୋଇ ଉପରକୁ ଯାଇଥାଏ ଯେ, ଉପରେ ପ୍ରକୃତରେ କ'ଣ ଅଛି ବା ନାହିଁ, ତଳୁ ସେକଥା ଆଦୌ କିଛି ଦେଖି ହୁଏ ନାହିଁ । ଗୋଟାଏ ଶିଡ଼ି ସତେ ଅବା ସିଧା ଆକାଶ ଭିତରକୁ ଉଠି ଯାଇଥିବା ପରି ଲାଗିଥାଏ । ପାହାଚବାଟଟି ପଥରରେ ଖୁବ ସୁନ୍ଦର କରି ତିଆରି ହୋଇଥାଏ, ଠିଆ ଭାବରେ ଉପରକୁ ଉଠି ସତେଅବା ଆକାଶ ମଧ୍ୟରେ କେଉଁଠି ଅଦୃଶ୍ୟ ହୋଇ ଯାଇଥାଏ । ମେଘମାନେ ଆସୁଥାନ୍ତି, ଯାଉଥାନ୍ତି ଏବଂ ପର୍ବତର ଦୁଇପାଖ ଯାକ ମ୍ୟାପଲ୍ ଗଛରେ ଭର୍ତ୍ତିହୋଇ ରହିଥାଏ ଏବଂ ଏହି ଗଛଗୁଡ଼ିକ ଏକ କଳ୍ପନାତୀତ ବର୍ଣ୍ଣାଢ୍ୟ ଶୋଭା ଧାରଣ କରି ରହିଥାନ୍ତି । ଏକଥା ବେଶ୍ ଭଲ ଭାବରେ ବୁଝି ହେଉଛି ଯେ ଜଣେ କଳାକାର ଯଦି ସେହିଭଳି ଗୋଟିଏ ସ୍ଥାନକୁ ଯିବ, ତେବେ ସେ ସେଠାରୁ ସମ୍ପୂର୍ଣ୍ଣ ଭାବରେ ମନୋମୁଗ୍ଧକର ଏକ ସୌନ୍ଦର୍ଯ୍ୟର ଭାବପ୍ରେରଣା ନିଶ୍ଚୟ ଲାଭ କରିବ । ମାତ୍ର ସେଠାରେ ଦେଖାଯାଏ ଯେ ଖୁବ ସାନ ସାନ ପିଲା, ଏପରିକି ସାଙ୍ଗରେ ପିଲାଟିଏ କାନ୍ଧରେ ବସାଇଥିବା ପରିବାରମାନେ ମଧ୍ୟ ସେଠାକୁ ଦଳ ଦଳ ହୋଇ ଯାଉଛନ୍ତି । ସେମାନେ ସମସ୍ତେ ଶରତ ଋତୁରେ ସେଠାକୁ ଯାଆନ୍ତି । ବସନ୍ତ ଋତୁ ଆସିଲେ ଆଉ କୋଉଠିକୁ ଯାଆନ୍ତି ।

ଟୋକିଓ ସହରର ଅତ୍ୟନ୍ତ ନିକଟରେ ବଗିଚାଟିଏ ଅଛି ଯେଉଁଠାରେ ଆଇରିସ୍ ଫୁଲର ଚାଷ କରାଯାଏ । ସେଠାରେ ସାନ ସାନ କେତେ ନଈ ରହିଛନ୍ତି ଏବଂ ନଈଗୁଡ଼ିକର ଦୁଇ କୂଳରେ ହଜାରରେ ସମ୍ଭବ ସବୁ ରଙ୍ଗର ଆଇରିସ୍ ଫୁଲର ଚାଷ କରାହୋଇଛି ଏବଂ ସେଗୁଡ଼ିକୁ ରଙ୍ଗ ଅନୁସାରେ ସଜ୍ଜିତ କରି ଲଗାହୋଇଛି । ଏପରି ଏକ ଭାବରେ ଲଗାହୋଇଛି ଯେ ଉଦ୍ୟାନଟି ଭିତରକୁ ପଶିଗଲା ମାତ୍ରକେ ସେଗୁଡ଼ିକୁ ଦେଖି ଆଖି ଝଲସି ଉଠିବ; ସିଧା ହୋଇ ମୁଣ୍ଡ ଟେକି ଠିଆ ହୋଇଥିବା ଏହିସବୁ ଫୁଲରୁ ରଙ୍ଗର ଏକ ଔଜ୍ଜ୍ୱଲ୍ୟ ଚମକ ଉଠୁଥିଲା ପରି ମନେ ହେଉଛି । ଫୁଲ ବୋଲି ଫୁଲ,—ଏକାବେଳେକେ ଗଦା ଗଦା ଫୁଲ—ଆଖି ଯେଉଁଯାଏ ପାଇବ, ସେଯାଏ ପ୍ରସାରିତ ହୋଇ ରହିଥିବା ଫୁଲ ଦାଉଦାଉ ହୋଇ ଜଳୁଛନ୍ତି । ବର୍ଷର ଆଉ ଏକ ସମୟରେ, ବସନ୍ତ ଋତୁ ଠିକ୍ ଆରମ୍ଭ ହେଲା ବେଳକୁ (ବସନ୍ତ ଋତୁ ସେଠାରେ ଟିକିଏ ଚଞ୍ଚଳ ଆସେ) ସେଠାରେ ପ୍ରଥମେ ଚେରିଗଛମାନଙ୍କର ପାଳି ଆସେ । ଏହିସବୁ ଚେରିଗଛରେ କେବେ ଫଳ ଧରେ ନାହିଁ, କେବଳ ଫୁଲ ପାଇଁ

'oaob.nitrkl.ac.in' images reprocessed

ଏଗୁଡ଼ିକୁ ଲଗା ହୋଇଥାଏ । ଏହି ଫୁଲର ଧଳାଠାରୁ ଆରମ୍ଭ କରି ଗୋଲାପୀ ପର୍ଯ୍ୟନ୍ତ କେତେ କେତେ ରଙ୍ଗ,—ହଁ, ଉଜ୍ଜ୍ୱଳ ଗୋଲାପୀ ରଙ୍ଗର ବି ଗୋଟାଏ କିସମ ରହିଛି । ଗୋଟାଏ ଗୋଟାଏ ଲମ୍ବା ରାସ୍ତା ରହିଛି, ଯେଉଁଠି କି ରାସ୍ତାର ଦୁଇ ପାଖରେ ଏମୁଣ୍ଡରୁ ସେମୁଣ୍ଡଯାଏ ଚେରିଗଛ ଲାଗିଛି,—ସବୁଯାକ ଗଛରେ ଗୋଲାପୀ ଫୁଲ ଫୁଟିଛି । ଏତେ ବଡ଼ ବଡ଼ ଗଛ, ଫୁଲ ଲଦି ହୋଇ ଗୋଟାସୁଦ୍ଧା ଗୋଲାପୀ ବର୍ଣ୍ଣ ଧାରଣ କରିଛି । ଗୋଟାଏ ଗୋଟାଏ ପୂରା ପାହାଡ଼ ଅଛି, ଯୋଉଗୁଡ଼ାକ କି କେବଳ ଚେରିଗଛ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି । ହଁ, ପୁଣି ସାନ ନଦୀଗୁଡ଼ିକ ଉପରେ ପୋଲମାନ ତିଆରି ହୋଇଛି, ଯେଉଁଗୁଡ଼ାକ କି ଖାଲି ଲାଲ ଦେଖାଯାଉଛି । ଗୋଲାପୀ ଚେରିଫୁଲର ବର୍ଣ୍ଣାବେଶ ମଧ୍ୟରେ ନାଲିରଙ୍ଗର ଏହି ପୋଲଗୁଡ଼ିକ, ପୁଣି ତଳେ ଗୋଟିଏ ବଡ଼ ନଈ ବୋହିଯାଉଛି ଓ ଆଗରେ ସତେଅବା ଆକାଶ ମଧ୍ୟକୁ ଭେଦି ରହିଥିବା ପରି ପାହାଡ଼ଟିଏ ଠିଆ ହୋଇଛି । ଜାପାନୀମାନେ ବସନ୍ତ ଋତୁରେ ଏହି ସ୍ଥାନଟିକୁ ଯାଆନ୍ତି··· । ପ୍ରତ୍ୟେକ ଋତୁ ପାଇଁ ଅଲଗା ଅଲଗା ଫୁଲ ରହିଛି ଏବଂ ପ୍ରତ୍ୟେକ ଫୁଲ ପାଇଁ ଅଲଗା ଅଲଗା ଉଦ୍ୟାନ ମଧ୍ୟ ରହିଛି ।

ଏବଂ ସତେଅବା ଗୋଟିଏ ଘରୁ ବାହାରି ଆଉଗୋଟିଏ ଘରକୁ ଯିବା ପରି ସେଠି ଖୁବ ସହଜରେ ଲୋକମାନେ ରେଲଗାଡ଼ି ଚଢ଼ି ଗୋଟିଏ ଜାଗାରୁ ଆଉଗୋଟିଏ ଜାଗାକୁ ଯାଇପାରନ୍ତି । ସାଙ୍ଗରେ ସାନ ପୁଡ଼ାଟିଏ, ଏହିପରି ପୁଡ଼ାଟିଏ, ନେଇ ଯାଇଥାନ୍ତି,—ସେହି ପୁଡ଼ାରେ ବଦଳିବାକୁ ଲୁଗା ରହିଥାଏ—ସେମାନଙ୍କ ଲାଗି ସେତିକ ସାଙ୍ଗରେ ନେଲେ ଯଥେଷ୍ଟ ହୁଏ । ସେମାନେ ଗୋଡ଼ରେ ଦଉଡ଼ି କିଂବା ଘୋଟର ଚପଲ ପିନ୍ଧିଥାନ୍ତି; ସେଗୁଡ଼ାକ ଖଲୁରି ନଷ୍ଟ ହୋଇଗଲେ ସେମାନେ ତାକୁ ଫୋପାଡ଼ି ଦିଅନ୍ତି ଏବଂ ଆଉ ସାରେ ବ୍ୟବହାର କରନ୍ତି । କାରଣ ଏଥିପାଇଁ ସେମାନଙ୍କୁ ଆଦୌ କିଛିହେଲେ ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ସେମାନଙ୍କର ତମାମ ଜୀବନଟି ଏହିପରି ହୋଇ ରହିଥାଏ । ରୁମାଲଗୁଡ଼ିକ କାଗଜରେ ତିଆରି ହୋଇଥାଏ, ବ୍ୟବହାର କରିବା ପରେ ସେଗୁଡ଼ିକ ମଧ୍ୟ ସେମାନେ ଫୋପାଡ଼ି ଦିଅନ୍ତି—ଇତ୍ୟାଦି, ଇତ୍ୟାଦି । କୌଣସି ବସ୍ତୁକୁ ସେମାନେ ଆପଣା ଉପରେ ଗୋଟାଏ ବୋଝ କରି ରଖିବାକୁ ମୋଟେ ଇଚ୍ଛା କରନ୍ତି ନାହିଁ । ରେଲଗାଡ଼ିରେ ବସି ଯାଉଥିବା ସମୟରେ, ବାଟରେ ଷ୍ଟେସନମାନଙ୍କରେ ବାକ୍ସଗୁଡ଼ିକ ଭିତରେ ଅଳ୍ପପରିମାଣ ଆହାରମାନ ବିକି ହେଉଥାଏ (ସେସବୁ କେତେ ସଫା ଥାଏ, କେତେ ଯତ୍ନରେ ବନ୍ଧା ହୋଇଥାଏ), ଧଳା କାଠରେ ତିଆରି ବାକ୍ସଗୁଡ଼ିକରେ ମିତ ପରିମାଣର ଆହାର ବନ୍ଧାହୋଇ ରହିଥାଏ, ସାଙ୍ଗରେ ଖାଇବା କାଠିମାନ ମଧ୍ୟ ତାହାରି ଭିତରେ ଦିଆ ଯାଇଥାଏ । ସତେଯେପରି ଏଗୁଡ଼ାକର ଅର୍ଦ୍ଧେ

'oaob.nitrkl.ac.in' images reprocessed

କୌଣସି ଦାମ୍ ନାହିଁ, କାମ ସରିବା ମାତ୍ରକେ ସେଗୁଡ଼ିକୁ ଫିଙ୍ଗିଦେବାକୁ ହୁଏ, ତା' ବିଷୟରେ ଆଉ କିଛିହେଲେ ଭାବିବାକୁ ଅଥବା ବ୍ୟସ୍ତ ହେବାକୁ ପଡ଼େ ନାହିଁ । ଜାପାନୀମାନେ ଠିକ୍ ଏହିପରି ଭାବରେ ଜୀବନଟିକୁ ବଞ୍ଚନ୍ତି । ଯଦି ସେମାନଙ୍କର ନିଜର ଗୋଟିଏ ଉଦ୍ୟାନ ବା ପାର୍କ ଥାଏ, ତେବେ ସେମାନେ ସେଥିରେ ଗଛ ଲଗାନ୍ତି ଏବଂ ସେମାନେ ସେହି ଗଛଗୁଡ଼ିକୁ ଏପରି ଏକ ସ୍ଥାନରେ ଲଗାନ୍ତି, ଯେଉଁଠାରେ କି, ଯେତେବେଳେ ସେଗୁଡ଼ିକ ବଡ଼ ଗଛ ହୋଇଯିବ, ସେତେବେଳେ ତାହା ଏକ ପ୍ରାକୃତିକ ଦୃଶ୍ୟ ସୃଷ୍ଟି କରିପାରିବ, ଏକ ପ୍ରାକୃତିକ ଦୃଶ୍ୟ ଭିତରେ ସମ୍ପୂର୍ଣ୍ଣ ଭାବରେ ଖାପ ଖାଇଯାଇ ପାରିବ । ତେଣୁ ଗଛଟି ଏକ ନିର୍ଦ୍ଦିଷ୍ଟ ଆକାରରେ ବଢ଼ୁ ବୋଲି ସେମାନେ ଇଚ୍ଛା କରନ୍ତି, ସେହି ଅନୁସାରେ ସେମାନେ ସେଇଟିକୁ କାଟି ଦେଉଥାନ୍ତି, ବାଗେଇ ଦେଉଥାନ୍ତି, ସେମାନେ ତାକୁ ଯେତେପ୍ରକାର ଆକାର ଦେବାକୁ ଇଚ୍ଛା କରୁଥାନ୍ତି, ତାହା ଦେଇପାରନ୍ତି । ତେଣୁ ସେଠାରେ ଅଦ୍ଭୁତ ଆକାରବିଶିଷ୍ଟ କେତେ କେତେ ଗଛ ଦେଖିବାକୁ ମିଳେ; ସେଗୁଡ଼ିକରୁ ସେମାନେ ଅନାବଶ୍ୟକ ଡାଳଗୁଡ଼ିକୁ କାଟି ପକାଇଥାନ୍ତି, ଅନ୍ୟ ଡାଳଗୁଡ଼ିକୁ ଭଲ ଭାବରେ ବଢ଼ିବାକୁ ଦେଇଥାନ୍ତି, ନିଜର ରୁଚି ଓ ପସନ୍ଦ ଅନୁସାରେ ସେଥିରୁ କେତେ ଭଲ ଆକାର ବାହାର କରିଥାନ୍ତି । ଏହା ଫଳରେ ତୁମେ ଏପରି ଏକ ସ୍ଥାନରେ ଆସି ପହଞ୍ଚ, ଯେଉଁଠାରେ କି ଜଣେ ଲୋକ ତା'ର ଘର ତିଆରି କରି ରହିଥାଏ, ଏବଂ ସେହି ଘରଟି ସମ୍ପୂର୍ଣ୍ଣ ଭାବରେ ସେଠାରେ ଥିବା ସମଗ୍ର ପ୍ରାକୃତିକ ଦୃଶ୍ୟ ସହିତ ଖାପ ଖାଇ ଯାଇଥିବା ପରି ବୋଧ ହେଉଥାଏ । ତାହାର ଠିକ୍ ସେହି ରଙ୍ଗଟି ରହିଥାଏ, ଠିକ୍ ସେହିସବୁ ସାମଗ୍ରୀ ଦେଇ ତିଆରି ହୋଇଥାଏ, ମୁହଁ ଉପରେ କୋଉଠୁ ଗୋଟାଏ କ'ଣ ଆସି ବାଜି ଯାଉଥିବା ପରି ମୋଟେ ମନେ ହୁଏ ନାହିଁ; ଇଉରୋପର ସେହି ଅଟ୍ଟାଳିକାମାନ ପରି ମୋଟେ ଦିଶେ ନାହିଁ, ଯାହାକି ସମଗ୍ର ପ୍ରାକୃତିକ ଦୃଶ୍ୟଟିକୁ କେବଳ ନଷ୍ଟ କରିଦେବାରେହିଁ ସହାୟକ ହୋଇଥାନ୍ତି । ଘରଟି ଠିକ୍ ଯେଉଁଠି ରହିବା ଉଚିତ ସେହିଠାରେ ରହିଥାଏ, ଗଛଗୁଡ଼ିକ ତଳେ ଲୁଚି କରି ରହିଥାଏ; ତା'ପରେ ଗୋଟାଏ ଲହଡ଼ା ଆସି ତୁମ ଆଖିରେ ପଡ଼ିଯାଏ ଓ ତା'ପରେ ହଠାତ୍ ଏକ ଅଦ୍ଭୁତ ଶୋଭାମୟ ଦୃଶ୍ୟ ଦେଖିବାକୁ ମିଳେ । ସେଇଟି ମଧ୍ୟ ଆପଣାର ଯଥାର୍ଥ ଆକୃତିରେ ଯଥାର୍ଥ ସ୍ଥାନରେ ଅବସ୍ଥିତ ରହିଥାଏ । ଜାପାନ ଦେଶରେ ମୁଁ ସବୁକିଛି ଶିଖିଥିଲି; ଏକ କଳାତ୍ମକ ଦୃଷ୍ଟିରୁ ବିଚାର କରି ଦେଖିଲେ ସେଠାରେ ମୁଁ ଚାରି ବର୍ଷ କାଳ ଗୋଟାଏ ବସ୍ତୁରୁ ଆଉଗୋଟିଏ ବସ୍ତୁ ମଧ୍ୟକୁ ପରିଚାଳିତ ହୋଇ ଯାଉଥିବା ପରି ଜୀବନ ଅତିବାହିତ କରିଥିଲି ।

ଏବଂ ତା'ପରେ ସହରଗୁଡ଼ିକର କଥା । ଉଦାହରଣସ୍ୱରୂପ ପୃଥିବୀର ବୃହତ୍ତମ ସହର ଟୋକିଓର କଥା । ଟୋକିଓ ହେଉଛି ଲଣ୍ଡନଠାରୁ ମଧ୍ୟ ବଡ଼ ଏବଂ

'oaob.nitrkl.ac.in' images reprocessed

ସମସ୍ତ ସହରଟି ଉପକଣ୍ଠବର୍ତ୍ତୀ କେତେ ଅଞ୍ଚଳକୁ ପ୍ରସାରିତ ହୋଇ ରହିଛି (ବର୍ତ୍ତମାନ ଘରଗୁଡ଼ିକ ଆଧୁନିକ ଧରଣରେ ତିଆରି ହେଲଣି, ସହରର ସମସ୍ତ କେନ୍ଦ୍ରଟି ଖୁବ ଅରୁଚିକର ହୋଇ ପଡ଼ିଲଣି; ମାତ୍ର ଯେତେବେଳେ ମୁଁ ସେଠାରେ ରହୁଥିଲି, ସେତେବେଳେ ତାହା ତଥାପି ଖୁବ ସୁନ୍ଦର ହୋଇ ରହିଥିଲା), ସେହି ଅଞ୍ଚଳରେ ବେପାର କାରବାର କିଛି ହୁଏ ନାହିଁ ଓ ସେଠାରେ ପ୍ରତ୍ୟେକ ଘରେ ଖୁବ୍ ବେଶୀ ହେଲେ ଦୁଇଟି ମହଲା ରହିଥାଏ ଏବଂ ଗୋଟିଏ ବଗିଚା ରହିଥାଏ । ବଗିଚାଟିଏ ସବୁବେଳେ ଥାଏ, ଗୋଟିଏ ବା ଦୁଇଟି ଗଛ ଥାଏ, ଯେଉଁଗୁଡ଼ିକ ଦେଖିବାକୁ ପ୍ରକୃତରେ ଭାରି କମନୀୟ, ଖୁବ ସୁନ୍ଦର । ଏବଂ ତାପରେ, ତୁମର ଯଦି କୁଆଡ଼େ ବୁଲିଯିବାକୁ ମନ ହେବ,...ଟୋକିଓ ସହରରେ ବାଟ ଖୋଜି ପାଇବା ବଡ଼ କଷ୍ଟକର । ସେଠି କୌଣସି ସିଧା ରାସ୍ତା ନାହିଁ, ନମ୍ବର ଦିଆ ହୋଇଥିବା ଦୁଇଧାଡ଼ି ଘର ବି ରାସ୍ତାକଡ଼ରେ ନାହିଁ ଏବଂ ତେଣୁ ସେଠାରେ ଭାରି ସହଜରେ ରାସ୍ତା ଭୁଲ ହୋଇଯାଏ । ତା'ପରେ ତୁମେ ଭୁଆଁ ବୁଲିବାରେ ଲାଗିଥାଅ,—ସେହି ଦେଶରେ ସବୁବେଳେହିଁ ସେହିପରି ଭୁଆଁ ବୁଲିବାକୁ ଭଲ ଲାଗେ,—ଏହିପରି ଭୁଆଁ ବୁଲୁବୁଲୁ ଗୋଟାଏ ରାସ୍ତାର କଣରେ ବୁଲିପଡ଼ିଲା ମାତ୍ରକେ ତୁମେ ହଠାତ୍ ଯେପରି ଏକ ନନ୍ଦନ କାନନ ଭିତରେ ଆସି ପହଞ୍ଚିଯାଅ । ସେଠି କେତେ ସୁନ୍ଦର ଗଛମାନ ଠିଆ ହୋଇ ରହିଥାନ୍ତି, ଗୋଟିଏ ମନ୍ଦିର ବି ଥାଏ, ଯାହାର ଅନ୍ୟ ପ୍ରତ୍ୟେକ ଜିନିଷ ପରି ସମାନ ଭାବରେ ସୁନ୍ଦର ଦେଖା ଯାଉଥାଏ,—ଆଉ ସହରର କିଛିହେଲେ ନଜରରେ ପଡ଼େ ନାହିଁ । ମଣିଷ ଭିଡ଼ର ଯାତାୟାତ ନଥାଏ, ଟ୍ରାମ୍‌ରାସ୍ତା ନଥାଏ, କେବଳ ଅଦ୍ଭୁତ ଭାବରେ ବର୍ଣ୍ଣାଢ଼୍ୟ ହୋଇ ରହିଥିବା କେତେଗୁଡ଼ିଏ ଗଛ ଗୋଟିଏ ନିଭୃତ ଅନ୍ତରାଳ ସୃଷ୍ଟି କରି ରଖିଥାନ୍ତି—ଏବଂ ସେହି ଅନ୍ତରାଳଟି ମଧ୍ୟ ଯାବତୀୟ ଅନ୍ୟ ଜିନିଷ ପରି ସମାନ ଭାବରେ ସୁନ୍ଦର ହୋଇ ରହିଥାଏ । ତୁମେ ଯେ କେଉଁ ବାଟରେ ଆସି ସେଠାରେ ପହଞ୍ଚିଲ, ସେବିଷୟରେ ତୁମର କିଛି ଧାରଣା ନଥାଏ; ସତେଅବା ସମ୍ପୂର୍ଣ୍ଣ ଆକସ୍ମିକ ଭାବରେ ସେଠାରେ ଆସି ପହଞ୍ଚି ଯାଇଥିବା ପରି ମନେ ହେଉଥାଏ । ଏବଂ ତା'ପରେ ତୁମେ ପୁଣି ବୁଲିଯାଅ, ନିଜର ବାଟଟିକୁ ଖୋଜିବାରେ ଲାଗ, ବୁଲିବୁଲି ହୁଏତ ଆଉ ଗୋଟିଏ ଅନ୍ୟ ଜାଗାରେ ଯାଇ ପହଞ୍ଚ । ଏବଂ, ପୁଣି କେତେଦିନ ପରେ ତୁମେ ସେଇ ଜାଗାଟିକୁ ଆଉ ଥରେ ଆସିବା ଲାଗି ଇଚ୍ଛା କର, ମାତ୍ର ସେକଥା ଆଉ ସମ୍ଭବ ହୋଇ ପାରେ ନାହିଁ, ସେହି ସ୍ଥାନଟି ସତେଯେପରି କୁଆଡ଼େ ଉଭେଇ ଯାଇଥାଏ । ଏବଂ, ଏପରି ଅନେକ ସମୟରେ ଏହି ଘଟଣା ଘଟେ ଓ ପ୍ରକୃତରେ ଘଟେ ଯେ ଜାପାନରେ ଲୋକେ ଅଧିକାଂଶ ସମୟରେ ଏହିପରି କାହାଣୀମାନ କହିଥାନ୍ତି । ସେମାନଙ୍କର ସାହିତ୍ୟରେ ପର୍ଯ୍ୟାପ୍ତ ଭର୍ତ୍ତି ହୋଇ ରହିଛି । ସେହି ଗପଗୁଡ଼ିକରେ ନାୟକ ହଠାତ୍ ଆସି ଏକ ଅତିରମଣୀୟ ସ୍ଥାନରେ ପହଞ୍ଚିଯାଏ, ଯିଏ

'oaob.nitrkl.ac.in' images reprocessed

ପକ୍ଷୀମାନଙ୍କୁ ଦେଖେ, ଅଦ୍ଭୁତ ପ୍ରାଣୀମାନଙ୍କୁ ଦେଖିବାକୁ ପାଏ; ଫୁଲ ଓ ସଙ୍ଗୀତ ଗହଣରେ ସିଏ ମାଦକତା ଭାବରେ ଘଣ୍ଟାଘଣ୍ଟା କଟାଏ, ସବୁକିଛି ମନୋହର ହୋଇ ରହିଥାଏ । ଏବଂ ତା' ପରଦିନହିଁ ତାକୁ ସେଠୁ ଚାଲିଯିବାକୁ ହୁଏ; ତାହାହିଁ ସେହି ଜାଗାର ନିୟମ ହୋଇ ରହିଥାଏ ଏବଂ ତେଣୁ ସେ ଚାଲିଯାଏ । ସେ ଫେରି ଆସିବାକୁ ଚେଷ୍ଟା କରେ, ମାତ୍ର ଆଉ ପାରେ ନାହିଁ । ସିଏ ଆଉ ସେହି ଜାଗାଟିକୁ ଖୋଜି କରି ପାଇ ପାରେ ନାହିଁ । ଜାଗାଟି ସେହିଠାରେ ଥିଲା, ସତେଅବା ଉଭେଇ ଗଲା ···ଏବଂ ଆରମ୍ଭରୁ ଶେଷଯାଏ ଏହି ସହରର ଓ ଏହି ଦେଶର ଯାବତୀୟ କଥା ତୁମର ମନରେ ଏକ ଅସ୍ଥାୟିତ୍ୱର ଆବେଶ ଆଣିହିଁ ଦେଇ ଯାଉଥାଏ, ଅପ୍ରତ୍ୟାଶିତର ଆବେଶ ଆଣି ଦେଇଯାଏ, ଅନନ୍ୟସାଧାରଣର ଆବେଶ ଆଣି ଦେଇଯାଏ । ତୁମେ ସର୍ବଦା ଏପରି ବସ୍ତୁଗୁଡ଼ିକ ପାଖରେ ଆସି ପହଞ୍ଚିଯାଅ, ଯାହାକୁ ଦେଖିବ ବୋଲି ତୁମେ ଆଦୌ କୌଣସି ପ୍ରତ୍ୟାଶା କରି ନଥିଲ । ତୁମେ ଆଉଥରେ ସେଗୁଡ଼ିକୁ ଖୋଜି ପାଇବା ଲାଗି ଇଚ୍ଛା କରୁଥାଅ, ଏବଂ ସେଗୁଡ଼ିକ କୁଆଡ଼େ ହଜି ଚାଲି ଯାଇଥାନ୍ତି । ସେଗୁଡ଼ିକର ସ୍ଥାନରେ ସେଗୁଡ଼ିକ ଆଉଗୋଟିଏ କ'ଣ ତିଆରି କରି ଦେଇଥାନ୍ତି, ଯାହାକି ସମାନ ଭାବରେ ଆକର୍ଷକ ହୋଇ ରହିଥାଏ । କଳାତ୍ମକ ରୁଚିର ଦୃଷ୍ଟିକୋଣରୁ, ସୌନ୍ଦର୍ଯ୍ୟର ଦୃଷ୍ଟିରୁ ଜାପାନର ସମକକ୍ଷ ହେଲା ଭଳି ଏଡ଼େ ସୁନ୍ଦର କୌଣସି ଅନ୍ୟ ଦେଶ ଅଛି ବୋଲି ମୁଁ ମୋଟେ ଭାବି ପାରୁ ନାହିଁ ।

ମୋର ବର୍ଣ୍ଣନାଟିକୁ ସମ୍ପୂର୍ଣ୍ଣ କରିବା ଲାଗି ମୁଁ ବର୍ତ୍ତମାନ ଏତିକି କହିବି ଯେ, ସେହି ଦେଶରେ ମୋର ସ୍ୱଳ୍ପ ବର୍ଷର ରହଣି ଭିତରେ ମୁଁ ଆଧୁନିକତାର ମଧ୍ୟ ଏକ ଅଭାବ ଦେଖିବାକୁ ପାଇଥିଲି, ଯାହାକି ଯଥାସମ୍ଭବ ଜୀବନର ସମ୍ପୂର୍ଣ୍ଣ କ୍ଷେତ୍ରଟିକୁ ଅଧିକାର କରି ବସିଥିଲା । ଜାପାନୀମାନଙ୍କ ଜୀବନରେ ଏକ ଚମତ୍କାର ନୈତିକ ଶୃଙ୍ଖଳା ରହିଛି, ସେମାନେ ବେଶ୍ କଠୋର ନୈତିକ ନିୟମଗୁଡ଼ିକୁ ମାନି ଜୀବନ ଯାପନ କରନ୍ତି, ଜୀବନ-ମାନଚିତ୍ରର ଅତିକ୍ଷୁଦ୍ର ଟିକିନିଖିଗୁଡ଼ିକରେ ମଧ୍ୟ ସେମାନଙ୍କର ଏକ ମାନସିକ ନିଖୁଣ ଧାରଣା ରହିଛି । ସେଠି ଏକ ନିର୍ଦ୍ଦିଷ୍ଟ ଭାବରେ ଖାଇବାକୁ ପଡ଼ିବ, ଅନ୍ୟ ଭାବରେ ହେଲେ ଆଦୌ ଚଳିବ ନାହିଁ; ଏକ ନିର୍ଦ୍ଦିଷ୍ଟ ଭାବରେ ମୁଣ୍ଡ ନୁଆଁଇବାକୁ ପଡ଼ିବ, ଅନ୍ୟ ଯେକୌଣସି ଭାବରେ ହେଲେ ମୋଟେ ଚଳିବ ନାହିଁ; କେତୋଟି ଖାସ୍ ଶବ୍ଦ ଉଚ୍ଚାରଣ କରିବାକୁ ହେବ, ଅନ୍ୟ କୌଣସି ଶବ୍ଦରେ କଦାପି କାମ ଚଳିବ ନାହିଁ । କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ସମ୍ବୋଧନ କରିବାବେଳେ ଏକ ନିର୍ଦ୍ଦିଷ୍ଟ ଭାବରେ ଆପଣାର ଭାବପ୍ରକାଶ କରିବାକୁ ହେବ, ଆଉ ଅନ୍ୟମାନଙ୍କ ସହିତ କଥା ହେଉଥିବା ବେଳେ ଅନ୍ୟପ୍ରକାରେ ଭାବପ୍ରକାଶ କରିବାକୁ ପଡ଼ିବ । ଯଦି କିଛି ଜିନିଷ କିଣିବା ଲାଗି କୌଣସି ଦୋକାନକୁ ଯିବାକୁ ହୁଏ, ତେବେ ଏକ ନିର୍ଦ୍ଦିଷ୍ଟ

'oaob.nitrkl.ac.in' images reprocessed

ବାକ୍ୟ ବ୍ୟବହାର କରିବାକୁ ପଡ଼ିବ; ସେଇଟିକୁ ବ୍ୟବହାର ନକଲେ ତୁମକୁ ତୁମେ ଗୃହୁଥିବା ଜିନଷଟିକୁ କେହି ଆଣି ଦେବେ ନାହିଁ । ସେମାନେ ତୁମ ଆଡ଼କୁ ଖାଲି ବିଦ୍ରୂପବ୍ୟଞ୍ଜିତ ଭାବରେ କଟମଟ କରି ଅନାଉଥିବେ, ମାତ୍ର ଏତେଟିକିଏ ବି ହଲିବେ ନାହିଁ । ମାତ୍ର ଯଦି ତୁମେ ଠିକ୍ ସେହି ଶବ୍ଦଟିକୁ ବ୍ୟବହାର କରିବ, ତେବେ ସେମାନେ ପରିପୂର୍ଣ୍ଣ ମନୋଯୋଗ ସହିତ ତୁମକୁ ସାହାଯ୍ୟ କରିବାକୁ ବାହାରି ଆସିବେ ଓ ଦରକାର ପଡ଼ିଲେ ତୁମର ବସିବା ପାଇଁ ଗୋଟିଏ କୁଶନ୍ ଆଣି ଯୋଗାଇଦେବେ ଏବଂ କପେ ଗ୍ରହା ବି ଆଣି ଦେବେ । ଏବଂ ସେଠାରେ ସବୁକିଛି ଠିକ୍ ଏହିପରି ଭାବରେ ଚଳେ । ମାତ୍ର ଏକଥା ବି ସତ ଯେ, ସେଠାରେ ଆଦୌ ଥରେ ସୁଦ୍ଧା ଏପରି ଏକ ଅନୁଭୂତି ହୁଏ ନାହିଁ ଯେ ତୁମେ ପ୍ରକୃତରେ ଭାରି ଚମତ୍କାର ଭାବରେ ସଂଗଠିତ ହୋଇ ରହିଥିବା ଏକ ମାନସିକ-ଭୌତିକ ରାଜ୍ୟ ବ୍ୟତୀତ ଆଉ ଅନ୍ୟକିଛିର ସଂସ୍ପର୍ଶରେ କେତେବେଳେ ଆସିବାର ଅବସର ପାଉଛ ! ଏବଂ ସେମାନଙ୍କ ଭିତରେ ପ୍ରକୃତରେ କେତେ ଶକ୍ତି ନରହିଛି ! ସେମାନଙ୍କର ସମସ୍ତ ପ୍ରାଣିକ ସତ୍ତାଟିହିଁ ଶକ୍ତିରେ ପରିଣତ ହୋଇ ରହିଛି । ସେମାନଙ୍କ ଭିତରେ ଏକ ଅସାଧାରଣ ସହିବା ଶକ୍ତି ରହିଛି ସତ, ମାତ୍ର କୌଣସି ପ୍ରତ୍ୟକ୍ଷ ଅଭୀପ୍ସା ନାହିଁ । କେବଳ ସ୍ୱୀକୃତ ନିୟମଟିର ପାଳନ କରିବାକୁ ପଡ଼ିବ, ପାଳନ କରିବାକୁ ବାଧ୍ୟ ରହିବାକୁ ପଡ଼ିବ । ଯଦି ସେହି ଦେଶରେ କେହି ନିୟମଗୁଡ଼ିକର ପାଳନ ନକରେ, ତେବେ ତୁମକୁ ଇଉରୋପୀୟମାନଙ୍କ ପରି ଏକ ଜୀବନକୁ ନେଇ ବଞ୍ଚିବାକୁ ହେବ । ଜାପାନରେ ଇଉରୋପୀୟମାନଙ୍କୁ ବର୍ବର ବୋଲି ବିଚାର କରାଯାଏ; ସେମାନେ ଯେପରି ଅନଧିକାର ପ୍ରବେଶ କରି ଆସି ସେଠି ପହଞ୍ଚିଛନ୍ତି, ସେହିପରି ଏକ ଦୃଷ୍ଟିରେ ସେମାନଙ୍କୁ ଦେଖାଯାଏ । ମାତ୍ର ଯଦି ଜାପାନୀମାନଙ୍କ ଭିତରେ ତୁମେ ଏକ ଜାପାନୀ ଜୀବନ ବଞ୍ଚିବା ଲାଗି ଇଚ୍ଛା କରୁଥାଅ, ତେବେ, ସେମାନେ ଯାହା ଯେପରି କରନ୍ତି, ତୁମକୁ ମଧ୍ୟ ଠିକ୍ ସେହିପରି ତାହାକୁହିଁ କରିବାକୁ ପଡ଼ିବ; ନହେଲେ ତୁମେ ସେମାନଙ୍କୁ ଏତେବେଶୀ ଅପ୍ରସନ୍ନ କରି ପକାଇବ ଯେ ସେମାନଙ୍କ ସହିତ କୌଣସି ପ୍ରକାର ସମ୍ବନ୍ଧ ରଖିବା ମଧ୍ୟ ତୁମ ପକ୍ଷରେ ଆଉ କଦାପି ସମ୍ଭବ ହେବ ନାହିଁ । ସେମାନଙ୍କର ଘରେ ତୁମକୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେହିଁ ରହିବାକୁ ପଡ଼ିବ, ସେମାନଙ୍କ ସହିତ ଦେଖାହେଲେ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ସେମାନଙ୍କୁ ସମ୍ବୋଧନ କରିବାକୁ ପଡ଼ିବ । ମୁଁ ଭାବୁଛି, ତୁମମାନଙ୍କୁ ମୁଁ ଜାପାନର ସେହି ବ୍ୟକ୍ତିଙ୍କ ବିଷୟରେ ଆଗରୁ ମଧ୍ୟ କହିଛି, ଯିଏକି ଆମର ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ ଏବଂ ଆପଣାର ଆତ୍ମାର ସଂପର୍କରେ ଆସିବାରେ ମୁଁ ଯାହାଙ୍କୁ ସାହାଯ୍ୟ କରିଥିଲି । ଏବଂ ସିଏ ଆମ ପାଖରୁ ଘୁଞ୍ଚି କୁଆଡ଼େ ପଳାଇଗଲେ । ସେ ଆମ ସହିତ ଗ୍ରାମାଞ୍ଚଳରେ ବାସ କରୁଥିଲେ ଏବଂ ମୁଁ ତାଙ୍କର ଚୈତ୍ୟସତ୍ତା ସହିତ ତାଙ୍କ ସଂପର୍କ କରାଇ ଦେଇଥିଲି । ତାଙ୍କର ଏହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଅନୁରୂପ ଅନୁଭୂତିଟି ହୋଇଥିଲା, ଏକ ସତ୍ୟୋଭାସ ଓ ଏକ ସ୍ପର୍ଶ ଘଟିଥିଲା, ଆଖି ଝଲସାଇ ଦେଉଥିବା ଏକ ଅନ୍ତର୍ଗତ ସମ୍ପର୍କ ଘଟିଥିଲା । ଏବଂ ତହିଁ ଆରଦିନ ସକାଳୁ ସିଏ ଆଉ ସେଠାରେ ନଥିଲେ, ସେ ସେଠାରୁ ପଳାଇ ଯାଇଥିଲେ । ପରେ, ଛୁଟି ସରିବାରୁ ଯେତେବେଳେ ସହରରେ ମୋର ତାଙ୍କ ସହିତ ଦେଖା ହେଲା, ମୁଁ ତାଙ୍କୁ ପଚାରିଲି, "ମାନେ ଆପଣଙ୍କର ହେଲା କ'ଣ ? ଆପଣ କାହିଁକି ସେଠାରୁ ଚାଲି ଆସିଲେ ?"—"ହଁ ! ଆପଣ ବୁଝିଲେ, ମୁଁ ମୋର ଆତ୍ମାକୁ ଆବିଷ୍କାର କଲି ଏବଂ ଦେଖିଲି ଯେ ଦେଶ ଉପରେ ଓ ମିକାଡ଼ୋଙ୍କ ଉପରେ ମୋର ଯେଉଁ ବିଶ୍ୱାସ ରହିଛି, ଏହି ଆତ୍ମା ତାହାଠାରୁ ଅଧିକ ଶକ୍ତିଶାଳୀ । ମୋତେ ଯଦି ମୋର ଆତ୍ମାର ନିର୍ଦ୍ଦେଶ ମାନିବାକୁ ପଡ଼ିଥାନ୍ତା, ଯେବେ ମୁଁ ଆଉ କଦାପି ମୋ ସମ୍ରାଟ୍‌ଙ୍କର ଜଣେ ଅନୁଗତ ପ୍ରଜା ହୋଇ ରହି ପାରି ନଥାନ୍ତି । ସେହି କାରଣରୁହିଁ ମୁଁ ସେଠାରୁ ପଳାଇ ଆସିଲି ।" ତୁମେମାନେ ଦେଖିଲ ? ଏହିସବୁ କଥା ଅତ୍ୟନ୍ତ ପ୍ରାମାଣିକ ଭାବରେ ସତ୍ୟ ।

## ବଡ଼ ବଡ଼ କଳାକାରମାନେ କାହିଁକି ଗୋଟିଏ ଦେଶରେ ଗୋଟିଏ ସମୟରେ ଜନ୍ମଗ୍ରହଣ କରନ୍ତି ?

ଯେଉଁ ବ୍ୟକ୍ତିକୁ ତୁମେ ଏହି ପ୍ରଶ୍ନଟି ପଚାରିବ, ପ୍ରଶ୍ନଟିର ଉତ୍ତର ତାହାର ଉପରେହିଁ ନିର୍ଭର କରିବ । ଏବଂ ଠିକ୍ ସେହି ଅନୁସାରେହିଁ ପ୍ରଶ୍ନଟିର ଉତ୍ତର ଭିନ୍ନ ଭିନ୍ନ ହେବ । ବିବର୍ତ୍ତନର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ମୁଁ ଭାବୁଛି "ମାନବ-ଯୁଗଚକ୍ର" ପୁସ୍ତକରେ ଶ୍ରୀଅରବିନ୍ଦ ଭାରି ସ୍ପଷ୍ଟ ଭାବରେ ଏହି କଥାଟିକୁ ବୁଝାଇ ଦେଇଛନ୍ତି । ବିବର୍ତ୍ତନ, ଅର୍ଥାତ୍ ସଂସ୍କୃତି ଏବଂ ସଭ୍ୟତା, ଏହି ସମଗ୍ର ପୃଥିବୀରେ ସଂଘଟିତ ହେଉଥିବା ଅଳ୍ପବହୁତ ପରିମାଣରେ ଏକ ନିୟମିତ କୁଣ୍ଡଳୀକୃତ ଗତିକ୍ରିୟାଟିକୁ ବର୍ଣ୍ଣନା କରି ଦେଖାଇ ଦେଇଥାଏ । ଏବଂ ଗୋଟିଏ ସଭ୍ୟତାର ପରିଣାମଗୁଡ଼ିକ ଧୀରେ ଧୀରେ ଆଉଗୋଟିଏ ସଭ୍ୟତାକୁ ରୂପ ଦେଉଥାଏ ବୋଲି ହୁଏତ କୁହାଯାଇ ପାରିବ । ଏବଂ ତା'ପରେ, ଯେତେବେଳେ ସମଗ୍ର ବିକାଶ ସୌଷମ୍ୟଯୁକ୍ତ ଭାବରେ ଚାଲୁଥାଏ, ତାହା ସେତେବେଳେ ଯୁଗପତ୍ ଭାବରେ ବିସ୍ତାର କ୍ଷେତ୍ର ଓ ସେହି ବିସ୍ତାର ଭୂମିମାନଙ୍କୁ ମଧ୍ୟ ସୃଷ୍ଟି କରିଦିଏ । ଏହାକୁ ଆମେ ଏହି ଅର୍ଥରେ ବୁଝିବା ଯେ ବୃହତ୍ କଳାତ୍ମକ ଯୁଗପର୍ଯ୍ୟାୟଗୁଡ଼ିକ ସମୟରେ କଳାର ବିକାଶ ଲାଗି ପ୍ରକୃତରେ ସକଳ ପରିସ୍ଥିତିହିଁ ଅନୁକୂଳ ହୋଇ ରହିଥିଲା ଏବଂ ଯେଉଁମାନେ ସେହି ପରିସ୍ଥିତିକୁ ବ୍ୟବହାର କରିପାରିବେ, ସେମାନଙ୍କୁ ଆକୃଷ୍ଟ କରି ଆଣି ପାରିଥିଲା । ଏହିପରି ଠୋସ୍ ଗତିସ୍ପନ୍ଦନ ଏକାଧିକବାର ହୋଇଛି, ଇଟାଲୀର ରେନେସାଁ ବା

'oaob.nitrkl.ac.in' images reprocessed

ତାହାର ପ୍ରାୟ ସମସାମୟିକ ଭାବରେ ଆସିଥିବା ଫ୍ରାନ୍‌ସର ଉଜ୍ଜ୍ୱଳ ଯୁଗପର୍ଯ୍ୟାୟଟିରେ ଯାବତୀୟ ଦେଶର କଳାକାରମାନେ ଆସି ଗୋଟିଏ ସ୍ଥାନରେ ସମ୍ମିଳିତ ହୋଇଛନ୍ତି, କାରଣ ସେହିଠାରେହିଁ ସେମାନଙ୍କ କଳାର ବିକାଶ ଲାଗି ଯାବତୀୟ ପରିସ୍ଥିତି ଭାରି ଅନୁକୂଳ ହୋଇ ରହିଛି । ଏଇଟି ହେଉଛି ଗୋଟିଏ କାରଣ, ସଭ୍ୟତାଗୁଡ଼ିକର ନିର୍ମାଣ ଲାଗି ଏକ ଆପାତତଃ ବାହ୍ୟ କାରଣ ।

ହଁ, ଆଉଗୋଟିଏ କାରଣ ବି ରହିଛି । ଏହି କାରଣଟି ହେଉଛି, ଗୂଢ଼ବିଦ୍ୟାର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ପ୍ରାୟ ସର୍ବକାଳରେହିଁ ପୃଥିବୀ ଉପରେ ସମ୍ଭବ ହେଉଥିବା କଳାତ୍ମକ ସୌନ୍ଦର୍ଯ୍ୟସୃଷ୍ଟିର ଯାବତୀୟ ଯୁଗରେ ସେହି ସମାନ ଶକ୍ତି ଓ ସମାନ ସତ୍ତାମାନେହିଁ ଅବତୀର୍ଣ୍ଣ ହୋଇ ଆସିଥାନ୍ତି । ଏବଂ, ଗୂଢ଼ବିଦ୍ୟାବିତ୍‌ମାନେ କହିଥାନ୍ତି ଯେ ପୁନର୍ଜନ୍ମର ଭିନ୍ନ ଭିନ୍ନ କେତୋଟି ଚକ୍ର ମଧ୍ୟ ରହିଥାଏ : ସତ୍ତାମାନେ ପ୍ରତ୍ୟାବର୍ତ୍ତନ କରନ୍ତି, ଜନ୍ମ ହେଲାବେଳେ ପରସ୍ପର ମଧ୍ୟରେ ରହିଥିବା ସାଦୃଶ୍ୟଟିର ମଧ୍ୟଦେଇ ସେମାନେ ଏକାଠି ଗୋଷ୍ଠୀ ବାନ୍ଧନ୍ତି, ଏବଂ ଏହି କଥାଟି ଏପରି ଭାବରେ ଘଟିଥାଏ ଯେ ନିୟମିତ ଭାବରେ ପ୍ରାୟ ସମସ୍ତେ ସେହି ଏକାଭଳି ଏକ କାର୍ଯ୍ୟ ଲାଗି ଏକାଠି ହୋଇ ଆସି ପହଞ୍ଚି ଯାଆନ୍ତି । କେତେକ ଗୂଢ଼ବିଦ୍ୟାବିତ୍ ଏହି ବିଷୟଟିର ଅଧ୍ୟୟନ କରିଛନ୍ତି ଏବଂ ପୃଥିବୀ-ବିକାଶର ପ୍ରକୃତ ତଥ୍ୟଗୁଡ଼ିକ ଉପରେ ଭିତ୍ତି କରି ଆମକୁ ନିର୍ଭୁଲ ସଂଖ୍ୟାମାନ ମଧ୍ୟ ଦେଇ ଯାଇଛନ୍ତି । ସେମାନେ କହିଛନ୍ତି ଯେ ଶହେ ବର୍ଷରେ ଥରେ, ହଜାର ବର୍ଷରେ ଥରେ ବା ପାଞ୍ଚ ହଜାର ବର୍ଷରେ ଥରେ କେତେକ ନିର୍ଦ୍ଦିଷ୍ଟ ଚକ୍ରର ପୁନରାବୃତ୍ତି ହୋଇଥାଏ; ସେମାନେ କହିଛନ୍ତି ଯେ କେତେକ ନିର୍ଦ୍ଦିଷ୍ଟ ସଭ୍ୟତାର ପ୍ରତ୍ୟେକ ପାଞ୍ଚ ହଜାର ବର୍ଷରେ ଥରେ ଲେଖାଏଁ ଆବିର୍ଭାବ ଘଟିଛି ଏବଂ ଠିକ୍ ସେହି ଏକା (ସେମାନଙ୍କର ବିଶେଷ ଜ୍ଞାନଟି ଅନୁସାରେ) ଲୋକମାନେହିଁ ପୁନର୍ବାର ଫେରି ଆସିଛନ୍ତି । ସେହି ହିସାବଗୁଡ଼ିକ ଯେ ସମ୍ପୂର୍ଣ୍ଣ ନିର୍ଭୁଲ, ସେକଥା ଦାବି କରି ହେବ ନାହିଁ, ଏବଂ ତେଣୁ ମୁଁ ତା'ର ଠିକଣାଙ୍କି ବିସ୍ତାରିତ କଥାଗୁଡ଼ିକୁ ଯିବା ଲାଗି ମୋଟେ ଇଚ୍ଛା କରୁ ନାହିଁ, ମାତ୍ର ଗୋଟାଏ ଅର୍ଥରେ ତାହାକୁ ତଥାପି ସତ ବୋଲି କହିବାକୁ ହେବ । ପ୍ରକୃତରେ ସେହି ଏକା ଶକ୍ତିମାନେହିଁ କ୍ରିୟାଶୀଳ ହୋଇ ରହିଥାନ୍ତି । ସେହି ଏକା ଶକ୍ତିଗୁଡ଼ିକହିଁ ସେମାନଙ୍କର ସାଦୃଶ୍ୟ ଅନୁସାରେ ଏକତ୍ର ହୋଇ ରହିଥାନ୍ତି, ଏବଂ ହୁଏତ କୌଣସି ଭୌତିକ, ମାନସିକ ଅଥବା ବିବର୍ତ୍ତନଗତ କାରଣ ସକାଶେ ସେମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପରସ୍ପର ସହିତ ମିଳିତ ହୁଅନ୍ତି ଏବଂ ଏହି ସ୍ଥାନଟିରେ ଏକ ନୂତନ ସଭ୍ୟତା, କୌଣସି ଏକ ସଭ୍ୟତାରେ ଏକ ବିଶେଷ ଅଗ୍ରଗତି ସାଧିତ ହୋଇଥାଏ, କିଂବା ଗ୍ରୀସ୍, ମିଶର, ଭାରତବର୍ଷ, ଇଟାଲି ଓ ସ୍ପେନର ବୃହତ୍ତ ଯୁଗଗୁଡ଼ିକରେ ଯେପରି ସମ୍ଭବ ହୋଇଥିଲା, ଗୋଟାଏ ପ୍ରକାରର ଉଦ୍‌ବେଳନ, ପ୍ରସ୍ଫୁଟନ ବା

'oaob.nitrkl.ac.in' images reprocessed

ସୌନ୍ଦର୍ଯ୍ୟର କ୍ରମୁମାଧ୍ୟମ ସଂଘଟିତ ହୋଇଥାଏ ।...ସର୍ବତ୍ର, ପୃଥିବୀର ସବୁ ଦେଶରେ ଆମେ ଏହିପରି କୌଣସି ସୌନ୍ଦର୍ଯ୍ୟପ୍ରାପ୍ତ ପର୍ଯ୍ୟାୟମାନ ଅବଶ୍ୟ ଦେଖିବାକୁ ପାଇବା ।

ଯଦି ଜ୍ୟୋତିଷର ଗଣନା କରୁଥିବା ବ୍ୟକ୍ତିମାନଙ୍କୁ ତୁମେ ଏହି ପ୍ରଶ୍ନଟି ପଚାରିବ, ତେବେ ସେମାନେ ତାରାଗୁଡ଼ିକର ଅବସ୍ଥିତି ଦ୍ୱାରା ତୁମକୁ ଏହି କଥାଟିକୁ ବୁଝାଇଦେବେ; ସେମାନେ କହିବେ ଯେ ତାରାମାନଙ୍କର ଏକ ବିଶେଷ ଅବସ୍ଥିତି ପୃଥିବୀ ଉପରେ ଏକ ବିଶେଷ ପ୍ରକାରର ପ୍ରଭାବ ପକାଇଥାଏ । ମାତ୍ର, ମୁଁ ଆଗରୁ ଯେପରି ତୁମମାନଙ୍କୁ କହିଛି, ଏହିସବୁ ହେଉଛି କେବଳ ଗୋଟିଏ ଗୋଟିଏ "ଭାଷା", ଅଭିବ୍ୟକ୍ତିର ଏକ ଶୈଳୀ, ଆପଣାକୁ ବୋଧଗମ୍ୟ କରିବାର ଏକ ପ୍ରୟାସ । ଅସଲ ସତ୍ୟ ଆହୁରି ଅଧିକ ଗଭୀରରେ ଯାଇ ରହିଛି । ଏହା ହେଉଛି ଅନେକ ବହୁମୁଖୀ, ଅନେକ ଅଧିକ ପରିପୂର୍ଣ୍ଣ ।

> ଅନ୍ୟ କୌଣସି ଦେଶର ଜଣେ ସାଧାରଣ ମଣିଷର ତୁଳନାରେ ଭାରତବର୍ଷର ଜଣେ ସାଧାରଣ ମଣିଷ କ'ଣ ଆଧ୍ୟାତ୍ମିକ ଦୃଷ୍ଟିରୁ ଅଧିକ ପରିକ୍ୱତା ଲାଭ କରିଛି ? ଉଦାହରଣସ୍ୱରୂପ, ଇଉରୋପର ଜଣେ ସାଧାରଣ ମଣିଷଠାରୁ କ'ଣ ସେ ଅଧିକ ପରିପକ୍ୱ ?

ଏହି କ୍ଷେତ୍ରରେ ଅବଶ୍ୟ ଏକ ମୌଳିକ ପାର୍ଥକ୍ୟ ରହିଛି, ମାତ୍ର ସାଧାରଣତଃ, ଯଦି ଜଣେ ଭାରତୀୟ ଇଉରୋପୀୟ ଜଡ଼ବାଦ ଦ୍ୱାରା ସଂକ୍ରାମିତ ହୋଇ ପଡ଼ି ନାହିଁ, ତେବେ, ଯେତେବେଳେ ତାକୁ ଆଧ୍ୟାତ୍ମିକ କୌଣସି ପ୍ରସଙ୍ଗ ଉପରେ କେହି କିଛି ପ୍ରଶ୍ନ କରିବ, ତେବେ ତା'ର ଏକ ଉନ୍ମୋଚନ ରହିଛି ଏବଂ ସେ ସେହି ପ୍ରଶ୍ନକୁ ବୁଝି ପାରୁଛି ବୋଲି ପ୍ରମାଣ ମିଳିବ । ପଶ୍ଚିମ ଜଗତର ଦେଶମାନଙ୍କରେ, ଯଦି ଜଣେ ସାଧାରଣ ମନୁଷ୍ୟ ସହିତ ତୁମର ସମ୍ପର୍କ ରହିଥାଏ ଏବଂ ତୁମେ ଯଦି ଆଧ୍ୟାତ୍ମିକ କୌଣସି ପ୍ରସଙ୍ଗ ବିଷୟରେ ତାକୁ କିଛି କୁହ, ତେବେ ସିଏ ସଚେତନ ଥିବା ସେଗୁଡ଼ିକ ପ୍ରତି ଗୋଟାସୁଦ୍ଧା ମୁଦା ହୋଇ ରହିଥିବା ପରି ମନେହେବ । ଏବଂ, ସେହି କଥୋପକଥନରେ ଯଦି ତୁମେ ଚେତନାର ଉଚ୍ଚତର ସୋପାନଗୁଡ଼ିକ ସହିତ ସମ୍ପର୍କସ୍ଥାପନର ସମ୍ଭାବନା ବିଷୟରେ ତାକୁ କିଛି କହିବାକୁ ଯିବ, ତେବେ କୌଣସି ପାଗଳ ମଣିଷ ଆଡ଼କୁ ଅନାଇବା ପରି ସିଏ ତୁମ ଆଡ଼କୁ ଅନାଇବାକୁ ଆରମ୍ଭ କରିବ । ଏକ ବୈରାଗ୍ୟମୟ ଜୀବନ ଯାପନ କରିବ ବୋଲି ଯଦି କେହି ସାଧାରଣ ଜୀବନଟିକୁ ପରିତ୍ୟାଗ କରେ, ତେବେ ତା'ର ପ୍ରକୃତିରେ ମୁଣ୍ଡ ଖରାପ ହୋଇଯାଇଛି ବୋଲି ସେମାନେ ଭାବିବାକୁ ଲାଗିବେ ।

'oaob.nitrkl.ac.in' images reprocessed

ସେମାନଙ୍କ ମଧ୍ୟରେ କେବଳ ଏକ କ୍ଷୁଦ୍ର ସଂଖ୍ୟାଲଘୁ ଗୋଷ୍ଠୀ ରହିଛି, ଯିଏ କି ଧର୍ମର ପରମ୍ପରାଗୁଡ଼ିକୁ ବଜାୟ ରଖିପାରିଛି, ଯିଏ ସବୁକିଛି ବୁଝି ପାରୁଛି, ମାତ୍ର ଧର୍ମର ଗ୍ରନ୍ଥ ଦେଇନହିଁ ସବୁକିଛି ବୁଝି ପାରୁଛି । ଅର୍ଥାତ୍, ଯଦି ସେଠାରେ କେହି କୌଣସି ଧର୍ମଦ୍ୱାର ଭିତରେ ଯାଇ ପ୍ରବେଶ କରିବ, ତେବେ ସେମାନେ ତାକୁ ଅଲ୍ପବହୁତ ବୁଝିବାକୁ ସମର୍ଥ ହେବେ । ମାତ୍ର ସାଧାରଣ ମନୁଷ୍ୟମାନଙ୍କର କ୍ଷେତ୍ରରେ (ମୁଁ ସଂସ୍କୃତି ମଧ୍ୟରେ ପରିପାଳିତ ମନୁଷ୍ୟମାନଙ୍କ କଥା କହୁ ନାହିଁ), ଯଦି ଜଣେ ସକଳ ଧର୍ମରୁ ସ୍ୱତନ୍ତ୍ର ରହି ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ଇଚ୍ଛା କରିବ, ଯଦି ସେ ଏକ ଉଚ୍ଚତର ସତ୍ୟର ସନ୍ଧାନରେ ବ୍ୟକ୍ତିଗତ ଭାବରେ ଅଗ୍ରସର ହେବାକୁ ଚାହାଁରିବ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଲୋକମାନେ ତାକୁ ଧରିଆଣି ଗୋଟାଏ ପାଗଳାଗାରର ଭିତରେ ନେଇ ପୂରାଇ ଦେବେ । ସେହି ବିଷୟରେ କିଛି ନକହିବାହିଁ ଅଧିକ ଭଲ ହେବ । ହଁ, ଏହାପରେ ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି କିଛି ପଢ଼ାଶୁଣା କରିଛନ୍ତି, ଶିକ୍ଷିତ ହୋଇଛନ୍ତି, ଯେଉଁମାନେ କି ତୁମକୁ ହୁଏତ ଠିକଏ ଶିଖିଥିଲି ବୋଲି ଭାବିବେ, ମାତ୍ର ତଥାପି ସେମାନେ ତାହାର ଅର୍ଥଟିକୁ ନିଶ୍ଚୟ ଠିକ୍ ଭାବରେ ବୁଝି ପାରୁଥିବେ । ମାତ୍ର ଯଦି ସାଧାରଣ ଲୋକଙ୍କ ବିଷୟରେ କହିବାକୁ ଗିବା,—ତା'ହେଲେ ଏସବୁର କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ଅବଶ୍ୟ ମୁଁ ଯାହା କହୁଛି, ତାହା ହେଉଛି ପଚିଶ ବର୍ଷ ପୂର୍ବର କଥା । ବର୍ତ୍ତମାନ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅବସ୍ଥା କିପରି ଅଛି, ମୁଁ ସେକଥା କହି ପାରିବି ନାହିଁ । ଏସବୁ କଥା ବର୍ତ୍ତମାନ ବଦଳିବାକୁ ଆରମ୍ଭ କଲାଣି କି ନାହିଁ କେଜାଣି ? ମାତ୍ର ଏକଥା ନିଶ୍ଚିତ ଭାବରେ ସତ ଯେ ଇଉରୋପର ଶିକ୍ଷିତ ଶ୍ରେଣୀ ବର୍ତ୍ତମାନ କିଛି ଉଚ୍ଚତରର ଅନୁସନ୍ଧାନ କରୁଛନ୍ତି, କାରଣ, ସେମାନଙ୍କର ଜୀବନ ଏତେ ଅଧିକ ପରିମାଣରେ ବିଷାଦମୟ ହୋଇ ପଡ଼ିଲାଣି ଯେ ସେମାନେ ଆଶ୍ରୟ କରି ରହିପାରିବା ଲାଗି ଆଉକିଛିର ଆବଶ୍ୟକତା ଅନୁଭବ କରୁଛନ୍ତି । ଏବଂ, ଗୋଟିଏ ଅର୍ଥରେ ବିଚାର କଲେ, ସେମାନଙ୍କର ଏହି ପ୍ରୟାସଟି ଅଧିକରୁ ଅଧିକ ସନ୍ଧାନମୂଳକ ହେବାକୁ ଆରମ୍ଭ କଲାଣି ଏବଂ ଏହିପରି ଅନୁସନ୍ଧାନ କରୁଥିବା ବ୍ୟକ୍ତିଙ୍କର ସଂଖ୍ୟା ଯେତେ ହୋଇଥିବ ବୋଲି ସାଧାରଣତଃ ଅନୁମାନ କରାଯାଉଛି, ତା'ଠାରୁ ଆହୁରି ଅଧିକସଂଖ୍ୟକ ବ୍ୟକ୍ତି ଏହି ଅନୁସନ୍ଧାନ କରୁଛନ୍ତି । ଏପରି ହେବା ବେଶ୍ ସମ୍ଭବ । ମାତ୍ର, ପଚିଶ ବର୍ଷ ଆଗରୁ ଏହା ଆଦୌ ଏପରି ନଥିଲା । ଏଠାରେ, ଅତି ସାଧାରଣ ଲୋକମାନେ, "ନିମ୍ନତର" ଶ୍ରେଣୀର ଲୋକମାନଙ୍କଠାରେ ହୁଏତ ବିଚାର ଓ ବିବେକର ଆଦୌ କୌଣସି ଶକ୍ତି ନାହିଁ, ଜଣେ ନିଷ୍ଠାପର ଓ ଜଣେ ଶଠ ମଧ୍ୟରେ କିପରି ପ୍ରଭେଦ ନିରୂପଣ କରିବାକୁ ହୁଏ, ସେମାନେ ହୁଏତ ସେହି କଥାଟି ମଧ୍ୟ ଜାଣି ନାହାନ୍ତି । ମାତ୍ର ଏକଥା ଭାରି ଭଲ ଭାବରେ ବୁଝି ହେଉଛି ଯେ ଜଣେ ଯଦି

'oaob.nitrkl.ac.in' images reprocessed

ସନ୍ନ୍ୟାସୀର ହଳଦିଆ ଲୁଗା ପିନ୍ଧି ହାତରେ ଭିକ୍ଷାପାତ୍ର ଧରି ସେମାନଙ୍କ ପାଖକୁ ଆସେ ତେବେ ତାକୁ ନିଶ୍ଚୟ କିଛି ନା କିଛି ମିଳିବ । ତାକୁ କଦାପି କୌଣସି ପ୍ରକାର ହତାଦର କରି ବାହାର କରି ଦିଆଯିବ ନାହିଁ । ମାତ୍ର, ଯଦି ଇଉରୋପରେ କୌଣସି ଲୋକ ସେହିପରି କରେ, (ଅତ୍ୟନ୍ତ ସ୍ୱାଭାବିକ କଥା ଯେ ସେହି କ୍ଷେତ୍ରରେ ହଳଦିଆ ଲୁଗା ପିନ୍ଧିବାର ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ), ମାତ୍ର ଯଦି ସେ ଛିରି ମଇଳା ଲୁଗା ପିନ୍ଧି ଆସେ, ତେବେ ତାକୁ ସଙ୍ଗେ ସଙ୍ଗେ ନିକଟସ୍ଥ ପୋଲିସଥାନାକୁ ଧରି ନିଆଯିବ ଏବଂ ଦାରିଦ୍ର୍ୟତାର ଦୋଷରୁ ତାକୁ ଗିରଫ କରାଯିବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତଥାକଥିତ ସଭ୍ୟ ଦେଶମାନଙ୍କରେ, ଯଦି ତୁମର ପକେଟରେ ଅନ୍ତତଃ କିଛି ପରିମାଣର ଅର୍ଥ ନଥାଏ, ତେବେ ତୁମକୁ ଲୋକେ ଛତର ଓ ବଦମାସ ବୋଲି କହିବେ; ସେସବୁ ଦେଶରେ ରାସ୍ତାରେ ବାହାରିବା ଲାଗି ଏହିପରି ଜଣେ ମଣିଷର ଆଦୌ କୌଣସି ଅଧିକାର ନାହିଁ ଏବଂ ତେଣୁ ଉଦ୍ଦେଶ୍ୟହୀନ ହୋଇ ବୁଲୁଥିବାରୁ ତାକୁ ସଙ୍ଗେ ସଙ୍ଗେ ଜେଲ୍‌କୁ ପଠାଇ ଦିଆଯାଏ । ତାହାହିଁ ଫରକ ।

## କେତେକ କଳା ଅନ୍ୟଗୁଡ଼ିକ ତୁଳନାରେ ଅଧିକ ସତ୍ୟର ଅଭିବ୍ୟକ୍ତି କରାଇଥାନ୍ତି କି ?

ଏଥର ମୋତେ ଅଳ୍ପବହୁତ ପ୍ରାୟ ଏକ ମାନସିକ କସରତ କରିବାକୁ ପଡ଼ିବ ।

ଏପରି ଲୋକ ଅଛନ୍ତି, ଯେଉଁମାନେ କି କେତେକ ନିର୍ଦ୍ଦିଷ୍ଟ କଳାକୁ ଏକାନ୍ତ ଜଡ଼ବସ୍ତୁସ୍ୱରୂପ ବୋଲି ମନେ କରିଥାନ୍ତି । ଯଦି ତୁମେ ଶିଳ୍ପୀ ଓ ଚିତ୍ରକାରଙ୍କ ପାଖକୁ ଏକାଧିକ ବାର ଯିବ, ତେବେ ସେମାନେ ତୁମକୁ କହିବେ ଯେ ମୂର୍ତ୍ତିଗଢ଼ିବାର ବିଦ୍ୟା, —ଛି ଛି, ତାହା ହେଉଛି ଭାରି ଶ୍ରମସାପେକ୍ଷ, କାରଣ ମୂର୍ତ୍ତିଗଢ଼ାଳିମାନେ କେବଳ ଜଡ଼ପଦାର୍ଥଗୁଡ଼ାକୁ ନେଇହିଁ କାରବାର କରୁଥାନ୍ତି । ଏବଂ ଜଣେ ସଙ୍ଗୀତକାର ହୁଏତ ଚିତ୍ରକଳାକୁ ଖୁବ୍ ବେଶୀ ବୁଦ୍ଧି ଆବଶ୍ୟକ କରୁଥିବା ଏକ କଳା ବୋଲି ମୋଟେ କହିବାକୁ ଯିବ ନାହିଁ ! ଅସଲ ସତ୍ୟଟି ହେଉଛି ଯେ, ଯାବତୀୟ କଳାର କ୍ଷେତ୍ରରେ ସବୁକିଛି ସେହି କଳାକାର ଉପରେହିଁ ନିର୍ଭର କରୁଥାଏ; ଏବଂ ସେ ଯାହାକିଛି କରେ, ସେକଥା ସିଏ ଯେଉଁ ଚେତନାସ୍ତରରେ ଅବସ୍ଥିତ ରହିଛି, ତାହାରି ଉପରେହିଁ ନିର୍ଭର କରୁଥାଏ । ଜଣେ ମୂର୍ତ୍ତିଗଢ଼ାଳି ମଧ୍ୟ ଅତ୍ୟନ୍ତ ମାତ୍ରାରେ ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ହୋଇପାରେ, ତା'ର କୃତିଗୁଡ଼ିକ ମଧ୍ୟ ଅତ୍ୟନ୍ତ ମାତ୍ରାରେ ଆଧ୍ୟାତ୍ମିକ ସ୍ତରର ହୋଇପାରେ; ଆପଣାର ଅନୁଭୂତିଟିକୁ ରୂପ ଦେବାର ବିଦ୍ୟା ତାକୁ ଜଣାଥିଲେ, ଏପରି ନିଶ୍ଚୟ ହୋଇପାରେ । ଏବଂ, ଏକ ଉଚ୍ଚତର ସୋପାନରୁ ଆପଣାର ପ୍ରେରଣାଟିକୁ

'oaob.nitrkl.ac.in' images reprocessed

ଗ୍ରହଣ କରୁ ନଥିଲେ, ଜଣେ କବି ମଧ୍ଯ ବେଶ୍ ଅତ୍ୟନ୍ତ ସାଧାରଣ ପ୍ରକାର ଜଣେ ଜଡ଼ବାଦୀ ବି ହୋଇପାରେ । ଆମର ମନଟାହିଁ ସାନ ସାନ ଶ୍ରେଣୀବିଭାଗ କରିବାରେ ଖୁବ ତତ୍ପର ରହିଥାଏ, କାରଣ ତା' ଲାଗି ତାହାହିଁ ଅଧିକ ସୁବିଧାଜନକ ମନେ ହୁଏ; ମାତ୍ର ଏହି କଥାଟିର ସତ୍ୟ ସହିତ ଆଦୌ ଖୁବ୍‌ବେଶୀ ସାମଞ୍ଜସ୍ୟ ନଥାଏ ।

> ଆପଣ କହିଛନ୍ତି ଯେ ଭାଗ୍‌ନର୍‌ଙ୍କଠାରେ ଗୂଢ଼ବିଦ୍ୟାଗତ କ୍ଷେତ୍ର-ଗୁଡ଼ିକ ବିଷୟରେ ଏକ ଅପରୋକ୍ଷ ଅନୁଭୂତି ରହିଥିଲା । ଆଧ୍ୟାତ୍ମିକ ସାମର୍ଥ୍ୟ ଲାଭ କରିବାକୁ ହେଲେ ଯୌନବାସନା ଉପରେ ଅବଶ୍ୟ ବିଜୟ ଲାଭ କରିବା ଉଚିତ ବୋଲି ମଧ୍ୟ ଆପଣ କହିଛନ୍ତି । ବସ୍ତୁତଃ, ଉପଲବ୍ଧି କରିବାକୁ ରହିଥିବା ଏହି ବିଜୟଟି ବିଷୟରେ ଭାଗ୍‌ନର୍‌ଙ୍କର ଏକ ଅପରୋକ୍ଷ ଅନୁଭୂତି ରହିଥିଲା । କାରଣ, ତାଙ୍କର "The Ring of the Nibelungen" ଅପେରାଟିରେ କୌଣସି ନଦୀର ଜଳଗର୍ଭର ମଧ୍ୟରେ ଏକ ସମ୍ପଦ ଲୁକ୍‌କାୟିତ ହୋଇ ରହିଥିବାର ବର୍ଣ୍ଣନା କରାଯାଇଛି । ତିନୋଟି ପରୀ ସେହି ସମ୍ପଦଟିକୁ ଜଗି ରହିଛନ୍ତି ଏବଂ ସେହି ସମ୍ପଦଟିକୁ ଅଧିକାର କରିବାକୁ ହେଲେ ଆମକୁ ସକଳ ପ୍ରୀତିକାମନା ଏବଂ କାମିନୀ ମୋହ ପରିତ୍ୟାଗ କରିବାକୁ ପଡ଼ିବ ।

ନର୍ଡିକ୍ ଦେଶମାନଙ୍କରେ ଅତି ପ୍ରାଚୀନ କାଳରୁ ଏହି ପରମ୍ପରାଟି ରହିଛି । ମାତ୍ର, ଭାଗ୍‌ନର୍‌ଙ୍କର କାହାଣୀଟିରେ କାହାଣୀଟି ଅତ୍ୟନ୍ତ ଖରାପ ଭାବରେ ସରିଛି : ଯାହାକୁ କାମିନୀମୋହକୁ ଛାଡ଼ିବାକୁ ପଡ଼ିଛି, ସିଏ ପାଣିରେ ବୁଡ଼ିମରୁଛି ଓ ଦେବତାମାନଙ୍କର ଏକ ଅର୍ଦ୍ଧଚେତନତା ମଧ୍ୟରେ କାହାଣୀଟିର ଯବନିକା ପଡ଼ୁଛି ।

'oaob.nitrkl.ac.in' images reprocessed

# ୧୪ ଏପ୍ରିଲ ୧୯୫୧

୧୯୨୯ ମସିହାରେ ମାଆଙ୍କ ପ୍ରବଚନ ସମ୍ବନ୍ଧରେ ତାଙ୍କୁ ପଚରା ହୋଇଥିବା ଗୋଟିଏ ପ୍ରଶ୍ନ ମାଆ ପଢ଼ିଲେ :

"ତ୍ୟାଗ ବା ଉତ୍ସର୍ଗ ଯାହା, ସମର୍ପଣ ଠିକ୍ ତାହାହିଁ ନୁହେଁ କି ?"

ପ୍ରଶ୍ନ ଓ ଉତ୍ତର ୧୯୨୯ (୪ ଅଗଷ୍ଟ)

କିଏ ଏହି ପ୍ରଶ୍ନଟିର ଉତ୍ତର ଦେଇ ପାରିବ ? ଦୁଇଟି ମଧ୍ୟରେ କି ପାର୍ଥକ୍ୟ ରହିଛି ?

ସମର୍ପଣ ସ୍ୱତଃସ୍ଫୂର୍ତ୍ତି ଭାବରେ ଆସେ ।

ଯେଉଁମାନଙ୍କର ସମର୍ପଣ ସ୍ୱତଃସ୍ଫୂର୍ତ୍ତ, ସେମାନେ ପ୍ରକୃତରେ ଅଭିନନ୍ଦନୀୟ ! ତାହା ଆଦୌ ଏତେଦୂର ସହଜ ନୁହେଁ । ନା,—ପ୍ରକୃତ ପାର୍ଥକ୍ୟ ତାହା ନୁହେଁ ।

ଉତ୍ସର୍ଗ ବା ତ୍ୟାଗ ସତ୍ତାକୁ ନ୍ୟୁନ କରିଦିଏ ।

ହଁ, ସତ କଥା; ମାତ୍ର କାହିଁକି ? ଗୋଟିଏ କଥା ପ୍ରକୃତରେ ଖୁବ୍, ଖୁବ୍ ସରଳ, ସେହି କଥାଟି ହେଉଛି ଶବ୍ଦର ଅର୍ଥ । ତ୍ୟାଗ କରିବାର ଅର୍ଥ ହେଉଛି ଆମେ ଯେଉଁ ବସ୍ତୁଟିକୁ କାମ୍ୟ ବୋଲି ଗ୍ରହଣ କରିଛୁ, ତାହାର ଲାଗି କିଛି ତ୍ୟାଗ କରିବା । ଜୀବନ ଉତ୍ସର୍ଗ କରିବାର ଅର୍ଥ ହେଉଛି, ଆମେ ଯାହାକୁ କାମ୍ୟ ବୋଲି ଗ୍ରହଣ କରିଛୁ, ତାହାରି ପାଇଁ ଜୀବନକୁ ଉତ୍ସର୍ଗ କରିଦେବା । ତା' ନହେଲେ ଆମେ ଏହାକୁ ତ୍ୟାଗ ବୋଲି କହିବା ନାହିଁ, କେବଳ ଏକ ଦାନ ବୋଲିହିଁ କହିବା । ଯେତେବେଳେ ତୁମେ "ତ୍ୟାଗ" ଶବ୍ଦଟିକୁ ବ୍ୟବହାର କରୁଛ, ସେତେବେଳେ ତାହା କହିଲେ ଏପରି ଏକ କଥାକୁ ବୁଝାଇବ, ଯେଉଁଟିକୁ ଆପଣା ପାଖରୁ ଦେଇ ଦେବାବେଳେ ତୁମକୁ କିଛି ନା କିଛି ଦୁଃଖ ସ୍ୱୀକାର କରିବାକୁ ପଡ଼ୁଛି । ଏହି "ତ୍ୟାଗ" ଶବ୍ଦଟିକୁ ଯେ ପ୍ରାୟ ମନଇଚ୍ଛା ଯେତେବେଳେ ମନ ସେତେବେଳେ

'oaob.nitrkl.ac.in' images reprocessed

ବ୍ୟବହାର କରା ଯାଇଥାଏ, ସେକଥା ବେଶ୍ ବୁଝିହେଉଛୁ; ମାତ୍ର ଏଠାରେ ମୁଁ ତା'ର ପ୍ରକୃତ ଅର୍ଥ ବିଷୟରେ କହୁଛୁ । ଆମେ ଯାହାକୁ ଅତି ପ୍ରିୟ ବୋଲି ଭାବ ପାଖରେ ରଖିଛୁ, ଆମେ କେବଳ ତାହାର ତ୍ୟାଗ କରିପାରିବା । ଯଦି ସେଇଟିକୁ ଆମେ ଆପଣାର ବୋଲି ଜାବୁଡ଼ି ଧରି ନଥାଉ, ତେବେ ସେହି ସ୍ଥଳରେ ସେଇଟିକୁ ଦେଲେ ତାହା କଦାପି ତ୍ୟାଗ ହେବ ନାହିଁ । ଦେଇଦେବାର ସମସ୍ତ ଆନନ୍ଦ ସହିତ ତାହାକୁ ଏକ ଦାନ ବୋଲିହିଁ କୁହାଯାଇ ପାରିବ । ଯଦି ସମର୍ପଣରେ କେଉଁଠି କୌଣସି ଦୁଃଖ ଥାଏ, ତେବେ ତାହା କୌଣସି ସମର୍ପଣ ହେବ ନାହିଁ, ତ୍ୟାଗ ଦ୍ୱାରା ସମର୍ପଣ ହେବ ନାହିଁ । ସକଳ ସମର୍ପଣ କେବଳ ଆନନ୍ଦଦାୟୀ ଏକ ନିବେଦନରେହିଁ ପରିଣତ ହୋଇ ରହିଥିବା ଉଚିତ (ଏଠାରେ ମୁଁ ଫରାସୀ soumission ଶବ୍ଦକୁ ସମର୍ପଣ ଅର୍ଥରେ ବ୍ୟବହାର କରୁଛୁ, ମାତ୍ର ଏହାକୁ ଠିକ୍ ସମର୍ପଣ ବୋଲି କୁହାଯିବ ନାହିଁ; ସମର୍ପଣ ଏବଂ ସ୍ୱଚ୍ଛନ୍ଦତାର ମିଶାମିଶିଆ ଅର୍ଥରେ ବୁଝିବାକୁ ହେବ) । ଏଥିରେ ଆମେ ଆପଣା ପାଖରୁ କିଛି ନା କିଛି ଦେଇଦେଉ, ତାହାକୁ ନେଇ ସମର୍ପଣ କରିଦେଉ; ମାତ୍ର ତଦ୍ୱାରା କୌଣସି ତ୍ୟାଗ କରାଯାଉ ନଥାଏ ।

> "ଆମ ଯୋଗରେ ତ୍ୟାଗ ଲାଗି ଆଦୌ କୌଣସି ସ୍ଥାନ ନାହିଁ । ମାତ୍ର ପ୍ରକୃତରେ କିଭଳି ଏକ ଅର୍ଥ ଦେଇ ତୁମେ ଶବ୍ଦଟିକୁ ବୁଝୁଛ, ସବୁକିଛି ତାହାରି ଉପରେ ନିର୍ଭର କରିବ । ଏହାର ଶୁଦ୍ଧ ଅର୍ଥରେ ଏହା ଏକ ଉତ୍ସର୍ଗମୟ ଦାନକୁ ବୁଝାଇବ, ପରମ ଦିବ୍ୟ ସତ୍ତାଙ୍କ ଲାଗି ପବିତ୍ର କୌଣସି ଅନୁଷ୍ଠାନକୁ ବୁଝାଇବ । ମାତ୍ର ଏବେ ଶବ୍ଦଟିକୁ ଯେଉଁ ତାତ୍ପର୍ଯ୍ୟ ଦେଇ ବୁଝାଯାଉଛି, ତ୍ୟାଗ ଏପରି ଏକ କଥାକୁ ବୁଝାଉଛି, ଯାହା ମଧ୍ୟରେ କି କୌଣସି ନା କୌଣସି ବିଷୟକୁ ନଷ୍ଟ କରିଦେବାକୁ ବୁଝାଉଛି, ତ୍ୟାଗର ଚାରିପାଖରେ ସଚେତଥିବା ଏକ ନକାରାତ୍ମକତାର ପରିବେଶ ତାକୁ ଘେରି କରି ରହିଛି । ଏହି ପ୍ରକାରର ତ୍ୟାଗକୁ କଦାପି ପରିପୂର୍ଣ୍ଣତା ବୋଲି କୁହାଯିବ ନାହିଁ; ଏହାକୁ ଏକ ବଞ୍ଚିତ ହେବା ବୋଲି କୁହାଯିବ, ଆତ୍ମ-ବଳିଦାନ ବୋଲି କୁହାଯିବ । ... ତୁମେ ଆପଣାର ସତ୍ତାଟିକୁ କୌଣସି ପ୍ରକାରେ ସଙ୍କୁଚିତ କରି ପକାଉଛ, ଯେତେବେଳେ ଏହିପରି ଏକ ମନୋଭାବ ନେଇ ତୁମେ କିଛି କରିବାକୁ ଯାଅ, ସେତେବେଳେ ନିଶ୍ଚିତ ଭାବରେ

'oaob.nitrkl.ac.in' images reprocessed

ଜାଣିରଖିବ ଯେ ତୁମେ ସେହି କାର୍ଯ୍ୟଟିକୁ ଅନୁଚିତ ପ୍ରଣାଳୀରେ କରୁଛ ।"

ତଦୈବ ।

ଧର୍ମରେ ଏହି ତ୍ୟାଗକୁ ଏତେବେଶୀ ମୂଲ୍ୟ ଦିଆଯାଇଛି କାହିଁକି ?

ତ୍ୟାଗର ଭାବନାରୁହିଁ ଅନେକ ଧର୍ମର ପ୍ରତିଷ୍ଠା ହୋଇଛି; ଏଠାରେ ଖାଲ୍‌ଦେଆର ସଂବଳିତ ଧର୍ମଗୁଡ଼ିକୁ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇ ପାରିବ । ମୁସ୍‌ଲିମ୍ ଧର୍ମର ସଂସ୍କାରଗୁଡ଼ିକରେ ମଧ୍ୟ ଏହି ତ୍ୟାଗ ଆଡ଼ିକୁହିଁ ଏକ ଖୁବ ଶକ୍ତିଶାଳୀ ପ୍ରବୃତ୍ତି ଜଡ଼ିତ ହୋଇ ରହିଛି । ଯେଉଁମାନେ କୌଣସି ଧର୍ମକୁ ପ୍ରଥମ ଗ୍ରହଣ ଓ ପ୍ରଥମ ଅନୁଗାମୀ ହୋଇ ଆସିଛନ୍ତି, ନିଜର ଧର୍ମପରିବର୍ତ୍ତନ ଲାଗି ସେମାନଙ୍କୁ ଜୀବନ ଦେବାକୁ ହୋଇଛି । ପାରସ୍ୟରେ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରା ଯାଇଥିଲା । ଏସବୁ କ୍ଷେତ୍ରରେ ଏପରି ଲେଖା ଓ ରଚନାମାନ ବି ରହିଛି, ଯେଉଁଥିରେ କି ତ୍ୟାଗରୁ ପ୍ରାପ୍ତ ଆନନ୍ଦଗୁଡ଼ିକର ଭୂରି ଭୂରି ପ୍ରଶଂସା କରାଯାଇଛି । —ଏଇଟି ହେଉଛି ଖାଲ୍‌ଦେଆ ସଭ୍ୟତାର ଏକ ଧାରଣା । ମାତ୍ର ତୁମକୁ ସତର୍କ ରହିବାକୁ ପଡ଼ିବ; ଶବ୍ଦଟିକୁ ତୁମେ ଯେପରି ଅର୍ଥ ଦେଇ ବୁଝିବ, ସବୁକିଛି ତାହାରି ଉପରେ ନିର୍ଭର କରିବ । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯେଉଁ ବ୍ୟକ୍ତି ଆପଣାକୁ ପୂର୍ଣ୍ଣ ଇଚ୍ଛା ସହିତ ବଳି ଦେଉଛି, ଅର୍ଥାତ୍ ଯିଏ ସ୍ୱୟଂପ୍ରେରିତ ହୋଇ ଓ ଆନନ୍ଦର ସହିତ ଆପଣାର ଜୀବନକୁ ଉତ୍ସର୍ଗ କରୁଛି, ସେହି କ୍ଷେତ୍ରରେ ତାକୁ ଆଦୌ ଏକ ତ୍ୟାଗ ବୋଲି କୁହାଯିବ ନାହିଁ; ତ୍ୟାଗର ଯେଉଁ ସଂଜ୍ଞା ଦେଇ ଆମେ ଶବ୍ଦଟିକୁ ବୁଝିଲୁ, ସେହି ଦୃଷ୍ଟିରୁ ତାକୁ ତ୍ୟାଗ ବୋଲି ମୋଟେ କୁହାଯିବ ନାହିଁ ।

ଆମେ ପରମ ଦିବ୍ୟସତ୍ତା ଆପଣାକୁ "ଉତ୍ସର୍ଗ" କରିଦିଅନ୍ତି ବୋଲି ମଧ୍ୟ କହୁଥାଉ । ମାତ୍ର ମୁଁ ଏହି କଥା ଲକ୍ଷ୍ୟ କରି ଦେଖିଛି ଯେ, ଆମେ ସେହି କାର୍ଯ୍ୟଟିକୁ ନିଜେ କରିବା ଲାଗି ବାଧ୍ୟ ହେଉଥିବା ସମୟରେ ତାହା ପ୍ରକୃତରେ ଖୁବ କଷ୍ଟକର ହୋଇପଡ଼ିବ ବୋଲି ଆମେ ଯେତେବେଳେ ବୁଝୁ, ସେତିକିବେଳେ ସେହି କାର୍ଯ୍ୟଟିକୁ ଆମେ ଏକ "ତ୍ୟାଗ" ବୋଲି କହୁଥାଉ । ସେହି କାର୍ଯ୍ୟଟିକୁ କରିବାକୁ ଗଲେ ତୁମକୁ ପ୍ରକୃତରେ ଖରା ଯନ୍ତ୍ରଣାଦାୟକ ହେବ, ପ୍ରକୃତରେ ଖୁବ କଠିନ ବୋଲି ଲାଗିବ (ସମସ୍ତେ ହସିଲେ), ସେଇଥିପାଇଁ ଏହି କ୍ଷେତ୍ରରେ ତାହାକୁ ତ୍ୟାଗ ବୋଲି କୁହା ଯାଇଥାଏ । ମାତ୍ର ଏ କଥାଟି ନିଶ୍ଚୟ ସମ୍ଭବ ହୋଇପାରେ ଯେ ଏହି

'oaob.nitrkl.ac.in' images reprocessed

କାର୍ଯ୍ୟଟିକୁ କରିବାବେଳେ ଦିବ୍ୟ ପରମସତ୍ତାଙ୍କୁ ଆଦୌ କୌଣସି ଯନ୍ତ୍ରଣା ସହିବାକୁ ପଡ଼ି ନାହିଁ, ଏବଂ ସିଏ ସମ୍ପୂର୍ଣ୍ଣ ଇଚ୍ଛାର ସହିତହିଁ ତାହା କରିଛନ୍ତି । ଆପଣାକୁ ଉତ୍ସର୍ଗ କରିଦେବାର ସକଳ ଆନନ୍ଦ ସହିତ ତାହା କରିଛନ୍ତି ।

ଅବ୍ଦୁଲ ବାହାଙ୍କୁ ମୁଁ ଖୁବ ଭଲ କରି ଜାଣିଥିଲି, ବାହାଇ ଧର୍ମର ପ୍ରତିଷ୍ଠାତା ବାହା ଉଲ୍ଲାଙ୍କ ପରେ ସିଏ ହେଉଛନ୍ତି ସେହି ଧର୍ମର ପରବର୍ତ୍ତୀ ଗୁରୁ । ଅବ୍ଦୁଲ ବାହା ବାହା ଉଲ୍ଲାଙ୍କର ପୁଅ । ବନ୍ଦୀଶାଳାରେହିଁ ତାଙ୍କର ଜନ୍ମ ହୋଇଥିଲା ଏବଂ ମୁଁ ଭାବୁଛି, ଚାଳିଶ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସିଏ ସେଇ ବନ୍ଦୀଶାଳାରେହିଁ ଜୀବନ କଟାଇଥିଲେ । ବନ୍ଦୀଶାଳାରୁ ବାହାରିବା ବେଳକୁ ତାଙ୍କ ପିତାଙ୍କର ତିରୋଧାନ ଘଟି ସାରିଥିଲା ଏବଂ ସିଏ ତାଙ୍କ ପିତାଙ୍କର ଧର୍ମଟିକୁ ପ୍ରଚାର କରିବାକୁ ଲାଗିଲେ । ସିଏ ମୋତେ ଏହି କାହାଣୀଟିକୁ କହିଛନ୍ତି; ଏବଂ ଧର୍ମର ଆରମ୍ଭକାଳରେ ପାରସ୍ୟରେ କ'ଣ ସବୁ ଘଟିଥିଲା, ସେକଥା ମଧ୍ୟ ମୋତେ କହିଛନ୍ତି । ଏବଂ, କି ଗଭୀର ଆନନ୍ଦ ସହିତ, ଭଗବନ୍ତ ପରମସାନ୍ନିଧ୍ୟ ଓ ଭଗବନ୍ତ ପରମଶକ୍ତିର ବୋଧଟିକୁ କେଡ଼େ ଜୀବନ୍ତ ଭାବରେ ନିଜ ଭିତରେ ବହନ କରି ଯେ ଏହି ଧର୍ମାନୁଗାମୀମାନେ ଯାବତୀୟ ତ୍ୟାଗକୁ ସ୍ୱୀକାର କରି ନେଇଥିଲେ, ସିଏ ସବୁକଥା ମୋତେ କହିଥିବାର ମନେ ଅଛି । ଏହାକୁ ପ୍ରକୃତରେ "ତ୍ୟାଗ" ବୋଲି କୁହାଯିବା ଉଚିତ ନୁହେଁ, ଏହାକୁ ସ୍ୱେଚ୍ଛାନନ୍ଦ-ପ୍ରେରିତ ଏକ ଜୀବନଦାନର ଦୃଷ୍ଟାନ୍ତ ବୋଲି କୁହାଯିବ ।…ସିଏ ପ୍ରାୟ ସର୍ବଦା ମୋତେ ଜଣେ ବ୍ୟକ୍ତିଙ୍କର କଥା କହୁଥିଲେ, ଯିଏକି, ମୋର ମନେହେଉଛି, ଜଣେ ଖୁବ ବଡ଼ ଲୋକ ଥିଲେ ଏବଂ ବାହାଇ ଧର୍ମର ଅବଲମ୍ବନ କରୁଥିବାରୁ ଯାହାଙ୍କୁ କି ଜଣେ ଧର୍ମଦ୍ରୋହୀ ହିସାବରେ ଗିରଫ କରି ନିଆ ଯାଇଥିଲା । ସେମାନେ ତାଙ୍କୁ କୁଆଡ଼େ ନେଇଯିବେ ଓ ମାରି ପକାଇବେ ବୋଲି ଭାବିଥିଲେ, ବା ନିଆଁରେ ପକାଇ ଦେବେ, ଫାଶୀରେ ଝୁଲାଇ ଦେବେ ଅଥବା କ୍ରସ୍ ଉପରେ କଣ୍ଟା ପିଟି ଲଟକାଇ ଦେବେ ବୋଲି ଭାବିଥିଲେ । ମୋର ଠିକ୍ ମନେ ପଡ଼ୁ ନାହିଁ, ମାତ୍ର ସେହି ସମୟରେ ମୃତ୍ୟୁଦଣ୍ଡର ଯେପରି ପ୍ରଚଳନ ଥିଲା, ସେମାନେ ତାକୁ ସେହିପରି ଗୋଟିଏ କିଛି କରିବେ ବୋଲି ଭାବିଥିଲେ । ଏବଂ, ଆପଣାର ବିଶ୍ୱାସକୁ ପ୍ରକଟ କରି ସେ ଯେତେବେଳେ କହିଲେ ଯେ ଆପଣାର ବିଶ୍ୱାସ ଏବଂ ଭଗବାନଙ୍କ ଲାଗି ସିଏ ଆନନ୍ଦରେହିଁ ଯାବତୀୟ ଦୁଃଖ ବରଣ କରି ନେବେ, ସେତେବେଳେ ଲୋକେ ତାଙ୍କର ଶରୀର ଉପରେ, ତାଙ୍କର ବାହୁ ଓ କାନ୍ଧ ଉପରେ ଜଳୁଥିବା ସାନ ମହମବତୀ-ଖଣ୍ଡମାନ ନେଇ ଲଗାଇ ଦେବାର ଉପାୟ ବାହାର କଲେ । ଅତ୍ୟନ୍ତ ସ୍ପଷ୍ଟ କଥା ଯେ ମହମବତୀ-ଗୁଡ଼ିକ ତରଳିଯାଇ ତାଙ୍କର ଶରୀର ଉପରେ ଗରମ ମହମ ବୋହିବାକୁ ଲାଗିଲା, ଏବଂ ଶେଷରେ ମହମବତୀ ଭିତରେ ରହିଥିବା ସଳିତା ତାଙ୍କ ଚମଡ଼ାକୁ ପୋଡ଼ି ପକାଇଲା । ମନେ ହେଉଛି, ତାଙ୍କୁ ଏହିପରି ନିର୍ଯ୍ୟାତନା ଦିଆଯାଉଥିବା ସମୟରେ ଅବ୍ଦୁଲ

'oaob.nitrkl.ac.in' images reprocessed

ବାହ୍ୱା ମଧ୍ୟ ସେଠାରେ ଉପସ୍ଥିତ ଥିଲେ, ଏବଂ ସେମାନେ ତାଙ୍କୁ ଧରି ଯେମିତି ଫାଶୀସ୍ଥାନକୁ ଆସିଲେ, ଅବ୍ଦୁଲ୍ ବାହ୍ୱା ଆପଣାର ସ୍ନେହ ଓ ସହାନୁଭୂତି ପ୍ରକଟ କରି ତାଙ୍କୁ କିଛି କହିବା ପାଇଁ ଅଗ୍ରସର ହେଲେ । ମାତ୍ର ସିଏ ତ ପରମ ଆନନ୍ଦର ଏକ ଉଲ୍ଲାସମୟ ସ୍ଥିତିରେ ରହିଥାନ୍ତି; ତାଙ୍କୁ ହେଉଥିବା ଏହିସବୁ କଷ୍ଟ ବିଷୟରେ ଅବ୍ଦୁଲ୍ ବାହ୍ୱା ତାଙ୍କୁ ବର୍ଣ୍ଣନା କରି କହିଲେ । ସିଏ ଉତ୍ତର ଦେଲେ : "ମୁଁ କଷ୍ଟ ପାଉଛି ? ଏହି ମୁହୂର୍ତ୍ତଟି ହେଉଛି ମୋ ଜୀବନରେ ସବୁଠାରୁ ସୁନ୍ଦର ଏବଂ ଉଲ୍ଲାସମୟ ଏକ ମୁହୂର୍ତ୍ତ ··· ।" ଆମେ ଏହାକୁ କଦାପି ଏକ ତ୍ୟାଗ ବୋଲି କହିବା ନାହିଁ, କହିବା କି ?

ସାଧାରଣତଃ ଆପଣାର ଧର୍ମ ଓ ଆପଣାର ବିଶ୍ୱାସ ଲାଗି ଯେଉଁମାନେ ନିର୍ଯାତନା ସହିଛନ୍ତି, ଅର୍ଥାତ୍, ଆପଣାର ସର୍ବୋଚ୍ଚ ଭାବନା, ଆପଣାର ଉଦାତ୍ତତମ ଆଦର୍ଶ ଲାଗି ଯେଉଁମାନେ ଉତ୍ପୀଡ଼ନ ସହ୍ୟ କରିଛନ୍ତି, ସତେଅବା ଏକପ୍ରକାରର ଦିବ୍ୟ କରୁଣା ସେମାନଙ୍କର ସହାୟତା କରିଛି ବୋଲି ସେମାନେ ସତତ ଅନୁଭବ କରିଛନ୍ତି, ସକଳ ଅନିଷ୍ଟ ଓ ଦୁଃଖଭୋଗରୁ ସେଇ ସେମାନଙ୍କୁ ରକ୍ଷା କରିଛି ବୋଲି ଅନୁଭବ କରିଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାହାରେ ଥିବା ଅନ୍ୟମାନେ ଏହାକୁ ଏକ "ତ୍ୟାଗ" ବୋଲି କହିଛନ୍ତି (ସେହି କଥାଟିକୁ ବେଶ୍ ବୁଝି ହେଉଛି, ସେମାନେ ଆପଣାର ଜୀବନକୁ ଅବଶ୍ୟ ଉତ୍ସର୍ଗ ବା ତ୍ୟାଗ କରି ଦେଇଛନ୍ତି); ମାତ୍ର ସେମାନେ ବ୍ୟକ୍ତିଗତ ଭାବରେ ଯେଉଁ ମାର୍ଗଟିକୁ ବାଛି ନେଇଛନ୍ତି, ସେଇଟିକୁ ବୁଝାଇବା ସକାଶେ ଆମେ ଏହି ଶବ୍ଦଟିକୁ ମୋଟେ ବ୍ୟବହାର କରି ପାରିବା ନାହିଁ, କାରଣ ଏଭଳି କରି ସେମାନେ ଆଦୌ କୌଣସି ତ୍ୟାଗ କରି ନାହାନ୍ତି, ସେମାନଙ୍କ ଲାଗି ଏହା ପ୍ରଭୂତ ଆନନ୍ଦରହିଁ ଏକ ଅବସର ହୋଇ ରହିଛି । ତେଣୁ, ଅନ୍ତର୍ଗତ ଦୃଷ୍ଟିକୋଣ ଉପରେହିଁ ସବୁକିଛି ନିର୍ଭର କରିବ । ଏବଂ, ଯଦି ସେମାନଙ୍କ ଉପରେ ଉତ୍ପୀଡ଼ନ ହେଉଥିବା ସମୟରେ ସେମାନେ ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ "ମୋ ଉପରେ କାହିଁକି ଏହି ଉତ୍ପୀଡ଼ନ କରାଯାଉଛି" ବୋଲି ଏତେ ଟିକିଏ ହେଲେ ବି ଭାବୁଥାନ୍ତେ, ତେବେ ସେମାନଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗ କରିବାକୁ ପଡ଼ୁଥାନ୍ତା । କେବଳ ଗୋଟିଏ ମାତ୍ର ଭାବନାର ଉଦୟ ହୋଇଥିଲେହିଁ ତାହା ସେଥିଲାଗି ଯଥେଷ୍ଟ ହୋଇଥାନ୍ତା ।

ପ୍ରାୟ ଯାବତୀୟ ଘଟଣାକୁ,—ମନୁଷ୍ୟଜୀବନରେ କୌଣସି ମହତ୍ତ୍ୱ ରଖୁଥିବା ଯାବତୀୟ ପରିସ୍ଥିତିକୁ,—ଆମେ ଦୁଇଟି ଭିନ୍ନ ଭିନ୍ନ ଦିଗରୁ ବିଚାର କରି ପାରିବା : ନିମ୍ନରୁ ବିଚାର କରି ପାରିବା, ଊର୍ଦ୍ଧ୍ୱରୁ ବିଚାର କରି ପାରିବା । ଯେତେବେଳେ ତୁମେ ନିମ୍ନରୁ ଆଉ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରୁଥିବ, ଏକ ସାଧାରଣ ମନୁଷ୍ୟର

'oaob.nitrkl.ac.in' images reprocessed

ଭାବନା ନେଇ ସେଗୁଡ଼ିକୁ ଦେଖୁଥିବ ତେବେ, ଯେଉଁମାନେ ଏକ ନୂତନ ଧର୍ମର ପ୍ରଚାର କରିଛନ୍ତି ବା ମନୁଷ୍ୟଜାତି ପାଇଁ ଏକ ଆଦର୍ଶ ମାର୍ଗ ଦେଖାଇ ଯାଇଛନ୍ତି, ସେମାନେ ଯେ କେତେ କେତେ କଷ୍ଟ ସହ୍ୟ କରିଛନ୍ତି, ତୁମକୁ ତାହା ପ୍ରକୃତରେ ଭୟଭୀତ କରି ପକାଇବ । ସେମାନେ ସମସ୍ତେ କଷ୍ଟ ସହ୍ୟ କରିଛନ୍ତି, ଅର୍ଥାତ୍, ସମସ୍ତେ ଅନ୍ୟ ମଣିଷଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଛନ୍ତି । ସାଧାରଣ ଭାବରେ କହିବାକୁ ଗଲେ, ଏଠାରେ ଅଳ୍ପ କେତେକ ବ୍ୟତିକ୍ରମ ନିଶ୍ଚୟ ରହିଛି, ଆପଣାଠାରୁ ଯାହାକିଛି ଏକ ଉଚ୍ଚତର ସ୍ତରରେ ହୋଇଥିବ, ଏବଂ ଯେତେବେଳେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ସେମାନଙ୍କର ସାକ୍ଷାତ ହୋଇଥିବ, ଯିଏକି ସେମାନଙ୍କଠାରୁ ଅନେକ ଊର୍ଦ୍ଧ୍ୱରେ ଠିଆହୋଇ ରହିଥିବେ, (କେତୋଟି ବ୍ୟତିକ୍ରମକୁ ବାଦ୍ ଦେଇ ମୁଁ ଏହି କଥାଟି କହୁଛି) ତେବେ ସେମାନଙ୍କୁ ତାହାହିଁ ଭାରି ଦ୍ୱେଷାନ୍ୱିତ କରି ପକାଇବ । ଆପଣାଠାରୁ ଏତେ ଅଧିକ ପରିମାଣରେ ଊର୍ଦ୍ଧ୍ୱରେ ରହିଥିବା, ସେହିପରି କୌଣସି ଏକ ବସ୍ତୁ ସହିତ ସାକ୍ଷାତ ଘଟିଲେ ସେମାନେ ପ୍ରାୟ ଏକ ଅନତିକ୍ରମ୍ୟ ଦ୍ୱେଷରୁହିଁ ଉତ୍ପୀଡ଼ିତ ହେବାରେ ଲାଗିଥାନ୍ତି । ଏହି କ୍ଷେତ୍ରରେ ସେମାନଙ୍କର ମନରେ କେବଳ ଗୋଟିଏ ଭାବନାହିଁ ଉଦୟ ହୋଇଥାଏ, ସେଇଟିକୁ ସେମାନେ ବିନଷ୍ଟ କରିଦେବେ ବୋଲିହିଁ ଚିନ୍ତା କରନ୍ତି; ଏବଂ ବସ୍ତୁତଃ ସେମାନେ କାଳେକାଳେହିଁ ସେଇଆ କରିଛନ୍ତି । ମନୁଷ୍ୟ-ଇତିହାସରେ ଏକଥାଟି ଠିକ୍ ଏହିପରି ହୋଇ ଆସିଛି । ଯେଉଁମାନେ କୌଣସି ବିଶେଷ ସାମର୍ଥ୍ୟକୁ ଜୀବନରେ ବହନ କରି ଧରାତଳକୁ ଆସିଛନ୍ତି, ଏକ ବିଶେଷ କରୁଣାକୁ ବହନ କରି ଆସିଛନ୍ତି ଏବଂ ମନୁଷ୍ୟ ତା'ର ନିତ୍ୟନୈମିତ୍ତିକ ଏହି ଗୁଳାଟି ଭିତରୁ ବାହାରି ଆସି ପାରିବ ବୋଲି କିଞ୍ଚିତ୍ ପ୍ରୟାସ କରି ଆସିଛନ୍ତି, ସେମାନେ ଅଳ୍ପବହୁତ ପରିମାଣରେ ପ୍ରାୟ ସବୁଠାରେହିଁ ନିର୍ଯ୍ୟାତନା ସହ୍ୟ କରିଛନ୍ତି, ସହିଦ ହୋଇଛନ୍ତି; ସେମାନଙ୍କୁ ଜୀଅନ୍ତା ପୋଡ଼ି ଦିଆଯାଇଛି, କ୍ରୁଶ ଉପରେ ଟାଙ୍ଗି ଦିଆଯାଇଛି,...ବର୍ତ୍ତମାନ ଏହି ପରିସ୍ଥିତିଟି ପୂର୍ବର ତୁଳନାରେ ଟିକିଏ କମ୍ ଭୀଷଣ ହେବାକୁ ଆରମ୍ଭ କଲାଣି, କାରଣ ପୂର୍ବଯୁଗଗୁଡ଼ିକର ତୁଳନାରେ ଏବେ ମଣିଷ-ମାନଙ୍କୁ ନିଆଁରେ ପକାଇ ମାରିଦେବା ଲାଗି ପୂର୍ବାପେକ୍ଷା ଅଧିକ ଯୁକ୍ତିଯୁକ୍ତ କାରଣମାନ ଯୋଗାଇ ଦେବାର ଆବଶ୍ୟକତା ପଡ଼ୁଛି । ଏପରି କରିବାର ରୀତିଟି ଏବେ ଆଉ ଦେଖିବାକୁ ମିଳୁ ନାହିଁ,—ମାତ୍ର ଭାବନାଗୁଡ଼ାକ ଯେ ଖୁବ୍ ବେଶୀ ବଦଳି ଯାଇଛି, ସେକଥା ମୋଟେ କୁହାଯାଇ ପାରିବ ନାହିଁ । ଯାହାକିଛି ତା'ଠାରୁ ବଦଳିଯାଇ ଆଗକୁ ଚାଲିଯାଏ, ତା' ପ୍ରତି ମନୁଷ୍ୟଜାତିର ସାଧାରଣତଃ ଗୋଟାଏ ପ୍ରକାରର ବିଦ୍ୱେଷ ରହିଆସିଛି; ତା' ଦ୍ୱାରା ସିଏ ଅପମାନିତ ହେବା ପରି ଅନୁଭବ କରିଆସିଛି ଏବଂ ମଣିଷମାନେ କେବେହେଲେ ଅପମାନିତ ହେବାଟାକୁ ଖୁବ୍‌ବେଶୀ ପସନ୍ଦ କରନ୍ତି ନାହିଁ ।

'oaob.nitrkl.ac.in' images reprocessed

ବେଳେ ବେଳେ, ନିଦରୁ ଉଠିଲା ପରେ, ସଚେଅବା ଆଦୌ କିଛିହେଲେ ମନେ ନଥାଏ; ଏପରିକି, ଜଣେ କେଉଁଠି ଅଛି, ସେକଥା ମଧ୍ୟ ଭୁଲି ହୋଇଯାଏ । ଏପରି କାହିଁକି ହୁଏ ?

ଏପରି ହୁଏ, କାରଣ ନିଦରେ ଶୋଇଥିବା ସମୟରେ ତୁମେ ଅଚେତନା ଭିତରକୁ ଚାଲି ଯାଇଥାଅ ଏବଂ ଚେତନା ସହିତ ସେତେବେଳେ ତୁମର ଆଉ କୌଣସି ସଂଯୋଗ ରହି ନଥାଏ । ଏହି ସଂଯୋଗଟିକୁ ପୁନର୍ବାର ପ୍ରତିଷ୍ଠା କରିବାକୁ ଟିକିଏ ସମୟ ଲାଗେ । ଅବଶ୍ୟ, ଏପରି ମଧ୍ୟ ଘଟିପାରେ ଯେ ଅଚେତନା ମଧ୍ୟକୁ ନଯାଇ ଜଣେ ଅର୍ଦ୍ଧଚେତନା ମଧ୍ୟକୁ ଚାଲି ଯାଇପାରେ; ଏପରି ଅଧିକାଂଶ ସମୟରେ ଆଦୌ ଘଟି ନଥାଏ । ଏବଂ ଏହି ଦୁଇ ଅବସ୍ଥାରେ ଅନୁଭୂତି ମଧ୍ୟ ସମାନ ହୁଏ ନାହିଁ, କାରଣ, ମୁଁ କିଏ, ମୁଁ କେଉଁଠାରେ ଅଛି ବା କେଉଁଟା ପ୍ରକୃତରେ କ'ଣ ବୋଲି ଜାଣି ନପାରିବାର ଏହି ନକାରାତ୍ମକ ଭାବନାଟି ଆସିବା ପରିବର୍ତ୍ତେ ସେତେବେଳେ ଆମେ ଆମ ନିତ୍ୟନୈମିତ୍ତିକ ଜୀବନଠାରୁ ଭିନ୍ନ ଆଉ ଏକ ସୋପାନକୁ ଉନ୍ନୀତ ହୋଇ ଯାଇଥିବାର, ଆମେ ଆଗରୁ ଯାହା ଥିଲୁ ବର୍ତ୍ତମାନ ଠିକ୍ ସେହି ବ୍ୟକ୍ତି ହୋଇ କଦାପି ରହି ନଥିବାର ଏକ ନିର୍ଦ୍ଦିଷ୍ଟ ଅନୁଭୂତି ହିଁ ଆମର ହୁଏ । ମାତ୍ର, ଯେତେବେଳେ ନିଜର ସାଧାରଣ ଚେତନାଟିଠାରୁ ଯାବତୀୟ ସଂଯୋଗ କଟିଯାଇଥାଏ ସେତେବେଳେ ତାହା ଏଇଥି ସକାଶେ ହୋଇଥାଏ ଯେ ଆମେ କୁଢୋଢ଼ ନିଦରେ ଶୋଇ ପଡ଼ିଥାଉ ଓ ଦୀର୍ଘ ସମୟ ଲାଗି ଅଚେତନାର ରାଜ୍ୟଟି ମଧ୍ୟକୁ ଚାଲି ଯାଇଥାଉ । ସେତେବେଳେ ସବୁ ଖଣ୍ଡ ବିକ୍ଷିପ୍ତ ହୋଇପଡ଼େ, ଅଚେତନା ମଧ୍ୟରେ ଲୀନ ହୋଇପଡ଼େ, ଏବଂ ତେଣୁ ଏହି ଖଣ୍ଡଗୁଡ଼ିକୁ ପୁଣି ଯୋଡ଼ି ଏକାଠି କରି ଆଣିବାକୁ ପଡ଼ିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅସ୍ତିତ୍ୱର ଆରମ୍ଭରେ ଯେପରି ଭାବରେ ହୋଇଥିଲା, ଏହି ଯୋଡ଼ି ଆଣିବାର କାର୍ଯ୍ୟଟି ବର୍ତ୍ତମାନ ତା'ଠାରୁ ଅଧିକ ଶୀଘ୍ର ହୋଇଥାଏ, ମାତ୍ର ତଥାପି ଚେତନ ଉପାଦାନଗୁଡ଼ିକୁ ପୁନର୍ବାର ଏକାଠି କରି ଆଣିବାକୁ ପଡ଼େ ଏବଂ ମୁଁ କିଏ, କେଉଁଠି ଅଛି, ପୁନର୍ବାର ଏସବୁ ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରିବା ଲାଗି ଅଭ୍ୟନ୍ତରେ ଏକ ସମ୍ବଦ୍ଧତାକୁ ନିର୍ମାଣ କରି ଆଣିବାକୁ ହୁଏ ।

ବେଳେ ବେଳେ, ସ୍ୱପ୍ନ ଦେଖୁଥିବା ସମୟରେ, ଆମେ କେତେ କେତେ ଘର, ରାସ୍ତା ଓ ଜାଗା ଭିତରେ ଯାଇ ପ୍ରବେଶ କରୁ,— ଏଗୁଡ଼ିକୁ ଆମେ ଆଗରୁ କେବେହେଲେ ଦେଖି ନଥାଉ । ଏହାର କୌଣସି ତାତ୍ପର୍ଯ୍ୟ ଅଛି କି ?

'oaob.nitrkl.ac.in' images reprocessed

ଏପରି ହେବାର ଅନେକ କାରଣ ଥାଇପାରେ । ସମ୍ଭବତଃ, ଏହି କ୍ଷେତ୍ରରେ ଏକ ବାହ୍ୟ ରୂପ ଗ୍ରହଣ କରିବାର ଘଟଣାଟି ଘଟିଥାଏ : ଆମେ ଆମ ଶରୀର ଭିତରୁ ବାହାରକୁ ବାହାରିଆସୁ ଏବଂ ଆଉ କୁଆଡ଼େ ବୁଲିବାକୁ ଚାଲିଯାଉ । ହଁ, ଏଗୁଡ଼ିକୁ ଆମେ ପୂର୍ବଜନ୍ମର ସ୍ମୃତି ବୋଲି ମଧ୍ୟ କହିପାରିବା । ସମ୍ଭବତଃ, ଆମେ ଆଉଜଣକର ଚେତନା ସହିତ ଆପଣାକୁ ଏକରୂପ କରି ନେଇଥାଉ ଏବଂ ତେଣୁ ଏହି ଅନ୍ୟ ଜଣକର ସ୍ମୃତିଗୁଡ଼ିକ ଆମର ବୋଧ ଭିତରକୁ ଆସି ପ୍ରବେଶ କରୁଥାଏ । ଏହା ଏକ ପୂର୍ବବୋଧ ବି ହୋଇପାରେ (ଏପରି ଅତି କ୍ୱଚିତ୍ ହୁଏ, ମାତ୍ର ତଥାପି ହୁଏ) : ଆମେ ପରେ ଯାହାସବୁ ପ୍ରତ୍ୟକ୍ଷ କରିବାକୁ ଯାଉଛୁ, ବର୍ତ୍ତମାନ ସେହିଗୁଡ଼ିକୁ ଦେଖିବାକୁ ପାଉ ।

ମୁଁ ସେଦିନ ତୁମମାନଙ୍କୁ ଜାପାନର ସେହି ପ୍ରାକୃତିକ ଦୃଶ୍ୟଗୁଡ଼ିକ ବିଷୟରେ କହୁଥିଲି; ଏବଂ, ସେଗୁଡ଼ିକ ମଧ୍ୟରୁ ପ୍ରାୟ ସବୁଗୁଡ଼ିକୁ, ସବୁଠାରୁ ସୁନ୍ଦର-ଗୁଡ଼ିକୁ ଏବଂ ସ୍ମରଣୀୟଗୁଡ଼ିକୁ ମୁଁ ଫ୍ରାନ୍ସରେ ଥିଲାବେଳେ ମଧ୍ୟ ଦୃଷ୍ଟିପଟରେ ଦେଖି ସାରିଥିଲି । ମାତ୍ର ତଥାପି ଜାପାନର କୌଣସି ଛବି ବା ଫଟୋ ମୁଁ ସେତେବେଳେ ଆଦୌ ଦେଖି ନଥିଲି, ମୁଁ ଜାପାନ ବିଷୟରେ କିଛି ଜାଣି ନଥିଲି । ଏବଂ ମୁଁ ଏହି ଯେଉଁସବୁ ପ୍ରାକୃତିକ ଦୃଶ୍ୟ ଦେଖିଥିଲି, ସେଥିରେ କୌଣସି ମଣିଷ କେଉଁଠିହେଲେ ନଥିଲେ, କେବଳ ବିଶୁଦ୍ଧ ପ୍ରାକୃତିକ ଦୃଶ୍ୟଗୁଡ଼ିକହିଁ ରହିଥିଲା, ଏବଂ ସେତେବେଳେ ମୋର ମନେ ହୋଇଥିଲା ଯେ ସେଗୁଡ଼ିକ ଆଉ ଅନ୍ୟ ଏକ ପୃଥିବୀର ଦୃଶ୍ୟ; ସେଗୁଡ଼ିକ ଏହି ଜଡ଼ ପୃଥିବୀର କଦାପି ନୁହେଁ । ଜଡ଼ ପୃଥିବୀରେ ଏତେ ସୁନ୍ଦର ଦୃଶ୍ୟମାନ ଥାଇପାରେ ବୋଲି ମୁଁ କଳ୍ପନାହିଁ କରି ନଥିଲି, ଏତେ ପରିପୂର୍ଣ୍ଣ ଭାବରେ ସୁନ୍ଦର ଦୃଶ୍ୟ ଏଠାରେ ରହିଥିବ ବୋଲି ମୁଁ କଦାପି ଭାବି ନଥିଲି । ଆକାଶ ଭିତରକୁ ସିଧା ଉଠି ଯାଇଥିବା ସେହି ଶିଢ଼ିଗୁଡ଼ିକୁ ମୁଁ ବିଶେଷ ଭାବରେ ଦେଖିଥିଲି; ମୋ ଦୃଷ୍ଟି ଭିତରେ ମୁଁ ସେଗୁଡ଼ିକୁ ସିଧା ଉପରକୁ ଉଠି ଚାଲିଯିବାର ସଙ୍କେତ ପରି ଅନୁଭବ କରିଥିଲି; ସତେଯେପରି ଜଣେ ପ୍ରକୃତରେ ଏହିପରି ଉପରକୁ ଓ ଉପରକୁ ଅବିରାମ ଭାବରେ ଉଠିଯାଇ ପାରିବ, ମୁଁ ଠିକ୍ ସେହିପରି ଅନୁଭବ କରିଥିଲି । ମୋ ଭିତରେ ତାହାର ଗୁପଟି ସ୍ଥାୟୀ ହୋଇ ରହି ଯାଇଥିଲା, ଏବଂ ଯେତେବେଳେ ମୁଁ ଜାପାନରେ ସେଗୁଡ଼ିକୁ ପ୍ରକୃତରେ ଦେଖିବାକୁ ପାଇଲି, ସେତେବେଳେ ମୁଁ ବେଶ୍ ବୁଝି ପାରୁଥିଲି ଯେ ଜାପାନ ବିଷୟରେ କିଛି ଜାଣିବାକୁ ପାଇବା ପୂର୍ବରୁ ମଧ୍ୟ ମୁଁ ଏଗୁଡ଼ିକୁ ଫ୍ରାନ୍ସରେ ଦେଖି ସାରିଥିଲି ।

ଏହି ବିଷୟରେ ସର୍ବଦା ଏକାଧିକ ବ୍ୟାଖ୍ୟା ଦିଆଯାଇ ପାରିବ ଏବଂ ଏଗୁଡ଼ିକୁ ଆଉଜଣଙ୍କ ସକାଶେ ବୁଝାଇ କହିଦେଇ ପାରିବା ପ୍ରକୃତରେ ଭାରି କଷ୍ଟକର । ଅବଶ୍ୟ ନିଜ ବେଳକୁ ତାହା ଭିନ୍ନ କଥା ହେବ; ଯଦି ନିଜର ସ୍ୱପ୍ନ ଓ

'oaob.nitrkl.ac.in' images reprocessed

ସ୍ୱପ୍ନସ୍ମରଣାଗୁଡ଼ିକୁ କେହି ଅତ୍ୟନ୍ତ ଯତ୍ନ ସହକାରେ ଅଧ୍ୟୟନ କରିଥାଏ, ତେବେ ଏଥିରେ ନିହିତ ସୂକ୍ଷ୍ମ ଅର୍ଥବ୍ୟଞ୍ଜନାଗୁଡ଼ିକୁ ବାରିନେଇ ପାରିବା ନିଶ୍ଚୟ ସମ୍ଭବ ହେବ । ମୁଁ ଆଉ ଏକ ଜଗତକୁ ମୋର ଚକ୍ଷୁ ସମକ୍ଷରେ ଦେଖୁଥିବାର ଭାବୁଥିଲି ବୋଲି କହୁଥିଲି ନା—ଏହାର ଯେ ଏକ ଅସ୍ତିତ୍ୱ ରହିଛି, ମୁଁ ସେକଥା ଜାଣିଥିଲି ସତ, ମାତ୍ର ମୁଁ ଆଦୌ କଳ୍ପନା କରି ପାରୁ ନଥିଲି ଯେ ପୃଥିବୀରେ ଏପରି ଏକ ଦେଶ ଅଛି, ଯେଉଁଠାରେ କି ଏଗୁଡ଼ିକ ପ୍ରକୃତରେ ରହିଛି । କାରଣ, ଦୃଶ୍ୟଗୁଡ଼ିକ ଏତେ ଅଦ୍ଭୁତ ଭାବରେ ସୁନ୍ଦର ଥିଲା ଯେ ତାହା ପ୍ରକୃତରେ କେଉଁଠି ଥିବ ବୋଲି ଏକାବେଳେକେ ଅସମ୍ଭବ ମନେ ହେଉଥିଲା । ଏହି କ୍ଷେତ୍ରରେ ସନ୍ଦିଗ୍ଧ ମନଟି ଆସି ଭାରି ହସ୍ତକ୍ଷେପ କରି ପକାଉଥିଲା । ମାତ୍ର ମୁଁ ଭଲ କରି ଜାଣିଥିଲି ଯେ ମୁଁ ଯାହାସବୁ ଦେଖୁଥିଲି ତାହା ପ୍ରକୃତରେ ଅସ୍ତିତ୍ୱରେ ଥିଲା, ଏବଂ ଯେତେବେଳେ ମୁଁ ବାହାରେ ମଧ୍ୟ ସେଗୁଡ଼ିକୁ ଦେଖିବାକୁ ପାଇଲି, ସେତେବେଳେ ମୁଁ ଏହି କଥାଟିକୁ ଉପଲବ୍ଧି କରି ପାରିଲି ଯେ ମୁଁ ଆଗରୁ ଏପରି କିଛି ଦେଖିଥିଲି, ଯାହାର କି ଏକ ପ୍ରକୃତ ଅସ୍ତିତ୍ୱ ଥିଲା । ମାତ୍ର ଆଗରୁ ଅନ୍ତର୍ଦୃଷ୍ଟିରେହିଁ ମୁଁ ସେସବୁ ଦେଖିଥିଲି (ସୂକ୍ଷ୍ମ-ଭୌତିକ ସ୍ତରରେ ଦେଖିଥିଲି), ବାହାରେ ଦେଖିବା ପୂର୍ବରୁ ମୁଁ ସେଗୁଡ଼ିକୁ ଅନ୍ତର୍ଦୃଷ୍ଟିରେ ଦେଖିଥିଲି । ପ୍ରତ୍ୟେକଙ୍କର ଜୀବନରେ କେତେକ ନିର୍ଦ୍ଦିଷ୍ଟ ସଙ୍କେତ ସବୁବେଳେ ରହିଥାଏ, ମାତ୍ର ସେଗୁଡ଼ିକୁ ଗ୍ରହଣ କରି ପାରିବା ଲାଗି ଆମକୁ ଉଚିତ ମାର୍ଗରେ ଅଗ୍ରସର ହେବାକୁ ପଡ଼ିବ, ଭାରି ସାବଧାନତାର ସହିତ ସବୁକିଛି ଲକ୍ଷ୍ୟ କରିବାକୁ ପଡ଼ିବ, ଆପଣାର ଅବଲୋକନରେ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ,—କ୍ଷୀଣତମ ସଙ୍କେତଗୁଡ଼ିକର ଅବହେଳା କଲେ ମଧ୍ୟ ଆଦୌ ଚଳିବ ନାହିଁ; ଏବଂ ସବୁଠାରୁ ବଡ଼ କଥା ହେଉଛି ଯେ ଆମର ଯେଉଁସବୁ ଅଭିଜ୍ଞତା ହେଉଥିବ, ଆମେ ତା' ପଛରେ କୌଣସି ଅନୁକୂଳ ମାନସିକ ବ୍ୟାଖ୍ୟାମାନ ଆଣି ଯୋଡ଼ିଦେବାର ଆଦୌ କୌଣସି ଚେଷ୍ଟା କରିବା ନାହିଁ । କାରଣ ଯଦି ଆମେ ନିଜ ପାଖରେ ସବୁକିଛିର ବ୍ୟାଖ୍ୟାଟିଏ ଦେବାକୁ ଇଚ୍ଛା କରୁଥାଉ (ଅନ୍ୟମାନଙ୍କ ଲାଗି ବ୍ୟାଖ୍ୟା କରିବାର କଥାଟିକୁ ମୁଁ ଉଲ୍ଲେଖ ବି କରୁ ନାହିଁ), ଯଦି ବେଶ୍ ସନ୍ତୋଷଜନକ ଭାବରେ ଆମେ ଆମ ଅନୁଭୂତିଗୁଡ଼ିକର ବ୍ୟାଖ୍ୟା କରିବାକୁ ଇଚ୍ଛା କରୁଥାଉ, ସେଥିରୁ ସନ୍ତୋଷ ପାଇବାକୁ ମନ କରୁଥାଉ, ତେବେ ଆମେ ତା'ପରେ ଆଉ କିଛିହେଲେ ବୁଝି ପାରିବା ନାହିଁ । ଅର୍ଥାତ୍, ସେହି ସଙ୍କେତଗୁଡ଼ିକ ଗୋଳାଅମିଶା ହୋଇ ଯାଉଛନ୍ତି ବୋଲି ଠଉରାଇ ପାରିବା ପୂର୍ବରୁ ମଧ୍ୟ ଆମେ ସେଗୁଡ଼ିକୁ ହୁଏତ ଭାରି ଗୋଳାଆମିଶା କରି ପକାଇବା । ଉଦାହରଣସ୍ୱରୂପ, ଯେତେବେଳେ ଜଣେ ତା'ର ସ୍ୱପ୍ନରେ କୌଣସି ବ୍ୟକ୍ତିକୁ ଦେଖିବ (ଯେଉଁସବୁ ସ୍ୱପ୍ନରେ ତୁମେ ଅଚହ୍ନା ମଣିଷଙ୍କୁ ଦେଖ, ଏଠାରେ ମୁଁ ସେସବୁ ସ୍ୱପ୍ନର କଥା କହୁ ନାହିଁ; ମାତ୍ର, ତୁମେ ଜାଣିଥିବା କୌଣସି

'oaob.nitrkl.ac.in' images reprocessed

ବ୍ୟକ୍ତିକୁ ଯେଉଁସବୁ ସ୍ୱପ୍ନରେ ଦେଖ, ତୁମକୁ ଦେଖା କରିବାକୁ ଆସୁଥିବା କୌଣସି ବ୍ୟକ୍ତିକୁ ତୁମେ ଯେଉଁସବୁ ସ୍ୱପ୍ନରେ ଦେଖ, ଏଠାରେ ମୁଁ ସେହିସବୁ ସ୍ୱପ୍ନର କଥା କହୁଛି), ସେତେବେଳେ ତାହାର ଯାବତୀୟ ପ୍ରକାରର ବ୍ୟାଖ୍ୟା ଦିଆଯାଇ ପାରିବ । ଯଦି ସିଏ ଏପରି ଜଣେ ବ୍ୟକ୍ତି ହୋଇଥାଏ, ଯିଏକି ତୁମଠାରୁ ଅନେକ ଦୂରରେ ଆଉଗୋଟିଏ ଦେଶରେ ବାସ କରୁଛି, ସମ୍ଭବତଃ ସେହି ବ୍ୟକ୍ତି ତୁମ ପାଖକୁ ଚିଠି ଲେଖିଛି ଓ ଚିଠିଟି ତୁମ ପାଖରେ ଏପର୍ଯ୍ୟନ୍ତ ଆସି ପହଞ୍ଚି ନାହିଁ, ତେବେ ତୁମେ ସ୍ୱପ୍ନରେ ସେହି ବ୍ୟକ୍ତିଟିକୁ ଦେଖ, କାରଣ ସିଏ ତା'ର ଚିଠିଟି ମଧ୍ୟରେ ତୁମ ଲାଗି ତା'ର ଏକ ରୂପ ମଧ୍ୟ ଥାପି ଦେଇଥାଏ, ଚିଠିଟି ମଧ୍ୟରେ ଆପଣାର ଏକ ସଂକେନ୍ଦ୍ରଣ କରି ଦେଇଥାଏ । ତୁମେ ରାତିରେ ସେହି ବ୍ୟକ୍ତିକୁ ସ୍ୱପ୍ନରେ ଦେଖ ଏବଂ ପରଦିନ ସକାଳେ ତା'ର ଚିଠିଟି ଆସି ପହଞ୍ଚିଯାଏ । ଏହି କଥାଟି ଅନେକ ସମୟରେ ଘଟେ । ଯଦି ସେହି ବ୍ୟକ୍ତିଟିର ଏକ ଦୃଢ଼ ଭାବନାଶକ୍ତି ରହିଥାଏ, ତେବେ ସେ ଅତ୍ୟନ୍ତ ଦୂରରେ ଥାଇ ମଧ୍ୟ ତୁମ କଥା ଚିନ୍ତା କରିପାରେ, ତା' ନିଜ ଦେଶରେ ଥାଇ ମଧ୍ୟ ସେ ତୁମ କଥା ଭାବିପାରେ ଏବଂ ତା'ର ଭାବନାକୁ ତୁମ ଉପରେ ଆଣି ସଂକେନ୍ଦ୍ରିତ କରିପାରେ; ଏବଂ ସେହି ସଂକେନ୍ଦ୍ରଣ ତୁମର ଚେତନା ମଧ୍ୟରେ ସେହି ବ୍ୟକ୍ତିଟିର ଆକୃତି ଧାରଣ କରେ । ସମ୍ଭବତଃ ଏପରି ହୋଇପାରେ ଯେ ସେହି ବ୍ୟକ୍ତି ଜାଣିଶୁଣି ତୁମକୁ ଡାକୁଥାଏ, ସିଏ ଅତ୍ୟନ୍ତ ଇଚ୍ଛାକୃତ ଭାବରେ ତୁମକୁ କିଛି କହିବାକୁ ଆସିଥାଏ; ଯଦି ସିଏ କୌଣସି ବିପଦରେ ପଡ଼ିଥାଏ ଅଥବା ତା'ର ଦେହ ଭଲ ନଥାଏ, ତେବେ ସେହି ବିଷୟରେ ତୁମକୁ କୌଣସି ସଙ୍କେତ ଦେବାକୁ ଆସିଥାଏ । ଯଦି ତା'ର ହୁଏତ ତୁମକୁ କୌଣସି ମହତ୍ତ୍ୱପୂର୍ଣ୍ଣ କଥା କହିବାକୁ ଥାଏ, ତେବେ ସେ ତୁମଠାରେ ଆପଣାକୁ ଅଭିନିବିଷ୍ଟ କରି ଆଣିବାକୁ ଆରମ୍ଭ କରେ (ହୁଏତ ପ୍ରତ୍ୟେକ ବ୍ୟକ୍ତି ତାହା ଜାଣନ୍ତି ନାହିଁ, ମାତ୍ର ସିଏ ଜାଣିଥାଏ) । ଏବଂ ସିଏ ତୁମର ପରିବେଶଟି ମଧ୍ୟରେ ଆସି ପ୍ରବେଶ କରେ, ତୁମକୁ ବିଶେଷ କୌଣସି ବିଷୟ କହିବାକୁ ଆସେ । ଏହି କ୍ଷେତ୍ରରେ ଯଦି ତୁମେ ନିଜକୁ କୌଣସି ପ୍ରକାରେ ସକ୍ରିୟ ନକରି ସମ୍ପୂର୍ଣ୍ଣ ମନୋଯୋଗୀ ହୋଇ ରହିପାର, ତେବେ ତୁମେ ସେହି ସନ୍ଦେଶଟିକୁ ନିଶ୍ଚୟ ପାଇଯାଇ ପାରିବ । ତା'ପରେ, ତଥାପି ଆଉ ଦୁଇଟି ଉଦାହରଣ ରହିଛି : ମନେ କରାଯାଉ ଯେ କୌଣସି ବ୍ୟକ୍ତି ଶୋଇଥିବା ବେଳେ ଅଳ୍ପବହୁତ ପରିମାଣରେ ଏକ ବାହ୍ୟରୂପ ଧାରଣ କରି ଆପଣା ଭିତରୁ ବାହାରି ଚାଲିଆସିଛି ଏବଂ ତୁମକୁ ଦେଖିବାକୁ ଆସିଛି । ଏବଂ ତୁମେ ଏହି ବ୍ୟକ୍ତିଟି ବିଷୟରେ ବେଶ୍ ସଚେତନ ହୋଇ ପାରୁଛ, କାରଣ (ସେତେଅବା କୌଣସି କମିଆ ଘଟିଲା ପରି) ତୁମେ ମଧ୍ୟ ତାହାରି ଭଳି ଏକ ତଦନୁରୂପ ଚେତନାସ୍ଥିତିରେ ରହିଛ । ଏବଂ, ସର୍ବଶେଷରେ, ଗୋଟିଏ ଶେଷ ଉଦାହରଣ ହେଉଛି ଯେ ଏହି ବ୍ୟକ୍ତି ହୁଏତ ଜଣେ ମୃତ ବ୍ୟକ୍ତି ହୋଇପାରେ,

'oaob.nitrkl.ac.in' images reprocessed

ଓ ଆପଣାର ମୃତ୍ୟୁ ପରେ ତୁମକୁ ହୁଏତ ଦେଖିବା ପାଇଁ ବି ଆସିପାରେ (ହୁଏତ ତାହାର ଏକ ଅଂଶ ବା ତା' ସତ୍ତାର ପ୍ରାୟ ସବୁଯାକ ଅଂଶ; ତୁମ ସହିତ ତାହାର ଯେପରି ସମ୍ବନ୍ଧ ରହିଥିଲା, ଏକଥା ତାହାରି ଉପରେହିଁ ନିର୍ଭର କରିବ) । ତେଣୁ, ଯିଏ ଅତ୍ୟନ୍ତ ସାବଧାନତା ସହିତ ଏଗୁଡ଼ିକୁ ଲକ୍ଷ୍ୟ କରି ନପାରୁଥିବ, ତେବେ ଏହିସବୁ ଅନ୍ତର୍ବ୍ୟଞ୍ଜନାଗୁଡ଼ିକୁ ଠଉରାଇ ପାରିବା ତା' ପକ୍ଷରେ ପ୍ରକୃତରେ ଭାରି କଷ୍ଟକର ହେବ, ଭାରି କଷ୍ଟକର ହେବ । ଏବଂ ଅନ୍ୟ ପକ୍ଷରେ କଳ୍ପନାପ୍ରବଣ ଲୋକମାନେ ବେଶ୍ ଅନେକ ସମୟରେ ଆସି ତୁମକୁ କହିବେ, "ଶୁଣିଲଣି,—ମୁଁ ଏହି ବ୍ୟକ୍ତିଟିକୁ ଦେଖିଲି,—ସିଏ ମରିଯାଇଛି !" ଏହି କଥାଟିକୁ ମୁଁ ଯେ କେତେଥର ଶୁଣିଥିବି, ତାହାର କୌଣସି ଠିକଣା ନାହିଁ । ଏହିପରି ଲୋକମାନଙ୍କର କଳ୍ପନାଶକ୍ତି ସମ୍ପୂର୍ଣ୍ଣ ବନ୍ଧନହୀନ ହୋଇ ଦଉଡ଼ିବାରେ ଲାଗିଥାଏ । ହଁ, ହୋଇପାରେ ଯେ ସେହି ବ୍ୟକ୍ତି ମରି ଯାଇଛନ୍ତି, ମାତ୍ର ସିଏ ତୁମକୁ ଆସି ଦେଖାଦେଲେ ବୋଲି ଯେ ସିଏ ମରିଗଲେ, ସେକଥା ଆଦୌ ନୁହେଁ !…ସ୍ୱପ୍ନଗୁଡ଼ିକ ଯେଉଁ ବାହ୍ୟ ରୂପମାନ ଗ୍ରହଣ କରନ୍ତି, ସେଗୁଡ଼ିକ ପ୍ରତି ଆମର ଯଥେଷ୍ଟ ଧ୍ୟାନ ଦେବା ଉଚିତ । କାରଣ, ଅନେକ ସମୟରେ ପାର୍ଥକ୍ୟଗୁଡ଼ିକୁ ଠଉରାଇ ପାରିବା ଭାରି କଷ୍ଟକର ହୋଇପଡ଼େ, ତେଣୁ ଆମକୁ ଭାରି, ଭାରି ସାବଧାନ ରହିବାକୁ ପଡ଼ିବ । ତୁମ ନିଜ ସ୍ୱପ୍ନରେ କହିବାକୁ ଗଲେ, ଯଦି ଏହିସବୁ ସ୍ୱପ୍ନର ଅଧ୍ୟୟନ କରିବା ତୁମର ଅଭ୍ୟାସ ହୋଇଥାଏ, ତେବେ ତୁମେ ଉକ୍ତ ପାର୍ଥକ୍ୟଗୁଡ଼ିକୁ ନିଶ୍ଚୟ ବାଛିନେଇ ପାରିବ, ମାତ୍ର ଆଉଜଣକର ଅନୁଭୂତିକୁ ନେଇ ଅର୍ଥ କରି ବସିବା ପ୍ରକୃତରେ ଏକ ଭାରି କଷ୍ଟକର କାର୍ଯ୍ୟ; ହଁ, ଯଦି ସିଏ ତା'ର ସ୍ୱପ୍ନ-ପରିବେଶଟି ମଧ୍ୟରେ ତାକୁ ଘେରି ରହିଥିବା ଟିକିନିଖି ସବୁ କଥା ତୁମ ଆଗରେ ବର୍ଣ୍ଣନା କରି କହିପାରିଲା, ଆଗରୁ ସେ କ'ଣସବୁ ଭାବିଥିଲା, ପରେ ତା'ର ମୁଣ୍ଡକୁ କେଉଁସବୁ ଧାରଣା ଆସିଲା, ତା'ର ସ୍ୱାସ୍ଥ୍ୟ ପ୍ରକୃତରେ କିପରି ଥିଲା, ଶୋଇବାକୁ ଗଲାବେଳେ ସିଏ କ'ଣସବୁ ଅନୁଭବ କରୁଥିଲା, ତା' ପୂର୍ବଦିନ ସେ କ'ଣସବୁ କରିଥିଲା, ଇତ୍ୟାଦି ଯାବତୀୟ ପ୍ରକାର ବିଷୟକୁ ଯଦି ସେ ଗୋଟିଗୋଟି କରି ନିଖୁଣ ଭାବରେ ତୁମକୁ କହିଦେଇ ପାରିଲା, ତେବେ ତାହା ଅବଶ୍ୟ ଭିନ୍ନ କଥା ହେବ । ଯେଉଁ ଲୋକମାନେ ତୁମ ପାଖକୁ ଆସି "ମୁଁ ସ୍ୱପ୍ନରେ ଏହିସବୁ କଥା ଦେଖିଲି, ଏହାର ଅର୍ଥ କ'ଣ ମୋତେ କହିବଟି !" ବୋଲି କହନ୍ତି, ସେଗୁଡ଼ାକ ସବୁ ପ୍ରକୃତରେ ପିଲାଳିଆ କଥା । ହଁ, ଯଦି, ତୁମେ ଯାହାକୁ ଭାରି ଭଲ ଭାବରେ ଜାଣିଅଛ, ବିଭିନ୍ନ ସୋପାନ ବା ଭୂମି ସହିତ ପରିଚିତ ହେବାର କଳାଟିକୁ ଯାହାକୁ ତୁମେ ନିଜେ ଶିଖାଇଛ, ତୁମେ ଯାହାର ଯାବତୀୟ ଅଭ୍ୟାସ ଓ ଯାବତୀୟ କ୍ରିୟାକୁ ଭଲ କରି ଜାଣିଛ, ସେପରି ଜଣେ ବ୍ୟକ୍ତି ତୁମକୁ ଆସି ଏକଥା କହିଲେ ତାହା ହୁଏତ ଭିନ୍ନ ହୋଇପାରେ; ମାତ୍ର ତା' ନହୋଇଥିଲେ ଅର୍ଥ କରି

'oaob.nitrkl.ac.in' images reprocessed

କହିବା ପ୍ରକୃତିରେ ଏକ ଅସମ୍ଭବ ବ୍ୟାପାର ହୋଇ ରହିବ, କାରଣ ସେହି ଗୋଟିଏ ପ୍ରକାରର ଦୃଷ୍ଟ ସ୍ୱପ୍ନ ଲାଗି ସର୍ବଦା ଅଗଣିତ ବ୍ୟାଖ୍ୟା ସମ୍ଭବ ହୋଇ ପାରୁଥିବ ।

ମଣିଷ ନିଜ ଭିତରୁ ବାହାରି ବିଗ୍ରହ ଗ୍ରହଣ କରି କିପରି ବାହାରକୁ ଯାଏ, ତାହାର କେତେକ ଖୁବ ଚମତ୍କାର ଦୃଷ୍ଟାନ୍ତ ରହିଛି । ବର୍ତ୍ତମାନ ମୁଁ ବିଲେଇମାନଙ୍କ ବିଷୟରେ ତୁମମାନଙ୍କୁ ଦୁଇଟି ଘଟଣା କହିବି, ଦୁଇଟିଯାକ ଘଟଣା ବେଶ୍ ଅନେକ ଦିନ ତଳେ ଫ୍ରାନ୍ସରେ ଘଟିଥିଲା । ଗୋଟିଏ ଘଟଣା ଅନେକ ପୂର୍ବରୁ ଘଟିଥିଲା, ଯୁଦ୍ଧର ଅନେକ ପୂର୍ବରୁ । ସେତେବେଳେ ଆମେ ସାନ ସାନ ବୈଠକରେ ପ୍ରତ୍ୟେକ ସପ୍ତାହରେ ଏକାଠି ହେଉଥିଲୁ,—ଖୁବ୍ ଅଳ୍ପ କେତେଜଣ ବନ୍ଧୁ ସେହିସବୁ ବୈଠକକୁ ଆସୁଥିଲେ, ପ୍ରାୟ ତିନି ଚାରିଜଣ ଆସୁଥିଲେ; ସେମାନେ ଦର୍ଶନ ଓ ଆଧ୍ୟାତ୍ମିକ ଅନୁଭୂତି ପ୍ରଭୃତି ବିଷୟଗୁଡ଼ିକର ଆଲୋଚନା କରୁଥିଲେ । ଜଣେ ଅଳ୍ପ ବୟସର ପିଲା ବି ଆସୁଥିଲା, ସିଏ କବିତା ପ୍ରଭୃତି ଲେଖାଲେଖି କରୁଥିଲା । ତାକୁ ଜଣେ ବେଶ୍ କୋମଳହୃଦୟ ମନୁଷ୍ୟ ବୋଲି କୁହାଯାଇ ପାରିବ,—ତା'ର ବୁଦ୍ଧି ଅତ୍ୟନ୍ତ ପ୍ରଖର ଥିଲା ଓ ସେ ପ୍ୟାରିସ୍‌ରେ ପାଠ ପଢୁଥିଲା । ଏସବୁ ବୈଠକକୁ ସିଏ ନିୟମିତ ଭାବରେ ଆସୁଥିଲା (ବୈଠକଗୁଡ଼ିକ ପ୍ରତି ବୁଧବାର ସନ୍ଧ୍ୟାବେଳେ ବସୁଥିଲା) । ଦିନେ ସନ୍ଧ୍ୟାରେ ସେ ବୈଠକକୁ ଆସିଲା ନାହିଁ । ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲୁ । ଆମ ସମସ୍ତଙ୍କର ତା' ସହିତ ଅଳ୍ପ କେତେଦିନ ପୂର୍ବରୁ ଦେଖା ହୋଇଥିଲା ଓ ସେ ଆସିବ ବୋଲି କହିଥିଲା,—ମାତ୍ର ଆସିଲା ନାହିଁ । ଆମେ ବେଶ୍ ଅନେକ ସମୟ ପର୍ଯ୍ୟନ୍ତ ତା' ଲାଗି ଅପେକ୍ଷା କଲୁ,—ବୈଠକ ଶେଷ ହେଲା ଏବଂ ସମସ୍ତେ ଫିରିବେ ବୋଲି ମୁଁ ସେତେବେଳେ କବାଟଟିକୁ ଯାଇ ଖୋଲିଦେଲି (ଏସବୁ ବୈଠକ ମୋର ଘରେ ହେଉଥିଲା) । ହଁ, ମୁଁ କବାଟ ଖୋଲିଦେଲି ଏବଂ ଦେଖିଲି ଯେ କବାଟ ସେପାଖରେ ଗୋଟିଏ ଖୁବ ବଡ଼ କଳା ପାଉଁଶିଆ ବିଲେଇ ସେଠି ବସିଛି । ମୁଁ ଦୁଆର ଖୋଲିଦେବା ମାତ୍ରକେ ବିଲେଇଟି ସଙ୍ଗେ ସଙ୍ଗେ ସତେଅବା ପାଗଳ ହୋଇଥିବା ପରି ଘର ଭିତରକୁ ଛୁଟି ଆସିଲା ଏବଂ ମୋ ଉପରକୁ ଏକାବେଳେକେ ଡେଇଁ ଚଢ଼ିଗଲା,—ସିଏ ଖୁବ କରୁଣ ଭାବରେ ମ୍ୟାଉଁ ମ୍ୟାଉଁ କରିବାରେ ଲାଗିଥାଏ । ମୁଁ ତା'ର ଆଖି ଦୁଇଟିକୁ ଅନାଇ ଦେଖିଲି ଓ ମନେମନେ ଭାବିଲି, "ଆରେ, ଏଗୁଡ଼ିକ ତ ଅମୁକର ଆଖି" (ଯେଉଁ ପିଲାଟିର ଆସିବାର ଥିଲା) । ମୁଁ ଭାବିଲି, "ନିଶ୍ଚୟ ତା'ର କୌଣସି ବିପଦ ଘଟିଛି !" ଏବଂ ତା' ଆରଦିନ ଆମେ ଜାଣିବାକୁ ପାଇଲୁ ଯେ ସେହି ପୂର୍ବ ରାତିରେ ତାକୁ କିଏ ହତ୍ୟା କରି ମାରି ଦେଇଛି; ତା' ଆରଦିନ ସକାଳେ ଦେଖିବାକୁ ମିଳିଛି ଯେ ସେ ତା'ର ବିଛଣା ଉପରେ ମରିକରି ପଡ଼ିଛି ଓ ରାତିରେ କେହି ଆସି ତା'ର ତଣ୍ଡି ଚିପି ଦେଇଛି । ଏଇଟି ହେଉଛି ପ୍ରଥମ ଘଟଣା । ଦ୍ୱିତୀୟଟି ଏହାର ଅନେକ ଦିନ ପରେ ଘଟିଥିଲା,—

'oaob.nitrkl.ac.in' images reprocessed

ହଁ, ଯୁଦ୍ଧ ସମୟରେ ଘଟିଥିଲା, ପ୍ରଥମ ବିଶ୍ୱଯୁଦ୍ଧ, ଦ୍ୱିତୀୟ ବିଶ୍ୱଯୁଦ୍ଧ ନୁହେଁ । ସେତେବେଳେ ଜର୍ମାନମାନଙ୍କରେ ଯୁଦ୍ଧ ହେଉଥିଲା । ଜଣେ ଯୁବକଙ୍କୁ ମୁଁ ଖୁବ ଭଲ ଭାବରେ ଜାଣିଥିଲି । ସିଏ କବି ଥିଲେ, କଳାକାର ବି ଥିଲେ (ଆଗରୁ ବି ମୁଁ ତାଙ୍କ ବିଷୟରେ ତୁମମାନଙ୍କୁ କହିଛି), ସିଏ ବି ଯୁଦ୍ଧକୁ ଯାଇଥିଲେ । ସୈନ୍ୟବାହିନୀରେ ନାମ ଲେଖାଇ ଥିଲେ, କିନ୍ତୁ ତାଙ୍କର ବୟସ ତଥାପି ଖୁବ କମ୍ ଥିଲା । ସୈନ୍ୟବିଭାଗରେ ସେ ଜଣେ ଅଫିସର ଭାବରେ କାର୍ଯ୍ୟ କରୁଥିଲେ । ସିଏ ମୋତେ ତାଙ୍କର ଗୋଟିଏ ଫଟୋ ଦେଇ ଯାଇଥିଲେ (ଏହି ଯୁବକ ସଂସ୍କୃତର ଛାତ୍ର ଥିଲେ, ସଂସ୍କୃତଭାଷା ଭଲ ଭାବରେ ଜାଣିଥିଲେ । ବୌଦ୍ଧଧର୍ମ ପ୍ରତି ତାଙ୍କର ଅତ୍ୟନ୍ତ ଶ୍ରଦ୍ଧା ରହିଥିଲା । ଆଧ୍ୟାତ୍ମିକ ଯାବତୀୟ ବିଷୟରେ ତାଙ୍କର ଗଭୀର ଆଗ୍ରହ ଥିଲା; ସିଏ ଜଣେ ସାଧାରଣ ଯୁବକ ନଥିଲେ, ଏକାବେଳେକେ ଅଲଗା ପ୍ରକାରର ଥିଲେ); ହଁ, ସିଏ ମୋତେ ଯେଉଁ ଫଟୋଟି ଦେଇଥିଲେ, ତା' ଉପରେ ନିଜ ହାତରେ ସଂସ୍କୃତରେ ଗୋଟିଏ ବାକ୍ୟ ଲେଖି ଯାଇଥିଲେ, ଖୁବ ସୁନ୍ଦର ଭାବରେ ଲେଖି ଯାଇଥିଲେ । ମୁଁ ସେହି ଫଟୋଟିକୁ ବାନ୍ଧିକରି ଗୋଟିଏ ଉଚ୍ଚ ଡେସ୍କ (ଯେଉଁଥିରେ ଡ୍ରୟର୍ ଥାଏ) ଉପରେ ରଖି ଦେଇଥିଲି । ମୁଁ ସେଇଟିକୁ ଡେସ୍କ ଉପରେ ଟାଙ୍ଗି ଦେଇଥିଲି । ଏବଂ ସେସମୟରେ ଖବର ପାଇବା ପ୍ରକୃତରେ ଖୁବ କଷ୍ଟକର ହୋଇ ପଡ଼ିଥିଲା; କୋଉଠି କ'ଣସବୁ ଘଟୁଛି, ଆଦୌ ଠିକ୍ ଠିକ୍ ଜାଣି ହେଉ ନଥିଲା । ସେହି ଯୁବକଙ୍କଠାରୁ ମଝିରେ ମଝିରେ ଆମେ ନିୟମିତ ଭାବରେ ଚିଠିପତ୍ର ପାଉଥିଲୁ,—ମାତ୍ର ଥରେ ଅନେକ ଦିନ ପର୍ଯ୍ୟନ୍ତ କିଛି ଚିଠିପତ୍ର ଆସିଲା ନାହିଁ । ସେତିକିବେଳେ ଦିନେ ମୁଁ ମୋର କୋଠରିଟି ଭିତରକୁ ଆସୁଥିଲି, ଏବଂ ଯେମିତି ମୁଁ ଘର ଭିତରକୁ ପଶିଛି, କୌଣସି ଆପାତ କାରଣ ନଥାଇ, ସେଇ ଫଟୋଟି ଯେଉଁଠାରେ ଟଙ୍ଗା ହୋଇଥିଲା, ସେଠାରୁ ତଳକୁ ଖସି ପଡ଼ିଲା ଏବଂ କାଚଟା ଏଡ଼େ ଶବ୍ଦ କରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଗଲା । ମୋତେ ଟିକିଏ ବ୍ୟସ୍ତ ଲାଗିଲା । ମୁଁ ଭାବିଲି, "ନିଶ୍ଚୟ କୌଣସି ଦୁର୍ଘଟଣା ଘଟିଛି ।" ମାତ୍ର ଆମେ କୌଣସି ଖବର ପାଇଲୁ ନାହିଁ । ଦୁଇ ତିନି ଦିନ ପରେ (ଏହି ଘଟଣାଟି ଦ୍ୱିତୀୟ ମହଲରେ ଘଟିଲା; ମୁଁ ଯେଉଁ ଘରେ ବାସ କରୁଥିଲି, ସେଥିରେ ଉପରେ ଗୋଟିଏ କୋଠରି ଥିଲା । ଆଉ ସବୁଯାକ କୋଠରି ତଳମହଲାରେ ଥିଲା ଏବଂ ବଗିଚା ଭିତରକୁ ଧାଡ଼ିଏ ପାହାଚ ବି ରହିଥିଲା) ମୁଁ ଯେମିତି ପ୍ରବେଶଦ୍ୱାରଟି ଖୋଲି ଦେଇଛି, ସେମିତି ଗୋଟିଏ ବିଲେଇ ମୋ ଆଡ଼କୁ ଦଉଡ଼ି ଆସିଲା—ଏଥର ଏହି ବିଲେଇଟି ହାଲୁକା ପାଉଁଶିଆ ରଙ୍ଗର ଥିଲା—ଦେଖିବାକୁ ଖୁବ ସୁନ୍ଦର । ଏବଂ, ଆଉ ଘଟଣାଟିରେ ଆଉ ବିଲେଇଟି ଯେପରି କରିଥିଲା, ଏହି ବିଲେଇଟି ମଧ୍ୟ ମୋ ଉପରକୁ ଡେଇଁ ପଡ଼ିଲା, ସେମିତି ମ୍ୟାଉଁ ମ୍ୟାଉଁ ଶବ୍ଦ କରିବାରେ ଲାଗିଥାଏ । ମୁଁ ତା'ର ଆଖି ଆଡ଼କୁ ଭଲ କରି ଅନାଇ ଦେଖିଲି, ସେଗୁଡ଼ିକ ସେହି···ଯୁବକଙ୍କର ଆଖି ପରି ଦେଖା

'oaob.nitrkl.ac.in' images reprocessed

ଯାଉଥିଲା । ଏବଂ ଏହି ବିଲେଇଟି ମୋ ଗୃହପାଖରେ ସେମାନଙ୍କୁ ସେହ ବୁଲିବାରେ ଲାଗିଲା, ସର୍ବଦା ମୋ ଲୁଗାରେ ଆସି ଘଷି ହୋଇ ଯାଉଥାଏ ଏବଂ ମ୍ୟାଉଁ ମ୍ୟାଉଁ ହେଉଥାଏ । ମୁଁ ତାକୁ ଯେତେ ବାହାର କରିବାକୁ ଚେଷ୍ଟା କଲେ ମଧ୍ୟ ସେ ମୋଟେ ଯାଉ ନଥାଏ, ଶେଷରେ ସେ ସେଠି ବସିଗଲା ଓ ମୋଟେ ହଲ ଚଲ ହେଲା ନାହିଁ । ତା' ଆରଦିନ ଖବର କାଗଜରେ ଦେଖିବାକୁ ମିଳିଲା ଯେ ସେହି ଯୁବକଙ୍କର ଶବଟିକୁ ଦୁଇଟି ଟ୍ରେନ୍‌ର ଏକ ମଧ୍ୟବର୍ତ୍ତୀ ସ୍ଥାନରୁ ଖୋଜି ବାହାର କରାଯାଇଛି, ସେଠାରେ ସେ ତିନି ଦିନ ହେଲା ମରି ପଡ଼ିଥିଲେ । ଅର୍ଥାତ୍, ଠିକ୍ ଯେଉଁ ସମୟରେ ତାଙ୍କର ମୃତ୍ୟୁ ହୋଇଥିବ, ତାଙ୍କର ଫଟୋଟି ଏଠି ସେତିକବେଳେ ତଳେ ପଡ଼ି ଭାଙ୍ଗି ଯାଇଥିଲା । ଶରୀରର ସଙ୍ଗ ସମ୍ପୂର୍ଣ୍ଣ ଭାବରେ ଶରୀରରୁ ଚାଲି ଯାଇଥିଲା : ସିଏ ସେଠାରେ ପଶତ୍ୟାକ୍ତ ହୋଇ ପଡ଼ିଥିଲେ, କାରଣ ଦୁଇ ଟ୍ରେନ୍ ମଧ୍ୟରେ କେତେବେଳେ କ'ଣ ଘଟୁଛି, ସେକଥା ସେମାନେ ଆଦୌ ସବୁବେଳେ ଯାଇ ଦେଖୁନଥିଲେ । ତୁମେ ବୁଝି ପାରୁଥିବ, ସେମାନେ ଏକଥା କହି ପାରିବାର ଅବସ୍ଥାରେହିଁ ନଥିଲେ । ତେଣୁ ଦୁଇ ତିନି ଦିନ ପରେ ଯାଇ ତାଙ୍କର ଶବଟି ଦେଖିବାକୁ ମିଳିଲା । ସମ୍ଭବତଃ ସେତେବେଳେ ସିଏ ତାଙ୍କ ଶରୀର ଭିତରୁ ସମ୍ପୂର୍ଣ୍ଣ ଭାବରେ ବାହାରି ଚାଲି ଯାଇଥିଲେ ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯାହାସବୁ ଘଟିଗଲା, ମୋତେ ସେବିଷୟରେ ଅବଗତ କରାଇବାକୁ ଇଚ୍ଛା କରୁଥିଲେ । ଏବଂ ସେହି କାର୍ଯ୍ୟଟି ଲାଗି ସିଏ ଏହି ବିରାଡ଼ିଟିକୁ ପାଇଥିଲେ । କାରଣ ବିରାଡ଼ିମାନେ ପ୍ରାଣିକ ସ୍ତରରେ ବାସ କରୁଥାନ୍ତି, ସେମାନଙ୍କର ପ୍ରାଣିକ ଚେତନା ଅତ୍ୟନ୍ତ ବିକଶିତ ଅବସ୍ଥାରେ ରହିଥାଏ ଏବଂ ସେଥିଲାଗି ପ୍ରାଣିକ ଶକ୍ତିମାନେ ତାହାକୁ ଖୁବ ସହଜରେ ଯାଇ ଅଧିକାର କରନ୍ତି ।

ମାତ୍ର ଏହି ଦୁଇଟି ଦୃଷ୍ଟାନ୍ତ ହେଉଛି ବେଶ୍ ଅସାଧାରଣ ଦୁଇଟି ଦୃଷ୍ଟାନ୍ତ । କାରଣ ଦୁଇଟିଯାକ ପ୍ରାୟ ଏକାବେଳେକେ ଘଟିଥିଲା, ଏବଂ ଦୁଇଟିଯାକ ଦୃଷ୍ଟାନ୍ତରେ ଏହି ବିଲେଇଗୁଡ଼ିକର ଆଖି ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଥିଲା,—ସେଗୁଡ଼ିକ ମଣିଷଙ୍କର ଆଖିରେ ପରିଣତ ହୋଇ ଯାଇଥିଲା ।

'oaob.nitrkl.ac.in' images reprocessed

## ୧୭ ଏପ୍ରିଲ ୧୯୫୧

"ଆଧ୍ୟାତ୍ମିକ ଜୀବନ ଆମ ଲାଗି ସକଳ ବସ୍ତୁ ମଧ୍ୟରେ ରହିଥିବା ସେହି ଗୋଟିଏ ସାରସତ୍ତାକୁ ଉଦ୍‌ଘାଟିତ କରି ଦେଇଥାଏ, ମାତ୍ର ତାହା ତାହାର ଅନନ୍ତ ବହୁବିଧତାକୁ ମଧ୍ୟ ଉଦ୍‌ଘାଟିତ କରିଦିଏ; ଏକତ୍ୱ ମଧ୍ୟରେ ତାହା ବହୁବିଧତା ଲାଗି କାର୍ଯ୍ୟ କରୁଥାଏ, ଏବଂ ସେହି ବହୁବିଧତା ମଧ୍ୟରେହିଁ ପରିପୂର୍ଣ୍ଣତା ଲାଗି କାର୍ଯ୍ୟ କରୁଥାଏ ।"

ପ୍ରଶ୍ନ ଓ ଉତ୍ତର ୧୯୨୯ (୪ ଅଗଷ୍ଟ)

ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ପଛରେ ଠିକ୍ ଏହି ଉଦ୍ଦେଶ୍ୟଟିହିଁ ନିହିତ ହୋଇ ରହିଛି, ଅର୍ଥାତ୍, ସବୁକିଛିର ପଛରେ ସେହି ଏକ ରହିଛନ୍ତି, ମୂଳରେ ଈଶ୍ୱରରୂପେ ସେହି ଏକ ରହିଛନ୍ତି, ମାତ୍ର ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ଉପାଦାନ, ପ୍ରତ୍ୟେକ ସତ୍ତାର ଏହାହିଁ ବ୍ରତ ହୋଇ ରହିଛି ଯେ ତାହା ସେହି ଏକତ୍ୱର ଗୋଟିଏ ଅଂଶକୁ ଉଦ୍‌ଘାଟିତ କରି ଆଣିବ ଏବଂ ନିର୍ଦ୍ଦିଷ୍ଟ ଭାବରେ ଏଇଟିକୁହିଁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ବିକଶିତ କରି ଆଣିବାକୁ ପଡ଼ିବ, ମୂଳଭୂତ ଏକତ୍ୱର ବୋଧଟିକୁ ଜାଗ୍ରତ କରି ଆଣିବା ସଙ୍ଗେ ସଙ୍ଗେହିଁ ତାହାକୁ ବିକଶିତ କରି ଆଣିବାକୁ ପଡ଼ିବ । "ବହୁବିଧତା ମଧ୍ୟରେ ଏକତ୍ୱ ଲାଗି କାର୍ଯ୍ୟ କରିବା"ର ତାହାହିଁ ହେଉଛି ଅର୍ଥ । ପ୍ରତ୍ୟେକ ମଣିଷର ଯଥାର୍ଥରେ ଯାହା ହେବା ଉଚିତ, ପରିପୂର୍ଣ୍ଣ ଭାବରେ ସେ ତାହାହିଁ ହେବା ଦ୍ୱାରାହିଁ ସେହି ବହୁବିଧତା ମଧ୍ୟରେ ପରିପୂର୍ଣ୍ଣତା ସମ୍ଭବ ହୋଇ ପାରିବ ।

ଆପଣ କହିଛନ୍ତି : "ମନୁଷ୍ୟମାନେ ଭାବିଥାନ୍ତି ଯେ ସେମାନଙ୍କ ବାସନାମାନ ସେମାନଙ୍କର ଭିତରେହିଁ ଜନ୍ମଲାଭ କରିଥାଏ; ସେମାନେ ଅନୁଭବ କରନ୍ତି, ସତେଯେପରି ସେମାନଙ୍କ ବାସନା-ଗୁଡ଼ିକ ଭିତରୁହିଁ ବାହାରି ଆସୁଥାନ୍ତି ଏବଂ ସେମାନଙ୍କ ଭିତରୁହିଁ ଆବିର୍ଭୂତ ହୁଅନ୍ତି । ମାତ୍ର ଏହି ଭାବନାଟି ଏକ ଭ୍ରାନ୍ତ ଭାବନା । ଅନ୍ଧକାରାଚ୍ଛନ୍ନ ନିମ୍ନପ୍ରକୃତିରୂପକ ବିସ୍ତୀର୍ଣ୍ଣ ସମୁଦ୍ରଟି ମଧ୍ୟରୁ ଯେଉଁ ତରଙ୍ଗମାନ ନିୟତ ଉତ୍‌ଥିତ ହେଉଥାନ୍ତି, ଆମେ କେବଳ

'oaob.nitrkl.ac.in' images reprocessed

ସେହିଗୁଡ଼ିକୁହିଁ ବାସନା ବୋଲି ଜାଣିବା ଏବଂ ସେଗୁଡ଼ିକ ଜଣକ ପାଖରୁ ଆଉ ଜଣକ ପାଖକୁ ଗତି କରିବାରେ ଲାଗିଥାନ୍ତି । ମନୁଷ୍ୟମାନେ ବାସନାଗୁଡ଼ିକୁ କଦାପି ନିଜ ଭିତରେ ଜନ୍ମ ଦିଅନ୍ତି ନାହିଁ, ମାତ୍ର ସେମାନେ ଏହି ତରଙ୍ଗଗୁଡ଼ିକ ଦ୍ୱାରହିଁ ଆକ୍ରାନ୍ତ ହୋଇ ପଡ଼ନ୍ତି । ଯିଏ ଗୋଟାସୁଦ୍ଧା ମେଲା ହୋଇ ବସିଥାଏ ଓ ଆତ୍ମରକ୍ଷା ଲାଗି ଯାହାର କିଛି ନଥାଏ, ସିଏ ସେହିଗୁଡ଼ିକ ଦ୍ୱାରା ଗ୍ରସ୍ତ ହୋଇପଡ଼େ ଏବଂ ଆନ୍ଦୋଳିତ ହେବାରେ ଲାଗିଥାଏ ।"

ତନ୍ତ୍ରୈବ

ଆପଣ ଯେଉଁ ରକ୍ଷାତ୍ମକ ଆବରଣଟିର କଥା କହିଲେ, ତାହା କ'ଣ ବାସନାର ସେହି ତରଙ୍ଗଗୁଡ଼ିକୁ ଅନୁଭବ କରି ପାରିବ, ଅନ୍ୟମାନଙ୍କଠାରୁ ଆସୁଥିବା ପ୍ରଭାବ ପ୍ରଭୃତିକୁ ଅନୁଭବ କରି ପାରିବ ?

ମୁଁ ଭୌତିକ ଦୃଷ୍ଟିକୋଣରୁ ଯେଉଁ ରକ୍ଷା-ଆବରଣଟିର କଥା କହିଲି, ସିଏ ଏକ ନୈତିକ ଦୃଷ୍ଟିକୋଣରୁ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ମଧ୍ୟ କାର୍ଯ୍ୟରେ ଲାଗି ପାରିବ କି ନାହିଁ, ତୁମେ ତାହାହିଁ ପଚାରିବାକୁ ଚାହୁଁଛ ନା ? ଦୁଇ କ୍ଷେତ୍ରରେ ସେହି ଗୋଟିଏ ଆବରଣ କାର୍ଯ୍ୟ କରେ ନାହିଁ, ଏଇଟି ହେଉଛି ଆଉ ଗୋଟିଏ ଜିନିଷ । ଜଣେ ବ୍ୟକ୍ତିର ଏହି ସୂକ୍ଷ୍ମ ଭୌତିକ ଆବରଣଟି ବେଶ୍ ଅଖଣ୍ଡ ଓ ଦୃଢ଼ ହୋଇ ରହିପାରେ ଏବଂ ସେହି ବ୍ୟକ୍ତିକୁ ନାନା ଅସୁସ୍ଥତା ଓ ଆକସ୍ମିକ ଦୁର୍ଘଟଣାରୁ ତାହା ହୁଏତ ଖୁବ୍ ଚମତ୍କାର ଭାବରେ ସୁରକ୍ଷିତ କରି ରଖିପାରେ, ମାତ୍ର ତଥାପି ତେଣେ ଯୁଗପତ୍ ଭାବରେ ସିଏ ବାସନା ଦ୍ୱାରା ଭରପୂର ହୋଇ ବି ରହିପାରେ, କାରଣ ଏହି ବାସନା କହିଲେ ସ୍ୱତନ୍ତ୍ର ଆଉ ଏକ କ୍ଷେତ୍ରର ବସ୍ତୁକୁ ବୁଝାଏ । ବାସନା ଆଦୌ ଏକ ଭୌତିକ ବସ୍ତୁ ନୁହେଁ, ବାସନା ହେଉଛି ଏକ ପ୍ରାଣସ୍ତରୀୟ ବସ୍ତୁ । ଏବଂ ମୁଁ ଯେଉଁ ଆବରଣଟି କଥା କହିଲି, ସେଇଟି ହେଉଛି ଭୌତିକ ତୁଳନାରେ ଅଧିକ ପରିମାଣରେ ପ୍ରାଣିକ । ସେହି ଆବରଣ ପ୍ରାଣକୁ କଦାପି ପ୍ରାଣିକ ଜଗତ ସହିତ କୌଣସି ସମ୍ପର୍କରେ ଆସିବାରୁ କ୍ଷାନ୍ତ କରି ରଖି ପାରିବ ନାହିଁ ଏବଂ ତାହା ସେହି ଜଗତରୁ ଯେତେ ଯାହା ଅନୁଭବକୁ ଗ୍ରହଣ କରୁଛି, ସେଥିରୁ ତାହାକୁ ନିବୃତ୍ତ କରି ପାରିବ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯିଏ ଆପଣା ଉପରେ ସ୍ୱାମିତ୍ୱ ଅର୍ଜନ କରି ପାରିଛି, ଯିଏ ଆପଣାର ଚୈତ୍ୟ ସତ୍ତାଟିକୁ ପାଇଛି, ଯିଏ ଅନ୍ତର

'oaob.nitrkl.ac.in' images reprocessed

ଭିତରେ ରହିଥିବା ଦିବ୍ୟ ପରମ ସାନ୍ନିଧ୍ୟଟି ସହିତ ଏକ ପରିପୂର୍ଣ୍ଣ ସମ୍ବନ୍ଧ ବା ଅନ୍ତତଃ ଏକ ସତତ ସମ୍ବନ୍ଧ ସ୍ଥାପନ କରି ପାରିଛ, ଯିଏ ପ୍ରକୃତରେ ଜ୍ଞାନ, ଆଲୋକ, ସୌନ୍ଦର୍ଯ୍ୟ ଏବଂ ଶୁଦ୍ଧତାର ଏକ ପରିବେଶ ଦ୍ୱାରା ଆବୃତ ଓ ସୁରକ୍ଷିତ ହୋଇ ରହିଛି । ଏବଂ ଯାବତୀୟ ବାସନା ବିରୁଦ୍ଧରେ ଏହାହିଁ ହେଉଛି ସର୍ବୋତ୍ତମ ଆବରଣ । ମାତ୍ର, ଯଦି ତଥାପି ଜଣେ ସର୍ବଦା ସତର୍କ ରହି ନପାରିଲା, ତେବେ ତାହା ଭିତରେ ବାସନା ପଶି ଆସିବା ଆଦୌ ଅସମ୍ଭବ ନୁହେଁ; କାରଣ ମୁଁ କହୁଛି ଯେ ବାସନା ସବୁବେଳେ ସେହି ବାହାରୁହିଁ ଆସିଥାଏ । ଜଣେ ହୁଏତ ଆପଣା ଭିତରେ କୌଣସି ଏକ ବାସନା ଉପରେ ବିଜୟ ହାସଲ କରି ପାରିଛି, ମାତ୍ର ତଥାପି ଏକ ସଂକ୍ରମଣରୂପେ ତାହାର ବାହାରୁ ଆସିବାର ମଧ୍ୟ ପରିପୂର୍ଣ୍ଣ ସମ୍ଭାବନା ରହିଛି । ମାତ୍ର ବର୍ତ୍ତମାନ ମୁଁ ଯେଉଁ ଆଲୋକ, ଜ୍ଞାନ ଏବଂ ଶୁଦ୍ଧତାର ଆବରଣ ବିଷୟରେ କହୁଥିଲି, ସେହି ଆବରଣଟିର ମଧ୍ୟଦେଇ ଆସିଲାବେଳେ ବାସନାଟି ତାହାର ଅନେକ ତୀବ୍ରତା ହରାଇବସେ, ଏବଂ ଏକ ଅନ୍ଧ ଓ ହଠାତ୍ ଅନୁସ୍ପନ୍ଦନ ସୃଷ୍ଟି କରି ଆଣୁଥିବା ଏକ ସ୍ରୋତ ପରି ଆଉ ମାଡ଼ି ଆସି ପାରେ ନାହିଁ । କ'ଣ ସବୁ ଘଟୁଛି, ସେକଥା ଦେଖିହୁଏ, ଜାଣି ହୁଏ; ପ୍ରବେଶ କରିବା ଲାଗି ଇଚ୍ଛା କରୁଥିବା ସେହି ଶକ୍ତିଟି ବିଷୟରେ ଏକ ସଜ୍ଞାନତା ଜନ୍ମେ, ଏବଂ ଯଦି ସେହି ବାସନାଟି ଲାଗି ପ୍ରକୃତରେ କୌଣସି ଆଗ୍ରହ ନଥାଏ, ତେବେ ଜଣେ ଅନ୍ତର୍ଗତ ଆତ୍ମର ଏକ ଗତିସ୍ପନ୍ଦନ ଦ୍ୱାରା ଭିତରକୁ ପ୍ରବେଶ କରି ଆସୁଥିବା ବାସନାଟିକୁ ପ୍ରତ୍ୟାଖ୍ୟାନ ବି କରିପାରେ । ଏହାକୁହିଁ ଆମେ ଯଥାର୍ଥ ରକ୍ଷାପ୍ରାଚୀର ବୋଲି ଜାଣିବା : ଆମର ଚେତନା ଜାଗ୍ରତ ରହିଥିବ, ଶୁଦ୍ଧ ଓ ସତର୍କ ରହିଥିବ, ଅର୍ଥାତ୍ ତାହା କଦାପି ଶୋଇ ପଡ଼ି ନଥିବ, ଯିଏ ଆପେ ସଜ୍ଞାନ ନହୋଇ କଦାପି କୌଣସି ବସ୍ତୁକୁ ଭିତରକୁ ଗୁଞ୍ଜି ଦେଉ ନଥିବ । ସବୁଠାରୁ ବଡ଼ ଦୁର୍ଭାଗ୍ୟର କଥା ହେଉଛି ଯେ ମନୁଷ୍ୟମାନେ ପ୍ରାୟ ଅଚେତନ ହୋଇ ରହିଥାନ୍ତି ଏବଂ ସଂକ୍ରମଣଟି ଭିତରେ ପ୍ରବେଶ କରି ସାରିବା ପରେ ଯାଇ ସେମାନେ ତାହାକୁ ଦେଖିପାରନ୍ତି ଏବଂ ସେତେବେଳେ ସେଇଟି ପ୍ରତି କୌଣସି ପ୍ରତିକ୍ରିୟା ଦେଖାଇବାକୁ ଆଉ ସମୟ ନଥାଏ । ଏହା ଯେ ଅସମ୍ଭବ ହୋଇ ପଡ଼ିଥାଏ, ସେକଥା କେହି କହୁ ନାହିଁ, ମାତ୍ର ନିଶ୍ଚୟ ଅଧିକ କଷ୍ଟସାଧ୍ୟ ହୋଇ ପଡ଼ିଥାଏ । ମାତ୍ର ଅନ୍ୟ ପକ୍ଷରେ, ସେହି ବାସନାଟି ଆସି ପ୍ରବେଶ କରୁଥିବା ବେଳେ ଯଦି ଆମେ ସେଇଟିକୁ ଦେଖିବାକୁ ପାଉଥାଉ, ଚତୁର୍ଦ୍ଦିଗସ୍ଥ ପରିବେଶରେ ଗୋଟିଏ ପ୍ରକାରର ସାନ କଳା ଦାଗଟିଏ ଲଗାଇ ଦେଇ ଯଦି ତାହା ଆସିବାକୁ ବାଧ୍ୟ ହେଉଥାଏ, ତେବେ ଯେକୌଣସି ଅପ୍ରୀତିକର ବସ୍ତୁକୁ ଘଉଡ଼ାଇ ବାହାର କରି ଦିଆଗଲା ପରି ଏଇଟିକୁ ମଧ୍ୟ ଘଉଡ଼ାଇ ବାହାର କରି ଦିଆଯାଇ ପାରିବୁଏ । ମାତ୍ର ଏହି କ୍ଷେତ୍ରରେ ଭୌତିକ ଭୂମିର ଆବରଣଟିର ପ୍ରକୃତରେ କୌଣସି ପ୍ରଭାବ କାମ କରେ ନାହିଁ ।

'oaob.nitrkl.ac.in' images reprocessed

ଏହି କଥାଟି ପ୍ରକୃତରେ ଖୁବ୍ ଆଶାଉଦ୍ଦୀପକ···ମୁଁ ଦେଖିଛି ଯେ ଭୌତିକ ବସ୍ତୁଗୁଡ଼ିକ ବର୍ତ୍ତମାନ ଏପରି ଏକ ପଦ୍ଧତିରେ ବ୍ୟବସ୍ଥାବଦ୍ଧ ହୋଇ ରହିଛି ଯେ, ଯେକୌଣସି କ୍ଷେତ୍ରରେ ମଧ୍ୟ ଜଣେ ଇଚ୍ଛା କଲେ ହୁଏତ ଭୌତିକ ଯନ୍ତ୍ରସମ୍ବନ୍ଧୀ ପରିପୂର୍ଣ୍ଣତାର ଅନେକ ଦୂରକୁ ଗତି କରିଯାଇ ପାରିବ, ଉଚ୍ଚତରେ ଅର୍ଥାତ୍ ଚୈତ୍ୟ ସ୍ତରରେ ସିଏ କେତେ ପରିମାଣରେ କ'ଣ ବିକାଶ ହାସଲ କରିଛି, ତାହା ପାଇଁ କୌଣସି ଅପେକ୍ଷା ନରଖି ମଧ୍ୟ ସେ ସେକଥା କରିପାରିବ । କାଲି ସିନେମା ବିଷୟରେ ସନ୍ଧ୍ୟାବେଳେ ମୁଁ ସେହି କଥା ଭାବୁଥିଲି । ଚଳଚ୍ଚିତ୍ର ନିର୍ମାଣ କରିବାର ଯେଉଁ କଳାଟି ରହିଛି, ଏହାକୁ ସେହି କ୍ଷେତ୍ରରେ ଏକ ଅତ୍ୟନ୍ତ ବୃହତ୍ ଅଗ୍ରଗତି ବୋଲି କୁହାଯାଇ ପାରିବ ଏବଂ ତାହାକୁ ସେହି ଆସ୍ପୃହାଟି ମଧ୍ୟରେ ଭଲ ଅଥବା ମନ୍ଦ କଦାପି କିଛି କୁହାଯାଇ ପାରିବ ନାହିଁ । ଏପରି ହେଉଥିଲା ଯେ ମୁଁ ସବୁବେଳେ କେବଳ ଗୁଡ଼ାଏ ନିର୍ବୋଧତାପୂର୍ଣ୍ଣ, ଅଶିଷ୍ଟ ଓ ଅରୁଚିକର କାହାଣୀ-ସମ୍ବଳିତ ସିନେମାସବୁ ଦେଖି ଆସିଥିଲି, ସିନେମାମାନଙ୍କରେ ସାଧାରଣତଃ ଯେଉଁସବୁ ନିର୍ବୋଧତା ପ୍ରଦର୍ଶିତ ହୋଇଥାଏ, ମୁଁ ବସ୍ତୁତଃ ସେହିଗୁଡ଼ାକୁହିଁ ଦେଖି ଆସିଥିଲି । ଯାନ୍ତ୍ରିକ ପାରଙ୍ଗମତା ଓ ସିଦ୍ଧହସ୍ତତା ସେହି ଅଶୋଭନୀୟତାକୁ ଆହୁରି ଅଶୋଭନୀୟ କରି ଦେଖାଇବାରେହିଁ ସହାୟକ ପରି କାର୍ଯ୍ୟ କରିଥିଲା, ନିର୍ବୋଧତାଗୁଡ଼ାକୁ ଅଧିକ ନିର୍ବୋଧତାପୂର୍ଣ୍ଣ କରି ଦେଖାଇବାରେ ସାହାଯ୍ୟ କରିଥିଲା ଏବଂ ତଦ୍ଦ୍ୱାରା ଅଧଃପତନର ଅନୁଭୂତିଟା ଆହୁରି ଅଧିକ ତୀବ୍ର ହେବା ଲାଗି ବଳ ପାଇ ଯାଉଥିଲା । ମାତ୍ର କାଲି,···ଯେତେବେଳେ ଗାଉଥିବା ସୁନ୍ଦର ଚଢ଼େଇଗୁଡ଼ିକୁ ଦେଖାଉଥିବା ସେହି ଚିତ୍ରଟିକୁ ଆମେ ଦେଖିବାକୁ ପାଇଲୁ···ଯେଉଁମାନେ ଏହି ଚିତ୍ରଟିକୁ ତିଆରି କରିଛନ୍ତି, ସେମାନେ ନିଶ୍ଚୟ ଏଇଟିକୁ ଅନେକ ଆୟାସ ସ୍ୱୀକାର କରି ତିଆରି କରିଛନ୍ତି; ଚଢ଼େଇମାନେ ନିଜ ନିଜ ବସାରେ ଥିଲାବେଳେ ସେମାନଙ୍କୁ କୌଣସି ପ୍ରକାରେ ଚଞ୍ଚଳ ଓ ଅଶାନ୍ତ ନକରି ଚଳଚ୍ଚିତ୍ର ଗ୍ରହଣ କରିବାରେ ଏବଂ ତା'ପରେ, ଶବ୍ଦର ମାତ୍ରା ବୃଦ୍ଧି କରାଯାଇ ତାହାକୁ ସମସ୍ତଙ୍କର ଶ୍ରୁତିଗୋଚର କରି ପାରିଲାଭଳି ଯଥେଷ୍ଟ ନିର୍ଭୁଲ ଭାବରେ ଶବ୍ଦଗୁଡ଼ିକୁ ରେକର୍ଡ଼ କରିବାରେ ଯେ କେତେବେଶୀ ପ୍ରୟାସ ଏବଂ ଉଦ୍ୟମ ଆବଶ୍ୟକ ହୋଇଥିବ, ସେକଥା ପ୍ରକୃତରେ କଳ୍ପନା କରାଯାଇ ପାରିବ ନାହିଁ । ତେଣୁ ସେହି ଚଳଚ୍ଚିତ୍ରକୁ ତିଆରି କରିବାରେ ସେମାନେ ନିଶ୍ଚୟ ଏକ ବିରାଟ କାର୍ଯ୍ୟ କରିଛନ୍ତି । ଏବଂ ସେହି ଏକା ଯନ୍ତ୍ରର ସେହି ଏକ ପ୍ରକୃଷ୍ଟୀକରଣହିଁ ଆମେ କାଲି ସନ୍ଧ୍ୟାରେ ଦେଖିଥିବା ସୁନ୍ଦର ଚଳଚ୍ଚିତ୍ରଟିକୁ ତିଆରି କରିଛି ଏବଂ କେତେଦିନ ଆଗରୁ ଆମେ ଦେଖିଥିବା ଅରୁଚିକର ଚିତ୍ରଟିକୁ ମଧ୍ୟ ତିଆରି କରିଛି···ଏସବୁ ଦେଖିଲେ କେବଳ ଆମ ଭୌତିକ ସାଧନଗୁଡ଼ିକ ସମ୍ବନ୍ଧରେ ଆହୁରି ଗଭୀର ଭାବରେ ଚିନ୍ତା କରିବାକୁହିଁ ଇଚ୍ଛା ହୁଏ ।

'oaob.nitrkl.ac.in' images reprocessed

ଭୌତିକ କ୍ଷେତ୍ରରେ ଅର୍ଜନ କରି ଯାଇଥିବା ନିପୁଣତା ଏଣୁ ପୃଥିବୀରେ ଆମକୁ ଏତେଟିକିଏ ହେଲେ ପ୍ରମାଣ କରିଦେଇ ପାରେ ନାହିଁ ଯେ ଆମେ ଏହା ଦ୍ୱାରା ଆଧ୍ୟାତ୍ମିକତା ଦିଗରେ ଗୋଟିଏ ଅଧିକ ପଦକ୍ଷେପ ଗ୍ରହଣ କରିପାରିଛୁ । ଭୌତିକ କ୍ଷେତ୍ରରେ ଅର୍ଜନ କରି ଯାଇଥିବା ନିପୁଣତାର ଅର୍ଥ ହେଉଛି ଯେ, ଶକ୍ତିଟି—ତାହା ଯେକୌଣସି ଶକ୍ତି ହୋଇଥାଉ ପଛକେ,—ଯେଉଁ ଯନ୍ତ୍ରଟିକୁ ବ୍ୟବହାର କରିବ, ତାହା ଉଲ୍ଲେଖଯୋଗ୍ୟ ଭାବରେ ସେହି ଶକ୍ତିଟିକୁ ବ୍ୟକ୍ତ କରି ପାରିବା ଲାଗି ଯଥେଷ୍ଟ ପରିମାଣରେ ନିର୍ଦ୍ଦୋଷ ହୋଇ ତିଆରି ହୋଇଛି । ମାତ୍ର, ଯେଉଁ ଶକ୍ତିହିଁ ଯନ୍ତ୍ରଟିକୁ କାମରେ ଲଗାଉଛି, ସେଇଟି ହେଉଛି ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ, ସେଇଟି ହେଉଛି ଅସଲ କଥା । ଏବଂ ଠିକ୍ ସେହି କ୍ଷେତ୍ରରେହିଁ ଏକ ବାଛିନେବାର ଆବଶ୍ୟକତା ରହିଥାଏ । ଯଦି ତୁମେ ନିଜର ଶରୀରଟିକୁ ସଙ୍ଗପୂର୍ଣ୍ଣ ଭାବରେ ନିର୍ଦ୍ଦୋଷ କରି ଗଠନ କରିବ ଏବଂ ତାହାକୁ ଏକ ଚମତ୍କାର ଯନ୍ତ୍ରରେ ପରିଣତ କରିନେଇ ପାରିବ, ତେବେ, ତୁମେ ତଦ୍ଦ୍ୱାରା କଦାପି ଭାବିନେବ ନାହିଁ ଯେ ତୁମେ ତାହାରି ବଳରେହିଁ ଆଧ୍ୟାତ୍ମିକ ଜୀବନର ଅପେକ୍ଷାକୃତ ଅଧିକ ନିକଟବର୍ତ୍ତୀ ହୋଇଗଲ । ତୁମେ ଗୋଟିଏ ଚମତ୍କାର ଯନ୍ତ୍ରକୁ ଗଢ଼ିକରି ରଖିଛ, ଯେପରିକି ଏହି ଆଧ୍ୟାତ୍ମିକ ଜୀବନଟିହିଁ ଆପଣାକୁ ପ୍ରକଟ କଲେ ତାହାରି ମଧ୍ୟରେ ପ୍ରକଟ ହୋଇ ଆସିପାରିବ । ମାତ୍ର, ପ୍ରକୃତରେ କ'ଣ ପ୍ରକଟ ହେବାକୁ ଯାଉଛି, ତାହା ତୁମକୁ ନିଜକୁ ସର୍ବଦା ନିଷ୍ପତ୍ତି କରି ଠିକ୍ କରିବାକୁ ପଡ଼ିବ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଶରୀରକୁ ନିଖୁଣ କରି ବନାଇ ରଖନ୍ତି, ଶରୀରକୁ ବଳଶାଳୀ, ଜିଦା, ଶକ୍ତିମାନ୍, ସ୍ଫୂର୍ତ୍ତିମନ୍ତ ଓ ସୁସମର୍ଥ କରି ତିଆରି କରନ୍ତି; ମାତ୍ର କେବଳ ନିଜର ଅହଂଟାକୁ ଓ ତାହାରି ବଳଟାକୁ ଆହୁରି ଅଧିକ କୁଶଳ ଭାବରେ ପ୍ରତିଷ୍ଠିତ କରି ରଖିବାକୁହିଁ ସେମାନେ ତାହା କରିଥାନ୍ତି । ଅନ୍ୟମାନେ ହୁଏତ ଏହି ବିଷୟରେ ଦୃଢ଼ନିଶ୍ଚିତ ହୋଇ ରହିବାକୁ ଶରୀରଟିକୁ ସମୁଚିତ ଭାବରେ ପ୍ରସ୍ତୁତ କରି ରଖିଥାନ୍ତି ଯେ ଯେତେବେଳେ ଆଧ୍ୟାତ୍ମିକ ଆଲୋକ ଆପଣାକୁ ପ୍ରକଟ କରି ଆଣିବ, ସେତେବେଳେ ଆଦେଶ ଅନୁସାରେ ଯାବତୀୟ କାର୍ଯ୍ୟସାଧନ କରିବା ଲାଗି ସମର୍ଥ ହୋଇ ରହିଥିବା ଏକ ସାଧନ ତାକୁ ମିଳିଯିବ । ଆବଶ୍ୟକ କାର୍ଯ୍ୟଟି ଯାହା ହୋଇଥାଉ ନା କାହିଁକି, ସାଧନଟି ଏପରି ସମର୍ଥ ଓ ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇ ରହିଥିବ ଯେ ତାହା ସେହି କାର୍ଯ୍ୟଟିକୁ ଅନାୟାସରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ତତ୍‌କ୍ଷଣାତ୍ କରିଦେଇ ପାରିବ ।···ତେଣୁ ଅସଲ କଥା ହେଉଛି ଯେ, ତୁମର ଶରୀରରେ ତୁମେ କେଉଁ ଶକ୍ତିଟି ଆପଣାକୁ ପ୍ରକଟ କରୁ ବୋଲି ନିଷ୍ପତ୍ତି ଗ୍ରହଣ କରିବ; ଏବଂ ଏହି କଥାଟି ବିଷୟରେ ତୁମର ଦୃଷ୍ଟିକୁ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ମୁଁ ଏସବୁ କଥା କହିଲି । ତୁମର ଶରୀରକୁ ତୁମେ ଯେତେ ସମର୍ଥ କରି ଗଢ଼ିବା ସମ୍ଭବ, ସେତେ ସମର୍ଥ କରି ଗଢ଼, ତାହାକୁ ତୁମେ ଏକ ଚମତ୍କାର ଯନ୍ତ୍ରରୂପେ

'oaob.nitrkl.ac.in' images reprocessed

ବିଚାର କର, ମାତ୍ର ଗୋଟିଏ କଥା କଦାପି ଭୁଲ ଯାଅ ନାହିଁ ଯେ ଏହି କ୍ଷେତ୍ରରେ ଅବଶ୍ୟ ଏକ ନିଷ୍ପତ୍ତି ନେବାକୁ ହେବ ଏବଂ ଏହି ନିଷ୍ପତ୍ତିଟିକୁ ତୁମକୁ ସତତହିଁ ନେବାକୁ ପଡ଼ୁଥିବ—ଏକାବେଳେକେ ସବୁଅର ପାଇଁ ଯେ ନିଷ୍ପତ୍ତି ନେଇଯିବାକୁ ପଡ଼ିବ, ସେପରି ଆଦୌ ନୁହେଁ, ଏହି ନିଷ୍ପତ୍ତିକୁ ନିରନ୍ତର ନୂତନ ନୂତନ କରି ନେବାକୁ ପଡ଼ୁଥିବ । କାରଣ, ସମଗ୍ର ସଂପୂର୍ଣ୍ଣତାର ସ୍ଥିତିରେ ଉପନୀତ ହୋଇପାରିବା ପୂର୍ବରୁ, ସମସ୍ତ ଅଭିବ୍ୟକ୍ତିଟି ସମ୍ଭବ ହେବା ପୂର୍ବରୁ ବାହ୍ୟ ବସ୍ତୁଗୁଡ଼ିକର ଏହି ଆକ୍ରମଣଟି ସତତ ଲାଗି ରହିଥିବ, ସେମାନେ ତୁମ ଭିତରେ ପ୍ରବେଶ କରି ସବୁକିଛି କାର୍ଯ୍ୟକୁ ପଣ୍ଡ କରିଦେବାକୁ ନିୟତ ଚେଷ୍ଟା କରିବାରେ ଲାଗିଥିବେ । ତେଣୁ ନିୟତ ସତର୍କ ଓ ସଜାଗ ରହିବା ହେଉଛି ଏକ ଆବଶ୍ୟକ ଓ ଅପରିହାର୍ଯ୍ୟ ସର୍ତ୍ତ । ଏପରି ଏକ ବାହାନା ଦେଖାଇ ଆତ୍ମସନ୍ତୋଷ ସହିତ ତୁମେ କଦାପି ଶୋଇ ପଡ଼ିବାକୁ ଚାଲି ଯିବ ନାହିଁ ଯେ ତୁମେ ଥରକରେହିଁ ତୁମର ନିଷ୍ପତ୍ତିଟିକୁ ଗ୍ରହଣ କରି ସାରିଛ : "ଓଃ, ଏଥର ଏହି କଥାଟି ଠିକ୍ ହୋଇଗଲା, ସବୁ କଥା ଠିକ୍ ହୋଇଗଲା" ବୋଲି କଦାପି କହିବ ନାହିଁ । ନୀତି ଦୃଷ୍ଟିରୁ ସବୁ କଥା ତ ସବୁବେଳେହିଁ ଠିକ୍ ହୋଇ ରହିଛି; ମାତ୍ର ତୁମ ନିଷ୍ପତ୍ତିଟି ବିଷୟରେ ତୁମର କେତେ ନିଷ୍ଠା ରହିଛି, ତାହାର ଉପରେହିଁ ତାହାର ସ୍ଥାୟିତ୍ୱ ବିଷୟରେ ଯାବତୀୟ ନିଶ୍ଚିତତା ନିର୍ଭରଶୀଳ ହୋଇ ରହିଛି । ମାତ୍ର ସେହି ନିଷ୍ଠାଟିକୁ ସଂପୂର୍ଣ୍ଣ ଭାବରେ ପକ୍କା ହେବାକୁ ହେଲେ ଏବଂ ତୁମ ନିଷ୍ପତ୍ତିଟିକୁ ଅବିଚଳିତ ଓ ସ୍ଥାୟୀ କରି ରଖିବାକୁ ହେଲେ, ଶୋଇ ପଡ଼ିବାକୁ ଚାଲିଗଲେ ଆଦୌ ଚଳିବ ନାହିଁ । ତୁମେ ଆଦୌ ନଶୋଇ ସବୁବେଳେ ଚେଇଁ କରି ରହିବ ବୋଲି ମୁଁ କହୁ ନାହିଁ, ଏହି କଥାଟିକୁ ମୁଁ କେବଳ ଏହି ଅର୍ଥରେ କହୁଛି ଯେ ତୁମର ଚେତନା କଦାପି ଶୋଇ ପଡ଼ିବ ନାହିଁ । ଏବଂ, ଆସନ୍ତା ଥରକୁ ମୁଁ ତୁମମାନଙ୍କ ଆଗରେ ଯାହା ଆଣି ପଢ଼ିବି ବୋଲି ଭାବୁଛି, ଆଜି ବର୍ତ୍ତମାନ କହିଥିବା କଥାଗୁଡ଼ିକ ହେଉଛି ତାହାର ଲାଗି ଏକ ଉପକ୍ରମଣିକା । ଆରଥରକୁ ମୁଁ ଶ୍ରୀଅରବିନ୍ଦ ଏକଦା, ବେଶ ଅନେକ ଦିନ ତଳେ ଲେଖିଥିବା ଗୋଟିଏ ଚିଠି ତୁମମାନଙ୍କ ଆଗରେ ପଢ଼ିବି । ମୁଁ ଯେତେଦୂର ସ୍ମରଣ କରି ପାରୁଛି, ସେଥିପାଇଁ ୧୯୨୮ ମସିହାରେ, ୧୯୨୮ ଅକ୍ଟୋବର ମାସରେ ସେହି ଚିଠିଟିକୁ ଲେଖିଥିଲେ । ତୁମେ ବେଶ୍ ଜାଣି ପାରୁଥିବ, କୌଣସି କିଛି ଏତେଶୀଘ୍ର ଆଦୌ ବଦଳି ଯାଏ ନାହିଁ ।

ଆପଣା ସତ୍ତାର ସ୍ୱକୀୟତା ବା ବୈଶିଷ୍ଟ୍ୟକୁ ବ୍ୟକ୍ତ କରିହେବ କିପରି ?

ସେହି ସ୍ୱକୀୟତାଟିକୁ ତୁମକୁ ବଞ୍ଚିବାକୁ ପଡ଼ିବ, ଅର୍ଥାତ୍, ତୁମ ଅନ୍ତର୍ବିଧାନଟିର ନିର୍ଦ୍ଦେଶ ଅନୁସାରେ ଆପଣାର ଜୀବନଟିକୁ ବଞ୍ଚିବାକୁ ପଡ଼ିବ । "ବଞ୍ଚିବାର ବିଜ୍ଞାନ"ରେ

'oaob.nitrkl.ac.in' images reprocessed

ମୁଁ ଏହି ବିଷୟଟି ଉପରେ କଣ୍ଟିନ୍ୟୁ ବିସ୍ତୃତ ଭାବରେ ବୁଝାଇ ଲେଖିଛି । ସେଥିରେ ମୁଁ କହିଛି ଯେ ସତ୍ତାଗତ ଏହି ସତ୍ୟଟି ହେଉଛି ଯଥାର୍ଥରେ ପ୍ରତ୍ୟେକ ବ୍ୟକ୍ତିର ସ୍ୱକୀୟତା, ପ୍ରତ୍ୟେକ ବ୍ୟକ୍ତିର ବୈଶିଷ୍ଟ୍ୟ ।

ମାତ୍ର ବ୍ୟକ୍ତି ବ୍ୟକ୍ତି ଅନୁସାରେ ଏହି ସ୍ୱକୀୟତା ମଧ୍ୟ ଭିନ୍ନ ଭିନ୍ନ, ନୁହେଁ କି ?

ନିଶ୍ଚୟ, ପ୍ରତ୍ୟେକ ସତ୍ତାର ବିଧାନ ହେଉଛି ଏକ ସ୍ୱକୀୟ ବିଧାନ, ଅନ୍ୟମାନଙ୍କର ବିଧାନଠାରୁ ଭିନ୍ନ;—ତା' ନହେଲେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କୌଣସି ତାରତମ୍ୟ ରହିଛି ବୋଲି ଜାଣି ହୁଅନ୍ତା କିପରି ? ତା' ନହେଲେ, ସିଧାସିଧା ନଷ୍ଟ ଯାଏ, ପ୍ରକୃତି, ଆକୃତି ଓ କାର୍ଯ୍ୟକଳାପ ସବୁକିଛି କେବଳ ଏକାଭଳି ହୋଇଥାନ୍ତା । ଯଦି କେବଳ ଗୋଟିଏ ବିଧାନ ରହିଥାନ୍ତା, ତେବେ ସମସ୍ତଙ୍କର ଜୀବନରେ ମଧ୍ୟ କେବଳ ସେହି ଗୋଟିଏ ବିଧାନ କାର୍ଯ୍ୟ କରୁଥାନ୍ତା ଏବଂ ପ୍ରତ୍ୟେକ ବ୍ୟକ୍ତି କେବଳ ସେହି ଗୋଟିଏ କଥାରହିଁ ପୁନରାବୃତ୍ତି କରୁଥାନ୍ତେ । ଏତେ ବଡ଼ ଗୋଟିଏ ବିଶ୍ୱ-ଭୁବନର ରୂପାୟନ ଲାଗି ଆଉ କୌଣସି ପ୍ରୟୋଜନ ନଥାନ୍ତା, କାରଣ କେବଳ ଗୋଟିଏ ବିଧାନହିଁ ତ ସବୁଠାରେ ବିଦ୍ୟମାନ ରହିଥାନ୍ତା । ବିଧାନର କ୍ଷେତ୍ରରେ ଏକ ଅନନ୍ତ ଅନେକବିଧତାକୁହିଁ ଆମେ ବିଶ୍ୱବ୍ରହ୍ମାଣ୍ଡର ଅସଲ ସ୍ୱକୀୟତା ବୋଲି କହିବା, ଏବଂ ସେହି ବହୁସଂଖ୍ୟକ ବିଧାନଗୁଡ଼ିକହିଁ ଏକତ୍ର ଆପଣାର ସମଗ୍ରତାରେ ସେହି ପରମ ଅଦ୍ୱିତୀୟଙ୍କୁ ଏଠାରେ ଆଣି ପ୍ରକଟ କରି ଦେଉଛନ୍ତି । ଏବଂ ଭୌତିକ ଜଗତର ଭୂମିରେ ଆମେ ଏହାକୁହିଁ ଖାସ୍ ଅଦ୍‌ଭୁତ ଓ ସର୍ବଚମତ୍କାର ବୋଲି କହିବା (ମଣିଷର ଜୀବନରେ ଓ ଜଡ଼ଜଗତରେ, କାରଣ ଏହି ଜଗତ ଏଠି ବାସ କରୁଥିବା ସତ୍ତାଟି ଲାଗି ଅନୁରୂପ ହୋଇହିଁ ତିଆରି ହୋଇଛି); ଯେଉଁ ଅଗଣିତ ଉପାଦାନ ଏକତ୍ର ସେମାନଙ୍କର ସମଗ୍ରତାରେ ସେହି ପରମ ଅଦ୍ୱିତୀୟଙ୍କୁ ପ୍ରକଟ କରି ଆଣୁଛନ୍ତି ଏବଂ ତଥାପି ଯୁଗପତ୍ ଭାବରେ ସେହି ପରମ ଅଦ୍ୱିତୀୟଙ୍କ ସହିତ ଏକ ବ୍ୟକ୍ତିଗତ ସମ୍ବନ୍ଧରେ ମଧ୍ୟ ସମ୍ବନ୍ଧିତ ହୋଇ ରହିଛନ୍ତି,—ସେହି ଅଗଣିତ ଉପାଦାନ ମଧ୍ୟରୁ ଜଡ଼-ଜଗତ ମଧ୍ୟ ଗୋଟିଏ ଉପାଦାନ ହୋଇ ରହିପାରିଛି । ତାହା ଏପରି ହୋଇ ରହିଛି, ଯେପରିକି ତାହା ଆପଣା ଭିତରେ ସେହି ପରମ ଅଦ୍ୱିତୀୟଙ୍କର ଚେତନାକୁ ଓ ତାଙ୍କର ସହିତ ରହିଥିବା ଆପଣାର ସମ୍ବନ୍ଧଟିକୁ ଧାରଣ କରି ରଖିପାରିବ ଏବଂ ଏଣେ ଯୁଗପତ୍ ଭାବରେ ସମଗ୍ରଟିରହିଁ ଏକ ଉପାଦାନ ହୋଇ ରହିପାରିବ । ମାତ୍ର, ପରମ ଅଦ୍ୱିତୀୟଙ୍କ ବିଷୟରେ ସଚେତନ ହୋଇ ରହିବା ଓ ତାଙ୍କ ସହିତ ଆପଣାକୁ ଅଭିନ୍ନ ଭାବରେ ସଂଯୁକ୍ତ ଓ ଏକାତ୍ମକ କରି ରଖିବା ଦ୍ୱାରା ଗୋଟିଏ ଗୋଟିଏ ସତ୍ତାରୂପେ ଆମେ

'oaob.nitrkl.ac.in' images reprocessed

ଆପଣାର ସ୍ୱକୀୟସ୍ୱତାଗୁଡ଼ିକୁ ଧାରଣ କରି ରହିବାରୁ ଯଦି ପ୍ରକୃତରେ ବଞ୍ଚିତ ହୋଇ ରହିଆନ୍ତି, ତେବେ ଏକ ବ୍ୟକ୍ତିତ୍ୱରୂପେ ବଞ୍ଚିବା ଆଉ ଆମ ପକ୍ଷରେ ମୋଟେ ସମ୍ଭବ ହେଉ ନଥାନ୍ତା । ବୌଦ୍ଧମାନେ ଓ ଶଙ୍କରଙ୍କର ଶିଷ୍ୟମାନେ ଠିକ୍ ଏହିପରି ଗୋଟିଏ ସ୍ଥିତିର ଉପଲବ୍ଧି କରିବା ଲାଗି ଚେଷ୍ଟା କରିଥାନ୍ତି । ସେମାନେ ଆପଣାର ବ୍ୟକ୍ତିତ୍ୱ, ଆପଣାର ସ୍ୱତନ୍ତ୍ର ବ୍ୟକ୍ତିପରିଚୟଟିକୁ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ କରାଇ ଦେବାକୁ ଇଚ୍ଛା କରନ୍ତି, ଆପଣା ସତ୍ତାର ସତ୍ୟଟିକୁ, ଆପଣା ସତ୍ତାର ବିଶେଷ ବିଧାନଟିକୁ ସେମାନେ ସମାପ୍ତ କରିଦେବାକୁ ଚାହିଁଥାନ୍ତି । ଏବଂ ସେହି ଉନ୍ମୂଳନକୁହିଁ ସେମାନେ ପରମ ଦିବ୍ୟସତ୍ତାଙ୍କ ମଧ୍ୟରେ ବିଲୀନ ହୋଇଯିବା ବୋଲି ବିଚାର କରନ୍ତି । ମାତ୍ର ଏହା ଦ୍ୱାରା ଏହି ସୃଷ୍ଟିକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିବାକୁ ପଡ଼େ । ଏବଂ, ମୁଁ ଯେପରି କହୁଥିଲି, ପୃଥିବୀ ଉପରେ ସମ୍ଭବ ହୋଇଥିବା ବ୍ୟକ୍ତିଭାବସମ୍ପନ୍ନ ଏହି ସତ୍ତାଟି ଦୃଷ୍ଟିରୁ ବିଚାର କରି ଦେଖିଲେ, ଏହି ବିଶ୍ୱସୃଷ୍ଟି ସହିତ ଏପରି ଏକ ଅଲୌକିକତା ଜଡ଼ିତ ହୋଇ ରହିଛି ଯେ ଏଠାରେ ଆମେ ସେହି ଅଦ୍ୱିତୀୟ ଓ ସର୍ବୋଚ୍ଚ ପରମ ଏକଙ୍କ ସହିତ ସମ୍ମିଳିତ ହୋଇ ପାରିବା, ତାଙ୍କ ସହିତ ସମ୍ପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇ ପାରିବା ଏବଂ ଏଣେ ଯୁଗପତ୍ ଭାବରେ ଆମେ ଆମ ଭିନ୍ନତାର ଚେତନାଟିକୁ ମଧ୍ୟ ବଜାୟ ରଖି ପାରିବା, ଆମେ ପ୍ରତ୍ୟେକେ ଯେଉଁ ବିଶେଷ ବିଧାନଟିକୁ ବ୍ୟକ୍ତ କରିବାକୁ ଆସିଛୁ, ତାହାର ଚେତନାଟିକୁ ବଜାୟ ରଖି ପାରିବା । ଏପରି କରିପାରିବା ପ୍ରକୃତରେ ଭାରି କଷ୍ଟକର କଥା, ମାତ୍ର ଏହା ଯେ ଅମିତ ଗୁଣରେ ଅଧିକ ପରିପୂର୍ଣ୍ଣ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ଏବଂ ଏହାକୁହିଁ ଆମେ ଏହି ବିଶ୍ୱଜଗତର ଅସଲ ସତ୍ୟଟି ବୋଲି ଜାଣି ରଖିବା । କେବଳ ଏଇଥି ସକାଶେହିଁ ବିଶ୍ୱଜଗତର ସୃଷ୍ଟି ହୋଇଛି; ଏହି ଦୁଇଟିଯାକ ମେରୁକୁ, ଚେତନାର ଏହି ଉଭୟ ପ୍ରାନ୍ତକୁ ଏକାଠି ଯୋଡ଼ି ଆଣିବାକୁହିଁ ବିଶ୍ୱଜଗତର ସୃଷ୍ଟି ହୋଇଛି । ଏବଂ ଯେତେବେଳେ ସେହି ଦୁଇଟିଯାକ ପ୍ରାପ୍ତି ପରସ୍ପର ସହିତ ଏକତ୍ର ଯୋଡ଼ିହୋଇ ଆସିବେ, ସେତେବେଳେ ଆମେ ସ୍ପଷ୍ଟ ଭାବରେ ବୁଝିବାକୁ ସମର୍ଥ ହେବା ଯେ ଯାହା ଆମକୁ ଦୁଇ ବିପରୀତ ମେରୁ ବା ବିପରୀତ ପ୍ରାନ୍ତ ପରି ପ୍ରତୀତ ହୋଇ ଆସୁଥିଲେ, ସେମାନେ ଯଥାର୍ଥତଃ ସେହି ଗୋଟିଏ ବସ୍ତୁ,—ସେଗୁଡ଼ିକ ପ୍ରକୃତରେ ଗୋଟିଏ ସମଗ୍ର, ଏକାଧାରରେ ଏକ ଏବଂ ଅଗଣିତ ।

ମାତ୍ର ନିଜକୁ ଅନ୍ୟମାନଙ୍କଠାରୁ ଭାରି ଅଲଗା ଅଲଗା ମନେ ହୁଏ !

ବାହ୍ୟତଃ, ଏପରି ତ ଅବଶ୍ୟ ଲାଗିବ ।

'oaob.nitrkl.ac.in' images reprocessed

ଅଜ୍ଞାନତା ସକାଶେ ଏପରି ହୁଏ ।

ନାହିଁ,—ମୂଳତଃ ଯେଉଁ ଏକରୂପତା'ଟି ରହିଛି, ସେହି ଏକତ୍ୱତାକୁ ଅସ୍ୱୀକାର କରିବା ହେଉଛି ଅଜ୍ଞାନ । ଏବଂ ରୂପାୟିତ ବିଶ୍ୱଭୁବନରେ ବିଦ୍ୟମାନ ରହିଥିବା ବାହ୍ୟ ଅନ୍ତରଗୁଡ଼ିକୁ ଅସ୍ୱୀକାର କରିବା ଲାଗି ଇଚ୍ଛା କରିବାକୁ ମଧ୍ୟ ମୁଁ ଏକ ଅଜ୍ଞାନପ୍ରେରିତ ଅସମ୍ଭବତା ବୋଲି ମନେ କରେ । ଯଦି ବାହ୍ୟ ଅନ୍ତର ନରହିବ, ତେବେ ଆଦୌ ଏକ ରୂପାୟନ ବା ହେବ କାହିଁକି ? ସେତେବେଳେ ତଦ୍ୱାରା ଆଉ କି ଉଦ୍ଦେଶ୍ୟ ସାଧିତ ହେବ ? ତାହାର ଏହାହିଁ ଅର୍ଥ ହେବ ଯେ ସୃଷ୍ଟିର ମୂଳରେ ନିଶ୍ଚୟ କେଉଁଠି ଗୋଟାଏ କ'ଣ ଅସମ୍ଭବତା ଅବଶ୍ୟ ରହିଯାଇଛି । ଯଦି ସୃଷ୍ଟିକର୍ତ୍ତାଙ୍କର ଅଭିପ୍ରାୟ ଅନୁସାରେହିଁ ଏହି ଅନ୍ତରଗୁଡ଼ିକର ସୃଷ୍ଟି ହୋଇ ନାହିଁ, ତେବେ ତାହାର ଅର୍ଥ ଏହାହିଁ ହେବ ଯେ ଏଠାରେ କୌଣସି ବସ୍ତୁର ସୃଷ୍ଟି ପଛରେ ହୁଏତ ଆଦୌ କୌଣସି ଉଦ୍ଦେଶ୍ୟ ନାହିଁ ବା ଏପରି ବି କୁହାଯାଇ ପାରିବ ଯେ ଏହି କ୍ଷେତ୍ରରେ ସୃଷ୍ଟିକର୍ତ୍ତା ଭଗବାନ୍ ଗୋଟାଏ ଭୁଲ୍ କରି ପକାଇଛନ୍ତି, ଅଥବା, ଏପରିକି ଏଭଳି ଏକ ଅର୍ଥ କରାଯାଇ ପାରିବ ଯେ ସିଏ ପ୍ରକୃତରେ କ'ଣ କରିବାକୁ ଇଚ୍ଛା କରୁଥିଲେ, ସିଏ ନିଜେ ମଧ୍ୟ ହୁଏତ ସେହି କଥାଟିକୁ ଆଦୌ ଭଲ କରି ବୁଝି ନଥିଲେ ! ଅର୍ଥାତ୍, ସିଏ ହୁଏତ ଗୋଟାଏ କଥା କରିବେ ବୋଲି ଭାବିଥିଲେ ଓ କରୁ କରୁ ଆଉଗୋଟାଏ କ'ଣ କରି ପକାଇଲେ ! ପୁନଶ୍ଚ, ମୋତେ ଆଦୌ କୌଣସି ବିଳମ୍ବ ନକରି ତୁମମାନଙ୍କୁ କହିବାକୁ ହେବ ଯେ, ଯଦି ଏପରି ଏକ ବିଶ୍ୱଜଗତ ଏଠି ମହଜୁଦ୍ ରହିଥାନ୍ତା, ଯେଉଁଥିରେ କି ଯାବତୀୟ ଉପାଦାନ ଠିକ୍ ଏକାଭଳି ହୋଇ ରହିଥାନ୍ତା, ତେବେ ଏପରି ଏକ ଜଗତର ଆଦୌ କାହିଁକି କୌଣସି ଅସ୍ତିତ୍ୱ ରହିଲା ବୋଲି ବସ୍ତୁତଃ ସଙ୍ଗେସଙ୍ଗେ ପଚାରିବାକୁ ଇଚ୍ଛା ହୁଅନ୍ତା । ବର୍ତ୍ତମାନ ତୁମେମାନେ ଯେତେଜଣ ମୋ ଆଗରେ ବସିଛ, ଯଦି ସମସ୍ତେ, ହଁ, ସମସ୍ତେ କେବଳ ଗୋଟିଏ ପ୍ରକାରର ହୋଇ ରହିଥାନ୍ତ, ଏକାଭଳି ପ୍ରତିକ୍ରିୟା ଜ୍ଞାପନ କରୁଥାନ୍ତ, ମୁଁ ଭାବୁଛି, ତେବେ ମୋତେ ଏଠାରୁ ସଙ୍ଗେସଙ୍ଗେହିଁ ପଳାଇଯିବାକୁ ହୁଅନ୍ତା !

ଆପଣ କହିଥିଲେ ଯେ ଯଦି ଗୋଟାଏ ତୃତୀୟ ବିଶ୍ୱଯୁଦ୍ଧ ଲାଗିବ, ତେବେ ତଦ୍ୱାରା ବର୍ତ୍ତମାନର ସଭ୍ୟତାର ସମୂଳେ ଅନ୍ତ ହୋଇଯିବ । ଏପରି ହେବା ଦ୍ୱାରା ବିଶ୍ୱଜଗତର ସ୍ଥିତିଟି ଉପରେ ଅନୁକୂଳ ପ୍ରଭାବ ପଡ଼ିବ ନା ପ୍ରତିକୂଳ ପ୍ରଭାବ ପଡ଼ିବ ?

'oaob.nitrkl.ac.in' images reprocessed

ତୁମେ କହିଲ, ଏକ ମରଣାନ୍ତକ ଅସୁସ୍ଥତା ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ହେବ କି ନାହିଁ, ତୁମେ ଏପରି ଏକ ପ୍ରଶ୍ନ କଦାପି ପଚାରିବ ନି ? ଏଠାରେ ମଧ୍ୟ ଅବିକଳ ସେହିପରି କଥା । ଗୋଟିଏ ସଭ୍ୟତା ଯାହା ହୋଇଥାଉ ପଛକେ, ତାହା ହେଉଛି ସଚେତନ ହେବା ଲାଗି ଦୀର୍ଘ କେତେ କେତେ ଚେଷ୍ଟାର ଫଳ; ନିଜ ବିଷୟରେ ଓ ପ୍ରକୃତି ବିଷୟରେ ସଚେତନ ହେବା ଲାଗି ଦୀର୍ଘ କେତେ କେତେ ପ୍ରଚେଷ୍ଟାର ଫଳ, ଏହି ପ୍ରକୃତିକୁ ଆପଣାର ନିୟନ୍ତ୍ରଣକୁ ଆଣି ତା'ଠାରୁ ଆପଣା ଲାଗି ଉପକୃତ ହୋଇ ପାରିବାର ଯଥାସମ୍ଭବ ସର୍ବୋତ୍କୃଷ୍ଟ ଫଳମାନ ଲାଭ କରିବାର ପ୍ରଚେଷ୍ଟାଟିର ଏକ ପରିଣାମ । ଅଳ୍ପ କେତେ ସମୟ ପୂର୍ବରୁ ଆମେ ସେହି କଥା ଆଲୋଚନା କରୁଥିଲୁ ଯେ ଏକ ଯନ୍ତ୍ର ପ୍ରସ୍ତୁତ କରି ରଖିବାହିଁ ହେଉଛି ଭୌତିକ ସତ୍ତାଟିକୁ ଯଥାର୍ଥ ଭାବରେ ପ୍ରଶିକ୍ଷିତ କରିବାର ସର୍ବମୂଳ କଥା; ତାହାକୁ ଏପରି ଭାବରେ ପ୍ରସ୍ତୁତ କରିବା, ଯେପରିକି ପରମ ଦିବ୍ୟସତ୍ତା ଆପଣାକୁ ପ୍ରକଟ କରି ଆଣିପାରିବେ । ଯେକୌଣସି ସଭ୍ୟତା ମଧ୍ୟ ପ୍ରକୃତରେ ଏକ ଯନ୍ତ୍ରକୁହିଁ ପ୍ରସ୍ତୁତ କରିବାରେ ଲାଗିଥାଏ, ଯେପରିକି ସେହି ଯନ୍ତ୍ର ମଧ୍ୟରେ ପରମ ଦିବ୍ୟସତ୍ତାଙ୍କର ପ୍ରକଟ ହେବା ସମ୍ଭବ ହୋଇ ପାରିବ । ସମ୍ପୃକ୍ତ ସଭ୍ୟତାଟି ଯେତିକି ଅଧିକ ଧୀର, ଯତ୍ନଶୀଳ ଏବଂ ମନୋଯୋଗୀ ହୋଇ ଆପଣାକୁ କାର୍ଯ୍ୟାନ୍ୱିତ କରି ଆଣୁଥିବ, ଏବଂ ପ୍ରକୃତିର ନିୟମଗୁଡ଼ିକ ଉପରେ ବିଜୟ ହାସଲ କରିବାରେ ଯେତିକି ସାଫଲ୍ୟ ଲାଭ କରୁଥିବ, ପରମ ଦିବ୍ୟସତ୍ତାଙ୍କର ପ୍ରକଟ ହେବା ଲାଗି ଯନ୍ତ୍ରଟି ମଧ୍ୟ ସେତିକି ଅନୁକୂଳ ହେବାରେ ଲାଗିଥିବ । ଠିକ୍ ସେହି କାରଣରୁହିଁ ଜୀବନର ଅବଧିକୁ ଆହୁରି ଦୀର୍ଘ କରିଦେଇ ପାରିବା ଲାଗି ଆମର ଏହି ବ୍ୟଗ୍ରତାଟି ରହିଛି; ଏହି ଯନ୍ତ୍ରଟି ମଧ୍ୟରେ ଆପଣାକୁ ପ୍ରକଟ କରି ଆଣିବାକୁ ଚାହୁଁଥିବା ଦିବ୍ୟ ପରମ ଶକ୍ତିଟି ଯେପରି ପ୍ରକୃତରେ ପ୍ରକଟ ହୋଇ ପାରିବ, ସେହି ଯନ୍ତ୍ରଟିକୁ ସେହି ଉଦ୍ଦେଶ୍ୟରେ ଅଧିକରୁ ଅଧିକ ପରିପୂର୍ଣ୍ଣ କରି ଗଢ଼ି ପାରିବା ଲାଗିହିଁ ଆମର ଏହି ବ୍ୟଗ୍ରତାଟି ରହିଛି । ତା' ନହେଲେ ତ ସବୁ କଥା ପ୍ରକୃତରେ କେତେ ସହଜ ହୋଇ ଯାଇଥାନ୍ତା : ଆମର ଏହି ଶରୀର ଯେମିତି ଟିକିଏ ଅସୁସ୍ଥ ହେବାକୁ ଆରମ୍ଭ କରନ୍ତା, ଟିକିଏ ଜୀର୍ଣ୍ଣ ହୋଇ ଆସନ୍ତା ଅଥବା ବୟସ ଅଳପ ଥିଲାବେଳେ ତାହା ଯେପରି ପ୍ରତିକ୍ରିୟାମାନ ବ୍ୟକ୍ତ କରି ପାରୁଥିଲା, ସେହି ପ୍ରତିକ୍ରିୟା ବ୍ୟକ୍ତ କରିବାକୁ ଅସମର୍ଥ ହୋଇ ପଡ଼ନ୍ତା, ତେବେ ଗୋଟାଏ ପୁରୁଣା ଚିରା ବସ୍ତ୍ର ବେଳକୁ ଆମେ ଯାହା କରିଥାଉ, ଏହି ଶରୀର ବେଳକୁ ମଧ୍ୟ ଠିକ୍ ତାହାହିଁ କରନ୍ତୁ—ଆମେ ଏଇଟିକୁ ଫୋପାଡ଼ି ଦିଅନ୍ତୁ ଓ ଆଉଗୋଟିଏ ନୂଆ ଶରୀର ଲାଭ କରନ୍ତୁ । ଦୁର୍ଭାଗ୍ୟବଶତଃ ପ୍ରକୃତ ସ୍ଥିତି ଆଦୌ ସେପରି ନୁହେଁ । ଆମ ଯାବତୀୟ କାର୍ଯ୍ୟର ଯାବତୀୟ ଫଳ, ସଚେତନ ହେବା ଲାଗି ଠୁଳ ହେବାରେ ଲାଗିଥିବା ଆମର ଯାବତୀୟ ପ୍ରୟାସ କେବଳ ନଷ୍ଟହିଁ ହୋଇ ଯାଉଛି । ଉଦାହରଣସ୍ୱରୂପ, ଆମେ ଯେଉଁ ସଭ୍ୟତାଟିକୁ

'oaob.nitrkl.ac.in' images reprocessed

ଗଢ଼ି ଠିଆ କରି ପାରିଛୁ, ଯେଉଁ ସଭ୍ୟତା ଗୋଟିଏ ଦୃଷ୍ଟିରୁ ବାହ୍ୟିକ କରି ଦେଖିଲେ ପ୍ରକୃତରେ ବିଭିନ୍ନ ଶକ୍ତି ଉପରେ ପ୍ରଭୁତ୍ୱ ନିୟନ୍ତ୍ରଣଶକ୍ତି ହାସଲ କରି ପାରିଛୁ, ଯାହାକି ସମ୍ପୂର୍ଣ୍ଣ ଏକ ଅସାଧାରଣ ମାତ୍ରା ଓ ସ୍ତରର ସୁଧାନଗୁଡ଼ିକୁ ଖୋଜି ପାଇବା ଲାଗି ସଫଳତା ଲାଭ କରି ପାରିଛୁ, ଆପଣାକୁ ଖୋଜିବା ଏବଂ ଆପଣାକୁ ବ୍ୟକ୍ତ କରିବାର ଏକ ଯଥାର୍ଥ ସୋପାନରେ ଉପନୀତ ହେବା ଲାଗି ଯାହା ଯାବତୀୟ ପ୍ରକାରର ଏତେବେଶୀ ଅଭିଜ୍ଞତା ଓ ଅନୁଭବମାନ ସଂଗୃହୀତ କରି ରଖି ପାରିଛୁ, ଯଦି ଏହି ସବୁକିଛୁ ଆମ ପାଖରୁ ଅନ୍ତର୍ହିତ ହୋଇଯିବ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସବୁକିଛୁକୁ ପୁନର୍ବାର ମୂଳରୁହିଁ ଆରମ୍ଭ କରିବାକୁ ପଡ଼ିବ । ଏବଂ ତା'ପରେ, ଗୋଟିଏ ନବଜାତ ଶିଶୁର ମସ୍ତିଷ୍କ ଯେପରି ଏପରିକି ଏକ ସରଳ ସାଧାରଣ ଧାରଣା ବ୍ୟକ୍ତ କରି ପାରିବା ଲାଗି ପ୍ରସ୍ତୁତ ହୋଇ ପାରିବ ଏବଂ ସେହି ଶିଶୁର ଯାବତୀୟ ଗତିସ୍ପନ୍ଦନ ଯେପରି ଗୋଟାସୁଦ୍ଧା ଅଚେତନ ହୋଇ ନରହି କ୍ରମେ ସଚେତନ ହୋଇଆସି ପାରିବ, ସେଥିଲାଗି ପ୍ରକୃତରେ ଦୀର୍ଘ କେତେ ବର୍ଷର ମନ୍ଥର ଏବଂ ସାବଧାନ ଏକ ଶିକ୍ଷା ପ୍ରୟୋଜନ ହୋଇଥାଏ । ସେଥିଲାଗି ପ୍ରକୃତରେ କେତେ ବର୍ଷ ସମୟ ଲାଗୁଛି ? ଆପଣାର ହୃତ ସ୍ୱଧନଗୁଡ଼ିକୁ ପୁନର୍ବାର ଫେରି ପାଇବା ଲାଗି ବା ଗୋଟିଏ ସଭ୍ୟତା ଲାଗି ପ୍ରକୃତରେ କେତେ ବର୍ଷ ଲାଗିବ ! ଏହି ପୃଥିବୀପୃଷ୍ଠରୁ କେତେ କେତେ ସଭ୍ୟତା ଆସି ବିଲୁପ୍ତ ହୋଇ ଯାଇଛନ୍ତି, ଆଗରୁ କ'ଣସବୁ ଆସିଛି ବା ଘଟିଛି, ଅନେକ ବୈଜ୍ଞାନିକ ତାହାକୁ ଆବିଷ୍କାର କରିବା ଲାଗି ଚେଷ୍ଟା କରୁଛନ୍ତି, ମାତ୍ର, ଅତୀତରେ ପ୍ରକୃତରେ ଠିକ୍ କ'ଣସବୁ ଥିଲା, ସେମାନେ ସେହି କଥାଟିକୁ ନିଷ୍ପୃତା ସହିତ ନିର୍ଭୁଲ ଭାବରେ କହିଦେଇ ପାରୁ ନାହାନ୍ତି । ଏହିସବୁ ସଭ୍ୟତାର ଏକ ପ୍ରମୁଖ ଅଂଶ ପ୍ରକୃତରେ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ଯାଇଛି (ଆମେ ବର୍ତ୍ତମାନର ଯେଉଁ ସଭ୍ୟତାଟିକୁ ଇତିହାସର ପ୍ରଧାନ ସଭ୍ୟତା ବୋଲି କହୁଛୁ, ଏଠାରୁ ମୁଁ ତା'ର ପୂର୍ବବର୍ତ୍ତୀ ସଭ୍ୟତାଗୁଡ଼ିକର କଥା କହୁଛି) । ହଁ, ଯଦି ଆଉଗୋଟିଏ ସଭ୍ୟତାକୁ ନିର୍ମାଣ କରିବା ଲାଗି ହଜାର ହଜାର ବର୍ଷ ସମୟ ଲାଗୁଛି, ତେବେ ସ୍ପଷ୍ଟତଃ···ସେକଥା ଯାହା ହୋଇଥାଉ ପଛକେ, ଆମର ଏହି ବାହ୍ୟ ମନୁଷ୍ୟଚେତନା ସକାଶେ ତାହାକୁ ନିଷ୍ଟୟ ଗୁଡ଼ାଏ ସମୟ ବରବାଦ ହୋଇଯିବା ବୋଲି ବୁଝାଯିବ । ମାତ୍ର ଆମକୁ ବୁଝାଯାଉଛି ଯେ, ଯେଉଁ ପରମ କାର୍ଯ୍ୟଟି ସମ୍ପନ୍ନ ହେବାକୁ ରହିଛି, ଯେଉଁ ପରମ ଉପଲବ୍ଧିର ପ୍ରତିଶ୍ରୁତି ମିଳିଛି, ତାହା ପ୍ରକୃତରେ ବର୍ତ୍ତମାନହିଁ ସଂଘଟିତ ହେବାକୁ ଯାଉଛି । ଏହା ବର୍ତ୍ତମାନହିଁ ସଂଘଟିତ ହେବାକୁ ଯାଉଛି, କାରଣ ଏକ ପ୍ଲାଟ୍‌ଫର୍ମ ବା ଏକ ଭୂମି ହିସାବରେ ଏହି ସଭ୍ୟତାର ଗଠନଟି ତାହାକୁ ନିର୍ମାଣ କରିବା ଲାଗି ପ୍ରକୃତରେ ଭାରି ଅନୁକୂଳ ହୋଇ ରହିଛି ବୋଲି ମନେହେଉଛି, ମାତ୍ର । ଯଦି ଏହି ସଭ୍ୟତାଟି ବି ନଷ୍ଟବିଧ୍ୱସ୍ତ

'oaob.nitrkl.ac.in' images reprocessed

ହୋଇଯାଏ, ତେବେ ଆମେ ଆଉ କାହା ଉପରେ ଭିତ୍ତି କରି ତାହାକୁ ନିର୍ମାଣ କରିବାକୁ ଯିବା ? କିଛୁ ଗଢ଼ିବା ଲାଗି ସମର୍ଥ ହେବାକୁ ହେଲେ ମୂଳଦୁଆସ୍ୱରୂପ ଏକ ଭୂମିର ଏକାନ୍ତ ଆବଶ୍ୟକତା ସର୍ବପ୍ରଥମେ ରହୁଛି । ଏହି ମୂଳଦୁଆଟିକୁ ତିଆରି କରିବାକୁ ହେଲେ ଯଦି ତଥାପି ପାଞ୍ଚ ବା ଦଶ ହଜାର ବର୍ଷ ଦରକାର ଥାଏ, ତେବେ ସେଥିରୁ ପ୍ରତିପାଦିତ ହୋଇ ଯାଉଛି ଯେ ବର୍ତ୍ତମାନ ପ୍ରକୃତରେ ଆଦୌ କୌଣସି କାର୍ଯ୍ୟ ସମ୍ପନ୍ନ ହେବାକୁ ଯାଉ ନାହିଁ । ସେଗୁଡ଼ିକ ଯେ ଦିନେ ନା ଦିନେ ସମ୍ପନ୍ନ ହେବ, ସେହି କଥାଟି ବୁଝିହେଉଛି ସତ, ସେଗୁଡ଼ିକ ନିଶ୍ଚୟ ସମ୍ପନ୍ନ ହେବାକୁ ଯାଉଛି, ମାତ୍ର···ତୁମେ ସମସ୍ତେ କେତୋଟି ଜନ୍ମ ପାର ହୋଇ ଆସିଲଣି କହିଲ ? ବିଗତ ଜନ୍ମଗୁଡ଼ିକରୁ ତୁମେମାନେ ପ୍ରକୃତରେ କ'ଣସବୁ ମନେ ରଖି ପାରିଛ ? ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବାକୁ, ଆପଣାକୁ ଯଥାର୍ଥ ଭାବରେ ବୁଝିବାକୁ, ଆପଣା ଉପରେ ଏତେଟିକିଏ ନିୟନ୍ତ୍ରଣ ହାସଲ କରିବାକୁ ଓ ଏପରିକି, ତୁମକୁ ପ୍ରଦତ୍ତ ହୋଇଥିବା ଏହି ଯନ୍ତ୍ରଟିକୁ କାମରେ ଲଗାଇବାକୁ ତୁମର ବିଗତ ଜନ୍ମଗୁଡ଼ିକରେ ତୁମେ ଯେଉଁସବୁ ଚେଷ୍ଟା କରିଆସିଛ, ତେବେ ସେସବୁର ଆଉ କ'ଣ ଫଳ ହେଲା ? ଏବେ ତୁମ ଭିତରେ ସେସବୁର କ'ଣ ଅବଶେଷ ରହିଛି ? କେହି କହି ପାରିବ ? ଏଠାରେ ଯେଉଁମାନେ ଉପସ୍ଥିତ ଅଛନ୍ତି, ସେମାନଙ୍କ ଭିତରୁ ମୋତେ କିଏ କହି ପାରିବ ଯେ ସିଏ ପ୍ରକୃତରେ ସଚେତନ ଭାବରେ ତା' ବିଗତ ଜନ୍ମଗୁଡ଼ିକର ଅନୁଭବଗୁଡ଼ିକରୁ ସତତ ଉପକୃତ ହୋଇ ପାରୁଛି ? ହଁ, ଅଚେତନ ଭାବରେ ଅବଶ୍ୟ କିଛି ଅବଶେଷ ରହିଯାଉଛି, ମାତ୍ର ସିଏ ବି ସେପରି କିଛି ଅଧିକ ନୁହେଁ,— ମାତ୍ର ସଚେତନ ଭାବରେ କେତେଜଣ ଉପକୃତ ହେଉଛନ୍ତି ?···କ'ଣ କେହି ଉତ୍ତର ଦେଇ ପାରିବେ ନାହିଁ ?

ନା,—ପ୍ରକୃତ କଥା କହିବାକୁ ଗଲେ ମନ ଭିତରେ ଏପରି ଗୋଟାଏ ଧାରଣା ହେଉଛି ଯେ ଏତେଦିନ ଜୀବନଟିକୁ ବଞ୍ଚିସାରିବା ପରେ, ସତେଯେପରି ଏବେଯାଇ ଏତେଟିକିଏ କିଛି ଜାଣିବାକୁ ଆରମ୍ଭ କରୁଥିଲି ପରି ମନେ ହେଉଛି ।

ହଁ, ପ୍ରକୃତରେ ସେହି କଥା; ବିଷୟଟି ଠିକ୍ ସେହିପରି । ଏପରି ହେଉଛି, କାରଣ, ଆମେ ଯେତିକି ଯେତିକି ଅଧିକ ଅଗ୍ରସର ହେଉଥିବା, ଆମେ ସେତିକି ଅଧିକ ପରିମାଣରେ ଉପଲବ୍ଧି କରୁଥିବା, ଯେପରି ସବୁକିଛି ଏବେ ମଧ୍ୟ ବୁଝିବା ଲାଗି ବାକୀ ରହିଛି, ସବୁ କଥା ଏବେ ବି ଶିକ୍ଷା କରିବାକୁ ବାକୀ ରହିଛି । ଏବଂ, ସେହି

'oaob.nitrkl.ac.in' images reprocessed

କାରଣରୁ, ଯଦି ଜଣେ ଜୀବନର ପ୍ରାୟ ଷାଠିଏ ବର୍ଷ ବୟସ ଅତିକ୍ରମ କରି ଆସିଲଣି, ତେବେ ତାହାକୁ ପ୍ରକୃତରେ କଚ୍ଛ ନୁହେଁ ବୋଲି ବୁଝାଯାଇ ପାରିବ । କାର୍ଯ୍ୟଟିକୁ ସମ୍ପନ୍ନ କରି ପାରିବାକୁ ହେଲେ ଆମ ସମକ୍ଷରେ ଶହ ଶହ ବର୍ଷ ବିସ୍ତୃତ ହୋଇ ରହିଥାଉ ବୋଲି ଆମେ ନିଶ୍ଚୟ ଇଚ୍ଛା କରିବା । କଥାଟି ଠିକ୍ ସେହିପରି; ତୁମେମାନେ ଏବେ ପିଲା, ବୁଝିଲ ?—ତେଣୁ ବର୍ଷଗୁଡ଼ାକ ତୁମମାନଙ୍କୁ ଭାରି ଲମ୍ବା ଲମ୍ବା ମନେ ହେଉଛି, କାରଣ ତୁମେମାନେ ଏବେ ମଧ୍ୟ ଖୁବ୍ ବେଶୀ ଦିନ ବଞ୍ଚି ନାହଁ । ମାତ୍ର ଦେଖିବ, ଯେତିକି ଯେତିକି ବୟସ ବଢ଼ୁଥିବ, ସେତିକି ସେତିକି ବୋଧ ହେବାରେ ଲାଗିଥିବ ଯେ ସମ୍ମୁଖରେ ପ୍ରକୃତରେ ଏକ ଦୀର୍ଘ ପଥ ପଡ଼ି ରହିଛି, ଏକ ଦୀର୍ଘ, ଅତ୍ୟନ୍ତ ଦୀର୍ଘ ପଥ ପଡ଼ି ରହିଛି; ଏବଂ ସବୁ କଥାକୁ ପୁଣିଥରେ ଆରମ୍ଭ କରିବା ଲାଗି ଜଣେ ଆଦୌ ମନ କରିବ ନାହିଁ, କାରଣ ତଦ୍ଦ୍ୱାରା ଆହୁରି ଏତେ ଅଧିକ ସମୟ ନଷ୍ଟ କରିବାକୁ ପଡ଼ିବ ।

## ୧୯ ଏପ୍ରିଲ ୧୯୫୧

"ଏହି ବିଷୟରେ ଯେଉଁମାନଙ୍କର ପୂର୍ଣ୍ଣ ଉତ୍ସାହ ଓ ଗାମ୍ଭୀର୍ଯ୍ୟ ରହିଥିବ ଏବଂ ପରମ ଦିବ୍ୟସତ୍ୟଟି ମଧ୍ୟରେ ଆପଣାର ଅସଲ ପରିଚୟଟିକୁ ପାଇବା ଲାଗି ଯେଉଁମାନେ ନିଜ ନିଜର ସାନ ମନୁଷ୍ୟ-ଅହଂଟିକୁ ବିଲୁପ୍ତ କରିଦେବାକୁ ପ୍ରସ୍ତୁତ ଥିବେ, କେବଳ ସେହିମାନେହିଁ ଏହି ଯୋଗମାର୍ଗର ଗ୍ରହଣ କରି ପାରିବେ ଏବଂ ଶେଷଯାଏ ଯାଇ ପାରିବେ । କୌଣସି ପ୍ରକାର ଚପଳତା ଅଥବା ଶିଥିଳତା ରହିଥିଲେ ଏହା ସାଧନ କରିବା କଦାପି ସମ୍ଭବ ହେବ ନାହିଁ । ଏହି ସାଧନାଟି ଅନେକ ଊର୍ଦ୍ଧ୍ୱ ସ୍ତରର ସାଧନା, ବଡ଼ କଠିନ ସାଧନା; ନିମ୍ନତର ପ୍ରକୃତିରେ ରହିଥିବା ପ୍ରତିକୂଳ ଶକ୍ତିମାନେ ମଧ୍ୟ କୁଆଡ଼େ ଟିକିଏ ମଙ୍ଗାଇଦେଇ ପାରିଲେ କିଂବା କୁଆଡ଼େ ଟିକିଏ ବାଟ ଖୋଲା ହୋଇଗଲେ ତାହାର ଫାଇଦା ଉଠାଇବା ଲାଗି ସର୍ବଦା ପ୍ରସ୍ତୁତ ହୋଇ ରହିଥିବେ । ଏହି ମାର୍ଗରେ ଯିବା ଲାଗି ଯେଉଁ ଅଭୀପ୍ସା ଏବଂ ତପସ୍ୟା ଦରକାର, ତାହା ସତତ ହୋଇଥିବା ଉଚିତ, ପ୍ରଗାଢ଼ ହୋଇଥିବା ଉଚିତ ।

'oaob.nitrkl.ac.in' images reprocessed

ମନୁଷ୍ୟ-ମନର ବିରଚନା ବା ଧାରଣାଗୁଡ଼ିକୁ ଯଦି ଆମେ ରୁଷ୍ଟ ଭାବରେ ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥିବା ଅଥବା ସତ୍ତାର ନିମ୍ନତର ଅଂଶଟିର ଯାବତୀୟ ଦାବି, ଅନ୍ଧ ପ୍ରବୃତ୍ତି ବା ବାସନାଗୁଡ଼ିକୁ ଯଦି ଆମେ ଜାଣିଶୁଣି ପ୍ରଶ୍ରୟ ଦେବାରେ ଲାଗିଥିବା, ଏବଂ ସେଗୁଡ଼ିକୁ ପୁଣି ମନୁଷ୍ୟ-ପ୍ରକୃତିର ଦୋହାଇ ଦେଇ, ସାଧାରଣତଃ ଯେପରି ହୁଏ, ସେହିପରି ଭାବରେ ସେଗୁଡ଼ିକୁ ଉଚିତ ବା ସ୍ୱାଭାବିକ ବୋଲି କହୁଥିବା, ତେବେ ଏହି କାର୍ଯ୍ୟଟି କଦାପି ସମ୍ପନ୍ନ ହୋଇ ପାରିବ ନାହିଁ ।"

ଶ୍ରୀଅରବିନ୍ଦ, ଯୋଗପତ୍ରାବଳୀ, ପୃଷ୍ଠା ୧୩୧୦

ଏହି କଥାଟି ସମ୍ପୂର୍ଣ୍ଣ ଭଲ କରି ଜଣାଅଛି; ଯେଉଁମାନେ ଆପଣାର କାର୍ଯ୍ୟ କରିବାର ଭାବ ଏବଂ ବଞ୍ଚିବାର ଭାବଟିକୁ ମୋଟେ ବଦଳାଇବାକୁ ଚାହାନ୍ତି ନାହିଁ, ସେମାନେ କହନ୍ତି, "କିନ୍ତୁ ଆପଣ କ'ଣ କିଛି ଅନ୍ୟପ୍ରକାର ଆଶା କରୁଛନ୍ତି ? ଏଇଟା ପରା ମନୁଷ୍ୟପ୍ରକୃତି !" ଏହାକୁହିଁ ଆମେ "ଇଚ୍ଛାକୃତ ଭାବରେ ପ୍ରଶ୍ରୟ ଦେବା" ବୋଲି କହି ପାରିବା । ଅର୍ଥାତ୍, ଏଗୁଡ଼ିକ ଯେ ଗୋଟିଏ ଗୋଟିଏ ଦୁର୍ବଳତା ଏବଂ ପଥ ଉପରେ ଗୋଟିଏ ଗୋଟିଏ ଅସୁବିଧାସ୍ୱରୂପ, ସେହି ବିଷୟରେ ସଚେତନ ହେବା ପରିବର୍ତ୍ତେ ସେମାନେ ତାହାର ଏକ ଔଚିତ୍ୟ ପ୍ରମାଣ କରିବାକୁ ଚେଷ୍ଟା କରନ୍ତି ଓ କହୁଥାନ୍ତି, "ନାଇଁ,—ଏବିଷୟରେ ଆମେ କଦାପି କିଛି କରି ପାରିବା ନାହିଁ, ଏହା ହେଉଛି ମନୁଷ୍ୟର ପ୍ରକୃତି ।" ସେମାନେ ଯାହାକିଛି କରୁଥାନ୍ତି, ସେହିଗୁଡ଼ାକୁହିଁ ସବୁବେଳେ କରିବାକୁ ଇଚ୍ଛା କରୁଥାନ୍ତି, କେବେହେଲେ ବଦଳିବାକୁ ଇଚ୍ଛା କରୁ ନଥାନ୍ତି, ନିଜର ଦାବି ଓ ଇଚ୍ଛାଗୁଡ଼ିକ ପ୍ରତି ଏକ ଇଚ୍ଛାକୃତ ଆସକ୍ତ ଭାବରେ ପୂର୍ଣ୍ଣ ହୋଇ ରହିଥାନ୍ତି । କାରଣ, ମଣିଷ ଭିତରେ ଯେଉଁ ନିମ୍ନତର ପ୍ରକୃତିଟି ରହିଛି, ତାହା ସବୁବେଳେ ଏଇଟା ଅଥବା ସେଇଟା ପାଇଁ ଦାବି କରିବାରେ ଲାଗିଥାଏ; ସିଏ କହୁଥାଏ, "ଏଗୁଡ଼ାକ ମୋର ପ୍ରୟୋଜନ, ଏଗୁଡ଼ାକ ମୋର ଦରକାର, ଏଗୁଡ଼ାକ ନହେଲେ ମୋର ମୋଟେ ଚଳିବ ନାହିଁ ।" ତାପରେ ଆମ ଭିତରେ ଯେଉଁ ସହଜାତ ପ୍ରବୃତ୍ତିଗୁଡ଼ିକ ରହିଥାନ୍ତି,—ନିଜ ଇଚ୍ଛାଗୁଡ଼ିକର ପରିତର୍ପଣ ଲାଗି ଯେଉଁ ଗୋଟାଏ ପ୍ରକାରର ପ୍ରବୃତ୍ତି ଆମ ଭିତରେ ରହିଥାଏ,— ଏବଂ ଯେଉଁ ଛଳନାମାନ ରହିଥାଏ : ନିମ୍ନତର ସତ୍ତାଟି ତା'ର ମଧ୍ୟ ଏକ ପ୍ରଭୂତ ମହତ୍ତ୍ୱ ରହିଛି ବୋଲି ଦାବି କରୁଥାଏ, ତା' ଲାଗି ଯାହାକିଛି ଦରକାର, ତାକୁ ସେଗୁଡ଼ିକୁ ଆଣି ଅବଶ୍ୟ ଯୋଗାଇଦେବାକୁ ପଡ଼ିବ ବୋଲି ଦାବି କରିବାରେ

'oaob.nitrkl.ac.in' images reprocessed

ଲାଗିଥାଏ; ସେଗୁଡ଼ିକ ବିନା ସିଏ କଦାପି ବଞ୍ଚି ପାରିବ ନାହିଁ ବୋଲି କହୁଥାଏ, ତାହା ନିଜକୁହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଦାବି କରିବାରେ ଲାଗିଥାଏ, ଇତ୍ୟାଦି, ଇତ୍ୟାଦି । ଏହିସବୁ ବିଷୟରୁ ନାନାବିଧ ବାଧା ସୃଷ୍ଟି ହୁଏ, ଏହିସବୁ ଅଜ୍ଞାନ ଏବଂ ଅନ୍ଧକାରମୟ ଗତିସ୍ପନ୍ଦନ, ସର୍ବୋପରି ସେହି ପୁରୁଣା ଗାରିଗୁଡ଼ାକୁ ଉଚିତ ବୋଲି ଅଣ୍ଡି ବସିଥିବାର ସେହି ଯାବତୀୟ ପ୍ରବୃତ୍ତି : ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ହଠାତ୍ ଅତ୍ୟନ୍ତ ଦୁଃଖି ହୋଇ ପଡ଼ନ୍ତି ଏବଂ କହନ୍ତି, "ତୁମେ ଆଉ ଅଧିକା କ'ଣ ଆଶା କରୁଛ ? ଏବିଷୟରେ ଆଉ କିଛିହେଲେ କରି ହେବ ନାହିଁ !" ଏବଂ ତା'ପରେ ମଣିଷ ସବୁ କରିଯାଏ ଓ କହୁଥାଏ, "ହଁ—ଆଉ କ'ଣ କରାଯିବ, ଏଇଟା ହେଉଛି ମଣିଷର ପ୍ରକୃତି ।" ସିଏ ସବୁକିଛିକୁ ଉଚିତ ବୋଲି ପ୍ରତିପାଦିତ କରିବାକୁ ଇଚ୍ଛା କରୁଥାଏ ଓ କହୁଥାଏ, "ଏ ବିଷୟରେ ଆଉ କ'ଣ କରାଯାଇ ପାରିବ, ଲୋକମାନେହିଁ ପ୍ରକୃତିରେ ସେହିପରି, ଏବିଷୟରେ ଆଉ କିଛିହେଲେ କରାଯାଇ ପାରିବ ନାହିଁ ।" ଏହା ପଛରେ ସେହି ପୁରାତନ ଧାରଣାଟିହିଁ ନିହିତ ହୋଇ ରହିଛି ଯେ ଆମେ ସମସ୍ତେ ଏକ ନିର୍ଦ୍ଦିଷ୍ଟ ପ୍ରକୃତିକୁ ବହନ କରିହିଁ ସଂସାରରେ ଜନ୍ମଗ୍ରହଣ କରିଛୁ ଏବଂ ଆମକୁ ସେହି ପ୍ରକୃତିଟି ସହିତହିଁ ଖାପ ଖୁଆଇ ନେବାକୁ ପଡ଼ିବ, କାରଣ ଆମେ ଏଇଟିକୁ କେବେହେଲେ ବଦଳାଇ ପାରିବା ନାହିଁ ।

ତେଣୁ ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଯେ ଯଦି ଆମେ ପ୍ରକୃତିକୁ କୌଣସି ପ୍ରକାରେ ବଦଳାଇ ପାରିବା ନାହିଁ, ତେବେ ଯୋଗ କରିବାର ସିଦ୍ଧାନ୍ତ ଉଠାଇବାରେ ମଧ୍ୟ ଆଉ ପ୍ରକୃତିରେ କୌଣସି ଫଳ ହେବ ନାହିଁ । କାରଣ, ପ୍ରକୃତିକୁ ବଦଳାଇବା ଲାଗିହିଁ ଯୋଗାଭ୍ୟାସ କରା ଯାଇଥାଏ, ତା' ନହେଲେ ଯୋଗର କୌଣସି ଅର୍ଥହିଁ ହୁଏ ନାହିଁ ।

**ଯେତେବେଳେ କ୍ଷୁଦ୍ର ଅହଂଟିର ବିଲୁପ୍ତି ହୋଇଯାଏ, ସେତେବେଳେ ସିଧା "ଆପଣାକୁ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଆବିଷ୍କାର କରିବା" କ'ଣ ସମ୍ଭବ ହୁଏ ନାହିଁ କି ?**

ମାତ୍ର, ଆପଣାର ସେହି କ୍ଷୁଦ୍ର ଅହଂଟିକୁ ବିଲୁପ୍ତ କରିପାରିବା ପୂର୍ବରୁ ମଧ୍ୟ ଆମେ ଆପଣାକୁ ପରମ ଦିବ୍ୟସତ୍ତାଙ୍କ ମଧ୍ୟରେ ଆବିଷ୍କାର କରି ପାରିବା, କାରଣ, ନିଜର କ୍ଷୁଦ୍ର ଅହଂଟିକୁ ବିଲୁପ୍ତ କରିବା କଦାପି ଏକ ସାଧାରଣ କଥା ନୁହେଁ !

**ମାତ୍ର ସେହି କଥାଟିକୁ କରାଯାଇ ପାରିବ କିପରି ?**

'oaob.nitrkl.ac.in' images reprocessed

କିପରି କରାଯାଇ ପାରିବ ? ଅର୍ଥାତ୍ ଅହଂକୁ କିପରି ବିଲୁପ୍ତ କରାଯାଇ ପାରିବ ?—ସର୍ବପ୍ରଥମ କଥା ହେଉଛି, ତୁମେ ଅହଂକୁ ବିଲୁପ୍ତ କରି ଦେବା ଲାଗି ଇଚ୍ଛା କରୁଥିବ, ଏବଂ ଖୁବ୍ କମ୍‌ସଂଖ୍ୟକ ଲୋକ ତାହାକୁ ପ୍ରକୃତରେ ଇଚ୍ଛା କରୁଥାନ୍ତି । ଏବଂ ଠିକ୍ ଏହିମାନେହିଁ ସେସବୁ କଥା କହିବାରେ ଲାଗିଥାନ୍ତି, ଆପଣାର ଜୀବନ-ଗଢଣିକୁ ଉଚିତ ବୋଲି କହି ସେମାନେ ଏହିସବୁ କୈଫିୟତ୍ ଦେବାରେ ଲାଗିଥାନ୍ତି, "ମୁଁ ତ ଠିକ୍ ଏହି ଧରଣରେ ତିଆରି ହୋଇଛି, ମୁଁ ଆଉ କ'ଣ କରିପାରିବ ? ଏବଂ, ଯଦି ମୁଁ ଏଇଟିକୁ ବଦଳାଇ ଦେଇପାରିବି, ସେଇଟିକୁ ବଦଳାଇ ଦେଇ ପାରିବି ବା ଯଦି ମୁଁ ଏଇଟି ନହେଲେ ଚଳିଯିବି ବା ସେଇଟି ନହେଲେ ବି ଚଳିଯିବି, ତେବେ ମୋର ଆଦୌ କୌଣସି ଅସ୍ତିତ୍ୱ ରହିବ ନାହିଁ ।" ଲୋକେ ଏକଥାଗୁଡ଼ାକୁ କଦାପି ପ୍ରକାଶ୍ୟ ଭାବରେ କହନ୍ତି ନାହିଁ ସତ, ମାତ୍ର ସେମାନେ ସେହିଗୁଡ଼ାକୁହିଁ ଭାବୁଥାନ୍ତି । ଏବଂ ଏହିସବୁ ଯାବତୀୟ କ୍ଷୁଦ୍ର ବାସନା, ଏହିସବୁ ସାନ ସାନ ଯାବତୀୟ ପରିତର୍ପଣ, ସାନ ସାନ ପ୍ରତିକ୍ରିୟା, ଜୀବନ ବଞ୍ଚିବାର ଏହିସବୁ ସାନ ସାନ ରୀତି,— ଅନେକ ଲୋକ ଏହିଗୁଡ଼ିକୁ ଧରିହିଁ ପଡ଼ି ରହିଥାନ୍ତି, ସତେଅବା କାମୁଡ଼ି ପଡ଼ି ରହିଥାନ୍ତି । ସେମାନେ ସେହିଗୁଡ଼ାକୁ ଜାବୁଡ଼ି ଧରି ପଡ଼ିଥାଆନ୍ତି, ସେଗୁଡ଼ିକୁ ମୋଟେ ଯିବାକୁ ଚାହାନ୍ତି ନାହିଁ । ମୁଁ ଏପରି ଶହ ଶହ ଦୃଷ୍ଟାନ୍ତ ଦେଖିଛି, ଯେଉଁଠାରେ କି ହୁଏତ ଜଣେ ମନୁଷ୍ୟର ଅସୁବିଧାଗୁଡ଼ିକୁ ଦୂର କରି ନିଆଯାଇଛି (ଏକ ନିର୍ଦ୍ଦିଷ୍ଟ ସାମର୍ଥ୍ୟ ବଳରେ ଏକ ନିର୍ଦ୍ଦିଷ୍ଟ ଅସୁବିଧାକୁ ଦୂର କରି ଦିଆଯାଇଛି), ମାତ୍ର ତା'ପରେ ମାତ୍ର କେତୋଟି ଦିନ ପରେ ପରମ ଉତ୍ସାହରେ ସିଏ ସେଇଟିକୁ ପୁନର୍ବାର ଯାଇ ଡାକିଆଣିଛି । ସିଏ କହୁଛି, "କିନ୍ତୁ ସେଇଟି ବିନା ମୋର ଆଉ ଜୀବନ ବୋଲି କ'ଣ ରହିଲା ?" ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନଙ୍କୁ କି ପ୍ରାୟ ସ୍ୱତଃସ୍ଫୂର୍ତ୍ତି ଭାବରେ ଏକ ମାନସିକ ପ୍ରଶାନ୍ତି ପ୍ରଦତ୍ତ ହୋଇଛି, ଏବଂ ଯେଉଁମାନେ କି ଦିନେ ବା ଦୁଇ ଦିନ ପରେ ସତେଅବା ଭୀତତ୍ରସ୍ତ ହୋଇ ଆସି କହିଛନ୍ତି : "ମୁଁ କ'ଣ ସତରେ ଗୋଟାଏ ବୋକା ହୋଇଗଲି କି ?"— କାରଣ ସେମାନଙ୍କର ମାନସିକ ଯନ୍ତ୍ରଟି ଅନବରତ ଭାବରେ ମୋଟେ କାର୍ଯ୍ୟ କରି ନାହିଁ·· ତୁମେମାନେ ସେକଥାଟିର କଳ୍ପନାହିଁ କରି ପାରିବ ନାହିଁ, ଏହି ସାନ ଅହଂଟିରୁ ଆପଣାକୁ ଅଲଗା କରି ରଖିବା ଯେ କେଡ଼େ କଷ୍ଟକର, ସେକଥା ତୁମେ କେହି ଜାଣି ନାହଁ; ଏଡ଼େ ଛିଟିକିଏ ବସ୍ତୁ ହୋଇଥିଲେ ମଧ୍ୟ ତାହା କିପରି ଯେ ବାଟ ଓଗାଳି ରହିଥାଏ, ତୁମେମାନେ ସେବିଷୟରେ କିଛି ଜାଣି ନାହଁ । ଆକାରରେ କ୍ଷୁଦ୍ରାତିକ୍ଷୁଦ୍ର ବସ୍ତୁଟିଏ ହୋଇଥିଲେ ମଧ୍ୟ ତାହା ପ୍ରକୃତରେ କେତେଗୁଡ଼ାଏ ସ୍ଥାନ ମାଡ଼ି ବସି ନଥାଏ ! ଏହା ସତରେ ବଡ଼ କଷ୍ଟକର । କେତେକ ଅତ୍ୟନ୍ତ ଅତିସ୍ପଷ୍ଟ ବ୍ୟାପାରରେ ଆମେ ହୁଏତ ସେଇଟିକୁ ବେଶ୍ ଅପସାରଣ କରି ଦେଇପାରୁ;

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଯଦି କେଉଁଠି କୌଣସି ଭଲ ଜିନିଷ ଥାଏ ଏବଂ ସେଇଟାକୁ ସର୍ବାଗ୍ର ହାତର ପାଖ କରନେବା ଲାଗି ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ହୋଇ ରହିବାକୁ ଯଦି ଜଣେ ସେହି ଜିନିଷଟି ଆଡ଼କୁ ସଙ୍ଗେ ସଙ୍ଗେ ଧାଇଁବାକୁ ଲାଗେ, ଏପରିକି ନିଜର ପ୍ରତିବେଶୀ ଆଉଜଣକୁ ପଛକୁ ଠେଲିଦେଇ ଆଗକୁ ଧାଇଁବାକୁ ଲାଗେ (ସାଧାରଣ ଜୀବନରେ ଏହି କଥାଟି ଅଧିକାଂଶ ସମୟରେ ଘଟିଥାଏ), ସେତେବେଳେ ଜଣେ ହଠାତ୍ ହୁଏତ ସଜ୍ଞାନ ହୋଇପଡ଼େ ଯେ, ନାହିଁ—ଏପରି କରିବା ଆଦୌ ଖୁବ୍ ବେଶୀ ସୁନ୍ଦର ହେବ ନାହିଁ,—ଏହିପରି ଭାବି ସେ ଏହିସବୁ ଅଶୋଭନୀୟତାକୁ ଦବାଇ ରଖିବାକୁ ଆରମ୍ଭ କରେ, ସେଥିପାଇଁ ଖୁବ ଉଦ୍ୟମ କରେ,—ଏବଂ ତା'ପରେ ଖୁବ ଆତ୍ମତୃପ୍ତ ହୋଇ କହେ : "ଦେଖିଲ, ମୁଁ କେଡ଼େ ନିଃସ୍ୱାର୍ଥପର; ମୁଁ ଭଲ ଜିନିଷଗୁଡ଼ାକୁ ଅନ୍ୟମାନଙ୍କ ଲାଗି ମଧ୍ୟ ଛାଡ଼ିଦେଇ ପାରୁଛି !"—ଏବଂ ତା'ପରେ ସିଏ ସତେଅବା ଖୁବ ଫୁଲି ଉଠିବା ପରି ଅନୁଭବ କରେ । ଏହିପରି ଭାବରେ ସେ ଆପଣାକୁ ଏକ ନୈତିକ ଅହଂକାର ଦ୍ୱାରା ପୂର୍ଣ୍ଣ କରି ରଖେ; ଭୌତିକ ସ୍ତରର ଅହଂକାରଠାରୁ ଏହା ଆହୁରି ଖରାପ, କାରଣ ଆପଣାର ବରିଷ୍ଠତା ଓ ଉଚ୍ଚତରତା ବିଷୟରେ ତାହା ଖୁବ ସଚେତନ ହୋଇ ରହିଥାଏ । ଏବଂ ତା'ପରେ, ଏପରି ଆହୁରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନେ କି ସବୁ ଛାଡ଼ିଦେଇ ଆସିଥାନ୍ତି,—ସବୁକିଛି ଛାଡ଼ିଥାନ୍ତି,—ପରିବାର ଛାଡ଼ିଦେଇ ଆସିଥାନ୍ତି, ସମ୍ପତ୍ତିକୁ ବାଣ୍ଟିଦେଇ ଆସିଥାନ୍ତି, ଏକାନ୍ତକୁ ଚାଲି ଯାଇଥାନ୍ତି, ଯେଉଁମାନେ ସାଧୁ ବା ବୈରାଗୀର ଜୀବନ ଯାପନ କରୁଥାନ୍ତି ଏବଂ ତେଣେ ଆପଣାର ଉଚ୍ଚତରତା ବିଷୟରେ ଖୁବ ଭୟଙ୍କର ଭାବରେ ସଚେତନ ହୋଇ ରହିଥାନ୍ତି ଓ ଆପଣାର ଆଧ୍ୟାତ୍ମିକ ବୈଭବଶାଳୀତାର ଉଚ୍ଚଦାଣ୍ଡରେ ବସି ବାପୁଡ଼ା ଅକ୍ଷମ ମାନବଜାତି ଆଡ଼କୁ ଦୃଷ୍ଟିପାତ କରିବାରେ ଲାଗିଥାନ୍ତି;—ଏବଂ ଏହି ଲୋକମାନଙ୍କର ଏପରି ଏକ ଦୁର୍ଜୟ ଓ ଅନମନୀୟ ଅହଂ ରହିଥାଏ ଯେ, ସେଇଟାକୁ ଟିକିଟିକି ଭାଙ୍ଗି ଚୂନା କରିଦେଇ ନପାରିଲେ, ସେମାନେ କଦାପି ପରମ ଦିବ୍ୟସତ୍ତାଙ୍କର ଦର୍ଶନ ଲାଭ କରି ପାରିବେ ନାହିଁ,—କଦାପି, କଦାପି କରି ପାରିବେ ନାହିଁ । ତେଣୁ, ଏହି କାର୍ଯ୍ୟଟି ଆଦୌ ସେତେବେଶୀ ସହଜ ନୁହେଁ । ଏଥିଲାଗି ଅନେକ ସମୟ ଦରକାର ହୋଇଥାଏ । ଏବଂ, ମୁଁ ଏକଥାଟିକୁ ମଧ୍ୟ ଅବଶ୍ୟ କହି ରଖିବି ଯେ, କାର୍ଯ୍ୟଟି ସମ୍ପନ୍ନ ହୋଇ ସାରିଲେ ମଧ୍ୟ, ସେଇଟିକୁ ସର୍ବଦା ପୁନର୍ବାର ଆରମ୍ଭହିଁ କରିବାକୁ ପଡ଼ୁଥିବ ।

ଏକ ଦୁର୍ଭାଗ୍ୟର କଥା ଯେ ଶରୀରକୁ ବଞ୍ଚାଇ ରଖିବା ପାଇଁ ଆମକୁ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ । କାରଣ, ସେହି ଖାଦ୍ୟ ସହିତ ଆମେ ପ୍ରତ୍ୟହ ଓ ସତତ ଏକ ପ୍ରଭୂତ ପରିମାଣର ଅଚେତନା ବା ତମଃ, ଉଦାସୀନତା ଏବଂ ମୂର୍ଖତାକୁ ମଧ୍ୟ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଉ । ଏହାକୁ ଇଚ୍ଛା କଲେ ମଧ୍ୟ

'oaob.nitrkl.ac.in' images reprocessed

ଏଡ଼ାଇଦେଇ ହେବ ନାହିଁ; ଅବଶ୍ୟ ଯଦି ସତତ ଏବଂ ଅବିରାମ ଭାବରେ ଆମେ ସମ୍ପୂର୍ଣ୍ଣ ଭାବରେ ସଜ୍ଞାନ ଓ ସଜାଗ ରହିପାରିବା ଏବଂ କୌଣସି ଏକ ଉପାଦାନ ଆମର ଶରୀର ମଧ୍ୟକୁ ଯିବା ମାତ୍ରକେ ଯଦି ଆମେ ତାହାକୁ ନେଇ ସକ୍ରିୟ ହୋଇଯାଇ ପାରିବା, ତା' ମଧ୍ୟରୁ କେବଳ ଆଲୋକଟିକୁ ବାହାର କରି ଗ୍ରହଣ କରିବା ଏବଂ ଆମର ଚେତନାକୁ ତମସାବୃତ କରି ରଖୁଥିବା ଯାବତୀୟ ଆଉ ସବୁକିଛିକୁ ବାହାର କରିଦେଇ ପାରିବା, ତେବେ ତାହା ନିଶ୍ଚୟ ଅନ୍ୟ କଥା ହେବ । ଭୋଜନ ଆରମ୍ଭ କରିବା ପୂର୍ବରୁ ଆପଣାର ଆହାରସାମଗ୍ରୀକୁ ପ୍ରଭୁଙ୍କଠାରେ ନିବେଦନ କରିଦେବାର ଯେଉଁ ଧର୍ମୀୟ ରୀତିଟି ରହିଛି, ଏହାହିଁ ହେଉଛି ତାହାର ମୂଳ ଏବଂ ଏହିପରି ଭାବରେହିଁ ତାହାର ଏକ ବୁଦ୍ଧିସଙ୍ଗତ ବ୍ୟାଖ୍ୟା ଦିଆଯାଇ ପାରିବ । ଯେତେବେଳେ ଆହାର ଗ୍ରହଣ କରା ଯାଉଥାଏ, ସେତେବେଳେ ଏହି ଅଭୀପ୍ସାଟିକୁ ପୋଷଣ କରାଯାଏ ଯେ ସେହି ଆହାରକୁ ଆମେ ଆମ କ୍ଷୁଦ୍ର ଅହଂଟିର ପୁଷ୍ଟି ଲାଗି କଦାପି ଗ୍ରହଣ କରିବା ନାହିଁ, ମାତ୍ର ଆମ ଭିତରେ ରହିଥିବା ଦିବ୍ୟ ଚେତନା ଲାଗି ଏକ ନୈବେଦ୍ୟରୂପେହିଁ ଗ୍ରହଣ କରିବା । ଯାବତୀୟ ଯୋଗମାର୍ଗରେ ଓ ଯାବତୀୟ ଧର୍ମରେ ଏହି କଥାଟିକୁହିଁ ପ୍ରୋତ୍ସାହନ ଦିଆ ଯାଇଛି । ରୀତିଟି ପଛରେ ମୂଳକାରଣରୂପେ ଏହି କଥାଟିହିଁ ରହିଛି, ପଶ୍ଚାତରେ ବିଦ୍ୟମାନ ରହିଥିବା ଚେତନାଟି ସହିତ ଯିଏ ଯୋଡ଼ି ରଖିବା ଲାଗିହିଁ ଏପରି କରାଯାଇଛି; ଯେଉଁ ଅଚେତନା ପ୍ରତ୍ୟହ ବୃଦ୍ଧି ପାଇବାରେ ଲାଗିଛି, ସତତ ଏପରିକି ଆମର ଅଜାଣତରେ ମଧ୍ୟ ଆମ ଭିତରେ ପ୍ରବେଶ କରିବାରେ ଲାଗିଛି, ତାହାର ଗ୍ରହଣ ଓ ପ୍ରଭାବକୁ ଯଥାସମ୍ଭବ କମ୍ କରି ରଖିବା ଉଦ୍ଦେଶ୍ୟରେହିଁ ଏପରି କରାଯାଇଛି ।

ପ୍ରାଣିକ କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା । ଆମେ ପ୍ରାଣିକ ଜଗତ ମଧ୍ୟରେ ପ୍ରାଣସ୍ତରୀୟ ହୋଇ ବାସ କରୁଛୁ, ପ୍ରାଣିକ ଶକ୍ତିର ଯାବତୀୟ ପ୍ରବାହ ଆମ ଭିତରକୁ ପ୍ରବେଶ କରିବାରେ ଲାଗିଛି, ପୁଣି ବାହାରି ଚାଲିଯାଉଛି, ପରସ୍ପର ସହିତ ସଂଯୁକ୍ତ ହେଉଛି ଓ ପରସ୍ପରର ବିରୋଧ ବି କରୁଛି, ପରସ୍ପର ସହିତ କଳହ କରୁଛି ଓ ଆମ ଚେତନା ଭିତରେ ମଧ୍ୟ ମିଶିଯିବାରେ ଲାଗିଛି । ଏବଂ ଆମେ ଆମ ପ୍ରାଣିକ ଚେତନାକୁ ଯେତେ ଶୁଦ୍ଧ କରି ରଖିବାକୁ, ସେହି ଚେତନାଟି ମଧ୍ୟରେ ଆମର ବାସନା-ସତ୍ତା ଏବଂ ସାନ ମନୁଷ୍ୟ-ଅହଂଟିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ଆମେ ଯେତେ ବ୍ୟକ୍ତିଗତ ପ୍ରୟାସ କରିବାରେ ଲାଗିଥିଲେ ମଧ୍ୟ, ଆମ ସଂସର୍ଗରେ ରହିଥିବା ଅନ୍ୟମାନଙ୍କଠାରୁ ଯେଉଁସବୁ ପରସ୍ପରବିରୋଧୀ ସ୍ପନ୍ଦନ ଆମ ଭିତରକୁ ଆସୁଛି, ସେଗୁଡ଼ିକୁ ଆତ୍ମସାତ୍ ଓ ଉଦରସ୍ଥ କରିନେବା ଲାଗି ଆମେ ସତେଅବା ସତତ ବାଧ୍ୟ ହେବାରେ ଲାଗିଛୁ । ଆମେ କଦାପି ଏକ ଉଚ୍ଚ ଏକାନ୍ତ ପ୍ରାସାଦ ଭିତରେ ଆପଣାକୁ ବନ୍ଦ ରଖି ପାରିବା ନାହିଁ; ଶରୀରର ସ୍ତରରେ ଏହି କ୍ଷେତ୍ରରେ ଯେତିକି ପ୍ରୟାସ କରିବାକୁ ପଡ଼ୁଛି,

'oaob.nitrkl.ac.in' images reprocessed

ଏହି ପ୍ରାଣ ସ୍ତରରେ ତା'ଠାରୁ ଆହୁରି ଅନେକ ଅଧିକ ଆୟାସ କରିବାକୁ ପଡ଼ିବ । ଏବଂ ଏହି କ୍ଷେତ୍ରରେ ଆମ ଭିତରେ ଯାବତୀୟ ପ୍ରକାରର ବିଷୟ ପ୍ରବେଶ କରିବାରେ ଲାଗିଛି । ଯଦି ଆମେ ସତତ ପୂର୍ଣ୍ଣସଚେତ ହୋଇ ନରହିବା, ସର୍ବଦାହିଁ ସତର୍କ ହୋଇ ନରହିବା, ଅବାଞ୍ଛିତ ଉପାଦାନଗୁଡ଼ିକୁ ଆମ ଭିତରେ କଦାପି ପୁରାଇ ନଦେଇ ପାରିବାକୁ ଯଦି ଯାହାକିଛି ଆମ ଭିତରକୁ ପ୍ରବେଶ କରୁଛି, ତା' ଉପରେ ଆମର ବେଶ୍ ଏକ ଫଳପ୍ରଦ ନିୟନ୍ତ୍ରଣ ରହି ନପାରିବ, ତେବେ ଆମଠାରେ ଯାବତୀୟ ବାସନା, ଯାବତୀୟ ନିମ୍ନତର ଗତିସ୍ପନ୍ଦନ, ଅଜ୍ଞାନ ଓ କ୍ଷୁଦ୍ର ଯାବତୀୟ ପ୍ରତିକ୍ରିୟା ଏବଂ ଆମ ଚତୁର୍ଦ୍ଦିଗରେ ଥିବା ବ୍ୟକ୍ତିମାନଙ୍କଠାରୁ ଆମ ପାଖକୁ ଆସୁଥିବା ଯାବତୀୟ ଅବାଞ୍ଛିତ ସ୍ପନ୍ଦନର କେତେ ଫନ୍ଦମଣି ଆସି ସତତ ଲାଗିଯିବାରେହିଁ ଲାଗିଥିବ ।

ମାନସିକ କ୍ଷେତ୍ରରେ ଅବସ୍ଥା ତା'ଠାରୁ ଆହୁରି ଖରାପ । ମଣିଷର ମନକୁ ଏକ ସର୍ବସାଧାରଣ ସ୍ଥାନ ବୋଲି କୁହାଯିବ, ଯାହାକ ଗୁରିଆଡ଼କୁ ମେଲା ହୋଇ ରହିଛି ଏବଂ ଏହି ସାଧାରଣ ସ୍ଥାନଟିରେ ବିଷୟମାନ ଆସୁଛି ଯାଉଛି, ସକଳ ଦିଗରୁ ଆସି ପରସ୍ପରକୁ ଛେଦ କରୁଛି; ଏବଂ ସେଥିମଧ୍ୟରୁ କେତେକ ସେଇଠି ରହିଯାଉଛି ଓ ସେଗୁଡ଼ିକୁ ସବୁବେଳେ କଦାପି ସର୍ବୋତ୍ତମ ବୋଲି କହି ହେବ ନାହିଁ । ଏବଂ ସେହି କ୍ଷେତ୍ରରେ ସେହି ବିଷୟଗୁଡ଼ିକ ଉପରେ ଏକ ନିୟନ୍ତ୍ରଣ ପ୍ରାପ୍ତ କରିବା,—ତାହା ହେଉଛି ଅନ୍ୟ ଯାବତୀୟ ନିୟନ୍ତ୍ରଣଠାରୁ ଅଧିକ କଷ୍ଟସାଧ୍ୟ । ତୁମର ମନ ଭିତରକୁ ଯେଉଁସବୁ ଭାବନା ପ୍ରବେଶ କରିବାକୁ ଲାଗିଛି, ସେଗୁଡ଼ିକୁ ଥରେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କର, ଦେଖିବ । ତୁମେ ସଙ୍ଗେ ସଙ୍ଗେ ବୁଝିପାରିବ, ଏଥିଲାଗି ତୁମକୁ କେତେ ଅଧିକ ମାତ୍ରାରେ ସତର୍କ ହୋଇ ରହିବାକୁ ପଡ଼ୁଛି, ସତେଯେପରି ଜଣେ ପ୍ରହରୀ ପରି ଉଜାଗର ହୋଇ ରହିବାକୁ ପଡ଼ୁଛି, ମନର ଆଖିଗୁଡ଼ିକୁ ପୂରା ଖୋଲା ରଖି ଠିଆ ହୋଇ ରହିବାକୁ ପଡ଼ୁଛି ! ତା'ପରେ ଯେଉଁସବୁ ଭାବନା ତୁମର ଅଭିପ୍ରାୟର ଅନୁକୂଳ ଓ ଆଉ ଯେଉଁସବୁ ଭାବନା ତୁମ ଅଭିପ୍ରାୟର ଅନୁକୂଳ ନୁହନ୍ତି, ସେହି ବିଷୟରେ ତୁମେ ସମ୍ପୂର୍ଣ୍ଣ ଭାବରେ ସ୍ପଷ୍ଟଦୃଷ୍ଟି ହୋଇ ରହିବ । ଏବଂ ସେହି ଯେଉଁ ସାଧାରଣ ସ୍ଥାନଟିରେ ଚତୁର୍ଦ୍ଦିଗରୁ ମାର୍ଗଗୁଡ଼ିକ ଆସି ଏକତ୍ର ମିଳିତ ହୋଇଛନ୍ତି, ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ସେହି ସ୍ଥାନଟିକୁ ପହରା ଦେବାକୁ ଲାଗିବ, ଯେପରିକି ତା' ଭିତରକୁ ଯେକୌଣସି ବାଟୋଇ ଇଚ୍ଛା କଲେହିଁ କଦାପି ପଶି ଆସି ପାରିବ ନାହିଁ । ଏଇଟା କିଛି କମ୍ କାମ ନୁହେଁ । ତା'ପରେ, ତୁମେ କଦାପି ଭୁଲିଯିବ ନାହିଁ ଯେ ତୁମେ ନିଷ୍ଠାପର ଭାବରେ ଅନେକ ପ୍ରୟାସ କରୁଥିଲେହେଁ, ତୁମେ କଦାପି ଗୋଟାଏ ଦିନରେ, ଗୋଟାଏ ମାସରେ ଏବଂ ଗୋଟାଏ ବର୍ଷରେ ମଧ୍ୟ ଏହିସବୁ ଅସୁବିଧାର ଅବସାନ ଘଟାଇ ଦେଇ ପାରିବ । ଏହି କାର୍ଯ୍ୟଟିକୁ ଆରମ୍ଭ କରିବା ସମୟରେ ତୁମକୁ ଏକ ଅବିଚଳ ଧୈର୍ଯ୍ୟ ସହିତ ତାହା ଆରମ୍ଭ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ତୁମକୁ ଆପଣା ପାଖରେ ଆସି କହିବାକୁ ହେବ, "ଏଥିପାଇଁ ଯଦି ମୋତେ ପଚ୍ଚିଶ ବର୍ଷ ସମୟ ଲାଗିବ, ଯଦି ଶହେ ବର୍ଷ ସମୟ ବି ଲାଗିବ, ଏଥିପାଇଁ ଯଦି ଏକାଧିକ ଜନ୍ମ ବିତିଯିବ, ମୁଁ ଯାହା ହାସଲ କରିବାକୁ ଇଚ୍ଛା କରୁଛି, ତାହା ଅବଶ୍ୟ ହାସଲ କରିବି ।"

ଥରେ ଏହିପରି ଏକ ନିଷ୍ପତ୍ତି ଗ୍ରହଣ କରି ସାରିବା ପରେ, ବିଷୟଗୁଡ଼ିକ ଏହିପରି ଏକ ସ୍ଥିତିରେ ରହିଛି ଏବଂ ଲକ୍ଷ୍ୟଟିକୁ ହାସଲ କରିବା ପାଇଁ ଏକ ଅବିଚଳ ଏବଂ ଅତୁଟ ପ୍ରୟାସ ବଳବତ୍ତର ରଖିବାକୁ ହେବ ବୋଲି ତୁମେ ଯଥେଷ୍ଟ ଭାବରେ ସଚେତନ ହୋଇଯିବା ପରେ, ତୁମେ ହୁଏତ ଏହି ଦିଗରେ ଅଗ୍ରସର ହୋଇ ପାରିବ । ତା' ନହେଲେ ମାତ୍ର ଅଳ୍ପ ସମୟ ପରେହିଁ ତୁମେ ଫାଁ ଗାଳ ପଡ଼ିଯିବ; ନିରୁତ୍ସାହିତ ହୋଇଯିବ ଓ କହିବ, "ଇରେ ବାପ୍‌ରେ ! ଏଇଟା ପ୍ରକୃତରେ କେଡ଼େ କଷ୍ଟସାଧ୍ୟ—ମୁଁ କରୁଛି ଓ ତା'ପରେ ପୁଣି ସବୁ ବିଗିଡ଼ି ଯାଉଛି । ମୁଁ ପୁଣିଥରେ କରୁଛି ଓ ତାହା ପୁଣିଥରେ ବିଗିଡ଼ି ଯାଉଛି । ଏବଂ ମୁଁ ଯଦି ପୁଣିଥରେ ଏଇଟିକୁ କରିବି ଓ ତା'ପରେ ତାହା ସବୁ ଦିନ ପାଇଁ ବିଗିଡ଼ିଯିବ, ତେବେ ଏହାକୁ କରିବାରେ ଆଉ କି ଲାଭ ରହିଛି ?···ତେବେ କ'ଣ ଲାଭ ହେବ ? ମୁଁ ପୁଣି କେବେ ଯାଇ ଲକ୍ଷ୍ୟଟି ପାଖରେ ପହଞ୍ଚିବି ?" ହଁ, ତୁମକୁ ଭାରି ଧୈର୍ଯ୍ୟର ସହିତ ଆରମ୍ଭ କରିବାକୁ ପଡ଼ିବ । ହୁଏତ ଶହେ ଥର ପାଇଁ ତୁମର ଚେଷ୍ଟା ବ୍ୟର୍ଥ ହୋଇଯିବ, ମାତ୍ର ତୁମକୁ ଶହେ ଏକ ଥର ପାଇଁ କାର୍ଯ୍ୟଟିକୁ କରିବାକୁ ହେବ, ହଜାର ଥର ବିଗିଡ଼ି ଗଲେ ହଜାରେ ଏକ ଥର ପାଇଁ କରିବାକୁ ହେବ । ଏହିପରି କରୁ କରୁ ଏପରି ଗୋଟିଏ କ୍ଷଣ ଆସି ପହଞ୍ଚିବ, ଯେତେବେଳେ ତାହା ଆଉ ମୋଟେ ବିଗିଡ଼ି ଯିବ ନାହିଁ । ଆଉ ମୋଟେ ବିଗିଡ଼ି ଯିବ ନାହିଁ ।

ତୁମେମାନେ ବେଶ୍ ବୁଝି ପାରୁଥିବ, ଯଦି ମଣିଷ ଗୋଟାଏ ଗୋଟାଏ ପଟାରେ ତିଆରି ହୋଇଥାନ୍ତା, ତେବେ ସବୁ କଥା ଭାରି ସହଜ ହୋଇଯାନ୍ତା; ମାତ୍ର ମଣିଷ ବହୁ ଖଣ୍ଡକୁ ଏକାଠି ମିଶାଇ ତିଆରି ହୋଇଛି । ପୁନଶ୍ଚ, ଆମ୍ଭର ଆଗକୁ ମଧ୍ୟ ଆଉଗୋଟିଏ ଖଣ୍ଡ ରହିଛି, ଯେଉଁ ଖଣ୍ଡଟି କି କଠିନ ଶ୍ରମ କରିଛି, ଅତ୍ୟନ୍ତ ସଚେତନ ହୋଇ ରହିଛି, ସମ୍ପୂର୍ଣ୍ଣ ଜାଗ୍ରତ ହୋଇ ବି ରହିଛି । ଏହି ଖଣ୍ଡଟି ରହିଥିବା ପର୍ଯ୍ୟନ୍ତ ସବୁ ସୁରୁଖୁରୁରେ କଟିଯାଉଛି, କୌଣସି ବିଷୟକୁ ଭିତରକୁ ପଶିବାକୁ ନଦେବା କେଡ଼େ ସହଜ ହୋଇଯାଉଛି, ସମ୍ପୂର୍ଣ୍ଣ ଭାବରେ ସତର୍କ ହୋଇ ହେଉଛି, ଏବଂ ତା'ପରେ··· ଆମେ ଶୋଇବାକୁ ବାହାରି ଯାଉଛୁ ଏବଂ ତହିଁ ଆରଦିନ ଉଠିଲା ବେଳକୁ ହୁଏତ ଆଉଗୋଟିଏ ଖଣ୍ଡ ଆସି ପୂର୍ବଟିର ସ୍ଥାନାପନ୍ନ ଭାବରେ ଠିଆ ହୋଇ ଯାଉଛି । ଆମେ ସେତେବେଳେ ନିଜକୁ କହିବାକୁ ଆରମ୍ଭ କରୁଛୁ, "ମୁଁ ଏତେ ସବୁ କାର୍ଯ୍ୟ ଯେ କରିଥିଲି, ବର୍ତ୍ତମାନ ସେସବୁ କୁଆଡ଼େ ଗଲା ?" ଏବଂ ପୁଣିଥରେ ମୂଳରୁ

'oaob.nitrkl.ac.in' images reprocessed

ଆରମ୍ଭ କରିବାକୁ ହେଉଛି । ହଁ, ତୁମକୁ ପୁଣିଥରେ ମୂଳରୁହିଁ ଆରମ୍ଭ କରିବାକୁ ହେବ, ଯେତେବେଳ ଯାଏ କି ଯାବତୀୟ ଭାଗ, ଗୋଟିକ ପରେ ଗୋଟିଏ ହୋଇ ତୁମ ଚେତନାର କ୍ଷେତ୍ରରେ ଆସି ପ୍ରବିଷ୍ଟ ହେବେ ଓ ଯେତେବେଳେ କି ସେଗୁଡ଼ିକୁ ପ୍ରତ୍ୟେକଙ୍କୁ ବଦଳାଇ ଦିଆଯାଇ ପାରିବ । ଏବଂ, ଏହିପରି ବଦଳାଇ ଯେତେବେଳେ ତୁମେ ଉନ୍ନତିର ଶେଷ ଭାଗରେ ଆସି ପହଞ୍ଚିବ, ସେତେବେଳେ ନିଶ୍ଚୟ ଏକ ପରିବର୍ତ୍ତନ ପରିଲକ୍ଷିତ ହେବ, ତୁମେ ନିଶ୍ଚୟ ଏକ ଅଗ୍ରଗତି କରିଥିବ,—ଏବଂ ପରେ ତୁମକୁ ଆଉଗୋଟିଏ ଅଗ୍ରଗତି କରିବାକୁ ପଡ଼ିବ । ମାତ୍ର ତଥାପି ଗୋଟିଏ ଅଗ୍ରଗତି ହୋଇଗଲା ବୋଲି ନିଶ୍ଚୟ ବୁଝାଯିବ । ମାତ୍ର, ଯେତେବେଳେ ତୁମ ସତ୍ତାର ସବୁଯାକ ଅଂଶ ଏହିପରି ଭାବରେ ଗୋଟିଗୋଟି କରି ସମ୍ମୁଖକୁ ଚାଲି ଆସି ପାରିବେ, ଏବଂ ଗୋଟିକୁ ମଧ୍ୟ ବାଦ୍ ନଦେଇ ଯେତେବେଳେ ତୁମେ ସବୁଯାକ ଅଂଶ ଉପରେ ଚେତନାକୁ ଅବସ୍ଥାପିତ କରି ପାରିବ, ତୁମେ ଯେତେବେଳେ ସେଗୁଡ଼ିକ ଉପରେ ଆଲୋକ, ଇଚ୍ଛାଶକ୍ତି ଓ ଉଦ୍ଦେଶ୍ୟଟିକୁ ନେଇ ମଧ୍ୟ ଅବସ୍ଥାପିତ କରି ପାରିବ, ସେତିକିବେଳେ ଯାଇ ଏହା ସମ୍ପୂର୍ଣ୍ଣରୂପେ ସାଧିତ ହେବ; ଏହିପରି ଭାବରେହିଁ ପ୍ରତ୍ୟେକ ବିଷୟ ବଦଳିଯିବ ।

ତୁମମାନଙ୍କୁ ନିରୁତ୍ସାହିତ କରି ପକାଇବାକୁ ନୁହେଁ, ମାତ୍ର ସତର୍କ କରି ଦେବାକୁହିଁ ମୁଁ ଏସବୁ କଥା କହୁଛି । "ଓଃ, ଯଦି ଏଇଟା ଏତେବେଶୀ କଷ୍ଟ ବୋଲି ଜାଣିଥାନ୍ତି, ତେବେ କଦାପି ଆରମ୍ଭ କରି ନଥାନ୍ତି !" ବୋଲି ତୁମ ଭିତରୁ କାହାରିକୁ କହିବାକୁ ପଡ଼ୁ ବୋଲି ମୁଁ ଆଦୌ ଇଚ୍ଛା କରୁ ନାହିଁ । ଏହା ଯେ ପ୍ରକୃତରେ ଅତ୍ୟନ୍ତ କଷ୍ଟକର, ସେହି କଥାଟି ତୁମମାନଙ୍କୁ ଜାଣି ରଖିବାକୁ ହେବ ଏବଂ ଯଥେଷ୍ଟ ଦୃଢ଼ତାର ସହିତ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ତାହାକୁ ବଜାୟ ରଖିବାକୁହିଁ ପଡ଼ିବ; ଲକ୍ଷ୍ୟ ଦୀର୍ଘ ଅନେକ ଦୂରରେ ରହିଥିଲେ ମଧ୍ୟ ତୁମକୁ ତାହାହିଁ କରିବାକୁ ପଡ଼ିବ । ଏହି କ୍ଷେତ୍ରରେ ପ୍ରକୃତରେ ଅନେକ କିଛି କରିବାକୁ ରହିଛି । ବର୍ତ୍ତମାନ ମୁଁ ତୁମମାନଙ୍କୁ ହୁଏତ ନିଶ୍ଚୟ କହିପାରିବି ଯେ, ଯଦି ତୁମେମାନେ ନିଷ୍ଠାର ସହିତ ଏଇଟିକୁ ଆରମ୍ଭ କରିବ, ଅଧ୍ୟବସାୟ ଏବଂ ସାବଧାନତା ସହିତ ତାହା କରିବ, ତେବେ ଏହା ପ୍ରକୃତରେ ଭାରି ଆକର୍ଷକ ଓ ଆଗ୍ରହୋଦ୍ଦୀପକ ହୋଇ ଉଠିବ । ଏପରିକି, ଯେଉଁମାନଙ୍କର ଜୀବନ ପ୍ରାୟ ନୀରସ ଲାଗିବାକୁ ଆରମ୍ଭ କଲାଣି, ଯେଉଁମାନେ ଜୀବନରେ ଆଦୌ କୌଣସି ଆଗ୍ରହ ପାଉ ନାହାନ୍ତି (ତୁମେସବୁ ଜାଣିଛ, ଏପରି ଅନେକ ଦରିଦ୍ର ଲୋକ ଅଛନ୍ତି ଯେଉଁମାନଙ୍କୁ କି ଆକର୍ଷଣହୀନ କାର୍ଯ୍ୟମାନ କରିବାକୁ ପଡ଼ୁଥାଏ, ଯେଉଁମାନେ କି ସବୁବେଳେ ସେହି ଗୋଟିଏ କାମକୁ ସେହି ଗୋଟିଏ ପ୍ରକାର ପରିବେଶରେହିଁ କରିବା ଲାଗି ବାଧ୍ୟ ହେଉଥାନ୍ତି, ଏବଂ ଆଦୌ କୌଣସି ପ୍ରକାର କାର୍ଯ୍ୟରେ ଆଗ୍ରହ ପାଇବା ଲାଗି ଯେଉଁମାନଙ୍କ ମନ ଯଥେଷ୍ଟ ପରିମାଣରେ ଜାଗ୍ରତ ହୋଇ ରହି ନଥାଏ), ସେମାନେ ମଧ୍ୟ

'oaob.nitrkl.ac.in' images reprocessed

ଯଦି ଏହି ସାନ କାର୍ଯ୍ୟଟିକୁ କରିବାକୁ ଆରମ୍ଭ କରିବେ, ଯଦି ସେମାନେ ନିଜ ଜୀବନରେ ନିମ୍ନୀକରଣ ଏବଂ ନିଷ୍କାସନର କାର୍ଯ୍ୟଟିକୁ କରିପାରିବେ, ଅର୍ଥାତ୍, ଆପଣାର ଅଜ୍ଞାନତା, ଅଚେତନତା, ଏବଂ ଅହଂଗ୍ରସ୍ତତାକୁ ବଢ଼ାଇ ଦେଇ ଯେଉଁ ସେମାନଙ୍କ ପାଖକୁ ଆସୁଥିବା ପ୍ରତ୍ୟେକ ଉପାଦାନକୁ ଯଦି ସେମାନେ ପରିବର୍ତ୍ତନ ଲାଗି ରହିଥିବା ଆପଣାର ଇଚ୍ଛାଟିର ସମ୍ମୁଖରେ ଆଣି ରଖିପାରିବେ, ଯଦି ସେମାନେ ସଜାଗ ହୋଇ ରହି ପାରିବେ, ତୁଳନା କରି ପାରିବେ, ଅବଲୋକନ କରିବେ, ଅଧ୍ୟୟନ କରିବେ ଏବଂ କ୍ରମେ ଧୀରେ ଧୀରେ କାର୍ଯ୍ୟ କରିବାକୁ ବି ଆରମ୍ଭ କରିବେ, ତେବେ ତାହା କେତେ ଯେ ଆତ୍ମୋଦ୍ବୋଧିପକ ହେବାକୁ ଆରମ୍ଭ କରିବ, ତାହାର ସୀମା ନାହିଁ ଏବଂ ଏପରି କରି ସେମାନେ ଅତ୍ୟନ୍ତ ଅପ୍ରତ୍ୟାଶିତ ଭାବରେ କେଡ଼େ ଚମତ୍କାର ଆବିଷ୍କାରମାନ କରିପାରିବେ । ସେତେବେଳେ ଆପଣା ଭିତରେ ରହିଥିବା କେତେ ଲୁକ୍କାୟିତ ପରସ୍ତର ସନ୍ଧାନ ମିଳିଯିବ, ଏପରି ଅନେକ ସାନ ସାନ କଥାର ସନ୍ଧାନ ମିଳିଯିବ, ଯାହାକି ପ୍ରଥମେ ଅଦୃଶ୍ୟ ହୋଇ ରହିଥିଲା । ସତେଯେପରି ସେତେବେଳେ ଆପଣା ଭିତରେ ଏକ ଅନୁଧାବନ ଆରମ୍ଭ ହୋଇଯିବ, ଆପଣା ଭିତରେ ଥିବା କେତେକେତେ କ୍ଷୁଦ୍ର ଅନ୍ଧାର କଣ ମଧ୍ୟକୁ ମୃଗୟା କରି ଯାଇ ଆପଣାକୁ ହୁଏତ ଏପରି କହିବାର ଅବସର ଆସିବ, "କ'ଣ ହେଲା, ମୁଁ କ'ଣ ସତରେ ଏହିପରି ହୋଇଥିଲି ? ମୋ ଭିତରେ ଏଇଟା ବି ରହିଥିଲା, ଏହି କ୍ଷୁଦ୍ର ବସ୍ତୁଟିକୁ ମୁଁ ଭିତରେ ଆଶ୍ରୟ ଦେଇ ରଖିଥିଲି !" ସେହି କଣଗୁଡ଼ିକ ବେଳେବେଳେ ଭାରି ଅନ୍ଧକାରମୟ, ଭାରି ସାନ ଓ ଭାରି କୁତ୍ସିତ ହୋଇ ପଡ଼ିଥିବାର ଦେଖିବାକୁ ମିଳିବ ! ଏବଂ, ଥରେ ସେଗୁଡ଼ିକର ଆବିଷ୍କାର ହୋଇଗଲେ ତାହା କେଡ଼େ ଅଦ୍ଭୁତ କଥା ନହେବ ! ତୁମେ ଆଲୁଅଟିକୁ ନେଇ ତାହାରି ଉପରେ ରଖିଦେବ ଓ ସେଇଟି ତା'ପରେ ଅନ୍ତର୍ହିତ ହୋଇଯିବ; ଏବଂ, ଆଗରୁ ଯାହାସବୁ ତୁମକୁ ଏଡ଼େ ଦୁଃଖୀ କରି ପକାଉଥିଲେ, ଯାହାର ପ୍ରକୋପରେ ପଡ଼ି ତୁମେ "ନା,—ମୁଁ ଆଉ କଦାପି ସେଠାରେ ଯାଇ ପହଞ୍ଚି ପାରିବି ନାହିଁ !" ବୋଲି କହୁଥିଲ, ଏଣିକି ତୁମର ଆଉ କଦାପି ସେଭଳି ପ୍ରତିକ୍ରିୟା ହେବ ନାହିଁ । ଉଦାହରଣସ୍ୱରୂପ, ତୁମେ ଗୋଟିଏ ଅତି ସହଜ ବିଷୟରେ ଫଳଶୂନ୍ୟ ହେଲ (ହଁ, ଆପାତତଃ ଭାରି ସହଜ), ତୁମେ ଫଳଶୂନ୍ୟ ହେଲ ଯେ ଆଉ କେବେ କିଛି କହିବ ନାହିଁ । ଏବଂ ହଠାତ୍, କାହିଁକି ଓ କିପରି ତୁମେ ସେ ବିଷୟରେ କିଛି ନଜାଣିଥିଲେ ମଧ୍ୟ, ମିଛଟା ସତେଅବା ଆପଣାଛାଏଁ ପଦାକୁ ଉଠିଲି ବାହାରି ଆସିଲା ଏବଂ ସେଇଟିକୁ କହିଦେଇ ସାରିବା ପରେ ଯାଇ ତୁମେ ସେକଥା ଜାଣିବାକୁ ପାଇଲ : "ମାତ୍ର ଏକଥା ଆଦୌ ଠିକ୍ ନୁହେଁ, —ବର୍ତ୍ତମାନ ମୁଁ ଯାହା କହିଲି, ତାହା ମୋଟେ ଠିକ୍ ନୁହେଁ; ମୁଁ ଏକ ଭିନ୍ନ କଥା କହିବାକୁ ଇଚ୍ଛା କରୁଥିଲି ।" ତେଣୁ, ତୁମେ ଆପଣାର ଅନୁସନ୍ଧାନ ଆରମ୍ଭ କରିଦେଉଛ... "ଏଭଳି

'oaob.nitrkl.ac.in' images reprocessed

କପର ହେଲା ? ମୁଁ ସେପରି କପର ଭାବିଲି ଓ ସେପରି ଭାବରେ କପର କହି ପାରିଲି ? ମୋ ଭିତରୁ ପ୍ରକୃତରେ କିଏ ଏହି କଥାଟି କହିଲା, କିଏ ମୋତେ ପଛରୁ ଠେଲିଦେଲା ଓ ମୋ ଦ୍ୱାରା ଏକଥା କୁହାଇଲା …?" ହଁ, ତୁମେ ଏହି କ୍ଷେତ୍ରରେ ଆପଣା ଲାଗି ବେଶ୍ ଏକ ସନ୍ତୋଷଜନକ କୈଫିୟତ୍ ଯୋଗାଡ଼ କରିନେଇ ପାରିବ ଓ କହିବ, "ଏଇଟା ବାହାରୁ କୁଆଡ଼ୁ ଆସିଲା" ବା "ଗୋଟାଏ ଅଚେତନ ମୁହୂର୍ତ୍ତରେ ମୁଁ ଏପରି କହି ପକାଇଲି।" ତା'ପରେ ତୁମେ ହୁଏତ ସେହି କଥା ବିଷୟରେ ଆଉ କିଛିହେଲେ ଭାବିବ ନାହିଁ। ଏବଂ ସେହି କଥାଟି ପୁଣି ଆଉଥରକ ପାଇଁ ଆରମ୍ଭ ହୋଇଯିବ। ତୁମେ ତଥାପି ଅନୁସନ୍ଧାନ ଆରମ୍ଭ କରିଦେବ : "ମିଛ କହିବା ଲୋକର ମିଛ କହିବା ପଛରେ ପ୍ରକୃତରେ କି ଅଭିପ୍ରାୟ ଥାଇପାରେ ?"… ତୁମେ ଏହିପରି ଭାବରେ ଠେଲିବାରେ ଲାଗିଥାଅ, ଠେଲିବାରେ ଲାଗିଥାଅ,—ଏବଂ ହଠାତ୍ କେଉଁ ଏକ କ୍ଷୁଦ୍ର କଣରେ ତୁମେ ହଠାତ୍ ଏପରି କିଛି ଆବିଷ୍କାର କରିବାକୁ ଆରମ୍ଭ କର, ଯାହାକି ଆପଣାକୁ ଠିକ୍ ବୋଲି କହିବାରେ ଲାଗିଥାଏ, ନିଜକୁ ଆଗକୁ ବାହାର କରି ଆଣିବାକୁ ଓ ଆପଣାର ଦୃଷ୍ଟିକୋଣଟିକୁ(ସିଏ ଯାହାକିଛି ହୋଇଥାଉ ପଛକେ, ଏବଂ ସେଥିପଛରେ ସବୁବେଳେ ସମର୍ଥକ ଏକାଧିକ କାରଣ ରହିଥାଏହିଁ) ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥାଏ, ନିଜେ ପ୍ରକୃତରେ ଯାହା, ନିଜକୁ ତା'ଠାରୁ ଟିକିଏ ଭିନ୍ନ କରି ଦେଖାଇ ପାରିବାକୁ ଇଚ୍ଛା କରୁଥାଏ, ଯେପରିକି ଲୋକମାନେ ତୁମ ପ୍ରତି ଭଲ ମତ ପୋଷଣ କରିପାରିବେ, ଏବଂ ତୁମକୁ ଜଣେ ଭାରି ଉଲ୍ଲେଖଯୋଗ୍ୟ ବ୍ୟକ୍ତି ବୋଲି ଭାବି ପାରିବେ…ତୁମ ଭିତରେ ରହି ଏଇଟିହିଁ କଥା କହୁଥିଲା, ତୁମ ସକ୍ରିୟ ଚେତନାଟି ପ୍ରକୃତରେ କିଛି କହୁ ନଥିଲା, ମାତ୍ର ସିଏ ସେଠି ଲୁକ୍କାୟିତ ହୋଇ ରହି ତୁମ ଚେତନାକୁ ଆଗକୁ ଠେଲିବାରେ ଲାଗିଥିଲା, ସେଇଟିହିଁ ଯାହାକିଛି କହୁଥିଲା। ତୁମେ ଯେତେବେଳେ ସମ୍ପୂର୍ଣ୍ଣ ସଚେତନ ନଥିଲ, ସେତେବେଳେ ସିଏ ତୁମର ମୁଖ, ତୁମର ଜିହ୍ୱାକୁ ବେଶ୍ କାମରେ ଲଗାଇ ପାରୁଥିଲା ଏବଂ ସେତିକିବେଳେହିଁ ମିଛଟି ତୁମ ଭିତରୁ ବାହାରି ଆସି ପାରିଲା। ମୁଁ ତୁମକୁ କେବଳ ଗୋଟିଏ ମାତ୍ର ଉଦାହରଣ ଦେଲି, ଏପରି ତ ଲକ୍ଷ ଲକ୍ଷ ଅନେକ ଉଦାହରଣ ରହିଛି। ଏବଂ ଏଇଟି ପ୍ରକୃତରେ ଏକ ଭାରି ଆଗ୍ରହୋଦ୍ଦୀପକ ବ୍ୟାପାର। ଏବଂ ଏଇଟିକୁ ଆପଣା ଭିତରେ ଆବିଷ୍କାର କରି ତୁମେ ଯେତିକି ଅଧିକ ପରିମାଣରେ ନିଷ୍ଠାର ସହିତ "ଏଇଟିକୁ ଅବଶ୍ୟ ବଦଳିଯିବାକୁ ପଡ଼ିବ" ବୋଲି କହି ପାରିବ, ସେତିକି ପରିମାଣରେ ତୁମେ ନିଜ ଭିତରେ ଏକପ୍ରକାର ଅନ୍ତର୍ଗତ ସ୍ୱଚ୍ଛ ଦୃଷ୍ଟି ଅର୍ଜନ କରି ପାରୁଥିବା ପରି ଦେଖିବାକୁ ପାଇବ, ଅନ୍ୟମାନଙ୍କ ଭିତରେ କ'ଣସବୁ ପ୍ରକ୍ରିୟା ଚାଲିଛି, ତୁମେ ସେହି ବିଷୟରେ କ୍ରମେ ଅଧିକ ସଜ୍ଞାନ ହେବାରେ ଲାଗିବ; ଏବଂ ଯେତେବେଳେ ସେମାନେ ତୁମର ପ୍ରତ୍ୟାଶା ଅନୁସାରେ ବ୍ୟବହାର ନକରି ହୁଏତ

'oaob.nitrkl.ac.in' images reprocessed

ଅନ୍ୟପ୍ରକାରେ ବ୍ୟବହାର କରିବେ, ସେତେବେଳେ ତୁମେ କଦାପି ଚଞ୍ଚଳ ହୋଇ ଯିବ ନାହିଁ । ଘଟଣାଗୁଡ଼ିକ ପ୍ରକୃତରେ କିପରି ଘଟେ, ତୁମେ ସେତେବେଳେ ସେକଥା ବୁଝିବାକୁ ଆରମ୍ଭ କରିବ, ତୁମେ ପ୍ରକୃତରେ କିପରି "ଏପରି" ହୋଇ ପାରୁଛ, ଏବଂ ବିଭିନ୍ନ ପ୍ରତିକ୍ରିୟା କିପରି ସମ୍ଭବ ହୋଇପାରୁଛି, ସେଗୁଡ଼ିକ କ୍ରମେ ବୁଝିବାକୁ ଆରମ୍ଭ କରିବ ।···ତା'ପରେ, ଏସବୁ ଠିକ୍ ଠିକ୍ ଜାଣି ତୁମେ ନିଜ ଉପରେ ହସିବାକୁ ଲାଗିବ । ତା'ପରେ ଆଉ ତୁମେ କଠୋର ହୋଇ କିଛି ବିଚାର କରିବାକୁ ଯିବ ନାହିଁ; ଯେଉଁଟିକୁ କେନ୍ଦ୍ର କରି ସେଗୁଡ଼ିକ ପ୍ରକାଶ ପାଇଥାଉ ପଛକେ, ତୁମ ନିଜ ଭିତରେ ତଥା ଅନ୍ୟମାନଙ୍କ ଭିତରେ ରହିଥିବା ଅସୁବିଧାଗୁଡ଼ିକୁ ତୁମେ ସେତେବେଳେ ଦିବ୍ୟ ପରମ ଚେତନା ପାଖରେ ନେଇ ସମର୍ପଣ କରିଦେଇ ପାରିବ, ସେଗୁଡ଼ିକର ରୂପାନ୍ତର ଲାଗି ପ୍ରାର୍ଥନା କରିପାରିବ ।

ଏହି ପ୍ରବଚନଟି ପ୍ରକାଶିତ ହେଉଥିବା ବେଳେ ୧୯୬୭ ମସିହା ଜୁନ୍ ୮ ତାରିଖ ଦିନ ମାଆ ପୁନର୍ବାର ସେହି ପ୍ରଶ୍ନଟି ଉପରେ ଆଲୋଚନା କରିଥିଲେ । "ଶରୀରର ଯୋଗ" ଲାଗି ଭୂମି ତିଆରି ହୋଇ ରହିଥିବା ତାଙ୍କର ସଂପ୍ରତି ଉପଲବ୍ଧ ଅନୁଭବଗୁଡ଼ିକୁ ଭିତ୍ତି କରି ସେ ଏହି କଥାସବୁ କହିଥିଲେ :

ଗତ ଦୁଇ ଦିନ ହେଲା ମୁଁ ଠିକ୍ ସେହି କଥାହିଁ କରୁଥିଲି । ଏହିସବୁ ସଂଗ୍ରହ-ଗୁଡ଼ାକୁ ନିରୀକ୍ଷଣ କରି ଦେଖିବାରେହିଁ ଗତ ଦୁଇ ଦିନ ଯାକ ମୁଁ ସମସ୍ତ ସମୟ ଅତିବାହିତ କରିଛି । କେତେ ସାନ ସାନ ପଦାର୍ଥର ଆବର୍ଜନାମୟ ସେହି ସ୍ତୂପଗୁଡ଼ିକୁ ନିରୀକ୍ଷଣ କରି ଦେଖିଛି, ଯାହାକୁ ଆବୋରି ଧରି ଜଣେ ସତତ ତା'ର ଜୀବନଟିକୁ ବଞ୍ଚିବାରେ ଲାଗିଥାଏ । ଅତି ସାନ କେତେ ଆବର୍ଜନାମୟ ସେହି ଗଦାଗୁଡ଼ିକୁ ଧରି ସେ ବଞ୍ଚିବାରେ ଲାଗିଥାଏ । ଏବଂ ତେଣୁ, ପ୍ରତିକାରର କେବଳ ଗୋଟିଏ ପଥ ରହିଛି, ସର୍ବଦା କେବଳ ସେହି ଗୋଟିଏ ପଥ ରହିଛି : ସମର୍ପଣ କରିବାରହିଁ ପଥଟି ରହିଛି ।

ଏହି କ୍ଷେତ୍ରରେ ଅନେକ ସମୟରେ ମନେହୁଏ, ସତେଯେପରି ସେହି ସର୍ବୋଚ୍ଚ ପରମଚେତନାହିଁ ଅନେକ କାଳରୁ ବିସ୍ମୃତ ହୋଇ ରହିଥିବା ସେହି ବସ୍ତୁଗୁଡ଼ିକ ସହିତ ପୁନର୍ବାର ତୁମର ଖିଅ ଲଗାଇ ଦେଉଛନ୍ତି; ଯେଉଁଗୁଡ଼ିକ ଅଜ୍ଞାତ ଭିତରେହିଁ ରହିଥିଲେ, ଯେଉଁଗୁଡ଼ିକ ନିଷ୍କ୍ରିୟ ହୋଇ ଯାଇଥିଲେ ବା ସଂପୂର୍ଣ୍ଣ ଭାବରେ ନିଷ୍କ୍ରିୟ ହୋଇ ଯାଇଥିବା ବା ଯାଉଥିବା ପରି ମନେ ହେଉଥିଲା, ଯାହା ସହିତ ତୁମର ଆଉ ଆଦୌ କୌଣସି ସମ୍ପର୍କ ନଥିଲା, ଯାବତୀୟ ପ୍ରକାରର ସାନ ସାନ

'oaob.nitrkl.ac.in' images reprocessed

ପରିସ୍ଥିତିଗୁଡ଼ିକ, ଯେଉଁଗୁଡ଼ିକୁ କ୍ରମ ନୂତନ ଚେତନାଟି ମଧ୍ୟରେ ତଥାପି ଦେଖିବାକୁ ପାଇଲ, ସେଗୁଡ଼ିକର ଯଥାର୍ଥ ସ୍ଥାନରେ ସେଗୁଡ଼ିକୁ ଦେଖିବାକୁ ପାଇଲ,—ସଚେତଥବା ସେହି ପରମଚେତନାହିଁ ସେଗୁଡ଼ିକ ସହିତ ପୁନର୍ବାର କ୍ରମର ଖିଅ ଲଗାଇଦେଲେ ! ସମଗ୍ର ଜୀବନଟିକୁ ସେମାନେ ପ୍ରକୃତରେ କେଡ଼େ ଦରିଦ୍ର, ଦୟନୀୟ, ମ୍ଳାନ ଓ ଅସୁନ୍ଦର ଏକ ସମଗ୍ରରେ ପରିଣତ କରି ରଖି ନଥିଲେ,·ସମଗ୍ର ସାଧାରଣ ମନୁଷ୍ୟ-ଜୀବନକୁ ମଧ୍ୟ ସେମାନେ କେଡ଼େ ଅସୁନ୍ଦର କରି ପକାଇ ନଥିଲେ ! ମାତ୍ର, ଏହିଗୁଡ଼ିକୁହିଁ ରୂପାନ୍ତର ଲାଗି ନିବେଦନ କରିଦେବା ଦ୍ୱାରା ତଥାପି କେଡ଼େ ଦୀପ୍ତିମନ୍ତ ଏକ ଆନନ୍ଦ ଉପଲବ୍ଧ ହୋଇ ପାରିଲା !

ବର୍ତ୍ତମାନ ତାହା ପ୍ରତ୍ୟେକ କୋଷର ଚେତନାକ୍ଷେତ୍ରରେ ମଧ୍ୟ ଏକ ଘଟଣାକ୍ରମରେ ପରିଣତ ହୋଇପାରିଛି । ଯାବତୀୟ ଦୁର୍ବଳତା, ପ୍ରତିକୂଳ ପ୍ରବର୍ତ୍ତନା-ଗୁଡ଼ିକ ପ୍ରତି ଯାବତୀୟ ଅନୁମୋଦନ (ଅର୍ଥାତ୍, କୋଷଗୁଡ଼ିକରେ ପ୍ରତ୍ୟେକ ମୁହୂର୍ତ୍ତରେ ଘଟିତ ହେଉଥିବା ଯାବତୀୟ କ୍ଷୁଦ୍ରାତିକ୍ଷୁଦ୍ର ବ୍ୟାପାର),—ଏଗୁଡ଼ିକ ସବୁଯାକ ସେହି ନିବେଦନରହିଁ ପ୍ରବାହଟି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ଯାଉଛନ୍ତି (ଏବଂ ବେଳେବେଳେ ଏଗୁଡ଼ିକ ନାନା ତରଙ୍ଗର ରୂପ ଧାରଣ କରି ଆସନ୍ତି, ଏପରି ଘୋର ବିକ୍ରମରେ ଆସନ୍ତି ଯେ ସେହି ଆକ୍ରମଣର ସମ୍ମୁଖରେ ଶରୀରର ସଚେତଥବା ଚେଷ୍ଟା ହଜିଯିବ ବୋଲି ମନେ ହୋଇଥାଏ), ଏବଂ ତା'ପରେ ଏକ ଆଲୋକ ଆସେ, କେଡ଼େ ଉଷ୍ମ, କେଡ଼େ ଗମ୍ଭୀର ଓ କେଡ଼େ ଶକ୍ତିଶାଳୀ ଏକ ଆଲୋକ ଆସେ, ଯାହାକି ସବୁକିଛିକୁ ପୁନର୍ବାର ବ୍ୟବସ୍ଥିତ କରି ରଖି ଦେଇଯାଏ, ପ୍ରତ୍ୟେକ ବସ୍ତୁକୁ ତା'ର ଯଥାର୍ଥ ସ୍ଥାନରେ ରଖି ଦେଇଯାଏ ଓ ରୂପାନ୍ତର ଲାଗି ବାଟ ଖୋଲି ଦେଇଯାଏ ।

ଏହିସବୁ ଅବସ୍ଥା ଓ ପର୍ଯ୍ୟାୟକୁ ଶରୀରସ୍ଥ ଜୀବନ ଲାଗି ଗୋଟିଏ ଗୋଟିଏ ଅତ୍ୟନ୍ତ କଠିନ ପର୍ଯ୍ୟାୟ ବୋଲି କହିବାକୁ ହେବ; ଏପରି ଏକ ଅନୁଭବ ଆସି ପହଞ୍ଚିବ ଯେ ଏଣିକି କେବଳ ଗୋଟିଏ କଥାହିଁ ଯାହାକିଛି ନିଷ୍ପତ୍ତି କରୁଛି,—ସେହି ସର୍ବୋଚ୍ଚ ପରମ ଇଚ୍ଛାହିଁ ସବୁକିଛି ନିଷ୍ପତ୍ତି କରିବାରେ ଲାଗିଛି । ବର୍ତ୍ତମାନ ଅନ୍ୟ ଅବଲମ୍ବନ ବୋଲି ଆଉ କିଛି ନାହିଁ,—ଅଭ୍ୟାସ ବା ସଂସ୍କାରର ଅବଲମ୍ବନଠାରୁ ଆରମ୍ଭ କରି ଜ୍ଞାନ ଏବଂ ଇଚ୍ଛାଶକ୍ତିର ଅବଲମ୍ବନ ପର୍ଯ୍ୟନ୍ତ ଆଉ ଯାବତୀୟ ଅବଲମ୍ବନ ଅନ୍ତର୍ହିତ ହୋଇଯାଇଛି,—କେବଳ ସେହି ସର୍ବୋଚ୍ଚ ପରମସତ୍ତାହିଁ ଏକମେବ ଅବଲମ୍ବନ ହୋଇ ରହିଛନ୍ତି ।

(ମାଆ ନୀରବ ରହିଲେ)

ସମର୍ପଣର ପରିପୂର୍ତ୍ତି ଇଚ୍ଛୁକତା ଲାଗି କୋଷଗୁଡ଼ିକ ମଧ୍ୟରେ ରହିଥିବା ଚେତନାର ଅଭୀପ୍ସା ।

'oaob.nitrkl.ac.in' images reprocessed

ସମର୍ପଣ ଲାଗି ଏହି ଏକାନ୍ତ ଇଚ୍ଛୁକତା ବା ଆନ୍ତରିକତାହିଁ ଯେ ଯାବତୀୟ ଯଥାର୍ଥ ଅସ୍ତିତ୍ୱକୁ ସମ୍ଭବ କରୁଛି, ତାହାର ଏକ ପ୍ରଗାଢ଼ ଅନୁଭୂତ, ଜୀବନ ବଞ୍ଚିବାକୁ ଉପଲବ୍ଧ ତାହାର ଏକ ଅନୁଭୂତ ।

ଏହି କ୍ଷେତ୍ରରେ ଏତେ ଟିକିଏ ବି ଛଳନା କରିବା ହେଉଛି ବିଘର୍ଷନ ଏବଂ ମୃତ୍ୟୁର ଶକ୍ତିଗୁଡ଼ିକ ସହିତ ଏକ ସାଲିଶ୍ କରି ରହିବା ।

ହଁ,—ଏହାକୁ ଆମେ କୋଷଗୁଡ଼ିକର ଏକ ସଙ୍ଗୀତ ବୋଲି ବି କହି ପାରିବା,—ମାତ୍ର, ଆପଣାକୁ ଏହିପରି କରୁଥିବାର ଦେଖିପାରିବା ପାଇଁ ମଧ୍ୟ ନିଷ୍ଠାରେ ଯେତିକି ବିଚଳିତ ହେବା ଦରକାର, ଏଠାରେ ସେତିକି ବିଚଳିତତା ବି କଦାପି ରହିବ ନାହିଁ ।—"ତୁମରି ଇଚ୍ଛା, ହେ ପରମେଶ୍ୱର, କେବଳ ତୁମରି ଇଚ୍ଛା,"— ଆମର କୋଷଗୁଡ଼ିକ ମଧ୍ୟରୁ ଏହି ସଙ୍ଗୀତଟି ଧ୍ୱନିତ ହୋଇ ଉଠୁଥିବ ।

ଏବଂ ଅନ୍ୟମାନଙ୍କର ଇଚ୍ଛା ଉପରେ, ଅନ୍ୟମାନଙ୍କର ଚେତନା ଉପରେ ଓ ଅନ୍ୟମାନଙ୍କର ବିଭିନ୍ନ ପ୍ରତିକ୍ରିୟା ଉପରେ (ଅନ୍ୟମାନଙ୍କର ଓ ଯାବତୀୟ ବସ୍ତୁର) ନିର୍ଭରଶୀଳ ହୋଇ ରହିବାର ଯେଉଁ ଏତେବଡ଼ ଅଭ୍ୟାସଟି ରହିଆସିଛି, ଏହି ସତେଅବା ଯେଉଁ ବିଶ୍ୱନାଟକଟି ମଧ୍ୟରେ ସମସ୍ତେ ସମସ୍ତଙ୍କ ସମ୍ମୁଖରେ ଅଭିନୟ କରିବାରେ ଲାଗିଛନ୍ତି ଓ ପ୍ରତ୍ୟେକ ବସ୍ତୁ ପ୍ରତ୍ୟେକ ବସ୍ତୁ ସମ୍ମୁଖରେ ଅଭିନୟ କରିବାରେ ଲାଗିଛି, ସେଇଟିକୁ ଦୂର କରିଦେବାକୁ ହେବ ଏବଂ ତାହାର ସ୍ଥାନାପନ୍ନ ଭାବରେ ସମର୍ପଣର ଏକ ପରମ ଓ ସ୍ୱତଃସ୍ଫୂର୍ତ୍ତି ନିଷ୍ଠାକୁ ଆଣି ପ୍ରତିଷ୍ଠିତ କରିବାକୁ ପଡ଼ିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଚେତନାର କେବଳ ସବୁଠାରୁ ଅଧିକ ଭୌତିକ ଅଂଶଟିରେହିଁ ନିଷ୍ଠାଗତ ଏହି ପରିପୂର୍ଣ୍ଣତା ସମ୍ଭବ ହୋଇ ପାରିବ ।

କେବଳ ସେହି ସ୍ତରରେହିଁ ନିଜକୁ ବଞ୍ଚୁଥିବାର ଅବଲୋକନ ନକରି ଜଣେ ବଞ୍ଚିପାରିବ, ଅସ୍ତିତ୍ୱ ଧାରଣ କରୁଛି ବୋଲି ଅବଲୋକନ ନକରିହିଁ ଜଣେ ଅସ୍ତିତ୍ୱ ଧାରଣ କରିପାରିବ, କିଛି କରୁଛି ବୋଲି ଅବଲୋକନ ନକରି ଜଣେ କ୍ରିୟା କରି ପାରିବ । ଏକାନ୍ତ ଓ ପରିପୂର୍ଣ୍ଣ ନିଷ୍ଠାର ସହିତ ଏସବୁ କରିପାରିବ ।

'oaob.nitrkl.ac.in' images reprocessed

## ୨୧ ଏପ୍ରିଲ ୧୯୫୧

"ଅଜ୍ଞାନତାର ଏହିସବୁ ନିକୃଷ୍ଟତମ ବସ୍ତୁକୁ ବା ଏପରିକି ମାର୍ଗରେ ଅବସର ପାଇ ପଶିଆସି ପାରୁଥିବା ନ୍ୟୂନତର ସତ୍ୟଟିକୁ ମଧ୍ୟ ଦିବ୍ୟ ପରମସତ୍ୟଟି ସହିତ ଏକରୂପ କରି ପକାଇବାକୁ ଦୁରାଗ୍ରହ ରଖିଥିବା ପର୍ଯ୍ୟନ୍ତ (ଏହି ଯୋଗ) କଦାପି ସମ୍ଭବ ହେବ ନାହିଁ । ଯଦି ତୁମେ ତୁମ ଅତୀତର ଜୀବନଟାକୁ ଜାବୁଡ଼ି ଧରିଥାଅ ଓ ତାହାର ସେହି ପୁରାତନ ମାନସିକ, ପ୍ରାଣିକ ଏବଂ ଦୈହିକ ରୂପାୟନ ତଥା ଅଭ୍ୟାସଗୁଡ଼ିକୁ ଜାବୁଡ଼ି ଧରିଥାଅ, ତେବେ ଏହି ଯୋଗ କଦାପି ସମ୍ଭବ ହୋଇ ପାରିବ ନାହିଁ । ଆମକୁ ଅବିରାମ ଭାବରେ ଆପଣାର ସେହି ପୁରୁଣା ଜୀବନଖଣ୍ଡଗୁଡ଼ିକୁ ପଛରେ ଛାଡ଼ିଦେଇ ଯିବାକୁ ପଡ଼ୁଥିବ ଏବଂ ସର୍ବଦା ଏକ ଅଧିକରୁ ଅଧିକ ଉଚ୍ଚ ସଚେତନ ଭୂମିରୁ ଦେଖି ପାରିବାକୁ, କ୍ରିୟା କରି ପାରିବାକୁ ଏବଂ ବଞ୍ଚି ପାରିବାକୁ ପଡ଼ୁଥିବ । ଆପଣାର ମନୁଷ୍ୟ-ମନ ଓ ମନୁଷ୍ୟସୁଲଭ ପ୍ରାଣିକ ଅହଂ ଲାଗି "ସ୍ୱାଧୀନତା" ଦାବି କରିବାରେ ଲାଗିଥିଲେ ଏହା କଦାପି ସମ୍ଭବ ହେବ ନାହିଁ । ଯେପର୍ଯ୍ୟନ୍ତ ଜଣେ ମନୁଷ୍ୟ ତା'ର ସାଧାରଣ ଜୀବନଟିକୁ ଅତିବାହିତ କରୁଛି, ସେ ଇଚ୍ଛା କଲେ ସେପର୍ଯ୍ୟନ୍ତ ତା' ସତ୍ତାର ଯାବତୀୟ ଅଂଶ ଆପଣା ଖିଆଲରେ ଓ ଆପଣାକୁ ଯେକୌଣସି ପ୍ରମାଦର ସମ୍ମୁଖୀନ କରାଇ ମଧ୍ୟ ଅବଶ୍ୟ ଆପଣାର ଅଭିବ୍ୟକ୍ତି କରିପାରିବେ ଓ ଆପଣାର ତର୍ପଣ ବିଧାନ କରିପାରିବେ । ମାତ୍ର, ଯେତେ-ବେଳେ ଆମେ ଯୋଗର ମାର୍ଗରେ ଆସି ପ୍ରବିଷ୍ଟ ହେବା ଏବଂ ଏହିସବୁ ମାନବସୁଲଭ ବସ୍ତୁର ସ୍ଥାନାପନ୍ନରୂପେ ଏକ ବୃହତ୍ତର ସତ୍ୟର ପ୍ରତିଷ୍ଠା କରିବାହିଁ ଯେଉଁ ଯୋଗର ସମୁଦାୟ ଲକ୍ଷ୍ୟ ହୋଇଥିବ ଓ ଦିବ୍ୟ ପରମଶକ୍ତି ପାଖରେ ଆପଣାକୁ ନେଇ ନିବେଦନ କରିଦେବାହିଁ ଯେଉଁ ପଦ୍ଧତିର ହୃଦୟସ୍ୱରୂପ ହୋଇ ରହିଥିବ, ଯଦି ସେତେବେଳେ ଆମେ ଏହି ତଥାକଥିତ

ସ୍ୱାଧୀନତାର ଦାବି କରିବାରେ ଲାଗିଥିବା ଅର୍ଥାତ୍ କେତେକ ନିର୍ଦ୍ଦିଷ୍ଟ ବିଶ୍ୱଗତ ଅଜ୍ଞାନଶକ୍ତି ପାଖରେ ଆପଣାକୁ ଅଧୀନ କରି ରଖିଥିବା, ତେବେ ଆମେ କେବଳ ଏକ ଅନ୍ଧ ପରସ୍ପରବିରୋଧିତା ମଧ୍ୟରେହିଁ ନିସରପସର ହେବାରେ ଲାଗିଥିବା ଏବଂ ସତେଅବା ଏକାବେଳେକେ ଦୁଇ ପ୍ରକାର ଜୀବନ ଅତିବାହିତ କରିବା ଲାଗି ଆମର ଅଧିକାରଟିକୁ ଦାବି କରିବାରେ ଲାଗିଥିବା ।

"ଯେଉଁମାନେ ଆପଣାକୁ ଏହି ଯୋଗର ସାଧକ ବୋଲାଉଛନ୍ତି, ଯଦି ସେମାନେ ସ୍ୱୟଂ ଏହି ଯୋଗର ଖାସ୍ ଅସଲ ଲକ୍ଷ୍ୟ ଓ ନୀତିଟିରହିଁ ବିରୋଧ, ଅସ୍ୱୀକାର ଏବଂ ବିଦ୍ରୂପ କରୁଥିବା ଅଜ୍ଞାନଶକ୍ତିଗୁଡ଼ିକରହିଁ କେନ୍ଦ୍ର, ଯନ୍ତ୍ର ଏବଂ ମୁଖପାତ୍ର ହୋଇ ରହିଥିବେ, ତେବେ ଏହି ଯୋଗର ଧାରଣା ଏତେ ଟିକିଏ ହେଲେ ବି ସମ୍ଭବ ହୋଇ ପାରିବ ନାହିଁ ।"

ଶ୍ରୀଅରବିନ୍ଦ : ଯୋଗ-ପତ୍ରାବଳୀ, ପୃ-୧୩୧୦

ପ୍ରକୃତିକୁ ଯେ ଅବଶ୍ୟ ବଦଳାଇବାକୁ ହେବ, ଏହି ବିଷୟରେ ସଚେତନ ହେବା ଏବଂ ସତ୍ତାର ବିଭିନ୍ନ ଅଂଶ ଉପରେ ସ୍ୱାମିତ୍ୱ ଅର୍ଜନ କରିବା,—ଦୁଇଟିଯାକ ଗୋଟିଏ କଥା ଓ ଗୋଟିଏ କାର୍ଯ୍ୟକୁ ବୁଝାଇବ କି ?

ଗୋଟିଏ ଆଗ ଆସିବ, ତା'ପରେ ଅନ୍ୟଟି ଆସିବ । ସର୍ବପ୍ରଥମେ ସଚେତନ ହେବାକୁ ପଡ଼ିବ, ତା'ପରେ ସ୍ୱାମିତ୍ୱ ଅର୍ଜନ କରାଯିବ; ଏବଂ ସ୍ୱାମିତ୍ୱ ଅର୍ଜନ କରିବାର ଏହି ପ୍ରକ୍ରିୟାଟିରେହିଁ ଆପଣାର ସ୍ୱଭାବ ବଦଳିଯାଇ ପାରିବ । ସ୍ୱଭାବର ପରିବର୍ତ୍ତନ ସବାଶେଷରେ ଆସିବ । ପ୍ରଥମେ ମନ୍ଦ ଅଭ୍ୟାସଗୁଡ଼ିକୁ, ପୁରାତନ ଅଭ୍ୟାସଗୁଡ଼ିକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ; ଅନେକ ସମୟ ପର୍ଯ୍ୟନ୍ତ ଏହିପରି କରିବା ପରେ ସେଗୁଡ଼ିକ ଏକାବେଳେକେ ଛାଡ଼ି ହୋଇଯିବେ ଏବଂ ତା'ପରେ ସ୍ୱଭାବ ବଦଳିଯିବ ।

ଏଠାରେ ଏପରି ଜଣେ ବ୍ୟକ୍ତିର ଉଦାହରଣ ନିଆଯାଉ, ଯିଏ ଅଧିକାଂଶ ସମୟରେ ଏକ ନୈରାଶ୍ୟ ଦ୍ୱାରା ଜର୍ଜର ହୋଇ ପଡ଼ୁଛି । ସବୁ କଥା ଯେପରି ଘଟୁ ବୋଲି ସିଏ ଇଚ୍ଛା କରୁଛି, ସେଗୁଡ଼ିକ ପ୍ରକୃତରେ ନଘଟୁଥିବା ସମୟରେ ସେ ଖାଲି ନିରାଶ ହୋଇ ପଡ଼ୁଛି । ଏହି ପରିସ୍ଥିତିରେ, ତାକୁ ସର୍ବପ୍ରଥମେ ଆପଣାର

'oaob.nitrkl.ac.in' images reprocessed

ନୈରାଶ୍ୟ ବିଷୟରେ ସଚେତନ ହେବାକୁ ପଡ଼ିବ; କେବଳ ନୈରାଶ୍ୟ ବିଷୟରେ ନୁହେଁ, ନୈରାଶ୍ୟର କାରଣଗୁଡ଼ିକ ବିଷୟରେ ସଚେତନ ହେବାକୁ ପଡ଼ିବ; ସିଏ କାହିଁକି ଏତେ ସହଜରେ ନିରାଶ ହୋଇ ପଡ଼ୁଛି, ସେହି ବିଷୟରେ ସଚେତନ ହେବାକୁ ପଡ଼ିବ । ତା'ପରେ, ଥରେ ସେହି ବିଷୟରେ ସଚେତନ ହୋଇଯିବା ପରେ ତାକୁ ସେହି ନୈରାଶ୍ୟ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ହେବ, ନିରାଶ ହୋଇ ପଡ଼ିବାର କାରଣଟି ଉପସ୍ଥିତ ରହିଥିବା ସମୟରେ ମଧ୍ୟ ତାକୁ ଆପଣାର ନୈରାଶ୍ୟଟିକୁ ବନ୍ଦ କରିବାକୁ ପଡ଼ିବ । ନୈରାଶ୍ୟ ଉପରେ ସ୍ୱାମିତ୍ୱ ହାସଲ କରିବାକୁ ପଡ଼ିବ, ତାହାର ଆସିବା ପଥଟିକୁ ବନ୍ଦ କରି ରଖିବାକୁ ପଡ଼ିବ । ଏବଂ ସର୍ବଶେଷରେ, ଯଥେଷ୍ଟ ଭାବରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି କାର୍ଯ୍ୟଟିକୁ କରିବା ପରେ, ପ୍ରକୃତି ଭିତରେ ନିରାଶ ହୋଇ ପଡ଼ିବାର ଅଭ୍ୟାସଟି ତୁମକୁ ଛାଡ଼ି ଚାଲିଯିବ ଏବଂ ଆଉ ପୁରାତନ ରୀତିରେ କଦାପି ପ୍ରତିକ୍ରିୟା ବ୍ୟକ୍ତ କରିବ ନାହିଁ । ପ୍ରକୃତିରେ ପରିବର୍ତ୍ତନ ଘଟିବ ।

### "ଅଜ୍ଞାନ-ଶକ୍ତିଗୁଡ଼ିକର ମୁଖପାତ୍ର" ହେବା କହିଲେ କ'ଣ ବୁଝାଏ ?

ଏହି ପୃଥିବୀରେ ଯେଉଁମାନେ ଆପଣାର ଅଜ୍ଞାନତାକୁ ବ୍ୟକ୍ତ କରି ପାରିବେ, ଉପସ୍ଥିତ ପୃଥିବୀରେ ରହିଥିବା ଅଜ୍ଞାନଶକ୍ତିଗୁଡ଼ିକ ସର୍ବଦା ସେହିମାନଙ୍କର ତଲାସ କରିବାରେ ଲାଗିଥାନ୍ତି । ଏହା ଆଦୌ କଷ୍ଟକର ନୁହେଁ ! ଅଜ୍ଞାନ-କଥାଗୁଡ଼ାକୁ କହିବା ଲାଗି ପ୍ରସ୍ତୁତ ଥିବା ଅନେକ ଲୋକ ପୃଥିବୀରେ ଅଛନ୍ତି; ଅର୍ଥାତ୍, ଯାବତୀୟ ଆଧ୍ୟାତ୍ମିକ ଉପଲବ୍ଧିକୁ ଅସ୍ୱୀକାର କରିବା, ଅଗ୍ରଗତି ଲାଗି ଆମର ଆଦୌ କୌଣସି ସାମର୍ଥ୍ୟ ରହିଛି ବୋଲି ଅସ୍ୱୀକାର କରିବା, ଏହି ଜୀବନ ବର୍ତ୍ତମାନ ଯେପରି ଅଛି, ତାହାଠାରୁ ଭିନ୍ନ ଆଉ ଏକ ଜୀବନର ଉପଲବ୍ଧିର ସମ୍ଭାବନାକୁ ଅସ୍ୱୀକାର କରିବା, ମନୁଷ୍ୟର ପ୍ରକୃତିରେ ଯେ ପରିବର୍ତ୍ତନ ସମ୍ଭବ ହୋଇ ପାରିବ, ତାହାକୁ ଅସ୍ୱୀକାର କରିବାର ଅନେକ ମନୁଷ୍ୟ ଏହି ଜଗତରେ ଅଛନ୍ତି । ଏବଂ, ଯଦି ତୁମେ ଇଚ୍ଛା କର, ତେବେ ଏପରି ମଧ୍ୟ ବେଶ୍ କହିପାରିବ ଯେ ମନୁଷ୍ୟ କଦାପି ତା'ର ଅସୁସ୍ଥତାଗୁଡ଼ିକୁ ଏଡ଼ି ପାରିବ ନାହିଁ, ମୃତ୍ୟୁର ହାତରୁ କଦାପି ରକ୍ଷା ମିଳିବ ନାହିଁ, ପୂର୍ଣ୍ଣ ବୋଧ କେବେ ହେଲେ ସମ୍ଭବ ହେବ ନାହିଁ ବୋଲି ଦାବି କରି କହିବାକୁ ପ୍ରସ୍ତୁତ ଥିବା ଅନେକ ମନୁଷ୍ୟ ଏହି ଜଗତରେ ରହିଛନ୍ତି । ଆମେ କେବେହେଲେ ପରମ ଆଲୋକ ଏବଂ ପରମ ଜ୍ଞାନର ଭାଜନ ହୋଇ ପାରିବା ନାହିଁ ବୋଲି କହିବାକୁ ମଧ୍ୟ ବହୁ ମନୁଷ୍ୟ ରହିଛନ୍ତି । ଏବଂ ଯେଉଁମାନେ ଏସବୁ କଥା କହିଥାନ୍ତି, ସେଇମାନେ ହେଉଛନ୍ତି ଅଜ୍ଞାନତାର ମୁଖପାତ୍ର । ପରମ ଆଲୋକ ତଥା ପରମ ଜ୍ଞାନର ଶକ୍ତିଗୁଡ଼ିକୁ ପ୍ରକାଶିତ

'oaob.nitrkl.ac.in' images reprocessed

କରି ନଥାନ୍ତି ସେମାନେ ଅଜ୍ଞାନତାର ଶକ୍ତିଗୁଡ଼ିକୁ ଅଭିବ୍ୟକ୍ତ କରିବାରେହିଁ ତତ୍ପର ହୋଇ ରହିଥାନ୍ତି । ଏଥର ସ୍ପଷ୍ଟ ହେଲା ?

ଏଠାରେ ଶ୍ରୀଅରବିନ୍ଦ କହିଛନ୍ତି, "ଏହି କ୍ଷେତ୍ରରେ ଯେଉଁ ଅଭୀପ୍ସା ଓ ଯେଉଁ ତପସ୍ୟା ଦରକାର, ସେଗୁଡ଼ିକ ମଧ୍ୟ ସତତ ରହିଥିବା ଉଚିତ ।"

(ଯୋଗ-ପତ୍ରାବଳୀ, ପୃଷ୍ଠା-୧୭୧୦)

ହଁ, ଯୋଗକୁ ନିଷ୍ଠାର ସହିତ ଗ୍ରହଣ ନକଲେ ତୁମେ କଦାପି ଯୋଗର ସାଧନା କରି ପାରିବ ନାହିଁ । କାରଣ ଏକ ସତତ ଅଭୀପ୍ସାକୁ ପ୍ରଜ୍ୱଳିତ କରି ରଖିବାକୁ ହେଲେ ଏବଂ ତପସ୍ୟାର ମାର୍ଗରେ ଯିବାକୁ ହେଲେ ଆମକୁ ଅତ୍ୟନ୍ତ ନିଷ୍ଠାପର ହେବାକୁ ପଡ଼ିବ । ଯଦି ଆମର ନିଷ୍ଠା ନଥାଏ, ତେବେ ପାଞ୍ଚ ମିନଟ ଲାଗି ଅଭୀପ୍ସା ହେବ ତ ତା'ପରେ ଦଶ ଘଣ୍ଟା ପାଇଁ ତାହା ଆଉ ଆମ ପାଖରେ ନଥିବ । ହୁଏତ ଦିନେ ଏକ୍ଷଣରେ ଏକ ବଳବତୀ ପ୍ରେରଣା ଆସିବ ଓ ତା'ପରେ ମାସକ ସକାଶେ ପ୍ରାପ୍ତ କିଛିହେଲେ ନଥିବ । ଏବଂ ଏପରି ପରିସ୍ଥିତିରେ କୌଣସି ଯୋଗସାଧନା ସମ୍ଭବ ହେବ ନାହିଁ । ତେଣୁ ଏହା ଏପରି ଏକ ଅବିଚ୍ଛିନ୍ନ ସାତତ୍ୟର ମାର୍ଗ ହୋଇ ରହିବା ଉଚିତ, ଯେଉଁଥିରୁ କି ଆମେ ମୁହୂର୍ତ୍ତିକ ଲାଗି ମଧ୍ୟ ଏପାଖ ସେପାଖ ହେଉ ନଥିବା । ଯଦି ଆମେ ପାସୋରି ପକାଇବା, ଭିନ୍ନ ହୋଇଯିବା, ତେବେ ଆଉ ଯୋଗସାଧନା କରି ପାରିବା ନାହିଁ ।

ଏକ ବୃହତ୍ ଅଭୀପ୍ସାକୁ ବହନ କରି ଜନ୍ମଗ୍ରହଣ କରିବା ଉଚିତ ନୁହେଁ କି ?

ନା—ଅଭୀପ୍ସା ଏପରି ଏକ ବସ୍ତୁ, ଯାହାକୁ ବିକଶିତ କରି ଅଣାଯାଏ, ସତ୍ତାର ଅନ୍ୟ ଯାବତୀୟ କ୍ରିୟାକଳାପ ପରି ଯେଉଁଥିରେ ଆପଣାକୁ ପ୍ରଶିକ୍ଷିତ କରି ଅଣାଯାଏ । ଜଣେ ହୁଏତ ଅତ୍ୟନ୍ତ ଅଳ୍ପ ପରିମାଣର ଅଭୀପ୍ସା ନେଇ ଜନ୍ମଗ୍ରହଣ କରିପାରେ, ମାତ୍ର ତାହାକୁ ସେ ଏତେ ଅଧିକ ପରିମାଣରେ ବିକଶିତ କରି ଆଣିପାରିବ ଯେ ତାହା ପ୍ରକୃତରେ ଏକ ବୃହତ୍ ଅଭୀପ୍ସାରେ ପରିଣତ ହୋଇଯିବ । ଜଣେ ହୁଏତ ଅତି କ୍ଷୁଦ୍ର ଏକ ଇଚ୍ଛାଶକ୍ତି ନେଇ ଜନ୍ମଗ୍ରହଣ କରିପାରେ, ମାତ୍ର ସିଏ ତାହାକୁ ଅବଶ୍ୟ ବିକଶିତ କରାଇ ପାରିବ ଓ ଏକ ଦୃଢ଼ ଇଚ୍ଛାଶକ୍ତିରେ ପରିଣତ କରିପାରିବ ।

'oaob.nitrkl.ac.in' images reprocessed

ଏପରି ବିଶ୍ୱାସ କରିବା ପ୍ରକୃତରେ ଏକ ହାସ୍ୟାସ୍ପଦ କଥା ଯେ ସବୁ କଥା ଠିକ୍ ଏହିପରି ଭାବରେ, ସତେଅବା କାହାର ଦୟାରୁ ତୁମ ପାଖକୁ ଆସିଥାଏ; ଯଦି ତୁମକୁ ଆଗରୁ ଅଭୀପ୍ସା ଦିଆ ନହୋଇଥାଏ, ତେବେ ତୁମେ କଦାପି କୌଣସି ଅଭୀପ୍ସାର ଭାଜନ ହୋଇ ପାରି ନାହିଁ । ଏସବୁ ମୋଟେ ସତ ନୁହେଁ । ଏହି ପଙ୍‌କ୍ତିରେ ଶ୍ରୀଅରବିନ୍ଦ ପ୍ରକୃତରେ ଏହି କଥାଟି ଉପରେହିଁ ଜୋର୍ ଦେଇ କହିଛନ୍ତି; ଏବଂ କ୍ଷଣକ ପରେ ଯେଉଁ ପରିଚ୍ଛେଦଟି ମୁଁ ତୁମକୁ ପଢ଼ି ଶୁଣାଇବାକୁ ଯାଉଛି, ସେଥିରେ ମଧ୍ୟ ସେ ତାହାହିଁ କହିଛନ୍ତି । ସିଏ କହିଛନ୍ତି ଯେ ତୁମକୁ ବାଛିନେବାକୁହିଁ ପଡ଼ିବ,—ବାଛିନେବାର ଏହି ଅବସରଟିକୁ ଅନୁକ୍ଷଣ ତୁମ ଆଗରେ ଆଣି ରଖି ଦିଆଯାଉଛି ଏବଂ ତେଣୁ ତୁମକୁ ମଧ୍ୟ ସତତହିଁ ବାଛି ନେବାକୁ ପଡ଼ିବ । ଏବଂ ଯଦି ତୁମେ ବାଛି ନନିଅ, ତେବେ ତୁମେ କଦାପି ଅଗ୍ରଗତି କରି ପାରିବ ନାହିଁ । ତୁମକୁ ବାଛିବାକୁହିଁ ପଡ଼ିବ, ଏପରି କୌଣସି "ଉପର ଶକ୍ତି" ନାହିଁ ଯିଏକି ତୁମ ଲାଗି ଆସି ବାଛିଦେଇ ପାରିବ; ଏପରି କୌଣସି ଦୈବ, ଭାଗ୍ୟ ଅଥବା ଅଦୃଷ୍ଟ ନାହିଁ, ଯିଏକି ତୁମ ଲାଗି ବାଛି ଦେଇଯାଇ ପାରିବ । ଏଗୁଡ଼ାକ ଆଦୌ ସତ ନୁହେଁ । ତୁମର ଇଚ୍ଛା ହେଉଛି ଏକ ମୁକ୍ତ ଇଚ୍ଛା, ଇଚ୍ଛାକୃତ ଭାବରେହିଁ ଏହାକୁ ମୁକ୍ତ କରି ରଖାଯାଇଛି ଏବଂ ତେଣୁ ତୁମକୁ ବାଛି ନେବାକୁ ପଡ଼ିବ । ଆଲୋକର ସନ୍ଧାନ କରିବାକୁ ହେବ ନା ନାହିଁ, ସେକଥା ତୁମକୁ ନିଷ୍ପତ୍ତି କରିବାକୁ ପଡ଼ିବ; ପରମ ସତ୍ୟରହିଁ ଆଜ୍ଞାବହ ହେବାକୁ ହେବ ନା ନାହିଁ, ସେକଥା ତୁମକୁ ନିଷ୍ପତ୍ତି କରିବାକୁ ପଡ଼ିବ;—ହଁ, ତୁମକୁହିଁ କରିବାକୁ ପଡ଼ିବ । ତୁମର ଆଦୌ କୌଣସି ଅଭୀପ୍ସା ରହିବ କି ନାହିଁ, ତୁମକୁହିଁ ତାହାର ନିଷ୍ପତ୍ତି କରିବାକୁ ପଡ଼ିବ, ନିଜକୁହିଁ ବାଛିନେବାକୁ ପଡ଼ିବ । "ସଂପୂର୍ଣ୍ଣ ଭାବରେ ଆପଣାକୁ ସମର୍ପଣ କରିଦିଅ ଓ ତୁମର କାର୍ଯ୍ୟଟିକୁ ସମ୍ପନ୍ନ କରି ଦିଆଯିବ" ବୋଲି ମଧ୍ୟ ଯେତେବେଳେ ତୁମକୁ କୁହାଯାଉଛି, ତାହା ଅବଶ୍ୟ ଠିକ୍, ମାତ୍ର ଆପଣାର ସମର୍ପଣକୁ ଏକ ସମଗ୍ର ସମର୍ପଣରେ ପରିଣତ କରି ପାରିବା ଲାଗି ତୁମକୁ ପ୍ରତ୍ୟହ ଏବଂ ପ୍ରତି ମୁହୂର୍ତ୍ତରେହିଁ ଆପଣାର ସମର୍ପଣକୁ ସମଗ୍ର କରି ପାରିବା ଲାଗି ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ; ନହେଲେ ତୁମେ ସେଇଟିକୁ କଦାପି କରି ପାରିବ ନାହିଁ ଏବଂ ସେହି କଥାଟି ଆପେ ଆପେ କଦାପି ସମ୍ପନ୍ନ ହୋଇ ଯିବ ନାହିଁ । ତୁମକୁହିଁ ଏହି କଥାଟିକୁ କରିବା ଲାଗି ଇଚ୍ଛା କରିବାକୁ ହେବ । ଏଇଟି ଯେତେବେଳେ ସମ୍ପନ୍ନ ହୋଇଯିବ, ସେତେବେଳେ ସବୁକିଛି ନିଶ୍ଚୟ ସୁରୁଖୁରୁରେ ଚାଲିବ; ତୁମେ ଯେତେବେଳେ ଯଥାର୍ଥ ଜ୍ଞାନଟିକୁ ପ୍ରାପ୍ତ ହେବ, ସେତେବେଳେ ମଧ୍ୟ ସବୁକିଛି ସୁରୁଖୁରୁରେ ଚାଲିବ; ଯେତେବେଳେ ତୁମେ ପରମ ଦିବ୍ୟ ସତ୍ତାଙ୍କ ସହିତ ଏକରୂପ ହୋଇ ରହିବ, ସେତେବେଳେ ସବୁକିଛି ହୁଏତ ଅଧିକ ଭଲ ଭାବରେ ସମ୍ଭବ ହୋଇଯିବ, ମାତ୍ର ସେପର୍ଯ୍ୟନ୍ତ ତୁମକୁ ଇଚ୍ଛା କରିବାକୁ ହେବ, ବାଛି

'oaob.nitrkl.ac.in' images reprocessed

ନେବାକୁ ହେବ ଏବଂ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ । "ଏହି କାର୍ଯ୍ୟଟି ମୋ ଲାଗି କରି ଦିଆଯିବ, ଆପଣାକୁ ସ୍ରୋତଟି ସହିତ ଛାଡ଼ିଦେବା ବ୍ୟତୀତ ବର୍ତ୍ତମାନ ମୋର ଆଉ କିଛିହେଲେ କରିବାକୁ ନାହିଁ" ବୋଲି କହି କଦାପି ଆଳସ୍ୟର ସହିତ ଶୋଇବାକୁ ଚାଲି ଯାଅ ନାହିଁ । ଏବଂ, ଏହି କଥାଟି ଆଦୌ ସତ ମଧ୍ୟ ନୁହେଁ, କାମଟି କଦାପି ଆପେ ଆପେ ହୁଏ ନାହିଁ, କାରଣ, ଯଦି ଏତେ଼ଟିକିଏ କୌଣସି କ୍ଷୁଦ୍ରାତିକ୍ଷୁଦ୍ର କଥା ତୁମର ସାନ ଇଚ୍ଛାଟିକୁ ବ୍ୟର୍ଥ କରି ପକାଇବାକୁ ବାହାରେ, ସେତେବେଳେ ତାହା "ନା—ସେବାଟ ନୁହେଁ" ବୋଲି କହିବାକୁ ଲାଗେ । ସେତେବେଳେ ପୁଣି କ'ଣ କରିବାକୁ ହେବ ?

"ମାର୍ଗରେ ଅବସର ପାଇ ପଶି ଆସୁଥିବା ନ୍ୟୂନତର ସତ୍ୟ"ଟି ପୁଣି କ'ଣ ?

ଏକାବେଳେକେ ଆମେ ହୁ' କରି କଦାପି ସର୍ବୋଚ୍ଚ ପରମ ସତ୍ୟର ଉପଲବ୍ଧି କରି ପାରିବା ନାହିଁ । ମାର୍ଗରେ ଏପରି ଅନେକ ବସ୍ତୁ ବିଦ୍ୟମାନ ରହିଛନ୍ତି, ଯେଉଁଗୁଡ଼ିକୁ କି ତୁମେ ଜାଣିଥିବା ସତ୍ୟଗୁଡ଼ିକର ତୁଳନାରେ ଅବଶ୍ୟ ଗୋଟିଏ ଗୋଟିଏ ବୃହତ୍ତର ସତ୍ୟ ବୋଲି କୁହାଯାଇ ପାରିବ, ମାତ୍ର ସେଗୁଡ଼ିକୁ ତଥାପି ସେହି ଯଥାର୍ଥ ସତ୍ୟଟି ବୋଲି ମୋଟେ କୁହା ଯିବ ନାହିଁ, ଏଗୁଡ଼ିକୁ ଆମେ କରୁଥିବା ଗୋଟିଏ ଗୋଟିଏ ଆବିଷ୍କାର ପରି କଳ୍ପନା କରାଯାଇ ପାରିବ;—ହଠାତ୍ ଗୋଟାଏ ପ୍ରକାରର ଉଦ୍ଭାସର ଅନୁଭୂତି ହେବ, ଆମେ ତଦ୍ଦ୍ୱାରା ହୁଏତ କୌଣସି ଏକ ବିଧାନର ଆବିଷ୍କାର କରିବାକୁ ସମର୍ଥ ହେବା, କୌଣସି ଏକ ଲଭରର ସନ୍ଧାନ ପାଇଯିବା, ଆଗରେ ସବୁଟେଅବା ଗୋଟାଏ ରାସ୍ତା ବାହାରି ଚାଲି ଯାଇଥିବାର ଦେଖିବାକୁ ପାଇବା । ମାତ୍ର ତାହା ତଥାପି ସର୍ବୋଚ୍ଚ ସତ୍ୟ ହୋଇ ନଥିବ, ତାହା ସର୍ବୋଚ୍ଚ ଅନୁଭୂତିଟି କଦାପି ହୋଇ ନଥିବ । ପରମ ଦିବ୍ୟସତ୍ୟଟି ସହିତ ଏକାତ୍ମକତା ଘଟିଲେ ଯାହା ଉପଲବ୍ଧ ହୁଏ, ଏହି ସତ୍ୟଟି ତାହା କଦାପି ହୋଇ ନଥିବ । ମାତ୍ର, ତାହା ସବୁଟେଅବା ସେଇଠାରୁ ପତିତ ହୋଇ ତୁମ ଭିତରେ ଆସି ପ୍ରବିଷ୍ଟ ହୋଇଥିବ ଏବଂ ତୁମକୁ ଏକ ଆଂଶିକ ଆଲୋକନର ଅଧିକାରୀ କରାଇଥିବ । ଏହି ଆଂଶିକ ଆଲୋକନଗୁଡ଼ିକୁହିଁ ସେ "ନ୍ୟୂନତର ସତ୍ୟ" ବୋଲି କହିଛନ୍ତି ।

"ତପସ୍ୟା"ର ପ୍ରକୃତ ଅର୍ଥ କ'ଣ ?

ତପସ୍ୟା ହେଉଛି ଏକ ସାଧନାର ଶୃଙ୍ଖଳା, ଏହାକୁ ଆମେ ନିଜ ଉପରେ ନିଜେ ଗ୍ରହଣ କରି ନେଇଥାଉ, ପରମ ଦିବ୍ୟସତ୍ତାଙ୍କର ଆବିଷ୍କାର କରିବାକୁ ସମର୍ଥ ହେବା ଲାଗି ଏହାକୁ ଗ୍ରହଣ କରି ନେଇଥାଉ ।

'oaob.nitrkl.ac.in' images reprocessed

ତପସ୍ୟା ଏବଂ ଅଭୀପ୍ସା କ'ଣ ଗୋଟାଏ କଥା ?

ନା—ଅଭୀପ୍ସା ନଥିଲେ ତପସ୍ୟା ସମ୍ଭବ ହୁଏ ନାହିଁ । ପ୍ରଥମେ ଅଭୀପ୍ସା, କୌଣସି ଏକ ବସ୍ତୁର ଉପଲବ୍ଧି ଲାଗି ସଂକଳ୍ପ । ତପସ୍ୟା ହେଉଛି ତାହାକୁ ଉପଲବ୍ଧି କରିବାର ପ୍ରକ୍ରିୟା,—ଏହି କ୍ଷେତ୍ରରେ ବସ୍ତୁତଃ ଏକ ପ୍ରକ୍ରିୟା ରହିଛି, ଏକ ପଦ୍ଧତି ରହିଛି ।

ନିମ୍ନତର ପ୍ରାଣିକ ସତ୍ତାଟି ନିଜ ଭିତରେ ଚାଲିଥିବା କାର୍ଯ୍ୟଟି ସମ୍ବନ୍ଧରେ ସଚେତନ ନ ଥାଏ କି ?

ତା'ହେଲେ, ଯଦି ତାହା ଯୁକ୍ତିଯୁକ୍ତ ହୋଇଥାଏ ଓ ତା' ମଧ୍ୟରେ ସଦିଚ୍ଛା ରହିଥାଏ, ତେବେ ତା'ର ପରମ ଦିବ୍ୟ ସାନ୍ନିଧ୍ୟକୁ ମଧ୍ୟ ଆପଣା ଭିତରେ ସ୍ୱୀକାର କରିନେବା ଉଚିତ । ତୁମେ ବୁଝୁଥିବ, ଏହି କ୍ଷେତ୍ରରେ ତାହା ଏକ ବିଷଚକ୍ର ପରି ହୋଇ ରହିଛି; ପରମ ଦିବ୍ୟ ସତ୍ତା ସେଠାରେ ରହନ୍ତୁ ବୋଲି ଏହା ଆଦୌ ଇଚ୍ଛା କରୁ ନାହିଁ ଏବଂ ଏହା ସେହି ଦିବ୍ୟ ସତ୍ତାଙ୍କୁ ଅସ୍ୱୀକାର କରିବାରେ ଲାଗିଛି କାରଣ ଏହା ଭାରି ସନ୍ତାପିତ ଭାବରେ ଭାବିବାକୁ ଆରମ୍ଭ କରିଦେଇଛି ଯେ ଏହି କ୍ଷେତ୍ରରେ ଗୋଟିଏ ଶୃଙ୍ଖଳା ମଧ୍ୟ ରହିଛି, ଯାହାକି ତାକୁ ବଦଳି ଯିବାକୁ ବାଧ୍ୟ କରିବ, ଆପଣା ଉପରେ ସ୍ୱାମିତ୍ୱ ଅର୍ଜନ କରିବାକୁ ବାଧ୍ୟ କରିବ, ଆପଣାର ବାସନାଗୁଡ଼ିକୁ ନିୟନ୍ତ୍ରିତ କରି ରଖିବାକୁ, ସର୍ବଦା କେବଳ ପ୍ରତିବାଦ ନକରି ଓଲଟି ମସ୍ତକ ନତ କରିବାକୁ ବାଧ୍ୟ କରିବ; ତେଣୁ ତାହା ଅତ୍ୟନ୍ତ ଖରାପ ଏବଂ ଶ୍ଳେଷାତ୍ମକ ହୋଇ କହିବାକୁ ଲାଗେ, "ପରମ ଦିବ୍ୟସତ୍ତା ବୋଲି କେଉଁଠି କିଛିହେଲେ ନାହିଁ ।" ମାତ୍ର ଅସଲ କଥାଟିକୁ ତାହା ହୁଏତ ଖୁବ୍ ଭଲ ଭାବରେହିଁ ଜାଣିଥାଏ, କାର୍ଯ୍ୟଟି ଆରମ୍ଭ ହୋଇ ଗଲାଣି ବୋଲି ଯୁଗପତ୍ ଭାବରେ ନିଶ୍ଚୟ ଜାଣିଥାଏ, ପରମ ଦିବ୍ୟସତ୍ତା ରହିଛନ୍ତି ବୋଲି ପ୍ରମାଣ ମଧ୍ୟ ପାଇ ଯାଇଥାଏ । ମାତ୍ର ତଥାପି ତାଙ୍କୁ ଅସ୍ୱୀକାର କରିବାରେ ଲାଗିଥାଏ, ଅସଦିଚ୍ଛାରେ ପୂର୍ଣ୍ଣ ହୋଇ ରହିଥାଏ, କାଳେ ଏକ ଉଦ୍ୟମ ଆରମ୍ଭ କରିବାକୁ ପଡ଼ିବ, ସେହି ଭୟରେ ଜାଣିଶୁଣି ଯାବତୀୟ ଯୁକ୍ତିକୁ ଏକ ବାହାନା ପରି ବ୍ୟବହାର କରୁଥାଏ ।

ଶ୍ରୀଅରବିନ୍ଦ ଯେଉଁସବୁ "ପୁରାତନ ଅଭ୍ୟାସ" ଏବଂ "ପୁରାତନ ଗଠନ" ବିଷୟରେ କହିଛନ୍ତି, ସେଗୁଡ଼ିକ ପୁଣି କ'ଣ ? ଦୁଇଟି ଭିତରେ କୌଣସି ପାର୍ଥକ୍ୟ ଅଛି କି ?



'oaob.nitrkl.ac.in' images reprocessed

ଦୁଇଟିଯାକ ପ୍ରାୟ ଗୋଟିଏ କଥା । ଉଦାହରଣସ୍ୱରୂପ, ଥଣ୍ଡା ହେଲେ, ଗରମ ହେଲେ ଓ ତୁମକୁ ଛୋଇଁ କଲେ ତୁମର ଶରୀର ସେଥିପ୍ରତି ନିର୍ଦ୍ଦିଷ୍ଟ କେତେକ ପ୍ରକାରର ପ୍ରତିକ୍ରିୟା ବ୍ୟକ୍ତ କରିଥାଏ ଏବଂ ତୁମେ ଏହିସବୁ ପ୍ରତିକ୍ରିୟାରେ କ୍ରମଶଃ ଅଭ୍ୟସ୍ତ ହୋଇପଡ଼ ଏବଂ ସେହି ଅଭ୍ୟାସ ତୁମର ଭୌତିକ ପ୍ରକୃତି ମଧ୍ୟରେ ଗୋଟାଏ ପ୍ରକାରର ଗଠନ ସମ୍ଭବ କରି ଆଣିଥାଏ, ଅର୍ଥାତ୍, ଶରୀରର ଆସ୍ତରଣଟି ଉପରେ କେତେକ ନିର୍ଦ୍ଦିଷ୍ଟ ରେଖାପାତ କରାଇଆଣେ ଏବଂ ଏହିପରି ଭାବରେ ଏହା ସମ୍ଭବ ହୁଏ । ଏହି ଗଠନଗୁଡ଼ିକ ଅଭ୍ୟାସରୁ ଜନ୍ମଲାଭ କରନ୍ତି । ଠିକ୍ ସେହିପରି ଚରିତ୍ରର କ୍ଷେତ୍ରରେ ମଧ୍ୟ ଏହିପରି "ଗଠନ"ମାନ ରହିଥାଏ; ଉଦାହରଣସ୍ୱରୂପ, କୌଣସି କଥା ତୁମକୁ ଆଦୌ ପ୍ରୀତିକର ନଲାଗିଲେ ଯଦି ତୁମର ସେଥିଲାଗି ରାଗିଯିବାର ଅଭ୍ୟାସ ରହିଥାଏ, ତେବେ ସେହି ଅଭ୍ୟାସ ଦ୍ୱାରା ତୁମର ସ୍ୱଭାବ ଉପରେ କେତୋଟି ଅନ୍ତର୍ଗତ ଗାର ପଡ଼ିଯାଏ; ଏବଂ ଯେତେବେଳେ କୌଣସି କଥା ଘଟେ ଓ ତୁମକୁ ତାହା ଭଲ ଲାଗେ ନାହିଁ, ସେତେବେଳେ ସତେଅବା ଯନ୍ତ୍ର ଦ୍ୱାରା ଚାଳିତ ହେଲାପରି, କୌଣସି ପ୍ରକାର ନିୟନ୍ତ୍ରଣ ନମାନି ତୁମେ କ୍ରୁଦ୍ଧ ହୋଇପଡ଼ । ଏହି କଥାଟିକୁହିଁ ଏକ "ଗଠନ" ବୋଲି କୁହାଯାଏ । ସେଗୁଡ଼ିକ ପ୍ରକୃତରେ ଗୋଟିଏ ଗୋଟିଏ ଅଭ୍ୟାସ ଓ କ୍ରମଶଃ ତୁମ ସ୍ୱଭାବର ଏକ ଅଙ୍ଗରେହିଁ ପରିଣତ ହୋଇ ଯାଇଥାନ୍ତି ।

**ଯଦି ଯୋଗମାର୍ଗରେ ଆମର ନିଷ୍ଠା ଅତିରିକ୍ତ ହୋଇଯାଏ, ତେବେ ତଦ୍ଦ୍ୱାରା ସେହି ମାର୍ଗରେ ରହିଥିବା ଅସୁବିଧାଗୁଡ଼ିକୁ ନେଇ ଅତିରିକ୍ତ ଭାବରେ ସନ୍ତାପିତ ହେବାକୁ ପଡ଼େ ନାହିଁ କି ?**

ହଁ, ଏହି କ୍ଷେତ୍ରରେ ମଧ୍ୟ ଗୋଟିଏ ସୀମା ରଖିବାକୁ ପଡ଼ିବ !...ମାତ୍ର ଏହି ଅତ୍ୟାଗ୍ରହଟିକୁ ଯଦି ଉଚିତ ଭାବରେ ବଢ଼ି ଯାଇଥାଏ, ତେବେ ତାହା ହୁଏତ ଭାରି ଉପଯୋଗୀ ବୋଲି ପ୍ରତିପାଦିତ ହୋଇପାରେ, କାରଣ ପରେ ତାହା ଆଉ ଆଦୌ ଏକ ଅତ୍ୟାଗ୍ରହ ହୋଇ ରହେ ନାହିଁ ଓ ଆଉ କୌଣସି ସନ୍ତାପ ଦିଏ ନାହିଁ । ଉଦାହରଣସ୍ୱରୂପ, ଯଦି ତୁମେ ଆପଣା ଭିତରେ ପରମ ଦିବ୍ୟ ସତ୍ତାଙ୍କର ସନ୍ଧାନ ପାଇବା ଲାଗି ନିଷ୍ପତ୍ତି କରିଥାଅ, ତେବେ ଅନୁକ୍ଷଣ ଓ ସକଳ ପରିସ୍ଥିତିରେ, ଯାହାକିଛି ଘଟୁ ଅଥବା ତୁମେ ଯାହା କିଛି କରୁଥାଅ ପଛକେ, ଅନ୍ତର୍ଗତ ଦିବ୍ୟସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିବା ଉଦ୍ଦେଶ୍ୟରେ ତୁମକୁ ଆପଣାକୁ ସଂକେନ୍ଦ୍ରିତ କରି ଆଣିବାକୁ ପଡ଼େ । ତେବେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଶ୍ରୀଅରବିନ୍ଦ ଯେଉଁ ଷୁଦ୍ର ବସ୍ତୁଟି କଥା କହିଛନ୍ତି, ପ୍ରଥମେ ତୁମକୁ ସେହି କଥାଟିକୁ ଲାଭ କରିବାକୁ ପଡ଼ିବ,

'oaob.nitrkl.ac.in' images reprocessed

ସେହି "ନ୍ୟୂନତର ସତ୍ୟ"ଟିକୁ ଆଗ ଲାଭ କରିବାକୁ ହେବ; ଅର୍ଥାତ୍ ତୁମେ ଜାଣିବାକୁ ପାଇବ ଯେ ତୁମ ଭିତରେ ପରମ ଦିବ୍ୟସତ୍ତା ବୋଲି ଏକ ସମ୍ପଦ ଅବଶ୍ୟ ରହିଛି ("ନ୍ୟୂନତର ସତ୍ୟ" ବିଷୟରେ ଏଇଟି ଗୋଟିଏ ଖୁବ ଭଲ ଉଦାହରଣ) । ଏବଂ ପରେ ସେହି ବିଷୟରେ ନିଶ୍ଚିତ ହୋଇଯିବା ପରେ ଏବଂ ତାହାର ସନ୍ଧାନ ପାଇବା ଲାଗି ଆବଶ୍ୟକ ଅଭୀପ୍ସାଟିକୁ ଲାଭ କରିବା ପରେ ଯଦି ସେହି ଅଭୀପ୍ସା ତୁମ ଭିତରେ ସ୍ଥାୟୀ ହୋଇ ରହେ ଏବଂ ତାହାର ଉପଲବ୍ଧି କରିବାର ଉଦ୍ୟମଟି ମଧ୍ୟ ଯଦି ତୁମ ଭିତରେ ଅନୁକ୍ଷଣ ରହୁଥାଏ, ତେବେ ଅନ୍ୟମାନଙ୍କ ଆଖିରେ ତାହା ହୁଏତ ଅବା ଗୋଟାଏ ଅତ୍ୟାଗ୍ରହ ପରି ଦେଖା ଯାଉଥାଏ କି ନା, ମାତ୍ର ଏହି ପ୍ରକାରର ଅତ୍ୟାଗ୍ରହକୁ ଆଦୌ ମନ୍ଦ ବୋଲି କହି ହେବ ନାହିଁ । ମାତ୍ର ଏହି କଥାଟିକୁ ବେଶ୍ ସ୍ପଷ୍ଟ କରି ଦିଆଯିବା ଉଚିତ ଯେ ସେହି ଅତ୍ୟାଗ୍ରହଟି ଦ୍ୱାରା ଗ୍ରସ୍ତ ହୋଇପଡ଼ି ଯେଉଁମାନେ ନିଜର ଭାରସାମ୍ୟଟିକୁ ହରାଇ ବସନ୍ତି, ସେମାନଙ୍କ ବିଷୟରେ ଏତିକି କଥା ଅବଶ୍ୟ କହି ରଖିବାକୁ ହେବ ଯେ ଆପଣାର ଭାରସାମ୍ୟ ହରାଇବା ଲାଗି ସେମାନେ ବେଶ୍ ପ୍ରସ୍ତୁତହିଁ ହୋଇ ରହିଥିଲେ; ପରିସ୍ଥିତି ଯେପରି ଘଟିଥିଲେ ମଧ୍ୟ ସେଥିରୁ ଠିକ୍ ଏହି ପରିଣାମଟିହିଁ ନିଷ୍ପନ୍ନ ହୋଇଥାନ୍ତା ଏବଂ ସେମାନେ ନିଜର ଭାରସାମ୍ୟଟିକୁ ହରାଇ ଦେଇଥାନ୍ତେ । ଏହାକୁ ସେମାନଙ୍କର ମାନସିକ ଗଠନରେ ରହିଥିବା ଏକ ଦୋଷ ବୋଲି କହିବାକୁ ହେବ, ଅତ୍ୟାଗ୍ରହର ଦୋଷ ବୋଲି ମୋଟେ କୁହାଯିବ ନାହିଁ । ଏବଂ ତେଣୁ ସ୍ୱଭାବତଃ, ଯିଏ ଏକ ବାସନାକୁ କ୍ରମେ ଏକ ଅତ୍ୟାଗ୍ରହରେ ପରିଣତ କରି ଦେଇଛି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ସିଧା ନିଜର ଭାରସାମ୍ୟ ହରାଇ ବସିବାକୁ ଯାଉଛି । ତେଣୁ ମୋର କହିବା କଥା ଯେ ଆମକୁ ଆମ ଅତ୍ୟାଗ୍ରହର ବସ୍ତୁଟି ବିଷୟରେ ଜାଣି ରଖିବାକୁ ହେବ । ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

> କେହିଜଣେ କହିଛନ୍ତି ଯେ ଉନ୍ମାଦର ଅବସ୍ଥା ପର୍ଯ୍ୟନ୍ତ ଯିଏ ଆପଣାର ନିର୍ଦ୍ଦିଷ୍ଟ ଆଗ୍ରହଟିକୁ ଠେଲି ନେଇଯାଇ ପାରିବ, ସିଏ ନିଶ୍ଚୟ ଆଲୋକର ଦର୍ଶନ କରିବ ।

ଯଥେଷ୍ଟ ପରିମାଣରେ ଅଟଳ ହୋଇ ଯଦି ତୁମେ କୌଣସି କଥା ଉପରେ ଆପଣାକୁ ସଂକେନ୍ଦ୍ରିତ କରି ରଖ, ତେବେ, ଗୂଢ଼ବିଦ୍ୟାବିତ୍ମାନେ ଯେପରି କହିଥାନ୍ତି, ତେବେ ତୁମେ "ଭେଦ କରିଯାଇ" ପାରିବ, ଏବଂ ତୁମେ ନିଜକୁ ସଂକେନ୍ଦ୍ରିତ କରି ରଖିଥିବା ଏହି କଥାଟିର ପଶ୍ଚାତରେ ଆଲୋକର ଦର୍ଶନ କରିବ । ମାତ୍ର ଏଥିରେ କିଞ୍ଚିତ୍ ବିପଦ ମଧ୍ୟ ରହିଛି ।

'oaob.nitrkl.ac.in' images reprocessed

ଏହାର ଅର୍ଥ ହେଉଛି ଯେ ଯିଏ ଏପରି ଏକ ସଂକେନ୍ଦ୍ରଣ ଲାଗି ସମର୍ଥ ହେବ, ସିଏ ଆଲୋକର ଦର୍ଶନ କରି ପାରିବ ।

ହଁ, ନିଶ୍ଚୟ ପାରିବ, ଅବଶ୍ୟ ତାହା କରିପାରିବ । ଯଦି ଜଣେ ଏହି ପ୍ରକାରର ସଂକେନ୍ଦ୍ରଣ ଲାଗି ସମର୍ଥ ହେବ, ତେବେ ତାହା ଖୁବ ଭଲ କଥା ହେବ; ମାତ୍ର କେଉଁ ବସ୍ତୁଟି ଉପରେ ସଂକେନ୍ଦ୍ରଣ କରିବାକୁ ହେବ, ସେକଥାଟିକୁ ମଧ୍ୟ ଅବଶ୍ୟ ଜାଣିଥିବା ଦରକାର । ତାହାହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ।

ଆମର ସମର୍ପଣ ପରିପୂର୍ଣ୍ଣ ଭାବରେ ହୋଇପାରିଲା କି ନାହିଁ, ସେଇକଥା ଜାଣିହେବ କିପରି ?

ଏକଥାଟି ମୋତେ ଆଦୌ ସେତେ କଷ୍ଟକର ବୋଲି ମନେ ହେଉ ନାହିଁ । ଏଥିଲାଗି ଗୋଟିଏ ସାନ ଅଭ୍ୟାସଟିଏ ଶିକ୍ଷା କରାଯାଇ ପାରିବ । "ଏଥର ଦେଖାଯାଉ, ମୁଁ ବର୍ତ୍ତମାନ ଆପଣାକୁ ପରମ ଦିବ୍ୟସତ୍ତାଙ୍କ ନିକଟରେ ସମର୍ପଣ କରିଦେଲି, ଏଣିକି ସିଏ ମୋ ଲାଗି ଯାବତୀୟ ନିଷ୍ପତ୍ତି କରିଦେବେ ବୋଲି ମୁଁ ଇଚ୍ଛା କରିବି,"—ତୁମେ ତୁରନ୍ତ ଏହିପରି ଏକ ସଂକଳ୍ପ କରିନେବ । ଏଇଟି ହେଉଛି ପ୍ରଥମ ପାଦ । ଏହି କ୍ଷେତ୍ରରେ ଗୋଟିଏ ସାନ ଅଭ୍ୟାସ : ପରମ ଦିବ୍ୟ ସତ୍ତା ଅମୁକ କଥାଟି ଘଟିବ ବୋଲି ନିଷ୍ପତ୍ତି କରିବାକୁ ଯାଉଛନ୍ତି ଏବଂ ସେଇଟି ତୁମେ ଯାହା ଅନୁଭବ କରୁଛ, ତାହାର ଠିକ୍ ଓଲଟା ହେବାକୁ ଯାଉଛି । ସେତେବେଳେ ତୁମେ ମନେ ମନେ କହିବ, "ହେଲା, ଏବଂ 'ତୋତେ ଏଇଟିକୁ ଛାଡ଼ି ଦେବାକୁ ହେବ' ବୋଲି ଯଦି ଭଗବାନ ମୋତେ ନିର୍ଦ୍ଦେଶ ଦେଉଛନ୍ତି," ତେବେ, ଖୁବ ସହଜରେ ତୁମେ ତତ୍‌କ୍ଷଣାତ୍ ଏକବାରସ୍ତରେ ନିଜର ପ୍ରତିକ୍ରିୟାଟିକୁ ଦେଖିପାରିବ । ଯଦି ତଦ୍ୱାରା ତୁମ ଭିତରେ ତୁମେ କୌଣସି କଣ୍ଟକାଘାତ ଅନୁଭବ କର, ତେବେ ତୁମେ ତୁରନ୍ତ ନିଜ ପାଖରେ କହିପାରିବ, "ନା—ମୋର ସମର୍ପଣ ଆଦୌ ସମ୍ପୂର୍ଣ୍ଣ ହୋଇ ନାହିଁ ।" ହଁ—ତୁମେ ଏକ କଣ୍ଟକାଘାତ ଅନୁଭବ କରିବ ।...

"ଗୋଟିଏ ପାଖରେ ଏହି ଅତିମାନସ ଉପଲବ୍ଧି, ତୁମର ସବୁ କିଛିକୁ ରୂପାନ୍ତରିତ କରି ଅତିମାନସ ପରମ ଦିବ୍ୟ ସତ୍ତାଙ୍କର ଶକ୍ତି ତୁମ ଉପରକୁ ଅବତରଣ କରି ଆସୁଥିବ; ପୃଥିବୀପୃଷ୍ଠରେ ଏପର୍ଯ୍ୟନ୍ତ ଯାହାକିଛି ଉପଲବ୍ଧ ହୋଇଛି, ତାହାଠାରୁ ଅନେକ

'oaob.nitrkl.ac.in' images reprocessed

ଅଧିକ ବୃହତ୍ତ ଏକ ପରମ ସତ୍ତାର ଆଲୋକ ଏବଂ ସାମର୍ଥ୍ୟ ଅବତରଣ କରି ଆସୁଥିବ; ତେଣୁ ଏହି କ୍ଷୁଦ୍ର ମନୁଷ୍ୟମନ ଏବଂ ତାହାର ନ୍ୟାୟବୁଦ୍ଧି ଯେଉଁସବୁ ବସ୍ତୁକୁ ଏକମାତ୍ର ସ୍ଥାୟୀ ସତ୍ୟ ବୋଲି ସ୍ୱୀକାର କରିଥାଏ, ତାହାର ସୀମାକୁ ଅତିକ୍ରମ କରି ରହିଥିବା ଏକ ସତ୍ୟ ଅବତରଣ କରି ଆସୁଥିବ, ମନୁଷ୍ୟର ମନ ତାହାର ସ୍ୱଭାବ, ମାର୍ଗ ଏବଂ ବିକାଶର ପ୍ରକ୍ରିୟାଟି ବିଷୟରେ ଆଦୌ କୌଣସି କଳ୍ପନା କରି ପାରିବ ନାହିଁ, ନିଜର ଅନୁପଯୁକ୍ତ ସାଧନଗୁଡ଼ିକ ଦ୍ୱାରା ତାହାର କୌଣସି ବୋଧ ଲାଭ କରି ପାରିବ ନାହିଁ ବା ଆପଣାର ବାଲୁତସୁଲଭ ମାନଦଣ୍ଡଗୁଡ଼ିକ ଦ୍ୱାରା ତାହାର ବିଚାର ମଧ୍ୟ କରି ପାରିବ ନାହିଁ । ଯାବତୀୟ ବିରୋଧ ସତ୍ତ୍ୱେ ଭୌତିକ ଚେତନା ଓ ଜାଗତିକ ଜୀବନର ଭୂମି ଉପରେ ଏହାହିଁ ନିଜକୁ ପ୍ରକଟ କରିବ ବୋଲି ଚାପ ଦେବାରେ ଲାଗିଛି । ଏବଂ ଅନ୍ୟ ପକ୍ଷରେ, ଏହି ନିମ୍ନତର ପ୍ରାଣିକ ପ୍ରକୃତିର ଭୂମିଟି ରହିଛି, ସେଇଟି ସହିତ ତାହାର ଯାବତୀୟ ଛଳନାମୟ ଔଦ୍ଧତ୍ୟ, ଅଜ୍ଞାନତା, ଅସ୍ପଷ୍ଟତା, ନୀରସତା ଏବଂ ଅସମର୍ଥ ଅଶାନ୍ତିମାନ ବି ବିଦ୍ୟମାନ ରହିଛି; ତାହା ଆପଣାକୁହିଁ ସ୍ଥାୟୀ କରି ରଖିବ ବୋଲି ଉଦ୍ୟମ କରୁଛି, ଅବତରଣଟିକୁ ହେବାକୁ ଦେବ ନାହିଁ ବୋଲି ଉଦ୍ୟମ କରୁଛି, ଏକ ଅତିମାନସ ଅଥବା ଅତିମାନବୀୟ ଚେତନା ଏବଂ ସର୍ଜନାର ଆଦୌ କୌଣସି ଯଥାର୍ଥ ବାସ୍ତବତା ବା ଯଥାର୍ଥ ସମ୍ଭାବନା ରହିଛି ବୋଲି ତାହା ବିଶ୍ୱାସ କରିବାକୁ ବି ରାଜି ହେଉ ନାହିଁ । ଅଥବା, ଆହୁରି ଏକ ଅଧିକ ଅସମ୍ଭବ ପରିସ୍ଥିତିର ସୃଷ୍ଟି କରି, ଯଦି ତାହା ପ୍ରକୃତରେ ରହିଥାଏ, ତେବେ ତାକୁ ତା' ଆପଣା କ୍ଷୁଦ୍ର ମାନଦଣ୍ଡଗୁଡ଼ିକର ଅନୁସରଣ କରିବାକୁ ହେବ ବୋଲି ଦାବି କରିବାକୁ ଲାଗିଛି, ତାହାକୁ ଅପ୍ରମାଣିତ କରି ଦେଉଥିବା ଯାବତୀୟ ଯୁକ୍ତିକୁ ଲୋଭପ୍ରମତ୍ତ ହୋଇ ଜାବୁଡ଼ି ଧରିବାକୁ ଦଉଡ଼ି ଯାଉଛି, ପରମ ଦିବ୍ୟସତ୍ତ୍ୱଙ୍କର ଉପସ୍ଥିତିକୁ ଅସ୍ୱୀକାର କରୁଥିବା ଯାବତୀୟ ଯୁକ୍ତିକୁ ଯାଇ ଜାବୁଡ଼ି ଧରୁଛି;— କାରଣ, ତାହାର ଉପସ୍ଥିତି ବିନା ଯେ କୌଣସି କାର୍ଯ୍ୟ କଦାପି

ସମ୍ଭବ ନୁହେଁ, ସେକଥାଟିକୁ ସେ ଭଲ କରି ଜାଣିଛି ।—ତାହା ଏତେ ବଡ଼ ପାଟିରେ ଆପଣାରଣ୍ଟି ଭାବନାଗୁଡ଼ିକୁ, ବିଶ୍ବାସ, ବାସନା ଏବଂ ସହଜାତ ପ୍ରବୃତ୍ତିଗୁଡ଼ାକୁ ଜାରି କରିବାରେ ଲାଗିଛି; ଏବଂ ଯେତେବେଳେ ଏଗୁଡ଼ିକର ଖଣ୍ଡନ ହୋଇଯାଉଛି, ସେତେ-ବେଳେ ତାହା ଚତୁର୍ଦ୍ଦିଗରେ କେତେକେତେ ସଂଶୟ, ଅସ୍ଵୀକୃତି, ଅପମାନଜନକ ସମାଲୋଚନା, ବିଦ୍ରୋହ ଏବଂ ବିଶୃଙ୍ଖଳାର ସୃଷ୍ଟି କରି ଆପଣା ବିରୁଦ୍ଧରେ ପ୍ରତିଶୋଧ ନେବାରେ ଲାଗିଛି । ବର୍ତ୍ତମାନ ଆମ ସମ୍ମୁଖରେ ଏହି ଦୁଇଟିଯାକ ବସ୍ତୁ ବିଦ୍ୟମାନ ରହିଛି ଏବଂ ଆମ ପ୍ରତ୍ୟେକଙ୍କୁ ଏଥି ମଧ୍ୟରୁ ଗୋଟିକୁ ବାଛି ନେବାକୁ ପଡ଼ିବ ।

"କାରଣ, ଦିବ୍ୟ ପରମସତ୍ୟର ଅବତରଣ ବିରୁଦ୍ଧରେ ବର୍ତ୍ତମାନ ଯେଉଁସବୁ ବିରୋଧ, ନିଷ୍ଫଳ ବାଧାଦାନ ଏବଂ ଅବରୋଧ ହେବାରେ ଲାଗିଛି, ତାହା କଦାପି ସବୁ ଦିନ ଲାଗି ରହି ପାରିବ ନାହିଁ । ଶେଷକୁ ଆମ ପ୍ରତ୍ୟେକଙ୍କୁ ଏପାଖକୁ ନଚେତ୍ ସେପାଖକୁ ଆସି ଅନ୍ତର୍ଭୁକ୍ତ ହୋଇଯିବାକୁ ପଡ଼ିବ, ପରମ ସତ୍ୟର ପକ୍ଷକୁ ଆସିବାକୁ ପଡ଼ିବ ଅଥବା ତାହାର ବିରୁଦ୍ଧ ପକ୍ଷରେ ରହିବାକୁ ପଡ଼ିବ । ଅତିମାନସର ଉପଲବ୍ଧି ହେବ ଏବଂ ତତଣେ ନିମ୍ନସ୍ଥ ଅଜ୍ଞାନତାଟା ବି ସେହିପରି ସ୍ଥାୟୀ ହୋଇ ରହିଥିବ,—ଏପରି କଦାପି ହୋଇ ପାରିବ ନାହିଁ; ଏକ ଦ୍ୱୈତ ପ୍ରକୃତିରେ ଆପଣାକୁ ପରିତୃପ୍ତ କରିବାରେ ଲାଗିଥିବା ଏକ ଅବସ୍ଥା ସହିତ ତାହା ଆପଣାକୁ କଦାପି ସଙ୍ଗତି ସହିତ ଅବସ୍ଥିତ କରାଇ ରଖି ପାରିବ ନାହିଁ ।"

ଶ୍ରୀଅରବିନ୍ଦ : ଯୋଗ-ପତ୍ରାବଳୀ, ପୃଷ୍ଠା : ୧୩୧୦-୧୧

ନିମ୍ନତର ପ୍ରକୃତିଟି ଯଦି ସମ୍ପୂର୍ଣ୍ଣ ଭାବରେ ଅଜ୍ଞାନତା ମଧ୍ୟରେ ବୁଡ଼ି ରହିଛି, ତେବେ ତାହା "ନିଷ୍ପତ୍ତି କରି ପାରିବ" କିପରି ?

ଏହା ପ୍ରକୃତରେ ଏକାବେଳେକେ ଅଜ୍ଞାନ ଭିତରେ ବୁଡ଼ି ରହି ନାହିଁ । ବସ୍ତୁସ୍ଥିତି ଆଦୌ ଏପରି ଗୋଟାସୁଦ୍ଧା ଏକପାଖିଆ ହୋଇ ରହି ନାହିଁ । ଗୋଟାଏ

'oaob.nitrkl.ac.in' images reprocessed

କିଛି ଅଭାବ ଯେ ରହିଛି, ତାହା ସେ କଥା ନିଶ୍ଚୟ ଅନୁଭବ କରିପାରିବ । ସବୁକିଛି ତାହାରି ଉପରେହିଁ ନିର୍ଭର କରିବ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁମାନେ ଯେପରି ଅଛନ୍ତି, ସେଥିରେ ଚମତ୍କାର ଭାବରେ ବେଶ୍ ସନ୍ତୁଷ୍ଟ ହୋଇ ରହିଥାନ୍ତି, ସେମାନଙ୍କୁ ବଦଳାଇବା ଲାଗି କୌଣସି ପ୍ରକାର ଉଦ୍ୟମ କରିବାରେ ଆଦୌ କୌଣସି ଫଳ ହେବ ନାହିଁ, କାରଣ ସେମାନେ ପ୍ରକୃତରେ କୌଣସି ପରିବର୍ତ୍ତନ ଚାହାନ୍ତି ନାହିଁ । ମାତ୍ର, ନିମ୍ନତର ପ୍ରକୃତିର କ୍ଷେତ୍ରରେ ମଧ୍ୟ, ଅବସ୍ଥାରେ ପରିବର୍ତ୍ତନ କରାଯାଇ ପାରିବ ଓ ସେଗୁଡ଼ିକୁ ଆହୁରି ଭଲ କରାଯାଇ ପାରିବ ବୋଲି ଅନୁଭବ କରିବା ବସ୍ତୁତଃ ସର୍ବଦା ସମ୍ଭବ । ଉଦାହରଣସ୍ୱରୂପ, ଏପରି ଜଣେ ବ୍ୟକ୍ତିର କଥା ବିଚାର କରାଯାଉ, ଯାହାର ସ୍ୱାସ୍ଥ୍ୟ ଖରାପ ହୋଇଯାଇଛି ଓ ସିଏ ଭାରି ଦୁର୍ବଳ ହୋଇପଡ଼ିଛି; ଯାହାର କେତେକ ବାସନା ରହିଛି ମାତ୍ର ସେଗୁଡ଼ିକର ପୂରଣ କରିବା ଲାଗି ତାହାର ସାମର୍ଥ୍ୟ ବା ବଳ ନାହିଁ; ଯାହାର ମହଦାକାଙ୍‌କ୍ଷା ରହିଛି, ମାତ୍ର ଆଦୌ କୌଣସି ଦକ୍ଷତା ନାହିଁ । ଏହିପରି ଜଣେ ବ୍ୟକ୍ତି ହୁଏତ ମନକୁ ମନ ଭାବିବ, "ମୁଁ ବର୍ତ୍ତମାନ ଯେତିକି ଅଛି, ଯଦି ସେଥିରୁ ଟିକିଏ ଅଧିକ ହୋଇ ପାରିଥାନ୍ତି, ଯଦି ଆଉଟିକିଏ ଅଧିକ ଜାଣିଥାନ୍ତି, ଯଦି ଟିକିଏ ଅଧିକ ବଳବାନ୍ ହୋଇଥାନ୍ତି, କ'ଣ କରିବା ଉଚିତ, ଯଦି ମୁଁ ସେହି ବିଷୟରେ ଟିକିଏ କିଛିହେଲେ ବୁଝି ପାରୁଥାନ୍ତି, ତେବେ କେଡ଼େ ଭଲ ନ ହୁଅନ୍ତା !"...ବା, ଉଦାହରଣସ୍ୱରୂପ ମନେ କରାଯାଉ ଯେ ଆମ ସାଧାରଣ ଜୀବନରେ ଏପରି ଜଣେ ବ୍ୟକ୍ତି ରହିଛି ଯିଏକି ଆପଣାର ଜୀବିକା ଅର୍ଜନ କରିବାକୁ ଚାହୁଁଛି ଓ ତେଣୁ ସେଥିଲାଗି ତାକୁ କୌଣସି ଏକ କର୍ମର ସନ୍ଧାନ କରିବାକୁ ପଡ଼ୁଛି । ଏବଂ, ଯେଉଁ କାର୍ଯ୍ୟଟି ତାକୁ ମିଳୁଛି, ତାହା ତା' ଲାଗି ଆଦୌ ଅନୁକୂଳ ମନେ ହେଉ ନାହିଁ । ଏହା ଫଳରେ ସିଏ ଏହିପରି ଏକ ଫାଶଯନ୍ତ୍ରରେ ଆସି ପଡ଼ିଯାଉଛି : ହୁଏତ ସିଏ ଉପବାସୀ ରହିବ ନଚେତ୍ ଏହି ଅରୁଚିକର କାର୍ଯ୍ୟଟିକୁ ଛାଡ଼ିଦେଇ ଆସିବ; ଏହି ସମସ୍ୟାଟିର ସମ୍ମୁଖୀନ ହୋଇ ସେ କହୁଛି, "ବର୍ତ୍ତମାନ ମୁଁ ପ୍ରକୃତରେ କ'ଣ କରିବି !" ସିଏ କିଛି ଜାଣି ପାରୁ ନାହିଁ, ଠିକ୍ ଠିକ୍ ବୁଝି କି ପାରୁ ନାହିଁ; ମାତ୍ର ଆପଣାର ଏହି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ମଧ୍ୟ ସିଏ ଅବଶ୍ୟ ଗୋଟାଏ ପ୍ରକାର ଅନୁଭବ କରି ପାରୁଥିବ ଯେ, ଯଦି ସିଏ ଟିକିଏ ଅଧିକ ସ୍ପଷ୍ଟ ଭାବରେ ଅବଲୋକନ କରିପାରନ୍ତା, ଯଦି ଟିକିଏ ଅଧିକ ଭଲ ଭାବରେ ଜାଣିପାରନ୍ତା ଏବଂ ଦୂରଦୃଷ୍ଟିର କିଛିତ୍ ଉପାଦାନ ଲାଭ କରିପାରନ୍ତା, ତେବେ ପ୍ରକୃତରେ ଅଧିକ ଭଲ ହୁଅନ୍ତା । ଏବଂ ତା'ପରେ ଏହିଥିବୁହିଁ ଅଗ୍ରଗତି କରିବା ଲାଗି କିଛିତ୍ ଅଭୀପ୍‌ସାର ଉଦୟ ହୋଇଥାଏ,—ଏବଂ ଏହାକୁ ନିଷ୍ପତ୍ତି ନେଇ ପାରିବାର ଅଧ୍ୟମାରମ୍ଭ ବୋଲି କୁହାଯିବ । କେହି ଜଣେ ଏକଥା ମଧ୍ୟ କହିଛି ଯେ ଯଦି କୁକୁରକୁ କାମୁଡ଼ିବା ଲାଗି କୌଣସି କୁକୁରମାଛି ନଥାନ୍ତେ, ତେବେ କୁକୁରଗୁଡ଼ାକ ସବୁବେଳେ ଜଡ଼ପ୍ରାୟ

'oaob.nitrkl.ac.in' images reprocessed

ପଡ଼ି ରହୁଥାନ୍ତେ, ଭୂଇଁ ଉପରେ ଲମ୍ବ ହୋଇ ନର୍ତ୍ତକୀଙ୍କ ପରି ପଡ଼ି ରହୁଥାନ୍ତେ । ଏବଂ, ମାନ୍ତ୍ରିକମାନେ ସେମାନଙ୍କୁ ହରଣ କରୁଥିବାରୁହିଁ ସେମାନେ ଦେହକୁ କୁଣ୍ଡାଇ ହେଉଛନ୍ତି, ହାତଗୋଡ଼ ହଲାଉଛନ୍ତି, ଏବଂ ତା' ଫଳରେ ସେମାନେ ଆପଣାର ତମଃ ଭିତରୁ ଟିକିଏ ଜାଗ୍ରତ ହୋଇ ରହି ପାରୁଛନ୍ତି । ମଣିଷମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେହି ସମାନ କଥା । ଯେତେବେଳେ ସେମାନଙ୍କ ମଧ୍ୟରେ କ୍ଷୁଦ୍ର ବାସନାଟିଏ ରହିଛି ଓ ସେମାନେ ତାହାକୁ ପୂରଣ କରି ପାରୁ ନାହାନ୍ତି, ସେତେ-ବେଳେ ସେମାନେ ଟିକିଏ ଜାଗ୍ରତ ବି ହୋଇଉଠି ପାରୁଛନ୍ତି : ଆପଣାର ଜଡ଼ତା ଭିତରୁ ବାହାରକୁ ବାହାରି ଆସି ପାରୁଛନ୍ତି ଏବଂ ଆପଣା ସମସ୍ୟାଟିର ଏକ ସମାଧାନ ଖୋଜୁଛନ୍ତି । ହଁ, ଠିକ୍ ସେହିପରିହିଁ ଘଟୁଛି । ତେଣୁ ଗୋଟାସୁଦ୍ଧା ଅଚେତନା ବୋଲି କିଛି ନାହିଁ,—ଗୋଟାସୁଦ୍ଧା ଅଜ୍ଞାନତା ବୋଲି ବି କିଛି ନାହିଁ, ଗୋଟାସୁଦ୍ଧା ଗତି ବି କେଉଁଠି ହେଲେ ଆଦୌ ଘୋଟିକରି ରହି ନାହିଁ । ଯାବତୀୟ ଅଚେତନାର ପଶ୍ଚାତରେ, ଯାବତୀୟ ଅଜ୍ଞାନତା ଏବଂ ଯାବତୀୟ ଗତିର ପଶ୍ଚାତରେ ସର୍ବଦା ସେହି ମହତ୍ତମ ପରମ ଆଲୋକଟି ବିରାଜିତ ରହିଛି, ଯାହାକି ସର୍ବବ୍ୟାପୀ ହୋଇ ରହିଛି । ଏହି ବସ୍ତୁଟି ଯେତେ ଟିକିଏ ହୋଇଥାଉ ପଛକେ, ଏକ ସଂଯୋଗସୂତ୍ରର ପ୍ରଥମ ପ୍ରତିଷ୍ଠା ଲାଗି ତାହାହିଁ ଯଥେଷ୍ଟ ।

ଏହି ପତ୍ରଟିର ଆରମ୍ଭରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଯେ "ସେହି ପୁରାତନ ଅସଫଳତାର କୌଣସି ଏକ ନୂତନ ସଂସ୍କରଣ ପ୍ରଣୟନ କରିବା ଲାଗି ତାଙ୍କର ଆଦୌ କୌଣସି ଅଭିପ୍ରାୟ ନାହିଁ" (ଯୋଗ ପତ୍ରାବଳୀ, ପୃଷ୍ଠା-୧୩୦୬) । ଏଠାରେ "ଅସଫଳତା" କହିଲେ କୌଣସି ଏକ ବିଶେଷ ଅସଫଳତାକୁ ବୁଝାଉଛି ବା ଏକ ସାଧାରଣ ଭାବରେ ଶବ୍ଦଟିର ବ୍ୟବହାର କରାଯାଇଛି ?

ଜଗତକୁ ଯେତେ ଯେତେ ଗୁରୁ ଆସିଛନ୍ତି, ଏଠାରେ ସେହିମାନଙ୍କର ସନ୍ଦର୍ଭରେ ଏହି କଥାଟିକୁ କୁହାଯାଇଛି । ଜଣେ ଗୁରୁ କହିଛନ୍ତି, "ମୁଁ ପରମପ୍ରେମକୁ ବହନ କରି ଆଣିଛି", ଆଉଜଣେ "ମୁଁ ପରମ ଶାନ୍ତିକୁ ବହନ କରି ଆସିଛି" ବୋଲି କହିଛନ୍ତି, ଆଉ ଜଣେ କହିଛନ୍ତି, "ମୁଁ ପରମ ମୁକ୍ତି ବହନ କରି ଆଣିଛି ।" ଏବଂ, ଏହା ସଙ୍ଗେ ସଙ୍ଗେ ଜେଣେ ଭିତରେ ଯଥାର୍ଥରେ ପ୍ରାୟ କୌଣସି ପରିବର୍ତ୍ତନ ହୋଇ ନାହିଁ; ମନୁଷ୍ୟଚେତନାର ଗଭୀରରେ କିଛି ନା କିଛି ଅଦୃଶ୍ୟ ଜାଗୃତି ଘଟିଛି ସତ, ମାତ୍ର ବାହ୍ୟତଃ ସବୁକିଛି ଠିକ୍ ଯେମିତି ଥିଲା, ସେହିପରି ରହିଛି । ଏହାହିଁ ସମସ୍ତ ବ୍ୟାପାରଟିକୁ ଏକ ଅସଫଳତାରେ ପରିଣତ କରି ପକାଇଛି ।

'oaob.nitrkl.ac.in' images reprocessed

ଅନ୍ତର୍ଗତ ଉପଲବ୍ଧି ଏବଂ ଅନୁଭବଗୁଡ଼ିକ ବାହ୍ୟ ପରିବର୍ତ୍ତନ ଲାଗି କ'ଣ କୌଣସି ପ୍ରକାରେ ସହାୟକ ହୋଇ ନାହାନ୍ତି ?

ସବୁବେଳେ ଯେ ସହାୟକ ହେଉଛନ୍ତି, ସେକଥା ଆଦୌ ନୁହେଁ । ଆମେ ଇଚ୍ଛା କଲେ ଯାଇ ସେମାନେ ଆମର ସହାୟକ ହୋଇ ପାରୁଛନ୍ତି । ତା' ନହେଲେ, ଆମେ ବାହ୍ୟ ପ୍ରକୃତିଠାରୁ ଆପଣାକୁ ଓଲଟି ଅଧିକରୁ ଅଧିକ ପରିମାଣରେ ନିରାସକ୍ତ ଭାବରେ ବାହାର କରି ନେଉଛୁ । ଯେଉଁମାନେ ମୁକ୍ତି'ର କାମନା କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ସବୁଠାରେ ଠିକ୍ ଏହାହିଁ ଘଟୁଛି । ଆପଣାର ବାହ୍ୟ ପ୍ରକୃତିଟିକୁ,—ସେହି ପ୍ରକୃତିର ଯାବତୀୟ ସ୍ୱଭାବ ଏବଂ ଅଭ୍ୟାସକୁ ସେମାନେ ସତେଅବା କୌଣସି ହେୟ ପଦାର୍ଥ ବୋଲି ମନେ କରି ବର୍ଜନ କରି ଆସୁଛନ୍ତି, ସେସବୁକୁ ନେଇ ଆଦୌ ବ୍ୟସ୍ତ ରହିବା ଉଚିତ ନୁହେଁ ଭାବି ସେଗୁଡ଼ାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ଆପଣାର ସକଳ ଶକ୍ତି ଓ ଚେତନାଗତ ସକଳ ସାମର୍ଥ୍ୟକୁ ପ୍ରତ୍ୟାହାର କରିଆଣି ସେମାନେ ସେଗୁଡ଼ିକୁ କେବଳ ଉଚ୍ଚ ଭୂମିଗୁଡ଼ିକ ଆଡ଼କୁହିଁ ଉଦ୍ଦିଷ୍ଟ କରି ରଖୁଛନ୍ତି । ଏବଂ ଏକ ଯଥେଷ୍ଟ ପରିମାଣର ସୁଦକ୍ଷତା ସହିତ ସେପରି କରିବାକୁ ସମର୍ଥ ହୋଇଗଲା ପରେ ସେମାନେ ସାଧାରଣତଃ ସବୁ ଦିନ ଲାଗି ଶରୀରଟିକୁ ପରିତ୍ୟାଗ ବି କରୁଛନ୍ତି । ମାତ୍ର, ଅଧିକାଂଶ ଲୋକଙ୍କ କ୍ଷେତ୍ରରେ, ସେମାନେ କେବଳ ଆଂଶିକ ଭାବରେହିଁ ତାହା କରି ପାରୁଛନ୍ତି, ଏବଂ ଯେତେବେଳେ ସେମାନେ ନିଜର ଧ୍ୟାନ ବା ଏକାଗ୍ରଣଟି ମଧ୍ୟରୁ ବାହାରକୁ ବାହାରି ଆସୁଛନ୍ତି, ସେମାନଙ୍କର ସମାଧି ଭିତରୁ ଉଠି ଆସୁଛନ୍ତି, ସେତେବେଳେ ସେମାନେ ଅନ୍ୟମାନଙ୍କ ତୁଳନାରେ ହୁଏତ ଅଧିକ ନିକୃଷ୍ଟ ଏକ ସ୍ଥିତିରେ ଆସି ପଡ଼ି ରହୁଛନ୍ତି, କାରଣ, ଆପଣାର ବାହ୍ୟ ପ୍ରକୃତିଟିକୁ ନେଇ ଆଦୌ କୌଣସି ଉଦ୍ୟମ ନକରି ସେମାନେ ତାକୁ କେବଳ ଗୋଟାଏ ପାଖକୁହିଁ ଠେଲି ଦେଇଛନ୍ତି । ଆମେ ଯେଉଁମାନଙ୍କୁ ସାଧାରଣ ମଣିଷ ବୋଲି କହୁ, ସ୍ପଷ୍ଟ ଭାବରେ ଦେଖି ପାରୁଥିଲେ ଭଲ କୌଣସି ଭୁଲ୍ କରି ପକାଇ ଥିବାବେଳେ ସେମାନେ ମଧ୍ୟ ନିଜକୁ କିଞ୍ଚିତ୍ ପରିମାଣରେ ସୁଧାରି ନେବାକୁ ଅଥବା ନିଜ ଉପରେ ଏକ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରିଥାନ୍ତି, ଯେପରିକି ଜୀବନରେ ସେମାନଙ୍କୁ ଖୁବ୍ ବେଶୀ ହଇରାଣରେ ପଡ଼ିବାକୁ ହେବ ନାହିଁ । ମାତ୍ର ଅନ୍ୟ ପକ୍ଷରେ ଏହି ଯେଉଁ ଲୋକମାନେ ଆପଣାର ଶରୀରକୁ ଏବଂ ବାହ୍ୟ ଚେତନାଟିକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରି "ଆଧ୍ୟାତ୍ମିକ ଉଚ୍ଚଭୂମି"ଗୁଡ଼ିକୁ ଅପସରି ଯିବାକୁହିଁ ଯଥାର୍ଥ ଦୃଷ୍ଟିକୋଣ ବୋଲି ମନେ କରୁଥାନ୍ତି, ସେମାନେ ଶରୀରକୁ ସତେଅବା ଏପରି ଏକ ପୁରୁଣା ପରିଚ୍ଛଦ ପରି ମନେ କରୁଥାନ୍ତି ଯାହାକୁ କି ସେମାନେ କୌଣସି ପ୍ରକାର ମରାମତି କରିବାକୁ ମନ କରନ୍ତି ନାହିଁ ଓ ଫୋପାଡ଼ି ଦେଇ ଯାଆନ୍ତି । ଏବଂ

'oaob.nitrkl.ac.in' images reprocessed

ଯେତେବେଳେ ପୁଣି ସେଇଟିକୁ ଗ୍ରହଣ କରନ୍ତି, ସେତେବେଳେ ତାହା କେତେ କଣା ହୋଇ ଯାଇଥାଏ, ସେଥିରେ କେତେ ଦାଗ ଲାଗି ଯାଇଥାଏ ।

ଏପରି କଲେ ଆମକୁ ଆଦୌ କୌଣସି ଫଳ ମିଳିବ ନାହିଁ । ବଦଳିବା ଲାଗି ଏକ ଆନ୍ତରିକ ଇଚ୍ଛା ରହିଥିଲେ ଯାଇ କିଛି ହୋଇପାରିବ । ଯଦି ବଦଳିବା ଲାଗି ଆନ୍ତରିକ ଇଚ୍ଛା ରହିଥାଏ, ତେବେ ତଦ୍ଦ୍ୱାରା ପ୍ରକୃତରେ ଏକ ଶକ୍ତିଶାଳୀ ସାହାଯ୍ୟ ଉପଲବ୍ଧ ହୋଇ ପାରିବ କାରଣ ତାହା ତୁମକୁ ବଦଳିବା ଲାଗି ଆବଶ୍ୟକ ଶକ୍ତିଟିକୁ ଆଣିଦେବ, ବଦଳି ପାରିବାର ଆଧାରଟିକୁ ଯୋଗାଇ ଦେଇଯିବ । ମାତ୍ର ଆଗ ବଦଳିବା ଲାଗି ଏକ ଆନ୍ତରିକ ଇଚ୍ଛା ରଖିବାକୁହିଁ ପଡ଼ିବ ।

## ୨୩ ଏପ୍ରିଲ ୧୯୫୧

ମାଆ ଶ୍ରୀଅରବିନ୍ଦଙ୍କ "ଦିବ୍ୟ ଅତିମାନବ" (ଶତବାର୍ଷିକୀ ରଚନା-ବଳୀ, ଖଣ୍ଡ-୧୬, ପୃଷ୍ଠା-୬୪) ଲେଖାଟି ପଢ଼ିଲେ ।

ଶ୍ରୀଅରବିନ୍ଦ କହୁଛନ୍ତି, "ତୁମକୁ ତୁମ ନିଜ ସର୍ବୋଚ୍ଚ ଶିଖରରେ ଯାଇ ଉପନୀତ ହେବାକୁ ହେବ ।" ଏହି ସର୍ବୋଚ୍ଚ ଶିଖର କହିଲେ ସମସ୍ତଙ୍କ ଲାଗି କ'ଣ ସେହି ଗୋଟିଏ ସ୍ଥାନକୁ ବୁଝାଏ ବା ପ୍ରତ୍ୟେକ ବ୍ୟକ୍ତିର ସ୍ୱକୀୟ ଏକ ସ୍ୱତନ୍ତ୍ର ଶିଖର ସ୍ଥାନ ରହିଛି ?

ସର୍ବଶେଷ ବିଶ୍ଳେଷଣ ଅନୁସାରେ ଶିଖରସ୍ଥାନଟି କହିଲେ ସର୍ବଦା ସେହି ଗୋଟିଏ ସ୍ଥାନକୁହିଁ ବୁଝାଏ । ଏହା କହିଲେ ସେହି ଦିବ୍ୟ ଏକାତ୍ମକତାକୁହିଁ ବୁଝାଏ, ଯାହାକି ଯାବତୀୟ ବସ୍ତୁର ପଶ୍ଚାତରେ ଅବସ୍ଥିତ ରହିଛି । ମାତ୍ର ପ୍ରତ୍ୟେକ ବ୍ୟକ୍ତିକୁ ତାର ଆପଣା ଶିଖର ସ୍ଥାନଟିରେହିଁ ଯାଇ ପହଞ୍ଚିବାକୁ ହେବ, ଅର୍ଥାତ୍ ଆପଣା ସ୍ୱଭାବଟିର ମଧ୍ୟଦେଇ ଓ ଦିବ୍ୟ ଏକତ୍ୱଟିକୁ ପ୍ରକଟ କରିବାର ତା'ର ନିଜସ୍ୱ ରୀତିଟି ଦେଇହିଁ ସେ ସେଠାରେ ପହଞ୍ଚିବ । ସେଦିନ ଆମର ଠିକ୍ ସେହି କଥା ପଡ଼ିଥିଲା : ପ୍ରତ୍ୟେକ ବ୍ୟକ୍ତି ଭଗବାନ୍ ପରମସତ୍ତାଙ୍କ ସହିତ ପ୍ରତିଷ୍ଠିତ ହୋଇଥିବା ଏକ ସ୍ୱତନ୍ତ୍ର ଓ ଭିନ୍ନ ସମ୍ବନ୍ଧରହିଁ ପ୍ରତିନିଧିତ୍ୱ କରୁଛି, ତାକୁ ପ୍ରକଟ କରି ଆଣିବାର ଏକ ଭିନ୍ନ ରୀତିର ମଧ୍ୟ ପ୍ରତିନିଧିତ୍ୱ କରୁଛି । ଆଉଜଣକର ମାର୍ଗକୁ ଅନୁସରଣ କରିବା ଲାଗି ତୁମର ଆଦୌ କୌଣସି ପ୍ରୟୋଜନ ନାହିଁ ! ତୁମକୁ ନିଜର ମାର୍ଗଟିରେହିଁ ଚାଲି କରିବାକୁ

'oaob.nitrkl.ac.in' images reprocessed

ହେବ ଏବଂ ଏହି ମାର୍ଗରେ ଶିଖରସ୍ଥାନରେ ଯାଇ ପହଞ୍ଚିବାକୁ ପଡ଼ିବ । ଶିଖର ସ୍ଥାନ ହେଉଛି ଗୋଟିଏ । ମାତ୍ର ତୁମେ ଆପଣାର ମାର୍ଗଟିକୁ ଅନୁସରଣ କରି ସେହି ଶିଖରସ୍ଥାନରେ ଯାଇ ପହଞ୍ଚିବ । ଯଥାର୍ଥ ଲକ୍ଷ୍ୟଟି ଯାବତୀୟ ଶିଖରସ୍ଥାନର ଆହୁରି ସେପାଖରେ । ସେହି ଲକ୍ଷ୍ୟ ହେଉଛି ଗୋଟିଏ ଏବଂ ସ ବତୀୟ ଶିଖରସ୍ଥାନର ଆହୁରି ସେପାଖରେ । ମାତ୍ର ଅପଣାର ମାର୍ଗଟିରେ ଅଗ୍ରସର ହୋଇହିଁ ପ୍ରତ୍ୟେକ ବ୍ୟକ୍ତି ଏହି ଶିଖରସ୍ଥାନରେ ଯାଇ ପହଞ୍ଚିବ । ପ୍ରତ୍ୟେକକୁ ଆପଣାର ପାହାଡ଼ଟିକୁ ଆରୋହଣ କରିବାକୁ ପଡ଼ିବ, ଆଉ ଜଣକର ପାହାଡ଼ଟିକୁ ଉଠି ସିଏ କଦାପି ସେଠାରେ ଯାଇ ପହଞ୍ଚି ପାରିବ ନାହିଁ ।

> "ମାର୍ଗଟି ସହଜ ବୋଲି ଆଦୌ କଳ୍ପନା କର ନାହିଁ । ମାର୍ଗ ଅନେକ ଦୀର୍ଘ, ଆୟାସସାଧ୍ୟ, ବିପଜ୍ଜନକ ଓ କଠିନ । ସେଠାରେ ପ୍ରତ୍ୟେକ ପଦରେ ଏକ ଘାତସ୍ଥାନ ରହିଛି, ପ୍ରତ୍ୟେକ ମୋଡ଼ରେ ଗୋଟିଏ ଗର୍ତ୍ତ ରହିଛି ଏବଂ ପତନର ଆଶଙ୍କା ରହିଛି । ଦୃଶ୍ୟ ଅଦୃଶ୍ୟ ହଜାର ଶତ୍ରୁ ତୁମର ବିରୁଦ୍ଧରେ ମସ୍ତକ ଉତ୍ତୋଳନ କରିବାକୁ ଆସିବେ, ତୁମର ଅଜ୍ଞାନତା ବିରୁଦ୍ଧରେ ଆପଣାର ପ୍ରଖରତାରେ ଭୟଙ୍କର ହୋଇ ଉଠିବେ, ତୁମର ଯାବତୀୟ ଅସାମର୍ଥ୍ୟ ବିରୁଦ୍ଧରେ ଆପଣାର ଶକ୍ତିରେ ଦୁର୍ଜେୟ ହୋଇ ଆସି ଠିଆହେବେ । ଏବଂ ଯେତେବେଳେ ତୁମେ ବହୁ କଷ୍ଟରେ ସେମାନଙ୍କୁ ପରାଭୂତ କରିଦେଇ ପାରିବ, ସେତେବେଳେ ସେମାନଙ୍କର ସ୍ଥାନ ପୂରଣ କରି ଆହୁରି ହଜାର ହଜାର ମାଡ଼ି ଆସୁଥିବେ ।"
>
> ଶ୍ରୀଅରବିନ୍ଦ, "ମାର୍ଗ", ଶତବାର୍ଷିକୀ ରଚନାବଳୀ, ଖଣ୍ଡ-୧୭, ପୃଷ୍ଠା-୩୯

ତୁମକୁ ସାହସ ଦେବା ଲାଗି, କାର୍ଯ୍ୟ କରିବାକୁ ସାହସ ଦେବା ଲାଗି ଏପରି କୁହାଯାଇଛି । ଯାହାକିଛି ଘଟୁ ପଛକେ, ତୁମକୁ ସଦାଜାଗ୍ରତ ହୋଇ ରହିବାକୁ ହେବ, ନିଜର ଇଚ୍ଛାଶକ୍ତିଟିକୁ ଅତୁଟ ରଖିବାକୁ ପଡ଼ିବ । ଯଦି ଏହି ଦୁଇଟିଯାକ କଥା ପୁରାପୁରି ମହଜୁଦ ରହିଥିବ, ତେବେ ତୁମେ ନିଶ୍ଚୟ ସମସ୍ତ ବିପର୍ଯ୍ୟୟଟିକୁ ହାସଲ କରିପାରିବ ।

ଅଚେତନା ମଧ୍ୟରେ ଜଣେ କିପରି ତଥାପି ସଚେତନ ହୋଇ ରହି ପାରିବ ?

'oaob.nitrkl.ac.in' images reprocessed

ସେଥିଲାଗି ଅତ୍ୟନ୍ତ ସଜାଗ ଓ ସତର୍କ ରହିବାକୁ ପଡ଼ିବ ।

ଏବଂ ଯେତେବେଳେ ଶୋଇଥିବ ?

ଶୋଇଥିବାବେଳେ ମଧ୍ୟ ସଚେତନ ରହିବା ସମ୍ଭବ ହେବ । ଆମେ ଆଗରୁ ସେକଥା ଆଲୋଚନା କରି ସାରିଛୁ । ସେଥିଲାଗି କାର୍ଯ୍ୟ କରିବାକୁ ପଡ଼ିବ ।

କାର୍ଯ୍ୟ କରିବ ତ ଶୋଇବ କେତେବେଳେ ?

ନାହିଁ, କାର୍ଯ୍ୟ କଲେ ତୁମେ ଅଧିକ ଭଲ ଭାବରେ ଶୋଇପାରିବ । ବିଛଣା ଉପରେ ଅସ୍ଥିର ହେବାକୁ ପଡ଼ିବ ନାହିଁ, ତୁମେ ଶାନ୍ତ ଭାବରେ ଶୋଇ ପାରିବ । ଅନେକ ଲୋକ ଶୋଇଥିବା ଅବସ୍ଥାରେ ନାନାବିଧ ଏତେବେଶୀ କାର୍ଯ୍ୟ କରିବାରେ ବ୍ୟସ୍ତ ରହିଥାନ୍ତି ଯେ ନିଦରୁ ଉଠିଲା ବେଳେ ସେମାନେ ପୂର୍ବାପେକ୍ଷା ଅଧିକ କ୍ଳାନ୍ତ ଅନୁଭବ କରୁଥାନ୍ତି । ଏସବୁ ବିଷୟରେ ଆମେ ଆଗରୁ ଥରେ ଆଲୋଚନା କରିଥିଲୁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ତୁମେ ଶୋଇବାଠାରୁ ଆପଣାକୁ ଦୂରେଇ ରଖିଥିବ, ତେବେ କେବେହେଲେ ଶୋଇ ପାରିବ ନାହିଁ । ଯେଉଁମାନେ ଶୋଇ ପାରୁ ନାହାନ୍ତି ବୋଲି ଅଭିଯୋଗ କରି ମୋ ପାଖକୁ ଆସନ୍ତି, ମୁଁ ସେମାନଙ୍କୁ କହିଥାଏ, "ତେବେ ତୁମେ ଧ୍ୟାନସ୍ଥ ହୋଇ ରହିବାକୁ ଚେଷ୍ଟା କର ଓ ଶେଷରେ ତୁମକୁ ନିଦ ଲାଗିଯିବ ।" ଏକେନ୍ଦ୍ରିତ ହୋଇ ରହିବାବେଳେ ଶୋଇ ପଡ଼ିବାଟା "ସେହିପରି" ଆପଣାଛାଏଁ ଶୋଇ ପଡ଼ିବାଠାରୁ ଅନେକ ଭଲ । ଆମେ ପ୍ରକୃତରେ କେଉଁଠାରେ ରହିଛୁ, ସେକଥା ନଜାଣି ବିକ୍ଷିପ୍ତ ଓ ଅବିନ୍ୟସ୍ତ ହୋଇ ରହି ଶୋଇବାକୁ ଯିବା ଅପେକ୍ଷା ଧ୍ୟାନସ୍ଥ ହୋଇ ଶୋଇପଡ଼ିବା ଯଥେଷ୍ଟ ଭଲ ।

ଭଲ ଶୋଇବାକୁ ହେଲେ ଶୋଇବାର ବାଗଟିକୁ ଜାଣିବାକୁ ହେବ ।

ଯଦି ଦେହକୁ ଭାରି ଥକା ଲାଗୁଥିବ, ତେବେ ସଙ୍ଗେ ସଙ୍ଗେ ଶୋଇବାକୁ ନଯିବାହିଁ ଅଧିକ ଉଚିତ ହେବ । ତା' ନହେଲେ ଅଚେତନା ମଧ୍ୟରେ ଯାଇ ପଡ଼ିବାର ଆଶଙ୍କା ରହିଥିବ । ଯଦି ଭାରି କ୍ଳାନ୍ତ ଲାଗୁଥିବ, ତେବେ ବିଛଣା ଉପରେ ଗୋଡ଼ହାତ ଲମ୍ବାଇଦେଇ ପଡ଼ି ରହିବ, ଆପଣାକୁ ଢିଲାକରି ଆଣିବ, ଗୋଟିକ ପରେ ଗୋଟିଏ କରି ସ୍ନାୟୁଗୁଡ଼ିକୁ ଏପରି ଭାବରେ ଢ଼ିଲା କରି ଆଣିବ, ଯେପରିକି ଶେଷରେ ଆପଣାକୁ ମୁକୁଳା ହୋଇ ବିଛଣା ଉପରେ ପଡ଼ିଥିବା ଖଣ୍ଡେ ଲୁଗା ପରି

'oaob.nitrkl.ac.in' images reprocessed

ମନେହେବ, ସତେଯେପରି ଆପଣାର ଆଦୌ କୌଣସି ହାଡ଼ ଅଥବା ମାଂସପେଶୀ ନଥିବା ପରି ମନେହେବ । ଏତକ କରିସାରିବା ପରେ ମାନସିକ କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ କରିବାକୁ ପଡ଼ିବ । ପୂରା ହାଲୁକା ହୋଇଯିବ, କୌଣସି ପ୍ରକାର କଳ୍ପନା ଉପରେ ଏକେନ୍ଦ୍ରିତ ହୋଇ ନରହିବାକୁ ଚେଷ୍ଟା କରିବ, କୌଣସି ସମସ୍ୟାର ସମାଧାନ କରିବାକୁ ଯିବ ନାହିଁ, ଦିନମାନର କୌଣସି ପ୍ରକାର ଅନୁଭବ, ଇନ୍ଦ୍ରିୟବୋଧ ଏବଂ ଆବେଗକୁ ନେଇ ରୋମନ୍ଥନ ବି କରିବ ନାହିଁ । ସେଗୁଡ଼ାକ ସବୁକିଛି ଥିର ହୋଇ ତୁମ ମନରୁ ଖସି ଖସି ପଡ଼ିବ । ଆପଣାକୁ ଗୋଟାସୁଦ୍ଧା ନିବେଦିତ କରିଦେବ, ଗୋଟାସୁଦ୍ଧା ଛାଡ଼ିଦେବ, ସତେଅବା ଗୋଟାଏ କମ୍ବଳ ପରି ପଡ଼ି ରହିବ । ଏହି କଥାଟିକୁ କରି ସାରିବା ପରେ ତୁମେ ସେଇଠି ଗୋଟିଏ ସାନ ଶିଖା ଦେଖିବାକୁ ପାଇବ । ସେହି ଶିଖାଟି କେବେହେଲେ ନିଭି ଯାଏ ନାହିଁ ଏବଂ ଆପଣାକୁ ଗୋଟାସୁଦ୍ଧା ହାଲୁକା କରିଦେଇ ପାରିଲେହିଁ ତୁମେ ଏହି ଶିଖାଟି ବିଷୟରେ ସଚେତନ ହୋଇ ଆସିବ । ଏବଂ ଏହି ଶିଖାଟି ହଠାତ୍ ଦିବ୍ୟ ଜୀବନ ଲାଗି, ସତ୍ୟ ଲାଗି, ପରମ ଦିବ୍ୟସତ୍ତାଟି ବିଷୟରେ ଏକ ଚେତନା ଲାଗି, ଏବଂ ସେହି ଅନ୍ତର୍ଗତ ସତ୍ତାଟି ସହିତ ମିଳନ ଲାଗି ଏକ ଅଭୀପ୍ସାରୂପେ ଧୀରେ ଧୀରେ ଜଳି ଉଠିବାକୁ ଆରମ୍ଭ କରିବ; ଅଧିକରୁ ଅଧିକ ଉଚ୍ଚ ହୋଇ ଜଳିବାକୁ ଆରମ୍ଭ କରିବ, କ୍ରମେ ଅଧିକରୁ ଅଧିକ ଉପରକୁ ଉଠିବାକୁ ଆରମ୍ଭ କରିବ । ତା'ପରେ ସବୁକିଛି ସେହିଠାରେ ଯାଇ ଠୁଳ ହୋଇଯିବ, ଏବଂ ଯଦି ଠିକ୍ ସେହି ମୁହୂର୍ତ୍ତରେହିଁ ତୁମକୁ ନିଦ ଲାଗି ଯାଇପାରେ, ତେବେ ତୁମର ନିଦକୁ ପ୍ରକୃତରେ ସର୍ବୋତ୍ତମ ନିଦ ବୋଲି କୁହାଯାଇ ପାରିବ । ମୁଁ ନିର୍ଭର କରି ଜବାବ ଦେଇ କହି ପାରିବ ଯେ ଯଦି ତୁମେ ଯତ୍ନର ସହିତ ଏହି କଥାଟିକୁ କରିପାରିବ, ତେବେ ତୁମକୁ ନିଶ୍ଚୟ ନିଦ ହୋଇଯିବ । ଏବଂ ଏକଥା ମଧ୍ୟ ସୁନିଶ୍ଚିତ ଯେ ଏକ ଅନ୍ଧକାରମୟ ଗର୍ତ୍ତ ମଧ୍ୟକୁ ପ୍ରପତିତ ହେବା ପରିବର୍ତ୍ତେ ତୁମେ ଆଲୋକ ମଧ୍ୟରେ ନିଦ୍ରାଯାଇ ପାରିବ । ଏବଂ ତା'ପରେ ଯେତେବେଳେ ସକାଳେ ନିଦରୁ ଉଠିବ, ସେତେବେଳେ ତୁମେ ସତେଜ ହୋଇ ଉଠିବ, ସମର୍ଥ ହୋଇ ଉଠିବ, ପୂର୍ଣ୍ଣତୁଷ୍ଟ, ପ୍ରସନ୍ନ ହୋଇ ଉଠିବ, ଦିନଟି ଲାଗି ତୁମ ଭିତରେ ଶକ୍ତି ଛଳଛଳ ହେବାରେ ଲାଗିଥିବ ।

ନିଦବେଳେ ଯେତେବେଳେ ଜଣେ ସଚେତନ ହୋଇ ରହିଥାଏ, ସେତେବେଳେ ମସ୍ତିଷ୍କ ବି ଶୋଇଥାଏ ନା ନାହିଁ ?

ମସ୍ତିଷ୍କ ଆଦୌ କେତେବେଳେ ଶୋଇବାକୁ ଯାଏ କି ? ତେବେ କେତେବେଳେ ଶୋଇବାକୁ ଯାଏ ? ଏହି କଥାଟି ପ୍ରକୃତରେ ସବୁଠାରୁ ଅଧିକ

'oaob.nitrkl.ac.in' images reprocessed

କଷ୍ଟକର । ଯଦି ନିଜର ମସ୍ତିଷ୍କକୁ ଶୁଆଇ ଦେବାରେ ତୁମେ ସଫଳ ହୋଇପାରନ୍ତ, ତେବେ ତାହା ତ କେଡ଼େ ଚମତ୍କାର ହୋଇ ପାରନ୍ତା ! ମସ୍ତିଷ୍କଟା ସବୁବେଳେ କାପର ଦଉଡ଼ିବାରେ ଲାଗିଥାଏ କହିଲ ! ତୁଚ୍ଛା ଆଗାଙ୍କ ପର ଘୂରି ବୁଲୁଥାଏ । ମସ୍ତିଷ୍କର ଶ୍ଲଥନ ବିଷୟରେ କହିଲାବେଳେ ମୁଁ ଠିକ୍ ଏହି ଅର୍ଥରେ ତାହା କହୁଥାଏ । ଯଦି ତୁମେ ଏହି କଥାଟିକୁ ଯଥାର୍ଥରେ ଭଲ ଭାବରେ ସାଧି କରିପାରିବ, ତେବେ ତୁମର ମସ୍ତିଷ୍କ ଏକ ନୀରବ ବିଶ୍ରାମାସନ ମଧ୍ୟରେ ପ୍ରବିଷ୍ଟ ହୋଇ ପାରିବ ଏବଂ ତାହା ପ୍ରକୃତରେ ଏକ ଭାରି ଚମତ୍କାର କଥା ହେବ । ଯେତେବେଳେ ତୁମେ ମାତ୍ର ପାଞ୍ଚ ମିନିଟ ଲାଗି ମଧ୍ୟ ତାହା କରିପାରିବ ଏବଂ ତା'ପରେ ବେଶ୍ ସତେଜ ହୋଇ ରହିପାରିବ, ତେବେ ତୁମର ଗଦା ଗଦା ସମସ୍ୟାର କେଡ଼େ ସହଜରେ ସମାଧାନ ହୋଇଯିବ ।

> ଯଦି ମସ୍ତିଷ୍କ ନିରନ୍ତର କାର୍ଯ୍ୟ କରିବାରେ ଲାଗିଛି, ତେବେ ରାତିରେ ଯାହାସବୁ ଘଟୁଛି, ଆମର ସେସବୁ କଥା ମନେ ରହୁ ନାହିଁ କାହିଁକି ?

କାରଣ ତୁମେ ସକ୍ରିୟ ଚେତନାଟିକୁ ଧରି ରଖିବା ଲାଗି ସମର୍ଥ ହୋଇ ପାର ନାହିଁ । ଏବଂ ତୁମର ମସ୍ତିଷ୍କ ଭିତରେ ସେତେବେଳେ କ'ଣସବୁ ଘଟୁଥିଲା ବୋଲି ଯଦି ତୁମର ପ୍ରକୃତରେ ମନେ ରହିବ, ତେବେ ତୁମେ ସେଥିରେ ଏକାବେଳେକେ ଶଙ୍କିତ ହୋଇ ଉଠିବ । ତାହା ପ୍ରକୃତରେ ଏକ ପାଗଳା ଘର ପରି ମନେହେବ; ଏହିସବୁ ନାନା ଧାରଣା ପରସ୍ପର ସହିତ ଆସି ଛୁ' ଛା' ବାଜୁଥିବେ, ତୁମର ମୁଣ୍ଡଟା ଭିତରେ ସମସ୍ତେ ସତେଅବା ଉଦ୍ଦଣ୍ଡ ହୋଇ ନାଚିବାରେ ଲାଗିଥିବେ । ମନେହେବ, ସତେଯେପରି ତୁମେ ଗୁଡ଼ାଏ ବଲ୍ ଧରି ଏକାବେଳେକେ ଯୁଗଳଟକୁ ପକାଇବାରେ ଲାଗିଛ । ତେଣୁ, ସେଗୁଡ଼ିକୁ ଦେଖିବାକୁ ପାଇଲେ ତୁମେ ପ୍ରକୃତରେ କାଣ୍ଟୁନ୍ତ ପରିମାଣରେ ବ୍ୟାକୁଳ ହୋଇ ଉଠିବ ।

> ଏଠାରେ ଶ୍ରୀଅରବିନ୍ଦ ଲେଖିଛନ୍ତି,..."ଯେଉଁ ପରମୋଚ୍ଚ ଶକ୍ତିଗୁଡ଼ିକ ସହାୟତା ଦେବାକୁ ଇଚ୍ଛୁକ ଥାଆନ୍ତି ବା ଯେଉଁମାନଙ୍କୁ ସହାୟତା ଦେବା ଲାଗି ଅବସର ଦିଆଯାଏ, ସେମାନେ ଅତି ଅଳ୍ପ ସଂଖ୍ୟାରେ ଆସନ୍ତି, ଅତ୍ୟନ୍ତ ଅଳ୍ପ ସମୟ ପାଇଁ ମଧ୍ୟ ଆସନ୍ତି ।" ("ମାର୍ଗ", ଶତବାର୍ଷିକୀ ରଚନାବଳୀ, ଖଣ୍ଡ-୧୬, ପୃଷ୍ଠା-୪୦) ଏପରି କାହିଁକି ହୁଏ ?

'oaob.nitrkl.ac.in' images reprocessed

ସେହିମାନଙ୍କୁ ଯାଇ ପଚାରିଲେ ଉତ୍ତର ମିଳିବ ! ମାତ୍ର ଏଥିରେ ଏକ ସିଦ୍ଧାନ୍ତ ଅବଶ୍ୟ କରାଯାଇ ପାରିବ ଏବଂ ଶେଷ ବାକ୍ୟଗୁଡ଼ିକରୁହିଁ ଆମକୁ ଏକ ଅତ୍ୟନ୍ତ ସ୍ପଷ୍ଟ ବ୍ୟାଖ୍ୟା ମିଳିଯାଉଛି । ସେଥିରେ କୁହାଯାଇଛି : "ତେବେ, ଅମରତ୍ୱ କ'ଣ ଗୋଟାଏ ଖେଳନା ପରି, ଯାହାକୁ କି ଖୁସିରେ କୌଣସି ଏକ ପିଲାକୁ ଦେଇ ଦିଆଯାଇ ପାରିବ, ଦିବ୍ୟ ଜୀବନ କ'ଣ ଗୋଟାଏ ପୁରସ୍କାର, ଯାହାକି ବିନା ପ୍ରୟାସରେ ମିଳିଯାଇ ପାରିବ ବା ଏକ ମୁକୁଟ, ଯାହାକୁ କି ଜଣେ ଦୁର୍ବଳ ଓ ଅସମର୍ଥର ମସ୍ତକରେ ଆଣି ପିନ୍ଧାଇ ଦିଆଯାଇ ପାରିବ ?" (ତତ୍ରୈବ) ପ୍ରତିକୂଳ ଶକ୍ତିମାନଙ୍କର ତୁମ ଜୀବନରେ ଆସି ହସ୍ତକ୍ଷେପ କରିବାକୁ ଏବଂ ତୁମକୁ ସନ୍ତାପିତ କରି ରଖିବାକୁ କ'ଣ ପ୍ରକୃତରେ ଏକ ଅଧିକାର ରହିଛି, ଏଥିରୁ ଆମେ ଏହିପରି ଏକ ପ୍ରଶ୍ନ ପାଖକୁ ବାହୁଡ଼ି ଆସୁଛେ । ମାତ୍ର ତୁମ ଭିତରେ ଆନ୍ତରିକତା କେତେଦୂର ରହିଛି, ଠିକ୍ ଏହାକୁହିଁ ସେଥିଲାଗି ଏକ ଆବଶ୍ୟକ ପରୀକ୍ଷା ବୋଲି କହିବାକୁ ହେବ । ଯଦି ମାର୍ଗଟି ପ୍ରକୃତରେ ଖୁବ ସହଜ ହୋଇ ରହିଥାନ୍ତା, ତେବେ ପ୍ରତ୍ୟେକ ବ୍ୟକ୍ତି ଏହି ମାର୍ଗରେ ଏକ ଯାତ୍ରା ଆରମ୍ଭ କରିଦେଇ ପାରୁଥାନ୍ତା । ଏବଂ ଯଦି ବାଟରେ କୌଣସି ପ୍ରତିବନ୍ଧକ ଏବଂ କୌଣସି ପ୍ରୟାସର ସମ୍ମୁଖୀନ ନହୋଇ ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚି ହେଉଥାନ୍ତା, ତେବେ ସମସ୍ତେ ଯାଇ ସେଠାରେ ପହଞ୍ଚିଯାଇ ପାରୁଥାନ୍ତେ । ଏବଂ, ଶେଷ ମୁଣ୍ଡରେ ଆସି ପହଞ୍ଚିବା ପରେ, ଯାତ୍ରା ଆରମ୍ଭ କଲାବେଳେ ପରିସ୍ଥିତି ଯେଉଁପରି ଥିଲା, ବର୍ତ୍ତମାନ ମଧ୍ୟ ତାହା ଠିକ୍ ସେହିପରି ରହିଥାନ୍ତା, ଆଦୌ କୌଣସି ପରିବର୍ତ୍ତନ ହୋଇ ନଥାନ୍ତା । ଅର୍ଥାତ୍, ପୁରାତନ ପୃଥିବୀଟି ଯେଉଁଭଳି ହୋଇ ରହିଆସିଛି, ନୂତନ ପୃଥିବୀଟି ମଧ୍ୟ ଅବିକଳ ସେହିପରି ହୋଇ ରହନ୍ତା । ତେବେ ସେଥିଲାଗି ସାଧନା କରିବାର ଆଉ କୌଣସି ପ୍ରୟୋଜନ ପଡ଼ନ୍ତା ନାହିଁ ! ତେଣୁ ସ୍ପଷ୍ଟତଃ ଏକ ନିଷ୍କାସନ-ପ୍ରକ୍ରିୟାର ମଧ୍ୟ ଆବଶ୍ୟକତା ରହିଛି, ଯେପରିକି, କେବଳ ଯାହାକିଛି ନୂତନ ଜୀବନଟିକୁ ରୂପାୟିତ କରିଦେବାରେ ସମର୍ଥ ହେବ, ଖାଲି ତାହାହିଁ ରହିବ । ଏହାହିଁ କାରଣ, ଏବଂ ଏହି କ୍ଷେତ୍ରରେ ଅନ୍ୟ କୌଣସି କାରଣ ନାହିଁ, ଏହାହିଁ ସର୍ବୋତ୍ତମ କାରଣ । ତୁମେ ଭଲ କରି ଦେଖି ପାରୁଥିବ, ଏହା ହେଉଛି ସଂଖ୍ୟାକୁ ହ୍ରାସ କରିଦେବାର ଏକ ପ୍ରକ୍ରିୟା, ଏହା ହେଉଛି ଏକ ଅଗ୍ନି ପରୀକ୍ଷା; ଯିଏ ତାହାର ସମ୍ମୁଖୀନ ହୋଇପାରିବ ଓ ତାହାକୁ ଉତ୍ତୀର୍ଣ୍ଣ ହେବ, କେବଳ ସେଇ ରହିବ, ସେଇ ପୂର୍ଣ୍ଣମାତ୍ରାରେ ଶୁଦ୍ଧ ହୋଇ ରହିବ । ଯେତେବେଳେ ସବୁକିଛି ପୋଡ଼ି ପାଉଁଶ ହୋଇଯିବ, ସେତେବେଳେ କେବଳ ଜଦା ଖାଣ୍ଟିସୁନାଟି ବାକୀ ରହିଯିବ । ଏବଂ ଏହା ପ୍ରକୃତରେ ଠିକ୍ ଏହିପରି । ଧର୍ମରେ ଆମର ଅପରାଧ, ପାପ ଓ ମୁକ୍ତି ବିଷୟରେ ଯେଉଁସବୁ ଧାରଣା ରହିଛି, ଏସବୁ କ୍ଷେତ୍ରରେ ତାହାହିଁ ଏଗୁଡ଼ାକୁ ଆଣି ଭର୍ତ୍ତି କରି ଦେଇଥାଏ । ମାତ୍ର ଏହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ଆଦୌ କୌଣସି ମନମୁଖୀ ବିଚାର ବା ନିଷ୍ପତ୍ତି ଆଦୌ କରାଯାଏ ନାହିଁ ! ମାତ୍ର, ଅପର ପକ୍ଷରେ, ଜଣକ ଲାଗି ଯାହା ସର୍ବୋତ୍ତମ ଏବଂ ସବୁଠାରୁ ଅଧିକ ଅନୁକୂଳ, ତା' ଲାଗି ସେହିପରି ଅବସ୍ଥାଗୁଡ଼ିକୁ ଆଣି ଯୋଗାଇ ଦିଆଯାଏ । ସେଦିନ ଆମର ଆଲୋଚନା ହେଉଥିଲା ଯେ ପରମେଶ୍ୱର କେବଳ ତାଙ୍କର ବନ୍ଧୁମାନଙ୍କୁହିଁ ନାନା କଠୋର ପରୀକ୍ଷାର ସମ୍ମୁଖୀନ କରାଇଥାନ୍ତି । ତୁମେସବୁ ଏହାକୁ ଏକ ପରିହାସ ବୋଲି ଗ୍ରହଣ କରିଥିଲ, ମାତ୍ର ତାହା ପ୍ରକୃତରେ ସତ । କେବଳ ଯେଉଁମାନଙ୍କ ଭିତରେ ଆଶା ପରିପୂର୍ଣ୍ଣ ହୋଇ ରହିଛି, ଯେଉଁମାନେ ଏହି ପାବନକାରୀ ଅଗ୍ନି ଭିତରେ ପ୍ରବେଶ କରି ସେପାଖକୁ ଯାଇ ପାରିବେ, ସେହିମାନଙ୍କୁହିଁ ସର୍ବାଧିକ ସ୍ଥିତିର ପରିବେଶମାନ ଆଣି ଯୋଗାଇ ଦିଆଯାଏ । ଏବଂ, ମନୁଷ୍ୟର ମନଟି ଏପରି ଏକ ସ୍ତରରେ ତିଆରି ହୋଇଛି ଯେ ତୁମେ ଇଚ୍ଛା କଲେ ଏହି କଥାଟିର ପରୀକ୍ଷା ମଧ୍ୟ କରିପାରିବ । ଯେତେବେଳେ ତୁମର ଜୀବନରେ ଖୁବ ଅପ୍ରୀତିକର ଗୋଟାଏ କିଛି ଘଟୁଛି, ସେତେବେଳେ ତୁମେ ମନେମନେ ହୁଏତ କହିପାରିବ, "ଏଥିରୁ ପ୍ରମାଣ ମିଳୁଛି ଯେ ଏହି ଅସୁବିଧାଟିର ସମ୍ମୁଖୀନ ହେବା ଲାଗି ମୋ ଭିତରେ ପ୍ରକୃତରେ ଯୋଗ୍ୟତା ରହିଛି, ଏଥିରୁ ପ୍ରମାଣ ମିଳୁଛି ଯେ ମୋ ଭିତରେ ଏଭଳି କିଛି ଜିନିଷ ରହିଛି, ଯାହାକି ଏହି ଅସୁବିଧାଟିର ପ୍ରତିରୋଧ କରିପାରିବ ।" ଏବଂ ତା'ପରେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ ତୁମେ ତା'ପରେ ଆଉ କୌଣସି ପ୍ରକାରେ ସନ୍ତାପିତ ଅନୁଭବ କରିବ ନାହିଁ, ତୁମେ ଏକ ଆନନ୍ଦ ଅନୁଭବ କରିବ;—ତୁମେ ଏପରି ଖୁସୀ ହୋଇଯିବ ଓ ଏତେବେଶୀ ଶକ୍ତି ଅନୁଭବ କରିବ ଯେ ସବୁଠାରୁ ଅଧିକ ଅପ୍ରୀତିକର କୌଣସି ଏକ ବସ୍ତୁ ମଧ୍ୟ ତୁମକୁ ବେଶ୍ ଚିତ୍ତାକର୍ଷକ ବୋଧ ହେବାକୁ ଲାଗିବ । ତୁମେ ଖୁବ ସହଜରେ ଏହି ପରୀକ୍ଷାଟିକୁ କରି ପାରିବ । ପରିସ୍ଥିତି ଯେଉଁଭଳି ହୋଇଥାଉ ପଛକେ, ଯଦି ତୁମର ମନ ତାହାକୁ ସତେଅବା ଅନୁକୂଳ କୌଣସି ଏକ ଅବସ୍ଥାରୂପେ ଅବଲୋକନ କରିବାରେ ଅଭ୍ୟସ୍ତ ହୋଇ ଯାଇଥାଏ, ତେବେ ତୁମକୁ ତାହା ଆଉ କଦାପି ଅପ୍ରୀତିକର ବୋଲି ବୋଧ ହେବ ନାହିଁ । ଏହି କଥାଟି ଅତି ଜଣାଶୁଣା କଥା; ଯେପର୍ଯ୍ୟନ୍ତ ମନ କୌଣସି କଥାକୁ ଗ୍ରହଣ କରିବାକୁ ରାଜି ହୋଇ ନାହିଁ, ତା' ବିରୁଦ୍ଧରେ ସଂଗ୍ରାମ କରୁଛି, ତା'ର ପ୍ରତିରୋଧ କରିବାକୁ ଚେଷ୍ଟା କରୁଛି, ସେତେବେଳ ପର୍ଯ୍ୟନ୍ତ ଉତ୍ପୀଡ଼ନ ରହିବ, ଅସୁବିଧା ରହିବ, କେତେ ଝଡ଼ତୋଫାନ ବହିବାରେ ଲାଗିଥିବ, ଭିତରେ କେତେ ସଂଗ୍ରାମ ଓ କଷ୍ଟଭୋଗ ଲାଗି ରହିଥିବ । ମାତ୍ର ତୁମର ମନ ଯେଉଁ ମୁହୂର୍ତ୍ତରେ "ଭଲ ହେଲା, ହୁଏତ ଏହିପରି ଅବସ୍ଥାହିଁ ଆସିବାକୁ ଥିଲା, ଠିକ୍ ଏହିପରିହିଁ ଘଟିବ ବୋଲି ଏହା ଉଦ୍ଦିଷ୍ଟ ହୋଇ ରହିଛି" ବୋଲି କହିପାରିବ, ତେବେ ଯାହାକିଛି ଘଟୁ ପଛକେ, ତୁମେ ସେଥିରେ କଦାପି ବିଚଳିତ ହେବ ନାହିଁ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ

'oaob.nitrkl.ac.in' images reprocessed

ଆପଣାର ଶରୀର ଉପରେ ଏତେଦୂର ମାନସିକ ନିୟନ୍ତ୍ରଣ ହାସଲ କରି ପାରିଛନ୍ତି ଯେ ସେମାନେ ପ୍ରକୃତରେ କିଛିହେଲେ ଅନୁଭବ କରି ପାରନ୍ତି ନାହିଁ; କେତେକ ଋଷିଙ୍କ ବିଷୟରେ ମୁଁ ସେଦିନ ତୁମମାନଙ୍କୁ ଏହି କଥା କହୁଥିଲି; ସେମାନଙ୍କୁ ସହିବାକୁ ହେଉଥିବା କଷ୍ଟ ଗୋଟାଏ ମୁହୂର୍ତ୍ତରେହିଁ ସେମାନଙ୍କୁ ସୋପାନଗୁଡ଼ିକୁ ଅତିକ୍ରମ କରି ଯିବାରେ ସାହାଯ୍ୟ କରିବ ଓ ସମ୍ମୁଖସ୍ଥ ଲକ୍ଷ୍ୟର ପରମ ଉପଲବ୍ଧି ଲାଗି ସେମାନଙ୍କୁ ଏକ ପ୍ରକାରର ମଧ୍ୟବର୍ତ୍ତୀ ପାହାଚଟିଏ ଯୋଗାଇଦେବ ବୋଲି ଯଦି ସେମାନେ ଭାବିବାକୁ ଆରମ୍ଭ କରନ୍ତି, ଯଦି ତାହା ଭଗବତ୍ ପ୍ରାପ୍ତିର ସହାୟକ ହେବ ବୋଲି ଭାବନ୍ତି, ତେବେ ସେମାନେ ତା'ପରେ ଆଉ ଆଦୌ କୌଣସି କଷ୍ଟ ଅନୁଭବ କରି ପାରନ୍ତି ନାହିଁ । ସେମାନଙ୍କ ମନର ଦୃଢ଼ ପ୍ରତ୍ୟୟଟି ଅନୁସାରେ ସେମାନଙ୍କର ଶରୀର ସତେଅବା କଲେଇ କରାହୋଇ ରହିଥାଏ । ଅନେକ ସମୟରେ ଏହିଭଳି ଘଟିଛି; ଯେଉଁମାନଙ୍କର ଯଥାର୍ଥରେ ଉତ୍ସାହ ରହିଛି, ସେମାନଙ୍କ ଜୀବନରେ ଏହା ଏକ ସାଧାରଣ ଅନୁଭୂତି ହୋଇ ରହିଛି । ଏବଂ ସର୍ବଶେଷ କଥା ହେଉଛି ଯେ ଯଦି ଏହି ଶରୀରଟିକୁ ଦିନେ ନା ଦିନେ ଛାଡ଼ିବାକୁ ପଡ଼ିବ ଓ ଏକ ନୂତନ ଶରୀର ଗ୍ରହଣ କରିବାକୁହିଁ ପଡ଼ିବ, ତେବେ ଆପଣାର ମୃତ୍ୟୁକୁ ଏକ ମହାନ୍, ଆନନ୍ଦଦାୟକ, ଉତ୍ସାହକାରୀ ଏପରି ଏକ ସମ୍ପଦରେ ପରିଣତ କରି ପାରିବା କ'ଣ ପ୍ରକୃତରେ ଉଚିତ ନୁହେଁ କି ? ତାହାକୁ ଏକ ବିରକ୍ତିକାରକ ପରାଭବରେ ପରିଣତ କରିବା ଅପେକ୍ଷା ଏହା ପ୍ରକୃତରେ ଅଧିକ ସମ୍ମାନାସ୍ପଦ ନୁହେଁ କି ? ଯେଉଁମାନେ ଜୀବନଟାକୁ କାମୁଡ଼ି କରି ଧରିଆନ୍ତି, ସମ୍ଭବ ହେଉଥିବା ଯାବତୀୟ ଉପାୟ ଦ୍ୱାରା ଯେଉଁମାନେ ଗୋଟାଏ ବା କୁଇଟା ମିନଟ ଲାଗି ମଧ୍ୟ ମୃତ୍ୟୁକୁ ଘୁଞ୍ଚାଇ ଦେବା ଲାଗି ଚେଷ୍ଟା କରୁଥାନ୍ତି, ଯେଉଁମାନେ ତୁମ ସମ୍ମୁଖରେ ଏକ ଭୟପ୍ରଦ ବେଦନାମୟତାର ଦୃଷ୍ଟାନ୍ତ ଆଣି ବାଢ଼ିଦେବାରେ ଲାଗିଥାନ୍ତି, ସେମାନେ ପ୍ରମାଣ କରି ଦେଉଥାନ୍ତି ଯେ ସେମାନେ ସେମାନଙ୍କର ଆତ୍ମା ବିଷୟରେ ପ୍ରକୃତରେ ସଚେତନ ନୁହନ୍ତି ।...

ପ୍ରକୃତରେ କହିବାକୁ ଗଲେ, ଏହି ଶରୀର ହେଉଛି କେବଳ ଏକ ସାଧନ, ନୁହେଁ କି ? ଏହି ଆକସ୍ମିକ ଦ୍ରବ୍ୟଟିକୁ ଆମେ ଏକ ସାଧନରେ ନିଶ୍ଚୟ ପରିଣତ କରିଦେଇ ପାରିବା; ଏଇଟିକୁ ଆମେ ଗୋଟିଏ ଅତି ସୁନ୍ଦର ବସ୍ତୁରେ ପରିଣତ କରିଦେଇ ପାରିବା ବୋଲି ସଚେତନ ହୋଇ ପାରିଲେ ଯାଇ ଆମେ ଏହି କଥାଟିକୁ କରିପାରିବା; ସବୁ କଥାର କ୍ଷେତ୍ରରେ ଯାହା କରିପାରିବା, ଏଠାରେ ମଧ୍ୟ ତାହା କରିପାରିବା । ଏବଂ, ମନେ ରଖିଥାଅ ଯେ, ଯେଉଁମାନଙ୍କ ଭିତରେ ଏହି ବିଷୟରେ କୌଣସି ଭୟ ନଥାଏ, ଯେଉଁମାନେ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ, କୌଣସି ପ୍ରକାର ଅସୁନ୍ଦରତାର ପ୍ରଦର୍ଶନ ନକରି ଯେଉଁମାନେ ମରି ପାରିବେ, ସେମାନେ ସେହି ବିଷୟରେ କେବେ କିଛିହେଲେ ଭାବନ୍ତି ନାହିଁ, ଏହି "ଆତଙ୍କ"ଟି ସେମାନଙ୍କ ପଛରେ କଦାପି ଭୂତ

'oaob.nitrkl.ac.in' images reprocessed

ପର ଗୋଡ଼ାଇ ନଥାଏ । ସେମାନେ ଏହାର ସମ୍ମୁଖୀନ ନହୋଇ କଦାପି ପଳାଇ ଯାଆନ୍ତି ନାହିଁ ଏବଂ ସେଇଟିକୁ ସେମାନେ ଯଥାସମ୍ଭବ ଦୂରରେ ରଖି ସେଇଟିରୁ ବଞ୍ଚି ରହିବାକୁ ଚାହାନ୍ତି ନାହିଁ । ଏବଂ ଯେତେବେଳେ ସେହି ଅବସରଟି ଆସି ପହଞ୍ଚିଯାଏ, ସେତେବେଳେ ସେମାନେ ମୁଣ୍ଡକୁ ଉପରକୁ ଟେକି ଧରନ୍ତି ଓ "ମୁଁ ଏଇଠି ଅପେକ୍ଷା କରୁଛି" ବୋଲି କହନ୍ତି ।

କେବଳ ସେହି ବ୍ୟକ୍ତିମାନଙ୍କ ମଧ୍ୟରେହିଁ ଆପଣାର ଜୀବନଟିକୁ ଯଥାସମ୍ଭବ ପ୍ରକୃଷ୍ଟ ଭାବରେ କାର୍ଯ୍ୟରେ ଲଗାଇବାର ଇଚ୍ଛା ମହାକ୍ରୁଦ୍ଧ ହୋଇ ରହିଥାଏ; କେବଳ ସେଇମାନେହିଁ "ଏଠାରେ ଯେତେ ବେଳଯାଏ ଆବଶ୍ୟକ, ମୁଁ ସେତେ ବେଳଯାଏ ଏଠାରେ ରହିବି, ଶେଷ ସେକେଣ୍ଡଟିଯାଏ ରହିବି ଏବଂ ମୋର ଲକ୍ଷ୍ୟଟିକୁ ହାସଲ କରିବାରେ ମୁଁ ଗୋଟିଏ ମୁହୂର୍ତ୍ତି ମଧ୍ୟ କଦାପି ହରାଇବି ନାହିଁ" ବୋଲି କହି ପାରନ୍ତି । ଆବଶ୍ୟକତା ପଡ଼ିଲେ ଏହିମାନେହିଁ ଆପଣାର ସର୍ବୋତ୍ତମ ପରିଚୟଟି ଦେଇପାରନ୍ତି । କାହିଁକି ? କାରଣଟି ଅତି ସହଜ; କାରଣ ସେମାନେ ଆପଣାର ଆଦର୍ଶଟି ମଧ୍ୟରେ ବାସ କରୁଥାନ୍ତି, ସେମାନଙ୍କର ଆଦର୍ଶର ସତ୍ୟଟି ମଧ୍ୟରେ ବାସ କରୁଥାନ୍ତି; କାରଣ, ସେହି ବସ୍ତୁଟିହିଁ ସେମାନଙ୍କ ଲାଗି ପ୍ରକୃତ ବସ୍ତୁ ହୋଇ ରହିଥାଏ, ସେମାନଙ୍କ ସତ୍ତାର ପ୍ରକୃତ ଅଭୀଷ୍ଟ ହୋଇ ରହିଥାଏ । ଏବଂ ସେମାନେ ସକଳ ବସ୍ତୁରେ ଏହି ଆଦର୍ଶଟିକୁ ଦେଖିବାକୁ ସମର୍ଥ ହୁଅନ୍ତି, ସେଇଟିକୁହିଁ ଜୀବନର ଅସଲ କାରଣ ବୋଲି ଗ୍ରହଣ କରିଥାନ୍ତି, ଏବଂ ସେମାନେ କେବେହେଲେ ବସ୍ତୁଗ୍ରସ୍ତ ଜୀବନର ସୌନ୍ଦର୍ଯ୍ୟହୀନତା ମଧ୍ୟକୁ ସ୍ଖଳିତ ହୋଇ ଆସନ୍ତି ନାହିଁ ।

ତେଣୁ ଉପସଂହାରଟି ହେଲା :

ଆମେ କଦାପି ମରଣର ବାଞ୍ଛା ରଖିବା ନାହିଁ ।

କେବେହେଲେ ମରିବାକୁ ଇଚ୍ଛା କରିବା ନାହିଁ ।

ମରିବା ଲାଗି କଦାପି ଭୟ କରିବା ନାହିଁ ।

ଏବଂ, ଯାବତୀୟ ପରିସ୍ଥିତିରେ ସର୍ବଦା ଆପଣାକୁ ଅତିକ୍ରମ କରିଯିବାକୁ, ଯେତିକି ଅଛୁ, ତା'ଠାରୁ ଆହୁରି ଅଧିକ ହେବାକୁ ଇଚ୍ଛା ପ୍ରକାଶ କରୁଥିବା ।

'oaob.nitrkl.ac.in' images reprocessed

ଭା - ଶତବାର୍ଷିକୀ - କେନ୍ଦ୍ର
ଓଡ଼ି
ବହି ନଂ - ୩୩

## ୨୭ ଏପ୍ରିଲ ୧୯୫୧

"...ଏହି ମିଥ୍ୟା ଏବଂ ଅଳସ ପ୍ରତ୍ୟାଶାଟିକୁ ଅବଶ୍ୟ ପରିହାର କରିବାକୁ ହେବ ଯେ ଦିବ୍ୟ ପରମଶକ୍ତି ତୁମ ଲାଗି ସମର୍ପଣର କାର୍ଯ୍ୟଟିକୁ ମଧ୍ୟ ସମ୍ପନ୍ନ କରାଇନେବେ । ସର୍ବୋଚ୍ଚ ପରମସତ୍ତା ତୁମଠାରୁ ସମର୍ପଣର ଦାବି କରନ୍ତି ସତ, ମାତ୍ର ତାହାକୁ କଦାପି ତୁମ ଉପରେ ଆଣି ଲଦି ଦିଅନ୍ତି ନାହିଁ । ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ସ୍ୱାଧୀନ ହୋଇ ରହିଛ; ସେହି ଅକାଟ୍ୟ ଓ ଅପ୍ରତିରୋଧ ରୂପାନ୍ତରର ସମୟଟି ଆସି ପହଞ୍ଚିବା ପର୍ଯ୍ୟନ୍ତ ତୁମେ ଇଚ୍ଛା କଲେ ପରମ ଦିବ୍ୟ ସତ୍ତାଙ୍କୁ ପ୍ରତ୍ୟାଖ୍ୟାନ ବି କରିପାରିବ, ତୁମର ଆତ୍ମ-ଦାନକୁ ତୁମେ ଲେଉଟାଇ ବି-ନେଇ ପାରିବ । ଏହାର ଆଧ୍ୟାତ୍ମିକ ପରିଣାମଟିକୁ ସହ୍ୟ କରିବା ଲାଗି ପ୍ରସ୍ତୁତ ଥିଲେ ତୁମେ ଏସବୁ କଥା ଅବଶ୍ୟ କରିପାରିବ ।

ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା-୪

ଏହି "ଅପ୍ରତିରୋଧ ରୂପାନ୍ତର" କହିଲେ ଆମେ କ'ଣ ବୁଝିବା ?

**ଯେତେବେଳେ ତୁମର ଚେତନା ଏପରି ଭାବରେ ରୂପାନ୍ତରିତ ହୋଇଯାଏ ଯେ ତୁମେ ଆଉ କଦାପି ତୁମର ପୂର୍ବ ପୁରାତନ ସ୍ଥିତିଟିକୁ ଫେରି ଯାଅ ନାହିଁ, ସେତିକିବେଳେ ସେହି ରୂପାନ୍ତରକୁ ଅପ୍ରତିରୋଧ ବୋଲି କୁହାଯିବ । ଏପରି ଏକ ମୁହୂର୍ତ୍ତ ଆସେ, ଯେତେବେଳେ କି ପରିବର୍ତ୍ତନଟି ଏତେ ପରିପୂର୍ଣ୍ଣ ଭାବରେ ସଂଘଟିତ ହୁଏ ଯେ ତୁମେ ଆଗରୁ ଯାହା ଥିଲ, ପୁନର୍ବାର ସେପରି ହେବା ଏକାବେଳେକେ ଅସମ୍ଭବ ହୋଇପଡ଼େ ।**

ରୂପାନ୍ତର ଘଟିରୁହିଁ କ'ଣ ତାହା ଅପ୍ରତିରୋଧ ବୋଲି ବୁଝାଉ ନାହିଁ କି ?

'oaob.nitrkl.ac.in' images reprocessed

ରୂପାନ୍ତର ଆଂଶିକ ମଧ୍ୟ ହୋଇପାରେ । ଶ୍ରୀଅରବିନ୍ଦ ଯେଉଁ ରୂପାନ୍ତରଟି ବିଷୟରେ କହୁଛନ୍ତି ତାହାକୁ ଚେତନାର ଏକ ଊର୍ଦ୍ଧ୍ୱଗମଣ ବୋଲି ବୁଝାଯିବ । ଯେଉଁ ଚେତନା ଅହଂ ମଧ୍ୟରେ ଜଡ଼ିତ ହୋଇ ରହିଥିଲା ଓ ବ୍ୟକ୍ତିଗତ ପରିତର୍ପଣ ଲାଗି ଅଭିମୁଖିନ ହୋଇ ରହିଥିଲା, ତାହା ତତ୍ପରବର୍ତ୍ତିରେ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଅଭିମୁଖିନ ହୋଇ ଉଠେ, ସେହିଠାରେ ଆପଣାକୁ ସମର୍ପିତ କରି ରଖେ । ଏବଂ ସେ ଭରି ପରିଷ୍କାର ଭାବରେ ବୁଝାଇ କହି ଦେଇଛନ୍ତି ଯେ ପ୍ରଥମ ଅବସ୍ଥାରେ ଏହି ସମର୍ପଣ ହୁଏତ ଆଂଶିକ ହିଁ ହୋଇପାରେ; ଏପରି କେତେକ ଅଂଶ ଥାଆନ୍ତି, ଯେଉଁମାନେ ସମର୍ପିତ ହୋଇଯାଆନ୍ତି, ମାତ୍ର ଆଉ କେତେକ ଅଂଶ ନିଜକୁ ସମର୍ପଣ କରି ପାରି ନଥାନ୍ତି । ତେଣୁ, ଯେତେବେଳେ ସମ୍ପୂର୍ଣ୍ଣ ସତ୍ତାଟି ସମଗ୍ର ଭାବରେ ଆପଣାର ଯାବତୀୟ ଗତିସ୍ପନ୍ଦନର କ୍ଷେତ୍ରରେ ଆପଣାକୁ ସମର୍ପଣ କରିଦିଏ, ସେତିକି ବେଳେ ଯାଇ ତାହାକୁ ଅପ୍ରତିରୋଧ୍ୟ ଏବଂ ଅପରିବର୍ତ୍ତନୀୟ ବୋଲି ବୁଝାଯାଇ ପାରିବ । ସେତେବେଳେ ଆମର ଦୃଷ୍ଟିଭଙ୍ଗୀରେହିଁ ଏକ ଅପରିବର୍ତ୍ତନୀୟ ରୂପାନ୍ତର ହୋଇ ଯାଇଥିବ ।

ଦିବ୍ୟ ପରମା ଶକ୍ତି ଓ ଦିବ୍ୟ ପରମ ଶକ୍ତିମତ୍ତା ମଧ୍ୟରେ କି ପ୍ରଭେଦ ରହିଛି ?

ଦିବ୍ୟ ପରମ ଶକ୍ତିମତ୍ତା ହେଉଛି ଦିବ୍ୟ ପରମା ଶକ୍ତିର କେବଳ ଗୋଟିଏ ଅଂଶ; ଦିବ୍ୟ ପରମ ଶକ୍ତିମତ୍ତା ହେଉଛି ଦିବ୍ୟ ପରମା ଶକ୍ତିର ଗୋଟିଏ ଲକ୍ଷଣ । ଏଠାରେ ଶ୍ରୀଅରବିନ୍ଦ ଦିବ୍ୟ ପରମା ଶକ୍ତି ଶବ୍ଦଟିକୁ ଚିତ୍-ତପଃର ଅର୍ଥରେ ଅର୍ଥାତ୍ ସୃଷ୍ଟିକାରିଣୀ ସେହି ଶକ୍ତି ବା ସେହି ସୃଷ୍ଟିକାରିଣୀ ଚେତନାର ଅର୍ଥରେ ବ୍ୟବହାର କରିଛନ୍ତି । ତେଣୁ, ଦିବ୍ୟ ପରମ ଶକ୍ତିମତ୍ତାକୁ ଦିବ୍ୟ ପରମା ଶକ୍ତିର ଏକ ଅଂଶରୂପେହିଁ ବୁଝିବାକୁ ହେବ ।

"ଏକ ଜୀବନହୀନ ନିଷ୍କ୍ରିୟତାକୁ ସତତ ଯଥାର୍ଥ ସମର୍ପଣ ବୋଲି ଭ୍ରମ କରା ଯାଇଥାଏ, ମାତ୍ର ଏକ ଜୀବନହୀନ ନିଷ୍କ୍ରିୟତା ମଧ୍ୟରୁ ଯଥାର୍ଥରେ ସତ୍ୟ ଓ ଯଥାର୍ଥର ଶକ୍ତିମନ୍ତ କିଛିହେଲେ ସମ୍ଭବ ହୋଇ ପାରେ ନାହିଁ । ଜଡ଼ ପ୍ରକୃତିର ଜୀବନହୀନ ନିଷ୍କ୍ରିୟତାହିଁ ତାହାକୁ ଯାବତୀୟ ଅନ୍ଧକାରମୟ ଏବଂ ଅଦିବ୍ୟ ପ୍ରଭାବର ଶିକାର ହେବା ଲାଗି ଛାଡ଼ି ଦେଇଥାଏ । ଯେଉଁ ସମର୍ପଣ ଆନନ୍ଦ ଦ୍ୱାରା

'oaob.nitrkl.ac.in' images reprocessed

ପ୍ରେରିତ ହୋଇ ଆସିଥାଏ, ଯାହା ଶକ୍ତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ, ତାହାହିଁ ଯଥାର୍ଥରେ ସହାୟକ ହୁଏ ଏବଂ ଦିବ୍ୟ ପରମଶକ୍ତିର କାର୍ଯ୍ୟକାରୀ ହୋଇପାରିବା ଲାଗି ତାହାରିହିଁ ପ୍ରତ୍ୟାଶା କରାଯାଉଥାଏ ।…"

ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା : ୪-୫

ଆମେ କାହାକୁ ଏକ "ଆନନ୍ଦ ଦ୍ୱାରା ପ୍ରେରିତ, ଶକ୍ତିମନ୍ତ ଏବଂ ସହାୟକ ସମର୍ପଣ" ବୋଲି କହିପାରିବା ?

ଖୁସୀ ହେବା କହିଲେ ପ୍ରକୃତରେ କ'ଣ ବୁଝାଏ, ତୁମକୁ ଜଣା ଅଛି କି ? ଶକ୍ତିମନ୍ତ ହେବା କହିଲେ କ'ଣ ବୁଝାଏ, ତୁମକୁ ସେକଥା ଜଣାଅଛି କି ? ଏବଂ ସହାୟକ ହେବା କହିଲେ ବି କ'ଣ ବୁଝାଏ, ତୁମେ ସେକଥାଟିକୁ ଜାଣିଛ କି ? ଏବଂ, ପ୍ରତ୍ୟେକ ସମର୍ପଣ, ଅର୍ଥାତ୍ ପରମ ଦିବ୍ୟସତ୍ତାଙ୍କ ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବା,—ସେହି ସମର୍ପଣ ଆନନ୍ଦମୟ ହେବା ଉଚିତ, ଖୁସି ଦ୍ୱାରା ପ୍ରେରିତ ହୋଇ ରହିଥିବା ଉଚିତ, ଖୁସୀ ହୋଇ କରାଯିବା ଉଚିତ; ସେହି ସମର୍ପଣ ଶକ୍ତିମନ୍ତ ହୋଇଥିବା ଉଚିତ, ଦୁର୍ବଳତା ଅଥବା କୌଣସି ପ୍ରକାର ଅସମର୍ଥତା ଦ୍ୱାରା ପ୍ରେରିତ ହୋଇ ଆପଣାକୁ କାହାର ପାଖରେ ନେଇ ସମର୍ପଣ କରିଦେବା ଉଚିତ ନୁହେଁ, ମାତ୍ର ଏକ ସକ୍ରିୟ ଏବଂ ଶକ୍ତିମନ୍ତ ଇଚ୍ଛା ଦ୍ୱାରା ପ୍ରେରିତ ହୋଇହିଁ ତାହା ହୋଇ ପାରିବା ଉଚିତ । ଏବଂ ତା'ପରେ, ସେହି ସମର୍ପଣ ଗୋଟାସୁଦ୍ଧା ଆଳସ୍ୟ ଦ୍ୱାରା ବି ଜଡ଼ିତ ହୋଇ ରହିବା ଉଚିତ ନୁହେଁ : "ମୁଁ ତ ଆପଣାକୁ ସମର୍ପିତ କରି ସାରିଛି, ଆଉ ଜୀବନରେ ମୋର କିଛିହେଲେ କରିବାକୁ ନାହିଁ । ଏଥର ମୁଁ ଖାଲି ଚୁପ୍ ହୋଇ ବସିବି, ମୋର ସମର୍ପଣ ସମ୍ପନ୍ନ ହୋଇ ଯାଇଛି ।" ଏବଂ ସମର୍ପଣ ସହାୟକ ବି ହୋଇ ପାରିବା ଉଚିତ, ଅର୍ଥାତ୍, ଏହା ସକ୍ରିୟ ହୋଇ ପାରିବା ଉଚିତ,—ସତ୍ତାର ରୂପାନ୍ତର-ସାଧନରେ ଏହାର କାର୍ଯ୍ୟ ହୋଇ ରହିବା ଉଚିତ ବା କୌଣସି ଉପଯୋଗୀ କାର୍ଯ୍ୟରେ ତାହା ଆପଣାକୁ ନିଯୁକ୍ତ କରି ରଖିବା ଉଚିତ ।

"ତୁମର ସମର୍ପଣ ଏକ ଜୀବନ୍ତ ସତ୍ତାର ସମର୍ପଣ ହୋଇଥିବା ଉଚିତ । ଜୀବନ ନଥିବା ଏକ ଯନ୍ତ୍ର ବା ଯାନ୍ତ୍ରିକ ଉପକରଣର ସମର୍ପଣ ହୋଇ ରହିବା ଉଚିତ ନୁହେଁ ।"

ତତ୍ରୈବ, ପୃଷ୍ଠା-୪

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ତୁମେ ନିଜ ହାତରେ ବନ୍ଧା ହୋଇଥିବା ଘଣ୍ଟାର ସମର୍ପଣ ବିଷୟରେ ଉଲ୍ଲେଖ କରିପାର । ତୁମେ ସେଥିରେ ଖୁବ ଦେଇଦିଅ ଓ ତାହା ଚାଲେ; ମାତ୍ର ଏହାକୁ ଆମେ ସଚେତନ ସହଯୋଗର ଏକ ଅନୁଷ୍ଠାନ ବୋଲି କଦାପି କହିବା ନାହିଁ ।

> "ରୂପାନ୍ତର ସମଗ୍ର ହେବ, ଏବଂ ତେଣୁ ଯାହାକିଛି ତାହାର ପ୍ରତିରୋଧ କରୁଛି, ସେଗୁଡ଼ିକର ପ୍ରତ୍ୟାଖ୍ୟାନ ମଧ୍ୟ ଠିକ୍ ସେହିପରି ସମଗ୍ର ହେବା ଉଚିତ ।"
>
> ତଦୈବ

ଏହି କଥାଟି ଖୁବ ଭଲ ଭାବରେ ବୁଝି ହେଉଛି । କେବଳ ଏକ ସକାରାତ୍ମକ ଗତିସ୍ପନ୍ଦନ ରହିଲେହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ; ପ୍ରତ୍ୟାଖ୍ୟାନ ଓ ବର୍ଜନର ନକାରାତ୍ମକ ଗତିସ୍ପନ୍ଦନଟି ମଧ୍ୟ ଅବଶ୍ୟ ରହିଥିବା ଉଚିତ । କାରଣ ବିରୋଧକାରୀ ଉପାଦାନଗୁଡ଼ିକୁ ନିଜର ସତ୍ତା ଭିତରେ ଆଶ୍ରୟ ଦେଇ ରଖିଥିବା ପର୍ଯ୍ୟନ୍ତ ତୁମେ କଦାପି କୌଣସି ସ୍ଥାୟୀ ରୂପାନ୍ତର ସମ୍ଭବ କରି ପାରିବ ନାହିଁ । ଯଦି ନିଜ ଭିତରେ ଅନ୍ଧକାର ରହିଥିବ, ଅସ୍ପଷ୍ଟତା ରହିଥିବ, ତେବେ ସେମାନେ ହୁଏତ କିଛିକାଳ ସକାଶେ ଚୁପ୍ ହୋଇ ରହିଯିବେ, ଅଚଳ ପରି ପଡ଼ି ରହିବେ, ଏତେ ଚମତ୍କାର ଭାବରେ ଚୁପ୍ ହୋଇଯିବେ ଓ ଅଚଳ ହୋଇ ରହିବେ ଯେ ତୁମେ ହୁଏତ ସେଗୁଡ଼ିକ ଉପରେ ଆଦୌ କୌଣସି ମହତ୍ତ୍ୱ ଦେବାକୁ ଯିବ ନାହିଁ; ମାତ୍ର ତା'ପରେ ହଠାତ୍ ସେମାନେ ହଠାତ୍ ଜାଗ୍ରତ ହୋଇ ଉଠିବେ ଏବଂ ତୁମର ରୂପାନ୍ତର ସେଗୁଡ଼ିକର ପ୍ରତିରୋଧ କରିବା ଲାଗି ଆଦୌ ସମର୍ଥ ହେବ ନାହିଁ । ତେଣୁ, ଆପଣାକୁ ଉତ୍ସର୍ଗ କରିଦେବାର ସକାରାତ୍ମକ ଗତିସ୍ପନ୍ଦନଟିର ଯେ କେବଳ ଆବଶ୍ୟକତା ରହିଛି ତା' ନୁହେଁ, ମାତ୍ର ଏହି ଆତ୍ମ-ଉତ୍ସର୍ଗର ପ୍ରକ୍ରିୟାଟିରେ ଯେଉଁମାନେ ବିରୋଧ କରିବାରେ ଲାଗିଛନ୍ତି, ସେଗୁଡ଼ିକୁ ବର୍ଜନ କରିବାର ସେହି ନକାରାତ୍ମକ ଗତିସ୍ପନ୍ଦନଟିର ମଧ୍ୟ ସମାନ ଭାବରେ ଆବଶ୍ୟକତା ରହିଛି । ତେଣୁ ବିଷୟଗୁଡ଼ିକୁ "ସେହିପରି ଭାବରେ" ଖାଲି ଛାଡ଼ିଦେଲେ ମୋଟେ ଚଳିବ ନାହିଁ, ସେମାନଙ୍କୁ କୌଣସି ନା କୌଣସି ସ୍ଥାନରେ ପୋତିଦେଇ ରଖିଦେଲେ ମୋଟେ ଚଳିବ ନାହିଁ; କାରଣ ଏପରି ହୋଇଥିଲେ ସେଗୁଡ଼ିକ ପ୍ରଥମ ସୁଯୋଗଟି ପାଇବା ମାତ୍ରକେହିଁ ଜାଗ୍ରତ ହୋଇ ଉଠିବେ ଓ ତୁମର ଯାବତୀୟ କାର୍ଯ୍ୟକୁ ପଣ୍ଡ କରିଦେବେ । ସତ୍ତାରେ ଏପରି କେତୋଟି ଅଂଶ ଅଛନ୍ତି, ଯେଉଁମାନେ କି ଏହି କାର୍ଯ୍ୟଟିକୁ ଖୁବ ଭଲ ଭାବରେ କରି ଜାଣିଛନ୍ତି; ପ୍ରାଣିକ ସ୍ତରରେ ଏଭଳି କେତୋଟି

'oaob.nitrkl.ac.in' images reprocessed

ଉପାଦାନ ରହିଛନ୍ତି ଯେଉଁମାନଙ୍କୁ କି ଏହି ଦୃଷ୍ଟିରୁ ଅସାଧାରଣ ଶକ୍ତିସମ୍ପନ୍ନ ବୋଲି କୁହାଯାଇ ପାରିବ : ସେମାନେ ଚୁପ୍ ହୋଇ ରହିଥିବେ, ଏକ କୋଣ ଜାଗା ଦେଖି ଲୁଚି ରହିଥିବେ, ଏପରି ଚୁପ୍‌ଚାପ୍ ଏବଂ ନିଶ୍ଚଳ ହୋଇ ରହିଥିବେ ଯେ ସେମାନେ ହୁଏତ ଆଦୌ ଅସ୍ତିତ୍ୱରେ ନାହାନ୍ତି ବୋଲି ତୁମେ ଭାବିବାରେ ଲାଗିଥିବ । ଏହାପରେ ତୁମେ ଆଉ ସତର୍କ ହୋଇ ରହିବାକୁ ଆବଶ୍ୟକ ବୋଲି ଭାବିବ ନାହିଁ, ଆପଣାର ରୂପାନ୍ତର ଓ ଆପଣାର ସମର୍ପଣ ବିଷୟରେ ବେଶ୍ ସନ୍ତୁଷ୍ଟ ହୋଇ ରହିଯିବ । ସବୁ କଥା ବେଶ୍ ସୁବ୍ୟବସ୍ଥାରେ ଚାଲିଛି ବୋଲି ଭାବିବାରେ ଲାଗିଥିବ; ଏବଂ ତା'ପରେ, ଦିନେ ହଠାତ୍ କୌଣସି ପ୍ରକାର ଚେତାବନୀ ନଦେଇ ସେହି କଥାଟି ବାକ୍ସ ଭିତରେ ବନ୍ଦ ହୋଇ ରହିଥିବା ବିଲେଇଟି ପରି ଝପ୍ କରି ଉପରକୁ ଡେଇଁ ପଡ଼ିବ ଏବଂ ତା'ପରେ ତୁମେ ଧରିତଳରେ ରହିଥିବା ଯାବତୀୟ ନିର୍ବୋଧତାଗୁଡ଼ିକୁ କରିବାକୁ ଆରମ୍ଭ କରିଦେବ । ଏବଂ ଏତେଦିନ ଅବଦମିତ ହୋଇ ରହିଥିବାରୁ ତାହା ଅଧିକ ଶକ୍ତିଯୁକ୍ତ ହୋଇ ଯାଇଥିବ,—ଗୋଟିଏ କଣରେ ଦବି କରି ବନ୍ଦ ହୋଇ ରହିଥିବାରୁ ଅଧିକ ବଳବାନ୍ ହୋଇ ବାହାରିବ । ସତେଯେପରି ତୁମର ଦୃଷ୍ଟି ଆକର୍ଷଣ ନକରିବାକୁହିଁ ତାହା ପୋଷିହୋଇ ଲୁଚି ରହିଥିଲା, ପ୍ରକୃତରେ ଭାରି, ଭାରି ଚୁପ୍ ହୋଇ ରହିଥିଲା; ଏବଂ ଯେଉଁ ମୁହୂର୍ତ୍ତରେ ତାହାର ଆବିର୍ଭାବ ଲାଗି ତୁମେ ଆଦୌ କୌଣସି ଆଶଙ୍କାହିଁ କରୁ ନଥିଲ, ତାହା ଫକ୍ କରି ବାହାରକୁ ଡେଇଁ ପଡ଼ିଲା । ତୁମେ ମନେ ମନେ କହିବାକୁ ଆରମ୍ଭ କଲ, "ତେବେ ମୋର ଏହି ଯାବତୀୟ ରୂପାନ୍ତର ଦ୍ୱାରା ଆଉ କ'ଣ ଫଳ ହେଲା ?" ସେହି ବସ୍ତୁଟି ସେଇଠି ରହିଥିଲା, ତେଣୁ ସେକଥା ଘଟିଲା । ଏସବୁ ଠିକ୍ ସେହିପରି ହୋଇଥାଏ, ଏହିସବୁ ବସ୍ତୁ ଆପଣାକୁ ସେହିଠାରେହିଁ ରଖିଥାନ୍ତି, ସେହିଠାରେହିଁ ଲୁଚି ରହିଥାନ୍ତି ଏବଂ ଏପରି ନିପୁଣତାର ସହିତ ଲୁଚି ରହିଥାନ୍ତି ଯେ, ଯଦି ସଫା ହୋଇ ଜଳୁଥିବା ବତୀଟିଏ ନେଇ ତୁମେ ସେଗୁଡ଼ିକୁ ଖୋଜିବା ଲାଗି ନଯାଅ, ତେବେ ସେମାନେ ସେଠାରେ ରହିଛନ୍ତି ବୋଲି ତୁମକୁ ପତ୍ତାହିଁ ମିଳିବ ନାହିଁ । ଏବଂ ଶେଷରେ ଦିନେ ସେମାନେ ବାହାରକୁ ବାହାରି ଆସିବେ ଏବଂ ଗୋଟାଏ ମୁହୂର୍ତ୍ତରେହିଁ ତୁମର ସବୁଯାକ କାର୍ଯ୍ୟକୁ ଧୂଳିସାତ୍ କରି ଦେଇଯିବେ ।

ଅଭୀପ୍ସା ମହାନ୍ ହୋଇଥିଲେ ବି କ'ଣ ଏପରି ଘଟିବ ?

ସେହି ଅଭୀପ୍ସାକୁ ଅତ୍ୟନ୍ତ ସତର୍କ ହୋଇ ରହିବାକୁ ପଡ଼ିବ ।

ମୁଁ ଏପରି ଲୋକମାନଙ୍କୁ ଜାଣିଛି (ମୋଟେ ଅଳ୍ପସଂଖ୍ୟକ ନୁହେଁ, ଅନେକ ସଂଖ୍ୟାରେ ଜାଣିଛି, ଅର୍ଥାତ୍ ଯୋଗସାଧନା କରୁଥିବା ଏପରି ବହୁ ଲୋକଙ୍କୁ ଜାଣିଛି),

'oaob.nitrkl.ac.in' images reprocessed

ସେଉଁମାନଙ୍କର କି ଏକ ଉତ୍ତମ ଅଭୀପ୍‌ସା ରହିଥିଲା; ସେମାନଙ୍କର ସେହି ଅଭୀପ୍‌ସା ଭାରି ଝାଣ ଥିଲା ଓ ସେମାନେ ଏହି ଅଭୀପ୍‌ସାର ଏକ ଉତ୍ତର ମଧ୍ୟ ପାଇଥିଲେ । ମାତ୍ର ସବୁଥର, ଠିକ୍ ସେହି ଦିନ ଅଥବା ଅନ୍ତତଃ ତହିଁ ଆରଦିନ ସେମାନଙ୍କର ଚେତନାରେ ଏକ ସଂପୂର୍ଣ୍ଣ ଗତିରୋଧ ଆସି ଉପସ୍ଥିତ ହେଉଥିଲା ଏବଂ ସେମାନଙ୍କୁ ସେମାନଙ୍କର ଅଭୀପ୍‌ସାର ଠିକ୍ ବିପରୀତ ଉପାଦାନଟିରହିଁ ସମ୍ମୁଖୀନ ହେବାକୁ ପଡ଼ୁଥିଲା । ଏସବୁ କଥା ପ୍ରାୟ ନିରନ୍ତର ଘଟିଥାଏ । ହଁ, ଏହି ଲୋକମାନେ କେବଳ ସକାରାତ୍ମକ ଦିଗଟିରହିଁ ବିକାଶ ଘଟାଇଥିଲେ । ସେମାନେ ଅଭୀପ୍‌ସାକୁ ନେଇ ଏକ ପ୍ରକାରର ଶୃଙ୍ଖଳାର ରଚନା କରନ୍ତି, ସେମାନେ ସାହାଯ୍ୟ ଭିକ୍ଷା କରନ୍ତି, ଉଚ୍ଚତର ଶକ୍ତିଗୁଡ଼ିକର ସଂସ୍ପର୍ଶରେ ଆସିବାକୁ ଚେଷ୍ଟା କରନ୍ତି, ଏଥିରେ ସଫଳତା ଲାଭ କରନ୍ତି ଏବଂ ଅନୁଭୂତିର ଅଧିକାରୀ ବି ହୁଅନ୍ତି । ମାତ୍ର ସେମାନେ ଘରଟିକୁ ସଫା କରିବା ବିଷୟରେ ଏକାବେଳେକେ ଭୁଲି ଯାଇଥାନ୍ତି; ସେହି ଘରଟି ଠିକ୍ ଆଗପରି ମଇଳା ରହିଯାଇଥାଏ । ଏବଂ ତେଣୁ, ସ୍ୱଭାବତଃ, ଅନୁଭୂତି ଚାଲିଗଲା ପରେ, ଏହି ମଇଳା ଆଗ ଅପେକ୍ଷା ଆହୁରି ଅଧିକ ଅରୁଚିକର ହୋଇ ଉଠେ ।

ତେଣୁ ଆପଣାର ଘରଟିକୁ ପରିଷ୍କାର ରଖିବା ବିଷୟରେ କେବେହେଲେ ଭୁଲିଯିବା ଉଚିତ ନୁହେଁ । ଏହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅନ୍ତରର ପରିଚ୍ଛନ୍ନତା ବାହ୍ୟ ପରିଚ୍ଛନ୍ନତା ପରି ଅନ୍ତତଃ ସମାନ ଭାବରେ ମହତ୍ତ୍ୱପୂର୍ଣ୍ଣ ।

ବିବେକାନନ୍ଦ ଲେଖିଛନ୍ତି (ମୂଳଟି କେଉଁଠି ଅଛି ମୋତେ ଜଣା ନାହିଁ, ମୁଁ ଏଇଟିକୁ ଫରାସୀ ଅନୁବାଦରେ ପଢ଼ିଛି) : "ପ୍ରତ୍ୟେକ ଦିନ ସକାଳେ ଆମକୁ ଆତ୍ମାକୁ ପରିଷ୍କାର କରିବାକୁ ହେବ, ଦେହକୁ ପରିଷ୍କାର କରିବାକୁ ହେବ; ମାତ୍ର ଯଦି ଦୁଇଟି ଲାଗି ତୁମ ପାଖରେ ଯଥେଷ୍ଟ ସମୟ ନଥାଏ, ତେବେ ଶରୀରକୁ ପରିଷ୍କାର କରିବା ଅପେକ୍ଷା ବରଂ ଆତ୍ମାକୁହିଁ ପରିଷ୍କାର କରିନେବାକୁ ହେବ ।"

**ସେହି କ୍ଷୁଦ୍ର ଆବର୍ଜନାମୟ ବସ୍ତୁଗୁଡ଼ିକ ଲୁଚିକରି ରହିଛନ୍ତି ନା ଚାଲିଗଲେଣି, ସେକଥା ଜାଣିହେବ କିପରି ?**

ଆମେ ଇଚ୍ଛା କଲେ ଏସବୁ କ୍ଷେତ୍ରରେ ସତତ ସ୍ଥାନ ସ୍ଥାନ ପରୀକ୍ଷା କରି ତାହା ଜାଣିପାରିବା । ମୁଁ କହୁଛି ଯେ ହାତରେ ଟର୍ଚ୍ଚ୍ ଟିଏ ଧରି, ଅତ୍ୟନ୍ତ ଉଜ୍ଜ୍ୱଳ କୌଣସି ଆଲୋକ ଧରି ଆପଣାର ସତ୍ତା ଭିତରେ ଗୁରିଆଡ଼େ ଦେଖିଏ ବୁଲି ଆସିବାକୁ ପଡ଼ିବ । ଯଦି ଯଥାର୍ଥ ମନୋଯୋଗ ରହିଥାଏ, ତେବେ ଏହିସବୁ କୁଞ୍ଚିତ କୋଣଗୁଡ଼ିକ ନିଶ୍ଚୟ ଆଖିରେ ପଡ଼ିଯିବ । ମନେକର ତୁମର ଗୋଟିଏ ଭାରି ସୁନ୍ଦର ଅନୁଭୂତି ହେଲା, ତୁମ ଅଭୀପ୍‌ସାରେ ଅନୁସ୍ପନ୍ଦନ ଜଣାଇ ଏକ ବୃହତ୍ ଆଲୋକର

'oaob.nitrkl.ac.in' images reprocessed

ଆବିର୍ଭାବ ଘଟିଲା; ତୁମର ଚତୁର୍ଦ୍ଦିଗ ସ୍ୱତଃଅବା ଆନନ୍ଦ, ଶକ୍ତି, ଆଲୋକ ଏବଂ ସୌନ୍ଦର୍ଯ୍ୟ ଦ୍ୱାରା ପ୍ଲାବିତ ହୋଇଗଲା ପରି ମନେହେଲା; ତୁମେ ସତେଯେପରି ଏକାବେଳେକେ ରୂପାନ୍ତରିତ ହୋଇଯିବାକୁ ଯାଉଛ, ସେହିପରି ଅନୁଭୂତ ହେଲା । ...ଏବଂ ତା'ପରେ, ଏହି ସବୁସାକ କୁଆଡ଼େ ଅନ୍ତର୍ହିତ ହୋଇଗଲା;—ଏହା ପ୍ରକୃତରେ ସର୍ବଦାହିଁ ଅନ୍ତର୍ହିତ ହୋଇଯାଏ, ନୁହେଁ କି ? ବିଶେଷ କରି, ପ୍ରଥମ ଅବସ୍ଥାରେ,—ତାହା ହଠାତ୍ ବନ୍ଦ ହୋଇଯାଏ । ତା'ପରେ ସତର୍କ ରହି ନଥିବା ବେଳେ ତୁମେ ଆପଣାକୁ କହିବାକୁ ଲାଗ, "ଆରେ, ସେଇଟି ଆସିଲା ଓ ଏହିପରି ଭାବରେ ଚାଲିଗଲା ! ମୋର ପ୍ରକୃତରେ କେଡ଼େ ଦୁର୍ଭାଗ୍ୟ, ସେଇଟି ଆସିଲା ଏବଂ ଚାଲିଗଲା; ମୋତେ କେବଳ ଟିକିଏ ଆସ୍ୱାଦନମାତ୍ର ଦେଇଗଲା ଓ ମୋତେ ତଳେ ପକାଇଦେଇ ଗଲା !" ନା—ଏପରି କହିବାଟା ପ୍ରକୃତରେ ଏକ ନିର୍ବୋଧତା । ବରଂ ତୁମେ ଏପରି କହିଥା'ନ୍ତ, "ଦେଖିଲ, ମୁଁ ସେଇଟିକୁ ମୋଟେ ସ୍ଥାୟୀ କରି ରଖି ପାରିଲି ନାହିଁ । କିନ୍ତୁ ମୁଁ ପ୍ରକୃତରେ ଜାହିଁକି ତାହା କରି ପାରିଲି ନାହିଁ ?" ତେଣୁ ହାତରେ ଟର୍ଚ୍ଚ୍ ଟିଏ ଧରି ନିଜ ଭିତରେ ତୁମେ ଗୋଟିଏ ଘେରି ବୁଲିଆସିବ ଏବଂ, ଚେତନାର ପରିବର୍ତ୍ତନ ଏବଂ ଅନୁଭୂତିଟି ବନ୍ଦ ହୋଇଯିବା ପରେ ତୁମ ଭିତରେ ଯେଉଁ ଗତିସ୍ପନ୍ଦନମାନ ହୋଇଥିବ, ଦୁହିଁଙ୍କ ମଧ୍ୟରେ ରହିଥିବା ଏକ ଘନିଷ୍ଠ ସମ୍ବନ୍ଧକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବ । ଏବଂ, ଯଦି ତୁମେ ଅତ୍ୟନ୍ତ, ଅତ୍ୟନ୍ତ ମନୋଯୋଗ ସହକାରେ ଏହି କଥାଟିକୁ କରିପାରିବ, ଏବଂ ଅତ୍ୟନ୍ତ ସାବଧାନ ହୋଇ ଅନ୍ୱେଷଣ କରିବ, ତେବେ ତୁମେ ବେଶ୍ ଆବିଷ୍କାର କରିପାରିବ ଯେ ପ୍ରାଣିକ ସ୍ତରର କୌଣସି ଅଂଶ ବା ମନର ଅଥବା ଶରୀରର କୌଣସି ଏକ ଅଂଶ ପ୍ରକୃତରେ ଉପଯୁକ୍ତ ହୋଇ ରହି ପାରି ନାହିଁ; ଅର୍ଥାତ୍, ମାନସିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ନିଶ୍ଚଳ ଏବଂ ମନୋଯୋଗୀ ହୋଇ ରହିବା ପରିବର୍ତ୍ତେ କୌଣସି ଏକ ଅଂଶ "ରହ ରହ, ଏହି ଅନୁଭବଟି ପ୍ରକୃତରେ କ'ଣ, ଏହାର ଅର୍ଥ କ'ଣ ?" ବୋଲି ପଚାରିବାକୁ ଆରମ୍ଭ କରିଛି, ଏକ ବ୍ୟାଖ୍ୟା (ଯାହାକୁ ସିଏ ଏକ "ଅର୍ଥବୋଧ" ବୋଲି କହୁଥାଏ) ଖୋଜି ବାହାର କରିବାକୁ ଚେଷ୍ଟା ଆରମ୍ଭ କରି ଦେଇଛି । କିଂବା, ଏପରି ବି ହୋଇପାରେ ଯେ ପ୍ରାଣିକ ସ୍ତରରେ କୌଣସି ଏକ ଅଂଶ ଅନୁଭୂତିଟିକୁ ଉପଭୋଗ କରିବାକୁ ଆରମ୍ଭ କରିଛି : "ଏଇଟି ପ୍ରକୃତରେ କେଡ଼େ ପ୍ରୀତିକର, ଏଇଟିର ବିକାଶ ଘଟୁ ବୋଲି ମୁଁ ପ୍ରକୃତରେ କେତେ ଇଚ୍ଛା କରିବି, ଏଇଟି ସବୁଦିନ ଏହିପରି ରହିଲେ ପ୍ରକୃତରେ କେଡ଼େ ଭଲ ନହୁଅନ୍ତା ! କେଡ଼େ..." ଅଥବା, ଶରୀରର କ୍ଷେତ୍ରରେ କୌଣସି ଅଂଶ ହୁଏତ ଏପରି କହୁଥାଏ, "ଓଃ, ଏହା ସହ୍ୟ କରିବା ବେଶ୍ କଠିନ, ମୁଁ ଆଉ କେତେଦିନ ଯାଏ ଏହାକୁ ଏହିପରି ଭାବରେ ରଖି ପାରିବି ?" ଅବଶ୍ୟ ଏକଥା ସତ ଯେ, ଏସବୁ ସମ୍ଭବତଃ

'oaob.nitrkl.ac.in' images reprocessed

ଏତେ ସ୍ପଷ୍ଟ ହୋଇ ତୁମ ସମକ୍ଷରେ ପରିଦୃଷ୍ଟ ହେବ ନାହିଁ, ମାତ୍ର ତାହା କେଉଁଠି ନା କେଉଁଠି ହେଲେ ପ୍ରାୟ ଲୁକ୍‌କାୟିତ ହୋଇ ରହିଲା ପରି ରହିଥିବ । ତୁମେ ସର୍ବଦା ଏହି ତିନୋଟି କଥାରୁ ଗୋଟିଏ ଅବଶ୍ୟ ଦେଖିବାକୁ ପାଇବ ବା ତଦ୍‌ଭିନ୍ନ ଆହୁରି କିଛି ଦେଖିବାକୁ ପାଇବ । ଏବଂ ସେହିଠାରେହିଁ ତୁମ ଆଲୋକଟିର ପ୍ରୟୋଜନ ହେବ : ଦୁର୍ବଳ ସ୍ଥାନଟି ପ୍ରକୃତରେ କେଉଁଠି ରହିଛି ? ଅହଂପ୍ରେରଣାଟି କେଉଁଠି ଲୁକ୍‌କାୟିତ ହୋଇ ରହିଛି ? କାମନାଟି କେଉଁଠି ରହିଛି ? ସେହି ପୁରୁଣା ମଇଳାଟି କେଉଁଠି ରହିଛି, ଯାହାର କି ଆଉ କୌଣସି ଆବଶ୍ୟକତା ନାହିଁ ? ସେହି ବସ୍ତୁଟି ପ୍ରକୃତରେ କେଉଁଠାରେ ଅଛି, ଯାହାକି ଆପଣାକୁ ଉତ୍ସର୍ଗ କରିଦେବା ପରିବର୍ତ୍ତେ, ଆପଣାକୁ ଉନ୍ମୋଚିତ କରିଦେବା ଓ ହଜାଇଦେବା ପରିବର୍ତ୍ତେ ଆପଣାକୁ ଜାବୁଡ଼ି ରଖିବାକୁ ଇଚ୍ଛା କରୁଛି ? ଯିଏକି ଆପଣାକୁ ଜାବୁଡ଼ି ଧରୁଛି, ଯାହା ଘଟିଛି ତାହାର ସୁଯୋଗ ଗ୍ରହଣ କରିବାକୁ ଚାହୁଁଛି ଏବଂ ଅନୁଭୂତିର ଫଳଟିକୁ ଗର୍ଭସ୍ରାବ କରି ପକାଇବାକୁ ଇଚ୍ଛା କରୁଛି ? ଅଥବା, ଏଇଟି ମଧ୍ୟରେ ପ୍ରକୃତରେ କ'ଣ ଏତେବେଶୀ ଦୁର୍ବଳ, ଏତେବେଶୀ ଜଟିଳ ଓ ଏତେବେଶୀ ଅନମନୀୟ ହୋଇ ରହିଛି ଯେ ତାହା ସମଗ୍ର ଗତିସ୍ପନ୍ଦନଟିର ଅନୁସରଣ କରି ପାରୁ ନାହିଁ ?··· ତୁମେ ବର୍ତ୍ତମାନ ଠିକ୍ ସ୍ଥାନରେ ଆସି ପହଞ୍ଚିଛ, ଆଲୋକଟିକୁ ଠିକ୍ କରି ପକାଇବାକୁ ଚେଷ୍ଟା କରୁଛ, ତା' ଉପରେ ଆଲୋକଟି ପଡ଼ିଗଲା ମାତ୍ରକେ ସେଇଟିକୁ ଆହୁରି ଭଲ କରି ଦେଖିବା ପାଇଁ ଚେଷ୍ଟା କରୁଛ । ହଁ, ତୁମକୁ ତାହାହିଁ କରିବାକୁ ହେବ, ଆଲୋକଟିକୁ ସଂକେନ୍ଦ୍ରିତ କରାଇ ଆଣି ତାହାର ଉପରେ ପକାଇବାକୁ ହେବ, ଆଲୋକକୁ ଏପରି ଭାବରେ ବୁଲାଇ ଆଣିବାକୁ ହେବ, ଯେପରିକି ସେହି ବସ୍ତୁଟି ତାହାର ଆଦୌ କୌଣସି ପ୍ରତିରୋଧ କରି ପାରିବ ନାହିଁ ।

ପ୍ରଥମ ଦିନହିଁ ଯେ ତୁମକୁ ଏଥିରେ ସଫଳତା ମିଳିଯିବ, ସେକଥା ଆଦୌ ନୁହେଁ, ମାତ୍ର ତୁମକୁ ଅବିଚ୍ଛିନ୍ନ ଭାବରେ ଏହି କଥାଟିକୁ କରିବାକୁ ପଡ଼ିବ ଏବଂ କ୍ରମଶଃ ବା ସମ୍ଭବତଃ ଦିନେ ହଠାତ୍ ତାହା ପ୍ରକୃତରେ ଅନ୍ତର୍ହିତ ହୋଇଯିବ । ଏବଂ ଏହିପରି କିଛି ସମୟ ପରେ ତୁମେ ଆବିଷ୍କାର କରି ପାରିବ ଯେ ତୁମେ ଏହା ମଧ୍ୟରେ ପ୍ରକୃତରେ ଏକ ଆଉଜଣେ ମଣିଷରେ ପରିଣତ ହୋଇଯାଇଛ ।

ମାତ୍ର, ମୁଁ ଆଗରୁ ଯେଉଁ ଦୃଷ୍ଟିକୋଣଟି କଥା ଆଲୋଚନା କରୁଥିଲି, ଯଦି ତୁମେ ସେହି ଦୃଷ୍ଟିକୋଣଟି ନେଇ ଏସବୁଥିରେ ପ୍ରବୃତ୍ତ ହୁଅ, ଏବଂ ପରମ କରୁଣା ଏବଂ ପରମ ଆଲୋକଟି ଉପରେହିଁ ସବୁଯାକ ଦୋଷ ନେଇ ଲଦି ଦେବାକୁ ବାହାରିପଡ଼, ଯଦି ତୁମେ "ଦେଖିଲ, ମୁଁ ଯାହା ପାଇଥିଲି, ତାହା ମୋତେ ଅନ୍ଧକାର ଭିତରେ ପକାଇଦେଇ ଗଲା" ବୋଲି କହିବାରେ ଲାଗିଥାଅ, ତେବେ ତୁମେ ଏହି ସମ୍ବନ୍ଧରେ ବେଶ୍ ସୁନିଶ୍ଚିତ ହୋଇ ରହିପାର ଯେ ଏପରିକି ଉପରିଶ. ବ୍ଲାଙ୍ଗ ବା

ପଚ୍ଚିଶ ବର୍ଷ ପରେ ମଧ୍ୟ ତୁମେ ଯେଉଁଠି ଥିଲ ସେଇଠିହିଁ ରହିଥିବ, ଏବେ ଟିକିଏ ହେଲେ ବଦଳି ନଥିବ । ତୁମ ଭିତରେ ଏମିତି କୌଣସି ନା କୌଣସି ବସ୍ତୁ ହଠାତ୍ ବାହାରକୁ ବାହାରି ପଡ଼ୁଥିବ ଏବଂ ତୁମର ଅନୁଭୂତିକୁ ଗ୍ରାସ କରି ପକାଉଥିବ । ଏବଂ, ସେହି ସ୍ଥିତିରେ, କୌଣସି ପ୍ରକାର ଅଗ୍ରଗତି କରିବା ପରିବର୍ତ୍ତେ ତୁମେ ଯେଉଁଠି ଅଛ ଠିକ୍ ସେହିଠାରେହିଁ ଲାଗି ଯାଇଥିବ ଓ ସମୟ ଗଣିବାରେ ଲାଗିଥିବ; କାରଣ ତୁମେ ଆଦୌ ଅଗ୍ରସର ହୋଇ ପାରୁ ନଥିବ । ମାତ୍ର ଯଦି ତୁମେ କୌଣସି କାଳ ବିଳମ୍ବ ନକରି ସୁଯୋଗଟିକୁ ଗ୍ରହଣ କରିପାରିବ,...ସ୍ମରଣ ରଖିଥିବା ଉଚିତ ଯେ ଏହା ଦ୍ୱାରା ବେଳେବେଳେ ତୁମକୁ କିଞ୍ଚିତ୍ ଆଘାତ ମଧ୍ୟ ପାଇବାକୁ ହେବ; ଯଦି ତୁମେ ସଙ୍ଗେ ସଙ୍ଗେ ବାହାରିଯାଇ ପାରିବ ଓ ତୁମ ଭିତରେ ରହି ଯେଉଁ ବସ୍ତୁଟି ଅନୁଭୂତିଟିକୁ ଉପଭୋଗ କରିବାକୁ ଇଚ୍ଛା କରୁଛି ବା ଜ୍ଞାନ ଲାଭ କରିବାକୁ ଚାହୁଁଛି ଅଥବା ଏକ ମାନସିକ ବୋଧର ସାହାଯ୍ୟ ନେଇ ଅନୁଭୂତିଟିକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ଇଚ୍ଛା କରୁଛି କିଂବା, ଅନୁଭୂତିଟି ଲାଭ କରିବା ପାଇଁ ଆବଶ୍ୟକ ପ୍ରୟାସ କରିବା ସକାଶେ ଅତିରିକ୍ତ ଆଳସ୍ୟଗ୍ରସ୍ତ ହୋଇ ରହିଛି ଓ ତାହାକୁ ବହନ କରି ପାରିବା ଲାଗି ଅଥବା ଯଥେଷ୍ଟ ସତ୍ୱର ଭାବରେ ସେଇଟିକୁ ବଦଳାଇ ପାରିବାକୁ ମଧ୍ୟ ଆଳସ୍ୟ ବଶତଃ ଅସମର୍ଥ ହୋଇ ରହିଛି, ପ୍ରାୟ ନିର୍ମମ ଭାବରେ ସେହି ବସ୍ତୁଟି ଉପରେ ଆଲୋକଟିକୁ ଯଦି ପକାଇଦେଇ ପାରିବ, ଚେତନାର ଆଲୋକଟି ସହିତ ଯଦି ତୁମେ ଇଚ୍ଛାଶକ୍ତିକୁ ମଧ୍ୟ ସେହି ବସ୍ତୁ ଉପରେ ନିବିଷ୍ଟ କରି ରଖିପାରିବ, ଏବଂ ଅତ୍ୟନ୍ତ ଦୃଢ଼ ଭାବରେ ଏସବୁ କଥା କରିପାରିବ, ତେବେ ତାହା ହୁଏତ ତୁମକୁ କେବଳ କିଞ୍ଚିତ୍ ପରିମାଣରେହିଁ ଆଘାତ କରିବ । ଏବଂ ତୁମେ କହିବ, "ନାହିଁ, ନାହିଁ, ଏବେ ଶୀଘ୍ର ମୋଟେ ନୁହେଁ । ମୋର ବିଶ୍ରାମ ଦରକାର । ମୁଁ ମିଛଟାରେ ମୋତେ ଭାରି ହାଲିଆ କରି ପକାଇଲି ।" ତା'ପରେ ସବୁ କଥାକୁ ପୁଣି ମୂଳରୁ ଆରମ୍ଭ କରିବାକୁ ପଡ଼ିବ । ବେଳେବେଳେ ଅନେକ ଦିନ ଚାଲିଯିବ, ଏପରିକି ଅନେକ ମାସ ବା ବେଳେବେଳେ ଅନେକ ବର୍ଷ ଚାଲିଯିବ, ତଥାପି ସେହି ଅନୁଭୂତି ଫେରି ଆସିବ ନାହିଁ । ବେଳେ-ବେଳେ, ଯଦି ତୁମେ ଅପେକ୍ଷାକୃତ ଟିକିଏ ଅଧିକ ସକ୍ରିୟ ହୋଇଥିବ ଏବଂ ଆପଣାର ଅଭୀପ୍ସାରେ ଟିକିଏ ଅଧିକ ପ୍ରଗାଢ଼ ହୋଇଥିବ, ତେବେ ତାହା ଅପେକ୍ଷାକୃତ ଶୀଘ୍ର ଫେରିଆସି ପାରିବ । ମାତ୍ର ଯଦି ତୁମେ ସେହି ନିର୍ବୋଧତାଟିକୁ ଆଉଥରେ କରିବସିବ, ତେବେ ପୁଣି ଠିକ୍ ସେହି କଥାଟିହିଁ ଘଟିବ । ମାତ୍ର ଯଦି, ଅପର ପକ୍ଷରେ, ତୁମେ ସଙ୍ଗେ ସଙ୍ଗେ ଅତ୍ୟନ୍ତ ସତର୍କ ହୋଇ ଯାଇପାରିବ ଏବଂ ମନ କ'ଣ ସବୁ ଘଟୁଛି ତାହାକୁ ବୁଝିବାର ମତଲବରେ ଚାରିଆଡ଼େ ନାକେଇ ବୁଲୁଥିବା ବେଳେ ଯଦି ତୁମେ ତାକୁ "ତୁ ଚୁପ୍ ରହ" ବୋଲି କହିପାରିବ, ତେବେ ଅନୁଭୂତିଟି ବିଚ୍ଛିନ୍ନ ହୋଇ ନଯାଇ ରହିଯିବ । ସେତେବେଳେ ପ୍ରାଣିକ ପ୍ରକୃତି "ମୋର ଆହୁରି ଅନେକ କିଛି

'oaob.nitrkl.ac.in' images reprocessed

ଦରକାର, ଅଧିକରୁ ଅଧିକ ଦରକାର” ବୋଲି କହିବାକୁ ଆରମ୍ଭ କରିବ, ସେତେବେଳେ ତୁମେ ତାକୁ କହିବ, “ଚୁପ୍, ତୁ ଚୁପ୍ ହୋଇ ରହ । ଏତେଟିକିଏ ବି ହଲଚଲ ହୁଅ ନାହିଁ । ନିଜକୁ ସ୍ଥିର କରି ରଖ, ଏତେ ଉତ୍ତେଜିତ ହୋଇ ଆଦୌ କୌଣସି ଲାଭ ନାହିଁ ।” ଅଥବା, ଯେତେବେଳେ ଦୈହିକ ସତ୍ତାଟି “ମୁଁ ଏଥର ଫେଲ୍ ହୋଇଯିବି…” ବୋଲି କହିବ, ସେତେବେଳେ ତୁମେ ତାକୁ “ବର୍ତ୍ତମାନ ଟିକିଏ ସହନଶକ୍ତି ଦରକାର । ତେଣୁ ଟିକେ ସହ୍ୟ କରି ଯା’ ! ଯଦି ତୁ ଭୀରୁ ହୋଇଥିବୁ, ତେବେ ଏହି ପରୀକ୍ଷାର କଦାପି ସମ୍ମୁଖୀନ ହୋଇ ପାରିବୁ ନାହିଁ” ବୋଲି କହିବ । ଯଦି ଠିକ୍ ସମୟରେ ତୁମେ ଏକଥା କରି ପାରୁଥିବ, ଏବଂ ତା’ ସହିତ ଆବଶ୍ୟକ ସ୍ଥିରତା, ଆବଶ୍ୟକ ସଂକଳ୍ପ ଏବଂ ଇଚ୍ଛାଟିକୁ ରଖି ପାରିଥିବ, ତେବେ ତୁମକୁ ନିଶ୍ଚୟ କିଛି ନା କିଛି ସାର୍ଥକତା ମିଳିବ । ମାତ୍ର ଯଦି ତୁମେ ସେହିପରି ନିଷ୍କ୍ରିୟ, ଆଳସ୍ୟଗ୍ରସ୍ତ ଓ ଭାଗ୍ୟବାଦୀ ହୋଇ ରହିଥିବ ଓ ନିଜକୁ “ବର୍ତ୍ତମାନ ମୁଁ ବଶ୍ୟତା ସ୍ୱୀକାର କଲି, ଏଥର ଯାହା ଘଟିବା କଥା ଘଟୁଥାଉ । ବର୍ତ୍ତମାନ କ’ଣ ଘଟିବ ଦେଖାଯିବ । ବାସ୍, ଆଉ କିଛି କରିବାକୁ ନାହିଁ”, ବୋଲି କହିବାରେ ଲାଗିଥିବ, ତେବେ ଜାଣିରଖ, ମୁଁ ତୁମକୁ ପଚାଶ ବର୍ଷ ସମୟ ଦେଲେ ମଧ୍ୟ ତୁମେ ଅଧପନ୍ତୁଣ୍ଡେ ବି ଆଗକୁ ଯାଇ ପାରିବ ନାହିଁ, ଅଧଖୋଜ ବି ବଦଳି ପାରିବ ନାହିଁ ।

ପୂର୍ବ ଥରର ପ୍ରବଚନଟିରେ ତୁମମାନଙ୍କୁ ମୁଁ କହିଥିଲି ଯେ ଏହା ଆଦୌ ସେତେ ସହଜ ନୁହେଁ…ତୁମେ ଯଦି ଏହି କଥାଟିକୁ କରିବାକୁ ଇଚ୍ଛା କରୁଥାଅ, ତେବେ ସମୁଚିତ ଭାବରେହିଁ ତାହା କରିବାକୁ ହେବ, ନଚେତ୍ ସେଦିଗରେ ମିଛିନଟ କରି ଆଦୌ କୌଣସି ଫଳ ହେବ ନାହିଁ । ଅଧପନ୍ତରିଆ ଭାବରେ କୌଣସି କାର୍ଯ୍ୟ କଲେ ଆଦୌ କିଛି ଫଳ ମିଳେ ନାହିଁ । କାର୍ଯ୍ୟଗୁଡ଼ିକୁ ଉତ୍ତମରୂପେ କରିପାରିବା ଉଚିତ ।

ଅବଶ୍ୟ ଏହି କ୍ଷେତ୍ରରେ ଅନ୍ୟ ବାଟମାନ ମଧ୍ୟ ରହିଛି । ଏପରିକି ଆପଣାକୁ ପରିପୂର୍ଣ୍ଣ କରି ଗଢ଼ିବା ଲାଗି ଚେଷ୍ଟା ନକଲେ ମଧ୍ୟ ଚଳିବ । ଏକ ଅଧିକରୁ ଅଧିକ ନିମଗ୍ନକାରୀ କାର୍ଯ୍ୟ ମଧ୍ୟରେ ଆପଣାକୁ ହୁଏତ ଭୁଲିଯିବାକୁ ବି ଚେଷ୍ଟା କରାଯାଇ ପାରେ, ଅର୍ଥାତ୍, ସମ୍ପୂର୍ଣ୍ଣ ଭାବରେ ଆସକ୍ତିମୁକ୍ତ ରହି ପରମ ଦିବ୍ୟସତ୍ତାଙ୍କ ଲାଗି ଉତ୍ସର୍ଗରୂପେହିଁ ଜଣେ ଯାହା କିଛି କାର୍ଯ୍ୟ କରିପାରେ, ମାତ୍ର ତଥାପି ସେହି କାର୍ଯ୍ୟରେ ଏକ ପୂର୍ଣ୍ଣତା ରହିଥିବା ଉଚିତ, ଏକ ଆତ୍ମନିବେଦନ ରହିଥିବା ଉଚିତ ଓ ଏକ ସମ୍ପୂର୍ଣ୍ଣ ଆତ୍ମବିସ୍ମରଣ ମଧ୍ୟ ରହିଥିବା ଉଚିତ । ନିଜ ବିଷୟରେ ଆଉ କିଛିହେଲେ ନଭାବି ନିଜେ ଯାହା କରୁଛ, କେବଳ ତାହାରି ବିଷୟରେହିଁ ଭାବିବା ଉଚିତ । ଏହି କଥାଟି ତୁମେ ଅବଶ୍ୟ ଜାଣିଛ, ମୁଁ ଆଗରୁ ମଧ୍ୟ ତୁମମାନଙ୍କୁ ଏହି କଥାଟିକୁ କହିଛି : ଯଦି ତୁମେ କୌଣସି କଥାକୁ ମଧ୍ୟ ଭଲ ଭାବରେ କରିବାକୁ ଇଚ୍ଛା କରିବ, ସେହି କାର୍ଯ୍ୟଟି

'oaob.nitrkl.ac.in' images reprocessed

ଯାହା ବା ଯେଉଁ ପ୍ରକାରର ହୋଇଥାଉ ପଛକେ, ଏକାବେଳେକେ ଏକ ଅତି ସାନ କାମ ହୋଇଥାଉ ପଛକେ, ଗୋଟିଏ ଖେଳ ଖେଳିବା, ବହିଟିଏ ଲେଖିବା, ଚିତ୍ର କରିବା, ସଙ୍ଗୀତ ଗାଇବା ବା ପ୍ରତିଯୋଗିତାରେ ଦଉଡ଼ିବା ପ୍ରଭୃତି ଯାହାକିଛି ହୋଇଥାଉ ପଛକେ, ଯଦି ତୁମେ ସେଇଟିକୁ ଉତ୍ତମରୂପେ କରିବା ଲାଗି ଇଚ୍ଛା କରୁଥାଅ, ତୁମେ ଯାହା କରିବାକୁ ଯାଉଛ, ତୁମକୁ ସେଇଥିରେହିଁ ପରିଣତ ହୋଇଯିବାକୁ ପଡ଼ିବ ଏବଂ ଜଣେ କ୍ଷୁଦ୍ର ବ୍ୟକ୍ତି ହୋଇ ଆପେ ସେହି କାମଟି କରୁଛ ବୋଲି ତାହାକୁ ଅବଲୋକନ କରିବାକୁ ପଡ଼ିବ ନାହିଁ । କାରଣ ଯଦି କେହି ଆପଣାକୁ କୌଣସି କାର୍ଯ୍ୟ କରୁଥିବାର ଅବଲୋକନ କରିବାରେ ଲାଗିଯାଏ, ତେବେ ସିଏ ଆପଣାର ଅହଂଟି ସହିତ ତଥାପି ଜଡ଼ିତ ହୋଇ ରହିଥାଏ । ଏବଂ ଯଦି, ମୁଁ ଯେଉଁ କାର୍ଯ୍ୟଟିକୁ କରୁଛି, ଆପଣାକୁ ସେହି କାର୍ଯ୍ୟଟିରେହିଁ ପରିଣତ କରିଦେବାକୁ ସଫଳ ହୋଇପାରେ, ତେବେ ମୁଁ ତଦ୍ଦ୍ୱାରା ଅନେକ ଅଗ୍ରଗତି କଲି ବୋଲି ନିଶ୍ଚୟ କହିବାକୁ ହେବ । ନଗଣ୍ୟ ଅତି ସାନସାନ ଜିନିଷଗୁଡ଼ିକରେ ମଧ୍ୟ ଆମକୁ ଏହି କଥାଟିକୁ ଶିକ୍ଷା କରିବାକୁ ହେବ । ଏଥର ବେଶ୍ ଏକ କୌତୁକପ୍ରଦ ଉଦାହରଣଟିଏ ନିଆଯାଉ : ତୁମେ ଗୋଟିଏ ବୋତଲ୍‌ରୁ କ'ଣ ଢାଳି ଆଉଗୋଟିଏ ବୋତଲ ପୂର୍ଣ୍ଣ କରିବାକୁ ଇଚ୍ଛା କରୁଛ; ତୁମେ ଏହି କାର୍ଯ୍ୟଟିରେ ଆପଣାକୁ ଅଭି-ନିବେଶିତ କରିଆଣିଲ (ଏହାକୁ ତୁମେ ଏକ ଶୃଙ୍ଖଳାରୂପେ, ଏକ କସରତରୂପେ ଚେଷ୍ଟା କରି ଦେଖିପାର); ହଁ, ଯେପର୍ଯ୍ୟନ୍ତ ତୁମେ ପୂର୍ଣ୍ଣ ହେବାକୁ ଯାଉଥିବା ବୋତଲଟିରେ ପରିଣତ ହୋଇ ରହିଥିବ, ଯେପର୍ଯ୍ୟନ୍ତ ଢାଳୁଥିବା ବୋତଲଟିରେ ପରିଣତ ହୋଇ ରହିଥିବ ଏବଂ ଢାଳିବାର କାର୍ଯ୍ୟଟି ସହିତ ମଧ୍ୟ ଆପଣାକୁ ଅଭିନ୍ନ ଭାବରେ ଏକାତ୍ମକ କରି ରଖିଥିବ, ଯେପର୍ଯ୍ୟନ୍ତ ତୁମେ କେବଳ ଏହାହିଁ ହୋଇ ରହିଥିବ, ସେପର୍ଯ୍ୟନ୍ତ ସବୁ ଉତ୍ତମରୂପେ ନିର୍ବାହିତ ହେଉଥିବ । ମାତ୍ର ଯଦି ଦୁର୍ଭାଗ୍ୟ-ବଶତଃ ତୁମେ କୌଣସି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ "ଆରେ ବାଃ, କାମଟି ବେଶ୍ ଚମତ୍କାର ଭାବରେ ହୋଇଯାଉଛି, କାମଟିକୁ ମୁଁ ବେଶ୍ ନିପୁଣ ଭାବରେ କରିନେଇ ପାରୁଛି" ବୋଲି ଭାବିବାକୁ ଆରମ୍ଭ କରିବ, ତେବେ ପରବର୍ତ୍ତୀ ମୁହୂର୍ତ୍ତରେହିଁ ବସ୍ତୁଟି ତଳକୁ ଢାଳି ହୋଇ ଯିବାକୁ ଲାଗିବ । ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ, ହଁ, ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ଠିକ୍ ଏଇ କଥା । ସେଇଥିପାଇଁ କୌଣସି କାର୍ଯ୍ୟ କରିବାକୁହିଁ ଶୃଙ୍ଖଳା ଲାଗି ଏକ ଉତ୍ତମ ସାଧନରୂପେ ଗ୍ରହଣ କରାଯାଇ ପାରିବ; ମାତ୍ର ଯଦି ତୁମେ ଯେକୌଣସି କାର୍ଯ୍ୟକୁ ଉପଯୁକ୍ତ ଭାବରେ କରିବାକୁ ଇଚ୍ଛା କରୁଥିବ, କାର୍ଯ୍ୟଟିକୁ କରୁଥିବା ଜଣେ ବ୍ୟକ୍ତି ହୋଇ ରହିବା ପରିବର୍ତ୍ତେ ତୁମକୁ ସେହି କାର୍ଯ୍ୟଟିରେହିଁ ପରିଣତ ହୋଇଯିବାକୁ ପଡ଼ିବ । ତା' ନହେଲେ ତୁମେ ସେହି କାର୍ଯ୍ୟଟିକୁ କଦାପି ଭଲ ଭାବରେ କରି ପାରିବ ନାହିଁ । ଯଦି ତୁମେ "କାର୍ଯ୍ୟଟିକୁ

'oaob.nitrkl.ac.in' images reprocessed

କରୁଥିବା ଜଣେ ବ୍ୟକ୍ତି" ହୋଇ ରହିଯିବ, ଏବଂ ପୁନଶ୍ଚ, ଯଦି ତୁମର ଭାବନାସବୁ ଏଣେତେଣେ ପରିଭ୍ରମ ଦେଇ ବୁଲୁଥିବ, ତେବେ ତୁମେ ଏବିଷୟରେ ବେଶ୍ ନିଶ୍ଚିତ ହୋଇଯାଇ ପାରିବ ଯେ, ଯଦି ତୁମେ ଭାଙ୍ଗିଯିବା ଭଳି କୌଣସି ବସ୍ତୁକୁ ନେଇ କ'ଣ କରୁଥିବ, ତେବେ ତାହା ନିଶ୍ଚୟ ଭାଙ୍ଗିଯିବ; ଯଦି ତୁମେ ରୋଷେଇ କରୁଥିବ, ତେବେ ନିଶ୍ଚୟ କିଛି ନା କିଛି ପୋଡ଼ିଯିବ; ବା ଯଦି ତୁମେ କୌଣସି ଖେଳ ଖେଳୁଥିବ, ତେବେ ତୁମ ହାତରୁ ସବୁଯାକ ବଲ୍ ଖସି ଚାଲିଯିବ । ଏହିପରି ଭାବରେହିଁ କାର୍ଯ୍ୟକୁ ଏକ ସ୍ଥିର ବଡ଼ ଶୃଙ୍ଖଳା ବୋଲି କୁହାଯାଇ ପାରିବ । କାରଣ ଯଦି ତୁମେ କାର୍ଯ୍ୟଟିକୁ ପ୍ରକୃତରେ ଉତ୍ତମରୂପେ କରିବାକୁ ଚାହୁଁଥିବ, ତେବେ ସେଥିଲାଗି କେବଳ ଏହି ଗୋଟିଏହିଁ ଯଥାର୍ଥ ମାର୍ଗ ରହିଛି ।

ଉଦାହରଣସ୍ୱରୂପ, ଗୋଟିଏ ବହି ଲେଖୁଥିବା ଜଣେ ବ୍ୟକ୍ତିର କଥା ବିଚାର କରି ଦେଖାଯାଉ । ଯଦି ସିଏ ଆପଣାକୁ ବହିଟିଏ ଲେଖୁଥିବା ଜଣେ ବ୍ୟକ୍ତି ପରି ଅବଲୋକନ କରିବାକୁ ଲାଗେ, ତେବେ ସେହି ବହିଟି ଯେ ପ୍ରକୃତରେ କେଡ଼େ ନୀରସ ହେବ, ତାହା ତୁମେ କଳ୍ପନା କରି ପାରିବ ନାହିଁ । ସେଥିରୁ ସଙ୍ଗେ ସଙ୍ଗେ ସେଠାରେ ରହିଥିବା ସେହି କ୍ଷୁଦ୍ର ବ୍ୟକ୍ତିତ୍ୱଟିର ଗନ୍ଧ ବାହାରିବାକୁ ଲାଗିବ ଏବଂ ତାହା ଆପଣାର ସବୁକିଛି ମୂଲ୍ୟ ହରାଇ ବସିବ । ଯେତେବେଳେ କୌଣସି ଚିତ୍ରକାର ଚିତ୍ରଟିଏ କରି ବସିଥାଏ, ଯଦି ସିଏ ଆପଣାକୁ ଚିତ୍ରଟିଏ କରୁଥିବାର ଅବଲୋକନ କରିବାକୁ ଲାଗେ, ତେବେ ଚିତ୍ରଟି ଆଦୌ ଭଲ ହେବ ନାହିଁ, ତାହା ସର୍ବଦା ସେହି ଚିତ୍ରକାରର ବ୍ୟକ୍ତିତ୍ୱରହିଁ ଏକପ୍ରକାର ପ୍ରକ୍ଷେପଣ ହୋଇ ରହିଯିବ, ସେଥିରେ ଆଉ କୌଣସି ଜୀବନ ରହିବ ନାହିଁ, ଶକ୍ତିମତ୍ତା ରହିବ ନାହିଁ, କୌଣସି ସୌନ୍ଦର୍ଯ୍ୟ ମଧ୍ୟ ରହିବ ନାହିଁ । ମାତ୍ର, ଯଦି ସଙ୍ଗେ ସଙ୍ଗେ, ସିଏ ଯାହା ଅଭିବ୍ୟକ୍ତ କରିବାକୁ ଯାଉଛି, ସ୍ୱୟଂ ସେଇଥିରେ ପରିଣତ ହୋଇଯାଏ, ଯଦି ସିଏ ସ୍ୱୟଂ ତୂଳୀଗୁଡ଼ିକରେ, ଚିତ୍ରଟିରେ, କାନ୍‌ଭାସ୍‌ରେ, ଚିତ୍ର ମଧ୍ୟରେ ପ୍ରଦର୍ଶିତ ହେବାକୁ ଯାଉଥିବା ବସ୍ତୁଟିରେ, ପ୍ରତିରୂପଟିରେ, ରଙ୍ଗଗୁଡ଼ିକରେ, ଚିତ୍ରର ଅନ୍ତର୍ମୂଲ୍ୟଟିରେ ଅର୍ଥାତ୍ ସମଗ୍ର ବସ୍ତୁଟିରେହିଁ ପରିଣତ ହୋଇଯାଏ, ଯଦି ସେ ସମ୍ପୂର୍ଣ୍ଣତଃ ତାହାର ମଧ୍ୟରେ ପ୍ରବେଶ କରେ ଏବଂ ସେଇଠି ଅବସ୍ଥାନ କରେ, ତେବେ ସେ ଏକ ଅଦ୍ଭୁତ ଚିତ୍ର ପ୍ରସ୍ତୁତ କରିଦେଇ ପାରିବ ।

ପ୍ରତ୍ୟେକ କ୍ଷେତ୍ରରେ, ହଁ, ପ୍ରତ୍ୟେକ କ୍ଷେତ୍ରରେ ସେହି ଏକା କଥା । ଯଦି ଜଣେ ଉପଯୁକ୍ତ ଭାବରେ କାର୍ଯ୍ୟଟିକୁ କରେ, ତେବେ ଯାବତୀୟ କାର୍ଯ୍ୟହିଁ ଏକ ଯୋଗର ଶୃଙ୍ଖଳାରେ ପରିଣତ ହୋଇଯାଇ ପାରିବ । ଏବଂ ଯଦି ଉପଯୁକ୍ତ ଭାବରେ ସେଇଟିକୁ କରା ନଯାଏ, ତେବେ ତପସ୍ୟାର ଆଉ କୌଣସି ଉପଯୋଗିତାହିଁ ରହିବ ନାହିଁ ଓ ତାହା ଆମକୁ ଆଦୌ କୌଣସି ଲକ୍ଷ୍ୟସ୍ଥଳରେ ନେଇ ପହଞ୍ଚାଇ

'oaob.nitrkl.ac.in' images reprocessed

ପାରିବ ନାହିଁ । କାରଣ, ଏହା ପ୍ରକୃତରେ ସେହି ଏକା କଥା, ଯଦି ତୁମେ ତପସ୍ୟାରେ ରତ ହୋଇ ରହ ଏବଂ ଅନୁକ୍ଷଣ ଆପଣାକୁ ସେହି କାର୍ଯ୍ୟଟିକୁ କରୁଥିବାର ଅବଲୋକନ କରିବାରେ ଲାଗିଥାଅ ଏବଂ, "ମୁଁ କ'ଣ ପ୍ରକୃତରେ କୌଣସି ଅଗ୍ରଗତି କରୁଛି, ଏଇଟି କ'ଣ ପ୍ରକୃତରେ ଅଧିକ ଭଲ ହେବାକୁ ଯାଉଛି, ମୁଁ କ'ଣ ପ୍ରକୃତରେ ସଫଳତା ଲାଭ କରିବି ?" ବୋଲି ଆପଣାକୁ ପଚାରୁଥାଅ, ତେବେ ଜାଣିରଖ ଯେ ଏହି କ୍ଷେତ୍ରରେ ତୁମର ଅହଂଟାହିଁ ଅଧିକରୁ ଅଧିକ ବୃହଦାକାର ହେବାରେ ଲାଗିଛି ଏବଂ ସବୁଯାକ ସ୍ଥାନକୁ ଅଧିକାର କରିନେଉଛି ଏବଂ ଆଉ ଅନ୍ୟ କିଛି ଲାଗି ବି କୌଣସି ଜାଗା ବାକି ରହି ପାରୁ ନାହିଁ । ଏବଂ ଆଉଥରେ ଆମର କଥା ପଡ଼ିଥିଲା ଯେ ଆଧ୍ୟାତ୍ମିକ ଅହଂ ହେଉଛି ସବୁଠାରୁ ଅଧିକ ପ୍ରମାଦଦାୟକ ଅହଂ, କାରଣ ଆପଣାର ଉତ୍କୃଷ୍ଟତା ବିଷୟରେ ତାହା ଗୋଟାସୁଦ୍ଧାହିଁ ଅଚେତନ ହୋଇ ରହିଥାଏ; ଏହା ଯେ ଗୋଟାଏ ସ୍ତର ବରିଷ୍ଠ ଓ ଗୋଟାସୁଦ୍ଧା ଉଚ୍ଚଶ୍ରେଣୀୟ ନହେଲେ ମଧ୍ୟ ଅବଶ୍ୟ ଅନ୍ୟମାନଙ୍କଠାରୁ ଅଧିକ ମୂଲ୍ୟବାନ୍ ଏକ ବସ୍ତୁ, ସେବିଷୟରେ ତା'ର ଆଉ ତିଳେହେଲେ ସନ୍ଦେହ ନଥାଏ ।

ବର୍ତ୍ତମାନ ସବୁ ବୁଝି ହେଉଥିବ । ଯେତେବେଳେ ତୁମେ ସ୍କୁଲରେ ପାଠ ପଢୁଛ, ସେତେବେଳେ ତୁମକୁ ସେହି ଅଭିନିବେଶରେହିଁ ପରିଣତ ହୋଇଯିବାକୁ ପଡ଼ିବ, ଯାହାକି, ଶିକ୍ଷକ ଯାହାକିଛି କହୁଛନ୍ତି, ତାହାକୁ ଗ୍ରହଣ କରିବାକୁ ଚେଷ୍ଟା କରିବାରେ ଲାଗିଛି । ବା, ତୁମ ଭିତରେ ଯେଉଁ ଭାବନା ପ୍ରବେଶ କରିବାରେ ଲାଗିଥିବ ବା ଯେଉଁ ଜ୍ଞାନ ତୁମକୁ ଦିଆ ଯାଉଥିବ, ତୁମର ଅଭିନିବେଶ ତାହାକୁହିଁ ଗ୍ରହଣ କରିବାକୁ ଚେଷ୍ଟା କରୁଥିବ । ତୁମକୁ ପ୍ରକୃତରେ ତାହାହିଁ ହୋଇଯିବାକୁ ପଡ଼ିବ । ତୁମେ ମୋଟେ ନିଜ କଥା ଭାବିବ ନାହିଁ, ତୁମର ଯାହା ଶିକ୍ଷା କରିବାକୁ ଅଛି, ତୁମେ କେବଳ ତାହାର କଥାହିଁ ଭାବିବ । ଏବଂ ତା'ହେଲେ ତୁମେ ଦେଖିବାକୁ ପାଇବ ଯେ ତୁମର ସାମର୍ଥ୍ୟଗୁଡ଼ିକ ଅଚିରେ ଦ୍ୱିଗୁଣିତ ହୋଇଯିବ ।

ଯେତେବେଳେ ଆମେ ଆପଣାଟାକୁହିଁ ଜାବୁଡ଼ି ଧରିଥାଉ, ଏକ ଏଡ଼େଟିକିଏ ଅହଂ ଭିତରେ ଆମେ ଯେତେବେଳେ ଆପଣାକୁ ଗୋଟାସୁଦ୍ଧା କିଳି ରଖିଥାଉ, ସର୍ବଦା ଠିକ୍ ସେତିକବେଳେହିଁ ତାହା ଆମକୁ ଏକ ହୀନତାର ବୋଧ ଆଣିଦିଏ, ଆମ ସୀମାବଦ୍ଧତା, କ୍ଷୁଦ୍ରତା, ଅପାରଗତା ବିଷୟରେ ଆମକୁ ଏତେବେଶୀ ସଚେତନ କରାଇଦିଏ । ତେଣୁ ଆପଣାକୁ ପ୍ରଶସ୍ତ କରିଦେବାକୁ ହେବ, କବାଟଗୁଡ଼ିକୁ ଖୋଲି ଦେବାକୁ ପଡ଼ିବ । ଏବଂ ସର୍ବୋତ୍ତମ ଉପାୟଟି ହେଉଛି ଯେ ଆମେ ଯେଉଁ କାର୍ଯ୍ୟଟିକୁ କରୁଛୁ, ନିଜକୁ ତାହାରି ଉପରେ ଅଭିନିବେଶିତ କରି ରଖିବା, ନିଜ ଉପରଟାରେ ଅଭିନିବେଶିତ ହୋଇ ରହିବା ପରିବର୍ତ୍ତେ ଆମେ କରୁଥିବା କାର୍ଯ୍ୟଟି ଉପରେ ଅଭିନିବେଶିତ ହୋଇ ରହିବା ।

'oaob.nitrkl.ac.in' images reprocessed

## ୨୮ ଏପ୍ରିଲ ୧୯୫୧

"ମାତ୍ର ଯେପର୍ଯ୍ୟନ୍ତ ନିମ୍ନତର ପ୍ରକୃତି ସକ୍ରିୟ ହୋଇ ରହିଥିବ, ସେପର୍ଯ୍ୟନ୍ତ ସାଧକର ବ୍ୟକ୍ତିଗତ ଚେଷ୍ଟାର ମଧ୍ୟ ପ୍ରୟୋଜନ ରହିଥିବ ।"

ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା-୪

ଆମେ ବାହ୍ୟତଃ ଆମର ନିଜ ବ୍ୟକ୍ତିତ୍ୱ ଏବଂ ଆମ ନିଜର ଚେଷ୍ଟା ଉପରେ ଖୁବ ବିଶ୍ୱାସ କରୁଥାଉ । ତୁମେ ଯେପର୍ଯ୍ୟନ୍ତ ବ୍ୟକ୍ତିଗତ ଚେଷ୍ଟା ଉପରେ ବିଶ୍ୱାସ ରଖିଥିବ, ସେପର୍ଯ୍ୟନ୍ତ ବ୍ୟକ୍ତିଗତ ଚେଷ୍ଟା କରିବାକୁହିଁ ପଡ଼ିବ ।

ସତ୍ତା ମଧ୍ୟରେ ଏପରି ଗୋଟିଏ ଅଂଶ ରହିଛି, ଯାହାକି ସିଏ ସେହି ପରମ ଦିବ୍ୟସତ୍ତାଙ୍କର ଏକ ଅଂଶ ବୋଲି ଆଦୌ ସଚେତନ ରହି ପାରେ ନାହିଁ । ସମଗ୍ର ବାହ୍ୟ ସତ୍ତାଟିର ଏକ ଦୃଢ଼ ବିଶ୍ୱାସ ରହିଥାଏ ଯେ ତାହା ହେଉଛି ଏକ ଭିନ୍ନ ସତ୍ତା, ଏକ ସ୍ୱତନ୍ତ୍ର ସତ୍ତା ଏବଂ ତାହାର କେବଳ ନିଜଟି ସହିତହିଁ ଯାହାକିଛି ସମ୍ବନ୍ଧ ରହିଛି । ସତ୍ତାର ଏହି ଅଂଶଟିକୁ ଅବଶ୍ୟମ୍ଭାବୀ ଭାବରେ ଏକ ବ୍ୟକ୍ତିଗତ ପ୍ରୟାସ କରିବାକୁହିଁ ପଡ଼େ । "ଭଗବାନ୍ ପରମସତ୍ତାହିଁ ମୋ ଲାଗି ସାଧନାଟିକୁ କରାଇ ନେଉଛନ୍ତି" ବୋଲି ଆମେ ତାକୁ କଦାପି କହି ପାରିବା ନାହିଁ, କାରଣ ତା'ହେଲେ ସିଏ ଆଉ କିଛିହେଲେ କରିବ ନାହିଁ ବା ତା'ର କୌଣସି ପରିବର୍ତ୍ତନ ମଧ୍ୟ କେବେହେଲେ ହୋଇ ପାରିବ ନାହିଁ । ତାହା ସହିତ କଥାବାର୍ତ୍ତା ହେଲାବେଳେ ପୁଣି ନିଜର ଭାଷାଟିକୁ* ବ୍ୟବହାର କରିବାକୁ ହେବ ନା ନାହିଁ ?

---

* ଯେତେବେଳେ ଏହି ପ୍ରବଚନଟି ଛପାହେବାକୁ ଗଲା, ସେତେବେଳେ ମାଆ କଥାଟି ଉପରେ ଏହିପରି ମନ୍ତବ୍ୟ କରିଥିଲେ : "ଏହା ସତ ନୁହେଁ, ଏହା ସତ ନୁହେଁ, କାରଣ ଏହାକୁ ଅତି ବେଶୀ ସୁନିର୍ଦ୍ଦିଷ୍ଟ କରି କୁହାଯାଉଛି । କେବେହେଲେ ବାହ୍ୟ ସତ୍ତାଟିର ଭାଷାଟିକୁ ବ୍ୟବହାର କରିବା ଆଦୌ ଉଚିତ ନୁହେଁ, କାରଣ ତା'ର ଭାଷାଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ମିଥ୍ୟା ଭାଷା । ମାତ୍ର ତଥାପି ଯାବତୀୟ କଥାକୁ ଏପରି ଏକ ଭାଷା ଦେଇ କହିବାକୁ ପଡ଼େ, ଯେପରିକି ବାହ୍ୟ ସତ୍ତା ତାହା ବୁଝି ପାରିବ,—ତାହା ଏକ ସ୍ୱତନ୍ତ୍ର କଥା । ମାତ୍ର କୌଣସି କଥାକୁ ଯଥାର୍ଥ ଭାବରେ କହି ପାରିବାକୁ ଅନେକ ସମୟ ଲାଗେ, ଏବଂ ସେହି କାରଣରୁହିଁ ଶ୍ରୀଅରବିନ୍ଦ ସର୍ବଦା ଏତେ ବଡ଼ ବାକ୍ୟମାନ ବ୍ୟବହାର କରୁଥିଲେ ଏବଂ ବାହାରକୁ ଦୀର୍ଘ ବୋଲି ଦେଖା ଯାଉଥିବା ବ୍ୟାଖ୍ୟାମାନ ଦେଉଥିଲେ । ସେଗୁଡ଼ିକ ପ୍ରକୃତରେ ବ୍ୟାଖ୍ୟା ନୁହେଁ; ଗୋଟିଏ କଥାକୁ ଯଥାର୍ଥ ଓ ନିର୍ଭୁଲ ଭାବରେ କହି ପାରିବାର ଅଭିପ୍ରାୟରେହିଁ ସେଗୁଡ଼ିକର ବ୍ୟବହାର କରାଯାଉଛି ।

'oaob.nitrkl.ac.in' images reprocessed

## "ଶାରୀରିକ ତମଃ" କହିଲେ କ'ଣ ବୁଝାଏ ?

ତୁମେ ସତରେ ତାହାର ଅର୍ଥ ଜାଣି ନାହଁ ? ତେବେ ତୁମକୁ ସେଥିଲାଗି ଅଭିନନ୍ଦନ ଜଣାଇବା କଥା । ଉଦାହରଣସ୍ୱରୂପ, ତୁମ ଜୀବନରେ କ'ଣ ଏପରି କେବେହେଲେ ଘଟେ ନାହିଁ ଯେ କେଉଁଠି ବସି ରହିଥିବା ବେଳେ ତୁମର ଆଉ ଉଠିବା ଲାଗି ମୋଟେ ମନ ହୁଏ ନାହିଁ ? କିଛି କାର୍ଯ୍ୟ କରିବା ଲାଗି ରହିଥିବା ବେଳେ ତୁମେ କ'ଣ କେବେହେଲେ "ଆରେ ବାପ୍‌ରେ, ମୋର ବର୍ତ୍ତମାନ କେତେ କ'ଣ କରିବାକୁ ନ ରହିଛି !" ବୋଲି କହି ନାହିଁ ?

## ତେବେ ତାହାକୁ କ'ଣ ଆଳସ୍ୟ ବୋଲିହିଁ କୁହାଯିବ ?

ସଂପୂର୍ଣ୍ଣ ଆଳସ୍ୟ ବୋଲି କଦାପି କୁହାଯିବ ନାହିଁ । ଅବଶ୍ୟ ଏକଥା ସତ ଯେ ଆଳସ୍ୟ ମଧ୍ୟ ଗୋଟିଏ ପ୍ରକାରର ତମଃ; ମାତ୍ର ଆଳସ୍ୟ ଭିତରେ ସର୍ବଦା ଏକ ଅସତ୍-ଇଚ୍ଛା ରହିଥାଏ, ଚେଷ୍ଟା କରିବା ଲାଗି ଏକ ଅନିଚ୍ଛା ରହିଥାଏ । ମାତ୍ର ତମଃକୁ ଜଡ଼ତା ବୋଲି କୁହାଯିବ;—ଜଣେ କାର୍ଯ୍ୟ କରିବାକୁ ଇଚ୍ଛା କରୁଥାଏ, ମାତ୍ର କରି ପାରେ ନାହିଁ ।

ମୋର ମନେ ପଡ଼ୁଛି, ଅନେକ ଦିନ ତଳେ ମୁଁ କେତେକ ତରୁଣଙ୍କ ସହିତ ଏକାଠି ରହିଥିଲି, ଏବଂ ସେମାନେ ପରେ କହିଲେ ଯେ ଯେତେବେଳେ ମୁଁ ଏଥର ଉଠିବି ବୋଲି ନିଷ୍ପତ୍ତି କରୁଥିଲି, ସେତେବେଳେ ମୁଁ ସତେଅବା ଡେଇଁ ପଡ଼ିଲା ପରି ଉଠି ବସୁଥିଲି ଏବଂ ସେଥିଲାଗି ମୋର ଆଦୌ କୌଣସି କଷ୍ଟ ହେଉ ନଥିଲା । ସେମାନେ ମୋତେ ପଚାରୁଥିଲେ, "ଆପଣ ଏକଥା କିପରି କରି ପାରୁଛନ୍ତି ? ଆମକୁ ଯେତେବେଳେ ଉଠିବାକୁ ହେଉଛି, ସେତେବେଳେ ତାହା କରିବା ଲାଗି ଆମକୁ ଇଚ୍ଛାର କ୍ଷେତ୍ରରେ ବେଶ୍ ଏକ ପ୍ରୟାସ କରିବାକୁ ପଡ଼ୁଛି ।" ସେମାନେ ପ୍ରକୃତରେ ଖୁବ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । ଏବଂ ମୁଁ ଠିକ୍ ଓଲଟା କଥାଟିରେହିଁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲି । ମୁଁ ମନେମନେ କହୁଥିଲି, "ଏପରି ହୋଇପାରୁଛି କିପରି ? ଯେତେବେଳେ ଉଠିବି ବୋଲି ନିଷ୍ପତ୍ତି କରିବ, ସେତେବେଳେ ତ ସଙ୍ଗେ ସଙ୍ଗେ ଉଠିଯାଇ ପାରିବ !" ନାଇଁ, ଶରୀରଟା ସେତେବେଳେ ସେହିପରି ଅନଚ୍ଛୁକ ହୋଇ ପଡ଼ିଥାଏ ଓ ତାହା ଭିତରେ ଟିକିଏ ଇଚ୍ଛା ଆଣି ଭର୍ତ୍ତି କରିବା ଆବଶ୍ୟକ ହୋଇଥାଏ, ଶରୀରଟି ଉଠି ଆପଣାର କାମ କରିପାରିବ ବୋଲି ତାକୁ ଟିକିଏ ଠେଲିଦେବାକୁ ପଡ଼ିଥାଏ । ହଁ, ଠିକ୍ ସେହିପରି ହୁଏ ଓ ତାହାକୁ ଆମେ ତମଃ



'oaob.nitrkl.ac.in' images reprocessed

ବୋଲି କହିବା । ତମଃ ହେଉଛି ଗୋଟାପୁରା ଏକ ଭୌତିକ ଉପାଦାନ, ଏକ ପ୍ରାଣିକ ଅଥବା ମାନସିକ ତମଃ ପରିଦୃଷ୍ଟ ହେବା ପ୍ରକୃତରେ ଅତ୍ୟନ୍ତ ବିରଳ (ଏହା ଘଟିପାରେ, ମାତ୍ର କେବଳ ସଂକ୍ରମଣ ଦ୍ୱାରାହିଁ ଘଟିପାରେ); ମୁଁ ଯାହାକୁ ପ୍ରାଣିକ ଅଥବା ମାନସିକ ତମଃ ବୋଲି ନକହି ଅଧିକ ପରିମାଣରେ ସ୍ନାୟୁକ୍ଷେତ୍ରର ଅଥବା ମସ୍ତିଷ୍କର ତମଃ ବୋଲି କୁହାଯାଇ ପାରିବ । ମାତ୍ର ଆଳସ୍ୟ ତ ଶାରୀରିକ, ପ୍ରାଣିକ ଏବଂ ମାନସିକ ସବୁ କ୍ଷେତ୍ରରେ ରହିଛି । ଅଳସୁଆ ବ୍ୟକ୍ତିମାନେ ସାଧାରଣତଃ ସବୁବେଳେ ଆଦୌ ଅଳସୁଆ ହୁଅନ୍ତି ନାହିଁ, ସବୁ ବ୍ୟାପାରରେ ମଧ୍ୟ କଦାପି ଅଳସୁଆ ହୁଅନ୍ତି ନାହିଁ । ସେମାନଙ୍କର ମନକୁ ଭଲ ଲାଗିଲା ଭଳି ଯଦି ତୁମେ ସେମାନଙ୍କୁ କିଛି କହ, ସେମାନଙ୍କୁ ମଜା ଲାଗିଲା ଭଳି କିଛି କହ, ତେବେ ସେମାନେ ତାହା କରିବା ଲାଗି ବେଶ୍ ପ୍ରସ୍ତୁତ ହୋଇଯାନ୍ତି । ଆଳସ୍ୟ ଭିତରେ ଅନେକ ପରିମାଣରେ ଏକ ଅସତ୍-ଇଚ୍ଛା ରହିଥାଏ ।

ଶ୍ରୀଅରବିନ୍ଦ "ଆପଣାକୁ ଉନ୍ମୋଚିତ କରିଦେବାର ଏବଂ ଭୌତିକ ଚେତନା ଏବଂ ପ୍ରକୃତିଟିକୁ ନମନୀୟ କରି ଆଣିବାର" ଇଚ୍ଛାଟି ବିଷୟରେ କହିଛନ୍ତି ।

ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା-୭

କାରଣ ଭୌତିକ ଚେତନା ଏବଂ ଭୌତିକ ପ୍ରକୃତି ଖୁବ୍ ମୁଦା ହୋଇ ରହିଲା ପରି ରହିଛନ୍ତି, ଖୁବ ଅନମନୀୟ ହୋଇ ରହିଛନ୍ତି । ସେଗୁଡ଼ିକ ଆପଣାର ନାନା ଅଭ୍ୟାସ ଭିତରେ ମୁଦା ହୋଇ ରହିଛନ୍ତି, ସେଗୁଡ଼ିକୁ ସେମାନେ ମୋଟେ ବଦଳାଇବାକୁ ଇଚ୍ଛା କରନ୍ତି ନାହାନ୍ତି, ସେମାନେ କେବଳ ଗୋଟାଏ ଅପରିବର୍ତ୍ତନୀୟ ରୁଟିନ୍‌କୁହିଁ ସ୍ୱୀକାର କରି ନେଇଛନ୍ତି । ଶରୀର ଅପେକ୍ଷା ଅଧିକ ରୁଟିନ୍ ଦ୍ୱାରା ବନ୍ଧା ହୋଇ ରହିଥିବା କୌଣସି ପଦାର୍ଥ ନାହିଁ । ତୁମେ ତା'ର ଅଭ୍ୟାସଗୁଡ଼ିକରେ ଯଦି ଏକେଟିକିଏ କ'ଣ ବଦଳାଇ ଦେବାକୁ ବାହାରିବ, ତେବେ ତାହା ଖୁବ ବିବ୍ରତ ହୋଇପଡ଼ିବ, କ'ଣ କରିବାକୁ ହେବ, ତାକୁ ଆଉ କୌଣସି ବୁଦ୍ଧି ଦିଶିବ ନାହିଁ; କହିବ, "ଆପଣ ମୋତେ କ୍ଷମା କରିବେ, ମୋତେ କ୍ଷମା କରିବେ; ମାତ୍ର ସେପରି ରୀତିରେ ତ କେହିହେଲେ ଏହି କାର୍ଯ୍ୟଟିକୁ କରନ୍ତି ନାହିଁ !"

ଯେଉଁମାନଙ୍କର ପ୍ରାଣ-ସତ୍ତା ଖୁବ ସକ୍ରିୟ ଓ ପରାକ୍ରମଶାଳୀ ହୋଇ ରହିଥାଏ, ସେମାନେ ହୁଏତ ଶରୀରଟିର ଅସମ୍ମତିକୁ ଭାଙ୍ଗି ଦେବାରେ ବେଶ୍ ସଫଳ ହୋଇ ପାରିବେ । ଏବଂ ଯଦି ସେମାନଙ୍କ ଭିତରେ ଦୁଃସାହସିକତାର ଏକ ଭାବ ରହିଥାଏ (ଏପରି ଅନେକ ସମୟରେ ହୋଇଥାଏ, କାରଣ ପ୍ରାଣକୁ ଏକ

'oaob.nitrkl.ac.in' images reprocessed

ଦୁଃସାହସିକ ସତ୍ତା ବୋଲି ନିଶ୍ଚୟ ବୁଝାଯାଇ ପାରିବ), ତେବେ ଶରୀର ସେମାନଙ୍କର ବୋଲିଟିକୁ ମାନେ, ଆବେଗଟିର ବୋଲି ମାନେ, ଭିତରୁ ଆସୁଥିବା ଆଦେଶଟିକୁ ମାନିନିଏ । ତା'ପରେ ତାହା ପରିବର୍ତ୍ତନ ଅର୍ଥାତ୍ ନୂତନତ୍ୱଟି ଲାଗି ରାଜି ହୋଇଯାଏ, ମାତ୍ର ସେଥିଲାଗି ତାହାକୁ ବେଶ୍ ଅନେକ ପରିମାଣରେ ଚେଷ୍ଟା କରିବାକୁ ପଡ଼େ । ମାତ୍ର ଯଦି ଭୌତିକ ସତ୍ତା ଓ ଭୌତିକ ଚେତନାକୁ ଭଗବନ୍ନିର୍ଦ୍ଦେଶଟିକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ହୋଇ ରହିବାକୁ ପଡ଼େ, ତେବେ ସେଗୁଡ଼ିକୁ ଅତ୍ୟନ୍ତ ପରିମାଣରେ ନମନୀୟ ହୋଇ ରହିବାକୁ ପଡ଼ିବ; କାରଣ ପ୍ରାଣ-ସତ୍ତା ଅନେକ ସମୟରେ ଜୋର୍ ଜବରଦସ୍ତି କରି ରାଜି କରାଇନିଏ, ଆପଣାର ଇଚ୍ଛାକୁ ନେଇ ଲଦିଦିଏ, ଏବଂ ବସ୍ତୁତଃ ଶରୀରଟିର ନମାନିବା ଲାଗି ଆଉ କୌଣସି ଗ୍ରହିଁ ନଥାଏ । ମାତ୍ର ପରମ ଦିବ୍ୟସତ୍ତା କୌଣସି ଜବରଦସ୍ତି କରନ୍ତି ନାହିଁ, ସିଏ କେବଳ ଆଲୋକଟିକୁ ନେଇ ଦେଖାଇ ଦିଅନ୍ତି, ଚେତନାଟିକୁ ଆଣି ଦିଅନ୍ତି, ତେଣୁ ସେହି କ୍ଷେତ୍ରରେ ସଚେତନ ଏବଂ ଇଚ୍ଛୁକ ଭାବରେହିଁ ଆଦେଶର ପାଳନ କରିବାକୁ ହୋଇଥାଏ;—ଏଠାରେ ତାହାକୁ ସହଯୋଗରହିଁ ଏକ ସମସ୍ୟା ବୋଲି ବୁଝାଯାଇ ପାରିବ, ବଳାତ୍କାର ଦ୍ୱାରା ବାଧ୍ୟ ହୋଇ ଆଦେଶପାଳନ କରିବା ବୋଲି ମୋଟେ ବୁଝାଯାଇ ପାରିବ ନାହିଁ । ଆବଶ୍ୟକ ଯାବତୀୟ ପରିବର୍ତ୍ତନରେ ସହଯୋଗ କରି ପାରିବା ଲାଗି ଆମ ଭୌତିକ ସତ୍ତା ଏବଂ ଭୌତିକ ଚେତନାକୁ ପ୍ରକୃତରେ ଅତ୍ୟନ୍ତ ନମନୀୟ ହୋଇ ରହିଥାଇ ହେବାକୁ ପଡ଼ିବ, ଯେପରିକି ସେମାନେ ଦିନେ ଗୋଟିଏ ପ୍ରକାରର ହୋଇ ପାରୁଥିବେ ତ ଆଉଦିନେ ଆଉଗୋଟିଏ ପ୍ରକାରର ବି ହୋଇ ପାରୁଥିବେ ।

ଏଠାରେ ଶ୍ରୀଅରବିନ୍ଦ "ପରମ ଆଲୋକ, ପରମ ଶକ୍ତିମତ୍ତା ଏବଂ ପରମ ଆନନ୍ଦର ଦୃଢ଼ସ୍ଥିରତା" (ତଦୈବ) ବିଷୟରେ କହିଛନ୍ତି । ମାତ୍ର ଶକ୍ତି ସର୍ବଦା ଗତିଶୀଳ ହୋଇ ରହି ନଥାଏ କି ?

ମାତ୍ର ସ୍ଥିର ହୋଇ ରହି ପାରୁଥିବା ଏକ ଶକ୍ତି ମଧ୍ୟ ରହିଛି । ସେହି କଥାଟିକୁ ମୁଁ ତୁମ ଲାଗି କିପରି ବୁଝାଇ କହିବି ? ଦେଖ, ରକ୍ଷାତ୍ମକ ଖେଳ ଏବଂ ଆକ୍ରମଣାତ୍ମକ ଖେଳ ଭିତରେ ଯେପରି ଏକ ଫରକ ରହିଥାଏ, ସ୍ଥିତିଶୀଳ ଶକ୍ତି ଏବଂ ଗତିଶୀଳ ଶକ୍ତି ମଧ୍ୟରେ ଠିକ୍ ସେହି ଧରଣର ଏକ ଫରକ ରହିଛି । ତୁମେ ବୁଝି ପାରିଲ ? ଦୁହେଁ ଗୋଟିଏ ପ୍ରକାରର ଜିନିଷ । ସ୍ଥିତିଶୀଳ ଶକ୍ତି ଏପରି ଏକ ବସ୍ତୁ, ଯାହାକି

'oaob.nitrkl.ac.in' images reprocessed

ସବୁକିଛିର ପ୍ରତିରୋଧ କରିପାରିବ, ତାହା ଉପରେ କେହି ପ୍ରଭାବ ବିସ୍ତାର କରି ପାରିବ ନାହିଁ, କେହି ତାକୁ ଛୁଇଁ ପାରିବ ନାହିଁ, କେହି ତାକୁ ଦୋହଲାଇ ଦେଇ ପାରିବ ନାହିଁ । ଏହା ପ୍ରକୃତିରେ ଅଚଳ, ମାତ୍ର ସମ୍ପୂର୍ଣ୍ଣ ଭାବରେ ଅଜେୟ । ଗତିଶୀଳ ଶକ୍ତି ହେଉଛି ଏକ କ୍ରିୟାଶୀଳ ଓ କ୍ରିୟାରତ ଶକ୍ତି; ଏହା ବେଳେବେଳେ କେତେଆଡ଼େ ଛୁଟି ଚାଲିଯାଏ ଓ ବେଳେବେଳେ ହୁଏତ ଆଘାତ ବି ପାଇପାରେ । ଅର୍ଥାତ୍, ଯଦି ତୁମେ ଆପଣାର ଗତିଶୀଳ ଶକ୍ତିଟି ସବୁବେଳେ ବିଜୟୀ ହୋଇ ରହିଥାଉ ବୋଲି ଇଚ୍ଛା କରୁଥାଅ, ତେବେ ତାହାର ସମର୍ଥନରୂପେ ପ୍ରକୃତ ସ୍ଥିତିଶୀଳ ଶକ୍ତି ବି ରହିଥିବା ଉଚିତ, ଏକ ଅବିଚଳ ଭିତ୍ତି ଅବଶ୍ୟ ରହିଥିବା ଉଚିତ ।

ତୁମେ ଯାହା କହିବାକୁ ଇଚ୍ଛା କରୁଛ, ମୁଁ ତାହା ବେଶ୍ ବୁଝିପାରୁଛି··· ଶକ୍ତି ଗତିଶୀଳ ହୋଇ ପାରିଲେ ଯାଇ ଜଣେ ମନୁଷ୍ୟ ସେଇଟି ବିଷୟରେ ସଜ୍ଞାନ ହୋଇପାରେ । ଶକ୍ତି ସକ୍ରିୟ ହୋଇ ରହି ନଥିଲେ କୌଣସି ମନୁଷ୍ୟ ତାହାକୁ ଶକ୍ତି ବୋଲି ଆଦୌ ସ୍ୱୀକାର କରେ ନାହିଁ । ଶକ୍ତି ସକ୍ରିୟ ନହେଲେ ସେଇଟି ହୁଏତ ଆଦୌ ତା'ର ଦୃଷ୍ଟିରେ ବି ପଡ଼େ ନାହିଁ । ଏହି ଅକ୍ରିୟତା ପଛରେ ଯେଉଁ ବିରାଟ ଓ ବିପୁଳ ଶକ୍ତି ନିହିତ ହୋଇ ରହିଥାଏ, ମଣିଷ ତାହାକୁ କଦାପି ଅନୁଭବ କରି ପାରେ ନାହିଁ । ବେଳେବେଳେ, ଏପରିକି ଅନେକ ସମୟରେ ମଧ୍ୟ ତାହା ସକ୍ରିୟ ହୋଇ ରହିଥିବା ଶକ୍ତିଟିଠାରୁ ଅଧିକ ବଳୀୟାନ୍ ଓ ଅଧିକ ଅଜେୟ ହୋଇ ରହିଥାଏ । ମାତ୍ର ତୁମେ ଥରେ ଚେଷ୍ଟା କରି ଦେଖିଲେ ଏହି କଥାଟିକୁ ଅବଶ୍ୟ ଜାଣି ପାରିବ ଯେ କୌଣସି ଏକ ଅତ୍ୟନ୍ତ ଅପ୍ରୀତିକର ବସ୍ତୁର ସମକ୍ଷରେ ସ୍ଥିର, ଅଚଳ ଏବଂ ଅବିଚଳିତ ହୋଇ ରହିବା ପ୍ରକୃତିରେ ଭାରି କଷ୍ଟକର । ଏହା ତୁମ ବିରୁଦ୍ଧରେ କୁହା ଯାଉଥିବା କୌଣସି କଥା ହୋଇଥାଉ ଅଥବା ତୁମ ବିରୁଦ୍ଧରେ କରା ଯାଉଥିବା କୌଣସି କାର୍ଯ୍ୟ ହୋଇଥାଉ ପଛକେ, ସମପରିମାଣରେ ଏକ ତୀବ୍ରତା ସହିତ ତାହାର ଉତ୍ତର ଦେବା ଅପେକ୍ଷା ଚୁପ୍ ରହିବା ଓ କିଛି ନକରିବା ପ୍ରକୃତରେ ଅନନ୍ତ ଗୁଣରେ ଅଧିକ କଷ୍ଟକର । ମନେକର, କେହି ତୁମକୁ ଅପମାନ କଲା; ଏହି ସବୁ ଅପମାନର ସମ୍ମୁଖରେ ଯଦି ତୁମେ କୌଣସି ପ୍ରତିକ୍ରିୟା ନଦେଖାଇ ସ୍ଥିର ରହିପାରିବ (କେବଳ ବାହାରେ ନୁହେଁ, ସମଗ୍ର ଭାବରେ), ଯଦି ତୁମେ କୌଣସି ପ୍ରକାରେ ଆନ୍ଦୋଳିତ ହୋଇ ପଡ଼ିବ ନାହିଁ ଅଥବା କୌଣସି ପ୍ରକାରେ ଆହତ ହେବ ନାହିଁ, ତେବେ ତୁମେ ସେଠାରେ ଏପରି ଏକ ଶକ୍ତି ସହିତ ଅବସ୍ଥିତ ରହିପାରିବ, ଯାହା ବିରୁଦ୍ଧରେ କି କେହି କିଛିହେଲେ କରି ପାରିବ ନାହିଁ । ତୁମେ ପଦେହେଲେ ବି କଥା କହିବ ନାହିଁ, ତୁମ ଉପରକୁ ନିକ୍ଷିପ୍ତ ହେଉଥିବା ସକଳ ଅପମାନ ତୁମକୁ ଏତେ ଟିକିଏ ବି ସ୍ପର୍ଶ କରି ପାରୁ ନଥିବ,—ବାହାରେ ବା ଭିତରେ କେଉଁଠିହେଲେ ସ୍ପର୍ଶ କରି ପାରୁ ନଥିବ । ତୁମେ ଆପଣାର ହୃତ୍‌ସ୍ପନ୍ଦନଗୁଡ଼ିକୁ ସମ୍ପୂର୍ଣ୍ଣ ଶୃଙ୍ଖଳାଧୀନ କରି

'oaob.nitrkl.ac.in' images reprocessed

ରଖି ପାରିବ, ମସ୍ତିଷ୍କ ଭିତରର ଭାବନାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଅବିଚଳିତ ଓ ସ୍ଥିର କରି ରଖିପାରିବ; ସେଗୁଡ଼ିକ ଏତେଟିକିଏ ମଧ୍ୟ ବ୍ୟାହତ ହୋଇ ପଡ଼ିବେ ନାହିଁ, ଅର୍ଥାତ୍, ଅନୁରୂପ ନାନା ସ୍ପନ୍ଦନକୁ ବ୍ୟକ୍ତ କରିଦେଇ ତୁମର ମସ୍ତିଷ୍କ ସଙ୍ଗେସଙ୍ଗେ ତାହାର କୌଣସି ଜବାବ ଦେବ ନାହିଁ ବା ନିଜକୁ ଟିକିଏ ଆଶ୍ୱସ୍ତ ଓ ହାଲୁକା କରିନେବା ପାଇଁ ପ୍ରତ୍ୟୁତ୍ତରରେ କେତୋଟି ଆଘାତ ଦେଇ ପାରିବାର ଆବଶ୍ୟକତା ଦ୍ୱାରା ତୁମର ସ୍ନାୟୁଗୁଡ଼ିକ ଆଦୌ କୌଣସି ପ୍ରକାରେ ବାଧ୍ୟ ହେଲାପରି ଅନୁଭବ କରିବେ ନାହିଁ । ଯଦି ତୁମେ ସେପରି ରହିପାରିବ, ତେବେ ତୁମ ଭିତରେ ଏକ ସ୍ଥିତିଶୀଳ ଶକ୍ତି ରହିଛି ବୋଲି ପ୍ରମାଣ ମିଳିବ; ଏବଂ, ତୁମ ଭିତରେ ଯେଉଁଭଳି ଏକ ଶକ୍ତି ରହିଥିଲେ ତୁମେ ଅପମାନ ଦ୍ୱାରାହିଁ ଅପମାନର ଉତ୍ତର ଦେଇପାରନ୍ତ, ଆଘାତ ବଦଳରେ ଆଘାତ ଦେଇପାରନ୍ତ ଏବଂ ଉତ୍ତେଜନା ବଦଳରେ ଉତ୍ତେଜନା ସୃଷ୍ଟି କରିଦେଇ ପାରନ୍ତ, ଏହି ସ୍ଥିତିଶୀଳ ଶକ୍ତିକୁ ତାହା ତୁଳନାରେ ନିଶ୍ଚିତ ଭାବରେ ଅନନ୍ତ ଗୁଣରେ ଅଧିକ ଶକ୍ତିଶାଳୀ ବୋଲି କୁହାଯାଇ ପାରିବ ।

> ଶ୍ରୀଅରବିନ୍ଦ "ନିର୍ବୋଧତା, ସଂଶୟ ଏବଂ ଅବିଶ୍ୱାସକୁ ବର୍ଜନ କରିବା" ବିଷୟରେ କହିଛନ୍ତି । (ତଦୈବ, ପୃଷ୍ଠା-୭) ନିର୍ବୋଧତାକୁ ଛାଡ଼ିଦେଇ ପାରିଲେ ଜଣେ ବୁଦ୍ଧିମାନ୍ ହୋଇ ପାରିବ କି ?

ଜଣେ ନିର୍ବୋଧତାର କବଳରୁ ମୁକ୍ତ ହୋଇ ପାରିବ କି ନାହିଁ, ତୁମେ ଏହା ଦ୍ୱାରା ତାହାହିଁ ପଚାରିବାକୁ ଇଚ୍ଛା କରୁଛ କି ? ହଁ, ଏଥିପାଇଁ ବି ଗୋଟିଏ ବାଟ ରହିଛି । ଏହା ଆଦୌ ସହଜ ବାଟ ନୁହେଁ, ତଥାପି ବାଟ ରହିଛି । ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନେ କି ଅତ୍ୟନ୍ତ ନିର୍ବୋଧ ଥିଲେ, ପ୍ରକୃତରେ ନିର୍ବୋଧ ଥିଲେ; ମାତ୍ର, ଆପଣାର ଅଭୀପ୍ସା ବଳରେହିଁ ଏହି ଲୋକମାନେ ସଫଳ ହୋଇ ପାରିଥିଲେ;—ସେହି ଅଭୀପ୍ସା ଆପଣାକୁ ଆଦୌ ସୂତ୍ରବଦ୍ଧ କରି ରଖି ନଥିଲା, ଏପରିକି ଆପଣାକୁ ଶବ୍ଦ ଦେଇ ବ୍ୟକ୍ତ କରିବା ଲାଗି ମଧ୍ୟ ତାହାର କୌଣସି ଶକ୍ତି ନଥିଲା;—ସେହି ଅଭୀପ୍ସା ସେମାନଙ୍କର ଚୈତ୍ୟ ସତ୍ତାଟି ସହିତ ସଂସ୍ପର୍ଶରେ ଆସିବାରେ ସଫଳ ହୋଇ ପାରିଥିଲା । ଏହି ସଂସ୍ପର୍ଶ ଆଦୌ ଅନୁକ୍ଷଣ ଘଟୁ ନଥିଲା, କେବଳ ସାମୟିକ ଭାବରେ ମୁହୂର୍ତ୍ତି ମୁହୂର୍ତ୍ତିକ ପାଇଁ ଘଟୁଥିଲା, ଅନେକ ସମୟରେ ଅତ୍ୟନ୍ତ ପଳାୟନପର ହୋଇ ରହୁଥିଲା । ମାତ୍ର ଆପଣାର ଚୈତ୍ୟ ସତ୍ତାଟି ସହିତ ସଂଯୁକ୍ତ ହୋଇ ରହିଥିବା ସମୟରେ ସେମାନେ ଅତ୍ୟନ୍ତ

'oaob.nitrkl.ac.in' images reprocessed

ଅସାମାନ୍ୟ ଭାବରେ ବୁଦ୍ଧିମାନ୍ ହୋଇଯାଇ ପାରୁଥିଲେ । ସେମାନେ ସେତେବେଳେ ଅଦ୍ଭୁତ କଥାମାନ କହି ପାରୁଥିଲେ । ମୁଁ ଗୋଟିଏ ଝିଅକୁ ଜାଣିଥିଲି, ଯାହାର କି କୌଣସି ଶିକ୍ଷା ନଥିଲା, କିଛି ନଥିଲା, ସିଏ ପ୍ରକୃତରେ ଖୁବ ନିର୍ବୋଧ ଥିଲା । ଲୋକେ କହୁଥିଲେ, "ଏବିଷୟରେ ଆଉ କିଛି କରାଯାଇ ପାରିବ ନାହିଁ, ଏହା ମୋଟେ ସମ୍ଭବ ନୁହେଁ ।" ହଁ, ତା'ପରେ ନିଜର ଚୈତ୍ୟସତ୍ତା ସହିତ ତା'ର ସଂସ୍ପର୍ଶ ଘଟିଲା, ସିଏ ଗଭୀରତମ କଥାଗୁଡ଼ିକର ମର୍ମକୁ ମଧ୍ୟ ବୁଝିବାକୁ ଆରମ୍ଭ କଲା ଏବଂ ପ୍ରକୃତରେ ଚମତ୍କୃତ କରିଦେବା ଭଳି ମନ୍ତବ୍ୟମାନ କରିପାରିଲା । ମାତ୍ର, ସଂସ୍ପର୍ଶଟି ବନ୍ଦ ହୋଇଯିବା ସଙ୍ଗେସଙ୍ଗେ ସିଏ ପୁନର୍ବାର ନିର୍ବୋଧ ହୋଇ ରହିଲା । ତେଣୁ ସେହି କଥାଟି ଆଉ ସ୍ଥାୟୀ ହୋଇ ରହି ପାରିଲା ନାହିଁ, କେବଳ ସଂସ୍ପର୍ଶଟିହିଁ ତା'ର ନିର୍ବୋଧତାକୁ ତା'ଠାରୁ ଦୂର କରିଦେଇ ପାରିଥିଲା । ତେଣୁ ଏହି ଆରୋଗ୍ୟଟି ପ୍ରକୃତରେ ଖୁବ କଷ୍ଟକର; ଅର୍ଥାତ୍, ଏଥିଲାଗି ଆମ ଚୈତ୍ୟସତ୍ତା ସହିତ ସମ୍ପର୍କ ପ୍ରତିଷ୍ଠା କରିବାକୁ ହେବ ଏବଂ ସେହି ସଂସ୍ପର୍ଶଟିକୁ ସ୍ଥାୟୀ କରି ରଖିବାକୁ ପଡ଼ିବ ।

ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ଠିକ୍ ସେହିପରି ଗୋଟିଏ ମୁସଲିମ୍ କଥା ରହିଛି । ତୁମେମାନେ ସମସ୍ତେ ସେହି କଥାଟିକୁ ଜାଣିଛ : ଯିଶୁଖ୍ରୀଷ୍ଟ ରୋଗୀମାନଙ୍କୁ ଭଲ କରି ଦେଉଥିଲେ, ପଙ୍ଗୁକୁ ବାଟ ଚାଲିବାର ସମର୍ଥ କରାଉଥିଲେ, ଅନ୍ଧକୁ ଚକ୍ଷୁଦାନ କରୁଥିଲେ ଓ ଏପରିକି ମଲା ମଣିଷକୁ ବଞ୍ଚାଇ ବି ଦେଉଥିଲେ । ଏହିସବୁ ଅଲୌକିକ ଘଟଣାକୁ ଘଟୁଥିବାର ଦେଖି ଜଣେ କେହି ଯିଶୁଖ୍ରୀଷ୍ଟଙ୍କ ପାଖକୁ ଯାଇ କହିଲା, "ଆପଣଙ୍କର ଦୃଷ୍ଟିକୁ ଆଣିବା ପାଇଁ ମୋ ପାଖରେ ଗୋଟିଏ ଖୁବ ଚମତ୍କାର ଦୃଷ୍ଟାନ୍ତ ରହିଛି । ମୋର ଗୋଟିଏ ପୁଅ ଅଛି, ସେ ବୋକା ।" ଯିଶୁଖ୍ରୀଷ୍ଟ ଏଡ଼େ ଏଡ଼େ ଆଖି କରି ସେଠାରୁ ଦଉଡ଼ି ପଳାଇବାକୁ ଲାଗିଲେ ! ଯାହା ମନେହେଉଛି, ସେହି ଗୋଟିଏ କଥାହିଁ ସେ କରି ପାରୁ ନଥିଲେ ! କୌଣସି ସନ୍ଦେହ ନାହିଁ ଯେ କେବଳ ରହସ୍ୟ କରିହିଁ ଏପରି କୁହାଯାଇଛି । ଏବଂ କାମଟି ମଧ୍ୟ ଖୁବ କଷ୍ଟକର, ତଥାପି ସମ୍ଭବ ।

> "ସକଳ କାର୍ଯ୍ୟର ପଶ୍ଚାତରେ ପରମ ଭଗବତ୍ ସତ୍ତା ବିଦ୍ୟମାନ ରହିଛନ୍ତି, ମାତ୍ର ସେ ଆପଣାର ଯୋଗମାୟା ଦ୍ୱାରା ଆବୃତ ହୋଇ ରହିଛନ୍ତି ।"

ତଦୈବ, ପୃଷ୍ଠା-୬

ହଁ, ସିଏ ଜଡ଼ ପ୍ରକୃତିର ଚେତନାଟି ଦ୍ୱାରା ଆବୃତ ହୋଇ ରହିଛନ୍ତି । ମୂଳଭୂତ ଗୋଟିଏ ଚେତନା ରହିଛି, ଯାହାକି ପରମ ଭଗବତ୍ ସତ୍ତାଙ୍କୁ କୌଣସି ପ୍ରକାରେ ଆବରଣ ମଧ୍ୟରେ ନରଖି ତାଙ୍କୁ ଅଭିବ୍ୟକ୍ତ କରି ଦେଉଛି । ବାହ୍ୟ

'oaob.nitrkl.ac.in' images reprocessed

ରୂପରେ ରହିଥିବା ଚେତନାଟି ତାଙ୍କୁ ଆବୃତ କରି ରଖିଛି । ଅନେକ କହନ୍ତି ଯେ ତାହା ସେହିପରି ହେବାକୁହିଁ ଅଭିପ୍ରେତ ହୋଇ ରହିଛି, ଖେଳଟି ଯେପରି ଖେଳାଯାଇ ପାରିବ, ଏହା ସେଇଥିଲାଗି ଏପରି ହୋଇଛି । ସେମାନେ କହନ୍ତି ଯେ ଚେତନାଯୁକ୍ତ ସକଳ ସତ୍ତାକୁ ତାଙ୍କୁ ଆବିଷ୍କାର କରିବା ଲାଗି ବାଧ୍ୟ କରିବାକୁହିଁ ସ୍ୱୟଂ ପରମ ଭଗବତ୍ ସତ୍ତା ଜଡ଼ ବହିଃପ୍ରକୃତିର ଅନ୍ତରାଳରେ ଗୋପ୍ୟ ହୋଇ ରହିଛନ୍ତି । ଏହା ହେଉଛି ଗୋଟିଏ ମତ···ଲୋକମାନେ ସର୍ବଦାହିଁ ଅନେକ କଥା କହିଥାନ୍ତି ।

ଅଧିକାଂଶ ଦର୍ଶନମତ ସର୍ବଦା ଏହିପରି ଏକ ଅସୁବିଧା ଏଇଥିଲାଗି ଭୋଗ କରୁଥାନ୍ତି ଯେ ସେମାନେ ଅସ୍ତିତ୍ୱର ବିଭିନ୍ନ ଭୂମିକୁ ସ୍ୱୀକାର କରୁ ନଥାନ୍ତି ବା ସେଗୁଡ଼ିକର ଆଦୌ କୌଣସି ଅଧ୍ୟୟନ ବି କରି ନଥାନ୍ତି । ସତ୍ତାର ବିଭିନ୍ନ ଆୟତନକୁ ସେମାନେ ସ୍ୱୀକାର କରନ୍ତି ନାହିଁ । ସେମାନେ ଗୋଟାଏ ପାଖରେ ସର୍ବୋଚ୍ଚ ପରମ ସତ୍ତାଙ୍କୁ ରଖିଥାନ୍ତି ଏବଂ ଆଉ ଏକ ପାଖରେ ସୃଷ୍ଟିଟିକୁ ରଖିଥାନ୍ତି; ବାସ୍ ସେତିକି, ଦୁହିଁଙ୍କ ମଧ୍ୟରେ ଆଉ କୋଉଠି କିଛିହେଲେ ନଥାଏ । ଏହା ଦ୍ୱାରା ଯାବତୀୟ ବ୍ୟାଖ୍ୟା ଭାରି କଷ୍ଟକର ହୋଇପଡ଼େ··· ଯାବତୀୟ ବ୍ୟାଖ୍ୟାକୁ ସର୍ବାନ୍ତିମ ବିଶ୍ଳେଷଣରେ କେବଳ ଭାଷାର କେତୋଟି ପ୍ରୟୋଗ ବୋଲିହିଁ ତ କୁହାଯିବ । କେତେକ ଭାଷା ରହିଛି, ଯାହା ଦ୍ୱାରା ଆମର ବୁଝିବା ପ୍ରକୃତରେ ଅଧିକ ସହଜ ହୋଇଯାଏ, ଏବଂ ଆଉ କେତେକ ଭାଷା ରହିଛି, ଯାହାକି ବସ୍ତୁଗୁଡ଼ିକୁ ଅଧିକ ଦୁର୍ବୋଧ କରିବାରେହିଁ ସାହାଯ୍ୟ କରିଥାଏ । ଏବଂ, ଏହିପରି କେତୋଟି ଦାର୍ଶନିକ ସିଦ୍ଧାନ୍ତ ବସ୍ତୁଗୁଡ଼ିକୁ ବୁଝିବାକୁ ପ୍ରକୃତରେ ଭାରି କଷ୍ଟକର କରିଦିଅନ୍ତି । ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମେ ଜଡ଼ତମ ପ୍ରକୃତି ଏବଂ ସର୍ବୋଚ୍ଚ ପରମ ଉପସ୍ଥିତି ମଧ୍ୟରେ ଅନ୍ତର୍ବର୍ତ୍ତୀ ହୋଇ ରହିଥିବା ବିଭିନ୍ନ ସ୍ଥିତିଗୁଡ଼ିକୁ ସ୍ୱୀକାର କରି ନେଇପାରିବ, ସେଗୁଡ଼ିକର ଅଧ୍ୟୟନ କରିବ ଓ ସେଗୁଡ଼ିକ ସମ୍ବନ୍ଧରେ ସଜ୍ଞାନ ହେବ, ଯଦି ଅନ୍ତର୍ବର୍ତ୍ତୀ ପ୍ରତ୍ୟେକ କ୍ଷେତ୍ରଗୁଡ଼ିକୁ ତୁମେ ସ୍ୱୀକାର କରିନେବ ଓ ସେଗୁଡ଼ିକ ବିଷୟରେ ସଚେତନ ହେବ, ଅନ୍ତର୍ଗତ ଯାବତୀୟ ଅବସ୍ଥା ଓ ବହିଃସ୍ଥ ଯାବତୀୟ କ୍ଷେତ୍ରକୁ ସ୍ୱୀକାର କରିନେବ ଓ ସେଗୁଡ଼ିକ ବିଷୟରେ ସଚେତନ ହୋଇ ପାରିବ, ତେବେ ତଦ୍ଦ୍ୱାରା ତୁମେ ଅନେକ ଅନେକ ସମସ୍ୟାର ବ୍ୟାଖ୍ୟା ପାଇଯିବ । ନିୟନ୍ତ୍ରଣବାଦ ବିଷୟରେ ଆଲୋଚନା କଲାବେଳେ ଆମେ ଏଗୁଡ଼ିକର ଅଧ୍ୟୟନ କରି ସାରିଛୁ । ଯଦି ତୁମେ ନିୟନ୍ତ୍ରଣବାଦକୁ ସଂପୂର୍ଣ୍ଣ ଭାବରେ ନିରଙ୍କୁଶ ବୋଲି ଗ୍ରହଣ କରିନେବ ଓ ସେହିଠାରେହିଁ ଅଟଳ ହୋଇ ରହିବ, ତେବେ ତୁମେ କିଛିହେଲେ ବୁଝି ପାରିବ ନାହିଁ । ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବା ଉଚିତ ଯେ ଜୀବନରେ ପରିଦୃଷ୍ଟ ଯାବତୀୟ ଘଟଣା ଏହାକୁ ମିଥ୍ୟା ବୋଲି ପ୍ରମାଣିତ କରି ଦେଇଥାନ୍ତି; ଅଥବା, ଏହା ଦ୍ୱାରା ସମସ୍ୟାଟି ଏତେ ଅଧିକ ପରିମାଣରେ ଜଟିଳ ହୋଇପଡ଼େ ଯେ

'oaob.nitrkl.ac.in' images reprocessed

ତୁମେ ତାହାର ଆଗପଛ କିଛି ହେଲେ ପତ୍ତା ବି ପାଇ ପାର ନାହିଁ । ମାତ୍ର, ଯଦି ଏକାବେଳେକେ ବହୁସଂଖ୍ୟକ ନିୟନ୍ତ୍ରଣବାଦ ରହିଛି ଓ ସେମାନେ ପରସ୍ପର ଉପରେ କାର୍ଯ୍ୟ କରୁଛନ୍ତି ବୋଲି ତୁମେ ବୁଝିବାକୁ ସମର୍ଥ ହୁଅ, ସେମାନେ ପରସ୍ପରକୁ ଭେଦ କରି ରହିଛନ୍ତି ଏବଂ ଗୋଟିଏ ନିୟନ୍ତ୍ରଣବାଦର କ୍ରିୟା ଦ୍ୱାରା ଆଉଗୋଟିଏ ନିୟନ୍ତ୍ରଣବାଦର କ୍ରିୟା ବଦଳି ଯାଉଛି ବୋଲି ଯଦି ତୁମେ ବୁଝିବାକୁ ଆରମ୍ଭ କର, ତେବେ ସମସ୍ୟାଟି ଆଉ କଦାପି ସମ୍ପୂର୍ଣ୍ଣ ଦୁର୍ବୋଧ ହୋଇ ରହିବ ନାହିଁ । ବିଶ୍ୱଜଗତରେ ଭଗବାନ୍ ପରମସତ୍ତାଙ୍କର କ୍ରିୟାଟିକୁ ବ୍ୟାଖ୍ୟା କଲାବେଳେ ମଧ୍ୟ ଠିକ୍ ସେହି କଥା । ଯଦି ତୁମେ ଗୋଟିଏ ପାଖରେ ଏକ କେନ୍ଦ୍ରସ୍ଥ ସୃଷ୍ଟିକାରୀ ଶକ୍ତି ବା ଏକ କେନ୍ଦ୍ରସ୍ଥ ସୃଷ୍ଟିକାରୀ ଚେତନା କିଂବା ଏକ କେନ୍ଦ୍ରସ୍ଥ ଅବିଚଳ ପରମ ନିତ୍ୟସାକ୍ଷୀ ଅବସ୍ଥିତ ରହିଛନ୍ତି ବୋଲି କହିବ ଏବଂ ଅନ୍ୟ ପାଖରେ ଏହି ବିଶ୍ୱଜଗତ ଅବସ୍ଥିତ ରହିଛି ବୋଲି କହିବ, ବାସ୍ ସେତିକି, ଏବଂ ଦୁହିଁଙ୍କର ଅନ୍ତର୍ବର୍ତ୍ତୀ ହୋଇ ଆଉ କେଉଁଠାରେ କିଛି ରହିଛି ବୋଲି ସ୍ୱୀକାର କରିବ ନାହିଁ, ତେବେ ତୁମେ କେବେହେଲେ କିଛି ବୁଝି ପାରିବ ନାହିଁ । ଏହି ଯୁକ୍ତିଟିକୁ ଏକାବେଳେକେ ଏକ ପିଲାଙ୍କ ସୁଲଭ ଦୁରାଗ୍ରହ ନେଇ ବ୍ୟବହାର କରିଥିବା କେତେ କେତେ ବ୍ୟକ୍ତି ରହିଛନ୍ତି ! ସେମାନେ ଗୋଟାଏ ପାଖରେ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ଆଣିଛନ୍ତି ଏବଂ ଆଉ ଗୋଟିଏ ପାଖରେ ତାଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କୁ ଆଣି ରଖିଛନ୍ତି । ସେଇଥିରୁହିଁ ଯାବତୀୟ ସମସ୍ୟାର ଉଦ୍ଭବ ହୋଇଛି । ପରମେଶ୍ୱର ଜଗତକୁ ସୃଷ୍ଟି କରିଛନ୍ତି, କିନ୍ତୁ କ'ଣ ଦେଇ ସୃଷ୍ଟି କରିଛନ୍ତି ? କେତେକ ବ୍ୟକ୍ତି କହିବେ ଯେ ସେ ଧୂଳିରୁ ଜଗତକୁ ତିଆରି କରିଛନ୍ତି । ମାତ୍ର ଏହି ଧୂଳି ପୁଣି କି ପଦାର୍ଥ ? ଜଗତ ତିଆରି ହେବାର କାର୍ଯ୍ୟରେ ଲାଗିବା ପୂର୍ବରୁ ଏହି ଧୂଳି କେଉଁଠି କ'ଣ କରୁଥିଲା ?··· କେତେକ କହନ୍ତି ଯେ ପରମେଶ୍ୱର ଶୂନ୍ୟରୁହିଁ ଏହି ଜଗତର ନିର୍ମାଣ କରିଛନ୍ତି । ଏକ ବିଶ୍ୱଜଗତ ଏହିପରି ଶୂନ୍ୟରୁହିଁ ଗଢ଼ାହୋଇଛି,—ଏପରି ଯୁକ୍ତି ଏକ ନିର୍ବୋଧ ଯୁକ୍ତି ! ନ୍ୟାୟବୁଦ୍ଧି ଦ୍ୱାରା ପରିଚାଳିତ ମନ ପକ୍ଷରେ ଏହାକୁ ବୁଝିବା ଓ ଗ୍ରହଣ କରିବା କଦାପି ସମ୍ଭବ ନୁହେଁ । ଏବଂ, ଏସବୁ ବ୍ୟତୀତ ତୁମକୁ କୁହା ହୋଇଥାଏ ଯେ ପରମେଶ୍ୱର ସଚେତନ ଭାବରେ ଜଗତର ନିର୍ମାଣ କରିଛନ୍ତି, ଇଚ୍ଛାକୃତ ଭାବରେ ସେ ଏହାକୁ ତିଆରି କରିଛନ୍ତି, ଏବଂ ଏହି ନିର୍ମାଣ କାର୍ଯ୍ୟଟି ସମ୍ପୂର୍ଣ୍ଣ ହେବା ପରେ ପୁଣି ଖୁସୀ ହୋଇ "କେଡ଼େ ସୁନ୍ଦର ପୃଥିବୀଟିଏ ତିଆରି ହେଲା !" ବୋଲି ପାଟିକରି ବି କହିଛନ୍ତି ! ଏବଂ, ଯେଉଁମାନେ ଏହି ପୃଥିବୀରେ ବାସ କରୁଛନ୍ତି, ସେମାନେ ଉତ୍ତର ଦେଇ କହୁଛନ୍ତି, "ଏହି ପୃଥିବୀ ଆମକୁ ଏଡ଼େ ସୁନ୍ଦର ବୋଲି ମୋଟେ ମନେ ହେଉ ନାହିଁ । ଏଇଟି ତୁମ ପାଇଁ ହୁଏତ ଖୁବ ଭଲ ହୋଇପାରେ, ମାତ୍ର ଆମ ଲାଗି ମୋଟେ ନୁହେଁ ।" ଏସବୁ କଳ୍ପନା ପ୍ରକୃତରେ ପିଲାଳିଆ କଳ୍ପନା । ସେଗୁଡ଼ିକୁ ଆମେ କେବଳ ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ଅଜ୍ଞାନମୟ ପିଲାଳିଆ କଳ୍ପନା ବୋଲି କହିବା ଯାହାଙ୍କ ଏହି ବିଶ୍ୱଜଗତର ସମସ୍ୟାଟିକୁ ଅତ୍ୟନ୍ତ ପରିମାଣରେ ଦୁର୍ବୋଧ କରି ରଖିଛି । ଏବଂ ଏତେଟିକିଏ ଜାଗ୍ରତ ହୋଇ ପାରିଥିବା କୌଣସି ମନ ଏହିସବୁ ବ୍ୟାଖ୍ୟାକୁ କେବେହେଲେ ଗ୍ରହଣ କରି ପାରିବ ନାହିଁ । ସେଇଥିଲାଗି ତୁମକୁ କୁହାଯାଇଥାଏ, "ତୁମେ ଆଦୌ ବୁଝିବାକୁ ଚେଷ୍ଟା କର ନାହିଁ । ତୁମେ ଏହାକୁ କେବେହେଲେ ବି ବୁଝି ପାରିବ ନାହିଁ ।" ମାତ୍ର ଏଇଟା ହେଉଛି ମନର ଆଳସ୍ୟ, ମନ ଭିତରେ ଘର କରି ରହିଥିବା ଏକ ଅସତ୍-ଇଚ୍ଛା । ତୁମେ ବୁଝି ପାରୁଥିବ ଯେ, ଯେହେତୁ ଆମ ଭିତରେ ସନ୍ନିବିଷ୍ଟ ଭାବନାର ଏହି ପ୍ରକାରର ସାମର୍ଥ୍ୟଟି ରହିଛି, ଏକ ଆଲୋକର ସନ୍ଧାନ ପାଇବାକୁ, ଏକ ସମାଧାନ ବାହାର କରିବାକୁ ଏହି ଅଭୀପ୍ସାଟି ରହିଛି, ସେହି କାରଣରୁହିଁ ମନେ ହେଉଛି ଯେ ତାହାର ତତ୍ତ୍ୱଲବ୍ଧ ହେଲା ପରି ନିଶ୍ଚୟ କିଛି ନା କିଛି ରହିଥିବ, ନଚେତ୍... ନଚେତ୍, ଯଦି ପ୍ରକୃତରେ (ମୁଁ ଏହି ବିଷୟଟିକୁ ଆଉ କେଉଁଠି ଲେଖିଛି ବୋଲି ଭାବୁଛି) ବିଶ୍ୱଜଗତର ସୃଷ୍ଟିକୁ ସେହିପରି ଏକ ସରଳ ଧାରଣାରେ ଆଣି ପର୍ଯ୍ୟବସିତ କରି ରଖାଯାଏ, ତେବେ ତାହାଠାରୁ ବଳି ଦୁର୍ଭାଗ୍ୟମୟ ଏକ ପ୍ରହସନ ଆଉ କ'ଣ ହୋଇପାରିବ; ଏବଂ ତା'ପରେ, ଯେଉଁମାନେ ଏହି ଜଗତ ବିଷୟରେ "ଏଠାରୁ ତୁମେ ପଳାଇଯାଅ, ଏଠାରୁ ଯଥାସମ୍ଭବ ଶୀଘ୍ର ବିଦାୟ ନେଇ ଚାଲିଯାଅ" ବୋଲି ଘୋଷଣା କରିଛନ୍ତି, ସେମାନଙ୍କର କଥାକୁ ମଧ୍ୟ ବେଶ୍ ଭଲ ଭାବରେ ବୁଝିହୋଇ ପାରିବ । ସେମାନେ ଯେ କିପରି ଏଠାରୁ ବାହାରି ଅନ୍ୟତ୍ର ଚାଲିଯାଇ ପାରିବେ, ଦୁର୍ଭାଗ୍ୟବଶତଃ ମୁଁ ସେଇଥିଟିକୁ ଆଦୌ ବୁଝି ପାରୁ ନାହିଁ, କାରଣ, ଯେପରି ବର୍ଣ୍ଣନା କରାଯାଇଛି, ଆଉ କେଉଁଠିହେଲେ ବି ତ କିଛି ନାହିଁ, ଖାଲି ଶୂନ୍ୟହିଁ ରହିଛି । ଏକମାତ୍ର ଅସ୍ତିତ୍ୱ କହିଲେ ଯଦି କେବଳ ବିଶ୍ୱଜଗତକୁହିଁ ବୁଝାଉଛି, ତେବେ ଏଠାରୁ ବାହାରି ଆଉ କେଉଁଠାକୁ ଚାଲିଯିବା ସମ୍ଭବ ବା କିପରି ହେବ ? ଏହିପରି ଭାବରେ, ଆମେ ଏକ ବିଷ-ଆବର୍ତ୍ତ ଭିତରେ ଆସି ପଡ଼ିଯିବା, ତାହାରି ଭିତରେ ଭଉଁରି ବୁଲିବାରେ ଲାଗିଥିବା ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ତାହା ଆମକୁ ଏକ ମାନସିକ ନୈରାଶ୍ୟ ମଧ୍ୟକୁ ଟାଣି ନେଇଯିବ । ମାତ୍ର ଯଦି ଜଣକ ହାତରେ ଚାବି ରହିଥିବ,—ଏହିପରି ଗୋଟିଏ ବା ଦୁଇଟି ଚାବି ରହିଛି, ମାତ୍ର କେବଳ ଗୋଟିଏ ଚାବି ରହିଛି ଯାହାକି ସବୁଯାକ ଦୁଆରକୁ ଖୋଲିଦେଇ ପାରିବ,—ଯେତେବେଳେ ଜଣକ ହାତରେ ଚାବି ରହିଥିବ, ସେତେବେଳେ ନିଶ୍ଚୟ ଆପଣାର ବାଟଟିକୁ ଅନୁସରଣ କରି ଚାଲିଯାଇ ପାରିବ ଏବଂ ଅଳ୍ପ ଅଳ୍ପ କରି ଅସଲ ବସ୍ତୁଟିକୁ ବୁଝିବାକୁ ସମର୍ଥ ହେବ ।

## ଚେତନା ଏବଂ ଜଡ଼ ପ୍ରକୃତି ମଧ୍ୟରେ ଫରକ କ'ଣ ?

'oaob.nitrkl.ac.in' images reprocessed

ତୁମେ ମୋତେ କହିଲ, ତୁମର ଶରୀର କ'ଣ ସମ୍ପୂର୍ଣ୍ଣ ଭାବରେ ସଚେତନ, ଆପଣା ବିଷୟରେ ସଚେତନ ଓ ଆପଣାର ଯାବତୀୟ କ୍ରିୟା ବିଷୟରେ ସଚେତନ ? ନାହିଁ,—ତେବେ ତାହା ପ୍ରକୃତରେ କ'ଣ ? ଏହା କେବଳ ଜଡ଼ ପ୍ରକୃତି ହିଁ ହୋଇ ପାରିବ। ଏବଂ ଯଦି ଏପରି ଏକ ଜଡ଼ ପ୍ରକୃତି ରହିଥାଏ, ଯାହାକୁ କି ଆମେ ଚେତନ ବୋଲି ଆଦୌ କହି ପାରିବା ନାହିଁ, ତେବେ ତାହାର ଅର୍ଥ ହେବ ଯେ ଜଡ଼ ପ୍ରକୃତି ଏବଂ ଚେତନା ଆଦୌ ଗୋଟିଏ ବସ୍ତୁ ନୁହନ୍ତି। ଜଡ଼ ପ୍ରକୃତି ମଧ୍ୟରେ ଯାବତୀୟ ଜଡ଼ ବସ୍ତୁ ଅନ୍ତର୍ଭୁକ୍ତ ହୋଇ ରହିଛି : ତୁମର ଏହି ଦେହ ଜଡ଼ ପ୍ରକୃତିର ଅନ୍ତର୍ଗତ, ପର୍ବତ, ପଥର, ଆକାଶ, ପାଣି, ନିଆଁ ···ଏଗୁଡ଼ିକ ସବୁକିଛି ଜଡ଼ ପ୍ରକୃତିର ଅନ୍ତର୍ଗତ। ମାତ୍ର ତୁମର ଜଡ଼ ପ୍ରକୃତି ମଧ୍ୟରେ ଏକ ଚେତନା ମଧ୍ୟ ଅନ୍ତର୍ନିହିତ ହୋଇ ରହିଛି, ଚେତନା ଦ୍ୱାରାହିଁ ତାହା ସଚଳ ହୋଇ ରହିଛି। ଅବଶ୍ୟ ଏକଥା ସତ ଯେ ତାହାକୁ ସମ୍ପୂର୍ଣ୍ଣ ଭାବରେ ସଚେତନ ବୋଲି କୁହାଯାଇ ପାରିବ ନାହିଁ। ଏବଂ, ତାହା ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ନଥିବାରୁ ହିଁ, ଜୀବନଶୂନ୍ୟ ହୋଇ ପଡ଼ିବା ଲାଗି, ତାମସିକ ଓ "ଅଚେତନ" ହୋଇପଡ଼ିବା ଲାଗି ମଧ୍ୟ ତାହାର ଏକ ସାମର୍ଥ୍ୟ ରହିଛି। ତା' ନ ହୋଇଥିଲେ ସବୁକିଛି ସଚେତନ ହୁଅନ୍ତା, ପଥରଗୁଡ଼ାକ ମଧ୍ୟ ସଚେତନ ହୋଇପାରନ୍ତେ (ପଥରମାନେ କେତେଦୂର ସଚେତନ, ମୁଁ, ସେ କଥା ଜାଣେ ନାହିଁ, ମାତ୍ର ମନୁଷ୍ୟଚେତନା ସହିତ ତୁଳନା କଲେ ତାହାକୁ କେବଳ ଅତି ଅଳ୍ପ ପରିମାଣରେ ଚେତନାଯୁକ୍ତ ବୋଲି କୁହାଯାଇ ପାରିବ)।

ଜଣେ ନିଷ୍ଠାପର ଭୃତ୍ୟ ପରି ଆପଣାର ସକଳ କାର୍ଯ୍ୟକୁ ଉତ୍ସର୍ଗ କରିଦେବାକୁହିଁ କ'ଣ ସମର୍ପଣ ବୋଲି କୁହାଯିବ ନାହିଁ ?

କର୍ମ ହେଉଛି ଏକ ଚମତ୍କାର ଶୃଙ୍ଖଳା। ମାତ୍ର ଏଠାରେ ସେହି କଥାଟିର କୌଣସି ପ୍ରସଙ୍ଗ ନାହିଁ। ସମର୍ପଣକୁ ଆମେ ଏକ ନିଷ୍କ୍ରିୟ, ଅଚେତନ ଏବଂ ପ୍ରାୟ ଅସ୍ୱେଚ୍ଛାକୃତ ଏକ ଅଧୀନତା ଓ ପରବଶତା ବୋଲି କଦାପି କହି ପାରିବା ନାହିଁ। ନା—ଏହା ସେକଥା ମୋଟେ ନୁହେଁ। କେବଳ କର୍ମରେହିଁ ତାହା ଆଦୌ ନିହିତ ହୋଇ ରହି ନାହିଁ।

ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସମର୍ପଣ ହେଉଛି ତୁମ ଚରିତ୍ରର ସମର୍ପଣ; ତୁମେ ନିଜର ଜୀବନସାଢଟିକୁ ନେଇ ତାଙ୍କର ପାଖରେ ସମର୍ପଣ କରିଦେବ, ଯେପରି ତାହା ବଦଳିଯାଇ ପାରିବ। ତୁମ ନିଜ ପ୍ରକୃତିଟିକୁ ଯଦି ତୁମେ ସମର୍ପଣ କରି ନପାରିଲେ, ତେବେ ସେହି ପ୍ରକୃତି କଦାପି ବଦଳି ପାରିବ ନାହିଁ। ଏହାକୁହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣି ରଖିବ। ବୁଝିବାର କ୍ଷେତ୍ରରେ ତୁମର ନିର୍ଦ୍ଦିଷ୍ଟ କେତୋଟି

'oaob.nitrkl.ac.in' images reprocessed

ସ୍ତର ରହିଛି, ପ୍ରତିକ୍ରିୟା ବ୍ୟକ୍ତ କରିବାର ଓ ଅନୁଭବ କରିବାର ମଧ୍ୟ ନିର୍ଦ୍ଦିଷ୍ଟ କେତୋଟି ସ୍ତର ରହିଛି, ଆଗକୁ ଯିବାର ମଧ୍ୟ ପ୍ରାୟ କେତୋଟି ସ୍ତର ରହିଛି, ଏପରିକି, ସର୍ବୋପରି ଜୀବନକୁ ଅବଲୋକନ କରିବାର ଏବଂ ଜୀବନଠାରୁ ଖାସ୍ କେତୋଟି ବସ୍ତୁର ପ୍ରତ୍ୟାଶା ରଖିବାର ମଧ୍ୟ ଏକ ବିଶେଷ ସ୍ତର ରହିଛି । ଏବଂ ଏହିଟିକୁହିଁ ତୁମେ ସମର୍ପଣ କରି-ଦେଇ ଆସିବ । ଅର୍ଥାତ୍, ଯଦି ତୁମେ ଦିବ୍ୟ ପରମ ଆଲୋକକୁ ଗ୍ରହଣ କରିବାକୁ ଓ ତଦ୍ୱାରା ଆପଣାର ରୂପାନ୍ତର ସାଧନ କରିବାକୁ ପ୍ରକୃତରେ ଇଚ୍ଛା କରୁଥାଅ, ତେବେ ତୁମକୁ ଆପଣା ଜୀବନର ସମଗ୍ର ଶୈଳୀ ଓ ପଦ୍ଧତିଟିକୁହିଁ ନେଇ ନିବେଦନ କରି-ଦେବାକୁ ପଡ଼ିବ । ଆପଣାକୁ ଉନ୍ମୋଚିତ କରିଦେଇ, ତୁମର ପ୍ରକୃତରେ କପରି ହେବା ଉଚିତ, ତାହାକୁ ସ୍ପଷ୍ଟରୂପେ ଦେଖି ପାରୁଥିବା ଦିବ୍ୟ ପରମ-ଚେତନା ପକ୍ଷରେ ଯେପରି କ୍ରିୟା କରିବା ସମ୍ଭବ ହୋଇ ପାରିବ ଓ ସିଏ ଯେପରି ଏହି ଯାବତୀୟ ଗତିସ୍ପନ୍ଦନକୁ ଅଧିକ ସତ୍ୟମୟ ଅର୍ଥାତ୍ ତୁମର ଯଥାର୍ଥ ସତ୍ୟଟି ସହିତ ଅଧିକ ସଙ୍ଗତି ରଖୁଥିବା ଆଉରି ଅନ୍ୟ ଗତିସ୍ପନ୍ଦନରୂପେ ବଦଳାଇ ଦେଇ ପାରିବ, ତୁମକୁ ସେଥିଲାଗି ଯଥାସମ୍ଭବ ଅଧିକ ଗ୍ରହଣଶୀଳ ହୋଇ ରହିବାକୁ ପଡ଼ିବ । ଆମେ ଯାହାସବୁ କରୁଛୁ, ସେଗୁଡ଼ିକୁ ନେଇ ସମର୍ପଣ କରିଦେବା ଅପେକ୍ଷା ଏଇଟି ହେଉଛି ଅନେକ ଗୁଣରେ ଅଧିକ ମହତ୍ତ୍ୱପୂର୍ଣ୍ଣ । ଜଣେ କ'ଣସବୁ କରୁଛି (ଜଣେ ଯାହାସବୁ କରୁଛି, ତାହା ଯେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ସେଥିରେ କୌଣସି ସନ୍ଦେହ ନାହିଁ), ତାହା ଆଦୌ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ନୁହେଁ, ମାତ୍ର ଜଣେ ପ୍ରକୃତରେ ଯାହା, ତାହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ତୁମେ ଯାହାକିଛି କାର୍ଯ୍ୟ କରୁଥାଅ ପଛକେ, ତୁମେ ତାହାକୁ କପରି ଭାବରେ କରୁଛ, ତାହା ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ ନୁହେଁ; ମାତ୍ର ଚେତନାର ଯେଉଁ ସ୍ତରରେ ଅବସ୍ଥିତ ରହି ତୁମେ ତାହା କରୁଛ, ତାହା ହେଉଛି ମହତ୍ତ୍ୱପୂର୍ଣ୍ଣ । ତୁମେ ହୁଏତ ଅନେକ କାର୍ଯ୍ୟ କରିପାର, ବ୍ୟକ୍ତିଗତ ଲାଭର କୌଣସି ଧାରଣା ନରଖି ତୁମେ ନିଃସ୍ୱାର୍ଥପର ଭାବରେ କେତେ କ'ଣ କରିପାର, କାମ କରିବାର ଆନନ୍ଦ ଲାଗିହିଁ କାମ କରିପାର, ମାତ୍ର ଯଦି ତୁମେ ତାହିଁ ସଙ୍ଗେ ସଙ୍ଗେ ଏହି କାର୍ଯ୍ୟଟିକୁ ଛାଡ଼ି ଆସିବାକୁ ମଧ୍ୟ ପ୍ରସ୍ତୁତ ନଥାଅ, କାର୍ଯ୍ୟଟିକୁ ଅଥବା କାର୍ଯ୍ୟ କରିବାର ପଦ୍ଧତିଟିକୁ ବଦଳାଇ ଦେବାକୁ ପ୍ରସ୍ତୁତ ନଥାଅ, ଯଦି ତୁମେ ତୁମର କାର୍ଯ୍ୟ କରିବାର ସ୍ୱକୀୟ ରୀତିକୁ ଜାବୁଡ଼ି ପଡ଼ି ରହିଥାଅ, ତେବେ ତୁମର ସମର୍ପଣ କଦାପି ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ତୁମକୁ ଏପରି ଏକ ସ୍ଥିତିରେ ଆସି ପହଞ୍ଚିବାକୁ ହେବ, ଯେତେବେଳେ କି ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଆପଣା ଭିତରେ ଏହିପରି ଅନୁଭବ କରୁଛ ବୋଲି ଯାବତୀୟ କାର୍ଯ୍ୟକୁ କରୁଥିବ ଯେ, ଅଲଙ୍ଘନୀୟ ଅତ୍ୟାବଶ୍ୟକ ଭାବରେ ଏହିପରି ଅନୁଭବ କରୁଥିବ ଯେ, କେବଳ ଏହି କାର୍ଯ୍ୟଟିକୁହିଁ କେବଳ ଏହିପରି ଭାବରେହିଁ ତୁମକୁ କରିବାକୁ ହେବ, ଏବଂ କେବଳ ସେହି କାରଣରୁହିଁ ତୁମେ ସେହି କାର୍ଯ୍ୟଟିକୁ

'oaob.nitrkl.ac.in' images reprocessed

କରୁଛ । କୌଣସି ଅଭ୍ୟାସର ବଶବର୍ତ୍ତୀ ହୋଇ ତୁମେ କାର୍ଯ୍ୟଟିକୁ କରୁ ନାହଁ, କୌଣସି ପ୍ରକାର ଆସକ୍ତି କିମ୍ବା ଅଭିରୁଚି ସକାଶେ ବି କରୁ ନାହଁ, କୌଣସି ଏକ ନିର୍ଦ୍ଦିଷ୍ଟ ଧାରଣା ଦ୍ୱାରା ପ୍ରେରିତ ହୋଇ ମଧ୍ୟ ତାହା କରୁ ନାହଁ, ସେହି କାର୍ଯ୍ୟଟି ଯେ ସର୍ବୋତ୍ତମ କାର୍ଯ୍ୟ, ଏପରି ଏକ ଧାରଣା ପ୍ରତି କୌଣସି ଅଭିରୁଚି ରହିଥିବାରୁହିଁ ତୁମେ ସେହି କାର୍ଯ୍ୟଟିକୁ ଆଦୌ କରୁ ନାହଁ,—ନଚେତ୍ ତୁମର ସମର୍ପଣକୁ କଦାପି ସମ୍ପୂର୍ଣ୍ଣ ବୋଲି କୁହା ଯିବ ନାହିଁ । ତୁମେ ଯେପର୍ଯ୍ୟନ୍ତ କୌଣସି ନା କୌଣସି କଥାକୁ ଜାବୁଡ଼ି ଧରି ରହିଥିବ, ଯେପର୍ଯ୍ୟନ୍ତ ତୁମ ଭିତରେ ଏପରି ଏକ ଉପାଦାନ ଥିବ, ଯାହାକି "ହଁ, ଏଇଟି ହୁଏତ ବଦଳିଯିବ, ସେଇଟି ହୁଏତ ବଦଳିଯିବ, ମାତ୍ର ସେଇଟି, ସେଇଟି କଦାପି ବଦଳି ପାରିବ ନାହିଁ" ବୋଲି କହୁଥିବ, ଯେପର୍ଯ୍ୟନ୍ତ ତୁମେ ଯେକୌଣସି ବିଷୟରେ ବି "ସେଇଟି କଦାପି ବଦଳିବ ନାହିଁ" (ତାହା ବଦଳିବାକୁ ଅସ୍ୱୀକାର କରୁଛ ବୋଲି ଯେ ତାହା ବଦଳିବ ନାହିଁ, ସେକଥା ଆଦୌ ନୁହେଁ; ମାତ୍ର ତୁମେ ସେଇଟି ବଦଳିଯିବ ବୋଲି ଆଦୌ ଭାବି ପାରୁ ନାହଁ ବୋଲିହିଁ ତାହା ବଦଳିବ ନାହିଁ) ବୋଲି କହି ପାରୁଥିବ, ସେପର୍ଯ୍ୟନ୍ତ ତୁମର ସମର୍ପଣ କେବେହେଲେ ପରିପୂର୍ଣ୍ଣ ହୋଇ ପାରିବ ନାହିଁ ।

ଏକଥା କହିବା ବାହୁଲ୍ୟ ମାତ୍ର ଯେ ଯଦି ତୁମର କୌଣସି କରଣି ଓ କୌଣସି କାର୍ଯ୍ୟ ମଧ୍ୟରେ ଏତେ ଟିକିଏ ମାତ୍ରାରେ ମଧ୍ୟ "ମୁଁ ଏହି କାର୍ଯ୍ୟଟିକୁ କରୁଛି, କାରଣ ମୋତେ ଏହି କାର୍ଯ୍ୟଟିକୁ କରିବା ଲାଗି କୁହାଯାଇଛି" ବୋଲି କୌଣସି ଭାବନା ରହିଥାଏ, ଏବଂ ଯଦି ତୁମର କାର୍ଯ୍ୟଟି ସହିତ ତୁମର ସତ୍ତା ସମ୍ପୂର୍ଣ୍ଣ ଭାବରେ ସମ୍ପୃକ୍ତ ହୋଇ ରହି ନଥାଏ, ଏହି କାର୍ଯ୍ୟଟିକୁ ଅବଶ୍ୟ କରିବାକୁ ହେବ ବୋଲି ତୁମେ ଅନୁଭବ କରୁଛ ଏବଂ ଏହି କାର୍ଯ୍ୟଟିକୁ କରିବାକୁ ତୁମେ ପ୍ରକୃତରେ ଭଲ ପାଉଛ ବୋଲି ଯଦି କାର୍ଯ୍ୟଟିକୁ କରୁ ନଥାଅ, ଯଦି ତୁମରି ଭିତରେ ଆଉ କୌଣସି ପ୍ରବୃତ୍ତି ତୁମକୁ କାର୍ଯ୍ୟଟିଠାରୁ ବିମୁଖ କରି ରଖିଥାଏ, ଅଲଗା ଓ ଏକୁଟିଆ ହୋଇ ଠିଆ ହେବାକୁ ମନ କରୁଥାଏ, "କାର୍ଯ୍ୟଟିକୁ ଏହିପରି ଭାବରେ କରିବାକୁ ହେବ ବୋଲି ମୋତେ କୁହାଯିବାରୁ ମୁଁ ତାହାକୁ ଏହିପରି ଭାବରେ କଲି" ବୋଲି ତୁମେ ଅନୁଭବ କରୁଥାଅ, ତେବେ ତାହାର ଅର୍ଥ ହେବ ଯେ ସମର୍ପଣ ଏବଂ ତୁମ ଭିତରେ ଏପର୍ଯ୍ୟନ୍ତ ମଧ୍ୟ ଏକ ବୃହତ୍ ବ୍ୟବଧାନ ରହିଛି । ଭିତରେ ତୁମେ ସମଗ୍ର ଭାବରେ ନିଜକୁ ସମ୍ପୃକ୍ତ କରି ରଖିଥିବ ଏବଂ ତୁମେ ଏହିପରି ସମ୍ପୃକ୍ତ ଓ ସଂଯୁକ୍ତ ହୋଇ ରହିବାକୁ ଇଚ୍ଛା ମଧ୍ୟ କରୁଥିବ,—ଏହାହିଁ ଯଥାର୍ଥ ସମର୍ପଣ । ତୁମେ କେବଳ ତାହାହିଁ କରିବ, ଆଉ କିଛିହେଲେ କରି ପାରିବ ନାହିଁ । ଯାହା ତୁମ ଲାଗି ପ୍ରଦତ୍ତ ହୋଇ ରହିଛି, ତୁମେ କେବଳ ତାହାକୁହିଁ କରିବ; ଯାହା ପ୍ରଦତ୍ତ ହୋଇ ନାହିଁ, ତାହାକୁ କଦାପି କରି ପାରିବ ନାହିଁ । ମାତ୍ର ଅନ୍ୟ ଏକ ମୁହୂର୍ତ୍ତରେ

'oaob.nitrkl.ac.in' images reprocessed

ହୁଏତ କାର୍ଯ୍ୟଟି ବଦଳି ଯିବ, ଯେକୌଣସି ମୁହୂର୍ତ୍ତରେ ତାହା ହୁଏତ ଆଉ କିଛିରେ ପରିଣତ ହୋଇଯିବ; ଏହା ଆଉକିଛିରେ ପରିଣତ ହେଉ ବୋଲି ଯଦି ନିଷ୍ପତ୍ତି ହୁଏ, ତେବେ ତାହା ନିଶ୍ଚୟ ଆଉକିଛିରେ ପରିଣତ ହୋଇଯିବ। ସେହି କ୍ଷେତ୍ରରେହିଁ ଏକ ନମନୀୟତାର ପ୍ରୟୋଜନ ହେବ। ଏହାହିଁ ଏକ ବୃହତ୍ ପାର୍ଥକ୍ୟର କାରଣ ହେବ। ଏହି କଥାଟି ବେଶ୍ ଭଲ ଭାବରେ ବୁଝି ହେଉଛି ଯେ, ଯେଉଁମାନେ କାର୍ଯ୍ୟ କରନ୍ତି, ସେମାନଙ୍କୁ "ହଁ, ତୁମେ କାର୍ଯ୍ୟ କର, ଏହି କାର୍ଯ୍ୟଟି ହେଉଛି ତୁମ ସମର୍ପଣର ସ୍ତର" ବୋଲି କୁହା ଯାଇଥାଏ। ମାତ୍ର ତାହା ହେଉଛି ଏକ ଆରମ୍ଭ ମାତ୍ର। ଏହି ସ୍ତରରେ ଚେତନାର ବିକାଶ ଓ ପରିବର୍ତ୍ତନ ହୋଇ ପାରୁଥିବା ଆବଶ୍ୟକ। ତେଣୁ ଏହା କେବଳ ଏକ ଆରମ୍ଭ ମାତ୍ର। ତୁମେମାନେ ବୁଝିପାରୁଛ ?

## ୩ ମେ ୧୯୫୧

"ଅର୍ଥଶକ୍ତି ହେଉଛି ଏକ ବିଶ୍ୱମୟ ଶକ୍ତିର ଦୃଶ୍ୟମାନ ସଙ୍କେତ, ଏବଂ ପୃଥିବୀପୃଷ୍ଠରେ ଆପଣାର ରୂପାୟନ-ଭୂମିରେ ତାହା ପ୍ରାଣିକ ତଥା ଭୌତିକ ସୋପାନଗୁଡ଼ିକରେହିଁ କାର୍ଯ୍ୟ କରୁଥାଏ। ବାହ୍ୟ ଜୀବନର ପରିପୂର୍ଣ୍ଣତା ଲାଗି ଅର୍ଥଶକ୍ତି ଏକାନ୍ତ ଅପରିହାର୍ଯ୍ୟ। ଆପଣାର ଶୁଦ୍ଧ ଏବଂ ଯଥାର୍ଥ କ୍ରିୟାଶୀଳତାର କ୍ଷେତ୍ରରେ ଅର୍ଥଶକ୍ତି ହେଉଛି ସେହି ପରମ ଦିବ୍ୟସତ୍ତାଙ୍କରହିଁ ଏକ ସମ୍ପତ୍ତି। ମାତ୍ର, ପରମ ଦିବ୍ୟସତ୍ତାଙ୍କର ଅନ୍ୟାନ୍ୟ ନାନାବିଧ ଶକ୍ତି ପରି ସେଇଟି ମଧ୍ୟ ଏହି ଇହଜଗତ ଲାଗି ପ୍ରଦତ୍ତ ହୋଇ ରହିଛି ଏବଂ ନିମ୍ନତର ପ୍ରକୃତିରେ ରହିଥିବା ଅଜ୍ଞାନର ବଶବର୍ତ୍ତୀ ହୋଇ ତାହା ଅହଂର ଉଦ୍ଦେଶ୍ୟ ପୂରଣ ଲାଗି ଅପହୃତ ହୋଇ ରହିବାର ଏବଂ ଆସୁରିକ ନାନା ପ୍ରଭାବର ବଳାତ୍କାର ଦ୍ୱାରା ଧୃତ ହୋଇ ସେମାନଙ୍କର ଅଭୀଷ୍ଟସିଦ୍ଧି ଲାଗି ତାହାର ଦୁରୁପଯୋଗ ହେବାର ମଧ୍ୟ ଏକ ଆଶଙ୍କା ରହିଛି। ଏହା ହେଉଛି ବସ୍ତୁତଃ, କ୍ଷମତା, ସମ୍ପତ୍ତି ଏବଂ କାମପ୍ରବୃତ୍ତି,—ଏହି ତିନୋଟି ଶକ୍ତି ମଧ୍ୟରୁ ଗୋଟିଏ, ଯେଉଁ ଶକ୍ତିଗୁଡ଼ିକ କି ମନୁଷ୍ୟର ଅହଂ ଲାଗି ଓ ଅସୁର ଲାଗି ସବୁଠାରୁ

'oaob.nitrkl.ac.in' images reprocessed

ଅଧିକ ଆକର୍ଷକ ଭାବରେ କାର୍ଯ୍ୟ କରିଥାନ୍ତି ଏବଂ ତେଣୁ ଯେଉଁମାନେ ଏହି ଶକ୍ତିଟିର ଅଧିକାରୀ ହୋଇ ରହିଥାନ୍ତି, ସେମାନେ ଅଧିକାଂଶ ସମୟରେ ତାହାକୁ ଅନୁଚିତ ଭାବରେ ଆତ୍ମସାତ୍ କରି ରଖିଥାନ୍ତି ଓ ଅନୁଚିତ ମାର୍ଗରେ ବ୍ୟବହାର ମଧ୍ୟ କରୁଥାନ୍ତି ।···ଏହି କାରଣରୁହିଁ ଆଧ୍ୟାତ୍ମିକ ଅଧିକାଂଶ ମାର୍ଗରେ ···ଦାରିଦ୍ର୍ୟ ଏବଂ ଜୀବନର ଅଳ୍ପବିତ୍ତତାକୁ ଆଧ୍ୟାତ୍ମିକ ସାଧନା ପଥରେ ଏକମାତ୍ର ସର୍ତ୍ତରୂପେ ଘୋଷଣା କରାଯାଇଛି । ମାତ୍ର ଏହା ଏକ ଭୁଲ୍ କଥା । ଏହା ଫଳରେ ଏହି ଶକ୍ତିଟି କେବଳ ପ୍ରତିକୂଳ ଶକ୍ତିମାନଙ୍କର ହାତରେହିଁ ରହିଯିବା ସାର ହେଉଛି । ଏହା ଯଥାର୍ଥତଃ ଯେଉଁ ଦିବ୍ୟ ପରମସତ୍ତାଙ୍କର ସମ୍ପତ୍ତି, ତାହାକୁ ସେହି ପରମସତ୍ତାଙ୍କ ଲାଗି ପୁନର୍ବାର ଜୟ କରି ଆଣିବା ଏବଂ ଦିବ୍ୟ ମାର୍ଗରେ ଦିବ୍ୟ ଜୀବନ ଲାଗି ତାହାର ବିନିଯୋଗ କରିବାକୁହିଁ ସାଧକ ତା'ର ଅତିମାନସିକ ମାର୍ଗରୂପେ ସ୍ୱୀକାର କରିନେବ ।"

ଶ୍ରୀଅରବିନ୍ଦ : "ମାଆ"

ମୁଁ ଯେଉଁଭଳି ଭାବରେ ଅର୍ଥଶକ୍ତିର ବ୍ୟବହାର କରୁଛି, ତାହା ଯେ ଭଗବତ୍ ପରମ ଇଚ୍ଛାର ଆଦୌ ଖିଲାପ କରୁ ନାହିଁ, ମୁଁ ସେକଥା ଜାଣିପାରିବି କିପରି ?

**ଭଗବତ୍ ପରମ ଇଚ୍ଛା କହିଲେ କ'ଣ ବୁଝାଏ, ଆଗ ସେହି କଥାଟିକୁ ଜାଣିବାକୁ ହେବ । ମାତ୍ର ଏଥିଲାଗି ଆଉଗୋଟିଏ ନିଶ୍ଚିତତର ପନ୍ଥା ରହିଛି,— ସେଇଟି ହେଉଛି ଯେ ଭଗବତ୍ କାର୍ଯ୍ୟ ଲାଗି ଆମେ ଅର୍ଥଶକ୍ତିକୁ ଉତ୍ସର୍ଗ କରିଦେବା; ନିଜେ ଏବିଷୟରେ ନିଶ୍ଚିତ ହୋଇ ନପାରିଲେ ତାହାକୁ ତାଙ୍କର କାର୍ଯ୍ୟ ଲାଗିହିଁ ସମର୍ପଣ କରିଦେବା । "ଦିବ୍ୟମାର୍ଗରେ" କହିଲେ ପରମ ଦିବ୍ୟସତ୍ତାଙ୍କର ସେବାରେ ବୋଲି ବୁଝାଇବ । ତାହାର ଅର୍ଥ ହେଉଛି ଯେ ଆମେ ଅର୍ଥଶକ୍ତିକୁ ଆମ ନିଜର ସନ୍ତୁଷ୍ଟିବିଧାନ ଲାଗି କଦାପି ବ୍ୟବହାର କରିବା ନାହିଁ ଓ ତାହାକୁ ଭଗବାନଙ୍କର ସେବା ଲାଗିହିଁ ସମର୍ପିତ କରି ରଖିବା ।**

"ଅର୍ଥକୁ ଆପଣାର ଅଧିକାରରେ ରଖିବା ଦ୍ୱାରା ଯେଉଁସବୁ ଅଭ୍ୟାସର ସୃଷ୍ଟି ହୁଏ, ତାହାର ପାଖରେ ଅତ୍ୟନ୍ତ ଦୁର୍ବଳ

'oaob.nitrkl.ac.in' images reprocessed

ଭାବରେ ଏକ ଭୃତ୍ୟ ପରି ହୋଇ ରହିବା" ବିଷୟରେ ଶ୍ରୀଅରବିନ୍ଦ କହିଛନ୍ତି ।

ତତ୍ରୈବ, ପୃଷ୍ଠା-୧୪

ଯେତେବେଳେ ତୁମେ ଜଣେ ଧନୀ ଲୋକ ହୋଇଥାଅ ଓ ତୁମ ପାଖରେ ଖର୍ଚ୍ଚ କରିବା ଲାଗି ଅନେକ ପଇସା ରହିଥାଏ, ସେତେବେଳେ ତୁମେ ସାଧାରଣତଃ ତାହାକୁ ଏପରି ନାନା ବସ୍ତୁ ଲାଗି ଖରଚ କରିବାରେ ଲାଗିଥାଅ, ଯେଉଁଗୁଡ଼ିକ କି ତୁମକୁ ସୁଖକର ମନେହୁଏ, ଏବଂ ତୁମେ କାଳକ୍ରମେ ଏହିସବୁ ଭାବରେ ଅଭ୍ୟସ୍ତ ହୋଇଯାଅ, ଏହିସବୁ ବସ୍ତୁ ପ୍ରତି ଆସକ୍ତ ହୋଇ ରହ, ଏବଂ ଯଦି ଦିନେ କେତେବେଳେ ତୁମ ହାତରୁ ଅର୍ଥଶକ୍ତିଟି ଆଉ କୁଆଡ଼େ ଚାଲିଯାଏ, ତେବେ ତୁମେ ସେଥିଲାଗି ଦୁଃଖ ହେଉଥାଅ, ଭାରି ଅସୁଖୀ ହୋଇପଡ଼, ତୁମେ ପ୍ରକୃତରେ ଭାରି ଦୟନୀୟ ଅବସ୍ଥାରେ ଆସି ପଡ଼ିଯାଅ ଓ ତୁମେ ଯାହାସବୁର ଅଧିକାରୀ ହୋଇ ରହିବାରେ ଇତିମଧ୍ୟରେ ଅଭ୍ୟସ୍ତ ହୋଇ ଯାଇଥିଲ, ସେଗୁଡ଼ାକ ଆଉ ତୁମ ପାଖରେ ରହିଲା ନାହିଁ ବୋଲି ତୁମେ ସତେଅବା ସବୁ ଚାଲିଗଲା ବୋଲି ଅନୁଭବ କରିବାକୁ ଆରମ୍ଭ କର । ଏହା ହେଉଛି ଏକ ଦାସତ୍ୱ, ଏକ ଦୁର୍ବଳ ଆସକ୍ତି । ମାତ୍ର ଯେଉଁ ବ୍ୟକ୍ତି ଆପଣାକୁ ବେଶ୍ ଆସକ୍ତିମୁକ୍ତ ଓ ନିର୍ଲିପ୍ତ କରି ରଖିପାରିଛି, ଯେତେବେଳେ ସିଏ ଏହିସବୁ ସମ୍ପଦ ଭିତରେ ବାସ କରୁଥାଏ, ସେତେବେଳେ ସିଏ ସେଥିରେ ପ୍ରସନ୍ନ ରହିଥାଏ; ଯେତେବେଳେ ଏହିସବୁ ପଦାର୍ଥ ତା' ପାଖରୁ ଚାଲିଯାଏ, ସେତେବେଳେ ମଧ୍ୟ ସେ ପ୍ରସନ୍ନ ହୋଇ ରହେ; ଦୁଇଟିଯାକ ଅବସ୍ଥା ପ୍ରତି ସିଏ ସମାନ ଭାବରେ ଉଦାସୀନ ହୋଇ ରହିଥାଏ । ତାହାହିଁ ହେଉଛି ଯଥାର୍ଥ ଦୃଷ୍ଟିକୋଣ; ଯେତେବେଳେ ପାଖରେ ଅର୍ଥ ଥାଏ, ସିଏ ତାହାର ବ୍ୟବହାର କରେ, ତାକୁ ଉପଯୋଗ କରେ; ଯେତେବେଳେ ତାହା ପାଖରେ ନଥାଏ, ସେତେବେଳେ ସେ ତାହା ବ୍ୟତୀତ ମଧ୍ୟ ବେଶ୍ ଚଳିଯାଏ । ଏବଂ ତା'ର ଅନ୍ତର୍ଗତ ଚେତନାଟି ଲାଗି ଏହି ଅବସ୍ଥା-ପରିବର୍ତ୍ତନ ଦ୍ୱାରା ଆଦୌ କୌଣସି ପାର୍ଥକ୍ୟ କଦାପି ଘଟେ ନାହିଁ । ଏଥିରେ ତୁମେ ହୁଏତ ଆଶ୍ଚର୍ଯ୍ୟ ହୋଇ ଯାଉଥିବ, ମାତ୍ର ଏହି କଥାଟି ପ୍ରକୃତରେ ସେହିପରି ।

ଯଦି ଜଣକ ପାଖରେ ପ୍ରଚୁର ଅର୍ଥ ଅର୍ଜନ କରିବାର କ୍ଷମତା ରହିଥାଏ, ତେବେ ତାହାର କ'ଣ ଏହି ଅର୍ଥ ହେବ ଯେ ପାର୍ଥିବ ଶକ୍ତିଗୁଡ଼ିକ ଉପରେ ତା'ର ପ୍ରକୃତରେ ଏକ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ-ଶକ୍ତି ମଧ୍ୟ ରହିଛି ?

'oaob.nitrkl.ac.in' images reprocessed

ଏହି ଅର୍ଥଟିକୁ ତୁମେ କିପରି ଅର୍ଜନ କରିବ, ଏକଥାଟି ତାହାରି ଉପରେ ନିର୍ଭର କରୁଛି । ଯଦି ମନ୍ଦ ଉପାୟ ଅବଲମ୍ବନ କରି ତୁମେ ତାହାକୁ ଅର୍ଜନ କରିଥିବ, ତେବେ ତାହାର ଅର୍ଥ ନୁହେଁ ଯେ ତା' ଉପରେ ତୁମର ପ୍ରକୃତରେ ଏକ ନିୟନ୍ତ୍ରଣ ରହିଛି । ମାତ୍ର ଯଦି ଜଣେ ସକଳପ୍ରକାର ସାଧୁତା ସହିତ ଆପଣାର କର୍ତ୍ତବ୍ୟ କରୁଥାଏ ଏବଂ ସେହି ପ୍ରକ୍ରିୟାରେହିଁ ତା' ପାଖକୁ ଅର୍ଥ ଆସିବାକୁ ଲାଗେ, ତେବେ ତାହା ସ୍ପଷ୍ଟତଃ ଏପରି ହୁଏ, କାରଣ ତା'ର ଏହି ଶକ୍ତିଗୁଡ଼ିକ ଉପରେ ପ୍ରକୃତରେ ଏକ ନିୟନ୍ତ୍ରଣ ରହିଥାଏ । ଏପରି ଲୋକ ଅଛନ୍ତି ଯେଉଁମାନଙ୍କର କି ଅର୍ଥକୁ ଆକର୍ଷିତ କରି ଆଣିବାର କ୍ଷମତା ରହିଛି ଏବଂ ତାହା ଲାଭ କରିବାକୁ ଯେଉଁମାନଙ୍କୁ କି ଏତେଟିକିଏ ଅସାଧୁତା ଆଚରଣ କରିବାକୁ ପଡ଼େ ନାହିଁ । ମାତ୍ର ଅପର ପକ୍ଷରେ, ଏପରି ଅନ୍ୟମାନେ ବି ଅଛନ୍ତି, ଯେଉଁମାନଙ୍କୁ କି ମାତ୍ର କେତୋଟି ମୁଦ୍ରା ଅର୍ଜନ କରିପାରିବା ଲାଗି ଯାବତୀୟ ପ୍ରକାରର ଫିକର ଏବଂ କୌଶଳ କରିବାକୁ ପଡ଼ୁଥାଏ, ନିର୍ମଳ ହେଉ ବା ଅନିର୍ମଳ ହେଉ, ନାନାପ୍ରକାର ଫନ୍ଦି କରିବାକୁ ପଡ଼ୁଥାଏ । ତେଣୁ ଆମେ କଦାପି କହି ପାରିବା ନାହିଁ,··· ଆମେ ଜଣେ ଧନୀ ଲୋକକୁ ଦେଖି ଭାବିଥାଉ ଯେ ଅର୍ଥଶକ୍ତି ଉପରେ ତା'ର ନିଶ୍ଚୟ ପ୍ରଭୂତ ନିୟନ୍ତ୍ରଣଶକ୍ତି ରହିଥିବ;—ମାତ୍ର ସେକଥା ଆଦୌ ନୁହେଁ; ସେକଥା ଯେ ଅବଶ୍ୟ ହେବ, ତାହାର କୌଣସି କାରଣ ନାହିଁ । ମାତ୍ର ଯଦି ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ସାଧୁ ହୋଇ ରହିପାରେ ଏବଂ ପଇସା କମାଇବା ବିଷୟରେ ଆଦୌ କୌଣସି ଦୃଷ୍ଟି ନରଖି ଯଦି ସେ ଯାହାକୁ ନିଜର କର୍ତ୍ତବ୍ୟ ବୋଲି ଭାବୁଛି, ତାହାହିଁ କରି ଯାଉଥାଏ ଏବଂ ଯଦି ତା' ପାଖକୁ ପଇସା ଆସିବାରେ ଲାଗିଥାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହିସବୁ ଶକ୍ତି ସହିତ ତା'ର ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ଘନିଷ୍ଠ ସମ୍ବନ୍ଧ ରହିଛି ।

> "ଗାତଟିଏ ନକରି କଦାପି ଗଦାଟିଏ କରାଯାଇ ପାରିବ ନାହିଁ" ବୋଲି ପ୍ରବାଦ ରହିଛି । ଆଉଜଣକୁ ଦରିଦ୍ର ନକରି ଜଣେ କେବେହେଲେ ଆପଣାର ଧନକୁ ବଢ଼ାଇ ପାରେ ନାହିଁ । ଏହା କ'ଣ ସତ ?

ଏହି କଥାଟି ଆଦୌ ସମ୍ପୂର୍ଣ୍ଣ ଭାବରେ ସତ ନୁହେଁ । ଯଦି ଜଣେ କିଛି ଉପାର୍ଜନ କରୁଛି, ଉତ୍ପାଦନ କରୁଛି, ତଦ୍ୱାରା ସେ କଦାପି ଦାରିଦ୍ର୍ୟ ସୃଷ୍ଟି କରୁ ନାହିଁ, ସିଏ ପ୍ରକୃତରେ ସମ୍ପଦହିଁ ବଢ଼ାଉଛି । ଏହା ଦ୍ୱାରା ଜଣେ କେବଳ ଆଉ ଏପରି ଗୋଟିଏ ପଦାର୍ଥକୁ ପୃଥିବୀରେ ବ୍ୟାପ୍ତ ହୋଇଯିବା ଲାଗି ଏକ ଅବସର ସୃଷ୍ଟି

'oaob.nitrkl.ac.in' images reprocessed

କରୁଛୁ, ଯାହାର କି ଅର୍ଥର ମୂଲ୍ୟ ସହିତ ସଦୃଶ ହୋଇ ରହିଥିବା ଏକ ମୂଲ୍ୟ ରହିଛି । ମାତ୍ର ତା' ବୋଲି ଯଦି ବୁଝାଯିବ ଯେ ଗାତଟିଏ ନକଲେ ଆମେ କଦାପି ଗଦାଟିଏ କରି ପାରିବା ନାହିଁ, ତେବେ ଯେଉଁମାନେ ଅଟକଲବାଜି କରନ୍ତି, ଷ୍ଟକ୍ ଏକ୍ସଚେଞ୍ଜ୍ ଅଥବା ହାଟକୁ ଯାଇ ଯେଉଁମାନେ ବ୍ୟବସାୟ କରନ୍ତି ଓ ଟଙ୍କା କମାଉଥାନ୍ତି, ହୁଏତ ସେମାନଙ୍କ କ୍ଷେତ୍ରରେ ଏହାକୁ ସତ ବୋଲି ବୁଝାଯିବ । ଆଉ ଜଣଙ୍କୁ କ୍ଷତିଗ୍ରସ୍ତ ନକରି କେବଳ ଅଟକଲବାଜିର ବ୍ୟାପାରମାନଙ୍କରେ ଆର୍ଥିକ ସଫଳତା ଅର୍ଜନ କରିବା କେବେହେଲେ ସମ୍ଭବ ହୋଇ ପାରିବ ନାହିଁ । ମାତ୍ର ଏହାକୁ କେବଳ ଏହି କ୍ଷେତ୍ରର ମଧ୍ୟରେହିଁ ସୀମାବଦ୍ଧ କରି ରଖାଯାଇ ପାରିବ । ମାତ୍ର ଅନ୍ୟ ପକ୍ଷରେ, ଜଣେ ଉତ୍ପାଦନକାରୀ ଯେତେବେଳେ ତା'ର ଉତ୍ପାଦନ ବଦଳରେ ପଇସା ଅର୍ଜନ କରେ ଓ ଅର୍ଥ ଗଦା କରିଥାଏ, ସେତେବେଳେ ତାକୁ ଆଦୌ କୌଣସି ଗାତ କରିବାକୁ ପଡ଼େ ନାହିଁ । ଅବଶ୍ୟ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବିଷୟରେ ମଧ୍ୟ ଏକ ପ୍ରଶ୍ନ ଅବଶ୍ୟ ରହିଛି । ମାତ୍ର ସେହି ଉତ୍ପାଦନ ଦ୍ୱାରା ସାଧାରଣ ସାର୍ବଜନୀନ ସମ୍ପଦର କ୍ଷେତ୍ରରେ ଯଦି ପ୍ରକୃତରେ ଏକ ଉପାର୍ଜନ ସମ୍ଭବ ହେଉଥାଏ, ତେବେ ତାହା କଦାପି କୌଣସି ଗାତ ଫୁଟାଇବାକୁ ଯାଏ ନାହିଁ, ତାହା ସମ୍ପଦର ବୃଦ୍ଧିହିଁ କରାଏ । ଏବଂ ଆଉ ଗୋଟିଏ ଦୃଷ୍ଟିରୁ ବିଚାର କରି ଦେଖିଲେ, କେବଳ ଭୌତିକ କ୍ଷେତ୍ରଟିରେ ନୁହେଁ, ଏହି କଥାଟିକୁ ଆମେ କଳା, ସାହିତ୍ୟ ବା ବିଜ୍ଞାନର କ୍ଷେତ୍ରରେ, ଏପରିକି ଯାବତୀୟ ଉତ୍ପାଦନର କ୍ଷେତ୍ରରେ ମଧ୍ୟ ଲାଗୁ କରି ପାରିବା ।

> ମୁଁ ଯେତେବେଳେ ବ୍ୟବସାୟରେ ଥିଲି (ରପ୍ତାନି ଓ ଆମଦାନିର କାରବାର), ସେତେବେଳେ ମୋର ପ୍ରାୟ ସବୁବେଳେ ଏହିପରି ମନେ ହେଉଥିଲା ଯେ ମୁଁ ଏପରି କରି ମୋର ପ୍ରତିବେଶୀ ଅନ୍ୟଜଣେ ବ୍ୟକ୍ତିକୁ ଲୁଟି କରିବାରେ ଲାଗିଛି ।

ଏହାକୁ ଆମେ ଅନ୍ୟମାନଙ୍କର କ୍ଷତି କରି ନିଜେ ବଞ୍ଚିରହିବାର ଏକ ବାଟ ବୋଲି କହିବା, କାରଣ ଏହା ଦ୍ୱାରା ଆମେ ମଧ୍ୟବର୍ତ୍ତୀ ବେପାରୀମାନଙ୍କର ସଂଖ୍ୟାଟିକୁ ବଢ଼ାଇ ଦେବାରେ ପ୍ରକୃତରେ ଭାରି ସାହାଯ୍ୟ କରିଥାଉ । ଏହାକୁ ନିଃସନ୍ଦେହ ଭାବରେ ଉପାର୍ଜନର ସମ୍ଭବତଃ ଏକ ସୁବିଧାଜନକ ଓ ବ୍ୟାବହାରିକ ପନ୍ଥା ବୋଲି କୁହାଯାଇ ପାରିବ, ମାତ୍ର ସାର୍ବଜନୀନ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏବଂ ବିଶେଷ କରି ଯେପରି ଭାବରେ ଏହିସବୁ କ୍ଷେତ୍ରରେ ଆଚରଣ କରା

'oaob.nitrkl.ac.in' images reprocessed

ଯାଇଥାଏ, ଏହାକୁ ପ୍ରକୃତ ଉତ୍ପାଦନକାରୀ ଏବଂ ପ୍ରକୃତ ଉପଭୋକ୍ତାମାନଙ୍କର କ୍ଷତି କରିହିଁ ଆପଣାର ଜୀବିକାନିର୍ବାହ କରିବା ବୋଲି ବୁଝାଇବ । ଏସବୁ କାରବାରରେ ଆମେ ଜଣେ ଏଜେଣ୍ଟ ଭାବରେ କାର୍ଯ୍ୟ କରୁଥାଉ, ମାତ୍ର ଏଥିରେ ଆଉ କାହାର କୌଣସି ଉପକାର କରିବାର ଆଦୌ କୌଣସି ସମ୍ଭାବନା ନଥାଏ (କାରଣ ଲକ୍ଷେଙ୍କ ଭିତରେ ଆମେ ଜଣକ ଭିତରେ ମଧ୍ୟ ଏପରି ଭାବନା ରହିଥିବାର ମୋଟେ ଦେଖିବାକୁ ପାଇବା ନାହିଁ), ମାତ୍ର କୌଣସି ପ୍ରକାର ମେହନତ ବା ପ୍ରୟାସ ନକରି ଏଥିରେ ସହଜରେ ପଇସା ରୋଜଗାର କରାଯାଇ ପାରିବ ବୋଲି ଆମେ ଏଜେଣ୍ଟ ହେବାକୁ ମନ କରିଥାଉ । ଅବଶ୍ୟ ଏକଥା ସତ ଯେ, ନିଜେ ଆଦୌ କୌଣସି ଉଦ୍ୟମ ଓ ପ୍ରୟାସ ନକରି ପଇସା କମାଇବାର ଯେତେଯେତେ ପନ୍ଥା ରହିଛି, ସେଥିରେ ଆମକୁ ଏଇଟିଠାରୁ ଆହୁରି ଅଧିକ ଖରାପ ପନ୍ଥାମାନ ମଧ୍ୟ ଦେଖିବାକୁ ମିଳିବ ! ସେପରି ଅଗଣିତ ପନ୍ଥା ନିଶ୍ଚୟ ଦେଖିବାକୁ ମିଳିବ !

> ବାହାରେ ଥିବା ବନ୍ଧୁମାନେ ମୋତେ ଅନେକ ସମୟରେ ଏହି ପ୍ରଶ୍ନଟିକୁ ପଚାରୁଛନ୍ତି : "ଯେତେବେଳେ ଜୀବିକାନିର୍ବାହ ଲାଗି ବାଧ ହେବାକୁ ପଡ଼େ, ସେତେବେଳେ, ସାଧୁତା ବିଷୟରେ ଯେଉଁ ସାଧାରଣ ନିୟମ ବନ୍ଧନ ରହିଛି, ଆମେ କ'ଣ କେବଳ ସେଗୁଡ଼ିକୁ ମାନି ଚଳିବା ନା ଏହି କ୍ଷେତ୍ରରେ ଆମକୁ ଅଧିକ କଠୋରତା ଅବଲମ୍ବନ କରିବାକୁ ପଡ଼ିବ ?"

ତୁମର ବନ୍ଧୁ ଜୀବନ ପ୍ରତି ଠିକ୍ କେଉଁପରି ଦୃଷ୍ଟିକୋଣ ଅବଲମ୍ବନ କରିଛନ୍ତି, ସବୁକିଛି ତାହାରି ଉପରେ ନିର୍ଭର କରିବ । ଯଦି ସିଏ ଜଣେ ସାଧକ ହେବାକୁ ଇଚ୍ଛା କରୁଥାନ୍ତି, ତେବେ ଏହା ଏକାନ୍ତ ଅପରିହାର୍ଯ୍ୟ ଯେ ସାଧାରଣରେ ଯେତିକି ନୈତିକତା ଚଳୁଛି, କେବଳ ତାହାରି ନିୟମଗୁଡ଼ିକର ତାଙ୍କ ଲାଗି ପ୍ରକୃତରେ ଆଦୌ କୌଣସି ମୂଲ୍ୟ ରହିବ ନାହିଁ । ମାତ୍ର, ଅପର ପକ୍ଷରେ, ଯଦି ସେ ଜଣେ ସାଧାରଣ ବ୍ୟକ୍ତି ହୋଇ ଥିବେ ଓ ଏକ ସାଧାରଣ ଜୀବନ ଯାପନ କରୁଥିବେ, ତେବେ ତାଙ୍କ ଲାଗି ଏହା ମୂଳତଃ ଏକ ବ୍ୟାବହାରିକ ପ୍ରଶ୍ନ ହୋଇହିଁ ରହିବ, ନୁହେଁ କି ? ସବୁପ୍ରକାର ଅଡ଼ୁଆକୁ ଏଡ଼ି ରହିବା ଲାଗି ତାଙ୍କୁ ସିଏ ବାସ କରୁଥିବା ଦେଶର ସବୁ ବିଧାନଗୁଡ଼ିକୁ ମାନି ଚଳିବାକୁ ପଡ଼ିବ । ମାତ୍ର, ଏହି ଯାବତୀୟ ଯେଉଁସବୁ କଥାର ସାଧାରଣ ଜୀବନରେ ଏକ ଅତ୍ୟନ୍ତ ଆପେକ୍ଷିକ ମୂଲ୍ୟ ରହିଛି ଏବଂ ତେଣୁ ଏକ ନିର୍ଦ୍ଦିଷ୍ଟ ଶିଥିଳତା-ଭାବ ସହିତ ହିଁ ଏତ ଯାହାକୁ ଗ୍ରହଣ କରିହେବ, ଯେଉଁ ମୁହୂର୍ତ୍ତରେ ତୁମେ ଯୋଗର

'oaob.nitrkl.ac.in' images reprocessed

ଅଭ୍ୟାସ କରିବାକୁ ଏବଂ ଦିବ୍ୟ ଜୀବନର ଆୟତନଟି ମଧ୍ୟରେ ପ୍ରବେଶ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରିବ, ସେହି ମୁହୂର୍ତ୍ତରୁହିଁ ସେସବୁ ସମ୍ପୂର୍ଣ୍ଣ ଭାବରେ ବଦଳିଯିବ । ସେତେବେଳେ ତୁମର ସବୁଯାକ ମୂଲ୍ୟ ସମ୍ପୂର୍ଣ୍ଣ ଭାବରେ ଲୁଆଡ଼େ ବଦଳିଯିବ । ସାଧାରଣ ଜୀବନରେ ଯାହାକୁ ଆଜିଯାଏ ସାଧୁତା ବୋଲି ବୁଝାହୋଇ ଆସୁଥିଲା, ତାହା ଆଉ ତୁମ ଲାଗି କଦାପି ସାଧୁତା ହୋଇ ରହିବ ନାହିଁ । ପୁନଶ୍ଚ, ମୂଲ୍ୟ-ବୋଧର କ୍ଷେତ୍ରରେ ଏପରି ଏକ ଉତ୍କ୍ରମଣ ଘଟିବ ଯେ ତୁମେ ଆଉ ପୂର୍ବର ସେହି ଭାଷାଟିକୁ ମଧ୍ୟ କଦାପି ବ୍ୟବହାର କରି ପାରିବ ନାହିଁ । ଯଦି ତୁମେ ଦିବ୍ୟ ଜୀବନ ଲାଗି ଆପଣାକୁ ଉତ୍ସର୍ଗୀକୃତ କରି ରଖିବାକୁ ଇଚ୍ଛା କରୁଥିବ, ତେବେ ସମ୍ପୂର୍ଣ୍ଣ ନିଷ୍ଠା ସହକାରେହିଁ ତାହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ, ଅର୍ଥାତ୍, ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଦେଇଦେବାକୁ ପଡ଼ିବ, ଆପଣାର ସ୍ୱାର୍ଥସିଦ୍ଧି ସକାଶେ ତୁମେ ଆଉ କିଛିହେଲେ କରିବାକୁ ଯିବ ନାହିଁ, ଭଗବତ୍ ପରମଶକ୍ତି ପାଖରେ ତୁମେ ଆପଣାକୁ ଗୋଟାପୁରା ପରିହାର କରିଦେଇ ଆସିବ ଏବଂ ଅବିମିଶ୍ରିତ ଭାବରେ ତୁମକୁ କେବଳ ତାହାରି ଉପରେହିଁ ନିର୍ଭର କରିବାକୁ ପଡ଼ିବ । ସବୁକିଛି ସମ୍ପୂର୍ଣ୍ଣ ଭାବରେ ବଦଳି ଯିବ, ନୁହେଁ କି ?—ସବୁକିଛି, ସବୁକିଛିହିଁ ବଦଳିଯିବ । ଏହାକୁ ପ୍ରକୃତରେ ଏକ ଉତ୍କ୍ରମଣ ବୋଲି କୁହାଯିବ । ବର୍ତ୍ତମାନ ମୁଁ ଟିକିଏ ଆଗରୁ ଏହି ବହିଟିରୁ ଯାହା ପଢ଼ିଲି, ସେସବୁ ଯୋଗମାର୍ଗରେ ଯିବା ଲାଗି ବ୍ୟକ୍ତିମାନଙ୍କ ଲାଗିହିଁ ଉଦ୍ଦିଷ୍ଟ । ଅନ୍ୟ-ମାନଙ୍କ ଲାଗି ଏସବୁର ଆଦୌ କୌଣସି ଅର୍ଥ ନାହିଁ । ସେମାନେ ଏହି ଭାଷାର କୌଣସି ଅର୍ଥ ବୁଝି ପାରିବେ ନାହିଁ । ମାତ୍ର ଯେଉଁମାନେ ଯୋଗମାର୍ଗରେ ଯିବାକୁ ଇଚ୍ଛା କରୁଥିବେ, ସେମାନଙ୍କ ଲାଗି ଏହା ଅପରିହାର୍ଯ୍ୟ । ଏବେ ଆମେ ଯାହାକିଛି ପଢ଼ିଲୁ, ସବୁଥିରେ ସର୍ବଦା କେବଳ ଏହି ଗୋଟିଏ କଥାହିଁ ବୁଝିବାକୁ ହେବ : ଆମକୁ ଅତ୍ୟନ୍ତ ସାବଧାନ ହୋଇ ରହିବାକୁ ପଡ଼ିବ, ଯେପରି ଆମର ଗୋଟିଏ ପାଦ ଗୋଟିଏ ପାଖରେ ନରହେ ଓ ଆଉ ଗୋଟିଏ ପାଦ ଆଉଗୋଟିଏ ପାଖରେ ନରହେ ! ଆମେ ଯେପରି କେବେହେଲେ ଆପଣାର ଅଲଗା ଅଲଗା ବାଟ ଧରି ଦୁଇ ଆଡ଼କୁ ଯାଉଥିବା ଦୁଇଟା ଡଙ୍ଗାରେ ଏକାବେଳେକେ ଗୋଡ଼ ଦେବାକୁ ନଯାଉ ! ଶ୍ରୀଅରବିନ୍ଦ ପ୍ରକୃତରେ ଏହାହିଁ କହିଛନ୍ତି : ଆମେ କଦାପି ଏକାବେଳେକେ "ଦୁଇଟି ଜୀବନ" ବଞ୍ଚିବାକୁ ମନ କରିବା ନାହିଁ । ଆମକୁ ଏଇଟିକୁ ଛାଡ଼ିବାକୁ ହେବ ନଚେତ୍ ସେଇଟିକୁ ଛାଡ଼ିବାକୁ ହେବ,—ଏକାବେଳେକେ କଦାପି ଦୁଇଟି ପଥରେ ଯାଇ ହେବ ନାହିଁ ।

ମାତ୍ର, ମୁଁ ତଦ୍ଦ୍ୱାରା ଏପରି ଆଦୌ କହିବାକୁ ଇଚ୍ଛା କରୁ ନାହିଁ ଯେ ଆମକୁ ଆମ ଜୀବନର ଯାବତୀୟ ପରିବେଶ ମଧ୍ୟରୁ ବାହାରି ଚାଲିଯିବାକୁ ପଡ଼ିବ । ପ୍ରକୃତ

'oaob.nitrkl.ac.in' images reprocessed

କଥା ହେଉଛି ଯେ ଆମର ଅନ୍ତର୍ଗତ ଦୃଷ୍ଟିକୋଣଟି ଏକାବେଳେକେ ବଦଳିଯିବ । ଜଣେ ଯାହା କରିବାରେ ଅଭ୍ୟସ୍ତ ହୋଇ ରହି ଆସିଛି, ସିଏ ତାହାକୁ ହୁଏତ ଅବଶ୍ୟ କରିପାରିବ ସତ, ମାତ୍ର ଏକ ଭିନ୍ନ ଦୃଷ୍ଟିକୋଣ ସହିତ ତାହାକୁ କରିବାକୁ ପଡ଼ିବ । ମୁଁ ଏକଥା ମୋଟେ କହୁ ନାହିଁ ଯେ ଯୋଗର ଜୀବନ ଲାଗି ତୁମକୁ ଜୀବନରେ ରହିଥିବା ଯାବତୀୟ ବସ୍ତୁକୁ ପରିତ୍ୟାଗ କରିବାକୁ ପଡ଼ିବ, କୌଣସି ଏକାନ୍ତ ନିର୍ଜନତା ଭିତରକୁ ଚାଲିଯିବାକୁ ପଡ଼ିବ ବା ଯେକୌଣସି ମଠେ କୌଣସି ଆଶ୍ରମକୁ ଯାଇ ରହିବାକୁ ହେବ । ଅବଶ୍ୟ ଏହା ଏକାନ୍ତ ସତ୍ୟ ଯେ, ଯଦି ଏହି ସଂସାରରେ ଓ ସାଂସାରିକ ପରିବେଶ ମଧ୍ୟରେ ରହି ଯୋଗର ଅଭ୍ୟାସ କରିବାକୁ ହୁଏ, ତେବେ ତାହା ପ୍ରକୃତରେ ଅପେକ୍ଷାକୃତ ଅଧିକ କଷ୍ଟକର ହେବ, ମାତ୍ର ତାହା ଅଧିକ ପରିପୂର୍ଣ୍ଣ ମଧ୍ୟ ହୋଇପାରିବ । କାରଣ, ପ୍ରାୟ ପ୍ରତ୍ୟେକ ମୁହୂର୍ତ୍ତିରେହିଁ ଏପରି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ, ସବୁକିଛି ଛାଡ଼ି ନିକାଞ୍ଚନକୁ ପଳାଇ ଯାଇଥିବା ଜଣେ ବ୍ୟକ୍ତିକୁ କି ଯାହା ଆଦୌ ସାମନା କରିବାକୁ ପଡ଼ିବ ନାହିଁ । ଏପରି ଜଣେ ବ୍ୟକ୍ତି ଲାଗି ଏହି ସମସ୍ୟାଗୁଡ଼ିକ ସର୍ବନିମ୍ନ ହୋଇ ରହିବ; ମାତ୍ର ଜୀବନରେ ଯାବତୀୟ ସମସ୍ୟା ସହିତ ମୁହାଁମୁହିଁ ହେବ; ତୁମ ଚାରିପାଖରେ ଯେଉଁ ଲୋକମାନେ ବାସ କରୁଛନ୍ତି ଓ ଯେଉଁମାନଙ୍କୁ ନେଇହିଁ ତୁମକୁ ଜୀବନ ବଞ୍ଚିବାକୁ ପଡ଼ିବ, ସେମାନେ ହୁଏତ ତୁମକୁ ଆଦୌ ବୁଝିପାରୁ ନଥିବେ । ସେହି ସ୍ଥିତିଟି ଲାଗି ମଧ୍ୟ ପ୍ରସ୍ତୁତ ରହିବାକୁ ପଡ଼ିବ, ସମ୍ପୂର୍ଣ୍ଣ ଧୈର୍ଯ୍ୟ ଅବଲମ୍ବନ କରିବାକୁ ପଡ଼ିବ ଏବଂ ଏକ ବୃହତ୍ତ ଉପେକ୍ଷାଭାବ ମଧ୍ୟ ରଖିବାକୁ ପଡ଼ିବ । ମାତ୍ର, ଲୋକମାନେ କ'ଣ ଭାବୁଛନ୍ତି ବା କହୁଛନ୍ତି, ଯୋଗର ମାର୍ଗରେ ସେଥିପାଇଁ ଆଦୌ କୌଣସି ଭ୍ରୂକ୍ଷେପ କରିବାକୁ ହେବ ନାହିଁ, ମୂଳରୁହିଁ ଏହି କଥାଟିକୁ ଏକାନ୍ତ ଅପରିହାର୍ଯ୍ୟ ବୋଲି ମାନି ନେବାକୁ ପଡ଼ିବ । ସଂସାର ତୁମ ବିଷୟରେ କ'ଣ କହିବ ବା କ'ଣ ଭାବିବ, ଏବଂ ଯେପରି ଭାବରେ ତୁମ ସହିତ ଆଚରଣ କରିବ, ତୁମକୁ ସେବିଷୟରେ ଏକାନ୍ତ ରାଗମୁକ୍ତ ହୋଇ ରହିବାକୁ ପଡ଼ିବ । ଲୋକମାନେ ବିଭିନ୍ନ କଥାକୁ ଯେପରି ଭାବରେ ବୁଝୁଛନ୍ତି, ତୁମେ ତା' ଉପରେ ଆଦୌ କୌଣସି ଗୁରୁତ୍ୱ ଦେବ ନାହିଁ ଏବଂ ସେସବୁ ତୁମକୁ ଏତେ ଟିକିଏ ହେଲେ ବି କେବେହେଲେ ସ୍ପର୍ଶ କରୁ ନଥିବ । ଏହି କାରଣରୁହିଁ ଆପଣାର ନିତ୍ୟଜୀବନର ସାଧାରଣ ପରିବେଶଟି ମଧ୍ୟରେ ରହି ଯୋଗସାଧନା କରିବା ସଂସାର ଛାଡ଼ି ନିକାଞ୍ଚନକୁ ଚାଲିଯାଇ ଯୋଗୀ ହେବା ଅପେକ୍ଷା ସାଧାରଣତଃ ଅନେକ ଅଧିକ କଷ୍ଟକର । ଏହା ଅନେକ ଅଧିକ କଷ୍ଟକର, ମାତ୍ର ଆମେ ଏଠି କ'ଣ ଖାଲି ସହଜ ଜିନିଷଗୁଡ଼ିକୁହିଁ କରିବାକୁ ଆସିଛୁ ? ଯେଉଁମାନେ ରୂପାନ୍ତର ବିଷୟରେ କିଛିହିଁ ଭାବୁ ନାହାନ୍ତି, ସହଜ ଜିନିଷଗୁଡ଼ିକୁ ଆମେ ଖାସ୍ ସେହିମାନଙ୍କ ଲାଗି ଛାଡ଼ିଦେଇ ପାରିବା ।

'oaob.nitrkl.ac.in' images reprocessed

ଯଦି କେହି ଜଣେ ଅସାଧୁ ଉପାୟରେ ଗୁଡ଼ାଏ ପଇସା କମାଇଛି, ଭଗବାନଙ୍କର କାର୍ଯ୍ୟ ଲାଗି ତା'ଠାରୁ ସେଥିରୁ କିଛି ଅଂଶ ଧନ ମାଗି ଆଣାଯାଇ ପାରିବ କି ?

ଶ୍ରୀଅରବିନ୍ଦ ଏହି ପ୍ରଶ୍ନଟିର ଉତ୍ତର ଦେଇ ସାରିଛନ୍ତି । ସେ କହିଛନ୍ତି ଯେ ଅର୍ଥଶକ୍ତି ହେଉଛି ଏକ ବ୍ୟକ୍ତିନିରପେକ୍ଷ ଶକ୍ତି : ତୁମେ କେଉଁ ଉପାୟରେ ଅର୍ଥଟିର ଉପାର୍ଜନ କରିଛ, ସେଥିଲାଗି ବ୍ୟକ୍ତିଗତ ଭାବରେ କେବଳ ତୁମେହିଁ ଦାୟୀ । ଏହା ଦ୍ୱାରା ତୁମର ହୁଏତ ଅନେକ ଅନିଷ୍ଟ ହେବ, ହୁଏତ ଅନ୍ୟମାନଙ୍କର ବି ଅନିଷ୍ଟ ହେବ । ମାତ୍ର ଏହା ଦ୍ୱାରା ଅର୍ଥର ପ୍ରକୃତିଟି ଆଦୌ କୌଣସି ପ୍ରକାରେ ବଦଳି ଯିବ ନାହିଁ । କାରଣ ଅର୍ଥ ହେଉଛି ସଂପୂର୍ଣ୍ଣ ଭାବରେ ବ୍ୟକ୍ତିନିରପେକ୍ଷ । ଅର୍ଥର କୌଣସି ରଙ୍ଗ ନାହିଁ, କୌଣସି ସ୍ୱାଦ ନାହିଁ, ମନୋଭୂମିଗତ କୌଣସି ଚେତନତା ବି ନାହିଁ । ଏହା ହେଉଛି ଏକ ଶକ୍ତି । ଆମେ କ'ଣ ଏପରି କହିପାରିବା ଯେ ଗୋଟାଏ ବଦମାସ୍ ଲୋକ ଯେଉଁ ପବନକୁ ନାକବାଟେ ବାହାରକୁ ଛାଡ଼ୁଛି ତାହା ଜଣେ ସାଧୁ ଲୋକ ବାହାରକୁ ଛାଡ଼ୁଥିବା ପବନଠାରୁ ପ୍ରକୃତରେ ଅଧିକ ଦୂଷିତ ? ମୁଁ ସେକଥାରେ ଆଦୌ ସହମତ ହୋଇ ପାରୁ ନାହିଁ । ମୁଁ ଭାବୁଛି ଦୁଇଟିଯାକ କ୍ଷେତ୍ରରେ ସେହି ଗୋଟିଏ ପରିଣାମ ରହୁଛି । ହଁ, ବ୍ୟାବହାରିକ ଧରଣର କୌଣସି କାରଣ ସକାଶେ ଜଣେ ହୁଏତ ଚୋରି ହୋଇ ଆସିଥିବା କୌଣସି ଅର୍ଥକୁ ଗ୍ରହଣ କରିବାକୁ ମନା କରିପାରିବ, ମାତ୍ର ସଂପୂର୍ଣ୍ଣତଃ ବ୍ୟାବହାରିକ କାରଣଗୁଡ଼ିକର ଦୃଷ୍ଟିରୁହିଁ ସେ ତାହା କରିପାରିବ । ଦିବ୍ୟତା ସହିତ ସମ୍ବନ୍ଧ ରଖିଥିବା କୌଣସି କାରଣ ସକାଶେ ଆଦୌ କରିବ ନାହିଁ । ଏପରି ଯେ ଲୋକମାନେ ଭାବନ୍ତି, ତାହା ଆମର ଏହି ମନୁଷ୍ୟସୁଲଭ ମନ ଦ୍ୱାରା ପ୍ରେରିତ ହୋଇହିଁ ଭାବନ୍ତି । ଏକ ବ୍ୟାବହାରିକ ଦୃଷ୍ଟିକୋଣରୁ ହୁଏତ ଜଣେ କହିପାରିବ, "ନା—ନା,—ଆପଣ ଯେଉଁ ଉପାୟରେ ଏହି ଅର୍ଥକୁ ଉପାର୍ଜନ କରିଛନ୍ତି, ତାହା ଆଦୌ ସ୍ପୃହଣୀୟ ନୁହେଁ, ତେଣୁ ମୁଁ ସେହି ଅର୍ଥକୁ କଦାପି ଭଗବାନଙ୍କ କାର୍ଯ୍ୟରେ ଲଗାଇବାକୁ ଇଚ୍ଛା କରିବି ନାହିଁ ।" ଆମେ ଆମ ମନୁଷ୍ୟ-ଚେତନା ଦ୍ୱାରା ପ୍ରେରିତ ହୋଇ ହୁଏତ ଏପରି କହିପାରିବା । ମାତ୍ର ଯଦି ଏପରି ଜଣେ ବ୍ୟକ୍ତିର (ମନେ କରାଯାଉ ସବୁଠାରୁ ଖରାପ ଜଣେ ବ୍ୟକ୍ତିର) ଦୃଷ୍ଟାନ୍ତ ଗ୍ରହଣ କରାଯାଏ, ଯିଏକି ଆଗ ମଣିଷର ହତ୍ୟା କରିଛି ଓ ହତ୍ୟା ଦ୍ୱାରାହିଁ ଅର୍ଥର ଅଧିକାରୀ ହୋଇଛି, ଯଦି ହଠାତ୍ ତା' ଭିତରେ ସେ ବିବେକର ଭୟଙ୍କର ଦଂଶନମାନ ଅନୁଭବ କରିବାକୁ ଆରମ୍ଭ କରେ, ଗଭୀର ଅନୁଶୋଚନାମାନ କରେ ଏବଂ ମନେମନେ ଭାବେ, "ଏହି ଅର୍ଥକୁ ନେଇ ମୁଁ ବର୍ତ୍ତମାନ କେବଳ ଗୋଟିଏ କଥା କରିପାରିବି, ଯେଉଁଠି ଏହି ଧନର ସର୍ବୋତ୍ତମ ସଦ୍‌ବ୍ୟବହାର ହୋଇପାରିବ,

'oaob.nitrkl.ac.in' images reprocessed

ମୁଁ ଏହାକୁ ସେହିପରି ଗୋଟିଏ ଜାଗାରେ ନେଇ ଦେଇ ଦେଇ ପାରିବି; ଯେଉଁଠି ସବୁଠାରୁ ଅଧିକ ବ୍ୟକ୍ତିନିରପେକ୍ଷ ଭାବରେ ଏହାର ବିନିଯୋଗ ହୋଇପାରିବ, ଏହି ଧନକୁ ମୁଁ ସେଇଠି ନେଇ ଦେଇଦେବି ।" ମୁଁ ଭାବୁଛି, ଆପଣାର ସନ୍ତୋଷବିଧାନ ଲାଗି ଏହାକୁ କାମରେ ଲଗାଇବା ଅପେକ୍ଷା ଏହିପରି ଏକ ବାଟରେ ଅଗ୍ରସର ହେବା ନିଶ୍ଚୟ ଅଧିକ ଶ୍ରେୟସ୍କର । ମୁଁ କହିଲି ଯେ ଯେଉଁସବୁ କାରଣ ଦ୍ୱାରା ପ୍ରେରିତ ହୋଇ ଆମେ ଆପଣାକୁ ଅସାଧୁତା ଦ୍ୱାରା ପ୍ରାପ୍ତ ଧନକୁ ଗ୍ରହଣ କରିବାରୁ ଶାନ୍ତ କରି ରଖିପାରିବା, ତାହା ସମ୍ପୂର୍ଣ୍ଣତଃ ଏକ ବ୍ୟାବହାରିକ ଧରଣର କାରଣ ହୋଇପାରେ; ମାତ୍ର ଏହା ପଛରେ ହୁଏତ ଅଧିକ ଗଭୀର କାରଣ ନିହିତ ହୋଇ ରହିପାରେ, ଏବଂ (ମୁଁ ନୈତିକ ବୋଲି ଆଦୌ କହିବାକୁ ଚାହୁଁ ନାହିଁ, ମାତ୍ର) ଆଧ୍ୟାତ୍ମିକ ଧରଣର କାରଣ ବି ନିହିତ ଥାଇପାରେ; ତପସ୍ୟାର ଦୃଷ୍ଟିକୋଣରୁ ମଧ୍ୟ ଏକ କାରଣ ବେଶ୍ ରହିପାରେ । ଆମେ ଯାଇ କୌଣସି ବ୍ୟକ୍ତିକୁ ହୁଏତ କହିପାରୁ, "ଏପରି ଏକ ଭୟଙ୍କର ଉପାୟରେ ତୁମେ ଏହି ଯେଉଁ ଧନଟିର ଅଧିକାରୀ ହୋଇଛ, ଏଇଟି ଦ୍ୱାରା ତୁମେ କଦାପି କୌଣସି ଯଥାର୍ଥ ଶ୍ରେୟଃ ଲାଭ କରି ପାରିବ ନାହିଁ । ତୁମେ ସେହି ଧନଟି ଯେଉଁଠି ଥିଲା, ବର୍ତ୍ତମାନ ପୁଣି ସେଇଠି ନେଇ ରଖିଆସି ପାରିବ ।" ଆମେ ହୁଏତ ଅନୁଭବ କରିବା ଯେ ସେହି ଅର୍ଥକୁ କୌଣସି କାର୍ଯ୍ୟରେ ଲଗିବା ପାଇଁ ଦେଇଦେବା ଅପେକ୍ଷା ସେହି ଧନଟି ଯେଉଁଠୁ ଯାଇଛି, ସେଇଠି ଆଣି ଭରିଦେଲେ ତଦ୍ଵାରା ଅଧିକ ଅଗ୍ରଗତି ଲାଗି ସହାୟତା ମିଳିବ । ଜଣେ ଇଚ୍ଛା କଲେ ଏପରି ଦୃଷ୍ଟିରୁ ମଧ୍ୟ କଥାଟିକୁ ବିଚାର କରି ପାରିବ,—କାରଣ ଏହି କ୍ଷେତ୍ରରେ ଆଦୌ କୌଣସି ନିୟମ ବାନ୍ଧି ଦିଆଯାଇ ପାରିବ ନାହିଁ । ଏହି କଥାଟିକୁ ମୁଁ ଅନବରତ ତୁମମାନଙ୍କୁ କହି ଆସିଛି; କୌଣସି ନିୟମ ବାନ୍ଧି ରଖିଦେବା ଆଦୌ ସମ୍ଭବ ନୁହେଁ । କାରଣ ପ୍ରତ୍ୟେକ କ୍ଷେତ୍ରରେ ଘଟଣା ନିଶ୍ଚୟ ଭିନ୍ନ ଭିନ୍ନ ହେବ । ମାତ୍ର ଏହା ଦ୍ୱାରା ଅର୍ଥଶକ୍ତିରେ ଯେ କୌଣସି ଦୋଷ କିଂବା କୌଣସି ଗୁଣ ଆସି ଲାଗିଯିବ, ତୁମର ଆଦୌ ସେପରି ଭାବିବା ଉଚିତ ନୁହେଁ । କିଏ ଅର୍ଥର ଉପାର୍ଜନ କିପରି କରୁଛି, ତାହା ଏକ ପାର୍ଥିବ ଶକ୍ତି ହିସାବରେ ଅର୍ଥ ଉପରେ ଆଦୌ କୌଣସି ଆଞ୍ଚ ଲଗାଇ ପାରିବ ନାହିଁ, ଅର୍ଥକୁ ତାହା କୌଣସି ପ୍ରକାରେ ଦୂଷିତ ବା ସମ୍ମାନିତ କରି ପାରିବ ନାହିଁ । ଅର୍ଥଶକ୍ତି ଯେପରି ଥିଲା, ଠିକ୍ ସେହିପରି ରହିଥିବ, ତୁମ ପାଖରେ ଥିବା ସ୍ୱର୍ଣ୍ଣମୁଦ୍ରାଟି ଠିକ୍ ଯେପରି ଥିଲା ସେହିପରି ରହିବ ଏବଂ, ତାହା ଆପଣାର ଶକ୍ତିକୁ ସର୍ବଦା ସ୍ୱୟଂ ବହନ କରୁଥିବାରୁ ସେହି ଶକ୍ତିଟି ମଧ୍ୟ ସବୁବେଳେ ତାହା ଭିତରେ ରହିଥିବ । ଯେଉଁ ବ୍ୟକ୍ତି ଖରାପ କାର୍ଯ୍ୟଟିକୁ କରିଛି, ତାହା କେବଳ ତାହାରି କ୍ଷତି କରିବ;—ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ । ତେଣୁ ଏଠାରେ ଏହି ପ୍ରଶ୍ନଟି ଉଠୁଛି : କେଉଁଭଳି ମାନସିକ ସ୍ଥିତିରେ ଏବଂ କେଉଁସବୁ କାରଣବଶତଃ ତୁମର

'oaob.nitrkl.ac.in' images reprocessed

ଅସାଧୁ ବ୍ୟକ୍ତିଜଣଙ୍କ ଆପଣାର ଅର୍ଥକୁ ସିଏ ଭଗବାନଙ୍କର କାର୍ଯ୍ୟ ବୋଲି ମନେ କରୁଥିବା ଏକ କାର୍ଯ୍ୟ ଲାଗି ଦେଇ ଦେବେ ବୋଲି ଇଚ୍ଛା କରୁଛନ୍ତି ? ନିଜ ପାପର ଏକ ମାର୍ଗରୂପେ ସିଏ ଏହା କରିବାକୁ ଚାହୁଁଛନ୍ତି କି ? ବିବେକ ଦ୍ୱାରା ପରିଚାଳିତ ହୋଇ ଅଥବା ଆପଣାର ଅଶାନ୍ତ ହୃଦୟକୁ ଶାନ୍ତି ଦେବା ଲାଗି ସେ ତାହା କରିବାକୁ ବସିଛନ୍ତି କି ? ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହାକୁ ଏକ ଭଲ ଅଭିପ୍ରାୟ ବୋଲି ଆଦୌ କୁହାଯାଇ ପାରିବ ନାହିଁ ଏବଂ ତେଣୁ ତାହାକୁ କୌଣସି ପ୍ରକାର ପ୍ରୋତ୍ସାହନ ମଧ ଦିଆ ଯିବ ନାହିଁ; ମାତ୍ର ଯଦି ସିଏ ପ୍ରକୃତରେ ଗୋଟାଏ ପ୍ରକାରର ଅନୁତପ୍ତତା ଅନୁଭବ କରୁଥିବେ ଏବଂ ଯାହା କରିଛନ୍ତି, ସେଥିଲାଗି ଦୁଃଖପ୍ରକାଶ ବି କରୁଥିବେ, ଏବଂ ଏହି ସ୍ଥିତିରେ ଯେ କେବଳ ଗୋଟିଏ କଥାହିଁ କରିବାକୁ ରହିଛି ଏବଂ ଯେଉଁ ଧନଟିକୁ ସେ ଭୁଲ ମାର୍ଗରେ ଅର୍ଜନ କରିଛନ୍ତି, ନିଜକୁ ସେଥିରୁ ବଞ୍ଚିତ କରାଇ ଯଥାସମ୍ଭବ କୌଣସି ସାଧାରଣ ହିତରେ ତାହାର ବିନିଯୋଗ କରିପାରିଲେହିଁ ସେ ନିଜର ଯଥାର୍ଥ କର୍ତ୍ତବ୍ୟଟିକୁ କରି ପାରିବେ ବୋଲି ଯଦି ଭାବୁଥିବେ, ତେବେ ତା' ବିରୁଦ୍ଧରେ ଆଉ କିଛିହେଲେ କହିବାକୁ ନଥିବ । ଏହି କ୍ଷେତ୍ରରେ ଏକ ସାଧାରଣ ନିୟମ ହିସାବରେ କିଛିହେଲେ କହି ହେବ ନାହିଁ,—ସମ୍ପୃକ୍ତ ଦୃଷ୍ଟାନ୍ତଟି ଉପରେହିଁ ଏହା ନିର୍ଭର କରିବ । ଯଦି ମୁଁ ତୁମ କଥାଟିକୁ ଭଲ ଭାବରେ ବୁଝିବାକୁ ସମର୍ଥ ହୋଇଥାଏ, ତେବେ ମୁଁ କେବଳ ଏତିକି କହିବି ଯେ, ଜଣେ ବ୍ୟକ୍ତି ଅତ୍ୟନ୍ତ ଗର୍ହିତ ଉପାୟରେ ଧନ ଅର୍ଜନ କରିଛି ବୋଲି ଯଦି ତୁମକୁ ଜଣାଥିବ, ତେବେ ଏହା ସ୍ପଷ୍ଟ କଥା ଯେ ତା' ପାଖକୁ ଯାଇ କୌଣସି ଭଗବତ୍ କାର୍ଯ୍ୟ ଲାଗି ପଇସା ମାଗିବା ଆଦୌ ଉଚିତ ହେବ ନାହିଁ । କାରଣ, ତଦ୍ୱାରା ତା'ର ଅର୍ଥଲାଭ କରିଥିବାର ଉପାୟଟିକୁ କେବଳ "ବାହାଲ କରି ରଖିବା" ପରିହିଁ ଏକ କାର୍ଯ୍ୟ କରାଯିବ । ନା, ସେହି କ୍ଷେତ୍ରରେ ଆମେ ଆଦୌ ମାଗି ପାରିବା ନାହିଁ, ତାହା କଦାପି ସମ୍ଭବ ନୁହେଁ । ମାତ୍ର ଯଦି, ସ୍ୱତଃପ୍ରବୃତ୍ତ ହୋଇ, କୌଣସି କାରଣରୁ ସେ ନିଜେ ଆସି ଟଙ୍କାତକ ଦେବ, ତେବେ ସେଥିରେ ନାହିଁ କରିବାର ମଧ କୌଣସି କାରଣ ନଥିବ । ମାତ୍ର ତା ପାଖକୁ ଯାଇ ତାକୁ ସେହି ଟଙ୍କା ମାଗିବା ମୋଟେ ସମ୍ଭବ ନୁହେଁ, କାରଣ ତାହା ଦ୍ୱାରା ତାର ଧନ ଉପାର୍ଜନ କରିଥିବାର ଉପାୟଟିକୁ ସତେଅବା ଏକ ବୈଧତା ଆଣି ଦେଲା ପରିହିଁ କାର୍ଯ୍ୟ ହେବ । ତାହା ଏକ ଅତ୍ୟନ୍ତ ଭିନ୍ନ କଥା ହୋଇଯିବ ।

ଏବଂ ସାଧାରଣତଃ ଏହିପରି ଘଟିଥାଏ ଯେ, ଏହିସବୁ କ୍ଷେତ୍ରରେ, ଯେଉଁମାନେ ଦୁର୍ଜନ ବ୍ୟକ୍ତିମାନଙ୍କ ପାଖକୁ ଟଙ୍କା ମାଗି ଯାଆନ୍ତି, ସେମାନେ ଭୟ ପ୍ରଦର୍ଶନର ନାନା ବାଟ ଅବଲମ୍ବନ କରିଥାନ୍ତି : ସେମାନଙ୍କୁ ସେମାନେ ଭୟଭୀତ କରାନ୍ତି, ଶାରୀରିକ ଭାବରେ ନୁହେଁ, ମାତ୍ର ସେମାନଙ୍କର ଭବିଷ୍ୟତ ସମ୍ବନ୍ଧରେ କେତେ କ'ଣ ଭୟ

'oaob.nitrkl.ac.in' images reprocessed

ଦେଖାନ୍ତି । ସେମାନଙ୍କ ଉପରେ ହୁଏତ କ'ଣସବୁ ବିପଦ ଆସି ପଡ଼ିପାରେ, ସେହି ସବୁ କଥା କହି ସେମାନଙ୍କୁ ନାନା ଭୟ ଦେଖାନ୍ତି । ଏପରି କରିବା ଆଦୌ ଶୋଭନୀୟ ନୁହେଁ । ଆମେ ଏସବୁ ପନ୍ଥାର କଦାପି ଆଶ୍ରୟ ନେବା ନାହିଁ ।

ଅର୍ଥଶକ୍ତି ବ୍ୟତୀତ ଆଉ କେଉଁ ଦିବ୍ୟଶକ୍ତିମାନ ଇହଲୋକ ଲାଗି "ଅଭିପ୍ରେତ" ହୋଇ ରହିଛି ?

ସବୁଯାକ ଶକ୍ତି । ଯାବତୀୟ ଦିବ୍ୟଶକ୍ତିର ଏହିଠାରେହିଁ ରୂପାୟନ ଘଟୁଛି ଓ ଏହିଠାରେହିଁ ସେଗୁଡ଼ିକୁ ବିକୃତ କରି ଦିଆଯାଉଛି । ଆଲୋକ, ଜୀବନ, ପ୍ରେମ, ସାମର୍ଥ୍ୟ—ସବୁକିଛି—ସୌନ୍ଦର୍ଯ୍ୟ, ଆନନ୍ଦ,—ସବୁ, ସବୁକିଛି, ଏପରି କୌଣସି ବସ୍ତୁ ନାହିଁ ଯାହାକି ଆପଣାର ଉଚ୍ଚସ୍ତରର ସେହି ଦିବ୍ୟତାର ଭୂମିରୁ ନିମ୍ନଗ ହୋଇ ଆସୁ ନାହିଁ ଏବଂ ଯାହାକି ସମ୍ପୂର୍ଣ୍ଣ ଭାବରେ ବିକୃତ ଓ ବିଡ଼ମ୍ବିତ ଏକ ଅନ୍ୟ ରୂପ ଧାରଣ କରି ଏଠାରେ ଉପସ୍ଥିତ ହେଉ ନାହିଁ । ଦିବ୍ୟ ପରମ ପ୍ରେମ ଏଠାରେ ରୂପାୟିତ ହେବାକୁ ଯାଇ କିପରି ବିକୃତ ହୋଇ ପଡ଼ୁଛି, ଆମେ ଆଉଦିନେ ସେହି ବିଷୟରେ ଆଲୋଚନା କରୁଥିଲେ । ସେହି କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ଘଟେ ।

ଦିବ୍ୟଜନନୀଙ୍କ ଲାଗି ଅର୍ଥଶକ୍ତିକୁ ପୁନର୍ବାର ଜୟ କରି ଅଣାଯାଇ ପାରିବ କିପରି ?

ହଁ, ହଁ, ଏଠାରେ ମଧ୍ୟ ତାହାର ଏକ ଆଭାସ ଦିଆ ହୋଇଛି । କ୍ଷମତା, ଅର୍ଥ ଏବଂ କାମବାସନା, ଏହି ତିନୋଟି ବସ୍ତୁ ପରସ୍ପର-ନିର୍ଭରଶୀଳ ହୋଇ ରହିଛନ୍ତି (ଏଠାରେ ଶ୍ରୀଅରବିନ୍ଦ ସେହି କଥା କହିଛନ୍ତି) । ତିନୋଟିଯାକ ବସ୍ତୁକୁ ମୁଁ ପରସ୍ପର-ନିର୍ଭରଶୀଳ ବୋଲି ଭାବୁଛି, ଏବଂ ଗୋଟିକୁ ନିଶ୍ଚିତ ଭାବରେ ଫେରି ପାଇବାକୁ ହେଲେ ଆମକୁ ତିନୋଟିଯାକକୁହିଁ ବିଜୟ କରି ଆଣିବାକୁ ହେବ । ଗୋଟିକୁ ବିଜୟ କରି ଆଣିବାକୁ ହେଲେ ଅନ୍ୟ ଦୁଇଟି ଉପରେ ମଧ୍ୟ ବିଜୟ ହାସଲ କରିବାକୁ ହେବ । ଏହି ତିନୋଟିଯାକ ଉପରେ, କ୍ଷମତାର ବାସନା, ଅର୍ଥର ବାସନା ଏବଂ କାମପ୍ରବୃତ୍ତିକୁ ଚରିତାର୍ଥ କରିବାର ବାସନା,—ଏହି ତିନୋଟିଯାକ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସମ୍ଭବ ନହେଲା ପର୍ଯ୍ୟନ୍ତ ଆମେ ସେଥି ମଧ୍ୟରୁ ଦୃଢ଼ ଏବଂ ନିଶ୍ଚିତ ଭାବରେ କୌଣସି ଗୋଟିକର ବି ଅଧିକାରୀ ହୋଇ ପାରିବା ନାହିଁ । ବର୍ତ୍ତମାନ ଏହି ପୃଥିବୀ ଯେପରି ଅବସ୍ଥାରେ ରହିଛି, ସେଥିରେ ଖାସ୍ ଅର୍ଥହିଁ ଅର୍ଥକୁ କଦାପି ଏତେବେଶୀ ମହତ୍ତ୍ୱର ପ୍ରତିଷ୍ଠା ଦେଇ ରଖି ନାହିଁ; କାରଣ, ଟଙ୍କା ପଛକୁ ଟଙ୍କା ଗଦା କରି

'oaob.nitrkl.ac.in' images reprocessed

ରଖୁଥିବା ଏବଂ ସେମାନେ ଟଙ୍କାକୁ ଏପରି ଗଦା କରି ରଖି ପାରୁଛନ୍ତି ଓ ବସି ଗଣି ପାରୁଛନ୍ତି ବୋଲି ଖୁସି ହୃଷ୍ଟ ହେବାରେ ଲାଗିଥିବା ଅଳ୍ପ କେତେଜଣ ନିର୍ବୋଧ ବ୍ୟକ୍ତିଙ୍କୁ ଛାଡ଼ିଦେଲେ, ସାଧାରଣତଃ ଟଙ୍କାର ବଦଳରେ ଯେଉଁସବୁ ତୃପ୍ତି ଉପଲବ୍ଧ ହୋଇଥାଏ, ସାଧାରଣତଃ ସେଇଥିଲାଗି ହିଁ ସମସ୍ତେ ଟଙ୍କାକୁ ଲୋଡ଼ନ୍ତି ଓ ଟଙ୍କା ଅର୍ଜନ କରନ୍ତି । ଏବଂ ଏହି କ୍ଷେତ୍ରରେ ପ୍ରାୟ ଏକ ପାରମ୍ପରିକତା ମଧ୍ୟ ବିଦ୍ୟମାନ ରହିଛି : ବାସନାର ଜଗତରେ ଏହି ତିନୋଟିଯାକ ବସ୍ତୁରୁ ପ୍ରତ୍ୟେକଟିର କେବଳ ଯେ ଏକ ନିଜସ୍ୱ ମୂଲ୍ୟ ରହିଛି ତା' ନୁହେଁ, ମାତ୍ର ପ୍ରତ୍ୟେକଟି ଅନ୍ୟ ଦୁଇଟି ଉପରେ ଭର ଦେଇ ଠିଆ ମଧ୍ୟ ହୋଇଛି । ମୁଁ ତୁମ୍ଭମାନଙ୍କୁ ସେହି ସ୍ୱପ୍ନ ଦୃଷ୍ଟିଟି ବିଷୟରେ କହିଛି, ସେହି ବୃହତ୍କାୟ କୃଷ୍ଣସର୍ପଟି କଥାଟି କହିଛି, ଯିଏ କି ଏହି ପୃଥିବୀର ସମ୍ପତ୍ତି ଉପରେ, ପାର୍ଥିବ ଐଶ୍ୱର୍ଯ୍ୟ ଓ ସମ୍ପତ୍ତି ଉପରେ ପହରା ଦେବାରେ ଲାଗିଛି । ଆମ ଯୌନଲାଳସା ଉପରେ ମଧ୍ୟ ଆମର ପୂର୍ଣ୍ଣ କର୍ତ୍ତୃତ୍ୱ ଲବ୍ଧ ବୋଲି ସେ ଦାବି କରୁଛି । କାରଣ, କେତେକ ସିଦ୍ଧାନ୍ତ ଅନୁସାରେ, କ୍ଷମତା ଲାଗି ଯେଉଁ ପ୍ରୟୋଜନବୋଧଟି ରହିଥାଏ, ଏହି ଯୌନଲାଳସାର ପରିତର୍ପଣକୁ ହିଁ ତାହା ଆପଣାର ଉଦ୍ଦେଶ୍ୟରୂପେ ଗ୍ରହଣ କରିଥାଏ; ଏବଂ ଯେତେବେଳେ ଜଣେ ସେଇଟି ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରଖିବାକୁ ସମର୍ଥ ହୁଏ, ଯେତେବେଳେ ସେ ମନୁଷ୍ୟଚେତନା ମଧ୍ୟରୁ ସେଇଟିର ବିଲୁପ୍ତିସାଧନ ଘଟାଇ ପାରିବ, ତେବେ କ୍ଷମତା ଲାଗି ରହିଥିବା ଅନେକ ପ୍ରୟୋଜନ ବୋଧ ଏବଂ ଅର୍ଥ ଲାଗି ରହିଥିବା ଅନେକ ଲାଳସା ପ୍ରକୃତରେ ଆପେଆପେ ଅନ୍ତର୍ହିତ ହୋଇଯିବ । ତେଣୁ ନିଶ୍ଚିତ ଭାବରେ ସ୍ୱୀକାର କରିବାକୁ ହେବ ଯେ ପୃଥିବୀପୃଷ୍ଠରେ ଥିବା ମନୁଷ୍ୟଜୀବନର କ୍ଷେତ୍ରରେ ଏହି ତିନୋଟି ହେଉଛନ୍ତି ଗୋଟିଏ ଗୋଟିଏ ବଡ଼ ପ୍ରତିବନ୍ଧକ, ଏବଂ ସେଗୁଡ଼ିକ ଉପରେ ବିଜୟ ପ୍ରାପ୍ତ ନ ହୋଇଥିବା ପର୍ଯ୍ୟନ୍ତ ମନୁଷ୍ୟସମାଜ ଲାଗି ଆଉ ପରିବର୍ତ୍ତନର ଖୁବ୍ ବେଶୀ ସମ୍ଭାବନା ରହିଛି ବୋଲି ଆଦୌ କୁହାଯାଇ ପାରିବ ନାହିଁ ।

ଜଣେ ବ୍ୟକ୍ତି ତା'ର ବାସନାଗୁଡ଼ିକ ଉପରେ କର୍ତ୍ତୃତ୍ୱ ହାସଲ କଲେ ତାହାହିଁ ଯଥେଷ୍ଟ ହେବ ନା ଏହି କ୍ଷେତ୍ରରେ ଏକ ସାଧାରଣ ଓ ସାମୂହିକ କର୍ତ୍ତୃତ୍ୱର ପ୍ରୟୋଜନ ରହିଛି ?

ହଁ, ଏତେବେଳେକ ଯାଇ ଅସଲ କଥାଟି ପଡ଼ିଲା···ସାମୂହିକ ଜୀବନରେ ତାହାର କୌଣସି ସଦୃଶତା ନ ଥାଇ ଆପଣାର ବ୍ୟକ୍ତିଗତ ଜୀବନରେ ଏକ ସମଗ୍ର ରୂପାନ୍ତର ହାସଲ କରିପାରିବା ପ୍ରକୃତରେ ସମ୍ଭବ କି ?···ଏହା ମୋତେ ଆଦୌ ସମ୍ଭବ ବୋଲି ମନେ ହେଉ ନାହିଁ । ବ୍ୟକ୍ତି ଏବଂ ସମୂହ ମଧ୍ୟରେ ଏପରି ଏକ

'oaob.nitrkl.ac.in' images reprocessed

ପରସ୍ପର ନିର୍ଭରଶୀଳତା ରହିଛି ଯେ ଯଦି ଜଣେ, ଯୋଗୀ ଓ ବୈରାଗୀମାନେ ଯାହା ପ୍ରଚାର କରି ଯାଇଛନ୍ତି, ତାହା ନ କରେ, ଅର୍ଥାତ୍ ଯଦି ସେ ଏହି ସଂସାର ଭିତରୁ ପଳାଇ ନଯାଏ, ସଂପୂର୍ଣ୍ଣ ଭାବରେ ସଂସାରକୁ ଛାଡ଼ି ଚାଲି ନଯାଏ, ସଂସାର ଯେଉଁଠି ରହିଛି ତାକୁ ସେଇଠି ଛାଡ଼ିଦେଇ ସ୍ୱାର୍ଥପର ଭାବରେ ଯାବତୀୟ କାର୍ଯ୍ୟକୁ ଅନ୍ୟମାନଙ୍କ ମୁଣ୍ଡରେ ଲଦିଦେଇ ଚାଲି ନଯାଏ···ଏବଂ ତଥାପି ମୋର ଏବିଷୟରେ ସନ୍ଦେହ ରହିଛି । ସାମୂହିକ ଭାବରେ ସମସ୍ତେ ଅନ୍ତତଃ ସର୍ବନିମ୍ନ ଏକ ନିର୍ଦ୍ଦିଷ୍ଟ ପରିମାଣରେ ରୂପାନ୍ତର ହାସଲ କରି ନପାରିଥିବା ପର୍ଯ୍ୟନ୍ତ ଆପଣାର ବ୍ୟକ୍ତିଗତ ସତ୍ତାରେ ଏକ ସମଗ୍ର ରୂପାନ୍ତର ହାସଲ କରିବା ପ୍ରକୃତରେ ସମ୍ଭବ କି ? ମୁଁ ତାହା ସମ୍ଭବ ବୋଲି ଭାବି ପାରୁ ନାହିଁ । ମନୁଷ୍ୟର ପ୍ରକୃତି ଯେଉଁପରି ଥିଲା ସେହିପରି ରହିଥିବ;—ହଁ, ଏକଥା ସତ ଯେ ଆମେ ବ୍ୟକ୍ତିଗତ ଭାବରେ ଚେତନାର ସ୍ତରରେ ନିଶ୍ଚିତ ଏକ ବୃହତ୍ ପରିବର୍ତ୍ତନ ହାସଲ କରି ପାରିବା, ନିଜର ଚେତନାକୁ ଆମେ ବିଶୁଦ୍ଧ କରିଦେଇ ପାରିବା, ମାତ୍ର ସେହି ସମଗ୍ର ବିଜୟଟି, ଭୌତିକ ରୂପାନ୍ତରଟି ନିଃସନ୍ଦେହ ଭାବରେ ଅନେକ ପରିମାଣରେ ସାମୂହିକ ଜୀବନକ୍ଷେତ୍ରରେ ମଧ୍ୟ ଅନ୍ତତଃ କିଞ୍ଚିତ୍ ଅଗ୍ରଗତି ହାସଲ ହୋଇ ପାରିବା ଉପରେ ନିର୍ଭର କରିବ । ବୁଦ୍ଧଦେବ ଯଥାର୍ଥରେ କହିଥିଲେ ଯେ ଯେପର୍ଯ୍ୟନ୍ତ ତୁମ ଭିତରେ ବାସନା ବା ତୃଷ୍ଣାର ଏକ ସ୍ପନ୍ଦନ ରହିଛି, ସେପର୍ଯ୍ୟନ୍ତ ସେହି ସ୍ପନ୍ଦନଟି ପୃଥିବୀଯାକ ପରିବ୍ୟାପ୍ତ ହେବାରେ ଲାଗିଥିବ ଏବଂ ଯେଉଁମାନେ ସେହି ସ୍ପନ୍ଦନକୁ ଗ୍ରହଣ କରିବା ଲାଗି ପ୍ରସ୍ତୁତ ଓ ଅନୁକୂଳ ହୋଇ ରହିଥିବେ, ସେମାନେ ତାହାକୁ ଅବଶ୍ୟ ଗ୍ରହଣ କରିନେବେ । ଠିକ୍ ସେହିପରି ଭାବରେ ଯଦି ତୁମ ଭିତରେ ବାସନାଗତ ଏକ ସ୍ପନ୍ଦନ ଲାଗି କାଣିଚାଏ ମଧ୍ୟ ଗ୍ରହଣଶୀଳତା ରହିଥିବ, ତେବେ ଏହି ପୃଥିବୀରେ ଅନୁକ୍ଷଣ ସଞ୍ଚାରିତ ହେବାରେ ଲାଗିଥିବା ବାସନାଗତ ଯାବତୀୟ ସ୍ପନ୍ଦନଗୁଡ଼ିକ ପାଇଁ ମଧ୍ୟ ତୁମେ ସଦାଉନ୍ମୁକ୍ତ ହୋଇ ରହିଥିବ । ଏବଂ, ସେହି କାରଣରୁହିଁ ବୁଦ୍ଧଦେବ ଉପସଂହାର କରି କହିଥିଲେ : ଏହି ମାୟା ଭିତରୁ ଆପଣାକୁ ମୁକ୍ତ କରିନିଅ, ନିଜକୁ ସଂପୂର୍ଣ୍ଣ ଭାବରେ ପ୍ରତ୍ୟାହୃତ କରିନିଅ, ତେବେଯାଇ ମୁକ୍ତିଲାଭ କରିବ । ଏହି ସିଦ୍ଧାନ୍ତଟି ମୋତେ ଅପେକ୍ଷାକୃତ ଭାରି ସ୍ୱାର୍ଥପର ବୋଲି ଲାଗୁଛି; ମାତ୍ର ତଥାପି ମାନିବାକୁ ହେବ ଯେ ସେ କେବଳ ଏହି ମାର୍ଗଟିକୁ ଦେଖି ପାରିଥିଲେ । ଆଉ ଗୋଟିଏ ମାର୍ଗ ବି ରହିଛି : ଦିବ୍ୟ ପରମଶକ୍ତି ସହିତ ଆମେ ନିଜକୁ ଏପରି ଘନିଷ୍ଠ ଭାବରେ ଏକରୂପ ଓ ଏକାତ୍ମକ କରି ରଖିବା ଯେ ପୃଥିବୀପୃଷ୍ଠରେ ସଞ୍ଚାରିତ ହୋଇ ରହିଥିବା ଯାବତୀୟ ସ୍ପନ୍ଦନ ଉପରେ ଆମେ ଅନୁକ୍ଷଣ ଓ ଅଭ୍ରାନ୍ତ ସଚେତନ ଭାବରେ କ୍ରିୟା କରିବା ଲାଗି ସମର୍ଥ ହୋଇଯିବା । ତା' ହେଲେ ଅବାଞ୍ଛିତ ସ୍ପନ୍ଦନଗୁଡ଼ିକ ଆଉ ତୁମ ଉପରେ ଆଦୌ କୌଣସି ପ୍ରଭାବ ପକାଇବେ ନାହିଁ, ମାତ୍ର ତୁମେ ନିଜେ ସେଗୁଡ଼ିକୁ ପ୍ରଭାବିତ କରିପାରିବ; ଅର୍ଥାତ୍, ତୁମର ଅଗୋଚରରେ ଏକ

'oaob.nitrkl.ac.in' images reprocessed

ଅବାଞ୍ଛିତ ସ୍ପନ୍ଦନ ତୁମ ଭିତରକୁ ପଶିଆସି ସେଠାରେ ଆପଣାର କ୍ରିୟା ଆରମ୍ଭ କରିଦେବା ପରିବର୍ତ୍ତିରେ ତୁମେ ସେଇଟିକୁ ଠାବ୍ରଇନେଇ ପାରିବ ଏବଂ ସେଇଟି ଆସି ପହଞ୍ଚିଯିବା ମାତ୍ରକେ ତୁମେ ତାହା ଉପରେ କ୍ରିୟା କରି ତାହାକୁ ଏକାବେଳେକେ ବଦଳାଇ ଦେଇ ପାରିବ ଏବଂ ତାହା ଫଳରେ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇ ସେଇଟି ସଂସାର ମଧ୍ୟକୁ ଲେଉଟି ଯାଇ ପାରିବ, ସେଠାରେ ଆପଣାର କଲ୍ୟାଣକାରୀ କାର୍ଯ୍ୟଗୁଡ଼ିକୁ କରିପାରିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସେହି ଉପଲବ୍ଧି ଟି ଲାଗି ପ୍ରସ୍ତୁତ କରି ପାରିବ । ଶ୍ରୀଅରବିନ୍ଦ ଠିକ୍ ଏହାହିଁ କରିବାର ପ୍ରସ୍ତାବ ଦେଇଛନ୍ତି ଏବଂ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସିଏ ତୁମକୁ ତାହାହିଁ କରିବାକୁ କହୁଛନ୍ତି, ଆମେମାନେ ପ୍ରକୃତରେ ଏହାହିଁ କରୁ ବୋଲି ସେ ଇଚ୍ଛା କରୁଛନ୍ତି :

ଆମେ ଏଠୁ କେଉଁଆଡ଼େ ପଳାଇ ଯିବା ନାହିଁ, ଆମେ ଏହି ଶକ୍ତିଟିକୁ ନିଜ ଭିତରକୁ ଉଦ୍‌ଭୂତ କରାଇ ଆଣିବା; ଯେଉଁ ଶକ୍ତିଟି ପ୍ରକୃତରେ ବିଜୟ ହାସଲ କରିପାରିବ, ଆମେ ସେଇଟିକୁ ନିଜ ଭିତରେ ସଂସ୍ଥାପିତ କରି ଆଣିବା ।

ସ୍ମରଣ ରଖିବାକୁ ହେବ ଯେ ଏହି ଜଗତରେ ବସ୍ତୁବିଷୟ ଏପରି ଭାବରେ ସଂଗଠିତ ଓ ସମ୍ବନ୍ଧିତ ହୋଇ ରହିଛନ୍ତି ଯେ ଯଦି ମହଦାକାଂକ୍ଷାର କ୍ଷୁଦ୍ରାତିକ୍ଷୁଦ୍ର ଏକ ଅଂଶ ତଥାପି ରହିଥାଏ ଏବଂ ଆମର ବ୍ୟକ୍ତିଗତ ସନ୍ତୋଷବିଧାନ ଲାଗି ଯଦି ଆମେ ତେଣେ ସେହି ପରମ ଶକ୍ତିଟିକୁ ଲାଭ କରିବାକୁ ପ୍ରକୃତରେ ଇଚ୍ଛା କରୁଥାଉ, ତେବେ ସେହି ଶକ୍ତି କଦାପି ଆସିବ ନାହିଁ । ହଁ, ତାହା ବିକୃତ ହୋଇ ଆସିବ, ନାନାପ୍ରକାର ସୀମା ଦ୍ୱାରା ସଙ୍କୁଚିତ ହୋଇ ଆସିବ, ପ୍ରାଣିକ ଏବଂ ଜଡ଼ସ୍ଥ ପୃଥିବୀରେ ଆମେ ତାହାର ଯେଉଁ ସଂସ୍କରଣଟି ଦେଖୁଛୁ । ସେଗୁଡ଼ିକ ହୁଏତ ନିଶ୍ଚୟ ଆସିବ, ଆମେ ହୁଏତ ସେଗୁଡ଼ିକୁ ହାସଲ୍ କରି ପାରିବା । ଏବଂ ଏହି ଜଗତରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ସେଗୁଡ଼ିକୁ ହାସଲ ବି କରିଛନ୍ତି । ମାତ୍ର ଅସଲ ଶକ୍ତିଟି, ଯାହାକୁ ଶ୍ରୀଅରବିନ୍ଦ "ଅତିମାନସ" ଶକ୍ତି ବୋଲି କହୁଛନ୍ତି, ଅହଂବାଦର ଯାବତୀୟ କବଳରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ନଆସିଲା ପର୍ଯ୍ୟନ୍ତ ଆମେ ସେହି ଶକ୍ତିଟିକୁ କଦାପି ପ୍ରକଟ କରାଇ ପାରିବା ନାହିଁ । ତେଣୁ ତାହାର ଆଉ କୌଣସି ଅପବ୍ୟବହାର ହେବ ବୋଲି ମଧ୍ୟ ଆଉ କୌଣସି ଭୟ ନଥିବ । ଯେଉଁ ସତ୍ତା ଆପଣା ଜୀବନରେ ଏକ ସମ୍ପୂର୍ଣ୍ଣ ଅନ୍ତର୍ଗତ ନିର୍ଲିପ୍ତତାର ସାମର୍ଥ୍ୟଟିକୁ ହାସଲ୍ କରି ପାରିଛି, କେବଳ ତାହାରି ଜରିଆରେହିଁ ସେହି ଶକ୍ତି ଆପଣାକୁ ପ୍ରକଟ କରିବ । ମୁଁ ତୁମମାନଙ୍କୁ କହୁଛି, ଶ୍ରୀଅରବିନ୍ଦ ଆମଠାରୁ କେବଳ ଏହାହିଁ ଆଶା କରୁଛନ୍ତି,—ହଁ, ଏହା ପ୍ରକୃତରେ ଭାରି କଷ୍ଟକର ବୋଲି ମୋତେ ତୁମେମାନେ ନିଶ୍ଚୟ କହିବ, ମାତ୍ର ମୁଁ ତଥାପି ପୁନରାବୃତ୍ତି କରି କହିବି ଯେ ଆମେ କେବଳ ସହଜ କାର୍ଯ୍ୟଗୁଡ଼ିକୁ କରିବା ଲାଗି ଆଦୌ ଏଠାକୁ ଆସି ନାହୁଁ, ଆମେ କଷ୍ଟକର କାର୍ଯ୍ୟଗୁଡ଼ିକୁ କରିବା ଲାଗିହିଁ ଏଠାକୁ ଆସିଛୁ ।

'oaob.nitrkl.ac.in' images reprocessed

, ଓଡ଼ିଶା
ବନ୍ଦି ନଂ - ୩୭୨

**୫ ମେ ୧୯୫୧**

"ତୁମେ ଯଦି ଦିବ୍ୟ କର୍ମର ଜଣେ ପ୍ରକୃତ କର୍ମୀ ହେବାକୁ ଇଚ୍ଛା କରୁଥିବ, ତେବେ ଯାବତୀୟ ବାସନା ଏବଂ ଆତ୍ମାକାଙ୍କ୍ଷୀ ଅହଂଗ୍ରସ୍ତତାରୁ ସଂପୂର୍ଣ୍ଣ ଭାବରେ ମୁକ୍ତ ହୋଇ ଆସିବାହିଁ ତୁମର ସର୍ବପ୍ରଥମ ଲକ୍ଷ୍ୟ ହୋଇ ରହିବା ଉଚିତ ।"

ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା-୧୫

ଆମେ ଅନେକ ସମୟରେ ଦରକାରୀ ଜିନିଷପତ୍ର କିଣିବା ଲାଗି ବଜାରକୁ ଯାଇଥାଉ । ତାହା ପ୍ରକୃତରେ ଉଚିତ କି ?

ଏ ବିଷୟରେ କୌଣସି ସାଧାରଣ ନିୟମ କରାଯାଇ ପାରିବ ନାହିଁ । ଯେଉଁ ମନୋଭାବ ନେଇ ତୁମେ ଜିନିଷପତ୍ର କିଣୁଥିବ, ଏହା ତାହାରି ଉପରେହିଁ ନିର୍ଭର କରିବ । ଏଠାରେ ଏତିକି ବୁଝାଯାଇଛି ଯେ ତୁମ ଭିତରେ କୌଣସି ବାସନା ରହିବ ନାହିଁ,—ଯଦି ତୁମ ଭିତରେ କୌଣସି ବାସନା ନଥାଏ, ତେବେ ସେଥିରେ କୌଣସି କ୍ଷତି ନାହିଁ । ତୁମର ବୁଝିରଖିବା ଉଚିତ ଯେ ଏପରି କୌଣସି କାର୍ଯ୍ୟ ବା କୌଣସି ଗତିସ୍ପନ୍ଦନ ନାହିଁ, ଯାହାକୁ କି କେବଳ ତାହାରି ଆକୃତିଟି ମଧ୍ୟରେ ଭଲ କିଂବା ଖରାପ ବୋଲି ବୁଝାଯାଇ ପାରିବ । ତୁମେ ସେହି କାର୍ଯ୍ୟଟିକୁ ଯେଉଁ ମନୋଭାବ ନେଇ କରୁଥିବ, ତାହା ସଂପୂର୍ଣ୍ଣ ଭାବରେ ତାହାରି ଉପରେ ନିର୍ଭର କରିବ । ଉଦାହରଣସ୍ୱରୂପ, ଯଦି, ତୁମ ପାଖରେ କ'ଣ ଅଛି ବା କ'ଣ ନାହିଁ, ଏ ବିଷୟରେ ତୁମେ ଏକ ସଂପୂର୍ଣ୍ଣ ଉଦାସୀନତା ଅବଲମ୍ବନ କରି ପାରୁଥିବ (ଏହିପରି ଏକ ମନୋଭାବ ହାସଲ କରିବା ପ୍ରକୃତରେ ଟିକିଏ କଷ୍ଟକର, ମାତ୍ର ତଥାପି ଏହାକୁ ହାସଲ କରିବା କଦାପି ଅସମ୍ଭବ ନୁହେଁ—ଏହା ହେଉଛି ଏକ ନିର୍ଲିପ୍ତ ହୋଇ ରହିବାର ଅବସ୍ଥା : "ଯଦି ମୋ ପାଖରେ ଏହି ଜିନିଷଟି ଅଛି, ତେବେ ଭଲ କଥା; ଯଦି ନାହିଁ, ତେବେ ବି ଭଲ କଥା ।") ତେବେ କ୍ରମେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚିବ, ଯେତେବେଳେ କି, ଯଦି ତୁମର ମନୋଭାବଟି ବେଶ୍ ନିର୍ମଳ ଓ ନିଷ୍ଠାପର ହୋଇ ରହିଥିବ ଏବଂ ତୁମର ପ୍ରକୃତରେ କୌଣସି ଜିନିଷ ଦରକାର ଥିବ (ତୁମେ କେବଳ ସଉକରେ ସେହି ଜିନିଷଟିକୁ ଦରକାର କରୁ ନଥିବ, କୌଣସି

'oaob.nitrkl.ac.in' images reprocessed

ଏକ ବାସନା ବା ପ୍ରଲୋଭନରେ ପଡ଼ି ତୁମେ ସେଇଟିକୁ ଇଚ୍ଛା କରୁ ନଥିବ, ସେଇଟି ତୁମର ପ୍ରକୃତରେ ଦରକାର ଥିବ), ତେବେ ସେହି ଜିନଷଟି ତୁମ ପାଖରେ ସ୍ୱତଃ ଆସି ପହଞ୍ଚିଯିବ । ମୁଁ ଯେଉଁ ଦିନଠାରୁ ଏଠାରେ ରହିଲିଣି,— ଅନେକ ଦିନ ହେଲା ରହିଲିଣି, ନୁହେଁ ?—ସେହି ଦିନଠାରୁ ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି ଯେଉଁମାନେ କି ମୋତେ କେବେ କିଛି ମାଗି ନାହାନ୍ତି । ମୁଁ କି ଆଦୌ ଭାବୁ ନାହିଁ (ଅତ୍ୟନ୍ତ ସ୍ୱାଭାବିକ କଥା ଯେ ମନୁଷ୍ୟର ପ୍ରକୃତି ଭିତରେ ସର୍ବଦା ନାନା ଦୁର୍ବଳତା ରହିଛି), ସେମାନଙ୍କ ଭିତରେ କେବେ କୌଣସି ପଦାର୍ଥ ଲାଗି କୌଣସି ତୀବ୍ର ବାସନା ଜନ୍ମିଛି ବୋଲି ମଧ୍ୟ ମୁଁ ମୋଟେ ଭାବି ପାରୁ ନାହିଁ; ମାତ୍ର ଯେତେବେଳେ ସେମାନଙ୍କର ଏକ ଆବଶ୍ୟକତା ଆସି ପହଞ୍ଚିଛି, ସେତେବେଳେ ସ୍ୱତଃ ସେହି ଆବଶ୍ୟକତାଟିର ପୂରଣ ହୋଇ ଯାଇଛି । ଥରେ ଥରେ ମୁଁ ହଠାତ୍ ଏହିପରି ଭାବିବାକୁ ଆରମ୍ଭ କରିଦିଏ, "ଅମୁକ ବ୍ୟକ୍ତିକୁ ଏହି ବସ୍ତୁଟି ଦେବାକୁହିଁ ପଡ଼ିବ, ଏବଂ ପ୍ରତ୍ୟକ୍ଷ ଭାବରେ ମୋ ଦେଇ ନହେଲେ ମଧ୍ୟ, କୌଣସି ନା କୌଣସି ପ୍ରକାରେ, ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ, ବସ୍ତୁଟି ସେମାନଙ୍କୁ ପ୍ରକୃତରେ ମିଳି ଯାଇଥିଲା । ଅନ୍ୟ ପକ୍ଷରେ, ଯଦି ଜଣେ ତାହାର କ'ଣସବୁ ଦରକାର, ସେହି ବିଷୟରେ ଖାଲି ଘାରିହୋଇ ରହିଥିବ, ଯଦି ସିଏ ସର୍ବଦାହିଁ ସେହିଗୁଡ଼ିକ ବିଷୟରେ ଭାବୁଥିବ ଓ "ମୋର ଏଇଟି ନିତାନ୍ତ ଦରକାର" ବୋଲି ମନେ ମନେ କହୁଥିବ, ତେବେ ଅଧିକାଂଶ ସମୟରେ ଏହିପରି ହେବ ଯେ ସେହି ବସ୍ତୁଟି ତୁମକୁ ପ୍ରକୃତରେ ମିଳିବ ନାହିଁ । ଏବଂ ତେଣୁ, ଆପଣା ବାସନାଟିର ପରିପୂରଣ ସକାଶେ ତୁମକୁ ଅବଶ୍ୟ କିଛି ନା କିଛି କରିବାକୁ ପଡ଼ିବ ଏବଂ, ଯଦି ତୁମ ପାଖରେ ସମ୍ବଳ ରହିଥିବ, ତେବେ ତୁମେ ବଜାରକୁ ବାହାରିଯାଇ ସେହି ଜିନଷଟିକୁ କିଣି କରି ନେଇ ଆସିବ । ହଁ, ଏପରି ଲୋକ ବି ଅଛନ୍ତି, ଯେଉଁମାନେ କି ଆପଣାର ବାସନାଗୁଡ଼ାକୁହିଁ ଆପଣାର ଆବଶ୍ୟକତା ବୋଲି ବିଚାର କରିଥାନ୍ତି···ଆମେ ଏଭଳି ଲୋକଙ୍କ ବିଷୟରେ କିଛି କହିବା ନାହିଁ, ସେମାନେ ପ୍ରକୃତରେ ବହୁସଂଖ୍ୟକ ହୋଇ ରହିଥାନ୍ତି । ସେମାନଙ୍କର ଦୃଢ଼ ବିଶ୍ୱାସ ହୋଇ ଯାଇଥାଏ ଯେ ଅମୁକଟା ବା ସମୁକଟା ନହେଲେ ସେମାନେ କଦାପି ବଞ୍ଚି ପାରିବେ ନାହିଁ ! "ଅସମ୍ଭବ, ଏଇଟି ନହେଲେ ବଞ୍ଚିବା କଦାପି ସମ୍ଭବ ନୁହେଁ···ହୁଏତ ମୋ ଦେହ ଖରାପ ହେବ ବା କୌଣସି ଅତି ଅପ୍ରୀତିକର କଥା ଘଟିବ ବା ମୁଁ ମୋର କୌଣସି କାମ ବି ହୁଏତ କରି ପାରିବି ନାହିଁ । ଏକାବେଳକେ ଅସମ୍ଭବ, ଏଇଟି ନହେଲେ ମୁଁ ମୋର କୌଣସି କାମହିଁ କରି ପାରିବି ନାହିଁ ।" ସର୍ବପ୍ରଥମ ପଦକ୍ଷେପରୂପେ ମୁଁ ଏହି ବ୍ୟକ୍ତିମାନଙ୍କୁ ଗୋଟିଏ ଛୋଟ ପରୀକ୍ଷା କରି ଦେଖିବାକୁ କହିବି (ଯଦି ସେମାନେ ପ୍ରକୃତରେ ନିଷ୍ଠାପର ଭାବରେ ବଦଳିବାକୁ ଚାହୁଁଥିବେ) : "ଦେଖାଯାଉ, ଏହି ପଦାର୍ଥଟି ମୋତେ ପ୍ରକୃତରେ ମିଳିବ ନାହିଁ ଓ

'oaob.nitrkl.ac.in' images reprocessed

ତା'ପରେ ମୋର କ'ଣ ହେବ ମୁଁ ଦେଖିବ ।" ଏଇଟି ପ୍ରକୃତରେ ଖୁବ ଆତ୍ମୋଦ୍ଧୀପକ ପ୍ରୟୋଗ । ଏବଂ ମୁଁ ଜବାବ ଦେଇ କହିପାରିବ ଯେ ହଜାରକ ମଧ୍ୟରୁ ୯୯୯ଟି କ୍ଷେତ୍ରରେ, ଅଳ୍ପ କିଛିଦିନ ପରେ ଆପଣାକୁ ଏହିପରି ପଚାରିବା ପରେ, ତୁମେ ପ୍ରକୃତରେ କହିବାକୁ ଲାଗିବ, "ଏହି କଥାଟି ଲାଗି ମୋର ଏତେବେଶୀ ପ୍ରୟୋଜନ ରହିଥିଲା ବୋଲି ମୁଁ କେତେ ଅଧମ ଭାବରେ କପରି ଆଜିଯାଏ ଭାବୁଥିଲି ! ସେଇଟି ନହେଲେ ତ ମୁଁ ବେଶ୍ ଚଳିପାରୁଛି !" ତା'ପରେ ସବୁ ବାଗକୁ ଆସିଯିବ । ଏବଂ ଏହିପରି ଭାବରେ, ଧୀରେ ଧୀରେ, ତୁମେ ଅଗ୍ରଗତି କରିବାକୁ ଆରମ୍ଭ କରିବ ।

ଏଇଟି ହେଉଛି ପ୍ରଶିକ୍ଷଣର ଏକ ସମସ୍ୟା, ଆପଣାକୁ ଶିକ୍ଷା ଦେଇ ବାଟକୁ ଆଣିବାର ଏକ ସମସ୍ୟା, ତୁମେ ଯେତେ ଶୀଘ୍ର ଏହି ଶିକ୍ଷାଟିକୁ ଆରମ୍ଭ କରି ପାରିବ, ତୁମ ଲାଗି ତାହା ସେତେ ଅଧିକ ସହଜ ହୋଇଯିବ । ଯଦି ଅତ୍ୟନ୍ତ ଅଳ୍ପ ବୟସରୁ ପିଲାକୁ ଏହି ଶିକ୍ଷାଟି ଦିଆଯାଏ, ତେବେ ତାହା ପ୍ରକୃତରେ ଅତ୍ୟନ୍ତ ସହଜ ହୋଇଯିବ । କାରଣ, ସେହି କ୍ଷେତ୍ରରେ ଆମର ଅନ୍ତରସ୍ଥ ପ୍ରତିକ୍ରିୟାଗୁଡ଼ିକ ସହିତ ଆମେ ବେଶ୍ ଅଭ୍ୟସ୍ତ ହୋଇଯାଇ ପାରିବା ଏବଂ ତେଣୁ ପ୍ରଜ୍ଞା ଏବଂ ବିବେକର ସହିତ କାର୍ଯ୍ୟ କରିବାକୁ ସମର୍ଥ ହେବା । ମାତ୍ର, ଅନ୍ୟ ପକ୍ଷରେ, ଯେଉଁମାନେ ପିଲାଟି ଦିନରୁହିଁ ଆପଣାର ଯାବତୀୟ ବାସନାକୁ ଗୋଟିଏ ଗୋଟିଏ ଆବଶ୍ୟକତା ଏବଂ ପ୍ରୟୋଜନ ବୋଲି ଅନୁଭବ କରିବାରେ ଅଭ୍ୟସ୍ତ ହୋଇ ଆସିଥାନ୍ତି, ଏବଂ ପ୍ରବଳ ଉତ୍ସାହାବେଗ ସହିତ ସେଗୁଡ଼ାକ ମଧ୍ୟକୁହିଁ ଝାସ ଦେଇଥାନ୍ତି, ସେମାନଙ୍କର ବାଟଟି ପ୍ରକୃତରେ ଖୁବ କଷ୍ଟସାଧ୍ୟ ହୋଇଉଠେ, କାରଣ ସେମାନଙ୍କୁ ସର୍ବପ୍ରଥମେ ଆବଶ୍ୟକ ବିବେକଟିକୁ ଅର୍ଜନ କରିବାକୁ ପଡ଼େ ଏବଂ ବାସନାଟିକୁ ଯାହା ବାସନା ନୁହେଁ ତାହାଠାରୁ ଅଲଗା କରି ବାରିନେଇ ପାରିବାକୁ ଶିଖିବାକୁ ହୋଇଥାଏ; ଏବଂ ଅନେକ ସମୟରେ ତାହା ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼େ, ତାହା ଅନ୍ୟ ନାନାବିଧ ବିଷୟ ସହିତ ଏପରି ଗୋଳିଆମିଶା ହୋଇ ରହିଥାଏ ଯେ ତାହାକୁ ଅତି କ୍ୱଚିତ୍‌ହିଁ ସ୍ପଷ୍ଟ ଭାବରେ ବାରିନେବା ସମ୍ଭବ ହୁଏ ।

ଏବଂ ମୁଁ ତଥାପି କହିବି ଯେ ଜଣେ ମଣିଷର ଆଦୌ ଖୁବ୍ ଗୁଡ଼ାଏ ଜିନିଷ ଲାଗି କେବେ ଦରକାର ନଥାଏ । ମୋର ମନେ ପଡ଼ୁଛି, ଥରେ ଆମେ ଚାରିଜଣ ଫ୍ରାନ୍ସର ପର୍ବତାଞ୍ଚଳ ଆଡ଼େ ବୁଲି ବାହାରିଥିଲୁ । ଆମେ ଗୋଟିଏ ସହରରୁ ବାହାରିଥାଉ ଏବଂ ଆଉ ଗୋଟିଏ ସହରରେ ଯାଇ ପହଞ୍ଚିବାର ଥାଏ । ମଝିରେ ପାହାଡ଼ବାଟଦେଇ ଆଠ ଦଶଦିନର ବାଟ ଅତିକ୍ରମ କରିବାକୁ ରହିଥାଏ । ତେଣୁ ସେଥିଲାଗି ପ୍ରସ୍ତୁତ ହୋଇ ଆମେ, ପ୍ରତ୍ୟେକେ ପିଠି ଉପରେ ଗୋଟିଏ ଗୋଟିଏ ବୁଜୁଳା ପକାଇଲୁ କାରଣ ବାଟରେ ନିଶ୍ଚୟ କେତୋଟି ଜିନିଷର ଆବଶ୍ୟକତା

'oaob.nitrkl.ac.in' images reprocessed

ହେବ । ମାତ୍ର, ତା'ପରେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଆମେ ସୃଶଜଣଯାକ ଟିକଏ ଏକାଠି ବସି ଏକ ଆଲୋଚନା କଲୁ; କେଉଁସବୁ ଜିନିଷ ଆମ ସାଙ୍ଗରେ ନେବା ଏକାନ୍ତ ଆବଶ୍ୟକ ଓ କେଉଁସବୁ ଜିନିଷ ନନେଲେ ନହେବ, ସେହି ବିଷୟ ପକାଇଲୁ । ଏବଂ ଆମେ ସର୍ବଦା ଏହିପରି ଏକ କଥା ପାଖରେ ଆସି ପହଞ୍ଚୁଥିଲୁ : "ବର୍ତ୍ତମାନ ଖର୍ଚ୍ଚର ଜିଭ ଦେଖାଯାଉ, ଏହି ଜିନିଷଟି ନଥିଲେ ମଧ୍ୟ ଆମର ଏହିପରି ଭାବରେ କାମ ଚଳିଯିବ", ଏବଂ ଏହିପରି ଭାବରେ ସବୁ ଦଥା କମି କମି ଶେଷକୁ ଅତି କମ୍‌ରେ ଯାଇ ରହିଲା··· ମୁଁ ଡେନମାର୍କର ଜଣେ ଶିଳ୍ପୀଙ୍କୁ ଜାଣିଥିଲି, ଯିଏ ସବୁବେଳେ କହୁଥିଲେ, "ତୁମେସବୁ ଜାଣିଛ, ଯେତେବେଳେ ମୁଁ କେଉଁଠାକୁ ଭ୍ରମଣ କରି ବାହାରେ, ସେତେବେଳେ ମୋର କେବଳ ଗୋଟିଏ ଜିନିଷ ଲୋଡ଼ା ହୁଏ, କେବଳ ଦାନ୍ତଘଷିବାର ବ୍ରୁରୁଶ୍‌ଟିଏ ଲୋଡ଼ା ହୁଏ ।" ମାତ୍ର, ତାଙ୍କ କଥା ଶୁଣି ଆଉ କେହିଜଣେ ଉତ୍ତର ଦେଇ କହିଲେ, "ସେଇଟି ନହେଲେ ବି କୌଣସି ଅସୁବିଧା ହେବ ନାହିଁ; ଯଦି ପାଖରେ ବ୍ରୁରୁଶ୍ ନଥିବ, ତେବେ ହାତର ଆଙ୍ଗୁଠି ଦ୍ୱାରା ମଧ୍ୟ ଦାନ୍ତ ଘଷାଯାଇ ପାରିବ !"

> କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଆମେ ଆଗ ଜାଣିବାକୁ ଚେଷ୍ଟା କରୁ, ଏହି କାର୍ଯ୍ୟଟିକୁ କରିବାର ପ୍ରେରଣାଟି ପ୍ରକୃତରେ ଦିବ୍ୟ ଜନନୀଙ୍କଠାରୁ ଆସୁଛି ଅଥବା ଆଉ କେଉଁଠୁ ଆସୁଛି; ମାତ୍ର ସେହି କଥାଟିକୁ ଜାଣି ପାରିବା ଲାଗି ଆମ ପାଖରେ ସାଧାରଣତଃ ଯଥେଷ୍ଟ ବିବେକଶକ୍ତି ଆଦୌ ନଥାଏ, ଏବଂ ତଥାପି ଆମେ କାର୍ଯ୍ୟଟିକୁ କରୁ । କାର୍ଯ୍ୟର ପ୍ରେରଣାଟି ମାଆଙ୍କ ପାଖରୁ ଆସିଥିଲା ବା ଅନ୍ୟ କେଉଁଠାରୁ ଆସିଥିଲା, କାର୍ଯ୍ୟଟିରୁ ମିଳୁଥିବା ପରିଣାମରୁ ସେହି କଥାଟି ଜାଣିହେବ କି ?

ଆମର ଆବଶ୍ୟକ ବିବେକଶକ୍ତିଟି ନଥାଏ, କାରଣ ଆମେ ତାହା ଲାଭ କରିବା ପାଇଁ ଯଥେଷ୍ଟ ଆଗ୍ରହ କରୁ ନାହିଁ । ଶୁଣ, ମୋତେ ଆଦୌ ଜଣା ନାହିଁ, ଏପରି କୌଣସି ଗୋଟିଏ ଦୃଷ୍ଟାନ୍ତ ବି ରହିଛି ଯେ ଯେତେବେଳେ କି ଜଣେ ଆପଣା ଭିତରେ କୌଣସି କଥାକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରିବାକୁ ମୋଟେ ସମର୍ଥ ହୁଏ ନାହିଁ ! ମାତ୍ର ସେଥିଲାଗି ତୁମକୁ ଅତ୍ୟନ୍ତ ନିଷ୍ଠାପର ଭାବରେହିଁ ଜାଣିବାର ଇଚ୍ଛାଟିକୁ ପୋଷଣ କରିବାକୁ ହେବ,—ସବୁ କଥାରେ ଆମକୁ ସେହି ଗୋଟିଏ ଅନଥରେ ଆସି ପହଞ୍ଚିବାକୁ ପଡ଼ୁଛି,—ତୁମକୁ ଅତ୍ୟନ୍ତ ନିଷ୍ଠାର ସହିତ ସେହି ଇଚ୍ଛାକୁ

'oaob.nitrkl.ac.in' images reprocessed

ଘୋଷଣ କରିବାକୁ ପଡ଼ିବ । ସର୍ବପ୍ରଥମ କଥାଟି ହେଉଛି ଯେ ତୁମେ ବିଷୟଟିକୁ ନେଇ କଦାପି ଏଣୁତେଣୁ ଗୁଡ଼ାଏ ଭାବିବାକୁ ବାହାରି ଯିବ ନାହିଁ ଏବଂ ଯାବତୀୟ ପ୍ରକାରର ନାନା ଧାରଣାକୁ ବନାଇବାର ଚେଷ୍ଟା କରିବ ନାହିଁ । ପରସ୍ପରର ବିରୋଧ କରୁଥିବା ନାନା ଧାରଣା, ନାନା ସମ୍ଭାବନାକୁ ବନାଇ ରଖିବାର ଚେଷ୍ଟା କରି ତୁମେ କଦାପି ଏକ ଦୁର୍ଜ୍ଞେୟ ମାନସିକ କ୍ରିୟାଶୀଳତା ଭିତରେ ଯାଇ ପଶି ଯିବ ନାହିଁ । ସମସ୍ୟାଟିକୁ ତୁମେ ଯେତେଯେପରି ଆଉ ଅନ୍ୟ କାହା ଆଗରେ ଉପସ୍ଥାପିତ କରିବାକୁ ଯାଉଛ, ତାହାକୁ ତୁମେ ଆପଣା ଆଗରେ ସେହିପରି ଆଣି ଉପସ୍ଥାପିତ କରିବାକୁ ଚେଷ୍ଟା କରିବ । ତା'ପରେ ନୀରବ ହୋଇ ରହିବ, ଠିକ୍ ସେହିପରି ଭାବରେ ନିଶ୍ଚଳ ହୋଇ ରହିବ । ଏବଂ, ତା'ପରେ, କିଛି ସମୟ ପରେ ତୁମେ ଦେଖିବାକୁ ଆରମ୍ଭ କରିବ ଯେ ଏହି କ୍ଷେତ୍ରରେ ତିନୋଟି ଅଲଗା ଅଲଗା କଥା ଘଟିବାର ସମ୍ଭାବନା ରହିଛି,' ତିନରୁ ଅଧିକ କଥା ଘଟିବାର ସମ୍ଭାବନା ବି ବେଳେବେଳେ ଆଇପାରେ । ଜଣେ ବୁଦ୍ଧିଜୀବୀ ବ୍ୟକ୍ତିର ଦୃଷ୍ଟାନ୍ତ ନେଇ ବିଚାର କରାଯାଉ, ଯିଏକି ତା'ର ମସ୍ତିଷ୍କର ସଙ୍କେତ ଓ ନିର୍ଦ୍ଦେଶ ଅନୁସାରେ ସବୁକିଛି କାର୍ଯ୍ୟ କରିଥାଏ । ସିଏ ସମସ୍ୟାଟିକୁ ଏହିପରି ଭାବରେ ନେଇ ଉପସ୍ଥାପିତ କରିଛି ଏବଂ ଅପେକ୍ଷା କରିଛି । ହଁ, ଯଦି ସିଏ ପ୍ରକୃତରେ ମନୋଯୋଗୀ ରହି ପାରୁଥିବ, ତେବେ ସେ ନିଶ୍ଚୟ ଦେଖିବାକୁ ପାଇବ ଯେ ସେହି କ୍ଷେତ୍ରରେ (ଏହା ଯେ ଏକ ନିର୍ଦ୍ଦିଷ୍ଟ ସମୟାନୁକ୍ରମରେ ଘଟିବ, ସେକଥା ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ମୋଟେ କହି ହେବ ନାହିଁ, ତାହା ହୁଏତ ଆଉ ଏକ ଅନୁକ୍ରମରେ ଘଟିବ) ସର୍ବପ୍ରଥମେ (ଜଣେ ବୁଦ୍ଧିଜୀବୀର କ୍ଷେତ୍ରରେ ତାହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ) କୌଣସି ଏକ ଧାରଣା ବା ବିଚାରର ଆବିର୍ଭାବ ହେବ : "ସେହି କାର୍ଯ୍ୟଟିକୁ ମୁଁ ଯଦି ଏପରି ଭାବରେ କରେ, ତେବେ ତାହା ପ୍ରକୃତରେ ଭଲ ହେବ; ତେଣୁ ତାହା ଅବଶ୍ୟ ସେହିପରି ଭାବରେ କରାଯିବା ଉଚିତ;" ଅର୍ଥାତ୍, ସର୍ବପ୍ରଥମେ ଏକ ମାନସିକ ବିରଚନାରହିଁ ଉଦୟ ହେବ । ଦ୍ୱିତୀୟ କଥାଟି ଏକ ଆବେଗ ରୂପରେ ଉପସ୍ଥିତ ହେବ : "ସେହି କଥାଟିକୁ ଯେକୌଣସି ମତେ କରିବାକୁ ହେବ; ତାହା ଭଲ, ତେଣୁ ସେଇଟିହିଁ କର୍ତ୍ତବ୍ୟ ।" ତା'ପରେ ଏକ ତୃତୀୟ ସମ୍ଭାବନା ରହିଛି, ଯାହାକି ଆଦୌ କୌଣସି କୋଳାହଳ କରିବ ନାହିଁ, ଆପଣାକୁ କଦାପି ଅନ୍ୟମାନଙ୍କ ଉପରେ ଲଦିଦେବାକୁ ଇଚ୍ଛା କରୁ ନଥିବ, ମାତ୍ର ଯାହା ଭିତରେ କି ଏକ ଦୃଢ଼ ନିଶ୍ଚିତତାର ସ୍ଥିରତା ବିରାଜମାନ କରୁଥିବ; ତାହା ଖୁବ୍ ବେଶୀ ସକ୍ରିୟ ହୋଇ ରହି ନଥିବ, କୌଣସି ଆଘାତ ଦେଲାପରି ଲୁହଁ କରି ଆସି ବାଜୁ ନଥିବ, କ୍ରିୟାଶୀଳ ହେବା ପାଇଁ ଠେଲି ପେଲି ବାହାରି ଆସିବାକୁ ଚେଷ୍ଟା କରୁ ନଥିବ,—ମାତ୍ର ଏପରି ଏକ ବସ୍ତୁ ପରି ଅନୁଭୂତ ହେଉଥିବ, ଯାହାକି ପ୍ରକୃତରେ ଜାଣିଛି ଏବଂ ଭାରି ସ୍ଥିର, ଭାରି ନିଶ୍ଚଳ

'oaob.nitrkl.ac.in' images reprocessed

ହୋଇ ରହିଛି । ଏଇଟି ଅନ୍ୟଗୁଡ଼ିକର ଆଦୌ କୌଣସି ବିରୋଧ କରୁ ନଥିବ, କଦାପି ଆଗକୁ ବାହାରିପଡ଼ି "ନାହିଁ, ସେଇଟା ଭୁଲ" ବୋଲି କହି ପକାଉ ନଥିବ । ତାହା କେବଳ ଏତିକିମାତ୍ର କହୁଥିବ, "ଦେଖ, ଏହା ବୋଧହୁଏ ଏହିପରି ହେବ ।" ବାସ୍ ସେତିକି, ଏବଂ ତାହା କୌଣସି ଦୁରାଗ୍ରହ ମଧ୍ୟ ଦେଖାଉ ନଥିବ । ଏହି ସଙ୍କେତଟିକୁ ଲାଭ କରି ପାରିବା ଲାଗି ଅଧିକାଂଶ ଲୋକ ଆଦୌ ଯଥେଷ୍ଟ ପରିମାଣରେ ନୀରବ ହୋଇ ରହି ନଥାନ୍ତି, ଯଥେଷ୍ଟ ମନୋଯୋଗୀ ହୋଇ ବି ରହି ନଥାନ୍ତି । କାରଣ ତାହା ଆଦୌ କୌଣସି କୋଳାହଳ କରୁ ନଥାଏ । ମାତ୍ର ମୁଁ ଏକାନ୍ତ ନିଶ୍ଚିତ ଭାବରେ କହୁଛି ଯେ ଏଇଟି ପ୍ରତ୍ୟେକ ମନୁଷ୍ୟ ଭିତରେ ରହିଛି, ଏବଂ ଯଦି ଜଣେ ଯଥାର୍ଥ ଭାବରେ ନିଷ୍ଠାପର ରହେ ଏବଂ ପ୍ରକୃତରେ ନୀରବ ହୋଇ ଆସିବାରେ ସଫଳତା ଲାଭ କରେ, ତେବେ ସେ ସେଇଟି ବିଷୟରେ ନିଶ୍ଚୟ ସଜ୍ଞାନ ହୋଇ ପାରିବ । ଆମ ଭିତରେ ଯେଉଁ ଭାବନାପ୍ରଧାନ ଦିଗଟି ରହିଛି, ସେଇଟି ଯୁକ୍ତି କରି କହିବାକୁ ଆରମ୍ଭ କରିବ, "ତୁମେ ଯାହା କହି ପଛକେ, ଏହି କଥାଟିରୁ ନିଶ୍ଚୟ ଏହି ପରିଣାମଟିହିଁ ଉପୁଜିବ ଏବଂ ସେହି କଥାଟିରୁ ନିଶ୍ଚୟ ସେହି ପରିଣାମଟି ଉପୁଜିବ; ଏବଂ, ଯଦି ଜଣେ ଏକଥାଟି କରେ···" ଏବଂ ଏଇଟା ଏବଂ ସେଇଟା କେତେ କ'ଣ କୁହାଯିବାରେ ଲାଗିଥିବ ଏବଂ କୋଳାହଳଟି ପୁନର୍ବାର ଆରମ୍ଭ ହୋଇ ଯିବ । ଅନ୍ୟଟି (ପ୍ରାଣ) କହୁଥିବ, "ହଁ, ଏଇଟିକୁ ଅବଶ୍ୟ ଏହିପରି ଭାବରେହିଁ କରିବାକୁ ହେବ, ଏଇଟିକୁ ଅବଶ୍ୟ କରିବାକୁ ହେବ, ତୁମେ ମୋଟେ ବୁଝି ପାରୁ ନାହଁ, ଏଇଟିକୁ ଅବଶ୍ୟ କରିବାକୁ ହେବ, ଏହା ଏକାନ୍ତ ଅପରିହାର୍ଯ୍ୟ !" ବାସ୍ ସେଇଠି, ସେଇଠି ତୁମକୁ ସବୁ ଜାଣିବାକୁ ମିଳିଯିବ । ଏବଂ ତୁମର ନିଜ ପ୍ରକୃତି ଅନୁସାରେ ତୁମେ ନିଜ ପାଇଁ ହୁଏତ ପ୍ରାଣ ସ୍ତରର ଆବେଗଟିକୁ ବାଛିନେବ ଅଥବା ମନ ଦ୍ୱାରା ପରିଚାଳିତ ହେବାକୁ ସ୍ୱୀକାର କରିନେବ । ମାତ୍ର ଖୁବ୍ କ୍ୱଚିତ୍ ତୁମେ ହୁଏତ ଅତ୍ୟନ୍ତ ସ୍ଥିର ଶାନ୍ତ ହୋଇ ଏପରି କହି ପାରିବ, "ବେଶ୍ ଭଲ କଥା । ମୁଁ ଏଇଟିକୁହିଁ କରିବି; ଯାହାକି ଘଟୁ ପଛକେ ମୁଁ ଏଇଟିକୁହିଁ କରିବି ।" ଏବଂ ତୁମେ ସେଇଟିକୁ ପ୍ରକୃତରେ ଖୁବ୍ ବେଶୀ ମନ କରୁ ନଥିଲେ ମଧ୍ୟ ସେଇଟିକୁ କରିବ । ମାତ୍ର ସେହି ସମ୍ଭାବନାଟି ସବୁବେଳେ ରହିଥିବ । ମୁଁ ତ ନିଶ୍ଚିତ ଭାବରେ କହି ପାରିବି ଯେ ତାହାକୁ ହତ୍ୟା କରିବାକୁ ଯାଉଥିବା ସମୟରେ ଜଣେ ହତ୍ୟାକାରୀ ମଧ୍ୟରେ ବି ସେହି ସମ୍ଭାବନାଟି ବିଦ୍ୟମାନ ରହିଥାଏ । ତୁମେ ଏକଥାଟି ଅବଶ୍ୟ ବୁଝି ପାରୁଥିବ । ମାତ୍ର, ତା'ର ବାହ୍ୟ ସତ୍ତାଟି ସେତେବେଳେ ଏତେଗୁଡ଼ାଏ କୋଳାହଳ କରିବାରେ ଲାଗିଥିବ ଯେ ସେହି ସମ୍ଭାବନାଟିର କଥାକୁ କାନ ଡେରି ଶୁଣିବା ଲାଗି ତାହାର ହୁଏତ ଖିଆଲ ବି ହେବ ନାହିଁ । ମାତ୍ର ତାହା ସବୁବେଳେ ରହିଥିବ, ସବୁବେଳେ ରହିଥିବ । ଯାବତୀୟ ପରିସ୍ଥିତିରେ, ପ୍ରତ୍ୟେକ ସତ୍ତାର ଗଭୀର



'oaob.nitrkl.ac.in' images reprocessed

ବସ୍ତୁରାଶି ମଧ୍ୟରେ ଦିବ୍ୟ ପରମ କରୁଣାର ଏହି ଅତିକ୍ଷୁଦ୍ର ସଙ୍କେତଟି ଅବଶ୍ୟ ରହିଥିବ (ଏହାକୁ ଏକ "ବାଣୀ" ବୋଲି ଆଦୌ କୁହାଯାଇ ପାରିବ ନାହିଁ, କାରଣ ତାହା କୌଣସି ଶବ୍ଦହିଁ ଧରୁ ନଥିବ) । ଏବଂ, ତାହାର ନିର୍ଦ୍ଦେଶଟିକୁ ମାତ୍ର ପାଇବା ଲାଗି ଅନେକ ସମୟରେ ପ୍ରକୃତ ପ୍ରୟାସ କରିବାକୁ ପଡ଼ିବ, କାରଣ ସତ୍ତାର ଅନ୍ୟ ସବୁଯାକ ଅଂଶ ତାହାର ପ୍ରବଳ ବିରୋଧ କରିବାରେ ଲାଗିଥିବେ । ଗୋଟାଏ ପାଖ, ସିଏ ଯାହା ଚାହୁଁଛି, କେବଳ ତାହାହିଁ ସତ୍ୟ ବୋଲି ଆଣ୍ଠୁ ଧରି ବସିଥିବ, ଆଉ ଗୋଟିଏ ପାଖ ଆପଣା ବାସନାର ସକଳ କ୍ଷମତା ଓ ସକଳ ବଳ ନେଇ ସମୁପସ୍ଥିତ ହେବାରେ ଲାଗିଥିବ । ମାତ୍ର ଜଣେ ସଜ୍ଞାନ ହୋଇ ପାରିବ ନାହିଁ ବୋଲି ମୋତେ କଦାପି କୁହ ନାହିଁ, କାରଣ ସେଇଟା ଆଦୌ ସତ କଥା ନୁହେଁ । ଜଣେ ଅବଶ୍ୟ ସଜ୍ଞାନ ହୋଇ ପାରିବ । ମାତ୍ର ଆମର ଯେ କ'ଣ ପ୍ରକୃତରେ ଆବଶ୍ୟକ, ଆମକୁ ସର୍ବଦା ସେହି କଥାଟି ମୋଟେ ଜଣା ନଥାଏ, ଏବଂ ବେଳେବେଳେ, କ'ଣ ଦରକାର ସେକଥା ଜାଣିଥିଲେ ମଧ୍ୟ, ସେହି କଥାଟିକୁ ନକରିବା ଲାଗି ଆମକୁ କ'ଣ ନା କ'ଣ ଗୋଟାଏ ବାହାନା ମିଳି ଯାଉଥିବ । ତୁମେ ନିଜକୁ ନିଜେ କହୁଥିବ, "ଯେତେ ଯାହା ହେଉ ପଛକେ, ଅନ୍ତର ଭିତରୁ ଆସୁଥିବା ଏହି ସଙ୍କେତଟି ବିଷୟରେ ମୁଁ ପ୍ରକୃତରେ ନିଶ୍ଚିତ ହୋଇ ପାରୁ ନାହିଁ; ସିଏ ପ୍ରକୃତରେ ଆଦୌ ଏପରି ଯଥେଷ୍ଟ ଶକ୍ତିଶାଳୀ ଭାବରେ ଅନୁଭୂତ କରାଇ ପାରୁ ନାହିଁ, ଯାହା ଦ୍ୱାରା କି ମୁଁ ତାହା ଉପରେ ବିଶ୍ୱାସ ଅର୍ଜନ କରି ପାରିବି ।" ମାତ୍ର ଯଦି ତୁମେ ପ୍ରକୃତରେ ନିର୍ଲିପ୍ତ ହୋଇ ରହିପାରନ୍ତ, ଯଦି ତୁମ ଭିତରେ କୌଣସି ବାସନା ନଥାନ୍ତା, ମାନସିକ, ପ୍ରାଣିକ ବା ଦୈହିକ କୌଣସି ପ୍ରକାର ବାସନା ନଥାନ୍ତା, ତେବେ ତୁମେ ପୂର୍ଣ୍ଣନିଶ୍ଚିତ ଭାବରେ ପ୍ରକୃତରେ ଏକଥାଟି ଅବଶ୍ୟ ଜାଣିପାରନ୍ତ ଯେ କେବଳ ସେହି କଥାଟିହିଁ ତୁମକୁ କରିବାକୁ ହେବ, ଆଉ ଅନ୍ୟକିଛି ନକରି ସେହି କଥାଟିକୁ କରିବାକୁ ହେବ । ଯେଉଁ ଜିନିଷଟି ଆସି ବାଧା ସୃଷ୍ଟି କରିବାରେ ଲାଗିଛି, ସେଇଟି ହେଉଛି ତୁମର ଅଗ୍ରରୁଚି,—ତୁମର ନାନା ଅଗ୍ରରୁଚି, ଏବଂ ନାନା ବାସନା । ପ୍ରତ୍ୟେକ ଦିନର ଜୀବନରୁହିଁ ତୁମେ ଏହାର ଶହ ଶହ ଦୃଷ୍ଟାନ୍ତ ପାଇପାରିବ । ଯେତେବେଳେ ଲୋକେ "ମୋତେ କ'ଣ କରିବାକୁ ହେବ, ମୁଁ ପ୍ରକୃତରେ ସେକଥା ଜାଣି ନାହିଁ ବୋଲି କହନ୍ତି, ସେଥିରୁ ସ୍ପଷ୍ଟ ଏହି କଥାଟି ବୁଝି ହୋଇଯାଏ ଯେ ସେମାନଙ୍କର କୌଣସି ନା କୌଣସି ଅଗ୍ରରୁଚି ରହିଛି । ମାତ୍ର ଏଠାରେ ଆଶ୍ରମରେ, ଆଉକିଛି ଅଧିକା ଜିନିଷ ରହିଛି ବୋଲି ସମସ୍ତେ ଜାଣିଥିବାରୁ ଏବଂ ବେଳେବେଳେ ସେମାନେ ପ୍ରକୃତରେ ମନୋଯୋଗୀ ହୋଇ ପାରୁଥିବାରୁ, ସେମାନଙ୍କର ଏକ ଅସ୍ପଷ୍ଟ ବୋଧ ରହିଛି ଯେ କଥାଟି ପ୍ରକୃତରେ ଠିକ୍ ସେପରି ନୁହେଁ : "କଥାଟି ପ୍ରକୃତରେ ଠିକ୍ ସେପରି ନୁହେଁ, ମୋତେ ପ୍ରକୃତରେ ମୋଟେ ଆଶ୍ୱସ୍ତ ଲାଗୁ ନାହିଁ ।" ପୁନଶ୍ଚ, ତୁମେ

'oaob.nitrkl.ac.in' images reprocessed

ଅଳ୍ପ ସମୟ ପୂର୍ବରୁ କହୁଥିଲ ଯେ ସଙ୍କେତଟି ତୁମକୁ ପରିଣାମରୁହିଁ ମିଳିଯାଏ; ଏପରି କୁହା ବି ହୋଇଛି (ଏକଥା ବହିମାନଙ୍କରେ ଲେଖା ହୋଇଛି) ଯେ ମଣିଷ ପରିଣାମଗୁଡ଼ିକରୁହିଁ ଭଗବତ୍ ଇଚ୍ଛାର ବିଚାର କରିଥାଏ ! ଯାହାକିଛି ସାଫଲ୍ୟ ଆଣିଦିଏ, ତାହାକୁହିଁ ଭଗବାନଙ୍କ ଇଚ୍ଛା ବୋଲି କୁହାଯାଇଛି; ଯାହାକିଛି ସାଫଲ୍ୟ ଆଣିଦିଏ ନାହିଁ, ସେଗୁଡ଼ିକ ବିଷୟରେ କୁହାଯାଏ ଯେ ଭଗବାନ ତାହାକୁ କଦାପି ଇଚ୍ଛା କରି ନଥିଲେ । ଏଇଟାକୁ ମଧ୍ୟ ଗୋଟିଏ ପର୍ବତପ୍ରମାଣ ମୂର୍ଖତା ବୋଲି କହିବାକୁ ହେବ । ଗୋଟିଏ ସମସ୍ୟାକୁ ମନ କିପରି ଭାବରେ ସରଳ କରି ଛୁଣ୍ଡାଇଦିଏ, ଏହା ହେଉଛି ତାହାର ଏକ ଉଦାହରଣ । ଏହାକୁ ପ୍ରକୃତରେ ହାସ୍ୟାସ୍ପଦ ବୋଲି କହିବାକୁ ହେବ । ତାହା ଆଦୌ ଠିକ୍ ନୁହେଁ । ଯଦି କାହାକୁ କୌଣସି ସଙ୍କେତ ମିଳେ (ଜଣକର ଆନ୍ତରିକତାର ଅନୁପାତରେହିଁ ତାହା ମିଳିଥାଏ), ତେବେ ସେହି ସଙ୍କେତ ଏକ ଅସ୍ୱସ୍ତିରୂପେହିଁ ଆସିଥାଏ, କିଞ୍ଚିତ୍ ଅସ୍ୱସ୍ତି ରୂପରେ ଆସିଥାଏ; ଅତିବେଶୀ ଅସ୍ୱସ୍ତି ନୁହେଁ, ମାତ୍ର କିଞ୍ଚିତ୍ ଅସ୍ୱସ୍ତି ରୂପରେହିଁ ଆସିଥାଏ ।

ହଁ, ତୁମ ଲାଗି ସେଥିପାଇଁ ଏଠାରେ ଆଉଗୋଟିଏ ଉପାୟ ମଧ୍ୟ ରହିଛି, ଖୁବ ସରଳ ଉପାୟଟିଏ ରହିଛି (ତୁମେ ସେହି ଉପାୟଟିକୁ କାହିଁକି ଯେ କାମରେ ଲଗାଅ ନାହିଁ, ମୁଁ ସେକଥା ଜାଣି ନାହିଁ; କାରଣ ଏଇଟି ଖୁବ ସହଜ, ଖୁବ ସରଳ ଉପାୟ); ତୁମେ କଳ୍ପନା କରିବ ଯେ ମୁଁ ତୁମର ସମ୍ମୁଖରେହିଁ ଅବସ୍ଥିତ ରହିଛି, ଏବଂ ତା'ପରେ ତୁମେ ନିଜକୁ ପଚାରିବ, "ମାଆଙ୍କ ସାମନାରେ ମୁଁ ଏହି କଥାଟିକୁ କରି ପାରିବି କି, ବିନା ସଙ୍କୋଚରେ ଓ ଅନାୟାସରେ କରି ପାରିବି କି, ଭିତରେ କୌଣସି ପ୍ରକାର କୁଣ୍ଠିତତା ଅନୁଭବ ନକରି ମୁଁ ପ୍ରକୃତରେ ଏହା କରି ପାରିବି କି ?" ଏହି ଉପାୟଟି ତୁମକୁ କଦାପି ଧୋକା ଦେବ ନାହିଁ । ଯଦି ତୁମ ଭିତରେ ନିଷ୍ଠା ଥିବ, ତେବେ ତୁମେ ତତ୍‌କ୍ଷଣାତ୍ ଜାଣିବାକୁ ପାଇବ । ଏବଂ କୌଣସି ଏକ ପ୍ରମାଦ ବା ମୂର୍ଖତାରେ ପଡ଼ିଯିବା ପୂର୍ବରୁହିଁ ତାହା ଅନେକ ଲୋକଙ୍କୁ ସେଥିରୁ ନିବୃତ୍ତ କରି ରଖିପାରିବ ।

ଅନେକ ସମୟରେ ଏପରି ହୋଇଥାଏ ଯେ, ଯେତେବେଳେ ଆମେ ଖେଳ ଖେଳୁଥାଉ, ସେତେବେଳେ ଭଗବାନଙ୍କ କଥା ଆଦୌ ମନେ ପଡ଼େ ନାହିଁ । ତା'ପରେ ହଠାତ୍ ତାଙ୍କ କଥା ମନେ ପଡ଼ିଯାଏ । ତା'ପରେ ସତେଅବା କେଉଁଠି କିଛି ଭାଙ୍ଗିଗଲା ପରି ମନେହୁଏ ଏବଂ ଆଉ ଭଲ କରି ଖେଳି ବି ହୁଏ ନାହିଁ । ଏପରି କାହିଁକି ହୁଏ ?

'oaob.nitrkl.ac.in' images reprocessed

କାରଣ ସେପରି ହେବା ଦ୍ୱାରା ସବୁକିଛି ବିଗିଡ଼ିଯାଏ । ଏବଂ ସେଇଟା ପ୍ରକୃତରେ ଗୋଟିଏ ସମସ୍ୟା । ତେବେ, ତୁମେ ଭାବୁଛ ଯେ ତୁମେ ଯେତେବେଳେ ଖେଳୁଥାଅ ଓ ତୁମର ଭଗବାନଙ୍କର କଥା ଆଦୌ ମନେ ନଥାଏ, ସେତେବେଳେ ତୁମେ ପ୍ରକୃତରେ ଖୁବ ଭଲ ଖେଳୁଥାଅ ! ନାଇଁ—ପ୍ରକୃତ କଥାଟି ଠିକ୍ ସେପରି ଆଦୌ ନୁହେଁ । କଥାଟି ହେଉଛି ଯେ, କାମ ହେଉ ଅଥବା ଖେଳ ହେଉ, ତୁମେ ଏକ ନିର୍ଦ୍ଦିଷ୍ଟ ଅଭିନିବେଶ ସହିତ କୌଣସି ଗୋଟିଏ କାର୍ଯ୍ୟରେ ଲାଗି ଯାଇଥାଅ ଏବଂ ସେଇଥିରେ ଅଭିନିବିଷ୍ଟ ହୋଇ ରହିଥାଅ, ମାତ୍ର ତୁମର ଅଭିନିବେଶ ସହିତ ଭଗବତ୍ ସ୍ମରଣକୁ ଏକାଠି ସମ୍ମିଳିତ କରି ରଖିବାକୁ ତୁମର କୌଣସି ଅଭ୍ୟାସ ବିକଶିତ ହୋଇ ପାରି ନଥାଏ (ଏପରି ସମ୍ମିଳିତ କରି ରଖିବା ଆଦୌ କଷ୍ଟକର ନୁହେଁ, ମାତ୍ର ତୁମର ସେହି ଅଭ୍ୟାସଟି ନଥାଏ), ଏବଂ ହଠାତ୍, ସେହି ସ୍ମରଣଟି ଆସି ପହଞ୍ଚିଯାଏ । ସେପରି କ୍ଷେତ୍ରରେ ଦୁଇଟି କଥା ଘଟିପାରେ; ହୁଏତ ଅଭିନିବେଶଟି ଭାଙ୍ଗିଯାଏ, କାରଣ ତୁମର ଚେତନା ମଧ୍ୟରେ ପ୍ରବେଶ କରୁଥିବା ନୂତନ ଦୃଷ୍ଟିକୋଣଟିକୁ ଧରି ରଖିବା ଲାଗି ତୁମ ଭିତରେ ସହସା ଏକ ଅନ୍ୟପ୍ରକାର ଗତିସ୍ପନ୍ଦନ ଆରମ୍ଭ ହୋଇଯାଏ; ଅଥବା, ତୁମେ ନିଜ ଭିତରେ କିଞ୍ଚିତ୍ ପରିମାଣରେ ଏକ ଦୁଃଖ, ଏକ ଅନୁଶୋଚନା ବା ଏକ ଅସ୍ଥିରତା ବି ଅନୁଭବ କର, "ଆରେ, ମୁଁ ଭଗବାନଙ୍କ କଥା ଏକାବେଳେକେ ଭୁଲି ଯାଇଥିଲି !" ବୋଲି ଭାବିବାକୁ ଲାଗ । ଏବଂ ତାହାହିଁ ଯଥେଷ୍ଟ ହୁଏ, ତାହା ତୁମର ସବୁକିଛିକୁ ଇତସ୍ତତଃ କରିଦେଇ ଯାଏ । କାରଣ ଆପଣାର ଅବସ୍ଥାଟିରେ ତୁମେ ସମ୍ପୂର୍ଣ୍ଣ ଭାବରେ ଏକ ପରିବର୍ତ୍ତନ ସଂଘଟିତ କରିଥାଅ । ଏଥର ତୁମେ ସ୍ମରଣ କରିବାକୁ ଆରମ୍ଭ କର, ସେହି କଥାଟି ଯେ ତା'ପରେ ତୁମର ଖେଳଟିକୁ ବିଗାଡ଼ିଦିଏ, ସେକଥା ନୁହେଁ, ତୁମର ଅଭିନିବେଶଟି ବ୍ୟାହତ ହୋଇ ପଡ଼ିବାରୁହିଁ ତୁମର ଖେଳ ଆଉ ଭଲ ହୋଇ ପାରେ ନାହିଁ । ମାତ୍ର, ଯଦି ଆପଣାର ଅଭିନିବେଶଟିକୁ ଆଦୌ କୌଣସି ପ୍ରକାରେ ବ୍ୟାହତ ନକରି ତୁମେ ସ୍ମରଣଟିକୁ ସମ୍ଭବ କରିପାରିଥାନ୍ତ (ଏପରି କରିବା ଆଦୌ କଷ୍ଟକର ନୁହେଁ), ତେବେ ତୁମେ ଯେ ତା'ପରେ ମଧ୍ୟ ଭଲ ଖେଳିଥାନ୍ତ, କେବଳ ସେତିକି ନୁହେଁ, ତୁମେ ଆଗ ଅପେକ୍ଷା ଆହୁରି ଭଲ ଖେଳି ପାରିଥାନ୍ତ ।

ଏବଂ ଏତଦ୍‌ବ୍ୟତୀତ, ତୁମେ ଆଉଗୋଟିଏ ଦୃଷ୍ଟିକୋଣ ବି ଅବଲମ୍ବନ କରିପାର । ଯେତେବେଳେ ତୁମେ ଖେଳୁଛ ଏବଂ କେଉଁଠି କିଛି ବିଗିଡ଼ି ଯାଉଛି ବୋଲି ହଠାତ୍ ସଜ୍ଞାନ ହୋଇପଡୁଛ,—ତୁମେ ଭୁଲ କରୁଛ, ଅମନୋଯୋଗୀ ହୋଇପଡୁଛ, କେତେବେଳେ ତୁମେ ଯାହାକିଛି କରୁଛ, ତାହାକୁହିଁ ଅତିକ୍ରମ କରି କେତେ ପରସ୍ପରବିରୋଧୀ ପ୍ରବାହମାନ ଆସି ପରସ୍ପର ସହିତ ଧକ୍କା ଖାଇବାରେ ଲାଗୁଛନ୍ତି,—ଯଦି, ଏହିପରି ଏକ ମୁହୂର୍ତ୍ତରେ, ତୁମେ ପ୍ରାୟ ସ୍ୱତଃପ୍ରେରିତ ଭାବରେ

'oaob.nitrkl.ac.in' images reprocessed

ପଢେଥିବା କୌଣସି ମନ୍ତ୍ରର ଉଚ୍ଚାରଣ କଲା ପରି ଅଥବା କେତୋଟି ଶବ୍ଦର ପୁନରାବୃତ୍ତି କଲା ପରି ଆବାହନ କରି ଆଣିବାର ଅଭ୍ୟାସଟିକୁ ବିକଶିତ କରାଇ ଆଣିପାରିବ, ତେବେ ତଦ୍ଦ୍ୱାରା ତାହାର ଏକ ଅସାଧାରଣ ଫଳ ମିଳିବ । ତୁମେ ନିଜେ ମନ୍ତ୍ରଟିକୁ ବାଛିବ; ବା ହୁଏତ ଏପରି ହେବ ଯେ କୌଣସି ବିପଦ୍ର ସମୟରେ ତାହା ଧନେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ତୁମ ପାଖକୁ ଆସିଥିବ । ବେଳେ ବେଳେ, ଯେତେବେଳେ ସବୁକିଛି ଭାରି ଅଡ଼ୁଆ ଭିତରେ ପଡ଼ିଯାଇଥିବ, ଯେତେବେଳେ ତୁମର ମନ ଭିତରେ ଗୋଟାଏ ପ୍ରକାରର ବ୍ୟର୍ଥତା ଅଥବା ସଂଶୟ ତୁମକୁ ଘାରି ରଖିଥିବ, ଏବଂ ଆଗକୁ ଆହୁରି କ'ଣ ଘଟିବାକୁ ଯାଉଛି, ସେବିଷୟରେ ତୁମକୁ କିଛି ଜଣା ନଥିବ, ସେତିକବେଳେ ଏହା ତୁମ ଭିତରେ ହଠାତ୍ ଆବିର୍ଭୂତ ହୋଇ ଆସିବ, ଶବ୍ଦଟି ହଠାତ୍ ଆବିର୍ଭୂତ ହୋଇ ଆସିବ । ପ୍ରତ୍ୟେକ ବ୍ୟକ୍ତି ଲାଗି ଏହି ଶବ୍ଦ ନିଶ୍ଚୟ ଭିନ୍ନ ହୋଇପାରେ । ମାତ୍ର, ତୁମେ ଯଦି ସେଇଟିକୁ ଠିକ୍ ରଖି ପାରିଥିବ ଏବଂ ପ୍ରତ୍ୟେକ ସମୟରେ କୌଣସି ବିପଦ ବା ଅସୁବିଧାର ସମ୍ମୁଖୀନ ହେଲାବେଳେ ତୁମେ ସେଇଟିର ପୁନରାବୃତ୍ତି କରିପାରିବ, ତେବେ ତାହା ପ୍ରକୃତରେ ଅପ୍ରତିରୋଧ୍ୟ ହୋଇଉଠିବ । ଉଦାହରଣସ୍ୱରୂପ, ତୁମେ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିବାକୁ ଯାଉଛ ବୋଲି ଯଦି ତୁମେ ଅନୁଭବ କରିବାକୁ ଆରମ୍ଭ କଲ, ଯଦି ତୁମେ ଯାହା କରୁଛ, ତାହାକୁ ଖାଲି ଖରାପ ଭାବରେ କରୁଛ ବୋଲି ତୁମର ମନରେ ଏକ ଅନୁଭୂତି ହେଲା, ଯଦି କୌଣସି ମନ୍ଦଶକ୍ତି ତୁମକୁ ଆକ୍ରମଣ କରିବାକୁ ଯାଉଛି ବୋଲି ତୁମ ମନରେ ଶଙ୍କା ଉପୁଜିଲା, ସେତେବେଳେ··· ମାତ୍ର, ତୁମର ସତ୍ତା ଭିତରେ ଏଇଟି ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ରହିଥିବା ଉଚିତ, ତୁମ ଭିତରେ ଏକଥା ଭାବିବା ଲାଗି ଆଦୌ କୌଣସି ଆବଶ୍ୟକତାକୁ ଅନୁଭୂତ ନକରାଇ ଏଇଟି ତୁମ ଭିତରୁ ବାହାରି ଆସି ପାରୁଥିବା ଉଚିତ । ତୁମେ ନିଜର ମନ୍ତ୍ରଟିକୁ ବାଛିନେବ, କାରଣ ତାହା ତୁମର ଅଭୀପ୍ସାକୁ ସଂପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତି ଭାବରେ ଅଭିବ୍ୟକ୍ତ କରି ଦେଉଥିବ । ଏହା ହୁଏତ ଗୋଟିଏ ଶବ୍ଦ ହୋଇପାରେ, ଦୁଇଟି ବା ତିନୋଟି ଶବ୍ଦ ବି ହୋଇପାରେ, ଗୋଟିଏ ପୂରା ବାକ୍ୟ ବି ହୋଇପାରେ । ସେହି କଥାଟି ପ୍ରତ୍ୟେକ ବ୍ୟକ୍ତି ଉପରେହିଁ ନିର୍ଭର କରିବ; ମାତ୍ର ଏହା ଏପରି ଗୋଟିଏ ଧ୍ୱନି ଅବଶ୍ୟ ହୋଇଥିବ, ଯାହାକି ତୁମ ଭିତରେ ଏକ ନିର୍ଦ୍ଦିଷ୍ଟ ପରିବେଶକୁ ଜାଗ୍ରତ କରି ଆଣି ପାରୁଥିବ । ଏବଂ ଯେତେବେଳେ ତୁମକୁ ଏହିପରି ଗୋଟିଏ ଶବ୍ଦ ବା ବାକ୍ୟ ମିଳିଯିବ, ମୁଁ ସଂପୂର୍ଣ୍ଣ ନିଶ୍ଚିତ ଭାବରେ କହିଦେଇ ପାରିବି ଯେ ସେତେବେଳେ ତୁମେ ବିପଦମୁକ୍ତ ଭାବରେ ସବୁକିଛିକୁ ଅତିକ୍ରମ କରିଯାଇ ପାରିବ । ଏପରିକି, ଏକ ପ୍ରକୃତ ଓ ବାସ୍ତବ ବିପଦର ସମ୍ମୁଖୀନ ହେଲାବେଳେ ମଧ୍ୟ, ଉଦାହରଣସ୍ୱରୂପ, ତୁମକୁ ହତ୍ୟା କରିବାକୁ ଅଭିପ୍ରାୟ ରଖିଥିବା କାହାରି ଆକ୍ରମଣର ସମ୍ମୁଖୀନ ହେଲାବେଳେ ମଧ୍ୟ,

'oaob.nitrkl.ac.in' images reprocessed

ଯଦି, କୌଣସି ପ୍ରକାରେ ଉତ୍ତେଜିତ ନହୋଇ, ବ୍ୟାକୁଳ ହୋଇ ନଯାଇ, ତୁମେ ଅତ୍ୟନ୍ତ ସ୍ଥିର ଭାବରେ ଆପଣାର ମନ୍ତ୍ରଟିକୁ ଉଚ୍ଚାରଣ କରି ପାରିବ, ତେବେ ତୁମର କେହି କିଛିହେଲେ କରି ପାରିବେ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏଥିଲାଗି ନିଜ ଉପରେ ତୁମର ପରିପୂର୍ଣ୍ଣ କର୍ତ୍ତୃତ୍ୱ ରହିଥିବା ଏକାନ୍ତ ଆବଶ୍ୟକ ହେବ, ତୁମ ସତ୍ତାର କୌଣସି ଗୋଟିଏ ଅଂଶ ବି ସେତେବେଳେ ମୋଟେ ଥରିବାରେ ଲାଗି ନଥିବ; ନାହିଁ, ନାହିଁ,—ତୁମକୁ ସମ୍ପୂର୍ଣ୍ଣ ଭାବରେ ଓ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ଏହି କଥାଟିକୁ କରିବାକୁ ହେବ ଏବଂ ତା'ହେଲେ ତାହା ସର୍ବଶକ୍ତିଶାଳୀ ହୋଇ କାର୍ଯ୍ୟ କରିପାରିବ । ଯେତେବେଳେ ଶବ୍ଦଟି ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମ ଭିତରୁ ବାହାରି ଆସି ପାରୁଥିବ, ସେତେବେଳେ ତାହାହିଁ ସର୍ବୋତ୍ତମ ହେବ । ଅତ୍ୟନ୍ତ ଅସୁବିଧାରେ ପଡ଼ିଥିବା ସମୟରେ ତୁମେ ତାହାର ଆବାହନ କରିବ (ସେହି ଅସୁବିଧାଟି ମାନସିକ, ପ୍ରାଣିକ ଅଥବା ଦୈହିକ କିଂବା ସବୁରକମର୍ଗୀୟ ଯାହା ହୋଇଥାଉ ପଛକେ), ଏବଂ ସଙ୍ଗେ ସଙ୍ଗେ ତାହା ତୁମ ଭିତରେ ଜାଗ୍ରତ ହୋଇ ଆସିବ, ସେତେଯେପରି କୌଣସି କମିଆ କରି ପାରୁଥିବା ଶବ୍ଦଗୁଡ଼ିକ ପରି ସେହି ଦୁଇତିନୋଟି ଶବ୍ଦ ତୁମ ଭିତରେ ଜାଗ୍ରତ ହୋଇ ଆସିବ । ତୁମକୁ ସେହି ଶବ୍ଦଗୁଡ଼ିକୁ ସ୍ମରଣ ରଖିଥିବାକୁ ପଡ଼ିବ ଏବଂ ଯେତେବେଳେ କୌଣସି ଅସୁବିଧା ଆସୁଥିବ, ସେତେବେଳେ ସେଗୁଡ଼ିକୁ ଉଚ୍ଚାରଣ କରିବାରେ ତୁମେ ଅଭ୍ୟସ୍ତ ହୋଇ ଯାଇଥିବ । ଏହି ଅଭ୍ୟାସଟିକୁ କରିବାରେ ସମର୍ଥ ହୋଇଗଲେ, ପରେ ତାହା ତୁମ ପାଖକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ମଧ୍ୟ ଆସିବାକୁ ଲାଗିବ । ଅସୁବିଧାଟି ଆସି ପହଞ୍ଚିବା ମାତ୍ରକେ ମନ୍ତ୍ରଟି ବି ସଙ୍ଗେ ସଙ୍ଗେ ଆସି ପହଞ୍ଚିଯାଇ ପାରିବ । ସେତେବେଳେ ପରିଣାମଗୁଡ଼ିକ ମଧ୍ୟ ଅଦ୍ଭୁତ ହେବ । ମାତ୍ର ଏଥିରେ କୌଣସି ପ୍ରକାର କୃତ୍ରିମତା ଆଦୌ ରହିବ ନାହିଁ ବା ତୁମେ "ଏଥର ମୁଁ ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରିବି" ବୋଲି ବିଚାର କଦାପି କିଛି କରୁ ନଥିବ । ଅଥବା, ଆଉ କେହିଜଣେ ଆସି ମଧ୍ୟ ତୁମକୁ "ତୁମେ ଜାଣିଥିବ,—ଏହି ଶବ୍ଦଗୁଡ଼ିକୁ ସ୍ମରଣ କରିବା ପ୍ରକୃତରେ ବଡ଼ ଫଳପ୍ରଦ ହେବ" ବୋଲି କହୁ ନଥିବ । ତାହା ତା' ନିଜ ସକାଶେ ହୁଏତ ଭାରି ଫଳପ୍ରଦ ହୋଇପାରେ, ମାତ୍ର ସମସ୍ତଙ୍କ ସକାଶେ କାହିଁକି ହେବ ?

> "ସେବା କରିପାରିବା, ଗ୍ରହଣ କରିବା, ପରିପୂର୍ଣ୍ଣ କରିବା, ସେହି ଦିବ୍ୟ ପରମା ଶକ୍ତିଙ୍କର କାର୍ଯ୍ୟରେ ଏକ ରୂପାୟନକାରୀ ଯନ୍ତ୍ରରୂପେ ଆପଣାକୁ ପରିଣତ କରିଦେବା, ପ୍ରତ୍ୟେକ କର୍ମରେ ଏହାହିଁ ତୁମର ଉଦ୍ଦେଶ୍ୟ ହୋଇ ରହିବା ଉଚିତ ।"
>
> ଶ୍ରୀଅରବିନ୍ଦ, ମାଆ, ପୃଷ୍ଠା-୯୫

'oaob.nitrkl.ac.in' images reprocessed

ଯେତେବେଳେ ତୁମେ ଯାହାକିଛି କରିବ, ସେତେବେଳେ ସେବାହିଁ ତୁମ କାର୍ଯ୍ୟର ଏକମାତ୍ର ଲକ୍ଷ୍ୟ ହୋଇ ରହିଥିବ, ଅର୍ଥାତ୍ ନିଜର ବ୍ୟକ୍ତିଗତ କୌଣସି ଉପକାର ଲାଗି କାର୍ଯ୍ୟ କରିବା ପରିବର୍ତ୍ତେ ତୁମେ ସେବାର ମନୋଭାବ ନେଇ କାର୍ଯ୍ୟ କରିବ; ତାହାକୁ ଅନ୍ୟ କେଉଁଠୁ ନୁହେଁ (ତୁମେ ସେଥିରେ ଆଦୌ ବିଶ୍ୱାସହିଁ କରିବ ନାହିଁ), ମାତ୍ର ତୁମ ଆପଣା ଭିତରୁହିଁ ଦିବ୍ୟ ପରମା ଶକ୍ତିକୁ ଗ୍ରହଣ କରିବାର ମନୋଭାବ ନେଇ କାର୍ଯ୍ୟ କରିବ; ସେହି ପରମା ଶକ୍ତି ତୁମକୁ ତା'ର ଆପଣାର କାର୍ଯ୍ୟ ଲାଗି ନିମିତ୍ତରୂପେ ବ୍ୟବହାର କରିବ, ସେଇଥିଲାଗି ଆପଣାକୁ ଉନ୍ମୋଚିତ କରି ରଖିବାର ମନୋଭାବକୁ ବହନ କରି ତୁମେ କାର୍ଯ୍ୟ କରିବ, ସେହି ଶକ୍ତି ତୁମେ ତା'ର ଯେଉଁ ଅଭିପ୍ରାୟଟିକୁ ପୂର୍ଣ୍ଣ କରିବ ବୋଲି ଇଚ୍ଛା ରଖିଛି, ତାହାକୁହିଁ ପ୍ରକୃତରେ ପୂର୍ଣ୍ଣ କରିବାର ମନୋଭାବ ରଖି ତୁମେ ଯାବତୀୟ କାର୍ଯ୍ୟ କରିବ । ସେହି କ୍ଷେତ୍ରରେ ଅହଂସ୍ଫାଳନା ଲାଗି ଆଦୌ କୌଣସି ଅବକାଶ ନଥିବ । ଏଠାରେ ଗୋଟିଏ ଜିନିଷ ଦେଇ ବଦଳରେ ଆଉଗୋଟିଏ ଜିନିଷ ପାଇବାର ଆଦୌ କୌଣସି ପ୍ରସଙ୍ଗହିଁ ଉଠୁ ନାହିଁ, ମୋଟେ ଉଠୁ ନାହିଁ; ତାହାକୁ କୌଣସି ପଦାର୍ଥ ଲାଭ କରିବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ ।

ଏପରି କେତେକ ସାଧନାମାର୍ଗ ରହିଛି, ଯେଉଁଥିରେ କି ଏପରି ନିୟମ କରି ଦିଆଯାଇଛି (ଏହି ନିୟମଗୁଡ଼ିକୁ ଆମେ ଖୁବ୍‌ବେଶୀ ମହତ୍ତ୍ୱ ଦେଉ ନାହିଁ, କାରଣ ସେଗୁଡ଼ାକ ଭିତରେ ସର୍ବଦା ମନମୁଖି ଖିଆଲ ଓ କେତେକେତେ କୃତ୍ରିମତା ଭରି ରହିଥାଏ) ଯେ, ତୁମେ ଯାହାକିଛି ଯେତେବେଳେ ଗ୍ରହଣ କରିବ, ତାହାକୁ କେବଳ ସେହି ଦିବ୍ୟ ପରମସତ୍ତାଙ୍କଠାରୁ ଗ୍ରହଣ କରିବ, ଅଥବା ଗୁରୁଙ୍କଠାରୁ ଗ୍ରହଣ କରିବ, ଯିଏକି ତୁମ ଲାଗି ସେହି ପରମସତ୍ତାଙ୍କରହିଁ ପ୍ରତିନିଧିତ୍ୱ କରୁଥିବେ । ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ କି ତାହା ଗୁରୁଙ୍କ ହାତରୁ ପ୍ରଦତ୍ତ ହେଉ ନାହିଁ ବୋଲି କାହାରିଠାରୁ ଫଳଟିଏ ମଧ୍ୟ ଗ୍ରହଣ କରିବାକୁ ଯିବେ ନାହିଁ । ଏହାକୁ ଆମେ ଅବଶ୍ୟ ଏକ ଅତିରଞ୍ଜନ ବୋଲି ଜାଣିବା; ଆମେ ନିଜେ ଯେଉଁ ଦୃଷ୍ଟିକୋଣ ସହିତ ସବୁକିଛି କରୁଥିବା, ସେକଥାଟି ତାହା ଉପରେ ମଧ୍ୟ ନିର୍ଭର କରିବ । ଏହା ପ୍ରକୃତରେ ଆହୁରି ଅନେକ କଥା ଉପରେ ନିର୍ଭର କରିବ, ସେସବୁ ବୁଝାଇ କହିବା ଲାଗି ଅନେକ ସମୟ ଲାଗିବ । ମାତ୍ର, ଗୋଟିଏ କଥା ଅବଶ୍ୟ ମନେ ରଖିବାକୁ ହେବ, ପରମେଶ୍ୱରଙ୍କ ବ୍ୟତୀତ ତୁମେ କଦାପି କାହାରି ଉପରେ ବା କୌଣସି ବସ୍ତୁ ଉପରେ ଭରସା ରଖିବ ନାହିଁ । କାରଣ, ଯଦି ଭରସା ପାଇବା ଲାଗି ତୁମେ ଆଉ କୌଣସି ଅବଲମ୍ବନକୁ ଆଶ୍ରୟ କର, ତେବେ ସେହି ଅବଲମ୍ବନ ମଧ୍ୟ ଭଗ୍ନ ହୋଇଯିବ, ଏବସ୍ତ୍ରରେ ତୁମେ ଆଦୌ କୌଣସି ସଂଶୟ ରଖିବ ନାହିଁ । ଏବଂ ଯେଉଁ ମୁହୂର୍ତ୍ତରୁ ତୁମେ ଯୋଗାଭ୍ୟାସ ଆରମ୍ଭ କରିବ (ଯେଉଁମାନେ ଯୋଗାଭ୍ୟାସ

'oaob.nitrkl.ac.in' images reprocessed

କରୁଛନ୍ତି, ମୁଁ କେବଳ ସେହିମାନଙ୍କର କଥା କହୁଛି, ମୁଁ ସାଧାରଣ ଜୀବନ କଥା ଆଦୌ କହୁ ନାହିଁ), ଯେଉଁମାନେ ଯୋଗର ଅଭ୍ୟାସ କରୁଥିବେ, ସେମାନେ ଯଦି ଆଉ କାହା ଉପରେ ଭରସା ରଖିବେ, ତେବେ ସେହି କ୍ଷେତ୍ରରେ ସେହି ବ୍ୟକ୍ତିକୁ ଦିବ୍ୟ ପରମଶକ୍ତିଙ୍କର ଜଣେ ପ୍ରତିନିଧି ରୂପରେ ରୂପାନ୍ତରିତ କରିଦେବା ଉଚିତହିଁ ହେବ । ଏବଂ, ଏହି କଥାଟିକୁ ତୁମେ ଜାଣି ରଖିଥାଅ ଯେ ଦଶକୋଟି ମଣିଷରେ ମଧ୍ୟ ଏପରି ଜଣେ ବି କେହି ମିଳିବ ନାହିଁ, ଯିଏକି ସେହି ଭାରଟିକୁ ବହନ କରି ପାରିବ : ସିଏ ସଙ୍ଗେ ସଙ୍ଗେ ମଡ଼ମଡ଼ ହୋଇ ଭାଙ୍ଗିଯିବ । ତେଣୁ କେବଳ ପରମେଶ୍ୱରଙ୍କ ବ୍ୟତୀତ ଆଉ କାହାରି ପାଖରୁ ଅବଲମ୍ବନ, ସାହାଯ୍ୟ ଓ ଆଶ୍ୱାସନା ମିଳିବ ବୋଲି ଆଶା କରିବାର ଦୃଷ୍ଟିକୋଣଟିକୁ ତୁମେ କଦାପି ପୋଷଣ କରିବ ନାହିଁ । ଏ ବିଷୟରେ ଏତେଟିକିଏ ମଧ୍ୟ ଏପାଖସେପାଖ ହେବା ଲାଗି ଆଦୌ କୌଣସି ଅବକାଶ ନାହିଁ; ମୁଁ କେବେହେଲେ, ଏପରିକି ଥରେହେଲେ ବି କୌଣସି ବ୍ୟକ୍ତିକୁ ଭେଟି ନାହିଁ, ଯିଏକି ଏକ ଅବଲମ୍ବନ ପାଇବାର ଅଭିଳାଷରେ କୌଣସି ବସ୍ତୁକୁ ଜାବୁଡ଼ି କରି ଧରିଛି (ଯୋଗର ଅଭ୍ୟାସ କରୁଥିବା ବା ଯୋଗମାର୍ଗର କୌଣସି ସଂସ୍ପର୍ଶରେ ଆସିଥିବା) ଏବଂ ଯିଏକି ସେହି କ୍ଷେତ୍ରରେ ପ୍ରତାରିତ ହୋଇ ନାହିଁ; ସେଇଟି ପ୍ରକୃତରେ ମଡ଼ମଡ଼ ହୋଇ ଭାଙ୍ଗିଯାଏ, ସେଇଟି ବ୍ୟର୍ଥ ହୋଇ ଅଟକିଯାଏ, ଅବଲମ୍ବନଟି ହଜିଯାଏ । ତା'ପରେ ହୁଏତ "ଜୀବନଟା ପ୍ରକୃତରେ ବଡ଼ ଆସ୍ୱାସମସ୍ତ" ବୋଲି କହିବାକୁ ପଡ଼େ । ଜୀବନ ଆସ୍ୱାସମସ୍ତ ଆଦୌ ନୁହେଁ, ମାତ୍ର ଆମେ ଯେ କ'ଣ କରୁଛୁ, ଆମକୁ ସେହି କଥାଟିକୁ ଜାଣି ରଖିବାକୁ ହେବ । ପରମ ଦିବ୍ୟସତ୍ତାଙ୍କୁ ଛାଡ଼ି ଆଉ କୌଣସି ଜାଗାରେହିଁ ଭରସା ଖୋଜ କଦାପି ଯିବ ନାହିଁ । ପରମ ଦିବ୍ୟସତ୍ତାଙ୍କୁ ଛାଡ଼ି ଆଉ କୌଣସି ସ୍ଥାନରେହିଁ ତର୍ପଣ ଖୋଜ କଦାପି ଯିବ ନାହିଁ । ଦିବ୍ୟ ପରମସତ୍ତାଙ୍କୁ ଛାଡ଼ି ଆଉ କୌଣସି ସ୍ଥାନରେ ନିଜର ଆବଶ୍ୟକତାଗୁଡ଼ିକ ଲାଗି କଦାପି ତର୍ପଣ ଖୋଜ ଯିବ ନାହିଁ । କେବେହେଲେ ତୁମେ କୌଣସି ଅବସରରେ ମଧ୍ୟ ତାହା କରିବ ନାହିଁ । କେବଳ ସେହି ପରମ ଦିବ୍ୟସତ୍ତାହିଁ ତୁମର ଯାବତୀୟ ଆବଶ୍ୟକତାର ପରିପୂରଣ କରିପାରିବେ । କେବଳ ପରମ ଦିବ୍ୟସତ୍ତାହିଁ ତୁମର ଯାବତୀୟ ଦୁର୍ବଳତାକୁ ବହନ କରିପାରିବେ ଓ ସେଗୁଡ଼ିକୁ ଆରୋଗ୍ୟ କରିଦେଇ ପାରିବେ । ପ୍ରତ୍ୟେକ ବସ୍ତୁରେ ତୁମେ ଯାହାକିଛି ଆବଶ୍ୟକ କରୁଛ, କେବଳ ସେଇ ସେହି କଥାଟିକୁ ଆଣି ତୁମକୁ ଦେଇପାରିବେ, ସବୁବେଳେ କେବଳ ସେଇ ଦେଇ ପାରିବେ, ଏବଂ ଯଦି ତୁମେ ଅନ୍ୟ କୌଣସି ବ୍ୟକ୍ତିଠାରୁ କୌଣସି ତୃପ୍ତି, ଅବଲମ୍ବନ ଅଥବା ସାହାଯ୍ୟ ପାଇବାକୁ ଚେଷ୍ଟା କରୁଥାଅ…ତୁମେ ଯାହା ମନ ତାହା ପାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ, ତୁମକୁ ଦିନେ ନା ଦିନେ ମୁହଁମାଡ଼ି ପଡ଼ିବାକୁ ହେବ ଏବଂ ତାହା ତୁମକୁ ସବୁବେଳେ ଆଘାତହିଁ ଦେବ, ଏପରିକି ବେଳେବେଳେ ତୁମ ଲାଗି ଅନେକ ଆଘାତର କାରଣ ହେବ ।

'oaob.nitrkl.ac.in' images reprocessed

## ୭ ମେ ୧୯୫୧

ଶ୍ରୀଅରବିନ୍ଦଙ୍କର ଲିଖିତ "ମା" ବହିରୁ ମାଆ ଷଷ୍ଠ ଅଧ୍ୟାୟର ପ୍ରଥମାଂଶଟିକୁ ପଢ଼ିଲେ ।

### "ସୋପାନକ୍ରମ"ର ଅର୍ଥ କ'ଣ ?

କୌଣସି ଗୋଟିଏ ଯୋଗ୍ୟତାକ୍ରମରେ ସଜା ହୋଇ ରହିଥିବା ଏକ ସମୂହକୁ ସୋପାନକ୍ରମ କୁହାଯାଏ । ଉଦାହରଣସ୍ୱରୂପ, ତୁମେ ମଧ୍ୟସ୍ଥଳରେ ଜଣେ ସୈନ୍ୟାଧ୍ୟକ୍ଷଙ୍କୁ ରଖିବ, ତାଙ୍କ ଚାରି ପାଖରେ ଚାରି ଜଣ ବ୍ୟକ୍ତିଙ୍କୁ ଛିଡ଼ା କରାଇବ, ଏବଂ ଏହି ଚାରି ଜଣଙ୍କ ଚାରି ପାଖରେ ଆଠ ଜଣଙ୍କୁ ଛିଡ଼ା କରାଇବ, ତା'ପରେ କ୍ରମାନ୍ୱୟରେ ୧୬ ଜଣ, ୨୪ ଜଣ, ୩୬ ଜଣ, ୪୮ ଜଣ ଓ ୧୨୪ ଜଣଙ୍କୁ ଠିଆ କରାଇବ; ପ୍ରତ୍ୟେକଟି ଦଳର ବିଶେଷ ଅଲଗା ଅଲଗା ଉଦ୍ଦେଶ୍ୟ ଓ ଅଲଗା ଅଲଗା କାର୍ଯ୍ୟ ରହିଥିବ । ତାହାର ଅଲଗା ଅଲଗା ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଥିବ, ଏବଂ ସମସ୍ତେ ଏକ ଆରୋହୀ କ୍ରମରେ କେନ୍ଦ୍ରଟି ସହିତ ସମ୍ବନ୍ଧିତ ହୋଇ ରହିଥିବେ । ଆମେ ତାହାକୁହିଁ ଏକ ସୋପାନକ୍ରମ ବୋଲି କହିବା । ସରକାରମାନଙ୍କରେ ଏହିପରି ନାନା ସୋପାନକ୍ରମ ତିଆରି କରି ରଖିବାର ଚେଷ୍ଟା କରାଯାଇଥାଏ; ମାତ୍ର ସେଗୁଡ଼ିକ ଆଦୌ ଯଥାର୍ଥ ନୁହଁନ୍ତି, ସେଗୁଡ଼ିକୁ ମନମୁଖି ଖିଆଲ ଅନୁସାରେ ତିଆରି କରାଯାଇଥାଏ ଏବଂ ତେଣୁ ସେଗୁଡ଼ିକର କୌଣସି ଯଥାର୍ଥ ମୂଲ୍ୟ ନଥାଏ । ମାତ୍ର ପ୍ରାଚୀନ କାଳରେ ଯେଉଁସବୁ ଦୀକ୍ଷାସମ୍ପ୍ରଦାୟ ରହିଥିଲା, ସେଥିରେ ସବୁବେଳେ ଏକ ସୋପାନକ୍ରମ ରହିଥିଲା ଓ ସେହି କ୍ରମମାନ ବ୍ୟକ୍ତିଗତ ସାମର୍ଥ୍ୟ ଓ ଯୋଗ୍ୟତାଗୁଡ଼ିକୁ ବ୍ୟକ୍ତ କରି ଦେଉଥିଲା । ସେଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଏବଂ ଯୋଗ୍ୟତା-ଗୁଡ଼ିକୁ ବ୍ୟକ୍ତ କରି ଦେଉଥିଲା, ଏବଂ ସବୁ କ୍ଷେତ୍ରରେ ମଧ୍ୟସ୍ଥଳରେ ସର୍ବୋଚ୍ଚ ପରମସତ୍ତାଙ୍କର ପ୍ରତିନିଧି ତଥା ପରମା ଶକ୍ତି ବିରାଜିତ ହୋଇ ରହିଥିଲେ । ବେଳେବେଳେ ସେଠାରେ କେବଳ ସର୍ବୋଚ୍ଚ ପରମସତ୍ତାହିଁ ଅଧିଷ୍ଠିତ ରହୁଥିଲେ; ପ୍ରତ୍ୟେକ ଧର୍ମର ଗଠନଟି ଉପରେହିଁ ତାହା ନିର୍ଭର କରୁଥିଲା । ମାତ୍ର ସମୂହଗୁଡ଼ିକ ସର୍ବଦା ସେହିପରି ଭାବରେହିଁ ସଗଠିତ ହୋଇ ରହିଥିଲେ, ଅର୍ଥାତ୍, କ୍ରମବର୍ଦ୍ଧିଷ୍ଣୁ ପ୍ରତ୍ୟେକ ସମୂହରେ ଅଧିକରୁ ଅଧିକ ସଂଖ୍ୟାର ବ୍ୟକ୍ତି ରହିଥିଲେ ଏବଂ ପ୍ରତ୍ୟେକଟି ସମୂହ ଠିକ୍ ତାହାର ଊର୍ଦ୍ଧ୍ୱକୁ ରହିଥିବା ଅଧ୍ୟକ୍ଷଙ୍କ ସହିତ ସମ୍ବନ୍ଧିତ ହୋଇ ରହିଥିଲା ।

'oaob.nitrkl.ac.in' images reprocessed

ଉଦାହରଣସ୍ୱରୂପ, ଯେଉଁ ଦଳରେ ୧୨୪ ଜଣ ବ୍ୟକ୍ତି ରହିଥିଲେ, ତାହା ୪୮ଜଣିଆ ଦଳଟି ସହିତ ସମ୍ବନ୍ଧିତ ହୋଇ ରହିଥିଲା, ୨୪ଜଣିଆ ଦଳଟି ୧୨ଜଣିଆ ଦଳଟି ସହିତ ସମ୍ବନ୍ଧିତ ହୋଇ ରହିଥିଲା ଏବଂ ୧୨ଜଣିଆ ଦଳଟି ୮ଜଣିଆ ଦଳଟି ସହିତ ସମ୍ବନ୍ଧିତ ହୋଇ ରହିଥିଲା । ଏହାକୁ ଆମେ ସୋପାନକ୍ରମ ବୋଲି କହିବା । ଏହି ଶବ୍ଦଟିକୁ ଭାରି ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟ ଭାବରେ ବ୍ୟବହାର କରାଯାଇଥାଏ । ଲୋକେ ସୋପାନକ୍ରମ ବୋଲି କହନ୍ତି, ମାତ୍ର ତଦ୍ୱାରା ଶାସନ କରୁଥିବା ଓ ଆପଣା ତଳକୁ ଆହୁରି ଅନେକ ଅଧୀନସ୍ଥ କର୍ମଚାରୀଙ୍କୁ ନିଯୁକ୍ତ କରି ରଖିଥିବା ଲୋକମାନଙ୍କୁ ବୁଝିଥାନ୍ତି । ମାତ୍ର ଯଥାର୍ଥ ସୋପାନକ୍ରମ ହେଉଛି ଏକ ଅଦୃଶ୍ୟ ଓ ଗୂଢ଼ ହୋଇ ରହିଥିବା ସୋପାନକ୍ରମ; ଏବଂ ଯେଉଁ ଗଭୀରତର ସୋପାନକ୍ରମଟିକୁ ଆମେ ଅଦୃଶ୍ୟ ଅନେକ ଜଗତର ଏକ କ୍ରମବଦ୍ଧତା ବୋଲି କହିପାରିବା, ତାହାକୁ ବ୍ୟକ୍ତ ଓ ପ୍ରକଟ କରି ଆଣିବାହିଁ ସେହି ସୋପାନକ୍ରମର ଉଦ୍ଦେଶ୍ୟ ହୋଇ ରହିଥିଲା ।

### "ବିଶ୍ୱାତୀତା ଜନନୀ" କହିଲେ କ'ଣ ବୁଝାଇବ ?

ବିଶ୍ୱାତୀତ, ବିଶ୍ୱଗତ ଏବଂ ବ୍ୟକ୍ତିଗତ,—ଏହିପରି ତିନୋଟି ତତ୍ତ୍ୱ ଅଛି ବୋଲି ତୁମେ ଜାଣିଛ ତ ? ଜାଣି ନାହିଁ ?—ବିଶ୍ୱାତୀତ ଏହି ସୃଷ୍ଟିକୁ ଅତିକ୍ରମ କରି ରହିଛି, ଏହି ସୃଷ୍ଟିର ଊର୍ଦ୍ଧ୍ୱସ୍ଥାନରେ ରହିଛି; ବିଶ୍ୱଗତ କହିଲେ ଆମେ ସୃଷ୍ଟିକୁ ବୁଝିବା ଏବଂ ବ୍ୟକ୍ତିଗତ କହିଲେ ଯାହା ବୁଝାଏ, ତାହା ତୁମେ ଭାରି ସ୍ପଷ୍ଟ ଭାବରେ ବୁଝି ପାରୁଥିବ । ଏକ ବିଶ୍ୱାତୀତ ପରମ ଦିବ୍ୟସତ୍ତା ରହିଛନ୍ତି, ଏକ ବିଶ୍ୱଗତ ପରମ ଦିବ୍ୟସତ୍ତା ରହିଛନ୍ତି ଓ ଏକ ବ୍ୟକ୍ତିଗତ ପରମ ଦିବ୍ୟସତ୍ତା ରହିଛନ୍ତି । ଅର୍ଥାତ୍, ଆମେ ଆପଣାକୁ ନିଜ ଭିତରେ ରହିଥିବା ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ପର୍କବଦ୍ଧ କରି ରଖିପାରିବା, ଏହି ବିଶ୍ୱରେ ବିରାଜିତ ରହିଥିବା ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ପର୍କଯୁକ୍ତ କରି ରଖିପାରିବା ଏବଂ ସକଳ ରୂପର ଊର୍ଦ୍ଧ୍ୱରେ ସେହି ବିଶ୍ୱାତୀତ ସ୍ଥିତିରେ ମଧ୍ୟ ତାଙ୍କ ସହିତ ସମ୍ପର୍କବଦ୍ଧ ହୋଇ ରହି ପାରିବା । ତେଣୁ ଏହି ତିନୋଟି ସ୍ୱଭାବ ଦିବ୍ୟ ପରମା ଜନନୀଙ୍କର ମଧ୍ୟ ତିନୋଟି ସ୍ୱଭାବରେ ପରିଣତ ହୋଇ ରହିଛି : ଗୋଟିଏ ତାଙ୍କର ବିଶ୍ୱାତୀତ ସ୍ୱଭାବ, ଆଉ ଗୋଟିଏ ବିଶ୍ୱଗତ ସ୍ୱଭାବ ଏବଂ ତୃତୀୟଟି ହେଉଛି ବ୍ୟକ୍ତିଗତ ସ୍ୱଭାବ ।··· ତୁମେ ଜାଣିଛ, ଗୋଟିଏ ଫୁଲକୁ ମୁଁ "ରୂପାନ୍ତର"* ବୋଲି ନାମକରଣ କରିଛି ? ହଁ,—ତୁମେ ଜାଣିଥିବ, ତାହାର ଚାରୋଟି ପାଖୁଡ଼ା ରହିଛି; ଏବଂ ଏହି ଚାରୋଟିଯାକ ପାଖୁଡ଼ା ସତେଅବା ଗୋଟିଏ କ୍ରସଚିହ୍ନ ଆଙ୍କି

* ଅକାଶମଲ୍ଲୀ ଫୁଲ (Millingtonia Hortensis)

ଦେଉଥିଲି ପରି ମନେ ହୋଇଥାନ୍ତି । ଉପର ପାଖୁଡ଼ାଟି ବିଶ୍ୱାତୀତର ପ୍ରତିନିଧିତ୍ୱ କରେ; ଦୁଇ ପାଖକୁ ସେହି ଦଉଟି ପାଖୁଡ଼ା ଥାଏ, ତାହା ବିଶ୍ୱଗତକୁ ବୁଝାଏ; ତଳେ ଯେଉଁଟି ଥାଏ, ତାହା ବ୍ୟକ୍ତିଗତର ପ୍ରତିନିଧିତ୍ୱ କରେ ।

ଉପର ପାଖୁଡ଼ାଟି ଦୁଇ ଭାଗରେ ବିଭକ୍ତ ହୋଇଥାଏ ।

ତାହା ଯଥାର୍ଥରେହିଁ ହୋଇଥାଏ; ବିଶ୍ୱାତୀତ ହେଉଛି ଏକାଧାରରେ ଗୋଟିଏ ଏବଂ ଦୁଇଟି (ବା ଦ୍ୱୈତ) । ଆକାରର କ୍ଷେତ୍ରରେ ଫୁଲଟିକୁ ପ୍ରାୟ ପରିପୂର୍ଣ୍ଣ ବୋଲି କୁହାଯିବ । ମୂଳତଃ ନମ୍ବର ତାତ୍ପର୍ଯ୍ୟ ମଧ୍ୟ ଠିକ୍ ତାହାହିଁ ଥିଲା ମାତ୍ର ସେହି ତାତ୍ପର୍ଯ୍ୟ ଏହି ଫୁଲଟିର ତାତ୍ପର୍ଯ୍ୟ ପରି ମୋଟେ ଏତେଦୂର ପରିପୂର୍ଣ୍ଣ ନଥିଲା । କାରଣ ତାହା ଏକ, ଦୁଇ, ତିନି,—ଏହିପରି ଭାବରେ ଗଣ୍ଡା ହୋଇ ରହିଥିଲା । ସେଇଟି ସେତେ ଚମତ୍କାର ଲାଗୁ ନଥିଲା, ଫୁଲଟି ସମ୍ପୂର୍ଣ୍ଣ ନିଖୁଣ ଭାବରେ ସେହି ପ୍ରତିନିଧିତ୍ୱ କରିପାରୁଛି ।

ଦିବ୍ୟ ପରମା ଜନନୀ ହେଉଛନ୍ତି ଦିବ୍ୟ ପରମା ଶକ୍ତି, ଅର୍ଥାତ୍ ସୃଷ୍ଟିକର୍ତ୍ତ୍ରୀ ପରମା ଶକ୍ତି । ତାଙ୍କୁ ସମଗ୍ର ବିଶ୍ୱ ସହିତ ସମବାଚୀ କରି କଳ୍ପନା କରାଯାଏ । ତାଙ୍କର ପୁଣି ଏକ ବିଶ୍ୱାତୀତ ବାସ୍ତବିକ କିପରି ରହି ପାରିବ ?

ମାତ୍ର, ସୃଷ୍ଟିର ପୂର୍ବରୁ ମଧ୍ୟ ସେହି ଦିବ୍ୟ ପରମା ଜନନୀ ସମ୍ଭବତଃ ବିରାଜିତ ରହିଥିଲେ ! ସିଏ ସୃଷ୍ଟି ପୂର୍ବରୁ ନିଶ୍ଚୟ ବିରାଜିତ ରହିଥିବେ, କାରଣ ସିଏ କଦାପି ତାଙ୍କରିହିଁ ଏକ ନିଷ୍ପନ୍ନ ବସ୍ତୁରୂପେ ଉଦ୍ଭୂତ ହୋଇ ନଥିବେ । ସେ ଯଦି ପ୍ରକୃତରେ ସବୁକିଛୁର ସୃଷ୍ଟି କରିଥାନ୍ତି, ତେବେ ସିଏ ସୃଷ୍ଟିର ପୂର୍ବରୁ ମଧ୍ୟ ଅବସ୍ଥିତ ରହିଥିବେ, ତା' ନହେଲେ ସିଏ କଦାପି ଏହି ସୃଷ୍ଟିଟିକୁ ସମ୍ଭବ କରିପାରି ନଥାନ୍ତେ ।

ତେବେ, ସୃଷ୍ଟି ପୂର୍ବରୁ ସେ ସର୍ବୋଚ୍ଚ ପରମସତ୍ତାଙ୍କ ମଧ୍ୟରେହିଁ ଅବସ୍ଥାନ କରୁଥିଲେ ?

ହଁ, ସର୍ବୋଚ୍ଚ ପରମସତ୍ତାଙ୍କ "ମଧ୍ୟରେ"; କାରଣ ଯେତେବେଳେ କୌଣସି ବସ୍ତୁକୁ ରୂପାନ୍ତରିତ ବୋଲି କୁହାଯାଉଛି, ସେତେବେଳେ ତାଙ୍କର ଭିତରେ ବା

'oaob.nitrkl.ac.in' images reprocessed

ବାହାରେ କିଛି ଅବସ୍ଥିତ ରହିଛି ବୋଲି କହିବା ପ୍ରକୃତରେ କଷ୍ଟକର ! ତୁମେ ଇଚ୍ଛା କଲେ ତାଙ୍କୁ ସର୍ବୋଚ୍ଚ ପରମସତ୍ତାଙ୍କର ଏକ ଗତିସ୍ପନ୍ଦନ ବୋଲି କହିପାରିବ (ଯଦି ତଦ୍ୱାରା ତୁମେ କଥାଟିକୁ ଅଧିକ ଭଲ ଭାବରେ ବୁଝି ପାରୁଥିବ); ବା ତାଙ୍କୁ ସର୍ବୋଚ୍ଚ ପରମସତ୍ତାଙ୍କର ଏକ କ୍ରିୟା ବୋଲି କହିପାରିବ, ଅଥବା ତାଙ୍କର ଏକ ସ୍ଥିତି ବା ଏକ ବିଭାବ ବୋଲି ବି କହିପାରିବ···ତୁମେ ଯାହା କହିବାକୁ ଉଚିତ ମନେ କରୁଛ, ଯେପରି କହି କଥାଟିକୁ ତୁମେ ସର୍ବୋତ୍ତମ ଭାବରେ ବୁଝିପାରୁଛ, ତୁମେ ସେପରି ଅବଶ୍ୟ କହିପାରିବ । ତୁମେ ତ ଜାଣିଛ, ମଣିଷର ମନ ବସ୍ତୁଗୁଡ଼ିକୁ ସାନ ସାନ ନାନା ଖଣ୍ଡରେ ସବୁବେଳେ କାଟି ପକାଇବାକୁ ଇଚ୍ଛା କରୁଥାଏ ।···ବର୍ତ୍ତମାନ ମୁଁ ତୁମମାନଙ୍କୁ ସାନ ଗପଟିଏ କହିବି । ଏହି ଗପଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ଯେତେ-ବେଳେ ସର୍ବୋଚ୍ଚ ପରମସତ୍ତା ଗୋଟିଏ ବିଶ୍ୱଜଗତ ସୃଷ୍ଟି କରିବା ପାଇଁ ଠିକ୍ କଲେ, ସେତେବେଳେ ସେ ଏପରି ଏକ ନିର୍ଦ୍ଦିଷ୍ଟ ଅନ୍ତର୍ଗତ ଦୃଷ୍ଟିକୋଣକୁ ପ୍ରକଟ କଲେ; ଯାହାକୁ କି ଆମେ ପରମା ଶକ୍ତି, ଦିବ୍ୟ ପରମା ଜନନୀଙ୍କର ଅନ୍ତର୍ଗତ ଆତ୍ମପ୍ରକାଶ (ଅନଭିବ୍ୟକ୍ତ)ର ସମବାଚୀ ବୋଲି କଳ୍ପନା କରିପାରିବା । ପରମସତ୍ତା ଯେଉଁ ବିଶ୍ୱ-ଜଗତର ସୃଷ୍ଟି କରିବାକୁ ଯାଉଥିଲେ, ସେହି ସୃଷ୍ଟି ଲାଗି ଏହା ଯେପରି ଆବଶ୍ୟକ ଯାହାଟି ହୋଇ ରହି ପାରିବ, ଯୁଗପତ୍ ଭାବରେ ସେହି ଅଭିପ୍ରାୟଟି ସହିତହିଁ ସେ ଏହା କରିଥିଲେ । ତେଣୁ ତାଙ୍କୁ ସର୍ବପ୍ରଥମେ ଦିବ୍ୟ ପରମାଜନନୀଙ୍କର ସମ୍ଭାବନାଟିକୁ କଳ୍ପନା ମଧ୍ୟରେ ଧାରଣ କରିବାକୁ ହେଲା, ଯେପରିକି ଏହି ଦିବ୍ୟ ପରମାଜନନୀ ବିଶ୍ୱଜଗତର ସମ୍ଭାବନାଟିକୁ ଆପଣାର କଳ୍ପନା ମଧ୍ୟରେ ଧାରଣ କରିବାକୁ ସମର୍ଥ ହୋଇ ପାରିବେ । ତୁମେମାନେ ବୁଝିପାରୁଛ ତ ? ମୁଁ ତୁମମାନଙ୍କୁ ଆଉଥରେ କହି ରଖୁଛି ଯେ ପ୍ରକୃତ କଥାଟି ଆଦୌ ଏପରି ନୁହେଁ, ମାତ୍ର ତାହା ଯାହା ହୋଇଥାଉ ପଛକେ, ପିଲାଳିଆ ମନଗୁଡ଼ିକର ବୁଝିବା ଲାଗି ତାହାକୁ ଏପରି ଭାବରେ କୁହା ଯାଇଛି । ତେଣୁ ଜଣେ ବିଶ୍ୱାତୀତ ଦିବ୍ୟ ପରମା ଜନନୀ ରହିଛନ୍ତି ବୋଲି ଆମେ ବେଶ୍ କହିପାରିବା, ଅର୍ଥାତ୍ ସିଏ ଆପଣାର ସୃଷ୍ଟିଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ରହିଛନ୍ତି ବୋଲି କଳ୍ପନା କରିପାରିବା । ତାଙ୍କୁ ହୁଏତ ଏହି ସୃଷ୍ଟି ଲାଗିହିଁ କଳ୍ପନା କରାଯାଇଛି, ଗଢ଼ାଯାଇଛି (ତୁମେ ଯାହାକିଛି କହିପାର), ସୃଷ୍ଟିର ଉଦ୍ଦେଶ୍ୟରେହିଁ ତାଙ୍କୁ କଳ୍ପନା କରାଯାଇଛି ଓ ଗଢ଼ାଯାଇଛି, ମାତ୍ର, ସୃଷ୍ଟିର କାର୍ଯ୍ୟ ଲାଗି ସମର୍ଥ ହୋଇ ପାରିବା ଲାଗି ତାଙ୍କୁ ସୃଷ୍ଟିର ପୂର୍ବରୁହିଁ ଅବସ୍ଥିତ ରହିବାକୁ ପଡ଼ିଛି, ତାହା ନହୋଇଥିଲେ ସିଏ ସୃଷ୍ଟି କରି ପାରନ୍ତେ କିପରି ? ଏଇଟି ହେଉଛି ତାଙ୍କର ବିଶ୍ୱାତୀତ ବିଭାବ ଏବଂ ସ୍ମରଣ ରଖିବାକୁ ହେବ ଯେ ଏହି ବିଶ୍ୱାତୀତ ବିଭାବ ହେଉଛି ଏକ ଚିରନ୍ତନ ବିଭାବ । ସତେ ଯେପରି କାଳ ଭିତରେ ଏକ ନିର୍ଦ୍ଦିଷ୍ଟ ତିଥି ବା ତାରିଖରେ ବସ୍ତୁଗୁଡ଼ିକ ପ୍ରକଟିତ ହୋଇଆସିଛି, ଆମେ ସାଧାରଣତଃ ସେହିପରି କଥା

'oaob.nitrkl.ac.in' images reprocessed

କହୁଥାଉ । ସତେ ଯେପରି ୦୦୦୦ ମସିହାର ଜାନୁଆରୀ ଏକ ତାରିଖଠାରୁ ସଂସାରର ସୃଷ୍ଟି ହୋଇଛି, ଆମେ ସାଧାରଣତଃ ସେହିପରି କଥା କହୁଆଉ । ମାତ୍ର ଆମେ କଥାଟିକୁ ସେପରି କଦାପି ଭାବି ପାରିବା ନାହିଁ ! ଏକ ବିଶ୍ୱାତୀତ ଚିରନ୍ତନ ଭାବରେ ରହିଛି, ଏକ ବିଶ୍ୱଗତ ଚିରନ୍ତନ ଭାବରେ ରହିଛି ଏବଂ ଏକ ବ୍ୟକ୍ତିଗତ ମଧ୍ୟ ଚିରନ୍ତନ ଭାବରେ ରହିଛି । ଏବଂ, ବିଶ୍ୱାତୀତ, ବିଶ୍ୱଗତ ଏବଂ ବ୍ୟକ୍ତିଗତ, ଏହି ତିନୋଟିଯାକ ପରସ୍ପରର ସହାବସ୍ଥିତ ହୋଇ ରହିଛନ୍ତି । ଅର୍ଥାତ୍, ଯଦି ତୁମେ ଚେତନାର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥିତି ମଧ୍ୟରେ ଯାଇ ପ୍ରବିଷ୍ଟ ହେବ, ତେବେ ତୁମେ ଯେକୌଣସି ମୁହୂର୍ତ୍ତରେ ମଧ୍ୟ ବିଶ୍ୱାତୀତ ପରମାଶକ୍ତିର ସଂସ୍ପର୍ଶରେ ଆସିପାରିବ, ଏବଂ ଆଉ ଗୋଟିଏ ଗତିସ୍ପନ୍ଦନ ଦ୍ୱାରା ତୁମେ ବିଶ୍ୱଗତ ପରମାଶକ୍ତି ସହିତ ସଂସ୍ପର୍ଶଯୁକ୍ତ ହୋଇ ପାରିବ ଏବଂ ବ୍ୟକ୍ତିଗତ ପରମା ଶକ୍ତି ସହିତ ସଂସ୍ପର୍ଶରେ ଆସିପାରିବ । ଏବଂ ତିନୋଟିଯାକ ଯୁଗପତ୍ ଭାବରେହିଁ ସମ୍ଭବ ହେବ । କାଳର ଆୟତନ ଉପରେ ତାହା କଦାପି ଆପଣାକୁ ପ୍ରକଟ କରେ ନାହିଁ, କେବଳ ଆମେମାନେହିଁ କଥା କହିବାବେଳେ କାଳ ମଧ୍ୟରେ ବିଚରଣ କରୁଥାଉ, କାରଣ ତା' ନହେଲେ ଆମେ ଆପଣାକୁ ଆଦୌ ଅଭିବ୍ୟକ୍ତ କରି ପାରୁ ନାହିଁ । ଆମେ ତାହାକୁ ଅନୁଭବ କରିପାରୁ ସତ, ମାତ୍ର କେବଳ ଗୋଟିଏ ପରେ ଗୋଟିଏ ଅନୁକ୍ରମରେ ଶବ୍ଦର ସାହାଯ୍ୟ ନେଇ ତାହାକୁ କଥାରେ ପ୍ରକାଶ କରିପାରୁ (ଦୁର୍ଭାଗ୍ୟବଶତଃ ସବୁ ଶବ୍ଦଗୁଡ଼ିକୁ ଏକାବେଳେକେ କହିବା ମୋଟେ ସମ୍ଭବ ହୁଏ ନାହିଁ; ଯଦି ସେଗୁଡ଼ିକୁ ସବୁଗୁଡ଼ାକୁ ଏକାବେଳେକେ କହିପାରିବା ସମ୍ଭବ ହୁଅନ୍ତା, ତେବେ ଯଥାର୍ଥ ସତ୍ୟଟି ସହିତ ତାହାର ଅଧିକ ସଦୃଶତା ରହିପାରନ୍ତା) ।

ପରିଶେଷରେ, ଯାହାକିଛି ଯେତେବେଳେ କୁହାଯାଇଛି, ଯାହାକିଛି କୁହାଯାଇଛି ଓ ଯାହାକିଛି କୁହାଯିବ, ତାହାକୁ ସର୍ବଦା ଅଭିବ୍ୟକ୍ତିର କେବଳ ଏକ ଅତ୍ୟନ୍ତ ଅନପୂର୍ଣ ଓ ଅତ୍ୟନ୍ତ ସୀମାବଦ୍ଧ ପଦ୍ଧତି ବୋଲିହିଁ କୁହାଯାଇ ପାରିବ; ଆମେ ତାହାକୁ ଜୀବନରେ ହୁଏତ ବଞ୍ଚି ପାରୁଥିବା ସତ, ମାତ୍ର କଥାରେ ବର୍ଣ୍ଣନା କରି କହି ପାରୁ ନଥିବା । ମାତ୍ର, ତାହାକୁ ଜୀବନରେ ବଞ୍ଚୁଥିବା ସମୟରେ ଏପରି ଏକ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ ଏକଥାଟି ଦୃଶ୍ୟ ହେବାକୁ ଲାଗେ ଯେ ଆମେ ଧର୍ମର ଭାଷାରେ, ତତ୍ତ୍ୱଦୃଷ୍ଟିର ଭାଷାରେ, ଦର୍ଶନର ଭାଷାରେ ଏବଂ ବସ୍ତୁବାଦର ଭାଷାରେ ବି ସେହି କଥାଟିକୁ ପ୍ରାୟ ସମାନ ଯଥାର୍ଥତା ଏବଂ ସତ୍ୟଯୁକ୍ତତା ସହିତ ନିଶ୍ଚୟ ଅଭିବ୍ୟକ୍ତ କରିଦେଇ ପାରିବା; ଆମେ ଏକଥାଟିକୁ ମଧ୍ୟ ହୃଦୟଙ୍ଗମ କରିପାରିବା ଯେ ଜୀବନରେ ବଞ୍ଚୁଥିବା ଏକ ସତ୍ତାର ଦୃଷ୍ଟିକୋଣରୁ ଏଗୁଡ଼ିକରେ ପରସ୍ପର ମଧ୍ୟରେ ପ୍ରାୟ କୌଣସି ପ୍ରଭେଦ ନଥିବ । କେବଳ ଏକ ମାନସିକ ଚେତନା ଭିତରେ ରହିଥିଲା ବେଳେ ତୁମକୁ ଗୋଟିଏ କଥା ସତ୍ୟ ବୋଲି ମନେ ହେବ ତ ଆଉ ଗୋଟିଏ କଥା ଅସତ୍ୟ ବୋଲି ମନେ ହେବ । ମାତ୍ର ଏଗୁଡ଼ିକୁ କେବଳ ଅଭିବ୍ୟକ୍ତିର ଭିନ୍ନ ଭିନ୍ନ ପଦ୍ଧତି

'oaob.nitrkl.ac.in' images reprocessed

ବୋଲିହିଁ ବୁଝାଯିବ । ପ୍ରତ୍ୟେକ ଅନୁଭୂତି ମଧ୍ୟରେ ତାହାର ନିଖୁଣ ଅବମିଶ୍ରିତ ରୂପଟି ନିହିତ ହୋଇ ରହିଥାଏ ସତ, ମାତ୍ର ଶବ୍ଦର ସାହାଯ୍ୟରେ ତାହାକୁ କଦାପି ବର୍ଣ୍ଣନା କରାଯାଇ ପାରିବ ନାହିଁ; ଆପଣାର ଭାବ ବ୍ୟକ୍ତ କରିବା ଲାଗି ଆମେ ହୁଏତ ଏଭଳିପାଟିକୁ ପସନ୍ଦ କରିପାରୁ ଅଥବା ସେଭଳିପାଟିକୁ ବି ପସନ୍ଦ କରିପାରୁ, ଏବଂ ଏହି କ୍ଷେତ୍ରରେ କିଞ୍ଚିତ୍ ସାବଧାନତା ଅବଲମ୍ବନ କରି ପାରିଲେ ଆମେ ସର୍ବଦା ଏପରି କିଛି ନିଶ୍ଚୟ କହିବାକୁ ସମର୍ଥ ହେବା, ଯାହାକି ଯାବତୀୟ ଦୃଷ୍ଟାନ୍ତରେ ଯଥାର୍ଥ ସତ୍ୟଟିର ନିକଟବର୍ତ୍ତୀ ହୋଇ ରହିଥିବ ।

ତୁମକୁ ଖାଲି ଧନ୍ଦାରେ ପକାଇ ଦେବାକୁ ମୁଁ ମୋଟେ ଏସବୁ କଥା କହୁ ନାହିଁ, ମାତ୍ର ଅନୁଭୂତିଲବ୍ଧ ସତ୍ୟ ଓ ତାହାକୁ ବ୍ୟକ୍ତ କରି ପାରିବାର ପଦ୍ଧତି ମଧ୍ୟରେ ଯେ ଅନେକ ପାର୍ଥକ୍ୟ ସବୁବେଳେ ରହିଛି, ତୁମମାନଙ୍କୁ କେବଳ ସେହି କଥାଟିକୁ ବୁଝାଇ ଦେବାକୁ ମୁଁ ଏସବୁ କଥା କହିଲି । ସେହି ପଦ୍ଧତି ଯାହା ହେଉଥାଉ ପଛକେ, ଏପରିକି ସର୍ବୋତ୍ତମ ପଦ୍ଧତି ହୋଇଥାଉ ପଛକେ, ଅସଲ ଅନୁଭୂତ ସତ୍ୟଟି ସହିତ ତାହାର ପ୍ରଭୂତ ପ୍ରଭେଦ ସର୍ବଦା ରହିଛି ।

## ୧୧ ମେ ୧୯୫୧

ଶ୍ରୀଅରବିନ୍ଦଙ୍କ ଲିଖିତ "ମା" ପୁସ୍ତକରୁ ମାଆ ମହାକାଳୀଙ୍କ ବିଷୟରେ ଲିଖିତ ପରିଚ୍ଛେଦ(ପୃଷ୍ଠା : ୨୮–୩୦)ଟିକୁ ପାଠ କଲେ ।

ମହାକାଳୀଙ୍କ ମୂର୍ତ୍ତିଟି ବିଷୟରେ ଯେଉଁସବୁ କାହାଣୀମାନ କୁହାଯାଇଥାଏ, ସେସବୁ କ'ଣ ପ୍ରକୃତରେ ସତ ?

କେଉଁସବୁ କାହାଣୀ ? ଏବିଷୟରେ ତ ଶହ ଶହ କାହାଣୀ ରହିଛି । ତୁମେ କେଉଁ କାହାଣୀଗୁଡ଼ିକର କଥା କହୁଛ ? କେଉଁ ମହାକାଳୀଙ୍କ କାହାଣୀ କଥା କହୁଛ ? ତାଙ୍କର ଯେଉଁ ପ୍ରତିମାମାନ, ଯେଉଁ ମୂର୍ତ୍ତିମାନ ଗଢ଼ାଯାଏ, ସେହି ସବୁର କଥା ? ଏସବୁ ହେଉଛି ମଣିଷ ତା' ଆଖିରେ ଅସଲ ସତ୍ୟଟିକୁ ଦେଖିବାର ପଦ୍ଧତି । ମହାକାଳୀ ପ୍ରକୃତରେ ସେପରି ନୁହନ୍ତି ।

ମୂଳ ସତ୍ତାଗୁଡ଼ିକର ସ୍ୱକୀୟ ଏକ ଉଚ୍ଚତର ସତ୍ୟ ରହିଛି ଏବଂ ସେହି ସତ୍ତାମାନେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ବୋଲି ମୁଁ ତୁମମାନଙ୍କୁ କେତେ ଥର ଆଗରୁ

'oaob.nitrkl.ac.in' images reprocessed

କରୁଛି ବୋଲି ମୋର ମନେହେଉଛି । ଏବଂ, ସେମାନେ ଯେତୁଁ ଯେତୁଁ ଅଧିକରୁ ଅଧିକ ଭୌତିକ ଆୟତନଗୁଡ଼ିକରେ ନିଜକୁ ପ୍ରକାଶିତ କରିବାକୁ ଆସନ୍ତି, ଯେତୁଁ ଯେତୁଁ ପୃଥିବୀର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଆସୁଥାନ୍ତି, ସେମାନେ ତତୁଁ ତତୁଁ ବିଭିନ୍ନ ରୂପ ଧାରଣ କରୁଥାନ୍ତି ଏବଂ ସେମାନଙ୍କର ସଂଖ୍ୟାଟି ମଧ୍ୟ ଏକ ବିଚିତ୍ର ପ୍ରକାର ହୋଇ ବଢ଼ିବାରେ ଲାଗିଥାଏ । ତୁମେ ହୁଏତ କହିପାରିବ ଯେ, ଏଠାରେ ଶ୍ରୀଅରବିନ୍ଦ ଯେଉଁ ସତ୍ତାଗୁଡ଼ିକର କଥା କହୁଛନ୍ତି, ସେମାନେ ହେଉଛନ୍ତି ଅତିମାନସଠାରୁ ବେଶି ନିକଟବର୍ତ୍ତୀ ହୋଇ ରହିଥିବା ଆୟତନଗୁଡ଼ିକର ଗୋଟିଏ ଗୋଟିଏ ସତ୍ତା, ସେମାନେ ଅତିମାନସ ମୂଳଟି ସହିତ ତଥାପି ଏକ ସ୍ପଷ୍ଟ ଏବଂ ସଚେତନ ସମ୍ପର୍କ ସ୍ଥାପନ କରି ଅବସ୍ଥିତ ରହିଥାନ୍ତି । ଯେଉଁ ଭୂମିଟିକୁ ଶ୍ରୀଅରବିନ୍ଦ ଅଧିମାନସ ବୋଲି କହିଛନ୍ତି, ଏହି ସତ୍ତାଗୁଡ଼ିକ ସେଠାରେ ମଧ୍ୟ ଆତ୍ମପ୍ରକାଶ କରିଥାନ୍ତି ଏବଂ ସେହି ଭୂମିକୁ ଆସି ରୂପଟି ସତେଅବା ଅଧିକ ସୁସ୍ପଷ୍ଟ ହୋଇଯାଏ, କିନ୍ତୁ ଅଧିକ ପରିମାଣରେ ଏକ ଅନୁକୃତି ପରି ହୋଇଯାଏ ଏବଂ ତେଣେ ଆପଣାର କ୍ଷମତା ଏବଂ ସାମର୍ଥ୍ୟର କ୍ଷେତ୍ରରେ ତାହାର ବଳ ପୂର୍ବାପେକ୍ଷା କମି ଯାଇଥାଏ । ତା'ପରେ, ଅଧିମାନସର ଭୂମିରୁ ସେଗୁଡ଼ିକ ମନୁଷ୍ୟର ଏହି ମନୋଭୂମିଟି ମଧ୍ୟକୁ ଅବତରଣ କରି ଆସନ୍ତି, ଏହି ପାର୍ଥିବ ମନର ଭୂମିଟିକୁ ଓହ୍ଲାଇ ଆସନ୍ତି ଏବଂ ସେଠାରେ··· ଉଦାହରଣସ୍ୱରୂପ ବିଶ୍ୱର ଏହି ମହାକାଳୀଙ୍କର କଥାକୁ ବିଚାର କରି ଦେଖାଯାଉ; ଏହି କ୍ଷେତ୍ରରେ କେତେ ନା କେତେ କାଳୀ ରହିଛନ୍ତି, ଗୋଟିଏଠାରୁ ଆଉଗୋଟିଏ ଅଧିକ ଭୀଷଣ ହୋଇ ରହିଛନ୍ତି । କେତେକଙ୍କୁ ତ କେବଳ ଭୟଙ୍କର ଓ ଭୟାନକ ବୋଲି କୁହାଯାଇ ପାରିବ; ଏବଂ ବେଳେବେଳେ ସେମାନେ ଏପରି ଏକ ଘୃଣାସ୍ପଦ ସତ୍ତାର ସ୍ତରକୁ ଓହ୍ଲାଇ ଆସିଥାନ୍ତି, ଯାହାକୁ କି ତୁଚ୍ଛା ମନୁଷ୍ୟସୃଷ୍ଟ ବୋଲି କୁହାଯାଇ ପାରିବ; ଅର୍ଥାତ୍, ସେହିସବୁ କ୍ଷେତ୍ରରେ ମନୁଷ୍ୟହିଁ ତାହାର ସେହି ବାହ୍ୟ ରୂପଗୁଡ଼ିକୁ ଆଣି ଦେଇଥାଏ, ମନୁଷ୍ୟର ମନରେ ରୂପ ଗଢ଼ିବାର ଯେଉଁ ସାମର୍ଥ୍ୟ ରହିଛି, ତାହାହିଁ ସେହି ରୂପଗୁଡ଼ିକର ଉଦ୍ଭାବନ କରି ଦେଇଥାଏ । ସେହି ରୂପଗଠନଟି ମଧ୍ୟରେ ମହାକାଳୀ ଶକ୍ତିର ହୁଏତ ଏକ ଅତି ଅସ୍ପଷ୍ଟ ସ୍ପର୍ଶ ଅବଶ୍ୟ ଥାଇପାରେ, ମାତ୍ର ତାହା ଏହି ସ୍ତରକୁ ଆସି ଏପରି କ୍ଷୀଣ ହୋଇ ଯାଇଥାଏ, ଏପରି ବିକୃତ ଓ ଖର୍ବାକାର ହୋଇ ପଡ଼ିଥାଏ ଏବଂ ମନୁଷ୍ୟ-ଚେତନାର ଆୟତନଟି ମଧ୍ୟରେ ତାହାକୁ ଏପରି ଭାବରେ ଖଣ୍ଡଖଣ୍ଡ କରି ଦିଆ ଯାଇଥାଏ ଯେ ସିଏ ହୁଏତ ସେଠାରେ ଆପଣାକୁ ମହାକାଳୀ ବୋଲି ସ୍ୱୀକାର କରିବାକୁହିଁ ଅସମର୍ଥ ହୋଇପାରନ୍ତି ! ମହାକାଳୀଙ୍କର ପ୍ରତିନିଧିତ୍ୱ କରୁଥିବା କେତେକେତେ ମୂର୍ତ୍ତି ଭିତରେ ମୁଁ ଏହି ଭୟଙ୍କରତାକୁ ପ୍ରତ୍ୟକ୍ଷ କରି ଆସିଛି । ଏଠାରେ ଆମେ ମୂର୍ତ୍ତିଗୁଡ଼ିକ ବିଷୟରେ ଆଦୌ କିଛି କହିବା ନାହିଁ । ଦକ୍ଷ କଳାକାରମାନଙ୍କର ହାତ ବାଜିଥିଲେ ସେଗୁଡ଼ିକର ହୁଏତ ତଥାପି

'oaob.nitrkl.ac.in' images reprocessed

କିଛି ନା କିଛି ସୌନ୍ଦର୍ଯ୍ୟ ଅବଶେଷ ରହି ଯାଇଥାଏ, ମାତ୍ର ସାଧାରଣତଃ ନିକୃଷ୍ଟ କାରିଗରମାନେ ସେଗୁଡ଼ିକୁ ତିଆରି କରୁଥିବାରୁ ସେଗୁଡ଼ିକରେ ପ୍ରକୃତରେ ଆଦୌ କିଛିହେଲେ ସୌନ୍ଦର୍ଯ୍ୟ ନଥାଏ । ଯେଉଁସବୁ ମୂର୍ତ୍ତିକୁ (ପ୍ରତିମା ଅଥବା ଛବିକୁ) କୌଣସି ମନ୍ଦିରରେ ଆଣି ପ୍ରତିଷ୍ଠା କରିବାର ଥାଏ, ସେହିସବୁ କ୍ଷେତ୍ରରେ ଏକ ଧର୍ମାନୁଷ୍ଠାନର ଆୟୋଜନ କରାଯାଏ, ଏବଂ ଯଦି ଯାଜକ କିଂବା ତାଙ୍କର ସହକାରୀ ଗୂଢ଼ବିଦ୍ୟାଗତ କୌଣସି ଶକ୍ତି ହାସଲ କରିଥାନ୍ତି, ଯେତେ ଅଳ୍ପ ହେଲେ ମଧ୍ୟ ଯଦି ସେ ସେଥିରୁ କିଛି ହାସଲ କରିଥାନ୍ତି, ତେବେ, ଆପଣାର ଆକାଙ୍‌କ୍ଷା ବଳରେ ଓ ଆନୁଷ୍ଠାନିକ ପଦ୍ଧତିର ଜରିଆରେ ସିଏ ହୁଏତ ଏହିସବୁ ମୂର୍ତ୍ତି ମଧ୍ୟକୁ ଏକ ଅତିପାର୍ଥିବ ଚେତନା ବହନ କରି ଆଣିବାରେ ସମର୍ଥ ହୋଇ ପାରନ୍ତି । ଏହି କ୍ଷେତ୍ରରେ ଏହାହିଁ ହେଉଛି ସିଦ୍ଧାନ୍ତ; ତୁମକୁ କୁହାଯାଏ, "ଏହା ଖଣ୍ଡେ କାଠ ନୁହେଁ, ଖଣ୍ଡେ ପଥର ବି ନୁହେଁ; ଏହାକୁ ତୁମେ ଗୋଟିଏ ଛବି ବୋଲି କଦାପି ମନେ କରିବ ନାହିଁ; ଏହା ମଧ୍ୟରେ ଏପରି ଏକ ଶକ୍ତି ରହିଛି, ଯାହାକି ଧର୍ମାନୁଷ୍ଠାନଗତ ପଦ୍ଧତି ଦ୍ୱାରା ସମ୍ଭବ ହୋଇ ପାରିଛି, ଏବଂ ତୁମେ ତାହା ସହିତ କଥାବାର୍ତ୍ତା ବି କରି ପାରିବ ।" ଏହା ପ୍ରକୃତରେ ଠିକ୍ କଥା, ମାତ୍ର ତୁମକୁ ସେହି ଯାଜକଙ୍କର ସ୍ୱଭାବଟିକୁ ଜାଣିବାକୁ ହେବ, ତାଙ୍କର ଗୂଢ଼ବିଦ୍ୟା ସମ୍ବନ୍ଧୀୟ ଜ୍ଞାନ ଏବଂ ଯେଉଁସବୁ ଶକ୍ତି ସହିତ ତାଙ୍କର ସମ୍ପର୍କ ରହିଛି, ସେଗୁଡ଼ିକ ବିଷୟରେ ମଧ୍ୟ ଭଲ କରି ଜାଣିବାକୁ ପଡ଼ିବ । ତେଣୁ, ସେହି କ୍ଷେତ୍ରରେ ହୁଏତ ଅନେକ କଥା ନିହିତ ହୋଇ ରହିଛି,··· ସେଥିରେ ହୁଏତ ନିଶ୍ଚୟ "କିଛି" ରହିଛି (ଅବଶ୍ୟ ଯଦି କେଉଁଠାରୁ ଗୋଟାଏ ବୁଦ୍ଧିଶୁଦ୍ଧିହୀନ ମୂର୍ଖ ଆସି ଅନୁଷ୍ଠାନଟିକୁ କରିଥାଏ, ଯାହା ଭିତରେ ଆଦୌ କୌଣସି ଶକ୍ତି ନାହିଁ, କୌଣସି ଶକ୍ତିକୁ ସିଏ ଆବାହନ କରି ଆଣି ନାହାନ୍ତି, ସିଏ କେବଳ ଗୋଟାଏ ଆଡ଼ମ୍ବରହିଁ କରିଛନ୍ତି, ସେହିପରି ଜଣେ ବ୍ୟକ୍ତି ଯଦି ଏହି କାର୍ଯ୍ୟଟିକୁ କରିଥାଏ, ତେବେ ତାହା ଭିନ୍ନ କଥା ହେବ । ମାତ୍ର ଏପରି ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ; ଏକଥା ବହୁସ୍ଥଳରେ ଘଟେ ବୋଲି ମୁଁ ଆଦୌ କହି ପାରିବି ନାହିଁ, ଏହା ଅତି କ୍ୱଚିତ୍ ଘଟିଥାଏ), ସାଧାରଣତଃ ଏହି କ୍ଷେତ୍ରରେ କିଛି ନା କିଛି ଅବଶ୍ୟ ରହିଥାଏ, ମାତ୍ର ଏହି କିଛି ନା କିଛିର ସ୍ୱଭାବ ଓ ଗୁଣାତ୍ମକତାରେ ଅନେକ ପାର୍ଥକ୍ୟ ରହିଥାଏ ଓ ଅନେକ ସମୟରେ ତାହାହିଁ ଯାବତୀୟ ଅଶାନ୍ତିର ସୃଷ୍ଟି କରେ । ଏଠାରେ ମୁଁ ମହାକାଳୀଙ୍କର ଉଦାହରଣ ଦେଲି, କାରଣ ମନୁଷ୍ୟର ଚେତନା ଭିତରେ ଏହି ମହାକାଳୀଙ୍କର ଯେଉଁ କଳ୍ପନାଟି ରହିଛି, ତାହାକୁ ପ୍ରକୃତରେ ଭୟଙ୍କର ବୋଲି କୁହାଯାଇ ପାରିବ । ଉଦାହରଣସ୍ୱରୂପ, ଆମେ ଯେତେବେଳେ ମହାସରସ୍ୱତୀଙ୍କ ପରି ଅନ୍ୟ ଦେବୀମାନଙ୍କର ଆଲୋଚନା କରି ଦେଖିବା, ଯାବତୀୟ କଳା, କାବ୍ୟ ଓ ଅନ୍ୟାନ୍ୟ ସାମର୍ଥ୍ୟ ସହିତ ସମ୍ବନ୍ଧିତ କରି ରଖା ଯାଇଥିବା ଏହି ଦେବୀଙ୍କର ଆଲୋଚନା କରିବାକୁ ଗଲେ,

'oaob.nitrkl.ac.in' images reprocessed

ସେତେବେଳେ ତାହା ଆଦୌ ସେତେବେଶୀ ଭୟଙ୍କର ମନେ ହେବ ନାହିଁ । ମାତ୍ର ବିଶେଷ କରି ମହାକାଳୀଙ୍କ ବେଳକୁ··· କ୍ଷମତା, ସାମର୍ଥ୍ୟ ଓ ସମରଶକ୍ତି ବିଷୟରେ ସେମାନଙ୍କର କଳ୍ପନାଟି ଏତେବେଶୀ ଭୟଙ୍କର ହୋଇ ରହିଥାଏ ଯେ ସେମାନେ ଯାହାକିଛିକୁ ଆବାହନ କରି ନେଇଆସନ୍ତି, ତାହା ବସ୍ତୁତଃ ସେହି ପ୍ରତିମାର ପୂଜା କରୁଥିବା ବ୍ୟକ୍ତିମାନଙ୍କ ଲାଗି କିଛିତ୍ ବିପଜ୍ଜନକ ବି ହୋଇପଡ଼େ । ଭାରତବର୍ଷକୁ ଆସିବା ପରେ ମୁଁ ଏହି ବିଷୟରେ ଅଗଣିତ କେତେ କେତେ କାହାଣୀ ଶୁଣିଛି । ମୋତେ ଏହିପରି ଅଗଣିତ ପ୍ରତିମାଙ୍କର ସମ୍ପର୍କରେ ଅଣାଯାଇଛି ଏବଂ ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି ଘରେ କାଳୀଙ୍କର ପ୍ରତିମା ରଖି ପୂଜା କରୁଛନ୍ତି ଏବଂ ଯେଉଁମାନଙ୍କ ଜୀବନରେ ସମସ୍ତ ସମୟରେ ଭୟଙ୍କର ଘଟଣାମାନ ଘଟିଥାଏ । ସେହିଭଳି ଲୋକମାନଙ୍କୁ ମୁଁ ସର୍ବଦା ସତର୍କ କରିଦେଇଛି, ସେମାନଙ୍କୁ ଯାଇ କହିଛି, "ଆପଣଙ୍କର ମୋଟେ ଭାବିବା ଉଚିତ ନୁହେଁ ଯେ ଆପଣଙ୍କର ଦୁର୍ଦ୍ଦଶାଗୁଡ଼ିକ ସକାଶେ ମହାକାଳୀହିଁ ଦାୟୀ, କାରଣ ସେ ପ୍ରକୃତରେ ସେଗୁଡ଼ିକ ସକାଶେ ଦାୟୀ ନୁହନ୍ତି । ମାତ୍ର ଏକଥା ହୁଏତ ହୋଇପାରେ ଯେ ଆପଣ ନିଜ ଘରେ ଯେଉଁ କାଳୀପ୍ରତିମାଟିକୁ ରଖି ପୂଜା କରୁଛନ୍ତି, ତାଙ୍କରି ଭିତରେ କୌଣସି ପ୍ରତିଶୋଧପ୍ରିୟ ସତ୍ତା ଆଶ୍ରୟ ନେଇ ରହିଛି, ହୁଏତ ତାଙ୍କରି ଭିତରେ ଏକ ଅତ୍ୟନ୍ତ ବିଦ୍ୱେଷପୂର୍ଣ୍ଣ ଦୁରଭିସନ୍ଧି ସତ୍ତା ରହିଛି, ତାହା ମଧ୍ୟରେ ପ୍ରତିଶୋଧ ନେବା ପାଇଁ ଏକ କଠୋର ଆକାଙ୍କ୍ଷା ରହିଛି; ଏବଂ ଆପଣ ତାହାକୁହିଁ ବିଶ୍ୱାସ କରୁଥିବାରୁ ଏବଂ ତାହା ସାଧାରଣତଃ ଏକ ପ୍ରାଣସ୍ତରୀୟ ଶକ୍ତି ହୋଇଥିବାରୁ, ସେଥିରୁ ଭୟାନକ ପରିଣାମମାନ ଘଟିବ ବୋଲି ନିଶ୍ଚୟ ସବୁବେଳେ ଆଶଙ୍କା ରହିଛି ।" ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି ଯାବତୀୟ ପ୍ରକାରର ଭୟାନକ ଅଭିଜ୍ଞତାକୁ ଅଙ୍ଗେ ନିଭାଇ ସାରିବା ପରେ ମହାକାଳୀଙ୍କର ପ୍ରତିମାଟିକୁ ନେଇ ଗଙ୍ଗାରେ ପକାଇଦେଇ ଆସିଛନ୍ତି । ତାହା କରିବା ସଙ୍ଗେସଙ୍ଗେ ଯଦି ସେମାନେ ଆପଣାର ଅନ୍ତଃସ୍ୱଭାବରେ କିଛିତ୍ ସ୍ୱତନ୍ତ୍ରତା ଅର୍ଜନ କରି ପାରୁଥାନ୍ତେ, ତେବେ ଯାବତୀୟ କ୍ଷତି ଅଚିରେ ଅନ୍ତର୍ହିତ ହୋଇ ଯାଆନ୍ତା; ମାତ୍ର ଆପେ ଯାହାସବୁ କରି ସାରିଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ସେଥିରେ ଏତେବେଶୀ ଭୟଭୀତ ହୋଇ ପଡ଼ିଥାନ୍ତି ଯେ ସେମାନଙ୍କ ଜୀବନରେ ଖରାପ ପ୍ରଭାବଗୁଡ଼ିକ ସେହିପରି ଲାଗିହିଁ ରହିଥାଏ ।

ଗୁହ୍ୟବିଦ୍ୟା ବିଷୟରେ ଅନ୍ତତଃ ପ୍ରାଥମିକ ଉପାଦାନଗୁଡ଼ିକର କିଛିତ୍ ଜ୍ଞାନ ନଥିଲେ ଏହିସବୁ ବସ୍ତୁରେ କେବେହେଲେ ହାତ ଦେବା ଉଚିତ ନୁହେଁ । ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ ଆମ ଧର୍ମମାନଙ୍କରେ—ସବୁ ଧର୍ମରେ, କେବଳ ଏଠାରେ ନୁହେଁ, ସର୍ବତ୍ର,—ଧର୍ମାନୁରକ୍ତ ବ୍ୟକ୍ତିକୁ କେବେହେଲେ ଯଥାର୍ଥ ଜ୍ଞାନ ଦିଆ ଯାଏ

'oaob.nitrkl.ac.in' images reprocessed

ନାହିଁ । ବେଳେବେଳେ ପୁରୋହିତ ଓ ପୂଜକମାନେ (ସବୁ ସମୟରେ ଏପରି ହୁଏ ବୋଲି ମୁଁ ଆଦୌ କହୁ ନାହିଁ) ଏହି ଜ୍ଞାନର ଅଧିକାରୀ ହୋଇ ରହିଥାନ୍ତି, ଏବଂ ଯେତେବେଳେ ସେମାନେ ଏହାର ଅଧିକାରୀ ହୋଇ ରହିଥାନ୍ତି, ସେତେବେଳେ ଧର୍ମାନୁରକ୍ତମାନଙ୍କୁ କସ୍ମିନ୍‌କାଳେ ତାହାକୁ ନଦେବା ଲାଗି ସେମାନେ ଭାରି ସତର୍କ ଥାଆନ୍ତି, କାରଣ ସେମାନେ ତାହାକୁ ଦେଇଦେଲେ ନିଜେ ସେହି କର୍ତ୍ତୃତ୍ୱ ଓ ସାମର୍ଥ୍ୟଟିରୁ ବଞ୍ଚିତ ହେବେ ବୋଲି ଭୟ କରୁଥାନ୍ତି । ଏବଂ, ଯାବତୀୟ ଧର୍ମାନୁଷ୍ଠାନ ପଛରେ ବସ୍ତୁତଃ ଏହି ମନ୍ତ୍ରକଥାଟିହିଁ ନିହିତ ହୋଇ ରହିଥାଏ ।

ଯାହାହେଉ, ପ୍ରକୃତ ବିଷୟଟିକୁ ଛାଡ଼ି ମୁଁ ଏହା ମଧ୍ୟରେ କେତେ କ'ଣ ଅନ୍ୟ କଥା କହିଗଲି । ବର୍ତ୍ତମାନ ଆମ ଆଲୋଚ୍ୟ ବିଷୟଟିକୁ ଫେରି ଆସିବାକୁ ହେବ । ପୃଥ୍ୱୀ-ପରିବେଶ ମଧ୍ୟରେ ଜଣେ କାଳୀ ପ୍ରକୃତରେ ରହିଛନ୍ତି ଯିଏକି ପାର୍ଥିବ ବିଷୟଗୁଡ଼ିକୁ ନେଇ କାରବାର କରୁଛନ୍ତି । ସିଏ ମୂଳ ଶକ୍ତିଟିଠାରୁ ଗୋଟାସୁଦ୍ଧା ସ୍ୱତନ୍ତ୍ର ଭାବରେ ସେହି କାର୍ଯ୍ୟ କରୁଛନ୍ତି ବୋଲି କୁହାଯାଇ ପାରିବ ନାହିଁ ସତ, ମାତ୍ର ଠିକ୍ ମହାକାଳୀଙ୍କର ଅଭିବ୍ୟକ୍ତି ତାଙ୍କ ଭିତରେ ନଥାଏ । ମାତ୍ର ସେ ମହାକାଳୀଙ୍କର ସମ୍ପୂର୍ଣ୍ଣ ଅନୁଗତା ହୋଇ ରହିଥାନ୍ତି ଓ ତାଙ୍କର ପ୍ରଧାନ ଗୁଣଗୁଡ଼ିକୁ ବହନ କରୁଥାନ୍ତି । ସେହି ଗୁଣଗୁଡ଼ିକର ଶକ୍ତି ଓ ଫଳଦାୟକତାରେ ଅନେକ ପରିମାଣରେ ହ୍ରାସ ଘଟିଥାଏ ସତ, ମାତ୍ର ସେଗୁଡ଼ିକ ତଥାପି ରହିଥାନ୍ତି ଓ ତାଙ୍କ ସ୍ୱଭାବର ସୌନ୍ଦର୍ଯ୍ୟଟି ସେହିଠାରେହିଁ ନିହିତ ହୋଇ ରହିଥାଏ । ସମ୍ଭବତଃ ତୁମମାନଙ୍କ ଭିତରୁ କେତେକଙ୍କର ସେହି ମହାକାଳୀଙ୍କ ସହିତ କେତେକ ସମ୍ବନ୍ଧ ଅବଶ୍ୟ ଘଟିଛି । ସିଏ କୌଣସି ପ୍ରତିଶୋଧ ନିଅନ୍ତି ନାହିଁ, ତାଙ୍କୁ ଶ୍ରଦ୍ଧା କରୁଥିବା ଲୋକମାନଙ୍କର ସେ କୌଣସି କ୍ଷତି କରନ୍ତି ନାହିଁ ଏବଂ ତାଙ୍କୁ ଯଥେଷ୍ଟ ସମ୍ମାନ ଏବଂ ଖାତିର ଦେଖାଉ ନଥିବା ଦେଶଗୁଡ଼ିକ ଲାଗି ମାରାତ୍ମକ ରୋଗମାନ ପେଷି ସେ କୌଣସି ଦାଉ ସାଧନ୍ତି ନାହିଁ । ମାତ୍ର ସେ ହିଂସାରେ ଶ୍ରଦ୍ଧା ରଖିଥାନ୍ତି, ଯୁଦ୍ଧକୁ ଭଲ ପାଆନ୍ତି ଏବଂ ତାଙ୍କର ନ୍ୟାୟବିଚାର ସମସ୍ତଙ୍କୁ ବି ପେଷି ଦେଇ ଚାଲିଯାଏ ।

ବର୍ତ୍ତମାନ ଆଉଗୋଟିଏ ପ୍ରଶ୍ନ ।

## ଏକ ଅବତାର ଏବଂ ଏକ ବିଭୂତି ମଧ୍ୟରେ ପାର୍ଥକ୍ୟ କ'ଣ ?

ସେଦିନ ଆମେ ଆଲୋଚନା କରୁଥିଲେ ଯେ ବିଭୂତି କହିଲେ ଏକ ସତ୍ତାର ନାନା ବିଭବ ବା ଗୁଣକୁ ବୁଝାଇବ (ଗୁଢ଼ବିଦ୍ୟାରେ ଏଗୁଡ଼ିକୁ ପ୍ରସର୍ଜନ ବୋଲି କୁହାଯାଇଥାଏ) । ସେଗୁଡ଼ିକୁ ଆମେ କେତେକ ନିର୍ଦ୍ଦିଷ୍ଟ ଶକ୍ତି, କ୍ଷମତା, ଗୁଣ ଏବଂ ବିଶେଷତ୍ୱ ବୋଲି ବୁଝିବା, ଯେଉଁଗୁଡ଼ିକୁ କି ଏକ ବାହ୍ୟ ରୂପର ସଂସ୍ପର୍ଶରେ ଆଣି

'oaob.nitrkl.ac.in' images reprocessed

ରଖା ଯାଇଥାଏ,—ଉଦାହରଣସ୍ୱରୂପ ଏକ ଭୌତିକ ରୂପର ସମ୍ପର୍କରେ ଆଣି ରଖା ଯାଇଥାଏ,—ଏବଂ ଏହି ରୂପଟିର ମାଧ୍ୟମରେହିଁ ସେଗୁଡ଼ିକ ନିଜକୁ ପ୍ରକଟ କରନ୍ତି । ଏହି ରୂପଟି ମଣିଷର ରୂପ ନ ହୋଇପାରେ । ଅବତାର କହିଲେ (ଅନ୍ତତଃ ଆମେ ଯେତେବେଳେ ଏହାକୁ ତା'ର ଯଥାର୍ଥ ଅର୍ଥରେ ବୁଝିବା) ସର୍ବୋଚ୍ଚ ପରମ ସତ୍ତ୍ୱର ପୃଥିବୀପୃଷ୍ଠରେ ଅବତୀର୍ଣ୍ଣ ହେବାକୁହିଁ ବୁଝାଇବ । ହଁ, ଏହି ଶବ୍ଦଟିକୁ ଅନେକେ ଅନେକ ପ୍ରକାର ଅର୍ଥ ଦେଇଥାନ୍ତି । ଏପରିକି ଫରାସୀ ଭାଷାରେ ମଧ୍ୟ ଅବତାର ବୋଲି ଏକ ଶବ୍ଦ ରହିଛି, ଯାହାର କି ବିଶେଷ ଅର୍ଥ ରହିଛି ! ସେଠାରେ କୁହା ଯାଇଥାଏ ଯେ ଜଣେ ଦୁଃସାହସିକ କାର୍ଯ୍ୟ କରୁଥିବା ଲୋକର ନାନା ଅବତାର ରହିଥାଏ, ଅର୍ଥାତ୍, ସିଏ ନିଜର ଚେହେରା, ନିଜର ବ୍ୟକ୍ତିତ୍ୱ ଓ ନିଜର ଧନ୍ଦାକୁ ବଦଳାଇବାରେ ଲାଗିଥାଏ ।···ମାତ୍ର ମୂଳତଃ (ଉଦାହରଣସ୍ୱରୂପ ଗୀତାରେ ଯେପରି କୁହାଯାଇଛି), ଯେତେବେଳେ ସର୍ବୋଚ୍ଚ ପରମସତ୍ତା କୌଣସି ନିର୍ଦ୍ଦିଷ୍ଟ କାରଣବଶତଃ ଧରାଧାମରେ ଆପଣାକୁ ପ୍ରକଟ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରନ୍ତି ଓ ଏକ ମର ଶରୀର ଧାରଣ କରନ୍ତି, ସେତିକିବେଳେ ତାଙ୍କୁ ଏକ ଅବତାର ବୋଲି କୁହାଯାଏ । ପ୍ରୟୋଜନ ଏବଂ ପରିସ୍ଥିତି ଅନୁସାରେ ସିଏ ହୁଏତ କ୍ରମାନ୍ୱୟରେ ଅନେକ ଶରୀର ଧାରଣ କରି ପାରନ୍ତି, ମାତ୍ର, ଯାହାକୁ ଆମେ ହୁଏତ "ମୂଳ ସତ୍ତା" ବୋଲି କହି ପାରିବା, ତାହାହିଁ ଏକ ପାର୍ଥିବ ଶରୀର ଗ୍ରହଣ କରିଥାଏ । ତାହାକୁହିଁ ଅବତାର ବୋଲି କୁହାଯାଏ । ମୁଁ ଭାବୁଛି, ତୁମେ ଏକଥା ଆଗରୁ ନ ଜାଣିଥିଲ । ଶ୍ରୀଅରବିନ୍ଦ ଏକାଧିକ ସ୍ଥାନରେ ଏହାର ବ୍ୟାଖ୍ୟା କରିଛନ୍ତି ।

> "ଭାବନାସମର୍ଥ ମନ ଏବଂ ଇଚ୍ଛାର ଉପରେ ସେହି ପ୍ରଶସ୍ତତାର ମଧ୍ୟରେହିଁ ସାମ୍ରାଜ୍ଞୀ ମହେଶ୍ୱରୀ ଆସୀନ ହୋଇ ରହିଛନ୍ତି ।" (ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା-୨୬) ଯେପରି ଏକ ମାନସିକ ଭୂମି ଓ ଏକ ପ୍ରାଣିକ ଭୂମି ରହିଛି, ସେହିପରି ଇଚ୍ଛାଶକ୍ତିର ଏକ ଭୂମି ରହିଛି କି ?

ସଚ୍ଚିଦାନନ୍ଦଙ୍କ ସମ୍ବନ୍ଧରେ ଆଲୋଚନା କଲାବେଳେ ମୁଁ ତୁମକୁ ଏହି କଥାଟି ବୁଝାଇ କହିସାରିଛି । ସଚ୍ଚିଦାନନ୍ଦ ଯାବତୀୟ ଜଗତର ମୂଳରେ ହିଁ ଅବସ୍ଥିତ ହୋଇଛନ୍ତି, ମାତ୍ର ସତ୍ତାର ଅନ୍ୟ ଯାବତୀୟ ସ୍ଥିତିର ପଛରେ ମଧ୍ୟ ଏକ ସଚ୍ଚିଦାନନ୍ଦ ସତ୍ତା ଅବସ୍ଥିତ ରହିଛି । ଏହି କଥାଟିକୁ ତୁମେ ଏକ ଆରେଖ ଦ୍ୱାରା ମଧ୍ୟ ବେଶ୍ ବୁଝି ପାରିବ (ଅବଶ୍ୟ ଏକଥା ସତ ଯେ ତାହା ଦ୍ୱାରା ଖୁବ୍ ବେଶୀକିଛି କଦାପି ସ୍ପଷ୍ଟ ହୋଇ

'oaob.nitrkl.ac.in' images reprocessed

ପାରେ ନାହିଁ, ଏହା ଅନେକ ସମୟରେ ବେଶ୍ ଏକ ଭୁଲ ଧାରଣାର ବି ଅବତାରଣା କରେ,—ମାତ୍ର ତାହା ବସ୍ତୁଗୁଡ଼ିକୁ ଅଧିକ ସହଜବୋଧ୍ୟ କରି ଦେଇଥାଏ); ତୁମେ ଏକ ଅନୁମାପ ଅନୁସାରେ ସତ୍ତାର ବିଭିନ୍ନ ସ୍ଥିତିକୁ ସଜାଇ କରି ରଖିବ । ତେବେ ସବାତଳେ ପୃଥିବୀ ରହିବ ଏବଂ ସବା ଉପରେ ସର୍ବୋଚ୍ଚ ପରମସତ୍ତା ରହିବେ (ମୋର ସଙ୍ଗେ ସଙ୍ଗେ ସ୍ମରଣ କରାଇଦେବା ଉଚିତ ଯେ ପ୍ରକୃତରେ ଏସବୁ ଆଦୌ ଏପରି ହୋଇ ରହି ନାହିଁ । ମାତ୍ର ସେକଥା ଯାହା ହେଉ ପଛକେ, ଏହାକୁ ସହଜରେ ବୁଝିହେବ), ତୁମେ ସବାତଳେ ପୃଥିବୀକୁ ରଖିବ ଏବଂ ସବା ଉପରେ ସର୍ବୋଚ୍ଚ ପରମସତ୍ତାଙ୍କୁ ରଖିବ, ଏବଂ ମଧ୍ୟବର୍ତ୍ତୀ ସ୍ଥାନଟିକୁ ତୁମେ କ୍ଷୁଦ୍ର କ୍ଷୁଦ୍ର ନାନା ଅଂଶରେ ବିଭକ୍ତ କରିଦେବ ଓ ସେହି ଅଂଶଗୁଡ଼ିକ ସତ୍ତାର ଗୋଟିଏ ଗୋଟିଏ ସ୍ଥିତିକୁ ବୁଝାଇବେ । ଏହା ଦ୍ୱାରା ଆମ ସମକ୍ଷରେ ଏକ ପ୍ରକାରର ଶିଡ଼ିଟିଏ ପ୍ରସ୍ତୁତ ହୋଇ ରହିବ । ଏବଂ ତା'ପରେ, ସତେଅବା ତୁମର ଏହି ଶିଡ଼ିଟିର ପଶ୍ଚାତରେ ଏପରି ଏକ ବସ୍ତୁ ରହିଥିବ, ଯାହାକୁ ଆଶ୍ରୟ କରି ଶିଡ଼ିଟି ଠିଆ ହୋଇ ରହିପାରିବ । ତାହାକୁ ଆମେ କାନ୍ଥ ବୋଲି କହି ପାରିବା ନାହିଁ, ମାତ୍ର ଏପରି ଏକ ବସ୍ତୁ ବୋଲି କହିବା, ଯାହା ଉପରେ କି ଶିଡ଼ିଟି ଆଉଜି କରି ଠିଆ ହୋଇଥିବ । ଏବଂ ଏହାକୁହିଁ ବିଶ୍ୱ-ରୂପାୟନର ସର୍ବପ୍ରଥମ ସିଦ୍ଧାନ୍ତ ବୋଲି ବୁଝାଯିବ । ହିନ୍ଦୁ ପରିଭାଷାରେ ତାହାକୁ "ସଚ୍ଚିଦାନନ୍ଦ" ବୋଲି କୁହାଯାଏ । ସଚ୍ଚିଦାନନ୍ଦ ଶାଶ୍ୱତ ଭାବରେ ଅବସ୍ଥିତ ରହିଥାନ୍ତି, ତାହାଙ୍କୁହିଁ ଆଶ୍ରୟ କରି ଯାହାକିଛୁ ଠିଆ ହେବା ଲାଗି ସମର୍ଥ ହୁଏ, ଏବଂ ସିଏ ନଥିଲେ କାହାରି ଆଉ କୌଣସି ଅବସ୍ଥିତି ସମ୍ଭବ ହୁଏ ନାହିଁ । ସେହି ସଚ୍ଚିଦାନନ୍ଦହିଁ ସବୁକିଛୁକୁ ଠିଆ କରାଇ ପାରନ୍ତି ଓ ଅସ୍ତିତ୍ୱକୁ ସମ୍ଭବ କରାନ୍ତି । ଏବଂ, ତୁମେ ଚେତନାର ଏକ ବିଶିଷ୍ଟ ଅବସ୍ଥାରେ ପ୍ରବେଶ କରିପାର ଏବଂ ଉଦାହରଣସ୍ୱରୂପ ଯଦି ତୁମେ ଉଚ୍ଚତର ମନର ସ୍ଥିତିରେ ଆସି ଅବସ୍ଥିତ ହୋଇପାର, (ସେହି କ୍ଷେତ୍ରରେ ଅପେକ୍ଷାକୃତ ଅଧିକ ସହଜରେ ତାହାହିଁ ସମ୍ଭବ ହୋଇଥାଏ; ତୁମେ ଭୌତିକ ମନର ସ୍ତରରୁ ଆରୋହଣ କରିବାକୁ ଆରମ୍ଭ କରିଥାଅ ଏବଂ ଧୀରେ ଧୀରେ ଆରୋହଣ କରି କାଠି ପରେ କାଠି ପାର ହୋଇ ଉଚ୍ଚତର ମନ ପର୍ଯ୍ୟନ୍ତ ଆସି ପହଞ୍ଚିଥାଅ), ମାତ୍ର ଏହି ଶିଡ଼ିଟି ଉପରେ ଆପଣାର ଆରୋହଣଟିକୁ ଅବିଚ୍ଛିନ୍ନ ରହିବା ପରିବର୍ତ୍ତେ ତୁମେ ହୁଏତ ଏକ ପ୍ରକାରର ଅଭ୍ୟନ୍ତର-ସ୍ଥିତିରେ ପ୍ରବେଶ କରିବାକୁ ଆରମ୍ଭ କର ଓ ରୂପଟି ମଧ୍ୟରୁ ବାହାରି ଚାଲିଯିବା ଲାଗି ଚେଷ୍ଟା କର, ରୂପର ବାହାରେ ରହିଥିବା ଏକ ପ୍ରକାରର ନୀରବତା ମଧ୍ୟରେ ଯାଇ ପ୍ରବିଷ୍ଟ ହୁଅ । ତୁମ ଶିଡ଼ିଟିର କାଠିଗୁଡ଼ିକ ଭିତରେ ଗଲେ ତୁମେ ସିଧା ସଚ୍ଚିଦାନନ୍ଦଙ୍କ ଭିତରକୁ ଚାଲିଯାଅ, ଯିଏକି ପଶ୍ଚାତରେ ଥାଇ ସବୁକିଛୁକୁ ଆଶ୍ରୟ ଦେଇ ଠିଆ କରି ରଖିଥାନ୍ତି । ସେତେବେଳେ ତୁମେ ମନୋଭୂମିର ସ୍ତରରେ ସଚ୍ଚିଦାନନ୍ଦଙ୍କ ଅନୁଭୂତି ଲାଭ କରିବାକୁ

'oaob.nitrkl.ac.in' images reprocessed

ସମର୍ଥ ହୋଇଯାଅ । ଏହି ଅନୁଭୂତିଟିକୁ ଲାଭ କରିଥିବା ଅନେକ ଲୋକଙ୍କୁ ମୁଁ ଜାଣିଥିଲି ଏବଂ ସେମାନେ ଏହିପରି ଭାବୁଥିଲେ ଯେ ସେମାନେ ପ୍ରକୃତରେ ସଚ୍ଚିଦାନନ୍ଦଙ୍କର ଶିଖରସ୍ଥିତିରେ ଯାଇ ପ୍ରବେଶ କରି ପାରିଛନ୍ତି । କାରଣ ଅନୁଭୂତିଟି ମଧ୍ୟରେ ଏହି ସ୍ଥଳରେ ଏକ ସାଦୃଶ୍ୟ ମଧ୍ୟ ରହିଛି, ଅନେକ ପରିମାଣରେ ସାଦୃଶ୍ୟ ରହିଛି; କେବଳ ଏତିକି କଥା ଯେ ତାହା ମନର ସ୍ତରଟି ମଧ୍ୟରେହିଁ ସୀମାବଦ୍ଧ ହୋଇ ରହିଛି, କେବଳ ମନହିଁ ସେହି ଅନୁଭୂତିଟିରେ ଅଂଶଗ୍ରହଣ କରି ପାରୁଛି । ଏବଂ, ଇଚ୍ଛାଶକ୍ତିର କ୍ଷେତ୍ରରେ ମଧ୍ୟ ଆମେ ଠିକ୍ ଏହିପରି ବୁଝିବାକୁ ଚେଷ୍ଟା କରିବା । ଇଚ୍ଛାଶକ୍ତି ଶିଡ଼ିଟିକୁ ଆଶ୍ରୟ ଦେଇ ଠିଆ କରି ରଖି ନାହିଁ, ମାତ୍ର ଏକ ପ୍ରକାରର ଶକ୍ତି ହୋଇ ଅବସ୍ଥିତ ରହିଛି, ଏକ ଭାରି ଶକ୍ତିଶାଳୀ ପ୍ରବାହରୂପେ ଅବସ୍ଥିତ ରହିଛି, ଯାହାକି ଊର୍ଦ୍ଧ୍ୱରୁ ଆରମ୍ଭ ହୋଇ ଏହିସବୁ ଯାବତୀୟ ସ୍ଥିତିର ମଧ୍ୟଦେଇ ଗତି କରିବାରେ ଲାଗିଛି । ଏହି ଇଚ୍ଛାଟି ହେଉଛି ସର୍ବୋଚ୍ଚ ପରମଇଚ୍ଛା—ଏବଂ ତାହା ସେହି ଉପରୁ ଭୌତିକ ରୂପାୟନର ସ୍ତରଯାଏ ମଧ୍ୟ ଗତି କରି ଚାଲି ଆସିଛି । ତେଣୁ, ଯଦି ତୁମେ ଏହି ସ୍ପନ୍ଦନ ବା ଏହି ଶକ୍ତିଟି ସହିତ ସମ୍ପର୍କବଦ୍ଧ ହୋଇ ରହିପାରିବ, ତେବେ ତୁମେ "ଇଚ୍ଛାଶକ୍ତିର ସ୍ଥିତି"ଟି ମଧ୍ୟରେ ଯାଇ ପ୍ରବେଶ କରିପାରିବ; ଅର୍ଥାତ୍ ଦୈହିକ, ପ୍ରାଣିକ ଏବଂ ମାନସିକ ପ୍ରଭୃତି ଯେକୌଣସି ସ୍ଥିତିରେ ତୁମେ ବାସ କରୁଥାଅ ପଛକେ, ଯଦି ତୁମେ ଚେତନା ଏବଂ ଶକ୍ତିର ଏକ ନିର୍ଦ୍ଦିଷ୍ଟ ଅବସ୍ଥା ମଧ୍ୟରେ ଆସି ପ୍ରବେଶ କରିପାରିବ, ତେବେ ତୁମେ ସେହି ଇଚ୍ଛାଶକ୍ତିର ସମ୍ପର୍କରେ ମଧ୍ୟ ଆସିପାରିବ; ସେତେବେଳେ ତାହା ତୁମ ଭିତରେ ଆସି ପ୍ରବିଷ୍ଟ ହେବ ଏବଂ ତୁମେ ତାହାକୁ ଯେକୌଣସି ଉଦ୍ଦେଶ୍ୟସାଧନରେ ମଧ୍ୟ ବ୍ୟବହାର କରି ପାରିବ । ତୁମର ଏହି ଗ୍ରହଣଶୀଳତା ଯଦି ସକଳ ପ୍ରକାରର ଅହଂ ପ୍ରେରଣାରୁ ମୁକ୍ତ ହୋଇ ରହିଥିବ, ଯଦି ତୁମେ ଶୁଦ୍ଧ ହୋଇ ରହିଥିବ, ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଥିବ ଓ ଯାହାକିଛି ଦିବ୍ୟ ପରମସତ୍ତାଙ୍କଠାରୁ ଆସୁଛି, କେବଳ ତାହାକୁହିଁ ଗ୍ରହଣ କରୁଥିବ, ଏବଂ ଯଦି ତୁମେ ଏହା ସହିତ ଆଉ କିଛିହେଲେ ମିଶାଇ ପକାଇବ ନାହିଁ, କୌଣସି ପ୍ରକାର ଅହଂ ପ୍ରେରଣା, ବାସନା ଅଥବା ସୀମାବଦ୍ଧତାକୁ କଦାପି ମିଶାଇ ପକାଇବ ନାହିଁ,—ଏହି ସ୍ଥିତିର ଉପଲବ୍ଧି କରିବା ନିଶ୍ଚୟ ଖୁବ୍ କଷ୍ଟକର,—ମାତ୍ର ଯଦି ତୁମେ ଏହାର ଉପଲବ୍ଧି କରି ପାରିବ, ତେବେ ତୁମେ ସେହି ଇଚ୍ଛାଶକ୍ତିକୁ ତା'ର ସର୍ବମୂଳ ଶୁଦ୍ଧ ସ୍ଥିତିରେହିଁ ଲାଭ କରି ପାରିବ (କାରଣ ତାହା ଶୁଦ୍ଧ ଭାବରେହିଁ ନିଃସୃତ ହୋଇ ଆସୁଛି, କେବଳ ତାହାକୁ ଗ୍ରହଣ କରିବାର ପର୍ଯ୍ୟାୟରେହିଁ ତାହା ବିକୃତ ହୋଇ ପଡ଼ୁଛି), ତେବେ ତାହା ଆଉ ତୁମର ଇଚ୍ଛା ହୋଇ ରହିବ ନାହିଁ, ତାହା ଦିବ୍ୟ ପରମଇଚ୍ଛାରହିଁ ଏକ ଅଭିବ୍ୟକ୍ତିରେ ପରିଣତ ହୋଇଯିବ । ଏବଂ ଏପରି ହେବା ଲାଗି ତୁମକୁ ଭୌତିକ ଶରୀରଟିକୁ

'oaob.nitrkl.ac.in' images reprocessed

କଦାପି ଛାଡ଼ିବାକୁ ପଡ଼ିବ ନାହିଁ । ଏହି ଭୌତିକ ଶରୀରକୁ ନେଇ ମଧ୍ୟ ତୁମେ ଦିବ୍ୟ ପରମଇଚ୍ଛାର ଶକ୍ତିଟିକୁ ନିଶ୍ଚୟ ଗ୍ରହଣ କରିପାରିବ । କେବଳ ଏତିକି ମନେ ରଖିବାକୁ ହେବ ଯେ ତୁମେ ତାହାକୁ କଦାପି ବଦଳାଇ ଦେବ ନାହିଁ ଅଥବା ବିକୃତ କରି ପକାଇବ ନାହିଁ । ତାହାକୁ ଗ୍ରହଣ କରୁଥିବା ସମୟରେ ନଷ୍ଟ କରି ଦେବ ନାହିଁ । ଯେତେବେଳେ ତୁମେ ନିଜ ଭିତରେ କୌଣସି ଏକ ବସ୍ତୁର ଉପଲବ୍ଧି ଲାଗି ଏକ ଅଦମ୍ୟ ଶକ୍ତି ରହିଥିବାର ଅନୁଭବ କରିବ, "ଯାହାକିଛି ହେଉ ପଛକେ, ଏହି କଥାଟିକୁ ମୁଁ ନିଶ୍ଚୟ କରିବି, ମୁଁ ଶେଷ ପର୍ଯ୍ୟନ୍ତ ଅବଶ୍ୟ ଯିବି ଏବଂ ଏଥିଲାଗି ମୋର ସମସ୍ତ ଇଚ୍ଛାଶକ୍ତିକୁ ନିୟୋଜିତ କରିଦେବି" (କାରଣ ତୁମେ ସର୍ବଦାହିଁ ମୋର ଇଚ୍ଛା ବୋଲି କୁହ), ଇଚ୍ଛାଶକ୍ତିର ସେହି ବିଶାଳ ସ୍ରୋତଟି ସହିତ ସମ୍ପର୍କରେ ନ ଆସି କଦାପି ଏପରି ଏକ ସ୍ଥିତିରେ ଆସି ପହଞ୍ଚି ପାରିବ ନାହିଁ । କେବଳ ଏତିକି କଥା ମନେ ରଖିବାକୁ ହେବ ଯେ ତୁମେ ଆପଣାର କ୍ଷୁଦ୍ର ବ୍ୟକ୍ତିଗତ ପ୍ରତିକ୍ରିୟାଟି ଦ୍ୱାରା ସ୍ୱଭାବତଃ ସେଇଟିକୁ ବିକୃତ କରି ପକାଅ ଏବଂ ଭୁଲ ଭାବରେହିଁ ତାହାର ଉପଯୋଗ କର ଏବଂ ତାହା ଫଳରେ ତୁମେ ଅନ୍ୟ ଉପାଦାନଗୁଡ଼ିକ ସହିତ ସଂଘାତ ଘଟାଇବାକୁ ଆରମ୍ଭ କର । ମାତ୍ର ଯଦି ତୁମେ ପ୍ରକୃତରେ ଜଣେ ଯୋଗୀ ହୋଇଥାଅ, ତେବେ ତୁମେ ସେହି ପ୍ରବାହଟିକୁ ଗ୍ରହଣ କରିବା ଲାଗି ସମର୍ଥ ହୁଅ ଏବଂ କୌଣସି ବସ୍ତୁ ତୁମ ଇଚ୍ଛାର ଶକ୍ତିସ୍ରୋତଟିକୁ ଆଉ ଅଟକାଇ ରଖି ପାରନ୍ତି ନାହିଁ, ଏପରିକି ଭୌତିକ ସ୍ତରରେ ମଧ୍ୟ ଅଟକାଇ ରଖି ପାରନ୍ତି ନାହିଁ ।

ସେହିପରି ଆହୁରି ଅନ୍ୟ ବସ୍ତୁଗୁଡ଼ିକ ବି ରହିଛି, ଅନ୍ୟ ନାନା ସ୍ଥିତି ରହିଛି, ଅନ୍ୟ ନାନା ଶକ୍ତି ମଧ୍ୟ ରହିଛି, ଏଗୁଡ଼ିକ ଅନେକ ସଂଖ୍ୟାରେ ରହିଛି । ମୂଳତଃ ବିଚାର କରି ଦେଖିଲେ, ବା ଯଥାର୍ଥ ମନୋଯୋଗ ସହକାରେ ଅଧ୍ୟୟନ କଲେ ଜଣେ ଏହି କଥାଟିକୁ ଅବଶ୍ୟ ଅନୁଭବ କରିବାକୁ ଆରମ୍ଭ କରେ ଯେ ବ୍ୟକ୍ତିସତ୍ତା ମଧ୍ୟରେ ଆଦୌ ଏପରି କୌଣସି ବସ୍ତୁ ନାହିଁ, ଯାହାକୁ କି, ସର୍ବୋଚ୍ଚ ପରମସତ୍ତା ମଧ୍ୟରେ ଅସଲ ମୂଳଟି ରହିଥିବା ଏବଂ ଆପଣା ସ୍ୱଭାବର କ୍ଷେତ୍ରରେ ପ୍ରକୃତରେ ବିଶ୍ୱାସ୍ୟତନ ହୋଇ ରହିଥିବା ଆଉ ଏକ ସମ୍ପଦର ଏକ ଅଭିବ୍ୟକ୍ତି ବୋଲି କୁହାଯାଇ ନ ପାରିବ, ବା ଏକ ବିକୃତ, କ୍ଷୁଦ୍ର, ସ୍ୱଳ୍ପ ଅଥବା ହ୍ରାସ ହୋଇ ଯାଇଥିବା ଏକ ଅବସ୍ଥା ବୋଲି କୁହାଯାଇ ନ ପାରିବ । ତେଣୁ, ତୁମେମାନେ ବେଶ୍ ବୁଝିପାରିବ ଯେ "ଆକର୍ଷିତ କରି ଆଣିବା" ଓ "ଆବାହନ କରି ଆଣିବା" ପ୍ରଭୃତି ଏହିସବୁ ଧାରଣା ଆଦୌ ଠିକ୍ ଧାରଣା ନୁହେଁ । ତେଣୁ, ସତତଃ, ଆମେ ନିଜକୁ କେବଳ ପ୍ରସ୍ତୁତହିଁ କରିପାରିବା, ଆପଣାକୁ ଏହି ସଂସ୍ପର୍ଶ ଲାଭ କରିବାର ଯୋଗ୍ୟ କରିପାରିବା ଏବଂ ଯେତେବେଳେ ସେଇଟି ଉପଲବ୍ଧ ହେବ, ସେଇଟିକୁ କଦାପି ବିକୃତ କରି ପକାଇବା ନାହିଁ । ଏବଂ ଏଥିରୁ ଆମେ ଜଣେ କାହାକୁ ମଧ୍ୟ ବାଦ୍ ଦେଇ

'oaob.nitrkl.ac.in' images reprocessed

ପାରିବା ନାହିଁ । ଏପରିକି ଗୋଟିଏ ଅତି ସାନ ପିଲା ମଧ୍ୟ ତା' ଜୀବନର କେତେକ ମୁହୂର୍ତ୍ତରେ ଚେତନାର ମଧ୍ୟରୁ ଉଦ୍ଭୂତ ହେଉଥିବା ଏହି ସବୁ ବିଶ୍ୱଗତ ଶକ୍ତିଗୁଡ଼ିକ ମଧ୍ୟରୁ କୌଣସି ଗୋଟିକ ସହିତ ବେଶ୍ ସମ୍ପର୍କରେ ଆସି ପାରିବ, ଏବଂ ଆପଣାର ବାଲସୁଲଭ ପ୍ରୟୋଜନଗୁଡ଼ିକର ପୂର୍ତ୍ତି ଲାଗି ତାହାକୁ ବ୍ୟବହାର କରିପାରିବ । ମାତ୍ର, ଦୁର୍ଭାଗ୍ୟର କଥା ଏତିକି ଯେ ଆମେ ସେଇଟି ସହିତ ଏତେବେଶୀ ସୀମାବଦ୍ଧତାକୁ ନେଇ ମିଶାଇ ଦେଇଥାଉ, ଏତେବେଶୀ ଅହଂଭାବ, ଅଜ୍ଞାନ ଏବଂ ମୂର୍ଖତାକୁ ନେଇ ମିଶାଇ ଦେଇଥାଉ ଯେ ତାହା ଅନେକ ସମୟରେ ପ୍ରାୟ ଗୋଟାସୁଦ୍ଧା ବିକୃତ ହୋଇପଡ଼େ । ତା'ପରେ ଆଉ ତାକୁ ଚିହ୍ନି ମଧ୍ୟ ହୁଏ ନାହିଁ, ଚିହ୍ନିବା ଆଉ ସମ୍ଭବ ହୁଏ ନାହିଁ । ମାତ୍ର ଶକ୍ତିଟିର ଅସଲ ମୂଳଟି ସର୍ବଦା ସେହି ଗୋଟିଏ ହୋଇ ରହିଥାଏ; ଏବଂ ସେହି କାରଣରୁହିଁ ଯେତେବେଳେ ଆମେ ଚେତନାର ଏକ ନିର୍ଦ୍ଦିଷ୍ଟ ସ୍ତରରେ ଯାଇ ଉପନୀତ ହୋଇଯାଉ, ସେତେବେଳେ ଆମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଉପଲବ୍ଧି କରିବାକୁ ଆରମ୍ଭ କରୁ ଯେ ଯଦି ଏହିସବୁ ଶକ୍ତି ପ୍ରକୃତରେ ନଥାନ୍ତା, ତେବେ ଆମର ଆଉ କୌଣସି ମହତ୍ତ୍ୱ ନଥାନ୍ତା, ଆଦୌ କୌଣସି ଅସ୍ତିତ୍ୱ ନଥାନ୍ତା । ଏବଂ ସେତେବେଳେ, ଆମର ସେହି ନିତ୍ୟନୈମିତ୍ତିକ ଆତ୍ମସନ୍ତୋଷ ସହିତ ଆମେ, "ମୁଁ ଏଇଟି କରୁଛୁ, ମୁଁ ସେଇଟି କରୁ ନାହିଁ, ମୁଁ ଏହି ନିଷ୍ପତ୍ତି କରୁଛୁ, ମୁଁ ସେହି କଥାଟିକୁ ଗ୍ରହୁଛୁ, ମୁଁ ନିଶ୍ଚୟ ସଫଳତା ଲାଭ କରିବି" ବୋଲି କହିବା ପରିବର୍ତ୍ତେ ଆମ ଭିତରୁ ସେଗୁଡ଼ାକ ସବୁ କୁଆଡ଼େ ଅନ୍ତର୍ହିତ ହୋଇଯିବ, ଏପରି ଭାବରେ ଅନ୍ତର୍ହିତ ହୋଇଯିବ ଯେ ଆମେ ପୁନର୍ବାର ସେହିପରି ଭାବ ମଧ୍ୟ ପାରିବା ନାହିଁ, ଏଇଟା ସେତେବେଳେ ପ୍ରକୃତରେ ଭାରି, ଭାରି ହାସ୍ୟାସ୍ପଦ ବୋଲି ମନେ ହେବ । ତେଣୁ, କ୍ଷୁଦ୍ର "ମୁଁ"ଟି ଆସି ଯେମିତି ଉପସ୍ଥିତ ହୋଇଯାଏ, ତାହାର ଫଳରେହିଁ ବିକୃତି ଆସେ, ସୀମାବଦ୍ଧତା ଆସେ, ଅବନତି ବି ଆସି ପଡ଼ୁଛି । ବସ୍ତୁତଃ, ଯେଉଁସବୁକୁ ତୁମେ ଆଦୌ କୌଣସି ମୂଲ୍ୟ ଦେଉ ନଥାଅ, ତୁମର "ମୁଁ"ଟି ସହିତ ଠିକ୍ ସେହିଗୁଡ଼ିକ ଆସି ଘଟିଯାଏ । ତୁମେ ସେହି "ମୁଁ"ଟିକୁ କାଢ଼ି ବାହାର କରିଦିଅ, ଏବଂ ଦେଖିବ, ସେହି ଯାବତୀୟ କଥା ବି ତହିଁ ସଙ୍ଗେ ସଙ୍ଗେ କୁଆଡ଼େ ଅନ୍ତର୍ହିତ ହୋଇଯିବ ।

ଶ୍ରୀ ଅରବିନ୍ଦ ଆଶ୍ରମ
ଶା - ...

'oaob.nitrkl.ac.in' images reprocessed

## ୧୨ ମେ ୧୯୫୧

"ମନ ଏବଂ ଆତ୍ମାର ସୌଷମ୍ୟ ଏବଂ ସୌନ୍ଦର୍ଯ୍ୟ, ଭାବନା ଏବଂ ସଂବେଗର କ୍ଷେତ୍ରରେ ସୌଷମ୍ୟ ଏବଂ ସୌନ୍ଦର୍ଯ୍ୟ, ଯାବତୀୟ ବାହ୍ୟ କର୍ମ ଓ ଗତିସ୍ପନ୍ଦନର କ୍ଷେତ୍ରରେ ସୌଷମ୍ୟ ଓ ସୌନ୍ଦର୍ଯ୍ୟ, ଜୀବନ ଏବଂ ଜୀବନର ସକଳ ପରିବେଶରେ ସୌଷମ୍ୟ ଓ ସୌନ୍ଦର୍ଯ୍ୟ,—ମହାଲକ୍ଷ୍ମୀ ଆମଠାରୁ ଏହିଗୁଡ଼ିକୁହିଁ ଦାବି କରିଥାନ୍ତି ...ଯେଉଁଠି ପ୍ରେମ ନଥାଏ, ଯେଉଁଠି ସୌନ୍ଦର୍ଯ୍ୟ ନଥାଏ, ଯେଉଁଠାରେ ଉଦ୍‌ଭୂତ ହୋଇ ଆସିବାକୁ ସେମାନେ କୁଣ୍ଠା ପ୍ରକାଶ କରୁଥାନ୍ତି, ସେଠାକୁ ତାଙ୍କର କଦାପି ଆଗମନ ହୁଏ ନାହିଁ ।"

ଶ୍ରୀଅରବିନ୍ଦ : ମାଆ, ପୃଷ୍ଠା–୬୧

ଯେତେବେଳେ ଯାବତୀୟ ପରିବେଶ, ପରିସ୍ଥିତି, ବାତାବରଣ, ଜୀବନ ବଞ୍ଚିବାର ପଦ୍ଧତି ଏବଂ ସର୍ବୋପରି ଅନ୍ତର୍ଗତ ଦୃଷ୍ଟିକୋଣଟି ସମ୍ପୂର୍ଣ୍ଣ ଭାବରେ ଏକ ନିମ୍ନତର ପ୍ରକାରର ହୋଇ ରହିଥାଏ, ଅଶୋଧିତ, ସ୍ଥୂଳ, ଅହଂଭାବ ଦ୍ୱାରା ଜର୍ଜର ଏବଂ ମଳିନତାମୟ ହୋଇ ରହିଥାଏ, ସେଠାକୁ ପ୍ରବେଶ କରିବା ଲାଗି ପ୍ରେମ କୁଣ୍ଠିତ ହୋଇ ରହିଥାଏ । ଅର୍ଥାତ୍, ସେଠାରେ ଆପଣାକୁ ବ୍ୟକ୍ତ କରିବା ଲାଗି ପ୍ରେମ ସର୍ବଦା ସଙ୍କୋଚ ବୋଧ କରୁଥାଏ ଏବଂ ସାଧାରଣତଃ ଆଦୌ ଅନେକ ସମୟ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହେ ନାହିଁ । ସୌନ୍ଦର୍ଯ୍ୟ ସ୍ଥାୟୀ ହୋଇ ରହି ପାରିବାକୁ ହେଲେ ତାହା ଲାଗି ଗୋଟିଏ ସୁନ୍ଦରତାପୂର୍ଣ୍ଣ ସଦନ ଯୋଗାଇ ଦେବାକୁ ପଡ଼ିବ । ଏଠାରେ ମୁଁ ବାହ୍ୟ ବସ୍ତୁଗୁଡ଼ିକ ବିଷୟରେ ମୋଟେ କହୁ ନାହିଁ,—ପ୍ରକୃତରେ ଏକ ଘର, ପ୍ରକୃତ ଆସବାବ ଓ ସେହି ଶ୍ରେଣୀର କୌଣସି ବିଷୟର କଥା ଆଦୌ କହୁ ନାହିଁ; —ମୁଁ ଏଠାରେ ଏକ ଅନ୍ତର୍ଗତ ଦୃଷ୍ଟିକୋଣର କଥା କହୁଛି, ଅନ୍ତରସ୍ଥ ଏପରି ଏକ ବିଷୟର କଥା କହୁଛି, ଯାହା ପ୍ରକୃତରେ ସୁନ୍ଦର, ଉଦାର, ସୌଷମ୍ୟଯୁକ୍ତ ଏବଂ ସ୍ୱାର୍ଥମୁକ୍ତ ହୋଇ ରହିଥିବ । ସେହିଠାରେହିଁ ପ୍ରେମ ଆସିବାର ଓ ସ୍ଥାୟୀ ହୋଇ ରହିବାର ଏକ ସମ୍ଭାବନା ରହିଛି । ମାତ୍ର ଯେତେବେଳେ, ଆପଣାକୁ ଅଭିବ୍ୟକ୍ତ କରିବାକୁ ଉଦ୍ୟମ କରିବା ମାତ୍ରକେ, ଯଦି ତାହା ଏହିସବୁ ନାନା କୁତ୍ସିତ ଏବଂ ନିମ୍ନସ୍ତରୀୟ ବସ୍ତୁଗୁଡ଼ିକ ସହିତ ନାନାପ୍ରକାରରେ ମିଶ୍ରିତ ହୋଇ ପଡ଼ିବ, ତେବେ ତାହା

'oaob.nitrkl.ac.in' images reprocessed

କଦାପି ଏଠି ରହିବ ନାହିଁ, ଏଠାରୁ ବିଦା ହୋଇ ଚାଲିଯିବ । ଶ୍ରୀଅରବିନ୍ଦ ଏହାକୁହିଁ "ଉଦ୍‌ଭୂତ ହୋଇ ଆସିବାକୁ ଘୃଣା ପ୍ରକାଶ କରୁଥାନ୍ତି" ବୋଲି କହିଛନ୍ତି । ଏପରି ବି ବୁଝାହୋଇ ପାରନ୍ତା ଯେ ଉଦ୍‌ଭୂତ ହୋଇଥିବାରୁ ସେମାନେ ସଙ୍ଗେ ସଙ୍ଗେ ଦୁଃଖପ୍ରକାଶ କରିବାକୁ ଆରମ୍ଭ କରନ୍ତି । ପ୍ରେମ ସେମାନଙ୍କ ପାଖରେ ଆଦୌ ସ୍ଥାୟୀ ହୋଇ ରହୁ ନାହିଁ ବୋଲି ଅନେକ ଲୋକ ଅଭିଯୋଗ କରୁଥାନ୍ତି, ମାତ୍ର ସେମାନଙ୍କର ନିଜ ଦୋଷରୁହିଁ ସେପରି ଘଟିଥାଏ । ଏହି ପ୍ରେମକୁ ସେମାନେ ଏପରି ଏକ ମଳିନତାମୟ ଜୀବନ ଭିତରେ ବାନ୍ଧି କରି ରଖିଥାନ୍ତି, କେତେ କେତେ ଭୟଙ୍କରତା ଓ ଏଭଳି ନାନା ଅଶୁଦ୍ଧତା ଭିତରେ ତାହାକୁ ମିଶାଇ ପକାଇଥାନ୍ତି, ଏପରି ସ୍ଥାନ, ସ୍ୱାର୍ଥଜଡ଼ିତ ଓ ଆବର୍ଜନାମୟ ନାନା ବସ୍ତୁ ସହିତ ଏକତ୍ର ଜଡ଼ିତ କରି ରଖିଥାନ୍ତି ଯେ ବାସ୍ତବ ପ୍ରେମ ପକ୍ଷରେ ସେଠାରେ ରହିବା ଆଉ ମୋଟେ ସମ୍ଭବ ହୁଏ ନାହିଁ । ଯଦି ସେମାନେ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସଂହାର କରି ନପାରନ୍ତି, ତେବେ ସେମାନେ ସେହି ପ୍ରେମକୁ ଅତ୍ୟନ୍ତ ବ୍ୟାଧିତ କରିପକାନ୍ତି । ତେଣୁ ତାହା ପକ୍ଷରେ ଶୁଖି ପଳାଇଯିବା ବ୍ୟତୀତ ଆଉ କୌଣସି ଗତ୍ୟନ୍ତର ନଥାଏ । ପ୍ରେମ କ୍ଷଣସ୍ଥାୟୀ ଏବଂ ପଳାୟନତତ୍ପର ବୋଲି ଲୋକମାନେ ସର୍ବଦା ଅଭିଯୋଗ କରନ୍ତି । ପ୍ରକୃତ କଥା କହିବାକୁ ଗଲେ, ସେମାନେ ପ୍ରେମ ଲାଗି ଯେଉଁ ମଳିନତାପୂର୍ଣ୍ଣ ନିବାସଟିକୁ ପ୍ରସ୍ତୁତ କରି ରଖିଥିଲେ, ତାହା ସତ୍ତ୍ୱେ ଯେ ପ୍ରେମ ସେମାନଙ୍କ ମଧ୍ୟରେ ଆପଣାକୁ ପ୍ରକଟ କରିଆଣି ପାରିଲା, ସେଥିଲାଗି ପ୍ରେମ ପାଖରେ ସେମାନଙ୍କର କୃତଜ୍ଞ ହୋଇ ରହିବାହିଁ ଉଚିତ ।

> "ମହାସରସ୍ୱତୀ ହେଉଛନ୍ତି ପରମା ଜନନୀଙ୍କର କର୍ମଶକ୍ତିର ପ୍ରତୀକ, ତାଙ୍କ ଭିତରେ ପରିପୂର୍ଣ୍ଣତା ଏବଂ ଶୃଙ୍ଖଳାର ଯେଉଁ ଭାବଟି ରହିଛି, ସିଏ ତାହାରି ପ୍ରତୀକ । ଚାରି ଶକ୍ତିଙ୍କ ମଧ୍ୟରେ କନିଷ୍ଠା ଏହି ମହାସରସ୍ୱତୀଙ୍କର କାର୍ଯ୍ୟାନୁଯାୟୀ ସାମର୍ଥ୍ୟରେ ପରିପୂର୍ଣ୍ଣ କୌଶଳ ରହିଥାଏ ଏବଂ ସିଏ ଭୌତିକ ପ୍ରକୃତିର ନିକଟତମ ହୋଇ ରହିଥାନ୍ତି । ...ଆପଣାର ପ୍ରକୃତି ମଧ୍ୟରେ ସେ ସର୍ବଦା ଅନ୍ତରଙ୍ଗ ଏବଂ ଯଥାର୍ଥ ଜ୍ଞାନ, ସୂକ୍ଷ୍ମତା ଏବଂ ଧୃତି, ବୋଧିଯୁକ୍ତ ମନର ଅବ୍ୟର୍ଥତା ଏବଂ ଜଣେ ପୂର୍ଣ୍ଣପାରଙ୍ଗମ କର୍ମୀର ସଚେତନ ହସ୍ତ ତଥା ବିବେକଯୁକ୍ତ ଚକ୍ଷୁକୁ ଧାରଣ କରି ରହିଥାନ୍ତି ଏବଂ ଯାହାକୁ ଚାହାନ୍ତି, ତାହାକୁ ଏହି ଶକ୍ତିଗୁଡ଼ିକୁ ପ୍ରଦାନ ବି କରନ୍ତି ।"

ତତ୍ରୈବ, ପୃଷ୍ଠା-୩୩

'oaob.nitrkl.ac.in' images reprocessed

ଅଭିବ୍ୟକ୍ତିର କ୍ରମରେ ମହାସରସ୍ୱତୀଙ୍କର ଆବିର୍ଭାବ ହେବା ଶେଷରେ । ଏବଂ, ଆପଣାର ବିଶେଷ ପ୍ରକୃତିଟିରେ, ଆପଣା ସ୍ପନ୍ଦନର ଗୁଣାତ୍ମକ ଭୂମିରେ ସେ···ଗୋଟିଏ ସାନ ପିଲାର ମଧ୍ୟ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥାନ୍ତି । ସିଏ ତରୁଣମାନଙ୍କୁ ଶ୍ରଦ୍ଧା କରନ୍ତି, ପିଲାମାନଙ୍କୁ ଶ୍ରଦ୍ଧା କରନ୍ତି, ଯେଉଁ ବସ୍ତୁଗୁଡ଼ିକର ନିର୍ମାଣ ହେବାରେ ଲାଗିଥାଏ, ସେଗୁଡ଼ିକୁ ଶ୍ରଦ୍ଧା କରନ୍ତି, ରୂପାନ୍ତର ଏବଂ ପରିପୂର୍ଣ୍ଣତା ଲାଭ କରିବା ଲାଗି ଯେଉଁମାନଙ୍କର ଦୀର୍ଘ ପଥ ବାକି ରହିଥାଏ, ସେମାନଙ୍କୁ ଶ୍ରଦ୍ଧା କରନ୍ତି । ତରୁଣମାନଙ୍କର ଯାବତୀୟ କାର୍ଯ୍ୟରେ ତାଙ୍କର ଶ୍ରଦ୍ଧା ରହିଥାଏ । ପ୍ରକୃତରେ ସିଏ ହେଉଛନ୍ତି କନିଷ୍ଠା ଏବଂ ତାଙ୍କର ଆବିର୍ଭାବ ହେବା ଶେଷରେ ହୋଇଛି ।

ଶ୍ରୀଅରବିନ୍ଦ ଏକ "ସଚେତନ ହସ୍ତ"ର କଥା କହିଛନ୍ତି; ତାହାର ପୁଣି ଅର୍ଥ କ'ଣ ?

କ'ଣ ହେଲା ? ଏହି କଥାଟିକୁ ତ ମୁଁ ତୁମମାନଙ୍କୁ କେଜାଣି କେତେଥର କହିଥିବି ! ଏହି କଥାଟିକୁ ମୁଁ ହୁଏତ ଶହ ଶହ ଥର ବୁଝାଇଥିବି, ଅଥଚ ତୁମେ ମୋତେ ପୁଣି ସେହି କଥାଟିକୁହିଁ ପଚାରୁଛ ? ମୁଁ ତୁମମାନଙ୍କୁ କହୁଛି ଯେ, ତୁମେମାନେ ଯାହାକିଛି କର ନା କାହିଁକି, ତୁମର ହାତର କୋଷଗୁଡ଼ିକୁ ସଚେତନତା ଦ୍ୱାରା ପୂର୍ଣ୍ଣ କରି ରଖିବା ହେଉଛି ସର୍ବପ୍ରଥମ କର୍ତ୍ତବ୍ୟ । ଯଦି ତୁମେ ଖେଳିବାକୁ ଇଚ୍ଛା କରୁଥାଅ, ଯଦି କାମ କରିବାକୁ ଇଚ୍ଛା କରୁଥାଅ, ଆପଣାର ହାତ ଦେଇ ଯଦି ତୁମେ କୌଣସି ନା କୌଣସି କାର୍ଯ୍ୟ କରିବାକୁ ଇଚ୍ଛା କରୁଥାଅ, ତେବେ ଆପଣା ହାତର କୋଷଗୁଡ଼ିକୁ ଚେତନା ଦ୍ୱାରା ପୂର୍ଣ୍ଣ କରି ନଆଣିଲେ ତୁମେ କଦାପି କିଛିହେଲେ ଭଲ କରି କରି ପାରିବ ନାହିଁ । ମୁଁ ତୁମକୁ ଏବିଷୟ କେତେଥର କହିଛି କହିଲ ? ଏବଂ ଏହି କଥାଟିକୁ ଅନୁଭବହିଁ କରିହୁଏ । ତୁମେ ତାହାକୁ ଅନୁଭବ କର । ତୁମେ ତାହାକୁ ଅର୍ଜନ କରି ପାରିବ । ଆମର ହାତକୁ ସଚେତନ କରିବା ଲାଗି ଯାବତୀୟ କସରତ କରିବାର ପ୍ରୟୋଜନ ରହିଛି, ଏବଂ ଏହିପରି ଅଗ୍ରସର ହୋଇ ଯାଉଯାଉ ଗୋଟିଏ ଏଭଳି ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ତୁମର ହାତ ଏତେବେଶୀ ସଚେତନ ହୋଇଯାଏ ଯେ ସେତେବେଳେ ତାହାକୁ ତୁମେ ଯେକୌଣସି କାର୍ଯ୍ୟ କରିବା ଲାଗି ମଧ୍ୟ ଛାଡ଼ି ଦେଇପାର । ତେଣିକି ସିଏ ନିଜେ ନିଜେ ସେହି କାର୍ଯ୍ୟଗୁଡ଼ିକୁ କରିପାରେ, ଏବଂ ତୁମର ଏହି କ୍ଷୁଦ୍ର ମନଟି ପାଇଁ ତାହାର କୌଣସି କାର୍ଯ୍ୟରେ ଯାଇ ହସ୍ତକ୍ଷେପ କରିବା ଲାଗି ଆଉ କୌଣସି ଅବକାଶହିଁ ରହେ ନାହିଁ ।

'oaob.nitrkl.ac.in' images reprocessed

"ଯାହାକିଛି ହୀନତା ଏବଂ ଦରିଦ୍ରତା ଦ୍ୱାରା ଦୁଷ୍ଟ ହୋଇ ରହିଥାଏ, ତାହା ମହାଲକ୍ଷ୍ମୀଙ୍କର ଆଗମନକୁ ବାରିତ କରି ରଖେ"— ଶ୍ରୀଅରବିନ୍ଦ ମହାଲକ୍ଷ୍ମୀଙ୍କ ବିଷୟରେ ଏହିପରି କହିଛନ୍ତି ।

ହଁ, ଯାହାକିଛି ଅତି ହୀନ ହୋଇ ରହିଥାଏ, ଯେଉଁଠାରେ ଉଦାରତା ଓ ପ୍ରଶସ୍ତତା ନଥାଏ, ଉତ୍ସାହ ନଥାଏ, ପ୍ରାଚୁର୍ଯ୍ୟ ନଥାଏ, ଏବଂ ଅନ୍ତର୍ଗତ କୌଣସି ସୌନ୍ଦର୍ଯ୍ୟ ବି ନଥାଏ, ଯାହାକିଛି ଶୁଷ୍କ ଓ ଶୀତଳ ହୋଇ ରହିଥାଏ, ଆପଣା ଉପରକୁ ମୋଡ଼ି ହୋଇ ଆପଣାକୁ ଆବୃତ କରି ରହିଥାଏ, ତାହା ମହାଲକ୍ଷ୍ମୀଙ୍କର ଆଗମନକୁ ବାରିତ କରି ରଖେ । ଏଠାରେ ବାହ୍ୟ ଅର୍ଥସାମର୍ଥ୍ୟ ବିଷୟରେ ଆଦୌ କିଛି କୁହା ଯାଉ ନାହିଁ । ବାହାରେ ଅତ୍ୟନ୍ତ ଧନଶାଳୀ ହୋଇ ରହିଥିବା ଜଣେ ବ୍ୟକ୍ତି ମହାଲକ୍ଷ୍ମୀଙ୍କର ଦୃଷ୍ଟିକୋଣରୁ ହୁଏତ ଭୟଙ୍କର ଭାବରେ ଦରିଦ୍ର ବୋଲି ସାବ୍ୟସ୍ତ ହୋଇପାରେ । ଏବଂ ଜଣେ ଅତି ଦରିଦ୍ର ବ୍ୟକ୍ତିର ହୃଦୟ ଯଦି ପ୍ରଶସ୍ତ ଥାଏ, ତେବେ ସେ ପ୍ରକୃତରେ ଅତ୍ୟନ୍ତ ଧନୀରୂପେ ବି ଗଣ୍ୟ ହୋଇପାରେ ।

ଆମେ ଯେତେବେଳେ "ଜଣେ ଦରିଦ୍ର ଲୋକ" ବୋଲି କହୁଛୁ, ତାହାର ଯଥାର୍ଥ ତାତ୍ପର୍ଯ୍ୟ କ'ଣ ହେବା ଉଚିତ ?

ଏହିପରି ଜଣେ ଦରିଦ୍ର ବ୍ୟକ୍ତି ମଧ୍ୟରେ ଗୁଣ ବୋଲି କିଛି ନଥାଏ, କୌଣସି ଶକ୍ତି ନଥାଏ, କୌଣସି ବଳ ନଥାଏ, କୌଣସି ଉଦାରତା ବି ନଥାଏ । ସିଏ ଖାଲି କ୍ଷୟକ୍ଷତି ଅସୁଖୀ ଅବସ୍ଥାରେ ରହିଥାଏ । ଏବଂ, ପ୍ରଶସ୍ତତା ଓ ଉଦାରତାର ଅଭାବରୁହିଁ ଜଣେ ଦୁଃଖ ଭୋଗ କରେ । ମାତ୍ର ଯାହାର ପ୍ରକୃତି ଉଦାର ହୋଇ ରହିଥାଏ, କୌଣସି ହିସାବ ନରଖି ଯିଏ ଆପଣାକୁ ଦେଇ ପାରୁଥାଏ, ସିଏ କଦାପି ଦୁଃଖ ଭୋଗ କରେ ନାହିଁ । ଯେଉଁମାନେ ଆପଣା ଉପରକୁ ମୋଡ଼ି ହୋଇ ଆପଣାକୁ ଆବୃତ କରି ରହିଥାନ୍ତି, ଏବଂ ଯେଉଁମାନେ ଯାବତୀୟ ବିଷୟକୁ କେବଳ ନିଜ ଆଡ଼କୁହିଁ ଟାଣି ଆଣିବାର ପ୍ରୟାସ କରୁଥାନ୍ତି, ଯେଉଁମାନେ କେବଳ ଆପଣାର ମଧ୍ୟଦେଇହିଁ ଯାବତୀୟ ବିଷୟ ତଥା ଆପଣାକୁ ଦେଖନ୍ତି, ସେହି ଲୋକମାନେ ଅସୁଖୀ ହୋଇ ରହିଥାନ୍ତି । ମାତ୍ର ଯେତେବେଳେ ଆପଣାକୁ ଉଦାର ଭାବରେ ଦେଇହୁଏ, କୌଣସି ହିସାବ ନକରି ଦେଇହୁଏ, ସେତେବେଳେ ଆଦୌ ଦୁଃଖୀ ହେବାକୁ ପଡ଼େ ନାହିଁ, କେବେହେଲେ ପଡ଼େ ନାହିଁ । ଯିଏ ଖାଲି ନେବାକୁ ଚାହେଁ, ସେଇ ଅସୁଖୀ ହୁଏ; ଯିଏ ଦେବାରେ ଲାଗିଥାଏ, ସିଏ କଦାପି ଦୁଃଖଭୋଗ କରେ ନାହିଁ ।

'oaob.nitrkl.ac.in' images reprocessed

## ୧୪ ମେ ୧୯୫୧

"ଯାହା ଦୈବାତ୍ ଘଟେ, ଆମେ ତାହାକୁ ଶୃଙ୍ଖଳା ଓ ସୌଷମ୍ୟର ଠିକ୍ ବିପରୀତ ବୋଲି କହିପାରିବା । ଯଥାର୍ଥ ସୌଷମ୍ୟ କେବଳ ଗୋଟିଏ ରହିଛି ଏବଂ ତାହା ହେଉଛି ଅତିମାନସ ସ୍ତରର ସୌଷମ୍ୟ,—ଅର୍ଥାତ୍ ପରମ ସତ୍ୟରହିଁ ଶାସନ ଏବଂ ଦିବ୍ୟ ପରମ ବିଧାନରହିଁ ଆତ୍ମପ୍ରକାଶ । ତେଣୁ ଅତିମାନସର କ୍ଷେତ୍ରରେ ଆଉ ଦୈବଯୋଗ ବା ଆକସ୍ମିକତା ଲାଗି ଆଦୌ କୌଣସି ସ୍ଥାନ ନାହିଁ । ମାତ୍ର ନିମ୍ନତର ପ୍ରକୃତି ମଧ୍ୟରେ ସଂଗୋପିତ ପରମ ସତ୍ୟଟି ଅତିଶୟ ଅସ୍ପଷ୍ଟ ଏବଂ ଆଚ୍ଛନ୍ନ ହୋଇ ରହିଥାଏ, ତେଣୁ ସେଠାରେ ଉଦ୍ଦେଶ୍ୟ ଏବଂ କ୍ରିୟାଶୀଳତା ମଧ୍ୟରେ ରହିଥିବା ଦିବ୍ୟ ଏକଭୂତିର ଅଭାବ ରହିଥାଏ ଏବଂ କେବଳ ସେହି ଏକଭୂତିହିଁ ଯାବତୀୟ ଯଥାର୍ଥ ଶୃଙ୍ଖଳାକୁ ସମ୍ଭବ କରିପାରେ । ଏହି ଏକଭୂତି ପ୍ରତିଷ୍ଠିତ ହୋଇପାରି ନଥିଲେ ନିମ୍ନତର ପ୍ରକୃତିର କ୍ଷେତ୍ରଟି ଆମେ ଯାହାକୁ ଆକସ୍ମିକତା ବୋଲି କହୁ, ତାହାରି ଦ୍ୱାରହିଁ ଶାସିତ ହେବାରେ ଲାଗିଥାଏ; ଅର୍ଥାତ୍, ଏହି କ୍ଷେତ୍ରଟିରେ ସେତେବେଳେ ପରସ୍ପରସଂଘାତୀ ନାନା ଶକ୍ତି ଗୋଳାଆମିଶା ହୋଇ ରହିଥାନ୍ତି ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଗୋଟିଏ ଲକ୍ଷ୍ୟ ବୋଲି ଆଦୌ କିଛି ନଥାଏ ।"

**"ଦୈବଯୋଗ", ପ୍ରଶ୍ନ ଓ ଉତ୍ତର, ୧୯୨୯-୩୧**

ଯଦି ଆକସ୍ମିକତାକୁ ନିମ୍ନତର ସ୍ତୃଥିବୀଗୁଡ଼ିକରେ ବିଦ୍ୟମାନ ରହିଥିବା ବିଶୃଙ୍ଖଳାରହିଁ ଆତ୍ମପ୍ରକାଶ ବୋଲି ବୁଝାଯାଏ, ତଥାପି ଏହି ପୃଥିବୀରେ ଏପରି ଅନେକ "ସୁନ୍ଦର" ଆକସ୍ମିକତା ମଧ୍ୟ ରହିଛି, ଯାହାକୁ କି ଆମେ ଅନିବାର୍ଯ୍ୟତଃ କଦାପି ଏକ ବିଶୃଙ୍ଖଳାର ଆତ୍ମପ୍ରକାଶ ବୋଲି କହି ପାରିବା ନାହିଁ, ବୁଝେଁ କି ?

'oaob.nitrkl.ac.in' images reprocessed

କାହା ପାଇଁ ସୁଖକର ? କାରଣ, ଆମ ଦେଖିବାର ଏହି ପୃଥିବୀ ମଧ୍ୟରେ ଜଣକ ଲାଗି ଯାହା ସୁଖକର, ଆଉଜଣକ ଲାଗି ତାହା ଅସୁଖକର; ଯାହା ଗୋଟିଏ କ୍ଷେତ୍ରରେ ସୁଖକର, ଆଉଗୋଟିଏ କ୍ଷେତ୍ରରେ ତାହା ଅସୁଖକର । ଏବଂ ତାହାକୁ ମଧ୍ୟ ବିଶୃଙ୍ଖଳାର ଏକ ଆତ୍ମପ୍ରକାଶ ବୋଲି କହିବାକୁ ହେବ । ମୁଁ ଏହି କଥା କଦାପି କହୁ ନାହିଁ ଯେ ଯାହାକିଛି ଦୈବାତ୍ ବା ଆକସ୍ମିକ ଭାବରେ ଘଟେ, ତାହା ସବୁ କ୍ଷେତ୍ରରେ ତୁମକୁ ଅସୁଖୀ କରିପକାଏ । ମୁଁ କେବଳ ଏତିକ କହୁଛି ଯେ ସତ୍ୟର ଶୃଙ୍ଖଳା ସହିତ ଏହାର କୌଣସି ସାଦୃଶ୍ୟ ନଥାଏ; ସତ୍ୟର ଶୃଙ୍ଖଳାଟି ଏସବୁଠାରୁ ଅନେକ ଅଲଗା ପ୍ରକାରର । ଏବଂ ବିଶୃଙ୍ଖଳା ଭିତରେ ବୁଡ଼ି ରହି ମଧ୍ୟ ତ ଜଣକୁ ହୁଏତ ଭାରି ସୁଖକର ଲାଗିପାରେ ! ଏପରି ବହୁସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଆପଣାର ବିଶୃଙ୍ଖଳାଗୁଡ଼ିକୁ ନେଇ ଗୋଟାପୁରା ସନ୍ତୁଷ୍ଟ ହୋଇ ରହିଥାନ୍ତି ଏବଂ ସେଥିରେ ଆଦୌ କୌଣସି ପରିବର୍ତ୍ତନ ଆଣିବାକୁ କଦାପି ମନ କରୁ ନଥାନ୍ତି ।

> ଏକ ସୁଖକର ଆକସ୍ମିକତା ହୁଏତ ଏପରି କେତେକ ପରିସ୍ଥିତିରୁ ଉତ୍ପନ୍ନ ହୋଇପାରେ, ଯାହାକି କାହାରି କୌଣସି କ୍ଷତି କରନ୍ତି ନାହିଁ ।

ଆମ ପାଖରେ ଯଥେଷ୍ଟ ତଥ୍ୟ କେବେହେଲେ ମହଜୁଦ ନଥାଏ, ସେହି କାରଣରୁହିଁ ତାହା କୌଣସି ବ୍ୟକ୍ତିର ଅଥବା କୌଣସି ବସ୍ତୁର କୌଣସି କ୍ଷତି କରୁଛି ବୋଲି ଆମ ଆଖିକୁ ଆଦୌ ଦେଖା ଯାଏ ନାହିଁ । ଆମେ ପରିସ୍ଥିତିଗୁଡ଼ିକର ପ୍ରକୃତରେ କୌଣସି ବିଚାର କରି ପାରୁ ନାହିଁ, କାରଣ ପୃଥିବୀ ସମ୍ବନ୍ଧରେ ଆମର କୌଣସି ଯଥାର୍ଥ ଜ୍ଞାନ ନଥାଏ । ଏହି ପୃଥିବୀ ବିଷୟରେ ଆମେ ପ୍ରକୃତରେ କ'ଣ ଜାଣୁ ? ଆମର ଦୃଷ୍ଟିପଥଟି ପ୍ରକୃତରେ କେତେବେଶୀ ଅଳ୍ପଦୂରପ୍ରସାରୀ ଏବଂ ସୀମାବଦ୍ଧ ହୋଇ ରହି ନଥାଏ ! ଥରେ ଭାବି କରି ଦେଖିଲ, ଆପଣାର ବିଗତ ଦିନ୍ ବର୍ଷଟିର ସୀମା ସେପାଖକୁ କ'ଣସବୁ ରହିଛି, ଜଣେ ବ୍ୟକ୍ତି ସେହି ବିଷୟରେ ଆଦୌ କିଛିହେଲେ ଜାଣି ପାରିବ ନାହିଁ । ଏବଂ ଏହି କ୍ଷେତ୍ରରେ ମୁଁ ପ୍ରକୃତରେ ଏକ ଭାରି ବଡ଼ ସୀମାର କଥା କହୁଛି । ଏବଂ ଏଥିରେ ମୁଁ ତା' ଜୀବନର ପ୍ରଥମ କେତୋଟି ବର୍ଷକୁ ମଧ୍ୟ ସାମିଲ କରିଛି, ଯେତେବେଳେ କି ସେହି ଅବସ୍ଥାଟିରେ ତା'ର ଜୀବନରେ କ'ଣସବୁ ଘଟିଛି, ସେସବୁ କଥା ତା'ର କିଛି ମନେ ନାହିଁ । ଏତେ କ୍ଷୁଦ୍ର ଏକ ଅବଧି ମଧ୍ୟରେ ଆମେ ପୃଥିବୀ ବିଷୟରେ ପ୍ରକୃତରେ କ'ଣ ବା ଜାଣିବାକୁ

'oaob.nitrkl.ac.in' images reprocessed

ସମର୍ଥ ହେଉଛୁ ? ଏବଂ ଘଟଣାଗୁଡ଼ିକର ପରିଣାମ ବିଷୟରେ ବା କ'ଣ ଜାଣିଥାଉ ? ଆଦୌ କିଛିହେଲେ ଜାଣି ନଥାଉ । ଏବଂ, ଏକ ତଥାକଥିତ ଦୈବଯୋଗର ପରିଣାମ ବା "ପୂର୍ବ-ଇତିବୃତ୍ତ"କୁ ଜାଣିବା ଲାଗି ଆମ ପାଖରେ ଯଥେଷ୍ଟ ପରିମାଣରେ ସ୍ମରଣ ଶକ୍ତି ରହିଛି ବୋଲି ଧରି ନଆଗଲେ ମଧ୍ୟ, ତାହାକୁ ସମ୍ପୂର୍ଣ୍ଣ ଭାବରେ ଏକ ସ୍ଥାନୀୟ ଜ୍ଞାନ ବୋଲିହିଁ କହିବାକୁ ହେବ । ଠିକ୍ ଏହି ମୁହୂର୍ତ୍ତରେ ଦୁଇ ମେରୁରେ ବା ପୃଥିବୀର ଲକ୍ଷ ଲକ୍ଷ ଅନ୍ୟ ସ୍ଥାନରେ କ'ଣସବୁ ଘଟଣା ଘଟୁଛି, ସେସବୁ ବିଷୟରେ ଆମେ କ'ଣ ଜାଣିଛୁ ? ଏହି ବିଷୟରେ ଆମେ ଆଦୌ କିଛିହେଲେ ଜାଣି ନାହୁଁ । ଏବଂ ଯାହାକିଛି ଘଟୁଛି, ସେଗୁଡ଼ିକ ମଧ୍ୟରେ ଏକ ପାରସ୍ପରିକ ସଂଯୋଗ ରହିଛି ବୋଲି ତ ଆମକୁ ଅବଶ୍ୟ ଜଣାଥିବ, ଯାବତୀୟ ବସ୍ତୁ ସଚେତନ ଭାବରେ ପରସ୍ପର ସହିତ ଗୁନ୍ଥି ହୋଇ ରହିଛି ଏବଂ ଆଉଗୋଟିଏ ସ୍ଥାନରେ ଆଦୌ କୌଣସି ପରିବର୍ତ୍ତନ ନ ଘଟାଇ ଗୋଟିଏ ସ୍ଥାନରେ ଆଦୌ କୌଣସି ସ୍ପନ୍ଦନହିଁ ଘଟି ପାରିବ ନାହିଁ ବୋଲି ଆମକୁ ଅବଶ୍ୟ ଜଣାଥିବ;—ତେବେ, ଆମର ଏହି ଆକସ୍ମିକ ଘଟଣାଟି ଆଉଜଣେ କୌଣସି ବ୍ୟକ୍ତି ଲାଗି ଯେ କ୍ଷତିକାରକ ନହେଉଛି, ଆମ ଲାଗି ଅନୁକୂଳ ହେଉଥିଲେ ମଧ୍ୟ ଆଉ ଜଣକ ଲାଗି ଯେ ତାହା ଆଦୌ କୌଣସି କ୍ଷତି କରୁ ନାହିଁ, ଆମେ ସେକଥା କିପରି କହି ପାରିବା ? ମୁଁ ଭାବୁଛି କୌଣସି ଏକ ସିଦ୍ଧାନ୍ତରେ ଆସି ଉପନୀତ ହେବା ଆଦୌ ସମ୍ଭବ ନୁହେଁ,—ଏହି କଥାଟିକୁ ମୁଁ ପ୍ରକୃତରେ କିପରି ଭାବରେ ଶବ୍ଦରେ ପ୍ରକାଶ କରି କହି ପାରିବି ? ବସ୍ତୁଗୁଡ଼ିକ ବିଷୟରେ ଏକ ଯଥାର୍ଥ ସିଦ୍ଧାନ୍ତରେ ଆସି ଉପନୀତ ହେବା ଆଦୌ ସମ୍ଭବ ନୁହେଁ, କାରଣ ପୃଥିବୀରେ ଅନ୍ୟସବୁ ଥାନରେ କ'ଣସବୁ ଘଟୁଛି, ଆମକୁ ସେବିଷୟରେ କିଛି ଜଣା ନାହିଁ । ସମଗ୍ରଟି ବିଷୟରେ ଆମର କୌଣସି ଜ୍ଞାନ ନାହିଁ, ଶକ୍ତିଗୁଡ଼ିକର ପାରସ୍ପରିକ କ୍ରିୟା ବିଷୟରେ ମଧ୍ୟ କୌଣସି ଜ୍ଞାନ ନାହିଁ । ଏବଂ ତଥାପି ଆକସ୍ମିକତା ବା ଦୈବଯୋଗକୁ ଆମେ ଶକ୍ତିସମୂହର ପାରସ୍ପରିକ କ୍ରିୟାରହିଁ ଏକ ପରିଣାମ ବୋଲି କହୁଛୁ । ପ୍ରକୃତ କଥାଟି ହେଉଛି ଯେ, ଦିବ୍ୟ ସୌଷମ୍ୟର ଏକ ଅଭିବ୍ୟକ୍ତି ହୋଇପାରିବା ପରିବର୍ତ୍ତେ ତାହା କେତେ ପରସ୍ପରସଂଘାତୀ ଇଚ୍ଛାଶକ୍ତିର ପରିଣାମରୂପେହିଁ ସଙ୍ଘଟିତ ହେଉଛି । ଏହି ଇଚ୍ଛାଶକ୍ତିଗୁଡ଼ିକୁ ଆମେ କଦାପି ଅନିବାର୍ଯ୍ୟତଃ ଖରାପ ବା ପ୍ରତିକୂଳ ବୋଲି କହିବା ନାହିଁ, ମାତ୍ର ସେଗୁଡ଼ିକ ସର୍ବଦା ନାନା ଅଜ୍ଞାନତା ଦ୍ୱାରା ଆଚ୍ଛନ୍ନ ହୋଇ ରହିଥାଏ ବୋଲି ଅବଶ୍ୟ କହିବା । ପ୍ରତ୍ୟେକ ବ୍ୟକ୍ତି ତାହାର ନିଜ ଇଚ୍ଛାଟିକୁହିଁ ଚରିତାର୍ଥ କରିବା ଲାଗି ଇଚ୍ଛା କରୁଥାଏ, ଏବଂ ଯିଏ ସବୁଠାରୁ ଅଧିକ ବଳବାନ୍ ବୋଲି ସାବ୍ୟସ୍ତ ହୁଏ, ବିଜୟ କେବଳ ତାହାର ଭାଗରେହିଁ ପଡ଼େ । ଏହି କ୍ଷେତ୍ରରେ ସବୁଠାରୁ ଅଧିକ ବଳବାନ୍‌କୁ କଦାପି ସର୍ବୋତ୍ତମ ବୋଲି ବୁଝାଯାଇ ପାରିବ ନାହିଁ । ଯେତେବେଳେ ଆମେ କୌଣସି ଗୋଟିଏ

'oaob.nitrkl.ac.in' images reprocessed

ବିଷୟକୁ ହାସଲ କରୁ, ସେତେବେଳେ ଅନ୍ୟ କେତେକେତେ ବିଷୟ ବି ହାସଲ ହୋଇ ପାରି ନଥାନ୍ତା ! ମାତ୍ର, ଏହି ଗୋଟିକ ହାସଲ ହୋଇ ପାରିଲା ନାହିଁ ବୋଲି ସେଗୁଡ଼ିକ ହାସଲ ହୋଇ ପାରିଲା ନାହିଁ । ଏବଂ, ଏସବୁ ବିଷୟରେ ଆମକୁ ଆଦୌ କିଛି ହେଲେ ଜଣା ନାହିଁ । ଯାହାକିଛି ହେଲା, ଆମେ ତାହାକୁ, ଯାହାକିଛି ହୋଇ ପାରିଥାନ୍ତା, ତାହା ସହିତ କଦାପି ତୁଳନା କରି ପାରିବା ନାହିଁ ।...ନାଇଁ, ମୁଁ ଆଦୌ କୌଣସି ଜାଗାରେ କହି ନାହିଁ ଯେ ଆକସ୍ମିକତା ହେଉଛି ଅନିବାର୍ଯ୍ୟତଃ ପ୍ରତିକୂଳ ଶକ୍ତିମାନଙ୍କରହିଁ କାର୍ଯ୍ୟ, ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ହେଉଛି ଅଜ୍ଞାନତାଚ୍ଛନ୍ନ ଶକ୍ତିଗୁଡ଼ିକର କାର୍ଯ୍ୟ ।

> ଏକ ବୈଜ୍ଞାନିକ ଦୃଷ୍ଟିରୁ ବିଚାର କରି ଦେଖିଲେ ଆକସ୍ମିକତାକୁ ଏପରି ଏକ ବିଷୟ ବୋଲି କୁହାଯାଏ, ଯାହାର କି ଆଦୌ କୌଣସି କାରଣ ନାହିଁ । ବା ଏହାକୁ କେତେକ କ୍ଷୁଦ୍ର କ୍ଷୁଦ୍ର କାରଣର ଏକ ପରିଣାମ ବୋଲି ବି କୁହାଯାଏ, ଯେଉଁମାନେ କି ପରସ୍ପରଠାରୁ ଅଲଗା ହୋଇ ସ୍ୱତନ୍ତ୍ର ହୋଇ ରହିଥାନ୍ତି । ଏବଂ ସମ୍ପୃକ୍ତ କ୍ଷେତ୍ରଟିରେ ଆସି ହସ୍ତକ୍ଷେପ କରୁଥାନ୍ତି । ଏବଂ ସେଇଥିରୁହିଁ ସେମାନେ ବିଶୃଙ୍ଖଳ ହୋଇ ରହିଛନ୍ତି ବୋଲି ଏକ ଧାରଣା ହୋଇଥାଏ । ମାତ୍ର ଗୋଟିଏ ବିଷୟ ବା ଗୋଟିଏ ଘଟଣା ପ୍ରକୃତରେ ଦୈବଯୋଗରୁ ଘଟିଛି କି ଘଟି ନାହିଁ, ସେକଥାଟି ନିର୍ଭୁଲ ଭାବରେ ଜାଣିହେବ କିପରି ? "ଦୈବଯୋଗ", ଏହି ଶବ୍ଦଟିକୁ ଆମେ କହିବାରହିଁ ଗୋଟାଏ ଶୈଳୀ ବୋଲି କହିବା, ନୁହେଁ କି ?

ମାତ୍ର ମୁଁ ତ ଠିକ୍ ସେହି କଥାହିଁ କହୁଛି ! ମୁଁ କଦାପି କହି ନାହିଁ ଯେ ଆକସ୍ମିକତା ପଛରେ ଆଦୌ କୌଣସି କାରଣ ନଥାଏ । ତୁମେ କୌଣସି ଘଟଣାକୁ "ଦୈବାତ୍" ଘଟିଥିବା ଗୋଟିଏ ଘଟଣା ବୋଲି କହୁଛ, କାରଣ ଘଟଣାଟି ଘଟିବା ପଛରେ ଯେତେଗୁଡ଼ିଏ କାରଣ ରହିଛି, ତୁମେ ସେଗୁଡ଼ିକୁ ଆଦୌ ଠଉରାଇ ପାରୁ ନାହଁ । ମାତ୍ର ଯିଏ ଆପଣାକୁ ଉଚ୍ଚ ସତ୍ୟର ସମ୍ପର୍କରେ ରଖିପାରିଛି, ଯିଏ, ଏହି ଘଟଣାଟି ପ୍ରକୃତରେ ସେହିଠାରୁହିଁ ଉତ୍ପନ୍ନ ହୋଇ ଆସିଛି କି ନାହିଁ, ସେକଥା କହି ଦେଇ ପାରିବ । ଅତି ସହଜରେ କହିଦେଇ ପାରିବ ।

'oaob.nitrkl.ac.in' images reprocessed

ମାତ୍ର ଯିଏ କାରଣ ଓ ପରିଣାମଗୁଡ଼ିକୁ ଭଲ ଭାବରେ ବୁଝି ପାରୁଛି ?···

ନାହିଁ, ସେପରି ନୁହେଁ । ଏଠାରେ ଆମେ ଗୋଟିଏ ସଂଜ୍ଞା ଦେବାକୁ ଚେଷ୍ଟା କରୁଛୁ । ଆମେ କହୁଛୁ ଯେ ଯେତେବେଳ ପର୍ଯ୍ୟନ୍ତ କୌଣସି ଘଟଣା କୌଣସି ପ୍ରକାର ମିଶ୍ରଣ ନଥାଇ ଆପଣାକୁ ଅଭିବ୍ୟକ୍ତ କରିଥିବା ଦିବ୍ୟ ପରମ ଇଚ୍ଛାର ହସ୍ତକ୍ଷେପ ଫଳରେ ଘଟୁ ନାହିଁ, ତେବେ ସେହିଠାରେହିଁ ଆମେ ତାହାକୁ "ଆକସ୍ମିକତା" ବୋଲି କହୁଅଛୁ ।

ତେବେ ଆମର ଏହି ସାଧାରଣ ଜଗତରେ ବହୁତ କଥା ଆକସ୍ମିକ ଭାବରେହିଁ ଘଟୁଛି ।

ନିଶ୍ଚୟ, ସେଥିରେ କ'ଣ କୌଣସି ସନ୍ଦେହ ଅଛି ? ମୁଁ ତ ତାହା ଛଡ଼ା ଏପର୍ଯ୍ୟନ୍ତ ଆଉ କିଛିହେଲେ କହି ନାହିଁ ! ସାଧାରଣ ଜଗତରେ ସବୁକିଛି ଏହି ଆକସ୍ମିକତା ଦ୍ୱାରାହିଁ ଶାସିତ ହେଉଛି । ଅବଶ୍ୟ ଏତଦ୍‌ବ୍ୟତୀତ, ମଝିରେ ମଝିରେ ଏପରି କିଛି ମଧ୍ୟ ଘଟୁଛି, ଯାହାର କୌଣସି କାରଣକୁ ସାଧାରଣ ଆଖିରେ ଆଦୌ ଠଉରାଇ ହେଉ ନାହିଁ, ମାତ୍ର ଦିବ୍ୟ ପରମ ଇଚ୍ଛା ସହିତ ଖିଅ ଲଗାଇ ରଖିଥିବା ଜଣେ ବ୍ୟକ୍ତିର ଆଖିରେ ସେହି କାରଣଟି ଧରା ପଡ଼ିଯାଉଛି । କେବଳ ସେହିପରି ଘଟୁଥିବା ଘଟଣାଗୁଡ଼ିକ ଆକସ୍ମିକ ଭାବରେ ଘଟୁ ନାହିଁ;—ଏପରି ଆଦୌ ଅନେକ ସମୟରେ ଘଟୁ ନାହିଁ, ତେଣୁ ଏକଥା କହିଲେ ଆଦୌ କୌଣସି ପ୍ରମାଦ ହୋଇ ଯିବ ନାହିଁ ଯେ ଏହି ଜଗତରେ ସବୁକିଛି ଘଟଣା ଆକସ୍ମିକ ଭାବରେହିଁ ଘଟୁଛି ।

ତେବେ ଆମେ ସବୁ ଏଠାକୁ ମଧ୍ୟ ସେହି ଆକସ୍ମିକ ଭାବରେ ଆସିଛୁ ?

ଏହି ବିଷୟରେ ଆମେ କୌଣସି ସାଧାରଣ ନିୟମକୁ ନିର୍ଦ୍ଧାର୍ଯ୍ୟ କରି ରଖି ପାରିବା ନାହିଁ । ଏବଂ ଆମେ ଏହି କ୍ଷେତ୍ରରେ କୌଣସି ବ୍ୟକ୍ତିଗତ ପ୍ରଶ୍ନ ବି ପଚାରିବା ନାହିଁ । ତେଣୁ ଆମେ ସାଧାରଣ ଭାବରେ ଏବିଷୟରେ କହି ପାରିବା ଯେ କେତେକଙ୍କ ଲାଗି ଏହା ହେଉଛି ଗୋଟିଏ ଆକସ୍ମିକ ଘଟଣା, ମାତ୍ର ଅନ୍ୟମାନଙ୍କ ଲାଗି ତାହା ଦିବ୍ୟ ପରମଇଚ୍ଛାରହିଁ ଏକ ନିର୍ଦ୍ଦେଶ ।

'oaob.nitrkl.ac.in' images reprocessed

ସାଧାରଣ ଜଗତରେ ମଧ୍ୟ ଏକମାତ୍ର ଆକସ୍ମିକତାହିଁ କ୍ରିୟା କରୁ ନଥାଏ । ଏହିପରି ଭାବରେ, ଉତ୍ତପ୍ତ ବାଷ୍ପ ମଧ୍ୟରେ ଯେଉଁ ଅଣୁଗୁଡ଼ିକ ରହିଥାନ୍ତି, ସେଠାରେ କାହାରୁ ଆସି ଦୁଇଟି ସିଦ୍ଧାନ୍ତ କାର୍ଯ୍ୟ କରୁଥିବା ପରି ମନେ ହୋଇଥାଏ । ଗୋଟିଏ ହେଉଛି ଏପରି ଏକ କ୍ରିୟାଶୀଳତା, ଯାହା ମଧ୍ୟରେ କି ଆଦୌ କୌଣସି ଶୃଙ୍ଖଳା ନଥାଏ । ଆଉଗୋଟିଏ କ୍ରିୟାଶୀଳତା ମଧ୍ୟରେ ଅନେକ କ୍ରିୟା ଏକତ୍ର ସଂଯୁକ୍ତ ହୋଇ ରହିଥାନ୍ତି । ତେଣୁ, ଆମେ ସମ୍ଭବତଃ ଏପରି କହିପାରିବା ଯେ, ସାଧାରଣ ଜଗତରେ ଯେଉଁ ଘଟଣାମାନ ଘଟେ, ସେଥିରେ ଉକ୍ତ ଦୁଇଟିଯାକ ଗତିଶୀଳତା ମିଶ୍ରିତ ହୋଇ ରହିଥାଏ : ଗୋଟିଏ ହେଉଛି ଏପରି ଏକ ଗତିଶୀଳତା, ଯାହା ଭିତରେ କି ଆଦୌ କୌଣସି ଶୃଙ୍ଖଳା ନଥାଏ, ଏବଂ ଆଉଗୋଟିଏ ଗତିଶୀଳତା, ଯାହାକୁ କି ପ୍ରକୃତରେ ଏକ ସମଗ୍ର ଓ ସମଚ୍ଛନ୍ଦତାଯୁକ୍ତ ଗତିଶୀଳତା ବୋଲି କୁହାଯାଇ ପାରିବ ଏବଂ ଯାହାକି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଲାଗି ଆପଣାକୁ ଅନୁଧାବିତ କରି ରଖିଥାଏ । ନୁହେଁ କି ?

**ତୁମେ ତା'ହେଲେ ନିଜେ ଏହି ସତ୍ୟଟିକୁ ଆବିଷ୍କାର କରିପାରିଛ !**

କୌଣସି ଏକ ପ୍ରବଚନରେ ଆପଣ କହିଛନ୍ତି : "ତୁମ ଲାଗି କେତେ ନା କେତେ ଥର ଶାନ୍ତି ପ୍ରଦତ୍ତ ହୋଇ ରହିଛି, ମାତ୍ର ତୁମେ ଅନେକ ସମୟରେହିଁ ତାହାକୁ ହରାଇ ବସିଛ ।"...

"ଦୈବଯୋଗ", ପ୍ରଶ୍ନ ଓ ଉତ୍ତର, ୧୯୨୯-୩୧

ହଁ, ତୁମ ଲାଗି ପ୍ରକୃତରେ କେତେ ନା କେତେ ଥର ଶାନ୍ତି ପ୍ରଦତ୍ତ ନହୋଇଛି ଏବଂ ତୁମେ ସେହି ଶାନ୍ତିକୁ ପ୍ରକୃତରେ କେତେ ଥର ହରାଇ ନପକାଇଛ ? ଅଗଣିତ ବାର ତୁମେ ଏହା କରିଛ, ଏକଥା ମୁଁ ଆଗରୁ କହୁଛି । ତୁମକୁ, କେବଳ ଏହି ସାଧାରଣ ନିତ୍ୟନୈମିତ୍ତିକ ଶାନ୍ତି ନୁହେଁ (କାରଣ, ସେହି ସାଧାରଣ ଶାନ୍ତି ବିଷୟରେ ଏତିକି କୁହାଯାଇ ପାରିବ ଯେ, ତୁମେ ହୁଏତ ଏକାଧିକ ବାର ଏହି ପୃଥିବୀରେ ଘେରିକୁ ଘେରି ବୁଲିଆସି ପାରିବ ଏବଂ ତଥାପି ସେହି ଶାନ୍ତିକୁ କେଉଁଠିହେଲେ

'oaob.nitrkl.ac.in' images reprocessed

ପାଇବ ନାହିଁ), ତୁମକୁ ଯଥାର୍ଥରେ ଦିବ୍ୟ ଶାନ୍ତିହିଁ ପ୍ରଦତ୍ତ ହୋଇଛି ଏବଂ ତୁମେମାନେ ତାହାକୁ ସବୁଥର ହାତଛଡ଼ା କରିଦେଇଛ । କାହିଁକି ? କାରଣ, ତୁମ ଭିତରେ ଏପରି କିଛି ରହିଛି, ଯାହାକି ଆପଣାର କ୍ଷୁଦ୍ର ଓ ସ୍ୱାର୍ଥପର ଚିରାଚରିତ ଅଭ୍ୟାସଟିକୁ ପରିତ୍ୟାଗ କରିବା ଲାଗି ଆଦୌ ସମ୍ମତ ହୋଇ ନାହିଁ ।

> ମାତ୍ର ଦିବ୍ୟ ଶାନ୍ତି ତ ଅନୁକ୍ଷଣ ବିଦ୍ୟମାନ ରହିଛି, ନୁହେଁ କି ? ଏହା କ'ଣ ପ୍ରକୃତିରେ "ପ୍ରଦତ୍ତ" ହୋଇ ରହି ନାହିଁ ?

ଗୋଟିଏ କଥା ଆଦୌ ଭୁଲିଯିବା ଉଚିତ ନୁହେଁ ଯେ ଯେତେବେଳେ ମୁଁ ସେକଥା କହିଥିଲି, ସେତେବେଳେ ଏଠାରେ ଆମର ସଂଖ୍ୟା ମୋଟେ ବାର ଜଣ କି ଷୋଳ ଜଣ ଥିଲୁ । ସେତେବେଳେ ଆମେ ନିୟମିତ ଭାବରେ ଏକତ୍ର ହେଉଥିଲୁ ଏବଂ ମୁଁ ଯାହା କହୁଥିଲି, ଏହି ଗୋଷ୍ଠୀଟି ଆଗରେହିଁ କହୁଥିଲି । ଏହି ବିଷୟଟିକୁ ମୋତେ ପରେ ପଚିଶ ଜଣରୁ ଅଧିକ ଉପସ୍ଥିତ ଥିବା ଏକ ମଣ୍ଡଳୀ ଆଗରେ ପଢ଼ିବାକୁ ହେବ ବୋଲି ସେତେବେଳେ ମୁଁ ମୋଟେ ଭାବି ନଥିଲି । ମାତ୍ର ସେହି ସାନ ଗୋଷ୍ଠୀଟିରେ ଯେଉଁମାନେ ଉପସ୍ଥିତ ଥିଲେ, ସେମାନଙ୍କୁ ମୁଁ ନିଶ୍ଚିତ ଭାବରେ ଏହି କଥାଟି କହିଥିଲି ଯେ ଯେଉଁମାନଙ୍କୁ ଅଗଣିତ କେତେ ନା କେତେ ଥର ପାଇଁ ମୁଁ ଏହି ଶାନ୍ତିଟିକୁ ଆଣି ଦେଇଥିଲି, ସେମାନେ ପ୍ରତ୍ୟେକ ଥର ତାହାକୁ ହାତଛଡ଼ା କରି ଦେଇଥିଲେ, ସେମାନେ ତାହାକୁ ହରାଇ ବସିଥିଲେ । ଏଠାରେ ମୁଁ ସେହି ଅର୍ଥରେହିଁ ଯାହାକିଛି କହିଥିଲି, ସମ୍ପୂର୍ଣ୍ଣ ନିର୍ଦ୍ଦିଷ୍ଟ ଭାବରେ ସେହିମାନଙ୍କୁହିଁ କହିଥିଲି । ବର୍ତ୍ତମାନ ଯେଉଁମାନେ ଏଠାରେ ଅଛନ୍ତି, ସେମାନଙ୍କ ଲାଗି ତୁମେ ଯେପରି କହୁଛ, ସାଧାରଣ ଭାବରେ ହୁଏତ ଏହି କଥାଟି କୁହାଯାଇ ପାରିବ ଯେ ସେହି ଶାନ୍ତିଟି ନିଶ୍ଚିତ ଭାବରେ ସତତ କେତେକ ପରିମାଣରେ ପ୍ରଦତ୍ତ ହୋଇ ରହିଛି (ଠିକ୍ ଯେପରି ଚେତନା, ଶକ୍ତି ଓ ଜ୍ଞାନ ମଧ୍ୟ ସତତ ପ୍ରଦତ୍ତ ହୋଇ ରହିଛି); ତାହାକୁ ଗ୍ରହଣ କରିବା ନିମନ୍ତେ ମନର ଯେତିକି ସାମର୍ଥ୍ୟ ରହିଛି, ତାହା ସେହି ଅନୁସାରେ ପ୍ରଦତ୍ତ ହୋଇଛି । ତେଣୁ ବର୍ତ୍ତମାନ ଆଉ ଏକଥାଟି କୁହାଯାଇ ପାରିବ ନାହିଁ ଯେ ତାହା ହାତକୁ ଆସି ପୁଣି "ହାତଛଡ଼ା" ହୋଇ ଯାଇଛି; ମାତ୍ର ଜଣେ ଏହି ବିଷୟରେ ସଜ୍ଞାନ ହେଉଛି, ତା'ପରେ ଭୁଲି ଯାଉଛି ଓ ତା'ପରେ ପୁଣି ସଜ୍ଞାନ ହୋଇ ପୁଣି ଭୁଲି ଯାଉଛି । ମୁଁ ପୂର୍ବରୁ ଯେଉଁ କାରଣଟି ଦେଇଛି, ତାହାର ପରି ଗୋଟିଏ କାରଣ ହେଉଛି ସେ ତାହା ଭୁଲିଯାଉଛି (କାରଣ ତାହାହିଁ ସର୍ବଦା ଯଥାର୍ଥ କାରଣ ହୋଇ ରହିଛି; ଷୋଳଜଣ ହୁଅନ୍ତୁ କି ଅଠରଜଣ ହୁଅନ୍ତୁ ବା ଦେଢ଼ଶହ ହୁଅନ୍ତୁ କିଂବା ସାତଶହ କି ହୁଅନ୍ତୁ, କାରଣଟି ସେହି ଗୋଟିଏ ହୋଇ ରହିଛି),—

'oaob.nitrkl.ac.in' images reprocessed

ସେହି କାରଣଟି ହେଉଛି ଯେ, ତୁମର ଅଭିପ୍ରାୟ ଗୋଟାପୁରା ଠିକ୍ ହୋଇ ରହିଥିବା ବେଳେ ମଧ୍ୟ ତୁମର ସତ୍ତା ମଧ୍ୟରେ ଏପରି କୌଣସି ଏକ ବସ୍ତୁ ରହିଛି, ଯାହାକି ଅତ୍ୟନ୍ତ ଦୁରାଗ୍ରହୀ ଭାବରେ ଆପଣାର ଅଭ୍ୟାସଗୁଡ଼ିକୁ ଜାବୁଡ଼ି ଧରି ପଡ଼ିରହିଛି । ଲୋକମାନେ ଭାରି ସହଜରେ କଳ୍ପନା କରି ନେଉଛନ୍ତି ଯେ, ସେମାନଙ୍କର କ୍ଷୁଦ୍ର ବାହ୍ୟ ଅଭ୍ୟସ୍ତତାଗୁଡ଼ିକରେ ଯଦି କେଉଁଠି କ'ଣ ଟିକିଏ ବଦଳିଯାଇ ପାରୁଛି, ତେବେ ସେମାନେ ତଦ୍ଦ୍ୱାରା ଏକ ପ୍ରଭୂତ ଅଗ୍ରଗତି ହାସଲ କରି ପାରିଛନ୍ତି । ସେମାନେ ଆସି ତୁମ ଆଗରେ କହୁଛନ୍ତି, "ଆପଣ କ'ଣ ଦେଖି ପାରୁ ନାହାନ୍ତି ? ମୁଁ କେତେ କୁଆଡ଼େ ଯାତ୍ରା କରୁଛି, ମୋର ପରିବେଶକୁ ମୁଁ କେତେପ୍ରକାରରେ ବଦଳାଇ ଦେଇ ପାରୁଛି, ପରିସ୍ଥିତିଗୁଡ଼ିକୁ ବି ବଦଳାଇ ଦେଉଛି, ଏବଂ ଏଗୁଡ଼ିକ ସହିତ ନିଜକୁ ଚମତ୍କାର ଭାବରେ ଖାପ ଖୁଆଇ ନେଇପାରୁଛି ।" ସେଗୁଡ଼ିକର ପ୍ରକୃତରେ ଆଦୌ କୌଣସି ଅର୍ଥ ନାହିଁ । ଆମର ଅନ୍ତର୍ଗତ ନାନା ଅଭ୍ୟାସ, ଅନ୍ତର୍ଗତ ନାନା ପ୍ରତିକ୍ରିୟା, ଦେଖିବାର, ଚିନ୍ତା କରିବାର ଓ ଆପଣାର କ୍ରିୟାଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ଦିଗ ଦେଇ ପାରିବାର ସେହି ଅନ୍ତର୍ଗତ ସ୍ୱଭାବଟି,—ଏହିଗୁଡ଼ିକହିଁ କୌଣସି ପରିବର୍ତ୍ତନ ଲାଗି ଅସମ୍ମତ ହୋଇ ରହିଛନ୍ତି । କୌଣସି ପ୍ରକାର ପରିବର୍ତ୍ତନକୁ ସେମାନେ ଭାରି କଷ୍ଟକର ବୋଲି ଅନୁଭବ କରୁଛନ୍ତି ।

> ଯେତେବେଳେ ଆପଣ "ଶାନ୍ତି ପ୍ରଦାନ କରିବା" କଥା କହୁଛନ୍ତି, ସେତେବେଳେ ଆପଣ କୌଣସି ଏକ ବିଶେଷ ଦାନକୁ ସମକ୍ଷରେ ରଖି ଏକଥା କହୁଛନ୍ତି ନା ସାଧାରଣ ଭାବରେ ଏହି କଥାଟିକୁ କହୁଛନ୍ତି ?

ଏହା ଏକ ବିଶେଷ ଜ୍ଞାନ, ଏଇଟିକୁ ତୁମରିମାନଙ୍କ ଉପରେ ଆଣି ସ୍ଥାପିତ କରାଯାଇଛି, ଜାଣିଶୁଣି ସୁଅଭିପ୍ରେତ ଭାବରେ ସ୍ଥାପିତ କରାଯାଇଛି । ଏବଂ ତା'ପରେ, କେତେ ସେକେଣ୍ଡ, କେତେ ମିନିଟ ବା ଏପରିକି କେତେ ଘଣ୍ଟା ଲାଗି ତୁମେ ସେଇଟିକୁ ଅନୁଭବ କରି ପାରୁଛ । ତୁମେ ହଠାତ୍ ଶାନ୍ତି, ଶକ୍ତି ଏବଂ ଆଲୋକ ଦ୍ୱାରା ପରିପୂର୍ଣ୍ଣ ହୋଇ ଆସିଲା ପରି ଅନୁଭବ କରୁଛ, ବେଳେବେଳେ ସେଗୁଡ଼ିକଠାରୁ ଆହୁରି ଅଧିକ ମୂଲ୍ୟବାନ୍ ସମ୍ପଦ ଦ୍ୱାରା ପରିପୂର୍ଣ୍ଣ ହୋଇ ଆସିଲା ପରି ଅନୁଭବ କରି ପାରୁଛ : ଜ୍ଞାନ, ଚେତନା ଓ ପ୍ରେମ ଦ୍ୱାରା ପରିପୂର୍ଣ୍ଣ ହୋଇ ଆସିଲା ପରି ଅନୁଭବ କରି ପାରୁଛ । ଏବଂ ତା'ପରେ, ସେଇଟି ଅନ୍ତର୍ହିତ ହୋଇ ଯାଉଛି । ତା'ପରେ ତୁମେ କହୁଛ, "ହାୟ ହାୟ, ଏହି ଦିବ୍ୟ ଶକ୍ତିମନ୍ତ୍ରଗୁଡ଼ିକ ପ୍ରକୃତରେ କେଡ଼େ

'oaob.nitrkl.ac.in' images reprocessed

ଅନୁଦାର ! ସେହି ସମ୍ପଦଟି ଯେ କେତେ ଭଲ, ତୁମକୁ ସେତକ ଜଣାଇ ଦେବା ଲାଗି ସେମାନେ ସେହି ସମ୍ପଦଟିକୁ ଆଣି ଚଖାଇଦେଇ ଯାଉଛନ୍ତି, ଏବଂ ତା'ପରେ ସେଇଟିକୁ ତୁମଠାରୁ ଛଡ଼ାଇ ନେଇ ଯାଉଛନ୍ତି, ଯେପରିକି ତୁମେ ଆହୁରି ଅଧିକ ବ୍ୟାକୁଳ ଭାବରେ ସେଇଟିକୁ ଇଚ୍ଛା କରି ପାରିବ !" ସାଧାରଣତଃ ସମସ୍ତେ ଏହିପରି ଏକ ସିଦ୍ଧାନ୍ତ କରି ବସିଥାନ୍ତି ।

ଯେଉଁ କାରଣଗୁଡ଼ିକ ସକାଶେ ଆମେ ପ୍ରଦତ୍ତ ହୋଇଥିବା ସେହି ଶାନ୍ତିଟିକୁ ଧାରଣ କରି ରଖି ପାରୁ ନାହିଁ, ଆମେ ତଥାପି ସେହି କାରଣଗୁଡ଼ିକୁ ଜାଣୁ ଏବଂ ସେହି ପ୍ରତିବନ୍ଧକଗୁଡ଼ିକରୁ ଆପଣାକୁ ମୁକ୍ତ କରି ଆଣିବାକୁ ଚେଷ୍ଟା କରିଥାଉ ।

ଏବଂ ଏହିପରି ଭାବରେ ତୁମେ ଆପଣାକୁ ଏକ ଭୟଙ୍କର ସଂଗ୍ରାମ ମଧ୍ୟରେ ଆଣି ପ୍ରବିଷ୍ଟ କରାଅ ଏବଂ ଉକ୍ତ ଶାନ୍ତିକୁ ଆହୁରି ଅଧିକ ଭାବରେ ହରାଇ ବସ ।··· ତୁମେ କ'ଣ ଭାବୁଛ ଯେ ଯେତେବେଳେ ଜଣେ ଜିନିଷଟିକୁ ହରାଇ ବସିବା ପରେ ସେଇଟିକୁ ଫେରି ପାଇବା ଲାଗି ଉଦ୍ୟମ କରେ, ସେତେବେଳେ ସେ ପ୍ରତିବନ୍ଧକଟିକୁ ପାରି ହୋଇ ଯିବାରେ ସଫଳ ହୋଇଯାଏ ?. ଯେତେବେଳେ ତୁମେ ଜଣେ ପରିପୂର୍ଣ୍ଣ ଆଦର୍ଶ ସାଧକରୂପେ ଆପଣାକୁ ତିଆରି କରି ପାରିଥାଅ, କେବଳ ସେତିକବେଳେହିଁ ତାହା ଘଟେ । ଏପରି କରି ପାରୁଥିବା ବ୍ୟକ୍ତି ଅନେକ ସଂଖ୍ୟାରେ ଆଦୌ ନାହାନ୍ତି । ଯେଉଁମାନେ ତାହା କରି ପାରନ୍ତି, ମୁଁ ସେମାନଙ୍କୁ ନିଶ୍ଚୟ ଅଭିନନ୍ଦନ ଜଣାଇବି, କାରଣ ସେମାନେ ସତ୍ୟବତୀର ସହିତ ନିଶ୍ଚୟ ଅଗ୍ରସର ହୋଇ ପାରିବେ । ମାତ୍ର, ଅଧିକ ସଂଖ୍ୟାରେ ଏପରି ଲୋକ ଅଛନ୍ତି, ଯେଉଁମାନେ ଆଦୌ କାରଣଟିକୁ ଜାଣି ନାହାନ୍ତି,—ମୁଁ ତୁମମାନଙ୍କୁ ସେକଥା କହୁସାରିଛି,— ଏବଂ ଶେଷରେ ଅନେକତ ଭାଗ ଲୋକ ସର୍ବଦା ବିଚାରି ସେହି ଭଗବାନଙ୍କୁହିଁ ଏଥିଲାଗି ଦୋଷୀ କରନ୍ତି; ସେମାନେ କହନ୍ତି ଯେ ଭଗବାନ ଆଗ ଦିଅନ୍ତି ଓ ଯାହା ଦେଇଥାନ୍ତି, ସେଇଟିକୁ ପୁଣି ଛଡ଼ାଇ ନେଇଯାନ୍ତି । ଭଗବାନ ସତେଅବା ନିଜର ଖିଆଲ ଅନୁସାରେ କାର୍ଯ୍ୟ କରନ୍ତି । ସେହିପରି ଭାବରେ ସିଏ ତୁମକୁ ସେହି ଅଭୁତ ଫଳଟିକୁ ଆଗ ଚଖାଇଦେଇ ଯାଆନ୍ତି, ତା'ପରେ ତୁମଠାରୁ ସେଇଟିକୁ ଛଡ଼ାଇ ନେଇଯାନ୍ତି ଏବଂ ପୁଣି ମୁଣ୍ଡରେ ଆଉଗୋଟାଏ ଖିଆଲ ପଶିଲେ ସେହି ଜିନଷଟିକୁ ପୁନର୍ବାର ଆଣି ଦିଅନ୍ତି ।··· ପ୍ରକୃତରେ ଭଗବାନ ଗୋଟିଏ ଅଭୁତ ବଂଶ !

ଶାନ୍ତି ପ୍ରଦାନ କରିବା ପରିବର୍ତ୍ତେ ଭଗବାନ କେତେଥରକେ ସବୁଯାକ ଅହଂକୁ ବିଲୁପ୍ତ କରିଦେଇ ଯାଆନ୍ତି ନାହିଁ କାହିଁକି ?

'oaob.nitrkl.ac.in' images reprocessed

ଓ ହଁ ! ସେଇଟା ହେଉଛି ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟ । ସେଦିନ ତୁମମାନଙ୍କୁ ମୁଁ ଠିକ୍ ଏହି କଥା କହୁଥିଲି, ଶ୍ରୀଅରବିନ୍ଦ ଏବିଷୟରେ ଯାହା ଲେଖିଛନ୍ତି, ବର୍ତ୍ତମାନ ମୁଁ ସେଇଟିକୁ ପଢ଼ି ଶୁଣାଇ ଦେଉଛି : "ଆପଣା ଭିତରେ କଦାପି ଏହି ଅଳସ ଭ୍ରମକୁ କୌଣସି ପ୍ରଶ୍ରୟ ଦିଅ ନାହିଁ ଯେ ତୁମକୁ ତୁମର ଅଗ୍ରପ୍ରସାରି ଦେଇ ଦିଆଯିବ ଏବଂ କାର୍ଯ୍ୟଟିକୁ ତୁମ ଲାଗି କରି ଦିଆଯିବ ।" ଅଗ୍ରପ୍ରସାରି ତୁମ ନିଜ ଭିତରୁ ଆସିବ, ଏବଂ ତୁମେ ନିଜେହିଁ ତୁମ ଅହଂର ବିଲୁପ୍ତିସାଧନ କରିବ । ହଁ, ତୁମକୁ ସାହାଯ୍ୟ ଦିଆଯିବ, ଏକ ଅବଲମ୍ବନ ଦିଆଯିବ; ଯେତେବେଳେ ତୁମେ ଆଗକୁ ଗୋଟିଏ ଖୋଜ ପକାଇବ, ତୁମେ ସେତେବେଳେ ଅନୁଭବ କରୁଥିବ ଯେ ଏପରି ଏକ ବସ୍ତୁ ଅବଶ୍ୟ ରହିଛି ଯାହାକି ତୁମକୁ ଯାବତୀୟ ଆବଶ୍ୟକ ସାଧନ ଯୋଗାଇଦେଇ ଯାଉଛି ଏବଂ ତୁମକୁ ସେହି ପଦକ୍ଷେପଟି ନେବା ଲାଗି ସମର୍ଥ କରି ଦେଉଛି । ମାତ୍ର କେବଳ ତୁମକୁହିଁ ବାଟ ଚାଲିବାକୁ ହେବ, ତୁମକୁ କେହି କଦାପି ପିଠିରେ ବସାଇ ବୋହି ନେବ ନାହିଁ ।... ତୁମେ ପ୍ରଥମେ ଆପଣାର ଅହଂଟିର ବିଲୁପ୍ତିସାଧନ କରିବ, ତାହାହିଁ ହେଉଛି ସବୁଠାରୁ ଅଧିକ ଚମତ୍କାର କର୍ତ୍ତବ୍ୟ । ଅହଂର ବିଲୁପ୍ତି ଘଟିଲେ ତା'ପରେ ଆଉ ଅଧିକ କିଛି କରିବାକୁ ନଥିବ । ସେତେବେଳେ ସବୁକିଛି କାର୍ଯ୍ୟ ସାଧ୍ୟ ହୋଇଯିବ, କାରଣ ପ୍ରକୃତରେ ଏହି ଅହଂହିଁ ତୁମକୁ ପରମ ଦିବ୍ୟସତ୍ତାଙ୍କ ସହିତ ସମ୍ପର୍କଯୁକ୍ତ ହେବାରୁ ନିବୃତ୍ତ କରି ରଖିଛି । ସେହି ଅହଂର ବିଲୁପ୍ତି ଘଟିବା ପରେ ତୁମେ ଅତି ସହଜରେ ଭଗବାନଙ୍କ ସହିତ ସମ୍ପର୍କଯୁକ୍ତ ହୋଇ ପାରିବ, ଭଗବାନଙ୍କ ସହିତ ଏକ ଉଲ୍ଲାସମୟ ସମ୍ମିଳନରେ ଯୁକ୍ତ ହୋଇ ପାରିବ ଏବଂ ତା'ପରେ ଆଉ କିଛିହେଲେ କରିବାକୁ ନଥିବ । ମାତ୍ର ସାଧାରଣତଃ ଆମେ କେହିହେଲେ ଶେଷମୁଣ୍ଡରୁ ଆରମ୍ଭ କରୁ ନାହିଁ । ମାତ୍ର ସେକଥା ଯାହା ହେଉ ପଛକେ, ମୁଁ ବର୍ତ୍ତମାନ ତୁମକୁ ଯାହାସବୁ କହିଲି, ତାହା ଅକ୍ଷରେ ଅକ୍ଷରେ ସତ : ଅହଂର ବିଲୁପ୍ତିସାଧନ ହେଉଛି ତୁମର କାର୍ଯ୍ୟ । ତୁମକୁ ସାହାଯ୍ୟ ଦିଆଯିବ ସତ, ମାତ୍ର ତୁମକୁ ଆପଣା ଗୋଡ଼ରେ ବାଟ ଚାଲିବାକୁହିଁ ପଡ଼ିବ । କଦାପି ଆଶା କର ନାହିଁ, ଆଉଜଣେ କେହି ତୁମକୁ ପିଠିରେ ବସାଇ ବୋହି ନେଇଯିବ ଏବଂ ଆପଣାକୁ ସେହିପରି ବୁହା ହେବା ଲାଗି ଛାଡ଼ିଦେବା ବ୍ୟତୀତ ତୁମକୁ ଆଉ କିଛିହେଲେ କରିବାକୁ ପଡ଼ିବ ନାହିଁ ।

ଶ୍ରୀ [illegible]